Digitized by PPRACHIN, SOA

କବିଙ୍କ କର୍ମସ୍ଥଳୀ ନୟାଗଡ଼ ଜିଲ୍ଲା ଶରଣକୁଳର ଶୈବପୀଠ
ଶ୍ରୀ ଶ୍ରୀ ଶ୍ରୀ ଲଡୁକେଶ ମହେଶଙ୍କ ମନ୍ଦିର,
ଠାକୁର ଶ୍ରୀ ଶ୍ରୀ ଶ୍ରୀ ଲଡୁକେଶ ମହେଶ !

କବିଙ୍କ ଆରାଧ୍ୟ ଦେବତା ନୟାଗଡ଼ ଜିଲ୍ଲା ଓଡ଼ଗ୍ରାମର
ଶ୍ରୀ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ଓ ଶ୍ରୀ ଶ୍ରୀ ଶ୍ରୀ ରଘୁନାଥଜୀଉ !

Digitized by PPRACHIN, SOA

ମୀମାଂସା ରାମାୟଣ

(ସାତକାଣ୍ଡ)

ରଚୟିତା :

ଶ୍ରୀ ଦୟାନିଧି ଦାଶ

ଧର୍ମଗ୍ରନ୍ଥ ଷ୍ଟୋର

Digitized by PPRACHIN, SOA

ମୀମାଂସା ରାମାୟଣ

ରଚୟିତା :

ଶ୍ରୀ ଦୟାନିଧି ଦାଶ

ଗ୍ରାମ : ବାଉଁଶିଆ ରଘୁନାଥପୁର ଶାସନ
ପୋ.ଅ.: ଶରଣକୁଳ,
ଜିଲ୍ଲା : ନୟାଗଡ଼, ଓଡ଼ିଶା
ପିନ୍ କୋଡ୍ - ୨୭୨୦୮୦
ଦୂରଭାଷ : ୦୬୭୫୩ - ୫୭୦୯୩
ହାଲ - ୦୬୭୬୪ - ୨୦୮୫୧

ପ୍ରକାଶକ : (ବହି ମିଳିବା ସ୍ଥାନ)

ଧର୍ମଗ୍ରନ୍ଥ ଷ୍ଟୋର

ପରିଚାଳକ : ଶ୍ରୀ ବିଦ୍ୟାଧର ସାହୁ
ଅଲିଶା ବଜାର, କଟକ - ୨
ଫୋନ୍ : ୬୦୮୨୯୬, ୬୦୭୯୨୨

ମୁଦ୍ରଣ :
ଦିପକ ପ୍ରେସ୍, କଟକ - ୨

ଦ୍ୱିତୀୟ ସଂସ୍କରଣ :
(୧୦୦୦) ପବିତ୍ର ଶ୍ରୀରାମନବମୀ -୨୦୦୨

ମୂଲ୍ୟ :
ଟ ୨୫୦.୦୦ (ଦୁଇଶତ ପଚାଶ ଟଙ୍କା ମାତ୍ର)
ବନ୍ଧେଇ ଖର୍ଚ୍ଚ : ଟ ୩୦.୦୦

ଲେଖକଙ୍କ କର୍ତ୍ତୃକ ସର୍ବସତ୍ୱ ସଂରକ୍ଷିତ

Digitized by PPRACHIN, SOA

ନୟାଗଡ଼ ଜିଲ୍ଲା ଓଡ଼ଗ୍ରାମର ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିରରେ ପାଳନ କରାଯାଉଥିବା ରାମନବମୀ ଯାତ୍ରାରେ ଠାକୁରଙ୍କର ବେଶ

ଶ୍ରୀଶ୍ରୀ ରଘୁନାଥ ଜୀଉ (୧)



ପ୍ରଭୁଶ୍ରୀରାମଙ୍କର ଜନ୍ମ ବେଶ (୨)

Digitized by PPRACHIN, SOA

ତାଡ଼କା ବଧ ବେଶ (୩)

ଅହଲ୍ୟା ଉଦ୍ଧାରଣ ବେଶ (୪)

Digitized by PPRACHIN, SOA



ପ୍ରଭୁ ରାମଚନ୍ଦ୍ରଙ୍କର ଗଙ୍ଗା ପାର ବେଶ (୫)

ପ୍ରଭୁ ରାମଚନ୍ଦ୍ରଙ୍କର ସୀତାଙ୍କ ଠାରୁ ବରମାଲ୍ୟ ଗ୍ରହଣ ବେଶ (୬)

Digitized by PPRACHIN, SOA



ପ୍ରଭୁଶ୍ରୀରାମଙ୍କର ବନବେଶ ଓ ବନଗମନ ବେଶ (୭)

ପ୍ରଭୁ ଶ୍ରୀରାମଙ୍କର ଅଷ୍ଟାବଧାନୀ ବେଶ (୮)

Digitized by PPRACHIN, SOA



ପ୍ରଭୁଶ୍ରୀରାମଙ୍କର ଯୁଦ୍ଧ ବେଶ (୯)



ପ୍ରଭୁ ଶ୍ରୀରାମଙ୍କର ରାଜ୍ୟାଭିଷେକ ବେଶ (୧୦)

Digitized by PPRACHIN, SOA

ଝିଅ - ସନ୍ଧ୍ୟାରାଣୀ ଦାଶ (ଟିକି)
ଜନ୍ମ : ତା ୧୨।୧୨।୧୯୭୮
ମୃତ୍ୟୁ : ତା ୧୭।୧୦।୨୦୦୦

ପତ୍ନୀ
ସକୁନ୍ତଳା ଦେବୀ
ଜନ୍ମ : ତା ୬।୬।୧୯୩୮
ମୃତ୍ୟୁ : ତା ୧୨।୬।୧୯୮୭

ଶଶୁର
ବାଳକୃଷ୍ଣ ତ୍ରୀପାଠୀ

ଶାଶୂ
ଲକ୍ଷ୍ମୀ ଦେବୀ

ନନା - ଦାମୋଦର ଦାଶ
ଜନ୍ମ : ତା ୧୦।୫।୧୮୯୫
ମୃତ୍ୟୁ : ତା ୨୦।୧୦।୧୯୫୫

ଜଗତର ଠାକୁର ମୋର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥଜୀଉ, ଲଢୁକେଶ ମହେଶ, ରଘୁନାଥଜୀଉଙ୍କ ଚରଣ ତଳେ ସମର୍ପିତ ଛଡ଼ା ତୁଳସୀ ଫୁଲମାଳ ଏହି ମୀମାଂସା ରାମାୟଣକୁ ?

ମୋର ବୋଉ, ନନା, ଶାଶୂ ଶଶୁରଙ୍କ ବିୟୋଗ, ପତ୍ନୀ ଓ ସାନ ଝିଅଙ୍କ ଅକାଳ ବିୟୋଗର ଅମ୍ଳାନ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ସେହିମାନଙ୍କ କରରେ ସମର୍ପଣ କରୁଅଛି ।

ଦୟାନିଧି

ବୋଉ
- ଲକ୍ଷୀ ଦେବୀ
ଜନ୍ମ : ତା ୭।୪।୧୯୦୦
ମୃତ୍ୟୁ : ତା ୧୨।୬।୧୯୪୫





ସ୍ମୃତିଚାରଣ

ଟିକି;

ଏ ରାମାୟଣ ସହିତ ତୋର କର୍ତ୍ତବ୍ୟ ନିବିଡ଼ ଭାବେ ଜଡ଼ିତ ଥିଲା । ଯେଉଁଦିନ ମୁଁ କଳିଙ୍ଗ ହସ୍ପିଟାଲ୍‌ରୁ ତୋର ମୃତ ଦେହକୁ ପୁରୀ ସ୍ୱର୍ଗଦ୍ୱାରକୁ ଶବଦାହ ପାଇଁ ସମସ୍ତ ପରିଜନଙ୍କ ସହିତ ନେଇଗଲି, ଭାବିଲି ଏହାକୁ ଆଉ ଛପାଯିବା ଦର୍କାର ନାହିଁ ।

ବହିଲେଖା ତିନି ବର୍ଷ ପରେ ବୋଉ ମରିଥିଲେ ମଧ୍ୟ ତୁ ବହୁମୂତ୍ର ରୋଗରେ ପିଡ଼ିତ ଥାଇ ମୋର ଖାଇବା ପିଇବା ଆଦି ଘରର କୌଣସି କାର୍ଯ୍ୟରେ ଅବହେଳା ନକରି ବି.ଏ ପାସ୍ କରିବା ସହିତ ହିନ୍ଦୀରେ ଆଚାର୍ଯ୍ୟ, ସଂସ୍କୃତିରେ ଏମ୍.ଏ ଓ ଟାଇପ୍ ଆଦି ଶିକ୍ଷା କଲୁ । ସ୍ୱର୍ଗ ଦ୍ୱାରରେ ଗୋଡ଼ରେ ଧରିଥିବା ଅବସ୍ଥାରେ, ତୋତେ ନୂଆ ପୋଷାକ ପିନ୍ଧାଇ ଅଳତା ସିନ୍ଦୂର ଲଗାଇ ଦିଆଗଲା । ଟିକିଏ ଆଉଁସି ଦେଇ ବାଲି ଶଯ୍ୟାରେ ଶୁଆଇ ଦେଇ ଆସିଲି । ତୋର ଜୁଇ ସଜଡ଼ା ହେଲା, ତୁ ତୋର ସମସ୍ତ ଲୀଳାଖେଳା ସାରି ଚିତାଗ୍ନିକୁ ଗଲୁ । ସବୁ ଲିଭିଗଲା ସତ, ବଞ୍ଚିରହିଛି ତୋର ସ୍ମୃତି । ସେଦିନଟି ତା ୧୭/୧୦/୨୦୦୦, କାର୍ତ୍ତିକ କୃଷ୍ଣପକ୍ଷ ଚତୁର୍ଥୀ ମଙ୍ଗଳବାର ।

ନନା

ଲେଖକ

Digitized by PPRACHIN, SOA

(ସମ୍ପୂର୍ଣ୍ଣ ରାମାୟଣ) ରାମଜନ୍ମ, ବିଦ୍ୟା ଅଧ୍ୟୟନ, ବରଣ ମାଳା, ଅହଲ୍ୟା ଉଦ୍ଧାର, ସୀତା ଚୋରୀ, ବାଳୀ ସୁଗ୍ରୀ ଯୁଦ୍ଧ, ସେତୁବନ୍ଧ ପ୍ରତିଷ୍ଠା, ରାମ ରାବଣ ଯୁଦ୍ଧ, ଶ୍ରୀରାମ ରାଜ୍ୟାଭିଷେକ

କୌଞ୍ଚ ବଧ, ଶବରକୁ ବାଲ୍ମୀକିଙ୍କର ଶାପ ଶୋକରୁ ରାମାୟଣ ଆରମ୍ଭ ଶ୍ଳୋକ ପୃ ୩୧-ଛା୧୧ ପ.୯୪-୯୭

ବିଶ୍ୱଜିତ୍, ବ୍ରଜକିଶୋର, ବିଜୟ ଯେ ତନୁରୁ,
ବିଶ୍ୱଜିତ୍, ବ୍ରଜବିହାରୀ ପୂର୍ବକଥା ମନରୁ
ଜାତ କରିବାକୁ ମାତଗୋ ତୋର ପଦେ ଶରଣ
ଝାତ ହେଉ ଜନେ ଶ୍ରବଣେ ଲଭିବେଯେ କାରଣ । ପୃ ୩୧-ଛା ୧୧

ପିତୃଭକ୍ତ ଶ୍ରବଣ କୁମରକୁ ଦଶରଥଙ୍କର ଶବ୍ଦଭେଦୀ ଶର ପ୍ରୟୋଗ, ଶ୍ରବଣ କୁମର ପିତମାତାଙ୍କର ଶୋକ, ଦଶରଥଙ୍କ କ୍ଷମା ପ୍ରର୍ଥନା, ଋଷି ଋଷିପତ୍ନୀ ସ୍ୱର୍ଗାରୋହଣ, ଋଷି ଅଭିଶାପରେ ପୁତ୍ରମୁଖ ନଦେଖିପାରି ଦଶରଥଙ୍କର ଶଯ୍ୟାରେ ଶେଷ ନିଶ୍ୱାସ ତ୍ୟାଗ । ପୃ.୧୨୩ଛା.୪୪

Digitized by PPRACHIN, SOA

ଦୋଳି ଶୟନାବିଷ୍ଟ ବାଳକ ରାମଙ୍କ ନିକଟରେ ମାତା କୌଶଲ୍ୟା,
ପିତା ଦଶରଥ ଦଣ୍ଡାୟମାନ, ପୃ.୧୪୪ଛା.୫୮ପ.୧

ଗଙ୍ଗାକୂଳରେ ଋଷି ବିଶ୍ୱାମିତ୍ର ଓ ଲକ୍ଷ୍ମଣଙ୍କ ସମ୍ମୁଖେ
ଗୁରୁ ବଶିଷ୍ଠଙ୍କ ପୁତ୍ର ବାମଦେବ (ଧୀବରର) ପ୍ରଭୁ
ରାମଚନ୍ଦ୍ରଙ୍କର ପାଦଧୌତ । ପୃ.୧୭୦ଛା.୬୭

ମାତା କୌଶଲ୍ୟା କୋଳାରୁଢ
ପ୍ରଭୁ ରାମଚନ୍ଦ୍ର ପୃ.୧୪୪ଛା.୫୮ପ.୧

ସ୍ୱୟମ୍ବର ସଭାରେ ଋଷି ଜନକ, ବିଶ୍ୱାମିତ୍ର ଓ ଲକ୍ଷ୍ମଣଙ୍କ ସମ୍ମୁଖରେ
ଦାସୀ ଗହଣେ ମାତା ସୀତାଙ୍କର ପ୍ରଭୁ ରାମଙ୍କୁ ବରମାଲ୍ୟ ଅର୍ପଣ

Digitized by PPRACHIN, SOA

ଶ୍ରୀ କୃଷ୍ଣ ଚନ୍ଦ୍ର ତ୍ରିପାଠୀ
ଅଧାପକ

ମୁଖବନ୍ଧ

ଭାରତୀୟ ସଂସ୍କୃତି ଓ ସାହିତ୍ୟର ପ୍ରଥମ ବାର୍ତ୍ତାବହ ଭାବେ **'ରାମାୟଣ'** ସ୍ୱୀକୃତ । ରାମାୟଣର ଅନେକ ପୂର୍ବରୁ ବେଦ,ଉପନିଷଦ, ବ୍ରାହ୍ମଣ, ଆରଣ୍ୟକ, ଇତ୍ୟାଦି ଗ୍ରନ୍ଥ ସମୂହ ଆମ ସଂସ୍କୃତି ଓ ସାହିତ୍ୟର କଳେବର ମଣ୍ଡନ କରିଥିଲେ ମଧ୍ୟ ଆଧାତ୍ମିକ, ନୈତିକ, ସାଂସ୍କୃତିକ, ସାମାଜିକ, ରାଜନୈତିକ ମୂଲ୍ୟବୋଧ ତଥା ଭାରତୀୟ ଜନଜୀବନର ଆଦର୍ଶ ଜୀବନଚର୍ଯ୍ୟା ରାମାୟଣରେ ପ୍ରଥମ କରି ସୁସଂହିତ ଓ ଶୃଙ୍ଖଳିତ ଭାବେ ବର୍ଣ୍ଣିତ । ରାମାୟଣର ଆକ୍ଷରିକ ଅର୍ଥ **ରାମ+ଅୟନ=ରାମାୟଣ**,ରାମ ଅର୍ଥ ରମଣୀୟ, ଅୟନ ଅର୍ଥ ମାର୍ଗ, ରାମଙ୍କ ଆଦର୍ଶ ମାର୍ଗ । ରାମାୟଣର ନାୟକ ପରମ ପୁରୁଷ ମର୍ଯ୍ୟାଦା ପୁରୁଷୋତ୍ତମ-ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶରେ ପରିଚାଳିତ ହେବା, ଆତ୍ମିକ ବଳର ଅଭ୍ୟୁଦୟରେ ନିଜ ପୁରୁଷକାରକୁ "ବସୁଧୈବକୁଟୁମ୍ବକମ୍"ରେ ପ୍ରତିଷ୍ଠା କରିବା ।

ରାମାୟଣ; ଆଦିକବି ବାଲ୍ମୀକିଙ୍କ ଦ୍ୱାରା ରଚିତ । କ୍ରୀଡ଼ୋନ୍ମତ୍ତ କ୍ରୌଞ୍ଚ ଦମ୍ପତି ଙ୍କ ମଧ୍ୟରୁ ବ୍ୟାଧଦ୍ୱାରା ଆକସ୍ମିକ ଭାବେ ପୁଂପକ୍ଷୀଟି ନିହତ ହେବାରୁ ପକ୍ଷିଣୀଟିର ବିକଳ ମର୍ମାନ୍ତିକ କ୍ରନ୍ଦନରେ ଋଷି ବାଲ୍ମୀକି ଶୋକାଭିଭୂତ ହୋଇ କହି ପକାଇଲେ-

" ମା ନିଷାଦ ପ୍ରତିଷ୍ଠାଂତ୍ୱ ମଗମଃ ଶାଶ୍ୱତୀଃ ସମାଃ " ।
"ଯତ୍‌କ୍ରୌଞ୍ଚ ମିଥୁନା ଦେକ ମବଧୀଃ କାମ ମୋହିତମ୍" ॥

ଶୋକୋଚ୍ଛ୍ୱାସରୁ ପ୍ରକାଶିତ ଏହି ଛନ୍ଦୋମୟ ଭାଷାରେ ବାଲ୍ମୀକି" ରାମାୟଣକୁ ରଚନାକଲେ । ଚବିଶ ହଜାର ଶ୍ଳୋକ ବିଶିଷ୍ଟ ଭାରତୀୟ ପଦ୍ୟାବଳୀରେ **ରାମାୟଣ**" ଆଦିକାବ୍ୟ, **'ବାଲ୍ମୀକି' ଆଦିକବି** । ଭାରତୀୟ ସାହିତ୍ୟରେ **ରାମାୟଣ** ମହାନ୍ କାବ୍ୟରୂପେ ଗୃହୀତ । **ରାମାୟଣ** ବେଦାଶ୍ରୟୀ ହୋଇ ଥିଲେ ବି ବାଲ୍ମୀକି **ରାମାୟଣ**ର କଥାବସ୍ତୁ ସଂକ୍ଷିପ୍ତରେ ନିମ୍ନ ଶ୍ଳୋକରୁ ସ୍ପଷ୍ଟ ଅନୁମେୟ ।

Digitized by PPRACHIN, SOA

ଆଦୌ ରାମ ସ୍ତପୋ ବନାଦି ଗମନଂ ହତ୍ୱା ମୃଗଂ କାଞ୍ଚନମ୍ ।
ବୈଦେହୀ ହରଣଂ ଜଟାୟୁ ମରଣଂ ସୁଗ୍ରୀବ ସମ୍ଭାଷଣମ୍ ॥
ବାଳି ନିଗ୍ରହଣଂ ସମୁଦ୍ର ତରଣଂ ଲଙ୍କା ପୁରୀ ଦାହନମ୍ ।
ପଶ୍ଚାତ୍ ରାବଣ କୁମ୍ଭକର୍ଣ୍ଣ ହନନ ମେଚ୍ଛେତ୍ ରାମାୟଣଂ ॥

ଭାରତୀୟ ସଂସ୍କୃତି, **ରାମାୟଣ**ର ଚରିତ୍ର ମାଧ୍ୟମରେ ବାଲ୍ମୀକି ଏପରି ସୁନ୍ଦର ଭାବରେ ପରିବେଷଣ କରିଛନ୍ତି, ଯାହାକି ସମଗ୍ର ବିଶ୍ୱର ବିଭିନ୍ନ ଜାତି,ଧର୍ମ, ସଂପ୍ରଦାୟ ଦ୍ୱାରା ଆଦୃତ ହେବାସହ ପ୍ରତ୍ୟେକ ଭାରତୀୟ ପରିବାରରେ ଏହା ଏକ ଆଦର୍ଶ ଧର୍ମ ଓ ନୀତି ଶାସ୍ତ୍ର ଭାବେ ପୂଜିତ । **ବାଲ୍ମୀକି ରାମାୟଣ**ର କଥାବସ୍ତୁରେ ଥିବା ସମସ୍ତ ଚରିତ୍ର ଗୁଡ଼ିକରେ ମାନବୀୟ ସମବେଦନା ଓ ସହାନୁଭୂତିର ସୂକ୍ଷ୍ମ ମାନସିକ କ୍ରିୟା ପ୍ରକ୍ରିୟାଦିକୁ ଏପରି ସୁନ୍ଦର ଓ ସାବଲୀଳ ଶୈଳୀରେ ପ୍ରତିଫଳିତ କରିଛନ୍ତି, ଯାହାକି ମନୁଷ୍ୟ ସମାଜ ପାଇଁ ଯୁଗେ ଯୁଗେ, କାଳେ କାଳେ, ପରମ ଆଦର୍ଶକୁ ପ୍ରତିପାଦନ କରେ ।

ତେଣୁ **ରାମାୟଣ** କେବଳ ଭାରତରେ ନୁହେଁ ବରଂ ବିଶ୍ୱରେ ଏକ ଆଦର୍ଶ ଗ୍ରନ୍ଥ ଓ ନୀତିଶାସ୍ତ୍ର ଭାବେ ଗୃହୀତ । ବାଲ୍ମୀକିଙ୍କ ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ସଂସ୍କୃତ କବି, ବ୍ୟାସ, ହନୁମାନ୍, ବଶିଷ୍ଠ, କାଳିଦାସ, ଭବଭୂତି, ଭୋଜରାଜ ଇତ୍ୟାଦି ମଧ୍ୟ **ରାମାୟଣ**ର ମୂଳ କଥାବସ୍ତୁ ଯଥାକ୍ରମେ, ଆଧ୍ୟାତ୍ମ ରାମାୟଣ, ମହାନାଟକ, ଯୋଗ ବାଶିଷ୍ଠ ରାମାୟଣ, ରଘୁବଂଶ, ଉତ୍ତର ରାମ ଚରିତ, ଭୋଜ ଚମ୍ପୁ ଇତ୍ୟାଦି କାବ୍ୟ ଓ ନାଟକ ରଚନା କରି ସ୍ୱୀୟ ପ୍ରତିଭାର ପରାକାଷ୍ଠାକୁ ପ୍ରତିପାଦନ କରିଛନ୍ତି । ଏତତ୍ ବ୍ୟତୀତ ଅନ୍ୟ ସୂରିଗଣ ଭାରତୀୟ ଭାଷାରେ ଅନ୍ୟାନ୍ୟ ସଂସ୍କୃତ ରାମାୟଣର ଅନୁବାଦ ତଥା ବିଷୟବସ୍ତୁକୁ ସମ୍ପୂର୍ଣ୍ଣ ବା ଆଂଶିକ ଭାବେ ପରିବେଷଣ କରି ରାମାୟଣର ମହତ୍ତ୍ୱ ଓ ଆଦର୍ଶକୁ ବଢ଼ାଇ ଅଛନ୍ତି । ସେମାନଙ୍କ ମଧ୍ୟରୁ ତାମିଲରେ କମ୍ବନ, ତେଲୁଗୁରେ ରଙ୍ଗନାଥନ୍, ମରାଠାରେ ଶ୍ରୀଧର, ଗୁଜୁରାଟୀରେ ଗିରିଧର, କନ୍ନଡ଼ରେ ପମ୍ପତ୍,ବଙ୍ଗଳାରେ କୃତ୍ତିବାସ, ଅସମୀୟାରେ ମାଧବ କନ୍ଦଳୀ ଖ୍ୟାତି ଲାଭ କରିଛନ୍ତି ।

ଷୋଡ଼ଶ ଶତାବ୍ଦୀର ସନ୍ଥ ଶିରୋମଣି ତୁଳସୀଦାସଙ୍କ ରାମ ଚରିତ ମାନସ ଅଭିନବ ଶୈଳୀରେ ଉପସ୍ଥାପିତ ।

Digitized by PPRACHIN, SOA

ଉତ୍କଳର ଓଡ଼ିଆ ସାହିତ୍ୟ ମଧ ରାମାୟଣର ବିଷୟାବଳୀ ଓ ବିଭିନ୍ନ ଚରିତ୍ରମାନଙ୍କୁ ବର୍ଣ୍ଣନା କରି ଭାରତୀୟ ସାହିତ୍ୟ ଜଗତରେ ବିଶେଷ ସ୍ଥାନ ଅଧିକାର କରି ପାରିଛି । ପଞ୍ଚସଖା ଯୁଗର ପରମ ବୈଷ୍ଣବ କବି ବଳରାମ ଦାସଙ୍କ ଜଗମୋହନ ରାମାୟଣ, କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ, ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ରଙ୍କ ରାଘବ ବିଳାସ, ପ୍ରକୃତି କବି ଗଙ୍ଗାଧରଙ୍କ ତପସ୍ୱିନୀ, ବିଶ୍ୱନାଥ ଚମ୍ପତିଙ୍କ ଦାଶରଥି ବିଳାସ, ନଟବର ଜେନାଙ୍କ ଅଖଣ୍ଡ ରାମ ଚରିତ କାବ୍ୟାମୃତ, ବିଶ୍ୱନାଥ ଖୁଣ୍ଟିଆଙ୍କ ବିଶିରାମାୟଣ, କେଶବ ଚ୍ୟାଉ ପଟ୍ଟନାୟକଙ୍କ କେଶବ ରାମାୟଣ, ସତ୍ୟବାଦୀ ସାମନ୍ତରାଙ୍କ ସୀତା ବିଳାସ, ଗୋକୁଳାନନ୍ଦ ପଟ୍ଟନାୟକଙ୍କ ଜାନକୀ ବଲ୍ଲଭ ବିଳାସ, ଇତ୍ୟାଦି ରାମାୟଣ କଥା ବସ୍ତୁକୁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ପହଞ୍ଚାଇବା ସଙ୍ଗେ ସଙ୍ଗେ ବିଷୟ ବସ୍ତୁର ଉପସ୍ଥାପନା କବି ପ୍ରତିଭା ଓ କାବ୍ୟାଦର୍ଶ ସମସ୍ତ ସାହିତ୍ୟ ପିପାସୁଙ୍କୁ ମୁଗ୍ଧ କରିଛି ।

ବିଭିନ୍ନ ଭାରତୀୟ ଭାଷା ଓ ଓଡ଼ିଆ ଭାଷାରେ ଅନେକ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକାଦି ରାମାୟଣର ବିଷୟାବଳୀକୁ ନେଇ ରଚିତ ହୋଇ ଥିଲେ ମଧ **ରାମାୟଣ**ର ବ୍ୟାପକ ଚର୍ଚ୍ଚା ଓ ଅନୁଶୀଳନରେ ଶିଥିଳତା ଆସିନାହିଁ । ବରଂ ସମୟାନୁକ୍ରମେ ତାହା ଅଧିକରୁ ଅଧିକ ଆଲୋଚନା ଓ ପର୍ଯ୍ୟାଲୋଚନାର ଅପେକ୍ଷା ରଖେ ।

ରାମାୟଣର ଧାର୍ମିକ ଆଭିମୁଖ୍ୟ, ନୈତିକ ବିଚାର ବୋଧ, ଆଦର୍ଶ ସମାଜିକ ତଥା ଅର୍ଥନୈତିକ ଚିତ୍ର, ବୀରତ୍ୱ, ଦାର୍ଶନିକ ଅନୁଚିନ୍ତା ବୈଜ୍ଞାନିକ ପରିକଳ୍ପନା ଇତ୍ୟାଦି ଗବେଷଣାତ୍ମକ ନିର୍ବନ୍ଧ ସୃଷ୍ଟି କରିବାରେ କ୍ଷମ ଅଟନ୍ତି । ତେଣୁ ଐତିହାସିକ ବାସ୍ତବତା ଅପେକ୍ଷା କଳ୍ପନା ବିଳାସିତ ବର୍ଣ୍ଣନା ଚାତୁରୀରେ ରାମାୟଣର କଥାବସ୍ତୁ ବାରମ୍ବାର ମନ୍ଥିତ ଓ ବିଶ୍ଳେଷିତ ହୋଇ ଆଧୁନିକ ସାହିତ୍ୟ ଆସନରେ ପ୍ରତିଷ୍ଠିତ ଏହା କହିବା ବାହୁଲ୍ୟ ମାତ୍ର ।

ଏହି ପରିପ୍ରେକ୍ଷୀରେ ଆଲୋଚ୍ୟ **ମୀମାଂସା ରାମାୟଣ**କୁ ଅନୁଶୀଳନକରି, ସ୍ଥାଳୀପୁଲାକ ନ୍ୟାୟରେ କିଞ୍ଚିତ୍ ସମୀକ୍ଷା କରାଯାଉଛି । ଆଶା ଓ ବିଶ୍ୱାସ ସହୃଦୟ ପାଠକ ବୃନ୍ଦ ନିଜ ଗୁଣ ବିଚାରରେ ଏହାର ତ୍ରୁଟି ମାର୍ଜ୍ଜନା କରି ବାଧିତ କରିବା ହେବେ ବୋଲି ଆଶାକରେ ।

Digitized by PPRACHIN, SOA

ଆଧୁନିକ ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟସ୍ଥ ବାଉଁଶିଆ ରଘୁନାଥ ପୁର ଶାସନ ନିବାସୀ **ଶ୍ରୀ ଯୁକ୍ତ ଦୟାନିଧି ଦାଶ, ମୀମାଂସା ରାମାୟଣ କାବ୍ୟର ରଚୟିତା** । ଆଧୁନିକ ଓଡ଼ିଆ ସାହିତ୍ୟର ଗଦ୍ୟାଦର୍ଶ କାବ୍ୟ-କବିତାର ଯଥେଷ୍ଟ ଦୂରରେ ରହି ରୀତି ସାହିତ୍ୟର ଅନୁସରଣରେ କବି ରାମାୟଣର କଥାବସ୍ତୁକୁ ନିଜ କାବ୍ୟରେ ପରିବେଷଣ କରିଛନ୍ତି । ଫଳରେ ପୂର୍ବୋକ୍ତ ରୀତି କାବ୍ୟ ଗୁଡ଼ିକର ପ୍ରତ୍ୟକ୍ଷ ପ୍ରଭାବ ପରିଲକ୍ଷିତ ହୁଏ । କିନ୍ତୁ ରୀତି ଶୈଳୀରେ ରଚିତ ପୂର୍ବ ସୂରିମାନଙ୍କ ଅନ୍ୟାନ୍ୟ କାବ୍ୟ ବିଶେଷତଃ ରାମ କାବ୍ୟ ଗୁଡ଼ିକ ସହ ଆଲୋଚ୍ୟ କାବ୍ୟଟିକୁ ବିଚାର କଲାବେଳେ ଗୁଣ ଓ ପରିମାଣାତ୍ମକ ଦୃଷ୍ଟିରୁ ଏହାର ସ୍ୱତନ୍ତ୍ରତା ଦାବି କରିବା ସଙ୍ଗେ ସଙ୍ଗେ କଥାବସ୍ତୁକୁ ଏପରି ଅଭିନବ ଶୈଳୀରେ ଉପସ୍ଥାପନା କରାଯାଇଛି ଯାହାକି ସମସ୍ତ ମାନବ ସମାଜକୁ ଏକ ଆଦର୍ଶ ମାର୍ଗରେ ପରିଚାଳିତ ହେବାର କୌଶଳ ଶିକ୍ଷା ଦେବ ଏବଂ ବ୍ୟକ୍ତି ସହ ପରିବାର, ପରିବାର ସହ ସମାଜ, ସମାଜ ସହ ରାଷ୍ଟ୍ର ଏବଂ ରାଷ୍ଟ୍ରସହ ବିଶ୍ୱର ଅବିଛେଦ୍ୟ ସମ୍ପର୍କ କୁ ପ୍ରମାଣ କରିବାରେ କ୍ଷମ । ଏଥିରେ ପିତା-ପୁତ୍ରଙ୍କ ମଧ୍ୟରେ ଥିବା ସ୍ନେହ-ସୌହାର୍ଦ୍ଦ୍ୟ ଓ ପିତୃଭକ୍ତି, ପତି-ପତ୍ନୀଙ୍କ ମଧ୍ୟରେ ଥିବା, ଅନାବିଳପ୍ରେମ ଓ ଆଦର୍ଶ ଦାମ୍ପତ୍ୟଜୀବନ, ପରିବାରର ପ୍ରତ୍ୟେକଙ୍କ ମଧ୍ୟରେ ଶ୍ରଦ୍ଧା ଓ ସଦିଚ୍ଛା, ରାଜା ଓ ପ୍ରଜାଙ୍କ ମଧ୍ୟରେ, ଆନ୍ତରିକ ସହାନୁଭୂତି, ପ୍ରଭୁ ଓ ଦାସଦାସୀଙ୍କ ମଧ୍ୟରେ ଉଚିତ ଆଦର୍ଶଗତ ନିବିଡ଼ ସମ୍ବନ୍ଧ ତଥା ବିଭିନ୍ନ ପରିସ୍ଥିତିରେ ବ୍ୟକ୍ତିର ଔଚିତ୍ୟ, ଅନୌଚିତ୍ୟ, ବିଚାର ବୋଧକୁ ଏପରି ଭାବେ ପ୍ରତିପାଦନ କରିଛନ୍ତି ଯାହାକି ରାମାୟଣର ଲୋକ ପ୍ରିୟତାକୁ ସାର୍ବଜନୀନ ସାର୍ଥକ ନୀତି ଓ ସମାଜ ଶାସ୍ତ୍ରଭାବେ ସର୍ବଦା ଆଦୃତ ହେବାରେ ସାହାଯ୍ୟ କରିବ । ତା ସଙ୍ଗେ ସଙ୍ଗେ **ରାମାୟଣ** କଥାବସ୍ତୁର ମହନୀୟତା, ସରଳ,ସାବଲୀଳ, ଭାବ ଓ ଭାଷା ଭାରତର ପ୍ରତ୍ୟେକ କୋଣ ଅନୁକୋଣ ପୁରପଲ୍ଲୀ ଓ ଜନପଦରେ ଅନୁରଣିତ ଓ ଆଲୋଚିତ ହେବ ।

ବସ୍ତୁତଃ ଶାସ୍ତ୍ରୀୟ ରାଗ, ସଙ୍ଗୀତମୟ ରଚନା, ସରଳ ପଦ ବିନ୍ୟାସ, ଶାସ୍ତ୍ରାନୁମୋଦିତ ଅଳଙ୍କାର ପ୍ରୟୋଗ, ଉପଯୁକ୍ତ ବିଷୟାବଳୀର ନାଟକୀୟ ଉପସ୍ଥାପନା ଓ ବର୍ଣ୍ଣନା ଓଡ଼ିଆ ସାହିତ୍ୟରୁ ଦୂରେଇ ଯାଉଥିବା ବେଳେ

Digitized by PPRACHIN, SOA

କବି ଯଥେଷ୍ଟ ଶିକ୍ଷାଲାଭ ନକରି, କୌଣସି ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରମାଣ ପତ୍ର ନ ପାଇ ନିଜର ଅଦମ୍ୟ ନିଷ୍ଠା, ନିରବଚ୍ଛିନ୍ନ ସାରସ୍ୱତ ସାଧନା ଓ ଶରଣ କୁଳ ବିରାଜିତ ପ୍ରଭୁ **ଶ୍ରୀଶ୍ରୀ ଲିଙ୍ଗକେଶ ମହେଶଙ୍କ** ପଦ ପଙ୍କଜରେ ନିଜର ତଲ୍ଲୀନତା ଯୋଗୁଁ ହିଁ ରୀତିକାବ୍ୟର ସମସ୍ତ ବୈଭବରେ ମଣ୍ଡିତ **ମୀମାଂସା ରାମାୟଣପରି କାବ୍ୟଟିଏ** ରଚନା କରିବାକୁ କ୍ଷମ ହୋଇଛନ୍ତି । ବିଭିନ୍ନ ସ୍ଥାନ ଓ ଅଳଙ୍କାର ପ୍ରୟୋଗ, ସମୟ ଉପୋଯୋଗୀ ରାଗ, ଛନ୍ଦ, ଶୃଙ୍ଖଳା, ସିଂହାବଲୋକନ, ଉପଧା ମିଳନ, ଯମକ, ଅନ୍ତର୍ଲିପି, ବହିର୍ଲିପି, ଆଦ୍ୟଅବନା, ଅନୁପ୍ରାସ, ଶ୍ଳେଷ, ଅର୍ଥପୂର୍ଣ୍ଣଶବ୍ଦ ବିନ୍ୟାସ, କଳା କୌଶଳ ପ୍ରୟୋଗ କରି ବିଭିନ୍ନ ମାସ, ଋତୁ, ନଦ, ନଦୀ, ସମୁଦ୍ର, ଦ୍ୱୀପ, ଦେଶ, ବିଦେଶ, ପର୍ବତ, ପାହାଡ଼, ବନ, ଜଙ୍ଗଲ, ପୁର, ପଲ୍ଲୀ, ସକାଳ, ସନ୍ଧ୍ୟା, ମଧ୍ୟାହ୍ନ ରାତ୍ରି ର ଅପରୂପ ବର୍ଣ୍ଣନା ସହିତ, ଓଷା, ବ୍ରତ, ପୂଜା, ପାର୍ବଣ, ଜପ, ତପ, ଶାପ, ବର, ରଣ ସଜ୍ଜା, ରଣ ଆଗମ, ଯୁଦ୍ଧ, ରାଜସଭା, ନିଦ୍ରା, ସ୍ୱପ୍ନ, ବ୍ରହ୍ମ ଧାରଣ, ବ୍ରହ୍ମ ହରଣ, ଚିଟାଉ, ବାର୍ତ୍ତା, ଚିତ୍ର, ବିଚିତ୍ର, ପଶୁ ପକ୍ଷୀଙ୍କର ବର୍ଣ୍ଣନା ପରିପ୍ରକାଶ ସହ, ଶିଳ୍ପ, ଜ୍ୟୋତିଷ, ଦର୍ଶନ, ସାଙ୍ଖ୍ୟ, ଜ୍ଞାନ, ବିଜ୍ଞାନଶାସ୍ତ୍ରର ସମୟ ଉପଯୋଗୀ ଆବଶ୍ୟକ ମୂଲ୍ୟାୟନରେ ସଫଳ ହେବା ପାଠକ ଉପଲବ୍ଧି କରିବେ ।

ପ୍ରତ୍ୟେକ ଘଟଣା ପଛରେ ଯେ କୌଣସି ଗୋଟିଏ କାରଣ ଥାଏ । ଘଟଣା ବହୁଳ ରାମାୟଣରେ ଯେତେ ଘଟଣା ଘଟି ଯାଇଛି ତାହାର ଅନ୍ତରାଳରେ ଯେଉଁ କାରଣ ନିହିତ ସେ ଗୁଡ଼ିକର ଐତିହାସିକ ଘଟଣାବଳୀକୁ ସିଂହାବଲୋକନ କରି **'କବି'** ବଳିଷ୍ଠ ଓ ଯଥାଯୋଗ୍ୟଯୁକ୍ତି ଦ୍ୱାରା ସେ ଗୁଡ଼ିକୁ ପ୍ରମାଣ କରିବାରେ ନିଜ ତାର୍କିକ ପ୍ରତିଭାର ପରିଚୟ ଦେଇଛନ୍ତି ।

ସହସ୍ର ସହସ୍ର ବର୍ଷ ଅତୀତର ଘଟଣାବଳୀକୁ ଯୁଗୋପଯୋଗୀ କରିବା ପାଇଁ ଏବଂ ରାମାୟଣ କଥାବସ୍ତୁରେ ଲୁକ୍କାୟିତ ଥିବା ଅନେକ ସମସ୍ୟା ଏବଂ ପାଠକୀୟ ଦ୍ୱନ୍ଦ୍ୱ ଓ ଅନୁସନ୍ଧିତ୍ସା ଗୁଡ଼ିକ **କବି** ଆଧ୍ୟାତ୍ମିକ, ନୈତିକ ଓ ସାମାଜିକ କଷଟି ପଥରରେ ଘର୍ଷଣ କରି ସୁଶୃଙ୍ଖଳିତ ଓ ସରଳ ଭାବରେ ତାହାର ସମାଧାନ କରିବାରେ ସଫଳ ହୋଇଥିବାର ଲକ୍ଷ୍ୟ କରାଯାଏ । ସରଳ ଭାଷା ଓ ସାବଲୀଳ ବର୍ଣ୍ଣନାରେ ରାମାୟଣର ସମସ୍ତ ଘଟଣା **'କବି'** ନିଜ କାବ୍ୟଟିରେ ପରିବେଷଣ କରିବା ସଙ୍ଗେ ସଙ୍ଗେ

Digitized by PPRACHIN, SOA

ପ୍ରତ୍ୟେକ ଘଟଣାର ଯଥାର୍ଥ କାରଣ ନିରୂପଣ ସହ ବ୍ୟକ୍ତି ଜୀବନର ପରମ ଆଦର୍ଶକୁ ପ୍ରତିଷ୍ଠା କରିବା ଦ୍ୱାରା **କାବ୍ୟ ଶୀର୍ଷକର ଯଥାର୍ଥତା ପ୍ରତିପାଦନ କରିଛନ୍ତି** ।

ଯେ କୌଣସି ଗ୍ରନ୍ଥ ରଚନା କଲାବେଳେ ମଙ୍ଗଳାଚରଣ ଅବକାଶରେ କେତେକ ପଞ୍ଚଦେବଙ୍କର ବର୍ଣ୍ଣନା କରିଥାନ୍ତି । କିନ୍ତୁ ଏହି କାବ୍ୟଟିରେ ପଞ୍ଚଦେବଙ୍କ ବ୍ୟତୀତ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ ଏବଂ ଶ୍ରୀରାମଚନ୍ଦ୍ରଙ୍କ ପରମ ଭକ୍ତ ପବନସୁତ ହନୁମାନଙ୍କ ବନ୍ଦନା ଯୋଗ କରି ପୂର୍ବସୂରିମାନଙ୍କଠାରୁ ପାଦେ ଆଗେଇ ଯିବାର ଲକ୍ଷ୍ୟ କରାଯାଏ । ଏଗ୍ରନ୍ଥର ସାତକାଣ୍ଡ ନିର୍ବିଘ୍ନରେ ପୂରଣ ହେବା ପାଇଁ ସପ୍ତଦେବା ଦେବୀଙ୍କ ବନ୍ଦନାକୁ ଓଡ଼ିଆ ସ୍ୱର, ବ୍ୟଞ୍ଜନ ବର୍ଣ୍ଣ ଅକ୍ଷର ସମୂହକୁ ସମ ସପ୍ତାଂଶରେ କ୍ରମାନ୍ୱୟେ ବିଭକ୍ତ କରି ଏକ ଅଭିନବ ଶୈଳୀରେ ଉପସ୍ଥାପନା କରିପାରିଛନ୍ତି ।

ପରମ ବୈଷ୍ଣବ କବି ଅଭିମନ୍ୟୁ ସାମନ୍ତ ସିଂହାର ବିଦଗ୍ଧ ଚିନ୍ତାମଣି କାବ୍ୟରେ ପ୍ରଥମ ଛାନ୍ଦ ବର୍ଣ୍ଣାନୁକ୍ରମରେ ରଚନା କରିବାର ପ୍ରୟାସ କରି ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହୋଇ ପାରି ନାହାନ୍ତି, 'ଅ' ଅବନା ଅନୁପ୍ରାସରେ ବନା ପ୍ରୟୋଗ ହୋଇଥିବାବେଳେ 'ଜ''ଶ''ଷ' ଇତ୍ୟାଦି ବର୍ଣ୍ଣର ସଠିକ ପ୍ରୟୋଗ ହୋଇ ପାରିନାହିଁ । କିନ୍ତୁ ଏହି କାବ୍ୟରେ ସମସ୍ତ ବର୍ଣ୍ଣ ଗୁଡ଼ିକ କ୍ରମାନ୍ୱୟରେ ଅବନା ଅନୁପ୍ରାସରେ ରଚନା କରିବା ସଙ୍ଗେ ସଙ୍ଗେ ଛାନ୍ଦ ଗୁଡ଼ିକର ପ୍ରଥମ ବର୍ଣ୍ଣକୁ ନେଇ ଛାନ୍ଦ ଗୁଡ଼ିକର ରାଗ ରଚିତ । ଏତଦ୍ ବ୍ୟତୀତ ନାରାୟଣ, 'ରାମ' ସୂର୍ଯ୍ୟଙ୍କ ବନ୍ଦନାରେ ଯଥାକ୍ରମେ ରାମନାମରୁ ସୀତାନାମ ଉତ୍ପତ୍ତି ଓ ସୂର୍ଯ୍ୟଙ୍କ ସହସ୍ର କିରଣ କେଉଁ ମାସରେ କେତେ ସଂଖ୍ୟାରେ ବିଛୁରିତ ହୁଏ ତାହାର ଶାସ୍ତ୍ରାନୁମୋଦିତ ବିଭାଗୀକରଣ ଅନ୍ତର୍ଲିପିରେ କରିପାରିଛନ୍ତି । ଯାହାକି ବିଶେଷ ପ୍ରଣିଧାନ ଯୋଗ୍ୟ ।

ରାମାୟଣ ଭାରତୀୟ ସଂସ୍କୃତିର ଏକ ଐତିହାସିକ ବିଭବ । '**କବି**' ପୂର୍ବସୂରିମାନଙ୍କ କାବ୍ୟ ଗୁଡ଼ିକର ଭିତ୍ତିଭୂମିରେ ଯଦିଓ ଏହି କାବ୍ୟଟିକୁ ରଚନା କରିଛନ୍ତି ତଥାପି **ରାମାୟଣର** ପ୍ରତ୍ୟେକ ଘଟଣାବଳୀର ସମୟ ନିର୍ବାଚନ' ବା, କାଳ ନିରୂପଣ ତାଙ୍କର ସ୍ୱତନ୍ତ୍ର ଓ ନିଜସ୍ୱ ।

Digitized by PPRACHIN, SOA

ରାମାୟଣର କଥାବସ୍ତୁରେ ରାମଚନ୍ଦ୍ରଙ୍କର ଜନ୍ମଠାରୁ ସ୍ୱର୍ଗାରୋହଣ ପର୍ଯ୍ୟନ୍ତ ଯେତେ ଘଟଣାବଳୀ ସଂଘଟିତ ସେଗୁଡ଼ିକ ମଧ୍ୟରେ ଥିବା ସମୟର ବ୍ୟବଧାନ ପୂର୍ବ କବିମାନଙ୍କ ଦ୍ୱାରା ବିକ୍ଷିପ୍ତ ଭାବରେ ବର୍ଣ୍ଣିତ ହୋଇଥିଲାବେଳେ ତାହା ତ୍ରୁଟିପୂର୍ଣ୍ଣ ପରି ପରିଲକ୍ଷିତ ହୁଏ । **"ମୀମାଂସା ରାମାୟଣ"**ରେ ଘଟଣାବଳୀମାନଙ୍କ ମଧ୍ୟରେ ଥିବା ସମୟର ବ୍ୟବଧାନ ଯଥାର୍ଥ ଓ ସଠିକ ଭାବେ ନିରୂପଣ କରାଯାଇ ପାରିଛି । ସ୍ପଷ୍ଟ ଓ ପ୍ରାଞ୍ଜଳ ଭାବେ ଆଦ୍ୟ କାଣ୍ଡ ତ୍ରୟୋଦଶ ଛାନ୍ଦରେ ରାମାୟଣର ସମସ୍ତ ଘଟଣାବଳୀର କାଳ ନିରୂପଣ କବିଙ୍କ ଲେଖନୀରେ ଆଧୁନିକ ଅବ୍ଦାନୁକ୍ରମରେ ବର୍ଣ୍ଣିତ । ଯାହା ବିଶ୍ୱାସଯୋଗ୍ୟ । ପ୍ରତ୍ୟେକ ଘଟଣାର ନିର୍ଦ୍ଦିଷ୍ଟ ଦିନ, ବାର, ତିଥି ଓ ନକ୍ଷତ୍ର ଇତ୍ୟାଦିର ନିରୂପଣ ଯେଉଁ ଗାଣିତିକ ସମୀକରଣ ଦ୍ୱାରା ପ୍ରଥମ କରି ଶୃଙ୍ଖଳିତ ଭାବରେ ପ୍ରତିପାଦନ କରାଯାଇ ଅଛି ସେଥିରୁ ଏହି କାବ୍ୟର ମହତ୍ୱ ଅନୁମେୟ । ରାମଙ୍କର ଜନ୍ମ ଜାତକ କୋଷ୍ଠୀ ବିଚାର, ସମୟ ନିରୂପଣ, ବିବାହ ମେଳକ, କିଷ୍କିନ୍ଧ୍ୟା କାଣ୍ଡରେ ସୀତା ସନ୍ଧାନେ ଦୂତ ପ୍ରେରଣ, ସମୁଦ୍ର କୂଳରୁ ଲଙ୍କା ଗମନ, ଯୁଦ୍ଧ ଅନୁକୂଳ ଓ ଉତ୍ତରାକାଣ୍ଡରେ ସୀତା ଆଦି ଭଗିନୀଙ୍କର ଋତୁର ବିଚାରରୁ କବିଙ୍କର ଜ୍ୟୋତିଷୀ ଜ୍ଞାନାଦିର ପରିଚୟ ମିଳେ ।

କବି ମୁଖ୍ୟତଃ ସତ୍ୟ ଓ ଆଦର୍ଶକୁ ଲକ୍ଷ୍ୟରଖି କାବ୍ୟ ରଚନା କରେ । **କବି**ର ବହୁଶାସ୍ତ୍ର ଦର୍ଶିତା ନିରବଚ୍ଛିନ୍ନ ଅଭ୍ୟାସ ଓ ଅଦମ୍ୟ ନିଷ୍ଠା ତାହାର ପ୍ରତିଭାକୁ ଅନୁମୋଦନ କରେ । ଏହି ଦୃଷ୍ଟିରୁ **କବି** ଐକାନ୍ତିକ ନିଷ୍ଠା ଓ ଆଦର୍ଶ ସାଧନା ଦ୍ୱାରା **ରାମାୟଣ**ର ପ୍ରତ୍ୟେକ ଚରିତ୍ରକୁ ଉତ୍କୃଷ୍ଟ ରୂପେ ପ୍ରତିପାଦନ କରିବା ପାଇଁ ଚେଷ୍ଟା କରି ସଫଳ ହୋଇଛନ୍ତି । ରାମାୟଣରେ ଏପରି କୌଣସି ଚରିତ୍ର **କବି**ଙ୍କ ଲେଖନୀରେ ଗୌଣ ଓ ଅପାଙ୍କ୍ତେୟ ନାହିଁ । ବରଂ ସାଂପ୍ରତିକ ଯୁଗର ମାନବୀୟ ମୂଲ୍ୟବୋଧରେ ରାମାୟଣର ପ୍ରତ୍ୟେକ ଚରିତ୍ର ନୀତିଶାସ୍ତ୍ରର ସର୍ବଶ୍ରେଷ୍ଠ ଆଦର୍ଶରେ ବିମଣ୍ଡିତ ।

କବିଙ୍କ ମତରେ **ରାମାୟଣ**ର ନାୟକ' **ଶ୍ରୀରାମଚନ୍ଦ୍ର**' ମର୍ଯ୍ୟାଦା ପୁରୁଷୋତ୍ତମ ଭାବେ ପ୍ରମାଣିତ ହୋଇଥିଲା ବେଳେ ଖଳନାୟକ 'ରାବଣ' ଅସୁର ହୋଇଥିଲେ ମଧ୍ୟ ଜଣେ ପରମ ମୋକ୍ଷାଶ୍ରୟୀଭକ୍ତ, ଆଦର୍ଶସାଧକ ଧୂରୀଣ ବିଚାରଶୀଳ, ରାଜନୀତିପ୍ରବୀଣ ଓ ସମ୍ରାଟ ଭାବେ ବର୍ଣ୍ଣିତ ।

Digitized by PPRACHIN, SOA

ଠିକ୍ ସେହିପରି ଭ୍ରାତୃଭକ୍ତ ଲକ୍ଷ୍ମଣଙ୍କ ଆନୁଗତ୍ୟ ଠାରୁ ବିଭୀଷଣର ଭ୍ରାତୃଭକ୍ତି **କବି** ଦୃଷ୍ଟିରେ କୌଣସି ଗୁଣରେ କମ୍ ନୁହେଁ । ବରଂ ଲକ୍ଷ୍ମଣଙ୍କ ଆଦର୍ଶ ଅପେକ୍ଷା ବିଭୀଷଣଙ୍କ ଆଦର୍ଶ ଅଧିକ ମୂଲ୍ୟ ଦାବି କରେ । ଯାହା ଲଙ୍କାକାଣ୍ଡ ଛାନ୍ଦ-୬୩ଶ, ଭାତୃଭକ୍ତ ବିଭୀଷଣ ଛାନ୍ଦରୁ ଜଣାପଡ଼େ । ପତି ଅନୁରକ୍ତା ପତିପ୍ରାଣା ସୀତାଙ୍କ ସତୀତ୍ୱ ମହନୀୟତା ପରି ମନ୍ଦୋଦରୀଙ୍କ ପତିପ୍ରେମ, ମଧ ଅନୁରୂପ ମର୍ଯ୍ୟାଦା ଦାବି କରେ । ରାମାୟଣ କଥାବସ୍ତୁର ଅନ୍ତରାଳରେ ଥିବା ଦୁଇ ନାରୀ ଉର୍ମିଳା ଓ ପରିମଳାଙ୍କର ଚରିତ୍ରରେ ସତୀତ୍ୱ ଓ ପତିଭକ୍ତି **କବି**ଙ୍କ ଲେଖନୀରେ ଯଥେଷ୍ଟ ମହନୀୟ ହୋଇ ପାରିଛି । ସେହିପରି କୈକେୟୀ ମନ୍ଥରା ଦୁଇଟି ଚରିତ୍ର ଯାହାଙ୍କ ଅଭାବରେ ରାମାୟଣ ସୃଷ୍ଟି ଓ ସ୍ଥିତି ଅସମ୍ଭବ, ଏ ଦୁହିଁଙ୍କର ଚିନ୍ତା ଓ ଚେତନାରେ ସାଧାରଣ ମାନବୀୟ, ରାଗ, ହିଂସା, ଦ୍ୱେଷ ଓ ଅସହିଷ୍ଣୁତାର ବର୍ଣ୍ଣନା ମୂଳକଥାବସ୍ତୁରେ ବର୍ଣ୍ଣିତ ହୋଇଥିଲେ ମଧ୍ୟ **ଶ୍ରୀଯୁକ୍ତ ଦାଶ**ଙ୍କ ବର୍ଣ୍ଣନାରେ ସେମାନେ ସମାଜର କଲ୍ୟାଣ ସାଧନ ପାଇଁ କିପରି ସାର୍ବଭୌମତ୍ୱର ପରିଚୟ ଦେଇଛନ୍ତି ତାହା ଲକ୍ଷଣୀୟ । ଜରତା, ସୂର୍ପଣଖା, ଚରିତ୍ର ଗୁଡ଼ିକ ମୂଳକଥାବସ୍ତୁରେ ନିକୃଷ୍ଟା, ଉପଯାଚିକା ଭାବେ ବର୍ଣ୍ଣିତ ହୋଇଥିବା ବେଳେ **କବି ଶ୍ରୀଯୁକ୍ତ ଦାଶ** ସେମାନଙ୍କର ମହନୀୟତାକୁ ନୂତନ ଅବଗୁଣ୍ଠନରେ ଏପରି ଭାବେ ସଜାଇ ପାରିଛନ୍ତି ଯାହା ପାଠକଙ୍କୁ ବିମୁଗ୍ଧ କରିବ ଏହା କହିବା ନିଷ୍ପ୍ରୟୋଜନ ।

ବ୍ୟାସଙ୍କ ମୂଳ ଭାଗବତକୁ ଉତ୍କଳୀୟ ପରମ ବୈଷ୍ଣବ କବି ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ଅନୁବାଦ କଲାବେଳେ ଉତ୍କଳୀୟ ଐତିହ୍ୟ ପରମ୍ପରା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଯେପରି ମୃଗୁଣୀସ୍ତୁତି ଆଦି କେତେକ ନୂତନ ଉପକଥାର ଅବତାରଣା କରିଛନ୍ତି ଠିକ୍ ସେହିପରି **ରାମାୟଣ**ର କଥାବସ୍ତୁକୁ ଅକ୍ଷୁର୍ଣ୍ଣ ରଖି **କବି** ନିଜ କାବ୍ୟଟିରେ ସମୟ ଉପଯୋଗୀ କେତେକ ଆଖ୍ୟାୟିକାର ନୂତନ ଅବତାରଣା କରି ସମସ୍ତ ପାଠକୀୟ ଅନୁସନ୍ଧିତ୍ସାର ଅବସାନ କରି ପାରିଛନ୍ତି । ଆଖ୍ୟାୟିକା ଗୁଡ଼ିକ ଯୁକ୍ତିଯୁକ୍ତ ଉଦାହରଣ ଓ ନିର୍ମଳ ଚରିତ୍ର ଚିତ୍ରଣ ସହ ସରଳ ବର୍ଣ୍ଣନାରେ ମନୋଜ୍ଞ ଓ ରୁଚିମନ୍ତ ଏହା କହିବା ବାହୁଲ୍ୟ ମାତ୍ର । ଲୋକଶିକ୍ଷା ନିମିତ୍ତ ରାମାୟଣର ସନ୍ଦେଶ ଓ ବଚନ ବଦ୍ଧତାକୁ ପ୍ରମାଣ କରିବାକୁ **କବି** ସତତ ଚେଷ୍ଟିତ । ଏହିପରି କୌଣସି ଛାନ୍ଦନାହିଁ ଯାହା ଜନମାନସରେ ଅନୈତିକ ପ୍ରଭାବର ଛାୟା ପକାଇ ସମାଜକୁ ତଥା ସାଧାରଣ ଜନଜୀବନ'କୁ କଳୁଷିତ କରିବ ।

Digitized by PPRACHIN, SOA

ରାମ ଅବତାର ନେବାର ପୂର୍ବ ଚରିତ, ଦଶରଥଙ୍କ ପୁତ୍ର ପ୍ରେମ, ପ୍ରତାରିତା ଅହଲ୍ୟା ସମ୍ବାଦ, ରାମଆଦିଚାରିଭାଇଙ୍କର ମେଳକବିହୀନ ବିବାହ, କୈକେୟୀଙ୍କ ମାତୃ ହୃଦୟର ପରିଚୟ, ଭରତଙ୍କ ଭ୍ରାତୃଭକ୍ତି, ସୀତାଙ୍କର ବାଲିପିଣ୍ଡ ପ୍ରଦାନ,ଲଙ୍କାର ରାଜା ରାବଣର ସୀତା ଅପହରଣ ନିମିତ୍ତ ଯୋଜନା, ଜ୍ୟେଷ୍ଠ ପୁତ୍ର ରାମଙ୍କର ପିତୃବତ୍ ଜଟାୟୁକୁ ମୁଖାଗ୍ନି ପ୍ରଦାନ, ଗୋପାଳ ଓ ଶବରୀଙ୍କ ପୂର୍ବ ଚରିତ, ଦୁଗ୍ଧପାନ ଓ ଫଳଭକ୍ଷଣ ବର୍ଣ୍ଣନ, ସପ୍ତଶାଳ ଓ ଦାରୁବ୍ରହ୍ମ ପ୍ରସଙ୍ଗ, ଶୁଭ, ଅଶୁଭ ସ୍ୱପ୍ନ, ପଶୁ ପକ୍ଷୀ ମେଘଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ, ହନୁମାନ୍ ବିଭୀଷଣ ଭେଟ, ସେତୁବନ୍ଧ ପ୍ରତିଷ୍ଠାରେ ପୁରୋଧା ନିରୂପଣ, ଲିଙ୍ଗର ପ୍ରକାର ଭେଦ, କୁମ୍ଭକର୍ଣ୍ଣର ଅଶରୀରୀ ଆତ୍ମା ମୁକ୍ତି, ଇନ୍ଦ୍ରଜିତ ବଧେ ନିକୁମ୍ଭିଳା ଦେବୀ ଚରିତ, କଟାମୁଣ୍ଡର ଅଟ୍ଟହାସ୍ୟ, ରାମଚନ୍ଦ୍ରଙ୍କର ବର ପ୍ରଦାନ, ପ୍ରମିଳା ସ୍ୱାମୀ ସହିତ ସ୍ୱଦେହେ ଗମନ । ସ୍ୱର୍ଗନିଶୁଣି, ସୀତାଙ୍କର ଅଶୋକାଷ୍ଟମୀ ବ୍ରତ ଯାଚଞ୍ଚା, ହନୁମାନ ଦର୍ପ ଗଞ୍ଜନ, ଦେବୀ ପୂଜା , କମଳ ହରଣ, ବ୍ରହ୍ମାସ୍ତ୍ର ଆନୟନ, ଭ୍ରାତୃ ଭକ୍ତ ବିଭୀଷଣ, ଇଚ୍ଛାମୃତ ରାବଣ, ରାମଙ୍କରାଜନୀତି ଶିକ୍ଷା, ଶ୍ମଶାନ ଦୃଶ୍ୟ, ତାତ୍କାଳୀନ ନୀଳମଣି ପଥର ଆଧୁନିକର ଟିଭି, ସରମାଙ୍କୁ ସୀତାଙ୍କର ବିଦାୟ ସମ୍ବର୍ଦ୍ଧନା, ସୀତାଙ୍କ ଅଗ୍ନି ପରୀକ୍ଷା, ରାମଙ୍କ ବାହୁଡା ବିଜୟ, ଯମୁନାକୂଳେ ହନୁମାନର ଦର୍ପଦଳନ, ଅଯୋଧ୍ୟାକୁ ଦୂତ ପ୍ରେରଣ, ବାହୁଡା ଯାତ୍ରା, ଉର୍ମିଳାଙ୍କ ବ୍ରତ ସମାପନ, ଅଭିଷେକ, ହନୁମୁଣ୍ଡେ ସିନ୍ଦୂର, ଡଗର ଦ୍ୱାରା ରାଜନୀତି ପ୍ରଚାର, ମର୍କଟମାନଙ୍କର ଭୋଜି, ରାମଦାସ ବାବାଜି ପ୍ରସଙ୍ଗ, ସୀତା ଆଦି ଭଗ୍ନିଙ୍କର ପୁଂସବନକର୍ମ,ଋଷ୍ୟ ଶୃଙ୍ଗ ଯାଗ, ବଧୂମାନଙ୍କ ମନୋବାଞ୍ଛା ପୂର୍ଣ୍ଣ ପାଇଁ କୌଶଲ୍ୟାଙ୍କ ଖବର, ରାମଙ୍କର ପ୍ରଜା ପାଳନ, ସୀତାଙ୍କର ମୁନି ସେବା ପାଇଁ ପ୍ରାର୍ଥନା, ଧୋବା ଧୋବଣୀଙ୍କ କଳିର ବିଚାର, ସୀତାଙ୍କ ସିଧାନ୍ତରେ ସୀତା ବାଲ୍ମୀକି କୁଟୀରରେ ଅବସ୍ଥାନ, ଅଶ୍ୱମେଧ ଯଜ୍ଞର କାରଣ, ସୁବର୍ଣ୍ଣ ସୀତା ଦ୍ୱିତୀୟ ପତ୍ନୀ, ରାମଙ୍କର ମହାପ୍ରସ୍ଥାନ, କୁଶଙ୍କୁ ଅଯୋଧ୍ୟା ରାଜଲକ୍ଷ୍ମୀଙ୍କ ଆମନ୍ତ୍ରଣ, କୁଶଙ୍କର ଅଯୋଧ୍ୟା ଆସନ ଗ୍ରହଣ, ଲବକୁଶଙ୍କ ଠାରୁ ଅଗ୍ନି ବର୍ଣ୍ଣଙ୍କ ପର୍ଯ୍ୟନ୍ତ, ବଂଶାନୁଚରିତ ଇତ୍ୟାଦି ଘଟଣାଗୁଡିକୁ ଯଥେଷ୍ଟ ସାରସ୍ୱତ ଶ୍ରମର ବିନିମୟରେ ଯଥୋପଯୁକ୍ତ ଉଦାହରଣରେ ନୁତନ ଉପକଥାଗୁଡିକ ସଂଯୋଗ କରି, ଯଥାର୍ଥ ସିଦ୍ଧାନ୍ତରେ ପ୍ରମାଣ କରି ପାରିଛନ୍ତି ।

Digitized by PPRACHIN, SOA

ମୀମାଂସା ରାମାୟଣର ବହୁ ପୂର୍ବରୁ ରୀତି ଶୈଳୀରେ ଅନେକ ରାମ କାବ୍ୟବର୍ଣ୍ଣିତ । ସେଥିମଧ୍ୟରୁ କବି ସମ୍ରାଟ୍ ଉପେନ୍ଦ୍ରଭଞ୍ଜଙ୍କ ବୈଦେହୀଶ ବିଳାସର ପରିପ୍ରେକ୍ଷୀରେ ଏହାର ଯଥାର୍ଥତାକୁ ବିଚାର କରାଯାଇ ପାରେ । କବି ସମ୍ରାଟ୍ ଭଞ୍ଜଙ୍କ ବୈଦେହୀଶ ବିଳାସରେ ଋଷ୍ୟ ଶୃଙ୍ଗ ଓ ଜରତା ପ୍ରସଙ୍ଗରେ ଜରତା ସହ ଋଷ୍ୟଶୃଙ୍ଗଙ୍କ ମିଳନ ବର୍ଣ୍ଣନାରୁ ଋଷ୍ୟଶୃଙ୍ଗଙ୍କ ଚାରିତ୍ରିକ ସ୍ଖଳନ ଅନୁମେୟ । ଭଞ୍ଜଙ୍କ ବୈଦେହୀଶ ବିଳାସ ୪ର୍ଥ ଛାନ୍ଦ ୬୫ରୁ୭୫ ପଦରେ ଯେଉଁ ଆଦିରସର ବର୍ଣ୍ଣନା କରାଯାଇଛି ତାହାର ସାହିତ୍ୟିକ ମୂଲ୍ୟବୋଧ ତୁଳନାରେ ଲୋକଶିକ୍ଷା ଦୃଷ୍ଟିରୁ ଅଶ୍ଳୀଳତାକୁ ଉହ୍ୟରଖି **"ମୀମାଂସାରାମାୟଣ"**ରେ **କବି** ସେମାନଙ୍କର ଚାରିତ୍ରିକ ମହତ୍ୱକୁ ଏପରି ଅଭିନବ ଶୈଳୀରେ ଉପସ୍ଥାପନା କରିଛନ୍ତି ତାହା ଅନୁମେୟ । ସେହିପରି ରାମଚନ୍ଦ୍ରଙ୍କ ବନବାସ ଅବସରରେ ଦଶରଥଙ୍କ ଶ୍ରାଦ୍ଧ ଦିବସ ଦିନ ସୀତାଙ୍କ ବାଲିପିଣ୍ଡ ଦାନ ପ୍ରସଙ୍ଗରେ ଭଞ୍ଜ ୨୧ଶ ଛାନ୍ଦ ୨୨ ପଦରେ ସୀତା କୌତୂହଳ ପୂର୍ବକ ବାଲିପିଣ୍ଡ ଦାନ କରିବାରେ ଦଶରଥ ତାହାକୁ ଗ୍ରହଣ କରିବାର ସୂଚନା ଦେଇଛନ୍ତି । କିନ୍ତୁ ଏହି ପ୍ରସଙ୍ଗଟିର ତତ୍କାଳୀନ ପରିସ୍ଥିତିକୁ ବିଚାର କରି ସୀତାଙ୍କ ମାନସିକ କ୍ରିୟା ପ୍ରତିକ୍ରିୟାକୁ ବିଶ୍ଳେଷଣ କରି ପୂର୍ବପୁରୁଷଙ୍କପ୍ରତି ଶ୍ରଦ୍ଧା ଓ ଆନ୍ତରିକତାକୁ ସାବଲୀଳ ଢଙ୍ଗରେ **ମୀମାଂସାରାମାୟଣ**ରେ ଯେଉଁ ପ୍ରକାର ବର୍ଣ୍ଣିତ ହୋଇଛି ତାହା ମାନବଧର୍ମ ପ୍ରତିଷ୍ଠା ଦୃଷ୍ଟିରୁ ଗ୍ରହଣ ଯୋଗ୍ୟ ଅଟେ ।

ସେହିପରି ବୈଦେହୀଶ ବିଳାସର ୧୭ଶ ଛାନ୍ଦରେ ରାମ ବନବାସ ଯିବା ଅବସରରେ କୌଶଲ୍ୟା ଉପଦେଶ ଦେଇ ସୀତାଙ୍କୁ କହିଥିଲେ ବନରେ ଅପୂର୍ବ ପଦାର୍ଥ ମାଗିବୁନାହିଁ । କିନ୍ତୁ ସେହି କାବ୍ୟ ୨୪ଶ ଛାନ୍ଦ ୨୭ପଦରେ ସୀତା କନକ ମୃଗ ପ୍ରତି ଆକୃଷ୍ଟ ହୋଇ ତାକୁ ଆଣିବା ପାଇଁ ରାମଚନ୍ଦ୍ରଙ୍କୁ କହି ଗୁରୁଜନଙ୍କ ପ୍ରତି ଅବଜ୍ଞା କରିଛନ୍ତି । କିନ୍ତୁ ଆଲୋଚ୍ୟ କାବ୍ୟଟିରେ କୌଶଲ୍ୟାଙ୍କ ଉପଦେଶକୁ ଯଥାର୍ଥରେ ସମ୍ମାନ ଦେବା ସଙ୍ଗେ ସଙ୍ଗେ ଯେଉଁପରି ମାୟାମୃଗକୁ ଆୟତ୍ତାଧୀନ କରାଯାଇଛି (ଆରଣ୍ୟ କାଣ୍ଡ ପଞ୍ଚଦଶ ଛାନ୍ଦ ଦ୍ରଷ୍ଟବ୍ୟ), ସେହିପରି ସୀତା ଚୋରି ଉପାଖ୍ୟାନରେ ଭଞ୍ଜ' ୨୪ଶ ଛାନ୍ଦ ୪୨ ପଦରେ ସୀତା ଚୋରୀ ମୂଳ କାରଣରୁ ଦୂରେଇ ଯାଇ ଛାୟା କିମ୍ବା ମାୟା ସୀତାଙ୍କୁ ଅପହରଣ କରିବାର ସୂଚନା ଦେଇଛନ୍ତି ।

Digitized by PPRACHIN, SOA

ପାଠକ ମନରେ ସ୍ୱାଭାବିକ ପ୍ରଶ୍ନ ଉଠୁଥିବ ଛାୟା କିମ୍ବା ମାୟା ସୀତାଙ୍କୁ ଅପହରଣ ଦ୍ୱାରା ରାବଣର ମୁକ୍ତି ହୋଇ ପାରିବତ ? କିନ୍ତୁ ମୀମାଂସା ରାମାୟଣ ଆରଣ୍ୟକ କାଣ୍ଡ ୧୬ଶ ଛାନ୍ଦରେ **କବି** ଏହି ଘଟଣାବଳୀକୁ ତାର୍କିକ ଶୈଳୀରେ ଏପରି ବର୍ଣ୍ଣନା କରିଛନ୍ତି ଯେ ପ୍ରକୃତ ସୀତାଙ୍କୁ ଅପହରଣ କରାଯାଇଥିଲା ।

ବୈଦେହୀଶ ବିଳାସ ତଥା ଅନ୍ୟାନ୍ୟ ରାମକାବ୍ୟରେ ରହିଯାଇ ଥିବା ତଥ୍ୟାବଳୀକୁ ମୂଲ୍ୟାୟନ କରି **କବି** ଯଥାର୍ଥ ସିଦ୍ଧାନ୍ତରେ ଉପନୀତ ହୋଇ ପାରିଛନ୍ତି । ଗୋକୁଳାନନ୍ଦ ପଟ୍ଟନାୟକଙ୍କ ଜାନକୀବଲ୍ଲଭବିଳାସରେ ବିଶ୍ୱାମିତ୍ର ଯଜ୍ଞରକ୍ଷା କରିବା ନିମିତ୍ତ ରାମଲକ୍ଷ୍ମଣଙ୍କୁ ମାଗିଥିଲେ । ଦଶରଥ ପୁତ୍ରସ୍ନେହକୁ ପ୍ରମାଣ କରିବାକୁ ଯାଇ ପ୍ରଥମେ ଭରତ ଶତ୍ରୁଘନଙ୍କୁ ପ୍ରଦାନ କରିଛନ୍ତି । ତେବେ ଦଶରଥଙ୍କର ଚାରିପୁତ୍ରଙ୍କଠାରେ କଣ ସ୍ନେହ ସମାନ ନଥିଲା ? ଦ୍ୱିତୀୟତଃ ବଶିଷ୍ଠ, ସୁମନ୍ତ୍ର ଇତ୍ୟାଦି ପାରିଷଦ ବର୍ଗଙ୍କ ସମ୍ମୁଖରେ ବିଶ୍ୱାମିତ୍ରଙ୍କ ପରି ଋଷିଙ୍କୁ ଚଞ୍ଚକତାକରିବା ବିଶ୍ୱାସ ଯୋଗ୍ୟତ ? କିନ୍ତୁ **'ମୀମାଂସା ରାମାୟଣ'**ରେ କବି ବିଶ୍ୱାମିତ୍ରଙ୍କ ଇଚ୍ଛା ପୂରଣ କରିବା ପାଇଁ ବଶିଷ୍ଠଙ୍କ ଉପଦେଶକୁ ପାଳି ରାମ ଲକ୍ଷ୍ମଣଙ୍କୁ ଅର୍ପଣ କରିଛନ୍ତି । ଶ୍ରୀପଟ୍ଟନାୟକ ସୀତା ହରଣ ସମୟ ନିରୂପଣ କରିବାକୁ ଯାଇ ୨୦ଶ ଛାନ୍ଦ ୪୧ ପଦରେ କହିଛନ୍ତି ।

ଆଷାଢ଼ ମାସ କୃଷ୍ଣପକ୍ଷ ଶେଷ ତିଥିରେ ହରିନେଲା ବିଂଶ ପାଣି ।
ଚତୁର୍ଦ୍ଦଶ ମାସ ଶେଷେ ନାଶଯିବ ଅଙ୍ଗିରସ ଭଣି ଗଣି ।

ଏହି ଉକ୍ତିରୁ ଆଷାଢ଼ ଅମାବାସ୍ୟା ଦିନ ସୀତା ରାବଣ କର୍ତ୍ତୁକ ଅପହୃତା ହୋଇଥିଲେ । ୧୪ ମାସ ଅତିବାହିତ, ଅର୍ଥାତ' ଭାଦ୍ରବ ଅମାବାସ୍ୟା ମଧ୍ୟରେ ରାବଣ ନିହତହୋଇ ସୀତାମୁକ୍ତିଲାଭ କରିବା କଥା, କିନ୍ତୁ ଶ୍ରୀ ପଟ୍ଟନାୟକ ପୁନଶ୍ଚ ସେହି କାବ୍ୟ ୪୫ ଶ ଛାନ୍ଦ ୧୧ ପଦରେ କହିଲେ ।

"ଅଷ୍ଟୋତ୍ତର ଶତ ଶତ, ଦଳ ଆଣି ସୀତାକାନ୍ତ, ଆଶ୍ୱିନ୍ୟ ସିତ ସପ୍ତମୀ ତିଥିରେ ପୂଜା ।
କଲେ ଆରମ୍ଭ ହେରମ୍ଭ, ମାତା ବିଡ଼ିବାକୁ ଦମ୍ଭ, ନେଲେ ଏକ ଅମ୍ଭୋରୁହ ଲାଗିଲା ଖୋଜା ॥"

ତେଣୁ ପାଠକଙ୍କ ମନରେ ନିଶ୍ଚୟ ଦ୍ୱନ୍ଦ୍ୱ ଉଦ୍ରେକ ହୁଏ । ସୀତା ଅପହରଣର ୧୪ ମାସ ୨୨ ଦିନ ପର୍ଯ୍ୟନ୍ତ ରାବଣ ନିହତ ହୋଇନଥିଲା,

Digitized by PPRACHIN, SOA

ଜାନକୀ ବଲ୍ଲଭ ବିଳାସରେ ଏହି ଦୁଇଟି ପ୍ରମୁଖ ଘଟଣାର କାଳ ନିରୂପଣ ସଂଶୟାତ୍ମକ । ପୁନଶ୍ଚ ସୀତା ଆଷାଢ଼ ମାସରେ ଅପହୃତ ହେବା ଏବଂ ରାବଣ ଆଶ୍ୱିନ ଶୁକ୍ଳ ଦଶମୀ ଶାରଦୀୟ ଦଶହରା ଦିନ ନିହତ ହେବା ଗ୍ରହଣ ଯୋଗ୍ୟ ନୁହେଁ । କାରଣ ଭଞ୍ଜଙ୍କ ବୈଦେହୀଶ ବିଳାସର ଅଷ୍ଟାଦଶ ଛାନ୍ଦ ୧୬୨ ରୁ ୧୬୬ ପଦ ରାମ' ଅନୁଜ ଲକ୍ଷ୍ମଣଙ୍କ ସହ ଚତୁର୍ମାସ୍ୟା, ଆଷାଢ଼, ଶ୍ରାବଣ, ଭାଦ୍ରବ, ଆଶ୍ୱିନ ମାଲ୍ୟବନ୍ତ ପର୍ବତରେ ଥିଲେ । ସେହିପରି ରାଧାନାଥରାୟଙ୍କ ତୁଳସୀ ସ୍ତବକ ରଚନାରେ ମଧ୍ୟ ଅଛି ।

ପ୍ରସ୍ରବଣ ଶଇଳେ କଲେ ବସତି,
ସୌମିତ୍ରୀ ସଙ୍ଗେ ପ୍ରଭୁ ରାଘବ ପତି ।

ଏହି ବର୍ଣ୍ଣନାରୁ ଜଣା ପଡ଼େ ଦୁଇଟି ଯାକ ଘଟଣାର ପୂର୍ବାପର'ସମୟ ବ୍ୟତିକ୍ରମ । **ମୀମାଂସା ରାମାୟଣ** ର ସୀତା ଚୋରି ଫାଲ୍ଗୁନ କୃଷ୍ଣପକ୍ଷ ଅଷ୍ଟମୀ ଗୁରୁବାର ଦିନ ମଧ୍ୟାହ୍ନ ରେ କରାଇ ୧୩ମାସ ଚଉଦଦିନ ଦେବୀ ପୂଜା ସମ୍ପୂର୍ଣ୍ଣ କରି ଊଣାଇଶ ଦିନ **ଦମନକ ଚତୁର୍ଦ୍ଦଶୀ** ଅର୍ଥାତ୍ ଚୈତ୍ର ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ଦିନ ରାବଣର ରଥ ପତନ ରାଜନୀତି ଶିକ୍ଷା, ବିଭୀଷଣ ରାଜା ଓ ସୀତାଙ୍କ ଅଗ୍ନିପରୀକ୍ଷା ଆଦି କରି ୧୪ ମାସ ଶେଷରେ ବନ ବାସର ୧୪ବର୍ଷ ସମ୍ପୂର୍ଣ୍ଣ କରି ବୈଶାଖ ମାସ ସପ୍ତମୀରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରାଇ ଅନେକ ଦ୍ୱନ୍ଦ୍ୱାତ୍ମକ ଘଟଣାବଳୀର ଅବସାନ କରାଇ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି ତାହା ବାସ୍ତବରେ ସ୍ୱାଗତ ଯୋଗ୍ୟ ।

ଇନ୍ଦ୍ରଜିତକୁ ନିହତ କରିବାରେ ଲକ୍ଷ୍ମଣ ଓ ବିଭୀଷଣଙ୍କ ନୂତନ ପରିକଳ୍ପନା ଇନ୍ଦ୍ରଜିତର ତତ୍କାଳୀନ ସାଧନା ଏବଂ ଲକ୍ଷ୍ମଣ ହନୁମାନଙ୍କ ଈଶ୍ୱରଦତ୍ତ ସାମର୍ଥ୍ୟ ପ୍ରତିପାଦିତ ହୁଏ । ଏତଦ୍‌ବ୍ୟତୀତ ଜାନକୀ ବଲ୍ଲଭ ବିଳାସର ଦ୍ୱାଦଶ ଛାନ୍ଦ ଛାୟାରେ ଇନ୍ଦ୍ରଜିତ ନିହତ ସମ୍ବାଦ ରାବଣ ନିକଟରେ ପହଞ୍ଚାଇବାରେ ଏହି ଛାନ୍ଦଟି ତୁଳନୀୟ ହେଲେମଧ ଆଦ୍ୟ, ଅନୁପ୍ରାସ କବିଙ୍କର ସ୍ୱତନ୍ତ୍ର । ଇନ୍ଦ୍ରଜିତ ପତ୍ନୀ ପରିମଳାଙ୍କ ସତୀତ୍ୱ ଓ ଆଦର୍ଶକୁ କବି ସୁନ୍ଦର ଭାବରେ ପ୍ରତିପାଦନ କରିଛନ୍ତି । ପୂର୍ବୋକ୍ତ ରାମ କାବ୍ୟମାନଙ୍କରେ ଅଗସ୍ତି ଋଷି ପ୍ରଦତ୍ତ ବ୍ରହ୍ମାସ୍ତ୍ର ଦ୍ୱାରା ରାମଚନ୍ଦ୍ର ରାବଣକୁ ନିହତ କରିଥିବା ବେଳେ ରାମଚନ୍ଦ୍ରଙ୍କୁ ଦେବୀପୂଜା ହୃଦୟ କବଚ ସ୍ତବ ପାଠ କରିବା ପାଇଁ

Digitized by PPRACHIN, SOA

ନିର୍ଦ୍ଦେଶ ଦେଇଥିଲେ । ଲୋକ ବିପନ୍ନ ହେଲେ ଦୈବୀଶକ୍ତିର ଉପାସନା କରି ନିଜ ଶକ୍ତିକୁ ଆହରଣ କରେ, ଜାନକୀ ବଲ୍ଲଭ ବିଳାସରେ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ରାମଚନ୍ଦ୍ର ଦେବୀ ଉପାସନା ପୂର୍ବକ ରାବଣକୁ ନିହତ କରିଥିଲାବେଳେ ଦେବୀଭାଗବତରେ ନାରଦଙ୍କ ନିର୍ଦ୍ଦେଶରେ ନିହତ କରିଥିଲେ । ଦେବୀଭାଗବତରେ ନାରଦଙ୍କ ନିର୍ଦ୍ଦେଶରେ ଦେବୀ ପୂଜା କରିବା ଉଲ୍ଲେଖ ଅଛି । କିନ୍ତୁ ଏହି କାବ୍ୟରେ ବଙ୍ଗୀୟ କବି କୃତ୍ତିବାସଙ୍କ ସିଦ୍ଧାନ୍ତମତେ ରାମଚନ୍ଦ୍ର ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ବାସନ୍ତୀକଦେବୀପୂଜା ସମ୍ପନ୍ନକରି ଦେବୀଙ୍କ ନିର୍ଦ୍ଦେଶରେ ମନ୍ଦୋଦରୀଙ୍କ ନିକଟରେ ଥିବା ବ୍ରହ୍ମାସ୍ତ୍ରକୁ ହନୁମାନ୍ ଦ୍ୱାରା ଅପହରଣ କରାଇ ରାବଣକୁ ପତନ କରିବାରେ ସକ୍ଷମ ହୋଇଥିଲେ । ସେହିପରି ରାବଣଠାରୁ ରାମଚନ୍ଦ୍ରଙ୍କ ରାଜନୀତି ଶିକ୍ଷା ଏବଂ ସୀତାଙ୍କ ଅଗ୍ନି ପରୀକ୍ଷା ଇତ୍ୟାଦି ଘଟଣା ଗୁଡ଼ିକରୁ କବିଙ୍କ ସୁନ୍ଦର ସୃଜନା ଶକ୍ତିର ପରିଚୟ ମିଳିଥାଏ । ସ୍ଥଳବିଶେଷରେ ଉତ୍କଳୀୟ ଲୋକକଥା ଗୁଡ଼ିକୁ 'ପଦ' ବୋଧଗମ୍ୟ କରାଇ କାବ୍ୟଟିକୁ ସର୍ବାଙ୍ଗ ସୁନ୍ଦର କରିବାରେ **କବି**ଙ୍କର ଯଥେଷ୍ଟ ସାରସ୍ୱତ ଶ୍ରମର ନିଦର୍ଶନ ମିଳେ ।

ରସକଲ୍ଲୋଳ'ର କବି ଦୀନକୃଷ୍ଣଙ୍କ ଭାଷାରେ କାବ୍ୟରଚନା ଶ୍ରମ ସାଧାରଣ ପାଠକ ଅନୁଭବ କରିବା ଅସମ୍ଭବ । କାବ୍ୟରଚନାରେ ଯାହାର ଅନୁଭବ ଅଛି ସେ ହିଁ ଶ୍ରମକୁ ଉପଲବ୍ଧି କରିପାରେ । ତେଣୁ ରୀତି ଯୁଗର ସମସ୍ତ ବିଶେଷତ୍ୱକୁ ଅକ୍ଷୁଣ୍ଣ ରଖି **ଶ୍ରୀ ଦାଶ ମହାଶୟ** ଯେଉଁ ପ୍ରତିଭାର ପରିଚୟ ଦେଇଛନ୍ତି ତାହା ପାଠକେ ଉପଲବ୍ଧି କଲେ ଶ୍ରମ ସାର୍ଥକ ହେବ ।

ଉପଯୁକ୍ତ ସମୀକ୍ଷାରୁ କାବ୍ୟଟି ଯେ ଦୋଷ ମୁକ୍ତ ତାହା କହି ହେବ ନାହିଁ । ନିର୍ଦ୍ଦୋଷ କାବ୍ୟ ସାହିତ୍ୟ ଜଗତରେ ବିରଳ । ଅର୍ଥାତ କାବ୍ୟରେ ଦୋଷ ରହିବା ସ୍ୱାଭାବିକ । ସଜ୍ଜନ ମଣ୍ଡଳୀ ନିଜର ଗୁଣ ଦ୍ୱାରା ଦୁର୍ବଳତାକୁ ଆବଶ୍ୟକ ସ୍ଥଳେ ମାର୍ଜ୍ଜନା କରି ବାଧିତ କରିବେ ବୋଲି ଆଶା ଓ ବିଶ୍ୱାସ ।

। ଇତି ।

ତା ୦୧/୦୧/୨୦୦୧

ଅଧ୍ୟାପକ
ନୟାଗଡ଼ କଲେଜ୍
ନୟାଗଡ଼, ଓଡ଼ିଶା

Digitized by PPRACHIN, SOA

ମତାମତ

ଭାରତ ବର୍ଷରେ ବହୁ ପୁରାତନ କାଳରୁ ବେଦ,ବେଦାଙ୍ଗ,ଉପନିଷଦ୍, ପୁରାଣ, ମହାଭାରତ,ରାମାୟଣାଦି ପ୍ରବଚନା ଚଳି ଆସୁଅଛି । କଥାରେ ଅଛି ଯାହା ନାହିଁ ଭାରତେ ତାହା ନାହିଁ ଭାରତେ । କାବ୍ୟକୃତି ମଧ୍ୟରେ ରାମାୟଣ ଆଦିକାବ୍ୟ ବୋଲି ଗୃହୀତ । କାରଣ ବାଲ୍ମୀକି ମହର୍ଷି ଏକ ବକୀର ଦୁଃଖରେ ଯାହା ଉଚ୍ଚାରି ଥିଲେ ତାହା ସଙ୍ଗୀତମୟ ହେବାରୁ ମହର୍ଷି ସେହି ସାଙ୍ଗୀତିକ ରୀତିରେ ସଂସ୍କୃତ ଭାଷାରେ ରାମାୟଣ ରଚନା କରିଥିଲେ । ଏହା ପରେ ଭାରତରେ ବିଭିନ୍ନ ଅଞ୍ଚଳର ଖ୍ୟାତ କବିମାନେ ସ୍ୱପ୍ରାନ୍ତୀୟ ଭାଷାରେ ରାମାୟଣ ରଚନା କରି ଯାଇଅଛନ୍ତି ।

ଉତ୍କଳଲିପି ସଂସ୍କୃତ ବର୍ଣ୍ଣ ବିଭବର ମୌଳିକତା ରକ୍ଷା କରିବାକୁ ଚେଷ୍ଟା କରିଅଛି । ତେଣୁ ଉତ୍କଳ ଲିପିରେ ଶରୀରର ବିଭିନ୍ନ ସ୍ଥାନରୁ ଉତ୍ପନ୍ନ ବର୍ଣ୍ଣ ଗୁଡ଼ିକ, କଣ୍ଠ୍ୟ,ତାଲବ୍ୟ,ଦନ୍ତ୍ୟ,ଓଷ୍ଠ,କଣ୍ଠୋଷ୍ଠ୍ୟ, କଣ୍ଠ ତାଲବ୍ୟ, ଅନୁନାସିକ, ଉଷ୍ମ, ଅଯୋଗ ବାହ, ହ୍ରସ୍ୱ,ଦୀର୍ଘ, ଯୁକ୍ତ ବର୍ଣ୍ଣ,ଦ୍ୱିତ୍ୱବର୍ଣ୍ଣ ଇତ୍ୟାଦି ରୂପେ ଶୃଙ୍ଖଳିତ ହୋଇ ରହି ଅଛନ୍ତି, ସ୍ମରଣ ରଖିବା ପାଇଁ ଉତ୍କଳୀୟ ଲିପି ସମ୍ଭାରକୁ କାବ୍ୟାଦିରେ ଯେପରି ବ୍ୟବହାର କରାଯାଇପାରେ ଅନ୍ୟଭାଷାରେ କ୍ୱଚିତ ସେପରି ଦେଖିବାକୁ ମିଳେ । କେତେକ ପ୍ରାନ୍ତୀୟ ଭାଷାରେ ବର୍ଣ୍ଣମାନଙ୍କର ଲିଖନ ଓ ଉଚ୍ଚାରଣରେ ବିଶେଷ ପାର୍ଥକ୍ୟ ଦେଖାଯାଏ । ଉତ୍କଳ ଲିପିରେ, ଉପଧା ମିଳନ, ଅନୁପ୍ରାସ, ଯମକ, ସିଂହାବଲୋକନ, ଲୋମବିଲୋମାଦି କର୍ଣ୍ଣପ୍ରୀତିକର ସାଜସଜ୍ଜାରେ ଯେପରି କବିତା ରଚନା କରାଯାଇପାରେ ତାହା ପ୍ରଣୀଧାନ ଯୋଗ୍ୟ ।

କବି **ଦୟାନିଧି ଦାଶ** ବିଶେଷ ଶିକ୍ଷାପ୍ରାପ୍ତ ନ ହୋଇଥିଲେ ମଧ୍ୟ ବହୁ ପ୍ରକାର ରାମାୟଣ ଗ୍ରନ୍ଥ ପାଠ କରି ଯେଉଁ ମହତ୍ ଉଦ୍ଦେଶ୍ୟ ସାଧନରେ **ମୀମାଂସା ରାମାୟଣ** ରଚନା କରିଅଛନ୍ତି ତାହା ବଡ଼ ଆୟାସସାର୍ଧ୍ୟ ଏବଂ ଶ୍ରୀରାମଚନ୍ଦ୍ରଙ୍କ କୃପାର ସଙ୍କେତ ।

ଅନ୍ୟାନ୍ୟ କବିମାନେ ଅକ୍ଷର କ୍ରମ ନେଇ ଯେଉଁ ରାମାୟଣମାନ ରଚନା କରିଅଛନ୍ତି ଏବଂ ସେଥିରେ ଯେଉଁ ଦୋଷଦୁର୍ବଳତା ଅଛି ତାହା ଦୂର କରାଯାଇ ମୀମାଂସା ରାମାୟଣକୁ ଏକ ସର୍ବାଙ୍ଗ ସୁନ୍ଦର କାବ୍ୟରେ ପରିଣତ କରିବାର ଚେଷ୍ଟା ପ୍ରଶଂସା ଯୋଗ୍ୟ । ସ୍ୱୟଂ ଭଗବାନଙ୍କ ଅବତାରୀ ଶ୍ରୀ ରାମଚନ୍ଦ୍ରଙ୍କ ଦ୍ୱାରା ବାଳିବଧ,

Digitized by PPRACHIN, SOA

ଲକ୍ଷ୍ମଣଙ୍କ ନିକଟକୁ ସୂର୍ପଣଖାକୁ ପତ୍ର ସହ ପ୍ରେରଣ, ସୀତାଙ୍କ ଅଗ୍ନି ପରୀକ୍ଷା, ଏବଂ ଦୋହଦ ଅବସ୍ଥାରେ ତାଙ୍କର ନିର୍ବାସନ, ଲକ୍ଷ୍ମଣ ବନ୍ଧନ ଇତ୍ୟାଦି ରାମରାଜ୍ୟର ଆଦର୍ଶରେ ପାଠକ ଅନ୍ତରରେ ଦ୍ୱିଧା ଜାଗ୍ରତ କରେ । ମୀମାଂସା ରାମାୟଣରେ ସେ ସବୁର ଏକ ନିର୍ମଳ ସମାଧାନ କରାଯାଇଅଛି । ଲିପିକ୍ରମରେ କେତେକ ଛାନ୍ଦରେ ଅବନାକ୍ଷର କ୍ରମ ବ୍ୟବହୃତ ହୋଇଅଛି । ଏହା ବ୍ୟତୀତ ବହୁ ପ୍ରକାର ଛନ୍ଦ, ବିବିଧ ବର୍ଣ୍ଣସଂଖ୍ୟା ନେଇ କବିତା ରଚନା କରାଯାଇଅଛି । ବର୍ତ୍ତମାନ ଯୁଗରେ କେତେକ ନବ୍ୟ ଶିକ୍ଷିତ, ପାଶ୍ଚାତ୍ୟ ଲିପିମାଳାରେ ଅନୁକରଣରେ ଉତ୍କଳ ଲିପି ସମ୍ଭାରରେ ଯେଉଁ ବ୍ୟଭିଚାର ଆଣିଅଛନ୍ତି ଏବଂ ଲିପିମାଳାରୁ କେତୋଟି ଲିପିକୁ ଯେପରି ଲୋପକରି ଦେବାକୁ ବସିଲେଣି ତାହା ଭାବି ବସିଲେ ମନରେ ଦାରୁଣ ଦୁଃଖ ଜାତ ହୁଏ ।

ମାତୃଭାଷା ମାତୃଭୂମିର ଆଦର ଯା ହୃଦେ ଜନମି ନାହିଁ,
ତାଙ୍କୁ ଯେବେ ଗୁଣୀଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ?

ଏହି ପ୍ରବଚନଟି ଆଧୁନିକ ମୁଦ୍ରଣକାରୀମାନେ ଭୁଲିଯିବାକୁ ବସିଲେଣି । ଅଳ୍ପ କାଗଜ, ଅଳ୍ପ କାଳି ଓ ଅଳ୍ପ ସମୟ ବ୍ୟବହାର କରି ଲେଖିବା ପାଇଁ ଏବଂ ଜିହ୍ୱା ପରିଚାଳନର ସ୍ୱଚ୍ଛନ୍ଦତା ପାଇଁ ମାତ୍ରା, ଫଳା, ଓ ଯୁକ୍ତ ବର୍ଣ୍ଣାଦି ଉତ୍କଳ ଲିପିରେ ରଚନା କରାଯାଇଅଛି । ସେଗୁଡ଼ିକ ଲୋପ କରାଗଲେ ଅନେକ ପ୍ରାଚୀନ ଗ୍ରନ୍ଥ ଉତ୍କଳରେ ଅପାଠ୍ୟ ହୋଇଯିବ । ମୀମାଂସା ରାମାୟଣରେ ଉତ୍କଳ ଲିପି ସମ୍ଭାରର ୫୦ବର୍ଣ୍ଣକୁ ନାନା ରୀତିରେ ସଜ୍ଜିତ କରାଯାଇ କବିତା କରାଯାଇଅଛି । ଏହି ଲିପି ସମ୍ଭାରର ଅବକ୍ଷୟ ଦେଖି ତାକୁ ବଞ୍ଚାଇ ରଖିବାକୁ ଦାମୋଦର ମହାପାତ୍ର କବାଟ ଫେଡ଼ା ରାମାୟଣ ବର୍ଣ୍ଣ ମାତ୍ରିକ ଭଜନମାଳା, ରାମାୟଣ, ଭାଗବତ, ହନୁମାନ ଚାଳିଶା, ବିଚ୍ଛେଦ ଗୀତିକା, ଯୌତୁକ ନିରୋଧ ଆଦି କ୍ଷୁଦ୍ର କାବ୍ୟ ରଚନା କରି, **ଦୟାନିଧି ଦାଶଙ୍କ ମୀମାଂସା ରାମାୟଣ**କୁ କିୟଂ ପରିମାଣରେ ସଂଶୋଧନ କରିଅଛନ୍ତି । ସେଥିରେ କେତେକ ସ୍ଥଳରେ ଦୃଷ୍ଟି ପଡ଼ି ନଥାଇ ପାରେ । ପାଠକମାନେ ପାଠକରି ସେ ସବୁ ତ୍ରୁଟି ଜଣାଇଲେ ମୀମାଂସା ରାମାୟଣକାର ଆନନ୍ଦର ସହ ଗ୍ରହଣ କରି ଶୁଦ୍ଧି କରିବାରେ ବ୍ରତୀ ହେବେ ।

।ଇତି।

ଦାମୋଦର ମହାପାତ୍ର
ଅବସରପ୍ରାପ୍ତ ଶିକ୍ଷକ

Digitized by PPRACHIN, SOA

ଓଁ

ଶ୍ରୀ ସ୍ୱାମୀ ଧର୍ମପ୍ରକାଶାନନ୍ଦ ସରସ୍ୱତୀ
ଦିବ୍ୟଜୀବନ ସଂଘ, ଋଷିକେଶ
ହିମାଳୟ, ଉତ୍ତର ଭାରତ

ତା ୯/୧୨/୨୦୦୧
ନଟରୀମୋହନ ଆଶ୍ରମ, ନୟାଗଡ଼

ଅଭିମତ

ନୟାଗଡ଼ ଜିଲ୍ଲାର ବାଉଁଶିଆ ଗ୍ରାମସ୍ଥ ଶ୍ରୀଯୁକ୍ତ ଦୟାନିଧି ଦାଶଙ୍କର ଭାବପ୍ରଣୋଦିତ ମିମାଂସା ରାମାୟଣଟିକୁ ଦେଖିଲି ଓ କେଉଁ ପରିସ୍ଥିତିରେ ପ୍ରଭୁ ଶ୍ରୀରାମ ଓ ପ୍ରଭୁ ଶ୍ରୀ ଲଡୁବାବାଙ୍କ କୃପାରୁ ସେ ଏହାକୁ ରୂପରେଖ ନେଇଛନ୍ତି ତାହା ହରି ହିଁ ଜାଣନ୍ତି । ଜଣେ ସନ୍ୟାସୀ ସାଧକ ଭାବରେ ଜୀବନ ଅତିବାହିତ କରି ଶ୍ରୀରାମଙ୍କୁ ଇଷ୍ଟରୂପେ ନେଇ ଜୀବନସାରା ରାମମନ୍ତ୍ର ଜପ କରି ମଧ୍ୟ, ଶ୍ରୀରାମଙ୍କୁ ଓ ତାଙ୍କର ଲୀଳାର ସମସ୍ତ ଭକ୍ତଙ୍କୁ ଅଦ୍ୟାବଧି ଜାଣିପାରିନାହିଁ । ବ୍ରହ୍ମତତ୍ତ୍ୱ ବା ରାମତତ୍ତ୍ୱର ଚେତନା ଭିତରେ ନ ପଶିଲେ ତାଙ୍କ କଥା ବର୍ଣ୍ଣନା କରିବା କଷ୍ଟସାଧ୍ୟ ହୋଇଥାଏ । ଆଦିକବି ଶ୍ରୀ ବାଲ୍ମିକୀ ଓ ଭକ୍ତକବି ଶ୍ରୀ ତୁଳସୀଦାସଙ୍କ ଜୀବନରେ ଏହା ସମ୍ଭବ ହୋଇଥିଲା । ଶ୍ରୀଯୁକ୍ତ ଦୟାନିଧି ବାବୁଙ୍କର ପ୍ରଗାଢ଼ ଭକ୍ତି ଓ ଭାବପ୍ରବଣ ଦ୍ୱାରା ହିଁ ବହୁତ ପ୍ରକାର ଛନ୍ଦରେ ବିଭିନ୍ନ ଗୀତ ମାଧ୍ୟମରେ ସାତକାଣ୍ଡ ରାମାୟଣ ରଚିତ ହୋଇଅଛି । ଏହା ଓଡ଼ିଶାର ପ୍ରତ୍ୟେକ ଓଡ଼ିଆ ଭାଇ ଭଉଣୀମାନଙ୍କ ପାଇଁ ଏକ ରତ୍ନ ଅଟେ । ମୋର ମନେ ହୁଏ ଯେ କଟକ ଜିଲ୍ଲାର ତଥା ଓଡ଼ିଶାର ପ୍ରସିଦ୍ଧ ଗଣକବି ଶ୍ରୀ ବୈଷ୍ଣବ ପାଣିଙ୍କ ରଚିତ ଗୀତିନାଟ୍ୟ ଯେପରି ଆଜିକାର ସମାଜରେ ସ୍ଥାନ ପାଇଛି, ସେପରି ଏହି ମୀମାଂସା ରାମାୟଣ, ରାମଲୀଳାର ଗୀତିନାଟ୍ୟ ଆକାରରେ ପ୍ରତ୍ୟେ କ ଗ୍ରାମ ଓ ସହରରେ ସ୍ଥାନ ପାଇବ । ବିଭିନ୍ନ ଛନ୍ଦର ଏହି ଗୀତିରାମାୟଣ ବିଶେଷ ହୃଦବୋଧ ହୋଇ ଓଡ଼ିଆମାନଙ୍କର ପ୍ରଭୁଙ୍କଠାରେ ଭାବଭକ୍ତି ଜାଗ୍ରତ କରାଇପାରିବ, ଏହା ମୋର ଦୃଢ଼ ବିଶ୍ୱାସ । ଏହି ଗ୍ରନ୍ଥରେ ରାମାୟଣରେ ଥିବା ବହୁତ ସଂଶୟଗୁଡ଼ିକ ଉଚ୍ଚଭାବ ଓ ଯୁକ୍ତି ସହ ସମାଧାନ ହୋଇଛି । ଏହି ମୀମାଂସା ରାମାୟଣ ବହିର ପ୍ରସାର ଓ ପ୍ରଚାର ହୋଇ ଓଡ଼ିଶା ତଥା ଦେଶ ବିଦେଶରେ ଥିବା ସମସ୍ତ ଓଡ଼ିଆ ଭାଇ ଓ ଭଉଣୀମାନଙ୍କ ଭିତରେ ଭକ୍ତି, ପ୍ରେମ ଓ ଜ୍ଞାନର ବିକାଶ ହେବାସହ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିପାରିବ ବୋଲି ମୋର ଦୃଢ଼ ଆଶା ।

ଶ୍ରୀଯୁକ୍ତ ଦୟାନିଧି ଦାଶଙ୍କର ନିରୋଗ ସ୍ୱାସ୍ଥ୍ୟସହ ଦୀର୍ଘ ଜୀବନ ଓ ଆଧ୍ୟାତ୍ମିକ ପ୍ରଗତି କାମନା କରୁଛି ଓ ତାଙ୍କର ସୁପୁତ୍ରମାନଙ୍କର ପିତୃଭକ୍ତି ତଥା ପରିବାରର ସମସ୍ତ ଭାଇ ଓ ଭାତୃବଧୂମାନଙ୍କର ଭାତୃଭକ୍ତି ବିଶେଷ ଉଲ୍ଲେଖଯୋଗ୍ୟ । ରାଜା ଶ୍ରୀ ଦଶରଥ ଏବଂ ରାଜା ଶ୍ରୀ ରାମଙ୍କର ସପରିବାର ଚରିତ୍ର ଏହି ଦିବ୍ୟ ପରିବାରରେ ତଥା ସମସ୍ତ ପାଠକମାନଙ୍କ ମଧ୍ୟରେ ବିକଶିତ ହେଉ, ଏହା ମୋର ପ୍ରାର୍ଥନା ।

ପ୍ରଭୁଙ୍କ ସେବାରେ

ସ୍ୱାମୀ ଧର୍ମ ପ୍ରକାଶାନନ୍ଦ

Digitized by PPRACHIN, SOA

ଅଭିମତ

କବି ପ୍ରବରେଣ ଶ୍ରୀଯୁକ୍ତ ଦୟାନିଧି ଦାଶ ଶର୍ମଣା ଲିଖିତଂ **ମୀମାଂସା ରାମାୟଣ** କାବ୍ୟଂ ବିଲୋକ୍ୟାନନ୍ଦମନ୍ୱ ଭବମ୍ । ରାମାୟଣଂହି ମାନବଜୀବନସ୍ୟ ବ୍ୟାଖ୍ୟାନମସ୍ତି । ତତ୍ ଶ୍ରେୟୋମାର୍ଗ ପ୍ରଦର୍ଶକଂ ଜ୍ୟୋତିର୍ବିଧେତ୍ତେ । ତତ୍ ସାଂସାରିକ ବ୍ୟବହାରୋ ପଦେ ଶକାଚାର୍ଯ୍ୟୋ ବର୍ତ୍ତତେ । ସତ୍ୟଂ ମାନବସ୍ୟ ସର୍ବଶ୍ରେଷ୍ଠ-କୌଶଳମ୍- ତତ୍ ରାମାୟଣେ ପ୍ରକାଶିତମସ୍ତି । ଦାଶମହାଭାଗେନ ଯତ୍ ମୀମାଂସା ରାମାୟଣ କାବ୍ୟଂ କୃତଂ ତତ୍ ଅତୀବ ମଞ୍ଜୁଳମସ୍ତି । ରମ୍ୟାରମାୟଣୀ ଗଙ୍ଗା ପୁନାତି ଭୁବନ ତ୍ରୟମ୍ । ତୁଳସୀ ଦାଶ ମହାଭାଗେନ ଭୁକ୍ତଂ (ରାମ ଚରିତ ଶତ କୋଟି ଅପାରା ଶ୍ରୁତି ସାରଦାନ ଗନୈନ ପାରା, ମନ୍ୟେ ମହିୟାନ୍ କବିବରଃ ଦୟାନିଧିଃନ, ଅପିତୁ ଜ୍ଞାନନିଧିଃ ।) କଥମେବମଭିମତଂ ମମ, ଯଦି କବିବରସ୍ୟ ଭଗବତି ରାଘବେ ସୁନିଷ୍ଠଳା ଭକ୍ତି ର୍ନସ୍ୟାତ୍ ତର୍ହି ଅସ୍ୟ କାବ୍ୟସ୍ୟ ସ୍ଫୁରଣଂ କଦାପି ନ ଭବେତ୍ । ଅତଃ ଭୂଦେବ କୁର କୁମୁଦ କଳାଧରଃ ଦୟାନିଧିଃ ପ୍ରଶଂସାର୍ହଃ (ଇତିଶମ୍)

ପଣ୍ଡିତ ବୀରେନ୍ଦ୍ର କିଶୋର ତ୍ରିପାଠୀ ଶର୍ମା
ବେଦ ବାଚସ୍ପତି,, ସାହିତ୍ୟାଚର୍ଯ୍ୟ ॥
ନୟାଗଡ଼ ଦେବୋତ୍ତର କଲୋନି ।
ଦୂରଭାଷ : ୫୨୯୫୨

ଅଭିମତ

ବେଳେ ବେଳେ ବାସ୍ତବତା ଐତିହାସିକ ଅପେକ୍ଷା କଳ୍ପନା ବିଳାସିତା ସମଧିକ ପରିମାଣରେ ଆତ୍ମପ୍ରକାଶ କରିଥାଏ । ଉତ୍କଳର ଧାର୍ମିକ ଆଭିମୁଖ୍ୟ ସମାଜ, ଚିତ୍ର, ନୈତିକତା, ବୀରତ୍ୱ, ବୈଭବ, ବୈଜ୍ଞାନିକ, ଦାର୍ଶନିକ ପରିଭାଷା, କଳା-କୌଶଳ ସମ୍ପର୍କରେ ଗୋଟିଏ ଗୋଟିଏ ଚିନ୍ତା ଶ୍ରମ ସାପେକ୍ଷ ନିର୍ବନ୍ଧ ଲାଗି ଅବକାଶ ରହିଛି । ଏ ଗ୍ରନ୍ଥ ଉତ୍କଳ ଭାଷା, ଶିକ୍ଷା, ସଭ୍ୟତ, ସଂସ୍କୃତିର ଏକ ଜ୍ଞାନକୋଷ । ସାଧକ ଯେଉଁ ଜାତୀୟ କାର୍ଯ୍ୟ ସମ୍ପାଦନ କରିଛନ୍ତି । ତାଙ୍କର ଉତ୍ତରପୁରୁଷଙ୍କ ପକ୍ଷରେ ତାହା ପ୍ରଦୀପ ଆଲୋକ ସ୍ତମ୍ଭ ସ୍ୱରୂପ । ତଦୀୟ ପଦାଙ୍କ ଅନୁସରଣ କରି ଉଦ୍‌ଘାଟିତ ନବୀନ ସରଣୀ ବକ୍ଷକୁ ବିସ୍ତାରିତ କରିବ । ଏହି ରାମାୟଣରେ ଯେଉଁ ଆଦର୍ଶ ଘଟଣାବଳୀ ଗୁଡ଼ିକ ସ୍ଥାନ ପାଇଛି ତାହା କେବଳ ପ୍ରଚାର ପାଇଁ ନୁହେଁ ବରଂ ତାହା ପାଠକମାନଙ୍କର ଆଚରିତ (ଆଚରଣ କରିବା କର୍ତ୍ତବ୍ୟ) ।

ବେଲମାସାହି,କୋଟପାଡ଼
କୋରାପୁଟ

ଶ୍ରୀ ମାର୍କଣ୍ଡ ମହାପାତ୍ର
ଶ୍ରୀମତୀ ପଦ୍ମାବତୀ ମହାପାତ୍ର

Digitized by PPRACHIN, SOA

ସଦାନନ୍ଦ ସାହିତ୍ୟ ପରିଷଦ, ଗରଣଶୁଳ, ଜି: ନୟାଗଡ଼

ମାନପତ୍ର

ଉଦାର ହୃଦୟେଷୁ, ଜାତୀୟପ୍ରାଣ ଶ୍ରୀଯୁକ୍ତ ଦମ୍ବରୁଧର ଦାସ, ସାର୍ଙ୍ଗୀକା ରଘୁନାଥପୁର ଶାସନ, ଗରଣଶୁଳ, ମହାଭାଗ!

ଆପଣ ଏହି ମାଟିର ଜଣେ କୃତବିଦ୍ୟ ସତ୍ପୁତ୍ର ଓ ସାହିତ୍ୟ ସାଧକ ହିସାବରେ ଯେଉଁ ଖ୍ୟାତି ଅର୍ଜନ କରିଛନ୍ତି ଆଞ୍ଚଳିକ ଅନେକ ଗୁଣମୁଗ୍ଧ ବୁଦ୍ଧିଜୀବୀ ଓ ବିଦଗ୍ଧ ପାଠକ ପାଠିକା ତାର ଭୂୟସୀ ପ୍ରଶଂସା କରୁଛନ୍ତି ।

ରୀତି ଶୈଳୀରେ ରଚିତ ପୌରାଣିକ କାବ୍ୟସମୂହ, ଲୋକଗୀତି, ଗୀତିକାବ୍ୟ ଓ ପ୍ରଗତିବାଦୀ ଗୀତି କବିତାଦ୍ୱାରା ଆପଣଙ୍କର କୃତିତ୍ୱର ସ୍ୱାକ୍ଷର ବହନ କରୁଛି । ସଦାନନ୍ଦ ସାହିତ୍ୟ ପରିଷଦ, ଗରଣଶୁଳ ଏଭଳି ଜଣେ କାବ୍ୟପ୍ରତିଭାର ଅଧିକାରୀଙ୍କୁ ସମ୍ମାନିତ କରିବାର ଅବକାଶରେ ବିଭୁପଦାରବିନ୍ଦରେ ମାଗୁଣି ଜଣାଉଅଛି କି, ପ୍ରଭୁ ଆପଣଙ୍କୁ ଦୀର୍ଘ ନିରାମୟ ଜୀବନ ପ୍ରଦାନ ପୂର୍ବକ ଆପଣଙ୍କ ଲେଖନୀ ବାଣୀ ସାଧନାକୁ ସାର୍ଥକ କରନ୍ତୁ ।

ତା°

ସଭାପତି, ସମ୍ପାଦକ

କବିଙ୍କ ସଂକ୍ଷିପ୍ତ ଜୀବନୀ

ଜନ୍ମ ସନ ୧୯୩୪ ମସିହା ଡ଼ିସେମ୍ବର ମାସ ଦୁଇ ତାରିଖ

ନାମ - ଦୟାନିଧି ଦାଶ

ଜାତି-ବ୍ରାହ୍ମଣ । ଗୋତ୍ର-ଭରଦ୍ୱାଜ ।

ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଶୈବକ୍ଷେତ୍ର ଶରଣକୁଳ ନିକଟ ବାଉଁଶିଆ ରଘୁନାଥ ପୁର ଶାସନ,ମୋର ନନା-ବୋଉ ଲକ୍ଷ୍ମୀ-ଦାମୋଦର, ତାଙ୍କର ପୁତ୍ର ସନ୍ତାନ ନଥିବାରୁ କୋଳ ମଣ୍ଡନ ପାଇଁ ବହୁ କାଷ୍ଠା ଓଷାବ୍ରତ ତଥା ଶିବଙ୍କର ଚତୁର୍ଦ୍ଦଶୀ ଉପବାସ ଯାତ୍ରା କରିବାରେ ଠାକୁରଙ୍କ **ଦୟାରୁ** ମୋର ଜନ୍ମ । ସେହି ଅନୁଯାୟୀ ନାମ **ଦୟାନିଧି** ଦେଇଥିଲେ । ମୋ ପରେ ମୋର ଆଉ ତିନି ଭାଇ ହେଲେ । ଆଗରୁ ଭଉଣୀ ଟିଏ ଥିଲା । ଆଜିକାଲି ଚାରିପାଞ୍ଚ ବର୍ଷରୁ ସ୍କୁଲ୍‌ରେ ନାମ ଲେଖାଇବା ବାଧ୍ୟ ବାଧକତା ପରି ସେତେବେଳେ ନଥିଲା । ମୋର ଦଶ ବର୍ଷ ବୟସରେ ଗାଁ ପାଖ ଶିଖରପୁର ଲୋ.ପ୍ରା. ସ୍କୁଲ୍‌ରେ ମୋର ନାମ ଲେଖା ଯାଇଥିଲା । ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥିବା ସମୟରେ ସନ ୧୯୪୮ ମସିହା ଶ୍ରାବଣ ମାସ କୃଷ୍ଣପକ୍ଷ ଚତୁର୍ଥିଦିନ ଝାଡ଼ାବାନ୍ତି (କଲରା) ରେ ମୋର ବୋଉ ପରଲୋକ ଗମନ କଲେ । ତାଙ୍କର ଅକାଳ ବିୟୋଗରେ ନନାଙ୍କ ମନ ସ୍ଥିର ନ ରହି ପାରିବାରୁ ସେ ଘରଦ୍ୱାର ଓ ଆମ୍ଭ ମାନଙ୍କୁ ପରିତ୍ୟାଗ କରି ସନ୍ୟାସ ଧର୍ମ ଅବଲମ୍ବନ କରି ତୀର୍ଥ ପର୍ଯ୍ୟଟନ କରିବାକୁ ଚାଲିଗଲେ ।

ଛୋଟ ତିନି ଭାଇ ମୁଁ ଚଳିବୁ କିପରି, ଖାଇବୁ କଣ, ରାନ୍ଧିବ କିଏ, ଏପରି ଅବସ୍ଥା ହେତୁ ମୋର ପାଠ ପଢ଼ାରେ ଡ଼ୋରି ବନ୍ଧା ହେଲା ମୁଁ ଚୁଲିଫୁଙ୍କିବା ଠାରୁ ଆରମ୍ଭ କରି ସାନଭାଇମାନଙ୍କ ସମସ୍ତ ଦାୟିତ୍ୱ ତୁଲାଇ ବାରେ ଲାଗିଲି । ଏହାର ସମାଧାନ ପାଇଁ ମୋତେ ୧୬ ବର୍ଷରେ ବିବାହ ହେବାକୁ ପଡ଼ିଲା । ମୋର ପତ୍ନୀଙ୍କ ନାମ ଥିଲା ଶକୁନ୍ତଳା । ପୁରାଣରେ ଶକୁନ୍ତଳା କଣ୍ୱ ଋଷିଙ୍କ ଆଶ୍ରମରେ ଆଶ୍ରମବାସୀଙ୍କ କଥା ବୁଝିବା ପରି ସେ । ତାଙ୍କ ଜୀବନକୁ ତିଳ ତିଳ କରି ଧୂପକାଠି ପରି ଜାଳି ଅନ୍ୟକୁ ମହକ ଯୋଗାଇବାରେ ଲାଗିଲେ ଏବଂ ପରିବାରକୁ ଦୁର୍ଦ୍ଦିନରୁ ରକ୍ଷା କଲେ । ଯାହା ଫଳରେ କି ଗୋଟିଏ ଭାଇ ଇଞ୍ଜିନିୟର, ଆଉ ଜଣେ ଡ଼ାକ୍ତର ଏବଂ ଜଣେ ଫାର୍ମାଶିଷ୍ଟ ହୋଇ ପାରିଲେ । ସମୟ ଅନୁସାରେ ସେମାନଙ୍କ ବିବାହ ଆଦି କାର୍ଯ୍ୟ ମଧ୍ୟ ମୋତେ କରିବାକୁ ପଡ଼ିଥିଲା । ଚାରୋଟି ପର ଝିଅ ବୋହୂ ହୋଇ ଘରକୁ ଆସିଲେ ସମସ୍ତଙ୍କ ଛୁଆପିଲା ହେଲେ ମୋର ମଧ୍ୟ ଚାରି ଝିଅ ତିନିପୁଅ । ଏତେବଡ଼ ପରିବାର ମିଶି ଚଳିବା କଷ୍ଟସାଧ୍ୟ ହୋଇ ପଡ଼ିଲା । ଆମ ଭାଇମାନଙ୍କ ମନ ଏକଥିଲେ ମଧ୍ୟ ଆମେମାନେ ପୃଥକ ହେବାକୁ ଚିନ୍ତାକଲୁ ଏବଂ ବିନା ଉଦ୍ର ଲୋକରେ ନିଜ ନିଜର ଆବଶ୍ୟକ ଦ୍ରବ୍ୟ ଆଦରି ନେଲୁ । କ୍ରମେ କ୍ରମେ ମୋର ତିନୋଟି ଝିଅ ଙ୍କର ବିବାହ ଆଦି କାର୍ଯ୍ୟ ମୁଁ ସାରିଦେଲି ।

Digitized by PPRACHIN, SOA

ସେହି ସମୟକୁ ମୁଁ ରାମାୟଣ ଲେଖା ଆରମ୍ଭ କରିଦେଇଥିଲି । ସନ ୧୯୮୭ ଜୁଲାଇରେ ମୋର ପତ୍ନୀ ବୋଉ ପରି ଆମ୍ଭ ମାନଙ୍କୁ ଦୁଃଖ ସାଗରରେ ଭସାଇ ପରଲୋକ ଗମନ କଲେ । ସେତ ବେଳକୁ ମଝିଆ ଓ ସାନ ପୁଅ ସାନଝିଅ ପାଖରେ ପୂର୍ବପରି ସେମାନଙ୍କର ଦାଇତ୍ୱ ମୋତେ ବୁଝିବାକୁ ପଡ଼ିଲା । ସାନ ଝିଅ ବୋଉ ବିୟୋଗ ଦୁଃଖରେ ରୋଗାକ୍ରାନ୍ତ ହେଲା । ମଝିଆ ପୁଅ କଷ୍ଟିଙ୍ଗ୍ କରି ଚାକିରୀ ପାଇଲା । ସାନପୁଅ ସୈନିକ ସ୍କୁଲ୍‌ରେ ପଢ଼ି ଏନ୍.ଡ଼ି.ଏ. ପାଇ ଲେଫ୍ଟ୍‌ନାଣ୍ଟ୍‌ରେ ଚାକିରୀ ପାଇଲା । ସାନଝିଅ ରୋଗାକ୍ରାନ୍ତ ଅବସ୍ଥାରେ ବି.ଏ. ପାସ୍ କରି ସଂସ୍କୃତ ଏମ୍.ଏ ପରୀକ୍ଷା ଦେବା ସହିତ ହିନ୍ଦୀରେ ଏମ୍.ଏ. ଓ ଷ୍ଟେନୋ ଟାଇପ୍ ଆଦି ଶିକ୍ଷା କରିଥିଲା । ଏଥି ମଧ୍ୟରେ ମଝିଆ ପୁଅର ବିଭାଘର ହେଲା । ସେ ବୋହୂ ବି ଓ.ଜି.ଏସ୍. ପାଇଲେ । ରାମାୟଣର ନାୟକ ରାମଙ୍କ କୃପାରୁ ଏହିପରି ସବୁସିଦ୍ଧି ଲାଭ କରିବା ସମୟକୁ ପୁଣି ପରୀକ୍ଷା ସ୍ୱରୂପ ହଠାତ୍ ସାନଝିଅର ଅବସ୍ଥା ଭଲ ରହିଲାନି । ବହୁ ଚେଷ୍ଟା ସତ୍ତ୍ୱେ ସେ ୨୦୦୦ ମସିହା ଅକ୍ଟୋବର ମାସରେ ଇହଧାମ ତ୍ୟାଗକଲା । ଫଳରେ ପୁଣି ରାମାୟଣର ଅଗ୍ରଗତିରେ ବାଧା ସୃଷ୍ଟି ହେଲା । ଏହିପରି ବିଭିନ୍ନ ପରିସ୍ଥିତିରେ ସମ୍ମୁଖୀନ ହୋଇ ରାମାୟଣ ଲୋକଲୋଚନକୁ ଆଣିବାକୁ ସ୍ଥିର କରିଲି । ଏବେ ମଧ ମୁଁ ଦିନକୁ ୧୨/୧୪ଘଣ୍ଟା ଲେଖାପଢ଼ା କରେ । ଏଥି ମଧରେ ତୁଳସୀ ରାମାୟଣକୁ ନାବାକ୍ଷରୀ ଗୁଜୁରୀ ରାଗ, ଭାଗବତ ବୃତ୍ତରେ ଅନୁବାଦ ସରିଛି । ଗୀତିନାଟ୍ୟ, ପାଲା, ସଂକୀର୍ତ୍ତନ, ଦଣ୍ଡନାଚ,ଚଉପଦୀ, ଜଣାଣ, ସମାଜ ସଂସ୍କାର ପାଇଁ ବୃକ୍ଷରୋପଣ, ଦେଶାତ୍ମବୋଧକ ସଂଗୀତ ଆଦି ଲେଖା ହୋଇ ରହିଛି । ଆୟୁଷ ଶେସ ହୋଇଆସୁଛି । ବଣରେ ବଣ ମଲ୍ଲୀ ଫୁଟି ଝଡ଼ିଗଲା ପରି ଏସବୁ ଲୋକଲୋଚନକୁ ନ ଆସି ନଷ୍ଟ ନ ହେବ କିଏ କହିବ । ଆଜି କାଲି ଖୁସାମତ, ରିସ୍‌ପତ୍ ଯୁଗରେ ପ୍ରଚାର ଆଭିମୁଖ୍ୟ ହେବାକୁ ସହଜ ନୁହେଁ । ବର୍ତ୍ତମାନ ତିନିପୁଅ ବୋହୂ ଚାକିରିରେ ଅଛନ୍ତି । କ୍ରମେ କ୍ରମେ କିଛି କିଛି ଛପାଯିବ ବୋଲି ଆଶାବାନ୍ଧି ମୋର ପ୍ରଧାନ ଲେଖା ଏହି **‘‘ମୀମାଂସା ରାମାୟଣ’’**ର ଛପାକାର୍ଯ୍ୟ ଶେଷ ହେବାକୁ ଯାଉଛି । ତାହା ମଧରେ ଯାହା ସବୁ ଅଛି ତାହାର କିଛି ଅଂଶର ସାର ମୁଖବନ୍ଧରେ ଦର୍ଶାଯାଇଅଛି । ଥରେ ମାତ୍ର ବହିଟି ଆମୂଳ ଚୂଳ ପାଠ କଲେ ମୋର ଶ୍ରମ ସାର୍ଥକ ହେବ ।

।ଇତି।

ଲେଖକ

Digitized by PPRACHIN, SOA

ରାମାୟଣ ରଚନା ସମ୍ପର୍କରେ ଦିପଦ

ମୀମାଂସା ରାମାୟଣ ଏକ ମୀମାଂସାତ୍ମକ ସୃଷ୍ଟି

ଏହା ଶୁଣିଲା ବେଳେ ମନେ ହେଉଥିବ ଏଥିରେ କିଛି ତତ୍ତ୍ୱାନୁସନ୍ଧାନ (ଗବେଷଣାତ୍ମକ) ସନ୍ଦର୍ଭ (ଚିନ୍ତାପୂର୍ଣ୍ଣ ରଚନା) ଉଦ୍ଧୃତ ହୋଇଛି । ତାହା ନୁହେଁ । କେବେଳ ଏକ ନିଷ୍ଠ ବିଚାରଧାରା ଉପରେ ଏହା ରଚିତ ।

ଓଡ଼ିଶାର ବହୁ ବିଦ୍ୱାନ ପଣ୍ଡିତ ସାଧୁସନ୍ଥ ପ୍ରବକ୍ତାଙ୍କ ଠାରୁ ବିଭିନ୍ନ ସ୍ଥାନରେ, ରାମକଥା, ରାମ ଚରିତ ମାନସ, ରାମାୟଣ କାବ୍ୟ ଛନ୍ଦବନ୍ଧ ଆଲୋଚନା ଶୁଣିବା ପରେ ଜାଣିଲି ରାମାୟଣର ନିର୍ଦ୍ଦିଷ୍ଟ ଚରିତ ଉପରେ କେହି ମତ ପ୍ରଦାନ କରୁ ନାହାନ୍ତି । ସବୁଠୁ ଅସୁବିଧାରେ ପଡ଼ିବାକୁ ହୁଏ । ମାନସ ପ୍ରବଚନମାନଙ୍କରେ ବକ୍ତାମାନେ ଇଆଡୁ-ସିଆଡୁ ଚରିତ କହନ୍ତି । ୭ ଦିନ ବେଳକୁ ଚିତ୍ରକୂଟରେ ରାମଙ୍କ ସହିତ ଭରତ ଭେଟ ହୁଏ । ଆଉ ଦୁଇ ଦିନରେ ଆରଣ୍ୟକ କିଷ୍କିନ୍ଧ୍ୟା, ସୁନ୍ଦରା, ଲଙ୍କା ଉତ୍ତରା କାଣ୍ଡ ଚରିତ ସାରନ୍ତି ଏଥିରେ ଯାହା ଆଲୋଚନା ହେଉଥିବ ବିଚାର କରନ୍ତୁ । ଆହୁରି ସବୁଠୁ ଅସୁବିଧାର ପଡ଼ିବାକୁ ହୁଏ ଚରିତ ଅମେଳ । ଲୋକ ଚରିତ ଭ୍ରଷ୍ଟାଚାର ଆଦିର ଚରିତ ଶୁଣିବାକୁ ହୁଏ ।

ତେଣୁ ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେବାକୁ ମନ ଖୋଜିବୁଲେ । ସେଇଥିରୁ ହୁଏ ରାମାୟଣ ପଢ଼ା କେଉଁ ରାମାୟଣରେ ଶୁଦ୍ଧ ଚରିତ ବର୍ଣ୍ଣନା ହୋଇଛି । ଏହି ପରି ନାନା କଥା ସେଥିପାଇଁ ବିଭିନ୍ନ ଓଡ଼ିଆ ରାମାୟଣ ପାଠ କରିବା ସହିତ ସଂସ୍କୃତ,ହିନ୍ଦୀ ବଙ୍ଗଳା ରାମାୟଣକୁ ଅଦମ୍ୟ ଚେଷ୍ଟା ଦ୍ୱାରା । ଅବଶ୍ୟ ଚେଷ୍ଟା ଦ୍ୱାରା ପାଠ କରିଲି । ପଠନ ପରେ ମୋର କ୍ଷୁଦ୍ର ବିଚାର ଧାରାରେ ଦେଖିଲି ଶୁଣିଥିବାପରି କାହା ସହିତ କାହାର ଖାପ ଖାଉନି । ଅନେକ ଚରିତ୍ର ଉପସ୍ଥାପନାରେ ଦ୍ୱନ୍ଦ୍ୱାତ୍ମକ, ଅନେକ ଗ୍ରନ୍ଥରେ ପ୍ରଥମରେ ଯାହା ପ୍ରମାଣ କରାଯାଇଛି ଶେଷକୁ ତାହା ଖଣ୍ଡନ କରାଯାଇଛି । ଏ ସବୁ ମନ ଉପରେ ପ୍ରବଳ ଚାପ ପକାଇଲା । ଭାବିଲି କଣ ଗୁଡ଼ାଏ ଲେଖି ଏ ଦ୍ୱନ୍ଦ୍ୱ ଦୂର କରନ୍ତି । ହେଲେ କାହିଁ ଅସରନ୍ତି ରାମାୟଣ କାହିଁ ମୁଁ । ଆଧାର ଚିନ୍ତାରେ ଜଡ଼ିତ ବ୍ୟକ୍ତି ଉଦ୍ଧାର ଚିନ୍ତା କରିବ କିପରି । ଦରିଦ୍ର ପଞ୍ଚାକ୍ଷର ଦୂରପାଇଁ ପରିବାର ଭରଣ ପୋଷଣରେ ଅନେଶତ ମନ୍ତ୍ର ଜପକରି ନିଶ୍ୱାସ ମାରିବାକୁ ସମୟ ମିଳେନି । ପାଠ ପଢ଼ା କଥା ନ କହିଲେ ଭଲ । ଚତୁର୍ଥ ଶ୍ରେଣୀରୁ ପୋଥି ବନ୍ଧା ହୋଇଛି । ତଥାପି ମନରେ ସାହାସ ବାନ୍ଧି ସମୟ ପାଇବାରେ ଶୟନକାଳେ ସେ କଥା ବାରମ୍ବାର ଚିନ୍ତା କରୁଥାଏ ।

ଆମ ଗାଁ ଠାରୁ ମାତ୍ର ଏକ କିଲୋ ମିଟର ଦୂରରେ ଶରଣକୁଳ ନାମରେ ଏକ ବଜାର । ସେଠାରେ ମୋର କର୍ମସଂସ୍ଥାନ, ଗୋଟିଏ କପଡ଼ା ଦୋକାନ । ସେହି

Digitized by PPRACHIN, SOA

ଶରଣକୁଳରେ ଓଡ଼ିଶାର ଏକ ପ୍ରତିଷ୍ଠିତ ଶୈବ ପୀଠ ଅବସ୍ଥିତ । ତାହାର ଦେବତା ପ୍ରଭୁ ଶ୍ରୀ ଶ୍ରୀ ଲଡ୍ଡୁକେଶ ମହାଦେବ, ସେ ସ୍ୱୟଂମ୍ଭୁ, ବହ୍ନିଲିଙ୍ଗ ଛତ୍ରାକାର ହରି, ହର ମୂର୍ତ୍ତି, ଜିଲ୍ଲାର ପ୍ରଧାନ ଠାକୁର ହିସାବରେ ରାତ୍ରୀ ତିନିଟା ବ୍ରହ୍ମ ମୁହୂର୍ତ୍ତରୁ ସେବକମାନେ ସ୍ନାନ ଶୌଚ ହୋଇ ଠାକୁରଙ୍କର ପ୍ରଭାତ ଅବକାଶ ମଙ୍ଗଳ ଆଳତି କରନ୍ତି ଏବଂ ଶ୍ରଦ୍ଧାଳୁ ଭକ୍ତମାନେ ସେ ଅବକାଶ ଦର୍ଶନ କରି ନିଜର ପାପ ଖଣ୍ଡନ କରନ୍ତି । ମୁଁ ସେମାନଙ୍କ ସହିତ ସକାଳ ସନ୍ଧ୍ୟାରେ ଆଳତି ଦର୍ଶନ କରେ । ମୋର ମନର ଭାବନା ଜଣାଏ । ଶୟନ ସମୟରେ ଠାକୁରଙ୍କୁ ସ୍ମରଣ କରି ସେ କଥା ଭାବୁଭାବୁ ନିଦ ହୋଇଯାଏ । ଅନେକ ଦିନଗଲା ପରେ ମୋର ମନ ସେଥିରୁ ବିରତ ନ ହୋଇ ଅଧିକ ନିମଗ୍ନ ହେଉଥାଏ । ଦିନେ ରାତ୍ରୀରେ ଠାକୁରଙ୍କର ସ୍ୱପ୍ନାଦେଶ ହେଲା । ମୁଁ ସ୍ୱପ୍ନରେ ଦେଖୁଛି ଠାକୁର ଆସି କହୁଛନ୍ତି ତୁ ରାମାୟଣ ଲେଖେ । ନିଦଭାଙ୍ଗିଗଲା । ସକାଳୁ ଠାକୁରଙ୍କର ପ୍ରଧାନ ପୂଜକ, ବଡ଼ପଣ୍ଡା ଚକ୍ରଧର ପ୍ରହରାଜ ଓ ପ୍ରଧାନ ସେବକ ହରିକୃଷ୍ଣ ମହାପାତ୍ରଙ୍କୁ ସ୍ୱପ୍ନ କଥା କହିଲି । ସେ ଦୁଇଜଣ ପରାମର୍ଶ ଦେଲେ ରାମାୟଣ ଲେଖିବାକୁ । ସେଦିନ ମୁଁ ଆଉ ଦୋକାନ ଖୋଲି ପାରିଲିନି । ବିଭିନ୍ନ କଥା ମନକୁ ଆସୁଥାଏ ପରିଶେଷରେ ମୋର ଜନ୍ମ ପତ୍ରିକାରେ ଗ୍ରହ ଅବସ୍ଥିତି ତଥା ଶୁଭ ସମୟ ଜାଣିବା ପାଇଁ ପଞ୍ଜିକା ଦେଖିଲି । ସେହି ସମୟକୁ କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ମହାପ୍ରତାପୀ ବୀରବର ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ସତର, ଅଠର ଅଙ୍କ ଇଂରାଜି ସନ ୧୯୮୪-୮୫ ମସିହା ନଭେମ୍ବର ମାସ ୨୯ ତାରିଖ । ଚନ୍ଦ୍ରମାସରେ ମାର୍ଗଶୀର ମାସ ଶୁକ୍ଳପକ୍ଷ ସପ୍ତମୀ ଗୁରୁବାର ସୌରସଂକ୍ରାନ୍ତି ମତେ ବିଛା ୧୪ଦିନ ଭୋଗ ଧନିଷ୍ଠା ନକ୍ଷତ୍ର ମକର ଚନ୍ଦ୍ର, ସେ ଦିନ ବୃହସ୍ପତି ବାସ ବ୍ୟାଘାତ ଯୋଗ ଗର,କରଣ ୧୯୦୬ ଶକାବ୍ଦ ଦିବା ୯ଘଣ୍ଟା ସମୟକୁ ଅମୃତ ବେଳା । ମୋର ସିଂହ ରାଶିକୁ ଶୁଭ ବେଳା । ଯୋଗ୍ନୀ,ବାୟବ୍ୟେ, ଗଣେଶଙ୍କୁ ସୁମରଣ କରି ଲେଖା ଆରମ୍ଭ କଲି, କ୍ରମେ କ୍ରମେ ଏକଥା ପ୍ରଘଟ ହେଲା ଲେଖା ଚାଲିଥାଏ ଯାହା ଲେଖା ଯାଏ ସନ୍ଧ୍ୟାରେ ପାଠ କରାଯାଏ, ଶ୍ରଦ୍ଧାଳୁ ରାମରସ ପିପାସୁମାନେ ଶ୍ରବଣ କରନ୍ତି । କେଉଁଠି କି ପ୍ରକାର କଣ ରହିବା କଥା ଉପଦେଶ ଦେଉଥାନ୍ତି । ଆଗକୁ ଥିବା ବିଷୟ ବସ୍ତୁ ବିଷୟରେ ବି ଆଲୋଚନା ହୁଏ । ଧୀରେ ଧୀରେ ଧନ ଉପାର୍ଜନ କର୍ମ ଦୂରେଇ ସେଥିରେ ମନ ନିମଜ୍ଜିତ ହେଲା । ପ୍ରତିଦିନ ସନ୍ଧ୍ୟାରେ ସେହି କପଡ଼ା ଦୋକାନ ଠାରେ ଲୋକ ଭିଡ଼ ହୁଏ ସମୟେ ସମୟେ ବହୁ ବିଜ୍ଞ ବ୍ୟକ୍ତିଙ୍କ ସାମିପ୍ୟ ମିଳେ । ପରିଶେଷରେ ସେ ରାମାୟଣ ଲେଖା ଓ ପଢ଼ା କୁ ଏକ ଅନୁଷ୍ଠାନ କରିବାକୁ କେତେ ଭକ୍ତ ପ୍ରକାଶ କଲେ । ସେହି ସନ୍ଧ୍ୟାର ସଭାରେ ଶରଣକୁଳ ବ୍ରଜେନ୍ଦ୍ର ସଂସ୍କୃତ ସ୍କୁଲ୍ର ହେଡ୍ ପଣ୍ଡିତ ଶ୍ରୀ ବିରଞ୍ଚି ନାରାୟଣ ତ୍ରିପାଠୀ ଥିଲେ । ସେ ମହାଶୟ କହିଲେ କି ଅନୁଷ୍ଠାନ କରିବ ଏଠିତ ଅନୁଷ୍ଠାନ ହୋଇ ସାରିଛି । ନୂତନ ଅନୁଷ୍ଠାନ କଲେ ସଭ୍ୟ ସଂଗ୍ରହ କରି ସଭା କରିବ ନାମକରଣ କରି ଅନୁଷ୍ଠାନର ନାମ ଦେବ ।

Digitized by PPRACHIN, SOA

ଏବେ ଦେଖ ରାମଚନ୍ଦ୍ରଙ୍କ ଦୟାରୁ ଦୟାନିଧି ଦାଶଙ୍କ ପୁରାଣକୁ ମାଧ୍ୟମ କରି ରାମଭକ୍ତମାନେ ଅଡ଼କରାରେ ଉପସ୍ଥିତ ହେଉଛନ୍ତି । ମୁଁ ପ୍ରସ୍ତାବ ଦେଉଛି । ରାମାୟଣରୁ 'ରାମ' ଦୟାନିଧିରୁ 'ଦୟା' ଉପସ୍ଥିତ ଭକ୍ତରୁ ପରିଷଦ ସମ୍ମେଳନ ହୋଇ ଏଠି ନିତ୍ୟ ରାମଦୟା ପରିଷଦ ବସୁଛି । ଏଣୁ ଆଉ ଅନ୍ୟ ନାମ ନରଖି ଆଜିଠାରୁ ଏହାର ନାମ 'ରାମଦୟା' ପରିଷଦ ରଖାଯାଉ । ତାହା ହେଲା,ଆଇନତଃ ତାହା ପରିଚାଳନା ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇ ଦାୟିତ୍ୱ ଅର୍ପଣ କରାଗଲା ।

ରାମାୟଣ ରଚନା ବହୁ ବାଧାବିଘ୍ନ ମଧ୍ୟରେ ୧୪ ବର୍ଷ ଲାଗିଲା । ସଂଶୋଧନ, ପାଣ୍ଡୁଲିପି ଉଦ୍ଧାରେ ୨ବର୍ଷ ଚାଲିଗଲା । ୮ ଗୋଟି ଖାତାରେ ତାହା ଉଦ୍ଧାର ପରେ ଲୋକଲୋଚନକୁ ଆସିବା ପାଇଁ ବହୁ ଚେଷ୍ଟା କରି ହୋଇପାରି ନଥିଲା । ପରିଶେଷରେ ଅନୁଗୋଳ ଜିଲ୍ଲା ନାଲ୍‌କୋ ନଗରସ୍ଥିତ '' ମା ଏଣ୍ଟରପ୍ରାଇଜର୍ସ''ର ମାଲିକ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମଲ୍ଲ ବହିଟିର ଛପା କାର୍ଯ୍ୟ ସମ୍ପାଦନ କରି ଧନ୍ୟବାଦଃ ପାତ୍ର ହୋଇଛନ୍ତି ଏବଂ କମ୍ପ୍ୟୁଟର ଅପରେଟର୍ ପ୍ରଦୀପ ମହାପାତ୍ର ଓ ବାବୁଲି ସାହୁ ଧୈର୍ଯ୍ୟର ସହିତ ବହିଟିକୁ କମ୍ପୋଜ୍ କରିଥିବାରୁ ମୁଁ ତାହାଙ୍କୁ ଧନ୍ୟବାଦ୍ ଦେଉଅଛି । ଏ ବହି ରଚନାରେ ଶ୍ରୀ ଦାମୋଦର ମହାପାତ୍ର, ୰ ଲୋକନାଥ ମିଶ୍ର, ଶିଶିର କୁମାର ଦାସ, ବିରଞ୍ଚି ନାରାୟଣ ତ୍ରିପାଠୀ, ଚନ୍ଦ୍ରମଣୀ ପ୍ରଧାନ ଓ ଚକ୍ରଧର ବସନ୍ତିଆ ଆଦି ଉତ୍ସାହ କରିଥିବାରୁ ମୁଁ ତାଙ୍କ ନିକଟରେ ଋଣୀ । ଆଜିକାଲି ପିଲାମାନେ ପୂର୍ବ ବଂଶଧରଙ୍କ ନାମ ମନେରଖି ପାରୁନାହାଁନ୍ତି ଏଣୁ ମୋର ସପ୍ତପୁରୁଷ ବଂଶଲତା ଓ (ସପିଣ୍ଡି) ପିତୃପୁରୁଷଙ୍କ ନାମ ସଜାଇ ଲେଖିବା ସହିତ ପରିବାରର ଫଟୋଚିତ୍ର ଗୁଡ଼ିକ ଦେଇଥିବା ଧୃଷ୍ଟତା ମାର୍ଜନା କରିବେ । ମୁଦ୍ରଣ ନିର୍ଭୁଲ୍ ହେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତ୍ରୁଟି ପରିଲକ୍ଷିତ ହୋଇପାରେ । ଦୋଷତ୍ରୁଟିକୁ ମାର୍ଜନା କରି ଜଣାଇଲେ ପରିମାର୍ଜିତ କରାଯିବ ।

ପରିଶେଷରେ ରାମାୟଣର ଚରିତ୍ରଗୁଡ଼ିକର ନୂତନ ଅବଧାରଣା ଗୁଡ଼ିକରେ ହୃଦୟସ୍ପର୍ଶି ହେବା ପାଇଁ ବହୁ କଷ୍ଟ ଦ୍ୱାରା ଫଟୋଗୁଡ଼ିକ ସଂଯୋଗ କରାଯାଇଅଛି । । ଇତି ।

ଦୟାନିଧି

Digitized by PPRACHIN, SOA

କବିଙ୍କ ସପିଣ୍ଡି ବଂଶଲତା

ମାତା — ପିତା
ଲକ୍ଷ୍ମୀ — ଦାମୋଦର

ଭଉଣୀ-ଅଗାଧୋଇ, ଭିଣୋଇ-ବାମଦେବ
ଭଣଜା-ପ୍ରକାଶ,ଭାଣିଜୀ-ଶୈଳ, ଲିଲି, ମିଟୁ
ଭାଣିଜୀ ଜ୍ୱୋଇଁ- ସତ୍ୟ, ସୁବାସ, --

- ଦୟାନିଧି
- ଦେବରାଜ
- ଲିଙ୍ଗରାଜ
- ପ୍ରଫୁଲ୍ଲ

ଦୟାନିଧି:

- ପିତା ଦାମୋଦର
  ପ୍ରପିତା- ବଳଭଦ୍ର
  ବୃଦ୍ଧ ପ୍ରପିତା - ଦାଶରଥୀ
- ମାତା ଲକ୍ଷ୍ମୀ
  ପ୍ରମାତା -ଶିରିଆ
  ବୃଦ୍ଧ ପ୍ରମାତା- ଦୁର୍ଗା
- ମାତାମହ - ବ୍ରଜବନ୍ଧୁ
  ପ୍ରମାତା ମହ-ବୈରାଗି
  ବୃଦ୍ଧ ପ୍ରମାତାମହ-ମହେଶ୍ୱର
- ମାତାମହୀ-ସୁନା
  ପ୍ରମାତାମହୀ-ଜାଇ
  ବୃଦ୍ଧ ପ୍ରମାତାମହୀ-ଲକ୍ଷ୍ମୀ
- ମାମୁଁ-ରାମକୃଷ୍ଣ
  ବଳକୃଷ୍ଣ
- ମାଇଁ- ଗୌରୀ
  ତିଳ
- ମାମୁଁ ପୁଅ ଭାଇ - ମନୁ
  ବୁଡ଼ା
  ବାବୁଲୀ

ପିତା ଦାମୋଦର ଶାଖା:

- ଶ୍ୱଶୁର-ବାଳକୃଷ୍ଣ
  ବାପା ଶ୍ୱଶୁର -ପୁରୁ
  ଜେଜେବାପା ଶ୍ୱଶୁର- କୃପାସିନ୍ଧୁ
- ଶାଶୁ-ଲକ୍ଷ୍ମୀ
  ମା ଶାଶୁ- ତୁମୁଣୀ
  ଜେଜେଶାଶୁ-ରାଧା
- ଶଳା - ରାମ
  ଶଳା ଭାଉଜ-ସତ୍ୟଭାମା
  ପୁତୁରା- ନୀର,ପଞ୍ଚା,ମନୁ
- ସମନ୍ଧୀ-ପ୍ରସନ୍ନ
  ସମନ୍ଧୁଣୀ- ମନୋରମା
  ପୁଅ-କାହ୍ନୁ, ବୋହୂ -ରୋଜି
- ସମନ୍ଧୀ-କାଶୀନାଥ
  ସମନ୍ଧୁଣୀ- ---
  ପୁଅ-ପପୁ, ରାଜ

ଜେଜେବାପା ଶ୍ୱଶୁର-କୃପାସିନ୍ଧୁ ଶାଖା:

- ପୁଅ - ବିଜୟ
  ବୋହୂ- ପ୍ରଣତୀ
  ନାତି-ବିକ୍ରାନ୍ତ
  ନାତୁଣୀ- ବିଷ୍ଣୁପ୍ରିୟା
- ପୁଅ -ବ୍ରଜ
  ବୋହୂ-ପ୍ରଜ୍ଞା
  ନାତି-ସାତ୍ତ୍ୱିକ୍
- ପୁଅ -ବିଶ୍ୱଜିତ୍
- ଝିଅ- ବାସନ୍ତୀ
  ଜ୍ୱୋଇଁ -ଶ୍ରୀଧର
  ନାତି-ଦୀଲ୍ଲିପ
  ନାତୁଣୀ-ବୁଢ଼ିନା, ସଞ୍ଜିତା
- ଝିଅ- ସୁକାନ୍ତୀ
  ଜ୍ୱୋଇଁ-ନିରଞ୍ଜନ
  ନାତି-ରବି, ବାବି
  ନାତୁଣୀ-ରଞ୍ଜିତା
- ଝିଅ- ମିନତୀ
  ଜ୍ୱୋଇଁ-ଦାଶରଥୀ
  ନାତି-ବୁବୁ,ବାବୁ

Digitized by PPRACHIN, SOA

କବିଙ୍କ ବଂଶଲତା



Digitized by PPRACHIN, SOA

ମୀମାଂସା ରାମାୟଣରେ ଥିବା ରାଗ ଓ ଅଳଙ୍କାର

ମୀମାଂସା ରାମାୟଣରେ ଅଛି ଯେତେ ରାଗ
ସଂଖ୍ୟା କରି କହୁଅଛି ତାହା ମହାଭାଗ ।
ଲେଖି ନାହାଁନ୍ତି କବିଏ ଏକଥା ଆଗରୁ
ମୋ ପ୍ରଥମ ଛାନ୍ଦ ରାଗ ନାମ ଅଟେ ଅରୁ ।
ଦ୍ୱିତୀୟେ ଆଶାଢ଼ ଶୁକ୍ଳ, ତା ପରେ ଆହାରୀ
ଚତୁର୍ଥରେ ରଷିକୁଲ୍ୟା ରାଗ ଅଛି କରି ।
ପଞ୍ଚମରେ ଏକାଦଶ ପୋଇ ରାଗ କଷା
ଷଷ୍ଠ ରାଗର ନାମଟି ଅଟଇ କଳସା ।
ସପ୍ତମରେ କଳହଂସ କେଦାର ଟି ବାରି
ଅଷ୍ଟମ ରାଗ ହେଉଛି କଲ୍ୟାଣ ଆହାରୀ ।
ନବମ କାମୋଦୀ, କାଳୀ ରାଗ ଅଟେ ଦଶ
ଏକାଦଶରେ କୀର୍ତ୍ତନ ସ୍ୱରଟି ପ୍ରକାଶ ।
ବାରରେ କ୍ରୁମ୍ଭ କାମୋଦୀ, ତେରରେ କେଦାର
ଚଉଦ କେଦାର ଗୌଡ଼ା ରାଗ କାରବାର ।
ପନ୍ଦରେ କୌଶିକ, ଷୋହଳରେ ଯେ ଖଣ୍ଡିତା
ସତରେ ଖଣ୍ଡ ଦେଶାକ୍ଷ ଗୀତ କଲି ଗୀତା ।
ଅଠର ରାଗଟି ଅଟେ ଖଣ୍ଡ ଭାଟିଆରୀ
ଉଣେଇଶି ସଂଖ୍ୟା ରାଗ ନାମଟି ଗୁଜ୍ଜୁରୀ ।
କୋଡ଼ିଏରେ ଘଣ୍ଟାରବ, ଚକ୍ରକେଳୀ ପର
ବାଇଶି ରାଗଟି ଚଳଘଣ୍ଟ ଯେ କେଦାର ।
ତେଇଶି ଚିନ୍ତା ଦେଶାକ୍ଷା ଚବିଶିରେ ଚୋଖି
ପଞ୍ଚବିଂଶରେ ଜୟନ୍ତ ରାଗ ଅଛି ଲେଖି ।
ଝଙ୍କାର କାମୋଦୀ ରାଗ ଅଟେ ଷଟ୍‌ବିଂଶରେ
ସପ୍ତବିଂଶେ ରଚନା ଟଅପୋଇ ବିଶରେ ।
ଅଷ୍ଟବିଂଶଟିରେ ଲେଖା ଯେ ଦୀର୍ଘ କାମୋଦୀ
ଊନତ୍ରିଂଶେ ମଙ୍ଗଳ କାମୋଦୀ ଅଛି ସାଧି ।
ତ୍ରିଂଶେ ଦେଶାକ୍ଷ ଯେ ଦ୍ୱାରୀ ବୃତ୍ତେ ଏକତ୍ରିଂଶ
ନଅପୋଇ ବତିଶ ରେ ହୋଇଛି ପ୍ରକାଶ ।
ତେତିଶରେ ଯେ ନଳିନୀଗୌଡ଼ା ରାଗ ଜାଣ
ପରେ ପଞ୍ଚମ ବରାଡ଼ି ହୋଇଛି ବଖାଣ ।
ପଇଂତ୍ରିଶେ ପାହାଡ଼ିଆ କେଦାର ଟି ଆସି
ଛତିଶେ କ୍ରମେ ରଚେ ରାଗ ବଙ୍ଗଳାଶ୍ରୀ ।
ବରାଡ଼ି, ବସନ୍ତ ତାହାପରେ ସଂଖ୍ୟା କରି
ଅଣଚାଳିଶରେ ହେଲା ବସନ୍ତ ଆହାରୀ ।
ଭଜନ ସ୍ୱରେ ଲେଖିଲି, ଚାଳିଶି କୁ ଧରି
ଏକଚାଳିଶ ରାଗଟି ଅଟେ ଭାଟିଆରୀ ।
ବୟାଳିଶିରେ ଭୈରବୀ ତାପରେ ମଙ୍ଗଳ
ଚଉରାଳିଶରେ ମଙ୍ଗଳ ଗୁଜ୍ଜୁରୀ ର ଝର ।
ମୁନିବର ବାଣୀ ରାଗ ପଇଂଚାଳିଶରେ
ଛୟାଳିଶେ ରାମକେରୀ ରାଗ ବସି କରେ ।
ରାଗ ରାମଦାସ କୋଇଲି ଟି ତାହା ପର
ଅଠଚାଳିଶରେ ଲେଖା ଲଳିତ କେଦାର ।
ଶଙ୍କାରା ଭରଣ ଅଣଚାଶ ରାଗେ ସାଧି
ପଚାଶ ରାଗ ନାମଟି ଯେ ଶୋକ କାମୋଦୀ ।
ଏକାବନରେ ଲେଖିଲି ମୁଁ ଶୋକ କେଦାର
ତା ପରେ ସଙ୍ଗମ ତିଆରି ର କାରବାର ।
ତେପନେ ସାନ ଭୂପାଳ ଯେ ସିନ୍ଧୁ କାମୋଦୀ
କ୍ରମ ରଖି ଚଉବନେ କଲି ଛାନ୍ଦ ବୃଦ୍ଧି ।
ସିନ୍ଧୁଡ଼ା ରାଗଟି ପଞ୍ଚାବନେ କରିଅଛି
ଗୀତିନାଟ୍ୟ ବୃତ୍ତେ ଏକ ରାଗ ଯେ କରିଛି ।
ବଛା ବଛା ରାଗେ ଏହା ରଚନା ହୋଇଛି
ଦୁଇଶତ ଅଣସ୍ତରି ଛାନ୍ଦ ହୋଇଅଛି ।
ତା ମଧ୍ୟରେ ଅଛି ରସଗ୍ରାହୀ, ଅନୁପ୍ରାସ
'ଅ' ଆଦ୍ୟ ବର୍ଣ୍ଣ ରେ ଦୁଇ ଛାନ୍ଦଟି ବିଦୂଷ ।
'କ' ଅନୁପ୍ରାସେ ଛଅ ଛାନ୍ଦ ଲେଖିଅଛି
'ଜ' ବର୍ଣ୍ଣେ ଗୋଟିଏ ଛାନ୍ଦ ଲେଖି ଜଣାଉଛି ।
'ଦ' ବର୍ଣ୍ଣ ଅନୁପ୍ରାସରେ ଚାରି ଛାନ୍ଦ ଲେଖା
'ଧ' ବର୍ଣ୍ଣରେ ଏକ ଛାନ୍ଦ ବୁଧେ ହେଉ ଦେଖା ।
ତିନି ଛାନ୍ଦ 'ପ' ଅନୁପ୍ରାସେ ହୋଇଅଛି
'ବ' ଅନୁପ୍ରାସେ ପନ୍ଦର ଛାନ୍ଦ ଯେ ହୋଇଛି ।

Digitized by PPRACHIN, SOA

ର' ଆକାର ରା' ଅନୁପ୍ରାସେ ଏକଛାନ୍ଦ   ସ' ପ୍ରାସେ ସପ୍ତଛାନ୍ଦ ରଚି ମୁଁ ପ୍ରମୋଦ ।
ଛାନ୍ଦ ସଂଖ୍ୟା ଲେଖିଅଛି ପଞ୍ଚାବନ ଆଗ   ଦୁଇଶତ ଅଣସ୍ତରି ଛାନ୍ଦ ମହାଭାଗ ।
ଦଶ ସହସ୍ର ତା ମଧ୍ୟେ ହେଲା ପଦ ସଂଖ୍ୟା   ଏକାଦଶ ଶତ ପୃଷ୍ଠାରେ ପୁରେ ଆକାଂକ୍ଷା ।
ପ୍ରତ୍ୟେକ କାଣ୍ଡର ଛାନ୍ଦ ପଦ ପୃଷ୍ଠା ବାଛି   ନିମ୍ନରେ ଜାଣିବା ପାଇଁ ଉଦ୍ଧୃତ କରୁଛି ।
ବହୁସ୍ଥାନେ କାରୁକାର୍ଯ୍ୟ ବଖାଣ ହୋଇଛି   କହିଲେ ତାହା ପୁରାଣ ହେବ ନ କହୁଛି ।
ହୟଗ୍ରୀବ ମନ୍ତ୍ରସିଦ୍ଧା ଯଦୁମଣି କଛ-   ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ରର, ଛୈଳେନ୍ଦ୍ର ଆଗଛ-
ପ୍ରାୟେ ପ୍ରାନ୍ତେ ରଖିଅଛି କରୁ ନାହିଁ ବାଦ   ବିଭୀଷଣ ଶରଣ, ଲକ୍ଷ୍ମଣ ଶକ୍ତିଭେଦ ।
ତରଣୀ ସେନ ବଧଯେ ହୋଇଅଛି ନ୍ୟାସ   ଆଦ୍ୟରେ ରହିଛି ଯେ ଶ୍ରୀରାମ ଅବକାଶ ।
ଜାନକୀ ପ୍ରାପତେ ଆଶା ବଢ଼ଇ ସବୁରି   ପ୍ରତି ବର୍ଣ୍ଣେ ପାଞ୍ଚ ପାଞ୍ଚ ପଦ ଅଛି କରି ।
ଲଙ୍କା କାଣ୍ଡ ବୟାଅଶୀ ଛାନ୍ଦରୁ ଆଗକୁ   ଉତ୍ତରାକାଣ୍ଡ ଚଉଦ ଛାନ୍ଦ ଦେଖିବାକୁ ।
ଅନୁରୋଧ କରୁଛି ମୁଁ କାର୍ଯ୍ୟ ହେବ ସିଦ୍ଧି   ଏକ ଏକ ଅକ୍ଷର ଯେ ହୋଇଅଛି ବୃଦ୍ଧି ।
ବାର ଅକ୍ଷର ଠାରୁ ଯେ ଉନତ୍ରିଂଶ ଯାଏ   ଲେଖକମାନଙ୍କ ପାଇଁ ମୁଁ ସଜାଡ଼ି ଥାଏ ।
ଆଦ୍ୟ କାଣ୍ଡ ତେରଛାନ୍ଦ ଶହେ ଅଠାଅଶି   ପଦ ବ' ଅନୁପ୍ରାସରେ ରଚିତ ହୋଇଛି ।
ତିନିରାଗ ବିଶିଷ୍ଟ ସେ ଆମୂଳାନ୍ତେ ଜାଣ   ବର୍ଣ୍ଣନା ହୋଇଅଛି ସମ୍ପୂର୍ଣ୍ଣ ରାମାୟଣ ।
ସେହି କାଣ୍ଡ ବାଅଷଠି ଛାନ୍ଦରେ ଟି ଜାଣ   ଶହେ ପଞ୍ଚାବନ ପଦ ହୋଇଛି ବଖାଣ ।
କୋଡ଼ିଏ ରାଗ ବିଶିଷ୍ଟ ରୂପକ ହୋଇଛି   ଦେଖିବା ପାଇଁ ମୁଁ ଅନୁରୋଧ କରୁଅଛି ।
ଏହି ପରି ବଡ଼ ବଡ଼ ଛାନ୍ଦ କେତେ ଅଛି   ତାହା ସମ୍ବନ୍ଧରେ କିଛି ମୁହିଁ ନ କହୁଛି ।
ଯେଉଁଠାରେ କାବ୍ୟକଳା ପ୍ରକାଶ ପ୍ରତ୍ୟେକ୍ଷ   ଜାଣିବା ପାଇଁ ତା ବଡ଼ ଅକ୍ଷରକୁ ଦେଖ ।
ଆଦ୍ୟକାଣ୍ଡ ଚତୁଷଷ୍ଠି ଛାନ୍ଦରେ ସମ୍ପୂର୍ଣ୍ଣ   ତେଇଶି ଶତ, ଛ' ପଦେ ହୋଇଅଛି ପୂର୍ଣ୍ଣ ।
ଶହେ ଚଉରାନବେ ପୃଷ୍ଠା ଗଣନେ ହୋଇଛି   ଅଯୋଧ୍ୟା କାଣ୍ଡେ ଯେ ତେର ଛାନ୍ଦ ହୋଇଛି
ପାଞ୍ଚଶ ପଞ୍ଚାସି ପଦ ସତଷଠି ପୃଷ୍ଠା   ରଚନା କରିଲି ମନେ, ମନେ ରଖି ନିଷ୍ଠା ।
ତେଇଶି ଛାନ୍ଦେ ଆରଣ୍ୟ କାଣ୍ଡ ସମ୍ପାଦନ   ହଜାରେ ଦଶ ପଦରେ ହୋଇଛି ସମ୍ପୂର୍ଣ୍ଣ ।
ତେୟାଅଶି ପୃଷ୍ଠାରେ ତା ରଚନା ହୋଇଛି   ସୁନ୍ଦରା କାଣ୍ଡ ବତିଶ ଛାନ୍ଦେ କରିଅଛି ।
ତେରଶ ପଞ୍ଚାଶି ପଦ ହୋଇଲା ଗଣନେ   ସତାଅଶି ପୃଷ୍ଠାରେ ଯେ, ଆହେ ସାଧୁଜନେ
ଲଙ୍କା କାଣ୍ଡ ପଞ୍ଚାଅଶି ଛାନ୍ଦ ହୋଇଅଛି   ସତସ୍ତରି ପଦ କମ, ତ୍ରିସସ୍ର ହୋଇଛି ।
ଦୁଇଶହ ବାସ୍ତରୀ ପୃଷ୍ଠା ଏ କାଣ୍ଡ ପ୍ରକାଣ୍ଡ   ବହୁ ତଥ୍ୟ ସମ୍ବଳିତ ମୁରୁଖଙ୍କୁ ଦଣ୍ଡ ।
ଉତ୍ତରା କାଣ୍ଡ କୋଡ଼ିଏ ଛାନ୍ଦ ଟି ପ୍ରବୀଣ   ସାତ ଶହ ଆଠ ପଦ ହୋଇଅଛି ଜାଣ ।
ସତଚାଳିଶ ପୃଷ୍ଠା ତା ରହିଅଛି ପୁଣି   ମୁଖବନ୍ଧ ମତାମତ କବିଙ୍କ ଜୀବନୀ ।
ସୂଚୀ ସଙ୍ଗେ ଚିତ୍ର ଦୁଇଶହ ଚାରି ପୃଷ୍ଠା   ମଙ୍ଗଳା ଚରଣ ଶ୍ଲୋକ ମୁଖବନ୍ଧ ତିଠା ।
ତିନିଶତ ସତସ୍ତରୀ ପଦ ହୋଇଅଛି   ସର୍ବ ମୋଟ ଯାହା ତାହା ଆଗରେ କହୁଛି ।
ଦୁଇଶହ ଛଅ ଛାନ୍ଦ ଦଶସସ୍ର ପଦ   ଏଗାରଶ ପୃଷ୍ଠା ସର୍ବ ହୋଇଛି କୋବିଦ ।

Digitized by PPRACHIN, SOA

ଦେଖିବାକୁ ମିଳୁଥିବା ରାମ କାବ୍ୟ ମଧ୍ୟରେ ଏ ମୀମାଂସା ରାମାୟଣ ବଡ଼, ତାହାର ସମୀକ୍ଷା

ରାଗ- ଆଷାଢ଼ଶୁକ୍ଳ

ବଡ଼ ଏ ଛାନ୍ଦ ରାମାୟଣ ମଧ୍ୟେ ବଢ଼ି କହୁନି କର୍ଣ୍ଣେ ଶୁଣ ବୁଧେ
ବୈଦେହୀଶ ବିଳାସ ମାର୍ଗ ବାଗ ବାବାନ ଛାନ୍ଦ ଅର୍ଦ୍ଧଶତ ରାଗ
ବିବେକୀ ସମ୍ପଦ
ବିଂଶ ଷଷ୍ଠ ଶ' ଛୟାନୋଇ ପଦ ।୧।
ଜାନକୀ ବଲ୍ଲଭ ବିଳାସ କଥା ଯାକ ଯମକରେ ହରଇ ବ୍ୟଥା
ଜାଜ୍ଜ୍ୱଲ୍ୟମାନେ ଅଷ୍ଟବିଂଶ ରାଗେ ଜାତ ଅଠଚାଳିଶ ଛାନ୍ଦ ବାଗେ
ଜାଗରିତେ ମୋଦ
ଜାଣ ସତରଶ ତେଇଶ ପଦ ।୨।
ଯଦୁମଣିଙ୍କ ରାଘବ ବିଳାସେ ଯଥାର୍ଥରେ କେହି ନହେବେ କଷେ
ଯାଦୁକର ଉଣଚାଳିଶ ଛାନ୍ଦ ଯତନେ ନ' ଉଣା ନଶହ ପଦ
ଯନ୍ତ୍ରୀ ଉନତ୍ରିଂଶ
ଯମକ ରାଗରେ ଗଢ଼ା ବିଶେଷ ।୩।

ରାଗ- ଋଷିକୂଲ୍ୟା

ସତାବନ ଛାନ୍ଦ ଛବିଶ ରାଗ ସୀତା ବିଳାସ ହୋଇଛି ବିଭାଗ
ସତରଶ ପଦୁ କମ ତେଇଶି ସ' ଅନୁପ୍ରାସେ ରଚିଛନ୍ତି ବସି
ସଦା ଶିବ ସାମନ୍ତରା
ସମାଜେ କରଣ, ନିବାସ, ଶରଣ- କୁଳ ତାଙ୍କ ବାସ ପରା ।୪।
ମୀମାଂସା ରାମାୟଣ କଥା ଶୁଣ ମୀମାଂସକେ ସପ୍ତକାଣ୍ଡେ ବଖାଣ
ମିଳନ ଦୁଇଶହ ଛପନ ଛାନ୍ଦ ମୀନାଙ୍କର ଦଶ ସହସ୍ର ପଦ
ମୀଆଦ ସୂଚୀ ସରଗେ
ମୀମାଂସିତ ଯାହା, ହୋଇଅଛି ତାହା, ଶୁଣ ଅଣଷଠି ରାଗେ ।୫।

ଟୀକା-୫- ମୀନାଙ୍କର-ଶିବାଙ୍କର

Digitized by PPRACHIN, SOA

ଯୁଗ ପରେ ଯୁଗାନ୍ତରେ ଜନ୍ମ ନେଇଥିବା
ଦେବା-ଦେବୀ ଓ ରାକ୍ଷସ-ରାକ୍ଷସୀଙ୍କ ନାମ

ତ୍ରେତୟା ଯୁଗରେ ଯେହୁ ଏକସ୍ତନୀ ନାରୀ   ଦ୍ୱାପର ଯୁଗରେ ହେଲା ପୂତନା ଅସୁରୀ ।
ତ୍ରେତୟା ଯୁଗରେ ଯେହୁ ବନର ଗୋପାଳ   ଦ୍ୱାପର ଯୁଗରେ ସେହି ନନ୍ଦ ମହୀପାଳ ।
ତ୍ରେତୟା ଶପ୍ତଶାଳେ ଯେ ନାଗ ଥିଲା ରହି   ଦ୍ୱାପର ଯୁଗରେ ସେହି ଯେ କାଳୀୟ ଅହି ।
ତ୍ରେତୟା ଯୁଗରେ ନଳ, କୁବେର ଦି ଜଣ   ଦ୍ୱାପର ଯୁଗରେ ହେଲେ ଯାମଳା ଅର୍ଜ୍ଜୁନ ।
ତ୍ରେତୟା ଯୁଗରେ ଯେହୁ ଷୋଳସସ୍ର ତପୀ   ଦ୍ୱାପରେ ଯୁଗରେ ବୋଲାଇଲେ ସେହି ଗୋପୀ ।
ତ୍ରେତୟା ଯୁଗରେ ଯେହୁ ଅଜିତ କନ୍ଦର୍ପ   ଦ୍ୱାପରେ ବ୍ରହ୍ମା ଶାପରେ ହେଲା କଂସ ରୂପ ।
ତ୍ରେତୟା ଯୁଗରେ ଯେହୁ କେଇକେଇ ରାଣୀ   ଦ୍ୱାପର ଯୁଗରେ ସେହୁ ବ୍ରଜ ସାମନ୍ତଣୀ ।
ତ୍ରେତୟା ଯୁଗରେ ଯେଉଁ ଦଶରଥ ଥିଲେ   ଦ୍ୱାପର ଯୁଗରେ ସେହୁ ବସୁଦେବ ହେଲେ ।
ତ୍ରେତୟା ଯୁଗେ ଯେ ରାମ କୌଶଲ୍ୟା ସନ୍ତତି   ଦ୍ୱାପର ଯୁଗରେ ସେହୁ କୃଷ୍ଣ ନାମେ ଖ୍ୟାତି ।
ତ୍ରେତୟା ଯୁଗରେ ଯେହୁ ବୀର ଲକ୍ଷ୍ମଣ   ଦ୍ୱାପର ଯୁଗରେ ତାଙ୍କ ନାମ ବଳରାମ ।
ତ୍ରେତୟା ଯୁଗରେ ଯେହୁ ବାଳୀର କୁମର   ଦ୍ୱାପର ଯୁଗରେ ସେହି ଯେ ଜାରା ଶବର ।
ତ୍ରେତୟା ଯୁଗରେ ଯେହୁ ମାୟା ସୀତା ସତୀ   ଦ୍ୱାପର ଯୁଗରେ ସେହୁ ଅଟେ ଜମ୍ବୁବତୀ ।
ତ୍ରେତୟା ଯୁଗରେ ଯେହୁ ଯଜ୍ଞେ ସୁନା ସୀତା   ଦ୍ୱାପର ଯୁଗରେ ସେ ରାଧା କମଳ ସମ୍ଭୂତା ।
ତ୍ରେତୟା ଯୁଗେ ଯେ ସ୍ୱୟଂ ସୀତା ଠାକୁରାଣୀ   ଦ୍ୱାପର ଯୁଗରେ ସେହି ହୋଇଲେ ରୁକ୍ମିଣୀ ।
ତ୍ରେତୟା ଯୁଗରେ ଯେହୁ ବୀର ହନୁମନ୍ତ   ଦ୍ୱାପରେ ତା ନାମ ଚନ୍ଦ୍ରସେଣା ଲୋକେ ଖ୍ୟାତ ।
ତ୍ରେତାର ଯେ ସୂର୍ପଣଖା ରାବଣ ଅନୁଜା   ଦ୍ୱାପରେ କଂସ ମାଲ୍ୟାଣୀ ନାମ ତା କୁବୁଜା ।
ତ୍ରେତୟାରେ ଇନ୍ଦ୍ର ସୁତ ଜୟନ୍ତ ଯେ ଡ଼କା   ଦ୍ୱାପରେ ଅର୍ଜ୍ଜୁନ ଇନ୍ଦ୍ର ପୁତ୍ର କୃଷ୍ଣ ସଖା ।
ତ୍ରେତାରେ ଯେ ମନ ମାୟା ସଖୀ ସଜେ ସୀତା   ଦ୍ୱାପରେ ସେ ରାଧା ସଖୀ ହୋଇଲା ଲଳିତା ।
ସତ୍ୟେ,କଶପ୍ୟ,ଅଦିତି,କ୍ରୋଧା କଦ୍ରୁ ଯଥା   ଦଶରଥ,କୌଶଲ୍ୟା ଯେ କୈକେୟୀ,ସୁମାତ୍ରା ।
ସତ୍ୟେ ଯେ ଜୟ,ବିଜୟ ବିଷ୍ଣୁ ଦ୍ୱାରୀ ଥିଲେ   ସେ ରାବଣ,କୁମ୍ଭକର୍ଣ୍ଣ ତ୍ରେତାରେ ହୋଇଲେ ।
ସତ୍ୟେ ଯେ ଇନ୍ଦ୍ରାଣୀଙ୍କର ଥିଲେ ସେବାକାରୀ   ତ୍ରେତୟାରେ ସେ ହୋଇଲା ତ୍ରିପତି ଶବରୀ ।
ସତ୍ୟେରେ ଯେ ବାମଦେବ ବଶିଷ୍ଠ କୁମର   ତ୍ରେତୟାରେ ଗଙ୍ଗାପାରି କଲା ସେ ଧୀବର ।
ସତ୍ୟେରେ ଯେ ବନମୃଗ ହୋଇଥିଲା ମରା   ତ୍ରେତୟାରେ ନାମ ତାର ହୋଇଲା ମନ୍ଥରା ।
ତ୍ରେତାରେ ଯେ ନାଗ,ଶାଳେଥିଲେ ରାମ ଦଳି   କାଳନ୍ଦୀ ହ୍ରଦେ ଦଂଶିଲା କୃଷ୍ଣେ ହୋଇ କାଳୀ ।
ତ୍ରେତାରେ କାଳନେମୀ ଷଷ୍ଠ ମୁଣ୍ଡ ଯାଚି   ଦ୍ୱାପରେ ସେ ଷଷ୍ଠ ପୁତ୍ର କଂସ ଶିଳେ ଛେଚି ।
ସପ୍ତମ ଗରଭ କନ୍ୟା ନିଜେ ଯୋଗମାୟା   ମୃତ୍ୟୁ କହି ଦେଖାଇଲେ କଂସେ ଶୂନ୍ୟେ କାୟା ।

Digitized by PPRACHIN, SOA

ଶ୍ରୀରାମ ଶାଳକା ପ୍ରଶ୍ନ

ରାମାୟଣ ଅନୁରାଗୀ ମହାଭାବୁକମାନଙ୍କୁ ଶ୍ରୀରାମ ଶାଳକା ପ୍ରଶ୍ନାବଳୀ ବିଷୟରେ ଜାଣିବା ପାଇଁ ଏହା ଉଲ୍ଲେଖ କରାଯାଉଅଛି । ଏହା ଦ୍ୱାରା ସବୁ ରାମାୟଣ ପ୍ରେମୀ ବୁଝି ପାରିବେ । ନିମ୍ନ ଲିଖିତ ଚିତ୍ର ଲେଖି ପ୍ରଶ୍ନ ଉତ୍ତର ଜାଣିବା ବିଧି ଉତ୍ତର ଫଳ ଲେଖାଯାଇଅଛି । ଏହା ଶ୍ରୀରାମ ଶାଳକା ପ୍ରଶ୍ନ ଅଟେ ।

ସୁ	ପ୍ର	ଉ	ବି	ହୋ	ମୁ	ଗ	ଜ	ସୁ	ନୁ	ବି	ଘ	ଧି	ଇ	ଦ
ର	ରୁ	ଫ	ସି	ସି	ରେ	ବସ	ହି	ମଂ	ଲ	ନ	ଲ	ଯ	ନ	ଅଂ
ସୁଜ	ସୋ	ଗ	ସୁ	କୁ	ମ	ସ	ଗ	ତ	ନ	ଇ	ଲ	ଧା	ବେ	ନୋ
ତ୍ୱ	ର	ନ	କୁ	ଜୋ	ମ	ରି	ର	ର	ଅ	କୀ	ହୋ	ସଂ	ରା	ଯ
ପୁ	ସୁ	ଥ	ସୀ	ଜେ	ଇ	ଗ	ମ	ସଂ	କ	ରେ	ହୋ	ସ	ସ	ନି
ତ	ର	ତ	ର	ସ	ହୁଁ	ହ	ବ	ବ	ପ	ଚି	ସ	ହି	ସ	ତୁ
ମ	କା	।	ର	ର	ମ	ମି	ମି	ହ୍ମା	।	ଜା	ହୁ	ହୀ	।	।
ତା	ରା	ରେ	ରୀ	ହ	କା	ଫ	ଖା	ଯୁ	ଇ	ର	ରା	ପୁ	ଜ	ଲ
ନି	କୋ	ଜୋ	ଗୋ	ନ	ମୁ	ଜି	ଯା	ଜେ	ମନି	କ	ଜ	ପ	ସ	ଲ
ହି	ରା	ମି	ସ	ରି	ଗ	ଦ	ନ୍ଥୁ	ଖ	ମ	ଖି	ଜି	ମ	ତ	ଜଁ
ସିଂ	ଖ	ନୁ	ନ	କୋ	ମି	ନିଜ	କ	ଗ	ଘୁ	ଘ	ଶୁ	କା	ସ	ର
ଗୁ	ବ	ମ	ଅ	ରି	ନି	ମ	ଲ	।	ନ	ଢ଼	ତୀ	ନ	କ	ଭ
ନା	ପୁ	ବ	ଅ	।	ର	ଲ	।	ଏ	ତୁ	ର	ନ	ତୁ	ବୈ	ଥ
ସି	ହ	ସୁ	ହ୍ମ	ରା	ର	ସ	ସ	ର	ତ	ନ	ଖ	।	ଜ	।
ର	।	।	ଲା	ଘି	।	ରି	ଜା	ହୁ	ହିଁ	ଖା	ଜୂ	ଇ	ରା	ରା

ଏହି ପ୍ରଶ୍ନ ଦ୍ୱାରା ଯେ କୌଣସି ଅଭିଷ୍ଟ ପ୍ରଶ୍ନର ଉତ୍ତର ମିଳିପାରିବ । ପ୍ରଶ୍ନକର୍ତ୍ତା ପ୍ରଥମେ ପ୍ରଶ୍ନକାରୀଙ୍କୁ ଶ୍ରୀରାମଚନ୍ଦ୍ରଙ୍କୁ ଧ୍ୟାନ କରି ଶ୍ରଦ୍ଧାରେ ଅଭିଷ୍ଟ ଚିନ୍ତା କରିବାକୁ କହି କୋଷ୍ଠିରୁ ଗୋଟିଏ ଅକ୍ଷରକୁ ଅଙ୍ଗୁଳିରେ ସ୍ପର୍ଷ କରିବା କୁ କହିବେ । ଯେଉଁ ଅକ୍ଷରରେ ଅଙ୍ଗୁଳି ସ୍ପର୍ଶ କରାଯାଇଥିବ ସେହି ଅକ୍ଷରକୁ ଅନ୍ୟ ଗୋଟିଏ କାଗଜରେ ଲେଖାଯିବ । କୋଷ୍ଠିରେ କଲମ ଦାଗ ଲଗାଇବେ ନାହିଁ । ଯେଉଁ ଅକ୍ଷର ଲେଖାଗଲା ତାହାଠାରୁ କ୍ରମରେ '୯' '୯'ଘର ଅକ୍ଷର ଦେଖି ଯେଉଁ ଅକ୍ଷର ଥିବ ତାକୁ ଧାଡ଼ିରେ ସଜାଇ ଲେଖିବେ । ଏହିପରି ଭାବେ ୧୧ ଅକ୍ଷର ର ଦୁଇଧାଡ଼ି ଲେଖିବେ ତାହା ଗୋଟିଏ କବିତା ତୂଲ୍ୟ ହେବ । ଯେଉଁ ସ୍ଥାନରେ ଆକାର ବା ଡ଼ବଲ ଅକ୍ଷରଥିବ ତାହାକୁ ମାତ୍ରା, ଯୁଗ୍ମ ଅକ୍ଷର ରୂପେ ପାଠ କରାଯିବ ।

Digitized by PPRACHIN, SOA

ପ୍ରଶ୍ନ ୧- ସୁନୁସିୟ ସତ୍ୟ ଅସିସ ହମାରି - ପୂଜାହିଁ ମନକାମନା ତୁମାରି ।

ସ୍ଥାନ : ଏହି କବିତା ବାଳକାଣ୍ଡ ସୀତାରାମଙ୍କର ଗୌରୀ ପୂଜା ପ୍ରସଙ୍ଗ । ସୀତାଙ୍କୁ ଗୌରୀ ଆଶୀର୍ବାଦ ପ୍ରଦାନ ।

ଫଳ : ପ୍ରଶ୍ନ ଉତ୍ତମ, କାର୍ଯ୍ୟ ସିଦ୍ଧି ହେବ ।

ପ୍ରଶ୍ନ ୨- ପ୍ରବଶି ନଗର କିଜେ ସବକାଜା - ହୃଦୟଂ ରାଖି କୋଶଳ ପୁର ରାଜା ।

ସ୍ଥାନ : ଏହି କବିତା ସୁନ୍ଦରାକାଣ୍ଡ ହନୁମାନ ଲଙ୍କା ଗମନ ପ୍ରସଙ୍ଗ ।

ଫଳ : ଭଗବାନଙ୍କୁ ଚିନ୍ତା କରି କାର୍ଯ୍ୟ ଆରମ୍ଭ କର ସୁଫଳ ମିଳିବ ।

ପ୍ରଶ୍ନ ୩- ଉଧରିହି ଅନ୍ତଂ ନହୋଇ ନାବାହୁ - କାଳେନେମି ଜିମି ରାବନ ରାହୁ ।

ସ୍ଥାନ: ଏହି କବିତା ବାଳକାଣ୍ଡ ଆରମ୍ଭ ସତ୍‌ସଙ୍ଗ ବର୍ଣ୍ଣନ ପ୍ରସଙ୍ଗ ।

ଫଳ : ଏହି ପ୍ରଶ୍ନଫଳ ଭଲ ହେବ ନାହିଁ । କାର୍ଯ୍ୟ ହେବା ସନ୍ଦେହ ।

ପ୍ରଶ୍ନ ୪- ବିଧି ବସ ସୁଜନ କୁସଂଗତ ପରହୀ-ପନି ମନିସମ ନିଜଗୁଣ ଅନୁସରହୀ ।

ସ୍ଥାନ : ଏହି କବିତା ବାଳକାଣ୍ଡ ଆରମ୍ଭ । ସତ୍‌ସଙ୍ଗ ପ୍ରସଙ୍ଗ

ଫଳ: ମାୟାବୀ ଲୋକଙ୍କ ସଙ୍ଗ ଛାଡ଼ । କାର୍ଯ୍ୟ ହେବା ସନ୍ଦେହ ।

ପ୍ରଶ୍ନ ୫- ମୃଦୁ ମଙ୍ଗଳ ସଂତ ସମାଜୁ - ଜୋଜଗ ଜଂଗମ ତୀରଥ ରାଜୁ ।

ସ୍ଥାନ : ଏହି କବିତା ବାଳକାଣ୍ଡ ସତ୍ ସମାଜ ରୂପକ ତୀର୍ଥ ବର୍ଣ୍ଣନ ପ୍ରସଙ୍ଗ

ପଳ : ପ୍ରଶ୍ନ ଉତ୍ତମ, କାର୍ଯ୍ୟ ସିଦ୍ଧି ହେବ ।

ପ୍ରଶ୍ନ ୬- ଗରଳ ସୁଧା ରୀପୁ କରଇ ମିତାଇ - ଗୋପଦ ସିନ୍ଧୁ ଅନଳ ସିତଳାଇ ।

ସ୍ଥାନ : ଏହି କବିତା ହନୁମାନ ଲଙ୍କା ପ୍ରବେଶ ସମୟ ପ୍ରସଙ୍ଗ

ଫଳ : ପ୍ରଶ୍ନ ଶ୍ରେଷ୍ଠ, କାର୍ଯ୍ୟ ସଫଳ ହେବ ।

ପ୍ରଶ୍ନ ୭- ବରୁଣ କୁବେର ସୁରେଶ ସମୀରା - ରନ ସମ୍ମୁଖ ଧରି କାହୁଁ ନଧୀରା ।

ସ୍ଥାନ : ଏହି କବିତା ଲଙ୍କାକାଣ୍ଡ ରାବଣର ମୃତ୍ୟୁ ପରେ ମନ୍ଦୋଦରୀ ଶୋକ ପ୍ରସଙ୍ଗ ।

ଫଳ : କାର୍ଯ୍ୟ ହେବା ସନ୍ଦେହ ।

ପ୍ରଶ୍ନ ୮- ଶୁକଳ ମନୋରଥ ହୋହୁଁ ତୁହ୍ମାରେ - ରାମ ଲଖନୁ ଶୁନି ଭୟେ ସୁଖରେ ।

ସ୍ଥାନ : ଏହି କବିତା ବାଳକାଣ୍ଡ ପୁଷ୍ପବଟିକା ପୁଷ୍ପ ଚୟନ ବିଶ୍ୱାମିତ୍ର ଆଶୀର୍ବାଦ ପ୍ରସଙ୍ଗ ।

ଫଳ : ପ୍ରଶ୍ନ ଉତ୍ତମ, କାର୍ଯ୍ୟ ସିଦ୍ଧି ହେବ ।

ଉପରୋକ୍ତ ରାମ ଶାଳକା ପ୍ରଶ୍ନରେ ଏହି ପ୍ରକାର ନିର୍ଣ୍ଣୟ କରାଯାଇଅଛି ।

ବି.ଦ୍ର. : ଅଙ୍ଗୁଳି ସ୍ପର୍ଶ ଅକ୍ଷର ଠାରୁ ନଅ ନଅ ଅକ୍ଷରରେ ବାହାରିଥିବା ବର୍ଣ୍ଣଗୁଡ଼ିକୁ ଉପରୋକ୍ତ ଆଠଗୋଟି ପ୍ରଶ୍ନ ସହିତ ମେଳ କର । ଯେଉଁ ପ୍ରଶ୍ନରେ ସେ ବର୍ଣ୍ଣର କିଛି ଅଂଶ ମେଳ ଖାଉଥିବ ସେ ପ୍ରଶ୍ନର ଫଳ ଦେଖ ।

Digitized by PPRACHIN, SOA

ନବାହ୍ନ ପାରାୟଣ ବିଶ୍ରାମ-ସ୍ଥାନ

ଆଦ୍ୟକାଣ୍ଡ

ପ୍ରଥମ ବିଶ୍ରାମ	---	୭୮
ଦ୍ୱିତୀୟ ବିଶ୍ରାମ	---	୧୫୧

ଅଯୋଧ୍ୟା କାଣ୍ଡ

ତୃତୀୟ ବିଶ୍ରାମ	---	୬୬

ଆରଣ୍ୟକ କାଣ୍ଡ

ଚତୁର୍ଥ ବିଶ୍ରାମ	---	୮୩

ସୁନ୍ଦରା କାଣ୍ଡ

ପଞ୍ଚମ ବିଶ୍ରାମ	---	୨୮

ଲଙ୍କା କାଣ୍ଡ

ଷଷ୍ଠ ବିଶ୍ରାମ	---	୨୩
ସପ୍ତମ ବିଶ୍ରାମ	---	୧୧୮
ଅଷ୍ଟମ ବିଶ୍ରାମ	---	୨୧୩

ଉତ୍ତରା କାଣ୍ଡ

ନବମ ବିଶ୍ରାମ	---	୪୬

ମାସପାରାୟଣ ବିଶ୍ରାମ ସ୍ଥାନ

ଆଦ୍ୟକାଣ୍ଡ

୧ ବିଶ୍ରାମ	----	୨୪
୨ ବିଶ୍ରାମ	----	୫୧
୩ ବିଶ୍ରାମ	----	୭୮
୪ ବିଶ୍ରାମ	----	୧୦୨
୫ ବିଶ୍ରାମ	----	୧୨୯
୬ ବିଶ୍ରାମ	----	୧୫୧
୭ ବିଶ୍ରାମ	----	୧୮୦

ଅଯୋଧ୍ୟା କାଣ୍ଡ

୮ ବିଶ୍ରାମ	----	୩୩
୯ ବିଶ୍ରାମ	----	୬୬

ଆରଣ୍ୟକ କାଣ୍ଡ

୧୦ ବିଶ୍ରାମ	----	୩୧
୧୧ ବିଶ୍ରାମ	----	୫୯
୧୨ ବିଶ୍ରାମ	----	୮୩

କିଷ୍କିନ୍ଧ୍ୟା କାଣ୍ଡ

୧୩ ବିଶ୍ରାମ	----	୩୦
୧୪ ବିଶ୍ରାମ	----	୬୨

ସୁନ୍ଦରା କାଣ୍ଡ

୧୫ ବିଶ୍ରାମ	----	୨୮
୧୬ ବିଶ୍ରାମ	----	୫୬
୧୭ ବିଶ୍ରାମ	----	୮୭

ଲଙ୍କା କାଣ୍ଡ

୧୮ ବିଶ୍ରାମ	----	୨୩
୧୯ ବିଶ୍ରାମ	----	୪୮
୨୦ ବିଶ୍ରାମ	----	୭୦
୨୧ ବିଶ୍ରାମ	----	୯୩
୨୨ ବିଶ୍ରାମ	----	୧୧୮
୨୩ ବିଶ୍ରାମ	----	୧୪୫
୨୪ ବିଶ୍ରାମ	----	୧୬୬
୨୫ ବିଶ୍ରାମ	----	୧୯୦
୨୬ ବିଶ୍ରାମ	----	୨୧୩
୨୭ ବିଶ୍ରାମ	----	୨୩୦
୨୮ ବିଶ୍ରାମ	----	୨୫୦

ଉତ୍ତରା କାଣ୍ଡ

୨୯ ବିଶ୍ରାମ	----	୨୪
୩୦ ବିଶ୍ରାମ	----	୪୬

Digitized by PPRACHIN, SOA

ଆଦ୍ୟକାଣ୍ଡ

ସୂଚୀପତ୍ର

ଛାନ୍ଦ	ବିଷୟ ର ନାମ	ରାଗ	ଅଳଙ୍କାର	ପଦ	ପୃଷ୍ଠା
	ଶ୍ଳୋକ				
୧	ଗଣେଶଙ୍କ ବନ୍ଦନା	ଅରୁ	ଅ ଠାରୁ ର ପର୍ଯ୍ୟନ୍ତ	୭	୧
୨	ରାମଚନ୍ଦ୍ରଙ୍କ ବନ୍ଦନା	ରସକୁଲ୍ୟା	ର ଠାରୁ କ ପର୍ଯ୍ୟନ୍ତ	୭	୨
୩	ବାମଦେବଙ୍କ ବନ୍ଦନା	ଖଣ୍ଡିତା	ଖ ଠାରୁ ଝ ପର୍ଯ୍ୟନ୍ତ	୭	୫
୪	ବୀଣାପାଣିଙ୍କ ବନ୍ଦନା	ଝୁଙ୍କାର			
		କାମୋଦୀ	ଞ ଠାରୁ ଣ ପର୍ଯ୍ୟନ୍ତ	୭	୭
୫	ଅମ୍ବିକାଙ୍କ ବନ୍ଦନା	ଚଉପୋଇ	ତ ଠାରୁ ଫ ପର୍ଯ୍ୟନ୍ତ	୭	୧୦
୬	ଭାସ୍କରଙ୍କ ବନ୍ଦନା	ବରାଡ଼ି	ବ ଠାରୁ ବ ପର୍ଯ୍ୟନ୍ତ	୭	୧୨
୭	ହନୁମାନଙ୍କ ବନ୍ଦନା	ଶଙ୍କରାଭରଣ	ଶ ଠାରୁ ଲ ପର୍ଯ୍ୟନ୍ତ	୭	୧୫
୮	ସପ୍ତପଦି ରାମାୟଣ ଶ୍ଳୋକ			୭	୧୭
୯	ରାମ ନାମ ରୁ ଗୀତା ନାମ	କଳସା		୯୦	୧୮
୧୦	ଶିବ ପାର୍ବତୀ ଉପାଖ୍ୟାନ	କଳସା		୧୭	୨୩
	(ମାସ ପାରାୟଣ ୧ମ ବିଶ୍ରାମ)				
୧୧	ବିଧାତାଙ୍କ ମୁଖରୁ ଶିବଙ୍କର				
	ଦକ୍ଷ ପୁରାଣ ଶ୍ରବଣ ଓ ବ୍ରହ୍ମଶାପ ମୋଚନ				
	ନାରଦ ବୈକୁଣ୍ଠ ପୁରେ ରାମ ରୂପ ଦର୍ଶନ	ରାମକେରୀ		୯୯	୨୩
୧୨	ଦସ୍ୟୁ ରତ୍ନାକର ବାଲ୍ମୀକି ଋଷି ରେ ପରିଣତ	ମୁନିବର ବାଣୀ		୫୧	୩୧
୧୩	ବିଧାତାଙ୍କ ଉକ୍ତି ମତେ ବାଲ୍ମୀକିଙ୍କୁ	ଘଣ୍ଟାରବ			
	ଦୃଶ୍ୟମାନ ସଂକ୍ଷିପ୍ତ ରାମାୟଣ	ମଙ୍ଗଳ, କଳସା		୧୮୮	୩୪
୧୪	ବାଲ୍ମୀକିଙ୍କ ଆଶ୍ରମ ସ୍ଥାନ ନିରୂପଣ	ଭାଗବତ ବୃତ୍ତ		୪୩	୪୮
	(ମାସ ପାରାୟଣ ୨ ବିଶ୍ରାମ)				
୧୫	ଅଯୋଧ୍ୟା ନଗର ବର୍ଣ୍ଣନା	ବଙ୍ଗଳାଶ୍ରୀ		୨୩	୪୯
୧୬	ମାଲି, ସୁମାଲି, ମାଲ୍ୟବନ୍ତ ବଂଶାନୁଚରିତ				
	ମାଲି, ମାଲ୍ୟବନ୍ତ ହତ ଓ				
	ସୁମାଲି ପାତାଳ ପୁରକୁ ଗମନ	କଳିଟି		୩୬	୫୧
୧୭	ବିଶ୍ରବାଙ୍କ ବଂଶାନୁଚରିତ				
	ରାବଣ ଆଦି ଜନ୍ମ ଓ କୁବେର ଜନ୍ମ	ବଙ୍ଗଳାଶ୍ରୀ		୧୫	୫୨
୧୮	କୁବେର ତପସ୍ୟାର୍ଥେ ଗମନ	ମୁନିବର ବାଣୀ		୭	୫୪
୧୯	କୁବେର ତପସ୍ୟା ଓ ଧନ ପତି ପଦ ଲାଭ	ବଙ୍ଗଳାଶ୍ରୀ		୨୧	୫୫
୨୦	ମୁନି ବିଶ୍ରବାଙ୍କ ତପୋବନେ ଗମନ.				

Digitized by PPRACHIN, SOA

ଛାନ୍ଦ	ବିଷୟ ର ନାମ	ରାଗ	ଅଳଙ୍କାର	ପଦ	ପୃଷ୍ଠା
	ବିଶ୍ରବା ଋଷିଙ୍କର ଦ୍ୱିତୀୟ ପତ୍ନୀ ଗ୍ରହଣ ଓ				
	ସନ୍ତାନ ପ୍ରକରଣ, କଥୋପକଥନ	କଳହଂସ କେଦାର		୪୧	୫୬
୨୧	ବିଂଶକର କୁମ୍ଭକର୍ଣ୍ଣ ଆଦି ଜନ୍ମ,				
	ଖାଦ୍ୟ ଅନ୍ୱେଷଣେ ଗିରି କନ୍ଦର ଭ୍ରମଣ	ବଙ୍ଗଳାଶ୍ରୀ		୫୬	୫୯
୨୨	ଲକ୍ଷ୍ମୀଙ୍କ ଅଂଶରୁ ଶ୍ରୀମତୀ ଜନ୍ମ ଓ				
	ନାରାୟଣଙ୍କ ଦ୍ୱାରା ଅପହୃତ (ତିରୋଧାନ)	ବଙ୍ଗଳାଶ୍ରୀ		୪୦	୬୩
୨୩	କୁବେରଙ୍କ ଠାରୁ ରାବଣର ଲଙ୍କାପ୍ରାପ୍ତି	କାଳୀ		୧୬	୬୬
୨୪	ବିଂଶକର ସିଂହାସନ ଆରୋହଣ ଯକ୍ଷ ଆଦି				
	ପ୍ରଜାଗଣ ରାଜ୍ୟ ତ୍ୟାଗ	ଭୈରବୀ	କ ରୁ କ୍ଷ ପର୍ଯ୍ୟନ୍ତ	୧୦	୬୭
୨୫	ଯକ୍ଷ ଗଣ ଅଳକା ପୁରେ କୁବେରଙ୍କୁ ସାକ୍ଷାତ				
	ପାତାଳ ପୁରୁ ସୁମାଳି ବଂଶ ଲଙ୍କାକୁ ଆଗମନ	ଶଙ୍କରାଭରଣ		୨୦	୬୮
୨୬	ବିଂଶବାହୁ, କୁମ୍ଭକର୍ଣ୍ଣ,ବିଭୀଷଣ, ସୁପର୍ଣଖା				
	ବିବାହ ଓ ଦେବତାମାନଙ୍କୁ ନିଜ କର୍ଯ୍ୟରେ				
	ନିଯୁକ୍ତ, ଇନ୍ଦ୍ରଜିତ ଆଦି ପୁତ୍ର ଜନ୍ମ	ବଙ୍ଗଳାଶ୍ରୀ		୩୮	୭୦
୨୭	ବୈଶ୍ରବଣ ପାତାଳପୁର ଦିଗ୍ ବିଜୟ				
	ପରାଜୟ, ବଳି ଦ୍ୱାରେ ଶ୍ରୀରାମଚନ୍ଦ୍ର				
	ଙ୍କ ଚିତ୍ରପଟ ଦର୍ଶନ	ଚକ୍ରକେଳି		୯୮	୭୩
	(ମାସ ପାରାୟଣ ୩ ବିଶ୍ରାମ,				
	ନବାହ୍ନ ପାରାୟଣ ୧ ବିଶ୍ରାମ)				
୨୮	ବିଂଶକର ସୂର୍ଯ୍ୟବଂଶ ଚରିତ ଶ୍ରବଣ				
	ଓ ଅନରଣ୍ୟ ବଧ	କଲ୍ୟାଣ ଆହାରୀ		୨୩	୭୬
୨୯	ସଗର ବଂଶ ଉତ୍ପତ୍ତି ଉପାଖ୍ୟାନ	କଳସା		୯୬	୮୦
୩୦	ଭଗୀରଥ ପିତୃକୁଳ ଉଦ୍ଧାରଣାର୍ଥେ ସ୍ତବ				
	ଓ ଗଙ୍ଗାଙ୍କ ଆଗମନ	କାମୋଦୀ		୩୭	୮୩
୩୧	କୌଶଲ୍ୟା ପରିଣୟ	ଚୋଖି		୨୮	୯୩
୩୨	କୈକେୟୀଙ୍କ ସହିତ ଦଶରଥଙ୍କ ପରିଣୟ	ଜୟନ୍ତ		୧୭	୯୬
୩୩	ଅଯୋଧ୍ୟାରେ ଅନାବୃଷ୍ଟି ଦଶରଥଙ୍କ ବରପ୍ରାପ୍ତ	କଳସା		୧୨୩	୯୮
୩୪	ସୁମିତ୍ରାଙ୍କୁ ବିବାହ କରିବା ପାଇଁ ଦଶରଥଙ୍କ..	ନଅପୋଇ		୧୨	୧୦୨
୩୫	ନୃପଙ୍କ ସମୀପେ ସ୍ୱୟମ୍ବର ବିଧାନ ପ୍ରକାଶ	ଦ୍ରାବିଡ଼ଗୁର୍ଜରୀ		୯	୧୦୩
୩୬	ସୁମିତ୍ରା ବିବାହ, ବାହୁଡ଼ା ବରକନ୍ୟା				
	ରାବଣ ଦ୍ୱାରା ସୁମିତ୍ରା ହରଣ	କଳହ		୪୨	୧୦୩
୩୭	ରାବଣ କର୍ତ୍ତୃକ ଦଶରଥ ଶୁକ୍ର ହରଣ	କୀର୍ତ୍ତନ ସ୍ୱର		୨୦	୧୦୬
୩୮	ବେଦବତୀ ଜନ୍ମ ଦେହତ୍ୟାଗ, ସେହି ଆତ୍ମାରୁ				
	ସୀତା ଜନ୍ମିବ ସନ୍ଦେଶ ଓ ବିଶ୍ୱାମିତ୍ରର ପରାଜୟ	ବଙ୍ଗଳାଶ୍ରୀ		୭୭	୧୦୭

Digitized by PPRACHIN, SOA

ଛାନ୍ଦ	ବିଷୟ ର ନାମ	ରାଗ	ଅଳଙ୍କାର	ପଦ	ପୃଷ୍ଠା
୩୯	ବେଦମତୀ ଅଙ୍ଗରୁ ସୀତା ଉତ୍ପତ୍ତି	ରଷିକୁଲ୍ୟା		୩୩	୧୧୨
୪୦	ସୀତାଙ୍କ ବାଲ୍ୟାବସ୍ଥାରୁ ଯୌବନ ପ୍ରାପ୍ତ ବର୍ଣ୍ଣନା, ବିଦ୍ୟାଧ୍ୟୟନ, ଗୃହକାର୍ଯ୍ୟ, ଧନୁ ଉତ୍ତୋଳନ ଜନକ ସୀତା ବିବାହେ ଧନୁ ଭଗ୍ନ ପଣ	ଆହାରୀ		୧୬	୧୧୭
୪୧	ଋଷ୍ୟଶୃଙ୍ଗ ଜନ୍ମ	କୌଶିକ		୧୩	୧୧୯
୪୨	ଦେବଗଣଙ୍କ ସ୍ତୁତି	ନବାକ୍ଷରୀ	ଭାଗବତ ବୃତ୍ତେ	୭୭	୧୨୧
୪୩	ଦେବତାଙ୍କ ଅଂଶରୁ ଋକ୍ଷ ବାନର ଜାତ	କାଳୀ	ଆଦ୍ୟନ୍ତେ ବ୍ୟଞ୍ଜନ ବର୍ଣ୍ଣ	୨୭	୧୨୩
୪୪	ଶ୍ରବଣକୁମାର ବଧ ରୁ ଋଷି ଶାପେ ରାଜାଙ୍କ ପୁତ୍ର ଆଶା	କାମୋଦୀ		୨	୧୨୪
୪୫	,,	ବଙ୍ଗଳାଶ୍ରୀ		୭	୧୨୫
୪୬	,,	ଶଙ୍କରାଭରଣ		୫	୧୨୬
୪୭	,,	ରାମକେରୀ		୧୩	୧୨୬
୪୮	,,	କଳସା		୧୩	୧୨୭
୪୯	,,	କଳହଂସ କେଦାର		୬	୧୨୮
୫୦	,,	ଚୋଖି		୩	୧୨୯
୫୧	ବାମଦେବ ଅଭିଶାପ	କୁମ୍ଭକାମୋଦୀ		୩୨	୧୨୯
୫୨	ଲୋମପାଦ ଅଭିଶପ୍ତ	କଳସା		୩୦	୧୩୧
୫୩	ଋଷ୍ୟଶୃଙ୍ଗ ଆନୟନେ ଜରତା ବନ ଗମନ	ବଙ୍ଗଳାଶ୍ରୀ		୧୯	୧୩୨
୫୪	ଜରତା ଆଦି ବାରନାରୀ ଋଷ୍ୟ ଶୃଙ୍ଗ ଆଶ୍ରମସ୍ଥାନ ନିରୂପଣ	ମୁନିବର ବାଣୀ		୧୯	୧୩୫
୫୫	ଋଷ୍ୟଶୃଙ୍ଗ ଆଗମନ	ଲଳିତ କେଦାର		୭୬	୧୩୬
୫୬	ଚମ୍ପାବତୀ ନଗ୍ରେ ବର୍ଷା ପୁତ୍ରେଷ୍ଟି ଯଜ୍ଞ, ଶାନ୍ତା ବିବାହ ଓ ଅଯୋଧ୍ୟାରେ ପୁତ୍ରେଷ୍ଟି ଯଜ୍ଞ ଓ ଦଶରଥଙ୍କ ତିନିରାଣୀ ଚରୁ ଭକ୍ଷଣ	କଲ୍ୟାଣ ଆହାରୀ		୩୩	୧୪୦
୫୭	ଶ୍ରୀରାମ ଆଦି ଚାରିଭାଇ ଜାତ	ବଙ୍ଗଳାଶ୍ରୀ		୩୧	୧୪୪
୫୮	ରାମ ରାମାନୁଜଙ୍କ ନାମ କରଣ ଓ କୋଷ୍ଠୀ ଆଲୋଚନା	କଲ୍ୟାଣ ଆହାରୀ		୧୭	୧୪୭
୫୯	ଋଷିମାନଙ୍କ ସହିତ ଶ୍ରୀରାମଚନ୍ଦ୍ରଙ୍କ ତୀର୍ଥ ପର୍ଯ୍ୟଟନ	ରାମକେରୀ	ନବମାତ୍ରା ପ୍ରୟୋଗ	୧୦	୧୫୦
୬୦	ରାମ ଲକ୍ଷ୍ମଣଙ୍କର ବୈରାଗ୍ୟ ଓ ବିଶ୍ୱାମିତ୍ରଙ୍କ ପ୍ରବେଶ	ଭାଗବତ ନବାକ୍ଷରୀ ବୃତ୍ତେ		୭୦	୧୫୦
୬୧	ଯାଗରକ୍ଷାର୍ଥେ ରାମ ଲକ୍ଷ୍ମଣ ବନଗମନ	ଘଣ୍ଟାରବ		୨୪	୧୫୩

Digitized by PPRACHIN, SOA

ଛାନ୍ଦ	ବିଷୟ ର ନାମ	ରାଗ	ଅଳଙ୍କାର	ପଦ	ପୃଷ୍ଠା
୬୨	ତାଡ଼କା ବଧ, ଯଜ୍ଞରକ୍ଷା, ଅହଲ୍ୟା ଉଦ୍ଧାର, ସମୁଦ୍ର ମନ୍ଥନ ବିବରଣି ଓ ଗଙ୍ଗାବତାର	ରସକୁଲ୍ୟା		୧୫୫	୧୫୫
୬୩	ମିଥିଲା ଉପବନେ ସୀତାଙ୍କର ରାମରୂପ ଦର୍ଶନ	ବଙ୍ଗଳାଶ୍ରୀ		୪୬	୧୬୪
୬୪	ଧନୁଭଙ୍ଗ ଓ ସୀତା ବିବାହ (ମାସ ପାରାୟଣ ସପ୍ତମ ବିଶ୍ରାମ)	ରସକୁଲ୍ୟା		୧୨୯	୧୭[illegible]

ଲେଖକ,ଗାୟକ,ପ୍ରବକ୍ତା ଓ ପି.ଏଚ୍.ଡ଼ି ଧାରୀଙ୍କ ପାଇଁ

ଆଦ୍ୟ କାଣ୍ଡର ବିଭିନ୍ନ ଛାନ୍ଦରେ ଥିବା ବିଶେଷତ୍ୱ

ଛାନ୍ଦ ୨ : ପଦ ୫ କବିଙ୍କ ବିନମ୍ର ନିବେଦନ ।
ପଦ ୭ କିଷ୍କିନ୍ଧ୍ୟା କାଣ୍ଡ ଠାରୁ ଲଙ୍କାକାଣ୍ଡ ପର୍ଯ୍ୟନ୍ତ ଚରିତ ।

ଛାନ୍ଦ ୪ : ପଦ ୭ ଣ, ଶବ୍ଦ ବ୍ୟବହାର କରାଯାଇଥିବା ସ୍ଥାନରେ ବିପରୀତ ଭାବେ ପାଠ କରି ଅର୍ଥ କରାଯାଇଛି ।

ଛାନ୍ଦ ୫ : ପଦ୪ ଧନ ସମ୍ପତ୍ତିରେ କୌଣସି ଧର୍ମ ନାହିଁ ।
ପଦ ୬ ଟୀକାରେ ପଞ୍ଚାନନ ଯାୟା, ପଞ୍ଚମ ରାଗ, ପଞ୍ଚ ରତ୍ନ, ପଞ୍ଚପୋଚାର ବିଧି, ପଞ୍ଚାମୃତ, ପଞ୍ଚ ଜ୍ଞାନେନ୍ଦ୍ରୀୟ, ପଞ୍ଚଭୂତ ପଞ୍ଚ ଯଜ୍ଞ ଦର୍ଶାଯାଇଅଛି ।

ଛାନ୍ଦ ୭ : ପଦ ୨ ର ଟୀକାରେ ଷଟ୍‌ପ୍ରଜ୍ଞ, ଷଡ଼ରିପୁ, ସନକାଦି ସପ୍ତଋଷିଙ୍କ ନାମ ବର୍ଣ୍ଣନା ।

ଛାନ୍ଦ ୮ : ସପ୍ତପଦି ରାମାୟଣରେ ଗୋଟିଏ ଗୋଟିଏ କାଣ୍ଡର ଘଟଣାବଳୀ ଗୋଟିଏ ଗୋଟିଏ ପଦରେ ସନ୍ନିବେଶିତ ।

ଛାନ୍ଦ ୯ : ପଦ ୧୨-୧୬ ସ୍ୱର,ବ୍ୟଞ୍ଜନ ବର୍ଣ୍ଣ ମାଧମରେ ଜୀବ ପରମ ବ୍ରହ୍ମ ମିଳନ ।
ପଦ ୨୪-୨୮ ଆଦର୍ଶ ସାଧକ ଭକ୍ତ, ଆଦର୍ଶ ନାରାୟଣ, ଆଦର୍ଶ ପତିବ୍ରତା ଧର୍ମ, ଆଦର୍ଶ ପୁତ୍ର-ମାତୃ ଭକ୍ତି, ଆଦର୍ଶ ଗୁରୁ-ଶିଷ୍ୟ ସମ୍ପର୍କ ।
ପଦ ୫୩-୬୪ ରାମାୟଣରେ ଚାରି ବର୍ଣ୍ଣ, ଚାରି ବେଦ, ଚାରି ମୁକ୍ତି ଚାରି ସାମ୍ରାଜ୍ୟ, ଚାରି ରାଜା, ଚାରି ସମ୍ବାଦ, ଚାରି କୂଟ, ଚାରି ଘାଟ, ଚାରି ତୀର୍ଥ, ଚାରି ଜଣ ଚାରି ଜଣଙ୍କୁ କହିଲେ ।
ପଦ ୨୨ ଟୀକାରେ ବ୍ରହ୍ମ ନିରୂପଣ ଓ ରାମ ନାମରୁ ସୀତା ଉତ୍ପତ୍ତି । ପ୍ରକୃତି ପୁରୁଷ ମିଳନ । ୯ ସଂଖ୍ୟା ସବୁଠାରୁ ବଡ଼ ।

ଛାନ୍ଦ ୧୧ : ପଦ ୭-୧୩ ସାତ ଅବତାର ବର୍ଣ୍ଣନା ।
ପଦ ୨୫-୨୬ ସାଙ୍ଖ୍ୟ ଦର୍ଶନ ।
ପଦ ୨୭-୩୩ ନାରଦ ବୈକୁଣ୍ଠେ ରାମ ମୂର୍ତ୍ତି ଦର୍ଶନ ।
ପଦ ୩୬-୪୨ ରାବଣ ସମ୍ପର୍କେ ନାରାୟଣ ଭବିଷ୍ୟତ କଥା ପ୍ରକାଶ ।

Digitized by PPRACHIN, SOA

ପଦ ୫୧-୫୮ ଦଶରଥ,କୌଶଲ୍ୟା, କୈକେୟୀ ଓ ସୁମିତ୍ରାଙ୍କ ପୂର୍ବଜନ୍ମ ବିବରଣ । ନାରାୟଣ ରାମ ଅବତାରେ ଚାରି ଅଂଶ ଅବତାର ହେବାର କାରଣ । ଟୀକା ରେ ଏହା ଦର୍ଶାଯାଇଛି ।

ପଦ ୬୦-୬୯ ବଳୀ,ବାମନ ଚରିତ୍ର ଓ ଭକ୍ତର ବାନ୍ଧବ ହରି ।

ପଦ ୭୦-୭୩ ଜାମ୍ବବ, ହନୁମାନ, ସୁଗ୍ରୀବ, ନଳ, ନୀଳ ଓ ବାଳୀର ପିତାଙ୍କ ନାମ ।

ପଦ ୭୪-୭୫ ରାମ ଚରୁରୁ ସୀତା ଭୂମୀରୁ ସମ୍ଭବ ହେବା କାରଣ ।

ପଦ ୮୯-୯୨ ଶୁକ ମୁଖେ ରାମାୟଣ ।

ପଦ ୯୩-୯୬ କ୍ରୌଞ୍ଚ ବଧ ଶିକାରୀ କୁ ବାଲ୍ମୀକିଙ୍କର ଶାପ ।

ପଦ ୯୮-୯୯ କବିଙ୍କ ତନୁରୁ ଜନ୍ମ ପୁତ୍ର ଓ ମନୁରୁ ଜନ୍ମ ରାମାୟଣ । ଟୀକା ଦେଖ ।

ଛାନ୍ଦ ୧୨ : ପଦ ୨୩-୩୦ ନାରଦଙ୍କର ଓଲଟା ରାମ ମନ୍ତ୍ର ପ୍ରଦାନ ରତ୍ନାକରର ତପସ୍ୟା ।

ଛାନ୍ଦ ୧୩ : ସଂକ୍ଷିପ୍ତ ରାମୟଣ ।

ଏହି ଛାନ୍ଦ ତିନିଗୋଟି ରାଗରେ ସନ୍ନିବେଶିତ । ଆଦ୍ୟ ତିନି ଅକ୍ଷର ଘୋଷା- ଘଣ୍ଟାରବ, ଆଦ୍ୟ ତିନି ଅକ୍ଷରେ କଟିଲେ-ମଙ୍ଗଳ, ଆଦ୍ୟ ତିନି ଅକ୍ଷର ଓ ଶେଷ ଗୋଟେ ଅକ୍ଷର କଟିଲେ କଳସା ରାଗ ହେବ ।

ପଦ ୧୧-୧୩ ପୁତ୍ରେଷ୍ଟି ଯାଗ ସମୟ ଓ ରାଣୀମାନଙ୍କର ଚରୁ ଭକ୍ଷଣ ।

ପଦ ୧୪-୧୫ ମସିହା ଅନୁଯାୟୀ ରାମଜନ୍ମ କାଳ ନିରୂପଣ । ଟୀକା ଦେଖ

ପଦ ୨୧-୨୨ ରାମ ବିବାହ ଯୋଗ ।

ପଦ ୨୯ ବନବାସ ସମୟକୁ ରାମଙ୍କ ବୟସ ଓ କାଳ ନିରୂପଣ ।

ପଦ ୪୫-୪୬ ଅମ୍ଳାନ ବସ୍ତ୍ର ଅଙ୍ଗରାଗ ।

ପଦ ୪୮ ପିତୃ ଶ୍ରାଦ୍ଧେ ମୃଗମାଂସ ।

ପଦ ୫୫ ସୀତା ଅପହରଣର ବାର,ମାସ,ପକ୍ଷ, ତିଥି ବର୍ଣ୍ଣନା ।

ପଦ ୬୧ ରାମ ସୁଗ୍ରୀବ ମିତ୍ର ସମୟ ନିରୂପଣ ।

ପଦ ୬୯-୭୦ ସୀତାଠାବ ଓ ବିଭୀଷଣ ଭେଟର କାଳ ନିରୂପଣ ।

ପଦ ୭୫ ବନ୍ଧ ଅନୁକୂଳ ସମୟ ।

ପଦ ୭୭ ପୁରୋଧା ବରଣ,ବନ୍ଧ ପ୍ରତିଷ୍ଠା କାଳ ନିରୂପଣ ।

ପଦ ୮୫ ଆଦ୍ୟ ରଣ । ପଦ ୮୯ କଟାମୁଣ୍ଡ ଦର୍ଶନ ।

ପଦ ୯୨-୯୪ ଲକ୍ଷ୍ମଣଙ୍କୁ ଇନ୍ଦ୍ରଜିତ ଶକ୍ତି ପ୍ରୟୋଗ ସମୟ ।

ପଦ ୯୬ ନାଗପାଶ ବନ୍ଧନ ତିଥି ।

Digitized by PPRACHIN, SOA

ପଦ ୯୯-୧୦୧ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ସମୟ ।
ପଦ ୧୦୨-୧୦୪ ରାମାଦି ସେନା ମୋହ ହେବା କାଳ ।
ପଦ ୧୦୮-୧୧୪ ଇନ୍ଦ୍ରଜିତ ବଧ ଓ ପରିମଳା ସ୍ୱର୍ଗ ଆରୋହଣ ।
ପଦ ୧୧୬-୧୧୮ ଲକ୍ଷ୍ମଣ ଶକ୍ତିଭେଦ ମୃତ୍ୟୁ ସଞ୍ଜିବନୀ ଆନୟନ ଓ ଭରତ ଭେଟ ତିଥି ।
ପଦ ୧୧୯-୧୨୧ ମହୀରାବଣ ରାମ-ଲକ୍ଷ୍ମଣ ହରଣ ।
ପଦ ୧୨୨ ରାବଣର ଏକାନ୍ତ ଭାବନା ।
ପଦ ୧୨୫ ସୀତାଙ୍କର ଅଶୋକାଷ୍ଟମୀ ବ୍ରତ ଯାଜଣା
ପଦ ୧୨୯-୧୩୦ ରାମଙ୍କର ଦେବୀ ପୂଜା ।
ପଦ ୧୩୩ ବ୍ରହ୍ମାସ୍ତ୍ର ହରଣ । ପଦ ୧୩୫ ରାବଣର ରଥରୁ ପତନ ।
ପଦ ୧୩୬ ସୀତାଙ୍କ ନିକଟକୁ ବାର୍ତ୍ତା ପ୍ରେରଣ ସମୟ ।
ପଦ ୧୩୮ ବିଭୀଷଣ ରାଜା । ୧୩୯ ମୃତ ସେନାଙ୍କ ଜୀବ ଦାନ ।
ପଦ ୧୪୬ ରାମଙ୍କର ଆସନାଳଙ୍କୃତ ।
ପଦ ୧୫୪ ରାମଆଦି ଚାରିଭାଇଙ୍କର ନାରୀ ମିଳନର ସମୟ ବର୍ଣ୍ଣନ ।
ପଦ ୧୫୭ ସୀତାଙ୍କ ବନ ଆଗମ ସମୟ ।
ପଦ ୧୫୯-୧୬୦ ଲବକୁଶ ଆଦି ଅଷ୍ଟଭାଇ ଜନ୍ମ ସମୟ ନିରୂପଣ ।
ପଦ ୧୬୪-୧୬୭ ଆଦ୍ୟ ଅଶ୍ୱମେଧ ଯଜ୍ଞ ପୂର୍ଣ୍ଣାହୂତୀ ଓ ସୀତାଙ୍କ ପାତାଳ ଗମନର ମାସ ତିଥି ବାର ।
ପଦ ୧୭୦-୧୭୨ ରାମଙ୍କ ସ୍ୱର୍ଗ ଆରୋହଣ ବୟସ ଓ ରାଜୁତି କାଳ ।
ପଦ ୧୭୪-୧୭୯ ରାମ ଆସିବାଠାରୁ ପ୍ରସ୍ଥାନ ସମୟ ନିରୂପଣ ।
ପଦ ୧୮୮ କବିଙ୍କ ବନ୍ଦନା

ଛାନ୍ଦ ୧୪ : ପଦ ୫-୧୮ ଆଶ୍ରମ ବନ୍ଦନା ।
ପଦ ୨୩-୪୦ ବନ୍ୟପ୍ରାଣୀ, ବୃକ୍ଷଲତା, ଓ ପୁଷ୍କରଣୀର ବର୍ଣ୍ଣନା ।

ଛାନ୍ଦ ୧୫ : ପଦ ୨-୧୭ ଅଯୋଧ ନଗରୀ ବର୍ଣ୍ଣନା । ପଦ ୧୯-୨୦ ଦ୍ୱାରୀ ବର୍ଣ୍ଣନା

ଛାନ୍ଦ ୧୬ : ପଦ ୧୨-୧୫ କଶ୍ୟପ ଋଷିଙ୍କର ଦିତିଙ୍କୁ ଶାପ ।
ପଦ ୩୦-୩୨ ସୁମାଳି ପାତାଳ ଗମନ ।

ଛାନ୍ଦ ୧୭ : ପଦ ୩-୪ ବିଶ୍ରବାଙ୍କ ପ୍ରଥମ ପତ୍ନୀ ଗ୍ରହଣ ଓ ନାମ ।
ପଦ ୬-୭ କୁବେର ରୂପ ବର୍ଣ୍ଣନା । ୧୨-୧୩ ତପସ୍ୟା ।

ଛାନ୍ଦ ୧୮ : ପଦ ୧-୭ ପ୍ରତ୍ୟେକ ଚରଣ ଆଦ୍ୟବର୍ଣ୍ଣ ଶୃଙ୍ଖଳା ।

ଛାନ୍ଦ ୧୯ : ପଦ ୪-୭ ବନ ବର୍ଣ୍ଣନା । ପଦ ୮-୧୦ ତପୀ ବେଶ ବର୍ଣ୍ଣନା ।
ପଦ ୧୨-୧୯ କୁବେରଙ୍କ ନେତ୍ରାହୁତୀ ଓ ବ୍ରହ୍ମାଙ୍କର ବର ଦାନ ।

Digitized by PPRACHIN, SOA

ଛାନ୍ଦ ୨୦	:	ପଦ ୨୩-୨୬ ଜୟ ବିଜୟ ରୁ ରାବଣ କୁମ୍ଭକର୍ଣ୍ଣ ।
		ଶ୍ରୀମତି - ବେଦମତୀ । ବେଦମତୀ - ସୀତାଙ୍କ ପୂର୍ବ ବିବରଣୀ ।
ଛାନ୍ଦ ୨୧	:	ପଦ୮-୧୦ ନିକଷାର ପୁତ୍ର-କନ୍ୟାଙ୍କ ନାମ ।
		ପଦ ୧୬-୨୦ ବିଂଶକରର ଐରାବତ ଦନ୍ତ ଉତ୍ପାଟନ ଓ ଅମୃତ ପାନ ।
		ପଦ ୨୪-୪୬ ବିଂଶଲୋଚନର ତପସ୍ୟା ଯାଗ ଓ ବରପ୍ରାପ୍ତି ।
		ପଦ ୪୮-୫୦ କୁମ୍ଭକର୍ଣ୍ଣ, ବିଭୀଷଣର ବରପ୍ରାପ୍ତି ।
		ପଦ ୫୨-୫୬ ବୈଶ୍ରବଣକୁ ରମ୍ଭା ଶାପ ।
ଛାନ୍ଦ ୨୨	:	ପଦ ୨୧-୨୨ ନାରାୟଣଙ୍କୁ ନାରଦ ଓ ପର୍ବତ ଋଷିଙ୍କ ଅଭିଶାପ ।
		ପଦ ୩୬-୪୦ କବିଙ୍କର କରୁଣା ଭିକ୍ଷା ।
		ଶେଷରେ ଏକ ରାମ ପ୍ରଣାମ ଦଶ ଅଶ୍ୱମେଧ ଯାଗ ପୁଣ୍ୟ ସହ ସମାନ । (ଶ୍ଳୋକ)
ଛାନ୍ଦ ୨୫	:	ପଦ ୪-୧୩ ବିଂଶକରର ଭାବନା ଓ ସୁମାଳି ଲଙ୍କା ଗମନ ।
		ପଦ ୧୪-୧୫ ପାତାଳୁ ଆସିବା ଅସୁରଙ୍କର ନାମ ।
ଛାନ୍ଦ ୨୬	:	ପଦ ୧-୭ ପଦର ପ୍ରାନ୍ତରେ ସ,ସା,ସି,ସୁ ପ୍ରୟୋଗ
		ପଦ ୧୬-୨୨ ବିଂଶଲୋଚନ,କୁମ୍ଭକର୍ଣ୍ଣ ଓ ସୁର୍ପଣଖାର ବିବାହ ବର୍ଣ୍ଣନା
		ପଦ ୨୬-୩୨ ରାବଣର ରାଜନୀତି ।
ଛାନ୍ଦ ୨୭	:	ପଦ ୩-୫ ରାବଣ ଦିଗ୍‌ବିଜୟ, ବାସୁକୀ ଭେଟ ଓ ଉପଦେଶ ।
		ପଦ ୧୬-୧୮ କପଟ ରୂପୀ ଲକ୍ଷ୍ମୀ-ନାରାୟଣଙ୍କ ପଶାଖେଳ ।
		ପଦ ୨୦-୨୫ ରାବଣର ଗର୍ବ ଗଞ୍ଜନ ।
		ପଦ ୩୧-୪୩ ମାୟା ନାରାୟଣଙ୍କ ସହିତ ରାବଣର ବାକ୍ୟାଳାପ ।
		ପଦ ୪୪ ବାଳୀ ରାବଣ ଭେଟ ।
		ପଦ ୮୦-୮୪ ସ୍ୱାମୀ ହତେ ସୁର୍ପଣଖାର ବିଳାପ ।
ଛାନ୍ଦ ୨୮	:	ପଦ ୩-୧୭ ସୂର୍ଯ୍ୟବଂଶ ବଂଶଲତା । ୧୯-୨୦ ଅନରଣ୍ୟ ଅଭିଶାପ ।
ଛାନ୍ଦ ୨୯	:	ପଦ ୨୪-୨୬ ସ୍ୱର୍ଗର ରାଜାଙ୍କ ଯାଗ ସ୍ଥାନ ନିରୂପଣ ।
		ପଦ ୩୭-୪୦ ଗିରିଙ୍କର ନାମ ।
ଛାନ୍ଦ ୩୦	:	ପଦ ୬-୭ ନାରାୟଣଙ୍କର ରୂପ ବର୍ଣ୍ଣନା ।
ଛାନ୍ଦ ୩୧	:	ପଦ ୪-୬ ରାବଣର ରାମ ଜନ୍ମଦାତ୍ରୀ କୌଶଲ୍ୟା ବିନାଶେ କାମନା ।
		ପଦ ୧୯-୨୩ ବିବାହ ବର୍ଣ୍ଣନା ।
		ପଦ ୨୪-୨୭ କୌଶଲ୍ୟାଙ୍କ କନ୍ୟା ଜାତ ଓ କନ୍ୟାକୁ ଲୋମପାଦଙ୍କୁ ପ୍ରଦତ୍ତ ଏବଂ କନ୍ୟାର ଅଭିଶାପ ।
		ଶେଷରେ ବିଭାଘରରେ କରାଯାଉଥିବା ବିଧିବିଧାନର ବର୍ଣ୍ଣନା ।
ଛାନ୍ଦ ୩୩	:	ପଦ ୧-୮ ଗ୍ରନ୍ଥ ରଚନା ପାଇଁ ପ୍ରଭୁ ରାମଙ୍କୁ କବିଙ୍କର ନମ୍ର ନିବେଦନ ।
		ପଦ ୯-୨୩ ଦଶରଥଙ୍କର ୭୪୭ ସ୍ତ୍ରୀ ଗ୍ରହଣ ।

Digitized by PPRACHIN, SOA

		ପଦ ୨୪-୨୮ ଚମ୍ପାବତୀ ପୁର ଅନାବୃଷ୍ଟି ।
		ପଦ ୩୪-୩୯ ପର୍ଶୁରାମ ବିବରଣ ।
		ପଦ ୬୨-୮୫ ରାଜାରାଣୀ ଶିବାଳୟେ ଶିବସ୍ତୋତ୍ର ପଠନ ।
		ବର ଯାଚଞା ।
		ପଦ ୧୦୪-୧୦୯ ଗ୍ରହଚକ୍ରେ ଶନି ଦୃଷ୍ଟିର ଫଳାଫଳ ।
ଛାନ୍ଦ ୩୪	:	ପଦ ୨-୭ ପ୍ରଭାତ ବର୍ଣ୍ଣନା ।
ଛାନ୍ଦ ୩୬	:	ପଦ ୨-୧୩ ସୁମିତ୍ରା ସ୍ୱୟମ୍ବରେ ରାଜାମାନଙ୍କର ପରିଚୟ ।
		ପଦ ୨୦-୨୬ ସୁମିତ୍ରା-ଦଶରଥ ବିବାହ ବର୍ଣ୍ଣନା ।
		ପଦ ୨୯-୩୪ ରାବଣର କୁହୁକ ବିଦ୍ୟା ।
ଛାନ୍ଦ ୩୭	:	ପଦ ୨-୯ ରାମଜନ୍ମ ନହେବା ପାଇଁ ଉପାୟ ଚିନ୍ତନ ।
		ପଦ ୧୦-୧୮ ଦଶରଥ ଶୁକ୍ର ହରଣ ।
ଛାନ୍ଦ ୩୮	:	ପଦ ୧୬-୨୧ ପଞ୍ଚବାୟୁର ସ୍ଥାନ ଓ ପ୍ରକ୍ରୀୟା ।
		ପଦ ୨୨-୩୧ ବେଦମତୀ ପ୍ରେତାତ୍ମାରୁ ସୀତା ।
		ପଦ ୩୮-୪୭ ମନ୍ଦୋଦରୀ,ସୀତା ପାଳିତମାତା ମଞ୍ଜୁଷା ଉପାଖ୍ୟାନ
		ପଦ ୫୮-୬୫ ଦଶାନନ କୈଳାସ ଉତ୍ପାଟନ ।
		ଶିବ ମୁଖେ ରାବଣର ପ୍ରଶସ୍ତି ଗାନ ।
ଛାନ୍ଦ ୩୯	:	ପଦ ୨-୩ କବିଙ୍କ ପରିଚୟ, ଆରାଧ୍ୟ ପ୍ରଭୁ ଓ ନିଜ ରଚନାର ବର୍ଣ୍ଣନା ।
		ପଦ ୮-୧୮ ସୀତା ସମ୍ଭବ । ପଦ ୨୩-୨୫ ଶୂନ୍ୟବାଣୀ ।
		ଟୀକାରେ ଅଷ୍ଟ ଐଶ୍ୱର୍ଯ୍ୟ ଓ ଅନ୍ତର୍ଲିପିରେ ରାମାୟଣ ରଚନା ସମୟ
		ସହିତ ପଦସଂଖ୍ୟା ବର୍ଣ୍ଣନା ।
ଛାନ୍ଦ ୪୦	:	ପଦ ୩-୧୦ ସୀତାଙ୍କର ବାଳ,ପ୍ରୌଗଣ୍ଡ,ସ୍ନାନ ଓ ବେଶ ବର୍ଣ୍ଣନା ।
		ଶେଷରେ ୧୧,୧୩ ପଦର ଭାବାର୍ଥ ।
ଛାନ୍ଦ ୪୨	:	ପଦ ୧୯-୩୦ ଅବତାର ବର୍ଣ୍ଣନା ।
ଛାନ୍ଦ ୪୪	:	ପଦ ୧-୨ ଗ୍ରୀଷ୍ମ ବର୍ଣ୍ଣନା ।
ଛାନ୍ଦ ୫୦	:	ପଦ୨-୩ ଅନ୍ଧ ମୁନିଙ୍କର ଶାପ ପ୍ରଦାନ ।
ଛାନ୍ଦ ୫୨	:	ପାଦର ଆଦ୍ୟ ବର୍ଣ୍ଣ ଶୃଙ୍ଖଳା ।
		ପଦ ୨୬-୨୯ ନିଅତିର ଗତି ।
ଛାନ୍ଦ ୫୩	:	ପଦ ୫-୧୧ ପଞ୍ଚରତ୍ନ ଥାଳି ଉପାଖ୍ୟାନ ଉପମା ଉପମେୟ ।
		ପଦ ୧୬ ଶୁଭକାଳ ନିର୍ଣ୍ଣୟ ।
ଛାନ୍ଦ ୫୫	:	ପଦ୪-୯ଋଷ୍ୟଶୃଙ୍ଗ ବିଚାରରେ ବେଶ୍ୟାମାନଙ୍କୁ ତପୀ ଭାବେ ବର୍ଣ୍ଣନା ।
		ପଦ ୪୦-୫୦ ପ୍ରଭାତ ବର୍ଣ୍ଣନା ।
		ପଦ ୬୫-୭୦ ଜରତା ର ବିଚକ୍ଷଣ ସିଦ୍ଧାନ୍ତ ।

Digitized by PPRACHIN, SOA

ଛାନ୍ଦ ୫୬ : ପଦ ୨-୪ ମୁନିଙ୍କୁ ଜରତାର ରାଜାଙ୍କ ପରିଚୟ ପ୍ରଦାନ ।
ପଦ ୧୦-୧୩ ଦଶରଥଙ୍କର ସନ୍ତାନ ଭିକ୍ଷା ବିଗତକଥା ଆଲୋଚନା ।
ପଦ ୧୩-୧୪ ଅଯୋଧ୍ୟାରେ ପୁତ୍ରେଷ୍ଟି ଯାଗ ଆୟୋଜନ ।
ପଦ ୧୫-୧୭ ଯାଗ ସ୍ଥାନ କାଳ ନିରୂପଣ ।
ପଦ ୧୮-୨୫ ଯାଗକୁ ଦେବାଦେବୀଙ୍କ ବରଣ ।
ଅଗ୍ନିକୁଣ୍ଡେ ନାରାୟଣ ଚରୁ ରୂପେ ଦୃଶ୍ୟ ।
ପଦ ୨୯-୩୨ ଗର୍ଭ ଲକ୍ଷଣ ।

ଛାନ୍ଦ ୫୭ : ପଦ ୨-୪ ବାସନ୍ତିକ ଚଣ୍ଡୀ ପୂଜା ଓ ପ୍ରସୂତି ସମୟ ନିରୂପଣ ।
ଟୀକା ୧୩ରେ ଶିଶୁଜନ୍ମ ସମୟ,ତାର,ବାର,ତିଥି ଓ ଗ୍ରହ ବର୍ଣ୍ଣନା ।
ଓ ଚଉଷଠି ଲକ୍ଷଣ ।

ଛାନ୍ଦ ୫୮ : ପଦ ୧୧-୧୬ ରାମଙ୍କ କୋଷ୍ଠୀଫଳ ଓ ଭାଇମାନଙ୍କର ଲଗ୍ନ ବର୍ଣ୍ଣନା ।

ଛାନ୍ଦ ୬୨ : ପଦ ୨-୫ ବିଶ୍ୱାମିତ୍ରଙ୍କର ରାମ-ଲକ୍ଷ୍ମଣଙ୍କୁ ବଳା ଅତି ବଳା ମନ୍ତ୍ର,
ଜୟା,ବିଜୟା ଧନୁ ପ୍ରଦାନ । ପଦ ୬-୧୦ ସନ୍ଧ୍ୟା ବର୍ଣ୍ଣନା ।
ପଦ ୧୭-୨୫ ସମୁଦ୍ର ମନ୍ଥନ ଓ ଲବ୍ଧ ଦ୍ରବ୍ୟର ବିବରଣ ।
ପଦ ୬୯-୧୨୦ ଅହଲ୍ୟା ଉଦ୍ଧାର । (ଟୀକାରେ ଭାବାର୍ଥ)
ଛାନ୍ଦ ଶେଷରେ ଅନ୍ତର୍ଲିପିରେ ମିଶାଣ,ଫେଡ଼ାଣ,ଗୁଣନ,ହରଣ
ମାଧ୍ୟମରେ ଛାନ୍ଦ ସଂଖ୍ୟା ନିରୂପଣ ।

ଛାନ୍ଦ ୬୩ : ପଦ ୯-୧୫ ମିଥିଳା ଉପବନ ବର୍ଣ୍ଣନା । (ଟୀକାରେ ଦ୍ୱିବିଧ ଅର୍ଥ)
ପଦ ୨୧-୨୪ ମିଥିଳା ସଭାରେ କବିଙ୍କ ଭାବନା ।
ପଦ ୨୫-୪୫ ଦେବୀ ପୂଜା ଓ ସୀତାଙ୍କର ଯାଚଞ୍ଚା ।

ଛାନ୍ଦ ୬୪ : ପଦ ୬-୧୧ ସୀତାଙ୍କ ସ୍ୱୟମ୍ବରେ ରାଜାଙ୍କ ନାମ ।
ପଦ ୨୬ ଦେବାଦେବୀଙ୍କର ଶୁଭ କାମନା ।
ପଦ ୩୫-୩୮ ସୀତାଙ୍କର ବରମାଲ୍ୟ ପ୍ରଦାନ ।
ପଦ ୫୩-୫୫ ବିବାହ ତିଥି ନିର୍ଣ୍ଣୟ । ବିବାହ ମେଳକ ।
ପଦ ୬୯-୭୯ କନ୍ୟାମାନଙ୍କ ବିଦାୟ ସମ୍ବର୍ଦ୍ଧନା ।
ଜନକ-ସୁନୟନାଙ୍କ ଉପଦେଶ ।
ପଦ ୧୦୨-୧୧୦ ସୀତାଙ୍କ ବଶନ ଭୂଷଣ ବର୍ଣ୍ଣନା । ଓ
ଦାସୀମାନଙ୍କର ନାରୀଧର୍ମ ଉପଦେଶ ।
ପଦ ୧୧୩-୧୨୨ କେଳୀପୁର ବର୍ଣ୍ଣନା । ଏକପତ୍ନୀ ବ୍ରତ ।

Digitized by PPRACHIN, SOA

- ଶ୍ଳୋକ -

ଶ୍ରୀରାମଚନ୍ଦ୍ର ଭୁବୀ ବିଶ୍ରୁତ କୀର୍ତ୍ତିଚନ୍ଦ୍ର । ଦୈତ୍ୟରାଜ୍ୟଚନ୍ଦ୍ର ରଜନୀ ଚର ପଦ୍ମଚନ୍ଦ୍ର ।
ଆନନ୍ଦଚନ୍ଦ୍ର ରଘୁବଂଶ ସମୁଦ୍ର ଚନ୍ଦ୍ର । ସୀତାମନଃ କୁମୁଦଚନ୍ଦ୍ର ନମୋ ନମସ୍ତେ ॥ ।୧।

ଶ୍ରୀରାମଚନ୍ଦ୍ର ରଘୁପୁଙ୍ଗବ ରାଜବର୍ଯ୍ୟ । ରାଜେନ୍ଦ୍ର ରାମ ରଘୁନାୟକ ରାଘବେଶ ।
ରାଜାଧିରାଜ ରଘୁନନ୍ଦନ ରାମ ଭଦ୍ର । ଦାସୋଽହମଦ୍ୟଭବତଃ ଶରଣାଗତୋଽସ୍ମି ॥।୨।

ଶ୍ରୀରାମ ରାମ ରଘୁନନ୍ଦନ ରାମ ରାମ, ଶ୍ରୀରାମ ରାମ ଭରତାଗ୍ରଜ ରାମ ରାମ ।
ଶ୍ରୀରାମ ରାମ ରଣକର୍କଶ ରାମ ରାମ, ଶ୍ରୀରାମ ରାମ ଶରଣଂ ଭବ ରାମ ରାମ ॥ ।୩।

ଶ୍ରୀରାମଚନ୍ଦ୍ର ଚରଣୌ ମନସା ସ୍ମରାମି, ଶ୍ରୀରାମଚନ୍ଦ୍ର ଚରଣୌ ବଚସା ସ୍ମରାମି ।
ଶ୍ରୀରମାଚନ୍ଦ୍ର ଚରଣେ ଶିରସା ନମାମି, ଶ୍ରୀରାମଚନ୍ଦ୍ର ଚରଣେ ଶରଣଂ ପ୍ରପଦ୍ୟେ ॥ ।୪।

ମାତା ରାମୋ ମତ୍ ପିତା ରାମଚନ୍ଦ୍ରଃ, ସ୍ୱାମୀ ରାମୋ ମତ୍ ସଖା ରାମଚନ୍ଦ୍ରଃ ।
ସର୍ବସ୍ୱଂମେ ରାମଚନ୍ଦ୍ରୋ ଦୟାଳୁ ନାନ୍ୟଂ ଜାନେ ନୈବ ଜାନେ ନଜାନେ ॥ ।୫।

ମନୋଽଭିରାମଂ ନୟନାଭିରାମଂ, ବଚୋଭିରାମଂ ଶ୍ରବଣୋଭିରାମଂ ।
ସଦାଭିରାମଂ ସତତାଭିରାମଂ, ବନ୍ଦେ ସଦା ଦାଶରଥିଂଚ ରାମଂ ॥ ।୬।

ନମାମି ରାମଂ ରଘୁବଂଶ ମୁଖ୍ୟଂ, ନମାମି ରାମଂ ସୁରକଳ୍ପ ବୃକ୍ଷଂ ।
ନମାମି ରାମଂ କମଳାୟତାକ୍ଷଂ, ନମାମି ରମଂ ରଘୁନନ୍ଦନାଖ୍ୟ ॥ ।୭।

ନୀଳାମ୍ବୁଜ ଶ୍ୟାମଳ କୋମଳାଙ୍ଗଂ, ସୀତା ସମାରୋପିତ ବାମଭାଗଂ ।
ପାଣୌମହାଶାୟକ ଚାରୁ ଚାପ ନମାମି ରାମଂ ରଘୁବଂଶ ନାଥଂ ॥ ।୮।

ବାମେ କୋଦଣ୍ଡ ଦଣ୍ଡଂ ଭୁଜଗସମ ଭୁଜେ ଦକ୍ଷିଣେ ଚଣ୍ଡ କାଣ୍ଡଂ ।
ସ୍କନ୍ଧେ ତୂଣୀର ବନ୍ଧଂ ସୁପଟ କଲିତଟେ ସ୍ୱର୍ଣ୍ଣମୃଷ୍ଟ୍ୟ ଷ୍ଟିଯଷ୍ଟିଃ ॥ ।୯।
ମୌଳୌ କୋଟୀରତ୍ନଂ ରଚିତ ମଣିଗଣଂ ନବରତ୍ନଂ ଦଧାନଂ ।
ଯୁଦ୍ଧେ ବଦ୍ଧାବଧାନଂ ରଘୁକୁଳ ତିଳକଂ ନୌମ୍ୟହଂ ପ୍ରତ୍ୟହଂତମ୍ ॥ ।୧୦।
ବାମେ ଭୂମିସୁତା ପୁରଷ୍ଟ ହନୁମାନ୍ ପୃଷ୍ଟେ ସୁମିତ୍ରା ସୁତଃ ।
ଶତ୍ରୁଘ୍ନୋ ଭରତଶ୍ଚ ପାର୍ଶ୍ୱ ଦଳୟୋ ର୍ବାୟୂଦି କୋଣେଷୁଚ ॥ ।୧୧।
ସୁଗ୍ରୀବଶ୍ଚ ବିଭୀଷଣଶ୍ଚ ଯୁବରାଟ ତାରାସୁତ ଜାମ୍ବବାନ୍ ।
ମଧ୍ୟେ ନୀଳ ସରୋଜ କୋମଳ ରୁଚିଂ ରାମଂ ଭଜେ ଶ୍ୟାମଳମ୍ ॥ ।୧୨।
ଧ୍ୟାୟେ ଦାଜାନବାହୁ ଧୃତଶର ଧନୁଷଂ ବଦ୍ଧ ପଦ୍ମା ସନସ୍ଥଂ ।

Digitized by PPRACHIN, SOA

ପିତବାସ ବସନଂ ନବକମଳଦଳ ସ୍ପର୍ଦ୍ଧି ନେତ୍ର ପ୍ରସନ୍ନଂ ।। ।୧୩।

ବାମାଙ୍କେ ରୁଢ଼ା ସୀତା ମୁଖ କମଳ ଲସତ୍ ଲୋଚନ ନୀର ଦାଭଂ ।
ନାନାଲଙ୍କାର ଦୀପ୍ତଂ ଦଧତ ମୁରୁଜଟା ମଣ୍ଡଳଂ ରାମଚନ୍ଦ୍ର ।। ।୧୪।
କେକୀ କଣ୍ଠାଭ ନୀଳ ସୁରବର ବିଳାସ ଦିପ୍ରପାଦାବ୍ଜ ଚିହ୍ନ ।
ଶୋଭାଢ଼୍ୟଂ ପୀତବସ୍ତ୍ରଂ ସରସିଜ ନୟନଂ ସର୍ବଦା ସୁପ୍ରସନ୍ନମ୍ ।। ।୧୫।

ପାଣୌ ନାରାଚ ଚାପଂ କପି ନିକର ଯୁତଂ ବନ୍ଧୁନା ସେବ୍ୟମାନଂ ।
ନୌମୀଢ଼୍ୟଂ ଜାନକୀଶଂ ରଘୁବର ମନୀଶଂ ପୁଷ୍ପକା ରୂଢ଼ରାମମ୍ ।। ।୧୬।

ରାମ ଲକ୍ଷ୍ମଣଂ ପୂର୍ବଜଂ ରଘୁବରଂ ସୀତାପତି ସୁନ୍ଦରଂ ।
କାକୁସ୍ଥଂ କରୁଣାକରଂ ଗୁଣନିଧିଂ ବିପ୍ରପ୍ରିୟଂ ଧାର୍ମିକଂ ।। ।୧୭।

ରାଜେନ୍ଦ୍ରଂ ସତ୍ୟସନ୍ଧଂ ଦଶରଥ ତନୟଂ ଶ୍ୟାମଳଂ ଶାନ୍ତମୂର୍ତ୍ତିଂ ।
ବନ୍ଦେ ଲୋକାଭିରାମଂ ରଘୁକୁଳ ତିଳକଂ ରାଘବଂ ରାବଣାରିଂ ।। ।୧୮।

ଆଦୌ ରାମସ୍ତପୋବନାଦି ଗମନଂ ହତ୍ୱାମୃଗ କାଞ୍ଚନ ।
ବୈଦେହୀ ହରଣଂ ଜଟାୟୁ ମରଣଂ ସୁଗ୍ରୀବ ସମ୍ଭାଷଣଂ ।। ।୧୯।

ବାଳୀ ନିଗ୍ରହଣଂ ସମୁଦ୍ର ତରଣଂ ଲଙ୍କାପୁରୀ ଦାହନଂ ।
ପଶ୍ଚାତ୍ ରାବଣ କୁମ୍ଭକର୍ଣ୍ଣ ନିଧନ ମେତତ୍ ଶ୍ରୀରାମାୟଣଂ ।। ।୨୦।

ଶ୍ରୀରାମଃ ଶରଣଂ ସମସ୍ତ ଜଗତାଂ ରାମ ବିନା କାଗତି ।
ରାମେଣ ପ୍ରତି ହନ୍ୟତେ କଳିମଳଂ ରାମାୟ୍ କାର୍ଯ୍ୟନମଃ ।। ୨୧।

ରାମାତ୍ ତ୍ରସ୍ୟତି କାଳ ଭୀମ ଭୁଜଙ୍ଗୋ ରାମଂ ସର୍ବ ଭଜନ୍ତି ।
ରାମେ ଭକ୍ତିରେ ଖଣ୍ଡିତା ଭବତୁମେ ରାମଃ ତ୍ୱମେବାଶ୍ରୟଃ ।। ।୨୨।

ରକ୍ତାମ୍ଭୋଜ ଦଳାଭିରାମନୟନଂ ପୀତାମ୍ବରାଳଙ୍କୃତଂ ।
ଶ୍ୟାମାଙ୍ଗଂ ଦ୍ୱିଭୁଜଂ ପ୍ରସନ୍ନ ବଦନଂ ଶ୍ରୀ ସୀତୟା ଶୋଭିତଂ ।। ।୨୩।

କାରୁଣ୍ୟା ମୃତ ସାଗରଂ ପ୍ରିୟଗଣୈ ର୍ଭ୍ରାତାଦି ଭିଭାବିତଂ ।
ବନ୍ଦେ ବିଷ୍ଣୁ ଶିବାଦି ସେବ୍ୟ ମନୀଶଂ ଭକ୍ତେଷ୍ଟସିଦ୍ଧିପ୍ରଦମ୍ ।। ୨୪।

ଶାନ୍ତ ଶାଶ୍ୱତ ମପ୍ରମେୟ୍ ମନଘଂ ନିର୍ବାଣ ଶାନ୍ତି ପ୍ରଦଂ ।

Digitized by PPRACHIN, SOA

ବ୍ରହ୍ମାସମ୍ଭୁ ଫଣୀନ୍ଦ୍ର ସେବ୍ୟ ମନୀଶଂ ବେଦାନ୍ତ ବେଦ ବିଭୁମ୍ ।। ।୨୫।

ରାମାଖ୍ୟଂ ଜଗଦୀଶ୍ୱରଂ ସୁରଗୁରୁଂ ମାୟା ମନୁଷ୍ୟଂ ହରି ।
ବନ୍ଦେହଂ କରୁଣାକରଂ ରଘୁବରଂ ଭୂପାଳ ଚୁଡ଼ାମଣିମ୍ ।। ।୨୬।

ତ୍ରିଦଶ କୁମୁଦଚନ୍ଦ୍ରୋ   ଦାନବାମ୍ଭୋଜ ଚନ୍ଦ୍ରଃ ।
ସକଳ ଭୁବନ ଚନ୍ଦ୍ରୋ   ଯୋଗୀନାଂ ଜ୍ଞାନଚନ୍ଦ୍ରଃ ।।   ।୨୭।

ବଚନ ରୁଚିର ଚନ୍ଦ୍ରୋ   ମୈଥିଳୀ ନେତ୍ର ଚନ୍ଦ୍ରୋ ।
ଦୁରିତ ତିମିର ଚନ୍ଦ୍ରଃ   ପାତୁନୋ ରାମଚନ୍ଦ୍ରଃ ।।   ।୨୮।

ଧ୍ୟାୟେ ନୀଳୋତ୍ପଳଂ ଶ୍ୟାମଂ ରାମଂ ରାଜୀବ ଲୋଚନଂ ।
ଜାନକୀ ଲକ୍ଷ୍ମଣ ପେତଂ ଜଟା ମୁକୁଟ ମଣ୍ଡନଂ ।। ।୨୯।

ଶାସିତୂଣ ଧନୁର୍ବାଣ ପାଣିଂ ନକ୍ତଚରାନ୍ତକଂ ।
ସ୍ୱଲୀଳୟା ଜଗଦ୍ ତ୍ରାତୁମାବର୍ଭୁତ ମଦଂ ବିଭୁଂ ।। ।୩୦।

କୌଶଲ୍ୟା ନନ୍ଦନଂ ରାମଂ ଜାନକୀ ମାନ ରକ୍ଷଣଂ ।
ଦାନବ ପ୍ରାଣ ସଂହାରି ନମାମି ଭରତାଗ୍ରଜଂ ।। ।୩୧।

ରାମ ରାମେତି ରାମେତି ରାମେ ରାମ ମନୋରମେ ।
ସହସ୍ର ନାମ ତତ୍ତୁଲ୍ୟଂ ରାମନାମ ବରାନନେ ।। ।୩୨।

ରାମାୟ ରାମଚନ୍ଦ୍ରାୟ ରାମଭଦ୍ରାୟ ବେଧସେ ।
ରଘୁନାଥାୟ ନାଥାୟ ସୀତାୟାଃ ପତୟେ ନମଃ ।। ।୩୩।

ଦକ୍ଷିଣେ ଲକ୍ଷ୍ମଣଧନ୍ୱୀ ବାମେତୋ ଜାନକୀ ଶୁଭା
ପୁରତୋ ମାରୁତି ର୍ଯସ୍ୟ ତ୍ୱାଂ ନମାମି ରଘୂତ୍ତମଂ ।। ।୩୪।

ନୀଳାମ୍ଭୋଜ ଦଳା ଭିରାମ ନୟନଂ ନୀଳାମ୍ବରାଲଂକୃତା ।
ଗୌରାଙ୍ଗୀ ଶରବିନ୍ଦୁ ସୁନ୍ଦର ମୁଖୀଂ ବିସ୍ମେର ବିମ୍ବାଧରା। ।୩୫।

କାରୁଣ୍ୟମୃତ ବର୍ଷିଣୀଂ ହରିହର ବ୍ରହ୍ମାଦିଭି ବନ୍ଦିତାଂ ।
ଧ୍ୟାୟେତ ସର୍ବଜନେୟ ସୀତାର୍ଥ ଫଳଦା ରାମପ୍ରିୟାଂ ଜାନକୀଂ ।। ।୩୬।

Digitized by PPRACHIN, SOA

ମୀମାଂସା ରାମାୟଣ

ଆଦ୍ୟକାଣ୍ଡ

ଓଁ ଶ୍ରୀ ରାମାୟ ନମଃ

ମଙ୍ଗଳାଚରଣ

ସ୍ୱସ୍ତିଶ୍ରୀ ରଘୁନାୟକୋ ଦଶରଥୋ ମୁନ୍ୟା ଜ୍ଞୟା ତାଟକା ।
ହତ୍ୱା ରକ୍ଷିତୁ କୌଶିକ କ୍ରତୁବର କୃତ୍ୱ୍ୟାପହଲ୍ୟା ଶୁଭଂ ।। ।୧।

ଭକ୍ତ୍ୟା ରୁଦ୍ର ଶରାସନଂ ଜନକଜା ମୁଦ୍ଧାହ୍ୟଜିହାଗତଂ
ନ୍ୟସ୍ତୋ ସୋଧ୍ୱନି ଭାର୍ଗବଂ ପୁନରାଗତ୍ ସୀତା ସମେତପୁରଂ ।। ।୨।

ସପ୍ତଦେବଙ୍କ ବନ୍ଦନା

ଗଣେଶଂ ରାମଚନ୍ଦ୍ରଂ ଚ ବାମଦେବଂ ଚ ଭାରତୀମ୍ ।
ଅମ୍ବିକାଂ ଭାସ୍କରଂ ଦେବଂ ବନ୍ଦେ ପବନନନ୍ଦମ୍ ।। ୩।

ସ୍ୱର ବ୍ୟଞ୍ଜନ ବର୍ଣ୍ଣାନାଂ ସମଭାଗ ସୁବର୍ଣ୍ଣନମ୍ ।
ଆଦ୍ୟାକ୍ଷରକୃତଂ ରାଗଂ ଆଦ୍ୟାବର୍ଣ୍ଣନାନୁପ୍ରାସମ୍ ।। ।୪।

Digitized by PPRACHIN, SOA

ଅଗ୍ରପୂଜ୍ୟ ପ୍ରଭୁ ଗଣନାଥ

Digitized by PPRACHIN, SOA

ଗଣେଶ ବନ୍ଦନା

(ରାଗ-ଅରୁ) ('ଅ' ଠାରୁ 'ର' ପର୍ଯ୍ୟନ୍ତ)

ଛାନ୍ଦ - ୧

(ବକ ବସିଥିଲା ଧ୍ରୁବ ଉପରେ ବୃତ୍ତେ)

'ଅ'

ଅଗ୍ରପୂଜ୍ୟ ଶୁଭଦାତା ଗଣେଶ ଅଗ୍ରେପୂଜେ ମୋ କଳ୍ମଷ ବିନାଶ
ଅଯୋନିସମ୍ଭୂତ ସୁବିଦ୍ୟା ଦାନୀ ଅକୈତବେ ଘେନ ମୋର ଦଇନି
ଅର୍କବଂଶ କୀର୍ତ୍ତି, ଅଖଣ୍ଡ ରଚନେ ହୋଇଛି ବ୍ରତୀ ।୧।

'ଆ'

ଆଶା ପୂରଣେ ମୁଁ ପଢ଼ିନି ବିଦ୍ୟା ଆଶା ପୂରଣେ ମୁଁ ବନ୍ଦଇ ସଦା
ଆଶାତରୀରେ ମୋ କୈବର୍ତ୍ତ ହୋଇ ଆଶା ପୂର୍ଣ୍ଣକର ତରୀ ବୁହାଇ
ଆଶାବାରି ବର୍ଷି, ଆଷାଢ଼ ବର୍ଷାପରି ଦିଅ ତୋଷି ।୨।

'ଇ'

ଇଷ୍ଟଗଣ ଈଶ ଈଶାନ ନାନ ଇଭ ମୁଣ୍ଡରଦ ଶୁଣ୍ଢ ଶୋଭନ
ଇଷ୍ଟ ସୁଲେଖନୀ ଖେଜା କୁ ଧର ଇଚ୍ଛା ବରଦାନ ଭକ୍ତଙ୍କୁ କର
ଇହଧାମେ ଶୁଣେ, ଇଚ୍ଛା ଏଣୁ ରାମ କୀର୍ତ୍ତି ରଚନେ ।୩।

ଗଣେଶଙ୍କ ବନ୍ଦନାର ସରଳାର୍ଥ

ପଦ ୧-ଧାଡ଼ି ୧: ପ୍ରଥମ ବନ୍ଦନୀୟ ଯୋଗ୍ୟ ମଙ୍ଗଳଦାୟକ, ଆଦିତ୍ୟ,ବିଶ୍ୱ,ବସୁ,ତୁଷାତ,ଆଭାସ୍କର, ଅନିଳ, ମହାରାଜିକ, ସାଧ, ରୁଦ୍ର ଏହି ନଅ ଗଣଦେବଙ୍କ ଈଶ (ଗଣେଶ) । ଧାଡ଼ି ୨: ମୁଁ ପ୍ରଥମେ ମୋର ମଳିନତା ଦୂର ପାଇଁ ତୁମ୍ଭଙ୍କୁ ଆରାଧନା କରୁଛି । ଧାଡ଼ି ୩: ତୁମ୍ଭେ ପାର୍ବତୀଙ୍କର ମାନସପୁତ୍ର ଉତ୍ତମ ହିତକର ଶାସ୍ତ୍ରୋକ୍ତ ତତ୍ତ୍ୱଜ୍ଞାନ ଦାନ କର । ଧାଡ଼ି ୪ : କପଟ ବିହୀନ ମୋର ନିବେଦନ ଗ୍ରହଣ କର । ଧାଡ଼ି ୫: ରବିକୁଳ ଚରିତ ନିଖୁଣ ଭାବେ ରଚନା କରିବା ପାଇଁ ମୁଁ ଇଚ୍ଛା କରୁଛି ।

ପଦ ୨ - ଧାଡ଼ି ୧: କାମ୍ୟ ବସ୍ତୁ ପୂର୍ବେ ରାମାୟଣ ରଚନା ପାଇଁ ମୁଁ ଆବଶ୍ୟକ ଶାସ୍ତ୍ର ଅଧ୍ୟୟନ କରିନାହିଁ । ଧାଡ଼ି ୨: ମୁଁ ଚାହୁଁଥିବା ରାମାୟଣ ରଚନା ନିର୍ବିଘ୍ନରେ ପୂରଣ ହେବା ପାଇଁ ମୁଁ ତୁମକୁ ସ୍ମରଣ କରୁଛି । ଧାଡ଼ି ୩: କାମ୍ୟ ବସ୍ତୁ ଲାଭ ରୂପକ ଡ଼ଙ୍ଗାରେ ତୁମେ ଗଜାନନ ନାଉରୀ ପରି ପ୍ରତିନିଧିତ୍ୱ କର । ଧାଡ଼ି ୪: ମୋ କାମନା ପୂରଣ ପାଇଁ ସେ ନୌକାକୁ ଚଳାଅ । ଧାଡ଼ି ୫ - ଆଶା ରୂପକ ଜଳ ବର୍ଷି ଆଷାଢ଼ ମାସ ବର୍ଷା ପୃଥିବୀକୁ ତୋଷ କଲା ପରି ମୋ ମନକୁ ତୋଷ କର ।

ପଦ ୩- ଧାଡ଼ି ୧: ଉପାସ୍ୟ ଦେବ ସମୂହଙ୍କ ସ୍ୱାମୀ ଶିବତନୟ । ଧାଡ଼ି ୨: ତୁମର ଗଜ ମୁଣ୍ଡରେ ଦାନ୍ତ ଓ ଶୁଣ୍ଢ ଅତି ସୁନ୍ଦର । ଧାଡ଼ି ୩: ତୁମର କରରେ ମଙ୍ଗଳ ଦାୟକ ଲେଖନ ଓ ତାଳପତ୍ର ଖେଜା ବିଦ୍ୟମାନ । ଧାଡ଼ି ୪: ତୁମେ ତୁମ ଭକ୍ତମାନଙ୍କୁ ବାଞ୍ଛିତ ବର ପ୍ରଦାନ କର । ଧାଡ଼ି ୫: ଏହି ପୃଥିବୀରେ ତାହା ଜନଶ୍ରୁତିରେ ରହିଛି ଏଣୁ କରି ରାମକୀର୍ତ୍ତି (ରାମାୟଣ) ରଚନା ପାଇଁ ମନ ବଳାଇଲି ।

ପଦ ୪ -ଧାଡ଼ି - ୧: ହେ ଶିବପୁତ୍ର ତୁମେ ତତ୍ତ୍ୱଜ୍ଞାନର ଅଧିପତି । ଧାଡ଼ି ୨: ଶିବଙ୍କ ଔରସରୁ ତୁମେ ଜାତ ନ ହୋଇ ଶିବପୁତ୍ର ବୋଲି ଖ୍ୟାତି ଅର୍ଜନ କରିଛ । ଧାଡ଼ି ୩: ଦୁର୍ଗାଙ୍କ ତପସ୍ୟା କାଳରେ ତୁମ୍ଭେ ଦ୍ୱାର ନଛାଡ଼ିବାରୁ ଶିବଙ୍କ ସହିତ ତୁମ୍ଭର ସମର ହୋଇଥିଲା । ଧାଡ଼ି ୪: ସେଥିରେ ଶିବ ତୁମ୍ଭ ଶିର ଛେଦନ କରିଥିଲେ । ଧାଡ଼ି ୫ - ଦୁର୍ଗାଙ୍କ କଥା ରଖି ସେ କଟା ସ୍ଥାନରେ ଗଜ ମୁଣ୍ଡ ସଂଯୋଗକରି ପୁନର୍ଜୀବନ ଦେଇଥିଲେ ।

Digitized by PPRACHIN, SOA

'ଈ'

ଈଶାନସୁତ ବିଦ୍ୟା ଅଧୀଶ୍ୱର   **ଈ**ଶାନ ବିନା ଉପୁତ୍ତି ତୁମର
ଈଶାନୀ ତପରେ ଜଗିଲ ଦ୍ୱାର   **ଈ**ଶାନଙ୍କ ସଙ୍ଗେ ହେଉ ସମର
ଈଶାନ ନାଶିଲେ, **ଈ**ଶାନୀ ବାକ୍ୟେ ଜୀବଦାନ ଦେଲେ ।୪।

'ଉ'

ଉପମା ବର୍ଣ୍ଣିବା ମୋ ଶକ୍ତି କାହିଁ   **ଉ**ଷା ରଚନାରୁ ଏଣୁ ବନ୍ଦଇ
ଉତ୍ତମ ମନରେ କରିଲେ ଘେନା   **ଉ**ତ୍ତମେ ପୂରଣ ହେବ ବାସନା
ଉତ୍ତମ ପଣ୍ଡିତେ, **ଉ**ତ୍ତମ ଭାବ ଘେନିବେ ସୁଚିତ୍ତେ ।୫।

'ଊ'

ଊର୍ଦ୍ଧ୍ୱରେତା ବଂଶୀ ହେ ବକ୍ରତୁଣ୍ଡ   **ଊ**ର୍ଦ୍ଧ୍ୱଶ୍ୱାସ ନାଶ ସଂଯୋଗୁ ମୁଣ୍ଡ
ଊର୍ଦ୍ଧ୍ୱତନ ପଦ ଦେଉଁ ଦେବେଶ   **ଊ**ର୍ମି ପରାୟେ ଘୋଟିଲା ସୁହର୍ଷ
ଊର୍ଦ୍ଧ୍ୱ ପଦବୀ ରେ, **ଊ**ର୍ଜଃ ପ୍ରକାଶ କରିଲ ରସାରେ ।୬।

'ଋ'

ଋଷଭଧ୍ୱଜ ସୁତ ଏଣୁ ଚିନ୍ତେ   **ଋ**କ୍‌ବେଦ ଆଦି ସୁଜ୍ଞାନ ନିମନ୍ତେ
ଋକ୍ଟୁ ରେ ସୁପଦ କରିଲେ ଦାନ   **ଋ**କ୍ଟୁରେ ହୋଇବ ତାହା ରଚନ
ଋତ୍ୱିକ ହୋଇବି, **ଋ**କ୍‌ଥ ଲୋଡ଼ା ନାହିଁ, ମୁଁ ନ ମାଗିବି ।୭।

ପଦ ୫-ଧାଡ଼ି ୧ : ରଚିତ ରାମାୟଣ କଥାବସ୍ତୁରେ ତୁଳାତ୍ମକଭାବେ ଦୋଷ,ଗୁଣ କଥା ବ୍ୟାଖ୍ୟା କରିବାକୁ ମୋର ସାମର୍ଥ୍ୟ ନାହିଁ । ଧାଡ଼ି ୨ : ଗ୍ରନ୍ଥ ରଚନା ପୂର୍ବରୁ ସେହି କାରଣରୁ ମୁଁ ତୁମ୍ଭର ସ୍ତୁତି କରୁଅଛି । ଧାଡ଼ି -୩ : ଏହା ଶ୍ରେଷ୍ଠ ହୃଦୟରେ ଗ୍ରହଣ କର । ଧାଡ଼ି ୪ : ଉପାଦେୟ ଭାବେ ମୋର କାମନା ସମ୍ପୂର୍ଣ୍ଣ ହେବ । ଧାଡ଼ି ୫ : ଭଲ ପ୍ରାଦେଶିକ ଭାଷା ସାହିତ୍ୟ ପାରଦର୍ଶୀ ଉପାଦେୟର ଗୂଢ଼ଅର୍ଥ ଗୁଡ଼ିକ ଉତ୍କୃଷ୍ଟ ମନରେ ପ୍ରଦାନ କର ।

ପଦ ୬- ଧାଡ଼ି ୧ : ହେ ଯୋଗେଶ୍ୱର ଶିବ ବଂଶଜ ଗଣନାଥ । ଧାଡ଼ି ୨ : ତୁମ୍ଭ ଶରୀରରେ ମୁଣ୍ଡ ଯୋଗ କରିବାରୁ ତୁମ୍ଭର ପ୍ରାଣବାୟୁ ଫେରିଲା । ଧାଡ଼ି ୩ : ତୁମକୁ ଉଚ୍ଚ ଗଣ ଥ ପଦ ଇନ୍ଦ୍ର ପ୍ରଦାନ କଲେ । ଧାଡ଼ି ୪ : ସେଥିରେ ଲହରୀ ପରି ଆନନ୍ଦ ଖେଳିଗଲା । ଧାଡ଼ି ୫ : ସ୍ୱର୍ଗ ଉପାଧିରେ ପୃଥିବୀରେ ତୁମେ ତେଜ ପ୍ରଦର୍ଶନ କଲ ।

ପଦ ୭- ଧାଡ଼ି ୧ : ମୁଁ ବୃଷଭ ଆରୋହଣ କାରୀ ମହାଦେବଙ୍କ ପୁତ୍ର ବିନାୟକଙ୍କୁ ରାମାୟଣ ରଚନା ପାଇଁ ଡ଼ାକୁଛି । ଧାଡ଼ି ୨ : ତୁମେ ଋକ୍,ଯଜୁଃ, ସାମ୍, ଅଥର୍ବ ବେଦର ଉତ୍ତମ ପରମ ତତ୍ତ୍ୱ ଦାନକର । ଧାଡ଼ି ୩: ସଳଖରେ ଏହା ଉତ୍କୃଷ୍ଟ ଗୀତ କବିତା ହେଉ । ଧାଡ଼ି ୪ : ସରଳରେ ଗ୍ରନ୍ଥ ଗ୍ରନ୍ଥନ ହେଉ । ଧାଡ଼ି ୫ . ମୁଁ କେବଳ ତାର ପୁରୋଧା ହେବି ମୋର ଧନ ସମ୍ପତି ଲୋଡ଼ା ନାହିଁ କି କେବେ ମାଗିବି ନାହିଁ ।

Digitized by PPRACHIN, SOA

ରାମଚନ୍ଦ୍ରଙ୍କ ବନ୍ଦନା

(ରାଗ-ରଷିକୁଲ୍ୟା)

(ଶ୍ରୀ ଠାରୁ 'କ' ପର୍ଯ୍ୟନ୍ତ)

ଛାନ୍ଦ - ୨

(ବିଭୂଷଣ ପୁଷ୍ପେ ଯା'କାନ୍ତି ଜାଣ ବୃନ୍ତେ)

ଶ୍ରୀ

ଶ୍ରୀ ବ୍ରହ୍ମା ଇନ୍ଦ୍ର ସେ ସର୍ବ ଦେବତା ଶ୍ରୀ ବିନାଶନରେ କରନ୍ତେ ଚିନ୍ତା

ଶ୍ରୀ ବରଜି ଯାଉଁ କ୍ଷୀରାବ୍ଧି କୂଳେ ଶ୍ରୀ ବଧେ ଉପୁଜି ହେଲ କୋଶଳେ ଯେ

ଶ୍ରୀ ବଧେ ରତ୍ୱିକ ହେଲେ ହେ !

ଶ୍ରୀ ସମାନ ମଣି ନାଶି ଅସୁରୁଣୀ ବିଶ୍ୱାମିତ୍ର ସଙ୍ଗେ ଗଲ ହେ ।୧।

ପୃ

ପୃ କନ୍ୟାର ସ୍ୱୟଂବରେ ଗମନ ପୃ କନ୍ୟା ବରଣେ ଧନୁ ଭାଙ୍ଗିଣ

ପୃ ପତି ଆଦେଶେ ଧରିଣ ଆଳି ପୃ କନ୍ୟା ବରନ୍ତେ ପକାଇ ମାଳି ଯେ

ପୃ ପତି ଜାମାତା ହେଲ ହେ !

ପୃ କନ୍ୟା ସଙ୍ଗରେ ବିପଥେ ରଙ୍ଗରେ ପରଶୁ ଦର୍ପ ହରିଲ ହେ ।୨।

'ଏ'

ଏତେ ଐଶ୍ୱର୍ଯ୍ୟକୁ ତୁମେ ତେଜିଣ ଏ କୋଶଳ ଦେଶୁ ଚଳିଲ ବନ

ଏଣୁ ଦଶରଥ ନାମକୁ ଘୋଷି ଏକାକୀ ଶୟନେ ପରାଣ ନାଶି ସେ

ଏ ଯା' ଧାତା ମନ୍ଦକୃତ୍ୟ ଯେ !

ଏକାଗଲ ବନେ, ଲକ୍ଷ୍ମଣ ଗମନେ ସୀତା ହରିନେଲା ଦୈତ୍ୟ ଯେ ।୩।

ପଦ ୧ - ଧାଡ଼ି ୧ : ଶିବ,ବ୍ରହ୍ମା, ଇନ୍ଦ୍ରଙ୍କ ସହିତ ଦେବତା ମାନେ । ଧାଡ଼ି ୨ : ଦୈତ୍ୟ ରାବଣ ବିନାଶ ପାଇଁ ଚିନ୍ତା କଲେ । ଧାଡ଼ି ୩: ସ୍ୱର୍ଗପୁର ଛାଡ଼ି କ୍ଷୀର ସମୁଦ୍ର କୂଳ କୁ ଯିବାରୁ । ଧାଡ଼ି ୪ : ଦୈତ୍ୟ ରାବଣ ବଧ ପାଇଁ ନାରାୟଣ ଅଯୋଧ୍ୟାରେ ମାନବ ରୂପେ ଜନ୍ମ ନେଲେ । ଧାଡ଼ି ୫: ଅସୁର ବଧ ରଣ ଯଜ୍ଞରେ ପୁରୋଧା ହେଲେ । ଧାଡ଼ି ୬: ସ୍ୱର୍ଗ ସୁଖ ଭାବି ତାଡ଼କା ଅସୁରୀ ବଧ ପାଇଁ ବିଶ୍ୱାମିତ୍ରଙ୍କ ସହିତ ଗମନ କଲେ ।

ପଦ ୨ - ଧାଡ଼ି ୧ : ପୃଥିବୀ ଝିଅ ସୀତା ସ୍ୱୟମ୍ବରକୁ ଗଲେ । ଧାଡ଼ି ୨ : ସୀତାଙ୍କ ପାଇଁ ଧନୁ ଭଗ୍ନ କଲେ ପୃଥିବୀ ପତି ଜନକ ନିର୍ଦ୍ଦେଶରେ ସୀତା ଦାସୀମାନଙ୍କ ସହିତ ଆସିଲେ । ଧାଡ଼ି ୪: ରାମଚନ୍ଦ୍ରଙ୍କୁ ସୀତା ପତି ରୂପେ ବରଣ କଲେ । ଧାଡ଼ି ୫: ମିଥିଳ୍ୟା ପତି ଜନକଙ୍କର ଜାମାତା ହେଲେ । ଧାଡ଼ି ୬: ସୀତାଙ୍କ ସହିତ ଫେରିବା ସମୟରେ ବନପଥରେ ପର୍ଶୁରାମଙ୍କ ଗର୍ବ ଗଞ୍ଜନ କଲେ ।

ପଦ ୩-ଧାଡ଼ି ୧ : ଥିବା ବିଭୂତିକୁ ଛାଡ଼ି । ଧାଡ଼ି ୨ : ତୁମେ ଅଯୋଧ୍ୟାରୁ ବନକୁ ଗଲ । ଧାଡ଼ି ୩: ସେଥିପାଇଁ ପିତା ତୁମ ନାମକୁ ସ୍ମରଣ କରି ପ୍ରାଣତ୍ୟାଗ କଲେ । ଧାଡ଼ି ୪: ବିଧାତା ଯାହା ଏକଥା ଘଟାଇଲା ତାହା ତାର ମନ୍ଦକର୍ମ । ଧାଡ଼ି ୫: ଏତେ ମୃଗ ପଛରେ ତୁମେ ଗଲ । ଧାଡ଼ି ୬: ତୁମ ପଛରେ ଲକ୍ଷ୍ମଣ ଯିବାରୁ ରାବଣ ସୀତାଙ୍କୁ ନେଇ ଚାଲିଗଲା ।

Digitized by PPRACHIN, SOA

ରଘୁକୁଳ ତିଳକ ପ୍ରଭୁ ଶ୍ରୀ ରାମଚନ୍ଦ୍ର

Digitized by PPRACHIN, SOA

‘ଐ’

ଐତିହ୍ୟ ରଖି କରିବି ରଚନା ଐତିହାସିକ କଥା ଯାହା ଜଣା
ଐଶ୍ୱର୍ଯ୍ୟ ଭୋଗରେ ନାହିଁ ମୋ ମନ ଐହିକ ପାଇଁ କି କରନ୍ତୁ ଦାନ
ଐଶ୍ୱର୍ଯ୍ୟ ପଦ ସୁସଞ୍ଚେ ଯେ !
ଐଶ୍ୱର୍ଯ୍ୟ ପ୍ରଦାନୀ ହେବ ଭକ୍ତି ଘେନି ଏହା ମୁଁ ସୁମନେ ପାଞ୍ଚେ ଯେ ।୪।

‘ଓ’

ଓଜଶୀଳ ହେ ତୁମ୍ଭ ପ୍ରସାଦରେ ଓଷା କଲି ତୁମ୍ଭ କୀର୍ତ୍ତି ପ୍ରଚାରେ
ଓଜସ୍ୱିନୀ ଏହି କବିତା ହେଉ ଓଲଟ ପାଲଟ ନ କର ଆଉ ହେ
ଓଖ ଭାଙ୍ଗ,ନ ପରଖ ହେ
ଓଢ଼ଣୀ ଘୋଡ଼ାଇ ପଦ କହିଦେଇ ଏ କାବ୍ୟ ମହତ୍ୱ ରଖ ହେ ।୫।

‘ଔ’

ଔଦ୍ଧତ୍ୟ ପଣ ନୁହେଁ ଏହା ମୋର ଔଦାସିନ୍ୟ ଯୁକ୍ତ ଚିତ୍ତେ ବିଚାର
ଔପପତ୍ତି କରେ ପ୍ରମାଣ ପାଇଁ ଔତ୍ସୁକ୍ୟେ ମନ ପ୍ରାଣେ ଚିନ୍ତଇ ହେ
ଔଷଧ ଯା’ ମୋ ବ୍ୟାଧିର ହେ
ଔଚିତ୍ୟେ ପ୍ରଦାନୀ ହେଲେ ପ୍ରଭୁଦାନୀ କୀର୍ତ୍ତି ରହିବ ରସାର ହେ ।୬।

‘କ’

କରୁଣାକର ହେ ସୁଗ୍ରୀବ ମିତ୍ର କଲ କାଣ୍ଡକରେ କପୀନ୍ଦ୍ର ହତ
କପିସେନା ନେଇ ବାନ୍ଧିଲ ବନ୍ଧ କରୁଣାଦାନେ ନାଶି ଦଶକନ୍ଧ ଯେ
କରୁଣା ବିସ୍ତାର କଲ ହେ
କହିଣଥିଲ ଯା’ ବିଭୀଷଣେ ରାଜା କରିବା ପାଇଁ କରିଲ ହେ ।୭।

ପଦ ୪- ଧାଡ଼ି ୧: ପୂର୍ବରୁ ଚଳିଆସୁଥିବା ପ୍ରାମାଣିକ ଉପଦେଶ ତଥ୍ୟ । ଧାଡ଼ି ୨: ଇତିହାସରେ ଯାହା ସ୍ଥାନ ପାଇବା ଯୋଗ୍ୟ । ଧାଡ଼ି ୩: ଧନ, ସମ୍ପତ୍ତି ପ୍ରଭୁତ୍ୱ ବିଳାସରେ ମୋର ଇଚ୍ଛା ନାହିଁ । ଧାଡ଼ି ୪: ଏହି ସମୟ ପାଇଁ ଯାହା ଲୋଡ଼ା । ଧାଡ଼ି ୫: ଈଶ୍ୱରତ୍ୱ ପଦ । ଧାଡ଼ି ୬: ସୁନ୍ଦର ଭାବରେ ତାହା ଦେବାକୁ ମୁଁ ବିଚାର କରୁଛି ।

ପଦ ୫- ଧାଡ଼ି ୧: ହେ ମର୍ଯ୍ୟାଦା ପୁରୁଷ ତୁମ୍ଭ ଅନୁଗ୍ରହରୁ । ଧାଡ଼ି ୨: ତୁମ୍ଭ ଯଶ ଗାନ ପାଇଁ ବ୍ରତ କଲି । ଧାଡ଼ି ୩: ତାହା ତେଜବାନ କବିତା ହେଉ । ଧାଡ଼ି ୪: ବଦଳା ବଦଳି କର ନାହିଁ । ଧାଡ଼ି ୫: ପରୀକ୍ଷା କରନାହିଁ । ଧାଡ଼ି ୬: ପଣତ (ବେଢ଼ାଣ) କାନୀ ଘୋଡ଼ାଇ ପଦ କହି ଏ କାବ୍ୟର ମର୍ଯ୍ୟାଦା ରକ୍ଷା କର

ପଦ ୬-ଧାଡ଼ି ୧: ଏହା ମୋର ବଡ଼ିମା ପ୍ରତିଷ୍ଠାପଣ ନୁହେଁ । ଧାଡ଼ି ୨: ଅନାସକ୍ତ ଭାବେ ତୁମେ ବିଚାର କର । ଧାଡ଼ି ୩: ତୁଳନାତ୍ମକ ଭାବେ ଯୁକ୍ତି ଦ୍ୱାରା ସିଦ୍ଧାନ୍ତର ପ୍ରମାଣ ପାଇଁ । ଧାଡ଼ି ୪: ମୁଁ ଉତ୍କଣ୍ଠା ଭାବେ ଅନ୍ତଃକରଣରେ ଭାବୁଛି । ଧାଡ଼ି ୫: ମୋର ମନଭାବ ରୂପକ ରୋଗ ଦୂର ପାଇଁ ଔଷଧ ଯାହା ତାହାକୁ । ଧାଡ଼ି ୬: ଯଥାର୍ଥ ଭାବେ ବିତରଣ କଲେ ଦାତାଭାବେ ଧରାରେ ଯଶ ରହିବ ।

ପଦ ୭- ଧାଡ଼ି ୧: ହେ ଦୟା ସାଗର ସୁଗ୍ରୀବ ବନ୍ଧୁ ରାମଚନ୍ଦ୍ର । ଧାଡ଼ି ୨: ଗୋଟିଏ ଶରରେ ଆପଣ ବାଳୀପରି ବୀରକୁ ମାରିଛନ୍ତି । ଧାଡ଼ି ୩: ମର୍କଟ ସେନାଙ୍କ ଦ୍ୱାରା ସିନ୍ଧୁରେ ବନ୍ଧ ବାନ୍ଧିଛନ୍ତି । ଧାଡ଼ି ୪: ଅନୁଗ୍ରହ ପୂର୍ବକ ଦଶକଣ୍ଠକୁ ଛେଦନ କରି । ଧାଡ଼ି ୫: ଯଶ ବୃଦ୍ଧି କଲେ । ଧାଡ଼ି ୬: ତୁମେ କହିଥିବା ମତେ ବିଭୀଷଣଙ୍କୁ ରାଜା କଲ ।

Digitized by PPRACHIN, SOA



ସଂହାରକର୍ତ୍ତା ପ୍ରଭୁ ବାମଦେବ

Digitized by PPRACHIN, SOA

ବାମଦେବଙ୍କ ବନ୍ଦନା

(ରାଗ-ଖଣ୍ଡିତା) ('ଖ' ଠାରୁ 'ଙ' ପର୍ଯ୍ୟନ୍ତ)

ଛାନ୍ଦ - ୩

(ସୀତାଚୋରୀ ବୃତ୍ତେ)

'ଖ'

ଖଣ୍ଡ ପରଶୁ ହେ ପ୍ରଭୁ ଖଣ୍ଡ ଚନ୍ଦ୍ରଧର　　**ଖ**ଣ୍ଡ ପରଶୁରେ ଖଣ୍ଡ ବିପତ୍ତି ମୋହର
ଖର୍ଗ ନାଶି ହେ,
ଖଇରାତି କର ପଦ ଆସି ହେ ।୧।

'ଗ'

ଗଙ୍ଗାଧର ଗଣ୍ଠିଲିରୁ ଗଣ୍ଡେ ଦାନ ଦେବ　　**ଗ**ଣ୍ଡେ ପାଉଁ ଗଣ୍ଡ ମୂର୍ଖ ଗରିମା ବଢ଼ିବ
ଗଣ୍ୟମାନ୍ୟ ହେ,
ଗଦ୍‌ଗଦେ ଗତି କରିବ ଦୀନ ହେ ।୨।

'ଘ'

ଘଟିବା ଘଟଣା ଘେନି ବନ୍ଦନ କରଇ　　**ଘ**ନବାରି ବର୍ଷି ଘନ ପଦ ଦାନ ପାଇଁ
ଘନ ଅଳି ହେ,
ଘନ ଘନ ଚିନ୍ତେ ଚନ୍ଦ୍ର ମୌଳି ୪ ହେ ।୩।

'ଙ'

ଙ କଲି ଏ ରଚନାରେ ଯେଣୁ ସଦାଚିନ୍ତି　　**ଙ** ଏଣୁ କର ଦେଇ ରାମ ରସାମୃତ
ଙ ଏ ଘେନ ହେ,
ଙ ରେ ସୁପଦ କର ଦାନ ହେ ।୪।

ପଦ ୧- ଧାଡ଼ି ୧: ହେ ଖଣ୍ଡ ଚନ୍ଦ୍ର ଧାରଣକାରୀ ଶିବ । ଧାଡ଼ି ୨: ତୁମେ ଧାରଣ କରିଥିବା ଖଣ୍ଡ ପରଶୁରେ ମୋର ରାମାୟଣ ରଚନା ରୂପକ ବିପତ୍ତିକୁ କାଟି ପକାଅ । ଧାଡ଼ି ୩: ଅଭିମାନକୁ ଛାଡ଼ । ଧାଡ଼ି ୪: ଆବଶ୍ୟକ ପଦଦାନ ନିମନ୍ତେ ଆଗମନ କର । ପଦ ୨-ଧାଡ଼ି ୧: ହେ ଗଙ୍ଗା ଧାରଣ କର୍ତ୍ତା ଶିବ । ଧାଡ଼ି ୨: ତୁମ ବୁକୁଚାରୁ ଅଳ୍ପ କିଛି ବିଦ୍ୟା ରୂପକ ଧନ ପ୍ରଦାନ କର । ତାହା ପାଇଲେ ନିର୍ବୋଧ ଅନଭିଜ୍ଞର ମହିମା ବର୍ଦ୍ଧିତ ହେବ । ଧାଡ଼ି ୩: ଉଲ୍ଲେଖଯୋଗ୍ୟ ଭାବେ ସମାଜରେ ଯଶ ଲାଭ କରିବ । ଧାଡ଼ି ୪: ସେଥି ପାଇଁ ଅର୍ଦ୍ଧସ୍ଫୁଟ କଣ୍ଠସ୍ୱରେ ଯାତ୍ରା କରିବ ଏ ନିସମ୍ବଳ ଅଭାବଗ୍ରସ୍ତା ।
ପଦ ୩-ଧାଡ଼ି ୧: ଘଟିବା ସଙ୍ଗଠିତ ବ୍ୟାପାର ନିମନ୍ତେ ମୁଁ ପୂଜା କରୁଛି । ଧାଡ଼ି ୨: ନିବିଡ଼ ଜଳବର୍ଷା ପରି ଗାଢ଼ ପଦ ଦାନ କଲେ ତାହା ପୂରଣ ହେବ । ଧାଡ଼ି ୩: ମୁଁ ଘଞ୍ଚ ଭାବେ କଟାଳ କରି । ଧାଡ଼ି ୪ : ବାରମ୍ବାର ଭାବନା କରୁଛି ।
ପଦ ୪ - ଧାଡ଼ି ୧ : ମୁଁ ସ୍ପୃହା କରି ଏହି ରାମାୟଣ କଥା । ଧାଡ଼ି ୨: ରାମାୟଣ ଲେଖିବା ପାଇଁ ଇଚ୍ଛା କରୁଛି ଯେହେତୁ ତୁମେ ସବୁ ସମୟରେ ସେହି ବିଷୟରେ ମନକୁ ଚାଳନା କର । ଧାଡ଼ି ୩: ସେହି ରାମାୟଣ କଥା କହି ତୁମେ ମୋତେ ଧନା କର । ଧାଡ଼ି ୪: ମୁଁ କହିବା କଥା ଗ୍ରହଣ କରି ଅନୁଗ୍ରହ ପୂର୍ବକ ଶ୍ରେଷ୍ଠ ପଦ ଦାନ କର ।

Digitized by PPRACHIN, SOA

'ଚ'

ଚଞ୍ଚଳ ଚଞ୍ଚଳ ଚନ୍ଦ୍ରଚୂଡ଼ ରିଷ୍ଟନାଶ ଚରଚା ଚରିତଚରୁ ଚାଖୁ ଆତ୍ମାତୋଷ
ଚତୁଃବର୍ଗ ହେ,
ଚରିତ ରଚନୁ, ଚିତ୍ତେ ଭୋଗ ହେ ।୫।

'ଛ'

ଛନ୍ଦ ନ ରଖ ଛଇଳ ମୂର୍ତ୍ତି ମୋହଠାରେ ଛନଛନ ମନେ ଛକାପଞ୍ଝାରେ ମୁଁ ସ୍ମରେ
ଛନ୍ଦ ଛାଡ଼ି ହେ,
ଛପିବା ଛନ୍ଦ ବତାଅ କାଢ଼ି ହେ ।୬।

'ଜ'

ଜଗତରେ ମୃତ୍ୟୁଞ୍ଜୟ ଯେ ଜଗତ ପିତା ଜଗତ ଉତ୍ପତ୍ତି ସ୍ଥିତି ଯେ ସଂହାର କର୍ତ୍ତା
ଜଗଦୀଶ ସେ,
ଜ ବର୍ଣ୍ଣେ ରୁଦ୍ରଙ୍କ ଜପ ଶେଷ ଯେ ।୭।

ପଦ ୫ - ଧାଡ଼ି ୧ : ହେ ଚନ୍ଦ୍ରଶେଖର ଶୀଘ୍ର ମୋର ଅସ୍ଥିରତା ରୂପକ ରିଷ୍ଟକୁ ଖଣ୍ଡନ କର । ଧାଡ଼ି ୨ : ଏହି ଆଲୋଚନା କଥା ଦେବ ଭୋଜ୍ୟ ଯଜ୍ଞ ପାୟସ ତୁଲ୍ୟ ମୁଖ ଭୋଗ କରୁ । ହୃଦୟ ସନ୍ତୋଷ ହେଉ । ଧାଡ଼ି ୩: ଧର୍ମ,ଅର୍ଥ, କାମ,ମୋକ୍ଷ ଚତୁଃବର୍ଗ ଫଳ । ଧାଡ଼ି ୪: ରାମାୟଣ ରଚନାରୁ ପ୍ରାପ୍ତ ହେଉ, ଅନ୍ତଃସ୍କରଣ ଶୁଦ୍ଧ ହେଉ ।
ପଦ ୬- ଧାଡ଼ି ୧ : ହେ ସୁନ୍ଦର ସାକାର ଦେବତା ମୋ ଠାରେ ଛଳନା କର ନାହିଁ । ଧାଡ଼ି ୨ : ଆଶଙ୍କା ମନରେ ସତର୍କତା ସହିତ ମୁଁ ସ୍ମରଣ କରୁଅଛି । ଧାଡ଼ି ୩: କପଟ ଛାଡ଼ । ଧାଡ଼ି ୪: ଲୁପ୍ତ ହୋଇଥିବା 'ପଞ୍ଚମ ବେଦ 'ରାମାୟଣ ବାହାର କରି ପଦ ଦାନ କର । ପଦ ୭- ଧାଡ଼ି ୧: ଏ ବିଶ୍ୱରେ ତୁମ୍ଭେ ମରଣଜୟୀ ଭାବରେ ପରିଚିତ । ଧାଡ଼ି ୨ : ଆଉ ମଧ ଏ ବିଶ୍ୱ ବ୍ରହ୍ମାଣ୍ଡର ପିତା । ଧାଡ଼ି ୩: ପ୍ରାଣୀ ଜଗତ ତୁମଠାରୁ ଉତ୍ପତ୍ତି, ତୁମେ ମଧ ସୃଷ୍ଟି ପାଳକ ଓ ଧ୍ୱଂସକର୍ତ୍ତା ଏଣୁ ଆପଣ ପରମେଶ୍ୱର ଅଟନ୍ତି । ପଦ ୪: ତୁମର ବନ୍ଦନା ଶେଷରେ 'ଜ' ଅକ୍ଷର ଆଦ୍ୟରେ ନ୍ୟାସ କରି ତୁମ ନାମକୁ ଆବୃତ୍ତି କରୁଛି ।

- ଶ୍ଳୋକ -

ଅହଲ୍ୟା ଚବୟଃ କି ଜ୍ଞାନ ଧୀବର ବିଦ୍ୟା ନିସାଦ୍‌ସ୍ୟକା ।
କୋଜୀବ ବିହଗାଃ କ୍ରୋଧନଂ ଗୋପାଳ କିଂ ତତ୍ ଶବରୀ ବଂଶ ।।
ବାନର କି ବଳୋଃ ଅହୋରଘୁପତେ ସୁଗ୍ରୀସ୍ୟ କି ପୌରୁଷ ।
ଭକ୍ତ୍ୟା ତୁଷ୍ୟତି କେବଳ ନଚଗୁଣୈଃ ଭକ୍ତିପ୍ରିୟ ରାଘବ ।

Digitized by PPRACHIN, SOA

ବୀଣାପାଣିଙ୍କ ବନ୍ଦନା

(ରାଗ-ଝଙ୍କାର କାମୋଦୀ)

('ଝ' ଠାରୁ 'ଣ' ପର୍ଯ୍ୟନ୍ତ)

ଛାନ୍ଦ - ୪

'ଝ'

ଝଟ ଝଟ ବରନୀ, ଝଟକ ସୁଲୋଚନୀ, ଝଟତି ଘେନ ମୋ ଦଇନି
ଝଣ ଝଣା କିଙ୍କିଣୀ, ଝମ୍ପା ନୂପୁର ଧ୍ୱନି, ଝମକାଉଛି ଏ ଅବନୀ
ଝଣ ଝଣା ଗୋ
ଝରଣାଝର ତୋ ଆଶିଷ, ଗୋ' ଝଣ ଝଣା ଝଗଡ଼ା କରେ ଏଣୁ ଦାସ, ଗୋ' ଝଣଝଣା ।
ଝଙ୍କାର ପଦମାନ, ଝଳାଇ କଲେ ଦାନ, ଝଟତି ଗ୍ରନ୍ଥ ହେବ ଶେଷ, ଗୋ ଝଣଝଣା ॥୧।

'ଞ'

ଞ ଶବ୍ଦ ତୋ ସ୍ୟନ୍ଦନ, ଞ ଶବ୍ଦେ ଚଳୁଘନ, ଞ ଦେବ ପରି ମୋ ବନ୍ଦନା
ଞମେ ଘେନ ନକଷ, ଞମ ଶୃଙ୍ଗାର ରସ, ଞମେ ମୋ ହୋଇଲେ ରଚନା
ଞମ ମତେ ମା
ଞ ମେ ନ ହେବ ବାଦ ଭେଦ, ମା, ଞମ ମତେ, ଞମେ ତା ଭବେ ହେବ ବେଦ,ମା,ଞମ ମତେ
ଞମେ ରତନ ବେଶୀ, ନରକ ତାପ ନାଶି, ଞମେ ବିଘ୍ନକୁ କର ଛେଦ, ମା ଞମ ମତେ ।୨।

ପଦ ୧ - ଧାଡ଼ି ୧ : ତେଜୀୟାନ ଦୀପ୍ତିଶାଳି ସୌନ୍ଦର୍ଯ୍ୟ ସୁନ୍ଦର ନୟନା ଶୀଘ୍ର ମୋ ନିବେଦନ ଗ୍ରହଣ କର । ଧାଡ଼ି ୨ : ତୋର ଧାତବ ଶବ୍ଦ ଘାଗୁଡ଼ିର ଲମ୍ଫନା ପଦ ଭୂଷଣର ଧ୍ୱନି ଏ ପୃଥିବୀକୁ ଚମକାଉଛି । ଧାଡ଼ି ୩: ମା ଦୁର୍ଗା । ଧାଡ଼ି ୪: ପର୍ବତରୁ ବହି ଆସୁଥିବା ଅସରନ୍ତି ଧାର ପରି ଭକ୍ତମାନଙ୍କ ପ୍ରତି ତୋର ଅସରନ୍ତି ଆଶିଷ ଝରିଆସେ ସେ ଆଶିଷ ପାଇଁ ଏ ଆଜ୍ଞାବହ ବିବାଦ କରୁଛି ॥ ଧାଡ଼ି ୫ : ବୈଷ୍ଣବ କବିଙ୍କ ବିଭକ୍ତି ଯୁକ୍ତ ଶବ୍ଦ ସମୂହକୁ ରସାଣି ବିତରଣ କର ଶୀଘ୍ର ଏପୁସ୍ତକ ରଚନା ଶେଷ ହେଉ ।

ପଦ ୨ - ଧାଡ଼ି ୧: ଘର୍ଘର ଶବ୍ଦ କରି ତୋର ରଥ ଚଳୁଅଛି, ରକ୍ଷଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପରି ମୋ ସ୍ତୁତି । ଧାଡ଼ି ୨: ତୁ ବିଧାନରେ ଗ୍ରହଣ କର, ପରୀକ୍ଷା କରନାହିଁ, ଶୃଙ୍ଗାର, ବୀର,କାରୁଣ୍ୟ, ଅଦ୍ଭୁତ, ହାସ୍ୟ, ଭୟାନକ, ବିବତ୍ସ, ରୌଦ୍ର, ଶାନ୍ତ ସହିତ ନବରସ ପୂର୍ବ ପ୍ରବନ୍ଧ ସିଦ୍ଧାନ୍ତ ମତେ ଲେଖାଯାଉ । ଧାଡ଼ି ୩: ବିଧାନରେ । ଧାଡ଼ି ୪: ଉତ୍ପତ୍ତି,ସ୍ଥିତି,ସଂହାର ସ୍ଥାନ ମାନଙ୍କରେ ଋକ୍,ସାମ୍,ଯଜୁଃ, ଅଥର୍ବ ବେଦ ପରି ହେଉ । ଧାଡ଼ି ୫: ବିଧାନରେ ତୁ ମଣି, ମାଣିକ୍ୟ, ମୁକ୍ତା,ବୈଦୂର୍ଯ୍ୟ, ଗୋମେଦ, ହୀରକ, ପ୍ରବାଳ, ପୁଷ୍ପରାଗ, ମରକତ, ନୀଳକାନ୍ତ ମଣିକୁ ଆଭୂଷଣ ହେଉ ମୃତ ପରେ ଭୋଗ ହେବାକୁ ଥିବା ଶାସ୍ତି (ଅନ୍ତର୍ଦାହ)କୁ ବିନାଶ କରୁ, ଅଶୁଭକୁ ଅନ୍ତରାତ୍ମାରୁ ଦୂର କର ।

Digitized by PPRACHIN, SOA

ବିଦ୍ୟାଦାତ୍ରୀ 'ମା' ବୀଣାପାଣି

Digitized by PPRACHIN, SOA

'ଟ'

ଟଳେ ନାହିଁ ପଲକ, ଟଳେ ଧୈର୍ଯ୍ୟ ବିବେକ, ଟଳନ୍ତେ ମନ ହୃଦ ଦକ

ଟମକ ବୀଣାସ୍ୱନ, ଟଳାଉ ମୋ ଆସ୍ଥାନ, ଟହକେ ସ୍ମରି ଦେଲି ଡ଼ାକ

ଟପେ ରାସ୍ତା ମା

ଟହଲେ ଆସି ରଖ ଆସ୍ଥା, ମା' ଟପେ ରାସ୍ତା ଟସର ପାଟେ ତୁ ସଜ୍ଜିତା, ମା' ଟପେ ରାସ୍ତା

ଟହଟହ ସୁହସା. ଟଳାଅ ମା' ନିରାଶା, ଟିକେ ବି ନ ହୁଅ ଲଜ୍ଜିତା, ମା, ଟପେ ରାସ୍ତା ।୩।

'ଠ'

ଠସା ଠସା କୁ ଭୟେ, ଠକାଠକି ଉପାୟେ, ଠକି ନ ପାରିବୁ ହୃଦୟେ

ଠକ ପଣ ନ କର, ଠଉରାଇ ଉଦ୍ଧର, ଠ' ପରି ଚିତ୍ତ ଘୂରୁ ଭୟେ

ଠଉରିଲି ଗୋ

ଠକିଲେ ପୁରାଣ ନ ହେବ, ଗୋ ଠଉରିଲି ଠଣାମାରି ଶମନ ନେବ, ଗୋ ଠଉରିଲି

ଠଣ ବର୍ତ୍ତୁଳା ନନୀ, ଠିକେଗୋ ଠାକୁରାଣୀ, ଠ ବର୍ଣ୍ଣେ ଭଣୁ ଘେନ ଭାବ, ଗୋ, ଠଉରିଲି ।୪।

'ଡ଼'

ଡ଼ମ୍ବରୁଧର ଯା,ରେ ଡ଼ଗରା ପରକାରେ, ଡ଼କାପକାନ୍ତି ନାରୀସହ ।

ଡ଼ରଲେ ତା' ଚରିତ, ଡ଼ରହୀନେ ରଚିତ, ହେବାକୁ ପଦ କହି ଦିଅ ।

ଡ଼କାବଜା ମା

ଡ଼ରଲେ ଉଡ଼ିବତୋ ଧ୍ୱଜା, ମା, ଡ଼କାବଜା ଡ଼ରି ଥରେ ସଦାମୋ ମଜ୍ଜା, ମାଡ଼କାବଜା

ଡ଼କାୟି ତୁଣୀ ନୁହଁ ଡ଼ଙ୍ଗା ଉଦ୍ଧରି ନିଅ, ଡ଼ର ସାଗରୁ ବାଜୁ ବାଜା ।୫।

ପଦ ୩-ଧାଡ଼ି ୧ : ମା ସରସ୍ୱତୀ ତୋତେ ଚାହିଁ ଚାହିଁ ମୋର ନେତ୍ରର ପଲକ ପଡ଼େ ନାହିଁ । ବିବେକ, ଦମ୍ଭ, ଧୈର୍ଯ୍ୟ ବନ୍ଧ ଭାଙ୍ଗିଗଲା ସ୍ଥିର ହୁଏ ନାହିଁ, ଅନ୍ତଃକରଣ (ମନ) ସ୍ଖଳନ ହୁଏ ହୃଦୟ ଶଙ୍କିତ ହୁଏ । ଧାଡ଼ି ୨: ନାଗରା ସପ୍ତତାର ବାଦ୍ୟ ଧ୍ୱନି ମୋର ଅବସ୍ଥିତି ଦୋହଲାଇ ଦେଉ ମନୋଜ୍ଞେ ମନେ ପକାଇ ଆହ୍ୱାନ କରୁଛି । ଧାଡ଼ି ୩: କାବ୍ୟ ସାଧନାର ଉପାୟ ଅତିକ୍ରମ କରୁଛି । ଧାଡ଼ି ୪: ତୁ ପଦରେ ଚାଲିଆସି ଦେଖାଦେଇ ବିଶ୍ୱାସ ରକ୍ଷା କର, ଖୋଷା ପୋକର ନାଲି ସୂତା ବସ୍ତ୍ରରେ ତୁ ବିଭୂଷିତ । ଧାଡ଼ି ୫: ହର୍ଷ ଧ୍ୱନି ପୂର୍ଣ୍ଣ ପ୍ରିତିକର ସହାସ୍ୟ ବଦନରେ ମୋର ଆଶା ଶୂନ୍ୟତା ଦୂର କର, ସାମାନ୍ୟ ଲଜ୍ଜା ନ ମିଳୁ ।

ପଦ ୪ - ଧାଡ଼ି ୧ : ଲୋକହସାକୁ ମୋର ବଡ଼ ଭୟ, କୌଶଳରେ ପ୍ରତାରଣା କରି ତୁ ମୋ ମନକୁ ପ୍ରତାରିତ କରି ପାରିବୁ ନାହିଁ । ଧାଡ଼ି ୨ : ପ୍ରତାରଣା କରିବାକୁ ବାଦି ପକାଅ ନାହିଁ, ଚିହ୍ନଟ କରି ପରିତ୍ରାଣ କର । ଚରମ ଅବସ୍ଥା ପରି ଡ଼ରରେ ମୋ ମନ ଘୂର୍ଣ୍ଣିତ ହୁଏ । ଧାଡ଼ି ୩: ମୁଁ ସମ୍ବୋଧନ କରି କହୁଛି ଦୃଢ଼ ହେଲି । ଧାଡ଼ି ୪: ତୁ ପ୍ରାତାରଣା କଲେ ଏ ରାମାୟଣରେ ପ୍ରାଚୀନ ପ୍ରସିଦ୍ଧ ଚରିତ ସ୍ଥାନ ପାଇ ପାରିବ ନାହିଁ । ଶେଷରେ ସେହି ପାପରୁ ଯମ ମୋତେ ବାଛି କରି ନେବ । ଧାଡ଼ି ୫: ହେ ଗୋଲାକାର କମନୀୟମୁଖୀ ମୁଁ ସଂକ୍ଷେପରେ କହି 'ଠ' ଅକ୍ଷରରେ ଶେଷ କରୁଛି । ତୁ ମୋର ଅଭିପ୍ରାୟ ପୂରଣ କର ।

(୫ ପଦର ଟୀକା ପର ପୃଷ୍ଠାରେ)

Digitized by PPRACHIN, SOA

'ଢ଼'

ଢ଼ ପରି ଭୁକେ ନିତି ଢ଼ଙ୍ଗ ବଦଳ ଚିନ୍ତି, ଢ଼ପ ମୋ ସର୍ବ ଖର୍ବ ହେଲା
ଢ଼ମ ନୁହେଁ ବଚନ, ଢ଼ଳ ଢ଼ଳ ନୟନ, ଢ଼ଳାଇ ନେତ୍ର ବାରେ ଅନା
ଢ଼ଳିଯିବ ମା
ଢ଼ଙ୍ଗେ ତୁ ହୋଇଲେ ପ୍ରସନ୍ନ, ମା ଢ଼ଳିଯିବ, ଢମ ନ ହେବ ଏ ପୁରାଣ, ମା, ଢ଼ଳିଯିବ
ଢ଼ଙ୍ଗେ ହେଉ ରଚନ, ଢ଼ମ କହିବା ଜନ, ଢ଼ଳିବେ ନିନ୍ଦା ନଗାଇଣ ।୬।

'ଣ'

ଣ ଶବ୍ଦ ବିପରୀତେ, ଣ ଅର୍ଥେ ଘେନ ଚିତ୍ତେ, ଣ ବର୍ଣ୍ଣେ ଖୋଜୁ ଶବ୍ଦ କାହିଁ
'ଣଷପୁ' ବଂଶଗାଧା 'ଣଷଭୁ' କଲେ ମଥା, 'ଣଷକ' ମୋ ରହିବ ନାହିଁ
ଣଶୁରେବା ମା
ଣ ବରା' ବଧିବାନ୍ଧି ଧ୍ୱଜା ମାଣଶୁରେବା ଣଷଭୀବି' ଯେ କଲେ ରାଜା, ମାଣଶୁରେବା
'ଣମାପ୍ରଅ' ୟା ନୁହେଁ, ଣରମ ଆଗୁଚାହେଁ, ଣରପୂ ହେଉ ନୋହୁ ଲଜ୍ଜା ।୭।

ପଦ ୫ - ଧାଡ଼ି ୧ : ଶିବ ଯେଉଁ ନାମକୁ ଉମାଙ୍କ ସହିତ ଆଜ୍ଞାକାରୀ ପରି ପ୍ରଚାର କରନ୍ତି । ଧାଡ଼ି ୨ : ମୁଁ ସୁନ୍ଦର ଭାବରେ ସେହି ରାମଚନ୍ଦ୍ରଙ୍କ ଜୀବନ କଥା ଅନିଷ୍ଟ ଆଶଙ୍କା ବିରହିତେ କଳ୍ପନା କରିବା ପାଇଁ ତୁମେ ବିଭକ୍ତିଯୁକ୍ତ ଶବ୍ଦ ବତାଇ ଦିଅ । ଧାଡ଼ି ୩: ମା ବିଦ୍ୟାଦାତ୍ରୀ ତୋର ସୁଖ୍ୟାତି ଜଗତ ବିଦିତ । ଧାଡ଼ି ୪ : ତୋର ଯଶ ପତାକା ସୁନ୍ଦର ଭାବେ ପୃଥିବୀ ସାରା ଉଡ଼ିବ । ଭୟ କରି ମୋର ଅସ୍ଥି ମଧ୍ୟସ୍ଥ ସ୍ନେହ ଜାତୀୟ ପଦାର୍ଥ ସର୍ବଦା କମ୍ପମାନ ହେଉଅଛି । ପଦ ୫: ଦସ୍ୟୁଚିତ୍ତ କାର୍ଯ୍ୟ କରନାହିଁ,ମୋର କାବ୍ୟ ରଚନା ରୂପକ ଢ଼ଙ୍ଗାକୁ ଚିନ୍ତା ସମୁଦ୍ରରୁ ପାର କର । ଜୟବାଦ୍ୟ ଭୟ ସମୁଦ୍ରରୁ ଧ୍ୱନିତ ହେଉ ।
ପଦ ୬ - ଧାଡ଼ି ୧ : ମୁଁ ପ୍ରତ୍ୟେହ କୁକୁର ପରି ପାଟି କରି କହୁଛି ତୁମର ରୀତି ପରିବର୍ତ୍ତନକୁ ଭାବନା କରି ମୋର ସବୁଗର୍ବ ହ୍ରାସ ହୋଇଗଲାଣି । ଧାଡ଼ି ୨ : ମୁଁ ଆଡ଼ମ୍ବରରେ ଏ କଥା କହୁନାହିଁ । ମୋର ଅଶ୍ରୁପୂର୍ଣ୍ଣ ନେତ୍ରକୁ ତୁମେ ତୁମ ନୟନରେ ଥରେ ଦେଖ । ମୋର କଷ୍ଟ ଦୂର ହୋଇଯିବ । ଧାଡ଼ି ୫: ପୂର୍ବ ପଦ୍ଧତିରେ ଏ ରାମାୟଣ ସୃଷ୍ଟି ହେଲେ ଅମୂଳକ ହେବ ନାହିଁ । ଲୋକମାନେ କୁତ୍ସା ନ ରଚି ପାଶକୁ ଆସିବେ ।
ପଦ ୭- ଧାଡ଼ି ୧ : ଯେଉଁ ପଦ ଆଦ୍ୟରେ 'ଣ' ଅଛି ତାକୁ ବିଲୋମ କରି ଅର୍ଥ ବୁଝିବାକୁ ହେବ । ଧାଡ଼ି ୨ : 'ପୁଷଣ' ବଂଶ କଥା ମଥାରେ ଭୂଷଣ କଲେ କଷଣ ଦୂର ହେବ । ଧାଡ଼ି ୩: ମା ବାରେ ଶୁଣ । ଧାଡ଼ି ୪ : ରାବଣ ବଧି ପ୍ରଭୁ ଯଶ ପତକା ବାନ୍ଧି ବିଭୀଷଣକୁ ରାଜା କଲେ । ଧାଡ଼ି ୫: ଏକଥା ଅପ୍ରମାଣ ନୁହେଁ । ମୁଁ ମରଣ ଆଗରୁ ମୋ କାମନା (ଗ୍ରନ୍ଥ ରଚନା) ପୂରଣ ହେବାକୁ ଚାହୁଁଛି, ଏହା ପୂରଣ କର ଲଜ୍ଜା ନ ରହୁ ।

Digitized by PPRACHIN, SOA

ଅମ୍ବିକାଙ୍କ ବନ୍ଦନା

(ରାଗ-ତଅପୋଇ) ('ତ' ଠାରୁ 'ଫ' ପର୍ଯ୍ୟନ୍ତ)

ଛାନ୍ଦ - ୫

'ତ'

ତପୋମୟୀ ମାତ, **ତ**ନ୍ତ୍ର ଶାସ୍ତ୍ରେ ରତ, **ତ**ପତ ହେମାଙ୍ଗୀ, ଶିବବାମା
ତବପଦ ସ୍ମରେ, **ତ**ରିବା ଆଶାରେ, **ତ**ଥ୍ୟଦାନେ ରଖ, ମା ଗାରିମା
ତତ୍ତ୍ୱଜ୍ଞାନ
ତତ୍ତ୍ୱେ କର ମା ତତ୍ତ୍ୱାବଧାନ ।୧।

'ଥ'

ଥନଥନ ନେତ୍ର, **ଥ**ନ୍ତରା ଏ ପୁତ୍ର, **ଥ**ବିର ବୟସ, ହେଲା ଆସି
ଥରେ ହେଲେ ଦିନେ, **ଥ**ମିଭୂତ ମନେ, **ଥ**ୟରେ ତୋ ନାମ, ନାହିଁ ଘୋଷି
ଥରେ ମଙ୍ଗା
ଥଟ୍ଟା ନୋହୁ ଧ୍ୱଜା ବାଜା ବଜା ।୨।

'ଦ'

ଦର୍ଶନ ବିହୀନ, **ଦ**ଗ୍‌ଧ ହୁଏ ମନ, **ଦ**ଣ୍ଡଧର ଭଣ୍ଡ, ଦଣ୍ଡ ଚିନ୍ତି
ଦଶଭୁଜା ଦଶ, **ଦ**ଶାନାଶେ ଆଶ, **ଦ**ମ୍ଭରେ ବନ୍ଦେ ମା, ଘେନ ଭକ୍ତି
ଦଫାଦଫା
ଦଣ୍ଡ ଆସେ ସ୍ମରେ କର ରଫା ।୩।

ପଦ ୧ -ଧାଡ଼ି ୧ : ମା ଅମ୍ବିକା ତୁ ଧର୍ମ ପରାୟଣା ଶିବଶକ୍ତି ପୂଜାର ବିଶାରଦା ତୋର ବର୍ଣ୍ଣ ସୂର୍ଯ୍ୟରଶ୍ମୀଠାରୁ ତେଜ ସୁବର୍ଣ୍ଣ ବର୍ଣ୍ଣ ଅଟେ । ଧାଡ଼ି ୨ : ମୋର ଗ୍ରନ୍ଥ ରଚନା (କାମ୍ୟ ବସ୍ତୁ ଲାଭ) ପାଇଁ ତୁ ନିଗୂଢ଼ ରହସ୍ୟ ଗୁଡ଼ିକ ମୋତେ ବିତରଣ କରି ବଡ଼ପଣିଆ ରକ୍ଷାକର । ଧାଡ଼ି ୩: ବ୍ରହ୍ମ ବିଷୟକ ଜ୍ଞାନ ଦେଇ । ଧାଡ଼ି ୪ : ଗୁରୁତ୍ୱପୂର୍ଣ୍ଣ ଭାବେ ପରିଚାଳନା କର ।
ପଦ ୨ -ଧାଡ଼ି ୧ : ଅଶ୍ରୁଭରା ନୟନରେ ତୋର ଏ ଅକର୍ମଣ୍ୟ ପୁତ୍ରର ଏବେ ଡ଼ାକୁଛି । ତାର ବୃଦ୍ଧ ବୟସ ହେଲାଣି । ଧାଡ଼ି ୨ : ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ ନିଶ୍ଚଳ ଭାବେ ସ୍ଥିରମନେ ତୋ ନାମରୁ ଅମ୍ବିକା ବୋଲି ଡ଼ାକିନାହିଁ । ଧାଡ଼ି ୩: ଏଣୁକରି ଅନ୍ତର କମ୍ପମାନ ହେଉଛି । ଧାଡ଼ି ୪ : ପରିହାସ ନ ହେବା ପରି ପଦଦାନ କରି ବାଦ୍ୟ ବାଦନ ଦ୍ୱାରା ଯଶ ପତାକା ଉଡ଼ାଅ ।
ପଦ ୩- ଧାଡ଼ି ୧ : ତୋର ସାକ୍ଷାତ ଅଭାବରେ ଯମର ଅବିଚାର ଯନ୍ତ୍ରଣାକୁ ଭାବି ମନ ପୋଡ଼ି ଯାଉଛି । ଧାଡ଼ି ୨ : ମା ଦୁର୍ଗା ମୋର ମାରକ କାଳ ଦୂର କରି ଇପ୍‌ସିତ ବସ୍ତୁ (ରାମାୟଣ ରଚନା) ର ପୂର୍ଣ୍ଣତା ପାଇଁ ଦୃଢ଼ତାର ସହିତ ତୋର ସ୍ତୁତି କରୁଛି । ତୁ ଗଭୀର ଅନୁରାଗରେ ତାହା ଗ୍ରହଣ କର । ଧାଡ଼ି ୩: ଭିନ୍ନ ଭିନ୍ନ ଭାବରେ । ଧାଡ଼ି ୪ : ଶାସ୍ତି ମିଳୁଛି ତୋତେ ଡ଼ାକୁଛି ତୁ ତାର ମୀମାଂସ କର ।

Digitized by PPRACHIN, SOA

ମହିଷାମର୍ଦ୍ଦିନୀ ମା ଅମ୍ବିକା

Digitized by PPRACHIN, SOA

'ଧ'

ଧରାରେ ଯା' ଦତ୍ତ, ଧନ ଦଉଲତ, ଧରମ ଅଛିକି ସେଥିଲେଶ ?
ଧରାଧରି କରି, ଧରମ ପ୍ରହରୀ, ଧରିନେବ ଧର୍ମ, ରାଜାପାଶ
ଧରମରେ
ଧର ଧର ମାତ ଡ଼ାକେ ଖରେ ।୪।

'ନ'

ନତ ଭାବେ ନିତି ନକ୍ତଂଦବା ମତି, ନ ଘେନ କିମ୍ପାଇ, ଅରଚନା
ନ କରିଲେ ଘେନା, ନଗେନ୍ଦ୍ର ନନ୍ଦନା, ନଗ୍ନ ହେବ କଷ୍ଟ, ଆରାଧନା
ନଷ୍ଟହେବ
ନ ଉଦ୍ଧରିଲେ କେ ଉଦ୍ଧରିବ ।୫।

'ପ'

ପଞ୍ଚାନନ ଜାୟା, ପଞ୍ଚମେ ସୁଦୟା, ପଞ୍ଚରତ୍ନ ପରା, ଏ ପୁରାଣ
ପଞ୍ଚୋପଚାର ବିଧି, ପଞ୍ଚାମୃତେ ଶୁଦ୍ଧି, ପଞ୍ଚଜ୍ଞାନେନ୍ଦ୍ରିୟେ, କରଦାନ
ପଞ୍ଚଭୂତ
ପଞ୍ଚ ଯଜ୍ଞେ ହେଉ ସମାହୃତ ।୬।

'ଫ'

ଫଳିତ ଜ୍ୟୋତିଷ, ଫଳଶ୍ରୁତି ଶେଷ, ଫନ୍ଦାରେ ରଚିଲି ଏ ପୁରାଣ
ଫଳାଫଳ ପାଇଁ, ଫନ୍ଦା ମୁଁ ମାଗଇ, ଫରକ ନ ହେଉ ମୋ ରଚନ
ଫଳାଫଳେ
ଫଜିତ ମା' ମିଳିବ ନ ହେଲେ ।୭।

ପଦ ୪- ଧାଡ଼ି ୧ : ଏ ପୃଥିବୀରେ ତୁ ଯାହା (ଧନ) ଟଙ୍କା, ସୁନା, ଐଶ୍ୱର୍ଯ୍ୟ ଅର୍ପଣ କରିଛୁ ସେଥିରେ ବିନ୍ଦୁଏ ମାତ୍ର ଧର୍ମ ନାହିଁ । ଧାଡ଼ି ୨ : ତାହାକୁ ହିସାବ କରି ଯମ ଦୂତମାନେ ଅନ୍ତିମ ସମୟରେ ବନ୍ଧନ କରି ଯମ ପାଶରେ ପହଞ୍ଚାଇବେ । ଧାଡ଼ି ୩: ତୋର କର୍ତ୍ତବ୍ୟ ଅନୁଯାୟୀ ତୁ ମୋତେ ରକ୍ଷା କର । ଧାଡ଼ି ୪ : ତୁ ମୋର ଏକମାତ୍ର ଭରସା । ମୁଁ ତୋତେ ଆର୍ତ୍ତ କଣ୍ଠରେ ଡ଼ାକୁଛି ।

ପଦ ୫ - ଧାଡ଼ି ୧ : ମୁଁ ଆବେଗରେ ନମ୍ର ଭାବେ ନମସ୍କାର କରି ତୋତେ ଦିନ ରାତି ଡ଼ାକୁଛି । ତୁ ମୋର ଉପାସନା କେଉଁ କାରଣରୁ ଗ୍ରହଣ କରୁନାହୁଁ । ଧାଡ଼ି ୨ : ହେ ପର୍ବତ କନ୍ୟା ପାର୍ବତୀ ତୁ ଗ୍ରହଣ ନ କରିଲେ ମୋର ପୂଜା ଯନ୍ତ୍ରଣା ଦାୟକ, ଆବରଣ ହୀନ ହୋଇଯିବ । ଧାଡ଼ି ୩: ତାହା ପଣ୍ଡ ହେବ । ଧାଡ଼ି ୪: ତୁ ରକ୍ଷା ନ କରିଲେ ଅନ୍ୟ କେହି ମୋର ନାହିଁ ।

ପଦ ୬- ଧାଡ଼ି ୧ : ହେ ଶିବ ଘରଣୀ (ପାର୍ବତୀ) ତୁମେ ସୁଲଳିତ କଣ୍ଠରେ ସୁନ୍ଦର ଭାବେ ପଦଦାନ କର । ସେହି ରାମାୟଣ ହୀରା, ମୁକ୍ତା, ପଦ୍ମରାଗ, ସ୍ୱର୍ଣ୍ଣ, ପ୍ରବାଳ ପରି ହେବ । ଧାଡ଼ି ୨ : ମୁଁ ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଆଦିରେ ଆରାଧନା କରି ଦଧି, ଦୁଗ୍ଧ, ଘୃତ, ମଧୁ ଖଣ୍ଡରେ ପବିତ୍ର କରୁଅଛି । ଧାଡ଼ି ୩: ତୁ କର୍ଣ୍ଣ, ନାସିକା, ନୟନ, ଜିହ୍ୱା, ତ୍ୱକରେ ଜ୍ଞାନ ପ୍ରଦାନ କର । ଧାଡ଼ି ୪ : ସେ ଜ୍ଞାନ ବ୍ରହ୍ମଯଜ୍ଞ, ନୃପଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ ଓ ଭୂତଯଜ୍ଞରେ ଏକତ୍ରିକୃତ ଭାବେ ସମାହୃତ ହେବ ।

ପଦ ୭-ଧାଡ଼ି ୧ : ଯେଉଁ ଶାସ୍ତ୍ର ଦ୍ୱାରା ଭାଗ୍ୟର ଶୁଭାଶୁଭ ଫଳ ନିର୍ଣ୍ଣୟ କରାଯାଏ ସେହି ଶାସ୍ତ୍ର (ପାଞ୍ଜି)ରୁ ମୋର କର୍ମଫଳ ଶ୍ରବଣ କରି ଏହି ମୀମାଂସା ରାମାୟଣ ରଚନାକୁ ଜୀବିକା କରି କଳ୍ପନା କଲି । ଧାଡ଼ି ୨ : କାର୍ଯ୍ୟର ଭଲାମନ୍ଦ ପାଇଁ ମୁଁ ତୋତେ ଆଶ୍ରୟ ମାଗୁଛି । ଧାଡ଼ି ୩: ଏହି ମୀମାଂସା ରାମାୟଣ ପୂର୍ବସୂରୀ ମାନଙ୍କ ମୂଳ ବିଷୟବସ୍ତୁରୁ ଅଲଗା ନ ହେଉ । ଧାଡ଼ି ୪ : ପରିଣାମରେ ତୋତେ ହିଁ ତିରସ୍କାର ମିଳିବା ସାର ହେବ ।

Digitized by PPRACHIN, SOA



ଧର୍ମ ଦେବତା ପ୍ରଭୁ ଭାସ୍କର

Digitized by PPRACHIN, SOA

ଭାସ୍କରଙ୍କ ବନ୍ଦନା

(ରାଗ-ବରାଡ଼ି) ('ବ' ଠାରୁ 'ବ' ପର୍ଯ୍ୟନ୍ତ)

ଛାନ୍ଦ - ୬

'ବ'

ବରଣୀୟ ବିବସ୍ୱାନ ବରଣେ ମୋ ଅର୍ଘ୍ୟ ଘେନ, ବଡ଼ ସାନ ନାହିଁ ତୋ ବିଚାରେ
ବଡ଼ଦେବ ଯେ ସଂସାରେ ବଶୀଭୂତ ହୁଏ ଯାରେ ବସି ବିଭୂତି ଯା' ଦାନ କରେ
ସେ ବରଦାତା, ବଡ଼ସାନ ବାଛ ବିଚାରତା
ବ୍ରହ୍ମାଣ୍ଡେ ଯା ଆଦି ଅନ୍ତ କୀଟୁଁ ବ୍ରହ୍ମ ପରିଯନ୍ତ 'ବ୍ରଧ୍ନଦେବ' ସମକିରଣତା
ସେ ବରଦାତା । ।୧।

'ଭ'

ଭବେ ଧର୍ମ ନିରଞ୍ଜନ, ଭକ୍ତ ହୃଦୟ ରଞ୍ଜନ, ଭବ ଭୟନାଶେ, ତୋ କିରଣ
ଭକ୍ତିଭାରେ ଏଣୁ ସ୍ମରେ, ଭକ୍ତି ଘେନିଲେ ହୃଦରେ, ଭଲେ ପୁରାଣ ହେବ ପୂରଣ
ସେ ଭ୍ରମଯିବ ଭଜୁଛି ଭଜନେ ତୋତେ ଦେବ
ଭଦ୍ର ଆସନରେ ବସି, ଭଗାରି ମୋ ଦିଅ ନାଶି ଭବେ ଯଶ ବିଦ୍ୟମାନ ହେବ
ସେ ଭ୍ରମ ଯିବି । ।୨।

'ମ'

ମହିମା ସାଗର ନାଥ ମର୍ମ ଭେଦ କରି ଦୈତ୍ୟ, ମହାବଳୀ ଅର୍କାସୁର ମାରି
ମନକ୍ରୋଧ ବିଶ୍ୱରୂପ ମହାତେଜ ନୋହୁଲୋପ, ମଣ୍ଡଳି ହେ ଧାତା ସ୍ତୁତି କରି
ସେ ମନାସିଲେ ମନେ ସଂଜ୍ଞା ପଦ୍ମିନୀ କରିଲେ
ମଣ୍ଡୁସେତୁମ୍ଭର ଚିତ୍ତ ମର୍ଯ୍ୟାଦାରେ ହେଲ ଶାନ୍ତ, ମହତ୍ତ୍ୱେ ପଦ୍ମବାନ୍ଧବେ କଲେ
ସେ ମନାସିଲେ । ।୩।

ପଦ ୧ - ଧାଡ଼ି ୧ : ହେ ପରମପୂଜ୍ୟ ସୂର୍ଯ୍ୟଦେବ ତୁମ ସନ୍ତୋଷ ଅର୍ଥେ ମୁଁ ତୁମ ନାମ ଧରି ଜଳ ଦେଉଅଛି ଗ୍ରହଣ କର । ତୁମ ବିବେଚନାରେ ବଡ଼ ସାନ କିଛି ନାହିଁ । ଧାଡ଼ି ୨ : ଏ ଜଗତରେ ଯେଉଁ ଦେବତା ବଡ଼ (ବିଷ୍ଣୁ) ତାହାଙ୍କୁ ଯିଏ ଭକ୍ତିରେ ବଶ କରେ ସେ ଯେଉଁ ଐଶ୍ୱର୍ଯ୍ୟ ପ୍ରଦାନ କରନ୍ତି । ଧାଡ଼ି ୩: ସେଥିରେ ବଡ଼ ସାନ ବାଛ ବିଚାର ଓ ପାତର ଅନ୍ତର ଥାଏ ଯଥା ଗଜ-କୁମ୍ଭୀର ଦୁହିଁଙ୍କର ପ୍ରଭୁ ହୋଇ ଗଜ ଡ଼ାକରେ କୁମ୍ଭୀରକୁ ବିନାଶ କଲେ । ଧାଡ଼ି ୪: ହେ ଦେବଦେବ ଏ ଜଗତରେ ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପରମାତ୍ମାଙ୍କ ଠାରୁ ଚକ୍ଷୁ ଅଗୋଚରେ ଜୀବ ପର୍ଯ୍ୟନ୍ତ ତୁମେ ସମାନ ଆଲୋକ ପ୍ରଦାନ କର ।
ପଦ ୨ - ଧାଡ଼ି ୧ : ଏ ସଂସାରରରେ ତୁମେ ସୂର୍ଯ୍ୟ ନାରାୟଣ ପରଂବ୍ରହ୍ମ ରୂପେ ବିଦ୍ୟମାନ । ତୁମ ଅନୁଗତ ଲୋକ ହୃଦୟକୁ ସଦାବେଳେ ତୋଷ କରୁଥାଏ । ଦୁଃଖମୟ ଓ ସଂସାରିକ ଜୀବନର ଅନ୍ଧକାର କୁ ତୁମ ଆଲୋକ ଦୂର କରେ । ଧାଡ଼ି ୨: ସେଥିପାଇଁ ମୁଁ ଗଭୀର ଅନୁରାଗରେ ମୋର ଅଭିପ୍ରାୟ ବିଗତ ଘଟଣାବଳୀର ପୁନରାବୃତ୍ତି କରୁଛି । ତୁମେଁ ସେ ରଚନା ଗ୍ରହଣ କଲେ ନିର୍ବିଘ୍ନରେ. ବାଲ୍ମୀକି ଆଦି ଲେଖିଥିବା ପୁରାଣ କାହାଣୀ ପରି ଏହା ସମାପ୍ତ ହେବ । ଧାଡ଼ି ୩: ସେଥିରେ ଥିବା ଭୁଲ୍ ଧାରଣାମାନ ଧ୍ୱଂସ ପାଇବ । ହେ ସୂର୍ଯ୍ୟଦେବ ଏଣୁ ସ୍ତୁତି ଦ୍ୱାରା ମୁଁ ତୁମର କୀର୍ତ୍ତି ଗାଉଛି । ଧାଡ଼ି ୪: ତୁମେ ଅରୁଣ ଆରୁଢ଼ ରଥ (ସିଂହାସନରେ) ଆରୋହଣ କରି ମୋର ଦେହରେ ଥିବା କାମ,କ୍ରୋଧ,ଲୋଭ,ମୋହ, ମଦ, ମତ୍ସର୍ଯ୍ୟ କୁ ଦୂର କର । ବର୍ତ୍ତମାନ ଏ ପୃଥିବୀରେ ତୁମ ସଦ୍‌ଗୁଣ ବିଖ୍ୟାତ ହେବ ।
ପଦ ୩: ଧାଡ଼ି ୧ : ତୁମେ ସାଗର ପରି ଅସୀମ ମହତ୍ତ୍ୱପୂର୍ଣ୍ଣ ପ୍ରଭୁ ସୂର୍ଯ୍ୟଦେବ । ତୁମେ ଥରେ ବିରାଟ ରୂପରେ ଅଥଳ ସାଗର ଗର୍ଭରେ ପ୍ରବେଶ କରି ମହାଶକ୍ତିମାନ ଅସୁର ଅର୍କାସୁରକୁ ବଧ କରିବା ପରେ ତୁମର ସର୍ବ ବ୍ୟାପକ ତୀବ୍ରତା ରୂପ ଶ୍ୟାନ୍ତ ନ ହେବାରୁ ତୁମକୁ ବିଧାତା ସ୍ତୁତି କଲେ । ଧାଡ଼ି ୩: ତୁମର ଶାନ୍ତି ତଥା ମନୋଗତ ବାଞ୍ଛାପୂର୍ଣ୍ଣ ପାଇଁ ତୁମ ପତ୍ନୀ ସଞ୍ଜ୍ଞାକୁ ଲକ୍ଷ୍ମୀଙ୍କ ପରି ପଦ୍ମିନୀ ନାୟିକା ଭାବେ ତୁମ ସମ୍ମୁଖରେ ଉପସ୍ଥାପନା କରାଇଲେ । ଧାଡ଼ି ୪: ସେ ତୁମର ମନକୁ ବୋଧ କରିବା ଦ୍ୱାରା ସମ୍ମାନର ସହିତ ତୁମର କ୍ରୋଧ ଶ୍ୟାନ୍ତିଲାଭ କଲା । ତାହା ସ୍ମରଣ ରଖିବା ପାଇଁ ସେହିଦିନ ଠାରୁ ସେ ପଦ୍ମିନୀ ନାୟିକା ସୌରଭରୁ ତୁମକୁ ପଦ୍ମବାନ୍ଧବ ହିସାବରେ ଅଭିହିତ କରାଯାଉଅଛି ।

Digitized by PPRACHIN, SOA

'ଯ'

ଯନ୍ତ୍ରଣା ମୋ ନାଶ ପାଇଁ, ଯନ୍ତ୍ରୀ ହୁଅ ଛାୟା ସାଇଁ ଯଥାର୍ଥେ ତୋ'ବଂଶେ ଜନ୍ମଯାର
ଯତ୍ କିଞ୍ଚିତ୍ ତା ଚରିତ, ଯଥା ହେଉ ବିରଚିତ, ଯଶ ଅପକୀର୍ତ୍ତି ଯା ପ୍ରଚାର
ତା ଯତ୍ନବାନେ ଯଥୋଚିତେ କ୍ଷମାଦେବ ଦୀନେ,
ଯଥାତଥା ବିଧି ସାଧି, ଯତୀ ନ ପାରନ୍ତି ବୋଧି, ଯଜନ କି କରିବି ଚରଣେ
ତା ଯତ୍ନବାନେ । ।୪।

'ର' (ଅନ୍ତଲିପି)

ରସ ବସୁ ମୁନି ବହ୍ନି ରବି ଭୂତ ସୁବ୍ୟଞ୍ଜନି ବାର ରସ ଭୁବନ ଦିଗ୍ ଦିଗ ।
ରମ୍ୟ ମେଷୁ ମୀନ ମାସ ରଶ୍ମି 'ଯା' ହେଲା ବିନ୍ୟାସ ରସ-ଅନ୍ତେ ଶୂନ 'ମାସ' ଯୋଗ
ସେ ରଶ୍ମିଧର, କ୍ରମରେ ଯା ରଶ୍ମିଦାନ କରି
ରକ୍ଷକେ ତ୍ରିତାପ ନାଶି ରଖକୀଟ ବ୍ରହ୍ମରାଶି ରଟେ ନାମ କର ଏଥୁପାରି
ସେ ରଶ୍ମିଧର । ।୫।

'ଳ' 'ଲ'

ଲକ୍ଷ୍ୟ ଲକ୍ଷ୍ୟ ନରନାରୀ, ଲକ୍ଷ୍ୟ ଅଲକ୍ଷ୍ୟେ ଜୁହାରି, ଲବେ ମୋ ଡ଼ାକ କିମ୍ବା ନଗୁଣ
ଲବେ କଲେ ଅନୁଦାନ ଲସିବକି ଲବ୍ଧ ଧନ ଲଗା ନ ହୋଇଥିବି ସେବିଣ ।
ହେ ଲକ୍ଷଣୀୟ, ଲକ୍ଷ୍ୟ ରଖି ମୋ ବାଞ୍ଛା ପୂରାଅ ।
ଲଘୁତା ପଣ ବିଚାରି, ଲଗ୍ନ କିବା ପୂଜା କରି, ଲଣ୍ଡଭଣ୍ଡେ ଆସୁ ଡ଼େରି କୁହ,
ହେ ଲକ୍ଷଣୀୟ । ।୬।

ପଦ ୪- ଧାଡ଼ି ୧ : ହେ ଛାୟାଦେବୀ କାନ୍ତ ମୋର ଗ୍ରନ୍ଥ ରଚନା ରୂପକ ବେଦନା ଦୂର ହେବାକୁ ତୁମେଁ (ବୈଦ୍ୟ)ଶିଳ୍ପୀ ହୁଅ । ପ୍ରକୃତରେ ତୁମ ବଂଶରେ ଯେଉଁ ରାମଚନ୍ଦ୍ର ଜନ୍ମଲାଭ କରିଛନ୍ତି । ଧାଡ଼ି ୨ : ମୁଁ ତାଙ୍କ ଚରିତ ସାମାନ୍ୟ କିଛି ଉଚିତ ଭାବରେ ରଚନା କରୁଛି । ଧାଡ଼ି ୩: ସେଥିରେ ଅଜ୍ଞାତ ବଶତ ଯଦି କିଛି ଦୋଷାଦୋଷ ଥିବ ତୁମେଁ ଆଦରର ସହିତ ଉପଯକ୍ତ ଭାବେ ଏ ନିସମ୍ୱଳକୁ କ୍ଷମାଦେବ । ଧାଡ଼ି ୪ : ଆରାଧନା କରି ତୁମକୁ ଜିତେନ୍ଦ୍ରିୟମାନେ ଶାନ୍ତି କରିପାରନ୍ତି ନାହିଁ । ମୁଁ କି ଅନୁଷ୍ଠାନିକ କର୍ମ ତୁମ ଚରଣରେ କରିବି ।
ପଦ ୫- ପଦ (ର) ରସ-ନବରସ ଯଥା: ଶୃଙ୍ଗାର, ବୀର, କାରୁଣ୍ୟ. ଅଦ୍ଭୁତ, ହାସ୍ୟ, ଭୟାନକ. ବିଭତ୍ସ, ରୌଦ୍ର, ଶାନ୍ତ । ବସୁ - ଅଷ୍ଟବସୁ ଯଥା: ଗଙ୍ଗାଙ୍କର ଆଠପୁତ୍ର ଅପ୍,ଧ୍ରୁବ, ସୋମ, ଅନଳ, ଧର, ପ୍ରତ୍ୟୁଷ ଓ ପ୍ରଭାବ । ମୁନି-ସପ୍ତମୁନି- ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ । ବହ୍ନି- ତିନି ବହ୍ନି ଯଥା : ଔର୍ବ, ବାଡ଼ବ.ବାଡ଼ବା । ବାରସୂର୍ଯ୍ୟ-ସଂକ୍ରାନ୍ତି ଚଳନ ଅନୁସାରେ ସୂର୍ଯ୍ୟଙ୍କର ବାରମାସର ବାର ନାମ ଯଥା : ବିବସ୍ୱାନ, ଅର୍ଜମା, ପୁଷା, ତ୍ୱଷା, ସବିତା, ଭଗ, ଧାତା, ବିଧାତା, ବରୁଣ, ମିତ୍ରା, ଶୁକ୍ର, ଉରୁକ୍ରମ । ଭୂତ - ପଞ୍ଚଭୂତ ଯଥା : କ୍ଷିତି, ଅପ, ତେଜ ମରୁତ, ବ୍ୟୋମ । ସୁ'ବ୍ୟଞ୍ଜନ- ଛ' ବଞ୍ଜନ ରସ କଟୁ, ତିକ୍ତ, କଷାୟ ଲବଣ. ଅମ୍ଳ, ମଧୁର । ବାର-ସପ୍ତବାର ଯଥା- ରବି.ସୋମ, ମଙ୍ଗଳ, ବୁଧ. ଗୁରୁ. ଶୁକ୍ର. ଶନି । ଭୁବନ - ଚଉଦ ଭୁବନ ଯଥା- ସପ୍ତ ପାତାଳ. ସପ୍ତସ୍ୱର୍ଗ, ତଳ. ଅତଳ. ବିତଳ, ସୁତଳ, ରସାତଳ, ତଳାତଳ, ପାତାଳ. ଭୂ, ଭୂର୍ବଃ, ସ୍ୱଃ, ମଃ, ଜନଃ, ତପଃ ସତ୍ୟଃ । ଦିନ-ଦଶଦିଗ : ପୂର୍ବ. ପଶ୍ଚିମ, ଉତ୍ତର. ଦକ୍ଷିଣ, ଆଗ୍ନେୟ. ନୈଋତ, ବାୟବ, ଐଶାନ୍ୟ, ଅଧଃ, ଉର୍ଦ୍ଧ୍ୱ । ମେଷଠାରୁ ମୀନମାସ. ବାରମାସ, ମେଷ, ବୃଷ, ମିଥୁନ. କର୍କଟ, ସିଂହ. ତୁଳା, ଧନୁ. ମକର, କୁମ୍ଭ, ମୀନ । ରଶ୍ମିଯା ବିନ୍ୟାସ, ତେଜ ସ୍ଥାପନ-ମିଳନଯୋଗ. ରସଅନ୍ତେ ସଂଖ୍ୟାଅନ୍ତେ । ଶୂନମାସ ଯୋଗ ଅନ୍ତଲିଃପିରେ ଯେଉଁ ସଂଖ୍ୟାଗୁଡ଼ିକ ହେଲା ତାର ଦକ୍ଷିଣ ଦିଗରେ ଶୂନ ଯୋଗକରି ମାସ ପଠନ କର । ରଶ୍ମିଧର ସୂର୍ଯ୍ୟ । କ୍ରମରେ ପରମ୍ପରା ପଦ୍ଧତିରେ । ଯା' ଯାହା । ରଶ୍ମିଦାନ କରି କିରଣ ଦେଇଛନ୍ତି । ତ୍ରିତାପ-ତ୍ରିବିଧ ଦୁଃଖ । ଆଧିଦୈବିକ, ଆଧିଭୌତିକ, ଆଧ୍ୟାତ୍ମିକ । କୀଟ ବ୍ରହ୍ମରାଶି, ସୂକ୍ଷ୍ମଠାରୁ ବୃହତ ପର୍ଯ୍ୟନ୍ତ । ରଟେ ନାମ, ଘୋଷେ ନାମ । କର ଏଥୁ ପାରି ।
(ପଦ ୬ର ଭାବାର୍ଥ ପର ପୃଷ୍ଠାରେ)

Digitized by PPRACHIN, SOA

'ବ' 'ଓ୍ୱ'

ବହି ରଚନେ ମୋହର, ବନ୍ଦଇ ସହସ୍ର କର, ବଡ ପଣେ ଦିଅ ତମ ନାଶି ।
ବଡ଼ ଅମା, ଅନ୍ଧକାର, ବଡ଼ିମା ଯେ ପରିହର, ବଡ଼ ପ୍ରାତଃକାଳୁ ପରକାଶି
ହେ ବଅ ଠାରୁ, ବ ବ୍ୟଞ୍ଜନ ବର୍ଣ୍ଣ ହେଲା ଶେଷ ।
ବପନେ କରିଲେ ଦାନ ବନ୍ଧ୍ୟା ନ ହେବ ରଚନ ବଦି ଭାଷେ ଦୟାନିଧି ଦାଶ
ହେ ବଅ ଠାରୁ । ।୭।

ପଦ ୬- ଧାଡ଼ି ୧ : ହେ ଭାସ୍କର ଦେବ ତୁମେ ତୁମ ଭକ୍ତଙ୍କୁ ଇପ୍‌ସିତ ବର ପ୍ରଦାନ କରୁଥିବାରୁ ବହୁତ ସ୍ତ୍ରୀ ପୁରୁଷ ଦୃଶ୍ୟ ଅଦୃଶ୍ୟ ପ୍ରଣାମ କରୁଅଛନ୍ତି । କେଉଁ କାରଣରୁ ତୁମେ ଅଣୁମାତ୍ର ମୋ ପ୍ରାର୍ଥନା କର୍ଣ୍ଣପାତ କରୁନାହଁ । ଧାଡ଼ି ୨ : ତୁମ ଅର୍ଜିବା ଧନରୁ ତିଳେ ଉତ୍ସର୍ଗ କଲେ ତାହା ଉଣା ହୋଇଯିବ କି ? ମୁଁ ଋଣୀ ନ ହୋଇ ସେବା କରି ଶୁଝିବି । ଧାଡ଼ି ୩: ହେ ଦର୍ଶନୀୟ ଦୃଷ୍ଟି ଭେଦକରି ମୋ କାମନା ପୂର୍ଣ୍ଣ କର । ଧାଡ଼ି ୪: ହାଲୁକା ଜିଜ୍ଞାସା କରି ଉଦୟ କାଳକୁ ପୂଜି ଅସ୍ତବ୍ୟସ୍ତରେ ଆସୁଥିବାରୁ ଡ଼େରି ହେଉଛିକି ?

ପଦ ୭- ଧାଡି ୧ : ହେ ସହସ୍ରକର ସୂର୍ଯ୍ୟଦେବ ମୁଁ ଏହି ମୀମାଂସା ରାମାୟଣ ଲେଖିବା ପାଇଁ ତୁମକୁ ବନ୍ଦନା କରୁଅଛି । ତୁମେ ଉଦାର ଗୁଣରେ ମୋର ଅଜ୍ଞାନ ଅନ୍ଧକାର ବିନାଶ କର । ଧାଡ଼ି ୨ : ଯେହେତୁ ଦେବତାମାନଙ୍କ ମଧରେ ତୁମେ ଶ୍ରେଷ୍ଠ ବନ୍ଦନୀୟ । ବାଜି ରଖି ମୋହ ବିନାଶ କର । ଧାଡ଼ି ୩: ବିସ୍ତୃତ ଅମାବାସ୍ୟା ଅନ୍ଧକାରର ଦର୍ପ ବଡ଼ପ୍ରଭାତରୁ ପ୍ରକାଶ ହୋଇ ଯେପରି ହରଣ କର ସେପରି ମୋର ଦୁଃଖ ହରଣ କର । ଧାଡ଼ି ୪: 'ପ' ବର୍ଗ 'ବ' ଠାରୁ 'ଜ' ବର୍ଗ 'ବ' ପର୍ଯ୍ୟନ୍ତ ଆଦ୍ୟ ଅବନାରେ ପ୍ରକାଶ ହେବା ଛାନ୍ଦ ଶବ୍ଦ ସଂଯୋଜନା ପାଇଁ ତୁମେ ବୀଜ ରୋପଣ କରିଲେ । ମୋର ରଚନା ଗ୍ରନ୍ଥ ବନ୍ଧ୍ୟା ହେବ ନାହିଁ । ତୁମକୁ ଅଭିବାଦନ ଜଣାଇ ମୁଁ ଦୟାନିଧି ଦାଶ କହୁଛି ।

ଟୀକା ପଦ ୫	ଅନ୍ତଲିପି		ଅର୍ଥ
ରସ	୯+୦	ମେଷ	ଚୈତ୍ରମାସ - ବୈଶାଖ ମାସ
ବସୁ	୮+୦	ବୃଷ	ବୈଶାଖ - ଜ୍ୟେଷ୍ଠ ମାସ
ମୁନି	୭+୦	ମିଥୁନ	ଜ୍ୟେଷ୍ଠ - ଆଷାଢ଼ ମାସ
ବହ୍ନି	୩+୦	କର୍କଟ	ଆଷାଢ଼ - ଶ୍ରାବଣ ମାସ
ରବି	୧୨+୦	ସିଂହ	ଶ୍ରାବଣ - ଭାଦ୍ରବ ମାସ
ଭୂତ	୫+୦	କନ୍ୟା	ଭାଦ୍ରବ - ଆଶ୍ୱିନ ମାସ
ସୁବ୍ୟଞ୍ଜନି	୬+୦	ତୁଳା	ଆଶ୍ୱିନ - କାର୍ତ୍ତିକ ମାସ
ବାର	୭+୦	ବିଛା	କାର୍ତ୍ତିକ - ମାର୍ଗଶୀର ମାସ
ରସ	୯+୦	ଧନୁ	ମାର୍ଗଶୀର - ପୌଷ ମାସ
ଭୁବନ	୧୪+୦	ମକର	ପୌଷ-ମାଘ ମାସ
ଦିଗ	୧୦+୦	କୁମ୍ଭ	ମାଘ - ଫାଲ୍‌ଗୁନ ମାସ
ଦିଗ	୧୦ +୦	ମୀନ	ଫାଲ୍‌ଗୁନ - ଚୈତ୍ର ମାସ
	୧୦୦+୦ = ୧୦୦୦		ସହସ୍ର କିରଣ

Digitized by PPRACHIN, SOA



ପବନ ସୁତ ପ୍ରଭୁ ହନୁମାନ

Digitized by PPRACHIN, SOA

ହନୁମାନଙ୍କ ବନ୍ଦନା

(ରାଗ-ଶଙ୍କରାଭରଣ) ('ଶ' ଠାରୁ 'ଷ' ପର୍ଯ୍ୟନ୍ତ)

ଛାନ୍ଦ - ୭

(ଦାଣ୍ଡରେ ଶୁଭିଲା ରାମ-କୃଷ୍ଣ ବେନିଭାଇ ବୃତ୍ତେ)

'ଶ'

ଶଙ୍କର ସୁବନ୍ଦ୍ୟ, ଦାସ ଅଞ୍ଜନା ନନ୍ଦନ, ଶଙ୍କାମନେ ବନ୍ଦେ ଦାସ ତା ବନ୍ଦନା ଘେନ
ଶରଧାରେ ଜନ୍ମକାଳେ !
ଶମନ ତାତ ସ୍ୟନ୍ଦନେ ବାନ୍ଧିଲ ଲାଙ୍ଗୁଳେ ।୧।

'ଷ'

ଷଟ୍,ପ୍ରାଜ୍ଞ, ବିଜ୍ଞ, ପଣ୍ଡିତ ବୀର ହନୁମନ୍ତ, ଷଡ଼ରିପୁ ତେଜି ସଦା ପ୍ରଭୁ କାର୍ଯ୍ୟେରତ
ଷଡ଼ାନନ ତାତ ସୁତ !
ଷଡ଼ଯନ୍ତ୍ରେ ବହ୍ନି ଜାଳି ଲଙ୍କା କଲ ଅନ୍ତ ।୨।

'ସ'

ସନକାଦି ସପ୍ତଋଷି ନାରଦ ସହିତ, ସମୀରଜ ସଦା ଯା' ବନ୍ଦନେ ଥାନ୍ତି ରତ
ସକାମେ କି ମୁଁ ବନ୍ଦିବି !
ସନ୍ଦର୍ଭ ସମୂଳ ଦାନ କରିଲେ ଛନ୍ଦିବି ।୩।

'ହ'

ହନୁମାନ ଭକ୍ତଶ୍ରେଷ୍ଠ ଫେଡ଼ ମୋ ଆରତ ହରଦମ ତବ ପ୍ରେମେ ରତ ମୋର ଚିତ୍ତ
ହର୍ତ୍ତାକର୍ତ୍ତା ମୋ ଗ୍ରନ୍ଥର !
ହକାରି ହଲପ କରେ ସତ୍ୟ ଏ ମୋ ଗିର ।୪।

ପଦ ୧ - ଧାଡ଼ି ୧ : ଶିବ ଯେଉଁ ରାମ ନାମକୁ ବନ୍ଦନା କରନ୍ତି ହେ ଅଞ୍ଜନା ପୁତ୍ର ହନୁମାନ ତୁମେ ସେହି ରାମ ଭକ୍ତ । ମୁଁ ମୋ ଇଷ୍ଟ ହାନି ଆଶଙ୍କା ରଖି ତୁମକୁ ସ୍ତବ କରୁଛି ଗ୍ରହଣ କର । ଧାଡ଼ି ୨ : ତୁମ ଜନ୍ମ କାଳେ । ଧାଡ଼ି ୩: ତୁମେ ବାହଲ୍ୟ ପ୍ରେମରେ ଯମ ଦେବତାଙ୍କ ପିତା ସୂର୍ଯ୍ୟଦେବଙ୍କ ରଥକୁ ଆକ୍ରମଣ କରି ଲାଞ୍ଜରେ ବନ୍ଧନ କରିଥିଲ ।

ପଦ ୨ - ଧାଡ଼ି ୧ : ହେ ହନୁମାନ ତୁମେ ଧର୍ମ, ଅର୍ଥ, କାମ, ମୋକ୍ଷ, ଲୋକାଚାର, ତତ୍ତ୍ୱ, ଜ୍ଞାନୀ, ସାହସୀ ଅଟ । ତୁମେ କାମ,କ୍ରୋଧ, ଲୋଭ, ମୋହ, ମଦ, ମତ୍ସର୍ଯ୍ୟକୁ ବର୍ଜନ କରି ଚୀରସ୍ଥାୟି ଭାବେ ରାମଚନ୍ଦ୍ରଙ୍କ କାର୍ଯ୍ୟ କରିବା ପାଇଁ ଆସକ୍ତ । ଧାଡ଼ି ୨ : ଆଉ ମଧ କାର୍ତ୍ତିକେୟଙ୍କ ପିତା ଯେଉଁ ଶିବ ତାଙ୍କର ମାନସପୁତ୍ର । ଧାଡ଼ି ୩: ତୁମେ ସୀତାଙ୍କୁ ଠାବ କରିବାକୁ ଯାଇ ଚକ୍ରାନ୍ତ କରି ଲାଞ୍ଜ ଅଗ୍ନି ସାହାଯ୍ୟରେ ଲଙ୍କାଗଡ଼କୁ ଦହନ କରିଥିଲ ।

ପଦ ୩- ଧାଡି ୧ : ସନକ, ସନନ୍ଦ, କପିଳ, ଆସୁରୀ, ବୋଢୁ, ପଞ୍ଚଶିଖ ଓ ନାରଦ ତୁମକୁ ସଦାବେଳେ ବନ୍ଦନା କରନ୍ତି । ଧାଡ଼ି ୨: ମୁଁ କାମନାର୍ଥୀ ହୋଇ ତୁମର ବା କଣ ବନ୍ଦନା କରିବି । ଧାଡ଼ି ୩: ତୁମେ ରଚନା କରିଥିବା ପ୍ରବନ୍ଧାବଳୀ (ମହାନାଟକ) ମୂଳରୁ ଶେଷ ପର୍ଯ୍ୟନ୍ତ ପ୍ରଦାନ କଲେ ଏଥିରେ ତାହା ଯୋଗ ହେବ ।

ପଦ ୪ - ଧାଡ଼ି ୧ : ହେ ପରମ ଭକ୍ତ ହନୁମାନ ତୁମେ ମୋର ଗ୍ରନ୍ଥରଚନା ବ୍ୟାକୁଳତାକୁ ଦୂର କର । ତୁମକୁ ଭକ୍ତି କରିବା ପାଇଁ ମୋ ଚିତ୍ତ ସଦା ଆସକ୍ତ । ଧାଡ଼ି ୨ : ମୋ ଲେଖା ମୀମାଂସା ରାମାୟଣର ତୁମେ ଦୈବ ବିଧାତା । ଧାଡ଼ି ୩: ତୁମକୁ ସ୍ମରଣ କରି ସପଥ କରି କହୁଛି ମୋ କହିବା କଥା ନିରାଟ ସତ୍ୟ ଅଟେ ।

Digitized by PPRACHIN, SOA

'କ୍ଷ'

କ୍ଷଣେ ରାମନାମ ବିନା ଆନେନାହିଁ ଟକ, କ୍ଷତ ପ୍ରାଣେ ଶାନ୍ତେ ରଚିଲ ମହାନାଟକ
କ୍ଷତ କରିଣ ଶିଳାରେ !
କ୍ଷମା ସାଗର ଅମର କରିଲେ ଲୀଳାରେ ।୫।

'ଯ' 'ୟ'

ଯକ୍ଷରାଜ୪୧ ସାନୁଜ ଲଙ୍କେଶ ଦଣ୍ଡପାଇଁ, ଯକ୍ଷଭ୍ରାତ ଅନ୍ତଯଜ୍ଞେ ଯଜମାନୀ ହୋଇ
ଯଜ୍ଞେ ରାକ୍ଷସ ସମିଧି!
ଯତ୍ନେଦତ୍ତ କରୁ ହବି; ବିଂଶନେତ୍ର ବଧ ।୬।

'ଲ'

ଲକ୍ଷ, ଲକ୍ଷଣ ଲକ୍ଷ୍ମଣ ଅଗ୍ରଜଙ୍କ ଦାସ, ଲଘୁକର କଷ୍ଟ ଭାସେ ଦୟାନିଧି ଦାଶ
ଲବ୍ଧ ଧନ ଏ ପୁରାଣ !
ଲଳିତ ରଜୁ ଭାଷାରେ ହେଉ ଏ ପୂରଣ ।୭।

ପଦ ୫- ଧାଡ଼ି ୧ : ଯେ ହେତୁ ତୁମର ରାମ ନାମ ବିନା ଅନ୍ୟ କୌଣସି ନାମରେ ଶ୍ରଦ୍ଧା ନାହିଁ ତୁମର ଆଘାତ ପ୍ରଶମନ ପାଇଁ ତୁମେ ନଖ ଦ୍ୱାରା ପଥର ଉପରେ ରାମଚନ୍ଦ୍ରଙ୍କ ଚରିତ ଖୋଦନ କରି ଗ୍ରନ୍ଥନ କଲ । ଧାଡ଼ି ୨ : ଯାହାର ନାମ ମହାନାଟକ ହୋଇଅଛି । ଧାଡ଼ି ୩: ଯେଉଁଥିପାଇଁ କ୍ଷମା ସାଗର ରାମଚନ୍ଦ୍ର ଲୀଳାରେ ତୁମକୁ ଅମର ବର ପ୍ରଦାନ କରିଛନ୍ତି ।
ପଦ ୬- ଧାଡ଼ି ୧ : ତୁମେ କୁବେରଙ୍କ ସାନ ଭାଇ ରାବଣକୁ ଦଣ୍ଡ ଦେବା ପାଇଁ ରଣଯଜ୍ଞକୁ କରାଇ ଅସୁରମାନଙ୍କୁ ସମିଧ କଲ । ଧାଡ଼ି ୨ : ପରିଶେଷରେ ରାମଚନ୍ଦ୍ରଙ୍କ ବିଜୟ ଧନୁ ରୂପକ । ଧାଡ଼ି ୩: ସ୍ରୁବ ପାଇଁ ବ୍ରହ୍ମାସ୍ତ୍ର ରୂପକ ଘୃତ ଆଣି ଦେବାରେ ରାମଚନ୍ଦ୍ର ସ୍ୱହସ୍ତରେ ରାବଣର ଅହମିକା ଜାଳି ପୋଡ଼ି ବିନାଶ କଲେ ।
ପଦ ୭-ଧାଡ଼ି ୧ : ତୁମେ ଜଗତର ସମସ୍ତ ଲକ୍ଷଣ ପୂର୍ଣ୍ଣ ଲକ୍ଷ୍ମଣଙ୍କ ଅଗ୍ରଜ ରାମଚନ୍ଦ୍ରଙ୍କ ଭକ୍ତ ହନୁମାନ । ଧାଡ଼ି ୨ - ମୋ ପୁରାଣ ଲେଖିବା କଷ୍ଟକୁ ତୁମେ ସହଜରେ ଦୂର କରିବା ପାଇଁ ମୁଁ ଦୟାନିଧି ଦାସ କହୁଛି । ଧାଡ଼ି ୩: ମୋର ଉପାର୍ଜିତ ଏ ରାମାୟଣ ବିଶେଷ ରାଗ ରାଗିଣୀ ଓ ସରଳ ଛନ୍ଦରେ ସରସ୍ୱତୀଙ୍କ ଉଚ୍ଚାରିତ କଣ୍ଠ ଶବ୍ଦ ପରି ହେଉ ।

ରାମାୟଣ ନବାହ୍ନ ପାରାୟଣର ସମୟ

- ଶ୍ଳୋକ -

ଚୈତ୍ରମାସ କାର୍ତ୍ତିକେଚ ଶିତ ପକ୍ଷେଚ ବାବେତୁ ।
ନବାହ ସମୂହା ପୁଣ୍ୟଂ ସ୍ୱତବ୍ୟଂଚ ପ୍ରୟଲତଃ ।।
ପଞ୍ଚମ୍ୟା ଦିନ ମାରମ୍ଯ ରମାୟଣ କଥାମୃତଂ ।
ନବାହଂ ଶ୍ରବଣେ ଚୈବ ସର୍ବ ପାପୈହଃ ପ୍ରମୁଚ୍ୟତେ ।।

ଭାବାର୍ଥ : ଚୈତ୍ର, ବା' କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ଦିନ ପାରାୟଣ କଥାବସ୍ତୁ ଆରମ୍ଭ କରି ଧାରାବାହିକ ଭାବେ ନବଦିନ ପର୍ଯ୍ୟନ୍ତ ଶ୍ରବଣ କଲେ ଶ୍ରୋତା ବକ୍ତାଙ୍କର ସକଳ ପାପ ଦୂରିଭୂତ ହୋଇ ପୂଣ୍ୟ ଲାଭ ହୁଏ ।

Digitized by PPRACHIN, SOA

ସପ୍ତପଦୀ ରାମାୟଣ

ଛାନ୍ଦ - ୮

(ଶ୍ରୀ ରାମାୟ ନମୋ ନମଃ)

ଆଦୌ ଶ୍ରୀ ରଘୁନନ୍ଦନସ୍ୟ ଜନନଂ ତତ୍ ତାଡ଼କା ନାଶନ
ଗାଧେୟ କ୍ରତୁରକ୍ଷଣଂ ସୁରବରୈଃ ପୁଷ୍ପାଣି ସଂବର୍ଷଣଂ
ପାଷାଣାତ୍ ପଦ ପଙ୍କଜସ୍ୟ ରଜସା ହଲ୍ୟାବାଳା ମୋଚନ
କୈବର୍ତ୍ତୋଦ୍ଧରଣଂ ବିଦେହଗମନଂ ଶମ୍ଭୋର୍ଧନୁ ର୍ଭଞ୍ଜନଂ ।୧।
ସୀତା ପଙ୍କଜ ଚାରୁପାଣି ଗ୍ରହଣଂ ସାକେତ ପ୍ରତ୍ୟାଗତ
ମାର୍ଗେ ନିଷ୍ଠୁର ପର୍ଶୁଦର୍ପ ଦଳନଂ ବିଷ୍ଣୁକଳା ଖଣ୍ଡନଂ
ମୈଥିଲ୍ୟାଚ ସହ ସରାଗ ସୁଖଦଂ କାଳଂଚ ସଂଯାପନଂ
ଦାତୁଂ ଅଜଜେନ ରାଜ୍ୟଂଚ ମଖିଳଂ ରାମାୟାଭି ଚିନ୍ତନଂ ।୨।
କୈକେୟାପି କୁମନ୍ଥରା ପ୍ରବଚନାତ୍ ରାଜ୍ଞଃବରଂ ପ୍ରାପିତଂ
ରାଜ୍ୟଶ୍ରୀ ପରିଭ୍ରଷ୍ଟ ମେବନିୟତଂ ରାମଂବନେ ପ୍ରେଷିତଂ
ଭାର୍ଯ୍ୟାଭ୍ରାତାସହ ବନାନୀଗମନଂ ତତ୍ ଚିତ୍ରକୂଟାଶ୍ରୟଂ
ତତ୍ରାବୈ ଭରତ ସ୍ୱନେତ୍ର ଯୁଗଳଂ କୃତ୍ୱାଶ୍ରୁଣା ପ୍ଲାବନଂ ।୩।
ଭ୍ରାତୃ ପାଦୁକ ଯୁଗ୍ମ ମସ୍ତକୋପରି ସଂସ୍ଥାପ୍ୟଚ ପ୍ରସ୍ଥିତଂ
ତସ୍ମାଦ୍ ଦଣ୍ଡକ କାନନଂ ଚ ଗମନଂ ଚାତ୍ର୍ୟାଦିଭିଃ ପୂଜିତମ୍
ଗତ୍ୱା ପଞ୍ଚବଟୀଂ ବନେଚ ଦନୁଜା ନାଶାଶ୍ରୁତି ଛେଦନମ୍
ସଂକ୍ରୋଧାତ୍ ଖରଦୂଷଣାଦି ନିଧନଂ ହତ୍ୱା ମୃଗଂ କାଞ୍ଚନଂ ।୪।
ବୈଦେହୀ ହରଣଂ ଜଟାୟୁ ମରଣଂ ଭିଲ୍ଲୀ ଫଳାସ୍ୱାଦନମ୍
ସୁଗ୍ରୀବେଣ ସମଂ ସରାଗ ମିଳନଂ ବାଳିବଳ ଧ୍ୱଂସନଂ
ସୀତାନ୍ୱେଷଣ କାର୍ଯ୍ୟମେବ ହନୁମତ୍ ଲଙ୍କାପୁରୀ ଦାହନଂ
ଲଙ୍କେଶାନୁଜ ରାମପାଦ ଶରଣଂ ସିନ୍ଧୁକୃତ୍ୱା ବନ୍ଧନଂ ।୫।
ଶ୍ରୀ ଲଙ୍କା କ୍ରମଣେଚ ସନ୍ଧିବିଫଳାତ୍ ରକ୍ଷାଦି ସଂସୂଦନଂ
ଦୈତ୍ୟାନାଂ ବଳୀ କୁମ୍ଭକର୍ଣ୍ଣ ନିଧନଂ ଶକ୍ରାରିଣଂ ନାଶନଂ
ପଶ୍ଚାଦ୍ରାବଣ ତାରଣଂ ଜନକଜାଂ ବହ୍ନୌକୃତା ଗାହନଂ
ସୀତା ସ୍ୱୀକରଣଂ ସୁଖାଶ୍ରୁଝରଣଂ ସାକେତ ନଗ୍ରାଟନଂ ।୬।
ସୀତାୟଂ କୁଳଟା ପବାଦରଚିତଂ ଶ୍ରୁତାବନେ ଆଶ୍ରିତା
ବାଲ୍ମୀକି ବିପିନେ କୃତାପିଜନନଂ ପୁତ୍ରଦ୍ୱୟଂ ପ୍ରାପିତଂ
ଯଜ୍ଞାନ୍ତେ ଧରଣୀ ସୂତାପ୍ୟସହନାତ୍ ସୀତାଗତା ଭୂତଳେ
ଶ୍ରୀରାମସ୍ୟ ତତଶ୍ଚ ସ୍ୱର୍ଗ ଗମନଂ ଏତଦ୍ଧି ରାମାୟଣଂ ।୭।

Digitized by PPRACHIN, SOA

ରାମନାମରୁ ସୀତାନାମ ସମ୍ଭବ

ଛାନ୍ଦ - ୯

(ସ୍ୱରବର୍ଣ୍ଣ ବ୍ୟଞ୍ଜନ ବର୍ଣ୍ଣ ସଂଖ୍ୟା ମାଧ୍ୟମରେ)

(ଜୀବ ପରମ ମିଳନ ବ୍ରହ୍ମ ନିରୂପଣ ଓ ଶତ ଅଷ୍ଟୋତ୍ତର କଣ୍ଠିମାଳ ଦ୍ୱାରା ଏ ଗ୍ରନ୍ଥ ପଥ ପ୍ରଦର୍ଶକ ହେବାପାଇଁ ଲେଖକଙ୍କର ନିବେଦନ)

ଗ୍ରନ୍ଥୋ ରାମୟଣଃ ବେଦୋ ରାମସ୍ତୁ ଭଗବାନ ସ୍ୱୟଂ ।
ଶ୍ରେଷ୍ଠ ସାଧକଲଙ୍କେଶଃ ଶ୍ରୀରାମଃ ପରମେଶ୍ୱରଃ ॥
ରା' କାରାର୍ଥୋ, ଭବେତ୍ ରାମଃ ପରମାନନ୍ଦ ବିଗ୍ରହଃ ।
ମ କା ରାର୍ଥୋ ଭବେତ୍ ସୀତା ସଚ୍ଚିଦାନନ୍ଦ-ରୂପିଣୀ ॥

(ସଂକ୍ଷେପରେ କହିବାକୁ ଗଲେ ସତ୍ୟରୁ ଉତ୍ପତ୍ତି ରାମ ନାମ ଜୀବ ପରମ ମିଳନ)

(ରାଗ - କଳସା) (ଚଉଦ ଅକ୍ଷରୀ)

ଈଶ୍ୱର ନାମ ଅନେକ ଏ ମର ସଂସାରେ ଗୋଟିଏ ନାମ ସେଥିରୁ ଖୋଜିବାକୁ ହେଲେ । ।୧।
ତା ହେଉଛି ସତ୍ୟ ସଦା ଯାହା ଚିରନ୍ତନ ନୁହେଁ ରୂପ ସୌନ୍ଦର୍ଯ୍ୟ ସେ ସତ୍ୟ ରାମନାମ । ।୨।
ଯେ ସତ୍ୟ ସେ ରାମନାମ ଯେ ରାମ ସେ ସତ୍ୟ ସେ ସତ୍ୟ ରାମ ନାମର ବୁଝହେ ମହତ୍ । ।୩।
ସଂକ୍ଷେପରେ କହିବାକୁ ଗଲେ ରାମ ନାମ ସର୍ବ ସମ୍ମତ ସେ ଜୀବ ପରମ ମିଳନ । ।୪।
ନିରାକାରରୁ ସାକାର ସୃଷ୍ଟି ହୁଏ ଆଦ୍ୟେ ପୁଣି ସେ ସାକାର ନିରାକାରେ ଲୀନ ହାଦେ । ।୫।
ଲୀନ,ଶବ, ସଂସ୍କାରାର୍ଥେ ନିୟନ୍ତେ ଦୁଃଖରେ ରାମ ନାମ ସତ୍ୟ, ମାଲ ସଭିଙ୍କ ମୁଖରେ । ।୬।
ଏଣୁ ରାମ ମୂଳମନ୍ତ୍ର ଆଣି ସୀତାରାମ ଅକ୍ଷର ବ୍ରହ୍ମ ବିନ୍ୟାସେ ସ୍ଥିର କରେ ବ୍ରହ୍ମ । ।୭।
ପୂର୍ବା-ସୂରି ସର୍ବ ଗ୍ରନ୍ଥେ ଯା କଲେ ରଚନ ଆଦ୍ୟେ ମଙ୍ଗଳ ମନାସି ମଙ୍ଗଳା ଚରଣ । ।୮।
ନିହତ ତା ସ୍ୱରବର୍ଣ୍ଣ ବ୍ୟଞ୍ଜନ ବର୍ଣ୍ଣରେ ସ୍ମୃତି ଅନୁସରି ଏଥି ତା' ନିହିତ କରେ । ।୯।
ରାମ ନାମ ଆଦ୍ୟାକ୍ଷର 'ରା' ଅର୍ଥ ଶ୍ରୀରାମ ପ୍ରାନ୍ତ ବର୍ଣ୍ଣ 'ମ' ଜାନକୀ ପ୍ରକୃତି ପରମ । ।୧୦।
ରାମ ସୀତା ବେନି ନାମ କରିଣ ବର୍ଣ୍ଣନ ନିହିତେ ଇଛନ୍ତେ ସେଥି ସଂଖ୍ୟା ବେନି ବର୍ଣ୍ଣ ॥୧୧
ସ୍ୱରବର୍ଣ୍ଣ 'ଅ' ଠାରୁ ଶେଷ ବର୍ଣ୍ଣ ଯାଏଁ ବ୍ୟଞ୍ଜନ ବର୍ଣ୍ଣ ଆଦ୍ୟରୁ ପ୍ରାନ୍ତ ଯାହା ହୁଏ । ।୧୨।
କ୍ରମାଗତେ ବାରମ୍ବାର ସ୍ଥାପନ୍ତେ ମୋ ମନ ଜୀବ, ଆତ୍ମା,ଯୋଗ,ବ୍ରହ୍ମ ହୋଇଲା ମିଳନ ॥୧୩
ଜୀବ ପରମ ମିଳନ ଯୋଗକରୁ ସଂଖ୍ୟା ଉଭବୁ ପରମ ବ୍ରହ୍ମ ପୂରିଲା ଅକାଂକ୍ଷା । ।୧୪।
ସେ ବର୍ଣ୍ଣକୁ ବେନି ବର୍ଣ୍ଣ ସଂଖ୍ୟା ମାଧ୍ୟମରେ ନ୍ୟାସକରୁ ଶତ ଅଷ୍ଟୋତ୍ତର ସୁକଣ୍ଠିରେ । ।୧୫
ଯୋଗ ସିଦ୍ଧ ହେଲା ମାଳା ହୁଅନ୍ତେ ପ୍ରାପତ ଜ୍ଞାନୀ ସୁଧିବର୍ଗ ଅର୍ଥେ ନିମ୍ନେ କଲି ଦତ୍ତ । ।୧୬।

ଟୀକା- ୫ପଦ- ଜୀବ ପଞ୍ଚ ମହାଭୂତରୁ ଉତ୍ପନ୍ନ, ପଞ୍ଚମହାଭୂତରେ ଲୀନ । ୧ - ଆକାଶରୁ ବାୟୁ, ବାୟୁରୁ ସୂର୍ଯ୍ୟ, ସୂର୍ଯ୍ୟରୁ ଜଳ, ଜଳରୁ ପୃଥିବୀ ଉତ୍ପତ୍ତି । ଲୀନ-ପୃଥିବୀ ଜଳରେ ଜଳ-ସୂର୍ଯ୍ୟରେ, ସୂର୍ଯ୍ୟ-ବାୟୁରେ, ବାୟୁ-ଆକାଶରେ ।
ପ, ଅ ଠାରୁ ଔ, କ ଠାରୁ କ୍ଷ ।

Digitized by PPRACHIN, SOA

ସେ ମାଳାରେ ଜପୁ ଯାହା ଦିବ୍ୟ ଦୃଶ୍ୟ ହେଲା ସୀତାରାମ ଆଶୀର୍ବାଦେ ବର୍ଣ୍ଣନା ହୋଇଲା ।୧୭।
ଯେ ପ୍ରଭୁ କୋଶଳେ ଜନ୍ମି ଦେଇ ସଦ୍‌ଶିକ୍ଷା ଦେବହିତେ ଦୁଃଖ ସହି କଲେ ସତ୍ୟରକ୍ଷା । ।୧୮।
ପ୍ରୟାସୀ ହେଲି ତାହାଙ୍କ କୀର୍ତ୍ତି ରଚନାରେ ହୋଇଲେ ବି ଦୀନ ରଚେ ପ୍ରମୋଦ ମନରେ।୧୯
ଏ ବ୍ରହ୍ମାଣ୍ଡ ମଧ୍ୟେ ଯେତେ ଚରାଚର ଜୀବ ସର୍ବ ଜୀବ ମଧ୍ୟୁ ଶ୍ରେଷ୍ଠ ଜୀବ ଏ ମାନବ । ।୨୦।
ମଧ୍ୟ ଯୁଗେ ବେଦ ପଦବାଚ୍ୟ ରାମାୟଣ ବହୁ ମୁଖେ ସିଦ୍ଧ ତାହା ହୋଇଛି ପ୍ରମାଣ । ।୨୧।
ସପ୍ତମ କାଣ୍ଡୁ ଉତ୍ପତ୍ତି ଏ ସାମବେଦର ଯଥା ବେଦ ତଥା ରାମାୟଣ ମୁନି ଗିର । ।୨୨।
ଏ ପୁରାଣ ପଠନରୁ ଯେ ଫଳ ପ୍ରାପତ ହୁଏ, ନ ହୁଅଇ କଲେ ଦାନ ଯଜ୍ଞ ବ୍ରତ । ।୨୩।
ଆଦର୍ଶ ସାଧକ ଭକ୍ତ ଏ ଗ୍ରନ୍ଥେ ରାବଣ ଆଦର୍ଶ ପରମେଶ୍ୱର ପ୍ରଭୁ ରଘୁରାଣ । ।୨୪।
ଆଦର୍ଶ ଯା ରାଜଧର୍ମ ଜୀବନ ଯାପନ ଆଦର୍ଶ ପାରିବାରିକ ଗାର୍ହସ୍ଥ୍ୟ ଜୀବନ । ।୨୫।
ଆଦର୍ଶ ସତୀତ୍ୱ ପତିବ୍ରତା ଶିକ୍ଷା ଧର୍ମ ଆଦର୍ଶ ଯା' ଭ୍ରାତୃଭକ୍ତି ଭ୍ରାତୃପ୍ରେମ ମର୍ମ । ।୨୬।
ଆଦର୍ଶ ପୁତ୍ର ବତ୍ସଳା ମାତା ପୁତ୍ର ଭକ୍ତି ଆଦର୍ଶ ଗୁରୁ ସଚିବ ରାଜା ଦାସୀ ଉକ୍ତି । ।୨୭।
ଆଦର୍ଶେ ଆଦ୍ୟରୁ ଶେଷଯାଏଁ ଏ ପ୍ରକାଶ ହେବାପାଇଁ ଏ ଗ୍ରନ୍ଥରେ ରଖିଛି ପ୍ରୟାସ । ।୨୮।
ଆଦର୍ଶ ଜ୍ଞାନ ବିଜ୍ଞାନ ତ୍ୟାଗ ଯା' ବୈରାଗ୍ୟ ସଦାକାଳେ ଶିକ୍ଷା ଦେଉ ଏ ଗ୍ରନ୍ଥର ମାର୍ଗ । ।୨୯।
ହେ ବିଜ୍ଞ ମଣ୍ଡଳୀ ମୋର କ୍ଷୁଦ୍ର ନିବେଦନ ଶ୍ରୀରାମ ନାମ କୀର୍ତ୍ତନ ଘେନ ଏ ପୁରାଣ । ।୩୦।
ଯଦ୍ୟପି ଏ କବିତାରେ ନାହିଁ ସରସତା ଶ୍ରୀରାମ ମହିମା ଗାଥା ପୂର୍ଣ୍ଣ ଏ କବିତା । ।୩୧।
ବଡ଼ ପଦ ନ ପାଇଛି କେ ସୁସଙ୍ଗ କରି ପାବକାଗ୍ନି ମଧ୍ୟୁ ଧୂମ ତ୍ୟାଗ କଲା ପରି । ।୩୨।
ସେ ଧୂମ ତ୍ୟାଗେ ଅନଳ ହୁଏ ଦୀପ୍ତିମନ୍ତ ସଂସାର କଲ୍ୟାଣେ ଧୂମ ଯେପରି ନିହିତ । ।୩୩।
କ୍ଷୁଣ୍ଣ ନୁହେଁ ରାମ ଯଶ ଏ ଗ୍ରନ୍ଥ ମହାତ୍ମା ବର୍ଣ୍ଣନା ଯା' ଘେନା କର ପୂତ ହେବ ଅତ୍ମା । ।୩୪।
ଶ୍ମଶାନର ଅପବିତ୍ର ଭସ୍ମ ଯଥା ରଙ୍ଗେ, ଶୁଦ୍ଧ ମହାଯୋଗୀ, ଦେବଦେବ ଶିବ ଅଙ୍ଗେ । ।୩୫।
ଏ ଗ୍ରନ୍ଥ ସେପରି ସାଧୁଜନ ଗଳା ମୁଖ ସ୍ପର୍ଶ ହୋଇଲେ ପବିତ୍ର ହୋଇବ ଲେଖକ । ।୩୬।
ଯେପରି ଚନ୍ଦନ କାଷ୍ଠେ ଲାଗିଲେ ମଳୟ ସଙ୍ଗ ଲାଭ ହେତୁ ହୁଏ ଶ୍ରେଷ୍ଠ ବନ୍ଦନୀୟ । ।୩୭।
ରାମ ନାମ ଯଶ ପ୍ରଭାବରୁ ଏ କବିତା ପ୍ରିୟ ହେବାକୁ ସରଳେ ରଚେ କରି ଚିନ୍ତା । ।୩୮।
କଳା ହେଲେ ଗାଭୀ ଯଥା ତା ଦୁଗ୍ଧ ଉଜ୍ଜ୍ୱଳ ସୁପଥ୍ୟ ହୁଏ ରୋଗୀର ସୁଖାଦ୍ୟ ଶିଶୁର । ।୩୯।
ଅଳଙ୍କାର କଳା ହୀନେ ଏ ସରଳ ଗ୍ରନ୍ଥ ଘେନି ସ୍ୱର୍ଗେ ବାସକର ଆହେ ସୁଧୀପାନ୍ଥ । ।୪୦।
ପୃଥିବୀର ଶ୍ରେଷ୍ଠ ଧାତୁ ଯେ ମାଣିକ୍ୟ ସ୍ୱର୍ଣ୍ଣ ଗଜ ପନଗ ଶିରେ କି ସେ ଦିଶେ ଶୋଭନ ।।୪୧।
ମାତ୍ର ସେ ଶିର ମଧ୍ୟରେ ସେ ମଣି ଅଛନ୍ତି ଏ ପୁରାଣେ ସେହିପରି ରାମନାମ ମୋତି । ।୪୨।
ନବ ଯୁବତୀର ଗଳେ ରାଜା ମୁକୁଟରେ ବିନ୍ୟମାନ ମୋତି ଶୋଭା ଦିଶେ ଯେ ପ୍ରକାରେ।୪୩
ପଣ୍ଡିତ ମଣ୍ଡଳୀ ମଧ୍ୟେ ଗାୟକ ଗଳାରେ ଆଶା ଶୋଭା ହେବ ଗ୍ରନ୍ଥ ନିପୁଣ କଳାରେ ।।୪୩।
ସଜ୍ଜନ ଜନେ କହନ୍ତି କବିଙ୍କ କବିତା ଏକସ୍ଥାନେ ସୃଷ୍ଟି ଆନେ ଅନ୍ୟ ସୁଶୋଭିତା ।।୪୪।
ଏ ଗ୍ରନ୍ଥେ ଯାହା ଚରିତ ହୋଇଛି ବିଚାର ମୁଁ ନିମିତ୍ତ, ତାହା ଦାନ ସେହି ପ୍ରଭୁଙ୍କର । ।୪୫।
ସାଧୁ ସଙ୍ଗେ ଆଲୋଚନା କଲେ ଧରି ଧାଡ଼ି ମୋ ଭକ୍ତିରେ ସରସ୍ୱତୀ ବ୍ରହ୍ମଲୋକ ଛାଡ଼ି । ।୪୬।
ଗାୟକ ଗଳାରେ ବସି କରିବେ ସେ ଗାନ ପଥ ଶ୍ରମ କଷ୍ଟ, ରାମ ଚରିତରେ ସ୍ନାନ । ।୪୭।

Digitized by PPRACHIN, SOA

ଶ୍ରୀରାମ ଚରିତ ସରୋବର ସ୍ନାନ ପରି କୋଟି କୋଟି ଉପାୟରେ ତା ପାଇ ନପାରି ।।୪୮।
ସେହି ସରୋବରର ଉପୃଛି ପୂତ ଜଳ ଗଙ୍ଗା ନାମେ ପ୍ରବାହିତ ଜାଣନ୍ତି ସକଳ । ।୪୯।
ମର୍ତ୍ତ୍ୟ ଭୂମି ଜୀବଙ୍କୁ ଯେ ଶୁଦ୍ଧ କରିପାରେ ତା' ଛୁଡ଼ା ଧରମ, ଅର୍ଥ,କାମ,ମୋକ୍ଷ କରେ ।।୫୦।
ରାମାୟଣ'ରାମ-ରମଣୀୟ ସବୁ ଧୀରେ ଅୟନ-ବାଟ ଅର୍ଥରେ ବର୍ଣ୍ଣିତ ଜହିଁରେ । ।୫୧।
ତତ୍ତ୍ୱବିତ୍‌ଙ୍କ ବିଚାରେ ସେହି ରାମାୟଣ ଚାରିବର୍ଣ୍ଣ ରାମ, ଭରତ,ଶତ୍ରୁଘ୍ନ, ଲକ୍ଷ୍ମଣ । ।୫୨।
ସାଧୁ ସନ୍ଥଙ୍କ ବିଚାରେ ରାମାୟଣ ଯାହା ଚାରିବେଦ, ଚାରିମୁକ୍ତି ଧର୍ମାର୍ଥାଦି ତାହା । ।୫୩।
ମୁନି ଋଷିଙ୍କ ମତରେ ଯେ ଏକରୁ ଚାରି ହୋଇ କର୍ଣ୍ଣଧାର ଭବସିନ୍ଧୁ କଲେ ପାରି । ।୫୪।
ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଜ୍ଞାନୀ ଚାରି କୁଳ ସତ୍ୟ, ଶାନ୍ତି, ଦୟା କ୍ଷମା ଯେ ଆଚାର ମୂଳ ।୫୫।
ରାମାୟଣ ଚାରିବର୍ଣ୍ଣରେ' ଚାରି ସାମ୍ରାଜ୍ୟ ଥିଲା ଥିଲେ ମଧ ଚାରି ରାଜା ଚାରି ରାଜ୍ୟ ।।୫୬।
ସାମ୍ୟବାଦ, ଗଣତନ୍ତ୍ର, ରାଜତନ୍ତ୍ର ମିଶି ଏକଚ୍ଛତ୍ରବାଦ ଆଦି କ୍ରମରେ ବିଶେଷି । ।୫୭।
ମିଥିଳା, ଜନକ ଅଯୋଧାରେ ଦଶରଥ କିଷ୍କିନ୍ଧ୍ୟାରେ ବାଳୀ ଲଙ୍କାଗଡ଼େ ଦଶମାଥ ।।୫୮।
ରାମାୟଣ ବୋଲି ଚାରି ଅକ୍ଷର ଯା ଖ୍ୟାତ ଚାରି ସମ୍ବାଦରେ ତାହା ହୋଇଛି ବିଖ୍ୟାତ ।।୫୯।
ଚାରି କୂଟେ ଚାରି ଘାଟେ ଚାରି ମୁକ୍ତି ପାଇଁ ଦେବ,ଦାନବ,ମାନବ, ପଶୁପକ୍ଷୀ ଚାହିଁ । ।୬୦।
ପାର୍ବତୀଙ୍କୁ ହର ଧର୍ମ ଘାଟ କୈଳାସରେ ଜ୍ଞାନ, ଗାୟତ୍ରୀ କହିଲେ ସାଯୁଜ୍ୟ ମୁକ୍ତିରେ ।।୬୧।
ଯାଜ୍ଞ ବଲ୍‌କେ ଭରଦ୍ୱାଜ କର୍ମ ଘାଟେ ବରି ତ୍ରିବେଣୀ ହିମବନ୍ତରେ ସାରୂପ୍ୟରେ ତରୀ । ।୬୨।
କାକ ଭୂଶୁଣ୍ଡ ଗରୁଡ଼େ ଜ୍ଞାନ ଘାଟେ ବ୍ୟକ୍ତ ନୀଳ ଶଇଳେ କରୁ ଯେ ସାଲୋକ୍ୟ ମୁକ୍ତିପ୍ରାପ୍ତ ।୬୩
ହନୁମନ୍ତ କବି କୁଳେ ଶିକ୍ଷା ଘାଟେ ଶିକ୍ଷା ଦେଇ ଚିତ୍ରକୁଟେ ସାମୀପ୍ୟରେ ନେଲେ ଦୀକ୍ଷା ।୬୪।
ଅନ୍ୟମାନେ ଶୁଣି ଧର୍ମ କରି ସ୍ୱର୍ଗେ ଗଲେ କିନ୍ତୁ ଧର୍ମକୁ ଆଚରି କେତେ ମୋକ୍ଷ ହେଲେ ।।୬୫
ଧର୍ମ ଦ୍ୱାରା ତ୍ୟାଗର ମହତ୍ତ୍ୱ ପଡ଼େ ଜଣା ତ୍ୟାଗ ଦ୍ୱାରା ଜ୍ଞାନପ୍ରାପ୍ତି ନୁହଁଇଟି ବଣା । ।୬୬।
ଜ୍ଞାନ ଅଗ୍ନି ଦ୍ୱାରା ପାପ ହୋଇଲେ ଦହନ ତ୍ରିଲୋକରେ ମୋକ୍ଷ ପ୍ରାପ୍ତ ହୁଏ ସେହି ଜନ ।।୬୭।
ବ୍ରହ୍ମ ବୈଷ୍ଣବ ଶୈବ ଯେ ଶାକ୍ତ ବୌଦ୍ଧ ଜୈନ ଆର୍ଯ୍ୟ ଅନାର୍ଯ୍ୟ ଦ୍ରାବିଡ଼ ପ୍ରଭୁ ରଘୁନାନ । ।୬୮ ।
ସଚ୍ଚିଦାନନ୍ଦ ନିର୍ଗୁଣ ସଗୁଣର ଦେହି ଅନନ୍ତକୋଟି ବ୍ରହ୍ମାଣ୍ଡ ପରାତ୍ପର ସେହି । ।୬୯।
ଅଛେଦ୍ୟ, ଅଭେଦ୍ୟ, ଅଲକ୍ଷ ଯେ ସେ ଅଖଣ୍ଡ ଅଚିନ୍ତ୍ୟ, ଅବ୍ୟୟ, [illegible] ଗୁଣ ମାନଦଣ୍ଡ । ।୭୦।
ସନାତନ ସେହି ରାମ ଯେ ନିତ୍ୟ ନୂତନ ମୂଳରୁ ବିଚ୍ୟୁତ କିନ୍ତୁ ନ ହୁଅନ୍ତି ପୁଣ । ।୭୧।
ତାଙ୍କ ଦରବାରେ ମାହାରୀ ଯେ ମହାରାଜା ସମାନ ହେବାରୁ ଉଡୁଅଛି ଧର୍ମ ଧ୍ୱଜା । ।୭୨।
ମାନବଙ୍କୁ ଶିକ୍ଷା ଦେବାପାଇଁ ସେ ମାନବ ରୂପକୁ କଲେ ଧାରଣ ପାଳିଲେ ଯେ ଜୀବ ।।୭୩।
ଏ ଗ୍ରନ୍ଥେ ତା ଆଲୋଚନା ହୋଇଅଛି ଘେନି ଶ୍ରେଷ୍ଠ ବିଚାର ରୂପକ ଜଳ ହୁଅ ଦାନୀ । ।୭୪।
ସେ ଜଳ ପାଉ ଶାମୁକା ହେବ ଗର୍ଭବତୀ ପ୍ରସବ କରନ୍ତେ ମୁକ୍ତା ଧନୀ ହେବ କ୍ଷିତି । ।୭୫।
ରାମଚରିତ ରୂପକ ସୁନ୍ଦର ସୂତ୍ରରେ ଏ ମୁକ୍ତାକୁ ମାଳା କରି ଘେନ ହେ ପୂତରେ ।।୭୬।
ଏ ନର ଶରୀର କଦା ନୁହେଁ ଚିରନ୍ତନ ମୃତାନ୍ତେ ମାତା ଜଠରେ ନ ପାଇବ ସ୍ଥାନ । ।୭୭।
ଯେଉଁ ଅସଦ୍ ଜନଗଣ ଏ କଳି ଯୁଗରେ ଜନ୍ମଲାଭ କରିଛନ୍ତି ଠାକୁର ଆଗରେ । ।୭୮।
ଜଠରୁ ବାହାରି କୁଆପରି କୁଆଁ କୁଆଁ ହଂସ ବଣେ ରାମ ଗାଥା ଜଣାନ୍ତି ଦୁନିଆଁ । ।୭୯।

Digitized by PPRACHIN, SOA

କପଟ ପଣେ କପଟ ରଖି ହୃଦୟରେ ପ୍ରକାଶନ୍ତି ଏହି ବେଦ ବଡ଼ିମା ପଣରେ । ।୮୦
ରାମଭକ୍ତ ବୋଲି କହି ସନ୍ଥନେ ଠକନ୍ତି କାମ କ୍ରୋଧ ଧନର ସେ ଗୋଲାମ ଅଟନ୍ତି ।।୮୧।
ଲୋଭ ଧପାବାଜି କର୍ମ ମିଥ୍ୟା ଧର୍ମ ଧ୍ୱଜା ଉଡ଼ାଇ ଗରବେ ତୋଷୁଥାନ୍ତି ଅନ୍ୟ ମନ୍ଦା । ।୮୨।
ଏ ମର୍ତ୍ତ୍ୟ ମଣ୍ଡଳେ ଯେହୁ କରେ ଏହି କାମ ସେମାନଙ୍କର ମଧ୍ୟରେ ମୁଁ ଅଟେ ଏକତମ । ।୮୩।
ଅପକୀର୍ତ୍ତି ଅବଗୁଣ କରିଲେ ପ୍ରକାଶ ହେବ ରାମାୟଣ ପରି ନ ହୋଇବ ଶେଷ । ।୮୪।
ତେଣୁ ଅଳ୍ପେ ସାରି ରାମ ନାମ ଜଳ୍ପିକରି କିଛି ଶୁଣାଉଛି ଜନେ ହୋଇବାକୁ ପାରି । ।୮୫।
ମହାପାପୀ ବାଲମିକ ଦସ୍ୟୁ ଯା' କୃପାରେ ମହାକବି ହେଲେ ଆଉ ଅଛନ୍ତି ଅପାରେ । ।୮୬।
ନୁହଇଁତ କବି ମୁହିଁ ନୁହଇ ଚତୁର ଶ୍ରଦ୍ଧାରେ କେବଳ ଘୋଷେ ନାମ ରାମଙ୍କର ।।୮୭
ଲେଖନୀ ମୁନେ ଲେଖନ୍ତେ ଭୟ ହୁଏ ଜାତ କାହିଁ ରାମାୟଣ ଗାଥା କାହିଁ ମୋ ସାମର୍ଥ୍ୟ ।।୮୮।
ଅଣାନବେ ପଦରେ ହେ ଏ ଛାନ୍ଦ ପୂରଣ କରେ ଦୟାନିଧି ଦାଶ ଚିନ୍ତି ରଘୁରାଣ । ।୮୯।

'ରା' ର ଅର୍ଥ - ରାମ ପରଂବ୍ରହ୍ମ ଆତ୍ମାପୁରୁଷ, ପ୍ରଚଣ୍ଡ, ରୁଦ୍ର, ଭୋକ୍ତା, ଜ୍ଞାନୀ, ବୈରାଗ୍ୟ, ସହିଷ୍ଣୁ, ଶୌର୍ଯ୍ୟ, ବୀର୍ଯ୍ୟ, ତେଜ, ଓଜ, ସାହସୀ, ପରାକ୍ରମୀ, କଠୋରତା, ରକ୍ଷତା, ପ୍ରଚଣ୍ଡତା, ଈଶ୍ୱର ଗୁଣଆଦି ସ୍ୱାଭାବର ଅଧିକାରୀ 'ମ'ର ଅର୍ଥ - ସୀତା ପ୍ରକୃତି ରୂପିଣୀ ଜୀବଆତ୍ମା, ନାରୀ, ସୁଶୀଳା ଜ୍ୟୋସ୍ନା, ଶୀତଳା,ସର୍ବସଂହା, ଧରିତ୍ରୀ, ମହାମାୟା, ଭୋଗ୍ୟ,ଭକ୍ତି,ଶକ୍ତି, କୋମଳତା, ନମନୀୟତା, ପ୍ରେମ, ଆକର୍ଷଣ, ତୃପ୍ତି, ଲଜ୍ୟା, କ୍ଷମା, ସେବା ଆଦି ଗୁଣର ଅଧିକାରିଣୀ ।

ସ୍ୱରବର୍ଣ୍ଣ ବ୍ୟଞ୍ଜନ ବର୍ଣ୍ଣ ରାମ ଦୁଇ ଅକ୍ଷର, ରା ରୁ ରାମ, ମ ରୁ ସୀତା ବର୍ଣ୍ଣନାକରି ସାଂଖ୍ୟ ବ୍ରହ୍ମ ନିରୂପଣ

ସ୍ୱରବର୍ଣ୍ଣ :	ଅ	ଆ	ଇ	ଈ	ଉ	ଊ	ଋ	ୠ	ଌ	ଏ	ଐ	ଓ	ଔ
	୧	୨	୩	୪	୫	୬	୭	୮	୯	୧୦	୧୧	୧୨	୧୩

ବ୍ୟଞ୍ଜନବର୍ଣ୍ଣ :	କ	ଖ	ଗ	ଘ	ଙ	ଚ	ଛ	ଜ	ଝ	ଞ	ଟ	ଠ	ଡ	ଢ	ଣ
	୧	୨	୩	୪	୫	୬	୭	୮	୯	୧୦	୧୧	୧୨	୧୩	୧୪	୧୫

ତ	ଥ	ଦ	ଧ	ନ	ପ	ଫ	ବ	ଭ	ମ
୧୬	୧୭	୧୮	୧୯	୨୦	୨୧	୨୨	୨୩	୨୪	୨୫

ଯ	ର	ଳ	ବ	ଶ	ଷ	ସ	ହ
୨୬	୨୭	୨୮	୨୯	୩୦	୩୧	୩୨	୩୩

କ୍ଷ	ୟ	ଲ
୩୪	୩୫	୩୬

Digitized by PPRACHIN, SOA

ରାଂ-ରାମ-ର+ଆ+ମ = ରାମ		୨-ସୀତା - ସ+ଈ+ତ+ଆ=ସୀତା	
'ର' ରାମ ଆଦ୍ୟାକ୍ଷର ବ୍ୟଞ୍ଜନ ବର୍ଣ୍ଣ 'କ ଠାରୁ ର' ଅକ୍ଷର ସଂଖ୍ୟା	୨୭	'ସ' ସୀତା ବ୍ୟଞ୍ଜନବର୍ଣ୍ଣ 'କ ଠାରୁ ସ' ଅକ୍ଷର ସଂଖ୍ୟା	୩୨
		+ 'ଈ' ସ୍ୱରବର୍ଣ୍ଣ 'ଅ ଠାରୁ ଈ ଅକ୍ଷର	୪
+ 'ଆ' ସ୍ୱରବର୍ଣ୍ଣ 'ଅ ଠାରୁ ଆ' ଅକ୍ଷର	୨	+ 'ତ' ବ୍ୟଞ୍ଜନବର୍ଣ୍ଣ 'କ ଠାରୁ ତ'	୧୬
+ 'ମ' ବ୍ୟଞ୍ଜନ ବର୍ଣ୍ଣ 'କ ଠାରୁ ମ'	୨୫	+ ଆ ସ୍ୱରବର୍ଣ୍ଣ 'ଅ ଠାରୁ ଆ' ଅକ୍ଷର	୨
ରାମ	୫୪	ସୀତା	।୫୪

ପୁରୁଷ ପ୍ରକୃତି ମିଳନ

ପରମାତ୍ମା ପୁରୁଷ ରାମ	- ୫୪
ଜୀବାତ୍ମା ପ୍ରକୃତିରୂପିଣୀ ସୀତା	- ୫୪
	୧୦୮

↓

ବ୍ରହ୍ମ ନିରୂପଣ

ବ୍ରହ୍ମ - ବ + ର + ହ + ମ = ବ୍ରହ୍ମ

ବ୍ରହ୍ମ ଆଦ୍ୟବର୍ଣ୍ଣ 'ବ' ବ୍ୟଞ୍ଜନ ବର୍ଣ୍ଣ 'କ ଠାରୁ ବ' ଅକ୍ଷର ସଂଖ୍ୟା	- ୨୩
ଦ୍ୱିତୀୟ ବର୍ଣ୍ଣ 'ର' ବ୍ୟଞ୍ଜନ ବର୍ଣ୍ଣ 'କ ଠାରୁ ର' ଅକ୍ଷର ସଂଖ୍ୟା	- ୨୭
ତୃତୀୟ ବର୍ଣ୍ଣ 'ହ' ବ୍ୟଞ୍ଜନ ବର୍ଣ୍ଣ 'କ ଠାରୁ ହ' ଅକ୍ଷର ସଂଖ୍ୟା	- ୩୩
ଚତୁର୍ଥ ବର୍ଣ୍ଣ 'ମ' ବ୍ୟଞ୍ଜନ ବର୍ଣ୍ଣ 'କ ଠାରୁ ମ' ଅକ୍ଷର ସଂଖ୍ୟା	- ୨୫
	୧୦୮

ପ୍ରକୃତି ବିହୀନେ ପୁରୁଷ ଚଳି ପାରେନା । ଏଣୁ ରାମ ନାମ ମୂଳ ମନ୍ତ୍ରରୁ ପ୍ରକୃତି ପୁରୁଷ ମିଳନେ ବ୍ରହ୍ମ ନିରୂପଣ କରାଗଲା । ସେ ବ୍ରହ୍ମକୁ ଜାଣି ରାମଙ୍କୁ ସ୍ମରଣ କଲେ ସୀତା ରାମଙ୍କର ପରମ ମିଳନ ହୁଏ ଏବଂ ଶହେ ଆଠ ସଂଖ୍ୟା ବିଶିଷ୍ଟ ଜପାମାଳ ଦ୍ୱାରା ଜପଗେ ଅଲଭ୍ୟ ଫଳ ମିଳିଥାଏ । ତର୍ଜମା କଲେ ଜଣାଯାଏ ଶୂନ ମୂଲ୍ୟହୀନ ସଂଖ୍ୟା ଶହେ ଆଠରୁ ଶୂନ ବାଦ ଦେବାରେ ରହିଥିବା ୧ ଓ ୮ କୁ ମିଶାଇ ମିଶାଣ ଫଳକୁ ୧ ଠାରୁ ୧୦ ପର୍ଯ୍ୟନ୍ତ ଯେ କୌଣସି ସଂଖ୍ୟାରେ ଗୁଣିଲେ ନିର୍ଣ୍ଣୟ ଗୁଣଫଳରେ ଥିବା ଅଙ୍କ ଗୁଡ଼ିକର ସମଷ୍ଟି ୧ ଓ ୮ର ମିଶାଣ ଫଳ ସଙ୍ଗେ ସମାନ । ୧ + ୮ = ୯

ଯଥା :

୯ x ୧ = ୯ (୦+୦) = ୯	୯ x ୬ = ୫୪ (୫ + ୪) = ୯
୯ x ୨ = ୧୮ (୧+୮) = ୯	୯ x ୭ = ୬୩ (୬+୩) = ୯
୯ x ୩ = ୨୭ (୨+୭) = ୯	୯ x ୮ = ୭୨ (୭+୨) = ୯
୯ x ୪ = ୩୬ (୩+୬) = ୯	୯ x ୯ = ୮୧ (୮+୧) = ୯
୯ x ୫ = ୪୫ (୪+୫) = ୯	୯ x ୧୦ = ୯୦ (୯+୦) = ୯

Digitized by PPRACHIN, SOA

ଦକ୍ଷ ଯଜ୍ଞରେ ମାତା ସତୀଙ୍କ ଦଗ୍ଧ ପିଣ୍ଡ ଭଗବାନ ବିଷ୍ଣୁ ଙ୍କ ଚକ୍ରଦ୍ୱାରା ବିଖଣ୍ଡିତ ହୋଇ ବିଭିନ୍ନ ସ୍ଥାନରେ ପଡ଼ି ୫୨ଟି ଦେବୀ ପୀଠରେ ପରିଣତ ହୋଇଅଛି ।

ଏହି ୫୨ଗୋଟି ଖଣ୍ଡ ବିଖଣ୍ଡିତ ଅଙ୍ଗ ପ୍ରତ୍ୟଙ୍ଗ, ଆଭୂଷଣ ତଥା ସେଥିରୁ ସୃଷ୍ଟି ହୋଇଥିବା ପବିତ୍ର ଦେବୀ ପୀଠ ଗୁଡ଼ିକର ନାମ ।

କ୍ରୃ.ନ.	ଅଙ୍ଗ ଆଭୂଷଣ	ଦେବୀପୀଠର ନାମ	ସ୍ଥାନ
୧	ବାମସ୍ତନ	ତ୍ରିପୁରମାଳିନୀ	ପଞ୍ଜାବ
୨	ହୃଦୟ	ଜୟଦୁର୍ଗା	ବିହାର
୩	ଗଳା	ମହାମାୟା	କାଶ୍ମୀର
୪	ମୁକୁଟ	ବିମଳା	ବାଟାନଗର
୫	କର୍ଣ୍ଣ କୁଣ୍ଡଳ	ବିଶାଳାକ୍ଷୀ	କାଶୀ.
୬	ଗୋଡ	ଅମ୍ବିକା	ବିରାଟ
୭	କଙ୍କାଳ	ଦେବଗର୍ଭା	କାଞ୍ଚୀ.
୮	ବାମ ନିତମ୍ବ	କାଳୀ	କାଳମାଧବ
୯	ଡାହାଣ		
	ଆଙ୍ଗୁଠି	ଭୂତଧାତ୍ରୀ	ବର୍ଦ୍ଧମାନ
୧୦	କହୁଣୀ	ମାଙ୍ଗଲ୍ୟ ଚଣ୍ଡିକା	ଉଜ୍ଜୟିନୀ
୧୧	ବାମପାଦ	ଭ୍ରାମରୀ	ବଙ୍ଗଳା
୧୨	କରତଳ ପୃଷ୍ଠ	ଯଶୋରେଶ୍ୱରୀ	ବଙ୍ଗଳାଦେଶ
୧୩	ବକ୍ଷୋସ୍ଥଳ	କୁମାରୀ	ମାଡ୍ରାସ୍
୧୪	ବାମକହୁଣୀ	ସାବିତ୍ରୀ	କୁରୁକ୍ଷେତ୍ର
୧୫	ପେଟ	ଚନ୍ଦ୍ରଭାଗା	ଗିରନାର
୧୬	ଉପରଦାନ୍ତ	ନାରାୟଣୀ	କନ୍ୟାକୁମାରୀ
୧୭	କଣ୍ଠ	କାଳିକା	ନଲ୍ହାଟୀ
୧୮	ଦକ୍ଷିଣ ସ୍ତନ	ଶିବାନୀ	ରାମଗିରି
୧୯	ଡାହାଣ		
	ପାଦ ଅଙ୍ଗୁଷ୍ଠି	ଅମ୍ବିକା	ଜୟପୁର
୨୦	ଓଠ	ଶର୍ବାଣୀ	କନ୍ୟାକୁମାରୀ
୨୧	ବାମ ଜଙ୍ଘ	ଜୟନ୍ତୀ	ଆସାମ
୨୨	ଥୋଡି	ଭ୍ରାମରୀ	ନାସିକ୍
୨୩	ଉପର ଓଷ୍ଠ	ଅବନ୍ତୀ	ସିପ୍ରାନଦୀ ତଟ
୨୪	ତଳଦାନ୍ତ	ବାରାହୀ	ପଞ୍ଚସାଗର
୨୫	[illegible]	[illegible]	ବଙ୍ଗଳ
୨୬	ଡାହାଣ ଜଙ୍ଘ	ସର୍ବାନନ୍ଦକାରୀ	ମଗଧ
୨୭	ଡାହାଣ ଗାଲ	ରୁକ୍ମିଣୀ	ଗୋଦାବରୀ
୨୮	ତିନି ଆଖି	ମହିଷ ମର୍ଦ୍ଦିନୀ	[illegible]
୨୯	ନୂପୁର	ଇନ୍ଦ୍ରାକ୍ଷୀ	ଶ୍ରୀଲଙ୍କା
୩୦	ବାମଭୁଜ	ବହୁଳା	[illegible]
୩୧	ଡାହାଣ ହାତ	ଦକ୍ଷାୟଣୀ	ମାନସରୋବର
୩୨	ଡାହାଣ		
	[illegible]	କପାଳିନୀ	ବଙ୍ଗଳା
୩୩	ଡାହାଣ ବାହୁ	ଭବାନୀ	ବଙ୍ଗଳାଦେଶ
୩୪	ନାଭି	ବିମଳା	ପୁରୀ
୩୫	ତଳ ଓଷ୍ଠ	ଫୁଲ୍ଲରା	ଅମରପୁର
୩୬	ବାମସ୍କନ୍ଧ	ଉମା	ମିଥିଳା
୩୭	କେଶ	ଉମା	ବୃନ୍ଦାବନ
୩୮	ହାତ ଅଙ୍ଗୁଳି	ଲଳିତା	ପ୍ରୟାଗ
୩୯	ଗଳା	ମହାଲକ୍ଷ୍ମୀ	ନେପାଳ
୪୦	ଦୁଇଗୋଡ଼	ମହାମାୟା	ନେପାଳ
୪୧	ବାମଗାଲ	ଗଣ୍ଡକୀ	ନେପାଳ
୪୨	ଶିର	ସିଦ୍ଧିଦାତ୍ରୀ	[illegible]
୪୩	ବାମପାଦ	ତ୍ରିପୁରସୁନ୍ଦରୀ	ତ୍ରିପୁରା
୪୪	ଯୋନି	କାମାକ୍ଷା	ଆସାମ
୪୫	ତ୍ରିନେତ୍ର	ମହିଷାମର୍ଦ୍ଦିନୀ	କୋହ୍ଲାପୁର
୪୬	କଣ୍ଠହାର	ନନ୍ଦିନୀ	ନନ୍ଦିପୁର
୪୭	[illegible]		
	(ଶିର)	ହିଙ୍ଗୁଳା	ଆଫଗାନିସ୍ତାନ
୪୮	ନାସିକା	ସୁନନ୍ଦା	ବଙ୍ଗଳାଦେଶ
୪୯	ବାମ ନାସିକା	ନର୍ମଦା	ଅମରକଣ୍ଟକ
୫୦	ପାପୁଲି	ଗାୟତ୍ରୀ	ପୁଷ୍କର
୫୧	ଡାହାଣ ଗୋଡ	ଶ୍ରୀ ସୁନ୍ଦରୀ	ମାଦ୍ରାସ୍
୫୨	କାନ	[illegible]	କର୍ଣ୍ଣାଟକ

Digitized by PPRACHIN, SOA

ଦକ୍ଷ ଯଜ୍ଞ ଭଗ୍ନ

Digitized by PPRACHIN, SOA

ଶିବ ପାର୍ବତୀ ଉପାଖ୍ୟାନ

(ରାଗ-କଳସା) (ଚଉଦ ଅକ୍ଷରୀ)

ଛାନ୍ଦ - ୧୦

ପାର୍ବତୀ ପୁଚ୍ଛନ୍ତି ଶିବେ ପ୍ରଣିପାତ ହୋଇ କୁହନାଥ ମୁକ୍ତିପଥ ବେଦେ ଯା ଅଛଇ । ।୧।
ମୁକ୍ତିର କ୍ରିୟା, କାରଣ, କର୍ମନା ସୁଜ୍ଞାନ କିମ୍ବା କର୍ମ ଜ୍ଞାନ ଦୁହେଁ ମୁକ୍ତିର କାରଣ । ।୨।
ଏ ମର ସଂସାରେ ଶ୍ରେଷ୍ଠ ମାନବ ଜନମ ପଡିଲେ କି ଗ୍ରଛ ନ ଦଣ୍ଡିବ କାଳଯମ । ।୩।
ଶୁଣି ସଦାଶିବ ହସି ଦିଅନ୍ତି ଉତ୍ତର ଶୁଣ ପ୍ରିୟେ ଏ ଆଶ୍ଚର୍ଯ୍ୟ ପ୍ରଶ୍ନର ଉତ୍ତର । ।୪।
ଆତ୍ମା ଜ୍ଞାନେ ଯୋଗସିଦ୍ଧି ଯୋଗରୁ ମୁକତି ଶ୍ରବଣ କର ଶ୍ରଦ୍ଧାରେ ଲଭିବ ସୁଗତି । ।୫।
ପୂର୍ବେ ସତୀ ତୁମ ପିତା ଦକ୍ଷ ପ୍ରଜାପତି ଦକ୍ଷ ଯଜ୍ଞ କରିଲେ ଆମ୍ଭଙ୍କୁ ନ ନିମନ୍ତି । ।୬।
ତୁମ୍ଭେ ଅବାଧେ ଯାଇଣ ଯଜ୍ଞ କୁଣ୍ଡେ ପ୍ରାଣ ବିସର୍ଜିଲ, ମୁହିଁ ଯାଗ ଭାଙ୍ଗି କଲି ରଣ । ।୭।

ଦକ୍ଷଯଜ୍ଞ ଭଗ୍ନ

କରଘାତେ ଦକ୍ଷମୁଣ୍ଡ ଛିଡ଼ି ହେଲା ବଳି ତୁମ୍ଭ ଦଗ୍ଧ ଦେହ ଯଜ୍ଞକୁଣ୍ଡୁ ମୁଁ ଆଣିଲି । ।୮।
ମନଦୁଃଖେ ସ୍କନ୍ଧେଧରି ବୁଲେ ନୋହି ବୋଧ ତୁମ୍ଭ ବିରହରେ ବେଳୁ ବେଳ ଜାତ କ୍ରୋଧ । ।୯।
ମାୟାଧର ମାୟାକରି ପେଷି ଚକ୍ରବର ଖଣ୍ଡ ଖଣ୍ଡ କରି ଧଗ୍ଧ ଅଙ୍ଗକୁ ତୁମ୍ଭର । ।୧୦।
ନାନା ସ୍ଥଳେ ପକାଉ ସେ ହେଲା ଦେବୀ ପୀଠ ଗଣତିରେ ବାବନ ଟା ହୋଇଲା ବିଖ୍ୟାତ ।।୧୧।
କିନ୍ତୁ ବେଳୁବେଳ କୋପାନଳ ମୋରନେତ୍ର ହେଲା ତବ ଗୁଣ ରୂପ ଚିନ୍ତି ଅନ୍ତର ଦହିଲା । ।୧୨।
କୋପରୁ ନେତ୍ରେ ନି ଦିଶେ ହୃଦୟ ଅସ୍ଥିର ପୁଚ୍ଛା କଲି ଧାତା ପଦେ ଏହା ପ୍ରତିକାର । ।୧୩।
ପରମ ପୁରୁଷ ଧାତା ଦେଇ ଯେଉଁ ମନ୍ତ୍ର ପାପୁ ମୁକ୍ତ କରାଇଣ ହୃଦ କଲେ ଶାନ୍ତ । ।୧୪।
ସେ ଚରିତ ତୁମ୍ଭ ଆଗେ କରିବି ବ୍ୟକତ ସ୍ନେହେ ଘେନ ପଞ୍ଚପ୍ରାଣ ହୋଇବ ପବିତ୍ର ।୧୫।
ଗଣେଶଙ୍କୁ ଡ଼କାଇଣ ଆଣ ଏହିଠାରେ ଲେଖନୀ ଧରି ଲେଖନ୍ତୁ ସେ ଜନ ହିତରେ । ।୧୬।
ସରସ୍ୱତୀ ଆସି ତାହା କରନ୍ତୁ ଶ୍ରବଣ ଲେଖକ ଚିନ୍ତିଲେ ତାହା କରିବେ ସେ ଦାନ।।୧୭।
ଏହା ଶୁଣି ସେ ଭବାନୀ ଗଣେଶ, ଭାରତୀ ଡ଼କାଉଁ ଆସି ବସନ୍ତି ମନେ ବହି ପ୍ରୀତି । ।୧୮।
ଦେଖୁ ଦେବ ଦେବ ଶିବ ଭାଷିଲେ ପୁରାଣ ଗଣେଶ ଲେଖନ୍ତି ବାଣୀ କରନ୍ତି ଶ୍ରବଣ । ।୧୯।
ଶିବ ଗୌରୀ ସୀତାରାମ ପଦ ସଦାଚିନ୍ତି ବିଂଶ ପଦେ ଦୟାନିଧି କରଇ ବିନତି । ।୨୦।

ମାସ ପାରାୟଣ ୧ମ ବିଶ୍ରାମ

ବିଧାତାଙ୍କ ମୁଖରୁ ଶିବଙ୍କର ସପ୍ତ ପୁରାଣ ଶ୍ରବଣ
ବ୍ରହ୍ମଶାପ ମୋଚନ, ନାରଦ ବୈକୁଣ୍ଠପୁରେ ରାମ ରୂପ ଦର୍ଶନ

(ରାଗ-ରାମକେରୀ) **ଛାନ୍ଦ - ୧୧**

ଦିନେକ କୈଳାସ ପୁରକୁ ଧାତ, କରୁ ଗମନ
ଦର୍ଶନେ ଶଙ୍କର ବନ୍ଦନ୍ତି ଦେଇ ଦିବ୍ୟ ଆସନ । ।୧।

Digitized by PPRACHIN, SOA

ବ୍ରହ୍ମହତ୍ୟା ପାପ ଦୂର ପାଇଁ ଶିବଙ୍କୁ ବ୍ରହ୍ମାଙ୍କର ରାମ ନାମ ଜପ ପାଇଁ ଉପଦେଶ ।

Digitized by PPRACHIN, SOA

ଆସନ ଆରୋହୀ ଆଶିଷ କରି ସାବିତ୍ରୀ ସାଇଁ
କୁଶଳ ପୁଚ୍ଛନ୍ତେ ଈଶ୍ୱର ଭାଷନ୍ତି ଦୁଃଖୀ ହୋଇ । ।୨।

ଦକ୍ଷ ଯଜ୍ଞ ଭଗ୍ନକାଳରୁ ମନ କାହିଁ ନ ରସେ
ମୃଗ ତୃଷ୍ଣା କ୍ରୋଧେ ଝଲକେ ନେତ୍ରେ ଭଲ ନ ଦିଶେ । ।୩।

ହୃଦୟ ହୁଅଇ ଅଧୀର କରାନ୍ତୁ ପ୍ରତିକାର
ଶୁଣନ୍ତେ ବିଧାତା ପୁରୁଷ ହୃଦେ କରି ବିଚାର । ।୪।

ବେଦ ମଧ୍ୟୁ ବାଛି ସପତ ଗ୍ରନ୍ଥ କଲେ ପ୍ରକାଶ
ତା ମଧ୍ୟରୁ ରାମ ଚରିତାମୃତ ଅତି ସରସ । ।୫।

ଯେ ଗାଥା ବିଧାତା ବଦନ୍ତେ ହେଲା ମୋ ମହାମନ୍ତ୍ର
ସଂସାର ଜନହିତେ ଏଥି କରୁଛି ତା ବ୍ୟକତ । ।୬।

ପ୍ରଥମେ ମୀନ ରୂପେ ଦଳି ପ୍ରଳୟ ଜଳଧିକୁ
ଦାନବ ଶଙ୍ଖାସୁର ମାରି ବେଦ ଦେଲେ ଧାତାକୁ । ।୭।

ଦ୍ୱିତୀୟେ ଦେବତା ଦଇତ ମନ୍ଥିଲେ ଯହୁଁ ସିନ୍ଧୁ
କମଠ ରୂପରେ ପୃଥିବୀ ବହିଲେ ଦୀନବନ୍ଧୁ । ।୮।

ତୃତୀୟେ ହିରଣାକ୍ଷସୁର ହରିଣ ନେଲା ମହୀ
ବରାହ ରୂପେ ଦନ୍ତ ଅଗ୍ରେ ରଖିଲେ ଭାବଗ୍ରାହୀ । ।୯।

ଚତୁର୍ଥାବତାରେ ହିରଣ୍ୟ ଧ୍ୱଂସନ୍ତେ ସୁରପୁର !
ଭକ୍ତ ପ୍ରହଲ୍ଲାଦ ଭକ୍ତିରେ ତାକୁ କରିଲେ ଚୁର । ।୧୦।

ପଞ୍ଚମେ ଅତିଗର୍ବେ ବଳୀ ଇନ୍ଦ୍ରେ କରନ୍ତେ ରୋଷ
ବାମନ ରୂପେ ଦ୍ୱାରୀ ହୋଇ ବଢ଼ାଇଲେ ତା ଯଶଃ । ।୧୧

ଏହିପରି ମତ୍ସ୍ୟ, କଚ୍ଛପ, ବରାହ ଆଦି ଜାଣ
ନରସିଂହ ଜନ୍ମ ବାମନ ହୋଇ ବଳୀ ଦ୍ୱାରେଣ । ।୧୨।

ଆବର ବେନି ଜନ୍ମ ଘେନ ଅଟେ ସେ ବ୍ରହ୍ମ ତତ୍ତ୍ୱ
ପରଶୁଧାରୀ ରାମ ରଘୁବଂଶ ରାମ ଚରିତ । ।୧୩।

ଯେଉଁ କାର୍ଯ୍ୟେ ରଘୁବଂଶରେ ରାମ ହୋଇଲେ ଜନ୍ମ
ଯେଉଁ କାର୍ଯ୍ୟ ଦେବହିତରେ କରିଲେ ସମାପନ । ।୧୪।

ରଘୁବଂଶ କୀର୍ତ୍ତି ଆଗରୁ ଯତ୍କିଞ୍ଚିତ ଯା ଥିଲା
ରାଘବ କଥା ଲିପିବଦ୍ଧେ ରାମାୟଣ ହୋଇଲା । ।୧୫।

କେଉଁଠାରେ ରାମ ଜନମ କିପରି ହେଲା ପ୍ରାପ୍ତ
କିଏ ରାମଚନ୍ଦ୍ର ସୀତୟା କିଏ କିମ୍ପାଇଁ ବ୍ୟାପ୍ତ । ।୧୬।

Digitized by PPRACHIN, SOA

ନର ହେଲେ ରାମ କିମ୍ପାଇଁ ହୋଇଣ ନାରାୟଣ
କେଉଁ ପାପୀ କେଉଁ ଭକ୍ତକୁ କରିବାକୁ କାରଣ । ।୧୭।

ରାମାୟଣ ଗ୍ରନ୍ଥ ଭାଗକୁ କାଣ୍ଡ କିମ୍ପାଇଁ କହି
ସମସ୍ତ ଚରିତ ଭକ୍ତିରେ ଶୁଣ ଦେବି ବୁଝାଇ । ।୧୮।

କର୍ଣ୍ଣପଥେ ଯାହା ଶୁଣୁ ମୁଁ ଭବ ପାପ ଖଣ୍ଡିଲା
ବକ୍ଷ ଦାହ ବିନାଶ ହେଲା ନେତ୍ରେ ସୁଦୃଶ୍ୟ ହେଲା । ।୧୯।

ଅତି ମଧୁର ସେ ମାନସ ମୋର ହେଲା ପବିତ୍ର
ସେହି କାଳୁ ଜପ କରିଲି ମୁହିଁ ଶ୍ରୀରାମ ମନ୍ତ୍ର । ।୨୦।

ହିମାଦ୍ରି ନନ୍ଦିନୀ ଆଶ୍ଚର୍ଯ୍ୟ ହୋଇ ପୁଛନ୍ତି ଶିବେ
ସଚରାଚର ଧରାଜନେ ଯାକୁ ବନ୍ଦନ୍ତି ଦେବେ । ।୨୧।

ତୁମେତ ତୁମର ଠାକୁର ସେହି କିପରି ହେଲେ
ସନ୍ଦେହ ଲାଗାଇ ନାଥ ହେ ବୁଝାଇ କହ ଭଲେ । ।୨୨।

କାହିଁ ରାମଚନ୍ଦ୍ର ସମ୍ଭବ ହେଲେ କାହାର କୋଳେ
କିପରି ସେ ପୂଜ୍ୟ ହୋଇଲେ ତୁମର ମନେ ଭାଳେ । ।୨୩।

ଶୁଣି ଫଣୀଧର ହରଷ ମନେ ଶ୍ରୀରାମ ଚିନ୍ତି
ଗାୟନ କଲେ ରାମାୟଣ ଅର୍କ ବଂଶ କୀରତି । ।୨୪।

ଯାହାଠୁ ଉତ୍ପତ୍ତି ସ୍ଥିତି ଏ ସର୍ବ ଭୂତାଦି ଗଣ
ଯାହାଠାରେ ଭୂତ ଅନ୍ତରେ ଲୟେ ପାଏ ନିର୍ବାଣ । ।୨୫।

ଜ୍ଞେୟ, ଜ୍ଞାନ, ଜ୍ଞାତା, ସେ ଦିବ୍ୟଦ୍ରଷ୍ଟା ଦିବ୍ୟ ଆସନ
କ୍ରିୟା,କର୍ତ୍ତା,କାର୍ଯ୍ୟକାରଣ ତାହାଙ୍କ ଅଧିଷ୍ଠାନ । ।୨୬।

ଦିନେ ଯେ ନାରଦ ମହର୍ଷି ନାରାୟଣ ଦର୍ଶନ
ପାଇଁ ଧ୍ୟାନ କରୁ ମାନସ ହୋଇଲା ଛନ ଛନ । ।୨୭।

କନ୍ଧେ ଉପବୀତ କରରେ କର ମାଳକୁ ଧରି
ନାରାୟଣ ଯେ ନାରାୟଣ ବାରମ୍ବାର ଉଚ୍ଚାରି । ।୨୮।

କ୍ଷୀରାବ୍ଧିକୁ ଗଲେ ଗୋଲକ ବୈକୁଣ୍ଠ ଯେଉଁ ସ୍ଥାନ
ରହନ୍ତି ଯେ ସ୍ଥାନେ ପରମ ଲକ୍ଷ୍ମୀ ଶ୍ରୀନାରାୟଣ । ।୨୯।

ଦିବସ ରଜନୀ ସମାନ ଜରା ମରଣ ଶୋକ
କାମ,କ୍ରୋଧ,ମଦ,ମାତ୍ସର୍ଯ୍ୟ,ଲୋଭ.ମୋହ ଯେତକ । ।୩୦।

କିଛି ନାହିଁ ଖୋଲା ଦୁଆର ସଦା ପ୍ରଭୁ ଜାଗ୍ରତ
ପୁଣ୍ୟାତ୍ମାମାନେ ଯେ ଗମନ୍ତି ମୁକ୍ତିଲାଭେ ଅଗ୍ରତ । ।୩୧।

Digitized by PPRACHIN, SOA

ବୈକୁଣ୍ଠ ପୁରେ ନାରାୟଣଙ୍କ ସ୍ଥାନରେ ରାମ ଆଦିଙ୍କୁ ନାରଦଙ୍କର ଦର୍ଶନ

Digitized by PPRACHIN, SOA

କିନ୍ତୁ ସେହି ଦିନ ନାରଦ ନାରାୟଣେ ନ ପାଇ
ବିଦଗ୍ଧିତେ ବୁଲୁ ଦେଖିଲେ ଅପୂର୍ବ ରୂପ ତହିଁ । ।୩୨।

ରାମ, ସୀତା,ଭ୍ରତ, ଲକ୍ଷ୍ମଣ, ଶତ୍ରୁଘ୍ନ, ହନୁମାନ
ବସିଛନ୍ତି ଏକ ଆସନେ ଋଷି ହୋଇ ମଉନ । ।୩୩।

ପଚାରନ୍ତି ପୁଣି ରାମଙ୍କୁ ମୋ ପ୍ରିୟ ନାରାୟଣ
ପରିପନ୍ଥୀ ତୁମେ କିଏ ସେ ନାହିଁ ଆୟୁଧଗଣ । ।୩୪।

କିବା ମାୟାଧର କରୁଛ ମାୟା ବିଡ଼ିବା ପାଇଁ
କିଏ ତୁମ୍ଭେ କହ ଏମାନେ କିଏ ଏଥି କିମ୍ପାଇଁ । ।୩୫।

ହସି କାମଦ ଚିନ୍ତାମଣି କହନ୍ତ ହେ ଦେବର୍ଷି
ହସିବା କଥା ଏ ନ ଚିହ୍ନ ହୋଇ ତ୍ରିକାଳ ଦର୍ଶୀ । ।୩୬।

ଛପନ ସହସ୍ର ବରଷ ପରେ ଏ ମର୍ତ୍ତ୍ୟଧାମେ
ଛତ୍ରପତି ହେବ ଦଇତ ଏକ ରାବଣ ନାମେ । ।୩୭।

ଦଣ୍ଡିବ ତ୍ରିଦଶେ ବିରଞ୍ଚି ବରେ କାନ୍ଦିବ ଧରା
ଦଣ୍ଡିବାକୁ ତାକୁ ଏ ରୂପ ମୁହିଁ ଧରିବି ତ୍ୱରା । ।୩୮।

ବିଦେହ ନନ୍ଦିନୀ ବୈଦେହୀ ଏହି ମୋ ପ୍ରିୟା ଜାଣ
ବିଦେହ ମୋ ତିନି ଅନୁଜ ଦାସ ଏ ହନୁମାନ । ।୩୯।

ଏହାଙ୍କୁ ଧରି ମୁଁ ମରତେ ଆସି କରିବି ଲୀଳା
ଏହା ଧାତା ଆଗେ କହିବ ତୁମେ ନ କରି ହେଳା । ।୪୦।

ଦେବତାଏ ଭାଲୁ, ମର୍କଟ କ୍ଷେତ୍ରେ ବଢ଼ାନ୍ତୁ ଅଂଶ
ଦେବତାଙ୍କ କାର୍ଯ୍ୟେ ଲାଗିବ ରକ୍ଷ ହୋଇବେ ଧ୍ୱଂସ । ।୪୧।

ରଖିଲତ ମନେ ଅଚ୍ୟୁତ ମୁହିଁ ମୋ ନାମ ରାମ
ରଖିବି ନାରଦ କହନ୍ତି ନାମ କେଡ଼େ ଆରାମ । ।୪୨।

ଅଚ୍ୟୁତ ନାମକୁ କରିଲି ଚ୍ୟୁତ ଏ ରାମ ମନ୍ତ୍ର
ଅଚଳ ମନରେ ଗାଇବି ବାଇ ଏ ବୀଣା ଯନ୍ତ୍ର । ।୪୩।

ବୈକୁଣ୍ଠେ ନାରଦ କହନ୍ତି ଯାହା କଲ ପ୍ରକଟ
ବୈକୁଣ୍ଠାଧିପତି ହୋଇ ଯେ କିମ୍ପା ନେବ ମର୍କଟ । ।୪୪।

କି କାର୍ଯ୍ୟ କାରଣେ କାହିଁକି ତୁମେ ଏକରୁ ଚାରି
କିପରି ହୋଇବ କିଏ ସେ ହୋଇବେ ଗର୍ଭଧାରୀ । ।୪୫।

Digitized by PPRACHIN, SOA

ସମସ୍ତ କହନ୍ତୁ ବୈଦେହୀ ଜନନୀ କେ ସନ୍ଦେହ

ସମଧିକେ ସେଥି କହନ୍ତି ପ୍ରଭୁ ବଢ଼ାଇ ସ୍ନେହ । ।୪୬।

କୃତ ଯୁଗେ ବର ଦେଇ ଯେ ଶାପ ହେତୁ ସତ୍ୱର

କୃତ କର୍ମେ ଯିବି ମରତେ ତେଜି ବୈକୁଣ୍ଠ ଘର । ।୪୭।

ଚାରି ଅଂଶେ ଅଂଶାବତାରେ ଭବେ ସମ୍ଭବ ହେବି

ଚାରି କର, ଆୟୁଧ ଛାଡ଼ି ଧନୁଶର ଧରିବି । ।୪୮।

ସୁବିଖ୍ୟାତ ସୂର୍ଯ୍ୟବଂଶରେ ଅଯୋଧ୍ୟା ନଗରୀରେ

ସୁବିଖ୍ୟାତେ ଲୀଳା କରିବି ମୁଁ ମାନବପୁରୀରେ । ।୪୯।

ପଚାରିଲ ଯାହା କହୁଛି ତାହାର ଆଦିଅନ୍ତ

ପରମ ପବିତ୍ର କଥା ସେ ଜନେ ହେବେ ପବିତ୍ର । ।୫୦।

କଶ୍ୟପ ବନିତା ଅଦିତି, କ୍ରୋଧା, କଦ୍ରୁ ସତ୍ୟରେ

କଶ୍ୟପଙ୍କ ଆଗେ ପ୍ରବେଶି ପୁତ୍ର କାମନା କଲେ । ।୫୧।

ଦ୍ୱାଦଶ ଅକ୍ଷର ମନ୍ତ୍ରକୁ ସର୍ବେ କରିଲେ ଜପ

ଦ୍ୱାଦଶ ବରଷ ଶେଷରେ ମୁହିଁ ଯାଇ ସମୀପ । ।୫୨।

ବର ଯାଚୁ ଋଷି ଦମ୍ପତ୍ତି ଦୁଇଟି 'କିସମର'

ବରକୁ ମାଗିଲେ ତୋପରି ପୁତ୍ର 'ତୁ' ହ କୁମର । ।୫୩।

ସେ କଶ୍ୟପ ଦଶରଥ ଯେ ହେବେ ଅଜତନୟି

ସେ ଅଦିତି କଉଶଲ୍ୟା ଯେ କ୍ରୋଧା ହେବେ କୈକେୟୀ । ।୫୪।

କଦ୍ରୁ ଯେ ସୁମିତ୍ରା, ଅନନ୍ତ, ଶତ୍ରୁଘ୍ନଙ୍କର ମାତା

ସୁକର୍ମୁ ମାତାଙ୍କ ସମ୍ପର୍କୁ ପିତା ହୋଇବେ ପାତା । ।୫୫।

ଏକୁ ମୁଁ ଚାରି ଚରୁ ହୋଇ ଯଜ୍ଞକୁଣ୍ଡୁ ସମ୍ଭୁତ

ଏକ, ଏକ, ଦୁଇ ମାତା ଏ ସେବୁ ଗର୍ଭ ଉଦିତ । ।୫୬।

ବନରେ ପରୀକ୍ଷା କାଳରେ ଅଦିତି ମୋତେ କୋଳେ

କ୍ରନ୍ଦନେ ଧଇଲେ ଭରତେ କ୍ରୋଧା ଧଇଲେ ଭୋଳେ । ।୫୭।

କଦ୍ରୁ ଯେ ଗଉର ସୁତନୁ ଦୁଇ ଧରିଣ ଖୁସି

କଦର୍ଯ୍ୟ ହରଣେ ହୋଇବୁ ପୁତ୍ର ଅଛି ଯେ ଭାଷି । ।୫୮।

ଟୀକା : ୪- କଶ୍ୟପ, ଅଦିତି, କ୍ରୋଧା, କଦ୍ରୁ ତପ ସମୟେ ମୁଁ ଚାରି ବାଳକ ରୂପରେ ପରୀକ୍ଷା କରିବାକୁ ତାଙ୍କ ସମ୍ମୁଖରେ ଉପସ୍ଥିତ ହେବାରେ ତପଛାଡ଼ି ଅଦିତି, ମୋତେ, କ୍ରୋଧା ଭରତକୁ ଏବଂ କଦ୍ରୁ ,ଲକ୍ଷ୍ମଣ, ଶତ୍ରୁଘ୍ନକୁ ମୋଳକୁ ଟାଣି ନେଇ ଚୁମ୍ବନ ଦେଇଥିଲେ । ମୁଁ କଶ୍ୟପଙ୍କୁ ବର ଯାଚିବାରେ ସେ ମୋ ପରି ପୁତ୍ର କାମନା କଲେ । ପରଜନ୍ମରେ କାମନା ପୂରଣ ହେବ କହି, ତପସ୍ୱୀନୀ ତ୍ରୟଙ୍କୁ ବର ଯାଚିବାରେ ସେମାନଙ୍କ ଉଦରରୁ ଜନ୍ମ ନେବାକୁ ମାଗିଲେ । ଏଣୁ ଯଜ୍ଞ ଚରୁରୁ ଆମ୍ଭର ସମ୍ଭବ ହେବ ମାତାଙ୍କ ସମ୍ପର୍କରୁ ପାତା ପିତା ପାଳନକର୍ତ୍ତା ବୋଲାଇବେ ଏ ବର ଦେଇଛ ।

Digitized by PPRACHIN, SOA

ଏ ଉତ୍ତାରେ ଅନ୍ୟ ପ୍ରସଙ୍ଗ ଶୁଣ ମନୁ ସନ୍ଦେହ
ଏକା ବେଳେ ନାଶ ହୋଇବ ଦୂର ହୋଇବ ମୋହ । ।୫୯।
ବଳି ଦାନ ଦେବା କାଳରେ ଆସି ବିରଞ୍ଚି ଆଦି
ବଳି ବଳ ଦର୍ପ ହରଣେ କରିଣ କାରସାଦି । ।୬୦।
କହିଥିଲେ ମସ୍ତ କଇଁଛ ହୋଇ ସେଥି ନ ଯିବ
କହିବା କଥା ନ ରଖିଲେ ବଳି ମରଦି ଦେବ । ।୬୧।
ଛଳି ସେ କଥାକୁ ବାମନ ରୂପ ଧରୁ କଥାରେ
ଛଳି ସେ କହିଲେ ଏ ଜନ୍ମ ନେବା ଗଲା ବୃଥାରେ । ।୬୨।
'ମୁଁ' କାର ହରଣେ ଚରଣେ ବୃଦ୍ଧି କରି ଆକାଶ
ମୁଁ ଘୋଟୁ ବିରଞ୍ଚି ଡ଼ାକିଲେ ଶଙ୍କର ଧାଇଁ ଆସ । ।୬୩।
ଅନ୍ୟସୁରେ ମଧ ଆସନ୍ତୁ ପାଦ ଉଦକ ପାଇଁ ।
ଅନୁସରି ଗଙ୍ଗା ଢ଼ାଳିଲେ ପାଦ ନ ହେଲା ଧୋଇ । ।୬୪।
ନଖକୋଣେ ଗଙ୍ଗା ରହିଲେ ପାଦୋଦକ ନମିଲେ
ନମସ୍କୃତେ ସର୍ବେ ଫେରିଲେ ମନଦୁଃଖେ ଶିଥିଳେ । ।୬୫।
ଭକ୍ତ ଅହଙ୍କାର ନ ସହେ ଦୁଃଖ ହରେ ମୁଁ ବୁଲି
ଭକ୍ତ ଅନୁରକ୍ତେ ଘୋଷନ୍ତି ଭକ୍ତ ବାନ୍ଧବ ବୋଲି । ।୬୬।
ବରଦ ହୋଇଲି ନ ସହି ଦୁଃଖ ବାଞ୍ଛା ପୂରଣ
ବରରୁ ହୋଇବ ତ୍ରେତୟା ଯୁଗେ ଯେପରି ଶୁଣ । ।୬୭।
ଯାଚରଣାମୃତ ନ ପାଇଁ ଦୁଃଖ 'ତା' ନାମାମୃତ
ଯାଚଞ୍ଚା ଆଗରୁ ପାଇଣ ହୋଇବ ସର୍ବେ ପୂତ । ।୬୮।
ଧରିଣ ତୁମ୍ଭଙ୍କୁ କରିଣ ଲୀଳା ଖେଳା ମୁଁ ମର୍ତ୍ତ୍ୟେ
ଧରଣୀର ଦୁଃଖ ହରିବି ତାହା ନ ହେବ ସତ୍ୟେ । ।୬୯।

କେଉଁ ଦେବ ଅଂଶ ରୁ କେଉଁ ଭାଲୁ ମର୍କଟ ସମ୍ଭବ

ବ୍ରହ୍ମା ବ୍ରହ୍ମୁ ଜାତ ଜମ୍ବେବ ହନୁମାନ ଯେ' ଶିବ
ବ୍ରହ୍ମାଣ୍ଡ ବ୍ୟାପିତ ତପନ ପୁତ୍ର ହେବ ସୁଗ୍ରୀବ । ।୭୦।
ବିଶ୍ୱକର୍ମା, ଅଗ୍ନି, ନନ୍ଦନ ନଳ, ନୀଳ ହୋଇବେ ।
ବିଶ୍ୱ ପରିକ୍ରମା କରିଣ ଲଙ୍କାପୁର ଦହିବେ । ।୭୧।
ସୁରପତିଙ୍କର କୁମର ବାଳି ବଳିଷ୍ଠେ ସାର
ସୁରଙ୍କୁ ନମାନି ମୋ କର ଶରେ ହେବ ଉଦ୍ଧାର । ।୭୨।

Digitized by PPRACHIN, SOA

ଏହିପରି ଆନ ଆନ ଯେ ହେବେ ରଖହେ ମନେ
ଏହି ସବୁ କଥା କହିବ ବିଧାତାଙ୍କୁ ଧିଆନେ । ।୭୩।
ବ୍ରହ୍ମାନପ୍ତା ହେବ ରାବଣ ଆଜ୍ଞା କରି ପ୍ରଚାର
ବ୍ରହ୍ମ ଆମ୍ଭ ଜନ୍ମ ନ ହେବା ପାଇଁକି ଉପଚାର । ।୭୪।
କରିବ ସରିବ ସେ ପାଇଁ ଯଜ୍ଞ ଚରୁରୁ ଆମ୍ଭେ
କର୍ଷଣ ଭୂମିରୁ ବୈଦେହୀ ସମ୍ଭବିବେ ଆରମ୍ଭେ । ।୭୫।
ଏହା ଶୁଣି ମୁନି ରଖିଣ ମନେ ଶ୍ରୀରାମ ମନ୍ତ୍ର
ଘୋଷିଲେ ବୀଣାରେ ତତ୍‌କ୍ଷଣ ରାମ ଛାଡ଼ି ଅଚ୍ୟୁତ । ।୭୬।
ଏ ବଳି ବାମନ ଚରିତ ରାମ ରାଜନୀତିରେ
ଏହାଠାରୁ ବଳି ସୁରମ୍ୟ ହେବ ଘେନିବ ଧୀରେ । ।୭୭।
ଯଥା ସମୟରେ ଫେରନ୍ତେ ଦେଖୁ ସାବିତ୍ରୀ ସାଇଁ
ସମସ୍ତ ଚରିତ ନାରଦ ବୟାନ କଲେ ତହିଁ । ।୭୮।
ଉତ୍ତରେ ବିଧାତା କୁହନ୍ତେ ହୋଇଲା ସଦଜ୍ଞାନ
ଜାଣିଲେ ଦଇତ ନାଶନେ ପ୍ରଭୁ ହୋଇବେ ଜନ୍ମ । ।୭୯।
ସେହିକାଳୁ ଋଷି ପୁଙ୍ଗବ ସଦା ଶ୍ରୀରାମ ମନ୍ତ୍ର
ବୀଣା ତାନେ ଗାଇ ଶ୍ରବଣ ମନ କଲେ ପବିତ୍ର । ।୮୦।
ରାମ ନାମ ଦୁଇ ଅକ୍ଷର ସାବବେଦର ମୂଳ
ଓଁ ମନ୍ତ୍ର ଯୋଗ କରି ଯାହା ଯୋଗୀ କଲେ କବଳ । ।୮୧।
ବେଦ ଅଧ୍ୟୟନେ ମୁନିୟେ ଯାହା ସଦା ଘୋଷନ୍ତି
ଯୁଗ ଯୁଗ ଧରି ଶଙ୍କର ଯାହା ଘୋଷି ବସନ୍ତି । ।୮୨।
ଦସ୍ୟୁରୁ ହୋଇଲେ ବାଲ୍ମୀକି ଲଭି ଯା କୃପା ଦୃଷ୍ଟି
ମରାରୁ ରାମ, ରାମାୟଣ ପୁରାଣ ହେଲା ସୃଷ୍ଟି । ।୮୩।
କରେ କମଣ୍ଡଳୁ କାନ୍ଧରେ କଳହ ପାଂଶ ମୁଣା
ବହି ଋଷି ଦିନେ ରଟନ୍ତି ନାମ ବଜାଇ ବୀଣା । ।୮୪।
ମୁଖେ ନ ଉଚ୍ଚାରି ହୃଦରେ ସେ ନାମ ଗୁଣି ଗୁଣି
ବୀଣା ତାନ ବାଦ୍ୟ ଉଚ୍ଚାରେ ସଂସିଦ୍ଧ ରାମ ବାଣୀ । ।୮୫।
ବାଦନ୍ତେ ସେ ତନ୍ତ୍ର ବାଦ୍ୟରେ ଶୁଭଇ ରାମ ଧ୍ୱନି
ପରମ ସନ୍ତୋଷ ଲଭନ୍ତି ମୁନି ଶ୍ରବଣେ ଶୁଣି । ।୮୬।
ବୀଣା ବାଇ ମନ ହରଷେ ବୁଲୁ ତ୍ରୟ ଭୁବନ
ପଥଶ୍ରାନ୍ତେ କ୍ଳାନ୍ତେ ପ୍ରବେଶ ହେଲେ ଦିବ୍ୟ କାନନ । ।୮୭।

Digitized by PPRACHIN, SOA



କ୍ରୌଞ୍ଚବଧ ଶବରକୁ ବାଲ୍ମୀକିଙ୍କର ଅଭିଶାପ

Digitized by PPRACHIN, SOA

ଗନ୍ଧ ନଦୀତଟ ସେ ସ୍ଥାନ ସୁଚୂତ ବୃକ୍ଷେ ପୂର୍ଣ୍ଣ
କାନନ ଶୋଭାରେ ଲୋଭିତ ହୋଇ ବ୍ରହ୍ମା ନନ୍ଦନ । ।୮୮।
ନିର୍ଜନ କାନନ ନିର୍ଜନ ସ୍ଥାନ ତପସ୍ୟା ପାଇଁ
ବସି ବାଇ ବୀଣା ମୁଖରେ ଶ୍ରୀରାମ ରାମ ଧ୍ୟାୟି । ।୮୯।
ସେ ଚୂତ ବୃକ୍ଷ ବେନି ଶାଖା ଯୁଗ୍ମ କ୍ରୋଟ ବାହାରେ
ଅଣ୍ଡା ଫୁଟାଇ ଶୁକପକ୍ଷୀ ବନେ ବୁଲେ ଆହାରେ । ।୯୦।
ରାମାୟଣ ରସ ଗଗନେ ହୁଅନ୍ତେ ମୁଖରିତ
ଶ୍ରବଣେ ଶୁଣୁ ଶୁକପକ୍ଷୀ ହୋଇଲା ଜ୍ଞାନବନ୍ତ । ।୯୧।
ନାମ ମହିମାରୁ ସେ ଶୁକପକ୍ଷୀ ଜ୍ଞାନୀ ହୋଇଲା
ରାମାୟଣ ରାମ ଚରିତ ବୁଲି ବୁଲି ଗାଇଲା । ।୯୨।
ଏହି ସମୟରେ ବାଲ୍ମୀକି ମଧ୍ୟାହ୍ନ ସ୍ନାନ ସାରି
ତମସା ନଦୀରୁ ଆଶ୍ରମ ମୁଖେ ଆସନ୍ତି ଫେରି । ।୯୩।

କ୍ରୌଞ୍ଚବଧ ଶବରକୁ ବାଲ୍ମୀକିଙ୍କର ଅଭିଶାପ

ଦେଖନ୍ତି ଉଟଜ ନିକଟ ବୃକ୍ଷେ ମୈଥୁନରତ
କ୍ରୌଞ୍ଚ କ୍ରୌଞ୍ଚୀ ବେନି ବିଲୋକି ବ୍ୟାଧ କଲା ଆଘାତ ।।୯୪
ଆଶୁଗ ଭେଦନ୍ତେ ସେ କ୍ରୌଞ୍ଚ ପକ୍ଷୀ ଖସିଲା ତଳେ
କାନ୍ତ ହତେ କ୍ରୌଞ୍ଚୀ ବିଳାପ କରେ ଅତି ବିକଳେ । ।୯୫।
ସେ କାନ୍ଦ ଶ୍ରବଣେ ଭାଷିଲେ ବ୍ୟାଧ ଅର୍ଜିଲୁ ପାପ
କ୍ରୌଞ୍ଚୀ ଦୁଃଖ ଦୁଃଖ ଦେଇଛି ଘେନ ଏ ଅଭିଶାପ । ।୯୬।
କାମ ବିମୋହିତ କ୍ରୌଞ୍ଚୀକୁ ଯେଣୁ ବିନ୍ଧିଲୁ ଶର
ଚିରନ୍ତନ କାଳ ପର୍ଯ୍ୟନ୍ତ ମୁକ୍ତି ନାହିଁ ତୋହର । ।୯୭।
ଯେଉଁ ଋଷି ଶାପ ବିହିଲେ ତାଙ୍କର ପୂର୍ବ ସିଦ୍ଧି
ଆଗରେ କହିବ ବାଣୀଙ୍କୁ ଦୟାନିଧି ଆରାଧି । ।୯୮।
ବିଶ୍ୱଜିତ୍ ବ୍ରଜ କିଶୋର, ବିଜୟ ଯେ ତନୁରୁ
ବିଶ୍ୱଜିତ୍ ବ୍ରଜ ବିହାରୀ 'ପୂର୍ବ' କଥା ମନରୁ । ।୯୯।
ଖ୍ୟାତ କିରିବାକୁ ମାତ ଗୋ ତୋର ପଦେ ଶରଣ
ଜାତ ହେଉ ଜନେ ଶ୍ରବଣେ ଲଭିବେ ଯେ କାରଣ ।।୧୦୦।

ଟୀକା- ପଦ୯୮-୯୯ : ବିଶ୍ୱଜିତ, ବ୍ରଜ କିଶୋର, ବିଜୟ, ତିନିପୁତ୍ର ତନୁରୁ-ଦେହରୁ । ବିଶ୍ୱଜିତ୍ ବ୍ରଜ ବିହାରୀ- କୃଷ୍ଣ-ପୂର୍ବ-ରାମ କଥା ମନରୁ । ଖ୍ୟାତ କରିବାକୁ ସରସ୍ୱତୀଙ୍କ ପାଖରେ ଶରଣ ପଶି କାରଣ ଅର୍ଥେ ଜନେ ଶୁଣିବାକୁ ନିବେଦନ ।

Digitized by PPRACHIN, SOA



ବ୍ରହ୍ମା ଓ ନାରଦଙ୍କୁ ଦସ୍ୟୁ ରତ୍ନାକର ଆକ୍ରମଣ ପାଇଁ ଉଦ୍ୟତ

Digitized by PPRACHIN, SOA

ଖଣ୍ଡ ରତ୍ନାକର ବାଲ୍ମୀକ ଋଷିରେ ପରିଣତ

(ରାଗ-ମୁନିବର ବାଣୀ)

ଛାନ୍ଦ - ୧୨

ପୁଚ୍ଛନ୍ତେ ଦିନେ ପାର୍ବତୀ ଶିବରାମ ପଦ ଚିନ୍ତି
ରାମଙ୍କ ଆଦେଶ ପାଇ । ପୁରାଣ ଗାଇ ଯେ ।୧।
ବିଦୂଷେ ଦେଇ ଶ୍ରବଣ ଘେନ ଏହି ରାମାୟଣ
କଳି କଳୁଷ ଯା' ଯିବ । ପବିତ୍ର ହେବ ହେ ।୨।
ଚ୍ୟବନ ଋଷି କୁମାର ନାମ ରତ୍ନାକର ତାର
ଋଷି କାର୍ଯ୍ୟ ତେଜି ହସ୍ତେ । ଧରିଣ ଅସ୍ତ୍ରେ ଯେ ।୩।
ନିତ୍ୟ ଯାଏ ଘୋର ବନେ ଦସ୍ୟୁବୃତ୍ତି ଆଚରଣେ
ପଥିକ କରି ନିଧନ । ଆଣଇ ଧନ ହେ ।୪।
କରି ଅକର୍ମ ବେଭାର ପୋଷଇ ତା ପରିବାର
ଜାଣୁ ଲୋକ ହେବା କାଟ । ପଡ଼ିଲା ବାଟହେ ।୫।
ଶୁଣନ୍ତେ ସାବିତ୍ରୀ ସାଇଁ ନାରଦ ଋଷି ଡ଼କାଇ
ଭାଷନ୍ତି ମରତେ ଯିବା । ବନେ ଦେଖିବା ଯେ ।୬।
ରତ୍ନାକର ଦସ୍ୟୁ ବଶେ ପଥେ ପଥିକଙ୍କୁ ନାଶେ
ନଯାଇ କେ ନରନାରୀ । କଲେ ଗୁହାରି ହେ ।୭।
ଏବେ ସେ ବିପିନେ ଯିବା ବାରଣ ତାକୁ କରିବା
ଧାତା କଥାରେ ସମ୍ମତି । କରି ଗମନ୍ତି ହେ ।୮।
ଯାଇ ବ୍ରହ୍ମା ବ୍ରହ୍ମାନାନ ମିଳୁ ଗହନ କାନନ
ଦେଖି ରତ୍ନାକର ଖରେ । ମୁଦ୍ଗର କରେ ଯେ ।୯।
ଛଡ଼ାଉଁ କୋଥଳି ଆସି ବ୍ରହ୍ମାଙ୍କ ନନ୍ଦନ ଭାଷି
ଆରେ ରତ୍ନାକର ଆସ । ଶୁଣ ସନ୍ଦେଶ ରେ ।୧୦।
ଋଷି ଡ଼ାକୁ ନାମ ଧରି ବିସ୍ମୟ ମନେ ବିଚାରି
ମନେ ସନ୍ଦିହାନ ହୋଇ । ରୋଷେ ଭାଷଇ ସେ ।୧୧।
ପାଇ ନାହିଁ ଆଜି ଧନ ଚାହିଁଥିବେ ଘରଜନ
ନିତ୍ୟ ଏ ବେଉସା ମୋର । ଋଷି ପ୍ରବର ହେ ।୧୨।
ଋଷି ଭାଷନ୍ତି ଉତ୍ତର ଏ ଅଧର୍ମ କିମ୍ପା କର
ବଂଶ ପାଳୁ ନେଇ ଧନ । ପାପ ଅର୍ଜିଣ ରେ ।୧୩।

Digitized by PPRACHIN, SOA

ତୋ ପାପେ କେ ଭାଗୀଦାର ନ ହୋଇବେ ପରିବାର
ବୁଝିଆସ ଯାଇ ଥରେ । ସ୍ଥିର ମନରେ ହେ ।୧୪।
ରତ୍ନାକର ବୋଲେ ତହିଁ ମୋତେ ଘରକୁ ପଠାଇ
ଠକି ଏଥୁ ଚାଲିଯିବ । ତାହା ନୋହିବ ହେ ।୧୫।
ଶୁଣି ତାପସ ଭାଷନ୍ତି ମିଥ୍ୟା ନ ଭାଷନ୍ତି ଯତୀ
ବୁଝିଯାଇ ଘରୁ ଆସ । କରି ବିଶ୍ୱାସ ରେ ।୧୬।
ରତ୍ନାକର ଧରିଶଙ୍କୁ ପୁଚ୍ଛେ ପ୍ରଥମେ ମାତାଙ୍କୁ
ସେ ଭାଷେ ତୋ ଶିଶୁ କାଳେ । ବୋହିଛି କୋଳେ ରେ ।୧୭।
ମୋ ସୌନ୍ଦର୍ଯ୍ୟ ଛାଡ଼ି ଧ୍ୟାନେ ଦେଲି ତୋତେ ସ୍ତନ୍ୟ ପାନେ
ନବମାସ ଦଶ ଦିନ । ଗର୍ଭେ ବହିଣ ରେ ।୧୮।
ପାଳି ରଖିଛି ନିୟମ ଏଣୁ ପାଳିବା ତୋ ଧର୍ମ
ତୋ ପାପେ ମୁଁ ସମଭାଗୀ । କିପରି ହେବି ରେ ।୧୯।
ନାରୀ ପିଅର କ୍ରମରେ ରତ୍ନାକର ପୁଚ୍ଛାକରେ
କରି ନାନା ପାପମାନ । ଆଣୁଛି ଧନ ହେ ।୨୦।
ସେହି ଧନ ଯେଣୁ ଭୋଗ କରି ପାପେ ତୁମ୍ଭ ଭାଗ
ଅଛିକି ନାହିଁ କହିବ । ଶୁଣି ସେ ସର୍ବ ଯେ ।୨୧।
ମନା କରୁ କ୍ରୋଧେ ଫେରି ମୁନିଙ୍କୁ କରେ ଗୁହାରି
ପାଦ ତଳରେ ଗଡ଼ିଣ । ମାଗେ କାରଣ ହେ ।୨୨।
ବିଚାରି ତପୀ ଶାଳୀନ୍ୟେ ରାମ ନାମ କହୁଁ କର୍ଣ୍ଣେ
ବଢ଼ିବାରୁ ପାପରାଶି । ନପାରେ ଘୋଷି ହେ ।୨୩।
ମରା ମରା ବତାଇଣ ଭାଷନ୍ତି ସେ ତପୋଧନ
ପାପ ନାଶେ ଏହା ଘୋଷ । ମିଳିବ ଯଶରେ ।୨୪।
ଖାଦ୍ୟ, ପାନ ଚିନ୍ତି ଯତୀ ପୁଷ୍ପଜଳ ଦେଲେ ମନ୍ତ୍ରି
ରତ୍ନାକର ତା ପାଇଲା । ସୁସ୍ଥ ହୋଇଲା ହେ ।୨୫।
ସେହି ଚୂତ ମୂଳେ ବସି ମରା,ମରା ମନେ ଘୋଷି
ମରା ମରା ବୋଲୁ ରାମ । ପୂରଣ କାମ ଯେ ।୨୬।
ଯାଉଁ ବହୁତ ବରଷ ଶୁଷ୍କ ହେଲା ରକ୍ତ ମାଂସ
କ୍ରମେ ଉଇ ଗଲେ ଖାଇ । ଅସ୍ଥି ଦିଶଇ ହେ ।୨୭।
ଦିନ ଯାଉଁ ଏହିପରି ହୁଙ୍କା ଚାରିପାଖେ ଘେରି
ରାମ ନାମ ଡ଼ାକେ ଖରେ । ଏକ ଧ୍ୟାନରେ ସେ ।୨୮।

Digitized by PPRACHIN, SOA

କ୍ରମେ ଅଁସ୍ଥି ମଜ୍ଜା ସୁପ୍ତ ସୂକ୍ଷ୍ମ ଭାବେ ଗତାଗତ
ନାସାରନ୍ଧ୍ରରେ ପବନ । କରେ ଗମନ ଯେ ।୨୯।
ମନୀଷା ହୁଅନ୍ତେ ପ୍ରାପ୍ତ ଦିବ୍ୟଜ୍ଞାନ ଦିବ୍ୟଚିତ୍ତ
ହୁଅନ୍ତେ ତ୍ରିକାଳ ଦର୍ଶୀ । ସମସ୍ତ ଦିଶି ଯେ ।୩୦।
ଏଣେ ପକ୍ଷୀ ଚୂତବନେ ବସିଣ ହରଷ ମନେ
ଶୁଣିଥିବା ରାମାୟଣ । କରେ ଗାୟନ ଯେ ।୩୧।
କର୍ଣ୍ଣବିଳେ ରତ୍ନାକର ଶୁଣି ସେ ଗାନ ତାହାର
ସୁବିବେକ ପ୍ରସରିଲା । ମନେ ରହିଲା ଯେ ।୩୨।
ଦିନ ପରେ ଦିନ ମାସ ମାସରୁ ଗଲା ବରଷ
ଛପନ ହଜାର ବର୍ଷ । ହୋଇଲା ଶେଷ ଯେ ।୩୩।
କେତେ ଦିନ ଅନ୍ତେ ଧାତା ମନରେ କରିଣ ଚିନ୍ତା
ପ୍ରବେଶ ହେଲେ ସେଠାରେ । ପୁତ୍ର ସଙ୍ଗରେ ହେ ।୩୪।
କଣ୍ଟା,ଲଟା, ବୁଦା, ହୁଙ୍କା ଦେଖି ଯେ ମନେ ଆଶଙ୍କା
ହୁଙ୍କା ମଧ୍ୟେ ରାମଧ୍ୱନି । ଶୁଣନ୍ତି ମୁନି ଯେ ।୩୫।
ସୂକ୍ଷ୍ମେ ଶୁଣି ରାମ ସ୍ୱର କରିଲେ ସେ ମନେ ସ୍ଥିର
ଏକାଗ୍ରେ ଦେବାରେ ଡ଼କା । ଘେରିଛି ହୁଙ୍କା ଯେ ।୩୬।
ରନ୍ଧ୍ର ଯା ହୁଙ୍କାରେ ଅଛି ଶ୍ୱାସ ପ୍ରଶ୍ୱାସ ଯାଉଛି
ନାସା କର୍ଣ୍ଣ ବିଳସ୍ଥାନ । ଖଣା ପ୍ରମାଣ ଯେ ।୩୭।
ଏହା ଦେଖିଣ ବିଧାତା ଇନ୍ଦ୍ରଙ୍କୁ କରନ୍ତେ ଚିନ୍ତା
ମୁଷଳେ ସେ ବର୍ଷି ବାରି । ହୁଙ୍କା ନିବାରି ଯେ ।୩୮।
ଦିଶନ୍ତେ ଅସ୍ଥି କଙ୍କାଳ ସିଞ୍ଚି କମଣ୍ଡଳୁ ଜଳ
ଶକ୍ତି ଦେଉଗଲା ଭ୍ରମ । ପୁନର ଜନ୍ମ ଯେ ।୩୯।
କହନ୍ତି ବିଧାତା ଗିର ଶୁଣ ଶୁଣ ରତ୍ନାକାର
ଏକ ଧ୍ୟାନେ ରାମନାମ । କଲୁ ଭଜନ ଯେ ।୪୦।
ଭବ ପାପ ଗଲା ନାଶ ଦେଉଛି ଘେନ ଆଶିଷ
ଯେ ନାମ କରିଲା ମୁକ୍ତି । ରଚ ତା କୀର୍ତ୍ତି ଯେ ।୪୧।
ଅଛି ଅନ୍ୟ ଗାଥା ଘେନ ସିନ୍ଧୁକୁ କର ଗମନ
ଶିଳା ସପ୍ତଖଣ୍ଡ ହୋଇ । ସେଥି ଭାଷଇ ଯେ ।୪୨।

Digitized by PPRACHIN, SOA

ବାଲ୍ମୀକଙ୍କୁ ରାମାୟଣ ଚରନା ପାଇଁ ବ୍ରହ୍ମାଙ୍କର ଉପଦେଶ ।

Digitized by PPRACHIN, SOA

ସପ୍ତଖଣ୍ଡେ ଶ୍ଳୋକ ସପ୍ତ ଖୋଦିତ ହୋଇ ରଚିତ
ଭାସେ ରାମ ମହାତ୍ମ୍ୟରୁ । ଆଣ ସେଠାରୁ ଯେ ।୪୩।
ମୋ ଦାନ, ନାରଦ ବାଣୀ ଶୁକପକ୍ଷୀ କଥା ଗୁଣି
ସେ ସପ୍ତ ଶ୍ଳୋକ ଯା ଦତ୍ତ । ହନୁ ରଚିତ ଯେ ।୪୪।
ଏ ଚାରିକୁ କରି ବ୍ୟାଖ୍ୟା ଶାସ୍ତ୍ର ଧର୍ମ କରି ରକ୍ଷା
ସରଳେ ରଚନା କର । ଘେନିବେ ନର ଯେ ।୪୫।
ମନିଷା ଯେଣୁ ହୋଇଛି ଅଦୃଶ୍ୟ ନ ହେବ କିଛି
ଏହି ବର ହୃଦେ ଧରି । ଲେଖ ବିଚାରି ଯେ ।୪୬।
ଯେଣୁ ବାଲ୍ମୀକୁ ଉତ୍ପତ୍ତି ନାମ ବାଲମୀକ ଯତି
ନାମେ ନାମିତ ପୁରାଣ । କର ରଚନ ସେ ।୪୭।
ଶିବ ପାର୍ବତୀ ସମ୍ବାଦ ରଖି ରଚନାର ଆଦ୍ୟ
ଶ୍ରୀରାମଙ୍କ ସର୍ବ ଯଶଃ । କର ପ୍ରକାଶ ଯେ ।୪୮।
ଧାତା ଶ୍ରୀମୁଖରୁ ଶୁଣି ଆନନ୍ଦେ ବାଲ୍ମୀକ ମୁନି
ସିନ୍ଧୁକୁ କରି ଗମନ । ଶିଳା ଆଣିଣ ଯେ ।୪୯।
ଶ୍ଳୋକ କରନ୍ତେ ପଠନ ଉଦୟ ହୋଇଲା ଜ୍ଞାନ
ଦୃଶ୍ୟମାନ ଯାହା ନେତ୍ରେ । ଶୁଣ ସଂକ୍ଷିପ୍ତେ ଯେ । ୫୦।
କହିବା ତା ଆଗ ଛାନ୍ଦେ ଶୁଣିବେ ଗୁଣି ଆନନ୍ଦେ
ଚିନ୍ତି ଜାନକୀ ବିଳାସ । ବୋଲଇ ଦାଶ ଯେ ।୫୧।

ବିଧାତାଙ୍କ ଉକ୍ତିମତେ ବାଲ୍ମୀକଙ୍କୁ ଦୃଶ୍ୟମାନ ସଂକ୍ଷିପ୍ତ ରାମାୟଣ

(ରାଗ-ଘଣ୍ଟାରବ,ମଙ୍ଗଳ,କଳସା) 'ବ' ଅନୁପ୍ରାସ

ଛାନ୍ଦ - ୧୩

ବିଧିରେ - ବିଧାତା ବଚନେ ବାଲ୍ମୀକେ ଯା ଦୃଶ୍ୟ ସର୍ବ ଯେ,
ବିଧାନେ ସଂକ୍ଷିପ୍ତେ ଏଥି ରଚନନା ହୋଇବ ଯେ । ।୧।
ବିଧିରେ - ବୈକୁଣ୍ଠପୁରୁ ବୈକୁଣ୍ଠ ବିହାରୀଙ୍କ ଦ୍ୱାରୀ ଯେ,
ବିଜୟ ଜୟ ବିଜୟ ଶାପେ ଲଙ୍କାପୁରୀ ଯେ । ।୨।
ବିଧିରେ- ବ୍ରାହ୍ମଣ କୁଳେ ବ୍ରହ୍ମାଙ୍କ ଚତୁର୍ଥ ପୁରୁଷେ ଯେ,
ବଳୀ ଯାତୁଧାନ ହେତୁ ଦଣ୍ଡିଲେ ତ୍ରିଦଶେ ଯେ । ।୩।

Digitized by PPRACHIN, SOA

ବିଧିରେ - ବିଶେଷେ ପ୍ରାଣୀଙ୍କ ପ୍ରାଣ କରାଉ ବିକଳ ଯେ,
ବିରଞ୍ଚି ବିରଚି ସଭା ଘେନି ଆଖଣ୍ଡଳ ଯେ । ।୪।
ବିଧିରେ - ବରୁଣ ଆଳୟେ ଯାଇ ବରୁଣଜା ଧବେ ଯେ,
ବୋଧି ପ୍ରକଟ କରିଲେ ସଙ୍କଟକୁ ସର୍ବେ ଯେ । ।୫।
ବିଧିରେ - ବାକ୍ୟେ ଦୟା ନିକେତନ କେତନ ଉଡ଼ାଇ ଯେ,
ବ୍ୟକ୍ତ କଲେ କଳପିଣ ସୂର୍ଯ୍ୟବଂଶେ ଯାଇ ଯେ । ।୬।
ବିଧିରେ - ବିହରି ହରିବି ଦୁଃଖ ଯାଅ ଜୀବ ବାପ ଯେ,
ବିପ୍ର ଅନ୍ଧମୁନି ପୂର୍ବୁ ଦେଇଛନ୍ତି ଶାପ ଯେ । ।୭।
ବିଧିରେ - ବିପ୍ର ଶାପେ ଲୋମପାଦ ଲୋମଉଦ୍‌ଗମେ ଭାଷି ଯେ,
ବିଭାଣ୍ଡକ ସୁତ ଜରତା ରତାରେ ଆସି ଯେ । ।୮।
ବିଧିରେ - ବୃଷ୍ଟି ହେଲା ସୃଷ୍ଟି ଆଗ ତୁଷ୍ଟି ଲଭି ରାଜା ଯେ,
ବୋଲୁ ମୁନି ଶାନ୍ତାକାନ୍ତା ହେଉ କଲେ ପୂଜା ଯେ । ।୯।
ବିଧିରେ - ବଶ୍ୟେ ଦଶରଥ ମନୋରଥ ସାର୍ଥ ପାଇଁ ଯେ,
ବନ୍ଦି ସେ ମୁନିଙ୍କି ନେଲେ ରଥରେ ବସାଇ ଯେ । ।୧୦।
ବିଧିରେ - ବୈଧୃତି ଯୋଗ ଅଷାଢ଼ ଶୁକ୍ଳ ଦ୍ୱିତୀୟାରେ ଯେ,
ବେଦମତେ ପୁତ୍ର ଅର୍ଥେ ଯାଗକୁ କରିଲେ ଯେ । ।୧୧।
ବିଧିରେ - ବିଧାନେ ସେ ସପ୍ତମୀରେ ଯାଗ ହେଲା ଶେଷ ଯେ,
ବିପ୍ରେ ଦାନ ଦେଇ ନୃପ କରିଲେ ସନ୍ତୋଷ ଯେ । ।୧୨।
ବିଧିରେ - ବରୁ ଚାରିଚରୁ ସ୍ୱରୂପରେ ପଦ୍ମନାଭ ଯେ,
ବୈଶ୍ୱାନରୁ ପ୍ରାପ୍ତି ତିନି ରାଣୀ ସେବୁ ଗର୍ଭ ସେ । ।୧୩।

ଟୀକା : ରାଗ-ଏହି ଛାନ୍ଦ ତିନି ଗୋଟି ରାଗରେ ସନ୍ନିବେଶିତ । ଆଦ୍ୟ ତିନି ଅକ୍ଷର ଘୋଷା- ଘଣ୍ଟାରବ । ଆଦ୍ୟ ତିନି ଅକ୍ଷର କାଟିଦେଲେ - ମଙ୍ଗଳ । ଆଦ୍ୟ ତିନି ଅକ୍ଷର ଓ ଶେଷ ଅକ୍ଷର କାଟିଦେଲେ କଳସା ରାଗ ହେବ ।

ପଦ ୩- ଯାତୁଧାନ-ଅସୁର, ତ୍ରିଦଶେ-ଦେବତାମାନେ । ପଦ ୪ - ବିରଞ୍ଚି-ବ୍ରହ୍ମା, ଆଖଣ୍ଡଳ-ଇନ୍ଦ୍ର । ପଦ ୫ - ବରୁଣ ଆଳୟେ- ସମୁଦ୍ରେ । ପଦ ୬- ବରୁଣ ଜା ଧବେ- ଲକ୍ଷ୍ମୀପତି ନାରାୟଣଙ୍କ ନିକଟେ । କେତନ-ପତାକା । ପଦ୭- ଜୀବବାପ-ବ୍ରହ୍ମା । ପଦ-୮ ବିଭାଣ୍ଡକ ସୁତ- ଋଷ୍ୟଶୃଙ୍ଗ । ପଦ ୧୫ - ବାର ପାଞ୍ଚଲକ୍ଷ - ସତର ଲକ୍ଷ, ପଚିଁଚାଳିଶି ହଜାର, ତିଂଶ ଖଷ୍ଠ ଚାରି- ଶହେ ଚବିଶ ଖ୍ରୀଷ୍ଟପୂର୍ବ ଚଇତ୍ରର । ପଦ ୧୬-ବଳକ୍ଷ ପକ୍ଷ- ଶୁକ୍ଳପକ୍ଷ, ବେନି ଯାମ ଯାମକ ୩ ଘଣ୍ଟା ଦନି ୧୨ ଘଣ୍ଟା ସମୟ । ଅର୍ଥାତ୍ ଖ୍ରୀଷ୍ଟପୂର୍ବ ସତର ଲକ୍ଷ ପଚିଁଚାଳିଶ ହଜାର ଏକଶହ ଚବିଶ ଚଇତ୍ର ମାସ ନବମୀ ଦିନାର୍ଦ୍ଧରେ ରାମ ଜନ୍ମ ।

ଜ୍ୟୋତିଷ ଶାସ୍ତ୍ର ଅନୁଯାଇ ସମୟ ନିରୂପଣ

(କ) ବର୍ତ୍ତମାନ ଚାଲିଥିବା ମସିହା ବା ଅବ୍ଦ ପୂର୍ବକୁ ଖ୍ରୀ. ପୂ. ଧରାଯାଇଅଛି ।
(ଖ) ତ୍ରେତୟା ଯୁଗରେ ମାନବ ବୟସ ୧୦,୦୦୦ (ଦଶ ହଜାର ବର୍ଷ) ।
(ଗ) ତ୍ରେତୟା ଯୁଗରେ ଆରମ୍ଭ ବା ମନୁଙ୍କଠାରୁ କ୍ରମାଗତେ ସୂର୍ଯ୍ୟବଂଶ ରାଜା ଦଶରଥ ୪୨ ପୁରୁଷ ।
(ଘ) ଦଶରଥଙ୍କ ଅନ୍ତିମ ସମୟକୁ ବା ରାମ ବନବାସ ସମୟକୁ ରାମଙ୍କୁ ୨୭ ବର୍ଷ ।
(ଙ) ତ୍ରେତୟା ଯୁଗର ଆୟୁଷ ୧୨ ଲକ୍ଷ ୯୬ ହଜାର ବର୍ଷରୁ ରାମଙ୍କର ଜନ୍ମ ବୟସ ବିଯୁକ୍ତ କଲେ ତ୍ରେତୟା ଯୁଗରୁ ଯାହା ବାକି ରହିଲା ତାହା ସହିତ ଦ୍ୱାପର ଯୁଗର ଆୟୁଷ ୮ ଲକ୍ଷ ୬୪ ହଜାର ବର୍ଷ ଓ ଖ୍ରୀଷ୍ଟାବ୍ଦ ଆରମ୍ଭ ବେଳକୁ କଳିରୁ ଭୋଗ ହୋଇଥିବା ୩ ଲକ୍ଷ ... ବର୍ଷ ଏବଂ ଯେବେ ଜାଣିବାକୁ ଚାହିଁବ ସେହି ମସିହା ଯୋଗ କର ।
(ଚ) ମୋଟ ସଂଖ୍ୟା ... ହେଲେ ଖ୍ରୀ. ପୂ. ଚୈତ୍ର ଶୁକ୍ଳ ନବମୀ ଦିନାର୍ଦ୍ଧରେ ରାମ ଜନ୍ମ ।

Digitized by PPRACHIN, SOA

ବିଧିରେ - ବୁଧେ ରାମ ଜନ୍ମକାଳ ହେବ ନିରୂପଣ ଯେ,
ବିଶୁଦ୍ଧ ଚିତ୍ତରେ ବସି କର୍ଣ୍ଣ ଡେରି ଶୁଣ ଯେ । |୧୪|
ବିଧିରେ - ବାର ପାଞ୍ଚ ଲକ୍ଷ ପଞ୍ଚଚାଳିଶ ହଜାର ଯେ,
ବିଂଶ ଷଷ୍ଠ ଚାରି ଖ୍ରୀଷ୍ଟପୂର୍ବ ଚଇତ୍ରର ଯେ । |୧୫|
ବିଧିରେ - ବଳକ୍ଷ ପକ୍ଷ ନବମୀ ଦିବାବେଳି ଯାମ ଯେ,
ବିଜ୍ଞେ ମର୍ତ୍ତ୍ୟେ ନର ରୂପେ ଜନ୍ମ ନେଲେ ରାମ ଯେ । |୧୬|
ବିଧିରେ - ବେଳ ଶୁଭ ଆସୁଜାତ ହୋଇଲେ ଭରତ ଯେ,
ବିଶେଷ ଲକ୍ଷଣ ଲକ୍ଷ୍ମଣ ଶତ୍ରୁଘ୍ନ ଜାତ ଯେ । |୧୭|
ବିଧିରେ - ବାସେ ଚତୁଃଦଶ ବର୍ଷ ବାଳଲୀଳା ଶେଷେ ଯେ,
ବିଶ୍ୱାମିତ୍ର ନେଲେ ବନେ ତାଡ଼କୀ ବିନାଶେ ଯେ । |୧୮|
ବିଧିରେ - ବଳେ ସୁବାହୁକୁ ମାରି ମାରିଚେ ଉଡ଼ାଇ ଯେ,
ବିଶ୍ୱଯଜ୍ଞ ରଖି ଅହଲ୍ୟା ତାରିଲେ ଯାଇଁ ଯେ । |୧୯|
ବିଧିରେ - ବିଜ୍ଞାନୀ କୈବର୍ତ୍ତ ପାଦ ଧୋଇ ଦାସ ହେଲା ଯେ,
ବସାଇ ଡ଼ଙ୍ଗାରେ ଗଙ୍ଗା ନଦୀ ପାରିକଲା ଯେ । |୨୦|
ବିଧିରେ - ବାମଦେବ କୋଦଣ୍ଡକୁ କରୁ ବାମେ ଭଗ୍ନ ଯେ,
ବିବାହ ନିମନ୍ତେ ଦେଖାଗଲା ଯୋଗ ଲଗ୍ନ ଯେ । |୨୧|

ତ୍ରେତୟା ଯୁଗ

ତ୍ରେତୟା ଯୁଗାରମ୍ଭ ମନୁଙ୍କଠାରୁ ଦଶରଥ ୪୨ ପୁରୁଷ, ପୁରୁଷକ ଦଶହଜାର ବର୍ଷ	ତ୍ରେତୟା ଯୁଗ ବୟସ :	୧୨,୯୬,୦୦୦ ବର୍ଷ
୪୨ x ୧୦,୦୦୦ = ୪,୨୦,୦୦୦ ବର୍ଷ		- ୪ , ୨୦,୦୦୦ ବର୍ଷ
ଅତଏବ ଦଶରଥ ମୃତବେଳ ବା ରାମ ରାଜା ହେବା ପ୍ରସ୍ତାବ ସମୟକୁ ରାମଙ୍କ ବୟସ ୨୭ ବର୍ଷ ହୋଇଥିବାରୁ ।	ଦଶରଥଙ୍କ ଅନ୍ତିମ ସମୟ :	୮,୭୬,୦୦୦ ବର୍ଷ
	ରାମଙ୍କ ଜନ୍ମ ବା	+ ୨୭ ବର୍ଷ
	ତ୍ରେତୟାରୁ ବାକି	୮,୭୬,୦୨୭ ବର୍ଷ

ଦ୍ୱାପର ଯୁଗ

ଏଥିରେ ଦ୍ୱାର ଯୁଗ ବୟସ ଯୋଗ	ବୟସ	+ ୮,୬୪,୦୦୦ ବର୍ଷ
	ଦ୍ୱାପର ଆରମ୍ଭ	୧୭,୪୦,୦୨୭ ବର୍ଷ

କଳି ଯୁଗ

କଳି ୪,୩୨,୦୦୦ ମଧ୍ୟରୁ ଖ୍ରୀଷ୍ଟାବ୍ଦ ଆରମ୍ଭ ବେଳକୁ ଭୋଗ		+ ୩୧୦୧ ବର୍ଷ
	ଖ୍ରୀଷ୍ଟାବ୍ଦ ଆରମ୍ଭ	୧୭,୪୩,୧୨୮ ବର୍ଷ
		୧୯୯୬
	୧୯୯୬ ମସିହାକୁ	୧୭,୪୫,୧୨୪ ବର୍ଷ

ଅର୍ଥାତ୍ ଖ୍ରୀ. ପୂ - ୧୭.୪୫.୧୨୪ ଚୈତ୍ର ଶୁକ୍ଳ ନବମୀ ଭୌମ ବାସ (ମଙ୍ଗଳବାର) ଦିନଅର୍ଦ୍ଧରେ ରାମ ଜନ୍ମ ହୋଇଥଲେ ।

Digitized by PPRACHIN, SOA

ବିଧିରେ - ବିଶୁଦ୍ଧ ମାର୍ଗଶୀରର ଶୁକଳ ପଞ୍ଚମୀ ଯେ,
ବିଛା ରାଶି ଶୁଭକାଳ ଲଗ୍ନେ ମୀନଭ୍ରମି ଯେ । ।୨୨।
ବିଧିରେ - ବିବାହ ନିର୍ବାହ କରି ଚାରି ଭାଇଙ୍କର ଯେ,
ବାଇ ବାଜା ବାହୁଡୁ ପଥରେ ପର୍ଶୁଧର ଯେ । ।୨୩।
ବିଧିରେ - ବଜ୍ର ପରି ବଇଷ୍ଣବୀ ଧନୁ ଦେଖାଇଲେ ଯେ,
ବାମ କରି ରାମ ବାମା ଘେନିଣ କୋଶଳେ ଯେ । ।୨୪।
ବିଧିରେ - ବିଳସିଲେ ଚତୁଷଷ୍ଟି ଛାନ୍ଦେ ଆଦ୍ୟକାଣ୍ଡ ଯେ,
ବିବୁଧେ ହେ ରାମ ଭକ୍ତି କଳ୍ପସକୁ ଖଣ୍ଡ ଯେ । ।୨୫।
ବିଧିରେ- ବୀର ଭରତ ଶତ୍ରୁଘ୍ନ ଧରି ଅଜାଘରେ ଯେ,
ବାହାରିଲେ ବାରବର୍ଷ ଗଲା ଧୀରେ ଧୀରେ ଯେ । ।୨୬।
ବିଧିରେ - ବୃଦ୍ଧ ଦଶରଥ ତହୁଁ ଅବସରେ ଚିନ୍ତି ଯେ,
ବଡ଼ ପୁତ୍ରେ ରାଜା ପାଇଁ ବିଚାର କରନ୍ତି ଯେ । ।୨୭।
ବିଧିରେ - ବିଜ୍ଞ କୈକେୟୀ ପ୍ରଜାଙ୍କ ମତାମତ ଗୁଣି ଯେ,
ବନେ ରାମ ଯିବା ବର ମାଗୁ ରାମ ଶୁଣି ଯେ । ।୨୮।
ବିଧିରେ - ବାମାନୁଜ ଧରି ସପ୍ତବିଂଶ ବରଷରେ ଯେ,
ବୈଶାଖ କୃଷ୍ଣ ସପ୍ତମୀ ବାଗୀଶ ବାସରେ ଯେ । ।୨୯।
ବିଧିରେ - ବନେ ଗଲେ ତିନିଦିନ ଜଳପାନେ କାଟି ଯେ,
ବନ୍ୟରାଜା ଶୃଙ୍ଗବେର ଚାରିଦିନେ ଭେଟି ଯେ । ।୩୦।
ବିଧିରେ - ବନୁ ଦେଉ ଫଳମୂଳ ଭକ୍ଷଣ ସେ କଲେ ଯେ,
ବୀରେନ୍ଦ୍ର ପଞ୍ଚମ ଦିନେ ଗଙ୍ଗା ପାରି ହେଲେ ଯେ । ।୩୧।
ବିଧିରେ - ବିଶ୍ରାମ କରିଣ ଭରଦ୍ୱାଜଙ୍କ ଆଶ୍ରମେ ଯେ,
ବାଲ୍ମୀକି ଆଦି କୁଟୀର ଦେଖିଗଲେ କ୍ରମେ ଯେ । ।୩୨।
ବିଧିରେ - ବିହରିଲେ ଚିତ୍ରକୂଟେ ବିଚିତ୍ର କୁଟୀରେ ଯେ,
ବାହୁଡ଼ାଇ ମନ୍ତ୍ରୀ ରଥ ବାର୍ତ୍ତା ଦେଉ ପୁରେ ଯେ । ।୩୩।
ବିଧିରେ - ବିଗତ ପ୍ରାଣ ନୃପତି ହହା ରାମ କହି ଯେ,
ବଶିଷ୍ଠ ଷଷ୍ଠ ଦିନରେ ଭରତ ଡ଼କାଇ ଯେ । ।୩୪।
ବିଧିରେ - ବିପ୍ରବରି ପ୍ରେତ କ୍ରିୟା ସାରି ଗଲେ ବନେ ଯେ,
ବାହୁଡ଼ାଇ ରାମେ ଭୋଗ ଅଷ୍ଟାଦଶ ଦିନେ ଯେ । ।୩୫।
ବିଧିରେ - ବିରୂପାକ୍ଷ ବନ୍ଧ୍ୟ ସ୍ୱର୍ଣ୍ଣପାଦୁକାକୁ ଦେଇ ଯେ,
ବୁଝାଇ ପ୍ରଜା ଭରତେ ଦେଲେ ବାହୁଡ଼ାଇ ଯେ । ।୩୬।
ବିଧିରେ - ବାଲମିକ ଶିଷ୍ୟ ରାମ ଦାସ ସଙ୍ଗେ ଗଲେ ଯେ,
ବୋଧି ପ୍ରଜା ନନ୍ଦିଗ୍ରାମେ ଭରତ ରହିଲେ ଯେ । ।୩୭।

ଟୀକା: ପ୨୯-ବାଗୀଶ-ଗୁରୁ,ବାସ-ବାର । ୩୧-ବୀରେନ୍ଦ୍ର-ରାମଚନ୍ଦ୍ର । ୩୪-ବିଗତପ୍ରାଣ-ମୃତ । ୩୫-ଅଷ୍ଟାଦଶ-ଅଠର । ୩୬-ବିରୂପାକ୍ଷ ବନ୍ଧ୍ୟ-ରାମଚନ୍ଦ୍ର

Digitized by PPRACHIN, SOA

ବିଧିରେ - ବଢ଼ିଲେ ଅଯୋଧ୍ୟା କାଣ୍ଡ ଏହିପରି ଏଥି ଯେ,
ବୁଧେ ତ୍ରୟୋଦଶ ଛାନ୍ଦେ ଶୁଣ ଢ଼େରି ଶ୍ରୁତି ଯେ । ।୩୮।

ବିଧିରେ - ବକ୍ରକରି କାକନେତ୍ର ଯଶ କରି ବୃଦ୍ଧି ଯେ,
ବୀର ତ୍ରୟୋଦଶ ଛାନ୍ଦେ ବୀରାୟୁଧ ବଧି ଯେ । ।୩୯।

ବିଧିରେ - ବିଲୋକି ମର୍କଟେ ସୀତା ଭୟେ ଛନ ଛନ ଯେ,
ବସୁ ଆର୍ଦ୍ର ବସ୍ତ୍ରେ ହେଲା ଗୈରିକ ବସନ ଯେ । ।୪୦।

ବିଧିରେ - ବିଶୁଦ୍ଧ ତପୀଏ ଯିବା ପାଇଁ ଅନ୍ୟ ସ୍ଥାନେ ଯେ,
ବିଚାରୁ ସେ ସ୍ଥାନୁ ରାମ ଗଲେ ଅନ୍ୟ ବନେ ଯେ । ।୪୧।

ବିଧିରେ - ବନବାସ ସେ କାଳକୁ ଭୋଗ ସପ୍ତବର୍ଷ ଯେ,
ବୁଲି ବୁଲି ଫଲ୍‌ଗୁ ପୁଳିନେ ରଘୁ ଶିଷ୍ୟ ଯେ । ।୪୨।

ବିଧିରେ - ବାଲିପିଣ୍ଡ ଦେଲେ ନେଲେ ସୀତା କରୁ ପିତା ଯେ,
ବିବୁଧଙ୍କ ବାଣୀ ଶୁଣି ବଢୁ ରାମ ଚିନ୍ତା ଯେ । ।୪୩।

ବିଧିରେ - ବୁଲୁ ନାନା ତୀର୍ଥସ୍ଥାନ ଭୋଗ ବାରବର୍ଷ ଯେ,
ବାଟେ ଦେଖି ଶରଭଙ୍ଗ ସୁତୀକ୍ଷ୍ଣ ଆବାସ ଯେ । ।୪୪।

ବିଧିରେ - ବାରାନିଧି ଚଳୁକାରୀ ପୂର୍ବଅସ୍ତ୍ର ଦେଇ ଯେ,
ବିଜ୍ଞ ଅତ୍ରି ଅନସୂୟା ଦେଖି ବଇଦେହୀ ଯେ । ।୪୫।

ବିଧିରେ - ବିଚାରି ଅମ୍ଳାନ ବସ୍ତ୍ର ଅଙ୍ଗରାଗ ଦେଲେ ଯେ,
ବଧ ନିମନ୍ତେ ଅସୁରେ ବିନୟୀ ହୋଇଲେ ଯେ । ।୪୬।

ବିଧିରେ - ବୀର ସୀଉକାରେ ଯାଉଁ ପଞ୍ଚବଟୀ ପଥେ ଯେ,
ବୈଶ୍ରବଣ ଭେଟି ପିତୃ ଉଦ୍ଧାର ନିମନ୍ତେ ଯେ । ।୪୭।

ବିଧିରେ - ବିଶୁଦ୍ଧ ଶ୍ରାଦ୍ଧ କଞ୍ଚର ଶ୍ଳୋକାବୃତ୍ତି କରି ଯେ,
ବୋଇଲେ ପାଇଲେ ଅଷ୍ଟପଦ ମୃଗମାରି ଯେ । ।୪୮।

ବିଧିରେ - ବିଧାନେ ଶ୍ରାଦ୍ଧ କରିବ ପିତୃ ହେବେ ଶାନ୍ତ ଯେ,
ବାରଦିନ ତିଥି ନ ଖୋଜିବ ସୀତାକାନ୍ତ ଯେ । ।୪୯।

ବିଧିରେ - ବଳେ ସାହା ହେବେ କହି ପକ୍ଷୀଜଟା ଗଲେ ଯେ,
ବଟମୂଳେ କୁଟୀ କରି ରାଘବ ରହିଲେ ଯେ । ।୫୦।

ବିଧିରେ - ବାରବର୍ଷ ଦଶମାସ ବନବାସ ଶେଷ ଯେ,
ବାକି ରହିଥିଲା ବୁଧେ ଚତୁର୍ଦ୍ଦଶ ମାସ ସେ । ।୫୧।

ବିଧିରେ - ବୀର ଦଣ୍ଡକ ଅରଣ୍ୟ ମଣ୍ଡି ମୁନି ଭଣ୍ଡି ଯେ,
ବର ବରଜରେ ବାଞ୍ଛା କହି ସୂର୍ପା ଦଣ୍ଡି ଯେ । ।୫୨।

ବିଧିରେ - ବାରି ଭଗ୍ନୀଠାରୁ ଖର ଦୂଷଣ ତ୍ରିଶିର ଯେ,
ବୀର ରାମ ସଙ୍ଗେ ଯୁଝିଗଲେ ଆରପୁର ଯେ । ।୫୩।

ଟୀକା: ପ୪୭- ବୈଶ୍ରବଣ-ରାବଣ, ୫୨ -ବର ବରଜରେ ବାଞ୍ଛା -ବ୍ରଜ ପୁରରେ କାମନା ପୂରଣ ହେବ ।

Digitized by PPRACHIN, SOA

ବିଧିରେ - ବିରାଗେ ସେ ସୂପର୍ଣଖା ଭାଇକୁ କହିଲା ହେ,
ବୈଶ୍ରବଣ କ୍ରୋଧ ବଶେ ଅଗ୍ନି ପ୍ରାୟ ହେଲା ଯେ । ।୫୪।
ବିଧିରେ - ବୃହସ୍ପତି ବାରଫାଲ୍‌ଗୁନ କୃଷ୍ଣ ଅଷ୍ଟମୀ ଯେ,
ବିବସ୍ୱାନ କ୍ରମେ ମଧ୍ୟାହ୍ନରେ ଥିଲେ ଭ୍ରମି ଯେ । ।୫୫।
ବିଧିରେ - ବିଜ୍ଞାନେ ମାରିଚେ କରିସେ ହେବ ସାରଙ୍ଗ ଯେ,
ବୈଦେହୀଙ୍କୁ ନେଲା ସ୍ମରି ତାର ଅପବର୍ଗ ଯେ । ।୫୬।
ବିଧିରେ - ବିଳାସିନୀଙ୍କୁ ନ ଦେଖି ରାଘବ ବୁଲନ୍ତି ଯେ,
ବଳାରାତି, ସୀତା ସୁଧା ପାନେ ଦେଲେ ମତି ଯେ । ।୫୭।
ବିଧିରେ - ବାର୍ତ୍ତାଦେଇ ଶ୍ରୀରାମେ ଜଟାୟୁ ମୁକ୍ତ ହେଲା ଯେ,
ବର ଲାଭରେ ଗୋପାଳ ତୃଷା ଶାନ୍ତ କଲା ଯେ । ।୫୮।
ବିଧିରେ - ବରି ଶବରୀ ସୁଫଳ ଦେଇ ପ୍ରାପ୍ତ ମୁକ୍ତି ଯେ,
ବଧୁ କବନ୍ଧ ବାରତା ପାଇ ରଘୁପତି ଯେ । ।୫୯।
ବିଧିରେ - ବ୍ୟସ୍ତେ ପମ୍ପାସରେ ନ୍ୟସ୍ତୁ ଶାପ କୋକ ଶୋକେ ଯେ,
ବୁଲି ଚାପଧାରୀ ପ୍ରବେଶିଲେ ଋଷ୍ୟମୁକେ ଯେ । ।୬୦।
ବିଧିରେ - ବିଶିଷ୍ଟ ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ସାୟଂକାଳେ ଯେ,
ବିଭାକର ସୁତ ସୁଗ୍ରୀ ରାମ ମିତ୍ର ହେଲେ ଯେ । ।୬୧।
ବିଧିରେ - ବଳ ପରୀକ୍ଷାରେ ଅସ୍ଥିପିଙ୍ଗୁ ଜଣା ବଳ ଯେ,
ବିନା ବିଳମ୍ୱେ କଳମ୍ୱେ ଛେଦି ସପ୍ତଶାଳ ଯେ । ।୬୨।
ବିଧିରେ - ବାଳୀ ବଧି ତାରାବାଳୀ ବୋଧି ମିତ୍ରେ ଦେଇ ଯେ,
ବର୍ଷାକାଳ ରଘୁବାଳ ମାଲ୍ୟବନ୍ତେ ରହି ଯେ । ।୬୩।
ବିଧିରେ - ବିନ୍ଧ୍ୟ କ୍ରୋଟେ ସେ କୁକ୍‌କୁଟେ ବକେ ବର ଦେଇ ଯେ,
ବଲ୍ଲଭୀ ଉଦନ୍ତେ ସୁଗ୍ରୀ ସଇନ ଡ଼କାଇ ଯେ । ।୬୪।
ବିଧିରେ - ବନୁ ଅଗସ୍ତି ମାର୍କଣ୍ଡ ଏକା ଦେଖି ରୁଣ୍ଡ ଯେ,
ବଢ଼େ ଏକବିଂଶ ଛାନ୍ଦେ ଏ କିଷ୍କିନ୍ଧ୍ୟା କାଣ୍ଡ ଯେ । ।୬୫।
ବିଧିରେ - ବେଳା ବନେ ସେନା ସୈନ୍ୟ ଗଣୁ ଗଲା ଦିନେ ଯେ,
ବୈରୋକ୍ଷେ ଆଶ୍ୱିନ ଶୁକ୍ଳ ଦଶମୀରେ ସୈନ୍ୟେ ଯେ । ।୬୬।
ବିଧିରେ - ବୈଦେହୀଙ୍କୁ ଖୋଜିବାକୁ ଚତୁର୍ଦ୍ଦିଗେ ଯାନ୍ତି ଯେ,
ବିଜୟା ଦଶମୀ ତେଣୁ ସେଦିନ କହନ୍ତି ଯେ । ।୬୭।
ବିଧିରେ - ବାହୁଡ଼ିବା ପାଇଁ ସୁଗ୍ରୀ ମାସେ କଷ୍ଟ ଦେଲେ ଯେ,
ବୁଲୁ ହନୁ ଶହେ ଦଶଦିନ କଟାଇଲେ ଯେ । ।୬୮।

ଟୀକା: ପ୫୫ ବୃହସ୍ପତି ବାର-ଗୁରୁବାର, ବିବସ୍ୱାନ-ସୂର୍ଯ୍ୟ । ୫୬-ହେମସାରଙ୍ଗ-ସୁବର୍ଣ୍ଣ ହରିଣ, ଅପବର୍ଗ-ମୋକ୍ଷ । ୫୭-ବଳାରାତି-ଇନ୍ଦ୍ର । ୬୧-ବିଭାକର-ସୂର୍ଯ୍ୟ । ୬୨-କଳମ୍ୱେ-ଶରେ । ୬୩-ତାରାବାଳୀ-ବାଳୀ ପ୍ରିୟା ।

Digitized by PPRACHIN, SOA

ବିଧିରେ - ବିବରେ ମାଘରେ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଯେ,
ବୈଦେହୀ ଖବର ଶୁଣି ବୀର ହନୁମାନ ଯେ । ।୬୯।
ବିଧିରେ - ବାରିଧି ଲଘନ କରି ଲଙ୍କିନୀକୁ କୁଟି ଯେ,
ବିଭୀଷଣେ ମାଘ କୃଷ୍ଣ ଅମାସ୍ୟାରେ ଭେଟି ଯେ । ।୭୦।
ବିଧିରେ - ବସୁମତୀ ଦୁହିତାଙ୍କୁ ମୁଦି ଦେଇ କରି ଯେ,
ବନ ଭାଙ୍ଗି ଲଙ୍କାପୋଡ଼ି ମଥାମଣି ଧରି ଯେ । ।୭୧।
ବିଧିରେ - ବାହୁଡ଼ିଲା ସେନା ହର୍ଷେ ହେଲେ ଲଣ୍ଡଭଣ୍ଡ ଯେ,
ବାରଷଷ୍ଟ ଛାନ୍ଦେ ପୂର୍ଣ୍ଣ ଏ ସୁନ୍ଦରାକାଣ୍ଡ ଯେ । ।୭୨।
ବିଧିରେ - ବାର୍ତ୍ତାପାଇ ରାମ ଯାଇ ସମୁଦ୍ର ନିକଟେ ଯେ,
ବରୁଣ ପ୍ରସନ୍ନେ ତିନିଦିନ ଗଲା କଷ୍ଟେ ଯେ । ।୭୩।
ବିଧିରେ - ବୈଶ୍ରବଣେ ଉପଦେଶ ଦେଇ ବିଭୀଷଣ ଯେ,
ବିରୋଧେ ତତ୍ତୁ ଶ୍ରୀରାମେ ପଶିଲେ ଶରଣ ଯେ । ।୭୪।
ବିଧିରେ - ବରୁଣ ପ୍ରସନ୍ନେ ବସନ୍ତ ପଞ୍ଚମୀ ଦିନ ଯେ,
ବନ୍ଧ ଶୁଭାରମ୍ଭେ ନଳନୀଳ ଦେଲେ ମନ ଯେ । ।୭୫।
ବିଧିରେ - ବିଂଶାଧିକ ପାଞ୍ଚଦିନ ମନ୍ଦିର ନିର୍ମାଣେ ଯେ,
ବୁଧେ ଫାଲ୍‌ଗୁନ ଅମାସ୍ୟା ଗଣନ ପ୍ରମାଣେ ଯେ । ।୭୬।
ବିଧିରେ - ବନ୍ଧ ମନ୍ଦିର ପ୍ରତିଷ୍ଠା ପୁରୋଧା ନିମିତ୍ତ ଯେ,
ବସି ଚିନ୍ତୁ ଚାରିଦିନ ଗଲା, ଦଶମାଥ ଯେ । ।୭୭।
ବିଧିରେ - ବରଣେ ନାରଦ ଶୁକ୍ଳ ଚତୁର୍ଥୀରେ ଗଲେ ଯେ,
ବୁଝାଇ ବରି, ସୀତାଙ୍କୁ ଜଣାଇ ଅଇଲେ ଯେ । ।୭୮।
ବିଧିରେ - ବଶେ ପ୍ରତିଷ୍ଠା ପଦାର୍ଥ ଧରି ଲଙ୍କଈଶ ଯେ,
ବିଧାନେ ସୀତାଙ୍କୁ ନେଇ କଲେ କାର୍ଯ୍ୟ ଶେଷ ଯେ । ।୭୯।
ବିଧିରେ - ବନ୍ଧ ମନ୍ଦିର ପ୍ରତିଷ୍ଠା ପଞ୍ଚମୀରେ ସାରି ଯେ,
ବେଳା ଦେଖି ସପ୍ତମୀରେ ସିନ୍ଧୁ ହୋଇ ପାରି ଯେ । ।୮୦।
ବିଧିରେ - ବିହାର କରନ୍ତି ସେନା ସୁବଳ ପାଦରେ ଯେ,
ବଳ ଅଷ୍ଟମୀରେ କଳେ ରାବଣ ବାଦରେ ଯେ । ।୮୧।
ବିଧିରେ - ବାଣେ ରଣ ଆଗୁ କାଟି ବିଂଶକର ଛତ୍ର ଯେ,
ବୀରେନ୍ଦ୍ର ବୀରପଣକୁ କରିଲେ ସାବ୍ୟସ୍ତ ଯେ । ।୮୨।
ବିଧିରେ - ବିଭୀଷଣ ଫେରିଯିବା ପାଇଁ ପତ୍ରେ ମର୍ମ୍ମ ଯେ,
ବିକ୍ଷିପ୍ତେ ଉଲ୍ଲେଖ କରି ପେଶୁ ଦୈତ୍ୟ, ରାମ ଯେ । ।୮୩।
ବିଧିରେ - ବିଚାରି ଅଙ୍ଗଦେ ସନ୍ଧି ପାଇଁ ପଠାଇଲେ ଯେ,
ବ୍ୟର୍ଥେ ମୁକୁଟ ଧରି ସେ ସୁବଳକୁ ଫେରେ ଯେ । ।୮୪।

ଟୀକା: ପ୬୦ ବାରିଧି-ସମୁଦ୍ର । ୭୧ -ବସୁମତୀ ଦୁହିତା-ସୀତା । ୭୭ ଦଶମାଥ- ରାବଣ ।

Digitized by PPRACHIN, SOA

ବିଧିରେ - ବସୁମତୀ ସୁତା ପତି କରିବାକୁ ରଣ ଯେ,
ବିଭୀଷଣ କହି ଫାଲ୍‌ଗୁନ ଦଶମୀ ଦିନ ଯେ । ।୮୫।

ବିଧିରେ - ବୈଶ୍ରବଣ ତେଣେ ରାମ ସେନା ନାଶ ପାଇଁ ଯେ,
ବିଭାବରୀ ଅର୍ଦ୍ଧେ ପ୍ରଭଞ୍ଜନାକୁ ପଠାଇ ଯେ । ।୮୬।

ବିଧିରେ - ବିଭୀଷଣ ତା ଦର୍ପକୁ କରିବାକୁ ବକ୍ର ଯେ,
ବୋଲୁ ରାମ ସ୍ମରୁ ବୁଲେ ସୁଦର୍ଶନ ଚକ୍ର ଯେ । ।୮୭।

ବିଧିରେ - ବିଲୋକିତା ପ୍ରଭଞ୍ଜନା ବହନ ଫେରିଲା ଯେ,
ବିଂଶକର ଆଗେ ସର୍ବ ବୟାନ କରିଲା ଯେ । ।୮୮।

ବିଧିରେ - ବିଷ୍ଟିରେ ଦ୍ୱାଦଶୀ ଦିନ ବିଦ୍ୟୁଜ୍ଜିହ୍ୱା ନେଇ ଯେ,
ବୈଦେହୀଙ୍କୁ ରାମ କଟା ମୁଣ୍ଡକୁ ଦେଖାଇ ଯେ । ।୮୯।

ବିଧିରେ - ବିଭାବସୁ ଉଦେ ନୋହୁ ତ୍ରୟୋଦଶୀ ଦିନ ଯେ,
ବିଧାନରେ ଲଙ୍କାଗଡ଼େ ହେଲା ଆଦ୍ୟରଣ ଯେ । ।୯୦।

ବିଧିରେ - ବିଶେଷରେ ଗୋଳଯୁଦ୍ଧେ ନ ଚଳିଲା ଅସ୍ତ୍ର ଯେ ।
ବହୁତ ସଇନ ହତ ଦେଖି ବିଂଶନେତ୍ର ଯେ । ।୯୧।

ବିଧିରେ - ବିଶୁଦ୍ଧ ଫାଲ୍‌ଗୁନ ଶୁକ୍ଳ ପୂର୍ଣ୍ଣମୀର ଆଦ୍ୟେ ଯେ,
ବାସ ବାରି ଧରି କ୍ରୋଧେ ବାହାରିଲା ବାଦେ ଯେ । ।୯୨।

ବିଧିରେ - ବେନି ବଳୁ ବହୁ ସେନା ହେଲେ ହତାହତ ଯେ,
ବୈଶ୍ରବଣ ଛଳି କହୁ କ୍ରୋଧେ ଇନ୍ଦ୍ରଜିତ ଯେ । ।୯୩।

ବିଧିରେ - ବିଘ୍ନମନାସି ଲକ୍ଷ୍ମଣେ ଶକ୍ତିକରି ଗଲା ଯେ,
ବାତସୁତ ନେଉମାର୍ଗେ ଚେତନା ଫେରିଲା ଯେ । ।୯୪।

ବିଧିରେ - ବିଂଶହସ୍ତ କ୍ରମାଗତ ପୁତ୍ର ନାତି ପେଶି ଯେ,
ବୋଲଇ ନରବାନରେ ରଣେ ଆସ ନାଶି ଯେ । ।୯୫।

ବିଧିରେ - ବାସବ ଜିତ ଚଇତ୍ର କୃଷ୍ଣ ତୃତୀୟାରେ ଯେ,
ବାନ୍ଧି ନାଗପାଶ ଅସ୍ତ୍ରେ ବାହୁଡ଼ିଲା ପୁରେ ଯେ । ।୯୬।

ବିଧିରେ - ବିନତାସୁତ ଆସିଲା ଉଠିଲେ ଶ୍ରୀରାମ ଯେ,
ବାସିଦିନ ତାର ହୋଇଲା ଘୋର ସଂଗ୍ରାମ ଯେ । ।୯୭।

ବିଧିରେ - ବ୍ୟାଘ୍ର ପ୍ରାୟ ପଛେ ତଡ଼ି ରକ୍ଷସେନା ଛେଳି ଯେ,
ବୀର ରାମ ନେଉ ଲଙ୍କା ଯୁବତୀ ଏ ମିଳି ଯେ । ।୯୮।

ଟୀକା: ପ୯୦-ବିଭାବସୁ-ସୂର୍ଯ୍ୟ । ୯୧-ବିଂଶନେତ୍ର-ରାବଣ । ୯୨-ବାସବାରି-ଇନ୍ଦ୍ରଜିତ । ୯୫-ବିଂଶହସ୍ତ-ରାବଣ, ନରବାନରେ-ରାମ,ଲକ୍ଷ୍ମଣ ଓ ବାନରସେନା । ପଦ୯୬-ବାସବଜିତ-ଇନ୍ଦ୍ରଜିତ ।୯୭-ବନିତା ସୁତ-ଗରୁଡ଼ ।

Digitized by PPRACHIN, SOA

ବିଧିରେ - ବନ୍ଧାପନା କରିଲେ ନ ଡ଼ରି ଦଶାନନେ ଯେ,
ବିଂଶନେତ୍ର ଦେଖି ତ୍ରସ୍ତ ହୋଇ କୁମ୍ଭକର୍ଣ୍ଣେ ଯେ । ।୯୯।
ବିଧିରେ - ବିନିଦ୍ର କରିଲା କୃଷ୍ଣ ତୃତୀୟା ଦିନାର୍ଦ୍ଧେ ଯେ,
ବୋଧେ ସୀତା ଦିଅ କହିଗଲା ଶେଷେ ଯୁଦ୍ଧେ ଯେ । ।୧୦୦।
ବିଧିରେ - ବୀର ଶେଖର ପଞ୍ଚମୀ ଦିନ କୁମ୍ଭକର୍ଣ୍ଣ ଯେ,
ବେକ କର୍ତ୍ତନ କରିଲେ ବିନ୍ଧି ଦିବ୍ୟବାଣ ଯେ । ।୧୦୧।
ବିଧିରେ - ବ୍ୟୁହ ସାଜି ମହୋଦର ଆଦି ହେଲେ ପାଜି ଯେ,
ବଡ଼ ପୁତ୍ରେ ସେ ରାବଣ ଛକି କହୁ ଗର୍ଜି ଯେ । ।୧୦୨।
ବିଧିରେ - ବିଷ୍ଟିବେଳା ଅଷ୍ଟମୀ ସେ ଚଇତ୍ର ମାସର ଯେ,
ବୀର ଇନ୍ଦ୍ରଜିତ ପେଶିଲା ମୋହନା ଶର ଯେ । ।୧୦୩।
ବିଧିରେ - ବାତଜ ଔଷଧ ହିମାଦ୍ରିରୁ ଆଣୁ ସର୍ବେ ଯେ,
ବିଞ୍ଚିଲେ ନିଦ୍ରାରୁ ଉଠିଲା ପରାୟ ଲବେ ଯେ । ।୧୦୪।
ବିଧିରେ - ବାଳାଠାରୁ ଶୁଣି ରଣବାର୍ତ୍ତା ସୁଲୋଚନା ଯେ,
ବିରତେ ରଣୁ ସ୍ୱାମୀକୁ ଦେଲା ସେ ସୂଚନା ଯେ । ।୧୦୫।
ବିଧିରେ - ବିଳାସିନୀକୁ ନମାନି ଇନ୍ଦ୍ରଜିତ ବୀର ଯେ,
ବିଖଣ୍ଡ କରିଲା ରଣେ ମାୟାସୀତା ଶିର ଯେ । ।୧୦୬।
ବିଧିରେ - ବିକଳ ହୋଇଲେ ରାମ ଜାଣି ସାଗରରେ ଯେ,
ବିକ୍ଷିପ୍ତ କରିଲେ ଇନ୍ଦ୍ରଜିତ ତାହାପରେ ଯେ । ।୧୦୭।
ବିଧିରେ - ବନ୍ଦି ଶୁକ୍ରାଚାର୍ଯ୍ୟେ ବୈଦିକ ମନ୍ତ୍ର ଆଚରି ଯେ,
ବଟେ ସେ ଦେବଦଳନ ଯାନ ପାଇଁ ଚଳି ଯେ । ।୧୦୮।
ବିଧିରେ - ବିଭୀଷଣ ହନୁମାନ ସୁମିତ୍ରା କୁମର ଯେ,
ବଟ ଦେବୀଙ୍କୁ ଆରାଧୁ ଦେଲେ ସେହି ବର ଯେ । ।୧୦୯।
ବିଧିରେ - ବିଚିତ୍ର ସମର ଚୈତ୍ର କୃଷ୍ଣ ଦ୍ୱାଦଶୀରେ ଯେ,
ବୀର ଇନ୍ଦ୍ରଜିତ ନାଶ ହୋଇଲା ସମରେ ଯେ । ।୧୧୦।
ବିଧିରେ - ବୀର ଲକ୍ଷ୍ମଣ ଶ୍ରୀରାମ ପାଶେ ପେଶି ଶିର ଯେ,
ବାହୁ ପଠାଇଲେ ନାରୀ ଜାଣିବାକୁ ତାର ଯେ । ।୧୧୧।
ବିଧିରେ - ବିଂଶପାଣି ଆଗେ ବଧୂ ଶେଷ କୃତ୍ୟେ କହି ଯେ,
ବହନ ରାମଙ୍କୁ ମୁଣ୍ଡ ଭିକ୍ଷା କଲା ଯାଇ ସେ । ।୧୧୨।

ଟୀକା: ପ୯୯-ଦଶାନନ-ରାବଣ ।୧୦୧-ବୀରଶେଖର ରାମ । ୧୦୨-ମହଦୋର-ରାବଣର ସେନାପତି । ୧୦୩- ବିଷ୍ଟିବେଳା-ଅସୁଭକାଳ । ୧୦୪-ବାତଜ-ହନୁମାନ ।୧୦୫-ସୁଲୋଚନା-ଇନ୍ଦ୍ରଜିତର ସ୍ତ୍ରୀ ।

Digitized by PPRACHIN, SOA

ବିଧିରେ - ବାନରେ ନଦେବା ପାଇଁ କରୁ ପାଟିତୁଣ୍ଡ ଯେ,
ବୋଲୁ ରାମ ପରିମଳା ହସାଇଲା ମୁଣ୍ଡ ଯେ । ।୧୧୩।
ବିଧିରେ - ବିଧାନେ ପତିଙ୍କୁ ନେଇ ସ୍ୱର୍ଗ ପୁରେ ଗଲା ଯେ,
ବିବୁଧେ ଯା ନୋହିଥିଲା ସେ କଥା ହୋଇଲା ଯେ । ।୧୧୪।
ବିଧିରେ - ବଡ଼ ପୁତ୍ର ହତେ, ଲକ୍ଷ୍ମଣଙ୍କୁ ସାୟଂକାଳେ ଯେ,
ବୁଲାଇ ଫିଙ୍ଗିଲା ଶକ୍ତି ରାବଣ ବିକଳେ ଯେ । ।୧୧୫।
ବିଧିରେ - ବୈଦ୍ୟ ସୁଷେଣ ମନ୍ତବ୍ୟେ ମୃତସଞ୍ଜିବନୀ ଯେ,
ବନୁ ହନୁ ଆଣୁ ଭ୍ରତ ଭେଟ ହେଲା ପୁଣି ଯେ । ।୧୧୬।
ବିଧିରେ - ବାଟିଲା ସେ ଏକସ୍ତନୀ ପତ୍ର ମନ ଶୀଳେ ଯେ,
ବୋଳିଲେ ଗାତ୍ରେ ଲକ୍ଷ୍ମଣ ଜୀବନ ପାଇଲେ ଯେ । ।୧୧୭।
ବିଧିରେ - ବିଧିରେ ସେ ଦିନ ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଯେ,
ବିଭୀଷଣ ପୁତ୍ରେ ରଣେ ପେଶିଲା ତା ବାସି ଯେ । ।୧୧୮।
ବିଧିରେ - ବିଧାତା ନନ୍ଦନ ବାକ୍ୟେ ମହୀରାବଣକୁ ଯେ,
ବୁଝାଉ ସେ ବେନି ଭାଇ ନେଲା ପାତାଳକୁ ଯେ । ।୧୧୯।
ବିଧିରେ - ବଳି ଦେବା ପୂର୍ବୁ ବଳୀମୁଖ ହନୁ ଗଲା ଯେ,
ବିଖଣ୍ଡିତ ମହୀ ଦୈତ୍ୟ ଶିରକୁ କରିଲା ଯେ । ।୧୨୦।
ବିଧିରେ - ବିଷ୍ଟିରେ ଚିଇତ୍ର ଶୁକ୍ଳ ଦ୍ୱିତୀୟା ସେ ଦିନ ଯେ,
ବିଂଶ ନେତ୍ର ବାର୍ତ୍ତା ପାଇଁ କରିଲା ରୋଦନ ଯେ । ।୧୨୧।
ବିଧିରେ - ବୋଧେ ଏକାଙ୍ଗ ଭାବନା କଲା ତୃତୀୟାରେ ଯେ,
ବଟ ଯଜ୍ଞ ପାଞ୍ଚି ପଞ୍ଚମୀରେ ଗଲା ସ୍ଥିରେ ଯେ । ।୧୨୨।
ବିଧିରେ - ବାନରେ ଭାଙ୍ଗିଲେ ଯାଗ ସୁନାସୀର ଭାଳି ଯେ,
ବିବୁଧ ଯାନ ପଠାଉ ଆଣିଲା ମାତଳି ଯେ । ।୧୨୩।
ବିଧିରେ - ବୈଶ୍ରବଣ ରଣେ ଆଣ୍ଟେ କରୁ ଉଚ୍ଚ ବାଚ ଯେ,
ବ୍ୟସ୍ତେ ରାମ ପାଠକଲେ ହୃଦୟ କବଚ ଯେ । ।୧୨୪।
ବିଧିରେ - ବୈଦେହୀ ସ୍ୱପନ ରିଷ୍ଟ ନାଶେ ଅଶୋକରେ ଯେ,
ବ୍ରତେ ଆଚରିଲେ ଚୈତ୍ର ଅଶୋକାଷ୍ଟମୀରେ ଯେ । ।୧୨୫।
ବିଧିରେ - ବିପ୍ର ବରି ତେଣେ ଚଣ୍ଡୀକରି ଦଶାନନ ଯେ,
ବୋଧନ୍ତେ ଦୁର୍ଗାଙ୍କୁ ଆରୋହିଣ ସେ ସ୍ୟନ୍ଦନ ଯେ । ।୧୨୬।

ଟୀକା: ପ୧୨୨-ଏକାଙ୍ଗ-ରାଣୀଙ୍କ ସହିତ । ୧୨୩-ବିବୁଧ ଯାନ - ଦେବଯାନ ।
୧୨୫- ଅଶୋକରେ - ଅଶୋକ ବନରେ

Digitized by PPRACHIN, SOA

ବିଧିରେ - ବସାଇଲେ କୋଳେ ରାବଣ ସମରେ ଗଲା ଯେ,
ବୁଧେ ରଣେ ଶିର ହାଣି ହାଣି ରଘୁବଳା ଯେ । ।୧୨୭।

ବିଧିରେ - ବିଚିତ୍ରେ ଦେଖିଲେ ରଥପରେ ସେ ପାର୍ବତୀ ଯେ,
ବସି ରାବଣକୁ ଜୟୀ ଅର୍ଥେ ରଖିଛନ୍ତି ଯେ । ।୧୨୮।

ବିଧିରେ - ବିନାଶି ନ ହେବ ଦୈତ୍ୟ ଭାବି ରଘୁରାଣ ଯେ,
ବ୍ରହ୍ମା, ସୁତେ, ପଠାଇଲେ କହୁ ସେହିପୁଣ ଯେ । ।୧୨୯।

ବିଧିରେ - ବାମଦେବ ବାମା, ପ୍ରିୟ ନୀଳପଦ୍ମ ଆଣି ଯେ,
ବାସନ୍ତିକ ସପ୍ତମୀରୁ ପୂଜାକଲେ ଗୁଣି ଯେ । ।୧୩୦।

ବିଧିରେ - ବିନୟେ ସ୍ତବରେ ପୂଜାକରୁ ସମର୍ପଣ ଯେ,
ବଶ ହୋଇ ଦେବୀ ଦୈତ୍ୟ ସ୍ୟନ୍ଦନ ଛାଡ଼ିଣ ଯେ । ।୧୩୧।

ବିଧିରେ - ବୈଶ୍ରବଣ ମୃତ୍ୟୁଭେଦ ଗଲେ ସେ ବତାଇ ଯେ,
ବିଭୀଷଣ ଦ୍ରସ୍ତ, ଆଦେଶନ୍ତେ ରୋମାସାଇଁ ଯେ । ।୧୩୨।

ବିଧିରେ - ବାସନ୍ତିକ ଦଶହରାରେ ମାରୁତି ଗଲା ଯେ,
ବ୍ରହ୍ମ ଅସ୍ତ୍ର ନୀଳମଣି ସ୍ତମ୍ଭରୁ ଆଣିଲା ଯେ । ।୧୩୩।

ବିଧିରେ - ବେଳୁବେଳ ହେଲା ରଣ ଦିବସ ଶର୍ବରୀ ଯେ,
ବେନି ବଳୁ ମଲେ ସେନା ଗଲା ଦିନ ଚାରି ଯେ । ।୧୩୪।

ବିଧିରେ - ବୈରୀ ନାଶେ ଦମନକ ଚତୁର୍ଦ୍ଦଶୀ ଦିନ ଯେ,
ବିଶ୍ରବା ନନ୍ଦନେ କରି ସ୍ୟନ୍ଦନୁ ପତନ ଯେ । ।୧୩୫।

ବିଧିରେ - ବିଶ୍ୱମ୍ଭର ରାଜ, ରାଜନୀତିକୁ ଶିଖିଲେ ଯେ,
ବୈଦେହୀଙ୍କି ଚୈତ୍ର ପୂର୍ଣ୍ଣିମାରେ ବାର୍ତ୍ତା ଦେଲେ ଯେ । ।୧୩୬।

ବିଧିରେ - ବିଭୀଷଣ ଲଙ୍କା ଘୋଷା ଗହଣରେ ସୀତା ଯେ,
ବିଶ୍ୱକର୍ତ୍ତା ପାଶେ ଯିବାକୁ କଲା ବ୍ୟବସ୍ଥା ଯେ । ।୧୩୭।

ବିଧିରେ - ବଇଦେହୀ ଅଗ୍ନି ପରୀକ୍ଷା ଦ୍ୱିତୀୟା ରେ ଚିନ୍ତି ଯେ,
ବିଭୀଷଣେ ପଞ୍ଚମୀରେ କରିଲେ ନୃପତି ଯେ । ।୧୩୮।

ବିଧିରେ - ବାନରସେନା ବୈଶାଖ ଷଷ୍ଠୀରେ ବଞ୍ଚାଇ ଯେ,
ବନବାସକୁ ହିସାବ କଲେ ଭାବଗ୍ରାହୀ ଯେ । ।୧୩୯।

ବିଧିରେ - ବ୍ୟାଖ୍ୟାନେ ହୋଇଲେ ତାହା ଚଉଦ ବରଷ ଯେ,
ବୈଦେହୀ ଅପହରଣୁ ଚତୁର୍ଦ୍ଦଶ ମାସ ଯେ । ।୧୪୦।

ଟୀକା: ପ୧୩୨-ରୋମାସାଇଁ-ସୁଗ୍ରୀବ । ୧୩୩- ବାସନ୍ତିକ ଦଶହରା-ଚଇତ୍ର ମାସ ଶୁକ୍ଳପକ୍ଷ ଦଶମୀ ଦଶହରା । ୧୩୬-ବିଶ୍ୱମ୍ଭର ରାଜ-ବ୍ରହ୍ମାଣ୍ଡ ରାଜା । ୧୩୭-ବିଶ୍ୱକର୍ତ୍ତା-ନାରାୟଣ ରାମ ।

Digitized by PPRACHIN, SOA

ବିଧିରେ - ବିବୁଧେ ଆକାଶ ମାର୍ଗେ ପୁଷ୍ପକ ଯାନରେ ଯେ,
ବାହୁଡ଼ିଲେ ରାମ ଆଦି ଆନନ୍ଦ ମନରେ ଯେ । ।୧୪୧।
ବିଧିରେ - ବିରାଧ ଅଇରି ଜାନକୀଙ୍କୁ ବନଦୃଶ୍ୟ ଯେ,
ବିକ୍ଷିପ୍ତେ ବୁଝାଉ ସତୀ ବିଶେଷ ହରଷ ଯେ । ।୧୪୨।
ବିଧିରେ - ବୁଲି ଯାନ ଭରଦ୍ୱାଜ ଆଶ୍ରମରେ ହେଲା ଯେ,
ବିଧାନେ ଉତୁରି ଯାନୁ କଉଶଲ୍ୟା ବଳା ଯେ । ।୧୪୩।
ବିଧିରେ - ବାତସୁତ ହସ୍ତେ ବାର୍ତ୍ତା ଭ୍ରତ ପାଶେ ଦେଲେ ଯେ,
ବୀର ହନୁ ଦେଉ ବାର୍ତ୍ତା ଯାଇ ଯଥାକାଳେ ଯେ । ।୧୪୪।
ବିଧିରେ - ବଶିଷ୍ଠାଦି ପାଛୋଟିବା ପାଇଁକି ରାମଙ୍କୁ ଯେ,
ବୋଲୁ ସନ୍ଦେଶ ଦେଲେ ସେ ଅଯୋଧ୍ୟା ଗ୍ରାମକୁ ଯେ । ।୧୪୫।
ବିଧିରେ - ବୈଶାଖ ନବମୀରେ ରାମଙ୍କୁ କଲେ ରାଜା ଯେ,
ବେଳ ଜାଣି ଇନ୍ଦ୍ରବର୍ଷୁ ସୁଖୀ ହେଲେ ପ୍ରଜା ଯେ । ।୧୪୬।
ବିଧିରେ - ବାହୁଡ଼ିଲେ ପୁରେ ବିଭୀଷଣ ସୂର୍ଯ୍ୟ ସୁତ ଯେ,
ବିଭିନ୍ନ ଦିଗରେ ରାମ କୀର୍ତ୍ତି ହେଲା ଖ୍ୟାତ ଯେ । ।୧୪୭।
ବିଧିରେ - ବହିର୍ଗତ ଏ ଚରିତ ଲଙ୍କା ମହୋତ୍ସବେ ଯେ,
ବୁଧେ ଚତୁଃର୍ବିଂଶ ଚତୁଃଛାନ୍ଦେ ଏହିଠାବେ ଯେ । ।୧୪୮।
ବିଧିରେ - ବିବୁଧେ ବିଚାରି ଦୈତ୍ୟ କଷ୍ଟ ଭବୁ ଗଲା ଯେ ।
ବୈକୁଣ୍ଠକୁ ନ ଫେରିଲେ କଉଶଲ୍ୟା ବଳା ଯେ । ।୧୪୯।
ବିଧିରେ - ବାଣୀକି ପେଶିଲେ ରାମ ଫେରାଇବା ପାଇଁ ଯେ,
ବଂଶ ରକ୍ଷାରେ ଭାବନ୍ତେ ଏଣେ ସୀତାସାଇଁ ଯେ । ।୧୫୦।
ବିଧିରେ - ବିଧି ବିଧାନରେ ସୀତା ଆଦି ଭଗ୍ନୀଗଣ ଯେ,
ବେଳେ ଋତୁମତୀ ହେଲେ ଗଣକ ଗଣିଣ ଯେ । ।୧୫୧।
ବିଧିରେ - ବୋଇଲେ ଶ୍ରୀରାମ ଆଦି ଭାଇ ନାରୀ ଭୋଗ ଯେ,
ବିଭାବରୀରେ ହୋଇବ ପାଏ ଶୁଭ ଯୋଗ ଯେ । ।୧୫୨।
ବିଧିରେ - ବିବୁଧେ ସେ ସମୟକୁ ରାମ ରାଜା ହୋଇ ଯେ,
ବଇଭୋଗ କରିଥିଲେ ପାଞ୍ଚମାସ ମହୀ ଯେ । ।୧୫୩।
ବିଧିରେ - ବିଶୁଦ୍ଧ ଆଶ୍ୱିନ କୃଷ୍ଣ ଦଶମୀ ରଜନୀ ଯେ,
ବିଭୋଗେ ଗର୍ଭଧାରଣ କଲେ ଚାରି ଭଗ୍ନୀ ଯେ । ।୧୫୪।
ବିଧିରେ - ବଢ଼ନ୍ତି କ୍ରମରେ ଗର୍ଭ ଏଣେ ସାତ ମାସେ ଯେ,
ବୋଇଲେ ଶ୍ରଦ୍ଧାରେ ସୀତା, ଦିନେ ରାମ ପାଶେ ଯେ ।।୧୫୫।
ବିଧିରେ - ବନେ ଋଷି ପତ୍ନୀ ସେବିବାକୁ ଆସେ ମନେ ଯେ,
ବିରୋଧ ନ କରି ରାମ ଡ଼କାଇ ଲକ୍ଷ୍ମଣେ ଯେ । ।୧୫୬।

Digitized by PPRACHIN, SOA

ବିଧିରେ - ବାଲମିକ ଆଶ୍ରମକୁ ଦେଲେ ପଠାଇଣ ଯେ,
ବିଷ୍ଟିରେ ବୈଶାଖ କୃଷ୍ଣ ଅଷ୍ଟମୀ ସେ ଦିନ ଯେ । ।୧୫୭।
ବିଧିରେ - ବିଶେଷେ ରଜକୀ ନିନ୍ଦା ଶୁଣି ନ ଆଣିଲେ ଯେ,
ବିପିନେ ଜାନକୀ ଋଷି ଆଶ୍ରମେ ରହିଲେ ଯେ । ।୧୫୮।
ବିଧିରେ - ବିଭାବରୀ ଅର୍ଦ୍ଧ ଶ୍ରାବଣ କୃଷ୍ଣ ନମମୀ ଯେ,
ବୈଦେହୀ ଗରଭୁ ଜମଜ ସୁତ ଜନମିଲେ ଥମି ଯେ । ।୧୫୯।
ବିଧିରେ - ବାସେ ଏଣେ ଉର୍ମିଳାଦି ତିନି ଭଗ୍ନୀଙ୍କର ଯେ,
ବାଦ ପ୍ରାୟ ହେଲା ବେନି ବେନି ଯେ କୁମର ଯେ । ।୧୬୦।
ବିଧିରେ - ବୁଝ ସେ ସମୟେ ରାମଚନ୍ଦ୍ରଙ୍କ ରାଜୁତି ଯେ,
ବର୍ଷେ ତିନିମାସ ମାତ୍ର ଯାଇଥିଲା ବିତି ଯେ । ।୧୬୧।
ବିଧିରେ - ବଢ଼ନ୍ତେ କୁମରେ ଦଶବର୍ଷ ଦଶମାସ ଯେ-
ବିଗତ, ସ୍ଥିର କରିଲେ ସଭାର ସଦସ୍ୟ ଯେ । ।୧୬୨।
ବିଧିରେ - ବେନି ବେନି ସମ୍ବତ୍ସରେ ବିଂଶ ବର୍ଷେ ଶୁଭେ ଯେ,
ବିଂଶଅର୍ଦ୍ଧ ଅଶ୍ୱମେଧ ଯାଗକୁ କରିବେ ଯେ । ।୧୬୩।
ବିଧିରେ - ବୁଣି ବୀଜ ଆଦ୍ୟ ଅଶ୍ୱମେଧ ଯାଗକଲେ ଯେ,
ବାଲ୍ମୀକିଙ୍କୁ ପୂର୍ଣ୍ଣାହୁତି ସମୟେ ବରିଲେ ଯେ । ।୧୬୪।
ବିଧିରେ - ବୈଦେହୀ ନନ୍ଦନେ ଧରିଗଲେ ଋଷି ଜାଣ ଯେ,
ବାରବର୍ଷ ଦଶମାସ ସେ ରାମ ଶାସନ ଯେ । ।୧୬୫।
ବିଧିରେ - ବୁଝିଥିଲେ, ଏକା ଦଶବର୍ଷ ସପ୍ତ ମାସ ଯେ,
ବୁଧେ ହୋଇଥିଲା ଲବକୁଶଙ୍କ ବୟସ ଯେ । ।୧୬୬।
ବିଧିରେ - ବିଷ୍ଟିରେ ଫାଲ୍‌ଗୁନ କୃଷ୍ଣ ଅଷ୍ଟମୀ ଯେ ହୋଇ ଯେ,
ବଇକୁଣ୍ଠେ ଗଲେ ସୀତା ଭୂମିପଥ ଦେଇ ଯେ । ।୧୬୭।
ବିଧିରେ - ବୀରେନ୍ଦ୍ର ରାମ ତାପରେ ନବଯାଗ କଲେ ହେ,
ବେନି ବେନି ବର୍ଷେ ଅଷ୍ଟଦଶ ବର୍ଷ ନେଲେ ଯେ । ।୧୬୮।
ବିଧିରେ - ବିଭ୍ରାନ୍ତ ନ ହୋଇ ଚାରି ଭାଇଙ୍କ ନନ୍ଦନେ ଯେ,
ବସାଇଣ ଭିନ୍ନ ଭିନ୍ନ ରାଜ ସିଂହାସନେ ଯେ । ।୧୬୯।
ବିଧିରେ - ବିମାତା ମାତା ଅନ୍ତିମ କ୍ରିୟାମାନ କରି ଯେ,
ବୈକୁଣ୍ଠ ପୁରକୁ ଗଲେ ଭବଲୀଳା ସାରି ଯେ । ।୧୭୦।
ବିଧିରେ - ବିବୁଧେ ଚାନ୍ଦ୍ର ବର୍ଷରେ ଶ୍ରୀରାମ ବୟସ ଯେ,
ବିଂଶ ଷଷ୍ଠ ଦିନ ଯୁକ୍ତ ଏକସ୍ତରି ବର୍ଷ ଯେ । ।୧୭୧।
ବିଧିରେ - ବହିଲା ରାଜୁତି କଲେ ତା ମଧ୍ୟୁ ଶ୍ରୀ ରାମ ଯେ,
ବୁଧେ ଏକତ୍ରିଂଶ ବର୍ଷ ବିଂଶ ଷଷ୍ଠଦିନ ଯେ । ।୧୭୨।

Digitized by PPRACHIN, SOA

ବିଧିରେ - ବ୍ୟକ୍ତ ଏଗାର ସହସ୍ରଦିନ ଯା ଗଣତି ଯେ,
ବିଶ୍ୱେ ନକ୍ଷତ୍ର ବର୍ଷ ତା ରାମ ରାଜ୍ୟ ଖ୍ୟାତି ଯେ । ।୧୭୩।
ବିଧିରେ - ବିଶ୍ୱାମିତ୍ର ନେଇଥିଲେ ଚତୁର୍ଦ୍ଦଶ ବର୍ଷେ ଯେ,
ବିବାହାନ୍ତେ ରହି ପୁରେ ବାରବର୍ଷ ଶେଷେ ଯେ । ।୧୭୪।
ବିଧିରେ - ବନବାସେ ଗଲେ ଚତୁର୍ଦ୍ଦଶ ବର୍ଷ ପାଇଁ ଯେ,
ବନୁ ଫେରି ସିଂହାସନେ ବସି ରଘୁସାଇଁ ଯେ । ।୧୭୫।
ବିଧିରେ - ବିଳାସିନୀ ବାଲମିକ ଆଶ୍ରମରେ ବ୍ରତେ ଯେ,
ବାରବର୍ଷ ଦଶମାସ ରହୁ ରାମ ବ୍ୟସ୍ତେ ଯେ । ।୧୭୬।
ବିଧିରେ - ବସି ଆଦ୍ୟ ଅଶ୍ୱମେଧ ଯାଗ ପୂର୍ଣ୍ଣାହୁତି ଯେ,
ବେଳେ ପାତାଳେ ଗମିଲେ ବସୁନ୍ଧରା ପୁତ୍ରୀ ଯେ । ।୧୭୭।
ବିଧିରେ - ବନ୍ଦ୍ୟ ସଙ୍କଳ୍ପିତ ନବ ଅଶ୍ୱମେଧ ଯାଗ ଯେ,
ବିଧିରେ ସାରିଲେ ଅଷ୍ଟଦଶ ବର୍ଷ ଭୋଗ ଯେ । ।୧୭୮।
ବିଧିରେ - ବସାଇ ପୁତ୍ରଙ୍କୁ ଆସନରେ ବୈକୁଣ୍ଠରେ ଯେ,
ବାହାରୁ କ୍ରମେ ଷଷ୍ଠାଶୀତମ ଦିନ ଗଲେ ଯେ । ।୧୭୯।
ବିଧିରେ - ବିଧି ବିଧାନେ କୁଶଙ୍କୁ କରାଉ ସମ୍ରାଟ ଯେ,
ବସୁଧା ପାଳନ୍ତି ସପ୍ତଭାଇ ଧରି ଥାଟ ଯେ । ।୧୮୦।
ବିଧିରେ - ବୁଧେ ବିପଥରେ ଅଯୋଧ୍ୟାର ରାଜଲକ୍ଷ୍ମୀ ଯେ,
ବିଭାବରୀରେ ବିଳପୁ କୁଶ ହୋଇ ଦୁଃଖୀ ଯେ । ।୧୮୧।
ବିଧିରେ - ବିପ୍ରକରେ କୁଶାବତୀ ନଗ୍ର କରି ଦାନ ଯେ,
ବିଧାନେ ଗ୍ରହଣ କଲେ ଅଯୋଧ୍ୟା ଆସନ ଯେ । ।୧୮୨।
ବିଧିରେ - ବୀର କୁଶ ଔରଷୁ କୁମୁଦାବତୀ ଗର୍ଭୁ ଯେ,
ବିଭାକର ତେଜ ପ୍ରାୟ ପୁତ୍ରେ ହେଲା ଶୁଭୁ ଯେ । ।୧୮୩।
ବିଧିରେ - ବିପ୍ରେ ତାହାଙ୍କର ନାମ ଅତିଥି ଯେ ଦେଲେ ଯେ,
ବିଧାନେ ସେଠାରୁ ବଂଶ କ୍ରମରେ ବଢ଼ିଲେ ଯେ । ।୧୮୪।
ବିଧିରେ - ବିଶେଷି ଅଗ୍ନି ବର୍ଣ୍ଣଙ୍କ ଠାରେ ଶେଷ ହେଲେ ଯେ,
ବିଂଶ ଏକ ପୁରୁଷ ତା ପରେ ହୋଇଥିଲେ ଯେ । ।୧୮୫।
ବିଧିରେ - ବାଲ୍ମୀକିଙ୍କୁ ଆଗ ଏହା ହୋଇବାରୁ ଦୃଶ୍ୟ ଯେ,
ବିକ୍ଷିପ୍ତ ଭାବେ ବର୍ଣ୍ଣନା କଲେ ମୁନିଈଶ ଯେ । ।୧୮୬।
ବିଧିରେ - ବୁଧେ ଏ ଉତ୍ତରାକାଣ୍ଡ ଦିଦଶ ଆଖ୍ୟାନ ଯେ,
ବିଧି ବିଧାନରେ ଏହି ଠାରେ ହେଲେ ପୂର୍ଣ୍ଣ ଯେ । ।୧୮୭।
ବିଧିରେ - ବନ୍ଦ୍ୟହେ ସୁନ୍ଦର ରାମଚନ୍ଦ୍ର ଶିବ ବନ୍ଦ୍ୟ ଯେ,
ବନ୍ଦି ଦୟାନିଧି ଦାଶ ବିରଚେ ଏ ଛାନ୍ଦ ଯେ । ।୧୮୮।

Digitized by PPRACHIN, SOA

ବାଲ୍ମୀକିଙ୍କ ଆଶ୍ରମ ସ୍ଥାନ ନିରୂପଣ

(ରାଗ-ଭାଗବତ ବୃତ୍ତେ) (ନବ ଅକ୍ଷରୀ)

ଛାନ୍ଦ - ୧୪

ଗଣେଶ ମାତା ପୁଚ୍ଛୁଁ କାନ୍ତେ ଶ୍ରୀରାମ ଚିନ୍ତି ହୃଦ ଗତେ । ।୧।
କହନ୍ତି ଶିବ ରାମାୟଣ ପାର୍ବତୀ କରନ୍ତି ଶ୍ରବଣ । ।୨।
ଶ୍ରୀରାମ ନାମ ମହାମନ୍ତ୍ର ବାଲ୍ମୀକି ସ୍ମରି ହୃଦଗତ । ।୩।
ଆଶ୍ରମ ସ୍ଥାନ ନିରୂପଣେ ଗମନ୍ତି ଗହନ କାନନେ । ।୪।
ତମସା କୂଳେ ପରବେଶ ଦେଖୁ କାନନ ମନେ ତୋଷ । ।୫।
ଆଶ୍ରମ ଧର୍ମ କାର୍ଯ୍ୟପାଇଁ ସେ ବନ ପ୍ରସିଦ୍ଧ ଅଟଇ । ।୬।
ଝରଣା ସରସୀ ପାଷାଣ ପାଦପ ଲତା ବିଦ୍ୟମାନ । ।୭।
ବିହଙ୍ଗ ନାନା ବନ୍ୟ ପ୍ରାଣୀ ପୁଷ୍ପ ଫଳକେ ପରିମାଣି । ।୮।
ନାନା ଭେଷଜ ପରିପୂର୍ଣ୍ଣ ପତ୍ର ବଲ୍‌କଳ ନାନା ବର୍ଣ୍ଣ । ।୯।
ବହୁଛି ମଳୟ ପବନ ଦେଖି ରହନ୍ତେ ଋଷି ନାନ । ।୧୦।
ସମ୍ଭାଷିବାକୁ ଋଷି ଶିଷ୍ୟ ଜୀବଜନ୍ତୁ ଏ ମିଳି ପାଶ । ।୧୧।
ସର୍ବେ ହୋଇଲେ ଏକ ଠାବ ନାହିଁ ତାଙ୍କର ବୈରୀଭାବ । ।୧୨।
ଶାନ୍ତେ ସୁଶ୍ରଦ୍ଧା ସ୍ନେହ ଭକ୍ତି ମୁନିଙ୍କ-ଚରଣେ ଢ଼ାଳନ୍ତି । ।୧୩।
ଅତିଥି ହେବାପାଇଁ ଅଳି କରନ୍ତି ସର୍ବେ ହୋଇ ମେଳି । ।୧୪।
ସମ୍ମାନ ଅର୍ଥେ ଉପଚାରୀ ବୃକ୍ଷାଦି ଲତାୟେ ବିଚାରି । ।୧୫।
ନିର୍ଦ୍ଦେଶୁ ନେତା ଚିନ୍ତା କରି ଗୁଣେ ସମ୍ଭାଷେ ଲାଜକୁଳୀ । ।୧୬।
ୟାହୃଦେ ଭାବି ଉପଚାରୀ ଦୟା ସ୍ୱଗୁଣେ କୃପାବାରି । ।୧୭।
ବରଷି ଆଶ୍ରମର ସ୍ଥାନ ସେଠାରେ କଲେ ନିରୂପଣ । ।୧୮।
ମନ ହୃଦୟ ହେଲା ଶାନ୍ତି ବୁଲିଣ କାନନ ଦେଖନ୍ତି । ।୧୯।
ବିରଞ୍ଚି କରି କି ଭାବନା ଆଗୁଁ କରିଛି ସଂଯୋଜନା । ।୨୦।
ମଳୟ ପବନ ସେ ବନେ ବହଇ ଧୀରେ ଅନୁକ୍ଷଣେ । ।୨୧।

ବନଶୋଭା

ସକଳ ବନ ଶୋଭା ଘେନି ପରିବେଷ୍ଟିତ ସେ ଅବନୀ । ।୨୨।
ନେତ୍ରେ ଦେଖିଲେ ଯେତେ ଜୀବ ତାହାକି ବର୍ଣ୍ଣିବା ସମ୍ଭବ । ।୨୩।
କେ କା'ରେ ଶତ୍ରୁ ଭାବ ନାହିଁ ଦେଖୁଁ ତା ଆଶ୍ଚର୍ଯ୍ୟ ଲାଗଇ । ।୨୪।
ହରିଣ ଘେନିଣ ଶାର୍ଦ୍ଦୂଳ ଶିଶୁ ସଙ୍ଗରେ କରେ ଖେଳ । ।୨୫।
ସିଂହୀ ସ୍ତନରୁ ଦୁଗ୍ଧ ଦାନ କରୁ ଶରଭ କରେ ପାନ । ।୨୬।
ଶାର୍ଦ୍ଦୁଳ ଗଜ ଯା' ପୀରତି ଦେଖୁ ତାପସ ମନ ଶାନ୍ତି । ।୨୭।
ବନ ନର୍ତ୍ତକୀ ରଙ୍ଗେ, ବ୍ୟାଳ- ଇନ୍ଦୁର ସଙ୍ଗେ କରେ ଖେଳ । ।୨୮।
ଉଲ୍ଲୁକ ସଙ୍ଗରେ ଛଞ୍ଚାଣେ ନିପୁର ମାର୍ଜାର ଗହଣେ । ।୨୯।

Digitized by PPRACHIN, SOA

ସାରଙ୍ଗୀ ସାରଙ୍ଗ ଉନ୍ମତେ ରତି କରନ୍ତି ବନ ପଥେ । ।୩୦।
ବାନର ଘେନି ତାସନ୍ତତି ଢିଙ୍କିଆ ସଙ୍ଗେ ହୋଇ ସାଥି । ।୩୧।
ଶୂକର ସମ୍ବର ଠେକୁଆ ଶିଆଳି ବଳିଆ ଗଧିଆ । ।୩୨।
କୋକି ବରାହ ଝିଙ୍କ ଓଧ ଗଣ୍ଡା ଗୟଳ ବ୍ୟାଘ୍ର ଗଧ । ।୩୩।
ଭଲ୍ଲୁକ ଶାଳିଆ ପତନି ଏ ସର୍ବ ଦେଖି ଖୁସି ମୁନି । ।୩୪।
ତମାଳ ଲତାରେ ମାଳତୀ ମିଳୁ ପ୍ରମାଣ କରେ ରତି । ।୩୫।
ସୂର୍ଯ୍ୟ କିରଣ ରଶ୍ମିକଣା ସେବନେ ନ ପଡ଼ନ୍ତି ଜଣା । ।୩୬।
ଶୈଳ ଶୃଙ୍ଗଯା ଅଗଣିତ ଆକାଶେ ଲାଗିଛି ତା ମାଥ । ।୩୭।
ଝରଣା ଝରି ଅବିରତ ଦୂରେ ବଢ଼ାଇ ନିଏ ସ୍ରୋତ । ।୩୮।
ସ୍ଥାନେ-ସ୍ଥାନେକ ସୁସରସୀ ନୀର ପୂରଣେ ଶୋଭା ଦିଶି । ।୩୯।
ରକତ ପଦ୍ମ କୁମୁଦିନୀ ସୂର୍ଯ୍ୟ ବାନ୍ଧବୀ ସ୍ଥିତି ପୁଣି । ।୪୦।
ବିହଙ୍ଗ ବୃକ୍ଷଲତା ଫୁଲ ନନ୍ଦନ ବନ ହେବ ତୁଲ । ।୪୧।
କରିଣ ସେଠାରେ ଆଶ୍ରମ ଯୋଗ ସାଧନ୍ତି ମୁନ୍ୟୁତ୍ତମ । ।୪୨।
ଚାଳିଶ ତିନି ପଦେ ଶେଷ ଘେନ କୋବିଦେ ଏ ପୀୟୁଷ । ।୪୩।

ମାସ ପାରାୟଣ ୨ୟ ବିଶ୍ରାମ

ଅଯୋଧ୍ୟା ନଗର ବର୍ଣ୍ଣନା

(ରାଗ-ବଙ୍ଗଳାଶ୍ରୀ) (କୋଡ଼ିଏ ଅକ୍ଷରୀ)

ଛାନ୍ଦ - ୧୫

ବନ୍ଦେ କୃତ୍ତିବାସ ଜାନକୀ ବିଳାସ ବୀଣାପାଣୀ, ଗଜାନନ
ସର୍ବେ ଭକ୍ତି ଘେନି ବସ ମୋ ଲେଖନୀ ମୁନେ ଲେଖେ ରାମାୟଣ । ।୧
ଅଛି ଯାହା ହୃଦ ଘେନ ହେ କୋବିଦ ଦିବ୍ୟ ଚରିତ ଏ ଛାନ୍ଦ
ବିରଞ୍ଚି ବିଚାରି ରଚିଛି ଏ ପୁରୀ ନାହିଁ କରିବାକୁ ବାଦ । ।୨
ମେରୁ ଦକ୍ଷିଣରେ ସରଯୂ ତଟରେ ଅଯୋଧ୍ୟା ନାମରେ ଦେଶ
ସାକେତ ନଗରୀ ମଧ୍ୟେ ରାଜପୁରୀ କରିଛି ଆତ୍ମା ପ୍ରକାଶ । ।୩
ଗଡ଼ ଦୀର୍ଘ ପ୍ରତି ଯୋଜନ ବିଂଶତି ତା ମଧ୍ୟରେ ରାଜଧାନୀ
ବନ୍ଧ ପୁଷ୍କରିଣୀ ମନ୍ଦିର ବିପଣୀ କୂପ ତଡ଼ାଗ କେ ଗଣି । ।୪
ରାଜ ଦରବାର ରାଣୀ ହଂସପୁର ସୌଧ ଶୋଭାରେ ଝଟକେ
ସମେ ଦ୍ୱାରାବତୀ ନ ପାଇବ ଖ୍ୟାତି ତୁଳନା କେଉଁ କଟକେ । ।୫
ବଞ୍ଚିଥିବା ପରା ବ୍ରହ୍ମ ଜାତି ହୀରା ନିର୍ମିତ ପଞ୍ଚାସ୍ୟ ଦୁଇ
ଭଦ୍ରାସନ ଦ୍ୱାରେ ସ୍ଥାପନ୍ତେ ତେଜରେ ସଉଧ ଆଲୋକ ହୋଇ । ।୬
ନଗରୀ ମଧ୍ୟରେ ସମ ବଡ଼ଭିରେ ରଚୁ ଉଚ୍ଚେ ନାନାପୁର
ପୁରବାସୀମାନେ ଆନନ୍ଦିତ ମନେ କରନ୍ତି ସେଥି ବିହାର । ।୭

Digitized by PPRACHIN, SOA

ମୁଖଶାଳା ନୃତ୍ୟ ଶାଳା ରଣଶାଳା ଚାଟଶାଳା ଯାଗଶାଳା
କମାର କୁମ୍ଭାର ତନ୍ତ, ସ୍ୱର୍ଣ୍ଣକାର- ଶାଳ, ପାକଶାଳେ ବାଳା । ।୮
ସର୍ବେ ଧନବନ୍ତ କୁବେର ଯେମନ୍ତ ନାହିଁ ଦୀନହୀନ ପତି
ଦୀନ ବୋଲି ନେତ୍ର ନ ଦେଖେ, ପବିତ୍ର- କର୍ଣ୍ଣ ଶୁଣି ହୁଏ ସେଥି । ।୯
ଯେତେ କୋଟି ସ୍ୱର୍ଣ୍ଣ- ମୁଦ୍ରା ଅରଜନ କରଇ ସେଥି ଯେ ଜନ
କୋଟିକରେ ରସି ସୁବର୍ଣ୍ଣ କଳସୀ ଗୋଟିଏ କରେ ସ୍ଥାପନ । ।୧୦
ସେ ସୁବର୍ଣ୍ଣ କୁମ୍ଭ ମଧ୍ୟେ ହୀରାସ୍ତମ୍ଭ ପାଟନେତ ବିରାଜୁଛି
ଇନ୍ଦ୍ରଶର ବାଜି ଫେରେ ସେଠୁ ଭାଜି ସଉଧ ନ ହୁଏ କିଛି । ।୧୧
ସେଥି ଯାହା ମାର୍ଗ ହୋଇଅଛି ବାଗ ପୂର୍ବ ପର ଭାଗ ଭାଗ
ପ୍ରତି ତା, ବିସ୍ତୃତ ହୁଏ ଦୃଷ୍ଟି ହତ ଶାଖା ପଥ ତା' ସଂଯୋଗ ।।୧୨
କେ ବର୍ଣ୍ଣି ପାରିବ ଉପମାରେ ଭାବ ତା ପାର୍ଶ୍ୱେ ଥିବା ପାଦପ
ନିଦାଘେ ପଥିକ ପାନ୍ଥଶାଳା ଲକ୍ଷ ବିଶ୍ରମୁ ହରେ ସନ୍ତାପ । ।୧୩
ଶତକୋଟି ବଜ୍ର ବଳିଷ୍ଠ ଶିଳେୟୁ ଦୁର୍ଗ ପ୍ରାକାର ନିର୍ମିତ
ଶିଳ୍ପ ଶାସ୍ତ୍ର ମତେ ସ୍ୱର୍ଣ୍ଣ ଚତୁଷ୍କାଠେ କବାଟେ ହୀରା ଖଚିତ । ।୧୪
ପଡୁ ସେ କବାଟ ଯେ ଶବ୍ଦ ପ୍ରକଟ ଯଥା ମେଘ ଘଡ଼ଘଡ଼ି
ପଞ୍ଚାନନ ନାନ ମୟୂର ବାହନ ନୃତ୍ୟରୁ ପଡ଼ନ୍ତି ଗଡ଼ି । ।୧୫
ଖଣ୍ଡ ଦସ୍ୟୁ ଚୋର ବିଟପ ତସ୍କର ପ୍ରମାଦ ଗଣି ସ୍ତବଧ
ନବ ଦମ୍ପତିଏ ଶୟନ କକ୍ଷରେ ମିଳନ୍ତି ସ୍ମରି ପ୍ରମୋଦ । ।୧୬
ଗଜ ପଲ୍ୟାସନ ତେଜ ରଦାସନ କାରୁକାର୍ଯ୍ୟରେ ଖଚିତ
ଘଟନ ସୁନ୍ଦର କି ବର୍ଣ୍ଣିବା ତାର ଯେଣୁ ମନୁଙ୍କ ରାଜତ୍ୱ । ।୧୭
ଦେବାକୁ ନାଗରା ରହିଛି ଡ଼ଗରା ମନ୍ତ୍ରୀ ପାରିଷଦ ଗଣ
କରିଣ ବାରଣ ଢ଼ମ କୁହାଗଣ ଚଳାନ୍ତି ରାଜ୍ୟ ଶାସନ । ।୧୮
ଏହିପରି ଦ୍ୱାରୀ ଦ୍ୱାର ରକ୍ଷାକାରୀ କାର୍ଯ୍ୟରେ ହେଲା ଡ଼କରା
ନିଦ୍ରାରେ ବିଭୋରା ସଦାଚେତା ପରା ନିଦ୍ରାରେ ଦିଏ ପ୍ରହରା । ।୧୯
ଦକ୍ଷ ନେତ୍ର ଜାଣି ସୂର୍ଯ୍ୟକାନ୍ତ ମଣି ବାମଚନ୍ଦ୍ର କାନ୍ତମଣି
ଧର୍ମ ଦେବ ବିଜେ ପୁଣ୍ଡରୀକ ତେଜେ ବିଧୁପ୍ରାପ୍ତେ ବଧୂ ଧନୀ । ।୨୦
ପ୍ରକୃତି ରାଣୀର ଆଗମରୁ ଭର- ପୁର କାନନେ କୁସୁମ
କାମୁକୀ ନାୟିକା ନାୟକଙ୍କ ଠାରୁ ପ୍ରମାଣେ ହୁଏ ସୁଷମ । ।୨୧
ସେ ଉପବନରୁ ଅଧିକ କାମୁକୀ ଏ ରସାରେ କେହି ନାହିଁ
ଯେଣୁ ପୁଷ୍ପବତୀ କାଳରେ ପୀରତି ବିଟପେ ଦାନ କରଇ । ।୨୨
କୌଶଲ୍ୟାଙ୍କ ବଳା ବେନି ଅଂଘ୍ରି ହେଲା ଏ ଭବ ସାଗର ତରୀ
ଦୟା ସେବା ଆସେ ଏ ରସରେ ରସେ ବିଂଶତ୍ରି ପଦରେ ସ୍ମରି । ।୨୩।

Digitized by PPRACHIN, SOA

ମାଳି ,ସୁମାଳି ,ମାଲ୍ୟବନ୍ତ ବଂଶାନୁଚରିତ
ମାଳି ମାଲ୍ୟବନ୍ତ ହତ ଓ ସୁମାଳି ପାତାଳପୁରକୁ ଗମନ

(ରାଗ-କଳଶା) (ଚଉଦ ଅକ୍ଷରୀ)

ଛାନ୍ଦ - ୧୬

କୈଳାସେ ପୁଚ୍ଛନ୍ତେ ଉମା ରାମ ଚିନ୍ତି ଶିବ ଭାଷନ୍ତି ଯା' ଗାଥା ଘେନ ସେ ଅତି ଦୁର୍ଲଭ । ।୧
କଶ୍ୟପ ଋଷିଙ୍କ ନାରୀ ସେ ଦିତି ଅଦିତି ପୁତ୍ରାଭିଳାଷେ ତାପସେ ମାଗିଲେ ଯେ ରତି । ।୨
ମାନସ ଜାଣି ତାପସ ଭାଷନ୍ତି ଉତ୍ତର ଋତୁ ଶୁଦ୍ଧ ସ୍ନାନପରେ ଆସ ରାମାବର । ।୩
ଦଇବେ ଅଦିତି ଆଗ ପୁଷ୍ପବତୀ ହେଲା ଦିତିର ହୃଦୟ ପାପେ ଜରତି ହୋଇଲା । ।୪
ଅଦିତିର ଶୁଦ୍ଧ ସ୍ନାନ ଦିନ ପ୍ରାତେ ଦିତି ପ୍ରକୃତି ବଶରେ ଯେ ହୋଇଲା ପୁଷ୍ପବତୀ । ।୫
ପାପ ଆତ୍ମା ପାପମନେ ବିଚାର କରଇ ଅଦିତିର ଶୁଦ୍ଧ ସ୍ନାନ ଅଛି ଆଜ ହୋଇ । ।୬
ଅଦ୍ୟ ରଜନୀ ସେ ସ୍ୱାମୀ ଅଙ୍ଗସଙ୍ଗେ ଯିବ ପୁତ୍ର ତା ଆଗ ହୋଇଲେ ନୃପତି ହୋଇବ । ।୭
ଆଗ ସ୍ନାନ କରି ଯିବି ମୁଁ ସ୍ୱାମୀ ଆଳୟେ ଘେନୁ କୋଳେ ପୁତ୍ର ହେଲେ ହୋଇବସେ ରାୟେ ।୮
ସ୍ନାହାନ ସାରି ସୁହାଗୀ ହୋଇଲା ସୁବେଶ ଦିନମଣି ଶେଷ ହେଉଁ ଗଲା ସ୍ୱାମୀ ପାଶ । ।୯
ପୂର୍ବ କଥା ସ୍ମରି ଋଷି ସୁପୁତ୍ର ଆଶାରେ ଘେନିଣ ଦିତିକୁ କୋଳେ ରସିଲେ ରସାରେ ।।୧୦
କାମନା ବାସନା ପୂର୍ଣ୍ଣ ହେଉ ତପୀବର ସ୍ନାନାର୍ଥେ ଯିବାପାଇଁକି ହୋଇଲେ ବାହାର । ।୧୧
ଜାଣି ଲେ ପାପାତ୍ମା ମନେ ହୋଇ ଋତୁମତୀ ନାଶକଲା ସର୍ବଧର୍ମ ନ ଲଭିଣ ଭୀତି । ।୧୨
ବେଳୁବେଳ ଈର୍ଷା କୋପ ବଢ଼ନ୍ତେ ପ୍ରବଳ ବୋଇଲେ ଦେଉଛି ଶାପ ଘେନ ପାପଫଳ ।।୧୩
ବାରବର୍ଷ ଗର୍ଭେ ରହି ପୁତ୍ର ହେଉ ଜାତ ଦୈତ୍ୟ ହେବ ଯେଣୁ କାୟା କଲୁ ଅପବିତ୍ର । ।୧୪
ଶାପ ଶୁଣି ଦୁଃଖମନେ ଫେରିଲା ତରୁଣୀ ଯଥା ସମୟେ ଅଦିତି ପ୍ରବେଶିଲା ପୁଣି । ।୧୫
ପୁତ୍ର ଅଭିଳାଷେ ମୁନି କରିଲେ ଗ୍ରହଣ ରତି ରସେ ମାତି ନିଶି ଦେଲେ ପୁହାଇଣ । ।୧୬
ଋଷିରେତୁ ଯଥାକାଳେ ପୁତ୍ର ଜନ୍ମ ହେଲେ କମନୀୟ ରୂପୁଁ ଋଷି ଇନ୍ଦ୍ର ନାମ ଦେଲେ । ।୧୭
ବାରବର୍ଷ ଅନ୍ତେ ଦିତି ପୁତ୍ର କଲା ଜାତ ନାୟିକା ଅସୁର ନାମେ ହେଲା ସେ ବିଖ୍ୟାତ ।।୧୮
ବିଟାଳି କନ୍ୟା ସେ ଯଥାକାଳେ ବିଭାହେଲା ପୁତ୍ର ହେଉ ସେ ବିଟୁଳାଃସୁର ବୋଲାଇଲା । ।୧୯
ବିଜୁଳି କନ୍ୟା ସେ ବେଳେ ବଳେ ଆଣୁହରି ବିଦ୍ୟୁତ୍ କେଶା ନାମେ ପୁତ୍ର ହୋଇଲା ତାହାରି ।।୨୦
ସେ ସୁକିନ୍ଦା ନାମେ କନ୍ୟା କରିଣ ଗ୍ରହଣ ମହା ସମ୍ଭ୍ରାନ୍ତରେ ରାଜ୍ୟପାଳେ ଦୈତ୍ୟ ରାଣ ।।୨୧
ବିଦ୍ୟୁତ୍‌କେଶା ଔରସେ ସୁକିନ୍ଦା ଗର୍ଭୁଜାତ ତ୍ରୟ କୁମର ମାଳି ସୁମାଳି ମାଲ୍ୟବନ୍ତ । ।୨୨
ଏ ତିନି ସୋଦର କରି ବଡ଼ ଦୁଷ୍ଟପଣ ରାଜ୍ୟ ରାଜ୍ୟ ବୁଲି ମେଳ କଲେ ଦୈତ୍ୟଗଣ ।।୨୩
ସିନ୍ଧୁସ୍ଥିତ ସ୍ୱର୍ଣ୍ଣଲଙ୍କା ଗଡ଼େ ଗଡ଼ କରି ରାଜନ ହୋଇ ଦେବଙ୍କୁ ଦଣ୍ଡ ଦେଲେ ଧରି ।।୨୪
ନାନା ଜାତି କନ୍ୟା ଆଣି କରନ୍ତି ରମଣ ନ ବିଚାରି ଦିବାନିଶି ଧର୍ମ ପାପ ପୁଣ୍ୟ । ।୨୫
ସେ ରମଣୁ ବହୁ ସୁତା ସୁତ ହେଲେ ଜାତ ଅପକର୍ମେ ଦିନୁଦିନ ଦୈତ୍ୟ ହେଲେ ରତ । ।୨୬
ଅସୁର ଦୌରାତ୍ମ୍ୟ କ୍ଷିତି ସହି ନ ପାରନ୍ତେ ଦେବଗଣେ ଜଣାଇଲେ ବିଧାତା ଅଗ୍ରତେ । ।୨୭

Digitized by PPRACHIN, SOA

ଏ ଖବର ଶୁଣି ଦୈତ୍ୟେ ସ୍ୱର୍ଗ ଲୁଟି କଲେ ଶ୍ରୀହରି ଅଗ୍ରତେ ଧାରା ଯାଇ ଜଣାଇଲେ । ।୨୮
ସୁଦର୍ଶନ ରାଇ ପ୍ରଭୁ ଦିଅନ୍ତି ଆଦେଶ ଫେରିଆସ ଦୁଷ୍ଟ ଦଇତଙ୍କୁ କରି ନାଶ । ।୨୯
ପ୍ରଭୁ ଆଜ୍ଞା ଘେନି ଚକ୍ର ଶୀଘ୍ର ଚଳିଗଲା ମାଳି ମାଲ୍ୟବନ୍ତ ସହ ଅସୁର ନାଶିଲା । ।୩୦
ଅର୍ଜିଥିବା ଧନରତ୍ନ ଯା' ଥିଲା ଭଣ୍ଡାରେ ତେଜି ରାଜଗାଦି ସୌଧ ଲଙ୍କା ସହିତରେ । ।୩୧
ଭୟେ ସୁମାଳି ସୁକେଶା ପାତାଳ ଭୁବନେ ପ୍ରାଣରକ୍ଷା ଆଶେ ଯାଇ ଲୁଚିଲେ ଗୋପନେ । ।୩୨
ଦୁଃଖେ-ସୁଖେ କାଳକାଟି ଆହାର ବିହାର କରଇ ସୁମାଳି ସେଥି ଘେନି ପତ୍ନୀ ତାର । ।୩୩।
ବହୁଦିନ ଅନ୍ତେ କନ୍ୟା ହୁଅନ୍ତେ ତା ଜାତ ନିକଷା ନାମେ ତା'ନାମ କରିଲା ନାମିତ । ।୩୪
ନାରୀ କନ୍ୟା ଘେନି ଦୈତ୍ୟ ପାତାଳ ପୁରରେ ରହି ପୂର୍ବ ଧନ ଲଙ୍କାକୀର୍ତ୍ତି ଚିନ୍ତା କରେ । ।୩୫
ଜାନକୀ ବଲ୍ଲଭ ପାଦ ପଦ୍ମେ ଚିତ୍ତ ଦେଇ ଷଟ୍‌ତ୍ରିଂଶ ପଦେ ଦୟା ଏ ଛାନ୍ଦ ରଚଇ । ।୩୬

ବିଶ୍ରବାଙ୍କ ବଂଶାନୁଚରିତ
ପ୍ରଥମ ସ୍ତ୍ରୀ ଗ୍ରହଣ ଓ କୁବେର ଜନ୍ମ

(ରାଗ-ବଙ୍ଗଳାଶ୍ରୀ)

(ଭଲକରି ନାଆ ବୁହାରେ ନାଉରୀ ବୃତ୍ତ)

ଛାନ୍ଦ - ୧୭

ଏଥୁଅନ୍ତେ ଗୌରୀ ପାଦପୂଜା କରି
କାନ୍ତେ ପୁଚ୍ଛୁ ରାମାୟଣ ।
ଶୁଣି ସଦାଶିବ ଜାନକୀ ବଲ୍ଲଭ
ଚିନ୍ତି କହନ୍ତି ପୁରାଣ । ।୧।
ଘେନହେ ସୁଜନ ହୋଇ ତୋଷମନ
ରାମାୟଣ ଦିବ୍ୟ ରସ ।
ଯାହାକଲେ ଘେନା ଅନ୍ତିମ ଯାତନା
ନୋହି ସ୍ୱର୍ଗେ ହେବ ବାସ । ।୨।
ବିଧାତା ସନ୍ତତି ପଉଲସ୍ତ୍ୟ ଯତି
ବିଶ୍ରବା ତାଙ୍କ ସନ୍ତତି ।
ମନେ ଧାତା ଚିନ୍ତି ତପ ଆଚରନ୍ତି
ସୁପୁତ୍ରରେ ରଖି ମତି । ।୩।
ଭରଦ୍ୱାଜ କନ୍ୟା ଦେବ ବର୍ଣ୍ଣିନୀ 'ନା'
ବିଶ୍ରବାଙ୍କୁ କଲେ ଦାନ
ଋଷି ବିଭା ସାରି ସଙ୍ଗେ ଘେନି ନାରୀ
ଲଙ୍କାକୁ କଲେ ଗମନ । ।୪।

Digitized by PPRACHIN, SOA

ବିଧି ଅନୁସରି ନନ୍ଦି-ଶ୍ରାଦ୍ଧ ସାରି
ଲାଜା ହୋମକୁ କରିଲେ ।
ଦିନମଣି ଶେଷ ହୁଅନ୍ତେ ତାପସ
ସ୍ନାନ ମାର୍ଜନା ସାରିଲେ । ।୫।
ବେଳ ଲଗ୍ନ ଯୋଗ ନ ଚାହିଁ ବିଭୋଗ
କରନ୍ତେ ବାଳାକୁ ନେଇ ।
ଅକାଳେ କୁମର ହେଲା ଋଷିଙ୍କର
କଦାକାର ରୂପ ବହି । ।୬।
ତିନି ପାଦ ଆଠ- ଦନ୍ତ'ତ ପୋନିଷ୍ଣ
ଦେଖି ଚିନ୍ତିତ ହୋଇଲେ ।
ଦେହ ରୂପ ମତେ ଆରୋପି ସଂଯତେ
'କୁ'-ବେର ତା ନାମ ଦେଲେ । ।୭।
ଜାତ କର୍ମସାରି ପୁଣି ତପୋଚାରି
ନାମକରଣ କରିଲେ ।
ନିଜ ନାମ ଅଂଶ ନାମିତେ ତାପସ
ବଇଶ୍ରବଣ ବୋଇଲେ । ।୮।
ପୁତ୍ର କୋଳେ ଘେନି ଦିବସ ରଜନୀ
ନଜାଣନ୍ତି ତପଶୀଳ ।
ଧର୍ମ ତପ ଜପ ସର୍ବ ହେଲା ଲୋପ
ବିତେ ଏହି ପରି କାଳ । ।୯।
ପୂର୍ବ ତପ ଚିନ୍ତି ପୌଲସ୍ତ୍ୟ ସନ୍ତତି
ତପେ ଯିବାକୁ ମାନସ ।
ଗୃହେ ରହି କାଳ କଟିଲା କେବଳ
ଦାରା କଲା ତପ ନାଶ । ।୧୦।
ଦିନୁ ଦିନ ଶେଷ ବିତି ମାସ ମାସ
ହେଲା ବରଷ ବରଷ ।
ବାସେ ଛାଡ଼ି ନାରୀ ଏକା ହୋଇକରି
ଯିବାକୁ କଲେ ମାନସ । ।୧୧।
ପୌଲସ୍ତ୍ୟ ନନ୍ଦନ କରିଲେ ଗମନ
ସୁବଳ ପର୍ବତେ ଦିନେ ।
ଦେଖି ରମ୍ୟସ୍ଥାନ କଲେ ନିରୂପଣ
ଯୋଗ ସାଧିବେ କାନନେ । ।୧୨।

Digitized by PPRACHIN, SOA

ବ୍ରହ୍ମେ ବ୍ରହ୍ମ ଥୋଇ   ମନକୁ ମଜାଇ
ଚେତନ ଚିତ୍ତେ ବନ୍ଦନ୍ତି ।
ଦ୍ୱାଦଶ ଇନ୍ଦ୍ରିୟେ   ନିରୋଧିଣ ଲୟେ
ଗୂଢ଼ ତପ ଆଚରନ୍ତି । ।୧୩।
ପଚାଶ ଅକ୍ଷରେ   ରୋଧି ଦଶଦ୍ୱାରେ
ମନକୁ କରି ସଞ୍ଚାତ ।
କାମନା ବାସନା   ଛାଡ଼ି ଆରାଧନା
କରନ୍ତି ପୌଲସ୍ତ୍ୟ ସୁତ । ।୧୪।
ଅଯୋଧ୍ୟା ଅଧୀଶ   ଦଶରଥ ଶିଷ୍ୟ
ରାମ ଚରଣ ପଙ୍କଜେ ।
ସୁମରି ବିସାଦେ   ପଞ୍ଚଦଶ ପଦେ
ଛାନ୍ଦ ରଚି ଦୟା ଭଜେ । ।୧୫।

କୁବେର ତପସ୍ୟାର୍ଥେ ଗମନ

(ରାଗ-ମୁନିବର ବାଣୀ)

ଛାନ୍ଦ - ୧୮

ବିଦୁଷେ କର ଶ୍ରବଣ   ବିଦୂଷଣ ବିଶ୍ଳେଷଣ
ବିଦୂରିତ ସୁଆଶାରେ ବିଦୂଷୀ ସ୍ୱରେ ଯେ । ।୧।
ସଂଭ୍ରମେ ଦିନେ ଭବାନୀ   ସମସ୍ତ ସମ୍ଭାର ଘେନି
ସମ୍ଭାଷନ୍ତେ ରାମାୟଣ, ଶମ୍ଭୁ ଭାଷଣ ଯେ । ।୨।
ବିଶ୍ରବା ଯାଉଁ ତପରେ   ବିଷର୍ଣ୍ଣେ ଘେନି କୁମରେ
ବିଶଦ କାମନା କରି, ବିଶ୍ରବା ନାରୀ ଯେ ।୩।
ପୁରେ ସୁତେ ଦେଲା ଶିକ୍ଷା   ପୁରଶ୍ଚରଣର ଦୀକ୍ଷା
ପୂରୁବ କୀରତି ହେଜ, ପୁରୁ ତୋ କାର୍ଯ୍ୟ ଯେ । ।୪।
ବାସ୍ତୁରା କଦା ନ ହୁଅ   ବାସ୍ତୁ ତେଜ୍ୟା କରି ଯାଅ
ବାସ୍ତବେ ଘେନ ମୋ କଥା, ବାସ୍ତବ ଗାଥା ଯେ । ।୫।
ବନ୍ଦିମାତାଙ୍କ ଚରଣ   ବନେ କୁବେର ଗମନ
ବଂଶାନୁ ଚରିତ ଧରି, ବକ୍ରୋକ୍ତି ହରି ଯେ । ।୬।
ସୁମରି କଞ୍ଜ ଚରଣ   ସୁମରେ ସପ୍ତ ପଦେଣ
ସୁମନେ ସୁକୃତ ଆଶେ, ମୁଖରେ ଭାଷେ ଯେ । ।୭।

ଟୀକା: ପ୧ - ବିଦୂଷୀ-ପଣ୍ଡିତା ନାରୀ । ୪-ପୁରଶ୍ଚରଣ-ମନ୍ତ୍ର-ଦୀକ୍ଷା-ଶିକ୍ଷା । ।୫-ବାସ୍ତୁରା- ଅଯୋଗ୍ୟ, ବାଲୁଙ୍ଗା । ୬-ବକ୍ରୋକ୍ତି-କୁଟିଳ ବଚନ । ୭- କଞ୍ଜଚରଣ-ପଦ୍ମପାଦ(ରାମଚନ୍ଦ୍ରଙ୍କ ପାଦ) ।

Digitized by PPRACHIN, SOA

କୁବେର ତପସ୍ୟା ଓ ଧନାଧିପ ଉପାଧି ଲାଭ

(ରାଗ-ବଙ୍ଗଳାଶ୍ରୀ)

(କି ନାମ ବୋଇଲୁ ତୁହି ଗୋ ଲଳିତେ କି ନାମ ବୋଇଲୁ ତୁହି ଗୋ. ବୃତ୍ତେ)

ଛାନ୍ଦ - ୧୯

ରସଜ୍ଞ ବିଦୂଷ ଏରସରେ ରସ ନ ହେବ ଅନ୍ତିମ କ୍ଳେଶ,
ରବି ସୁତ ଦଣ୍ଡ ହେବ ଲଣ୍ଡ ଭଣ୍ଡ ଫେରିବ ନ ଆସି ପାସ । ।୧।
ଉମା ଏକ ଦିନେ କୈଳାସ ଭୁବନେ ପୁଛନ୍ତି ବୃଷ ଆସନେ,
କୁହ ରାମାୟଣ ବିଶ୍ରବା ନନ୍ଦନ କି ତପ କଲା କି ସ୍ଥାନେ । ।୨।
ଜାନକୀ ବିଳାସ ଚିନ୍ତିଣ ମହେଶ ପୁରାଣ କଲେ ଗାୟନ,
ହିମାଦ୍ରି-ନନ୍ଦିନୀ ସୁତ, ବୀଣାପାଣି ଘେନି କରନ୍ତି ଶ୍ରବଣ । ।୩।
ସେ ବଇଶ୍ରବଣ ମାତାଙ୍କୁ ବନ୍ଦିଣ ତପସ୍ୟା ଅର୍ଥେ ଗମନ,
କରେ ପର୍ଯ୍ୟଟନ ବୁଲି ନାନା ସ୍ଥାନ ସ୍ଥିର ଆଶେ ତପସ୍ଥାନ । ।୪।
ଉତ୍ତର ଦିଗରେ ମେରୁ ଶିଖରରେ ଦେଖନ୍ତେ ଦିବ୍ୟ କାନନ,
ସପ୍ତ ବେନି ଲକ୍ଷ ଯୋଜନ ତା ଶିଖ- ଉଚ୍ଚ ତା' ଶିଳା ସୁବର୍ଣ୍ଣ । ।୫।
ବେଢ଼ି ରହିଛନ୍ତି ଗିରି ପ୍ରନ୍ତି ପନ୍ତି ଶିର ତାଙ୍କ ସଭା ଲକ୍ଷ,
ଦିବ୍ୟ ପରିବେଶ ଦେଖନ୍ତି ତାପସ ଶୁକ୍ଳବର୍ଣ୍ଣ ସର୍ବ ବୃକ୍ଷ । ।୬।
ମତ୍ତ ବ୍ୟାଘ୍ର ଖଗ ସମ୍ବରାଦି ମୃଗ ଗଜ ଗଣ୍ଡା ଯୂଥ ଯୂଥ,
ଶତ୍ରୁତା କେ କାରେ ନାହିଁ ସେହିଠାରେ ସର୍ବେ ଭାତୃ ପ୍ରେମେ ରତ । ।୭।
ବସି କିଛିକ୍ଷଣ କରନ୍ତି ସ୍ନାହାନ ଉପର ଗଙ୍ଗା ଜଳରେ,
ପିନ୍ଧି କଷା ବାସ ଶିରେ ଲେପି ଭସ୍ମ ଜଟା ବାନ୍ଧି ବଟ କ୍ଷୀରେ । ।୮।
କପାଳରେ ଚିତା କନ୍ଧରେ ପଇତା ତୁଳସୀ ମାଳେ ଭୂଷଣ,
ସ୍ଥିର କରି ସ୍ଥାନ ପକାଇ ଆସନ ଯୋଗ ଅର୍ଥେ ପଦ୍ମାସନ । ।୯।
ଆଶାବାଡ଼ି କରେ ଏକାଗ୍ର ଚିତ୍ତରେ ତପେ ମଗ୍ନ ତପି ସାଇଁ,
ବିଧାତା ଚରଣ କରନ୍ତି ସ୍ମରଣ ବର ମାଗିବାର ପାଇଁ । ।୧୦।
ଖାଦ୍ୟ ଜଳପାନ କରି ସମ୍ବରଣ ନିଦ୍ରା ତେଜି ସଦା ସ୍ମରି,
ତେବେ ଅନୁଗ୍ରହ ନୁହେ କରି ମୋହ ନ ଆସନ୍ତେ କୁଶଧାରୀ । ।୧୧।
ବିଶ୍ରବା ନନ୍ଦନ ଛାଡ଼ି ତପସ୍ଥାନ ହୋମେ ଜାଳି ବୈଶ୍ୱାନର,
ଦିଅନ୍ତି ଆହୂତି କରେ ବେଦପତି ନ ଆସୁ କରଇ ସ୍ଥିର । ।୧୨।
ବାମ ନେତ୍ର, ବାମ କରି କରି ହୋମ ଆହୂତିକି ସ୍ଥିର ମନେ,
କମ୍ପିଲେ ଆସନ କରିବେ ଗମନ ଧାତା ଅବା ଏହି ସ୍ଥାନେ । ।୧୩।
ବାମ ନେତ୍ର ନଖେ ତାଡ଼ିଣ ପ୍ରତ୍ୟକ୍ଷେ ଆହୂତେ ଯାଗ କୁଣ୍ଡର,
ବାମେ ତର ନେତ୍ର ତାଡ଼ନ୍ତେ ତୁରିତ କମ୍ପେ ଯଶୋବନ୍ତୀ ପୁର । ।୧୪।

Digitized by PPRACHIN, SOA

କମ୍ପିଲା ଆସନ କରିଲେ ଗମନ ମରାଳ ବାହନେ ଧାତା,
କରନ୍ତି ବାରଣ ନତାଡ଼ ନୟନ ଯା'ଇଛା ମାଗ ବର'ତା । ।୧୫।
ପାଣିକୁ ଯୋଡ଼ିଣ ସେ ବଇଶ୍ରବଣ ପଦେ, କରି ନମସ୍କାର,
କର ଏହା ଧାର୍ଯ୍ୟ ଭୁଞ୍ଜିବି ଐଶ୍ୱର୍ଯ୍ୟ ସେବି, ହେବି ଧନେଶ୍ୱର । ।୧୬।
ଅସ୍ତୁ ଅସ୍ତୁ କହି କହନ୍ତି ବୁଝାଇ ତୋ ନାମ ହୋଇଲା ସିଦ୍ଧି,
ସେ ଅଳକା ପୁର ଯାଇ ଭୋଗ କର ଅଛି ସ୍ୱର୍ଣ୍ଣ ଅଷ୍ଟ ନିଧି । ।୧୭।
ଅନ୍ୟ ବର ଘେନ ପୁଷ୍ପକ ବିମାନ ହରଷେ କରୁଛି ଦାନ,
ସାଗର ମନ୍ଥନୁ ସମ୍ଭୂତ ତା ଯେଣୁ କରିବ ଇଛା ଗମନ । ।୧୮।
ପୂର୍ବେ ବିଶ୍ରବାରେ ଦେଇଅଛି ଥରେ ସେ ସୁବର୍ଣ୍ଣ ଲଙ୍କାପୁରୀ,
ଯକ୍ଷଗଣ ଘେନି ସମାରୋହେ ପୁଣି ହୁଅ ସେଥି ଦଣ୍ଡଧାରୀ । ।୧୯।
ଆଜ୍ଞା ପରମାଣ ଉତ୍ସବ କରିଣ ଯକ୍ଷ ଘେନି ଦଣ୍ଡଧାରୀ,
ହୋଇ ଧନପତି ଲଙ୍କାଗଡ଼େ ସ୍ଥିତି ଘେନ ବିବୁଧେ ବିଚାରି । ।୨୦।
ଛାନ୍ଦ ବିଂଶପଦ ଘେନ ଏ କୋବିଦ ନ ଦଣ୍ଡିବେ ଯମଦୂତେ,
ରଖି ଅଭିଳାଷ ରାମ ପଦେ ଦାଶ ଦୟାନିଧି ନିତ୍ୟ ଚିନ୍ତେ । ।୨୧।

ସୁମାଳୀ ଲଙ୍କା ଦର୍ଶନେ ଗମନ । ବିଶ୍ରବା ଋଷିଙ୍କର ଦ୍ୱିତୀୟ ପତ୍ନୀ ଗ୍ରହଣ ଓ ସନ୍ତାନ ପ୍ରକରଣ କଥୋପ କଥନ

(ରାଗ-କଳହଂସ କେଦାର)
(ଚିଲିକା ପଦ୍ୟବୃତ୍ତେ) (ବାର ଅକ୍ଷର)

ଛାନ୍ଦ - ୨୦

ପାର୍ବତୀ, ଶଙ୍କରେ ପୁଚ୍ଛନ୍ତି ପୁରାଣ ଲଙ୍କାରେ କୁବେର ହୋଇ ନୃପରାଣ
କେତେକ ବରଷ କରିଲା ରାଜୁତି ଅଳକା କିପରି ହେଲା ତା ବସତି । ।୧।
ପୂରୁବ ଆଖ୍ୟାନ ତାପର ଚରିତ କହନ୍ତୁ ଯା ଶୁଣି କର୍ଣ୍ଣ ହେବ ପୂତ,
ରାଘବ ଚିନ୍ତିଣ ଶଙ୍କର ଭାଷନ୍ତି ଯକ୍ଷଙ୍କୁ ଘେନିଣ ପଉଳସ୍ତି ନାତି । ।୨।
କରଇ ରାଜୁତି ଧନାଧିପ ହୋଇ ସରଗ ସମ୍ପଦ ସମସ୍ତ ଭୁଞ୍ଜାଇଁ,
ଏଣେ ସେ ବିଶ୍ରବା ସୁବଳ-ପର୍ବତେ ତପ ସାଧନ୍ତି ସାଧନା ପୂର୍ବ ମତେ । ।୩।
ବହୁତ ବରଷ ଏପରି ଗଡ଼ିଲା ସତ୍ୟ ଅନ୍ତେ ତ୍ରେତା ଆସି ଭୋଗ ହେଲା,
ପାତାଳ ପୁରରେ ରହିଛି ସୁମାଳୀ ସୁକେଶା,ନିକଷା,କନିଷ୍ଠ ଦୁଲାଳୀ । ।୪।
ପୁତ୍ର ପୌତ୍ର ସଙ୍ଗେ ଘେନି ପ୍ରଜାଗଣ ଦୁଃଖରେ କାଳକୁ କରଇ ଯାପନ,
ସେ ସୁମାଳୀ ଜ୍ୟେଷ୍ଠ କନ୍ୟା କୁମ୍ଭନଖୀ ପୂର୍ବେ ଲଙ୍କାଗଡ଼େ ଜନ୍ମିଥିଲା ସୁଖୀ । ।୫।

Digitized by PPRACHIN, SOA

ପୁଲମା ଦଇତ ସୁତ ମଧୁରାଣ ହସ୍ତରେ ଆଗରୁ ସେ କନ୍ୟା ପ୍ରଦାନ
କରିଣ ସୁମାଳୀ ଛାଡ଼ିଗଲା ଲଙ୍କା ସେ ମଧୁ ଦଇତ କରିଣ ଆଶଙ୍କା । ।୬।
ବିଜୟେ ମଥୁରାପୁରେ, ଦଣ୍ଡଧାରୀ ହୋଇ ବଇଭୋଗ କରେ ଘେନି ନାରୀ
ସମୟେ ତା ଗର୍ଭୁ ଜନ୍ମନ୍ତେ ନନ୍ଦନ ଆନନ୍ଦ ଉତ୍ସବ କରେ ଦୈତ ରାଣ । ।୭।
ଚାରକୁ ପଠାଇ ପାତାଳ ଭୁବନେ ସ୍ୱପତ୍ନୀର ପିତା ମାତା ଆମନ୍ତ୍ରଣେ,
ପତ୍ର ନେଇ ଦୂତ ବହନ ଚଳିଲା ପାତାଳେ ସୁମାଳୀ ଦୈତ୍ୟ ହସ୍ତେ ଦେଲା ।।୮।
ଗୌରବେ କହିଲା ସକଳ ସନ୍ଦେଶ ବାହାରେ ସୁମାଳୀ ହୋଇ ତୋଷ ବଶ
ନାନାଦି ଦ୍ରବ୍ୟକୁ ଘେନିଣ ସଙ୍ଗରେ ଆବଶ୍ୟକ ହେବ ଯାହା ଉତ୍ସବରେ । ।୯।
ଜାଣୁ ତା କନିଷ୍ଠ-ନନ୍ଦିନୀ ନିକଷା ପିତା ସଙ୍ଗେ ଯିବାପାଇଁ ରଖି ଆଶା,
ସୁବେଶ ହୋଇଣ ପୁରେ ଆସୁଚଳି ଅନ୍ତରୀକ୍ଷେ ମନେ ଭାବିଲା ସୁମାଳୀ । ।୧୦।
ମଥୁରା ଭୁବନେ ହୋଇଲା ପ୍ରବେଶ ପିତା,ଭଗ୍ନୀ ଦେଖି କୁମ୍ଭନଖୀ ତୋଷ
ହରଷେ ପାଇଲେ ନାନା ଗଉରବ ପୂରଣ ହୁଅନ୍ତେ ଜନମ-ଉତ୍ସବ । ।୧୧
ମେଲାଣି ହୋଇଣ ପୁରେ ଆସୁଚଳି ଅନ୍ତରୀକ୍ଷେ ମନେ ଭାବିଲା ସୁମାଳୀ
ବହୁଦିନୁ ଲଙ୍କାପୁର ଦେଖି ନାହିଁ ଦେଖିବି କେ ଭୋଗକରେ ସେଥି ଯାଇଁ ।।୧୨।
ଏତେ ଭାବି ରଥ ଦକ୍ଷିଣେ ବାହିଲା ଲବଣ ସିନ୍ଧୁର କୂଳେ ଓହ୍ଲାଇଲା
ସୁବଳୟା ଗିରିଶିଖେ ଧୀରେ ଖସି ସଙ୍ଗେଅଛି ସାନ କନ୍ୟା ନଉକେଶୀ । ।୧୩।
ଦେଖଇ ତପରେ ବିଶ୍ରବା ତାପସ ଦୈତ୍ୟରୂପ ତେଜି ପୁଚ୍ଛେ ଯାଇ ପାଶ
ବୋଲେ ଲଙ୍କାଗଡ଼େ ହୋଇଛି କେ ରାଜା ରହିଛନ୍ତି କାହୁଁ ଆସି ଜନ-ପ୍ରଜା । ।୧୪।
ପୂର୍ବେ ସ୍ୱର୍ଣ୍ଣଲଙ୍କା ଥିଲା ଆମ୍ଭ ବାସ ଚକ୍ର ଭୟେ ହେଲା ପାତାଳେ ଆବାସ,
ଅଛି କନ୍ୟା ମୋର ନାମ ନଉକେଷା ସେ ରାଜା ପ୍ରଦାନେ ରଖିଅଛି ଆଶା । ।୧୫।
ଘେନିବେକି ନାହିଁ ମନେ ସନ୍ଦିହାନ ଜାଣିଥିଲେ ସର୍ବ କୁହ ତପୋଧନ
ଶୁଣି ଏ ଭାରତୀ ପୌଲସ୍ତ୍ୟ ସନ୍ତତି ଭାଷନ୍ତି ମୋ ପୁତ୍ର ହୋଇଛି ନୃପତି । ।୧୬।
ସୁମାଳୀ ତା ଶୁଣି ବିଚାରିଲା ମନ ଏ କନ୍ୟା ଋଷିଙ୍କୁ କରିବି ପ୍ରଦାନ
ଯେବେ କନ୍ୟା ହେବ ରାଜା ବଇମାତ ଭାଗ ହେବ ସୁତ ହେଲେ ଗର୍ଭୁ ଜାତ । ।୧୭।
ତେବେ ସେ ମୋ ମାନ ଅବା ଉଦ୍ଧାରିବ ନାରାୟଣ ଚକ୍ର ଗାରିମା ହରିବ
ବୁଝାଇ କନ୍ୟାକୁ ଛାଡ଼ିଣ ସୁମାଳୀ ସ୍ୱାମୀ ରୂପେ ବର କିଛି ହିଁ ନ ଭାଳି । ।୧୮।
ପିତୃ ଋଣ ପରିଶୋଧ ସୁ-ଆଶାରେ ବରତୁ ତପୀଙ୍କୁ ମନ ଆନନ୍ଦରେ
ଛାଡ଼ି ନିକଷାକୁ ପାତାଳେ ସୁମାଳୀ ଗମନ୍ତେ ନିକଷା ମନେ ହୁଏ ଭାଳି । ।୧୯।
କିପରି ଋଷିଙ୍କୁ ଅର୍ପିବି ଶରୀର ନାରୀ ପକ୍ଷେ ଏହା ଦୁରୂହ ବ୍ୟାପାର
ପିତାବାକ୍ୟେ ପିତୃକୁଳ ଉଦ୍ଧାରଣେ ତନୟ ଲାଳସେ ସ୍ଥିର କରି ମନେ । ।୨୦।

Digitized by PPRACHIN, SOA

ମୁନିଙ୍କ ସମ୍ମୁଖେ ଓଢ଼ଣାକୁ ଦେଇ ନିମ୍ନ ବଦନରେ ବସେ ସ୍ଥିର ହୋଇ
ବିଧିର ବିଧାନ କାର୍ଯ୍ୟେ ଧାତା ରତ ଘେନ ସାଧୁଜନେ ଅପୂର୍ବ ଚରିତ । ।୨୧।
ଗୋଲକ ବୈକୁଣ୍ଠେ ଅନାଦି ପୁରୁଷେ ଲକ୍ଷ୍ମୀ ଘେନି କୋଳେ ଏକାନ୍ତ ଆବାସେ
ଦ୍ୱାର ରକ୍ଷା କାର୍ଯ୍ୟେ ସେ ଜୟ ବିଜୟ ନିଯୁକ୍ତ ଯେ ହୋଇଛନ୍ତି ଛାଡ଼ି ଭୟ । ।୨୨।
ବେଦ ବିଶାରଦ ସନକାଦି ଋଷି ଦିନେ ଦର୍ଶନରେ ପ୍ରବେଶନ୍ତେ ଆସି
ସେ ଜୟ ବିଜୟ ଦ୍ୱାର କରୁ ମନା ଅଭିମାନେ ଋଷି ନ କରନ୍ତି ଘେନା । ।୨୩।
ବଳେ ପଶୁ ପରାଭବେ, ଦେଲେ ଶାପ ହୁଅ ବିଷ୍ଣୁଦ୍ରୋହୀ ହୋଇଣ କୌଣପ
ପୁଣି ଦିନେ ଋଷି ପୁଙ୍ଗବ ସେ ପୁରେ ବିଷ୍ଣୁ ସଙ୍ଗେ ଥିଲେ ବାକ୍ୟ ଆଳାପରେ ।।୨୪।
ପଦ୍ମିନୀ ନାୟିକା-ଶ୍ରେଷ୍ଠା ଲକ୍ଷ୍ମୀଦେବୀ ଭାବନ୍ତି ବିଷ୍ଣୁଙ୍କ -ସମୀପକୁ ଯିବି
ମୁନି ଥିବା କହି କରୁ ସେ ବାରଣ ଦେଲେ ଅଭିଶାପ ହୁଅ ଦୈତ୍ୟ-ଜନ୍ମ । ।୨୫।
ଋଷିଶାପ, ଲକ୍ଷ୍ମୀଶାପ ମନେ ଚିନ୍ତି ପ୍ରବେଶି ଜଣାଉଁ ଶୁଣି ଲକ୍ଷ୍ମୀପତି
ଭାଷିଲେ ତୁମ୍ଭର ତିଳେ ଦୋଷନାହିଁ ନ ବୁଝି ଏ ବେନି ଦଣ୍ଡିଲେ କିମ୍ପାଇ । ।୨୬।
ଏଣୁ ତବ ମୁଖେ ନ ହୋଇବେ ବନ୍ଧ୍ୟେ ଦୈତ୍ୟ ହୋଇ ବନ୍ଧନରେ ନାଶ ଦ୍ୱନ୍ଦ୍ୱ
ଶୁଣି ଏ ବଚନ ମାଗନ୍ତେ କାରଣ ଭାଷନ୍ତି ତ୍ରେତାରେ କୋଶଳେ ଜନ୍ମିଣ ।।୨୭।
ଦେବକାର୍ଯ୍ୟେ ଯାଇ କରିବି ଉଦ୍ଧାର ମର୍ତ୍ତ୍ୟପୁରେ ଯାଇ ଦୈତ୍ୟ ଅଂଶଧର
ଏ କମଳା ଅଂଶ ହୋଇବ ଶ୍ରୀମତୀ ମାୟା ଭିଆଇ ମୁଁ ଆଣିବି ସମ୍ପ୍ରତି । ।୨୮।
ପରେ ବେଦମତୀ ହେବ ସେ ଶ୍ରୀମତୀ ସେ ଅଂଶରୁ ସୀତା ଜନକ-ସନ୍ତତି
କମଳିନୀ ଡ଼ାକି ଭାଷନ୍ତି ବଚନ ଶୀଘ୍ର ପେଷ ଅଂଶ ମରତ ଭୁବନ । ।୨୯।
ନାରାୟଣ ବାକ୍ୟେ ଦ୍ୱାରପାଳ ବେନି ମର୍ତ୍ତ୍ୟକୁ ଗମନ କଲେ ସେହି କ୍ଷଣି
ଏଣେ ତପଶେଷେ ବିଶ୍ରବା ମହର୍ଷି ଦେଖନ୍ତି ସମ୍ମୁଖେ ଦିବ୍ୟ ଘନକେଶୀ । ।୩୦।
ପୁଚ୍ଛନ୍ତି କି କାର୍ଯ୍ୟେ ଏକାକିନୀ ବସ କେତେ କାର୍ଯ୍ୟ ଅବା ଅଛି ଆମ୍ଭପାଶ
ସେ ସକଳ କଥା କୁହନ୍ତି ବୁଝାଇ ଶୁଣି ସେ ସୁନ୍ଦରୀ ତାପସଙ୍କୁ କହି । ।୩୧।
ନିକଷା ମୋ ନାମ ପିତାଙ୍କ ଆଦେଶେ ବସିଅଛି ସ୍ମରି ଯେ ଭାବନା ଆସେ
ପ୍ରକାଶି ନ ପାରେ ଯେଣୁ ନାରୀଜାତି ତପବଳେ ବୁଝ ସ୍ଥିର କରି ମତି । ।୩୨।
ସୁନ୍ଦରୀ ବାକ୍ୟରେ ତପେ ତପଶୀଳ ଜାଣିଲେ ସ୍ମରିବା ବିଷୟ ସକଳ
ଭାଷନ୍ତି କୁମର ପ୍ରତିଆଶା କରି ମୋ ବରଣେ ଏଥି ଆସିଛ ସୁନ୍ଦରୀ । ।୩୩।
ବହ୍ନି ସାକ୍ଷୀକରି କରିଲେ ଗ୍ରହଣ ସନ୍ଧ୍ୟାକାଳେ ବାଳା ଘେନି ତପୋଧନ
ଧର୍ମ ପଥ ହୁଡ଼ି ମାତୁ ରତି ରସେ ସେ ଜୟ ବିଜୟ ବିଧାତା ନିର୍ଦ୍ଦେଶେ । ।୩୪।
ରୂପ ଛାଡ଼ି ଆତ୍ମା ହୁଅନ୍ତେ ମିଳନ ରତି ଅନ୍ତେ ଗର୍ଭେ କଲେ ରେତ ଦାନ
ଦେଖୁ ସାୟଂକାଳ ରବିମାତା ପାଶେ କୁମୁଦିନୀ ବନ୍ଧୁ ନାହାନ୍ତି ଆକାଶେ । ।୩୫।
ଏ ଦାରୁଣକାଳ ହେଲା ଗୋ ସୁନ୍ଦରୀ ଯେ କୁମର ହେବ ହେବ ବିଷ୍ଣୁବୈରୀ
ଭୟଙ୍କର ରୂପ ହେବ କ୍ରୂରକର୍ମା ନାହିଁ ପରିତ୍ରାଣ ଧାର୍ଯ୍ୟ ଏହା ବାମ । ।୩୬।

Digitized by PPRACHIN, SOA

ଋଷି ବାକ୍ୟେ ଭାଷେ ସୁମାଳୀ ଦୁଲାଳୀ ତୁମ୍ଭେ ବ୍ରହ୍ମବାଦୀ ବିଜ୍ଞ ତପଃଶାଳୀ
ଏ ସନ୍ତାନେ ତବ ଯଶ ଖ୍ୟାତି କାହିଁ ସୁପୁତ୍ରେ ଦୁଅନ୍ତୁ ଦାସୀରେ ଗୋସାଇଁ । ।୩୭।
ବଦନ୍ତି ତାପସ ଶୁଣ ଆରେ ବାଳା ତୋ ଭକ୍ତି ମାନସ ସନ୍ତୋଷ କରିଲା
ଚରୁ ମନ୍ତ୍ରେ ମନ୍ତ୍ରୀ ଦେଉଅଛି ଜଳ ଘେନ ଗର୍ଭଚକ୍ରେ ହୋଇଣ ସେ ମେଳ ।।୩୮।
ଗର୍ଭରେତ କରାଇବ ଚାରି ଅଂଶ ବେନି କାର୍ଯ୍ୟେ ବେନି ଦୁଷ୍ଟ ହେବେ ନାଶ
ତା ମଧ୍ୟରୁ ଏକ ନନ୍ଦିନୀ ହୋଇବ ତା ନିମିତ୍ତ ଏହି ଲଙ୍କା ନାଶ ଯିବ । ।୩୯।
ଆବର ଯେ ଜାତ କନିଷ୍ଠ ତନୟ ବିଷ୍ଣୁ ଭକ୍ତ ଧର୍ମେ ଧରମ ପରାୟ ।
ଲୋକପ୍ରିୟ ହୋଇ ହେବ ଅଜ୍ରାମର ବଡ଼ ବେନି କଥା ମନରୁ ପାଶୋର
ସ୍ଥିତପ୍ରଜ୍ଞ ସାଧୁ ସୁବିଜ୍ଞ ମଣ୍ଡଳୀ ଚରଣରେ ଦାଶ କରୁଅଛି ଅଳି । ।୪୦
ସୀତାପତି, ସୀତା, ସୁମିତ୍ରା-ନନ୍ଦନ ପଦାମ୍ବୁଜେ ଦୟା କରି ନିବେଦନ
ଚାଳିଶ ଏକ ପଦେ ଛାନ୍ଦ ରଚିଲା ଅନ୍ତିମ ସମୟେ ହୋଇବାକୁ ଭେଳା । ।୪୧।

ବିଂଶକର କୁମ୍ଭକର୍ଣ୍ଣାଦି ଜନ୍ମ । ଖାଦ୍ୟ ଅନ୍ୱେଷଣେ ଗିରିକନ୍ଦର ଓ ସ୍ୱର୍ଗ ଭ୍ରମଣ । ଐରାବତ ଦନ୍ତ ଉତ୍ପାଟନ, ଇନ୍ଦ୍ରଙ୍କୁ ପ୍ରହାର, ଅମୃତ ଭକ୍ଷଣ, ତପସ୍ୟା, ବରପ୍ରାପ୍ତି, ଦିଗ୍‌ବିଜୟ ଓ ବଳାହାରେ କନ୍ୟା ଗ୍ରହଣ ।

(ରାଗ-ବଙ୍ଗଳାଶ୍ରୀ)

(କି ନାମ ବୋଇଲୁ ତୁହି ଗୋ ଲଳିତେ କି ନାମ ବୋଇଲୁ ତୁହି ଗୋ ବୃନ୍ଦେ)

ଛାନ୍ଦ - ୨୧

ଏଥୁଅନ୍ତେ ଗୌରୀ ପୂଜା ଅର୍ଘ୍ୟଧରି ଶଙ୍କରେ ପୁଚ୍ଛନ୍ତି ପୁରାଣ,
ଜାନକୀ ବଲ୍ଲଭ ଚିନ୍ତି ସଦାଶିବ ପାଠ କଲେ ରାମାୟଣ । ।୧।
ସନ୍ଧ୍ୟା ସମୟରେ ନିକଷା ଗର୍ଭରେ ଋଷି ରେତ ପାତ ହେଲା,
ଅସୁର ପ୍ରକୃତି ଧରି ବଢୁଅତି ଗର୍ଭ ବେଦନା ହୋଇଲା । ।୨।
ଯଥା ସମୟରେ ଜନ୍ମିଲେ କୁମରେ ଦୁହିତା ଏ ତିନି ସୁତ,
ପ୍ରଥମ କୁମର ଜନ୍ମ ବିଂଶକର ପିତା ବାକ୍ୟେ ଦଶମାଥ । ।୩।
ଦେଖୁ ନାରୀନର ଦେବତା କିନ୍ନର ନାଗଲୋକେ ଭୟ ହେଲା,
ଅତି କଷ୍ଟ ହେବ ପୃଥିବୀ ନାଶିବ ଭାବି ପୃଥିବୀ କମ୍ପିଲା । ।୪।
ଦ୍ୱିତୀୟ ସନ୍ତତି ବଳବାନ ଅତି ବିକଟାଳ ରୂପ ତାର,
ଦିଶେ ରକ୍ତବର୍ଣ୍ଣ କୁମ୍ଭ ପରି କର୍ଣ୍ଣ ଜନମକାଳୁ ଅସୁର । ।୫।
ଶିଶୁକାଳ ରଡ଼ି ଗିର ଦିଏ ଝାଡ଼ି ଜନେ ହୋଇଲେ ସ୍ତବଧ,
ଯେ ସାନ କୁମର ସେ ଦିବ୍ୟ ସୁନ୍ଦର ସୁଶାନ୍ତ ଭକ୍ତ ପ୍ରମୋଦ । ।୬।

Digitized by PPRACHIN, SOA

ଦଇତୁଣୀ ପରି ଜନ୍ମିଲା କୁମାରୀ କୁଳାପରି ନଖ ତା'ର
ଅତିମନ ମତ୍ତା ରାକ୍ଷସୀର ସୁତା ଦିଶେ ଗଠନ ଶରୀର । ।୭।
ଧର୍ମକୁ ସୁମରି ଜାତ କର୍ମ ସାରି ପ୍ରଥମ ନାମ କରଣ
ଦେଲେ ଦଶାନନ ଦେଖି କୁମ୍ଭକାନ ନାମ ଦେଲେ କୁମ୍ଭକର୍ଣ୍ଣ । ।୮।
ଆତ୍ମା ସୁଚିନ୍ତିତେ ବିଶ୍ଳେଷଣ ଅର୍ଥେ ସାନ ନାମ ବିଭୀଷଣ
କନ୍ୟାକୁ ଦେଖିଣ ସୂର୍ପଣଖା ନାମ ଦେଲେ ହର୍ଷେ ତପୋଧନ । ।୯।
ଏହି ପରକାର ପଞ୍ଚୁଆତି ଘର ଷଷ୍ଠୀ ଘରପୂଜା ହେଲା
ପୁତ୍ର କନ୍ୟା ନାମ ସ୍ୱର୍ଗ ମର୍ତ୍ତ୍ୟଧାମ ଶୀଘ୍ରେ ପ୍ରକଟ ହୋଇଲା । ।୧୦।
ନୈକେଷା ଯୁବତୀ ମନେ ତ୍ୱରା ଅତି ଶିଶୁଙ୍କୁ ପାଳେ ଯତ୍ନରେ
ରୂପ ଭୟଙ୍କର ଦେଖି ନାରୀନର ଆତଙ୍କ ଲଭିଲେ ପୁରେ । ।୧୧।
ସେ ବିଶ୍ରବା ତପୀ ଗଲେ ନାମ ଜପି ଧାତା ଚିନ୍ତି କଲେ ଧାନ
ବ୍ରହ୍ମେରହୁ ମନ ସାଧ ହେଲା ଜ୍ଞାନ ବନେ ରହିଲେ ନନ୍ଦନ । ।୧୨।
ହେଉ ବାରବର୍ଷ ବୁଲି ଗ୍ରାମାଦେଶ ଯୂର କଲେ ବାସପୁର
ଯାହାକୁ ପାଆନ୍ତି ତାହାକୁ ଖାଆନ୍ତି ବୁଲିଣ ଗିରିକନ୍ଦର । ।୧୩।
ଗଲା କେତେ ଦିନ ବିଧିର ବିଧାନ କେ କରିପାରିବ ଆନ
ସ୍ୱର୍ଗକୁ ଗମନ କଲେ ଦୁଇଜଣ ରାବଣ ଯେ କୁମ୍ଭକର୍ଣ୍ଣ । ।୧୪।
କଲେ ଉପଦ୍ରବ ଜାଣି ତା ବାସବ ପୁଛନ୍ତେ, ନିଷ୍ଠୁର ବାଣୀ
ପ୍ରୟୋଗ କରିଣ ମାଗନ୍ତି ସେ ରଣ ମନେ କ୍ରୋଧ ଯେହ୍ନେ ଫଣୀ ।।୧୫।
ପ୍ରତିକ୍ରୋଧେ ସଜ ହୋଇ ଦେବରାଜ ବଜ୍ରମାରୁ ଗଲା ଭାଙ୍ଗି
ଐରାବତ ହସ୍ତୀ ଦନ୍ତକୁ ଉତ୍ପାଟି ଇନ୍ଦ୍ରେ ପ୍ରହାରୁ ସେ ରାଗି । ।୧୬।
ସ୍ୱର୍ଗରେ ବିଡ଼ୋଜା ପାଇ ମହାଲଜ୍ଜା ଆଘାତେ ଅଚେତ ହେଲା
ଥିବା ସୁଧାଭାଣ୍ଡ ହେଲା ଲଣ୍ଡଭଣ୍ଡ କେତେ ଅଣାଇ ଉଡ଼ିଲା । ।୧୭।
ବୃହସ୍ପତି, ହସ୍ତୀ ସୁଧା ରକ୍ଷା ଚିନ୍ତି ବିଡ଼ୋଜା ଘେନି ପଳାଇ
ଜାଣୁ ଦେବଗଣେ ଜୀବନ ରକ୍ଷଣେ ଲୁଚିଲେ କେ ଯାଇ କାହିଁ । ।୧୮।
ଏହି ସମୟରେ ଅସୁର ସ୍ୱର୍ଗରେ ମନୁ ଭୟ ଭ୍ରାନ୍ତି ଛାଡ଼ି
ଯା' ଖାଦ୍ୟ ପାଆନ୍ତି ତା' ଗ୍ରାସ କରନ୍ତି ଦେବନାରୀ ଘରୁ ତଡ଼ି । ।୧୯।
ପଡ଼ିବା ଅମୃତ ବିଶ୍ରବାର ସୁତ ଗୋଟାଇ କରିଲା ପାନ
ହୃଦ ପଦ୍ମେ ସ୍ଥିତ ହେଲା ସେ ଅମୃତ ଦେବଙ୍କୁ ତା ଗୋପିଆନ । ।୨୦।
ଜାଣନ୍ତେ ଏ କଥା ସରବ ଦେବତା ମେଳ ହୋଇ ରଣ କଲେ
ରାବଣ, ରାବଣ- ସାନୁଜ ସେ ରଣ ନ କରିଣ ବାହୁଡ଼ିଲେ । ।୨୧।
ଏଣେ ବିଭୀଷଣ ଯକ୍ଷ ସଙ୍ଗେ ରଣ କରିଣ ହାରି ଫେରଇ
ଏକ ସମୟରେ ଆସନ୍ତେ ପଥରେ ମେଳ ହେଲେ ତିନି ଭାଇ । ।୨୨।
କରନ୍ତି ବିଚାର ମିଶି ତିନି ବୀର ମନକୁ କରିଣ ଥୟ
କେଉଁ ପୀଠେ ଯିବେ ତପସ୍ୟା କରିବେ ଜଗତ ହେବାକୁ ଜୟ । ।୨୩।

Digitized by PPRACHIN, SOA

ସ୍ଥିର କଲେ ବୀରେ ଉତ୍କଳ ଦେଶରେ ବିରଜା ମଣ୍ଡଳେ ଯାଇ
ଦେବୀ ଆରାଧିବେ ତପକୁ ସାଧିବେ ଜଗତ ସାଧିବା ପାଇଁ । ।୨୪।
ଗଲେ ସେ ମଣ୍ଡଳେ ରହିଣ ନିଷ୍ଠଳେ କଠୋର ତପସ୍ୟା କଲେ
ଅସୁର ତାମସ ଜାଣି ଦେବୀ ବଶ୍ୟ- ନୋହି ପ୍ରସନ୍ନ ନୋଇଲେ । ।୨୫।
ସେ ଦୁଷ୍ଟ ଅସୁର ମନ କୋପ ତା'ର ସ୍ଥିର କରେ ଯଜ୍ଞ ପାଇଁ
କାହାକୁ ବରଣ କରିବ ବ୍ରାହ୍ମଣ ମନେ ସନ୍ଦିହାନ ହୋଇ । ।୨୬।
ନିଜ ବୁଦ୍ଧିବଳ ଖଟାଇ କୌଶଳ ମନରେ କରିଲା ସ୍ଥିର
ଅଛି ବିଂଶହସ୍ତ ଅଛି ଦଶମାଥ ବ୍ରାହ୍ମଣ କି ଲୋଡ଼ା ମୋର ।।୨୭।
ଯଜ୍ଞକୁଣ୍ଡ ସ୍ଥାପି ମନରେ ସଙ୍କଳ୍ପି ମନ୍ତ୍ରେ ମଣ୍ଡପକୁ କରି
ଚାରିମାଥ ଅଷ୍ଟ- ହସ୍ତକୁ ନିଯୁକ୍ତ ଚାରି ଦୁଆରରେ ସାରି । ।୨୮।
କଲା ଆଚାର୍ଯ୍ୟକୁ ପ୍ରଧାନ ମୁଣ୍ଡକୁ ଆହୂତେ ପ୍ରଧାନ କର
ତା ପାଶ ମସ୍ତକ ପଢ଼ଇ, ପୁସ୍ତକ ଆଚାର୍ଯ୍ୟ ହେଲେ ଦି କର ।।୨୯।
ଅନ୍ୟ ଦୁଇ ପାଣି ବିଲ୍ୱ ଦୁର୍ବାଆଣି ଚରୁ ସହ କୁଣ୍ଡେ ଛାଡ଼ି
ଅନ୍ୟ ହସ୍ତ ବାଧ କରିଣ ସମିଧ ମୁଣ୍ଡକୁପକାଏ ମୋଡ଼ି । ।୩୦।
ଶେଷ ହସ୍ତ ମୁଣ୍ଡ ଜଗି ଅଗ୍ନିକୁଣ୍ଡ ଅଗ୍ନି ରକ୍ଷକ ହୋଇଲେ
ଏହି ପରକାର ବହୁତ ବତ୍ସର କଷ୍ଟେ ଯାଗ ଆଚରିଲେ । ।୩୧।
ସେ ଅଗ୍ନିରେ ମୁଣ୍ଡ ଦଗ୍‌ଧ ହେଉ ଖଣ୍ଡ ଦିଶଇ ତା ଭାଲ ରେଖା
କାନ୍ତା ହେମଯୁକ୍ତ ମରକତ କାନ୍ତ ବେନି ଚିତ୍ରପଟ ଦେଖା । ।୩୨।
ସେ ସ୍ୱର୍ଣ୍ଣ ପଦକ ପରି ଦକ ଦକ ଦେଖୁ କାନ୍ତା ଚିତ୍ର ଖେଦେ
ସ୍ରୁବ ଗର୍ତ୍ତେ ଆଣି ରାକ୍ଷସ ଅଗ୍ରଣୀ ଲମ୍ବାଇଲା ନିଜ ହୃଦେ । ।୩୩।
ଯାଗ ରଖି ବୀର ମନ କରି ସ୍ଥିର ବ୍ରହ୍ମା ସ୍ତବେ ହେଲା ରତା
କମ୍ପନ୍ତେ ଆସନ କରିଲେ ଗମନ ମରାଳ ବାହନେ ଧାତା । ।୩୪।
କଷ୍ଟ ତପଗତି ଜାଣି ବେଦପତି ତା ଭକ୍ତିରେ ଯଜ୍ଞେ ଯାଇ
ଜାଣିଲେ ଦାନବ ମୁଣ୍ଡ ମୋଡ଼ିଦେବ ଆହୂତି ସମିଧ ଦେଇ । ।୩୫।
ସେହି ପରକାର ତପ କଷ୍ଟ ଘୋର କରନ୍ତି ଅସୁର ଦୁଇ
ଡ଼ାକି ବେଦପତି ସ୍ତବରେ ରଟନ୍ତି କର ତ୍ରାହି ବର ଦେଇ । ।୩୬।
ଜାଣି ବେଦପତି ମନରେ ଚିନ୍ତନ୍ତି ଏ ଅପୂର୍ବ ସମାଚାର
ମୁଣ୍ଡମୋଡ଼ି ଦୈତ୍ୟ କୁଣ୍ଡେ କଲା ନ୍ୟସ୍ତ ପୁଣି କଅଁଳୁଛି ଶିର । ।୩୭।
ଯୋଗରେ ବିଧାତା ଜାଣିଲେ ହୃଦେତା ସୁଧା ଥାଉଁ ମୋଡ଼େ ଶିର
ବାକୁଁ ବ୍ରହ୍ମଶର ମରିବ ଅସୁର ନାହିଁ ଆନ ପ୍ରତିକାର । ।୩୮।
ଭାଷନ୍ତି ଦଇତ ! ନ ହୋଇବୁ ହତ କିମ୍ବା ପ୍ରାଣେ ଦେଉଁ କଷ୍ଟ
ଘେନିଯାଅ ବୀର ଦେଉଛି ଯେ ବର ତା' ହୋଇବ ସର୍ବ ଶ୍ରେଷ୍ଠ । ।୩୯।

Digitized by PPRACHIN, SOA

ଏକ ଶତ ବାର ଏକଶତ ବାର ଯୁଗ ଆୟୂଷ ହୋଇବ
ପୃଥିବୀ ମଧ୍ୟରେ ଗଣା ହେବୁ ବୀରେ ତୋ ଖଡ୍‌ଗ ପୂଜା ପାଇବ ।।୪୦।
ରଣେ ନ ପାରିବେ ତୋ ସଙ୍ଗରେ କେବେ କେହି, କହେ ସ୍ଥିର କରି
ହୃଦୟେ ଲମ୍ଭିତ ଯାହା ପଟ ଚିତ୍ର ଆଣିଲେ ସେ ନାରୀ ହରି । ।୪୧।
ହୋଇଥିବ ସେ କୌଶଲ୍ୟାଙ୍କ ପୁତ୍ର ଜାୟା ଦଶରଥ ବଧୂ
ନ ହେଲେ ଘଟଣ ନ ହେବ ମରଣ କଦା ଏହି ଭବ ମଧୁ । ।୪୨।
ହରୁ ଯେବେ ଜାଣି ସେ ବୀର ଅଗ୍ରଣୀ ଆସି ତୋହର ପୁରକୁ
ପୂରାଇ ମାନସ ଉଦ୍ଧାରି ତୋ ବଂଶ ଫେରିବେ ସେ ଅଯୋଧ୍ୟାକୁ ।।୪୩।
ଶୁଣି ତା ଦଇତ ହୋଇ କୃତକୃତ୍ୟ ଭାଷେ କଦା ନ ଆଣିବି
କାନ୍ଥରେ ଏ ଚିତ୍ର କରିବି ଖୋଦିତ ପଡ଼ି ଯେ ସତର୍କ ହେବି । ।୪୪।
ବିଂଶକରେ ବର ଦେଇ ବେଦବର କୁମ୍ଭକର୍ଣ୍ଣ ପାଶେ ଗଲେ
ଭୟେ ପୁରନ୍ଦର ହୋଇ ତରବର ପିତାମହେ ଜଣାଇଲେ । ।୪୫।
କୁମ୍ଭକର୍ଣ୍ଣ ବୀର ନ ମାଗୁଣୁ ବର ବାଗ୍‌ଦେବୀ ତା' କଣ୍ଠ ଗତେ
ମାଗିଲା ଅସୁର ଦିଅ ମୋତେ ବର ଶୋଇବି ମୁହିଁ ନିଶ୍ଚିନ୍ତେ । ।୪୬।
ବର୍ଷର ନ ପୁରୁଁ ଉଠିଲେ ନିଦ୍ରାରୁ ନିଶ୍ଚେ ପଡ଼ିବୁ ମରଣେ
ଅମର ହୋଇବୁ ପ୍ରଭୁ ଭକ୍ତ ହେବୁ ବରଦେଲେ ବିଭୀଷଣେ । ।୪୭।
ତପସ୍ୟାରୁ ଆସି କାନନେ ପ୍ରବେଶି ମାତାଙ୍କୁ ସର୍ବ ଜଣାଇ
ପରୀକ୍ଷା ଆଶାରେ ଦିଗ୍‌ବିଜୟରେ ଗଲେ ଜ୍ୟେଷ୍ଠ ବେନି ଭାଇ ।।୪୮।
ଯେ ଦିଗରେ ଗଲେ ସେ ଦିଗ ଜିଣିଲେ ଉତ୍ସୁକ ରାକ୍ଷସମନ
ଦେଶ ପରେ ଦେଶ ଗମିଣ କ୍ରମଶଃ କରନ୍ତି ଧନ ଲୁଣ୍ଠନ । ।୪୯।
ପୀଡ଼ନ୍ତେ କନ୍ଦର୍ପ ଭଗ୍ନ ହେଲା ଦର୍ପ ଆଣି ପରମା ସୁନ୍ଦରୀ
ହୋଇ ଉଦ୍‌ବେଗ କରନ୍ତି ସଂଭୋଗ ଦିବା ନିଶି ନ ବିଚାରି । ।୫୦।
ବିଶ୍ୱ ପୁରନ୍ଦରୀ ବଡେ ଦୈତ୍ୟ ଧରି ମନ ହର୍ଷେ କରେ କେଳି
ଧେନୁଙ୍କ ସହିତ ହୋଇ ଉନମତ୍ତ ବୃଷଭ ରମେ ଯେପରି । ।୫୧।
ଦିନେ ଲଙ୍କାପତି ଶୂନ୍ୟେ କରୁ ଗତି ଦେଖେ ସ୍ୱର୍ଗ ଗଙ୍ଗାତୀରେ
ସୁବେଶେ ସୁନ୍ଦରୀ ରମ୍ଭା ଅପସରୀ ଯାଏ ଯକ୍ଷ ପତି ପୁରେ । ।୫୨।
ବଳେ ପଥେ ଧରି ଦୈତ୍ୟ କରୁ କେଳି ଶେଷେ ରମ୍ଭା ଦେଲା ଶାପ
ଅଙ୍ଗେ ଦେଲୁ ପ୍ରାସ ନାରୀ ଯୋଗେ ନାଶ ନିଶ୍ଚେ ଯିବୁ କଉଣପ । ।୫୩।
ଆଗେ କେବେ ଯାଇ ସମ୍ମତି ନ ନେଇ ସ୍ପର୍ଶ କଲେ ନାରୀ ଅଙ୍ଗ
ଏ ମୋ ଶାପ ବାଣୀ ଫାଟିବ ମୂର୍ଦ୍ଧନୀ ନାଶ ଲଭିବ ଅପାଙ୍ଗ । ।୫୪।
ବହୁତ ଅନ୍ୟାୟ କଲା ଦୈତ୍ୟ ରାୟ କ୍ଷିତିକୁ ଅସହ୍ୟ ହେଲା
ପଞ୍ଚାବନ ପଦେ ଏ ଛାନ୍ଦେ ପ୍ରମୋଦେ ରାମ ଚିନ୍ତି ଦୟା କଲା । ।୫୫।

Digitized by PPRACHIN, SOA

ଲକ୍ଷ୍ମୀଙ୍କ ଅଂଶରୁ ଶ୍ରୀମତୀ ଜନ୍ମ, ନାରାୟଣଙ୍କ ଦ୍ୱାରା ଅପହୃତ ଓ ତିରୋଧାନ

(ରାଗ-ବଙ୍ଗଳାଶ୍ରୀ)

(ଭଜୁକିନା ରାମ ନାମରେ କୁମର ବୃତ୍ତେ)

ଛାନ୍ଦ - ୨୨

ଶୁଦ୍ଧ କୀର୍ତ୍ତି ବୁଦ୍ଧ ହୃଦ କର ବୋଧ ମଜ୍ଜି ରାଘବ ଚରିତେ
ଶିବ ବାମା ଶିବା ଶିବେ କରି ସେବା ଘେନନ୍ତି ଯା' କର୍ଣ୍ଣ ପଥେ । ।୧।
ସୂର୍ଯ୍ୟବଂଶ ଈଶ ନାମ ଅମ୍ବରୀଶ ବିଷ୍ଣୁ ପୂଜି ପାଉଁ ବର
ହେଲା ଦୁହିତାଏ ନାମ ଦେଲେ ରାଏ ଶ୍ରୀମତୀ ବୋଲି ତାଙ୍କର । ।୨।
ତ୍ରିପୁର ସୁନ୍ଦରୀ ହେଲା ରାଜବାଳୀ ହୁଅନ୍ତେ ଯୌବନ କାଳ
ବର ଅନ୍ୱେଷଣ କାର୍ଯ୍ୟେ ବିପ୍ରଗଣ ପେଷନ୍ତି ସେ ମହୀପାଳ । ।୩।
ପର୍ବତ ମହର୍ଷି କଳିପ୍ରିୟ ଋଷି ବେନି ତପୋଧନ ଦିନେ
ପାଇସେ ସନ୍ଦେଶ ଆସି ଅମ୍ବରୀଶ ବାସେ ମିଳି ଜଣେ ଜଣେ । ।୪।
ଭାଷନ୍ତି ରାଜନ ତୋ କନ୍ୟା ରତନ ଉଦ୍ଦେଶ୍ୟେ ଆମ୍ଭ ଗମନ
ଦେଖୁତା ସ୍ୱରୂପ ତା ପତିର ରୂପ ଧାର୍ଯ୍ୟହେବ ସମାଧାନ । ।୫।
ଶୁଣି ନୃପରାଣ ଦାସୀଙ୍କୁ କହିଣ ଆଣନ୍ତେ ସଭାକୁ କନ୍ୟା
ଦେଖୁ ମୁନିବର ହୋଇଲେ ଅଧୀର ଛୁଟିଲା କନ୍ଦର୍ପ ବନ୍ୟା । ।୬।
ବିଧାତା ସନ୍ତତି ରାଜନେ ଭାଷନ୍ତି ଦେକୁ ଏ କନ୍ୟା ରତନ
ମୁଗ୍ଧ ହେଲା ମନ ନ ବିଚାରି ଆନ ଆମ୍ଭ ହସ୍ତେ କର ଦାନ । ।୭।
ସେ ପର୍ବତ ମୁନି ଏ ବଚନ ଶୁଣି ଭାଷନ୍ତି ହେ ଦଣ୍ଡଧାରୀ
ମୋ ହସ୍ତେ ଅର୍ପଣ କର କନ୍ୟା ରତ୍ନ ସୁକୁମାରୀ ତୋ କୁମାରୀ । ।୮।
ମୁନିଙ୍କ ଆଭାଷ ଶୁଣି ନରଈଶ ସୁମନ ହୋଇଲା ମ୍ଳାନ
ଭାଷନ୍ତି କିପରି ବେନି ତପଚାରୀ ନେବ ଏ କନ୍ୟା ରତନ । ।୯।
କାଲି ପ୍ରାତେ ଆସ ହୋଇଣ ସୁବେଶ କନ୍ୟା ଯାହାକୁ ବରିବ
ବିବାଦି ନ ହେବ ସେ କନ୍ୟାକୁ ନେବ ଏ ବଚନ ମୋର ଧ୍ରୁବ । ।୧୦।
ଭୂପ ବାକ୍ୟ ଶୁଣି କଳିପ୍ରିୟ ମୁନି ମନ ଯାନେ ସେଥୁ ଯାଇ
ବୈକୁଣ୍ଠେ ପ୍ରବେଶ ଲକ୍ଷ୍ମୀପତି ପାଶ ସର୍ବ କହନ୍ତି ବୁଝାଇ । ।୧୧।
ଭାଷନ୍ତି ପ୍ରମୋଦେ ଏ ମାଗୁଣି ହୃଦେ ଘେନି ଏହି ବର ଦେବ
ପରବତ ଯତୀ ମୁଖଟି ଶ୍ରୀମତୀ ମର୍କଟ ପରି ଦେଖିବ । ।୧୨।

Digitized by PPRACHIN, SOA

ସଙ୍ଗରେ ଯେ ଥିବେ ଆନେ ନ ଜାଣିବେ କାହାକୁ ଦୃଶ୍ୟ ନ ହେବ
ବାଞ୍ଛା ହେଉ ପୂର୍ଣ୍ଣ ଭାଷୁ ଭଗବାନ ଫେରିଲେ ମୁନି ପୁଙ୍ଗବ । ।୧୩।
ଏ ସମୟେ ଆସି ପର୍ବତ ମହର୍ଷି ଜଣାଇ ସର୍ବ ଚରିତ
ଭାଷନ୍ତି ହେ ଦେବ ଏହି ବର ଦେବ କରେ ମୁଁ ଯାହା ବ୍ୟକତ । ।୧୪।
ଅମ୍ବରୀଶ ବାଳା ଧରି ପୁଷ୍ପମାଳା ବରଣ କାଳେ ଋଷିଙ୍କୁ
ଦିଶିବ ପ୍ରତ୍ୟକ୍ଷ ନାରଦଙ୍କ ମୁଖ ଋକ୍ଷ ମୁଖ ପରି ତାକୁ ।୧୫।
ହେଉ ତାହ ଭାଷ ଦେଉ ପୀତବାସ ଫେରିଲେ ପର୍ବତ ଋଷି
ନିଶି ହେଉ ଅନ୍ତ ବେନି ତପୋବନ୍ତ ସୁବେଶେ ପ୍ରବେଶ ଆସି । ।୧୬।
ଯଥାମାନ୍ୟ କରି ନେଇ ଦଣ୍ଡଧାରୀ ଦିବ୍ୟ ଆସନେ ବସାଇ
ତା କନ୍ୟା ରତନ ସୁବେଶ ହୋଇଣ ଆସୁ ଭାଷେ ନାରସାଇଁ । ।୧୭।
ଯାଅ ମାତା ଚଳି ଘେନି ପୁଷ୍ପମାଳି ତୋ ଇଚ୍ଛା ଯାହାକୁ ବର
ମୁନି ଶ୍ରଦ୍ଧା ଦେଖି ହୋଇ ନିରିମାଖି ଡ଼ାକେ ରଖ ଚକ୍ରଧର । ।୧୮।
ଚଳନ୍ତେ ଆସନ କମଳ ଲୋଚନ ଉଭା ତାପସ ମଧ୍ୟରେ
ବେନି ଋଷିମୁଖ ଦେଖିଣ ବିମୁଖ ନାରାୟଣେ ବାଳା ବରେ । ।୧୯।
ବରନ୍ତେ ସୁନ୍ଦରୀ ମାୟାକରି ହରି ଶୂନ୍ୟେ ଯାନେ ଘେନିଗଲେ
ନ କଲା ବରଣ- କନ୍ୟା, ଅନ୍ତର୍ଦ୍ଧାନ କିମ୍ପା ତାପସ ଭାବିଲେ । ।୨୦।
ଯୋଗେ ହେଉ ରତ ଜାଣିଲେ ଅଚ୍ୟୁତ ଦର୍ଶନେ ବରିଲା ବାଳା
ବେନି ଋଷିବର ମଧ୍ୟେ ହରିଙ୍କର ମୁଖ ଦେଖୁଁ ନ ବରିଲା । ।୨୧।
ହରି ମାୟା ଚିନ୍ତି କୋପେ ବେନି ଯତୀ ଶାପ ଦେଲେ ନାରାୟଣେ
ଯେପରି ମାୟାରେ ହରିଲ ଏନାରୀ ଦୈତ୍ୟ ହରୁ ନାରୀ ବନେ । ।୨୨।
ଶ୍ରୀମତୀ ଘେନିଣ ଦେବ ନାରାୟଣ ଐଶ୍ୱର୍ଯ୍ୟେ ଭୋଗ ବିଳାସେ
ଅଭିଶାପ ଦେଇ ଅଭିମାନୀ ହୋଇ ନାରଦ ନ ଯାନ୍ତି ପାଶେ । ।୨୩।
ବୀଣାବାଦ୍ୟ ଗାନ ଶ୍ରବଣେ ଶ୍ରବଣ ହୀନ ହେଉ ନାରାୟଣ
କୌଶିକ ନାମେକ ସୁବୀଣା ବାଦକ ଡ଼ାକୁ ବୈକୁଣ୍ଠ ଭୁବନ । ।୨୪।
ମନ ଗଦଗଦେ ନାରାୟଣ ପଦେ ରଖି ସଦା ମନ ଧ୍ୟାନ
ତାନ ମାନ ଧରି ବୀଣାବାଦ୍ୟ କରି କରାନ୍ତି ଶ୍ରୁତି ରଞ୍ଜନ । ।୨୫।
ଦିନେ ବେଦପତି ନାରାୟଣ ଚିନ୍ତି ଦର୍ଶନେ କରୁ ଗମନ
ଆହ୍ୱାନେ ନାରଦ- ଗମି ପରମାଦ ଗଣି ସୁବୀଣା ବାଦନ । ।୨୬।

Digitized by PPRACHIN, SOA

ଜ୍ଞାନୀ ଚିହ୍ନି ଜ୍ଞାନ ନାରଦେ ସମ୍ମାନ ଦେଉଁ ସେ ବୀଣା ବାଇଲେ
ନାରାୟଣ ଆସି ନାରଦେ ପ୍ରଶଂସି ବାଦନ ଗ୍ରହଣ କଲେ । ।୨୭।
ବିଧାତା ସହିତ ମାନ୍ୟେ ହେଉ ରତ ବସୁ ସଭା ଶୋଭାବନ
ଏ ସମୟେ ଦାସୀ ଘେନି ଲକ୍ଷ୍ମୀ ଆସି ବାଦନ କଲେ ବାରଣ । ।୨୮।
ନାରଦ କୌଶିକ ହୃଦ ଦକ ଦକ ରହନ୍ତେ ଯାଇ ବାହାରେ
ତୁମ୍ବୁରୁ ନାମରେ ଗନ୍ଧର୍ବ ସେଠାରେ ବୀଣା ବାଦ୍ୟେ ଗାନ କରେ ।।୩୦।
ଶ୍ରୀମତୀ ସହିତ ହୋଇ ବାଦ୍ୟେ ରତ ଦେଉଁ ଗନ୍ଧର୍ବେ ସମ୍ମାନ
ବ୍ରହ୍ମାଙ୍କ ନନ୍ଦନ ହୋଇ କ୍ଷୁବ୍‌ଧ ମନ କୋପେ ଭାଷିଲେ ବଚନ । ।୩୧।
ଦାସୀ ପଠାଇଣ କଲଯା' ବାରଣ କଷ୍ଟହେଲା ଅସମ୍ଭବ
ସେହିପରି ବ୍ୟସ୍ତେ ଅସୁରଙ୍କ ହସ୍ତେ ତୁମ୍ଭେ ତାଡ଼ିତ ହୋଇବ । ।୩୧।
ଅସୁର ପୁରୀରେ ବନ୍ଦୀ ପରକାରେ ଦିନ ଯିବ କାନ୍ଦି କାନ୍ଦି
ତବ ଉଦ୍ଧାରଣେ ନାଶିବେ ରାବଣେ ପ୍ରଭୁ ବ୍ରହ୍ମଶର ସନ୍ଧି । ।୩୨।
ଶାପ କର୍ଣ୍ଣେ ଶୁଣି ପରମାଦ ଗଣି ଶ୍ରୀମତୀ ହେଉ ଦୁଃଖିତ
ଭାଷନ୍ତି ଅଚ୍ୟୁତ ନହୁଅ ଦୁଃଖିତ ମଞ୍ଜେ ମୁଁ ହୋଇବି ଜାତ । ।୩୩।
କୁଶଧ୍ୱଜ ରଜା କରେ ସଦା ପୂଜା କରିବେଦ ଅଧୟନ
ସେ ବେଦୁ ତୁମ୍ଭର ଜାତ ହେବ ବର ଶାପ ଏକାପରି ଘେନ । ।୩୪।
ସେହି ରୂପେ ଜପ ସାଧନ୍ତେ ଅମାପ ପରଜନ୍ମେ ହେବ ଭେଟ
ସେ ମଞ୍ଚ ମଣ୍ଡଳ ଏଣୁ ଏବେ ଚଳ ଏ ବାକ୍ୟ ନୁହେ କପଟ । ।୩୫।
ହେଲା ସମାଧାନ ଶ୍ରୀମତୀ ଜନମ ହରଣ ଯା' ତିରୋଧାନ
ରକ୍ଷା କରମାନ ହେ ରଘୁ ନନ୍ଦନ କରି କିଛି ପଦଦାନ । ।୩୬।
ମାଗୁନାହିଁ ଧନ ଦାରାସୁତ ଜନ ଧରାପାଳକ ପଦବୀ
ରବି ତଳେ କବି ହେବି ବୋଲି ଭାବି ନାହିଁହେ ସୁନ୍ଦର ଛବି । ।୩୭।
ବଳାଇଛି ଚିତ୍ତ ତୋ କୀର୍ତ୍ତି କିଞ୍ଚିତ ଛନ୍ଦିବି ଛାନ୍ଦ ପ୍ରବନ୍ଧେ
ଯା ଘୋଷିବେ ନରେ ଲଳିତ ସ୍ୱରରେ ଦ୍ୱାରେ ଦ୍ୱାରେ ଭିକ୍ଷୁ ଅନ୍ଧେ ।।୩୮।
ପ୍ରଥମ ରଚିତା ବାଲମିକ ଚିନ୍ତା ଯେ ପଥେ ପଥିକ ହେଲା
ସେ ନାମ ପାଥେୟ ଧରି ଭବ ଭୟ ଉଦ୍ଧାରେ ବାନ୍ଧେ ଏ ଭେଳା ।।୩୯।
ଅସାଧୁଙ୍କୁ ଡ଼ର ଥରୁଛି ଅନ୍ତର ସାଧୁ ପଦେ କରେ ଅଳି
ବେନି ବିଂଶ ପଦେ ଏଛାନ୍ଦ ପ୍ରବନ୍ଧେ ରଚେ ଦୟା ରାମ ଭାଳି । ।୪୦।

Digitized by PPRACHIN, SOA

କୁବେରଙ୍କଠାରୁ ରାବଣର ଲଙ୍କାପ୍ରାପ୍ତି

(ରାଗ-କାଳୀ)

ଛାନ୍ଦ - ୨୩

ଗଉରୀ ଦିନେ ଏକାମ୍ର ବନେ ପୁଛନ୍ତେ ରାମାୟଣ
ରଘୁ ନନ୍ଦନେ ଚିନ୍ତିଣ ମନେ ଶୂଳୀ ଭାଷନ୍ତି ଶୁଣ । ।୧।
ବିଧାତା ଦାନେ ଲଙ୍କା ଭୁବନେ କୁବେର ନୃପରାଣ
ଦ୍ୱାରସ୍ଥ ଜଣେ ଜଣାଏ ଦିନେ କରନ୍ତୁ ଅବଧାନ । ।୨।
ରାବଣ ଭ୍ରାତ ତପ ସାଧିତ ବିଧାତା ବରପାଇ
ସାବତ ମାତ ଦେଉ କୁମନ୍ତ୍ର ଗଲେ ସେ ଶତ୍ରୁ ହୋଇ । ।୩।
ଯା'ତୁମ୍ଭ ଭୋଗ ନେବ ସେ ଭାଗ ଯେଣୁ ସାବତାନୁଜ
ବିଚାରି ଆଗ ଦିଅନ୍ତୁ ଭାଗ ନ ଦେଲେ ରଣସାଜ । ।୪।
କରି ପ୍ରତିଜ୍ଞା ଦେଇଛି ଆଜ୍ଞା ମନେ ବହିଣ ରୋଷ
କଲେ ଅବଜ୍ଞା ନରଖି ସଂଜ୍ଞା ସର୍ବ କରିବେ ନାଶ । ।୫।
ମଧ୍ୟସ୍ଥ ପଣେ ସେ ବିଭୀଷଣେ ଆସିବେ ଏହି ଠାରେ
ସୁଧୀର ମନେ ବୁଝି ଆପଣେ କରନ୍ତୁ କାର୍ଯ୍ୟ ଧୀରେ । ।୬।
ଶୁଣୁ ସନ୍ଦେଶ ବିଶ୍ରବା ଶିଷ୍ୟ ମନରେ କରେ ସ୍ଥିର
ଯା' ଅଛି ଯଶ ହୋଇବ ନାଶ ଅନ୍ୟାୟ ହେବ ମୋର । ।୭।
ନାହିଁ ମୋ ରାଗ ନିଅନ୍ତୁ ଭାଗ ଯେଣୁ ବିମାତା ସୁତ
ଯିବି ମୁଁ ସ୍ୱର୍ଗ ଏ ଲଙ୍କା ଭୋଗ ଅର୍ଥେ କରିବି ଦତ୍ତ । ।୮।
ଏକାଳେ ଦ୍ୱାରେ ଦ୍ୱାରି ଛାମୁରେ ଜଣାଏ ବିଭୀଷଣ
କୁହ ରାଜାଙ୍କୁ ଅଛି ମୁଁ ତାଙ୍କୁ ସାକ୍ଷାତ ପାଇଁ ପୁଣ । ।୯।
ଜଣାଉ ଦୂତ ହୋଇ ଜାଗ୍ରତ କୁବେର ଆସି ଦ୍ୱାରେ
କୋମଳ ମତି କରି ଭାରତୀ କହଇ ଧୀରେ ଧୀରେ । ।୧୦।
କୁହ କୁଶଳ ବିମାତାଙ୍କର ପିତା କୁଶଳ କୁହ
କିମ୍ପା ସକଳ ନ ଆସି କାଳ ଗଡ଼ାଇ ବନେ ରୁହ । ।୧୧।
ସେ ଦୁଇ ଭାଇ ନ ଆସି କାହିଁ ଗଲେ କେବଣ ସ୍ଥାନେ
କି କାର୍ଯ୍ୟ ଚିନ୍ତି ପଠାଇ ଛନ୍ତି କୁହ ନିର୍ଭୟ ମନେ । ।୧୨।
ସେ ବିଭୀଷଣ ଭାଷେ ବହନ କରନ୍ତୁ ଅବଧାନ
ନେବାକୁ ଭାଗ ମନେ ବିରାଗ ବହିଛି ଦଶାନନ । ।୧୩।

Digitized by PPRACHIN, SOA

କରି ବିଚାର	ଏ ଲଙ୍କାପୁର	ଦେଇ, ଅଳକାପୁର	
ଚଳ ସତ୍ୱର	ମାନି ମୋ ଗିର	ଦୁଷ୍ଟଙ୍କୁ ଭୟ ମୋର ।	।୧୪।
କରି ସ୍ୱୀକାର	ଚଳେ କୁବେର	ଦ୍ୱନ୍ଦ୍ୱ ନ ହେବା ଆଶେ	
ପାଉଁ ସନ୍ଦେଶ	ସେ ଦଶଆସ୍ୟ	ରହିଲା ଲଙ୍କା ବାସେ ।	।୧୫
ଜାନକୀ ଦେବୀ	ଚରଣ ସେବି	ରାଘବ ପଦେ ଧ୍ୟାନ	
ଦେଇ, ପୁରାଣ	କରେ ରଚନ	ଷୋଡ଼ଶ ପଦେ ପୂର୍ଣ୍ଣ ।	।୧୬।

ବିଂଶକର ସିଂହାସନ ଆରୋହଣ, ଯକ୍ଷ ଆଦି ପ୍ରଜାଗଣ ରାଜ୍ୟ ତ୍ୟାଗ

(ରାଗ-ଭୈରବୀ) (ଚଉଦ ଅକ୍ଷରୀ) 'କ' ଠାରୁ 'କୌ' ପର୍ଯ୍ୟନ୍ତ

- ହା ରାମ ରାମ ବାଣୀ ଜଟାୟୁ ଶୁଣିଲା ବୃତ୍ତେ -

ଛାନ୍ଦ - ୨୪

କରୁଣା ଦାନ ନିମନ୍ତେ ଗିରିନ୍ଦ୍ର ନନ୍ଦନା କପିଳାସ ବାସୀ ପଦେ କରନ୍ତି ବନ୍ଦନା । ।୧।
କାମ ବିଧ୍ୱଂସନକାରୀ ପ୍ରଭୁ ତ୍ରିଲୋଚନ କାରଣ କର ଦାସୀରେ ଭାଷି ରାମାୟଣ । ।୨।
କିଞ୍ଚିତୁ ବ୍ରହ୍ମ ପର୍ଯ୍ୟନ୍ତେ ଯା' ଚରିତ ଶୁଣି କିଲ୍ୱିଷ ନାଶି ତରିବେ ଭବ ତରଙ୍ଗିଣୀ । ।୩।
କୀର୍ତ୍ତି ତାଙ୍କର କୀର୍ତ୍ତନ କରନ୍ତୁ ଆପଣ କୀରପକ୍ଷୀ ଶୀର୍ଣ୍ଣ କଣ୍ଠେ ଯାକରେ ବର୍ଣ୍ଣନ । ।୪।
କୁବେରାଦ୍ରି ପତି ଶୁଣି ରାମ ଚିନ୍ତି ମନ କୁତର୍କ ବିହୀନେ କଲେ ପୁରାଣକୁ ଗାନ । ।୫।
କୂଟାର୍ଥ ଯା' ବ୍ୟାଖ୍ୟା କରି ବୁଝନ୍ତି, ଈଶ୍ୱରୀ କୂଟାଗାର କାର୍ଯ୍ୟମନୁ ସମସ୍ତ.ପାସୋରି । ।୬।
କେଶୀପୂର୍ବ ନଉପୁତ୍ର ସିଂହାସନାସୀନ କେତୁ ଦୃଶ୍ୟେ ଲଣ୍ଡଭଣ୍ଡ ହୋଇ ଯକ୍ଷଗଣ । ।୭।
କୈଳାସ ପର୍ବତେ ଯିବା ମାନସେ ବିଚାରି କୈତବ ରଖି ରାବଣେ କରନ୍ତି ଗୁହାରି । ।୮।
କୋପ ନ କରି ଘେନନ୍ତୁ ଆମ୍ଭ ନିବେଦନ କୋଟି ତ୍ୟାଗ କରି ଯିବୁ କୁବେର ସଦନ । ।୯।
କୌମାର କାଳରୁ ଆମ୍ଭେ ତା ପାଳିତପ୍ରଜା କୌତୁହଳେ ଛାନ୍ଦପୂର୍ଣ୍ଣ ଯାଅ କହେ ରାଜା । ।୧୦।

ଟୀକା: ପ୩ କିଲ୍ୱିଷ-ପାପ । ପ୪ କୀରପକ୍ଷୀ-ଶୁଆ, କୀର୍ଣ୍ଣ-ବିକ୍ଷିପ୍ତ । ପ୫ କୁବେରାଦ୍ରିପତି-କୈଳାସପତି, କୁତର୍କ-ଯୁକ୍ତି । ପ୬ କୂଟାର୍ଥ-ଗୂଢ଼ ଅର୍ଥ, କୂଟାଗାର-କ୍ରୀଡ଼ାଗୃହ । ପ ୭ କେଶପୁତ୍ରନଉ-ନୌକେଷୀ, କେତୁ-ଗ୍ରହ । ପ୮ କୈତବ-କପଟ ।

ଏକୋଽପି ରାମସ୍ୟ କୃତଃ ପ୍ରଣାମୋ ଦଶାଶ୍ୱ ମେଧା ବଭୃତେନ ତୁଲ୍ୟଃ ।
ଦଶାଶ୍ୱ ମେଧୀ ପୁନରେତି ଜନ୍ମ ରାମ ପ୍ରଣାମ୍ୟ ନ ପୁନର୍ଭବତି ।।

ଟୀକା:

ଦଶଟି ଅଶ୍ୱମେଧ ଯଜ୍ଞ ଶେଷ କରି ଅବଭୃତ ସ୍ନାନ କଲେ ଯେଉଁ ଶୁଭଫଳ ଲାଭ ହୁଏ ତାହା ଶ୍ରୀରାମଙ୍କର ଗୋଟିଏ ପ୍ରଣାମ କରିବା ଫଳ ସହିତ ସମାନ । କିନ୍ତୁ ଦଶାଶ୍ୱ ମେଧ ଯଜ୍ଞରେ ପୁନର୍ଜନ୍ମ ହୁଏ । ମାତ୍ର ଶ୍ରୀରାମଙ୍କୁ ପ୍ରଣାମ କରିବା ବ୍ୟକ୍ତିର ପୁନର୍ଜନ୍ମ ହୁଏ ନାହିଁ । ଅର୍ଥାତ୍ ଜନ୍ମ ମରଣ କ୍ଲେଶରୁ ସେ ଚିରଦିନ ପାଇଁ ମୁକ୍ତି ପାଏ ।

Digitized by PPRACHIN, SOA

ଯକ୍ଷଗଣ ଅଳକାପୁରେ କୁବେରଙ୍କୁ ସାକ୍ଷାତ, ପାତାଳପୁରୁ ସୁମାଳୀ ବଂଶ ଲଙ୍କାକୁ ଆଗମନ

(ରାଗ-ଶଙ୍କରାଭରଣ)

(କାଳୀ ଦହନ ବୃତ୍ତେ)

ଛାନ୍ଦ - ୨୫

ଏଥୁଅନ୍ତେ ଗିରିସୁତା କାନ୍ତେ ପୁଚ୍ଛା କଲେ=ଶ୍ରୀରାମ ଚିନ୍ତିଣ ହର ପୁରାଣ ଭାଷିଲେ ଯେ,
ବସି ଶୁଣନ୍ତି ପାର୍ବତୀ,
ଲେଖନୀ ଘେନି ଲେଖନ୍ତି ବସି ଗଣପତି ଯେ । ।୧।
ଲଙ୍କାଗଡୁ ଯକ୍ଷଗଣ ଅନୁମତି ନେଇ,=ଅଳକା ଭୁବନେ ପ୍ରବେଶିଲେ ସର୍ବେ ଯାଇ ଯେ,
ଧନପତିଙ୍କ ଛାମୁର,
ପ୍ରଣତି କରି ଭାଷନ୍ତି ଲଙ୍କା ସମାଚାର ଯେ । ।୨।
ଯକ୍ଷ ଦାନବର କଦା ନ ରହିବ ପ୍ରୀତି= ଏଣୁ ଲଙ୍କା ତେଜି ସର୍ବଯକ୍ଷ ଆସିଛନ୍ତି ଯେ,
ଦିଅ ଶୀଘ୍ର ବାଡ଼ି ବୃତ୍ତି,
ଶୁଣନ୍ତେ ସେ ବୃତ୍ତି ବାଣ୍ଟିଦେଲେ ଧନପତି ଯେ । ।୩।
ପ୍ରଜାଗଣ ଅତି ଆନନ୍ଦରେ କଲେ ବାସ=ଲଙ୍କାପୁରେ ରାଜା ଚିନ୍ତେ ଆଗତ ଭବିଷ୍ୟ ଯେ
ପୂର୍ବେ ଆମ୍ଭ ଅଜାଘର,
ଥିଲା ଏହି ସିନ୍ଧୁ ମଧ ସ୍ୱର୍ଣ୍ଣ ଲଙ୍କାପୁର ଯେ । ।୪।
ରିଷ୍ଟ ଚିନ୍ତିଣ ଅମରେ କରନ୍ତେ ଗୁହାରି= ଇଷ୍ଟଦେବ ଚକ୍ରପେଶି ଦୈତ୍ୟଗଣ ହରି ଯେ,
ଅଜା ଲୁଚି ପାତାଳରେ
ବହୁ କଷ୍ଟେ କାଟେ କାଳ ଡ଼ାକିବି ଏଠାରେ ଯେ । ।୫।
ଆଇ ମଉସା ମାତୁଳ ମାମୁ ପୁଅ ଭାଇ=ପାତାଳପୁରରେ ସର୍ବେ କଷ୍ଟେ ଛନ୍ତି ରହି ଯେ,
କଷ୍ଟ ଗଲା ଏତେକାଳେ,
ସର୍ବେ ଆସି ଯେଝା ଘରେ ରୁହନ୍ତୁ କୁଶଳେ ଯେ । ।୬।
ଆପଣା ଅର୍ଜିବା ଧନ ଭୁଞ୍ଜିବକି ଆନ= ବିପାକ ଦଶାକି ପଡ଼ିଥିବ ସବୁଦିନ ଯେ,
ସାନୁଜେ ଦୈତ୍ୟ ହକାରି,
ଆଦେଶେ ଯିବାକୁ ଶୀଘ୍ର ସେହି ସ୍ୱର୍ଣ୍ଣପୁରୀ ଯେ । ।୭।
ବନ୍ଧୁ ବାନ୍ଧବ ମାତୁଳ ମୋର ଅଜା ଆଇ=ସସମ୍ମାନରେ ପାତାଳୁ ଡ଼ାକିଆଣ ଯାଇ ଯେ,
ଆଜ୍ଞାମତେ ବିଭୀଷଣ,
ଯଥା ଶୀଘ୍ର ପାତାଳ ପୁରରେ ପ୍ରବେଶିଣ ଯେ । ।୮।

Digitized by PPRACHIN, SOA

କୋରକିତ କରେ ନମି ସେ ବିଶ୍ରବା ଶିଷ୍ୟ, ସୁମାଳି ଅଗ୍ରତେ ସର୍ବ କରିଲା ପ୍ରକାଶ ଯେ,
ନିକଷା ମାତା ମୋହର,
ଭଗ୍ନୀ ସଙ୍ଗେ ରହିଛନ୍ତି ବେନି ସହୋଦର ଯେ । ।୯।
ତପସ୍ୟାରେ ପିତାମହ ତୋଷି ବର ପାଇ, ସାବତ ଜନନୀ ସୁତସ୍ୱର୍ଣ୍ଣ-ଲଙ୍କେ ରହି ଯେ,
ଆମ୍ଭ କଷ୍ଟ ଦେଖି ବୀର,
ଶ୍ରଦ୍ଧାରେ ଯାଚିଣ ଦାନ କଲା ଲଙ୍କାପୁର ଯେ । ।୧୦।
ଅଳକା ଭୁବନେ ପ୍ରଜା ଯକ୍ଷଗଣ ଗଲେ=ମାତା ଭଗ୍ନୀ ବେନି ଭ୍ରାତାପୁରେ ଛନ୍ତି ଭଲେଯେ
ସାହା ଭରସା କେ ନାହିଁ,
ବହନ ବାହାର ଯିବା କହିଛନ୍ତି ଭାଇ ଯେ । ।୧୧।
ତୁମ୍ଭେ ଗଲେ ବଡ଼ ଭ୍ରାତ ହେବେ ଅତି ତୋଷ=ଶୀଘ୍ର ଅନୁକୂଳ କର କରିବି ପ୍ରକାଶ ଯେ,
ଶୁଣି ବାହାର ସୁମାଳୀ,
ବନ୍ଧୁବର୍ଗସେନା ସର୍ବେ ଗଲେ ହୋଇ ମେଳି ଯେ । ।୧୨।
ପାତାଳ ପୁରୁ ଆସିଣ ଲଙ୍କାରେ ପ୍ରବେଶ=ଜାଣନ୍ତେ ଦାନବ ଗଣ କଲେ ଧନୁ ଘୋଷ ଯେ,
ବିଭୀଷଣ ଶ୍ରୀ ଛାମୁରେ,
ଦେଖୁ ଦଶାନନ ଭାଷେ ଡ଼କାଅ ମାତୁଳେ ଯେ । ।୧୩।
ପ୍ରଶସ୍ତ ବିକଟ କେ-ତୁମର କାଳମୁଖ= ଅକମ୍ପନ ଯଜ୍ଞମର ବୀର ବିରୂପାକ୍ଷ ଯେ,
ସହସ୍ରକ ସୁପାରିଶ,
ବି ସୃଷ୍ଟି ଧୂମାକ୍ଷ ଦିଶୁ ଘନ ଭୀମ କେଶ ଯେ । ।୧୪।
ଧୂମକେତୁ,ଉଦଣ୍ଡ ଯେ ସମ୍ପାତି ଅନୀଳ =ସୁଦୀପ୍ତ ଉନ୍ନତ ଭାସ୍କର ଯେ ଅଚାର୍ଗଳ ଯେ,
କ୍ରମ ସଂଖ୍ୟା ବେନି ବେନି,
ସୁମାଳି ସହ ପ୍ରବେଶ ବିଭୀଷଣ ଘେନି ଯେ । ।୧୫।
ଯଥା ବିଧିରେ ଯେ ଯା'ରେ ହେଲେ ମାନ୍ୟ ଧର୍ମ= ବିଂଶପାଣିର ଶେଷ ହେଲା ନଷ୍ଟକର୍ମ ଯେ,
ମୋହ ଥାଉଁ ଦୁଃଖ କାହିଁ,
ଚତୁର୍ଦ୍ଦଶ ବ୍ରହ୍ମାଣ୍ଡେକେ ମୋ ଜିଣନ୍ତା ନାହିଁ ଯେ । ।୧୬।
ବୈମାତୃକ ଅଗ୍ରଜ ମୋ ଅଟେ ଧନପତି=ମହାପ୍ରତାପୀ ସାନୁଜ, ସାନଭାଇ ମନ୍ତ୍ରୀ ଯେ,
ସ୍ୱୟଂ ବଳେ ବଳିୟାର,
ଅନଳେ ଦହିଣ ଶିର ପାଇଅଛି ବର ଯେ । ।୧୭।

Digitized by PPRACHIN, SOA

ଏତେ କହିଣ ଲଙ୍କେଶପୁରେ ଡ଼ାକି ନେଲେ=ସୁବ୍ୟଞ୍ଜନ ଷଡ଼ରସ ଖାଇବାକୁ ଦେଲେ ଯେ,
ମୁଖ ଧୋଇ ପହୁଡ଼ିଲେ,
ନିଶି ଶେଷେ ସୁମାର୍ଜିତେ ଅବକାଶ ହେଲେ ଯେ । ।୧୮।
ବିଭିନ୍ନ କାର୍ଯ୍ୟ ନିମନ୍ତେ କରିଣ ବିଚାର= ପଦବୀ ଦାନ କରଇ ବାଣ୍ଟି ବିଂଶକର ଯେ,
ସର୍ବେ ମହା ସାମାରୋହେ,
କାଳ କାଟିଲେ ନିର୍ବିଘ୍ନେ ନିଜ ନିଜ ଗୃହେ ଯେ । ।୧୯।
ଅବନୀ-ଦୁହିତା ପତି କୌଶଲ୍ୟା ନନ୍ଦନ= ଅଭୟ, ଉଭୟ ପଦ ଚରଣରେ ମନ ଯେ,
ରଖି ଛାନ୍ଦ ବିଂଶ ପଦେ
ପୂରଣ କରଇ ଦୟାନିଧି ହେ କୋବିଦେ ଯେ । ।୨୦।

ବିଂଶବାହୁ, କୁମ୍ଭକର୍ଣ୍ଣ, ବିଭୀଷଣ,ସୂର୍ପଣଖା ବିବାହ ଓ ଦେବତାମାନଙ୍କୁ ନିଜ କାର୍ଯ୍ୟରେ ନିଯୁକ୍ତି କରି ଦଣ୍ଡ ଦେବା - ଇନ୍ଦ୍ରଜିତ ଆଦି ପୁତ୍ର ଜନ୍ମ -

(ରାଗ- ବଙ୍ଗଳାଶ୍ରୀ)

ଛାନ୍ଦ - ୨୬

ସଂସାର ସରିତ ପାରି ହେବାକୁତ ଏ ରାମ ଚରିତ ରସ
ଗିରିଜା ପ୍ରମୋଦେ ମନ ଗଦଗଦେ ପୁଛୁଁ ଭାଷି ଦିଗବାସ । ।୧।
ସୁମାଳୀ ରାକ୍ଷସ କରଇ ପ୍ରକାଶ ବଂଶାସେ୍ୟ କରି ପ୍ରଶଂସା
ତୋର ପରିଣୟ କରିବାକୁ ଥୟ ବଳାଇଛି ନାତି ଆଶା । ।୨।
ଏକାଳେ ନାରଦ ବୀଣା ଯନ୍ତ ବାଦ୍ୟ ଚାଳି ପ୍ରବେଶିଲେ ଆସି
ସୁଦିବ୍ୟ ଆସନ ଦେଇ ତୋଷି ମନ ଦଶମାଥ ଭାଷେ ହସି । ।୩।
କୁହ ତପଚାରୀ କାହିଁ ଅଛି ନାରୀ ହେବାକୁ ମୋ ମଦାଳସୀ
ସୁଦିବ୍ୟ ସୁନ୍ଦରୀ ହେବ ଗୁଣଧାରୀ ଯଥା ବୃକ୍ଷରେ ତୁଳସୀ । ।୪।
ସୁମାଳୀର ଆଶା ଦଶମାଥ ଭାଷା ଋଷି ଶୁଣି ଗୁପ୍ତେ ହସୁ
ସୁମାଳୀ ସହିତ ବୋଧ ଦୈତ ଚିତ୍ତ ଋଷିକତା ପଣେ ହସୁ । ।୫।
ଅଛି ମୟପୁରେ ସେ ବାଳା ଯତ୍ନରେ ତେଜତା ବିଲୋମ ର୍ଯ୍ୟସୂ
ଯଥା ବିଚାରରେ ତୋ ଦେଶ ରସାରେ ସ୍ୱର୍ଣ୍ଣକ୍ଷିତି ସ୍ୱର୍ଣ୍ଣ ପ୍ରସୂ । ।୬।
କରିବା ଥୟକୁ ଡ଼କାଇ ମୟକୁ ପିତାମହ ଡ଼ାକି ଆସେ
ଶୁଭ ପରିଣୟ ହୋଇଲେ ନିଶ୍ଚୟ ଅଣାଇବା ବାଳେ ବାସେ । ।୭।
ପ୍ରାନ୍ତ ଦେଶରେ 'ସ' ରହେ ଅନୁପ୍ରାସ ବନା ଅକାରୁ ଏକାରେ
ଗୁଣି ବିଜ୍ଞବର ବୁଝିବ ଏହାର ରଚନା କଷ୍ଟ ସକ୍ରାରେ । ।୮।

Digitized by PPRACHIN, SOA

ଋଷିବାକ୍ୟ ଶେଷ ସମୟେ ପ୍ରବେଶ ସେ ଶୁକ ସାରଣ ବେନି
ହୁଅନ୍ତେ ବିନୟ ଚିନ୍ତି ଦୈତ୍ୟରାୟ ଗଉରବେ ଭାଷେ ବାଣୀ । ।୯।
କେଉଁ ଦେଶୁ ଆସ କାହିଁ ତୁମ୍ଭ ବାସ କେଉଁ ରାଜାର ବା ଦୂତ
ଦିନେ ହେଲେ କେବେ ଦେଖିନାହିଁ ଏବେ ଦେଖୁ ପୁଛେ କୁହ ସତ । ।୧୦।
ଯୋଡ଼ି କରପତ୍ର ହୋଇ ପ୍ରଣିପାତ ବଦନ୍ତି ସଚିବ ଦୁଇ
ହେତି ନାମେ ତୁମ୍ଭ ପଣ ଅଜା ଆମ୍ଭ ନୃପରାଣ ଥିଲେ ହୋଇ । ।୧୧।
ପୂର୍ବେ ସେ ଲଙ୍କାର ହୋଇ ନୃପବର କରୁଥିଲେ ବଇଭୋଗ
ଆମ୍ଭେ ବେନି ଯନ୍ତ୍ରୀ ସୁବିଶ୍ୱାସୀ ମନ୍ତ୍ରୀ ଥିଲୁ ପଡ଼ିଲା ଦୁର୍ଯ୍ୟୋଗ । ।୧୨।
ଚକ୍ର ପେଷି ହରି ଭୂପଙ୍କୁ ସଂହାରି ସକୁଟୁମ୍ବେ କରୁ ଅନ୍ତ
ଜୀବ ରଖି ଯାଇଁ କାୟା ବଦଳାଇଁ ବୁଲୁ, ଜାଣି ମୟଦୈତ୍ୟ । ।୧୩।
ସଚିବ କରିଣ ରଖୁ ପାଶେ ପୁଣ ପାଳୁଥିଲୁ ତାଙ୍କ ଦେଶ
ଶୁଣି ତୁମ୍ଭ ଯଶ ମାନସ ଉଲ୍ଲାସ ହେଲା ହୋଇଲୁ ପ୍ରବେଶ । ।୧୪।
ମନ୍ଦ କର୍ଣ୍ଣ ଋଷି ପ୍ରଦତ୍ତ ସୁକେଶୀ କନ୍ୟା ପାଳି ମୟ ଦୈତ୍ୟ
ଅନୁରୂପ ବର ଖୋଜେ ନୃପବର ତୁମ୍ଭେ ଅନୁରୂପ ପାତ୍ର । ।୧୫।
ନାରଦ ବଚନେ ମନ୍ତ୍ରୀ ବାକ୍ୟ ମନେ ସୁଧାମଣି କନ୍ୟା ଆଣି
ପୁରୋହିତ ପାଇଁ ଧାତାଙ୍କୁ ଡ଼କାଇ ଆସୁ ସେ କଲା ବରଣୀ । ।୧୬।
ନିଜେ ବେଦ ପତି ବିଭାକଲେ ନାତି କନ୍ୟା ମନ୍ଦକର୍ମ ନାଶି
ଦେଲେ ବ୍ରହ୍ମଶର ମୃତ ତୋ ସ୍ୱାମୀର ହେବ, ଏ ଶରେ ସୁକେଶୀ । ।୧୭।
ରଖିବୁ ଯତନ କରି ଯେତେ ଦିନ ଶର ନ ମରିବ କାନ୍ତ
ଏ ରକ୍ଷା କବଚ ସାଞ୍ଚୁ ସ୍ୱର୍ଣ୍ଣ କାଚ ଘେନ ଛାଡ଼ି ମନୁ ଭ୍ରାନ୍ତ । ।୧୮।
ବୀରମୟ ଦୈତ୍ୟ ଏକ ଘନି ଅସ୍ତ୍ର ରାବଣେ ଯୌତୁକ ଦେଲା
ଅସମୟ କାଳେ ଏ ଶର ପେଷିଲେ ଶତ୍ରୁ ମରିବ ଭାଷିଲା । ।୧୯।
ବଇଲୋଚନର ସୁତ ବଡ଼ ବୀର- ବଳି, ତାହାର ଦୁହିତି
ବଜ୍ରଜ୍ୱାଳାମାଳେ କୁମ୍ଭକର୍ଣ୍ଣ ଗଳେ ଦେଇ ବରି କଲା ପତି । ।୨୦।
ଗନ୍ଧର୍ବି ଈଶ୍ୱର ଶୈଳୁଷର ସୁର ଦୁହିତା ନାମ ସରମା
ବିଭୀଷଣେ ଡ଼ାକି ବିବାହ ପାଇଁକି କହୁ ଘେନିଲା ସେ ବାମା । ।୨୧।
ଭଗିନୀ ବିବାହ ଚିନ୍ତି ଦୈତ୍ୟରାୟ ଡ଼କାଉ ବିଦ୍ୟୁଜିହ୍ୱାକୁ
ବିଶ୍ରବା ତପସ୍ୱୀ କନ୍ୟାଦାନେ ବସି ଅର୍ପିଲେ ବରେ କନ୍ୟାକୁ । ।୨୨।
ଏହି ପରକାର ତିନି ଭାଇଙ୍କର ଶୁଭ ପରିଣୟ ସାରି
ଭଗିନୀ ବିବାହ ସାରି ପିତାମହ ଶିରେ ଦେଲେ ତୀର୍ଥ ବାରି । ।୨୩।

Digitized by PPRACHIN, SOA

ହେଲା ଲାଜା ହୋମ ପୂର୍ଣ୍ଣହେଲା କାମ୍ୟ ଆରମ୍ଭିଲେ ରାଜ ସଭା
ଦଶାନନ କୋଳେ ମୟକନ୍ୟା ହେଲେ ବସୁ ବଢ଼ିଲା ପ୍ରତିଭା । ।୨୪।
ସରୁ ଅଭିଷେକ ସେ ଦୈତ୍ୟ ନାୟକ ଡ଼ାକି ସର୍ବ ଦେବଗଣ
ଛାଡ଼ି ଭାବ ଭକ୍ତି ରାଇଣ ନିଯୁକ୍ତି ଦେଲା ନାନା କଷ୍ଟମାନ । ।୨୫।
କରିଣ ଅନୀତି ଭାଷେ ଦୈତ୍ୟପତି ଯେଉଁପରି ରାଜନୀତି
ହୋଇବ ମୋହର ଶୁଣ ବେଦବର ଶୁଣ ବସି ଶଚୀପତି । ।୨୬।
ଧାତା ପ୍ରଭାତରେ ଆସି ମୋ ଦୁଆରେ ସାମ ବେଦକୁ ପଢ଼ିବ
ଷଡ଼ରସ ଅନ୍ନ ବ୍ୟଞ୍ଜନ କରିଣ ଅଗ୍ନି ସୈନ୍ୟେ ଯୋଗାଇବ । ।୨୭।
ଏ ଯମ ଦୁର୍ଦ୍ଦଣ୍ଡ ଧରି କାଳଦଣ୍ଡ ଜଗୁ ମୋର ସ୍ୱର୍ଣ୍ଣପୁର
ଶତ୍ରୁ ନାଶ ପାଇଁ ନଇରତ ରହି ହୋଇଥିବ ଆଗୁସାର । ।୨୮।
ନିତ୍ୟ ଅଭିଷେକେ ବରୁଣ ନିଦକେ କନକ ଛତ୍ର ଟେକିବ
ବାୟୁଦେବ ଆସି ସର୍ବ ପୁରେ ପଶି ପବନ ଯେ କରୁଥିବ । ।୨୯।
ଯାହା ଖର୍ଚ୍ଚ ହେବ କୁବେର କରିବ ପୂର୍ଣ୍ଣ ନିଅଣ୍ଟ ଭଣ୍ଡାରେ
କଶ୍ୟପ ତନୁଜ କମାଇଣ ତେଜ ଆଲୋକ ଦେବ ମୋ ପୁରେ । ।୩୦।
ଆସି ସବୁଦିନ ମୋ ମଳି ବସନ ସଫାକରୁ ଶଶୀ ବସି
ଏ ସମସ୍ତ ତଥ୍ୟ ନେଉଥିବ ନିତ୍ୟ ସସ୍ର ଯୋନିଇନ୍ଦ୍ର ଆସି । ।୩୧।
ଉର୍ବଶୀ ସହିତ ଅପ୍‌ସରାଏ ନୃତ୍ୟ କରନ୍ତୁ ମୋର ସଭାରେ
ଶୁଣି ତା ବିଧାତା ଭାଷିଲେ ଅନ୍ୟଥା କିଏ ଅବା କରିପାରେ । ।୩୨।
ଏହି ଅନୁସାରେ ରାଜନୀତି କରେ କଷ୍ଟ ଦିଏ ଦୈତ୍ୟ ପତି
ହୁଅଇ ଅସହ୍ୟ କଷ୍ଟକରି ସହ୍ୟ ଦେବତା ପଦେ ଖଟନ୍ତି । ।୩୩।
ରାଜନୀତି ସାରି ପୁରେ ଦଶଶିରୀ ମଣୋହି ଅନ୍ତେ ଶୟନେ
ଅସୁରୁଣୀ ଗଣ ସମ୍ଭୋଗେ ମାତିଣ ତୋଷୁ ଥାନ୍ତି ଜଣେ ଜଣେ । ।୩୪।
ସଦା ପ୍ରୀତି ରତ ହେଉ ହେଲେ ପୁତ୍ର ଦିପ୍ତୀବନ୍ତ ବୀରବର
ଜ୍ୟେଷ୍ଠପୁତ୍ର ରଡ଼ି ଶୁଣି ଗଲେ ପଡ଼ି କେକୀ-ପୃଷ୍ଠରୁ କୁମାର । ।୩୫।
ମେଘ ଗରଜନ ତୁଳନେ ନିଉନ ହେଉ ନାମ ମେଘନାଦ
ଦେଇ ପ୍ରଜାପତି ଲଙ୍କେ କରୁ ସ୍ଥିତି ଫେରନ୍ତି ମଣି ପ୍ରମାଦ । ।୩୬।
ସୀତା ରାମ ନାମ ନିତ୍ୟ ହେଲା କାମ୍ୟ ମନ ମଧ୍ୟେ କରି ଧ୍ୟାନ
ବିପ୍ର ଦୟାନିଧି ଏ ଗ୍ରନ୍ଥ ବାରିଧି- ପାରି ଆଶେ କରେ ଧ୍ୟାନ । ।୩୭।
ବିଜ୍ଞ ସାଧୁଜନେ ପଣ୍ଡିତ ଚରଣେ କରି ଅଳି ପାତି ଶିର
ଅଷ୍ଟତ୍ରିଂଶ ପଦେ ଏ ଛାନ୍ଦ କୋବିଦେ ପୂର୍ଣ୍ଣେଘେନ ହେବ ପାର । ।୩୮।

Digitized by PPRACHIN, SOA

ବୈଶ୍ରବଣ ପାତାଳପୁର ଦିଗ୍‌ବିଜୟେ ଗମନ, ପରାଜୟ, ବଳିଦ୍ୱାରେ ଶ୍ରୀରାମଚନ୍ଦ୍ରଙ୍କ ଚିତ୍ରପଟ ଦର୍ଶନ

(ରାଗ-ଚକ୍ରକେଳି)

(ବୋଲୁ ସୁଗ୍ରୀବେ ରାମ କ୍ଳେଶ ଭାଷା ବୃତ୍ତେ)

ଛାନ୍ଦ - ୨୭

ଏଥୁ ଅନ୍ତେ ଶିବ ଚରଣାମୃତ ପାନ କଲେ ଶିବା କରିଣ ଧୌତ । ।୧।
ପବିତ୍ର ହୁଅନ୍ତେ ଶରୀର ମଥା ପୁଚ୍ଛନ୍ତେ ପୁରାଣ ସେ ପଞ୍ଚମଥା । ।୨।
ଜପି ରାମନାମ ହୁଅନ୍ତେ ଥୟ ଭାଷନ୍ତି ରାବଣ ଦିଗ୍‌ବିଜୟ । ।୩।
ନିତ୍ୟକର୍ମ ସାରି ଦୈବତପର ମନରେ ଚିନ୍ତଇ ବିରଞ୍ଚିବର । ।୪।
ଦିବ୍ୟଜ୍ଞାନେ ମିଳୁ ଦିବ୍ୟ ଦର୍ଶନ ପୂର୍ବଜନ୍ମ ଶାପ ପ୍ରତ୍ୟୟମାନ । ।୫।
ଉଦ୍ଧାର କରି ଯେ କରିବେ ହତ ସେ ଦର୍ଶନେ ଦୈତ୍ୟ ସଦା ଜାଗ୍ରତ । ।୬।
ଦିବ୍ୟରଥେ ଘେନି ସେନା ସଇନ ପାତାଳେ ପ୍ରବେଶ ବିଂଶ ନୟନ । ।୭।
ଦେଖନ୍ତେ ବାସୁକି ନାଗଙ୍କ ଜ୍ୟେଷ୍ଠ କୋପୀରଣ ମାଗେ ଦଇତ ଶ୍ରେଷ୍ଠ । ।୮।
ନାଗରାଜା ହସି ଦିଏ ଉତ୍ତର ଦେଖ ପୃଥ୍ୱୀ ଅଛି ଶିର ଉପର । ।୯।
କେତେ ଗରୁ ଜାଣୁ କୈଳାସ ବନ ତା ସହିତ ଚତୁର୍ଦ୍ଦଶ ଭୁବନ । ।୧୦।
ରସାତଳ ହେବ ଛାଡ଼ିଲେ ରସା ରକ୍ଷଣେ କେ ତାର ନାହିଁ ଭରସା । ।୧୧।
ନାଶ ଯିବେ ଯିବ ନାଶ ସମ୍ପତ୍ତି ରଣେ ଅପଯଶ ନ ହେବ ଖ୍ୟାତି । ।୧୨।
ବିସ୍ମୟ ବିଂଶାସ୍ୟ ସେ ବାଣୀ ଶୁଣି ପୁଣି ନାଗରାଜା ଭାଷଇ ବାଣୀ । ।୧୩।
ରଣ ଇଚ୍ଛୁ ଯଦି ଗମହେ ବୀର ହରି ଯୋଗାଙ୍ଗେ ମଣିମୟ ପୁର । ।୧୪।
ସମର କର ଯାଇ ତାଙ୍କ ତୁଲେ ବୀରେ ଗଣ୍ୟ ହେବ ମର୍ତ୍ତ୍ୟ ମଣ୍ଡଳେ । ।୧୫।
ଶୁଣୁ ଅସୁର ମଣିମୟ ପୁରେ ପ୍ରବେଶଇ ସେନା ରଖିଣ ଦୂରେ । ।୧୬।
ଜାଣୁ ନାରାୟଣ ବ୍ରାହ୍ମଣ ରୂପ ଧରି ଆରୋହିଲେ ସ୍ୱର୍ଣ୍ଣ ମଣ୍ଡପ । ।୧୭।
କପଟେ କମଳା ବ୍ରାହ୍ମଣୀ ହେଲେ ରଙ୍ଗେ ପ୍ରଭୁ ସଙ୍ଗେ ପଶା ଖେଳିଲେ । ।୧୮।
ଯେତେବେଳେ ଦୈତ୍ୟ ହେଲା ନିକଟ ରହସ୍ୟେ କମଳା କଲେ କପଟ । ।୧୯।
ପଶାକୁ ଗଡ଼ାଇ ପକାଇ ତଳେ ଦଇତେ ଡ଼ାକିଲେ ସେ ପଶା ଖେଳେ । ।୨୦।
ଗାରିମା ପଣେ ମୁଁ ନ ଭାଷେ ଏହା କାଠି ଦେଇ ବୀର କର ସୁଦୟା । ।୨୧।
ଗର୍ବେ ପଦାଙ୍ଗୁଳି ଅଗ୍ରେ ଯେ ଧରି ଦେବାକୁ ଦଇତ ମନେ ବିଚାରି । ।୨୨।
ଉତ୍ତୋଳନ କରେ ନଚଳୁ କାଠି ବିଂଶ ଭୁଜେ କ୍ରୋଧେ ଧରେ ସାଉଁଟି । ।୨୩।
ତଥାପି କାଠି ତିଳେ ନ ଚଳିଲା ଚେଷ୍ଟା କରି ଦୈତ୍ୟ ଲାଜେ ଚଳିଲା । ।୨୪।

Digitized by PPRACHIN, SOA

ଦୈତ୍ୟ ଗର୍ବ ଖର୍ବ ଚିନ୍ତି ମନର ମାୟା ଭିଆଇଲେ ସାରଙ୍ଗଧର । ।୨୫।
ଗର୍ଭାଳସୀ ଏକ ଦିବ୍ୟ ସୁନ୍ଦରୀ କାଖେ ମାଥେ ବେନି କଳସ ବାରି । ।୨୬।
ଧରି ଅତିକ୍ରମ କରୁ ସେ ପଥ ମଧୁର ବାକ୍ୟେ ଯେ କରିଲା ବ୍ୟକ୍ତ । ।୨୭।
କଲେ ପଶାଖେଳେ କୋମଳେ ତହିଁ ପଶା କାଠି ଯାଅ ମୋହର ଦେଇ । ।୨୮।
ଶୁଣି ଗର୍ଭାଳସୀ ଆଳସ୍ୟେ ଧୀରେ ବାମାଙ୍ଗ-କନିଷ୍ଠ-ପଦାଙ୍ଗୁଳିରେ । ।୨୯।
ଉତ୍ତୋଳନ କରି କାଠିକୁ ନେଇ ଗଲା ମଣ୍ଡପର ବାମାକୁ ଦେଇ । ।୩୦।
ଦେଖୁ ଋଷି ପୁତ୍ର ବିଂଶଲୋଚନ ମନ ଦ୍ରବିଭୂତେ ହୋଇଲା ମ୍ଳାନ । ।୩୧।
ହସିତ ବଦନେ ସେ ଚକ୍ରଧର ପୁଚ୍ଛନ୍ତି କେଣିକି ଗମନ ବୀର । ।୩୨।
ତା ଶୁଣି ମାୟାବି ମାୟାରେ ଭାଷି ଆମ୍ଭ କୁଳ ଇଷ୍ଟ ଦର୍ଶନେ ଆସି । ।୩୩।
ମର୍ତ୍ତ୍ୟପୁର ସ୍ଥିତ ଯେ ଲଙ୍କା ଦ୍ୱୀପ ଶ୍ରେଷ୍ଠ ସ୍ୱର୍ଣ୍ଣପୁରୀ ମୁଁ ତାହା ଭୂପ । ।୩୪।
ମୋ କୁଳର ଇଷ୍ଟ ବାନ୍ଧବ ବଳି ଆସିଥିଲି ତାହାଙ୍କୁ ଯେ ଶଙ୍ଖୋଳି । ।୩୫।
ଦେଖି ତବ ତନୁ ଶରୀର ସ୍ୱଚ୍ଛ ମୋ ରାଜ ସମ୍ପଦ କରିଲି ତୁଚ୍ଛ । ।୩୬।
କି ମନ୍ତ୍ରେ କି ପୁଣ୍ୟ କରି ପାଳନ ଏ ବିଭବ ଭୋଗ କର ଆପଣ । ।୩୭।
ନାରାୟଣ ଶରେ ଦୈତ୍ୟଙ୍କ ମୁଣ୍ଡ କାଟୁ ରକ୍ତ ବହି ହୁଅଇ ରୁଣ୍ଡ । ।୩୮।
ପ୍ରକୃତି ବଶରୁ ପାଲିକୁ ପାରି ବେନି ପଶା ଖେଳୁ ଦିବା ଶର୍ବରୀ । ।୩୯।
ଯା' ଦର୍ଶନେ ଆସ ଭିତରେ ସେହି ଦେଖାକର ଭୀତି ହୀନରେ ଯାଇ । ।୪୦।
ଶୁଣନ୍ତେ ନିକଷାତ୍ମଜ ଭିତରେ ଯାଇ ବଳି ଦେଖେ ଭିତର ପୁରେ । ।୪୧।
ମାନ୍ୟ ଧର୍ମ ହୋଇ ଭାଷିଲା ବାଣୀ ମର୍ତ୍ତ୍ୟକୁ ନେବାକୁ ଆସିଛି ଜାଣି । ।୪୨।
ଅଭିଷେକ କରାଇବା ଇଚ୍ଛାରେ କିମ୍ବା କଷ୍ଟେ ଥିବ ପାତାଳ ପୁରେ । ।୪୩।
ଯେଉଁ ମହିଦେବ ବାମନରୂପୀ ସ୍ଥାପିଲେ ପାତାଳେ ପାଦରେ ଚାପି । ।୪୪।
ତାହାରେ ମୋହର ନାହିଁ ଭ୍ରୂକ୍ଷେପ ବିରଞ୍ଚି ତୋଷିଲି କରିଣ ତପ । ୪୫।
ଶୁଣ ହସି ହସି ଭାଷଇ ବଳି ତୋ ନାଶନେ ଧାତା ଆଗରୁ ଭାଳି । ।୪୬।
ରାମ ଅବତାର କରିଛି ଥୟ କୋଦଣ୍ଡଧାରୀ ରୂପ କମନୀୟ । ।୪୭।
ତପେ ତୋଷୁ ବୀର ଅଗ୍ରଣୀ ହେବୁ ଜାନକୀ ହରିଲେ ନାଶ ହୋଇବୁ । ।୪୮।
ବଡ଼ପଣେ ବୀର ଅଗ୍ରଣୀ ହେବୁ ଜାନକୀ ହରିଲେ ନାଶ ହୋଇବୁ । ।୪୯।
ଧାତାଙ୍କୁ ପୁଚ୍ଛୁ ଏ ଭବିଷ୍ୟବାଣୀ ଦେଖାଇଥିଲେ ଚିତ୍ରପଟ ଆଣି । ।୫୦।
ଅଛି ପାଶରେ ଦେଖି ଚିହ୍ନି ଯାଅ ମୁକ୍ତିର ପଥ ସୁଗମ କରାଅ । ।୫୧।
ଦେଖାଉଁ ଦଶ ଅବତାର ଚିତ୍ର ରାମଙ୍କୁ ଦେଖୁ ଚିହ୍ନିଲା ଦଇତ । ।୫୨।
ଏହି ରୂପେ ଆସି ଯାଗ କୁଣ୍ଡକୁ ଦୃଶ୍ୟ ହୋଇଥିଲେ ପୋଡୁ ମୁଣ୍ଡକୁ । ।୫୩।
ଏ ରୂପ ସଙ୍ଗେ ଥିଲା ଯେଉଁ ବାଳା ଆଣି ତା ଗଳାରେ କରିଛି ମାଳା । ।୫୪।

Digitized by PPRACHIN, SOA

ସନ୍ଦେହ ଗଲା ମନେ ଦୈତ୍ୟ ଭାଳେ ମୋ ଆରାଧ ଦେବ ମର୍ତ୍ତ୍ୟ ମଣ୍ଡଳେ । ।୫୫।
ଜନମି ଅଛନ୍ତି କରି ସୁଦୟା ଅକିଞ୍ଚନେ ଦେବେ ତୁଟାଇ ମାୟା । ।୫୬।
ପୁଣି ଅଳିକରୁ ସେ ଲଙ୍କ ସାଇଁ ମର୍ତ୍ତ୍ୟପୁରେ ବଳି ସେବିବା ପାଇଁ । ।୫୭।
ପୁଣ୍ୟବନ୍ତ ବଳି କରଇ ମନା ନ ରଖ ମନରେ ଏହି କାମନା । ।୫୮।
ଦାନ ଅପହୃତ କରେକେ କେହି ପାପ ଅରଜନେ ଯିବି କିମ୍ପାଇ । ।୫୯।
ଶଚୀପତି ଛଳେ ଜଗତ ସାଇଁ ଦାନ ଯା' ଘେନିଲେ ଶ୍ରୀହସ୍ତେ ଯାଇ । ।୬୦।
ଅରଜି ଅଛି ସେଥି ଯେଉଁ ପୁଣ୍ୟ ଦ୍ୱାରେ ଦ୍ୱାରପାଳ ଶ୍ରୀ ଭଗବାନ । ।୬୧।
ମା' ଦେଖିଲୁ ଏଥି ରଖି ହୃଦର ଆତ୍ମା ସଦ୍‌ଗତିକୁ ବିଚାର କର । ।୬୨।
ଶୁଣି ପୁଣି ଦୈତ୍ୟ କରୁ କଟାଳ ପ୍ରତି କ୍ରୋଧେ ବାନ୍ଧଇ ବାଳି ବୀର । ।୬୩।
ବଳ ପରାକ୍ରମ ଖଟାଇ ସର୍ବ କଷ୍ଟେ ଖୋଲି ବନ୍ଧନ ତେଜି ଗର୍ବ । ।୬୪।
ଭୀତ ମନେ ସେହି ପୁରୁ ଫେରିଲା ସେ ପୁରେ ଛାଡ଼ି ଅନ୍ୟ ପୁରେ ଗଲା । ।୬୫।
ନିବାତ କବଚ କନ୍ୟା ସୁଶୀଳା ନେବାଇଛୁ ବାଳା ବରଣ କଲା । ।୬୬।
ଚଉଦ ସସ୍ର ଦୈତ୍ୟ ବଳବନ୍ତ ସେରଣରେ ସର୍ବେ ହୋଇଲେ ଅନ୍ତ । ।୬୭।
କାଳ କେୟ ବିଦ୍ୟୁଜିହ୍ୱା ଅଜାଣେ ବଧୀ ଭଗ୍ନୀ ବିଧାବା କଲା ରଣେ । ।୬୮।
ଇକ୍ଷୁ, ସୁରା,ସର୍ପି, ଲବଣ ଦଧି ଦୁଗ୍ଧ, ରକ୍ତ,ମିଶି ସପ୍ତ ବାରିଧୀ । ।୬୯।
ଶ୍ୱେତ ଦ୍ୱୀପ ବିନା ଦ୍ୱୀପ ସପତ ଜୟ କରି ଫେରେ ନିକଷା ସୁତ । ।୭୦।
ବଳି ବାନ୍ଧୁ ଲାଜେ ଦଶ ଶିରକୁ କୋପେ ଗମିଲା ସେ ଅନ୍ତ ପୁରକୁ । ।୭୧।
ପଥେ ନାଗବାଳୀ ଗଣ ଦଶାସ୍ୟ ବିଂଶ ହସ୍ତ ଦେଖୁ କରିଣ ହାସ୍ୟ । ।୭୨।
କ୍ରୀଡ଼ା ପୁତ୍ତଳି ପରି ଧରି କରେ ବିରାଗେ ଫିଙ୍ଗନ୍ତେ ପଡ଼େ ସାଗରେ । ।୭୩।
ଶିଳା ପରି ବୁଡ଼ି ମୟ ଜାମାତା ଭୟେ ଫେରେ ରଣେ ନହୋଇ ରତା । ।୭୪।
ବଳିଯା' କହିଲା ନିଜ ଭୁବନେ ସେକଥାକୁ ଦୈତ୍ୟ ବିଚାରୁ ମନେ । ।୭୫।
ସଦଜ୍ଞାନ ବୁଦ୍ଧି ଦୃଶ୍ୟ ହୁଅଇ ଇଚ୍ଛାକରେ ମୁକ୍ତି ଲଭିବା ପାଇଁ । ।୭୬।
ଏକାଳେ ସୂର୍ପା କାନ୍ଦି ଉଚ୍ଚସ୍ୱରେ ମଥା କୋଡ଼ିଣ ଗଡ଼ଇ ଭୂମିରେ । ।୭୭।
ବୋଲେ ବିଧବା କଲ ସ୍ୱାମୀ ମାରି ଏ ବୟସେ ତା ସହିବି କିପରି । ।୭୮।
ଯେଣୁ ବୋଲାଅ ଲଙ୍କାର ଈଶ୍ୱର ଦୁଃଖ ବଢ଼ାଉଛ ସଦା ବିଶ୍ୱର । ।୭୯।
ଦିଗ୍‌ବିଜୟେ ଶତ୍ରୁଙ୍କ ସନ୍ଧାନ ପାଇଁ ନେଇ ସ୍ୱାମୀ କଲ ନିଧନ । ।୮୦।
ଏଥୁ କି ଗତି ହୋଇବ ମୋହର ଶୁଣି ବିସ୍ମୟେ ଭାଷେ ବିଂଶ କର । ।୮୧।
ବଡ଼ ଦୁଷ୍କୃତି ହୋଇଲା ଭଉଣୀ ଭିଣୋଇ ମୃତ ପାରିନାହିଁ ଜାଣି । ।୮୨।
ନିୟତି ନିର୍ବନ୍ଧେ ଯା' ଯୋଗଥିଲା ଶାଳକ ହସ୍ତେ ଭଗ୍ନୀ କାନ୍ତ ମଲା । ।୮୩।

Digitized by PPRACHIN, SOA

ବହୁ ଅକୀର୍ତ୍ତି ଅର୍ଜିଲଇଁ ଏଥି ବିଚାରେ ବସି ହୋଇବାକୁ ମୁକ୍ତି । ।୮୪।
ପୁନର୍ବାର ସ୍ୱାମୀ କର ଗ୍ରହଣ ଗୃହ ସଂସାରେ ଯେବେ ଅଛି ମନ । ।୮୫।
କିମ୍ବା ନିର୍ବାଣେ ସଭିଙ୍କ ଉଦ୍ଧାରେ ଲୋଡ଼ା କାର୍ଯ୍ୟ କର ଯାଇ ଶ୍ରଦ୍ଧାରେ । ।୮୬।
ଶାପେ କହିଥିଲେ ଯା ନାରାୟଣ ବଡ଼ ହୋଇ ନ କରିଲି ପାଳନ । ।୮୭।
ଆମନ୍ତ୍ରିତେ ପ୍ରଭୁ ଦୈତ୍ୟ ପୁରୀ ଆସିବେ କିମ୍ପାଇଁ ଦୁଷ୍ଟ ସଂହାରି । ।୮୮।
ଧର୍ମ ଭୂମି ଭାରତ ଭୂଖଣ୍ଡରେ ଅବତାର ସଦା ଦୈତ୍ୟ ଦଣ୍ଡରେ । ।୮୯।
ଏଣୁ ମନାସି ଦଣ୍ଡକ ଅରଣ୍ୟେ ରହ, ସେନା ନେଇ ବଶୀକରଣେ । ।୯୦।
ଯେବେ ଆସିବେ ସେ ପଙ୍କଜ ମୁଖ ଭେଟ କରାଅ, ଜଣାଇ ମୋ ଦୁଃଖ । ।୯୧।
ମନୁ ପରିହର କରି କକ୍ଷଣ ଥିବୁ, କରୁଥିବି ମୁଁ ଅନ୍ୱେଷଣ । ।୯୨।
ଆଦେଶୁ ଖର ତ୍ରିଶିରା ଦୂଷଣ ଯାଇ ମୁନିଙ୍କୁ ଦିଅନ୍ତି କଷଣ । ।୯୩।
କୁଟୀର କରି ଗୋଦାବରୀ କୂଳେ ବିହରେ, ଖୋଜି ସଦା ଆଦିମୂଳେ । ।୯୪।
ଚିନ୍ତି ଦୟା, ରାମ ପଦାରବିନ୍ଦ ପଞ୍ଚାନବେ ପଦେ ରଚିଲା ଛାନ୍ଦ । ।୯୫।

ବିଂଶକରର ସୂର୍ଯ୍ୟବଂଶ ଚରିତ ଶ୍ରବଣ ଓ ଅନରଣ୍ୟ ବଧ

(ରାଗ- କଲ୍ୟାଣ ଆହାରୀ)

ଛାନ୍ଦ - ୨୮

ହିମାଦ୍ରି ନନ୍ଦିନୀ ଯୋଡ଼ି ବେନି ପାଣି ପୁଛନ୍ତି ପଞ୍ଚ ଆନନଙ୍କୁ
ଦଇତ ପୁଙ୍ଗବ ପାଉଁ ପରାଭବ ନ୍ୟାୟେକି ପାଳଇ ଜନଙ୍କୁ
କହନ୍ତୁ- କେଉଁ କାର୍ଯ୍ୟକଲା ତାପରେ,
ସଦାଶିବ ଭଣି ବସି ଗୋସାମଣୀ ଶୁଣ କଳ୍ମଷ ଯିବ ଦୂରେ । ।୧।
ହେବାରୁ ପ୍ରବଳ ଦୈତ୍ୟ ଦୀପ୍ତିବଳ ବିଚାରୁ ମନେ ହେଲା ଆଶ
ହେଲେ ଶୀଘ୍ର ନାଶ ହେବ ସ୍ୱର୍ଗେ ବାସ କିମ୍ପା ହୋଇବି ଅବିନାସ
ଶୀରାମ- ବଂଶ ଧ୍ୱଂସେ ଯିବି, କେ ଅଛି
ମନ୍ତ୍ରୀ ! ବୁଝିଆସ ସମସ୍ତ ସନ୍ଦେଶ ରଣରେ ମୂଳୁ ଦେବା ପୋଛି । ।୨।
ଯାଇଣ ସଚିବ ବୁଝିଆସି ସର୍ବ ରାଜା ଆଗେ କଲେ ପ୍ରକାଶ
ଶୁଣ ଦୈତ୍ୟ ଈଶ ସୂର୍ଯ୍ୟ ବଂଶାଧୀଶ ବଂଶାନୁ ଚରିତ ଆଭାସ
ଭାଷନ୍ତେ - ଶୁଣଇ ଦୈତ୍ୟ କର୍ଣ୍ଣ ଡେ଼ରି,
ପ୍ରଥମେ ସେ ବଂଶେ ମନୁ ନୃପାଧୀଶେ ହୋଇଣଥିଲେ ଦଣ୍ଡଧାରୀ । ।୩।

Digitized by PPRACHIN, SOA

ତାହାଙ୍କ ନନ୍ଦନ ଇକ୍ଷ୍ୱାକୁ ହୋଇଣ ମଣ୍ଡନ କଲେ ରାଜଧାନୀ
ଇକ୍ଷ୍ୱାକୁ ସନ୍ତତି କୁକ୍ଷୀ ନରପତି ବୀରତ୍ୱେ ପାଳିଲେ ମେଦିନୀ
ବିକୁକ୍ଷୀ-ତାହାଙ୍କର ସୁତ ହୋଇଲେ,
ହୋଇ ବଡ଼ ଜ୍ଞାନୀ ପାଳି ରାଜଧାନୀ ଦ୍ୱିଜେ ଭୋଜନ ଦିଆଇଲେ । ।୪।
ବିକୁକ୍ଷୀ ଔରସୁ ବାଣ ନୃପ ଆସୁ ଅନରଣ୍ୟ ପୁତ୍ର ତାଙ୍କର
ସେ ବଡ଼ ପ୍ରତାପୀ ରାଜ୍ୟ ରାଜ୍ୟ ବ୍ୟାପି ବୋଲାନ୍ତି ରାଜ ରାଜେଶ୍ୱର
ଅଛନ୍ତି- ସୂର୍ଯ୍ୟବଂଶରେ ସେ ଶକତା,
ଆହେ ନୃପରାଣ ଭବିଷ୍ୟତ ଶୁଣ ବୁଝ ଯା, କହିଲେ ବିଧାତା । ।୫।
ସୂର୍ଯ୍ୟବଂଶେ ଜନ୍ମ ରାଜା ଅନରଣ୍ୟ ହୋଇଣ ଷଷ୍ଠ ପୁରୁଷରେ
ଧର୍ମକୁ ବିଚାରି ଶାସ୍ତ୍ର ଦେଖି କରି ପ୍ରଜାଙ୍କୁ ପାଳନ୍ତି ତୋଷରେ
ସେଠାରୁ- ପୃଥୁ ଜନ୍ମି ରାଜା ହୋଇବେ,
ପୃଥୁଙ୍କ ଔରସେ ସେ ତ୍ରିଶଙ୍କୁ ବଶେ୍ୟ ସୂର୍ଯ୍ୟବଂଶକୁ ଚଳାଇବେ । ।୬।
ତ୍ରିଶଙ୍କୁ ରାଜାଙ୍କ ପତ୍ନୀ ଗର୍ଭୁ ଏକ ସୁତ ଧୂନ୍ଦୁମାର ବିପ୍ରୃତ୍ତି
ଧୁନ୍ଦୁଙ୍କ କୁମର ଜୀବନାଶ୍ୱ ବୀର ହୋଇବେ ସେ ବଂଶେ ନୃପତି
ତୀର୍ଥରେ - ମୁଣ୍ଡକୁ ମୁଣ୍ଡନ ଦର୍ଶନ,
କରୁ, ସେହିଠାରେ ସଂସାର ମଧରେ ହୋଇବ ତାହା ପ୍ରଚଳନ । ।୭।
ଜୀବନାଶ୍ୱଙ୍କର ହୋଇଣ କୁମର ମାନଧାତା ରାଜା ଜନ୍ମିବେ
ପୃଥିବୀ ମଧରେ ଗଲା ହୋଇ ବୀର ଚକ୍ରବର୍ତ୍ତୀ ସେ ବୋଲାଇବେ
ସୁଗନ୍ଧି - ହେବେ ତାହାଙ୍କର ନନ୍ଦନ,
ତାଙ୍କ ଔରସରେ ଧୃଗନ୍ଧି ମାର୍ଗରେ ପ୍ରଜାପାଳି ହେବେ ବନ୍ଦନ । ।୮।
ଧୃଗନ୍ଧିଙ୍କ ପୁତ୍ର ଜନ୍ମନ୍ତେ ଭରତ ଭରତଙ୍କ ସୁତ ଭୂଧର
ଖଣ୍ଡ ଦଣ୍ଡ ଦୁଇ ତାଙ୍କ ସୁତ ହୋଇ ନାଶ କରିବେ ମହୀଭାର
ସେ ଦଣ୍ଡ, ଗୁରୁ କନ୍ୟା ଯାଇ ହରିବ
ଦଣ୍ଡ ସ୍ୱରୂପରେ ଦଣ୍ଡକ ବନକୁ ଯାଇ ସରଜନା କରିବ । ।୯।
ହରିତାଙ୍କ କନ୍ୟା ଅବ୍‌ଜାବୋଲି ଯା' ନାଁ ଦଣ୍ଡକ ରାଜା ଔରସରୁ
ଜନ୍ମ ହୋଇ ବୀରେ ହରିତ ନାମରେ ଅଯୋଧ୍ୟା ମହୀକୁ ସମ୍ଭାଳୁ
ପିତୃଙ୍କ- ଉଦ୍ଧାର ନିମନ୍ତେ ସେ ଯାଇ,
ଗୟା ତୀର୍ଥ କ୍ଷେତ୍ର ପିଣ୍ଡ ଦେବେ ଗୋତ୍ରେ ଜଗତେ ଶିଖିବାର ପାଇଁ । ।୧୦।

Digitized by PPRACHIN, SOA

ହରିତଙ୍କ ପୁତ୍ର ହରିବୀର୍ଯ୍ୟ ଜୁତ ହରିଶ୍ଚନ୍ଦ୍ର ପୁତ୍ର ତାଙ୍କରି
ମହାଦାନୀ ହୋଇ ରାଜ୍ୟ ଦାନ ଦେଇ ଚଣ୍ଡାଳ ବୃତ୍ତିକୁ ଆଚରି
ଶ୍ମଶାନ - ରକ୍ଷକ ହୋଇଣ ଜଗିବେ,
ରକ୍ଷା ଅର୍ଥେ ବଂଶ ପୁତ୍ର ରୋହିତାଶ୍ୱ ସୁକୀର୍ତ୍ତିରେ ରାଜ୍ୟ ଭୋଗିବେ ।।୧୧।
ରୋହିତାଶ୍ୱ ସୁତ ନୃପତି ଅସିତ ଜନମିଣ ରାଜ୍ୟ ପାଳିବେ
ତାଙ୍କ ପରବଂଶ ସଗର ସ୍ୱବଂଶ ସସାଗରା କୀର୍ତ୍ତି ତୋଳିବେ
ତାଙ୍କର - ଷାଠିଏ ସହସ୍ର ନନ୍ଦନ,
କପିଳ ପ୍ରଚଣ୍ଡେ ଶାପେ, ଅଗ୍ନିକୁଣ୍ଡେ ଦହନେ ହେଲେ ସେ ବନ୍ଦନ ।।୧୨।
ସାଗର ରାଜାଙ୍କ ପୌତ୍ରଙ୍କର ଅଂଶେ ଅଣନାତି ସେ ଭଗୀରଥ
ପତିତ ପାବନୀ ଗଙ୍ଗା ମର୍ତ୍ତ୍ୟେ ଆଣି ପୂର୍ଣ୍ଣ କରିବେ ମନୋରଥ
ତାହାଙ୍କ- ପିତୃକୁଳକୁ ଉଦ୍ଧାରିବେ,
ସେହି ସମୟରୁ ଜାହ୍ନବୀ ଦୟାରୁ ସ୍ନାହାନେ ପାପୀଏ ତରିବେ ।।୧୩।
ଭଗୀରଥ ସୁତ ପୁରଞ୍ଜନ ଗତ ପୁତ୍ର ତାହାଙ୍କର ସୌଦାସ
ଶଙ୍ଖା ସୁଦର୍ଶନ କ୍ରମେ ଅଗ୍ନିବନ ମରୁତ ପରେ ଅମ୍ବରୀଷ
ନହୁଷ-ତାହାଙ୍କର ପୁତ୍ର ହୋଇବେ,
ଧର୍ମ କର୍ମ ସାଧି କରୁ ତୀର୍ଥ ଆଦି ଇନ୍ଦ୍ର ପଦବୀକୁ ପାଇବେ । ।୧୪।
ତା ! ପର ପୁରୁଷେ ଯଯାତି ସେ ବଂଶେ ଜନ୍ମିବେ ନାଭାଗାଙ୍କ ସୁତ
ତାହାଙ୍କ କୋଳରେ ଦିଲ୍ଲୀପ ବଳରେ ଧର୍ମେ ପ୍ରଜା କରୁ ପାଳିତ
ସେ ଧର୍ମୁ - ରଘୁ ଜନ୍ମି ହେବେ ବନ୍ଦନ,
ନାମ ଅନୁଯାୟୀ ପରେ ରଘୁସାଇଁ ବୋଲାଇବେ ରଘୁ ନନ୍ଦନ । ।୧୫।
ରଘୁ ରାଜାଧ୍ୱଜା ସୁତ ଅଜରାଜା ପାଟ ମହିଷୀ ଇନ୍ଦୁମତୀ
ସଙ୍ଗତେ ନେଇଣ ତୀର୍ଥ ପର୍ଯ୍ୟଟନ କରି ପିଣ୍ଡ ଦେଉ ନୃପତି
ସେ ଧର୍ମୁ - ତାହାଙ୍କ କୋଳେ ହେବେ ଜାତ,
ପ୍ରଜା ରଞ୍ଜନ ଶ୍ରୀ- ରାମ ପିତା ଅଣି- ଧାରୀ, ପ୍ରବୀର ଦଶରଥ । ।୧୬।
କୋଶଳ ଦେଶରେ କୌଶଲ୍ୟା ଉଦରେ ଜନମି ପୂର୍ଣ୍ଣ ବ୍ରହ୍ମରାମ
ଧର୍ମ ସଂସ୍ଥାପିବେ ଦଇତ ନାଶିବେ ପୂରିବ ଦେବ ମନସ୍କାମ
ବିଚାରି - ଦେବଙ୍କୁ ଦଣ୍ଡିବା ନ ହେଉ,
ପାଇଲେ ଯନ୍ତ୍ରଣା କରି କୁମନ୍ତ୍ରଣା ରାଘବେ ସାଧିବେଟି ଦାଉ । ।୧୭।

Digitized by PPRACHIN, SOA

ମନ୍ତ୍ରୀ ଠାରୁ ଶୁଣି ଭବିଷ୍ୟତ ବାଣୀ ଭାଳୁ ରାଜା ମୁଣ୍ଡ ବିଭ୍ରମ
ମୁକ୍ତି ନ ମିଳିବ ଏତେ କାଳ ଯିବ ରାମ ହୋଇବାକୁ ଜନମ
ଯେ, ଅଛି ମାରିବି, ମାରୁ ଅବା ଅବା ଧରି,
ପରାଜିତ କଲେ ଥିବି ଅଜାମରେ ଆଉ କେ ନ ପାରିବେ ମାରି ।।୧୮।
ଘେନି ସେନା ସୈନ୍ୟ ବିଶ୍ରବା ନନ୍ଦନ ଅନରଣ୍ୟ ରାଜ ସୌଧରେ
ମାଗେ ଯାଇ ରଣ, ସଦା ମୋ ଶରଣ ହେଲେ ରାଜାଥିବୁ ବୋଧରେ
ମାୟାବି - ମାୟା ଯୁଦ୍ଧେ ବଂଶ ନାଶଇ,
ରାଜନ ବଧରେ ପେଶୁ ଦିବ୍ୟଶରେ ଶରାଘାତେ ରାଜା ଭାଷଇ ।।୧୯।
ବିନା ଦୋଷେ ନାଶ କଲୁ ଯା' ମୋ ବଂଶ ଶାପ ଘେନ ବିଂଶ ଲୋଚନ
ମୋହ ବଂଶ ଶିଷ ନାଶିବ ତୋ ବଂଶ ନିସ୍ତାର ହେବ କଲେ ରଣ
ଅସୁର-ମାୟା ଯୁଦ୍ଧେ ସର୍ବ ନାଶିଲୁ,
ସୂର୍ଯ୍ୟ ଯେବେ ସତ ଚନ୍ଦ୍ର ଯେବେ ସତ ନାଶ ହେବୁ ନିଷ୍ଠେ ଭାଷିଲୁ ।।୨୦।
ଅନରଣ୍ୟ ପୁତ୍ର ଜନ୍ମ ଆଗ ରାତ୍ର ପାଳନେ ଘେନିଥିଲା ଦାସୀ
ଧାତ୍ରୀ କାର୍ଯ୍ୟ ପାଳି ପାଳୁ ସଦା ବାଳୀ ନଥିଲା ରକ୍ଷ ତାକୁ ନାଶି
ପୃଥ୍ୱୀରେ-ପଡୁ ପିତାମାତା ତାହାର,
ମୃତ୍ୟୁ ଲଭିବାରୁ ନାମ ଦେଲେ ଚାରୁ ଦେଖି ପୃଥୁ ବୋଲି ତାହାର ।।୨୧।
ବିଜୟ କରିଣ ରାଜା ଲଙ୍କରାଣ ମୃତ୍ୟୁ ଆଶାଛାଡ଼ି ଫେରିଲା
ରାଜା ଶିଶୁ ପୁତ୍ର ଦାସୀରେ ପାଳିତ ହୋଇ ଦିନୁ ଦିନ ବଢ଼ିଲା
ସେ ବଂଶେ - ଭୂପଗଣ ହୋଇ ଉତ୍ପତ୍ତି ।
ସ୍ୱଧର୍ମ ବିଚାରି ଶାନ୍ତେ ପ୍ରଜା ପାଳି ବିପ୍ର ପୂଜି ହେଲେ ନୃପତି । ।୨୨।
ତ୍ରୟୋବିଂଶ ପଦ ପୂରଣ ଏ ଛାନ୍ଦ ସାଧୁବୃନ୍ଦ ପ୍ରେମ ପସରା
ଚିନ୍ତେ ଦୟାନିଧି କରୁଣା ବାରିଧି ଶିବ କୋଦଣ୍ଡ କାଣ୍ଡହରା
ଯେ ରାମ - ଖଣ୍ଡନ୍ତି ସକଳ କଲ୍ମଷ,
ଜନ୍ମ ଜନ୍ମାନ୍ତରେ ଦାସତ୍ୱ ଭାବରେ ପଦାବ୍ଜେ ଆଶାକରେ ଦାସ ।।୨୩।

ଭୋଜନ ସମୟ ହେଲେ ଭଜନରେ ମନ ।	ନରହେ କହିଅଛନ୍ତି ସଦା ସାଧୁଜନ ।।
ବର୍ତ୍ତମାନ କାଳରାତ୍ରି ଗ୍ରାସ କରି ଆସେ ।	ରାମ ଦରବାର ବନ୍ଦ ହୋଇବ ବିଦୂଷେ ।।
ଠାକୁର ଦୟାରୁ ରାମ ରାତ୍ରି ପାହିଗଲେ ।	ଦର୍ଶନ କରିବ ମୁଖ ଦୟାନିଧି ବୋଲେ ।।

Digitized by PPRACHIN, SOA

ସଗରବଂଶ ଉତ୍ପତ୍ତି ଉପାଖ୍ୟାନ

(ରାଗ-କଳସା)

ଛାନ୍ଦ - ୨୯

ଏଥୁଅନ୍ତେ ହୈମବତୀ ପୁଚ୍ଛୁ ସଦାଶିବ ପୁରାଣ ଆଦ୍ୟେ ହୃଦୟେ ଚିନ୍ତିଣ ରାଘବ । ।୧।
ସନ୍ଦେହ ଫେଡ଼ିଣ ସର୍ବ କହିଯେ ବସନ୍ତି ହିମାଦ୍ରି ନନ୍ଦିନୀ ସେଥି ହରଷେ ଭାଷନ୍ତି । ।୨।
ପୁରୁବେ ସଗର ନାମେ ସୂର୍ଯ୍ୟବଂଶ ରାଜା ଭୂଥଖଣ୍ଡ ମେଦିନୀରେ ପାଏ ଦିବ୍ୟ ପୂଜା । ।୩।
ସବ୍ୟ ବୈଧବ୍ୟା ନାମେତ ବେନି ପ୍ରିୟବତୀ ପୁତ୍ରାଶେ ଭୂପତି ସହ ଦୁର୍ବାସା ସେବନ୍ତି । ।୪।
ପ୍ରିତ ହୋଇ ତପଶୀଳ ଯାଚିଦେଲେ ବର ମହାଯୋଗ କର ନୃପ ହୋଇବ କୁମର । ।୫।
ଯାଗଚରୁ ପାଉ ରାଣୀ ହେବେ ଗର୍ଭବତୀ ଶୁଣି ବିପ୍ର ଡ଼ାକି ରାଜା ଯାଗକୁ କରନ୍ତି । ।୬।
ବେନି ରାଣୀ ଚରୁଭୋଗେ ହେଲେ ଗର୍ଭବାସ ଦିନୁଦିନ ଗର୍ଭ ବଢ଼ି ହେଲା ଦଶମାସ । ।୭।
ସବ୍ୟା ଉଦରୁ ପ୍ରସବ ହେଲା ଦିବ୍ୟସୁତ ବୈଧବ୍ୟା ଗର୍ଭୁ ଅଣ୍ଡାଏ ହୋଇଲା ସମ୍ଭୂତ । ।୮।
ଅଣ୍ଡାଫାଟନ୍ତେ ଷାଠିଏ ସହସ୍ର ନନ୍ଦନ କ୍ଷୀଣ ଶରୀର ତାଙ୍କର ଯବ ପରିମାଣ । ।୯।
ଋଷି ବରେ ଘୃତକୁଣ୍ଡେ ବଢ଼ନ୍ତେ ଶରୀର ବଳବନ୍ତ ଦୀପ୍ତିମନ୍ତ ହୋଇଲେ କୁମର । ।୧୦।
ପିତୃଅଂଶେ ଅସମଂଜ ହେଉ ବଳବାନ ଯଥା କାଳେ ବିଭାଦେଲେ ସଗର ରାଜନ । ।୧୧।
ଅସଂମଜ ଔରସରୁ ଜାତ ଅଂଶୁମାନ ପୁତ୍ରନାତି ଘେନିରାଜ୍ୟ ପାଳନ୍ତି ରାଜନ । ।୧୨।
ସେହି ଅସମଂଜଦିନେ ବଳ ପରୀକ୍ଷାରେ ବୈଧବ୍ୟାସୁତ ସାନୁଜେ ଫିଙ୍ଗନ୍ତେ ଗଙ୍ଗାରେ । ।୧୩।
ଶୁଣିତା ସଗର ରାଜା ହୋଇ କ୍ରୋଧାନ୍ୱିତ ବିତାଡ଼ିତ କଲେ ଅସମଂଜକୁ ତୁରିତ । ।୧୪।
ବୈଧବ୍ୟା ସୁତକୁ ଯୁଦ୍ଧ ବିଦ୍ୟା କରୁ ଦାନ ଜଗତେ ଅଜୟ ବୀର ସେ ହେଲେ ଗଣନ । ।୧୫।
ସ୍ଥିରକଲେ ଭୂପଦିନେସୁତେ ରାଜ୍ୟ ଦେଇ ସ୍ୱର୍ଗ ବିଭୋଗ ବୈଭୋଗେ ଯିବେ ନୃପସାଇଁ ।।୧୬
ପୁତ୍ରେଡ଼ାକିଣ ଭାଷନ୍ତି ଅଶ୍ୱମେଧ ଯାଗ ଋଷିଡାକି କରାଇବି ଦେଇ ହବିର୍ଭାଗ । ।୧୭।
ଯାଗ, ବଳି ଶ୍ୱେତହୟେ, ଦେଇ କି ପାରିବ ପୁତ୍ରର କର୍ତ୍ତବ୍ୟ ହେବ ମୋ ବାଞ୍ଛା ପୂରିବ । ।୧୮।
ନନ୍ଦନେ ଶୁଣି କାର୍ପଣ୍ୟେ ପୁଚ୍ଛନ୍ତି ରାଜନେ ଏ ଯାଗ ତୁରଙ୍ଗ ଲବ୍‌ଧ ହେବ କେଉଁସ୍ଥାନେ । ।୧୯।
ଇନ୍ଦ୍ରର ବାହନ ସେ ଯେ ରୁଦ୍ର ଗିରି ତଟେ ରଖି ଜଗାଇଛି ଇନ୍ଦ୍ର ସଇନ ଆକଟେ । ।୨୦।
ନମିଳଇ ଆନେ ତାହା ଶକ୍ରର ସେ ଅଶ୍ୱ ଆଣିକି ପାରିବ ତାହା କରୁଛ ସାହସ । ।୨୧।
ସୂଚନା ପାଉ ନନ୍ଦନେ ପ୍ରତିଜ୍ଞା କରିଣ ଅଶ୍ୱ ଆଣିବା ଆଶାରେ କରିଲେ ଗମନ । ।୨୨।
ରୁଦ୍ର ଗିରି ତଟୁ ଯାଇ ଅଶ୍ୱକୁ ଆଣିଲେ ଯାଗାଶ୍ୱ ଦେଖି ଭୂପତି ହରଷିତ ହେଲେ । ।୨୩।
ଡ଼କାଇଲେ ଉପାଧ୍ୟାୟ ସିଦ୍ଧ ବିପ୍ରଗଣ ବସି ଯାଗ, ଦିନ ସ୍ଥାନ କଲେ ନିରୂପଣ । ।୨୪।
ବିନ୍ଧ୍ୟଗିରି ହିମଗିରି ଆଭ୍ୟନ୍ତର ଦେଶ ଆର୍ଯ୍ୟାବର୍ତ୍ତ ନାମେ ଖ୍ୟାତ ଯା ନାମ ପ୍ରକାଶ ।।୨୫।
ଯାଗ ସ୍ଥାନେ ସେ ପ୍ରଶସ୍ତ ହେତ ସ୍ଥିରକରି ମୁଖଶାଳା କରାଇଲେ ଶାର୍ଦ୍ଧିକୀ ହକାରି । ।୨୬।

Digitized by PPRACHIN, SOA

ରାଜ୍ୟ ରକ୍ଷା କାର୍ଯ୍ୟେ ପାଟ ରାଣୀସୁତ ସୁତ ଅଂଶୁମାନଙ୍କୁ ତକାଇଁ କରିଲେ ନିଯୁକ୍ତ । ।୨୭।
ରାଜ ସୌଧୁ ସର୍ବଦ୍ରବ୍ୟ ଅଣାଇଣ ତହିଁ ଅଧ୍ୱରାସରେ ଦୀକ୍ଷିତ ହେଲେ ନରସାଇଁ । ।୨୮।
ଷାଠିଏ ସହସ୍ର ସୁତ ଉଭା ହୋଇଛନ୍ତି ନାନାଦି କାର୍ଯ୍ୟେ ନୃପତି ନିଯୁକ୍ତି କରାନ୍ତି । ।୨୯।
ଯାଗ ତୁରଙ୍ଗ ରକ୍ଷଣେ କେତେକ ପ୍ରେରଣ କରିଲେ, ଶିରରେ 'ଲେଖ' ବାନ୍ଧି ନୃପରାଣ । ।୩୦।
ଫେରିଲା ଶୁଭରେ ଅଶ୍ୱ ବୁଲିଣ ଧରିତ୍ରୀ ଯାଗେ ଅଶ୍ୱବଳି ଦେବା ପୂର୍ବଦିନ ରାତ୍ରି । ।୩୧।
ସ୍ୱର୍ଗେ ଶଚୀଈଶ ନିଜ ଆସନ ଭୟରେ ପ୍ରୋକ୍ଷଣୀ ଅଶ୍ୱ ହରିଲେ ରାତ୍ରେ କପଟରେ । ।୩୨।
କପିଳ ମୁନି ଆଶ୍ରମେ ପାତାଳେ ବାନ୍ଧିଲେ ସୁ-ପ୍ରଭାତ ହେଉ ରାଜା ଅଶ୍ୱ ଆଣିଗଲେ । ।୩୩।
ଅଶ୍ୱ ନ ପାଇ ବିପ୍ରଙ୍କୁ ପୁଚ୍ଛନ୍ତି ନୃପତି କରିବା' କି ପ୍ରତିକାର କୁହ ସର୍ବେ ଚିନ୍ତି । ।୩୪।
ଯଜ୍ଞଶାଳେ ରଜନୀରେ ଅଶ୍ୱ ବନ୍ଧା ଥିଲା କେ ଦୁଷ୍ଟ ରିଷ୍ଟ ମନାସି ସେ ଅଶ୍ୱ ହରିଲା । ।୩୫।
ବିମର୍ଷେ ଭାଷିଲେ ସୁତେ ଯାଗ ଗଲା ନାଶ ଅସମ୍ପୂର୍ଣ୍ଣ ହେଲା ସର୍ବ ନ ପୂରିଲା ଆଶ । ।୩୬।

ବନର ନାମ

ପିତାଙ୍କ ଠାରୁ ନିଷ୍ଠୁର ବାଣୀ ଶୁଣି ସୁତେ ଅଶ୍ୱକୁ ଖୋଜନ୍ତି ଯାଇ ନାନାଦି ବନସ୍ତେ । ।୩୭।
ହେମକୂଟ, ଚିତ୍ରକୂଟ, ପଦ୍ମମଣି କୂଟ ସର୍ବେମିଳେ ଅଶ୍ୱ ଖୋଜନ୍ତି କରିଣ ସଂପୂଟ । ।୩୮।
ଋଷ୍ୟମୂକ, ନୀଳଗିରି, ପଞ୍ଚଶିଖ ଶୈଳ ରୋହିଣାଦି, ମୁବଳୟା ଠାରୁ ରୁକ୍ଷାଚଳ । ।୩୯।
କୈଳାସ, ଧଉଳି, ଆଦି ଏକାମ୍ର କାନନ ନମିଳିଲା କେଉଁଠାରେ ଅଶ୍ୱର ସନ୍ଧାନ । ।୪୦।
ନ ପାଇ ଦୁଃଖେ ପାତାଳେ ଯିବାକୁ ମନାସି ମୃତ୍ତିକା ଖୋଳି ଭକ୍ଷନ୍ତି ସର୍ବେ ଅହର୍ନିଶି । ।୪୧।
ଖୋଳୁ ଖୋଳୁ ତିନିଭାଗ ରସା ହେଲା ଶେଷ ତଥାପି ଅଶ୍ୱର କିଛି ନ ପାନ୍ତି ସନ୍ଦେଶ । ।୪୨।
ଏଣେ ସ୍ଥିତି ରକ୍ଷା ଚିନ୍ତି ସୁରେ ମାନସରେ ଭାଷନ୍ତି ଅଶ୍ୱ ପାତାଳେ ଯାଅ, ଏ ବିବରେ । ।୪୩।
ଶୁଣି ସଗର ନନ୍ଦନେ ବିବରେ ପଶିଲେ କପିଳ ଋଷି ଆଶ୍ରମେ ଯଜ୍ଞାଶ୍ୱ ଭେଟିଲେ । ।୪୪।
ଦେଖନ୍ତି ତାପସ ଅଷ୍ଟ ଯୋଗରେ ମଗନ ଅଶ୍ୱବାଗ ରଜ୍ଜୁ ମୁନି କଟିରେ ବନ୍ଧନ । ।୪୫।
କ୍ରୋଧେ ପ୍ରକମ୍ପିତ ହୋଇ କମ୍ପାଇଣ ହିଆ କହନ୍ତି ମିଛେ ତପରେ ବସିଅଛୁ କିଆଁ । ।୪୬।
ଖଣ୍ଡବୃତ୍ତି ସାଜି କପଟରେ ଅଶ୍ୱ ହରି ପିତାଙ୍କ କାମନା ବ୍ୟର୍ଥ କଲୁ ତପଚାରୀ । ।୪୭।
ମୁନି ମାନସ ପରମ ପଦେ ଅଛି ଦୃଢ଼ ନ ଶୁଣନ୍ତେ ସୁତେ ମଉଗର୍ବେ ଦେଲେ ମାଡ଼ । ।୪୮।
କେ ଭିଡ଼ଇ ଦାଢ଼ି କେହୁ ଭିଡ଼େ ଥୋଡ଼ କର୍ଣ୍ଣ ପିଡ଼ା ପାଇ ଭଗ୍ନହେଲା ତପୀ ଯୋଗାସନ । ।୪୯।
ଦେଖୁ ଭାଷନ୍ତି କିମ୍ପାଇ ଯୋଗକଲ ନାଶ ଅବିଚାରେ ଦେଲ ଦଣ୍ଡ ଅଙ୍ଗହେଲା ତ୍ରାସ । ।୫୦।
ବୋଲୁ ବୋଲ କୋପୁ କପାଳରୁ ହୁତାଶନ ଉତ୍ପତ୍ତି ହୋଇ ବ୍ରହ୍ମାଗ୍ନି କରିଲା ଦହନ । ।୫୧।
ପ୍ରାଣଭିକ୍ଷା କରି ସର୍ବେ ପଶନ୍ତି ଶରଣ କୋପଶାନ୍ତ କରିଣ ଭାଷନ୍ତି ତପୋଧନ । ।୫୨।
ପ୍ରତିଶୋଧରେ ଦଣ୍ଡିବା ଇଚ୍ଛା ମୋ ନାହିଁତ ଯେଣୁ ଆମ୍ଭେ ତପଶୀଳ ସଦା ଶାନ୍ତଚିତ୍ତ । ।୫୩।
ନିତ୍ୟ କର୍ତ୍ତାଙ୍କୁ ଚିହ୍ନନ୍ତି ସେ ଜଗତ ଉତ୍ପନ୍ନ କିଏ ତେବେ ମୋହତ ନ ଯେନି କାରଣ । ।୫୪।
ତଥାପି ତୁମ୍ଭର ତ୍ରୁଟି ଯେନି ଦେଲି ବର ତ୍ରୁଟି ନାଶ ନ ହୋଇବ ଦହନ୍ତେ ଶରୀର । ।୫୫।

Digitized by PPRACHIN, SOA

ନିକଟେ ଦେଖନ୍ତି ଅଶ୍ୱ କରିଚେ ବନ୍ଧନ   ଯୋଗରେ ବସୁ ଜାଗିଲେ ସର୍ବ ତପୋଧନ । ।୫୬।
ଦେବତାଙ୍କର ଏ କୂଟ କେ ପାରିବ ରଖି   ନାଶନ୍ତେ ତାହାଙ୍କୁ ଅଶ୍ୱ ସ୍ୱର୍ଗେଥିଲେ ଦେଖି । ।୫୭।
ପୁଣି ବଦନ୍ତି ଗୌରୀଙ୍କୁ ଦେବ ପଞ୍ଚାନନ   ଏପରି ସଗର ପୁତ୍ରେ ହୁଅନ୍ତେ ଦହନ । ।୫୮।
ଏଣେ ସନ୍ଦେଶ ନ ପାଇ ବିବ୍ରତ ନୃପତି   ପୁତ୍ର ଅନ୍ୱେଷଣେ ନାତି, ସଇନେ ପଠାନ୍ତି । ।୫୯।
କେଉଁଠାରେ କି ଆପଦ, ବା ବିପଦ ହେଲା   ନ ଫେରିଲେ ପୁତ୍ରେ କିମ୍ବା ଜଣାଉ ନଗଲା । ।୬୦।
ପିତୃକାର୍ଯ୍ୟେ ମିଶି ସର୍ବେ ଖୋଜିଣ ବୁଲନ୍ତି   ନାରଦ ବାକ୍ୟେ ପାତାଳେ ପ୍ରବେଶ ହୁଅନ୍ତି । ।୬୧।
ଦେଖନ୍ତି ପିତୃ ଦହନ ଯାଗାଶ୍ୱ ବନ୍ଧନ   ଅଶ୍ୱକୁ ନେଇ ଋଷିଙ୍କୁ ମାଗନ୍ତେ କାରଣ । ।୬୨।
ବୁଝାଇ କହନ୍ତି ତପୀ ଶୁଣ ବସି ସର୍ବେ   ଗଙ୍ଗା ଆସନ୍ତେ ଏ ବଂଶୁ ମୁକତି ଲଭିବେ । ।୬୩।
ଯାଗ. ଅଶ୍ୱ,ସେନା ନେଇ ଦୁଃଖେ ଅଂଶୁମାନ   ପିତାମହଙ୍କ ପାଦେଯେ କରନ୍ତି ବର୍ଣ୍ଣନ । ।୬୪।
କୂଟ ପାଳିଣ ବିଡୌଜା ଅଶ୍ୱ ହରିନେଲା   ପାତାଳେ କପିଳ ଋଷି ଆଶ୍ରମେ ବାନ୍ଧିଲା । ।୬୫।
ପିତାଏ ଅଶ୍ୱ ଖୋଜନ୍ତି ନ ପଡ଼େ ପଲକ   ଗିରି କନ୍ଦର ସହିତ ଉର୍ଦ୍ଧ ସପ୍ତଲୋକ । ।୬୬।
ନ ପାଇ ପାତାଳେ ଯିବା ସଂକଳ୍ପିମନରେ   ଖନନ କରି ମୃତ୍ତିକା କ୍ଷେପନ୍ତି ଉଦରେ । ।୬୭।
କୂଟ କରିଣ ଦେବତା ରସା ରକ୍ଷା ପାଇଁ   ମାର୍ଗ ଦେଖାଇ ପାତାଳେ ଦେଲେ ସେ ପଠାଇ ।।୬୮।
ଯୋଗାସନେ ଥିଲେ ଋଷି ପିତା, ଏହି କାଳେ   ଅଶ୍ୱ ଦେଖି କୋପେ ଦଣ୍ଡ ଦେଲେ ତପଶୀଳେ ।।୬୯।
କୋପେ ଋଷି ବ୍ରହ୍ମାଗ୍ନିରେ ହୁଅନ୍ତି ଦହନ   ଗଙ୍ଗା ଆଗମନେ ଅଗ୍ନି ଲିଭିବେ ବହନ । ।୭୦।
ଉଦ୍ଧାର ହୋଇବେ ଜୀବ ତିନି ଜଗତରେ   ଶୁଣ୍ତୁ ନୃପେ କଷ୍ଟ ହେଲା ବହୁ ପରକାର । ।୭୧।
ପିତାର ପିଣ୍ଡକୁ ମୋକ୍ଷ କରନ୍ତି ଯେ ପୁତ୍ର   ପୁତ୍ର ପିଣ୍ଡ ଉଦ୍ଧାର କାର୍ଯ୍ୟରେ ହେବି ରତ । ।୭୨।
ଉପାଧି ହୋଇଲା ବ୍ୟାଧି ପୁଣ୍ୟ ଯଶ ଗଲା   ଦୁଃଖେ ବଳି ଅଶ୍ୱନେଇ ପୂର୍ଣ୍ଣାହୁତି କଲା ! ।୭୩।
ପୁତ୍ର କଷ୍ଟେ ରାଣୀ ନେଇ ଯାଗ ତପବଳେ   ସ୍ୱର୍ଗାରୋହଣ ସେ ନୃପ କରିଲେ ବିକଳେ । ।୭୪।
ରାଜଧର୍ମେ ଅଂଶୁମାନ କରନ୍ତେ ରାଜୁତି   ରାଜା ଅନ୍ତେ ଅଶ୍ୱବନ୍ତ ହୋଇଲେ ନୃପତି । ।୭୫।
ଅଶ୍ୱବନ୍ତଙ୍କର ସୁତ ଦିଲୀପ ହୋଇଲେ   ମହା କୀର୍ତ୍ତିମାନ ଚକ୍ରବର୍ତ୍ତୀ ବୋଲାଇଲେ । ।୭୬।
ଦିଲୀପ ପୁଣ୍ୟବଳରୁ ଶିବ ବରେ ଜାତ   ହୁଅନ୍ତେ ତନୟ କୁଳେ ନାମ ଭଗୀରଥ । ।୭୭।
ଧର୍ମକାର୍ଯ୍ୟେ ରତ ହେଉ ହୋଇଲେ ନୃପତି   ପୁତ୍ର ସମ ପ୍ରଜାଗଣେ ପାଳନ କରନ୍ତି । ।୭୮।
ଦିଗଭ୍ରମୁ ଭଗୀରଥ ଦେଖିଲେ ନେତ୍ରର   ଚୌରାଶୀ ଲକ୍ଷ ଯୁଗ ସିନ୍ଧୁ ନାହିଁ ନୀର । ।୭୯।
ପୁଚ୍ଛନ୍ତେ ସଚିବେ ଆସି ଏହାର କାରଣ   କିମ୍ବା ହତଶିରୀ ସିନ୍ଧୁ କୁହ ବୁଝାଇଣ । ।୮୦।
ଏ କାହାର କୀର୍ତ୍ତି କୁହ ଅପ୍ରତିଷ୍ଠା ହୋଇ   ଜଳ ଶୂନ୍ୟେ ଏଡ଼େ ସ୍ଥାନ ପଡ଼ିଅଛି ରହି । ।୮୧।
ବୃଷ୍ଟି ଏଠାରେ କି ବାରି କରେ ନାହିଁ ଇନ୍ଦ୍ର   ଜଣାଥିଲେ କୁହ ସର୍ବନାଶ ହେଉ ଦ୍ୱନ୍ଦ୍ୱ । ।୮୨।
ରାଜାଙ୍କ ପ୍ରଶ୍ନେ ସଚିବ ପୂର୍ବର ଚରିତ   ପ୍ରକାଶୁ ଶୁଣନ୍ତି ଭଗୀରଥ ଆଦି ଅନ୍ତ । ।୮୩।
ଏହା ତୁମ ପୂର୍ବ ବଂଶୀ ସଗରଙ୍କ କୀର୍ତ୍ତି   ସାଗର ନାମିତ କରିଛନ୍ତି ପ୍ରଜାପତି । ।୮୪।
ବାରିଧର ବାରିଦାନେ ପୂର୍ଣ୍ଣ ହେଉଥାନ୍ତି   ନଦ ନଦୀମାନେ ବହି ତା ଗର୍ଭେ ମିଶନ୍ତି । ।୮୫।

Digitized by PPRACHIN, SOA

ଏଣୁ ସେ ସପତ ସିନ୍ଧୁ ନୀରେ ସଦା ଭରା ସୁ, ସୁ ଶବଦେ, ଲହରୀ ଦିଅଇ ପ୍ରହରା । ।୮୬।
ଅଗସ୍ତି ତାପସ ସଙ୍ଗେ ଦିନେ କୁମ୍ଭଋଷି ସ୍ନାନାର୍ଥେ ସିନ୍ଧୁ କୂଳରେ ପ୍ରବେଶିଲେ ଆସି । ।୮୭।
ଋଷିପୁତ୍ର ଋଷି ସ୍ନାନେ ଦେବାର୍ଚ୍ଚନ କରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତି ସ୍ୱ ନାମ ଉଚ୍ଚାରି । ।୮୮।
ଏ ସମୟେ ଲହରୀଏ ହୋଇ ଉତପାତ ସିନ୍ଧୁ କୂଳୁ ସିନ୍ଧୁ ମଧେ ନେଲା ତପୋବନ୍ତ । ।୮୯।
ପିତାଙ୍କୁ ସ୍ମରି ଅଗସ୍ତି ହେଲେ କମ୍ପମାନ କୋପେ ବିଶ୍ୱମୂର୍ତ୍ତି ଅଙ୍ଗ କରିଲେ ଧାରଣ । ।୯୦।
ବିଶ୍ୱମୂର୍ତ୍ତି ହସ୍ତ ପାତୁ ସପ୍ତସିନ୍ଧୁ ଜଳ ଗଣ୍ଡୁଷେକ ପ୍ରାୟେଆସି ସର୍ବେ ହେଲେ ଠୁଳ ।।୯୧।
ଓଁ କାର ଉଚ୍ଚାରି କୋପେ ଗର୍ଭେ ନିକ୍ଷେପିଲେ ଆପ୍ୟାୟିତ ହୋଇ ସିନ୍ଧୁ ଗର୍ଭେ ସମ୍ଭାଇଲେ ।।୯୨।
ନଦନଦୀ ଗଣ ସେଥି ଭୟେ ଲେ୍ୟପ୍ୟହେଲେ ସ୍ରଷ୍ଟାଙ୍କ କମଣ୍ଡଳୁରେ ଗଙ୍ଗା ବିହରିଲେ । ।୯୩।
ବର୍ଷାକାଳେ ବୃଷ୍ଟିପାତେ ଯେ ଜଳ ଆସଇ ମୁନି କୋପ ବାଡ଼ବାଗ୍ନି ସେନୀର ଶୋଷଇ । ।୯୪।
ପାରିଲେ ଉଦ୍ଧାର ପିତୃକୁଳ ଗଙ୍ଗା ଆଣି ପୂରଣ ହେଉ ସପତ ସାଗର ସେ ପାଣି । ।୯୫।
ଜାନକୀ ବଲ୍ଲଭ ପଦ୍ମପାଦେ ରଖି ଆଶ ଛୟାନବେ ପଦେ କହେ ଦୟାନିଧି ଦାଶ । ।୯୬।

ଭଗୀରଥ ପିତୃକୁଳ ଉଦ୍ଧାରଣାର୍ଥେ ସ୍ତବ ଓ ଗଙ୍ଗାଙ୍କ ଆଗମନ

(ରାଗ- କାମୋଦୀ)

ଛାନ୍ଦ - ୩୦

ଦିନେ ପୁରେ ପାର୍ବତୀ ଭାଷନ୍ତେ ପଶୁପତି ବଦନ୍ତି ଭଗୀରଥ କୀର୍ତ୍ତି
ସଂସାର ହିତ ଚିନ୍ତି ଗଣେଶ ସରସ୍ୱତୀ ବସିସେ ଚରିତ୍ର ଲେଖନ୍ତି
ହେ, ସାଧୁଜନେ !
କିଲ୍ବିଷ କ୍ଷୁଧାକୁ ଏ ସୁଧା,
ଜ୍ଞାନେ ଜପ, କରି ମସୁଧା,
ରଘୁକୁଳ ମଣ୍ଡନ କଥା ଶୁଣ ଖଣ୍ଡନ ହୋଇବ ଯମଦଣ୍ଡ ବାଧା ।
ହେ ସାଧୁଜନେ ।୧।
ଭଗୀରଥ ଚିନ୍ତାରେ ଲେଉଟି ନିଜପୁରେ ସଚିବେ ଦେଇ ରାଜ୍ୟଭାର
ମାତାଙ୍କ ପଦେ ବନ୍ଦି ବୋଲେ ନହେବ ଦ୍ୱନ୍ଦି ପିତୃଙ୍କୁ କରିବି ଉଦ୍ଧାର
ଗୋ, ଗର୍ଭଧାରୀ !
ମର୍ତ୍ତ୍ୟେ ଅଣାଇ ଗଙ୍ଗା ବାରି,
ଫେରିବି ପିତୃକାର୍ଯ୍ୟ ସାରି,
ଦିଅ ଶୁଭେ ଆଶିଷ ଶିରେ ରହିଲେ ଯଶ ଘୋଷିବେ ଜନେ ନାମ ସ୍ମରି ।
ଗୋ ଗର୍ଭଧାରୀ ।୨।

Digitized by PPRACHIN, SOA

ଘେନି ମାତା ଆଶିଷ ତପେ ଦିଲୀପ ଶିଷ୍ୟ ପ୍ରବେଶ ବୈତରଣୀ ତଟେ
ନବଖଣ୍ଡ ମେଦିନୀ ମଧ୍ୟରେ ଯେ ଅଗ୍ରଣୀ ବୈକୁଣ୍ଠ ଦ୍ୱାରା ଯା, ପ୍ରକଟେ
ହେ ସୁଜ୍ଞଜନେ !
ଗୋ, ଦୈତ୍ୟ ନାଶି କାଶୀବାସୀ,
ଗୋ, କର୍ଣ୍ଣ ନାମ ଦେଲେ ରସି,
ଖଣ୍ଡକେଶ୍ୱର ନାମେ ବିରଜା ଚଣ୍ଡୀ ବାମେ ଶିବଲିଙ୍ଗ ମଥାରେ ଶଶୀ
ହେ ସୁଜ୍ଞଜନେ । ।୩।

ଦେଖି ସୁସଞ୍ଚ ସ୍ଥାନ ଅଙ୍ଗ ମାର୍ଜନା ସ୍ନାନ ସାରି ଆନନ୍ଦେ ରାଜବଳା
ଯୋଗାସନକୁ ରଚି ଧ୍ୟାନେ ଡ଼ାକି ବିରଞ୍ଚି କଠୋର ତପକୁ ସାଧିଲା
ହେ ସୁଜ୍ଞଜନେ !
ଟଳନ୍ତେ ଧାତାଙ୍କ ଆସନ,
ଆରୋହୀ ମରାଳ ବାହନ
ପୁଚ୍ଛନ୍ତି କି କାରଣେ ତପକର ଏ ସ୍ଥାନେ ବସି ଯା ଇଚ୍ଛା ବର ଘେନ,
ହେ ଭଗୀରଥ । ।୪।

ଶୁଣି କରି ବନ୍ଦନ ଭାଷେ ରାଜ ନନ୍ଦନ ପଡ଼ିଣ ଚରଣ କମଳେ
ଗଙ୍ଗା ଦିଅନ୍ତୁ ଭାବି ପିତୃ ଉଦ୍ଧାରେ ନେବି ଯାହା ରଖିଛ କମଣ୍ଡଳେ
ହେ ପରମେଷ୍ଠି !
ବଦନ୍ତି ବ୍ରହ୍ମା ସେହିସ୍ଥାନେ,
ପୂଜ ହେ ବିଷ୍ଣୁଙ୍କ ଚରଣେ,
ବାମନ ଅବତାରେ ଗଙ୍ଗା ବିଷ୍ଣୁ ପଦରେ ଢ଼ାଳୁ ରହିଲେ ନଖ କୋଣେ
ହେ ଭଗୀରଥ । ।୫।

ସ୍ରଷ୍ଟାଙ୍କ ବାଣୀ ଶୁଣୁ ବିଷ୍ଣୁଙ୍କ ନାମ ଗୁଣୁ ଏକାଗ୍ର ଚିତ୍ତେ ଭଗୀରଥ
ବୈନତେୟ ଅରୋହ ଆସନ୍ତି ଭାଗଗ୍ରାହୀ ସଙ୍ଗରେ କମଳିନୀ ସ୍ଥିତ
ସେ ନାରାୟଣ !
କୌମୋଦୀ,ଗଦା, ଚକ୍ର କରେ
କମ୍ବୁ, କମଳ ବାମକରେ,

ଟୀକା : ପଦ ୩- ନବଖଣ୍ଡ ମେଦିନୀ : ଜମ୍ବୁ ଦ୍ୱୀପର ଭାରତକୁ ନବଖଣ୍ଡ ମେଦିନୀ ବା ଭାରତ ବର୍ଷ କୁହାଯାଏ । ଯଥା: ୧-ଭାରତ ଖଣ୍ଡ । ୨-ଇଳା ଖଣ୍ଡ । ୩-କିଂପୁରୁଷ ଖଣ୍ଡ । ୪-ଭଦ୍ର ଖଣ୍ଡ ।୫-କେତୁ ଖଣ୍ଡ । ୬-ହରିତ ଖଣ୍ଡ । ୭-ହିରଣ୍ୟ ଖଣ୍ଡ । ୮-ରମ୍ୟ ଖଣ୍ଡ । ୯-ପୁଷ୍କ ଖଣ୍ଡ ।

Digitized by PPRACHIN, SOA

ଅଙ୍ଗେ ପୀତ ବସନ, ହୃଦେ ଶ୍ରୀବତ୍ସ ଚିହ୍ନ କିରୀଟୀଳ କଙ୍କଣ କରରେ

ସେ ନାରାୟଣ । ।୬।

ଉତ୍ତରୀ ବକ୍ଷସ୍ଥଳ କଣ୍ଠେ କୌସ୍ତୁଭ ମାଳ କପାଳେ ମୃଗମଦ ଚିତ୍ର

କୁଞ୍ଚିତ କେଶ ଶିରେ ଦୟଣା କଳିକାରେ ସଜା, ରଙ୍ଗାଧର ଶୋଭିତ

ସେ ପୀତବାସ !

ସ୍ମିତହାସ୍ୟ ବଦନ ଦେଖି,

ମୁଦିଲେ ଭଗୀରଥ ଆଖି

ବଦନ୍ତି ନାରାୟଣ, କି କାରଣେ ସ୍ମରଣ, ପ୍ରକାଶ କଲୁଷ ନରଖି

ହେ ଭଗୀରଥ । ।୭।

ଭଗୀରଥ ଭାଷଇ ଶୁଣନ୍ତୁ ଭାବଗ୍ରାହୀ କପିଳ ଋଷି କୋପାନଳେ

ହେଉଛନ୍ତି ଦହନ ମୋହର ପିତୃଗଣ ଉଦ୍ଧାର ହେବେ ଗଙ୍ଗାଗଲେ

ହେ ଚକ୍ରଧର !

ସ୍ୱୟମ୍ଭୁ ପଦେ କରୁଁ ଧ୍ୟାନ,

ପେଶିଲେ ତବ ସନ୍ନିଧାନ,

ଗଙ୍ଗାଙ୍କୁ ଆଦିମୂଳ ଦେଇ ମୋ' ପିତୃକୁଳ ଉଦ୍ଧାର ଘେନି ନିବେଦନ

ହେ ଚକ୍ରଧର ! । ।୮।

ଅଧିକ ବରେ ଆଉ କାର୍ଯ୍ୟେ ହେ ମହାବାହୁ ନାହିଁ ଏତିକି ମାତ୍ର ଦେବେ

ତାହା ଶୁଣି ହସିଣ ବୋଲନ୍ତି ନାରାୟଣ ସ୍ମରଣ କରଯାଇ ଶିବେ

ହେ ଭଗୀରଥ !

ଗଙ୍ଗାଥିଲେ ମୋ ନଖମୂଳେ,

ସିନ୍ଧୁ ମନ୍ଥନ ହେବା କାଳେ

ଖୁଆଦଣ୍ଡ ମନ୍ଦର ବାସୁକି ରଜ୍ଜୁଧର ପ୍ରାସରେ ବିଷ ଉଦ୍‌ଗାରିଲେ

ହେ ଭଗୀରଥ । ।୯।

ସେ କାଳାନଳ ବିଷ ପୃଥିବୀ କରୁ ଗ୍ରାସ ଅମରେ ରୁଦ୍ରେ କଲେ ଧ୍ୟାନ

ନଚିନ୍ତି ପଞ୍ଚାନନ ସେ ବିଷ କଲେ ପାନ ଶରୀର ହେଲା ପ୍ରଜ୍ୱଳନ

ହେ ଭଗୀରଥ !

କଣ୍ଠ ହୋଇଲା ନୀଳ, ସଙ୍କଟ

ବଢ଼ିଲା ହେଲେ ନୀଳକଣ୍ଠ,

Digitized by PPRACHIN, SOA

ସ୍ୱର୍ଗରୁ ଗଙ୍ଗାବାରି ଢ଼ାଳୁ ଶିବ ମଉଳି, ଗଲା ଗରଳ ଜ୍ୱାଳା କଷ୍ଟ
ହେ ଭଗୀରଥ । ।୧୦।
ସେ ଦିନୁ ଗଙ୍ଗାଧର ନାମ ବହିଲେ ହର ଗଙ୍ଗାଙ୍କୁ ବହି ଶିର ପରେ
ନାହିଁ ସେ ବିଷ ତ୍ରାସ ଯାଇଣ ତାଙ୍କ ପାଶ ଗଙ୍ଗାଙ୍କୁ ନିଅ ମର୍ତ୍ତ୍ୟପୁରେ
ହେ, ଭଗୀରଥ !
ନିର୍ଦ୍ଦେଶ ପାଉ ମନେ ପ୍ରାସ,
ପୁଣି ଡ଼ାକୁ ପାର୍ବତୀ ଈଶ,
ବୃଷଭ ବାହନରେ ଶିବାଧରି କୋଳରେ ସେସ୍ଥାନେ ହୋଇଲେ ପ୍ରବେଶ
ହେ ସୁଜ୍ଞଜନେ । ।୧୧।
ପ୍ରସନ୍ନେ ଗୌରୀହର ଭଗୀରଥଙ୍କୁ ବର ଯାଚୁ ସେ କହିଲେ ସେଠାରେ
ପିତୃକୁଳ ଉଦ୍ଧାରେ ଗଙ୍ଗାଙ୍କୁ ମର୍ତ୍ତ୍ୟପୁରେ ନେବାକୁ ଦିଅ ମୋତେ ବରେ
ହେ ସଦାଶିବ !
ଭାଷନ୍ତି କୃତ୍ତିବାସ ସେଥି,
ଶୁଣ ଶୁଣ ହେ ଭଗୀରଥି,
ଦକ୍ଷ ଯାଗ ଦଣ୍ଡରେ ଗଙ୍ଗା ଯାଗ କୁଣ୍ଡରେ ଢ଼ାଳିଲି ଉଦ୍ଧାରଣେ ସତୀ
ହେ ଭଗୀରଥ । ।୧୨।
ଦର୍ପେ ସେ ବୈଶ୍ୱାନର ନକରିଲା ବିଚାର ସତୀ ଗଙ୍ଗାଙ୍କୁ ଭସ୍ମ କଲା
ହିମବନ୍ତ ଭୁବନ ଜନ୍ମିଲେ ବେନିଜନେ ଗଉରୀ, ଗଙ୍ଗା ନାମ ହେଲା
ହେ ଭଗୀରଥ !
କେତେକ ଦିନେ ହିମବନ୍ତେ
ସମର୍ପୁ ପାର୍ବତୀ ମୋ ହସ୍ତେ
ରଖି ମୋ ଠାରେ ଆଶା ଗଙ୍ଗା କରେ ତପସ୍ୟା ସ୍ମର ତାହାକୁ ମନୋଗତେ
ହେ ଭଗୀରଥ । ।୧୩।
ଶୁଣି ତାହା ଅଥୟ ହୋଇ ତହିଁ ସେ ରାୟ ବିଚାରେ ନ ହେବ କି କାର୍ଯ୍ୟ
କେତେ ଦେବେ କହିବି କେତେକଷ୍ଟ ସହିବି ବିହି କି କରିଅଛି ଧାର୍ଯ୍ୟ
ହେ ଶୂଳଧାରୀ,
କେବେ ବା ପୂରିବ କାମନା
ରୁଦ୍ରଭାଷି, କିମ୍ବା ବିମନା ?

Digitized by PPRACHIN, SOA

ମନେ ନ ଘେନି ଦ୍ୱନ୍ଦ୍ୱ ହିମାଳୟଙ୍କୁ ବନ୍ଦ ଘେନିବେ ସେହି ଅରଚନା
ହେ ସୂର୍ଯ୍ୟବଂଶୀ । ।୧୪।
ଶମ୍ଭୁଙ୍କ ବାକ୍ୟ ଶଙ୍କୁ ଧରି ହମଗିରିଙ୍କୁ ସ୍ମରନ୍ତେ ଅର୍କବଂଶ ଶିଷ୍ୟ
ପ୍ରସନ୍ନେ ଗିରିବର ମିଳି ଯାଚିଣ ବର କହିଲେ ତୋ ଦୁଃଖ ପ୍ରକାଶ
ହେ ଭଗୀରଥ !
କାର୍ପଣ୍ୟେ ହୋଇ ଯୋଡ଼ହସ୍ତ,
କହନ୍ତି ସେଥି ଭଗୀରଥ
ଗଙ୍ଗାଙ୍କୁ କରି ଦାନ, ତାରି ମୋ ପିତୃଗଣ ପୃଥିବୀ କରନ୍ତୁ ପବିତ୍ର
ହେ ଗିରିବର । ।୧୫।
ଶୁଣି ତା ମେରୁ ଗିରି ବୋଲେ ହେ ଦଣ୍ଡଧାରୀ ମୋ କନ୍ୟା ଗଙ୍ଗା ଅଲିଅଳୀ
ସରସ୍ୱତୀ, ଯମୁନା ତା ସାଙ୍ଗ, ସଙ୍ଗେ ମନା, ନଘେନି ଯାଉଥାଏ ଖେଳି
ହେ ଭଗୀରଥ !
ବାଲୁତ ପରା ଏଣେ ତେଣେ
ବୁଲେ, ନ ମାନି ଦୁଷ୍ଟ ପଣେ,
ପୂର୍ବେ ବିଷ୍ଣୁ ପଦରୁ ସମ୍ଭୂତ ହୋଇବାରୁ ଗରବେ କାହାକୁ ନ ଗଣେ
ହେ ଭଗୀରଥ । ।୧୬।
ସତ୍ୟ, ଧର୍ମ, ବିଜ୍ଞାନ ଦୟା ଚାରି ନନ୍ଦନ ମଧ୍ୟେସେ ହେଉ ଏକ ସୁତା
ଭାତୃରେ ପାଞ୍ଚେମନ୍ଦ କରେ ସର୍ବଦା ଦ୍ୱନ୍ଦ୍ୱ ନମାନେ ମନା କଲେ ମାତା
ହେ ଭଗୀରଥ !
ଥରେ ଯେ ସେ ଚାରି ଗୁହାରି
କରୁ ବରୁଣେ ଦେଲେ ହରି
ବରୁଣ କଥା ଧ୍ୟାନେ ନପାଳୁ ଅଭିମାନେ ଦେଲେ ଧାତାଙ୍କୁ ଦାନ କରି
ହେ ଭଗୀରଥ । ।୧୭।
ସେ ବ୍ରହ୍ମା କମଣ୍ଡଳେ କେତେ କାଳ ରହିଲେ ବାମନ ରୂପ ହେବା ବେଳେ
ଦର୍ଶନେ କୁଶଧାରୀ ପଦରେ ଦେଉଁ ଢ଼ାଳି ନଖାଗ୍ର କୋଣରେ ରହିଲେ
ହେ ଭଗୀରଥ !
ସିନ୍ଧୁ ମନ୍ଥନେ ସୁରେ-ଶ୍ୱରୀ
ହରବିଷ ତାପକୁ ହରି

Digitized by PPRACHIN, SOA

ଶଙ୍କର ଜଟାମୂଳେ ବିହରୁଛଳେ ଖଳେ ଶିବ ନ ସହି ଅରଦଳି
ହେ ଭଗୀରଥ । ।୧୮।
ଦକ୍ଷ ଯାଗ କୁଣ୍ଡରେ ବିସର୍ଜନ୍ତେ ଦଣ୍ଡରେ,ଜାତ ମୋ ନାରୀ ମେନା'କୋଳେ
ମୋ ଆୟତ୍ତ ରେ ନାହିଁ ବିହାର କରେ ଯାଇ ଯମୁନା ସରସ୍ୱତୀ ମେଳେ
ହେ ଭଗୀରଥ !
ମନାଇ ନେବ ସେ ଗଙ୍ଗାଙ୍କୁ
ପ୍ରସନ୍ନ ହେବେ ସେ ତୁମ୍ଭଙ୍କୁ
ବସିଣ ଯୋଗାସନେ, ଗଙ୍ଗା ଚିନ୍ତୁ ସୁମନେ ଦର୍ଶନ ଦେଲେ ସେ ରାଜାଙ୍କୁ
ହେ ସୁଜ୍ଞଜନେ । ।୧୯।
ଯୋଡ଼ିଣ କରପତ୍ର ଭାଷେ ଦିଲୀପ ପୁତ୍ର ଶୁଣ ବରୁଣ ପାଟରାଣୀ
ମର୍ତ୍ତ୍ୟେ ତୁମ୍ଭ ଗମନ ଅର୍ଥେ ମୋ ଯୋଗାସନ ଆସ ମା' ପତିତପାବନୀ
ଗୋ ଧବଳାଙ୍ଗୀ !
ମୋ ବଂଶ ଉଦ୍ଧାର କାରଣେ
ପୂଜଇ ତୁମ୍ଭ ଶ୍ରୀଚରଣେ
ଗିରିକୋଳୁ ବାହାରି ମର୍ତ୍ତ୍ୟେଗଲେ ତୋ ବାରି ପବିତ୍ରହେବେ ପାପୀଜନେ
ଗୋ ଧବଳାଙ୍ଗୀ । ।୨୦।
ଗଙ୍ଗା ବୋଲନ୍ତି ସତ୍ୟ କରିଲେ ନରନାଥ ତୋ ସଙ୍ଗେ ଯିବି ମର୍ତ୍ତ୍ୟପୁର
ଏ ଗିରି ଗୁହା ତାଡ଼ି ପାରିଲେ କିବା ଫୋଡ଼ି ନେଇ ତୋ ପିତୃଙ୍କୁ ଉଦ୍ଧର
ହେ ଭଗୀରଥ !
ଗଙ୍ଗାଙ୍କ ବାକ୍ୟେ ନୃପରାଣ
ଭାଷେ ମୋ କରେ ନାହିଁ ବାଣ
ଏହା ପ୍ରଭୁ ଅନାଦି ଏ ମେରୁ ଗିରି ଭେଦି ନେବାକୁ ହୋଇବେ ଭାଜନ
ଗୋ ଧବଳାଙ୍ଗୀ । ।୨୧।
ସେ ମେରୁ ପଦ ପ୍ରାନ୍ତେ ଭଗୀରଥ ଏକାନ୍ତେ ଭକ୍ତିରେ ବିଷ୍ଣୁଙ୍କୁ ସ୍ମରିଲେ
ଶୀତ ସୂର୍ଯ୍ୟ ଆତପ ବର୍ଷା ହେମନ୍ତ ତପ କଷ୍ଟରେ ଯୋଗସିଦ୍ଧ କଲେ
ସେ ଭଗୀରଥ,
ତପ ସ୍ଥାନରେ ନାରାୟଣ
ପ୍ରବେଶି କରନ୍ତେ ବାରଣ

Digitized by PPRACHIN, SOA

ବଦୟନ୍ତି ନୃପତି ହେ ପ୍ରଭୁ ଶିରୀପତି ! ମୋ ପିତୃ ନ ହେଲେ ତାରଣ

ହେ ନାରାୟର ।।୨୨।

ଚିତ୍ତ ହୁଏ ଅଧୈର୍ଯ୍ୟ ସରିଲା ଦମ୍ଭ ଧୈର୍ଯ୍ୟ ଆଶା ମୋ ହେଉଛି ନିଆଶା।

କରିଣ ପ୍ରତିକାର ମେରୁ ଗୁହାରୁ ପାର କରି ପଠାନ୍ତୁ, ଗଙ୍ଗାରସା।

ହେ ନାରାୟଣ !

ସହର୍ଷେ ବଦନେ ଶ୍ରୀହରି

ଭାଷନ୍ତି ଶୁଣ ଦଣ୍ଡଧାରୀ,

ଶଚୀଈଶରେ କହି ଐରାବତ ମନାଇ ନିଅସେ ଗିରିଭେଦ କରି

ହେ ଭଗୀରଥ ।।୨୩।

ଦେଉଛି ଶଙ୍ଖ ଘେନ ଆଗରେ କରିସ୍ୱନ ମୋ ଆଜ୍ଞା କହିବ ଗଙ୍ଗାରେ

ମନେ ବହି ପ୍ରମୋଦ ବାରି ସେ ଶଙ୍ଖନାଦ ଚଳନ୍ତୁ ଶୀଘ୍ର ମର୍ତ୍ତ୍ୟପୁରେ

ସେ ସୁରେସ୍ୱରୀ,

କ୍ଷିତିରେ ବଢ଼ିବ ମହିମା

ସମ୍ମାନେ ନରହିବ ସୀମା

ଗୋ ହତ୍ୟା ଆଦି ପାପ ବ୍ରହ୍ମହତ୍ୟାଦି ଲୋପ ସ୍ନାନରେ ନ ରହିବ ଜମା

ହେ ଭଗୀରଥ ।।୨୪।

ହରି ଶ୍ରୀମୁଖ ବାଣୀ ପାକ-ଶାସନ ଜାଣି ଐରାବତକୁ ଆଦେଶିଲେ

ମେରୁ ଗିରିରେ ଦନ୍ତ ପ୍ରହାର କରି କ୍ଷ୍ୟତ ଜାହ୍ନବୀ ଉଦ୍ଧାର ବୋଇଲେ

ସେ ଐରାବତ

ପ୍ରହାରନ୍ତେ "ଦ୍ୱି" ଦ୍ୱନ୍ଦ୍ୱ ରଦ,

ବ୍ରହ୍ମାଣ୍ଡେ କମ୍ପିଲା ଶବଦ,

ଦନ୍ତ ଉପ୍ତାଟୁ ଗର୍ଜି ଦନ୍ତେ ରହିଲା ଭାଜି ସେ ଗଙ୍ଗା ବାହାରୁ ପ୍ରମୋଦ

ସେ ଭଗୀରଥ ।।୨୫।

ତ୍ରିରନ୍ଧ୍ରେ ତ୍ରୟଧାର କରି ଗର୍ଜନ ଘୋର ତ୍ରିରଙ୍ଗେ ତ୍ରିରୂପ ଧରନ୍ତି

କଳା, ଧଳା ଓ ପୀତ ବରନ ଧରି ସେତ ଗଙ୍ଗା, ଯମୁନା, ସରସ୍ୱତୀ

ହେ ସୁଜ୍ଞଜନେ,

ବିଲୋକି ମନୁ ବଂଶ ରାଜା

ଆନନ୍ଦେ ଅର୍ଘ୍ୟେ କଲେ ପୂଜା

Digitized by PPRACHIN, SOA

କରନ୍ତି ନିବେଦନ ଘେନି 'ମୋ' କମ୍ବୁସ୍ୱନ ଗମନ କର ଉଡୁ ଧ୍ୱଜା
ଗୋ ଧବଳାଙ୍ଗୀ । ।୨୬।

ସ୍ୱୀକୃତି ଦେଇ ନୃପେ ଗମୁ ଏକ ସ୍ୱରୂପେ ନଭୁ ଦେବତା ଦେଲେ ଡ଼ାକ
ଭୋ ପୁଣ୍ୟତୋୟା ମାତା ଭାବି ଭବିଷ୍ୟ କଥା ପୂର୍ବକୁ ଯଥା କଥା ରଖ
ଗୋ ଧବଳାଙ୍ଗୀ !
ଭିନ୍ନ ଭିନ୍ନ ହୁଅ ଏଠାରେ
ପତିତ ଜନଙ୍କୁ ଉଦ୍ଧାର

ତୁ ନକଲେ ବିଚାର ହୋଇବେକି ଉଦ୍ଧାର ପାପୀ, ଦେବତା, ନାଗନର
ଗୋ ଧବଳାଙ୍ଗୀ । ।୨୭।

ଘେନି ଦେବ ବଚନ ସ୍ୱର୍ଣ୍ଣଦୀ ହୋଇ ଭିନ୍ନ ଐଶାନ୍ୟ ଦିଗେ ଗଲେ ବହି
ହଟକେଶ୍ୱର ତୀର୍ଥ ଗଙ୍ଗା ଯାଉ କୃତାର୍ଥ ଐରାବତୀ ଗଙ୍ଗା ବୋଲାଇ
ହେ ସୁଜ୍ଞଜନେ !
ତା ଦକ୍ଷ ଭାଗେ ଶୁଭ୍ରକେଶୀ
ସୁପର୍ବାଣଙ୍କ ମନ ତୋଷି,

ମଧରେ ସରସ୍ୱତୀ ସୂକ୍ଷ୍ମରେ କରିଗତି ପତିତ ଉଦ୍ଧାରେ ଗମନ୍ତି
ହେ ସୁଜ୍ଞଜନେ । ।୨୮।

ରଜା ସ୍ମରଣେ ବ୍ୟସ୍ତ ହୋଇଣ ଇତଃସ୍ତତଃ ଗମନ୍ତି ହୋଇ ଖରଗାମୀ
କାହିଁ ଉର୍ଦ୍ଧ୍ୱେ ଉଠିଣ ଜହ୍ନୁ ଋଷି ଭେଟିଣ ଆସନ୍ତି ନାନାସ୍ଥାନ ଭ୍ରମି
ସେ ଧବଳାଙ୍ଗୀ
କାହିଁ ବା ପୁଣି ଗତି ଭିନ୍ନ
ପଶ୍ଚିମାଭିମୁଖେ ଗମନ

ଦେଖୁ କାର୍ପଣ୍ୟ ହୋଇ ଭଗୀରଥ ଭାଷଇ କିମ୍ପାଇଁ ଦେଉଛ କଷଣ
ମୋ ଧବଳାଙ୍ଗୀ । ।୨୯।

ବଦନ୍ତି ଗଙ୍ଗାଦେବୀ ଭାଷହେ ଭୂପ ଭାବି କେତେ ଦୂରେ ତୋ ପିତୃକୁଳ
ଅଛି ଆମ୍ଭ ମାନସ ଭେଟି ପାର୍ବତୀ ଈଶ ତୋ ପିତୃ ତାରି ହେବୁ ମେଳ
ହେ ଭଗୀରଥ
ଥିଲେ ସେ ଜଟାମଧେ ବହି
ଦକ୍ଷ ଯାଗୁ ଦର୍ଶନ ନାହିଁ

Digitized by PPRACHIN, SOA

ଏଣୁ ଦର୍ଶନେ ମନ ଆଗେ କର ଗମନ ଭେଟିବୁ ଥିବ ପଥ ଚାହିଁ
ହେ ଭଗୀରଥ । ।୩୦।
ସେ ଦିଲୀପ ନନ୍ଦନ ହୋଇ ବିଶାଦ ମନ ସେବାକ୍ୟ କରି ଶିରୋଧାର୍ଯ୍ୟ
ସାଗର ମଧ୍ୟଭାଗେ ପାତାଳ ପୁର ମାର୍ଗେ ଯେ ପଥେ ସିଦ୍ଧ ହେବ କାର୍ଯ୍ୟ
ହେ ସାଧୁଜନେ !
ଅପେକ୍ଷା କଲେ ସେହି ସ୍ଥାନେ
ଜାହ୍ନବୀ ଶୂଳୀ ଦରଶନେ,
ବେନି ଭଗ୍ନୀଙ୍କୁ ନେଇ ବନ୍ଦନା କଲେ ଯାଇ କାଶୀ ବିଶ୍ୱନାଥ ଚରଣେ
ହେ ସୁଜ୍ଞଜନେ । ।୩୧।
ଭାଷନ୍ତି ଗଙ୍ଗାଧର ଲଭି ତୁମକୁ ମୋର ଗୋ ହତ୍ୟା ବ୍ରହ୍ମହତ୍ୟା ଦୋଷ
ସର୍ବ ଦୂର ହୋଇଲା ଏ କାଶୀ, କ୍ଷେତ୍ର ହେଲା ବୁଲିଣ ସର୍ବ ପାପ ନାଶ
ଗୋ ଧବଳାଙ୍ଗୀ !
ଯେ ଏଥି ହୋଇବ ବିନାଶ
ଶିବ ଲୋକେ ହେବ ତା' ବାସ
କରିତା ଅଙ୍ଗୀକାର ଭ୍ରମି କାଶୀ ନଗର ପ୍ରବେଶ ଭଗୀରଥ ପାଶ
ସେ ଧବଳାଙ୍ଗୀ । ।୩୨।
ଦର୍ଶନେ ରାଜସୁତ କରିଣ ପ୍ରଣିପାତ ଭାଷଇ ଏ ମାର୍ଗେ ପାତାଳ
ହୋଇ ମା' ନିମ୍ନଗାମୀ ଶୁଦ୍ଧ କରି ସେ ଭୂମି ଉଦ୍ଧର ମୋର ପିତୃକୁଳ
ଗୋ ଧବଳାଙ୍ଗୀ !
ସେ କାର୍ଯ୍ୟ ଅନ୍ତେ ବଳି ଜଳ
ପୁରାଅ ସିନ୍ଧୁ ଗର୍ଭସ୍ଥଳ
ମୋ ପୂର୍ବ ବଂଶ କୀର୍ତ୍ତି ପାନକଲେ ଅଗସ୍ତି ତୁ କୀର୍ତ୍ତିରଖ କାଳ କାଳ
ଗୋ ଧବଳାଙ୍ଗୀ । ।୩୩।
ସେ ସିନ୍ଧୁ ଗର୍ଭ ଦେଖି ହୋଇ ସପତ ମୁଖୀ ପ୍ରସନ୍ନେ କରନ୍ତେ ଗମନ
ପବିତ୍ର ଗଙ୍ଗାଜଳ ଗମୁଁ ସପ୍ତ ପାତାଳ ଆନନ୍ଦ ହେଲେ ନାଗଗଣ
ହେ ସୁଜ୍ଞଜନେ
କପିଳ ଆଶ୍ରମ ସମ୍ମୁଖେ
ପିତୃ ଦହନ ଦେଖୁ ଦୁଃଖେ

Digitized by PPRACHIN, SOA

ସେ ଶୁଦ୍ଧ ଗଙ୍ଗାବାରି ପିତୃକୁଳ ଉଦ୍ଧାରି ଦେଉଁ ବଦନ୍ତି ସର୍ବେ ମୁଖେ

ହେ ସୁଜ୍ଞଜନେ । ।୩୪।

ଉପ୍ରିଛ୍ଛ ବାରି ଫେରୁ ସପତ ସିନ୍ଧୁ ପୂରୁ ପୂରିଲା ରାଜା ମନୋରଥ

ଭଗୀରଥ ନନ୍ଦନ କ୍ରମେଣ ପୁରଞ୍ଜନ ଠାବରୁ ଜାତ ଦଶରଥ

ଏ ଛାନ୍ଦ ଶେଷ

ପଇଁତ୍ରିଶ ପଦେ ରଚେ ଦାଶ

ଘେନ ସରଗେ ହେବ ବାସ

ସେ ଜାନକୀ ବିଳାସ ସକଳ ଜନ ଆଶ ପୂରଣ କରିବେ ଅବଶ୍ୟ

ହେ ସୁଜ୍ଞଜନେ । ।୩୫ ।

ଶ୍ରୀରାମାଷ୍ଟକ

ସୁଗ୍ରୀବ ମିତ୍ରଂ ପରମ ପବିତ୍ରଂ ସୀତା କଳତ୍ରଂ ନବମେଘ ଗାତ୍ରଂ,
କାରୁଣ୍ୟ ପାତ୍ରଂ ସତପତ୍ର ନେତ୍ରଂ ଶ୍ରୀରାମ ଚନ୍ଦ୍ରଂ ସତତଂ ନମାମି । ।୧।
ସଂସାର ସାରଂ ନିଗମଂ ପ୍ରଚାରଂ ଧର୍ମାବତାରଂ ହୃତ ଭୂମି ଭାରଂ,
ସଦା ବିକାରଂ ସୁଖ ସିନ୍ଧୁ ସାରଂ ଶ୍ରୀରାମ ଚନ୍ଦ୍ରଂ ସତତଂ ନମାମି । ।୨।
ଲକ୍ଷ୍ମୀ ବିଳାସଂ ଜଗତା ନିବାସଂ ଲଙ୍କା ବିନାଶଂ ଭୁବନ ପ୍ରକାଶମ୍,
ଭୂଦେବ ବାସଂ ସରଦିନ୍ଦୁ ହାସଂ ଶ୍ରୀରାମଚନ୍ଦ୍ରଂ ସତତଂ ନମାମି । ।୩।
ମନ୍ଦାର ମାଳଂ ବଚନଂ ରସାଳଂ ଗୁଣୈ ବିଶାଳଂ ହାତ ସପ୍ତଶାଳମ୍,
କ୍ରବ୍ୟାଦଂ କାଳଂ ସୁରଲୋକ ପାଳଂ ଶ୍ରୀରାମଚନ୍ଦ୍ରଂ ସତତଂ ନମାମି । ।୪।
ବେଦାନ୍ତ ଗାନଂ ସକଳୈ ସମାନଂ ହତାରି ମାନଂ ତ୍ରିଦଶ ପ୍ରାଧାନମ୍,
ଗଜେନ୍ଦ୍ର ଜାନଂ ବିଗତା ବସାନଂ ଶ୍ରୀରାମଚନ୍ଦ୍ରଂ ସତତ ନମାମି । ।୫।
ଶ୍ୟାମାଭି ରାମଂ ନୟାନାଭି ରାମଂ ଗୁଣାଭି ରାମଂ ବଚନାଭି ରାମମ୍,
ବିଶ୍ୱ ପ୍ରଣାମଂ କୃତଭକ୍ତ କାମଂ ଶ୍ରୀରାମଚନ୍ଦ୍ରଂ ସତତଂ ନମାମି । ।୬।
ଲୀଳା ଶରୀରଂ ରଣରଙ୍ଗ ଧରଂ ବିଶ୍ୱୈକସାରଂ ରଘୁବଂଶ ହାରମ୍,
ଗମ୍ଭୀର ନାଦଂ ଜିତସର୍ବ ବାଦଂ ଶ୍ରୀରାମ ଚନ୍ଦ୍ରଂ ସତତଂ ନମାମି । ।୭।
ଖଳେ କୃତାନ୍ତଂ ସ୍ୱଜନେ ବିନୀତଂ ଶାମୋପଗୀତଂ ମନସା ପ୍ରତୀତମ୍,
ରାଗେଣ ଗୀତଂ ବଚନା ଦତୀତଂ ଶୀରାମ ଚନ୍ଦ୍ରଂ ସତତଂ ନମାମି । ।୮।

Digitized by PPRACHIN, SOA

କୌଶଲ୍ୟା ପରିଣୟ

ରାଗ - ଚୋଖି (ବିତଳକୁ ଆଲିଙ୍ଗନ ବୃତ୍ତେ)

ଛାନ୍ଦ - ୩୧

ବିଦ୍ୱାନ ବିଦୂଷଗଣ, ଗଣନାକରି ଭୂଷଣ, ହୁଅ ରାମଯଶଗୁଣ, କଣ୍ଠିମାଳାରେ ।
ପୂର୍ବାର୍ଜିତ ପୁଣ୍ୟଫଳେ, ଏମର ମହୀମଣ୍ଡଳେ ଜନ୍ମିଛ ନର ରୂପରେ ବିଚାର ଥରେ ।।
ଅରଜ ନାମ ପୁଣ୍ୟଧନ ।
ଅନ୍ତିମେ ପ୍ରାପତ ହେବ ଦେବ ସଦନ । ୧।
ଷଡାନନ ମାତ ବ୍ରତ, ପୂର୍ଣ୍ଣାଙ୍ଗେ ଶୂଳୀ ଅଗ୍ରତ, କୌଶଲ୍ୟା ବିଭାଚରିତ, ପୁଛନ୍ତେ ଥରେ ।
ରାମ ପଦାବ୍ଜ ସ୍ମରିଣ, ହର କହନ୍ତେ ପୁରାଣ, ଗୌରୀ ଶ୍ରବଣେ ଶ୍ରବଣ, ସେଲେ ସେଠାରେ ।
ଯେ ଯମ ତମ ନାଶାମୃତ ।
ଅଜ, ଜ' ଭୂପତି ସଦା ସେ ବ୍ରତେ ରତ । ୨ ।
ଧର୍ମେ ସଦା ରଖି ମନ, ପୂଜୁ ବିପ୍ର ତପୋଧନ ଦେଶ ଦେଶ କୀର୍ତ୍ତିମାନ, ବିପ୍ରେ ରଟିଲେ ।
ବଳ ବୀର୍ଯ୍ୟ ଧୈର୍ଯ୍ୟ କୀର୍ତ୍ତି, ବ୍ରତୁହେଲେ ଚକ୍ରବର୍ତ୍ତୀ, କରଦାତା ମହୀପତି ପଦେ ଖଟିଲେ ।।
ପ୍ରବେଶୁ ବିବାହ ବୟସ ।
କନ୍ୟା ଅନ୍ୱେଷଣେ ବୁଲନ୍ତି ବିପ୍ର ଶିଷ୍ୟ । ୩ ।
ବିରଞ୍ଚି ବରେ ଲଙ୍କେଶ, ମାରି ଅନରଣ୍ୟ ବଂଶ, କଲା ସୂର୍ଯ୍ୟ ବଂଶ ଧ୍ୱଂସ, ଭାବେ ମନରେ ।
କୋଶଳ ନୃପତି ବାଳା, କୌଶଲ୍ୟା ଚାରୁ ସୁଶୀଳା, ନାଶ କାମନା କରିଲା, ଦିବା ନିଶିରେ ।
ତା ଉଦରୁ ରାମ ଉତ୍ପତ୍ତି ।
ତାକୁ ବଧିଲେ ନହେବ ଇଚ୍ଛେ ସେ ନିତି । ୪ ।
ସୂଚନା ପାଆନ୍ତେ ଥରେ, ପଶି କୋଶଳ ନବରେ, କୌଶଲ୍ୟାକୁ ଆଣି ବନେ, ବଧିବା ବେଳେ ।
ପ୍ରବେଶି ବନ ଦେବତୀ, ବାରଣ କରି କହନ୍ତି, ନାରୀ ବଧ, ଏ'ଅକୀର୍ତ୍ତି, ନଅର୍ଜ ବଳେ ।
ଯଦି ଯାକୁ ନାଶିବା ମନ ।
କ୍ରୋଟେ ଭରି ଶିଳେରୋଧ ଯାଉ ଜୀବନ । ୫ ।
ଦେବୀ ବାକ୍ୟ ଶିରେ ଘେନି, ସେ'କୌଶଲ୍ୟାକୁ ନହାଣି, କୂପେ ପେଲି ଫେରେ ପୁଣି ଶୀଳା ମଡ଼ାଇ
କୋଶଳ ରାଜ ନନ୍ଦନା, ନିନ୍ଦି ବିଧି' ବିଡମ୍ବନା, କାରୁଣ୍ୟ କରୁ ସୁମନା, ସ୍ୱର ବଢ଼ାଇ ।
ସେ ନିଶିରେ ଶିକାର ଆଶେ ।
ବୁଲି ଅଯୋଧ୍ୟା ଅଧୀଶ ମିଳନ୍ତି ପାଶେ । ୬ ।
ବାଳାର କରୁଣ ଧ୍ୱନି, ଦ୍ରବୀଭୂତେ ନୃପଶୁଣି, ବିଳମୁଖରୁ ତତ୍କ୍ଷଣି ଫିଙ୍ଗୁଶିଳାକୁ ।
ଦେଖୁ ରସାଭୂଷା ଯୋଷା, ଭାଷିଣ କୋମଳ ଭାଷା, ରୋଦନ କିମ୍ପା'ସହସା, ପୁଚ୍ଛି ବାଳାକୁ ।
ଶୁଣି ତାର ସର୍ବ ଚରିତ ।
ପିତ୍ରାଳୟେ ପେଶୁ ମନ୍ତ୍ରୀ ଗଲେ ଧରିତ । ୭ ।

ଟୀକା : ୧. ବିଦ୍ୱାନ ପଣ୍ଡିତ, ଅନ୍ତିମେ-ଶେଷ ସମୟରେ, ଦେବ ସଦନ-ଦେବତା ରହୁଥିବା ଘର, ୨.ଷଡାନନ-କାର୍ତ୍ତିକେୟ, ଶୂଳୀ-ଶିବ, ଅଜ.ଜ'-ଦଶରଥ, ଭୂପତି-ରାଜା, ୪. ବିରଞ୍ଚି-ବ୍ରହ୍ମା, ଲଙ୍କେଶ-ରାବଣ, ଅନରଣ୍ୟ- ସୂର୍ଯ୍ୟ ବଂଶୀ ରାଜା ।

Digitized by PPRACHIN, SOA

ଏଣେ ସେ କୋଶଳାଧୀଶ, ଖୋଜିଣ ନିଶି ଦିବସ, ନ ପାଉଁ କେମା ସନ୍ଦେସ, ଦୁଃଖେ ବିମନ ।
ସୁମନ୍ତ୍ର ସଇନ ଗଣ ଆରୋହି ଦିବ୍ୟ ସ୍ୟନ୍ଦନ, କୋଶଳେ ସେ କନ୍ୟା ରତ୍ନ କଲେ ପ୍ରଦାନ ।
ସୁତା ପାଉ ହର୍ଷ ଭୂପତି ।
ପୁଚ୍ଛୁ ସୁମନ୍ତ୍ର ସମସ୍ତ କଥା ଭାଷନ୍ତି । ୮ ।
କନ୍ୟା ଦର୍ଶନେ ଗହଳ, ହୁଅନ୍ତେ'ମେଳ ଚହଳ, ସାଧୁ ସାଧୁ ମୁଖ ରୋଳ, ଅଜ ନନ୍ଦନ ।
କୋଶଳେଶ ସାଧୁ କାର୍ଯ୍ୟ, ଶୁଣି ପିତା ଧରି ଧୈର୍ଯ୍ୟ, ପ୍ରଶଂସି କଲେ ନିଧାର୍ଯ୍ୟ, କନ୍ୟା ରତନ ।
ଅଯୋଧ୍ୟା ଭୂପେ ଦାନ ଦେଇ ।
ତପଅର୍ଥେ ବନେ ଯିବେ କୋଶଳ ସାଇଁ । ୯ ।
ଡକାଇ ମହୀ ଦେବଙ୍କୁ, ପଠାଇଲେ ଅଯୋଧ୍ୟାକୁ, ଶୁଭ ବିବାହ ଲଗ୍ନକୁ କରିଣ ସ୍ଥିର ।
କୋଶଳାଧୀଶେ କୋଶଳ, କନ୍ୟାଦାନେ ମହୀପାଳ, ଦାନ କରିବେ କୋଶଳ, କେମା ସଙ୍ଗର ।
ଜଣାଇ ନୃପ ଦଶରଥେ ।
ସମ୍ମତି ଆଣି ଫେର ହେ ଚଞ୍ଚଳ ଏଥେ । ୧୦ ।
ସଚିବ ଦେଉଁ ପାଥେୟ, ବିପ୍ର ଆଶୀର୍ବାଦେ ଜୟ, ଉଚ୍ଚାରି ହୋଇ ଅଥୟ, କଲେ ଗମନ ।
କୋଶଳେ ଏକାର୍ଦ୍ଧ ଦିନେ, ପ୍ରବେଶୁ ରାଜ ସଦନେ, ଲୋକନ୍ନୁ ରାଜା ସମ୍ମାନେ, ଦେଇ ଆସନ ।
ବିନୟୀ ହୋଇଣ ବିପ୍ରଙ୍କୁ ।
ପୁଚ୍ଛିଲେ "ପରିଚୟ" ଆଗମନକୁ । ୧୧ ।
ଘର ଦକ୍ଷିଣ କୋଶଳେ ରାଜା ପୁରୋଧା କୁଶଳେ, ମହିପାଳ ବରଗିଲେ, ତୁମ୍ଭ ଛାମୁରେ ।
କାନନେ ଯା ପରିଚୟ, ପ୍ରାପ୍ତେ ପେଶିଲ ଆଳୟ, ତା ସହିତ ପରିଣୟ, ହେବା ଆଶାରେ ।
ଶୁଭ ଲଗ୍ନ କରିଣ ଥୟ ।
ଟିପ୍ପଣୀଏ ଦେଖି ତୁମ୍ଭ ସମ୍ମତି ଦିଅ । ୧୨ ।
ରାଜା ରାଜ ପୁତ୍ରୀ ଦାନ, ଦେଇ ପୁତ୍ର ଅଭିମାନ, ଦୂର କରିବେ ରାଜନ, କୁତ୍ର ବିଚାରି ।
ସେ ତାଙ୍କ ଏକ ଦୁହିତା, ଗୁଣେ ଯଥା ଗିରି ସୁତା, ରାଜ୍ୟଦାନେ ଉଦାରତା, ସେ ତପଚାରି ।
ବିଚାରିଣ ସମ୍ମତି ଦିଅ ।
ଅପେକ୍ଷାରେ ଥିବେ ଭୂପ ବିଦା କରାଅ । ୧୩ ।
ଅଯୋଧ୍ୟାର ନୃପମଣି, ଏଶୁଭ ସମ୍ବାଦ ଶୁଣି, ଲୋଡି ପୁରୋଧା ଅଗ୍ରଣୀ ମାଗୁ ବିଚାର ।
ଭାଷନ୍ତି ବିଧି କୁମର, ବିଧି ଯା କରିଛି ସ୍ଥିର, ନକରି ବାଛ ବିଚାର, ସମ୍ମତି କର ।
ବଶିଷ୍ଠଙ୍କ ବାକ୍ୟେ ପ୍ରକାଶ ।
କଲେ ନୃପ ଯଥାକାଳେ ହେବୁ ପ୍ରବେଶ । ୧୪ ।
ବିପ୍ରଙ୍କୁ କରି ସମ୍ମାନ, ଦେଲେ କୁଣ୍ଡଳ କଙ୍କଣ ପାଥେୟ ଖରଚେ ଧନ, ଦିବ୍ୟ ଭୋଜନ ।
ପାଉଁ ସମ୍ମତି ସମ୍ଭର୍ବ, ଆନନ୍ଦରେ ମହୀଦେବ, ଫେରି ଜଣାଇଲେ ସର୍ବ, ଖୁସି ରାଜନ ।
ହରଷେ ବିଭା ଆୟୋଜନ ।
କଲେ ରାଜନ ଡକାଇ ଅମ୍ଭସ୍ୱଜନ । ୧୫।

ଟୀକା : ୭. ରସାଭୂଷା-ପୃଥିବୀ ମଣ୍ଡନ କାରୀ, ଯୋଷା-ସ୍ତ୍ରୀ, ୧୦. ମହୀଦେବ-ବ୍ରାହ୍ମଣ, ୧୧.ପାଥେୟ-ରାସ୍ତାଖର୍ଚ୍ଚ, ଏକାର୍ଦ୍ଧ-ଏକ ଅର୍ଦ୍ଧ (ଦେଡ ଦିନ), ୧୨. ଟିପ୍ପଣୀ-ବିବାହନିମିତ୍ତ ସମୟ ନିର୍ଘଣ୍ଟ ପତ୍ରିକା, ୧୩. ଗିରିସୁତା-ପାର୍ବତୀ, ୧୪. ପୁରୋଧା ଅଗ୍ରଣୀ ବଶିଷ୍ଠ ।

Digitized by PPRACHIN, SOA

ବାଟଘାଟ ଗୃହ ଆଦି, ସଜାଇ ବିବାହ ବେଦୀ, ଭୋଜ୍ୟ ସାମଗ୍ରୀ ସମ୍ପାଦି, ନିମନ୍ତ୍ରି ବନ୍ଧୁ ।
ସ୍ୱର୍ଣ୍ଣ କୁମ୍ଭେ ନାରିକେଳ, ରମ୍ଭା ବିଟପ ଯୁଗଳ, ତୋରଣ ଦିଶେ ମଞ୍ଜୁଳ, ମୁକ୍ତା ଦୀପେନ୍ଦୁ ।
ପ୍ରାସାଦ, ପ୍ରାକାରେ' ଖଚିତ ।
କରିଲେ ପଶୁପକ୍ଷୀଙ୍କ ବିଚିତ୍ର ଚିତ୍ର । ୧୬ ।

ଅହ୍ୟସୀମନ୍ତିନୀ ଗଣ, ଶୁଭେ ରସନା ଚାଳିଣ, ଗମିଲେ ଦେବ ମାର୍ଗଣ, ଦିଅଁ ମନାସି ।
ଶୁଭେ ବିବାହ କାମନା, ବାଞ୍ଛା ପୂର୍ଣ୍ଣେ ଆରାଧନା, ଲଗାନ୍ତି ଭୋଗ'ସୁମନା, ଡାକି କାଳସୀ ।
ନୂଆ ଯଥା, ଶାଢ଼ୀ ସମ୍ଭାର
ଦେବୀଙ୍କ ଶିରେ ଛୁଆନ୍ତି ସ୍ୱର୍ଣ୍ଣାଳଙ୍କାର । ୧୭ ।

ଏଣେ ଅଯୋଧ୍ୟା ନୃପତି, ସ୍ମରିଣ ପୂର୍ବ ସ୍ୱୀକୃତି, ବନ୍ଧୁ ସ୍ୱଜନେ ନିମନ୍ତ୍ରି, ସାକେତ ପୁରେ ।
ମଙ୍ଗଳେ ମଙ୍ଗଳ କୃତ୍ୟ, ଭୋଜ୍ୟ କରି ସମାହୃତ, ବରଯାତ୍ରୀଙ୍କ ସହିତ, ଶୁଭେ ବିହାରେ ।
କରନ୍ତି ନାନା ଆଡମ୍ବର
ବିବିଧ ବାଜା, ପାଇକ ଯା ତୋପଦାର । ୧୮ ।

ନାପିତ ପୁରୋଧା ଗ୍ରଣୀ, ସର୍ବେ ହେଲେ ଆଗୁଆଣି, କୋଶଳେ ପ୍ରବେଶ' ଜାଣି କୋଶଳ ପତି ।
ପୁଣ୍ୟ ଜନେ ପୁଣ୍ୟ ଧନ, ପ୍ରାପ୍ତ ପରାୟେ ରାଜନ, ମଣି କଲେ ସମାଧାନ, ପଦ ଧଉତ ।
ଦଶରଥେ ବରଣେ ନେଇ ।
ଯଥା ଯୋଗ୍ୟ ପୁରେ ବରଜାତି ରଖାଇ । ୧୯ ।

କୋଶଳ ନଗ୍ର ସୁମନା, ମହାବେଦୀ ପରେ କନ୍ୟା, ଆଣି ଚାଳନ୍ତି ରସନା, ବାଦ୍ୟ ହରଷେ ।
ବେନି ଭୂପଙ୍କ ପୁରୋଧା, ବେଦ ପଠନରେ ଯୋଦ୍ଧା, ହସ୍ତ ଗ୍ରନ୍ଥି କାଳେ ବେଧା, ଉପମା ଆସେ ।
ଦକ୍ଷିଣ ଆବର୍ତ୍ତ କମ୍ବୁରେ ।
ତୀର୍ଥ ଅମ୍ବୁ ତଣ୍ଡୁଳ ତିଳ ସଂଯୋଗିଲେ । ୨୦ ।

ଲଗ୍ନ ଶୁଦ୍ଧି କାର୍ଯ୍ୟ ଭୂପ, ସାରି ଅଗ୍ନିଙ୍କ ସମୀପ, ପୂରଣ କଲେ ସଙ୍କଳ୍ପ, ହବି ପ୍ରଦାନ ।
ଦ୍ୱାର ଦେଶେ ବସ୍ତ୍ରେ ଛାୟା, ସଙ୍କଳ୍ପିଲେ ପୁରନାହା,ଗ୍ରନ୍ଥି ବାସେ ଯୋଡ଼ି କାୟା,କଲେ ନିଦାନ ।
ଦୋଳ ମୁକୁଟେ ବରକନ୍ୟା ।
ବନ୍ଦାଣ ଆଶାରେ ପୁରେ ନେଲେ ସୁମନା । ୨୧ ।

ପାକଶାଳେ ଦିପାବଳୀ, ଦାସୀ ପରିବାରି ଜାଳି, ଅକ୍ଷତ, ଦୁର୍ବା' ବଦରି, କଳସେ ଦେଇ ।
ମାତା, ମାତାବାଚ୍ୟ ନାରୀ, ବନ୍ଦାଣ କାର୍ଯ୍ୟକୁ ସାରି ବନ୍ଧନ ଉନ୍ମୁକ୍ତ କରି ଜେମାଙ୍କୁ ନେଇ ।
ଦିନନାଥ ଅସ୍ତ ହୁଅନ୍ତେ ।
ବେଦ ପାଠ କଲେ ସଭା ମଧ୍ୟେ ପଣ୍ଡିତେ । ୨୨ ।

ପୁରେ କୋଶଳ ଅଧୀଶ, ଷଡ ବ୍ୟଞ୍ଜନାଦି ରସ, କରାଇ ଦେଲେ ସରସ, ବରଯାତ୍ରୀଙ୍କୁ ।
ଆଚମନେ ମୁଖ ବାସ ପ୍ରଦତ୍ତେ ହୋଇ ହରଷ ବରଯାତ୍ରୀ ଘୋଷି ଯଶ, ଗଲେ ପୁରକୁ ।
ବରକନ୍ୟା ବିଦା ହୋଇଲେ ।
ସେବ ମାନ୍ୟଜନେ 'ମା'ତିଆରି କହିଲେ । ୨୩ ।

Digitized by PPRACHIN, SOA

ମାତାଙ୍କ ବାକ୍ୟ ହୃଦରେ ଘେନି ମାନ୍ୟେ ସେବା କରେ ପାଦଦୋକାଦି ଭକ୍ତିରେ କ୍ଷେପି ଉଦରେ ।
କାନ୍ତ ଉଚ୍ଛିଷ୍ଟ କୈବଲ୍ୟ କାନ୍ତବାକ୍ୟେ ସତୀତୁଲ୍ୟ ପଦ ସେବା କି ଅମୁଲ୍ୟ ଚିନ୍ତେ ମନରେ ।
କାନ୍ତେ କୁସୁମ ଯୋଗାଇଲା ।
କିଛି ଦିନେ ଯୋଷା ରତୁମତି ହୋଇଲା ।୨୪।
ଶୁଦ୍ଧସ୍ନାନେ ଶୁଦ୍ଧମତି, ସନ୍ତାନେ ବଳନ୍ତେ ମତି, ଚଉଷଠି ବନ୍ଧେ ପ୍ରୀତି, କଲେ ରାଜନ ।
ବିଧି ନିର୍ଦ୍ଦେଶକାଳରେ ବିନ୍ଦୁଯେ ରଜ ଚକ୍ରରେ ବଢ଼ନ୍ତେ ଉଦର ବଳେ ହରଷମନ ।
ଯଥାକାଳେ କନ୍ୟା ସମ୍ଭୂତ
ଶାନ୍ତା ନାମ ଦେଉ ତାର ସକଳେ ଶ୍ୟାନ୍ତ । ୨୫ ।
ଲୋମ ପାଦ ରାଜା ଆସି, ସେ କନ୍ୟା ଦେଖି ପ୍ରଂଶସି, ମିତ୍ରଙ୍କର ପାଶେ ବସି ତତ୍‌କାଳେ ଭଣି ।
ମିତ୍ର ମୋର ନାହିଁ ପୁଅ, ମୋତେ ଏ କନ୍ୟାକୁ ଦିଅ, ଅନ୍ତରେ ବିମନା ନୁହଁ, ନହୁଅ ଗୁଣି ।
ଦଶରଥ ଶ୍ରବଣେ ତୋଷ ।
ଲଭି କନ୍ୟାଦେଇ ନହୋଇଲେ ବିରସ ।୨୬ ।
ମାତା ସ୍ତନ ଭାଙ୍ଗି କ୍ଷୀର ନ ଦେଉ ସେ ନୃପବର ପିତା ଡାକକୁ କର୍ଣ୍ଣର ଶ୍ରୁତି ପଟରେ ।
ଶ୍ରବଣ ନକରି ବାପ, ବୋଲାଇବା ହେଲା ପାପ, ପଡିଲା ଶିଶୁର ଶାପ, ଝଟପଟରେ ।
ଦିନ ପରେ ଦିନ ଗଡିଲା ।
ପୁତ୍ର, କନ୍ୟା, ନୋହୁଁ ରାଜ ଦୁଃଖ ବଢ଼ିଲା । ୨୭ ।
କହେ ଦୟାନିଧି ଦାଶ, ଏଛାନ୍ଦ ଅତି ରହସ୍ୟ, ଶ୍ରବଣ କର ଏ ରସ ବସି ସୁଜନେ ।
ଅନ୍ତିମ କାଳରେ ଯମ ଦଣ୍ଡୁ ରକ୍ଷା ପାଇଁ ଶ୍ରମ ନପଡୁ ଏ ଯେ ଉତ୍ତମ ଜପଟି ଧ୍ୟାନେ ।
ଜାନକୀ ବଲ୍ଲଭ ଉଦ୍ଧାର
କରିବେ ସଦା ସର୍ବଦା ସେନାମ ଧର । ୨୮ ।

ସ୍ତ୍ରୀ ଜାତି ମାତ୍ର ସେ ଦୋଷ ହରଣ ପାଇଁ ବିବାହ ଘରେ ଶିଳାଆରୋହଣ କରାଯାଏ । ବେଦୀରେ କନ୍ଦର୍ପ ଶର ଆବଦ୍ଧ ପାଇଁ ଦିଅଁଶାଲ ପୋତାଯାଏ । ବର କନ୍ୟା ପରସ୍ପର ଯୁଗଳ ରହିବା ପାଇଁ ଗଇଁଠାଳ ପଡ଼େ ବରକନ୍ୟା ଶୁଦ୍ଧ (ଦୀକ୍ଷା ଗ୍ରହଣ) ନିମିତ୍ତ ହସ୍ତ ଗଣ୍ଠି ପଡ଼େ । ମଧୁ ଶଯ୍ୟାରେ ଲଜ୍ଜା ଦୂରିକରଣ ପାଇଁ ଲାଜା ହୁମ (ଲିଆ) ହୁମରେ ପକାଯାଏ ପଞ୍ଚପ୍ରାଣ ବା ପଞ୍ଚ ମହାଭୂତ ତୋଷ ପାଇଁ ପଞ୍ଚଗ୍ରାସୀ କରାଯାଏ । ସୁଖ ସମୃଦ୍ଧି ପାଇଁ ଅକ୍ଷତ ଆଶୀର୍ବାଦ ଓ ଦେବତ୍ୱ ପାଇଁ ଅଣ୍ଟାଡୁଆ ସୁତା ବନ୍ଧାଯାଏ ।

କୈକେୟୀ ସହିତ ଦଶରଥଙ୍କ ପରିଣୟ

(ଛାନ୍ଦ - ୩୨) ରାଗ - ଜୟନ୍ତ

ଶ୍ରବଣେ ଘେନ ସୁଜନ ଶ୍ରବଣୁ ଯେ ରସସାର
ଅନ୍ତିମ କାଳରେ, ଷଡ଼ ଅଇଶ୍ୱର୍ଯ୍ୟେ, ପ୍ରାପ୍ତ ହେବ ସ୍ୱର୍ଗପୁର । ୧ ।
କାମ୍ୟକ ବନେ ପାର୍ବତୀ କାମ ରିପୁଙ୍କୁ ପୁଚ୍ଛନ୍ତି
ଅଶ୍ୱ ପତି ସୁତା, ପରିଣୟ କଥା, କହିନାଶ ମନୁଭ୍ରାନ୍ତି । ୨ ।
ପୂରଣାର୍ଥେ ମନସ୍କାମ ପୁରାଣ ଆଦ୍ୟରେ ରାମ
ଚିନ୍ତୁ ହେଲା ଦୃଶ୍ୟ, ଭାଷିଲେ ମହେଶ, ନାଶିଲେ ଶଙ୍କରୀଭ୍ରମ । ୩ ।

Digitized by PPRACHIN, SOA

ଭାଷି ଭୂପ ଭୂ ସୁରଙ୍କୁ ଭାଷିଣ ମହୀ ସୁରଙ୍କୁ
ବରଣ କରିଣ, ସ୍ୱୟମ୍ବରେ ଆଣ, ଦେଖାଇ ଯେମା ଚିତ୍ରକୁ । ୪ ।
ସୁରପତି ଶ୍ରେଷ୍ଠବାଣୀ ସୁରଜ୍ୟେଷ୍ଠ ବଂଶୀ ଶୁଣି
ଜେମା ଚିତ୍ରପଟେ, ଦେଖାଇ ଆକଟେ, ବରିଲେ କରି ଭ୍ରମଣି । ୫ ।
ବାର୍ତ୍ତାବହ ବାର୍ତ୍ତାଦେଇ ବାର୍ତ୍ତାଦେଲା ଭୂପେ ନେଇ
ଧାର୍ଯ୍ୟସମୟରେ, ସର୍ବମହୀସୁରେ, ପ୍ରବେଶିବେ ଜେମାପାଇଁ । ୬ ।
ଅଜ ସୁତ ଦଶରଥ ଅଜପୁତ୍ରଙ୍କ ସହିତ
ପ୍ରବେଶ ହୁଅନ୍ତି, ଦେଖୁ ଅଶ୍ୱପତି, ଆତ୍ମାହୁଏ ପ୍ରଫୁଲ୍ଲିତ । ୭ ।
ଆସୁ ରାଜନ୍ୟ ମଣ୍ଡଳୀ ଆଶୁ ସମାଧାନେ ଅଳି
ନକରିବା ପାଇଁ ନେଇ ନର ସାଇଁ ସଭାମଣ୍ଡପରେ ମିଳି । ୮ ।
ବାଳା ସୁବେଶ କରିଣ ବାଳା ସଭାମଧ୍ୟେ ଆଣ
ବରମାଲ୍ୟ କରେ ଆସୁ ବରଣରେ ଭାଷୁ କୈକେୟ ରାଜନ । ୯ ।
ଅଶ୍ୱ ପତିଙ୍କ ଆଦେଶେ ଅଶ୍ୱାରୋହୀ ଗମିବାସେ
ନୃପଙ୍କ ଆଦେଶ କରନ୍ତେ ପ୍ରକାଶ ସଖୀ ନେଲେ ଜେମା ବେଶେ । ୧୦ ।
ବର ବର୍ଣ୍ଣିନୀଙ୍କୁ ନେଇ ବରମାଲ୍ୟ କରେ ଦେଇ
ବରଣ ଅର୍ଥରେ ସଖୀ ଧରି ଧୀରେ ଭୂପେ ଦିଅନ୍ତି ଚିହ୍ନାଇ । ୧୧ ।
କୁଶଳେ କୋଶଳେଶ୍ୱରୀ ହେବାକୁ ଇଚ୍ଛା ସୁନ୍ଦରୀ
କୋଶଳ ଅଧୀଶେ ମାଳା ଗଳାଦେଶେ ଦେଉ ହୁଏ କରତାଳି । ୧୨ ।
ବିବାହ ମଣ୍ଡପ ନେଲେ ବିଭାକାର୍ଯ୍ୟ ସମ୍ପାଦିଲେ
କନ୍ୟାଦାନେ ରାଜା, କନ୍ୟା ସୁତେ ରାଜା ପାଇଁ ସତ୍ୟ କରାଇଲେ । ୧୩ ।
ବର ବରଯାତ୍ରୀ ଗଣେ ବରଗି କୁଟୁମ୍ବ ଜନେ
ପ୍ରୀତି ଭୋଜନରେ ଆପ୍ୟାୟିତ କଲେ ଭୋଜ୍ୟ, ଲେହ୍ୟ, ପେୟ, ଦାନେ । ୧୪ ।
ଯଥା କାଳରେ ରାଜନ ଯଥାଯଉତୁକ ମାନ
ରଥ ଗଜ ଦାସୀ ମନ୍ଥରା ସହିତ ଜେମାଙ୍କୁ କଲେ ଅର୍ପଣ । ୧୫ ।
ଜଗତ କରତା ସ୍ମରି ଜଗଦମ୍ବାରେ ଗୁହାରି
ଗିରିଜା ପତି, ଗିରିଜା ସୁତ ଚିନ୍ତି ଜାୟା ଘେନି ରାଜ୍ୟେ ଫେରି । ୧୬ ।
ଏକାଦଶ ଷଷ୍ଠ ପଦେ ଏ ଛାନ୍ଦେ ରାମଙ୍କୁ ବନ୍ଦେ
ପୁରାଣ ପୂରଣେ ଅହଃନିଶି ଗୁଣେ ପୂରଣ ହେଉ ନିର୍ଦ୍ୱନ୍ଦେ । ୧୭ ।

ଟୀକା :୫. ସୁରପତି-ରାଜା, ସୁରଜ୍ୟେଷ୍ଠ-ବ୍ରହ୍ମା, ସୁରବଂଶୀ-ବିପ୍ରବଂଶୀ । ୭. ଅଜପୁତ୍ର-ବ୍ରହ୍ମାପୁତ୍ର ବଶିଷ୍ଠ । ୧୫. ଜଗତକରତା-ନାରାୟଣ, ଜଗଦମ୍ବା-ଦୁର୍ଗା, ଗିରିଜା-ପାର୍ବତୀ, ପତି-ସ୍ୱାମୀ(ଶିବ), ଗିରିଜାସୁତ-ଗଣନାଥ(ଗଣେଷ), ଜାୟା-ସ୍ତ୍ରୀ(କୈକେୟୀ)

Digitized by PPRACHIN, SOA

ଅଯୋଧ୍ୟାରେ ଅନାବୃଷ୍ଟି ଦଶରଥଙ୍କ ବରପ୍ରାପ୍ତ

ଛାନ୍ଦ-୩୩

ରାଗ - କଳସା

ଜୟ ଜୟ ରଘୁନାଥ ସୀତା ମନୋହାରୀ ଦୀନ ଜନ ଡାକେ ତାକ ଘେନି କର ପାରି । ।୧।
ତବ ଅରପଣେ ନାହିଁ ଅଧମର ବିତ୍ତ ଏଣୁ ଉତ୍ସର୍ଗ କରୁଛି ତବ ଦତ୍ତ ଗୀତ । ।୨।
ଯେଣୁ ବନ୍ଦ୍ୟ ତୁମେ ତୁମ ସୁକୀର୍ତ୍ତି ରଚନା କରିବକେ ତୁମ୍ଭ କୃପାବିନା ହେବ କଣା । ।୩।
ଅଛି ଯା ରିତି ଯୁଗର ରୀତି ନୀତି କାବ୍ୟ ଏ ଅଧମ ନେତ୍ରେ ତା ଦେଖିବା ଅସମ୍ଭବ । ।୪।
ମୋପରି ବିପଥଗାମୀ ଏକାବ୍ୟ ରଚନେ ପରିବେଷଣ ଇଛିବା ହାସ୍ୟାସ୍ପଦ ମଣେ । ।୫।
ଧୃଷ୍ଟତା ବ୍ୟତୀତ ଆନ ଏହା କିଛି ନୁହେଁ ଏଣୁ ଅହର୍ନିଶି ତେବ ନାମ ହୃଦେ ଧାୟେ । ।୬।
ଯେ ନାମକୁ ସଦା ଶୂଳୀ କରିଣ ସ୍ମରଣ କରାଳୀଙ୍କ ପ୍ରଶ୍ନୋତ୍ତର କଲେ ସମାଧାନ । ।୭।
ସେ ନାମକୁ ହୃଦେ ଜପି ରଚେ ଏହି ସର୍ଗ ସେ ରସସୁଧାକୁ ଘେନ ସାଧୁ ସୁଧୀ ବର୍ଗ । ।୮।
ଅଯୋଧ୍ୟା ନରେଶ ଭାଗ୍ୟେ ମନ୍ଦ ଗ୍ରହ ସୃଷ୍ଟି- ହେଲା,ରୋହିଣୀ ନକ୍ଷତ୍ରେ ପଡୁ ଶନି ଦୃଷ୍ଟି । ।୯।
ପାପାଚାରେ ପାପକାର୍ଯ୍ୟ ନୀଚଫଳେ ଲୟ କରନ୍ତେ ଘୋଟିଣ ଆସେ ନାନା ବିପର୍ଯ୍ୟୟ । ।୧୦।
ଏଣୁ ସେ ରାଜ ସୌଧରେ କାମିନୀଙ୍କ ମେଳେ ଅଙ୍ଗ ସଙ୍ଗ ସୁଖେ ରାଜା ସର୍ବଦା ରହିଲେ । ।୧୧।
ରାଜାରୂପେ ଅନ୍ୟବାଳୀ ହୋଇଣ ମୋହିତ ଲଜ୍ଜାଛାଡି ଅଙ୍ଗଦାନେ ଆସିଲେ ଯେ ନିତ୍ୟ । ।୧୨।
ଏକୁ ଏକ ବଳି ବିଳାସିନୀ ସେ ଅଟନ୍ତି ପ୍ରମୋଦେ ମିଳିତ ହୋଇ ରାଜାଙ୍କୁ ଖଟନ୍ତି । ।୧୩।
ବନ୍ଦାପନା କରୁ ନୃପ ଭାଷିଲେ ବାଳାଙ୍କୁ ଦେହଲାଗି ଯୋଷାରୂପେ ନେଲୁ ଆଳାପକୁ । ।୧୪।
ଯେଣୁ ଅଙ୍ଗ ସଙ୍ଗେ ମନ କଲ ମଦାଳସୀ ନଘେନିଲେ ଲିଙ୍ଗଭଗ୍ନ ଦୋଷେ ହେବି ଦୋଷୀ । ।୧୫।
ଏଣୁ ସନ୍ତୋଷେ ପୁରକୁ ଚାଲ ହେ ନାରୀଶ ଗଣନେ ସେ ଯୋଷା ସାତ ଶତ ଅଣଚାଶ । ।୧୬।
ନିରତେ ନାରୀଙ୍କ ପୁରେ ରହନ୍ତେ ରାଜନ ରାଜ ସଭାକାର୍ଯ୍ୟମାନ ନୁହେଁ ସମାଧାନ । ।୧୭।
ଗୋ ଗୋଷ୍ଠେ ବୃଷଭ ଯଥା ରହେ ଧେନୁସଙ୍ଗେ ବିଳାସିନୀଙ୍କ ଗହଣେ ତଥା ନୃପ ରଙ୍ଗେ । ।୧୮।
ଅନ୍ତଃପୁରେ ନାରୀକୋଳେ ସଦା ବିହରନ୍ତି ପୁରୋଧା ସଚିବ ରାଜ କାର୍ଯ୍ୟଙ୍କୁ ଚଳନ୍ତି । ।୧୯।
ଦେବଯଜ୍ଞ, ଦେବପୂଜା, ବିପ୍ରେ ରତ୍ନ ଦାନୀ ନହେଉ,ଅଧର୍ମୁ ଦେଶେ ହେଲା ଧର୍ମ ଗ୍ଳାନି । ।୨୦।
ଶାସ୍ତ୍ର ଅଲୋଚନା ପାଇଁ ପଣ୍ଡିତ ବ୍ରାହ୍ମଣ ଫେରନ୍ତି ନକରେ ବୃଷ୍ଟି ସେ ପାକ ଶାସନ । ।୨୧।
ଗୁହାରି କଲେ କେ ପ୍ରଜା ଆସି ନୃପ ପାଶେ ନ ଶୁଣୁ କେତେକେ ପ୍ରଜା ଗଲେ ଅନ୍ୟ ଦେଶେ । ।୨୨।
କେତେ ଧର୍ମପରାୟଣ ଧର୍ମକୁ ସୁମରି କଷ୍ଟରେ କାଳାତି ପାତ କଲେ ରହିପୁରି । ।୨୩।
ଅଯୋଧ୍ୟା ଅନତି ଦୂରେ ନଗ୍ର ଚମ୍ପାବତୀ ଲୋମପାଦ ନାମେ ରାଜ କରଇ ରାଜୁତି । ।୨୪।
ଦାନ ହରଣ ପାପରୁ ବ୍ରହ୍ମଶାପେ ଦେଶେ ସୁବୃଷ୍ଟି ନକରେ ମେଘ ବିପ୍ରଙ୍କ ନିର୍ଦ୍ଦେଶେ । ।୨୫।
ଏଣେ ଚମ୍ପାବତୀ ତେଣେ ଅଯୋଧ୍ୟା ନଗର ବାରିବିହୀନେ ପ୍ରଜାଏ ହେଲେ ନାରଖାର । ।୨୬।
ଦୁର୍ଭିକ୍ଷ ପଡିଲା ପ୍ରଜା ଗଲେ ଅନ୍ୟଦେଶେ ଧର୍ମିଷ୍ଠ ପ୍ରଜା ଗୁହାରି କଲେ ନୃପ ପାଶେ । ।୨୭।
ନଶୁଣନ୍ତି ରାଜା ପ୍ରଜା ଧର୍ମକୁ ସୁମରି କଷ୍ଟରେ କାଟନ୍ତି କାଳ ସର୍ବ ନରନାରୀ । ।୨୮।
ଧର୍ମ ପରାୟଣା ବିଜ୍ଞା କୈକେୟୀ ସୁମତୀ ପ୍ରଜା ଗୋହରୀଏ ଦୁଃଖାର୍ତ୍ତେ ଦୁଃଖମନା ଅତି । ।୨୯।
ସଦଶିକ୍ଷା ଭୂପେ ଦେଇ ଭାଷେ ରଖି ଧର୍ମ ପରିତ୍ୟାଗ କରନାଥ ଅନ୍ତଃପୁର କର୍ମ । ।୩୦।

Digitized by PPRACHIN, SOA

ତଥାପି ତ୍ୟାଗ ନକରି ନ ହେଉ ଅନ୍ତର ବିଭୁପଦେ ଲକ୍ଷ୍ୟ ରଖି ମାଗେ ପ୍ରତିକାର । ।୩୧।
ବେଳୁବେଳ ରାଜ ଶକ୍ତି ଅବକ୍ଷୟ ହେଲା ବଳବୁଦ୍ଧି ଧୈର୍ଯ୍ୟ ବୀର୍ଯ୍ୟ ବିନାଶ ହୋଇଲା । ।୩୨।
ଏହି ଭାବେ ଗଲା ଦିନ ଦିନ ପରେ ରାତି ବିଧି ବିଡମ୍ବନା ପଣେ କାଳ ଗଲା ବିତି । ।୩୩।
ଯମଦଗ୍ନି ସୁତ ପିତା ଛଳେ କୋପ କରି କାଳେ କୋଶଳେ ପ୍ରବେଶ କଲେ ପର୍ଶୁ ଧରି । ।୩୪।
ବ୍ରାହ୍ମ ହସ୍ତେ ରଣ ମାଗି ପଠାଉ ସମ୍ବାଦେ ଭୟେ ଦଶରଥ ନଆସନ୍ତି ଡରି ଦ୍ୱନ୍ଦେ । ।୩୫।
ଜୀବରକ୍ଷା ଉଦ୍ଦେଶ୍ୟରେ ଶାଢ଼ୀ ପରିଧାନ କରିଣ ନାରୀ କବଚ ଶଙ୍ଖାକୁ ପିନ୍ଧିଣ । ।୩୬।
ନଆସୁ 'ତା' ଜାଣି ଗୁରୁ ବଶିଷ୍ଟ ତାପସ ପର୍ଶୁରାମେ କରାଇଲେ ବାକ୍ୟେ ଅତି ତୋଷ । ।୩୭।
ଫେରି ରେଣୁକା ସନ୍ତତି ଗଲେ ଅନ୍ୟଦେଶ ନାରୀପରିଚ୍ଛଦେ ଭୂପ ପ୍ରବେଶନ୍ତେ ପାଶେ । ।୩୮।
ରାଜାଙ୍କର ବୁଦ୍ଧିଭ୍ରଂଶ ମନ ମଧ୍ୟେ ଚିନ୍ତି ବିଦଗ୍ଧ ହୃଦେ କୈକେୟୀ ରାଜନେ ଭାଷନ୍ତି । ।୩୯।
ଅବଳା ମୁଁ ହୋଇପାରେ ନୁହଁଇଁ ଦୁର୍ବଳା କାପୁରୁଷପଣେ ବଂଶେ ଲଗାଇଲ କଳା । ।୪୦।
ରଣାଙ୍ଗନାର କ୍ଷତ୍ରିୟ ଧର୍ମକୁ ଆଦରି ତନୁ ତ୍ୟାଗ କରିଥିଲେ ଧର୍ମ ଯୁଦ୍ଧକରି । ।୪୧।
ବୈଧବ୍ୟ ବ୍ରତ ପାଳିଣ ସମସ୍ତ ଅଙ୍ଗନା କ୍ଷତ୍ରି ଧର୍ମେ ରହି ବାନ୍ଧିଥାନ୍ତୁ ସ୍ତନେ ବାନା । ।୪୨।
ବାଦ୍ୟଶବ୍ଦ କୋଳେ ତୁଣ୍ଡବାଦ୍ୟ ସସ୍ତ୍ରକୋଶ- ଶୁଭେ ଲୁଚାଇ ନହେବ ହେବ ବହୁ କ୍ଳେଶ । ।୪୩।
ବହୁ ନାୟିକା ମେଳାପୁ ନୁହେଁ ପୁତ୍ରପୁତ୍ରୀ ଏ ଅଧୀନା ବାକ୍ୟ ଘେନି ରହନ୍ତୁ ନିବର୍ତ୍ତି । ।୪୪।
ତଥାପି ନୃପତି ସଦା ନାରୀଗହଣରେ କୈକେୟୀ ସୁବାକ୍ୟ ମନ୍ତ୍ର ନପଶେ କର୍ଣ୍ଣରେ । ।୪୫।
କୁଳ ମର୍ଯ୍ୟାଦା ଯା କ୍ଷୟ ଯାଣି ରାଣୀଗଣ ରାଜାଙ୍କୁ ପ୍ରୀତି ଦାନରୁ କରାନ୍ତି ବାରଣ । ।୪୬।
ବିଚଳିତ ନହୋଇଣ ନୃପଏ ସମ୍ବାଦେ ଅଙ୍ଗନା ଶେଷରେ ଗଲେ ମୃଗୟା ବିନୋଦେ । ।୪୭।
ଶ୍ରମ ଲଘୁ ଆଶେ ଗଲେ ପାଦପ ତଳକୁ ସେ ବୃକ୍ଷେ କାନ୍ତ କପୋତୀ ଭାଷେ ଗ କାନ୍ତକୁ । ।୪୮।
ନାଥ ହେ ଏଦେଶେ ଆଉ ରହି ନପାରିବା ପ୍ରାଣରକ୍ଷାପାଇଁ ଏଥୁ ଅନ୍ୟ ବନେ ଯିବା । ।୪୯।
ଏରାଜା ବଂଶର କୀର୍ତ୍ତି ସ୍ମରି ଏଥି ବାସ କରିଣ ରହିଲେ ନାଥ ବହୁତ ବରଷ । ।୫୦।
ଅଜ,ଜ'ଏ ଅଯୋଧ୍ୟାରେ ହୋଇ ନରପତି ନାରୀ ଗହଣରେ ରହି ବୁଡାଇଲେ କୀର୍ତ୍ତି । ।୫୧।
ସେ ଅଧର୍ମୁ ମେଘମାଳ ନ ବର୍ଷନ୍ତି ଜଳ ଜଳ ବିନା ନାଶ ଯାଏ ଏମହି ମଣ୍ଡଳ । ।୫୨।
ଖାଦ୍ୟ ଫଳ ମୂଳ ଆଦି ନମିଳିଲା କିଛି ପିଇବା ପାଣି ନପାଇ ଏ ବୃକ୍ଷେ ଫେରୁଛି । ।୫୩।
କପୋତ ଭାଷେ ଏସ୍ଥାନ ଜନ୍ମ ମାଟି ମୋର ଏଥି ମଲେ ଧର୍ମ ମତେ ହୋଇବା ଉଦ୍ଧାର । ।୫୪।
ଜନ୍ମ ହେବେ ସେହି ରାଜା ଘରେ ନାରାୟଣ ମଲେ ବା, ଜୀବିତେ ଥିଲେ ପାଇବା ନିର୍ବାଣ । ।୫୫।
ପୂର୍ବେ ସନତ କୁମାର ଋଷିଙ୍କର ଭାଷା ଶୁଣି ମୁକ୍ତି ଆଶେ ଏଥି ବାନ୍ଧିଅଛି ବସା । ।୫୬।
ଏହା କହି ଦୃଷ୍ଟି ତଳେ ଦେଉ ସେ କପୋତ ଦେଖିଣ ଦଶରଥଙ୍କୁ ହେଲା ସ୍ତମ୍ଭୀଭୂତ । ।୫୭।
ପୁଣି ଭାଷିଲା କାନ୍ତାକୁ ହୃଦେ ମଣି ଭୀତି ଗଲା ଜୀବନ ସମସ୍ତ ଶୁଣିଲେ ନୃପତି । ।୫୮।
ସାନ୍ତ୍ୱନା ଦେଇ କହିଲେରାଜା କଲି ରକ୍ଷା ନଯାଅ ଅନ୍ୟ କାନନେ ଦେଲୁ ସଦଶିକ୍ଷା । ।୫୯।
ଶିକାର ଆଉ ମେ ରାତ୍ରେ ନକରି ଏଥିରେ ଫେରିଲେ ରାଜା ବାସରେ କୈକେୟୀଙ୍କ ପୁରେ । ।୬୦।
ଘଟିବା ଘଟଣା ସର୍ବ କହିଣ ରାଣୀଙ୍କୁ ବିସ୍ମୟେ ପୁଛନ୍ତି ଦଶା ନାଶ ହୋଇବାକୁ । ।୬୧।
ରାଜାଙ୍କ ଦୁଃଖରେ ଦୁଃଖୀ ହୋଇ ସେ କୈକେୟୀ ଆଶ୍ୱାସି ସାନ୍ତ୍ୱନା ବାକ୍ୟେ କହନ୍ତି ବୁଝାଇ । ।୬୨।
ଉଭୟେ ମେଳ କରିବା ଯାଇ ଦିଗାନ୍ତର ପ୍ରସନ୍ନହେଲେ ସେ ଆମ୍ଭ ଦୁଃଖ ହେବଦୂର । ।୬୩।
ସ୍ୱୀକାର କରି ରାଜା ରାଣୀ ସଙ୍ଗତରେ ଯାଇ ଶିବଙ୍କୁ ଡାକିଲେ ଘୋର ବନସ୍ତରେ । ।୬୪।

Digitized by PPRACHIN, SOA

ଶିବଙ୍କ ସ୍ତବ

ହେ ତ୍ରିନେତ୍ର ଚାରି ଭୂଜ ସୌମ୍ୟ ଶାନ୍ତ ଶିବ ସର୍ବା ଭରଣ ଭୂଷିତ ଆହେ ନୀଳଗ୍ରୀବ । ।୬୫।
ନାଗ ଯଜ୍ଞ ଉପଚିତ ବ୍ୟାଘ୍ର ଚର୍ମଧାରୀ ଜ୍ୱଳିତ କପୀଳ ଜଟା ମଧ୍ୟେ ଗଙ୍ଗାବାରି । ।୬୬।
ଦିବ୍ୟ ଭୋଗ ସମାକୁଳ ଦେବ ସମାଯୁକ୍ତ ଉମା ଦେହାର୍ଦ୍ଧ ଧାରୀଣ ହେ ନିତ୍ୟ ଶାଶ୍ୱତ । ।୬୭।
ହେ ବିଶ୍ୱ ମଙ୍ଗଳ ବିଶ୍ୱପାଳ ବିଶ୍ୱନାଥ ଆଶୁତୋଷ ମୃତ୍ୟୁଞ୍ଜୟ ପ୍ରଭୁ ପଞ୍ଚବକ୍ତ୍ର । ।୬୮।
ପୂତନାମା ନରକରୁ ଉଦ୍ଧାର ନିମନ୍ତେ ପୂର୍ଣ୍ଣ ମନୋରଥେ ପୁତ୍ର ଦାନ କର ମୋତେ । ।୬୯।
ସାତଶ ପଚାଶ ରାଣୀ ମନବୋଧ ପାଇଁ ଶକ୍ତି ବଳ ବୀର୍ଯ୍ୟଦାନ କର ଉମା ସାଇଁ । ।୭୦।
ଅନାବୃଷ୍ଟି ମୋରାଜ୍ୟରୁ ଦୂରେ ଯାଉ ଫେରି ଏତିକି ମାତ୍ର ମାଗୁଛି ଦିଅ ତ୍ରିପୁରାରୀ । ।୭୧।
ଏହି ପରି ରାଜାରାଣୀ ଡାକି ପୁଣ ପୁଣ ରହିଲେ ତପରେ ବସି ଗଲା ବହୁ ଦିନ । ।୭୨।
କେତେଦିନ ପରେ ଶିବ ହୋଇ ସୁପ୍ରସନ୍ନ ବୃଷଭ ବାହନେ ଆସି ଦିଅନ୍ତି ଦର୍ଶନ । ।୭୩।
ଭାଷନ୍ତି କିପାଇଁ କଷ୍ଟେ ଯୋଗାସନେ ବସି ଡାକୁଛ ମୋତେ ପ୍ରକାଶ ସମସ୍ତ ବିଶେଷି । ।୭୪।
ଭାଷନ୍ତି କୋଶଳେଶ୍ୱରୀ ଶୁଣନ୍ତି ଶଙ୍କର ଥିବା ଅପଚୟ ପ୍ରଭୁ ସର୍ବ ଦୂରକର । ।୭୫।
ବହୁ ବିଳାସିନୀ ମଧ୍ୟେ ରାଜା ଏକ ପତି ଧର୍ମାଧର୍ମନାଶ କଲେ କୁଟ ଗୃହେ ମାତି । ।୭୬।
ଏଣୁ କାହାର କୋଳରେ ନହେଲେ ନନ୍ଦନ ଏହା ସମାଧାନେ ପ୍ରଭୁ କରୁଛୁ ବନ୍ଦନ । ।୭୭।
ଏ ବଂଶର ରାଜାମାନେ ହୋଇ ଚକ୍ରବର୍ତ୍ତୀ ଦାନଧର୍ମେ ପ୍ରଜା ପାଳି ଅର୍ଜିଥିଲେ କୀର୍ତ୍ତି । ।୭୮।
ଏହାଙ୍କ ଅମଳେ ତାହା ସର୍ବନାଶ ହେଲା ସତ୍ୟହୀନେ ଶତ୍ରୁ ଭୟ ଦୁଃର୍ଭିକ୍ଷ ପଡିଲା । ।୭୯।
ଏଣୁ ଭୟଭୀତ ହୋଇ କରିଣ କାମନା ଏଘୋର ଅରଣ୍ୟେତାକୁ ଘେନ ଅରଚନା । ।୮୦।
ଦେବ ପୁତ୍ରଦାନ ସର୍ବ ନାରୀ ସୁହାଗିନି ହୋଇ ବଳଦେବୁ କାନ୍ତେ ତୁଅ ବରଦାନେ । ।୮୧।
ଏରସାରେ ବୀରମଧ୍ୟେ ନାଥ ହେବେ ଶ୍ରେଷ୍ଠ ଅନାବୃଷ୍ଟି ଯିବଦେଶୁ ପ୍ରଜାହେବେ ତୁଷ୍ଟ । ।୮୨।
ପ୍ରଜା ପାଳିବେ ସତ୍ୟକୁ ରଖି ନୋହି ମାନି ନଫେରିବେ ଆଗନ୍ତୁକ ହୋଇ ଅଭିମାନି । ।୮୩।
ବ୍ରାହ୍ମଣ, ଅତିଥି ପୂଜା ବିଧିମତେ ହେବ ଯେଉଁ ଭାବେ ସେହିବର ଦେବ,ମହାଦେବ। ।୮୪।
ଏକାମ୍ୟ କାମନା ପ୍ରଭୁ ରଖୁଛୁ ମନରେ ପ୍ରଦାନ କରିଣ ବର ରଖନ୍ତୁ ଧନରେ । ।୮୫।
ରାଣୀବାଣୀ ଶୁଣି ଫଣୀ ଧାରଣ ଭାଷନ୍ତି ମୋବରେ ପୁତ୍ରାଶା କାହୁଁ ହେବ ଫଳବତୀ । ।୮୬।
ଆନବର ହେବ ପ୍ରାପ୍ତ ଯାଅ ସଦନକୁ ଧର୍ମକାର୍ଯ୍ୟେ ଦେବଚିତ୍ତ ତା ସମାଧାନକୁ । ।୮୭।
ରୁଦ୍ର ବାଣୀ ଶୁଣି ରାଣୀ ଅତି ଦୁଃଖାର୍ତ୍ତରେ କହନ୍ତି ଅକର୍ମ ଦାତା ବିଚାରନ୍ତୁ ଥରେ । ।୮୮।
ପୂର୍ବରୁ ଶୁଣିଛି ତୁମ୍ଭେ ଅକର୍ମାକୁ ଦାନ କରିଣ ନାଶିଛ ତାର ସର୍ବ ଅଭିମାନ । ।୮୯।
ଏଛାର ଦୁଃଖିନି ଦୁଃଖ ନଶୁଣ କିପାଇଁ ମାତ ଅପର୍ଣ୍ଣେ ମୋ ଦୁଃଖ ଫେଡଣିବେ କହି। ।୯୦।
ନାରି କ୍ରନ୍ଦନ ନାରିଏ ସହି ନପାରନ୍ତି ହିମାଦ୍ରି ନନ୍ଦିନୀ ଶିବେ ଗୁହାରି କରନ୍ତି । ।୯୧।
ଆହେ ପଞ୍ଚାନନ ଦାନ କର ପାଞ୍ଚବର ଯା ପ୍ରସାଦେ ରାଜାରାଣୀ କଷ୍ଟ ହେବ ଦୂର । ।୯୨।
ପ୍ରିୟା ବାକ୍ୟ ପ୍ରିୟମଣି ଦେବ ତ୍ରିଲୋଚନ ଆଗତ ଭବିଷ୍ୟ ଚିନ୍ତି ବର କଲେ ଦାନ । ।୯୩।
ମୋ ଆଦେଶେ ଶତନାରୀ ରମଣର ଶକ୍ତି ସୂର୍ଯ୍ୟ ରଶ୍ମି ଦାନକରୁ ବଂଶଧର ଚିନ୍ତି । ।୯୪।
ଏ ଅକ୍ଷୟ ବୀଜମନ୍ତ୍ର ସଦା ମନେ ହେଜ ନଟଳିବ ବିନ୍ଦୁ କଦା ନ କମିବ ତେଜ । ।୯୫।
ଯେଉଁ ସ୍ଥାନେ ରେତଦାନେ ହେବ ନୃପରତ ଶୃଙ୍ଗାରେ ବିନା ଶୃଙ୍ଗାରେ କରି ପାରେ ଦତ୍ତ । ।୯୬।
ମାତ୍ର ଏକ ବାର ତାହା ହୋଇବ କାରଣ ତାବିନା ଅଙ୍ଗନା ଭୋଗ ନହେବ ବାରଣ । ।୯୭।

Digitized by PPRACHIN, SOA

ଶବର ପଲ୍ଲୀରେ ଅଛି ତ୍ରିଗର୍ତ୍ତ ଶବର ତା ନିକଟେ ଶବ୍ଦଭେଦୀ ନାମେ ଅଛି ଶର । ।୯୮।
ମୋ ଆଜ୍ଞା ଜଣାଇଁ ତାକୁ ସ୍ଥାପିଣ ମିତ୍ରତା କବଳ କରସେ ଶର ମନୁଛାଡି ଚିନ୍ତା । ।୯୯।
ତୁମ୍ଭ ନାମ ଅନୁସାରେ ତୁମ୍ଭ ଗତି ରଥ ଦଶଦିଗ ଗମନରେ ହୋଇବ ସମର୍ଥ । ।୧୦୦।
ଏଯୋଗୁଁ ସର୍ବ ଐଶ୍ୱର୍ଯ୍ୟ ହୋଇବ ପ୍ରାପତ ସତ୍ୟେରଖୁ ସ୍ଥିତପ୍ରେଜ୍ଞ ନାମ ହେବ ଖ୍ୟାତ । ।୧୦୧।
ଅବିଳମ୍ବେ ନାରୀ ଘେନି ଯାଅ ନିଜପୁରେ ନମନ୍ତେବେନିଙ୍କୁ, ଶିବ ଗଲେ କୈଳାସରେ । ।୧୦୨।
ଏହିପରିଭାବେ ଦଶରଥ ନରପତି ଶିବପୂଜି ବରପାଇ ପୁରକୁ ଫେରନ୍ତି । ।୧୦୩।
ପୁରୋଧା ଗ୍ରହବିପ୍ରଙ୍କୁ ଡକାଇ ଆଣିଲେ ରିଷ୍ଟଗ୍ରହ ଶାନ୍ତିଅର୍ଥେ ପ୍ରତିଗ୍ରହ କଲେ । ।୧୦୪।
ରଚନ୍ତି କୁଳପୁରୋଧା ଗ୍ରହବିପ୍ରମିଶି ଗ୍ରହମଣ୍ଡଳରେ ଶନି ପୂଜିଆସ ତୋଷି । ।୧୦୫।
ରୋହିଣୀ ନକ୍ଷତ୍ର ଶନି ଦୃଷ୍ଟିଦେଉଆନେ ଫେରିବ ପୂର୍ବ ଐଶ୍ୱର୍ଯ୍ୟ ବ୍ରାହ୍ମଣ ପୂଜନେ । ।୧୦୬।
ଗ୍ରହ ମଣ୍ଡଳେ ଯିବାକୁ ହୁଅନ୍ତେ ଚିନ୍ତିତ ପ୍ରାପତ ହୋଇଲା ଶବ୍ଦଭେଦୀଶର ରଥ । ।୧୦୭।
ମନ୍ତ୍ର ସମ୍ପୁଟ କରିଣଆରୋହି ସ୍ୟନ୍ଦନ ଶନି ଗ୍ରହକୁ ଚଳିଲେ ସେ ନୃପ ବନ୍ଦନ । ।୧୦୮।
ଶନି କୋପଦୃଷ୍ଟି ଅଶ୍ୱ ବାଗ ଦଉଡିରେ ପଡନ୍ତେ ପୋଡିଲା,ରଥ,ଖ'ରୁଖସେ ଖରେ । ।୧୦୯।
ଦେଖିତା ବିହଙ୍ଗରାଜା ଭାଇ ପକ୍ଷି ଜଟା ଲମ୍ଫ ଦେଇଣ ଆକାଶେ ଧରି ଚଟାପଟା । ।୧୧୦।
ଭୂପୃଷ୍ଠରେ ଧୀରେ କରିଲା ଅବତରଣ ଜୀବରହୁ ବର ଯାଚନ୍ତେ ସେ ନୃପରାଣ । ।୧୧୧।
କହିଲା ଜଟାୟୁ ମୁହିଁ ଅଟଇ ବିହଗ କିବର ମାଗିବି ଦେବ ସତ୍ୟକର ଆଗ । ।୧୧୨।
ଜଳଧରି ସତ୍ୟକରି ଟେକନ୍ତେ କରକୁ କହେଖଗ,ଦେବତୁମ ଜ୍ୟେଷ୍ଠକୁମରକୁ । ।୧୧୩।
କରିବସେ ମୋର ଶେଷରେ ଅନ୍ତ୍ୟେଷ୍ଟି କ୍ରିୟା ଶୁଣିରାଜା ବିକଳରେ ବାତାଇଣହିଆ । ।୧୧୪।
ବୋଇଲେ, ବିହଙ୍ଗମୋର ନାହିଁତକୁମର ବୋଲେପକ୍ଷୀ;ହେଲେଦେବ ମୁଁଖେବ୍ୟକ୍ତକର । ।୧୧୫।
ସୀଉକାର କଲେ ରାଜା ଗଲା ସେ ବିହଙ୍ଗ ଏଣେ ଶନିରିଷ୍ଟ ନାଶେ ଶୁଦ୍ଧକରି ଅଙ୍ଗ । ।୧୧୬।
ରାଜନ କରିଲେ ସ୍ତୁତି ତୋଷହେଲେ ଶନି ଦଶରଥ ଶନିସ୍ତୋତ୍ର ବୋଲିଯା ମେଦିନୀ । ।୧୧୭।
ଘୋଷୁଅଛି ଆହେଜନେ ଜାଣତ ସରବେ ଶନିଦଶା ପଡୁ ତାହା ପାଠକର ସର୍ବେ । ।୧୧୮।
ରୋହିଣୀ ନକ୍ଷତ୍ରୁ ଆଡ ହେଲା ଶନି ଦୃଷ୍ଟି ଇନ୍ଦ୍ର ସଭାରେ ନିର୍ଦ୍ଦେଶୁ କରିବାକୁ ବୃଷ୍ଟି । ।୧୧୯।
ବୃହସ୍ପତି ଜଣାଇଲେ ଚମ୍ପାବତୀ ପୁର ବ୍ରହ୍ମଶାପେ ବାରିବିନା ହୁଏ ନାରଖାର । ।୧୨୦।
ଯେଣୁ ସେ ଦେଶନିକଟେ ଏଦେଶରସ୍ଥିତି ଋଷ୍ୟଶୃଙ୍ଗେ ଆଣୁ ଚମ୍ପାବତୀ ନରପତି । ।୧୨୧।
ଏକ ସଙ୍ଗେ ବେନିରାଜ୍ୟେ ଅମ୍ବୁଦାନ ଦେବା ଲୋମପାଦେକହି, ଋଷି' ଆଣନ୍ତୁ ମଘବା । ।୧୨୨।
ଏକଶତ ତ୍ରୟୋବିଂଶ ପଦରେ ପୂରଣ କରିଦୟାନିଧି ହୃଦେ ଚିନ୍ତେ ରଘୁରାଣ । ।୧୨୩।

ସୁମିତ୍ରାଙ୍କୁ ବିବାହ କରିବା ପାଇଁ ଦଶରଥଙ୍କ ପ୍ରସ୍ତାବ

ଛାନ୍ଦ - ୩୪

ରାଗ - ନଅପୋଇ (୨୨ ଅକ୍ଷର)

ଘେନ ସୁଧୀନର ମନକରି ସ୍ଥିର ସୁମିତ୍ରା ବିବାହ ଦିବ୍ୟରସ ।
ପୁଚ୍ଛନ୍ତେ ପାର୍ବତୀ ଚିନ୍ତି ରଘୁପତି ପ୍ରକାଶିଲେ ଯାହା ବ୍ୟୋମକେଶ ।।୧।

ପ୍ରଭାତ ବର୍ଣ୍ଣନା

ରଜନୀଶେଷରେ ବିଜେ ଆକାଶରେ ଅରୁଣ, ଅରୁଣ- ସ୍ୟନ୍ଦନରେ ।
ହୋଇଲା ନିସ୍ତେଜ ନିଶାକର ତେଜ କୁମୁଦ, ମୁଦକୁ ଲଭେଧୀରେ । ।୨।
ବିଟ ଷଟ ପଦ ମଣିଣ ପ୍ରମାଦ ନଳିନୀ ପ୍ରକାଶୁ ପୁରୁଗଲା ।
ମହୀସୁର ଗୋଷ୍ଠୀ ହୋଇଣ ସମଷ୍ଟି ସ୍ନାନେ ଯାଉଭାଙ୍ଗ ଡାକଦେଲା । ।୩।
ମୁକୁତାର ହାର ଅନ୍ତର କାକର କାକ'ର ନାଦରେ କମ୍ପୁରସା
ଦୀପଶିଖାତେଜ ମଳିନ ନିସ୍ତେଜ ଦେଖୁକେଳିପୁରୁ ଫେରେଯୋଷା ।୪।
ମନ୍ଦ'ରାବଭୟେ ସେ ନିଶାଟ ଚୟେ ଶାବକେ ଘେନି ପା- ଦପ କ୍ରୋଟେ ।
ବିରହେ ବିଦୂରୁ ଚକ୍ରବାକ ଫେରୁ କାମେ ନଦୀପ୍ରାନ୍ତେ କାନ୍ତାଭେଟେ । ।୫।
ହରିହର ଆଳେ କମ୍ବୁସ୍ୱନ ରୋଳେ ପ୍ରଫୁଲ୍ଲ ହୁଅଇ ଭକ୍ତ ହିଆ ।
ହଳ ଯୋଚି ନେଇ ଭୂମିକୁ ଚଷଇ ହଳୁଆ ଗୀତ ଗା- ଇ ହଳିଆ । ।୬।
ଦେବାଦେବୀପୁରେ ନାମରଟୁ ସୁରେ ଶ୍ରବଣୁ ଶ୍ରବଣେ ଆମ୍ଭାତୋଷ ।
ଆକାଶେ ତପନ ହେଉ ଦିବ୍ୟମାନ ରାଜକର୍ମଚାରୀ ପରବେଶ । ।୭।
ଘେନି ପାତ୍ରମନ୍ତ୍ରୀ ମଗଧ ନୃପତି ସଭାଆଦ୍ୟେ କନ୍ୟା-ବିବାହରେ ।
ବାଢ଼ନ୍ତେ ପ୍ରସ୍ତାବ ଭାଷନ୍ତି ସଚିବ ଭୂପେ ଡକାଇବା ସ୍ୱୟଂମ୍ବରେ । ।୮।
ଘେନି ସହଚରୀ ପୁଷ୍ପମାଲ୍ୟ ଧରି ଯେ ନୃପେ ବରିବେ କେମା ମଣି ।
ସମର୍ପୁ ସେ ହସ୍ତ ହେବ ସମାପତ ସୁଭୋଜ୍ୟେ ତୋଷିବା ନୃପଶ୍ରେଣୀ । ।୯।
ସେ ମଗଧେଶ୍ୱର କରି ସୀଉକାର ହକାରି ଅଣାଇ ଭୂ ଗୀର୍ବାଣେ ।
ଭାଷନ୍ତି କାକୁସ୍ତେ କେମାମଣି ଅର୍ଥେ ବର ଭୂପ ଋଷି ବିପ୍ରଗଣେ । ।୧୦।
ଗମି ବିପ୍ରଗଣ କରନ୍ତି ବରଣ ରାଜନେ ଦେଖାଇ ଚିତ୍ରପଟ ।
ତିଥି ଲଗ୍ନ ବାସ କରିଣ ପ୍ରକାଶ ବର,ଶାନ୍ତେ ନୃପେ ହେଲେ ଭେଟ ।।୧୧।
ରସା ସୁତା ପତି ହୃଦେ ସଦାଚିନ୍ତି ବିପ୍ର ଦୟାନିଧି ଛାନ୍ଦ ବନ୍ଧେ ।
ଭଣିଲେ ଏରସ ଘେନ ହେ ବିଦୁଷ ଛାନ୍ଦ ଶେଷ ପଦ ଦିଗଦ୍ୱନ୍ଦେ । ।୧୨।

Digitized by PPRACHIN, SOA

ନୃପଙ୍କ ସମୀପେ ସ୍ୱୟମ୍ବର ବିଧାନ ପ୍ରକାଶ

ଛାନ୍ଦ - ୩୫

ରାଗ - ଦ୍ୱାରୀବୃତ୍ତେ

ଶୁଣ ହିମାଦ୍ରି ନନ୍ଦିନୀ ଗୋ ଏହାପରେ ଯା'ହୋଇଲା ରସ । ।।ଘୋଷା।।
ସ୍ମରୁ ସୀତାଈଶ ଯା ହୋଇଲାଦୃଶ୍ୟ କର୍ଣ୍ଣପଥେ କର ଗ୍ରାସ । ।୧।
ବିପ୍ରଙ୍କ ବରଣ ଘେନି ନୃପଗଣ ତହିଁ ହୋଇଲେ ପ୍ରବେଶ ।
ସଂଖ୍ୟା କରାଗଲା ସହସ୍ରେ ହୋଇଲା ତାଙ୍କୁ ରାଜା କରନ୍ତି ସମ୍ଭାଷ । ।୨।
ବସାଘର ଆଦି ଦିଅନ୍ତି ସମ୍ପାଦି ଷଡ ବିଞ୍ଜନାଦି ରସ ।
ପୁଚ୍ଛନ୍ତି ସୁମିତ୍ରା ସଖୀ ସଂଘମିତ୍ରା କିମ୍ପା ନଗର ଗହଳ, ଭାଷ । ।୩।
ବୋଲେ ସହଚରୀ ତୋ ବିବାହେ ବରି ଆଣିଛନ୍ତି ନୃପଈଶ ।
ଘେନ ପୁଷ୍ପମାଳା ଯେ ଭୂପର ଗଳା ଲମ୍ଭାଇବୁ ସ୍ୱାମୀ ସେ,ନାରୀଶ । ।୪।
ପ୍ରଭାତ ହୁଅନ୍ତେ ସେ ନିଶିର ପ୍ରାନ୍ତେ ପୂଜାକରିଣ ସପ୍ତାଶ୍ୱ ।
ସଭା ଅୟୋଜନ କରନ୍ତେ ରାଜନ ଦଣ୍ଡଧାରୀ-ଏ ହେଲେ ପ୍ରବେଶ । ।୫।
ଜେମାକରିବେଶ ଆଣିବା ସନ୍ଦେଶ ଦେଉ ମଗଧ ଅଧୀଶ
ଯତ୍ନେ ବେଶକରି ସର୍ବ ସହଚରୀ ଜେମା ସଭାରେ କଲେ ପ୍ରବେଶ । ।୬।
ସେ ମଗଧ ରାୟେ ଭାଷଇ ବିନୟେ ଶୁଣ ସର୍ବ ମହୀଈଶ
ରାଜା ମଧ୍ୟୁଜଣେ ମୋ କନ୍ୟା ବରଣେ ଏହି ସଭା ହୋଇଛି ଆବେଶ । ।୭।
ଘେନି ସହଚରୀ ବରମାଲ୍ୟଧରି ବରିବ ଯେଉଁ ନୃପଙ୍କୁ
ସେ ଜାମାତା ହେବ ଦ୍ୱନ୍ଦ ନହୋଇବ ଶୁଣ ଏହା ମୋର ଶଙ୍କୁ । ।୮।
ରାମ ପାଦ ବନ୍ଦି ଦୀନ ଦୟାନିଧି୍ କହେ ନଧର ତାଦୋଷ
ଯେଣୁ ନବରଙ୍ଗ ସମସ୍ତ ସୁଆଙ୍ଗ ନବପଦେ ସ୍ଥିତ ଏହି ରସ । ।୯।

ସୁମିତ୍ରା ବିବାହ, ବାହୁଡା ବରକନ୍ୟା
ରାବଣ ଦ୍ୱାରା ସୁମିତ୍ରା ହରଣ

ଛାନ୍ଦ - ୩୬

ରାଗ - କଳସା (ଚଉଦ ଅକ୍ଷରୀ)

ଏଥୁଅନ୍ତେ ଦିବ୍ୟ ରସ ଶୁଣ ସୁଧୀ ଜନ
ଗିରିଜା,ଙ୍କ ପ୍ରଶ୍ନେ ଯା' ଭାଷିଲେ ପଞ୍ଚାନନ । ।୧।
ପୂର୍ବଚରିତେ ସମ୍ମତି ଦେଇ ମହୀପତି
ବରମାଲ୍ୟ ଧରି ଜେମା ସଭାକୁ ଗମନ୍ତି । ।୨।
ଦାସୀ ସଙ୍ଘମିତ୍ରା ରାଜା ପରିଚୟ କରେ
ବିଲୋକି ବିଲୋକି, ଜେମା ଗମେ ଧୀରେ ଧୀରେ ।୩।

Digitized by PPRACHIN, SOA

ସଙ୍ଘମିତ୍ରା ଭାଷେ କେମା ଏକାଶୀ ରାଜନ
ତୋହରି ନିମନ୍ତେ ଏଥି, ହେବେ ତୋ ଭାର୍ଜନ । ।୪।
ସର୍ବ ଐଶ୍ୱର୍ଯ୍ୟଶାଳୀଏ ପାଇ ଶିବ ବର
ମନ ପ୍ରସନ୍ନେ ଏ ଭୂପେ ବର ରୂପେ ବର । ।୫।
ଦେଖ ସଖୀ ତାହାଙ୍କ ନିକଟେ ସିନ୍ଧୁରାଜା
ଲକ୍ଷେ ଗଜ ଘେନି ବିଜେ ଉଡେ ଲକ୍ଷେ ଧ୍ୱଜା । ।୬।
ସୁପର୍ଣ୍ଣ ଦେଶର ସଉଭଦ୍ର ନରପତି
ଦେଖ ବରାନନେ ତାଙ୍କ ନିକଟେ ଅଛନ୍ତି । ।୭।
ଏକ ଊଣା ଶତେରାଜା ଏହାଙ୍କୁ ପୂଜନ୍ତି
ତାଙ୍କ କର ଧର ଚିତ୍ତ ସୁପ୍ରସନ୍ନେ ଚିନ୍ତି । ।୮।
ସଉବୀର ଦେଶର ଏ ରାଜା ସଉଦାସ
ବରମାଲ୍ୟ ଦେଇପାର ବଳିଲେ ମାନସ । ।୯।
ଦେଖଗୋ ସଜନୀ ଏହି ଲଙ୍କାର ଈଶ୍ୱର
ପୃଥିବୀରେ ବୀର ହେଲେ ପାଇ ବ୍ରହ୍ମାବର । ।୧୦।
ସୁର ଅସୁର କିନ୍ନର ଭୟମନେ ନିତି
ପଦରେ ଖଟନ୍ତି କିସ କହିବି ବିଭୂତି । ।୧୧।
ରସା ମଧ୍ୟେ-ଶ୍ରେଷ୍ଠଯୋଷା ସାତଶପଚାଶ
ଅହର୍ନିଶି ସେବା କାର୍ଯ୍ୟେ ହୋଇଥାନ୍ତି ବସ । ।୧୨।
ଏହାଙ୍କ ବରଣେ କେମା ଦିଅ ନିଜ ମତି
ସର୍ବ ନାୟିକା ମଧରେ ହେବୁ ପ୍ରିୟଗତୀ । ।୧୩।
ଦାସୀ ବାକ୍ୟରେ ଛଳାଇ ଭାଷନ୍ତି ସୁମିତ୍ରା
ନକହ ନକହ ସଖୀ ଏ ପାପାତ୍ମା କଥା । ।୧୪।
ଏ ରାଜା, ରାଜଦଣ୍ଡରେ ଭୀତ ଦେବାସୁର
ସେ ଦୋଷରୁ ଏ ଐଶ୍ୱର୍ଯ୍ୟ ନରହିବ ସ୍ଥିର । ।୧୫।
ଏ ବାକ୍ୟ ଶୁଣି କୋପରେ ଭାଷେ ଲଙ୍କପତି
ସୁ’ ବରେବର ବରାଙ୍ଗୀ, ଦେଖିବା ବିଭୂତି । ।୧୬।
ସବୁ ରାଜାଙ୍କ ବିଭୂତି ଶୁଣି ହେଲୁ ବୋଧ
ମୋତେ ଭର୍ତ୍ସନା କରିଲୁ ନେବି ପ୍ରତିଶୋଧ । ।୧୭।
ଏତେ କହି ଲଙ୍କପତି ଅଭିମାନେ ଗଲା
ପଥରେ କାନନ ମଧେ ଅପେକ୍ଷା କରିଲା । ।୧୮।
ଏଣେ ସଖୀଏ ଗମନ୍ତି ସଙ୍ଗେ କେମା ନେଇ
ରାଜାଙ୍କ ନାମ ବିଭବ ବୁଝାଇ ଚିହ୍ନାଇ । ।୧୯।
ଅଯୋଧ୍ୟା ଅଧୀଶ ଆଗେ ମିଳି ସଖୀଗଣ
ରାଜ ପରମ୍ପରା ଗୀତି କରନ୍ତି ଗାୟନ । ।୨୦।

Digitized by PPRACHIN, SOA

ରୂପ ସୁନ୍ଦର ସୁକୀର୍ତ୍ତି ସୁଗୁଣ ଶ୍ରବଣ
କରୁ ବିମୁଗ୍ଧ ହୋଇଲା ସୁମିତ୍ରାଙ୍କ ମନ । ।୨୧।
ବରମାଲ୍ୟ ଦେଇ ବଳେ ଭାଷନ୍ତି ନୃପଙ୍କୁ
ବିଭା ଅର୍ଥେ ମାଲ୍ୟଦେଲି ଘେନ ଅର୍ଚ୍ଚନାକୁ । ।୨୨।
ସଦାତବ ପଦେ ଦାସୀ ହୋଇବ ଆଶ୍ରିତ
ଆନନ୍ଦେ ଗ୍ରହଣ କଲେ ରାଜା ଦଶରଥ । ।୨୩।
ବରେଣ୍ୟ ନୃପେ କୋଶଳ ଅଧୀଶ କହନ୍ତି
ଏ ବିବାହେ ସର୍ବେ ରହି ହେବ ବରଯାତ୍ରୀ । ।୨୪।
ପୁରୋଧା ଡକାଇ ହସ୍ତ ଗ୍ରନ୍ଥି ଆଦିସାରି
ବରଯାତ୍ରୀଙ୍କୁ ସୁଖାଦ୍ୟ ଦେଲେ ଦଣ୍ଡଧାରୀ । ।୨୫।
ଖାଦ୍ୟ ଶେଷେ ରାଜାମାନେ ନିଜ ରାଜ୍ୟେଗଲେ
ବରକନ୍ୟା ବେନି ରଥ ଆରୋହଣ କଲେ । ।୨୬।
ରାଜା ଦେଲେ ଯଉତୁକ ନାନାଦି ପଦାର୍ଥ
ଦାସ,ଦାସୀ,ସେନା,ସୈନ୍ୟ,ଅଶ୍ୱ,ଗଜ,ରଥ ।୨୭।
ଅହ୍ୟ ସୀମନ୍ତିନୀ ମିଳି ଦେଲେ ହୁଳହୁଳି
ବେଳା ବାରି ନିମିଷକେ ରଥ ଦେଲେ ଚାଳି । ।୨୮।
ଅଯୋଧ୍ୟାପଥରେ ଆଗେ ପଡେ ଯେ କାନନ
ଆଗରୁ ସେହି ସ୍ଥାନରେ ଥିଲା ଦଶାନନ । ।୨୯।
ତାନ୍ତ୍ରିକ ରାକ୍ଷସ ମାୟା କୁହୁକ କରିଲା
ଆକାଶ ପୃଥିବୀ ପଥ ଧୂମ ପୂର୍ଣ୍ଣ ହେଲା । ।୩୦।
ଏକାଳେ ମାୟାବୀ ଦୈତ୍ୟଅଧର୍ମୀ ସ୍ୱହାରେ
ରଥରୁ ସୁମିତ୍ରା ଆଣି କାନନ ଗୁହାରେ । ।୩୧।
ଅକର୍ମ ଶିଳା ମଡାଇ ଲଙ୍କାକୁ ଚଳିଲା
କେତେ ସମୟ ଅନ୍ତରେ ପଥ ଦୃଶ୍ୟ ହେଲା । ।୩୨।
ଦେଖିଲେ ଜେମା ନାହାନ୍ତି ସ୍ୟନ୍ଦନେ ସୁଜନେ
ଆଶ୍ଚର୍ଯ୍ୟେ ଅନୁସନ୍ଧାନେ ଜଣାନ୍ତି ରାଜନେ । ।୩୩।
ଦୁଃଖରେ ଦାସୀଏ ବୁଲି ଜେମାଙ୍କୁ ଖୋଜନ୍ତି
କାନନେ ସେନା ସଇନେ ସନ୍ଧାନେ ମଜ୍ଜନ୍ତି । ।୩୪।
ତେଣେ ଲଙ୍କନାଥହୋଇ ସ୍ୱେଦ ଜରଜର
ଅସ୍ତ ବ୍ୟସ୍ତେ ପ୍ରବେଶିଲା ସେ ଲଙ୍କା ନଗର । ।୩୫।
ଦେଖୁ ଜାଣିଲେ ବିଶ୍ରବା ପୁତ୍ର ଅପକର୍ମ
କହିଲେ ହେଲାଣି ବାବୁ ବିଧି ତୋର ବାମ । ।୩୬।
କି କାର୍ଯ୍ୟ କରି ଫେରିଛୁ କହ ମୋ ଆଗରେ
ଉତ୍ତର ନଦେଲା ବୀର ଗର୍ବରେ ରାଗରେ । ।୩୭।

Digitized by PPRACHIN, SOA

କୋପେ ବିଶ୍ରବା ଭାଷନ୍ତି ଶଲାଣି ଆୟୁଷ
ଯମ ପାଞ୍ଜି ଖୋଜିଲାଣି ଅଚ୍ଛେ ଯିବୁ ନାଶ । ।୩୮।
ମଣି ହରା ଫଣୀ ଯଷ୍ଟି ପ୍ରହାରେ ଯେମନ୍ତ
ତାପସ ବାକ୍ୟେ ଗରଜେ ଦଇତ ତେମନ୍ତ । ।୩୯।
ପୁଣି ଚିନ୍ତେ ସ୍ରଷ୍ଟାବର ହୋଇବକି ? ମିଥ୍ୟା
ସ୍ରଷ୍ଟା ସମ ପିତା ବାକ୍ୟ ନହେବ ଅନ୍ୟଥା । ।୪୦।
କୋମଳ ବଚନେ ବୋଧି ପିତାଙ୍କୁ ପୁଛିବ
ମର୍ମଜାଣୁ ଧାର୍ଯ୍ୟ କାର୍ଯ୍ୟ ସାଧନେ ଇଛିବ । ।୪୧।
ଅଯୋଧ୍ୟା ଚନ୍ଦ୍ର ମିଥିଲା ଜେମା ପଦ ଧ୍ୟାଏ
ବିପ୍ର ଦୟାନିଧି ବୟାଳିଶ ପଦେ କହେ । ।୪୨।

• • • • •

ରାବଣ କର୍ତ୍ତୃକ ଦଶରଥ ଶୁକ୍ର ହରଣ

ଛାନ୍ଦ - ୩୭

ରାଗ - କୀର୍ତ୍ତନ ସ୍ୱର

କ୍ଷମ ଅପରାଧ ମୋର ସର୍ବଜ୍ଞାତା ପିତାହେ । ।ଘୋଷା।
କ୍ଷୁବ୍ଧ ମନ କର ଶାନ୍ତି ଭାଷ ତଥ୍ୟ ବାର୍ତ୍ତା ହେ
ଯୁବାକାଳେ କରୁଚିନ୍ତା ଏବର ଦେଲା ବିଧାତା
ମୋ ନାଶନେ ଏ ରସାରେ ନାହିଁକେ ଶକତା ହେ । ।୧।
କୌଶଲ୍ୟା ନନ୍ଦନ ବାର୍ତ୍ତା ଯେବେ ହୃଦେ ଦେଲା ବ୍ୟଥା
ଅନରଣ୍ୟ ବଂଶ ବଧେ ହେଲି ସିଦ୍ଧ ହସ୍ତା ହେ । ।୨।
ରାମ ଜନମରେ ମନା ରଖି ମନର କାମନା
ଯା' କଲି ନାହିଁକି ଜଣା ଶୁଣନ୍ତୁ ସେ କଥା ହେ । ।୩।
ଶୁଣି ଲାଗେ ଆଚମ୍ବିତ କିପରି ଲଭିବି ମୃତ
ଗୁପ୍ତ ରହସ୍ୟ ବ୍ୟକତ କର ଯାଉ ଚିନ୍ତା ହେ । ।୪।
ବିଶ୍ରବା ଋଷି ବଦନ୍ତି ଶୁଣ ବାବୁ ଲଙ୍କ ପତି
ଅନରଣ୍ୟ ବଧପୂବୁ ସୁତେ'କ, ଜନ୍ମିତା ହେ । ।୫।
ପାଳନେ ଧାତ୍ରୀଏ ନେଲା ସେ ଶିଶୁ ପୁରେ ନଥିଲା
ପୃଥୁ ତା ନାମ ପୃଥୁ ରେ ପଡୁ ମରୁ ପିତା ହେ । ।୬।
ପୃଥୁୀ ଠାରୁ ବଢ଼ି ବଂଶ ବଇଆଳିଶ ପୁରୁଷ
ଏ ଯେ ଦଶରଥ ଈଶ ଶିବବରେ ଜିତା ହେ । ।୭।
ଯା'ନାରୀ ମାୟାରେ ଆଣି ଫେରିଅଛୁ ବିଂଶପାଣି
ସେ ଅଯୋଧ୍ୟା ନୃପମଣି ହେବ ରାମ ପିତା ହେ । ।୮।
ତା ପୁରେ ଲଭି ଜନମ ରାମ ହେବ ତୋର ଯମ
ତାହା ବାରଣେ କେ ଅଛି କ୍ଷିତିରେ ଶକତା ରେ । ।୯।

Digitized by PPRACHIN, SOA

ଶୁଣି ବିଶ୍ରବା ଭାରତୀ ଭୀତମନେ ଲଙ୍କପତି
ଭାଷେ ପିତାରଖ ଏଥି ଯେଣୁ ପିଣ୍ଡ କର୍ତ୍ତା ହେ । ।୧୦।
ନକଲେ ମୁଁ ପିଣ୍ଡ ଦାନ ହେବକି ତୁମ୍ଭ ନିର୍ବାଣ
ଯେପରି ନ ଜନ୍ମେ ରାମ ବତାଅ ସେ ଗାଥା ହେ । ।୧୧।
ପୌଲସ୍ତ୍ୟ ସନ୍ତତି ଚିନ୍ତି ଦଶାନନରେ ବଦତି
ବ୍ରହ୍ମଦାନ କରିଛନ୍ତି ଶିବ ହୋଇ ଦାତା ହେ । ।୧୨।
ସେ ବ୍ରହ୍ମ କଲେ ହରଣ ନହୋଇ ପାରେ ନନ୍ଦନ
ଶୁଣି ଗଲା ଦଶାନନ ମନୁଛାଡି ଚିନ୍ତା ହେ । ।୧୩।
ଗ୍ରହବିପ୍ର ବେଶେଯାଇ କାନନେ ପ୍ରବେଶ ହୋଇ ।
ଅଜ, ନନ୍ଦନେ' ଭାଷଇ ମଧ୍ୟସ୍ଥ ସେ ଯଥା ହେ । ।୧୪।
ଶୁଣନ୍ତୁ ହେ ମହାମନା କି ଦେବ ଆମ୍ଭ ପାଉଣା ।
ପ୍ରଶ୍ନେ ଖୋଜି ଦେବି ଆଣି କହନ୍ତୁ ସେ କଥା ହେ । ।୧୫।
ଶ୍ରୁତି ପଟେ ଶୁଣି ନୃପ ଭାଷନ୍ତି ହେ ଗ୍ରହ ବିପ୍ର ।
ମୋହର ସନ୍ତାପ ହରି ଯା-ଭାବ ମାଗ ତା ହେ । ।୧୬।
ସତ୍ୟ କରାଇ ଭୂପରେ ଯେମା ସମର୍ପି ତାପରେ ।
ଭାଷେ ତବ ଶୁକ୍ର ଦିଅ ସତ୍ୟ ସନ୍ଧ ବେତାହେ । ।୧୭।
ଜେମା ଦର୍ଶନେ ସନ୍ତାପ ହରୁ ବିପ୍ର ବାକ୍ୟ ତାପ-
ସ୍ମରି କୀର୍ତ୍ତି'ରେତ'ଦାନେ ରକ୍ଷା କଲେ କଥା ହେ । ।୧୮।
ସୀତା ବିଳାସ ପୟର ନିତ୍ୟ କ୍ରୀଡା ସ୍ଥଳ ମୋର ।
ସେ ପଦ ଚରଣା ମୃତ ପାନୁ ଯାଏ ଚିନ୍ତା ହେ । ।୧୯।
ଏ ଛାନ୍ଦ କଲି ପୁରଣ ଘେନା କର ସୁଧୀଜନ
ଧର୍ମ, ଅର୍ଥ, କାମ, ମୋକ୍ଷ, ମିଳୁ ଯିବ ବ୍ୟଥା ହେ । ।୨୦।

ବେଦମତୀ ଜନ୍ମ ଦେହତ୍ୟାଗ, ସେହି ଆତ୍ମାରୁ ସୀତା ସମ୍ଭବ ସମ୍ବାଦ ଓ ବିଂଶାସ୍ୟର ପରାଜୟ

ଛାନ୍ଦ - ୩୮

ରାଗ - ବଙ୍ଗଳାଶ୍ରୀ

ଚାଲ ଦିବ୍ୟ ମାର୍ଗେ ହେ ପଣ୍ଡିତ ବର୍ଗେ ଯେ ନାମେ ହୋଇବ ପାରି ।
ଗିରୀନ୍ଦ୍ର ଦୁହିତା ଶୁଣିବାକୁ ସେକଥା ପ୍ରକାଶିଲେ ଶୂଳଧାରୀ । ।୧।
ଶ୍ୱେତ ନରପତି ଚିନ୍ତି ବେଦପତି ବେଦ କରନ୍ତେ ତର୍ଜମା ।
ସ୍ୱର୍ଗ ଅପସରୀ ଠାରୁ ଶୋଭାବଳି ଆବିର୍ଭୂତ ବିଷ୍ଣୁବାମା । ।୨।
ବେଦରୁ ଉତ୍ପତ୍ତି ହେଉ ନରପତି ନାମ ଦେଲେ ବେଦ ମତି ।
ନାରାୟଣ ଜାତ ଚିନ୍ତି ହୃଦଗତ କନ୍ୟା ତପେ ଆଦେଶନ୍ତି । ।୩।

Digitized by PPRACHIN, SOA

ସୁମେରୁ ପାଦପେ ଯାଇ ବାଳାତପେ ମନୁଛାଡ଼ି ଭୟଭ୍ରାନ୍ତି ।
ପଦ୍ମାସନ କରି ବସି ଚକ୍ରଧାରୀ ସ୍ମରେ ହେବାକୁ ତା ପତି । ।୪।
ଛାଡ଼ି ଖାଦ୍ୟପାନ ବ୍ରହ୍ମେଦେଇ ମନ କରଇ ତପ ସାଧନ ।
ଗଲା କେତେ କାଳ ନିକଷା ଦୁଲାଳ ବିଜୟେ କରୁ ଗମନ । ।୫।
ଭ୍ରମି ଭ୍ରମି ଆସି ସେ ବନେ ପ୍ରବେଶି ଦେଖେ ପରମା ସୁନ୍ଦରୀ ।
କନ୍ଦର୍ପର ସର ପ୍ରହାରୁ ବିଚାର ଦଇତ ନପାରେ କରି । ।୬।
ଧର୍ମର ବିଚାର ଛାଡ଼ି ବିଂଶକର ବେଦମତୀ ସ୍ପର୍ଶ କରେ ।
ତପ ହେଉ ଭଗ୍ନ କ୍ଷୁବ୍ଧେ ହୋଇ ମଗ୍ନ ଶାପ ବିହେ ବିଂଶକରେ । ।୭।
ଆରେରେ କୌଣପ ଭଗ୍ନ କଲୁ ତପ ଦେଖାଇଣ ବୀର ଦର୍ପ ।
ମୋ ପବିତ୍ର ଗାତ୍ର କଲୁ ଅପବିତ୍ର ଘେନ ଏହି ଅଭିଶାପ । ।୮।
ମୋ ଶକାସେ ଦିନେ ଶମନ ଭୁବନେ ଯିବୁ ବଂଶ ହେବ ଧ୍ୱଂସ ।
ଭୟେ କମ୍ପମାନ ହୋଇ ଦଶାନନ ଭାଷେ କିମ୍ବା ବହ ରୋଷ । ।୯।
କହେ ବେଦମତୀ ନମରି ତୁ ଭୀତି ସ୍ପର୍ଶ କଲୁ ନାଶ ଯିବୁ ।
ବ୍ରହ୍ମା ଦତ୍ତ ବର ଫଳିବ ଅସୁର ସ୍ୱବଂଶକୁ ମରାଇବୁ । ।୧୦।
ଅଭିଶାପ ଦେଇ ମ୍ରିୟମାଣ ହୋଇ ବିଚାର କରେସେ ବାଳୀ ।
ଛାଡ଼ି ମୋହ ମାୟା ଅପବିତ୍ର କାୟା ଜ୍ଞାନାଗ୍ନିରେ ଦେବି ଜାଳି । ।୧୧।
ଜ୍ଞାନ ବହ୍ନି ଜାଳି ଶରୀରକୁ ବାଳୀ ଦଗ୍ଧ କରୁ ଶାସ୍ତ୍ର ମତେ ।
ତାର ଆତ୍ମା ଯାଇ ଦୈତ୍ୟ ନାଶପାଇଁ ବୁଲେ ଲଙ୍କା ଗଡେ ନିତ୍ୟେ । ।୧୨।
ବ୍ରହ୍ମାଙ୍କ ନନ୍ଦନ ଏ ଚରିତ ଗାନ ସୁଧର୍ମା ସଭାରେ କଲେ ।
ଆହେ ଶଚୀପତି ଭବିଷ୍ୟତ ଚିନ୍ତି କାର୍ଯ୍ୟକରନ୍ତୁ ବୋଇଲେ । ।୧୩।
ନାରଦ ଭାରତୀ ଶୁଣି ସୁରପତି ଦେବଗୁରୁଙ୍କୁ ପୁଛିଲେ ।
କହନ୍ତୁ ଆପଣ ଯା ପୂର୍ବ ବିଧାନ ଶୁଣନ୍ତୁ ଯେ ସର୍ବେ ଭଲେ । ।୧୪।
କହନ୍ତି ପଣ୍ଡିତ ଚିନ୍ତି ଭବିଷ୍ୟତ ଏ ଆତ୍ମା ବେଦମତୀର ।
ଯାଇ କୋପ ମନେ ରାବଣ ନିଧନେ ବୁଲୁଅଛି ଲଙ୍କାପୁର । ।୧୫।

ପଞ୍ଚବାୟୁର ସ୍ଥାନ

ଆହେ ସୁଧୀଜନ ଦିବ୍ୟଜ୍ଞାନ ଘେନ ପ୍ରାଣୀଙ୍କର ପ୍ରାଣ ଶକ୍ତି ।
ପ୍ରାଣ ବାୟୁପରେ ପ୍ରତିଷ୍ଠିତ ସ୍ଥିରେ ଅବିବେକୀ ନଜାଣନ୍ତି । ।୧୬।
ପ୍ରାଣ ବାୟୁ ଆସି ଅପାନ ବାୟୁର ଶିରପରେ ପ୍ରତିଷ୍ଠିତ ।
ସେ ଅପାନ ବାୟୁ ବ୍ୟାନ ବାୟୁପରେ କରେ ନିତ୍ୟ ଗତାଗତ । ।୧୭।
ବ୍ୟାନ ବାୟୁ ଆସି ଉଦାନ ଉପରେ ଉଦାନ ସମାନ ପରେ ।
ସମାନ ବାୟୁକୁ ଆଧାର କରିଣ ଚାରି ବାୟୁ ରହେ ଘରେ । ।୧୮।
ଶରୀର ସ୍ତମ୍ଭରେ ବ୍ୟକ୍ତ ଓ ଅବ୍ୟକ୍ତ ସେତୁ ସେ ଦଣ୍ଡାୟମାନ ।
ବ୍ୟକ୍ତକୁ ଅବ୍ୟକ୍ତ ଅବ୍ୟକ୍ତକୁ ବ୍ୟକ୍ତ ସମାନ ବାୟୁ ପ୍ରଧାନ । ।୧୯।

Digitized by PPRACHIN, SOA

ପ୍ରାଣୀ ଜନ୍ମ ଆଗୁ ଅବ୍ୟକ୍ତ ମଧ୍ୟରେ ଥାଏ ଯାଣନ୍ତୁ ବିଦୁଷ ।
ପୁନଃ ପ୍ରାଣୀ ମୃତ ହୋଇଣ ଅବ୍ୟକ୍ତ ହୁଏ ସେଥିରେ ପ୍ରବେଶ । ।୨୦।
ସେକାଳରେ ବ୍ୟକ୍ତ ରୂପାନ୍ତରିତକୁ ସେ ସମାନ ବାୟୁ ଆସେ ।
ନାରୀ ପୁଂସଙ୍କର ମୈଥୁନ ସମ୍ଭାର ଗର୍ଭ ଉଦୟ ପ୍ରକାଶେ । ।୨୧।

ବେଦମତୀ ପ୍ରେତାତ୍ମାରୁ ସୀତା ଉଦ୍ଭବ

ବେଦମତୀ ନାରୀ ଜ୍ଞାନ ବହ୍ନି ଜାଳି ତାତନୁ ଦହିଣ ଅଛି ।
ରାବଣ ନିଧନେ ଅଶରୀର ଆତ୍ମା ଲଙ୍କାଗଡରେ ଘୁରୁଛି ।୨୨।
ଶୁଣ ହେ ଦେବତା ଭବିଷ୍ୟତ କଥା । ଅକଳ୍ପିତ ସଂଯୋଜନା ।
ପୂର୍ବୁ ପିତାମହ କରିଲେ ନିର୍ଣ୍ଣୟ କେ କରିବ ତାହା ମନା । ।୨୩।
ସେ ଲଙ୍କା ନଗରେ ଅଛି ସରୋବରେ ସଦା କମଳ ସମ୍ଭବ ।
କରି ସେଥି ସ୍ନାନ ବିଶ୍ରବା ନନ୍ଦନ ପୂଜେ ସବୁଦିନ ଶିବ । ।୨୪।
ହେଲେ ପୁଷ୍ପପତୀ ସର୍ବ ପଦ୍ମ ପନ୍ତି ସୁବାସରେ ମନୋହରେ ।
ବିମୋହିତ ହୋଇ ରସିକ ବୋଲାଇ ଚୁମ୍ବ ଦିଅନ୍ତି ଭ୍ରମରେ । ।୨୫।
ଆସେ ସାୟଂ କାଳ ନଜାଣନ୍ତି ଖଳ ପଦ୍ମ ମଧ୍ୟୁ ନଯାଅନ୍ତି ।
ନଭେ ଆସୁ ଚନ୍ଦ୍ର ମୁଦି ହୁଏ ପଦ୍ମ ଭ୍ରମରେ ରହି ଯାଅନ୍ତି । ।୨୬।
ନଳୋତ୍ପୁ ସେ ପଦ୍ମ ହୋଇଣ ପ୍ରମୋଦ କରନ୍ତି ସେଥି ବିହାର ।
ରାତ୍ରି ସାରା ରହି ତା ଶରୀର ଦହି କରୁଥାନ୍ତି ଛାର ଖାର । ।୨୭।
ଆର୍ତ୍ତେ ସରୋଜିନୀ ବନ୍ଧୁଙ୍କୁ ଦୟିନୀ କରୁସେ ହୋଇ ପୀଡିତ ।
ଜାଣି ପ୍ରିୟାମନ ପ୍ରକାଶୁ ତପନ ପଦ୍ମ ହୁଏ ପ୍ରସ୍ଫୁଟିତ । ।୨୮।
ସେବିଟ ଭ୍ରମର ପର ନାରୀ ପୁର ଛାଡିନିଜ ପୁରେ ଚଳି ।
ମହୋତ୍ପଳ ବନ୍ଧୁ ପରାଗ ସଙ୍ଗମ- ସ୍ପର୍ଶେ ପ୍ରେତାତ୍ମା ମିଳି । ।୨୯।
ପ୍ରାଣ, ପାନ, ବ୍ୟାନ, ଉଦାନ, ସମାନ ମିଶନ୍ତେ ପାଇ ସେ ପ୍ରାଣ ।
ହର୍ଷେ ପଦ୍ମ ଫୁଲେ ଆନନ୍ଦେ ଖେଳିବ ମକରନ୍ଦ କରି ପାନ । ।୩୦।
ନାରଦ ମହର୍ଷି ମନ ଯାନେ ବସି ଖାଦ୍ୟ ପାଇଁ ଦେଲେ ସୁଧା ।
ସୁଧା ହେଉ ପ୍ରାପ୍ତି ହେବ ଦିବ୍ୟ ଜ୍ୟୋତି ଯିବ ଖାଦ୍ୟ ପାନ ବାଧା । ।୩୧।
ପ୍ରତି ଦିନ ପରି ଅମର ଅଇରି ସ୍ନାନ ପାଇଁ ସରୋବରେ ।
ଯାଇ ପଦ୍ମ ତୋଳୁ ଦେଖିବ ନେତ୍ରରେ ଶିଶୁ ଖେଳେ ଆନନ୍ଦରେ । ।୩୨।
ହୋଇ ସନ୍ଦିହାନ ଆତଙ୍କେ ଭୁବନ ମଧେ ସଭା ଡକାଇବ ।
ଆସୁ ପୁତ୍ରନାତି ଆଦି ବନ୍ଧୁ ଜ୍ଞାତି ସର୍ବ ବୁଝାଇ କହିବ । ।୩୩।
ଏ ସମୟ ଆସି ପ୍ରବେଶିବେ ହସି ସେହି ଠାରେ ଧାତା ସୁତ ।
ଦେଖି ଦଶଶିର କରି ନମସ୍କାର କହିବ ସର୍ବ ଚରିତ । ।୩୪।
ଶୁଣି ତା ନାରଦ ଦୈତ୍ୟ ମୃତ୍ୟୁ ଭେଦ କହିବେ ତାକୁ ଗୁପତେ ।
ନିକଷା ଦୁଲାଳ ଜାଣି ତାର କାଳ ସେ ଶିଶୁ ଆଣି ତୁରିତେ । ।୩୫।

Digitized by PPRACHIN, SOA

ତା ବିନାଶ ପାଇଁ କହୁ ସେ ବୁଝାଇ ସେନାଏ ଖଡ୍ଗେ ହାଣିଲେ ।
ଖଡ୍ଗ ହେଲା ବଙ୍କା ମନେ ବହି ଶଙ୍କା ନାନା ଉପାୟକୁ କଲେ । ।୩୬।
ଦାସୀ ଏଣେ ଧରି ସ୍ନାନେ ମନ୍ଦୋଦରୀ ଯାଇ ସେ ପୋଖରୀ କୂଳେ ।
ଦେଖି ଘାତକେ ପ୍ରହାର କରନ୍ତି କନ୍ୟା କାନ୍ଦଇ ବିକଳେ । ।୩୭।
ବାତ୍ସଲ୍ୟ ପ୍ରେମରେ ମନ୍ଦୋଦରୀ ଭୋଳେ ଭାସିବ ତାକୁ ନମାର ।
ଏପରି ନିର୍ମମ ଭାବେ ମାରିବାଟା ଅଟେ ବଡ ଅବିଚାର । ।୩୮।
ଶୁଣି ରାଜା ବେଶ ନାରଦ ନିର୍ଦ୍ଦେଶ ପାଳି ମଞ୍ଜୁଷା ଅଣାଇ ।
ତା ମଧ୍ୟରେ ଧୋଇ ଜଉମୁଦ ଦେଇ ସାଗରେ ଦେବ ଭଷାଇ । ।୩୯।
ସାଗରେ ଜୁଆର ହୋଇଣ ପ୍ରଖର ମଞ୍ଜୁଷା ଗଡାଇ ନେବ ।
ଶାଖା ନଦୀ ଗର୍ଭେ ପଡନ୍ତେ ମଞ୍ଜୁଷା ମିଥିଳା ଦେଶେ ପାଇବ । ।୪୦।
ଲାଗିବ କୂଳରେ ପଟୁ ବାଲି ତୀରେ ପୋତି ହେଉ ହେବ ଜମି ।
ମିଥିଳା ଅଧୀଶ ଯଜ୍ଞେ ରଖି ଆଶ କରିବେ ତା ଯଜ୍ଞ ଭୂମି । ।୪୧।
ଏଣେ ଇନ୍ଦ୍ର ଶାପୁ ମୁକ୍ତ ହୋଇ ପାପୁ ସ୍ୱର୍ଗେ ସେ ମେନକା ଫେରେ ।
ଦେଖି ତା ସ୍ୱରୂପ କହିବେ ସେ ଭୂପ ପିତା ବୋଲି ଡ଼ାକ ଥରେ । ।୪୨।
ମେନକା ବଦତି ଆହେ ମହୀପତି କନ୍ୟା ଏ ପ୍ରାପ୍ତ ହୋଇବ ।
ମୋ ରୂପ ସୁନ୍ଦର ହେବ ଚମତ୍କାର କ୍ଷିତି ସୁତା ବୋଲାଇବ । ।୪୩।
ସେ ମିଥିଳା ପତି ଧର୍ମେ ରଖି ମତି ଯଜ୍ଞ ବ୍ୟବସ୍ଥା କରିବେ ।
ହୁଅନ୍ତେ ପ୍ରଭାତ ହଳ ନେଇ ସେତ ଯଜ୍ଞ ଭୂମି ଚଷାଇବେ । ।୪୪।
ଲଙ୍ଗଳ ମୁନରେ ବାଜିବ ମଞ୍ଜୁଷା ପାଉଁ ଆନନ୍ଦିତ ରାଜା ।
ରଖି ଦିବ୍ୟ ଆଶା ଖୋଲିବେ ମଞ୍ଜୁଷା କରାଇଣ ସୂର୍ଯ୍ୟ ପୂଜା । ।୪୫।
ସୂର୍ଯ୍ୟ ରଶ୍ମି ବାଜି ସେ ମଞ୍ଜୁଷା ଭାଜି ଶିଶୁ କ୍ରନ୍ଦନ କରିବ ।
ମାତା ଗର୍ଭୁ ଶିଶୁ ପଡନ୍ତେ ପୃଥ୍ୱୀରେ କରେ ଯଥା କୁଆଁରବ । ।୪୬।
ଆନନ୍ଦିତ ମନେ ରାଜନ ସଘନେ ରାଣୀ କୋଳେ ନେଇ ଦେବେ ।
କରି ଦାନ ପୂଣ୍ୟ ବ୍ରାହ୍ମଣ ଭୋଜନ ନାମକରଣ କରିବେ । ।୪୭।
ଏହିପରି କାର୍ଯ୍ୟ ହୋଇଅଛି ଧାର୍ଯ୍ୟ କେ କରିପାରିବ ଆନ ।
ଏ ଜନକ ଜେମା ନେଲେ ନାହିଁ କ୍ଷମା ମୃତ୍ୟୁ, ନାହିଁ ସନ୍ଦିହାନ । ।୪୮।
ଏଣେ ଲଙ୍କପତି ଶାପମନେ ଚିନ୍ତି ଦେଖୁ ଶରୀର ଦହନ ।
ତା ପୂର୍ବ ଭବିଷ୍ୟ ଚିନ୍ତୁ ମନେ ତ୍ରାସ ପାଉଁ ବୀର ମନ ମ୍ଳାନ । ।୪୯।
ଅଭିଶାପ କଥା ମନେ ଦିଏ ବ୍ୟଥା ମନ ବିଦ୍ରାବଣ ତାର ।
ମ୍ରିୟମାଣ ମନ ହୋଇ ସନ୍ଦିହାନ ଘରକୁ ଫେରେ ଅସୁର । ।୫୦।
ଶିବଙ୍କ ଦୁଆରୀ ପଥରୋଧୁ ମାରି ବକିଲା ମର୍କଟ ବୋଲି ।
ଦେଲା ଅଭିଶାପ ଏ ମର୍କଟ ରୂପ ନାଶିବ ତୋ ଲଙ୍କା ଶିରୀ । ।୫୧।
କିଷ୍କିନ୍ଧ୍ୟା ଈଶ୍ୱର ଥିଲା ବାଲୀ ବୀର କାଖେ ଜାକୁ ଗଲା ଦମ୍ଭ ।
ଚାରିତୀର୍ଥେ ଯାଇ ତପସ୍ୟା କରଇ କଷ୍ଟ ଦେଇ ଅସମ୍ଭବ । ।୫୨।

Digitized by PPRACHIN, SOA

ବାଳୀ ଆସିଘରେ ପ୍ରବେଶି କୁମରେ ଖେଳାଇ ମାର, ଆଦେଶେ ।
ମାଗି ପ୍ରାଣ ଭିକ୍ଷା କାନ୍ଧୁ କଲା ରକ୍ଷା ଛାଡୁ ଲଙ୍କାରେ ପ୍ରବେଶେ । ।୫୩।
ସହସ୍ରା ଅର୍ଜ୍ଜୁନ ଘେନି ବାଳୀଗଣ କରେ କେଳି ନଦୀ ଜଳେ ।
ଲଙ୍କାର ଈଶ୍ୱର ନ କରି ବିଚାର ବୀର ଗର୍ବେ ସେଥି ଚଳେ । ।୫୪।
ହୋଇ କୋପମନ ସହସ୍ରା ଅର୍ଜ୍ଜୁନ ଦଇତ ବନ୍ଧନ କଲା ।
ମାରୁ ଶାସ୍ତି ଦେଇ ନିଜପୁରେ ନେଇ ମରଣ ତାର ନୋହିଲା । ।୫୫।
ଜାଣିଲା ଏବୀର ପାଇ ଧାତା ବର ବୁଲି ଦିଗ୍‌ବିଜୟ କରେ ।
ପୌଲସ୍ତ୍ୟ ଉଦନ୍ତେ ବନ୍ଧନ ଫେଡନ୍ତେ ଦନୁଜ ଫେରିଲା ଘରେ । ।୫୬।
କରିଲା ଭାବନ ଏ ଅଶୁଭ ମାନ କିମ୍ପା ହୁଏ ପ୍ରତିଦିନ ।
ନିତ୍ୟ ନୈମିତ୍ତିକ ନକଲି ଯେତେକ ଏହିତା'ର ପାପ ମାନ । ।୫୭।
ସ୍ନାନ ଦେବାର୍ଚ୍ଚନ ସାରିଣ ରାଜନ ପ୍ରବେଶ ହେଲା କୈଳାସେ ।
ଦେଖି ତାର ଶୋଭା ମନ ହେଲା ଲୋଭା ଲଙ୍କାକୁ ନେବା ମାନସେ । ।୫୮।
ଶିବେ ନ କହିଣ କରି ଉତ୍ପାଟନ ଧରେ ବୀର ବାମ କରେ ।
ବୃଦ୍ଧ ମାଳାକାରେ ଗୟସ ମାଳାରେ ତୋଳିଧରେ ଯେ ପ୍ରକାରେ ।।୫୯।
ଜାଣୁ କୋପମନ ହୋଇ ପଞ୍ଚାନନ ଚାପୁଁ ଅଙ୍ଗୁଷ୍ଠି ଅଗ୍ରରେ ।
ପଡିଲା ଦାନବ କରି ମହାରବ କମ୍ପମାନ ତିନିପୁରେ । ।୬୦।
ଦୁଃଖେ ଶିବସ୍ତବ ପଢ଼ନ୍ତେ ଦାନବ କୋପ ପରିହରି ଶିବ ।
ଜାଣିଲେ, ବିଧାତା ଏହା ବରଦାତା ମୋ ହସ୍ତରେ ନ ମରିବ । ।୬୧।
ପୁଣି ଉମାପତି ମନେ ଚିନ୍ତି ଶାନ୍ତି ହେଲେ ହେଉ ଦିବ୍ୟଜ୍ଞାନ ।
କରନ୍ତି ବିଚାର ଆମ୍ଭ ଠାରୁ ବୀର ସର୍ବଗୁଣରେ ନିପୁଣ । ।୬୨।

ରାବଣ ବିଭୂତି

ମୋ ପଞ୍ଚବଦନ ସେ ଦଶଆନନ ନାମ ଘେନେ ଦଶାନନ ।
ବିଂଶକର ତା'ର ଦଶ ଭୁଜ ମୋର ଏଣୁ ହୋଇଲି ନିଉନ । ।୬୩।
ସେ ଦୈତ୍ୟ ଈଶ୍ୱର ମୋ ନାମ ଈଶ୍ୱର ବୁଝନ୍ତେ ଐଶ୍ୱର୍ଯ୍ୟ ବଂଶୀ ।
ମୋ ଚକ୍ଷୁ ପନ୍ଦର ବିଂଶ ନେତ୍ର ତାର ତୁଳନେ ଦୈତ୍ୟେ ପ୍ରଶଂସି । ।୬୪।
କଇଳାସ ପୁର ଅଟେ ମୋର ଘର ରଜତେ ତାହା ନିର୍ମିତ ।
ଲଙ୍କାପୁର ଘର ସୁବର୍ଣ୍ଣେ ତିଆର ବାସ କରୁଛି ଦଇତ । ।୬୫।
ଭୋଗ ମୋ ବିଭୂତି ଭୋଗେ ଦୈତ୍ୟପତି ବିଶାଳ ଐଶ୍ୱର୍ଯ୍ୟ ତାର ।
ଏଣୁ ସର୍ବଗୁଣ ବାଛୁଁ ମୁଁ ନିଉନ ହୋଇଲି କଲେ ବିଚାର । ।୬୬।
ଗରବ ନାଶିବା ପାଇଁ ଶିବଶିବା ଯାଇ ତାର ସନ୍ନିଧାନ ।
ଧୀରେ ଉମାପତି ଆଶ୍ୱାସି କହନ୍ତି ରାବୁ ତୋ ନମ ରାବଣ । ।୬୭।
ଦେଲି ଦଶଶୀର ମାଗି ଘେନବର ତୋ ସ୍ତବ ମୋହର ମତି ।
ସମ୍ମୀଭୂତ କଲା ପ୍ରସନ୍ନ ହୋଇଲି ବର ଦେବି ମାଗ ଚିନ୍ତି । ।୬୮।
ଦାନବ ଅଗ୍ରଣୀ ଯୋଡି ବେନି ପାଣି କହଇ ପାଞ୍ଚମାଥଙ୍କୁ ।
ଭାବିଛି ନେବାକୁ ପୂଜା କରିବାକୁ ତୁମ୍ଭଙ୍କୁ ଲଙ୍କା ପୁରକୁ । ।୬୯।

Digitized by PPRACHIN, SOA

ହେ ପାର୍ବତୀ ବର ଦେଇ ଏହି ବର ପୂର୍ଣ୍ଣ କର ଆଶା ମୋର ।
ଲଙ୍କା ନବରକୁ ନେଇ ମୁଁ ତୁମ୍ଭକୁ ପୂଜିବି କରି ମନ୍ଦିର । ।୭୦।
ଶୁଣି ଶୂଳଧର ଦିଅନ୍ତି ଉତ୍ତର ଶୁଣବାବୁ ଲଙ୍କରାୟ ।
ଦୁଃଖୀ ଦୁଃଖଦୂର ନ୍ୟସ୍ତ ମୋଉପର ଯେଣୁ ନାମ ମୃତ୍ୟୁଞ୍ଜୟ । ।୭୧।
ତୋର ଭାବ ଭକ୍ତି ଶାନ୍ତ କଲାମତି ଘେନ ପ୍ରତିମୂର୍ତ୍ତି ମୋର ।
ତୋ ଲଙ୍କା ନବରେ ନିର୍ମାଣି ମନ୍ଦିର ନିତ୍ୟ ପୂଜା କାର୍ଯ୍ୟକର । ।୭୨।
ଏ ମୋର ଆଦେଶ ଘେନ ଦଶ ଆସ୍ୟ ତୋ ମନ୍ଦିର ପ୍ରାଙ୍ଗଣରେ ।
ଖୋଳି ପଦ୍ମଶର ଅର୍ପିବୁ କମଳ ମୋପୂଜା ଆରାଧନାରେ । ।୭୩।
ତୋ ନିର୍ଦ୍ଦେଶ ନିତ୍ୟ ସେଥି ଶତ ପତ୍ର ପ୍ରସ୍ଫୁଟିତ ହେଉଥିବ ।
ପ୍ରକୃତି ବଶରେ ବର୍ଷା ଶରତରେ କଦାପି ଲୀନ ନ ହେବ । ।୭୪।
ସ୍ନାନାନ୍ତେ ପ୍ରଭାତେ ତୋଳି ନିଜ ହସ୍ତେ ମୋ ପୂଜାରେ ଦେବୁ ମନ ।
ପୂଜା ଅନ୍ତେ ମୁହିଁ ଆବିର୍ଭୂତ ହୋଇ ମନ୍ଦିରେ ଦେବି ଦର୍ଶନ । ।୭୫।
କରି ସୀଢକାର ଫେରିଲା ଅସୁର ମନ୍ଦିର ନିର୍ମାଣ କରି ।
ପ୍ରତି ଗୃହ ଆଳେ ସ୍ଥାପିଣ ସେକାଳେ ଦେଖେ ନିତ୍ୟ ତ୍ରିପୁରାରୀ । ।୭୬।
ବିଜ୍ଞ ସାଧୁଜନେ ପଣ୍ଡିତ ଚରଣେ କରି ଅଳି ପାତେ ଶୀର ।
ଛଅସ୍ତରୀ ପଦ ପୂରଣ ଏ ଛାନ୍ଦ ଘେନ ଭବୁ ହେବ ପାର । ।୭୭।

ବେଦମତୀ ଆତ୍ମାରୁ ସୀତା ଉତ୍ପତ୍ତି

ଛାନ୍ଦ - ୩୯

ରାଗ - ରଷିକୁଲ୍ୟା (ବିଭୂଷଣ ପୁଷ୍ପେ ଯା କାନ୍ତି କାଣ ବୃତ୍ତେ)

ବିଜ୍ଞ ସୁଧୀବର୍ଗ ହୋଇ ସଞ୍ଜାତ, ଘେନ ଶ୍ରବଣେ ରାମ ରସାମୃତ
ଅନ୍ତିମ ସମୟେ ଯମ ଡଗରେ, ଫେରିବେ, ଧର୍ମଶ୍ରବଣରୁ ଦୂରେ ଯେ ।
ଯେ ରସ ସଂସାରେ ସାର ଯେ
ହୃଦେ କଷଟିରେ ଘସି କଷି ଥରେ ଓଜନତା ଘେନା କର ଯେ ।୧।
ନାମ ଦୟାନିଧି ଘର ମୋ ଗାରେ, ନୟାଗଡ ଜିଲ୍ଲା ବାଉଁଶିଆରେ
ଆରାଧ ଦେବତାଲତୁକେଶ୍ୱର, କରୁଣା କଟାକ୍ଷେ ପ୍ରଦାନୁବର ଯେ
ରାମାୟଣେ ଦେଲି ଲୟ ଯେ
ମାନସ ବଳିଲା ଲେଖନୀ ଚଳିଲା ଏହା ମୋର ପରିଚୟ ଯେ ।୨।
ଗୀତିନାଟ୍ୟ ଦଣ୍ଡ ଦାସ୍କାଠି ପାଲା ସଙ୍ଗୀତ କୀର୍ତ୍ତନ ଘୁଡିକିବାଲା
ପାଇଁକି ନାନା ଛାନ୍ଦ ଚଉପଦୀ ଭଜନ ଜଣାଣ ଅଛି ସମ୍ପାଦି
କାଟୁଛନ୍ତି କ୍ଷୁଦ୍ରକୀଟ
ରିସ୍‌ପତ୍ ଯୁଗରେ କିସିମତ୍ ଛାପା ନୋହୁ ଉପୂଜେ ସଂଙ୍କଟ । ।୩।

Digitized by PPRACHIN, SOA

ଦଇତ ପୁଙ୍ଗବ ବିଶ୍ରବା ସୁତ, ବେଦମତୀ ଶାପେ ହୋଇ ଲାଞ୍ଛିତ
ସରସୀ ମଧ୍ୟରୁ ପଦ୍ମକୁ ନେଇ, ମୋକ୍ଷ ଆଶେ ନିତ୍ୟ ଦେବ ପୂଜଇ ସେ
ତଡାଗ ସାରସ ଜଳି ଯେ ।
ଋତୁ ପ୍ରାପ୍ତେ ରତି ଚିନ୍ତି ପୁଷ୍ପବତୀ ସର୍ବ ପ୍ରସ୍ଫୁଟିତେ ଝଳି ଯେ । ।୪।
ନଲୋଡୁ ନଳିନୀ ବିଟ ଭ୍ରମର, ଅଯାଚିତେ କରେ ବଳେ ଶୃଙ୍ଗାର
ନାରୀ ଅବଳା ତା'ର କିବା ଗତି, ଧର୍ମ ରଖିଚିନ୍ତେ ବାନ୍ଧବ ପ୍ରୀତି ଯେ
ନଜାଣି ତା ଦିନ ମଣି ଯେ
ଅସ୍ତ ହେଉ ବ୍ୟସ୍ତ ହୋଇ ଇତସ୍ତତଃ ନିଦ୍ରାଗତ କମଳିନୀ ଯେ । ।୫।
ସେ ବିଟ ଷଟପଦ ଅନ୍ଧ ମଧ୍ୟରେ, ରହି ରାତ୍ରେ ତାର ପିପାସାହରେ
ସ୍ୱଭାବେ ଅନିଳ ଘେନିଣ ବାସ, ସନ୍ଦେଶ ଦିଏ ଗୃହ ପତି ପାଶ ଯେ
ତୁମ୍ଭପରି ଭର୍ତ୍ତା ଥାଉଁ ଯେ
ମଦ୍ୟପ-ଭ୍ରମର ତୁମ୍ଭ ନାରୀ ହରେ ରକ୍ଷା କେ କରିବ ଆଉ ଯେ । ।୬।
ବାନ୍ଧବୀ ପ୍ରୀତି ସ୍ମରନ୍ତେ ତପନ, କନ୍ଦର୍ପ ଶରାଘାତେ ଦର୍ପଚୂର୍ଣ୍ଣ
ନିବେଦନ କରୁ ଗଗନୁ ଶଶି, ପ୍ରୀତିଭାବେ ଲୁଚୁ ପାହିଲା ନିଶି ଯେ
ଭାବି ସପ୍ତାଶ୍ୱ ଗଗନେ ଯେ
ଅରୁଣ ଉଦୟ ଜାଣି ପଦ୍ମ ଥୟ ପ୍ରସ୍ଫୁଟିତ ରତିଦାନେ । ।୭।
କାମେ ସୂର୍ଯ୍ୟ ରଶ୍ମି ଛାଡୁ ଉଦ୍‌ବେଗେ, ଚାମ୍ପୁ ବେଦମତୀ ଆତ୍ମା ସଂଯୋଗେ
ପ୍ରାଣ-ପାନ ବ୍ୟାନ ଉଦାନ ବାୟୁ, ସମାନ ମଶିଣ ପ୍ରବେଶ ହେଉ ଯେ
ପରାଗ ସଂଗମୁ ବାଳା ଯେ
ସାରସୁ ଉତ୍ପନ୍ନ, ମକରନ୍ଦ ପାନ କରୁ ତାର କ୍ଷୁଧା ଗଲା ଯେ । ।୮।
ଅଦ୍ଭୁତେ ଅଦ୍ଭୁତ ଜନ୍ମ ବାଳାର, ସୁନ୍ଦରେ ହର୍ଷେ ଖେଳେ ପଦ୍ମପର
ଜାଣନ୍ତେ ନାରଦେ ଧାତା ଡକାଇ ଶିଶୁ ଅର୍ଥେ ସୁଧା ଦେଲେ ପଠାଇ ଯେ
ମୁନି ଚଢୁ ମନ ଯାନ ଯେ
ଶୂନ୍ୟରେ ସ୍ୟନ୍ଦନ କରିଣ ଗମନ ଶୂନ୍ୟେ ହେଲା ସ୍ଥିତି ଯାନ ଯେ । ।୯।
ଯାନେ ରହି ଋଷି ଦେଖନ୍ତି ନେତ୍ରେ କମଳ ସମ୍ଭବା କମଳ ପତ୍ରେ
ବତ୍ରିଶ ଲକ୍ଷଣ ଘେନିବ ବାଳା ଅଯୋନି ସମ୍ଭୁତା ହେବ କମଳା ଯେ
ଏ ରୂପେ କରି ଧାରଣ ଯେ
ଜନ୍ମି ମିଥିଳ୍ୟାରେ ଜନକ ପୁରରେ ତୋଷିବେ ସଭିଙ୍କ ମନ ଯେ । ।୧୦।
ଧାତା ପାଦେ ମୁନି କଲେ ବନ୍ଦନା ଘେନ ପିତୃ ମୋ କାମନା ବାସନ
ସୁଧା ଶିଶୁ ବକ୍ଷେ ସଂସ୍ଥିତ ହେଉ ଏ ପୁଣି ନ ବଢ଼ି ଏପରି ରହୁ ଯେ ।
ଯେ କିରଣୁ ଜନ୍ମ ତା'ର ଯେ
ପାଉ ସେ କିରଣ ହେବ ପୂର୍ଣଜନ୍ମ ଏବର ପ୍ରଦାନ କର ଯେ । ।୧୧।

ତ୍ରିକାଳଦର୍ଶୀ ନାରଦଙ୍କୁ ଦୃଶ୍ୟ ସୀତାଙ୍କର ବତିଶ ଲକ୍ଷଣ

ଟୀକା- ୧-ନାଭି [illegible], ୨-[illegible], ୩-[illegible], ୪-[illegible], ୫ [illegible], ୬ [illegible], ୭-[illegible], ୮-[illegible], ୯-[illegible], ୧୦ [illegible], ୧୧ [illegible], ୧୨ [illegible], ୧୩-[illegible], ୧୪ [illegible], ୧୫ [illegible], ୧୬ [illegible], ୧୭ [illegible], ୧୮ [illegible], ୧୯ [illegible], ୨୦ [illegible], ୨୧ [illegible], ୨୨ [illegible], ୨୩ [illegible], ୨୪ [illegible], ୨୫ [illegible], ୨୬ [illegible], ୨୭, [illegible], ୨୮-[illegible], ୨୯-[illegible], ୩୦-[illegible], ୩୧ [illegible], ୩୨ [illegible].

Digitized by PPRACHIN, SOA

ଏଥି ମଧ୍ୟେ ଜରା ମରଣ କ୍ଷୁଧା, ସୁଧା ପାନ ହେତୁ ନ ଦେଉ ବାଧା
ବାଳାଙ୍କୁ କରାଇ ଅମୃତ ପାନ, ବାତ୍ସଲ୍ୟ ପ୍ରେମେ ଫେରୁ ତପୋଧନ ଯେ
ଏଣେ ସ୍ୱାନେ ବିଂଶକର ଯେ
ଶଙ୍କର ପ୍ରମୋଦେ ତୋଳୁ ଅରବିନ୍ଦେ ନେତ୍ରପତେ ଶିଶୁପର ଯେ । ।୧୨।
ଗଳେ ଥିବା ଚିତ୍ର ପଟକୁ ସ୍ମରେ, ମିଶୁ ଶିଶୁ ରୂପ ସଭୟେ ଫେରେ
ଭାବେ ଏ ମୋ ହନ୍ତା ହେଲା ଉତ୍ପନ୍ନ, ଜୀବ ମୋକ୍ଷହେବ ହେଉ ବିପନ୍ନ
କି କାର୍ଯ୍ୟ କଲେ ଏହାର ଯେ
ଐଶ୍ୱର୍ଯ୍ୟ ପ୍ରାପତ ହେବ ହେବି ମୁକ୍ତ ଏ ମର୍ତ୍ତ୍ୟପୁରୁ ମୋହର ଯେ । ।୧୩।
ତାକି ପୁତ୍ର ନାତି ସଚିବେ ଜଣା, କରେ ଦେଖିଥିବା ସର୍ବ ଘଟଣା
ପ୍ରବେଶ ଏ କାଳେ ଆତ୍ମ ଭୂସୁତ, ପ୍ରଣିପାତ ହୋଇ ପୁଚ୍ଛୁ ଦଇତ ଯେ
ହସି ହସି ତପଶୀଳ ଯେ
ବୋଲନ୍ତି ତୋ ହତେ ସମ୍ଭୂତ ଏ ସର୍ତ୍ତ୍ୟେ ବୁଝି ପ୍ରତିକାର କର ଯେ । ।୧୪।
ବିଚାରୁ ସଭାରେ ହୋଇଲା ସ୍ଥିର, ଶିଶୁ କାଳୁ ଏବାଳା ନାଶକର
ବିଶ୍ୱାସି ସଚିବେ ଭାଷେ ରାଜନ, ଚଳ ଚଞ୍ଚଳ ଘାତକେ ଘେନିଣ ଯେ
କରି ନାନାଦି କୌଶଳ ଯେ
ସର୍ବେ ହୋଇ ମେଳି ହତ୍ୟାକର ମିଳି ନାଶି ଜଣାଅ ଚଞ୍ଚଳ ଯେ । ।୧୫।
ରାଜା ବେଶ ଘେନି ସଚୀବ ଧୀରେ, ପ୍ରବେଶିଣ ପଦ୍ମ ସରସୀତୀରେ
ଯତ୍ନେ ଶିଶୁ ଆଣି ହୋଇଣ ମେଳି, ଅସ୍ତ୍ରାଘାତ କଲେ ଘାତୁକେ ମିଳି ଯେ
ରକ୍ତାକ୍ତେ କ୍ଷତ ବିକ୍ଷତ ଯେ
ହେଲେ ବି ଶରୀର ଅଟ୍ଟହାସ୍ୟ ରୋଳ କରେ ଶିଶୁ ନୁହେଁ ହତ ଯେ । ।୧୬।
ପୁତ୍ରି ବତ୍ସଳା ପାଟ ମହାଦେଈ, ବାର୍ତ୍ତାପାଇଁ ବାତ୍ସଲ୍ୟ ପ୍ରେମେ ଯାଇ
ଶିଶୁ ହତ୍ୟା ଦେଖି କରେ ବାରଣ, ଉଗ୍ରତା ରୂପକୁ କରେ ଧାରଣ ଯେ
ନ ମାର ଶିଶୁ ଏ ପରି ଯେ
ମାରିବା ନିମିତ୍ତ ଅଛି ବହୁ ବାଟ ପୁରେ ଫେରେ କୋଳେଧରି ଯେ । ।୧୭।
ମନ ମଧ୍ୟେ ସ୍ଥିର କରଇ ଭାବି, ପାଳି ତା କନ୍ୟା ଏହାକୁ କରିବି
କନ୍ୟାଦାନ ଦେଇ ଅର୍ଜିବି ପୁଣ୍ୟ, ନମାରି କରିଣ ବେଷ ଭୂଷଣ ଯେ
ନେଇ ଚନ୍ଦ୍ର ଶାଳା ପୁରେ ଯେ
ଅତି ହର୍ଷଭରେ ଦାସୀଙ୍କ ମଧରେ ଝୁଲାଏ କନ୍ୟା ଦୋଳିରେ ଯେ । ।୧୮।
ଏକାଳେ ଧାତା ନନ୍ଦନ ପ୍ରବେଶ, ଦେଖିଣ ମନ୍ଦୋଦରୀ ହୋଇ ହର୍ଷ
ପ୍ରଣମି ପ୍ରକାଶୁ ସର୍ବଘଟଣା ଋଷି ଭାଷି, ଦେଖି ହୁଅ ଯା ବଣା ଯେ
ଯା ଲାଗି ଶଙ୍ଖା ସିନ୍ଦୁର ଯେ
ପୁତ୍ର ଧନ ଜନ ନାତି ପତି ପ୍ରାଣ ସମସ୍ତ ହୋଇବ ଦୂର ଯେ । ।୧୯।

Digitized by PPRACHIN, SOA



ଯଜ୍ଞଭୂମୀରୁ ସୀତା ଉତ୍ପତ୍ତି ।

Digitized by PPRACHIN, SOA

ଛାଡି ଦୁହିତା ଭାବନା ମନରୁ, ନାଶ କରାଅ ବାକ୍ୟମଣି ଗରୁ
ଶୁଣି ଶକ୍ରଜିତ ମାତା ଭାଷଇ କିପରି ମାରିବି ହସ୍ତେ, ଭସାଇ ଯେ
ଦିଅ କହିଲେ ନାରଦ ଯେ
ମଞ୍ଜୁଷେକ ଆଣ ଟା ମଧ୍ୟେ ରଖିଣ କର ତାକୁ ଜଉମୁଦ ଯେ । ।୨୦।
ନିଶ୍ୱାସ ପ୍ରଶ୍ୱାସ ନୋହୁ ଗମନ, ଆୟସେ ଶିଶୁର ଯିବ ଜୀବନ
ପାଛ ମହିଷୀ ଆଦେଶକୁ ଘେନି, ଘାତକେ ଭଣ୍ଡାରୁ ମଞ୍ଜୁଷା ଆଣି ଯେ
ଟା ମଧ୍ୟେ ସ୍ଥାପିସେ ବାଳା ଯେ
ଭସାନ୍ତେ ସିନ୍ଧୁରେ, ସିନ୍ଧୁ ଲହରୀରେ ଗଡାଇ ଗର୍ଭକୁ ନେଲା ଯେ । ।୨୧।
କାଳେ ସିନ୍ଧୁ ଋତୁ ମତୀ ହୋଇଲା, ଜୁଆର ମଞ୍ଜୁଷା ଉଠାଇ ନେଲା ।
ଶାଖା ନଦୀ ଗର୍ଭେ ପାଣି ଉଜାଣି, ଉଠାନ୍ତେ ମଞ୍ଜୁଷା ମିଥିଳା ଆଣି ଯେ
କୂଳେ ପକାଇ ଫେରିଲା ଯେ
ପଟୁରେ ମଞ୍ଜୁଷା ପୋତି ହୋଇ ରସା ମଧ୍ୟେ ସେହିଠାରେ ଥିଲା ଯେ । ।୨୨।
ନିମି,ରାଜା ସୁତ ମିଥିଳା ପତି, ଜଗତେ ଯା'ନାମ ଜନକ ଖ୍ୟାତି
ବିଦଗ୍ଧିତ ମନେ ବିରୋଧ କରି, ସୁତ ସୁତା ଆଶେ ଯାଗ ଆଚରି ଯେ
ମୁଖଶାଳା କୃତେକ୍ଷିତ ଯେ
କର୍ବୁର-ସୀତାରେ କର୍ଷିବାର କାଳେ, ଶୂନ୍ୟେ ଦୃଶ୍ୟ ଦିବ୍ୟ ଜ୍ୟୋତି ଯେ । ।୨୩।
ମେନକା ନାମେଣ ସ୍ୱର୍ଗ ଅପ୍ସରୀ, ବୃଷନ ଶାପରୁ ହୋଇଣ ପାରି
ଗଗନେ ବିମାନ କରେ ଗମନ, ସୁ ଶୋଭାରେ ହରେ ଜନନୟନ
ଦେଖୁ ନୃପ ବଶିଭୂତ ଯେ,
ଭାବନ୍ତି ଚିତ୍ତରେ ପିତା ପଦବୀରେ କନ୍ୟା କରନ୍ତା ନିଯୁକ୍ତ ଯେ । ।୨୪।
ଋଷିମନ ଜାଣି ମଧୁରେ ବାଣୀ, ଭାଷଇ ମେନକା ସ୍ୟନ୍ଦନ ଆଣି
ଯେଉଁ ଧର୍ମ କାର୍ଯ୍ୟେ ହୋଇଛ ରତ, ସେ ଧର୍ମୁ ଦୁହିତା ହେବ ପ୍ରାପତ ଯେ
ମୋ ଶୋଭା ପ୍ରଭାରୁ ବଳୀଯେ,
ତପନ ପୂଜିଣ କର ସମାଧାନ ଜାହ୍ନବୀ ରସକୁ ଢ଼ାଳି ସେ । ।୨୫।

ସୀତା ଉଦ୍ଭବ କାଳ ନିର୍ଣ୍ଣୟ

ଗ୍ରହ ବିପ୍ର ଲୋଡି ଦେଖନ୍ତେ ଯୋଗ, ବୈଶାଖ ଶୁକଳ ନବମୀ ଭୋଗ
ମଙ୍ଗଳ ବାସରେ ମଘା ନକ୍ଷତ୍ର, ମଧ୍ୟାହ୍ନରେ ଯୋଗ୍ନୀ ପୂର୍ବରେ ସ୍ଥିତ ଯେ
ସୂର୍ଯ୍ୟାର୍ଘ୍ୟ ଦେଇ ନୃପତି ଯେ
ହଳକରୁ ବ୍ୟଗ୍ରେ ଭୂପୃଷ୍ଟେ ଫାଳାଗ୍ରେ ମଞ୍ଜୁଷା ପ୍ରକାଶେ ଜ୍ୟୋତି ଯେ । ।୨୬।

Digitized by PPRACHIN, SOA

ଧନ ଆଶାବାଦୀ ଦରିଦ୍ର ଜନ, ଆନନ୍ଦିତ ରତ୍ନ ପ୍ରାପ୍ତେ ଯେସନ
ଯେପରି ରାଜନେ ହେମ ମଞ୍ଜୁଷା ଖୋଲାଇ ଦେଖନ୍ତେ ପୂରିଲା ଆଶା ଯେ
ପାଉଁ ତପନ କିରଣ ଯେ
ମାତା ଗର୍ଭୁ ଶିଶୁ ରସାରେ ପ୍ରବେଶୁ ମାନସହରେ ଯେସନ ଯେ । ।୨୬।

ତେମନ୍ତ ବର୍ଣ୍ଣଦାହ ହେମ ଜିଣି, ଅନ୍ନ ପୂର୍ଣ୍ଣା ପ୍ରତ୍ୟକ୍ଷେ କମଳିନୀ
ଅଷ୍ଟ ଐଶ୍ୱର୍ଯ୍ୟ ସେ ଚରଣେ ଭୃତ୍ୟ, ବିରଜା ଚିହ୍ନ ଗଦା ଶଙ୍ଖ ଛତ୍ର ଯେ
ମଞ୍ଜୁଳ ପଦାବ୍ଜ ଦୁଇ ଯେ
କୁରଙ୍ଗୀ ନୟନ ଅଧର ଶୋଭନ ପକ୍ୱ ବିମ୍ବକୁ ଜିଣଇ ଯେ । ।୨୮।

ଧରଣୀ ସମ୍ଭୂତା କୁଆଁରୀବରେ, ତାପସଙ୍କ ମନ ମାନସ ହରେ
ଯାଗ ବରଣୀୟ ବ୍ରାହ୍ମଣ ଗଣ, ଆଶିଷ ଦିଅନ୍ତେ କନ୍ୟା ଘେନିଣ ଯେ
ରାଜା ପ୍ରାସାଦେ ପ୍ରବେଶ ଯେ
ଜାଣୁ ଦାସଦାସୀ ସେ ପାଟ ମହିଷୀ କନ୍ୟା ଦେଖି ହେଲେ ତୋଷ ଯେ । ।୨୯।

ଧର୍ମେ ଜାତ କର୍ମ ବିଧାନ କଲେ, ନାମ ଦାନେ ଋଷି ଗଣ ଆସିଲେ
କନ୍ୟା ଶୋଭା ଦେଖି ଭାଷନ୍ତି ଯତି, ଲଙ୍ଗଳ ମୁନ୍ନୁଏ ହେଲା ଉତ୍ପତ୍ତି ଯେ
ଲଙ୍ଗଳ ସିଆର ସୀତା ଯେ
ଏଣୁ ସୀତାନାମ କରନ୍ତେ ପ୍ରଦାନ ଖୁସି ହେଲେ ପିତାମାତା ଯେ । ।୩୦।

ପୃଥିବୀ ଗର୍ଭରୁ ହେଉ ସମ୍ଭବ, ପାର୍ଥିବୀ ନାମଦେଲେଋଷି ସର୍ବ
ବିଦେହ ଦେଶକୁ ଭରୁ ବୈଭବେ, ବୈଦେହୀ ଭାଷିଲେ ତାପସ ସର୍ବେ ଯେ
ଜନକ ପାଳୁ ଜାନକୀ ଯେ
ମିଥିଲ୍ୟାରେ ଜାତ ହେତୁ ତପୋବନ୍ତ ମଇଥିଳୀ ନାମ ଡାକି ଯୋ । ।୩୧।

ଯୋଜନ ଦୂରୁ ଅଙ୍ଗବାସ ହେଉ, ଯୋଜନ ଗାନ୍ଧା ନାମ ଏ ବୋଲାଉ
ନାମଦାନ କରୁ ତାପସ ଗଣ, କରାଇଲେ ରାଜା ପ୍ରୀତି ଭୋଜନ
ନିଶିଅନ୍ତେ ଋଷିଗଲେ ଯେ
ଚନ୍ଦ୍ରଶାଳାପୁରେ ମାତାଙ୍କ କୋଳରେ ସୀତା ବର୍ଦ୍ଧମାନ ହେଲେ ଯେ । ।୩୨।

ସନ,ଋତୁ, ବସୁ, ଗ୍ରହ, ଯେ ବ୍ରହ୍ମ ବିଲୋମେ ଯୋଗ ମସିହା ମରମ
ଆଦ୍ୟ ମାସର ତାରିଖ ସଂଖ୍ୟାରେ, ପୂର୍ଣ୍ଣ କରେ ଦ୍ୱନ୍ଦ ପଦ ଯୋଗରେ ଯେ
ମହୀଜା ପତିଙ୍କ ମୂର୍ତ୍ତି ଯେ ।
ଚରଣ କମଳେ ମୋ ମନ ନିଶ୍ଚଳେ ରହିଗାଏ ସଦା କୀର୍ତ୍ତି ଯେ । ।୩୩।

ଟୀକା: ୨୮-ଅଷ୍ଟ ଐଶ୍ୱର୍ଯ୍ୟ : ୧-ଅଣିମା,୨ଲଘିମା,୩-ବ୍ୟାପ୍ତିଃ,୪-ପ୍ରକାମ୍ୟଂ,୫-ମହିମା,୬-ଈଶିତାଞ୍ଚ, ୭-ବିଶିତ୍ୱଞ୍ଚ,୮-କାମ ବସାୟିତା । ୩୩ : ସନ-୬୮୯୧(ବିପରୀତ) ୧୯୮୬ ଜାନୁୟାରୀ ମାସ ୩୧

Digitized by PPRACHIN, SOA

ସୀତାଙ୍କ ବାଲ୍ୟାବସ୍ଥାରୁ ଯୌବନ ପ୍ରାପ୍ତ ବର୍ଣ୍ଣନା, ବିଦ୍ୟାଧ୍ୟୟନ, ଗୃହକାର୍ଯ୍ୟ, ଧନୁ ଉତ୍ତୋଳନ ଜନକ ସୀତା ବିବାହେ ଧନୁ ଭଗ୍ନ ପଣ

ଛାନ୍ଦ - ୪୦

ରାଗ - ଆହାରୀ

ଦିନେ ଯୋଡି ପାଣି ହିମାଦ୍ରି ନନ୍ଦିନୀ ପୁଛନ୍ତେ ପୁରାଣ କାହାଣୀ,
ଭୂମି ସୁତା ଧବ ଚିନ୍ତି ବାମଦେବ ଭାଷନ୍ତେ ଘେନନ୍ତି ଶର୍ବାଣୀ,
ସେ ରସ, ଘେନ ଜନେଏଥି ପ୍ରକାଶ
ଶ୍ରୁତି ପଥେ ପାନ କଲେ ଏ ଆଖ୍ୟାନ ଅନ୍ତିମେ ହେବ ସ୍ୱର୍ଗେବାସ । ।୧।
ଘେନିଲେ ସତ୍ତ୍ୱରେ ଇହ ଜଗତରେ ଜ୍ଞାନୀ ଗଣେ ହେବ ଗଣନା,
କଲ୍ମଷ ନାଶନ ପାବନ ଆସନ ଜପ, ନରଖି କଳପଣା
ପୁଣ୍ୟରୁ, ଧର୍ମ ଅର୍ଥ ପ୍ରାପ୍ତ ହୋଇବ
ଅର୍ଥ ପ୍ରାପତରୁ କାମନା ପୂରିବ, ମୋକ୍ଷାର୍ଥେ ଦର୍ଶନ ପାଇବ । ।୨।

ସୀତାଙ୍କର ବାଳ,ପୌଗଣ୍ଡ,ଯୌବନ ଅବସ୍ଥା

ଜନକ ମହର୍ଷି ପୁରରେ ମହିଷୀ ଯତ୍ନେ ପାଳୁ କନ୍ୟାରତନ,
ସର୍ବ ସୁଲକ୍ଷଣୀ ଜଗତ ଶୋଭିନୀ ବର୍ଦ୍ଧମାନ ଦିନକୁ ଦିନ,
ପ୍ରକାଶେ, ଦଶ ମାସରେ ଦନ୍ତ ବେନି
ଗୁରୁଣ୍ଡି ଗୁରୁଣ୍ଡି, ଏରୁଣ୍ଡି ଦରାଣ୍ଡି ପେଟାଇ ପଡନ୍ତି ଅବନୀ । ।୩।
ପୂରୁ ସମ୍ବତ୍ସର ମିଥିଲା ଈଶ୍ୱର ମିଷ୍ଟାନ୍ନ ବଣ୍ଟନ କରିଲେ,
ସ୍ୱଧର୍ମ ପ୍ରମୋଦେ କନ୍ୟା ଆଶୀର୍ବାଦେ ତପୀ,ଭୂଗୀର୍ବାଣେ ବରିଲେ
ଧାତ୍ରୀ ଏ, ମିଳିଣ କେମାକୁ ଧରନ୍ତି
ଶିଶୁଙ୍କ ମେଳିରେ ଖେଳାଇ ଦୋଳିରେ ପ୍ରେମାଦରେ ଦିନ ହରନ୍ତି । ।୪।
କ୍ରମେ ବାଳମତି ଦୂରେ କଲାଗତି କିଶୋର ସମୟ ଗମନ
ମିଥିଲା ରାଜନ ଗୁରୁ ଆମନ୍ତ୍ରିଣ କରାନ୍ତି ବିଦ୍ୟା ଅଧ୍ୟୟନ,
ଅଳପ, କାଳେ କଲେ ବିଦ୍ୟା କବଳ
ଗୁରୁ ସେବା ପ୍ରୀତି, ଗୃହ କାର୍ଯ୍ୟ ନୀତି ଶିକ୍ଷାରୁ ତୁଷ୍ଟ ମହୀପାଳ । ।୫।
ଏକାଳେ ଅନଙ୍ଗ ଆଗମନୁ ଅଙ୍ଗ ନବ ଯଉବନ ପ୍ରକାଶେ
ନେତ୍ରେ ଯୁବା ପୁଂସ ପିବନ୍ତି ଯେ ରସ ଠୁଳ କଲା ବକ୍ଷେ ହରଷେ
ସୁବର୍ଣ୍ଣ, ବର୍ଣ୍ଣକି କର୍ଣ୍ଣକୁ ରସାଣି
ରଞ୍ଜିଲା ତନୁକୁ ବିଶୁଦ୍ଧ ବିଜ୍ଞାଣି କଷଟିରେ ନୁହେଁ ବଖାଣି । ।୬।
ସୁନ୍ଦରୀ ମନ୍ଦିରେ ମନୋରମ ପୁରେ ମଦନ କରନ୍ତେ ସଦନ
ସୁବଳିତ ଭୁଜ ପ୍ରଭାବରେ ତେଜ କମ୍ବୁ କଣ୍ଠକୁ କଟି କ୍ଷୀଣ
ବାଳାର, ସଖୀ ଶିକ୍ଷୟତ୍ରୀ ପ୍ରବୀଣା ।
ହର୍ଷେ ଧ୍ୱନି କଲା କଳି ପ୍ରସ୍ଫୁଟିଲା ମାତା ଶୁଣି ଆନନ୍ଦ ମନା । ।୭।
ଲୋଡି ଗ୍ରହବିପ୍ର ବିଧି ଅନୁରୂପ ଦୋଷା ଦୋଷ କରି ନିର୍ଣ୍ଣୟ
ସେବକେ ଡକାଇ ଶିବେ ଜଳଶାୟୀ ଭୂଦେବ ଦିଅନ୍ତି ଅଭୟ,

Digitized by PPRACHIN, SOA

(ସୁ) ନୟନା, ନନ୍ଦିନୀ ସେବାରେ ବନ୍ଦିନୀ
ନିଯୋଗୀ ନିଯୋଗେ, ନିର୍ଦ୍ଦେଶୁ ସୁହାଗେ ଗମଲେ ମାନସ ଛନ୍ଦିନୀ । ।୮।

ସୀତାଙ୍କର ପ୍ରଥମ ଋତୁମତୀ ସ୍ନାନ

ଧରିତ୍ରୀ ପୁତ୍ରୀକୁ ଧରାରେ ବସାଇ ଧାତ୍ରୀ ଶୁଦ୍ଧ ଅମ୍ବୁ ଅଜାଡ଼ି
ବକ୍ଷ କୁଚ ଶମ୍ଭୁ ଅଭିଷେକ ଦମ୍ଭୁ ସାରି କାଞ୍ଚଲାକୁ ସଜାଡ଼ି
ଅଞ୍ଚଳ, ଚଳେ ତା ଆଚ୍ଛାଦନ କରି
ବିଧି ଅନୁସରି, ରସନାକୁ ଚାଳି ସମାର୍ଜନାକୁ ଦେଲେ ସାରି । ।୯।
ମନ ମାୟା ଦାସୀ ସେବା କାର୍ଯ୍ୟେ ଆସି ସୁବାସ ତଇଲେ ଶାମଳି
କିଞ୍ଚିତ କେଶାର ନବଘନ କେଶେ ସୁପ୍ରସାଧନୀ ଦେଲା ଚାଳି,
ବେଶକୁ, ସାରିଲେ ସର୍ବ ସଖୀଗଣ
ମୁକୁର ଦେଖାଇ ନାରୀଧର୍ମ କହି ଆନନ୍ଦ କରାନ୍ତି ବର୍ଦ୍ଧନ । ।୧୦।
ସେଥି ପରିହାସେ କେ ସୁଶୀଳା ଭାଷେ ଅଘଟଣ ଦେଖେ ଏଠାଇ ,
ସ୍ୱର୍ଣ୍ଣମହୀ ଯାରେ ସ୍ୱର୍ଣ୍ଣ ମଞ୍ଜରୀରେ ସ୍ୱଇଚ୍ଛାରେ ଥିଲା ପଠାଇ
ସେ ଏବେ, ସୁଗନ୍ଧବତୀରୁ ଚଳଇ
ସପ୍ତ ପୁଷ୍ପଫଳ ବିହଙ୍ଗମେ ମେଳ ସେ ବୃନ୍ତେ ସ୍ଥିତି ଦେଖ ସହି ।।୧୧।

ସୀତାଙ୍କ ଶରୀରରେ ସପ୍ତ ପୁଷ୍ପ ଫଳ ନିରୂପଣ

ଶ୍ରୀମୁଖ କମଳ ଶରୀର କୋମଳ ସର୍ଷପ ଅଶୋକ ଅଙ୍ଗୁଳି
ଚମ୍ପା ଦେହା ଆଳି କୁମୁଦ ପାଟଳୀ ନେତ୍ର କର୍ଣ୍ଣ, ଓଷ୍ଠ ନିଆଳୀ
ସଁ ଫୁଲ, ଶ୍ରୀଫଳ ପକ୍ୱ ଆମ୍ର ବିମ୍ବ
କୁଚ ତନୁ ଓଷ୍ଠ ଦ୍ରାକ୍ଷା ଭାଷା ମିଷ୍ଟ ତୁମ୍ବୀ ସ୍ୱୀଚ ଦନ୍ତ ଡାଳିମ୍ବ । ।୧୨।
ମାତୁଲୁଙ୍ଗ ଖୋଷା ଏହିପରି ଯୋଷା ସପ୍ତଫଳ ପୁଷ୍ପ ବିହଙ୍ଗ
କପୋତ, ମୟୂର ଖଞ୍ଜନ, ଚକୋର କଣ୍ଠ ପୁଚ୍ଛ ନେତ୍ର ବକ୍ଷାଙ୍ଗ
ସାରଙ୍ଗ, ଚଞ୍ଚଳେ, ପିକ-ଗାନେ, ଶୁକ
ନାକ, ସପ୍ତ ଜାତି ଫଳ ଫୁଲ ପକ୍ଷୀ ବୃନ୍ତେ ଯା ଶୁଣା ନାହିଁ ଦେଖ । ।୧୩।
ଦିନୁ ଦିନୁ ବାଳା ହୋଇଲା କୁଶଳା ସଖୀ ଗହଣେ ଗୃହ କର୍ମେ
ପୁର ସମାର୍ଜ୍ଜନେ ଧନୁ ଗୃହେ ଦିନେ ଜେମା ପ୍ରବେଶିଣ ସଂଭ୍ରମେ
ମଞ୍ଜୁଷା, ମଧ୍ୟୁ ଧନୁ ଥୋଇ ଅନ୍ୟତ୍ର
ମାର୍ଜନା ବେଳରେ ପିତା ଆଶ୍ଚର୍ଯ୍ୟରେ ମନେ ମନେ ହୋଇ ଚିନ୍ତିତ ।।୧୪।
ବାଲ୍ମୀକି ତାପସ ବିଲୋକୁ ଆଭାଷ ଦେଉ ସେ ବାଲ୍ମୀକି ଭାଷନ୍ତେ ।
ବିବାହେ କନ୍ୟାର ଧନୁ ଯାଗକର ସ୍ୱୟମ୍ଭୁ ଧନୁ ଲଭୁ ଶାନ୍ତି
ସେ ଧନୁ, ଉତ୍ତୋଳନ ଯେହୁ କରିବ
ଧନୁ ସ୍ୱୟମ୍ବରେ ଭୂପତି ଆଗରେ ଜାନକୀ ତାହାକୁ ବରିବ । ।୧୫।

ଟୀକା: ୧୨- ମୁଖ-ପଦ୍ମ,ଦେହ କୋମଳ-ଶୋଭିତ,ଅଙ୍ଗୁଳି-ଅଶୋକ କଢି, ଦେହବର୍ଣ୍ଣ ଚମ୍ପା ଫୁଲ,କୁମୁଦ-ନେତ୍ର,ପାଟଳୀ ଫୁଲ-କର୍ଣ୍ଣ,ନିଆଳି ଫୁଲ-ଓଷ୍ଠ ଏ ସପ୍ତ ଫୁଲ । ଶ୍ରୀଫଳ-ସ୍ତନ,ପାଚିଲା ଆମ୍ବ-ଦେହ, ବିମ୍ବଫଳ-ଓଷ୍ଠ,ଦ୍ରାକ୍ଷାଫଳ-ଭାଷାମିଠା, ସ୍ୱୀତ ବା ପିଟା-ତୁମ୍ବି ବା ଲାଉ, ଡାଳିମ୍ବ-ଦନ୍ତ, ମାତୁଲଙ୍ଗ(ଟଭା)-ଖୋସା ଏ ସାତ ଫଳ । ବିହଙ୍ଗ:କପୋତ-କଣ୍ଠ,ମୟୂର-ପୁଚ୍ଛ,ଖଞ୍ଜନ-ନେତ୍ର,ଚକ୍ରବାକ-ଯୋଷ, ସାରଙ୍ଗ(ମୃଗ)-ଚଞ୍ଚଳ,ପିକ-ଗାନ, ଶୁକ-ନାକ ।

Digitized by PPRACHIN, SOA

ସଦା ଏହାଚିନ୍ତି ସେ ମିଥିଲା ପତି ବିଭୁ ଚିନ୍ତି ସତ୍ୟା ନନ୍ଦରେ
ଜଣାଇ ସମସ୍ତ କରି ବନ୍ଦୋବସ୍ତ ବରିଲେ ଭୂପେ ଆନନ୍ଦରେ
ଏରସ ଷଷ୍ଠଦଶ ପଦେ ବିଦୁଷ
ଜାନକୀ ବିଳାସ ପଦେ ରଖି ଆଶ ରଚଇ ଦୟାନିଧି ଦାଶ । ।୧୬।

ଋଷ୍ୟଶୃଙ୍ଗ ଜନ୍ମ

ଛାନ୍ଦ - ୪୧

ରାଗ - କୌଶିକ (ମନ୍ତ୍ରୀ ମୁଖୁ ଶୁଣି ବୃତ୍ତେ)

ହୋଇ ଶୁଚିବନ୍ତ ଘେନ ସୁଧୀମନ୍ତ ରାମନାମାମୃତ ରସକୁ
ଶ୍ରବଣେ ପଥରେ ଘେନା କଲେ ଥରେ ମୃତ୍ୟୁ ନ ଆସିବ ପାଶକୁ
ଅନ୍ତଃ କାଳରେ-କାମନା ସ୍ଥାନରେ ବସିବ
ଧନ, ପୁତ୍ର, ଜାୟା ଏ ସମସ୍ତ ମାୟା, ମିଛ, ସେଥି କିମ୍ପା ରସିବ ? ।୧।
ଏକ ଦିନ କରେ କୈଳାସ ଶିଖରେ ପୁଚ୍ଛନ୍ତେ ମେନାଙ୍କ ନନ୍ଦନା
କିମର୍ଥେ ବାସବ ବହି ପ୍ରୀତିଭାବ ଋଷ୍ୟଶୃଙ୍ଗେ କରି ବନ୍ଦନା
ଅନାବୃଷ୍ଟିକୁ-ଦୃଷ୍ଟିକୁ ନିକ୍ଷେପୁ ନାଶଇ
ପୂର୍ବତପଶୀଳେ ଏମନ୍ତ କୌଶଳେ ନ ସାଥିଲେ କାହିଁ ପାଇଁ । ।୨।
ଶୁଣି ଏ ଭାରତୀ କୁବେରାଦ୍ରି ପତି ସୀତା ପତି ଚିନ୍ତୁ ସତ୍ୱର
ହେଲା ଦିବ୍ୟ ଦୃଶ୍ୟ କରିଲେ ପ୍ରକାଶ ପଚାରିବା ପ୍ରଶ୍ନ ଉତ୍ତର
ଯାହା ବାଲ୍ମୀକି, ଆଦ୍ୟରେ କରିଲେ ରଚନା
ସେ ଚରିତ ଶୁଣି ନାମ ଗୁଣି ଗୁଣି ଭକତେ କରନ୍ତି ଅର୍ଚ୍ଚନା । ।୩।
ବିଭାଣ୍ଡକ ଥରେ ବୃଷ୍ଟି ଅଭାବରେ ଯାଗ କୁଣ୍ଡେ ଦେଉ ଆହୁତି
ଗର୍ବେ ପୁରୁହୂତ ତା' ଆଲୋକପାତ ନ କରୁ କ୍ରୋଧେ ମହାଯତି
ତାର ବିଭବ, ହରଣେ ତପରେ ବସିଲେ
ସେ ତପେ ବିପଦ, ଚିନ୍ତି ସର୍ବଦେବ ଉର୍ବଶୀକୁ ବନେ ପେଶିଲେ । ।୪।
ସର୍ବାଙ୍ଗ ସୁନ୍ଦରୀ ସ୍ୱର୍ଗ ଅପସରୀ ଯେ ମୋହି ପାରଇ ଜଗତ
ସରିତେ ଚଞ୍ଚଳ ବୁଡାଇ ଅଞ୍ଚଳ ପ୍ରବେଶନ୍ତେ ମୁନି ଅଗ୍ରତ
ଜାନୁ ଯୌବନ, କୁଚ ଯୁଗ୍ମ ଫୁଟି ଦିଶଇ
କଟାକ୍ଷ ନୟନେ ବକ୍ର ବିଲୋକନେ ତାପସ ଦର୍ପଦେଲା ଦହି । ।୫।
କାମ ପଞ୍ଚଶର କରନ୍ତେ ପ୍ରହାର ବ୍ରହ୍ମ ରେତ ହେଲା ପତନ
ଯୋଗ ନାଶ ଜାଣି ତାପସ ଅଗ୍ରଣୀ ସ୍ନାନେ ଗଲେ କରି ଯତନ
ପୁଷ୍କରଣୀରେ, କାଛା ଧୁଅନ୍ତେ ବ୍ରହ୍ମ ବିନ୍ଦୁ
ନ ହୋଇଣ କ୍ଷୟ ହୋଇ ଦୀପ୍ତିମୟ ବଢ଼ିଲା ସ୍ୱର୍ଗେ ଯେହ୍ନେ ଇନ୍ଦୁ । ।୬।

Digitized by PPRACHIN, SOA

ଦଇବ ନିର୍ଦ୍ଦେଶେ ପୂର୍ବୁ ଇନ୍ଦ୍ର ରୋଷେ ମର୍ତ୍ତ୍ୟରେ ସ୍ୱର୍ଗ ଅପସରୀ
ମୃଗୁଣୀ ରୂପରେ ବିଚରଣ କରେ ବନ୍ଧୁର ପଥ ବନ ଗିରି
ଯାଇ ତୃଷାର୍ତ୍ତେ, ରେତଜଳ ପାନେ ଫେରିଲା
ଥିଲା ଋତୁମତୀ ହେଲା ଗର୍ଭବତୀ ଅସକତ କ୍ରମେ ଧରିଲା । ।୭।

କରଇ ଭାବନ ଏତ ଅପଘଟନ କାନ୍ତ କାନ୍ତା ମେଳ ବିହୁନେ
ଉଦର ପୃଥୁଳ କିମ୍ପା ବେଳୁ ବେଳ ପ୍ରପୀଡ଼ିତ ଶୂଳ ଗହନେ
ବାଲିକୁଦରେ, କଷ୍ଟ ବେଳୁଁ ବେଳ ହୋଇଲା
ବିଭୁଙ୍କୁ ସୁମରି ପୁତ୍ରେ ଜାତ କରି ଅଚେତନ ଏଣୀ ଶୋଇଲା । ।୮।

ଯାଉଁ କିଛି କ୍ଷଣ ହୋଇ ସଚେତନ ଶିଶୁ କଲା ଅବଲୋକନ
ମନୁଷ୍ୟ ଶରୀର ପଦ ଯୁଗ୍ମକର ଶିରେ ଶୃଙ୍ଗ ମୃଗଲୋଚନ
ମାତା ଧରମ, ଛାଡ଼ି ଭୀତେ ପ୍ରାଣ ରକ୍ଷଣେ
ଗମୁଁ ଝାଡ଼ ବନ ସ୍ୱର୍ଗୁ ମଘବାନ ଧାତା ବାକ୍ୟେ ବିଜେ ତକ୍ଷଣେ ।୯।

ପୂର୍ବ ଧାର୍ଯ୍ୟ କାର୍ଯ୍ୟେ ଚିନ୍ତିତା ଅଧୈର୍ଯ୍ୟେ ସୁଧା ମୁଖେ ଦେଇ ତୋଳିଲେ
ଏ ସମୟେ ତପୀ ବକ୍ଷୁନାମ ଜପି ବିଭାଣ୍ଡକ ତହିଁ ମିଳିଲେ
ପାକଶାସନ, ବୋଲଇ ଶୁଣ ତପୋଧନ
ଏ ମୋ କୃତକର୍ମ ତୁମ୍ଭ ବିନ୍ଦୁ ଜନ୍ମ ଦେବ କାର୍ଯ୍ୟୁ ମୃଗୀ ନନ୍ଦନ । ।୧୦।

ନେଇ ଆଶ୍ରମରେ ପାଳ ଯତ୍ନଭରେ କଷ୍ଟ ତପ ହେଲା ପୂରଣ
ଏ ମହୀ ମଣ୍ଡଳେ ଶ୍ରେଷ୍ଠ ତପଶୀଳେ ମୋ ବର ଦାନୁ ହେବେ ଗଣ୍ୟ
ମୋର ଏ ମନ୍ତ୍ର, ମୁଖେ ଉଚ୍ଚାରି ଦେଉ ଦୃଷ୍ଟି
ସସାଗରା ଧରା ହେବ ଶସ୍ୟ ଭରା ବାରିଦ କରୁଥିବ ବୃଷ୍ଟି । ।୧୧।

ନାରାୟଣ ଜାତ ସ୍ମରି ହୃଦଗତ ଶିଶୁ ଘେନି ପୁରେ ଚଳିଲେ
ତା ଜାତ କର୍ମକୁ ନାମ କରଣକୁ ଋଷି ପୁଙ୍ଗବକୁ ବରିଲେ
ସର୍ବ ପ୍ରସଙ୍ଗ-ଶ୍ରବଣେ ନାମ ଋଷ୍ୟ ଶୃଙ୍ଗ
ଦେଇ ହରଷରେ ଫେରିଲେ ବାସରେ ଘେନିଣ ଶିଷ୍ୟଗଣ ସଙ୍ଗ । ।୧୨।

ହେଉ ନବବର୍ଷ ଚୂଡ଼ା କର୍ମଶେଷ ପରେ ତାପସ ଉପବୀତ
କରିଣ ପ୍ରଦାନ ଯୋଗ ମାର୍ଗ ଜ୍ଞାନ ଦିଅନ୍ତେ ସନ୍ଥ, ବେଦ ମନ୍ତ୍ର
ଅଳ୍ପ କାଳରେ-ଘେନନ୍ତେ ହେଲା ସର୍ବ ସିଦ୍ଧି
ତ୍ରୟୋଦଶ ପଦେ ରାମ ଚିନ୍ତି ମୋଦେ କହଇ ବିପ୍ର ଦୟାନିଧି । ।୧୩।

କେବଳ ଶାସ୍ତ୍ର ଅଶ୍ରିତ କରି କର୍ତ୍ତବ୍ୟ ନିରୂପଣ କରାଯାଇ ପାରିବ ନାହିଁ । ତାହା ବିଚାର ଯୁକ୍ତି ସମ୍ମତ ହେବା ଆବଶ୍ୟକ । ସେଥିରେ ଅବହେଳା କଲେ ଧର୍ମ ହାନୀ ଘଟିବ । ଯଥା :-

ଶ୍ଲୋକ

କେବଳ ଶାସ୍ତ୍ରମାଶିତ୍ୟ ନକର୍ତ୍ତବ୍ୟଂ ବି'ନିର୍ଣ୍ଣୟଃ
ଯୁକ୍ତି ହୀନେ ବିଚାରେତଂ ଧର୍ମହାନୀ ପ୍ରବର୍ତ୍ତତେ ।।

Digitized by PPRACHIN, SOA

ଦେବଗଣଙ୍କ ସ୍ତୁତି

ଛାନ୍ଦ - ୪୨

ରାଗ - ନବକ୍ଷରୀ ଭାଗବତ ବୃତ୍ତେ

ଏ ଛାନ୍ଦ ରଚନା ପଦ୍ୟାନ୍ତେ କୋବିଦେ ଭାଗବତ ବୃତ୍ତେ । ।୧।
ଏ ରାମାୟଣ ଯେ ଶୁଣନ୍ତି ସକଳ ଦୁଃଖୁ ନିସ୍ତରନ୍ତି । ।୨।
ଜାଣି ଭକତ ମନତତ୍ତ୍ୱ ସୁଦୟା କରନ୍ତି ଅଚ୍ୟୁତ । ।୩।
ତାମସ ମନେ ଲଙ୍କାଈଶ ଦେବଙ୍କୁ ବାନ୍ଧି ଦିଏ ତ୍ରାସ । ।୪।
ସନକ ନାରଦାଦି ଋଷି ଯକ୍ଷ ଗନ୍ଧର୍ବ ଗଣମିଶି । ।୫।
ଶଚୀଶ ଜିତା ପିତା ହତେ ମସୁଧା କରିଣ ଏକାନ୍ତେ । ।୬।
ତତ୍‌କାଳେ କରିଲେ ଗମନ କ୍ଷୀରାବ୍ଧି କୂଳେ ପ୍ରବେଶିଣ । ।୭।

ଦେବଙ୍କ ସ୍ତୁତି

ନାରାୟଣଙ୍କୁ ହୃଦେ ସ୍ମରି କରନ୍ତି ଏକତ୍ରେ ଗୁହାରି । ।୮।
ରମାରମଣ ବାସୁଦେବ ତୁ ଦେବ ଭକତ ବାନ୍ଧବ । ।୯।
ବିଧାତା ବରେ ବିଂଶହସ୍ତ ଦଣ୍ଡଇ ଦେବେ ଅପ୍ରମିତ । ।୧୦।
ତୋର ସଂସାର ରଖ ତୁହି ନାଶଇ ଦୈତ୍ୟ ବରପାଇ । ।୧୧।
ଈଶ୍ୱର ବିଶ୍ୱର ତୁ ଯେଣୁ ଆବ୍ରହ୍ମ କୀଟ ବଶ ତେଣୁ । ।୧୨।
ନଥାଉ କେଉଁଠି ସବୁଠି ଆତ୍ମା ସ୍ୱରୂପ ଜାଗିଉଠି । ।୧୩।
ଠାବ କେ କରିବ ଅରୂପେ ସୃଷ୍ଟି ରକ୍ଷଣେ ନାନାରୂପେ । ।୧୪।
ପର ଆପଣା ଯେଣୁ ନାହିଁ ଏଣୁ ଡାକୁଛୁ ଭାବଗ୍ରାହୀ । ।୧୫।
ହରି ତୁ ହର ଏ କଷଣ ଗୋପନେ ପଶିଲୁ ଶରଣ । ।୧୬।
ରଖ ନ ରଖ ତୋର ମନ ତୋ ନାମ କରୁଅଛୁ ଧ୍ୟାନ । ।୧୭।

ଅବତାର

ନାନଦି ରୂପ ଧରି ହରି ଧର୍ମସ୍ଥାପନ ଅଛୁକରି । ।୧୮।
ରମା ବଲ୍ଲଭ ମୀନ ରୂପେ ଶଙ୍ଖା ସୁରକୁ ନାଶି କୋପେ । ।୧୯।
ପରମ ତତ୍ତ୍ୱ ବେଦ ଆଣି ଦେଇ ତୋଷିଲୁ କୁଶପାଣି । ।୨୦।
ନିଷ୍ଠଳେ କମଠ ରୂପରେ ଏ ରସା ବହିଲୁ ପୃଷ୍ଠରେ । ।୨୧।
ରମା ଘେନିଲୁ ସିନ୍ଧୁ ମନ୍ଥି ଦେବେ ଅମୃତ ଦେଲୁ ଚିନ୍ତି । ।୨୨।
ଭୁବିରେ ଶୂକର ହୋଇଲୁ ଦନ୍ତାଗ୍ରେ ଧରଣୀ ବହିଲୁ । ।୨୩।
ଲୁପ୍ତକଲୁ ହିରଣ୍ୟ ଧରି ନଖରେ ତା ବକ୍ଷ ବିଦାରି । ।୨୪।
ରଖନ୍ତେ ଭକ୍ତ ପ୍ରହଲ୍ଲାଦ ଇନ୍ଦ୍ରରେ ଘଟିଲା ପ୍ରମାଦ । ।୨୫।
ଦଳିଲୁ ବଳି ଶିର ପଦେ ବାମନ ରୂପରେ ପ୍ରମୋଦେ । ।୨୬।
ଦରଦେ ପିତା ବାକ୍ୟ ଘେନି ସ୍ୱହସ୍ତେ ନାଶିଲୁ ଜନନୀ । ।୨୭।
ନିଦକେ ପର୍ଶୁଧରି କର ବୁଲିଲ ଏକ ବିଂଶ ବାର । ।୨୮।

Digitized by PPRACHIN, SOA

ରାବଣ ଶାସ୍ତିରେ ଅତିଷ୍ଠ ଦେବତାଗଣ ଅନନ୍ତ ଶୟନରେ ପ୍ରଭୁ ନାରାୟଣଙ୍କୁ ଗୁହାରୀ କରୁଛନ୍ତି ।

Digitized by PPRACHIN, SOA

କରିଲ ସର୍ବ ଭୂପ ହତ ବଞ୍ଚିଲେ ଯେ ଶରଣାଗତ । ।୨୯।
ରସାରେ କାର୍ତ୍ତବୀର୍ଯ୍ୟ ବଧି ରକ୍ତ ତର୍ପଣେ ପିତା ବୋଧି । ।୩୦।
ଧରାରେ ହୋଇ ଅବତୀର୍ଣ୍ଣ ଧଇର୍ଯ୍ୟ ନାଶଇ ରାବଣ । ।୩୧।
ନିରୀହ ଜୀବେ କରେ ନାଶ ଏଣୁ ତୁ ରଖ ପୀତବାସ । ।୩୨।
ଶରଣ ତୋ ପାଦେ ସର୍ବଦା ଯେଣୁ ତୁ ଭକ୍ତେ ପ୍ରମୋଦା । ।୩୩।
ଦୟା ସାଗର ରଖ ମାନ ସ୍ତୁତିରେ କମ୍ପନ୍ତେ ଆସନ । ।୩୪।
ନିଶ୍ଚଳେ ଶ୍ରୀ ମଧୁସୂଦନ ଉଭା ହୋଇଲେ ସନ୍ନିଧାନ । ।୩୫।
ନିର୍ମଳ କମଳ କରରେ ପୁଛନ୍ତି ଧାତାଙ୍କୁ ଛଳରେ । ।୩୬।
ରୁଦ୍ରଙ୍କ ସହିତ ଅମରେ କିମ୍ପାଇଁ ନାରଦ ଶ୍ରମରେ । ।୩୭।
ରସାରେ କି ହେଲା ବିପତ୍ତି ଏଣୁ ସଭିଙ୍କ ଉପସ୍ଥିତି । ।୩୮।
ତାତ୍ପର୍ଯ୍ୟେ କହନ୍ତି ବିଧାତା ବିଦିତ ନ ହୋଇଛି କି'ତା? ।୩୯।
ତୋୟଧି ମଧ୍ୟେ ସ୍ୱର୍ଣ୍ଣପୁର ଦଇତ ରାଜା ବିଂଶ କର । ।୪୦।
ବର ନିମନ୍ତେ କଲା ତପ ନଦେଉ ଦେଖା ବିଶ୍ୱ ବାପ । ।୪୧।
ରତ୍ନ କୁଣ୍ଡରେ ମୁଣ୍ଡ ମୋଡି ପକାଉ ବର ଦେଲେ ହୁଡି । ।୪୨।
ଡର ଛାଡିଣ ଦେଲା ସଜ୍ଜା ତା ଦଣ୍ଡେ ଥରୁଅଛି ମଜ୍ଜା । ।୪୩।
ଜଗତେ ଭୟେ ପଡେ ହୁରି ବଳେ ହରଇ କୁଳନାରୀ । ।୪୪।

ରାବଣ ପୁରେ ଦେବଙ୍କ ଖଟଣି

ରଚେ ମୁଁ ସ୍ରଷ୍ଟା ସାମବେଦ- ତା ପୁରେ ଗଣିଣ ପ୍ରମାଦ । ।୪୫।
ଦୈତ୍ୟ ଆସେଶ ଶିରେ ଘେନି ବ୍ୟଞ୍ଜନ ନିଯୋଗରେ ଅଗ୍ନି । ।୪୫।
ନୈଋତେ ଆଜ୍ଞା ଘେନି ଶିର ଶତ୍ରୁ ନାଶନେ ଆଗୁସାର । ।୪୬।
ରାଜାଙ୍କ ପର, ଯମରାଜା ତା ଦ୍ୱାର ଜଗେ ପାଇ ସଜ୍ଜା । ।୪୭।
ଜଳ ଦେବତା ତା ଆକଟେ ଛତ୍ର ଧରିଣ ନାମ ରଟେ । ।୪୮।
ଟିପ୍ପଣୀ କରିଣ କୁବେର ପୁରାଏ ନିଅଣ୍ଟ ଭଣ୍ଡାର । ।୪୯।
ରବି କିରଣ ହ୍ରାସେ ତରି ଦକ୍ଷିଣାୟନ ଗତି କରି । ।୫୦।
ରାତ୍ରାନ୍ତେ ଶଶୀ ଆସି ପୁରେ ମଳି ବସନ ସଫାକରେ । ।୫୧।
ରକ୍ଷକ ପଣେ ପୁରୁହୂତ ତତ୍ତ୍ୱ ଗ୍ରହଣେ ଅଧିଷ୍ଠିତ । ।୫୨।
ତିଳୋତ୍ତମାଦି ଅପସରୀ ନୃତ୍ୟ କରନ୍ତି ବୀଣାଧରି । ।୫୩।
ରଜନୀ ଆଦ୍ୟେ ପଶୁପତି ତାଣ୍ଡବ ନୃତ୍ୟରେ ତୋଷନ୍ତି । ।୫୪।
ଶିଶୁ ବେଦାଦି ବ୍ରହ୍ମଜ୍ଞାନ ଭୟରେ ତାରେ କଲେ ଦାନ । ।୫୫।
ତଥାପି ଦୈତ୍ୟ ନୋହି ତୋଷ ଦେବ ସମ୍ମାନ କରେ ନାଶ । ।୫୬।
ସକଳ ଦେବ ତା ଭୟରେ ସରଗ ଛାଡି ବନସ୍ତରେ । ।୫୭।
ରକ୍ଷଣେ ସଭୟେ ଆଗତ ତୁମେକି ନ ଜାଣ ଅଚ୍ୟୁତ । ।୫୮।
ଛନ୍ଦେ ଭାଷନ୍ତି ଭଗବାନ ଏପରି ବର କିମ୍ପାଦାନ । ।୫୯।
ନିର୍ଦ୍ୱନ୍ଦେ ଦିଅ ନ ବିଚାରି ସେ ଦଣ୍ଡୁ କରୁଛ ଗୁହାରି । ।୬୦।

Digitized by PPRACHIN, SOA

ରହିଣ କ୍ଷଣେ ମୌନେ ଧାତା ଭାଷନ୍ତି ଆହେ ହର୍ତ୍ତାକର୍ତ୍ତା । ।୬୧।
ନୂତନ ରୂପ ତୋ ଦର୍ଶନ ଇଚ୍ଛିଣ କରୁ ବରଦାନ । ।୬୨।
ହୋଇ ଉତ୍ପତ୍ତି ରଖ କ୍ଷିତି ତୋ ବିନା ନାହିଁ ସୁରଗତି ।୬୩।
ନଗେନ୍ଦ୍ର ନନ୍ଦନା ବିହାରୀ ଡାକି ଭାଷନ୍ତି ଚକ୍ରଧାରୀ । ।୬୪।
ରାମ ନାମ ଯା'ମହାମନ୍ତ୍ର ନାରଦ ସହ ରଟ ନିତ୍ୟ । ।୬୫।
ତପନ ବଂଶେ ସେରୂପରେ ଜନ୍ମିଲେ ସାକେତ ନଗରେ । ।୬୬।
ଅନନ୍ତ ନାଗ ଚକ୍ରବର ଶଙ୍ଖ, ହୋଇବେ ମୋ ସୋଦର । ।୬୭।
ରଖିବି କୀର୍ତ୍ତି ନାଶି ଦୈତ୍ୟ ମୋ ବାକ୍ୟ ନୋହିବ ଅସତ୍ୟ । ।୬୮।
ତରିବ ଦୈତ୍ୟ ଏ ମୋଜଣା ପୂର୍ବେ ଦେଇଛି ନିର୍ଦ୍ଦେଶନା । ।୬୯।
ନିଶ୍ଚୟ ମାନବର ହସ୍ତେ ମରିବେ ରାବଣ ସହିତେ । ।୭୦।
ସ୍ୱୀକାର ଦେଇଛି କୋଶଳେ, ଜନ୍ମିବି ଦଶରଥ କୋଳେ । ।୭୧।
ଲାଘବ ହେବ ପୁତ୍ର କଷ୍ଟ ଅଯୋଧ୍ୟା ପୁରୁ ଯିବ ରିଷ୍ଟ । ।୭୨।
ଟେକ ରଖିଣ ନିଜ ଅଂଶେ ବଢ଼ାଅ ଯାଇ କପି ବଂଶେ । ।୭୩।
ଘେନି ତାହାକୁ ନର ଲୀଳା କରି ହରିବି ଦୈତ୍ୟ କଳା । ।୭୪
ନରକାନ୍ତକ ବନ୍ଦି ଦେବ ଫେରିଲେ ସରଗେ ସରବ । ।୭୫।
ଗ୍ରନ୍ଥର ଧୃତ ରୂପ ବ୍ୟାଧି ଦୂରୀକରଣେ ଦୟାନିଧି । ।୭୬।
ତ୍ରିସଂଖ୍ୟା ଗୁଣା ଅଶୀପଦେ ବନ୍ଦେ ଶ୍ରୀରାମ ସୀତା ମୋଦେ । ।୭୭।

ଦେବତାଙ୍କ ଅଂଶରୁ ଋକ୍ଷ ବାନର ଜାତ

ଛାନ୍ଦ - ୪୩

ରାଗ - କାଳୀ (ସତର ଅକ୍ଷର) ଆଦ୍ୟାନ୍ତେ ବ୍ୟଞ୍ଜନ ବର୍ଣ୍ଣ

କରି ସ୍ମରଣ ଶ୍ରୀ ରଘୁରାଣ ଭାଷନ୍ତି ବିରୂପା**କ୍ଷ**
କର୍ଣ୍ଣ କୁ ପାତି ଘେନ ପାର୍ବତୀ ଶ୍ରୀରାମ କରି ସା**କ୍ଷ୍ୟ** । ।୧।
ଖର ଅସୁର ପର ଯେ ବୀର ଚିନ୍ତିଲେ ଅହର**ହ**
ଖର ଗତିରେ ଫେରିବ ଦୂରେ ଯିବ ମା'ର ବିର**ହ** । ।୨।
ଗରୁଡ ଧ୍ୱଜ କଥା ପଦ୍ମଜ ବିଚାରି ଗଲେ ବା**ସ**
ଗନ୍ଧର୍ବ ସୁର ଯକ୍ଷ କିନ୍ନର ଦେଖୁ ଡାକନ୍ତି ଆ**ସ** । ।୩।

ଦେବ ଅଂଶ ଓ ମର୍କଟୀଙ୍କ ଠାରୁ ବାନର ଜନ୍ମ

ଘଟିବା କଷ୍ଟ ହରେ ଅନିଷ୍ଟ ଦୈତ ନିହତେ ଘୋ**ଷ**
ଘରଣୀ ପରି ଋକ୍ଷ ବାନରୀ ଜନ୍ମ ନ ବୋହି ରୋ**ଷ** । ।୪।
ଢରେ ସୁସ୍ପଷ୍ଟେ ମନ ଉଚ୍ଚାଟେ ସ୍ୱୀକାରେ ଶକ୍ର ବ**ଶ**
ଢଙ୍ଗୀ କରଣେ ସର୍ବ ଗୀର୍ବାଣେ ଜନ୍ମୁ ବଢ଼ିଲା ଅଂ**ଶ** । ।୫।
ଚିନ୍ତନ୍ତେ ବୃଷା, ସୂର୍ଯ୍ୟ ସହସା ନାଶନେ ଦଶ ଗ୍ରୀ**ବ**
ଚାଲୁ ବୃଷଣ ମିତ୍ରା ଜନମ କଲା ବାଳୀ ସୁଗ୍ରୀ**ବ** । ।୬।

Digitized by PPRACHIN, SOA



ପିତୃମାତୃ ଭକ୍ତ ଶ୍ରବଣକୁମାର ବଧ ଓ ଅଭିଶପ୍ତ ଦଶରଥ

Digitized by PPRACHIN, SOA

ଛଟକେ ବହ୍ନି ଚିନ୍ତୁ କାମିନୀ ଉପୁତ୍ତି ହେଲା ନଳ
ଛଳରେ ବାମା ସେ ବିଶ୍ୱକର୍ମା ଶୃଙ୍ଗାରୁ ଜାତ ନଳ । ।୭।
ଜଳ ଦୈବତ ହୁଅନ୍ତେ ରତ ଜାତ ଗବାକ୍ଷ ବୀର
ଜୟରେ ମନ ଗନ୍ଧମାର୍ଦ୍ଦନ ପିତା ପଦେ କୁବେର । ।୮।
ଝଟତି ହର କରୁ ଶୃଙ୍ଗାର ହରାଇ ବ୍ରହ୍ମଚର୍ଯ୍ୟ
ଝଟତି ସୁତ କେଶରୀ ଜାତ ବାନରୀ ରଖେ ଧୈର୍ଯ୍ୟ । ।୯।
ଞୟମ, ରତେ ଅନ୍ୟ ଦୈବତେ ରମୁ କାମୁକ ସମ
ଞୟମ, ଜାତ ହେଲେ ବହୁତ ଋକ୍ଷ ଯେପରି ଯମ । ।୧୦।
ଟଙ୍କ ଧରରେ ଗୁହାରି କଲେ ଶଶାଙ୍କ ଯିବେ ନଭ
ଟଳିଲା ମନ ଦେଖୁ ଏମାନ କଳତ୍ରେ ହେବ ଶୁଭ । ।୧୧।
ଠଣେ ହକାରି ଠାରୁ ଶର୍ବରୀ ଈଶ କହିଣ ଭାବ
ଠାଣି ରେଦକ୍ଷ ଯେ ଦଧିମୁଖ ଜନମି କରେ ରାବ । ।୧୨।
ଡଗରା ପରି ପକାଇ ହୁରି ଉଦ୍‌ଗାର କରେ କଫ
ଡଉଲେ ଗଣା ହେଲା ଅଞ୍ଜନା ପବନ ସଙ୍ଗେ ଗପ । ।୧୩।
ଢଳି ମହୀରେ କ୍ରନ୍ଦନ କରେ ସୁମରି କାନ୍ତ ରୂପ
ଢଳାଇ ମନ ଧାତା-ନନ୍ଦନ ଭାଷନ୍ତି ନୁହେଁ ପାପ । ।୧୪।
ଣଷଦୂ ବିପ- ରୀତେ ନ ଡରୁ ସୁତେକ ବଳବାନ
ଣଷଭୂ ବିପ- ରୀତେ ହୋଇବ ଯା ନାମ ହନୁମାନ । ।୧୫।
ତମ ବିହରୀ ତପୀଙ୍କି ବରି ବୁଝି ଦଂଇତ ବଧ
ତନୁ ଆନନ୍ଦେ ପରମା ନନ୍ଦେ ଚିନ୍ତୁ ଗଲା ସେ ଦଣ୍ଡ । ।୧୬।
ଥବିର କାଳ ବିନାଶୁ ବଳ ବିବେକ କରୁ ବାଦ
ଥୟେ ବ୍ୟଞ୍ଜନ ଆଦ୍ୟାନ୍ତ ବର୍ଣ୍ଣ ପୂର୍ଣ୍ଣ ସତର ପଦ । ।୧୭।

ଶ୍ରବଣକୁମାର ବଧ ରୁ ଋଷି ଶାପେ ରାଜାଙ୍କ ପୁତ୍ର ଆଶା

ଛାନ୍ଦ - ୪୪

ରାଗ - କାମୋଦୀ

ବସନ୍ତ ହେଉ ଅନ୍ତ ଗ୍ରୀଷ୍ମ ପ୍ରବେଶୁ ଜାତ
ହୋଇଲା ନିଦାଘ ସମୟ
ପ୍ରଚଣ୍ଡ ମାରତଣ୍ଡ ବିହିଲା ତାପ, ଦଣ୍ଡ-
ଲଭିଲେ ତରୁଲତା ଚୟ
ହେ ସାଧୁଜନେ
ତେଜିଣ ଚିର ବୈରୀ କ୍ଷୟ
ଏଣୀ ଶାର୍ଦ୍ଦୁଳ କୋଳେ ଶିଖୀ ନିକଟେ ଖେଳେ
ବ୍ୟାଳ, ଛାଡିଣ ମନୁ ଭୟ ହେ ----------।୧।

Digitized by PPRACHIN, SOA

ଦାବାନଳ ପ୍ରବଳ ହେବାରୁ ଜୀବ କୁଳ
ଗୋତ୍ର ଶିଖରୁ ଛାଡି ବସା
ରକ୍ଷଣ ଜୀବେ ଆଶା ମେଣ୍ଟାଇବାକୁ ତୃଷା
ଜୀବନ ପାନରେ ସହସା
ସେ ଏହିକାଳେ
ଶବଦ ଭେଦୀ ଧରି ହସ୍ତ
ମୃଗୟୁ ବେଶେ ଦଶରଥ
ମଧ୍ୟା ପାଟ ମହୀକ୍ଷି ସ୍ନେହେ ହେଉ ମାଂସାଶୀ
ରାଜନ ଶିକାରେ ଉଦ୍ୟତ ----------।୨।

ବଙ୍ଗଳା ଶ୍ରୀ

ଛାନ୍ଦ-୪୫

ନ ଘେନି ସଇନ ଅଯୋଧ୍ୟା ରାଜନ
ଯାଉ ପାରିଧି ଉଦ୍ଦେଶ୍ୟ ସେ
ଗ୍ରୀଷ୍ମ ପ୍ରଭାବରୁ ସମୀରଣ, ତରୁ
ମୂଳେ ସେବୁଥିଲେ ହର୍ଷେ । ୧।
ସ୍ଥିର କଲେ ମନେ ସରଯୂ ପୁଳିନେ
ଲୁଚି ଲତା ଅନ୍ତରାଳେ
ପେଶି ଶବ୍ଦ ଭେଦୀ ମୃଗ ସମ୍ବରାଦି
ନାଶିବେ ଯେ ଯିବ ଜଳେ ।୨।
ଏ ବିଧି ନିର୍ବନ୍ଧ ପିତାମାତା ଅନ୍ଧ
ଅନ୍ଧୁଣୀ, ପୁତ୍ର ଶ୍ରବଣ,
ସୁଦୂର ବନରେ ଦେବାର୍ଚ୍ଚନ ପରେ
ବନ୍ଦିଲା ପିତା ଚରଣ ।୩।
ସେ ଋଷି ସହସା ଭାଷିଲେ ଯେ ତୃଷା
ହେଲା ଦିଅ ଜଳ ପାନେ
ଦେଖୁ କୁମ୍ଭେ ନୀର ନ ଥାଉ, କୁମର-
ଜଳ ପାଇଁ ଗମେ ବନେ ।୪।
ପଥ ନୋହୁଁ ଜଣା ହୋଇ ପଥ ବଣା
ବୁଲି ଶ୍ରବଣ କୁମାର,
ସରଯୂ ତଟରେ ପାଉଁ ତରତରେ
କଳସୀ ବୁଡ଼ାଏ ତାର ।୫।
କୁମ୍ଭ ପୂର୍ଣ୍ଣ ଧ୍ୱନି ଭୂପ କର୍ଣ୍ଣେ ଶୁଣି
ମଣନ୍ତି ଏ ହେବ ମୃଗ,
ଦାବାନଳ ତପ୍ତେ ଆସିଣ ତୃଷାର୍ତ୍ତେ
ଜଳପାନ କରେ ଆଗ ।୬।

Digitized by PPRACHIN, SOA

ନଦିଶୁ ଶରୀର ଶବ୍ଦ ଭେଦୀ ଶର
ପ୍ରୟୋଗ କରିଲେ ମନ୍ତ୍ରି
ଗମନ୍ତେ ଝଟତି କାଳ ସର୍ପା କୃତି
ପରି ଭେଦ କଲା ଛାତି ।୭।

ଛାନ୍ଦ - ୪୬

ରାଗ - ଶଙ୍କରାଭରଣ

କଙ୍କ ପତ୍ର ବିଦ୍ଧ କରୁ ପରାଣ ବିକଳେ
ଭାଷେ ଶ୍ରବଣ କେ ବଧ କଲ ଏହିକାଳେ
କ୍ଷୁଦ୍ର ପରାଣ ମୋହର
ନାଶି ଧର୍ମ ସୁଧା ଭାଣ୍ଡେ କ୍ଷେପିଲ ଜହର ।୧।
ତୃଷାର୍ତ୍ତମୋ ଅନ୍ଧପିତା ମାତା ଛନ୍ତି ବନେ
ମୋତେଶର ବିନ୍ଧି ବିନାଶିଲ ତିନି ପ୍ରାଣ
କେଉଁ ପାପରୁ ଏ ଦୁଃଖ
ଜଳ ଆଶେ ଆସି ନ ଦେଖିଲି ପିତା ମୁଖ ।୨।
ନିରୀହ ପ୍ରାଣୀ ମୁଁ ଏ ପରାଣେ କେଉଁ ଲୋଡା
ଥିଲା ସେବାରୁ ବଞ୍ଚିତ ହେଲି କର୍ମ ପୋଡା
ନ ଜାଣଇ ଏ କି ଫଳ
କେ ଜଟା ବାନ୍ଧି ପିନ୍ଧାଇ ଦେବ ମା' ବକ୍କଳ ।୩।
ଗଲେ ଏ ପରାଣ ତହିଁ ନାହିଁ ମୋ ଶୋଚନା
ଦୁଃଖିତ ମୁଁ ବୃଦ୍ଧ ଅନ୍ଧ ପିତା ମାତା ବିନା
ହୃଦ ହୁଏ ଅସମ୍ଭାଳ
ବନରୁ କେ ଆଣିଦେବ ଖାଦ୍ୟ ଫଳମୂଳ ।୪।
ଆବାଲ୍ୟ ବେନିଙ୍କୁ ଯତ୍ନେ ଆସିଥିଲି ପାଳି
ଜୀବନ ବୃତ୍ତି ଚଳିବ କେହ୍ନେ ହୁଏ ଭାଳି
ହା' ଦଇବ! ହେଲୁ ବାମ
କେ ବିନ୍ଧିଛ ଶର କୁହ ପୂରୁ ମନସ୍କାମ ।୫।

ଛାନ୍ଦ - ୪୭

ରାଗ - ରାମକେରୀ

ତରଳାଇଲା ଏ କରୁଣ ଗୀର ପଶି ଶ୍ରବଣେ
ଅନାୟତ୍ତେ ଜଡ ପରାୟେ ନୃପ ଗଲେ ସେ ସ୍ଥାନେ । ।୧।
ଖୋଜିଲା ଚୌଦିଗେ ନୟନ କି ହେଲା କି ହୋଇଲା
କି କଲି ମାନବ କଣ୍ଠ ଏ ବାର୍ତ୍ତା କାହୁଁ ଅଇଲା । ।୨।
ଅନ୍ବେଷଣ ଶେଷେ ବେତସ କୁଞ୍ଜ ନଦୀ ତଟର
କୁମ୍ଭକୁ ଆଉଜି ଭୂଶାୟୀ ଦିଶେ ଋଷି କୁମାର । ।୩।

Digitized by PPRACHIN, SOA

କଙ୍କ ପତ୍ର ବିଦ୍ଧ ଫଳରୁ ଦଶଦିଗ ଅନ୍ଧାର
କଳେବର ରକ୍ତେ ରଞ୍ଜିତ ଯଥା ବୃକ୍ଷେ ମନ୍ଦାର । ।୪।
କ୍ଷତ୍ରିୟ ମୁଁ ଭୀତ ନ ଥାଏ ଘୋର ଯୁଦ୍ଧେ ନାରାଚ
ବିନ୍ଧି କେତେ ବୀର ମସ୍ତକ କାଟୁ କରନ୍ତି ନାଚ । ।୫।
ଦେଖୁ ଏ ଘଟଣା ହଜିଲା ଜ୍ଞାନ ଖସିଲା ଧନୁ
ଜୁଡୁବୁଡୁ ହୋଇ ପ୍ଳାବିତ ରକ୍ତେ ତାପସ ସୂନୁ । ।୬।
ଧାଇଁ ଯାଇ ଟେକି ଆଣିଲି କୋଳେ ଋଷି ତନୟ
ଅଣ୍ଡାଳି ଆଉଁସି ପଚାରେ ତାହାଙ୍କ ପରିଚୟ । ।୭।
କ୍ଷୀଣ କଣ୍ଠେ କଷ୍ଟେ ଭାଷି ସେ ନାମ ଶ୍ରବଣ ମୋର
ପ୍ରଜାପତି ପୌତ୍ର ବୃତ୍ତେଶ ଅଟେ ପିତା ମୋହର । ।୮।
ଜଳଭୋଜୀ ନାମମାତାର ବିପ୍ର କୂଳେ ସମ୍ଭବା
ଅଦୋଷେ ବଧିଲେ କିମ୍ପାଇ କି ଲାଭ ହେଲା ଅବା । ।୯।
ବନବାସୀ ଆସିଥିଲି ମୁଁ ଏଥି ନେବାକୁ ନୀର
ଅଦୋଷେ ବଧିଲ କିମ୍ପାଇ କି କରିଲି ତୁମ୍ଭର । ।୧୦।
ନିଦାଘ ତାପର ତୃଷାର୍ତ୍ତେ ମହାବ୍ୟାକୁଳ ହୋଇ
ଅନ୍ଧ ପିତାମାତା ରହିଣ ଥିବେ ମୋ ପଥ ଚାହିଁ । ।୧୧।
ନ ଜାଣନ୍ତି ସେହୁ ମୋହର ଏହି ଦାରୁଣ ଦଶା
ଜଳ କୁମ୍ଭ ଘେନି ତୃଷାକୁ ହରି ବୋଧ ସହସା । ।୧୨।
ଜନକ ଜନନୀ ପୟରେ ମୋ ପ୍ରଣତି ଜଣାଇ
ଘେନି ଆସ ଏଥି ମୋହର ଶେଷ ଦର୍ଶନ ପାଇଁ । ।୧୩।

ଛାନ୍ଦ - ୪୮

ରାଗ - କଳସା

ଅଜ୍ଞାନ ପରାୟେ ରାଜା ହୁଅନ୍ତେ କାତର
ଭାଷିଲେ ସେ ଋଷି ଶିଷ୍ୟ ନୁହଁ ଭୟାତୁର । ।୧।
ସଦା ପିତୃ ସେବା କାର୍ଯ୍ୟ ଥିଲାଟି ମୋହରି
ନ ସହିଲା କ୍ରୁର ବିଧି ହୋଇଲା ଭଗାରି । ।୨।
ଗଲେ ଭୀତେ ସେ ଆଶ୍ରମେ ରାଜା ଜଳ ଘେନି
ତୃଷାରେ ବିକଳ ହୋଇ ଋଷି ଋଷିଆଣୀ । ।୩।
ଅନ୍ଧ ମୁନି ଜୀର୍ଣ୍ଣ ଶାଖା ଯଥା ହୀନ ବୃକ୍ଷ
ପୁତ୍ରର ବିଳମ୍ବୁ ଲଭୁଥିଲେ ଘୋରବ୍ୟଥା । ।୪।
ପଦଶବ୍ଦ ଶୁଣି ଋଷି ଭାଷନ୍ତି ସୁହାଗେ
କିମ୍ପାମଠ କର ବାବୁ ଜଳ ଆଣ ବେଗେ । ।୫।
ଉତ୍କଣ୍ଠା ଚିତ୍ତେ ଧକ୍କାଇ ତୋହର ଜନନୀ
ତୋପଥ ଅନାଏ କର୍ଣ୍ଣ ଡେରି ଯୁଗ ମଣି । ।୬।

Digitized by PPRACHIN, SOA

ଆସୁ ତୁ ଆଶ୍ରମେ ପିଣ୍ଡେ ଆସିଲା ତା ପ୍ରାଣ
କଥା ନ କହି କିମ୍ପାଇ ତୁନି ହେଲୁ ଧନ । ।୭।

ଅଗତିର ଗତି ତୁହି ଅନେତ୍ରର ନେତ୍ର
ତୋ ଯୋଗୁଁ ରହିଛି ସିନା ଏହି ପାପ ଗାତ୍ର । ।୮।

ନ କହୁଛୁ କଥା କିମ୍ପା ରଷିଛୁକି ବାଇ
ନିଶିରେ ବିଜନେ କଷ୍ଟେ ଜଳ ଆଣି ଯାଇ । ।୯।

ମୁନିଙ୍କର ଏ ବାତ୍ସଲ୍ୟ ଭରା ସମ୍ଭାଷଣ
ଶୁଣି ଦଶରଥଙ୍କର ହୃଦୟ ବିଦୀର୍ଣ୍ଣ । ।୧୦।

ଧୈର୍ଯ୍ୟ ଧରି କିଛି କ୍ଷଣ ହୋଇ ଯୋଡ ହସ୍ତ
ଉତ୍ତର ବିହିଲେ ମୁହିଁ ନୁହେଁ ତୁମ୍ଭ ପୁତ୍ର । ।୧୧।

ଅଜ୍ଞାନେ ବିହି ଦୁଷ୍କୃତି ଆସିଅଛି ଧାଇଁ
ମୋର ନାମ ଦଶରଥ ଅଯୋଧ୍ୟାର ସାଇଁ । ।୧୨।

ମୃଗ ଆସେ ଆସି ବୁଲି ସରଯୁ ପୁଳିନେ
ପଶୁ ଭାବି ବିନ୍ଧ କଲି କୁମାରକୁ ବାଣେ । ।୧୩।

ଛାନ୍ଦ -୪୯

ରାଗ - କଳହଂସ କେଦାର (ବାର ଅକ୍ଷର)

ବାର୍ତ୍ତା ଶୋକ ସିନ୍ଧୁ ଉଛୁଳାଇଲା । ନାସିକା ପୁଡା ଶ୍ୱାସ ଖରେ ବହିଲା ।
ବାଷ୍ପ ରୁଦ୍ଧରେ ମୁନି ହୋଇ ଉତ୍ତପ୍ତ । ଭାଷନ୍ତି ହୋଇଥାନ୍ତା ତୋ ମୁର୍ଦ୍ଧାପାତ ଯେ । ।୧।
ବାନପ୍ରସ୍ଥ ଅଜ୍ଞାନେ ବଧ ଆଚରି । ନ କହିଥିଲେ ସତ୍ୟକୁ ରକ୍ଷା କରି ।
ନେଇ ଆମ୍ଭଙ୍କୁ ଚାଲ ଘଟଣା ସ୍ଥାନେ । ଅନ୍ତିମେ ଦେଖୁ ଦୁଃଖୀ ଅନ୍ଧ ନୟନେ ଯେ । ।୨।
ଆଜ୍ଞା ପ୍ରମାଣେ ଅନ୍ଧ ଦମ୍ପତି ନେଇ । ସରଯୁ ତଟେ ରାଜା ପ୍ରବେଶ ହୋଇ ।
ଅନ୍ଧ ଅନ୍ଧୁଣୀ ସ୍ପର୍ଶ କରି ନନ୍ଦନ । ଅଣ୍ଡାଳି ମାତା ପିତା କଲେ କ୍ରନ୍ଦନ ଯେ । ।୩।
ପୁତ୍ରେ ବାହୁନି କାନ୍ଦି ଋଷି ଦମ୍ପତି । ଏ ଜୀବନ କି ଲୋଡା ରହିବା ଏଥି ।
ନିତି କେ ଉପାସନା କରିବା ପାଇଁ । ସରଯୂ ଜଳ ଆଣି ଦେବ ଗାଧୋଇରେ । ।୪।
ଭୁଞ୍ଜାଇବ କେ ମାତାପିତାଙ୍କୁ ଆଉ । ଅନ୍ଧ ଅନ୍ଧୁଣୀ ଜୀବ ତୋ ସଙ୍ଗେ ଯାଉ ।
ଭୂତଳେ ଶୋଇ କିମ୍ପା ତୁ ଅଭିମାନୀ । ଦେଖ କି ଦୁଃଖ ଭୋଗୁଛି ତୋ ଜନନୀରେ । ।୫।
କାତର ହୋଇ ଡାକୁ ମାତା ପିଅର । ନେତ୍ରରେ ଥରେ ଚାହିଁ ଦେଲା କୁମର ।
ହକିଲା ଅନ୍ଧ ମୁନି ଅନ୍ଧ ଲଉଡି । ନିମିଷେ ପ୍ରାଣ ବାୟୁ ଗଲାଟି ଉଡି ଯେ । ।୬।

Digitized by PPRACHIN, SOA

ଛାନ୍ଦ - ୫୦

ରାଗ - ଚୋଖୀ

ସନ୍ତାପେ ତୋଳିନନ୍ଦନ ତପସ୍ୱିନୀ ତପୋଧନ
ଅତି ଦୁଃଖିତେ କ୍ରନ୍ଦନ, କରିବାରଣ
ସୁତ ସଂସ୍କାର ବହନ କର, କୁହନ୍ତେ ରାଜନ
ଯୋଗାଡିଣ ସୁବାସ ଚନ୍ଦନ ଇନ୍ଧନ
କରିଲେ ଚିତା ସଂସ୍ଥାପନ,
ଅଗ୍ନି ସଂଯୋଗୁ ତା ଶିଖା ଦେଦୀପ୍ୟମାନ ।୧।
ବେଦ ମୁଖେ ଉଚ୍ଚାରିଣ ସ୍କନ୍ଧରେ ଧରି ନନ୍ଦନ
କଲେ ଅଗ୍ନି ପ୍ରଦକ୍ଷିଣ, ଋଷି ବହନ
ଭାଷନ୍ତି ଏ ଶାପ ଘେନ ନ ନେଖି ପୁତ୍ର ବଦନ
ଅନ୍ତିମେ ଯିବ ଜୀବନ ତୋର ରାଜନ
ଯେପରି ସୁମରି ନନ୍ଦନ
ମୁରୁଛି ସୁମରି ମର ତୁହି ରାଜନ ।୨।
ଶୁଣି ତପସ୍ୱୀଙ୍କ ବାଣୀ ବଦନ୍ତି ସେ ନୃପମଣି
ହେ ତପୋଧନ ଅଗ୍ରଣୀ, ନ ଥିଲି ଜାଣି
ନିସନ୍ତାନେ ହୀନିମାନି, ମୋ ମନ ବାସନା ଜାଣି
ପୁତ୍ର ଛଳେ ପୁତ୍ରଦାନୀ, ହେଲ ହେ ମୁନି
ଆଜୀବନ ହୋଇଲି ଋଣୀ
ତବ ବାକ୍ୟ ସିଦ୍ଧ ହେଉ ଋଷି ଅଗ୍ରଣୀ ......।୩।

ବାମଦେବ ଅଭିଶାପ

ଛାନ୍ଦ - ୫୧

ରାଗ - କୁମ୍ଭ କାମୋଦୀ (ଅଠର ଅକ୍ଷର)

ସୁମନେ ସୁମନ ଡେରିଣ ଶ୍ରବଣ ଘେନ ହେ ଏ ରସ
ସୁମନେ ପାର୍ବତୀ ପୁଚ୍ଛୁ ଯା'ଭାଷନ୍ତି ଶୂଳୀ ହୋଇ ବଶ । ।୧।
ତାପସ ଦହନ ବିଲୋକୁ ବହନ ନୃପତ୍ତି ହୃଦୟ
ପାପ ଭୟେ ଚିନ୍ତା ବଢ଼ାନ୍ତେ ଦୁଃଶ୍ଚିନ୍ତା ନୃପତି ଅଥୟ । ।୨।
ଗମନ୍ତେ ପ୍ରସାଦ ଗଣି ଲୋମପାଦ ପଥେ ଭେଟୁ ଭାଳି
ଦେଲେ ଉପଦେଶ ଗମି ଗୁରୁବାସ ପଦେ କର ଅଳି । ।୩।
ମଥା ହେଲା ଭ୍ରମ ନଦିଶୁ ରାଜନ ଅଣ୍ଡାଳି ଅଣ୍ଡାଳି
କୁଳ ଗୁରୁ ଶ୍ରେଷ୍ଠ ତାପସ ବଶିଷ୍ଠ ଆଶ୍ରମରେ ମିଳି । ।୪।
କରି ସମାଦର ବଶିଷ୍ଠ କୁମର ଦେଇଣ ଆସନ
ପୁଛନ୍ତି କି କାର୍ଯ୍ୟେ ନୃପ ନାଥ ବିଜେ ହେଲାକି ଦୂଷଣ । ।୫।

Digitized by PPRACHIN, SOA

ଦେଉଛି ଆଭାସ ବିରସର ଆସ୍ୟ ସନ୍ଦେହ ମୋ ମନେ
ପିତା ଏହିଠାରେ ଫେରିବେ ସଂନ୍ଧ୍ୟାରେ ଗଲେ ତପ ସ୍ଥାନେ । ।୬।
ଚୁଚୁନ୍ଦରା ଫଣୀ- ଧୃତ ପରିମଣି ରାଜନ ବିକଳ
ରହି ନ ପାରନ୍ତି ଛାଡି ନ ପାରନ୍ତି ସେ ଆଶ୍ରମ ସ୍ଥଳ । ।୭।
ଭାଷନ୍ତି ନୃପତି ପଡିଲା ବିପତ୍ତି ଆସି ପାରିଧିରେ
ଅନ୍ଧ ମୁନି ସୁତ ସିନ୍ଧୁ କଲି ହତ ଶବ୍ଦ ଭେଦୀ ଶରେ । ।୮।
ସେ ମହା ପାପରୁ ଗରଜନ୍ତି ବାରୁ ଚିନ୍ତି ସେ ଦୁଷ୍କୃତି
ଆସିଥିଲି ଭାବି ଗୁରପଦ ସେବି ଲଭିବି ସୁକୃତି । ।୯।
ରାଜାଙ୍କ ବିକଳ ଶୁଣି ଋଷିବାଳ ଆଗମ ପୁରାଣ
ଦେଖିଲେ ବାଲ୍ମୀକି ଯେ ନାମକୁ ଡାକି ଲଭିଲେ କାରଣ । ।୧୦।
ନୃପ ପାଶେ ବସି କହନ୍ତି ଆଶ୍ୱାସି ପୁଣ୍ୟ ଶ୍ଳୋକ ଚିନ୍ତି
ନ ଚିନ୍ତ ରାଜନ ପାପକୁ ବିଧାନ କରିଛି ନିୟତି । ।୧୧।
ନିଜ ଦୋଷେ ନାଶ ଗଲା ଋଷି ଶିଷ୍ୟ ତୁମ୍ଭଙ୍କୁ ଦୂଷଣ
ହୋଇଲା ଯା'ଥିଲା ସୁଦଶା ଆସିଲା ଯିବ ଏ କଷଣ । ।୧୨।
ପୂରୁବ ଜନ୍ମରେ ଋଷି ସୁତ ଥରେ କାନନେ ବାଟୁଳି
ମାରିଣ କପୋତ ସୁତ କରି ହତ ଦେଇଥିଲା ଟାଳି ।୧୩।
ସେ କାଳେ ତା ପିତା ଅନ୍ଧ କରିଚିନ୍ତା ଦେଇଥିଲା ଶାପ
ଏହି ପରକାର ଜୀବ ଯିବ ତୋର ନାଶ ହେବ ବାପ । ।୧୪।
କହି ବିଧିମତ ରାମ ମହାମନ୍ତ୍ର ତ୍ରିବାର କର୍ଣ୍ଣରେ
କରନ୍ତେ ପ୍ରଦାନ ଭୂପ ସୁସ୍ଥମନ ପାପ ଗଲା ଖରେ । ।୧୫।
ବେଳ ଅବସାନ ଯାଉ ବିବର୍ତ୍ତନ ତାପସ ପ୍ରବେଶ
ଦେଖନ୍ତେ ନୟନେ ନୃପ, ସନ୍ନିହାନେ ପୁଛିଲେ ସନ୍ଦେଶ । ।୧୬।
ବାମଦେବ ଭଣି ନୃପତି ଅଗ୍ରଣୀ ଅଯୋଧ୍ୟା ଈଶ୍ୱର
ଅନ୍ଧ ମୁନି ସୁତ ଅଜାଣତେ ହତ କଲେ ବିନ୍ଧିଶର । ।୧୭।
ସେ ପାପ ଅନଳ ଦହୁ ହୃଦ ସ୍ଥଳ ନ ଦିଶୁ ନେତ୍ରକୁ
ମୁକତି ଆଶାରେ ତୁମ୍ଭ ଦର୍ଶନରେ ଆସିଲେ ଏଥକୁ । ।୧୮।
ଦେଖୁ ମୋ ବିବେକ ସ୍ମରି ପୁଣ୍ୟ ଶ୍ଳୋକ ଆଗମ ପୁରାଣେ
ରାମ ମହାମନ୍ତ୍ର ତ୍ରିବାର ପ୍ରଦାନ କରିଲି ଶ୍ରବଣେ । ।୧୯।
ଶୁଣନ୍ତେ ଏ ଗୀର ତପ୍ତ ତୈଳେ ନୀର ଢ଼ାଳିବା ପ୍ରକାର
ଚାପି ଦନ୍ତ ପନ୍ତି କ୍ଷୁବ୍ଧ ମନେ ଯତି ଦିଅନ୍ତି ଉତ୍ତର । ।୨୦।
ହତ ତପୋଧନ ନୁହନ୍ତି ବ୍ରାହ୍ମଣ ଥରେ ରାମ ନାମ
ସୁମନ୍ତ ଉଚ୍ଚାରି କହିଥିଲେ ପୂରି ଥାନ୍ତା ମନସ୍କାମ । ।୨୧।
ହୋଇ ମୋ ନନ୍ଦନ ଏତେକ ଅଜ୍ଞାନ ହୋଇଲୁ କିମ୍ପାଇଁ
ନାହିଁ ଏଥିସ୍ଥାନ ନୀଚ କୂଳେ ଜନ୍ମ ଲଭ ଏଥୁ ଯାଇ । ।୨୨।

Digitized by PPRACHIN, SOA

ଯା'ନାମ ମାହାତ୍ମ୍ୟ କୋଟି ବ୍ରହ୍ମ ହତ ପାପରୁ ତାରଇ
ହୋଇ ମହାମନା ତା'ଅବମାନନା କରିଲୁ କିମ୍ପାଇଁ । ।୨୩।
ଭାଷି ବାମଦେବ ଏ ଦଣ୍ଡ ବିହିବ ନଥିଲି ମୁଁ ଜାଣି
ସର୍ଜିଲ ଯେ ଦଣ୍ଡ ଅକାରଣ ପିଣ୍ଡ ଦେବ,ହେବି ଋଣୀ । ।୨୪।
ପୁଣି ହତଜ୍ଞାନ କରିଣ କ୍ରନ୍ଦନ ଧରିଣ ଚରଣ
କହେ ଆହେତାତ କୋପ କରିଶାନ୍ତ କରହେ କାରଣ । ।୨୫।
ବସି ଯୋଗାସନେ ଭାଷିଲେ ନନ୍ଦନେ ପୂର୍ବେ ଦେବାଳୟେ
କଚ୍ଛପ ରୂପରୁ ହରି ଦର୍ଶନରୁ ଜାତ ମୋ ଆଳୟେ । ।୨୬।
ପୂର୍ବ ନିର୍ଦ୍ଦେଶନା ଏ ଅବମାନନା ଅଭିଶାପ ଫଳେ
ନହୁଅ ବିମନ ପାଇବୁ ଦର୍ଶନ ଜନ୍ମି ନୀଚ କୁଳେ । ।୨୭।
ବୋଧି ନୃପଶ୍ରେଷ୍ଠ, ଭାଷନ୍ତି ବଶିଷ୍ଠ ଶୁଣରେ କୁମର
ଯା'ଅବମାନନା ଯୋଗୁଁ ଏ ଘଟଣା ତା ପଦ ସୁମର । ।୨୮।
ଜନ୍ମିଣ କେଉଟ ପୁରେ ଜଗ ତୁଠ ପୂରିବ କାମନା
ଶ୍ରୀରାମ ନାମରେ ଦଶରଥ ପୁରେ ଜନ୍ମିବେ ସେ ସିନା । ।୨୯।
ମୋ ଶାପ ଆଶିଷ ହେବ ସର୍ବ ଦୃଶ୍ୟ ବିଜ୍ଞାନୀ ପ୍ରକାର
ପଦ ଧୌତ ନୀର କ୍ଷେପିଲେ ଗର୍ଭିର ଯିବୁ ସ୍ୱର୍ଗପୁର । ।୩୦।
ଋଷି ଶାପ ଧ୍ରୁବ ଫଳୁ ବାମଦେବ କୈବର୍ତ୍ତ ପୁରରେ
ଜନମି ଶ୍ରୀରାମ ପଦର ମରମ ସ୍ମରେ ତରିବାରେ । ।୩୧।
ଦିବଶ ଗର୍ବରୀ ସେ ନାମକୁ ଧରି ସୁଖେ ଦୟାନିଧି
ଦ୍ୱାତ୍ରିଂଶ ପାଦରେ ଏ ଛାନ୍ଦକୁ ଧୀରେ ରଚେ ପଦଛନ୍ଦି । ।୩୨।

ଲୋମପାଦ ଅଭିଶପ୍ତ

ଛାନ୍ଦ - ୫୨

ରାଗ-କଳସା (ଚଉଦ ଅକ୍ଷର)

ଚତୁର ପ୍ରବୀଣଗଣ ଏ ଚରିତ ଶୁଣ ଚତୁରେ ଘେନୁ ନ ହେବ ଅନ୍ତକ କ୍ଷଣେ ।୧।
ହରଷ ମନରେ ଦିନେ ଉମା କୈଳାସରେ ହରେ ପୁଚ୍ଛୁ ଯା'ଭାଷିଲେ ହର ହରଷରେ । ।୨।
ଚମ୍ପାବତୀ ନଗ୍ର ରାଜା ନାମ ଲୋମପାଦ ଚମ୍ପା ଅର୍ପି ସଦା ପାଏ ଶିବ ପରସାଦ । ।୩।
ପ୍ରଜା ଦୁଃଖେ ଦୁଃଖମନା ପ୍ରଜା ସୁଖେସୁଖୀ ପ୍ରଜା ବିପ୍ରେ ପୂଜେ ସଦା ଭକ୍ତି ଭାବ ରଖି । ।୪।
ଦିନେଭୂସୁରେ ଗୋଦାନଦେଉଁ ନେବାକାଳେ କରୁଖସି ସେ ଗୋଗୋଷ୍ଠେ ପୁଣି ଯାଇ ମିଳେ । ।୫।
ସନ୍ଧିହାନେ ଗାଭୀ ମେଳେ ରଖିଲା ଗୋପାଳ ସନ୍ଧାନରେ ବିପ୍ର ବାରୁଥାଏ ଦାନକାଳ । ।୬।
ବେଦ ଗାଇ ବିପ୍ରେ ଆସି ପ୍ରବେଶ ହୋଇଲେ ବେଦ ଶ୍ରବଣୁ ଭୂପତି ଗାଭି ଅଣାଇଲେ । ।୭।
ପୂର୍ବଦିନ ଦାନ ଗାଭୀ ଶଙ୍ଖେ ଜଳଭରି ପୂର୍ବପରି ବିପ୍ରକରେ ଦେଲେ ଦଣ୍ଡଧାରୀ । ।୮।
ଦକ୍ଷିଣା ସହିତ ଗାଭୀ ବ୍ରାହ୍ମଣ ଘେନିଣ ଦକ୍ଷିଣ ଦ୍ୱାରେ ଗମନ୍ତେ ଦେଖି ସେ ବ୍ରାହ୍ମଣ ।୯।
ଗାଭୀ ଦାବି ଦ୍ୱନ୍ଦେ ଗମି ନୃପତି ସମୀପ ଗାଭୀ ନେବା ଆଶେ ଦାବି କଲେ ବେନି ବିପ୍ର । ।୧୦।

Digitized by PPRACHIN, SOA

ଘଟଣ ଘଟଣା ଚିନ୍ତି ବହୁ ଗାଭୀ ସ୍ୱର୍ଣ୍ଣ ଘଟ ଯୋନି ବିଂଶୀ କରେ ଅଚପୁ ରାଜନ ।୧୧।
ନ ଘେନି ସେ ବିପ୍ର ଶାପ ରାଜନେ ଦିଅନ୍ତି ନ ଘେନିବି କଦା ଲୋପ ହେଉ ତୁମ୍ଭ ଖ୍ୟାତି ।୧୨।
ତବ ଦେଶେ ବୃଷ୍ଟି ନୋହୁ ଦ୍ୱାଦଶ ବରଷ ତବେ ଦେଶ ପ୍ରଜା ଖାଦ୍ୟବିନା ପାନ୍ତୁକ୍ଳେଶ ।୧୩।
କ୍ରମେ ଫଳିଲା ସେ ଶାପ ନହୋଇଲା ବୃଷ୍ଟି କ୍ରମେ ବାରିବିନା ଧରା ଶୁଷ୍କ ଜୀବ ସୃଷ୍ଟି ।୧୪।
ଅରଜିଥିବା ପୌରୁଷ ବିପ୍ର ଶାପୁ ଗଲା ଅରଜିବା କୃତପାପ ନୃପଙ୍କୁ ଦହିଲା । ।୧୫।
ଚିନ୍ତାଭରେ ସଚିବରେ ପୁଛିଲେ ରାଜନ ଚିନ୍ତାଭରେ ସୁଧୀସଭା କଲେ ଆମନ୍ତ୍ରଣ । ।୧୬।
ଦେବରାଜ ବିପ୍ରବେଶେ ସେ ସଭାରେ ବିଜେ ଦେବ ବିପ୍ର ପଦେ ରାଜା ଦିବ୍ୟ ଦ୍ରବ୍ୟେ ପୂଜେ ।୧୭।
ପ୍ରକାଶ କରି ଅଘଟ ଶାପର ବୃତ୍ତାନ୍ତ ପ୍ରକାଶେ ପୁଛଇ ଶାପ ହେବାପାଇଁ ଅନ୍ତ ।୧୮।
ମୁକତି ଇଛି ଭୁସୁରେ ବିଭୁପାଦ ଚିନ୍ତି ମୁକତି ମାଗେ ସୁଧୀରେ ଛାଡ଼ି ମନୁ ଭ୍ରାନ୍ତି ।୧୯।
ଅନ୍ଧମୂନି ସୁତନାଶ କାଳେ ଦଶରଥ ଅନ୍ଧ ହୋଇ ବ୍ରହ୍ମହତ୍ୟା କରିଲେ ବ୍ୟକତ ।୨୦।
ମିତ୍ର ହେତୁ ନରବଧ ନକରୁ ପ୍ରକଟ ମିତ୍ରପାପ ଧର୍ମ ନାଶୁ ଘଟେ ଏ ସଙ୍କଟ ।୨୧।
ଗୋହତ୍ୟା ଓ ବ୍ରହ୍ମହତ୍ୟା ଶ୍ରବଣରେ ଶୁଣି ଗୋବିପ୍ରେ ଦାନ ନଦେଉ ପାପରେ କାରେଣି ।୨୨।
ବିପ୍ର ବଧ ଶୁଣି ଧର୍ମେ ନ ବଳନ୍ତେ ଚିତ୍ତ ବିପ୍ର ଶାପ ସେ ଅକର୍ମୁ ହେଲା ପ୍ରକଟିତ । ।୨୩।
ବିଭାଣ୍ଡକ ସୁତ ଆଣି ଧର୍ମ ଆଚରିବ ବିଭାଣ୍ଡ ହୋଇଲେ ଶାପ କନ୍ୟା ଦାନ ଦେବ ।୨୪।
ସେ ଋଷି ଆଗମୁ ବୃଷ୍ଟି ହେବ ପୁତ୍ରବନ୍ତ ସେ ଋଷି ଆଗମ କାର୍ଯ୍ୟେ ହୁଅ ରାଜା ରତ ।୨୫।
ଯେତେବେଳ ଯାହାଯୋଗ ନିୟତି ଗତିରେ ଯେତେଚେଷ୍ଟା କଲେ କିଁ ଆନ ହୋଇପାରେ ।୨୬।
ଦେଖ କମଳ ଆସନେ ବିଧାତାଙ୍କ ଠାବ ଦେଖ ଭାନୁନଭେ ଉଦେ ପଦ୍ମର ବାନ୍ଧବ ।୨୭।
ସେ କମଳ କମଳିନୀ-ପୁର-ବିଷ୍ଣୁକରେ ସେ କମଳେ ସ୍ନେହ ସର୍ବେ କରନ୍ତି ଆଦରେ ।୨୮।
ବଡ ବଡ ଦେବେ ପଦ୍ମ ସଦଭାବ ରଖି ବଡିମା ଥାଇଁ ଶିଶିରେ କେ ନ ପାରେ ରଖି । ।୨୯।
ଷଷ୍ଠ,ଚାରି,ବିଂଶ ପଦେ ପ୍ରଭୁ ରଘୁସାଇଁ ଷଷ୍ଠୀ ଦେବୀ ବନ୍ଦେ ଦଯ୍ୟା କାବ୍ୟ ଶେଷ ପାଇଁ ।୩୦।

ଋଷ୍ୟଶୃଙ୍ଗ ଆନୟନେ ଜରତା ବନ ଗମନ

ଛାନ୍ଦ - ୫୩

ରାଗ - ବଙ୍ଗଳାଶ୍ରୀ

ସୁଧୀ ସାଧୁନରେ ସୁଶ୍ରଦ୍ଧା ଚିତ୍ତରେ
ଅନୁବ୍ରତେ ରାମ ଜପ
ଜୀବ ଅନ୍ତିମରେ ଅନ୍ତକ ପୁରରେ
ନ ଯିବ, ଯିବ ତ୍ରିତାପ ।୧।
ବିପ୍ରଗୀର ଶିରେ ଧାର୍ଯ୍ୟେ ନୃପବର
ଋଷ୍ୟ ଶୃଙ୍ଗ ଆଗମନେ
ପାରିଷଦ ଗଣ କରି ଆମନ୍ତ୍ରଣ
ପଚାରନ୍ତି ଜଣେ ଜଣେ ।୨।

Digitized by PPRACHIN, SOA

କାହିଁ ଋଷି ବାସ   କେଦେବ ଆଭାସ
କିପରି ଆଣିବା ଋଷି
ବିପ୍ରବାଣୀ ଶୁଣି   ହୃଦହୁଏ ହାଣି
ଦୁଃଖେ ଯାଉଅଛି ଭାସି ।୩।

ମନ୍ତ୍ରୀ ମହାମନା   ଭାଷନ୍ତି ଭାବନା
ନ କରନ୍ତୁ ଛାମୁ କିଛି,
କୌଶଳେ ଆରୋପି   ଅଣାଇବା ତପୀ
ଉପାୟେ ଘେନନ୍ତୁ ଅଛି ।୪।

ଲକ୍ଷେ ମାଢ଼ ସ୍ୱର୍ଣ୍ଣ   ଚାଙ୍ଗଡାରେ ପୂର୍ଣ୍ଣ
କରି ନଗରେ ନାଗରା
ଦେଇ ବୁଲା ଯିବ   ଯେ ଋଷି ଆଣିବ
ନେବ ପଞ୍ଚ ରତ୍ନ ହୀରା ।୫।

ସଚିବଙ୍କ ବାଣୀ   ବ୍ରହ୍ମମନ୍ତ୍ର ମଣି
ଆଜ୍ଞାଦେଉ ସଚିବରେ
ପଞ୍ଚରତ୍ନ ଥାଳୀ   ଧରି ପ୍ରତିହାରୀ
ବୁଲାଇଲେ ନଗରରେ ।୬।

ନାଗରା ଡାକରା   ଶୁଣି ହୋଇ ତ୍ୱରା
ନରନାରୀ ରୁଣ୍ଡ ହେଲେ
ଋଷ୍ୟଶୃଙ୍ଗ ଅଣା-   ଧୈର୍ଯ୍ୟ କଲା ବଣା
ଶକ୍ୟହୀନେ ବାହୁଡିଲେ ।୭।

ନଗରୀ ଜରତା   ବେଶ୍ୟା ଶ୍ରେଷ୍ଠା ରତା
ହୋଇ ସ୍ୱର୍ଣ୍ଣଥାଳୀ ନେଲା,
ଚିନ୍ତା ତ୍ୟାଗକର   ଆଣି ତପୀବର
ଭୂପେ ତୋଷିବି ଭାଷିଲା।୮।

ହୋଇ କାମାଶକ୍ତ   ଗୋ ପଛେ ଯେମନ୍ତ
ଗମି ବୃଷ କରେ ଆଳ
ଯୋଗ ତପଧ୍ୟାନ   ଛଡାଇ ତେସନ
ଅଣାଇବି ଋଷିବାଳ ।୯।

ଅଧିକନ୍ତୁ ଗାଥା   ଚତୁର୍ମୁଖ ଯଥା
ଗମେ ଲୋଡି ସଂଧ୍ୟା ସଙ୍ଗ
ଆଜନ୍ମ ତପସ୍ୱୀ   ହେଉ, ବନବାସୀ
ଆଣିବି ସେ ଋଷ୍ୟଶୃଙ୍ଗ ।୧୦।

Digitized by PPRACHIN, SOA

ଚନ୍ଦ୍ରଚୂଡ ଯଥା ମୋହିନୀ ପଛରେ
ଚନ୍ଦ୍ରଭାଗା ପଛେ ଭାନୁ
ଚୂଡାନ୍ତ ଭାରତୀ ଜଣାନ୍ତୁ ନୃପତି
ତପସ୍ୱୀ ଆସିବେ ବନୁ ।୧୧।
ତପୀ ଯହିଁ ବିଜେ ଯିବଇଁ ମୁଁ ନିଜେ
ନୃପତିଙ୍କୁ କୁହ ଦମ୍ଭେ,
ସୂତ୍ରଧର ବରି ଶୀଘ୍ର ଶ୍ରେଷ୍ଠ ତରୀ
ନିର୍ମାକର ଅବିଳମ୍ବେ ।୧୨।
ସର୍ବ ଦ୍ରବ୍ୟ ଥିବ ସୁସଜ୍ଜ ହୋଇବ
ଯଥା ଶୋଭା ସ୍ୱର୍ଗପୁର,
ଚର୍ବ୍ୟ ଚୋଷ୍ୟ ଲେହ୍ୟ ସହ ଥିବ ପେୟ
ସୁମିଷ୍ଟ ଷଡ଼ ରସର ।୧୩।
ବନ ଶୋଭା ହେବ ଆଶ୍ରମ ରହିବ
ଚିତ୍ରେ, ଜୀବଜନ୍ତୁ ଦଳ
ହରିଣ ହରିଣୀ ଶାବକଙ୍କୁ ଘେନି
ବୁଲୁଥିବେ ମାଳ ମାଳ ।୧୪।
ରମଣୀର ବାଣୀ ଶୁଣି ନୃପମଣି
ଡକାଇ ବାର୍ଦ୍ଧକୀ ଦଶ
ଚନ୍ଦନ ଇନ୍ଧନେ ନାବ ରଚି, ବନେ
ଜରତୀ ଡକାଇ ପାଶ ।୧୫।

ଶୁଭବେଳା ନିରୂପଣ

ଲୋଡି ଗ୍ରହ ବିପ୍ର ନୃପତି, ସମୀପ
ପୁଚ୍ଛୁ ଗଣି ଶୁଭ କାଳ,
ହସ୍ତା ନକ୍ଷତ୍ରରେ ଆଦିତ୍ୟ ବାସରେ
କରଣେ, ବାଣିଜ୍ୟ ମେଳ ।୧୬।
ଯୋଗ ନାମ ପ୍ରୀତି କରତାରେ ତୃତୀ-
-ୟରେ ଘରେ ବାସ ଶଶୀ,
ଥିବାରିଷ୍ଟ ଗଲା ଏ ବାରୁଣୀ ବେଳା
ଭୂପେ ଯେ ଦ୍ୱାଦଶ ଆସି ।୧୭।
ଉତ୍ସବ କରାଇ ପୁରେ ନରସାଇଁ
ଉତ୍ତରରେ ଅନୁକୂଳ

Digitized by PPRACHIN, SOA

ଆଦେଶୁ ଜ୍ୟୋତିଷେ ବାରନାରୀ ପାଶେ
ପେଷିଲେ ପଢ଼ି ମଙ୍ଗଳ ।୧୮।
ପବନ ଯନ୍ତ୍ରରେ ସେ ନଉକା ଚଳେ
ଜଳେ ସ୍ଥଳେ ସମଗତି
ଊନବିଂଶ ପଦେ ଦୟାନିଧି ବନ୍ଦେ
ଚିନ୍ତି ସଦା ରଘୁପତି ।୧୯।

ଜରତା ଆଦି ବାରନାରୀ ଋଷ୍ୟ ଶୃଙ୍ଗ ଆଶ୍ରମସ୍ଥାନ ନିରୂପଣ

ଛାନ୍ଦ - ୫୪
ରାଗ - ମୁନିବର ବାଣୀ

ସୁମନରେ ତୁ ସୁମନ ବୁଝ ଏଥି ଦେଇ ମନ, ସୁମନା ବର ଏକାନ୍ତେ ପୁଛନ୍ତି କାନ୍ତେ ଯେ । ।୧।
ହୃଦୟ ମନ୍ଦିରେ ବିଜେ କରୁ ପ୍ରଭୁ ରାମରାଜେ, ରାମାୟଣକୁ ଭାଷନ୍ତି ପାର୍ବତୀ ପତି ଯେ । ।୨।

ବନଶୋଭା ଋଷ୍ୟଶୃଙ୍ଗ ଆଶ୍ରମ ବର୍ଣ୍ଣନା

ତାର ବନିତାଙ୍କୁ ନେଇ, ତାର ବନିତା ଚଳଇ, ଅନନ୍ତେ ତରଣୀ ପ୍ରାୟେ, ତରଣୀ ଯାଏ ଯେ । ।୩।
ଦିନମଣୀ ହେଉ ଶେଷ, ଦୁର୍ବାସା ବନେ ପ୍ରବେଶ, ନଦୀବେନି କୂଳ ବନ, ତୋଷଇ ମନ ଯେ । ।୪।
କାହିଁ ହରିଣୀ ହରିଣ, କ୍ରୀଡାରେ ହରନ୍ତି ମନ, କାହିଁ ନାଗୁଣୀକୁ ନେଇ, ନାଗଖେଳଇ ଯେ । ।୫।
କାହିଁ ଶୁକ ରାଜ ବାସ, ବିଲୋକୁଁ ମନ ଉଲ୍ଲାସ, କାହିଁ ନାମ କରେ ଧ୍ୟାନ, ଶୁକ ରାଜନ ଯେ । ।୬।
କାହିଁ ବା ଦେଖି ଶଶା କୁଳ, ସ୍ୱନ କରାଉଁ ବ୍ୟାକୁଳ, ଶଶାଙ୍କ ବଦନା ମନ୍ତ୍ରି, ଶଶାଙ୍କେ ପୂଜିଯେ । ।୮।
କୂଳରେ କାହିଁ ନକୁଳ, ରତୁ ପ୍ରେମରେ ସଙ୍କୁଳ, କୁଳହୀନାବାରନାରୀ, ଧରି ବିହରି ଯେ । ।୯।
ଆଶ୍ରମ ଧର୍ମ ବିଚାରେ, ଶତ୍ରୁମିତ୍ର ନାହିଁ କାରେ, ଦିନେ ପରେ ଗତ ଦିନ, ଭ୍ରମି କାନନ ଯେ । ।୧୦।
କ୍ରମେ ଦିବସ ଶେଷରେ, ମିଳି ରୋମାଞ୍ଚ କୁଟୀରେ, ଅଷ୍ଟବକ୍ର ବନ ଦେଇ, ନାବ ଚଳଇ ଯେ । ।୧୧।
ପ୍ରବେଶ ନୈମିଷା ରଣ୍ୟ, ହୟଗ୍ରୀବ ତପସ୍ଥାନ, ସନାତନ ସୁମତିଆ, ଅତି ବଡ଼ିଆଯେ । ।୧୨।
ବଳୁ ଉତ୍ତୁପ ସଭ୍ରମେ, ମିଳେ କଉଶିକ ବନେ, ତହୁଁ ଋଷଭ କୁଟୀର, ଯେ ପରାଶର ଯେ । ।୧୩।
ଅତ୍ରି ଋଷି ପର୍ଣ୍ଣକୁଟୀ, ଲୋମଶ ମୁନିଙ୍କୁ ଭେଟି, ଅତିକ୍ରମୁ ଲୋମପାଦ, ମୁନିଆନନ୍ଦ ଯେ । ।୧୪।
ରମଣୀ ଏଁ ହୋଇ ସଙ୍ଗ, ପୁଚ୍ଛନ୍ତି କାହିଁ ଋଷ୍ୟ ଶୃଙ୍ଗ, ଯତି ତପରେ ଜାଣିଲେ, ଖରେ ଭଣିଲେ । ।୧୫।
ବିଶ୍ୱାମିତ୍ର ବନାଶ୍ରମ, ଯିବ କରି ଅତିକ୍ରମ, ବତାଇ ଦେବେ ସେ ବାଟ, ପାଇବ ଭେଟ । ।୧୬।
ବାଳ-ଯଉଁ ହରଷିତେ, ପଥେ ଭେଟ ଗାଧିସୁତେ, ଯୋଗେ ଜାଣି ତପୀ ସାଇଁ, ଦେଲେ ବତାଇ ଯେ ।୧୭।
ତହୁଁ ଚଳି ଅତି ତୋଷେ, ବିଭାଣ୍ଡକାଶ୍ରମପାଶେ, ପାଦପେ ବାନ୍ଧୁ ନଉକା, ମନେ ଟୁଦକା ଯେ । ।୧୮।
ଏକଊଣବିଂଶ ପଦେ, ଦୟାନିଧି ରାମ ବନ୍ଦେ, ପୂର୍ଣ୍ଣ ଏହିଠାରେ ଛାନ୍ଦ, ଘେନ କୋବିଦ ଯେ ।୧୯।

ଋଷିଙ୍କୁ ଜରତା ଭଲମନ୍ଦ ପଚାରିବାରେ ସେ ଦେଇଥିବା ଉତ୍ତର ।

।। ଶ୍ଳୋକ ।।

ଆଜ୍ୟ ଯଶ୍ୟପିତା, କ୍ଷମାଚ, ଜନନୀ, ଶାନ୍ତି,ଚିର,ଗେହିନୀ ।
ସତ୍ୟ,ଚୈବ,ସୁତ,-ଦୟାଚ, ଭଗିନୀ, ଭ୍ରାତ, ମନ, ସଞ୍ଜମଂ ।।
ଶଯ୍ୟା, ଭୂମିତଳ,ଦିଶୋପି, ବସନଂ, ଜ୍ଞାନାମୃତ ଭୋଜନମ୍ ।
ଏତେଯଶଞ୍ଚ କୁଟିମ୍ବିନ ବସଦଖା, କଶ୍ୟ ଦୁଃଖ ଯୋଗିନଃ ।।

Digitized by PPRACHIN, SOA

ଋଷ୍ୟଶୃଙ୍ଗ ଆଗମନ

ଛାନ୍ଦ - ୫୫

ରାଗ - ଲଳିତ କେଦାର

ଏଥୁ ଅନ୍ତେ ଘେନ ରସ, ସର୍ବାଣୀ ପୁଚ୍ଛନ୍ତେ ଶ୍ରୀବ୍ୟୋମକେଶ, ସାଧୁଜନେ ହେ ।
ଭାଷନ୍ତି ଶ୍ରୀରାମ ରସ, ସାଧୁଜନେ ହେ ।୧।
ନିଶିଶେଷେ ବିଭାବସୁ, ଗିରି କନ୍ଦରରେ ପ୍ରଭା ପ୍ରକାଶୁ, ସାଧୁଜନେ ହେ ।
ସ୍ନାନେ ଗଲେ ଋଷି ବାସୁ, ସାଧୁଜନେ ହେ ।୨।
ନିତ୍ୟକର୍ମ ସାରି ପରେ, ବିଭାଣ୍ଡକ ଚଳୁ ତପ ସ୍ଥାନରେ ସାଧୁଜନେ ହେ ।
ସୁତ ଏକା ଥିଲେ ପୁରେ, ସାଧୁଜନେ ହେ ।୩।
ବିଟପେ ବିଟପୀ ରହି, କରୁଥିଲେ ଅନୁସନ୍ଧାନ ଚାହିଁ ସାଧୁଜନେ ହେ ।
ବେଳ ଜାଣି ବେଶ ହୋଇ ସାଧୁଜନେ ହେ ।୪।
ପିନ୍ଧୁ ଝୀନ କଷାବାସ, ଶୁଭ୍ରତନୁ ଶୋଭା ହୁଏ ପ୍ରକାଶ, ସାଧୁଜନେ ହେ ।
ସାଜି ସନ୍ୟାସିନୀ ବେଶ ସାଧୁଜନେ ହେ ।୫।
କରି କେଶ ଜଟା ବେଣ୍ଟି, ସଦା ସର୍ବଦା ମୁଖେ କାମ ରଟି, ସାଧୁଜନେ ହେ ।
ଦିଶନ୍ତି ଯଥା ଧୂର୍ଜଟୀ, ସାଧୁଜନେ ହେ ।୬।
ଦଣ୍ଡ କମଣ୍ଡଳୁ କରେ, ତୁଳସୀର ମାଳା କଣ୍ଠ ଦେଶରେ ସାଧୁଜନେ ହେ ।
ରୁଦ୍ରାକ୍ଷ ଦକ୍ଷିଣ କରେ ସାଧୁଜନେ ହେ ।୭।
ଶିରେ ରମାନନ୍ଦୀ ଚିତା, ବକ୍ଷ ଦେଶେ ଶୋଭେ ଶୁଭ୍ର ପଇତା ସାଧୁଜନେ ହେ ।
ବଶ ହେବେ ଊର୍ଦ୍ଧ୍ୱରେତା, ସାଧୁଜନେ ହେ ।୮।
ସ୍ତମ୍ଭନ ବିଭୂତି ଧରି, ବଶ୍ୟ ଉଚ୍ଚାଟନ ମନ୍ତ୍ର ଉଚ୍ଚାରି, ସାଧୁଜନେ ହେ ।
ମନରେ ବିଭୁ ସୁମରି, ସାଧୁଜନେ ହେ ।୯।
ନାବୁ ବାହାରି ଦେଖିଲେ, ଋଷି ସୁତ ଏକା ମଢ଼ିଆ ଦ୍ୱାରେ ସଧୁଜନେ ହେ ।
ଚମରୀ ଶୃଙ୍ଗ ମଥାରେ, ସାଧୁଜନେ ହେ ।୧୦।
ନାମକୁ କରି ବ୍ୟପୃତି, ଜାଣିଲେ ଏହି ଋଷ୍ୟଶୃଙ୍ଗ ଯତି ସାଧୁଜନେ ହେ ।
ବଶୀକରଣେ ଚିନ୍ତନ୍ତି, ସାଧୁଜନେ ହେ ।୧୧।
ଚିବୁକେ କର ନିବେଶି, ଚପଳେ ଚପଳା ବଚିଷ୍ଠ ଭାଷି ସହଚରୀ ରେ ।
ବଲ୍ଲୀପ୍ରାନ୍ତେ ଥାଅବସି ସହଚରୀରେ ।୧୨।
ବଜାଇ ସପତ ସ୍ୱର, ଯଥା କେଳା ବଶ କରଇ ବ୍ୟାଳ, ସହଚରୀ ରେ ।
ରସାଇବା ଋଷି ବାଳ ସହଚରୀ ରେ ।୧୩।
କୁଟେ କୁଟୀରେ ପ୍ରବେଶି ଖାଦ୍ୟ ପାନେ ବଶ କରି ତପସ୍ୱୀ ସହଚରୀ ରେ ।
ନାବକୁ ଅଣାଅ ତୋଷି, ସହଚରୀରେ ।୧୪।
ଆଦେଶ ଦେଉଁ ଜରତା, ଆଜ୍ଞା ପରମାଣେ ଗଲେ ବନିତା, ସାଧୁଜନେ ହେ ।
ବୀଣା ବାଉଁ ଶୁଣିଣ ତା, ସାଧୁଜନେ ହେ ।୧୫।

Digitized by PPRACHIN, SOA

ଭାଷନ୍ତି ସେ ଋଷି ବତ୍ସ, ଆସ କେଉଁଠାରୁ ମୁନି ଆସିଛ ମୁନି ପୁଙ୍ଗବ ।
ପରାଏ ସବୁ ଦିଶୁଛ, ମୁନି ପୁଙ୍ଗବ ।୧୬।
କାହିଁ ଆଶ୍ରମ ତୁମ୍ଭର ? ଉଚ୍ଛୁର ନକରି ପ୍ରକାଶ କର, ମୁନି ପୁଙ୍ଗବ ।
କେଉଁ ମନ୍ତ୍ର ଜପକର ମୁନି ପୁଙ୍ଗବ ।୧୭।
ବାମାକ୍ଷୀ ଦେଲେ ଉତ୍ତର, ବନପ୍ରାନ୍ତେ ତବ ପର୍ଣ୍ଣ କୁଟୀର ଋଷି କୁମର ।
ଉପବନେ ଆମ୍ଭ ଘର, ଋଷି କୁମର ।୧୮।
ତୁମ୍ଭେ ରାମ ମନ୍ତ୍ର ଜପ, ଆଦ୍ୟ ବର୍ଣ୍ଣ ଭିନ୍ନ ଆମ୍ଭ ଆଳାପ, ଋଷି କୁମର ।
'ରା' ସ୍ଥାନେ 'କା' ଲେଖି ଜପ, ଋଷି କୁମର ।୧୯।
ବନୌକା ନାମରେ ତୁମ୍ଭେ, ପରିଚୟ ଦିଅ ବନିତା ଆମ୍ଭେ, ଯୋଗ ସାଧନେ ।
ଜ୍ଞାନ ଭାଣ୍ଡ ବହୁ ଦମ୍ଭେ, ଯୋଗ ସାଧନେ ।୨୦।
ଆସନ ଦେଇ ପୁଛନ୍ତି, କେଉଁ ମଠେ ଯିବ ଆସିଛ ଯତି, କର ପ୍ରକାଶ ।
ଦର୍ଶନେ ଚଞ୍ଚଳମତି, କରପ୍ରକାଶ ।୨୧।
ବିଂଶ ବର୍ଷ ମୋ ବୟସ, ଦେଖିନାହିଁ କେବେ କାହିଁତାପସ, ତବ ପରାୟ ।
ନିଷ୍କଳଙ୍କ କାୟା ଯଶଃ, ତବପରାୟ ।୨୨।
କେବଣ ବିଭୂତି ଘୋଟି, ବୋଳିଛ ସେବାସ ଯାଏ ଚହଟି, କେବଣ ଫଳ ।
ସେବୁ, ନାଲି ଓଠ ପାଟି, କେବଣ ଫଳ ।୨୩।
ନକହି, କିମ୍ବା ଉଛୁର ଆତିଥ୍ୟ ଆମ୍ଭର ଗ୍ରହଣ କର, ଆସିଲେ ପିତା ।
କରିବେ ତୁମ୍ଭ ସତ୍କାର, ଆସିଲେ ପିତା ।୨୪।
ଏତେ ବୋଲି ସାନନ୍ଦରେ, କଷାଫଳମୂଳ ଦେଲେ ସାଦରେ ସେ ତପଶୀଳ ।
ଭୁଞ୍ଜି କହୁ ସମାଦରେ ସେ ତପଶୀଳ ।୨୫।
ଚାଖି ସର୍ବ ବାରାଙ୍ଗନା, ସେ ଫଳ ଅଶନେ କରିଲେ ମନା, ଭାଷନ୍ତି ବାଳା ।
ସିଦ୍ଧ ହୋଇନି କାମନା, ଭାଷନ୍ତି ବାଳା ।୨୬।
କିମ୍ବା ଏ କାନନେ ଅଛ, କଷ୍ଟେ କଷା ଫଳମୂଳ ଭୁଞ୍ଜୁଛ, ହେ ତପଚାରୀ ।
ବିଭୂତି ବୋଳି ହେଉଛ, ହେ ତପଚାରୀ ।୨୭।
ତୁମ୍ଭେ ଆର୍ଯ୍ୟ ପୂଜା ସ୍ଥଳେ, ଆମ୍ଭେ ଆର୍ଯ୍ୟା ପୁଜ୍ୟାମର୍ତ୍ତ୍ୟମଣ୍ଡଳେ, ଋଷି କୁମର ।
ଯିବା ଆମ୍ଭ ତପ ସ୍ଥଳେ, ଋଷି କୁମର ।୨୮।
ପ୍ରୟାଗେ ଗଲୁ ମକରେ, ଦ୍ୱାରକାରେ ଥିଲୁ କୁମ୍ଭ ମାସରେ ସାଧୁ ସେବାରେ ।
ମୀନ ମାସରେ କାଶୀରେ, ସାଧୁ ସେବାରେ ।୨୯।
ଫେରୁ ମହୋତ୍ସବ ସାରି, ପଥରେ ପଡୁ ଅଯୋଧ୍ୟା ନଗରୀ, ତାପସ ଶ୍ରେଷ୍ଠ ।
ବଶିଷ୍ଠେ ଦର୍ଶନ ସାରି, ତାପସ ଶ୍ରେଷ୍ଠ ।୩୦।
ଆସିଲୁ ସଘନ ବନ, ବୁଲି ମୁନି କୁଳ କରି ଦର୍ଶନ, ଫେରିବୁ କାଲି ।
ସଙ୍ଗେ ଯିବ ଯଦି ମନ, ଫେରିବୁ କାଲି ।୩୧।
ଏତେ ବୋଲି ମନ୍ତ୍ର ଧୂଳି, କର୍ପୂର କସ୍ତୁରୀ କୁଙ୍କୁମ ଗୋଳି, ଏ ଆମ୍ଭ ଭସ୍ମ ।
କହି ଅଙ୍ଗେ ଦେଲେ ବୋଳି, ଏ ଆମ୍ଭ ଭସ୍ମ ।୩୨।

Digitized by PPRACHIN, SOA

ସୁବାସ ଚୁଆକୁ ଘେନି, ଜଟାକୁ ସାମଲେ କେଉଁ କାମିନୀ, ଓଷ୍ଠ ସୁରଙ୍ଗେ ।
ନାଗବଲ୍ଲୀ ଦେଲେ ଆଣି, ଓଷ୍ଠ ସୁରଙ୍ଗେ ।୩୩।

ସୁସ୍ୱାଦୁ ମଧୁର ଫଳ, ଅଶନାର୍ଥେ ଦେଉ ସେ ସୁନି ବାଳ ପୁଚ୍ଛିଲେ ଜାତି ।
ବାମା ଏ ଦେଲେ ଉତ୍ତର, ପୁଚ୍ଛିଲେ ଜାତି ।୩୪।

ବିପ୍ର ପରିଚୟ ତୁମ୍ଭେ, ଦିଅ, ବିପ୍ର ଲଜ୍ଜା ବୋଲାଇ ଆମ୍ଭେ ଋଷି ପ୍ରବର ।
କି ଜାତି ପଚାର ଦମ୍ଭେ, ଋଷି ପ୍ରବର ।୩୫।

ଶୁଣି ତା ଋଷି କୁମାର, ଭାଷନ୍ତି ଯାଇଣ ତୁମ୍ଭ ସଙ୍ଗର, ଆସନ୍ତି ଦେଖି ।
ସଭିଙ୍କ ପର୍ଣ୍ଣକୁଟୀର, ଆସନ୍ତି ଦେଖି ।୩୬।

ବିଭାଣ୍ଡକ ଆଗମନ, ବେଳ ବୁଢୁ ଜାଣି ଗଣିକାଗଣ, ଫେରିବା ପାଇଁ ।
ମନ ଭୟେ ଛନ୍ନ ଛନ୍ନ ଫେରିବା ପାଇଁ ।୩୭।

ଭାଷନ୍ତି ଶେଷ ଭାସ୍କର, ସନ୍ଧ୍ୟା ନିତ୍ୟକର୍ମ ହେବ ଉଛୁର, ରାଗିବେ ଗୁରୁ ।
ଏଣୁ ହେଉ ତରତର, ରାଗିବେ ଗୁରୁ ।୩୮।

ଶ୍ରୀମୁଖେ କାମାୟ ରଚି, ଯାଉ ଋଷ୍ୟଶୃଙ୍ଗ ଗଲେ ପାଛୋଟି ଭାଷନ୍ତି ବାମା ।
କାଲି ପ୍ରାତେ ଭେଟା ଭେଟି, ଭାଷନ୍ତି ବାମା ।୩୯।

ନିୟମ କରାଇ ଦୁଃଖେ, ଫେରନ୍ତି ତାପସ ଆଶ୍ରମ ମୁଖେ ବାରାଙ୍ଗନା ଏ ।
ନାବରେ ମିଳିଲେ ସୁଖେ, ବାରାଙ୍ଗନା ଏ ।୪୦।

ଦିନକର ମାତା କୋଳେ, ଯାଉ ବିଭାଣ୍ଡକ ଆଶ୍ରମ ସ୍ଥଳେ ଫେରନ୍ତି ପୁତ୍ର ।
ପିଅରେ କହନ୍ତି ଭୋଳେ, ଫେରନ୍ତି ପୁତ୍ର ।୪୧।

ପରବ୍ରହ୍ମ ଜାତ ଚିନ୍ତି, ଯୋଗେ ଜାଣି ଋଷି ହୋଇ ତୃପତି, ଲୌକିକ ମତେ ।
ତିଆରି, ପୁତ୍ରେ କହନ୍ତି ଲୌକିକ ମତେ ।୪୨।

ତ୍ରିସନ୍ଧ୍ୟା ସୂର୍ଯ୍ୟାର୍ଘ୍ୟ ଦେଇ, ପର୍ଣ୍ଣାଶନେ ପାନାଶନ ବଢ଼ାଇ ନେଲେ ବିଶ୍ରାମ ।
ସୁଖେ ରାମ ନାମ ଗାଇ, ନେଲେ ବିଶ୍ରାମ ।୪୩।

ନିଶାପତି ହେଉଅନ୍ତ, ଛୁଟିଲା ତିମିର ଭାନୁ ଉଦିତ, କାକ କୋକିଳ ।
କୁକୁଟ ଧ୍ୱନିରେ ରତ, କାକ କୋକିଳ ।୪୪।

କମ୍ବୁ ଧ୍ୱନି ଶମ୍ଭୁ ଆଳେ, ଶିଂଘା ବେଣୁ ନାଦ ବିଷ୍ଣୁ ମନ୍ଦିରେ ସୁ ପ୍ରକମ୍ପିତ ।
ଜନରବ ପୃଥିବୀରେ, ସୁ ପ୍ରକମ୍ପିତ ।୪୫।

ସ୍ନାନେ ସୂର୍ଯ୍ୟେ ପ୍ରଣିପାତ, ବିଭାଣ୍ଡକ କରି ପୁତ୍ରେ ଜାଗ୍ରତ, ତପଃ ସାଧନେ ।
ତପଃ ସ୍ଥାନେ ଉପଗତ, ତପଃ ସାଧନେ ।୪୬।

ପିତା ଯାଉ ତପେ ଚାଲି, ପୂର୍ବଦିନ କଥା ମନରେ ଭାଳି, ଯୁବା ତାପସ ।
ଖୋଜନ୍ତି କାନନେ ବୁଲି, ଯୁବା ତାପସ ।୪୭।

ଝିଙ୍କାରି ଝଙ୍କାର ସ୍ୱନ, କର୍ଣ୍ଣ ପଥେ ଶୁଣି ଋଷି ନନ୍ଦନ ପ୍ରବେଶ ଭାବି ।
ବାଚାଳ କରାଏ ମନ, ପ୍ରବେଶ ଭାବି ।୪୮।

କାହିଁ ଥରେ ଆଶ୍ଳେଷରେ, ବନ ପ୍ରିୟ ଡାକ ଶୁଭୁ କର୍ଣ୍ଣରେ, ତନ୍ମୟ ହୋଇ ।
ଗମନ୍ତେ ସେହି ମାର୍ଗରେ, ତନ୍ମୟ ହୋଇ ।୪୯।

Digitized by PPRACHIN, SOA

କାହିଁ ବୃକ୍ଷା ରୂଢ଼େ ଭବ୍ୟେ, ଭାଷନ୍ତି ବିଳମ୍ବ ନକର ଲବେ, ଗଡ଼ିଲା କଣ୍ଟ ।
ମିଥ୍ୟାଭାଷୀ ହେବ ସର୍ବେ ଗଡ଼ିଲା କଣ୍ଟ ।୫୦।

ଶୁଣି ତପଚାରୀ ସ୍ୱନ, ବାରବାରାଙ୍ଗନା କଲେ ଭାବନ, ମୁନି ଆମ୍ଭର ।
ହୋଇ ଅଛନ୍ତି ଅଧୀନ, ମୁନି ଆମ୍ଭର ।୫୧।

ଶ୍ରେଷ୍ଠା ଜରତା ଆଦେଶ, ଘେନିଣ ପ୍ରବେଶ ସର୍ବ ବାଳୀଶ, ଅତି ଯତ୍ନରେ ।
ଫିଙ୍ଗି ମାୟାଜାଲ ପାଶ, ଅତି ଯତ୍ନରେ ।୫୨।

ତପୀ ମଣି ମନ ମୀନ ଆକର୍ଷି ଧରନ୍ତି ବାହୁ ଛନ୍ଦିଣ, ପାତ୍ର ଅପାତ୍ର ।
ଅଜ୍ଞାନେ ନ ବିଚାରିଣ, ପାତ୍ର ଅପାତ୍ର ।୫୩।

ଚର୍ମାସନ ଦେଇ ଋଷି, ସମ୍ବୋଧନ ବାକ୍ୟେ ଭାଷନ୍ତି ହସି, ଚାତକ ପରି ।
ଘନେ ଚାହିଁଥିଲି ବସି, ଚାତକ ପରି ।୫୪।

ଋଷି ଅଙ୍ଗେ ସ୍ତ୍ରୀରୀ ଅଙ୍ଗ, ଆଳାପ ସ୍ପର୍ଶରେ ଘୋଟୁ ଅନଙ୍ଗ, ଭାବିଣ ବ୍ୟାଧି ।
ଋଷି ହେଲେ ଉଦବେଗ, ଭାବିଣ ବ୍ୟାଧି ।୫୫।

ବାମାଏ ବ୍ୟାଧି-ନାଶକୁ, ଭାଷନ୍ତି ଚାଲନ୍ତୁ ଗୁରୁ ପାଶକୁ, ହୋଇବ ଦୂର ।
ଯେବେ ଦେବେ ଔଷଧକୁ, ହୋଇବ ଦୂର ।୫୬।

ଚାଲ ଚାଲ ବୋଲି ମୁନି, ଛନ୍ନ ଛନେ ଯାଉ ସଙ୍ଗେ କାମିନୀ, ଗଲେ ଆଗରେ ।
ଧେନୁ, ଯଥା ବୃଷ ଘେନି, ଗଲେ ଆଗରେ ।୫୭।

ପାଉ ଜରତା ସମ୍ମୁଖେ, ବାରବାରାଙ୍ଗନା କହନ୍ତି ସୁଖେ, କନ୍ଦର୍ପ ବ୍ୟାଧି ।
ଘୋଟିଅଛି ଋଷିବକ୍ଷେ, କନ୍ଦର୍ପ ବ୍ୟାଧି ।୫୮।

ସେଥି ଜରତା ଅଞ୍ଚଳ, ବିଚଳିତେ ଦିଶୁ କୁଚ ମଣ୍ଡଳ, ଏଜ୍ଞାନ ଭାଣ୍ଡ ।
କି ପଚାରି ଋଷି ବାଳ, ଏ ଜ୍ଞାନ ଭାଣ୍ଡ ।୫୯।

ଭାଷଇ ହସି ଜରତା, ଶମ୍ଭୁ ବହୁ ହୃଦେ ଦରଶନେତା, ଚୌଷଠି ଯୋଗ ।
ଜାଗରଣେ ଜାରିକାତା ଚୌଷଠି ଯୋଗ ।୬୦।

ମୁନି ସ୍ମରି ହର ହର, ବୋଲନ୍ତି ହେ ହର ଉଦ୍ଧାର କର, ଯୋଗ ସାଧନେ ।
ପର ନୋହୁଁ ମନ ମୋର, ଯୋଗ ସାଧନେ ।୬୧।

ହେଲେ ପ୍ରଚଣ୍ଡ ଅନିଳ, ହେଲେକି ସୁଦୃଢ଼ ଅଚଳ ଚୂଳ, ଋଷିଙ୍କ ଚିତ୍ତ ।
ନୁହେଁ ସେପରି ଚଞ୍ଚଳ, ଋଷିଙ୍କ ଚିତ୍ତ ।୬୨।

ପଣ୍ଡିତ ଶ୍ରେଷ୍ଠା ଜରତା, ବେନି ଅର୍ଥୁ ଶ୍ରେଷ୍ଠ ଅର୍ଥେ ସୁରତା ହୋଇ ବାରଣ ।
କରିଲା ବାର ବନିତା, ହୋଇ ବାରଣ ।୬୩।

ବିଜୟା ନିଶା ବଟିକୁ, ବ୍ୟାଧି ନାଶନେ ଦେଇ ତାପସଙ୍କୁ, ଭାଷେ କାମନା ।
ପୂରିବ ସେବ ଏହାକୁ, ଭାଷେ କାମନା ।୬୪।

ମୁନି ସେବୁ ନିଦ୍ରାଗତ, ବାରାଙ୍ଗନା ଶ୍ରେଷ୍ଠା ହୋଇ ଜାଗ୍ରତ, କରେ ବ୍ୟକତ ।
ପ୍ରେମାଳାପ କର ଅନ୍ତ, କରେ ବ୍ୟକତ ।୬୫।

ପାପାଚାର ବ୍ୟବହାରେ, ରସିଲେ ଋଷିଙ୍କ ସଙ୍ଗେ ରସରେ, ଲଭିବା ନାଶ ।
ଅଗ୍ନି ପତଙ୍ଗ ପ୍ରକାରେ, ଲଭିବା ନାଶ ।୬୬।

Digitized by PPRACHIN, SOA



ଅନାବୃଷ୍ଟି ଚମ୍ପାବତୀ ନଗ୍ରକୁ ଋଷ୍ୟଶୃଙ୍ଗଙ୍କ ଆଗମନ

Digitized by PPRACHIN, SOA

ଅଧୋଗତିଏ ବିପଥ, ବଢ଼ି ମୁନି ମନ୍ତ୍ର କରିବ ବ୍ୟର୍ଥ, ନହେବ ବର୍ଷା ।
ଇନ୍ଦ୍ରେ କରୁ ଦ୍ରୁଷ୍ଟିପାତ, ନ ହେବ ବର୍ଷା ।୬୭।
କନକାଙ୍ଗୀ ସୁଭାରତୀ, କନକାଙ୍ଗୀ ଶୁଣି ମଣିଲେ ଭୀତି, କରି ବିଚାର ।
ପାଶୁ ଅନ୍ତର ହୁଅନ୍ତି, କରି ବିଚାର ।୬୮।
ବ୍ୟଗ୍ରେ ପାଦପୁ ଏକାଳେ, ତରୀ ଖୋଲି ପ୍ରତ୍ୟାଗମନ କଲେ, ଦିନାବ ଶେଷେ ।
କନକ ନଗ୍ର ଅଞ୍ଚଳେ, ଦିନାବ ଶେଷେ ।୬୯।
ବେନି ମାସ ଗତିପଥ, ଦିବସେ ଫେରିଲେ ତପୀ ସହିତ, ନିମ୍ନଭି ମୁଖୀ ।
ହେଉ ତରୀ ଗତି ସ୍ରୋତ, ନିମ୍ନାଭି ମୁଖୀ ।୭୦।
ମୁନି ଉଠୁ ବେଳ ବାରି, ମୁଖ ଧୌତେ ଖୋଜୁ ଝରଣା ବାରି, ମୁନି ପଦାବ୍ଜେ ।
କରତା କରେ ଗୁହାରି, ମୁନି ପଦାବ୍ଜେ ।୭୧।
ବିପ୍ର ଶାପେ ବାରବର୍ଷ, ବାରିହୀନ ଏ ଚମ୍ପାବତୀ ଦେଶ ଶୁଷ୍କ ଝରଣା ।
ଝର ନ ହୁଏ ପ୍ରକାଶ, ଶୁଷ୍କ ଝରଣା ।୭୨।
ଚିନ୍ତି ବଳାରାତି ଏଥି, ବିପ୍ର ଶାପ ଶୀଘ୍ର କରାନ୍ତୁ ଶାନ୍ତି, ବର୍ଷିଲେ ବାରି ।
ପ୍ରଜାଏ ଲଭିବେ ସୁସ୍ଥି, ବର୍ଷିଲେ ବାରି ।୭୩।
ଶୁଣି ମନ୍ତ୍ର ସ୍ନାନ ସାରି, ତପେ, ତପୀ ଜଳ ମନ୍ତ୍ର ଉଚାରି, ନିକ୍ଷେପୁ ଦୃଷ୍ଟି ।
ଇନ୍ଦ୍ରାଦେଶେ ବର୍ଷେ ବାରି, ନିକ୍ଷେପୁ ଦୃଷ୍ଟି ।୭୪।
କନକ, କୁସୁମ ପୁର, ସହିତ ଅଯୋଧ୍ୟା ରାଜନବର, ସୀମାରୁ କ୍ଷଣେ ।
ଅଭିଶାପ ହେଲା ଦୂର, ସୀମାରୁ କ୍ଷଣେ ।୭୫।
ଦୟାନିଧି ରାମଚନ୍ଦ୍ର, ଦୟାକରି ନାଶ ଦୟା ପ୍ରମାଦ, ଅଠର ଗଣ୍ଡା ।
ଚାରିପଦେ ଶେଷ ଛାନ୍ଦ, ଅଠର ଗଣ୍ଡା ।୭୬।

ଚମ୍ପାବତୀ ନଗ୍ରେ ବର୍ଷା ପୁତ୍ରେଷ୍ଟି ଯଜ୍ଞ, ଶାନ୍ତା ବିବାହ ଓ ଅଯୋଧ୍ୟାରେ ପୁତ୍ରେଷ୍ଟି ଯଜ୍ଞ ଓ ଦଶରଥଙ୍କ ତିନିରାଣୀ ଚରୁ ଭକ୍ଷଣ

ଛାନ୍ଦ - ୫୬
ରାଗ - କଲ୍ୟାଣ ଆହାରୀ

କୁବେରାଦ୍ରି ପତି, ପୂଜି ହୈମବତୀ ରଷ୍ୟଶୃଙ୍ଗେ ଯାଗ ଚରିତ
ପୁଛୁ ପଶୁପତି, ସେ ଗାଥା ଭାଷନ୍ତି ରାମନାମ ହୃଦେ ସ୍ମରିତ
ସୁଜନେ, ଘେନ ହରଷେ ସେ ସୁଧାକୁ
ବସୁଧା-ପୁତ୍ରୀଙ୍କ- ପତି ରସ ସୁଧା ବାଧା ଦେବ ପାପ କ୍ଷୁଧାକୁ । ।୧।
ଧାର ଧାର ଧାରା ଦାନେ ହେଲେ ତ୍ୱରା କେଦାରୁ ଗଲା ଶୁଷ୍କ ଦଶା ।
ଜୀବନ ପ୍ରାପତୁ ଜୀବନ ପ୍ରାପତ ଲଭନ୍ତେ ରସା ଶ୍ରେଷ୍ଠ ଯୋଷା
ଜାଣିଲେ, ମୁନି ଆଗମନ ସମ୍ପ୍ରତି
ପାଛୋଟିଣ ଗଲେ ଅମାତ୍ୟଙ୍କୁ ଘେନି ସଚିବ ନୃପତି ଦମ୍ପତି । ।୨।।

Digitized by PPRACHIN, SOA

ନାବେ ତପୋଧନ, ବିଲୋକୁ ରାଜନ ଇଛିଣ ଚରଣା ମୃତକୁ ।
ମହିଷୀ ସହିତ କରି ପ୍ରଣିପାତ ତୋଷିଲେ ତାପସ ଚିତ୍ତକୁ ।
ଜରତା, ଭାଷେ ଏ ଆମ୍ଭର ରାଜନ
ଦେଇ ସୁଆଶିଷ, ଭାଷନ୍ତି ତପୀଶ, କେ ଆଉ ହୁଅନ୍ତା ଭାଜନ । ।୩।
ନ ହୋଇଥିଲା ଯା, କରାଇଲ ରାଜା, ସେ ଧର୍ମୁ ଲଭିବ ସନ୍ତତି ।
ଚନ୍ଦ୍ର ଦିବାକର, ଥିବାଯାଏ ନର, ଘୋଷିବେ ଏ ତୁମ୍ଭ କୀରତି ।
କହିଣ-ଯାନ ଆହୋରଣ କରିଲେ
ପ୍ରଜା ପାରିଷଦ ଲଭିଣ ପ୍ରମୋଦ, ପ୍ରାସାଦାଭି ମୁଖେ ଫେରିଲେ । ।୪।
ରାଜନବରକୁ ନେଇଣ ତପୀଙ୍କୁ ଯାଗ ଆୟୋଜନ ସାରିଲେ ।
ଭାଷୁ ଭୃଗୀର୍ବାଣ ଲୋମପାଦ ରାଣ ମିତ୍ର ଦଶରଥେ ବରିଲେ
ସେ ଯଜ୍ଞ, ଶୁଭରେ ହେଉ ସମାପତ
ଆସନାଳଙ୍କୃତ କାଳେ ବେନି ମିତ୍ର ଜରତା କରଇ ବ୍ୟକତ । ।୫।
ହେ ଜନ ନାୟକ ଘେନି ତବବାକ୍ୟେ ଋଷିଆଶୁ ବର୍ଷା ହୋଇଲା ।
ଋଷି କାମାନଳ ମୋଙ୍କାନେ ପ୍ରବଳ ବଢ଼ି ତନୁ ସୁସ୍ଥ ନୋହିଲା ।
ସେ ପାପୁ, ପଦରେ କରୁଛି ମିନତି
ବେନିଙ୍କ ଦୁହିତା ଜେମାମଣି ଶାନ୍ତା ତୋଷନ୍ତୁ ଋଷ୍ୟଶୃଙ୍ଗ ମତି । ।୬।
କାମନା ପୂରଣ ଅର୍ଥେ ଗମିବନ କଲୁ ଯା ମନ୍ତର ଯନ୍ତର ।
ଅମୃତ ଭୋଜନ ଅର୍ଥେ ଦିବ୍ୟାସନ ପତ୍ର ଦେଇ କଲୁ ଅନ୍ତର ।
ଭୋଜନ ଜେମା ପ୍ରସାଦରୁ ହୋଇବ
ବାରବାରାଙ୍ଗନା, ବିନତି ଏ ଘେନା, କଲେ ରକ୍ଷା କଥା ରହିବ । ।୭।
ବେନି ନୃପବର, ଚିନ୍ତି କଲେ ସ୍ଥିର, ଶାନ୍ତାକୁ ଅର୍ପଣ କରିବେ ।
ପିତା ଅଗୋଚରେ, ଗୃହସ୍ଥ ଧର୍ମରେ ତପୀଙ୍କି କିପରି ବରିବେ ।
ଡକାଇ, ଆଣିବାକୁ ଏକ ଭୂସୁରେ
ବିନୟ ପତର ଲେଖିତତପର ପେଷିଲେ ବିଭାଣ୍ଡକ ପୁରେ । ।୮।
ପୁତ୍ରର ବିଛେଦେ, ତପଶୀଳ ଦ୍ୱନ୍ଦେ ମନେ ସନ୍ତାପି ହେଉଥିଲେ ।
ଦଶରଥ ରାଣ ଚିଟାଉ ପଢ଼ିଣ ଆନନ୍ଦେ ଉଦ୍‌ବେଗ ହୋଇଲେ ।
ସମନ୍ଧୀ, ହେବେ ଜାଣୁ ସେ ଦଶରଥ
ପୁଣ୍ୟ ଶ୍ଳୋକ ଚିନ୍ତି ଗମନେ ବଦତି ପୂର୍ଣ୍ଣ ହେଲା ମୋ ମନୋରଥ । ।୯।
ପ୍ରବେଶୁ ତାପସ ଚମ୍ପାବତୀ ଈଶ ମାନ୍ୟେ ପରିଚୟ କରାନ୍ତି ।
ଆଜନ୍ମ ତପସ୍ୱୀ ହୋଇ ମହାଖୁସି କୋଶଳ କୁଶଳ ବାରନ୍ତି ।
ବଶିଷ୍ଠ କହିଲେ ସେଠାରେ ସମ୍ଭର୍ବେ
ଆହେ ତପୋଧନ ଦଶରଥ ରାଣ ପରିପୂର୍ଣ୍ଣ ସର୍ବ ବିଭବେ । ।୧୦।
କୋଳରେ ନନ୍ଦନ ନ ଥାଉ ରାଜନ ଦମ୍ପତ୍ତି ସର୍ବଦା ଦୁଃଖିତ ।
କରି ଅନୁଗ୍ରହ ହୋଇଲେ ସଦୟ ନିଶ୍ଚେ ହେବ ପୁତ୍ର ପ୍ରାପତ ।
ରାଜନ, ଏଣୁ ତବ ପଦ ଆଶ୍ରୟୀ
ହର୍ଷେ ତପୀବର ଦିଅନ୍ତି ଉତ୍ତର ପୁତ୍ରେଷ୍ଟି ଯାଗ କର ଯାଇ । ।୧୧।

Digitized by PPRACHIN, SOA

ଶୁଣିଥିଲ ଥରେ ପୂରୁବ କାଳରେ କଶ୍ୟପ ଅଦିତି ତପରେ ।
ତୋଷି ଲକ୍ଷ୍ମୀପତି ପୁତ୍ରେ ହେଉ ବ୍ରତୀ ଭାଷିଲେ ସେ ଆନ କଳ୍ପରେ ।
ହୋଇବି, ନରରୂପରେ ମୁଁ ସମ୍ଭୂତ
ସେହି ଅଦିତି ଯେ କୌଶଲ୍ୟା ସ୍ୱରୂପା କଶ୍ୟପ ରାଜା ଦଶରଥ । ।୧୨।
ସନତ କୁମାର ଗୀର ସ୍ମରି ସ୍ଥିର ଆହୁତି କରିଲେ ପ୍ରଦାନ
ପୂର୍ଣ୍ଣାହୁତି କାଳ ଶେଷେ ଆଦିମୂଳ ଚରୁ ରୂପେ ଦେବେ ଦର୍ଶନ
ସେ ଚରୁ ମହିଷୀଏ କଲେ ଅଶନ
ପରମ ପବିତ୍ର ପୂର୍ଣ୍ଣବ୍ରହ୍ମ ସୁତ ଜାତୁ ଯିବ ଜୀବ କଷଣ । ।୧୩।
ପରିଣୟ ସାରି ବନେ ତପଚାରୀ ଯାଗ ବିଧି କହି ଚଳିଲେ ।
ଜାମତା ନନ୍ଦିନୀ ଦଶରଥ ଘେନି ଅଯୋଧ୍ୟା ଦେଶରେ ମିଳିଲେ ।
ବିଧାନ, ବୁଝି ଯାଗେ ବିପ୍ର ବରିଲେ,
ତପୀକୁଳ ଶ୍ରେଷ୍ଠ ପୁରୋଧା ବଶିଷ୍ଠ ଯାଗେ କର୍ତ୍ତା କାର୍ଯ୍ୟକରିଲେ ।।୧୪।

ଯାଗକୁ ବରଣ ଓ କାଳ, ସ୍ଥାନ ନିରୂପଣ

ସରଜୁ ପୁଳିନ କଲେ ଯାଗସ୍ଥାନ ବିଚାରି ମଙ୍ଗଳ କାମକୁ
ଗଣୁ କୁମ୍ଭ ରାଶି ପ୍ରବେଶୁଛି ଆସି ଦଶରଥ ଭୂପ ନାମକୁ ।
ଆଷାଢ଼ ଶୁକଳ ଦ୍ୱିତୀୟା ତିଥିରେ
ବଇଧୃତି ଯୋଗ ହୋଇଛି ସଂଯୋଗ ଗଉରୀକରଣସେଥିରେ । ।୧୫।
ଅକ୍ଷତ ପଠାଇ ଲକ୍ଷେ ରାଜା ରାଇ ଦଶ ସହସ୍ର ତପୋଧନ
ବରୁ ଆଗମନ କରନ୍ତେ ରାଜନ ଆସନ ଦେଲେ କୃଷ୍ଣା ଜିନ ।
ତ୍ରିଦଶ, ଗଣଙ୍କୁ ସେ ସ୍ଥାନେ ବରିଲେ
ଦଶ ବିଶ୍ୱେଦେବା ଅଷ୍ଟବସୁ, ସେବା ବାସୁକୀ ବାସବ ସ୍ମରିଲେ । ।୧୬।
ତିଳ ଯେ ତଣ୍ଡୁଳ କୁମୁଦ କମଳ ଗବ୍ୟଘୃତ ମଧୁ ଶର୍କରା
ନବ ବସ୍ତ୍ର ଧୂପ ଗନ୍ଧ ପୁଷ୍ପ ଦୀପ ଗାବ ଦୁଗ୍ଧ ଯେ ଶତଗରା ।
ଭୂପତି, ସର୍ବ ଦ୍ରବ୍ୟ କରି ସଂଗ୍ରହ
ଯାଗ ଆଳେ ସର୍ବ ଋଷି ବିପ୍ର ଦେବ ବେଦ ଶୁଭଇ ଅହରହ । ।୧୭।
ବିଧି ଆରୋପିଣ ଅଙ୍କୁରା ରୋପଣ ଅଧିବାସ କୃତ ପାଳନ
ପ୍ରତିପଦା ଠାରୁ ପାଳିକୁଳଗୁରୁ ଋଷ୍ୟ ଶୃଙ୍ଗ ଯାଗ ବ୍ରାହ୍ମଣ
ଆଦେଶ, ରାଣୀହଂସ ପୁରେ ପଠାନ୍ତି
ଉପବାସେ କାଷ୍ଠା, ପାଳ ସର୍ବେ ନିଷ୍ଠା ହୃଦୟେ ଚିନ୍ତି ଉମାପତି । ।୧୮।
ଅନିଳ ବରୁଣ ରବି ଗ୍ରହ ଗଣ ଗଙ୍ଗା ଗୟାତୀର୍ଥ ଯେତେକ
ଧାତା ହରିଚିନ୍ତି ଅନନ୍ତ ମୂରତି ବହ୍ନି କାର୍ତ୍ତିକ ବିନାୟକ
ଗଉରୀ, ସାବିତ୍ରୀ ସବ୍ୟା ସରସ୍ୱତୀ
କମଳା ବିମଳା ଗ୍ରହପତି ବାଳା ଛାୟାମାୟା ସଚୀ ଗାୟତ୍ରୀ । ।୧୯।

Digitized by PPRACHIN, SOA



ଋଷ୍ୟଶୃଙ୍ଗଙ୍କ ଦ୍ୱାରା ଦଶରଥଙ୍କ ପୁତ୍ରେଷ୍ଟି ଯାଗ

Digitized by PPRACHIN, SOA

ଶଙ୍ଖ କର୍କୋଟକ ଅନନ୍ତ ତକ୍ଷକ ମହାପଦ୍ମ କାଳୀ କାଳାନ୍ତ
ଗ୍ରହ,କ୍ଷେତ୍ରପାଳ ଯୋଗ,ଲଗ୍ନକାଳ ବେଳ,ତାର,ବାର,ନକ୍ଷତ୍ର
ଗନ୍ଧର୍ବ, ଚାରଣ, ଯକ୍ଷ, ରକ୍ଷଗଣ
ଧର୍ମ, ବିଦ୍ୟାଧର ପଣ୍ଡିତ ପ୍ରବର ବୈଷ୍ଣବ,ଯମ, ଯମଗଣ । ।୨୦।
ଆକାଶ,ଭୂଲୋକ ଭୂବ,ସପ୍ତଲୋକ ଜଳ,ସ୍ଥଳ, ସପ୍ତ ପାତାଳ
ମରାଳୀ, କରାଳୀ ବାହନଙ୍କୁ ଭାଳି ଶୂଳୀ ବାହନ ଦ୍ୱାରପାଳ ।
ବିନତା, ଆତ୍ମଜ, ଐରାବତ ଗଜ
ପ୍ରଣୀତା, ପ୍ରୋକ୍ଷଣି ସ୍ରୁବ, ସ୍ରୁଚୁ, ପାଣି ଇନ୍ଧନ ଆଦି କରି ସଜ । ।୨୧।
ମହେନ୍ଦ୍ର ବେଳାରେ ଋଷ୍ୟ ଶୃଙ୍ଗ କରେ ପଞ୍ଚ ଅଗ୍ନି କରି ସ୍ଥାପନ ।
ବଶିଷ୍ଠ ଯା'ବାଳି ବାମଦେବ ମିଳି ଘୃତ ଆହୁତି କରୁଦାନ ।
ଅନନ୍ତ, ଶିଖା ଚୁମ୍ବଇ ଅଭ୍ର ମାର୍ଗ
ସ୍ୱର୍ଗୁ ଆଖଣ୍ଡଳ ଘେନି ଦେବ କୁଳ ଭୁଞ୍ଜନ୍ତି ଯେଝା ହବିର୍ଭାଗ । ।୨୨।
ଦିନୁ ଦିନ ଯୋଗ, ପଞ୍ଚ ଦିନ ଭୋଗ ସପ୍ତମୀରେ ପୂର୍ଣ୍ଣ ଆହୁତି
କୃତାଞ୍ଜଳି ପୁଟେ ଯାଗ କୁଣ୍ଡ ତଟେ କରନ୍ତେ ଋଷ୍ୟ ଶୃଙ୍ଗ ସ୍ତୁତି
ସୁ ବିପ୍ରେ, ରୁଣ୍ଡ ହୋଇ ଏକ ସ୍ୱରରେ
କରୁ ବାରବାର, ବିଭୁ ନା' ଉଚାର ଅନ୍ଧ ମୁନି ଶାପ ବରରେ । ।୨୩।
କମ୍ପନ୍ତେ ଆସନ ତେଜି ନାଗାସନ ବିଜୟ କରିଲେ ଶ୍ରୀହରି ।
ଦକ୍ଷାବର୍ତ୍ତ ଶିଖା ବୈଶ୍ୱାନରେ ଦେଖା ଦେଉ ଭାଷନ୍ତି ତପଚାରୀ ।
ବଶିଷ୍ଠ, କାମନା ଯା' କରି ଅଛନ୍ତି
ସେ ବର ସନ୍ତୋଷେ କୋଶଳ ଅଧୀଶେ ପ୍ରଦାନ କର ଶିରୀପତି । ।୨୪।
ବଶିଷ୍ଠ କାମନା ଜାଣି ବିଡମ୍ବନା ଛାଡି ତାହା ହେଉ ଭାଷିଲେ
ସ୍ୱ ବ୍ରହ୍ମରୁ ଚାରି ଚରୁ ରୂପେ ହରି ଯାଗ ଅନଳରେ ଦିଶିଲେ
ଅଞ୍ଜଳି, ପାତୁ ଚାରିଫଳ ସ୍ୱରୂପ
ହେଉ ଅବତୀର୍ଣ୍ଣ ଘେନି ତପୋଧନ ଦେଉ ଘେନିଗଲେ ସେ ଭୂପା।୨୫।
ଶୁଣିଲେ ନୃପତି ସର୍ବରାଣୀ ବ୍ରତୀ ନହୋଇ ଗମିଲେ ବିପଥେ
ବଡ଼ ବେନି ରାଣୀ ଦେଖୁ ନୃପମଣି ବାଣ୍ଟିଲେ ଚରୁ, ମନୋରଥେ ।
ଫେରିବା,କାଳେ ସୁମିତ୍ରା ସାନ ରାଣୀ
ପ୍ରବେଶି ବ୍ୟକତ କରଇ ମୁଁ ବ୍ରତ କାଷାରେ ପାଳି, ଅଭାଗିନୀ ।।୨୬।
ନବୁଝିଣ କାନ୍ତ ଏ ଚରୁ ସମସ୍ତ କେଉଁ ପରି କଲ ପ୍ରଦାନ
ହୋଇ ସୋହାଗିନୀ, ନହୋଇ ଭାଗିନୀ ବ୍ରତ ଯା' ହେଲା ଅକାରଣ ।
ଏକାଳେ, ପବିତ୍ରା କୌଶଲ୍ୟା ବିଚାରି
ଅର୍ଦ୍ଧେ ଦେଇ ଘେନ ଭାଷେ ଯେ ନନ୍ଦନ ହେବ ମୋସୁତ ସେବାକାରୀ ।।୨୭।

Digitized by PPRACHIN, SOA

ସେ ସତ୍ୟ କରାଇ ରାଣୀ କଇକେୟୀ ଚରୁ ବାଣ୍ଟି କରି ପ୍ରଦାନ
ଭାଷଇ ଏ ସୁତ ସେବିବ ମୋ ସୁତ ପାଶେ ରହିବ ଅନୁକ୍ଷଣ
ସମ୍ମତି, ଦେଉଁ ସର୍ବେ ଚରୁ ଭୁଞ୍ଜିଲେ
ଯା'ଉଦର ଭାଣ୍ଡରେ ସପ୍ତ ବ୍ରହ୍ମା ସେ ଉଦରେ ମନ ରଞ୍ଜିଲେ ।।୨୮।
ସ୍ୱାତି ନକ୍ଷ୍ୟତ୍ରରେ ବାରି ବୃଷ୍ଟି ହେଲେ ସେ ଜଳ ଶାମୁକା ଅଶନେ
ହୋଇ ଗର୍ଭବତୀ ଜାତକରୁ ମୋତି ଧନଶାଳୀ ରାଜା ଶାସନେ
ସେପରି, ରାଣୀ ଚରୁ କରୁ ଆହାର
ଜାଣି ମାତା ମର୍ମ, ସ୍ୱୟଂ ପରବ୍ରହ୍ମ ମାତାଗର୍ଭେ କଲେ ବିହାର । ।୨୯।

ଗର୍ଭ ଲକ୍ଷଣ

ଦେବତା ସକଳ, ଗଲେ ଯେଝା ଆଳ ବଳ୍କଳ ବାସୀ ଏ ଆଶ୍ରମେ
ହେଉ ଗର୍ଭଭାରି ଘେନି ସହଚରୀ ଉପବନେ ରାଣୀ ବିଶ୍ରାମେ
ସୁବର୍ଣ୍ଣ କାନ୍ତି ଦେଖାଗଲା ପାଣ୍ଡୁର
ଉଚ୍ଚ କୁଚଚୂଳ ବର୍ଣ୍ଣ ଧରେ ନୀଳ ବେଶଭୂଷା କଲା ଭଣ୍ଡୁର । ।୩୦।
ସରସ ଦ୍ରବ୍ୟକୁ ପରିହାର କରି ନିରସରେ ଚିତ୍ତ ବଳିଲା ।
ଉଦରେ ଆହାର ନରହି କାହାର ଖାଦ୍ୟାନ୍ତେ ବମନେ ଚଳିଲା ।
ତଳପ, ନିଦ୍ରାରେ ଅଳପ ଆଗ୍ରହ
ଗଭୀର ନାଭିର ଗର୍ତ୍ତ ପୂର୍ଣ୍ଣ ହେଲା ଗର୍ଭ ଧାନ୍ୟ ହେଉ ସଂଗ୍ରହ । ।୩୧।
ଭାରି ହେଲା ମନ ବସନ ଭୂଷଣ କଟିରୁ ସକଳ ଖସିଲା
ଗମନ ଆଳସ୍ୟେ ଅତି ସ୍ନେହେ ବଶେ ମୃତ୍ତିକାରେ ଜିହ୍ୱା ରସିଲା ।
ନିୟୋଗୀ, ଜଗିମନ ଜାଣି ଖଟନ୍ତି
ରାମ ହେବ ଜାତ ଜାଣି ପୁରୋହିତ ରାମ ମହାମନ୍ତ୍ର ରଟନ୍ତି । ।୩୨।
ତ୍ରିଦଶ ତ୍ରିପଦ ପୂରଣ ଏ ଛାନ୍ଦ କଲ୍ୟାଣ ଆହାରୀ ରାଗରେ
ବିପ୍ର ଦୟାନିଧି ଦାଶ ପଦ ବନ୍ଦି ରଚେ ଲଡୁ ବାବା ଆଗରେ ।
କୋବିଦେ, ଦୋଷଥିଲେ କ୍ଷମା କରିବ ।
ଆଦ୍ୟ ପ୍ରାନ୍ତେ ରାମ, ନାମ ଜପ କାମ ଭକ୍ତିରେ ସ୍ୱହୃଦ ଭରିବ । ।୩୩।

ଶ୍ରୀରାମ ଆଦି ଚାରିଭାଇ ଜାତ

ଛାନ୍ଦ - ୫୭ (ରାଗ - ବଙ୍ଗଳାଶ୍ରୀ)

ବୁଧ ଶୁଦ୍ଧ ବୋଧ ଘେନ ଏ ପ୍ରସିଦ୍ଧ ତତ୍ତ୍ୱ ଅର୍ଥ କାବ୍ୟାମୃତ ।
ପାପ ଯିବ କ୍ଷୟ ହୋଇବ ଦୁର୍ଜୟ ଲାଭ ହେବ ଅମରତ୍ୱ । ।୧।
ଏଥୁ ଅନନ୍ତରେ ଶଙ୍କରୀ ଆଗରେ ଭାଷନ୍ତି ଯେ ଶୂଳପାଣି ।
ଅଯୋଧ୍ୟାର ସାଇଁ କୌଶଲ୍ୟା କୈକେୟୀ ସୁମିତ୍ରାଙ୍କ କଷ୍ଟ ଜାଣି । ।୨।
ଡକାଇ ବ୍ରାହ୍ମଣ ଦେଲେ ସ୍ୱର୍ଣ୍ଣଦାନ କଷ୍ଟ ଲାଘବ କଳ୍ପିଣ
ପୁରୋଧା ଗୋସାଇଁ ସୁ ପ୍ରସବ ପାଇଁ କାଳ କଲେ ନିରୂପଣ । ।୩।

Digitized by PPRACHIN, SOA

ଆଷାଢ଼ ଶୁକ୍ଳ ପକ୍ଷ ଶୁଦ୍ଧକାଳ ସପତମୀରୁ ଗଣିଲେ ।
ନବମାସ ବେନି ଦିନେ ଧନୁପାଣି ଜାତ ହୋଇବା ଜାଣିଲେ । ।୪।
ବସନ୍ତ ସମୟ ଯେଣୁ ବାସନ୍ତୀୟ ଚଣ୍ଡୀ ପୂଜାର ବିଧାନ
ନିଗମ ପୁରାଣ କରି ଅନ୍ୱେଷଣ ଜଣାଇଲେ ତପୋଧନ । ।୫।

ନବଚଣ୍ଡୀ ପୂଜାର ବିଧାନ

ଚଇତ୍ର ଶୁକ୍ଳ ପ୍ରତିପଦା ବେଳ ଦିନାର୍ଦ୍ଧେ ବନ୍ଧାଇ ଝଣ୍ଡା
ପୂଜକ ବ୍ରାହ୍ମଣ କଲେ ଆବାହନ ଦୁର୍ଗା ଇନ୍ଦ୍ରାଣୀ ଚାମଣ୍ଡା । ।୬।
ସ୍ମରି ମାହେଶ୍ୱରୀ ବ୍ରାହ୍ମଣୀ କୌମାରୀ ବୈଷ୍ଣବୀ ବରାହୀ ଲକ୍ଷ୍ମୀ ।
ନବ ଶିବାଚିତ୍ତଙ୍କ ସନ୍ତୋଷ ନିମିତ୍ତ ନବ ପତ୍ରିକାକୁ ଲେଖି । ।୭।
ଅରପନ୍ତେ ଶ୍ରଦ୍ଧେ ନବମୀ ଦିନାର୍ଦ୍ଧେ ପୂଜା ହେଉ ସମାପନ ।
ଆସନ୍ନ ପ୍ରସବା କୌଶଲ୍ୟା ଉଦରେ ଶୂଳ ଆସେ ଘନ ଘନ । ।୮।
ଯୋଗ ଲଗ୍ନତାର ନକ୍ଷ୍ୟତ୍ରାଦି ବାର ଗ୍ରହ ଆଦି ଅନୁକୂଳ ।
ଅପେକ୍ଷାରେ ଛନ୍ତି ସର୍ବଗ୍ରହ ଗ୍ରହପତି ଜନମିବେ ଆଦିମୂଳ । ।୯।
ସୁଗନ୍ଧ ଶୀତଳ ମଳୟ ଅନିଳ ବିଦ୍ୟମାନ ଧୀରେ ଧୀରେ ।
ପବିତ୍ର ସମୟ ଜାଣି ଧାତ୍ରୀଚୟ ବିଜେ ପ୍ରସୁତୀ ଗୃହରେ । ।୧୦।
ହୋଇ ସାବଧାନ ପ୍ରସୂତି ବିଧାନ କରୁ ଯତ୍ନେ ସର୍ବେ ଧୀରେ
ମରକତ ମଣି ଜିତ ଅଙ୍ଗ ଜିଣି ଅବତୀର୍ଣ୍ଣ ହେଲେ ଖରେ । ।୧୧।
କୋଟି ସୂର୍ଯ୍ୟ ତେଜ ଜିଣି ଚତୁର୍ଭୁଜ ଆୟୁଧ କୌସ୍ତୁଭ ହାର ।
ଶ୍ରୀବତ୍ସ-ଲାଞ୍ଛନ ବକ୍ଷେ ଶୋଭାବନ ସମନୁହେଁ ସୁଧାକର । ।୧୨।
ଚୌଷଠି ଲକ୍ଷଣ ଅଙ୍ଗେ ପରିପୂର୍ଣ୍ଣ ବିଲୋକୁ ରାଣୀ ସମ୍ପ୍ରତି
ଭାବନ୍ତି ଏ ସୁତ ସ୍ୱୟଂ ଶ୍ରୀ ଅଚ୍ୟୁତ ଅବତୀର୍ଣ୍ଣ ହୋଇଛନ୍ତି । ।୧୩।
ଭୀତ ମନେରାଣୀ ଛଳେ ଅଭିମାନୀ ମାଗନ୍ତି କର ପ୍ରସାରି ।
ଏହି ପରି ସୁତ ହେବାକୁ ଅଚ୍ୟୁତ ନଥିଲି ବିଚାର କରି । ।୧୪।
ହେ କରୁଣାକର ଦୟାର ସାଗର ପ୍ରକୃତରେ ଯେଣୁ ଅଟ ।
ମୋ ମାନସଜାଣି ପ୍ରଭୁ ଚକ୍ରପାଣି ନାଶ ଶୀଘ୍ର ଏ ସଂଙ୍କଟ । ।୧୫।
କର୍ଣ୍ଣେ ମାତାଗୀର ଶୁଣି ରଙ୍ଗାଧର ସ୍ନେହେ କୁହନ୍ତି ବୁଝାଇ ।
ମାନବ ରୂପରେ ଆସିଛି ଏ ପୁରେ ଆଲୌକିକ ଲୀଳା ପାଇଁ । ।୧୬।
ଏ ରୂପେ ମିଳିବା ପାଇଁକି ମୁଁ ଅବା ! ଯୋଗ୍ୟ, କରିଣ ବିଚାର ।
ଲୋକାଚାର ମତେ ରୂପ ବଦଳାଇ ହୁଅ ଶିଶୁବେନି କର । ।୧୭।
ଯେ ସ୍ଥାନେ ମୁକୁ ର ସଂସ୍ଥାପନ କର ପଡ଼ିବ ତା ପ୍ରତିବିମ୍ବ
ନର ରୂପେ ଜାତ ହେଲେ ବି ଅଚ୍ୟୁତ ସର୍ବ ତା ପକ୍ଷେ ସମ୍ଭବ । ।୧୮।
ଏଣୁ ଯେ ଜଗତ ସେହି ବ୍ରହ୍ମବତ ପୃଥକ ନୁହଇ କିଛି
ଯେପରି ତରଙ୍ଗ ଜଳରାଶି ଅଙ୍ଗ ବଳୟେ ସଂଲଗ୍ନ ଅଛି । ।୧୯।
ପୂର୍ବ ଜନ୍ମ ବର କହି ଚକ୍ରଧର ସଂଶୟ ମନୁ ଛେଦିଲେ ।
ଅଲୌକିକ ରୂପୁ ହେଲେ ଶିଶୁ ବପୁ କ୍ଷୁଧାର୍ତ୍ତେ କ୍ରନ୍ଦନ କଲେ । ।୨୦।

Digitized by PPRACHIN, SOA

ମା ବାସନ୍ତିକ ନବଦୁର୍ଗା ।

Digitized by PPRACHIN, SOA

ରାମ ଜନ୍ମ ।

Digitized by PPRACHIN, SOA

ଦେବତା, ବ୍ରାହ୍ମଣ ଗାଭୀ, ସାଧୁଜନ ହିତେ ଯେହୁ ଅବତୀର୍ଣ୍ଣ ।
ମାତା ମନ ଜାଣୁ ନର ଶିଶୁ ତନୁ ଇଚ୍ଛାରେ କଲେ ଧାରଣ । ।୨୧।
ଦେବତା ସମଷ୍ଟି କରି ପୁଷ୍ପ ବୃଷ୍ଟି ହର୍ଷେ ସ୍ତୁତି ଗାନ କଲେ ।
ଶିଶୁ କୁଆଁରାବ ଶୁଣି ରାଣୀ ସର୍ବ ଧୈର୍ଯ୍ୟ ହରାଇ ଧାଇଁଲେ । ।୨୨।

ରାମଚନ୍ଦ୍ରକାଳ ନିରୂପଣ

ଚଇତ୍ର ଶୁକଳ ନବମୀରେ ମେଳ ପୁନର୍ବସୁ ଯେ ନକ୍ଷତ୍ର ।
ଭୌମବାର ଦିନ ଅର୍ଦ୍ଧକୁ ସଂଲଗ୍ନ କର୍କଟ ହୋଇଛି ଯୁକ୍ତ । ।୨୩।
ଏକାଳେ ସେଠାରେ ଗର୍ଭ କଷ୍ଟ ଧୀରେ ଜଣାଏ ମନ୍ଥରା ଦାସୀ ।
ପ୍ରସୂତି ଦାସୀଏ ପ୍ରସୂତି ଗୃହକୁ ନେଲେ ମଧ୍ୟମା ସୁକେଶୀ । ।୨୪।
ଆସି ଶୁଭ ଯୋଗ ମୀନ ଲଗ୍ନ ଭୋଗ ପୁଷ୍ୟା ନକ୍ଷ୍ୟତ୍ର ସଂଯୁକ୍ତ ।
ସେ କାଳେ ଉତ୍ସବ ଶୁଭେ ମୁଖରାବ ଜାତ ହେଲା ଏକ ସୁତ । ।୨୫।
କିଛି କ୍ଷଣ ପରେ କର୍କଟ ରାଶିରେ ଅଶ୍ଳେଷା ଯୁକ୍ତ ହୋଇଲା ।
ସୁମିତ୍ରା ଉଦରୁ ସୁଦକ୍ଷ ଧାତ୍ରୀଏ ପୁତ୍ରେ ଜାତ କରାଇଲା । ।୨୬।
ପୁଣି ଆସୃ ଶୂଳ ଧାତ୍ରୀଗଣ ମେଳ ହେଉକେ ଧରେ ଉଦର ।
ମାଘାସିଂହ ରାଶି ପ୍ରବେଶନ୍ତେ ଆସି ଜାତ ହୋଇଲା କୁମର । ।୨୭।
ହେମ ଶୁକ୍ତିକାରେ ନାଭି ଛେଦିବାରେ କରାନ୍ତି ସୂତିକା ବିଧି ।
ଚନ୍ଦନ ଇନ୍ଧନେ କରନ୍ତି ସଂଯୋଗ ଧନଞ୍ଜୟ ଚିନ୍ତି ବିଧି । ।୨୮।
ତିନିରାଣୀଙ୍କର ହୁଅନ୍ତେ କୁମର ଭୂପେ କୁହେ ସହଚରୀ ।
ଶୁଣି ନୃପବର ଆନନ୍ଦ ଅପାର ଅନ୍ଧ ଚକ୍ଷୁ ପ୍ରାପ୍ତ ପରି । ।୨୯।
ରାଜ କୁଳ ଧର୍ମ ସ୍ମରି ଜାତ କର୍ମ ନନ୍ଦି ଶ୍ରାଦ୍ଧ କରାଇଲେ ।
ମହା ସମାରୋହେ ଉତ୍ସବ କରାଇ ଶିବ ଶିବାଙ୍କୁ ତୋଷିଲେ । ।୩୦।
ଦୟାର ଏ ଅଳି ହେ ବିଜ୍ଞ ମଣ୍ଡଳୀ ଶ୍ରବଣ କର ଏ ଛାନ୍ଦ ।
ତ୍ରିଂଶଏକ ପଦେ ସୀତା ରାମ ବନ୍ଦେ ଇଛି ନାମ ମକରନ୍ଦ । ।୩୧।

ରାମଙ୍କର ଚଉଷଠି ଲକ୍ଷଣ

ଟୀକା: ୧୩ ପଦର ରାମଙ୍କର ଚଉଷଠି ଲକ୍ଷଣ : ଅକଳୁଷତା, ଅମର୍ଷତା, ଆଦର୍ଶତା, ଉତ୍କର୍ଷଣତା, ଉଦାସୀନତା, ରକ୍ଷତା, ଏକାନ୍ତିକତା, ଐଶ୍ୱର୍ଯ୍ୟତା, ଓଜତା, ଔପକତିକତା, କଠୋରତା, କର୍ମଠତା, କ୍ଷମତା, ଗାମ୍ଭୀର୍ଯ୍ୟତା, ଘନିଷ୍ଠତା, ଚାରିତ୍ରିକତା, ଚିତ୍ତହରଣକର୍ତ୍ତା, ଛତ୍ରପତିତା, ଜିଜ୍ଞାସତା, ଢ଼ୌଲତା, ତିତିକ୍ଷାତା, ଦକ୍ଷତା, ଦମନୀୟତା, ଦାମ୍ଭିକତା, ଦୂରଦର୍ଶୀତା, ଧର୍ମଶୀଳତା, ଧୀମାନତା, ନମ୍ରତା,ଧୀରତା, ନାୟକତା, ନିର୍ବିକାରତା, ନିଷ୍କପଟତା, ନୀତିଜ୍ଞତା, ପଟୁତା, ପ୍ରତି ଉପକାରତା, ବଶୀକରଣତା, ବିଧାନକର୍ତ୍ତା, ବିଶ୍ୱମୋହନ କର୍ତ୍ତା, ବିନୟତା, ବ୍ରହ୍ମଚର୍ଯ୍ୟତା, ବିଶ୍ୱବିନୟତା, ବିଜୟତା, ଭକ୍ତ ଅନୁରକ୍ତା, ଭଦ୍ରତା, ମହୀୟାନତା, ମୋକ୍ଷକର୍ତ୍ତା, ରମଣୀୟତା, ରିତି ରକ୍ଷାକର୍ତ୍ତା, ରୂପବାନତା, ଲବ୍ଧ ପ୍ରତିଷ୍ଠିତତା, ଲଳିତତା, ଲୋକପାଳତା, ଶରଣ ରକ୍ଷାକର୍ତ୍ତା, ଶାଳିନ୍ୟତା, ସୁଚିବନ୍ତତା, ଶୌର୍ଯ୍ୟତା, ସଂସାରକର୍ତ୍ତା, ସୌଜନ୍ୟତା, ସଂଜତତା, ସହାନୁଭୂତିତା, ସହିଷ୍ଣୁତା, ସର୍ବଭୌମତତା, ସତ୍ୟବାଦୀତା, ସମତା

Digitized by PPRACHIN, SOA

ରାମ ରାମାନୁଜଙ୍କ ନାମ କରଣ ଓ କୋଷ୍ଠୀ ଅଲୋଚନା

ଛାନ୍ଦ - ୫୮

ରାଗ - କଲ୍ୟାଣ ଆହାରୀ

ଚଇତ୍ର ମାସରେ ନବମୀ ତିଥିରେ ଶୁଭେ ପୁତ୍ରଜାତ ହୋଇଲେ ।
ତିନି ରାଣୀଙ୍କର ଯେ ଚାରି କୁମର ରାଜା ପ୍ରଜା ମନ ମୋହିଲେ ।
ସାନନ୍ଦେ, ଧରମ କରମ ଆଚରି
ଥିବା କଇଦୀଙ୍କୁ ମୁକ୍ତି ଦେଲେ ରାଜା ବଧାଇ ନେଲେ ସହଚରୀ । ।୧।
ଶୁକ୍ଳ ପକ୍ଷେ କଳା କରପରି ବଳା ବଢ଼ି ମନ ଖୁସି କରିଲେ ।
ପଞ୍ଚୁଆତି ଷଷ୍ଠୀ- ଘର ସାରି କୋଷ୍ଠୀ ସାଧନେ ଜ୍ୟୋତିଷେ ବରିଲେ ।
ପୁରୋଧା, ପୁତ୍ରଙ୍କୁ ଦେଖିଣ ଆନନ୍ଦ
କୋଳେ ଧରିତପ କମନୀୟ ରୂପ ନାମ ତା ଦେଲେ ରାମଚନ୍ଦ୍ର । ।୨।
କହନ୍ତି ଭୂପତି ଶୁଣ ଆହେ ଯତି ରାମଚନ୍ଦ୍ର ନାମ ନ ରଖ ।
ଅନ୍ୟ ନାମ ଦିଅ ଚନ୍ଦ୍ର ନ ଲଗାଅ ପୂର୍ବରୁ ଯା'ଅଛି ପରଖ ।
ମୋ ପୂର୍ବ ବଂଶରେ ହରିଶ୍ଚନ୍ଦ୍ର ରାଜା
ଥାଇ ବଡ ଜ୍ଞାନୀ ପାଳନ୍ତି ମେଦିନୀ କରାଇ ଦେବ ବିପ୍ରେ ପୂଜା । ।୩।
ଏ ଅମର ଗଣ ତାହା ନ ସହିଣ ବିଶ୍ୱାମିତ୍ର ଋଷି ପଠାଇ ।
ଯା'ଥିଲା ବିଭବ ଦାନ ନେଲେ ସର୍ବ ବିକି ପୁତ୍ର ରାଣୀ ସେଠାଇଁ ।
ଶରୀର, ଚଣ୍ଡାଳରେ ବିକ୍ରୀ କରିଲା
ବିକ୍ରୀ ଲବ୍ଧ ଧନେ ଦକ୍ଷିଣା ବ୍ରାହ୍ମଣେ ଦେଉସେ କାର୍ଯ୍ୟ ନ ସରିଲା । ।୪।
ଥିଲା ଏକ ସୁତ ତାଙ୍କର ରୋହିତ ପୁଷ୍ପ ଚୟନୁ ସର୍ପାଘାତ ।
କାନ୍ଦେ ତାର ମାତ ହୋଇ ବିକଳିତ ଦାହେ ଶ୍ମଶାନେ ଉପଗତ ।
ରାଜନ, ଶ୍ମଶାନେ ଶ୍ମଶାନ ରକ୍ଷକ
ଦୁଃଖେ କହେ ରାଣୀ ହେଲି ଚାକରାଣୀ ପୁତ୍ରକୁ ଦଂଶିଲା ତକ୍ଷକ । ।୫।
କାହିଁ ଗଲ କାନ୍ତ ନ ଦେଖିଲ ସୁତ ପୁତ୍ର ସହ ପ୍ରାଣ ନାଶିବି ।
ଅଧର୍ମେ ପୌରୁଷ ଧର୍ମେ ନାହିଁ ଯଶଃ ଏହା କିମ୍ପା ବୋଲି ଘୋଷିବି ।
ଜାଣନ୍ତେ, ରାଜନ ଇନ୍ଧନ ଜାଳିଲେ
ପୁତ୍ର ସହ ରାଜ- ରାଣୀ ବେନି ସଜ- ହେଉ ବିଶ୍ୱାମିତ୍ର ଭାଳିଲେ । ।୬।
ଶ୍ମଶାନକୁ ଆସି ରାଜାଙ୍କୁ ଆଶ୍ୱାସି ବୁଝାଇ ସେ ଋଷି ଭାଷନ୍ତି ।
ଅଗ୍ନିକୁ ନ ଡିଅଁ ତୁମ୍ଭ ପୁତ୍ରନିଅ କହି, ଯୋଗାସନେ ବସନ୍ତି ।
ଏପରି, ଏବଂଶର ଦୁଃଖ ରହିଛି
ଏଣୁ ରାମନାମେ ଚନ୍ଦ୍ର ନଲଗାଅ ମୋ ମନେ ସଂଶୟ ଦହୁଛି । ।୭।

Digitized by PPRACHIN, SOA

ମାତା କୌଶଲ୍ୟାଙ୍କ ସହିତ ପ୍ରଭୁ ବାଳକ ଶ୍ରୀରାମ

Digitized by PPRACHIN, SOA

ଭାଷନ୍ତି ବଶିଷ୍ଠ ଆହେ ନୃପ ଶ୍ରେଷ୍ଠ ଏପୁତ୍ର ସଂସାର କରତା ।
ଦୃଷ୍ଟ ଦୈତ୍ୟ ବଂଶ ନାଶିବା ସକାଶ ଧାତାଙ୍କୁ ଦେଇଛନ୍ତି କଥା ।

ଶୋଚନା, ନକର କିଛି ହେ ରାଜନ
ଲଗ୍ନ ଘରେ ଚନ୍ଦ୍ର ହୋଇଛି ପ୍ରମୋଦ କୋଷ୍ଠୀ କାଟି କର ଗଣନ । ।୮।
କୈକେୟୀଙ୍କ ପୁତ୍ର ନାମ ଦେଲେ ଭ୍ରତ ଭରଣ ପାଇଁ ଆଗମନ ।
ସର୍ବ ସୁଲକ୍ଷଣ ହେତୁରୁ ଲକ୍ଷ୍ମଣ ଶତ୍ରୁ ନାଶନେ ଶତ୍ରୁଘନ ।

ରାଜନ, ଜ୍ୟୋତିଷ ଆଣିଲେ ଡକାଇ
ଚାରିପୁତ୍ରଙ୍କର କୋଷ୍ଠୀର ବିଚାର ଜାତକ କରାଇବା ପାଇଁ । ।୯।
ପୁରୋଧା ସଙ୍ଗରେ ବସି ନୃପ ଧୀରେ ସେ ଗ୍ରହବିପ୍ରଙ୍କୁ ପୁଚ୍ଛନ୍ତି ।
ଗ୍ରହ ଅବସ୍ଥିତ କର ପ୍ରକାଶିତ ରାଣୀ ଶୁଣିବାକୁ ପୁଚ୍ଛନ୍ତି ।

ଜ୍ୟୋତିଷେ, କାଟିଣ ରାମଚନ୍ଦ୍ର କୋଷ୍ଠୀ
କହନ୍ତି ରାଜନ ନର ନାରାୟଣ ଏହି, ଏ ପୃଥିବୀରେ ସୃଷ୍ଟି । ।୧୦।
କୋଷ୍ଠୀ ସାଧିସାରି ବିଷ୍ଣୁଙ୍କୁ ସୁମରି କହନ୍ତି ଗ୍ରହଚକ୍ର ଶୁଣ ।
ଲଗ୍ନରେ କର୍କଟ- ପୁନର୍ବସୁ ଯୋଟ ଚନ୍ଦ୍ର, ବୃହସ୍ପତିଙ୍କ ସ୍ଥାନ ।

ସପତ, ଚାରି, ରାଶି ନକ୍ଷତ୍ର ହେଲା
ଗ୍ରହ ଗଣନାରେ ରାହୁ ତୃତୀୟରେ ଚତୁର୍ଥେ ଶନି ବାସକଲା । ।୧୧।
ସପ୍ତମେ ମଙ୍ଗଳେ କେତୁ ନବମରେ ସଙ୍ଗମେ ଦୈତ୍ୟ ଗୁରୁବାସ ।
ରବି ଦଶମରେ ବୁଧ ତା ସଙ୍ଗରେ ରହନ୍ତେ କୋଷ୍ଠୀ ହେଲା ଶେଷ ।

ପଞ୍ଚମ ଗ୍ରହଛନ୍ତି 'ଉଚ୍ଚ' ଜାତକେ
ବୃହସ୍ପତି ଚନ୍ଦ୍ର- ଗୁରୁ ଚାନ୍ଦ୍ରୀ ଯୋଗ ପାଉଅଛି ବିଧି ସାର୍ଥକେ । ।୧୨।
ତୃତୀୟରେ ମାତ୍ର ରାହୁ ଅବସ୍ଥିତ ନୃପହେବାରେ ବାଧା ଦେବ ।
ଲଗ୍ନ ଦ୍ୱାଦଶ ଅ- ଷ୍ଟମ ଗ୍ରହହୀନେ ବନଗମନ କରାଇବ ।

ଚତୁର୍ଥ, ସପ୍ତମ ଦଶମ ଏମାନ
କଣ୍ଟକେ ରହିବା ହଲେ ପାପ ଗ୍ରହ ଫଳ ହେବ ବ୍ୟାଳ ବନ୍ଧନ । ।୧୩।
ଜନ୍ମ କୁଣ୍ଡଳୀରେ ରବି, ଦେବଗୁରୁ, ମଙ୍ଗଳ, ଶୁକ୍ର, ଶନି ସ୍ଥାନ ।
ଉଚ୍ଚସ୍ଥିତ ହେତୁ ପୂର୍ଣ୍ଣ ଅଂଶେ ବ୍ରହ୍ମ ନରାକୃତିରେ ଅବତୀର୍ଣ୍ଣ ।

କହିଲି, ରାମଚନ୍ଦ୍ର କୋଷ୍ଠୀ ବିଚାରି
ଭରତ, ଲକ୍ଷ୍ମଣ ସଙ୍ଗେ ଶତ୍ରୁଘନ କୋଷ୍ଠୀର ଫଳ ଏହିପରି । ।୧୪।
ହେଉ ଚାରିବର୍ଷ ସେ କୋଶଳାଧୀଶ ବିଦ୍ୟାଗୁରୁଙ୍କୁ ଡକାଇଣ ।
ଦେଖି ଶୁଭ ବେଳ ଖଡି ଅନୁକୂଳ କରାଇଲେ ବସି ରାଜନ ।

ସମସ୍ତ ବିଦ୍ୟାକୁ ଅଧ୍ୟୟନ କରି
ଶ୍ରୀରାମ ଲକ୍ଷ୍ମଣ ଭରତ ଶତ୍ରୁଘ୍ନ ଅଳପ ଦିନେ ଦେଲେ ସାରି ।।୧୫।

Digitized by PPRACHIN, SOA



ଗୁରୁଗୃହେ ଶ୍ରୀରାମଆଦି ଚାରଭାଇଙ୍କର ବ୍ରହ୍ମଚାରୀ ବେଶେ ଆଗମନ,
ବିଦ୍ୟା ଅଧ୍ୟୟନ ଓ ଧନୁର୍ବିଦ୍ୟା ଶିକ୍ଷା

Digitized by PPRACHIN, SOA

କ୍ଷତ୍ରିୟ ଧର୍ମରେ ଯଥା ସମୟରେ କର୍ଣ୍ଣ ନାଉଳି କରାଇଲେ ।
ଯଜ୍ଞ ସୂତ୍ର ଦାନେ ସୁ ଭିକ୍ଷା ଗ୍ରହଣେ ଦ୍ୱିଜ, ରାଜ ସେ ବୋଲାଇଲେ ।
ଶ୍ରୀରାମ, ଦ୍ୱିଜ ରାଜ ଶ୍ରେଷ୍ଠ ଏମନ୍ତ
ପୃଥିବୀ ମଧରେ ବୁଲି ବିପ୍ରବରେ ଶ୍ରୀରାମ କୀର୍ତ୍ତି କଲେ ବ୍ୟକ୍ତ ।।୧୬।
କହେ ଦୟାନିଧି କରୁଣା ବାରିଧି ମଧ୍ୟରୁ ଊଣାକି କରୁଣା ।
ଦିନ ପରେ ଦିନ ଘୋଟୁଛି କଷଣ ସେ ସବୁ ତୁମ୍ଭ ଦାନ ସିନା ।
ହୃଦୟ ଏଣୁ ସଦା ମୋର ପ୍ରମୋଦ
ହେଲା ସପ୍ତ ଦଶ ପଦଏ ସରସ ସାଧୁ ବୃନ୍ଦ ହୃଦ କୁମୁଦ । ।୧୭।

।। ଶ୍ଳୋକ ।।

ଉଚ୍ଚସ୍ଥେ ଗ୍ରହପଞ୍ଚକେ ସୁରଗୁରୌ ସେନ୍ଦୌ ନବମ୍ୟାଂନ୍ତିଥୌ ।
ଲଗ୍ନେ କର୍କଟକେ ପୁନର୍ବସୁ ଦିନେ ମେଷଂଗତେ ପୁଷଣି ।।
ନିନ୍ଦଗ୍ଧୁ ମଖିଳା ପଳାଶ ସମିଧା ମଧାଦ୍ ଯୋଧାରଣେ ।
ଆବିର୍ଭୁତ୍ ଅପୂର୍ବ ବିଭବଃ ଯତ୍ କିଂଚିତ୍ ଏକମହଃ ।।

ଲଗ୍ନସ୍ୟ ଶୁଭାଶୁଭ ଗ୍ରହ:- ଶୁକ୍ର,ବୁଧ ଅଶୁଭ । ମଙ୍ଗଳ,ବୃହସ୍ପତି ଶୁଭ । ମଙ୍ଗଳ ଯୋଗକାରକ । ଶନି ପ୍ରଧାନମାରକ ।
ଲଗ୍ନକୁକ୍ଷୀ ଚନ୍ଦ୍ର ଶୁଭ । ରବି ସମନ୍ଧଯୁକ୍ତ ଶୁଭ । ଏଠାରେ ପୂର୍ଣ୍ଣଚନ୍ଦ୍ର ଯୋଗେ ଅଶୁଭ ଫଳପ୍ରଦ ।

ଲଗ୍ନ୍ୟାଦ୍ୟା ଚନ୍ଦ୍ର ଲଗ୍ନଦ୍ୟା ଦଶମେ ଶୁଭଯୁକ୍ତ । ଯୋଗୟଂ ମମଳା ନାମ କୀର୍ତ୍ତିଦା ଚନ୍ଦ୍ର ତାରକାଃ ।।
କେନ୍ଦ୍ରେ ମୂଳ ତ୍ରିପଣସ୍ଥେ ଭାଗ୍ୟେ ସେ ପରମୋଚ୍ଚଗେ । ଲଗ୍ନାଧିପେ ବାଳାତ୍ୟେ ନଲକ୍ଷ୍ମୀ ଯୋଗ ଇତି ରିତଃ ।।

ଅର୍ଥ: ଲଗ୍ନରେ ଚନ୍ଦ୍ର ଏବଂ ଦଶମରେ ଶୁକ୍ର ଶୁଭ ଦୃଷ୍ଟେ ମମଳା ନାମ ଯୋଗ ପ୍ରାପ୍ତି ହେଲା । ଏଣୁ ଏ ଯୋଗରେ ଚନ୍ଦ୍ର ତାରକା ଥିବା ପର୍ଯ୍ୟନ୍ତ କୀର୍ତ୍ତିବନ୍ତ ଓ ଯଶ ବିଖ୍ୟାତ ହେବ । ଭାଗ୍ୟାଧିପତି ଗୁରୁ ପରମ ଉଚ୍ଚସ୍ଥ ଏବଂ ଲଗ୍ନାଧିପେ ବଳବାନ । ଚାଳିଶି ଅଂଶ ଯୋଗେ ଲକ୍ଷ୍ମୀ ଯୋଗ ଘଟିଲା । ଏଣୁ ଏ ଯୋଗରେ ଲକ୍ଷ୍ମୀ ସହିତ ବିବାହ ହେବ । ଲଗ୍ନ ପତି ଚତୁର୍ଥ ପତି ଦଶମ ପତି ବଳି, ମଙ୍ଗଳ ବୃହସ୍ପତି ଏକତ୍ର ବା ସନସପ୍ତାମସ୍ଥ ହେବା ଯୋଗୁ ରାଜଯୋଗ ଘଟାଉଥିଲା । ଚତୁର୍ଥା ଧିପତି ଶତ୍ରୁ ଯୁକ୍ତ ଅଥବା ଚତୁର୍ଥ ସ୍ଥାନେ ଷଷ୍ଠାଷ୍ଟମ ବେଳପତି ରହିବାରୁ ରାଜଯୋଗ କରାଇବା ନାହିଁ । ତାର ଦଶା ବିଛୁରିତ ହେବ ।

ରାମଚନ୍ଦ୍ରଙ୍କ କୋଷ୍ଠୀ ଚକ୍ର



ଟିପ୍ପଣୀ :- ରାମ, ପୁନର୍ବସୁ ନକ୍ଷ୍ୟତ୍ର, କର୍କଟ ଲଗ୍ନ, ଦିନଅର୍ଦ୍ଧରେ ଜନ୍ମ ଏବଂ ଚାରି ଭାଇଙ୍କର ସେହିଦିନ ଜନ୍ମ ହୋଇଥିଲେ ମଧ ଭରତଙ୍କର ପୁଷ୍ୟା ନକ୍ଷେତ୍ର ମୀନ ଲଗ୍ନ ଲକ୍ଷ୍ମଣ ଶତ୍ରୁଘ୍ନଙ୍କର ଅଶ୍ଳେଷା ନକ୍ଷ୍ୟତ୍ର କର୍କଟ ଲଗ୍ନ ।

Digitized by PPRACHIN, SOA

ଋଷିମାନଙ୍କ ସହିତ ଶ୍ରୀରାମ ଚନ୍ଦ୍ରଙ୍କ ତୀର୍ଥ ପର୍ଯ୍ୟଟନ

ଛାନ୍ଦ - ୫୯

ରାଗ - ରାମକେରୀ(ନବମାତ୍ରା ପ୍ରୟୋଗ)

ଦର ଭୂଷଣଙ୍କ ଚରିତ ଘେନ ବିଦୂଷ ଗଣ,,
ଦରଜ ଦୂରିତ ହୋଇବ ଯାହା ଘେନୁ ଶ୍ରବଣ। ।୧।

ଦାଶରଥ୍ ଦଶରଥ ରାଜନେ ବିନମ୍ରେ କହି,,
ଦାସଭାବେ ମୁନି ପୁଙ୍ଗବ ବୃନ୍ଦେ ତୀର୍ଥେ ଯିବଇଁ । ।୨।

ଦିଅଁ ଦେବତାଙ୍କୁ ଦର୍ଶନ କାଳେ ଦୀପାଳୀ ଜାଳି,,
ଦିବ୍ୟଭୂତି ଆଶେ ଦୀକ୍ଷିତ ହେବି କରିଣ ଅଳି । ।୩।

ଦୀନ ଭାବେ ଡାକୁ ଦୀନତା ଡାକ କରିଲେ ଘେନା ,,
ଦୀର୍ଘାୟୁ ହୋଇବି ଦୀପ୍ତିକୁ ପାଇ ଏ ମୋ କାମନା । ।୪।

ଦୁକୁ ଦୁକୁ ମନ ରାଜନ ଦୂର ଦୁର୍ଦ୍ଦଶା ଚିନ୍ତି,,
ଦୁଃସହ ଅସହ୍ୟ ହୋଇବ ସୁଖ ନ ହେଉଁ ପ୍ରାପ୍ତି । ।୫।

ଦୂର ଦ୍ରଷ୍ଟା ଶ୍ରେଷ୍ଠ ପୁରୋଧା ଦୂରଦର୍ଶୀ ଭାବରେ,,
ଦୂର କରୁ ରାଜା ଦୁଃଶ୍ଚିନ୍ତା ରାମ ଗଲେ ତୀର୍ଥରେ । ।୬।

ଦେଖଣାହାରୀ ପ୍ରଜାଗଣେ ଦେଲେ ଦାତବ୍ୟ ଦେଣା,,
ଦେବକାର୍ଯ୍ୟେ ଦୂର ଦେଉଳେ କରିବେ ସମାର୍ଜନା । ।୭।

ଦୈବାତେ ଦୈବିକ ଘଟିତ କାର୍ଯ୍ୟ ସାରି ରାଘବ,,
ଦୈବାତେ କୋଶଳେ ପ୍ରବେଶୁ ରାଜା ଚିନ୍ତା ଲାଘବ । ।୮।

ଦୋଷା ଦୋଷ ପାଇଁ ଚରଣେ ନମୁଁ ଅର୍କ ବଂଶିକ,,
ଦୋଷ ସୁନାଶରେ ରାଜନ ମନେ ଯାଗେ ପୁଲକ । ।୯।

ଦୌବାରିକ ଦୌଡ଼ି ଦୌର୍ହାଦ୍ୱୈ ଧାରୀ ପାଶେ ଖବର ।
ଦୌର୍ମନସ୍ୟ ନାଶ ଅର୍ଥରେ ଦୟା ରଚେ ଏ ଗୀର । ।୧୦।

ରାମ ଲକ୍ଷ୍ମଣଙ୍କର ବୈରାଗ୍ୟ ଓ ବିଶ୍ୱାମିତ୍ରଙ୍କ ପ୍ରବେଶ

ଛାନ୍ଦ - ୬୦

ରାଗ - ଭାଗବତ ନବାକ୍ଷରୀ ବୃତ୍ତେ

ଶୁଣ ସୁଜନେ ଦେଇମନ । ଅପୂର୍ବ ରସ ଏ ଆଖ୍ୟାନ । ।୧।
ପୁଚ୍ଛନ୍ତେ ଗଣମାତ ଦିନେ, ଭାଷନ୍ତି ଶୂଳୀ, ଯୋଗ ମଗ୍ନେ । ।୨।
ପରମ ପୁରୁଷ ରାଘବ, ତୀର୍ଥାଶ୍ରମ କଲେ ଲାଘବ । ।୩।
ଯା ସଦଜ୍ଞାନ ପ୍ରାପ୍ତ ହେଲା, ଚିନ୍ତିଲେ ସଦା ରଘୁ ବଳା । ।୪।
ଦିନକୁ ଦିନ ତା କ୍ରମଶଃ, ବର୍ଦ୍ଧନ୍ତେ ହୋଇଲା ପ୍ରକାଶ । ।୫।
ରାଘବ ସଦା ଚିନ୍ତାମଗ୍ନ, ଯୋଗରୁ ନିତ୍ୟ କର୍ମ ଭଗ୍ନ । ।୬।

Digitized by PPRACHIN, SOA

ଶରଦୋଦ୍ଭ ମରେ ସରିତ, ଜଳାଶ୍ରୟର ମଳିନତ୍ୱ । ।୭।
ଖରେ ହୁଅଇ ସୁ ନିର୍ମଳ, କରେ କ୍ଷୀଣତା' କଳେବର । ।୮।
ସେପରି ସଂସାର ବିଷୟେ, ନିର୍ଲିପ୍ତ ହେଲେ ରଘୁରାୟେ । ।୯।
ଆହାର ବିହାର ବାସନା, ନିତ୍ୟ ନୈମିତ୍ତ୍ୟ ଦେବାର୍ଚ୍ଚନା । ।୧୦।
କ୍ରମେ ସଂସାର ବିଷୟରୁ, ଚିତ୍ତ ନିବୃତ୍ତ ହେଲା ଦୂରୁ । ।୧୧।
ରାଘବ ଦୀକ୍ଷାରେ ଦୀକ୍ଷିତ, ହୁଅନ୍ତେ ସୁମିତ୍ରାଙ୍କ ସୁତ । ।୧୨।
ହୋଇଲା ବୈରାଗ୍ୟ ଦର୍ଶନ, ଏକାଗ୍ରତାରେ ବେନି ଜନ । ।୧୩।
ସଂସାର ବାସନା କାମନା, ତେଜି ଜପନ୍ତି ପ୍ରଭୁଙ୍କ ନା । ।୧୪।
ଏତା ଦୃଶା ଯା' ବୈଲକ୍ଷଣ, ଜାଣି ରାଜା ମହିଷୀଗଣ । ।୧୫।
ହୋଇଲେ ଅତ୍ୟନ୍ତ ବ୍ୟଥିତ, ଚିନ୍ତିତ ଦଶରଥ ଚିତ୍ତ । ।୧୬।
ରାମଙ୍କୁ ପାଶେ ବସାଇଲେ, ସ୍ନିଗ୍ଧ ମାନସେ ସେ ପୁଚ୍ଛିଲେ । ।୧୭।
ଶୁଣରେ ବତ୍ସ ରଘୁନାଥ, କି କାମେ ରତ କର ବ୍ୟକ୍ତ । ।୧୮।
ପିତାଙ୍କ ବାକ୍ୟେ ରଘୁରାଣ, ମଉନେ ରହି କିଛିକ୍ଷଣ । ।୧୯।
ସଧୀରେ କୁହନ୍ତି ବୁଝାଇ, ମୋରତ କିଛି କାମ୍ୟ ନାହିଁ । ।୨୦।
ବିଜ୍ଞ ଅଧୀଶ ନୃପ ଶ୍ରେଷ୍ଠ, ରାଘବ ବାକ୍ୟେ ନୋହି ତୁଷ୍ଟ । ।୨୧।
ଭାଷନ୍ତି ବଶିଷ୍ଠେ ତଦନ୍ତେ, କୁହ ଏ ରାମ କି ନିମନ୍ତେ । ।୨୨।
ହୁଅଇ ଚିନ୍ତା-ନ୍ୱିତ ଏତେ, ପ୍ରକାଶ କରନ୍ତୁ ସୁଚିତ୍ତେ । ।୨୩।
ମହର୍ଷି ଚିନ୍ତି କ୍ଷଣ କାଳ, କହନ୍ତି ଅଧୀଶେ ସକଳ । ।୨୪।
ବିଶେଷ କାରଣେ ରାଘବ, ଚିନ୍ତିତ ମନ ହୁଏ ଦେବ । ।୨୫।
ଯେ ଧୀର ବ୍ୟକ୍ତି ଏ ଧରାରେ, ହର୍ଷ ବିଷାଦ ଦୂରେ ତାରେ । ।୨୬।
ସେ କଦା କୋପ ବଶବର୍ତ୍ତୀ, ନୋହି ଉଦ୍‌ବେଗେ ନୋହେ ଚିନ୍ତି । ।୨୭।
ପୁରୋଧା ବଶିଷ୍ଠ ବଚନେ, କିଞ୍ଚିତ ସୁସ୍ଥ ରାଜା ମନେ । ।୨୮।
ଉଦ୍‌ବେଗ ସର୍ବ ଦୂରୀଭୁତ, ନ ହେଉ ରାଜନ ଜାଗ୍ରତ । ।୨୯।
ରାମ ବୟସ ହୃଦେ ଚିନ୍ତି , ବିବାହ କାର୍ଯ୍ୟେ ରାଜାବ୍ରତୀ । ।୩୦।
ଗଲା ଏପରି କିଛି ଦିନ , ଦୁଃଖିତ ପୁର ବାସୀଜନ । ।୩୧।
ମହତେଜସ୍ୱୀ ବିଶ୍ୱାମିତ୍ର, ପ୍ରବେଶ ରାଜାଙ୍କ ଅଗ୍ରତ । ।୩୨।
ଅଗ୍ନି ସଦୃଶ ତେଜଶାଳୀ, ସୁପକ୍ୱ-କେଶ-ଶୋଭା ମୌଳି । ।୩୩।
ଲମ୍ବିତ-ଜଟା ବିମଣ୍ଡିତ । ଦର୍ଶନ ମାତ୍ରେ ଦଶରଥ । ।୩୪।
ବିବିଧ ରତ୍ନେ ସୁଖଚିତ, ମୁକୁଟ, ଯେ ଶିରେ ଶୋଭିତ । ।୩୫।
ସେ ଶିର ଅବନତ କରି, ପ୍ରଣାମ କଲେ ଦଣ୍ଡଧାରୀ । ।୩୬।
ପ୍ରଣାମ କାଳରେ ସେ ସ୍ଥାନେ, ମନେ କରନ୍ତି ସଭାଜନେ । ।୩୭।
ତପସ୍ୱୀ ମହେନ୍ଦ୍ର ତାପସ, ରାଜନ ଶିର କରି ସ୍ପର୍ଶ ।୩୮।
ମନ୍ତ୍ର ଆଶିଷ କଲେ ଦାନ, ମଙ୍ଗଳ ଇଚ୍ଛି ସମ୍ଭାଷଣ । ।୩୯।
ସଭାସ୍ଥ ମହର୍ଷି ବଶିଷ୍ଠ, ସଦସ୍ୟ ମହାମନ୍ତ୍ରୀ ଶ୍ରେଷ୍ଠ । ।୪୦।
ସୁମନେ ଆପ୍ୟାୟିତ କଲେ, କୋଶଳ ଅଧୀଶ ପୁଚ୍ଛିଲେ । ।୪୧।

Digitized by PPRACHIN, SOA

ସୂର୍ଯ୍ୟ ଅସ୍ୱୀୟ ପ୍ରଭା ବଳେ, ଯେପରି ବିଶ୍ୱ ଚରାଚରେ । ।୪୨।
ସମୋଭାସିତ ତେଜବନ୍ତ, ହୁଅନ୍ତି ଆହେ ତପୋବନ୍ତ । ।୪୩।
ଆପଣଙ୍କର ସ୍ତୁ ଦର୍ଶନ, ଅପ୍ରତ୍ୟାଶିତ ଆଗମନ । ।୪୪।
କଲା ପବିତ୍ର ଭାଗ୍ୟବାନ, ମଦୀୟ ଗୃହ ଦୀପ୍ତିମାନ । ।୪୫।
କେତେକ କାର୍ଯ୍ୟେ ଅଗମନ, କହନ୍ତୁ କରିବି ପାଳନ । ।୪୬।
ପୁଣି ହୋଇଣ କୃତକୃତ୍ୟ, ଭାଷନ୍ତି ଅହେ ତପୋବନ୍ତ । ।୪୭।
ମୃତ ଶରୀର ସୁଧା ପାଇ, ସୁ ପୁଣ୍ୟେ ଦର୍ଶନ ଲଭଇ । ।୪୮।
ସୁଦୀର୍ଘକାଳ ଅନାବୃଷ୍ଟି, ବାରି ବର୍ଷଣେ ଯଥା ସୃଷ୍ଟି । ।୪୯।
ଅନ୍ଧର ଦୃଷ୍ଟି ଶକ୍ତି ଲାଭ, ପରାୟେ ଲଭେ ମୁଁ ସୁଲଭ । ।୫୦।
ଅପୁତ୍ରିକର ପୁତ୍ରଲାଭ, ଧନ ପ୍ରାପ୍ତେ କଷ୍ଟ ଲାଘବ । ।୫୧।
ହୁଅଇ, ଦରିଦ୍ର କଷ୍ଟିରେ, ତା ପ୍ରାୟେ ତବ ଗମନରେ । ।୫୨।
ରହିଛି ମୋ ମନେ ସନ୍ଦେହ, ବ୍ୟକ୍ତ କରନ୍ତୁ ଅଭିପ୍ରାୟ । ।୫୩।
ମୋଜୀବ ବିନିମୟେ ଯାହା, ଚେଷ୍ଟିତେ ସମ୍ପାଦିବି ତାହା । ।୫୪।
ଆପଣ ମୋ ପୂଜ୍ୟ ଅତିଥି, ସାକ୍ଷାତେ ବ୍ରହ୍ମ ରୂପ ଯତି । ।୫୫।
ପୂରୁବେ ରାଜ ଋଷିଥିଲେ, ତପରେ ବ୍ରହ୍ମର୍ଷି ହୋଇଲେ । ।୫୬।
ଅଦେୟ ଏପରି ପାତ୍ରରେ, ନାହିଁ ମୋ କିଛି ଏ କ୍ଷେତ୍ରରେ । ।୫୭।
ଯେପରି ଗଙ୍ଗା ଜଳେ ସ୍ନାନ, କରି ଶୀତଳ ହଏ ମନ । ।୫୮।
ତବ ଦର୍ଶନେ ମନ ପ୍ରାଣ, ପ୍ରଫୁଲ୍ଲ ଆହେ ତପୋଧନ । ।୫୯।
ପୁଣି କୋଶଳାଧୀଶ ଭାଷି, ଆଦେଶ କରନ୍ତୁ ହେ ଋଷି । ।୬୦।
ଯଦିଓ କାମନା ବାସନା, ସ୍ୱଇଚ୍ଛା ଭୟ କ୍ରୋଧ ମନା । ।୬୧।
ତେଜିଣ ହୋଇଅଛ ସୁସ୍ଥ, ତଥାପି ଏଥି ସମୀପସ୍ଥ । ।୬୨।
କି କାର୍ଯ୍ୟ ମୁହିଁ ସମ୍ପାଦନ, କରିବି କୁହ ବର୍ତ୍ତମାନ । ।୬୩।
ତୁମ୍ଭ ପକ୍ଷରେ ମୋ ଅଦେୟ, ନାହିଁତ ହୁଅନ୍ତୁ ସଦୟ । ।୬୪।
ମୁଁ କାୟ ମନ ସୁବାକ୍ୟରେ, ପାଳିବି ତାହା ହର୍ଷଭରେ । ।୬୫।
କାର୍ଯ୍ୟପାଳନେ ତବ ଆଜ୍ଞା, ସ୍ୱଧର୍ମେ କରୁଛି ପ୍ରତିଜ୍ଞା । ।୬୬।
ଆଗ ଛାନ୍ଦରେ ଦିବ୍ୟରସ, ତାପସ କରିବେ ପ୍ରକାଶ । ।୬୭।
ଘେନିବେ ସୁଧୀ ସାଧୁଗଣ, ଏତିକି କ୍ଷୁଦ୍ର ନିବେଦନ । ।୬୮।
ଏ ଛାନ୍ଦର ସପ୍ତତି ପଦ, ବର୍ଣ୍ଣନା ଘେନନ୍ତୁ କୋବିଦ । ।୬୯।
ଜନକ ସୁତା କାନ୍ତ ବନ୍ଦି, ଭାଷଇ ଦୀନ ଦୟାନିଧି । ।୭୦।

॥ ଶ୍ଳୋକ ॥

ଭରଣ ପୋଷଣ ଧାର ଶରଣ୍ୟ ସର୍ବ ବ୍ୟାପକଂ । କରୁଣଂ ଷଟ୍‌ଗୁଣୈ ପୂର୍ଣ୍ଣୋଂ ରାମସ୍ତୁ ଭଗବାନ ସ୍ୱୟଂ ॥
ଶ୍ୟାନ୍ତ ଶାଶ୍ୱତ ମପ୍ରମେୟଂ ମନଘଂ ନିର୍ବାଣଂ ଶାନ୍ତିପ୍ରଦ । ବ୍ରହ୍ମା,ଶମ୍ଭୁ,ଫଣୀନ୍ଦ୍ର ସେବ୍ୟ ମନିଶଂ ବେଦାନ୍ତ ବେଦ ବିଭୂମ୍ ॥
ରାମାଖ୍ୟ ଜଗଦୀଶ୍ୱରଂ ସୁରଗୁରୁ ମାୟା ମନୁଷ୍ୟ ହରି । ବନ୍ଦେହଂ କରୁଣା କର ରଘୁବରଂ ଭୂପାଳ ଚୂଡ଼ାମଣି ॥

Digitized by PPRACHIN, SOA

ଯାଗରକ୍ଷାର୍ଥେ ରାମ ଲକ୍ଷ୍ମଣ ବନଗମନ

ରାଗ - ଘଣ୍ଟାରବ (ଜାନକୀ କାନ୍ତଙ୍କୁ ଚାହିଁ ବୁଢେ)

ଛାନ୍ଦ - ୬୧

ଏଥୁଅନ୍ତେ ଜନେ ଶୁଣହେ, ଏ ତତ୍ତ୍ୱାର୍ଥ ରାମାୟଣ
ପୁଚ୍ଛୁ ଗିରିସୁତା ପଞ୍ଚ ବଦନହେ, ରାମ ସୁମରି, ହର୍ଷେ ଯା' କଲେ କୀର୍ତ୍ତନ ।୧।
ଦଶରଥ ଭୂପାଗ୍ରତ, ଯେ କହନ୍ତି ସେ ବିଶ୍ୱାମିତ୍ର
ସିଦ୍ଧ ବନେ ମୋର ଯାଗ ନିୟତ ହେ, ରାକ୍ଷସ ଗଣ, କଲେ ସଦା ଅସ୍ତବ୍ୟସ୍ତ ।୨।
ମନେ ଏଣୁକରୁ ଚିନ୍ତା ହେ, ଶୂନ୍ୟେ ଭାଷିଲେ ଦେବତା
ଦଶରଥ ପୁରେ ବ୍ରହ୍ମାଣ୍ଡ କର୍ତ୍ତା ହେ, ହେଲେଣି ଜାତ, ସ୍ମରି ପୂର୍ବଦେବାକଥା ।୩।
ଯାଇତାଙ୍କୁ ଏଥି ଆଣ ହେ, କରିସେ ଯାଗ ରକ୍ଷଣ
ଅସୁର କୁଳ କରିବେ ମର୍ଦ୍ଦନ ହେ, ବଢ଼ିବ ଯଶଃ,ଏଣୁ ମୋର ଆଗମନ ।୪।
ଅଣାଇ ରାମ ଲକ୍ଷ୍ମଣ ହେ, ମୋ ହସ୍ତେ କର ଅର୍ପଣ
ଯାଗ ସ୍ଥାନ ଜଗୁ ଯାଗ ସମ୍ପୂର୍ଣ୍ଣ ହେ, ହୋଇଲେ କୀର୍ତ୍ତି, ଘୋଷୁଥିବେ ସୁରଗଣ ।୫।
ଶୁଣନ୍ତେ ମୁନି ବଚନ ଯେ, ମୂର୍ଚ୍ଛିତ ହେଲେ ରାଜନ
କିଛି କ୍ଷଣପରେ ପାଇ ଚେତନ ସେ, ମୁନି ପଦାବ୍ଜ, ଧରି କରନ୍ତି କ୍ରନ୍ଦନ ।୬।
କି କହୁଛ ତପୀ ସାଇଁ ହେ, ବାଳୁତ ସେ ବେନିଭାଇ
ବିପିନେ କି ଯାଗ ରଖିବେ ଯାଇ ହେ, ମୁନି ପୁଙ୍ଗବ,ଏ ବାକ୍ୟ ନିଅ ଫେରାଇ ।୭।
ଅଛନ୍ତି ମୋ ବହୁ ସେନା ହେ, ଶୌର୍ଯ୍ୟ ବୀର୍ଯ୍ୟ ଅକଳନା
ତବାଦେଶ ଶିରେ କରିଣ ଘେନା ମୁଁ ରଖିବି ଯାଗ, ନକର ମନେ ଶୋଚନା ।୮।
ତାପସ ଭାଷନ୍ତି ଧୀରେ ଯେ, ଜାଣିଛି ଭଲ ଭାବରେ
ଡରି ରହିଥିଲ କାମିନୀମେଳେ ହେ ପରଶୁରାମ, ଯୁଦ୍ଧ ମାଗିବା କାଳରେ ।୯।
ସ୍ମରି ରଘୁବଂଶ କୀର୍ତ୍ତିହେ, ବିପ୍ର ପଦେ ସଦା ଭକ୍ତି
ରଖି, ଅନ୍ତଃପୁରେ ରୁହନ୍ତେ ଯାଇ ହେ, ମୁନି ପୁଙ୍ଗବ, କିମ୍ପା ଭାଷ ଏହି ଉକ୍ତି ।୧୦।
ପୁଣି ସେ ମୁନି କହନ୍ତି ଯେ, ଶୁଣ ଅଯୋଧ୍ୟା ନୃପତି
ସତ୍ୟକରି ସତ୍ୟ ଭଗ୍ନ କିମ୍ପାଇ ହେ, ନୃପତି ଶ୍ରେଷ୍ଠ, ପୌରୁଷ ନୁହେଁ ଏ ରିତି । ୧୧।
ପୂର୍ବ କାଳରେ ବାମନ ହେ, ତନୁ ହୋଇଥିଲା ସାନ
ମହା ଦର୍ପୀ ବଳି ପାଦେ ଚାପିଣ ହେ, ପାତାଳ ପୁରେ, ନେଇଛନ୍ତି କି ନ ଜାଣ ।୧୨।
ରାମ ପାଇଲେ ଇନ୍ଧନହେ, ନାଶିବେ ଦଇତ ଗଣ
ବିଭୂତିସ୍ଥ ଅଗ୍ନି କଣା ପ୍ରମାଣ ହେ, ତୃଣେ ଯେପରି ନାଶିପାରେ ତତ୍କ୍ଷଣ ।୧୩।
ଶୁଣି ଏହା ନୃପ ନାଥ ଯେ, ବ୍ୟସ୍ତେ କରନ୍ତି ବ୍ୟକତ
ସ୍ୱୟଂ ବିଷ୍ଣୁଥିଲେ ସେ କାର୍ଯ୍ୟେ ରତ ହେ, ମୁନି ପୁଙ୍ଗବ, ଋଷି ଭାଷି ଏକମତ ।୧୪।
ଆଶ୍ୱାସିଣ ତପୋଧନ ଯେ, ଭାଷନ୍ତି ଶୁଣ ରାଜନ
ଏ ସିଂହ ଶିଶୁ ନେବେ ଗଜପ୍ରାଣ ହେ, ଅଯୋଧ୍ୟାପତି, ରାମଙ୍କୁ ସାନ ନମଣ ।୧୫।

Digitized by PPRACHIN, SOA

ଯାଗ ରକ୍ଷାର୍ଥେ ରାମ ଲକ୍ଷ୍ମଣଙ୍କୁ ନେବା ପାଇଁ ବିଶ୍ୱାମିତ୍ରଙ୍କ ଆଗମନ

ତାଡ଼କା ବଧ

ଯାଗ ରକ୍ଷା, ସୁବାହୁ ବଧ, ମାରିଚକୁ ଉଡ଼େଇବା

ରାମ ଲକ୍ଷ୍ମଣଙ୍କ ଗୁରୁ ସେବା

Digitized by PPRACHIN, SOA

ଧୈର୍ଯ୍ୟ ହରାଇ ନୃପତି ଯେ, ଅତି କାତରେ ବଦତି
ତୀର୍ଥ ପର୍ଯ୍ୟଟନେ ଯାଇ ସନ୍ତତି ହେ, ଫେରିବା ବେଳୁ, ଯୋଗ ମାର୍ଗେ ସଦା ବ୍ରତୀ ।୧୬।
ନ ଡାକନ୍ତି ପିତା ମାତ ହେ, ଏଣୁ ମାନେ ମୁଁ ଚିନ୍ତିତ
କର୍ମ ମାର୍ଗେ ସେକି ହୋଇବ ରତ ହେ, ମୁନି ପୁଙ୍ଗବ, ସେ କଥା ନକର ବ୍ୟକ୍ତ ।୧୭।
ଶୁଣି କ୍ରୋଧେ ଜର୍ଜରିତ ଯେ, ହୋଇଣ ସେ ଗାଧିସୁତ
ଆସନୁ ଉଠନ୍ତେ ରକ୍ତ ନିସୃତ କି, ହେବ ନେତ୍ରରୁ, ନେତ୍ର ହୁଏ ବିସ୍ଫାରିତ ।୧୮।
ଗର୍ଜନ କରି ଭାଷନ୍ତି ଯେ, ଶୁଣ କୋଶଳ ନୃପତି
ହେଲା ତେବେ ଏଥୁ ଗଲୁ ସମ୍ପ୍ରତି ହେ, ସତ୍ୟ ଭଗ୍ନରୁ ,ଲଭିବ ଉଚିତ ଶାସ୍ତି ।୧୯।
ଦେଖ୍ ରୀତି ବିପରୀତ ଯେ, ପଥରୋଧ୍ ବଶିଷ୍ଟତ
ସୁବାକ୍ୟେ କୌଶିକେ କରାଇ ଶ୍ୟାନ୍ତ ଯେ, ଭାଷନ୍ତି ନୃପେ, ଡକାଇ ରାମେ ତୁରିତ ।୨୦।
ଅର୍ପି ମୁନିଙ୍କ ହସ୍ତରେ ଯେ, ନିଶ୍ଚିନ୍ତରେ ରହ ପୁରେ
ସୁବର୍ଣ୍ଣ ସୁଯୋଗ ଧାତା ବିଧିରେ ଏ, ସକଳ ବିଦ୍ୟା, ଲଭିବେ ସଙ୍ଗତେ ଗଲେ ।୨୧।
ଏକାଳେ ପାଇ ସନ୍ଦେଶ ଯେ, ରାମ ଲକ୍ଷ୍ମଣ ପ୍ରବେଶ
ଜାଣି ତପଃଶୀଳ କୋକ ଆଭାଷ ସେ, ସୁମିଷ୍ଟ ବାକ୍ୟେ କୌଶିକେ କରିଲେ ବଶ ।୨୨।
ପୁରୋଧା ବଶିଷ୍ଟ ବାଣୀ ଯେ, ଶିରେ ଘେନି ଭୂପାଗ୍ରଣୀ
ରାମ ଲକ୍ଷ୍ମଣଙ୍କୁ ଅର୍ପୁ ତତ୍କ୍ଷଣି ସେ, ଯାଗ ରକ୍ଷଣେ, ବନେ ଗଲେ ଋଷି ଘେନି ।୨୩।
ହୃଦେ ସ୍ମରି ସୀତା କାନ୍ତ ଯେ, ଚତୁର୍ବିଂଶ ପଦେ ଅନ୍ତ
କରି ଦୟାନିଧି ଛାନ୍ଦ ଦୃପତ ହେ, କୋବିଦ ବୃନ୍ଦେ ରାମେ ନେଉ ବିଶ୍ୱାମିତ୍ର ।୨୪।

॥ ଶ୍ଳୋକ ॥

ଧ୍ୟାୟେ ଦାଜାନବାହୁ ଦୃତଶର ଧନୁଷଂ ବଦ୍ଧ ପଦ୍ମାସନସ୍ଥଂ ।
ପୀତାବାସ ବସନଂ ନମ କମଳ ଦଳ ସ୍ପର୍ଦ୍ଧି ନେତ୍ର ପ୍ରସନ୍ନଂ ॥
ବାମାଙ୍କ ରୂଢ଼ ସୀତା ମୁଖ କମଳ ଲସତ୍ ଲୋଚନ ନୀରଦାଭଂ ।
ନାନାଳଙ୍କାର ଦୀପ୍ତଂ ଦଧତ ମୁରୁଜଟା ମଣ୍ଡଳଂ ରାମଚନ୍ଦ୍ରଂ ॥

ଯଦକ୍ଷର ପରିଭ୍ରଷ୍ଟଂ ମାତ୍ରାହୀନଂ ତୁଯଦ୍ ଭବେତ୍ । କ୍ଷନ୍ତୁ ମହର୍ଷି ତଦ୍ଦେବ କସ୍ୟନ ସ୍ଖଳିତ ମନ ॥

Digitized by PPRACHIN, SOA

ତାଡ଼କା ବଧ, ଯାଗରକ୍ଷା, ଅହଲ୍ୟା ଉଦ୍ଧାର, ସମୁଦ୍ର ମନ୍ଥନ ବିବରଣ ଓ ଗଙ୍ଗା ପାର

(ରାଗ-ରଷିକୁଲ୍ୟା) ଛାନ୍ଦ - ୬୨

ବ ସି ସ୍ଥଳ ଦିନେ ଶୂଳୀ ଶ୍ମଶାନେ ରାଘବ ଭଜନ୍ତେ ଆନନ୍ଦ ମନେ
ଗୋସାମଣି ଆସି ପୁଚ୍ଛନ୍ତି ହସି ଗଣେଶ ଭାରତୀ ବସନ୍ତେ ଆସି ଯେ
ଭାଷିଲେ ହର ପୁରାଣ ଯେ,
ଶୁଣିବା ଭକତ ଗ୍ରନ୍ଥେ ହେଉରତ ଅନ୍ତେ ଲଭିବେ ନିର୍ବାଣ ॥୧॥
ପୁଚ୍ଛାକଲେ ଗାଧି ସୁତେ ରାଘବ କୁହନ୍ତୁ ଏ ସ୍ଥାନ କଥା ସରବ
ଉପବନ ସ୍ଥାନେ ସ୍ଥାନେ ମଢ଼ିଆ ବିଲୋକନ୍ତେ ଦିଶୁଅଛି ବଢ଼ିଆ ଯେ
ବନ ପରିବେଶ ଶାନ୍ତ ଯେ,
ମୁଗ୍ଧ କରେ ମନ କାହା ତପୋବନ- ଥିଲା, କରନ୍ତୁ ବ୍ୟକତ ଯୋ ॥୨॥
ମୁନି କହିଲେ ମହାଦେବ ବସା- ବାନ୍ଧି ଏଥି କରୁଥିଲେ ତପସ୍ୟା
ତ୍ରିଦଶ ଗଣ ତାରକା ପୀଡ଼ନେ ତପ ଭଗ୍ନେ ପେଷୁ କନ୍ଦର୍ପ ଦିନେ
ପୁଷ୍ପ ଶର ବିନ୍ଧୁ ଭାଳି ସେ,
ଶିବ କୋପାନଳ ତୃତୀୟ ନୟନ ଭସ୍ମକଲା କାମେ ଜାଳି ଯୋ ॥୩॥
ଏଣୁ ଏ ବନ ଶିବାଶ୍ରମ କହି ପୂର୍ବରୁ ପବିତ୍ର କରିଲେ ବିହି
ମୁନି ଶ୍ରେଣୀ ତପ ସାଧନ୍ତି ବସି, ବିଶ୍ରାମ ନେବା ଏଥି ରହି ନିଶି
ବଳାଅତି ବଳା ମନ୍ତ୍ର ଯେ,
କରୁଛି ପ୍ରଦାନ ଘେନ ବଳବାନ, ହେବ ଖାଦ୍ୟ ବିନା ଗାତ୍ର ଯୋ ॥୪॥
ଜୟା ବିଜୟା ମନ୍ତ୍ର କୁ କବଳ କର, ବାର ଏଗାର କୋଟି ବଳ
ତାର ଧନୁ ସ୍ୱରୁ ଦେବେ ସେ ଦେବେ ସେଥିରେ ଅସୁର ସଂହାର ହେବେ
ଯାଗ ରକ୍ଷା ହେବ ମୋର,
କରିଣ ସ୍ୱୀକାର ମନ୍ତ୍ର' ରଘୁବୀର, ଗ୍ରହଣ କଲେ ସତ୍ୱରା ॥୫॥

ସଂଧ୍ୟା ବର୍ଣ୍ଣନା

କ୍ରମେ ନିଶାପତି କରନ୍ତି ଗତି, କୁମୁଦିନୀ ହେଲା ପ୍ରଫୁଲ୍ଲ ଅତି
ପାଦପ କ୍ରୋଟରୁ ଘେନି ଶାବକ, ହୁଁ ହୁଁ କୃତେ ପେଚା ଦିଅଇ ଡ଼ାକ
ଭୁଜଙ୍ଗ ବିଳ ମୁଖରେ ଯେ,
ମଳୟ ପବନ କରଇ ଅଶନ ବନ ଶୋଭା ଏ ପ୍ରକାରେ ଯୋ ॥୬॥
ନିଶିଅନ୍ତେ ରବି ପୂରୁବ ଦିଗେ, ସ୍ନାନ ଦେବାର୍ଚ୍ଚନ ସାରି ସରାଗେ
କାନନ ମାର୍ଗରେ ଗମନ୍ତେ ଜବ, ନିର୍ଜନ ସ୍ଥାନ ଦେଖିଣ ରାଘବ
ପୁଚ୍ଛି, ମୁନୀନ୍ଦ୍ର ଭାଷନ୍ତି ଯେ,
ସୁକେତୁ ନାମରେ ଯକ୍ଷରାଜ ଥରେ ନୃପ ହୋଇଥିଲା ଏଥି ଯୋ ॥୭॥

Digitized by PPRACHIN, SOA

ଯକ୍ଷିଣୀ ଯକ୍ଷର ଏକ କୁମାରୀ ତାଡ଼କା ନାମ ସୁନ୍ଦର ସେ ନାରୀ
ମାରୀଚ ସୁବାହୁ ସୁନ୍ଦ ସନ୍ତତି ଘେନି ଗର୍ବେ ବନେ କରୁ ଅନୀତି
କୁମ୍ଭ-ସୁତ କ୍ରୋଧାଗ୍ନିରେ ଯେ,
ଭସ୍ମ ହେଉଁ ସୁନ୍ଦ, ଘେନି ସୁତ ଦ୍ୱନ୍ଦ ମାତା ଯାଇ କଲେ ଦ୍ୱନ୍ଦ ଯୋ।୮।
ରୋଷେ ଋଷି କୋପେ ଦିଅନ୍ତି ଶାପ ଲୋପ ହେଉ ତୋର ଯକ୍ଷିଣୀ ରୂପ
ଯେଣୁ କରିଲୁ ରାକ୍ଷସୀ ବେଭାର ରାକ୍ଷସୀ ତନୁ ଶୀଘ୍ର ଯାଇ ଧର
ପ୍ରତିହିଂସା ପରାୟଣେ ଯେ,
ସେ ଦିନୁ ରାକ୍ଷସୀ ହୋଇଣ ମାଂସାସୀ ଭକ୍ଷେ ଜୀବଜନ୍ତୁ ଗଣେ ଯୋ।୯।
ଆଗରେ ପଡ଼ିବା ବନେ ତା'ବାସ ପଥଭାଙ୍ଗି ଅନ୍ୟ ପଥରେ ଆସ
ତା ପ୍ରଭାବେ ଚିତ୍ତେ ହେଉଛି ଭୟ ରାମ କହନ୍ତି ନ ହୁଅ ଅଥୟ
ଯେବେ ଯିବା ଏଥୁ ଫେରିହେ,
ଯାଗ ହବିର୍ଭାଗ ଘେନିଲେ ସେ ଆଗ ରକ୍ଷା କରିବା କିପରି ହୋ।୧୦।
ରାକ୍ଷସୀ ଆଗମେ ବିକୁକ୍ଷୀ ବଂଶୀ ଧନୁଗୁଣେ ବାଣ ଦେଉଁ ଆକର୍ଷି
ସେ ଶବ୍ଦେ ତାଡ଼କୀ କୋପେ ଗର୍ଜିଣ ସକ୍ରୋଧ ମନରେ କରନ୍ତେ ରଣ ଯେ
ରସା ହେଲା କମ୍ପମାନ ଯେ,
ସୁଦୀର୍ଘ ତନୁ ତା ବିକଟାଳ ରୂପ ସ୍ୱର ମେଘ ଗରଜନ ଯୋ।୧୧।
ରସନାନ୍ତ ରାଳେ ରଦନ ଚାଳି ମୁଖ ବିସ୍ତାରନ୍ତେ ଦେବାକୁ ଗିଳି
ଅର୍ଦ୍ଧେନ୍ଦୁ ବାଣ ପେଷିଣ ରାଘବ କାଟୁଁ ଶିର, ଗଲା ସ୍ୱରଗେ ଜୀବ
ବିଲୋକି ସୁର ସମଷ୍ଟି ଯେ,
ଆନନ୍ଦେ ଦୁନ୍ଦୁଭି, ମନ ସୁଖ ଲଭି ବାଇକଲେ ପୁଷ୍ପବୃଷ୍ଟି ଯୋ।୧୨।
ସେଥୁଁ ଯାଇ ସିଦ୍ଧ ବନେ ପ୍ରବେଶ, ଯାଗ ଯୋଗାଡ଼ କଲେ ଗାଧି ଶିଷ୍ୟ
ବିପ୍ର ଋଷି ବୃନ୍ଦ ହେଲେ ଡ଼କରା ଶ୍ରୀ ରାମ ଲକ୍ଷ୍ମଣ ଦର୍ଶନେ ତ୍ୱରା
ବେଦମତେ କରୁ ଯାଗ ଯେ
ମାରିଚ ସୁବାହୁ ମାତାଛଳେ ରାହୁ ପରି ରଣ କଲେ' ଆଗ ଯୋ।୧୩।
ଦେଖି ରଘୁବଂଶୀ ହୋଇ ତତ୍ପର, ସୁବାହୁ ଦୈତ୍ୟର କାଟନ୍ତେ ଶିର
ମାୟାବୀ ମାରିଚ ବୃଷଭ ରୂପେ ଭୟ ପାଇ ଲୁଚି ପଳାଉ ଗୋପ୍ୟେ
ମାୟା ଜାଣି ରଘୁନାନ ଯେ,
ବିନ୍ଧି ବାୟୁଶରେ ଲକ୍ଷେ ଯୂଣ ଦୂରେ ପକାଇଲେ ଯଥା ପର୍ଣ୍ଣ ଯୋ।୧୪।
ନିର୍ବିଘ୍ନରେ ବସି ସାରିଲେ ଯାଗ, ସୁରେ ପାଇଲେ ସ୍ୱ ସ୍ୱ ହବିର୍ଭାଗ
ଯାଗ ରଖୁ ମୁନି ସନ୍ତୋଷ ହୋଇ ଦେବା ଧନୁ ବିଦ୍ୟା ପୁଣି ଶିଖାଇ
ଜୟା ବିଜୟା ମନ୍ତ୍ରକୁ ଯେ,
ତୁରିତେ ପ୍ରଦାନ କରି କଲେ ଗାନ ଜିଣିବ ତ୍ରିଭୁବନକୁ ଯୋ।୧୫।

Digitized by PPRACHIN, SOA



ପାଷାଣ ଅହଲ୍ୟା ଉଦ୍ଧାର

Digitized by PPRACHIN, SOA

ଯୟା ଧନୁର ବଳ ବାର କୋଟି ବିଜୟା ଧନୁଟି ଏଗାର କୋଟି
ବଳ ହେବ ଲକ୍ଷ୍ମଣ ଧରି ତାହା ଦୈତ୍ୟଙ୍କ ନିହତେ ହୋଇବେ ସାହା
ଏ ଅଟେ ବେଧା ବିଧାନ ଯେ,
ମିଥିଳା ଆଗମେ ବୀରଦ୍ୱୟ କ୍ରମେ ଜାଣିବେ ତ୍ରୟ ଭୁବନ ଯୋ୧୬।
ଶୁଣି ଏ ଚରିତ ବେନି ସୋଦର ମିଥିଳା ଯିବାକୁ ଦେଉ ସ୍ୱୀକାର
ଗଲେ ଗଙ୍ଗାତଟେ ବେଳା ଭୂମିରେ ପାଉ ଶୋଣ ନଦୀ ଯୁଗ୍ମ ଗଙ୍ଗାରେ
ବେନି ତଟତା ସୁନ୍ଦର ଯେ,
ଚତୁଃ ପାରଶରେ ପାଦପ ଲତାରେ ପୁଲ ଫଳ ଭରପୂର ହୋ୧୭।
ବନାଶ୍ରମ ଏକ ଦେଖୁ ରାଘବ ପଥ ଶ୍ରାନ୍ତ ସର୍ବେ କଲେ ଲାଘବ
କଥା ପ୍ରସଙ୍ଗରେ ଭାଷନ୍ତି ଯତି ଦେବାଙ୍ଗନା ଏଥି ତପସାଧନ୍ତି ଯେ
ବିଦ୍ୟାଧରୀ ତପେ ବିନେ ଯେ,
ବରୁଣ-ଦୁଲାଳୀ କଣ୍ଠ ମୋତି ମାଳି କାଢ଼ି ଦେଲେ ସୁ ପ୍ରସନ୍ନୋ୧୮।
ସେମାଳା ବୀଣାରେ ବାନ୍ଧି ଅପସରୀ ବ୍ରହ୍ମ ଲୋକେ ଯାଉ ବାଦନ କରି
ମାଳାପରେ ପଡୁ ଦୁର୍ବାସା ନେତ୍ର ମାଗନ୍ତେ ଅପସରା ଦେଲା ତୁରିତ
ଦୁର୍ବାସା ସେ ମାଳା ନେଇ ଯେ,
ଶଚୀପତି କରେ ଦେଲେ ସରାଗରେ ହସ୍ତୀ ଗଳେ ସେ ଲମ୍ୱାଇ ଯୋ୧୯।
ମୂଢ଼ ଐରାବତ ମାଳା ଶୁଣ୍ଢରେ କାଢ଼ି ପକାଇଲା ଚରଣ ତଳେ
ଲୋକନେ ଦୁର୍ବାସା ବିହିଲେ ଶାପ, ଏତେ ଗର୍ବ ଦର୍ପ ହେଉ ତୋ ଲୋପ
ଯେ ମାଳା କମଳା-ବକ୍ଷ ଯେ
ଶୋଭୁଥିଲା ପୂର୍ବେ ନ ଚିହ୍ନିଲୁ ଗର୍ବେ ଖର୍ବ ହୁଅ ସହସ୍ରାକ୍ଷା୨୦।
ସର୍ବ ସମ୍ପଦ ତୋ କ୍ଷୀର ସାଗରେ ବୁଡ଼ିବ ଏ କ୍ଷଣି ଦେଖନ୍ତୁ ସୁରେ
ତତ୍କାଳେ ସେ ବାକ୍ୟ ହୁଅନ୍ତେ ସୃଷ୍ଟ ବୁଡ଼ି ସର୍ବଧନ ହୋଇଲା ନଷ୍ଟ
ଦରିଦ୍ର ଶ୍ରୀ ହୀନ ପରି ଯେ,
ହୋଇଣ, ଅମର ସଙ୍ଗେ ବଜ୍ରଧର ବିଷ୍ଣୁଙ୍କୁ କଲେ ଗୁହାରି ଯୋ୨୧।
ପରମ ସାଧକ ଦେବ ଆକୁଳେ, ଚିନ୍ତି ସୁଉପାୟ ବତାଇ ଦେଲେ
ପୂର୍ବ ଦେବତାଙ୍କୁ ହକାରି ଆଣ ଏ କ୍ଷୀର ସାଗର କର ମନ୍ଥନ
ଖୁଆ ଦଣ୍ଡ ମନ୍ଦରକୁ ଯେ,
ବାସୁକୀ ରଜ୍ଜୁରେ ମନ୍ଥିଲେ ସାଗର ଲଭିବ ଚ୍ୟୁତ ଦ୍ରବ୍ୟକୁ ଯୋ୨୨।
ଏ କାର୍ଯ୍ୟରେ ମୁଁ କରିବି ସାହାଯ୍ୟ ପୂର୍ବରୁ ବିଧାତା କରିଛି ଧାର୍ଯ୍ୟ
ନାରାୟଣ ବାକ୍ୟେ ଅମର କୁଳ, ଦିତି ପୁତ୍ରେ ଲୋଡ଼ି କରାଇ ଠୁଳ ଯେ
ସମୁଦ୍ର ମନ୍ଥନ କଲେ ଯେ,
କର୍ମଠ ରୂପରେ ହରି ପୃଷ୍ଠ ପରେ ମନ୍ଦର ଗିରି ବହିଲେ ଯୋ୨୩।

Digitized by PPRACHIN, SOA

ସମୁଦ୍ର ମନ୍ଥନରୁ ବାହାରିଥିବା ଦ୍ରବ୍ୟ

ପାରିଜାତ ସହିତ ଐରାବତ , ଅଶ୍ୱ ଶ୍ରେଷ୍ଠ ଉଚ୍ଚୈଃଶ୍ରବା ପ୍ରାପତ
କାମଧେନୁ, ବଂଶୀ କୌସ୍ତୁଭ ମଣି, ଧନ୍ୱନ୍ତରୀ ବୈଦ୍ୟ ଶ୍ରେଷ୍ଠଙ୍କୁ ଆଣି
କମଳା ଦାନେ ବରୁଣ ଯେ
କଉସ୍ତୁଭ ମଣି ଦେଇଁ ସୁଖମଣି ନେଲେ ଦେବ ନାରାୟଣ ଯେ।୨୪।
ଶେଷରେ ଉତ୍ପନ୍ନ ଅମୃତ ଭାଣ୍ଡ ନେବାପାଇଁ ଦେବ ଦାନବ ରୁଣ୍ଡ
ମୋହିନୀ ରୂପରେ ମୋହି ମନକୁ ଅମୃତକୁ ଦେଲେ ସେ ଗ୍ରୀର୍ବାଣଙ୍କୁ
ଦୈତ୍ୟବୋଧେ ଦେଇ ଧାନ ଯେ,
ପୁନର୍ବାର ସୁର ଅସୁର ମିଳିଣ ସମୁଦ୍ର କଲେ ମନ୍ଥନ ଯେ।୨୫।
ଅସହ୍ୟ ଯନ୍ତ୍ରଣା ବୃଦ୍ଧି ହୋଇଲା, କଷ୍ଟେ ବାସୁକୀ ବିଷ ଉଦ୍‌ଗାରିଲା
ସେ ବିଷ ଜ୍ୱାଳାରେ ସପ୍ତ ବ୍ରହ୍ମାଣ୍ଡ ଜୀବନାଶନେ, ହେଉ ଲଣ୍ଡଭଣ୍ଡ
ଶଙ୍କରେ ନେଇ ଶରଣ ଯେ,
ଯଣାଇଲେ ଦେବ ସୃଷ୍ଟି ହିତେ ଶିବ ଗରଳ କରିଲେ ପାନ ଯେ।୨୬।
ଗରଳ ପାନୁ ନୀଳ ହେଲା କଣ୍ଠ, ପାର୍ବତୀ ଦେବୀ ମଣିଲେ ସଂଙ୍କଟ
ଶ୍ରୀ ହରି ପଦ ଅଙ୍ଗୁଳି ରୁ ଢ଼ାଳି ବ୍ରହ୍ମ ସଲୀଳ କୁ ଦିଅନ୍ତେ ଢ଼ାଳି
ଅମରେ ଅମୃତ ଚନ୍ଦ୍ର ଯେ,
ଆଘ୍ରାଣେ ସେ ବିଷ ହରୁ ଶିବ ତୋଷ ନାମ ବହିଲେ ଫଣୀନ୍ଦ୍ର ଯେ।୨୭।
ସମୁଦ୍ର ମନ୍ଥନ ଚରିତ ଶୁଣି ଅତ୍ୟନ୍ତ ପ୍ରୀତି ଲଭି ରଘୁମଣି
ବନ ଉପବନ ପ୍ରକୃତି ଶୋଭା ବିଲୋକି ଗମନେ ହୁଅନ୍ତେ ଲୋଭା
ମୁନି ପୂର୍ବ କଥା ସ୍ମରି ଯେ,
ବିପୁଳ କାନନ ମାର୍ଗରେ ଗମନ କରାଇଲେ ଚାପଧାରୀ ଯେ।୨୮।
ଦେଖିଲେ ରାମ ପଥେ ଉପବନ, ପଡ଼ିଅଛି ହୋଇ ଅଙ୍ଗ ଶ୍ରୀ ହୀନ
ପକ୍ଷୀରାବ ହୀନ ବୃକ୍ଷ ମଉଳି, ଲତା ପତ୍ର ପୁଷ୍ପ ଅଛି ଝାଉଁଳି
ବିସ୍ମିତ ହୋଇ ରାଘବ ଯେ,
ପଚାରୁ ସମସ୍ତ କରି ଆଦିଅନ୍ତ ଭାଷନ୍ତି ମୁନି ପୁଙ୍ଗବ ଯେ।୨୯।
ଦେଖ ଏ ନିର୍ଦ୍ଦୋଷୀ ଶୀଳା ଅବଳା ଗୌତମ ନାରୀ ପୂର୍ବେ ହୋଇଥିଲା
ଇନ୍ଦ୍ର ଗୁପ୍ତେ ଭେଟୁ ଲଭି କଷଣ, କାନ୍ତ ବାକ୍ୟେ କାୟା କଲା ପାଷାଣ
କର ତାର ପ୍ରତିକାର ଯେ,
ଋଷି ଶାପଶୁଣ ତୁମର ଚରଣ ରେଣୁ କରିବ ଉଦ୍ଧାର ଯେ ।୩୦।
ଶୁଣ ରାମ ତାହା ପର ବିବରଣ, ଉର୍ବଶୀ ସୁନ୍ଦର ଗାରିବା ଟାଣ
ଭାଙ୍ଗିବା ନିବନ୍ତେ ବିରଞ୍ଚି ପାଇଁ, ସର୍ବଶ୍ୱ ଲାବଣ୍ୟ ଏକ ଆମର୍ଥି
ଅହଲ୍ୟା କଲା ନିର୍ମାଣ ଯେ,
ଦେଖି ଶୋଭା ଲୋଭ ହୋଇବାକୁ ପେନ ପୀଶାଶଠି ।୩୦।

Digitized by PPRACHIN, SOA

ଶୁଣ ରାମ ତା ପୂର୍ବ ବିବରଣ ଉର୍ବଶୀ ସୁନ୍ଦର ଗାରିମା ଟାଣ
ଭାଙ୍ଗିବା ନିମନ୍ତେ ସାବିତ୍ରୀସାଇଁ ସଂସାର ଲାବଣ୍ୟ ଆଣି ମେଳାଇ
ଅହଲ୍ୟା କଲା ନିର୍ମାଣ ଯେ
ଏଠାରୁ ଚରିତ ରୂପକ ହେବତ ନାନା ରାଗେ ବୁଦ୍ଧେ ଶୁଣ ଯେ ।୩୧

ରୂପକ

ରାମାୟଣର ଅଶ୍ଳୀଳ ଚିତ୍ର ଉପରେ କବିଙ୍କ ମତ

ରାଗ-ରାମକେରୀ

ରୁଣ୍ଡିତ ହୋଇଣ ପଣ୍ଡିତେ କଷେ କର ହେ ଦେଖା
ଚଣ୍ଡିଧବ ମୁଖେ ମଣ୍ଡିଯା- କୀର୍ତ୍ତି ପଣ୍ଡିତେ ଲେଖା । ।୩୨।
ମଣ୍ଡିତ ସେ ଗ୍ରନ୍ଥେ ଖଣ୍ଡିତ ନୋହି ସବୁତ ଅଛି
ଉଣ୍ଡିଲେ ତା ମଧ୍ୟେ ଖଣ୍ଡିବା- ପାଇଁ ରହିଛି କିଛି । ।୩୩।
ଡ଼ିଣ୍ଡିମ ଶବ୍ଦେ ଯା ମଣ୍ଡିଛି ଇନ୍ଦ୍ର ଅହଲ୍ୟା ଭାବ
ଶୁଣ୍ଡି ଭାଣ୍ଡେ ଗଙ୍ଗା ରୁଣ୍ଡିତ ଜଳ ପୂତ କି ହେବ । ।୩୪।
ଦାଣ୍ଡିରେ ନ ଯାଇ କାଣ୍ଡିରେ ଥୋଇ ତୁଳିଲେ ବାରେ
ଗୁଣ୍ଡିଆଙ୍କ ଚୋଟ କୁଣ୍ଡିଆ ବିଷ ପରାୟେ ଘାରେ । ।୩୫।
ଚଣ୍ଡି ପୂଜା ଲାଣ୍ଡୀ ପଣ୍ଡିତେ ଦେଖାଇ ଆଡ଼ମ୍ବର
ବ୍ରାଣ୍ଡି ପାନ କଲେ ଶୁଣ୍ଡୀକି ପାଇଯିବେ ନିସ୍ତାର । ।୩୬।
ଜଣ୍ଡିସ୍ ରୋଗୀର ଗଣ୍ଡିକି ଦେଖୁ ବ୍ୟାଧି କି' ଯିବ
ଖଣ୍ଡିବା ପାଇଁକି ପଣ୍ଡିତେ ମନ୍ଦ କଥା ସରବ । ।୩୭।
ଗଣ୍ଡି ମୁଣ୍ଡ ହେଉ ଖଣ୍ଡିତ ତିଳେ ନାହିଁ ଖାତିରି
ମୁଣ୍ଡିଆ ଭଣ୍ଡାମି ଚରିତେ ମୁହିଁ ନ ପାରେ ମାରି । ।୩୮।
ଉଣ୍ଡିୟା ଗୁଣ୍ଡୁଚି ପରାୟେ ଲେଖିବା ଅଟେ ବ୍ୟାଧି
ମଣ୍ଡିତେ ମାନସ ଝଣ୍ଡିକି ବାନ୍ଧୁ ଅଛି ସମ୍ବାଦି । ।୩୯।

ରାଗ-ଆଷାଢ଼ ଶୁକ୍ଳ

ଏକତ୍ରିଂଶ ପଦେ ଅହଲ୍ୟା ଜାତ ଚରିତତ ହୋଇଥିଲା ବି[illegible]ାତ
ଏଠାରୁ ତା ପର ଚରିତ ଶୁଣ ବିଧାନେ ଚିତ୍ତ ହେବ ବିମୋହନ
କରିଣ ବିଚାର
ବୁଝିବ ବସି ତତ୍ତ୍ୱ ସାରା ସାର ।୪୦।
ବିଧାନେ ନାମ କରଣ ସରିଲା ବାଳାକୁହାଟି [illegible] ହଲିଲା
ବଢ଼େ ଚନ୍ଦ୍ରକଳା ପରି ସେ' ନିତି ବାଳଖେଳ ଗଲା, ହେଲା ଯୁବତୀ
ବ୍ରହ୍ମାଣ୍ଡ ଯୋଷାଙ୍କୁ
ବଳିଲା କେ, ସମ ନୋହିଲେ ତାକୁ ।୪୧।

Digitized by PPRACHIN, SOA

ବିଧାତା କରୁଥିଲେ ନିତ୍ୟକର୍ମ ବ୍ୟଜନ ଚାଳୁଥିଲେ ଗୌତମ
ବାସବାଦି ସୂର୍ଯ୍ୟ ଯାଇ ସେ କାଳେ ବିବାହେ ଅହଲ୍ୟାଙ୍କୁ କହୁ ବଳେ
ବିଷର୍ଣ୍ଣେ ବିରଞ୍ଚି
ବିଶ୍ୱାସି ପରି ମନେ କୂଟ ପାଞ୍ଚି ।୪୨।

ରାଗ -ରଷିକୁଲ୍ୟା

ଭଙ୍ଗୀରେ କହିଲେ ଶୁଣ ବାସବ ଭ୍ରତା, କିପରି ଦୁଇଜଣ ହେବ
ଭ୍ରମଣି କରି ଯେ ପୃଥ୍ୱୀ ଆସିବ ଭଲେ ଅହଲ୍ୟା ତା ଭାମିନୀ ହେବ
ଭିକ୍ଷୁକ ଠାରୁ ଭୂପତି
ଭ୍ରମଣ କରନ୍ତୁ ନାଗ,ନର,କେତୁ ଆଦି ଗ୍ରହ ସୁର ଯତୀ । ୪୩।
ଭୌତିକ ଐଶ୍ୱର୍ଯ୍ୟ ପରାୟ ଭାବି ଭ୍ରମଣିରେ ଗଲେ ବାସବ,ରବି
ଭାଷିଲେ ଗୌତମଙ୍କୁ ସୁର ଜ୍ୟେଷ୍ଠ ଭବ୍ୟ' ନକରେ ଅହଲ୍ୟା ଆକୃଷ୍ଟ
ଭ୍ରମଣ କରିବା ପାଇଁ
ଭାନୁ,ଇନ୍ଦ୍ର ସଙ୍ଗେ ଭୂଲୋକାଦି ରଙ୍ଗେ ଭଲେ ନ ଗଲ କିମ୍ପାଇଁ ।୪୪।
ମହା ମୁନି ଶୁଣି ପୁଲକ ବସେ ମହାଜ୍ଞାନେ ବିଧାତା ଚତୁଃପାର୍ଶ୍ୱେ
ମଠ ନ କରି ବୁଲି ଆସି ତହୁଁ ମଣାଇଁ କହନ୍ତି ବୁଝିବା ହେଉ
ମଙ୍ଗଳାରୋପଣ ସାରି
ମତ କାଶିନୀଙ୍କି ମତେ ଦାନ କର ମନ୍ତ୍ର ଉଚ୍ଚାରଣ କରି ।୪୫।
ମହାଜନ ବାକ୍ୟେ ପିଣ୍ଡ ବ୍ରହ୍ମାଣ୍ଡ ମହାନୁ ଭାବେ' ସମ' ନୁହେଁ ଖଣ୍ଡ
ମଦନ ଦର୍ପେ ସେ ଜ୍ଞାନ ହରାଇ ମତ୍ତତାରେ ପୃଥ୍ୱୀ ବୁଲନ୍ତି ଯାଇ
ମର୍ତ୍ତ୍ୟେ ବ୍ରହ୍ମାଣ୍ଡ କରତା
ମଣି ମୁଁ, ଭ୍ରମଣେ ନଗ୍ନ ହେବି ଜ୍ଞାନେ ମାନ୍ୟ ଧର୍ମ ଛାଡ଼ି ଚିନ୍ତା ।୪୬।

ରାଗ-ଖଣ୍ଡ ବସନ୍ତ

ଯଥା ଯୋଗ୍ୟ କଥା ବିଚାରି ବିଧାତା ଯର୍ଜୁବେଦ କର୍ମ କାଣ୍ଡେ
ଯତୀ ଗଉତମେ କନ୍ୟକୁ ସରମ୍ୟେ ଦେବା ପାଇଁ ଭାବି ଚାଣ୍ଡେ ସେ
ଯୋଷାଙ୍କୁ
ଯତ୍ନରେ ଦେଲେ ଆଦେଶ
ଯୋଜନ ଗନ୍ଧା ଅହଲ୍ୟା କୁ ସୁଗନ୍ଧା ପୁଷ୍ପେ କରି ଆଣ ବେଶ । ୪୭।

ରାଗ - ବସନ୍ତ

ବେଳ ଶୁଭଦରେ ପ୍ରବେଶ ଆବେଶ ବେଶ ସଖିଏ ସାରିଥିଲେ
ବିଚାରେ ସୁମନା ଶ୍ରୀକରେ ସୁମନା ସୁମନ ମାଳା ନେଇ ଦେଲେ
ବୋଇଲେ
ବଶକ ଏ କଳା ଭୃଙ୍ଗର
ବସି ଗଉତମ ଜାନୁରେ ଉତ୍ତମ ମନୋରଥକୁ ପୂର୍ଣ୍ଣ କର ।୪୮।

Digitized by PPRACHIN, SOA

ବେଢ଼ି ତରଳାକ୍ଷୀ ଚତୁଃପାର୍ଶ୍ୱେ ସାଖୀ- ପରାଏ ସେ' ତାରା ବିଧୁରେ
ବିଧିରେ ମଙ୍ଗଳ ବିଧିରେ କେ ହୁଳ- ହୁଳୀ କି' ବିହିଲେ ବିଧିରେ
ବିଞ୍ଚନ୍ତି
ବିଧୁ ଚୁର୍ଣ୍ଣ କେହି ଆଗରେ
ବଜାଇ ହେଜାଇ ମାର୍ଗେ କେ ପ୍ରବୀଣା ବୀଣା ଧରି ଅନୁରାଗରେ ।୪୯।

ରାଗ-ଦେଶାକ୍ଷ ('ବ' ଆଦ୍ୟ ଅନୁପ୍ରାଶ)

ବ୍ରହ୍ମାଣ୍ଡ ଭ୍ରମଣି କରି ବଜ୍ର ପାଣି ବୈଜୟନ୍ତି ପୁରେ ଉଭା
ବିଲୋକିଲେ କ୍ଷେତ୍ରେ ଗୌତମ ସଙ୍ଗତେ ଅହଲ୍ୟା କରନ୍ତି ବିଭା ସେ
ବିହି
ବିହିଥିବା କଥାକୁ ନ ଚାହିଁ
ବାଳା ଦେଇ କିମ୍ବା ହେଲେ ଦ୍ରୋହୀ ।୫୦।

ବ୍ରହ୍ମାଣ୍ଡ ଭମଣି ପାଇଁ ପେଷି ଜାଣି କରାଇଲେ ଲୋକ ହସା।
ବ୍ରହ୍ମାଣ୍ଡ ଆଗରେ କେବେ ହେଲେ ଥରେ ମେଣ୍ଟାଇବି କାମ ଲିପ୍ସା ହେ
ବିହି
ବିରୋଚନ ଆଦି ସର୍ବେ ତହିଁ
ଆସି ଲଜ୍ଜା ଭରେ ବର୍ଣ୍ଣି ଯାଇ । ୫୧।

ବାଲ୍ମୀକି ରାମାୟଣ ବାଳକାଣ୍ଡ ପଞ୍ଚମ ସର୍ଗ ୨୫,୨୬ ଶ୍ଳୋକ

-ଶ୍ଳୋକ-

କୃତଯୁଗ ସ୍ଥିତଂ କର୍ମ ମାୟା କୁତ୍ସିତ ଚେତସା
ଗୌତମଃ କ୍ରୋଧକା ମ୍ରାକ୍ଷଃ ଶଶାପ ଦୀବିକା ଧୀପଂ
ଯୋନି ଲମ୍ପଟ ଦୃଷ୍ଟାତ୍ମା ତ୍ୱହ ସ୍ତ୍ରଭଗ ବାଭବ
ଶପ୍ତ ବାତଂ ଦେବରାଜନଂ ପ୍ରବେଶ୍ୟ ଶାଶ୍ୟମ ଦୃତଂ । ୫୨।

ରାଗ- କଳସା

ଏହା ପରେ ଯେ ଚାଲି ଯାଇଛି ବହୁ ଦିନ ପୂର୍ବ ଦୁଷ୍କୃତ ଫଳରୁ ପାପୀ ମଘବାନ ।୫୩।
ଅପଯଶ କାର୍ଯ୍ୟରେ ମନକୁ ବଳାଇଲା ଉଚାଟରେ ଗୌତମଙ୍କ ଆଶ୍ରମେ ଚଳିଲା ।୫୪।

ରାଗ-ବଙ୍ଗଳାଶ୍ରୀ

ବପୁ ବନ୍ଦେ ବେଶ ହୋଇ ସଚୀ ଇଶ ମନ ଉଦ୍‌ବେଗରେ ଚଳେ
ବନ-ପଥ, ବେନି- ପାର୍ଶ୍ୱର ବନାନୀ ଦେଖୁଥାଇ କୁତୁହଳେ । ।୫୫।
କାହିଁ ବନଚର ପ୍ରାଣୀଏ ବିହାର କରନ୍ତି ମନ ଉଲ୍ଲାସେ
କହୁ ଅଛି ତାହା 'ଘେନ' କରି ସ୍ପୃହା 'ନିମନ୍ତ୍ରିଣ' ସେହି ରସେ । ।୫୬।

Digitized by PPRACHIN, SOA

ଜମ୍ୱାଳ ଜର୍ଜ୍ଜର ପଦ୍ମ, ପଦ୍ମଲତା ଦେଖି ବୁଝିଲେ ସଘନ
କାନନ କୁଞ୍ଜର- କୁଳ ଖେଳୁଥିଲେ ସଲୀଳ ବୋଲି ଏ ସ୍ଥାନେ । ।୫୭।
କାହିଁ ପୁଷ୍କରଣୀ ପାଖେ ପଡ଼ିଥିବା ମୁଥା ଖଣ୍ଡମାନ ଚାହିଁ
ଭାବନ୍ତି ଶୂକରେ ମୂଳ ଖାଉଥିଲେ ଦନ୍ତରେ ସେଥୁ ଉଠାଇ। ।୫୮।
ଭାଙ୍ଗି ପଡ଼ିଥିବା ଛିନ୍ନଭିନ୍ନ ମୃଦୁ- ଶଲ୍ଲକୀ ବୃକ୍ଷର ବାହି
କରୀ ଶାବକର କ୍ରୀଡ଼ା ସ୍ଥଳ ବୋଲି ଭାବିଣ ଚହ୍ନନ୍ତି ତହିଁ । ।୫୯।
ପଦ ବିଦଳିତ ଧୂଳି ଜର୍ଜ୍ଜରିତ ଭଗ୍ନ ବେଣୁଆ ହୁଙ୍କାଟି
କହୁଥେ ମହିଷି ଶିଙ୍ଘ ମାରି ମାରି ଖୋଳି ଯାଇଅଛି ମାଟି । ।୬୦।
ମଦ ସୌରଭରେ ବସି ଥିଲେ ବେଢ଼ି ବୃକ୍ଷରେ ଯହିଁ ଭ୍ରମର
ଦେଖି ଜାଣିଲେ ସେ ଗଣ୍ଡ ଘଷି ଥିଲା ବୋଲି, ମତ୍ତ କରୀବର । ।୬୧।
ଘନ ଘୋଷ ନିଭ ଭୀତ ଉତ୍ପାଦକ କୁଞ୍ଜର କୁଳ ର ରଡ଼ି
କହି ଦେଲା ସିଂହ ବିଦାରୁଛି ରୋଷେ କରୀ କୁମ୍ଭ ଦେଶେ ଚଢ଼ି । ।୬୨।
କୁଟୁରାମାନଙ୍କ ଦୀର୍ଘ ସ୍ୱର ସହ ଶାଖା ମୃଗଙ୍କ ହୁଂକାର
ସୂଚାଇଲା ତାଙ୍କୁ ଏ ପଥେ ସ୍ୱାପଦେ କରନ୍ତି ସଦା ସଂଚାର । ।୬୩।
ତଳରେ ବିଲୁଆ ଡ଼ାଳରେ ଶକୁନି ମାଳରେ ଗଧିଆ ଧ୍ୱନି
କହୁଥିଲା ମଢ଼ ପାଖରେ ଶାର୍ଦ୍ଦୂଳ ଶୋଇ ଅଛି ହୋଇ ତୁନି । ।୬୪।
ହତ ଗଜ ରକ୍ତ ପାଟଳେ ବିକ୍ଷିପ୍ତ ଗଜମୁକ୍ତା ଅଗଣନ
କହୁଥିଲା କାନେ ଗମନା ଗମନ କରେ ତହିଁ ପଞ୍ଚାନନ । ।୬୫।
ରକ୍ତ ରେଖା ସହ ବିଦଳିତ ତୃଣ ଲତା ଚିହ୍ନ ଅନୁମାନି
ଜାଣିଲେ ଏ ପଥେ ଜୀବ ମାରି ବ୍ୟାଘ୍ର ଦୂର କୁ ନେଇଛି ଟାଣି । ।୬୬।
ମୃଗ, ହସ୍ତୀ, ସିଂହ ମହିଷ, ଶୂକର ଭଲ୍ଲୁକ,ବ୍ୟାଘ୍ର,ସମ୍ବର
ଚିହ୍ନ ଲକ୍ଷି ଲକ୍ଷି ଚାଲନ୍ତି ବାସବ ରବି କିରଣ ପ୍ରଖର । ।୬୭।

ରାଗ - କଲ୍ୟାଣ ଆହାରୀ

ମଧ୍ୟାହ୍ନ ବର୍ଣ୍ଣନା

ଦିବସର ଏହି ସମୟ ଅଟଇ ଜୀବ ପାଇଁ ପୀଡ଼ାଦାୟକ
ଉତପ୍ତ ପବନ ବହେ ଘନଘନ ସଞ୍ଜା ଦେବୀଙ୍କର ନାୟକ
ସହସ୍ର
କରେ କେବେ ଅଗ୍ନି ସ୍ଫୁଲିଙ୍ଗ
ଫିଙ୍ଗୁଥିଲା ଖରେ ଶୋଷେ ଶେଷେ କୁଳେ ଜଳକୁ ଲୋଡୁଥିଲେ ଆଗ ।୬୮।
ଯାଉଥିବା ଅନ୍ତ- ଦୂରରେ କଳପ- କଳପ ମୁନି ଙ୍କ ଆଶ୍ରମ
ଦେଖନ୍ତି ଯେ ଦୂରୁ ନାନା ଜାତି ତରୁ ଫଳ ଫୁଲରେ ପରିପୂର୍ଣ୍ଣ

Digitized by PPRACHIN, SOA

ବକୁଳ

ତମାଳ, ଚମ୍ପା,ନାଗେଶ୍ୱର

ଜାଇ,ଜୁଇ,ମଲ୍ଲୀ ଋତୁ ଧର୍ମ ଭୁଲି ତପ ପ୍ରଭାବୁ ମନୋହର । ।୬୯।

ନାରୀକେଳ ଗଛେ ଜଡ଼ି ଅଛି ସ୍ୱଚ୍ଛେ କାହିଁ ବା ଅଳାଇଚ ବଲ୍ଲୀ

କାହିଁ ମନ୍ଦ ବାତ ମନ୍ଦ ମନ୍ଦ ଗତ- ବହୁ ଲବଙ୍ଗ ଲତା ଝୁଲି

କାହିଁବା

ବାର ମାସି ଆମ୍ବ ବଉଳୀ

କୋଳେ ପରଭୃତ ବସାଇଣ ଗୀତ ବୋଲାଇ କରାଏ ବାଉଳି । ।୭୦।

କାନନ କୁକ୍କୁଟ କାହିଁ ଅନ୍ନକୁଟ କରନ୍ତି ବୈଶ୍ୱଦେବ ବଳୀ

ଚହଟାଏ ବାସ କାହିଁ ସମୀପୁଷ୍ପ ଆହୃତ ମନ୍ତ୍ରେ ତପସ୍ଥଳି

କାହିଁବା

ପିତୃ ଶ୍ରାଦ୍ଧ ଦେବ ସେବାକୁ

କରି ମୁନି ସଙ୍ଗ ମନେ ଧର୍ମ ଚର୍ଚ୍ଚା କରୁଥାନ୍ତି ଶିକ୍ଷା ଦେବାକୁ । ।୭୧।

କାହିଁ ମୁନି ଶିଷ୍ୟ ସମିଧାଦି କୁଶ ଫଳ,ଫୁଲ,ଝୁଣା ଆହାରି

ଉଚ୍ଚ ଶୃଙ୍ଗୁ ଗଡ଼ି ଆସିଣ ବାହୁଡ଼ି ଆଶ୍ରମ ଉପବାସେ ଭରି

ଏକାଳେ

ଇନ୍ଦ୍ରମୁନି କୁଟୀ ପାଶରେ

ଜାଣିଲେ ଗୌତମ ମଧ୍ୟାହ୍ନ ସ୍ନାନରେ ପ୍ରବେଶିଲେ ମୁନି ବେଶରେ।।୭୨।

ରାଗ-ଶଙ୍କରା ଭରଣ

ଅହଲ୍ୟା ବିଲୋକି ପଚାରିଲେ ନଗାଧୋଇ

ଅଇଲ ଫେରି କିମ୍ପାଇଁ ଜାଣି ପାରୁ ନାହିଁ

ଅକୁଣ୍ଠିତ ମନେ କହ

ଅଘଟଣ କି ଘଟିଲା ବଢ଼ାଏ ସନ୍ଦେହ ।୭୩।

ରାଗ - କାମୋଦୀ

ସହସ୍ରାକ୍ଷ ବାସରେ ଅହଲ୍ୟା ରୂପ,ସରେ ଖେଳାଇ ଚିତ୍ତ ସଫରୀ କି

ରତି କାନ୍ତ ବାତୁଳା ମତି କାନ୍ତର ତୁଳା କହିଲେ ସୃଷ୍ଟି ସୁନ୍ଦରୀକି

ରେ କଳାନିଧି

ବନରେ ଫୁଲ ତୋଳୁ ଥିଲି

ମନରେ ତୋ ରୂପ ଦେଖିଲି

ଧନରେ ଧର୍ମ ସାକ୍ଷୀ ଯେ ଦିଗେ ଦେଲି ଆକ୍ଷୀ ତୋ ଦିବ୍ୟ ରୂପକୁ ଦେଖିଲି ।।୭୪।

ଏଣୁ ସ୍ନାନ ନ କରି ଆସିଛି ପୁରେ ଫେରି କନ୍ଦର୍ପ ଦାଉରୁ ଉଦ୍ଧାର

ତୋ ବିନା କେହି ନାହିଁ ମୋର ଉଦ୍ଧାର ପାଇଁ ରତି ଦେଇଣ ରକ୍ଷା କର

Digitized by PPRACHIN, SOA

ରେ କଳା ନିଧି
ମୋଦେହ କନ୍ଦର୍ପର ଶର
ଚିରି କରୁଛି ନାରଖାର
ତା ଦଣ୍ଡରୁ ଉଦ୍ଧାର ମୋତେ ନାଗରୀ ବର ତୁ ଆଉ, ବାରଣ ନକର । ।୭୫।

ରାଗ- କଳସା ('ଅ','ଆ','ଏ' ଅନୁପ୍ରାସ)

ଅହଲ୍ୟା କହନ୍ତି ଗୌତମ ରୂପି ଇନ୍ଦ୍ରେ ଅହପତି ଦେଖ ନଭ ମଣ୍ଡବରେ ସାନ୍ଦ୍ରେ ।୭୬।
ଅଧର୍ମ କର୍ମ, ଧରମ- କାଳେ କରିବାକି ଅଙ୍ଗତ ତୁମର ପୂର୍ବୁ ଦେଇଛି ମୁଁ ବିକି ।୭୭।
ଅବିଚାର କଥା କିମ୍ପାଃ କହ ପୂଣ୍ୟବନ୍ତ ଅଖଣ୍ଡେ କ୍ରିତଦାସୀକୁ ଭୋଗୀବେ ରାତ୍ରେତ ।୭୮।

-ଶ୍ଲୋକ-

ପତୌ ଜୀବତି ଯାନାରୀ ଉପଭୋଗ୍ୟ ବ୍ରତ ମାଚରେତ୍
ଆୟୁଶ୍ଚ ହରତେ ଭର୍ତ୍ତୁଃ ସା ନାରୀ ନରକ ବ୍ରଜେତ୍ ।୭୯।

ଆକଟି କହନ୍ତି ଶକ୍ର ଧର୍ମ ଶିକ୍ଷା ପାଇଁ ଆସିନାହିଁ ଯେ ଗୌତମ ଋଷି ଏହି ଠାଇଁ ।୮୦।
ଆକ୍ରାନ୍ତ ଜନେ ଏ ଉପଦେଶ ଅଧୀକାର ଆସିଲା କେଉଁଠୁ ଚିତ୍ତେ ବିଚାର ନକର ।୮୧।
ଆଗମ ଶାସ୍ତ୍ରେ ଉଦ୍ଧୃତ ଧର୍ମ ପତ୍ନୀ ସ୍ୱଚ୍ଛେ ଆଗ ପତିଙ୍କୁ ବୋଧିବେ ଦାନ ଧର୍ମ ପଛେ ।୮୨।
ଇତି ହେ ˜ମା ଧର୍ମପତ୍ନୀ ମୋ ଇଚ୍ଛା ଧର୍ମକୁ ଇଙ୍ଗିତେ ରଖନ୍ତି 'କି'ନା, ଚାହେଁ ଜାଣିବାକୁ ।୮୩।
ଇତ୍ୟବସେ ପରିସ୍ଥିତି ଦାସ ହୋଇ ସତୀ ଇଚ୍ଛା ବିରୁଦ୍ଧେ ଶୟନ କକ୍ଷକ ଗମନ୍ତି ।୮୪।
ଇନ୍ଦ୍ର ଅହଲ୍ୟା, ଅନିଛା ଭାବ ଦେଖି ଚିନ୍ତି ଇନ୍ଦ୍ରି ଉଦ୍ଦୀପନା ବାକ୍ୟେ ଆଣିବେ ସ୍ୱୀକୃତି ।୮୫।
ତାହା ପରେ ଅହଲ୍ୟାର ଅଙ୍ଗ କୁ ଛୁଇଁବେ ଯାହା ତା ପରେ ଘଟିଲା ଲକ୍ଷ ଦିଅ ସର୍ବେ ।୮୬।

ରାଗ- କାମୋଦୀ (ଇନ୍ଦ୍ର କହୁଛନ୍ତି)

ବିଧୂନ୍‌ନ ଆନନ ବିଧୁରେ ଜୀବଧନ ବିଧୁର ଅନ୍ଧାରୁ ଉଦ୍ଧର
ବିଧୁ ଶେଖର ପର ବିନ୍ଧୁଛି ଶର ସ୍ମର- ସିନ୍ଧୁରେ ବନ୍ଧୁ, କୃପାକର
ରେ କଳାନିଧି
ସିନ୍ଦୂର ଗତି ଜିତହାସୀ
ନିଧୁନନ ଦେ' ମନ୍ଦେ ହସି
କଳିବୁ ଯେବେ ବଳ ବଳିବ କଥା କଳ- କଣ୍ଠିରେ, ଫଳ ଗଳ ରସିରେ.. ।୮୭।
ଶୁଣିଲେ ବ୍ୟାଜ ବାଣୀ ଗୁଣିନୀ ଗଣ ରାଣୀ ଗୁଣି ଯେ, କେବେ ନମଙ୍ଗିଲେ
ପତି ସୌନ୍ଦର୍ଯ୍ୟ କଳା ଗତି ଭ୍ରମ ବିହ୍ୱଳା ଅପାଙ୍ଗ ଝୁଣି ନ ଫିଙ୍ଗିଲେ
ସେ ରଙ୍ଗଲତା
କମ୍ପନ ନ କରନ୍ତେ ତନୁ
କମ୍ପାଇବାକୁ ଶତମନ୍ୟୁ
କେଳତୀ ଉଦ୍ଦୀପନା, କଥା କରନ୍ତେ ଜଣା, ବଣା ହୋଇ ନ ଛୁଇଁ ତନୁ,ସେ ଦେବ ରାଜ ।୮୮।

Digitized by PPRACHIN, SOA

କହନ୍ତି ପୁଣି ତହିଁ ସେ ବାସବ ବୁଝାଇ ମହାମତି ଯେ ପରାଶର
ମତ୍ସ୍ୟ ଗନ୍ଧା ସଙ୍ଗରେ କେଳିଯେ ଦିବସରେ କରିଲେ ନାବେ ନଦୀ ପର

ରେ ରଙ୍ଗଲତା।

ସୃଷ୍ଟିକର୍ତ୍ତା ଯେ ବ୍ରହ୍ମାବସି
ଦେବ ସଭା ତଳେ ଉର୍ବଶୀ

ସଙ୍ଗେ କରିଲା ରତି ଦିବସ କହି ଧୃତି କରିବା ଲୋଡ଼ାକୁ ବିଶେଷି .. ।୮୯।

ରାଗ-ରାମକେରୀ

ଏକାଳେ ପ୍ରକୃତ ଗୌତମ ଦ୍ୱାରେ ପ୍ରବେଶ ଯାଇ
ଦେଖିଲେ ଅହଲ୍ୟା ନାହାନ୍ତି ପାଦ ଧୋଇବା ପାଇଁ । ।୯୦।
ନାନା କଥା ଚିନ୍ତି ଶୟନ କକ୍ଷେ ଯାଇ ଦେଖିଲେ
ଆବଦ୍ଧ ରହିଛି କପାଟ, ଭାବି ଆଶ୍ଚର୍ଯ୍ୟ ହେଲେ । ।୯୧।
କରମାରି ଦ୍ୱାରେ ଅହଲ୍ୟା, ଅହଲ୍ୟା ସେ ରଦନ୍ତି
ପତି ସେବା କାର୍ଯ୍ୟେ ଅଛି' ମୁଁ, ସେ ଅହଲ୍ୟା ବଦନ୍ତି । ।୯୨।
ସେ କଥାକୁ ଶୁଣି ଗୌତମ କ୍ରୋଧେ ବାରକୁ ବାର
କିଳଣୀ ପଡ଼ିବା କବାଟେ ମୁଷ୍ଟିକରି ପ୍ରହାର । ।୯୩।
ଜାଣିବା ପାଇଁକି, ନୟନ ନିମୀଳିତ କରିଲେ
ଡ଼ାକ ଶୁଣି, ଗୌତମ ରୂପୀ ଇନ୍ଦ୍ର ଭୟେ ଥରିଲେ । ।୯୪।
ଧରା ନପଡ଼ିବା ଉଦ୍ଦେଶ୍ୟେ ଉପାୟ ଚିନ୍ତି ସେହି
ସ୍ଥିର କଲେ ଯିବେ, ମାର୍ଜ୍ଜାର ରୂପେ ଗବାକ୍ଷ ଦେଇ । ।୯୫।
ପଶୁଙ୍କ ମଧରେ ମାର୍ଜ୍ଜାର ଗୃହ ପାଳିତ ପଶୁ
ଦେଖିଲେ ବି କେହି ସନ୍ଦେହ ନ କରିବେ ଏ, ବସୁ । ।୯୬।
ମାର୍ଜ୍ଜାର ରୂପରେ ଗବାକ୍ଷ ମାର୍ଗେ ଯାଉ ପଳାଇ
ଜ୍ଞାନ ନେତ୍ରେ ଋଷି ଚିହ୍ନିଣ କହନ୍ତି କ୍ରୋଧ ହୋଇ । ।୯୭।
ଆରେ ସୁରାଧମ ପାପିଷ୍ଠ ନିଜ ରୂପକୁ ଧର
ମାର୍ଜ୍ଜାର ରୂପରେ ରହିଲେ ଶାପେ ହେବୁ ମାର୍ଜ୍ଜାର । ।୯୮।
ଭୟେ ଋଷି ରୂପ ଧରି ସେ ରହଇ ମୁହଁ ପୋତି
କଥା ନ ବାହାରେ ମୁଖରୁ ଭୟେ ଥରଇ ଛାତି । ।୯୯।

ରାଗ-କାମୋଦୀ (ମୁନି ଅଭିଶାପ)

ସୁମନ କୁଶ କର ଭୂମଣ୍ଡଳ ଭାସ୍କର ଧୂମ କେତନ ଧାମା ଯତୀ
ବାସରେ, ପରବେଶୀ ବାସରେ, ନିଜବେଶୀ ବାସବ ବାରିଣ ଝଟତି

ହେ ସାଧୁ କନ୍ଧ
କ୍ରୁଧ ହୋଇଣ ଦେଲେ ଶାପ

Digitized by PPRACHIN, SOA

ଉଦ୍ଧତ ହୋଇ ବିଶ୍ୱ ବାପ
ଧରି କପଟ ହିଆ, ହରଣେ ପର ପ୍ରିୟା, ଆସିଛୁ, ଲିଙ୍ଗ ଛିଡୁ ପାପ ରେ ସୁରାଧମ । ।୧୦୦।
ତେଣେ ଅହଲ୍ୟା ପୁରେ ଥିବା ପତି ପାଖରେ ନଦେଖି ଖୋଲିଣ କପାଟ
ଦେଖିଲେ ସମ୍ମୁଖରେ ଦଣ୍ଡାୟମାନ, ଧୀରେ ନିଜର ସ୍ୱାମୀ ମୁନି ରାଟ
ସେ ମହାସତୀ
ପଡ଼ିଲେ ଚେତା ହେଲା ଶୂନ୍ୟ
କ୍ରୋଧୁ ମୁନିଙ୍କ ଜ୍ଞାନ ମ୍ଳାନ
କ୍ରମେ ନାଶ ଲଭିଲେ ତାପସ ବିଚାରିଲେ ଛଳେ, ଏ'କରାଉଛି ଛନ୍ନ ସେ ।୧୦୧।
ବହି ମନେ ସନ୍ତାପ କହିଲେ ପୁଣି ତପ- ଚାରି, ସେ ନାରୀ କି ଅନାଇ
ସଢ଼ି କଦନ କୂପେ ପଡ଼ିଥା ଶିଳା ରୂପେ ଝଡ଼ି,କାକର,ଖରା ଖାଇ
ରେ ପାପୀୟସୀ
ଯେବେଟି ଜଳଧର ଶ୍ୟାମ
ଦେବେଶ, ବ୍ରହ୍ମ ବନ୍ଦ୍ୟ ରାମ
ଦେବେ ତୋ ଶିରେ ପଦ ନେବେ ହରି ବିପଦ ତେବେ ପାଇବୁ ତୋର ଧାମ ରେ ।୧୦୨।

ଏହା ଶୁଣି ଅହଲ୍ୟା କହୁଛନ୍ତି

-ଶ୍ଳୋକ-

ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ ବା ଶପଥ ମପୀବା ପୁନଃ
ସର୍ବ ସନ୍ଦେହ ଶୂନ୍ୟଃ- ସନ ଦଣ୍ଡ ଯେଦ୍ ଦୋଷଯୁକ୍ତ ଜନମ୍ ।୧୦୩।

ରାଗ-ଚିନ୍ତା ଦେଶାକ୍ଷ

(ଆହା ଧନୁର୍ଦ୍ଧର ବୀରବର ବୃତ୍ତେ)

ଗୁଣିଗଣା ଗ୍ରଣୀ ମୁନି ରାଣୀ ଶୁଣି ସ୍ୱାମୀଙ୍କର ଶାପବାଣୀ
ସଢ଼ିଣ ବୋଲନ୍ତି ଶିରୋଧାର୍ଯ୍ୟ ପତି ସଦା,ମୋହପାଇଁ ତୁମ ବାଣୀ
ହେ ଜୀବେଶ ।୧୦୪।
ମାନି ନେଉଛି ମୁଁ' ଶିରପାତି ଜ୍ଞାନୀ ହୋଇ କରିଲ ଅନୀତି
କୁଳଟା ପ୍ରବାଦ ଦେଇ କଲ ମନ୍ଦ ଚାନ୍ଦ, ପରି ମୋର ନାହିଁ ଗତି
ହେ ଜୀବେଶ ।୧୦୫।
କ୍ରୋଧ ନ ତେଜି ଗୌତମ ଲକ୍ଷ୍ୟେ ଶୋଧନେ କହନ୍ତି ଶଯ୍ୟା କକ୍ଷେ
ବିଟପୁଂଶ ଥିଲା ଧରା ତ ପଡ଼ିଲା ମିଛେ,ଭଣ୍ଡୁଅଛୁ କେଉଁ ଲକ୍ଷେ
ରେ ପାପାତ୍ମା ।୧୦୬।
ନୀରବ ରହୁ ଅହଲ୍ୟା ଶୁଣି ଧୀର, କ୍ରୋଧ ସମ୍ବରଣେ ମୁନି
ଯୋଗ ପରେ ବସି ଜାଣିଲେ ନିର୍ଦ୍ଦୋଷୀ ଅହଲ୍ୟା, ଶାପ ହୋଇଲେ ଗୁଣି
ସେ ତାପସ ।୧୦୭।

Digitized by PPRACHIN, SOA

ଗୌତମ ମୁନିଙ୍କ ଶାନ୍ତ୍ୱନା

ରାଗ- ଲଳିତ କାମୋଦୀ (ଶ୍ରୀ ରାଧା ବାତୁଳୀ)

ଜ୍ଞାନୀ ତପଷ୍ଚାରୀ ପ୍ରିୟା ପ୍ରେମେ ଘାରୀ- ହୋଇ ବୋଇଲେ ରେ ଯୋଷାବର
ମୁଁ, ସିନା ଯୋଗରେ ଜାଣିଲି ଭୋଗରେ ଗୋପେ ଆସିଥିଲା ବଜ୍ରଧର
ଯୋଗାଯୋଗ ତୋର
ସଙ୍ଗରେ ହୋଇନି ଏଥି ତାର
ଏହି ଧରାବାସୀ ମାନିଯିବେ ଶଶୀ- ହାସି, କିମ୍ବା ମନେ ତୁ ବିଚାର ।୧୦୮।
ଅଜ୍ଞାତ ସାରରେ ବା, ଜ୍ଞାତ ସାରରେ ପର ପୁରୁଷର ସହିତରେ
ଶୟନ କକ୍ଷରେ ଥିଲୁ ଗବାକ୍ଷରେ ମାର୍ଜ୍ଜାର ରୂପରେ ଯାଉ ଖରେ
ଭୋଗ କଲା ଶାପ
ତୋ ଶାପ ବିନେ ହୁଅନ୍ତା ପାପ
ଯେଉଁ ପରି ଶଶୀ ଶାପେ୍ୟ ସେହି ନିଶା- ପତି ବହିଲେ, ସେ, ହେଉ ଲୋପା୧୦୯।
ସେ ପରି ରେ ଧନ ତୁମର ମିଳନ ନ ହୋଇଥିଲେ ବି ଏହି ଶାପ
ଉଚିତ ହୋଇଛି ଚିନ୍ତା ନାହିଁ କିଛି ଯେଉଁ କାଳେ ଶାପ ହେବ ଲୋପ
ମୋର ସଙ୍ଗତରେ
ମିଳନ ହୋଇବ ଆଉଥରେ
ଏହା କହି ଧ୍ୟାନେ ଅତି କ୍ଷୁବ୍ଧ ମନେ ଯିବାକୁ ବାହାର ହିମାଞ୍ଚଳେ ।୧୧୦।

ରାଗ-କାମୋଦୀ (ଇନ୍ଦ୍ର)

ବଜାଇ ବାଣୀବାଣ ହଜାଇ ହୃଦ ଟାଣ ଲଜ୍ଜାରେ ନିର୍ଜ୍ଜର ଭୂଷଣ
ଯନ୍ତ୍ରଣା ଜାଳେ ପଡ଼ି ମନ୍ତ୍ରଣା ମନ୍ତ୍ର ପଢ଼ି ଖଞ୍ଜିଲେ ମେଷର ବୃଷଣ
ସେ ଶଚୀପତି
ଯତୀ ଅନ୍ତର ହୋଇଗଲେ
ଅନ୍ତରେ ଯନ୍ତ୍ରଣା ର ଜାଳେ
ପଥର ହୋଇ ଜନେ ମନମଥ ମଥନେ ସେ ଦିନୁ ପଡ଼ି ସେ ରହିଲେ । ।୧୧୧।

ଅହଲ୍ୟାକୁ ଉଦ୍ଧାର କରିବା ପାଇଁ ରାମଚନ୍ଦ୍ରଙ୍କୁ ବିଶ୍ୱାମିତ୍ରଙ୍କ ଉପଦେଶ

କରୁଣା ବାରେ କର କରୁଣା ରତ୍ନାକର- ଚରଣାମ୍ବୁଜ ଚାରୁଗାତ୍ର
ଶିଳା ରୂପରୁ ସାର- ଶିଳାକୁ ସମୁଦ୍ଧର- ଲୀଳା' ଶ୍ରୀପଦ ସ୍ପର୍ଶେ ମାତ୍ର
ହେ ରାମଚନ୍ଦ୍ର
ଶୁଣିଲେ ରାମ ସେ ଭାରତୀ
ଗୁଣିଲେ ଅହଲ୍ୟା ଆରତି
ବିଷୟା ବିଷଧର ବିଷମ ବିଷହର ପଦେ ଛୁଇଁଲେ ବହି ପ୍ରିତୀ ସେ ରାଘବେନ୍ଦ୍ର । ।୧୧୨।

Digitized by PPRACHIN, SOA

ଶିଳା ସ୍ୱରୂପ କାହୁଁ ମିଳାଇ ଗଳାଇ ଚାହୁଁ- ଚାହୁଁ ନିର୍ଦ୍ଦୋଷ ପରାଭବୀ
ଛବି କି ଚାହିଁ କେହି ପବି ,ନିବିଡ଼ ଦେହୀ ଦ୍ରବିବ ଦବି ଯିବ କବି
ସେ ଯୋଷା ଶୋଭା
ବର୍ଣ୍ଣିବ ରସାରେ କେ ସାର
ବର୍ଣ୍ଣିତ ଶୋଭାର୍ଣ୍ଣବ ସାର
ଉପମା ନୁହେଁ କିଛି କୂପରେ, ପକା ଛି ଛି ରୂପରେ ଭବେ ହେଲାଗାର । ।୧୧୩।

ଅହଲ୍ୟାଙ୍କର ରାମଚନ୍ଦ୍ରଙ୍କୁ ବନ୍ଦନା

ଓଳଗି ପୂତ ପ୍ରେମ ଭୋଳରେ ଚାରୁ ହେମ- ବରନା ତ୍ରିପୁର ସୁନ୍ଦରୀ
ହରଷ ସୁମନରେ ଅରଚି ସୁମନରେ ଭକତି ନୈବେଦ୍ୟ ଆଦରି
ସେ ଶଶୀହାସି
ଭାଷିଲେ ରକ୍ଷାକଞ୍ଜ ଧାମ
ଭାଷିଲା ପ୍ରାଣୀ, ପ୍ରାଣ' ରାମ
କାମ ବିଗ୍ରହ କଳା କାମ କାନ୍ତି କମଳା- କାମଦ,କାମ ଅଭିରାମ । ।୧୧୪।
ରଘୁ ବଂଶ ହେ ମଂଶ ମୁରତୀ ପୁଚ୍ଛ ପଚ୍ଛ ପ୍ରକ୍ଷୁବ୍ଧ ପୃଥ୍ବୀ ପ୍ରାଚୀର
କମ୍ବୁ ଯିବ ଜଳଜ ଅମ୍ବୁ ଭବ ଜଳଜ କମ୍ବୁ, ସୁଦର୍ଶନ ରୁଚୀର
ହେ ରଘୁତ୍ତୋମ
ହୃତ ନିଗମ ଜଳୋଦ୍ଧାରୀ
ନିଗମ ନିଧି ଆଧି ହାରି
ମହାକୂମ ହେ ଶ୍ରମ- ଦାନୀ ମେଦିନୀ ମର୍ମ୍ମ ବିଚ୍ଛେଦ ସୁବିଚ୍ଛେଦକାରୀ । ।୧୧୫।
ଦ୍ୱିଜାଗ୍ର ଧୃତ ଧରା ହିରଣାନୁଜ ହରା ବରାହ, ବରା ବରା ହବେ
ସ୍ତମ୍ଭିଲା ଜଳସ୍ଥଳି ସ୍ତମ୍ଭ ଯଶସ୍ଥାବଳୀ ପାତ ନିର୍ଜିତ ଭୀମ ରବେ
ହେ ନରସିଂହ
ପ୍ରଖର ଖଡ଼ଗ,ନଖର
ଖଣ୍ଡିତ ହିରଣ୍ୟର ଖର
ବକ୍ଷ କ୍ଷରିତ ରକ୍ତ ଧରାକ୍ତ ବକ୍ଷାଭକ୍ତ ଭାବାନୁରକ୍ତ ଭବେଶ୍ୱର ହେ । ।୧୧୬।
ବଳାରି ବଳି-ବଳୀ ବଳି ବକ୍ରଶ୍ୟ ଭଳି ଝଳିତ କୀର୍ତ୍ତିଜାତ ଦର୍ପ
କଳିତ କୁଶକର ଲଳିତ ଲୀଳା କର ଦଳିଲେ କଶ୍ୟପି କନ୍ଦର୍ପ
ହେ ଖର୍ବ କର
ବିଭୁହେ ତବ କୀରତିକି
କଳି ଯା କଥନ ରୀତିକି
ଅହଲ୍ୟା ଦିବ୍ୟ ରଙ୍ଗେ ବନ୍ଦିଣ, କାନ୍ତ ସଙ୍ଗେ ଗମିଲେ ତୋଷିଣ ମତିକି ହେ ସାଧୁଜନେ ।୧୧୭

Digitized by PPRACHIN, SOA

ରାଗ-ଋଷିକୁଲ୍ୟା

ବିଶ୍ୱାମିତ୍ର ଋଷି, ରାମ,ଲକ୍ଷ୍ମଣ ମିଥିଳ୍ୟା ଯିବାକୁ ବଳାଇ ମନ
ଗଙ୍ଗାକୂଳେ ଯାଇ ପ୍ରବେଶ ହେଲେ ଜଳ ପୂର୍ଣ୍ଣ ଦେଖି ବିଚାର କଲେ
ନାବେକ ମିଳିଲେ ପାରି
କରନ୍ତା ଆମ୍ଭଙ୍କୁ ନାବିକ ନିଦକୁ ଯିବାକୁ ମିଥିଳ୍ୟା ପୁରୀ । ।୧୧୮।

୧୧୮ ପଦ ପର୍ଯ୍ୟନ୍ତ ଭାବାର୍ଥ:- ଇନ୍ଦ୍ର ଅହଲ୍ୟାକୁ ଉଚାଟ କରିବା ପାଇଁ ବସନ୍ତ କାଳ ଓ କନ୍ଦର୍ପକୁ ପଠାଇ ତା ପରେ ଆସିଲେ । ଏହା ଦେଖି କୋକିଳମାନେ ଗାନ କରି ଉଚାଟ କରାଇଲେ । ଇନ୍ଦ୍ର ଗୌତମ ସ୍ନାନ କରିଯିବା ଜାଣି ଗୌତମ ବେଶ ଧାରଣ କରି ଯାଇ ଅହଲ୍ୟାଙ୍କୁ ପ୍ରେମ ପ୍ରାର୍ଥନା କଲେ । ଦିନବେଳେ ପାପକାର୍ଯ୍ୟ କହି ଅହଲ୍ୟା ସମ୍ମତି ନ ଦେବାରେ ଗୌତମ ରୂପୀ ଇନ୍ଦ୍ର କହିଲେ, ମୁଁ ତୁମର ପତି ସ୍ତ୍ରୀର ବିବାହ ପରେ ସ୍ୱାମୀ ହିଁ ସର୍ବସ୍ୱ ତାର ବେଦ ଶାସ୍ତ୍ର କର୍ମ ଧର୍ମ ଦରକାର ନାହିଁ । ମୁଁ ଜାଣିବାକୁ ଚାହୁଁଛି ଗୌତମ ଋଷିଙ୍କ ଧର୍ମପତ୍ନୀ ସ୍ୱାମୀଙ୍କ କାମନା ପୂର୍ଣ୍ଣ ପାଇଁ ସମ୍ମତି ଦେଉଛନ୍ତି କି ନା ।ପରିସ୍ଥିତିର ଦାସ ହୋଇ ଅହଲ୍ୟା ବାଧ ହୋଇ ଶୟନ କକ୍ଷକୁ ଯାଇଛନ୍ତି । ଇନ୍ଦ୍ର ଶୟନ କକ୍ଷରେ ଉପଲବ୍ଧି କଲେ ଦିନ ବେଳ ହେତୁ ଅହଲ୍ୟା ମିଳନ ସ୍ୱୀକୃତି ଦେଉ ନାହିଁ । ସେ ସ୍ୱୀକୃତି ନ ଦେବା ପର୍ଯ୍ୟନ୍ତ ମୁଁ ତାକୁ ସ୍ପର୍ଶ କରିବା ଅନୁଚିତ୍ । ଏଣୁ ଅହଲ୍ୟା ଠାରୁ ସ୍ୱୀକୃତି ଆଣିବା ପାଇଁ ବିଭିନ୍ନ କାମ ଉଦ୍ଦୀପନା କଥା କହିବି । ଯଥା:- ପରାସର ଋଷି ମତ୍ସ୍ୟଗନ୍ଧା କନ୍ୟାକୁ ଦିନବେଳେ ନଦୀ ଉପରେ ନାବରେ ରମଣ କରିଥିଲେ । ବିଧାତା ଦିବସରେ ଦେବସଭା ତଳେ ଉର୍ବଶୀକୁ ଗ୍ରହଣ କରିଥିଲେ । ଏଣୁ ଦିନ ବେଳ କହି ବାରଣ କରିବାର ଯଥାର୍ଥତା ନାହିଁ । ଏହି ପରି ଆଲୋଚନା ସମୟେ ଗୌତମ ଆସି ଦେଖିଲେ ପ୍ରତ୍ୟେକ ଦିନ ପରି ଅହଲ୍ୟା ପାଦଧୌତ ପାଇଁ ଦ୍ୱାରରେ ଅପେକ୍ଷା କରି ନାହାନ୍ତି । ଘରକୁ ଯାଇ ଦେଖନ୍ତି ଶୟନ କକ୍ଷ କବାଟ ବନ୍ଦ ଅଛି । ଗୌତମ ପ୍ରଥମେ କିଛି ସ୍ଥିର ନ କରିପାରି ଅହଲ୍ୟା ଅହଲ୍ୟା ବୋଲି କବାଟକୁ କରଦ୍ୱାରା ଆଘାତ କରିଛନ୍ତି । ଅହଲ୍ୟା ନିର୍ଭିକ ଭାବରେ ଘର ଭିତରୁ କହିଛନ୍ତି କିଏ ଡାକୁଛନ୍ତି ଅପେକ୍ଷା କରନ୍ତୁ ମୁଁ ମୋ ସ୍ୱାମୀଙ୍କ ସେବା କରିବା ପାଇଁ ଅଛି । ଏଥିରେ ଗୌତମ କ୍ରୋଧାନ୍ୱିତ ହୋଇ ବାରମ୍ବାର କବାଟ ବାଡ଼େଇବାରେ ଲାଗିଲେ । ଭିତରୁ ଏକମାତ୍ର ସେହି ଉତ୍ତର ପାଇଲେ । ପରିଶେଷରେ ଘଟଣା ଜାଣିବା ପାଇଁ ମୁନି ଯୋଗସ୍ଥ , ଚକ୍ଷୁ ନିମିଳିତ କରି ବ୍ରହ୍ମରେ ମନ ଲଗାଇଲେ । ତାଙ୍କୁ ସମସ୍ତ ଘଟଣା ଦୃଶ୍ୟ ହେଲା । ଠିକ୍ ଏହି ସମୟରେ ଇନ୍ଦ୍ର ଭୟରେ ମାର୍ଜାର ରୂପ ଧରି ଗବାକ୍ଷ ମାର୍ଗରେ ପଳାଇ ଯାଉଥିବା ଦେଖି ଋଷି କ୍ରୋଧ ହୋଇଗଲେ । ଏବଂ ଇନ୍ଦ୍ରଙ୍କୁ ନିଜ ରୂପ ଧରି ଠିଆ ହେବାକୁ କହିଲେ । ଅଭିଶାପ ଭୟରେ ଇନ୍ଦ୍ର ଆସିଥିବା ଗୌତମର ରୂପ ଧରି ଠିଆ ହୋଇ ରହିଲେ । ଋଷି କହିଲେ ପାପିଷ୍ଠ ଏତେ ଐଶ୍ୱର୍ଯ୍ୟରେ ମନ ତୃପ୍ତି ହେଲା ନାହିଁ । ସତୀ ପରି ସ୍ତ୍ରୀ ଥାଇ ଋଷି ଅଙ୍ଗନା ଠାରେ ଇନ୍ଦ୍ରିୟ ଲାଳସା ମେଣ୍ଟାଇବା ପାଇଁ ମନ ବଳାଇଥିଲୁ । ତୋର ସେ ଇନ୍ଦ୍ରି ଛିଣ୍ଡି ପଡୁ । ଏଣେ ଅହଲ୍ୟା ଦେଖିଲେ ଯାହାକୁ ସ୍ୱାମୀ ଭାବି ଆଲୋଚନା କରୁଥିଲେ ସେ ପାଖରେ ନାହାନ୍ତି । କିଛି ବୁଝି ନ ପାରି କବାଟ ଖୋଲି ଦେଖନ୍ତି ନିଜ ସ୍ୱାମୀ ଦଣ୍ଡାୟମାନ । ଏ କ'ଣ ହେବାକୁ ଯାଉଥିଲା ଭାବି ସେ ମୂର୍ଚ୍ଛା ହୋଇଗଲେ । ଏଣେ ଗୌତମ ଇନ୍ଦ୍ର କୁ ଶାପ ଦେବାବେଳୁ କ୍ରୋଧରେ ଜଳୁଥିଲେ ଅହଲ୍ୟା ପଡ଼ିଯିବା ଦେଖି ଭାବିଲେ ଗୋଟିଏ କାର୍ଯ୍ୟରେ ଦୁଇଜଣ ଲିପ୍ତ ଜଣକୁ ଦଣ୍ଡ ଦେଇ ଜଣକୁ ଛାଡ଼ିଦେଲେ ଉଚିତ୍ ହେବନି । ତେଣୁ ସେ କହି ପକାଇଲେ ଦୁରାଚାରୀ ଛଳନା କରି ମୋତେ କପଟରେ ପଥର ପରି ନିଷ୍କଳ ହୋଇ ପଡ଼ିଛୁ ସତେ କିଛି ଜାଣିନୁ । ତୁ ସେହି ପଥର ପରି ପଡ଼ିଥା । ଠିକ୍ ସେହି ସମୟକୁ ଅହଲ୍ୟାଙ୍କର ଚୈତନ୍ୟ ଫେରି ଆସିଥିଲା । ସେ ସ୍ୱାମୀଙ୍କ ବାକ୍ୟ ଶୁଣି କହିଲେ ସ୍ୱାମୀ ତୁମ ବାକ୍ୟ ମୁଁ ମଥାରେ ଗ୍ରହଣ କରି ଯାଉଛି । ତୁମ ପରି ଜଣେ ତ୍ରିକାଳଦର୍ଶୀ ଋଷି ନିରପରାଧିନୀକୁ କୁଳଟା ଦୋଷରେ ଅଭିଯୁକ୍ତା କରି ଦଣ୍ଡ ଦେଇ ପାରିଲତ ! ଗୌତମ କହିଲେ ମୁଁ ତ ବିଟ ପୁରୁଷ କୁ ଧରିଲି । ଅହଲ୍ୟା କହିଲେ ମୋ ସହିତ ତାର ମିଳନ ହୋଇନାହିଁ । ଋଷି ଦେଖିଲେ କ୍ରୋଧ ହୋଇ ଶାପ ଦେଇ ନାହାନ୍ତି ତ ! ପୁନର୍ବାର ଯୋଗସ୍ଥ ରୁ ଜାଣିଲେ ଅହଲ୍ୟା ନିର୍ଦ୍ଦୋଷ । ସେ କହିଲେ ଠିକ୍ ଅଛି ମୁଁ ଯୋଗ ଦ୍ୱାରା ଜାଣିଲି ଇନ୍ଦ୍ର ମୋ ରୂପରେ ତୁମ ପାଶକୁ ଅତ୍ୟାଚାର ପାଇଁ ଆସିଥିଲା । କିନ୍ତୁ ତୁମର ତା ସହିତ ମିଳନ ହୋଇ ନାହିଁ । ଏ କଥାକୁ ଧରାବାସୀ କାହିଁକି ସ୍ୱୀକାର ଦେବେ । ପାଣି ଖୋଜି ଶଶା ଚନ୍ଦ୍ରଙ୍କୁ ଚାହିଁ ଜୀବନ ଛାଡ଼ି ଥିବାରୁ ଚନ୍ଦ୍ର ଶଶାକୁ ଧାରଣ କଲା ପରି ତୁ ମୋ ଶାପ ଦ୍ୱାରା ପଥର ହୋଇ ପଡ଼ିଥା । ପ୍ରଭୁ ରାମଚନ୍ଦ୍ର ବହୁଦିନ ପରେ ଏ ପଥରେ ଯିବେ । ତାଙ୍କର ଚରଣ ଧୂଳି ସ୍ପର୍ଶ କଲେ ତୁମର ଉଦ୍ଧାର ହେବ । ସେତେବେଳେ ଏ କୁଳଟା ଅପବାଦକୁ ମୁଁ ଚିନ୍ତା ନ କରି ତୁମକୁ ଗ୍ରହଣ କରିବି ।

ବିଶାଳ ନଗରେ କୈବର୍ତ୍ତ ପୁର ମୁଖୁ ମୁଖେ ବାର୍ତ୍ତା ହେଲା ପ୍ରଚାର
କାମ୍ୟକ ମାର୍ଗରେ ତିନି ଆସନ୍ତି ତାଙ୍କ ମଧ୍ୟେ ଏକ ସୁନ୍ଦର ମୂର୍ତ୍ତି ଯେ
ନୀଳ ଇନ୍ଦୀବର ପରି ଯେ,
ପଥରେ ପଥର ପଦ ଧୂଳୀ ତାର ତାରି କରି ଦେଲା ନାରୀ ଯେ ।୧୧୯।
ଶୁଣି ଏ ଖବର ଧୀବର ନାରୀ ଧାଇଁ ଆସି କାନ୍ତେ କରେ ଗୁହାରି

Digitized by PPRACHIN, SOA

ଘାଟ ପାଳି ଯେଣୁ ଆଜି ଆମ୍ଭର, ନାବ ବାନ୍ଧି ତୁମ୍ଭେ ଆସିଛ ଘର
ଦାଣ୍ଡୁ ଶୁଣିଲି ଏ ପରି ଯେ,
ଏ ଘାଟେ ସେ ଯତୀ' ପୁରୁଷ ଆସନ୍ତି ନକରିବା ତାଙ୍କୁ ପାରି ଯେ ।୧୨୦।
ଶୁଣି ଧୀବର ଅତି ତରତରେ ପ୍ରବେଶିଲା ଯାଇଁ ନାବ ମଙ୍ଗରେ
ଦେଖେ ଆରକୂଳେ ଅଛନ୍ତି ତିନି ମନେ ପୂର୍ବ ଅଭିଶାପକୁ ଗୁଣି ଯେ
ନାବ ଚଳାଏ ଚଞ୍ଚଳ ଯେ,
ଉତ୍ତରା ପବନ ବହେ ଘନ ଘନ ନାବର ଗତି ମନ୍ଥର ଯେ ।୧୨୧।
ଗଙ୍ଗାକୂଳେ ମୁନି ରାମ ଲକ୍ଷ୍ମଣ ନାବିକେ ଡାକନ୍ତି ନାବକୁ ଆଣ
ଧୀବର ଶୁଣି ନାବକୁ ନ ଆଣି ରାମଚନ୍ଦ୍ରଙ୍କୁ ଫୁକାରଇ ବାଣୀ ଯେ
ପଥର ହୋଇଲା ନାରୀ ଯେ,
ତରୀ ମୋର ନାରୀ ହେଲେ ଯିବ ସରି ସର୍ବ ସମ୍ପତ୍ତି ମୋହରି ଯେ ।୧୨୨।
ଶୁଣିଣ ଲକ୍ଷ୍ମଣ ହସି ଭାଷନ୍ତି, ନାବ ନାରୀ ହେଲେ ରହିବ କୀର୍ତ୍ତି
କାଠ ନାବ ଠରୁ ନାରୀ ରତନ, ତୁଳନେ ଅତି ମୂଲ୍ୟବାନ ଧନରେ
ଅଯୋଗ୍ୟ ବିଚାର ତୋରରେ,
ସୁମନେ ବିଚାରି ନାବେ କର ପାରି କିମ୍ପା କରୁ ହରବର ରେ ।୧୨୩।
ଶୁଣିତା ବୋଲଇ ବିଜ୍ଞ ଧୀବର, ମୋ ନାବ ନାରୀକି ଇଚ୍ଛା ତୁମ୍ଭର
ଯା' ଚରଣ ରେଣୁ ନିର୍ଜୀବ ଶିଳେ, ପଡୁ ରମ୍ୟା ନାରୀ ହେଲା ଚଞ୍ଚଳେ
କାଷ୍ଠ ଶିଳା ଏକାକାର ଯେ,
ଏଣୁ ମୋ ବିଚାର ନ କରିବି ପାର ଅନ୍ୟନାବେ ହୁଅ ପାର ଯେ ।୧୨୪।
ପୁଣି ଗୁଣି ଭାଷେ ବିଜ୍ଞ ଧୀବର କୋପେ କିମ୍ପାଇ ହୁଅ ତରବର
ଯେଣୁ ତୁମ୍ଭେ ଜାତି ପୁଅ ମୋହରି ଆସେ ଧୀରେ ତୁମ୍ଭ ଗୁଣକୁ ସ୍ମରି
କୋପେ ସୁମିତ୍ରା ନନ୍ଦନ ଯେ,
ବୋଲନ୍ତି କିପରି ଜାତି, ଗୁଣ ଧରି ଆସ କର ତୁ ବର୍ଣ୍ଣନ ଯେ ।୧୨୫।
ବୋଲେ ଦାସ ଗଙ୍ଗା ପାରି ମୁଁ କରେ, ଭବେ ଭବସିନ୍ଧୁ ଦୁଃଖ ଯେ ହରେ
ମୁଁ ଧୀବର ସେ'କି ନୁହେଁ ଧୀବର ଉଚିତ ଜ୍ଞାନରେ ବିଚାର କର ଯେ
ଭକ୍ତ ଆର୍ତ୍ତ ଡ଼ାକ କାଳେ ଯେ,
ଢ଼େରି କିମ୍ପା କରେ ଚଞ୍ଚଳ ନ ତାରେ ଗୁଣ ଧରି ଢ଼େରି କରେ ଯେ ।୧୨୬।
ତୁମ୍ଭ ନାବେ ତୁମ୍ଭେ ହୋଇ ନାଉରୀ, ହୁଅ ପାର 'ନ' କରିବି 'ମୁଁ' ପାରି
ଶୁଣନ୍ତେ ରାଘବ ଆଶ୍ୱାସି କହି, ଆମ୍ଭେ କିଏ କି ଅବା ଜଣା ନାହିଁରେ
ନାବେ ଶୀଘ୍ର କର ପାର ଯେ,
ସେ,ଶିଳା ସୁଶୀଳା ହେଲା ପରି ବାଳା ନ' ହେବ ନାବ ବିଚାର ଯେ ।୧୨୭।

Digitized by PPRACHIN, SOA

ରାମ ବାଣୀ ଶୁଣି କୈବର୍ତ୍ତ କହି ତଥାପି ମନରେ ଶଙ୍କା ହୁଅଇ
ଶ୍ରୀପଦ ଧୋଇବି ନାବରେ ବସ, ନାବ ରହିବ ପୂରିବ ମାନସ ଯେ
ତାର ଭାବ ଘେନି ହରି ଯେ,
କହିଲେ ଯେପରି ନାବ ନୁହେଁ ନାରୀ ନିର୍ଣ୍ଣୟ କର ସେପରି ଯେ ।୧୨୮।

ଅଦିବ୍ୟ ପାତ୍ରକୁ ସୁଦିବ୍ୟେ ଧରି ଜାହ୍ନବୀ ରସକୁ ଆଣୁ ନାଉରୀ
କଉଶଲ୍ୟା କଣ୍ଠ-ମୁକୁତା ହାର, ମନଜାଣି ବଢ଼ାଇଲେ ପୟର ଯେ
ପାଦ ଝାଡ଼ି ଓଢ଼ଣୀରେ ଯେ,
ସଲୀଳ ଢ଼ାଳିଣ ପାଦ ପଖାଳିଣ ଧନ୍ୟ ହେଲା ଚିନ୍ତା କରେ ଯେ ।୧୨୯।

ପିତାମହ ଯେ ପାଦଥିଲେ ଧୋଇ, କମଣ୍ଡଳୁ ଜଳେ, ଗଙ୍ଗା ନ ପାଇ
ଉଦକ ନ ପାଇ ଶିବ ବିଷାଦ ବିଜ୍ଞାନୀ ଧୀବର ଧୋଇସେ ପାଦ ସେ
ମିଳନ୍ତେ ଚରଣାମୃତ ଯେ,
ଅତି ଆନନ୍ଦରେ ଦାସତ୍ୱ ଭାବରେ, ଗର୍ଭେ କ୍ଷେପେ ଦାସ ପୁତ୍ର ଯେ ।୧୩୦।

ପୋଛଇ ଆମିଷ ଗନ୍ଧ ବସନେ, ଭାଷଇ ବସିବ ପଦ୍ମ ଆସନେ
ପଲ୍ଲବ ତଳପ ବିଛାଇ ଆସି, କରକୁ ଓଟାରୁ ନ ଆସୁ ଋଷି
ଭୟେ ମନ ଦକ ଦକ ଯେ,
ଭାଷେ ତପୋଧନ ଏ ନୀଳ ବରନ ଅଟଇ ବଡ଼ ତାନ୍ତ୍ରିକ ଯେ ।୧୩୧।

ଅଳ୍ପ ହସି ଜଳପିଲେ ରାଘବ, ଚିହ୍ନି ନ ପାରୁଛୁ ଗୁଣ ଲାଘବ
କହିବା ମାତ୍ରେ ମୁଁ ବସନ୍ତି ଯାଇ, ଭଣୁ ଦାସ ପୁତ୍ର ପାଣି ଦେଖାଇ ହେ
ପକାଇ ପଦ୍ମ ଆସନ ଯେ,
ବସନ୍ତେ ରାଘବ ସେ' ସୌନିକାଧବ ବସୁ ସୁମିତ୍ରା ନନ୍ଦନ ଯେ ।୧୩୨।

ଧୀରେ ଧୀରେ ଧୀବର ଚାଲୁ କାତ, ରାମ ଅଙ୍ଗ ପଦ୍ମାସନେ ବ୍ୟଥିତ
ଜାଣୁ ପଦ ବ୍ୟଥା ଦୁଃଖିତ ମନେ, କୌଶିକ ଠାରିଲେ ବାମ ନୟନେ ଯେ
ଦାସ ସତ୍ୟ ଗୁରୁ ମାର୍ଗ ଯେ,
ମଧ୍ୟମା ବିଚାରେ ରାଘବ ଖୋଲିଲେ ବ୍ୟଥିତ ଦକ୍ଷିଣ ଅଙ୍ଗ ଯେ ।୧୩୩।

ଲୋକନେ ନାବିକ ଚିତ୍ତ ଅଧୀର, ପୁଣି ଭାବେ ପାଦ ଗଙ୍ଗା ଉପର
ରେଣୁ ପଡ଼ିଲେ ହେଉ ସେହି ନାରୀ, ନ କାଢ଼ିବ ପଦ କରେ ଗୁହାରି ଯେ
ଭକ୍ତି ଘେନି ରାମ କ୍ରମେ ଯେ,
ରହସ୍ୟେକ କରି ହେବେ ଗଙ୍ଗାପାରି, ଭାବୁତା ମାନସେ ଧର୍ମେ ଯେ ।୧୩୪।

ଜାହ୍ନବୀ ଜାଣୁ ବିଜେ ରଘୁବୀର ଭାବନ୍ତି ପବିତ୍ର ହେଲା ଶରୀର
ଯେଉଁ ପଦାବ୍ଜକୁ ତାପସଗଣ ଅହର୍ନିଶି କରୁଥାନ୍ତି ସ୍ମରଣଯେ
ସେହି ଆଜି ବିଦ୍ୟମାନ ଯେ,
ମିଳିବକି ଦିନେ ଆଉ ଏ ଜୀବନେ କରିବି ଯାଇ ଦର୍ଶନ ଯେ ।୧୩୫।

Digitized by PPRACHIN, SOA

ଜଳୁ ଗଙ୍ଗା ଉଠୁ ଉଠେ ତରଙ୍ଗ, ଓଲଟିବା ପ୍ରାୟେ ହେଉ ତା ମଙ୍ଗ
ଡ଼ାକଇ ଧୀବର କୋଦଣ୍ଡଧାରୀ, ରକ୍ଷାକର ଯଦି ହୋଇବ ପାରି
ଆସିଛକି ତରୀ ନାଶି ହେ,
ନ ପୂରିଲେ ଆଶା ସରିଲା ବେଉସା ନିନ୍ଦା ହେବ ରଘୁବଂଶୀ ହେ ।୧୩୬।
ଏ କାଳେ ଜାହ୍ନବୀ ଜଳୁ ବାହାରି, ଶ୍ରୀରାମ ଦକ୍ଷିଣ ଚରଣ ଧରି
ଉଠନ୍ତେ କେଉଟ ଅନାଇଁ ଦେଲା, ବୁଲାଇଣ କାତ ବାଡ଼ି ଭାଙ୍ଗିଲା
ଦେବୀ ହେଉଁ ଆବିର୍ଭାବ ସେ,
ଜଳକୁ ଡ଼େଇଁଣ ଛନ୍ନ ଛନ୍ନ ମନ ଭାଷେ ନାଶ ଗଲା ନାବ ସେ ।୧୩୭।
ମନାକଲି ମନା ଘେନିଲ ନାହିଁ, ସରିଲା ସମ୍ପତ୍ତି ଏବେ ଗୋସାଇଁ
ଡ଼ଙ୍ଗା ଗଙ୍ଗା ଗର୍ଭେ ଗଲା ନିଶ୍ଚୟ, ରଙ୍ଗା ଚରଣ ହେ କର ଉପାୟ ଯେ
ନାବ ହେଲାଣିତ ନାରୀ,
ଏକା ନାରୀ ମୁହିଁ ପୋଷି ନ ପାରଇ କି କରିବି ବେନି-ଧରି-ହେ ।୧୩୮।
ନାବିକ କାତର ଭାରତୀ ଶୁଣି, ଆଶ୍ୱାସି କହନ୍ତି କୋଦଣ୍ଡ ପାଣି
ତୋନାବ କଦାପି ନାରୀ ନ ହେବ, ବୁଝୁଥିଲୁ ଆମ୍ଭେ ତୋହରି ଭାବ ଯେ
ନାବ ହୋଇଥିଲେ ବାଳାରେ
ନ ଥାନ୍ତା ତୋ ନାବ ବୁଝି ଏହି ଭାବ ନାବେ ବସି ନାବ ଚଳା ରେ ।୧୩୯।
ଦାସ ଭାବ ଜାଣି, ଜାହ୍ନବୀ ତୋଷି, ଫେରିବା ଭାଷନ୍ତେ ମିହିର ବଂଶୀ
ଶମ୍ଭୁ ତାପହାରୀ ଅମ୍ବୁଜ ନେତ୍ରୀ, କମ୍ବୁ କଣ୍ଠୀ କମ୍ବୁ ନଦ ସୁଗାତ୍ରୀ ଯେ
ବାର ବାର କରି ଅଳି ଯେ,
ବୋଧପାଇଁ ଚିତ୍ତ ଅଷ୍ଟ ରତ୍ନ ଯୁତ ନବନିଧି ଗଡ଼ାମାଳି ଯେ ।୧୪୦।
ରାମ ଗଳାରେ ତା ମଣ୍ଡନ କରି ବାମଦେବ ବିଷ ଖଣ୍ଡନ କାରୀ
ଚପଳା ଯଥା ଘନରୁ ଉତ୍ପନ୍ନ ଚପଳେ ଚପଳା କରୁ ଗମନ ଯେ
ନାବିକ ସନ୍ଦେହ ଗଲା ହେ,
ନାବେ ଆସି ବସି ଆଶ୍ୱାସି ଆଶ୍ୱାସି, ନାବ କିଛି ଦୂର ନେଲା ଯେ ।୧୪୧।
ଆନନ୍ଦାଶ୍ରୁ ନେତ୍ରେ କଲା ବିଚାର ବଡ଼ ମହିମା ମୋଠାକୁର ଙ୍କର
ଭଉଁରୀ ଗର୍ଭରେ ଭଉଁରୀ ପରି ନାବ ଘୂରଇ ହସଇ ନାଉରୀ ଯେ
ଏ ଭାବ ଦେଖି ଲକ୍ଷ୍ମଣ ଯେ,
ହୋଇ କୋପମନା କରିଣ ଭାବନା ଧନୁରେ ଚଢ଼ାନ୍ତି ବାଣ ଯେ ।୧୪୨।
ବାରଣ କରନ୍ତି କୌଶଲ୍ୟା ସୁତ ମାରିବା ପୂର୍ବରୁ ହେଉ ତଦନ୍ତ
କିମ୍ପାଇଁ ଧୀବର ଘୂରାଏ ନାବ ହସିବା କାରଣ ପୁଚ୍ଛନ୍ତେ ସର୍ବ ଯେ
ନମିଣ ଭାଷେ ନାଉରୀ ଯେ,
ପୂର୍ବ କାଳେ ଥରେ କଚ୍ଛପ ରୂପରେ ଗଲି ପଦସେବା କରି ଯେ ।୧୪୩।

Digitized by PPRACHIN, SOA

ଶେଷଦେବ ଅନନ୍ତ ଏ ଲକ୍ଷ୍ମଣ- କ୍ଷୀରାବ୍ଧିରେ ଧରି ଥିଲେ ବକ୍ଷେଣ
ଲକ୍ଷ୍ମୀ ବସି ପାଦ ମଞ୍ଜାଳୁ ଥିଲେ, ପାଦ କମଳ ଛୁଆଁଇ ନ ଦେଲେ ଯେ
ଏ ଅନନ୍ତ ଶ୍ୱାସ ଘାତେ ଯେ,
ଶତେ ଯୋଜନରେ ଉଡ଼ିଯାଇ ପଡ଼େ ଶାଲ୍ମଳୀ ଯେପରି ବାତେ ।୧୪୪।
କେତେ କାଳେ ଅନନ୍ତ ଅତିକ୍ରମି, ପହଞ୍ଚିଲି ପଦ ନିକଟେ ଭ୍ରମି
ବରୁଣ ତନୟା ହୋଇ ନିର୍ଦ୍ଦୟା ଦୂରକୁ ଫିଙ୍ଗନ୍ତି ମୋହର କାୟା
ଛୁଆଁଇ ନ ଦେଲେ ପାଦ ଯେ,
ବୁଲି, ଯାଉଁ ପୁଣି ଏ ସହସ୍ର ଫଣୀ ଲାଞ୍ଜ ଆଘାତେ ପ୍ରମାଦ ଯେ ।୧୪୫।
ସେ ଜନମ ଅନ୍ତେ ଏ ଜନ୍ମ ହେଲା ପଦ ସ୍ପର୍ଶ ପାଇଁ ଆଶା ନ ଥିଲା
ଅଛତ ବେନି ସେ ତ୍ରୟ ମଧ୍ୟରୁ ଭାବୁ ତା ଆନନ୍ଦ ଜାଗେ ହୃଦରୁ ଯେ
ଅଳପ ଦେଲି ମୁଁ ହସି ଯେ,
ଏବେତ ସେ ପଦ ସ୍ପର୍ଶ କରି ଧୌତ କେ ବାଧା ନ ଦେଲେ ଆସି ଯେ ।୧୪୬।
ପାପୀଙ୍କୁ ଯେ ଗଙ୍ଗା କରେ ପାବନ ତା ଗର୍ଭେ ନାବେ ସର୍ବେ ବିଦ୍ୟମାନ
ଯା'ନାମ ଖଣ୍ଡଇ ସର୍ବ କଲ୍ମଷ, ଦିବ୍ୟରୂପେ ସେ ବିଦ୍ୟମାନ ପାଶ ଯେ
ଶେଷଦେବ ଏ ଲକ୍ଷ୍ମଣ ଯେ,
ବାଣ ପେଶୁଁ ପ୍ରାଣ ପାଇବ ନିର୍ବାଣ ପ୍ରବୋଧନ୍ତି ରଘୁରାଣ ଯେ ।୧୪୭।
ନାବ ବାହୁ ରାମ ତାପସେ ଭାଷି ଏ ଗଙ୍ଗା କେବେ ଜାତ କାହୁଁ ଆସି
ପୂର୍ବେ ବିଷ୍ଣୁ ନଖ କୋଣରେ ଥିଲା ପିତୃ ଅର୍ଥେ ଭଗୀରଥ ଆଣିଲା ଯେ
ନାବ ଲାଗନ୍ତେ କୂଳରେ ଯେ
ଓହ୍ଲାଇଣ ଗଲେ ଶ୍ରୀ ରାମ ଲକ୍ଷ୍ମଣ ସହିତ ଗାଧି କୁମରେ ଯେ ।୧୪୮।
ନାବିକେ ଭାଷନ୍ତି ପ୍ରଭୁ ଅନାଦି ନାବମୂଲ ଘେନ ଏହାର ମୁଦି
କପର୍ଦ୍ଦକ ନାହିଁ ଆମ୍ଭର ପାଶେ ମାଳି,ମୁଦି ଦେଲୁ ଘେନ ହରଷେ ଯେ
ବ୍ୟୟ କର ବିକ୍ରୀ କରି ଯେ,
ଆଉ ଏ ଗଙ୍ଗାରେ ବୃଦ୍ଧ ବୟସରେ ନ ବୁହାଅ କେବେ ତରୀ ଯେ ।୧୪୯।
କାର୍ପୁଣ୍ୟ ହୋଇଣ ଭାଷେ ଧୀବର ଲୋଡ଼ା ନାହିଁ ମୋର ମୁଦ୍ରିକା ହାର
ଥୋଡ଼ାଏ ଯା' ଲୋଡ଼ା ପାଦ ଧୌତରୁ ତୋଡ଼ା ମୁକ୍ତ ହେଲି ଦାସ ଜନ୍ମରୁ ଯେ
ନ କର ଯା ମୋତେ ଦାନ ହେ,
ଏ ମୁଦ୍ରିକା କରେ ହାର ଝୁଲୁ ଗଳେ ଶୋଭା ଦେଖୁ ମୋ ନୟନ ହେ ।୧୫୦।
ଧୀବର ଭକତି ଦେଖି ରାଘବ କର ସ୍ପର୍ଶେ ସ୍ୱର୍ଣ୍ଣ କରି ତା ନାବ
ଭାଷନ୍ତି ଏହା ଘେନିଲେ ଝଟତି ଗଙ୍ଗା ପାରି ମୂଲ ଋଣରୁ ମୁକ୍ତି ଯେ
ପାଇବି ହେବ ସମ୍ମାନ ଯେ,
ଭକ୍ତ ଉଦ୍ଧାରଣ ବାନା ବନ୍ଧା ତୁମ୍ଭେ ବୋଲି ହେଉଛି ଦୂଷଣ ଯେ ।୧୫୧।

Digitized by PPRACHIN, SOA

ଭାଷଇ କୈବର୍ତ୍ତ ଯେ କାଷ୍ଠନାବ ପ୍ରଭୁ କାର୍ଯ୍ୟେ ଅର୍ଜି ଅଛି ଗୌରବ
ଅମୂଲ୍ୟ ସେ ସ୍ୱର୍ଣ୍ଣ ମୂଲ୍ୟ ହୁଅଇ, ଲୋଭେ ସ୍ୱର୍ଣ୍ଣ ନାବ ନେବି କିମ୍ପାଇ ଯେ
ନାପିତ ନାପିତେ କ୍ଷୌର ହେ ,
କରି, ମୂଲ୍ୟ କାରେ ମାଗେ କି ଚତୁରେ ଦେଉଅଛନ୍ତି ଏହାର ଯେ ।୧୫୨।
ଏ ଭବ ସାଗରୁ ତବ ନାବରେ ପାରପାଇଁ ଆଶା ରଖି ହୃଦରେ
ବହୁକାଳୁ ଏଥି ରହିଛି ପଡ଼ି କି ଲୋଡ଼ା ଏ ହର ଅବା କଉଡ଼ି ଯେ
ଜାଣି ତା ନିର୍ଲୋଭ ପଣ ଯେ,
କରୁ କୋଳାଗ୍ରତ ତା ମୁକ୍ତି ନିମିତ୍ତ ବୈକୁଣ୍ଠୁ ଆସିଲା ଯାନ ଯେ ।୧୫୩।
ଦେଖୁ ଦାସ ପୁତ୍ର ମଣି ଗୌରବ ଡ଼କାଇଲା ବନ୍ଧୁ କୁଟୁମ୍ବ ସର୍ବ
ଶ୍ରୀରାମ ଚରଣେ ଜୁହାର କରି ବଇକୁଣ୍ଠେ ଯାଉ ତା ନାରୀ ଧରି ଯେ
ପତିତ ଉଦ୍ଧାର ବାନା ଯେ,
ବନ୍ଧା ହେଲା ସେହି ନ ହୁଅ ସନ୍ଦେହୀ ପୂରିବ ସର୍ବ କାମନା ଯେ ।୧୫୪।
ମହାଦେବ, ବିଷ୍ଣୁ ନାମକୁ ଯୋଗ କରୁ ମରୀଚ୍ୟାଦି ହେଲେ ବିଯୋଗ
ଗୁଣନ୍ତେ ବଳଦେବ ନାମ ସଦା ହରିଲେ ଗ୍ରହଗଣ ସର୍ବ ବାଧା ଯେ
ଯେ ଫଳ ସେତୁ ମିଳିଲା ଯେ
ବେଦ ସଂଖ୍ୟା ତହିଁ ଯୋଗ ଯେ କରାଇ ଛାନ୍ଦେ ପଦ ସଂଖ୍ୟା ହେଲା ।୧୫୫।

ଭାବାର୍ଥ-ଏହି ପଦରେ ସାହିତ୍ୟ ମାଧମରେ କବି' ଗଣିତର ମିଶାଣ,ଫେଡ଼ାଣ,ଗୁଣନ ଓ ହରଣକୁ ନିଷ୍ପଭ କରାଇ ପଦସଂଖ୍ୟା ସ୍ଥିର କରିଛନ୍ତି ଯଥା:- ମହାଦେବଙ୍କ ନାମ ସଂଖ୍ୟା ୪୮ ଯୋଗ ବିଷ୍ଣୁଙ୍କ ନାମ ସଂଖ୍ୟା ୩୯=୮୭ ବିଯୋଗ ବଳଦେବଙ୍କ ନାମ ସଂଖ୍ୟା ୭ =୮୦ ଗୁଣନ କୁବେରଙ୍କ ନାମ ସଂଖ୍ୟା ୧୭ =୧୩୬୦ ହରଣ ଗ୍ରହଗଣ ଙ୍କ ସଂଖ୍ୟା ୯=୧୫୧ ଯୋଗ ବେଦ ୪ =୧୫୫ ପଦରେ ଏ ଛାନ୍ଦ ପୂରଣ କରାଗଲା ।(ଉକ୍ତ ନାମ ସଂଖ୍ୟା ଗୁଡ଼ିକ ଅମର କୋଷ ଅଭିଧାନ ଅନୁଯାୟୀ ।)

ମିଥିଲା ଉପବନେ ସୀତାଙ୍କର ରାମ ରୂପ ଦର୍ଶନ

(ରାଗ-ବଙ୍ଗଳାଶ୍ରୀ) ଛାନ୍ଦ-୬୩

ଏକ ଦିନଙ୍କରେ କୈଳାସ ଶିଖରେ ହର କରି ରାମଧ୍ୱନି ।
ସୀତା ସ୍ୱୟମ୍ବର ଚରିତ ପ୍ରଚାର କରୁ ଶୁଣନ୍ତି ଭବାନୀ ।। ।୧।
ଘେନ ହେ ବିଦୁଷ ସେ ଅମୀୟ ରସ ଷଡ଼ ରିପୁ କରି ଦୂର ।
ସମସ୍ତ କଳୁଷ ଯିବ, ଦୂରେ, ବାସ ହେବ ଅନ୍ତେ ସ୍ୱର୍ଗପୁର ।। ।୨।
ଧୀବର ସମ୍ବାଦ ଶେଷେ ରାମଚନ୍ଦ୍ର ମିଥିଲାର ଉପବନ ।
ବିଲୋକି ନୟନେ ଆନନ୍ଦିତ ମନେ ପଦେ କରନ୍ତି ଗମନ ।। ।୩।
ଦର୍ଶନାଭିଳାଷେ ସେ ମିଥିଳା ଦେଶେ ଷଡ଼ ଋତୁ ଆଗମନ ।
ସୀତା ବିଭାକାଳେ ସ୍ୱୟମ୍ବର ଛଳେ କରିବେ ପୁଷ୍ପେ ପୂଜନ ।। ।୪।
ଶରତେ କମଳ ହିମେ ନୀଳୋତ୍ପଳ ଶିଶିରେ ସର୍ଷପ ଫୁଲ ।
ବସନ୍ତେ ବକୁଳ ଗ୍ରୀଷ୍ମେ ମଲ୍ଲୀମାଳ ନୀପେ ବର୍ଷା କରେ ତୁଲ ।। ।୫।

Digitized by PPRACHIN, SOA

କୋକିଳ ଚାତକ ଶିଖି ବକ ଶୁକ କୁମ୍ଭାଟୁଆ ହଂସରାଡ଼ି ।
ଷଡ଼ ଋତୁ ପକ୍ଷୀ ଏକ କାଳେ ସୁଖୀ ହୋଇ ଦେଉଥାନ୍ତି ରଡ଼ି ।। ।୬।
ବରୁଣ ଦେବତା ହୋଇ ଅଶକତା ଦରଶନେ ସ୍ୱୟମ୍ବର ।
ଶୀତ ତାପ ରକ୍ଷା କଲା ବହି କକ୍ଷା ମିଥିଳାର ସରୋବର ।। ।୭।
ଛାଡ଼ି ହିମାଳୟ ତପୋଧନ ଚୟ ଉପବନେ ଉପଗତ ।
ସୀତା ସୀତାପତି ଯୁଗଳ ମୂରତି ଦରଶନେ ହୋଇ ରତ ।। ।୮।
ମିଥିଳା ନିକଟ ଉପବନ ତଟ ବିପିନେ ଆଶ୍ରମ ଆଭା ।
ଯେ ନାମକୁ ଭାଷେ ରସ ଦୁଇ ରସେ ବଢ଼ାଇବ ବନ ଶୋଭା ।। ।୯।
ଭରଦ୍ୱାଜ, ବ୍ୟାସ ମାତଙ୍ଗ , ଶିଖୀଶ ବରାହ ,କୌଶିକ ,ରାମ ।
ସେ କୁମ୍ଭ, ସଂଗ୍ରାମୀ ରୋମାଞ୍ଚ,ବୈରାଗୀ ଯୁଗଳ ଦର୍ଶନେ କାମ୍ୟ ।। ।୧୦।
ଗୃଧ୍ର, ବଳିପୁଷ୍ଟ ଶଲ୍ୟ, ଖଞ୍ଜରୀଟ କୀର ଭୃଙ୍ଗ ବନ ପ୍ରିୟ ।
ବରାହ, କାଳିକ ସାରସ, ବଞ୍ଚକ ପ୍ଳବଗ, ଶକୁନି, ଚୟ ।। ।୧୧।
ମରୀଚି, କୌଶିକ, ଅଶ୍ୱକର୍ଣ୍ଣ, ଶୁକ କଣି ମାରକ, ଗାୟତ୍ରୀ ।
କୁବାଳ, ମନ୍ମଥ ଶୋଭାଞ୍ଜନ ତିକ୍ତ- ବ୍ୟାଧି ଘାତଯେ ଅଗସ୍ତି ।। ।୧୨।
ଉପକୂଲ୍ୟା ବ୍ୟାଘ୍ର- ପୁଚ୍ଛ, ସାଣ୍ଡଲ୍ୟଘ୍ର କର୍କନ୍ଧସ, କାଳକନ୍ଦ ।
ଅଗ୍ନିମୁଖ, ହରି- ପ୍ରିୟ, ପାଶୁପତ କୁମାରକ, ସତ୍ୟାନନ୍ଦ ।। ।୧୩।
ବ୍ରାହ୍ମୀ, ଗଜଭିକ୍ଷା ଶତାଙ୍ଗ,ଶିଶିଖା ତପସ୍ୱିନୀ, ସଲାଙ୍ଗଳୀ ।
ଗୁଞ୍ଜନ, ଲାଙ୍ଗଳୀ ଶତବୀର୍ଯ୍ୟ, କାଳୀ ତୃଣଧ୍ୱଜ, ଯେ ହିଙ୍ଗୁଳି ।। ।୧୪।
ଏହି ପରି ଯେତେ ତପସ୍ୱୀ ସ୍ୱନେତ୍ରେ ବିଲୋକୁ କଲେ ବିଚାର ।
ଅଗ୍ରେ ପ୍ରଜାପତି ଘେନିଣ ଶ୍ରୀପତି ମଧ୍ୟେ ଏକି ମହେଶ୍ୱର ।। ।୧୫।
ଧୂର୍ଜଟୀ କମାଣ ଭାଙ୍ଗି ରାଜାପଣ ରଖି ବିଭାହେବେ ସୀତା ।
ଯା ପାଇଁ ଯେ ବର ପୂର୍ବୁ କରି ସ୍ଥିର ଅଦୃଷ୍ଟେ ରଖିଛି ଧାତା ।। ।୧୬।
ପୂର୍ବରେ ନାରଦ ହୋଇ ଗଦଗଦ ସୀତେ କହିଥିଲେ ଦିନେ ।
ବିବାହ ପୂର୍ବରୁ ଆରାଧ୍ୟ ଦେବଙ୍କ ଭେଟ ହେବ ଉପବନେ ।। ।୧୭।

ଟୀକା: ୧୦-ଭରଦ୍ୱାଜ-ଭଦାଳିଆ,ବ୍ୟାସ-ଛୋଟପକ୍ଷୀ,ମାତଙ୍ଗ-ହସ୍ତୀ,ଶିଖୀ-ମୟୁର,ବରାହ-ବାର୍ହା,କୌଶିକ-ପେଚା,ରାମ-ମୃଗ, କୁମ୍ଭ-କଳସ,ସଂଗ୍ରାମୀ-ଯୋଦ୍ଧା,ରୋମାଞ୍ଚ-ପୁଲକିତ,ବୈରାଗୀ-ଋଷି(ସମୂହ),ଯୁଗଳ ଦର୍ଶନେ-ସୀତାରାମ ଦେଖିବାକୁ । ୧୧:ଗୃଧ୍ର-ଶାଗୁଣା, ବଳିପୁଷ୍ଟ-କାକ,ଶଲୀଳ-ଝିଙ୍କାରୀ,ଖଞ୍ଜରୀତ-ଖଞ୍ଜନ ପକ୍ଷୀ, କିରକିରା,ଭୃଙ୍ଗ-ଭ୍ରମର,ବନପ୍ରିୟ-କୋକିଳ,ବରାହ-ଘୁଷୁରୀ,କାଳୀକ-କଜଳପାତି, ସାରସ-ହଂସ,ବଞ୍ଚକ-ବିଲୁଆ, ପ୍ଳବଗ-ବାନର,ଶକୁନି-ଶାଗୁଣ ! ୧୨: ମରୀଚି-ଗୋଲ ମରୀଚ, କୌଶିକ-ଗୁଗୁଳ ଗଛ, ଅଶ୍ୱକର୍ଣ୍ଣ-ଶାଳ ଗଛ,ଶୁକ-ଶୁଆ ।ଅଣୀମାରକ-କରଞ୍ଜ ଲତା,ଗାୟତ୍ରୀ-ଖଦୀର ଗଛ,କୁବାଳ-ରକ୍ତ ଚନ୍ଦନ,ମନ୍ମଥ-କଇଥ,ଶୋଭାଞ୍ଜନ-ସଜନା, ତିକ୍ତ-ପିତା,ବ୍ୟାଧିଘାତ-ସୁନାରୀ,ଅଗସ୍ତି-ଶାଗ । ୧୩-ଉ..କୂଲ୍ୟା-ଗୟଶ,ବ୍ୟାଘ୍ର ପୁଚ୍ଛ -ଗବଗଛ, ସାଣ୍ଡଲକ୍ୟ-ବେଲ, କର୍କନ୍ଧସ-ବରକୋଳି,କାଳକନ୍ଦ-କେନ୍ଦୁ,ଅଗ୍ନିମୁଖ-ଭାଲିଆ,ହରିପ୍ରିୟ-କଦମ୍ବ,ପାଶୁପତ-ଗୟଶ,କୁମାରକ-ବରୁଣ, ସତ୍ୟାନନ୍ଦ-ସତ ସଂଖ୍ୟାରେ । ୧୪:ବ୍ରାହ୍ମୀ-ସୁଆମ ଲତା, ଗଜଭୀକ୍ଷା-ସଡ଼ପ,ଶତାଙ୍ଗ-ରଥ,ଗ୍ରିଶିଖା-ବିଶଲ୍ୟକରଣୀ, ତପସ୍ୱିନୀ-ଜଟାମାଂସି, ସଲାଙ୍ଗଳୀ-ମଦରଙ୍ଗା,ଗୁଞ୍ଜନ-ରସୁଣ, ଲାଙ୍ଗଳୀ-ନଡ଼ିଆ, ଶତବୀର୍ଯ୍ୟା -ଧଳା ଦୁବ,କାଳୀ-ବନଦୁର୍ଗା,ତୃଣଧ୍ୱଜ-ବାଉଁଶ ଗଛ, ହିଙ୍ଗୁଳୀ-ବାଇଗଣ,

Digitized by PPRACHIN, SOA

ଅହଲ୍ୟା ଉଦ୍ଧାର

ରାମ ଲକ୍ଷ୍ମଣ ମିଥିଲ୍ୟା ପରିଭ୍ରମଣ

ଦେବୀ ମନ୍ଦିର ନିକଟ ପୁଷ୍କରଣୀ କୂଳେ ମାତା ଜାନକୀଙ୍କ ସହିତ ପ୍ରଭୁ ଶ୍ରୀରାମଙ୍କ ଚାରିଚକ୍ଷୁ ମିଳନ



ଶିବଧନୁ ଭଗ୍ନ ପାଇଁ ରାବଣ ଓ ବାଣାସୁର ଉଦ୍ୟତ

Digitized by PPRACHIN, SOA

ସ୍ୱୟମ୍ବର କାଳ ଯା' ହୋଇଛି ସ୍ଥିର ମାତ୍ର ଅଛି ଦୁଇଦିନ ।
ସତୀ ଦୁଃଖମନା ପୂଜା ଅରଚନା କରି ନ ହେଲା ଦର୍ଶନ ।। ।୧୮।
ଏଣେ ରାମ ଭ୍ରମି ଭ୍ରମି ଅତିକ୍ରମି ନଗର ଉପକଣ୍ଠରେ ।
ଚଣ୍ଡୀଙ୍କ ମନ୍ଦିର ଦିବ୍ୟ ସରୋବର, ମଧ୍ୟେ ବିଶ୍ରମ୍ଭୁ ପେଣ୍ଠରେ ।। ।୧୯।
ଅତି ସୁ ଗଭୀର ସୁନିର୍ମଳ ଜଳ ଇଚ୍ଛାତେ ଚୁମ୍ବକ ପରି ।
ବସ୍ତୁ ପ୍ରତିବିମ୍ବ ମନୁ ହରେ ଦମ୍ଭ ଟାଣି କିବା ରଖେ ଧରି ।। ।୨୦।
ସେ ମାର୍ଗ ବିଭବ- ଶାଳୀ, ପରାଭବ ଶୋଭା ସମ୍ପଦେ ପ୍ରତୀତି ।
ନିଜ ବାସସ୍ଥାନ ଛାଡ଼ି ଦେଇ ଧ୍ୟାନ ଲକ୍ଷ୍ମୀ ବିଜେ କରିଛନ୍ତି ।। ।୨୧।
ମନ୍ଦିର ଚୂଳରେ ଉଡୁଥିବା ଝଣ୍ଡା ଦେଖୁ ଜନେ ବିଚାରନ୍ତି ।
ମିଥିଳାର ରାଜ- ଲକ୍ଷ୍ମୀ ଶ୍ରୀରାମେ କି ସ୍ୱାଗତ କରୁ ଅଛନ୍ତି ।। ।୨୨।
ଯୁଗ ଯୁଗ ବ୍ୟାପି ତପସ୍ୟା ଅଦ୍ୟାପି ଫଳୁ' ନିଖିଳ ସୌନ୍ଦର୍ଯ୍ୟ ।
ସ୍ୱରୂପ ଯେ ଅଙ୍କ- ମଣ୍ଡନେ ସୁମୂର୍ତ୍ତି ରାମ ପଦେ ବିଧି ଧାର୍ଯ୍ୟ ।। ।୨୩।
ସେ ଲାବଣ୍ୟମୟୀ ଅନବଦ୍ୟ ରୂପ ସହ ପରିଣୟ ପାଶେ ।
ଆବଦ୍ଧ ହୁଅନ୍ତୁ ପବିତ୍ର ହୃଦୟେ ଏହା କବିଙ୍କ ମାନସେ ।। ।୨୪।
ଏକାଳେ ମୈଥିଳୀ ଘେନି ସଙ୍ଗେ ଆଳି ଯିବାପାଇଁ ଦେବୀ ଆଳେ ।
ଭାଷୁ ମାତା ବନ ଦେଖି ଶୋଭାବନ ଯାଇ ସରୋବର କୂଳେ ।। ।୨୫।
ଶ୍ରୀରାମଙ୍କ ରୂପ ସୀତା ଅପଲକ ନେତ୍ର ଜଳ ବିମ୍ବେ ଦେଖି ।
ମନ ମୀନ ସ୍ନାନ ପଦେ ହେଉଲୀନ ମେଳ ହେଲା ଚାରି ଆଖି ।। ।୨୬।
ଅନ୍ଧାର ବାସରେ ସୀତା ରୂପ ଦୀପ ଶିଖା ତେଜ ଦୃଶ୍ୟ ପରି ।
ଶ୍ରୀରାମ ନୟନ କରୁ ଆଲୋଡ଼ନ ଭାଷନ୍ତି ସେ ଚାପଧାରୀ ।। ।୨୭।
ହେ ବୀର ସୌମିତ୍ରୀ ! ଯାହା ପାଇଁ ଏଥି ଧନୁ ଯଜ୍ଞ ଅନୁଷ୍ଠିତ ।
ପୂଜା ଉଦ୍ଦେଶ୍ୟରେ ଦେବୀଙ୍କ ବାସରେ ଆସୁଜଳେ ମେଳ ନେତ୍ର ।। ।୨୮।
ଯେ ରଘୁବଂଶର ସ୍ୱଭାବ ଲକ୍ଷଣ କୁ ମାର୍ଗ ଗତିକୁ ମନା ।
ସ୍ୱପନେ ଦର୍ଶନେ ପରନାରୀ ମଣେ ମାତା, ଏ କି ବିଡ଼ମ୍ବନା ? ।୨୯।
ଦକ୍ଷିଣ ନୟନ ସ୍ଫୁରେ ଘନ ଘନ ହୃଦେ ମାର ଜାଗରିତ ।
ଏ ସୁବର୍ଣ୍ଣ କାନ୍ତି ଦରଶନେ ଭ୍ରାନ୍ତି- ହୀନେ ନେତ୍ର ଅଣାୟତ୍ତ ।। ।୩୦।
ଶେଷେ ଏହା କହି କହି ଭାଗଗ୍ରାହୀ ଦୃଷ୍ଟିରୁ ହେଲେ ଅନ୍ତର ।
କବିଙ୍କ ଚିତ୍ତରେ ଚିତ୍ତ ଚୋରି କଲେ ରାଘବ ଜାନକୀଙ୍କର ।। ।୩୧।
ରାମ ଦୃଷ୍ଟିପଥ ହେଉ ଅନ୍ତର୍ହିତ ସୀତାଦେବୀ ବିରହରେ ।
ପିତା ଧନୁ ଭଗ୍ନ ପଣକୁ ସ୍ମରଣ କରି ଦୁଖାର୍ତ୍ତେ ମନ୍ଦିରେ ।। ।୩୨।

Digitized by PPRACHIN, SOA

ସାରି ଆରାଧନା ନଗେନ୍ଦ୍ର ନନ୍ଦନା ପଦାବ୍ଜରେ କରି ଅଳି ।
ପାଷାଣରୁ ଜନ୍ମି ତୋ ମାନସ ସ୍ୱାମୀ ହେଲା ପରି ଚନ୍ଦ୍ର ମୌଳି ।। ।୩୩।
ମୋର ଭକ୍ତି ଘେନି ହୁଅ ମା ପ୍ରଦାନୀ ପୂରଣ ହେଉ ମୋ ବ୍ରତ ।
ସେ ଜଡ଼ ପଦାର୍ଥ କ୍ଷିତିରୁ ମୁଁ ଜାତ ମୋ ମନ କଳ୍ପିତ କାନ୍ତ ।। ।୩୪।
ହେ ବର ଦାୟିନୀ ଭକ୍ତ ଭକ୍ତି ଘେନି ଧର୍ମ ଅର୍ଥ କାମ ମୋକ୍ଷ ।
ଚତୁର୍ବର୍ଗ ଫଳ ଦେଉ ନର କୁଳ ଘୋଷୁଛନ୍ତି ହୋଇ ସାକ୍ଷ୍ୟ ।। ।୩୫।
ସକଳ ଜନଙ୍କ ହୃଦୟ ମନ୍ଦିରେ ଅବସ୍ଥାନ ଯେଣୁ ତୋର ।
ଜାଣି ତୁ ସମ୍ପ୍ରତି ଯାହା ଲୋଡ଼ିଭକ୍ତି କରେ ପୂର୍ଣ୍ଣ କର ମୋର ।। ।୩୬।
ଇଚ୍ଛୁ ଅନ୍ତ ଯୋନି ତୁ ବନ ଭ୍ରମଣି- କରୁ ଘେନି ଦିଗ ବାସ ।
ମୁଁ ବନ ଭ୍ରମଣି କରିବି ଶର୍ବାଣୀ ପୂର୍ଣ୍ଣ କଲେ ଅଭିଳାସ ।। ।୩୭।
ସୀତାଙ୍କ ବିନୟ ଅର୍ଚ୍ଚନା ତନ୍ମୟ କରୁ ପାର୍ବତୀ ସନ୍ତୁଷ୍ଟ ।
ଗଳୁ ପୁଷ୍ପ ମାଳ ଖସି ତତ କାଳ ଜଣାଇଲା ଗଲା ରିଷ୍ଟ ।। ।୩୮।
ଭାଷନ୍ତି ଜାନକୀ ମୋ ଭାଗ୍ୟ ଆନକି ନ ହୋଇ ରହିବ କଥା ।
ଧନୁ ଭଙ୍ଗ ପଣ କାଲି ଯେ ସମ୍ପୂର୍ଣ୍ଣ ଚିନ୍ତିଲେ ଘୂରଇ ମଥା ।। ।୩୯।
ଯାବନ୍ତ ଦୁଃସହ ଶତ ସସ୍ରସିଂହ ବଳି ବାଣାସୁର, ମନୁ ।
ସୟମ୍ବରେ ହେଲା ସାଧନା ନ ହେଲା ଟେକି ନ ପାରିଲେ ଧନୁ ।। ।୪୦।
ଦେଖୁଛି ନୟନେ ଏ ପୁଷ୍ପ ଚୟନେ ଅଙ୍ଗରୁ ବହଇ ଝାଳ ।
ସେ କୋମଳ ତନୁ ନ ପାରିବେ ଧନୁ ତୋଳି ଏଣୁ ମୁଁ ବିକଳ ।। ।୪୧।
ନ କର ଶୋଚନା ଭାଷନ୍ତି ଅପର୍ଣ୍ଣା ଧନୁ ମାତ୍ର ଲକ୍ଷେ ବଳ ।
ଦକ୍ଷ ଯଜ୍ଞେ ଦକ୍ଷ ନାଶିଣ ପ୍ରତ୍ୟକ୍ଷ ବ୍ରହ୍ମ ନାଶୁଁ ପାପ ମେଳ ।। ।୪୨।
ହୋଇ, ହେଉ ଠୁଳ ନୃପତି ସକଳ ପାପୀ ପାପ ଉତ୍ତୋଳନେ ।
ନ ହେଲେ ଭାଜନ ଏଣୁ ତା ପ୍ରମାଣ ଫେରନ୍ତି ଯେଣୁ ଆସନେ ।। ।୪୩।
ରାମ କର ସ୍ପର୍ଶେ ସେ ପାପ ଆକାଶେ ଯିବ ଟେକିବେ ସେ ଧନୁ ।
ବାର କୋଟି ବଳ ରାମ ଧନୁ ତୁଳ ସନ୍ଦେହ ତେଜ ମା ମନୁ ।। ।୪୪।
ବନ୍ଦାପନା ସାରି ହର୍ଷେ ସହଚରୀ ଜାନକୀ ଘେନି ଫେରିଲେ ।
ବିଶ୍ୱାମିତ୍ର ଦ୍ୱିଜ ରାମ ରାମାନୁଜ ସଭାମାର୍ଗେ ବିହରିଲେ ।। ।୪୫।
ସେହି ପଦ ବନ୍ଦି ଦୀନ ଦୟାନିଧି ଷଟ ଚତ୍ୱାରିଂଶ ପଦ ।
କରଇ ପୂରଣ ସୁଧିବୃନ୍ଦ ଘେନ ସୁଦୂରେ ଯିବ ପ୍ରମାଦ ।। ।୪୬।

Digitized by PPRACHIN, SOA

ଧନୁଭଗ୍ନ ଓ ସୀତା ବିବାହ

(ରାଗ-ରଷିକୂଲ୍ୟା) ଛାନ୍ଦ - ୬୪

(ବିଭୂଷଣ ପୁଷ୍ପେ ଯା' କାନ୍ତି ଜାଣ ବୃତ୍ତେ)

ପବିତ୍ର ହୃଦୟେ ଘେନ ସୁଜନେ   କୈଳାସେ ଯା' ଉମା ପୁଛିଲେ ଦିନେ
ସେ ଧନୁଭଗ୍ନ ସୀତା ସ୍ୱୟମ୍ବର   ଚରିତ ହରଷେ ଭାଷୁ ଈଶ୍ୱର ଯେ
ଶିବ ଗଣ ନନ୍ଦି, କାଳ ଯେ,
ବସୁ, ଗଣନାଥ   ଲିହିଲେ ସମସ୍ତ   ଇଚ୍ଛି ସଂସାର ମଙ୍ଗଳ ଯେ ।୧।

ବିଦେହ ରାଜନ ଚିତ୍ତ ବ୍ୟଥିତ   ସ୍ୱୟମ୍ବର ଆଜି ହୋଇବ ଅନ୍ତ
ପୁରକୁ ଫେରିବେ ସର୍ବ ଭୂପତି   ନ ପାରିଲେ ଧନୁ ଟେକି ଅକୀର୍ତ୍ତି ଏ
ଜାନକୀ ଦଶାକି ହେବ ଯେ,
ଅବିଚାର ପଣ   ହେତୁରୁ କଷଣ   ଭୋଗାଉ ଅଛି ଦଇବ ।୨।

ମନ୍ତ୍ରୀ ରାଜସଭା କରୁ ସଜ୍ଜିତ   ନୃପତି ଗଣ ହେଲେ ସମୀପସ୍ଥ
ମିଥିଲା ଦାଣ୍ଡ ଜନ କୋଳାହଳ   ସ୍ୟନ୍ଦନେ ଶୋଭଇ ଶୁଭ୍ରଚିରାଳ ଯେ
ଗଜ ଅଶ୍ୱ ଯନ୍ତା ଯନ୍ତି ଯେ,
ଏହି ସମୟରେ   ପ୍ରବେଶ ନଗ୍ରରେ   ଶ୍ରୀରାମ ଲକ୍ଷ୍ମଣ ଯତି ଯେ ।୩।

ସଭା ମଣ୍ଡପେ ଶ୍ରୀରାମ ପ୍ରବେଶ   ଲକ୍ଷ୍ମଣ କୌଶିକ ଅଛନ୍ତି ପାଶ
ଅତି ସୁନ୍ଦର ସୁକୁମାର ଦୁଇ   ଦେଖୁ ସର୍ବ ଭୂପେ ମୋହିତ ହୋଇ ଯେ
ମନେ କରନ୍ତି ବିଚାର ଯେ,
ଏ, ସଭା' ମଧ୍ୟରେ   ଧନୁଭାଙ୍ଗି କରେ   ଧରିବେ ଜାନକୀ କର ଯେ ।୪।

ଜନକ ରାଜା ଭାଷନ୍ତି ବଚନ   ଆମନ୍ତ୍ରଣୁ ବିଜେ ଯେତେ ରାଜନ
ଶିବ ଶରାସନ ଯେହୁ ଭାଙ୍ଗିବ   ବରଣମାଳା ସୀତା ତାଙ୍କୁ ଦେବ ଯେ
ସେ ଯଦି ହେବ ଅନ୍ୟଥା
ବିନା ଆମନ୍ତ୍ରିତ   ଥିବା ରାଜସୁତ   ଭାଙ୍ଗିଲେ ହେବେ ଜାମାତା ଯେ ।୫।

ଧନୁଭଗ୍ନେ ବାହାର ହେବା ରାଜାଙ୍କ ନାମ

ଭାଷୁ ଏ ଭାରତୀ ବିଦେହ ରାଜ   ଧନୁ ଭଗ୍ନେ ପୁଣି ସରବେ ସଜ
ବାଣାସୁର ଅକ୍ଲାନ୍ତ ଶ୍ରମେ ଫେରି   ଆସୁ ସଭାରେ ପରିହାସ କରି ଯେ
ବୀର ଦଶାନନ ଗଲା ଯେ,
ବିଧାତା ପ୍ରଦାନ   ବର କରି ଧ୍ୟାନ   ଶଠପଣ ଆଚରିଲା ସେ ।୬।

ଭାବେ ଧନୁ ଭଗ୍ନ କରି ରାଘବେ   ବିବାହ କରାଇ ନଦେବ କେବେ
ଅନର୍ଥ ଆଚରି ଭିଆଉଁ ଦ୍ୱନ୍ଦ   ଜାନକୀ ବିବାହ ହୋଇବ ବନ୍ଦ ଯେ
ନ ହେବ ବିଧାତା ବର ଯେ,
ଯାହାଁ ଧନୁପାଶ   କଳ୍ପନା ବିନାଶ,   ଲଜ୍ଜାରେ ଫେରିଲା ପୁର ଯେ ।୭।

Digitized by PPRACHIN, SOA



ଜନକଙ୍କ କୁବାକ୍ୟରେ ଲକ୍ଷ୍ମଣଙ୍କ ପ୍ରତିକ୍ରୀୟା

ବିଶ୍ୱାମିତ୍ରଙ୍କ ଆଦେଶରେ ପ୍ରଭୁ ରାମଚନ୍ଦ୍ର ଶିବଧନୁ ଭଗ୍ନ ପାଇଁ ଉଦ୍ୟତ



ଶିବଧନୁ ଭଗ୍ନ

ଜନକଙ୍କ ପତ୍ନୀ ସୁନୟନା ଦାସୀମାନଙ୍କ ଗହଣରେ ଭଗ୍ନ ଧନୁ ଦର୍ଶନ

Digitized by PPRACHIN, SOA

ଅଟ୍ଟହାସ୍ୟେ ଗଲା କପୀନ୍ଦ୍ର ବାଳୀ ଧନୁ ଅଣୁମାତ୍ରେ ନ ପାରି ଟେକି
ବାହୁଡ଼ାନ୍ତେ ହୋଇ ଅପମାନିତ ବାଳି ବୋଲି ହେଲା କର୍ଚ୍ଚାଳି ଘାତ ଯେ
ଲଙ୍କା ରେ ଇଚ୍ଛୁ ମରଣ,
ଭାଷନ୍ତି ଅମରେ ମୃତ ଯାହାକରେ ସେ ଭାଙ୍ଗିବେ ଏକମାଣ ଯେ ।୮।
ଯମଦଗ୍ନି ସୁତ ପରଶୁ ଧର ଧନୁ ବିଲୋକନେ ହୋଇ ବାହାର
ଦେଖୁ ଧନୁ ତେଜ ଥରିଲା ମଜ୍ଜା, ଫେରିଲେ ସଭାରେ ମିଳିବ ଲଜ୍ଜା ସେ
ଭାବି ଧନୁ ପୂଜା କଲେ ସେ
ମହେନ୍ଦ୍ର ଗିରିକି ତପେ ଗଲେ ଭଣ୍ଡି ସେ ସଭା ତେଜ୍ୟା କରିଲେ ଯେ ।୯।
ଆଉ ଯେତେ ଅଙ୍ଗ, ବଙ୍ଗ ରାଜନ କଳିଙ୍ଗ, ଚୁଡ଼ଙ୍ଗ ନୃପତି ଗଣ
ମଗଧ, ଚେଦି ,ଚେରୀ, ମଘ ମସ୍ତ ଆରବ, ଦ୍ରାବିଡ଼ ଗଉଡ ମ୍ଳେଛ ଯେ
କୁନ୍ତଳ, କେରଳ,ଚୋଳ ଯେ,
ବାହ୍ଲିକ, ତୁରସ୍କ, ଗାନ୍ଧାର, ମଗଧ, ସିନ୍ଧୁ,ସଞ୍ଚାଳ, ଉତ୍କଳ ଯେ ।୧୦।
କନାଉଜ, ବନାଉଜ,କାଶ୍ମୀରି, ଗଳଡ଼ାହଳ ଲୋମଶ କାବେରୀ
ବିଦର୍ଭ, କର୍ଣ୍ଣାଟ, କୋଶଳ ଭଟ୍ଟ, ବୋଲାଉଜ ସୌରାଷ୍ଟ୍ର, ମରହଟ୍ଟ ଯେ
କୁଞ୍ଚ କେଶର ଭୂପତି ଯେ,
ଯାଇ ଧନୁ ଭଙ୍ଗେ ଫେରିଲେ ବିରଙ୍ଗେ ସଭାରେ ଥିବା ନୃପତି ଯେ ।୧୧।
ଦେଖୁ ଏ ଘଟଣା ନିମି ସନ୍ତତି ହୃଦ ବିଦଗ୍ଧିତ ଦୁଃଖିତ ଅତି
କ୍ରମେ ତାହା ବଢ଼ି ଜନ୍ମୁ ବୈରାଗ୍ୟ ଭାଷନ୍ତି ସରବ ନୃପତି ଆଗ ଯେ
ବୀର ଶୂନ୍ୟ ପରି ରସା ଯେ,
ହୋଇଲା ପ୍ରମାଣ ପୂର୍ବର ବିଧାନ , ପାଳୁ ଘଟିଲା ଏ ଦଶା ଯେ ।୧୨।
ରାଜ୍ୟ ଅଧିକାରୀ ମୁଖ୍ୟ ଗରିଷ୍ଠ ସମସ୍ତ କ୍ଷତ୍ରିୟ କୁଳର ଶ୍ରେଷ୍ଠ
ଅଯୋଗ୍ୟ ରାଜନ ମଣ୍ଡଳୀ ଗଣ ବସିଅଛ କିମ୍ପା ମଥା ପୋତିଣ ଯେ
ଧନୁ ଭଗ୍ନେ ସର୍ବେ ଆସି ଯେ,
ଧନୁ ଆଣିବାକୁ କେହି ନ କହିଲ କି ଭାବନା କର ବସି ଯେ ।୧୩।
ନୃପତି ବାକ୍ୟ ଶରେ ସଉମିତ୍ରି ଧନୁ ଭଗ୍ନେ ଉଠୁ ବୋଧିଣ ଯତୀ
ଜନକେ ଭାଷନ୍ତି କୋମଳ ବାଣୀ ଶ୍ରୀରାମେ ଧନୁକୁ ଦେଖାନ୍ତୁ ଆଣି ଯେ
ଏ ଦଶରଥ ନନ୍ଦନ ଯେ,
ମୋ ଯାଗ ରକ୍ଷଣେ ବନରେ ତାଡ଼କା ଅସୁରୀ କଲେ ନିଧନ ।୧୪।
ପଥର ପଥରେ ଚରଣ ରେଣୁ ନାରୀ କଲା ଶାପ ମୁକ୍ତି ପାଷାଣୁ
ଛାର ଧୀବର ପଦଧୌତ କଲା ସଙ୍ଗେ ଘେନି ନାରୀ ସ୍ୱରଗେ ଗଲା ସେ
ଶିବ ଚାପ ଦେଖି ବାକୁ ଯେ,
ଆସିଣ ଅଛନ୍ତି ଦେଖ ରାଜ ଯତୀ ଭାଙ୍ଗିବେ ରାମ ଧନୁକୁ ଯେ ।୧୫।

Digitized by PPRACHIN, SOA

ଜନକ ଛଳାଇ ଦେଲେ ଉତ୍ତର ଯେ ବାଳୀ ବଳ କୋଟିଏ ସିଂହର
ଧନୁ ଭଗ୍ନେ ସେ ନୋହିଲା ସମ୍ଭବ ଏ ବାଳକେ କିତା'ସମ୍ଭବ ହେବ ଯେ
ଋଷି ସକ୍ରୋଧେ ଭାଷନ୍ତି ଯେ,
ଗଣ୍ଡ ଭଇରବ ବେନି ଗଜଧରି ବୃକ୍ଷେ ବସୁ ନ ଭାଜନ୍ତି ଯେ ।୧୬।
ଭରତିଆ ପକ୍ଷୀ ପକ୍ଷୀରେ ସାନ ବସୁ ବଡ଼ ଡ଼ାଳ ଭାଜେ ବହନ
ତେଣୁ ରାମ ଧନୁ ଭାଙ୍ଗିବା ଆଶା ପୂରଣ ହୋଇବ ଜାନକୀ ତୃଷା
ପ୍ରତେୟ ହୁଏ ମୋ ମନେ ଯେ
ପର୍ଶୁରାମ ଭଳେ ଟେକି ନ ପାରିଲେ ଧନୁକୁ, ଫେରିଲେ ଘନେ ଯେ ।୧୭।
ତାହା ଶୁଣି ବିଶ୍ଵାମିତ୍ର ଭାଷନ୍ତି ବ୍ୟଭିଚାର କଲେ ସେ କ୍ଷତ୍ରି ବୃତ୍ତି
ବ୍ରାହ୍ମଣ କାର୍ଯ୍ୟ ନିତ୍ୟ ପୂଜାବିଧି ଏଣୁ କ୍ଷତ୍ରି ବୃତ୍ତି ନ ପାରି ସାଧି ସେ
କଲେ ପୂଜା ବିପ୍ର କାର୍ଯ୍ୟ ଯେ,
କହନ୍ତି ରାଜନ ବାଣାସୁର ରାଣ ପକ୍ଷେ ବି ନ ହେଲା ଧାର୍ଯ୍ୟ ଯେ ।୧୮।
ବଡ଼ବୀର ସେ ସହସ୍ର କରରେ ଧନୁ 'ବିଶ୍ଵେ'ତଳୁ ଟେକି ନ ପାରେ
କୌଶିକ କହନ୍ତି ଶୁଣି ସେ ବାଣୀ ଅତି ବଳହୀନ ତାହାଙ୍କ, ପାଣି ଯେ
ବିଛା କଙ୍କଡ଼ା ପରାଏ ଯେ,
ତାଙ୍କ ଦ୍ଵାରା ଲକ୍ଷେ ବଳ ଶିବଧନୁ ଭାଙ୍ଗିବା କାର୍ଯ୍ୟ କି ହୁଏ ଯେ ।୧୯।
ବିଦେହ ନୃପତି ଭାଷନ୍ତି ପୁଣ ଧନୁ ଦେଖି ଫେରିଲା ଲଙ୍କାରଣ
କହନ୍ତି ଗାଧିଜ ନୁହେଁ ଏ ନିନ୍ଦା ବାଳୀ ସହସ୍ରାର୍ଜୁନେ ହୋଇଛି ବନ୍ଧା ସେ
ବୀରେ କିଏ ତାକୁ ଗଣେ ଯେ,
ଶୁଣି ନିମିସୁତ ହୋଇଣ ପରାସ୍ତ ପଚାରନ୍ତି ଭୂପ ଗଣେ ଯେ ।୨୦।
ଏ ଦଶରଥଙ୍କ ବେନି କୁମର ଧନୁ ଦେଖିବାକୁ ଶ୍ରଦ୍ଧା ତାଙ୍କର
ଧନୁ ଆଣିବାକି ସମ୍ମତି ଦିଅ, ସଭାରୁ ଶୁଭନ୍ତେ ଶୀଘ୍ର ଅଣାଅ ଯେ
ନିମି ସୁତ ଆଦେଶନ୍ତି ଯେ,
ଯାଇ ବଳୀଗଣ ମଞ୍ଜୁଷା ଆଣିଣ ସଭା ମଧ୍ୟରେ ରଖନ୍ତି ।୨୧।
କୌଶିକେ ଜନକ ଭାଷନ୍ତି ବାଣୀ ରାଘବେ ଧନୁକୁ ଟେକନ୍ତୁ ଆଣି
ଶୁଣି ଋଷି ନେତ୍ରାଞ୍ଚଳେ ନିର୍ଦ୍ଦେଶ ଦେଉଁ ରଘୁବଂଶୀ ହୋଇ ହରଷ ଯେ
ଉଠୁ ଭାଷିଲେ ଲକ୍ଷ୍ମଣ ଯେ,
ନୋହି ନମ୍ର ଶିର, ଧନୁ ଯାଇ ଧର ଅନ୍ତରେ କରି ବନ୍ଦନ ଯେ ।୨୨।
ଧନୁ ଉତ୍ତୋଳନେ ଓଳଗି ହେଲେ ଭାଷିବେ ନୃପେ ଏ ବନ୍ଦନା କଲେ
ବିନିନ୍ଦିତ ସିଂହ କ୍ରିଡିତ ଗତି- କର, ରାମ ଧନୁ ପାଶେ ଗମନ୍ତି
ଏକାଳେ ବସୁଧା ସୁତା ଯେ,
ଶିବ ଧନୁ ଭାରି ଲାଘବେ ବିଚାରି ଦିଗବାସେ କଲେ ଚିନ୍ତା ଯେ ।୨୩।

Digitized by PPRACHIN, SOA

ପୁଣି ଚିତ୍ତେ ଅଦ୍ୟାଶକ୍ତି ବନ୍ଦିଣ, ଆରତେ ଡାକନ୍ତି ମା' ବାଣୀ ଶୁଣ
ଏ ମୋ ବର ହେଲେ ଜୀବ, ନଯାଉ, ନ ହୋଇଲେ ବର ଜୀବନ ଯାଉ ଯେ
ପ୍ରସନ୍ନେ ଭାଷି ଧୂର୍ଜଟୀ ଯେ,
ଶିବ ଧନୁ ତୁଳ ମାତ୍ର ଲକ୍ଷେ ବଳ ରାମ ଧନୁ ବାରକୋଟୀ ଯେ ।୨୪।
ନ ହୁଅ ଅଧିରା ସାଧବୀ ସୀତା ସ୍ୱୟଂ ପରଂବ୍ରହ୍ମ ପ୍ରାପ୍ତେ ବିଧାତା
ପୂର୍ବ ପାପ ହେତୁ ହୁଅନ୍ତେ ଭାଳି ଓଜେ ନୃପଗଣ ଫେରିଲେ ହାରି ଯେ
ସ୍ପର୍ଶ ହେଉ ରାମ କର ଯେ,
ବୃଦ୍ଧ ମାଳାକାର କରେ ମଲ୍ଲୀମାଳ ପରି ହେବ ଧନୁ ଭାର ଯେ ।୨୫।
ଏଣେ ଧନୁ ଭଗ୍ନେ ରାମ ବିଜୟ ବୃନ୍ଦାରକେ କଉନ୍ତି ଜୟ ଜୟ
ମଙ୍ଗଳେ ଦୁନ୍ଦୁଭି ଯକ୍ଷେ ବାଇଲେ ଅପସରୀ ନୃତେ ରତ ହୋଇଲେ ଯେ
ବେଦ ପଢ଼ିଲେ ବିଧାତା ଯେ,
ଦେବନାରୀ ମିଳି ରସନା କୁ ଚାଳି ଦେଉଗଲା ସୀତା ଚିନ୍ତା ଯେ ।୨୬।
ବାଲ୍ମୀକ ବିଳରୁ କେଳା ଚଞ୍ଚଳ ଧରିବା ପରାଏ ଗୋଖର ବ୍ୟାଳ
ମଞ୍ଜୁଷା ମଧ୍ୟରୁ ଧନୁକୁ ଆଣି ସଭାକୁ ପୁଛିଲେ ଶ୍ରୀ ରଘୁମଣି ଯେ
ଦେବାକି ଧନୁରେ ଗୁଣ ହେ,
ବିଦେହ ରାଜନ ସମ୍ମତି ପ୍ରଦାନ ଦେଉ ଭାଷନ୍ତି ଲକ୍ଷ୍ମଣ ଯେ ।୨୭।
ସପ୍ତ ଭୂଲୋକ ସପ୍ତ ବସୁମତୀ ସ୍ଥିର ହୋ ରୁହ ଅଷ୍ଟ ଦିଗ୍‌ଦନ୍ତି
ଅଷ୍ଟ କୁଳା ନାଗ ମିଶି ସତ୍ୱର କମଠ ହେ ଧୈର୍ଯ୍ୟ ଧରଣୀ ଧର
ଭୟେ ପୃଥିବୀ ବିକଳ ଯେ,
ଜାଣି ଧନୁ ତୋଳି ପଦ ବୃଦ୍ଧାଙ୍ଗୁଳି ଅଗ୍ରେ ରଖି ଧନୁ ହୁଳ ଯେ ।୨୮।
ହେବା ପାଇଁ ସୀତା କଷ୍ଟ ଲାଘବ ଧନୁ ଧରି ଗୁଣ ଦେଉ ରାଘବ
ଶିଶୁ ଆଖୁ ଖଣ୍ଡେ ଭାଙ୍ଗିଲା ପରି ଆକର୍ଣ୍ଣେ ଓଟାରୁ ଧନୁକୁ ଧରି
ଧନୁ ହେଲା ବେନି ଖଣ୍ଡ ଯେ
କଲେ ପୁଷ୍ପ ବୃଷ୍ଟି ଦେବତା ସମଷ୍ଟି ଲାଘବ ବାସୁକି ମୁଣ୍ଡ ଯେ ।୨୯।
ଧନୁ ଭଗ୍ନରୁ ଯେ ଶବ୍ଦ ଉତ୍ପନ୍ନ ସେ ଭଗ୍ନ କରିଲା ଯୋଗୀଙ୍କ ଧ୍ୟାନ
ମହେନ୍ଦ୍ର ଗିରିରେ ପରଶୁ ଧର ସାଧନାର୍ଥେ ଥିଲେ ଯୋଗ ତାଙ୍କର ଯେ
ନଷ୍ଟ ହେଲା ଶବ୍ଦେ ଜ୍ଞାନ ଯେ,
ଦେଇ କ୍ରୋଧେ ଧ୍ୟାନ କରନ୍ତି ଗମନ ପ୍ରତିଶୋଧେ ରଖି ମନ ଯେ ।୩୦।
ଧନୁ ଭଗ୍ନେ ସଭାଗୃହେ ଜନକ ରାଜନ ବର୍ଗେ ଭାଷନ୍ତି ଅନେକ
ତ୍ରିପୁର ବିଜୟୀ ଶଙ୍କର ଚାପ ଭାଙ୍ଗିଲେ ଏ ରାମ ବଳ ଅମାପ
ଏଣୁ ଏ ତ୍ରିପୁରେ ବୀର ଯେ,
କର ସନମତ ଆସନାଳଙ୍କୃତ ବରଣ ହୋଇବ ସ୍ଥିର ଯେ ।୩୧।

Digitized by PPRACHIN, SOA

ପର୍ଶୁରାମ ଦର୍ପ ଗଞ୍ଜନ

Digitized by PPRACHIN, SOA

ଏ ବଚନ-ଅଗ୍ନିଶର ହୋଇଲା
ନୃପବକ୍ଷ ରକ୍ଷା-ସାଞ୍ଜୁ ଦହିଲା
ଦୁଃଖେ କେ ଯିବାକୁ ବିଚାର କଲେ
ନ ପାରି ତଟସ୍ଥେ ଚାହିଁ ରହିଲେ
ଜନକ ଦାସୀଙ୍କୁ ଡ଼ାକି ଯେ,
ଭାଷନ୍ତି ସୁବେଶ କରି ଧରି ଆସ ଶୀଘ୍ର ସଭାକୁ ଜାନକୀ ସେ ।୩୨।

ବହୁ କବି ସୀତା ବେଶ ବର୍ଣ୍ଣନ-
କରି, କରିଛନ୍ତି ଚିତ୍ତ ରଞ୍ଜନ
ଏଣୁ ତା ମୋ ପକ୍ଷେ ଧୃଷ୍ଟତା ମାତ୍ର
ଘେନନ୍ତୁ ତା ବିନିମୟେ ଚରିତ୍ର
ଚିତ୍ତ ପ୍ରମୋଦ ହୋଇବ ଯେ,
ସୀତା ରାମଙ୍କର ଅନାବିଳ ପ୍ରେମ ଚରିତ ପ୍ରକାଶ ହେବ ଯେ ।୩୩।

ଭୂପ ବାକ୍ୟେ ସଖୀ ସୀତା ପାଶରେ
ବେଶ ଆସେ ଯାଇ ମିଳୁ ତୋଷରେ
ଫାଳି ପୁଷ୍ପକର୍ଣ୍ଣ ମୁଖ ନଳିନୀ
ନାଶାକୁ ତିଳ ପୁଷ୍ପ ହାର ମାନି
ଦନ୍ତ ପନ୍ତି କୁନ୍ଦ କଳି ଯେ,
ବନ୍ଧୁକ ଅଧର ଚମ୍ପା କଳେ ବର ମଣି ଦେଲେ ଅଁଳାମାଳି ଯେ ।୩୪।

ଜନକ ବଚନେ ବରଣେ ଆଳି
ଧରାଇ ଅମଳ କମଳ ମାଳି
ପଦ୍ମିନୀ ନାୟିକା ପଦ୍ମରେ ରତ
ହେଉଁ ରାମପଦେ ନେବେ ଆଶ୍ରିତ ଯେ
ଭାବିଣ ଗମନ କଲେ ଯେ,
ଦେଖନ୍ତି ନେତ୍ରରେ ଉଚ୍ଚ ରାମଶିରେ ନ ପାଇବ ମାଳା ଦେଲେ ଯେ ।୩୫।

କର ଟେକି ବରଣେ ଦେଲେ ମାଳ
ବିଲୋକିବେ ନୃପ କୁଚ ମଣ୍ଡଳ
ମରମୁ ଅଧିକ ଏ ହେବ ଲାଜ
ଜାଣୁ ସୀତା ମନ ସଖୀ ସମାଜ
ପ୍ରିୟ ଦାସୀ ମନୋମାୟା ଯେ,
ଶ୍ରୀରାମ ଚରଣେ ଲଗାଇଲା ଜ୍ଞାନେ ଧ୍ୟାନ ବରଣେ ସୀତୟା ଯେ ।୩୬।

ପରମ ପୁରୁଷ ଜାଣି ସୁମନ
କଲେ ବୁଦ୍ଧି ସୀତା ଚିତ୍ତେ ପ୍ରଦାନ
କରେ ସୀତା ଧରିଥିବା କମଳ
ଧୀରେ ପକାଇଲେ ପୟର ତଳ ଯେ
ହୁଅନ୍ତେ ସେ ପଦେ ରତ ଯେ,
ଘେନି ତା ସାଦରେ ଅତି ଆନନ୍ଦରେ ଭାବନ୍ତି ରାଜୀବ ନେତ୍ର ଯେ ।୩୭।

ପଦ୍ମିନୀ ନାୟିକା ଏ ସୀତା ସତ
ପଦ୍ମ ଦେଇ ପଦେ ନେଲା ଆଶ୍ରିତ
ଦେଖି ସଭାଜନେ କଲେ ଭାବନ
ବରଣ ନୁହେଁ ଏ ପାଦ ପୂଜନ ଯେ
ଏ ଭାବ ପ୍ରକାଶ ହେଲା ଯେ,
ରାମ ସ୍ଥିର କଲେ ଆତ୍ମା ମୋ ପୟରେ ଜାନକୀ ବିନ୍ୟାସ କଲା ଯେ ।୩୮।

ରାମ ପଦେ ପୁଷ୍ପ ପଡ଼ିବା ରୀତି
ଦେଖିଣ ଭାଷନ୍ତି କେତେ ନୃପତି
ସୀତାଙ୍କୁ ଯୋଗ୍ୟ ଏ ବର ନୋହିଲା
ଏଣୁ ନ ଦିଅନ୍ତି ବରଣମାଳା ଯେ
ରାଜାଙ୍କର ସତ୍ୟପଣ ଯେ,
ରଖି ଦାସୀଗଣ କରନ୍ତି ପୂଜନ ନ ମାନୁଛି ସୀତା ମନ ଯେ ।୩୯।

Digitized by PPRACHIN, SOA

ତା ଶୁଣି ଭାଷନ୍ତି କେତେ ଭୂପତି ଯଦି ପଦେ ସୀତା କଲେ ପ୍ରଣତି
ମଥା ପୋତି ପଦେ ଲଗାଇ କର ଥିବା ପ୍ରଥାରେ ନ ହେଲେ ଜୁହାର ସେ
ନ ହେଉଛି ସେ ଭାବନା ଯେ,
ଏପରି ଭାବରେ ସେ ସଭା ମଧରେ ରାଜାଏ ସନ୍ଦେହ ମନା ଯେ ।୪୦।
ଦିବ୍ୟଜ୍ଞାନ ଯେଉଁ ନୃପତିଙ୍କର ପ୍ରକାଶନ୍ତି ଦିବ୍ୟଭାବ ତାଙ୍କର
ବଦନ୍ତି ତୁମ୍ଭ ଭାବନା ନୋହିଲା ଏ ରାମ ଚରଣ ରେଣୁରେ ଶିଳା ଯେ
ବାଜି ହୋଇଲା ଯୁବତୀ ଯେ,
ଏଣୁ ସେ ପୟର ନ ଲଗାନ୍ତି କର ସୀତା ଦେବୀ ମନେ ଚିନ୍ତି ଯେ ।୪୧।
ଅଛି ଦଶମୁଦି ସୀତା ଦ୍ୱିକରେ ସ୍ଫଟିକ ପାଷାଣ ଜଡ଼ି ସେଥିରେ
ଜ୍ୟୋତି ପ୍ରକାଶ କରି ବିଦ୍ୟମାନ ବିଲୋକୁ ମୋହୁଛି ଦର୍ଶକ ମନ ଯେ
ଏ' କର, ରାମପୟରେ ଯେ,
ବାଜି ଦଶ ନାରୀ ହୋଇ'ବା' ସୁନ୍ଦରୀ ବିବାଦୀହେବେ ସୀତାରେ ଯେ ।୪୨।
ଏଣୁ ସୀତା ନ ଛୁଅନ୍ତି ପୟର ସେ କଥା ଭାବନା ହୁଏ ଆମ୍ଭର
ଭକତ ବତ୍ସଳ ସେ ଭାବଗ୍ରାହୀ ସୀତାରୂପ ଦେଖି ମୋହିତ ହୋଇ
ଜାଣି ସାରି ସୀତା ମନ ଯେ,
ବିଚାରନ୍ତି ଗଳେ ବରମାଲ୍ୟ ନେଲେ ସନ୍ଦେହ ହେବ ମୋଚନ ଯେ ।୪୩।
ଅନ୍ତର୍ଯ୍ୟାମୀ ଭାବ, ହୃଦୟ ଗତେ ଜାଣି ଲକ୍ଷ୍ମଣ ପ୍ରଣତି କରନ୍ତେ
ଘଟିବା ଘଟଣା ରାଘବେ ଭାଳି ବକ୍ଷ ଆଲିଙ୍ଗନେ ଧରନ୍ତି ତୋଳି ଯେ
ଉଶ୍ଳିଷ ବକସାମଲ ଯେ
ନିମ୍ନେ ହେଉନତ ହୋଇ ହରଷିତ ସୀତା ଦେଲେ ବରମାଲ୍ୟ ଯେ ।୪୪।
ବ୍ରହ୍ମାଣ୍ଡ କର୍ତ୍ତା ପ୍ରଭୁ ନାରାୟଣ ମର୍ଯ୍ୟାଦାରେ ମାଲ୍ୟ କଲେ ଗ୍ରହଣ
ସନ୍ଦେହ ସର୍ବ ଜନ ଚିଉ୍ଗଲା ଦରଶନେ ଆତ୍ମା ପବିତ୍ର ହେଲା ଯେ
ପଣ୍ଡିତ ବିଜ୍ଞ ମଣ୍ଡଳୀ ହେ,
ରାମସୀତାଙ୍କର ଅନାବିଳ ପ୍ରେମ ଗ୍ରହଣ କରନ୍ତୁ ଭାଳି ହେ ।୪୫।
କୌଶିକେ ରାମ କହନ୍ତି ବଚନ ପିତା ଜାଣିଲେ ହେବ କନ୍ୟାଦାନ
ଅଯୋଧ୍ୟାକୁ ସତ୍ୟାନନ୍ଦ ପଠାଇ ଦଶରଥ ନୃପେ ସର୍ବ ବୁଝାଇ ଯେ
ଆସିବ ନେଇ ସଙ୍ଗତେ ଯେ,
ବିନୟରେ ରାମ ଉଦନ୍ତେ ଲେଖିଣ ଦେଲେ ପୁରୋଧାଙ୍କ ହସ୍ତେ ଯେ ।୪୬।
ଗୌତମ ସୁତ ଅଯୋଧ୍ୟାକୁ ଗଲେ ଦଶରଥ ନୃପ ଆଗେ କହିଲେ
ଶୁଭବାରତା ଶୁଣି ଦଶରଥ ରାଣୀ ସହିତ ହେଲେ ଆନନ୍ଦିତ ଯେ
ସୁମନ୍ତ କଶ୍ୟପ ଆସି ଯେ,
ଭରତ ଶତ୍ରୁଘ୍ନ ପୁରବାସୀ ଜନ ପୁରୋଧା ହୋଇଲେ ଖୁସି ଯେ ।୪୭।

Digitized by PPRACHIN, SOA

ଅଯୋଧ୍ୟାରୁ ସର୍ବେ ବାହାରି ଗଲେ ବିଦେହ ନଗରେ ପ୍ରବେଶ ହେଲେ
ସମ୍ଭାଷଣ କଲେ ଜନକ ଋଷି ବଶିଷ୍ଠ ଦଶରଥ ଆଦି ଖୁସି
ବସା ଆୟୋଜନ କଲେ ଯେ,
ହରଷେ ରାଜନେ ବରଯାତ୍ରୀ ଗଣେ ଖାଦ୍ୟ ପାନ ଦିଆଇଲେ ।୪୮।
ବିଦେହ ରାଜ ଦଶରଥେ କହି କୁଶଧ୍ୱଜ ମୋ ସହୋଦର ଭାଇ
ତାର ତିନିକନ୍ୟା ଘରେ ଅଛନ୍ତି ସୀତା ଅନୁରୂପ ସେହି ଅଟନ୍ତି ଯେ
ହେଉଛି ମୋହର ମନ ଯେ,
ଏ ଶୁଭ ସମୟ ଶୁଭ ପରିଣୟ କରାଇବି ସମାଧାନ ଯେ ।୪୯।
କୁଳଶ୍ରେଷ୍ଠ ଏ ପୁରୋଧା ବଶିଷ୍ଠ କଶ୍ୟପ ସୁମନ୍ତ୍ର ସଚିବ ଜ୍ୟେଷ୍ଠ
ମାତାଗଣଙ୍କ ସହିତ ଆପଣ ଭୁବନେ ଦେଖନ୍ତୁ ସେ କନ୍ୟାଗଣ ଯେ
ତାଙ୍କୁ କି ଉପମା ଦେବା ଯେ,
ଶୋଭାରେ ଅପର୍ଣ୍ଣା ହିମଗିରି କନ୍ୟା ସମ ହୋଇ ପାରେ ଅବା ଯେ ।୫୦।
ଧନୁ ଭଗ୍ନେ ଦେଖି ସୁମିତ୍ରା ସୁତ ହୋଇଛି ମୋ ମନ ଆତ୍ମା ପବିତ୍ର
ବିଲୋକୁ ନେତ୍ରେ ଭରତ ଶତ୍ରୁଘ୍ନ ସନ୍ତୋଷ ହୋଇଲା ମୋ ପଞ୍ଚମନ ଯେ
ଚାରି କୁମରଙ୍କୁ ସ୍ୱସ୍ତେ ଯେ,
ଚାରି କନ୍ୟା ଆଜି କରିବାକୁ ସାଜି ସବୁକର ତୁମ୍ଭେ ହସ୍ତେ ଯେ ।୫୧।
ଜନକ କଥାରେ ସମ୍ମତ ହୋଇ ଗଲେ ସର୍ବେ କନ୍ୟା ଦେଖିବା ପାଇଁ
ମିଳି ଶ୍ରଦ୍ଧାରେ କୁଶଧ୍ୱଜ ପୁରେ କନ୍ୟା ଦେଖି ସ୍ଥିର କଲେ ହର୍ଷରେ
ତିନି ପୁତ୍ରଙ୍କର ପାଇଁ ଯେ
ଏ ତିନିଙ୍କୁ ବଧୂ କଲେ ସାଧୁ ସାଧୁ ବୋଲିବେ ମିଥିଳା ସାଇଁ ଯେ ।୫୨।
ଅନ୍ୟମାନେ ଶୁଣି ରାଜି ହୋଇଲେ ଜାବାଳୀ ବାଳିଶ ପରି କହିଲେ
କି କଥା ବସି କହୁଅଛ ତୁମ୍ଭେ ବିବାହ କରିଲେ ଏଠାରେ ଦମ୍ଭେ
ନଦେଖି କରି ମେଳକ ଯେ
ଚାରି ଭାଇଙ୍କର କଲେ ବିଭାଘର ଶିଖିବେ ଜଗତ ଲୋକ ଯେ ।୫୩।
କନ୍ୟା ରତ୍ନ ଯଉତୁକ ଲୋଭରେ ଗଣାପୋଛା ଛାଡ଼ି ବିବାହ କଲେ
ଯାଯାବର ପରି କାଳଯାପନ କରିବେ ନବଦମ୍ପତି ଏ ପୁଣ
କାହାର ଶୁଖ ନ ହେବ ଯେ
ଏହି ପରି ଧରି ବିଭାଘର କରି ଲୋକଙ୍କୁ କି ଶିକ୍ଷା ଦେବ ଯେ ।୫୪।
ବାମଦେବ ବାମ ପାଇଁ ଦଶାକୁ ପ୍ରକାଶ କରିଲେ ବିବୁଧେ ଯାଙ୍କୁ
ରାମଙ୍କର ରାଶି ନକ୍ଷତ୍ର ଭଲା ଗଣୁ ଚଉଦ,ସାତ,ଚିତ୍ରା,ତୁଳା
ସୀତାଙ୍କ ରାଶି ନକ୍ଷତ୍ର ଯେ
ଚବିଶ ,ଏଗାର ଶତ ଭିଷା କୁମ୍ଭ ମେଳକ ହୁଏ ନାହିଁତ ଯେ ।୫୫।

Digitized by PPRACHIN, SOA

ଷଡ଼ ନାଡ଼ି ବିବାହ ନୁହେଁ ଭଲେ   ପୁଣି ସୀତା ଅନ୍ୟନାମେ ବାଛିଲେ
ଜାନକୀ ନାମରେ ରଖନ୍ତେ ଚିତ୍ତ   ଏକୋଇଶ ଦଶ ରାଶି ନକ୍ଷତ୍ର
ଉତ୍ତରାଷାଢ଼ା ମକର ଯେ
ନାଗନାଡ଼ିରୁ ବି-   ବାହ ବର୍ଜନୀୟ   ଅନ୍ୟ ନାମେ ଦେଖି ପାର ଯେ ।୫୬।

ମୈଥିଳୀ ନାମ କୁ ରାଶି ନକ୍ଷତ୍ର   ଦଶ,ପାଞ୍ଚ,ମଘା, ସିଂହଟି ବ୍ୟକ୍ତ
ଦେବ ରାକ୍ଷସ ବିବାହ କିପରି   ବିବାହ ହେବ ଅନ୍ୟ ନାମ ଧରି
ଗଣା ପୁଚ୍ଛା ଧୀରେ କର ଯେ
ହୋଇ ପାରେ ଅବା   ସେ ନାମକୁ ଦେବା-   ଦେବୀ ପରି ମେଳାମେଳ ଯେ ।୫୭।

ବୈଦେହୀ ନାମକୁ ବସି ଗଣିଲେ   ଚାରି ଦୁଇ ରାଶି ନକ୍ଷତ୍ର ହେଲେ
ଜ୍ୟୋତିଷ ଶାସ୍ତ୍ରେ ସେ ରୋହିଣୀ ବୃଷ   ରାମ ରାଶିକୁ ସେ ନର ରାକ୍ଷସ
ଷଡ଼ ନାଡ଼ି ହୁଏ ବୁଝ ଯେ
ପାର୍ଥିବୀ ନାମକୁ   ଦେଇଣ ଧ୍ୟାନକୁ   ବୁଝନ୍ତେ ବସି ସମାଜ ଯେ ।୫୮।

ବାର, ଛ ରାଶି ନକ୍ଷେତ୍ର ଜାଣିଲେ   ଉତ୍ତରା,ଫାଲଗୁନି,କନ୍ୟା ସେ ହେଲେ
ନର ରାକ୍ଷସ ହେତୁ ବର୍ଜନୀୟ   ବିବାହ ବୋଲି ଶାସ୍ତ୍ର କରୁ ଥୟ
ପଦ୍ମଗନ୍ଧା ଯେ ଯୋଜନ-
ଗନ୍ଧା, ବୋଲି ଖ୍ୟାତ   ସେହି ନାମକୁତ   ଗଣିଲେ ଦେଇଣ ଧ୍ୟାନ ଯେ ।୫୯।

ଓପର ପାର୍ଥିବୀ ନାମର ଫଳ   ମିଳିଲାଗଣକ ଗଣୁ କେବଳ
ପରମା ଲକ୍ଷ୍ମୀ ସୀତା ବୋଲି ଧୀରେ   ରାମ ନାରାୟଣ ଚିନ୍ତି ମନରେ
ଗଣନରେ ଦେଲେ ଚିତ୍ତ ଯେ
ନଶୁଝଇ ସେହି   ନାମକୁ ଟି ତହିଁ   ଲକ୍ଷ୍ମୀଙ୍କ ରାଶି ନକ୍ଷେତ୍ର ଯେ ।୬୦।

ଏକ ଏକ ଅଶ୍ୱିନୀ, ମେଷ ହେଲା   କହିଲା ଜ୍ୟୋତିଷ ଶାସ୍ତ୍ର ଯେ ଭଲା
ନାରାୟଣ ନାମ ରାଶି ନକ୍ଷତ୍ର   ସତର ଆଠ ହେଲା ଶୁଦ୍ଧିମନ୍ତ
ଅନୁରାଧା ବିଛା କହି ଯେ
ଷାଡ଼ାଷ୍ଟକ ହେତୁ   ମେଳକ ନୋହିଛି   ଦେଖି ଦେଖି ଗଲେ ରହି ଯେ ।୬୧ ।

ଅନ୍ୟ ତିନିଭାଇ ବିବାହ ପାଇଁ   ମେଳକେ ସ୍ଥାପିଲେ ନେତ୍ରକୁ ନେଇ
ସଭିଏଁ ଏକୁ ଏକ ଧୁରନ୍ଧର   ଶାସ୍ତ୍ରଜ୍ଞ ଅଟନ୍ତି ନୋହି ନିକର
ଧୀରେ ସ୍ଥିରେ ବସି ଶୁଣ ଯେ
ପଚାରି ଉଚାରି   ଗଣାପୋଛା ସାରି   କହନ୍ତି ପଣ୍ଡିତ ଗଣ ଯେ ।୬୨।

ଭରତ ବୀରଙ୍କ ରାଶି ନକ୍ଷତ୍ର   ଉଣିଶି, ନ, ମୂଳା,ଧନୁ କୁ ନେତ୍ର
ସ୍ଥାପି ମାଣ୍ଡବି ରାଶି ନକ୍ଷେତ୍ରକୁ   ଗଣନ୍ତେ ହେଲା ସେ ଦଶ ପାଞ୍ଚକୁ
ମଘାସିଂହ ନାଗ ନାଡ଼ି ଯେ
ଷଡ଼ ନାଡ଼ିରୁ   ବିବାହ ବର୍ଜନୀୟ   ଗଣାଶାସ୍ତ୍ର କରେ ରଡ଼ି ଯେ ।୬୩।

Digitized by PPRACHIN, SOA



ମା ସୀତା ପ୍ରଭୁ ରମାଚନ୍ଦ୍ରଙ୍କୁ ବରମାଲ୍ୟ ପ୍ରଦାନ କରୁଛନ୍ତି

Digitized by PPRACHIN, SOA

ଲକ୍ଷ୍ମଣଙ୍କ ରାଶି ନକ୍ଷତ୍ର ଦୋଷ ଦେଖୁ ଏକ ଏକ ଅଶ୍ୱିନୀ ମେଷ
ହେଉଛି ଉର୍ମିଳା ନାମକୁ ପୁଣି ତିନି ଦୁଇ ରାଶି ନକ୍ଷତ୍ର ଗଣି
ଜାଣିଲେ କୃତ୍ତିକା ବୃଷ ଯେ
ଦେବ ଦାନବ ସେ ମେଳକେ଼ରେ ବିଭା ଶୁଭା ଶୁଭ ହେବ ନାଶ ଯେ ।୬୪।
ଶେଷେ ଗଣିଲେ ଶତ୍ରୁଘନଙ୍କର ରାଶି ନକ୍ଷତ୍ର ଚବିଶି, ଏଗାର
ଶତଭିଷା, କୁମ୍ଭକୁ ଶ୍ରୁତ କୀର୍ତ୍ତି ରାଶି ନକ୍ଷତ୍ର ଏକ ହେଉ ଚିନ୍ତି
ଜାଣିଲେ ପ୍ରାଣ ନାଶକ ଯେ
ବିବାହଟି ବର୍ଜ- ନୀୟ ଯେ କାହାର ନହୋଇଲା ଯେ ମେଳକ ଯେ ।୬୫।
ବେନି ସମନ୍ଧୀ ପୁତ୍ର କନ୍ୟାଙ୍କର ବିବାହ ଆଗରୁ କରନ୍ତେ ସ୍ଥିର
ଗଣା ପୋଛାକୁ ଖାତର ନ କରି କହୁ ବିବାହ ଦେବାପାଇଁ କରି
କହିଲେ ଯେ ବାମ ଦେବ ଯେ
ରୋହିଣୀ, ବୃଷ ରା- ଶିକି ଚଳୁଅଛି ଯେବେ ହସ୍ତଗଣ୍ଠି ହେବ ଯେ ।୬୬।
ଚଉଦ ବର୍ଷାନ୍ତେ ଚଉଦ ବର୍ଷ ପାଇଁ କି ନିଶ୍ଚେ ହେବ ବନବାସ
କିମ୍ୱା ରାଜ୍ୟ ନେଇ ତପୀ ପରାୟେ ଅନ୍ୟତ୍ର ରଖିବ ଏ କଥା ଥୟେ
ଏ କଥାଶୁଣି ବଶିଷ୍ଠ ଯେ
କୌଶିକଙ୍କୁ ଖରେ ପଚାରୁ ସତ୍ୱରେ କରିଲେ ସେହି ନିର୍ଦ୍ଧାରିତ ଯେ ।୬୭।
ଗୁରୁ ଗଣା ପୋଛା କଥା ଉଠାଉ କୌଶିକ କହିଲେ ସେ କଥା ଥାଉ
ରାମ ନାମତ ଜଗତ ମଙ୍ଗଳ କିଶୁଭ ଦେଖିବ ପୁରୋଧା କୁଳ
ଦ୍ୱିତୀୟ ବ୍ରାହ୍ମାଙ୍କ କଥା ଯେ
ଶୁଣି ଗୁଣି ଗୁଣି ପୁରୋଧା ଅଗ୍ରଣି ବଶିଷ୍ଠ ପୋତିଲେ ମଥା ଯେ ।୬୮।
ଦେଖୁ ମାର୍ଗଶିର ଶୁକ୍ଳ ପଞ୍ଚମୀ ବିଛା ରାଶିରେ ମୀନ ଚନ୍ଦ୍ର ଭ୍ରମି
ଦକ୍ଷିଣାବର୍ତ୍ତ ଶଙ୍ଖେ ଜଳ ଭରି ଶୁଭ ମନାସି ବିଭୁଙ୍କୁ ସୁମରି
କଲେ ବିଭା ସମାପନ ଯେ,
କୁଳ ନାରୀ ମିଳି ଦେଇ ହୁଳହୁଳୀ କମ୍ପାଇ ଦେଲେ ଗଗନ ଯେ ।୬୯।

ଚାରିବଧୂଙ୍କ ନାମ

ଶୁଭେ ଭରତ ହସ୍ତେ ମାଣ୍ଡବୀ ଦେଲେ ଉର୍ମିଳା ଲକ୍ଷ୍ମଣେ ପ୍ରଦାନ କଲେ
ଶତ୍ରୁଘ୍ନେ ଶ୍ରୁତ କୀର୍ତ୍ତିକୁ ପ୍ରଦାନ କଲେ ବିବାହ କାର୍ଯ୍ୟ ସମାପନ
ବରକନ୍ୟା ବନ୍ଧାଇଲେ ଯେ
ଚାରି କନ୍ୟା ସଙ୍ଗେ ଚାରି ଜାମାତାଙ୍କୁ ପଞ୍ଚୁ ଗ୍ରାସି ପାଇଁ ନେଲେ ।୭୦।

Digitized by PPRACHIN, SOA

ଦଶରଥ ଜ୍ୟେଷ୍ଠ ବଧୂକୁ ଦେଖି ସାନନ୍ଦ ମନେ ହୋଇ ମହାସୁଖୀ
ଶନି ଜୟକାଳ ପ୍ରାପତ ମଣି ଜାନକୀ ମଥାରେ ବାନ୍ଧିଲେ ଆଣି
ଅନୁରୂପ ଅଳଙ୍କାର ଯେ,
ପ୍ରଦାନ କରିଲେ ବରଯାତ୍ରୀ ତୁଲେ ଶାଢ଼ୀ ପେଡ଼ି ସୁସମ୍ଭାର ଯେ ।୭୧।
କ୍ରମେ ନିଶି ଆସି ହୁଅନ୍ତେ ଅନ୍ତ ସ୍ନାନ ଦେବାର୍ଚ୍ଚନେ ସରବେ ରତ
ଜନକଙ୍କୁ ଡ଼ାକି ଅଯୋଧ୍ୟାପତି ପୁତ୍ର ବଧୂ ବିଦା ଅର୍ଥେ ବଦତି
ରାଜ ପୁରେ ଏ ଖବର ଯେ,
ହୁଅନ୍ତେ ପ୍ରଚାର କ୍ରନ୍ଦନର ରୋଳ ବଢ଼ିଲା ବେଳକୁ ବେଳ ଯେ ।୭୨।
ଏକାନ୍ତେ ସୀତାଙ୍କୁ କୋଳେ ବସାଇ ଅଶ୍ରୁ ପୂର୍ଣ୍ଣନେତ୍ରେ ଜନକ କହି
ମାତ ଗୋ, 'ତୁ' ଆଜି ସ୍ୱପତି ଘର ଯିବୁ ତ୍ୟାଗ କରି ବିଦେହ ପୁର
ସାଙ୍ଗ,ସଖୀ ଉପବନ ଯେ,
ତୋର ସ୍ନେହ ଘେନି ବାହୁନି ବାହୁନି କରିବେ ସର୍ବେ କ୍ରନ୍ଦନ ଯେ ।୭୩।
ସଖୀଙ୍କ ଗହଣେ ଏ ଉପବନେ କାଳ କାଟୁଥିଲୁ ଆନନ୍ଦ ମନେ
ଏବେ ସ୍ୱାମୀ ସଙ୍ଗେ ନୀତି ପ୍ରସଙ୍ଗେ ପଶି ବିଷୟା ସଲୀଳ ତରଙ୍ଗେ
ନାବ କରି ସ୍ୱାମୀ ପଦ ଯେ,
ସଂସାର ସାଗର ହୁଅ ମାତ ପାର ନଲଭି ମନେ ବିଷାଦ ଯେ ।୭୪।
ନାରୀମାନଙ୍କର 'ସ୍ୱାମୀ' ଈଶ୍ୱର ସ୍ୱାମୀ ଚରଣ ନାରୀ ସ୍ୱର୍ଗପୁର
ସ୍ୱାମୀ, ଗୁରୁ ସ୍ୱାମୀ, ପରମ ବନ୍ଧୁ ସ୍ୱାମୀ ତୋ ସର୍ବସ୍ୱ ସମ୍ପଦ ସିନ୍ଧୁ
ସ୍ୱାମୀ ପଦେ ରଖି ଭକ୍ତି ଯେ,
ସ୍ୱାମୀ ବାକ୍ୟ ପାଳି ସ୍ୱାମୀ କାର୍ଯ୍ୟ ଭାଳି ଚଳିଲେ ନୁହେଁ ଦୁଷ୍କୃତି ଯେ ।୭୫।
ସ୍ୱାମୀ ଯା' କରିବେ ଥରେ ବାରଣ ଆଉ ତାକୁ ନ ବଳାଇବୁ ମନ
ଭୋଜନ ସମୟେ ଚାଳି ବ୍ୟଜନ ସ୍ୱାମୀ ସେବାରେ ଦେଇଥିବୁ ମନ
ନାରୀ ପ୍ରତିନିଧି କେବେ ଯେ,
ବିନା ବେତନରେ ସେବା କାର୍ଯ୍ୟ କଲେ ପାଶେ ନ ରଖିବୁ ଲବେ ଯେ ।୭୬।
ଥିବା ଦୁଃଖମନୁ ସ୍ୱାମୀ ଦର୍ଶନେ ପରିହାର କରି ଆନନ୍ଦ ମନେ
ସ୍ୱାମୀଙ୍କ ଭୋଜନ ପରେ ଭୁଞ୍ଜିବୁ ସ୍ୱାମୀ ନ ଉଠୁଣୁ ନିଦ୍ରା ତେଜିବୁ
ପ୍ରତ୍ୟୁଷରୁ ଗୃହ କାର୍ଯ୍ୟ ଯେ,
ସାରିବୁ, ରୋଷ କି ପୌରୁଷ କରିଲେ ଭାବିବୁ ତା' ତୋର ଧାର୍ଯ୍ୟ ଯେ ।୭୭।
ଗର୍ବ ନ ବହିବୁ, ଭୂଷଣ ବାସେ ଯାହା ଦେବେ ସ୍ୱାମୀ ଘେନିବୁ ତୋଷେ
ସେବିଥିବୁ ନିତ୍ୟ ଶାଶୁଚରଣ ଶାଶୁଟି ସ୍ୱାମୀ ପୂଜା ସିଂହାସନ
ତୋ ପାଇଁ ସମ୍ପଦ ଖଣି ଯେ,
ନଣନ୍ଦ, ଦେବର କରିଲେ କନ୍ଦଳ ବୋଧିବୁ କୋଳକୁ ଆଣି ଯେ ।୭୮।

Digitized by PPRACHIN, SOA

କୁଳ ନାରୀ ଗଣେ ଭଗିନୀ ପରି
ସ୍ନେହ ରଖିଥିବୁ ହୃଦେ ବିଚାରି
ପାଶେ ଆସିଲେ କେବେ ଗୁରୁଜନ
ବିନୟ ବଚନେ ତୋଷିବୁ ମନ
ଅଶନେ ବୋଧିବୁ ଚିତ୍ତ ଯେ,
ଐଶ୍ୱର୍ଯ୍ୟ ବର୍ଦ୍ଧନେ ଦେବତା ବ୍ରାହ୍ମଣେ ଦ୍ୱାର ରଖିଥିବୁ ମୁକ୍ତ ଯେ ।୭୯।
ହୃଦୟ ବେଦନା ସଜଳ ନେତ୍ରେ
ପିତାଙ୍କ ଆଗେ ସୀତା ପ୍ରକାଶନ୍ତେ
ବୋଧନ୍ତେ ପିତା ନୟନରୁ ବନ-
ଛୁଟି ବେନିହୃଦ କଲା ଗାହନ ଯେ
ଏହି କାଳେ ମାତା ଆସି ଯେ,
ବ୍ୟଥା ହୃଦେ ଚାପି କହନ୍ତି ସନ୍ତାପି ନୁହଁମା ଦୁଃଖୀ ଆଶ୍ୱାସି ଯେ ।୮୦।
ଭାଷନ୍ତି ରାଜନ ରାଣୀଙ୍କୁ ସର୍ବେ
ଆଜି ସୀତାକାନ୍ତ ଗୃହକୁ ଯିବ
ଦୁଃଖ ହେତୁ ମୁହିଁ କହୁନି କିଛି
ଭାବିଲେ ସେ କଥା ଆଉକି ଅଛି
ଏତା ଦୃଶ୍ୟ ଯା' ବିକାର ଯେ,
ଜନ୍ମଦାତ୍ରୀ କୋଳେ ଜନ୍ମି ଯିବାବେଳେ କି ନୋହୁଥିବ ତାଙ୍କର ଯେ ।୮୧।
ଏପରି ବୁଝାଇ ଦୁହିତା ଗଣେ
ବିଦାୟ କରନ୍ତି କାନ୍ତ ଗହଣେ
ଦାସୀ ପରିବାରୀ ସଙ୍ଗତେ ଥାଇ
ଦଶ ଦୋଷ କ୍ଷମା କରିବା ପାଇଁ
କହି କଲେ ଆଲିଙ୍ଗନ ଯେ
ନିଜ ନିଜ କାନ୍ତ ସମୀପେ ପ୍ରଦତ୍ତ କରି ଫେରିଲେ ସଦନ ଯେ ।୮୨।
ରାମ ରାମାନୁଜ ବଧୂଙ୍କୁ ନେଲେ
ମହେନ୍ଦ୍ର ବେଳାରେ ବାହାର ହେଲେ
ଅଶେଷ ଯୌତୁକ ଜନକ ଦେଲେ
ଜାମାତା କନ୍ୟାକୁ ବିଦା କରିଲେ
ରଥ,ଗଜ ବାଜୀ ଆଦି ଯେ,
ଯାଉଁ ବାଦ୍ୟ ଧ୍ୱନି ପର୍ଶୁରାମ ଶୁଣି ପଥରେ ହେଲେ ବିବାଦୀ ଯେ ।୮୩।
ଲକ୍ଷ୍ମଣ ବୋଲନ୍ତି ହେ ରଘୁନାଥ
ଉପଗତ ପଥେ ରେଣୁକା ସୁତ
ରଣ ହୁଁକାରେ ଅପାଙ୍ଗ କମ୍ପୁଛି
ଧରିବାକୁ ଠାରୁ ରକ୍ତ ସମ୍ପୁଛି ଯେ
ଶ୍ୱାସ ବହେ ଘନ ଘନ ହେ,
ଭସ୍ମ ବିଲୋପନ, ବକ୍ଷେ ନବଗୁଣ ଉପବୀତ ଶୋଭାବନ ହେ ।୮୪।
ଏକାଳେ ପର୍ଶୁରାମ ଅତିକ୍ରୋଧେ,
ବୋଲି ତ୍ରିପୁରାରି ତ୍ରିପୁରା ଯୁଦ୍ଧେ
ଯେ ଧନୁକୁ ସ୍ନେହେ ଧରିଲେ କର,
କେ ଭାଙ୍ଗିଲା ଏଡେ ଗର୍ବ ତାହାର
ସେ ଧନୁ ଉମା ପୂଜନ୍ତି ଯେ,
ଫଣୀ ଚର୍ମ ଖୋଳ, ଦେଇ ଦ୍ୱାର ପାଳ, ନନ୍ଦୀ ଯାକୁ ଭଜୁଥାନ୍ତି ଯେ ।୮୫।
ତା ଶିର, ଗ୍ରୀବାରୁ ହୋଇବ ଚ୍ୟୁତ,
ମୋ ପର୍ଶୁ ପାନେ ଇଚ୍ଛିଲାଣି ରକ୍ତ
ଯେ କାର୍ତ୍ତବୀର୍ଯ୍ୟ ହସ୍ତେ ରେବା ନଦୀ,
ବାନ୍ଧିଲା ଏ ପର୍ଶୁ ତାଶିର ଛେଦି
ଅଭିଳାଷ ପୂର୍ଣ୍ଣେ ରତ ଯେ,
କାହିଁ ଦଶରଥ ସୁତ ରଘୁନାଥ ଆସୁ ହେଉଛି ଉଚ୍ଛୁର ଯେ ।୮୬।

Digitized by PPRACHIN, SOA

ପରଶୁଧରେ ବିନମ୍ରେ ଶ୍ରୀରାମ   ଭାଷନ୍ତି ନ ଜାଣେ ଧନୁ ବିକ୍ରମ
ବାଳ ପରି ମତି ଚଞ୍ଚଳ ଯୁବା,   ଏ ଅପରାଧ ମୋ କ୍ଷମା କରିବା ଯେ
ରାଜନ୍ୟ ମଣ୍ଡଳୀ ଆଗେ ଯେ,
ରଖି ନୃପ ପଣ   ଚାପେ ଦେଉଁ ଗୁଣ   ଭଗ୍ନ ହେଲା ସଙ୍ଗେସଙ୍ଗେ ଯେ ।୮୭।
କ୍ଷମ ଅପରାଧ ଆଶିଷ କର,   ନତୁବା ଗଳାରେ ପଡୁ କୁଠାର
ନବ ବଧୂଏ ହୁଅନ୍ତୁ ବିଧବା,   ସିନ୍ଦୂର ରଞ୍ଜିତ ହୁଅନ୍ତୁ ଅବା ଯେ
ଯାଉ ନ ଯାଉ ଜୀବନ ଯେ,
ନ କରିବି ରଣ   ଯେ ହେତୁ ଆପଣ   ବ୍ରାହ୍ମଣ ଜାତି ପ୍ରଧାନ ଯେ ।୮୮।
ବଳହୀନ ତୁମ୍ଭ ଆଗରେ ଆମ୍ଭେ,   ବାଂଶ ଧନୁ ଖଣ୍ଡେ ଧରିଛୁ ଦମ୍ଭେ
ଏକ ଗୋଟି ଗୁଣ ତାର କକ୍ଷରେ,   ନବଗୁଣ ସୁତ୍ର ତବ ବକ୍ଷରେ
ମୋ ଜନ୍ମ ଭସ୍ମ କି ବଳ ଯେ,
ଯେଣୁ ବଡ ଜାତି   ଆମ୍ଭଠୁ ସୁଖ୍ୟାତି   କ୍ରୋଧ ସମ୍ବରଣେ ଚଳ ଯେ ।୮୯।
ପର୍ଶୁଧର ଭାଷିଲେ କ୍ଷତ୍ରୀ ଡିମ୍ଭ   କେତେ ଯୁକ୍ତି କରୁ ଧରିଣ ଦମ୍ଭ
କେବଳ ଜାତିରେ ଆମ୍ଭେକି ପୂଜ୍ୟ,   ବୀର ନୁହେଁ ଶୁଣି ନରହେ ଧୈର୍ଯ୍ୟ
ଶୀଘ୍ର ସମରକୁ ଆସ ରେ,
ବାପ ମଧ ଆସୁ   ନାରୀ ବେଶ ବର୍ସୁ -   ଥିଲା ପୁରୁ ଅଭିଳାଷ ରେ ।୯୦।
ଏ ବାକ୍ୟ ଦହନ୍ତେ ଲକ୍ଷ୍ମଣ ମନ   ଚିନ୍ତୁ ପର୍ଶୁଧରେ ଛାଡି ବନ୍ଦନ
ବୋଲନ୍ତି ଯଶ ତୁମ୍ଭେ ନିନ୍ଦାବାନା,   ବନ୍ଧା ହେଉ ଆସ ନାହିଁ ଶୋଚନା
ଯାଉ ରଘୁକୁଳ କୀର୍ତ୍ତି ଯେ,
ମୂର୍ଖ ବୋଲି ମୋତେ   ବୋଲନ୍ତୁ ଜଗତେ   ପାଳିବି କ୍ଷତ୍ରିୟ ବୃତ୍ତି ଯେ ।୯୧।
ସତ ମିଛ ଯୋଡି ଗପୁଛ ଯାହା   ସହି ପାରନ୍ତି ତା ଜାନକୀ ନାହା
ଯେଣୁ ବୋଲାନ୍ତି ସେହି ବିପ୍ରପ୍ରିୟ   ତବ ବାକ୍ୟଶର ଦହେ ମୋ ଦେହ
ତିଳେ ତାଳେ କଥା ରଞ୍ଜି ଯେ,
ପର୍ଶୁ ଖଣ୍ଡେ ଥାଟେ   ଦେଖାଉଛ ଆଣ୍ଟେ   ଯମ ପୋଛିଲାଣି ପାଞ୍ଜି ଯେ ।୯୨।
ଏକ ବିଂଶବାର ବୀର ବୋଲାଇ   ପୃଥିବୀ ନିକ୍ଷେତ୍ର ଯା'ଗଲ କହି
ମିଥ୍ୟା ପ୍ରବଞ୍ଚନା ଏ ତୁମ୍ଭ ବାକ୍ୟ   ଲକ୍ଷେ ନୃପ ଦେଖିଥିବ ପ୍ରତ୍ୟକ୍ଷ
ମିଥିଳ୍ୟା ଧନୁ ଯଜ୍ଞରେ ଯେ
କେଉଁଠୁ ଆସିଲେ   କହ ଆଗ ଭଲେ   ମୁଁ କି ଗଣା ହେ ଅଙ୍କରେ ।୯୩।
ବୁଝାନ୍ତି ଅନୁଜେ ଜାନକୀ ସାଇଁ,   ବାଳକ ବୁଦ୍ଧି ତୋ ବୁଝିବୁ କାହିଁ
ବିନା ଦୋଷେ ପର୍ଶୁଧର ପିଅର   ବଧୁ ସପ୍ତକର ଖଟ୍ବାଙ୍ଗଧର
ସେବି ଏ ବୈଷ୍ଣବା ଧନୁ ଯେ
ପାଇ ନୃପ ଶଣୀ   ଅହଙ୍କାର ନାଶି   ବୈରୋଷ ନାଶିଲେ ମନୁ ଯେ ।୯୪।

Digitized by PPRACHIN, SOA

ସ୍ୱକରେ ଧରି ସେ ପରଶୁ, ଧନୁ, ପୃଥିବୀ ନିକ୍ଷତ୍ର କଲେ ନକାଶୁ
ସନ୍ଧି ଯେ କଲେ ମାନି ତାଙ୍କ ଗୀର, ବଞ୍ଚିଲେ ମଲେ ଯେ ବୋଇଲେ ବୀର
ଏହି ପରାଏ ନିକ୍ଷତ୍ରି ଯେ,
ଏକ ବିଂଶବାର କାଟି ନୃପ ଶିର ସାଧିଛନ୍ତି କ୍ଷତ୍ରି ବୃତ୍ତି ଯେ ।୯୫।
ଏ ପରି ଲକ୍ଷ୍ମଣେ ବୋଧି ରାଘବ, ତାପସେ ଦେଖାଇ ବିନୟ ଭାବ
ବୋଲନ୍ତି ଏ ଅନୁଜ ମୋ ଅଜ୍ଞାନ, ଚିତ୍ତ ଦହୁଥିବ ତା ବାକ୍ୟ ବାଣ
ବୀର ପୁତ୍ର ପ୍ରସବିନୀ ଯେ,
ରେଣୁକା ତନୁଜ ନ ଚିହ୍ନିଣ ବ୍ୟାଜ କଥା କହିଲା ନ ଜାଣି ଯେ ।୯୬।
ଓଳଗି ହେଉ 'ନମ୍ରେ' ରାମରାଜ ପର୍ଶୁରାମ ଚିତ୍ତ ହେଲା ଅଧୈର୍ଯ୍ୟ
ବିଚାରୁ ଚିତ୍ତେ ବୁଦ୍ଧି ଏକ ସ୍ମରେ ବୈଷ୍ଣବୀ ଧନୁ ପରୀକ୍ଷା ଆଶାରେ
ଛାଡି ଦମ୍ଭ ଗର୍ବ ପଣ ଯେ,
କହିଲେ ଏ ଶିବ ଧନୁ ସମ,ଭାବ ପୁଣ ଦିଅ ଏଥି ଗୁଣ ଯେ ।୯୭।
ଏତେ କହିଣ ବୈଷ୍ଣବୀ ଧନୁକୁ, ବଢ଼ାଉ ରାଘବ ଘେନିଲେ ତାକୁ
ଅତି ରହସ୍ୟେ ହରଷେ ଆକର୍ଷି, ଗୁଣ ଦେଉ ସେ ପର୍ଶୁରାମ ଭାଷି
ସ୍ୱୟଂ ତୁମ୍ଭେ ନାରାୟଣ ଯେ
ମୁଁ ଅର୍ଜିବା ପାପ କରନ୍ତୁ ବିଲୋପ ବିନ୍ଧି ସନ୍ଧି ଥିବା ବାଣ ଯେ ।୯୮।
ବ୍ରହ୍ମ ବଧ, ଭଣଜାର ରକ୍ଷଣ କହି ବିଶ୍ୱାମିତ୍ର କଲେ ବାରଣ
ନମୁ ପର୍ଶୁଧର ସ୍ୱ ତମ ଗୁଣ ଗଲା ଜାଣିଲେ ରାମ ନାରାୟଣ
ସ୍ନେହେ କରୁ ଆଲିଙ୍ଗନ ଯେ
ଥିବା ବିଷ୍ଣୁକଳା ତତ୍‌କ୍ଷଣେ ଗଲା ରାମ ଅଯୋଧ୍ୟା ଗମନ ଯେ ।୯୯।
ବିଶ୍ୱାମିତ୍ର ଅର୍ଦ୍ଧପଥେ କହନ୍ତି, ଦେବା ବେନି'ପୁତ୍ର ଘେନ ନୃପତି
ବିଧି ବିଧାନେ ଯାହା ଯୋଗ ଥିଲା, ସମାଧାନ ହେଲା ଯାଗ ରହିଲା ଯେ
ଯିବି ମୁଁ ମୋ ଆଶ୍ରମକୁ ଯେ,
ଶ୍ରୀରାମ ଲକ୍ଷ୍ମଣ ଭରତ ଶତ୍ରୁଘ୍ନ ଘେନିଣ ଯାଅ ପୁରକୁ ଯେ ।୧୦୦।
ପୂଜିଲେ ରାମ ମୁନିଙ୍କ ଚରଣ, ରାଜନ ସହ କଲେ ଯେଷ୍ଠା ମାନ୍ୟ
ଗଲେ ଋଷି ଦେଇ ହର୍ଷେ ଆଶିଷ, ପୁତ୍ର ବଧୂ ନଗ୍ରେ ହେଉ ପ୍ରବେଶ
କୁଳବତୀ ବନ୍ଦାଇଲେ ଯେ
ପୂଜି ଗୁରୁ ସାଧୁ ଚାରିପୁତ୍ର ବଧୂ ଯେ ଯାହା ପୁରେ ରହିଲେ ଯେ ।୧୦୧।
ମନ ମାୟା ଦାସୀ ସୀତାଙ୍କୁ କହେ କାନ୍ତଙ୍କୁ ତୋଷିବୁ ଆଜି ଏ ଦେହେ
ହେମାଙ୍ଗୀ ବୋଲି ସମସ୍ତେ ବୋଲିବା- ହେତୁ ନୋହୁ ବେଶ କି ଭାବି ଅବା
ହରିବାକୁ ସ୍ୱାମୀ ଚିତ୍ତ ଯେ,
ନାରୀ ଚାରି ଜାତି ସୁବେଶ ହୁଅନ୍ତି ଶୁଣି ସୀତା ସନମତ ଯେ ।୧୦୨।

ଟୀକା: ୧୦୨-ନାରୀ ଚାରି ଜାତି : ଚିତ୍ରିଣୀ,ପଦ୍ମିନୀ,ହସ୍ତିନୀ, ଶଙ୍ଖିନୀ,

Digitized by PPRACHIN, SOA

ଦିନମଣି ନଭେ ନ ହେଉ ଶେଷ ଦାସୀଏ ସୀତାଙ୍କୁ କରାନ୍ତି ବେଶ
ନୀଳମଣି ପିଢ଼ା ପୃଷ୍ଟେ ବସାଇ ସୁଗନ୍ଧ ପାଣିରେ ସ୍ନାନ କରାଇ ଯେ
ଗଜଦନ୍ତ ପ୍ରସାଧନୀ ଯେ,
ଚଳାଇଣ ବାଳି ସୁତୈଳ ସ୍ୟାମଳି ଜୁଡାକୁ ବାନ୍ଧିଲେ ଟାଣି ଯେ ।୧୦୩।
ନୀଳ ପୀଢ଼ାରେ ସୁବର୍ଣ୍ଣାଙ୍ଗୀ ସତୀ ଜଳଦେ ଚପଳା ପରି ଦିଶନ୍ତି
ଶ୍ୟାମଳ ମଥା ଶୋଭା ବେନି ଫାଳ ସୀମନ୍ତ ସିମନ୍ତିନୀରେ ସିନ୍ଦୂର
ସେ ଗଙ୍ଗା ଯମୁନା ପରି ଯେ,
ମଧ୍ୟେ ସରସ୍ୱତୀ ସିନ୍ଦୂର ଝଟତି ପୁଂସ ଚିତ୍ତ ନେବ ହରି ଯେ ।୧୦୪।
ଖଞ୍ଜନ ନେତ୍ରେ ରଞ୍ଜି ଅଞ୍ଜନକୁ ଦେଲେ ଯେପରି ରଞ୍ଜିବ ମନକୁ
ଲାକ୍ଷାରସ ନାଇ ପାଦ ପ୍ରାନ୍ତରେ ନଖପଚା ଦେଉ ନଖ ପତରେ ଯେ
ପୁରୁଷଙ୍କ ମନ ମୀନ ଯେ,
ଜୁଡା ଖାଳଇରେ ରଖିବା ପାଇଁକି ଧାତା କରିଛି ଯତନ ଯେ ।୧୦୫।
କେଳି ଢ଼କରା ନାସାପୁଟ ଗୁଣା କର୍ମ ଶିଳା ଖ୍ଚିତ ଦଣ୍ଡି ଗହଣା
ଦୁଲ୍ କାନ ଫୁଲ ଚୁମୁକି ଜ୍ୟୋତି ଦର୍ଶନେ ପୁରୁଷ ପତଙ୍ଗ ମତି
ଭ୍ରମ, କଟିର କିଙ୍କିଣୀ ଯେ,
ଦାସୀଙ୍କ ମେଳରେ ଗମନ ବେଳରେ ଜନମନ ନେବ କିଣି ଯେ ।୧୦୬।
ମୁକ୍ତ କିଆପତ୍ରୀ ସୁନ୍ଦର ଅତି ଭାଲେ ମଥାମଣି ପ୍ରକାଶେ ଜ୍ୟୋତି
ହଳଦୀ ଫେଡ଼ା ଯେ ପାନ ପତର ମଥା ମଣି ପରେ କରେ ମନ୍ତର
ଫୁଲ ଗୁଣା ମଲକଡି ଯେ,
ଶୁଦ୍ଧ ସୁବର୍ଣ୍ଣର ଚନ୍ଦ୍ର, ନୋଥ ଦେଲେ ହଂସ ଶୁଆ ଧାଡି ଧାଡି ଯେ ।୧୦୭।
ତାଡ, ବାଜୁବନ୍ଧ, ବଳା, ନୂପୁର କାଚ, ଖଡୁ, ରୁଲି ଯେ ବଟଫଳ
ସୁବର୍ଣ୍ଣ ମୁଦ୍ରିକା ମୁକୁତା ହାର ସେବତୀ ନାଗରଙ୍ଗ ମନୋହର
ବକୁଳ ମାଳା ଖୋଷାରେ ଯେ,
ସୁ ଯତ୍ନେ ଦାସୀଏ ବାନ୍ଧୁ ଶୋଭାପାଏ ସୁବାସ ମନକୁ ହରେ ଯେ ।୧୦୮।
ପଦରେ ପାହୁଡ ପାଉଞ୍ଜି ସାଜି ପୁଁସ କେଳି ପୁରେ ରହିବେ ଭାଜି
ସୁନୀଳ କାଞ୍ଚଲା ଉରୁ ଉପରେ ନୀଳାମ୍ବର ଶାଢ଼ୀ କୁଞ୍ଚ ସୂତାରେ ଯେ
କଟି ତଟେ ବାନ୍ଧିଦେଲେ ଯେ,
ଲଜ୍ଜା ଆବରଣ ହେବାକୁ ସୁଝୀନ ଉତ୍ତରୀୟେ ଘୋଡାଇଲେ ଯେ ।୧୦୯।
ନାଗବଲ୍ଲୀ ଭାଙ୍ଗି ଦେଲେ ଭୁଞ୍ଜାଇ ବିମ୍ବ ଦେଖାଇଣ ଚାମୁରେ କେହି
ଭାଷନ୍ତି ବେଶ ହେଲାକି ସୁମନା ଶରୀର କାନ୍ତଙ୍କୁ କରିବୁ ମନା
ତୋହ ବିନା ଅନ୍ୟନାରୀ ଯେ
ନ ଛୁଇଁବା ପାଇଁ ଶପଥ କରାଇ ଅଙ୍ଗ ଦେବୁ ସୁଚାତୁରୀ ଯେ ।୧୧୦।

Digitized by PPRACHIN, SOA

ଭାଷନ୍ତି ସୀତା ଏ କଥା ଶୁଦ୍ଧ ତ ସ୍ୱାମୀ ପକ୍ଷେ ତାହା ହେବ ଉଦ୍ଧତ
ବଳାଇ କହିଲେ ଅବଳା ମୁହିଁ ନୂଆ ମିଳନେ କେ ପାରିବ ରହି
କାନ୍ତ କରିଲେ ଅନ୍ତର ଯେ
ସଖା, ସହୋଦର ନ ଥିବ ପାଶର ରହିବ କି ଏ ମନ୍ତର ଯେ ।୧୧୧।
ଏଣେ ସୀତାରୂପ ଚିନ୍ତି ରାଘବ ଦିନମଣି ହୋଇବାକୁ ଲାଘବ
ଛାୟା ଦେବୀ କାନ୍ତେ ସ୍ମରନ୍ତେ ଭାବି ଯଥା ଶୀଘ୍ର ଅସ୍ତ ହୋଇଲେ ରବି
ବଂଶ ଶିଷ୍ୟ ଭକ୍ତି ଘେନି ଯେ,
ଅସ୍ତକୁ ଭଜନ୍ତେ ତପ ସାରି ପଥେ ଆଶ୍ରମେ ଫେରନ୍ତି ମୁନି ଯେ ।୧୧୨।
ହରିତ ଲୋହିତ କାନ୍ତିକି ସାଜି ରଜନୀ ରାଣୀ ଆସନ୍ତେ ବିରାଜି
ଶଶୀ ଆଲୋକରେ ଶୁଭ୍ର ଗଗନ ଦୀପ୍ତିବନ୍ତ ପୃଥ୍ୱୀ ପାଉଁ କିରଣ
ସୀତା ସ୍ନେହୀ ସଖୀ ଗଲେ ଯେ,
ଲାଜା ହୋମପୁରେ ପ୍ରବେଶି ସତ୍ୱରେ କେଳି ପୁର ମଣ୍ଡାଇଲେ ।୧୧୩।
କାନ୍ଥରେ ନାନା ଚିତ୍ର ଲେଖି ବାଳୀ ଶତ ମାଣିକ୍ୟ ଦୀପ ଦେଲେ ଜାଳି
ହଂସୁଲୀ ତୂଳୀ ତଳପରେ ଶେଯ ବିଛାଇ ବିଞ୍ଚିଲେ କେତକୀ ରଜ
ମଶାରି କଲେ ବନ୍ଧନ ଯେ,
ହୋମ ଦଗ୍ଧ ନାରି- କେଳ ମଧୁ ବାରି ରଖନ୍ତି କରି ଯତନ ଯେ ।୧୧୪।
ଚନ୍ଦନ କର୍ପୂର ଗୋଳାଇ ବାରି- କୁମ୍ଭକୁ ରଖନ୍ତି ସଂପୂର୍ଣ୍ଣ କରି
ପାଞ୍ଚ ବର୍ଣ୍ଣ ସୁମନ ଗୁନ୍ଥାମାଳ ଟାଣନ୍ତେ ଦିଶଇ ଅତି ମଞ୍ଜୁଳ
ବତିଶ ମସଲା ଦେଇ ଯେ,
ପ୍ରିୟ ଅନୁରାଗୀ ନାଗବଲ୍ଲୀ ଭାଙ୍ଗି ରଖନ୍ତି ମନ ମଜାଇ ଯେ ।୧୧୫।
ଖାଦ୍ୟ ପାନ ସାରି ପାପ ଶମନ ଶୟନ କକ୍ଷକୁ କଲେ ଗମନ
ଜନକ ଆତ୍ମଜା ଭୋଜନ ସାରି ଶାଶୁ ପଦ ସେବି ପଦେ ଜୁହାରି
ସାରି ପାକଶାଳା କାର୍ଯ୍ୟ ଯେ,
ପିତୃ ପୁରୁଷଙ୍କ ପାଇଁ ଶୁଦ୍ଧ ଅଙ୍କ କଲେ ଲୋଡ଼ନ୍ତି ଐଶ୍ୱର୍ଯ୍ୟ ଯେ ।୧୧୬।
ଉଚ୍ଛୁର ଦେଖିଣ ସଜନୀ ଗଣ ଡାକନ୍ତି ଜାନକୀ ଆସ ବହନ
କେଳି ପୁରେ କାନ୍ତ ଅଛନ୍ତି ଚାହିଁ ବିଳମ୍ୱ ନ କର ଚନ୍ଦ୍ରମା ମୁହିଁ ଯେ
ଶୁଣି ସଖୀଙ୍କ ଭାରତୀ ଯେ,
ସଖୀଙ୍କ ସଙ୍ଗରେ ଗଲେ କେଳି ପୁରେ କ୍ଷିତି ସୁତା ସୀତା ସତୀ ଯେ ।୧୧୭।
ରାମଙ୍କୁ ଭାଷନ୍ତି ସଜନୀ ଗଣ, ଘେନାକର ଏହି ରାମା ରତନ
ନବ ସୁକୁମାରୀ ଯୁବା ବୟସୀ ସୁରତି କାର୍ଯ୍ୟରେ ନାହାନ୍ତି ରସି
ପ୍ରୀତି ସାଧିବ ବିଚାରି ଯେ,
ଏ ଶିରୀଷ ଦେହା ଜନକ ତନୟା ବାଧା ନ ଲଭିବା ପରି ଯେ ।୧୧୮।

Digitized by PPRACHIN, SOA

ଜାନକୀ ଛାଡି କିଳିଣ କିଳଣୀ ଲେଉଟି ଆସନ୍ତି ସଜନୀ ଶ୍ରେଣୀ
ରାମାକର ଧରି ରାମ ପଲଙ୍କେ ଚାଟୁ ଭାଷା ଭାଷି ବସାଇ ଅଙ୍କେ
କରନ୍ତେ ସେ ପ୍ରୀତି ଭିକ୍ଷା ଯେ,
ଲଜ୍ଜାବତୀ ସୀତା ନ କହିଣ କଥା କରନ୍ତେ ରହି ସମୀକ୍ଷା ଯେ ।୧୧୯।

କାମ ବିଦଗ୍ଧିତ ରାଘବ ଦେହେ ବୋଲନ୍ତି ବନ୍ଧୁ ଜୀବ ଥବବା ଯାଏ
ଘେନିଲି ଚିତ୍ତେ କରି ବିଳାସିନୀ ନଘେନି ଛି ଏ ଯାଏଁ ମୁଁ କାମିନୀ
ତନୁଦାନେ କର ସ୍ଥିର ଯେ
କାମ ପଞ୍ଚଶର କରଇ ଅସ୍ଥିର ଶୁଣି ଜାନକୀ ଅଧୀର ।୧୨୦।

କେତକୀ ପାଖୁଡା କାଢ଼ି ଗଭାରୁ ଲିହନ୍ତି ପୋଛି କସ୍ତୁରି ଅଗୁରୁ
ଆନେ ହୋଇନାହିଁ ଏ ମନରତ ଜନ୍ମେ ଜନ୍ମେ ପଦେ ରହିବ ଚିତ୍ତ
ଅରପୁ ରାମେ, ଉଦନ୍ତ ଯେ
ପଢ଼ି ରଘୁନାଥ ହେଲେ ଆନନ୍ଦିତ ବିଜ୍ଞ ଜାନକୀ ସମ୍ମତ ଯେ ।୧୨୧।

ଗଳେ ଲମ୍ୟନ୍ତି ଲୁଚାଇ ଭିତରେ ଭାଷା ରସାଇ ବଦନ୍ତି ଉତ୍ତରେ
ପୂର୍ବ ବଂଶୀ ରଖିଥିବା କୀରତି ବିଭଞ୍ଜନେ ଏ ଏକ ପତ୍ନୀ ବ୍ରତୀ
ବ୍ରତ ହୋଇବ ପାଳନ ଯେ
ଦୀପ ହୁତାଶନ ସାକ୍ଷେ ବେନିଜନ କରିଲେ ସେଥି ପ୍ରମାଣ ଯେ ।୧୨୨।

ଅଦ୍ଭୁତ ଉପମା କବି ଭାବନେ କେଳିପୁର ଦିବା ନିଶି ପ୍ରମାଣେ
ମିଥ୍ୟା ନୁହେଁ ବୁଧେ ନୁହଇ ଛଦ୍ମ ପ୍ରସ୍ଫୁଟିତ ବେନି କୁମୁଦ ପଦ୍ମ
ଭାବ ଭୋଗେ ପଦ୍ମପ୍ରିୟ ଯେ
ସେହି କେଳି ବାସ ରେ, କୁମୁଦ ହାସ ଚନ୍ଦ୍ର ପ୍ରତ୍ୟକ୍ଷ ଉଦୟ ଯେ ।୧୨୩।

ରାମ ରୂପ ଚନ୍ଦ୍ର ଶୃଙ୍ଗାର ଲୀଳା ଆଭାସୁଁ ସେ ନିଶା କାଳ ହୋଇଲା
ଚନ୍ଦ୍ର ପ୍ରକାଶୁ ବିଧି ବିଧାନରେ ସତୀ ନେତ୍ର ପଦ୍ମ ମୁଦ୍ରିତ ହେଲେ
ସହଜେ ଲଜ୍ଜା ବସରେ ଯେ,
ନୂତନ ଆବାସ ନୂତନ ପୁରୁଷ ପ୍ରବେଶୁ ଏକା ପାଶରେ ଯେ ।୧୨୪।

କ୍ରମେ ଚନ୍ଦ୍ର ପଲ୍ୟଙ୍କ ଅସ୍ତାଚଳେ, ଅରୁଣ ବଂଶଜ ସ୍ୱକୀୟ କରେ
ସ୍ପର୍ଶୁ ସତୀ ହୃଦୟ କୁମୁଦ ପ୍ରଫୁଲ୍ଲିତ ନେତ୍ର ପଦ୍ମ ଆହ୍ଲାଦ
କ୍ରମେ ପ୍ରକାଶନ୍ତେ ଜ୍ୟୋତି ଯେ,
କେଳି ପୁରେ ସୂର୍ଯ୍ୟ ଚନ୍ଦ୍ର ଦିବାନିଶି ପଦ୍ମ କୁମୁଦିନୀ ଖ୍ୟାତି ଯେ ।୧୨୫।

ଟୀକା : କବିଙ୍କ ଚିନ୍ତାରେ ଅଦ୍ଭୁତ ଉପମା ନିଶାକାଳେ କେଳି ପୁରେ ରାମ-ଚନ୍ଦ୍ର ଉପସ୍ଥିତ ଚନ୍ଦ୍ର ଉଦୟ ବିଧି ବିଧାନେ ପଦ୍ମ ମୁଦ୍ରିତ ହେଲାପରି ଲଜ୍ୟାଶୀଳ ସୀତା ନେତ୍ର ପଦ୍ମ ମୁଦ୍ରିତେ ଚନ୍ଦ୍ର ଅସ୍ତାଚଳକୁ ଅର୍ଥାତ୍ ପଲଙ୍କାରୋହଣ ପରେ ସୂର୍ଯ୍ୟବଂଶୀ ରାମ ସୂର୍ଯ୍ୟ ପ୍ରକାଶେ ସୀତା ହୃଦୟ ପଦ୍ମ ଅସ୍ତ ପର୍ବତରେ ଏକନିଷ୍ଠ ଚିନ୍ତାଧାରା କିରଣ ସ୍ପର୍ଶ କରିବାରୁ ଲଜ୍ୟା କ୍ରମଶଃ ଦୂରେଇ ମୁଦ୍ରିତ ନୟନ କମଳ ହୃଦପଦ୍ମ ଆହ୍ଲାଦିତ ହେଲା । ଧରିତ୍ରୀ ସୁତା ସତୀଙ୍କର ଲଜ୍ଜା ସମ୍ଭ୍ରମ ଆବାଶର ମଣି ସୂର୍ଯ୍ୟବଂଶୀ ରାମଙ୍କ ଚରଣତଳେ ଶରଣ ନେଇ ଗୌରବ ବୃଦ୍ଧି କଲେ । ଫଳତଃ ଦିବାରାତ୍ରି ଚନ୍ଦ୍ର ସୂର୍ଯ୍ୟ ପ୍ରମାଣିତ ।

Digitized by PPRACHIN, SOA

ଧରିତ୍ରୀ ସୁତା ସୀତା ଲଜ୍ଜାମନା ଉଠିଲେ ଅତିଥି ଅବମାନନା
ଗମନ ଉନ୍ମୁଖୀ ହୋଇ ଶରଣେ ଲଜ୍ଜା ନିବେଦିତ କଲେ ଚରଣେ
ବେନି ଏ ଶ୍ରୀଧର ସୁତ ଯେ,
ସୁନ୍ଦରୀ ନିଶି ଶେଷେ ମାନସେ ମାନସେ କଲେ ପୁଷ୍ପମାଳା ଦତ୍ତ ଯେ ।୧୨୬।
ଉଭୟଙ୍କ ମନୁ ଗଲା ସଂଶୟ, ରତି ପତି କାର୍ଯ୍ୟେ କଲେ ବିଜୟ
ଆମୋଦେ ପ୍ରମୋଦେ ପୁହାଇ ରାତି, ପ୍ରଭାତୁ ଜାନକୀ ତେଜୁ ସୁପାତି
ସଖୀଏ ପ୍ରବେଶ ହେଲେ ଯେ,
ସୀତକାର ଭାବ ପରିହାସେ ସର୍ବ ପୁଚ୍ଛି ମାର୍ଜନା ସାରିଲେ ଯେ ।୧୨୭।
ଭରତ ଲକ୍ଷ୍ମଣ ଶତ୍ରୁଘ୍ନଙ୍କର ମଧୁଶଯ୍ୟା ହେଲା ଏହି ପ୍ରକାର
ଆମୋଦ ପ୍ରମୋଦ ପୁହାନ୍ତି ରାତି ବ୍ରହ୍ମଚର୍ଯ୍ୟ ରକ୍ଷା କରିଣ ନୀତି
ଆସି ମାମୁଁ ଯୋଦ୍ଧାଙ୍କୁର ଯେ,
ରହି କିଛି ଦିନ ଭରତ ଶତ୍ରୁଘ୍ନ ଘେନିଗଲେ ନିଜ ପୁର ଯେ ।୧୨୮।
ଆଦ୍ୟକାଣ୍ଡ ଶେଷ କ୍ରମେ ଏଠାରେ ଆକୀର୍ଣ୍ଣେ ଚତୁଷଷ୍ଟି ଆଖ୍ୟାନରେ
ଅଷ୍ଟାଦଶ ଶତ ଅଷ୍ଟାଶୀ ତମ ଆଲମ୍ବିତି ପଦେ ବୁଝ ମରମ
ଅଷ୍ଟ ବିଂଶ ହେଲା ରାଗ ଯେ
ଆରମ୍ଭରୁ ଏହି ଯାଏ ଅଛି ବହି- ସପ୍ତମ ବିଶ୍ରାମ ଭୋଗ ଯେ ।୧୨୯।

ମାସ ପାରାୟଣ ସପ୍ତମ ବିଶ୍ରାମ

Digitized by PPRACHIN, SOA

ହନୁଲାଙ୍ଗେ ଶନି ଦୃଷ୍ଟି ।

Digitized by PPRACHIN, SOA

ଅଯୋଧ୍ୟା କାଣ୍ଡ

ସୂଚୀପତ୍ର

ଛାନ୍ଦ	ବିଷୟ ର ନାମ	ରାଗ	ଅଳଙ୍କାର	ପଦ	ପୃଷ୍ଠା
	ଶ୍ଳୋକ				
୧	ଭଜନ			୧୪	୧
୨	ଦଶରଥ ରାଜ୍ୟ ଶାସନେ ରାମରାଜା ପ୍ରସ୍ତାବ	କାଳୀ		୧୨	୨
୩	ରାବଣ ବଧେ ରାମଙ୍କୁ ବନେ ପେଷିବା ପାଇଁ ଦେବଗଣଙ୍କ ଚକ୍ରାନ୍ତ	ଧନାଶ୍ରୀ		୪୮	୩
୪	ରାମ ବନବାସ	ଖଣ୍ଡିତା		୧୯୦	୯
୫	ରାମ ବନବାସେ ଗଙ୍ଗା ପାର	କଳସା		୭୩	୨୧
୬	ନାବ ସନ୍ନା ପ୍ରସଙ୍ଗ	ଚକ୍ରକେଳି ବାଣୀ		୫୬	୨୬
୭	ଗଙ୍ଗାପାର	ଚୋଖି		୨୮	୨୮
୮	ଶ୍ରୀରାମ ଚିତ୍ରକୂଟ ଆଗମେ ଭରଦ୍ୱାଜ ଆଶ୍ରମେ ପ୍ରବେଶ	ଆଶାଢ଼ ଶୁକ୍ଳ		୩୮	୩୩
୯	ସୁମନ୍ତ ରାମଙ୍କୁ ବନରେ ଛାଡ଼ି ରଥ ବାହୁଡ଼ାଇ ଆସିବା ପରେ ରାଜା ମୃତ,	କଲ୍ୟାଣ ଆହାରୀ	କାରୁଣ୍ୟ ରସ	୩୮	୩୬
୧୦	ଭରତଙ୍କୁ ଅଜାଘରୁ ଡ଼ାକିଯିବାଠାରୁ ରାମଚନ୍ଦ୍ରଙ୍କୁ ଫେରାଇ ଆଣିବା ପ୍ରସ୍ତାବ ସ୍ଥିରୀକୃତ	ବଙ୍ଗଳାଶ୍ରୀ		୭୮	୪୪
୧୧	ରାମଙ୍କୁ ଚିତ୍ରକୂଟରୁ ଫେରାଇବା ଲାଗି ଭରତ ଗମନ, ଗୁହକ ଭେଟ	ଘଣ୍ଟାରବ		୩୨	୫୪
୧୨	ଭରତଙ୍କର ଭରଦ୍ୱାଜଙ୍କ ସହିତ ଭେଟ	ଚିନ୍ତା ଦେଶାକ୍ଷ		୩୬	୫୬
୧୩	ଚିତ୍ରକୂଟେ ଶ୍ରୀରାମ ଦର୍ଶନ	କାମୋଦୀ		୪୧	୬୧

Digitized by PPRACHIN, SOA



ପିତା ଦଶରଥ ମାତା କୌଶଲ୍ୟାଙ୍କ ଗହଣରେ ପ୍ରଭୁ ବାଳକ ଶ୍ରୀରାମ

Digitized by PPRACHIN, SOA

ଅଯୋଧ୍ୟା କାଣ୍ଡର ବିଭିନ୍ନ ଛାନ୍ଦରେ ଥିବା ବିଶେଷତ୍ୱ

ଛାନ୍ଦ ୧ : ପଦ ୧-୧୪ ପ୍ରଥମ ପଦ ଘୋଷା ସହ ଯତିପାତ ଏବଂ ପ୍ରଥମ ଦ୍ୱିତୀୟ ଚରଣ ଆଦ୍ୟ ଯମକ । ଆଦ୍ୟ ଅଯୋଧ୍ୟା କାଣ୍ଡର ଟୀକା ରାମାୟଣ ।

ଛାନ୍ଦ ୨ : ଏ ଛାନ୍ଦ ଆଦ୍ୟ ଦୁଇ ଚରଣ ଯତିପାତ, ଉପଧା ମିଳନ ଏବଂ ଶେଷ ଚରଣ ସହିତ ଯତିପାତ । ପଦ ୨-୪ ରାମ ନାମର ମହତ୍ୱ ।
ପଦ ୫-୭ ଦଶରଥଙ୍କ ରାଜ୍ୟ ଶାସନ ।
ପଦ ୧୦-୧୧ ରାମ ରାଜା ହେବା ପ୍ରସ୍ତାବ ନାରଦ ଦେବସଭାରେ ପ୍ରଦାନ ଓ ଦେବତାମାଙ୍କର ଆଲୋଚନା ।

ଛାନ୍ଦ ୩ : ପଦ ୯-୧୦ ବୃହସ୍ପତିଙ୍କର ରାବଣ ନିଧନେ କର ଗଣା ।
ପଦ ୧୧-୧୬ ରାବଣ ବଧେ ବିଧାତାଙ୍କ ନିର୍ଦ୍ଦେଶ ଓ ଶନିଙ୍କର ବକ୍ତବ୍ୟ ।
ପଦ ୧୯-୨୨ ଦଶରଥଙ୍କୁ ଜ୍ୟୋତିଷଙ୍କର ଆଗତ ଭବିଷ୍ୟ ପ୍ରଦାନ ।
ପଦ ୨୮-୨୯ ଶୁକଶାରିଙ୍କ ବାକ୍ୟେ ଅଶୁଭ ଦୂର ପାଇଁ ରାମଙ୍କୁ ରାଜା କରିବାକୁ ଦଶରଥଙ୍କ ମନସ୍ଥ ।
ପଦ ୩୩-୩୬ ଗୁରୁମୁଖେ ରାମଙ୍କ ଯଶ ଗାନ ।
ପଦ ୩୭-୪୧ ରାମଙ୍କୁ ରାଜା କରିବା ପାଇଁ ବଶିଷ୍ଠଙ୍କ ଗଣନା ଓ ଆଗତ ଭବିଷ୍ୟତ କଥା ପ୍ରଦାନ ।
ପଦ ୪୨-୪୬ ସମୟ ନିରୂପଣ ଦ୍ୱିଅର୍ଥ ବୋଧକ ।

ଛାନ୍ଦ ୪ : ପଦ ୧୨-୧୫ ରାମଙ୍କ ଅଧିବାସ,ମନ୍ତ୍ରୀ ପୁରୋଧାଙ୍କ କଥୋପକଥନ ।
ପଦ ୧୭-୨୧ ଦେବଙ୍କ କୂଟ, ଖଳ ଦୁର୍ବଳଙ୍କ ପ୍ରତିକ୍ରିୟା ।
ପଦ ୨୨-୩୩ ଅଯୋଧ୍ୟାରେ ପ୍ରଜାମେଳି, ପ୍ରଭୁ ଭକ୍ତ ମନ୍ଥରାର କୈକେୟୀଙ୍କୁ ଉପଦେଶ
ପଦ ୪୩-୪୮ ରାମଙ୍କ ବର ଭିକ୍ଷା ।
ପଦ ୫୯-୬୩ ଭାଇ ଭାର୍ଯ୍ୟା ସହିତ ରାମ ବନକୁ ଯିବାକୁ କୈକେୟୀଙ୍କ ପ୍ରକାଶ ଓ ରାମଙ୍କର ସ୍ୱୀକୃତି ।
ପଦ ୭୨-୭୯ କୌଶଲ୍ୟାଙ୍କ ବାତ୍ସଲ୍ୟ ମମତା । ମଙ୍ଗଳ କାମନା ।
ପଦ ୧୦୪-୧୦୭ ଏକ ବ୍ରହ୍ମରୁ ଷୋଳକଳା ପର୍ଯ୍ୟନ୍ତ ବନ୍ଦନା କରିବାକୁ ରାମଙ୍କୁ ମାତାଙ୍କ ଉପଦେଶ ।
ପଦ ୧୪୨-୧୪୩ କୈକେୟୀଙ୍କ ବକ୍ତବ୍ୟରେ ରାଜାଙ୍କର ଅଗ୍ନିକୁ ପ୍ରାର୍ଥନା ।
ପଦ ୧୪୮-୧୫୨ ବନଗମନେ ସୀତାଙ୍କୁ କୌଶଲ୍ୟାଙ୍କ ଉପଦେଶ ।
ପଦ ୧୭୦-୧୭୬ ରାମ ଲକ୍ଷ୍ମଣଙ୍କ ବକଳ ପରିଧାନେ ପ୍ରଜାଙ୍କ ଦୁଃଖ ଓ ସୀତାଙ୍କ ବଳ୍କଳ ପରିଧାନ ସମୟରେ ବଶିଷ୍ଠଙ୍କ ବାରଣ ।

Digitized by PPRACHIN, SOA

ପଦ ୧୭୯-୮୦ ରାମ ବନ ଆଗମନେ ମାସ,ପକ୍ଷ,ବାର,ତାର, କରଣ ଓ ଯୋଗର ଅବସ୍ଥିତି ।

ଛାନ୍ଦ ୫ : ପଦ ୧୪-୩୦ ରାମ ସୀତାଙ୍କର ବିଗତ କଥା ପ୍ରଘଟ ।
ପଦ ୩୨-୩୪ ନିଦ୍ରାବତୀଙ୍କୁ ଲକ୍ଷ୍ମଣଙ୍କର ପ୍ରାର୍ଥନା ।
ପଦ ୫୪-୫୮ କିରାତ ରାଜା ଗୁହକର ବେଶ ବର୍ଣ୍ଣନା ।

ଛାନ୍ଦ ୬ : ପଦ ୧-୬ ଦେବାଦେବୀଙ୍କୁ କବିଙ୍କ ବନ୍ଦନା ।
ପଦ ୮-୧୨ ନାବ ଶୋଭା ପ୍ରସଙ୍ଗ ।

ଛାନ୍ଦ ୭ : ପଦ ୨-୫ ଗଙ୍ଗାପାରେ ପାଦ ଧୌତ ପାଇଁ କୈବର୍ତ୍ତର ଦାବି ।
ପଦ ୧୯-୨୨ ନାବରେ ଧୀବରର ରହସ୍ୟ ।

ଛାନ୍ଦ ୮ : ପଦ ୨-୬ ବନ ଶୋଭା ବର୍ଣ୍ଣନା । ପଦ ୮-୯ ଚିତ୍ରକୂଟ ଋଷିଙ୍କ ବର୍ଣ୍ଣନା ।
ପଦ ୧୦-୧୪ ସନ୍ଧ୍ୟା ବର୍ଣ୍ଣନା । ପଦ ୧୬-୧୮ ଶବରୁଣୀ ବେଶ ।
ପଦ ୨୬-୩୬ ରାମଙ୍କ ପ୍ରଶ୍ନେ ବାଲ୍ମୀକି (ସାଂଖ୍ୟ ଦର୍ଶନର ୨୫ ତତ୍ତ୍ୱରେ) ଚିତ୍ରକୂଟରେ ରହିବାକୁ ନିର୍ଦ୍ଦେଶ ।

ଛାନ୍ଦ ୯ : ପଦ ୭-୧୪ କୌଶଲ୍ୟାଙ୍କୁ ରାଜାଙ୍କର ସମ୍ବୋଧନ ଓ ଆଗତ ଭବିଷ୍ୟତ କଥା ପ୍ରକାଶ । ପଦ ୧୬-୨୦ ଗ୍ରୀଷ୍ମ ବର୍ଣ୍ଣନା ।

ଛାନ୍ଦ ୧୦ : ପଦ ୮-୧୮ ଅଶୁଭ ସଙ୍କେତ ।
ପଦ ୨୮-୪୪ ମାତା କୌଶଲ୍ୟାଙ୍କ ସହିତ ଭରତ ଶତ୍ରୁଘ୍ନଙ୍କର ଆଳାପ ବିଳାପ ।
ପଦ ୫୨-୫୫ କୁଳ ଧର୍ମ ଅନୁଯାୟୀ ଦଶରଥଙ୍କ ପ୍ରେତକ୍ରିୟା ସମାପନ ।

Digitized by PPRACHIN, SOA

ଅଯୋଧ୍ୟା କାଣ୍ଡ

-ଶ୍ଳୋକ-

ଦାସ୍ୟା ମନ୍ଥରୟା ଦୟାରହି ତୟା ଦୁର୍ବୋଧୟା କୈକେୟା
ଶ୍ରୀରାମ ପ୍ରଥମା ଭିଷେକ ସମୟେ ଗହା ଯଯାତେ ବରୌ ।।୧।।
ଭର୍ତ୍ତାରଂ ଭରତଃ ପ୍ରଶସ୍ତ ଧରଣୀ ରାମବନ ଗଛତାଂ
ଶ୍ରୁତ୍ୱା ତଦ୍ୱତ ବଚନଂ ପରଂ ଦଶରଥୋ ନିର୍ଜୀବବତ୍ ସଂସ୍ଥିତଃ ।।୨।।

ଭଜନ

ଛାନ୍ଦ - ୧

ରଘୁପତି ଆସହେ, ମୋର କଣ୍ଠରେ ବସ (ଘୋଷା)
ହେଲେ ତୁମ୍ଭ ମତି ଶୁଣିବେ ପାର୍ବତୀ ଗୁଣିବେ ମହେଶ ତୁମ୍ଭର ଯଶ ।୧।
ରଚନା ତ ବହୁ ପାର୍ଥକ୍ୟ, ରଚ ନାହିଁ କୋବିଦେ ତର୍କ,
ଏତ ସୁଧାଭାଣ୍ଡ, ଯା ମିଶିବ ଖଣ୍ଡ, ସୁମଧୁରେ ପାନେ ହେବ ସରସ ।୨।
ନିର୍ଜ୍ଜର ପରଙ୍କ ଉଦ୍ଧାରେ, ନିଦରେ ବିଜେ ଅଯୋଧ୍ୟାରେ
ଚାଣ୍ଡେ ଭାବଗ୍ରାହୀ, ଚାରିଚରୁ ହୋଇ କୌଶଲ୍ୟାଦି ଗର୍ଭେ କରିଲ ବାସ ।୩।
ବାଳଖେଳେ ଷୋଳ ବରଷ, କାଳଗଲା ଗାଧିଙ୍କ ଶିଷ୍ୟ
ଯାଗ ରକ୍ଷା ପାଇଁ ନେଲେ ଦୁଇ ଭାଇ ପଥରେ ତାଡ଼କୀ କରିଛ ନାଶ ।୪।
ମାତା ବଧେ କ୍ରୋଧେ ସୁବାହୁ, ଯାତାୟତ ପଥରେ ରାହୁ
ପ୍ରାୟ କରିଟାଣ, ଆରମ୍ଭିଲା ରଣ, ମାରି ଫିଙ୍ଗିଲ ମାରିଚ ରାକ୍ଷସ ।୫।
ଯାଉବନେ ସେ ପଦ ବାଜି, ଆଉ ଦିନେ ଦୁଃଖ ବରଜି
କୁଳଟା ଅହଲ୍ୟା କୁଳରେ ରହିଲା ଘେନିଲେ ଗୌତମ ନ ବହି ରୋଷ ।୬।
ରଙ୍ଗା ପାଦ ଡ଼ଙ୍ଗା ମଙ୍ଗରେ ମଙ୍ଗାଇଣ ନାରୀ ସଙ୍ଗରେ
ଗଙ୍ଗା ଜଳେ ଧୋଇ, ପାଦୋଦକ ପାଇ ପବିତ୍ର ହୋଇଲା ଅଛୁଆଁ ଦାସ ।୭।
ଯାଗେ ନୃପ ହୃଦ ସାରସ ଆଗେ ଉପାଡ଼ି କଲ ମଷ
ଜନକ ନୃମଣି ପଣ ଶୁଣି ଟାଣି ଧନୁ ଭାଙ୍ଗି ମନ କରିଲ ତୋଷ ।୮।
ରଥେ ଫେରୁ ପରଶୁ ରାମ ପଥେ ଜଗି ମାଗୁ ସଂଗ୍ରାମ
କର ସ୍ପର୍ଶ କରି କଳା ନେଲ ହରି ହୁନ୍ଦରେ କରାଇ ଦେଲ ତାପସ ।୯।
ବାଳ କାଣ୍ଡ ଚରିତ ମାନ କାଳ ଆଗୁ ଦେଇଣ ଧ୍ୟାନ
କରିଲି ରଚନ ତୋଷ ନୋହୁ ମନ ଅଯୋଧ୍ୟା ଚରିତ ଏଥୁ ସରସ ।୧୦।
ହେବା ପାଇଁ ଅଯୋଧ୍ୟନାଥ ସ୍ଥିର କରିବେ ଦଶରଥ
କଇକେୟୀ ବାଣୀ କର୍ଣ୍ଣ ପଟେ ଶୁଣି ସତ୍ୟରଖି ବନେ କରିବ ବାସ ।୧୧।

Digitized by PPRACHIN, SOA

ନାମରଟି ସେ ଦଶରଥ ଯମପୁରେ ଯିବେ ଭରତ
ଡ଼ାକି ଆଣି ବରି ଶୁଦ୍ଧ କ୍ରିୟା କରି ଫେରିବାକୁ କହୁ ଦେବ ସନ୍ଦେଶ ।୧୨।
ମହୀ ପାଳିବା ଆଦେଶକୁ କହି ଫେରାଇବ ଦେଶକୁ
ପାଦୁକାକୁ ଦେଇ ଯାଦୁ କଲ ରହି ଫେରିଲେ ପୁରକୁ ନ ବହି ରୋଷ ।୧୩।
ଦୟାନିଧିଙ୍କର ଆଦେଶେ ଦୟାନିଧି ଏ ରସ ଭାଷେ
ମନ ହେବ ତୋଷ ଘେନ ହେ ବିଦୂଷ ନ ଦେଖିବ ଆଉ ଯମ ନିବାସ ।୧୪।

ଦଶରଥ ରାଜ୍ୟ ଶାସନେ ରାମରାଜା ପ୍ରସ୍ତାବ

ଛାନ୍ଦ - ୨

ରାଗ-କାଳୀ(୧୭ ଅକ୍ଷରୀ)

ଧୀରେ ସୁଧୀରେ ଘେନି ହେ ଧୀରେ ଅଯୋଧ୍ୟା କାଣ୍ଡ ରସ
ଅନ୍ତେ ବିକାଳେ ଫେରାଇ ଆଳେ ସ୍ୱରଗେ କର ବାସ ।୧।
ଏକାମ୍ର ବନେ ଗଉରୀ ଦିନେ ପୁଛନ୍ତେ ଶୂଳପାଣି
ପ୍ରବଚନରେ ବସି ଧ୍ୟାନରେ ଚିନ୍ତିଲେ ରଘୁମଣି ।୨।
ଯେ ରାମ ରାମ ଉଚ୍ଚାରୁ କାମ୍ୟ- ସମ୍ପୂର୍ଣ୍ଣ, ସୁଧାଦାୟୀ
ଶ୍ରବଣ ବିଳେ ପଶି ତତ୍‌କାଳେ ହୃଦେ ପ୍ରବେଶ ଯାଇ ।୩।
ପୁଣି ସେ ସୁଖେ ଉଚ୍ଚାରୁ ମୁଖେ ଉଚ୍ଛୁଳୁ ଥିବା ପାପ
ଦିଅଇ ଧୋଇ ସନ୍ଦେହ କେହି ନ କରି ରାମ ଜପ ।୪।
ଏଣେ ଅଜ 'ଜ' ପାଳନ୍ତି ରାଜ୍ୟ ପୁତ୍ର ବଧୂଙ୍କୁ ଘେନି
ପରିଷଦର ପାରିଷଦର ଉପଦେଶକୁ ମାନି ।୫।
ସୁମନ୍ତ୍ର ଯନ୍ତ୍ରୀ ପ୍ରଧାନ ମନ୍ତ୍ରୀ, କୈକେୟ ରାଜ ସୁତା
ମନ୍ଥରା ଦାସୀ ବଡ଼ ବିଶ୍ୱାସୀ କୂଟନୀତି ରେ ଜିତା ।୬।
ଋଷି ବଶିଷ୍ଠ 'ପୁରୋଧା' ଶ୍ରେଷ୍ଠ ରାଷ୍ଟ୍ରର ରାଷ୍ଟ୍ରପତି
ସେ ଦଶରଥ ଯା' ଗଣତନ୍ତ୍ର ନୀତି ନିୟମେ ମତି ।୭।
କରୁ ଶାସନ ଗଡ଼ିଲା ଦିନ ଦିନରୁ ମାସ ବର୍ଷ
ରାମ ରାଜନ ଅର୍ଥେ ରାଜନ 'ପୁଚ୍ଛୁ' ବଶିଷ୍ଠ ହର୍ଷ ।୮।
ଭାଷନ୍ତି ଖରେ ମନ୍ତ୍ରି-ସଭାରେ ଆଲୋଚ୍ୟେ ଅନୁମତି
ଅଣାଇ ଦାନ କର ଆସନ ରାଜନେ ରଘୁପତି ।୯।
ଏ ବାଣୀ ଶୁଣି ନାରଦ ମୁନି ଦେବ ସଭାକୁ ଗଲେ
ରାମ ରାଜନ ଖବର ମାନ ପାକ ଶାସନେ ଦେଲେ ।୧୦।

Digitized by PPRACHIN, SOA

ଶୁଣି ବିଡ଼ୋଜା ଥରିଲା ମଜ୍ଜା ରାମ ହୋଇଲେ ରାଜା
ଲଙ୍କା ଅଧୀଶ ନ ହେବ ନାଶ ଦଣ୍ଡିବ ବାଇ ବାଜା ।୧୧।
ଏହାର ବିଧି ବିଧାନ ସିଦ୍ଧି ପର ଛାନ୍ଦରେ ହେବ
ଦ୍ୱାଦଶ ପଦେ ଦୟା ପ୍ରବନ୍ଧେ ସୁମରେ ସୀତାଧବ ।୧୨।

ରାବଣ ବଧେ ରାମଙ୍କୁ ବନେ ପେଷିବା ପାଇଁ ଦେବଗଣଙ୍କ ଚକ୍ରାନ୍ତ

ଛାନ୍ଦ - ୩

(ରାଗ-ଧନାଶ୍ରୀ)

(ବସି ବଶିଷ୍ଠ ଯା ବାଳି ବାମଦେବ ବୃତ୍ତେ)

ଶଙ୍କର ଭାଷନ୍ତି ଶୁଣ ହୈମବତୀ ଅଯୋଧ୍ୟା କାଣ୍ଡ ଚରିତ
ଶୁଣନ୍ତେ କଲ୍ମଷ ହୋଇ ଯିବ ଧ୍ୱଂସ ରାମନାମେ ରହୁ ଚିତ୍ତ
ବୁଧେ ଶୁଣି ପୁରାଣ
ଘୋଷୁ, ଅନ୍ତିମେ ହେବ ନିର୍ବାଣ ।୧।

ଏଣେ ନିଶି ଶେଷେ ରାବିଲେ ବାୟସେ ଶମ୍ଭୁ ଆଳେ କନ୍ୟସ୍ୱନ
ଭୂସୁରେ ସ୍ନାନରେ ପ୍ରାତଃ ସ୍ମରଣରେ ମାଗଧେ କରିଲେ ଗାନ
ଯଶକୁ, ଦେବାର୍ଚ୍ଚନ
ସାରି ଆସ୍ଥାନରେ ମଘବାନ ।୨।

ବୃନ୍ଦାରକ ବୃନ୍ଦ ଆମ୍ବୁଭୁ ଧନଦ ଯମ ଧର୍ମ ଦିଗବାସ
ଆସନାଳଂକୃତେ ଶଚୀପତି ଭୀତେ ଭାଷ୍ଟୁଁ, ଭାଷନ୍ତି ଲୋକେଶ
ଦୈତ୍ୟ ବଧି ଦୁର୍ଦ୍ଦଶା
ହରି ହରିବାକୁ ଥିଲା ଆଶା ।୩।

ତାଡ଼କାର ନାଶ ଫଳରୁ ଆଭାଷ ମିଳିଥିଲା ମୁନି ଯାଗେ
ଅହଲ୍ୟା ଉଦ୍ଧାର କଇବର୍ତ୍ତ ପାର ଧନୁ ଭଗ୍ନକଥା ଆଗେ
ପଥେ ରେଣୁକାବଳା
ପଥ ଓଗାଳୁ ହରିଲେ କଳା ।୪।

ଏବେ ଐଶ୍ୱର୍ଯ୍ୟରେ ଜାନକୀ ସଙ୍ଗରେ ବିଳାସେ କୋଦଣ୍ଡଧାରୀ
ଦେବଚ୍ଛଳେ ଜାତ ଦଇତ ନିପାତ କଥାକୁ ଦେଲେ ପାଶୋରି
ବିନା ଦୋଷେ ଦଇତ
କିମ୍ପା କରିବେତ ଯାଇ ନିହତ ।୫।

Digitized by PPRACHIN, SOA

କରି ତହିଁ ବାଦ   କହନ୍ତି ନାରଦ   କରିଥିଲେ ଉପଚାର
ଧନୁ ଭଗ୍ନ କାଳେ,   ସୀତାଛଳେ ବଳେ   ବଧିଥାନ୍ତେ ବିଂଶକର
ପରଜା-ପରିଚର୍ଯ୍ୟା
କାର୍ଯ୍ୟେ, ରାଜ୍ୟେ ନିଯୁକ୍ତିବେ ରାଜା ।୬।

ଏକାଳେ ଶଚୀଶ   ବହି ଅମରସ   କହିଲେ କର ଉପାୟ
ରାଘବ ପ୍ରତିଭା   ବଢ଼ାଇଣ ସଭା   ମଧ୍ୟେ, ବଧେ, ଦୈତ୍ୟରାୟ
ପୁତ୍ର, ନାତି କିପରି
ହତ ହୋଇବେ କହ ବିଚାରି ।୭।

ଦୈତ୍ୟ ଯେଷ୍ଠ ସୁତ-   ବୀର ଇନ୍ଦ୍ରଜିତ   ପ୍ରଭାବେ ସଦା ମୁଁ ଭୀତ
ତା ବଧ ଆଶାରେ   ମିଥିଳା ଦେଶରେ   ବଧେ ନଥିଲି ଚିନ୍ତିତ
ତାହାର ଅହଂକାର
ନ ସରୁଛି ଦଣ୍ଡ ଦିଏ ଘୋର ।୮।

ଭାଷନ୍ତି ବିରଞ୍ଚି   ପୂର୍ବେ ତପ ପାଞ୍ଚି   ପାଞ୍ଚି ତା କଷ୍ଟ ସରବ
ଦେଇଛି ଯେବର   ସ୍ୱୟଂ ରଘୁବୀର   କରେ ମୃତ୍ୟୁ ଅସମ୍ଭବ
ଚାଡ଼, ଛାଡ଼ ବିଚାର
କର୍ମ ପନ୍ଥା ଶୀଘ୍ର ସ୍ଥିର କର ।୯।

ହସ୍ତ ରେଖା ଗଣି   ଗଣି ଗୁରୁ ଭଣି   ବିଂଶକର ହତବର
ଅର୍ଦ୍ଧ ଶତ ଷଷ୍ଠ   ଗଣ୍ଡା ଯୁଗସ୍ପଷ୍ଟ   ଏବେ କିମ୍ପା ଏବିଚାର
ଚତୁରା ନନ ଭଣି
ସୀତା ନେଉ ମରିବ ସେ ପୁଣି ।୧୦।

ଏଣୁ ରାମବନେ   ଅଣାଅ ଯତନେ   ନାରଦ କହନ୍ତି ଶୁଣି
ଜାନକୀ ହରଣ   ଦଇତ ମରଣ   କୁହ ଆଣ ରଘୁମଣି
ଶଚୀପତି ବଦତି
ସୀତା, ରାଘବ ଉର୍ମିଳା ପତି ।୧୧।

ଆଣ ଶେଷ ଦେବ   ଅନନ୍ତ ସମ୍ଭବ   ପାଳିବେ ସେ ବ୍ରତ ସିନା
ପୂର୍ବ ଦେବ, ଦେବ   ଇନ୍ଦ୍ରାରି ବିଭବ   ଯିବ କାହ୍ନୁ ସୁଲୋଚନା
ପୁଚ୍ଛୁ ସଭା ସମ୍ମତ
ଶୌରୀ ସୌରଭେ କଲେ ବ୍ୟକତ ।୧୨।

ଅଯୋଧ୍ୟା ନରେଶ   କୋଷ୍ଠୀରେ ମୋ ବାସ   ଲଗ୍ନରୁ ସପ୍ତମେ ରହି
ଶନି ସପ୍ତା ଦୋଷ   ଉନବିଂଶ, ବର୍ଷ   ମଧ୍ୟେ ପାଞ୍ଚବର୍ଷ ଯାଇ
ଥିବା ଚଉଦ ବର୍ଷ
ମଧ୍ୟେ ରାଷ୍ଟ୍ର ଭଙ୍ଗ ରାଜା ନାଶ ।୧୩।

Digitized by PPRACHIN, SOA

ଏ ଖଳ ଦୁର୍ବଳ ବାଣୀ ହୋଇମେଳ ନିଦ୍ରାବତୀ ସଙ୍ଗ ହୋଇ
ଯାଆନ୍ତୁ କୋଶଳେ ଏ କାର୍ଯ୍ୟ କୁଶଳେ ସାଧନା କରିବା ପାଇଁ
ସୀତା ରାମ, ଲକ୍ଷ୍ମଣ
ଯତ୍ନେ' ବନକୁ ଆଣନ୍ତୁ ପୁଣ ।୧୪।

ନ କରି ବିଚାର- ଦେଇଛ ଯା ବର, ଛପନ ଗଣ୍ଡା ଯୁଗରେ
ସୀତା ଅପହୃତ, ପାପୁ ଅପମୃତ- ହେବ କାଳ କବଳରେ
ଇନ୍ଦ୍ରଜିତର ମୃତ
ହେବ ସୌମିତ୍ରି ପାଳିବେ ବ୍ରତ ।୧୫।

ଦୁଷ୍ଟ ଦଶାନନ ଚଉଦ ଭୁବନ ପ୍ରାଣୀ ଗଣେ ଦେଉ ଦଣ୍ଡ
ସେ ଦୋଷରୁ ନାଶ ଚତୁର୍ଦ୍ଦଶ ବର୍ଷ ଶେଷେ ହେବ ଦୈତ୍ୟ ପିଣ୍ଡ
ଚତୁର୍ଦ୍ଦଶ ବତ୍ସର
ବ୍ରତ ପାଳନ୍ତୁ ଉର୍ମିଳା ବର ।୧୬।

ଅଯୋଧାରେ ଅଶୁଭ ସଙ୍କେତ

ଦୈବଜ୍ଞ ବିଚାରି ଅଇଶ୍ୱର୍ଯ୍ୟ ହରି ନେଉ, ଅଶୁଭ ସୂଚନା
କ୍ରମେ ଆସୁ ମାଡ଼ି, କାକ ଦିବା ରଡ଼ି ଶୁଣି ନୃପ ଦୁଃଖ ମନା
ପୁରେ ସେ ଲଞ୍ଜାତାରା
ଲାଞ୍ଜ ପଡୁ ରାଜା ଧୈର୍ଯ୍ୟ ହରା ।୧୭।

ଗ୍ରାମ ଉପକଣ୍ଠୁ ଶିବାଶବ ଛାଡ଼ି ଦିବାଲୋକେ କରେସ୍ୱନ
ଦିନମଣି ଥାଉ ଦଳ ଧରି ଯାଇ ପେଚା ବୁଲି କରେ ଗାନ
ପେଚା ପେଚୀ ସଙ୍ଗରେ
ଦିବାଲୋକରେ ଶୃଙ୍ଗାର କରେ ।୧୮।

କେବେ ଦେଖାଯାଏ ବରଷା ପରାଏ ରକ୍ତ ବୃଷ୍ଟି ହୁଏ ଦେଶେ
ଅଜଙ୍କ ନନ୍ଦନ ହୋଇ ମ୍ରିୟମାଣ ବସନ୍ତେ ନିୟତି ହସେ
ଗଣାନ୍ତେ ନାମରାଶି
ଚିନ୍ତା ମଗ୍ନେ ସେ ଜ୍ୟୋତିଷ ଭାଷି ।୧୯।

ଭାଷନ୍ତି ଗଣକ ପଞ୍ଜିକାରେ ଦେଖ ତେରଦିନେ ପକ୍ଷ ଆସେ
ଏ ବଡ଼ ଅଶୁଭ ଦିଶୁନାହିଁ ଶୁଭ ରାଷ୍ଟ୍ରଭଙ୍ଗକୁ ପ୍ରକାଶେ
ଧରି ଦ୍ୱିଗୁଣ ତେଜ
ଉଦୟ ଅସ୍ତେ ଦହିବ ସୂର୍ଯ୍ୟ ।୨୦।

Digitized by PPRACHIN, SOA

ଦ୍ଵିପକ୍ଷରେ ଶୁଣ- ପରାଗ, ଗ୍ରହଣ ହେବ ଏ ନିୟତି ଗତି
ଏ ବଡ଼ ଦୁର୍ଯୋଗ ହେବାବେଳେ ଭୋଗ ନାଶ କରିବ ନୃପତି ,
ପ୍ରଜା'ପୀଡ଼ା କହୁଛି
ଯାହା ଚିନ୍ତିଲେ ଚିତ୍ତ ଦହୁଛି ।୨୧।

ନଭେ ବିନା ମେଘେ ଦେଖିବ ଯେ ଦୀର୍ଘେ ପଡ଼ିବ ସୂର୍ଯ୍ୟ ମଣ୍ଡଳ
ଗୃଧ୍ର ପକ୍ଷୀ ଝାମ୍ପ ଦେବ ଭୂମି କମ୍ପ ହେବ, ପ୍ରଜାଏ ବିକଳ
ପ୍ରାତଃ ଧୂସର ବର୍ଣ୍ଣ
ଦୃଶ୍ୟ ବିନା କାରଣେ ଗଗନ ।୨୨।

ଚିନ୍ତି ଏ ଦୁଷ୍କୃତି ଦେବାଳୟେ ନୀତି ନିତି ନୃପତି ଦର୍ଶନେ
ଇନ୍ଦ୍ର ଆଜ୍ଞାପାଇ ବାଣୀ ସଙ୍ଗେ ନେଇ ଖଳ ଦୁର୍ବଳ ସେ ସ୍ଥାନେ
ସିଂହ ଦ୍ଵାର ପିତୁଳା
ମଧ୍ୟେ ପଶି ଲକ୍ଷ୍ୟେ ଶୁଭବେଳା ।୨୩।

କିଛି କାଳ ଅନ୍ତେ ରାଜା ପ୍ରବେଶନ୍ତେ ଅଲକ୍ଷ୍ୟେ ଖଳ ଦୁର୍ବଳ
ହେଲେ କୁହାକୁହି ସ୍ତମ୍ଭୀଭୂତେ ରହି ଶୁଣନ୍ତି ଅଯୋଧ୍ୟପାଳ
ରଘୁ ରାଜା କୀରତି
ଶୁକ ଶାରୀ ଗାନ କରୁଥାନ୍ତି ।୨୪।

ବାଟି ଚିନା ସଞ୍ଜା ନ ଆଣି ପରଜା ପାଳଇ ସେ ସମେ ରାଷ୍ଟ୍ର
ତଡ଼ାଗ ସାଗର ବାମ୍ପୀ ସରୋବର ଖୋଳାଇ, ନିର୍ମାଣି ବାଟ
ସେ ଜଳଛତ୍ର ମାନ
ଖୋଲି ଗ୍ରୀଷ୍ମକାଳେ ଦେଲେ ଦାନ ।୨୫।

ସେହି ବଂଶେ ଜାତ ରାଜା ଦଶରଥ ଦଶ ସସ୍ର ବର୍ଷ ଆସି
ରାଜ ସିଂହାସନ କରିଣ ବହନ ବସିଅଛି ହୋଇ ଖୁସି
ପୁରେ ସୁ ପୁତ୍ର ରାମ
ଥାଉଁ ନ ଦିଏ ରାଜ୍ୟ ଏ ଭ୍ରମ ।୨୬।

ସ୍ଵୟଂ କମଳିନୀ ଜନକ ଦୁଲଣୀ ପରଂବ୍ରହ୍ମ ରଘୁପତି
ମହାମନ୍ତ୍ରୀ ଶ୍ରେଷ୍ଠ ପୁରୋଧା ବଶିଷ୍ଠ ରାଜା କିମ୍ବା ନ କରାନ୍ତି
ଯାହା ପୂର୍ବ ଗୌରବ-
ଥିଲା, ନାଶ କଲେ ଭୂପ ସର୍ବ ।୨୭।

ଶୁଣି କୀର ଗୀର ନୃପବକ୍ଷେ ତୀର ଭେଦ କରି ଚଳୁ ଗର
ସନ୍ତାପିତ ମନେ ମିଳିଣ ସଦନେ ବସି କରନ୍ତି ବିଚାର
ରାଜା କରାଇ ରାମ,
ବାନପ୍ରସ୍ଥେ ନେବେ ସେ ବିଶ୍ରାମ ।୨୮।

Digitized by PPRACHIN, SOA

ସେ ନାମ ରାଶିରେ ଦୂର ହୋଇପାରେ ଅଶୁଭ ଲକ୍ଷଣ ଖରେ
ଶ୍ରୀରାମ ସମ୍ପୂର୍ଣ୍ଣ ଗୁଣେ ପରିପୂର୍ଣ୍ଣ ରଖୁ ମର୍ଯ୍ୟାଦା ଦେଶରେ
ତାଙ୍କୁ କରିଲେ ରାଜା
ସୁଖେ ରହିବେ ଅଯୋଧ୍ୟା ପ୍ରଜା ।୨୯।

ପିତୃଶ୍ରାଦ୍ଧେ ଶର ଧରି ରାମବୀର ମୃଗ ବଧ ବିନୋଦ ରେ
ଯାଇଣ ନ ପାଇ ପଥବଣା ହୋଇ ମିଳୁ ଶବର ପଲ୍ଲୀରେ
ଦେଖ୍ ଗୁହ ଶବର
ମୋଦେ ଚିହ୍ନି ନେଲା ନିଜପୁର ।୩୦।

ସୈନ୍ୟଙ୍କ ସହିତ ଶ୍ରୀରାମଙ୍କୁ ଚିତ୍ତ ବିନୋଦେ କରୁ ଅତିଥ୍
ଧର୍ମେ ରଖ୍ ମତି ଶ୍ରୀ ଫଳ ଭୁଞ୍ଜନ୍ତି ମଇତ୍ର ବସି ଶ୍ରୀପତି
କରିବାକୁ ଶିକାର
ପଥ ଦେଖାଇ ଦେଲା ଶବର ।୩୧।

ବେଣ୍ଟେ ଚାପଧର ହରିଣ ଶମ୍ବର ବଧ କରି ତତପର
ସୈନ୍ୟ ସହିତରେ ପ୍ରବେଶ ସୌଧରେ ଧରିଣ ଶିକାର ଭାର
ରାଜା ଆନନ୍ଦ ହେଲେ
ଦେଖୁ ବଶିଷ୍ଠେ ସର୍ବ କହିଲେ ।୩୨।

ଶୁଣି ବହି ଶ୍ରଦ୍ଧା କହିଲେ ପୁରୋଧା ପର୍ଶୁ ରାମ ଗର୍ବେ ଦେଖ୍
ପଥରେ ତାଡ଼କା ପଥେ ପଡୁ ଡ଼କା ଧନୁ ଭଗ୍ନ ହେଲା ସାକ୍ଷୀ
ରାମ ଗାମ୍ଭୀର୍ଯ୍ୟ ଗୁଣ
ବୀର ପଣ ହୋଇଛି ପ୍ରମାଣ ।୩୩।

ଭାଷନ୍ତି ରାଜନ ଶୁଣ ସଭାଜନ ମନ୍ତ୍ରୀ ପୁରୋଧା ସହିତ
ସାକେତ ନଗରେ ସିଂହାସନ ପରେ ରାମ କରି ଅଭିଷିକ୍ତ
ମୁହିଁ ନେବି ବିଶ୍ରାମ
ସଭା ସମ୍ମତି ମୋହର କାମ୍ୟ ।୩୪।

ସେ ସଭା ମଧ୍ୟରେ କୈକେୟୀ ନଥିଲେ ଏଣୁ ସର୍ବମନେ ଭ୍ରାନ୍ତି
ସଭାସଦ ସଙ୍ଗେ ସଭା ମଞ୍ଚେ ରଙ୍ଗେ ଏ ବିଷୟ ବିଚାରନ୍ତି
ରାଜା ହୋଇ ଗଦ୍‌ଗଦ
ଭାଷନ୍ତି କେ ନ କରିବେ ବାଦ ।୩୫।

ମୋର ଏ ପ୍ରସ୍ତାବେ ସଭାସଦ କେବେ ପ୍ରତିଦ୍ୱନ୍ଦୀ ନ ହୋଇବେ
ପୂରଣେ ଅଭିଷ୍ଟ ପୁରୋଧା ବଶିଷ୍ଠ ଅଭିଷେକ କରାଇବେ
କର ମତ ପ୍ରଦାନ
ହେବ ଶୁଭକାଳ ନିରୂପଣ ।୩୬।

Digitized by PPRACHIN, SOA

ହର୍ଷେ ସଭାସଦ ଲଭନ୍ତେ ପ୍ରମୋଦ ବଶିଷ୍ଠ ଗଣନା କଲେ
ଦଶରଥ ଦଶ- ମାଥ ଆଦ୍ୟ ଅଂଶ ନାମରୁ ଏକ ଜାଣିଲେ
ପାଇଛି ନାଶ ଯୋଗ
ରାମ ବନଗତେ ହେବ ଭୋଗ ।୩୭।

ସ୍ୱ ସୁବୁଦ୍ଧି ଜ୍ଞାନେ ଜାଣିଲେ ଦର୍ଶନେ ଅନ୍ଧମୁନି ଅଭିଶାପ
ହୋଇବ ପୂରଣ ରାମଗଲେ ବନ ଲଗ୍ନ, ଗୃହେ ଭୋଗପାପ
ଭରତ ଶତ୍ରୁଘନ
ମାତୃ ଆଳୟେ ବିଧି ବିଧାନ ।୩୮।

ଅଯୋଧ୍ୟା ଭାଣ୍ଡର ପୂର୍ଣ୍ଣଦଧି ସାର ମନ୍ଥରା ଖୁଆ ଦଣ୍ଡରେ
ଗୋପାଳୁଣୀ ହୋଇ ମନ୍ଥନ୍ତେ କୈକେୟୀ ସ୍ନେହ ସୌହାର୍ଦ୍ଦ୍ୟ ରୂପରେ
ରାମ ସୀତା ଲକ୍ଷ୍ମଣ-
ନବନୀତ, ତାପସ ନୟନ ।୩୯।

ପୂର୍ବ ତପବଳୁ କରିବେ ଅଶନ, ରାମ ରାବଣ ନିଧନେ
ଅବଶିଷ୍ଟ ମନ୍ଦ ଘୋଳ ତାମ୍ରପାତ୍ରେ ତିକ୍ତ ହୋଇବ ବିଧାନେ
ଜନେ କରିବେ ଛି ଛି
ବିଧି ବିଧାନେ ଏହା ଲେଖିଛି ।୪୦।

ବଶିଷ୍ଠେ ଭୂପତି ଯୋଗକୁ ପାଇଛି ଦେବେ କଲେଣି ବିଚାର
ରାମ ରାଜା କଦା କରାଇ ନ ଦେବା ବିଚାର ଏହା ବିଧିର
କୋଷ୍ଠୀ ଫଳକୁ କହି
ଛନ୍ଦ ଦ୍ୱନ୍ଦେ ରାଜା ହୋଇ ମୋହି ।୪୧।

ବଦନ୍ତି ବଶିଷ୍ଠ ଶୁଣ ନୃପ ଶ୍ରେଷ୍ଠ ଐଶ୍ୱର୍ଯ୍ୟ ବିଭୂତି ଭୋଗ
ଭାନୁ ଙ୍କ ଉଦୟ କାର ରାମ,ରାୟ- ହେବେ ପାଉଅଛି ଯୋଗ
ମନ୍ତ୍ରୀ ଭାଷନ୍ତି ଗୀର
ପିତୃ ଋଣ ଶୁଝିବେକି ବୀର ।୪୨।

ବଦି ତପୋଧନ ବଧ ଅନରଣ୍ୟ ତାରିବେ ଅଭିମାନରୁ
କୋଶଳ ଅଧୀଶ ଶୁଣି ହେଲେ ତୋଷ ବାମଦେବ ଭାଷଣରୁ
ଲଗ୍ନ ଦୋଷ ବୁଝିଲେ
ବ୍ୟୟେ ମଙ୍ଗଳରୁ ନ ଶୁଝିଲେ ।୪୩।

ବଦତି ବଶିଷ୍ଠ ସ୍ୱର୍ଣ୍ଣଦାନେ ରିଷ୍ଟ ଯିବ ଏ କାର୍ଯ୍ୟ ହୋଇବ
ଅଷ୍ଟମରେ ଆସି ବୃହସ୍ପତି, ରାଶି ଭୋଗରୁ କେ ନୃପ ହେବ
ଶୁଣୁ ରାଜାଏ ବାଣୀ
ପୁଛୁଁ, ଚିନ୍ତକି ପଣ୍ଡିତ ଶ୍ରେଣୀ ।୪୪।

Digitized by PPRACHIN, SOA

ନାହିଁ କିଛି ବାଧା ଭାଷିଲେ ପୁରୋଧା ଦିବ୍ୟଭୂତି ଭୋଗୀ ହେବେ
ପିତୃ ଶତ୍ରୁବଇ ଶ୍ରବଣକୁ ବଧି ପୁଷ୍ପକ ଯାନେ ବସିବେ
ଦେବ ଋଷି ପୂଜନ-
କରି, କରିବେ ଖ୍ୟାତି ଅର୍ଜନ ।୪୫।

ରାଜନ ବୁଝନ୍ତି ରାମ ହେବ ଶାନ୍ତି ଅଳଂକୃତେ ସିଂହାସନ
ସୀତା ଘେନି ସର୍ବ, ଐଶ୍ୱର୍ଯ୍ୟ ଭୋଗିବ ଶତ୍ରୁ କରିବ ଦମନ
ଥିବା ପଣ୍ଡିତ ଗଣ
ରାମ ଯିବାକୁ ଜାଣିଲେ ବନ ।୪୬।

ସଭାସଦ ଶୁଣି ରାମ ରାଜାବାଣୀ ମନ ହୋଇଲା ଆନନ୍ଦ
ସୁର ବ୍ରହ୍ମଚାରୀ ଭାଷିଲେ ବିଚାରି ଚାଲିଯିବ ଥିବା ମନ୍ଦ
ସର୍ବେ ହରଷ ହେଲେ
ଧନ୍ୟ ଧନ୍ୟ ଦଶରଥେ କଲେ ।୪୭।

ହୃଦେ ଚିନ୍ତି ଦୟା ଜନକ ତନୟା ସୀତା ଜନକ ଜାମାତା
ରାଷ୍ଟ୍ର ଭଙ୍ଗ ରାମ ରାଜନ ପ୍ରସ୍ତାବ ରଚେ ଛାଡ଼ି ମନୁ ଚିନ୍ତା
ଘେନ ବିଦୂଷଗଣ
ଅଷ୍ଟଚତ୍ୱାରିଂଶ ପଦେ ପୂର୍ଣ୍ଣ ।୪୮।

ରାମ ବନବାସ

ଛାନ୍ଦ - ୪

ରାଗ-ଖଣ୍ଡିତା (ସୀତା ଚୋରି ବୃତ୍ତେ)

ପାର୍ବତୀ ପୁଛନ୍ତି ଆହେ ପ୍ରଭୁ ଦିଗବାସ ରାମ ଅଭିଷେକ କଥା କରନ୍ତୁ ପ୍ରକାଶ
ଯେ ଚରିତ ହେ , ଶୁଣି ଖଣ୍ଡନ ହେବ ଦୂରିତ ହେ ।୧।

ଶୁଣନ୍ତେ ଭାଷନ୍ତି ଶିବ ଭବାନୀ ଗୋ! ବସ ରାମରସ କର୍ଣ୍ଣେ ଶୁଣି ଅରଜ ସନ୍ତୋଷ
ପୂର୍ବ ଛାନ୍ଦ ଯେ , ପ୍ରଚାର ରାମ ରାଜା ସମ୍ବାଦ ଯେ ।୨।

ସଚିବ ଙ୍କୁ ଲୋଡ଼ି ଭୂପ ଦିଅନ୍ତି ନିର୍ଦ୍ଦେଶ ଶ୍ରୀରାମ ମତ ଦାନରେ ଡ଼କାଅ ମୋ ପାଶ
ଯାଇ ମନ୍ତ୍ରୀ ଯେ, ପିତା ଆଜ୍ଞା ଜଣାଇ ଆଣନ୍ତି ଯେ ।୩।

ଆସୁ ରାମ କରଯୋଡ଼ି ଉଭାପିତା ପାଶ କି କାରଣେ ଡ଼କାଇଲେ କରନ୍ତୁ ପ୍ରକାଶ
କୋଳେ ନେଇ ଯେ, ସ୍ନେହ ପୂର୍ଣ୍ଣ ବାକ୍ୟେ ରାଜା କହି ଯେ ।୪।

ସମୟତ ଗଲା ବାବୁ ବୃଦ୍ଧ ମୁଁ ହୋଇଛି ତୋ ସମାନ ଯୋଗ୍ୟ ପୁତ୍ର ସୌଭାଗ୍ୟ ପାଇଛି
ରାଜ୍ୟେ ରାଜା ଯେ, କରାଇବି ସୁଖେ ପାଳ ପ୍ରଜା ଯେ ।୫।

Digitized by PPRACHIN, SOA

ବୀର ବିବେକୀ ପଣ୍ଡିତ ଜ୍ଞାନୀ ରାମ ତୁହି ଏଣୁ ରାଜ୍ୟଭାର ତୋର ହସ୍ତେ ସମର୍ପଇ
ପ୍ରଜାକୁଳେ ଯେ, ପୀଡ଼ା ନ ଦେବୁ ତୁ ମନେ ଭାଳେ ଯେ ।୬।
ରାଜନୀତି ଶିକ୍ଷାଦେବେ ପୁରୋଧା ବଶିଷ୍ଠ ଅପକୀର୍ତ୍ତିକୁ ଡ଼ରିବୁ ସ୍ମରି ଯଥା ଇଷ୍ଟ
ରାମ କହି ଯେ , ଚରୁ ଜାତ ଚାରି ଜାତ ହୋଇ ଯେ ।୭।
ଏକାକୀ କିପରି ମୁହିଁ ହୋଇବି ରାଜନ ବାଣ୍ଟିଣ ଦିଅନ୍ତୁ, ରାଜ୍ୟ ଶୁଣି ଦୁଃଖମନ
ପୁଣି ଗେଲେ ଯେ, ବୋଧୁଁ ରାମ ସୀଉକାର କଲେ ଯେ ।୮।
ରାଘବ ସମ୍ମତି ଶୁଣି ନୃପ ମନ ତ୍ଵରା ଆଦେଶ ଦେଉଁ ଡ଼ଗର ଦିଅଇ ନାଗରା
ପାହୁ ନିଶି ଯେ, ରାମ ରାଜା ହେବେ ନଗ୍ରବାସୀ ହେ ।୯।
ବୈଶାଖ କୃଷ୍ଣ ସପ୍ତମୀ କାଲି ସର୍ବଶୁଭେ ସିଂହାସନ ଅଳଙ୍କୃତ ଶ୍ରୀରାମ କରିବେ
ଅମଙ୍ଗଳ ଯେ, ଯିବ ଦେଶୁ ଆସିବ ମଙ୍ଗଳ ଯେ ।୧୦।
ଶୁଣି ନଗ୍ର ରକ୍ଷୀଗଣେ ଆନନ୍ଦ ହୋଇଣ ଦ୍ଵାରେ ପୂର୍ଣ୍ଣକୁମ୍ଭ ସ୍ଥାପି ବାନ୍ଧିଲେ ତୋରଣ
ସ୍ଥିର କରି ଯେ, ଦିବସ ପୁହାନ୍ତି ରାମ ସ୍ମରି ଯେ ।୧୧।
ସ୍ଵର୍ଗେ ଦେବେ ପୂର୍ବ ସିଦ୍ଧାନ୍ତକୁ ବିଚାରନ୍ତି ରାମ ରାଜାହେଲେ ଦୈତ୍ୟ ସାରିବ ବିଭୂତି
ମନେ ନାହିଁ ହେ, କଥା ଦେଇଥିଲେ ଭାବଗ୍ରାହୀ ଯେ ।୧୨।
ଅଧିବାସ ଗୃହେ ତେଣେ ଜାନକୀ ରାମଙ୍କୁ ରଖିବା ଉଦ୍ଦେଶ୍ୟେ ରାଜା ପେଷୁ ପୁରୋଧାଙ୍କୁ
ମହାମନ୍ତ୍ରୀ ଯେ, ପରିଚାରେ ଯୋଗାଡ଼ ଯୋଗାନ୍ତି ଯେ ।୧୩।
ଶୁଦ୍ଧଜଳେ ଅପୋହିଷ୍ଟ ମନ୍ତ୍ରେ ସ୍ନାନ ସାରି ଗୈରିକ ବସନ ମନ୍ତ୍ରୀ ଦେଲେ ଉପଚାରୀ
ପୀତବସ୍ତ୍ର ଯେ, ସୀତାଙ୍କୁ ଦେଲେ କରି ପବିତ୍ର ଯେ ।୧୪।
ରାଜ-ସୌଧୁ ଫେରୁଁ ମନ୍ତ୍ରୀ ପୁରୋଧା ପଥରେ ରାଘବ ନୃପ ହେବେତ ପୁଚ୍ଛୁ ବଶିଷ୍ଠରେ
ସେ ଆଭାସ ଯେ, ଦେଲେ ବନବାସେ ଅଧିବାସ ଯେ ।୧୫।
ବିଧାତା-ସୁତ ଶ୍ରୀ ମୁଖୁ ଏ ସମ୍ବାଦ ଶୁଣି ସତର୍କ କଲେ ରାଘବେ ମନ୍ତ୍ରୀ ଚୂଡ଼ାମଣି
ପୂର୍ବୁ ଧାର୍ଯ୍ୟ ହେ, ତୁମ୍ଭ ଦ୍ଵାରା ହେବ ପିତୃକାର୍ଯ୍ୟ ହେ ।୧୬।
ରାମ ରାଜା ବାର୍ତ୍ତାଶୁଣି ସେ ଖଳ ଦୁର୍ବଳ ନଗ୍ରେ ଗୋପ୍ୟେ ପ୍ରଜାକୁଳେ କଲେ ବେନିଦଳ
ସରସ୍ଵତୀ ଯେ, କଣ୍ଠେ ବସି ଦ୍ଵନ୍ଦ ଆଚରନ୍ତି ଯେ ।୧୭।
ଚରମପନ୍ଥୀ-ଯୁବକେ ହୋଇଲେ ଆନନ୍ଦ ଅଯୋଧ୍ୟାସନେ ଭୂପତି ହେବେ ରାମଚନ୍ଦ୍ର
ତା ବାରଣ ଯେ, କରନ୍ତି ନରମପନ୍ଥୀ ଗଣ ଯେ ।୧୮।
ବୃଦ୍ଧ ନରମପନ୍ଥୀ ଏ କରନ୍ତି ବିଚାର ଅଯୋଧ୍ୟା ଈଶ୍ଵର ଏହା କଲେ ଅବିଚାର
ସେ ଭୂପତି ଯେ, କରିବେ ଇଚ୍ଛାରେ ରଘୁପତି ଯେ ।୧୯।
ଭୂ ବୋଲନ୍ତେ ମହୀ-କନ୍ୟା ଜନକ କୁମାରୀ ସ୍ଵାମୀ, କେହ୍ନେ ଭୂମିପତି ହେବେ ଛତ୍ରଧାରୀ
କର ଚିନ୍ତା ହେ, ଜାମାତା ହେବେ କିପରି ଭର୍ତ୍ତା ହେ ।୨୦।
ରାଜା ଆଗତ ପ୍ରସ୍ତାବେ ହେବା ପ୍ରତିଦ୍ଵନ୍ଦୀ ମାନୁ ଭଳ ନ ମାନିଲେ ବହୁରକ୍ତ ନଦୀ
ହେଉ ଦ୍ଵନ୍ଦ ଯେ, ରାମ ଭୂପତି ହୋଇବ ବନ୍ଦ ଯେ ।୨୧।

Digitized by PPRACHIN, SOA

ଧନୁଭଗ୍ନ ଶବ୍ଦରେ ପର୍ଶୁରାମଙ୍କ ଆଗମନ

କୈକେୟୀଙ୍କ ସହିତ ମନ୍ଥରାର କୁମନ୍ତ୍ରଣା

କୈକେୟୀଙ୍କୁ ବରପ୍ରଦାନ ପରେ ଚିନ୍ତିତ ରାଜା ଦଶରଥ



ପିତୃସତ୍ୟ ପାଳନ ଉଦ୍ଦେଶ୍ୟରେ ପ୍ରଭୁ ଶ୍ରୀରାମଙ୍କ ବନଗମନ ପାଇଁ
ଦୁଃଖିତମନା ମାତା କୌଶଲ୍ୟାଙ୍କ ସ୍ୱୀକୃତି

Digitized by PPRACHIN, SOA

ରାଜା ଦଶରଥଙ୍କୁ ରାଣୀ କୈକେୟୀଙ୍କ ବର ପ୍ରାର୍ଥନା ।

Digitized by PPRACHIN, SOA

କୈକେୟୀ ରାଣୀଙ୍କ ଦାସୀ ଶ୍ରେଷ୍ଠା ଯେମନ୍ଥରା ପ୍ରଭୁଭକ୍ତ-ସତ୍ୟପ୍ରିୟ ସେବକୀ ମୁଖରା
କୁଟନୀତି ଯେ, କାର୍ଯ୍ୟେ ରାଜ୍ୟେ ବୁଲୁ ଦିନରାତି ଯେ ।୨୨।
ଗୁପ୍ତେ ଶୁଣେ ଅର୍ଦ୍ଧେ ପ୍ରଜାମେଳେ ପାଞ୍ଚ ମନ୍ଦ ଦ୍ୱନ୍ଦ କରି ରାମ ରାଜା କରାଇବେ ବନ୍ଦ
ଶୁଣି ଦୁଃଖେ ଯେ, ତତ୍‌କାଳେ ପ୍ରବେଶ ରାଣୀ ପାଖେ ଯେ ।୨୩।
ପ୍ରଭୁର ମଙ୍ଗଳ ପ୍ରଜା ଶୁଭେ ଅଭିଳାଷ ରଖିଣ ଶୁଣିବା କଥା ଦେଇଣ ଆଭାସ
ଭାଷେ ଗୀର ଯେ, ମାତଃ ଶୀଘ୍ର ପ୍ରତିକାର କର ଯେ ।୨୪।
ଯୁବକେ ଚାହାଁନ୍ତି ରାମେ କରିବେ ଭୂପତି ମନାକରୁ ବୃଦ୍ଧେ, ହଣାକଟା ହେଉଛନ୍ତି
ଏ ଯା ଖଳ ଯେ, ଚିନ୍ତି ରକ୍ଷାକର ପ୍ରଜାକୁଳ ଯେ ।୨୫।
ପୁଚ୍ଛି ସମାଧାନ ରାଣୀ ଚିନ୍ତାକରୁ, ମିଶି ଦେବ କାର୍ଯ୍ୟେ ବାକ୍ୟଦେବୀ କଣ୍ଠେ ବିଜେ ଆସି
କହେ ଦାସୀ ଯେ, ଉପାୟେକ ଅଛି ଶୁଣ ବସି ହେ ।୨୬।
ଶାସ୍ତ୍ରର ନିର୍ଦ୍ଦେଶ ଜନ ଗଲା ମଲା ଏକା ରାଜା ନୋହି ଗଲେ ଦେଶୁ ନ ଥିବ ଆଶଙ୍କା
ସ୍ମର ରାଣୀ ଗୋ, ସେବା ସମ୍ବରାସୁର କାହାଣୀ ଗୋ ।୨୭।
ଭୂପଙ୍କ ସ୍ୟନ୍ଦନ ଚାଳୁ ଦେଇଥିଲେ ବର ତୋ ପୁତ୍ର ଅଯୋଧ୍ୟା ଦେଶେ ହେବ ନୃପବର
ଦୁଷ୍ଟ ବ୍ରଣେ ଯେ, ପ୍ରପୀଡ଼ିତ ହେଉ ରାଜା ଦିନେ ଯେ ।୨୮।
ଆଶୁ ଚିକିତ୍ସା ନିମନ୍ତେ ଭାଷି ବୈଦ୍ୟ ରାଜ ବ୍ରଣ ଆରୋଗ୍ୟେ କେ ସୁଖେ ଶୋଷୁ ରକ୍ତ,ପୂଜ
ଚୁମ୍ବୁ ତୁହି ଯେ, ଆରୋଗ୍ୟେ ଯେ ବର ଥିଲେ ଦେଇ ଯେ ।୨୯।
ବେନି ବର ମାଗ କହି କୌଶଳେ ବଚନ ଆଦ୍ୟେ ଭ୍ରଥ ରାଜା ରାଜ୍ୟେ ରାମ ଯାଉବନ
ତା ଖଣ୍ଡନ ଯେ, ହେବ ଦେବେ ହେବେ ସୁପ୍ରସନ୍ନ ଯେ ।୩୦।
ଯୁଗାନ୍ତରେ ଆସୁ ଭୂମି ପତି ଦୋଷ ଯିବ ଅଯୋଧ୍ୟା ଆସନେ ନୃପ ହୋଇବେ ରାଘବ
ପ୍ରଜାକୁଳେ ଯେ, ରକ୍ଷାକର ବିଚାରି ଚଞ୍ଚଳେ ଯେ ।୩୧।
ରାଜନ ଆସିବା ବେଳେ ମନ କରି ଗ୍ଲାନି କଥା ନ କହି ତାହାଙ୍କୁ ହେବୁ ଅଭିମାନୀ
ପୁଛା କଲେ ଯେ, ବର ମାଗିବୁ ତୁ ରାଗି ଛଳେ ଯେ ।୩୨।
ମୋ ପୁତ୍ର ଭରତ ରାଜ୍ୟେ ପ୍ରଜାଙ୍କୁ ପାଳିବ ଚଉଦ ବରଷ ରାମ ବନବାସ ଯିବ
ଦେଇ ବର ହେ, ପୂର୍ବ ବର ସତ୍ୟ ରକ୍ଷା କର ହେ ।୩୩।
ଦାସୀ କଥା ଶୁଣି ରାଣୀ ହୋଇ ମର୍ମାହତ ଭରତଠାରୁ ରାଘବ ମୋର ପ୍ରିୟପୁତ୍ର
କେଉଁପରି ଯେ, ଏଦଣ୍ଡ ବିହିବି କି ବିଚାରି ଯେ ।୩୪।
ବନେ ପେଶି କେଉଁପରି ଧରିବି ଶରୀର ଏଣେ ପ୍ରଜାଛଳେ ହୃଦ ହୁଅଇ ବିକଳ
ସ୍ଥିର କଲେ ଯେ, ସାକ୍ଷ୍ୟ ଦେଇ ଦଶ ଦିଗପାଳେ ଯେ ।୩୫।
ରହନ୍ତୁ ପ୍ରଜା କୁଶଳେ ଯାଉ ରଘୁପତି ପ୍ରଜା ମଙ୍ଗଳ ବ୍ୟତୀତ ରାଜାର କି ଗତି
ଏ ନିୟତି ଯେ, ଏହା କରି ଲଭୁ ମନେ ଶାନ୍ତି ଯେ ।୩୬।
ତେଣେ ସଭା ସାରି ପୁରେ ଫେରନ୍ତି ରାଜନ ମଣୋହି ଅନ୍ତେ ବିଜୟ କୈକେୟୀ ସଦନ
ଦେଖି ରାଣୀ ଯେ, ଅଭିମାନେ ନ ଭାଷନ୍ତି ବାଣୀ ଯେ ।୩୭।

Digitized by PPRACHIN, SOA

ପୁଛନ୍ତି ଜାଣିବା ପାଇଁ ବ୍ୟାକୁଳେ ରାଜନ ଏ ଶୁଭ ସମୟେ ସଖୀ କିଆଁ ଦୁଃଖ ମନ
ପୁଣି ପୁଣି ଯେ, ପୁଛୁ ରାଣୀ ଛନ୍ଦେ ଭାଷେ ବାଣୀ ଯେ ।୩୮।
କାଲି ସଭାଗୃହେ ପରିଷଦଙ୍କୁ ବସାଇ ମୁଁ ନ ଥାଇ କଲ ସ୍ଥିର ରାମ ରାଜା ପାଇଁ
ଅଛି ମୋର ହେ, ପୂର୍ବ ଦତ୍ତ ବର, ମନେ କର ହେ ।୩୯।
ଯୁଦ୍ଧ କଲା ଯେତେବେଳେ ସମ୍ବରା ଅସୁର ମୁଁ ରଥ ରକ୍ଷା କରନ୍ତେ ଯାଚି ଦେଲ ବର
ସୂତ କାର୍ଯ୍ୟ ଯେ, ସାଧନେ ଆଜିରୁ ହେଲା ଧାର୍ଯ୍ୟ ଯେ ।୪୦।
ଅଯୋଧ୍ୟା ଅଧୀଶ ହେବ ତୋ ଗର୍ଭ ନନ୍ଦନ ଶିରୋଧାର୍ଯ୍ୟ କରି ଗୃହେ ଆଣିଲି ସ୍ୟନ୍ଦନ
ବିଭାକାଳେ ହେ, ପିତା ମାଗିଥିଲେ ପିତୃ ଆଳେ ହେ ।୪୧।
ଦୁଷ୍ଟ ବ୍ରଣ ପୀଡ଼ା ମନୁ ଗଲାକି ପାଶୋର ମୁଖେ ଶୋଷି ନିରାମୟ କରୁ ଦେଲ ବର
ତା ବିଚାରି ହେ, ସତ୍ୟ ରଖ ବଂଶ ଧର୍ମ ସ୍ମରି ହେ ।୪୨।
ଭାଷନ୍ତି ରାଜନ ଯାହା ଲୋଡ଼ା ମାଗି ନିଅ ନାହିଁ କିଛି ତୁମ୍ଭ ପକ୍ଷେ ମୋହର ଅଦେୟ
ଏହି ଉକ୍ତି ଯେ, ଶୁଣି ରାଣୀ ସତର୍କ କରାନ୍ତି ଯେ ।୪୩।
ମାଗ ମାଗ ବୋଲି ଯାହା କହୁଅଛ କାନ୍ତ ଦେବ ବୋଲି ମୋ ଚିତ୍ତରେ ବିଶ୍ୱାସ ନାହିଁତ
ସତ୍ୟ କର ହେ, ଶୁଣି ସତ୍ୟ କଲେ ନୃପବର ହେ ।୪୪।
ବୁଦ୍ଧିମତୀ ମହାରାଣୀ ଭାବ ଉଠୁ ଯାଗି ସତ୍ୟ କରାଇଣ ବର ନ ପାରନ୍ତି ମାଗି
ରାମ ସ୍ନେହ ଯେ, ବିଚ୍ଛେଦ ନୃପ ଛାଡ଼ିବେ ଦେହ ଯେ ।୪୫।
ରାମ ଭରତଙ୍କ ଅନାବିଳ ସ୍ନେହ ପ୍ରିତି ମୂଲ୍ୟାୟନେ ସ୍ଥିର କଲେ ହୋଇବ ନୃପତି
ଜଣେ ଅନ୍ୟଯେ, ସମ୍ମାନେ ସମ୍ପତ୍ତି ହେବ ଦାନ ଯେ ।୪୬।
ଜାଣନ୍ତି ବେନିଙ୍କ ଚିତ୍ତ ଭଲଭାବେ ନୃପ ଆଦ୍ୟେ ଭ୍ରତ ରାଜ ବର ଉଠାଇ ସମୀପ
ରାମ କାର୍ଯ୍ୟଯେ, ମାଗୁ ରହିପାରେ ଅବା ଧୈର୍ଯ୍ୟ ଯେ ।୪୭।
ମାଗନ୍ତି ପ୍ରଥମ ବରେ ଭ୍ରଥ ହେବ ରାଜା ଚଉଦ ବରଷ ରାମ ଘେନିଣ ଭାରିଯା
ତପୀପଣେ ଯେ, ଲକ୍ଷ୍ମଣ ସଙ୍ଗେ ବୁଲିବ ବଣେ ଯେ ।୪୮।
ଚେତା ହକୁ, ଚେତା କରି ନୃପବରେ ରାଣୀ ପ୍ରିୟ ପୁତ୍ର ରାମେ ଡ଼ାକି ପୁକାରନ୍ତି ବାଣୀ
ଶୁଣ ବାବୁରେ, ତୁକି ବଂଶ ମର୍ଯ୍ୟାଦା ରଖିବୁ ରେ ।୪୯।
ପିତୃ ଉଦ୍ଧାରଣେ ଯେଉଁ ବଂଶେ ଭାଗୀରଥ ପତିତପାବନୀ ଗଙ୍ଗା ଆଣିଲେ ଏ ମର୍ତ୍ତ୍ୟ
ହରିଶ୍ଚନ୍ଦ୍ର ଯେ, ସତ୍ୟେ ଦାନ୍କ ଦେଉ ହେଲା ମନ୍ଦରେ ।୫୦।
ଦକ୍ଷିଣା ପାଇଁ କି ପୁତ୍ର ଭାରିଯା ବିକିଲେ ନିଜେ ଶିର-ବିକ୍ରୀ ହୋଇ ଶ୍ମଶାନ ଜଗିଲେ
ଚଣ୍ଡାଳର ଯେ, ଆଜ୍ଞାକୁ ପାଳନ୍ତି ନୃପବର ଯେ ।୫୧।
ତଥାପି ବିଧିର ଅହଙ୍କାର ନ ସରିଲା ଏକ ମାତ୍ର ପୁତ୍ରବନେ ତକ୍ଷକ ଦଂଶିଲା
ଜାଣୁ ରାଜା ଯେ, ସତ୍ୟ ରଖିଦୁଃଖ କଲେ ତେଜ୍ୟା ଯେ ।୫୨।
ବଳି,ବେଣୁ,ମାନଧାତା ଷଡ଼ ଚକ୍ରବର୍ତ୍ତୀ ସତ୍ୟକୁ ପାଳନ୍ତେ କୀର୍ତ୍ତି ଘୋଷୁଛି ଧରିତ୍ରୀ
ବିପ୍ରସୁତେ ଯେ, ନାମକୁ ଘୋଷନ୍ତି ଭିକ୍ଷା ଅର୍ଥେ ଯେ ।୫୩।

Digitized by PPRACHIN, SOA

ସେହି ବଂଶେ ଜନ୍ମ ତୋର ପାଳିବୁ କି ସତ୍ୟ ସେହି କଥା ଚିନ୍ତି ପିତା ତୋର ମର୍ମାହତ
ସତ୍ୟକର ରେ, ପାଳିବୁ ଯଦି ପିତାଙ୍କ ଗୀର ରେ ।୫୪।
ମାତା ବାଣୀ ଶୁଣି ରାମ ହୋଇଲେ ଉଷତ କହନ୍ତି ମାତା ତୋ ପଦ ଛୁଇଁ କଲି ସତ୍ୟ
ଶୀଘ୍ର କୁହ ଯେ, ବାନ୍ଧିଛି ମୋତେ ମାତାର ସ୍ନେହ ଯେ ।୫୫।
ବରଂ ପିତାଙ୍କ ଉଦ୍ଦେଶ୍ୟ ମାତା ମୁଖୁ ଶୁଣି ଯେ ପୁତ୍ର ପାଳେ ପରମ ସୌଭାଗ୍ୟ କାରେଣି
କୁହ ଭାବି ଯେ, ଅକ୍ଷରେ ଅକ୍ଷରେ ତା ପାଳିବି ଯେ ।୫୬।
ସତ୍ୟର ପୂଜାରୀ ସତ୍ୟ ରଖିବା ମୋ କାର୍ଯ୍ୟ ସତ୍ୟରକ୍ଷା ଫଳେ ଶିର ଦଣ୍ଡ ହେଲେ ଧାର୍ଯ୍ୟ
ସତ୍ୟ ପୂଜା ଯେ, କରି ରଖାଇବି ବଂଶ ଧ୍ୱଜା ଯେ ।୫୭।
ମୋ ଜ୍ଞାତ ସାରରେ କେବେ ଆଜ୍ଞାକୁ ଅବଜ୍ଞା, କରି ନାହିଁ କି କରିବି ଶୀଘ୍ର କର ଆଜ୍ଞା
ଦୁଃଖେ ରୋଷ ଯେ, ବହି ରାଣୀ କରନ୍ତି ପ୍ରକାଶ ଯେ ।୫୮।
ସତ୍ୟ କଲେ ପିତା ରାଜା ନୋହି ପ୍ରଭାତରେ ବନେ ଯିବୁ ସୀତା ସଉମିତ୍ରି ସଙ୍ଗତରେ
ଯେତେ ଦିନ ରେ , ଭରତ ଅଛି ଅଜା ସଦନରେ ।୫୯।
ଅଜା ଘରୁ ଆସି ଭ୍ରାତ ରାଜ୍ୟେ ରାଜା ହେବ ପିତା ଗୁରୁ ବାକ୍ୟ ମାନି ପରଜା ପାଳିବ
ଏହା କହି ରେ, ପିତା ମୋତେ ବରଛନ୍ତି ଦେଇରେ ।୬୦।
ମାତା ବାଣୀ ଶୁଣି ରଘୁମଣି ହସ ହସ ସୌଭାଗ୍ୟ ମୋ ଭ୍ରାତ ରାଜା ହୋଇବେ ଅବଶ୍ୟ
ଆମ୍ଭେ ଚାରି ଯେ, ଏକ ଅଭିନ୍ନ-ଭିନ୍ନ କେ କରି ? ଯେ ।୬୧।
କେବେ ପଦ ସେବିଥିଲି ଫଳ ପ୍ରାପ୍ତ ଆସି ଆମ୍ଭ ଭ୍ରାତ ହେବ ରାଜା ଆମ୍ଭ ବନବାସୀ
ଋଷି ବର୍ଗ ଯେ, ଦର୍ଶନୁ ହେବ ପରମ ଭାଗ୍ୟ ଯେ ।୬୨।
ମୋ ଆତ୍ମାରୁ ଅତି ପ୍ରିୟ ମୋ ଭରତ ଭାଇ ସତ୍ୟ ପାଳିବି, ସେ ରାଜ୍ୟେ ରାଜା ହେବାପାଇଁ
ଯିବି ବନ ଯେ, ଅତି ସୁଖେ କାଟିବି ମୋ ଦିନ ଯେ ।୬୩।
ସେ ସମୟେ ସଞ୍ଜ୍ଞା ଫେରୁ ଶୁଣି ରାଣୀ କଥା ବିଳାପ କରନ୍ତି ରାଜା ଦୁଃଖେ ପିଟି ମଥା
ଦହୁ ଗାତ୍ର ଯେ, ଭାଷନ୍ତି, ରାମ ମୋ ପ୍ରିୟ ପୁତ୍ର ଯେ ।୬୪।
ବନେ ତୁ ଗଲେ ବାପ ମୁଁ ବଞ୍ଚି ନ ପାରିବି ସତ୍ୟପାଳନ ନ ହେଉ ମୁଖ ଦେଖୁଥିବି
ରାମ ଭଣି ଯେ, ଏହା ନୁହଇ ମହତ ବାଣୀ ହେ ।୬୫।
ମୋ ଗର୍ଭଧାରୀ-ମାତାହୁଁ ସ୍ନେହ ଶତେ ଗୁଣ କରନ୍ତି ସାବତ ମାତା ରଖି ପୁତ୍ର ଜ୍ଞାନ
ତାଙ୍କ ବାଞ୍ଛା ଯେ, ପୂରଣ କରିବା ମୋର ଇଚ୍ଛା ଯେ ।୬୬।
ବିଶ୍ୱାମିତ୍ର ବାଞ୍ଛା ପୂର୍ଣ୍ଣେ ଲୋଡୁ ଯାଉବନେ ଯାଗରକ୍ଷା ହେଲା ପଥେ ନାଶୁ ଯାତୁଧାନେ
କଇବର୍ତ୍ତ ହେ, ବାଞ୍ଛା ପୂର୍ଣ୍ଣେ ପଦ କଲା ଧୌତ ହେ ।୬୭।
ବାଞ୍ଛିତ କର୍ମୁ ଅହଲ୍ୟା ଉଦ୍ଧାର ପାଷାଣୁ ଜନକ ବାଞ୍ଛା ପୂରଣ ଧନୁ ଉତ୍ତୋଳନୁ
ସୀତା ବାଞ୍ଛା ଯେ, ପୂରଣ ବରଣେ କରୁ ଇଚ୍ଛା ଯେ ।୬୮।
ବାଞ୍ଛା ପୂର୍ଣ୍ଣେ ପଥ ରୋଧୁ ଯମଦଗ୍ନି ସୁତ ନୃପ ବଧ ପାପୁଁ ମୁକ୍ତି ପ୍ରାପ୍ତ ଅମରତ୍ୱ
ମାତା ବାଞ୍ଛା ଯେ, ପୂରଣ କରିବା ମୋର ଇଚ୍ଛା ଯେ ।୬୯।

Digitized by PPRACHIN, SOA

ବିଶ୍ୱାମିତ୍ର ମୁନି ସଙ୍ଗେ ବନେ ଯିବା କାଳେ ଋଷିବୃନ୍ଦେ ପରିଚିତ ବାଳଖିଲ୍ୟା ମେଳେ
ନିର୍ଭୟରେ ଯେ, ଭ୍ରମିବି ଧନୁକୁ ଧରି କରେ ଯେ ।୭୦।
ତେଣୁ ବନେ ଯିବି ନ ଲଙ୍ଘିବି ତୁମ୍ଭ ସତ୍ୟ କହି, ମାତାଙ୍କ ନିକଟେ ବିଜେ ରଘୁନାଥ
ଆଗୁଁ ଯାଇ ଯେ, ମୁଦୁସୁଲି ବାର୍ତ୍ତାଥିଲା ଦେଇ ଯେ ।୭୧।
କୌଶଲ୍ୟା ଶୁଣନ୍ତେ ପୂର୍ବେ ରାମ ରାଜ କଥା ବାତ୍ସଲ୍ୟ ମମତା ରଖି ଘୁରିଯାଏ ମଥା
ରାମେ ପତି ଯେ, କରାଇବେ କିପରି ନୃପତି ଯେ ।୭୨।
କେଉଁକାଳେ ଜନ୍ମିରାମ ହୋଇଥିଲୁ ପୁତ୍ର ସ୍ତନ ଭାଙ୍ଗି ଦେଲି କ୍ଷୀର ମୋ ମନେ ନାହିଁତ
କାଲି ପରି ଯେ, ମୁଖ ଦେଖି ଦିନ ଗଲା ସରି ଯେ ।୭୩।
ଏ ଗୁରୁ ଦାୟିତ୍ୱ ରାଜାସନେ ଅଭିଷିକ୍ତ ହେଲେ କିପରି ପାଳିବ ମୁଁ ବଡ଼ ଚିନ୍ତିତ
ଖେଳୁଆଳ ଯେ, ବୁଦ୍ଧି ଯାଇନାହିଁ ଖେଳେ ଖେଳ ଯେ ।୭୪।
ଅଭିଷିକ୍ତ ଅନ୍ତେ ରାମ ହେବ ଅଧୀଶ୍ୱର ନ ଭୁଞ୍ଜିବୁ ବସି ଆଉ କୋଳରେ ମୋହର
ଶିଶୁ ପରି ରେ, ଭାବେ ରାମ ମନରେ ମୋହରି ରେ ।୭୫।
କାଲି ପ୍ରଭାତୁ ସୁବାସ ତୈଳ ମୁଁ ଲଗାଇ ଶୁଦ୍ଧ ପନିରେ ସ୍ନାହାନ କରାଇବି ନେଇ
ହସ୍ତେ କାଛିରେ, ବସ୍ତ୍ର ପିନ୍ଧାଇବି ଆଣି ବାଛି ରେ ।୭୬।
ଶୁଦ୍ଧ-ସ୍ୱର୍ଣ୍ଣ-ପ୍ରସାଧନୀ ଶିରେ ଦେଇ ଚାଳି ଚନ୍ଦନ ପାଟିକୁ ଦେବି କୁଙ୍କୁମକୁ ଗୋଳି
କୋଳେ ଅଣିରେ, ଭୁଞ୍ଜାଇବି ସୁମିଷ୍ଟ ଲବଣ ରେ ।୭୭।
ଶୁଭଲଗ୍ନ ଶୁଭବେଳା କାଳେ ଅଭିଷେକ ଦେଖୁଁ ଏ ପାପ ନୟନ ହୋଇବ ସାର୍ଥକ
ଚିନ୍ତି ରାଣୀ ଯେ, ବିଘ୍ନ ନାଶେ ଡ଼ାକନ୍ତି ଶର୍ବାଣୀ ଯେ ।୭୮।
ଘେନ ମୋ ଦୟିନୀ ମାତଃ ସଙ୍କଟ ତାରିଣୀ ସର୍ବ ଶୁଭେ ରାମ ଯଶଃ ବିଶ୍ୱେ ହେଉ ଧ୍ୱନି
ଦେଶ ଦେଶ ଯେ, ତୋ ଆଶିଷେ ହେଉ ସୁପ୍ରକାଶ ଯେ ।୭୯।
ଦୂରରୁ ଶ୍ରୀରାମ ଶୁଣି ଜନନୀ ଅଥୟ ଭାବନ୍ତି, ଆହାକି ମାତୃ ସ୍ନେହ ମଧୁମୟ
ଏ ଖବର ଯେ, ଶୁଣିକି ସହିବ ହୃଦ ତାର ଯେ ।୮୦।
ଦୁଃଖେ ଜନ୍ମ-ଦାତ୍ରୀ ପାଶେ ଯାଇ ରଘୁପତି ପିତା ସତ୍ୟେ ବନବାସ ବୁଝାଇ କହନ୍ତି
ତପୀ ଆଳେ ଯେ, ଯିବା ଧାର୍ଯ୍ୟ କାଲି ପ୍ରାତଃ କାଳେ ଯେ ।୮୧।
ପିତାଙ୍କୁ କରାଇ ସତ୍ୟ ମାତା ନେଲେ ବର ଚତୁର୍ଦ୍ଦଶ ବର୍ଷ ବନେ ରହୁଛି ମୋହର
ତବାଶିଷ ଯେ, ମିଳିଲେ ହୋଇବ ବନବାସ ଯେ ।୮୨।
ରାମ ପିତା ସତ୍ୟେ ବନେ ଯିବ ରାଣୀ ଶୁଣି କାନ୍ଦନ୍ତି ଅଧୈର୍ଯ୍ୟେ ରାମେ କୋଳେ ଟାଣି ଆଣି
ନାହିଁ ଲୋଡ଼ାରେ, ମୋ ପାଇଁ ତୋ ଭାଗ୍ୟ ହେଲା ପୋଡ଼ାରେ ।୮୩।
କହନ୍ତି କୌଶଲ୍ୟା ରାଣୀ ଆରେ ବାବୁ ଶୁଣ କିମ୍ପାଇଁ ବୈକୁଣ୍ଠ ସୁଖ ବିଭବ ତେଜିଣ
ଅବତାର ରେ, ହେଲୁ ଆସି ଏ ରାଜ ମନ୍ଦିରରେ ।୮୪।
ଯଦି ଆସିଲୁ ରେ ଧନ କୈକେୟୀ ଗର୍ଭରେ ନ ଜନ୍ମି ଯେ ହତଭାଗ୍ୟ ହେଲୁ ସଂସାରରେ
ଏ ପାପିନୀରେ, ଗର୍ଭେ ଯାହା ଥିଲା ତୋତେ ଘେନିରେ ।୮୫।

Digitized by PPRACHIN, SOA

ଦରକାର ନାହିଁ ରାଜ୍ୟ ଆସନ ପଦବୀ ଆନ ଦେଶେ ନେଇ ତୋର ମୁଖ ଦେଖୁଥିବି
ହେଉ ଲଙ୍କାରେ, ଭ୍ରଥ ହେଉ ଅଯୋଧ୍ୟାରେ ରାଜାରେ ।୮୬।
ମାତାଙ୍କ ବିକଳ ଦେଖି ପ୍ରଭୁ ଚାପଧାରୀ ଭାଷନ୍ତି ମୁଁ ସତ୍ୟ ପାଳି ଆସିବି ମା' ଫେରି
ଦେବ ଗଣ ଯେ, ମୋ ବନ ଆଗତେ ଦେଲେ ମନ ଯେ ।୮୭।
ତୁମ୍ଭ ପରି ସ୍ନେହମୟୀ ମୋ କୈକେୟୀ ମାତ ସେ ମୋତେ ପଠାନ୍ତେ କିମ୍ପା ଏ କାଳେ ବନସ୍ତ
ତା କାରଣ ଯେ, ହୋଇପାରେ ଏହା ମୋ ଭାବନ ଯେ ।୮୮।
କେ କରିବ ଆନ ଏହି ଦାନ ନିୟତିର ଦୁଖିତ ନ ହୋଇ ମାତ ଆଶୀର୍ବାଦ କର
କାଲି ପରି ଯେ, ଦର୍ଶନ କରିବି ବନୁ ଫେରି ଯେ ।୮୯।
ପିତାଙ୍କୁ ମୋ ଅବହେଳା କଦା ନ କରିବ ବଧୂ-ସୀତା ଯିବ ସଙ୍ଗେ ବ୍ୟଥିତ ନ ହେବ
ଲଇକ୍ଷଣ ଯେ, ଝୁରି ନ ହୋଇବ ଗଲେ ବନ ଯେ ।୯୦।
ରାଘବ ସାନ୍ତ୍ୱନା ବାଣୀ ଶ୍ରବଣେ କୌଶଲ୍ୟା ଅଧୈର୍ଯ୍ୟେ ଭାବନ୍ତି ଆହା ଏ କି କାର୍ଯ୍ୟ ହେଲା
କି କରିବିରେ, କେଉଁପରି ବନେ ପଠାଇବି ରେ ।୯୧।
ପୁଣି ରାଘବ ମାତାଙ୍କୁ ଦିଅନ୍ତେ ସାନ୍ତ୍ୱନା ଦୁଃଖ ହୃଦୟେ ଚାପନ୍ତି ହୋଇ ଚିନ୍ତା ମଗ୍ନା
ବିଧି ଧାର୍ଯ୍ୟରେ, କରାଏ, ଅଦୃଷ୍ଟେ ଏହି କାର୍ଯ୍ୟରେ ।୯୨।
ଯେତିକି ହେଉଛି ରାମ ବନେ ଗଲେ ଦୁଃଖ ରାଜା ସତ୍ୟ ଭଗ୍ନେ ହେବ ତା ଠାରୁ ଅଧିକ
ଭାଗ୍ୟ ମନ୍ଦରେ, ନାଗ ଚୁଚୁନ୍ଦରା ପରି ଦ୍ୱନ୍ଦ ରେ ।୯୩।
ସତୀ ପତିବ୍ରତା ପଣେ ସତ୍ୟ ଗୀର ମାନି କର୍ତ୍ତବ୍ୟ ପାଳନ ମନେ ସ୍ଥିର କଲେ ରାଣୀ
ସେ ଭରତ ଯେ, ରାମଠୁଁ ମୋ ବଳି ପ୍ରିୟ ପୁତ୍ର ଯେ ।୯୪।
ଶୁଣ ରଘୁନାତ ଏକା ପିତାବାକ୍ୟେ ବଶ- ହୋଇଣ, ଯିବାକୁ ବନ ନ ଦେବି ଆଦେଶ
ତିନି ମାତାରେ, ଏକ ପରି ମନେ କର ଚିନ୍ତାରେ ।୯୫।
ଧର୍ମଶାସ୍ତ୍ର ମତେ ପିତାଠାରୁ ଦଶଗୁଣ ମାତାର ଗୌରବ ବୁଧେ କରନ୍ତି ପ୍ରମାଣ
ମାତା ଠାରୁ ରେ, ଦଶଗୁଣ ବିମାତା ଧର୍ମରୁ ରେ ।୯୬।
ପିତ୍ରା ଦେଶ ସଙ୍ଗେ ଘେନ ମାତାଙ୍କ ଆଦେଶ ଥିଲେ ଅଭିଷେକ ନୋହି କର ବନବାସ
ଶତଗୁଣ ରେ, ଫଳପ୍ରଦ ହେବ ଗଲେ ବନରେ ।୯୭।
ପୁଣି ନାନା କଥା ଚିନ୍ତି ହୃଦୟ ବ୍ୟାକୁଳ ବାତ୍ସଲ୍ୟ ମମତା ଘେନି ପଠାଇଲେ ବାଳ
କଷ୍ଟ ବେଳେ ଯେ, ବୈରାଗ୍ୟ ଜନ୍ମିବ ରାମ, କାଳେ ଯେ ।୯୮।
ବହୁ ଚିନ୍ତାମଗ୍ନ-ସ୍ଥିରେ ଦିଅନ୍ତି ଆଦେଶ ଯାଅ ବାପ ବନେ ରକ୍ଷା କର ବଂଶ ଯଶ
ପାଳି ବ୍ରତରେ, ରକ୍ଷା କର ପିତୃ-ଦତ୍ତ ସତ୍ୟରେ ।୯୯।
ବନ ଦେବତୀଙ୍କୁ ମାତା, ବନ ଦେବତାଙ୍କୁ ପିତା,ମଣି ଗମ ବାବୁ ତୁ ବନବାସକୁ
ଆମ୍ଭ କୁଳେରେ, ବାନପ୍ରସ୍ଥ ଥିଲା ବୃଦ୍ଧ କାଳେରେ ।୧୦୦।
ସର୍ବଭୂପେ ପୁତ୍ରେ ଦେଇ ରାଜ୍ୟ ସିଂହାସନ ସସ୍ତ୍ରୀକ ଗୃହସ୍ଥ ଧର୍ମେ ଗମନ୍ତି କାନନ
ତୋହ ପାଇଁ ରେ, ଯୁବାକାଳେ ବିହିଥିଲା ଲିହିରେ ।୧୦୧।

Digitized by PPRACHIN, SOA

ଯେ ପୁତ୍ର ସ୍ୱଗୁଣେ ପିତାମାତା ମଣେ ସୌଖ୍ୟ, ଇହ ଜଗତରେ ଧର୍ମ-ଅର୍ଥ-କାମ-ମୋକ୍ଷ,
ତା ଅଧୀନ ରେ, ଶାସ୍ତ୍ରେ କହିଛନ୍ତି ବିଜ୍ଞ ଗଣରେ ।୧୦୨।
ତୋହ ପରି ପୁତ୍ର ଗର୍ଭେ ଧରି ଜୀବନକୁ କୃତାର୍ଥ କରିଛି ବାପ ପାପ ନୟନ କୁ
ଏବେ ଧନରେ, ସତ୍ୟରଖି କରତୁ ଗମନ ରେ ।୧୦୩।
ଏକ ବ୍ରହ୍ମ, ବେନି ଜୀବ, ପରମ ପୁରୁଷ, ତ୍ରି ଠାକୁର, ଚତୁର୍ବେଦ, ପଞ୍ଚ ଦେବାଶିଷ
ଋତୁ ଷଡ଼ରେ, ସପତ ସାଗର, ଚିନ୍ତ ଦୃଢ଼ରେ ।୧୦୪।
ଅଷ୍ଟ ବସୁ, ନବଗ୍ରହ, ଦଶ ଦିଗପାଳ, ଏକାଦଶ ରୁଦ୍ର, ରୂପ ବସି ମନେ ଭାଳ
ବାର-ସୂର, ରେ, ତେର-କାଳ, ମନେ ଧ୍ୟାନ କର ରେ ।୧୦୫।
ଚତୁର-ଦଶ ଭୁବନ, ପଞ୍ଚଦଶ ତିଥି ଷୋଳକଳା ସଦାମନ ଦୃଢ଼େ ଥିବୁ ଚିନ୍ତି
ସର୍ବେ ବନେ ରେ, ସାହା ହେବେ ଆବଶ୍ୟକ ସ୍ଥାନେ ରେ ।୧୦୬।
ପଦ ଧୂଳି ଦେଉଅଛି ଘେନ ଶିରେ, ଶିରୀ ବତ୍ସ, ବନୁ ଫେର ଶୀଘ୍ର ବନବାସ ସାରି
କଣ୍ଠ ଗତେ ରେ, ଜୀବ ଯିବ ସ୍ମରି ଥିବୁ ଚିତ୍ତେ ରେ ।୧୦୭।
ମାତାଙ୍କ ଠାରୁ ମେଲାଣି ପାଇ ରଘୁନାନ ଜାନକୀ ପୁରକୁ କଲେ ସଧୀରେ ଗମନ
ମନକ୍ଷୁଣ୍ଣ ଯେ, ଛନ୍ଦେ ବିଡ଼ିବେ ଜାନକୀ ହୃଦ ଯେ ।୧୦୮।
ପୁରେ ଜନକ ଦୁହିତା ଭାବୁଛନ୍ତି ମନ ରାଜକାର୍ଯ୍ୟ ଅର୍ଦ୍ଧଭାଗ କରି ସମ୍ପାଦନ
କାଲି ଠାରୁ ଯେ, ସୁଖୀ ହେବି ଅଭିଷେକ କାଳୁଁ ଯେ ।୧୦୯।
ବିଭାବେଳେ ମାତାମାନେ ତିଆରିବା ବାଣୀ କାଳକେ ପ୍ରାପତ ହେଉ ସ୍ୱାମୀ ବାକ୍ୟମାନି
ପ୍ରଜା ଦୁଃଖ ଯେ, ବୁଝି ଲଭିବି ପରମ ସୁଖ ଯେ ।୧୧୦।
ବଧୂ ହୋଇ ହୋଇଥିଲି ସ୍ୱାମୀ ସୁହାଗିନୀ ରାଜ କାର୍ଯ୍ୟ କରି ହେବି ସୁପ୍ରିୟ ବାଦିନୀ
ଏ କାଳରେ ଯେ, ପ୍ରବେଶିଲେ ଶ୍ରୀରାମ ପାଶରେ ଯେ ।୧୧୧।
ଜାନକୀ ଦେଖି କହନ୍ତି ଏ ବିଷଣ୍ଣ ମନ କିମ୍ପା ? ପ୍ରକାଶନ୍ତୁ ହୃଦ ହେଉଛି ଦହନ
ରାମ ଭାଷି ଯେ, ରାତ୍ର ଅନ୍ତେ ହେବି ବନବାସୀ ଯେ ।୧୧୨।
କାନ୍ତ ବାକ୍ୟେ ଭଗ୍ନ-ମନ ହେଉଁ ଛନ୍ନ ଛନ୍ନ ପୁଚ୍ଛାକଲେ କି ନିମନ୍ତେ ନ ହେବ ରାଜନ
କିସ ହେଲା ହେ, ମନ୍ଦ ବିହି କିମ୍ପା ଛନ୍ଦ କଲା ହେ ।୧୧୩।
ଭାଷୁଛନ୍ତି ଚାପଧାରୀ ସୀତେ ! ନ କାନ୍ଦିବ ଶାଶୁ ଶ୍ୱଶୁରଙ୍କ ସେବା ଯତ୍ନେ କରୁଥିବ
ସେ ଯେପରି ଯେ, ମୋ ବନ ଯିବା ଦେବେ ପାଶୋରି ଯେ ।୧୧୪।
ରଘୁମଣି ବାକ୍ୟ ଶୁଣି କହନ୍ତି ଜାନକୀ ପଶୋରି ଦେଲକି ପ୍ରଭୁ ମୁଁ ତୁମ୍ଭ ସେବକୀ
ଦୀପ ଛୁଇଁ ଯେ, ନିୟମ କରିଛି ତୁମ୍ଭ ପାଇଁ ହେ ।୧୧୫।
ମନା ନ କରନ୍ତୁ ନାଥ ହୋଇ ନିରିମାଖି ବଞ୍ଚିବକି ଦାସୀ ପୁରେ ଶ୍ରୀ ମୁଖ ନ ଦେଖି ?
ତୁମ୍ଭେ ଜାଣ ହେ, ଜଗତ କାରଣ ନାରାୟଣ ହେ ।୧୧୬।
ବୁଝାଇ କହନ୍ତି ରାମ ଶୁଣ ବଇଦେହୀ ! ରାଜା ହେବ ଭ୍ରଥ ସେ ମୋ ଆତ୍ମା ଭିନ୍ନ ଦେହୀ
ବାକ୍ୟ ମାନିଯେ, ପୁରେ ବ୍ରତେ ହୁଅ ତପସ୍ୱିନୀ ଯେ ।୧୧୭।

Digitized by PPRACHIN, SOA

ଭାଷନ୍ତି ସୀତା ମାଣ୍ଡବୀ ବସୁ ସିଂହାସନେ ଆନନ୍ଦ କି ନ ଲଭିବି ସେ ବାର୍ତ୍ତା ଶ୍ରବଣେ ?
ପଦ ସେବି ହେ, କାନନେ ତୁମ୍ଭ ସଙ୍ଗତେ ଯିବି ହେ ।୧୧୮।
ପିତାମାତା ଭ୍ରାତା ବନ୍ଧୁ ସୁଖ ପ୍ରଦାୟକ କିନ୍ତୁ ଏମାନଙ୍କ ପ୍ରୀତି ଅସ୍ଥିର କାରକ
ସ୍ୱାମୀ ସୁଖ ହେ, ଇହପର ଜଗତରେ ମୁଖ୍ୟ ହେ ।୧୧୯।
ସ୍ୱାମୀ ସେବା ସ୍ୱାମୀ ପ୍ରେମ ଅଟଇ ଅସୀମ ସ୍ୱାମୀ ସେବା କାର୍ଯ୍ୟେ ଯେଉଁ ନାରୀ ମତିଭ୍ରମ
ସେ ଅଧମା ଯେ, ଶେଷେ ନ ରହିବ ଦୁଃଖ ସୀମା ହେ ।୧୨୦।
ବିପଦ ସମୟେ ଧର୍ମ,ଧୈର୍ଯ୍ୟ,ମିତ୍ର,ନାରୀ ଉତ୍ତୀର୍ଣ୍ଣ ହୁଅ ପରୀକ୍ଷା ଏ ଚାରିଙ୍କୁ ଧରି
ଗୃହ ଧର୍ମ ହେ, ପାଳ ବନେ ନେଇ ସତ୍ୟ କର୍ମ ହେ ।୧୨୧।
ସହଜରେ ନାରୀ ଜାତି ଅଟେ ଅପବିତ୍ର ଏକମାତ୍ର ସ୍ୱାମୀ ସେବି ହୋଇବ ପବିତ୍ର
ଚାରି ବେଦେ ହେ, ପ୍ରମାଣ ତାର' ବିନା ପ୍ରମାଦେ ହେ ।୧୨୨।
ଅଙ୍ଗଛଡ଼ା ପୁଷ୍ପେ ନିତ୍ୟ ହୋଇଥାଏ ବଶ ନିର୍ମାଲ୍ୟ ମଣି ଭୁଞ୍ଜାଇ ଭୋଜନା ବ ଶେଷ
ବ୍ୟଜନାର୍ଥେ ହେ, ଉଜାଗରେ ଚାମର ସ୍ୱ ହସ୍ତେ ହେ ।୧୨୩।
ଚତୁଃ ଯୁଗ ଗତି ମଧ୍ୟେ ଏ ତ୍ରେତୟା ଯୁଗ କ୍ରମାନ୍ୱୟେ ଯେତେବାର ହୋଇଲାଣି ଭୋଗ
ଋଷି ଯତି ହେ, ଯେତେ ରାମାୟଣ ରଚିଛନ୍ତି ଯେ ।୧୨୪।
ଜାନକୀ ନ ଘେନି କେ କି ଯାଇଛନ୍ତି ବନ ? ମୋ ବନ ଗମନେ ତାହା ହେଉଛି ବାରଣ
ଚିତ୍ତେ ଭାଳି ହେ, ବାରେ ଘେନା କର ଦାସୀ ଅଳି ହେ ।୧୨୫।
ପୂଜିଲେ ଯେ କାଳେ ବନେ ଦିଲୀପ ନନ୍ଦିନୀ ମୂର୍ଦ୍ଧାଭିଷିକ୍ତ ସ୍ୱ-ପତ୍ନୀ ସୁଦକ୍ଷିଣା ଘେନି
ଗଲେ ବନ ହେ, ବଂଶ ପରମ୍ପରା ରକ୍ଷା ଘେନ ହେ ।୧୨୬।
ଗୋପନେ ମୋ ମନେ ବିଭାକାଳେ ଦେବୀ ଆଳେ ମନାସିବା କାର୍ଯ୍ୟ କାର୍ଯ୍ୟେ ପ୍ରାପ୍ତ ଏତେ କାଳେ
ସେ ଯାଚଞ୍ଚା ହେ, ପୂରଣେ ଦିଅନ୍ତୁ ମୋତେ ଆଜ୍ଞା ହେ ।୧୨୭।
ସତୀମନ ଜାଣି ରାମ କରି ସନମତ ମାତା ଅନୁମତି ପାଇଁ କରନ୍ତେ ବ୍ୟକତ
ବର ଶୁଣି ହେ, ଲକ୍ଷ୍ମଣ ବାହାର ତତକ୍ଷଣି ଯେ ।୧୨୮।
ବାହାରେ ପ୍ରଜାଏ ଅଭିଷେକ ମଣ୍ଡପରେ ରୁଣ୍ଡ ହେଲେ ଅଭିଷେକ ବେଳ ବାରି ଧୀରେ
ମନେ ଦ୍ୱନ୍ଦଯେ, ନ ଦେଖୁ ନୃପକି ରାମଚନ୍ଦ୍ର ଯେ ।୧୨୯।
ମନ ମଧ୍ୟେ ନାନା କଥା କଳ୍ପନା ଜଳ୍ପନା କରି କୁଳ ଗୁରୁ ପଦେ କରନ୍ତି ପ୍ରାର୍ଥନା
ଦୟା କରି ହେ, ସନ୍ଦେହ ମୋଚନ କର, ବାରି ହେ ।୧୩୦।
କାଳ ଅବିଳମ୍ବେ ସୌଧେ ଯାଇ ପୁରୋହିତ ସଞ୍ଜ୍ଞାହୀନ ନୃପେ ଦେଖି କରାଇ ସଚେତ
ମନସ୍ତାପେ ଯେ, ବଶିଷ୍ଠ ଶ୍ରବଣେ କହି ଭୂପେ ଯେ ।୧୩୧।
କୂଳଶ୍ରେଷ୍ଠ ଗୁରୁ ଦେବ ଉପାୟ କରିଣ ସମାଧାନ କର ଉପସ୍ଥିତ ଅଘଟଣ
ସତ୍ୟ ଭ୍ରଷ୍ଟ ହେ, ନ ହେବି ନ ହେଉ ପୁତ୍ର କଷ୍ଟ ଯେ ।୧୩୨।
ନୃପବାକ୍ୟେ କୈକେୟୀଙ୍କୁ ବିଶିଷ୍ଟ ବୁଝାନ୍ତି ଲକ୍ଷ୍ମୀ-ତୁଲ୍ୟା ରାଜ-ପ୍ରିୟା ରାଣୀ ବୁଦ୍ଧିମତୀ
ତୁମ୍ଭେ ଦେଖ ହେ, ମରଣ ବରଣୁ ଭୂପେ ରଖ ହେ ।୧୩୩।

Digitized by PPRACHIN, SOA

ନ ବଞ୍ଚିବେ ରାଜା ରାମ ଗଲେ ବନବାସ   କଳଙ୍କ ବହିବ ଶିରେ ବଂଶ ଯିବ ନାଶ
ତେଣୁ କରି ହେ, ଆଦ୍ୟ ବରେ ଭ୍ରଥ ରାଜା ସାରି ହେ ।୧୩୪।
ଦ୍ୱିତୀୟେ ମାଗିବା ବରେ ନ ଦିଅ ଗୁରୁତ୍ୱ   ଭ୍ରଥ ରାଜା ହେଉ ଏବେ ରହୁ ପିତାସତ୍ୟ
ଏହି ବାଣୀ ଯେ, ଶୁଣି ଦୁଃଖ-ଚାପି ରାଣୀ ଭଣି ଯେ ।୧୩୫।
ବୁଝିଛ କି ଗୁରୁ ପ୍ରଜା ବୃନ୍ଦ ତତ୍ୱ ମର୍ମ   ପରଜା ପାଳନ କିବା ନୁହେଁ ରାଜଧର୍ମ ?
ବୃଦ୍ଧ ବୃଦ୍ଧା ହେ, ରାମ ଭୂପତିରେ ଦେଲେ ବାଧା ହେ ।୧୩୬।
ଧୈର୍ଯ୍ୟ ଧରି ସତ୍ୟ ରକ୍ଷା ରାଜନେ କରାଅ   ନତୁବା ଅଧୈର୍ଯ୍ୟ ପଣେ ସତ୍ୟ ଭ୍ରଷ୍ଟ ହୁଅ
ଶିଶୁ ପରି ହେ, କାରୁଣ୍ୟେ କି ସତ୍ୟ ରହିପାରି ହେ ? ।୧୩୭।
ନହୁଷ, ଇନ୍ଦ୍ର କାଳରେ ପ୍ରେମ ଅନୁରାଗେ   ଜିଜ୍ଞାସା କରନ୍ତେ ଶଚୀ କୋଳେ ଉପଭୋଗେ
ଶଚୀ ଭାଷ ଯେ, ବିପ୍ର ସ୍କନ୍ଧେ ଯାନେ ବସି ଆସ ହେ ।୧୩୮।
ଶଚୀ ପ୍ରାପ୍ତି ପାଇଁ ଶୂନ୍ୟ ହିତାହିତ ଜ୍ଞାନ   ଅଗସ୍ତି ଆଦି ଋଷିଙ୍କୁ ବୁହାଇଣ ଯାନ
ସର୍ପ ସର୍ପ ଯେ, ଶୀଘ୍ର ଅର୍ଥେ ଭାଷୁଗଲା ଦର୍ପ ଯେ ।୧୩୯।
ସର୍ପ ହୋଇ ସ୍ୱର୍ଗୁ ଖସି-ଅଛି କିମ୍ବଦନ୍ତୀ   ଏ ଉପଦେଶ ସେପରି କିପରି ଦିଅନ୍ତି
ରନ୍ତି ଦେବ ହେ, ହରିଶ୍ଚନ୍ଦ୍ର ଶିବି କୀର୍ତ୍ତି ଭାବ ହେ ।୧୪୦।
ଯେଉଁ ନୃପ ସତ୍ୟନିଷ୍ଠ ଆପଣାର ଦେହ   ତୃଣ ସମ ମଣେ ଜାୟା ପୁତ୍ର ଧନ ଗୃହ
ରାଜ୍ୟ ରିଷ୍ଟ ହେ, ତାହା ପକ୍ଷେ ବୁଝ୍ ଋଷି ଶ୍ରେଷ୍ଠ ହେ ।୧୪୧।
ଏ ବାଣୀ କର୍ଣ୍ଣ ଗୋଚର ହେଉ ମହୀପତି   କ୍ରୋଧ ବହ୍ନି ବଢୁ ସ୍ମରି ସ୍ୱ ଗାଥା ଭାଷନ୍ତି
ହୁତାଶନ ହେ, ଏ ବିପଦେ ହୋଇବ ପ୍ରସନ୍ନ ହେ ।୧୪୨।
ରାମ ଭୂପତିର ଅନ୍ତରାଳେ ସମାଧାନ   କରାଇବ ଯେପରି ସେ ଲଭିବ ଆସନ
କୋଶଳରେ ହେ, ହୁଏତ ମୁଁ ତା ଦେଖ୍ ନ ପାରେ ହେ ।୧୪୩।
ସମସ୍ତ ଘଟଣା ଅଭିଷେକ ମଣ୍ଡପରେ   ଜଣାନ୍ତେ ସେ କୁଳ ଗୁରୁ ପ୍ରଜାଙ୍କ ଆଗରେ
ଶୋକ ଜଳ ଯେ, ଭସାଇଲା ସେଥି ପ୍ରଜାକୁଳ ଯେ ।୧୪୪।
କହନ୍ତି ପ୍ରଜାଏ ଯେଉଁ ରାଜ୍ୟେ ଏ ଅନ୍ୟାୟ   ଘୋଟିଲାଣି କାଳର କବଳେ ଯିବେ କ୍ଷୟ
ଦଶରଥ ଯେ, ବରଦେଇ ସବୁ କଲେ ବ୍ୟର୍ଥ ଯେ ।୧୪୫।
ଯେପରି ପ୍ରଜା ପ୍ରସ୍ତାବେ ଅପେକ୍ଷା ନ କରି   ନିଜ କ୍ଷମତା ଖଟାଇ ରାମେ ଦଣ୍ଡଧାରୀ
କରିବାକୁ ଯେ, ସ୍ଥିରକରି ନାଶନ୍ତି ପ୍ରଜାଙ୍କୁ ଯେ ।୧୪୬।
ନ ହୁଏ ବିଶ୍ୱାସ ମନେ ଏ ରାଜ୍ୟର ଭାର   ଗ୍ରହଣ କରିବ ଭକ୍ତ ଭରତ ପ୍ରବର
ବନବାସ ଯେ, ରାମ ସଙ୍ଗେ ଯିବା ଏଥୁଁ ଆସ ଯେ ।୧୪୭।
ରାମ ଲକ୍ଷ୍ମଣ ଜାନକୀ ବନେ ବାହାରନ୍ତି   ମାତା,ମାନ୍ୟ-ଜନଠାରୁ ବିଦାୟ ମାଗନ୍ତି
କାନ୍ଦି ରାଣୀ ଯେ, ସୀତୟାଙ୍କୁ ତିଆରନ୍ତି ବାଣୀ ଯେ ।୧୪୮।
ପରମ ସାଧବୀ ଲକ୍ଷ୍ମୀ କୁଳ ବଧୂ ମୋର   ତୋ ହସ୍ତେ ଅର୍ପଣ କଲି ଲକ୍ଷ୍ମଣ କୁମର
ରାମ କଥା ଯେ, ଜାଣୁ ସର୍ବ ସତୀ ପତିବ୍ରତା ଯେ ।୧୪୯।

Digitized by PPRACHIN, SOA

ଦକ୍ଷିଣ ଦିଗରେ ରାକ୍ଷସୀଙ୍କ କ୍ରୀଡ଼ା ସ୍ଥଳ ସେ ଦିଗେ ନ ଯିବ କଦା ବାକ୍ୟ ମାନି ମୋର
ଗଲେ ମନ୍ଦ ଯେ, ଭିଆଇବେ ଆସି ଦୈତ୍ୟ ବୃନ୍ଦ ଯେ ।୧୫୦।
ତୋ ବନ ଗମନ ସ୍ମରି ଶୀଳା ହେବ ପାଣି ନ ସରିବ କାଳ ସୀତା ଗୁଣ ଗୁଣି ଗୁଣି
ଏ ମାଗୁଣି ଯେ, ମନେ ରଖ ସତୀ ସୁଲକ୍ଷଣୀ ଯେ ।୧୫୧।
ଅପୂର୍ବ ପଦାର୍ଥ ବନେ କେବେ ନ ମାଗିବୁ ସ୍ୱାମୀ ଦେବରେ ଦେଇଣ ତୁ ଭୁଞ୍ଜି ବସିବୁ
ପ୍ରଜାଗଣ ଯେ, ସଜ ହେଲେ ଯିବା ପାଇଁ ବନ ଯେ ।୧୫୨।
ସେ ସମୟେ ଧୈର୍ଯ୍ୟ ଧରି ଭାଷନ୍ତି ସୁମିତ୍ରା ବତ୍ସ ଯାଉଛୁ ତୁ ବନେ ନ କରିବୁ ଚିନ୍ତା
ଜ୍ୟେଷ୍ଠ ଭ୍ରାତରେ, ମିଣିଥିବୁ ଧନ ! ପିତୃବତ ରେ ।୧୫୩।
ପରିହାସ ତେଜିବାବୁ ମୋହ ପରି ମଣି ଚରଣ ବନ୍ଦି ପୂଜିବୁ ଜନକ ଦୁଲଣୀ
ପାଳୁ ଯେବେରେ, ବନକଷ୍ଟ ନ ଜାଣିବୁ ଲବେରେ ।୧୫୪।
ଯେ ସ୍ଥାନେ କରିବ ବାସ ସେ ଅଯୋଧ୍ୟ ଦେଶ ଯେପରି ରବି ଉଦୟ ସମୟେ ଦିବସ
ତୋହ ପରିରେ, ସୁତ ହେତୁ ଧନ୍ୟା ଗର୍ଭଧାରୀ ରେ ।୧୫୫।
କାନ୍ତ ରହିତା ଉର୍ମିଳା-ଗତି ରାମ ଚିନ୍ତି ବୋଧି ଆସିବା ନିମନ୍ତେ ଅନୁଜେ ପେଷନ୍ତି
ଯତି ବେଶ ଯେ, ପରିଧାନେ ଉର୍ମିଳା ପ୍ରବେଶ ଯେ ।୧୫୬।
ପ୍ରତିଦ୍ୱନ୍ଦୀ ହେବକି ଏ ମୋ ବନ ଗମନେ ଭାବୁ ଲକ୍ଷ୍ମଣ ଉର୍ମିଳା ଭାଷନ୍ତି ସଘନେ
ଯେବେ ବନ ହେ, ଯିବ ମୋ ବଚନ ଶୁଣ ଧନ ହେ ! ।୧୫୭।
ମୁଁ ଯଦି ସତୀ ସାଧବୀ ବଧୂ ଏ ବଂଶର ସ୍ୱାମୀ ବ୍ରତେ ଗ୍ରହପତି ଦିଅନ୍ତୁ ଏ ବର
ପୁଷ୍ପବତୀ ହେ, ନ ହେବି ଫେରିବା ଯାଏ ପତି ହେ ।୧୫୮।
କାମନା ବିହୀନେ ତୁମେ ଯତି ବେଶେ ବନେ ପିତୃ ସତ୍ୟ ପାଳି ଫେର ଅଯୋଧ୍ୟା ସଦନେ
ପାଳୁ ସତ୍ୟ ହେ, ହେବ ସେଥୁଁ ପୁଂସତ୍ୱ ନାରୀତ୍ୱ ହେ ।୧୫୯।
ତ୍ରିତାପକୁ ବନବାସେ କରି ସମ୍ବରଣ କାମ କ୍ରୋଧ ଲୋଭ ମୋହ କରିବ ବର୍ଜନ
ମଦ ମତ୍ସ ଯେ, ପକାଇବ ସ୍ୱାମୀ ମାନି ପଛ ହେ ।୧୬୦।
ବନୌକା ବେଶରେ ଖାଦ୍ୟ ନିଦ୍ରାତ୍ୟାଗ କରି ରାତ୍ରେ ଉନ୍ନିଦ୍ର ରହିଣ ହୋଇବ ପ୍ରହରୀ
ବିଶ୍ୱାମିତ୍ର ହେ, ଦେବା ମନ୍ତ୍ର କରି ଉଚ୍ଚାରିତ ହେ ।୧୬୧।
ତୁମ୍ଭ ବନବାସେ ମୁହିଁ ନୁହେଁ ଅଭିମାନୀ ଯେଣୁ ଅର୍ଦ୍ଧାଙ୍ଗିନୀ ଗୃହେ ହୋଇ ତପସ୍ୱିନୀ
ପାଳୁ ବ୍ରତ ହେ, ତୁମ୍ଭ କାର୍ଯ୍ୟ ପୂର୍ଣ୍ଣ ହେବ କାନ୍ତ ହେ ।୧୬୨।
ଯେଣୁ ଏ ବ୍ରତ ମଙ୍ଗଳ କର୍ତ୍ତାର ଘରଣୀ ପାଳିବି ସ୍ୱଜନେ ହୋଇ ସୁପ୍ରିୟ-ବାଦିନୀ
ରଖି ଧୈର୍ଯ୍ୟ ହେ, ଅସମୟେ ସାଧ୍ୟ, ହେବ-କାର୍ଯ୍ୟ ହେ ।୧୬୩।
ସ୍ୱୀକାରେ ସୌମିତ୍ରି ଆସୁ ପିତାଙ୍କ ନିକଟେ ପ୍ରବେଶୁ ଦୁଃଖିତେ ନୃପ ଭାଷନ୍ତି ଆକଟେ
ଗଲେ ବନରେ, ଝୁରି ଝୁରି ଯିବ ଏ ଜୀବନ ରେ ।୧୬୪।
ନଗ୍ର ଉପକଣ୍ଠେ ମୋର ଶତ ଶତ କ୍ରୋଶ ଥାଉ ଉପବନ ମୁନି ଋଷି କଲେ ବାସ
ସତ୍ୟ ପାଳି ଯେ, ରହ ସେଥି ମୋ ଦୁଃଖ ସଙ୍ଖାଳି ରେ ।୧୬୫।

Digitized by PPRACHIN, SOA

ହୃଦୟ ବିଦୀର୍ଣ୍ଣ କ୍ଷୁବ୍ଧ କାଳେ ପାପ ନେତ୍ର ଦର୍ଶନ କରିଣ ସେଥି ଲଭିବ ପବିତ୍ର
ରାମ ଭଣି ଯେ, ଏହା କି ଉଚିତ ଶିକ୍ଷା-ବାଣୀ ଯେ ।୧୬୬।
ଚତୁର୍ଦ୍ଦଶ ବର୍ଷ ବନବାସ କାଳିପରି ସାରି ଫେରିବି ଦର୍ଶନେ, ହେବି ଦଣ୍ଡଧାରୀ
ମନେ ପ୍ରାସ'ହେ, ନ ଲଭିଣ ଦିଅନ୍ତୁ ଆଦେଶ ହେ ।୧୬୮।
ବୋଲନ୍ତି ଅଯୋଧ୍ୟା ପତି ଅନ୍ଧ ମୁନି ଶାପ କ୍ରମରେ ପ୍ରତିଫଳିତ ହୋଇଲାଣି ବାପ !
ସତ୍ୟ ରଖ ଯେ, ମୃତ୍ୟୁ କାଳେ ନ ଦେଖିବି ମୁଖ ଯେ ।୧୬୯।
ବଶୀ କରଣେ ଏ କାଳେ କଣ୍ଢେ ବୀଣାପାଣି- ବସ୍ତୁ, ବନବାସ ବେଶ ଦାସୀ ଦେଉଁ ଆଣି
ରଘୁନାଥ ଯେ, ଦେଖି ସ୍ଥିର କଲେ ହୃଦ ଗତ ଯେ ।୧୭୦।
ଭାଷନ୍ତି ଜାନକୀ ବିଭାକାଳେ ତୁମ୍ଭପିତା ଦାନ ମୁଦି ରଖ ଯତ୍ନେ ନ କରିଣ ଚିନ୍ତା
ବଇଦେହୀ ଯେ, ତୂଣୀରେ ରଖିଲେ ସ୍ନେହ ବହି ଯେ ।୧୭୧।
ଶ୍ରୀରାମ ଲକ୍ଷ୍ମଣ ଯେ ବଲ୍‌କଲ୍ ପରିଧାନ କରିବା ଦେଖି ନଗର ବାସୀ ପୁରଜନ
ସୀତା ସତୀ ଯେ, ବ୍ୟାକୁଳିତେ ଭୂତଳେ ଲୋଟନ୍ତି ଯେ ।୧୭୨।
କ୍ଷଣ ପରେ ଉଠି ଯାଇ ଜନକ ଦୁହିତା ବଲ୍‌କଲ୍ ସ୍ୱ କରେ ଧରି ପରିଧାନେ ଚିନ୍ତା-
କରୁ, ଜାଣି ଯେ, ସ୍ୱହସ୍ତେ ପିନ୍ଧାନ୍ତି ରଘୁମଣି ଯେ ।୧୭୩।
ଏହା ଦେଖି ନଗ୍ରବାସୀ ନେତ୍ର ଥନ ଥନ ଦୁଃଖିତେ ବଶିଷ୍ଠ ମୁନି କରନ୍ତି ବାରଣ
ଏ ଅନୀତି ହେ, ଧର୍ମ ନାମେ ସହିବ କି କ୍ଷିତି ହେ ।୧୭୪।
ନୃପବାକ୍ୟ ଖଣ୍ଡିପାରେ ମୋ ବାକ୍ୟ ରାଘବ ଖଣ୍ଡିବକି ଦେବ କାର୍ଯ୍ୟ ଛଳେ ମୁଁ ନୀରବ
ସତୀ ବନେ ଯେ, ଯିବେ ସ୍ୱର୍ଣ୍ଣ ବସ୍ତ୍ର ପରିଧାନେ ଯେ ।୧୭୫।
ଗୁରୁବାକ୍ୟ ଗରୁମଣି ବିନମ୍ରେ ବାହାର- ନକଲେ, ଜାନକୀ ଅଙ୍ଗୁ ବସ୍ତ୍ର ଅଳଙ୍କାର
ପରିଷଦ ଯେ, ବନ ଦେଶ ଦାବାଗ୍ନିରେ ଦଗ୍ଧ ଯେ ।୧୭୬।
ଶୋକାର୍ତ୍ତ ଜନ ସମୁଦ୍ର କଷ୍ଟକୁ ଲାଘବ- କରିଲେ, କୋମଳ ବାକ୍ୟ ପରଶି ରାଘବ
ପିତାମାତା ଯେ, ଅଧୀର ବୁଝିବ ତାଙ୍କ କଥା ଯେ ।୧୭୭।
ସ୍ୱୟଂ ପରଂବ୍ରହ୍ମ ରାମ ଲୋକ ଶିକ୍ଷା ପାଇଁ ଶିବ ଶିବା ଗଣପତି ଆଦି ହୃଦେ ଧ୍ୟାଇ
ସିଂହାସନ ଯେ, ବନ୍ଦି ଆରୋହଣ କଲେ ଯାନ ଯେ ।୧୭୮।
ବୈଶାଖ କୃଷ୍ଣ ସପ୍ତମୀ ଭୋଗ ଗୁରୁବାର ରାମନାମେ ପାଇଛି ବିପତ୍ତି ନାମେ ତା'ର
ଲକ୍ଷ୍ମଣଙ୍କୁ ଯେ, ନିଧନ ପ୍ରତିଅରି ସୀତାଙ୍କୁ ଯେ ।୧୭୯।
କରଣ ଯୋଗ ଅଶୁଭେ ଶୁଭ ଅନୁକୂଳ ଦକ୍ଷିଣ ଦିଗେ ଗମନୁ ପାଏ ଦିଗଶୂଳ
ମହାମନ୍ତ୍ରୀ ଯେ, ରାମ ବାକ୍ୟେ ଯାନକୁ ଚଳାନ୍ତି ଯେ ।୧୮୦।
ଏ ଛାନ୍ଦ ଶ୍ରବଣ କରି ହିମାଦ୍ରି-ଦୁହିତା କାନ୍ତେ ପୁଚ୍ଛାକଲେ ସତ୍ୟେ ବନବାସ ଗାଥା
ଲଇକ୍ଷଣ ଯେ, ସୀତା ଭୋଗିଲେ କିମ୍ପା କଷଣ ହେ ।୧୮୧।
ବନକୁ ଯିବାପାଇଁ କି ଜାନକୀ ଲକ୍ଷ୍ମଣ ଅଜରାଜା ସୁତ ସତ୍ୟେ ନଥିଲା ସେ ମାନ
କଇକେୟୀ ଯେ, ନଥିଲେ ତ ତା ସତ୍ୟ କରାଇ ଯେ ।୧୮୨।

Digitized by PPRACHIN, SOA

କାହିଁ ପାଇଁ ରାଣୀମାଥେ ଲଦି ସର୍ବଦୋଷ   ରାମବନ ଆଗମନେ ପୁରାଣେ ପ୍ରକାଶ
ସେ କି ଏକା ହେ, ଦାୟୀ କୁହ ମନୁ ଛାଡୁ ଶଙ୍କା ହେ ।୧୮୩।
ବନେ ତପସ୍ୱିନୀ ହେବାପାଇଁ ମଇଥିଳୀ   କୈକେୟ ନନ୍ଦନା ମନେ ନ ଥିଲେ ତା ଭାଳି
ସୀତା ସତୀ ଯେ, ବନ ଗମନେ ରାମ ସ୍ୱୀକୃତି ଯେ ।୧୮୪।
ଅଜରାଜା କୁଳବଧୂ ଯେ କୈକେୟୀ ରାଣୀ   ସୂର୍ଯ୍ୟବଂଶ ଧ୍ୱଂସନର ନୁହେଁ ସେ କାରେଣୀ
ଦେବକାର୍ଯ୍ୟ ଯେ, ସାଧନେ ବନଗମନ ଧାର୍ଯ୍ୟ ଯେ ।୧୮୫।
ରାମ ବନବାସ ଶୁଣି ତରଳେ ପାଷାଣ   ଏ ରାଣୀ ସତ୍ୟ କରାଇ ନୁହେଁ ଦୁଃଖମନ
ତା ହୃଦୟ ଯେ, ଧୈର୍ଯ୍ୟେ କିପରି ହୋଇଛି ଥୟ ଯେ ।୧୮୬।
ନିଜେ ନ ତରଳି ଜଗତକୁ ତରଳାଇ   ଦେବା ଭୂମିକାରେ ଅଭିଷିକ୍ତ କାର୍ଯ୍ୟ ପାଇଁ
ସେ କର୍ତ୍ତବ୍ୟ ଯେ, ପାଳୁ ,ଏହା ହୋଇଛି ସମ୍ଭବ ଯେ ।୧୮୭।
ସୀତୟାଙ୍କୁ ଏଥି କେନ୍ଦ୍ର କରି ଏକମାତ୍ର   ପ୍ରଭୁଙ୍କ ମାନବ ଲୀଳା ହୁଏ ରୂପାୟିତ
ଦେବ କାର୍ଯ୍ୟ ଯେ, ପୂର୍ଣ୍ଣାହୂତେ ଯୂପ ପୋତା ଧାର୍ଯ୍ୟ ଯେ ।୧୮୮।
ସୀତା ନାମ ଉପାଦାନେ ସୁନ୍ଦର ମନ୍ଦିର   ଗଢ଼ି ଉଠିବ ଏ ରାମାୟଣ ଛନ୍ଦ ମୋର
ଜନେ ଶୁଣି ଯେ, ତରିବେ ଏ ଭବ ତରଙ୍ଗିଣୀ ଯେ ।୧୮୯।
ଏକଶତ ନବେ ପଦେ ଛାନ୍ଦ ହେଲା ଶେଷ   କହେ ଦୟାନିଧି ଚିନ୍ତି ଜାନକୀ ବିଳାସ
ସୁଜ୍ଞଜନ ହେ, ତୋଷମନ ଶୁଣି ଏ ଆଖ୍ୟାନ ହେ ।୧୯୦।

ରାମ ବନବାସେ ଗଙ୍ଗା ପାର

ଛାନ୍ଦ - ୫

ରାଗ-କଳସା

(ହା ରାମ ବାଣୀ ବୃତ୍ତେ)

କୁବେରାଦ୍ରି ବନେ ଦିନେ ଭାଷନ୍ତେ ମହେଶ
ଉମା ହର୍ଷେ ଘେନାକଲେ ବନବାସ ରସ ।୧।
ରାମ ଲକ୍ଷ୍ମଣ ସୀତାଙ୍କୁ ରଥରେ ବସାଇ
ଅଯୋଧ୍ୟା ଦେଶୁ ସୁମନ୍ତ ରଥ ନେଲା ବାହି ।୨।
ପ୍ରଜାଗଣ ଗୋଡ଼ାବନ୍ତେ ରାଘବ ବାରଣ
ନମାନି କାନନେ ସଙ୍ଗେ ଗଲେ ପ୍ରଜାଗଣ ।୩।
ଦେଖନ୍ତି ସରଜୁ ଅନ୍ତେ ଥିବା ନଦନଦୀ
ଆମ୍ବ ତାଳ ନାରୀକେଳ ଗୁବାକ ବନାଦି ।୪।
ତମସା କୂଳେ ତାମସୀ ପ୍ରବେଶୁ ରହିଲେ
ବାର୍ତ୍ତା ପାଇ ତପୀ ତପସ୍ୱିନୀ ଏ ଅଇଲେ ।୫।

Digitized by PPRACHIN, SOA

ଦୂରୁ ଲୋକନେ ପ୍ରଜାଙ୍କୁ ପୁଚ୍ଛନ୍ତି ସଚିବେ
ରାମ ସଙ୍ଗେ ବନେ ଭାଇ ଭାର୍ଯ୍ୟା କିମ୍ପା ସର୍ବେ ।୬।
ସୂର୍ଯ୍ୟ ବଂଶର ଗୌରବ ରଖି ମହାମନ୍ତ୍ରୀ
ବୁଦ୍ଧି ନିୟୋଜିତେ ସର୍ବ ଘଟଣା ଭାଷନ୍ତି । ।୭।
ପୂର୍ବ ସୁକୃତେ କୋଶଳାଧୀଶ ଚାରିପୁତ୍ର
ପାଇଲେ ରାମଲକ୍ଷ୍ମଣ ଶତ୍ରୁଘ୍ନ ଭରତ । ।୮।
ବୃଦ୍ଧ ବୟସ ହୁଅନ୍ତେ ପୁତ୍ରେ ରାଜ୍ୟ ଦେଇ
ବନେ ବାନ ପ୍ରସ୍ଥେ ଯିବା ଇଚ୍ଛୁ ନରସାଇଁ । ।୯।
ରାଣୀ ବଞ୍ଚନରେ ବନ ରାଘବେ, ଭରତ
ନୃପ କୋଶଳେ ସାନୁଜ ବେନି ଅନୁଗତ । ।୧୦।
ଶ୍ଳେଷାର୍ଥେ ତର୍କେ ତାପସ ଦିଅନ୍ତି ଉତ୍ତର
ଏ ବନ ସମ୍ପଦ ନୁହେଁ ଦଶରଥଙ୍କର । ।୧୧।
ପୂର୍ବ ଘଟଣା ସ୍ମରଣେ ସୁମନ୍ତ୍ର ବଦତି ।
ଦଣ୍ଡକ ଭୂପତିଙ୍କର ଏ ବନ ସମ୍ପତ୍ତି । ।୧୨।
ଦଣ୍ଡ ପାଇଣ ଦଣ୍ଡକ ବନ ସର୍ଜ୍ଜୁ ପୂର୍ବେ
ସେହି ବନରେ ରାଘବ ନୃପତି ହୋଇବେ । ।୧୩।
ମାତାଙ୍କ ସମ୍ମାନ ରଖି ସେଥି ରଘୁପତି
କିଶୋର ବେଳ ଅପୂର୍ବ ବୃତ୍ତାନ୍ତ ଭାଷନ୍ତି । ।୧୪।
ଦିନେ ଦେବ କାର୍ଯ୍ୟେ ରତ ମାତା କଇକେୟୀ
ଲୁଚକାଳି ଖେଳି ଖେଳି ଲୁଚି ମୁହିଁ ଯାଇ । ।୧୫।
ପଛୁ ମାତା ନେତ୍ର ବୁଜୁ କରି ଅନୁମାନ
ଭାଷନ୍ତି ସ ସ୍ନେହେ କିମ୍ପା ପୂଜା ନାଶୁ ଧନ । ।୧୬।
ଚପଳ ମତିରୁ କର ନ ଫିଟାଇ କଦା
ଭାଷେ, ମା ପୁରୁଷ ସିଂହ କହୁ ମତେ ସଦା । ।୧୭।
ସିଂହ ବାସ ବନେ ମୁହିଁ କିମ୍ପାଇ ସଦନେ
ଜଣାଅ ଠାକୁରେ ପଠାଇବା ପାଇଁ ବନେ । ।୧୮।
ମୋ ବୋଧେ ଜଣାଉ ଦେବୀ ଶିର କମ୍ପମାନ
ହୋଇ ଶିରୁ ପୁଷ୍ପ ଖସି ଦିଅନ୍ତେ ସଙ୍କେତ । ।୧୯।
ଭାଷିଲେ ଜନନୀ ରାମ ଯିବୁ ଯଥାକାଳେ
ବହୁଦିନ ପରେ ପ୍ରାପ୍ତ ହେଲା ଆସି ବଳେ । ।୨୦।
ସନ୍ଦିଗ୍ଧ ମନରେ ତପସ୍ୱିନୀ ଏ ପଚାରି
ତା ହେଲେ ବନେ କିମ୍ପାଇ ଜନକ କୁମାରୀ । ।୨୧।

Digitized by PPRACHIN, SOA

ବଦନ୍ତି ସେ ବାକ୍ୟେ ସୀତା ପୂର୍ବେ ପିତୃ ପୁରେ
ପୂଜୁଁ ସ୍ୱୟମ୍ଭୁ-ବତ୍ସ-ଙ୍କୁ କର ଦେଖି ଥରେ । ।୨୨।
ଆନନ୍ଦେ କହିଲେ ତୋ ନିମନ୍ତେ ନାରାୟଣ
ପନ୍ନଗ ଆସନ ତେଜି ହେବେ ଅବତୀର୍ଣ୍ଣ । ।୨୩।
ପରମ ସାଧବୀ ସତୀ ରଖିଥିବୁ ମନେ
ନିର୍ବନ୍ଧ ଆଗୁ ଦେଖିବୁ ସ୍ୱାମୀ ଉପବନେ । ।୨୪।
ସେ ଦିନ ସଂକଳ୍ପ ବ୍ରତ ଧନୁ ଭଗ୍ନକାଳେ
ମାନସ ପଟେ ଜିଜ୍ଞାସା କଲି ଦେବୀ ଆଳେ । ।୨୫।
ମା ଯେପରି ନଗୁଁ ଜନ୍ମି ତୋ ମାନସ ପତି
ପ୍ରାପ୍ତିରେ ସାଧିଲୁଁ ତପ ମୁଁ ସେପରି ବ୍ରତୀ । ।୨୬।
ପାଷାଣ କ୍ଷିତ ନିର୍ଜୀବ ତା କୋଳୁ ଉତ୍ପତ୍ତି
ବେନି ନାରୀଙ୍କ ବେଦନା ନାରୀଏ ଜାଣନ୍ତି । ।୨୭।
ତୁ ଯେପରି ସୁଖ ତେଜି ଦେବଙ୍କ ଛଳରେ
କାନ୍ତ ସହ କାଳ କାଟୁ କାନନ ଆଳରେ । ।୨୮।
ଦେବଙ୍କର ଛଳେ ସେପରି ମୁଁ ସୁଖ ତେଜି
କାନ୍ତ ସହ ବନକୁ ମୁଁ ଆସିଅଛି ଆଜି । ।୨୯।
ଏତେଦିନେ କାନନରେ ନିୟତି ନିର୍ବନ୍ଧେ
ଆସିଛି ଆରାଧ୍ୟ ଦେବୀ ଋଣ ପରିଶୋଧେ । ।୩୦।
ଏଣେ ଖାଦ୍ୟ ତେଜି ପଥ ଶ୍ରାନ୍ତେ ପ୍ରଜାପନ୍ତି
ବସୁ ବସୁମତୀ କୋଳେ ଘାରେ ନିଦ୍ରାବତୀ । ।୩୧।
ସୀତାରାମ, ମନ୍ତ୍ରୀ କୁଶାସନେ ବିଶ୍ରମିଲେ
କ୍ରମେ ନିଦ୍ରାବତୀ ସର୍ବ ନେତ୍ରକୁ ଘାରିଲେ । ।୩୨।
ଉର୍ମିଳା ବଲ୍ଲଭ କ୍ରମେ ପାଉ ସେ ଆଭାଷ
ଉର୍ମିଳା ବାକ୍ୟ ପାଳନେ ସ୍ତବେ କରି ବଶ । ।୩୩।
ବୋଲନ୍ତି ଜନନୀ ବନବାସେ ପୂର୍ଣ୍ଣବ୍ରତ
ହେବାଯାଏ ଉନିଦ୍ର ରହିବ ଏ ମୋ ନେତ୍ର । ।୩୪।
ଅଙ୍ଗୀକାର କରି ଆନେ ନିଦ୍ରାବତୀ ଗଲେ
ଏ କାଳେ ରାଘବ ଉଠୁ ଜାନକୀ ଉଠିଲେ । ।୩୫।
ପ୍ରଜାଙ୍କ ବାତ୍ସଲ୍ୟ ପ୍ରେମ ଦୁଃଖେ ଭାଜି ରାମ
ମହାମନ୍ତ୍ରୀଙ୍କୁ ଉଠାଇ ନିର୍ଦ୍ଦେଶିଲେ କର୍ମ । ।୩୬।
ବାତ୍ସଲ୍ୟ ସ୍ନେହେ ଯେ ପ୍ରଜା ପଛେ ଗୋଡାବନ୍ତି
ନିଦ୍ରା ନ ହୁଏ ନୟନେ ଭାବୁ ଦୁଃଖ ଚିନ୍ତି । ।୩୭।

Digitized by PPRACHIN, SOA

ତଡ଼ିବି ନିଷ୍ଠୁରେ କେଉଁ ପରି ସାଧି ଦାଉ
ଏଥୁ ଅନ୍ୟ ଦିଗେ ଯାନ ନିଅ ରାତ୍ର ଥାଉ । ।୩୮।
ଆମ୍ଭେ ଦୁଃଖେ ଯିବା ଦୂରେ ହେଉ ଯାହା ବାଧା
ନିଶି ଅନ୍ତେ ଚିହ୍ନ ଧରି ଯିବେ ସେ ଅଯୋଧ୍ୟା । ।୩୯।
ରାମ ଆଦେଶ ଶ୍ରବଣୁ ନେତ୍ରୁ ବହି ନୀର
କଣ୍ଠ ରୁଦ୍ଧ ହେଲା ଦୁଃଖେ ମହାମନ୍ତ୍ରୀଙ୍କର । ।୪୦।
ବାଷ୍ପ ରୁଦ୍ଧେ କଣ୍ଠେ ରାମେ ଭାଷନ୍ତି ସୁମନ୍ତ
ଶୂନ୍ୟ ସ୍ୟନ୍ଦନ ଲୋକନେ ଭୂପ ହେବେ ହତ । ।୪୧।
ବାର୍ତ୍ତାବହ ନ ହୋଇ ହୋଇବି ଯମ ଦୂତ
କେଉଁ ଦୋଷେ ଏ ଆଦେଶ କରନ୍ତି ବ୍ୟକତ । ।୪୨।
ବୁଝାଇ କହୁ ରାଘବ ଅଯୋଧ୍ୟାଭିମୁଖେ
ପଥ ଭାଙ୍ଗିଣ ଫେରନ୍ତି ମନ୍ତ୍ରୀ ମହାଦୁଃଖେ । ।୪୩।
ପିତାମାତଙ୍କୁ ବୁଝାଇ ରଖିବା ନିମିତ୍ତ
କହି ଜଣାଇଲେ ମାନ୍ୟେ ମାନ୍ୟ ରଘୁନାଥ । ।୪୪।
ବସୁଧା ପ୍ରଣମି କଷ୍ଟେ ପ୍ରଜା ତ୍ୟାଗ କରି
ଗହନ ବନେ ସୌମିତ୍ରୀ ସୀତା ଚାପଧାରୀ । ।୪୫।
ଉଦ୍ଭାସିତ ହେଉ ପୂର୍ବାକାଶେ ସୂର୍ଯ୍ୟ ଦେବ
ପଥଶ୍ରମ ଶ୍ରମ ବିଶ୍ରାମେ ହେଉ ଲାଘବ । ।୪୬।
ନବ ଜଳଧର ଶ୍ୟାମ ନୟନାଭି ରାମ
ନ ଦେଖୁ ସ୍ୱନେତ୍ରେ ରାମ ପ୍ରଜା ମଥା ଭ୍ରମ । ।୪୭।
କାଳ ନିଦ୍ରାଏ ହୋଇଲା ବୋଲି ଭାଗ୍ୟେ ନିନ୍ଦି
ଖୋଜନ୍ତି ଅଶ୍ରୁଳ ନେତ୍ରେ ମନେ ହୋଇ ଦ୍ୱନ୍ଦୀ । ।୪୮।
ରଥ ଗମନ ସନ୍ଧାନେ ଗୁଳାରେ ଦ୍ୱିଧାରେ
ଗମନେ ଅନୁସନ୍ଧାନେ ମିଳି ଅଯୋଧ୍ୟାରେ । ।୪୯।
ଏଣେ ଜାନକୀ ବଲ୍ଲଭ ସୀତା ସଉମିତ୍ରି
ସୁର ତରଙ୍ଗିଣୀ ତଟେ ପ୍ରବେଶ ହୁଅନ୍ତି । ।୫୦।
ସେ ଗଙ୍ଗା ତଟ ଆଶ୍ରମୁ ତେଜି ଯାଗ କୁଣ୍ଡ
ବାର୍ତ୍ତା ପାଇ ତପିଏ ଆସିଣ ହେଲେ ରୁଣ୍ଡ । ।୫୧।
କୈକେୟୀ ମନ୍ଥନ ଦଧି ଭାଣ୍ଡ ନବନୀତ
ବନ ଆଗ ମୁଁ ଅଶନେ ତପିଏ ତୃପତ । ।୫୨।
ଯା ଦର୍ଶନେ ଯୁଗ ଯୁଗ ଧରି ତପ କରି
ସ୍ୱୟଂ ବିଜୟ ସେ ରକ୍ତ ମାଂସ ଦେହଧରି । ।୫୩।

Digitized by PPRACHIN, SOA

ବନଚାରୀ ବେଶ ପାଇଁ ରାମ,ଲକ୍ଷ୍ମଣ ଓ ସୀତାଙ୍କୁ କୈକେୟୀଙ୍କ ବଲ୍କଳ ଓ କମଣ୍ଡଳୁ ଦାନ

ବନବାସ ପାଇଁ ରାମ,ଲକ୍ଷ୍ମଣ ଓ ସୀତାଙ୍କର ଗୁରୁ ବଶିଷ୍ଠଙ୍କ ଠାରୁ ଆଶୀର୍ବାଦ ଭିକ୍ଷା

ଗଙ୍ଗାକୂଳେ ଧୀବରର ପ୍ରଭୁ ଶ୍ରୀରାମଙ୍କର ପଦ ଧୌତ

ନୌକାରେ ଗଙ୍ଗାପାର

Digitized by PPRACHIN, SOA



ବନପଥେ ପ୍ରଭୁ ଶ୍ରୀରାମଙ୍କ ସହିତ ମିତ୍ର ଗୁହକ ଭେଟ

Digitized by PPRACHIN, SOA

ରାମ ଆଗମନ ଶୁଣି କିରାତ ରାଜନ
ଅଙ୍ଗେ ଭୂଷଣ ହୋଇଲା ଅଳଙ୍କାର ମାନ । ।୫୪।
ଧାମଣା କାଠର ଧନୁ ଧରି ବାମ କରେ
ଅନନ୍ତ ଅନ୍ତ ପଇତା ଶୋଭଇ କନ୍ଧରେ । ।୫୫।
ଭଲ୍ଲୁକ ଚର୍ମ ଅର୍ଦ୍ଧେକ କଟି ଦେଶେ ଅଛି
ବ୍ୟାଘ୍ର ପୁଚ୍ଛ ସମ୍ମିଶ୍ରଣେ ମେଖଳା ହୋଇଛି । ।୫୬।
ମହୁତୁମ୍ବା ହସ୍ତେ ଧରି ମୀନର ଖାଲୋଇ
କନ୍ଦମୂଳ ରସାଳ ଫଳକୁ ଭେଟି ପାଇଁ । ।୫୭।
ଘେନିଣ ସହସା ଆସୁ ମାର୍ଗରେ ଲକ୍ଷ୍ମଣ
ଭେଟୁ ଅଭିଳାଷ ପୂର୍ଣ୍ଣେ ହୋଇଲା କାର୍ପୁଣ୍ୟ । ।୫୮।
ଦ୍ୱାରେ ଅପେକ୍ଷା କରାଇ ରାମ ସନ୍ନିକଟେ
କହୁ ଆଗ୍ରହେ ରାଘବ ଡକାଇ ନିକଟେ । ।୫୯।
ଲୋକନେ ଗୁହ ସସ୍ତ୍ରୀକେ ପ୍ରଦକ୍ଷିଣ କରି
ସାଷ୍ଟାଙ୍ଗେ ପ୍ରଣିପାତ ହେଲା ପଦ ଧରି । ।୬୦।
ଉଠାଇଣ ରାମ ହୃଦେ କରି ଆଲିଙ୍ଗନ
କୁଶଳ ପୁଚ୍ଛୁ ଭାଷଇ ନିଷାଦ ରାଜନ । ।୬୧।
ତୁମ୍ଭର ପ୍ରସାଦୁଁ ସର୍ବ ମଙ୍ଗଳ ମୋହରି
କିମ୍ପାଇ ବନେ ବିଜୟ ଭାଇ ଭାର୍ଯ୍ୟା ଧରି । ।୬୨।
ବଲ୍‌କଳ ପରିଧାନରୁ ନୟନ ସଜଳ
ଭାଷଇ ଗୁହକ ସର୍ବ ହୋଇଲା ବିଫଳ । ।୬୩।
ଭୋଜନ ନିମନ୍ତେ ମସ୍ତ ଆଣିଥିଲି ବାଛି
ରାଘବ ବୋଲନ୍ତି ଘୃଣା ନାହିଁ ମୋର କିଛି । ।୬୪।
ହୃଦୟରେ ପ୍ରେମ ଚିତ୍ତେ ଭକ୍ତି ସ୍ନେହ ଶ୍ରଦ୍ଧା
ଉପହାର ଭଲମନ୍ଦେ ନ ଦିଅଇ ବାଧା । ।୬୫।
ପ୍ରେମ ସଂଯୋଗେ ପବିତ୍ର ଅମୃତ ଅମୂଲ୍ୟ
ଶ୍ରଦ୍ଧା ଶ୍ରାଦ୍ଧ ପୂଜା ଯୋଗ୍ୟ ନଇବେଦ୍ୟ ତୁଲ୍ୟ । ।୬୬।
ମାତ୍ର ମୁଁ ବନୌକା ବ୍ରତେ ହୋଇଛି ଦୀକ୍ଷିତ
ବନବାସ ଅନ୍ତେ ନେବି ପୁରେ ଦେବ ମିତ୍ର । ।୬୭।
ଇଙ୍ଗୁଦି ପାଦପତଳେ ବଟ କ୍ଷୀର ଜଟ
ବାନ୍ଧି ଭସ୍ମ ବିଲୋପନେ ପରିଧାନ ପଟ । ।୬୮।
ବାହୁରେ ଇଙ୍ଗୁଦି ମାଳ, ରୁଦ୍ରାକ୍ଷ, କୁଣ୍ଡଳ
ଲୋକନେ ସମ୍ପ୍ରତି ଅବତାର କି କପିଳ । ।୬୯।

Digitized by PPRACHIN, SOA

ମନ୍ଦାକିନୀ ତଟିନୀ ତରଙ୍ଗେ ସ୍ନାନ ସାରି
ଶିବା ଶିବ ସନ୍ତୋଷେ ତୋଷନ୍ତି ଚାପଧାରୀ । ।୭୦।
ପରଦିନ କାର୍ଯ୍ୟକ୍ରମ ଗଙ୍ଗାପାର ସ୍ଥିର
ହେଉ ଗୁହକ ଡକାଏ ସଚିବ ପ୍ରବର । ।୭୧।
ପର ଛାନ୍ଦେ ଗଙ୍ଗାପାର ଧୀବର ସମ୍ବାଦ
ଶ୍ରବଣ କରି କୋବିଦେ ଲଭିବ ପ୍ରମୋଦ । ।୭୨।
ଜାନକୀ ବଲ୍ଲଭ ପାଦ ପଦ୍ମେ ରଖି ଚିତ୍ତ
ତେଏସ୍ତରି ପଦେ ଦୟାନିଧି ରଚେ ଗୀତ । ।୭୩।

ନାବସଜ୍ଜା ପ୍ରସଙ୍ଗ

ଛାନ୍ଦ - ୬

ରାଗ - ଚକ୍ରକେଳି ବାଣୀ

ବନ୍ଦେ ହର୍ଷ ଷଷ୍ଠ ଛାନ୍ଦ ଆଦ୍ୟରେ ଅର୍ଘ୍ୟ ଘେନ ଗଣନାଥ ସାଦରେ ।।୧।।
କାଣ୍ଡ କୋଦଣ୍ଡ ଧାରୀ ରଘୁନାଥ ବନ୍ଦେ ପୂର୍ଣ୍ଣ କର ମୋ ମନରଥ ।।୨।।
ବାମଦେବ ବୀଣାପାଣି ବନ୍ଦଇ ଗ୍ରନ୍ଥ ବିଘ୍ନ ବିନାଶ ହେବାପାଇଁ ।।୩।।
ନଗେନ୍ଦ୍ର ନନ୍ଦନା ଛାୟା ରମଣ ବେନି ବନ୍ଦେ ଗ୍ରନ୍ଥେ କର ଭ୍ରମଣ ।।୪।।
ଭକ୍ତ ରଞ୍ଜନ ଅଞ୍ଜନା ନନ୍ଦନ ପଦ ଦାନ ଅର୍ଥେ କରେ ବନ୍ଦନ ।।୫।।
ସପ୍ତ କାଣ୍ଡକୁ ଦେବତା ସପତ ଆଦ୍ୟେ ସୁରତେ କଲି ଅଧିଷ୍ଠିତ ।।୬।।
ଧୀବର ସମ୍ବାଦେ ମନ ବଳୁଛି ପଦ ପ୍ରଦତ୍ତେ ସଭିଙ୍କୁ ଭାଳୁଛି ।।୭।।
ପାଇ ଶବର ରାଜାଙ୍କ ଡକରା ମନ୍ତ୍ରୀ ପଲ୍ଲୀରେ ଦିଆଇ ହକରା ।।୮।।
ଡାକୁ ଦାସ ବିଶାରଦେ ଆସିଲେ ମନ୍ତ୍ରୀ ରାଜନ ଅଦେଶ ଭାଷିଲେ ।।୯।।
ନୃପ ଅତିଥିଙ୍କର ଗଙ୍ଗାପାର ନାବ ସଜାଇ ବାନ୍ଧ ଏଘାଟରେ ।।୧୦।।
ଯାହା ନାବେ ଯିବେ ରାଜ ଅତିଥି ରାଜପ୍ରସାଦେ ଲଭିବ ସମ୍ପତ୍ତି ।।୧୧।
ଶୁଣି ନଉକା ସଜାନ୍ତି ସରବେ ପ୍ରତିଯୋଗିତା ଉତ୍ତୀର୍ଣ୍ଣ ଗରବେ ।।୧୨।।
ବାହେ ଗରୀବକେ ଶୀର୍ଣ୍ଣ ନାବେକ ଶୁଣି ଧୈର୍ଯ୍ୟଚ୍ୟୁତ ହେଲା ବିବେକ ।।୧୩।।
ବଡ ଅବିଚାର ରାଜା କରିଲେ ତରୀ ସଜାଇବା ଅର୍ଥେ ବରିଲେ ।।୧୪।।
ଯାହା ସାମୀପ୍ୟେ ଏ ଗଙ୍ଗା ସାଗରେ ନାବ ଚଳାଏ ମନ ଆବେଗରେ ।।୧୫।।
ଏବେ ସେ ଆସନ୍ତି ନାହିଁ ମୋଧନ କରିବେକି ଭଙ୍ଗା ନାବେ ଗମନ ।।୧୬।।
ଅସାଧ୍ୟ ସାଧନେ ପାଳନା ବ୍ରତ ଅନ୍ୟେ ନାବିକେ ତା ହୋଇବ ପ୍ରାପ୍ତ ।।୧୭।।
ପୂର୍ବେ ଏ ଗଙ୍ଗା ସାଗରେ ବାରେଣି କରି, କୁମ୍ଭୀର ତଡ଼ାବାରୁ ରଣୀ ।।୧୮।।
ନୃପ ହୋଇଛନ୍ତି ବରଦାନରେ ତାହା ବିନିମୟେ ଏହି ସ୍ଥାନରେ ।।୧୯।।

Digitized by PPRACHIN, SOA

ଏକା ବନ୍ଧାଇବି ଭଙ୍ଗା ତରୀକି ମୋର ଆରାଧ୍ୟ ଦେବତା ପାରିକି ॥୨୦॥
ବାଛି ପାଞ୍ଚଣ ଢ଼ିରାରେ ଚରଣେ ଗମି, ପ୍ରବେଶ ରାଜନ ବରଣେ ॥୨୧॥
ବୁଝୁ ବୁଝିଲା ଅତିଥି ନିକଟେ ରାଜା ଯିବି ଇଚ୍ଛୁ ମନ୍ତ୍ରୀ ଆକଟେ ॥୨୨॥
ତନୁ ବିପର୍ଣ୍ଣେ ଗମିଣ ରାତ୍ରିରେ ପରବେଶ ପୂର୍ବୁ ରାମ କତିରେ ॥୨୩॥
ଦ୍ୱାର ରକ୍ଷାରେ ଉର୍ମିଳା ବଲ୍ଲଭ, କହୁ ରାମ ଭାଷି ଏତ ଦୁର୍ଲଭ ॥୨୪॥
ପ୍ରଜା ପାଳନେ ଏ ଭାବ ପ୍ରବଣ ଯାଇ ଦୁଃଖ ତାର କର ଶ୍ରବଣ ॥୨୫॥
କରି ସାକ୍ଷାତ ଧୀବର ସତେଜ ମାନ୍ୟେ ବଦତି ହେ ନିଷାଦ ରାଜ ॥୨୬॥
ପୂର୍ବେ କୁମ୍ଭୀର ଉପଦ୍ରବ କାଳେ ରାଜା ବର ଦେବାକୁ କହିଥିଲେ ॥୨୭॥
ତାହା ମାଗିବାକୁ ଏଥି ଆସିଛି ଭାବି କୁହ ତାହାକି ମନେ ଅଛି ॥୨୮॥
ନୀଚକୁଳେ ଗଙ୍ଗାକୂଳେ ଯା ପାଇଁ ବାସ କରି ରହିଛି ସେବାପାଇଁ ॥୨୯॥
ନାବ ସଜ୍ଜାରୁ ହେଉଛି ବଞ୍ଚିତ ନାବ ସଜ୍ଜାର ଧନ ଦଉଲତ- ॥୩୦॥
ନାହିଁ ଏଥିରେ, ଦଦରା ମୋ ନାବେ ଭଲ ନାବ ଥାଉ କିମ୍ପାଇ ଯିବେ ॥୩୧॥
ଗଙ୍ଗା ଜଳରେ ଚଳେ ଯେତେ ନାବ ଅରୁଣ କକ୍ଷାୟେ କେହି ନଥିବ ॥୩୨॥
ନାବ ନେଇ ଏକା ଘାଟ ଧରିବି ତୁମ୍ଭ ଅତିଥିଙ୍କ ସେବା କରିବି ॥୩୩॥
ଏହା ଲୋଡ଼େ ବର ବିନିମୟରେ ଚିନ୍ତି ସ୍ୱୀକାର ଦିଅନ୍ତୁ ଥୟରେ ॥୩୪॥
ନୃପ ଧୀବର ପନ୍ତିଙ୍କ କକ୍ଷାରେ ଚିନ୍ତା ମଗ୍ନ ସତ୍ୟଭଗ୍ନ ରକ୍ଷାରେ । ॥୩୫॥
ମନ୍ତ୍ରୀ ପ୍ରବର ବୁଝି ରାଜାମନ ସମାଧାନ ଅର୍ଥେ କରି ଗମନ ॥୩୬॥
ଡାକି ନାବିକ ସଭା ଉତ୍‌ପ୍ରେକ୍ଷାରେ ଉଦ୍‌ବୋଧନ ଦେଲେ ସତ୍ୟ ରକ୍ଷାରେ ॥୩୭॥
ଅକାରଣ ନାବ ପ୍ରତିଯୋଗିତା ହେବ ନୃପତି କହିଲେ ଯେ କଥା ॥୩୮॥
ତାହା ଜଣାଇବା ଅର୍ଥେ ଆସିଛି କାର୍ଯ୍ୟ କର ଯା' ମନକୁ ବାସୁଛି ॥୩୯॥
ଯୁଗାନ୍ତର ପୂର୍ବେ ସେହି ପୁରୁଷ ପଦ ଧୂଳି କଲା ଶୀଳା ନାରୀଶ ॥୪୦॥
କାଷ୍ଠ ପାଷାଣ ନିର୍ଜିବ ପଦାର୍ଥ ନ ହେବ କେ କହିବ ଏକା ଅର୍ଥ ॥୪୧॥
ତରୀ ପ୍ରତିଯୋଗିତା ପୁରସ୍କାର ମୂଲ୍ୟାୟନେ ଅଧିକ ତରୀଭାର ॥୪୨॥
ନାବ ଯଦି କାଳେ ନାରୀହୋଇବ ଦରବାର ତା କ୍ଷତି ନ ସହିବ ॥୪୩॥
ଏଣୁ ବିଚାରି ସୁମନେ ଏ ସ୍ଥାନେ ରଖ ବା ନେଇ ରଖ ଅନ୍ୟସ୍ଥାନେ ॥୪୪॥
ଶୁଣି ସଚିବ ଶ୍ରୀମୁଖୁ ଭାରତୀ ନାବ ଲୁଚାଇ ଧୀବରେ ଫେରନ୍ତି ॥୪୫॥
ବେଳା ଭୂମି ଘଞ୍ଚଲତା ପାଶରେ ନାବ ଲୁଚାଇ ଫେରନ୍ତି ବାସରେ ॥୪୬॥
ବୋଲେ ପୁଚ୍ଛୁ ସେହି ବୃଦ୍ଧ ଧୀବର ଭଙ୍ଗା ଦଦରା ଉଡୁପ ମୋହର ॥୪୭॥
ଉଡୁ ନାରୀ ହୋଇ ତପୀ ବଲ୍ଲଭୀ ମନେ ହରଷ ବିରସ ନ ଲଭି ॥୪୮॥
ପାନାସନେ ଆସକ୍ତେ ରଘୁପତି ବିଭୁ ସୁମରି ପୁହାଇଲେ ରାତି ॥୪୯॥
ମିତେ କହି ଗୁହ ଫେରୁ ବାସରେ ଭାଷି ଭେଟ ନାବେ ଗଙ୍ଗା ପାଶରେ ॥୫୦॥
ରାତ୍ର ଅନ୍ତେ ରାମ ସୀତା ସୌମିତ୍ରୀ ମୂନି ଘେନି ଦେବାର୍ଚ୍ଚନ ସାରନ୍ତି ॥୫୧॥

Digitized by PPRACHIN, SOA

ବିଭୁ' ପୂଜି ଫଳ କରି ଆହାର ତପୀ ବନ୍ଦି ଗଙ୍ଗାପାରେ ବାହାର ।।୫୨।।
ଦିନ ମଧ୍ୟାଂଶେ ମନ୍ଦାକିନୀ ତଟ ନାବ ନ ଦେଖି ମଣିଲେ ସଂଙ୍କଟ ।।୫୩।।
ରାମ ବିଲୋକି ଦୂରେ ତଟିନୀରେ ନାବୁ ଦ୍ରବ୍ୟ ଓହ୍ଲାଉଛି ଧୀବରେ ।।୫୪।।
ପ୍ରତିଆଶା ପାର ସେହି ନାବରେ ରହୁ ଗୁହକ ପ୍ରବେଶ ଭାବରେ ।।୫୫।।
ସେ ମିଥିଲ୍ୟାବାସୀ ହୃଦ ମଣ୍ଡନ ନାମ ଭାବନେ ଯାଉ ଦୟାଦୀନ ।।୫୬।।
ତ୍ରୟବିଂଶ ତିନି ଊଣା ପଦରେ ବିବୁଧେ ସାରୁଛି ଘେନ ସାଦରେ ।।୫୭।।

ଗଙ୍ଗାପାର

ଛାନ୍ଦ - ୭

ରାଗ - ଚୋଖି

ଧୀରେ ଘେନ ଧୀରେ ବସି ଭାଷନ୍ତେ ଗିରୀଶ ହସି
ଶ୍ରବଣ କଲେ ସୁକେଶୀ ନଗେନ୍ଦ୍ର ଜେମା
ଜାତି ଧର୍ମ ନିର୍ବିଶେଷେ ସର୍ବଧର୍ମକୁ ବିଶେଷେ
ପଟାରିଲେ ସୂର୍ଯ୍ୟ ବଂଶୀ କୂଳଚନ୍ଦ୍ରମା
ସେ ନୂତନ ଅମିୟରସ
ଶ୍ରବଣ କର ଶ୍ରବଣେ ଯିବ କଲୁଷ ।।୧।।
ଦାସ ଫେରୁ ତରୀ ଧରି ଅଭିରାମ ରୂପ କରି
ଦର୍ଶନ ଦେଲା ପାସୋରି ମାନସୁ କ୍ଳେଶ
ଦକ୍ଷିଣୁ ଦକ୍ଷିଣା-ନିଳ ପ୍ରବଳେ ଗତି ପ୍ରବଳ
ସ୍ରୋତେ ତରୀଗତି ସ୍ଥିର ଯୋଗୁ ମାନସ
ବ୍ୟଗ୍ରେ ଲୋଡୁ ସୁମିତ୍ରା ଚାଟ
ଧୀରେ ସେଠାରେ କହିଲା ବିଜ୍ଞ କେଉଟ ।।୨।।
ଆଗେ ନିଗମ ପୁରାଣୁ ଶୁଣିଛି ଯା' ଶୁଣତେଣୁ
ନାବେ ଗଙ୍ଗାପରେ ଆନୁଗତ୍ୟ ନ କରେ
ରାମ,ବାଳି,ଦଶାନନେ ମାରି ସୁଗ୍ରୀ,ବିଭୀଷଣେ
ତାରା,ମନ୍ଦୋଦରୀ ଦିନେ ସମର୍ପି ଥିଲେ
ସେହି ତୁମ୍ଭେ ନ ହୋଇଥିବ
ମୋ ପାଇଁ ତା ନ ଘଟିବ କିଏ କହିବ ।।୩।।
ବିଶ୍ୱାମିତ୍ର ସଙ୍ଗେ ଥରେ ଯାଉଁ ମିଥିଲ୍ୟା ପଥରେ
ନାରୀ କରିଛି 'ପଥରେ' ଚରଣ ଧୂଳି

Digitized by PPRACHIN, SOA

କର କମଳ ତୋହର ଆଲିଙ୍ଗନରୁ ଧୀବର
ତନୁ ଛାଡୁ ସୁନାଶିର ନେଲା ସଙ୍ଖୋଳି
ଦେବରଥେ ରହିଛି, କୀର୍ତ୍ତି
ସେହି କଥା ଚିନ୍ତି ଚିତ୍ତେ ଲାଗଇ ଭୀତି ।।୪।।
କାଷ୍ଠ ପାଷାଣ ସ୍ୱଭାବ ପ୍ରକାଶ୍ୟରେ ଏକା ଭାବ
କରି ପାରୁ ତୁହି ଜୀବ ନିର୍ଜୀବ ତନୁ
ଏଣୁ ତୋ ପଦ ଧୋଇବି ତେବେ ନାବେ ଯାଇବି
ରହିଛି ସଂଙ୍କଳ୍ପି ଭାବି ବହୁତ ଦିନୁ
ବାସ ଗଙ୍ଗା ତୀରେ ମୋହର
ଏ ଶୀର୍ଣ୍ଣ ନାବ ରୁ ଲାଭ ସାନ୍ନିଧ୍ୟ ତୋର ।।୫।।
ଶୁଣି ଧୀବର ଭାରତୀ ରଘୁପତି ସନମତି
ଦେଲେ, ଗୃହକୁ ଝଟତି ଗମୁ ଧୀବର
ପୁଚ୍ଛାକଲେ ରଘୁରାଣ ଇଚ୍ଛା ସମ୍ମତି ପାଇଣ
ବିଳମ୍ବ କିମ୍ପାଚରଣ କ୍ଷାଳନ କର
ସ୍ତୁ ପ୍ରସନ୍ନେ ଭାଷେ ନାଉରୀ
ପୂର୍ବ ନିହିତ ପାପରୁ ହୋଇବି ପାରି ।।୬।।
ଏ ମୋ ମଙ୍ଗଳ ଦାୟକ ଏଣୁ ନାରୀ ଆବଶ୍ୟକ
ପୁରକୁ ଯାଉ ନାବିକ ବୁଝିତା ନାରୀ
ପାଦ ଧୌତେ ଧାତୁ ପାତ୍ର ନେବାକୁ ଇଚ୍ଛୁ କୈବର୍ତ୍ତ
କହଇ ଚିତ୍ତରେ ସର୍ତ୍ତ ଆସିଛି କରି
ନାବେ କାଠୁଆ ଅଛି ରଖି
ଚରଣ ଧୋଇ ଲଗାଇ ନେବି ପରଖି ।।୭।।
ଏହିପରି ବେନିଜନ ହୋଇ କଥୋପକଥନ
ପ୍ରବେଶିଲେ ଉଚ୍ଚାଟନ ମନେ ସେଠାରେ
ଜାଣି ଭକ୍ତ ଅଭିଳାଷ ହର୍ଷେ ଜାନକୀ ବିଳାସ
ବାମ ପାଦ ଦାସ ପାଶ ବଢ଼ାଉ ଧୀରେ
କହନ୍ତି ଧୀବର ଦମ୍ପତ୍ତି
ପ୍ରତିଶୋଧେ କି ହରିବ ସର୍ବ ସମ୍ପତ୍ତି ।।୮।।
ସତ୍ୟଯୁଗେ ବଳିଦ୍ୱାରେ ଦାନ ଘେନିବା କାଳରେ
ପୟର ଧୋଉସେ କରେ ଏକ ଏକରେ
ଘୋଟି ଆକାଶ ମଣ୍ଡଳ ପାଦେ ପଦେ ଧରାସ୍ଥଳ
ନାଭି ଚରଣେ ଚାପିଲ ପାତାଳ ପୁରେ

Digitized by PPRACHIN, SOA

ସର୍ବସ୍ୱ ତା'କଲ ହରଣ
ଏଣୁ ଭୀତି, ଧୌତେ ଦିଅ ବେନି ଚରଣେ ॥୯॥
ଧୀବର ପ୍ରସ୍ତାବେ ଇଛା- ବିରୁଦ୍ଧେ ଲକ୍ଷ୍ମଣେ ପୁଛା
କରନ୍ତେ କୌଶଲ୍ୟା ବତ୍ସା, କରେ ଗୁହାରି
ମୋ ପାଇଁ ଏ ଅବିଚାର ପଦ ଧଉତେ ପଚାର
ବୁଝାନ୍ତି ସେଥି ସତ୍ୱର କୋଦଣ୍ଡଧାରୀ
ଏ ବେନି ଏ ପଦାଧିକାରୀ
ଏଣୁ ସମ୍ମତି ଚାହୁଁଛି ବୁଝି ବିଚାରି ॥୧୦॥
ଭାଷିଲେ ସୁମିତ୍ରା ବତ୍ସ କି ନିମନ୍ତେ ପ୍ରଭୁ ପୁଛ
ପିତୃ ସତ୍ୟ ରକ୍ଷା ଇଚ୍ଛ ଯେବେ ଚରଣ
ଧୀବର କହି ଧଉତ ହେଉ ମହା ପୁଣ୍ୟବନ୍ତ
ସର୍ବ ଅନ୍ତର୍ଯ୍ୟାମୀ ନାଥ ତୋଷ ହୋଇଣ
ଭାଷନ୍ତି ଦାସେ ସେ ପ୍ରସଙ୍ଗ
ସେବଇ ଲକ୍ଷ୍ମଣ ପୂର୍ବେ ମୋ ଏକ ଅଙ୍ଗ ॥୧୧॥
ଧନୁ ଯଜ୍ଞର ସମ୍ପୂର୍ଣ୍ଣ କାଳୁ ବଞ୍ଚିତ ଲକ୍ଷ୍ମଣ
ହେଉ ଦିନୁ ଦିନ କ୍ଷୀଣ ହୋଇଲା ତନୁ
ମୁଁ ପୁଛନ୍ତେ ଅବଗତେ ପ୍ରକାଶ କରୁ ସନ୍ତପ୍ତେ
ସମାଧାନ କରି ଚିତ୍ତେ ବାମ ଚରଣୁ
ଦକ୍ଷିଣ ପଦ ସୀତାସତୀ
ସେହି ଦିନରୁ ପୃଥକ ସେବା କରନ୍ତି ॥୧୨॥
ଏ ବେନି ପଦକ୍ଷାଳନେ ନୋହିଛି ଏ ବେନିଜନେ
ଶ୍ରେଷ୍ଠ ନାବିକ ଏ ସ୍ଥାନେ ହେଲି ପ୍ରସନ୍ନ
ସଙ୍ଗରେ ଘେନି ରମଣୀ କ୍ଷାଳିତ ଚରଣ ପାଣି
ତୋ କାର୍ଯ୍ୟେ ଲଗାଅ ପୁଣି ଜାଣେ ତୋ ମନ
ସୀତା ସଉମିତ୍ରୀ ବିରସ
ଆମ୍ଭ ସେବାରୁ ବି ଭାଗ ଚାହେଁ ଏ ଦାସ ॥୧୩॥
ପାଇ ରାମ ଅଙ୍ଗୀକାର ପଦାବ୍ଜ ଝାଡ଼ି ଧୀବର
ଶିରେ ଦେବାପାଇଁ କର କରେ ଗୁହାରି
କଥା ଅଛି କାଳେ କାଳେ ତୋର ବାହୁ ଛାୟାତଳେ
ପତିତଙ୍କୁ ତାରୁ ହେଲେ ଉଦ୍ଧାର କରି
ସେ ସୌଭାଗ୍ୟ ମୁଁ କି ବଞ୍ଚିତ
ଶିରେ ପାଣି ଭାର ଦେଲେ କୌଶଲ୍ୟା ସୁତ ॥୧୪॥

Digitized by PPRACHIN, SOA

ଏକାଳେ କୈବର୍ତ୍ତ ନାରୀ କାଷ୍ଠ କାଠୁଆରେ ବାରି
ଗଡ଼ାଉ ଦନାକୁ ଧରି ଚରଣ ସ୍ପର୍ଶ
କରି ଶ୍ରୀଚରଣାମୃତ ସଂଗ୍ରହେ ଭାବଇ ଚିତ୍ତ
ଉଦ୍ଧାର ହେବେ ମୋ ସପ୍ତ ପୂର୍ବ ପୁରୁଷ
ନଗ୍ର ଜନେ ପଦ ଉଦକେ
ପାରି କରାଇବି ଭାବି ଡ଼କାଉ ଥୋକେ ।।୧୫।।
ଆସୁ ପ୍ରସାଦ ସେବନେ ନିଷାଦ ପଲ୍ଲୀର ଜନେ
ଆହ୍ଲାଦେ ରାଜା ଆସ୍ଥାନେ ବିଲୋକି ସତୀ
ଚରଣାମୃତ ପାନକୁ ଆଶାରଖି ଲକ୍ଷ୍ମଣଙ୍କୁ
କହୁ ଯିବାକୁ ଧାଡ଼ିକୁ ମନା କରନ୍ତି
ରାଜପୁତ୍ର ନ ଜାଣେ ମାଗି
ଧୀବର ବାକ୍ୟେ ଅଟଳ ହୋଇ ସୁହାଗୀ ।।୧୬।।
ପ୍ରାପ୍ତେଷୁ ଚରଣାମୃତ ଦଣ୍ଡାୟ ଉର୍ମିଳାକାନ୍ତ
ମାତା ଜାନକୀ ସଙ୍ଗତ ହେଉ ଧୀବର
ପଦ ଧୌତ ଜଳ ନେଇ ବାଣ୍ଟଇ ହରଷ ହୋଇ
ତ୍ରାହି ତ୍ରାହି କଲେ ପାଇ ସୁଧୀ ପ୍ରବର
ଏହା ସର୍ବ ଧର୍ମ ଘୋଷଣା
ଜଗନ୍ନାଥ ଧର୍ମ ଏବେ ବାଜଇ ବୀଣା ।।୧୭।।
ଯେ ରାଘବ ଦ୍ୱିବରାଜ ତାହାଙ୍କ ନାରୀ ଅନୁଜ
ଗ୍ରହଣେ ଯା' ହେଲେ ଧାର୍ଯ୍ୟ ଧୀବର କରୁ
ପୋଛିଣ ଧୀବର ପାଦ ଆନନ୍ଦେ ହୋଇ ଗଦ୍‌ଗଦ
ନାବେ ବସାଇ ସହୃଦ ଭାବେ ସେ ଚାଲୁ
ଟାଣୁ ସ୍ରୋତ ନ ରହୁ କାତ
ଡ଼ାକେ ରକ୍ଷାକର ଟାଣେ ଭଉଁରୀ ଗର୍ତ୍ତ ।।୧୮।।
ତରୀ ବୁଲୁ ଘିରି ଘିରି ପୁଣି କି ବିଚାର କରି
କରେ କରତାଳି ମାରି ଛାଡ଼ିଲା କାତ
ବିଲୋକି ଉର୍ମିଳାକାନ୍ତ କ୍ରୋଧେ ହୋଇ ଜର୍ଜରିତ
ଧନୁ ତୁଳେ ଶର ନ୍ୟସ୍ତେ କଲେ ବ୍ୟକତ
କାଟି ଶିର ନେଲେ ନାବକୁ
ହେବ ଉପଯୁକ୍ତ ଯିବୁ ଆର ପାରକୁ ।।୧୯।।
ଭାବ ବିହ୍ୱଳେ ରାମରେ ସୁଚିତ୍ତେ ବ୍ୟକତ କରେ
ଚୌରାଶୀ ଲକ୍ଷ ଚକ୍ରରେ ବୁଲାଇ ମତେ

Digitized by PPRACHIN, SOA

କେଉଟ ଘରେ ଜନମ ଦେଇ ଧରମ କରମ
ନ ଜାଣେ ତୋର ମରମ, ବୁଝ' ସୁଚିତ୍ତେ
ଗଙ୍ଗା ଗର୍ଭ ଦୁସ୍ତର ବାରି
ବୁଲୁ ଚାରି ଘେରା ଇଚ୍ଛା ଦେବାକୁ ମାରି ।।୨୦।।
ଏ ମର ମର୍ତ୍ତ୍ୟ ମଣ୍ଡଳେ ମାନବ ଅନ୍ତିମ କାଳେ
ଯେ ବାରି ଦିଅନ୍ତି ଗଳେ ଯା' ନାଁ ଶ୍ରବଣ
କରେ ମହାପାପ ଦୂର ଏଣୁ ତା ଘୋଷନ୍ତି ନର
ପୁନର୍ଜନ୍ମ ନୁହେଁ ତାର ପାଏ ନିର୍ବାଣ
ସେହି ଗଙ୍ଗା ଜଳରେ ନାବେ
ବିଷ୍ଣୁ ଶଯ୍ୟାଶାୟୀ ଶେଷ ଦେବ ମାରିବେ ।।୨୧।।
ହେବ ମୋ ପାଇଁ ଦୁର୍ଲ୍ଲଭ ହେ ସ୍ୱାମୀ ସୀତା ବଲ୍ଲଭ
ରାମ କହିଲେ ନ ଭାବ ଚଳାଅ ନାବ
ଏ ସର୍ବ କଥା ଅନ୍ୟଥା ଯୁକ୍ତି ଖଣ୍ଡନେ ମୋ କଥା
ନ ଚଳିଣ ହୁଏ ବୃଥା କହିଲି ସର୍ବ
ହର୍ଷେ ତରୀ ଚାଳି ନାଉରୀ
ଗଙ୍ଗା କିନାରେ ସଭିଙ୍କୁ ଦେଲା ଉତାରି ।।୨୨।।
ଘାଟ ମୂଳ ରଘୁବୀର ପୁଚ୍ଛୁ ଭାଷଇ ଧୀବର
କି ଲୋଡ଼ା ଭଡ଼ା ମୋହର ଯା' ଲୋଡ଼ା ଥିଲା
ତୋ କୃପାରେ ତା' ପୂରଣ ହୋଇଗଲା ରଘୁରାଣ
ଯେଣୁ ନୀଚକୁଳେ ଜନ୍ମ କୃତାର୍ଥ ହେଲା
ତରୀ ବାହି ଏ କୂଳେ ଘର
ଗଙ୍ଗା ସ୍ନାନୁ ସାମୀପ୍ୟ ଲଭିଲି ତୋହର ।।୨୩।।
ଗଲା ମୋ ବିଷୟ ବିଷ ସଜଳ-ନେତ୍ରେ ସେ ଦାସ
ଦାସୀ ରାମେ କରି ସ୍ପର୍ଶ କରୁ ପ୍ରଣାମ
ନସହିଣ ରଘୁନାଥ ଧରିଣ ନାବିକ ହାତ
ଆଲିଙ୍ଗନ କରୁ ଚିତ୍ତ ହୋଇଲା ରାମ
ତ୍ରିତାପତା ହେଲା ଦହନ
ପରଶୁ ପ୍ରାପତେ ଲୌହ ଯେସନେ ସ୍ୱର୍ଣ୍ଣ ।।୨୪।।
ଯେ ଧୀବର ରାମ ବନ୍ଧି ଗଲା କିପରି ଅବନୀ
ମଧ୍ୟେ ରହିବ ତା ଜାଣି, ପାକ ଶାସନ
ସୁବିଚାରେ ତା ବିଚାରେ ଧୀବର ନାରୀ ସଙ୍ଗରେ

Digitized by PPRACHIN, SOA

ଘେନିଗଲା ସ୍ୱର୍ଗପୁରେ ପଠାଇ ଯାନ
ଜୀବରୁ ନିର୍ଜୀବ ପାଲଟି
ନିର୍ବାଣ ଅର୍ଥେ ସ୍ୱରଗେ ନେଲେ ଜୀବଟି ।।୨୫।।
ବିଲୋକି ଏ ସମାଚାର ଗୁହକ କରେ ବିଚାର
ଅପାର କରୁଣା ମୋର ଠାରେ ପ୍ରଭୁର
କିଲୋଡ଼ା ମୋ ରାଜପଣ ପ୍ରଭୁ ନୋହିଲେ କୃପଣ
ସଙ୍ଗେ ବୁଲନ୍ତି ଅରଣ୍ୟ ହୋଇ ବିଭୋର
ଏହି କାଳେ ମୈଥିଳୀପତି
କାନନର ମାର୍ଗ କ୍ରମେ ମିତ୍ରେ ପୁଛନ୍ତି ।।୨୬।।
ଗୁହ ହୋଇ ଯୋଡ଼ ହସ୍ତ ବନ୍ଦେ ପ୍ରଭୁ କିମ୍ପା ବ୍ୟସ୍ତ
କଢ଼ାଇ ନେବି ମୁଁ ପଥ ତୋ ଅନୁଗ୍ରହ
ଯହିଁ ହେବ ବାସସ୍ଥାନ କୁଟୀର କରି ନିର୍ମାଣ
ବନୁ ନାନା ଫଳମୂଳ କରି ସଂଗ୍ରହ
ଭୃତ୍ୟ ପରି ଥିବି ମୁଁ ରହି
ଚିତ୍ରକୁଟରୁ ଫେରିବ ରାଘବ କହି ।।୨୭।।
ଉମା ସଦାଶିବ ହୃଦ ସମ୍ପୁଟ ମଣି ସମ୍ପଦ
ଦୟାନିଧି ମଣି ଗଦ ବିଷୟା ବିଷେ
ଅଷ୍ଟବିଂଶ ପଦେ ଛାନ୍ଦ ପୂରଣ କରି ଆନନ୍ଦ
ଲଭେ ଚିନ୍ତି ରାମଚନ୍ଦ୍ର ଘେନ ବିଦୁଷେ
ଇହ ପରକାଳେ ଧରମ
ବର୍ଜଂରୁ ହୋଇବ ପାରି ନ ଦଣ୍ଡୁ ଯମ ।।୨୮।।

ମାସ ପାରାୟଣ ଅଷ୍ଟମ ବିଶ୍ରାମ

ଶ୍ରୀରାମ ଚିତ୍ରକୂଟ ଆଗମେ ଭରଦ୍ୱାଜ ଆଶ୍ରମେ ପ୍ରବେଶ

ଛାନ୍ଦ - ୮

ରାଗ- ଆଶାଢ଼ ଶୁକ୍ଳ

ଶ୍ରବଣ କର ପ୍ରବୀଣ ବିଦଗ୍ଧେ ଜାନକୀ ରାଘବ ଲକ୍ଷ୍ମଣ ମଧ୍ୟେ
ନାବୁ ଉତୁରି ଦେଖି ଦେଖି ବନ ଗମନ୍ତି ଆଗେ କିରାତ ରାଜନ
ତରୁଲତା ତଳେ, ଖରା ତ୍ରାସୁ ବସନ୍ତେ କୁତୁହଳେ ।।୧।।

Digitized by PPRACHIN, SOA

ବନଶୋଭାରେ ପୁଷ୍ପ ବର୍ଣ୍ଣନା

ଭାଷନ୍ତି ରାମ ସୁମନେ ସୁମନା ଦେଖ କି ଅପୂର୍ବ ଏ ଛୁରିଅନା
ତମାଳମାଳ ମାଳ ଜାତି ଜୁ୍ୟତି ଦେଖ ବୃଷାଳ ରସାଳେ ମାଳତୀ
କୁସୁମ ସୁଷମ, ବିଟ ଷଟ୍‌ପଦ ମତି କରେ ଭ୍ରମ ।।୨।।
ସୁନାରୀ ବର ସୁନାରୀ ବରକୁ ଦେଖ ଅଙ୍ଗ ରଙ୍ଗେ ହରେ ସ୍ମରକୁ
ନାଗରୀକୁଳ ଭୂଷା ନାରୀକେଳ ଶାଖା ଶୂନ୍ୟେ ଶୂନ୍ୟେ ପୂଗବଫଳ
ବକୁଳ ଶେଫାଳି, ମଲ୍ଲୀ ମଞ୍ଜିଷ୍ଠା ଧୁଷ୍ପ ଭଳି ଭଳି ।।୩।।
ଦେଖଏ ସୁରଙ୍ଗ ରଙ୍ଗଣି ପେନ୍ଥା ବିଲୋକୁ ସୂଚାଏ ହୋଇଛି ଗୁନ୍ଥା
ହରିଣୀ ନୟନା ହରିଣୀ ଟିଏ ଚିହ୍ନିବା ପରି ମନ ହରି ନିଏ
ଆସିବାକୁ ମନ, କୋଳେ ସରଳ ହୃଦ ଛନ୍ନ ଛନ୍ନ ।।୪।।
ଦେଖ କେତକୀ ଲଜ୍ଜା ବସେ ବାସେ ଝୁରି ମରଇ ଅଙ୍ଗ ଅଭିଳାଷେ
ଦେଖ୍ ଲଜ୍ଜା କିଆ ଠିଆ ପ୍ରୀତିରେ ଗଙ୍ଗ ଶିଉଳି ମଉଳି କ୍ଷିତିରେ
ମଧୁପର ପ୍ରୀତି, ତେଜ୍ୟା କରଇ କହି ପୁଷ୍ପବତୀ ।।୫।।
ଦେଖ ଗଜ ଗଣ୍ଡାଗଣ୍ଡା ଗୟଳ ଶୁକ ସାରୀ ଶଶା ସିଂହ ଶାର୍ଦ୍ଦୁଳ
ଅନ୍ତରେ ନକୁଳ କୁଳ ବୁଡ଼ାଇ ନନ୍ଦନ ଘେନି ନାରୀ ସଙ୍ଗେ ଯାଇ
ଏଣୀ ବାହୁଟିଆ, ତାମ୍ର ଚୁଡ଼ ପାରୁଆ କୁମ୍ଭାଟୁଆ ।।୬।।
ଧରଣୀ ମଧ୍ୟେ ଅତି ମନୋହର ଏ ବନେ ରହି କରିବା ବିହାର
ପୂର୍ବରୁ ବ୍ହୁ ଋଷି ତପିଛନ୍ତି ଆଶ୍ରମ ଦର୍ଶନେ ଲଭିବା ଶାନ୍ତି
ଏଥୁ ଅଳ୍ପ ଦୂରେ, ଭରଦ୍ୱାଜଙ୍କୁ ଭେଟିବା ମଠରେ ।।୭।।
ଦେଖ ଆଗେ ଚିତ୍ରକୁଟ ପର୍ବତ ପାଦେ ଏ ଗଙ୍ଗ ଯମୁନା ମିଳିତ
ସରସ୍ୱତୀ ପ୍ରୟାଗ ଏ ତ୍ରିବେଣୀ ରମଣୀୟୁ ଛନ୍ତି ମୁନି ଅଗ୍ରଣୀ
ବଲ୍‌କଲ୍ କଟିରେ, ସ୍କନ୍ଧେ ମୃଗ ଚର୍ମ ରୁଦ୍ରାକ୍ଷ କରେ ।।୮।।
ଝରିଣ ପଡୁଛି ନେତ୍ରୁ କରୁଣା ରାମ ଲୋକନେ ଋଷି ହେଲେ ବଣା
ତପସ୍ୱୀ ବେଶେ ତପେ ଉପଗତ ଭାଷନ୍ତି ତପୁ ଜାଣିଲି ସମସ୍ତ
ଯଥା ଯଥ ମାନ୍ୟେ, କୃଷ୍ଣାଜିନ ଦେଲେ ଉପବେଶନେ ।।୯।।

ସଂଧ୍ୟା ବନ ବର୍ଣ୍ଣନା

ଦିବା ବିନାଶେ ଇଚ୍ଛା ରଖ୍‌ତାର କ୍ରମେ ତାମସୀ ହୋଇଲା ବାହାର
ବୁଡ଼େ ବାରୁଣୀ ଚୂଳେ ବିକର୍ତ୍ତନ ତାରା ଜୀବେଶ ଆକାଶେ ଗମନ
ସ୍ୱ ଆଲୋକେ ଯତି, ଆଶ୍ରମରେ ଲଗାଇଲେ ହସନ୍ତୀ ।।୧୦।।
ପଦ୍ମ ବିକାଶ ତୁଟି ତୁଟି ଆସେ, କୁମୁଦିନୀ ବ୍ୟଙ୍ଗ ଭଙ୍ଗିରେ ହସେ
ହର୍ଷ ବିରସ ଓଲଟା ପାଲଟା, ବିଟ ମଧୁଲିଟ ବିଭ୍ରମେ ହଟା
ଅହି ବିଳ ତେଜି, ଭୟ କରାଏ ତୁଙ୍ଗଭଦ୍ର ଗର୍ଜି ।।୧୧।।

Digitized by PPRACHIN, SOA

ଶବର ଶବରୁଣୀମାନେ ବନରେ ପ୍ରଭୁ ରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କୁ ଦର୍ଶନ କରୁଛନ୍ତି

ଋଷୀ ଭରଦ୍ୱାଜଙ୍କ ଆଶ୍ରମରେ ରାମ, ଲକ୍ଷ୍ମଣ ଓ ସୀତା ଅତିଥି



ଚିତ୍ରକୂଟ ଆଶ୍ରମ

ରାମଙ୍କ ବିଚ୍ଛେଦରେ ରାଜ ଦଶରଥଙ୍କ ପ୍ରାଣତ୍ୟାଗ ଓ ରାଣୀମାନଙ୍କର କ୍ରନ୍ଦନ

Digitized by PPRACHIN, SOA

ମନ୍ଦାକିନୀ ତୀରେ ମନ୍ଦଗତିରେ ଗମି ସଂନ୍ଧ୍ୟା କଲେ ଘେନି ଯତିରେ
ଶୁଦ୍ଧ ଶାନ୍ତ ପୂତେ ପୂଜି ଶଙ୍କର ଫଳ ନାରୀକେଳ ନୀର ପ୍ରଚୁର
ଆଣି ତପୋଧନେ, ପ୍ରଦତ୍ତ କରିଲେ ଅଶନ ପାନେ ॥୧୨॥
ପଥଶ୍ରମ ବିଶ୍ରାମ ଆଶ୍ରମରେ, ସାରନ୍ତି ଜାନକୀ ଘେନି ସଙ୍ଗରେ
ଊର୍ମିଳା ବଲ୍ଲଭ ପାଳନ୍ତି ବ୍ରତ ହସ୍ତେ ଆଶୁଗ ଧରି ଉନ୍ନିଦ୍ରିତ
ତପୀ ତପସ୍ୱିନୀ, ଯତ୍ନବାନ ସାରିବାରେ ଯାମିନୀ ॥୧୩॥
କଥା ପ୍ରସଙ୍ଗେ ଭଣି ଭରଦ୍ୱାଜ ପ୍ରକୃତି ବଶୁ ଏ ବନ ସୌନ୍ଦର୍ଯ୍ୟ
ସ୍ଥାନେ ସ୍ଥାନେ ଝରଣା ପ୍ରବାହିତ ଛୋଟ ଛୋଟ ନଦୀ ପ୍ରଖର ସ୍ରୋତ
ଆଢ଼ ଦୀର୍ଘମହୀ, ଶୁଣୁ ଦଶ କ୍ରୋଶ ନିଦ୍ରା ଘାରଇ ॥୧୪॥
ଶର୍ବରୀଶ୍ୱ ମିତ୍ର ଶର୍ବରୀ ହୀନେ ବିଜୟ କରୁ ଅରୁଣ ସ୍ୟନ୍ଦନେ
ସ୍ନାନ ଶଉଚ ସାରି ରଘୁମଣି ଯିବାକୁ ମୁନିଙ୍କୁ ମାଗୁ ମେଲାଣି
ଆସି ସଙ୍ଗତରେ, ଛାଡ଼ିଲେ କୃତାନ୍ତ ଭଗ୍ନୀ ତଟରେ ॥୧୫॥
ସୌମିତ୍ରୀ ସଙ୍ଗରେ ନିଷାଦରାଜ, ବାଂଶ କାଟି ଭେଳା କରନ୍ତେ ସଜ
ପରମ ତୋଷ ସୀତା ସୀତାସ୍ୱାମୀରେ, ପାର ହୋଇ ମିଳିଲେ ବେଳା ଭୂମି
ଶବର ରମଣୀ, ଲାଉ ତୁମ୍ୱା କୁମ୍ଭେ ନିଅନ୍ତି ପାଣି ॥୧୬॥

ଶବର ରମଣୀଙ୍କ ବେଶ

ଆଭରଣ ଗଳାରେ ଗୁଞ୍ଜମାଳ ଶ୍ରବଣ ଭୂଷଣ ତମ୍ୱା ପିତଳ
ପତର କାହାଳୀ କଟି ନିକଟେ, କାଚ ବସଣୀ ଶୋଭେ ନାସାପୁଟେ
ଗୋଡ଼େ ଲଇ ବଳା, ଗୋ ଚର୍ମ ବେଣୀ ପୁଚ୍ଛେ କରେ ଖେଳା ॥୧୭॥
କରରେ କଂସା କଙ୍କଣ ଆବାଜ, ମାଥେ ଗେରୁ ଝୋଟି ହରାଏ ଧୈର୍ଯ୍ୟ
ଶାର୍ଦ୍ଦୁଳ ଚର୍ମ ଘେର କଟିତଟେ, ଜାନକୀ ଦର୍ଶନେ ଯାଉ ନିକଟେ
ଧୀରେ ପଛ ହୋଇ, ନାରୀ ଭାବ ବସୁ ରହି ବୈଦେହୀ ॥୧୮॥
ସୁନ୍ଦରୀଏ ହୁଅନ୍ତି କୁହା କୁହି, ସୁନ୍ଦର ଏ ବେନି ପୁରୁଷ ଦୁଇ
ରମଣୀ ଶିରୋମଣୀ ଏ କାହାର, ରମଣୀୟ ବନେ ତେଜିଣ ପୁର
ବୋଲି ପାଶେ ଗଲେ, ମଇଥିଳୀଙ୍କୁ ସେ ପୁଚ୍ଛା କରିଲେ ॥୧୯॥
ସୁନ୍ଦରୀ ଏ ଦୁହେଁ ପୁରୁଷ ସାର, ସଙ୍ଗେ କିମ୍ୱା ସୋଦର କି ତୁମ୍ଭର
ତୋ ଅନୁରୂପ ବର ଖୋଜିବାରେ, ବୁଲନ୍ତି ଜଗତେ ଘେନି ସଙ୍ଗରେ
ଶିରକୁ କମ୍ପାଇ,ସେ ବାକ୍ୟ ବାରଣ କଲେ ବୈଦେହୀ ॥୨୦॥
ବିଳମ୍ୱ ଦେଖି ଊର୍ମିଳା ବଲ୍ଲଭ, ଡ଼ାକନ୍ତି ବୋଧି ଆସ ସାରି ଭାବ
ଏ ଦେବର ବୋଲି ବୋଧି ଚତୁରେ ଗମ୍ଭୁ, ମନ୍ଥର ଗତିରେ ସତ୍ୱରେ
ଆନେ ବରବୋଲି, ଜାଣି ଖୁସି ହେଲେ ଶବର ବାଳୀ ॥୨୧॥

Digitized by PPRACHIN, SOA

ଗର୍ଭାଳସୀ ହଂସୀ ପଙ୍କଜ ପର୍ଣ୍ଣେ, ଗମିବା ପରି ବିନ୍ୟାସୁ ଚରଣେ
ଉକୁଟି ଯାଆନ୍ତି ପଦରୁ ପଦ୍ମ, ସୁବାସେ ମୋହୁଛି ନୁହେଁ ଏ ଛଦ୍ମ
ବିଟ ଷଟ୍‌ପଦ, ପ୍ରମାଣେ, ଚୁମ୍ବରେ ହେଉ ପ୍ରମୋଦ ।।୨୨।।

ଅଦୃଶ୍ୟ ହେବାଯାଏ ବଇଦେହୀ, ପକ୍ୱଣବାସୀ ଏ ବିଲୋକି ରହି
ଅନନ୍ତର ଶବର ପଲ୍ଲୀପୁରେ, ରୂପ ସ୍ମରି ସ୍ମରି ମିଳିଲେ ଧୀରେ
ବାଲ୍ମୀକି ଆଶ୍ରମ, ଦର୍ଶନୁ ସନ୍ତୋଷ ଲଭିଲେ ରାମ ।।୨୩।।

ଆଶ୍ରମ ଧର୍ମୁଁ ନାହିଁ ପରାପର, ଆଶ୍ରମ ଆଶ୍ରେ ଋଷିଏ ସଙ୍କୁଳ
ବୃକ୍ଷ ଶୋଭାପାଏ ଫଳ ପୁଷ୍ପରେ, ଚହଟି ଯାଉଛି ହବି ବାସ୍ପରେ
ବିନମ୍ର ପ୍ରଣତି, କରନ୍ତେ ଆର୍ଯ୍ୟେ ଆଶିଷ ଦିଅନ୍ତି ।।୨୪।।

ସଙ୍ଗତେ ନେଇ ମଧ୍ୟାହ୍ନ ସ୍ନାନରେ, ରତ ହେଲେ ଆତ୍ମା ଜ୍ୟୋତି ଧ୍ୟାନରେ
ଆଶ୍ରମେ ଫେରୁ ଦିବ୍ୟ ଫଳମୂଳ, ପରଶୁ ଯତି କରିଲେ କବଳ
ରାଘବ ବଦନ୍ତି, ଏ ସ୍ଥାନେ ଭରଦ୍ୱାଜ ପେଷିଛନ୍ତି ।।୨୫।।

କେଉଁ ସ୍ଥାନେ କରି ପର୍ଣ୍ଣ କୁଟୀର, ଭାଇ ଭାର୍ଯ୍ୟା ନେଇ କାଟିବି କାଳ
ବିଚାରି ହୃଦେ କରନ୍ତୁ କରୁଣା, ଋଷି ଭାଷିଲେ କିମ୍ପା କୃପା ଊଣା
ନ ରହିଛ କାହିଁ, କୁହ ବାସ ସ୍ଥାନ ହୋଇବ ସେହି ।।୨୬।।

ହେ ରାମ ତୁମ୍ଭେ ଦ୍ରଷ୍ଟା, ମୁହିଁ ଦୃଶ୍ୟ, ବ୍ରହ୍ମା,ବିଷ୍ଣୁ,ଶିବ ତୋ ବାକ୍ୟେ ବଶ
ତୋ ମାୟା ବଳେ ସ୍ରଷ୍ଟା ସୃଷ୍ଟି କରେ, ପାଳନେ ବିଷ୍ଣୁ ରୁଦ୍ର ତା ସଂହାରେ
ଭକ୍ତ ତୋ ମହିମା- ଜାଣେ, ନ ଜାଣେ' ବେଦପତି ବ୍ରହ୍ମା ।।୨୭।।

ଗୋ,ବ୍ରାହ୍ମଣ,ଭକ୍ତ,ଦେବଙ୍କ ହିତେ, ବସୁଧା ଭାରା ହରଣ ନିମନ୍ତେ
ଗୃହ,ସମ୍ପଦ,ଧନ,ଧରଣୀ ଯା, ଜାତି,ଅଜାତି କୁଳ କରି ତେଜ୍ୟା
ଭଲ,ମନ୍ଦ,ଭୋଗ, ହିତ,ଅହିତ,ସଂଯୋଗ,ବିଯୋଗ ।।୨୮।।

ବ୍ରହ୍ମଚର୍ଯ୍ୟ, ମୁନିବ୍ରତ, ପାଳନ, ଅଙ୍ଗେ ବଲ୍‌କଳ ବାସ ପରିଧାନ
ସ୍ୱୟଂ ପରବ୍ରହ୍ମ ଲୀଳା ଖେଳାରେ, ବିଜୟ ଏହି ମର୍ତ୍ତ୍ୟ ମଣ୍ଡଳରେ
ଯେ ନାମ ପ୍ରଭାବେ, ବ୍ରହ୍ମର୍ଷି ପ୍ରାପ୍ତ ମୋତେ ଭବେ ।।୨୯।।

ଜ୍ଞାନୀଙ୍କ ଦୃଷ୍ଟିରେ ତୁ ବ୍ରହ୍ମ ତତ୍ତ୍ୱ, ଭକ୍ତଙ୍କ ଦୃଷ୍ଟିରେ ତୁ ପରମାର୍ଥ
ଅନାଦି ଅନୁପମ ରୂପନାସ୍ତି, ତବିକାର ଶୂନ୍ୟ ବେଦ ନେତି ନେତି
ପଞ୍ଚବିଂଶ ତତ୍ତ୍ୱ, ତୋର ପଦ ଯୁଗେ କରିଛି ନ୍ୟସ୍ତ ।।୩୦।।

ତୋର ବାସସ୍ଥାନ କହୁଛି ଶୁଣ, ସିନ୍ଧୁ ତୁଲ୍ୟ ଯେଉଁ ଭକ୍ତ ଶ୍ରବଣ
ତୋର ଚରିତ ନଦୀ ଯହିଁ ସଦା, ପ୍ରବେଶୁ ପୂର୍ଣ୍ଣ ନ ହୁଏ ପ୍ରମୋଦା
ଚାତକ ନୟନ, ଦର୍ଶନ ଇଚ୍ଛେ ତୋର ମେଘବର୍ଣ୍ଣ ।।୩୧।।

ଟୀକା-୩୦ ପଦ ପଞ୍ଚବିଂଶ ତତ୍ତ୍ୱ:-୧-ସିନ୍ଧୁତୁଲ୍ୟ କର୍ଣ୍ଣ,୨-ଚାତକ ପରି ନୟନ,୩-ରୂପ ଦର୍ଶନ,୪-ହଂସ ପରି ଜିହ୍ୱା,୫-କାମ,୬-କ୍ରୋଧ,୭-ମୋହ,୮-ଲୋଭ,୯-ଅହଂକାର,୧୦-କପଟ,୧୧-ଶ୍ରଦ୍ଧା,୧୨-ଦୟା,୧୩-କ୍ଷମ, ୧୪-କ୍ଷୋଭ,୧୫-ଦମ୍ଭ,୧୬-ଦ୍ୱେଷ,୧୭-ମାୟା,୧୮, ସତ୍ୟବାଦୀ,୧୯-ବିଚାରଶୀଳ,୨୦-ମଧୁର କଥା,୨୧-ନିନ୍ଦା,୨୨-ପ୍ରଶଂସା,୨୩-ଜାଗ୍ରତ, ୨୪-ଶୟନ, ୨୫-ସ୍ୱପ୍ନ ।

Digitized by PPRACHIN, SOA

ତୋହର ଯଶ ମାନ ସରୋବରରେ, ହଂସ ପରିକ୍ରୀଡ଼ା ଯା କ୍ରିହା କରେ
ଗୁଣ ସମୂହ ମୁକ୍ତା ଫଳମଣି, ହୃଦ ସମ୍ପୁଟେ ଯତ୍ନେ ଥାଏ ଘେନି
ତୋର ନିବେଦିତ, ବସନ ଭୂଷଣେ ହୁଏ ମଣ୍ଡିତ ।।୩୨।।
ଯା ହୃଦେ କାମ କ୍ରୋଧ ମୋହ ନାହିଁ, ଲୋଭ ଅହଂକାର କପଟ କାହିଁ
କରିପାରିବ ତାକୁ ଅଧିକାର, ବ୍ୟକ୍ତ ନାମେ ତୋ ଶ୍ରଦ୍ଧା ସଦା ତାର
କ୍ଷୋଭ ଦମ୍ଭ ଦ୍ୱେଷ, ମାୟା ଯା ହୃଦେ ନ କରଇ ବାସ ।।୩୩।।
ସଦା ସତ୍ୟବାଦୀ ବିଚାର ଶୀଳ, ଶତ୍ରୁରେ ପ୍ରିୟ ବଚନ ମଧୁର
ସମାନ ନିନ୍ଦା ପ୍ରଶଂସା ଜାଗ୍ରତ, ଶୟନେ ସ୍ୱପ୍ନେ ତୋ ପଦ ଆଶ୍ରିତ
ତା ହୃଦ କମଳେ, ହେ ରାମ ବାସସ୍ଥଳ କର ବଳେ ।।୩୪।।
ଏବେ ସମୟ ଉପଯୋଗୀ ସ୍ଥାନ, ହେବ ଯେଉଁଠି ରଘୁନାଥ ଶୁଣ
ଯେଣୁ ସୀତା ସଙ୍ଗେ ରହିବା ଇଛା, ବତାଏ ସେ ସ୍ଥାନ ହେ ରଗୁବତ୍ସ
ଏ ଚିତ୍ର କୁଟରେ, କୁଟିତ ହୋଇଛି ଚିତ୍ରଣେ ଥରେ ।।୩୫।।
ଅତ୍ରି ଋଷିଙ୍କ ପତ୍ନୀ ଅନସୂୟା, ପ୍ରଚେଷ୍ଟାରେ ଗଙ୍ଗା କରନ୍ତେ ଦୟା
ପ୍ରବହମାନୁ ନାମ ମନ୍ଦାକିନୀ, ତୀର୍ଥ ମନହରୁ ଏ ଘାଟେ ମୁନି-
ଙ୍କ, ଆଶ୍ରମ ଅଛି, ଏଥି ଆଶ୍ରମ କର ମୁଁ କହୁଛି । ।।୩୬।।
ଲକ୍ଷ୍ମଣ ଶୁଣି ଇକ୍ଷଣେ ସ୍ୱିକୃତୀ, ଦେଉ ସ୍ୱିକୃତୀ ଦେଲେ ରଘୁପତି
କୁଟୀର ନିର୍ମାଣେ ନିଷାଦ ଭୂପେ, ଗମୁଁ ଦେବଗଣ ଶବର ରୂପେ
କୋଲ୍ହ କେଳାବେଶ, ଧରି ତୃଣେ ନିର୍ମାଣ କଲେ ବାସ ।।୩୭।।
ସୁନ୍ଦର ତାର ନାହିଁ ପଟାନ୍ତର, କ୍ରମେ ଛୋଟ ବଡ଼ ଦୁଇ କୁଟୀର
ଲକ୍ଷ୍ମଣ ସୀତା ସଙ୍ଗେ ରଘୁପତି, ବିଜେ କରାଇ ଦର୍ଶନ କରନ୍ତି
ଅଠତ୍ରିଂଶ ପଦେ, ବିପ୍ର ଦୟାନିଧି ରାଘବ ବନ୍ଦେ ।।୩୮।।

ସୁମନ୍ତ ରାମଙ୍କୁ ବନରେଛାଡ଼ି ରଥ ବାହୁଡ଼ାଇଆସିବା ପରେ ରାଜା ମୃତ, ଭରତଙ୍କୁ ଅଜାଘରୁ ଡ଼କାଇବା ।

ଛାନ୍ଦ - ୯

(ରାଗ-କଲ୍ୟାଣ ଆହାରୀ) (କାରୁଣ୍ୟ ରସ)

ବାହୁଡ଼ାଇ ରଥ, ସଚିବ ସୁମନ୍ତ, ଅଯୋଧ୍ୟା ଦେଶରେ ପ୍ରବେଶ
ପ୍ରଜା ଶୋକାକୁଳ, ହୋଇଣ ବିକଳ, ପଚାରନ୍ତି ରାମ ସନ୍ଦେଶ
ସଚିବ
ରାମେ କାହିଁ ଛାଡ଼ି ଅଇଲ
ତାଙ୍କୁ ନ ଆଣିଲ, ତୁମ୍ଭେତ ଆସିଲ, ଶୋକ ସାଗରେ ଭସାଇଲ ।୧।

Digitized by PPRACHIN, SOA

ପ୍ରବୋଧି ପ୍ରଜାଙ୍କୁ, କହନ୍ତି ରାଜାଙ୍କୁ, ମିଳିଣ ସଚିବ, ସ୍ଥୂଳରେ
ଶ୍ରୀରାମ ଲକ୍ଷ୍ମଣ, ସୀତା ତିନିଜଣ, ରହିଲେ ତମସା କୂଳରେ
ରାଜନ
ଶୁଣିଣ, ଅତ୍ୟନ୍ତ ଅଧୀରେ
ଶୋକାକୁଳେ ତହିଁ, ରାମ ରାମ କହି, ଢ଼ଳି ପଡ଼ିଲେ ଅବନୀରେ ।୨।
କୌଶଲ୍ୟା ଶୁଣିଣ, କରନ୍ତି କ୍ରନ୍ଦନ, ସୁମରି ରାମଚନ୍ଦ୍ର ଗୁଣ
ମନ୍ତ୍ରୀ ଶିରୋମଣି, ଶୀତ ଜଳ ଆଣି, ରାଜାଙ୍କୁ ସଚେତ କରିଣ
କହନ୍ତି,
ନ କାନ୍ଦ ରାମ କହିଛନ୍ତି
ଚଉଦ ବରଷ, ସାରି ବନବାସ, ଫେରି ଆସି ହେବେ ନୃପତି ।୩।
ରାଜନ ଭାଷନ୍ତି, ଶୁଣ ମହାମନ୍ତ୍ରୀ, ରାମ ନିର୍ବାସନ ଭୋଗରୁ
ବିବଶ ବିଷାଦ, ରଘୁକୁଳ ସୌଧ, ଶୋକ ଛାୟା ମୋହ ଯୋଗରୁ
ଲୋତକେ
ପୁର ନରନାରୀ ଭାଷନ୍ତି
ଶୂନ୍ୟ ରାଜପଥ, ବିପଣୀ ବିଥିକା, ଜନଶୂନ୍ୟ ପରି ଦିଶନ୍ତି ।୪।
ହେଉଥିଲା ଯେଉଁ- ଠାରେ ଜନତାର ହର୍ଷ କୋଳାହଳ ସ୍ପନ୍ଦନ
ସେ ହୋଇଛି ଶୂନ୍ୟ ଯେପରି ଶ୍ମଶାନ, ତଥା ଏ ମୋ ରାଜ ଭବନ
ମଉଳେ
ବିହରୁ ଥିଲେ ଯୁବା ଯୁବ
ଅବିରତ କଣ୍ଠ ଯନ୍ତ୍ରର ସଙ୍ଗୀତ ଧ୍ୱନି ରାମ ବିନୁ ନୀରବ ।୫।
ସାକେତ ନଗରୀ, ହେଲା ହତଶିରୀ ରାମ ବିନୁ ଯଥା ଶ୍ମଶାନ
ନଗର ଉପକ- ଣ୍ଠ ରେ ଶିବାରବ ନିୟତିଗତି ଅବଦାନ
ପରାୟେ
ଅନୁତାପରେ ଜର ଜର
ମୋ ସୌଧରେ ଆସି, ଲଜ୍ଜାତାରା ଖସି, ବିବେକେ କରୁଛି ପ୍ରହାର ।୬।
ତେଜ୍ୟା କରି ରାଜା, କୈକେୟୀ ଆତ୍ମଜା, ସଦନ ବ୍ୟାକୁଳେ ଅଣ୍ଡାଳି
କରନ୍ତି ଗମନ, କୌଶଲ୍ୟା ସଦନ, ରାଣୀଏ ଦେଖୁ ସର୍ବେ ମିଳି
ପ୍ରବୋଧୁ
ରାଜା ରାମ ରାମ ଘୋଷନ୍ତି
ଯେ ଯେତେ ବୁଝାନ୍ତି କିଛି ନ ବୁଝନ୍ତି ରାମ ମାତା କାହିଁ ଭାଷନ୍ତି ।୭।

Digitized by PPRACHIN, SOA

କୌଶଲ୍ୟା ଶ୍ରୀମୁଖ ଦେଖୁ ଅଶ୍ରୁମୁଖ କହନ୍ତି କୋଶଳ ରାଜନ
ସତ୍ୟ କ୍ଷମାଶୀଳ ରାମର ଜନନୀ ନୋହିଲେ ହୁଅନ୍ତ ଭାଜନ
ହେବାକୁ
ପୁଣ୍ୟ ଶ୍ଳୋକ ବୀର ଜନନୀ
ପ୍ରତିଘାତୀ କାର୍ଯ୍ୟ ସେ କୈକେୟୀ ଧାର୍ଯ୍ୟ କଲେ ବି ନୋହୁ ଅଭିମାନୀ ।୮।
ମାନସ ସରସୀ ବିନା ଆନ ସରୋ- ବରେ କି କମଳ ଫୁଟିବ
କ୍ଷମା ଆଚରିଲୁ ଏଡ଼େ ଶତ୍ରୁରେତୁ ଏ ତୋର ପଣ୍ଡିତା ସ୍ୱଭାବ
ମୁଁ ପତି
ତୁମେ ନାରୀ ତୁମ୍ଭ ଦେବତା
କଲି ଯେ ଅଗୁଣ ଦେଲି ଯା କଷଣ କ୍ଷମା ଯା ଦେଲୁ ପତିବ୍ରତା ।୯।
ଶ୍ରୀରାମ ଦୁଃଖରେ ଶତମୁନା ଶର ଭେଦେ ହୃଦ ଶିରା ପ୍ରଶିରା
ଘାରି ହେଉଅଛି ଆତ୍ମାକୃତ ପାପେ ଢ଼ଗରେ ଦେଲେଣି ଇଶାରା
ଏ ନିଶି
ଶେଷ ପ୍ରବେଶୁ ଦିନମଣି
ଏ ବେନି ନୟନ ଚିର ମୁଦ୍ରିତରେ, ରହିବ ପାରୁଅଛି ଜାଣି ।୧୦।
ଅନ୍ତିମ କାଳରେ ମାଗୁଣି ଏତିକି ଦୋଷ ନ ବହିବ ମୋ ଠାରେ
ନିୟତିର ଗତି ଅଲଂଘ୍ୟ ଜଗତେ ଭାଗ୍ୟଫଳ କେ ଆନକରେ
କର୍ମକୁ
ଡେଙ୍ଗିବା ଚାରା ନାହିଁ କାର
ଯେ ଯାହା ବୁଣଇ ସେ ତାହା ଆଣଇ କାଟି, ବଧିର ଏ ବିଚାର ।୧୧।
ପଳାଶ ବୃକ୍ଷର ରମ୍ୟକାନ୍ତି ଦେଖି, ଫଳ ଚୂତ ବୃକ୍ଷ ଛେଦିଲି
ସୁଫଳ ଆଶାରେ ବୃକ୍ଷେ ନୀର ଛିଞ୍ଚି, ମୋ ରାମ ବନେ ସମ୍ପାଦିଲି
ନିରାଶ
ହୋଇ ଲି ଏ ଫଳ ମିଳିଲା
ମାୟାବିନୀ ମାୟା ପ୍ରେମ କୁହୁକକୁ, ଲଗାଇ ଅନ୍ତର ଜାଳିଲା ।୧୨।
ପତଙ୍ଗ ଯେସନେ ଅଗ୍ନି ପ୍ରଜ୍ୱଳନେ, ମହୋଲ୍ଲାସେ ଯାଇ ପଡ଼ଇ
ରୂପର ମୋହରେ କାଳ ଭୁଜଙ୍ଗିନୀ, ଗଳାରେ ମାଳା କଲି ନେଇ
ସାଧିଲା
କାମନା ସଂହାରି ଜୀବନ
ଜାଣିତ ନ ଥିଲି, ପୁଷ୍ପରାଶିତଳ, ଅହି ଜୀବେ ଦେବ ଦଂଶନ ।୧୩।

Digitized by PPRACHIN, SOA

ଭସ୍ମ ରାଶିତଳ ଗୁପତ ଅନଳ, ହୁଡ଼ି ପଡ଼େ ତୃଣେ ଯେସନ
କୈକେୟୀର କାଲେ ପଡ଼ି ଗେଲେ, ଗେଲେ ପୂର୍ବବର କଲି ପ୍ରଦାନ
ବିଶ୍ୱାସୀ
ପାପିୟସୀ ଗୁପ୍ତ ହୃଦରେ
ରଖିବା ମସୁଧା, କୁ' ସତ୍ୟ କରାଇ, ମାଗିଲା ବରକୁ ମୋଦରେ ।୧୪।
ଆସିଲା ଚେତନ ସ୍ୱପନ ଯେସନ, କୁମାର ବେଳ ରଣ ସଜ
ବୀଜ ରୋପଣ ରୁ ପ୍ରାପ୍ତ ଫଳ ଖଳୁ ନିନ୍ଦେ କୈକେୟୀରେ ସମାଜ
ମନରେ
ମୋହ ପ୍ରତି ନୁହେଁ ବିଷାଦ
ନାମ ଦେବା ବେଳ କୋଷ୍ଠି ଫଳା ଫଳ, ଫଳିଲା ପଡ଼ିଲା ପ୍ରମାଦ ।୧୫।

ଗ୍ରୀଷ୍ମ ବର୍ଣ୍ଣନା

ଆୟତ୍ତ କରନ୍ତେ ଶବ୍ଦ ଭେଦୀଶର, ବୀରପଣ ହେଲା ପ୍ରଚାର
ମନ ମତ୍ତ ମନ ନ କରି ଭାବନ, ଶିକାରେ ସଦା ତତପର
ଗ୍ରୀଷମ
ଆସେ ଯାଉଁ ଋତୁ ବସନ୍ତ
ପ୍ରଚଣ୍ଡ ମାର୍ତ୍ତଣ୍ଡ କିରଣରେ ଦଣ୍ଡ, ପାଲ ଲତାଏ ହେଲେ ହତ । ୧୬।
ସୁବୃକ୍ଷ ମଉଳି କିରଣେ ଝାଉଁଳି, ଚ୍ୟୁତ କରଇ ନିଜ ଶିରୀ
ଝାଇଁ ଝାଇଁ ରବେ ଗ୍ରୀଷମ ପ୍ରଭାବେ, ସୁ ସ୍ୱରେ ଗର୍ଜଇ ଝିଙ୍କାରି
ଧୂମରେ
ଚଉଦିଗ ଦିଶେ ଆଛନ୍ନ
ଯହୁଁ ଯହୁଁ ମାଡ଼ି ଆସେ ଟାଣଖରା, ଏଣ୍ଟୁଅ ମୁଣ୍ଡ କରେ ତାନ ।୧୭।
ନଦୀକୂଳ ତୋଟା ତୃଷା ସହଚରୀ, କଶାଘାତେ କଷ୍ଟ ସଘନେ
ରୌଦ୍ରତା ଉତ୍ତାପେ ବହୁ ଝଞ୍ଜା ତାପେ, ବିହଙ୍ଗେ ସରକୁ ପୁଳିନେ
ତୃଷାକୁ
ନିବାରନ୍ତି ଜଳପାନରେ
ହୋଇ ତୃଷାତୁର ଖୋଜି ଖୋଜି ନୀର, କାନନୁ ଆସନ୍ତି ବାନରେ ।୧୮।
ପର୍ବତ ଗୁହାରେ ବିଶ୍ରାମେ ଶାର୍ଦ୍ଦୁଳ ଘେନିଣ ତା ଶିଶୁ ସନ୍ତତି
ସେ ଚାତକ ପକ୍ଷୀ ଉର୍ଦ୍ଧ୍ୱେମୁଖ ରଖି, ବର୍ଷା ଆଶାରେ ପନ୍ତି ପନ୍ତି
କିଚକେ
କିଚକ ହୁଅନ୍ତେ ଘର୍ଷଣ
ତହିଁରୁ ଉତ୍ପତ୍ତି ବହ୍ନି ଯାଏ ମାଡି, ନାଶ କରେ ଗିରି କାନନ ।୧୯।

Digitized by PPRACHIN, SOA

ଅତ୍ୟନ୍ତ ଉତ୍ତାପୁ ତେଜି ବୈରି ପଣ, ସର୍ବ ଜୀବ କୁଳ ବ୍ୟାକୁଳେ
ଶତ୍ରୁ ମିତ୍ର ହ୍ରାସେ ଜଳପାନ ଆଶେ, ଖୋଜନ୍ତି ଜଳ ନଦୀକୂଳେ
ଏ କାଳେ
କୈକେୟୀ ଉଦନ୍ତେ ଗମନ

ପାରିଧି ଉଦ୍ଦେଶ୍ୟେ ଯାଇ ବନ ଦେଶେ, ସମୀରଣ କରେ ସେବନ ।୨୦।
ଭାବି ସ୍ଥିର କରେ ସରିତ ଅଦୂରେ, ଧନୁ ଧରି ଜଗି ବସିବି
ଜଳାର୍ଥେ ସମ୍ବର, ମୃଗ, କରୀବର, ଯେ ଆସିବ ତାକୁ ନାଶିବି
ଏ ସନ
ସ୍ଥିର କରିଲି ମନେ ଗୁଣି

ଘଞ୍ଚ ତରୁଲତା ତଳେ ହାରି ବ୍ୟଥା, ଅପେକ୍ଷା କଲି ଧନୁ ଘେନି ।୨୧।
ଅତି ନିକଟରେ ସରଯୂ ତଟରେ, ନୀର ପୂରଣ କୁମ୍ଭ ଧ୍ୱନି
ଶୁଣି ଭାବେ ମନେ ତୃଷାର୍ତ୍ତେ ସଘନେ, ଜଳ ପିଅଇ ବନ ପ୍ରାଣୀ
ପେଶିଲି
ଶବ୍ଦଭେଦୀ ଶର ତତ୍‌କ୍ଷଣ

କାଳାନ୍ତକ ନାଗ ପରି ସେ ଆଶୁଗ, ଶ୍ରବଣକୁ କଲା ଭକ୍ଷଣ ।୨୨।
ଏକ ବାଣେ ତ୍ରୟ ପ୍ରାଣୀ ହେବୁ କ୍ଷୟ ଅନ୍ଧ ପିତାମାତା ତୃଷାର୍ତ୍ତ
ଭାବରେ
ଥିବେ ମୋହର ପଥ ଚାହିଁ

କିଲୋଡ଼ା ଥିଲା ମୋ ଏ ଶିଶୁ ପରାଣେ, ଭାଷୁ ମୁଁ ପ୍ରବେଶିଲି ଯାଇ ।୨୩।
ଦେଖେ ହୃଦେ ଶର ଭେଦି ରକ୍ତ ଧାର ବହେ ଦୁଃଖେ ପ୍ରାଣ ଭାସିଲା
ସ୍ପର୍ଶ କଲା ମର୍ମ ଗଲା ସବୁ ଧର୍ମ ଅଧର୍ମ ଶିକାରେ ଗ୍ରାସିଲା
କାରଣ
ମାଗନ୍ତେ ସେ ମୁନୀ କୁମାର

ଭାଷିଲେ ତୃଷାର୍ତ୍ତ ଅନ୍ଧ ପିତାମାତ, ଥିବେ କୁଟୀର ଅପେକ୍ଷାରେ ।୨୪।
ଯାଇଣ ଝଟତି ଜଣାଅ ପ୍ରଣତି, ଦର୍ଶନେ ଯିବ ମୋ ଜୀବନ
ଅଜ୍ଞାନେ ଯା କଲ ଏ ନୋହିଲା ଭଲ, ପିତା କରିବେ ସମାଧାନ
ତପସ୍ୱୀ
ଆଶ୍ରମେ ଗଲି କୁମ୍ଭ ଘେନି

ଦେଖେ ଜରାଜୀର୍ଣ୍ଣ, ତୃଷାର୍ତ୍ତ' ବିଷଣ୍ଣ ଅନ୍ଧ ସେ ଋଷି ଋଷିଆଣୀ ।୨୫।
ଘୋର ଅପରାଧୀ ଧର୍ମାସନେ କାନ୍ଦି, ଭାଷେ ଯଥା ନିଜ ଦୁଷ୍କୃତି
ସେପରି ତୁରିତ କହେ ତୁମ୍ଭ ପୁତ୍ର ନୁହେଁ ମୁଁ କୋଶଳ ନୃପତି
ଅଜ୍ଞାନେ

Digitized by PPRACHIN, SOA

ଦାରୁଣ ଦୁଷ୍କର୍ମ କରିଲି
ମୋ ଆର୍ତ୍ତ ଖଣ୍ଡନେ ତୁମ୍ଭ ବିନା ଜଣେ ନାହିଁ ରକ୍ଷାକର ସରିଲି ।୨୬।
ସରଯୂ ଚରଣ ଦେଶର କରୁଣ ଘଟଣା ନିବେଦିଲି ପାଦେ
ସେ ମହାମହତ ଶୁଣି ମୋର ବ୍ୟକ୍ତ ଭାଷିଲେ ଶୋକ ଗଦଗଦେ
ନ କହି
ଥିଲେ ଏ ଦୁଷ୍କୃତିକୁ ଆସି
ମୁର୍ଚ୍ଛାପାତ ହୋଇ ଥାଆନ୍ତା ନ ରହି, ଏ ଯାଏଁ ପିଣ୍ଡେ ପ୍ରାଣ ବସି ।୨୭।
ସେ କଲ୍ମଷେ ହୋଇ ଥାନ୍ତା ରଘୁସାଇଁ କୁଳ, ଋଷି ବଧୁ ନିର୍ମୂଳ
ପୁତ୍ରର ଅନ୍ତିମ ଶରଘାତ କର୍ମ ସ୍ଥାନକୁ ନିଅ ମହୀପାଳ
ଶୋଇଛି
କେସନେ ବାଳକ ଅକାଳେ
ଆଜ୍ଞାମତେ ଅନ୍ଧ ଦମ୍ପତିଙ୍କୁ ନେଇ, ପୁତ୍ରେ ଭେଟାଉ ଅସମ୍ଭାଳେ ।୨୮।
ଶେଷ ପ୍ରଣତିକୁ ଜଣାଇ ଶ୍ରବଣ, ଭାଷେ ପିତାମାତା ପଦରେ
ପୂର୍ବ ଜନ୍ମ କୃତ ପାପର ପ୍ରାଶ୍ଚିତ୍ତ, ବିହି ସଂଯୋଗିଛି ବାଦରେ
ସେ ଫଳୁ
ସେବାରୁ, ହୋଇଲି ବଞ୍ଚିତ
ଏ ଶେଷ ସମୟେ ଏ ଦର୍ଶନ ଥୟେ, କୋଳରେ ଘେନ ତାତମାତ ।୨୯।
ପୁତ୍ର କଣ୍ଠ ଶୁଣି ସେ ଅନ୍ଧ ଅନ୍ଧୁଣୀ ଅଣ୍ଟାଳି ଧରିଲେ କୋଳରେ
ଇହଧାମ ତେଜି ଆତ୍ମା ଗଲା ଭଜି ପରମ ପାଶେ ସ୍ୱ ଆଳରେ
ବିକଳେ
ଡ଼ାକୁ ନ ଶୁଣନ୍ତେ ନନ୍ଦନ
କରକୁ ନିବେଶି ଆଉଁସି ଆଉଁସି ପିତାମାତା କଲେ କ୍ରନ୍ଦନ ।୩୦।
ବିଳପିସେ ତପୋ- ଧନ ଛାଡ଼ି କୋପ ଚିତାଗ୍ନି କର ଦୁଃଖସ୍ରୋତେ
ଭାଷି କହୁ ବନେ ଜଳୁ ତପସ୍ୱିନୀ ତପୀ ମନ୍ତ୍ର ପରି ମୋତେ
ଭାଷିଲେ
ପୁତ୍ର ବଧିଲ ଏ ବୟସେ
ଏହିପରି ପୁତ୍ର ମୁଖକୁ ନ ଦେଖି, ରାଜା ଜୀବନ ଯିବ ଶେଷେ ।୩୧।
ପୁତ୍ର କନ୍ଧେ ଘେନି ସେ ଅନ୍ଧ ଅନ୍ଧୁଣୀ, ପ୍ରାଣ ବିସର୍ଜନ୍ତେ ଅନଳେ
ସ୍ୱର୍ଗୁ ମଘବାନ ଆଦେଶେ ସ୍ୟନ୍ଦନ, ଆସିଲା ସେଥି ଆତ୍ମାଚଳେ
ସେଠାରେ
କହୁ ପାପୁ କର ତାରଣ
ଶୂନ୍ୟ ହେଲା ଶବ୍ଦ ନ ଗଣି ପ୍ରମାଦ, ଶନି ପୂଜି ହୁଅ କାରଣ ।୩୨।

Digitized by PPRACHIN, SOA

ପୁତ୍ର ହେବା ଆଶା ନଥିଲା ଭରସା, ପ୍ରାପ୍ତ ଏ ଋଷି ଶାପ ଫଳୁ
ଯିବି ଧର୍ମ ମାର୍ଗେ ପୁତ୍ର ହେଉ ଆଗେ, ନ ଦେଖି ମୁଖ ଜୀବ ଚଳୁ
ବିଧିରେ
ସଂସ୍କାର କଲି ସମାପନ

କୃତ ପାପୁଁ ଭୁକ୍ତ ଋଷି ଆତ୍ମା ମୁକ୍ତ, ପାଇଁ ଚିନ୍ତିଲି ନାରାୟଣ ।୩୩।
ତପୀ କି ମହତ ଅପୁତ୍ରିକେ ପୁତ୍ର, ଦାନ କଲେ ପୁତ୍ର ନିଧନେ
ଏ ଦୁଷ୍କୃତି ଦେଖି ନଥାଉ କେ ସାକ୍ଷୀ, ଲୁଚାଇ ରଖିଲି ଗୋପନେ
ସଖୀରେ
ପୂର୍ବ ଋଷିଶାପ ଫଳିଲା

ମୁଖ ନଦେଖିଣ ଗଲା ତ୍ରୟ ଦିନ, ଜୀବ ଯିବ ରାମ ଚଳିଲା ।୩୪।
ପ୍ରବେଶନ୍ତେ ରାତ୍ରି ଥିବା ପାତ୍ର ମନ୍ତ୍ରୀ, ଯେ ଯାହା ପୁରକୁ ଚଳିଲେ
ଅଯୋଧ୍ୟା ରାଜନ, ଶଯ୍ୟାରେ ପଡ଼ିଣ, ଶେଷ ନିଶ୍ୱାସକୁ ଛାଡ଼ିଲେ
ରଜନୀ
ପାହିଲା ରାଜା ନ ଉଠନ୍ତି

କଉଶଲ୍ୟା ରାଣୀ କୋଳେ ତୋଳି ଆଣି, ନିଶ୍ୱାସ ନ ଯିବା ଦେଖନ୍ତି ।୩୫।
ସର୍ବ ରାଣୀ ଆସି ସେଠାରେ ପ୍ରବେଶି, ବିଳୋକୁ କରିଲେ କ୍ରନ୍ଦନ
ବୋଲନ୍ତି ଦୁଃଖରେ ରାଜ୍ୟ ନାରୀ ନରେ, ନ ଦେଖିଲେ ପୁତ୍ର ବଦନ
ରାଜନ
ମୃତ୍ୟୁବାଣୀ ରାମେ ଶୁଣାଇ

ଯାଇକି ସୁମନ୍ତ ଫେରାଇ ଆଣନ୍ତ ରାମକୁ ବୁଝାଇ ଶୁଝାଇ ।୩୬।
ବଦନ୍ତି ସଚିବେ ସତ୍ୟକି ଲଘିବେ ଅଜାଘରୁ ଡ଼ାକ ଭରତ
ସେ ଆସିଲେ ସର୍ବ ସିଦ୍ଧାନ୍ତ ହୋଇବ ସମସ୍ତେ ସେଠାରେ ଥିବାତ
ଶୁଣି,ତା'
ଅଜାଘରେ ଚାର ପେଷିବେ

ରାଜା ମୃତ୍ୟୁ କଥା ନ କହି ବାରତା ଦେଉ ଭ୍ରତ ଆଦି ଆସିବେ ।୩୭।
ରାଜା ମୃତ ଜାଣି ପୁରୋଧା ଅଗ୍ରଣୀ, ବଶିଷ୍ଠ ଭାଷନ୍ତି ଗୀରକୁ
ରାଜ ସିଂହାସନ ଅଳଂକୃତ ଯାଏଁ, ରଖଏ ମୃତ ଶରୀରକୁ
କଟାହେ
ରାଜାଦେଶେ ହେବ ସଂସ୍କାର

ଅଠତ୍ରିଂଶ ପଦେ ଦୟାନିଧି ବଦେ ରାମ ଚିନ୍ତି କରି ପୟାର ।୩୮।

Digitized by PPRACHIN, SOA

ଭରତଙ୍କୁ ଅଜାଘରୁ ଡ଼ାକିଯିବାଠାରୁ ରାମଚନ୍ଦ୍ରଙ୍କୁ ଫେରାଇ ଆଣିବା ପ୍ରସ୍ତାବ ସ୍ଥିରୀକୃତ

ଛାନ୍ଦ - ୧୦

(ରାଗ-ବଙ୍ଗଳାଶ୍ରୀ)

କୈକେୟୀ ନନ୍ଦନ ଦୁଃସ୍ୱପ୍ନ ଦେଖିଣ
କହନ୍ତି ଶତ୍ରୁଘନରେ
ସତେ ଆମ୍ଭ ପିତା ନିହତ ବିଧାତା
ଲେଖିଅଛି ଲେଖନରେ ।୧।
ପାଆନ୍ତେ ଶର୍ବରୀ ପଣ୍ଡିତ ହକାରି
ସ୍ୱପ୍ନ ପ୍ରତିଗ୍ରହ ଇଚ୍ଛି
ଦ୍ୱିଜ ଦେଖି ଶାସ୍ତ୍ର କହନ୍ତି ଭରତ
ପିତା ନାଶ ଲେଖୁଅଛି ।୨।
ପୁଣ୍ୟ କିଛି କର ଯା ଶାସ୍ତ୍ର ବେଭାର
ଶାସ୍ତ୍ରରେ ଏହା ଲିଖନ
କୁହନ୍ତେ ବ୍ରାହ୍ମଣ ଡ଼କାଇ ବାହ୍ମଣ
ଦିଅନ୍ତି ଦାନ ଭୋଜନ ।୩।
ଏହି ସମୟର ଦୂତ ଅଯୋଧ୍ୟାର
ବିଲୋକୁଁ ଭରତ ବୀର
କହନ୍ତି ଛାମୁଙ୍କୁ କହିଣ ମାମୁଁଙ୍କୁ
ହୁଅନ୍ତୁ ଶୀଘ୍ର ବାହାର ।୪।
ସନ୍ଦିହାନ ମନ ଭରତ ଶତ୍ରୁଘ୍ନ
ଅଜାଙ୍କୁ କହନ୍ତି ଯାଇ
ରାଜ୍ୟେ ଯିବାକୁତ ଆସିଛନ୍ତି ଦୂତ
ଗୁରୁ ଅଛନ୍ତି ଡ଼କାଇ ।୫।
ଶୁଣି ନୃପ ସାଇଁ ଦୂତ ପାଶେ ରାଇ
ଅଯୋଧ୍ୟା ବାର୍ତ୍ତା ପୁଚ୍ଛିଲେ
ଶତ୍ରୁଘ୍ନ ଭରତ ରାଜ୍ୟେ ଯିବାକୁ ତ
କୁଳଗୁରୁ ପଠାଇଲେ ।୬।

Digitized by PPRACHIN, SOA

କହନ୍ତି ଦୂତଙ୍କୁ ଅଯୋଧ୍ୟା ନୃପଙ୍କୁ
ଆମ୍ଭ କୁଶଳ କହିବ
ଅଯୋଧ୍ୟ ନରେନ୍ଦ୍ର କରି ରାମଚନ୍ଦ୍ର
ବଢ଼ାନ୍ତୁ ସର୍ବ ଗୌରବ ।୭।
ମେଲାଣି ମାଗିଣ ଭରତ ଶତ୍ରୁଘ୍ନ
ଦୂତ ସହିତ ବାହାର
ଦେଖନ୍ତି ପଥରେ ବୃକ୍ଷେ ପକ୍ୱ ଫଳେ
ନ କରନ୍ତି କେ ଆହାର ।୮।
ରାବ ଶବ୍ଦ ମୁଖେ ନ କରିଣ ବୃକ୍ଷେ
ବିହଙ୍ଗେ ବସି ଅଛନ୍ତି
ପଦ୍ମପୁଷ୍ପ ବାଷ୍ପ ହେଉଛି ପ୍ରକାଶ
ନ ଟଳେ ଭ୍ରମର ମତି ।୯।
ପଥରେ ଚନ୍ଦନ ବନରେ ପବନ
ନଥିଲା ପରି ମଳୟ
ଅଚଳ ଭାବକୁ କରି ପ୍ରକାଶକୁ
ରହିଅଛି ହୋଇଥୟ ।୧୦।
ଗ୍ରାମ ଉପକଣ୍ଠୁ ତଡ଼ାଗ ନିକଟୁ
ନୀର କେହି ନ ନିଅନ୍ତି
ଗାବ ସ୍ତନେ ଦୁଗ୍ଧ ରହିକରେ ମୁଗ୍ଧ
ବତ୍ସା କ୍ଷୁବ୍‌ଧ ମନା ଅତି ।୧୧।
ଦୁର୍ଦ୍ଦିନ ଭିକାରୀ କରେ ଥାଳ ଧରି
ରାଜଦାଣ୍ଡେ ଚାଲି ଯାଏ
ନ ଉଠେ କା ଦ୍ୱାରେ ମନେ କି ବିଚାରେ
ମ୍ରିୟମାଣ ହୋଇ ରହେ ।୧୨।
ଦିବସ ନ ବାରି ଗ୍ରାମେ ସ୍ୱନ କରି
ଗମନ୍ତି ଶୃଗାଳ ଯୂଥେ
ଚନ୍ଦ୍ରଚୂଡ଼ ଶିରେ ଥିବା ଫଣୀଧୀରେ
ଗମେ ରଥ ଆଗ ପଥେ ।୧୩।
ସ୍ୟନ୍ଦନ ବୁଲନ୍ତେ ଦିଶେ ନଦୀପ୍ରାନ୍ତେ
କୃଷକ ଘରଣୀ ଗଣ
ଦକ୍ଷିଣେ ସରସୀ ଅପୂର୍ଣ୍ଣ କଳସୀ
ଧରି କରନ୍ତି ଗମନ ।୧୪।

Digitized by PPRACHIN, SOA

ଆଦିବାସୀ ନାରୀ ଯାଇଅଛି ମରି
ତା ଶବ କୋକେଇ ଧରି
କୁଲା ଅଟା ନିଆଁ ସଙ୍ଗତେ ମାଠିଆ
ଆସେ ଦକ୍ଷିଣୁ ବାହାରି ।୧୫।
ନାଲି ବସ୍ତ୍ର ନାଇ ତଇଳ ଲଗାଇ
ତା ପାଗଳି ମାତା ହସେ
ଦେଖିତା ଭରତ ହେଉ ମର୍ମାହତ
ଗୃଧ୍ର ପକ୍ଷୀ ରଥେ ବସେ ।୧୬।
ବାମେ ସେ ବ୍ରାହ୍ମଣ ଗୋ ମୃଗ ନେଇଣ
ବାହୁଡ଼ି ଯାଏ ସ୍ୱଘର
ମାର୍ଜାର ବେନିଏ ଆଗରେ ନିର୍ଭୟେ
ଗୋଳ କରନ୍ତି ପ୍ରଖର ।୧୭।
ବସିବା ସ୍ୟନ୍ଦନ ହୁଏ ଗତିହୀନ
ଲଞ୍ଜା ପୁଚ୍ଛ ରଥ ବକ୍ଷେ
ଦକ୍ଷିଣ ଦିଗରୁ ଶବ ଟାଣି ଆଣି
ଶିବା ଆନନ୍ଦରେ ଭକ୍ଷେ ।୧୮।
ଅଶୁଭ ଲକ୍ଷଣ ପଥରେ ଦେଖିଣ
ଭାଷନ୍ତି ବୀର ଭରତ
ଶ୍ରୁତି ନ ଶୁଣିଛି ନେତ୍ର ଯା ଦେଖୁଛି
ଏ ଘଟନ ଆଶ୍ଚର୍ଯ୍ୟତ ।୧୯।
ସାନୁଜେ କହନ୍ତି ପଡ଼ିଲା ବିପତ୍ତି
ଶୁଭ ମୋତେ ଦିଶୁନାହିଁ
ସରଯୂକୁ ପାର ହୋଇ ବେନି ବୀର
ନଗ୍ରରେ ପଶିଲେ ଯାଇ ।୨୦।
ହୋଇ ମର୍ମାହତ ସକଳ ବୃତ୍ତାନ୍ତ
ମାତାଙ୍କୁ ଯାଇ ପୁଛିଲେ
କ୍ଷିତି ସୁତା ସୀତା- ପତି ଶାଶ୍ୱ,ପିତା
ପତି କରିବା ଇଚ୍ଛିଲେ ।୨୧।
ତାଙ୍କର ଏ ପଶୁ ହୀନ ବୁଦ୍ଧି ବଶୁ
ବାରଣ କରୁ ବାସରେ
ହେଲି ମୁଁ କାରଣ ମାଗି ପୂର୍ବଦାନ-
ବର ପ୍ରଜାଙ୍କ ତୋଷରେ ।୨୨।

Digitized by PPRACHIN, SOA

ଭରତ ରାମଙ୍କୁ ଫେରାଇ ଆଣିବା ପାଇଁ ଯାଉଥିବା ବାଟରେ ଗୁହକର ପ୍ରଣାମ

ଅଯୋଧା ପ୍ରଜାଙ୍କ ସହିତ ବନବାସୀ କିରାତ ମାନଙ୍କର ଭେଟ

ରାମଚନ୍ଦ୍ରଙ୍କ ବିଶ୍ରାମସ୍ଥାନରେ ଥିବା ପଦଚିହ୍ନରୁ ଧୂଳି ନେଇ ଭରତ ମସ୍ତକରେ ଲଗାଉଛନ୍ତି

ଋଷି ଭରଦ୍ୱାଜ ପ୍ରଣାମ କରୁଥିବା ଭରତ ଶତ୍ରୁଘ୍ନଙ୍କୁ ଉଠାଉଛନ୍ତି

Digitized by PPRACHIN, SOA

ଶ୍ରୀରାମ ଲକ୍ଷ୍ମଣ ସୀତା ଗଲେ ବନ
ନାଶ ହେଲେ ନୃପବର
ଅନ୍ତିମ ପ୍ରଦତ୍ତ ବାକ୍ୟେ ରାଜ୍ୟେ ତୁତ
ନୃପ ହୋଇ କାର୍ଯ୍ୟ କର ।୨୩।
କହନ୍ତି ଭରତ ଏ ତ ଅଦଭୁତ
କଥା ଜୀବ କହିଁ ଯିବ
ପିତାଙ୍କ ଶରୀର ଲୋଡ଼ି ବିଶେଷଙ୍କ
ନିରୀକ୍ଷଣ କରାଯିବ ।୨୪।
ପୁଣ ସେ ଭରତ କହନ୍ତି ହେ ମାତ
ଅଧିକ ନ କୁହ ଆଉ
ପ୍ରତିପଦା ଯୁକ୍ତ ଅମାସ୍ୟା ଅ ମିତ୍ର
ପୂର୍ଣ୍ଣ ଚନ୍ଦ୍ର କେତୁ ରାହୁ ।୨୫।
ଗ୍ରାସ ପରି ଗର୍ବେ ଅଯୋଧ୍ୟା ଉତ୍ସବେ
ଦୁଇକୁଳ କଲୁ ଗ୍ରାସ
ଭ୍ରାତୃ କଲେ ବନ୍ଧ ବାନ୍ଧି କଲୁ ମନ୍ଦ
ପାଇ କା' ମନ୍ଦ ଆଭାସ ।୨୬।
ଯେ ରାଜ୍ୟ ନିମିତ୍ତ ପିତା ସ୍ୱର୍ଗେ ଗତ
ରାମ ସୀତା ବନବାସୀ
ରାଜାଙ୍କ ଅନ୍ତିମ କଥା ରଖି ଧର୍ମ
ପାଳିବ କେବା ଭରସି ।୨୭।
ନୟନରୁ ବନ ବହେ ଘନ ଘନ
ବ୍ୟାକୁଳେ ଅନୁଜ ଦୁଇ
କୌଶଲ୍ୟା ଅବସ୍ଥା ହୃଦେ କରି ଚିନ୍ତା
ସ୍ୱଗୃହେ ଭଟନ୍ତି ଯାଇ ।୨୮।
ଦେଖି ଭ୍ରତ ଦୂରେ ବାତ୍ସଲ୍ୟ ସ୍ନେହରେ
ବସିବା ସ୍ଥାନରୁ ଉଠି
ଧାଇଁ ଆସୁ ରଡ଼ି ମୂର୍ଚ୍ଛା ଗଲେ ପଡ଼ି
ଭ୍ରତ ଧଇଲେ ସାଉଁଟି ।୨୯।
ନାଗବଲ୍ଲୀ ଖରେ ତୁଷାର ପାତରେ
ଲଭଇ ଯେଉଁ ଅବସ୍ଥା
ରାମ ବନବାସୁ ସ୍ୱାମୀଙ୍କ ବିନାଶୁ
ସେପରି ଜାଣିଲେ ମାତା ।୩୦।

Digitized by PPRACHIN, SOA

କରାଇ ସଚେତ କରନ୍ତି ଦୁଃଖେ ବ୍ୟକ୍ତ
ଏ ସବୁର ମୁହିଁ ମୂଳ
ଘନ ବାବାନଳ ନାଶେ ତୃଣକୁଳ
ଯେପରି ମୁଁ ନାଶି କୁଳ ।୩୧।
ମୋ ସମାନ ପାପୀ ନଥିବେ କଦାପି
ଯା ନିମନ୍ତେ ଚାପଧର
ଭାଇ ଭାର୍ଯ୍ୟା ସଙ୍ଗେ କାନନେ ବିରାଗେ
ତେଜି ଅଯୋଧ୍ୟା ନଗର ।୩୨।
ଚିନ୍ତାଶୀଳ ପ୍ରଜା କହୁଥିବେ ଏ ଯା
ଚକ୍ରାନ୍ତ ଟି ଭରତର
ଶୁଣିବାକୁ ଯାହା ଭାଗ୍ୟେ ଥିଲା ଏହା
ବିଧି ଶୁଣା ଏ ସବୁର ।୩୩।
ବ୍ରହ୍ମାଣ୍ଡର ନର- ନାରୀ ନୀଚ ତର
ବୋଲି କହନ୍ତୁ ଭ୍ରୂକ୍ଷେପ
ନାହିଁ, ମୋ ହୃଦୟ ନ ହେଉଛି ଥୟ
ଚିନ୍ତି ଭ୍ରାତାଙ୍କ ସନ୍ତାପ ।୩୪।
ପିତୃ ସତ୍ୟ ବ୍ରତ ପାଳିବା ପାଇଁତ
ହୋଇଥିଲା ମୋ ଜନମ
ବଡ଼ ଭାଗ୍ୟବାନ ଅଟଇ ଲକ୍ଷ୍ମଣ
ସଙ୍ଗତେ ନେଲେ ଶ୍ରୀରାମ ।୩୫।
ଶୀଳା ମଧ୍ୟୁ ଦେହ ପାଇ କରି ଲୌହ
ଶୀଳାଖଣ୍ଡ କଲା ପରି
ଏକ ଚରୁ ଜାତ ରାଘବ ଦୀକ୍ଷିତ
ଗୁଣେ ନ ହେଲି ମୁଁ ସରି ।୩୬।
ଏହି ଦୂରବସ୍ଥା ବେଳ ମୋ ହୀନସ୍ଥା
ଯାହା ମୋ ପରମ ହାନୀ
କୁଳଗୁରୁ କଥା ଅଯୋଧ୍ୟ ବାସୀତା
କହନ୍ତି ଯିବାକୁ ମାନି ।୩୭।
ଏହା ଶୁଣି ଧୈର୍ଯ୍ୟେ କୌଶଲ୍ୟା ଅଧର୍ଯ୍ୟେ
ଭରତଙ୍କୁ କୋଳକୁ ନେଲେ
ନେତ୍ର ଛଳ ଛଳେ ହୃଦୟ ବିକଳେ
କଥା କହି ନ ପାରିଲେ ।୩୮।

Digitized by PPRACHIN, SOA

ହୃଦେ ଆଲିଙ୍ଗନ କରି ସେହି ମନ
ମଧ୍ୟେ ଅନୁଭବ କରି
ଶାନ୍ତଶିଳେ ଆସି ମୋ କୋଳରେ ବସି
ସବୁ ଦୁଃଖ ନେଲା ହରି ।୩୯।
ତନୁଜ ବେନିଙ୍କ ଲୁହ ପୋଛି ରଙ୍କ
ପରି କହି ଦମ୍ଭଧର
ଅଲଂଘ୍ୟ ଏ ନୀତି ନିୟମ ନିୟତି
କର୍ମ ଗ୍ଲାନି ପରିହର ।୪୦।
ରାମସୀତା ବନ ରହିବା ଶ୍ରବଣ
କରୁ ଦୁଃଖକୁ ନ ସହି
ତନୁ ଛାଡ଼ି ରାଜ ଏ ପିଣ୍ଡେ ନିର୍ଲ୍ଲଜ
ପ୍ରାଣ ଅଛି ଲାଜ ନାହିଁ ।୪୧।
ଏ କରୁଣ ଗୀରେ ସେ ଅନ୍ତଃପୁରରେ
ଶୋକଛାୟା ଘୋଟିଗଲା
ଭରତ ଶତ୍ରୁଘ୍ନ କରନ୍ତେ ରୋଦନ
ଦୁଃଖେ ବୁଝାନ୍ତି କୌଶଲ୍ୟା ।୪୨।
ଜାଣେ ରଘୁନାଥ ପ୍ରେମେ ତୁ ଜଡ଼ିତ
ରାମ ପ୍ରାଣାଧିକ କରେ
ଜଳବିନା ମୀନ ରଖିବ ଜୀବନ
ତୋ ତନୁ ରହି ନ ପାରେ ।୪୩।
ଏପରି ସାନ୍ତ୍ୱନା ଦେଉ ଦେଉ ନାନା
ପ୍ରକାର, ପ୍ରେମେ ଭରତ
ମାତାଙ୍କ ନୟନୁ ଅଶ୍ରୁ ପୋଛୁ ପୋଛୁ
ଶେଷ ହେଲା ଦୁଃଖେ ରାତ୍ର ।୪୪।
ପୂରୁବ ଦିଗରୁ ଅରୁଣ ସ୍ୟନ୍ଦନ
ନଭେ କରନ୍ତେ ବିଜୟ
ପ୍ରଭାତ ପ୍ରସରୁ ପ୍ରବେଶିଲେ ଗୁରୁ
ରାଜ କର୍ମଚାରୀ ଚୟ ।୪୫।
ପୁରୋଧା ଅଗ୍ରଣୀ ମହାମନ୍ତ୍ରୀ ପୁଣି
ସେଥି ଭରତେ କହନ୍ତି;
ଶୋକ ଛାଡ଼ିବୀର ପିତୃକାର୍ଯ୍ୟ କର
ଯାହା କରିଛି ନିୟତି ।୪୬।

Digitized by PPRACHIN, SOA

ଧର୍ମ ଅନୁସାରେ ଅନ୍ତ୍ୟେଷ୍ଟି କ୍ରିୟାରେ
ପୁରୋଧା ଆଦେଶ ହେଲା
ସେ କାଳେ ସମ୍ମୁଖେ ପଚାରନ୍ତି ଦୁଃଖେ
ପାଟରାଣୀ କଉଶଲ୍ୟା ।୪୭।
କେଉଁ ପରି ସୁତ ଜାତ କଲେ ମାତ
ହେବ ଅହ୍ୟ ସୁଲକ୍ଷଣୀ
ଦମ୍ଭେ ନେବ ପତି ମୋହର'କି ଗତି
କି କରିବେ ସପତଣୀ ।୪୮।
ବଦନ୍ତି ବଶିଷ୍ଠ ତେଜ ସର୍ବ କଷ୍ଟ
ଶାସ୍ତ୍ର ପରମ୍ପରା ନେଇ
ସତୀଦାହ ମତେ ସ୍ୱାମୀଙ୍କ ସଙ୍ଗତେ
ମୁକ୍ତି ଲଭିଥାନ୍ତ ଯାଇ ।୪୯।
ଏବେ ରଖ୍ ଧୈର୍ଯ୍ୟ ପାଳିଲେ ସେ କାର୍ଯ୍ୟ
ମୁକ୍ତି ଆଉ ନ ମିଳିବ
ଯେଣୁ ରାମ ବନେ ଫେରିବା ଦର୍ଶନେ
ଇଚ୍ଛା ତା ପ୍ରାପ୍ତ ନ ହେବ ।୫୦।
ଅଶରୀରୀ ଆତ୍ମା ଅପୂରଣ ମନ
ନ ଯାଏ ସ୍ୱରଗ ଧାମ
ଚାରି ମୁକ୍ତି ପଥୁଁ ସାଲୋକ୍ୟ ମୁକତି
ଲଭିବ ବିଲୋକୁ ରାମ ।୫୧।
ରାଜକୁଳ ନୀତି ନିୟମରେ ଶାନ୍ତି-
ସ୍ନାନ, ମାର୍ଜନା କରାଇ
ସୁନ୍ଦର ବିମାନେ ନେଇଣ ସ୍ୱଜନେ
ଅର୍ଦ୍ଧ ପଥେ ଶ୍ରାଦ୍ଧ ଦେଇ ।୫୨।
ସରଯୂ ପୁଳିନେ ସୁଗନ୍ଧ ଚନ୍ଦନେ
କରି ଚିତା ଆୟୋଜନ
ମୁଖାଗ୍ନି ଦେଇଣ ଭ୍ରାତା ବନ୍ଧୁ ଗଣ
ଦାହ ଶେଷେ କରି ସ୍ନାନ ।୫୩।
କୁଟୁମ୍ବ ସ୍ୱଜନେ ପାଣି ସ୍ନାନ ଦାନେ
ତିଳୋଦକ ଜଳ ଦେଲେ
ଶାସ୍ତ୍ର ଅନୁଯାୟୀ ଦଶାହ ଦ୍ୱାଦଶେ
ଦଶଦାନ ଦିଆଇଲେ ।୫୪।

Digitized by PPRACHIN, SOA

ଅଯୋଧ୍ୟାର ସାଇଁ ସ୍ୱର୍ଗ ପ୍ରାପ୍ତି ପାଇଁ
ଲୋଡ଼ି ସହସ୍ର ବ୍ରାହ୍ମଣ
ଇତର ଜାତିକୁ ଶ୍ୱାନ ବାୟସଙ୍କୁ
ଦିଅନ୍ତି ଭୂରି ଭୋଜନ ।୫୫।

ଶେଷ ପ୍ରେତ କୃତ୍ୟ ବାରଦିନ ରାତ୍ର
ମନ୍ତ୍ରୀ ସଭା ସମାହୂତ,
କରୁ ଅମାନତ୍ୟ କୁଳ ପୁରୋହିତ
ସୁମିତ୍ରା ନନ୍ଦନ ଭ୍ରତ ।୫୬।

ମାତାଧରି ଆଳି ସଜ୍ଜନ ମଣ୍ଡଳୀ
ପରିଷଦର ସଦସ୍ୟ
ବସନ୍ତେ ଆସନେ ମ୍ରିୟମାଣ ମନେ
ସଚିବ କଲେ ପ୍ରକାଶ ।୫୭।

ଯୁବରାଜ ରାମ ଚନ୍ଦ୍ର ଗଲେ ବନ
ମହାରାଜା ତିରୋଧାନ
ଅଯୋଧ୍ୟା ନଗରୀ ହୋଇ ହତଶିରୀ
ଅରାଜକ ସିଂହାସନ ।୫୮।

ମହାରାଣୀଙ୍କର ସତ୍ୟେ ନୃପବର
ଙ୍କର କଥା ମାନି ଭ୍ରତ
ରାଜ୍ୟ ସିଂହାସନ ଅଳଙ୍କୃତେ ପୁଣି
ପ୍ରସ୍ତାବ କରେ ଆଗତ ।୫୯।

ଜାଣେ ମୋ ପ୍ରସ୍ତାବ ସଭାସଦେ ସର୍ବ
ନ ଘଟାଇବ ଅଭାବ
ଅରାଜକ ଦେଶ ରହିବାକୁ ଲେଶ
ସମୟ ଦିଆ ନ ଯିବ ।୬୦।

ସେ ସଭାରେ ଉପ- ସ୍ଥିତ ଥିବା ଶିଳ୍ପ-
ପତି, ଜନେ ସମର୍ଥନ
କରୁ ଏ ପ୍ରସ୍ତାବେ ମ୍ରିୟମାଣ ଭାବେ
ଭରତ କଲେ ବାରଣ ।୬୧।

ବଶିଷ୍ଠାଦି ଯତି ହୁଅ ମହୀପତି
ବୋଲୁ ବୋଲନ୍ତି ଭରତ
ଜ୍ଞାନୀ ହୋଇସର୍ବେ ହୀରା ତୁଲ୍ୟ ଗର୍ବେ
ଶିଳା ମୁଁ ରାମ ସହିତ ।୬୨।

Digitized by PPRACHIN, SOA

କହନ୍ତି ବଶିଷ୍ଠ ଶୁଣ ବୀର ଶ୍ରେଷ୍ଠ
ଯାହା କର୍ତ୍ତବ୍ୟେ ଉଦ୍ଦିଷ୍ଟ
ଚନ୍ଦ୍ର ବିନା ଖଳ ନିଶି ପ୍ରଜାକୁଳ
ତଥା ପାଉଛନ୍ତି କଷ୍ଟ ।୬୩।
ରାଜ ଅଧିକାରୀ କରିବେ ହକାରୀ
ଯାହାକୁ ନୃପ ସୁଚିତ
ପିତା ବାକ୍ୟେ ଧାର୍ଯ୍ୟ ରାମବନେ, ରାଜ
ତୁମ୍ଭେ ହୋଇବା ଉଚିତ ।୬୪।
ପିତାବାକ୍ୟ ପାଳି ପୂର୍ବେ ତପଶାଳୀ
ପର୍ଶୁରାମ ମାତା ବଧୁ
ଯଯାତିଙ୍କୁ ପୁତ୍ର ଯଉବନ ଦତ୍ତ
କରୁ ଯଶ ଘୋଷେ ସାଧୁ ।୬୫।
କହନ୍ତି ଭରତ ଥାଉ ଜ୍ୟେଷ୍ଠ ଭ୍ରାତ
ସିଂହାସନେ ମୁଁ ବସିବି
ସୃଷ୍ଟିର ଆଦ୍ୟରୁ ଏହା ନ ଶୁଣିଛି
ନିର୍ଦ୍ଦେଶ ଦିଅକି ଭାବି ।୬୬।
ଭାଷନ୍ତି ପୁରୋଧା ରାଜା ହୁଅ ବାଧା
ନାହିଁ ପୂର୍ବେ ତ୍ରିୟମ୍ବକ
କାର୍ତ୍ତିକେୟ ବଶ ଥାଉବି ଗଣେଶ
କରିଲେ ଗଣନାୟକ ।୬୭।
ଅସୁରଙ୍କ ପରେ ଜାତ ହୋଇ ସୁରେ
ଅଧିଶ୍ୱର ଯେ ସ୍ୱର୍ଗର
ଏହି ପରି ବହୁ କିମ୍ବଦନ୍ତୀ ଥାଉ
ମନୁ ଚିନ୍ତା ପରିହର ।୬୮।
ଶୁଣିଣ ଭରତ ହୋଇ ମର୍ମାହତ
କହନ୍ତି ନୁହେଁ ମୁଁ ଗଜ
ବାକ୍ୟ ଅଙ୍କୁଶର କିମ୍ପାଏ ପ୍ରହାର
ନୁହେଁ ଏ ମୋ ପାଇଁ ଧାର୍ଯ୍ୟ ।୬୯।
ବିନମ୍ର ପ୍ରଣତି ଘେନି ବହି ପ୍ରିତି
ଗୁରୁପ୍ରଜାଙ୍କୁ ସମ୍ମତି
ମାତାଙ୍କ ଆଦେଶେ ଅଲଂଘ୍ୟ ଏ ଦେଶେ
ଜାଣେ ଲଭିବି କି ଗତି ।୭୦।

Digitized by PPRACHIN, SOA

ତଥାପି ସରଳ ହୃଦୟେ ବ୍ୟାକୁଳ
ସମୀକ୍ଷା କରେ ମୁଁ ମର୍ମେ
ନ ହୁଏ ଉଚିତ ପିତା ଆଗେ ଦତ୍ତ
କରିଥିଲେ ରାଜା ରାମେ ।୭୧।
ଯଦିବା କ୍ଷତ୍ରିୟ ଧର୍ମ ସେବା ଚୟ
ତଥାପି ରାଜା ନ ହୋଇ
ପିତୃ ଆଜ୍ଞା ପାଳି ରାମ ରାଜା କରି
ବନୁ ଆଣିବି ଫେରାଇ ।୭୨।
ଶ୍ରୀରାମ ଦର୍ଶନ ବ୍ୟତୀତ ମୋ ପ୍ରାଣ
ଶାନ୍ତି କେବେ ନ ପାଇବ
କାଲି ପ୍ରାତେ ସର୍ବେ ବାହାରନ୍ତୁ ଭବେ
ଘେନି ଅଭିଷେକ ଦ୍ରବ୍ୟ ।୭୩।
ରାଘବ ବିରହେ ରାଜ୍ୟବାସୀ ସ୍ନେହେ
ମଣୁଥିଲେ ଜୀବହୀନ;
ରାମ ଫେରାଇବା ଭରତ କହିବା
ମନ୍ତ୍ର ଦେଲା ଜୀବ ଦାନ ।୭୪।
ଏ ବଚନେ ଭଦ୍ର ରାଜ ପରିଷଦ
କୁଳଗୁରୁ ମହାମନ୍ତ୍ରୀ
ହରଷେ ପ୍ରଜାଏ ଆନନ୍ଦରେ ଜୟେ
ଭରତ ଯଶ ଘୋଷନ୍ତି ।୭୫।
ଧନ୍ୟ ହେ ଭରତ ଧନ୍ୟ ତୁମ୍ଭ ଚିତ୍ତ
ଧନ୍ୟ ଦାନ ତପଶ୍ଚର୍ଯ୍ୟା
ରାଜ୍ୟ ରାଜଦଣ୍ଡ ଆସନ କୁ ଦଣ୍ଡ
ଭାବି କରୁ ଅଛ ତେଜ୍ୟା ।୭୬।
ବିଧି ନିର୍ଦ୍ଦେଶରେ ଚତୁର୍ଦ୍ଦଶ ପୁରେ
ପ୍ରଳୟେ ବିଲୟ ହେବ
ତୁମ୍ଭ ଭ୍ରାତୃ ପ୍ରେମ ଯଶ କୀର୍ତ୍ତି ନାମ
ଅମରାକ୍ଷରେ ରହିବ ।୭୭।
ଏ ଦୁଃଖରେ ସମ ଦୁଃଖୀ ହୋଇ ରାମ
ଚିନ୍ତି କଷ୍ଟେ ଦିନ ଗଣେ
ଏ ଛାନ୍ଦ ବିବୁଧେ ଅଠସ୍ତରି ପଦେ
ବିପ୍ର ଦୟାନିଧି ଭଣେ ।୭୮।

Digitized by PPRACHIN, SOA

ରାମଙ୍କୁ ଚିତ୍ରକୁଟରୁ ଫେରାଇବା ଲାଗି ଭରତ ଗମନ, ଗୁହକଙ୍କୁ ଭେଟ

ଛାନ୍ଦ - ୧୧

(ରାଗ-ଘଣ୍ଟାରବ) (ଜାନକୀ କାନ୍ତଙ୍କୁ ଚାହିଁ ବୃତ୍ତେ)

କହୁଛନ୍ତି ବ୍ୟୋମକେଶ ଯେ ଶୁଣରେ ନାଗରୀ ଈଶ
ବନସ୍ତରୁ ରାମ, ଫେରାଇବା କାମ୍ୟ
ରଖି ଭରତ- ଡ଼ଗରେ ଦେଲେ ଆଦେଶ ।୧।
ନାଗରା ଦିଅତୁ ଯାଇ ରେ ପ୍ରଜାକୁଳ ସଜ ହୋଇ
ଆସନ୍ତୁ ପ୍ରଭାତେ ଯିବାକୁ ବନସ୍ତେ
ଶ୍ରୀରା ବନୁ -ଫେରାଇ ଆଣିବା ପାଇଁ ।୨।
ପିତୃ ସତ୍ୟେ ରାମ ଚିତ୍ତ ଯେ ବିଡ଼ି ବଦନ୍ତି ସୁମନ୍ତ
ରାମ ଫେରିବେନା, ପୂରିବ କାମନା,
ବୃଥା ହୋଇବ-ରାଜ୍ୟବାସୀଙ୍କ ଆଗତ ।୩।
ଯଦି ରାଜ ସିଂହାସନେ ଯେ ନ ବସିବେ ରାମ ବନେ
ହେବି ବନଚାରୀ ତପସ୍ୟା ଆଚରି,
ସେବିବି ପଦ-ଲକ୍ଷ୍ମଣ ପରି କାନନେ ।୪।
ଶୁରି ଶ୍ରୁତିକୀର୍ତ୍ତି ଧବ ଯେ କହନ୍ତି ଶୁଣି ସରବ
ମାତା ବରେ ଜଣା, ଭ୍ରତ କୁମନ୍ତ୍ରଣା,
ଥିବା ନଥିବା-ଗମନୁ ପ୍ରମାଣ ହେବ ।୫।
ରାଘବ ମାନିକା ଗୀର ଯେ, ଫେରିବେ ବିଚାର କର
ସ୍ଥିର କଲେ ଚିନ୍ତି, ମିଥିଳା ନୃପତି,
ଲୋଡ଼ୁ ପ୍ରବେଶ-ରାଜ୍ୟ ରଖେ ଯୋଦ୍ଧାଙ୍କୁର ।୬।
ପରମ ସନ୍ତୋଷ ହୋଇ ଯେ, ଭରତ ସଚୀବେ କହି
ସୁବର୍ଣ୍ଣ ଆଲଟ, ସୁବର୍ଣ୍ଣ ମୁକୁଟ,
ସ୍ୱର୍ଣ୍ଣ ପାଦୁକା-ସୁନା ଆସନେ ସଜାଇ ।୭।
ରଖ ସ୍ୱର୍ଣ୍ଣ ସ୍ୟନ୍ଦନରେ ହେ ଛତ୍ର ଟେକାଇଣ ଶିରେ
ମଙ୍ଗଳ ଉଚ୍ଚାରି, ପଞ୍ଚତୀର୍ଥ ବାରି,
ଅଭିଷେକକୁ-ଧରନ୍ତୁ ଯେ ବିପ୍ର କରେ ।୮।
ରାଜ ପରିଚ୍ଛଦ ନେବ ହେ ଯେଉଁଠାରେ ଦେଖା ହେବ
ଦିଆଇ ତିଳକ, କଲେ ଅଭିଷେକ,
ପୂରିବ ବାଞ୍ଛା,-ରାଜ୍ୟେ ଫେରିବେ ରାଘବ ।୯।

Digitized by PPRACHIN, SOA

ଅନୁସରି ରାମ ବେଶ ଯେ ଭ୍ରତ ଅଙ୍ଗେ ବୋଲି ଭସ୍ମ
ଭୂଷଣ ବଲ୍‌କଳ, ଶିରେ ବାନ୍ଧୁଚୂଳ,
ଦୈନ୍ୟ ଅବସ୍ଥା-ଲୋକନ୍ତୁ ହୁଏ ପ୍ରକାଶ ।୧୦।
ତହୁଁ ଅରୁନ୍ଧତି ପ୍ରିୟ ଯେ କଶ୍ୟପ ଯା ବାଳୀ ଚୟ
ମାତାଙ୍କ ଗହଣେ, ସୀତା ଭଗ୍ନି ଗଣେ,
ଆରୋହୁ ରଥ-ଚାଲନ୍ତି କରିଣ ଜୟ ।୧୧।
ରଥ ଗଜ ପନ୍ତି ପନ୍ତି ଯେ ପଦାତିକେ ଯନ୍ତାଯନ୍ତି
ଜାହ୍ନବୀ ତୀରରେ, ଶୃଙ୍ଗବେର ପୁରେ,
ପ୍ରବେଶ କାଳେ-ଅସ୍ତଗାମୀ ଦିନପତି ।୧୨।
ସ୍ୟନ୍ଦନେ ଦେଖି ବିରାଳ ଯେ ଚିହ୍ନିଲା ଅରଣ୍ୟପାଳ
ସଂଶୟ ମନରେ, ଧୀରେ ଗତି କରେ,
ଅଯୋଧ୍ୟାବାସୀ-କିମ୍ପା ବିଜେ କାନନରେ ।୧୩।
ମନ୍ତ୍ରୀ ମୁଖ୍ୟ ଗୁହକର ହେ ପରିଚୟେ ଭ୍ରତ ବୀର
ରହୁବର ଛାଡ଼ି, ବେନିକର ଯୋଡ଼ି,
ଗମୁ ଚରଣେ -ଦେଖି ସ୍ତମ୍ଭିତ ଶବର ।୧୪।
ଯା' ପାଇଁ ଜାନକୀ ପତି ହେ ଛାଡ଼ିଲେ ରାଜ୍ୟ ସମ୍ପତ୍ତି
ସେ ଧୂଳି ଧୂସର, ପାଟ ପୀତାମ୍ବର,
ଛାଡ଼ି କିମ୍ପାଇ-ମାତାଙ୍କ ସହିତେ ଏଥି ।୧୫।
ଦେଖି ଛଳ ଛଳ ନେତ୍ର ଯେ ଗୁହକ କରନ୍ତି ବ୍ୟକ୍ତ
ହେ ଭ୍ରତ ଶତ୍ରୁଘ୍ନ, ଛାଡ଼ି ସିଂହାସନ ,
ଅଭୟାରଣ୍ୟେ-କିମ୍ପାଇ ସର୍ବେ ଆଗତ ।୧୬।
ବାସ୍ପରୁଦ୍ଧ କଣ୍ଠେ ତହିଁ ଯେ ଭରତ ଶତ୍ରୁଘ୍ନ କହି
ଶେଷରେ ରାଜନ, କୁଳ ରୀତି ମାନ
ଭାଙ୍ଗୁ ସେ ତ୍ରୁଟି-ସଂଶୋଧନେ ଅଛୁ ଧାଇଁ ।୧୭।
ମାତା ଯା' ସତ୍ୟ କରାଇ ଯେ ନେଲେ ପିତା ଥିଲେ ଦେଇ
ପାପ ବୋଲି ତ୍ୟାଗ କରି ମହାଭାଗ,
ସେହି ଆସନ-ଆସିଛି ରାମେ ଫେରାଇ ।୧୮।
ବଶିଷ୍ଠେ କରି ଭକତି ଯେ ଭାଷଇ ଅରଣ୍ୟପତି
ଆତିଥ୍ୟ ଗ୍ରହଣ କରି ପ୍ରଭୁପଣ,
ରଖାଅ ବାନ୍ଧି-ବାନାଏ ମୋର ବିନତି ।୧୯।

Digitized by PPRACHIN, SOA

ଧରି ଭରତଙ୍କ କର ଯେ ବିଶ୍ରାମ ସ୍ଥାନେ ଶବର
ବଇଦେହୀ ସାଇଁ, କୁଶ ଶଯ୍ୟା ଚାହିଁ
ଅଯୋଧ୍ୟାବାସୀ-ହୃଦ ହୋଇଲା ଅସ୍ଥିର ।୨୦।

ବୋଧି ସେଥି ଜଣେଜଣେ ଯେ ପଡୁ ଭରତ ଚରଣେ
ହୃଦେ ଆଲିଙ୍ଗନ, ଲୋକନେ ସୁମନେ,
ସୁମନେ ବୃଷ୍ଟି-କରନ୍ତି ଦେବତା ଗଣେ ।୨୧।

ଯେ ନିଷାଦ ଦେଶାଚାରେ ଯେ ଘୃଣ୍ୟ ଅସ୍ପୃଶ୍ୟ ଜାତିରେ
ଶ୍ରୀରାମ କନିଷ୍ଠ, ଭ୍ରାତୃ ହୋଇ ତୁଷ୍ଟ,
ଆଲିଙ୍ଗନ କୁ-କଲେ ଲଗାଇ ଛାତିରେ ।୨୨।

କୋଲ୍ହ କନ୍ଧ ବା ସାନ୍ତାଳ ହେ ଶବର ମ୍ଳେଛ ଚଣ୍ଡାଳ
ଯେ ହେଉ ସେ ରାମ ଦର୍ଶନରେ କାମ୍ୟ,
ହୁଏ ପୂରଣ-ପବିତ୍ର ନେତ୍ର ଯୁଗଳ ।୨୩।

ସନ୍ଧ୍ୟା ପ୍ରବେଶନ୍ତେ ଆସି ଯେ ସ୍ନାନ ଶୌଚେ ରାଜ୍ୟବାସୀ
ଗଙ୍ଗା ସ୍ନାନେ ଜଳ, ଦାନେ ପିତୃକୁଳ,
କରି ପୂଜନ-ରହିଲେ ତମ୍ବୁରେ ଆସି ।୨୪।

ହରୁ ସର୍ବେ ପଥ କ୍ଳାନ୍ତ ଯେ ଭ୍ରାତୃ ସଙ୍ଗେ ବୀର ଭ୍ରତ
ଅଶ୍ରୁ ପୂର୍ଣ୍ଣ ନେତ୍ର, କୁଶ ବନ ପଥ,
ଗଲେ ଯେ ସ୍ଥାନେ-ରାମ କାଟିଥିଲେ ରାତ୍ର ।୨୫।

ପ୍ରେମ ପୂର୍ଣ୍ଣ ହୃଦୟରେ ହେ ପ୍ରଦକ୍ଷିଣେ ଅଥୟରେ
ପାଦଧୂଳି ତୋଳି, ଅଙ୍ଗେ ହୋଇ ବୋଳି,
ପୁହାନ୍ତି ନିଶି-ଉନ୍ନିଦ୍ର ଅବୟବରେ ।୨୬।

ସୁମରି ପୂର୍ବ ଐଶ୍ୱର୍ଯ୍ୟ ଯେ ବଦନ୍ତି ସୂର୍ଯ୍ୟ ବଂଶଜ
ଅଭିମାନେ, ଶନି' ଯାରେ ବରଦାନୀ,
ତା କୁଳବଧୂ-ପାଇଁ କୁଶାସନ ଶେଯ ।୨୭।

ଯେ ମିତ୍ର ବଳରେ ଇନ୍ଦ୍ର ଯେ ଅମରାବତୀ ନରେନ୍ଦ୍ର
ସତୀ ଶିରୋମଣି, ଜନକ ଦୁଲ୍ଲଣୀ,
ହେଲେହେଁ ବଧୂ-ଏ କଷ୍ଟ ବିଧାତା ଛନ୍ଦ ।୨୮।

ବିଧାତାତ ବଳବାନ ହେ ବିଚିତ୍ର ଲୀଳା ମହାନ
ଜଗତ ମଙ୍ଗଳ ଯେଉଁ ଆଦିମୂଳ,
ବନ ପ୍ରାଦେଶେ-ପଦେ କରନ୍ତି ଗମନ ।୨୯।

Digitized by PPRACHIN, SOA

ଯେ ରଘୁବଂଶ ତିଳକ ହେ ରଖ୍ ପରମ୍ପରା ଟେକ
ତୁମ୍ଭ ପରା ଭାଇ ମନେ କଷ୍ଟ ଦେଇ ,
ଆସିଲେ ବନ-ଦୁର୍ଦ୍ଦଶା,ତା' ବାସ୍ତବିକ ।୩୦।
ଶବର ପ୍ରବୋଧୁ ମନ ଯେ ଥୟ ରାତ୍ର ଅବସାନ
ଗଙ୍ଗାକୂଳେ ଧର୍ମ ଅନୁଯାୟୀ କର୍ମ,
ସାରି ପୂଜନ୍ତି-ମାତା ଗୁରୁଙ୍କ ଚରଣ ।୩୧।
ଅନନ୍ତର ଯେ ଚରିତ ଯେ ଚିତ୍ରକୁଟେ ଯିବେ ଭ୍ରତ
ବେନି ତ୍ରିଂଶ ପଦେ ଏ ଛାନ୍ଦ କୋବିଦେ,
କରେ ବର୍ଣ୍ଣନା-ଦୟା ନାମେ ରଖ୍ ଚିତ୍ତ ।୩୨।

ଭରତଙ୍କ ଭରଦ୍ୱାଜଙ୍କ ସହିତ ଭେଟ

ଛାନ୍ଦ - ୧୨

(ରାଗ-ଚିନ୍ତା ଦେଶାକ୍ଷ) (ଆହା ଧନୁର୍ଦ୍ଧର ବୀରବର ବୃତ୍ତେ)

ଶୂଳୀ କହନ୍ତି ଶୁଣ ନଗଜା, ଥାଟ ଆଗେ ଶୃଙ୍ଗବେର ରାଜା
କଢ଼ାଇଣ ବାଟ ନେଇ ଚିତ୍ର କୂଟ, ଗଙ୍ଗା ତୀରେ ନିଜ ନାବ ପ୍ରଜା
ହେ ସୁଜନେ ।୧।
ଭ୍ରତ ବସିଯିବା ପାଇଁ ରଥେ, ପ୍ରଜା ବିନୟେ ବୁଝାନ୍ତି ପଥେ
ଭାଷନ୍ତି ସେବନ ମଧ୍ୟେ ରଘୁରାଣ ପଦେ ଭ୍ରମନ୍ତି ମୁଁ ଯିବି ରଥେ
ହେ ପ୍ରଜାଏ ।୨।
ଦଣ୍ଡ ପ୍ରଣାମେ ଯିବା ବିହିତ, ସେବା କର୍ତ୍ତବ୍ୟେ ହେବ ଉଚିତ
ସୁଖ ସମୁଚୟ, ଏବେଳେ ବିଧେୟ ନୁହେଁ ବୃଥା କିମ୍ବା ସର୍ବେ ବ୍ୟସ୍ତ
ହେ ପ୍ରଜାଏ ।୩।
ଭ୍ରତ ପଦରେ କାନନ ପଥେ ଦିନ ଅର୍ଦ୍ଧାଂଶେ ପ୍ରୟାଗ ତୀର୍ଥେ
ଦେଖ୍ ଉଲ୍ଲସିତ ସର୍ବେ ଯୋଡ଼ି ହସ୍ତ , ପ୍ରେମେ ଭିକ୍ଷା ରାମ ଦର୍ଶନାର୍ଥେ
ହେ ସୁଜନେ ।୪।
ଧର୍ମ ଅର୍ଥ କାମ ଅକାରଣ, ଲୋଡ଼ା ରାମ ଅଭୟ ଚରଣ
ମୁକତି କାମନା ପାଶେ କରିମନା ଭକ୍ତି ମାର୍ଗେ ଇଚ୍ଛନ୍ତି ଦର୍ଶନ
ହେ ସୁଜନେ ।୫।
ବୃଷ୍ଟି ଜଳକୁ ଚାତକ ଚାହିଁ, ଜଳହୀନେ ବଜ୍ରପାତ ସହି
ଶୀଳାର ପ୍ରହାର ସହୁ ଶାସ୍ତ୍ରକାର ଜଳପକ୍ଷୀ ପ୍ରେମଶାସ୍ତ୍ରେ ଗାଇ
ହେ ସୁଜନେ ।୬।

Digitized by PPRACHIN, SOA

ସର୍ବେ ଭରଦ୍ୱାଜା ଶ୍ରମେ ଗଲେ, ରଷି ଆସୁ କଲ୍ୟାଣ ବାଞ୍ଛିଲେ
ମାତା କୃତ କର୍ମ କହୁ ଭ୍ରତ ମର୍ମ ଦହୁ ରଷି ବହୁ ବୁଝାଇଲେ,
ହେ ସୁଜନେ ।୭।

ମହାରାଣୀ କୈକେୟୀଙ୍କ ଦୋଷ, ନାହିଁ ଶାସ୍ତ୍ର ଦିଏ ତା ଆଭାସ
ଲୌକିକ ବୈଦିକ ଦୁଇମତ ଏକ ନୁହେଁ ଏଣୁ ଦେଇଛନ୍ତି ଦୋଷ
ହେ ଭରତ ।୮।

ପାରମାର୍ଥିକ ବୈଦିକ ମତେ, ଦୋଷୀ ନୁହନ୍ତି ଲୌକିକ ମତେ
କରନ୍ତି ଦୋଷିଣୀ ତୁମ୍ଭେ ସର୍ବଜାଣି ଦୋଷୀ କିମ୍ପାଇ କରୁଛ ସତେ
ହେ ଭରତ ।୯।

ଧାତା ଇଚ୍ଛାରେ ଯାହା ସମ୍ଭୂତ, ସେଥି ମାତାଙ୍କର କି ଆୟତ
ଏତ ଦୈବ କୋପ ବୃଥା ଅନୁତାପ ଶ୍ରେଷ୍ଠତମ କାର୍ଯ୍ୟେ ଅଛ ରତ
ହେ ଭରତ ।୧୦।

ଯାହା ବିଧାତା କର୍ତ୍ତୃକ ତାହା, ପ୍ରତିରୋଧେ କେ ଟେକିବ ରାହା
ମାତା କୃତ କର୍ମେ ଯା ଭାବୁଛ ମର୍ମେ ଅପରାଧି ନୁହନ୍ତି କୈକେୟା
ହେ ଭରତ ।୧୧।

ତୁମ୍ଭେ ଧାର୍ମିକ ପିତା ସୁପୁତ୍ର, ରାମ ରଘୁକୁଳ ପ୍ରିୟ ପୁତ୍ର
ଏ ହେତୁ ତୁମ୍ଭର ଏ ବିସ୍ମୟ କର ଭ୍ରାତୃ ପ୍ରେମ ସଦା ଜାଗରିତ
ହେ ଭରତ ।୧୨।

ରାମ ପ୍ରୀତି ଅମୃତ ସାଗରେ ପାନ କରାଉ ବିଶ୍ୱ ମାର୍ଗରେ
ଭକତି ଆଦର୍ଶ, ଅନୁରକ୍ତେ ବଶ ଜନେ ଘୋଷିବେ ଦିବା ନିଶାରେ,
ହେ ଭରତ ।୧୩।

ମାତା କର୍ମରୁ ଯା'ରେଖା ପାତ ସେଥୁ ଭ୍ରାତୃ ଭକ୍ତିର ଦୃଷ୍ଟାନ୍ତ
ରାମଚନ୍ଦ୍ରେ ଭକ୍ତି ଭରତ ଭକତି ସୃଷ୍ଟିଥାଉ ଘୋଷିବେ ଜଗତ
ହେ ଭରତ ।୧୪।

ମୋର ତପଶ୍ଚର୍ଯ୍ୟା କର୍ମ ଫଳ ରାମ ଦର୍ଶନୁ ବଢ଼ି ପ୍ରବଳ
ତୁମ୍ଭର ଦର୍ଶନେ ସାର୍ଥକ ଲଭିଲେ ଏବେ ପ୍ରୟାଗ ବାସୀ ସକଳ
ହେ ଭରତ ।୧୫।

ତହୁଁ ପୁଚ୍ଛନ୍ତି ବ୍ୟାକୁଳେ ଭ୍ରତ ମୋର ବ୍ୟାଧି ଅନ୍ତେ ତପୋବନ୍ତ
ଦିଅନ୍ତୁ ଭେଷଜ ଯା ଅଶନେ ଧାର୍ଯ୍ୟ ରହି କାର୍ଯ୍ୟ ହେବ ସର୍ବ ଅନ୍ତ
ହେ ମୁନୀନ୍ଦ୍ର ।୧୬।

ମୋହ ଦୈନ୍ୟ ଭୟ ହ୍ରାସେ ହାନି, କ୍ଷୁଧା ତୃଷା କ୍ଷୋଭ କୀର୍ତ୍ତିଗ୍ଲାନି
ଏହି ଦଶ ଦଶା ହେଲେ ମୋର ପଶା ରାମଚନ୍ଦ୍ର ହେଉ ବନଗାମୀ
ହେ ମୁନୀନ୍ଦ୍ର ।୧୭।

Digitized by PPRACHIN, SOA

ଭରତ,ଶତ୍ରୁଘ୍ନ, ରାଜ ପାରିଷଦ ଓ ପ୍ରଜାକୁଳ ରାମଙ୍କୁ ଫେରାଇ ଆଣିବା ପାଇଁ ଚିତ୍ରକୂଟେ ଗମନ

ଭରଦ୍ୱାଜ ମୁନିଙ୍କ ସମ୍ମୁଖରେ ରାମ,ଲକ୍ଷ୍ମଣ ଓ ସୀତାଙ୍କ ସହିତ ଭରତ,ଶତ୍ରୁଘ୍ନଙ୍କ ଭେଟ

ରାମଙ୍କୁ ବନରୁ ଫେରାଇ ନେବା ପାଇଁ ଭରତ ଓ ଶତ୍ରୁଘ୍ନଙ୍କର ନିବେଦନ

ଭାତୃଭକ୍ତ ଭରତଙ୍କୁ ପ୍ରଭୁ ଶ୍ରୀରାମଙ୍କ ପାଦୁକା ପ୍ରଦାନ

Digitized by PPRACHIN, SOA



ଭ୍ରାତୃଭକ୍ତ ଭରତ ଶ୍ରୀରାମଙ୍କ ପାଦୁକା ସହିତ ଗମନ

Digitized by PPRACHIN, SOA

ସେ ବିରହାନଳେ ମୋର କାୟ ସ୍ମରୁ କ୍ଷୁଧା ନିଦ୍ରା ଗଲେ କ୍ଷୟ
ଏ ବ୍ୟାଧି ଭେଷଜେ, ବିଶ୍ୱବୈଦ୍ୟ ଧାର୍ଯ୍ୟେ ଦେଉ କଦା ନୁହେଁ ନିରାମୟ
ହେ ମୁନୀନ୍ଦ୍ର ।୧୮।
ଭରଦ୍ୱାଜ ଋଷି କହୁଛନ୍ତି, ମନସ୍ତାପ ଛାଡ଼ି ଲଭ ଶାନ୍ତି
ଶ୍ରୀରାମ ଲକ୍ଷ୍ମଣ, ଜାନକୀ ଦର୍ଶନ ଅଳ୍ପ ଦୂର- ରେ ହୋଇବ ପ୍ରାପ୍ତି
ହେ ଭରତ ।୧୯।
ରାଜା ପ୍ରଜା ପାରିଷଦ୍ ରଥି ସର୍ବେ ହୁଅନ୍ତୁ ମୋର ଅତିଥି
ସ୍ୱୀକୃତେ ଭରତ ହୁଅନ୍ତି ଦୁଃଖିତ ବହୁଜନ ଖାଦ୍ୟ ପେୟ ଚିନ୍ତି
ହେ ସୁଜନେ ।୨୦।
ଋଷି ସ୍ମରୁ ଅଣିମାଦି ସିଦ୍ଧି, ଆସି ଆନନ୍ଦ କଲେ ସେ ବୃଦ୍ଧି
କି ଆଜ୍ଞା ପାଳିବୁ କହନ୍ତେ କହନ୍ତି ଖାଦ୍ୟ ସାମଗ୍ରୀ ଦିଅ ସମ୍ପାଦି
ହେ ସିଦ୍ଧିୟେ ।୨୧।
ଋଦ୍ଧି ସିଦ୍ଧି ଆଜ୍ଞା ପରମାଣେ ପରସ୍ପର ବାକ୍ୟ ସମ୍ପାଦନେ
ଦାସ ଦାସୀ ଯାନ ବସ ବାସସ୍ଥାନ ଖାଦ୍ୟମାନ ଯୋଗାଇ ଯତନେ
ହେ ସିଦ୍ଧିୟେ ।୨୨।
ପୁଷ୍ପ ମାଲ୍ୟାଦି ଗନ୍ଧ ଚନ୍ଦନେ ପୂଜି ବସାଇ ଦିବ୍ୟ ଆସନେ
ଲେହ୍ୟ,ପେୟ,ଚର୍ବ୍ୟ ଚୋଷ୍ୟ ଚାରି ଦ୍ରବ୍ୟ ପରଷି ଦେଲେ ବସୁ ଭୋଜନେ
ହେ ସିଦ୍ଧିୟେ ।୨୩।
ଦେଖି ପ୍ରଜା ବିସ୍ମିତ ହୁଅନ୍ତି, ଋଷି ତପଶ୍ଚର୍ଯ୍ୟା ସିଦ୍ଧି ଚିନ୍ତି
ଧର୍ମ,ଅର୍ଥ,ମୋକ୍ଷ, କାମନା,ପ୍ରତ୍ୟକ୍ଷ ଏଥି ପ୍ରାପ୍ତି କହି ବିଶ୍ରମନ୍ତି
ସେ ପ୍ରଜାଏ ।୨୪।
ପ୍ରଭାତରୁ ସ୍ନାନ ଶୌଚ ସାରି ପିତୃକୁଳେ ଦେଲେ ତୀର୍ଥ ବାରି
ବିଦାୟ ବେଳରେ ଋଷି ବର ଦେଲେ ସର୍ବେ ଅଭୟେ ରାମ ଉଚ୍ଚାରି
ହେ ସୁଜନେ ।୨୫।
ସୈନ୍ୟ ଆରୋହିଲେ ନିଜ ଯାନ ପଥ ଦେଖାଇଲେ ଶିଷ୍ୟଗଣ
ସେ ରଜନି କରେ ଗ୍ରାସ ପରି ଖରେ ଦେଖା ନଗଲେ ସୂର ଅରୁଣ
ହେ ସୁଜନେ ।୨୬।
ତେଣେ ଲକ୍ଷ୍ମଣ ବସା ଜଗନ୍ତି, ରାମ ସୀତା ବନେ ବିହରନ୍ତି
ବେନି ବଣ ମଲ୍ଲୀ ତୋଳି କରି ମାଳି କରେ ଗୁନ୍ଥି ଗଳାରେ ଲମ୍ବାନ୍ତି
ହେ ସୁଜନେ ।୨୭।
ସ୍ନାନ ଅନ୍ତେ ଓଦା ବାସେ ସତୀ ଶୀଳାଯିତୁ ଶୀଳାରେ ବସନ୍ତି
ଉଠନ୍ତେ ଗୈରିକ ଶ୍ରୀ ରଘୁନାୟକ, ଦେଖି ପରି- ହାସ ଯେ କରନ୍ତି
ହେ ସୁଜନେ ।୨୮।

Digitized by PPRACHIN, SOA

କାହିଁ ସତୀ ଦେଖି କୀଣ ଶିଶୁ, ସଭୟେ କାନ୍ତ କୋଳରେ ପଶୁ
ସୀମନ୍ତର ବି ନ୍ଦୁ ନାଥ ମାଥେ ଇନ୍ଦୁ ପରି ଯଥା ପୋଛି ଲଜ୍ଜା ବସ୍ତୁ
ହେ ସୁଜନେ ।୨୯।

ଦିନେ ରାଘବ ଜାନକୀ କୋଳେ ନିଦ୍ରାଯାନ୍ତେ ଜୟନ୍ତ ଏ କାଳେ
ସୀତା ପରୀକ୍ଷାରେ ବାୟସ ରୂପରେ ଯାଇ ବିଡ଼ିବା ପାଇଁ ସେ ଛଳେ
ହେ ସୁଜନେ ।୩୦।

ବୈଦେହୀଙ୍କର ପଦ କମଳ ରଙ୍ଗ ବର୍ଣ୍ଣ ମାଂସ ମଣିଖଳ
କରୁ ଚଞ୍ଚୁଘାତ ରାମ ପଦେ ଚିତ୍ତ ସତୀ ବେଶ ବାସ ଅସମ୍ଭାଳ
ହେ କୋବିଦେ ।୩୧।

ନିଦ୍ରା ନ ଭାଙ୍ଗିବା ମାନସରେ ଦେବୀ ବାରଣ କରନ୍ତେ ତାରେ
ଝାମ୍ପ ଦେଇ ନଷ୍ଟ କାକ,କୁଚ,ଓଷ୍ଠ ଆଘାତୁ ସ୍ରବେ ରୁଧିର ଧୀର
ହେ କୋବିଦେ ।୩୨।

ସର୍ବ ଅନ୍ତର୍ଯ୍ୟାମୀ ନାରାୟଣ ନେତ୍ର ମଳି ଉଠିଲେ ତତ୍‌କ୍ଷଣ
ଦେଖୁ ଚଞ୍ଚୁଘାତ କ୍ରୋଧେ ମର୍ମାହତ ପୁଣି କ୍ରୋଧ କରି ସମ୍ବରଣ
ହେ ସୁଜନେ ।୩୩।

ଏକାଳରେ ବିଲୋକିଲେ ବୀର କାକ ଚଞ୍ଚୁ ରକ୍ତ ଜରଜର
ଆଣି ତୃଣ ଖଣ୍ଡେ ପ୍ରତିଶୋଧ ଦଣ୍ଡେ ମନ୍ତ୍ରୀ ପେଷିଲେ ବାୟସ ପର
ହେ ସୁଜନେ ।୩୪।

ପ୍ରଜ୍ୱଳିତ ହୋଇ ତୃଣ ଯାଏ, ପ୍ରାଣଭୟେ ବାୟସ ପଳାଏ
ବୁଲି ତ୍ରିଭୁବନ ମାଗନ୍ତେ ଶରଣ କେହି ସାହାଯ୍ୟ ନ ଦେଲେ ଭୟେ
ହେ ସୁଜନେ ।୩୫।

ବ୍ରହ୍ମା ଇନ୍ଦ୍ରାଦି ଦେବତାଗଣେ କ୍ଷମ ନ ହୋଇଲେ କେହି ଜଣେ
ନାରଦ ଉବାଚେ, ରାମ ପଦେ ନୀଚେ ଲୋଟୁ ଦୟାଳୁ ଦୟାଳୁ ପଣେ
ହେ ସୁଜନେ ।୩୬।

ବଲ୍‌ଗିଲେ ମୋର ଅମୋଘ ଶର ଜୀବ ରଖି ନେତ୍ରେ ଘାତ କର
ଶରାଘାତ ପ୍ରାପ୍ତେ ତୋ ବଂଶେ ସମସ୍ତେ ଟେରା ନେତ୍ର ହେବେ ଟେରାବତ
ରେ ବାୟସ ।୩୭।

କାକ ବକ୍ର ଦୃଷ୍ଟି ଉପାଖ୍ୟାନ ଏହି ସ୍ଥାନେ କରିଣ ବର୍ଣ୍ଣନ
ରାମ ସୀତାଙ୍କର କାନନ ବିହାର, ବୁଧେ ଏଠାରେ ହେଲା ସମ୍ପୂର୍ଣ୍ଣ
ହେ ସୁଜନେ ।୩୮।

ଯହୁଁ ଆଖ୍ୟାନ ଶେଷ ହୋଇଲା ଦୟାନିଧି ରାମେ ଜଣାଇଲା
ପ୍ରବନ୍ଧେ ଏ ଛାନ୍ଦ ଷଟ୍‌ତ୍ରିଂଶ ପଦ ଜନେ ଭବୁ ତରିବାକୁ ଭେଳା
ହେ ସୁଜନେ ।୩୬।

Digitized by PPRACHIN, SOA

ଚିତ୍ରକୁଟେ ଶ୍ରୀରାମ ଦର୍ଶନ

ଛାନ୍ଦ - ୧୩

(ରାଗ-କାମୋଦୀ)

ଚିତ୍ରକୁଟ କାନନେ	ସୈନ୍ୟ କପଟ ଶୂନ୍ୟେ	ଧରି ରାମାନୁଜ ପ୍ରବେଶ
ବିଦୂରୁ କୋଳାହଳ	ରୋଳ ସୁମିତ୍ରାବାଳ	ଶୁଣି ଚଢ଼ି ପାଦପ ଶୀର୍ଷ
ହେ ସାଧୁଜନେ
ନିକ୍ଷେପ କରିଣ ଇକ୍ଷଣ	ଜଣାନ୍ତି ଅଗ୍ରଜେ ତକ୍ଷଣ
ନ ଆରୋହି ସ୍ୟନ୍ଦନ	ପ୍ରଜା ସେନା ସଇନ	ସହ ଭରତ ଆଗମନ
ହେ ସାଧୁଜନେ ।୧।
ବୈମାତୃ ଗୁଣ ଧରି	କାଳୀ, ବିଭବ ହରି	ନେବା ପରି ଏ ବୈନତେୟ
ଚିତ୍ତରଖି ବିବାଦେ	ସେନା ଘେନି ପ୍ରମୋଦେ	ଭରତ ଆଗମ ପ୍ରତ୍ୟୟ
ହେ ଚାପଧାରୀ
ଆଦେଶ ଦିଅନ୍ତୁ ଆପଣ	କାମନା କରିବି ଭଞ୍ଜନ
ଭ୍ରତ ସହ ଶତ୍ରୁଘ୍ନ	ସମସ୍ତ ସେନା ସୈନ୍ୟ	ଦେଖିବେ ଶମନ ସଦନ
ହେ ଚାପଧାରୀ ।୨।
ହସି ଜାନକୀ ସାଇଁ	ବୁଝାନ୍ତି ଶୁଣ ଭାଇ	ବୁଝ ଉଦ୍ଦେଶ୍ୟ ଜ୍ଞାନୀବତ
ଏ ଭାବନା ଉଚିତ	ନୁହେଁ ଭରତ ଚିତ୍ତ	ସର୍ବଦା ମୋ ପଦେ ଆଶ୍ରିତ
ରେ ସଉମିତ୍ରି
ବୃଥା ତୁ ନଭାବ ଏମନ୍ତ	ଆମ୍ଭଙ୍କୁ ନିନ୍ଦିବେ ଜଗତ
ଅଳ୍ପ ସମୟପରେ	ସର୍ବେ ଭେଟା ଭେଟିରେ	ବୁଝାଯିବ ସର୍ବ ଚରିତ
ରେ ସଉମିତ୍ରି ।୩।
ବାରିଦ ବୃଷ୍ଟିକାଳେ	ସେ କୂପ ତଡ଼ାଗରେ	ପ୍ରବେଶ ଆବିଳ ଜଳତ
ନିଜସ୍ୱ ଗୁଣତତ୍ତ୍ୱ	ନିର୍ମଳ ପରିମାତ	ଦ୍ୱାରା ନୁହେଁ ଏ କଳୁଷିତ
ରେ ସଉମିତ୍ରି
ନଦୀ ତଡ଼ାଗ କୂପଭିନ୍ନ	କିନ୍ତୁ ସେ ଅଟଇ ଅଭିନ୍ନ
ଆମ୍ଭେ ଚାରି ସେ ପରି	ଏକ ଜୀବନ ଚାରି-	ଙ୍କର ଅବୟବ ତ ଭିନ୍ନ
ରେ ସଉମିତ୍ରି ।୪।
ବିଶ୍ୱସ୍ରଷ୍ଟା ସଗୁଣ	କ୍ଷୀର ନୀର ନିର୍ଗୁଣ	ମିଶାଇ ଏ ସୃଷ୍ଟି କରିଛି
ସେ ପ୍ରପଞ୍ଚୁ ମାନସେ	ଏ ରଘୁକୁଳ ବଂଶେ	ଭରତ ଉଭବ ହୋଉଛି
ରେ ସଉମିତ୍ରି
ସେ ସଗୁଣ ନିର୍ଗୁଣ ଭେଦ	ଭାବ ନ ବୁଝି ବୃଥା ବାଦ

Digitized by PPRACHIN, SOA

ଦୁଗ୍ଧ ଭାଣ୍ଡରୁ ହଂସ ବାରି ବାରି ଦୁଗ୍ଧାଂଶ ଘେନେ, ଘେନ ଏ ଭାବ ହୃଦ
ରେ ସଉମିତ୍ରି ।୫।

ଋଷିଶ୍ରେଷ୍ଠ ବଶିଷ୍ଠ ସଙ୍ଗେ ଭରତ ପୃଷ୍ଠ ପୋଷକ ଗୁରୁଜନ ମାତା
ପାତ୍ର ମନ୍ତ୍ରୀ ଅମାତ୍ୟ ସେନାପତି ସଙ୍କେତ ଦାତା ସୁ ନିର୍ବାଚିତ ନେତା
ଯେ ହେ ମୋ ମିତ୍ର

ଆବେଗ ବ୍ୟାକୁଳେ ସଂକୁଳ ଗୁହକ ପ୍ରକାଶେ ତତ୍‌କାଳ
ଗୁରୁ ଆଗମ ଜାଣି ରାମ ଲକ୍ଷ୍ମଣ ବେନି ପାଛୋଟି ଯାଉ ପଥେ ମେଳ
ହେ ସାଧୁଜନେ ।୬।

ଭକ୍ତି ପୂର୍ଣ୍ଣ ପ୍ରଣାମ ସାନୁଜ ସଙ୍ଗେ ରାମ କରନ୍ତେ ଗୁରୁ କଲେ କୋଳ
ପ୍ରେମେ ହୋଇ ବିହ୍ୱଳ ଝାଡୁ ରଜ'ନି' କର ପୁଷ୍ପ ବର୍ଷନ୍ତି ଦେବ କୁଳ
ହେ ସାଧୁଜନେ

ଏକ ଆଦିତ୍ୟ ବହୁସ୍ଥାନ ଆଲୋକ ଦିଅନ୍ତି ଯେସନ
ଇଚ୍ଛାନୁରୂପ ଫଳ ପ୍ରାପ୍ତି ହେଲା ସକଳ ମଙ୍ଗଳ ଶ୍ରୀରାମ ଦର୍ଶନ
ହେ ସାଧୁଜନେ ।୭।

ନିଜ କର୍ତ୍ତବ୍ୟ ଦ୍ୱାରା ଭରତ ଭକ୍ତି ସାରା ସୃଷ୍ଟି କରିବ ଆଲୋଡ଼ନ
ଯଚ୍ଚରିତ୍ର ସଦ୍‌ଗୁଣ ପ୍ରେମ କୃପା ନିଧାନ ସିନ୍ଧୁର ସରିତ ସମାନ
ହେ ସାଧୁଜନେ

ଚାତକ ମୀନ ପରାକାଷ୍ଠା ବାରି ନବ ନିୟମେ ସ୍ରଷ୍ଟା
କୃପାବାରି ବର୍ଷଣେ ସଉମିତ୍ରି ଘର୍ଷଣେ ଦଷ୍ଟ ଜାନକୀ ଧବ ଦୃଷ୍ଟି
ହେ ସାଧୁଜନେ ।୮।

ବଇଦେହୀ ବିଳାସ ସଙ୍ଗେ ଊର୍ମିଳା ଈଶ ନିକର ଉଦାରତା ଗୁଣେ
କୈକେୟୀ ଆଦିମାତ ପାଦେ ପଡ଼ି ବହୁତ ପ୍ରବୋଧି ପୂଜନ୍ତି ବ୍ରାହ୍ମଣେ
ହେ ସାଧୁଜନେ

ଏମନ୍ତେ ଶତ୍ରୁଘ୍ନ ଭରତ ଦେଖି, ଲକ୍ଷ୍ମଣ ରଘୁନାଥ
ଜନତା ଯୁତ କର ବିନତି ପରକାର ସାଷ୍ଟାଙ୍ଗେ କରି ପୁଣି ପାତ
ହେ ସାଦୁଜନେ ।୯।

ସାନୁଜେ କୋଳାଗ୍ରତ କରିଣ ରଘୁନାଥ କହନ୍ତି ରାଜା ହୋଇ ଶିରେ
ଜଟା ବାନ୍ଧି ବଲ୍‌କଳ ଶୀର୍ଣ୍ଣକାୟ କେଖଳ ଏ ବୁଦ୍ଧି ଦେଲା ମାନସରେ
ରେ ମୋ ସାନୁଜ

ଜନନୀ ସହିତ ଜନଙ୍କୁ ଘେନିଣ ଆଗତ ବନକୁ
ଅର ଏକା ହୋଇ ଥିବେ ପଥକୁ ଚାହିଁ କିମ୍ବା ଆଣିଛ ଆସନକୁ
ରେ ମୋ ସାନୁଜ ।୧୦।

Digitized by PPRACHIN, SOA

ମନ୍ଦାକିନୀ ତଟରେ ଛାଡ଼ି ତୁମ୍ଭଙ୍କୁ ଖରେ ସୁମନ୍ତ କରିଲେ ଗମନ
ପିତାଚିନ୍ତା ବାତାପ ବଢ଼ି ପ୍ରାଣ ପ୍ରଦୀପ ସେ ନିଶି କଲା ନିର୍ବାପନ
ହେ ଚାପଧାରୀ
ମାତାଏ ପାଶରେ ନଥିଲେ ନିର୍ମାଲ୍ୟ ଜଳ କେ ନ ଦେଲେ
ନ ଦେଖି କାହା ମୁଖ ପିତା ମରତ ସୁଖ ତେଜିଣ ଇହଧାମୁ ଗଲେ
ହେ ଚାପଧାରୀ ।୧୧।
ନ କରି ଶେଷକୃତ୍ୟ ଗୁରୁ ପଠାଇ ଦୂତ ଆମ୍ଭକୁ ଆଣିଲେ ଡ଼କାଇ
ବସି ସଭାସଦସ୍ୟ ପିତାଙ୍କର ଆଦେଶ ଆସନ ଅଳଙ୍କୃତ ପାଇଁ
ହେ କହୁମୋତେ
ବିବେକ ବିରୋଧେ ମାନସ କରାଇ ପ୍ରେତକୃତ୍ୟ ଶେଷ
ତବେ ଭୂପ କରାଇ ଅଯୋଧ୍ୟା ନେବାପାଇଁ ଆସିଛୁ କ୍ଷମ ସର୍ବ ଦୋଷ
ହେ ଚାପଧାରୀ ।୧୨।
ପତିପୁତ୍ର ବିହୀନ ଅଯୋଧ୍ୟା ଶିରୀହିନ ଶୂନ୍ୟ ଦିଶଇ ସିଂହାସନ
ଗୁରୁପିତାଙ୍କ ବାକ୍ୟ ଚିନ୍ତା କରି ଅନେକ କାନନେ ଆମ୍ଭ ଗମନ
ହେ ଚାପଧାରୀ
ଅଭିଷେକ ଉପକରଣ ସହିତେ ମାତା ବନ୍ଧୁଗଣ
ସଭାସଦ ବୃନ୍ଦଙ୍କ ସହିତେ ଅଭିଷେକ ଦର୍ଶନେ ବିପିନେ ଗମନ
ହେ ଚାପଧାରୀ ।୧୩।
ପିତାମୃତ୍ୟୁ ସମ୍ବାଦ ଶ୍ରବଣେ ରାମଚନ୍ଦ୍ର ଶୋକ ସାଗରେ ନିମଜ୍ଜିଲେ
ଲେପି ଅଙ୍ଗେ ଇଙ୍ଗୁଦି- ରସ ସ୍ନାହାନେ' ନଦୀ ନୀରେ ତର୍ପଣାଦି ସର୍ଜିଲେ
ସେ ଚାପଧାରୀ
ଯିବା ନିମନ୍ତେ ଆଶ୍ରମରେ ପ୍ରକାଶୁ ଚଳନ୍ତି କ୍ରମରେ
ଅରଣ୍ୟର ସୌନ୍ଦର୍ଯ୍ୟ ଲୋକନେ ହତଧୈର୍ଯ୍ୟ ବଶିଷ୍ଠ ବିଶିଷ୍ଟ ପ୍ରେମରେ
ସେ ଚାପଧାରୀ ।୧୪।
ଅଷ୍ଟମ ବୃହସ୍ପତି ବନେ ଆଣି ନୃପତି, କରିଛି ଚିତ୍ରକୁଟ କୂଟେ
ଯହିଁ ବିଜେ ରାଘବ କିସ ସେଥି ଲାଘବ ହୋଇବ ସେ ନାମ ସମ୍ମୁଟେ
ହେ ସାଧୁଜନେ
ସେ ରାଜ୍ୟେ ବୈରାଗ୍ୟ ସଚିବ, ଜ୍ଞାନ ବିଜ୍ଞାନ ନୃପଭାବ
ରାଜଧାନୀ ଆସୀନ ବେଷ୍ଟିତ ଲତାଘନ ସଞ୍ଜମ ଦ୍ୱାସ୍ଥ କରେ ରବ
ହେ ସାଧୁଜନେ ।୧୫।

Digitized by PPRACHIN, SOA

ତିନି ରାଣୀ ସୁମତି ପବିତ୍ର ଆଦି ଶାନ୍ତି ସେ ରାଜ ସୌଧ ବିଳାସିନୀ
ଏହି ରାଜ ସପ୍ତାଙ୍ଗ ବିଜେ ଜାନକୀ ସଙ୍ଗ ରାଘବ ପ୍ରୀତି ବରାନନୀ
ହେ ସାଧୁଜନେ

ବିବେକ ମୋହ କରୁ ନାଶ ନିଷ୍କଣ୍ଟକ କଟକେ ବାସ
ସ୍ଥାନେ ସ୍ଥାନେ ଆଶ୍ରମ ଯଥା ନଗରୀ ଗ୍ରାମ ବିହଙ୍ଗମ ଡ଼ାକଇ ଆସ
ହେ ସାଧୁଜନେ ।୧୬।

ଯା ବୈରାଗ୍ୟ କରୁଣା ନଦୀର ଧାରଗଣା, ଜ୍ଞାନକୁ ମିଶଇ ତ୍ରିତାପ
ଗଙ୍ଗା ଯମୁନା ବାଣୀ ଶ୍ରୀରାମ ବନେ ଆଣି ଜ୍ଞାନ ନାଶନେ ନାଶ ନୃପ
ହେ ସାଧୁଜନେ

ଭରତ ସାଧନା ବୈରାଗ୍ୟ, ତ୍ରିବିଧ ଧାରେ ସ୍ରୋତ ସର୍ଗ
ଭୟଭ୍ରାନ୍ତି ଭଉଁରୀ, ଜ୍ଞାନୀ ଗଣ୍ୟ ନାଉରୀ ବଶିଷ୍ଠ ଆଦି ଋଷି ବର୍ଗ
ହେ ସାଧୁଜନେ ।୧୭।

ଏକାଳେ ନିଶାଯୋଷା କୁସୁମେ ହୋଇ ଭୂଷା କ୍ରମେଣ କରନ୍ତେ ଗମନ
ପଦ୍ମିନୀ ବିରୋଧିନୀ କୁମୁଦ ମୋଦ ମଣି ବିଧୁ ମିଳନେ ଛନ ଛନ
ହେ ସାଧୁଜନେ

ତଡ଼ାଗେ ପ୍ରସ୍ଫୁଟିତ ସୁଖେ, ବିହଙ୍ଗେ ନଭେ ବାସ ମୁଖେ
କମ୍ବୁ ଶମ୍ବୁ ଆଳରେ, ଅନୁମୋଦନ କରେ ଏ ନିଶି ବାଦକର ମୁଖେ
ହେ ସାଧୁଜନେ ।୧୮।

ବିଚାରେ ସଦାନନ୍ଦ ବିଶ୍ୱାମିତ୍ର ସାନନ୍ଦ ମନେ କାମଧେନୁ ସୁତାଙ୍କୁ
ଲୋଡ଼ିକଲେ ପ୍ରକାଶ ପ୍ରଜା କରିବେ ଗ୍ରାସ ସୁଦିବ୍ୟ ବ୍ୟଞ୍ଜନ ରସକୁ
ଗୋ ମାହେଶ୍ୱରୀ

ସୁଫଳ ରାଜଙ୍କ ଅଶନେ, ଦଧି ଯେ ବ୍ରତୀଙ୍କ ପ୍ରାଶନେ
ଦେଉ ସୀତାଙ୍କ କର ଅନ୍ନପୂର୍ଣ୍ଣା ମନ୍ତ୍ରର ପ୍ରଭାବେ, ପୂର୍ଣ୍ଣ ସେ ମିଷ୍ଟାର୍ଣ୍ଣେ
ଗୋ ମାହେଶ୍ୱରୀ ।୧୯।

ସେ କଉଶଲ୍ୟା ରାଣୀ, ସୀତେ ଭାଷନ୍ତି ବାଣୀ କାହାର ଦୋଷ ଏଥି ନାହିଁ
ଭୋଗ ଭାଗ୍ୟ ଅଧୀନ ସୁଖ ଦୁଃଖ କାରଣ ଦଇବ, ଅନିନ୍ଦ୍ୟା କୈକେୟୀ
ହେ ବଧୂ ଶୁଣ

ଭାଗ୍ୟ ଅଶୁଭ ଫଳ ଦିଏ, ମନୁଷ୍ୟ ଆୟତ୍ତେ ନଥାଏ
ଉତ୍ପତ୍ତି ସ୍ଥିତି ଲୟ, ଅମୃତ ବିଷଚୟ କୁକର୍ମ ମୋହ ଦୋଷୁ ପାଏ
ହେ ବଧୂଶୁଣ ।୨୦।

Digitized by PPRACHIN, SOA

ପୁଣି କୌଶଲ୍ୟା ରାଣୀ କ୍ଷୀଣ କଣ୍ଠରେ ଭଣି ରାମ ଲକ୍ଷ୍ମଣ ବନବାସ
ନ ହୁଏ ମୁଁ ବିମନା ମାତ୍ର ଭ୍ରତ ବେଦନା ଚିନ୍ତି ମୋ ଧୈର୍ଯ୍ୟ ହୁଏ ନାଶ
ହେ ବଧୂ ଶୁଣ
ଭରତେ ଏ ଭାତୃ ବିରହ, ଧୈର୍ଯ୍ୟ ଧରିବା ମୋ ସନ୍ଦେହ
ସ୍ୱର୍ଣ୍ଣ କଷଟି ଶିଳେ ମଣି ଉତ୍କର୍ଷ ତୁଳେ ତା କଷ ଉଦ୍ରତା ସମୂହ
ହେ ବଧୂ ଶୁଣ ।୨୧।
ଯାଗୁଣ ଶିଷ୍ଟାଚାର, ସ୍ୱଭାବ ଭରତର ପ୍ରେମ ବିନୟ ଭ୍ରାତୃଭକ୍ତି
ତା କଳନା ନ ଯାଇ ସମୁଦ୍ର ଜଳ କାହିଁ ଶାମୁକା ମାପେ ହେବ ଶାନ୍ତି
ହେ ବଧୂଶୁଣ
ଦୁର୍ଭାଗ୍ୟ ସମୟ ମୋ ଯେଣୁ ବିଚାରେ ଉପସ୍ଥିତ ତେଣୁ
ଏ ମୋର ଚତୁରତା, ମଣି ଆନ୍ତରିକତା ଗଣିବେ ହୃଦେ ଭୟ ଯେଣୁ
ହେ ଭଗ୍ନୀଗଣ ।୨୨।
ପାଟରାଣୀଙ୍କ ବାଣୀ ପାଣି ପବିତ୍ର ମଣି କୃତାର୍ଥ ସର୍ବେ ତତକ୍ଷଣେ
ଗଙ୍ଗା ପବିତ୍ର ଜଳ ଅପବିତ୍ର ଆବିଳ ପବିତ୍ର ପରି ନିଜ ଗୁଣେ
ହେ ସାଧୁଜନେ
ମନ୍ଥରା କୈକେୟୀ ଗହଣେ, ପବିତ୍ର ଲଭିଲେ ଶ୍ରବଣେ
ବ୍ୟୋମେ ଅମର ଗଣ, ଉଚ୍ଚାରି ଧନ୍ୟ ଧନ୍ୟ ରତ କୁସୁମ ବରଷଣେ
ହେ ସାଧୁଜନେ ।୨୩।
ତେଣେ ଜାନକୀ ସାଇଁ ନିଶାର୍ଦ୍ଧେ ସ୍ୱପ୍ନେ ଚେଇଁ ବାହୁନି କରନ୍ତି କ୍ରନ୍ଦନ
ପିତା ଛାଡ଼ି ଆମକୁ ଗଲ ଆରଧାମକୁ ନ ଦେଇ ଅନ୍ତିମ ଦର୍ଶନ
ହେ ପିତୃଦେବ
ଏ ହତଭାଗା ପୁତ୍ରବଧୂ ଶ୍ରଦ୍ଧା ଘେନ ଏ ବନମଧ୍ୟୁ
ଶେଷ ମୁହୂର୍ତ୍ତ ଜାଣି, କଣ୍ଠେ ଟୋପାଏ ପାଣି ନ ଦେଇ ବୋଲାଉଛୁ ସାଧୁ
ହେ ପିତୃଦେବ ।୨୪।
ସନ୍ଧ୍ୟାବତୀ ପରାୟ, ଜାଳି ପୋଡ଼ିଣ କାୟ ସୁକର୍ମେ ତିଳତିଳ କରି
ଯେ ମହାନ ସୁବାସେ, ସତ୍ୟ ଧର୍ମ ଆଦର୍ଶେ କରାଇଅଛ ପଥ ଚାରୀ
ହେ ପିତୃଦେବ
ସେ ନ୍ୟାୟ ଧର୍ମ ପରିଶ୍ରମ, ସେ ପଥ କରାଉ ସୁଗମ
ଇହ ପର ଜଗତେ, ସେ ଭାବ ଘେନି ଚିତ୍ତେ, ସୁଜନେ ତରନ୍ତୁ ଦୁର୍ଗମ
ହେ ପିତୃଦେବ ।୨୫।
ପାହି ଆସୁ ରଜନୀ ନଭେ ଅରୁଣ ଘେନି ସଜ୍ଜିତ ସ୍ୟନ୍ଦନେ ଭାସ୍କର
ରାଘବ ପ୍ରାତଃ କୃତ୍ୟେ ଅଭିପ୍ରାୟ ବ୍ୟକତେ ବଶିଷ୍ଠେ କରି ନମସ୍କାର
ହେ ସାଧୁଜନେ

Digitized by PPRACHIN, SOA

ବଦୟନ୍ତିହେ ମୁନି ପତି ପ୍ରଜାଏ କି ଦୁଃଖ ସହନ୍ତି
ଏହାର ପ୍ରତିକାର କର କରି ବିଚାର ସର୍ବେ ଲଭନ୍ତୁ ସୁଖ ଶାନ୍ତି
ହେ ଗୁରୁଦେବ ।୨୬।
ଆପଣ ଜ୍ଞାନାଗାର, ପୁଣ୍ୟ ଆତ୍ମା ଚତୁର ଧାର୍ମିକ ବିବେକୀ ଅଟନ୍ତି
ଏ କଠିନ ସମସ୍ୟା ସମାଧାନେ ଏ ରସା ମଧ୍ୟେକେ ସକ୍ଷମ ନୁହନ୍ତି
ହେ ଗୁରୁଦେବ
ରାଘବ ସୁବାକ୍ୟେ ବଶିଷ୍ଠ, ଭାଷନ୍ତି ଏହା ନୁହେଁ ଶ୍ରେଷ୍ଠ
ଆମ୍ଭେ ସିନା ଜଗତେ ତାପସ ବାନପ୍ରସ୍ଥେ ଗୃହସ୍ଥେ ଜନକ ଉତ୍କୃଷ୍ଟ
ହେ ରଘୁନାଥ ।୨୭।
ତୁମ୍ଭେ ଆଶ୍ରମେ ଚଳ ଆମ୍ଭେ ତପୀ ଶଙ୍କୁଳ ମଧ୍ୟକୁ କରୁଛୁ ଗମନ
ଧୈର୍ଯ୍ୟ ରଖ୍ ସମସ୍ତ କରୁ ସୁନିବେଦିତ, ଜନକ ଦେବେ ସମାଧାନ
ହେ ରଘୁନାଥ
ସତ୍ୱର ଜନକ ନିକଟ, ପ୍ରବେଶି କରିଲେ ପ୍ରକଟ
ରାଘବ ମର୍ମ୍ମବାଣୀ, ଋଷି ଅଗ୍ରଣୀ ଶୁଣି ଭାଷନ୍ତି ନାଶ ଏ ସଙ୍କଟ
ହେ ମହୀପତି ।୨୮।
କୁଳଗୁରୁ ବଚନେ ମିଥିଳା ପତି ମନେ, ଉଭବ ଆନନ୍ଦ ତରଙ୍ଗ
ଜ୍ଞାନେ କଲେ ବିଚାର ମୋ ବିଚାରେ ଏହାର ସିଦ୍ଧାନ୍ତ ଘଟାଇବ ବ୍ୟଙ୍ଗ
ହେ ଋଷି ଶ୍ରେଷ୍ଠ
ଭରତ ଆଗେ ଏ ପ୍ରସଙ୍ଗ ପ୍ରକାଶୁ ଲଭିବ,ତା' ସାଙ୍ଗ
ଅନ୍ତର୍ଯ୍ୟାମୀ ଅନ୍ତର କଥା ଜାଣି ଭକ୍ତର କରିବେ ମାନସ ପୂର୍ଣ୍ଣାଙ୍ଗ
ହେ ଋଷିଶ୍ରେଷ୍ଠ ।୨୯।
ଭରତ ସୁଚରିତ୍ର କର୍ମ ଧର୍ମ ପବିତ୍ର ନିର୍ମଳ ସ୍ୱଭାବ ସ୍ୱଭାବେ
ଯେ ରାଜନୀତି ଶାସ୍ତ୍ର ଧର୍ମ ନୀତି ବେଦାନ୍ତ ବିଚାରେ ଅସମର୍ଥ ସର୍ବେ
ହେ ଋଷିଶ୍ରେଷ୍ଠ
ଅମୃତ ସମାନ ମଧୁର ଶ୍ରୀମୁଖ ଉଚ୍ଚାରିତ ଗୀର
କର୍ଣ୍ଣ ସୁଖ ଦାୟକ ଧୀମତିରେ ନାୟକ ମହିମା ଅଗମ୍ୟ ଭ୍ରତର
ହେ ଋଷି ଶ୍ରେଷ୍ଠ ।୩୦।
ପୁଣି ଛନକାମନ ବିଚାର କଲେ ବନ- ବାସୁ ଫେରିଲେ ସୀତା ଧବ
ଋଷି ଯତି ବ୍ରାହ୍ମଣ ପୃଥ୍ୱୀ ଦେବୀ କଷଣ କେ ଆଉ ଖଣ୍ଡନ କରିବ
ହେ ଋଷିଶ୍ରେଷ୍ଠ
ଭରତ ଭକ୍ତି ରସ ତତ୍ତ୍ୱ, ତପୀଙ୍କ ଜ୍ଞାନ ବହିଃର୍ଭୂତ
ମର୍ଯ୍ୟାଦାଶୀଳ ଶଶୀ- ରାଘବ, ସମଦର୍ଶୀ ପଣେ ପାରନ୍ତି ତେଜି ସ୍ୱାର୍ଥ
ହେ ଋଷି ଶ୍ରେଷ୍ଠ ।୩୧।

Digitized by PPRACHIN, SOA

ତପୀଏ ନାମ ରଟି, ଯାଉ ଭ୍ରତ ପାଛୋଟି ପ୍ରଣମି ବଢ଼ାଇଲେ ଭାବ
ଋଷି, ଋଷି ସମାଜ, କହୁ ରାମ ଅନୁଜ ଅଶ୍ରୁ ନ ଦେଲା ନେତ୍ରେ ଠାବ
ହେ ଋଷିଶ୍ରେଷ୍ଠ
ଭାଷନ୍ତି ଥାଉଁ ଋଷି ସର୍ବ ସେବକ ରାଘବେ କହିବ
ସେବାଧର୍ମ କଠିନ ସ୍ୱାର୍ଥେ ରଖିଣ ମନ, ସେବାରେ କି ଧର୍ମ ରହିବ
ହେ ଋଷି ଚୟ ।୩୨।
ଭରତ ସାଧୁବାଣୀ ଶୁଣି ତାପସ ଶ୍ରେଣୀ ଜନକ କରି ଧନ୍ୟ ଧନ୍ୟ
ଦାଶରଥି ନିକଟେ ପୁଣି ପାଣି ସମ୍ପୁଟେ ବିନମ୍ରେ କରନ୍ତି ବୟାନ
ସେ କଇକେୟ
ଆସନ କରିଣ ଗ୍ରହଣ ରକ୍ଷା କରନ୍ତୁ ପ୍ରଜାଗଣ
ବୋଲନ୍ତି ସୀତାପତି, ଦେଶେ ହେବା ନୃପତି ତୋପାଇଁ ଯଥାର୍ଥ ବିଧାନ
ରେ ମୋ ଭରତ ।୩୩।
ସାନ ବୋଲି ମନର, ଯା' ହେୟ ଜ୍ଞାନ ଧର ତା ଜନକ ଜନନୀ ଦାନ
ବଚନ ମୋର ମାନି ଅଯୋଧ୍ୟା ରାଜଧାନୀ ଆସନେ ହୁଅତୁ ମଣ୍ଡନ
ରେ ମୋ ସାନୁଜ
ହୋଇଲେ ତୁ ରାଜ୍ୟେ ନୃପତି ପିତା ଲଭିବେ ସ୍ୱର୍ଗେ ଶାନ୍ତି
ବଦେ ମାଣ୍ଡବୀ ପତି, ମୋ ଅଯୋଧ୍ୟା ନୃପତି ନହୁଷ ପରି ହେବ ଗତି
ହେ ଚାପଧାରୀ ।୩୪।
ଚିନ୍ତନ୍ତୁ ସୁ ବିଚାରେ, ଯେ ଅଯୋଗ୍ୟ ବିଚାରେ ତୁମ୍ଭଙ୍କୁ ତେଜିଲେ ପିଅର
ନାଶି କୀରତି ଧ୍ୱଜା ଅଯଥା ଦେଲେ ସଜା ଅନୁଚିତ ତା ସହିବାର
ହେ ଚାପଧାରୀ
ଅବୈଧ ଆଦେଶ ପାଳିଣ ଅଯୋଧ୍ୟା ତେଜିଲେ ଆପଣ
ବୃଥା ଛାର କଥାରେ ଜଟାବାନ୍ଧି ମଥାରେ ସହୁଛ ଏ ବନେ କଷଣ
ହେ ଚାପଧାରୀ ।୩୫।
ଏ ବାକ୍ୟେ ରଘୁନାନ ପିତା ସତ୍ୟ ଲଙ୍ଘନ ଦର୍ଶାଇ କରନ୍ତେ ବାରଣ
ଦନ୍ତେ ଧରି ତିରଣେ ପଡ଼ି ରାମ ଚରଣେ କରନ୍ତି ଦୁଃଖେ ନିବେଦନ
ହେ ସେ ଭରତ
ଅଗ୍ରଜ ଥାଉଁ ଥାଉଁ ସାନ ଗ୍ରହଣ କରେ କି ଆସନ
ପିତା ସତ୍ୟ ପାଳନେ ଆମ୍ଭେ ବେନିଏ ବନେ ଓଜ ରଖି ଘେନ ଆସନ
ହେ ଚାପଧାରୀ ।୩୬।
ଭରତ ପରାକାଷ୍ଠା ଭକ୍ତି ରାଘବ ନିଷ୍ଠା ବିଚଳିତ କରୁ ରାଘବ
ସ୍ନେହ ପରବଶରେ ଭରତକୁ ବଶରେ ଭାଷନ୍ତି ହୋଇଲି ଲାଘବ

Digitized by PPRACHIN, SOA

ରେ ମୋ ସାନୁଜ
ଉତ୍ତୀର୍ଣ୍ଣ ହେଲୁ ପରୀକ୍ଷାରେ ଯା ଇଚ୍ଛା କର ତୋ ବିଚାରେ
ତୋର ସ୍ନେହ ବନ୍ଧନ, ଏରାଜ ସିଂହାସନ ଦେଇ କାନନୁ ନେଇ ପାରେ
ରେ ମୋ ସାନୁଜ ।୩୭।
ଏ କାଳେ ବିବିଶଦ ନଭୁ କଲେ ଶବଦ ବାହୁଡ଼ାଇ ନେଲେ ରାଘବ
ଆମ୍ଭର ଉପକାର ନ ହେବ ଦଶଶିର ବଧି ସଭିଙ୍କୁ ଦଣ୍ଡ ଦେବ
ହେ ସୁ ଭରତ
ସେ କଳଙ୍କୁ ଏ ସୁର କୁଳ ଅକାଳେ ହୋଇବେ ନିର୍ମୂଳ
ଆଣିଥିବା ପାଦୁକା ରାମ ଚରଣେ ଶଙ୍କା ବିହୀନେ ସ୍ୱର୍ଣେ ରାଜ୍ୟେ ଚଳ
ହେ ସୁ ଭରତ ।୩୮।
ପୂଜି ତା' ସିଂହାସନେ ପାଳିବ ପ୍ରଜାଗଣେ, ରାମ ଫେରିବା ଯାଏ ପୁରେ
ଦେବଙ୍କ ବାଣୀ ଶୁଣି, ଯୋଡ଼ିଣ ବେନି ପାଣି ଭରତ ଭାଷନ୍ତି ଦୁଃଖରେ
ହେ ଦେବବୃନ୍ଦ
ଏ ବାକ୍ୟ ଆମ୍ଭ ପକ୍ଷେ ବାମ, ପୁରୁ ତୁମ୍ଭର ମନସ୍କାମ
କେ ତୁମ୍ଭର ଦୋରେହା ହେବ ମୋ ସତ୍ୟ ଏହା ଶୁଣ ଶୁଣନ୍ତୁ ପ୍ରଭୁରାମ
ହେ ଦେବବୃନ୍ଦ ।୩୯।
ଚତୁର୍ଦ୍ଦଶ ବରଷ ହୋଇବା ଦିନ ଶେଷ ଦର୍ଶନ ନ ମିଳିଲେ ମୁଖ
ଅନଳେ ପଶି ଜୀବ ନାଶିବି ଏ ମୋ ଧ୍ରୁବ ପ୍ରତିଜ୍ଞା ପ୍ରଭୁ ମନେରଖ
ହେ ଚାପଧାରୀ
ଅଣାଉ ପାଦୁକା ଯୁଗଳ ସ୍ୱରଣ କଲେ ଆଦିମୂଳ
ସମ୍ମାନେ ସିଂହାସନେ, ଧରାଇ ପରିଜନେ ବ୍ୟଜନେ ଭରତ ତତକାଳ
ହେ ସାଧୁଜନେ ।୪୦।
ରାମ ବିନୟୀ ହୋଇ, ମାନ୍ୟ ଧର୍ମ ବଢ଼ାଇ, ବାହୁଡ଼ାଇଲେ ପ୍ରଜାବୃନ୍ଦ
ଦୟାନିଧି ସମ୍ପଦ ସୀତା ବିଳାସ ପଦ, ଏକ ଚତ୍ୱାରିଂଶ ରେ ଛାନ୍ଦ
ହେ ସାଧୁଜନେ
ପାଦୁକା ନନ୍ଦୀ ଗ୍ରାମେ ରଖି ଦାସ ପରାଏ ସେବି ସୁଖି
ହୋଇ ପାଳନ୍ତି ଦେଶ ଅଯୋଧ୍ୟା କାଣ୍ଡ ଶେଷ ଭରତ ନାମେ ଧ୍ୟାନ ରଖି
ହେ ସାଧୁଜନେ ।୪୧।

ମାସ ପାରାୟଣ ୯ ବିଶ୍ରାମ , ନବାହ୍ନ ପାରାୟଣ ୩ ବିଶ୍ରାମ

ସଜ୍ଜନା ଗୁଣ ମିଛନ୍ତି ଦୋଷ ମିଛନ୍ତି ଦୁର୍ଜନା
ଦ୍ୱି' ରେଫ ମଧୁ ମିଛନ୍ତି ବ୍ରଣ ମିଛନ୍ତି ମକ୍ଷିକା ।

Digitized by PPRACHIN, SOA

ଦଣ୍ଡକବନ ପର୍ଣ୍ଣକୁଟୀରେ ପ୍ରଭୁ ରାମଙ୍କୁ ମାତା ସୀତା ଅଷ୍ଟପଦ ସୁବର୍ଣ୍ଣପକ୍ଷ ମୃଗ (ଶରଭକୁ) ଦେଖାଇବା, ପୃ.୫୨ଛା.୧୫

କୁଟୀର ଦ୍ୱାରେ ରାବଣ ମାୟାଯତି ବେଶରେ ଭିକ୍ଷା ପ୍ରାର୍ଥନା, ପୃ.୫୫ଛା.୧୬

ପ୍ରଭୁ ରାମଚନ୍ଦ୍ରଙ୍କ ଧନୁଭଗ୍ନ ଶବ୍ଦ ଶୁଣି କ୍ରୋଧାବିଷ୍ଟ ପର୍ଶୁରାମଙ୍କର ଆଗମନ, ପୃ. ୧୮୮ଛା. ୬୪ପ.୮୩-୯୮

ମାୟାଯତି ରାବଣ ମାତା ସୀତାଙ୍କୁ ସ୍ପର୍ଶ ନକରି କୁଟୀର ସହିତ ରଥ ଉପରେ ରଖି ପଳାୟନ (ସୀତାଚୋରୀ), ପୃ.୫୫ଛା.୫୯ପ.୧୭

Digitized by PPRACHIN, SOA

ଆରଣ୍ୟକ କାଣ୍ଡ

Digitized by PPRACHIN, SOA

ଆରଣ୍ୟକ କାଣ୍ଡ

ସୂଚୀପତ୍ର

କ୍ର.ନଂ	ବିଷୟର ନାମ	ରାଗର ନାମ	ପୃଷ୍ଠା
୧.	ଚିତ୍ରକୂଟେ ସୀତା ରାମଙ୍କ ବନ ବିହାର	ଚକ୍ରଘଣ୍ଟା କେଦାର	୨
୨.	ବସନ୍ତ ଋତୁ ବର୍ଣ୍ଣନା	ରାମକେରୀ	୫
୩.	ଭରତ ନନ୍ଦୀ ଗ୍ରାମେ ଅବସ୍ଥାନ	ବଙ୍ଗଳାଶ୍ରୀ	୮
୪.	ବିରାୟୁଧ ବଧ	କେଦାର	୧୫
୫.	ଶରଭଙ୍ଗ ଆଶ୍ରମେ ଅଗ୍ନି ସ୍ତୁପ	ଋଷିକୁଲ୍ୟା	୧୬
୬.	ରାମଙ୍କର ଭାଇ ଭାର୍ଯ୍ୟା ସହିତ ତୀର୍ଥ ପର୍ଯ୍ୟଟନ	କାମୋଦୀ	୨୫
୭.	ଅତ୍ରିମଠେ ରାବଣ ଭେଟ ପିତୃ ଉଦ୍ଧାରେ ସ୍ୱର୍ଣ୍ଣପକ୍ଷ ମୃଗ ମାଂସେ ଶ୍ରାଦ୍ଧ ନିମନ୍ତେ ଉପଦେଶ ଗ୍ରହଣ	କଳହଂସ କେଦାର	୨୯
୮.	ଅଗସ୍ତି ରାମ ଭେଟ ଅକ୍ଷୟତୂଣୀ ବ୍ରହ୍ମାସ୍ତ୍ର ଗ୍ରହଣ ଓ ଜଟାୟୁ ଭେଟ, ପଞ୍ଚବଟୀ ବନେ କୁଟୀର ନିର୍ମାଣ	ଶୋକ କାମଦୀ	୩୯
୯.	ସୂପର୍ଣ୍ଣଖା ଭେଟ	ରାମଦାସ କୋଇଲି	୪୬
୧୦	ସୂପର୍ଣ୍ଣାଖା ରାମଙ୍କୁ ଆତ୍ମ ସମର୍ପଣ	କାଙ୍କୀ	୪୭
୧୧.	ରାଘବ ସମ୍ମୁଖେ ସୂପର୍ଣ୍ଣଖାର ଯୁକ୍ତି	ବଙ୍ଗଳାଶ୍ରୀ	୫୦
୧୨	ସୂପର୍ଣ୍ଣଖା ନାସାକର୍ଣ୍ଣ ଛେଦନ, ଖରଦୂଷଣ ଆଦି ରଣକୁ ଯାଇ ରାମ ହସ୍ତେ ହତ	କଳସା	୫୫
୧୩	ଖରଦୂଷଣ ବଧେ ଦଶାନନ ପ୍ରତିକ୍ରିୟା	କୁସ୍ତକାମୋଦୀ	୫୭
୧୪	ଦଶାନନ ମାୟାମୃଗ ନେଇ ଦଣ୍ଡକ ବନେ ପ୍ରବେଶ	ମୁନିବାର ବାଣୀ	୬୦
୧୫	ମାୟାମୃଗ ବଧ	କଳସା	୬୪
୧୬	ରାବଣ ନିଶ୍ଚାରେ ସୀତାଙ୍କର ଲଙ୍କା ଗମନେ ପ୍ରସ୍ତାବ	ଖଣ୍ଡିତା	୬୭
୧୭.	ସୀତାଚୋରୀ	ଚକ୍ରଘଣ୍ଟ କେଦାର	୭୨
୧୮	ସୀତାଙ୍କୁ ନ ଦେଖି ରାମଙ୍କ ବିଳାପ	ଶୁକକାମୋଦୀ	୭୪
୧୯	ଅପାତ୍ରରେ ଦାନ	ମଙ୍ଗଳସୁନ୍ଦରୀ	୭୮
୨୦	କବନ୍ଧ ମୁକ୍ତି	ବସନ୍ତ	୮୦
୨୧	ଶ୍ରୀରାମଙ୍କର ଦୁଗ୍ଧ ପାନ	ବସନ୍ତଆହାରୀ	୮୫
୨୨	ଶବରୀ ଉଦ୍ଧାର	ରାମକେରୀ	୯୨
୨୩	ରାମ ଲକ୍ଷ୍ମଣ ପମ୍ପାସରେ ଗମନ ଚକ୍ରବାକ ଅଭିଶାପ	ଚକ୍ରକେଳୀ	୯୯

Digitized by PPRACHIN, SOA

ଆରଣ୍ୟକ କାଣ୍ଡ

ଛାନ୍ଦ-୧

ଚିତ୍ରକୂଟେ ସୀତାରାମଙ୍କ ବନବିହାର

- ଶ୍ଳୋକ -

ଶ୍ରୀରାମଃ ପିତୃଶାସନାଦ୍ବତ ମଗାତ୍ ସୌମିତ୍ରୀ ସିତାନ୍ବୀତଃ ।
ଛିତ୍ୱା ସୂର୍ପଣଖା ସକର୍ଣ୍ଣ ଯୁଗଳଂ ଘ୍ରାଣଂ ଖର ଦୂଷଣଂ ।।
ନତ୍ୱା ସର୍ବମୁନିନ୍ ନିହତ୍ୟ ସହସା ମାୟା ମୃଗ ବାଳିନଂ ।
ତାରାରନ୍ ସମେତ ରାଜ୍ୟ ମଖିଳଂ ଚକ୍ରେଚ ସୁଗ୍ରୀବ ସ୍ୟାତ୍ ।।

ରାଗ-ଚକ୍ରଘଣ୍ଟ କେଦାର

ବୋଇଲା ବସିପୁରେ ବଶୀଭୂତ ବାମାରେ ଲଙ୍କେଶ ବୃତ୍ତେ

ସୁଜନେ- ଉଚିତରେ ସୁଚିନ୍ତରେ ଘେନ ଦିବ୍ୟଭାବ ଯେ
ଉଚିତେ ସୁଚିତ୍ତେ ଭବୁ ତାରିବେ ରାଘବ ଯେ ।।୧

ସୁଜନେ- ଉମାଦିନେ ଘୋରବନେ ପୃଚ୍ଛୁ ଶଙ୍କରଙ୍କୁ ଯେ
ଶ୍ରୀରାମ ସୁମରି ସେ ଭାଷିଲେ ପୁରାଣକୁ ଯେ ।।୨

ସୁଜନେ- ଆରଣ୍ୟକାଣ୍ଡ ରଚିତ ଯିବ ଏଥୁଚଳି ଯେ
ଏକମନେ ଘନଘନ ଦିଅ କରତାଳି ଯେ ।।୩

ସୁଜନେ- ଚିତ୍ରକୂଟ ବନେକବି ଚିନ୍ତଇ ମାନସ ଯେ
ରଖିବ ରାମ ଲକ୍ଷ୍ମଣ ସୀତା ସପ୍ତବର୍ଷ ଯେ ।।୪

ସୁଜନେ- କ୍ରମାଗତେ ବର୍ଷ ମାସ ଋତ୍ୱାଦି ବର୍ଣ୍ଣନ ଯେ
କ୍ରମରେ ଶ୍ରମଗୋଏଥିହେବ ଉତ୍ଥାପନ ଯେ ।।୫

ସୁଜନେ- ଚିତ୍ରକୂଟ କୁଟେର୍ଦିନେ କାନ୍ତେ ଦୁଃଖେ ସୀତା ଯେ
ବେଧା ବିଧାନ ବିଧାନି ନିନ୍ଦନ୍ତି ବିଧାତା ଯେ ।।୬

ନାଥହେ- ଏ ଅବିଧି ବିଧି 'ବିଧି' କିମ୍ପା ବୋଲାଇଲା ଯେ
ନିଶିନାଶେ ନୃପବାସେ କାନନେ ଆଣିଲା ଯେ ।।୭

ନାଥହେ- ଗିରିଈଶେ ଗିରିଈଶ ଅଳକା ଛଡ଼ାଇ ଯେ
ବାସରାନ୍ତେ ବାସହୀନେ ଶ୍ମଶାନେ ଗଡ଼ାଇ ଯେ ।।୮

ଟୀକା ୧ ଗିରିଈଶ- ଶିବ, ଗିରିଈଶ - କୈଳାସ ପର୍ବତ, ବାସରନ୍ତେ - ଦିନଅନ୍ତେ, ବାସହୀନେ - ଗୃହ ଅଭାବେ, ଶ୍ମଶାନେ - ମଶାଣିରେ

ଭାବାର୍ଥ ପ - ୬ ସୀତା ଚିତ୍ରକୂଟ ପର୍ବତରେ ରାମଚନ୍ଦ୍ରଙ୍କୁ କହୁଛନ୍ତି ।

Digitized by PPRACHIN, SOA

ନାଥହେ- ଅଚ୍ୟୁତେ ଚ୍ୟୁତ କରାଇ ହଂସତୂଳି ଶେଯ ଯେ
ଅର୍ଣ୍ଣବେ ଅନନ୍ତ ଅଙ୍କେ ଶଯ୍ୟାକଲା ଧାର୍ଯ୍ୟ ଯେ ।।୯
ସୁଜନେ- ରାମା ରସାଇ ବସାଇ ରାମ ରମ୍ୟ କୋଳ ଯେ
କହି ପ୍ରଜାପତି ପ୍ରଜାହିତେ ସଦା ଭୋଳ ଯେ ।।୧୦
ବୈଦେହୀ- ଶଙ୍କର ସଙ୍ଗେ ଶଙ୍କରୀ ମାଧବ ମାଧବୀ ଯେ
ଏକାନ୍ତେ କାନ୍ତେ କାନ୍ତାର ବିହାରକୁ ଭାବି ଯେ ।।୧୧
ବୈଦେହୀ- ବନ ବିହାରେ ବନକୁ ବନଜାକ୍ଷୀ ଧ୍ୟାନ ଯେ
ଦେଇ ଆଣିଛି ବେନିଙ୍କୁ ବିଭୋଗେ କିଆନ ଯେ ।।୧୨
ବୈଦେହୀ- ବ୍ରହ୍ମପଥ ହୁଡ଼ି ବ୍ରହ୍ମା ବ୍ରହ୍ମପଥ ଛାଡ଼ି ଯେ
ମଳୟ ଅନିଳାଚଳେ ଗନ୍ଧବାୟୁ ଲୋଡ଼ି ଯେ ।।୧୩
ବୈଦେହୀ- ଶଚୀପୁର ଛାଡ଼ି ଶଚୀ 'ଶ' ମଳୟ ବନ ଯେ
କାନ୍ତ ଏକାନ୍ତ ବିହାରେ ବସନ୍ତେ ଗମନ ଯେ ।।୧୪
ବୈଦେହୀ- ଶିଶୁକାଳେ ଋଷିଆଳେ ଏବେ ଋଷିଆଳେ ଯେ
ଚନ୍ଦ୍ରତାପତଳେ ବସ ଏବେ ଚନ୍ଦ୍ରତଳେ ଯେ ।।୧୫
ବୈଦେହୀ- ରେ ସୁଶିଳା ସାକ୍ଷି ଶିଳା ସୁଶିଳାଯେ ସାକ୍ଷି ଯେ
ବସିଥାନ୍ତି ବସିଛନ୍ତି ହୁଅସୁଖୀ ସଖି ଯେ ।।୧୬
ବୈଦେହୀ- ରତିରେ ରତିଶ, ଭୂତ ଝାଡ଼ନ ମନ୍ତରେ ଯେ
ତୋ ବାଣୀଦାନେ ଉତ୍ତମେ ବିଦୂରଇଦୂରେ ଯେ ।।୧୭
ବୈଦେହୀ- ପୂଣ୍ୟଅର୍ଥେ ପୂଣ୍ୟତୋୟା ଗଙ୍ଗାଙ୍କୁ ଅର୍ପଣ ଯେ
ତବଦତ୍ତ ଭାବ ଭାବ ଲାଭେ ସମର୍ପଣ ଯେ ।।୧୮
ବୈଦେହୀ- ଭବେ ବିଭବେକି ଉତ୍ତମା ସୁରସ ପ୍ରବୀଣା ଯେ
ଅଙ୍ଗଦାନେ ବିବେକୀ ବିଡବେକେ ହୁଅ ଗଣା ଯେ ।।୧୯
ବୈଦେହୀ- ହରଷିତେ ପ୍ରଫୁଲ୍ଲିତେ ନୟନ ନଚାଇ ଯେ
କାମ ଉଦ୍ରୋଧେ କହନ୍ତି ଭାବ ଉପୁଜାଇ ଯେ ।।୨୦
ସୁଜନେ- ଦେଖି ପ୍ରଫୁଲ୍ଲିତ ଚିତ୍ତ ସତୀକାନ୍ତଙ୍କର ଯେ
ବୋଇଲେ ଅବିଧି କିମ୍ୱା ବିବେକୀ ଶେଖର ଯେ ।।୨୧

ଟୀକା-୯-ଅଚ୍ୟୁତ-ନାରାୟଣ, ଅର୍ଣ୍ଣବେ-ସମୁଦ୍ରେ, ୧୩-ମଳୟ ଅନିଳାଚଳ-ମଳୟ ପର୍ବତ, ୧୫-ଋଷିଆଳେ-ଜନକ ଋଷିପୁରେ, ୧୬-ରେସୁଶିଳା-ଶ୍ରେଷ୍ଠ ନାୟିକା ସୀତା, ଶିଳା-ପଥର, ସୁଶିଳାଏ-ରାଜପୁର ଦାସୀଏ ୧୭-ତୋୟ-ଜଳ ୧୮-ରତିଇଶ-କନ୍ଦର୍ପ

Digitized by PPRACHIN, SOA

ନାଥ ହେ- ଛାଡ଼ ଦୂଷଣ ପୁଷଣ ବଂଶୀ ହେବ ଲାଜ ଯେ
ପିତୃସତ୍ୟ ରକ୍ଷା ମୁଖ୍ୟ ବିରହେକି କାର୍ଯ୍ୟ ଯେ ।।୨୨
ନାଥ ହେ- କି ବେଳାରେ ଧରିଥିଲା ଅଭାଗିନୀ କର ହେ
ପୂଣ୍ୟତୀର୍ଥେ ଅର୍ଜପୂଣ୍ୟ ମାନିଦାସୀ ଗିର ହେ ।।୨୩
ସୁଜନେ- ଭାଷନ୍ତି ରାଘବ ଧନ୍ୟ ଧନ୍ୟ ଧୈର୍ଯ୍ୟ ସହି ଯେ
ରହିବ ବାରି କେନାରୀ ଭାବେ ଦେଖାନାହିଁ ଯେ ।।୨୪
ବୈଦେହୀ- ତବହୃଦୟ ଆଦର୍ଶ ସ୍ନେହ ପରିବେଶେ ଯେ
ସହିବି ଦୀର୍ଘ ବିରହ ସହି ଆଦରଣେ ଯେ ।।୨୫
ବୈଦେହୀ- ପ୍ରୀତି ଉପେକ୍ଷା ପ୍ରତିମା ଚତୁର୍ଦ୍ଦଶ ବର୍ଷ ଯେ
ଗଢ଼ି ପାଳନେ ଏତପୀ ତପସ୍ୱିନୀ ବେଶ ଯେ ।।୨୬
ବୈଦେହୀ- ଉନ୍ମାଦତା ଯୌନପ୍ରେମ ଆମର ବିବାହ ଯେ
ନୁହେଁ ମିଳନୁ ମର୍ଯ୍ୟଦା ପ୍ରେମ ବୋଲି କହ ଯେ ।।୨୭
ଶ୍ରୀରାମ- ମଧୁବାକ୍ୟେ ମଜାଇ ଶୃଙ୍ଖଳେ ତୋଷି ମତି ଯେ
ଦୈହିକ ସମ୍ଭୋଗ ବର୍ଜି ମିଳନରେ ବ୍ରତୀ ଯେ ।।୨୮
ସୁଜନେ- କ୍ରମେ ବିକ୍ରମେ ହେମନ୍ତ ଶିଶିର ବିଚାର ଯେ
ହେବ ଆଗେବସି ଭୋଗେଘେନସୁଧୀନର ଯେ ।।୨୯
ସୁଜନେ- ଦେଖୁ ଶିଶିର ଆଗତ ହେଉ ବଡ଼ ଜାଡ଼ ଯେ
କଲେ ଆୟତ୍ତ ଧନରେ ଧନୀ ଶୀତ ଘୋଡ଼ ଯେ ।।୩୦
ସୁଜନେ- କଷ୍ଟେଗଲା ଦିନ ଦୀନ ଭାବେ କାହିଁ ସୁସ୍ଥ ଯେ
କଷ୍ଟେ କଷ୍ଟୀ ଅକିଞ୍ଚନେ ଭୋଗିଲେ ଏ ଶୀତ ଯେ ।।୩୧
ନାଥ ହେ- ଜନ୍ମକାଳେ ଯା’ କପାଳେ ବିଧାତା ଲେଖିଛି ଯେ
ସାଧୁକର୍ମ ବ୍ୟତିକ୍ରମ କେ କରିବ ଇଛି ଯେ ।।୩୨
ନାଥ ହେ- ଦେଖ ଦେଖ କମଳେ କମଳ ଶୋଭାବନ୍ତ ଯେ
ଶିଶିର ତୁଷାର ବଳେ ରସିକରେ ଅନ୍ତ ଯେ ।।୩୩

ଟୀକା- ୨୨-ପୁଷଣ-ସୂର୍ଯ୍ୟ, ୨୮-ଦୈହିକ-ସ୍ତ୍ରୀ ପୁରୁଷ ମିଳନ, ୩୩-କମଳେ-ଜଳେ, କମଳ ପଦ୍ମ, ତୁଷାର-କାକର, ଅନ୍ତ-ବିନାଶକରେ ।

Digitized by PPRACHIN, SOA

ନାଥ ହେ- ସେକମଳ ବାସସ୍ଥଳ କମଳା କରନ୍ତି ଯେ
ଶ୍ରୀନିବାସେ ସ୍ୱକରେ ସେ କମଳ ଧରନ୍ତି ଯେ ।।୩୪
ନାଥ ହେ- କମଳେ କମଳାସନ ସୂରେ କରିପତି ଯେ
ଭାଗ୍ୟଫଳେ ନାଶ କେହି ରଖି ନପାରନ୍ତି ଯେ ।।୩୫
ନାଥ ହେ- ଦେଖ ଭାଗ୍ୟ ଦୋଷୁଁ ତମ ଗ୍ରାସେ ଅର୍କ ସୋମ ଯେ
ଦେଖ ଭାଗ୍ୟଦୋଷୁଁ ବ୍ୟାଧି ଭୋଗୁଛନ୍ତି ଯମ ଯେ ।।୩୬
ନାଥ ହେ- ଦେଖ ଭାଗ୍ୟ ଦୋଷୁ ସହସ୍ରାକ୍ଷ ସୁନାଶୀର ଯେ
ଭାଗ୍ୟ ଦୋଷୁ ତପସ୍ୱିନୀ ଅହଲ୍ୟା ପଥର ଯେ ।।୩୭
ନାଥ ହେ- ଯା କପାଳେ ଲେଖା ହେଲେ ଭୋଗେ ଘେନଭାବ ଯେ
ପୂବ୍ର ତୁମ୍ଭ ଆମ୍ଭ ଭାଗ୍ୟେ ଲେଖିଛି ଦଇବ ଯେ ।।୩୮
ନାଥ ହେ- ଭାଗ୍ୟଫଳୁ ଏ ଋତୁରେ ସୂର୍ଯ୍ୟ ଆୟୁକ୍ଷୀଣ ଯେ
ଗମଇ ଦକ୍ଷିଣାୟନେ ଦିନ କରି ସାନ ଯେ ।।୩୯
ନାଥ ହେ- ସେ ଦକ୍ଷିଣେ ଯମାଳୟେ ପଡିଯାଉ ସ୍ନେହେ ଯେ
ସ୍ୱପ୍ରୀତି ଆଚରି ପଦ୍ମ ହିମେ ତନୁଦହେ ଯେ ।।୪୦
ବୈଦେହୀ- ପ୍ରତ୍ୟକ୍ଷ ଉଦାହରଣ, ଏପରି ବହୁତ ଯେ
ଅଛି ବିହି ଅପନିନ୍ଦା ଦେବା ଅନୁଚିତ ଯେ ।।୪୧
ନାଥ ହେ- ତୁମ୍ଭବଂଶ ବିକାସିନୀ ଇଚ୍ଛିପତି ଗତି ଯେ
ଯୁଗ ଯୁଗାନ୍ତରେ ପତିଚରଣ ଲଭନ୍ତି ଯେ ।।୪୨
ନାଥ ହେ- ମୁଁ ପଦ୍ମିନୀ, ପଦ୍ମିନୀ ନାୟିକା ପଦ୍ମ ସତୀ ଯେ
ସ୍ୱାମୀପଥ ଅନୁସରି ଅଛି କରଗତି ଯେ ।।୪୩
ରାଘବ- କହନ୍ତି ବସନ୍ତ ଋତୁରାଜ ଆଗମରେ ଯେ
ସ୍ୱପ୍ରିୟେ ଭେଟିବ ପ୍ରିୟ ସେ ଋତୁ ବିଚାରେ ଯେ ।।୪୪
ସୁଜନେ- ଚତୁରାନନ ବାହନ ନୀରବାରି କ୍ଷୀର ଯେ
କବଳକଲା ପରାୟେ ଘେନ ନାମ ସାର ଯେ ।।୪୫
ସୁଜନେ- ସତ୍ୱ, ରଜମ ତମ, ବର୍ଷ ମାସ ଦିଗ ଯୋଗେ ଯେ
ପଦଚିନ୍ତି, ରାମ ରାମା ରାମ ରସ ଭୋଗେ ଯେ ।।୪୬

ଟୀକା- ୩୪- ସେ କମଳ- ପଦ୍ମବନ, କମଳ-କମଳା-ଲକ୍ଷ୍ମୀ ବାସ କରନ୍ତି, ଶ୍ରୀନିବାସେ-ନାରାୟଣ, ସ୍ୱକରେ-ନିଜ କରରେ ଧରନ୍ତି, ସେ କମଳକେ- ପଦ୍ମେ, କମଳାସନ-ବ୍ରହ୍ମାଙ୍କ ଆସନ, ସୁର୍ବେ- ସୂର୍ଯ୍ୟେ, କରି-ପତି, ସ୍ୱାମୀକରି, ଭାବାର୍ଥ- ଯେ ପଦ୍ମବନେ ଲକ୍ଷ୍ମୀଙ୍କ ବାସ -ନାରାୟଣ ଯେଉଁପଦ୍ମକୁ ଧାରଣ କରନ୍ତି, ଯେଉଁ ପଦ୍ମ ବ୍ରହ୍ମାଙ୍କ ଆସନ, ଯେଉଁ ପଦ୍ମର ସ୍ୱାମୀ ସୂର୍ଯ୍ୟଦେବ, ସେହି ପଦ୍ମକୁ ଶିଶିର ରୂପରେ କେହି ରଖିପାରିବେ ନାହିଁ, ଭାଗ୍ୟ ଦୋଷରୁ ସେ ବିନାଶ ହେଲା, ୩୫-ସୂରେ-ସୂର୍ଯ୍ୟେ, ୩୬-ତମ-ରାହୁ, ସୋମ-ଚନ୍ଦ୍ର, ଅର୍କ-ସୂର୍ଯ୍ୟ, ୪୧-ବିହି-ବିଧାତା, ୪୬-ସତ-ରଜ,ତମ, ୩-ବର୍ଷମାସ-ଛତିଶ, ଦିଗ-ଦଶ, ମୋଟ ଛୟାଳିଶ ପଦ ।

Digitized by PPRACHIN, SOA

ବସନ୍ତ ଋତୁ ବର୍ଣ୍ଣନା

ଛାନ୍ଦ -୨

ରାଗ-ରାମକେରୀ

କ୍ରମେ ଆଗମନ ହେବାକୁ ବସୁଋତୁ ବସନ୍ତ
କୁଶକେତୁ ଆଗେ ଜଣାଏ ଋତୁ ଅଧୀଶ ଦୂତ ।।୧
ଋତୁରାଜ ରାଜ ସଭାରେ ମା'ର ଅଧିନାୟକ
ସୁମନ ଧନୁତା ଆୟୁଧ ପଞ୍ଚପୁଷ୍ପ ଶାୟକ ।।୨
ପତି ବିରହେ ଦୁଃଖାର୍ଣ୍ଣବେ କମଳିନୀ ଭାଷିଲା
ସ୍ୱତନୁ ତୁଷାର ବହ୍ନିରେ କାନ୍ତେ ରସି ଝାସିଲା ।।୩
ପଦ୍ମବନ ନାଶ ହୁଅନ୍ତେ ତାର ଅଭାବେ ମାର
ବସନ୍ତଋତୁ ଆଗମନେ ନହୁଅଇ ବାହାର ।।୪
ତାର ଅଭାବରେ ତୋହର ସୃଷ୍ଟି ହୋଇବ ଲୀନ
ବିଚାରି ବିଚାର କରେ ହେ ଶୀଘ୍ର ଏ ସମାଧାନ ।।୫
ସୃଷ୍ଟିକର୍ତ୍ତା ସୃଷ୍ଟି ସର୍ଜନେ ଚିନ୍ତିକରୁ ବେଉଷା
ଗ୍ରହପତି କର୍ଣ୍ଣେ ପଡ଼ିଲା ଋତୁ ସମ୍ରାଟ ଭାଷା ।।୬
ବସନ୍ତ ବିଜୟେ ବିଜୟକର ଉତ୍ତରାୟଣେ
ମାର୍ଗ ପରିଷ୍କାର କଲେଣି ଗ୍ରହେ ଦେଖ ମାର୍ଗଣେ ।।୭
ନବ ଅଙ୍କୁରିତ ପଲ୍ଲବେ ଲେଖାଇ ମାନପତ୍ର
ପ୍ରଚାର ପଠନେ କୋକିଳେ କରିଛନ୍ତି ନିଯୁକ୍ତ ।।୮
ସୁସଜ୍ଜିତହୋଇ ଅପେକ୍ଷାରତ ପ୍ରକୃତିରାଣୀ
ଆଗମୁ ଆଗମ ସ୍ୱପ୍ରୀତି ସ୍ୱଧର୍ମେ କମଳିନୀ ।।୯
ଦୂରେ ପୁଷ୍ପବତୀ ସୁମନେ ଲତାୟେ ବଲ୍ଲବିତ
ଭାବେ ମଧୁପାନେ ବିଟପେ ମଧୁପାନେ ଉନ୍ମତ୍ତ ।।୧୦
ସତୀ ନାୟିକା ସେ କେତକୀ ମଧୁପେ ମଣୁଘୃଣ୍ୟ
ସୁବାସ ବସନ୍ତ ସ୍ୱବସ୍ତ୍ର ଫେଡ଼ିକରେ ହରଣ ।।୧୧
ଏ ପ୍ରସ୍ତାବେ ହେଉ ପ୍ରଶନ, ମିଳିଗ୍ରହ ସରବ
ବିମଣ୍ଡିତ କରୁ ବିଗ୍ରହ ରମ୍ୟେବଢ଼େ ଗରବ ।।୧୨

ଟୀକା- ୬-ଗ୍ରହପତି, ସୂର୍ଯ୍ୟ ୮-ନବଅଙ୍କୁରିତ ପଲ୍ଲବ- ନୂଆନାଲି କଅଁଳିଆପତ୍ର

Digitized by PPRACHIN, SOA

ତେଣେ ତନୁ ତ୍ୟାଗେ ପଦ୍ମିନୀ ଜଳ ଆଳୟେ ଥିଲା
ସମୀର ସରସ ଇଙ୍ଗିତ ଗୀତେ ବାରତା ଦେଲା ।।୧୩
ବିଜୟ ବିଧିର ପ୍ରଭାବେ ସରୋବରରେ ସେ ଜଳୁ
ପୁନର୍ଜନ୍ମ ସତୀନାୟିକା ପାଏ ସ୍ୱାମୀ ସେବାରୁ ।।୧୪
ନବୀନ କମଳ ସରସ କଳି ରୂପ ଲାବଣ୍ୟ
ଯଥାକ୍ରମେ ଅଙ୍ଗ ମଣ୍ଡଇ ଅଭିନବ ଯୌବନ ।।୧୫
କମଳ କହଇ ମଳୟେ ଆମ୍ଭେ ଜାତିରେ ନାରୀ
ପୁରୁଷ ପ୍ରସ୍ତାବ ଶକୁନ ହୀନେ ବରେ କିପରି ।।୧୬
ବରିବୁ ଅକଥା ହେବ ତା ଆଗେ ଲେଖୁ ଉଦନ୍ତ
ଭୀତହୁଏ ମନ ଚିତଉରେ ଭାବୁ ଦୁଃଖ ପ୍ରଭୂତ ।।୧୭
ଲତା ପଲ୍ଲବିତ ହୁଅଇ ମଧୁମାସ ପ୍ରସନ୍ନେ
ଘନ ଗରଜନେ ଅନାଇ ଶିଖୀ ନାଚଇ ବନେ ।।୧୮
କେକାରବେ ବାଣୀ ପ୍ରକାଶୁ ନାୟିକା 'ତା'ଆସଇ
ଚୂତ ମୁକୁଳିତ ବିଲୋକ ବନପ୍ରିୟ ଭାଷଇ ।।୧୯
ସମ୍ଭାଷୁ ମଳୟ ଘେନିବାପାଇଁ ରୂପ ଅମୃତ
ଉଦିଚୀ ଆକାଶେ ବିଜୟଭାନୁ ପଦ୍ମସୂଚିତ ।।୨୦
ବଦତିଯେ କାଳେ ସ୍ୟନ୍ଦନେ ନଭେ ଦକ୍ଷିଣାୟନେ
ଚିନ୍ତୁଥିଲି ଦେବୀଗତିକି ସ୍ନେହପୂର୍ଣ୍ଣ ନୟନେ ।।୨୧
ଦୀର୍ଘକାଳ ବିରହ ଅବଶେଷ ଶେଷରେ ଧନ
ଆଦର ସହ ଆଦରଣେ ଘେନାକଲି ବରଣ ।।୨୨
ତେଣେ ପଞ୍ଚାଶୁଗ ଧାରଣେ ମାର ରାଜକାର୍ଯ୍ୟରେ
ବିଜ କରିଲେ ଋତୁରାଜ ଆଦ୍ୟେ ଯଥା ଆର୍ଯ୍ୟରେ ।।୨୩
ବନପ୍ରିୟ ଦେଲା ସଙ୍କେତ ଗୀତେ ଏ ମଧୁମାସ
ହଳଦୀବସନ୍ତ ସଙ୍ଗୀତେ ହରେ ଜନ ମାନସ ।।୨୪
ଉଡ଼ି ପ୍ରଜାପତି ଆଚରେ ପ୍ରୀତି ପରାଗ ତୋଳି
ଗୁଣୁ ଗୁଣୁ ସ୍ୱରେ ବୁଲିଣ ଅଳି କରଇ କେଳି ।।୨୫
ଦଶରଥ ସୁତ କାଶ୍ୟପୀ ସୁତା ଚରଣବନ୍ଦି
ଦ୍ୱିଜ ଦୟାନିଧି ଷଟତ୍ରିଂଶ ପାଦେ ଏଛାନ୍ଦ ଛନ୍ଦି ।।୨୬

ଟୀକା- ୧୩-ଆଳୟେ-ଗୃହେ, ସମୀର-ପବନ, ୨୦- ଉଦିଚୀ-ଉତ୍ତରଦିଗ ଭାନୁ-ସୂର୍ଯ୍ୟ, ୨୩- ପଞ୍ଚଶର, ପଦ୍ମ,ଅଶୋକ, ଆମ୍ର, ନବମଲ୍ଲୀକା, ନୀଳୋତ୍ପଳ, ୨୬-କାଶ୍ୟପୀ ଧରଣୀ

Digitized by PPRACHIN, SOA

ଭରତ ନନ୍ଦୀଗ୍ରାମରେ ଅବସ୍ଥାନ
ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ ଋତୁ ବର୍ଣ୍ଣନା

ଛାନ୍ଦ – ୩

ରାଗ-ବଙ୍ଗଳାଶ୍ରୀ

ପୂଜି ପଶୁପତି ପୁଚ୍ଛନ୍ତି ପାର୍ବତୀ ଭରତ ଆବାସ ସ୍ଥଳ
ଅଯୋଧ୍ୟା ନ ହେଲା ଉପଦେଶ ଦେଲା ମନ୍ଦମତି କେହୁ ଖଳ ।।୧
ବୁଝାଇଣ ସର୍ବ ପ୍ରକାଶନ୍ତୁ ଦେବ ଯା'ଶ୍ରବେଣ ଭକ୍ତଗଣ
ଲଭିବେ ନିର୍ବାଣ ଶୁଣି ପଞ୍ଚାନନ ରାମସ୍ମରି କଲେ ଗାନ ।।୨
ଶୁଣ ଭଗବତୀ ଏକାଗ୍ରତେ ବ୍ରତୀ ହୋଇ ସେ ଅମୀୟରସ
ପାଦୁକା ପୂଜିଣ କୈକେୟୀ ନନ୍ଦନ ନନ୍ଦିଗ୍ରାମେ କଲେ ବାସ ।।୩
ପ୍ରଜା ଶତ ଶତ କରନ୍ତି ବ୍ୟକତ ଆସି ଆସନ ଅସୀନେ
ରାଜା ବିନା ବୀର ରାଜ୍ୟ ଛାରଖାର କଷ୍ଟଭୋଗୁ ପ୍ରଜାଗଣେ ।।୪
କହନ୍ତି ଭରତ ପାଦ ପୂଜା ବ୍ରତ ଶ୍ରେଷ୍ଠ ମୋର ପ୍ରତକ୍ଷରେ
ଛାଡ଼ି, ଗଲେ ବ୍ରତ ନହେବ ସମାପ୍ତ ରାମଯେଣୁ ବନସ୍ତରେ ।।୫
ମଣିଣ ପ୍ରମାଦ ମାତା, ଭ୍ରାତା, ବାଦ କରୁ ପ୍ରଜାଏ ଭରତ
ସମ୍ମୁଖୁର ଗୀରେ ପଠାଇଲେ ପୁରେ ରାମପରି ପାଳି ବ୍ରତ ।।୬

ଗ୍ରୀଷ୍ମଋତୁ ବର୍ଣ୍ଣନା

କ୍ରମରେ ଶିଶିର ରାଜା ହେଉଁ ଦୂର ଗ୍ରୀଷ୍ମରେ ପୃଥିବୀ ନାରୀ
ପ୍ରଚଣ୍ଡ ରଶ୍ମିରେ ତନୁ ଦାହକରେ ଘନରସ ସଦାସ୍ମରି ।।୭
ଐରି ଗିରିମେରୁ ଠାରୁ ରବିଭୀରୁ ନହେବା ଆସେବିବାଦେ
ହୋଇ ସଜବାଜ ବଢ଼ାଇଣ ତେଜ ଗଗନେ ବିଜେ କି ଦ୍ୱିଜେ ।।୮
ଦିନାର୍ଦ୍ଧ ପ୍ରାପତି ହେଉଗ୍ରହ ପତି ପ୍ରଖର କର ଯାଗରେ
ପଥିକ ଆରୁଢ଼େ ଶ୍ରମେ ଜଳ ଲୋଡ଼େ ପାଦପ ଛାୟା ମାର୍ଗରେ ।।୯
ଶତ୍ରୁଭାବ ହରି ଲତା ତଳେ ଘୂରି କୁଣ୍ଡଳୀ, କେକୀ, ନକୁଳ
ମୃଗ ଶାବକାଦି ଗୟଳ ବାର୍‌ହାଦି ଆଶ୍ରୟେ ଶାର୍ଦ୍ଦୁଳ କୋଳ ।।୧୦

ଟୀକା- ଦ୍ୱିଜେ-ସୂର୍ଯ୍ୟେ, ୧୦-କୁଣ୍ଡଳୀ-ନାଗୁଣୀ, କେକୀ-ମୟୂର, ନକୁଳ-ନେଉଳ ।

Digitized by PPRACHIN, SOA

ତପୀୟେ ତପରେ ଦିନକର କରେ ତାପିତେ ନିରେ ଗମନ୍ତି
ଷଟ୍‌ପଦ ବିହରେ ମଲ୍ଲୀ ପାଟଳୀରେ ପଲ୍ଲାସ ଦେଖାଏ କାନ୍ତି ।।୧୧
ରାମଚରିତାର୍ଥ ବିହୁନେ ଭରତ ଚନ୍ଦନ ଚମ୍ପା ଚାମରୀ
ତେଜ୍ୟାକଲେ ନାରୀ ଚନ୍ଦ୍ରଶାଳା ପୁରୀ ଚନ୍ଦ୍ର, ମଲ୍ଲୀ, କୁମ୍ଭବାରି ।।୧୨
ବେଲ୍ଲୁ ବେଳ ଭେଦ ଗ୍ରୀଷ୍ମ ପରମାଦ ଭ୍ରୁତେ ଜ୍ୱରପ୍ରପୀଡ଼ିତ
ଝୀନ ରାଜା ପରି- ଛଦ ପରିହରି ରାମ ଦୁଃଖେ ସଦାବ୍ୟସ୍ତ ।।୧୩

ବର୍ଷାଋତୁ ବର୍ଣ୍ଣନା

ବିଧାତା ବିହିତ ଗ୍ରୀଷ୍ମ ହେଉ ଅନ୍ତ ବିଜେ ବର୍ଷାକାଳ ବାଘ
ଗଗନେ ବ୍ୟାପିଣ ଶୈଳେ ବିଚରିଣ ଗିଳିଦେଲା ଗିରିଶୃଙ୍ଗ ।।୧୪
ନିର୍ଘୋଷ ନିନାଦେ କ୍ଷଣପ୍ରଭା ଶବ୍ଦେ କାନନ ଶୃଙ୍ଗେ ବିହରି
କରକା ଉତ୍ପନ୍ନ କରି ରମ୍ଭାବନ- ପର୍ଣ୍ଣଛିନ୍ନେ ଦେଲା ସାରି ।।୧୫
ମୟୁର ମୟୁରୀ କେକା ରାବ କରି ଧରାକୁ ସରା ମଣିଲେ
ଧ୍ୱାନିଶି ଏକା ମଣିଛାଡ଼ି ଶଙ୍କା ଦର୍ଦ୍ଦୁରେ ଧ୍ୱନି କରେଲେ ।।୧୬
ଚାତକ ତୃଷାର୍ତ୍ତ ବାରିପାନୁ ହତ ତାକୁକେ ଦେଲେ ପ୍ରହରା
ବାରିବାହ ବାରି ପ୍ରଦାନରୁ ପୂରି ନଦ ନଦୀ ହେଲେ ଦ୍ୱରା ।।୧୭
ଘନରସ ଦାନୁ ଘନ ଦାବାନଳ ଘନବନୁ ଲିଭିଗଲା
କୂଳଟା ପରାୟେ କୂଳକୁ ବୁଡ଼ାଇ କୂଳଲଘି ବାରିଗଲା ।।୧୮
ମହୀଧରୁ ଗର୍ବେ ମହା ମହୋତ୍ସବେ ବହିଣ ନିର୍ଝର ଧାର
ମହୋଦଧି ଯାଏ ସ୍ୱଗୋତ୍ର ହରାଏ ଭରା କାସାରଉଦର ।।୧୯
ଗର୍ଭପାତେ ହତ ପରିଣତ ପତ୍ର, ଉଭିଦେ ଅଙ୍କୁର ହେଲେ
ସ୍ୱପ୍ରୀତି ଆଚରି ହଂସ ହଂସରାଳୀ ସନ୍ତାପେ ବିଦୂରେ ଗଲେ ।।୨୦
ନଭ ମୁକ୍ତାଧୀରେ ପ୍ରାତେ ବଅନୀରେ ଜାତଇନ୍ଦ୍ର ଗୋପଗଣ
ବନପ୍ରିୟ ମୂକ ପାଲଟେ ଶାମ୍ବୁକ ମକମେକେ କଲେ ସ୍ୱନ ।।୨୧
କ୍ରମରେ ଜିମୂତ ଶାର୍ଦ୍ଦୁଳ ଆଗତ ହେତୁ ଚନ୍ଦ୍ର ସୂର୍ଯ୍ୟ ଚ୍ୟୁତ
ପ୍ରବାସେ ନାୟିକା ପ୍ରତିକଣ୍ଠେ ଶଙ୍କା କରି ନାୟକେ ପୀଡ଼ିତ ।।୨୨

ଟୀକା- ୧୧-ଦିନକର-ସୂର୍ଯ୍ୟ, ୧୫-କ୍ଷଣପ୍ରଭା-ବିଜୁଳି, କରକା, ୨୨- ଜିମୂତ-ମେଘ, ଶାର୍ଦ୍ଦୁଳ, ବାଘ

Digitized by PPRACHIN, SOA

ଝାଡ଼ ବନେ ତୁଲେ ମାଳତୀ ଫୁଟିଲେ ଉଦର ଛାଡ଼େ କେତକୀ
ଜାତି ଯୂଥୀ ଲୋଧ୍ରେ ଶିଳେନ୍ଦ୍ର ସୁଗନ୍ଧେ ଅଳିଏ କଲେ ଗତିକି ।।୨୩
ବିଞ୍ଛ ସୁଚତୁରେ ରସି ପୀତାମ୍ବରେ ଉଷ୍ଣ ପୟକରି ପାନ
ପଦରେ ପାଦୁକା ପଦ୍ମିନୀ ନାୟିକା ପ୍ରେମେ ଶୁଣନ୍ତି ପୁରାଣ ।।୨୪

ଶରତ ଋତୁ ବର୍ଣ୍ଣନା

ବର୍ଷା ପରି ହରି ଶରତ ସୁନ୍ଦରୀ ନବିନ ବଧୂ ପ୍ରବେଶ
ମାଳତୀ ଶେଫାଳୀ ଟଗର ଯେ ମଲ୍ଲୀ ପିନ୍ଧି ଶୁକ୍ଳ-ପୁଷ୍ପବାସ ।।୨୫
ପୁଷ୍କରିଣୀ ନଦୀ ଅଙ୍ଗକ୍ଷୀଣ ଶୁଦ୍ଧି ବଧୂ ଋତୁ ସ୍ନାନମତି
ଧଳାହଂସ ବାଣୀ ତାନପୁର ଧ୍ୱନି ମୁଖ ଜ୍ୟୋସ୍ନା ତାରାପତି ।।୨୬
କୃଷକ କେଦାରେ ପକ୍ୱଶାଳି ହରେ ମନବଧୂ ତନୁ ହୋଇ
ରଜତ ଧବଳ ବାରି ବହମାଳ ଶିରୀ ବର୍ଦ୍ଧନେ ଗମଇ ।।୨୭
ବଧୂ ନିଧୁବନେ ନକ୍ଷତ୍ର ଭୂଷଣେ ପ୍ରଫୀଡ଼ିତ ନିଶାରାଣୀ
ଘନ ବନ୍ଧନୀରୁ ନିଶାପତି ଫେରୁ ବିଧୁପ୍ରାପ୍ତ ବଧୂଧନୀ ।।୨୮

ହେମନ୍ତ ଋତୁ ବର୍ଣ୍ଣନା

ହେମ ପରିବେଶ ପ୍ରବେଶୁ ଲୋକେଶ କାନ୍ତକାନ୍ତା ତନୁମେଳେ
ଏକନେଇ କରେ ଶୟନ କକ୍ଷରେ ଅସ୍ନେହ, ଅନୀଳ, ଜଳେ ।।୨୯
ଚନ୍ଦ୍ରମା ଜ୍ୟୋତିତ ଚନ୍ଦ୍ର-ଚନ୍ଦ୍ରକାନ୍ତ, ମଣିଚମ୍ପା, ହେମହାର
ବର୍ଜନ କରାଇ ଅଙ୍ଗ ଆଚ୍ଛାଦନେ ରେଶମ ବସ୍ତ୍ରେ ଆଦର ।।୩୦
ଡରିଣ ଜାଡ଼କୁ ନୀତିରେ ଘୋଡ଼କୁ ଲାଗି ହୋଇଲେ ଦେବତା
ସେବତୀ ଯୁବତୀ ହେଲା ପୁଷ୍ପବତୀ ଉପବନେ ନାନାଲତା ।।୩୧
କାର୍ତ୍ତିକେ ସ୍ୱଭାବେ ଦେଲେ ଦୀପନଭେ ବିଧବାଏ ପାଳିବ୍ରତ
ମାର୍ଗଶୀର ଗଣି ସଧବା ରମଣୀ କମଳା ପୂଜାରେ ରତ ।।୩୨
ଦିବ୍ୟଶାଳୀ ଅନ୍ନ ଇକ୍ଷୁରସ, ପାନ, ଗୁଡ଼ ନିର୍ମିତ ବ୍ୟଞ୍ଜନେ
ଆଦରସେ ଆଦ- ରତା କଲେ ନିସ୍ୱେ ହସନ୍ତି, ତାପସ ଗଣେ ।।୩୩
ବୃଦ୍ଧା ବୃଦ୍ଧ ଚିତ୍ତେ ଭୟ ଜାଗରିତେ କଲେ ଜାନୁ ଆଲିଙ୍ଗନ
ଅରଣୀ ହୋଇଲେ ଆଣିଥିବା ରଣ ଶୁଝି କୃଷକ କରଣ ।।୩୪
କ୍ରମରେ କଷାୟ ଦୂରେ ବେଲଚୟ ପକ୍ୱେ ହେଲେ ମଧୁମୟ
ଅଭାଗ୍ୟ ବଶରୁ ଅଯୋଧ୍ୟା ଦେଶରୁ ଘୋରବନେ ରଘୁରାୟ ।।୩୫

Digitized by PPRACHIN, SOA



ଛାନ୍ଦ - ୩ ପଦ ||୩୫||

ନନ୍ଦିଗ୍ରାମେ ପ୍ରଶସ୍ତ ମଣ୍ଡପ ଉପରେ ବାଲ୍ମୀକି ଶିଷ୍ୟ ପ୍ରବକ୍ତା ରାମଦାସ ଓ ଅଯୋଧ୍ୟା ପାରିଷଦ ବଶିଷ୍ଠ, ଜାବାଳି, ବାମଦେବ, କଶ୍ୟପ, ସୁମନ୍ତ୍ର ତଥା ରାଜା ଜନକଙ୍କ ଗହଣେ ଭରତଙ୍କର ଶ୍ରୀରାମଙ୍କ ପାଦୁକା ପୂଜା ।

Digitized by PPRACHIN, SOA



ଚିତ୍ରକୂଟ ବନ

ଅତ୍ରିମଠେ ରାମ ଲକ୍ଷ୍ମଣ ସୀତା, ଛାନ୍ଦ - ୭, ପଦ ||୩୨||

ମା' ସୀତାଙ୍କୁ ତପସ୍ୱୀନି ଅନସୂୟାଙ୍କର ଅମ୍ଳାନ ବସ୍ତ୍ର ଓ ଅଙ୍ଗରାଗ ପ୍ରଦାନ, ଛାନ୍ଦ-୭, ପଦ||୭୫||

ପ୍ରଭୁ ରାମ ଲକ୍ଷ୍ମଣଙ୍କ ବାର୍ତ୍ତା ଗୁରୁ ଅଗସ୍ତିଙ୍କୁ ଦେବାପାଇଁ ସୁତୀକ୍ଷ୍ଣଙ୍କର ଗମନ, ଛାନ୍ଦ-୮, ପଦ||୧୭||

Digitized by PPRACHIN, SOA



ପ୍ରଭୁ ରାମ ମାତ ସୀତା ଓ ଲକ୍ଷ୍ମଣ ଲାଲଙ୍କର ଅଗସ୍ତି ଦର୍ଶନ, ଛାନ୍ଦ-୮, ପଦ।।୧୪।।

ମାତା ସୀତାଙ୍କ ପଦେ ଇନ୍ଦ୍ରସୁତ ଜୟନ୍ତ (କାକ) ଚଞ୍ଚୁଘାତ, ଛାନ୍ଦ-୧୨, ପଦ।।୨୭।।

ଜୟନ୍ତ କାକ ଚକ୍ଷୁରେ ପ୍ରଭୁ ରାମଚନ୍ଦ୍ରଙ୍କର ଶରଭେଦ, ଛାନ୍ଦ-୧୨, ପଦ।।୩୭।।

Digitized by PPRACHIN, SOA

ନନ୍ଦୀଗ୍ରାମେ ଜପେ ପ୍ରଶସ୍ତ ମଣ୍ଡପେ ରାମ ପାଦୁକା ଯୁଗଳ
ସ୍ଥାପିଣ ଆଚାରେ ଷୋଢଶୋପଚାରେ ପୂଜନ୍ତି କୈକେୟୀ ବାଳ ।।୩୬
ପ୍ରଜାପାଳି କାମେ ଜୀବେ ଦୟାନାମେ- ଭକ୍ତି ଇନ୍ଦ୍ରିୟେ ସଞ୍ଚିତ
ତାପସୀ ପ୍ରକାର ଭୁଞ୍ଜି ଫଳମୂଳ କରନ୍ତି କାଳାତିପାତ ।।୩୭
ଏହିପରି ଭାବେ ଷଡ଼ରତୁ ଭବେ ସମ୍ପୂଟରେ ବର୍ଷବର୍ଷ
ନାନାଦି ସଙ୍କେଟେ ରାମ ଚିତ୍ରକୂଟେ କଲେ ସପ୍ତବର୍ଷ ବାସ ।।୩୮
ବନି, ବୀନତା ବ- ନୌକା କନ୍ୟାମେଳେ ବଧିଦେବ କୂଳ ବନ୍ଧୁ
ଚିତ୍ରକୂଟେ ଚିତ୍ରେ ଉପବନ ବ୍ରତେ, ସର୍କୁ ଯେ ବୋଲନ୍ତି ସାଧୁ ।।୩୯
ଶ୍ରୀରାମ ଚରିତ ଆଲାଡ଼ନେ ରତ ବେଲୁବେଳ ଲୋକ ଭିଡ଼
ଭାବନ୍ତି ରାଘବ ମୋ ବ୍ରତ ଲାଘବ ହେବନେବ ନୂଆମୋଡ଼ ।।୪୦
ଏକାଳେ ସେ ସ୍ଥଳେ ଆମନ୍ତ୍ରଣ କଲେ ଶରଭଙ୍ଗ ତପୋଧନ
ନାନା ଉପହାରେ ନିବେଦି ଗୟାରେ ଦେବାପାଇଁ ପିଣ୍ଡଦାନ ।।୪୧
ଭାଷନ୍ତି ରାଘବ ଉପହାର ଦ୍ରବ୍ୟ କି ସ୍ୱାର୍ଥେ ଲାଗିବ ମୋର
ପାଦେ ଚାଲି କୃଷା- ଜିନେ ନିଦ୍ରା, ତୃଷା ଆଚମନେ ତୃଷ୍ଣାନୀର ।।୪୨
ଏକାଳେ ସଅଁର କନ୍ଧ କୋହ୍ଲଭୀଲ୍ଲ କିରାତ ଅରଣ୍ୟ ବାସୀ
ଖର ତ୍ରିଶିରାଦି ତ୍ରାସରେ ଅନ୍ୟାଦ୍ରି ଯିବାପାଇଁ ସ୍ଥିରେ ବସି ।।୪୩
ଭାଷନ୍ତି ଅସୁରେ ରହିବା ଜାଣିଲେ ସୁନ୍ଦରୀ, ଏ' ନବଯୁବା
କାଣ୍ଡ,କୋଦଣ୍ଡଧା- ରୀବେନି ସୋଦର ସନ୍ଦେହ କରିବେ ଅବା ।।୪୪
ବୋଲିବେ ଦଇତ ନିଧନେ ନିଷାଦେ ରଖିଛନ୍ତି କି ଆମନ୍ତି
ଚିତ୍ରକୂଟ କ୍ରୋଟେ କୁଟେ ବରାରୁହା- ବରବୀର ରଖିଛନ୍ତି ।।୪୫
ଏଣୁ ଏ କାନନେ ନରହିଣ ଆନେ ଯିବାଥିବା ଥିବପ୍ରାଣ
ପାଇ ଏ ଖବର ଆନେ ଯିବା ସ୍ଥିର କରିମନେ ରଘୁରାଣ ।।୪୬
ଦେଖି ଜାନକୀଙ୍କୁ ସେ ବନୁ ଯିବାକୁ ମନକଥା କରୁ ସ୍ପଷ୍ଟ
ଭୂକନ୍ୟା ଭାଷନ୍ତି କି କାରଣେ ପତି ଯିବା ଏ ବିଦର୍ଭୁ ଶ୍ରେଷ୍ଠ ।।୪୭
ଅକସ୍ମାତେ ସେଥି ଯଦିଶ୍ରୁତିପଥେ ନବବାର୍ତ୍ତା ହେଲା ଠାବ
ଚିତ୍ରକୂଟ ଛାଡ଼ି ଯିବେ ସୀତା ସୀତା- ପତି ଉର୍ମିଳା ବଲ୍ଲଭ ।।୪୮
ଅନ୍ତଃ ତାମସୀୟେ ପକ୍ୱଣ ବାସୀୟେ ମେଳହୋଇ ଜଣଜଣ
କହନ୍ତି ନଯାଅ ନଯାଅ ରାଘବ କେଣେ ଛାଡ଼ି ଏହିବନ ।।୪୯

Digitized by PPRACHIN, SOA

ମୁନୀନ୍ଦ୍ର ଭାଷନ୍ତି ଶୁଣ ରଘୁପତି ହେଲା ଏଥି ଯେତେ ବର୍ଷ
ଦିନେହେଲେ ଜାଣି ନାହାନ୍ତି କେ ପାଣୀ ଦୁଃଖକଷ୍ଟ ଜୀବେ ପ୍ରାସ ।।୫୦
ବନି ବନିତା ଜନକସୁତା ମିଶି ସର୍ଜିଥିବା ଉପବନ
ଦଶାକି ହୋଇବ ବିଚାରନ୍ତୁ ଥରେ ଗଲେ ଏଥୁ ଅନ୍ୟ ସ୍ଥାନ ।।୫୧
ଦେଖନ୍ତୁ ସୁମନ ବଲ୍ଲୀର କ୍ରନ୍ଦନ ବନବହି ଅନୁକ୍ଷଣ
ପଡ଼ି ଟପଟପ ଆକଟେ ଆଟପ ଶୋକାତୁର ପକ୍ଷିଗଣ ।।୫୨
ତପୀ ତାପସୀୟେ ଆକୁଳ ହୃଦୟେ ଶୋକରେ ଦିବା ତାମସୀ
କ୍ରମେ କ୍ରମେ କାୟା ବିସ୍ତାରିଲା ଛାୟା ପରସ୍ପର ବନେଭାଷି ।।୫୩
ଜନକ ନନ୍ଦିନୀ ଦୁଃଖେ ତପସ୍ୱିନୀ ମେଳରୁ ବିଦାୟ ବାରି
ମାର୍ଗଣଧାରୀ ସ- ତୀସଙ୍ଗେ ଦଣ୍ଡକ ମାର୍ଗରେ ହେଲେ ବିହାରୀ ।।୫୪
ଭାଶେ ଦୟାନିଧି କରୁଣା ବାରିଧି ବଇକୁଣ୍ଠ ପତିରାମ
କ୍ଷୀରାର୍ଣ୍ଣବୁ ଗୀର ନାଦଦାନ କରୁ ଏ ରଚନେ ହୁଏ କ୍ଷମ ।।୫୫

❖❖❖

ବିରାୟୁଧ ବଧ

ଛାନ୍ଦ - ୪

ରାଗ-କେଦାର (ସିଂହାବଲୋକନ)

ଶୁଣ ବୁଦ୍ଧ ଶୁଦ୍ଧ ଚିତ୍ତେ ଏ ଛାନ୍ଦ, ଛାନ୍ଦ ଅର୍ଥ ଛନ୍ଦ ପଦ୍ୟ ନିର୍ବନ୍ଧ ।୧
ବନ୍ଧନୀରେ ବନ୍ଦି ହୋଇ ଆଦରେ, ଆଦରେ ଉମା ପୁଛନ୍ତେ ସାଦରେ ।୨
ଦରେ ଯେ ରସ ମୂଲ୍ୟାୟନେ ସାର, ସାରକରି ହର କଲେ ପ୍ରଚାର ।୩
ଚାରକାର୍ଯ୍ୟେ ଶେଷେ ଦେଖାଉ ମାର୍ଗ, ମାର୍ଗଣଧାରୀ ବେନିପ୍ରାନ୍ତ ଆଗ ।୪
ଆଗକଲା ବଳା ହକେ ଚପଳା, ଚପଳା ତୁଲ୍ୟା ଶୋଭେ ରକ୍ଷିବାଳା ।୫
ବାଳାରକ୍ଷଣ କାର୍ଯ୍ୟେ ଶେଷଦେବ, ଦେବ କାର୍ଯ୍ୟେ ଦଣ୍ଡକ ବନେସର୍ବ ।୬
ଶର୍ବରୀଚରେ ପଥରୋଧକରେ, କରେ ଶୂଳକର ବାଳ ଆନରେ ।୭
ନରେ ମଧ୍ୟୁ ନାରୀ ଇଛି ହରଣ, ରଣ ଆରମ୍ଭି ମାୟାରେ ତକ୍ଷଣ ।୮
କ୍ଷଣ ଅବିଳମ୍ବେ ଯଥା ଚଞ୍ଚଳା, ଚଞ୍ଚଳା ଘେନି ଦୈତ୍ୟ ନଭେଗଲା ।୯

ଟୀକା- ୫-ବଳାହକ-ମେଘ, ଚପଳା-ବିଜୁଳି, ୭-ଶର୍ବରୀଚର-ନିଶାଚର ଅସୁର, ୯-ଚଞ୍ଚଳା-ସୀତା

Digitized by PPRACHIN, SOA

ଗଲାନେଲା ସତୀସୀତା ମୁଖରେ, ଖରେ ଉଚ୍ଚାରୁ ରଘୁନାଥ ଖରେ ।୧୦
ଖରେ ଦୃଷ୍ଟିବାର୍ତ୍ତା କଲେ ଚାରଣ, ରଣକରି ଦୈତ୍ୟବଧ ଲକ୍ଷ୍ମଣ ।୧୧
ଲକ୍ଷ୍ମଣ ଅସ୍ତ୍ର ସାମାନ୍ୟ ରଚନ, ମାନ୍ୟହୀନେ ବିରାୟୁଧ ବଚନ ।୧୨
ବଚନବର ଦେଇଛି ବିଧାତା, ଧାତା ସଙ୍ଗେରଣେ ନାହିଁମୋ ଚିନ୍ତା ।୧୩
ଚିନ୍ତା ସୁନ୍ଦରୀ ଦୁଃଖୁ ଅଛି ଛାଡ଼ି, ଛାଡ଼ିବାଲା ଭଲେ ଯାଅ ବାହୁଡ଼ି ।୧୪
ହୁଡ଼ିବୃତ୍ତି କହି ଘେନ ସୁମନା, ମନାଘେନ ରଣେ ପ୍ରାଣ ଦିଅନା ।୧୫
ଅନାର୍ଯ୍ୟ ବାକ୍ୟେ କୋପେ ଚାପଧର, ଧରନ୍ତେ ଧନୁ କମ୍ପଇ ଭୂଧର ।୧୬
ଧରପରେ ସୀତା ରଖି ଅସୁର; ସୁରବଂଶୀ ବେନି ଧରି ଦି କର ।୧୭
କରନ୍ତେ ଗର୍ଜନ ଜାନକୀ ଛନ୍ନ, ଛନ୍ନ, ସ୍ମରନ୍ତେ ରାଘବ ଚରଣ ।୧୮
ର ଣପୋ ସଂହାରେ କୋଦଣ୍ଡଧର, ଧରପରେ କକ୍ଷୁ ବିନ୍ଧନ୍ତି ଶର ।୧୯
ଶରଘାତୁରଣ ତେଜି ପଦରେ ଦରେକର ପୁଟେ ସ୍ମରଣ କରେ ।୨୦
କରେକରି ଗର୍ତ୍ତ ପୋତ ଏବିଧି, ବିଧି ପୂର୍ବରୁ କରିଛନ୍ତି ସିଦ୍ଧି ।୨୧
ସିଦ୍ଧି ସିଦ୍ଧି ମନ୍ତ୍ର ବିଚ୍ୟୁତ ଶାପ, ଶାପଖଣ୍ଡୁ ସ୍ୱର୍ଗେ ଗଲା କୌଣପ ।୨୨
କୌଣପ ଐରୀଧରି ଧନୁଶର, ଶରଭଙ୍ଗ ଋଷି ପର୍ଣ୍ଣେ ବାହାର ।୨୨
ହାରକରି ରାମନାମ ସମ୍ମୁଟେ, ସମ୍ପୁଟେ ବିଂଶ ଚାରିପଦେ ରଟେ ।୨୪

❖❖❖

ଶରଭଙ୍ଗ ଆଶ୍ରମ ଅଗ୍ନିସ୍ତୂପ ଫଲ୍‌ଗୁ କୂଳେ ବାଲିପିଣ୍ଡ

ଛାନ୍ଦ - ୫

ରାଗ-ଋଷିକୁଲ୍ୟା

ପଦ-୧- ମଙ୍ଗଳାଚରଣ

ଗଣ ଦେବତା ଦେବ ଗଣାଧିପ ସ୍କନ୍ଦ ଆଦ୍ୟମନ୍ତ୍ର ପାବନୀ ଦୀପ
ବରୁଣାଳୟ କରୁଣା ଯା ତକା ବରୁଣ ତନୟା ପତି, ଅମ୍ବିକା ଯେ
ତ୍ରିବେଣୀ ଏଥି ବରୁଛି ।
ବରୁଣଜା ସପତଣୀ ମରାଳିନୀ ପଦଦାନ ପାଇଁ କିଛି ।।୧

ଟୀକା- ହେଡିଙ୍ଗ୍, କୁଲ୍ୟା-କୃତ୍ରିମ ନଦୀ, ୧ ଗଣଦେବତା-ଆଦିତ୍ୟ, ବିଶ୍ୱ, ବସୁ, ତୁସାର, ଆଭା, ଅନିଳ ମହାରାଜି, ସାଧ ରୁଦ୍ର, ଏ.୯. ଗଣଦେବତା, ଗଣାଧିପ-ଗଣେଶ, ସ୍କନ୍ଦ-କାର୍ତ୍ତିକେୟ, ଆଦ୍ୟମନ୍ତ୍ର-ଓଁ, ପାବନୀ-ପବନ ପୁତ୍ର ହନୁମାନ, ଦ୍ୱିପ-ଶାକ, ଶାଲ୍ମଳୀ, ଜମ୍ବୁ, ପ୍ଲକ୍ଷ, କୁଶ, ପୁଷ୍କର, କୌଞ୍ଚ, ବରୁଣାଳୟ- କରୁଣା ଯା ତକା-କରୁଣାସାଗର, ପ୍ରଭୁ ବରୁଣତନୟା-ଲକ୍ଷ୍ମୀ, ପତି ନାରାୟଣ ଅମ୍ବିକା-ଦୁର୍ଗା ତ୍ରିବେଣୀ-ଗଙ୍ଗା, ଜମୁନା, ସରସ୍ୱତୀ, ବରୁଣଜା-କମଳା, ସପତଣୀ-ସରସ୍ୱତୀ, ମରାଳ-ହଂସ ବାହନ- ଯାନ ଯାହାଙ୍କର ତାହାଙ୍କ ସହିତ ଏମାନଙ୍କୁ ବରୁଛି ।

Digitized by PPRACHIN, SOA

ଲୋକେ ଧର୍ମ ଶିକ୍ଷା ଅଚାର ତିଷ୍ଠି　　ରହିବା ପାଇଁ ଏ ପୁରାଣ ସୃଷ୍ଟି
ସମାଜ ଶୃଙ୍ଖଳା ପାଇଁ ବିଭକ୍ତ　　ରାଜସ, ତାମସ, ସାତ୍ତ୍ୱିକ ମତ ଯେ
ବ୍ରହ୍ମା ଶିବ ହୁତାସନ
ନିଜନିଜ କର୍ମ ପ୍ରକାଶ ବସୁଏ କରାଉଛନ୍ତି ପ୍ରମାଣ ।।୨
ଏ ମହାମନ୍ତ୍ର ପାଉ ଗୁରୁଦାନେ　　ରାମବେନି ବର୍ଣ୍ଣ ସଞ୍ଚରୁ କର୍ଣ୍ଣେ
ସେ ପୂର୍ଣ୍ଣେନ୍ଦୁ ସୁଧା ଦାୟୀ ହୋଇଲା　　ଉଦରପୂରି ମୁଖେ ଉଛୁଳିଲା ଯେ
ହେବାପାଇଁ ତାହା ଖ୍ୟାତ
ଗ୍ରନ୍ଥକାର ଗ୍ରନ୍ଥେ ଗ୍ରନ୍ଥନ କରିଛି ନ ଇଛଇ ପୁରୁଷାର୍ଥ ।।୩
ବାଲ୍ମୀକି, ବ୍ୟାସ, ସ୍ୱଭଙ୍ଗ ରଙ୍ଗିତ　　ପାବନୀ, କାଳିଦାସ, ବିରଚିତ
ଭୋଜ, ମାଧବ, କନ୍ଦ ରାମାୟଣ,　　କୃତ୍ତିବାସ, ବଳରାମ, ମୋହନ ଯେ
ତୁଳସୀ, ଉପେନ୍ଦ୍ର ଭଞ୍ଜ
ଆଦିସୁରୀ ରୁଚି ରସ ସିନ୍ଧୁପାରେ ନାମଚନ୍ଦ୍ର ସଞ୍ଜ, ଭଞ୍ଜ ।।୪
କେମନ୍ତ କାବ୍ୟଭାବ ପରମାର୍ଥ　　ଶ୍ରୀରାମ ସୀତା ଭାବ ତତ୍ତ୍ୱଅର୍ଥ
ଅଗାଧସିନ୍ଧୁ ସାମର୍ଥ୍ୟ ମୋ କାହିଁ　　ଜପତପ ଧ୍ୟାନ ଧାରଣା ନାହିଁ ଯେ
ଦେଲେ ସର୍ବେ ଅନୁମତି
ରାମ ଦଣ୍ଡକେ ଆଗମନ ଚରିତ ରଚନେ ହୋଇବି ବ୍ରତୀ ।।୫
ସଂସାରେ ଯେ ରସ ସୁରସ ସାର　　ସୁଧା ସମ ପାପ କରଇ ଦୂର
ଭୂମଣ୍ଡଳେ ତୁଣ୍ଡେ ସଦାଯା କୀର୍ତ୍ତି　　ଭୁଣଠାରୁ ଭୂବବାସ ଘୋଷନ୍ତି ଯେ
ରଚିବାକୁ ତାହା ଗୀତେ
ପାଇବ ଅକର୍ମା ଏଡ଼େ କାର୍ଯ୍ୟ ଛମା ଭାବିନାହିଁ ଦିନେ ଚିତ୍ତେ ।।୬
ପୂର୍ବେ ଯେଉଁନାମ ସ୍ମରଣ କରି　　ସୂରୀ ଏ ଶାସ୍ତ୍ରସିନ୍ଧୁ ହେଲେ ପାରି
ସେ ନାମ ସାଧୁପଦ କଞ୍ଜଭେଳା　　କରି ବନ୍ଦେ କବି ଲେଖନୀ କଳା ଯେ
ମୂଢ଼ବାଦେ ଜପିନାମ
ପଦ ଶବ୍ଦ ଛାନ୍ଦ ଛନ୍ଦହୀନେ ଦାନ ହେଉପୂରୁ ମନସ୍କାମ ।।୭

୪-ଆଦିସୁରୀ- ଆଦ୍ୟକବି ରାମଚନ୍ଦ୍ର-ଯାହାଙ୍କର ନାମରେ ଚନ୍ଦ୍ର ଯୋଗ ହୋଇଛି, ସଞ୍ଜ-ସନ୍ଧ୍ୟା, ଭଞ୍ଜ-ଭଞ୍ଜନକର ଭୂମଣ୍ଡଳ ଭବସଂସାରେ, ଭୁବ-ସ୍ୱର୍ଗ, ବାସ, -ବସ୍ତ୍ର-ଯାହାଙ୍କର ଅର୍ଥାତ୍ ଶିବଙ୍କର ।

Digitized by PPRACHIN, SOA

ଡାକେ ବୀଣାପାଣି ବିଜେ ଗଳାରେ ବୀଣାତନ୍ତୁ ତାନ ନାମ କଳାରେ
ଶ୍ରବଣେ ଚିତ୍ତ ହେଲା ପ୍ରଫୁଲ୍ଲିତ ମନ, କ୍ରମ, ବଚ, ଚିତ୍ତ ଏକତ୍ର ଯେ
ସ୍ଥିରେ ଧରି ଲେଖନୀକୁ
ଚାଲିଲି ଆତ୍ରେୟ ଦର୍ଶନେ ଦକ୍ଷିଣେ ବିଜେ ରାମଧରି ଶଙ୍କୁ ।୮
ହରିହରିଣୀ ବନେ ଭୟହରି ହରିହରିଣୀ ପରାୟ ବିହରି
ଅର୍ଣ୍ଣବ ଅଙ୍କେ ଅନନ୍ତେ ସୁରଙ୍ଗେ ମାର୍ଗରେ ସଙ୍ଗେ ଅନନ୍ତ ସୁରଙ୍ଗେ ଯେ
ଶରଭଙ୍ଗ ପର୍ଣ୍ଣାଶ୍ରମ
ସନ୍ନିକଟେ ଯତି-ବିଜେ ଦାଶରଥି ପୂର୍ଣ୍ଣେମୁନି ମନସ୍କାମ ।।୯
ଅଦ୍ୱିତୀୟ ତପୀ ତପେ ବିରଞ୍ଚି ତୋଷେ ଇନ୍ଦ୍ରାସନ ରକ୍ଷଣେ ପାଞ୍ଚି
ଯୋଗଭଗ୍ନେ ପେଷୁ ଇନ୍ଦ୍ର ସେଠାରେ ଐରାବତେ ରାମ ଲୋକନେ ଦ୍ୱାରେ ଯେ
ଭାଇଭାର୍ଯ୍ୟା ଅପେକ୍ଷାରେ
ବାହାରେ ରଖାଇ ଗମନେ ଶୁଣନ୍ତି ତାପସ ପର୍ଣ୍ଣ କକ୍ଷରେ ।।୧୦
ମୁନିଙ୍କୁ ପ୍ରଣମି ପାକ ଶାସନ ବଦୟନ୍ତି ଥରେ କର ଶ୍ରବଣ
ତୁମ ତପସ୍ୟା ତୋଷୁ ବେଦପତି ସ୍ୱର୍ଗେ ତୁମକୁ ନେବାକୁ ଇଛନ୍ତି
ଶୀଘ୍ର ହେଉ ଆଗମନ
ଐରାବତ ଅପେକ୍ଷାରେ ଦ୍ୱାରେ ଲକ୍ଷେ ଯାଇକର ଆରୋହଣ ।।୧୧
ଶଚୀପତି ଗୀରେ ତାପସମଣି ମୃଦୁ ମୃଦୁ ହାସ୍ୟେ ଭାଷନ୍ତି ବାଣୀ
ତପସ୍ୟା ସାଧନ କର୍ତ୍ତବ୍ୟ ମୋର ନ ଲୋଡ଼ଇ ଅଧିକାର କାହାର ଯେ
ତପସ୍ୟା ଫଳ ପ୍ରାପତ
କାଳ ସନ୍ନିକଟ ହୋଇ ଆସିଲାଣି ଫେର ସୁର ଲୋକ ବାଟ ।।୧୨
ସ୍ୱର୍ଗ ଲୋକେ ବ୍ରହ୍ମଲୋକେ ବା କାହିଁ ବାସ କରିବା ମୋ ଉଦ୍ଦେଶ୍ୟ ନାହିଁ
ମାଟି କଣ୍ଢେଇ ହୋଇ କେଉଁ ଲାଭ ତପସ୍ୟା ଅର୍ଥେ ଭୂଲୋକ ଦୁର୍ଲ୍ଲଭ ଯେ
କୈବଲ୍ୟ ପ୍ରାପ୍ତି ମୋ ଲକ୍ଷ୍ୟ
ଏପରି କଥୋପକଥନ ସମୟେ ରାମ ଦେଖି ସହସ୍ରାକ୍ଷ ।।୧୩

ଟୀକା- ହରି-ସିଂହ, ହରିଣୀ-ସିଂହ, ହରି-ମର୍କଟ, ହରିଣୀ-ମର୍କଟ-ମର୍କଟି ଅର୍ଣ୍ଣବ-ସୁମଦ୍ର,

Digitized by PPRACHIN, SOA

କୃତ୍ୟକୃତ୍ୟେ ସ୍ତୁତି କରନ୍ତି ଗାନ ତୁ ପ୍ରଭୁ ସର୍ବ ବସ୍ତୁର ଜୀବନ
ଏକ ଜୀବରୁ ତ୍ରିରୂପ ପ୍ରତିତୀ ଶରଣାପନ୍ନେ ଦେବା ପ୍ରତିଶ୍ରୁତି ଯେ
ରକ୍ଷାଅର୍ଥେ ବର୍ତ୍ତମାନ
ହେ ସୀତା ବଲ୍ଲଭ ଦେବଙ୍କ ଦୁର୍ଲ୍ଲଭ ଅର୍ଥେ ମର୍ତ୍ତେ ଅବତୀର୍ଣ୍ଣ ।।୧୪
କି ବର୍ଣ୍ଣିବ ଅକିଞ୍ଚନ ବିଭୂତି ଇନ୍ଦ୍ରଗଲେ ଏପରି କରି ସ୍ତୁତି
ଥିବା ସନ୍ଦିହାନ ହେଲା ମୋଚନ ଇନ୍ଦ୍ରସ୍ତବ ଜାଣି ତାପସ ମନ ଯେ
ଉତ୍‌ଫୁଲ୍ଲିତେ ସସମ୍ମାନେ ।
ରାଘବେ ସ୍ୱାଗତ ଜଣାଇ ପାଛୋଟି ଆଣିଲେ ସୀତା ଲକ୍ଷ୍ମଣେ ।।୧୫
ଆନନ୍ଦେ ସତ୍କାର କରନ୍ତି ରକ୍ଷା ମୁନି ଦିଅନ୍ତି ନ୍ୟାୟ ଜ୍ଞାନ ଶିକ୍ଷା
ପଥଶ୍ରମ ଶ୍ରମ ହରଣେ ନିଦେ- କ୍ରମେ ସୁ ପ୍ରଭାତ ଅରୁଣ ଉଦେ ଯେ
କୃଷ୍ଣାଜିନ ଶଯ୍ୟା ତ୍ୟାଗ
ସମ୍ମୁଖେ ଦେଖନ୍ତି ଦିବ୍ୟ ଅଗ୍ନିସ୍ତୁପ ପାଶେ ଋଷି ମହାଭାଗ ।।୧୬
ସୀତେଶ ଏଦୃଶ୍ୟ ଲୋକନେ ତ୍ରସ୍ତେ ଭାଷନ୍ତି ତାପସ ସଂଶୟଚ୍ୟୁତେ
ମୋ ଅନ୍ତର ଇଚ୍ଛା ଅଗ୍ନିଆ ବେଶ ଯୋଗ୍ନିଶୁଭେ ଶୁଭଲଗ୍ନ ପ୍ରବେଶ ଯେ
ବହୁକାଳର କାମନା
ପୂର୍ଣ୍ଣହେବ ବର୍ତ୍ତମାନ ଭବବନ୍ଧ ଦର୍ଶନୁ ଏ ସଞ୍ଜୋଜନା ।।୧୭
ରାଘବ କହି ବୋଧେ ମୁନିଚିତ୍ତ ପିଣ୍ଡ ବ୍ରହ୍ମାଣ ବେନି ଏକ ମତ
ଯେଣୁପରଂବ୍ରହ୍ମେ ଆତ୍ମା ଅର୍ପଣ ନୁହେ ଏକାର୍ଯ୍ୟ କିମ୍ବା ସନ୍ତର୍ପଣ ଯେ
ଆତ୍ମାରେ ଆତ୍ମା ମିଶାଇ
ପରମେ ପରମ ଅର୍ପିଣ ପଦରେ ମିଶ ଏହା ଲୋଡ଼ାନାହିଁ ।।୧୮
କୃପା ସାଗର କୃପାଚିତ୍ତେ ଚିନ୍ତି ସାଷ୍ଟାଙ୍ଗେ ପ୍ରଣମୁ ମୁନି ଦମ୍ପତି
ସ୍ୱକରେ ତୋଳି ହୃଦେ ଆଲିଙ୍ଗନ କରୁ ରାଘବ ମୁନି ଆସ୍ଫାଳନ ଯେ
ଦେଇ ବତାଇ, ଦେବତା
ଯୋଗାଗ୍ନିରେ ସ୍ୱ ଶରୀର ଦାହେ ମର୍ଯ୍ୟାଦାରେ ଦମ୍ପତିୟେ ରତା ।।୧୯

ଟୀକା- ୧୨-ଶଚୀପତି-ଇନ୍ଦ୍ର, ତାପସ-ମୁନି, ସୁର-ଦେବତା, ଲୋକରାଟ-ଇନ୍ଦ୍ର, ୧୩-କୈବଲ୍ୟ ପ୍ରାପ୍ତି- ମୁକ୍ତି, ସହସ୍ରାକ୍ଷ-ଇନ୍ଦ୍ର, ୧୪-ତ୍ରିରୂପ-ବ୍ରହ୍ମା, ବିଷ୍ଣୁ, ଶିବ, ୧୬-କୃଷ୍ଣାଜିନ-ମୃଗଚର୍ମ, ୧୭-ସୀତେଶ-ସୀତାଈଶ ରାମ, ଯୋଗ୍ନି-ମନ୍ଦ ସମ. ୧୯-ଯୋଗାଗ୍ନି-ପ୍ରଣାୟମ ।

Digitized by PPRACHIN, SOA

ତୁ ପରମବ୍ରହ୍ମ ଜଗତ ଗୁରୁ ଭକ୍ତଜନ ପ୍ରିୟ ଶରଣ ମେରୁ
ସାଧୁ ସନ୍ଥ ଜନ ସୁଗତି ପାନ୍ଥ ଦୁର୍ଜୟ ଦୁଷ୍ଟ ନାଶି ପାଳୁ ସନ୍ଥ
ସାହା ଅରକ୍ଷ ରକ୍ଷଣ
କହୁ ପଞ୍ଚଭୂତ ପିଣ୍ଡ ବର୍ଜିସନ୍ତ-ର୍ପଣେ ରାମପଦେ ଲୀନ ।।୨୦

ଦେଖିତା ଆର୍ତ୍ତତ୍ରାଣ ଆର୍ତ୍ତମନେ, ବିହାରି ହେଲେ ଫଲ୍‌ଗୁ ମାର୍ଗଣେ
କ୍ରମେ ବିଭାବସୁ ବସୁ ମା' କୋଳେ ବାରୁଣୀ ରାଣୀ ବାରୁଣୀଅଚଳେ ଯେ
ସିନ୍ଦୂରରେ ମଣ୍ଡି ମୁଣ୍ଡ
ଇନ୍ଦ୍ର ପ୍ରକାଶରେ ଚଣ୍ଡି ଭାବଧରେ ନଭମେଲୁ ଚନ୍ଦ୍ରଖଣ୍ଡ ।।୨୧

ଏଣେ ପଥେ ସରେ ବାଦ୍ୟର ଧ୍ୱନି ମୈଥିଳୀ ଲକ୍ଷ୍ମଣ ରାଘବ ଶୁଣି
ପର୍ଣ୍ଣଶାଳାରେ ମୁନି ଧର୍ମଭୃତ ପୁଚ୍ଛୁ ସେ ଭାଷନ୍ତି ସର୍ବ ବୃତ୍ତାନ୍ତ ଯେ
ମନ୍ଦକର୍ଣ୍ଣି ତପୀବର
ତପରେ ନିର୍ମାଣ କରି ସରସୀଯେ ତପେ ସଦା ମୁନିଶ୍ୱର ।।୨୨

ସହସ୍ର ବର୍ଷତା ମଧ୍ୟେ ଆସନେ ଅନଳ ଜାଳି ଅନିଳ ଅଶନେ
ତପସାଧୁ ଭୟ ମନେ ଶଚୀଶ ଅଷ୍ଟ ଅପସରୀ ରାଇଣ ପାଶ ଯେ
ତପଭଗ୍ନେ ଦେଇ ଶିକ୍ଷା
ପଠାଉ ସେ ଅଷ୍ଟ ଅଙ୍ଗନାତା ନୃତ୍ୟ ଗୀତେ କରୁଛନ୍ତି ରକ୍ଷା ।।୨୩

ପଥେ ପଥର ବର୍ଷେ ଶଚୀସାଇଁ ଶୁଣି ତାକେହି ନପାରନ୍ତି ଯାଇ
ସର୍ବ ଅନ୍ତର୍ଯ୍ୟାମୀ ନାଥ ଆପଣ ଏଣୁ ବର୍ଷା ନ ହୋଇଲା ପାଷାଣ ଯେ
ଭାଙ୍ଗନ୍ତୁ ସେହି ଉତ୍ପାତ
ସଧିରେ ତାପସେ ତୋଷି ରାତ୍ର ଶେଷେ ବାହାରନ୍ତେ ସୀତାକାନ୍ତ ।।୨୪

ମୁନିଗଣେ ଗହଣେ ଚାଲିଥାନ୍ତି ମାର୍ଗେ ବିଲୋକନେ ବହୁତ ଅସ୍ଥି
ସୀତାଧବ ପୁଚ୍ଛୁ ସେ ସମାଚାର, ମୁନିଯେ ଭାଷନ୍ତି କି ଆଗୋଚର ଯେ
ଅସୁରେ ଋଷିଙ୍କୁ ଭକ୍ଷି
ଅନ୍ୟଋଷି ତ୍ରସ୍ତେ ଅସ୍ଥି ଏକତ୍ରିତେ ଗଦାଇ ଅଛନ୍ତି ରଖି ।।୨୫

ଟୀକା-୨୦-ପଞ୍ଚଭୂତ-ଆପ, ତେଜ, ପୃଥିବୀ,ଆକାଶ,ଅନିଳ, ୨୧-ବିଭାବସୁ-ସୂର୍ଯ୍ୟ, ବାରୁଣିରାଣୀ-ପଶ୍ଚିମଦିଗ ରାଣୀ, ଇନ୍ଦୁ-ଚନ୍ଦ୍ର, ନଭ-ଆକାଶ, ୨୨-ପର୍ଣ୍ଣଶାଳା-ପତ୍ରକୁଡ଼ିଆ ଘର, ଅନଳ-ଅଗ୍ନି, ଅନିଳ-ପବନ ଅସନ-ଖାଇବା, ୨୩-ଅଷ୍ଟଅଙ୍ଗନା-ସ୍ୱର୍ଗ ଅପ୍ସରା ଉର୍ବଶୀ, ମେନକା, ରମ୍ଭା, ଘୃତାଚୀ, ତିଲୋତ୍ତମା, ସୁକେଶି, ମଞ୍ଜୁଳା, ଚିତ୍ରରେଖା ।

Digitized by PPRACHIN, SOA

ଭାବ ବିହ୍ୱଳିତେ ଭରତାଗ୍ରଜ ବାରିପୂର୍ଣ୍ଣ ନେତ୍ରେ ହୋଇ ଅଧୈର୍ଯ୍ୟ
ଭାଷନ୍ତି ତାପସ ସମାଜ ଶୁଣ କମାଣ କରେ କରୁଛି ପ୍ରମାଣ ଯେ
ଦଇତକୁଳ ବିଲୋପ
ହୋଇବେ ଆଜିଠୁ' ତବ ସାହାପକ୍ଷ ରଘୁବଂଶ କୁଳଦୀପ ।।୨୬
ତାପରେ ସୁତୀକ୍ଷ୍ଣ ବୋଧି ତତ୍କାଳେ ଫଲ୍‌ଗୁ ବେଳାଭୂମି କୂଳେ କୂଳେ
ମୈଥିଳୀ, ନାଥେପଥେ ଏକଥିତ ସତ୍ୟପାଳି ବନେ କିମ୍ବା ଏକୃତ୍ୟ ଯେ
ହେ ଦୟାଳୁ ସତ୍ୟବାଦୀ
ତୁମକୁ ଯେ ଛନ୍ଦପାଞ୍ଚ କଲେ ମନ୍ଦ ରଖୁଛ ସେ ବିବୁଧାଦି ।।୨୭
ରାଘବ ବଦତି ସୁପୁଣ୍ୟକାୟା କାମକ୍ରୋଧ ଲୋଭ ମୋହ ଯା' ମାୟା
ମଦମତ୍ସ ତେଜି ନିର୍ଗୁଣେ ଚିତ୍ତ ଯୋଗ ସାଧୁଯୋଗ ନାଶନ୍ତି ଦୈତ୍ୟ ଯେ
ଧର୍ମରକ୍ଷା କାର୍ଯ୍ୟ ମୋର
ଦେବହିତେ ଦୈତ୍ୟ ମାରଣେ ତାରଣେ ମୋ ମାନବ ଅବତାର ।।୨୮
ବାଲି ପ୍ରାନ୍ତେ ସତୀ ବିଶ୍ରମୁରାମ ଭାଷନ୍ତି ଏସ୍ଥାନ ହେବ ଆରାମ
ରହିବା କିଛିମାସ ବାସକରି ସ୍ୱୀକାର ଉର୍ମିଳା ବଲ୍ଲଭ ବାରି
ଫଲ୍‌ଗୁ ତଟ କାନନ
ଯାଇ ଫଳମୂଳ ସଂଗ୍ରହ କରିଲେ ବାସ ଆବରଣେ ପର୍ଣ୍ଣ ।।୨୯
କ୍ରମେଣ ଗତ ଦିବସୁ ଦିବସ ପିତାଙ୍କ ମୃତାହ ତିଥି ପ୍ରବେଶ
ଗୋତ୍ରାଜାରେ ଭାଷନ୍ତି ଚାପଧାରୀ ଗୋତ୍ରେ ପିଣ୍ଡଦ୍ୟନ୍ତେ ଗୋତ୍ରଉଚାରି ଯେ
କାହିଁ ପୂଜା ପିଣ୍ଡ ଦ୍ରବ୍ୟ
ଶ୍ରବଣେ ସଂଗ୍ରହେ କାନନେ ବିଜୟ କରନ୍ତି ଊର୍ମିଳା ଧବ ।।୩୦
ଫଳମୂଳ ସଂଗ୍ରହଣେ ଉଚ୍ଚାଟ ସଂଗ୍ରହ କଲେ ମକ୍ଷିକା ଉଚ୍ଛିଷ୍ଟ
ପୁଷ୍ପଚନ୍ଦନ ପର୍ଣ୍ଣ ଅର୍ଚ୍ଚନାରେ ଶାଳଧୂପ ଗୁଗୁଳ ଘୃତକରେ ଯେ
ସଂକଳ୍ପ ଅର୍ଥେ ଗୁବାକ
ନିବାରକ ଧାନ୍ୟ ତିଳ, ତଣ୍ଡୁଳ ଯେ ଫେରନ୍ତି ଧରି ଦର୍ଭକ ।।୩୧

ଟୀକା- ୩୧ -ମକ୍ଷିକାଉଚ୍ଛିଷ୍ଟ-ମଧୁ, ପର୍ଣ୍ଣ-ପତ୍ର(ତୁଳସୀପତ୍ର) ଦର୍ଭକ-କୁଶ ।

Digitized by PPRACHIN, SOA

ଏଣେ ଆମନ୍ତ୍ରଣେ ଶ୍ରାଦ୍ଧ ବ୍ରାହ୍ମଣ ବିଜୟ ପ୍ରଭୁ ସ୍ୱୟଂ ରଘୁରାଣ
ଜାନକୀସ୍ନାନେ ଗୃହକର୍ମ ଅନ୍ତେ ଫଲ୍‌ଗୁ ତଟିନୀ ମଧ୍ୟ ସୈକତେ ଯେ
ହୋଇଲେ ସେ ରଜୋବତୀ
ବିଧି ବିଧାନର ଅହଂକାର ଦୁଃଖେ ନିଜ ଭାଗ୍ୟକୁ ନିନ୍ଦନ୍ତି ।।୩୨

ବାଲିପିଣ୍ଡ

ଜ୍ୟେଷ୍ଠ ବଧୂହୋଇ ହେଲି ଅଯୋଗ୍ୟା ପିତୃକାର୍ଯ୍ୟେ ଭ୍ରତ, ମାଣ୍ଡବୀ ଯୋଗ୍ୟା
ଶାପ ମୋହପାଇଁ କାଳକବଳେ ଜାଣିଲି ପିତାମୃତ ହେବାବେଳେ ଯେ
ନ ପାରିଲି ଜଳ ଦେଇ
ଆଜିଥିଲେ ଶୁଦ୍ଧ ଦେଇଥାନ୍ତି ଶ୍ରାଦ୍ଧ ଧାତା ଭାଙ୍ଗିଲା ବଢ଼ାଇ ।।୩୩
ଫଳମୂଳ ଯା ଆଣନ୍ତେ ଲକ୍ଷ୍ମଣ ପରିପାକେ କରି ଷଡ଼ବ୍ୟଞ୍ଜନ
ଏପରି ପିଣ୍ଡବଳି କାନ୍ତହସ୍ତେ ବଢ଼ାଉ ସେ ପିତୃକୂଳେ ଅର୍ପନ୍ତେ ଯେ
ଭାବି ବାଲିପିଣ୍ଡ ଧରି
ମନ ସନ୍ତାପିତେ ଡିଆନ୍ତେ ଅଞ୍ଜାତେ କରେ ନେତ୍ରୁ ବହେ ବାରି ।।୩୪
ପ୍ରବେଶ ଶ୍ରାଦ୍ଧକାଳ ଦଶରଥ ବଧୂ ଭକ୍ତିରେ ସେ ହୋଇଣ ପ୍ରୀତ
ଅସ୍ପର୍ଶ ବାଲିପିଣ୍ଡ ନ ବିଚାରି ନଭମଣ୍ଡଳୁ ନେଉ ଦଣ୍ଡଧାରୀ ଯେ
ବିଲୋକି ପୁଚ୍ଛନ୍ତି ସତୀ
କିଏ ମହାଭାଗ ଅଜ୍ଞାନୀକରୁ ନେଲେ ପିଣ୍ଡମଣି ପ୍ରୀତି ।।୩୫
ଅନ୍ତରୀକ୍ଷେ ଭାସମାନ ସୁ ସ୍ୱର ସତୀ ସାଧ୍ୱୀ ମୁଁ ତୁମ୍ଭର ଶ୍ୱଶୁର
ଚିତ୍ତେ ଶ୍ରଦ୍ଧା ପିଣ୍ଡେ କରୁ ତୃପତ ଆଘ୍ରାଣେ ବଢ଼ାଇ ଆଣିଲି ହସ୍ତ
ଶ୍ରଦ୍ଧା ଉପେକ୍ଷି ନପାରି
ଜାନକୀ ବଦତି ଏ ଘଟଣା ପତି ସତ୍ୟ ମଣିବେ କିପରି ।।୩୬
ଭାଷନ୍ତି ସନ୍ତୋଷେ ପିତୃ ପୁରୁଷ ସାକ୍ଷ ଅଛନ୍ତି ଏ କେତକୀ ପୁଷ୍ପ
ଫଲ୍‌ଗୁ ଧାର ଗାଭୀ ହବ୍ୟ ବାହନ ମୋରାମ ବିଶ୍ୱାସେ ଦେବେ ପ୍ରମାଣ ଯେ
କହି ବିଦାୟ ସେ ସ୍ୱର୍ଗ
ଯାଉଁ ସୁରଲୋକେ ସୁରପତି ବାକ୍ୟେ ଅବରୋଧ କଲେ ମାର୍ଗ ।।୩୭

ଟୀକା- ୩୨-ତଟିନୀ-ନଦୀ ସୈକତେ-ବାଲିରେ, ୩୪-ଷଡବ୍ୟଞ୍ଜନ-ମଧୁର, ତିକ୍ତ, କଷାୟ ଅମ୍ଳ, କଟୁ, ଲବଣ, ୩୪-ମନସନ୍ତପଣ-ମନଦୁଃଖରେ, ନଭମଣ୍ଡଳ-ଆକାଶ ମଣ୍ଡଳ, ୩୫-ଅନ୍ତରୀକ୍ଷେ ଆକାଶେ, ଆଘ୍ରାଣ-ଶ୍ୱାସଦ୍ୱାରା ଗ୍ରହଣ, ୩୭-ସୁରଲୋକେ-ଦେବତାମାନେ ।

Digitized by PPRACHIN, SOA

ଜନ୍ତୁରାଣ ବିଚାରେ ଅନୁଚରେ   ଅଜ' ଜ, ମ୍ମ ନେଲେ ଅନ୍ତକ ପୁରେ
ଯେ ଆମ୍ଭଙ୍କୁ ପୂଜିପାକ ଶାସନ   ଶ୍ରଦ୍ଧେ ଦେଉଥିଲା ଅର୍ଦ୍ଧ ଆସନ ଯେ
ବୈଜୟନ୍ତୀ ପୁରେବସା
ଏ ଅବୈଧପିଣ୍ଡ ଘେନୁ ନିଳୟରେ ପେଶିକଲା ଲୋକହସା ।।୩୮

ସତୀ ଭାବରୁ ପୁଷ୍ପବତୀ ଜାଣି   ପିଣ୍ଡେଦାନେ ସ୍ନାନେ କୋଦଣ୍ଡପାଣି
ଗଦାଧର ପୀଠେ ସଙ୍କଳ ପାକେ   ସୁମନେ ସୁମନେ ଅନୁକଳ୍ପକେ ଯେ
ଶୂନ୍ୟରୁ ଛାଡ଼ିଲେ ହୁରି
କୋଶଳେଶ ଦଣ୍ଡଧର ଧରିପିଣ୍ଡ ଗଲେ ଦଣ୍ଡଧର ପୁରୀ ।।୩୯

ସଭାପରେ ସଭା ଶ୍ରାଦ୍ଧାନ୍ତେ ଶ୍ରାଦ୍ଧ   ନୁହେଁ ଶାସ୍ତ୍ରମତ ବେଦ ବିରୋଧ
ବୁଝି ବିଚାରକରି ନିଅ ସାକ୍ଷ   ଦେଖିଛନ୍ତି ଯେଉଁମାନେ ପ୍ରତ୍ୟକ୍ଷ ଯେ
ରାମ କଲ୍ମଷ ନାଶନେ
ସମ୍ମୁଖେ ସାକ୍ଷେ କେତକୀ ଗୋ ନଦୀକୁ ପୁଚ୍ଛାକଲେ ହୁତାଶନେ ।।୪୦

ସତୀମାନ ରଖି ବିଚାରି ସର୍ବ   କିଛି ନ କହିଣ ହେଲେ ନୀରବ
ବିଦଗ୍ଧିତ ଚିତ୍ତେ ବିବୁଧେ କହି   ହେ ଫଲ୍‌ଗୁ ନିର୍ଜଳା ହୁଅରେ ତୁହି ଯେ
ଅଗ୍ନି ହେଉ ସର୍ବଭକ୍ଷ
ସର୍ବ ଅଭୋଗ୍ୟ କେତକୀ ପୁଷ୍ପ ହେଉ ଅପବିତ୍ର ଗାଭୀମୁଖ ।।୪୧

ସୁର ଶାପେ ରାମ ମାଗୁ କାରଣ   ଦୟାମୟ ଦୟା ପରବଶେଣ
ଭାଷନ୍ତି ପ୍ରତିଶୋଧେ କାହିଁ ଶାନ୍ତି   ହେ ଫଲ୍‌ଗୁ ଚିତ୍ତେ ନମଣ ଭ୍ରାନ୍ତି ଯେ
ବକ୍ଷ ବିଦାରଣେ ଜଳ
ତତ୍‌କାଳେ ଉତ୍ପନ୍ନ ହୋଇ ଜନମନ ହରୁଣିରେ ତୀର୍ଥ ଫଳ ।।୪୨

ସର୍ବଭକ୍ଷ ସଦା ଶୁଚି ହେ ଶୁଚି   ସର୍ବମାଙ୍ଗଳିକ କାର୍ଯ୍ୟେ ବିରଞ୍ଚି
ଆଦି ତେତିଶକୋଟି ଦେବଗଣ   ସର୍ବଭକ୍ଷ ମୁଖେ ହବି ଗ୍ରହଣ ଯେ
କରିବେ ବ୍ରାହ୍ମଣଚୟ
ଆବାହନେ ସଂସ୍କାରାର୍ଥେ ପଞ୍ଚାମୃତେ ଶୋଧନ କରିବେ କାୟ ।।୪୩

ଟୀକା- ୩୮-ପାକଶାସନ-ଇନ୍ଦ୍ର ବୈଜୟନ୍ତିପୁର-ଇନ୍ଦ୍ରପୁର, ନିଳୟରେ, ଯମପୁରେ । ୩୯-ଗଦାଧର ପିଠେ-ଫଲ୍‌ଗୁ କୂଳରେ ଥିବା ଗଦାଧର ପିଠ ଶ୍ରାଦ୍ଧଦେବାନେବା ଯାହା (ନାରାୟଣ) ପୀଠରେ ନାମିତ । କୋଶଳେଶ-ଦଶରଥ, ଦଣ୍ଡଧର-ଯମ, ୪୦-ହୁତାସନେ-ଅଗ୍ନି, ୪୨-ସୁର- ଦେବତା, ୪୩-ଶୁଚି-ପବିତ୍ର, ଶୁଚି-ଅଗ୍ନି, ସର୍ବଭକ୍ଷ-ଅଗ୍ନି ।

Digitized by PPRACHIN, SOA

ପୁଷ୍ପବିତ୍ରମନେ ଜାନକୀ ପତି ଭାଷନ୍ତି କେତକି ହୁଅତୁ ସତୀ
ପୁଷ୍ପବତୀ କାଳେ ବୀଟ ଭ୍ରମରେ ସ୍ପର୍ଶି ନପାରିବେ ତନୁ ଶ୍ରମରେ ଯେ
ଇଚ୍ଛା କଲେ ଅଙ୍ଗସଙ୍ଗ
ଅଭିଶାପ ବର ଫଳରୁ ତାଙ୍କର ନାଶ ଲଭିବ ଅପାଙ୍ଗ ।।୪୪
ବିବାହେ ନବ ଦମ୍ପତିଯେ ଗାତ୍ରେ ଭୂଷଣେ ଭୂଷିତ ହୋଇବେ ରାତ୍ରେ
ମହାଶିବ ରାତ୍ରେ ହର ପାର୍ବତୀ ବହିବେ, ନରେ ବ୍ରତେହୋଇ ବ୍ରତୀ ଯେ
ସମର୍ପଣୁ ତୋ ଗୌରବ
ବଢ଼ିବ ଅଭିଶାପୁ ସତୀନାୟିକା ରୂପେ ହେବେ ଜନରବ ।।୪୫
ସୌରଭେ ସୁରଭି ବସ୍ତାରେ ରାମ ଭାଷନ୍ତି ପୂରିବ ତୋ ମନସ୍କାମ
ଅମେଧ ଭକ୍ଷଣେ ମୁଖ ଆମାୟ'ଶାପେ ଶୁଦ୍ଧହେଉ ତୋର ଗୋମୟ ଯେ
ପଞ୍ଚଗବ୍ୟେ ମୂତ୍ରେଘନେ
ଦୁଗ୍ଧ, ଦଧି, ଘୃତ, ସ୍ୱଜୀନ ସହିତ ମୃଦଙ୍ଗ ଶୁଦ୍ଧ କୀର୍ତ୍ତନେ ।।୪୬
ପିତାମୁକ୍ତେ ରାମ ମାଗୁକାରଣ ଅନ୍ତରୀକ୍ଷରେ ଭାଷନ୍ତି ଗୀର୍ବାଣ
ହେ ସୃଷ୍ଟିକର୍ତ୍ତା ତୋତେକି ଅଜଣା ବୃଥା ଆସ୍ଫାଳନେ କରା ଅବଣା ଯେ
ଯା ଦୃଷ୍ଟି ଲୟେ ବିଲୟ
ଭଜନ୍ତି ସପତଦ୍ୱୀପ ସପ୍ତଲୋକ ନବଖଣ୍ଡ ପୃଥ୍ୱୀଚୟ ।।୪୭
ଗୌରବ ବଢ଼ାଇବାକୁ ଯା କୁହ ସର୍ବ ଅବିଧି କାର୍ଯ୍ୟେ ପ୍ରତିଗ୍ରହ
ଅଛି ଯା' କହୁଛୁ ଶାସ୍ତ୍ର ବିଚାର ତୀର୍ଥ ପର୍ଯ୍ୟଟନ କରନ୍ତୁ ବୀର ଯେ
ସେ ଧର୍ମୁ ସୁଗମ ବାଟ
ପରେ ଚରାଟପୁର ରାଟ ବିଚାରେ ଆମନ୍ତ୍ରିବ ସୁରରାଟ ।।୪୮
ଶଚୀପତି ଆମନ୍ତୁ ପ୍ରେତପତି ସମର୍ପଣୁ ପିତା ଲଭିବେ ଗତି
ସମ୍ମତେ ରାଘବ ସଂକଳ୍ପ କରି ଗୟାପିଣ୍ଡେ ବେଦି ମାର୍ଗେ ବିହରି ଯେ
ସତୀ ଶୁଦ୍ଧସ୍ନାନ ପରେ
ପିତୃବୋଧେ ଅଷ୍ଟଚାଳିଶ ବେଦିରେ ବିପ୍ର ବରି ଶ୍ରାଦ୍ଧକଲେ ।।୪୯

ଟୀକା- ୪୪-ପୁଷ୍ପବତୀ-ଋତ୍ବାବତୀ, ଫୁଲ ଫୁଟିବା ସମୟ ।୪୬-ସୁରଭି-କାମଧେନୁ, ବସ୍ତା-ବାଛୁରୀ, ସ୍ୱଜୀନ-ଚର୍ମ, ୪୭-ଅନ୍ତରିକ୍ଷେ-ଆକାଶେ, ଗ୍ରୀବାଣ-ଦେବତା ଦୃଷ୍ଟିବିଲୟ-ନେତ୍ରପତା ବନ୍ଦକଲେ ସପ୍ତଦ୍ୱିପ-ଜମ୍ବୁ, ପ୍ଲକ୍ଷ, ଶାଲ୍ମଳୀ, କୁଶ କ୍ରୌଞ୍ଚ, ଶାକ, ପୁଷ୍କର, ସପ୍ତଲୋକ-ଭୂ, ଭୂବଃ, ସ୍ୱଃ ମଃ ଜନଃ ତପଃ ସତ୍ୟଃ ନବଖଣ୍ଡ ପୃଥ୍ୱୀ ଭାରତଖଣ୍ଡ, ଇଳାବୃତଖଣ୍ଡ, କିଂପୁରୁଷଖଣ୍ଡ, ଭଦ୍ରଖଣ୍ଡ, କେତୁମାଳାଖଣ୍ଡ, ହରିତ୍ଖଣ୍ଡ ହିରଣ୍ୟଖଣ୍ଡ ରମ୍ୟଖଣ୍ଡ, କୁଶଖଣ୍ଡ, ୪୮-ଚରାଟପୁରରାଟ-ଯମ, ସୁର-ଦେବତା ରାଟ-ରାଜା ଇନ୍ଦ୍ର ।

Digitized by PPRACHIN, SOA

ଦକ୍ଷିଣାର୍ଥେ ବିପ୍ରଙ୍କରୁ କଟଶଳ କାର୍ପଣ୍ୟେ ଭାଷନ୍ତି କୌଶଲ୍ୟାବାଳ
ପିତୃସତ୍ୟେ ବନେ ବନୌକାବେଶ ବୁଲି ଅକସ୍ମାତେ ଏଥୁ ପ୍ରବେଶ
କାହୁଁ ପାଇବୁ ଦକ୍ଷିଣା
ହତଭାଗା ହସ୍ତୁ ଦକ୍ଷିଣା ନପାଇ ଭରଣାକି ହେଉ ଉଣା ।।୫୦
ଏପରି ବିପ୍ରଙ୍କୁ ବୋଧି ସମ୍ଭର୍ବେ ତୀର୍ଥ ମାର୍ଗେ ପିତା ଦଣ୍ଡ ଲାଘବେ
ବିହାରୀ ହୋଇଲେ କମଣଧାରୀ ଅହର୍ନିଶି ଦୟା ହୃଦେ ସୁମରି
ସୀତା ରାମ ସଉମିତ୍ରି
ଚରଣ କମଳେ ପଞ୍ଚାଶୋକ ଦଳେମାଳେ ଅର୍ପିଲେ ଶାନ୍ତି ।।୫୧

❖❖❖

ପିତୃଉଦ୍ଧାରେ ରାମଙ୍କର ଭାଇ ଭାର୍ଯ୍ୟା ସହିତ ତୀର୍ଥ ପର୍ଯ୍ୟଟନ

ଛାନ୍ଦ - ୬

ରାଗ-କାମୋଦୀ

କ୍ଷୀର ସାଗର ମଧ୍ୟେ, ସଦାଯେହୁ ସଂଶ୍ରବେ, ଅନୁଜ ସ୍ୱପତ୍ନୀଙ୍କୁ ନେଇ
ବୁଲିତୀର୍ଥ ଆବାସ, ସ୍ୱବଶେ କଲେ ବାସ, ପଦ ବିନ୍ୟାସେ କ୍ରମ ନାହିଁ ହେ
ସାଧୁ ଜନେ
ସରସ୍ୱତୀ ତରଙ୍ଗ ଭଙ୍ଗେ
ସୌରଭମୟୀ ସତୀ, ପିତାଉଦ୍ଧାରେ ମତି, କ୍ଷାଳିତ ସବିଧି ପ୍ରସଙ୍ଗେ ହେ ।।୧
ପର୍ଯ୍ୟଟନ ସିଦ୍ଧାନ୍ତେ, ସୀତାକାନ୍ତ ତଦନ୍ତେ, ନର୍ମଦାରେ ପ୍ରମଦା ନେଇ
ବାହୁଦା ହେଲେ ପାର, ବାହୁଧରି କାନ୍ତାର, ରେବା ତଟରେ ସ୍ନାନପାଇଁ ଯେ
ଅର୍କଜାରେ
ଅର୍କଜା ଦାନେ ଯଥା ବ୍ୟାଧ
ଅର୍କେ ତର୍ପଣେ କରିବୋଧ
ଅଜଜ ଆତ୍ମା ମୋକ୍ଷେ, ଅର୍କ, ବିପ୍ର, ସମ୍ମୁଖେ, ଅର୍ପିଶ୍ରାଦ୍ଧ ଦେବଙ୍କୁ ଶ୍ରାଦ୍ଧସେ ।।୨

ଟୀକା- ୪୯-ଶଚୀପତି- ଇନ୍ଦ୍ର,ପ୍ରେତ ପତି- ଯମ, ୫୦-ବନୌକା- ବନଚାରି, ୫୧-ପଚାଷକ ପଚାଷ ସଂଖ୍ୟା, ଦଳେ- ପଦ୍ମ ବା ପଦରେ ଏହା ସଂପୂର୍ଣ୍ଣ କରି ଶାନ୍ତି ଲାଭ କଲି ।

Digitized by PPRACHIN, SOA

କେତେ ବାସ ବାସିରେ, ବୁଲିବୁଲି କାଶୀରେ, ମଣିକର୍ଣ୍ଣିକା ପାର୍ଶ୍ୱବର୍ତ୍ତୀ
ଓଡ଼ିଶା ଯା ପ୍ରସିଦ୍ଧି, ବିନ୍ଧ୍ୟ-ଜା ମହାନଦୀ, ବେତ୍ର ବତୀରେ ମଣି ପ୍ରୀତିସେ
ବାରି ଶିରେ
ସିଞ୍ଚୁ ପବିତ୍ର ତା ମୁଖରେ
ମିଳି ଖରସ୍ରୋତା ବ୍ରହ୍ମୀରେ
କରି ସନ୍ଧ୍ୟାତର୍ପଣ, ପିତୃଦେବେ ଅର୍ପଣ ନୈବେଦ୍ୟ ଦେଲେ ଦ୍ୱିଜକରେ ।।୩

ଘୋଟୁ କ୍ରମେ ତାମସୀ, ବ୍ରାହ୍ମଣୀ ତଟେବସି, କାନ୍ତସଙ୍ଗରେ କ୍ଳାନ୍ତିହରି
ଅରୁଣ ବିୟତିରେ, ପୂର୍ବେ ପୂର୍ବ ମତିରେ, ଜଳଦିଅନ୍ତେ ସ୍ନାନସାରିସେ
ଶାନ୍ତମୂର୍ତ୍ତି
ଭାସ୍କର ତୀର୍ଥେ କଲେ ଗତି
ଯହିଁ ଗଙ୍ଗା ସାଗର ପ୍ରୀତି
ସେ ସ୍ଥାନେ ରାମଚଣ୍ଡୀ, ପୂଜାରେ ପୁଷ୍ପମଣ୍ଡି, ସ୍ତୁତିରେ ବିତାଇଲେ ରାତି ।।୪

ତହୁଁ ଘେନିଣବାଳା, କରି ବିଚିତ୍ରଲୀଳା , ପ୍ରବେଶ କ୍ଷେତ୍ର ଚିତ୍ରୋତ୍ପଳା
ବାଳି ବାଲୁଙ୍କିଶ୍ୱରେ, ସ୍ଥାପିଲେ ସେ ବିଧିରେ, ଘେନ ଏକାମ୍ର ବନ ଲୀଳା ସେ
ପଙ୍କୋଦ୍ଧାର
ବିହୀନେ ଥିବା ସରୋବର
ବିଖ୍ୟାତ ଯେ ବିନ୍ଦୁ ସାଗର
ଅବଗାହି ସରବ, ମନ୍ଦିର ହୀନେ ଠାବ, କରି ପୂଜିଲେ ଲିଙ୍ଗେଶ୍ୱର ।।୫

ତଦଅନ୍ତେ ସଭକ୍ତି, ଭୋଗେ ବିଷ୍ଣୁ ମୂରତି, ସ୍ଥାପ ଭାଷୁ ଊର୍ମିଳାଧବ
ଅନୁଜ ବାକ୍ୟେଚାଟେ, ବିନ୍ଦୁସାଗର ତଟେ, ବଢ଼ାଇ ସ୍ୱନାମ ଗୌରବସେ
ବେନିଙ୍କର
ନାମ ନାମିତେ ଶ୍ଳେଷଭାବ
କହି ଅନନ୍ତ ବାସୁଦେବ
ନଇବେଦ୍ୟ କୈବଲ୍ୟ, ସଙ୍ଗେ ହୋଇଣ ତୁଲ, ବଢ଼ାଇବ ଏକାମ୍ରତ ଭାବ ।।୬

ଟୀକା: ୧-କ୍ଷୀର ସାଗର ମଧ୍ୟେ-କ୍ଷୀର ସମୁଦ୍ର ମଧ୍ୟେ, ୨- ଅର୍କ ସୂର୍ଯ୍ୟ, ୩-କନ୍ୟା (ଯମୁନା) ଶ୍ରାଦ୍ଧଦେବ-ଯମ, ୪-ଅରୁଣ ବିଅତିରେ-ସୂର୍ଯ୍ୟ ଉଦୟ ପରେ ଭାସ୍କର ତିର୍ଥ-ଚନ୍ଦ୍ରଭାଗା, ୫-ଏକାମ୍ରବନ- ଭୁବନେଶ୍ୱର, ଊର୍ମିଳାଧବ-ଲକ୍ଷ୍ମଣ, ଅନନ୍ତ-ଶେଷଦେବ ଲକ୍ଷ୍ମଣ, ବସୁଦେବ ପୁତ୍ର- କୃଷ୍ଣ ଯୁଗାନ୍ତରେ ରାମ, କୈବଲ୍ୟ ମହାପ୍ରସାଦ, ପୁରୁଷୋତ୍ତମ-ପୁରୀ ପୁରୁଷୋତ୍ତମ-ରାମଚନ୍ଦ୍ର ମହୋଦଧି-ସମୁଦ୍ର ନୀଳଗିରି-ନୀଳକନ୍ଦର ପର୍ବତ,

Digitized by PPRACHIN, SOA

ଯେହୁ କ୍ଷେତ୍ରେ ଉତ୍ତମ, ନାମ ପୁରୁଷୋତ୍ତମ, ପୁରୁଷୋତ୍ତମ ସେ ପଥରେ
ହୋଇଲେ ପଥଚାରୀ, ଘେନି ଅନୁଜନାରୀ, ପିତାଙ୍କ ଆତ୍ମାକୃତାର୍ଥରେ ସେ
ମହୋଦଧି
ତଟେ ନୀଳକନ୍ଦର ବଟେ
ନିଳଗିରି ନାଥ ପ୍ରକଟେ
ହୃଦୟର ଯନ୍ତ୍ରଣା, ହୋଇବାପାଇଁ ଊଣା, ଚିତ୍ତ ତାହାଙ୍କ ସନ୍ନିକଟେ ହେ ।।୭
ପୂର୍ବ ଚରିତ ତିଥି, ଭାଷନ୍ତି ଦାଶରଥି, ଏ ଗୋଲକ ବୈକୁଣ୍ଠପୁର
ବିଧାତା ସର୍ଜନାରେ, ଆମ୍ଭେ ତ୍ରୟ ଏଠାରେ, ବିଜେ ଯୁଗନ୍ତେ ଥର ଥର ହେ
ତିନିମୂର୍ତ୍ତି
ନିର୍ଲିପ୍ତ ନିରଞ୍ଜନ ଦେହୀ
ପୂର୍ଣ୍ଣ ପରମବ୍ରହ୍ମ ହୋଇ
ପୂର୍ବ କର୍ମ ବାସନା, ବିଜୟେ ଏବେସିନା, ଏକାଦଶା ତିନିଙ୍କ ପାଇଁ ।।୮
ରହିଛିକି ସ୍ମରଣ, ଶ୍ୱେତଗଜବଦନ, ଦେଖ ଏବଟ ମୂଳେ ଉଭା
ମାର୍କଣ୍ଡ ତପଚାରୀ, ତପେଗର୍ବ ଆଚରି, ଭାସୁଜଳେ ବିସ୍ତାରି ପ୍ରଭା
ବୈକୁଲ୍ୟରୁ
ଉଦ୍ଧାରୁ ଗର୍ବ ହେଲା ଖର୍ବ
ଦେଖ ଏ ସ୍ମୃତି ପ୍ରତିବିମ୍ବ
ଚତୁର୍ଭୁଜ ଭୂଷଣ୍ଡ, କାକ ମୁକତି ଦଣ୍ଡ, ଯାଏ, ଏକୁଣ୍ଡେ ଜନରବ ।।୯
ସୁମନେ ସଂକଳପେ, ବୁଲିମୁକ୍ତି ମଣ୍ଡପେ, ଶ୍ରାଦ୍ଧ ଘଟଣା ଅବଗତି
କରାଇଣ ସଂଶ୍ରଦ୍ଧେ, ପିତାମୁକତି ବୁଧେ, ପୁଚ୍ଛନ୍ତେ ପଣ୍ଡିତେ ଭାଷନ୍ତି ହେ
ରେଣୁପିଣ୍ଡ
ଅସ୍ପର୍ଶ କରୁ' ଘେନୁଦଣ୍ଡ
ସର୍ଜିଛି ଯନ୍ତୁରାଣ ଭଣ୍ଡ
ପାଇ ଯା ଦିଗ୍‌ଦର୍ଶନ, କଳତୀର୍ଥ ଗମନ, ଅବିଚାରୁ ସେ ହେବପଣ୍ଡ ।।୧୦
କଣ୍ଟକେ ଉତ୍ପାଟନ, କଣ୍ଟାସିନା ଘଟଣ, ଲୌହଦଣ୍ଡେ ଡାକି ସମ୍ବନ
ଅସ୍ପର୍ଶ ଦୀନଜନ, ଦରିଦ୍ରନାରାୟଣ, ଦେବ ଉଚ୍ଛିଷ୍ଟେ ପୂଜଦେବ ସେ
ସୁବିଚାରେ
ଉଚ୍ଛିଷ୍ଟ ଅଖାଦ୍ୟ ତତ୍ତୁଲ୍ୟ
ଅସ୍ପର୍ଶେ ଅସ୍ପରଶ ତୁଲ୍ୟ
ହେବ କୃତାନ୍ତପୁରେ, ବିଚାର ଲୋଡ଼ିସ୍ଥିରେ, ଆଣିବେ ଶଚୀପତି ଆଳ ।।୧୧

ଟୀକା-୮- ନିର୍ଲିପ୍ତ ଲିପ୍ତ ନ ହେବା ନିରଞ୍ଜନ- ଧର୍ମ, ୯- ଅସ୍ପର୍ଶ, ଦୀନଜନ- ଜାତି ଅଜାତି ହୀନ ଦରିଦ୍ର, ଦେବ ଉଚ୍ଛିଷ୍ଟ ଜଗନ୍ନାଥଙ୍କ ପୂଜାଦ୍ରବ୍ୟ ଆଜୟ-ପୁର ।

Digitized by PPRACHIN, SOA

ମୋକ୍ଷେ ମୁକ୍ତି ମଣ୍ଡପ, ବାକ୍ୟେ ହରି ସନ୍ତାପ, ଶ୍ରୀରଘୁନାୟକ ପ୍ରମୋଦେ
ଦରିଦ୍ର ନାରାୟଣ, ଭକ୍ତିପୂତେ ପୂଜନ, କରୁ ସେ ଆମ୍ଭ ଆଶୀର୍ବାଦେ
ପୂଣ୍ୟମାପ
କରି ଦାନବାରି ଏ' ଦାନ-
କରନ୍ତେ ବାକ୍ୟେ ଆମନ୍ତ୍ରଣ
ଶମନ ସମନରେ, ବାହୁଡ଼ାଉ ଜାନରେ, ସୁନାଶୀର ଦେଲା ଆସନ ।।୧୨
ଗୁଣିଗଣ,ଆଗ୍ରଣୀ, ତାତ ସୁଗତି ଜାଣି, ମାର୍ଗେଣ ବିଜୟ ସତ୍ୱର
ମଣିନାଗ ପର୍ବତେ, ମଣିନାଗଙ୍କୁ ଚିନ୍ତେ, ବନ୍ଦିଦର୍ଶନେ ତତପର ସେ
ଚାପଧାରୀ
ଯାଇ ଭଣ୍ଡାର ପାଦତଳେ
ବେତସ କଣ୍ଟା ଲତା ମୂଳେ
ଲଡୁକେଶ୍ୱର ନାମେ, ଦେବଙ୍କୁ ପୂଜି କାମ୍ୟେ, ବିଜୟ ଦକ୍ଷିଣ ଦିଗରେ ।।୧୩
ଋଷିକୂଲ୍ୟାର ତଟେ, ଶିବ ସେବା ସଙ୍କଟେ, ରଖି ତୁମ୍ୱା ଓଲଟା କରି
କୋରକିତେ ସ୍ତବକ, କରନ୍ତେ ଅଭିଷେକ, ଶିବ ପଞ୍ଚାକ୍ଷର ଉଚାରି ସେ
କଇଳାସ
କମ୍ପିଲା ଛାନ ଜାଣିଲେ
ଅନ୍ତରୀକ୍ଷେ ବିଜୟ କଲେ
ଶିରେଧରି ଚନ୍ଦ୍ରାର୍ଦ୍ଧ କରେ ଡମ୍ବରୁ ଶବ୍ଦ, ଉରେ ସର୍ପ କପାଳମାଳେ ।।୧୪
ଗିରିରାଜ ନନ୍ଦିନୀ, ଗଙ୍ଗାଜଟେ ବନ୍ଦିନୀ, ଚଉଦକୋଟି ରୁଦ୍ରଗଣ
ଭୋଳାନାଥ ଭୋଳରେ ଉମାଦେବୀ କୋଳରେ ଗବୀଶ ବାହନେ ତତ୍‌କ୍ଷଣ ସେ
ରୁଦ୍ରଗଣ
ସାନନ୍ଦେ ଦେଖି ସୀତାପତି
ସ୍ତୁତି କରନ୍ତି ଛାଡ଼ି ଭ୍ରାନ୍ତି
ସ୍ମରଣେ ସ୍ୱର୍ଣ୍ଣମଣି ମୁଦ୍ରିକା ହୀରାକଣି, ପ୍ରକାଶେ କୋଟି ଚନ୍ଦ୍ରକାନ୍ତି ।।୧୫

ଟୀକା-୧୨- ଶମନ- ଯମ, ସମନ- ନୋଟିସ ବା ଆଦେଶପତ୍ର, ୧୩-ଗୁଣିଗଣ। ଅଗ୍ରଣି ରାମଚନ୍ଦ୍ର- ୧୪ ଗିରିରାଜନନ୍ଦିନୀ-ପାର୍ବତୀ ଗବୀଶ-ବୃଷଭ ।

Digitized by PPRACHIN, SOA

ତାତ ଉଦ୍ଧାରେ ମନ ସୀତାରାମ ପୂଜନ କଥା ଶିବାଙ୍କୁ ଶିବ କହି
ଶୁଣି ଉମା ବଦତି ହେ ପ୍ରଭୁ ପଶୁପତି ଭୋଗେ ତ୍ରେତୟାଯୁଗ ଏହି ଯେ
ଜଗନ୍ନାଥ
କଳିରେ ପୂଜା ସୁବିଦିତ
ଏବେ ପୂଜିଲେ ସୀତାକାନ୍ତ
ଗାଭୀ କେତକୀ ନଦୀ, ହବ୍ୟବାହନ ଆଦି, ଭାଷା ବୁଝନ୍ତି ରଘୁନାଥ ।।୧୬
ଶିବ ଭାଷନ୍ତି ବାଣୀ, ଶୁଣ ଶୁଣ ଶର୍ବାଣୀ, ରାଘବ ସ୍ୱୟଂ ନାରାୟଣ
ଜାନକୀ ଜଗତ୍‌ମାତା ହେତୁ ସଭିଙ୍କ ବାର୍ତ୍ତା ବୁଝନ୍ତି ଭାଷାନ୍ତର ମାନସେ
ଯୁଗେ ଯୁଗେ
ନୀଳାଚଳରେ ଜଗନ୍ନାଥ
ଧର୍ମସ୍ଥାପନେ ବିରାଜିତ
ଭିନ୍ନ ଭିନ୍ନ ରୂପାନ୍ତେ, ଏବେଶେ' ଜିନ୍‌ନାଥେ ଏ ଛାନ୍ଦ ପୂର୍ଣ୍ଣ ବେଦତତ୍ତ୍ୱ ।। ୧୭

❖❖❖

ଅତ୍ରିମଠ ଆଗମନ ପଥେ ରାମ ରାବଣ ଭେଟ
ପିତାଙ୍କ ଉଦ୍ଧାରେ ସ୍ୱର୍ଣ୍ଣପକ୍ଷମୃଗ ମାଂସେ ଶ୍ରାଦ୍ଧ ନିମିତ୍ତ ଉପଦେଶ

ଛାନ୍ଦ -୭

ରାଗ-କଳହଂସ କେଦାର (ପ୍ରଥମ ତିନିପଦ ସିଂହାବଲୋକନ)

ବିପିନେ ବିପଥେ ପଥେ ଚାପଧର
ଧରଣୀଜା ଧରି କରନ୍ତି ବିହାର ।।୧
ହାର ଶୋଭି ହର ଅରପଣେ ଭାଳି
ଭାଳିରଚି ମାଳେ ହରଗୌରା ତୋଳି ।।୨
ତୋଳି ଚାଙ୍ଗୁଡ଼ାରୁ ଅର୍ପି ଧର୍ମାର୍ଜନେ
ଜନୈକ ତାପସ ଆତ୍ରେୟ ଦର୍ଶନେ ।।୩
ଉଭବି ଯାନେତ୍ର ମଳୁ ଶଶଧର
ଉମାପତି ଶିରେ କରନ୍ତି ବିହାର ।।୪

ଟୀକା : ୧-ବିପିନେ-ବଣରେ,ବିପଥେ-ପଥନଥିବା ସ୍ଥାନରେ,ଧରଣୀଜା- ସୀତା, ୪-ଶଶଧର-ଚନ୍ଦ୍ର,ଉମାପତି-ଶିବ,

Digitized by PPRACHIN, SOA

ସେ ତପୀ ତପ ପ୍ର- ଭାବୁ ଶତ୍ରୁହିଂସା
ଦ୍ୱେଷ,ସେ' ପ୍ରାଙ୍ଗଣେ ନକରଇ ବସା ।।୫
ଡାଳେ ପେଚା ମନ୍ଦ ଛଞ୍ଚାଣ କପୋତ
ଶିଖୀ ପାଶେ ବ୍ୟାଳ ହର୍ଷେ କରେ ନୃତ୍ୟ ।।୬
ବାରଣହୀନେ ବାରଣ ବନପତି
ନିର୍ଭୟ ଚିତ୍ତରେ ବିହାରକରନ୍ତି ।।୭
ଶରଭ ଶାବକ କରଭ ସନ୍ତତ
ସିଂହୀ କରିଣୀର ଦୁଗ୍ଧପାନେ ରତ ।।୮
ବଳିଆ ସହିତ ଶାର୍ଦ୍ଦୁଳ ସନ୍ତତି
ସୁରଙ୍ଗେ କୁରଙ୍ଗୀ ମେଳେ ପନ୍ତିପନ୍ତି ।।୯
ଧେନୁ ମାନଙ୍କର ବସ୍ତା ନିର୍ଭୟରେ
କାସାର ପହ୍ନାରୁ ପୟପାନ କରେ ।।୧୦
ଥିବା ସରେବଗ ଦେଖିଲେ ହେଁ ମୀନ
ଖେଳେ ନାନାରଙ୍ଗେ ହରେ ଜନମନ ।।୧୧
କାହିଁ ଅଳି ରେଣୁ ଚୟନେ ନିନାଦେ
ଯେ ପୁଷ୍ପ ଆରୋହେ ଘେନନ୍ତୁ ବିବୁଧେ ।।୧୨

-ଅନ୍ତର୍ଲିପି ରୂପକ-

ରତିପତି ଶର (୧) ଅକ୍ଷର ବିଶିଷ୍ଟ-୫ ଟୀକା-୫
ସୁମନେ-କ (୨) ଧର ଯେ ହୋଇବ ସ୍ପଷ୍ଟ ।।୧୩ ୨-ନାଗକେଶ୍ୱର
ଜଳ ସ୍ଥଳଚର ବେନି ପ୍ରାଣୀ ୩ ନାମ ୩- ନାଗ-ହସ୍ତି
ଅର୍ଥ ପ୍ରବର୍ତ୍ତଇ ପୂର୍ବେ ଯା ସଂଗ୍ରାମ ।।୧୪ ୩ କେଶର-କୁମ୍ଭୀର
ହେଲା ତୀର୍ଥ ରାଜ ଗଣ୍ଡୁଦୀର କୂଳେ
ଚକ୍ରେ ଛେଦି ଯାକୁ ରଖିଲେ ଆକୁଳେ ।।୧୫ କୁମ୍ଭିରକୁ ମାରି ଗଜକୁ ରଖିଲେ
ଶିବନେତ୍ରେ ୩ ଧାତା ଆସ୍ୟଃବର୍ଣ୍ଣ ଲୟେ ୩ କେ ୪ଶ = କେଶ
କନ୍ଦଳ ବିଳୟେ ଜନେ ନ୍ୟାୟଳୟେ ।।୧୬

ଟୀକା : ୬-ମନ୍ଦ- କୁଆ, ଶିଖୀ-ମୟୂର, ବ୍ୟାଳ-ସର୍ପ, ୭ନାଗ ହସ୍ତି, ବନପତି-ସିଂହ, ୮ ଶରଭ-ଅଷ୍ଟପଦ ମୃଗ, କରଭ- ହସ୍ତିଛୁଆ, ୯ ଶାର୍ଦ୍ଦୁଳସନ୍ତତି-ବାଘପିଲା, କୁରଙ୍ଗୀ-ହରିଣ, ୧୦ କାସାର-ମହିଷ, ପୟ-କ୍ଷୀର ।

Digitized by PPRACHIN, SOA

ବର୍ଣ୍ଣ ବେଦ ୪ ଭୂତ ୫	କ୍ରମେ କଲେ ଦତ୍ତ	୪ଶ ୫ର- ଶର
ବର୍ଣ୍ଣ ବ୍ରହ୍ମ ୧ ଯୁଗ ୪	ଯୋଗେ ପ୍ରାଣୀ ଅନ୍ତ ।।୧୭	୧ନା ୪ଶ-ନାଶ
ନର ବୃକ୍ଷେ ବସା	ବାନ୍ଧିଥିବା ପକ୍ଷୀ	୨ ଗ ୫ର - ଗର
ବର୍ଣ୍ଣେ ୨ ସତୀ କନ୍ୟା ୫ ସଂଖ୍ୟା ଦେବ ଯୋଖି ।।୧୮		
ସେ ଯେଉଁ ବରନ	ପ୍ରାମଣ କରିବ	
କଣ୍ଠେ ତା ଧାରଣ	କରିଛନ୍ତି ଭବ ।।୧୯	ଗର-ବିଷ
ଭେଦକରି ମଧ୍ୟ	ବର୍ଣ୍ଣଯୁକ୍ତାକ୍ଷର	କେ - ଟ = କ
ଆଦ୍ୟ ୧ ବର୍ଣ୍ଣ ସଙ୍ଗେ	କୋବିଦେ ବିଚାର ।।୨୦ ୧ ନା	
ଛିଦ୍ରଚେଳ ବିପ-	ରୀତେ କର୍ମେନ୍ଦ୍ରିୟ	କ, ନା
ଏକଯାହା ବୃନ୍ଦା-	ରକଙ୍କ ଆଳୟ ।।୨୧	ନାକ-ସ୍ୱର୍ଗ= କ + ନାଗ
ତା ସହ ପ୍ରାଗସ୍ତେ	ବେନି ଯୋଗ କଲେ	
ବିଦ୍ୟାଦାତା ମୁଖ	ପ୍ରବର୍ତ୍ତଇ ଭଲେ ।।୨୨	ନାଗ+ 'କ' ଶିର ଗଣେଶ
ଶେଷବର୍ଣ୍ଣ ତ୍ରୟେ	ଦୀର୍ଘ ଈ ଯୋଗରେ	କେଶର + 1 = କେଶରୀ
ବନପତି ନାମ	ବିଜେ ସୁଯୋଗରେ ।।୨୩	ସିଂହ-କେଶରୀ
ଆଦ୍ୟ ବେନି ବର୍ଣ୍ଣ	ଏ ଧରଣୀ ଧର	ନାଗ- ବାସୁକି
କେତେ ଏହିପରି	କରିବା ବିଚାର ।।୨୪	
ଏହିପରି ଆନ	ଆନ ପୁଷ୍ପମାନ	
ବିଲୋକି ପ୍ରୟାଣୁ	ଭାସ୍କର ପ୍ରୟାଣ ।।୨୫	
ଭାସ୍କର ବଂଶିକ	ଶ୍ରମ ହରଣରେ	
ସନ୍ନିକଟ ପଲ୍ଲୀ	ନୀଢ଼େ ବିଶ୍ରାମରେ ।।୨୬	
ସମ୍ଭାଷିଲେ ସେଥି	ଥିବା ବନଚର	
ଯେ ନାମ କୋବିଦେ	ସେ ହେବ ବିଚାର ।।୨୭	
ତ୍ରିବର୍ଣ୍ଣ ତା ଆଦ୍ୟେ	ଆସେ ନାମ ଜାତି	- ଶବର
ଛପନ କୋଟି ଜୀବେ	ତାଙ୍କ ପୀରତି ।।୨୮	
ଆଦ୍ୟ ପ୍ରାନ୍ତ ବର୍ଣ୍ଣ	ଯୁକ୍ତେ ଯୋଦ୍ଧା କର	= ଶର
ମଧ୍ୟ ଆଦ୍ୟ ଯୁଗ୍ମେ	ସ୍ନେହର ବିଚାର ।।୨୯	= ବଶ୍
ମଧ୍ୟ ପ୍ରାନ୍ତେ ବର୍ଣ୍ଣ	ନାରୀ, ଶ୍ରେଷ୍ଠ ବୃକ୍ଷ	= ବର
ତ୍ରିବର୍ଣ୍ଣ ଯୋଗେ	ପ୍ରକାଶ ବନରକ୍ଷ ।।୩୦	= ଶବର
ଆଦ୍ୟ ପ୍ରାନ୍ତ ଦନ୍ତେ	ସର୍ବ ଭକ୍ଷୋପୃଦ୍ଧି	= ଅଗ୍ନି

Digitized by PPRACHIN, SOA

ସେହି ବନଚରେ   ରାମ ପୂଜି ପ୍ରୀତ ।।୩୧
ପର ଦିନ ପ୍ରଭା-   ତରୁ ସ୍ନାନସାରି
ଅତ୍ରି ମଠ ସନ୍ନିକଟେ   ଚାପଧାରୀ ।।୩୨
ଏଣେ ସେହିଦିନ   ବିଶ୍ରବାନନ୍ଦନ
ଭଗ୍ନୀ କାର୍ଯ୍ୟ ଲକ୍ଷ୍ୟେ   ପ୍ରବେଶିଲା ବନ ।।୩୩
ନେତ୍ରପୁଟେ ଦେଖି   ସୁନ୍ଦର ମୂରତି
ମାୟାରଚି ଶୂନ୍ୟେ   ରହିମଣେ ଭୀତି ।।୩୪
ଚିତ୍ତ କମ୍ପମାନ   ଚିନ୍ତି ବ୍ରହ୍ମାବର
ତିନି ବ୍ୟକ୍ତି ଦେଖି   ନୁହେଁ କଲାସ୍ଥିର ।।୩୫
ରହି ବିହାୟସେ   ବିହି, ବର ଭାଳେ
ଅତ୍ରିମଠେ ରାମ   ବିଜେ ଏହିକାଳେ ।।୩୬
ସୌମିତ୍ରୀ ଜାନକୀ   ସଙ୍ଗରେ ଅଛନ୍ତି
ବିସ୍ମିତେ ଆନନ୍ଦ   ହେଲେ ଦେଖିଯତି ।।୩୭
ଅପୂରଣ ଦେଖା   ନେତ୍ର ହେଲା ଭ୍ରମ
ସାଷ୍ଟାଙ୍ଗ ପ୍ରଣାମ   ଜଣାଇଲେ ରାମ ।।୩୮
ଭାଷନ୍ତି ଗ୍ରହଣ   କରନ୍ତୁ ସାଦରେ
ତାତସତ୍ୟ ପାଳି   ବିଜେ ଦଣ୍ଡକରେ ।।୩୯
କୃତାର୍ଥ ହୋଇଲୁ   ଦର୍ଶନେ ତୁମ୍ଭର
ରାମ ରାମ୍ୟ କଥା   ଶୁଣି ମୁନିବର ।।୪୦
ଆନନ୍ଦ ଗଦ୍‌ଗଦେ   ଧରଣୀରୁ ତୋଳି
ଆଶୀର୍ବାଦ ଦେଲେ-   ଶିରେ କରଚାଳି ।।୪୧
ସାକ୍ଷାତରେ ତୁହି-   ସ୍ୱୟଂ ପରମବ୍ରହ୍ମ
ଅପୁରୁଷେୟ ଯେ   ଦେବଙ୍କ ଉତ୍ତମ ।।୪୨

(ସ୍ତୁତି)

ସ୍ଥିରୀକୃତ ଚିତ୍ତେ   ମୌନେ କଲେ ସ୍ତୁତି
ଜୟଜୟ ସୀତା   କାନ୍ତ ରଘୁପତି ।।୪୩
କୋମଳ କୃପାଳୁ   ଭକତ ବତ୍ସଳ
ନିଷ୍କାମ ମୁକତି   ଯାପାଦ ଯୁଗଳ ।।୪୪

Digitized by PPRACHIN, SOA

ଦୁଷ୍କୃତି ବିଦୂରେ ଯାର ପଦ୍ମନେତ୍ର
ତାଙ୍କୁ ଭାଇ ଭାର୍ଯ୍ୟା ସଙ୍ଗେ ନମସ୍କୃତ ।।୪୫
ହିମବନ୍ତ ସୁତା ସତୀ ହୈମବତୀ
ଇନ୍ଦୁ ଫଣିରାଜ ଯାଣିରେ ଖେଳନ୍ତି ।।୪୬
ଯାହାନାମ ଘୋଷି ସନ୍ତୀକେ ସେ ଭକ୍ତ
ଜୟ ଜୟ ରାମ ପଦେ ନମସ୍କୃତ ।।୪୭
ସତ୍ୟେ ବଳି ଛଳେ ଅଦିତୀ ଗର୍ଭରେ
ଇନ୍ଦ୍ରାନୁଜ ହୋଇ ମହା ସମ୍ଭର୍ବରେ ।।୪୮
ଯେ ବାମନ, ବଳି- ଶ୍ରୀ କରିଲେ ଚ୍ୟୁତ
ଜୟ ଜୟ ରାମ ପଦେ ନମସ୍କୃତ ।।୪୯
କୃତ୍ତିବାସ ଚାପ କୃତିତ୍ୱେ ଖଣ୍ଡନ
ଜନକ ମହର୍ଷି ମାନସ ମଣ୍ଡନ ।।୫୦
ସାଧୁ ସନ୍ଥ ଗତି ସୁଖେ ସଦାରତ
ଜୟ ଜୟ ରାମ ପଦେ ନମସ୍କୃତ ।।୫୧
ଅସୀମ କୀର୍ତ୍ତିତୋ ସମସ୍ତ ଜଗତ
ଚଳାଅ ଜାଗ୍ରତେ ଗୁରୁହୋଇ ନିତ୍ୟ ।।୫୨
କୁଚକ୍ରୀ ପକ୍ଷରେ ପରମ ପବିତ୍ର
ଜୟ ଜୟ ରାମ ପଦେ ନମସ୍କୃତ ।।୫୩
ଜନ୍ମ ଜନ୍ମାନ୍ତରେ ସେବକ ହେବାକୁ
ସ୍ତୁତି କରି ଅତ୍ରି କହନ୍ତି ରାମଙ୍କୁ ।।୫୪
ମନଜ୍ଞାନ ଚିତ୍ତେ ସଂକଳପି ବ୍ରତ
ଜୟ ଜୟ ରାମ ପଦେ ନମସ୍କୃତ ।।୫୫
ପ୍ରେମେ ପୁଲକିତ ମୁନିନ୍ଦ୍ର ହୃଦୟ
ଆନନ୍ଦାଶ୍ରୁ ସ୍ରବି ହ୍ରଦ ଜଳମୟ ।।୫୬
ଏଭାବ ଅଭାବ ରାମେ ଘଟାଇଲା
ପିତାପରି ମଣି ହୃଦୟ ଦହିଲା ।।୫୭
ବ୍ୟାକୁଳିତ ମନେ ନେତ୍ରୁ ବହେ ବାରି
ଜାନକୀ ଲକ୍ଷ୍ମଣ ସେହି ମାର୍ଗଧାରୀ ।।୫୮

ଟୀକା : ୫୦- କୃତିବାସଚାପ- ଶିବଚାପ

Digitized by PPRACHIN, SOA

ଏହିକାଳେ ଅନ- ସୂୟା ପ୍ରବେଶିଲେ
କ୍ରନ୍ଦନ ବାରଣେ କାରଣ ପୁଛିଲେ ।।୫୯
ସମସ୍ତ ଚରିତ ରାଘବ ଭାଷନ୍ତି
ବିଧି ବିଡ଼ମ୍ବନା ନିୟତିର ଗତି ।।୬୦
ପିତୃସତ୍ୟ ପାଳୁ- ହେଲା ବନେ ଘର
ସେ କାରଣୁ ପିତା ଗଲେ ସ୍ୱର୍ଗପୁର ।।୬୧
ଜ୍ୟେଷ୍ଠ ପୁତ୍ର ବଧୂ ହୋଇହେଲୁ ଦୀନ
ନମିଳିଲା ପିତା ଅନ୍ତିମ ଦର୍ଶନ ।।୬୨
ଶ୍ରାଦ୍ଧକ୍ରିୟା କାର୍ଯ୍ୟ ମୋଆମ୍ଭ ଅନୁଜ
ଦ୍ୱାରା ହେଲା ଏହା ବିଧି ଧାର୍ଯ୍ୟ କାର୍ଯ୍ୟ ।।୬୩
ଫଲ୍‌ଗୁ ପୁଳିନେ ଥିଲୁ କରି ବାସ
ପିତାଙ୍କ ମୃତାହ- ଦିବସ ପ୍ରବେଶ ।।୬୪
ଫଳମୂଳ ନଇ- ବିଦ୍ୟ ପିଣ୍ଡେମନ
ରଖି କରୁ କାର୍ଯ୍ୟ ନହେଲା ସମ୍ପୂର୍ଣ୍ଣ ।।୬୫
ସଂଯୋଜନା କଲା ଏ କ୍ରୁର ନିୟତି
ପ୍ରାଣପ୍ରିୟା ସେଥି ହେଲେ ପୁଷ୍ପବତୀ ।।୬୬
ଭାବ ବିହ୍ୱଳିତେ ନୀଦ କୂଳେ ରହି
ବାଲିପିଣ୍ଡ ଗଢୁ ସ୍ୱକର ବଢ଼ାଇ ।।୬୭
ଖରୁ ଖସି ପିତା ଘେନୁ ଯମଆଳେ
ସେ କାରଣୁ ମୁହିଁ ବୁଲଇ ବିକଳେ ।।୬୮
ତୁମ୍ଭ କର ସ୍ପର୍ଶ ଶିର ଆଲିଙ୍ଗନ
ପୂର୍ବକଥା ସ୍ମରି ହୃଦୟ ସ୍ପନ୍ଦନ ।।୬୯
ତାହା ଅନ୍ୱେଷଣେ ଶୂନ୍ୟେ ଦଶାନନେ
ଗୁପତେ ଶୁଣଇ ସେକଥା ଯତନେ ।।୭୦
ଭାବେ କଳିଗୋଳେ କିବା କାଳବଳେ
ଗୃହତେଜି କେହି ଆସିଲେ ଅକାଳେ ।।୭୧
ଖାଦ୍ୟ ପାନ ହୀନ ପଥେ କଷ୍ଟଭୋଗ
ଜନୈକ ସନ୍ତାନେ ବଳ୍କାନ୍ତା ବୈରାଗ୍ୟ ।।୭୨

ଟୀକା: ୬୮ - ଖରୁ - ଆକାଶରୁ ।

Digitized by PPRACHIN, SOA

କିନ୍ତୁଏ ଆଦର୍ଶ ପୁତ୍ର ପିତୃଭକ୍ତି
ରଖି ପିତୃ କାର୍ଯ୍ୟେ ଦୁଃଖିତ ହୁଅନ୍ତି ।।୭୩
ଶାସ୍ତ୍ର ପ୍ରତିକାର କରିବା ପ୍ରଦତ୍ତ
ଯାହା ଶୁଣି କୁତେ ଶାନ୍ତ ହେବ ଚିତ୍ତ ।।୭୪
ଏଣେ ଋଷି ପତ୍ନୀ ଚରଣ ଯୁଗଳେ
ପ୍ରଣତି ଜାନକୀ କରୁ ପୁରେ ନେଲେ ।୭୫
ହରଣେ ଜାନକୀ- ଙ୍କର ମନବ୍ୟଥା
ପ୍ରସନ୍ନେ ପୁଚ୍ଛନ୍ତି ଭଲ ମନ୍ଦ କଥା ।।୭୬
ଭାଷନ୍ତି ମୈଥିଳୀ ତୁମ୍ଭ ପ୍ରସାଦରେ
ବନେ ବନଚରେ ଘେନନ୍ତି ଆଦରେ ।।୭୭
ବିଧି ଅହଙ୍କାରେ ନିୟତିର ଗତି
ଆଲୋଡ଼ନ କରେ ପ୍ରପୀଡ଼ିତ ଅତି ।।୭୮
ରଜକ ବିହୀନ ସମାର୍ଜନ ବିନା
ପୁଷ୍ପବତୀ ବସ୍ତ୍ର ଆଭରଣେ ଘେନା ।୭୯
ଜନଙ୍କ 'ଜନକ' ଯାପିତା ନୃପତି
ଜନଙ୍କ 'ଜନକ' ଅଟନ୍ତି ଯା ପତି ।।୮୦
କୁଶଳେ କୋଶଳେ ଯାହାଙ୍କ ଶ୍ୱଶୁର
ଚକ୍ରବର୍ତ୍ତୀ ପଦ କଲେ ଅଧିକାର ।।୮୧
ଏହି ବିଡ଼ମ୍ବନା କରେ ପ୍ରପୀଡ଼ିତ
କି ଦୁଃଖ କହିବି ଏପରି ବହୁତ ।।୮୨
ଏ ସମ୍ଭାଷେ ଅନ- ସୂୟା ଚିତ୍ତମନ
ଦହି, ସମଦୁଃଖେ କରୁ ଆଲୋଡ଼ନ ।।୮୩
ନାନା ଉଦ୍‌ବୋଧନେ ବୁଝାଇ ଶୁଝାଇ
ବେଦଉକ୍ତ ମାନ କହନ୍ତି ବୁଝାଇ ।।୮୪
ଉତ୍ତମ, ମଧ୍ୟମ ଲଘୁ, ନୀଚ, ଚାରି
ପ୍ରକାରର ଛନ୍ତି ଏ ଭବରେ ନାରୀ ।।୮୫
ଯୁଗେ ଯୁଗେ ସତୀ ତୁମ୍ଭଙ୍କୁ ସ୍ମରିଣ
ପତିବ୍ରତା ବ୍ରତ ପାଳନ କରିଣ ।।୮୬

ଟୀକା: ୮୦ ଜଗତଜନନୀଙ୍କ ପିତା- ଜନକ, ଜଗତଜନଙ୍କ ଜନକ- ରାମଚନ୍ଦ୍ର

Digitized by PPRACHIN, SOA

ପବିତ୍ର କରିବେ ଅପବିତ୍ର କାୟା
ସ୍ୱାମୀ ବ୍ରତ, ବ୍ରତେ କାଟି ଭବ ମାୟା ।।୮୭
ଏମନ୍ତ କହିଣ ପର୍ଣ୍ଣ କୁଟୀରରେ
ଅମଳାନ ବସ୍ତ୍ର ଅଙ୍ଗରାଗ କରେ ।।୮୮
ନାନା ଅଳଙ୍କାରେ ଧରି ପରବେଶ
ଅନୁରୋଧେ ସୀତା କରଇ ସୁବେଶ ।।୮୯
କହନ୍ତି ଶୁଣମା ପୂର୍ବକାଳ କଥା
ଶ୍ରବଣୁ ଯା ଯିବ ଭବ ଦୁଃଖ ବ୍ୟଥା ।୯୦
ସମୁଦ୍ର ମନ୍ଥନୁ ପାଇ ଏହି ଦ୍ରବ୍ୟ
ବିଧିଙ୍କୁ ଦେଇ ଯା କହିଥିଲେ ଭବ ।।୯୧
ସେ କାର୍ଯ୍ୟ ପାଳନେ ବିଧି ସ୍ୱର୍ଗେ ଯାଗ
ଆଚାର୍ଯ୍ୟେ ଡକାଇ ଅତ୍ରି ମହାଭାଗ ।।୯୨
ବରଣେ ସଂକଳ୍ପି ତୋହପାଇଁ ଏହା
କହିଥିଲେ ଦେଇ ବନେହେବେ ସାହା ।୯୩
ଏବସ୍ତ୍ର ଉତ୍ତରୀ ମହିମା ଯା ଶୁଣ
ପୁରୁଣା ନହେବ ଏକାଳ କାଳେଣ ।।୯୪
ହେଲେ ରଜୋବତୀ ଅପବିତ୍ର ମଳି
ଶୁଚିପାଇଁ ଦେବ ଶୁଚିରେ ପଖାଳି ।।୯୫
ଗହନ ବନସ୍ତେ ନାହିଁତ ରଜକ
ବହ୍ନି ଧୌତେ ହେଉ-ଥିବ ଝକଝକ ।।୯୬
ଗୃହକୁ ମଙ୍ଗତେ ନେଇ ରଘୁପତି
ଆସନ ଆସୀନେ ଅସନ ଦିଅନ୍ତି ।।୯୭
ସୁବାସ ପନିରେ ମୁଖ ଧୌତ ପରେ
ଶୟନେ ଜାନକୀ ମାତାଙ୍କ ଆଳରେ ।।୯୮
କ୍ରମେ ନିଶିଶେଷ ଲକ୍ଷ୍ମୁ ରାମ ରାତି
ପାଆନ୍ତି ସକଳେ ଶୟନ ତେଜନ୍ତି ।।୯୯
ନିତ୍ୟ ନିତ୍ୟକର୍ମ ଦେବାର୍ଚ୍ଚନ ପରେ
ଯିବାକୁ ଦଣ୍ଡକେ ନିବେଦୁ ଅତ୍ରିରେ ।।୧୦୦

ଟୀକା: ୯୭ ଅସନ-ଖାଦ୍ୟ, ପନିରେ - ଜଳରେ

Digitized by PPRACHIN, SOA

ମାର୍ଗ ପରିଚୟେ ଡାକି ଶିଷ୍ୟ ବୃନ୍ଦେ
ବିଦାୟେ ତାପସ ଫେରିଲେ ବିଷାଦେ ।।୧୦୧
ବିହାୟସୁ ଶିଷ୍ୟ ରୂପେ ଦଶାନନ
ଶିଷ୍ୟଗଣ ସଙ୍ଗେ ନିର୍ଦ୍ଦେଶେ ମାର୍ଗଣ ।।୧୦୨
କିଛି ପଥ ଅନ୍ତେ ରାମ ସନ୍ନିକଟେ
ମିଳନ୍ତେ ରାବଣ ପୁଛଇ ଆକଟେ ।।୧୦୩
କାଲି ଯା ପ୍ରକାଶୁ ଆଶ୍ରମରେ ଆସି
ବିଳାପରେ ସର୍ବେ ଯାଇଥିଲ ଭାସି ।।୧୦୪
କେଉଁ ପ୍ରତିକାର ପ୍ରତିଗ୍ରହେ ଯତୀ
ଶିକ୍ଷାଦେଇ ଚିତ୍ତ କରାଇଲେ ଶାନ୍ତି ।।୧୦୫
ବେଦ ଶାସ୍ତ୍ରେ ଯାହା ଅଛିତା ବିଧାନ
ପ୍ରକାଶ କରୁଛି ହୁଅ ଅବଧାନ ।।୧୦୬
ପକ୍ଷୀ ଯୁତ ସ୍ୱର୍ଣ୍ଣ ମୃଗ ଅଷ୍ଟପଦ
ମାସେ କଦାକଳେ ପିଅରଙ୍କ ଶ୍ରାଦ୍ଧ ।।୧୦୭
ଶତ ଶ୍ରାଦ୍ଧଫଳ ହୁଅଇ ପ୍ରାପତ
ପଚାଶ ଭୂତ ପଚାଶ ଭବିଷ୍ୟତ ।।୧୦୮
ତୁଷ୍ଟ ହୁଅନ୍ତି ଯେ ପିତା ସ୍ୱର୍ଗପୁରେ
ସର୍ବବିଘ୍ନ ପ୍ରଶ- ମିତେ ଯାଏ ଦୂରେ ।।୧୦୯
ମାତ୍ର ହେମ ମୃଗ ସକଳ କାନନେ
ଅଲଭ୍ୟ କହନ୍ତି ଶାସ୍ତ୍ରକାର ମାନେ ।।୧୧୦
ଦୈବାତ୍ ପିତୃଭକ୍ତ ହେତୁ ଭକ୍ତିଅଂଶେ
ପାଇଲେ କରନ୍ତୁ ଶ୍ରାଦ୍ଧ ମୃଗ ମାଂସେ ।।୧୧୧
କରିଲେ କାମନା ହୋଇବ ପୂରଣ
ଏ ଶାସ୍ତ୍ର ସିଦ୍ଧାନ୍ତେ ହର୍ଷେ ରଘୁରାଣ ।।୧୧୨
ହୃଦପଦ୍ମ ପତ୍ରେ ମାନସ ପଟ୍ଟରେ
ଲେଖି ସମ୍ପୁଟରେ ରଖି ଆକଟରେ ।।୧୧୩
ମାର୍ଗରେ ବିହରୀ ମାରଗଣ ଧାରୀ
ଦଣ୍ଡକେ ଦଣ୍ଡକ ବନେ ଆସିକରି ।।୧୧୪
ପୀନ ଭରଜା ବିପିନ ଶୋଭାରଙ୍ଗେ
ବୁଲି ବୁଲି ଦେଖି ଯାଉଁ କାନ୍ତ ସଙ୍ଗେ ।।୧୧୫

Digitized by PPRACHIN, SOA

ଏକାଳରେ ଦୂରୁ ମୁନିଏ ଦର୍ଶନ-
କରି ବିଚାରନ୍ତି ନିଜ ନିଜ ମନ ।।୧୧୬
କୋଟିଏ କନ୍ଦର୍ପ ଏକ ଦେହ ହେଉ
ଏରୂପ ଲାବଣ୍ୟେ ସମହେବ କାହୁଁ ।।୧୧୭
ଏନୀଳ ଜିମୂତ ବରନ ମୂରତି
କାହିଁଥିଲା ଯୋଷା ବରି କଳାପତି ।।୧୧୮
ପୂର୍ବକାଳେ କେତେ ତପ କରିଥିଲା
ବିଧାତା ଆମ୍ଭଙ୍କୁ ଯା ନାରୀ ନକଲା ।।୧୧୯
ବ୍ରହ୍ମ ପଦବୀରେ କିସ ପ୍ରୟୋଜନ
ଆତ୍ମା ସମର୍ପଣେ ହୁଅନ୍ତା ମିଳନ ।।୧୨୦
ଯୋଗେ ଯାଗେ ଯେହୁ ଆହୁତି ପ୍ରଦାନ
କରୁଥିଲେ ଉଚ୍ଚା- ରିଲେ ଶେଷବର୍ଣ୍ଣ ।।୧୨୧
ଜାଣିଣ ବିଚେଷ୍ଟା ରାଘବ ତାଙ୍କର
ଅନ୍ତରେ ଅନ୍ତରେ ଦେଲେ ବାଞ୍ଛାବର ।।୧୨୨
ଦ୍ୱାପରରେ ଗୋପୀ ନାମ ହେବ ସାର୍ଥ
ବୋଲାଇବୁ ଆମ୍ଭେ ତହିଁ ଗୋପୀନାଥ ।।୧୨୩
ହେବ ରାସକେଳି ବୃନ୍ଦାବନ ବନେ
ମୈଥିଳୀ ସବେକୀ ଏକା ଏ ଜୀବନେ ।।୧୨୪
ବୋଧିଣ ମୁନିଙ୍କୁ ଯେ କଲେ କାରଣ
ଦୟାନିଧି ଚିନ୍ତି ତାହାଙ୍କ ଚରଣ ।।୧୨୫
ଏକଶତ ଊନ ତରିଶ ବଦରେ
ଭାଷେଛାନ୍ଦ ବୁଧେ ଘେନନ୍ତୁ ମୋଦରେ ।।୧୨୬
ଅନ୍ତିମେ ବୈକୁଣ୍ଠ- ପୁରେ ହେବ ଗତି
ଉଦ୍ଧାର କରିବେ ସେ ଜାନକୀ ପତି ।।୧୨୭
ଘର ଦ୍ୱାର ଧନ ପୁଅ ଝିଅ ବୋଲି
ଅକାରଣେ ତୋର କାଳଯାଏ ଚାଲି ।।୧୨୮
ବେଳଥାଉ କର ଏ ରସେ ବେଉସା
ଦୂରହେବ କର କପାଳର ଦସା. ।।୧୨୯

ଟୀକା: ୧୧୫-ପୀନ-ପୃଥିବୀ, ଉର-ବକ୍ଷ, ଜା' ଜାତ-ଅର୍ଥାତ୍ ପୀନଉରଜା ପୃଥିବୀକନ୍ୟା ସୀତା, ୧୧୮ ନୀଳଜିମୂତ-ନୂଆମେଘ, ୧୨୧-ଆହୁତି-ସ୍ୱାହା, ଶେଷବର୍ଣ୍ଣ-ହା' ହା'

Digitized by PPRACHIN, SOA

ଅଗସ୍ତି ରାମ ଭେଟ ଓ ଅକ୍ଷୟତୃଣୀର ବ୍ରହ୍ମସ୍ତ୍ର ଗ୍ରହଣ, ଜଟାୟୁ ଭେଟ ପଞ୍ଚବଟୀ ବନେ କୁଟୀର ନିର୍ମାଣ ଓ ରାମଙ୍କ ଦ୍ୱାରା ସୀତାଙ୍କ ପୁଷ୍ପବେଶ ତ୍ରେତୟାଯୁଗ ରାସ

ଛାନ୍ଦ -୮

ରାଗ-ଶୋକ କାମୋଦୀ

(ଶ୍ରୀରାଧା ବାତୁଳୀ ବୃତ୍ତେ)

ଦିନେ ଦଶଭୂଜା   ଶିବ କରି ପୂଜା   ବାତାପି ସୂଦନ   ରାମ ଭେଟ
ଗାଥାପୁଞ୍ଛୁ ଶୂଳୀ   ମାରି କରତାଳି   ଖୋଲିଣ ହୃଦୁ ନା-   ମ ସମ୍ପୁଟ
ପ୍ରକାଶିଲେ ଯାହା
ଘେନ ବୁଧେ ଅନ୍ତେ ହେବ ସାହା ।।୧

ଆତାପି ବାତାପି   ସୂଦନ ଯେ ତପୀ   ସେ ତପୀତ ପରେ   ହୋଇ ଶାନ୍ତ
ପୂର୍ବେ ବିଧି ସିଦ୍ଧି   କରିବାକୁ ବୁଦ୍ଧି   କନ୍ୟା ଏକ ଗଢ଼ି   ରୂପବନ୍ତ
ଦେଇ ତପୀକରେ
ନିର୍ଦ୍ଦେଶିଲେ ତପ ସାଧନାରେ ।।୨

ବିହି ଲୋପାମୁଦ୍ରା   ନାମ ଦେଉ ସଦା   ଗର୍ବେ ତନୁ ଢ଼ରି   ନିରୀକ୍ଷଣ
ନାରୀ ଜଗତରେ   ଆପଣା ଚିତ୍ତରେ   ଗଣନା ନକରେ   ତୁଳିମନ
ସଦା ପ୍ରଫୁଲ୍ଲିତ
ଜାଣି ଚିନ୍ତାଗ୍ରସ୍ତ କୁମ୍ଭସୁତ ।।୩

ଥରେ ବିନ୍ଧ୍ୟାଚଳ   ବଢ଼ିଣ ପ୍ରବଳ   ପ୍ରଭାକର ପ୍ରଭା   ଗତିରୋଧେ
ସୁରଧାତା ପଦେ   ବିନ୍ଧ୍ୟାଚଳ ବାଦେ   ଅଗସ୍ତି ଦକ୍ଷିଣେ   ଯିବା ବୋଧେ
ଆଉ ନଫେରିଲେ
ବଢ଼ିଥାନ୍ତା ବିନ୍ଧ୍ୟ ଫେରିଥିଲେ ।।୪

ଉପବନ ବର୍ଣ୍ଣନା

ଆଶ୍ରମ ଦୂଷଣେ   ଯୋଷା ବିଭୂଷଣେ   ଉପବନେ ରଚି   ମୁନି ରାଟ
ବକୁଳ ପାଟଳୀ   ନାଗେଶ୍ୱର ମଲ୍ଲୀ   କରବୀର ଟଗ-   ର ତରାଟ
ଗିରି ମଲ୍ଲୀ ହାସ
ଚହଟେ ରଜନୀ ଗନ୍ଧାବାସ— ।।୫

ଟୀକା: ୧ ଦଶଭୂଜା- ଦୁର୍ଗା, ବାତାପି ସୂଦନ-ଅଗସ୍ତି, ସମ୍ପୁଟ-ଫରୁଆ, ୩ କୁମ୍ଭସୂତ - ଅଗସ୍ତି ।

Digitized by PPRACHIN, SOA

ବାସଜାତି, ଯୂଥୀ ମାଧବ, ମାଳତୀ ଶେଫାଳୀ, ସୁମନା ସୂର୍ଯ୍ୟମୁଖୀ
ପାଟଳି, କାଞ୍ଚନେ ମୁଚୁକୁନ୍ଦ ବନେ ବିହରି ଷଟ୍‌ପଦ କାହିଁ ସୁଖୀ
କେଳି କଦମ୍ବରେ
କାହିଁ ବୁଲି ଅଳି କେଳିକରେ ।।୬

କିଆ, ଚମ୍ପାବାସ ପରିହାସେ ଝାସ ଦେଇଣ କେତକୀ ସତୀ ହୋଇ
ଭୃଙ୍ଗରାଜ, ଭୃଙ୍ଗ ବନ୍ଧୁଲି ଅନଙ୍ଗ ବାଣେ ଛୁରୀଅନା ପ୍ରହାରଇ
ଗଳେ ବ୍ରଜମଲ୍ଲୀ
"ବକ ପୁଷ୍ପ" ଅଳା ଭଳି ଭଳି ।।୭

କମଳ, କୁମୁଦ, କହ୍ଲାର, କଦମ୍ବ, କିଂଶୁକ କରବୀ କୁବଳୟ
ଅଶୋକ ଅପରା ଜିତା ପାଇକରା ସୋମଦୟା ଶିବ ଜଟା ଚୟ
ସୁନାରୀ ସେବତୀ
କାଠଚମ୍ପା ଲୋପାମୁଦ୍ରା ପତି ।।୮

ପନସ, ଜମ୍ବିଳ , ଚ୍ୟୂତ, ନାରୀକେଳ, ବଦରିକା, ବଦା- ରିକା ପରି
କମଳା, ନାରଙ୍ଗ, ଡାଳିମ୍ବର ସଙ୍ଗ ସେଉ, ଅଙ୍ଗୁର,ଲେ- ଖନକୋଳି
କରମଙ୍ଗା କେନ୍ଦୁ
ରମ୍ଭା, ବେଲ, ଖର୍ଜ୍ଜୁର, କର୍କନ୍ଧୁ ।।୯

ତାପସୀ ତାପସ ଉଦ୍ଦେଶ୍ୟରେ ପୁଷ୍ପ ଫଳଫୁଲ ସଦା ଯତ୍ନବାନ
ତେଣୁ ସୁଖେ ଅତି ରହିଛନ୍ତି ବ୍ରତୀ ଯତୀ ପ୍ରମୁଖ କୁ- ମ୍ଭ ନନ୍ଦନ
ସଙ୍ଗେ ତପସ୍ୱିନୀ
ଶ୍ରେଷ୍ଠ ଲୋପମୁଦ୍ରା ବରାନନୀ ।।୧୦

ସୀତା ଶୋଭାଦେଖି ଆପଣାଠୁ ଆଖି ମନୋରମେ ଗୁଣ ମନୋହର
ରହଇ ସନ୍ଦେହେ ଲୋପାମୁଦ୍ରା ଦେହେ ନଜର ପକାଇ ବାରମ୍ବାର
ମନେ ସ୍ଥିରକରେ
ଲୋପାଚ୍ୟୁତ ବଟା ଯୋଷାଠାରେ ।।୧୧

ଏ ସୀତା ଶୋଭିତା କି ଆଶ୍ଚର୍ଯ୍ୟ ଲତା ଜଳ ସମ୍ବନ୍ଧୀୟ ଚାରିଫୁଲ
ରକ୍ତ, ପଦ୍ମକର, ସୁହାସ୍ୟ କହ୍ଲାର ମୁଖେ ପଦ୍ମନେତ୍ର ନୀଳୋତ୍ପଳ
ସ୍ଥଳପୁଷ୍ପ ଷଷ
ଇକ୍ଷଣେ ପ୍ରମାଣ ହୁଏ ସ୍ପଷ୍ଟ ।।୧୨

ଟୀକା: ଷଟ୍‌ପଦ-ଭ୍ରମର, ଅଳି-ଭ୍ରମର, ୯ ଲୋପାମୁଦ୍ରାପ୍ରତି-ଅଗସ୍ତି, କୁମ୍ଭନନ୍ଦନ ଅଗସ୍ତି

Digitized by PPRACHIN, SOA

ବନ୍ଧୁଲି ଅଧର ନାସା ତଳିଫୁଲ କାନ୍ତି କେତକୀ କୁ- ନ୍ଦନକଳି
ଦନ୍ତ ନଖ ଛାଇ ଅଙ୍ଗୁଳି ଚିହ୍ନଇ ନିର୍ଦ୍ଦିଷ୍ଟରେ ଚମ୍ପା ବର୍ଣ୍ଣ ଆଳି
ଏହିପରି ଦଶ
ଜଳ ସ୍ଥଳ ପୁଷ୍ପେ ପରିବେଶ ।।୧୩
ପଦ୍ମାସନୀ ମର୍ତ୍ତ୍ୟେ ବାରମ୍ବାର ଯେତେ- ବାର ଜନ୍ମଲାଭ କରିଛନ୍ତି
ଦେଖିନାହିଁ ଥରେ ଏ ନେତ୍ରପଥରେ ସର୍ବାଙ୍ଗସୁନ୍ଦର ରୂପକାନ୍ତି
ଋଷି ଶିଷ୍ୟ କାଳେ
ପାର୍ଥିବୀଦେଖି ବିଚାରକଲେ ।।୧୪
ବୃଦ୍ଧଶ୍ରବାବୃନ୍ଦ ପ୍ରେମେ ହୋଇ କ୍ରୋଧ ଶଚୀ ଏବନେକି ଆସିଛନ୍ତି
ବିଦ୍ୟାଧର ଭାଳି ଇନ୍ଦ୍ର ଆଜ୍ଞାପାଳି ଗୋଡ଼ାଇଣ କରୁ ଛନ୍ତି ଶାନ୍ତି
ଆନେ ପ୍ରତିବାଦ
କରି ବିରୋଧଇ ଏ ସମ୍ବାଦ ।।୧୫
ପ୍ରଥମ କହିଲା ଯେ ନାରୀ ଅହଲ୍ୟା ଇନ୍ଦ୍ରପ୍ରେମୁ ଶିଳା ହୋଇଥିଲା
ପଥେ ରଘୁରାଣ ପଦ ପରିତ୍ରାଣ କରୁ ଶକ୍ର ମନ ବଳାଇଲା
ତେଣୁ ଶଚୀ ଋଷି
ଏ ବନକୁ ଅବା ଥିବେ ଆସି ।।୧୬
ତ୍ରିକାଳ ପଣ୍ଡିତ ସୁଦକ୍ଷିଣ ବ୍ୟସ୍ତ ହୋଇଣ ତତ୍‌କ୍ଷଣ ପ୍ରକାଶିଲେ
କାହାସଙ୍ଗେ ତାକୁ ତୁଳୁଛ ହେବାକୁ ଶଚୀକି ଲକ୍ଷରେ ସୀତା ତୁଲେ
ବୃଥା କହିବାରେ
ଭୂତ ଭବିଷ୍ୟ, ବା ଅତୀତରେ ।।୧୭
ଲକ୍ଷଲକ୍ଷ ଶଚୀ ଏକତ୍ର ଆମନ୍ତୁ ଗୋଟିଏ ଶରୀରେ ହେଲେ ଶୋଭା
ବିଜ୍ଞ କବିଗଣ ସୌନ୍ଦର୍ଯ୍ୟ ବର୍ଣ୍ଣନ ବର୍ଣ୍ଣନେ ବା କାହିଁ ହେବ ଲୋଭା
ନ ହେବ ସାର୍ଥକ
ଅନ୍ୟ ନାରୀ ଛାର କାହିଁ ଲେଖ ।।୧୮
ଲକ୍ଷ୍ମଣ ସଙ୍ଗରେ ରାମଚନ୍ଦ୍ର ଧୀରେ ବିଜେ ସେଥି ଘେନି ସୀତା ସତୀ
ଏ ବେନିକି ଶୋଭା ତ୍ରିଭୁବନେ ଲୋଭା ଜଗତେ କନ୍ଦର୍ପ ମଣେ ଭିତି
ଜଗତକୁ ରୂପ
ମୋହି ହରିବ ସଭିଙ୍କ ଦର୍ପ ।।୧୯

ଟୀକା: ୧୪ ପଦ୍ମାସନୀ - ଲକ୍ଷ୍ମୀ, ୧୫ ବୃଦ୍ଧଶ୍ରବା-ଇନ୍ଦ୍ର ।

Digitized by PPRACHIN, SOA

ତପୋଧନଙ୍କର ତପୋବନ ଘର ବିଲୋକି ରାଘବ ରାମାନୁଜ
ମନେ ମନେ ସୁସ୍ପେ ପ୍ରଶଂସା କରନ୍ତେ ଜାଣି ନିମନ୍ତିଲେ ସେ କୁମ୍ଭଜ
ପଦେ ନମସ୍କାର
କଲେ ମହୀଜା ପତି ଦେବର ।।୨୦

ଅତି ସ୍ନେହେ ଯତି କରାଞ୍ଜଳି ପାତି କଲ୍ୟାଣ ପ୍ରଦାନି ତୋଷମନ
ମଗାଇ ତତ୍କାଳ ପାଦ ଧୌତେ ଜଳ ଉପବିଷ୍ଟେ ଦେଲେ କୃଷ୍ଣାଜିନ
ଫଳ ମୂଳ ଚିହ୍ନି
ବୁଝାଇ ଭୂଞ୍ଜାନ୍ତି ତପସ୍ୱିନୀ ।୨୧

କ୍ରମେ ରାତ୍ରାଧିକ ଜନକୀ ନାୟକ ଯାଇ ଜାୟା ସଙ୍ଗେ ନିଦ୍ରାଗଲେ
ପ୍ରାଚୀ ପରବତ ହେଉ ଶୋଭାବନ୍ତ ସ୍ନାନେ ପିତୃଦେବେ ଜଳଦେଲେ
ପୂଜି ମୁନିଗଣେ
ପୁଚ୍ଛା କଲେ ବାଲ୍ମୀକି ଚରଣେ ।।୨୨

ଅଷ୍ଟାଦଶ ମାସ ଥିବା ବନବାସ କେଉଁଠି ହେବ କା-ଳଯାପନ
ପ୍ରିୟ ପ୍ରଜାବୃନ୍ଦ ସାନ୍ଦ୍ର ସ୍ନେହ ସାନ୍ଧ୍ୟ ଗରୀୟସୀ ମାତା- ଙ୍କ ଚରଣ
ପ୍ରାଣପ୍ରିୟ ଭାଇ
ଦେଖିବି ଗୁରୁଙ୍କୁ ମନେନାହିଁ ।।୨୩

ଭାଷନ୍ତି ମୁନିନ୍ଦ୍ର ହେ ଜଗତବନ୍ଦ୍ୟ କି ଅଜଣା ଅଛି ଆପଣଙ୍କୁ
କେବଳ ବଡ଼ାଇ ବଢ଼ାଇବା ପାଇଁ ପୁଚ୍ଛାକର ତାପ- ସ ଗଣଙ୍କୁ
ଏଥୁ ଅଳ୍ପପଥ
ଗୋଦାବରୀ ନଦୀ ପ୍ରବାହିତ ।।୨୪

ତା ନୀର ପବିତ୍ର ଯୁଗ ଯୁଗ ଶାସ୍ତ୍ର ଘୋଷେ ପଞ୍ଚବଟୀ ତା ତଟରେ
କରି ସେଥି ଘର ବନବାସ ସାର ଦଣ୍ଡକ ବନ ଯା- ଉଁ ବାଟରେ
ଶୁଣ ଚାପଧର
ସେବନ କୀର୍ତ୍ତି ତୁମ୍ଭ ବଂଶର ।।୨୫

ଗୁରୁଙ୍କ କୋପରୁ ଶାପେ ନଷ୍ଟାଚାରୁ ଭ୍ରଷ୍ଟେ ହୋଇଅଛି ଅପବିତ୍ର
ପଦ ଉପବିଷ୍ଟ ତାପାଇଁ ଉଦିଷ୍ଟ ପଦରଜେ ହେଉ ସେ ପବିତ୍ର
ରାମ ଦେବ ଦ୍ୱିଜ
ପୂଜି ପଞ୍ଚବଟୀ ବନେ ସଜ ।।୨୬

ଟୀକା: ୨୦ ମହୀଜା-ସୀତା, ପତି- ରାମ, ଦେବର-ଲକ୍ଷ୍ମଣ ।

Digitized by PPRACHIN, SOA

ଜାଣି ଯିବାକାଳ କୁମ୍ଭଜ ତତ୍‌କାଳ ଖଡ୍‌ଗଅକ୍ଷୟ ତୂଣୀ ବ୍ରହ୍ମଶର
ଦେଇ ରଘୁରାଣେ ଭାଷନ୍ତି ଏ ବାଣେ ଚ୍ୟୁତହେବ ଦଶ ଶିରି ଶିର
ପୂର୍ବେ ଯୁଦ୍ଧେଶୂଳୀ
ଅଜଗବେ ସନ୍ଧୁ ଦେଲା ଢାଳି ।।୨୭
ବଜ୍ର ଏ ଶରର ବୁଝି ମହେଶ୍ୱର ପିତାମହେ ଦେଉ ମୋ ପାଖରେ
ରଖାଇ ଆସ୍ତକୁ ଦେବାକୁ ତୁମ୍ଭକୁ କହୁ ଆସିଥିଲୁ ଅପେକ୍ଷାରେ
ଘେନାକର ଦେବ
ଶୁଣି ରୋଧନ୍ତି ଊର୍ମିଳାଧବ ।।୨୮
ବଦତି ହେ ଯତୀ ଏ ଆସ୍ତ୍ର ବିପତ୍ତି ହୋଇକିମ୍ପା ଧନୁ ନଜାଳିବ
ବାରିଧି ଶୋଷଣ ଭାଷ ଏ ଦୂଷଣ ଭାବି ନଥିଲି ଏ- ହା ଭାଳିବ
ବିଦ୍ୟୁତ୍ ବାରି ବହେ
ରହେ ସେକି ତାହା ତନୁ ଦହେ ।।୨୯
ସ୍ୱୀକାରେ ଶ୍ରୀରାମ ବାଣଙ୍କ ଉତ୍ତମ ଘେନି ମାନ୍ୟ ଧର୍ମ ଯାଉ ରଖି
କେତେଦୂର ଅନ୍ତେ ଘଞ୍ଚଲତା ପଥେ ଦର୍ଶନେ ବିସ୍ମିତ ଗୃଧ୍ରପକ୍ଷୀ
ପୁଚ୍ଛୁଁ ପରିଚୟ
ଖଗ କହେ ଶୁଣା ରାମରାୟ ।।୩୦
ଖଗେନ୍ଦ୍ର ଅଗ୍ରଜ ଅରୁଣ ତନୁଜ ଜାତଗର୍ଦ୍ଧ ଧାରୀ ଶିନୀ କୋଳେ
ଅଜସୁତ ଦଶ ରଥ ମୋ ବିଶ୍ୱାସ ଧର୍ମେ ମିତ୍ର ହେଲେ ପୂର୍ବକାଳେ
ଶନି ଦୃଷ୍ଟି ଦୋଷୁଁ
ଖସୁ ରଥ ରଖୁ ବିହାୟସୁ ।।୩୧
ଗୋଦାବରୀ ଲଟି ତଟ ପଞ୍ଚବଟୀ ପୂର୍ବକାଳୁ ସିଦ୍ଧ ତୀର୍ଥ କ୍ଷେତ୍ର
ଅସୁର ଅସୁରୀ, ପ୍ରଭାବରେ ଫେରି ଯାଉ ଯାତ୍ରୀ ହେଲା, ଅପବିତ୍ର
ରମ୍ୟକ ଦ୍ୱୀପରେ
ଥିଲୁବେନି ସହୋଦର ଥରେ ।।୩୨
କମଳ ଆସନ ଡକାଇ ଏସନ ପ୍ରକାଶି ନିର୍ଦ୍ଦେଶୁ ଏଥିବାସ
ଅନୁଜ ସମ୍ପାତି ଇଚ୍ଛୁ ଅନ୍ତେଗତି ସମଝାଇ କହି- ଲେ ଲୋକେଶ
ସ୍ୱୟଂ ନାରାୟଣ
ଯିବେ ଭେଟୁ ହେବ ପରିତ୍ରାଣ ।।୩୩

ଟୀକା: ୨୮- ଊର୍ମିଳାଧବ- ଲକ୍ଷ୍ମଣ, ୨୯-ବାରିଧି ଶୋଷଣ-ଅଗସ୍ତି, ବିଦ୍ୟୁତ୍-ବିଜୁଳି, ୩୦ ଗୃଧ୍ରପକ୍ଷୀ-ଜଟାୟୁ, ୩୨-ବେନି ସହୋଦର-ଜଟାୟୁ, ସମ୍ପାତି ।

Digitized by PPRACHIN, SOA

ଏଣୁ ମହୋଦଧି ତଟେ ଥାଉ ବ୍ୟାଧି ନାମରଟି ସଦା ଅଛି ବସି
ଜାଣିଣ ଅସୁର ଗୋଦାବରୀ ତୀର ତେଙ୍ଗଁ ନ ଆସନ୍ତି କେ ଭରସି
କ୍ରମେ ତୀର୍ଥବାସୀ
ସେଦିନୁ ଫେରନ୍ତି ସ୍ଥାନେ ଆସି ।।୩୪

ପିତା ମିତ୍ର ଜାଣି ପିତୃବତ ମଣି ପ୍ରଣମିଲେ ଶେଷ ଚାପଧର
ଧର୍ମଦେବେ ସାକ୍ଷୀ ରଖି ଭାଷେ ପକ୍ଷୀ ରଖ ପାଶେ ହେବ ଉପକାର
ଗଲେ ତୁମ୍ଭେ କାହିଁ
ସତୀଙ୍କ ରକ୍ଷାରେ ଥିବି ମୁହିଁ ।।୩୫

ପଞ୍ଚବଟୀ ନାମ

ପ୍ରସନ୍ନେ ଚଞ୍ଚଳେ ପଞ୍ଚବଟୀ ମୂଳେ ପଥ ପ୍ରଦର୍ଶନେ ପକ୍ଷୀବର
ତ୍ରିପୁରା,ଶଙ୍କର ସ୍ରଷ୍ଟା, ଗଦାଧର ଇନ୍ଦ୍ରବଟ, ପଞ୍ଚ ବଟେଶ୍ୱର
ଦେଖି ସୀତା ସତୀ
ରାମ ଆରାମେ ଇଛିଲେ ମତି ।।୩୬

ଆଣି ଶାଖାପର୍ଣ୍ଣ କୁଟୀର ନିର୍ମାଣ କରନ୍ତେ ଉର୍ମିଳା- ଙ୍କର କାନ୍ତ
ଜଟାୟୁ କ୍ରୋଟରେ ଏତିନି କୁଟୀରେ କ୍ରମେ ସିଂହ କନ୍ୟା ଉପଗତ
ଶରତ ସୁନ୍ଦରୀ
ପଦ୍ମଶୋଭା ହିମ ନେଲା ହରି ।।୩୭

ଜଳାଶୟୁ ନୀର ଧରି ବାଷ୍ପାକାର ଉର୍ଦ୍ଧ୍ୱେ ଉଠି ବିଷ୍ଣୁ ପଦେ ଲୀନ
ବହି ଧୀରେ ଧୀରେ ସମୀର ଉତ୍ତରେ ତନୁ ଶୋଭାକରେ ହିନିମାନ
ବୃହଦ୍ଭାନୁ, ଭାନୁ
ଭାନୁଶୀତ ଦର ହରେ ମନୁ ।।୩୮

ବସାଇ କୋଳରେ ପ୍ରିୟାଙ୍କୁ ଛଳରେ ରାମନାନା ପୁଷ୍ପେ ବେଶେରତ
ଭାଷନ୍ତି ମୈଥିଳୀ ନଥିଲି ମୁଁ ଭାଳି ମୋ ସେବା କରିବ ତୁମ୍ଭ ହସ୍ତ
ତହିଁ ରାମତତ୍ତ୍ୱ
ସତୀ ଚିତ୍ତ ଶାନ୍ତକଲେ ବ୍ୟକ୍ତ ।।୩୯

ହେ ଶକ୍ତି ସ୍ୱରୂପା, ହେବାକୁ ତୋ କୃପା, ଦେବକାର୍ଯ୍ୟେ ସମା ଧାନେ ଏଥି
ଏ ପୁଷ୍ପ ମାଳାରେ, ଅର୍ଚ୍ଚନା ଗଳାରେ ବଶ୍ୟ ଅର୍ଥେ ଅର୍ପେ ଘେନ ଭକ୍ତି
ନାରୀ ପୂଜା କେତେ
ପୂର୍ବରୁ ରହିଛି ଶାସ୍ତ୍ର ମତେ ।।୪୦

ଟୀକା: ୩୫ ଶେଷ ଲକ୍ଷ୍ମଣ, ଚାପଧର-ରାମଚନ୍ଦ୍ର, ୩୮ - ବିଷ୍ଣୁପଦେ-ଆକାଶରେ, ସମୀର -ପବନ, ବୃହଦ୍ଭାନୁ-ଅଗ୍ନି, ଭାନୁ-ସୂର୍ଯ୍ୟ ଦର ଭୟ ।

Digitized by PPRACHIN, SOA

ନିଜର ପରର ମନ ଅହଙ୍କାର ପୂଜ୍ୟ ପୂଜ୍ୟା ଭେଦା ଭେଦ ଭାବ
ଏ ମାୟା ସକଳ ବଶ ପ୍ରାଣୀକୂଳ ଇନ୍ଦ୍ରୀ ଅଧିଷ୍ଠାତ୍ରୀ ଦେବୀଦେବ
ଏହି ମାନେ ସ୍ୱସ୍ୱ
ବିଷୟରେ ହେଉଥାନ୍ତି ବଶ ।।୪୧

ଏକ ମାତ୍ର ବ୍ରହ୍ମ କରଇ ଦର୍ଶନ ପୁଣି ତ୍ରିଗୁଣ ଜ୍ଞା- ନ ସାଧକ
ସତ୍ତ୍ୱଗୁଣ ବୃଦ୍ଧି- ବିଷ୍ଣୁ, ରଜୋବୃଦ୍ଧି- ବ୍ରହ୍ମା, ତାମସେ ରୁ- ଦ୍ର ନାୟକ
ଅନ୍ୟ ସିଦ୍ଧି ବାରି
କର ପରିହାର ତୃଣପରି ।।୪୨

ଏଯାବତ ଜ୍ଞାନ ମାୟାର କାରଣ ଶୋକ ମୋହ ଭ୍ରମ ଦୂରୀଭୂତେ
ଈଶ୍ୱର ଓ ଜୀବ ମଧ୍ୟେ ଭେଦଭାବ ସୁସ୍ପଷ୍ଟଭାବେ ପ୍ରକା- ଶିତ ଏଥେ
ଜ୍ଞାନୀ ଜ୍ଞାନାଗାର
ଭକ୍ତ ମୋ ବିଚାରେ ଶ୍ରେଷ୍ଠତର ।।୪୩

ଜ୍ଞାନୀଜ୍ଞାନେ ଜ୍ଞାନ ଧନେ ସଦାମନ ଉଭୟ ଉଭୟେ ଅପେକ୍ଷାରେ
ମାତ୍ର ଭକ୍ତମନ ଭକ୍ତିର ଚରଣ ନରହେ କାହାର ଅପେକ୍ଷାରେ
ଭକ୍ତର ଅଧୀନ
ସଦାସର୍ବଦା ଜ୍ଞାନ ବିଜ୍ଞାନ ।।୪୪

ଯା' କପାଳେ ଆଗ ବଢ଼ଇ ବୈରାଗ୍ୟ ସେହି ଯୋଗଦ୍ୱାରା ଜନ୍ମେଜ୍ଞାନ
ଅଟଇ ସ୍ୱତନ୍ତ୍ର ଭକ୍ତ ନିୟନ୍ତ୍ରିତ କରେ ଅନ୍ୟସବୁ ତା ଅଧୀନ
ଶ୍ରବଣ କୀର୍ତ୍ତନ
ପଦସେବା ଆଦି ନିବେଦନ ।।୪୫

ବୁଝାଇ ଏପରି ପ୍ରିୟେ ଚାପଧାରୀ ମଢ଼ିଆରେ ଯଥା ବ୍ରତେ ସତୀ
କାଳକୁ କଟାନ୍ତି ରାତ୍ରେ ନିତିନିତି ଉନିଦ୍ରେ ଜଗନ୍ତି ସଉମିତ୍ରି
ଦୟାନିଧି ମନ
ରାମପଦ ମକରନ୍ଦ ପାନ ।।୪୬

❖❖❖

ଟୀକା: ୪୫- ପଦସେବାଆଦି, ଦାସ୍ୟ, ସାକ୍ଷ, ପୂଜନ, ୪୬-ରାମପାଦ ମକରନ୍ଦ - ପାଦପଦ୍ମ, ଅମୃତ ।

Digitized by PPRACHIN, SOA

ସୂର୍ପଣଖା ରାମଭେଟ

ଛାନ୍ଦ -୯

ରାଗ-ରାମଦାସ କୋଇଲି

ଏଥୁଅନ୍ତେ ଶୁଣ ହେ ବିଦୂଷ, ଉମାପୁଚ୍ଛୁଁ ଭାଷନ୍ତି ମହେଶ
ଗୋଦାବରୀ ତଟ ଉପବନେ ବିଂଶାକ୍ଷ ଭଗିନୀ ବୁଲନ୍ତେ ଦିନେ ଯେ,
ଦେଖିଣ, ପାଦଚିହ୍ନେ ଚିହ୍ନଇ
ପୁରୁଷ ଉତ୍ତମ ଚରଣ ଏହି ଯେ ।।୧

ପାଦଧରି ଯାଉପଥେ ଧୀରେ, ପର୍ଣ୍ଣକୁଟୀରେ ଦେଖଇ ଦୂରେ
ସୁନ୍ଦର ସଙ୍ଗେ ଧରି ସୁନ୍ଦରୀ ବିଶାଳବକ୍ଷ କାଣ୍ଡକୋଦଣ୍ଡ ଧାରୀ ଯେ,
ଚିତ୍ତରେ ପାଞ୍ଚି ମୁଞ୍ଚି ବିରୂପ
ରାକ୍ଷସୀ ଧଇଲା ସୁରୁଚି ରୂପ ଯେ ।।୨

ବାରମ୍ବାର ଦେଖି ଭାବେ ମନ, ଏହି ସେହି ଲକ୍ଷ୍ମୀନାରାୟଣ
କିପରି ହେବ ସେ ରାଜକାର୍ଯ୍ୟ ମନେମନେ ଗୁଣି କରିଲା ଧାର୍ଯ୍ୟ ଯେ
ପ୍ରଭୁଙ୍କୁ, ବରରୂପରେ ବରି
ରାଜକାର୍ଯ୍ୟେ ନେବ ଲଙ୍କାନଗରୀ ଯେ ।।୩

ନାସାପୁଟେ କରକୁ ଦେଇଣ, ଶୁଭକାଳ କରେ ନିରୂପଣ
ମହୀସୁତା ସୀତା ସୀତାପତି ଚିନ୍ତି ଦୟାନିଧି ଏଛାନ୍ଦ ଏଥି ଯେ
ରଖିଲା, ଆଗଛାନ୍ଦେ କୋବିଦେ
ସୂର୍ପଣଖା ଭେଟ କରିବ ମୋଦେ ।।୪

❖❖❖

Digitized by PPRACHIN, SOA

ସୂର୍ପଣଖୀର ରାମଙ୍କୁ ଆତ୍ମସମର୍ପଣ, ପାଣିଗ୍ରହଣ ପାଇଁ ନିବେଦନ

ଛାନ୍ଦ - ୧୦

ରାଗ-କାଳୀ (ଦ୍ୱିଭଙ୍ଗୀ, ଉପଧାମିଳନ)

ଦିନେଶ ଦଶ ଦଣ୍ଡ ପ୍ରକାଶ ଭୂମି ଆକାଶ ଦେଖି
ମନୁ ସନ୍ତାପ ଛାଡ଼ି ଅକମ୍ପ ମନରେ ସୂର୍ପନଖୀ ।।୧
ତତ୍ତ୍ୱ ମନରେ ବଚଚାର କରେ ପ୍ରଭୁ ପାଦରେ ଦ୍ରୋହୀ
ହୋଇକି ପାରେ ବରିବି ବରେ ପାପ ମଥାରେ ବହି ।।୨
ମହାପଣ୍ଡିତା ତପସ୍ୟା ରତା ମନେ ଏକାନ୍ତ ଚିନ୍ତି
ଯା ଅପ୍ରାକୃତି ଏକାନ୍ତ ଭକ୍ତି ପାଣି ଗ୍ରହଣେ ଶାନ୍ତି ।।୩
ରତି ଶାସ୍ତ୍ରର ନିପୁଣା ଗୀର ଘୋଷଣା ଅର୍ଥେ ଦୃଢ଼େ
ଧର୍ମ ଶଅଙ୍ଗାର ଅର୍ଥ ଶୃଙ୍ଗାର କାମ ଶୃଙ୍ଗାର ପଢ଼େ ।।୪
ଆଦ୍ୟୋ ପବିଷ୍ଟ ତା ପାଇଁ ଶ୍ରେଷ୍ଠ, ମୋକ୍ଷ, ଭାବିଣ ମନ
ଅଗ୍ରଜ ଶାପ, ଖଣ୍ଡନେ ପାପ ବିସର୍ଜି ହୁଏ ମଗ୍ନ ।।୫
ଭଗବାନଙ୍କ, ପାଦାବ୍ଜ ପଙ୍କ ମିଳନ ଯେଣୁ ଇଛି
ମୋକ୍ଷେ ଯାଉଛି, ପାଠକେ, କିଛି ପାରିବେ ନାହିଁ ବାଛି ।।୬
ଭକ୍ତିରେ ନାରୀ ମାର୍ଗାନୁ ସରି, ପ୍ରଭୁର ହେବ ସଖୀ
ମୁକ୍ତି ଉଦ୍ଦେଶ୍ୟେ ରାଘବ ପାଶେ, ଗମି ସେ ସୂର୍ପଣଖୀ ।।୭
ପୁଛଇ ଘର, କାହିଁ ତୁମ୍ଭର କାହା କୁମର ତୁମ୍ଭେ
ଏ ବନେ ଘର ଅସୁରଙ୍କର, ରହ କିପରି ଦମ୍ଭେ ।।୮
ଦେଲେ ଉତ୍ତର କୋଦଣ୍ଡ ଧର ଅଯୋଧ୍ୟା ଆମ୍ଭ ଘର
ମୁଁ, ରାମ, ସାନ ଭାଇ ଲକ୍ଷ୍ମଣ, ଏ ସୀତା ପ୍ରିୟା ମୋର ।।୯
ନୃପ ବନ୍ଦିତ ଆମ୍ଭର ତାତ ଅଜଜ ଦଶରଥ
କି, ଦରକାର କିମ୍ବା ପ୍ରଚାର, ସନ୍ଦେହ ହୁଏ ଜାତ ।।୧୦
ମୁକ୍ତ କଣ୍ଠରେ, ସ୍ୱ ସ୍ୱୀଉକାରେ ପୃଚ୍ଛନ୍ତି ରାମ କାହିଁ
ବାସ ତୁମ୍ଭର ପ୍ରକାଶ କର, ରୂପ ଲାବଣ୍ୟ ମୟୀ ।।୧୧

ଟୀକା: ୩- ଯାଥ ପ୍ରାକୃତି -କୃତ୍ରିମ, ୫- ଆଦ୍ୟୋପବିଷ୍ଟ- ଧର୍ମଶୃଙ୍ଗାର ।

Digitized by PPRACHIN, SOA

ଶଙ୍କର ରାଣୀ କିବା ରୋହିଣୀ କନ୍ଦର୍ପ ପ୍ରିୟା ରତି
ଯକ୍ଷ କିନ୍ନରୀ ଗନ୍ଧର୍ବ ନାରୀ କିଏସେ, ଭାଗ୍ୟବତୀ ।।୧୨
ଛେଦି ସଂଶୟ ଯା ପରିଚୟ ଦେଇଣ ଏଥୁ ଯାଅ
କହେ ସୁଆଗେ, ଯାହା ତା, ଆଗେ ବିଦୁଷେ ଭୋଗୀ ଦିଅ ।।୧୩
ଭାଷେ ଅସୁରୀ, କବୁର ପୁରୀ ଲଙ୍କା ମୋହର ବାସ
ତ୍ରିପୁର ଜୟୀ ମୋ ଜ୍ୟେଷ୍ଠ ଭାଇ କର୍ବୁରେ ସଦା ବଶ ।।୧୪
ନାମ ରାବଣ ଘଟ ଶ୍ରବଣ, ଯେ ବିଭୀଷଣ ସାନ
ବିଶ୍ରବା ତାତ, ନିକଷା ମାତ ଶ୍ରେଷ୍ଠ ଜାତିରେ ଜାଣ ।।୧୫
ଅପୂର୍ବ ରୂପ, ଦେଖି ସମୀପ, ଆସିଛି ଚିନ୍ତି ମନ
ନକରି ମନା, କରନ୍ତୁ ଘେନା, ମୋ ଆତ୍ମା ନିବେଦନ ।।୧୬
ଶୁଣି ଏ କଥା, ପୋତନ୍ତି ମଥା ଲଜ୍ଜା ବଶରେ ରାମ
ରମଣୀ ଆଗେ, ଇଛେ ସୁହାଗେ, ରମଣୀ ମଣି ପ୍ରେମ ।।୧୭
ବ୍ୟକ୍ତ ଶୋଭାଙ୍ଗୀ, ମୋ ଅନୁରାଗୀ ପରିଚୟେ ଯା ଆଶ
ଲୋକନେ ବେଶ, ନଦିଏ ତ୍ରାସ, କି ଜଟାଯୁଚ୍ଛ କେଶ ।।୧୮
ଘନ ବରନ, ତନୁ ଲେପନ- ଭସ୍ମ ବକ୍‌ଳକ ଧାରୀ
ବିଶର୍ବା ଯତୀ ସୁତା ଶ୍ରୀମତି ନପାରୁ ଘେନାକରି ।।୧୯
ପୁଣି ପ୍ରଚାର, କଲେ ବିଚାର, କର ବିବାହ ବଧୂ
ପାଙ୍ଗ ପତନୀ ଅଙ୍ଗରେ ଘେନି ମିଳନେ ବାମ ସାଧୁ ।।୨୦
ବିବାହ ପରେ ଯା'କୁ ଶ୍ରଦ୍ଧାରେ ବୃହନ୍ତା ଦେବରଥ
ଘେନୁ ପ୍ରମାଦେ, ଗମିବ, ପଦେ ଘୋର ଅରଣ୍ୟପଥ ।।୨୧
ପଦ ଯୁଗଳ ସୁପରିମଳ, ଅଟ୍ଟାଳୀ ଚଳା ଯୋଗ୍ୟ
ଘନ ବିପିନ କଣ୍ଟକ ପୂର୍ଣ୍ଣ ଲୋଡ଼ ବନ୍ଧୁର ମାର୍ଗ ।।୨୨
ଯେ, ପୟୋଧର ଯୁଗଳ ପର କସ୍ତୁରୀ ଲେପ ବାସ
ଏ, ଅଧିକାରେ, ତାହା ଉପରେ, ଲାଗି ହୋଇବ ଭସ୍ମ ।।୨୩
ହେ, ମୃଗନେତ୍ରୀ ହେବାକୁ ପତି ନାହିଁ ମୋ ଗୁଣତେଜ
ଏ ଅଭିପ୍ରାୟ ଦୂରେ ନିର୍ଭୟ ଚିତ୍ତେ ଆନକୁ ଭଜ ।।୨୪
ଶୁଭ ଲକ୍ଷଣା, ତୋ ପରି କନ୍ୟା ମୋର ମିଳନେ ମନା
ରାମ ଭାରତୀ ଶ୍ରବଣେ ଅତି କ୍ଷୁବ୍ଧରେ ଶୋଭାଙ୍ଗନା ।୨୫

ଟୀକା: ୧୪- କର୍ବୁରପୁରୀ- ରାକ୍ଷସପୁରୀ, କର୍ବୁରେ ସଦାବଶ-ଅସୁରେ ସଦାବଶ, ୧୫-ଶ୍ରେଷ୍ଠ କୁଳରେ-ବ୍ରାହ୍ମଣ କୁଳରେ,

Digitized by PPRACHIN, SOA

ମୁଁ ନାରୀ ସ୍ୱର୍ଗ କଳ୍ପନା ଭୋଗ ବିଦୂରେ ଗନ୍ଧ ମାଲ୍ୟ
କାମନା ବଳେ, ଦେଉ ମାଙ୍ଗଲ୍ୟେ ହେବ ଆଶ୍ରୟ ସ୍ଥଳ ।।୨୬
ଧ୍ୟାନ ଧାରଣା ବ୍ରତମ ପାରଣା ଭକ୍ତିରେ କେବେ ନାହିଁ
ଯୁପ ରୋପଣ ସାଧୁ ସେବନ, ବିନା ତା ପ୍ରାପ୍ତି କାହିଁ ।।୨୭
ଅତି ଦରିଦ୍ର, ହେଲେ ବିବାଦ, ନାହିଁ ଲୋଡ଼େନି କୃତୀ
ସକଳ ବିତ- ଅଧୀଶ' ଭ୍ରାତ ଲୋଡ଼ା ମୋ ଶାନ୍ତ ମୂର୍ତ୍ତି ।।୨୮
ତୁ ବିଶ୍ୱମୂର୍ତ୍ତି ଯା କୃତି କୀର୍ତ୍ତି ସଂସାରେ ପଟାନ୍ତର
ଅଙ୍ଗ ସ୍ପରଶେ ତୋ ଗାତ୍ର ଭସ୍ମେ ଆମ୍ଭ ପବିତ୍ରାନ୍ତର ।।୨୯
ବଳି ଦର୍ପାରି ତ୍ରିତାପ ହାରୀ ଅର୍ଣ୍ଣବେ ଶେଷଶାୟୀ
କମଳା କର ପାଦେ ଯାହାର ସର୍ବଦା ଲାଗି ଥାଇ ।।୩୦
ବିଲୋପି ଯୋଗୀ ପ୍ରମଦା ଭୋଗୀ ଯେ ଶୋଭା ଲୋଭା ଲାଭେ
ତେଜିଲେ କୁଳ ହୋଇ ସଙ୍କୁଳ, ନାମ ବୈଭବ ଭାବେ ।।୩୧
ଭବେ ଯା ଶୁଣା, କବି କଳ୍ପନା ଅମ୍ବୁଜ ପଦ ବୋଲି
ପାଏ ମୁଁ ତ୍ରାସ, ଯା ଅଷ୍ଟାଦଶ, ଚିହ୍ନିଏ ଛଦ୍ମ ଖୋଲି ।।୩୨
ଧାତା ଭୂତେଶ ଭୂଜଙ୍ଗ ଈଶ, ଯା ଯଶ ଗାନେ ନିତି
ଚାରି ପଞ୍ଚାସପ ବଦନେ ଶେଷ, ଘୋଷନ୍ତି ଗୁଣ କୀର୍ତ୍ତି ।।୩୩
ଯା ପଦାଧୂଳି ହୁଅନ୍ତି ବୋଲି ଅଙ୍ଗରେ ସୁର ବର
ଯାପାଦ ଝରେ, ହରଣେ ଗର, ବହନ୍ତି ଗଙ୍ଗାଧର ।।୩୪
ଯା, ତୂଣୀ ବାଣ, ପାଣି କମାଣ ପାପୀ ଉଦ୍ଧାରେ ଭ୍ରମି ।
ଯେ, ବିଶ୍ୱାମିତ୍ର ଯାଗ ପବିତ୍ର, କଲେ କାନନେ ଭ୍ରମି ।।୩୫
ବେଳାରେ ଧାତା ସୃଷ୍ଟି କରତା ଉପୁଜି କାରଣ ଯେ ।
ଯାହା ଉଭବ ଆନେ ସମ୍ଭବ ନୁହେଁ ତାହାଙ୍କୁ ଭଜେ ।।୩୬
ଶେଷରେ ନାରୀ ଭାଷେ ବିଚାରି, ଏ ବାକ୍ୟେ ପ୍ରୟୋଜନ ।
ନାହିଁ ମୁଁ ନେତ୍ରେ, ଦର୍ଶନ ଅନ୍ତେ, ଭାବେ ତୁ ଭବେ ଧନ ।।୩୭

ଟୀକା: ୨୮-ସକଳବିର ଅଧୀଶ ଭ୍ରାତ- କୁବେର, ୩୦-ବଳି ଦର୍ପାରି - ବଳି ଦର୍ପହାରି, ତ୍ରିପାପହାରି- ଆଧିଦୈବିକ, ଅଧିଭୌତିକ- ଆଧାତ୍ମିକ ତାପ, ଅର୍ଣ୍ଣବେ-ସମୁଦ୍ରେ, ଶେଷଶାୟୀ ଶେଷଦେବ ଅନନ୍ତ ପୃଷ୍ଠ ଶୟନକାରୀ, ୩୨-ଅଷ୍ଟାଦଶ ଚିହ୍ନ- ଜବା, ଅଙ୍କୁଶ, ଶଙ୍ଖ, ଧ୍ୱଜ, ଅମ୍ବୁଜ, ରେଖା, ପତ୍ର, ଅମ୍ବର, ତ୍ରିକୋଣ, ଚକ୍ର, ବିନ୍ଦୁ, ଧନ, ସ୍ୱସ୍ତିକ, ବଜ୍ର, ଚନ୍ଦ୍ରାର୍ଦ୍ଧ, କଳସ, ମକର, ଗୋଷ୍ପଦ, ୩୩- ଧାତା-ବ୍ରହ୍ମା, ଭୂତେଶ-ଶିବ, ଭୂଜଙ୍ଗଈଶ ବାସୁକି, ୩୪- ଯା ପାଦଝରେ-ଗଙ୍ଗା, ହରଣେଗର, ବିଷହରଣେ, ବହନ୍ତି ଗଙ୍ଗାଧର-ଶିବ ।

Digitized by PPRACHIN, SOA

ପବିତ୍ର ମର୍ମେ ଶାଶ୍ୱତ ପ୍ରେମେ, ବୋଲଇ ପ୍ରଣୟନୀ ।
ପ୍ରଣୟ ଭିକ୍ଷା କରଇ, ରକ୍ଷା କରନ୍ତୁ ରଘୁମଣି ।।୩୮
ରାମ ପଚାରି, ଏକା କିପରି, କହ ସୁନ୍ଦରୀ ଏଥୁ ।
ବ୍ୟଭିଚାରିଣୀ ବେଭାରେ ବାଣୀ ଭଣି ମାଗୁଣି ପ୍ରୀତି ।।୩୯
ଭାଷନ୍ତି ବାରି ଦେଖ ସୁନ୍ଦରୀ ବିବାହିତ ମୁଁ ପାଶେ ।
ସ୍ୱପତ୍ନୀ ଥାଇ ସପତ୍ନୀ କେହି କରିବ କୁହ ଆଶେ ।।୪୦
ଆସିଛି ବନ ତେଜି ଭବନ ସ୍ୱଜନ ବନ୍ଧୁ ଇଷ୍ଟ ।
ଚତୁର୍ଥୀ ରାତ୍ର ପାଳନା ବ୍ରତ ଶପଥ ହେବ କ୍ଲିଷ୍ଟ ।।୪୧
କହି ଏପରି ଏ ଛାନ୍ଦ ସାରି ଫେରାଉ ଆଗେ ସୂର୍ପା ।
ବାଢ଼ିବ ଯୁକ୍ତି କରିବ ଭକ୍ତି ହେଲେ ରାଘବ କୃପା ।।୪୨

ରାଘବ ସମ୍ମୁଖେ ସୂର୍ପଣଖୀର ଯୁକ୍ତି

ଛାନ୍ଦ – ୧୧

ରାଗ –ବଙ୍ଗଳାଶ୍ରୀ

ସୀତାଧବ ବାଣୀ- ପଣ୍ଡିତା ଅଗ୍ରଣୀ ଶୁଣି ଶୁଣି ପୁଣି ବଦେ ।
ଶାସ୍ତ୍ରର ବିଚାର- ଯା ଅଛି ପ୍ରଚାର କରେ ଘେନା କରପଦେ ।।୧
ପରୀ କୀୟା ପ୍ରୀତି, ଭଣି ଯା, ସମ୍ପ୍ରତି- ଏକ ନାରୀ ବ୍ରତ କୁହ ।
ଶାସ୍ତ୍ରୁ ଯା ସମ୍ଭବ ବିରୋଧତା ଭାବ ବଢ଼ାଉ ଅଛି ସନ୍ଦେହ ।।୨
ଦେବ ଦେବ ମହା- ଦେବ ସତୀ ସାହା- ଥାଉ ନବ କାତ୍ୟାୟନୀ ।
ସଙ୍ଗରେ ବିହାରେ- ନିତ୍ୟ ଶ୍ମଶାନରେ- ଘେନି ଚଉଷଠି ଯୋଗ୍ନୀ ।।୩
ପୁରାଣ ପ୍ରମାଣ- କମଳା ରମଣ ନାରୀ ଥାଉ ସରସ୍ୱତୀ ।
ଅର୍ଦ୍ଧ ବୟସରେ- କମଳା ସଙ୍ଗରେ- ପ୍ରେମ ଆଚରି ଅଛନ୍ତି ।।୪
ଅଟନ୍ତି ବିଧାତା, ସ୍ୱୟଂ ସୃଷ୍ଟିକର୍ତ୍ତା ଗାୟତ୍ରୀ ଥାଉ ଦୁର୍ମୂଲ୍ୟ ।
କିପରି ଗ୍ରହଣ କରିଲେତ ଜାଣ ସାବିତ୍ରୀଙ୍କ ବରମାଲ୍ୟ ।।୫
ଏଡ଼େ ଏଡ଼େ ଲୋକ- ସଂସାର ପାଳକ ବହୁ ପତ୍ନୀ କାର୍ଯ୍ୟେ ରତ ।
ନ ପାରିବ ତୁମେ କହ ଯା ସଂଭ୍ରମେ, ପାଳି ଏକ ପତ୍ନୀ ବ୍ରତ ।।୬

Digitized by PPRACHIN, SOA

ଶୁଣି ଚାପଧର ଦିଅନ୍ତି ଉତ୍ତର ବ୍ରହ୍ମା ବିଷ୍ଣୁ ମହେଶ୍ୱର ।
ଏକାଧିକ ପତ୍ନୀ ଘେନିଲେ ଆମନ୍ତି ଏକ ଅଂଶୁ ଅବତାର ।।୭
ଏକ ପତ୍ନୀବ୍ରତ ତା' ପ୍ରତି ପାଦିତ, କହୁ ରାକ୍ଷସୀ ଭାଷିଲା ।
ଶଚୀ ପରି ସତୀ ଥାଉ ଶଚୀପତି ଅହଲ୍ୟାତ ହରିଥିଲା ।।୮
କୁମୁଦ ବାନ୍ଧବ ଗୁରୁ ପତ୍ନୀ ଭାବ ନ ହୋଇ ଅଛି କି' ଜଣା ।
ମହାଜ୍ଞାନୀ ବାଳି- ବୀର ଭାଳି ଭାଳି ହରେ ସୁଗ୍ରୀବ ଅଙ୍ଗନା ।।୯
ବଦତି ରାଘବ, ଋଷି ପତ୍ନୀ ଭାବ ଦଣ୍ଡେ ସହସ୍ରାକ୍ଷେ କାଳି ।
ବିଧୁ କ୍ଷୟ ରୋଗେ ପ୍ରପୀଡ଼ିତ ଆଗେ ଦଣ୍ଡିତ ହୋଇବ ବାଳୀ ।।୧୦
ହେ ସୁନ୍ଦର ତନୁ ଘେନା କର ମନୁ- ଜାତ କଥା ଆଉ ପଦେ ।
ଯା' ଯୁକ୍ତି କରାଇ, ଦେଉଛ ଫେରାଇ ଏ ନିବିଡ଼ ବନେ ହାଦେ ।।୧୧
ଦୋଚାରୁଣୀ ଯୋଷା ପୁଷ୍ପବତୀ ଭାଷା, ପ୍ରବନ୍ଧେ କାନ୍ତକୁ ଠକି ।
ନିୟୋଜିତ ଗୋପ୍ୟେ- ମଦ୍ୟପ ଆଳାପେ, ବାହ୍ୟେ ସତୀ ହୋଇବିକ ।।୧୨
ଋତୁରାଜ ମଧୁ- ବସନ୍ତରେ ବିଧୂ ପୁଷ୍ପବତୀ ହୋଇ ଲତା ।
ବସନ୍ତ କାନ୍ତରେ ଠକି ଶୃଙ୍ଗାରରେ ବିଟଷଟ୍ ପଦେ ରତା ।।୧୩
ଓଲଟେ ତା' କାନ୍ତ- ବାକ୍ୟାଳାପେ ଶାନ୍ତ କରଅ ମୋର ମାନସ
ନଷ୍ଟ ଦୋଚାରୁଣୀ- ଭାବରେ ଯା ବାଣୀ, ଭଣି ସାବ୍ୟସ୍ତେ ଆଭାଷ ।।୧୪
ଦୋଚାରୁଣୀ ଦୋଷ, କରିଲେ ସାବ୍ୟସ୍ତ ରାଜା ରାଜ ବିଚାରେ ।
ଗୃହ ଲୁଟି କରି- ସର୍ବ ଧନ ହରି- ନିଅଇ ରାଜ କୋଷରେ ।।୧୫
ଅନୁସରି କ୍ଷାନ୍ତ ନୋହି ସେ ବସନ୍ତ- ପୁଷ୍ପ ବାସ ହରେ ସର୍ବ ।
ଉଭୟ ପକ୍ଷାରୁ, ଯା ଉଚିତ ଚାରୁ- ଘେନ ସେହି ମାର୍ଗେ ଭାବ ।।୧୬
ସୁ ବିଚାର ବନ୍ତ- କରନ୍ତି ସିଦ୍ଧାନ୍ତ ଏ ଭବ ସଂସାର ଜନ ।
ଏକ ଏକ ବହୁ- ପତ୍ନୀ କରିବହୁ ଶାସ୍ତ୍ର ଦିଏ, ତା' ପ୍ରମାଣ ।।୧୭
ନରାକୃତେ ମହୀ ମଣ୍ଡଳରେ ମୁହିଁ- ଆଦର୍ଶ ବାଦକୁ ଇଛି ।
ଏକ ପତ୍ନୀ ବ୍ରତ, ପାଳନାରେ ରତ ସୂର୍ପା ଦୋଷ କିବା ଅଛି ।।୧୮
ଅନ୍ୟ ପକ୍ଷେ ଧ୍ୟାନ ଦେଲେ ଏ ଭାବନ ଗ୍ରୀଷ୍ମ ପ୍ରପିଡ଼ିତ ବ୍ୟାଳ
ଚନ୍ଦନ କାନନ, ମଳୟ ପବନ- ଲୋଡ଼େ ଜାତି କୃତି ଖଳ ।।୧୯
ଯେଉଁପରି ସେହି- ସେ ପରିତ' ଏହି- ପ୍ରେମ ପ୍ରପୀଡ଼ିତା ନାରୀ
ଅଜ୍ଞାନରେ ସ୍ଥାନ- କାଳ ନିରୂପଣ- ନ ବାରି, କରେ ଗୁହାରି ।।୨୦

ଟୀକା: ରାମଙ୍କ ପତ୍ର ଦୋବିଧି ଅର୍ଥ ବାରରାସିର ନାମ ଅନ୍ତଳପି । ୧୧-ଅନଙ୍ଗ ବାଣ-କାମବାଣ ।

Digitized by PPRACHIN, SOA

ସୂର୍ଯ୍ୟକାନ୍ତ ମଣି- ତରଳେ ଯେ ଗୁଣି ସ୍ୱର୍ଯ୍ୟ ରଶ୍ମି ସ୍ପରଶରେ ।
ସୁନ୍ଦରୀ ପୁରୁଷ- ଦେଖି ଦୁଷ୍ଟାଆସ୍ୟ ଜ୍ଞାନ ହାରି ଇଛାକରେ ।।୨୧
କରିଥିବା ଯୁକ୍ତି ଚିତ୍ତେ ଚିନ୍ତି ଚିନ୍ତି ରାଘବ କରିଲେ ସ୍ଥିର ।
ପ୍ରପୀଡ଼ିତା ନାରୀ ଅଭାଷେ ବିଚାରି- ନ ଦେଲେ ତା' ପ୍ରତିକାର ।।୨୨
ଧର୍ମ ହାନି ହେବ- ଉର୍ମିଳା ବଲ୍ଲଭ ନିକଟକୁ ଯିବାପାଇଁ ।
ନିର୍ଦ୍ଦେଶନ୍ତି ନାନା- ଆଶାରେ ଭାବନା ଦେଇ ବୁଝାଇ ସୁଝାଇ ।।୨୩
ମୋହ ସମ ବୀର- ସାନୁଜ ମୋହର ନାହିଁ ଯୋଷା ତା' ପାଶରେ ।
ମୋର ଆଶା ଛାଡ଼ି ଯାଅ ଯା, ବାହୁଡ଼ି- ଘେନା ଅବା କରିପାରେ ।।୨୪
ଏ ବାକ୍ୟ ସ୍ଖଳନେ- ହାର ମାନି ମନେ- ଯାଇ ସଉମିତ୍ରି ପାଶ ।
ଆଦି ଅନ୍ତ କରି- ଭାଷଇ ଚତୁରୀ ଚାତୁର୍ଯ୍ୟରେ ରଖି ଆଶ ।।୨୫
ରାଜ କାର୍ଯ୍ୟ ପ୍ରଶ- ମିତ ମୋ ଆଭାଷ- ଭାଷୁ ଗ୍ଲାମ୍ଭୀର୍ଯ୍ୟେ ଲକ୍ଷ୍ମଣ ।
ମନା କଲେ ନିଜ ପତ୍ନୀ ସହ ସଜ କଥା କରିବିଶ୍ଳେଷଣ ।।୨୬
ପୁନର୍ବାର ଯତୀ ଲକ୍ଷ୍ମଣ ଭାଷନ୍ତି- ଭବ ପାରେ କରି ମାଳ ।
ଇହଧାମୁଁ ସ୍ୱର୍ଗ ସୁଖ ଲଭିଥାନ୍ତି- ଧାତା ମୋର ପ୍ରତିକୂଳ ।।୨୭
ହୋଇଣ ଅନ୍ଧକ ଯା ପ୍ରତି ବନ୍ଧକ କରାଇଣ ଅଛି ସୃଷ୍ଟି ।
ବୁଝାଇଣ ତାହା କେତେକ ବା କୁହା ଯିବତାହା ଗୋଟି ଗୋଟି ।।୨୮
ଶୁଣି ଏ ଭାରତୀ କ୍ଷୁବ୍‌ଧ ମନେ ଅତି ଭାଷେ ନିକଷା ଦୁହିତା ।
ବାର, ବାରଙ୍ଗନା ପରି କି, ଭାବନା କରିହାସ୍ୟେ କୁହ କଥା ।।୨୯
କେବେ କେହି ତରୀ କରି ନାରୀ ପାରି- ହୋଇଛି କି ଭବଜଳେ ।
କରାଅ ପ୍ରମାଣ- କିମ୍ବା ସମ୍ଭାଷଣ- ପରସ 'ଯା' କୌତୂହଳେ ।।୩୦
ଉର୍ମ୍ମିଳା ରମଣ- ଭାଷନ୍ତି ତା ଶୁଣ ସୂର୍ଯ୍ୟବଂଶ ରାଜପୁତ୍ର ।
ସୂର୍ଯ୍ୟ ପରି ଦତ୍ତ- ସତ୍ୟେ ସଦା ରତ- ମିଥ୍ୟା ନ କରଇ ବ୍ୟକ୍ତ ।।୩୧
ଦେବ ପଶୁପତି- ଦକ୍ଷ ପ୍ରଜପତି ଯାଗ ହେବା ସମୟରେ ।
ସତୀଙ୍କୁହରାଇ ଯୋଗସ୍ଥଯେ ହୋଇ ବିରହାନଳ ଭୟରେ ।।୩୨
ଭବେ ସେ ସମୟେ- ତାରକାର ଭୟେ ଉପଦ୍ରବେ ଦେବଗଣ ।
ପ୍ରପୀଡ଼ିତ ବଶ ଶିବଙ୍କ ଔରସ- ପୁତ୍ର ହସ୍ତେ ତା, ମରଣ ।।୩୩
କହୁ ଦାନ ବାରି- କଥାକୁ ବିଚାରି ଉଡି ପଡି ସେଥିପାଇଁ ।
ସନ୍ଧ୍ୟାବତୀ ପରି- ଜଳି ପୋଡ଼ି କରି ସୁବାସ ରୁଦ୍ରେ ଯୋଗାଇ ।।୩୪
କରୁ ଆପ୍ୟାୟିତ ଭାଙ୍ଗିଲା ଯୋଗସ୍ଥ ତପ ତେଜିଲେ ଭୂତେଶ ।
ସରଳତାର ସୁ- ଯୋଗ ନେଇ ଏହି ସମୟେ ସୁରେପ୍ରକାଶ ।।୩୫

Digitized by PPRACHIN, SOA

ତୋର ସୃଷ୍ଟି ତୁହି- ରକ୍ଷାକର ରକ୍ଷା କର ଦେବ ପଞ୍ଚାନନ ।
ଧାତା ବରେ ବୀର ତାରକା ଅସୁର ଗ୍ରୀର୍ବାଣେ ଦିଏ କଷଣ ।।୩୬
ତୋ ଔରସ ସୁତ ହସ୍ତେ ହେବ ମୃତ- ମାଗି ନେଉଛି ଦାନବ ।
ସମାଧାନେ ଜୟୀ ହୋଇ ତୁ ପ୍ରଣୟୀ ସୁମନସେ ଦିଅ ଠାବ ।।୩୭
ନିବେଦୁଁ ଏ ବାର୍ତ୍ତା- କହିଥିଲେ ଧାତା ପ୍ରକୃତି ବିହୀନେ ଯୋଗ ।
ସାଧନା କାମନା- ପୂରଣ ହୁଏନା- ଅସିଦ୍ଧ ଘଟେ ବିୟୋଗ ।।୩୮
ହେବାପାଇଁ ଜୟୀ- ହୁଅନ୍ତୁ ପ୍ରଣୟୀ ବୋଲାଇଣ ଯୋଗେଶ୍ୱର ।
ନୈସର୍ଗିକ ପ୍ରେମ- ଶାଶ୍ୱତ ମିଳନ ସିଦ୍ଧ ହୋଇବ ମନ୍ତର ।।୩୯
ଶୁଣି ମହେଶ୍ୱର- ସିଦ୍ଧାନ୍ତ ନିଜର ବଦଳାଇ ଯୋଗାସନ ।
ଭାଷନ୍ତି ସଂସାର- ରକ୍ଷା ନିମିତ୍ତର ବାରେ ହେବେ ମୋ, ମିଳନ ।୪୦
କଲେ ବାକ୍ୟ ଦତ୍ତ- ଖୋଜିବା ନିମିତ୍ତ- ସତୀ ତୁଲ୍ୟ ନାରୀବର ।
ତପରେ ତତ୍ତ୍ୱର ଅର୍ଦ୍ଧ ନାରୀସ୍ୱର ରୂପେ ହେବ ଯୋଗମୋର ।।୪୧
ହିମାଳୟ ସୁତା ମେନାଙ୍କ ଦୁହିତା ଏ କାଳେ ତପସ୍ୟା ରତ ।
ଶୁଣି ଦେବ ବାଣୀ ସ୍ୱୟଂ ଶୂଳପାଣି ପରୀକ୍ଷାରେ ଉପଗତ ।।୪୨
ପ୍ରଣୟ ପ୍ରାର୍ଥୀନୀ- ଉମା ତପସ୍ୱୀନି ତପରେ ହେଉ ଉତ୍ତୀର୍ଣ୍ଣ ।
ବିବାହ ନିମିତ୍ତ କଲେ ସନମତ ଦେବ ଦେବ ପଞ୍ଚାନନ ।।୪୩
ପ୍ରେମ ଅନ୍ତର୍ଦାହ ପ୍ରପୀଡ଼ିତ ମୋହ ମୋହେ ମହା ଯୋଗୀ ହର ।
ପ୍ରେମ ଦ୍ୱାରା ସ୍ୱର୍ଗ- ପ୍ରାପ୍ତ ନର ଭୋଗ, ହୋଇପାରେ କରିସ୍ଥିର ।।୪୪
ଭାଷନ୍ତି ବିଧିକା ବିପଣୀର ବିକା କିଣା ଭଳି ପ୍ରେମ ନୁହେଁ ।
ନୈସର୍ଗିକ ପ୍ରେମ ଶାଶ୍ୱତ ମରମ- ଦ୍ୱାରେ ସ୍ୱର୍ଗ ପ୍ରାପ୍ତି ହୁଏ ।।୪୫
ଉପନୀତ ହୋଇ ସିଦ୍ଧାନ୍ତରେ ସେହି ସ୍ୱର୍ଗ ସୁଖେ ହୋଇ ଯୋଗୀ ।
ଉମା କରି ହାର ଅର୍ଦ୍ଧ ନାରୀଶ୍ୱର ରୂପେ ହୋଇଲେ ବୈରାଗୀ ।।୪୬
ଘେନ ଆନକଥା ଯା ଘେନନ୍ତେ ବ୍ୟଥା ଯିବ, ଜୀବ ସଦମାର୍ଗେ ।
ଏ, ଦଣ୍ଡକ, ବନେ, ବିଚାରିଲେ ଦିନେ, ପତ୍ନୀ ହୀନ ଋଷି ବର୍ଗେ ।।୪୭
ଦେଖି ଜାତି କୁଳ ହୋଇଯା ସଙ୍କୁଳ ତପରେ ପୋଡିଲେ ଯୂପ ।
କଷ୍ଟ କଷ୍ଟ ଗଲା ପୂରଣ ନ ହେଲା ପ୍ରାପ୍ୟ ନ ହେଲା ସମୀପ୍ୟ ।।୪୮
ଗୃହ ଧର୍ମେ ବ୍ରତୀ- ହୋଇ ଯେଉଁ ଯତୀ ରଖି ଅଛନ୍ତି- ଅଙ୍ଗନା ।
ସିଦ୍ଧ ତାଙ୍କ ତପ- ହରିଲେ ଆତାପ- ପୂର୍ଣ୍ଣ କାମନା, ବାସନା ।।୪୯

Digitized by PPRACHIN, SOA

ଜାତ ଯେଣୁ ଭବେ, ଯିବା ମୃତରବେ ଦିନେ କାଳ କବଳରେ ।
ଚିନ୍ତି ପ୍ରତିକାର, କାର୍ଯ୍ୟ ତତ୍‌ପର ହୁଅ ଦର୍ଶନେ ଈଶ୍ୱରେ ।।୫୦
ଯେ, ଜ୍ଞାନୀ ପ୍ରମୁଖ, ବ୍ୟକ୍ତ କଲେ ଦେଖ, ଗୃହ ଧର୍ମେ ତପସ୍ୱିନୀ ।
କେହିଁ ହାସ୍ୟରସେ, ଭାଷେ, ଏ ବୟସେ,କେ, କରିବ, ଅବା ମୁନି ।।୫୧
ଏ କାଳେ ଆଗମ, ହେଲେ ଗଉତମ, ପାଉ, ସଭାର, ସୂଚନା ।
ଧର୍ଯ୍ୟେ ଚିନ୍ତି ଚିତ୍ତ କରିଲେ ବ୍ୟକତ ଶୁଣ ସର୍ବ ମହାମନା ।।୫୨
ଏକା ଚାପଧାରୀ, ଘେନିଲେ ଗୁହାରି ସଭିଙ୍କ ମନ କାମନା ।
ପୂରଣ ହୋଇବ, ଘେନା କର ଭାବ, ଦେଉଛି ଯେ, ନିର୍ଦ୍ଧଶନା ।।୫୩
ବେନି ଯୁଗ ଦୂରେ କୌଶିକ ସଙ୍ଗରେ ଯାଗ ରକ୍ଷା କରିଥରେ ।
ପ୍ରଭୁ ଚାପଧାରୀ ହୁଅନ୍ତେ ବିହାରୀ ହର୍ଷେ ମିଥିଲ୍ୟା ମାର୍ଗରେ ।।୫୪
ପାଷାଣେ ଚରଣ, ସ୍ମରଣୁ ବରଣ, ଉପୃନ୍ନେ ମୋ, ତପସ୍ୱିନୀ ।
ସେ ଦିଗଦର୍ଶନ, କରିବ ପୂରଣ, ଯିବେ ସ୍ୱର୍ଗେ ନାରୀଘେନ ।।୫୫
ଏଣୁ ମନ ସ୍ୱଚ୍ଛେ ପାଷାଣ ପାବଛେ ରଖ ଦରଜା ନିକଟେ ।
ଚିତ୍ରକୂଟୁ ରାମ ଦଣ୍ଡକେ ଆଗମ, କଲେ ଆମନ୍ତ୍ରି ଆକଟେ ।।୫୬
ନକରିଣ ଭୟ ନେବ ଋଷିଚୟ ଶିଳାରେ ଲାଗୁ ଚରଣ ।
ଶ୍ରୁତି ରଖି ଯନ୍ତ୍ରୀ ହେଉ ଋଷିପତ୍ନୀ ଅଲଭ୍ୟେ ହେବ କାରଣ ।।୫୭
ସେହି କଥା ରଖି ବୁଝ ମୁନି ସାକ୍ଷୀ ଦରଜା ଆଗେ ପାଷାଣ ।
ପକାଇଣ ଥିଲେ ଦେଖୁ ପାଶୋରିଲେ କାଳେ ଲଭିବେ କାରଣ ।।୫୮
ଅଗ୍ରଜଙ୍କୁ ସବ୍ୟ ନିବେଦିତ ଦ୍ରବ୍ୟ ପରସା ଯାଏ କି ଆନେ ।
ଘେନା କଲେ, ଅପମାନିତ ହୋଇବ ଏଣୁ ଫେରାଉଛି ଜ୍ଞାନେ ।।୫୯
ଅକାରଣେ ତୁମ୍ଭେ ଯୌବନକୁ ଦମ୍ଭେ ସ୍ରୋତେ ବହିବା ନଦେଇ ।
ମାନସ ସଫଳେ, ଇଚ୍ଛାବତ୍ରୀ ବଳେ ହୁଅ ପୁଣି ରାମେ କହି ।।୬୦
ମୋ କଥାକୁ ମାନି କହରେ ମାନିନୀ ରାମ ଘେନିଲେ ଅର୍ଚ୍ଚନା ।
ଜାନକୀ ପରାୟ ସେବି ପଦ ଦ୍ୱୋୟ ପବିତ୍ର ହୁଅନ୍ତି କିନା ।।୬୧
ମହେଶ ମାନସ, ମନ୍ଦିରରେ ବାସ କରାଇ ସୀତା ଅଧୀଶ ।
ତ୍ରିବିଂଶ ଦ୍ୱିପଦେ, ଏ ଛାନ୍ଦ କୋବିଦେ ଭାଷେ, ଦୟାନିଧି ଦାଶ ।।୬୨

❖❖❖

Digitized by PPRACHIN, SOA

ସୂର୍ପଣଖୀ ନାଶାକର୍ଣ୍ଣ ଛେଦନ ଓ ଖରଦୂଷଣ ଆଦି ରଣକୁ ଯାଇ ରାମଙ୍କ ହସ୍ତେ ମୃତ

ଛାନ୍ଦ - ୧୨

ରାଗ-କଳାଶା (ଚଉଦଅକ୍ଷରୀ)

ବିଘ୍ନନାଶେ ଗଣପତି ଚିନ୍ତି ସ୍ମରି ହରି । ରଚଇ ନାସା ଶ୍ରବଣ ଛେଦନ ସୂର୍ପାର ।।୧
ଏହି କାଳେ ଦାନବାରି ବସି ଚିନ୍ତା କଲେ । ଅସୁରୀ ଯେତେ କହିଲା, କେହି ନ ଘେନିଲେ ।।୨
ରାବଣ ଅନ୍ତ ଯଜ୍ଞରେ ସୂର୍ପା ହୋଇ ଯୂପ । ଆମନ୍ତୁ ଯାଆନ୍ତୁ ନର ନାରାୟଣ ରୂପ ।।୩
ଶଚୀପତି ଆଜ୍ଞାପାଳି ସରସ୍ୱତୀ ଗଲେ । ନିକଷା ଦୁହିତା ଗଳେ ପ୍ରବେଶ ହୋଇଲେ ।।୪
କରିଣ ଭକତି ଭାବ, କରାନ୍ତେଣ ବାଇ । ବିଚାରେ ଦାନବୀ ରାମ ନାରୀ ଦେବି ଖାଇ ।।୫
ଶିରୀହୀନ ହେଲେ ମୋତେ ସ୍ନେହବଳାଇବେ । କଳ୍ପନା ରଖିଣ ତାକୁ ବେନି ଭାଇ ଯିବେ ।।୬
ଏତେ କାର୍ଯ୍ୟ ସାଧୁରାଜ କାର୍ଯ୍ୟହେବ ମୋର । ସ୍ୱତନୁ ଧରି ଅସୁରୀ ଦିଶେ ଭୟଙ୍କର ।।୭
ରାମଙ୍କୁ ବୋଲଇ ତୋର ବିଳାସିନୀ ଏହି । ଏହା ଯୋଗୁଁ ନ ଘେନିଲ ମୋତେ ବେନିଭାଇ ।।୮
ଦେଖ ସମ୍ମୁଖେ ଏହାକୁ କ୍ଷେପିବି ଗର୍ଭରେ । ଦେଖିବି ମୋର ହାତରୁ କିଏ ରଖିପାରେ ।।୯
ବଢ଼ାଉ [illegible]ଶି ତା ଜାଣି, ରଘୁମଣି ବୋଧି । ଲକ୍ଷ୍ମଣେ ଉଦନ୍ତ ଦେଲେ ଶ୍ଳେଷଅର୍ଥେ ଶୋଧି ।୧୦

ଲକ୍ଷ୍ମଣଙ୍କ ନିକଟକୁ ରାମଙ୍କର ପତ୍ର ବାରରାଶି ସଂଯୁକ୍ତ -ଅନ୍ତର୍ଲିପି

ଅନଙ୍ଗ ବାଣ ଆଘାତ ପ୍ରପୀଡ଼ିତ ପରି । ଜାନକୀ ଭକ୍ଷଣେ ଇଛା କରଇ ଅସୁରୀ ।।୧୧
ପ୍ରେମକେ ବାରତା ଜ୍ୟେଷ୍ଠ ତାପ ହେଉବ୍ୟର୍ଥ । ମିଥୁନ ବିରହେ ପଦକ୍ଷେପ ତା ଯଥାର୍ଥ ।।୧୨
କକଡ଼ା ଘନ ରସରେ ବୋଧାଅ ଅବଧି । ସିଂହତୁଲ୍ୟ ଆଲିଙ୍ଗନେ ମୋର ମାର ବ୍ୟାଧି ।।୧୩
କନ୍ୟାସଙ୍ଗେ ଉସତରେ ବଢ଼ାଇଲେ ପ୍ରେମ । ତୁଳନେ ମର୍ଯ୍ୟାବଶେ ବାମହେବ କାମ ।।୧୪
ବିଛା ଦଂଶନ ଯା ବାଣୀ ଧନୁଧରି କର । ମକର କେତନ ପ୍ରିୟା ଶୋଭା ଶୀଘ୍ର ହର ।।୧୫
କୁମ୍ଭ କୁଚଧାରୀ ଦଗ୍ଧ ଜଳେ ମୀନପରି । ମେଷ ଯୋଷା ପରିତାପ ହର ବୃଷ ସରି ।।୧୬
କନକ ମଧ୍ୟମା କ୍ରମେ, ଗାରେ ଗାରେ ଯୋଗୀ । ବିବେକ ହତ ନକରି ହୁଅ ପାଣିଲାଗି ।୧୭

ଟୀକା: ୧୧ - ଅନଙ୍ଗ ବାଣ କାମବାଣ, ୧୨ - ପ୍ରେମକାରଣରେ ଜ୍ୟେଷ୍ଠ ତାପେ, ଜ୍ୟେଷ୍ଠମାସ ଖରାପ୍ରତାପ ମିଥୁନ-ମୈଥୁନ, ୧୩- କକଡ଼ା-ଶ୍ରାବଣ ବର୍ଷାପରି ରସରେ ସିଂହ କୋଳକଲା ପରି କନ୍ଦର୍ପ ବିଧାବିନାଶପର, ୧୪- କନ୍ୟାସଙ୍ଗେ- ସୂପଣଖୀ ସଙ୍ଗେ- ପ୍ରେମକରି, ମକରକେତନ-କନ୍ଦର୍ପ ପ୍ରିୟା- ରତି ତୁଲ୍ୟ ସୂପଣଖୀ ଶୋଭାହାର, ୧୬-ଭାବାନ୍ତର- ସୂପଣଖୀ କହିଲା ମୋତେ ଦୋଚାରୁଣୀ ପଦରେ ସାବ୍ୟସ୍ତ କରାଉଛ । ରାଜନୀତି ଧର୍ମରେ ଦୋଚାରୁଣି ଗୃହ ଲୁଟି କରି ରାଜ କୋଷକୁ ନିଆଯାଏ । ତେଣୁ ଆପଣ ମୋର ଶରୀର ରୂପକ ଗୃହ ଲୁଟି କରନ୍ତୁ କିମ୍ବା ବସନ୍ତ ସମୟରେ ପୁଷ୍ପବତୀ ପୁଷ୍ପକୁ ଅଳୀ ଚୁମ୍ବନ କଲେ ବି ବସନ୍ତ ପବନ ପୁଷ୍ପ ସ୍ୱାମୀ ତାର ସୁବାସ ହରଣ କଲାପରି ତୁମେ ମୋତେ ଗ୍ରହଣ କର ।

Digitized by PPRACHIN, SOA

ବାର ଅନ୍ତର୍ଲିପିରେ ହେ ରାଣି ବାର ଆସେ । ତତ୍ତ୍ୱ ଅର୍ଥେ ତତ୍ତ୍ୱ ଘେନା କରନ୍ତୁ ବିଦୂଷେ ।।୧୮
ସମର୍ପୁ ଉଦନ୍ତ ଧରି ମାର୍ଗେ ବାଳା ଯ ।ଏ । ପୁନଃ ବିଚାରେ ବିପଥେ ସ୍ୱରୂପ ଲୁଚାଏ ।।୧୯
କେତେପଥ ଅତିକ୍ରମୁ ଲକ୍ଷ୍ମଣେ ଭେଟଇ । ଘେନାକର ଘୃଣାହୀନେ ଭାଷେ ପତ୍ରଦେଇ ।।୨୦
ଆଜ୍ଞାବତ ମାଥେପତ୍ର ଲଗାଇ ସତ୍ୱର । ତାତ୍‌ପର୍ଯ୍ୟେ ପଠନେ ପତ୍ରହୋଇଲେ ତତ୍ପର ।୨୧
କନକ ମଧ୍ୟେ ଯା" ଗାର କ୍ରମେରେ ଆକାର । ସଂଯୋଗୀ ଆଦ୍ୟ ମଧ୍ୟାନ୍ତେ ସେ ବିଜ୍ଞ ଶେଖର ।।୨୨
ଜାଣିଲେ କର୍ଣ୍ଣ ନାସିକା ଛେଦନ ନିମନ୍ତେ । ପଠାଇଲେ ଅସୁରୀକି ପତ୍ରଦେଇ ହସ୍ତେ ।।୨୩
କରବାଳ ହସ୍ତେ ଆନେ କରବାଳ କଷି । ଓଟାରିଆଣ୍ଡ ସୌମୀତ୍ରି ସୌମେ ସେ ରାକ୍ଷସୀ ।୨୪



ପ୍ରଭୁ ରାମଙ୍କ ଆଦେଶରେ ଲକ୍ଷ୍ମଣଙ୍କ ଦ୍ୱାରା ସୂର୍ପଣଖୀର ନାସାକର୍ଣ୍ଣ ଛେଦନ

ଭାବଇ କର୍ଣ୍ଣାଟ ଦେଶର ଶୃଙ୍ଗାର ପରି । ଏହାଙ୍କ ଦେଶେ ପୁରୁଷ ଘେନାକରେ ନାରୀ ।।୨୫
ମହୀରେ ପାତୁ ମହିଳା ଭାବେ ରତିରମ୍ଭ । ନାସା ଶ୍ରବଣ ବିଛେଦୁ ଗଲା ଆଶାଦମ୍ଭ ।।୨୬
ସୁଦୀର୍ଘ ସ୍ୱରେ ପ୍ରଳାପ କରିଣ ବାହୁଡ଼େ । ମନ୍ଦ ବାତେ କି ମନ୍ଦାର ପୁଷ୍ପ ଝଡ଼ିପଡ଼େ ।।୨୭
ଲେଖକ ଲେଖନ୍ତି ମନ କରଇ ଭାବନ । ଯା' ଲେଖା ଛେଦନ ସୂପର୍ଣଖୀ ନାସାକର୍ଣ୍ଣ ।।୨୮
ତା ଧ୍ୱନି ଦେଲା ଯୁଦ୍ଧର ପ୍ରାରମ୍ଭ ଡାକରା । ଭଗ୍ନୀ ଆଭାଷୁ ଲଙ୍କେଶ ହେବ ଯଞ୍ଜେଦ୍ୱରା ।।୨୯
ଆଖରେ, ଖରେ ମାର୍ଗଣେ ଭେଟ ହେଉଯୋଷା । ଆଶ୍ଚର୍ଯ୍ୟେ ଭାଷଇ ଖର କେଦେଲା ଏ ଦଶା ।୩୦
ଅକାଳରେ ମୃତ୍ୟୁ କିଏ ବରଣ କରିଲା । ପ୍ରମାଦେ ନଗଣି କର, ସର୍ପ ବିଳେ ଦେଲା ।।୩୧
ବାରୁ ଘଟିବା ଘଟଣା କୋପେ ଥରହର । ରାମ ସଙ୍ଗେ ଯୁଝିବାକୁ ହୋଇଲେ ବାହାର ।।୩୨
ଧୂଳିଉଡ଼େ ଅନ୍ତରୀକ୍ଷେ ନଦିଶନ୍ତି ରବି । ଘଟି ପାରଇ ଅନିଷ୍ଟ ରାମମନେ ଭାବି ।।୩୩
ବିହ୍ନୁ ଜାନକୀ ରକ୍ଷାରେ ତତ୍‌ପର ଲକ୍ଷ୍ମଣ । ଗୁହାଗୃହେ ରଖିଦ୍ୱାରେ ଧରି ଧନୁର୍ବାଣ ।।୩୪
ଷଡ଼ାଷ୍ଟକ ସସ୍ରସୈନ୍ୟ ଚଉଦିଗୁ ଘେରି । ଚଉବର୍ଗ ଦାନୀ ଆଗେ ପକାଇଲେ ହୁରି ।।୩୫
କାହିଁର ଭଣ୍ଡ ତପସ୍ୱୀ ଅର୍ଜିଲ ଏ କାଣ୍ଡ । ସେହି ଅପରାଧୁ ଚ୍ୟୁତହେବ ସ୍କନ୍ଧୁ ମୁଣ୍ଡ ।।୩୬
ସେ ଦଳିତ ସେନାବାଣୀ ଶୁଣି ରଘୁମଣି । ବିଧାନିଲେ ହସି ହସି ଆହେ ବୀରମଣି ।।୩୭
ବୃଥା ବାକ୍ୟାଳାପ ଛାଡ଼ି ମିଶି କର ରଣ । ପଠାଇବୁ କୃତାନ୍ତ ଆଳୟେ ଏହିକ୍ଷଣ ।।୩୮
ଖଦ୍ୟୋତ ମାର୍ତ୍ତଣ୍ଡେ ବିଧୁ ଯଥା ଉଲ୍‌କାପନ୍ତି । ଖଗପତି ଆଗେ ଖର ଗୋଖର ଦିଶନ୍ତି ।।୩୯

Digitized by PPRACHIN, SOA

ସେ ପ୍ରକାରେ ଦର୍ଶକ ମାନସେ ବେନିଦଳ । ଏକ ଏଖ କାଣ୍ଡେ ଦୈତ୍ୟ ନାଶୁ ଆଦିମୂଳ ।।୪୦
ଖର ଦୂଷଣ ତ୍ରିଶିରା କୋପିତ ହୋଇଲେ । ଚତୁର୍ଦ୍ଦିଗୁ ସେନା ସଙ୍ଗେ ଶର ପ୍ରହାରିଲେ ।।୪୧



ଖର ଆଦି ଅସୁର ବଧ

ପ୍ରତି ଅସ୍ତ୍ରେ କାଟି ତାହା ଜାନକୀ ବଲ୍ଲଭ । ବିନାସନ୍ତେ ସର୍ବଦୈତ୍ୟ ଲଭିଲେ ଦୁର୍ଲଭ ।।୪୨
ଏ ଖବର ରାଣବ ଆଗରେ ଆଗଛାନ୍ଦେ । ଜଣାଇବସୂର୍ପା ଭାଷେ ଦୟା ଛାନ୍ଦ ବନ୍ଧେ ।।୪୩

❖❖❖

ଖରଦୂଷଣ ବଧେ ଦଶାନନ ପ୍ରତିଶୋଧ ନେବାପାଇଁ ଉଦ୍ୟତ

ଛାନ୍ଦ – ୧୩

ରାଗ-କୃଷ୍ଣ କାମୋଦୀ

ତ୍ରିଶିରା ଦୂଷଣ, ଖର ଶିରଛିନ୍ନ ହେଉ ସୂର୍ପଣଖୀ ।
ଖରେ ଗମି ପୁରେ, ରାବଣ ଆଗରେ, ପଡ଼ି କହୁ ଦେଖି ।।୧
ବିଂଶପାଣି ବାଣୀ, ଭଣି ତୁ ଭଉଣୀ ନ ଜାଣି କେ' ଅଛି ।
ମର୍ତ୍ତ୍ୟେ ମହାଦେବ ତ୍ରିଦେବେ ବାସବ ବାସୁକି ଜାଣିଛି ।।୨
କି, ପିନସ ରୋଗ ହୋଇଲା ସେ ସ୍ୱର୍ଗ, ଅଶ୍ୱିନୀ କୁମାର ।
ନେ ଦେଲା ଭେଷଜ ଦେଖି ମାଡ଼େ ଲାଜ, ଏଡ଼େ ଗର୍ବ ତାର ।।୩
ଏ ବାଣୀ ଶ୍ରବଣେ ସୂର୍ପଣଖୀ ଭଣେ ଗର୍ବେ ନେତ୍ର ମୁଦି ।
ତାର ଚକ୍ଷୁ ହୀନ ହେଉ ଏ ଦୁର୍ଦ୍ଦିନ ସେ ନୁହନ୍ତି ବାଦୀ ।।୪
ମୋ ପିଣ୍ଡେ ଏ ପ୍ରାସ ଅପେକ୍ଷା ତୋ ଭାଷ ଅଧିକ ଦହଇ ।
ମଲେ ସେନା ସୈନ୍ୟ ତ୍ରିଶିରା ଦୂଷଣ ନ ଜାଣିଛୁ ତୁହି ।।୫
ରାଜାରେ ଏ ଭାବ ନୁହଇ ଦୁର୍ଲ୍ଲଭ ନ ରଖିଛୁ ବାର୍ତ୍ତା ।
ତ୍ରିପୁର ବିଜୟୀ ଚକ୍ରବର୍ତ୍ତୀ ହୋଇ ଏ ତୋରେ ଭୀରୁତା ।।୬

ଟୀକା: ୨ ତ୍ରିଦେବେ- ଦେବତା ମଧ୍ୟରେ, ୭ ବନୌକା - ବନବାସି ଯତୀବେଶରେ ।

Digitized by PPRACHIN, SOA

କୋଶଳ ନୃପତି ସୁତ ବେନି ଯତୀ ବନୌକା ବେଶରେ ।
ଜନକ ନନ୍ଦିନୀ ତପସ୍ୱିନୀ ଘେନି ଦଣ୍ଡକ ବାସରେ ।।୭
ପୂର୍ବ ନିର୍ଦ୍ଦେଶନା ପାଳନେ ସେ, ମନା ବୈରସ୍ଥ ଏ ସଜ୍ଜା ।
ବଡ଼ ଅବିଚାର କଥା ଏ ବିଚାର କର ଯେଣୁ ରାଜା ।।୮
ଶୁଣି ଏ ବକ୍ତବ୍ୟ ଭାଷେ ଦଶଗ୍ରୀବ ଏ କଥା, ଆଶ୍ଚର୍ଯ୍ୟ ।
ଯାହାକୁ ଏରକ୍ଷ କରୁଥିଲେ ଭକ୍ଷ ସେ କଲେ ଏ କାର୍ଯ୍ୟ ।।୯
ବାଧୁଛି ଏ ମୋତେ ତୋ ବୋଧ ନିମନ୍ତେ ବେନିକୁ ବଧିବି ।
କେଉଁ ଦଣ୍ଡେ ଶାନ୍ତି ହେବୁ କହ ରୀତି ମତ ମୁଁ ସାଧିବି ।।୧୦
ଶୁଣି ଏ କାହାଣୀ ହାସ୍ୟାସ୍ପଦେ ଭଣି ଭଗିନୀ ସେଠାର ।
ଜଗତ ଠାକୁର ସେ, କୋଦଣ୍ଡ ଧର କି କରିବୁ ତା'ର ।।୧୧
ଦଣ୍ଡକେ, ଦଣ୍ଡକେ ବାଣ, ଏକେ ଏକେ ଏକାକୀ ସଭିଙ୍କୁ ।
ବିନାଶିଲା ରକ୍ଷେ ଦେଖେ ଅନ୍ତରୀକ୍ଷେ, ନ ଜାଣୁ ତୁ ତାଙ୍କୁ ।।୧୨
ପୁତ୍ର ନାତି ତୋର ନ ପାରିବେ ତାର ସଙ୍ଗେ ମୁଁ,ଜାଣୁଛି ।
ଘେନା କର ସାହା, ହୋଇପାରେ ଯାହା, କଥାଏ, ଭଣୁଛି ।।୧୩
ଅଧିକ ପ୍ରାଣରୁ ସ୍ନେହ କରେ ଭୀରୁ ଭାଇ ଭାର୍ଯ୍ୟା ଠାରେ ।
କ୍ଷୂର୍ଣ୍ଣ ହେବ ବଳ କରି କଉଶଳକଣେ ନେଲେ ଦୂରେ ।୧୪
ସେ କଷ୍ଟେ ଲାଘବ ମୋରକ ଷ୍ଟ ହେବ ଅଭାବରୁ ତାର ।
ତୁ' ବିଚାରବନ୍ତ ସ୍ଥିର ମନେ ଚିନ୍ତ କର ପ୍ରତିକାର ।।୧୫
ଭଗିନୀ ବଚନ ଶୁଣି ଦଶାନନ ପ୍ରବୋଧି ବାଣିକି ।
ଶୁଣାଇଣ ଭାଷେ ଆଣିବି ରଭସେ ତା,ନାରୀ ମଣିକି ।।୧୬
ହେବ ସେ ବୈଦେହୀଶାପେ ଭୟନାହିଁ ଜୟ ବିଜୟରେ ।
ହେବ ଲାଭ ମୋର କରି ଉପଚାର ଯିବି ଦଣ୍ଡକରେ ।।୧୭
ସେ ରାଷ୍ଟ୍ରର ପତି ଦଶଶିର, ମନ୍ତ୍ରୀ ପଦେ ବିଭୀଷଣ ।
କରଇ ବାରଣ ମରଣ ବରଣ ନ କର ଆପଣ ।।୧୮
ଯେ, ହେତୁ କ୍ଷତ୍ରିୟ ଧର୍ମପାଳ ଜୟ କରିଲେ ଦଣ୍ଡିବା ।
ଔଦ୍ଧତ୍ୟ ଦୂଷଣ ସେ ନାରୀ ହରଣ କାରଣ ଖଣ୍ଡିବା ।।୧୯
ବିଭୀଷଣ ଗୀର ଶର ପରି ତାର ବକ୍ଷରେ ଚଳଇ ।
ଭାଷେ ବିଂଶପାଣି ଉପଦେଶ ବାଣୀ ନ ଲୋଡୁ ବଳାଇ ।।୨୦
ଦେବ ଅଗ୍ରଣୀରେ ଢଳାଇ ପାଣିରେ ପାଣିକୁ, ଯୋଡ଼ିଲା ।
ଲୋଡୁ ଦେବଯାନ ପ୍ରବେଶ ତତ୍‌କ୍ଷଣ ଦଇତ ଚଢ଼ିଲା ।।୨୧

Digitized by PPRACHIN, SOA

ଲୋକନେ ସମ୍ମତି ଅତି ପ୍ରିୟବତୀ ମୟ ଦୈତ୍ୟ ସୁତା
ଭାଷା ଚନ୍ଦନରେ ବୋଧଇ ନାଥରେ କହି, ଶାପ, କଥା ।।୨୨
ନୁହଁ କି ସ୍ମରଣ ସ୍ୱ ନାମ ମରଣ ବୈଦେହୀ ହରଣ ।
ଶ୍ଳୋକ ଲେଖି କାନ୍ଥେ ଯାଅ ସେହି ପଥେ ୟା, କେଉଁ କାରଣ ।।୨୩
ଏତିକି ମୁଁ, ଭାଷେ, ନ ଯାଅ ତା ପାଶେ ବିପତ୍ତି ପଡ଼ିବ ।
ସେ, ପର ଯୁବତୀ, ଆଣିବା ଅନୀତି ସମ୍ପତ୍ତି ବୁଡ଼ିବ ।।୨୪
ଅରଜିବା ଖ୍ୟାତି ବୁଡ଼ାଇ ଅକୀର୍ତ୍ତି ବରିବ କିମ୍ପାଇ ।
ଜନନୀ ସମାନ ପରନାରୀ ମାନ ସେଥି ଯାଅ ନାହିଁ ।।୨୫
ହେବ ଆଭୂଷଣ ବଂଶକୁ ଦୂଷଣ କଷଣ ଅନ୍ତେହ ।
ଭାଷେ ଦୈତ୍ୟପତି ଅନୁକୂଳେ ପ୍ରତି- କୂଳ ଭାଷା କୁହ ।।୨୬
ଗୌତମଙ୍କ ନାରୀ ସୁନାଶିର ହରି ଗଲା କି' ତା, ପଣ ।
ଜଳନ୍ଧର ନାରୀ ହରୁ ଦଇତାରି ହେଲା କି, ମରଣ ।।୨୭
ସ୍ୱୟଂ ସୃଷ୍ଟିକର୍ତ୍ତା ଅଟେ ଯେ, ବିଧାତା ସୁଧର୍ମା ସଭାରେ ।
ହରି ଉର୍ବଶୀକି ହେଲା କି ପାତକୀ ସୃଷ୍ଟି ପ୍ରକଷ୍ଟରେ ।।୨୮
ସୃଷ୍ଟି ଆଦ୍ୟେଶମ୍ଭୁ ମାତାରେ ଆରମ୍ଭୁ ପ୍ରୀତି ନାହିଁ କ୍ଳେଶ ।
ବିଷ ଆପ୍ୟାୟନେ ଅନନ୍ତ ଗହଣେ ବହେ ହୁଏ, କିସ ।।୨୯
ଭଗ୍ନି ନାସା କର୍ଣ୍ଣ କରିଲେ ଛେଦନ ମାନବ, ସନ୍ନ୍ୟାସୀ ।
ଏକଥା କିପରି ବରଦାସ୍ତ କରି ରହିବି ରୂପସୀ ।।୩୦
ସୀତା ଯେବେ ବେଦ ମତୀ ସେ, ଉପେନ୍ଦ୍ର ରାମ ହୋଇଥିବ ।
ସେ ଅତି ଦୁର୍ଲ୍ଲଭ ପୂର୍ବ ଶାପ ଭାବ ପୂରଣ ହୋଇବ ।।୩୧
ନୋହୁ ସନ୍ନ୍ୟାସୀର ବୀର ପଣ ସ୍ଥିର ଆଜ ମୁଁ କରିବି ।
ଅନୁକୂଳେ ମନା, ନକର ସୁମନା ସୀତା ଆଣିଯିବି ।।୩୨
ଭବିଷ୍ୟେ ଯା ଥିବ ଅବଶ୍ୟ ଘଟିବ କେ, ବାରିବ ଭାବି ।
କଲେ ଆମନ୍ତ୍ରଣ ସମନ ପ୍ରାଙ୍ଗଣ ଯିବ ରଣ ଭୂବି ।।୩୩
କ୍ରୁର କାଳ ଚକ୍ର ସେ କାଳେ ମସ୍ତକ ଉପରେ ଘୂରିବ ।
ଜଣା ଅଜଣା ଯେ ହେଉ ହେବ ବଣା ତାକୁ, କେ ଧରିବ ।।୩୪
କେ, ବୀର ଏ କ୍ଷିତି ଯୋତିଷ୍କକୁ ଗତି ରୋଧିବାକୁ ଅଛି ।
ଥିବା ଅଭିମାନ ବିଦୂରେ ବହନ ଯାଅ, ମୁଁ କହୁଛି ।।୩୫

ଟୀକା: ୨୩ ସ୍ୱନାମ ମରଣ ରାବଣ ମରଣ, ୨୭ ସୁନାଶିର- ଇନ୍ଦ୍ର ଦଇତାରି ନାରାୟଣ, ୨୮ ସୃଷ୍ଟି ପ୍ରକଷ୍ଟ- ସୃଷ୍ଟି ସର୍ଜନାରେ, ୩୮ ରୁଦ୍ରପୂଜ୍ୟ- ରାମଚନ୍ଦ୍ର, ହୃଦସମ୍ପୁଟ-ହୃଦ ପଗୁଆ ।

Digitized by PPRACHIN, SOA

ଧାତା ଜନ୍ମ କାଳେ ଯା ଲେଖିଛି ଭାଲେ କେ ତାରେ ନିଅନ୍ତା ।
ବଳ ବୀର୍ଯ୍ୟ ମୋର ନୁହେଁ କି, ଗୋଚର, ବୃଥା କର ଚିନ୍ତା ।।୩୬
ଦଶାସ୍ୟ ଯୁକ୍ତିରେ ହାରି ରାଣୀ ଧୀରେ ଅପସରି ଗଲା ।
ପୁଷ୍ପକ ବିମାନେ ଆରୋହିଣ ବନେ ଦୈତ୍ୟ ବାହାରିଲା ।।୩୭
ଏ ଗ୍ରନ୍ଥର କାର୍ଯ୍ୟ ସଦା ରୁଦ୍ର ପୂଜ୍ୟ ରଘୁବଂଶ ମଣି ।
ହୃଦ ସମ୍ପୁଟରେ ସ୍ଥାପି ନିରନ୍ତରେ ଦୟାନିଧି ଭଣି ।।୩୮

❖❖❖

ଦଶାନନ ମାୟା ମୃଗ ନେଇ ଗମନ

ଛାନ୍ଦ – ୧୪

ରାଗ–ମୁନିବର ବାଣୀ

ଏଥୁ ଅନ୍ତେ ବୁଧେ ଘେନ ଅଭିମାନେ ବାହି ଯାନ
ବିଶ୍ରବା ସୁତ ଗଗନେ ବିଚାରୁ ମନେ ଯେ ।।୧
ସ୍ମରିଲା ବୁଦ୍ଧି ମାନସ ରାମେ ଦେବା ଉପଦେଶ ।
ବିନିମୟେ ହେମମୃଗ- ନେଇ ସେ ମାର୍ଗ ଯେ ।।୨
ଚରିବା ପାଇଁ ଆଦେଶି ବ୍ୟାଧପରି ଥିବ ବସି ।
ଶ୍ରଦ୍ଧେ ଶ୍ରାଦ୍ଧେ ରାମ ଯାଉ- ସାଧିବ ଦାଉ ଯେ ।।୩
ଏ ଅସମୟେ ଅବଧି- କେ ପାରିବ ଏହା ସାଧି ।
କାଳନୈମୀ, ବିଦ୍ୟୁଜିହ୍ୱା ମାରିଚେ ଏହା ଯେ ।।୪
ସମ୍ଭବ କହି କାହାକୁ- ପାଉଁ ଆଦ୍ୟେ ମାରିଚକୁ ।
ଅମୀୟ ବାକ୍ୟେ ତୋଷଇ ପାଶେ ବସାଇ ଯେ ।।୫
ଚାତକ ପରି ତୃଷାର୍ତ୍ତେ ଜଳ ଲୋଡ଼ି,ବିକେ,ଏଥେ ।
ବରେ ବାରିଦ ବାରିତ- ଦାନ କରତ ଯେ ।।୬
ଭାଷଇ ସୁନ୍ଦ ଆତ୍ମଜ- ତୁହି ସ୍ୱର୍ଣ୍ଣଲଙ୍କା ରାଜ ।
କି ଅଭାବ ତୋତେ ଦେବି ମନ ତୋଷିବି ଯେ ।।୭
ମାତ ଭ୍ରାଥ ବଧ ମୁଞ୍ଜି- ଅଭାଗା ରହିଛି ବଞ୍ଚି ।
ଦଶ ଆସ୍ୟ ଭଣି ଗୀର- କେ, ଶତ୍ରୁ ତୋର ଯେ ।।୮

ଟୀକା: ୩୮ ରୁଦ୍ରପୂଜ୍ୟ- ରାମଚନ୍ଦ୍ର, ହୃଦସମ୍ପୁଟ-ହୃଦ ପରୁଆ ।
ଟୀକା: ୬ ବାରିଦ- ମେଘ, ବାରି- ଜଳ,

Digitized by PPRACHIN, SOA

ଶୁଦ୍ଧ ଶୌଚେ ବାର୍ତ୍ତା କାହିଁ- ନ ଦେଇଛୁ ବନ୍ଧୁ ହୋଇ ।
ବଢ଼ାଇ ସୋଦର ଭାବ- ସ୍ନାନେ ଅର୍ଣ୍ଣବ ଯେ ।।୯
ଫେରି ଏରି ମାରଣରେ ବୋଧି ପୁଛୁ ମାରିଚରେ ।
ଭାଷଇ ମୋ ଶତ୍ରୁ ରାମ- ଯମର ଯମ ଯେ ।।୧୦
ବିଭାବସୁ ତାର ବଂଶ- ରଣେ ତା ସଙ୍ଗେ ନ, ରସ ।
ସମ ହେଲେ ବିଷ୍ଣୁ ହେବ- ଆନ ନ ହେବ, ଯେ ।।୧୧
ଶୁଣି ରାମା ରାମବର୍ଣ୍ଣ- ପ୍ରମାଦ ମୁଁ ଗଣେ ମନ ।
ସ୍ୱପନେ ଡରି ତପସ୍ୱୀ- ଉନ୍ନିଦ୍ରେ ବସି ଯେ ।।୧୨
ଭାଷେ ମନ୍ଦୋଦରୀ ସାଇଁ- ନାରାୟଣେ ଡର ନାହିଁ ।
ତା, ଆୟୁଧ ସୁଦର୍ଶନ- ବକ୍ଷେ ଶୋଭନ ଯେ ।।୧୩
କହୁ, ଯେ ରାମ ବଳିଷ୍ଠ- ତା ପୂର୍ବ ପୁରୁଷେ ଶ୍ରେଷ୍ଠ ।
ଅନରଣ୍ୟ ନୃପବର କଲି ସଂହାର ଯେ ।।୧୪
ସୁଯୋଗେ ଭଗ୍ନିରେ ବାଦୀ- ବଧି ଖର ଦୂଷଣାଦି ।
ମାତା ଭ୍ରାତା ତୋ ମାରିଛି- ମାରିବା ପାଞ୍ଚି ଯେ ।।୧୫
ଏହା ଶ୍ରବଣେ ମାରିଚ- ଭାଷେ ଏକଥା ନ, ପାଞ୍ଚ ।
ତୋ ବନ୍ଧନ ଦର୍ପହାରି ତାରେ ନପାରି ଯେ ।।୧୬
ବାଂଶ ପରି ବୃଦ୍ଧି ବଂଶ- ରାମ ବସନ୍ତେ ନନାଶ ।
କେହୁ ତାହୁକ ପ୍ରକାରେ ବଂଶ କି, ମାରେ ଯେ ।।୧୭
ଖାପୁ ଖଡ଼୍‌ଗ ଉତ୍ତୋଳନ- କରି ଭାଷଇ ରାବଣ ।
ବୁଝାଉ, ତୁ, କେତେ ଜ୍ଞାନ- ମୁଁ, କି, ଅଜ୍ଞାନ ଯେ ।।୧୮
ମୋ ଆଜ୍ଞା ଅବଜ୍ଞା କଲେ କେ,ରଖିବ ତୋତେ ଭଲେ ।
ଆଗ କରି କରେ ନାଶ- ଦେଇ ସନ୍ଦେହଶ ଯେ ।।୧୯
କାଲ ନୌମୀ କରି ଆର୍ଯ୍ୟ- ସାଧିବି ମୁଁ ଏହି କାର୍ଯ୍ୟ ।
ଡରି ମାରିଚ ଭାଷିଲା- ତୋ କଥା ହେଲା ଯେ ।।୨୦
ମନେ ଭାବେ ମୂର୍ଖ, ଭାଟ- କବି, ପ୍ରଭୁ, ବଦ୍ୟରାଟ ।
ଖାଦ୍ୟ ଦାତାରେ ଶତ୍ରୁତା- ନ ହେବା କଥା ଯେ ।।୨୧

---

୯ ଅର୍ଣ୍ଣବ- ସୁମଦ୍ର, ଅରି - ଶତ୍ରୁ, ୧୧ ବିଭାବସୁ - ସୂର୍ଯ୍ୟ, ୧୬ ତୋବନ୍ଧନ- ସହସ୍ରାର୍ଜ୍ଜୁନକୁ ଯେଉଁ ପର୍ଶୁରାମ ହରାଇଥିଲେ ସେ ତାକୁ ପାରି ନାହାଁନ୍ତି ।

Digitized by PPRACHIN, SOA

ପୁଚ୍ଛେ ପାଳିବି କି, କାର୍ଯ୍ୟ- କହ ରାଜା ରଖି ଧର୍ଯ୍ୟ ।
ଭାଶେ ବଂଶିକର ଖରେ- ଶୁଣ ତତ୍ତ୍ୱରେ ଯେ ।।୨୨
ସୁବର୍ଣ୍ଣ ପକ୍ଷ ଚାମରି- ହୁଅ ଅଷ୍ଟପଦ ଧରି ।
ରାମ ଆଗେ ଯାଇ ଡିଅଁ- ସ୍ନେହ ବଢ଼ାଅ ଯେ ।।୨୩
ଧରି ଯାଉଁ ନେବୁ ଦୂରେ- ଘାତେ ରାମ କଣ୍ଠ ସ୍ୱରେ ।
ଉଚ୍ଚାରି ତ୍ରାହି ଲକ୍ଷ୍ମଣ- ଡାକିବୁ ପୁଣ ଯେ ।।୨୪
ମାରିଚ ବିଚାରେ ମନ- ଯାହା ନିମନ୍ତେ ମରଣ ।
ହେବ ତା, ମଙ୍ଗଳ ପାଇଁ ଡାକିବି ନାହିଁ ଯେ ।।୨୫
ରାମ ଶରେ ହେବି ହତ- ସ୍ୱର୍ଗେ ନେବେ ଦେବଦୂତ ।
ଦୈତ୍ୟ ହସ୍ତେ ଯମପୁରି- ଯିବି କି ମରି ଯେ ।।୨୬
ତତ୍କାଳେ ଅଜିନେ,ମୋତି- ସ୍ୱର୍ଣ୍ଣ ବିନ୍ଦୁ ପନ୍ତି ପନ୍ତି ।
ପକ୍ଷଧାରି ଚାମୀକର- ହୋଇ ବାହାର ଯେ ।।୨୭
ଦରିଦ୍ରେ ପ୍ରାପତ ଧନ- ପରା ହୋଇ ଦଶାନନ ।
ବସାଇ ପୁଷ୍ପକ ଯାନେ- ବିଜେ ଗଗନେ, ଯେ ।।୨୮
ରାମ ରାମାନୁଜ ପଦ- ଷଡ଼ରିପୁ ବିଷେ ଗଦ ।
ହେବାକୁ ଚିନ୍ତି ପ୍ରମୋଦେ- ଭାଷେ ଏ ଛାନ୍ଦେ ଯେ ।।୨୯



Digitized by PPRACHIN, SOA

ମାୟାମୃଗ ଦର୍ଶନ

ମାୟାଛଟି ରାବଣର ଭିକ୍ଷା

Digitized by PPRACHIN, SOA

ମାୟାମୃଗ ବଧ

ଅଧ୍ୟାୟ – ୧୫

ରାଗ- କଳଶା

ଏଥୁ ଅନ୍ତରରେ ଯାହା ହେଲା ସମାଚାର । ଶୁଦ୍ଧପୂତେ ଘେନ ସର୍ବେ କହୁଛନ୍ତି ହର ।।୧
ଦଶଗ୍ରୀବ, ମାୟାମୃଗ କରି ସଙ୍ଗେ ନେଲା । ପଞ୍ଚବଟୀ ବନେ ରାମ କୁଟୀପାଶେ ହେଲା ।।୨
ଦୂରରୁ ଦେଖଇ ରାମ ସଙ୍ଗେ ପାଳି ବ୍ରତ । ସୌମ୍ୟେ ବନାଶ୍ରମ ପ୍ରେମେ ସୀତାଛନ୍ତି ରତ ।।୩
ଗୋପନେ ହରିଣ ସ୍ୱର୍ଣ୍ଣପକ୍ଷ ମୃଗ ପେଶେ । କାର୍ଯ୍ୟ ସିଦ୍ଧି କରବୀର ବୋଲିକରି ଭାଷେ ।।୪
ସୁବାହୁ ଅନୁଜ କ୍ରମେ ଯାଏ ଡେଇଁ ଡେଇଁ । ମଢ଼ିଆ ପାଶେ ପ୍ରବେଶୁ ଦେଖନ୍ତି ବୈଦେହୀ ।।୫
ସୂର୍ଯ୍ୟ କିରଣରେ ସ୍ୱର୍ଣ୍ଣ ଅଜିନେ ଅମନ । ମାନସ ହରନ୍ତେ ଦେବୀ କରିଲେ ଗମନ ।।୬
ବିପରୀତ ଦିଗୁଁ ରାମ ଶରୀର ବୁଲାଇ । ଦେଖି ଜାଣିଲେ ବୈଦେହୀ ଯାଉଛନ୍ତି ଯହିଁ ।।୭
ଆଗରେ ଅଷ୍ଟ ଚରଣ, ସ୍ୱର୍ଣ୍ଣପକ୍ଷ ମୃଗ । ଶ୍ରାଦ୍ଧ କଳ୍ପ ସିଦ୍ଧାନ୍ତରେ ଶ୍ରାଦ୍ଧ ପାଇଁ ଆଗ ।।୮
ଏହା ମାଂସ ଲୋଡ଼ା ସୀତାକାର୍ଯ୍ୟେ ଲକ୍ଷ୍ୟ ରଖି । ଉଷତ ମନରେ ଧନୁ ଗୁଣେ ଶର ଯୋଖି ।।୯
ତେଣେ ଧରିବାକୁ ମୃଗ ସୀତା ସଜବାଜ । ହୋଇ ବୃତକାରେ ଡାକୁ କରି ସେ ପହିଜ ।।୧୦
ପାଖକୁଆସେ ଧରିବା କାଳେ ଲମ୍ଫ ଦେଇ । ଯାଏ ଚିତ୍ତକୁ ଲୋଭାଇ ପୁଚ୍ଛ ଲେଉଟାଇ ।।୧୧
ପୁଣି ନାନା ରଙ୍ଗେ ନୃତ୍ୟ କରି କରି ଆସେ । ଧରୁ ଧରୁ ଡେଇଁଯାଏ ନରହିଣ ପାଶେ ।।୧୨
ଭାବନ୍ତି ସୀତା ମୃଗକୁ ଧରି ଦେବାପାଇଁ । କହିବେ ସ୍ୱାମୀଙ୍କୁ ଯାଇ ଲୋଭକୁ ବଢ଼ାଇ ।।୧୩
ସେ କାଳେ ମନେ ପଡ଼ିଲା କୌଶଲ୍ୟାଙ୍କ କଥା । ବିବେକ ମନା କରିଲା ଘୁରିଗଲା ମଥା ।।୧୪
ବିଚାରନ୍ତି ଶାଶୂ ଅରଣ୍ୟ ଆଗମ କାଳେ । ଅପୂର୍ବ ପଦାର୍ଥ ନ ମାଗିବୁ କହିଥିଲେ ।।୧୫
ହରିଣ ମାଗିଲେ ଦଳି ଗୁରୁଜନ କଥା । ଶିକ୍ଷା କରିବେ ତା ନାରୀକୁଳ ଯେ ସର୍ବଥା ।।୧୬
ଏହି ପ୍ରକାର ବିଚାର କରି କରି ସତୀ । ଦୁଃଖରେ ଯାଆନ୍ତି ତେଣେ ଆଗୁଁ ରଘୁପତି ।।୧୭
ଅଷ୍ଟପଦ ସ୍ୱର୍ଣ୍ଣପକ୍ଷ ମୃଗ ଦେଖି ଜାଣି । ଋଷିଶିଷ୍ୟ ଉପଦେଶ କଥା ହୃଦେଗୁଣି ।।୧୮
ଶ୍ରାଦ୍ଧ କଳ୍ପମତେ, ଶ୍ରାଦ୍ଧ କରି ମୃଗ ମାଂସେ । ତୋଷିବେ ପିତୃ ପିତାଙ୍କୁ ଭାବିଣ ମାନସେ ।।୧୯
ଚୂପେ ବାଣସନ୍ଧି ନିରୀକ୍ଷଣ କରୁଥିଲେ । ସୀତା ମୁଖାମ୍ବୁଜ ମ୍ଳାନ ଦେଖିଣ ବୋଇଲେ ।।୨୦
ମୋହପରି ଧନୁର୍ଦ୍ଧର ସ୍ୱାମୀ ପାଶେଥାଉ । ଧରି ନ ପାରି ସେ ମୃଗେ ବ୍ୟସ୍ତ ନୁହ ଆଉ ।।୨୧
ଧରି ଆଣିଦେବି ମୃଗ ଏକ୍ଷଣି ପ୍ରତ୍ୟକ୍ଷ । ଧୈର୍ଯ୍ୟ ଧରି ବସ ସଖି ଉପେକ୍ଷିଣ ଦୁଃଖ ।।୨୨
ଧରା ନଦେଇ ଆକାଶେ ଉଡ଼ିଲେ ହରିଣ । ବଧି ଆଣିବି ପେଶିବି ଦୃଷ୍ଟି ଭେଦି ବାଣ ।।୨୩
ତେଣେ ହରିଣ ବୁଲଇ କୁଟୀ ଚତୁଃପାର୍ଶ୍ୱେ । ପଛରେ ବୁଲନ୍ତି ରାମ ମନର ହରଷେ ।।୨୪

ଟୀକା: ୫ ସୁବାହୁ ଅନୁଜ - ମାରିଚ

Digitized by PPRACHIN, SOA

ଧରିବା ବେଳେ ବାତାୟୁ ଲକ୍ଷ୍ୟେ ଲମ୍ଫଦେଇ । ଉଡ଼ିଯାଏ ଖରେ ଖରେ ପକ୍ଷକୁ ମେଲାଇ ।।୨୫
ଖଣ୍ଡେ ଦୂର ଛାଡ଼ି ପୁଣି ପଥେ ନୃତ୍ୟକରେ । ଧରିବାକୁଯାଉ ରାମ ପଳାଏ ବେଗରେ ।।୨୬
ପିତୃଙ୍କ ଉଦ୍ଧାରେ ରାମ ମନ ଛନଛନ । ଦେଖି ଏ ଘଟଣା ସେଥୁ ବୋଲନ୍ତି ଲକ୍ଷ୍ମଣ ।।୨୭
ମୃଗ ନୁହେ ଜାଣ ଏହି ସେ ମାୟା ମାରିଚ । କୌଶିକ ଯୋଗେ ଯାହାକୁ ଶୂନ୍ୟେ ଉଡ଼ାଇଚ ।୨୮
ଅସୁରି ମାୟାରେ ନାନା ରୂପ ଧରିପାରେ । ରକ୍ଷା ପାଇଥିଲା ପୂର୍ବେ ସେଗାଭୀ ରୂପରେ ।।୨୯
ସ୍ୱର୍ଣ୍ଣପକ୍ଷ ମୃଗସିନା ଲେଖାଅଛି ଶାସ୍ତ୍ରେ । ବନବାସେ କେବେ କାହିଁ ଦେଖିଛକି ନେତ୍ରେ ।।୩୦
କହୁଛି ଗଲେ ଯା ପଛେ ପଡ଼ିବ ବିପତ୍ତି । ଦେବରଙ୍କ କଥା ଶୁଣୁ ଶୁଣୁ ସୀତା ସତୀ ।।୩୧
ବୋଲନ୍ତି ଆମ୍ଭର ଲୋଡ଼ା ନାହିଁ ଏ ହରିଣ । ଯାଅନାହିଁ ସ୍ୱାମୀ ଦାସୀ ପକାଉଛି ରାଣ ।।୩୨
ଶୁଣି ସୀତାଙ୍କୁ ବୁଝାଇ ବୋଲନ୍ତି ରାଘବ । ଡରକିମ୍ପା ଏହି ମୃଗ ମାଂସେ ଶ୍ରାଦ୍ଧହେବ ।।୩୩
ଆସନେ ଗୁରୁଙ୍କୁ ଏହାଅଜିନକୁ ଦେବା । ପୁଚ୍ଛରେ କବରୀ ବାନ୍ଧି ଶୋଭା ଦେଖୁଥିବା ।।୩୪
ଏପରି ସୀତାଙ୍କୁ ବୋଧ କରି ରଘୁରାଣ । କହନ୍ତି ବୁଝାଇ ଲକ୍ଷ୍ମଣଙ୍କୁ ପୁଣି ଶୁଣ ।।୩୫
ମାୟା ହେଉ କାୟା ଧରି ଆସିଛିତ ସେହି । ସନ୍ଧିବି ବାଣ ବିଧିବି ଚିନ୍ତା କରନାହିଁ ।।୩୬
ସୀତାଙ୍କୁ ଯଗିଥାଅ ଏ ରକ୍ଷ କ୍ରୀଡ଼ାସ୍ଥଳ । କହି ମୃଗ ପଛଧରି ଗଲେ ରଘୁବାଳ ।।୩୭
ଲୋଭ ଦେଖାଇ ଦେଖାଇ କେବେ କୃଷ୍ଣସାର । ଅଦଶ୍ୟ ହୁଅଇ ଭୟେ ଗ୍ରୀବାଭାଙ୍ଗିତାର ।।୩୮
ପଳାଏ ପଛକୁ ଚାହିଁ ଚାହିଁ ଅଥୟରେ । ଗୋଡ଼ାଇ ଗୋଡ଼ାଇ ରାମ ଗଲେ ବହୁଦୂରେ ।।୩୯
ବୁଧେ, ରାମଙ୍କ ମଢ଼ିଆ ନିକଟ ସେ ସ୍ଥାନ । ବୁଲି ବୁଲି ଯିବା ସ୍ଥାନୁ ଆସି ରଘୁରାଣ ।।୪୦
ନିଘଞ୍ଚ କାନନ ପଥ ନାହିଁ ସଳଖରେ । ବୁଲାବାଟ ବାଡଚକ୍ର ଗତି ପରକାରେ ।।୪୧
ଦେଖିଲେ ମିରିଗ ଛଳି ଉଡ଼ିଯାଏଆଗେ । ଦୃଷ୍ଟିଭେଦୀ ଶର ରାମ ବିନ୍ଧିଣ ସରାଗେ ।।୪୨
ଆଦେଖିଲେ ସ୍ୱର୍ଣ୍ଣପକ୍ଷ ମୃଗ ନାଣିଆସ । ବନପଥେ ଧାଇଁ ଉଡ଼ିକରେ ପରିହାସ ।।୪୩
ଏ କାଳେ ସେ ମୃଗ ଅବତୀର୍ଣ୍ଣ ପଥେ ହୋଇ । ଯାଏ, ମନ୍ତ୍ରପୂତ ଶର ପଛରେ ଗମଇ ।।୪୪
ବିଚାର କଲେ ରାଘବ ପଚ୍ଛୁ ଭେଦୀଶର । ବଧ ହେଲେ ମୃଗ ଛାଲ ବିଦ୍ଧ ହେବ ତାର ।।୪୫
ଗୁରୁଙ୍କୁ ଦେଲେ ସେ ଚର୍ମ ବୋଲିବେ ସେ ଦେଖି । ଅବୀର କେ ପାରି ନାହିଁ କ୍ଷତ୍ରୀ ଧର୍ମରଖି ।।୪୬
ଚୋର ତସ୍କର ମାନଙ୍କୁ କଟିରୁ ତଳକୁ । ମାରିବ ଯେ ଲୁଚାଇବା କଥା କହିବାକୁ ।।୪୭
ରଣେ ବୀରଙ୍କୁ କୁକ୍ଷୀରୁ ଉପରେମାରିବ । ଚିତାକୁ ମାରି ପଶୁଙ୍କୁଶିକାର କରିବ ।।୪୮
କ୍ଷତ୍ରୀୟ ଧର୍ମ ନ ହେଲା ବଚନ ବା ବାଣ । ଖସିଲେ ଆୟତ୍ତ କରି ନହୁଅଇ ପୁଣ ।।୪୯
ଚିନ୍ତି ଦ୍ରୁତଗାମୀ ଶରେ ବିନ୍ଧୁ ନଭେ ଗଲା । ମୃଗେ ବିନ୍ଧିଥିବା ଶର ନ ଫୁଟୁ ଫୁଟିଲା ।।୫୦
ଶୁଣି ସେ ଶବ୍ଦ ହରିଣ ପଛେ ଅନାଇଲା । ସେହି କାଳେ ଶରଖରେ ଚିତାଭେଦକଲା ।।୫୧

ଟୀକା: ୨୮ କୌଶିକ ଯାଗେ-ବିଶ୍ୱାମିତ୍ର ଯାଗ, ୩୪ ଅଜିନ-ଚର୍ମ, ୩୮ କୃଷ୍ଣସାର- ମାୟା ମୃଗ ।

Digitized by PPRACHIN, SOA

ଉଡ଼ିଗଲା ଆକାଶରେ ତା ଆତ୍ମା ପୁରୁଷ । ବୋଇଲା ମୁଁ ମୃଗ ନୁହେଁ ଆହେ ସୀତାଈଶ ।।୫୨
ମାରିଚ ନାମ ମୋ ମାୟା କାୟା ଧରିଥିଲି । ମାରିଚ କରେ ଏ ଭବୁ ମୁକତି ଲଭିଲି ।।୫୩
ଚଞ୍ଚଳ ଚଳ କୁଟୀରେ ମନ୍ଦ ଚିନ୍ତି ଭଣ୍ଡ । ବଞ୍ଚକ ରାବଣ ଆସେ ସର୍ଜିବାକୁ ଦଣ୍ଡ ।।୫୪
ଶୁଣି ବୋଲନ୍ତି ତା ପୁଣପୁଣ ରଘୁରାଣ । ଯାହା କହୁଥିଲୁ ସତ୍ୟ ତାହାହିଁ ଲକ୍ଷ୍ମଣ ।।୫୫
କଳେବର କମ୍ପେ ମୃଗ କଥା ଶୁଣିକରି । ତାହାହିଁ ଲକ୍ଷ୍ମଣ ଶୁଭେ ତ୍ରାହି ତ୍ରାହି ପରି ।।୫୬
ନିକଟରୁ ବାରମ୍ବାର ତାହାହିଁ ତାହାହିଁ । ଶବ୍ଦ ଶୁଣି ତ୍ରାହିମଣି ଭୟେ ବଇଦେହୀ ।।୫୭
ନାନାଦି ଦୁଶ୍ଚିନ୍ତା କଥା ଆଣିଣ ମନକୁ । ଲକ୍ଷ୍ମଣେ ବୁଝାନ୍ତି ଯିବା ପାଇଁକି ବନକୁ ।।୫୮
ଶୁଣ ଶୁଣ ହେ ଲକ୍ଷ୍ମଣ ଭାଇଙ୍କର କଣ୍ଠ । ଘଟିଲାକି ଅଘଟଣ ନକରିଣ ମଠ ।।୫୯
ଅଗ୍ରଜ ଗମିବା ପଥେ ଯାଇହୁଅ ସାହା । ବାମ ନେତ୍ର ସ୍ଫୁରେ ଚିତ୍ତ ବିଚଳିତ କିଆଁ ।।୬୦
ବିଧାତାର ମନତୋଷ ହୋଇନି ଆହୁରି । ଅଦୃଷ୍ଟେ କି, ଘଟାଉଛି ପାରୁନାହିଁ ବାରି ।।୬୧
ବୋଲନ୍ତି ଲକ୍ଷ୍ମଣ ତ୍ରିଭୁବନେ ରାମବୀର । ତାହାଙ୍କୁ ଦଣ୍ଡିବା ଶକ୍ତି ଅଛି ବା କାହାର ।।୬୨
ଯାହାର ଭ୍ରୁଭଙ୍ଗୀ ମାତ୍ରେ ଏ ଜଗତ ଲୀନ । କି ଅନିଷ୍ଟ କରିବେ ତାଙ୍କର ଯାତୁ ଧାନ ।।୬୩
ଏସବୁ କଥାରେ ସୀତା ସନ୍ତୋଷ ନହେଲେ ।ବିକଳିରେ ଲକ୍ଷ୍ମଣଙ୍କୁ ପୁଣି ବୁଝାଇଲେ।।୬୪
ଅଗ୍ରଜେ ମାନ୍ୟ ଦେଖାଇ ବନେ ଆସିଅଛ । ଅର୍ଦ୍ଧାଙ୍ଗୀ ମୁଁ ଆଜ୍ଞାଦିଏ ବନେ ଯାଅ ବତ୍ସ ।।୬୫
ହେଳାରୁ ବୁଡ଼ିବ ଭେଳା ଘୋଟିବ ପ୍ରମାଦ । କାରେଣି ହୋଇବ ତୁମେ ନକରିଣ ବାଦ ।।୬୬
ଯାଅ ଏହି ବାଣି ଶୁଣି ଉର୍ମ୍ମିଳାଙ୍କ ପତି । ଦଶଦିଗ ପାଳେ ସାକ୍ଷୀ ଦେଇଣ ବୋଲନ୍ତି ।।୬୭
ପରମ ପୂଜ୍ୟା ମା ରୂପେ, ବିଚାରି ମନରେ । ବନେ ଆସିଥିଲି ତୁମ୍ଭ କଥା ନ ରଖିଲେ ।।୬୮
ହେବି ଦୋଷୀ କ୍ରୋଧ ପରିହରି ଶୁଣଆଜ । ନାଥ ମୃଗ ତତ୍ତୁ ପଡ଼ିଥିବା ପାଦରଜ ।।୬୯
ତତ୍ତ୍ୱେ ଅବନୀ ଅନଳ ଅନୀଳଙ୍କ ପରି । ଲଙ୍ଘି ଏହାକୁ କୁଟୀରୁ ନ ଯିବ ବାହାରି ।।୭୦
ଗଲେ ସ୍ୱାମୀ ଚରଣରେ ଅରଜିବ ଦ୍ରୋହ । କହିବା ବେଳେ ଏ କଥା ଉଠୁଥିଲା କୋହ ।।୭୧
କାନ୍ଦି କାନ୍ଦି ପଛେ ଚାହିଁ ଚାହିଁ ଗଲେ ବୀର । ଭାବନ୍ତି ପୁଛିଲେ ରାମ କି ଦେବେ ଉତ୍ତର ।।୭୨
ହେ ବିଜ୍ଞ ମଣ୍ଡଳୀ ଏହାପରେ ଦଶଗ୍ରୀବ । ମାୟା ଯତିବେଶେ ସୀତା ନେବାକୁ ଆସିବ ।।୭୩
ଅପୂର୍ବ ରହସ୍ୟ ତାହା ଶୁଣ ଶ୍ରୁତି ଡେରି । କହେ ଦୟାନିଧି ଦାଶ ରାମ ନାମ ସ୍ମରି ।।୭୪

❖❖❖

ଟୀକା : ୬୩ ଯାତୁଧାନ - ଅସୁର ।

Digitized by PPRACHIN, SOA

ତପସ୍ୱୀ ରାବଣ ନିଷ୍ଠାରେ ସୀତାଙ୍କର ଲଙ୍କାଆଗମେ ସ୍ୱୀକୃତି

ଛାନ୍ଦ - ୧୬

(ରାଗ-ଖଣ୍ଡିତା)

କର ଅବଧାନ ବୁଧେ ରାମ ଯିବାପଥେ । ଲକ୍ଷ୍ମଣ ଗମନ କଲେ ଦୁଖେ ଅଶ୍ରୁନେତ୍ରେ ।
ବହୁ ଦୂର ଯେ ।। ଭେଟହେଲା ରାମଙ୍କୁ ପଥରେ ଯେ ।।୧
ଖଣ୍ଡେ ଦୂରୁ ଦେଖୁ ଦେଖୁ ରାମ ପଚାରନ୍ତି । ସୀତାଙ୍କୁ ଏକାକୀ ବନେ ଛାଡ଼ି ସଉମିତ୍ରୀ ।
କାହିଁ ପାଇଁରେ ।। ଆସୁ ବିବେକୀ ଶେଖର ହୋଇରେ ।।୨
ସେତ, ରକ୍ଷ କ୍ରୀଡ଼ାସ୍ଥଳ କେଉଁପରି ସୀତା । ଏକାଥିବେ ବଡ଼ାଏ, ମାରଚି କଥା ଚିନ୍ତା ।
କହ କହରେ ।।ଶୁଣିଲେ ତା ଯିବା ମୋ ସନ୍ଦେହ ରେ ।।୩
ବୋଲନ୍ତି ତହିଁ ତାହାହିଁ ତାହାହିଁ ଲକ୍ଷ୍ମଣ । ସେ ତ୍ରାହି ଲକ୍ଷ୍ମଣ ମଣି ପଠାଇଲେ ବନ ।
ଡରି ଡରି ଯେ ।। ନ ଶୁଣିଲେ କଥାକୁ ମୋହରି ଯେ ।।୪
ତୃଣ ପଦ ରେଖା ନ ଡେଇଁବା ପାଇଁ କହି । ଆସିଲି ରାମ କହିଲେ ଭଲ ହେଲା ନାହିଁ ।
ଚାଲ ଚାଲରେ ।। ଜୀବ କିମ୍ପା ହୁଏ କଲବଲରେ ।।୫
ରାମସ୍କନ୍ଧୁ ମୃଗଭାର ଧରିଣ ସୌମିତ୍ରୀ । ଆଗରେ ଚାଲିଲେ ପଛେ ପଛେ ରଘୁପତି ।
ପୁଣ୍ୟବାନ ସେ ।। ଶବ ବହିଲେ ରାମ ଲକ୍ଷ୍ମଣ ଯେ ।।୬
ଆସନ୍ତି ବୁଲିଣ ଏଣେ ରାବଣ ବେଗରେ । ଯତି ବେଶ ଧରି ଉଭା କୁଟୀର ଆଗରେ ।
ଭିକ୍ଷାଂ ଦେହୀ ଯେ ।। ବୋଲି ମୁଖେ ବେଦ ଉଚ୍ଚାରଇ ଯେ ।।୭
ସେ, କରୁଣ ଗୀର ଦେବୀ କର୍ଣ୍ଣବିଳେ ପଶି । ଅଥୟ କରିଲା ପ୍ରକାଶିଲେଥ ।ଗେ ଆସି ।
କାହିଁ ଘରହେ ।। ପରିଚୟ ଦିଅ ଯତିବର ହେ ।।୮
ପିତା,ମାତା, କେ, ତୁମ୍ଭର, କାହା ସେବାକର । କେଉଁ ଧର୍ମରେ ଦୀକ୍ଷିତ ନକରି ଉଚ୍ଛୁର ।
କହ କହ ହେ ।। ଦୂର ହେଉ ମନରୁ ସନ୍ଦେହ ହେ ।।୯
ବୋଇଲ ରାବଣ ଲଙ୍କାପୁରେ ବାସ ମୋର । ମହାଯତୀ ବିଶ୍ରବା ଯେ ମୋହର ପିଅର ।
ନଉକେଶୀ ଯେ ।। ମାତା ନାମ କହିଲି ବିଶେଷି ଯେ ।।୧୦
ମୋ ଅଙ୍ଗନା ମନ୍ଦୋଦରୀ ମୁଁ ବଇଶ୍ରବଣ । ତିନି ଅନୁଜରେ ଜ୍ୟେଷ୍ଠ ଖ୍ୟାତ ନାଁ ରାବଣ ।
ଗୃହ ଯତି ଯେ ।। ଅବଧୂତ ଦୀକ୍ଷା ନେଇ ଶାନ୍ତି ଯେ ।।୧୧
ଜାନକୀ ବୋଲନ୍ତି ଏକା, କୁଟୀରେ ମୁଁ ଯତି । ମୃଗବଧେ ବନେଗଲେ ମୋ ଦେବର ପତି ।
ଯତି ଭାବ ହେ ।। ଆସୁ ସେ ଅତିଥି ସେବା ହେବ ହେ ।।୧୨

Digitized by PPRACHIN, SOA

ନୋହିଲେ ଅନ୍ୟଦ୍ୱାରରୁ ଆସନ୍ତୁ, ନାଁ ଯାଇ । ସୀତାଙ୍କର କଥା ଶୁଣି ରାବଣ କହଇ ।
ଏକଦ୍ୱାର ଯେ ।। ଭିକ୍ଷା ସଦା ମୋର ନାରୀବର ଯେ ।।୧୩
ମନାକଲେ ଫେରିଯିବି ମନେ ନାହିଁ କ୍ଷୋଭ । ଅଯଶଃ ହେବ ତୁମ୍ଭର ଧର୍ମ ନାଶ ଯିବ ।
ପରମ୍ପରା ଯେ ।। ରକ୍ଷାଅର୍ଥେ ସୀତା ହେଲେ ତ୍ୱରା ଯେ ।।୧୪
ବୋଲନ୍ତି ଦେବର ମୋର ପତିରାଣ ଦେଇ । କହିଛନ୍ତି ପାଦଚିହ୍ନ ନ ଯିବାକୁ ଡେଇଁ ।
କେହ୍ନେ ଯିବି ହେ ।। ଜାଣି ଜାଣି ଧର୍ମ, କି ଲଙ୍ଘିବି ହେ ।।୧୫
ସନ୍ନ୍ୟାସୀ କହନ୍ତି ଖାଦ୍ୟ ବିନା ମୋର ହଂସ ।ଉଡ଼ିଯିବ ବିଳମ୍ବ ନକର ନାରୀଈଶ ।
ପାଦ ଗାର ଯେ ।। ବିଲୀନ କରୁଛି ଥୟଧର ହେ ।।୧୬
ସୀତା ବୋଲନ୍ତି ଲକ୍ଷ୍ମଣ ରାଣଅବଦାନ । ଅତିକ୍ରମେ ଲୋଡ଼ା ପ୍ରତିଗ୍ରହ ମୁନ୍ୟୋତ୍ତମ ।
କାର ଶକ୍ତି ହେ ।। ଥିବାପରି ନଦେଖଇ ଯତି ହେ ।।୧୭
ମୋ ନେତ୍ରେ ଗାର ଅଗମ୍ୟ ନିଗମ ଦୁର୍ଗମ । ପଥ, କେ, କରିବ ତାହାକୁ ଟି ଅତିକ୍ରମ ।
ହେବ ଭ୍ରମ ହେ ।। ଅକାରଣେ ନକରନ୍ତୁ ଶ୍ରମ ହେ ।।୧୮
ମନ୍ଦୋଦରୀ ସାଇଁ ବୋଲେ ଚିନ୍ତା କରନାହିଁ ।ଦାନେ ପ୍ରତିଗ୍ରହ ଜାଣେ ନିର୍ବାପିତ ମୁହିଁ ।
କରେ ଦେଖ ଗୋ ।। ବୋଲି ଚାଲିଯାଉ ଚିହ୍ନ ପାଖ ଗୋ ।।୧୯
ବୋଲନ୍ତି ଜାନକୀ ଅଷ୍ଟାଦଶ ବିଦ୍ୟାବିଧି । ବିଧାନେ ଯେ, କରିଥିବ ପ୍ରାଣାୟମେ ସିଦ୍ଧି ।
ତା, ପକ୍ଷରେ ହେ ।। ବାଧା ତାହା ବା ନ ଦେଇ ପାରେ ହେ ।।୨୦
ଯତି କହେ ସମ୍ଭବ ମୋ ପକ୍ଷେ ଅସମ୍ଭବ । ନାହିଁ କିଛି ବୃଥା କିମ୍ପା ହେଉଛ ଅଦମ୍ଭ ।
ଶୁଣି ସତୀ ଯେ ।। ଗୁଣି ମନେ ଯତିଙ୍କୁ କହନ୍ତି ଯେ ।।୨୧
ମୋ ଜ୍ଞାନେ ସେ ଗାର ଅଗ୍ନିସମ ତେଜସ୍ୱର । ରାବଣେ ବାଲଇ ପୂର୍ବୁ ଅଛି ମୁଁ ଗୋଚର ।
ଗୁରୁ ଗୃହେ ଯେ ।। ନିଆଁ ଚଲା ଶିଖିଥିଲି ସ୍ନେହେ ଯେ ।।୨୨
ଏହା କହି କହି ଯତି ବାମକରେ ହେଲେ । ଓଁ ମନ୍ତ୍ର ଉଚାରି ଚିହ୍ନ ଲିଭାଇଣ ଦେଲେ ।
ଆଚମ୍ବିତେ ଯେ ।। ସୀତା ସତୀ ଭକ୍ତି ରଖି ଚିତ୍ତେ ଯେ ।।୨୩
ମନ ମଧ୍ୟେ କଲେ ସ୍ଥିର ଫଳମୂଳ ଦେଇ । କହିବେ ଯତିଙ୍କୁ ଅପେକ୍ଷା କରିବା ପାଇଁ ।
ପର୍ଣ୍ଣକୁଟୀ ଯେ ।। ଦ୍ୱାରେ ଫଳଧରି ଯତି ଭେଟି ଯେ ।।୨୪
ରାବଣ ବୋଲେ ଏ ଫଳ ଲୋଡ଼ା ନାହିଁ ମୋର । ବିଦୁଷୀ ବିଚାରେ ଦେବୀ ଜ୍ଞାନେ କଲେ ସ୍ଥିର ।
ଭିକ୍ଷାଂ ଦେହୀ ଯେ ।। ବୋଲୁଥିଲେ ଯଦି ଅନ୍ନ ପାଇଁ ଯେ ।।୨୫
ଯେପରି ମନ୍ଦିର ବେଢ଼ା କନ୍ଦି ହାଟବାଟ । ରୋଧି ଭିକ୍ଷୁ କହେ କ୍ଷୁଧାନଳେ ଛଟପଟ ।
ଅନ୍ନ ଦେଇ ହେ ।। ରଖ ପ୍ରାଣ କିଛି ମାଗୁନାହିଁ ହେ ।।୨୬

Digitized by PPRACHIN, SOA

ସେପରି, କି ଯତି ଅନ୍ନ ଭୋଜନେ ଚାହାନ୍ତି ।ଫଳମୂଳ ଦେଖି ଦୂରୁ ମନା କରୁଛନ୍ତି ।
ନାହିଁ ଅନ୍ନ ଯେ ।। କୁଟୀରେ ତୋଷିବି କେମନ୍ତେ ମନ ଯେ ।।୨୭
ବଂଶର ଯା, ସିଦ୍ଧି ବିଧି ଥିଲା ନାଶଗଲା । ହେଳା ନକରି ତପନ, କହିଦିଅ ଭଲା ।
ବଇଦେହୀ ହେ ।। ଆଉ କିଛି ଏଥି ମାଗୁନାହିଁ ହେ ।।୨୮
କୁଳବଧୂ ଦୁଃଖେ ଦୁଃଖୀ ହୋଇଣ ସବିତା । ଅଦୃଶ୍ୟରେ କର୍ଣ୍ଣପୁଟେ କହିଲେ ଏ କଥା ।
ସତୀ ମଥା ଗୋ ।। ଅଭାବ କି ରହିବ ଏ କଥା ଗୋ ।।୨୯
ସ୍ୱୟଂ ଅନ୍ନପୂର୍ଣ୍ଣା ଅନ୍ନ ନାହିଁ ବୋଲିକରି । ବିଚାରିବା ଅପ୍ରସିଦ୍ଧି, ବୁଦ୍ଧିଗଲା ସ୍ମରି ।
ସୀତା ସତୀ ଯେ ।। ସେହିକାଳେ ଯତିଙ୍କୁ କହନ୍ତି ଯେ ।।୩୦
ଅନ୍ତର ଆତ୍ମାରେ ଯାହା ଅଛି ମାଗମୁନି । ବୋଲୁ ସେ ଯତି ବୋଲନ୍ତି ତୁ ହେଲୁ ଜନନୀ ।
ଅନୁଗତ ଯେ ।। ଲୋକ ମୁହିଁ କରିଲୁ କୃତାର୍ଥ ଯେ ।।୩୧
ଅନୁକମ୍ପା ହେଲୁ ରକ୍ଷେ ଲଭିବେ ସୁଗତି । ଯିବା ଲଙ୍କା, ସୀତା ବୋଲନ୍ତି ମୋ ଗତିପତି ।
ଯତି ହୋଇ ହେ ।। ବକ୍ର ଉକ୍ତି କହୁଛ କିମ୍ପାଇ ହେ ।।୩୨
ସନ୍ନ୍ୟାସୀ ବୋଲନ୍ତି ଅଭୟତ, ମୁଖେ ଦେଲେ । ଭୀତି କାହିଁପାଇଁ ସାଧ୍ୱୀ ନହୁଏ, ଏ' ଭଲ ।
ସତ୍ୟବ୍ରତ ଯେ ।। ପାଳି ଚନ୍ଦ୍ର ସୂର୍ଯ୍ୟ ଆତଯାତ ଯେ ।।୩୩
ଭାବୁଥିବ ବନେ ଦସ୍ୟୁ ଡାକୟତ ପନ୍ତି । ନାନାବେଶେ ଆସି ଧନ ଲୁଣ୍ଠନ କରନ୍ତି ।
ସୁ ଭୂଷଣଯେ ।। ନାନା ରତ୍ନେ ହୋଇଛ ଭୂଷଣ ଯେ ।।୩୪
ଲୋଡ଼ା ନାହିଁ ତାହାଠେ ମାର ନକର ଆଶଙ୍କା । ମୋ ଦେଶ ମାଟି ସବୁର୍ଣ୍ଣ ନାମ ସ୍ୱର୍ଣ୍ଣଲଙ୍କା ।
ଚାରିଜାତି ଯେ ।। ନାରୀ ସଂସାର ମଧ୍ୟରେ ଖ୍ୟାତି ଯେ ।।୩୫
ଶ୍ରେଷ୍ଠ ତା, ମଧ୍ୟେ ପଦ୍ମିନୀ କହିଛନ୍ତି ଶାସ୍ତ୍ର । ତୁମ୍ଭେ ପଦ୍ମିନୀ ଡରକି, ବିନଷ୍ଟେ ସତୀତ୍ୱ ।
ପୁରେ ସତୀ ଗୋ ।। ପଦ୍ମିନୀ ନାୟିକା ପଦ୍ମେଛନ୍ତି ଗୋ ।।୩୬
ଶୁଦ୍ଧ ପୂଜା କାର୍ଯ୍ୟେ ଶ୍ରେଷ୍ଠ ବିପ୍ର ମୁଁ ଜାତିରେ । ମୃଗ ପାଇଁ ଗଲେ କାନ୍ତ ମୁଁ ନେବି ମୋ ପୁରେ ।
ପୂଜା ପାଇଁ ଯେ ।। ବୋଲନ୍ତି ମୈଥିଳୀ ସମଜାଇ ଯେ ।।୩୬
ନେବା ଇଛା ଯେବେ ମୋତେ ମୋ ଦେବରପତି । ପୂଜାକର ଯିବି ସଙ୍ଗେ କଥା ରଖି ଯତି ।
ଚିନ୍ତାନାହିଁ ଯେ ।। ସନ୍ନ୍ୟାସୀ ବୋଲନ୍ତି ଶୁଣ ତହିଁ ଯେ ।।୩୭
ମନ ମଧ୍ୟରେ ପୂର୍ବରୁ କରିଲି ବିଚାର । ମୋ ସଙ୍ଗେ ଗଲେ ଜନନୀ ରଖି ଯେ ଆଚାର ।
ଯିବେ ପ୍ରଭୁ ଯେ ।। ମୋ କାମନା ପୂର୍ଣ୍ଣ ହେବ ସବୁ ଯେ ।।୩୮
ବୋଲନ୍ତି ଜାନକୀ ପିତୃ ସତ୍ୟେ ବନବାସ । ଅନ୍ୟ ବାସ ଭୋଗ ମନା ବ୍ରତ ହେବ ନାଶ ।
ମାୟା ଯତି ଯେ ।। ବୋଲେ ଚିନ୍ତାକରନାହିଁ ସତୀ ଯେ ।।୩୯

Digitized by PPRACHIN, SOA

ଶପଥ କରୁଛି କେବେ ଆନ ତା, ନ ହେବ ।ଏ ବନରୁ ନେଇ ଅନ୍ୟ ବନେ ଦେବି ଠାବ ।
ମଇଥିଳୀ ଯେ ।। ବୋଲୁଛନ୍ତି ନାନା କଥା ଭାଳି ଯେ ।।୪୦
ହେବ ଅନ୍ୟାୟ ମୋ ପତି ନାହାନ୍ତି ମୋ ପାଶେ । ନ କହି କିପରି ମୁହିଁ ଯିବି ତୁମ୍ଭ ବାସେ ।
ଯତି ଭାଶେ ଯେ ।। ନ୍ୟାୟ ଅନ୍ୟାୟ, ବୁଝିବ ଶେଷେ ଯେ ।।୪୧
ସୀତା କହନ୍ତି ଅକଳଙ୍କିତ କୀରତୀରେ । କଳଙ୍କ ଲଗାଅ ନାହିଁ ମୋତେ ନେଇ ପୁରେ ।
ଦଶାନନ ଯେ ।। ବୋଲେଆଜି ମୋର ଶୁଭଦିନ ଯେ ।।୪୨
ମୋ ଭାଗ୍ୟେ ଆସିବ କି, ହେ ଏପରି ସୁଯୋଗ । ଜାଣି ଛାଡ଼ିଯିବି କିମ୍ୱା ମୋର ଅପବର୍ଗ ।
ସୀତା ଚିନ୍ତି ଯେ ।। ପୁନରାୟ ଯତିଙ୍କୁ କହନ୍ତି ଯେ ।।୪୩
ହେବ ଅନ୍ୟାୟ ହେ ଯତି ନିୟମ ନ ଲଙ୍ଘ । ପରନାରୀ ସଙ୍ଗେ ନେବା ଅଟେ ଅପ୍ରସଙ୍ଗ ।
ଯତି କହି ଯେ ।। ଅବୁଝା ପୁଅ ତୋହର ମୁହିଁ ଯେ ।।୪୪
ପୁଅ ଆଳକଲେ କେବେ ବାଟି ପାଇଁ ଖେଳେ । ଦୋଷ ହୁଏକି, ମା, ଖଣ୍ଡ ସକରାଦି, ଦେଲେ ।
ପୁଣି ସତୀ ଯେ ।। କହୁ ଆଣିବାକୁ ଅନୁମତି ଯେ ।।୪୫
ବୋଲନ୍ତି ପୁଣି ତପସ୍ୱୀ ଅଭିଶାପ ବେଳେ । ତୁମକୁ ମୁଁ ପୁରେ ନେବାପାଇଁ କହିଥିଲେ ।
ସତୀ ଚିନ୍ତି ଯେ ।। ମନେମନେ ପୁଣି ପଚାରନ୍ତି ଯେ ।।୪୬
ସୁବୁଦ୍ଧି, ସୁବାକ୍ୟେ କର ମାତୃ ସମ୍ୱୋଧନ । କି, କାମନା ଅଛି ଗଲେ ହୋଇବ ପୂରଣ ।
କହ କହ ହେ ।। କରି ପାରିଛ ମୋ ମନ ଜୟ ହେ ।।୪୭
ସନ୍ନ୍ୟାସୀ ବୋଲନ୍ତି ମର୍ତ୍ତ୍ୟେ ବୈକୁଣ୍ଠ କାମନା । ଅପୂର୍ଣ୍ଣ ରହିଛି ମା ଅନାଦି ତୁମଭବିନା ।
ତୁମ୍ଭେ ଗଲେ ଯେ ।। ଯିବେ ପ୍ରଭୁ ଖୋଜି ଖୋଜି ବୋଲେ ଯେ ।।୪୮
ପବିତ୍ର ହୋଇବ ଜୀର୍ଣ୍ଣ କୁଟୀର ମୋ ଆଜି । ଅଭୟ କଞ୍ଜ ଚରଣ ଥରେ ଗଲେ ବାଜି ।
ସୁ ବିଚାର ଯେ ।। କରି ମାତ ସୀଉକାର କର ଯେ ।।୪୯
ଆଶା ଅଟାଳି ଗଢ଼ିଛି ମୋ ଅଟଳ ମନ, । ଭାବିଛି ଗଲେ ଜନନୀ ହୋଇବ ପୂରଣ,
ଅପ୍ରତିଷ୍ଠା ଯେ ।। ଅଛି ଆଗୁଁ ନଥିବାରୁ ନିଷ୍ଠା ଯେ ।।୫୦
ଅଜନ୍ମ ପୂଜ୍ୟାଙ୍କୁ ପାଉଁ, ପୂରିଲା କାମନା । ପଦ ପୂଜା ପାଇଁ ନେଇ ଉଡ଼ାଇବି ବାନା
ଏହା ସତ୍ୟ ହେ ।। ପୂର୍ବକଥା ମାତା ଥରେ ଚିନ୍ତ ହେ ।।୫୧
ବହୁଦିନୁ ବସିପଥ ଅନୁସରି ଥିଲି । ସାଧନାର ଫଳତୁଲ୍ୟ ସୌଭାଗ୍ୟେ ପାଇଲି ।
ମୋର ପୁରେ ଗୋ ।। ଏଣୁ ନେବାପାଇଁ ଇଛା କରେ ଗୋ ।।୫୨
ସକଳ ବର ଦାୟିନୀ ତୁ ଶକ୍ତି ସ୍ୱରୂପା । କେ' ତୋତେ ବଳରେ ନେବ ନୋହିଲେ ତୋ କୃପା ।
ଅନିମନ୍ତେ ଗୋ ।। ମୁକ୍ତି କିମ୍ୱା ଦେବେ ପ୍ରଭୁ ମୋତେ ଗୋ ।।୫୩

Digitized by PPRACHIN, SOA

ବଧିବେ କିମ୍ବା ରାକ୍ଷସ ଆସି କରି ଠାବ । ଗତି ଦେବା ପାଇଁ ପରା ହୋଇଲେ ସମ୍ଭବ ।
ମୁଁ ଅସୁର ଯେ ।। ତାମସରୁ, କାମ ହେବ ମୋର ଯେ ।।୫୪
ନୀରବୁ ଆତ୍ମା ସେ ପୁରେ ଯାଇ ନ ପାରିବ । ପୂର୍ବିବା କର୍ମ ଆଚରୁ କାର୍ଯ୍ୟ ସିଦ୍ଧ ହେବ ।
ମୋ, ସୁଗତି ଯେ ।। ଏ ଭବେ ସେ ସ୍ଥିର କରିଛନ୍ତି ଯେ ।।୫୫
ଶତ୍ରୁ ମିତ୍ର ନାହିଁ ତାହାଙ୍କର ଧନୁଶରେ । ଯାଇ ବୈକୁଣ୍ଠରେ ଦ୍ୱାରୀ ହେବି ଆଉଥରେ ।
ଜାତି ସ୍ମର ଯେ ।। ହେତୁ ପୂର୍ବକଥା ଜାଣେ ମୋର ଯେ ।।୫୬
କୃତ ଯୁଗେ ହିରଣ୍ୟ ଯେ ହିରଣାକ୍ଷ ନାମ । ବହି ଜାତ ହୋଇଥିଲୁ ବେନି ମର ଧାମ ।
ଦେଲେ ତୋଷି ସେ ।। ବରାହ, ନୃସିଂହ ରୂପେ ଆସି ସେ ।।୫୭
ଏହି ଯୁଗେ ଦଶାନନ କୁମ୍ଭକର୍ଣ୍ଣ ହେଲୁ । ଦଶରଥ କୋଳେ ରାମ ନାମକୁ ଜାଣିଲୁ ।
ଗତି ଦାୟୀ ଯେ ।। ମୋର ଅଟନ୍ତି ତୁମ୍ଭର ସାଇଁ ଯେ ।।୫୮
ଏହାପରେ ଯୁଗେ ଶିଶୁପାଳ ଦନ୍ତବକ୍ର । ନାମେ ଜାତହେବୁ ବେନି ଏହି ମର୍ତ୍ତ୍ୟ ଲୋକ ।
କୃଷ୍ଣ କରେ ଯେ ।। ମୁକ୍ତି ଲଭି ଯିବୁ ବୈକୁଣ୍ଠରେ ଯେ ।।୫୯
ଯେଣୁ ବୈକୁଣ୍ଠେ ଦୁଆରୀ ମନେ ଭୟ ନାହିଁ । ସେବକ ମୁକ୍ତିରେ ଅବତାର ଭାବଗ୍ରାହୀ ।
ମୋ ସ୍ୟନ୍ଦନ ଯେ ।। ଆରୋହୀ ଅଭୟକର ଦାନ ଯେ ।।୬୦
ବୋଲନ୍ତି ବୈଦେହୀ ଭକ୍ତି ବଳରେ ମୋ ମନ । ତୋଷି ପାରିଛ ମୁଁ ସଦା ଭକ୍ତର ଅଧିନ ।
ସ୍ତମ୍ଭେ ବାନା ଯେ ।। ବାନ୍ଧିଛି ତୁମକୁ ତା, କି ମନା ହେ ।।୬୧
ଭକ୍ତି ମୋର ପ୍ରିୟସଦା ଭକ୍ତିରେ ମୋ ପ୍ରୀତି । ଭକ୍ତିରୁ ତୁମ୍ଭର ଇଛା ହେଉ ଫଳବତୀ ।
ଉଦ୍ଧାରରେ ହେ ।। ଯିବି ଦ୍ୱିଧା ବିନା ତୁମ୍ଭ ପୁରେ ହେ ।।୬୨
ଅନୁରୋଧରେ ବୋଧିଛି ଯେପରି ବିଧିରେ । ଫେରନ୍ତୁ କାନ୍ତ ମୁଁ କହି ଯିବି ସଙ୍ଗତରେ ।
ଯତିଈଶ ଯେ ।। ସୀଉକାରେ ହୁଅନ୍ତି ହରଷ ଯେ ।।୬୩
ଏହାପରେ ଗନ୍ଧବହ ଏ ଘଟଣା ମାନ । ସୁଧର୍ମା ସଭାରେ ଯାଇ କରିବେ ଗାୟନ ।
ସରସ୍ୱତୀ ଯେ ।। ଆସିବେ ପଠାଉଁ ଶଚୀପତି ଯେ ।।୬୪
ବିଭ୍ରାନ୍ତ କରିବେ ଯତି ସୀତା ଚୋରି ହେବ । ବୋଲେ ଦୟାନିଧି ଚିନ୍ତି ଜାନକୀ ବଲ୍ଲଭ ।
ସୁଧିକୁଳ ହେ ।। କରତାଳି ଦେଇ ରାମ ବୋଲ ହେ ।।୬୫

❖❖❖

Digitized by PPRACHIN, SOA

ସୀତା ଚୋରୀ

ଛାନ୍ଦ – ୧୭

ରାଗ-ଚଳଘଣ୍ଟ କେଦାର

ସୁଜନେ- ଏ ସର୍ବ ଘଟଣା ଗନ୍ଧ ବହ ବହି ନେଇ ଯେ ।
ସୁଧର୍ମା ସଭାରେ କହୁ କହୁ ସୁର ସାଇଁ ଯେ ।।୧
,, ବୃହସ୍ପତିଙ୍କୁ ଡକାଇ କରି କୁମନ୍ତ୍ରଣା ଯେ ।
ସରସ୍ୱତୀଙ୍କୁ ପେଷିଲେ କରିବାକୁ ବଣା ଯେ।।୨
,, ଆସିବାଣୀ ଆଗଜାଣି ବିଭ୍ରାନ୍ତ କରିଲେ ଯେ।
ଭାବିଲା ଦୈତ୍ୟ ନହେବ ରାଘବ ଫେରିଲେ ଯେ।।୩
,, ନ କହି ଜାନକୀ ନେଲେ ହୋଇବତା ଚୋରି ଯେ
ଧର୍ମକାଳେ ପାପକାର୍ଯ୍ୟ କରିବି କିପରି ଯେ ।।୪
,, ଜ୍ୟୋତିଷ ଶାସ୍ତ୍ର ସିଦ୍ଧାନ୍ତେ ଗଣି କଲାସ୍ଥିର ଯେ ।
ଯୋଗକୁ ଭୋଗ ହେଉଛି ବୃହସ୍ପତି ବାର ଯେ ।।୫
,, ଫାଲ୍‌ଗୁନ ମାସ ଅସିତ ପକ୍ଷର ଅଷ୍ଟମୀ ଯେ ।
ଅର୍ଦ୍ଧ ସୂର୍ଯ୍ୟ ଅର୍ଦ୍ଧଚନ୍ଦ୍ର ନଭେ ଭ୍ରମି ଭ୍ରମି ଯେ ।।୬
,, ତେଣେ ଦେବ ମନ୍ତ୍ରଣାରେ ବଧୂ ଅପମାନ ଯେ ।
ଚିନ୍ତି ସୂର୍ଯ୍ୟ ନିସ୍ତେଜ ଦିଶଇ ମଳାଜହ୍ନ ଯେ ।।୭
,, ଦିନସ୍ୟାର୍ଦ୍ଧେ ଚନ୍ଦ୍ରଦେଖି ରାତ୍ରକାଳ ଧରେ ଯେ ।
ସମ୍ମୁଖରେ ଯୋଗ୍ମୀ ଦୈତ୍ୟତା ଜାଣି ନପାରେ ଯେ ।।୮
ସୁଜନେ- ବିଧୁ ଦେଖି ରାତ୍ରସ୍ଥିରେ ଚୋରିକାର୍ଯ୍ୟେ ରତ ଯେ ।
ହେଲା ଭାବି ଭାବି ମନେ ଏକାଳ ପ୍ରଶସ୍ତ ଯେ ।।୯
,, ମାୟା ବେଶ ଛାଡ଼ି ନିଜ ଭୟଙ୍କର ରୂପ ଯେ ।
ଧରି ସୀତାଙ୍କ ସମୀପେ ଉଭା କଉପଣ ଯେ ।।୧୦
,, ସେ ରୂପକୁ ଦେଖୁ ଦେଖୁ ଅବନୀ ଦୁହିତା ଯେ ।
ଭୟକରି ଭୂଶାୟୀ ହୋଇଲେ ଗଲା ଚେତା ଯେ ।।୧୧

ଟୀକା: ୫ ବୃହସ୍ପତିବାର- ଗୁରୁବାର, ୬ ଅସିତ- କୃଷ୍ଣପକ୍ଷ, ୧୦ କଉଣପ - ଅସୁର ରାବଣ, ୧୧ ଅବନୀ- ପୃଥିବୀ, ଦୁହିତା - କନ୍ୟା ।

Digitized by PPRACHIN, SOA

,, ଏ ସୁଯୋଗେ ନେବଇଛି ନିକଷା ଦୁଲ୍ଲାଳ ଯେ ।
ଲୋଡୁ ପୁଷ୍ପକ ବିମାନ ଉଭା ତତକାଳ ଯେ ।।୧୨
,, ଖରେ ନେବାପାଇଁ ଯାଇ ଛୁଇଁବା ବେଳରେ ଯେ ।
ଶାପ ଗୁରୁମଣି ପଛଘୁଞ୍ଚା ଦେଇ ଫେରେ ଯେ ।।୧୩
,, ରମ୍ଭା ଶାପ ବେଦମତି ଶାପରେ ଅପାଙ୍ଗ ଯେ ।
କମ୍ପେ ଦୈତ୍ୟ ଛୁଇଁ ନ ପାରଇ ସୀତାଅଙ୍ଗ ଯେ ।।୧୪
,, କାମନା ପୂରଣେ କିନ୍ତୁ ବୁଦ୍ଧି ଏ ସ୍ଫୁରିଲା ଯେ ।
ସତୀ ଥାଇ ଘରନଖେ ଉତ୍ପାଟନ କଲା ଯେ ।।୧୫

ପୁଷ୍ପକ ଯାନରେ ସୀତା ଅପହରଣ

,, ଅତି ଯତ୍ନେ ରହୁବରେ କରି ତାହା ସ୍ଥିତି ଯେ ।
ଆଦେଶୁ କ୍ରମରେ ଯାନ ହୁଏ ଉର୍ଦ୍ଧ୍ୱଗତି ଯେ ।।୧୬
,, ସଭ୍ରମେ ଚଳୁ ଶତାଙ୍ଗ ଅନନ୍ତ ପ୍ରଦେଶେ ଯେ ।
ଫେଟିଲା ଜାନକୀ ସଞ୍ଜ୍ଞା ନଭେ ବାୟୁ ସ୍ପର୍ଶେ ଯେ ।।୧୭
,, ଭଲ ଏ ନହେଲା ସୀତା କହି କ୍ଷୀଣ ଗଳେ ଯେ ।
ହା ସ୍ୱାମୀ ଦେବର ବୋଲି କାନ୍ଦନ୍ତି ବିକଳେ ଯେ ।।୧୮
,, ଗଗନ ପବନ ବୃକ୍ଷେ ବୋଲନ୍ତି ଯେ ସୀତା ଯେ ।
ଲଙ୍କେଶ ନେବା ଦେଖୁଛ କାନ୍ତେ ଦେବବାର୍ତ୍ତା ଯେ ।।୧୯
,, ବୋଲନ୍ତି ପୁଣି ମୋଧବ ଖୋଜିବା କାଳରେ ଯେ ।
ମୋର କଥା ରଖି ବାର୍ତ୍ତା ଦେବ ଚଞ୍ଚଳରେ ।।୨୦
,, ରାମନାରୀ କାନ୍ଦବାରୀ ଜଟାୟୁ ସପକ୍ଷ ଯେ ।
ହୋଇ ରଣ କରୁ ଦୈତ୍ୟ ଛେଦିଲା ତା ପକ୍ଷ ଯେ ।।୨୧
,, ଘାତଦେଖି ଜଟାୟୁର ବୈଦେହୀ କହନ୍ତି ଯେ ।
ବଞ୍ଚିରହ ବାର୍ତ୍ତାଦେଇ ଲଭିବ ସୁଗତି ଯେ ।।୨୨

Digitized by PPRACHIN, SOA

ସୁଜନେ -ବୈଦେହୀଙ୍କ କଷ୍ଟ ଦେଖି ବିଚାରନ୍ତି ଦେବେ ଯେ ।
ଶିରୀ ଚ୍ୟୁତହେଲା ଅସୁର ବିନାଶ ହେବେ ଯେ ।।୨୩
,, ବାଳୀଡରେ ହନୁସଙ୍ଗେ ଋଷ୍ୟମୂକ କ୍ରୋଟେ ଯେ ।
ବାଳୀଭ୍ରାତା ସୁଗ୍ରୀଥିବା ଦେଖିଣ ସଂକଟେ ଯେ ।।୨୪
,, ସୀତାଳୟେ ଉତ୍ତରୀୟେ ବାନ୍ଧି ଅଳଙ୍କାର ଯେ ।
ପକାଇ ବୋଲନ୍ତି କାନ୍ତେ ଦେବ ମୋ ଖବର ଯେ ।।୨୫
,, ରୋଦନରୁ ଜାଣି ରାମ ପତ୍ନୀ ସୀତାସତୀ ଯେ ।
ସ୍ୱର୍ବଂଶୀ ହେବେ ତା ଜାଣି ସାଇତି ରଖନ୍ତି ଯେ ।।୨୬
,, ମନ୍ଦୋଦରୀସାଇଁ ଯାନ ଚଞ୍ଚଳ ଚଳାଇ ଯେ ।
ଲଙ୍କାଅଶୋକ ବିପିନେ ପ୍ରବେଶିଲା ଯାଇ ଯେ ।।୨୭
,, ରଖାଇ ସୀତାଙ୍କୁ ପଦ ବନ୍ଦିଣ ଯତନେ ଯେ ।
ସହସ୍ର ସେବିକା ଖଟାଇଲା ପଦେ ଘନେ ଯେ ।।୨୮
,, ଦେବକୁଳ କଲେ ସ୍ଥିର ସୀତାଙ୍କ ସମ୍ବାଦ ଯେ ।
ଦିଅନ୍ତୁ ମରୁତ ଶୁଣି ବାତ ହେଲେ ମୋଦ ଯେ ।।୨୯
,, ବର୍ଜନ କରିଣ ଦେବୀ ଦୁଃଖେ ଖାଦ୍ୟପାନ ଯେ ।
ରାମନାମ ସ୍ମରି ବସି କାଟୁଥାନ୍ତି ଦିନ ଯେ ।।୩୦
,, ତେଣେ ରାମ ରାମାନୁଜ ଆସି କୁଟୀପାଶେ ଯେ ।
ସୀତା ନଦେଖି ରୋଦନ କରିବେ ବିଶେଷ ଯେ ।।୩୧
କାରୁଣ୍ୟ ରସ ସେ ଚିତ୍ତ କରାଇବ ଶୁଦ୍ଧି ଯେ ।
ଲୟ ଦେଇ ଥୟେ ଶୁଣ କହେ ଦୟାନିଧି ଯେ ।।୩୨

❖❖❖

ସୀତାଙ୍କୁ ନଦେଖି ରାମଙ୍କର ବିଳାପ ଓ ଜଟାୟୁ ଉଦ୍ଧାର

ଛାନ୍ଦ – ୧୮

(ରାଗ-ଶୋକ କାମୋଦୀ, ଶ୍ରୀରାଧା ବାତୁଳି ବୃତ୍ତେ)

ଶ୍ରୀରାମ ବାତୁଳ- ସୀତାପ୍ରେମେ ତୁଳ- ଚିହ୍ନି ଚିହ୍ନରା ବଣିକଗଣ ।
ଅତି ଦୁଃଖମନେ ପୁଚ୍ଛନ୍ତି ଲକ୍ଷ୍ମଣେ- ବୈଦେହୀ ନଦେଖି ରଘୁରାଣ ।
କହ କହ ଭାଇ । କହ ପ୍ରାଣପ୍ରିୟା ଗଲା କାହିଁ ।।
ପଦ ଅନୁସରି ପାଦ ଧୌତେ ବାରି- ଧରି ଦ୍ୱାରେ ଥାଏ ଆଜ ନାହିଁ ।।୧

Digitized by PPRACHIN, SOA

କନ୍ଧୁଥୋଇ ଏଣ- ଭାର ସେ ଲକ୍ଷ୍ମଣ, ଦେଖନ୍ତି କୁଟୀର ସେଥିନାହିଁ
କହନ୍ତି ସାନୁଜେ- ଧୈର୍ଯ୍ୟଧର ଏଯେ- ଇନ୍ଦ୍ରଜାଲ ପରି ଜଣାଯାଇ ।
ସର୍ବଯିବ ଜଣା । ଖୋଜିବା ନହୁଅ, ପଥବଣା ।
କୁଟୀସ୍ଥାନେ ନେତ୍ର, ଥାପି ରଘୁନାଥ- ବିଳ ଦେଖୁ ନାନା କଳପନା ।।୨
ତଦନ୍ତେ ବାତୁଳ- ପ୍ରାୟ ରଘୁବାଳ- ବିକଳେ ଖୋଜନ୍ତି ଗିରିଦରି ।
ନ ଦେଖି ଜାନକୀ, ଭାବନ୍ତି ଆନକି, ଘେନିଗଲା ଅବା ଚୋରିକରି ।
କିବା, ବନପତି । ଭକ୍ଷଣ କଲା ମୋ ସୀତାସତୀ ।
ସେ ବିପଦେ ପଡ଼ି- ଛାଡ଼ିଥିବ ରଡ଼ି- ନ ପାଇଣ, ମୋର ରାହାଗତି ।।୩
ବିଧି ସିଦ୍ଧି ବୃଦ୍ଧି- କାରଣେ ଅବଧି- ଘଟାଇଲା ହରାଇଲି ବନେ
ଥିଲି, ଏ କାନନେ, ଦେଖି ତା ଆନନେ, ଏବେ ଗଣ୍ୟ ହେବି ହୀନଜନେ
ତା,ପ୍ରାପ୍ୟେ, ଦୀନତା । ଦୂର ହେବାଆଶା, ଚିନ୍ତାଯାନ୍ତା ।
ବିଦାରିତ ହିଆ- ଦେଖି ଏକୁଟିଆ- କେ, ନେଲା ଚିହ୍ନିଲେ ଘୂରେମଥା ।।୪
ଭାବେ ଏକାନ୍ତର ମୋ,ପ୍ରାଣ ଅନ୍ତର ହେଲା ମୁଁ ବଞ୍ଚିଛି କେଉଁପରି
ନୟନ ପିତୁଳା- ଦୂରେ କାହିଁଗଲା- ତଥାପି ଚାଲଇ ବାଟବାରି
ମରଣେ ପୂର୍ବରୁ । ତନୁ, ଜଳେ, ନଜାଣେ ମୁଁ ଭୀରୁ ।
ପଣ୍ଡିତଙ୍କ ବ୍ୟକ୍ତ- ଦିନମଣି, ଅନ୍ତ- ସାୟଂକାଳେ ମୋର ସକାଳରୁ ।।୫
ପ୍ରିୟା ଅପଘନ- କରିଣ ସ୍ମରଣ- ବନ ପୂର୍ଣ୍ଣନେତ୍ର ଅନୁକ୍ଷଣ ।
ବନେ ମୃଗ ଯୁଥେ, ଇକ୍ଷଣେ ବିପଥେ- ବିହ୍ୱଳରେ ପଛରେ ଧାବନ ।
ବଇଦେହୀ ତୁହି । ମୋର ଆତ୍ମା ଆସ, ଯାଅ କାହିଁ ।
କବରୀ ବନ୍ଧନେ- ମୃଗମାରି ବନେ- ଆଣିଛି ତା ପୁଚ୍ଛ ନିଅ ସହି ।।୬
ହେ, ଲକ୍ଷ୍ମଣ ବୀର ଅସ୍ତ୍ର ଉପଚାର- କର ସ୍ୱର୍ଣ୍ଣମୃଗ ପିତୃଶ୍ରାଦ୍ଧେ ।
କରିଣ ଯତନ- ରଖ କୃଷ୍ଣାଜିନ, ଖୋଜିପାଉଁ ଦେବା ସୀତାବୋଧେ ।
ଚାମରୀ ଚାମର । ଶ୍ରଦ୍ଧା କରୁଥିଲା ପ୍ରିୟା ମୋର ।
ହାରିଲେ ବୈଦେହୀ ଯେଉଁ ମୃଗପାଇଁ- ତା ଶ୍ରାଦ୍ଧେ ଅର୍ପିବା ପିତୃଙ୍କର ।।୭
ଉର୍ମ୍ମିଳା ବଲ୍ଲଭ- ଶୁଣି ସେ ଦୁର୍ଲଭ କଥା ମୃଗମାଂସ ବଞ୍ଚନରେ ।
ସ୍ୱରେ ଦେଲେଡାକ ନକର ତା ପାକ ନାରୀ ହୀନେ ଶ୍ରାଦ୍ଧ ନୋହିପାରେ ।
ହେବ ଅପରାଧ । ଶିଖିଣ ପାଳିବେ ଭବେ ବୁଧ ।
ଶୁଣି ରଘୁବାଳ- ହୁଅନ୍ତି ବ୍ୟାକୁଳ ପାଦପେ ପୁଛନ୍ତି ନୋହି ବୋଧ ।।୮

Digitized by PPRACHIN, SOA

ମାତା ସୀତାଙ୍କୁ ନ ପାଇ ପ୍ରଭୁ ରାମଚନ୍ଦ୍ର ବନ, ଗିରି, ଲତା ଓ ମୃଗାଦି ଜନ୍ତୁଙ୍କୁ ପ୍ରଶ୍ନ, ଛାନ୍ଦ-୧୮,ପଦ।।୧।।

ହେ ଘଞ୍ଚ କାନନ, ଉପକାରମାନ କରୁଥିଲ ଏବେ ଯା, ସହିଛ ।
ହେ ଲତା ପାଦପ, ଚିତ୍ତ ଦପଦପ- କେ, ନେଲା ସୀତାଙ୍କୁ ନ, କହୁଛ ।
ସୌମିତ୍ରୀ ବାରଣ । ନ ଘେନୁ ଘଟିଲା ଅଘଟଣ ।
କୋକ, କାକ, ପିକ, ପାରା, ଶାରୀ ଶୁକ, କହମୋ ଦୁଃଖ ହେଉ ହରଣ ।।୯
ଆହେ ବନ ଯିବ- ମୁଁ ରାମ ରାଜିବ- ଲୋଚନା ସମ୍ଭବା ସୀତାପରି ।
ଦିଶୁଅଛ ସର୍ବେ, କିବା ମତ୍ତଗର୍ବେ- ପ୍ରପୀଡ଼ିତ କର ଦୁଃଖହେରି ।
ସୀତା ନେତ୍ର ଦେଖି । ଗଞ୍ଜିହୁଏ ସଦା ଖଞ୍ଜ ପକ୍ଷୀ ।
ଶୁକପକ୍ଷୀ ନାସା, କଣ୍ଠ ପିକ, ଭାଷା, ମୃଗ ଚଞ୍ଚଳରେ ଦିଏ ସାକ୍ଷୀ ।।୧୦
ବୀଣାର ନିସ୍ୱନ- ଠାରୁ ବଳିସ୍ୱନ- କେଶ ରାଶି ସରିତ ତରଙ୍ଗ ।
ବେଣୀ ସଙ୍ଗେ ଲେଖା, ହେବାପାଇଁ ଦେଖା, ଦିଏଆସି ବ୍ୟାଳ ନାରୀ ସଙ୍ଗ
ଦନ୍ତ କୁନ୍ଦକଳି ।। କଳିକରେ ଡାଳମ୍ବକୁ ଭାଳି ।
କ୍ଷଣପ୍ରଭା କାନ୍ତି- ଇକ୍ଷଣେ ମୋ, ଭ୍ରାନ୍ତି- ପଦ୍ମ 'ବିଧୁ' ମୁଖେ ହୁଏ ତୁଳି ।।୧୧
ହଂସ ଗଜ ଗତି, କଟି ସଙ୍ଗେ ଯତି- ପାଦେ ବନପତି ଧୃତିଟାଳେ ।
ବୃକ୍ଷ ଚେଳ ତଳ, ଆବୃତ୍ତ ଶ୍ରୀଫଳ- ରମ୍ଭାବୃକ୍ଷ ଜାନୁ ମନେ ଭାଳେ ।
ସମ୍ଭ୍ରମେ ବିଭ୍ରମ ।। ପ୍ରିୟା ବିରହେ କି, ମତିଭ୍ରମ ।
ନିକଷା ଆତ୍ମଜା- ଶାସ୍ତିରେ ଏ ସଜା- ଦେବାକୁ ଦେବଙ୍କ କାର୍ଯ୍ୟକ୍ରମ ।।୧୨
ନମ୍ରେ, ରଘୁପତି, ପାଦପେ, କହନ୍ତି ଘେନ ଆଲିଙ୍ଗନେ, ଲତାଚୟ ।
ମୋ, ଆଶୟଲତା, ଯେ,କେଣେ ଗଲା ତା, ନ ପ୍ରକାଶି କିମ୍ପାଇଁ ନିର୍ଦ୍ଦୟ ।
ଆହେ କଳିଗୁଚ୍ଛ ।। ଛଳାଇ ବିକଶି ହସୁଅଛ ।
ଉଚିତ ବେଭାର- ଏହାକି ତୁମ୍ଭର ନ ଲୁଚାଇ କିଛି କହ ସ୍ୱଚ୍ଛ ।।୧୩

Digitized by PPRACHIN, SOA

ହେବାପାଇଁ ମିତ୍ର ପୁରକଲି ତ୍ୟକ୍ତ- ଜଟାଧର ବୋଲି ଧରେ ଜଟା ।
ଦେବାକୁ ସମ୍ମାନ, ଘର କଲି ବନ, ବଳକଳ କରିଣ କାଛଟା
ଶାଖା ସହୋଦର ।। ଘେନି ଆଶ୍ରା ଯା ନିଆଶା, କର ।
ଉତ୍ତମ ସୁବାସ, ସୁମନରୁ ବାସ ଉତ୍ତମେ ପତ୍ର କୁଡ଼ିଆଘର ।।୧୪
ତୁମ ସ୍କନ୍ଧେ ପକ୍ଷୀ ବିଳାସକୁ, ଲକ୍ଷି, ବହେ ସ୍କନ୍ଧେଶର ପକ୍ଷୀ ସାକ୍ଷ ।
ରସାଳ ଅଶୋକ, ବାରଣେ, ମୋ ଶୋକ, ମୋ ରସାଳ ବାର୍ତ୍ତା ଦେଇ ରଖ ।
ତହିଁ ହନୁତାତ ।। ଚଳୁ ପର୍ଣ୍ଣ ସେ, ଦିଗେ, ଚଳିତ ।
ସେ, ଦକ୍ଷିଣେ ଚାହିଁ- ଚାହିଁ ଭାବଗ୍ରାହୀ- ବିଚାରନ୍ତି ଏ ବୃକ୍ଷ ସଙ୍କେତ ।।୧୫
ଯାଉ କିଛି ଦୂରେ ପଥ ନିକଟରେ- ଶୁଣିଲେ ମଠରେ ଶୁଆସାରୀ ।
ପଢୁଥିଲେ ନାମ ରଘୁକୁଳୋତ୍ତମ- ରାମ ସୀତା କଣ୍ଠ ସମ, ବାରି ।
ଧାଇଁ ଖରତରେ ।। ଚକ୍ରଚିହ୍ନ ଦେଖିଲେ ପଥରେ
ଭାବନ୍ତି ଚିତ୍ତରେ- କେହି ବଳତ୍କାରେ ଘେନିଗଲା ବସାଇ ରଥରେ ।।୧୬
ଅବିଚାର କଲା, ମୋ ବାଣିଜ୍ୟ ଭେଳା ବିରହ ସାଗରେ ବୁଡ଼ାଇଲା ।
ବଞ୍ଚିବି କେସନ ଅରଜିବା ଧନ- ମଧୁ ସୁନା ସୀତା ଘେନିଗଲା ।
ମୋ, ଦେହ ପଥର କଷଟି କଷକେ ହେବ ସ୍ଥିର ।
ପିତୃ କାର୍ଯ୍ୟ ସିଦ୍ଧି, ନ ହୋଇଲା ବ୍ୟାଧି- ବୃଦ୍ଧି ହେଲାନାହିଁ ଗତି ମୋର ।।୧୭

ଜଟାୟୁ ଉଦ୍ଧାର

Digitized by PPRACHIN, SOA

ପ୍ରଳାପେ ପ୍ରଳାପି, ଯାଉ ନାମ ଜପି- ଜଟାୟୁ ଚେତନା ଲାଭକଲା
କଷ୍ଟ ବର୍ଜି ମୋଦେ, କହିଲା ପ୍ରମୋଦେ- ରାବଣ ଦକ୍ଷିଣେ ସୀତାନେଲା
ପଥରୋଧୁ ବଣା ।। ହୋଇ ସେ ଛେଦିଲା, ବେନିଡେଣା
ମାତା ବରେ ଜୀବ, ରହିଲା ଦୁର୍ଲ୍ଲଭ କଥା ଯା ବଞ୍ଚିଲି ବିଡ଼ମ୍ୱନା ।।୧୮
ବୋଲନ୍ତି ରାଘବ ବଞ୍ଚାଇବା ଲବ, ମାତ୍ରକେ, ସେ ପକ୍ଷୀ କଅଁଳିବ
ଶୁଣି ପକ୍ଷୀଜଟା- ବୋଲେ ଏ କୁଳଟା, ଧର୍ମ ହେବ ଲୋଡ଼ା ନାହିଁ ଦେବ ।
ଅନ୍ତିମେ ପବିତ୍ର ।। ହେଲା ଦରଶନେ ନେତ୍ରଗାତ୍ର ।
ରାମଚନ୍ଦ୍ର ଭଣି ତୁମ୍ଭ ପରି ପ୍ରାଣୀ, ଏ ମହୀ ମଧ୍ୟରେ ନଥିବେତ ।।୧୯
କରିଲେଯା ବ୍ୟକ୍ତ- ଜୀବ ପାଏ ମୁକ୍ତ- ଅନ୍ତିମ ସମୟ ଦର୍ଶନରେ ।
ମୋ ବିଚାରେ ମନା ଗ୍ରନ୍ଥେ ଲେଖାସିନା- ତରେ ନିଜ କର୍ମ ଅନୁସାରେ ।
କର୍ମୁ ରାଜ୍ୟନାଶ- ସତ୍ୟପାଳୁ ହେଲା ବନବାସ ।
କର୍ମ ଦୋଷୁ ପିତା- ହତ, ଅପହୃତା- ସୀତା, ଏ ମୋହର, କର୍ମଦୋଷ ।।୨୦
ଯେହୁ ସଦାରତ- ଥାଏ ପରହିତ କାର୍ଯ୍ୟେ, ଏହି ବିଶ୍ୱ ବ୍ରହ୍ମାଣ୍ଡରେ ।
ତା ପକ୍ଷେ, ଐଶ୍ୱର୍ଯ୍ୟ- ଆଗୁ ହୁଏ ଧାର୍ଯ୍ୟ ସତମାର୍ଗେ ଯାଏ ବୈକୁଣ୍ଠରେ ।
ଶୁଣି ପକ୍ଷୀବର ।। ସ୍ମରି ରାମ ନାମ ବାରମ୍ୱାର ।
ଦେହତ୍ୟାଗକଲା, ଦିବ୍ୟ ରୂପେ ଗଲା ବିଭୂଷଣ ହୋଇ ଅଳଙ୍କାର ।।୨୧
ଶ୍ରୀରାମ ଦୟାରେ- ବଇକୁଣ୍ଠ ପୁରେ- ଆତ୍ମା ଦେବଦୂତେ ଘେନିଗଲେ
ଦଶରଥ ବର- ମାନି ରଘୁବୀର- ପୁତ୍ରପରି, ଦାହ କାର୍ଯ୍ୟ କଲେ ।
ପିତୃବତମଣି ।। ସ୍ନାନ କରି ଦେଲେ ପିଣ୍ଡପାଣି ।
ବିଂଶବେନି ପଦେ, ଦୟାନିଧି ମୋଦେ, ରଚେ ଘେନାକର ହର୍ଷେ ଗୁଣି ।।୨୨

❖❖❖

ଅପାତ୍ରରେ ଦାନ

ଛାନ୍ଦ – ୧୯

(ରାଗ- ମଙ୍ଗଳଗୁଜ୍ଜରି (ନବାକ୍ଷରୀ))

ଶୁଣ ସୁଜନେ ଦେଇମନ ।। ବସି ଏ ଅପୂର୍ବ ଆଖ୍ୟାନ ।।୧
ଉମା କହନ୍ତି ଶିବ ପଦେ ।। ହେ,ନାଥ ତୁମ୍ଭ ପରସାଦେ ।।୨
ଯେ, ମହାବେଦ ରାମାୟଣ ।। ସଂକକ୍ଷେ କରୁଛି ଶ୍ରବଣ ।।୩

Digitized by PPRACHIN, SOA

ଆରଣ୍ୟ କାଣ୍ଡର ଚରିତ ।। ଏ ଯାଏଁ ଯାହା କର୍ଣ୍ଣଗତ ।।୪
ତା ମଧ୍ୟେ ଆସି ଲଙ୍କପତି ।। ଭିକ୍ଷା ମାଗିଣ ନେଲା ସତୀ ।।୫
ଧର୍ମ ରକ୍ଷାରୁ ଏହି ଫଳ ।। ଶିଖିବେ କି ମହୀମଣ୍ଡଳ ।।୬
ଭିକ୍ଷା, ଦେବାରୁ ଏହିଗତି ।। ଧର୍ମେ କେ, କିମ୍ବା ଦେବ ମତି ।।୭
ଜଗତଜନ କିମ୍ବା ଭିକ୍ଷା ।। ଦେଇ କରିବେ ଧର୍ମ ରକ୍ଷା ।।୮
ଏ ହେଲା ଅନ୍ୟାୟ ବିଚାର ।। ନ ବୁଝେ ସିଦ୍ଧି ମାର୍ଗଯାର ।।୯
ଶୁଣି କହନ୍ତି ଶୂଳପାଣି ।। ଶୁଣ ସେ କଥା, ଗୋସାମଣି ।।୧୦
ଜଗତଜନ ଶିକ୍ଷାଅର୍ଥେ ।। ରାବଣ ସୀତା ନେଲା ରଥେ ।।୧୧
ଜଗତମାତା କମଳିନୀ ।। ସମସ୍ତ କଥା ଜାଣି ଶୁଣି ।।୧୨
ଧର୍ମକୁ ଦୁହାଇ ଦେଇଣ ।। ପଦେ ଦଳିଣ ସ୍ୱାମୀରାଣ ।।୧୩
ମନେ ବିଚାର ନ କରିଲେ ।। ଅବିଚାରରେ ଭିକ୍ଷା ଦେଲେ ।।୧୪
ଯେ, ସ୍ୱାମୀ ସେବା ସ୍ୱାମୀ କଥା ।। ନ ପାଳେ ତା କଷ୍ଟ ସର୍ବଥା ।।୧୫
ନାରୀର ସ୍ୱାମୀରୁ ଅଧିକ ।। ନାହିଁ କହନ୍ତି ବିଜ୍ଞ ଲୋକ ।।୧୬
ତା ପ୍ରତି ଭ୍ରୂକ୍ଷେପ ନକରି ।। ଧର୍ମ ଅର୍ଜନେ ଏତେ ସରି ।।୧୭
ଆଣ୍ଡ ନିବାସ କାଳେ ହାଟେ ।। ମେଳା ମୌଚ୍ଛାଦି ବାଟଘାଟେ ।।୧୮
ବହୁତ ଭିକ୍ଷୁ ହାତ ପାତି ।। ଭୋଖିଲା ରହିଛୁ କହନ୍ତି ।।୧୯
ଧରମ କର ଦେଇ ଅନ୍ନ ।। ଧର୍ମ ହୋଇବ ଉପାର୍ଜନ ।।୨୦
ଯେ ଦୟା ପରବେଶ ହୋଇ ।। ଜ୍ଞାନ ହରାଏ ଧର୍ମପାଇଁ ।।୨୧
ବା, ତ୍ରାହି ପାଇବା ଆଶାରେ ।। ଭିକ୍ଷା ଦିଅଇ ଅପାତ୍ରରେ ।।୨୨
ସେଥିରେ କର୍ତ୍ତବ୍ୟର ଶେଷ ।। ନୁହେଁ ସେ ଆତ୍ମାର ସନ୍ତୋଷ ।।୨୩
ଭିକ୍ଷା ମାଗିବା ହୀନ ବୃତ୍ତି ।। ସୁଜନ ହୁଏ ମୂଢ଼ମତି ।।୨୪
ସେ, ଭିକ୍ଷା ହେତୁ କର୍ମଛାଡ଼ି ।। ସହଜୁ ବୁଲେ ବାରବାଡ଼ି ।।୨୫
ବିଚାର ହୀନେ, ଅସତ୍ ମାର୍ଗେ ।। ଗମାଏ ସେ ଭିକ୍ଷାସି ବର୍ଗେ ।।୨୬
କେବଳ ଅନ୍ଧ ଅକର୍ମଣ୍ୟ ।। ସତ୍‌ପାତ୍ରେ ପୁଣ୍ୟେ ଦିଅ ଦାନ ।।୨୭
ବିଚାର ବିହୀନେ ସୀତୟା ।। ଦଶାସ୍ୟେ ଭିକ୍ଷା ଦେଲେ ଯାହା ।୨୮
ଧର୍ମଠୁ ଅଧର୍ମ ବଳିଲା ।। ଲଙ୍କେଶ ଧରି ଚାଲିଗଲା ।।୨୯;
ଶୁଣି କରିବେ ସର୍ବେ ଶିକ୍ଷା ।। ନଦେବେ,ଅପାତ୍ରେ କେ ଭିକ୍ଷା ।୩୦
ସେ ମଧ୍ୟ ଦଶାନନ ପରି ।। ବହୁ ଅଛନ୍ତି ପାପଚାରୀ ।।୩୧
କୁଳ ମର୍ଯ୍ୟାଦା ଦେଶ ଯଶଃ ।। କରନ୍ତି ସେହିମାନେ ନାଶ ।।୩୨

Digitized by PPRACHIN, SOA

ଭିକ୍ଷାର୍ଥେ ବୁଲୁ କାର୍ଯ୍ୟ ଶକ୍ତି ।। କ୍ରମେ ଲଭନ୍ତି କ୍ଷୟ ପ୍ରାପ୍ତି ।।୩୩;
ଏଣୁ ହେ ବିବେକ ବିବେକି ।। ଯା ଦେବ ସତ୍ପାତ୍ରେ ଦେଖି ।।୩୪
ବିଚାରେ ଦେଇ ଯଦ୍‌ଭିକ୍ଷା ।। ଦେଶର କର ମାନରକ୍ଷା ।।୩୫
ଭିଖାରି କଲେ କର୍ମଚିନ୍ତା ।। ନଭେ ହସିବେ ଦେଶମାତା ।।୩୬
ଭିକ୍ଷୁ ନ ବୁଲୁ ଥାଳ ଧରି ।। ସନ୍ତୋଷ ହେବେ ନରହରି ।।୩୭
ଏପରି ଭାଷୁ ବ୍ୟୋମକେଶ ।।ପାର୍ବତୀ ହୋଇଲେ ସନ୍ତୋଷ ।।୩୮
କୁବୁଧେ, ଏ ଯାହା ରଚନ ।। ଶୁଣି ସନ୍ତୋଷ କର ମନ ।।୩୯
କରୁଣା ସାଗର ଶ୍ରୀହରି ।। ଭବ ସାଗରୁ ଦେବେ ତାରି ।।୪୦
ଶ୍ରୀରାମ ଚରଣେ କମଳ ।। ଆଶ୍ରାରୁ ରଚେ, କରିବଳ ।।୪୧
ବ୍ରାହ୍ମଣ ଦୟାନିଧି ଦାଶ ।। ଏ ଛାନ୍ଦ ଏଥି କଲା ଶେଷ ।।୪୨

ଓଁ ଶ୍ରୀରାମ ଚନ୍ଦ୍ରାୟ ନମଃ

କବନ୍ଧ ମୁକ୍ତି

ଛାନ୍ଦ - ୨୦

(ରାଗ-ବସନ୍ତ)

ପ୍ରଧାନ, ପ୍ରଧାନ ଗୁଣି ଗଣଗଣ୍ୟ, ମାନସ ରଖ ସାବଧାନ ।
କୈଳାସ ଶିଖରେ, ଉମା ପୁଚ୍ଛିବାରେ, କହନ୍ତି ଯାହା ପଞ୍ଚାନନ ।
ସେ ରାମ-ରସ ଶ୍ରେଷ୍ଠ ତିନି ଭୁବନେ
ତାହାରି ମାର୍ଗରେ, ଗତି କର ଧୀରେ,ଅନ୍ତିମ କାଳର ପାବନେ ।।୧

ପୂର୍ବକାଳେ ଋଷା ମଧରେ ଦୁର୍ବସା ଶାପରେ ଗନ୍ଧର୍ବ ଦାନବ ।
ହୋଇ ଉନମତ୍ତ କରେ ଗର୍ଭ ଗତ ପ୍ରାପ୍ୟ ଜୀବଜନ୍ତୁ ମାନବ ।
ସଂସାର-ରକ୍ଷାରେ ଇନ୍ଦ୍ରତା ଦଣ୍ଡରେ ।
ତକ୍ଷଣେ ନକରୁ, ବଜ୍ରଘାତକରୁ, ମୁଣ୍ଡ ପଶିଗଲା ପିଣ୍ଡ ।।୨
ଶିର ଚ୍ୟୁତ କନ୍ଧ, ହେବାରୁ କବନ୍ଧ ନାମେ ବିରୂପକୁ ବରିଲା ।
ରାମ ଲକ୍ଷ୍ମଣଙ୍କୁ, କଥାବାରିକଙ୍କ- ପ୍ରାୟ ଦୂରୁ ଟାଣି ଧରିଲା ।
କୁଣ୍ଡଳି-ନକୁଳ ଧରିବା ପରାୟେ ।
ହସି ହସି କଷି, କୁମ୍ଭସୂତ ଅସି, ସୌମିତ୍ରୀ ପ୍ରହାରିଲେ ଲୟେ ।।୩

Digitized by PPRACHIN, SOA

ବୋଲନ୍ତି ରାଘବ, ମୋ କର୍ମ ଲାଘବ, କମଠେ ଏମଠେ ବାଟରେ ।
ବିଲୋକି ଭୋକ୍ତାରେ, ମୁଖକୁ ବିସ୍ତାରେ, ମାର୍ଗକୁ ନିରୋଧି ଆଣ୍ଡରେ ।
ବିପାକ-କର୍ମୁ ବ୍ୟଙ୍ଗେ ବ୍ୟଙ୍ଗ କରିଲା ।
କୃପାଣ ନିଧାନ, ଫଳୁଁ ହୋଇ ଛିନ୍ନ ବୃକ୍ଷସମଦେଖ ସ୍ମରିଲା ।।୪

ଶୁଣିତା କୌଣପ, ବୋଲେ ଗଲା ଶାପ ଦର୍ଶନୁ ଲକ୍ଷ୍ମଣ କୃପାଣେ ।
ଶରୀର ଦହନ, କରାନ୍ତୁ ବହନ, ଆବାହନେ ହବ୍ୟ ବାହନେ ।
ଖବର-କହିବି ସ୍ୱଦେହେ ତୁମକୁ,
ବିଖଣ୍ଡନେ ଦଶା, କହିଲେ ଦୁର୍ବସା, ତରିବୁ ଦେଖିଲେ ରାମଙ୍କୁ ।।୫

ପିତୃ ଦାହବତ, ମନେ ପ୍ରେତ କୃତ୍ୟ, କରିଲେ ସୌମିତ୍ରୀ ପାବନ ।
ଧରି ଦେବତନୁ, ଯାଏ ଯଥା ଭାନୁ ଆକାଶେ ନେତ୍ରୁ ବହେ ବନ ।
ସୀତାଙ୍କ-ବାର୍ତ୍ତା କହେ ରାମ ଶୁଣନ୍ତି ।
ସ୍ୱର୍ଣ୍ଣଲଙ୍କାପୁର, ନୃପ ଦଶଶିର, ଅପହରଣ କଲା ସତୀ ।।୬

ବର୍ଯ୍ୟ, ରଖି ଧୈର୍ଯ୍ୟ, ଯାଅ ହେ ଅଧୈର୍ଯ୍ୟ ନହୋଇ ପମ୍ପାସରେ, ଜବ
ତା ନିକଟ ଗିରି, ପାଦରେ ଶବରୀ ଗୋପାଳ, ସୁଗ୍ରୀଭେଟ ହେବ,
ସୀତାଙ୍କ -ଭୂଷଣ ଖବର ପାଇବ,
ଏ ସମ୍ବାଦ ଶୁଣି, କାନ୍ଦି ରଘୁମଣି, ବୋଲନ୍ତି କି, କଲୁ ଦଇବ ।।୭

ସେଥି ଶିବପୂଜା, କରିଣ ନଗ 'ଜା', ପଚାରନ୍ତି କିଏ ଶବରୀ
କି କାର୍ଯ୍ୟ କାରଣେ, ରହିଲା ଏ ବଣେ, ତା ପାଶେ ଯିବେ ଚାପଧାରୀଷ
ପ୍ରକାଶ-ଶବରୀର ପୂର୍ବ ବୃତ୍ତାନ୍ତ,
ଶୁଣି କୃତ୍ତିବାସ, ହୋଇଣ ହରଷ, କହନ୍ତି ତାର ଆଦିଅନ୍ତ ।।୮

ଏଥୁ ବହୁଦୂର, ନିଘଞ୍ଚ ବନ୍ଧୁର, ପଥରେ ପଥର ଆଳୟ
ଭିଲ୍ଲୁ ରାଜାବାସ, ଶାନ୍ତ ପରିବେଶ, ନାମ ପ୍ରଭାବୁ ରାମ ମୟ
ସେ ରାଜା-ପୁତ୍ରୀ ବଡ଼ ପୂତ ହୃଦୟ,
ଜୀବେ ଦୟା ନାମେ, ଭକ୍ତି ସଦା କାମେ, ପୂର୍ବ ସଂସ୍କାରରୁ ଉଦୟ ।।୯

ଟୀକା: ୯ ବନ୍ଧୁର - ଉଚ୍ଚ ନୀଚ ଖାଲି ଢିପ ଜଙ୍ଗଲ, ପୂତ - ପବିତ୍ର,

Digitized by PPRACHIN, SOA

ସେ ଦୁହିତା ଜ୍ଞାନ, ଲଭନ୍ତେ ରାଜନ, ଜାତୀୟ ଧର୍ମ କର୍ମ ନେଇ
କନ୍ୟା ବିବାହରେ, ସ୍ଥିର କରି, ବରେ, ବନ୍ଧୁ ବାନ୍ଧବେ ଗୁଆ ଦେଇ
ଭୋଜିରେ-କରିବା ପାଇଁ କି ରନ୍ଧନ,
ବାଛି ବାର ଛାଗ, କିଣି ଆଣି ଆଗ, ପ୍ରାଙ୍ଗଣେ କରିଲା ବନ୍ଧନ ।୧୦
ସୁରା ଭାଣ୍ଡ ଦେଖି, ସେ କନ୍ୟା ନିର୍ମାଖୀ ଦୁଃଖେ ବ୍ୟତିବ୍ୟସ୍ତ ହୋଇଲା
ମୋର ସୁଖ ଭୋଗେ ଏସିନା ମରିବେ ପ୍ରଣୟ କି ଲୋଡ଼ା ବୋଇଲା
ଏ ଘରୁ-ରାତ୍ରେ ପଳାଇବି ଦୂରକୁ,
ମୋ ଦେଖା ନପାଇ ଯିବେ ଜାତିଭାଇ ବରବାହୁଡ଼ିବ ପୁରକୁ ।।୧୧
ଛାଗଯିବେ ବର୍ତ୍ତି ରହିବ କୀରତି ରାତ୍ର ଥାଉଁ ଯାଇ ବାଟରେ
ରହେ ପମ୍ପାସର, ମାତଙ୍ଗ ପ୍ରବର ଆଶ୍ରମ ନିକଟ କ୍ରୋଟରେ
ତା ପିତା-ସୁତା ଖୋଜି ହୋଇ ବିକଳ
ସ୍ୱଜନେ ବୋଇଲା, ସର୍ବନାଶ ଗଲା ଫେରିଲେ ଦୁଃଖରେ ସକଳ ।।୧୨
ଶିଶୁପାଳ ହୋଇ ପୁରକୁ ନଯାଇ ସେ ବର ଚୁମ୍ବି ହୀରାମୁଦି
ଜୀବନ ହାରିଲା ଅତି ଦୁଃଖହେଲା ସ୍ୱଜନେ ତା ପିତାକୁ ବୋଧି
ଫେରିଲେ- ଏହିପରକାର ଶବରୀ
ରାମାୟଣ ଯାତ ରାଣ୍ଡରୁ ରାଣ୍ଡେ ଯେ ନବାନ୍ଧି ରହିଲା କବରୀ ।।୧୩
କ୍ରମେ ଦିନଗତେ, ଦେଖିଣ ଜାଗ୍ରତେ ତପୀ ଦିନଚର୍ଯ୍ୟା ଶବରୀ
ମନେକଲା ସ୍ଥିର, ସର୍ବଦା ତାଙ୍କର ସେବା କରିବ ରହିକରି
ସଭୟେ-ନୀଚଜାତି ହେତୁ ବିକଳ
ନିତ୍ୟ ପ୍ରତ୍ୟୁଷରେ, ଆଶ୍ରମ ଦୁଆରେ ଲୁଚିଣ ଥୁଏ ଫୁଲଫଳ ।।୧୪
ବର୍ଯ୍ୟମୁନି ରାତି, ଶେଷରେ ଯାଆନ୍ତି, ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନରେ
ପୁଷ୍ପ ଫଳଦେଖି, ଶବରୀ ନଦେଖି ସମସ୍ତ ଜାଣିଲେ ଧ୍ୟାନରେ
ଶବରୀ ଆଶ୍ରମର- ଚାରି ଦିଗରେ
ପରିଚାର ପରି, ପରିଚର୍ଯ୍ୟାକରି ପୁଷ୍ପଦିଏ ମୁନି ବର୍ଗରେ ।।୧୫

ଟୀକା: ୧୧ ଛାଗ-ଛେଳି ପ୍ରାଙ୍ଗଣ-ଅଗଣା, ନିର୍ମାଖୀ-ନିରାଶ୍ରୟ, ପ୍ରଣୟ- ପ୍ରେମ, ୧୨ ସ୍ୱଜନେ- କୁଟୁମ୍ବେ, ୧୩ ଦିନଚର୍ଯ୍ୟା-ଦିନର କର୍ମ, ପ୍ରତ୍ୟୁଷ-ଭୋରୁ, ପ୍ରଭାତରୁ, ୧୪ ପରିଚାର- ସେବକ, ପରିଚର୍ଯ୍ୟା- ସେବା, ୧୫ ଶାଳିନେ- ଲଜ୍ଜାରେ, ପ୍ରୌଢ଼ା -ଦ୍ୱିତୀୟ ଅବସ୍ଥା, ମାର୍ଗ-ବାଟ, ମାର୍ଜନା- ଝାଡୁ କରିବା, ବଳୟ- ପୂର୍ବକାଳର ବିଧବା ପିନ୍ଧୁଥିବା ଖଡୁ ବିଶେଷ,

Digitized by PPRACHIN, SOA

ତା ମନରେ ତାପ, ନ ବେଦାକୁ ତପଃଶୀଳ, ସ୍ଥିର କଲେ ଶାଳିନେ
ଗଡ଼ନ୍ତେ ଦିବସ, ଯଉବନ ଶେଷ, ପ୍ରୌଢ଼ା ଅବସ୍ଥା ଆଗମନେ
ଶବରୀ-ମାର୍ଗ ମାର୍ଜନାରୁ ବଳୟ
ଅବାକକୁ ଶୁଣି, ଆନତପୀ ଶ୍ରେଣୀ ପୁଛନ୍ତେ ତାର ପରିଚୟ ।।୧୬

ବୋଇଲା ଶବରୀ, ଶୁଣ ତପଚାରି ମଳୟ ଦେଶର ନରେନ୍ଦ୍ର
ଅଟନ୍ତି ମୋ ପିତା, ନାମ ଶ୍ରୀକଇଁତା, ଜାତି ଅଟଇ ଆଦିକନ୍ଧ
ବସୁକ-କନ୍ଧପଲ୍ଲୀର ନତରପତି ।
ଦୁହିତା ମୋ ମାତା, ମୁଁ ଏକ ଦୁହିତା, ନାମ ମୋହର ତିରିପତି ।।୧୭

ଇନ୍ଦ୍ରଶାପେ ମର୍ତ୍ତ୍ୟ, ପୁରେ ମୋର ଜାତ ଶୁଣି ମୁନି ତପ ବଢ଼ାଇ
ଦେଖାଇ ବୋଲନ୍ତି, କି କରିଲୁ ଜାତି, ଭାସିଗଲା ନେଲୁ ଉଡ଼ାଇ
ତପସ୍ୟା-ଷଟକର୍ମ ସନ୍ଧ୍ୟା ତର୍ପଣ
ନାଶଗଲା ପୂଜା- ଦ୍ରବ୍ୟକୁ ଦିଅଯା ଏଣିକି ନକର ଅର୍ପଣ ।।୧୮

ଏ ପ୍ରସଙ୍ଗ ଶୁଣି, ତାପସ ଅଗ୍ରଣୀ ମାତଙ୍ଗ ସ୍ୱୀକାର ନ ଦେଇ
ବୋଲନ୍ତି ନିଷାମ, କର୍ମେ ଯାମରମ, ପ୍ରକୃତ ସାଧୁସନ୍ଥ ସେହି
ଈଶ୍ୱର-କ୍ଷମା ନ ଦେବେ ଏ ବିଚାରେ
ତାପସେ ବୋଲନ୍ତି, ଗଲା ଜାତିନୀତି, ଅପବିତ୍ର ସର୍ବେ ଆଚାରେ ।।୧୯

କୋପେ ଋଷିବୃନ୍ଦ, ମାତଙ୍ଗେ ବାସନ୍ଦ, କରି ସ୍ନାନ ଶୌଚେ ଚଳିଲେ
ଦେଖିଲେ ସେ ଟାପେ, ଜଳନାହିଁ ଟୋପେ, ଆଶ୍ଚର୍ଯ୍ୟ ହୋଇଣ ଭାଳିଲେ
ମାତଙ୍ଗ-ଅବମାନନାର କାରଣ
ଚାଲ ସର୍ବେ ଯିବା, ବିନୟୀ ହୋଇବା, ନକରିବେ ସେହି ବାରଣ ।।୨୦

ଆସି ତପୀଗଣ, ଜଣାଉଁ କାରଣ, ସେ ତପୀ ରଖିଣ ଶରଣ
ଦିଅନ୍ତି ଭାଷଣ, ସନ୍ଥ ଅପମାନ, ଫଳରୁ ଏକାର୍ଯ୍ୟ କାରଣ
ହୋଇଚି-ଶୁଣ ସର୍ବେ ଗତ କଥାକୁ
ତାହାପରେ ବସି, ଯାହାହେବ ଖୁସି, କରିବ ଖଟାଇ ମଥାକୁ ।।୨୧

ଟୀକା: ୧୬ ନରେନ୍ଦ୍ର - ରାଜା, ତିରିପତି- ତ୍ରିପତି, ୧୭ ଷଟକର୍ମ- ଯଜନ ଯାଜନ ଅଧ୍ୟୟନ ଅଧ୍ୟାପନ ଦାନ ପ୍ରତିଗ୍ରହ, ୧୮ ନିଷାମ କାମନା ରହିତ ଆଚାରେ -ଅନୁଷ୍ଠାନ କର୍ମେ, ସାଧୁବ୍ୟକ୍ତିରହିବା ତାପସେ ମୁନିମାନେ, ୧୯-ବାସନ୍ଦ ଏକଘରିକିଆ ଦିଅନ୍ତି ଭାଷଣ, କଥାରେ କହିଲେ, ସନ୍ଥ- ସୁଜନ, ୨୧ ମୁଁକାରେ- ଅହମିକାରେ ।

Digitized by PPRACHIN, SOA

ପମ୍ପାସର ପୂର୍ବେ, ନଥିଲା ଏଠାବେ, ମୁଁ କାରେ ଥିବା ତପୀକୁଳ
କରନ୍ତେ ଖନନ, ବରୁଣ ପ୍ରସନ୍ନ, ନୋହିଲେ ନହୋଇଲା ଜଳ
ବିକଳ-ହେଉ ସେ ବରୁଣ କଥିତ
ଗର୍ବରେ ଖନନ, କରୁ ମୁନିଗଣ, ଜଳ ନୋହିଲା ନିରିଗତ ।।୨୨

ଫମ୍ପା ହେତୁ ସର, ନାମ ପମ୍ପାସର, ଆଜିଠାରୁ ତାର ହୋଇଲା
ଦେଉଅଛି ବର, ପଞ୍ଚତୀର୍ଥୁ ନୀର ପୂର୍ଣ୍ଣହେବ କଥା ରହିଲା
କେବେକେ-ଅଧର୍ମେ କରିଲେ ଗତିକି
ନରହିବ ଜଳ, ଜାଣହେ ସକଳ, ଥୟେ ରଖି ନିଜ ମତିକି ।।୨୩

ତ୍ରିପତି ବାସନ୍ଦ, ଫଳୁଏ ବିପଦ, ହୁଏ ସର୍ବେ ମନେ ବିଚାର
ତା ପାଇଁ ଉପାୟ ଡାକି ତପୀରାୟ, ଶବରୀ ସେବା ଘେନାକର
ବେଦକୁ-ଉଚ୍ଚାରିବା ଜଳ ପାଇଁକି,
ଶୁଣି ତପଚାରି, ଡାକନ୍ତି ଶବରୀ କ୍ଷମା ମାଗିନେବା ପାଇଁକି ।।୨୪

ପୁଣି ଋଷିବ୍ରାତ, କରନ୍ତି ବ୍ୟକତ, ବଡ଼ ଯେ ପ୍ରମାଣ ହୋଇଲା
ପୂଜାଦ୍ରବ୍ୟ ସର୍ବ ପୂର୍ବପରି ଦେବ, ତପୀଙ୍କ ଅନୁଜ୍ଞା ହୋଇଲା
ଏପରି-କ୍ରମେ କ୍ରମେ କାଳ ବହିଲେ
ଦିନେ ତପୀବର୍ଗେ, ସ୍ୱଦେହେ ସ୍ୱରଗେ ଯିବାକୁ ମାତଙ୍ଗେ କହିଲେ ।।୨୫

ସାଧନା ନିୟମ, ମତେ ପ୍ରାଣାୟମ କରିସର୍ବେ ଶୂନ୍ୟେ ଚଳନ୍ତି
ମାତ୍ର ଶ୍ରେଷ୍ଠଯତୀ, ମାତଙ୍ଗ ତ୍ରିପତି, ଶବରୀର କଥା ଭାଳନ୍ତି
ଶବରୀ-କାନ୍ଦିକାନ୍ଦି ବୋଲେ ଶେଷରେ
ମୋ ପାଇଁ ଆପଣ, ତେଜି ଋଷିଗଣ ନରହନ୍ତୁ କେବେ ବାସରେ ।।୨୬

ବୋଇଲେ ଯେ ଯତୀ ଧନ୍ୟ ତୋର ରୀତି, ଧନ୍ୟ କୁଳଶୀଳ ଧରମ
ଧନ୍ୟ ପିତାମାତା, ଧନ୍ୟତୋ ଦେବତା, ଚିନ୍ତିଲେ ଲାଗଇ ସରମ
ତାପସେ-ତପକଲେ ମଧ୍ୟ ମନରେ
ହେବାକୁ ମୁକତି, ସଦାକାଳେ ଚିନ୍ତି ଛନ୍ତି ଗୋପ୍ୟେ ହୃଦେ ଧ୍ୟାନରେ ।।୨୭

ଟୀକା: ୨୩ ବେଦକୁ ଉଚାରିବା (ଋକ୍‌ବେଦ)

ଓଁ ମାନମ୍ ଆପେ ମାନୁଷୀର ଅମୃକ୍ତଂ । ଘାତ ତୋକାୟ ତନୟାୟ ଶଂୟୋଃ ।।
ଘୂୟଂହିଷ୍ଠା ଭିଷଜୋ ସାତ୍ୱତମା । ବିଶ୍ୱସ୍ୟ ସ୍ଥାଂତୁର ଦପତୋ ଜନିତ୍ରି ।।

୨୫ ପ୍ରାଣାୟମ, ନିଶ୍ୱାସ, ଆକର୍ଷଣ, ରୋଧ, ନିଷାସନ ଯୋଗ ବିଶେଷ ।

Digitized by PPRACHIN, SOA

ଏଣୁ ଶିରୀପତି, ପାଶକୁ ଯାଆନ୍ତି, ମୁଁ ଯିବି ମୋ ସଙ୍ଗେ ଆସନା
ଗୁଣିଗୁଣି ସେବା, ହେଉଅଛି କାବା, ନଥିଲା କାମନା ବାସନା
ମର୍ତ୍ତ୍ୟରେ-ଜନ୍ମି କେଡ଼େ ଉଚ୍ଚ ଚିନ୍ତନ
ରକ୍ଷାକର ସର୍ବ ବୃଥାପଡ଼ି ଭବ- ଜଳେ କିମ୍ବା ହେବ ପତନ ।।୨୮
କାମନା ଆସକ୍ତ, ହେତୁ ଋଷିବ୍ରାତ, ଯାଉଛନ୍ତି ପ୍ରଭୁ ପାଶକୁ
ସ୍ୱକାମନା ବିନା, ଅରାଧନା ଘେନା, କରି ସେହି ତୋର ବାସକୁ
ଆସିବେ-ରାମ କେ ବୋଲିବା ରାଘବ
ବୃଥା ମନବ୍ୟଥା, ନକର ମୋ କଥା, ମାନ ହେବ ଦୁଃଖ ଲାଘବ ।।୨୯
ସେଦିନୁ ତ୍ରିପତି ମନେରଖି ଭକ୍ତି, ଅହର୍ନିଶି ରାମ ବୋଇଲା
ନିଷ୍କାମ ଭକତି, ହେତୁ ଚଉକତି, ରାମନାମାଙ୍କିତ ହୋଇଲା
ପାଦପ, ଲତାଗୁଳ୍ମ ପୁଷ୍ପ ଫଳରେ
ରାମବେନି ବର୍ଣ୍ଣ, ଛଡ଼ି ଶୋଭାବନ, ବଢ଼ାଏ କମଳେ ଜଳବେ ।।୩୦
ତପୀଙ୍କ କଥାରେ, ରାମ ପ୍ରତୀକ୍ଷାରେ, କୁଟୀରେ ଶବରୀ ରହଇ
ରାମକ୍ଷୀର ପାନ, ହୋଇବ ରଚନ. ଏହାପରେ ଦୟା କହଇ
ଶୁଣିବ-ତାହାପରେ ଯେ ହୋଇ ତୁଷ୍ଟ
ଶବରୀ ଭକତି, ଘେନି ରଘୁପତି, ଭୁଞ୍ଜିବେ ତାହାର ଉଚ୍ଛିଷ୍ଟ ।।୩୧

❖❖❖

ଶ୍ରୀରାମଙ୍କର ଦୁଗ୍ଧପାନ ଓ ଗୋପାଳକୁ ବରଦାନ

ଛାନ୍ଦ -୨୧

ରାଗ-ବସନ୍ତ ଆହାରୀ

ଏଥୁ ଅନ୍ତେ ରସ, ଶୁଣ ହେ ବିଦୂଷ, ରବିତାପ କଷା ଘାତରେ
ରାଜୀବ ଲୋଚନ ସୀତା ଖୋଜିବନ ପଥରେ ଅତି ତୃଷାର୍ତ୍ତରେ
ବୋଲନ୍ତି-ପିପାସ ହୁଏରେ ଲକ୍ଷ୍ମଣ
ନପାରୁଛି ଚାଲି ପାଦ ତାତେ ବାଲି ଯାଇତୁ ଖୋଜି ଜଳଆଣ ।।୧
ବସୁଛି ଏ ବୃକ୍ଷ ମୂଳେ ରଖି ଲକ୍ଷ୍ୟ ଆସିବୁ ପଥ ଅନୁସରି
ଶୁଣି ସଉମିତ୍ରି ଧରି ନିଜେ ଧୃତ ଗମିଲେ ବୋଧଦେଇ କରି
ତାଡ଼ଗା-ନଦ,ନଦୀ, କୂପ, ସରସୀ
ନ ଦେଖିଲେ କାହିଁ ପର୍ବତେ ଆରୋହୀ ଭାବନ୍ତି ମନେମନେ ବସି ।।୨

ଟୀକା: ୧ ରବିତାପ-ସୂର୍ଯ୍ୟତାପ, ୨ ତଡାଗ-ବୃହତ ଜଳାଶ୍ରୟ, ନଦ-ପଶ୍ଚିମାଭି ମୁଖଧାରା ସିନ୍ଧୁ, ବ୍ରହ୍ମପୁତ୍ର କୃଷ୍ଣା କାବେରୀ ସ୍ତ୍ରୀ ବାଚକ ନଦୀ- ପୂର୍ବାଭିମୁଖଧାରାନଦୀ, କୂପ-କୂଅ ।

Digitized by PPRACHIN, SOA

କାହିଁ ପଲ୍ଲୀପୁର ବାସର ଛପର ଦେଖନ୍ତି ଯଦିବା ନେତ୍ରରେ
ଲକ୍ଷ କରିକରି ସେହିଠାକୁ ବାରି ପାଇଁ ମୁ ଗମନ୍ତି ସତ୍ୱରେ
ବସିତ-ହୁଏ ନଦୀବନ୍ଧ କୂଳରେ
ଏପରି ଭାବନ କରୁକରୁ ମନ ମଧେ ଚାଲିଆ ଦେଖିଦୂରେ ।।୩

ବନଶୋଭା ବର୍ଣ୍ଣନା

ଧରୁ ସେହିପଥ ହୋଇଲେ ଚକିତ ଦେଖି ଶୋଭା ଏକଧାରାରେ
ଗୁଳ୍ମ, ତରୁ, ଲତା, ପୁଷ୍ପେ ସୁ ଶୋଭିତା ଅବନତ ଫଳଭାରାରେ
ବିହଙ୍ଗେ-ଆନନ୍ଦେ କରନ୍ତି ବିହାର
ପର ଆପଣାର ଯା ବାଛ ବିଚାର ନାହିଁ ଶତ୍ରୁତା କେହିକାର ।।୪
ବଉରୀ ସଙ୍ଗରେ ବିହରେ ରଙ୍ଗରେ କପୋତ, କାହିଁ ଫଣୀପରେ
ଭେକତା ସନ୍ତତି ସଙ୍ଗେ ଜାତି ଫନ୍ତି ଘେନିଣ ହର୍ଷେ କୁଦାମରେ
ଶାର୍ଦ୍ଦୂଳ-ଅଙ୍ଗ କାହିଁ କରେ ଲେହନ
କରୁଙ୍ଗି ସାବକ କାହିଁ ଶିଖୀ ପକ୍ଷ ଭୁଜଙ୍ଗ କରେ ଆରୋହଣ ।।୫
କିହିଁବା ସଙ୍କୁଳେ ବନ୍ୟଜନ୍ତୁ କୁଳେ ତୃଣ କବଳେ ଥାନ୍ତିରତ
ବିଡାଳ ନକୁଳ ସଙ୍ଗେ ଦଳଦଳ ମୂଷିକ କାହିଁ ଗତାଗତ
ଦୂରରୁ-ଭାସିଆସଇ ବଂଶୀସ୍ୱନ
ଯାଉଁ ସ୍ୱର ତାଳେ ଦେଖିଲେ ଗୋପାଳେ ସେହି ଚାଲିଆ ଜୀର୍ଣ୍ଣଶୀର୍ଣ୍ଣ ।।୬
ତାପାଶେ ଗୋପାଳ ହୋଇ ମତୁଆଳ ମଞ୍ଜୁସ୍ୱରେ ବାଏ ମୁରଲୀ
ରାମ ରାମ ରାମ ଶ୍ରୀରାମ ଶ୍ରୀରାମ ଶ୍ରୀରାମ ରାମ ରାମ ବୋଲି
ଯେ ଯାଏଁ-ଶୁଭେ ସେହି ସ୍ୱନ ଦୁର୍ଲଭ
ଗୁଳ୍ମ ଲତା ଫଳ କୁସୁମ ସକଳ ରାମନାମାଙ୍କିତେ ସୁଲଭ ।।୭
ଉର୍ମିଳା ନାୟକ ଶ୍ରୀଫଳରୁ ଏକ ଭାଙ୍ଗି ଦେଖନ୍ତି ତା ବୀଜରେ
ରାମ ନାମାଙ୍କିତ ହୋଇଅଛି ହସ୍ତ ଲେଖା ବର୍ଣ୍ଣପରି ସଜରେ
ତୃଣେକ-ଚିରି ଗର୍ଭମଧେ ଦେଖିଲେ
ସେଥି ରାମନାମ ଗୋପାଳ ନିଷ୍କାମ କର୍ମ ସେ ନଜାଣି ରଖିଲେ ।।୮

ଟୀକା: ୩ ପଲ୍ଲିପୁର ଖୁଦ୍ରପଡ଼ା ଘର, ସରସି-ପୁଷ୍କରିଣୀ, ୫ ବଉରୀ-ଛଞ୍ଚାଣ, ଫରୀ-ସର୍ପ, ଭେକ-ବେଙ୍ଗ, ଶାର୍ଦ୍ଦୁଳ-ବ୍ୟାଘ୍ର, କୁରଙ୍ଗି-ମୃଗୀ ବା ହରିଣୀ ଶିଖୀ-ମୟୂର, ଭୂଜଙ୍ଗ-ସର୍ପ, ୭ ଶ୍ରୀଫଳ- ବେଲ ।

Digitized by PPRACHIN, SOA

ଭକ୍ତ ରାମାନୁଜ	ମୁଁ କହିବାଲାଜ	ଭାବି ବୃକ୍ଷ ଆଢୁଆଳରେ
ଦେଖନ୍ତି ଗୋପାଳ	ବଂଶୀରଖି ଭୋଳ	ହୋଇ କର ଧୋଇ ଜଳରେ
ବୋଇଲା-ଆସ ଭୁଞ୍ଜିବା ରଘୁମଣି
ଗୋଳି ଦଧିଅନ୍ନ	ବଞ୍ଜନ ବିହୀନ	ପଠାଇ ଅଛି ଗୋପାଳୁଣୀ ।।୯
ଆବେଗ ବିହ୍ୱଳେ	କହେ କେତେବେଳେ	ଥୋଇଦେଇ ଅନ୍ନପୁଡ଼ାକୁ
କାହିଁପାଇଁ ରୁଷ୍ଟ	ଡାକିଲେ ନ ଆସୁ	ହିନସ୍ତା କରୁଛୁ ବୁଢ଼ାକୁ
ବୋଲଇ-ବାଚାଳପରି କେତେବେଳେ
କଲେ ତୁ ଭୋଜନ	ତୋ ପାଖେ ବ୍ୟଞ୍ଜନ	କରୁଥିବି ମୁଁ ଅବହେଲେ ।।୧୦
ସୁମିତ୍ରା ଦୁଲାଳ	ଯାଉଁ ଆଢୁଆଳ	ମଧରୁ ବୋଲେ ତୁ ରାମଟି
କେତେ ଡାକି ଡାକି	ଯାଇଥିଲି ଥକି	ଖାଇଲେ ତୁଟିବ କାମଟି
ଲକ୍ଷ୍ମଣ-କହନ୍ତି ମୁଁ ନୁହେଁ ରାଘବ
ଏପରି ଭାବରେ	ଯେତେ ଡାକଦେଲେ	ଦୁଃଖକି ହୋଇବ ଲାଘବ ।।୧୧
ଶୁଣି ରାମାନୁଜ	ବୋଲନ୍ତି ହେ ବର୍ଯ୍ୟ	ଗୋପାଳ ଡାକ ଯେ ଭାବେତ
ତା ଅବମାନନା	ରାମପାଇଁ ସିନା	ଭେଟ ନ ହୋଇବ କେବେତ
ବଲ୍ଲବ, ନେତ୍ର ଛଳଛଳେ ବୋଇଲା
ପିଲାଦିନୁ ଗିରି	ମଧେ ଏ ତଲାରି ଯଷ୍ଟି ଧରା ପଡ଼ା ହୋଇଲା ।।୧୨
କ୍ଷମା କରିଦେବ	ବତାଇଣ ଦେବ	କିପରି ଡାକିଲେ ଆସିବ
ଗୋପାଳୁଣି ମନ	ମୋ ମନ ଚୈତନ୍ୟ	ନୟନ ଦୁଇକି ତୋଷିବ
ଦେଉଛି-ପରିଚୟ ମୋର ତାହାକୁ
କାକୁତି ମିନତି	ହୋଇ ଡାକେ ନିତି	କାହିଁ ପାଇଁ ଟେକି ରାହାକୁ ।।୧୩
ଅତ୍ରି ମୁନିଙ୍କର	ମଠେ ମୁଁ ନୌକର	ଥିଲି କେତେ ଦିନ ଆଗରେ
ଗୋଟିଏ ଘଟଣା	ଘଟୁ ଦିନେ ବଣା	ହୋଇ ମୁଁ ଆସିଲି ରାଗରେ
ସେ କଥା-କହି ନ ପାରୁଛି ଭୟରେ
ଅଭୟ ଦେଇଣ	କହନ୍ତି ଲକ୍ଷ୍ମଣ	କହ କହ ସବୁ ଥୟରେ ।।୧୪
ରାମାନୁଜ କଥା	ଶୁଣି ସେ ଅନନ୍ତା	ଗୋପାଳ କହେ ତପୀଙ୍କର
ଗୋପାଳକ ଦିନେ	ଯାଆନ୍ତେ ଭୁବନେ	ଛୁଆ ପିଲାଙ୍କୁ ଦେଖି ତାର
ମୋହର ଗୋରୁ ଚରା ପାଳି ପଡ଼ିଲା
ଗାଈ ଛାଡ଼ି ଆସି	ଖାଇବା ଭରସି	ନ ପାରୁ ଯେ ବେଳ ବୁଡ଼ିଲା ।।୧୫

ଟୀକା:୯ ବ୍ୟଞ୍ଜନ- ତର୍କାରୀ ଆବେଗ- ଉତ୍କଣ୍ଠା ବିହ୍ୱଳେ- ଉୟଭୀତେ, ୧୦ ବ୍ୟଞ୍ଜନ -ପଙ୍ଖା, ବୀର୍ଯ୍ୟ- ଶ୍ରେଷ୍ଠ, ୧୨ ବଲ୍ଲବ- ଗୋପାଳ, ତଲାରି -ଝାମି ଯଷ୍ଟି-ଠେଙ୍ଗା ।

Digitized by PPRACHIN, SOA

ଜାଣି ତପୋଧନ   ତାର ବାସି ଦିନ   କହିଲେ ବୁଝାଇ ସୁଝାଇ
ଉପାସେ ନରହ   ବନେ ରାନ୍ଧି ଖାଅ   ତଣ୍ଡୁଳ ମାଣଟିଏ ନେଇ
କାଥାକୁ- ରଖି ତାହା ଧରି ଚଳିଲି
ଗୋଗୋଷ୍ଠ ଚରାଇ   ତାହା ରାନ୍ଧି ଖାଇ   ଦେଇ ଖାଇଲା ଆଗରୁ ଭାଳିଲି ||୧୬
ପୂଜା କରି ନିତି   ବାବାଜି ଖାଆନ୍ତି   ତାପରେ ଦିଅନ୍ତି ଆମକୁ
କିପରି ମୁଁ ଆଗ   ଖାଇଦେବି ରାଗ   ହେବେ ମୁନି ଯାଣୁ ରାମକୁ
ଏଠାରେ- ତାଳିମାରି ଡାକ ଛାଡ଼ିବି
ନାକ କାନ ଛୁଆଁ   ଜାଣିନି ତ ନୂଆ   କରି ଆଜି ପୂଜା କରିବି ||୧୭
ଏହିପରି ଭାଳି   ଭାଳି ଅନ୍ନ ଢାଳି   ଅଫିଟା କଦଳି ମଞ୍ଜରେ
ଆ ଆ ରାମ ହଟ,   ନକର ମୋ ପେଟ,   ପୋଡ଼ିଲାଣି ହେବ ସଞ୍ଜରେ
ଏତିକି- କହି ତାଳି ମାରି ବସିଲି
ଆଖିଖୋଲି ବାରେ   ଦେଖିଲି ଆଗରେ   ଯାହାକୁ କିଏ ତୁ ଭାଷିଲି ||୧୮
କହିଲା ମୁଁ ରାମ   ଛାଡ଼ି ସବୁ କାମ   ଆସିଛି ଡାକରେ ତୋହର
କି କାର୍ଯ୍ୟ କରିବି   କହ ବେଗିଦ୍ରବି   କହିଲି ମୁଁ କର ଆହାର
ସମସ୍ତ-ନ ଖାଇ ଥିବୁ କିଛି ଛାଡ଼ି
ଚାହୁଁ ଚାହୁଁ ଶଙ୍କା   ହିନେ ସବୁ ଏକା   ଖାଇ ପତ୍ର ଦେଲା ଫୋପାଡ଼ି ||୧୯
ପୂର୍ବଦିନ ପରି   ଗାଈ ଧରି ଫେରି   କର୍ମକୁ ଆଦରି ରହିଲି
ତାର ପର ଦିନ   ଡାକି ତପୋଧନ   ତଣ୍ଡୁଳ ଦିଅନ୍ତେ କହିଲି
ଅଧିକ-ଆଉ ମାଣେ ଦିଅ ପେଟକୁ
ପାଇଲାନି କାଲି   ଗାଈ ପଛେ ବୁଲି   ହାଲିଆ ମୁଁ ଏତେ ବାଟକୁ ||୨୦
ପରପେଟ ଚିହ୍ନି   ପାରନ୍ତି ସେ ମୁନି   ଶୁଣି ମୋର କଥା ବ୍ୟଥାରେ
ଦ୍ୱିମାଣ ଚାଉଳ   ସଙ୍ଗେ ଫଳମୂଳ   ଡାଲି କିଛି ଦେଇ କଥାରେ
କହିଲେ-ଏକାଠି ଖେଚଡ଼ା କରିବୁ
ମଧ୍ୟାହ୍ନ ପୂର୍ବରୁ   ଖାଇ ଧରି ଗୋରୁ   ସଞ୍ଜ ହେବା ପୂର୍ବୁ ଫେରିବୁ ||୨୧
ପୂର୍ବଦିନ ପରି   ଝାମ୍ପି ଠେଙ୍ଗାଧରି   ବନେ ନେଲି ବସା ଧେନୁଙ୍କୁ
ଚରାଇଣ ପେଟ   ପୁରୁମୁନିରାଟ   କହିଥିବା କଥା ମନକୁ
ଦହିଲା-ତରତରେ କଲି ରନ୍ଧନ
ପୂର୍ବଦିନ ପୂଜା   କଥାଚିନ୍ତି ମଜା   ଦ୍ରବନ୍ତେ ବଢ଼ିଲା ବନ୍ଧନ ||୨୨

Digitized by PPRACHIN, SOA

ମନେ ମନେ ଗୁଣି ପତ୍ର ଦୁଇ ଆଣି ପକାଇଲି ଦୁଇ ନାଆଁରେ
କରିଥିବା ପାକ ଅନ୍ନ ଢାଳି ଡାକ ପକାଇଲି ରାମ ଆ ଆ ରେ
ସେ କାଳେ-ସୀତା ଧରି ସଙ୍ଗେ ଆସିଲା
କିଏ ଏ ସୁନ୍ଦରୀ ପଚାରୁ ମୋ ନାରୀ କହି ପତ୍ର ପାଖେ ବସିଲା ।।୨୩
ମୋ ଖାଦ୍ୟ ପତର ପାଶେ ଯୋଷାତାର ବସୁ ମୁ ଅବାକ ହୋଇଲି
ମୋ ପାଇଁ ରଖିଣ ଅଧାବେନିଜନ ଖାଇବ ବୁଝାଇ କହିଲି
ଟିକିଏ-ନଶୁଣି ସେବେନି ପରାଣୀ
ପୋଛା ପୋଛି କରି ଖାଇ ପତ୍ରଧରି ଫିଙ୍ଗିଲେ ଦୂରେ ଯାଇ ପୁଣି ।।୨୪
ପୂର୍ବପରି ଫେରି କରମ ଆଦରି ରହିଲି ମାଣେ ମାଣେ କରି
ତଣ୍ଡୁଳ ବଢ଼ାଇ ନିଏ ସନା ସେହି ଭରତ ଶତ୍ରୁଘ୍ନଙ୍କୁ ଧରି
ଆସେ ସେ-ପଞ୍ଚମ ଦିନର ଘଟଣା
ଋଷି ପାଞ୍ଚମାଣ ତଣ୍ଡୁଳ ଦେଇଣ ନାନା କଥା କଲେ ରଚନା ।।୨୫
ମୁଁ ସେହି ଚାଉଳ ନେଇ ବନେ ବେଳ ଦେଖି ପାକ ସିଦ୍ଧ କରିଲି
ଛଅପତ୍ର ଆଣି ଭାଗ କଲି ପୁଣି ଆଗ ଗୋଟିଏ ଆଦରିଲି
ତାପରେ-ଡାକନ୍ତେ ସେ ରାମ ସହିତ
ସୀତା, ହନୁମନ୍ତ, ଶତ୍ରୁଘ୍ନ, ଭରତ ଆସି ହୋଇଲେ ଉପଗତ ।।୨୬
ନ କହୁଣୁ ପତ୍ର ଦେଖି ସେ ତୁରିତ ବସିଣ କରକୁ ଚାଳିଲେ
ସେହି କାଳେ ଯତୀ ମହାମତି ଅତ୍ରି ଆସି ଲୁଚି ଦେଖି ଭାଳିଲେ
ଅଯଥା-କଷ୍ଟ କଷ୍ଟ ଗଲା ତାପରେ
ଧନ୍ୟରେଅନନ୍ତା ଧନ୍ୟ ତୋର ପିତା, ମାତା ଧନ୍ୟ ତୋର ଉପରେ ।।୨୭
ବସି ନିଶି ଦିନ ଯାହାର ଦର୍ଶନ ଲେଶେ ନ ମିଳିଲା ଯୋଗରେ
କେଡ଼େ ଭାଗ୍ୟବାନ ବସିତୁ ଭୋଜନ କରିପାରିଲୁ ତା ସାଙ୍ଗରେ
ଜଳପି-ତୋ ପଦ ସେବିବା ଉଚିତ
ଧାଇଁ ଧାଇଁ ଯାଇଁ ମୋର ପାଦ ଦୁଇ ଧରୁ ଧରୁ ହେଲି ମୂର୍ଚ୍ଛିତ ।।୨୮
ରାମ ଏହା ଦେଖି ପଳାଇଲା ଆଖି ପିଛୁଳାକେ ଆଉ ଡାକିଲେ
ନ ଆସେ ସେଦିନୁ ମୁହିଁ ତାହା ବିନୁ ଘରକୁ ଛାଡ଼ି ବନେ ବୁଲେ
ଝରଣା-ଜଳ ପାନରେ ହୋଇମୋଦ
କେବେ ଫଳମୂଳ ମିଳିଲେ କବଳ- କରଇ ଦେଇ ନଇବେଦ୍ୟ ।।୨୯

Digitized by PPRACHIN, SOA

ଏହିପରି ମାସ ମାସ ଗଲା ତ୍ରାସ ମନେ ରହି ବନେ ଶୁଖିଲି
ଦିନେ ରେଣୁ ତ୍ରାସେ ଗଗନ ନ ଦିଶେ ଧେନୁ ପଲ୍ଲ ଦୂରୁ ଦେଖିଲି
ଆସୁଛି-ପଛରେ ସେ ଗାଭୀପାଳକ
ଦେଖିନାହିଁ କେବେ ହେଲେ ନେତ୍ର ଲବେ ସେ ପରି ଗୋପାଳ ବାଳକ ।।୩୦
କଟିରେ ଶୋଭିତ ପିତାମ୍ବର ବସ୍ତ୍ର କଣ୍ଠରେ କଉସ୍ତୁଭ ମଣି
ବକ୍ଷେ ଶୋଭାବନ ଶ୍ରୀବତ୍ସ ବ୍ରାହ୍ମଣ ପଦ ସେ ଇନ୍ଦ୍ର ନୀଳମଣି
ଶରୀରେ-ନାନା ଆଭରଣ ଭୂଷିତ
ବନଫୁଲ ମାଳ, କେୟୂର, କୁଣ୍ଡଳ, କଙ୍କଣ ନିକ୍ୱଣେ ତୋଷିତ ।।୩୧
ପଦ୍ମନେତ୍ର ପୁଟ ବଦନ କିରିଟ ସ୍ୱର୍ଣ୍ଣମେଖଳା ବାଜୁବନ୍ଧ
ଅଖିଳ ନାୟକ ପରି ଶଙ୍ଖଚକ୍ର ଧରିବା ଦେଖୁ ନେତ୍ର ଅନ୍ଧ
ହୋଇଲା-ଆନନ୍ଦାଶ୍ରୁ ପରିପ୍ଲୁତରେ
ଅଜର ଅମର ଭାବିମନ ମୋର ଲଇଁ ଗଲା ଭକ୍ତି ଚିତ୍ତରେ ।।୩୨
ଧରିଥିବା ବଂଶୀ ଦେଇ ମୋତେ ହସି ଭାଷିଲା ପାଳ ଏ ଧେନୁକୁ
ତେଣୁ ଏ ଗୋଗୋଷ୍ଠ ପାଳେ ହୋଇ ତୁଷ୍ଟ ଖୋଜି ମୋର ନାରି ବନକୁ
ଆସିଲା-ଭାଷିଲା ଏକାକି ରହିବ
ବତାଅ ଯେପରି, ରାମ ଆସି କରି, ଡାକିଲେ ମୋ ହସ୍ତେ ଖାଇବ ।।୩୩
ଭକ୍ତ ଭାବ ବାରି ତେଣେ ଚାପଧାରି ତୃଷା ଘାତେ ଆସି ନିକଟେ
ଦେଖି ଲକ୍ଷ୍ମଣଙ୍କୁ ପୁଛିଲେ ତାହାଙ୍କୁ ଜଳକାହିଁ ବୋଲି ଆକଟେ ସୌମିତ୍ରୀ
ସୌମିତ୍ରି - କହନ୍ତି ପାଣି ପାଣି ବୋଲି
ଦେଖି ନାନା ସ୍ଥାନ, ଆସି ଏ କାନନ ମାନସ ମୋର ଗଲା ଭୁଲି ।।୩୪
କର୍ଣ୍ଣପୁଟ ବଂଶୀ, ସ୍ୱନ ଦେଲା ତୋଷି ଶେଷରେ ଅଶ୍ଳିଳ ଭାଷାରେ
ଆ ଆ ରାମ ଖାଆ, ଶୁଣି ବକ୍ଷେ ଘାଆ ହେଲା ତା ବଦଳ ଆସାରେ
ତତ୍ତ୍ୱବି-ତ ହେବା ପାଇଁକି
କହୁଥିଲି ତୁମ୍ଭେ ନ ରହିଣ ଦମ୍ଭେ ଆସିଲ ତୃଷାରେ କାହିଁକି ।।୩୫

Digitized by PPRACHIN, SOA

ଶ୍ରୀରାମ ଶ୍ୟାମଳ ରୂପ ପରିମଳ କଥାରୁ ଗୋପାଳ ବୁଝିଲା
ତୃଷାହେଉ ଭାଇ ଥିଲେ ସେ ପଠାଇ ପୟଦେବା ପାଇଁ ଶୁଝିଲା
ଭାଗ୍ୟକୁ - ମିଳିଲା ଯା ମୋତେ ଏମାନ
ଗୋଦହନ କରି ପାତ୍ରମଧ୍ୟେ ଭରି କହିବି କର ଏହାପାନ ।।୩୬
ରୂପକରି ଲକ୍ଷ ବୋଲେ ଏ କଟାକ୍ଷ କୁଟୀର ପବିତ୍ର ହୋଇଲା
ଏତେ ଦିନେ ଆସି ଦେଲୁମନ ତୋଷି ତୃଷାନାଶ, ପୁଣି ବୋଇଲା
ଲକ୍ଷ୍ମଣେ - ନିଅ ପିଅ କିଛି ଜଳ୍ପନା
ବ୍ରତକଥା କହି, କଲେ ନାହିଁ, ନାହିଁ, ମୋ ମନରେ ନାହିଁ କଳ୍ପନା ।।୩୭
ଭକ୍ତର ହୃଦୟ ବୁଝି ଭାବମୟ କରିଣ ପାନ ସେ ପୟକୁ
ଗୋପାଳେ ରସାଇ ବୋଲନ୍ତି ବସାଇ ମନରୁ ଛାଡ଼ତୁ ଭୟକୁ
ତୃଷାର୍ତ୍ତେ - ଦୁଗ୍ଧ ଦାନେ ପ୍ରାଣ ରଖିଲ
ଦର୍ଶନେ ଯେ ରୂପ ଇଛି କଲ ତପ ଦେଖ ବରେ କିମ୍ବା ଶଙ୍କିଲ ।।୩୮
ଅନନ୍ତ ଭାଷଇ, ତୋର ସାନଭାଇ ପାନନକଲା ମୋ ହାତରେ
ମାଗିବା ପଦାର୍ଥ ଦେଇତୁ କୃତାର୍ଥ କରିବୁ ନଲାଗେ ସତରେ
ତଥାପି- ମାଗୁଛି ଯାହା ମୋ ସରସ
ମୋ ନୟନ ନିତି ଦେଖି ତୋ ମୂରତି, ପାନେ ଦେଉଥିବ ଗୋରସ ।।୩୯
ବୁଝି ଭକ୍ତମନ, ସେ ରଘୁନନ୍ଦନ ବୋଲନ୍ତି ଦ୍ୱାପରେ ଆସିବି
ଏ ବୟସେ ଶାନ୍ତି କରି ଯଶୋବନ୍ତୀ, କୋଳେ ଖେଳି ମନ ତୋଷିବି
ସେକାଳେ- ପୟଦେଇ ସୁସ୍ଥ ହୋଇବ
କର୍ମପନ୍ଥା ମୋର, ହୋଇଅଛି ସ୍ଥିର ଏ ତ୍ରେତୟା ଯୁଗେ ନୋହିବ ।।୪୦
ଭକତେ ଭାବନ୍ତି ଭକ୍ତ ସ୍ମୃତି ଶ୍ରୁତି ପଟେ ରଖିବାକୁ ଶ୍ରୀରାମ
ସେହିସ୍ଥାନେ ଫନ୍ଦା କରିହେଲେ ବନ୍ଧା ଭକ୍ତର ପୁରାଣ କାମ
ଓଡ଼ିଶା - ଓଡ଼ରାଷ୍ଟ୍ର ଓଡ଼ଗ୍ରାମ ଯେ
ଭାଇ ଭାର୍ଯ୍ୟା ସଙ୍ଗେ ସିଂହାସନେ ରଙ୍ଗେ ବିଜେ ରଘୁନାଥ ନାମ ଯେ ।।୪୧
ସେ ଅତ୍ରି ଆଶ୍ରମ କହିଛନ୍ତି ଶ୍ରମଣ ଆଦି ସେବକ ଜନଟି
ଯେ ଶୃଙ୍ଗ ଲକ୍ଷ୍ମଣ କଲେ ଆରୋହଣ ଗୟଳ ସିଂହ ସେ ବନଟି
ଗୋପାଳ - ଭେଟ ଯେଉଁଠି ସେ ସାଗର
ନ ବାଛିବ ଗୁଣି ବହୁତ ହେଲାଣି ଏତିକି କହୁଛି ଆଗର ।।୪୨

ଟୀକା: ୪୧ ସ୍ମୃତି- ପୂର୍ବାନୁଭୂତି, ବିଶୟର ଜ୍ଞାନ, ୪୨ ଶ୍ରମଣ - ବୌଦ୍ଧ ସନ୍ୟାସୀ ।

Digitized by PPRACHIN, SOA

ଯେଉଁ ଦୁଇଭାଇ ଗୋପାଳେ ବୁଝାଇ ଗଲେ ପମ୍ପାସର ତଟରେ
ତାହାଙ୍କ ଆନନ ଦେଖିବାକୁ ମନ ରଖି ଡାକ ସର୍ବେ ଆଣ୍ଠରେ
ଦ୍ୱିବିଂଶ - ତ୍ରିପଦ ଗଣନେ ହୋଇଲା
ସାଧୁ ସନ୍ଥଙ୍କର ଶ୍ରବଣନିକର ପୂତେ ଦୟାନିଧି ବୋଇଲା ।।୪୩

❖❖❖

ଶବରୀ ଉଦ୍ଧାର

ଛାନ୍ଦ - ୨୨

ରାଗ-ରାମକେରୀ

ସାଧବ ହେ ସାବଧାନରେ ଶୁଣ ଏ ରସ କର୍ଣ୍ଣେ
ଶ୍ରୀରାମ ଲକ୍ଷ୍ମଣ ବୁଲନ୍ତି ସୀତାଙ୍କୁ ଖୋଜି ବନେ ।।୧
ତ୍ରିପତି ଶବରୀ ସଂକଳ୍ପ ପୂର୍ଣ୍ଣେ ରହିଛି ଚାହିଁ
ତ୍ରିତାପ ନାଶନେ ତାବାସେ ଆସିବେ ଭାବଗ୍ରାହୀ ।।୨
ପୟ, ପର୍ଣ୍ଣ, ପୁଷ୍ପ ପଙ୍କତି ଫଳ ନିତ୍ୟ ଶ୍ରଦ୍ଧାରେ
ରଖେ ଆଣି ରାମ ପାଇଁକି ପ୍ରାଙ୍ଗଣ ସଫାକରେ ।।୩
କୁଟୀର ଦୁଆର ନିକଟେ ପ୍ରତୀକ୍ଷା କରି କରି
ରାମ ନାମ ତତ୍ତ୍ୱେ ଜପଇ ମଉନେ ମନ୍ତ୍ରପରି ।।୪
କିନ୍ତୁ ସେ ମନ୍ତ୍ରର ଅଦ୍‌ଭୂତ ଶକ୍ତି ଦୂରେ ବଢ଼ାଏ
ବୃକ୍ଷଲତା ପୁଷ୍ପ ସୌରଭେ ବିଟ ଷଟ୍‌ପଦ ଗାଏଁ ।।୫
ସରସିଜ ନେତ୍ର ବିଶାଳ ବହୁ ମୁକୁଟ ଜଟା
ଶିରେ ଉରେ ବନମାଳତୀ ଚାରୁ ଲାବଣ୍ୟ ଛଟା ।।୬
ଦେଖି ନେତ୍ର କର ପବିତ୍ର ଶ୍ୟାମ ଗଉର ତନୁ
ଏକାଳେ ଶବରୀ ନିକଟେ ବେନି ମିଳିଲେ ବନୁ ।।୭
ଦେଖୁ ଦେଖୁ ଦୂରୁ ଶବରୀ ଭକ୍ତିରେ ପାଦେ ପଡ଼େ
ଆନନ୍ଦ ବିହ୍ୱଳେ ଆନନ୍ଦ ଅଶ୍ରୁ ନୟନୁ ଗଡ଼େ ।।୮
ତା ମିଶାଇ ଜଳେ ଶ୍ରୀରାମ ଲକ୍ଷ୍ମଣ ପାଦ ଧୋଇ
ସେ ପାଦ ଉଦକ ହରଷେ ନେଇ ଗର୍ଭେ କ୍ଷେପଇ ।।୯

ଟୀକା: ୪୩ ଆଣ୍ଠରେ - ଦୃଢ଼ତାରେ ଶ୍ରବଣନିକର, ପୂତ - କର୍ଣ୍ଣ ସମୂହ ପବିତ୍ରରେ ।
ଟୀକା: ୩ ପୟ-ଜଳ, ପୂର୍ଣ୍ଣ-ପତ୍ର ପଙ୍କତି-ସମୂହ, ୫ ବିଟଷଟ-ପଦ୍-ଭ୍ରମର, ୬ସରସିଜ-ପଦ୍ମ, ଉରେ-ବକ୍ଷରେ ।

Digitized by PPRACHIN, SOA

ବସାଇ ପବିତ୍ର ଆସନେ   କାନନ କୁସୁମରେ
ସାଧୁ ସନ୍ଥ ଯଥା ପୂଜନ୍ତି   ତଥା ଅର୍ଚ୍ଚନା କରେ ।।୧୦
ଅମୃତ ମଣୋହି ନିମିତ୍ତ   ପାଚିଲା ଆମ୍ବଆଣି
ଦଶନ ଦଂଶନେ ପରଖି   ସମର୍ପଇ ହେ ଜାଣି ।।୧୧
ପ୍ରେମଭରେ ପ୍ରଭୁ କରକୁ   ପାତି ଅତି ଆଦରେ
ଗୋଟିଏକ ପରେ ଗୋଟିଏ   ଘେନୁଥାନ୍ତି ସାଦରେ ।।୧୨
ଉର୍ମିଳା ବଲ୍ଲଭେ ଫଳକୁ   ଦେଉ ଫିଙ୍ଗି ବାରଣ
କଲେ, ମା, ଉଦ୍ଧାର ନିମନ୍ତେ ମୋର ବ୍ରତ ପାଳନ ।।୧୩
ଅବମାନନତା ହୋଇଲା   ମନେ ଅମରେ ଗୁଣି
ଦୂରେ ପକାଇଲେ ପବନେ   ସେ ବିଲଶ୍ୟ କରଣୀ ।।୧୪
ହୋଇବ ଲକ୍ଷ୍ମଣ ଶକତି   ଭେଦେ ଦେବ ଜୀବନ
ବିଧାତା ବିଚାରେ ସନ୍ଦେହ   ନରଖ ରଖ ଧ୍ୟାନ ।।୧୫
ଶେଷରେ ସୁନ୍ଦରୀ ସିନ୍ଦୁରି   ଆମ୍ରେ ଚିହ୍ନି ନ ଚାଖି
ଦେଉ ପ୍ରଭୁ ଭୋଳେ ଭାଷନ୍ତି   ଦିଅ ସ୍ୱାଦକୁ ଚାଖି ।।୧୬
ଯାହାର ନିର୍ମାଲ୍ୟ କଣିକେ   ଲୋଡ଼ନ୍ତି ସୁରଜ୍ୟେଷ୍ଠ
ତଳହସ୍ତେ ଗର୍ଭେ କ୍ଷେପନ୍ତି   ସେ ଶବରୀ ଉଚ୍ଛିଷ୍ଟ ।।୧୭
ପ୍ରିୟା କଷ୍ଟ ପାଶୋରାଇଲା   ସେଥି ଶବରୀ ଭକ୍ତି
ପ୍ରିୟ ସମ୍ଭାଷଣ କୌଶଲ୍ୟା   ସ୍ନେହ ପରି ମଣନ୍ତି ।।୧୮
ଏହିକାଳେ କରଯୋଡ଼ିଣ   ଭାଷିଲା ସେ ଶବରୀ
ଅଧମରୁ ବଡ଼ ଅଧମ   ଜଡ଼ ଜାତି ମୁଁ ନାରୀ ।।୧୯
ଗୁରୁ ଉପଦେଶ ମୋ ପାଇଁ   ହୋଇଛି ମହାମନ୍ତ୍ର
ନଜାଣଇଁ ସ୍ତୁତି ସ୍ତୋତ୍ର ମୁଁ   ଲୋଡ଼େ ପଦେ ଆଶ୍ରିତ ।।୨୦
ଏଭାବେ ଭାବରେ ନିମନ୍ତୁ   ଚାପଧାରୀ ବୋଲନ୍ତି
ଫୁଲ,ଫଳ, ପତ୍ର ଜଳ ଯେ   ଅର୍ପେ କରିଣ ଭକ୍ତି ।।୨୧
ଶ୍ରଦ୍ଧାରୁ ଶ୍ରଦ୍ଧାରେ ଘେନେ   ମୁଁ   ନାହିଁ ବାଛ ବିଚାର
ଭକତି ମୁକତି ନିମନ୍ତେ   ମର୍ତ୍ତ୍ୟେ ମୋ ଅବତାର ।।୨୨
କିଏ କହେ ନାରୀ ଅଧମ   ଜାତି ବିଚାରେ ସାନ
ବହଇକି ନାହିଁ ମଳୟ   ଚଣ୍ଡାଳର ଭବନ ।।୨୩

ଟୀକା : ୧୧ ସୁପକ୍ୱ-ପାଚିଲା, ଚୂତ-ଆମ୍ବ, ଦଶନ-ଦାନ୍ତ, ୨୨ ସ୍ୱକର-କିରଣ, ସୁର-ସୂର୍ଯ୍ୟ, ଶୁଭ୍ରାଂଶୁ - ଚନ୍ଦ୍ର ।

Digitized by PPRACHIN, SOA

ସୁକର ଦିଅନ୍ତି ନାହିଁକି ସୁର ଶୁଭ୍ରାଂଶୁ ତାରେ
ବଡ଼ ସାନ ଜ୍ଞାନ କରାଏ କର୍ମ ମୋର ବିଚାରେ ।।୨୪
ବୈକୁଣ୍ଠ ପୁରରୁ ବିରାଗେ ଦ୍ୱାରୀ ଜୟ ବିଜୟ
ଜାତ ମର୍ତ୍ତ୍ୟେ ତ୍ରାସି ଗୀର୍ବାଣେ ହେବ ମୁଁ କାର କ୍ଷୟ ।।୨୫
ଉଦ୍ଧାର ହୋଇବେ ଉଦ୍ଧାର ପୁଣି ବିଧି ନନ୍ଦନା
ଏଣୁ ଏ ବସୁଧା ସ୍ୱାଗତେ ମୋର ଜାତ ସିନା ।।୨୬
ବହୁ କାଳୁ ଗୁରୁ ବଶିଷ୍ଠ ସୁତ ଅଭି ଶାପରେ
ଗଙ୍ଗା କୂଳେ ଡଙ୍ଗା ବାହିଣ ଥିଲେ ନାମ ଜପରେ ।।୨୭
ହେ ତ୍ରିପତି ସତୀ ଅହଲ୍ୟା କୈବର୍ତ୍ତ ବାମଦେବ
ଜୟ ବିଜୟଙ୍କ ଉଦ୍ଧାରେ ମୋର ମର୍ତ୍ତ୍ୟେ ସମ୍ଭବ ।।୨୮
କମଳା ପଠାଇ କୌଶଳେ ମୁଁ କୋଶଳେ ଆସିଛି
ନାରଦ ପର୍ବତ ଶାପରୁ ମଧ ମାୟା ବ୍ୟାପିଛି ।।୨୯
ଭକ୍ତ ଶଙ୍ଖଚୂଡ଼ ନାୟିକା ବୃନ୍ଦା କହିଲା ସତ୍ୟେ
ଛଳନା କରାଇ ସ୍ୱାମୀଠୁଁ ବିଛେଦ କଲେ ମୋତେ ।।୩୦
ସେପରି ତୁମ୍ଭରି ସେବକ ଛଳାଇ ତୁମ୍ଭ ପ୍ରିୟା
ମୁକ୍ତି ଅର୍ଥେ ନେବ ମୁଁ ସତୀ ଘେନ ମୋ ଶାପ ଏହା ।।୩୧
କଶ୍ୟପ, ଅଦିତି, କ୍ରୋଧା ଯେ କଦ୍ରୁ ମାଗନ୍ତେ ବର
ବରଦେଲି ଚାରି ସ୍ୱରୂପେ ହେବା ପାଇଁ କୁମର ।।୩୨
ସେ ଅଦିତି କଉଶଲ୍ୟା ଯେ କଶ୍ୟପ ଦଶରଥ
କ୍ରୋଧା ଯେ କୈକେୟୀ, କଦ୍ରୁ, ସୁମିତ୍ରା ତିନି ମାତ ।।୩୩
କେତେ ଏହିପରି କହିବା ଏଥୁ ଶୁଣ ଚରିତ
କର୍ଣ୍ଣପଟେ ଯାହା ଶୁଣିଲେ ଦୂର ହେବ ଦୂରିତ ।।୩୪
ସେ ଦିନ ସେ ପର୍ଣ୍ଣ କୁଟୀରେରାମ ରହିବା ପାଇଁ
ନିବେଦନ କରୁଁ ତ୍ରିପତି ରହିଲେ ଭାବଗ୍ରାହୀ ।।୩୫
ବୃଦ୍ଧ ହେବା ଆଶା ତପନ ମନ ବଚନ ଲୟେ
ନଥିଲା ଚରମ କରମ ଫଳୁ କ୍ରମେ ବିଲୟେ ।।୩୬

ଟୀକା: ୨୪ ବିଧିନନ୍ଦନା - ବ୍ରହ୍ମାକନ୍ୟା ଅହଲ୍ୟା, ୨୫ ବଶିଷ୍ଠ ସୁତ-ବାମଦେବ,ଧୀବର, ୨୭ ଜୟ ବିଜୟ-ରାବଣ,କୁମ୍ଭକର୍ଣ୍ଣ, ୩୨ ପର୍ଣ୍ଣକୁଟୀ-ଋଷିପତ୍ର ଛପର ଘର, ୩୬ ତପନ ବଂଶଜ-ସୂର୍ଯ୍ୟବଂଶ ରାମଚନ୍ଦ୍ର ।

Digitized by PPRACHIN, SOA

ଜରା ଆକ୍ରମଣେ ଗଗନୁ ଖସି ତେଜ ଖଚିତ
ଯେତେ ଉର୍ଦ୍ଧ୍ୱଗତି ସେତକି ନିମ୍ନେ ହେଲେ ପତିତ ।।୩୭
ବୁଡ଼ିଲେ ବୁଡ଼ିଲେ ପଡ଼ିଲା ହୁରି ହଳୁଆ ଫେରେ
କଳକଳ ନାଦେ ବିହଙ୍ଗ ବୃନ୍ଦ ନୀଡ଼ ମୁଖରେ ।।୩୮
ତପନ ବଂଶଜ ତପନ ଅସ୍ତେ ସ୍ୱକର୍ମ ସାରି
ଶବରୀ କୁଟୀର ମାର୍ଗରେ ଖରେ ହେଲେ ବିହାରୀ ।।୩୯
କମଳିନୀ ବସି କମଳ ପରେ ସନ୍ତାପ ମନେ
କମଳ ବଦନ ଲୁଚାଏ ଦୁଃଖେ କାନ୍ତ ବିହୁନେ ।।୪୦
ରବି ଅସ୍ତ ଅନ୍ତେ କ୍ରମରେ ମାଡ଼ି ଆସୁ ଅନ୍ଧାର
ବାଦୁଡ଼ି ପେଚକ ଭ୍ରମିଲେ କୋକ କୋକୀଠୁ ଦୂର ।।୪୧
କୃଷସାର ବଧୂ ଶାବକ ସହ ଶସ୍ୟ କ୍ଷେତ୍ରରେ
ବନପତି ଗର୍ଜ୍ଜୁ ବନ୍ଧୁର ପଥେ ଭୀତ ତ୍ରସ୍ତରେ ।।୪୨
କବିଙ୍କ ଚିନ୍ତନ ରବିଙ୍କ ଉଦୟ ଅସ୍ତ କାହିଁ
ଲୋକ ଲୋଚନରେ ଦେଖନ୍ତି ସିନା ଏବ୍ୟୋତି ନାହିଁ ।।୪୩
ଲୟରେ ପଡ଼ିଲେ ବୋଲନ୍ତି ଦେଖ ରବି ଉଦୟ
ନୟନାନ୍ତ ରାଳେ ପ୍ରମାଣ କରି ହେଲା ବିଳୟ ।।୪୪
ଏଣେ ଫଳ ମୂଳ ଆସନେ ଦେଉ ଚାଖି ଶବରୀ
ଭୁଞ୍ଜିଣ ହରଷେ ବିଶ୍ରାମ ନେଲେ ସେ ଚାପଧାରୀ ।।୪୫
ଉର୍ମିଳା ବଲ୍ଲଭ ବଲ୍ଲଭୀ ସତ୍ୟ ରକ୍ଷା ନିମନ୍ତେ
ଧରି ଧନୁର୍ବାଣ ରହିଲେ ଦ୍ୱାରେ ଉନ୍ନିଦ୍ର ନେତ୍ରେ ।।୪୬

ପ୍ରଭାତ ବର୍ଣ୍ଣନା

କ୍ରମେ ରାମଗତି ବିଳୟେ ଆଶ୍ରମେ ଶୁକ ସାରୀ
ସୀତା ରାମ ସୀତା ଶ୍ରୀରାମ ମନ୍ତ୍ର ଦେଲେ ଉଚ୍ଚାରି ।।୪୭
ସୁର ଧୁନୀ ଧାରୀ ଆଳୟେ ଧ୍ୱନି କରଇ ଦର
ନିଶାଅବସାନ ତାପସେ ସ୍ନାନେ ହୁଅ ତତ୍ପର ।।୪୮
ରସାଳ କାନନୁ କୋକିଳ ଧ୍ୱନି ରଞ୍ଜଇ କର୍ଣ୍ଣ
ମଧୁମୟ କରେ ମଧୁପ ଗଣ ମଧୁ ଗୁଞ୍ଜନ ।।୪୯

ଟୀକା: ୩୭ କମଳିନୀ-ପଦ୍ମ କମଳପରେ- ଜଳପରେ, ୪୦ କମଳବଦନ-ପ୍ରଶନବଦନ କାନ୍ତ-ସୂର୍ଯ୍ୟ, ୪୨ ବନପତି-ସିଂହ, ବନ୍ଧୁର-ଖାଲ ଢିପ ବନ ପ୍ରଦେଶ, ୪୬ଉର୍ମିଳାବଲ୍ଲଭ-ଲକ୍ଷ୍ମଣ, ୪୮ସୁରଧୁନି-ଗଙ୍ଗା, ଦର-ଶଙ୍ଖ ।

Digitized by PPRACHIN, SOA

ଆଲୋକ ଲହରୀ କ୍ଷଣକ ମଧ୍ୟେ କରିଲା ଗ୍ରାସ
ଦେଖୁ ଦେଖୁ ନଭ ସ୍ୟନ୍ଦନେ ଶୁଭ୍ରେ ବିଜେ ସପ୍ତାଶ୍ୱ ।।୫୦
ହସିଲେ ଧରଣି ବକ୍ଷରେ ଜୀବ ଜନ୍ତୁ ସକଳ
କାନ୍ତ ମୁଖ ଦେଖି ହସିଲେ ସରସୀରେ କମଳ ।।୫୧
ତ୍ୟାଗ କରି ନୀଡ଼ ବିହଙ୍ଗ ଖାଦ୍ୟ ସଂଗ୍ରହେ ଗଲେ
ଦଳ ବାନ୍ଧି ପଦ୍ମ ବନକୁ ହଂସ ହଂସୀ ଚଳିଲେ ।।୫୨
ଆଳସ୍ୟ ତେଜିଣ ନିଦ୍ରାରୁ ଉଠିଲେ ରଘୁନାଥ
ନୂଆ ପ୍ରାଣେ ଦେଲା ଜେହିକି ସତେ ଢାଳି ଅମୃତ ।।୫୩
ଦେଖିଲେ କୁଟୀର ପ୍ରାଙ୍ଗଣେ କରନ୍ତି ବିଚରଣ
ଶାନ୍ତି, ଶ୍ରଦ୍ଧା, ଦୟା ଧରମ ଧୃତି କ୍ଷମାଦି ଗଣ ।।୫୪
ବୋଲନ୍ତି ମାତଙ୍ଗ ସେବାର ଧର୍ମୁ ମିଳିବ ଗତି
ଚାରିମୁକ୍ତି ମଧ୍ୟୁ ସମ୍ପ୍ରତି ହେବ ସାଯୁଜ୍ୟ ମୁକ୍ତି ।।୫୫
ଚାରି ଭକ୍ତ ମଧ୍ୟେ ଆର୍ତ୍ତରେ ଏଥି ଗଣନା ହେବ
ଚାରି କର୍ମ ମଧ୍ୟେ ଭକତି ଯୋଗେ କର୍ମ ରହିବ ।।୫୬
ଅଷ୍ଟ ସାତ୍ୱିକର ଲକ୍ଷଣ ଯେଣୁ ପାଏ ପ୍ରକାଶ
ନବଧା ଭକତି କରିଛି ମୋର ମନକୁ ତୋଷ ।।୫୭
ଶୁଣି ତା ସୁଜ୍ଞାନ ଉଦୟେ ମନ ଚୈତନ୍ୟ ବାଦ
ଲାଗିଲେ କିଦେଇ ପୂଜିବୁ ସବୁ ପ୍ରଭୁ ପ୍ରସାଦ ।।୫୮
ଯାହାର ପ୍ରସାଦେ ତାହାଙ୍କୁ ଅରପିଲେ ଅପ୍ରାଧ
ହୋଇବ ମାନସ ପୂଜାରେ ପୂଜିବା ହୋଇ ବାଧ ।।୫୯
ମାର୍ଗ ପରିଚୟ ପାଇଁକି ପଚାରୁ ଚାପଧର
ବୋଇଲା ଶବରୀ ଅନତି ଦୂରେରେ ପମ୍ପାସର ।।୬୦

ଟୀକା: ୫୦ ନଭ - ଆକାଶ, ସ୍ୟନ୍ଦନେ ରଥେ ସପ୍ତାଶ୍ୱ- ସୂର୍ଯ୍ୟ, ୫୨ ନୀଡ଼ - ବସା, ବିହଙ୍ଗେ-ପକ୍ଷୀ, ୫୫ ଚାରିମୁକ୍ତି-ସାଯୁଜ୍ୟ, ସରୂପ୍ୟ - ସାଲୋକ୍ୟ, ସାମିପ୍ୟ, ୫୬ ଚାରିଭକ୍ତି-ଆର୍ତ୍ତ, ଯଜ୍ଞାସୁ, ଅର୍ଥାଥୀ, ଜ୍ଞାନି, ୫୬-ଚାରିକର୍ମ-ଭକ୍ତି ଜ୍ଞାନ, ତପ ଯଜ୍ଞ ଭକ୍ତି ପୃଥିବୀର କଣ ଅନୁକଣ କାଠ ପଥର ଗଛ ବୃକ୍ଷ ସବୁ ଭିତରେ ଈଶ୍ୱର ସତ୍ତା ଅନୁଭବ କରିବା, ତଥା, ରାଧା, ଗୋପି, ୫୭ ଅଷ୍ଟ ସାତ୍ୱିକ, ସ୍ତମ୍ଭ ସ୍ୱେଦ ରୋମାଞ୍ଚ ସ୍ୱରଭଙ୍ଗ କମ୍ପନ ଅଶ୍ରୁପାତ ବୈବର୍ଣ୍ଣ ଶୃତି, ସ୍ମୃତି, ଶ୍ଲିନତା, ଶୁଷ୍କ, କମ୍ପମାନ, ରୋମାଦ୍ଗୋମ, ଶକ୍ତିହୀନ ମୁଣ୍ଡଭ୍ରମ, ଚର୍ମଦାହ, ଚିତ୍ତବିଭ୍ରମ, ୫୭ ନବଧାଭକ୍ତି-ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବା, ଅର୍ଚ୍ଚନ ବନ୍ଦନ, ଦାସ୍ୟ ସଖ୍ୟ ଆତ୍ମନିବେଦନ,

Digitized by PPRACHIN, SOA

ତା ନିକଟେ ଋଷ୍ୟମୂକରେ ଅଛି ବାନର ରାଜା
ସୁଗ୍ରୀବ ଦେଖିଲେହରଷେ କରିବ ପାଦ ପୂଜା ।।୬୧
ବନ୍ଧୁତା ବାନ୍ଧିବ ବାନ୍ଧବୀ- ଉଦ୍ଧାରେ ରଘୁନାଥ
ଦେବସତୀ ଅଙ୍ଗ, ଭୂଷଣ ସହ ସମସ୍ତ ତଥ୍ୟ ।।୬୨



ଶ୍ରୀରାମ ନିର୍ଦ୍ଦେଶେ ଆକାଶୁ ଦେବଯାନ ଆସଇ
ରାମନାମ ସ୍ମରି ଶବରୀ ସ୍ୱଦେହରେ ବସଇ ।।୬୩
ଗୀର୍ବାଣେ ଭାବନ୍ତି ସ୍ୱରଗେ ଆସେ ନିଷାଦ ଜାତି
ଲୋକାଚାର ମତେ ଲୋକରେ ସଦା ଘୃଣ୍ୟ ଯେ ଅତି ।।୬୪
ଅସ୍ପର୍ଶ ସଂସାରେ ଯାହାର ଅଙ୍ଗ କରିଲେ ସ୍ପର୍ଶ
ସ୍ନାନ କରି ଶୁଦ୍ଧ ହୁଅନ୍ତି ତା କରୁ ରଘୁଶିଷ ।।୬୫

ଟୀକା: ୬୨ ବାନ୍ଧବି- ସୀତା, ୬୪ ଗ୍ରୀବାଣେ-ଦେବତାମାନେ ।

Digitized by PPRACHIN, SOA

ଅମୃତ ମଣିଣ ଅମୃତ ମଣୋହିକି କରିଲେ
ଚଣ୍ଡାଳ ଅସ୍ପର୍ଶ ଜନ୍ମରୁ କାରଣ କରାଇଲେ ।।୬୬
ବିଷ୍ଣୁପଦେ ବିଷ୍ଣୁ ପଦରେ ମନେ ରଖି ଶବରୀ
ଭାଷେ ମୋର ଜନ୍ମ କୂଳକୁ ଶୁଦ୍ଧ କରିବ ହରି ।।୬୭
ଯେତେବେଳେ ଯାହା ଅର୍ପିବେ କରୁଥିବେ ଗ୍ରହଣ
ଏତିକି ମାଗୁଣି ଚରଣେ ତୁମ୍ଭରି ରଘୁରାଣ ।।୬୮
ପିତା ମାତାଙ୍କର ଏକା ମୁଁ ତେଜି ଆସିଲି ଘର
ମୋ ନିମନ୍ତେ ଦେହ ଛାଡ଼ିଲେ ମୋ ଜନନୀ ପିଅର ।।୬୯
ତ୍ରିତାପ ବିନାଶେ ତାଙ୍କର ତୁମ୍ଭେ ସିନା ସକ୍ଷମ
ଆଉ କେହିନାହିଁ ନୋହିବେ ପ୍ରଭୁ ତୁମ୍ଭରି ସମ ।।୭୦
ସୁନ୍ଦକାୟା ବଧେ ଶୁଣିଛି ତୁମ୍ଭରି ବହୁବଳ
ଅହଲ୍ୟା ଉଦ୍ଧାରୁ ଜାଣିଛି ଚରଣର କୌଶଳ ।।୭୧
ହୃଦୟ ରଞ୍ଜନ ଜାଣିଛି ଶିବ ଚାପ ଭଞ୍ଜନେ
ପକ୍ୱ ଆମ୍ର ହେଲା କୈବଲ୍ୟ ମୋର ମନ ରଞ୍ଜନେ ।।୭୨
କୌଶଲ୍ୟା ନନ୍ଦନ କହନ୍ତି କୌଶଲ୍ୟାସମହୋଇ
ଜାନକୀ ବିରହ ଦୁଃଖକୁ ଦେଇଛ ପାସୋରାଇ ।।୭୩
ଜାତି ଅଜାତି ମୋ ପାଇଁକି ନାହିଁ ବାଛ ବିଚାର
ଶବର ଦେବତା ସଦା ମୁଁ ପ୍ରୀତି ମୋର ଶବର ।।୭୪
ଦ୍ୱାପର ଶେଷରେ ଗୋପରେ ହେବ ମୋ କାରବାର
ଶରଣ ରଖିବି ମରଣ ଶରେ ଜାରା ଶବର ।।୭୫
ବିଶ୍ୱାବସୁ ଝାଡ଼ ବନରେ କଳିଯୁଗେ ପୂଜିବ
ବିଦ୍ୟାପତି ଜାତି ହରାଇ ସେବି ଶବର ହେବ ।।୭୬
ବସୁ ଶବର ଯେ କରିବ ସେବା ସତ୍ୟରେ ମୋର
ଏହିପରି ଭାବେ ସର୍ବଦା ପ୍ରିୟ ଜାତି ତୁମ୍ଭର ।।୭୭
ରଘୁବଂଶ ମଣି ରାଘବ ପାଦ କରି ସମ୍ପଦ
ସପ୍ତଦଶ ଅଷ୍ଟ ପଦରେ ଦୟା ବିରଚେ ଛାନ୍ଦ ।।୭୮

❖ ❖ ❖

ଟୀକା: , ୬୭ ବିଷ୍ଣୁପଦେ-ଗଙ୍ଗାରେ, ବିଷ୍ଣୁପଦରେ-ରାମପଦରେ, ୭୦ ତ୍ରିତାପ-ଅଧି ଦୈବିକ, ଆଧିଭୌତିକ, ଆଧ୍ୟାତ୍ମିକ, ୭୧ ସୁନ୍ଦକାୟା - ତାଡ଼କା ରାକ୍ଷସୀ ମାରିଚ ମାତା, ୭୨ ଶିବଚାପ, ଶିବଧନୁ, ପକ୍ୱ ଆମ୍ର-ପାଚିଲା ଆମ୍ବ, କୈବଲ୍ୟ - ନିର୍ମାଲ୍ୟ ।

Digitized by PPRACHIN, SOA

ରାମ ଲକ୍ଷ୍ମଣଙ୍କ ପମ୍ପାସର ନିକଟେ ଗମନ ଚକ୍ରବାକ ଅଭିଶାପ

ଛାନ୍ଦ – ୨୩

ରାଗ–ଚକ୍ରକେଳି

ଶ୍ରୀରାମ ଲକ୍ଷ୍ମଣ ଶବରୀ ମଠ, ଉପେକ୍ଷି ଯାଉ ପମ୍ପାସର ତଟ ।।୧
ବିଲୋକୁ କମଳେ କମଳ ଶୋଭା ହଂସ ସନ୍ତରଣ ତଦୁପଲୋଭା ।।୨
ପଦ୍ମ ବିହାରରେ ମିଳିନ୍ଦ ପନ୍ତି, ଚକୁଆ ଚକୋଇ କ୍ରିଡ଼ାକରନ୍ତି ।।୩
ତୁଳନେ ସେ ମାନସରୁ ଉତ୍କୃଷ୍ଟ, ଅବଗାହନେ ରାମ ହୋଇ ତୁଷ୍ଟ ।।୪
ଚକ୍ରବାକ ଚକ୍ରବାକୀ ପାଖରେ, ଦେଖି ସୀତା ବାର୍ତ୍ତା ପୁଛୁ ଦୁଃଖରେ ।।୫
ରସୁ କାମ ବଶୁକାନ୍ତ ଆବୋରି, କଟୁ ବଚନ ପ୍ରକାଶେ ଚକୋରୀ ।।୬
ତପି କୁଟୁମ୍ବ କରିବା ସଲ୍ଲଜ, ପକ୍ଷୀ ରତି ଦେଖ ଏଡ଼େ ନିର୍ଲ୍ଲଜ ।।୭
ଶୁଣି ଲକ୍ଷ୍ମଣ ତା କୋପେ ମଣ୍ଡିତ, ଜ୍ଞାନ କହୁ ପକ୍ଷୀ ହୋଇ ପଣ୍ଡିତ ।।୮
ଅଜ୍ଞ, କି ବଶିଷ୍ଠ ଆଦି ମୁନିରେ, ଗୃହୀ ହୋଇଛନ୍ତି ତପେ ଧୂନିରେ ।।୯
ନାଶ ହେଉ ଏ ତୁମ୍ଭର ଶୃଙ୍ଗାର ଶାପ ଦେଉଛି ଶୁଣି ପକ୍ଷୀବର ।।୧୦
ରାମପାଦେ ପଡ଼ି ଦୁଃଖେ କହିଲା, ବଂଶ ଧ୍ୱଂସ ହେବ ଶାପ ଦହିଲା ।।୧୧
ଛାର ବିହଙ୍ଗୀ ନାହିଁ ବୁଦ୍ଧି ଜ୍ଞାନ, ରାଗି ଅନୁଜ ଶାପ କଲେ ଦାନ ।।୧୨
ସତୀ ଖବର ଦେଉଛି ସତ୍ୱରେ, ବଂଶ ରକ୍ଷାକର ତୁମ୍ଭ ହାତରେ ।।୧୩
ଦଶମୁଖ ତାଙ୍କୁ ନେଲା ଆନକି- ହେବ ହେବେସେହି ନିଶ୍ଚେ ଜାନକୀ ।୧୪
ଅତିଶୋଭାତ ଦିଶୁଥିଲା କାୟ, ଶାପ ମୁକ୍ତିରେ କରନ୍ତୁ ଉପାୟ ।।୧୫
ଚିନ୍ତି ଭାବେ କହିଲେ ଭାବଗ୍ରାହୀ, ନାରୀ ଭୋଗିବ ଦିବସରେ ଯାଇ ।।୧୬
ମାର୍ଗେ ମାର୍ଗଣ ଧାରୀ ବିଜେକଲେ ଋଷ୍ୟମୂକ ପର୍ବତ ପାଶେ ହେଲେ ।।୧୭
ତାର୍କ୍ଷ୍ୟ ବିଲୋକି ଯଥା ନାଗପନ୍ତି ବିଳେ ବିକଳେ ଦଉଡ଼ି ପଶନ୍ତି ।।୧୮
ସୁଗ୍ରୀ ଧାଇଁଣ ଗୁମ୍ଫାରେ ପଶିଲା, ସଖାମାନଙ୍କୁ ଭୟରେ ଭାଷିଲା ।।୧୯
ଦୟାନିଧି ସ୍ମରି ସୀତାବଳାସ, ଆରଣ୍ୟ କାଣ୍ଡ କରୁଅଛି ଶେଷ ।।୨୦

❖❖❖

ଟୀକା: ୩ ମିଳିନ୍ଦ – ଭ୍ରମର, ୪ ମାନସରୁ – ମନସରୋବରରୁ, ୧୯ ତାର୍କ୍ଷ୍ୟ – ଗରୁଡ଼ ।

Digitized by PPRACHIN, SOA

କବିଙ୍କ ହୃଦୟ ବେଦନା

କିଏ ମୋର କୁତ୍ସା ରଟିଥାଉ ପଛେ କିଏ କରୁଥାଉ ଜୟ ଜୟ
ସେଥିପାଇଁ ଦୁଃଖ- ସୁଖ ନାହିଁ ମୋର ସେହିଅଟେ ମୋର ପରିଚୟ ।।୧
କେତେଦିନ କେତେ- ରାତି ବିତିଅଛି କିଏ ସେ ତାହାର ହିସାବ ରଖିଛି
ଆକ୍ଷିକୁ ନ ଦିଶେ କାନକୁ ନ ଶୁଭେ ପିଣ୍ଡେ ଘଟିଲାଣି ଅବକ୍ଷୟ ।।୨ ଘୋଷା
କହିବା ପାଇଁକି ଲାଗୁଅଛି ବ୍ରୀଡ଼ା ଅଣ୍ଟା ପିଠି ସବୁ ହେଉଅଛି ପୀଡ଼ା
ବସି ବସି ଲେଖା ପଢ଼ାରୁ ଏ ରୋଗ ବାତ ହେବ ବୋଲି ଲାଗେ ଭୟ ।।୩
କୁଟିର କାନ୍ଥରେ ଅଣ୍ଟା ଠେସି ବସି ଖୁଣ୍ଟିର ଢ଼ିରାରେ ଅଣ୍ଟାକୁ ଆଉଁସି
ପେଟଟାକୁ ମାର ନାମକୁ ତାହାରି ଘୋଷୁ ଅଛି ହୋଇ ନିରିଭୟ ।।୪
ଯେ ରାମ ଭଦ୍ରଙ୍କ ଦୟା ବସୁ ବସି ରାମାୟଣ ଲେଖ ହେଉଅଛି ଖୁସି
ଅମର ତା ଉହୁ ସେହି ଲେଖା ଏହୁ ଭବେ ଯୁଗେ ଯୁଗେ ନୋହୁ କ୍ଷୟ ।।୫
ମଧୁ ମାସ କାଳେ ମଧୁପର ମେଳେ ମଧୁପ ଗୁଜନ୍ତ ବୁଲି ଫୁଲେ ଫୁଲେ
ବକୁଳର ବାସେ କୋକିଳ ଆଭାସେ ଫଗୁଣ ଛବିଟି ହେଲା କ୍ଷୟ ।।୬
ଶଇଳ ମାଳରେ ସାଲ୍ମଳୀ ଡାଳରେ ଅଗ୍ନି ଶିଖା ଜାଳେ ନିର୍ଜନ କାଳରେ
ପାଟ ଗହୀରରେ ଛାଟ କରେ ଖରେ ଶୋଭେ ଇନ୍ଦ୍ରଧନୁ ଦିଅ ଲୟେ ।।୭
ଚଷା ପୁଅ ବସି ଗଡ଼ାଉଛି ଲୁହ ନ ଆସେ ବରଷା ପବନର ସୁଅ
ଝରଣାର ଝର ଶୁଖିଲା ଶୋଣିର ତୃଷା ନ ମେଣ୍ଟଇ ଅବକ୍ଷୟ ।।୮
ଛାତିରେ ଭାଙ୍ଗୁଛି ଲୁହର ଲହଡ଼ା ଜାତି ଭାଇ ବସ ମାଗୁଛନ୍ତି ଭଡ଼ା
ତୁମେ ପରା ସବୁ ଦେଉଛ ହେ ପ୍ରଭୁ ଜଳୁଛି ଅନ୍ତର ନୁହେଁ ଥୟ ।।୯

❖❖❖

Digitized by PPRACHIN, SOA

ପ୍ରଭୁ ରାମ ଭାଇ ଲକ୍ଷଣ ମାତା ସୀତାଙ୍କୁ ଖୋଜି ଖୋଜି ଯାଇ ଶବରୀ କୁଟୀରେ ଫଳ ଭକ୍ଷଣ ଓ ଶବରୀର ଉଦ୍ଧାର, ପୃ.୭୨ଛା.୨୨ପ.୫୦-୬୦

ପ୍ରଭୁ ରାମଚନ୍ଦ୍ରଙ୍କ ସୌମ୍ୟରୂପ ରାମଭକ୍ତ ହନୁମାନଙ୍କର ଦର୍ଶନ ଓ ରାମାୟଣରେ ହନୁମାନ, ପୃ.୨ଛା.୨ପ.୧୦-୧୨

Digitized by PPRACHIN, SOA

ରାମ ସୁଗ୍ରୀ ମିତ୍ର, ରାମଙ୍କର ସପ୍ତଶାଳ ଛେଦନ, ବାଳୀବଧ, ଶର ପ୍ରୟୋଗ, ପ୍ରଭୁ ରାମଙ୍କୁ ତାରାଙ୍କର ଶାପ, ପୃ.୨୨ଛା.୧୧ପ.୩୦

ପ୍ରଭୁ ରାମଚନ୍ଦ୍ର ଲକ୍ଷଣଙ୍କ ସହିତ ବୃକ୍ଷ ଅନ୍ତରାଳେ ଲୁଚି ବାଳିବଧ ଶର ଧନୁରେ ସନ୍ଧି ଦଣ୍ଡାୟମାନ, ପୃ.୧୩ଛା.୭ପ.୧୪-୧୫

Digitized by PPRACHIN, SOA

— କିଷ୍କିନ୍ଧ୍ୟା କାଣ୍ଡ —

ସୂଚୀପତ୍ର

ଛାନ୍ଦ	ବିଷୟ ର ନାମ	ରାଗ	ଅଳଙ୍କାର	ପଦ	ପୃଷ୍ଠା
	ଶ୍ଳୋକ				
୧	ମଙ୍ଗଳା ଚରଣ	କୁମ୍ଭକାମୋଦୀ	ଶତ ଅଷ୍ଟୋତ୍ତର ମହାମନ୍ତ୍ର	୯	୧
୨	ରାମ ଦର୍ଶନେ ସୁଗ୍ରୀବ ସ୍ତୁତି	କାମୋଦୀ		୧୮	୨
୩	ହନୁମାନ ଜନ୍ମ ବୃତ୍ତାନ୍ତ	ଚକ୍ର କେଳି	ଆଦ୍ୟ ପ୍ରାନ୍ତ ଶୃଙ୍ଖଳା ଉପଧା ମିଳନ	୧୦୬	୫
୪	ସୁଗ୍ରୀବଙ୍କ ସହିତ ରାମଙ୍କର ଭେଟ	ଖଣ୍ଡିତା		୧୩	୯
୫	ରାମଙ୍କ ଶୋକ	ବରାଡ଼ି		୬	୧୦
୬	ସୁଗ୍ରୀବ ସହିତ ମିତ୍ରତା ସପ୍ତଶାଳ ଛେଦନ	କଳସା	୧୩ ପଦ ପର୍ଯ୍ୟନ୍ତ ଉପଧା ମିଳନ	୫୬	୧୩
୭	ଶାଳ ଛେଦନ ଶବ୍ଦେ ବାଳୀ ତ୍ରସ୍ତ ଓ ପ୍ରଥମ ଥର ରଣେ ଆଗମନ	କାମୋଦୀ		୨୩	୧୩
୮	ସୁଗ୍ରୀବ ଦ୍ୱିତୀୟ ବାର ଯୁଦ୍ଧେ, ଗମନ ଓ ଦାରୁ ବ୍ରହ୍ମର' କାରଣ	ଶଙ୍କରାଭରଣ		୩୬	୧୮
୯	ବାଳୀର ଦ୍ୱିତୀୟ ବାର ରଣେ ଆଗମନ	କାମୋଦୀ		୧୯	୨୦
୧୦	ବାଳୀ ବକ୍ତବ୍ୟେ ରାମ ଲକ୍ଷ୍ମଣଙ୍କ ଉପଦେଶ	ଲଳିତ କେଦାର		୫୭	୨୪
୧୧	ତାରା ଶୋକ	ଚିନ୍ତା ଦେଶାକ୍ଷ		୪୫	୨୮
୧୨	ସୁଗ୍ରୀବ ରାଜ୍ୟାଭିଷେକ, ମାଲ୍ୟବନ୍ତେ ରାମ ବିଶ୍ରାମ	ଆଷାଢ଼ଶୁକ୍ଳ		୩୩	୩୧
୧୩	ନାରଦଙ୍କ ଅଭିଶାପ	ଋଷିକୁଲ୍ୟା		୩୦	୩୫
୧୪	ରଘୁରାଜା ଉପଖ୍ୟାନ	ଦେଶାକ୍ଷ	ପ୍ରଥମ ଦୁଇପଦ ସିଂହାବଲୋକନ	୫୬	୩୯
୧୫	ରାମଚନ୍ଦ୍ରଙ୍କର ବକକୁ ବର ଦାନ	ରାମକେରୀ		୭୭	୪୬
୧୬	ଲକ୍ଷ୍ମଣ କିଷ୍କିନ୍ଧ୍ୟା ସିଂହଦ୍ୱାରେ ପ୍ରବେଶ	ବଙ୍ଗଳାଶ୍ରୀ		୩୩	୫୨
୧୭	ମାଲ୍ୟବନ୍ତେ ଅଗସ୍ତି ମାର୍କଣ୍ଡେୟ ଭେଟ	ଘଣ୍ଟାରବ		୨୯	୫୪
୧୮	ରାମ ସୁଗ୍ରୀବ ଭେଟ	କୌଶିକ		୬୬	୫୬
୧୯	ସୀତା ସନ୍ଧାନରେ ଦୂତ ପ୍ରେରଣ	ଘଣ୍ଟାରବ		୩୫	୬୦

Digitized by PPRACHIN, SOA

ଛାନ୍ଦ ବିଷୟ ର ନାମ ଅଳଙ୍କାର ପଦ ପୃଷ୍ଠା

ଲେଖକଙ୍କ,ଗାୟକ,ପ୍ରବକ୍ତା ଓ ପି.ଏଚ୍.ଡ଼ି ଧାରୀଙ୍କ ପାଇଁ

କିଷ୍କିନ୍ଧ୍ୟା କାଣ୍ଡର ବିଭିନ୍ନ ଛାନ୍ଦରେ ଥିବା ବିଶେଷତ୍ୱ

ଛାନ୍ଦ ୨ : ପଦ ୪-୭ କବିମାନଙ୍କର ନାମ ।
ପଦ ୧୦-୧୨ ବିପ୍ରବେଶେ ହନୁମାନଙ୍କ ରାମଙ୍କୁ ପ୍ରଶ୍ନ ରାମଙ୍କ ଉତ୍ତର ।
ପଦ ୧୪-୧୬ ହନୁମାନର ରାମଙ୍କ ବିଶ୍ୱ ରୂପ ଦର୍ଶନ ।
ଟୀକା ୧୫ ସନକାଦି ସପ୍ତ ଋଷିଙ୍କ ନାମ ଟୀକା ୧୮ ଷଡ଼ରିପୁ ।

ଛାନ୍ଦ ୩ : ପଦ ୧୦-୨୨ ହନୁମାନ ଜନ୍ମ ଓ ସୂର୍ଯ୍ୟରଥ ଆକ୍ରମଣ ।
ପଦ ୩୧-୩୫ ଆଦ୍ୟ ଯମକ ୩୬-୩୯ ଉପଧା ମିଳନ ।
ପଦ ୪୩-୪୯ ଦେବତାମାନଙ୍କର ହନୁକୁ ବର ପ୍ରଦାନ ।
ପଦ ୫୦-୫୬ ପଞ୍ଚମୁଖ ହନୁମାନ ଓ ଶିବପୁତ୍ର ଭାବେ ସ୍ୱୀକୃତି
ପଦ ୬୮-୭୦ ଅଙ୍ଗିରା ଶାପେ ହନୁମାନ ଦର୍ପ ଦଳନ ।
ପଦ ୯୮-୧୦୪ ମନ ଚୈତନ୍ୟ ସମ୍ବାଦ ।

ଛାନ୍ଦ ୫ : ପଦ ୧ ଶ୍ରୀରାମ ଜାନକୀ ଅଙ୍ଗଭୂଷଣ ଅବଲୋକନ ।
ପଦ ୫ ଉଦ୍ୟାନ ବର୍ଣ୍ଣନା

ଛାନ୍ଦ ୬ : ପଦ ୧୩-୧୪ ଦୁନ୍ଦୁଭି ଅସ୍ଥି ଉତ୍ତୋଳନ ।
ପଦ ୧୫-୨୦ ସୁଗ୍ରୀବର ରାମଙ୍କ ବଳ ପରୀକ୍ଷା ।
ପଦ ୩୫-୪୪ ସପ୍ତଶାଳ ବିବରଣୀ । ପଦ ୪୫-୫୦ ଶାଳ ଛେଦନ ।
ପଦ ୫୨-୫୫ ପରଯୁଗେ ଅନନ୍ତ ନାଗ କାଳୀ ହୋଇ ପ୍ରତିଶୋଧ ନେବାକୁ ରାମଙ୍କର ବର ପ୍ରଦାନ ।
ଟୀକା ୯ ଚଉଦ ଭୁବନ ନାମ

ଛାନ୍ଦ ୭ : ପଦ ୧୧ ମଧୁରଗୁଣ୍ଡା ଗଛର ଭାବନା ।
ପଦ ୧୬-୧୭ ମଧୁରଗୁଣ୍ଡା ଗଛକୁ ବାଳୀ ର ଅଭିଶାପ ।
ପଦ ୨୦-୨୨ ବୈଜୟନ୍ତୀମାଳା ବିବରଣୀ ଓ ହରଣ ।

ଛାନ୍ଦ ୮ : ପଦ ୨-୧୨ ମଧ୍ୟାହ୍ନ, ସନ୍ଧ୍ୟା ଓ ପ୍ରଭାତ ବର୍ଣ୍ଣନା ।
ପଦ ୧୫-୨୦ ମଧୁରଗୁଣ୍ଡା ବୃକ୍ଷର ଶାପ ମୁକ୍ତି ପ୍ରାର୍ଥନା ।
ପଦ ୨୧-୨୬ ବୃକ୍ଷ ଶାପ ମୁକ୍ତି । ଦାରୁରୁ ଜଗନ୍ନାଥ ଆଦି ଚାରି ମୂର୍ତ୍ତି ସୃଷ୍ଟି ର ପ୍ରକରଣ ପ୍ରସଙ୍ଗ ।
ପଦ ୩୩-୩୬ ସୁଗ୍ରୀବର ଯୁଦ୍ଧ ଡ଼କରା ।
ଟୀକା ୨୮ ଜଗନ୍ନାଥଙ୍କର ବାରମାସେ ତେର ଯାତ୍ରା ର ନାମ ।

ଛାନ୍ଦ ୯ : ପଦ ୪-୬ ବାଳୀ ସୁଗ୍ରୀ ମଲ୍ଲ ଯୁଦ୍ଧ ।
ପଦ ୮ ବାଳୀଙ୍କ ବାକ୍ୟ ବାଣେ ରାମଙ୍କ ବକ୍ଷଭେଦ ବାଳୀ ବଧ ଶର ନିକ୍ଷେପ ଓ ବାଳୀ ସେ ଶର ଉତ୍ପାଟନ ।
ପଦ ୯-୧୮ ଶରାଘାତ ବାଳୀର ରାମଚନ୍ଦ୍ରଙ୍କୁ କୁବାକ୍ୟ ପ୍ରୟୋଗ ।

Digitized by PPRACHIN, SOA

ଛାନ୍ଦ ୧୦ : ପଦ ୧-୨୬ ଶରାଘାତ ବାଳୀ ବକ୍ତବ୍ୟରେ ରାମଙ୍କ ଉତ୍ତର ।
ପଦ ୩୮-୪୧ ସୃଷ୍ଟିର ସୃଷ୍ଟି ଓ ବିନାଶ ।
ପଦ ୪୨-୫୭ ରାମଚନ୍ଦ୍ରଙ୍କୁ ବାଳୀ ର ନିବେଦନ ।

ଛାନ୍ଦ ୧୧ : ପଦ ୨-୧୩ ତାରା ବିଳାପ ।
ପଦ ୧୪-୧୫ ସୁଗ୍ରୀବ ପ୍ରତି ତାରାର କଟୁ ବାକ୍ୟ ପ୍ରୟୋଗ ।
ପଦ ୧୬-୧୯ ଅଙ୍ଗଦ ପ୍ରବେଶ ନାରାୟଣଙ୍କ ଅବତାର ବର୍ଣ୍ଣନା ।
ପଦ ୨୨-୨୯ ରାମଙ୍କୁ ତାରାର ଶାପ ।
ପଦ ୩୦-୩୨ ମର୍ଯ୍ୟାଦା ପୁରୁଷୋତ୍ତମ ରାମ ।
ପଦ ୩୬-୩୯ ତାରାକୁ ବାଳୀର ଅନ୍ତିମ ବାର୍ତ୍ତା ପତ୍ରଦାନ ।
ପଦ ୪୦-୪୩ ବାଳୀର ମାନସ ପୂଜା ।

ଛାନ୍ଦ ୧୨ : ପଦ ୩-୪ ସୁଗ୍ରୀବ ରାଜ୍ୟାଭିଷେକ ପାଇଁ ରାମଙ୍କ ଆଦେଶ ।
ପଦ ୫-୧୬ ସୁଗ୍ରୀବ ନିବେଦନ ଓ ବର୍ଷାକାଳ ବର୍ଣ୍ଣନା ।
ପଦ ୧୭-୨୩ ମେଘଦୂତ ଦ୍ୱାରା ଶ୍ରୀରାମ ସୀତାଙ୍କ ନିକଟକୁ ବାର୍ତ୍ତା ପ୍ରେରଣ ।
ପଦ ୨୪-୩୨ ଅଶୋକ ବନେ ସୀତାଙ୍କ ଚିନ୍ତା ପ୍ରକୃତି ସହିତ ବର୍ଷାଋତୁ ବର୍ଣ୍ଣନା ଓ ଧରଣୀ ରାଣୀ ସ୍ୱୟମ୍ବରେ ପ୍ରକୃତି ରାଜା ବର୍ଷା କୁ ବରଣ ।
୩୩ ପଦ ଶେଷରେ ରାମ ନାମ ହିଁ ପରମ ଗତି ।

ଛାନ୍ଦ ୧୩ : ୧-୩ ଶିବ ପାର୍ବତୀ ସମ୍ବାଦ ଓ ୩ ପଦ ପରେ ରାମାୟଣରେ ପଞ୍ଚଭକ୍ତଙ୍କ ଉଦ୍ଧାର ଶ୍ଳୋକ ।
୧୦ ବର୍ଷର ଝିଅ ହିଁ କନ୍ୟା ଶ୍ଳୋକ ।
ପଦ ୧୬-୨୧ ରାମାୟଣରେ ପ୍ରିୟାପ୍ରୀତି ତୋଷଣ ।
ପଦ ୨୩-୨୪ ଶ୍ରୀମତୀଙ୍କର ନାରାୟଣଙ୍କୁ ସ୍ମରଣ ଓ ନାରାୟଣଙ୍କ ଦ୍ୱାରା ଅପହରଣ ।
ପଦ ୨୭-୨୮ ନାରାୟଣଙ୍କୁ ନାରଦ ଋଷିଙ୍କର ଅଭିଶାପ ।
ପଦ ୩୦ ଏ ଗ୍ରନ୍ଥ ଗ୍ରାହକମାନଙ୍କ ପାଇଁ ବଣିକ ପସରା ।

ଛାନ୍ଦ ୧୪ : ପଦ ୩-୬ ସୂର୍ଯ୍ୟ ବଂଶ କାହିଁକି ରଘୁଙ୍କ ନାମରେ ରଘୁବଂଶ ହେଲା ।
ପଦ ୭-୧୨ ଯଜ୍ଞଅଶ୍ୱ ଛାଡ଼ି ଦେବାକୁ ରଘୁଙ୍କର ଇନ୍ଦ୍ରଙ୍କୁ ଅନୁରୋଧ ଓ ଇନ୍ଦ୍ରଙ୍କ ଉତ୍ତର ।
ପଦ ୧୩-୧୪ ରଘୁଙ୍କ ବକ୍ତବ୍ୟ ଉପମା ଉପମେୟ ।
ପଦ ୨୮-୩୩ ଶ୍ରାଦ୍ଧ ବର୍ଣ୍ଣନା ଓ ପାଟରାଣୀ ଦକ୍ଷିଣା ।
ପଦ ୩୯ ରାଣୀମାନଙ୍କ ସୁବେଶ ପାଇଁ ରାଜାଙ୍କ ଆଦେଶ ।

Digitized by PPRACHIN, SOA

ପଦ ୪୦-୪୧ ବିପ୍ର ଦକ୍ଷିଣା ନେବାକୁ ରାଜାଙ୍କ ଅନୁରୋଧ ।
ପଦ ୪୯-୫୧ ବ୍ରାହ୍ମଣଙ୍କ ଉକ୍ତି ରାଜାଙ୍କ ମନ୍ତବ୍ୟ ।
ପଦ ୫୬ ପରେ

ଏପରି କୀର୍ତ୍ତିମାନ ହେତୁ ରଘୁ, ରଘୁ ବଂଶ ହେଲା ଆନ ଯେ ଲଘୁ ।
ରଘୁଙ୍କର ଏପରି କୀର୍ତ୍ତି ପରା, କେତେ କହିବା ସେ ପୃଥିବୀ ସାରା ।
କରି ପ୍ରଦକ୍ଷିଣ
କରିଥିଲେ ଜୟ ସ୍ତମ୍ଭ ରୋପଣ ।୦।

ଛାନ୍ଦ ୧୫ : ପଦ ୨-୮ ଶରତ ଋତୁ ବର୍ଣ୍ଣନା । ପଦ ୯-୧୨ ଶିଶିର ଋତୁ ବର୍ଣ୍ଣନା ।
ପଦ ୨୧-୨୩ ଲଞ୍ଜାତାରା । ପଦ ୩୩-୪୯ ବକ ପ୍ରଶ୍ନେ ରାମଙ୍କ ଉତ୍ତର ଓ ବରଦାନ ।
ପଦ ୫୩ କୁକ୍କୁଟ ବରଦାନ ।

ଛାନ୍ଦ ୧୬ : ପଦ ୬-୮ ସୁଗ୍ରୀବର ଭ୍ରମ ।
ପଦ ୧୪-୧୫ ଲକ୍ଷ୍ମଣଙ୍କ ରାଜନୀତି ପ୍ରତିକ୍ରିୟା ।
ପଦ ୧୯-୨୮ ବିଷବଦ୍ୟ ସାପୁଆ କେଳା,ତାରା, ଅନନ୍ତ, ସର୍ପ ଲକ୍ଷ୍ମଣଙ୍କ ପ୍ରବୋଧନା ।
ପଦ ୨୯-୩୨ ଲକ୍ଷ୍ମଣଙ୍କର ବକ୍ତବ୍ୟ ।

ଛାନ୍ଦ ୧୭ : ପଦ ୧-୩ ଅଗସ୍ତି ମାର୍କଣ୍ଡ ଭେଟ ।
ଟୀକା୨୮ ଅଷ୍ଟ ଐଶ୍ୱର୍ଯ୍ୟ । ଟକୀ। ୨୯ ବିଶୟା ବିଷ ।

ଛାନ୍ଦ ୧୮ : ପଦ୨-୩ ଶବ୍ଦ ଆଡ଼ମ୍ବର । ପଦ ୬ ଉପମା ଉପମେୟ ।
ପଦ ୮ ଆସିଥିବା ସେନାସୈନ୍ୟଙ୍କ ବର୍ଣ୍ଣନା ।
ପଦ ୨୦-୨୧ ଆଗମ ସେନା ସଂଖ୍ୟା ।
ଟୀକା ୮ ପଚିଶ ଯୂଥପତିଙ୍କ ନାମ ।

ଛାନ୍ଦ ୧୯ : ପଦ ୫-୭ ଲଙ୍କାର ଅନ୍ୟ ନାମ ।
ପଦ ୮-୯ ସୀତା ଶବ୍ଦର ଅର୍ଥ ଓ ସୀତାଙ୍କ ଷଡ଼ ନାମ ।
ପଦ ୧୦-୧୫ ଚାରିଦିଗେ ସେନା ପ୍ରେରଣ ଓ କଷ୍ଟ ।
ପଦ ୧୮ ରାମଙ୍କ ମନ ଅସ୍ଥିରରେ ଜାମ୍ବବାନଙ୍କର ପ୍ରବୋଧନା ।
ପଦ ୨୬-୩୦ ସିନ୍ଧୁ ଲଂଘନେ ରାମଙ୍କୁ ହନୁମାନର ପ୍ରତିଶ୍ରୁତି ।

Digitized by PPRACHIN, SOA

କିଷ୍କିନ୍ଧ୍ୟା କାଣ୍ଡ ଆରମ୍ଭ

- ଶ୍ଳୋକ -

ସୁଗ୍ରୀବେ ମିତ୍ରତା ନିହାୟ ସହସା ସପ୍ତଶାଲ **ଛେଦନଂ** ।
ବାଲୀ.ସସୂଦନଂ ତାରସ୍ୟମଖିଳଂ ରାଜ୍ୟ **ସୁଗ୍ରୀବ**ସାତ୍ ।।

ମଙ୍ଗଳାଚରଣ

ଛାନ୍ଦ - ୧

(ରାଗ କୁମ୍ଭକାମୋଦୀ) ଶତ ଅଷ୍ଟୋତ୍ତର ମହାମନ୍ତ୍ର

ଶ୍ରୀ ରାମ ରାମ ରଘୁନନ୍ଦନ ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ଲଘୁବନ୍ଦନ ରାମ, ରାମ ରାମ ରାମ ।୧।
ଶ୍ରୀ ରାମ ରାମ ନରନାୟକ ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ବରଦାୟକ ରାମ, ରାମ ରାମ ରାମ ।୨।
ଶ୍ରୀ ରାମ ରାମ ଜନରଞ୍ଜନ ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ଧନୁଗଞ୍ଜନ ରାମ, ରାମ ରାମ ରାମ ।୩।
ଶ୍ରୀ ରାମ ରାମ ଭୟଭଞ୍ଜନ ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ଲୟମଜ୍ଜନ ରାମ, ରାମ ରାମ ରାମ ।୪।
ଶ୍ରୀ ରାମ ରାମ ମନୁଜାକୃତି ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ଦନୁଜାମୁକ୍ତି ରାମ, ରାମ ରାମ ରାମ ।୫।
ଶ୍ରୀ ରାମ ରାମ ଅଚ୍ୟୁତାନନ୍ଦ ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ସଚ୍ଚିଦାନନ୍ଦ ରାମ, ରାମ ରାମ ରାମ ।୬।
ଶ୍ରୀ ରାମ ରାମ ଜଳଦଗାତ୍ର ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ଜଳଜନେତ୍ର ରାମ, ରାମ ରାମ ରାମ ।୭।
ଶ୍ରୀ ରାମ ରାମ ଜାନକୀପତି ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ଧ୍ୟାନକିଗତି ରାମ, ରାମ ରାମ ରାମ ।୮।
ଶ୍ରୀ ରାମ ରାମ କପିପାବନ ରାମ, ରାମ ରାମ ରାମ
ଶ୍ରୀ ରାମ ରାମ ତପୀଭାବନ ରାମ, ରାମ ରାମ ରାମ ।୯।

●

ଟୀକା: ୧ ରଘୁନନ୍ଦନ -ରଘୁକୁଳର ବନ୍ଦନ. ଲଘୁ-ଛୋଟ. ନର-ମନୁଷ୍ୟ.ଜନ-ଲୋକ. ମନୁଜାକୃତି-ମନୁଷ୍ୟରୂପ.ଦନୁଜା-ଅସୁରୁଣୀ. ଅଚ୍ୟୁତ- ବିଷ୍ଣୁ. ନନ୍ଦ-ଆନନ୍ଦ. ଜଳଦ-ମେଘ. ଜଳଜ- ପଦ୍ମ. ସଚ୍ଚିଦାନନ୍ଦ-ସତ୍+ଚିତ୍+ଆନନ୍ଦ ।ଜାନକୀ-ସୀତା. ପତି-ସ୍ୱାମୀ. ଧ୍ୟାନକିଗତି-ସ୍ମରଣରୁମୁକ୍ତି. କପି-ମର୍କଟ. ପାବନ-ପବିତ୍ର. ତପି-ତପକାରୀ

Digitized by PPRACHIN, SOA

ରାମଦର୍ଶନେ ସୁଗ୍ରୀବ ସ୍ତୁତି

(ରାଗ-କାମୋଦୀ)

ଛାନ୍ଦ - ୨

ଶୁଣ ବିବୁଧେ ବସି, ଏଅନ୍ତେ ପୌର୍ଣ୍ଣମାସୀ, ପଚାରୁ ରାମାୟଣ କଥା
ପ୍ରକାଶିଲେ ଯା ଭବ, ନାଶ କରିବ ସର୍ବ, ସଂସାର ଜାତ ରିପୁ ବ୍ୟଥା
ହେ ସାଧୁଜନେ
କିଷ୍କିନ୍ଧ୍ୟା କାଣ୍ଡର ଚରିତ, ଏ ଛାନ୍ଦୁ ହେଲା ବିରଚିତ
ବାଣୀ ସେବି ଭବାବ୍ଧି, ପାରେ ଏ ଦୟାନିଧି, କରିଛି ଯାହା କିଛି ଗୀତ, ହେ ସାଧୁଜନେ ।୧।

ରାମାୟଣ ପ୍ରବନ୍ଧ, ବହୁତ କବି ଛାନ୍ଦ, କବିତା ପଦ୍ୟେ ଗଲେ ବାନ୍ଧି
ତାହା ଅନୁସନ୍ଧାନ, କରି ଏ ଅକିଞ୍ଚନ, ଖୋଲିଛି ନାନା କନ୍ଦି ସନ୍ଧି
ହେ ସାଧୁଜନେ
ପୁରାଣକୁ ପୁରାଣ ଛାଡ଼ି, ଚରିତ ଦେଇଛନ୍ତି ବାଢ଼ି
ତାହା ଏଥି ସମୀକ୍ଷା, କରଇ ସିନା କକ୍ଷା, ନୁହଁଇ କହୁ ନାହିଁ ହୁଡ଼ି, ହେ ସାଧୁଜନେ ।୨।

ବାଲ୍ମୀକି ମହାମନା, ଯାହା କଲେ ରଚନା, ବାଳୀ ବଧିଲେ ରାମ ଲୁଚି,
ବାଳୀର ବାଳୀତାରା ମିତ୍ରେ ଅର୍ପିଲେ ତ୍ୱରା ହୋଇ କରାଇ କନ୍ୟାଶୁଚି
ହେ ସାଧୁଜନେ
ମହାନାଟକେ ତା ଖଣ୍ଡନ, ସମ୍ମୁଖ ରଣେ ରଘୁରାଣ,
ବାଳିକୁ ହତ କରି, ତାରା ସୁଗ୍ରୀବ ନାରୀ, ବୋଲି ସେ କରିଲେ ପ୍ରମାଣ ହେ ସାଧୁଜନେ ।୩।

କବିଙ୍କମାନଙ୍କର ନାମ

ସେ ବ୍ୟାସ କାଳିଦାସ, ବାଣଭଟ୍ଟ, ଶ୍ରୀହର୍ଷ, ମାଘକବି, ଅମର ସିଂହ,
ଅଭିମନ୍ୟୁ ସାମନ୍ତ, କବିସୂର୍ଯ୍ୟଙ୍କ ବ୍ୟକ୍ତ, ଏକାଧାରାରେ ଗତି ନୁହଁ
ସେ ଯଦୁମଣି
ରଚନା ରାଘବ ବିଳାସେ, ଇନ୍ଦ୍ରଜିତ ଶୟନ ବାସେ
ଯାଇ ଲକ୍ଷ୍ମଣ ଯୁଦ୍ଧ, କରି ହରିଲେ ସିଦ୍ଧ, କବି କହନ୍ତି ବଟପାଶେ ହେ ସାଧୁଜନେ । ।୪।

---

୧ - ପୌର୍ଣ୍ଣମାସୀ-ଦୁର୍ଗା, ଭବ-ଶିବ, ରିପୁ- କାମ,କ୍ରୋଧ,ଲୋଭ,ମୋହ,ମଦ,ମତ୍ସର୍ଯ୍ୟ,ବାଣୀ-ସରସ୍ୱତୀ, ଭବାବ୍ଧି-ଭବ ସମୁଦ୍ର । ୨ -ପ୍ରବନ୍ଧ-ରଚନା, ଛାନ୍ଦ-ପଦ୍ୟ ନିର୍ବନ୍ଧ, କବିତା-କବିଙ୍କଦ୍ୱାରା ପଦ୍ୟ ମାତ୍ରାକ୍ଷର ବଦ୍ଧ ବାକ୍ୟ, ଅନୁସନ୍ଧାନ-ଅନ୍ୱେଷଣ, ଅକିଞ୍ଚନ-ନିଃସ୍ୱ, କନ୍ଦି-ଗଳି, ସନ୍ଧି-ମିଳନ, ସମିକ୍ଷା-ଆଲୋଚନା, କକ୍ଷା-ପ୍ରତିଯୋଗିତା, ହୁଡି-ଭ୍ରମରେ ପଡି, କନ୍ୟା-ଶୁଚି, ଅନୁଢ଼ା -ପବିତ୍ର,

Digitized by PPRACHIN, SOA

ଜଗନ୍ନାଥ ଶାରଳା- ଦାସ ଅଚ୍ୟୁତ୍ୟ, କଳା, କହି ନହେବ ପୀତାମ୍ବର
ଦୀନକୃଷ୍ଣ ରଚନ, ନୀଳାମ୍ବରଙ୍କୁ ଗଣ, ଏ ଷଷ୍ଠ ସେ ଦାସ ପ୍ରବର
ହେ ସାଧୁଜନେ
ତପସ୍ୱିନୀରେ ଗଙ୍ଗାଧର, ଚିତ୍ରଣ ଯା କଲେ ନିକର
ମାନ୍ୟ ଗୋଦାବରୀଶ, ଯେ ଗୋପବନ୍ଧୁ ଦାସ,ଫକିରମୋହନଙ୍କ ଭାଷ୍ୟ ହେ ସାଧୁଜନେ ।୫।
ରାଧାନାଥ ଦନେଇ- ଦାସଙ୍କ ସଙ୍ଗେ ନେଇ, ଚନ୍ଦନ ହଜୁରୀ ଭଜନେ
ସୂର୍ଯ୍ୟମଣି ଚିଆଉ, ରାମ ଚରିତ ଭାଉ, ବଢ଼ାଇ ଦେଲେ ନାନା ସ୍ଥାନେ
ହେ ସାଧୁଜନେ
ଗୋକୁଳାନନ୍ଦ ସହି କ୍ଳେଶ, ଜାନକୀ ବଲ୍ଲଭ ବିଳାସ
ସତ୍ୟବାଦୀ ସାନ୍ତରା, ସୀତା ବିଳାସେ ତ୍ୱରା, ଗୋପିବିକ୍ରମାଦି ନରେଶ ହେ ସାଧୁଜନେ ।୬।
ବିଶ୍ୱନାଥ ଚମ୍ପତି, ବ୍ୟଞ୍ଜନ ବର୍ଣ୍ଣ ରୀତି, ଦାଶରଥି୍ ବିଳାସ କଲେ
ବିଶି ଅନଙ୍ଗ ବୀର, ଲୋକା କରଙ୍କୁ ଧର, ନିମେଇଁ ଚରଣଙ୍କ ତୁଲେ
ହେ ସାଧୁଜନେ
ନଟବର ଜେନା ବିଖ୍ୟାତ, ଅଖଣ୍ଡ ରାମ କାବ୍ୟାମୃତ,
ଆଦ୍ୟେ ଅ'ଅନୁପ୍ରାସ, ରଖି୍ ସ୍ୱତନ୍ତ୍ର ଭାଷ୍ୟ, ସୀତା ସ୍ୱୀକୃତେ ନେଲା ଦୈତ୍ୟ ହେ ସାଧୁଜନେ ।୭।
ଲେଖକଙ୍କର ନାମ, ଲେଖୁ ହେବ ପୁରାଣ, ଏହି ଠାରୁ ଚରିତ ଶୁଣ
ସର୍ବଶାସ୍ତ୍ରେ ଯା ବ୍ୟକ୍ତ, ବିଭିନ୍ନ ମତାମତ, ମୁଖ୍ୟ ସେଥିରେ ରାମ ନାମ
ହେ ସାଧୁଜନେ
ପୂର୍ବ ଛାନ୍ଦରେ ସୁଗ୍ରୀବର, ଦେଖି୍ ରାମ ଲକ୍ଷ୍ମଣ ବୀର
ତା ଭ୍ରାତ ବାଳୀ ଚର, ଭାବି ଭୟରେ ତର-ତରେ ପଳାଇ କହେ ଗିର ହେ ସାଧୁଜନେ ।୮।
ଆହେ ପାବନୀ ଯିବ, ଧରିଣ ମହୀଦେବ- ରୂପକୁ ଏହି ଗିରି ତଳେ
ଏ ବେନୀ ବୀର ଯତୀ, ବେଶେ କିମ୍ପା ବୁଲନ୍ତି ପଚାରି ଆସ ବୁଦ୍ଧିବଳେ
ହେ ମନେ ମୋର
ସଂଶୟ ହେଉଅଛି ଜାତ, ମୋତେ କି କରିବାକୁ ହତ
ମନ ମଧରେ ଭାଳି ପେଶିଛି ଯାଙ୍କୁ ବାଳୀ, ସ୍ୱରୂପ କରାଇ ଗୁପତ ହେ ମନେ ମୋର ।୯।
ସୁଗ୍ରୀବ କଥାମାନ, ଶୁଣି' ହନୁ ବ୍ରାହ୍ମଣ, ରୂପରେ ଯାଇଣ ରଭସେ
କରିଣ ନମସ୍କାର, ପଚାରେ କାହିଁ ଘର ବୁଲ କାହିଁକି ଯତୀ ବଶେ
ହେ ଧନୁର୍ଦ୍ଧର
ଏତ କୁଳଟା ଆଚରଣ, ତପସ୍ୱୀ କୋଦଣ୍ଡ ଧାରଣ
କିବା ଶତ୍ରୁ ସାଧନେ, ଲୟରେ ବୁଲ ବନେ, ଏ ବେଶେ ଧରି ଧନୁର୍ବାଣ ହେ ଧନୁର୍ଦ୍ଧର ।୧୦।

ଟୀକା:୮ - ସର୍ବଶାସ୍ତ୍ର-ସମ୍ପ୍ରଦାୟ ଧର୍ମ ପୁସ୍ତକ. ବାଳୀଚର-କିଷ୍କିନ୍ଧ୍ୟା ରାଜାର ଗୁଇନ୍ଦା ଦୂତ. ୯ -ପାବନି - ହନୁମାନ. ମହୀଦେବ-ବ୍ରାହ୍ମଣ. ରଭସେ-ହଠାତ୍ । ୧୦- କୁଳଟା-କୁଳଦୁତା

Digitized by PPRACHIN, SOA



ଋଷ୍ୟମୁକ ପର୍ବତ ପାଦ ଦେଶରେ ପ୍ରଭୁ ରାମଙ୍କ ସହିତ ବିପ୍ରରୂପୀ ହନୁମାନଙ୍କର ଭେଟ

Digitized by PPRACHIN, SOA

ବ୍ରାହ୍ମଣ ନମସ୍କାର, ଆଗ ହେବା ଆଚାର- ବିହୀନ ଅଶିବ ବିଚାରି
ତତ୍‌କାଳେ ରାମ କହି, ଶୁଣ ହେ ବଟୁ ରୂପୀ, ଅତୁଳ ମହତ୍ ବଳଧାରୀ
ମୋ ନାମ ରାମ
ଅନୁଜ ତା ନାମ ଲକ୍ଷ୍ମଣ, ଅଯୋଧ୍ୟା ଆମ୍ଭ ଘର ଜାଣ
ସେ ଦେଶ ଦଣ୍ଡଧର, ଦଶରଥ ପିଅର, ଆମ୍ଭର ସତ୍ୟ ପାଳି ବନ ମୋ ନାମ ରାମ ।୧୧।
ଜନକ ସୁତା ସତୀ, ସୀତା ମୋ ପ୍ରିୟବତୀ, ଆସିଲା ସଙ୍ଗେ ସ୍ନେହ ଭୋଳେ
ଦଣ୍ଡକେ ଥିଲୁ ରହି, ଏକା ଦେଖି ଚୋରାଇ, ନେଲାକେ କୁକର୍ମୁ ଅବେଳେ
ହେ ଖୋଜି ଖୋଜି
ତାହାକୁ ପାଉନାହୁଁ କାହିଁ, ଜାଣିଛ ଯଦି ଦିଅ କହି
ତା ବିହୀନେ ଶରୀର ହେଉଛି ନାରଖାର ଖାଦ୍ୟପାନରେ ମନ ନାହିଁ ହେ ଖୋଜି ଖୋଜି।୧୨।
ହନୁ କରେ ବିଚାର, ଧାତା ବରରୁ ମୋର, ମାୟା ରୂପକେ ଜାଣେ ନାହିଁ
ମୁଁ ବଟୁ ରୂପି ବଳୀ, ଚିହ୍ନିଲେ କେଉଁ ଭଳି, ଅଙ୍ଗିରା ଯାହା ଥିଲେ କହି
ସେ ନାରାୟଣ
ଚିହ୍ନିବେ ତୋ ଅଙ୍ଗ ଭୂଷଣ, ବଟୁ ହେବା ହେଲା ଦୂଷଣ
ମୁଁତ ଅଜ୍ଞାନ ଜ୍ଞାନ, ବନ୍ତ ହେ ଭଗବାନ, ଦେଖାଅ ଶଙ୍ଖ ଚକ୍ର ଚିହ୍ନ ହେ ନାରାୟଣ ।୧୩।

ରାମଙ୍କ ବିଶ୍ୱରୂପ

ସେ କାଳେ ମାୟା ବିପ୍ର, ମାରୁତି ବିଶ୍ୱ ରୂପ ଦେଖଇ ରାମ ପରିବର୍ତ୍ତେ
ଶଙ୍ଖ ଚକ୍ର କୌମଦି, ଗଦା ଅମ୍ବୁଜ ଆଦି, ଧାରଣ କରି ବିଜେ ହସ୍ତେ
ସେ ବନମାଳୀ
ଗଳାରେ ଶୋହେ ବନମାଳ, ଶିରେ ଶୋଭିତ ଶିଖୀଚୂଳ,
ଅଙ୍ଗେ ପୀତ ବସନ, ଭୂଷଣ ନାନା ରତ୍ନ, ତନୁକୁ ଘନ ନୁହେଁ ତୁଳ ସେ ବନମାଳୀ ।୧୪।
ମନ୍ଦ ମନ୍ଦ ସୁହାସ, ଦେଖି ପବନ ଶିଷ୍ୟ, ବିଭୋରେ ହୋଇଲା ଅଜ୍ଞାନ
ଚେତନା ପାଇ କ୍ଷଣ-ପରେ ସେ ନିରୀକ୍ଷଣ,   କରଇ ପୁରୁଷ ରତନ
ଯେ ଏକପାର୍ଶ୍ୱେ
ଲକ୍ଷ୍ମୀ ରୂପ ଆଲୋକକରେ, ସରସ୍ୱତୀ ଆନେ ବିହରେ
ସନକାଦି ତାପସ,ଦାନ ବାରି ଏ ବଶ୍ୟ, ସ୍ତବରେ ସେଥି ହର୍ଷ ଭରେ ହେ ସାଧୁଜନେ ।୧୫।
ବିଦ୍ୟାଧର ଚାରଣ, ଗର୍ନ୍ଧବ ସିଦ୍ଧଗଣ, ଜପରେ ମୁଦିଣ ନୟନ
କାହିଁ ଦେଖେ ପାବନି, ସହସ୍ର ଫଣା ଘେନି ଅନନ୍ତ କୋଳେ ଭଗବାନ,
ସେ ଆଶ୍ଚର୍ଯ୍ୟରେ
ଭାବେ ଏ ପ୍ରଭୁ ବିଡ଼ମ୍ବନା, କପଟୁ ଏହି କୂଟ ସିନା
ମାୟାରୁ ମାୟାଧର, ମାୟାରୂପ ବାହାର ପରି ପଡ଼େ ଏ ରୂପ ଜଣା ସେ ଆଶ୍ଚର୍ଯ୍ୟରେ ।୧୬।

ଟୀକା:୧୧ - ଆଚାର-ରୀତି. ଅଶିବ- ଅମଙ୍ଗଳ । ୧୩-ଅଙ୍ଗୀରା-ଋଷି. ବଟୁ-ବ୍ରହ୍ମଚାରୀ ବାଳକ. ଦୂଷଣ-ଦୋଷ । ୧୪-ମାରୁତି-ହନୁମାନ. ବିଶ୍ୱରୂପ-ଇଶ୍ୱରଙ୍କ ରୂପ. ପୀତ-ହଳଦିଆ. ବସନ-ବସ୍ତ୍ର. ତନୁକୁ-ଦେହକୁ. ଘନ-ମେଘ । ୧୫-ସନକାଦି-ସନକ. ସନନ୍ଦ. ସନାତନ. କପିଳ. ଆସୁରୀ. ଵୋଢ଼ୁ. ପଞ୍ଚଶିଖ. ଦାନବାରୀ-ଅଶୁର ଅରରି

Digitized by PPRACHIN, SOA

ବିପ୍ର ରୂପୀ ହନୁମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କ
ଲକ୍ଷ୍ମୀ ସରସ୍ୱତୀଙ୍କ ସହିତ ବିଶ୍ୱରୂପ ଦର୍ଶନ ।

Digitized by PPRACHIN, SOA

ପୁଣି ବାଞ୍ଛା କଳପ କୋଦଣ୍ଡଧାରୀ ରୂପ, ଧରୁ ସମ୍ମୁଖେ ହନୁଭ୍ରମି
ବୋଲେ ହେ ପରଂବ୍ରହ୍ମ , କିମ୍ପା କରାଅ ଭ୍ରମ, ପ୍ରକାଶି ବଟୁ ପରାକ୍ରମୀ
ମୁଁ ଛାର କପି
ସ୍ୱରୂପ କରିଛି ଧାରଣ, ତୋପାଦେ ସେବା ମୋ କାରଣ
ତୁ ସ୍ୱୟଂ ଭାବଗ୍ରାହୀ, ତୋ ବିନୁ ଅନ୍ୟ କେହି ନାହିଁ ଏ ଅଧମ ତାରଣ ମୁଁ ଛାର କପି ।୧୭।
ଆହେ ପ୍ରଭୁ ମାରୁତି, କୂଟ କୁ ଜାଣି ଶାନ୍ତି କଲ ଦେଖାଇ ବିଶ୍ୱରୂପ
ଦୟାନିଧି ଯା କୂଟେ, ନାମ ରଟେ ସମ୍ପୁଟେ ବିଚାରେ ସେ ତା ଗ୍ରନ୍ଥ ଯୂପ
ତୁ କେତେକାଳ
ପରୀକ୍ଷା ଆଉ କରୁଥାଉ, ଷଡ଼ ରିପୁ ସାଧିଲେ ଦାଉ
ଅଷ୍ଟାଦଶ ପଦରେ ଛାନ୍ଦ ଏଠାରେ ସାରେ ତୋ ନାମ ଧରି ଜୀବ ଯାଉ,ହେ ନାରାୟଣ ।୧୮।

● ● ●

ହନୁମାନ ଜନ୍ମବୃତ୍ତାନ୍ତ

(ରାଗ-ଚକ୍ର କେଳି) ଆଦ୍ୟ ପ୍ରାନ୍ତ ଶୃଙ୍ଖଳା ଉପଧାମିଳନ

ଛାନ୍ଦ -୩

ରାମଦେଖି ହନୁବଳ **ବଢ଼ିଲା** **କାମ** ପୂରଣେ ଚରଣେ **ପଡ଼ିଲା** । ।୧।
ସ୍ତୁତି କରଇ କୋରକିତ **କରେ** **ମୁକ୍ତି** ଦାତା ତୁ ବୋଲେ ତ୍ରିଲୋ**କରେ** । ।୨।
ଅରି ମର୍ଦ୍ଦନ କୌଶଲ୍ୟା **ନନ୍ଦନ** **ବରି** ଅକିଞ୍ଚନ କରେ **ବନ୍ଦନ** । ।୩।
ଜଟା ମୁକୁଟ କଟିତଟେ **ପଟ୍ଟ** **ହଟା** ନକର ଫେଡ଼ ମୋ **ସଙ୍କଟ** । ।୪।
ଶର ତୂଣୀର ସ୍କନ୍ଦେ ଚାପ**କରେ** **ବର** ଦିଅନ୍ତୁ ମୋହ ବିନା**ଶରେ** । ।୫।
ଦେବ ଅମରାଦି ଶିବ **ବନ୍ଦିତ** **ହେବ** ତନୁକୁ ଜୀମୂତ **ନିନ୍ଦିତ** । ।୬।
କଞ୍ଜ ଲୋଚନ ସାୟକ **ଭଞ୍ଜନ** **ସଞ୍ଜ** ସକାଳେ ତୋ ନାମ **ରଞ୍ଜନ** । ।୭।
ବୈରୀ ନିନ୍ଦିଲେ ଦେଉ ସଦ **ଗତି** **ଐରି** ବନ୍ଦିତ ହେ ଜାନକୀ **ପତି** । ।୮।
ଭକ୍ତ କଳପ ପାଦପ **ବିଧିରେ** **ବ୍ୟକ୍ତ** ଶୟନ ତୋ ଅମ୍ବୁ**ନିଧିରେ** । ।୯।
ମୋର ଜନ୍ମ କାଳ କାର୍ଯ୍ୟ **କାରଣ** **ତୋର** କର୍ଣ୍ଣେ କର ଅବ**ଧାରଣ** । ।୧୦।
ରକ୍ଷ ହତେ ତୁମ୍ଭ ସାହା**ପକ୍ଷରେ** **ଯକ୍ଷ** ସୁରେ କହୁ ବିହି **କକ୍ଷରେ** । ।୧୧।
ଅଚ୍ଛେ ମର୍କଟେ ଅମର **ସରବ** **କଚ୍ଛେ** ଘେନନ୍ତି କରିଣ **ଗରବ** । ।୧୨।
ଜାତ ହେଲେ ଋକ୍ଷ କପି **ବହୁତ** **ଖ୍ୟାତ**ନାମ ପିତା ଚିହ୍ନୁ **ଚହୁଁତ** । ।୧୩।
ମାତ ବାତଭୋଗେ ଗର୍ଭେ **ବହିଲା** **ଜାତ** ଅନ୍ତେ **ସ୍ତନ୍ୟେ** ଦୁଗ୍ଧ **ନୋହିଲା** । ।୧୪।
ଦୁଗ୍ଧପାନେ କାନ୍ଦୁ କ୍ଷୁଧା **ଆତୁରେ** **ମୁ'ଗ୍ଧ** ଅଶ୍ରୁ ବହିଲା ସେ **ହେତୁରେ** । ।୧୫।

୧୭: ବାଞ୍ଛାକଳ୍ପ-ଇଚ୍ଛାପଳ ଦାନେ କଳ୍ପବଟ.ବଟୁ-ବ୍ରାହ୍ମଣ. ୧୮: ଷଡ଼ରିପୁ-କାମ. କ୍ରୋଧ. ଲୋଭ. ମୋହ. ମଦ, ମାତ୍ସର୍ଯ୍ୟ. ଯୂପ- ବଳୟ ବା ଜୟ ସ୍ତମ୍ଭ । ୩: ଅରି-ଶତ୍ରୁ.୭:କଞ୍ଜଲୋଚନ-ପଦ୍ମଲୋଚନ.ସାୟକ-ଧନୁ.୯: ଅମ୍ବୁନିଧି-ସମୁଦ୍ର

Digitized by PPRACHIN, SOA



କ୍ଷୁଧାରେ ହନୁମାନଙ୍କର ସୂର୍ଯ୍ୟଙ୍କୁ ଭକ୍ଷଣ ଉଦ୍ୟମ

Digitized by PPRACHIN, SOA

ଅଗ୍ନିକୁ ସାକ୍ଷୀରଖି ପ୍ରଭୁ ରାମଚନ୍ଦ୍ରଙ୍କର ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ

ସପ୍ତଶାଳ ଛେଦନ ଓ ପ୍ରଥମ ଥର ବାଳୀ ସୁଗ୍ରୀବ ରଣ

ବାଳୀ ବଧ

Digitized by PPRACHIN, SOA



ସୀତାଙ୍କ ଅଳଙ୍କାର ମିତ୍ର ସୁଗ୍ରୀବ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରଦାନ କରୁଛନ୍ତି ।

Digitized by PPRACHIN, SOA

ବିଜେ ଏହି କାଳେ ପୂର୍ବେଭା**ସ୍କର** ନିଜେ ଯଥା ରକ୍ତ ରଙ୍ଗ **ପୁଷ୍କର** । ।୧୬।
ଜମ୍ବୁମାନେ ଫଳ ମଣି **କଛରେ** ଲମ୍ଫଦେଇ ମୁଁ ବାନ୍ଧନ୍ତେ **ପୁଚ୍ଛରେ** । ।୧୭।
ବାଳକ ହେତୁ ଦୟାପର **ବଶେ** ବାଳକ ଭାବି ଜ୍ୟୋତିକୁ **ରଭସେ** । ।୧୮।
ହ୍ରାସେ ରକ୍ଷା କରିଲେ ଟେକି **ବାହୁ** ଗ୍ରାସେ ସେକାଳେ ଆସି ଉଭା**ରାହୁ** । ।୧୯।
ଦେଖି ଏମାନ ଇନ୍ଦ୍ରେ ଜଣା**କଲା** ଲେଖି ଗ୍ରହଣ ଦିନ କାଳ **ବେଳା** । ।୨୦।
ବାର ମୋର ଗ୍ରାସ ଆନ **ଧରୁଛି** **ତାର** ବିଚାରେ ତୁମ୍ଭଙ୍କୁ **ବରୁଛି** । ।୨୧।
ରାଗେ ଇନ୍ଦ୍ର ଆସି ଦେଖେ **ସ୍ୟନ୍ଦନ** ଆଗେ ଅଛି ମୁହିଁ କରି **ବନ୍ଧନ** । ।୨୨।
ବଜ୍ର ଉଠାଇ ନିଠାଇ **କୋପରେ** ସଜ ଦେଖି ପିଟିଲା ମୋ **ଉପରେ** । ।୨୩।
ଧରି ପ୍ରାଣ କାଳପୁରେ **ଉଡ଼ିଲା** ପରିତ୍ରାଣ ଅର୍ଥେ ମାତା **ରଡ଼ିଲା** । ।୨୪।
ଜାଣି ପିଅର ଦହନ୍ତେ **ଅନ୍ତର** **ପ୍ରାଣୀ** ବିନାଶେ ପଡ଼ିଲେ **ମନ୍ତର** । ।୨୫।
ବାତ ହୀନେ ନାଶ ଜୀବ **ଜଗତ** **ଜ୍ଞାତ** ହେଉ ଇନ୍ଦ୍ର ସୁରେ ଆଗତ । ।୨୬।
ପୁଣି ସଂସାର ରକ୍ଷାରେ **ଭାଳିଲା** **ଶୁଣି** ବିହି ଧରି ସଙ୍ଗେ **ଚଳିଲା** । ।୨୭।
ଯହିଁ ପିତା କରୁଥିଲେ **କ୍ରନ୍ଦନ** **ତହିଁ** ଉଭାସୁରେ ସୁର **ବନ୍ଦନ** । ।୨୮।
ମାତା କୋଳୁ ନେଇ କୋଳେ **ବହିଲେ** **ଧାତା** ପିତା ଶୋକ ଦୂରେ **କହିଲେ** । ।୨୯।
ଜୀବଦାନ ଦେବା ପୁତ୍ର **ବଞ୍ଚିବ** ଜୀବ ନାଶି କିଂପା ପାପ **ସଞ୍ଚିବ** । ।୩୦।

ନିମ୍ନ ପାଞ୍ଚ ପଦ ଆଦ୍ୟ ଯମକ

କହି କହି ସଞ୍ଜିବନୀ କରିଲେ **କାଳ କାଳ** ତହିଁ ବ୍ୟାଧି **ହରିଲେ** । ।୩୧।
ବସୁ ବସୁଧା ହୋଇଲେ **ପ୍ରମୋଦା** **ବରେ ବରେ**ଣ୍ୟ ଯକ୍ଷଦେଲେ ଗଦା । ।୩୨।
ବିହରୁ ବିହରୁ ସ୍ୱର୍ଣ୍ଣ **କିରୀଟି** **ଧନ ଧନ**ଦ ହର୍ଷେଦେଲେ **ଭେଟି** । ।୩୨।
ସୁଧା ସୁଧାଂଶୁ ଦେଇକଲେ **ତୋଷ** **ହର ହର**ଣେ ଲଜ୍ଜା ଦେଲେ **ବାସ** । ।୩୩।
ବ୍ରହ୍ମ ବ୍ରହ୍ମ ଅଗ୍ନି ଦେଇ **ସେଠାର** **ବର ବର**ଗି ନଭେଦୁ **କୁଠାର** । ।୩୪।
ଇନ୍ଦ୍ର ହରଷେ କଙ୍କଣ **ବଳୟ** ଦେଉ ବହନ ଚଳଇ **ମଳୟ** । ।୩୫।

ନିମ୍ନ ଚାରି ପଦ ଅବନା

ଜନ ଜଗତ ପରମ **କଷଣ** **ହତ** ଲପନ ହରଷ **ବର୍ଷଣ** । ।୩୬।
ସର୍ବ ଅମର ପ୍ରକଟ **ତତ୍ପର** **ପ୍ରସନ୍ନ** ବରଧନ ଲଭ୍ୟ **କର** । ।୩୭।
ଏମନ୍ତ ପ୍ରସଙ୍ଗ ଚୟ **ଶ୍ରବଣ** **ଗତ**ରତ ଅବୟବ **ଦ୍ରବଣ** । ।୩୮।
ରଚନ ଭକ୍ତ ବତ୍ସଳ **ଇଶ୍ୱର** **ପଦ** ବନ୍ଦନ ହବ ଦବ **ବର** । ।୩୯।

ଉପଧା ମିଳନ

ଛପନ କୋଟି ଜୀବ ମୋ **ଇଚ୍ଛାରେ** ହେବି ନ ଚିହ୍ନିବେ କେହି **ତୁଚ୍ଛାରେ** । ।୪୦।
ବୁଲି ପ୍ରଭୁ ଯଶ କୀର୍ତ୍ତି **ଗାଇବି** ପ୍ରଭୁ ପ୍ରଭୁ ଭକ୍ତେ ଚିହ୍ନା **ହୋଇବି** । ।୪୧।
ଯକ୍ଷ ରକ୍ଷ ଗନ୍ଧର୍ବାଦି **କିନ୍ନର** ରଙ୍ଗେ ସଙ୍ଗେ ମାନିବେ ଯେ **ବର୍ଣ୍ଣର** । ।୪୨।
ବିଶ୍ୱସ୍ରଷ୍ଟା ସେହି ସ୍ଥାନେ **କହନ୍ତି** ଯେତେ ଅସ୍ତ୍ର ଅସ୍ତ୍ରାଗାରେ **ରହନ୍ତି** । ।୪୩।
ପାଶୁପତାଦି ମୋର ବ୍ରହ୍ମ**ବାଣ** ଅଙ୍ଗେ ନଭେଦି ଲଭିବେ ନିର୍**ବାଣ** । ।୪୪।

ଭାସ୍କର-ସୂର୍ଯ୍ୟ. ୨୬: ବାତ-ପବନ. ୨୮ : ସୁରେ-ଦେବତାମାନେ. ସୁରବନ୍ଦନ-ଇନ୍ଦ୍ର.୪୩: ବିଶ୍ୱସ୍ରଷ୍ଟା - ବ୍ରହ୍ମା

Digitized by PPRACHIN, SOA

ଇଚ୍ଛା ଅନୁସାରେ ରୂପ ଧରିବୁ ଇଚ୍ଛା ଅନୁସାରେ ଗତି କରିବୁ । ।୪୫।
ଶୂଳୀ ଏହିକାଳେ ଭାବ ପ୍ରବଣ ହୋଇ କହିଲେ ୟା କର ଶ୍ରବଣ । ।୪୬।
ପୂର୍ବେ ବନ ବିହାରେ ଜନ୍ତୁକ୍ରୀଡ଼ା ଦେଖି କନ୍ଦର୍ପ ଶରେ ପାଇପୀଡ଼ା । ।୪୭।
ନାନା ରୂପ ଧରି ଶିବା ସଙ୍ଗରେ ବିହରନ୍ତେ ସୁତ ହେଲେ ବ୍ୟଙ୍ଗରେ । ।୪୮।
ଅଶ୍ୱ,ବାନର, ଶୂକର ବିହଙ୍ଗ ସିଂହ ସହିତ ପାଞ୍ଚ ବଂଶ ବର୍ଗ । ।୪୯।
ଯେଣୁ ତା ମଧରେ ତୁମ୍ଭ ଉତ୍ପତ୍ତି ଶିବ ପୁତ୍ରଭାବେ ଦେଲି ସ୍ୱୀକୃତି । ।୫୦।
ହୋଇ ଶିବ ସୁତ ରୂପ ସୌରଭ ଶିବ ଶକ୍ତି ବଢ଼ାଇବ ଗୌରବ । ।୫୧।
ଦୁଷ୍ଟ ହତେ ପାଞ୍ଚରୂପ ଧାରଣ କରି ସନ୍ଥଙ୍କୁ କରିବ ପାଳନ । ।୫୨।
ସତ୍ୟ ଯୁଗରେ ବାମନାବତାରେ ଚରଣାମୃତ ନ ପାଇ ଚିନ୍ତାରେ । ।୫୩।
ଥିଲୁ ସ୍ୱରୂପ ପୂରଣ ହୋଇବ ନାମାମୃତ ପାନେ କଳା ଦଇବ । ।୫୪।
ବିଷ୍ଣୁ ବଇକୁଣ୍ଠ, ତ୍ୟାଗ କରିବେ ଚକ୍ର ତେଜି ଧନୁଶର ଧରିବେ । ।୫୫।
ଦେବ କାର୍ଯ୍ୟେ ଆସିବାରୁ ଦଇବ କହେ ମନୋବାଞ୍ଛା ପୂର୍ଣ୍ଣ ହୋଇବ । ।୫୬।
ସୁରେ ଗଲେ, ପିତା ନେଇ ଭୋଳରେ ଦେଉଁ ମାତା ଘେନି ଗଲେ କୋଳରେ । ।୫୭।

ହନୁମାନ ବରପ୍ରାପ୍ତେ ଉପଦ୍ରବ

ସୁର ବରରୁ ହୋଇ ବଳବାନ ନମାନିଲି ଋଷିମୁନି ଗୀର୍ବାଣ । ।୫୮।
କାହିଁ ମୁନିଙ୍କ କୁଟୀର ଭାଙ୍ଗିଲି କାହିଁ ଶ୍ରୁବ ସ୍ରୁଚ ସ୍ରୋତେ ଫିଙ୍ଗିଲି । ।୫୯।
କାହିଁ ଲିଭାଇଲି ଯାଗ କୁଣ୍ଡକୁ କାହିଁ କ୍ଷେପେ ମୋଡ଼ି ଋଷି ମୁଣ୍ଡକୁ । ।୬୦।
କାହିଁ ଖଣ୍ଡ ଖଣ୍ଡ କରେ ବକଳ ତପୀ ସଂକୁଳେ ଆକୁଳେ ବିକଳ । ।୬୧।
ତପୀ ଶ୍ରେଷ୍ଠ ଭୃଗୁ କୋଷ୍ଠ ନନ୍ଦନ ଆଗେ ବିରାଗେ କରନ୍ତି କ୍ରନ୍ଦନ । ।୬୨।
ଯତି ଅଙ୍ଗିରା ତପିଙ୍କ ମଧରେ ତପୀକଷ୍ଟେ ଶାପ ଦେଲେ ବାଧରେ । ।୬୩।
ପ୍ରାପ୍ତ ବରନଫଳୁ ମୋ ଭାଷଣ ପ୍ରାପ୍ତ ହେବା ଯାଏଁ ରାମ ଦର୍ଶନ । ।୬୪।
ଦେବ ଦେବାବର ତହୁଁ ବଢ଼ିବ ଋଷିଦଣ୍ଡରୁ ଏ ଶାପ ପଡ଼ିବ । ।୬୫।
ତେଣୁ ବଳ ହୀନେ ସର୍ବ ମର୍କଟ ପରିଥିଲି ଏବେ ବଳ ପ୍ରକଟ । ।୬୬।
ତୁମ୍ଭେ ନାରାୟଣ ସୃଷ୍ଟି କରତା ଦେଖି ଚିହ୍ନିଲ ଆଉକେ ତାରନ୍ତା । ।୬୭।
ଖଡ୍ଗ ରକ୍ଷଙ୍କର ବେନି ନନ୍ଦନ ବାଳି ସୁଗ୍ରୀ କିଷ୍କିନ୍ଧ୍ୟାର ବନ୍ଦନ । ।୬୮।
ହୋଇଥିଲେ,ଦୁନ୍ଦୁଭ ଦୈତ୍ୟ ଥରେ ଦ୍ୱାରେ ଗର୍ଜନ୍ତେ ମହିଷ ରୂପରେ । ।୬୯।
ବାଳି କ୍ରୋଧେ ଧରି ତାର ଚରଣ ଫିଙ୍ଗୁ ତାହାର ହୋଇଲା ମରଣ । ।୭୦।
ତାର ରକ୍ତ ଛିଟା ଯାଇ ପଡ଼ିଲା ମାତଙ୍ଗ ତପୀଙ୍କ କ୍ରୋଧ ବଢ଼ିଲା । ।୭୧।
ଶାପ ଦେଇ ଥୟକଲେ ମନକୁ ବାଳି ଡ଼ରି ନ ଆସେ ଏ ବନକୁ । ।୭୨।
ମାୟବୀ ମୟ ଦାନବ ନନ୍ଦନ ଶୁଣି ଭ୍ରାତ ହତ କରି କ୍ରନ୍ଦନ । ।୭୩।
କିଷ୍କିନ୍ଧ୍ୟାର ସିଂହଦ୍ୱାରେ ସମର ମାଗୁ ଭାଙ୍ଗିବାକୁ ତାର ଗୁମର । ।୭୪।
ବାଳି ଆସି ରଣ କରୁ ପଡ଼ିଲେ ସମକେହି କାହାକୁ ନଛାଡ଼ିଲେ । ।୭୫।
ବାଳି ଘାତେ କ୍ଳାନ୍ତ ହୋଇ ରାକ୍ଷସ ଭାଳିଲା ପ୍ରାଣ ଯିବ ରଣ ବଶ । ।୭୬।

Digitized by PPRACHIN, SOA

ଖରେ ପଳାଇ ବିଳେ ପଶେ **ଯାଇ** ପଛେ ପଛେ ବାଳି ସେନା **ଚଳାଇ** । ।୭୭।
ସୁଗ୍ରୀ ସେହି ସ୍ଥାନେ ଥିଲେ **ସାହାରେ** ବାଳି କହି ପଶିଥିଲା **ଗୁହାରେ** । ।୭୮।
ଅସମୟ ପଡୁ ଡ଼ାକୁ **ଯିବୁଟି** ମୋର ବଚନକୁ ମାନି **ଥିବୁଟି** । ।୭୯।
କ୍ରମେ ଦିନ ପରେ ଦିନ **ଖସିଲା** ବାଳି ଗୁମ୍ଫା ଭିତରୁ ନ **ଆସିଲା** । ।୮୦।
ଏଣେ ରାଜା ବିନା ପ୍ରଜା **ସଢ଼ିଲେ** ସୁଗ୍ରୀ ରାଜା ହେବା ପାଇଁ **ଲୋଡ଼ିଲେ** ।।୮୧।
ସୁଗ୍ରୀ ରାଜି ନହେଉ ସେ **କଥାରେ** ସର୍ବେ ପ୍ରାର୍ଥନା କରନ୍ତେ **ବ୍ୟଥାରେ** । ।୮୨।
କହିଲେ ସେ ଗୁମ୍ଫା ମଧ୍ୟେ **ପଶିବି** ଭାଇ ଭଲ ମନ୍ଦ ବୁଝି **ଆସିବି** । ।୮୩।
ତା ପୂର୍ବୁ ନୃପ ହେବ କିଏ **ଯାଇ** ଭିତରକୁ ଆମ୍ଭେ ଛାଡ଼ିଲୁ **ନାହିଁ** । ।୮୪।
ଭାବିଲୁ ଭିତରେ ଅଛି **ବିପଦ** କଥା ରଖି ଘେନ ହେ **ରାଜପଦ** । ।୮୫।
ଏହି କାଳେ ଗୁହା ମଧ୍ୟୁ **ଶୋଣିତ** ବହି ଆସୁ ବାଳି ହତ **ମଣିତ** । ।୮୬।
ରାକ୍ଷସ ବାହାର ନହେବା **ପାଇଁ** ଗୁମ୍ଫା ଦ୍ୱାରରେ ପାଷାଣ **ମଢ଼ାଇ** । ।୮୭।
ଅନୁରୋଧ କରନ୍ତେ **ଅନିଚ୍ଛାରେ** ଶାସନ ଭାର ବହିଲେ **କୁସ୍ଥାରେ** । ।୮୮।
ଦଇତକୁ ବଧି ଫେରନ୍ତେ **ବାଳି** ଗୁମ୍ଫା ବନ୍ଦ ଦେଖି ହୋଇଲେ **ଭାଳି** । ।୮୯।
ସେ ପାଷାଣରେ ଖଟାଇ **ବାହାକୁ** ଠେଲି ବାହାରି ନଦେଖି **କାହାକୁ** । ।୯୦।
କ୍ରୋଧରେ ପୁରକୁ ହେଉ **ଆଗତ** ସୁଗ୍ରୀବର ଦେଖି କଲା **ସ୍ୱାଗତ** । ।୯୧।
ବଡ଼, ବଡ଼ ଅନ୍ୟାୟକୁ **କରିଲା** ତଡ଼ି ସାନକୁ ତାନାରୀ **ହରିଲା** । ।୯୨।
ସୁଗ୍ରୀ ଶାନ୍ତ, ଶୌର୍ଯ୍ୟେ ବୀର୍ଯ୍ୟେ **ଧୀରତା** ମାନି ରହେ ନଇଛଇ **ବୈରତା** । ।୯୩।
ଋଷ୍ୟମୁକ କୂଟ ମଧ **କ୍ରୋଟରେ** ଅଛି ବାଳି ନ ଆସେ ତା **ତଟରେ** । ।୯୪।
ଆଜ୍ଞା କରାଇବା ପାଇଁ **ଦର୍ଶନ** ପୂଜିବ ସେ ଦେଇ ପୁଷ୍ପ **ବସନ** । ।୯୫।
ସମ ଦୁଃଖରେ ଦୁଃଖୀ **ରଘୁମଣି** ସୁଗ୍ରୀ ଭେଟାଅ ଶ୍ରୀମୁଖରେ **ଭଣି** । ।୯୬।
ହନୁମାନ ଯାଇ ନିଜ **ଥାଟରେ** ଆଗଚ୍ଛାନ୍ଦେ ଜଣାଇବା **ଆଣ୍ଟରେ** । ।୯୭।

ମନ ଚଇତନ ସମ୍ବାଦ

ମନ ଚଇତନେ କହେ **ନିକର** ଦେଖ ଅନ୍ଧାର ତୋ ଶରୀର **ଘର** । ।୯୮।
ଭାବେ ଚଲୁ ତା ଦେଖିବା **ଅର୍ଥରେ** ନ ଚିନ୍ତିଲୁ କାଳ ଗଲା **ବ୍ୟର୍ଥରେ** । ।୯୯।
ଘର ଆଲୋକ ନିମନ୍ତେ **ଦୀପାଳି** ଶିଖା କର୍ତ୍ତବ୍ୟ ଥିବା ପରି **ପାଳି** । ।୧୦୦।
ଦେହ ଅନ୍ଧକାର ଘର **ଆଲୋକେ** ଶ୍ରେଷ୍ଠ ଦୀପ ଯା ଶୁଣ ଏ **ଭୂଲୋକେ** । ।୧୦୧।
ଜିହ୍ୱା, ତହିଁ ରାମନାମ **ଘୃତରେ** ତତ୍ତ୍ୱ ସଞ୍ଜକୁ ନିଯୋଗ **ନିତ୍ୟରେ** । ।୧୦୨।
ଜାତି ଅଜାତି ନୀଚ ବା **ଅଶୌଚ** ଲୋଡ଼ା ନାହିଁ ସେ ନାମ ସଦା**ଶୌଚ** । ।୧୦୩।
ଇନ୍ଦ୍ର ଚନ୍ଦ୍ର ବିଧି ରୁଦ୍ରାଦି **କରି** ସର୍ବ ଶୁଭେ ଜପନ୍ତି ନାମ **ଧରି** । ।୧୦୪।
ସେହି ନାମକୁ ଦୟାନିଧି **ଦାଶ** ବସି ଅଛି ସର୍ବଦା କରି **ଆଶ** । ।୧୦୫।
ଏହି ଠାରେ ଏ ଛାନ୍ଦକୁ **ସାରିଛି** ନେତ୍ରଦେଖିବାକୁ ଆଶା **କରିଛି** । ।୧୦୬।

● ● ● ● ●

Digitized by PPRACHIN, SOA

ସୁଗ୍ରୀଙ୍କ ସହିତ ରାମଙ୍କର ଭେଟ

(ରାଗ - ଖଣ୍ଡିତା) ସୀତା ଚୋରି ବୃତ୍ତେ

ଛାନ୍ଦ - ୪

ସୁଗ୍ରୀବ ଆଗେ ହନୁମାନ ରାମଙ୍କ ଆଗମ କାରଣ,ପରିଚୟ ଓ ବୀରତ୍ୱ ପ୍ରଦାନ

ରାମ ପାଶୁ ଯାଇ ସୁଗ୍ରୀ ଆଗେ ହନୁମାନ, ନାଚିରାମ ପରିଚୟ କରଇ ପ୍ରଦାନ
ମାମୁଁ, ଶୁଣହେ, ବାଳୀ ଚର ନୁହଁନ୍ତି ସେ ପୁଣ ହେ । ।୧।
ଇକ୍ଷ୍ୱାକୁ ବଂଶରେ ଜାତ ଦଶରଥ ସୁତ, ମହା ପରାକ୍ରମୀ ଭାଇ ଭାରିଜା ସହିତ
ପିତୃସତ୍ୟେ ହେ, ଆସିଥିଲେ ସେ ଘୋର ବନସ୍ତେ ହେ । ।୨।
ଦଣ୍ଡକ ବନୁ ଶ୍ରୀରାମ ପତ୍ନୀ ସୀତାସତୀ, ଅପହରଣ କରିଣ ନେଲା ଲଙ୍କପତି
ଶୁଣି କର୍ଣ୍ଣେ ଯେ, ତାହାଙ୍କ ଉଦ୍ଧାରେ ଏହି ବନେ ଯେ । ।୩।
ଜାଣନ୍ତୁ ସେ ବାଳୀ ଯମ, ତୁମ୍ଭଙ୍କୁ ସାହାଯ୍ୟ, କରିବା ପାଇଁ ବିରଞ୍ଚି କରିଅଛି ଧାର୍ଯ୍ୟ
ସୁନ୍ଦନାରୀ ଯେ, ତାଙ୍କ ଶରେ ଗଲା ଆରପୁରୀ ଯେ । ।୪।
ସୁବାହୁ ବିରାଧ ମାରି ସମୁଚିତ ଦଣ୍ଡ, ଦେଲେ ସୂର୍ପଣଖୀ ନାସା କର୍ଣ୍ଣ କରି ଖଣ୍ଡ
ଦୂଷଣକୁ ହେ, ମାରି ସାରିଛନ୍ତି ମାରିଚକୁ ହେ । ।୫।
କବନ୍ଧକୁ ନିଜଶରେ ସ୍ୱର୍ଗପୁରେ ପେଷି, ତୁମ୍ଭରି ମଙ୍ଗଳ ଅର୍ଥେ ଅଛନ୍ତି ସେ ଆସି
ଦେଖାକର ହେ, ପଠାଇଲେ ଦେଇଣ ଖବର ହେ । ।୬।
ହନୁମାନ କଥା ଶୁଣି ସୁଗ୍ରୀବ ମନରୁ, ଦୂରହୋଇ ଗଲା ଭୟ ଦର୍ଶନେ ସେଚାରୁ
ମୁଖପଦ୍ମ ଯେ, ବାହାରିଲେ ହୋଇ ଗଦ ଗଦ ଯେ । ।୭।
ରାମ ଲକ୍ଷ୍ମଣ ଦର୍ଶନେ ବିନମ୍ରେ କହନ୍ତି, ମୋହରି ସାକ୍ଷାତେ ଆସିଛନ୍ତି ଦାଶରଥି
ମୋ ସୌଭାଗ୍ୟ ଯେ, ଶବରୀ ଯା ଦେଖାଇଲା ମାର୍ଗ ଯେ । ।୮।
ରାଘବ ବୋଲନ୍ତି ମୋର ଉପରେ ବିପତ୍ତି, ପଡ଼ିଛି ତାର ଉଦ୍ଧାରେ ପ୍ରବେଶିଛି ଏଥି
ଭେଟୁଁ ସୁଖୀ ଯେ, ଜାଣେ ମୋହ ସମତୁମ୍ଭେ ଦୁଃଖୀ ଯେ । ।୯।
ସୁଗ୍ରୀବ କହନ୍ତି ଶୁଣି ଏ ବଚନମାନ, ଜାଣିଛି ତୁମ୍ଭ ପ୍ରିୟାଙ୍କୁ ନେଇଛି ରାବଣ
ଲଙ୍କାପୁରେ ଯେ, ଦିନେ ମୁହିଁ ଥିଲି ଗିରି ପରେ ଯେ । ।୧୦।
ଚାରି ମନ୍ତ୍ରୀଥିଲେ ସଙ୍ଗେ ଅଙ୍ଗ ଆଭରଣ, ଭୂଷଣ, ବସନେ ବାନ୍ଧି ପକାଇ ରୋଦନ
କରି କରିହେ, କହୁଥିଲେ ଦୁଃଖରେ ଏପରି ହେ । ।୧୧।
ମୁଁ ଜନକ ସୁତା ସୀତାପତି- ମୋର ରାମ ନେଉଛି ରାବଣ ମୋତେ କର୍ମ ମୋର ବାମ
ବାର୍ତ୍ତା ଦେବ ହେ, ଉଦ୍ଧାର କରିବେ ପ୍ରଭୁ ଜବ ହେ । ।୧୨।
ଦେଖନ୍ତୁ ସେ ଆଭରଣ ସଙ୍ଗେ ଆଣିଅଛି, ଖୋଲି ପୁଟୁଳି ଲକ୍ଷ୍ମଣ ନୁପୁରକୁ ବାଛି
ଦେଉଁ ପଦେଯେ, ରାମ ଶୋକେ ଦୟାନିଧି ବଦେ ଯେ । ।୧୩।

• • • •

ଟୀକା : ୧-ବାଳୀଚର-ବାଳୀର ଗୁପ୍ତ ଦୂତ, ୪ ବିରଞ୍ଚି -ବ୍ରହ୍ମା, ସୁନ୍ଦନାରୀ-ତାଡକା, ଆରପୁରେ-ଯମପୁରେ

Digitized by PPRACHIN, SOA

ରାମଙ୍କ ଶୋକ

(ରାଗ - ବାରାଡ଼ି) (ଆରେ ବାବୁ ଶ୍ୟାମଘନ ବୃତ୍ତେ)

ଛାନ୍ଦ - ୫

ଜାନକୀ ଅଙ୍ଗଭୂଷଣ ଅବଲୋକନ

ଜାନକୀ ପଦ ନୂପୁର, ଦେଖୁଦେଖୁ ରଘୁବୀର, କରରେ ଧରି ଅସ୍ଥିର ହୋଇ
କାନ୍ଦି କହନ୍ତି ଲକ୍ଷ୍ମଣ, ଅନ୍ୟ ଆଭରଣମାନ, ଚିହ୍ନ ସୌମିତ୍ରି, ସଧୀରେ କହି
ହେ ରଘୁବୀର, କେବଳ ମୁଁ ପଦର ଭୂଷଣ
ପଦ ସେବାରୁ ଦେଖିଛି ଆଉ ନ ଚିହ୍ନିବି କିଛି, ଚିହ୍ନିଣ କହନ୍ତି ରଘୁରାଣ । ।୧।
ସୀତା ତୁମୋ ଗଳାମାଳା, ସଙ୍ଗେ ଆସିଲୁରେବାଳା, ସ୍ନେହ ଭାଙ୍ଗି ନପାରିଲୁ ମୋର
ମଧୁ ଶଯ୍ୟା ନିଶି ପ୍ରୀତି, ଆମୋଦେ ପ୍ରମୋଦେ ମାତି, ସାକ୍ଷୀ କରିଥିଲେ ବୈଶ୍ୱାନର
ରେ ସୁବର୍ଣ୍ଣାଙ୍ଗୀ, ସେ କଥାକି ହୋଇଲା ପ୍ରାନ୍ତର
ଯାଉଁ ମୁଁ ମୃଗ ନିମନ୍ତେ, ଚାଲି ଗଲୁକି, ତୁ ବ୍ୟସ୍ତେ ହୃଦୟରୁ କରିଣ ଅନ୍ତର । ।୨।
ଏକାଳେ ଲକ୍ଷ୍ମଣବୀର, କହନ୍ତି ହେରଘୁବର ଦୂର କର ହୃଦରୁ ଶୋଚନା
ରାତ୍ର ଶେଷେ ହୋଇରାଜା, ସୁଖେ ପାଳିଥାନ୍ତ ପ୍ରଜା, ଏହି ଦୁଃଖ ଭାଗ୍ୟ ବିଡ଼ମ୍ବନା
ହେ ରଘୁରାଣ, ସମ୍ପତ୍ତି ବିପତ୍ତି ଏକମଣ
ଭାଲ ପଟ୍ଟେ ଯାହା ବିହି, ଜନ୍ମ କାଳେ ଅଛି ଲିହି ତାହାକୁ କେ କରିବ ବାରଣ । ।୩।
ଏହିକାଳେ ରୋମାପତି, ଅଶ୍ରୁ ପୋଛିଣ କହନ୍ତି, ନକାନ୍ଦ ନକାନ୍ଦ ପ୍ରଭୁ ଆଉ ।
ଆସନ୍ତୁ ଯିବା ମୋ ବାସ, ଆହେ ଜାନକୀ ବିଳାସ, ନଗ୍ର ନୁହେଁ ଏକାନନେ ସେହୁ
ସେ ରଘୁପତି, ରଖି ସୁଗ୍ରୀବର ନିମନ୍ତ୍ରଣ
କଲେ ସଧୀରେ ଗମନ, ଆଗେ ସୁଗ୍ରୀ ହନୁମାନ, ପଛେ ପଛେ ଅନୁଜ ଲକ୍ଷ୍ମଣ । ।୪।

ଉଦ୍ୟାନ ବର୍ଣ୍ଣନା

ଦେଖନ୍ତି ରାମ ଉଦ୍ୟାନ, ମଧ୍ୟେ ଅଛି ବାସସ୍ଥାନ, ବଡ଼ ମନୋହର ବୃକ୍ଷ ଲତା
ଫୁଲ ଫଳ ପରିପୂର୍ଣ୍ଣ କାହିଁ ଅଗୁରୁ ଚନ୍ଦନ, ବାସ ଚହଟି ହରଇ ଚିନ୍ତା
ସେ ସ୍ଥାନେ ସ୍ଥାନେ, ରହିଅଛି ମଣ୍ଡପ ସରସୀ
କାହିଁ ଲତା କୁଞ୍ଜ ଭଳି ଢ଼ଳି ପଡ଼େ ଗୁଞ୍ଜ କେଳି କରେ ଦେଖୁଥାନ୍ତି ରବି ବଂଶୀ । ।୫।
ସେ କାଳେ କ୍ରମେ ତାମସୀ, ଘୋଟୁ ଦେବାର୍ଚ୍ଚନୁ ଆସି, ସୁଗ୍ରୀ ସଙ୍ଗେ ଫଳ ମୂଳାଶନ
କରି କୃଷ୍ଣାଜିନ ପରେ, ପହୁଡ଼ିଲେ ନିକଟରେ, ସୁଗ୍ରୀ କହେ ନିଜ ଦୁଃଖମାନ
ହେ ସାଧୁଜନେ, ସମ ଦୁଃଖେ ରାଘବ ବୋଧନ୍ତି
ନିଶି ବଢ଼ନ୍ତେ ଶୟନ, କଲେ ରାଜୀବ ନୟନ ଏକାଳେ ପାହିଲା ସୁଖରାତ୍ରୀ । ।୬।

• • • • • • • •

ଟୀକା : ୨ ବୈଶ୍ୱାନର-ଅଗ୍ନି । ଗୁଞ୍ଜ-କାଇଁଚ

Digitized by PPRACHIN, SOA

ସୁଗ୍ରୀବ ସହିତ ମିତ୍ରତା ସପ୍ତଶାଳ ଛେଦନ

(ରାଗ-କଳସା) ୧୩ ପଦ ପର୍ଯ୍ୟନ୍ତ ଉପଧା ମିଳନ

ଛାନ୍ଦ - ୬

ସୁଗ୍ରୀବେ କହୁଅଛନ୍ତି ଧୀରେ ରଘୁରାଣ ବେନି ଜନେ ଏକ ଦଣ୍ଡ ନିୟତି ପ୍ରଦାନ ।୧।
ପ୍ରଭାମ୍ଳାନ ହେଲା ଜନ୍ମି ପ୍ରଭାକରବଂଶେ ବିଧିରେ ତୁମ୍ଭ ଜନମ ପ୍ରଭାକର ଅଂଶେ ।୨।
ଶତ୍ରୁ ଧରକ୍ଷଣେ ବୁଲୁ ବଧେଶତ୍ରୁକୁଳ ବଞ୍ଚିଅଛ ବଞ୍ଚିଅଛୁ ଭକ୍ଷିଫଳ ମୂଳ ।୩।
ସତ୍‌ମିତ୍ର ପ୍ରବୋଧନେ ସଚିବବୋଧନେ ଧୈର୍ଯ୍ୟେ ଅଛ ଅଛୁ ପ୍ରତିଶୋଧେ ଅନୁକ୍ଷଣେ ।୪।
ବ୍ୟବହାର ବେଭାରରେ ଉଚିତ ମଇତ୍ର ହୋଇବା ବୁଝାଉ ରାମ ସୁଗ୍ରୀବ କହିତ ।୫।
ଶତ୍ରୁହତେ ବୁଲଭୁବୀ ଖୋଜିଣ ପ୍ରମଦା ଗିରି ଦରୀରେ ଲୁଚିଛି ବାଳିଡ଼ରେ ସଦା ।୬।
କେଶରୀ ବନପତିରେ କେ'ସରି ବୋଲାଇ ଗଜାଦି ନାଶଇ ସରଭକୁ ଡ଼ରି ଥାଇ ।୭।
କିଉପକାର କରିବି ବୋଲ ହେବା ମିତ୍ର ବାଣକେ ବାଳୀବଧିବି ରାଘବ କଥିତ ।୮।
ଚତୁର୍ଦ୍ଦଶ ଭୁବନରେ ଯହିଁଥିଲେ ସୀତା ଆଣିବି ଦ୍ୱନ୍ଦ୍ୱ ରଚାଇ ନକର ହେ ଚିନ୍ତା । ।୯।
ମହାବୀର ହନୁମାନ ଅଛି ମୋ ସଙ୍ଗରେ ତୁମ୍ଭ ଦର୍ଶନରେ କ୍ଷମ ହେବ ଋଷି ବରେ ।୧୦।
ସ୍ନାନେ ଶୁଚିହୋଇ ଶୁଚି ସାକ୍ଷେହୋଇ ମିତ୍ର ବଧାଇ ବେଭାରେ ବାଳୀଦାନ ପ୍ରଣୋଦିତ ।୧୧।
ଦେଖାଅ ଶତ୍ରୁକୁ କାହିଁ କହୁ ରଘୁନାଥ ଦୁନ୍ଦୁଭି ଅସ୍ଥି ଦେଖାଏ ନେଇ ରୋମାକାନ୍ତ ।୧୨।

ଦୁନ୍ଦୁଭି ଅସ୍ଥି ନିକ୍ଷେପ

ଲକ୍ଷ୍ମଣ କହନ୍ତି ଦେଖି ହୋଇଲେ ଆଦେଶ ଅକ୍ଲେଶରେ ଫିଙ୍ଗିପାରେ ଏ ଦାସାନୁଦାସ ।୧୩।
ସ୍ୱୀକୃତେ ବାମଚରଣ ବୃଦ୍ଧ ଅଙ୍ଗୁଳିକୁ ବିନ୍ୟସ୍ତି ଅନାୟାସରେ ଫିଙ୍ଗିଲେ ଦୂରକୁ ।୧୪।
ବିଲୋକି ସନ୍ଦେହ ମନେ ଭାବେ ରୋମାପତି ପୂର୍ବେ ମେଦପୂର୍ଣ୍ଣେ ଅସ୍ଥି ଭାରିଥିଲା ଅତି ।୧୫।
ରବିକରେ ଶୁଷ୍କ ହେଲା ଭାରିକି କମିଲା ଓଜନ ଥିଲା ଯେ କାଳେ ବାଳି ଫିଙ୍ଗି ଥିଲା ।୧୬।
ଏଣୁବାଳୀ ବଳୁବଳ ଅଧିକ କି ଊଣା ଏହି ପରୀକ୍ଷାରେ କିଛି ନ ପଡ଼ିଲା ଜଣା ।୧୭।

ରାମଙ୍କୁ ପରୀକ୍ଷା

ପୁଣି ସବିନୟେ ଅଭିନୟେ ସେ ସୁଗ୍ରୀବ ବୋଲେ ବଳି ବାଳୀତାକୁ ଡ଼ରେ ଦଶଗ୍ରୀବ ।୧୮।
ବସୁମତୀ ଦୁଃଖେ ଥରେ ସେ ସାବିତ୍ରୀ ସାଇଁ ବରଦାନେ ଅର୍ଦ୍ଧେ ବଳ ବାଳିଠାରୁ ନେଇ ।୧୯।
ଗୁପ୍ତେ ସପ୍ତଶାଳ ମଧ୍ୟେ ବାଣ୍ଟି ବୃତ୍ତାକାରେ ବାଳୀ ଅବଧେ ସୁବୋଧେ ରଖିଛି କୌଶଳେ ।୨୦।
ସେ ବଳ ପରୀକ୍ଷାକରି ବହୁବାର ଇନ୍ଦ୍ର ଫେରିଛି ଅକୃତ କାର୍ଯ୍ୟେ ଆହେ ରାଘବେନ୍ଦ୍ର ।୨୧।
ଏକାବାଣକରେ ଯଦି ତାଛେଦିପାରିବ ତାହା ହେଲେ ମୋ ଭରସା ବାଳିକୁ ମାରିବ ।୨୨।

୬: ଭୂବି-ପୃଥିବୀ, ପ୍ରମଦା-ଆହ୍ଲାଦନ କାରିଣୀ (ସ୍ତ୍ରୀ) ୭: ସରଭକୁ-ଅଷ୍ଟପଦ ମୃଗକୁ, ୯: ଚତୁର୍ଦ୍ଦଶଭୁବନ-ଭୂ,ଭୁବ,ସ୍ୱ,ଜନ,ମହ,ତପ,ସତ୍ୟ, ଏସପ୍ତ ସ୍ୱର୍ଗ, ତଳ. ଅତଳ,ବିତଳ, ସୁତଳ, ରସାତଳ,ତଳାତଳ, ପାତାଳ ଏ ସପ୍ତ ପାତାଳ ଏହି ପରି ଚତୁର୍ଦ୍ଦଶ ଭୁବନ, ୧୧: ଶୁଚି-ସୁଦ୍ଧ, ଶୁଚି-ଅଗ୍ନି, ବେଭାର-ଭାର, ବାଳିଦାନ-ସ୍ତ୍ରୀଦାନ, ୧୨: ରୋମାକାନ୍ତ-ସୁଗ୍ରୀବ. ୧୫: ରୋମାପତି-ସୁଗ୍ରୀବ, ୧୬: ରବି କରେ-ରବିକିରଣରେ. ୧୮: ଦଶଗ୍ରୀବ-ରାବଣ

Digitized by PPRACHIN, SOA

ଏହି କଥା ଶୁଣୁ ଶୁଣୁ ମନେ ସୀତାପତି ଗୁଣି ନାନା କଥା ମନେ ବିଚାର କରନ୍ତି ।୨୩।
ସେ କାଳେ ଲକ୍ଷ୍ମଣ ରାମଚନ୍ଦ୍ରଙ୍କୁ କହନ୍ତି ଭ୍ରାତୃ ଦ୍ରୋହୀ କେଉଁ ସାହା ହେବ ରଘୁପତି ।୨୪।
ସାଧିବା ଅସାଧ କାର୍ଯ୍ୟ ମନେ ଭାଳ ଥରେ ସୁଗ୍ରୀଠାରୁ ବାଳୀ,ବଳେ ବ୍ରହ୍ମ ବରେ ।୨୫।
ମାତା ମୁକ୍ତି ବାଳି ଦ୍ୱାରା ହୋଇ ଥାନ୍ତା ଅଛେ ମିତ୍ରଦ୍ୱାରା ମାତା ଲାଭ ହୋଇବ ବିଳମ୍ବେ ।୨୬।
ମିତ୍ରଭ୍ରାତା ଠାରୁ ଦଶାନନ ପରାଜିତ ରାମ କହନ୍ତି ଏ ନୁହେଁ ଶାସ୍ତ୍ରାନୁ ମୋଦିତ ।୨୭।
ଧର୍ମ ସଂସ୍ଥାପନ ଅର୍ଥେ ଯେଣୁ ଆମ୍ଭ ଜନ୍ମ ମର୍ଯ୍ୟାଦା ରହିବ ନାହିଁ ହୋଇବ ଅଧର୍ମ ।୨୮।
ବାଳି କଥାରେ ରାବଣ ଫେରାଇଲେ ସୀତା ପାପାଚାରୀ ରହିଯିବେ ନକରୁ ତୁ ଚିନ୍ତା ।୨୯।
ଅନରଣ୍ୟ ମାନ୍ୟେ ଅଭିଶାପ ଅଭିମାନେ ଅପେକ୍ଷାକରି ଅଛନ୍ତି ରାବଣ ନିଧନେ ।୩୦।
ଜଣକ ପାଇଁ କି ସର୍ବ ସ୍ୱାର୍ଥ ଦେବାବଳି ମୋ ଲାଭେ ଲୋଭିତ ହେବି କହ କେଉଁ ଭଳି।୩୨।
ସାର୍ଥକ ହୋଇବନାହିଁ ଆମ୍ଭ ଅବତାର ମିତ୍ରନାରୀ ସ୍ପର୍ଶ ପାପୁ ବାଳି ହେଉ ପାର ।୩୩।
ଏହିପରି ବୁଝାଇଣ ଶେଷେ ରଘୁପତି ଦେଖାଅସେ ବୃକ୍ଷ କହୁ ସଙ୍ଗେ ଧରିଗତି ।୩୪।

ସପ୍ତଶାଳ ବିବରଣ

କାଲା ସୁଗ୍ରୀ ଦେଖାଇଲା ନେଇ ସପ୍ତଶାଳ ଶାଖାରେ ସେ ପରିପୂର୍ଣ୍ଣ କାୟାତା ବିଶାଳ ।୩୫।
ତ୍ରିଭୁଜ ଆକାରେ ବୃକ୍ଷମାନଙ୍କ ବିଧାନ ଦିବ୍ୟ ଦୃଷ୍ଟିରେ ଦେଖନ୍ତି ତହିଁ ରଘୁନାନ ।୩୬।
ସେ ପାଦପ ପାଦେ ଦୁର୍ଗପ୍ରାକାର ପ୍ରକାରେ ରହିଛି ଅନନ୍ତ ନାଗ ନ ଜାଣନ୍ତି ନରେ ।୩୭।
ଏ କାଳେ କହେ ସୁଗ୍ରୀବ ସାତ ବାଳଖିଲ୍ୟା ମୃତ ଶରୀର ସାଗରୁ ବାଳୀ ଆଣିଥିଲା ।୩୮।
ଅନୁଭବ କଲା ବାଳୀ ସେ ଋଷି କୁମାର ପ୍ରେତଆତ୍ମା କହେ ରାଜା ପ୍ରେତକୃତ୍ୟକର ।୩୯।
ତତ୍‌କାଳେ ବାଳୀସେ ଶବଙ୍କୁ ଦାହ କରାଇ ବିପ୍ରବରି ପ୍ରେତକୃତ୍ୟ କଲା ଏହି ଠାଇଁ ।୪୦।
ଦୂରୁ ଆସି ଶାଳମଞ୍ଜି ସେ ପିତୁଳା ପରେ ପଡ଼ି ବୃକ୍ଷ ହୋଇ ବୃଦ୍ଧି ହେଲା ମୃତ୍ତିକାରେ ।୪୧।
ଅସ୍ଥିରୁ ଯେଣୁ ସେ ବୃକ୍ଷ ଶବଆତ୍ମାପରି ବାଳି ଋଣ ପରିଶୋଧେ କରନ୍ତେ ଗୁହାରି ।୪୨।
ବିରଞ୍ଚି ବିଚାରି ସେଥି ବାଳୀ ଅର୍ଦ୍ଧେବଳ ରଖିଛି ବାଳୀ ମଙ୍ଗଳେ ଆହେ ରଘୁବାଳ ।୪୩।
ଏହି ସେହି ସପ୍ତଶାଳ ଦେଖଗୋଟାଗୋଟା ବଜ୍ରରୁ କଠିନ ଗଣ୍ଡି ଅତ୍ୟଧିକ ମୋଟା ।୪୪।

ସପ୍ତଶାଳ ଛେଦନ

ସେ ବୃକ୍ଷ ଛେଦନ ପାଇଁ କାମନା କରିଣ ଧନୁ ଟଙ୍କାରନ୍ତେ ରାମ ବସାଇଣ ଗୁଣ ।୪୫।
ତା ଶବ୍ଦେ ଅନନ୍ତ କାଳ ଅନ୍ତମଣି ମନେ ବନ୍ଦେ ରାଘବ ଚରଣେ ଅନନ୍ତ ଶୟନେ ।୪୬।
ଭାବରୁ ଭାବ ବିହ୍ୱଳେ ଭାବଗ୍ରାହୀ ନ୍ୟସ୍ତ କଲେ ଚରଣ ଭାରାରେ ପାଇଣ ଆଘାତ ।୪୭।
ଶରଗତି ହେଲା ସର୍ପ ସଙ୍ଗେ ସପ୍ତଶାଳ ମନ୍ତ୍ରପୂତେ ଆଦେଶିଲେ ତହିଁ ରଘୁବାଳ ।୪୮।
ଯେବେ ଗୁରୁଦେବ ପଦେ ସଦାମୋର ମନ ଭେଦଛେଦ ସପ୍ତଶାଳ ପାଆନ୍ତୁ ନିର୍ବାଣ ।୪୯।
ରାମ ଆଜ୍ଞାରେ ଆଶୁଗ ଗୋଟି ଗୋଟି ଖରେ ଛେଦିଣ ସେ ସପ୍ତଶାଳ ପ୍ରବେଶ ତୂଣୀରେ ।୫୦।
ଏ ଅଦ୍ଭୁତ କାର୍ଯ୍ୟ ଦେଖି ଭାସ୍କର ନନ୍ଦନ ଭାସ୍କର ବଂଶୀଙ୍କ ପଦେ କରଇ ବନ୍ଦନ ।୫୧।

Digitized by PPRACHIN, SOA

ଅନନ୍ତ ନାଗ ପରଯୁଗରେ ପ୍ରତିଶୋଧ ନେବାକୁ ରାମଙ୍କର ବର ପ୍ରଦାନ

ଅନନ୍ତ ନାଗଙ୍କୁ ସେଥି ଆଦେଶିଲେ ରାମ
ଯାଅ ଲୋଡ଼ାକାଳେ ଆସି କରିବ ମୋ କାମ ।୫୨।
ନହେବ ସାମୀପ୍ୟ ଅବୟବେ ଏ ଯୁଗରେ
ଚରଣ ବିନ୍ୟସ୍ତି ପୀଡ଼ା ଦେଲି ଯା ଅଙ୍ଗରେ ।୫୩।
ପରଯୁଗେ ଅବତରି ହେବ ନାଗ ରାଜା
କାଳି ନାମେ କାଳିନ୍ଦୀ ହ୍ରଦରେ ବାନ୍ଧି ଧ୍ୱଜା ।୫୪।
ପଦ୍ମତୋଳୁ ପ୍ରତିଶୋଧେ ଦଂଶନ କରିବ
ଦେଲି ବର ସ୍ପର୍ଶୁ ଝରୁ ସେ ଜନ୍ତୁ ତରିବ ।୫୫।
ସୀତା ରାମ ପାଦ ଚିନ୍ତି ଦୟାନିଧି ଦାଶ
ପଞ୍ଚାଶ ଷଷ୍ଠ ପଦରେ ଛାନ୍ଦ କଲା ଶେଷ ।୫୬।

• • • • • • •

ଶାଳ ଛେଦନ ଶବ୍ଦେ ବାଳୀ ତ୍ରସ୍ତ ଓ ପ୍ରଥମ ଥର ରଣେ ଆଗମନ

(ରାଗ-କାମୋଦୀ)

ଛାନ୍ଦ - ୭

ତେଣେ ଇନ୍ଦ୍ର ନନ୍ଦନ, ଯୁବତୀ ସଙ୍ଗେ ମନ, ହରଷେ ଥିଲା ଯେ ଶବଦ
ଶ୍ରବଣେ ଧୈର୍ଯ୍ୟଚ୍ୟୁତ, ହେଲା ଦହିର୍ଯ୍ୟ ଚିତ୍ତ, ବିଚାରେ ପଡ଼ିଲା ପ୍ରମାଦ
ସେ ଧାତାବର,
ସୁମରି ମନେ କଲାସ୍ଥିର, କାଳ ମୋ ଆସିଲା ନିକର
ସପ୍ତଶାଳ ଛେଦନ, କଲେ ଯେ ଭଗବାନ, ପୂଜିବି ମାନସେ ପୟର
ସେ ଧାତାବର । ।୧।

ତେଣେ, ସୀତା ଜୀବେଶ, ବଦନ୍ତି ମିତ୍ରେ ବେଶ ହୁଅ ରଣ ମାଗିବା ଯାଇ
କରିଲେ ରଣ ତୁମ୍ଭ, ସଙ୍ଗତେ ବାଳିଦମ୍ଭ, ହରିବା ଯମାଳୟେ ଦେଇ
ହେ ମିତ୍ରବର,
ଶୁଣି ଆନନ୍ଦ ରୋମାସାଇଁ, ବାହାର ଯୁଦ୍ଧେ ଯିବା ପାଇଁ
ନଭୁ କଶ୍ୟପ ବାଳ ଅର୍ପିଲେ ପୁଷ୍ପମାଳ ପୁତ୍ର ହୋଇବା ପାଇଁ ଜୟୀ
ହେ ସାଧୁଜନେ । ।୨।

ବାଳୀ କୁ ସୁଗ୍ରୀବର ଯୁଦ୍ଧକୁ ଡ଼କରା ଓ ତାରାର ପ୍ରତିରୋଧ

କିଷ୍କିନ୍ଧ୍ୟା ସିଂହଦ୍ୱାରେ, ସୁଗ୍ରୀ ସିଂହ ନାଦରେ, ଡ଼ାକେ ବାଳୀକୁ ଦିଅ ରଣ
ସେ ଦ୍ୱାର ଦ୍ୱାରୀ ଗଲା , ରାଜା ଆଗେ କହିଲା, ସାନୁଜ ଦ୍ୱାରେ ଇଚ୍ଛି ରଣ
ହେ କପିପତି,
ଶୁଣି ବାଳୀ ବାହାରୁ ରାଗେ, ତାରା ମନା କରେ ବିରାଗେ
ଘେନିମୋ ନିବେଦନ , ନଯାଅ ରଣେ ଧନ, ସୁଖେ ମୋ କୋଳେ ଥାଅ ଦୁର୍ଗେ
ହେ କପିପତି । ।୩।

Digitized by PPRACHIN, SOA

ଯେ ବନେ ବର୍ଷ ବର୍ଷ, ଥିଲା କରିଣ ବାସ, ପାଇଣ ପର ବଳ ବପୁ
ଆସି ମାଗୁଛି ରଣ, ନଯାଅ କରି ପଣ, ଭୟ ଶାଳ ଛେଦନ ତାପୁ
ହେ ଜୀବଧନ,
ଶୁଣି କହଇ ବାଳୀ ବୀର, ହେ ପ୍ରିୟେ ନ ହୁଅ କାତର
ସୁଗ୍ରୀ ଯା ବଳ ପାଇ, ଆସିଛି କହ ଧାଇଁ, ସେ କିମ୍ପା ଆସିବେ ମୋ ଦ୍ୱାର
ରେ ପ୍ରାଣସହୀ । ।୪।

ତାରା ଆଶଙ୍କା ସାଇଁ , ଫୁତ୍‌କାରେ ଉଡ଼ାଇ, ଆଶ୍ଳେଷି ବାହାସ୍ଫୋଟ ମାରି
ଭାଷେ ତ୍ରିପୁର ରାଟ, ହୋଇଲେ ଏକଯୁଟ, ସମ୍ମୁଖ ଯୁଦ୍ଧରେ ମୋହରି
ରେ ଯୋଷାବର,
ସଭିଏଁ ଲଭିବେ ପରାସ୍ତ, ମୋ କରୁ ପାଇ ମୁଥାଘାତ
କେତେ ଅସୁର ସୁର, କେଶରୀ ସମବୀର, ନଯାଇଛନ୍ତି ଯମ ପଥ
ରେ ଯୋଷାବର । ।୫।

ରଣେ ମୋ ବାଣ ଟାଣ ବିଲୋକି ଜନ୍ତୁରାଣ ସଦାଭୟ ତ୍ରସ୍ତେ ଆକୁଳ
କେନିର୍ବୋଧ ନବାରି ଆସି ହେବ ମୋ ବୈରୀ ଦେଖୁ ହରିବି ଅର୍ଦ୍ଧେ ବଳ
ରେ ଯୋଷାବର
ଏ ବର ଦେଇଛି ବିଧାତା, କାଣି କିପାଇଁ ବୃଥାଚିନ୍ତା
ତାରାଧରି ଚରଣ, ଭାଷେ ଗୁପ୍ତ ଚାରଣ, ଦେଇଛି ଏମନ୍ତ ବାରତା
ହେ ଜୀବଧନ । ।୬।
ରାମ ସୁଗ୍ରୀବ ମିତ୍ର, ବସି କରିଲେ ସତ୍ୟ, ବଧିବେ ମିତ୍ର ବୈରୀ କାଣ୍ଡେ
ଭୟ ଏଣୁ ମୋ ଚିତ୍ତେ, ନଯାଅ କଦାଚିତ୍ତେ, ମାନିନୀ ରାଣେ ରଣ ଦାଣ୍ଡେ
ହେ ଜୀବଧନ,
ଶ୍ରୀରାମ ଶୌର୍ଯ୍ୟ ବୀର୍ଯ୍ୟନିଷ୍ଠା, ପିତୃଭକ୍ତିର ପରାକାଷ୍ଠା
ସଦଗୁଣ ମହତ୍ତ୍ୱ, ନହୋଇ ଅବଗତ, ବୋଲ ଦେଇଛି ବରସ୍ରଷ୍ଟା
ହେ ଜୀବଧନ । ।୭।
ବାଳୀ ବୋଲେ ସେ କକ୍ଷା, ବହି ସୁଗ୍ରୀବେ ରକ୍ଷା କରିବା ବାର୍ତ୍ତା ମିଥ୍ୟା ଅଟେ
ନକରେ ମୁଁ ବିଶ୍ୱାସ ରଖ ରଖ ତୋ ଭାଷ ସେ ନାମେ ଏ ନିନ୍ଦା ପ୍ରକଟେ
ରେ ଯୋଷାବର
ଦୁଃଖେ ଯା ମୁଖେଗଲୁ କହି, ମନକୁ କଳୁଷେ ଭସାଇ
ଅଧର୍ମ ପାପାନଳ ବଢ଼ିଣ ବେଳୁବେଳ ଦଗ୍ଧ କରିବ ତୋର ଦେହୀ
ରେ ଯୋଷାବର । ।୮।

Digitized by PPRACHIN, SOA

ପ୍ରାଣୀକୁ ସତ୍ୟପଥ, ଦେଖାଇ ଯେ କୃତାର୍ଥ କରନ୍ତି ସେ ଏଡ଼େ ଅନ୍ୟାୟ
କରିବେ କାହିଁ ପାଇଁ , ନିନ୍ଦ ଯା ନାରୀ ହୋଇ, ଏନୀତି ଅନୀତି ଦୁଃସହ
ତୁ କରି ସ୍ତୁତି,
ଅରଜ ରାମ ଆଶୀର୍ବାଦ, ନିନ୍ଦିବା ହୋଇବ ବିପଦ
ଏକାବାଣେ ସଂସାର, କରେ ଯେ ଛାରଖାର, ତା ନାମେ ରଟୁ ଅପବାଦ
ରେ ଯୋଷାବର । ।୯।
ଛାର ବାନର ରକ୍ଷା, ନିମନ୍ତେ ବହି କକ୍ଷା, ଆସିବେ କହୁ ରଘୁବୀର
ଖଣ୍ଡେ ଜଙ୍ଗଲ ଲାଗି, ମିତ୍ରର ଅନୁରାଗୀ ହୋଇସେ କରୁଣା ସାଗର
ଯେ ମୋହ ଦ୍ୱାରେ,
ଆସିବେ ଧନୁର୍ବାଣକରେ, ଏହା ମୁଁ ବିଶ୍ୱାସ ନକରେ
ଦେଖ ସୁଗ୍ରୀବ ହତ୍ୟା, କରି ଫେରିବି ଚିନ୍ତା, ଛାଡ଼ି ସ୍ୱୀକୃତି ଦିଅବାରେ
ରେ ଯୋଷାବର । ।୧୦।

ମଧୁର ଗୁଣ୍ଡା ଗଛ ବିବରଣ

ତେଣେ ମଧୁର ଗୁଣ୍ଡ, ବୃକ୍ଷମୂଳେ କୋଦଣ୍ଡ, ଧାରୀ କୋଦଣ୍ଡେ ଗୁଣସନ୍ଧି
ଲୁଚି ବାଳୀ ବଧରେ, ବୃକ୍ଷ ବିଚାର କରେ, ଶତ୍ରୁ ନୁହନ୍ତି ଦୟାନିଧି
ଏ ଭବେକାର
ମୋ ପତ୍ର କରି ସଙ୍କୁଚିତ, ବାଳୀକୁ ନଦେବି ସଙ୍କେତ
ପ୍ରଫୁଲ୍ଲିତେ ରହିବି, ସାର୍ଥକ କରାଇବି, ପାଦପ ଜନ୍ମ ଏ ଅଚ୍ୟୁତ
ଏ ଭବେକାର । ।୧୧।
ପୁଣି ବାଳୀ ବୋଲଇ ତାରାକୁ ଶୁଣ ସହୀ ଦୁଇଟି ପଦବୀ ମୋହର
ରାମ ସୁଗ୍ରୀବ ମିତ୍ର, ଯଦି ମୁହିଁ ବଡ଼ତ, ଅଗ୍ରଜ ଭକତ ନିକର
ତୁ ତୋଷମନ,
ଦେଖ ବୃକ୍ଷପତ୍ର ଶଙ୍କୁନ, ହୋଇ ନାହିଁତ ଆକୁଞ୍ଚନ
ମୋତେ ବଧିବା ପାଇଁ , ସେ ଆସିବେ କିମ୍ପାଇଁ, ନିଷ୍ଠିନ୍ତେ ପୁରେ ଥାଅ ଧନ
ରେ ଯୋଷାବର । ।୧୨।

ରାମଙ୍କ ଭାବନା

ବୁଝାଇ ଏହିପରି,- ଯାଏ କରୀ ଅଇରି, ଦ୍ୱାରକୁ ରାମ ଚିନ୍ତି ଚିତ୍ତେ
ଅନ୍ତର୍ଯ୍ୟାମୀ ପୁରୁଷ, ଜାଣିତା ମନତୋଷ, ହୋଇ ଭାବନ୍ତି ହୃଦଗତେ
ସେ ମିତ୍ରକଥା,
ଶୁଣି ଯାହା ଶପଥକଲି, କାଣ୍ଡେ ବାଳୀ ବଧିବି ବୋଲି
ବାଳି ବୀର ନିଧନ, କିଲୋଡ଼ା ବାଳୀ ଧନ ମିତଠୁ ଆଗୁଁ ନବୁଝିଲି
ସେ ମିତ୍ରକଥା । ।୧୩।

Digitized by PPRACHIN, SOA

ପୁଣିସେ ରଘୁତ୍ତମ, ବିଚାରନ୍ତି ଉତ୍ତମ, ହେବ ବେନିଭାଇଙ୍କ ହସ୍ତ
ମେଳାଇ ଦେବି କଳି, ତୁଟିବ ମାଗୁ, ବାଳୀ ଭାଗକୁ ରାଜ୍ୟ ଧନ ଅର୍ଥ
ସେ ମିତ୍ରଙ୍କର,
କାମନା ନ ହୋଇବ ବ୍ୟର୍ଥ, କାମନା ହୋଇବ ମୋ ସାର୍ଥ
ଏକାଳେ ବାଳୀ ରାଗେ, ସୁଗ୍ରୀକୁ ଦେଖୁଆଗେ, ପ୍ରହାର କଲା ବଜ୍ର ମୁଥ
ସେ ବାଳିବୀର । ।୧୪।

ବାଳୀ ମୁଥଘାତେ ସୁଗ୍ରୀବର ଭାବନା

ମାଡ଼େ ରବିନନ୍ଦନ, ଦ୍ରବି କରି କ୍ରନ୍ଦନ, କୋହରେ କୁହର ଗହ୍ୱରେ
ମାର୍ଜାର ଘାତୁମୂଷା, ଖସିଗଲେ ଯେ ଦଶା, ଭୋଗଇ ସେପରି ମୋହରେ,
ହେ ସାଧୁଜନେ
ଚେତି ଚିନ୍ତଇ ମନେ ପୁଣି, ବିଷ କେ ପିଏ ଜାଣି ଜାଣି
ମିଳିବ ନାରୀ ଧନ, ଦେହେ ଥିଲେ ଜୀବନ, ରଣେଗଲି ବଳ ନଜାଣି
ହେ ସାଧୁଜନେ । ।୧୫।

ବାଳୀ ର ଅଭିଶାପ

ଫେରି ଆସୁ ସୁଗ୍ରୀବ, ଦେଖି ଜାନକୀ ଧବ, କାଣ୍ଡ କୋଦଣ୍ଡ ଧରି କରେ
ଅନୁଜ ସଙ୍ଗତରେ, ଗମନ୍ତି ଧୀରେ ଧୀରେ, ଦେଖି ଇନ୍ଦ୍ର ତନୁଜ ଦୂରେ
ସେ ବିଚାରିଲା
ସୁଗ୍ରୀ ସହିତ ମାଲ ଯୁଦ୍ଧ, ହୋଇଥିଲେ ଏ କରି ବଧ
ଉଡ଼ାଇ ଥାନ୍ତେ ଯଶ, ବୃକ୍ଷ ଗୁପ୍ତେ ମୋ ନାଶ, ଚିନ୍ତିଲା ନମାନି ନିଷେଧ,
ସେ ବିଚାରିଲା । ।୧୬।
କ୍ରୋଧେ ହୋଇ ଜର୍ଜର, ବୋଲଇ ବାଳି ବୀର, ବୃକ୍ଷକୁ ତୋ ବୀଜ ପୋତାଇ
ବଢ଼ାଇ ଥିଲି ଜଳ, ଦେଇତୁ ଏବେ ଖଳ, ପ୍ରକୃତିରୁ ପାଳିଲୁ ନାହିଁ,
ରେ ମୋ ଆଦେଶ,
ଥିଲା ତୋ ପତର ମଧୁର, ଆଜିଏ କୁକର୍ମରୁ ତୋର
ପତ୍ର ବକଳ ଆଦି ତିକ୍ତ ହେଉ କେ ବନ୍ଦି; ବେ ନାହିଁ ରାଜ୍ୟବାସୀମୋର
ରେ ମୋ ଆଦେଶ । ।୧୭।
ଶତ୍ରୁ ଦେଖି କୁଞ୍ଚିତ ନ, କରିଲୁ ତୋ ପତ୍ର, ରଣେ ମୁଁ କଲି ଆଗମନ
ବଳ ହରଣମାଳ, ନଆଣୁ ପୁରୁ କାଳ, ପୁରି ଥାଆନ୍ତା ଆଜି ପୁଣ
ରେ ପାପାଚାରି
ଆଜି ଯାଏଁ ଯା ବ୍ରତପାଳି, ଥିଲୁ ତା ତେଜିଲୁ କି ଭାଳି
ଏପରି ନାନାକଥା, କହି ବଢ଼ାଇ ବ୍ୟଥା, ପୁରେ ଚଳିଲା ଖରେ ବାଳି
ସେ ବୀରବର । ।୧୮।

ଟୀକା : ୧୬ ଇନ୍ଦ୍ର ତନୁଜ-ବାଳୀ

Digitized by PPRACHIN, SOA

ଏଣେ ମୈଥିଳୀ ପତି, ମିତ୍ରେଦେଖି କହନ୍ତି, ବଳତ ନାହିଁ ଦେହେ କିଛି
ଭୁବିରେ ବୀରେ ଲେଖା, ନୁହଁ ହେଲା ପରୀକ୍ଷା, ଲେଉଟିଲ ଯା ରଣୁ ଛି ଛି
ହେ ମିତ୍ରବର,
ସାମାନ୍ୟ ମୁଥଘାତ ପାଇ, ଭୟେ ଯା ଆସିଲ ପଳାଇ
ଏବେ ଶୀଘ୍ର ବାହାର, ଯିବା କିସ୍କିନ୍ଧ୍ୟାପୁର, ଭାରିଜା ରାଜ୍ୟ ଭାଗପାଇଁ
ହେ ମିତ୍ରବର । ।୧୯।

ପୁନର୍ବାର ଯୁଦ୍ଧକୁ ଯିବା ପାଇଁ ସୁଗ୍ରୀବର ଅସ୍ୱୀକାର

ରୋମାପତି କହଇ, ନ କହ ଆଉ ସେହି କଥାକୁ ରାଜ୍ୟ ନାହିଁ ଲୋଡ଼ା
ବାଳି ମୁଥର ବ୍ୟଥା ଘାରୁ ଅଛି ସର୍ବଥା ଦେହରୁ ନ ଯାଏ ସେ ପୀଡ଼ା,
ହେ ଚାପଧର,
ସ୍ୱହସ୍ତେ ନକାଟିଲ ମୁଣ୍ଡ, ଶତ୍ରୁହସ୍ତେ ଯା ଦେଲ ଦଣ୍ଡ
ବୋଧନ୍ତି ରଘୁସାଇଁ, ତୁମ୍ଭ ପରାୟେ ସେହି, ଆଶ୍ରୟ ଚାହେଁ ହୋଇ ଷଣ୍ଢ
ହେ ମିତ୍ରବର । ।୨୦।
ପୁଣି ଥରେ ବାହାର, ଯିବା କିସ୍କିନ୍ଧ୍ୟାପୁର, ବାଳି ଆମ୍ଭଙ୍କୁ କଲେ ସ୍ତୁତି
ମେଳାଇ ଦୁଇଭାଇ, ରାଜ୍ୟଭ୍ରାତା ମଗାଇ, କରାଇବା ଅନର୍ଥ ଶାନ୍ତି
ହେ ମିତ୍ରବର
କରିଲେ ସେ ଅବମାନନା, ବଧିବି ନକର ଶୋଚନା
ତଦ୍ଧେ ଲଗାଉକର, ରାମ ଶତ ସିଂହର,- ବଳ ସୁଗ୍ରୀ ଉଦ୍‌ବିଗ୍ନ ମନା,
ହେ ମିତ୍ରବର । ।୨୧।
ପୁଣି ସୁଗ୍ରୀବ ସେଥି, ବୋଲେ ହେ ଦାଶରଥି, ବାସବ ବୈଜୟନ୍ତି ମାଳା
ଥିଲେ ବାଳି ବକ୍ଷରେ, ରଣେ ସମକକ୍ଷରେ, ନାହିଁ କେହରେ ଅର୍ଦ୍ଧେ ବଳ
ହେ ରଘୁରାୟ
କିପରି ହେବ ଆମ୍ଭ ଜୟ, ବିଚାରି ଆଗୁ କର ଥୟ
ରାମ ଅନନ୍ତ ନାଗେ, ଡ଼ାକି କହିଲେ ରାଗେ, ମାଳା ହରଣେ ଦିଅ ଲୟ
ସେ ରଘୁରାୟ । ।୨୨।

ବୈଜୟନ୍ତୀ ମାଳ ହରଣ

ରାମ ଆଜ୍ଞାରେ ଶୀଘ୍ର, ବାଳୀ ଭଣ୍ଡାରୁ ନାଗ ହରିଣ ବୈଜୟନ୍ତି ମାଳ
ଇନ୍ଦ୍ରେ ଅର୍ପଣ କରି, ରାମ ପାଦେ ଗୁହାରି, କରିଣ କହିଲା ସକଳ
ହେ ସାଧୁଜନେ
ଚିନ୍ତିଣ ଜାନକୀ ବିଳାସ, କହଇ ଦୟାନିଧିଦାଶ,
ଦାରୁ ବ୍ରହ୍ମ ମୁରାରି, ଆଗେ ପ୍ରମାଣ କରି, ସମରେ ଆଣିବି କପୀଶ
ହେ ସାଧୁଜନେ । ।୨୩।

• • • • •

Digitized by PPRACHIN, SOA

ସୁଗ୍ରୀବ ଦ୍ୱିତୀୟ ବାର ଯୁଦ୍ଧେ ଗମନ ଓ ଦାରୁ ବ୍ରହ୍ମର' କାରଣ

(ରାଗ-ଶଙ୍କରା ଭରଣ) ଛାନ୍ଦ - ୮

ନଟିଏ ଗାଇଲେ ଶୁଭେ ମଙ୍ଗଳ ବାଜଣା, ବୃତ୍ତେ

ପ୍ରବୀଣ ଗୁଣିକ ଗଣ ମଜ୍ଜ ରାମରସେ, ପ୍ରମଥାଧିପ ଯେ ନାମେ ମଜ୍ଜନ୍ତି ହରଷେ
ଗୌରୀ ଶ୍ରୁତି ପଥେ ସଦା, ଶ୍ରବଣ କରି ଯେ ରସ ପ୍ରମୋଦ ସର୍ବଦା । ।୧।
ସେହି ନାମୁ ସଦା ଝରେ ଅମୃତର ଧାରା, ଜ୍ଞାନେ ଚିହ୍ନିମୁନି କଲେ ମୁକତି ପସରା
କଳି କଳୁଷ ନାଶନେ, ସେହି ରସ ବେନି କର୍ଣ୍ଣେ ପାନ କରଜନେ । ।୨।

ସନ୍ଧ୍ୟା ଓ ପ୍ରଭାତ ବର୍ଣ୍ଣନା

ବ୍ୟାପିଥିଲା ଖରା ସସାଗରା ଧରାସ୍ଥଳେ, ବାଳୀ ବଧେ ବେନିମିତ୍ର ଯାଇଥିବା କାଳେ
କ୍ରମେ ଦିନମଣି ଶେଷ, ଦୂରୁ ଫେରନ୍ତି ବିହଙ୍ଗେ ନିଜ ନିଜ ବାସ । ।୩।
ନଭ ବନ୍ଦାପନା ଗୃହେ ନିଶାରାଣୀ ସଙ୍ଗେ, ଗାଢ଼ ଆଲିଙ୍ଗନେ ଶଶୀ ମାତନ୍ତେ ସୁରଙ୍ଗେ
ଗଳୁ ମୋତିହାର ଛିଡ଼ି, ତାରକା ନାମରେ ଛଦ୍ମେ ବ୍ୟୋମେ କିବା ପଡ଼ି । ।୪।
ଧୀରେ ନିଶି ଅନ୍ତେ ପ୍ରାଚୀ ଦିଗରେ ସପ୍ତାଶ୍ୱ, ପ୍ରାଚୀ ପର୍ବତ ସୁନ୍ଦରୀ, କିସିନ୍ଦୂରେ ବେଶ
କି କୁଙ୍କୁମ ବୋଲି ଅଙ୍ଗେ, ପତିତପନ ମାନସ ରଞ୍ଜନେ ଆବେଗେ । ।୫।
କିବା ଦିଗକାନ୍ତା ମୁଖଦର୍ଶନେ ତପନ, କର କିରଣରେ ବାସ କରେ ଉନ୍ମୋଚନ
ବିପ୍ରେ ବିଜୟ ସ୍ନାନରେ, ଚିନ୍ତିଲେ ସିନ୍ଦୂର ପ୍ରାଚୀ ନାରୀ ଲଲାଟରେ । ।୬।
କେ କହେ କୁସୁମାସୁର ରଥାଙ୍ଗ ବାଣ ତ, ପେଷୁ ତରଣି ଆକ୍ରାନ୍ତେ ସ୍ରବୁଛି ଶୋଣିତ
କିବା ଉଦୟ ଅଚଳ, ଚୂଳେ ଜବାପୁଷ୍ପ ଫୁଟି ଦିଶଇ ମଞ୍ଜୁଳ । ।୭।
ଶମ୍ଭୁଆଳେ କମ୍ବୁସ୍ୱନ ବାଦକେ ଗାୟକ, ଗହ୍ୱରାଭ୍ୟନ୍ତରେ ରାତ୍ରୀଚର, କଉଶିକ
ବକ,ଶୁକ, ଚକ୍ରବାକ, କାଳକଣ୍ଠକ କୁକ୍କୁଟ ପକାଇଲେ ଡ଼ାକ । ।୮।
ପରଭୃତ ପରଭୃତ ରତ ପ୍ରକଟିଲା, କେକୀ ପୁଚ୍ଛଟେକି କେକା ଭାବକୁ ରଟିଲା
କୂଟେ ରହିଣ ବିଟପୀ, ଆପଣାର ସତୀପଣ ବଖାଣନ୍ତି ଟପି । ।୯।
ଚୋର ଡ଼କାୟତ ରାଜଦାଣ୍ଡରେ ନିର୍ଭୟେ, ଅଯାଚିତେ ସ୍ୱସ୍ୱଗୁଣ ବଖାଣିଲେ ଥୟେ
ସୁଭ୍ରାଂଶୁ ଶୁଭ୍ରତାହୀନେ , ରହିଲେ ଅଦୃଶ୍ୟେ ରହେ ବାଦୁଡ଼ି ଯେସନେ । ।୧୦।
ବତ୍ସାଙ୍କ ସହିତ ଧେନୁ ଘେନିଣ ଗୋପାଳ, ତୃଣ କବଳେ ଅଚଳେ ନେଲେ ଦଳଦଳ
ହଳଯୋଚି ଚଷାଭାଇ; ରବି ଆଗମେ କେଦାରେ ଯାଏ ଗୀତ ଗାଇ । ।୧୧।

୧: ପ୍ରମଥାଧିପ-ଶିବ, ୩: ବିହଙ୍ଗେ-ପକ୍ଷୀ ଶ୍ରେଣୀ,୪: ନଭ-ଆକାଶ, ଶଶୀ ଚନ୍ଦ୍ର, ୫:ପ୍ରାଚୀ ଦିଗ-ପୂର୍ବ ଦିଗ ସପ୍ତାଶ୍ୱ-ସୂର୍ଯ୍ୟ, ୭: କୁସୁମ-କନ୍ଦର୍ପ,ଉଦୟ ଅଚଳ-ଉଦୟ ପର୍ବତ. ୮: ଶମ୍ଭୁଆଳେ-ଶିବମନ୍ଦିରେ,କଉଶିକ-ପେଚା, କାଳକଣ୍ଠ-ଡ଼ାହୁକ ୯: ପରଭୃତ-କୁଆ,କୋଇଲି .କେକୀ-ମୟୂର,ବିଟପୀ-ବେଶ୍ୟା,୧୦:ସୁଭ୍ରାଂଶୁ-ଚନ୍ଦ୍ର,୧୧:ବତ୍ସା-ବାଛୁରୀ, ଧେନୁ- ଗାଇ,ତୃଣ-ଘାସ,ଅଚଳେ-ପର୍ବତେ,କେଦାରେ-ଫସଲ କିଆରୀକୁ,୧୨: ଇନ୍ଦୁକର ହୀନ-ଚନ୍ଦ୍ର କିରଣ ହୀନେ, ଇନ୍ଦୀବର-କଇଁଫୁଲ, ସରୋଜିନୀ-ପୁଷ୍କରିଣୀ. ସରୋଜ-ପଦ୍ମ ।

Digitized by PPRACHIN, SOA

ଇନ୍ଦୁକର ହୀନେ ଇନ୍ଦୀବର ନିଦ୍ରାସରେ, ସରୋଜିନୀରେ ସରୋଜ ସ୍ୱପ୍ରଭା ବିସ୍ତାରେ
ସ୍ନାନ ଶୌଚେ ନିରୂପଣ, କରି କାଳ ବାଳୀ ବଧେ ସୁଗ୍ରୀ ରଘୁରାଣ । ।୧୨।
ଗିରି ମଲ୍ଲୀକୁ କୁଙ୍କୁମେ କରିନାମାଙ୍କିତ, କରେ ମାଳ ଗୁଛି ମିତ୍ରେ ଦେଲେ ରଘୁନାଥ
କହିଲେ ଅବମାନନା, କଲେ ମାଳି ବଧେବାଳୀ ନହୋଇ ବମନା । ।୧୩।
ମିତ୍ର ପୁତ୍ର ମିତ୍ରବାକ୍ୟେ ବାତାୟୁ ପାରଏ, ଶୈଳାଟ ଦ୍ୱାରେ ପ୍ରବେଶି ସିଂହ ରଡ଼ି ଦିଏ
ବୃକ୍ଷାନ୍ତରେ ରଘୁରାଣ, ବିଶ୍ରମୁ ବୃକ୍ଷ ବାରଣେ ମାଗଇ କାରଣ । ।୧୪।

ରାମଙ୍କ ପଦେ ବୃକ୍ଷର ମୁକ୍ତି ପ୍ରାର୍ଥନା

ଆହେ ସୀତାପତି, ସୁ, ମତିରୁ ମୋ ଅଗତି, ଆଗ ରହି ଏଥୁ ଯିବା ଦେଖି କପିପତି
କ୍ରୋଧେ ଶାପ ଦେଲା ମୋର, ଦେହ ପିତା ହେବ ନଘେନିବେ ନାରୀନର । ।୧୫।
ପୂର୍ବେ ବାଳୀ ତପସ୍ୟାରେ ବିଚାରି ବିଧାତା, ବୀଜ ଏକଦେଇ କହିଥିଲେ ଏହି କଥା
ପୋତ ତୋ ସିଂହ ଦୁଆରେ, ବୃଷାଳ ହୋଇବ ବଢ଼ି ଏ ପାଦପ ଖରେ । ।୧୬।
ମଧୁର ହେବ ତା ପତ୍ର ତୋର ପରିଜନ, ମଧୁର ଗୁଣ୍ଡା ନାମରେ କରିବେ ଭୋଜନ
ପୂଜି ଧୂପ ଦୀପ ଦେଇ, ଶତ୍ରୁ ତୋ ଆସିଲେ ଆଗୁ ଦେବସେ ଜ ଣାଇଁ । ।୧୭।
ବାହାରେତୁ ବାହାରିବା ଆଗରୁ ପ୍ରାଙ୍ଗଣେ, ନେତ୍ର ନିକ୍ଷେପ କରିବୁ ସେହି ବୃକ୍ଷପର୍ଣ୍ଣେ
ଶତ୍ରୁ ହେଲେ ଉପଗତ, କୁଞ୍ଚିତ କରି ସେ ପତ୍ର କରିବ ଜାଗ୍ରତ । ।୧୮।
ଯୁଗ ଯୁଗ ଥିବ ବୃକ୍ଷ ନ ଜାଣିବେ ଆନ, ସେହି କଥା ପାଳୁଥିଲି ଆସନ୍ତେ ଆପଣ
ଧୈର୍ଯ୍ୟ ରଖି ନପାରିଲି, ଆଶ୍ରୟ ନେଉ ମୋ ପାଦେ କର୍ତ୍ତବ୍ୟ ହାରିଲି । ।୧୯।
ଭାବନା କରିଲିମନେ ଯେ ଜଗତ ପୂଜ୍ୟ, ବାଳି ଶତ୍ରୁ ଭାବେ କିପରି କରିବି କାର୍ଯ୍ୟ
ସେଥୁ ମିଳିଲା ଏ ଫଳ, ଉଦ୍ଧାର କରନ୍ତୁ ବୃକ୍ଷ ଜନ୍ମୁ ଆଦିମୂଳ । ।୨୦।

ରାମଙ୍କର ବରଦାନ

ସେ ପାଦପ ଅଭିପ୍ରାୟ ଜାଣି ରଘୁରାୟ, ବୋଲନ୍ତି ଏ ଶାପ ସିନା ନେଉ ମୁଁ ଆଶ୍ରୟ
ତେବେ ପ୍ରତିକାର କରି, ପୂଜ୍ୟ କରାଇଲେ ଭବେ ଶାପୁ ହେବ ପାରି । ।୨୧।
କିନ୍ତୁ ଏ ତ୍ରେତୟା ଯୁଗେ ସେ କାର୍ଯ୍ୟ ନହେବ, ଦ୍ୱାପର କାର୍ଯ୍ୟ ବି ସ୍ଥିର ହୋଇଲାଣି ସର୍ବ
ଯତି ଗୋପାଳଙ୍କବରେ, ତୁମ୍ଭ କଥା ବୁଝାଯିବ ତା ପର ଯୁଗରେ । ।୨୨।
ସତ୍ୟ ତ୍ରେତୟା ଦ୍ୱାପରେ କ୍ରମାନ୍ୱୟେପାପ, ପାଦେ ପାଦେ ବଢ଼ି କଳିରେ ହେବ ଅମାପ
ତାହାର ଦାରଣ ପାଇଁ, ଦାରୁ ରୂପ ବିନା ମୋର ଅନ୍ୟ ଗତି ନାହିଁ । ।୨୩।
ଏ ମଧୁର ଗୁଣ୍ଡା ନାମ ବିଳୟ ନହେବ, ଶାପରୁ ଏ ପିତାହୋଇ ନିମ୍ବ ବୋଲାଇବ
ତାରଗଣ୍ଡି ଦାରୁମୂର୍ତ୍ତି, ପୂଜା କରିବେ ଜଗତେ ରହିବ ଏ କୀର୍ତ୍ତି । ।୨୪।
ଆଶ୍ରୟ ନେଲି ଯେପରି ସେ କାଳେ ଆଶ୍ରୟ, ନେଉ ମୋ ବ୍ରହ୍ମ ପିଣ୍ଡରେ ହେବ ବ୍ରହ୍ମମୟ
ଜାତି ଧର୍ମ ନିର୍ବିଶେଷେ, ପୂଜିବେ ଜଗତନାଥ ଜଗନ୍ନାଥବେଶେ । ।୨୫।
ସେକାଳେ ସେ ନୀଳଗିରି ମର୍ତ୍ତ୍ୟ ବଇକୁଣ୍ଠ, ପୁରୀ ନାମେ ଜଗତରେ ହୋଇବ ପ୍ରକଟ
ବ୍ରହ୍ମା ଆଦି ଦଇବତେ, ପ୍ରତ୍ୟହ ଆସି ଦର୍ଶନ କରିବେ ସମସ୍ତେ । ।୨୬।

୧୪:ମିତ୍ର ପୁତ୍ର-ସୂର୍ଯ୍ୟ ପୁତ୍ର, ମିତ୍ରବାକ୍ୟେ-ରାମବାକ୍ୟେ, ବାତାୟୁ-ହରିଣ ୧୬:ବିଜ-ମଞ୍ଜି ୨୨:ତା ପର ଯୁଗରେ-କଳିଯୁଗରେ, ୨୪:ଦାରଣ-ଦହନ, ୨୫: ବାରମାସେ ତେର ଯାତ୍ରା, ସ୍ନାନ,ରଥ,ବାହୁଡ଼ା,ଶୟନ,ଅୟନ ପାର୍ଶ୍ୱପରିବର୍ତ୍ତନ, ଉତ୍ଥାପନ, ପାର୍ବଣଷଷ୍ଠି,ପୁଷ୍ୟାଭିଷେକ, ମକର, ଦୋଳ ଉତ୍ସବ, ଦମନ ଭଞ୍ଜିକା, ଅକ୍ଷୟ ତୃତୀୟା (ଯାତ୍ରା ଭୁବନ)

Digitized by PPRACHIN, SOA

ଭାଇ, ଭଗ୍ନୀ, ସୁଦର୍ଶନ ଚତୁର୍ଦ୍ଧା ମୂରତି ଚତୁର୍ବର୍ଗ ଫଳଭକ୍ତେ ଲଭୁଥିବେନିତି
ଧର୍ମ, ଅର୍ଥ, କାମ, ମୋକ୍ଷ, ବୋଲି ଯାହା ଶ୍ରୁତି ଶାସ୍ତ୍ରେ କହନ୍ତି ପ୍ରତ୍ୟକ୍ଷ । ।୨୭।
ହୋଇବ ଭିଆଣ ବାରମାସେ ତେରଯାତ୍ରା, ଭବେଭବଲୀଳା ଅର୍ଥେ ରଖ ଏହି ବାର୍ତ୍ତା
ସେଥୁ ହୋଇବ ଖଣ୍ଡନ, ବାଳି, ଶାପୁ ବୃକ୍ଷ ଜନ୍ମୁ ହୋଇବ ମଣ୍ଡନ । ।୨୮।
ଆନ ପ୍ରସଙ୍ଗରେ ଏଥୁ ବୁଧେ ରଖମତି, ହରି ଦ୍ୱାରେ ହରି ଦେଖି ହରିଏ ଭାବନ୍ତି
ବାଉଳା ହେଲାକି ମତି, କେହୁ କହେ ଶିରୀପତି ପରିଦିଶେ କାନ୍ତି । ।୨୯।
କେହୁକହେ ପୀତବାସ ନୁହେଁ ପିର୍ତ୍ତାଧିକ୍ୟ, ହେବାରୁ ପାଗଳ ପରି ରଣେ ଆଗନ୍ତୁକ
ଦେହ ଦିଶେ ହେମବର୍ଣ୍ଣ, ବାଳି ଅତିଥି ସେବାରେ କରେ ହେବ ଚୂର୍ଣ୍ଣ । ।୩୦।
କେ କହନ୍ତି ପୀତ୍ତବାସ, ପିତ୍ତାବାସ ବଶ, ହେଉ ଅତିଶୟ ତେଜ ସମୂହ ପ୍ରକାଶ
ବିଷ୍ଣୁ ସାହାକେ କହନ୍ତି, ଅଶିବ, ବିଭୂଷଣରେ ମାଳି ସେ ବୁଝନ୍ତି । ।୩୧।
କେ କହନ୍ତି ଶିବ, ଶିବ, ଆସେ ଏ ଐଶ୍ୱର୍ଯ୍ୟେ, ଶିବ ପ୍ରଭୁ ନାମାଙ୍କିତ ମାଳା କଣ୍ଠେରାଜେ
କର୍ମ ହୋଇଲା ଉଦୟ, ଲାଭ ଅବଧ ବଧରେ ପରାଜୟ ଜୟ । ।୩୨।
ବାଳିକି କରିଲେ ଜୟ ରାଜ୍ୟେ ହେବ ରାଜା, ବାଳିଜୟ କଲେ ଜୟ ହରୁଛି ଭାରିଜା
ପ୍ରାଣଦାନ, ପ୍ରତିଗ୍ରହ, ସମ ସୁଗ୍ରୀ ଡ଼ାକେ ବାଳି ଆସ କାହିଁ ରହ । ।୩୩।
ଏ କିଷ୍କିନ୍ଧ୍ୟା ସିଂହାସନେ ବୋଲାଉ ମହୀଶ, ବକ୍ଷଗାର ପ୍ରକାର ଇକାର ଭେଦଘୋଷ
ତୁହି ବୃଷ ମୁଁ ଶାର୍ଦ୍ଦୁଳ, ଆସକ୍ଷଣେ ଆଜି ରଣେ ପୂରିବ ତୋ କାଳ । ।୩୪।
ଯନଯୋଗ ତୋ ପଦବୀ ମହୀଶ ପ୍ରାନ୍ତରେ, ଅନ୍ତେ ମୋତେ ପ୍ରାପ୍ତ ହେବ ମହାସମ୍ପର୍ବରେ
ଅକାଳ ଘନ ଗର୍ଜ୍ଜନ, ଶୁଣି ଶରଭ ଉନ୍ନତ୍ତ ତଥା ବାଳି ମନ । ।୩୫।
ଆଗଛାନ୍ଦେ ବାଳିବୀର ଆସିବ ସମରେ, ଷଡ଼ତ୍ରିଂଶ ପଦରେ ଏ ରଚିତ ଶ୍ରମରେ
ଦୂରପାଇଁ ଭବବ୍ୟାଧି, ଘେନବୁଧେ ରାମଚିନ୍ତି କହେ ଦୟାନିଧି । ।୩୬।

• • • • • • •

ବାଳୀର ଦ୍ୱିତୀୟ ବାର ରଣେ ଆଗମନ

(ରାଗ-କାମୋଦୀ)

ଛାନ୍ଦ-୯

ସୁଗ୍ରୀ ଗର୍ଜ୍ଜନେ ବାଳୀ, ଯୁଦ୍ଧେ ବାହାରୁ ଆଳି, ମନା କରଇ କୋଳେ ବସି
ନାଥରଣେ ନଯାଅ, ନିଶ୍ଚୟ ପରାଜୟ, ହେବ ଯୁଦ୍ଧରେ ଯିବୁ ଭାସି
ହେ ଦେବ ଶୁଣ,
ଏବାର ନହୋଇବଯଶ, ଜିଣିବ ସୁଗ୍ରୀବ ଅବଶ୍ୟ
ଭୟେ ବହୁବରଷ, ଋଷ୍ୟ ମୁକେଯେ ବାସ, କଲା ସେ ପୁଣି ଡ଼ାକେ ଆସ
ହେ ଦେବ ଶୁଣ । ।୧।

୨୯:ଶିରୀପତି-ଲକ୍ଷ୍ମୀପତି,୩୦:ପିତ୍ତାବାସ-ବିଷ୍ଣୁ ବା ହନୁମାନ ଦେହ, ହେମବର୍ଣ୍ଣ-ସ୍ୱର୍ଣ୍ଣବର୍ଣ୍ଣ,୩୨:ଶିବ-ମଙ୍ଗଳ, ୩୦: ମହୀଶ-ରାଜା,ମହିଷ-ମଇଁଷି,୩୫:ଯନଯୋଗ-ମହାସମ୍ପନ୍ନ,ଶରଭ-ଅଷ୍ଟପଦ ମୃଗ,୩୬:ଘେନ-ନେଇ

Digitized by PPRACHIN, SOA

ତାରା କଥା ନଭାଳି, କ୍ରୋଧାନ୍ଧେ ସେଥୁବାଳୀ, ସବେଗେ ସିଂହଦ୍ୱାରେ ମିଳି
ରେ ରେ କାର ଶବଦେ, ସୁଗ୍ରୀକୁ ଡ଼ାକେ ବାଦେ, କ୍ରୋଧେ ଆକାଶେ ପୁଚ୍ଛ ଚାଳି
ସେ ରୂପଦେଖି,
ହେଲା ଲକ୍ଷ୍ମଣ ମନେ ଭ୍ରାନ୍ତି, ବିନମ୍ରେ ରାଘବେ କହନ୍ତି
ବଳୀ ବାଳି ସମାନେ, ନଥିବେ ତ୍ରିଭୁବନେ, କିମ୍ପାଇଁ ଅର୍ଜିବା ଅକୀର୍ତ୍ତି
ହେ ରଘୁପତି । ।୨।
ଭାଷନ୍ତି ରାମରାଜ, ଭାଇ ନୁହ ଅଧୈର୍ଯ୍ୟ, ବାସ୍ତବେ ବାଳୀ ଭବେ ବଳୀ
ପାପୀ କାର୍ପାସ ଗିରି, ଅଗ୍ନି ସଂଯୋଗେ ଜଳି, ଯିବା ପରାୟେ ଯିବ ଜଳି
ଏ ବ୍ରହ୍ମବାଣ,
ଦେଖତୁ ରହିଣ ସମ୍ଭର୍ବେ, ବାଣକୁ ତିଆରନ୍ତି ଦମ୍ଭେ
ଦେବଙ୍କ ମଧ୍ୟୁ ଜାତ, ବେଦମନ୍ତେ ସନ୍ତତ ଅଭିଷିକ୍ତ ହୋଇଛ ତୁମ୍ଭେ
ହେ ବ୍ରହ୍ମବାଣ । ।୩।

ବାଳୀ ସୁଗ୍ରୀଙ୍କର ମଲ୍ଲଯୁଦ୍ଧ

ପର ନାରୀ ହରଣ, ଦୋଷେ ବାଳିର ପ୍ରାଣ, ଘେନିବ ପେଷିଲେ କହିଣ
ନହେବ ଅଭିମାନୀ, ଥିବ କଥାକୁ ମାନି, ଭାବି ଏହା ମୋହର ରାଣ
ସେ ଏହିକାଳେ,
ବାଳି ସୁଗ୍ରୀବ ଭେଟାଭେଟି, କୋଳେ ଶାର୍ଦ୍ଦୁଳ ପରିପାଟି
ହୁଅନ୍ତି ଗଡ଼ାଗଡ଼ି, ବ୍ୟାଳପରାଏ ଛିଡ଼ି, ଯାଏ ଘର୍ଷଣେ ବୃକ୍ଷଲଟି
ସେ ଏହିକାଳେ । ।୪।
ଅତିରୁ ଅତି କାୟ, ଫୁଲି ବ୍ୟାଘ୍ର ପରାୟ, କର କର ପ୍ରହାର ବୃଷ୍ଟି
ପଦେ ପଦ ଆଘାତ, ବକ୍ଷରେ ବକ୍ଷ, ପାତ ଅଗ୍ନିସ୍ଫୁଲିଙ୍ଗ ହୁଏ ସୃଷ୍ଟି
ସେ ମନେ ହୁଏ,
ଏମେଘ ସଂଘର୍ଷେ ବିଜୁଳି, ଅଗ୍ନିରେ ନଗ୍ର ଦେବ ଜାଳି
ବେନିଙ୍କର ଗର୍ଜନ ଶୁଣି ଦିଗ୍‌ଦନ୍ତି ଗଣ, ଭୀତ ତ୍ରସ୍ତେ ସ୍ୱସ୍ଥାନୁ ଚଳି
ସେମନେ ହୁଏ । ।୫।
ଦେଖିବା ପାଇଁ ରଣ, ଆସିଥିବା ଗିର୍ବାଣ, ଭୟେ ପଳାଇ ଗଲେ ବାସେ
ଧରାମରା ରାମ୍ପୁଡ଼ା, କାମୁଡ଼ା ଗଡ଼ାପଡ଼ା ହୁଙ୍କାରେ ଉଠନ୍ତି ଆକାଶେ
ସେ କେତେବେଳେ
ପଡ଼ନ୍ତି ବସୁଧା ଉପର, ନଖ ଦନ୍ତାଘାତେ ଶରୀର
ଦିଶଇ ଭୟଙ୍କର, ନଭେ ତାରା ପ୍ରକାର, ଉଲ୍କା ପ୍ରାୟ ଶୋଣିତ ଧାର
ସେ କେତେବେଳେ । ।୬।

୪: କୋଳେ-ବାଗାହା, ଶାର୍ଦ୍ଦୁଳ-ବ୍ୟାଘ୍ର ୫:ଦଗ୍‌ଦନ୍ତିଗଣ-ଐରାବତ,ପୁଣ୍ଡରୀକୋ-ବାମନଃ, କୁମୁଦାଞ୍ଜନ,ପୁଷ୍ପଦନ୍ତ, ସର୍ବଭୌମ, ସୁପ୍ରତିକ, ଗ୍ରୀବାଣ-ଦେବତାକୁଳ,୬:ନଭେ-ଆକାଶରେ,୭:ଇନ୍ଦ୍ର ଦୁଲାଳ - ବାଳି, ରୋମାକାନ୍ତ-ସୁଗ୍ରୀବ

Digitized by PPRACHIN, SOA

କୋଟି ସିଂହରବଳ, ଧରି ଇନ୍ଦ୍ର ଦୁଲାଳ, ସୁଗ୍ରୀବେ ଆରୋହଣ କରି
କରନ୍ତେ ମୁଥାଘାତ, ଅଶକ୍ତେ ରୋମାକାନ୍ତ, ରଖହେ ରାମ କଲା ହୁରି
ସେ କଥା ଶୁଣି
ହସି ବୋଲଇ ବାଳୀ ବୀର, ନାହିଁ ଆଜି ତୋର ନିସ୍ତାର
ସହସ୍ର ରାମ ହେଲେ, ନପାରିବେ କେଉଲେ ରଖି, ହୋଇଲା ମୃତ୍ୟୁତୋର ।
ସେ କଥା ଶୁଣି ।୭।

ବାଳୀ ବାକ୍ୟବାଣ ରାମଙ୍କ ବକ୍ଷଭେଦ

ବାଳୀର ବାକ୍ୟବାଣ, ଶାଣ ଦିଆ କମାଣ, ପ୍ରାୟ ଭେଦନ୍ତେ ରଘୁରାଣ
ଆସିଣ ସମ୍ମୁଖକୁ ସନ୍ଧିବ୍ରହ୍ମ ବାଣକୁ କହିଲେ ଘେନ ବାଳି ପ୍ରାଣ
ସେ ଶରଖରେ,
ରମ୍ଭା ବୃକ୍ଷରେ ଅସ୍ତ୍ର ପ୍ରାୟେ, ଭେଦିଲା ବାଳି ବକ୍ଷେ ଥୟେ
ବାଣ ପୁଚ୍ଛକୁ ଟାଣି ଧରି ବୀର ଅଗ୍ରଣୀ ଉପାଟୁ ପଡ଼େ ରାମ ଲୟେ ।
ସେ ଶର ଖରେ ।୮।
ସେ ଶର ବହିର୍ଗତ, ହେଉ କ୍ଷତୁ ଶୋଣିତ, ସ୍ରୋତ ସେ କାନନ ଲଂଘିଲା
ଏକାଳେ ସୁଗ୍ରୀବର, ପାଇଣ ଅବସର, ବିଲୋକି ଦୁଃଖରେ ଭାଙ୍ଗିଲା
ସେ ଘୃଣାତେଜି,
ଅଶ୍ରୁ ଝରାଇ ଶୋକ କଲା, ହା ଭାଇ ବୋଲି ମୂର୍ଚ୍ଛା ଗଲା
ଦେଖି ତା ସୀତା ମୌଳୀ, ମହୀରୁ ବାଳୀ ତୋଳି, ଧରନ୍ତେ ସେ ବାଳୀ ବୋଇଲା ।
ସେ ଘୃଣାତେଜି ।୯।

ରାମଚନ୍ଦ୍ରଙ୍କୁ ବାଳୀର କ୍ରୋଧବାକ୍ୟ ପ୍ରୟୋଗ

ଛି ଛି ଚିତ୍ତେ ନଭାଳି, ଯଶେ କଳଙ୍କ ବୋଳି, ଦେଲ ଏ କାର୍ଯ୍ୟେ ରଘୁନାଥ
ପଣ୍ଡିତା ପରିଗୀର, ଭାଷି ବାମା ମୋହର, ମାଗିଲା ପ୍ରସାରି ପଣତ
ସେ ରଣେ ଆଜି,
ନଯାଅ ତୁମ୍ଭେ କେବେ ହେଲେ, ଅଶୁଭ ନେତ୍ରାଞ୍ଚଳେ ଖେଳେ
ମୁଁ ବୋଇଲି ତରୁଣୀ, ସେ ଗୁଣୀଗ୍ରଣାଗ୍ରଣୀ, ମନେନକର ଚିନ୍ତା ତିଳେ ।
ସେ ରଣେ ଆଜି ।୧୦।
ସୂର୍ଯ୍ୟ ବଂଶାବତଂସ, କିଂପା କରିବେ ଦୋଷ, କହିବା କଥାଟି ଜଘନ୍ୟ
ଯାହା କୃପା ସରିତ, ବହିମାର୍ଗେ ତୁରିତ, ଦିଏ ଇପ୍ସିତ ଲୋଡ଼ାଧନ
ରେ ପ୍ରିୟସହି,
ସେ ଯଦି ଅନ୍ୟାୟ କରିବେ, ପାପିଏ କିମ୍ପା ନକରିବେ
ପଡ଼ି ଶରଘାତରେ, ସେ କଥାକୁ ଚିତ୍ତରେ ଭାଳୁ ଅଛି ହେ ରାମ ଏବେ ।
ମୁଁ ଏହି ସ୍ଥାନେ ।୧୧।

୯: ଶୋଣିତ-ରକ୍ତ, ୧୧:କୃପାସରିତ-କୃପାନଦୀ, ୧୨:ଜହ୍ନୁଜା-ଜହ୍ନୁ ଋଷିଙ୍କ କନ୍ୟା ଗଙ୍ଗା.

Digitized by PPRACHIN, SOA

ଶଲ୍ୟବିଦ୍ଧ ଯନ୍ତ୍ରଣା, ବେଳକୁ ବେଳ ବଣା କରୁ, ବିରାଗେ ସଙ୍ଗେ କ୍ଷୋଭେ
ବୋଲେ ରାଜ୍ୟ ଆସନ ତେଜିବା କ୍ଷତି ପୂର୍ଣ୍ଣ କଲ ମୋତେ ବଧିବା ଲାଭେ
ହେ ଚାପଧାରୀ,
ତୁମ୍ଭର ବଂଶେ ଭାଗୀରଥ, ସଗର ଆଦି ନରନାଥ
ମର୍ତ୍ତ୍ୟେଆଣି ଜହ୍ନୁଜା, ବନ୍ଧାଇ ଥିଲେ ଧ୍ୱଜା, ସେ କୀର୍ତ୍ତି ତୁମ୍ଭେ କଲ ବ୍ୟର୍ଥ
ହେ ଚାପଧାରୀ । ।୧୨।
ଯେ ତୁମ୍ଭ ଦାରା ବୈରୀ, ତାକୁ ଆଗ ନ ମାରି, ପାର୍ଥିବ ଯଶ ଦେଲ ସାରି
ତୁମ୍ଭ ବଂଶର ଯଶ, ଶରୀର ନାଶେ ଦାସ, ବଧରେ ହେଲ ଧନ୍ୱନ୍ତରୀ
ହେ ଚାପଧାରୀ,
କିହାନି କରିଲି ତୁମ୍ଭରେ, ଉତ୍ତର ନ ଦେଇ ଦମ୍ଭରେ
ଅଛ ଏ ଅପକୀର୍ତ୍ତି, ଅର୍ଜନେ କିମ୍ବା କ୍ଷିତି, ଗଣିବ ଧାର୍ମିକ ପ୍ରବରେ
ହେ ଚାପଧାରୀ । ।୧୩।
ସୀତାହରୁ ଦଶାସ୍ୟ, ବୁଦ୍ଧି ହେଲା କି ଧ୍ୱଂସ, ଯଶ ଅଯଶ ଖୋଜନାହିଁ
ତୁମ୍ଭେ ଲୁଚ ଏପରି, ରୂପ ଲୁଚାଇ କରି, ଜାନକୀ ନେବା ଦୋଷକାହିଁ
ସେ ଲଙ୍କେଶ୍ୱର,
ସାମାନ୍ୟ ସ୍ଥବିର ମର୍କଟ, ବଧିକି ବାନ୍ଧିଲ ମୁକୁଟ
ଶୁଣିଏ ବିବରଣ, ନିନ୍ଦିବେ ବୀରଗଣ, କିମ୍ପା ଆଚରିଲ ଏ କୂଟ
ହେ ଚାପଧାରୀ । ।୧୪।
ନ୍ୟାୟ ବନ୍ତ ଏନ୍ୟାୟ, ରାଜନୀତି କି କହ, ବେନି ଏ ଦ୍ୱନ୍ଦେଥିଲୁ ମାତି
ଦ୍ରଷ୍ଟା ସମ ଦୃଷ୍ଟିରେ, ପକ୍ଷପାତ ନୀତିରେ, ବିଘାତ କଲ ଯା ନଚିନ୍ତି
ହେ ଚାପଧାରୀ,
ଏ ତୁମ୍ଭ ଧର୍ମ ନା ଅଧର୍ମ, ବିବାଦ ଥିଲା କି ମୋ କର୍ମୁ
ନାନା ପ୍ରଶ୍ନ ଏପରି, ବାଳୀ ରାମଙ୍କୁ କରି, ରହନ୍ତେ ମତି ହେଉ ଭ୍ରମ ।
ହେ ସାଧୁଜନେ । ।୧୫।
ପ୍ରଶାନ୍ତ ବଦନରେ, ରାମଧୀର ସ୍ଥିରରେ, ଉତ୍ତର ନଦେଇ ଶୁଣନ୍ତି
ପୁଣି ସେ ତାରା ନାହା, କହିଲା ଯଦି ସାହା, ଲୋଡ଼ିଲ ବନେ ରଘୁପତି
ହେ ଛାଡ଼ି ହସ୍ତୀ,
ବଞ୍ଚକ ସଙ୍ଗେ ହେଲ ମିତ୍ର, ମୁ ସିଂହ ଶଶା ସୁଗ୍ରୀବତ
ଏ ବ୍ରହ୍ମାଣ୍ଡ ବକ୍ଷରେ, କେବଳ ମୋତେଡ଼ରେ, ବିଶେଷେ ସେ ବିଶ୍ରବାସୁତ ।
ହେ ଚାପଧାରୀ ।୧୬।

୧୩:ଦାରା-ସ୍ତ୍ରୀ,ବୈରୀ-ଶତ୍ରୁ,ପାର୍ଥିବ-ମହୀପତି । ୧୪:ସ୍ଥବିର,ମର୍କଟ-ବୁଢ଼ା ମାଙ୍କଡ଼, ୧୬:ତାରା ନାହା-ବାଳି,ବିଶ୍ରବା ସୁତ-ରାବଣ,ମିତ୍ର ଶଶି-ଛୋଟ ଶଶି

Digitized by PPRACHIN, SOA

ଜ୍ଞାନ ବଳେ ନଭାଳି, ସୂର୍ଯ୍ୟ ମୁଖରେ କାଳି, ବୋଳିଲ ଚନ୍ଦ୍ର ପରି ରାମ
କ୍ଷତ୍ରୀୟ କୁଳହନ୍ତା, ପରଶୁରାମ ଦନ୍ତା, ହସ୍ତୀ ଯାଇ ମାଗୁ ସଂଗ୍ରାମ
ସେ ଦଶରଥ,
ନାରୀ କବଚେ ନାରୀ ମେଳେ, ଜୀବନ ରଖିଣ ବିକଳେ
ଖଞ୍ଜ ଶନି ପରାସ୍ତ, କରି କୀର୍ତ୍ତି ଧରାସ୍ଥ ବିସ୍ତାର ପରି ଏହା ଭାଳେ ।
ହେ ଚାପଧାରୀ ।୧୭।
ଆଗ ଯା ଆସି ଲୁଚି ଥିଲ କବଚ ରଚି ଏହାକି ମର୍ତ୍ତ୍ୟେ ବୀରପଣ
ବୃଦ୍ଧ ବାନରହତେ, ଶର ବିନ୍ଧୁ ମୁଁ ହସ୍ତେ, ଧରି ଯା ଭାଙ୍ଗିଲି ତକ୍ଷଣ
ହେ ଧନୁର୍ଦ୍ଧାରୀ,
ଧିକ ତୁମ୍ଭର ବୀର ପଣ, ସ୍କନ୍ଧେ ଯା ଧରିଛ କମାଣ
ବାଣ ଥାଇ କରରେ, ନାରୀ ଦୈତ୍ୟର ପୁରେ ନିରସ୍ତ୍ରେ ଭେଦକଲ ବାଣ ।
ହେ ଧନୁର୍ଦ୍ଧାରୀ ।୧୮।
ଘାତ ଦେଖି ରାଘବ, ଅତ୍ୟନ୍ତ ଶାନ୍ତ ଭାବ, ଝରିଲା ନେତ୍ରରୁ କରୁଣା
ସମସ୍ତ ଅଭିଯୋଗ, ଶୁଣନ୍ତି ରହି ରାଗ, ବିହୀନେ ନୋହିଧୈର୍ଯ୍ୟବଣା
ହେ ସାଧୁଜନେ
ଏ ଛାନ୍ଦ ଏଥିହେଲା ଶେଷ, ଏହା ପରେ ସୀତା ବିଳାସ
ଦେବେ ଉତ୍ତର ଯଶ, ରଖି ହେବ ସରସ, କହଇ ଦୟାନିଧି ଦାଶ,
ହେ ସାଧୁଜନେ । ।୧୯।

• • • • •

ବାଳୀ ବକ୍ତବ୍ୟେ ରାମ ଲକ୍ଷ୍ମଣଙ୍କ ଉପଦେଶ

(ରାଗ- ଲଳିତ କେଦାର) *ଶଶୀଦେଇ କାନ୍ଦ ବୃତ୍ତେ*

ଛାନ୍ଦ - ୧୦

ଏଥୁଅନ୍ତେ ଶୁଣ ରସ, ବାଳୀ ଅଭିଯୋଗେ ସୀତା ବିଳାସ, ହେ ସାଧୁଜନେ
ଶାନ୍ତିରେ କଲେ ପ୍ରକାଶ ହେ ସାଧୁଜନେ । ।୧।
ଗର୍ବେ ଦେଖାଇ ପ୍ରଭାବ, କି ପାପ ନକରିଛ, ମନେଭାବ, ହେ କପିଈଶ
ସବୁକଥା ମନେଥିବ, ହେ କପିଈଶ । ।୨।
ମାୟାବୀ ପଛରେ ଥରେ, ରଣେ ତୁମ୍ଭେ ଗଲ ଗୁମ୍ଫା ଭିତରେ ହେ କପି ଈଶ
ସୁଗ୍ରୀବ ରଖାଇ ଦ୍ୱାର ହେ କପିଈଶ । ।୩।
ଏକାଳେ ଦୁନ୍ଦୁଭି ଭାଇ, ରାଜ୍ୟ ଆକ୍ରମଣେ ରଣ ମଗାଇ ହେ କପି ଈଶ
ପ୍ରଜାଏ କହିଲେ ଯାଇ ହେ କପିଈଶ । ।୪।
ଆସଶୁଣ ସୁଗ୍ରୀବର, ଶତ୍ରୁ କବଳରୁ ଦେଶ ଉଦ୍ଧାର ହେ କପିଈଶ
ହୋଇ ରାଜ୍ୟେ ଅଧୀଶ୍ୱର ହେ କପିଈଶ । ।୫।

Digitized by PPRACHIN, SOA

ଅନିଚ୍ଛା ସତ୍ତ୍ୱେ ସେ ଯାଇ, ରଣ କରୁ ଶତ୍ରୁ ଗଲେ ପଳାଇ ହେ କପିଈଶ
ପ୍ରଜାପାଳୁ ଦୋଷ କାହିଁ ହେ କପିଈଶ । ।୬।
ତୁମ୍ଭେ କେତେ ଦିନ ଅନ୍ତେ, ଫେରୁ ଦେଖି ଆନନ୍ଦ ପରିପ୍ଲୁତେ ହେ କପିଈଶ
ସର୍ବ ଜଣାଇଁ ଅଗ୍ରତେ ହେ କପିଈଶ । ।୭।
ପାଦେ ଅର୍ପି ସିଂହାସନ, କ୍ଷମା ମାଗୁ ଦନ୍ତେ ଧରି ତିରଣ ହେ କପିଈଶ
ତୁମ୍ଭେ ନକଲ ଗ୍ରହଣ ହେ କପିଈଶ । ।୮।
ଅକଥ୍ୟ ଦଣ୍ଡକୁ ବିହି, ରୋମାକୁ କୋଳରୁ ନେଲ ଛଡ଼ାଇ, ହେ କପିଈଶ
ତଡ଼ିଦେଲ ମାଡ଼ ଦେଇ ହେ କପିଈଶ । ।୯।
ମିତ୍ର କହିଲେ ଆରମ୍ଭେ, ମାନିତ ମାନିନୀ ରୋମାକୁ ଦମ୍ଭେ କଳହରଣ,
ବଳଶାଳୀ ହେତୁ ତୁମ୍ଭେ ହେ କପିଈଶ । ।୧୦।
ଧର୍ମା ଧର୍ମ ନ ବିଚାରି, ଧରାର ଆଦର୍ଶ ଦେଇଛ ସାରି ହେ କପିଈଶ
ଅପଯଶକୁ ନ ଡ଼ରି ହେ କପିଈଶ । ।୧୧।
ଶାସ୍ତ୍ରେ କହନ୍ତି ବିଦୂଷ, ଗୁରୁପତ୍ନୀ ବଧୂ ମାତା ସଦୃଶ, ସାନୁଜବଧୂ,
ହରିଲେ ଶେଷ ଆୟୁଷ, ସାନୁଜବଧୂ । ।୧୨।
ବୀର ବୋଲାଇ ଜଗତେ, ପଥଛାଡ଼ି ଗତି କଲ ଅପଥେ, ହେ କପିଈଶ
ଧର୍ମ ନ ସହିଲା ଏଥେ ହେ କପିଈଶ । ।୧୩।
ଦୁଷ୍ଟ ନଷ୍ଟ ପରିରମ୍ଭେ, ଧର୍ମ ସଂସ୍ଥାପନା କରାଉ ଆମ୍ଭେ, ହେ କପିଈଶ,
ସେ ମଧ୍ୟେ ରହିଛ ତୁମ୍ଭେ ହେ କପିଈଶ । ।୧୪।
ଯୁଗେ ଯୁଗେ ଜନ୍ମ ମୋର, ହୁଏ କରିବାକୁ ଭକ୍ତ ଉଦ୍ଧାର, କାମ ଆସକ୍ତ,
ପରଦାର କେ ସଂହାର, ହେ କପିଈଶ । ।୧୫।
ନିଃସହାୟଜନେ ଜଣା, ସଦାସହାୟ ମୋ ଦୁରିତ ବାନା, ହେ କପିଈଶ
ସେ କାରଣେ ଏ ଘଟଣା ହେ କପିଈଶ । ।୧୬।

ବାଳୀ ଉତ୍ତର, ଭକ୍ଷ ପଞ୍ଚ ପଞ୍ଚନଖ ମାଂସ

ଶୁଣିସର୍ବ ସମାଚାର, ଗୁଣି ହୃଦେବାଳି ଦିଏ ଉତ୍ତର ହେ, ରାମଚନ୍ଦ୍ର
ନକରେ ମୁଁ ସ୍ୱିକାର, ହେ ରାମଚନ୍ଦ୍ର । ।୧୭।
ବିରଞ୍ଚି ମନୁଷ୍ୟ ବାହା, କାର୍ଯ୍ୟ କାରଣରେ କରିଛି ଯାହା, ହେ ରାମଚନ୍ଦ୍ର
ପଶୁକି ମାନିବେ ତାହା, ହେ ରାମଚନ୍ଦ୍ର । ।୧୮।
ବନ ବାନରଙ୍କ ପାଇଁ, ବିବାହାଦି କର୍ମ ଶାସ୍ତ୍ରରେ କାହିଁ, ହେ ରାମରାୟ
ମୁଁ ଅନ୍ୟାୟ କରିନାହିଁ ହେ ରାମରାୟ । ।୧୯।
ଯତୀ ହୋଇ କହଗୀର, କିବୋଲିବେ ଶୁଣି ବିଜ୍ଞ ପ୍ରବର, ହେ ରାମରାୟ
ଏକି ସ୍ୱଧର୍ମ ତୁମ୍ଭର ହେ ରାମରାୟ । ।୨୦।
ଶୁଣି ତର୍କେ ରଘୁରାୟ, ବୋଲନ୍ତି ଯତୀ ହେଲେବି କ୍ଷତ୍ରୀୟ, ଆମ୍ଭେ ହେ ବୀର
ଏଣୁ କରିଛୁ ଶିକାର ଆମ୍ଭେ ହେ ବୀର । ।୨୧।
ମୃଗୟା କ୍ଷତ୍ରିୟେ ବୃତ୍ତି, ତୁମ୍ଭେ ଶାଖା ମୃଗ ଶାସ୍ତ୍ରେ ସ୍ୱୀକୃତି, ହେ କପିଈଶ
କିଂମ୍ବା ହେବ ସେ ଅକୀର୍ତ୍ତି ହେ କପିଈଶ । ।୨୨।
ସେ ବାଳୀ କହଇ ଦମ୍ଭେ, ଶିକାର ବୃତ୍ତି ଯଦି କର ତୁମ୍ଭେ, ହେ ରାମଚନ୍ଦ୍ର
ଅଭକ୍ଷ ବଧ କିଲାଭେ, ହେ ରାମଚନ୍ଦ୍ର । ।୨୩।

Digitized by PPRACHIN, SOA

ପଞ୍ଚ ପଞ୍ଚ ନଖୀ ଖାଇ, ପଞ୍ଚ ପଞ୍ଚ ନଖୀ ମାଂସ ନ ଖାଇ, ହେ ରାମଚନ୍ଦ୍ର
ନୀତି ଶାସ୍ତ୍ରେ ଲେଖା ହୋଇ, ହେ ରାମଚନ୍ଦ୍ର । ।୨୪।
କୁମ୍ଭୀ ଗଣ୍ଡା, ଝିଙ୍କ, ଗୁଇ, କଚ୍ଛପ ଏ ପାଞ୍ଚଭକ୍ଷ ଅଟଇ ହେ ରାମଚନ୍ଦ୍ର,
ବ୍ୟାଘ୍ରାଦି କପି ନଖାଇ ହେ ରାମଚନ୍ଦ୍ର । ।୨୫।
ଏଣୁ ମୁଁ କରୁଛି ଚିନ୍ତା, ତୁମ୍ଭ ଅଯୋଗ୍ୟରୁ ତୁମ୍ଭର ପିତା, ତୁମ୍ଭଙ୍କୁ ବନେ
ପେଷିବା ଉଚିତ କଥା ତୁମ୍ଭଙ୍କୁ ବନେ । ।୨୬।

ଲକ୍ଷ୍ମଣଙ୍କ ବକ୍ତବ୍ୟ

ଶୁଣିଏ ଅକାଟ୍ୟଯୁକ୍ତି, ଉର୍ମିଳା ବଲ୍ଲଭ ସେଥି କହନ୍ତି, ହେ କପିଈଶ
ପଶୁ କାହାକୁ କହନ୍ତି ହେ କପିଈଶ । ।୨୭।
ହୋଇ ଇନ୍ଦ୍ରଙ୍କ ନନ୍ଦନ, ଚାରି ସମୁଦ୍ରରେ ପ୍ରଭାତେ ସ୍ନାନ, କରି ପିତୃଙ୍କୁ
ପୟ ଯେ କର ଅର୍ପଣ କରି ପିତୃଙ୍କୁ । ।୨୮।
କୋଟି ସିଂହ ବଳୁ ବଳୀ, ହେତୁ ଖ୍ୟାତ ନାମ ସଂସାରେ ବାଳୀ ହେ କପିଈଶ
ନ ପାରୁ ଅଛତା ଭାଳି ହେ କପି ଈଶ । ।୨୯।
ସିଂହାସନ ଅଳଂକୃତ, କରି ଯେହୁ ପ୍ରଜା ପାଳନେ ରତ, ସଦା ସର୍ବଦା
ସେ କି ପଶୁରେ ଗଣିତ, ସଦା ସର୍ବଦା । ।୩୦।
ଧର୍ମେ ବିଶ୍ୱାସ ଥିବାରୁ, ମୋ ବିଚାରେ ଅବିବେକୀଠୁ ଗରୁ, ହେ କପିଈଶ
ପଶୁ କହି ବଟା ଭୀରୁ ହେ କପିଈଶ । ।୩୧।
ଜଟାୟୁ କଥା ବିଚାର, ପକ୍ଷୀ ହୋଇ କରୁ ନର ବିଚାର ହେ କପିଈଶ
ଲାଭ ହେଲା ସ୍ୱର୍ଗପୁର ହେ କପିଈଶ । ।୩୨।
ଉଚ୍ଚ ଲଭେ ଉଚ୍ଚମନ, କିଲୋଡ଼ା ତାର ବଂଶ ପ୍ରୟୋଜନ ହେ କପିଈଶ
ଉଚ୍ଚ ନ ହୁଏ ନିଚ୍ଚନ ହେ କପିଈଶ । ।୩୩।
ଦେଖଏ ସଂସାର ଧର୍ମେ, ଲୌହ ପଦଧରେ ସୁବର୍ଣ୍ଣ କର୍ମେ ହେ କପିଈଶ
ବିଧାନେ ସଢ଼ି ସରମେ ହେ କପିଈଶ । ।୩୪।
ମୋ ମତେ ବିରଞ୍ଚିବର, ପ୍ରଭାବରେ ଯେ ମୁଁକାର ଅସୁର ହେ କପିଈଶ
କୁ କାର୍ଯ୍ୟେ ଲିପ୍ତ ନିକର ହେ କପିଈଶ । ।୩୫।
ଜାଣ ଅନ୍ଧକାର ନିଶି, ଅନନ୍ତ ଆକାଶ ଘୋଟଇ ଗ୍ରାସି, ରବି କିରଣ
ଦୀପ ପ୍ରାୟ ଦିଏ ନାଶି, ରବି କିରଣ । ।୩୬।
ଜଗତ କାଳ ଅଧୀନ, ଦିନେ ଅନ୍ଧକାରେ ହୋଇବ ଲୀନ ହେ କପିଈଶ
ଏହା ନିୟତି ବିଧାନ ହେ କପିଈଶ । ।୩୭।

ସୃଷ୍ଟିର ସୃଷ୍ଟି ଓ ବିନାଶ

ଆଦ୍ୟେ ଥିଲା ଏ ଆକାଶ, ଆକାଶୁ ପବନ ହେଲା ପ୍ରକାଶ ହେ କପିଈଶ
ପବନୁ ତେଜ ପ୍ରକାଶ ହେ କପିଈଶ । ।୩୮।
ତେଜରୁ ଜଳ ଉତ୍ପତ୍ତି, ସେ ଜଳରୁ ଭୂମି କହଇ ସ୍ମୃତି ହେ କପିଈଶ
ଶୁଣ ବିଳୟ ଯେମିତି ହେ କପିଈଶ । ।୩୯।
ଭୂମି ଲୀନହୁଏ ଜଳେ, ଜଳର ବିନାଶ ତେଜତା ବଳେ ହେ କପିଈଶ
ତେଜ ବାୟୁ ହରେ ଭଲେ ହେ କପିଈଶ । ।୪୦।

Digitized by PPRACHIN, SOA

ବାଳୀର ଆତ୍ମ ନିବେଦନ

ବାୟୁକୁ ହରେ ଆକାଶ, ଆକାଶ ଯେ ଜ୍ୟୋତିର୍ମୟ ଏ ବିଶ୍ୱ ହେ କପିଈଶ
ସେଥି ଲୀନ ହୁଏ ବିଶ୍ୱ ହେ କପିଈଶ ।।୪୧।
ଲକ୍ଷ୍ମଣଙ୍କ ବାର୍ତ୍ତାବଳୀ, ଶ୍ରବଣେ ଶୁଣି ସେ ମର୍କଟ ମୌଳି ଶ୍ରୀ ରାମପଦେ
ନମ୍ରେ ହୋଇ ନିଉଛାଳି ଶ୍ରୀ ରାମପଦେ ।।୪୨।
ବୋଲେ ପ୍ରଭୁ ପଶୁବଶେ, କହିଛି ଯା କ୍ଷମା କରନ୍ତୁ ଦାସେ, ମୋ ରୋଗପାଇଁ
ଔଷଧ ଏହା ବିଶେଷେ, ମୋ ରୋଗପାଇଁ ।।୪୩।
ପରଂବ୍ରହ୍ମ କଲ ଦାନ, ଆଉକି ପାଆନ୍ତା ମୂଢ଼ ଅଜ୍ଞାନ, କପି ଶରୀରେ
ମିଳିଲା ଦିବ୍ୟ ଦର୍ଶନ କପି ଶରୀରେ ।।୪୪।
ଶ୍ରେଷ୍ଠ ତାପସାଦି ଯତୀ, ତପ କରି ଯାହା ନ ପାଇଛନ୍ତି, ଅଧର୍ମେ ତାହା
ଏବେ ହୋଇଲା ପ୍ରାପତି, ଅଧର୍ମେ ତାହା ।।୪୫।
ଜନମ କାଳୁ ଏଯାଏଁ, ଯେତେ ଅପକର୍ମ କଲି ଏ ଦେହେ,ସାନୁଜ ସୁଗ୍ରୀ
ନାଶ କରାଇଲା ସ୍ନେହେ ସାନୁଜ ସୁଗ୍ରୀ ।।୪୬।
ସେ ଦାତାର ଅମଙ୍ଗଳ, ଯେତେ ଚିନ୍ତିଲି ସେ ମୋର ମଙ୍ଗଳ, ହେ ରାମଚନ୍ଦ୍ର
ଚିନ୍ତିଲା ଏ କର୍ମଫଳ ହେ ରାମଚନ୍ଦ୍ର ।।୪୭।
ଆଉ ବା ସେ କି କରନ୍ତା, ତ୍ରିଭୁବନ ପତି ମୁକତି ଦାତା, ଯେ ରାମଚନ୍ଦ୍ର
ତାଙ୍କ କାର୍ଯ୍ୟେ ହୋଇ ରତା ହେ ରାମଚନ୍ଦ୍ର ।।୪୮।
ଶେଷେ ଏତିକି ମାଗୁଣି, ତାରା, ଅଙ୍ଗଦ ସୁଗ୍ରୀବକୁ ପାଣି, ପଲ୍ଲବେ ଟେକୁ
ସେ ତୁମ୍ଭର ରଘୁମଣି ପଲ୍ଲବେ ଟେକୁ ।।୪୯।
ଛାଡ଼ନ୍ତୁ ଯା ହେଲା ନାହିଁ, ସେ ବିଚାରେ ଆଉ ସନ୍ତାପ କାହିଁ, କହୁ ରାବଣ
ସୀତା ଦିଅନ୍ତା ଫେରାଇ, କହୁ ରାବଣ ।।୫୦।
ରାମ ବିଡ଼ିବାକୁ ମନ, ଅପଯଶ ମୁଣ୍ଡେ କରି ସହନ, କହନ୍ତି ସେଥି
ଦିଆଇବା ଜୀବଦାନ, କହନ୍ତି ସେଥି ।।୫୧।
ବାଳୀ ଭାଳି ଟାଳି ଜିହ୍ୱା, କହେ ଲୋଡ଼ା ନାହିଁ ହେ ଚଉବାହା, ଜୀବତ ଜୀବ,
କେ ରଖି ପାରିବ ତାହା ଜୀବତ ଜୀବ ।।୫୨।
କାହୁଁ ଦର୍ଶନ ମିଳିବ, ବେଳୁ ବେଳ ସିନା ପାପ ବଳିବ, ହେ ରାମଚନ୍ଦ୍ର
ଏ ସୁଯୋଗ ନ ମିଳିବ, ହେ ରାମଚନ୍ଦ୍ର ।।୫୩।
ଯାହା ତୁମ୍ଭର ଦରକାର, ଆଣି ଦେବ ଏ ପବନ କୁମର
ହେ ରାମଚନ୍ଦ୍ର, କିଛି ଭାବନା ନକର ।।୫୪।
ମିତ୍ର ପୁତ୍ର ଭୃତପରି, ଅନୁଗତେ ଥିବ କୋଦଣ୍ଡଧାରୀ
ସୀତା ଉଦ୍ଧାର ପାଇଁ ଯିବ ସେନା ଧରି ।।୫୫।
ମୋ ପାପକୁ ଛେଦିକରେ, ଋଣ ଦେଲ ଯାହା ମିତ୍ରେ ବେଭାରେ
ହେ ରାମଚନ୍ଦ୍ର ଶୁଝିବେ ମୂଳ ସୁଧରେ ।।୫୬।
ଅଙ୍ଗଦକୁ ଯୁବରାଜ, କରାଇବ ନକରିଣ ଖାରଜ ହେ ରାମରାଜ
କହେ ଦୟାନିଧି ଦ୍ୱିଜ ହେ ରାମରାଜ ।।୫୭।

■ ■ ■ ■ ■ ■

ଟିକା: ୨୭ ଯତୀ-ଯିତେନ୍ଦ୍ରୀୟ

Digitized by PPRACHIN, SOA

ତାରା ଶୋକ

(ରାଗ - ଚିନ୍ତା ଦେଶାକ୍ଷ)

ଆହା ଧନୁର୍ଦ୍ଧର ବୀର ବର ବୃତ୍ତେ

ଛାନ୍ଦ - ୧୧

ଶୁଣ ଜନେ ଏ ରସ ବିଶେଷେଛାନ୍ଦ   ଦାସୀ ବାର୍ତ୍ତା ଦିଏ ତାରାପାଶେ
ବିଶେଷ ଆଘାତ, ପାଇ ନୃପ ହତ, ପ୍ରାୟ ପଡ଼ିଛନ୍ତି ଦ୍ୱାରଦେଶେ, ହେ ମଣିମା । ।୧।
ଶୁଣି ରାଣୀ ସମ୍ପାରୁ ଚଞ୍ଚଳ   ଯାଉଁ କେଶ ବାସ ଅସମ୍ଭାଳ
ବାତ ସ୍ରୋତେ ଗତି, କରଇ ଯୁବତୀ କେଶ, କିଗଗନେ ଘନମାଳ ହେ ସୁଜନେ । ।୨।
ନେତ୍ର ଅଶ୍ରୁ ଯାହା ବର୍ଷାଧାର   ଧୁଏ କଳୁଷ ଅଞ୍ଜନ ଗାର
ସୁବର୍ଣ୍ଣ ତାଟଙ୍କ, କର୍ଣ୍ଣେ ଦପଦପ, ଦିଶେ ଘନେ ବିଜୁଳି ପ୍ରକାର, ହେ ସୁଜନେ । ।୩।
ଛିଣ୍ଡି ବକ୍ଷହାର ମୁକ୍ତାପନ୍ତି   ଜଳବିନ୍ଦୁ ବତ ଖସୁଥାନ୍ତି
ହାକାନ୍ତ ବୋଲିଣ, କରି ଉଚ୍ଚେ ସ୍ୱନ, ପଡ଼େ ଯଥା ବାତେ ଲତା ପନ୍ତି, ହେ ସୁଜନେ । ।୪।
କସ୍ତୁରୀ କୁଙ୍କୁମ ଆଭରଣ   ବର୍ଜି ସର୍ଜି ଧୂଳିରେ ଶୟନ
ଦୁଃଖେ ସଡ଼ି ଗଡ଼ି, ରଡ଼ି ଚୁଡ଼ି କୋଡ଼ି, ବୋଲେ ସରିଗଲା ସବୁଧନ, ସେ ସୁନ୍ଦରୀ । ।୫।
ପୁଣି ବିଘାତ ଦେଖି ବୋବାଳି   ଛାଡ଼ି ରାମ କୋଳୁ ତୋଳି ବାଳୀ
ବକ୍ଷକୁ ବକ୍ଷରେ ଲଗାଇ ଆଖିରେ, ଆଲିଙ୍ଗନ କରି କହେଭାଳି, ସେ ସୁନ୍ଦରୀ । ।୬।
ସବୁ ସାରି ଯାଅ ଜୀବଧନ   ଆଉ କାହିଁ ମିଳିବ ଦର୍ଶନ
କା ପାଇଁ ବଞ୍ଚିବି, ମୋ ଅଙ୍ଗ ସଞ୍ଚିବି, ବିଭୂଷଣେ ହୋଇ ସୁଭୂଷଣ, ହେ ଜୀବେଶ । ।୭।
ଧନ କେତେ ମତେ ଜଣାଇଲି   ଆଜି ରଣକୁ ନ ଯାଅ ବୋଲି
ଗଲା ସବୁ ଆଶା, ତୁଟିଲା ଭରସା, ଦଶା ଦେଖି ରସା ଯିବ ଟଳି, ହେ ଜୀବେଶ । ।୮।
ମାନିନୀ ମନା ମାନିଲ ନାହିଁ   ଏବେ ଛାଡ଼ି ଯାଅ କାହିଁ ପାଇଁ
କହିଲ ତ୍ରିପୁର, ମଧରେ ମୁଁ ବୀର, ଶତ୍ରୁ ବଳ ହରି ନେବି ଚାହିଁ, ହେ ଜୀବେଶ । ।୯।
ତ୍ରିପୁରାସୁର ବିଜୟୀ ବୀର   ତ୍ରିପୁର ଜୟେ ଲଙ୍କେଶେ ବର
ଦେଉ ସେ ସମରେ, ଯାଇ ସିନ୍ଧୁ ତୀରେ, ରଣ ମାଗୁ କାଖେ ଧରିଥିଲ, ହେ ଜୀବେଶ ।।୧୦।
ନିତ୍ୟ ନିତ୍ୟକର୍ମ ନିମିତ୍ତରେ   ଯାଉ ଥିଲ ଚାରି ସମୁଦ୍ରରେ
ମହୀଧର ଫିଙ୍ଗି, ମୁଣ୍ଡପୋତି ଭାଙ୍ଗି, ଗୁଣ୍ଡ କରୁଥିଲ ସରାଗରେ, ହେ ଜୀବେଶ । ।୧୧।
କାଳେ ସମରେ ଦୁନ୍ଦୁଭି ଦୈତ୍ୟ   ବଳେ ପରାସ୍ତ କଲାଯେ ହସ୍ତ
ଥାଇ ସେହି କର, ବିଘାତେ ଏଶର, କିପରି ଦେଲା ଗୁରୁ ଆଘାତ ହେ ଜୀବେଶ । ।୧୨।
ପାଦ ଭାରା ମହୀ ନସହିଲା   ଖେଦ ମନେ ବିହିଙ୍କୁ କହିଲା
କଳପଣା କରି, ଅର୍ଦ୍ଧେ ବଳ ହରି, ଶାଳେ ରଖିଥିଲା ଜଣାଗଲା, ହେ ଜୀବେଶ । ।୧୩।

ତାରାର ସୁଗ୍ରୀବ ପ୍ରତି କଟୁକ୍ତି

ତାରା ସୁଗ୍ରୀବେ ଦେଖୁ ଏକାଳେ   ବୋଲେ ସନ୍ତାପିତେ ଶୋକାକୁଳେ
ଶଶାସମ ଦୃଶ୍ୟ, ଦେଖୁଛୁ ପଞ୍ଚାସ୍ୟ, କୂପେ ପକାଇ ଏଥେ କୌଶଳେରେ କୃତଘ୍ନ । ।୧୪।

୨:ସମ୍ପା-ବିଜୁଳି,ବାତ-ପବନ,ଘନ-ମେଘ,୩:କଳୁଷ-ପାପ, ୧୧-ମହୀଧର-ପର୍ବତ,

Digitized by PPRACHIN, SOA



ପ୍ରଭୁ ଶ୍ରୀରାମଙ୍କ ସମ୍ମୁଖରେ, ସୁଗ୍ରୀବଙ୍କ କୋଳରେ ଶରବିଦ୍ଧ ବାଳୀ,
ପାଖରେ ବାଳୀ ସ୍ତ୍ରୀ ତାରା

Digitized by PPRACHIN, SOA

କାନ୍ତ ନିଷ୍କଣ୍ଟକ ଭୋଗେମହୀ ନାଶିଥାନ୍ତେ ନଥାନ୍ତା ତୋ ଦେହୀ
ରକ୍ତର ବନ୍ଧନ, କରୁ ଆଲୋଡ଼ନ, ବଞ୍ଚି ରହିଥିଲୁ ଏଥିପାଇଁ, ରେ କୃତଘ୍ନ । ।୧୫।

ଅଙ୍ଗଦ ପ୍ରବେଶ ନାରାୟଣ ଅବତାର ବର୍ଣ୍ଣନା

ବାର୍ତ୍ତା ପାଇ ଅଙ୍ଗଦ ସହସା ଆସି ଦେଖି ଆଗେ ପିତା ଦଶା
ପିତାଙ୍କୁ ବୋଇଲା, ବିଚିତ୍ର ହୋଇଲା, ସରିଗଲା ମୋ ଆଶା ଭରସା, ହେ ପିଅର । ।୧୬।
ପୂର୍ବେ ଘଟସୁତ ସିନ୍ଧୁ ଦଣ୍ଡେ ଚଳୁ କଲାପରି ଧରି ଚାଣ୍ଡେ
ଅସମ୍ଭବକୁ ସମ୍ଭବ କରି ନାଶ, କରିଛି, ମାନବ ବ୍ରହ୍ମ କାଣ୍ଡେ, ହେ ପିଅର । ।୧୭।
ପୁଣି କହେ ପୂର୍ବେ ପାତାଳରେ ବିଷ୍ଣୁ ମଧୁ କୈଟଭ ଛଳରେ
ନର ରୂପେ ଆସି, ନାଶିବାଠୁଁ ବେଶି , ହୋଇଗଲା ଏ କାଳ ବେଳରେ, ହେ ପିଅର ।।୧୮।
ବେଳେ ବରାହ ମୂରତି ଧରି ହିରଣାକ୍ଷେ ଯା ବଧିଲେ ହରି
ବାମନ ହୋଇବା, ବଳୀ ଦଳିଥିବା, ଶୁଣା, ବଳରୁ ଗଲା ଏ ବଳି ହେ ପିଅର ।।୧୯।
ଶୁଣି ଅଙ୍ଗଦ ମୁଖୁ ଏ ଗୀର ବାଳି ଦିଏ ଅନ୍ତିମ ଉତ୍ତର
ତୁ ଯେଉଁ ବିଷ୍ଣୁର କୀର୍ତ୍ତି ଗାନ କଲୁ, ସେହି ବିଷ୍ଣୁ ଏହି ଚାପଧର, ରେ କୁମର । ।୨୦।
ତାରା ଶୋଭା ଦେଖି ଚାପଧାରୀ ଭାବନ୍ତି ମର୍କଟୀ ଅସୁନ୍ଦରୀ
କହିବା ବ୍ୟାଜରେ ନାରୀ ସମାଜରେ, ସମ ନୋହିବେ ସ୍ୱର୍ଗ ଅପ୍ସରୀ ହେ ସୁଜନେ । ।୨୧।

ତାରା ଅଭିଶାପ

ରାମ ଏପରି ଭାବିବା ବେଳେ ତାରା ବୈଧବ୍ୟ କଷ୍ଟ ବିହ୍ୱଳେ
ମଣିହରା ଫଣି, ତୁଲ୍ୟ ରାମେ ବାଣୀ, ଫୁତ୍କାରଇ ଦୁଃଖେ କ୍ଷୀଣ ଗଳେ ହେ ସୁଜନେ । ।୨୨।
କାନ୍ତ କଲାଯେ ମୋଠୁ ଅନ୍ତର କାନ୍ତା ଭୋଗ ପୂର୍ଣ୍ଣ ନୋହୁ ତାର
ମୋ କଷ୍ଟ ପରାୟେ, ସେ କଷ୍ଟ ଭୋଗିବ, ଯଦି ସତୀ ପଡୁ ଶାପ ମୋର, ହେ ବିଧାତ ।୨୩।
ବାଳି ବଧରୁ ଅଧିକ ଘାତ ତାରା ଶାପେ ରାମ ମର୍ମାହତ
ପ୍ରବୋଧନ୍ତି ଭାବି, କରିବା ସାଧବୀ, ଶାପ ହରି ଶୀଘ୍ର ବୋଧ ଚିତ୍ତ ରେ ସୁନ୍ଦରୀ ।।୨୪।
ରାମ କଥା ଶୁଣି ତାରା କହି ବିଧବା ସାଧବୀ ହେବ କାହିଁ
ଯମାଳୟେ ଧବ, ପଠାଇ ରାଘବ, ବୃଥା ଭୁଲାଉ ଅଛ କିମ୍ପାଇଁ, ହେ ରାଘବ । ।୨୫।
ରାମ କୁହନ୍ତି ନୁହେ ଏ କୂଟ କୋଳେ ଘେନି ସୁଗ୍ରୀ ହେବେ ରାଟ
ଶରଘାତେ ପତି, ଅର୍ପି ଦେଇଛନ୍ତି, ତୁମ୍ଭ ସଙ୍ଗେ ଅଙ୍ଗଦ ମୁକୁଟ, ରେ ସୁନ୍ଦରୀ । ।୨୬।
ଶୁଣି ଭାଷେ ତାରାକ୍ଷ ଦୁହିତୀ ବୋଧେ କହିଗଲ ଯେ ଭାରତୀ
ଘେନି ଆନପତି, ହୁଅଇକି ସତୀ, ନାରୀ ତୁମ୍ଭ ଦେଶେ ରଘୁପତି, ହେ ରାଘବ । ।୨୭।
ଭାବେ ତୁମ୍ଭ ଦେଶ ସମ୍ବିଧାନ ରାଜାପ୍ରଜା ପାଇଁ ଆନ ଆନ
ଦୁର୍ବଳ ପାଇଁକି, ଏ ବାଛ ବିଚାର, ଦୋଷୀ ନ ହୁଏ କ୍ଷମତା ବାନ, ହେ ରାଘବ ।।୨୮।
ଯେଉଁ ଅପରାଧେ ମୋର ପତି ହତ୍ୟା କଲ ପାପକୁ ନଚିନ୍ତି
ସେ ଦୋଷେ ସୁଗ୍ରୀବ ଭସାଉଛ ଦେବ, ମୋତେ ଅର୍ପି କାହିଁ ହେବ ଗତି ହେ ରାଘବ ।।୨୯।
ତାରା ବିଚାର ବନ୍ତ ସିଦ୍ଧାନ୍ତେ ତୋଷ ହୋଇ ପୁଣି ରଘୁସୁତେ
କରନ୍ତି ବ୍ୟକ୍ତ, ଭବେ ମୋର ଜାତ, ମର୍ଯ୍ୟାଦାକୁ **ରଖିବା** ନିମନ୍ତେ, ରେ ସୁନ୍ଦରୀ । ।୩୦।

୧୪:ପଞ୍ଚାସ୍ୟ-ସିଂହ, ୧୭:ଘଟସୁତ-ଅଗସ୍ତି, ୨୧:ବ୍ୟାଜ-କପଟରେ, ୨୨:ବୈଧବ୍ୟ-ବିଧବା, ଫଣି-ସର୍ପ

Digitized by PPRACHIN, SOA

ଏଣୁ ମର୍ଯ୍ୟାଦାରେ ଯାହା କିଛି ସମାଧାନ ହେବ ତା କହୁଛି
ତୁମ୍ଭ ବଂଶ ପରମ୍ପରା ଏହା ପରା, ବିପଥ କଥା ନୁହେଁ ଏ କିଛି, ରେ ସୁନ୍ଦରୀ । ।୩୧।
ଶାଶୁ ଅଟନ୍ତି ଶଚୀ ତୁମ୍ଭର ଇନ୍ଦ୍ର ଥାଉ ନୂଆ ଇନ୍ଦ୍ରକର
ଧରି ଅଭିଷେକ, ହୁଅନ୍ତି ଏତେକ, କଥା ତୁମ୍ଭେ କି ବୁଝି ନ ପାର ରେ ସୁନ୍ଦରୀ । ।୩୨।
ତୁମ୍ଭ ପତି ଲଭିବାକୁ ଗତି ଯାହା କଲେ ସେ ଅତିରୁ ଅତି
ଏଣୁ ଇତି ହେଲା ନହୁଅ ବିହ୍ୱଳା, ବୃଥା ବିଚଳିତ କରି ମତିରେ ସୁନ୍ଦରୀ । ।୩୩।
ତାରା ତୋଷ ନହୋଇ ରାଘବେ ବୋଲେ ଏହା ଅପକୀର୍ତ୍ତି ଭବେ
ମୋର ନାଥଙ୍କୁ ଯେଉଁ, ଶରେ ବଧିଲ, ମୋତେ ସେହି ଶର ମାର ଏବେ, ହେ ରାଘବ । ।୩୪।
ତୁମ୍ଭ କଷ୍ଟ ପରି ଅନ୍ତର୍ଯ୍ୟାମୀ ମୋର ବିରହେ ସେ ପୁରେ ସ୍ୱାମୀ
କଷ୍ଟକୁ ଭୋଗିବେ, କେଉଁ ଗଉରବେ, ବଞ୍ଚିରହିବି ହୋଇ ସ କାମୀ, ହେ ରାଘବ । ।୩୫।
ଶୁଣି ସମଜାଇ ବାଳିବୀର ଭାଷେ ପତି ପତ୍ନୀ କେ କାହାର
ଏ ସଂସାର ମିଥ୍ୟା,ଏ ଶୋଚନା ବୃଥା,ଶେଷକାଳେ କେହି ନୁହେ କାର,ରେ ଶୋଭାଙ୍ଗୀ । ।୩୬।
ମୋର ତପରୁ ପ୍ରାପ୍ତ ଏ ମାନ ମୁନି ଇଛି ଯାହାର ଦର୍ଶନ
କଳ୍ପ କଳ୍ପତପେ, ସେ ମୋର ସମୀପେ , ଆଉ କି ଲୋଡ଼ା ପାର୍ଥିବ ଧନରେ ସୁନ୍ଦରୀ ।।୩୭।
ତାଙ୍କୁ ପୂଜିବା ପାଇଁ ଭାବୁଛି କିଛି ଦ୍ରବ୍ୟ ଏଥି ନ ପାଉଛି
ଯାହାତ ଦେଖୁଛି ସେ ସବୁ ତାଙ୍କରି, କେଉଁ ପରି ଦେବି ନଦେଉଛି ରେ ସୁନ୍ଦରୀ । ।୩୮।
ଯାହା ପ୍ରସାଦ ତାହାଙ୍କୁ ଦେଲେ ଅପରାଧ ହେବ ଭୂମଣ୍ଡଳେ
ବୋଲୁ ମୋର ମୋର, ଯାହାତା ମୁଁକାର, ଗଣ୍ୟ ନହୁଅ ଖଳ ଜନରେ ରେ ସୁନ୍ଦରୀ ।।୩୯।

ବାଳୀ ମାନସ ପୂଜା

ଭାଷେ ବାଳୀ ହେ କରୁଣାକର କରୁଣା କଟାକ୍ଷ ଲୋଡ଼ା ମୋର
କରିଥିବା ଅପରାଧ କ୍ଷମାକରି, ମୋର ଅର୍ଚ୍ଚନା ଗ୍ରହଣ କର, ହେ ରାଘବ । ।୪୦।
ସୀତା ମାନସ ମନ୍ଦିର ରାଜା ଘେନ କଳ୍ପିତ ମାନସ ପୂଜା
ରତ୍ନ ନିର୍ମିତ ଆସନ ହୃଦୟରେ, ସ୍ନାନ କରି ମଜ୍ଜାଅ ମୋ ମଜ୍ଜା, ହେ ରାଘବ । ।୪୧।
ମାଣିକ୍ୟ ଦୀପ ସୁବାସ ଧୂପ ଜାଳି ଆଳତୀ କରେ ସମୀପ
ନେତ୍ରଜ, ମନୋଜ, କର୍ଣ୍ଣଜ, କର୍ମଜ, ଅପରାଧ କ୍ଷମି କ୍ଷମ କୋପ, ହେ ରାଘବ । ।୪୨।
ନାନାପୁଷ୍ପେ ଦେଇ ପୁଷ୍ପାଞ୍ଜଳି ନିଉଛାଳି କରୁଅଛି ଅଳି
ଯୁଗେ ଯୁଗେ ତୁମ୍ଭ, ଚରଣ ଅଧମ, ସେବି ପାଉଥିବ ପାଦ ଧୂଳି, ହେ ରାଘବ । ।୪୩।
ରାମ କରେ ତୋଳି ଆଲିଙ୍ଗନ କଲେ ବିଲୋକି ପଦ୍ମ ଲୋଚନ
ଗଲା ବାଳିପ୍ରାଣ, ଆସିଦେବ ଯାନ, ଆତ୍ମାନେଲା ଅମର ଭୂବନ, ହେ ସୁଜନେ । ।୪୪।
କଉଶଲ୍ୟା ନେତ୍ର ଔଷଧୀଶ ସୀତା ମାନସ ମନ୍ଦିର ହଂସ
ରାମ ପଦେ ମତି, ରଖି ମା ଭାରତୀ, ବନ୍ଦି କହେ ଦୟାନିଧି ଦାଶ ହେ ସୁଜନେ । ।୪୫।

ମାସ ପାରାୟଣ ୧୩ ବିଶ୍ରାମ

● ● ●

Digitized by PPRACHIN, SOA

ସୁଗ୍ରୀବ ରାଜ୍ୟାଭିଷେକ, ମାଲ୍ୟବନ୍ତେ ରାମ ବିଶ୍ରାମ

(ରାଗ-ଆଷାଢ଼ଶୁକ୍ଳ) ଛାନ୍ଦ - ୧୨

ଏ ଆଖ୍ୟାନକୁ ଶୁଣ ସଂଖ୍ୟାବାନ, ଐଶ୍ୱର୍ଯ୍ୟ ଅର୍ଜ୍ଜନେ ପ୍ରଧାନ ଧନ ।
କୈଳାଶ ଶିଖେ ପୁଚ୍ଛୁ ଗୋଷାମଣୀ, ରାମ ଚିନ୍ତି କହନ୍ତି ଶୂଳପାଣି ।
ନାମାମୃତ ରସ, ଶ୍ରୁତି ପଥେ ଶୁଣି ଅର୍ଜ୍ଜ ପୌରୁଷ । ।୧।
ବାଳି ଜୀବନ ଯାଉଁ ଦାଶରଥି, ଆଦେଶିଲେ ମିତ୍ରେ ହୁଅ ନୃପତି ।
ଆଜ୍ଞାଦିଅ ବେଗେ ଶବ ସତ୍କାର, ହେବ ସନ୍ତାପ ମିତ୍ର ଦୂର କର ।
ପରିଚାର ଜନେ, କହନ୍ତି ଶବକୁ ରଖ ଯତନେ । ।୨।

ରାମଙ୍କ ଆଦେଶ

ଡ଼କାଇ ନିକଟେ ଅନ୍ୟ ମର୍କଟ, ପ୍ରବୋଧି ଶ୍ରୀ ରାମ କଲେ ପ୍ରକଟ ।
ବନ୍ଧ୍ୟା ତାରା ସ୍ୱାଧ୍ୱୀ ପାଟ ମହିଷୀ, ରୋମା ଘେନି ଅଭିଷେକରେ ଖୁସି ।
ହୁଅ କଷ୍ଟେ ବନେ, ଥିଲ ଏକା ନାରୀ ରାଜ୍ୟ ବିହୀନେ । ।୩।
ରାଜ୍ୟେ ଯୁବରାଜ କର ଅଙ୍ଗଦେ, ଥାଟ ଭାର ଅର୍ପଣ କରି ମୋଦେ ।
ବିହାର କର ତାରା ରୋମା କୋଳେ, ଦେଖ ବାରିବାହ ଅନନ୍ତେ ଖେଳେ ।
ବର୍ଷା କାଳ ଅନ୍ତେ, ବାଦୀ ହୋଇବା ଲଙ୍କେଶ ସଙ୍ଗତେ । ।୪।

ସୁଗ୍ରୀବଙ୍କ ନିବେଦନ

ଏ କଥା ଶୁଣି ନମ୍ରେ ରୋମାପତି, ରାଘବ ଚରଣେ କରି ପ୍ରଣତି ।
ବୋଲେ ଏ ଆଦେଶ ମୋ ପାଇଁ ହାନି, ମଥା ପାତି ତୁମ୍ଭ କଥାକୁ ମାନି ।
ହେବି ଅଭିଷେକ, ମାତ୍ର ମିଳନେ ନ ହେବ ନିଷେକ । ।୫।
ଆଜିଠୁ ବେନି ଅଂଶରେ ଅଙ୍ଗଦ, ପାଳିତ ପୁତ୍ର ହେଲା ରାମଭଦ୍ର ।
ତାରା ଅଙ୍ଗ ସ୍ପର୍ଶେ ଅଗ୍ରଜ ପ୍ରାୟ ବୃଜିନେ ଶରୀର ହେବ ବିଲୟ ।
ରାମ ସ୍ୱୀକୃତିରେ, ବାହାର ହୁଅନ୍ତି ମାଲ୍ୟବନ୍ତରେ । ।୬।
ଉର୍ମିଳା ବଲ୍ଲଭ କଲେ ପ୍ରକଟ, ସେନା ଘେନି ଆସିବ ଥାଉ କଷ୍ଟ ।
ଶରତ ଆଗମେ ସୁଖିଲେ ମାର୍ଗ, ଦୂତେ ମାତା ଠାବ କରାଇ ଆଗ ।
ବିସ୍ତାରିବା କୀର୍ତ୍ତି, ସ୍ୱୀକାରେ ଦେଶେ ବିଜେ ରୋମାପତି । ।୭।
ଶୋକାଭିମୁଖେ ରାମକଥା ମାନ, ପାଳି ହେବାକୁ ଦେଶରେ ରାଜନ ।
ସ୍ୱଜନେ ଲୋଡ଼ି କୁଳଧର୍ମ ମାନି, ଅଭିଷେକେ ତାରା ରୋମାକୁ ଘେନି ।
ଦିଅନ୍ତେ ଆଦେଶ, ବାଳି ଶେଷ କୃତ୍ୟ ହୋଇଲା ଶେଷ । ।୮।
ତେଣେ ସୀତା ବିଚ୍ଛେଦେ ସୀତାପତି, ପ୍ରସ୍ରବଣ ଶୈଳେ କଲେ ବସତି ।
ଭାବିନୀ ଭାବ ଭାବି ନିରନ୍ତରେ, ସଦା ସର୍ବଦା ନେତ୍ରୁ ନୀର ଝରେ ।
ବୋଧନ୍ତେ ଲକ୍ଷ୍ମଣ, କାଳ କାଟନ୍ତି ଦୁଃଖେ ରଘୁରାଣ । ।୯।

୪:ବାରିବହ-ମେଘ,ଅନନ୍ତେ-ଆକାଶେ, ୫:ନିଷେକ-ସ୍ତ୍ରୀ ପୁରୁଷ ମିଳନ (ପୂର୍ବ ହୁମ) ୬:ବୃଜିନେ-ପାପରେ,ବିଲୟେ-ଶେଷେ

Digitized by PPRACHIN, SOA

ବର୍ଷାକାଳ ବର୍ଣ୍ଣନା

କ୍ରମେ ବର୍ଷା କାଳ ଆସି ପ୍ରବେଶ, ନବଘନ ଘନେ ହୋଇ ସୁବେଶ ।
ଗଗନ ଗ୍ରାସି ବିରହୀ ଜନରେ, ଦର୍ପକ ଦର୍ପରେ ଶାସନ କରେ ।
ତା ରଥ ପତାକା, ଚଞ୍ଚଳା ଚଞ୍ଚଳେ ବଢ଼ାଏ ଦକା । ।୧୦।
ଅସହାୟ ଦେଖି ମାରୁ ଅଶନି, ଘାତରୁ କମ୍ପି ଯାଉଛି ମେଦିନୀ ।
ସୁରେନ୍ଦ୍ରଚାପ ଧାରାବ୍ରାତ ଶର, ତାପେ ବିଯୋଗୀ ରାମ ହାହାକାର ।
ଡ଼ାକୁକ ଡ଼ାକରେ, ଭେକଧ୍ୱନି ଶାମୁକା ଦମ୍ଭ ହରେ । ।୧୧।
ଚନ୍ଦ୍ର ସୂର୍ଯ୍ୟ ଗ୍ରାସି ବାରି ବର୍ଷିଲା, ମହୀରେ ମହୀ ଜୀବେ କଷ୍ଟ ହେଲା ।
ନିଷ୍ଫଳ ଘଡ଼ଘଡ଼ି ଶବ୍ଦକାଳେ, ଅଷ୍ଟପଦୀ ମୃଗ କମ୍ପିତ ହେଲେ ।
କରକା ନିପାତେ, ଦ୍ୱିଜ, ଦ୍ୱିଜ ରାଜ ସଢ଼ିଲେ ଘାତେ । ।୧୨।
ଗୋ ଗୋଷ୍ଠେ ଗୋରୁ ଦେହ ଥର ଥର, କାତରେ ଗୋପାଳ ଫେରଇ ଘର ।
ଦିଗ ନିରୂପଣେ ଜ୍ୟୋତିଷ ହୋଇ, ବସା ବାନ୍ଧିଥିଲା ବାଇ ଚଢ଼େଇ ।
କୋହଲା ପବନ, ଦୋହଲା ଏ ସିନା ଦମ୍ପତା ମନ । ୧୩।
କୁଟରୁ ଉଟଜ ତେଜି ତାପସେ ବିଜେ ଶିଖରୀ ଶିଖ ଦର ବଶେ ।
ଦେଖି ଆଶ୍ରମ ପାଳିତ ହରିଣ, ଆରୋହୁ ଗିରି ଜୀମୂତ ଦ୍ୱିପୀନ ।
କାୟା ବିସ୍ତାରିଲା, ରାମ ସହ ଆରାମ ଗ୍ରାସ କଲା । ।୧୪।
ଅଲକ୍ଷେ ଲକ୍ଷ କରୁ ଇନ୍ଦ୍ର ଶର, ଶବ୍ଦେ ଭୟେ ଗଲା ଘନ ଶାର୍ଦ୍ଦୁଳ ।
କୂଳ ବୁଡ଼ାଇ ନଦ ନଦୀ ଖରେ, ପ୍ରବେଶ ହୋଇଲେ ମହାର୍ଣ୍ଣବରେ ।
ଜଳ ସ୍ଥଳ ଜୀବ, ଭୟଙ୍କର ଦୃଶ୍ୟେ ଭୟରେ ସର୍ବ । ।୧୫।
କେକୀ କୂଳାଚଳେ ବୁଡ଼ାନ୍ତିକୂଳ, ଜ୍ୟୋତି ରିଙ୍ଗଣେ ସାୟେଂ ଖଳବଳ ।
ସାଧବାଣୀ ବଧୂ ପ୍ରଭାତକାଳେ, ଧରାପୃଷ୍ଠରେ ବିଜେ ଦୂର୍ବାଦଳେ ।
ବିଟପେ ମାଳତୀ, କେତକୀ ଚମ୍ପା ମଲ୍ଲୀ ଜାତୀ ଯୂଥୀ । ।୧୬।

ମେଘ ଦ୍ୱାରା ସୀତାଙ୍କ ନିକଟକୁ ରାମଙ୍କର ବାର୍ତ୍ତା ପ୍ରେରଣ

ସରସୀ ଘନରସେ ପରିପୂର୍ଣ୍ଣ, ସରସୀ ସରସ ସାରସ ଶୂନ୍ୟ ।
ସଲୀଳଜ ନେତ୍ର ସାରସାଳୟା, ସୁରସ ଚିନ୍ତି ଘନେ କହି ଏହା ।
ବନ ଦାବାନଳ, ନାଶି ରଖିଛ ବନ ରାମ କୁଳ । ।୧୭।

୧୦:ଦର୍ପକ-କନ୍ଦର୍ପ,ଚଞ୍ଚଳା-ବିଜୁଳି,୧୧:ଅଶନି-ବଜ୍ର,ମେଦିନୀ-ପୃଥିବୀ, ସୁରେନ୍ଦ୍ର ଚାପ-ଇନ୍ଦ୍ରଧନୁ,ଧାରାବ୍ରାତ-ବର୍ଷା ସମୂହ ଭେକ ବେଙ୍ଗ.୧୨:ଦ୍ୱିଜ-ପକ୍ଷୀ,ଦ୍ୱିଜରାଜ-ରାମଚନ୍ଦ୍ର,୧୪:ଉଟଜ-ପତ୍ର ଛପର କୁଡ଼ିଆ ଘର, ଶିଖରି ଶିଖା-ପର୍ବତ ଚୂଳ,ଦର-ଭୟ,ଜୀମୂତ-ମେଘ,ଦ୍ୱିପୀନ-ବ୍ୟାଘ୍ର,ଆରାମ-ପର୍ବତ,୧୪:ମହାର୍ଣ୍ଣବ-ସମୁଦ୍ର.୧୬:କେକୀ-ମୟୂର.୧୭:ସରସୀ-ପୋଖରି,ଘନ-ମେଘ,ରସ-ପାଣି,ସାରସ-ହଂସ,ସଲିଳ-ଜଳ, ଜଳଜ-ପଦ୍ମ,ସାରସାଳୟା-ସୀତା୧୮:ବାରିବାହ-ମେଘ.

Digitized by PPRACHIN, SOA

ମୁଁ ରାମ ବନବାସୀ ମୋ ସନ୍ତାପ, ଦୂତ ହୋଇ ବାରେ କରାଅଲୋପ ।
ମୋ ବାର୍ତ୍ତା ନେଇ ପ୍ରିୟାଠାରୁ ବାର୍ତ୍ତା, ଆଣି ଦେଇ ମହୀରେ ରଖକଥା ।
ଚାତକ ପରାୟ, ଅପେକ୍ଷାରେ ରହିଲି ବାରିବାହ । ।୧୮।
ହେ ଘନ କହିବ ଘନ କେଶୀକି, ଚିତ୍ର କୂଟ କୁଟ ବେଶ ରାଶିକି ।
ପାଶୋରି ନଥିବ ମନରୁ ତାର କରି ନପାରେ ମୁଁ ଉପସଂହାର ।
ବାନ୍ଧି ଯୁଡ଼ା କରେ, ଦିଏ ପୁଷ୍ପ ମାଳା ଗୁନ୍ଥି କଣ୍ଠରେ । ।୧୯।
ହଳଦୀ ବସନ୍ତ ରଙ୍ଗର ଶାଢ଼ୀ, ଅଙ୍ଗ ଆଭରଣରେ ଥାଏ ଜଡ଼ି ।
ଜଣାଯାଏ ଧଡ଼ି ଥିବାରୁ ସିନା, ହଂସ ଗମନୀ ସୁରସ ପ୍ରବୀଣା
ପାଶରୁ ଅନ୍ତର, ସିନା ମୋ ନେତ୍ର ଦେଖେ ନିରନ୍ତର । ।୨୦।
ନିଶାକାଳେ ପଦ୍ମିନୀ ନିଦ୍ରାଯାଏ, ମାତ୍ର ମୋ ପଦ୍ମିନୀ ଉନ୍ନିଦ୍ରେଥାଏ ।
ଅହୋରାତ୍ର ପ୍ରିୟାର ମୁଖପଦ୍ମ, ପ୍ରସ୍ଫୁଟିତ ରମ୍ୟେ ନୁହେଁ ଏ ଛଦ୍ମ ।
ଲାବଣ୍ୟ କାସାର, ସଲିଳ ବିନା ଲାଗେ ସବୁ ଖାର । ।୨୧।
ଯୋଗୀ ସମଯୋଗ ସଂଯୋଗଧାୟୀ, ଦିବାନିଶି ନିଦ୍ରା ଆସଇ ନାହିଁ ।
ନାମମନ୍ତ୍ର ଅଧରାମୃତ ପାନ, ହେତୁ ନ ଯାଉଛି ପାପ ଜୀବନ ।
ଶ୍ରୀ ମୁଖର କାନ୍ତି, ମୋ ମନ ଦର୍ପଣେ ବିମ୍ବିତ ନିତି । ।୨୨।
ଅଧମେ ଅଧର ଅମୃତ କ୍ଷୁଧା, ସ୍ୱପ୍ନ ବଞ୍ଚାଇଛି କରି ମସୁଧା ।
ସେହି ରମଣୀ ମୋର ଦେହ ମୁହିଁ, ଛାଡ଼ି ନପାରେ ଯଥା ବୃକ୍ଷ ଛାଇ ।
ରାହୁଗ୍ରାସ ପରି, ଉଦ୍ଧରି, ଭେଟ ହେବ କେବେ ଗୋରୀ । ।୨୩।

ଅଶୋକ ବନେ ସୀତାଙ୍କ ଭାବନା, ପ୍ରାକୃତିକ ବର୍ଣ୍ଣନାରେ
ବର୍ଷା ରାଜା ସହିତ ପୃଥିବୀ ରାଣୀର ସ୍ୱୟମ୍ବର

ଏକାଳେ ବାରିଦ ଦକ୍ଷିଣ ଦିଗେ, ଗତିଶୀଳ ହେଉ ଅନୀଳ ଯୋଗେ ।
ସୀତା ପତି ମତି ସନ୍ତୋଷ ଅତି, ନିଶ୍ଚୟେ ପାଇବେ ପ୍ରିୟା ଭାରତୀ
ଅଶୋକେ ବିସଖେ, ବିଚାରନ୍ତି ମହୀଜା ମହା ଦୁଃଖେ । ।୨୪।
ସେ ନିଦାଘ କାଳ କବଳେ ପଡ଼ି, ମହୀ ମୋ ସମ ଯାଉଥିଲା ସଢ଼ି ।
ବିହଙ୍ଗ କଣ୍ଠେ କହି ଆକଣ୍ଠରେ, କେ ବୀର ଅଛ ଏ ଧରା ପୃଷ୍ଠରେ ।
କରିଛି ମୁଁ ପଣ, ଉଦ୍ଧାର କଲେ କରିବି ବରଣ । ।୨୫।
ଶୁଣି ବର୍ଷାକାଳ କରେ ମସୁଧା, ଗ୍ରୀଷ୍ମ କରିଣୀ ବଧି ହେବି ଯୋଦ୍ଧା ।
କରୀ ଗିରି ପୃଷ୍ଠେ ବିଜେ ସତ୍ୱର, ବାସବଧନୁ ଆଣ୍ଟେ ଧରି କର ।
ତୀକ୍ଷ୍ଣ ଶର ବର୍ଷା, ଅଶନି ପ୍ରହାରି ଉଡ଼ାଏ ହଂସା । ।୨୬।
କେବେ ଚନ୍ଦ୍ର ସୂର୍ଯ୍ୟ ଗ୍ରହ କବଳ, କରିଣ ଦେଖାଏ ନିଜର ବଳ ।

୨୧:ପଦ୍ମିନୀ-ପଦ୍ମ.କାସାର-ପୋଖରି,ସଲିଳ-ଜଳ.୨୨:ନାମମନ୍ତ୍ର-ସୀତା ୨୪: ବାରିଦ-ମେଘ,ଅନିଳ-ପବନ.ମହୀଜା-ସୀତା.କରିଣୀ-ହାତୀ.ବାସବଧନୁ-ଇନ୍ଦ୍ରଧନୁ.ଅଶନି-ବଜ୍ର୨୮ :ଇନ୍ଦ୍ରଗୋପ-ସାଧବାଣୀ ପୋକ, ବରହୀ ମୟୂର.

Digitized by PPRACHIN, SOA

କେବେ ବା ତୋପ ଶବ୍ଦ ଘଡ଼ଘଡ଼ି, ତଡ଼ିତ ଆଲୋକ ଆକାଶୁ ଛିଡ଼ି
ବାତ ଶର ଘାତ, ପ୍ରହାରି ଶତ୍ରୁ କଲାସେ ନିପାତ । ।୨୭।
ନିଦାଘ କାଳ କାଳ ପ୍ରାପତିରେ, ଉଷ୍ଣ ରକ୍ତ ବିଚ୍ଛୁରିତ ମହୀରେ ।
ତାହା ଇନ୍ଦ୍ର ଗୋପ ନାମରେ ଶୋଭା, ଆହ୍ଲାଦିତେ ବରହୀ ହେଲେ ଲୋଭା ।
ଜୟ ଯାତ୍ରା ଜାଣି, ସ୍ୱୟଂମ୍ବରେ ସଜ ହେଲା ଧରଣୀ । ।୨୮।
ବକାଳିକା ମାଳିକା ବରମାଲ୍ୟେ, ସ୍ୱୟଂମ୍ବରା ବର୍ଷା ନୃପତି ତୁଲେ ।
ଦେଲେ ମଣ୍ଡୂକ ଆଳୀ ହୁଳହୁଳି, ଦ୍ୱିଜ ଗଣନଭେ ଆଶିଷ ଚାଳି ।
ପାତାଳୁ କର୍କଟ, ମୀନ ସହ ଅହି ନନ୍ଦନେ ଭେଟ । ।୨୯।
ଡ଼ାହୁକ ଶାମୁକ ଉସୁକ ରବେ, ସାନ୍ଦ୍ରେ ରହିଲେ ସ୍ଥଳଚର ଜୀବେ ।
ଏ ନବ ଦମ୍ପତି ଶିରେ ଶିଳୀନ୍ଦ୍ର, ଛତ୍ର ଟେକାଉ ରମ୍ୟେହାରେ ଇନ୍ଦ୍ର ।
ବିଶାଦରେ ହତ, ପିକ କଣ୍ଠ ଅଜାରୋଗେ ପୀଡ଼ିତ । ।୩୦।
ଧରଣୀ ରାଣୀ ବରଷାର ପାଣି, ପଲ୍ଲବେ ଫୁଲି ପ୍ରଫୁଲ୍ଲିତ ପୁଣି ।
ହେଉ ସାତ୍ୱିକ ବିକାର ପ୍ରକାଶେ, ଯେ ଅଙ୍କୁରୋଦ୍ଗମ ରୋମାଞ୍ଚିତ ସେ ।
ଝରୁ ଅଶ୍ରୁ ସ୍ୱେଦ, ବହି ପ୍ରମାଣେ ପ୍ରଳୟ ବିପଦ । ୩୧।
ମୁମୂର୍ଷୁ ସରିତ ଶତ୍ରୁ ଅନ୍ତରେ, ପୁଲକିତେ ଯାଇ ସିନ୍ଧୁ ପ୍ରାନ୍ତରେ
କୂଳ ବୁଡ଼ାଇ, ହୋଇଲେ ଅଚିନ୍ତା, ବାମ୍ପୀସର, ବନ୍ଧ,କୂପ, କୃଶତା ।
ବର୍ଷା ରାଜୁତିରେ, ଦୂର ହେଲା ଉଦ୍ଭିଜ ତେଜ ନୀରେ । ।୩୨।
ହୃଦୟେ ସ୍ମରି କଉଶଲ୍ୟା ବାଳ, ରଚେ ଦୟାନିଧି ବରଷାକାଳ ।
ଗଣନେ ତ୍ରିଦଶ ତ୍ରିପଦ ଛାନ୍ଦ, ବିବୁଧ ହୃଦ ସାରସ ଆନନ୍ଦ
ବଂଶ ଗାଥା ଏହି, ଘେନା କର ସର୍ବେ ଆନନ୍ଦ ହୋଇ । ।୩୩।

• • • • •

ଶ୍ଲୋକ

ରାମ ନାମ ପରାଦେବା ରାମ ନାମ ପରାଗତିଃ ।
ରାମ ନାମ ପରାଯଜ୍ଞ ରାମନାମ ପରାକ୍ରିୟାଃ ।।
ରାମ ନାମ ସଦାନନ୍ଦୋ ରାମ ନାମ ସଦାଗତିଃ ।
ରାମନାମ ସଦାତୁଷ୍ଟୋ ରାମ ନାମ ସଦା ୧ ମଳଃ ।।

୨୯:ମଣ୍ଡୁକ-ବେଙ୍ଗ.ଆଳୀ-ସ୍ତ୍ରୀ, ଦ୍ୱିଜ-ପକ୍ଷୀ. କର୍କଟ-କଙ୍କଡ଼ା, ଅହି-ସର୍ପ,୩୦: ସାନ୍ଦ୍ରେ-ନିବିଡ଼େ,ଶିଳୀନ୍ଦ୍ର-ଛତୁ.ଅଜା-ଛେଳି,୩୩:ବିବୁଧ-ଦେବତା,ହୃଦସାରସ-ହୃଦପଦ୍ମ, ଆନନ୍ଦ ବଂଶ -ସୂର୍ଯ୍ୟବଂଶ

Digitized by PPRACHIN, SOA

ନାରଦଙ୍କ ଅଭିଶାପ

(ରାଗ -ରଷିକୁଲ୍ୟା)

ଛାନ୍ଦ-୧୩

ଶିବଙ୍କୁ ପାର୍ବତୀଙ୍କ ପ୍ରଶ୍ନ

ଶୁଣ ଏଥୁଅନ୍ତେ ରସ ସୁଧୀର,	କିଷ୍କିନ୍ଧ୍ୟା ସିଂହାସନେ ସୁଗ୍ରୀବୀର,
ନୃପତି ହେବା ଚରିତକୁ ଶୁଣି,	ସନ୍ଦେହ ମନେ ପୁଚ୍ଛନ୍ତି ଶର୍ବାଣୀ
କାନ୍ତ ହତ ପରେ ନାରୀ,
ବିଧବା ନହୋଇ, ରହେ ସ୍ୱାଧ୍ୱୀ ହୋଇ, ସଂସାର ମଧ୍ୟେ କିପରି । ।୧।

ସଂସାର ଜନେ ଶୁଣି ଏ ପୁରାଣ	ଶିକ୍ଷା କଲେ ଭଲେ ହେବ ଦୂଷଣ
ଧର୍ମ ଗ୍ରନ୍ଥ ଏହା ଗଲ ଯା ଭାଷି	ଦୂଷଣେ ନଡ଼ରି ପୂଷଣ ବଂଶୀ
କଲେ ଏପରି କାର୍ଯ୍ୟକୁ
ଅନ୍ୟମାନେ ଭବେ, ଶିକ୍ଷା ନ କରିବେ, କାହିଁ ପାଇଁକି ତାହାକୁ । ।୨।

ଶିବଙ୍କର ଉତ୍ତର

ହସି ହସି ଭାଷନ୍ତି ଶୁଣି ଭୋଳା	ବିଚାରେ ଉତ୍ତମ ପ୍ରଶ୍ନ ଏ ହେଲା
ଶ୍ରବଣେ ହୁଅ ତତ୍ତ୍ୱ ଅବଧାନି	ପୂର୍ବେ ଲିହିଛନ୍ତି ବାଲ୍ମୀକି ମୁନି
ଏଥି ହୋଇବ ପ୍ରମାଣ
ଅଘଟଣ ନୋହି, ସୁଘଟଣ ହେବ, ଶୁଣ ତା କାର୍ଯ୍ୟ କାରଣ । ।୩।

ଶ୍ଳୋକ

ଅହଲ୍ୟା, ବଶିଷ୍ଠପୁତ୍ର, ବାଳି, ଶବରୀ, ଦଶାସ୍ୟ, ପଞ୍ଚଭକ୍ତ ଉଦ୍ଧାରରେ ସୂର୍ଯ୍ୟବଂଶେ ଅବତଂଶ ।
ଦଶରଥ ଗୃହେ ରାମ, ପରଂବ୍ରହ୍ମ ନାରାୟଣ, ଜନକପୁରେ ଜାନକୀ ପାଳିତ ଧର୍ମ ସ୍ଥାପନେ ।।
ଅହଲ୍ୟା, ଜରତା, ତାରା, ସୁଲୋଚନା, ମନ୍ଦୋଦରୀ, ପଞ୍ଚକନ୍ୟା, ପଞ୍ଚନାରୀ ରାମାୟଣେ ସୁରକ୍ଷିତ୍ୟ ।।।

ଆଦୌ ଜରତା ଅହଲ୍ୟା ସମ୍ବାଦ	ତାରା ସମ୍ବାଦେ ଯେଣୁ କରବାଦ
କାନ୍ତ ବିଭୋଗୀ ନାରୀ ସତୀକନ୍ୟା	ହେବା ପ୍ରମାଣ ଭାଷେ କର ଘେନା
ସେହି ରାଘବ ଯେପରି
ପତିହତେ ନାରୀ ଅଭିଷେକେବରି କରାଇଲେ ସ୍ୱାଧ୍ୱୀନାରୀ । ।୪।

ଶ୍ଳୋକ

ଅଷ୍ଟ ବର୍ଷେ ଭବେତ୍ ଗୌରୀ	ନବ ବର୍ଷେଚ ରୋହିଣୀ ।
ଦଶ ବର୍ଷେ ଭବେତ କନ୍ୟା	ତତ୍ ଉର୍ଦ୍ଧ୍ୱେ ରଜସ୍ୱଳା ।।

ଟୀକା : ସୁଧୀର-ପଣ୍ଡିତ, ସର୍ବାଣୀ-ଉମା, ୨: ଦୂଷଣ-ନିନ୍ଦା, ଦୋଷଣେ-ନିନ୍ଦାକୁ, **ପୂଷଣବଂଶୀ**-ସୂର୍ଯ୍ୟବଂଶୀ, ୩: ଭୋଳା-ଶିବ, ଲିହିଛନ୍ତି-ବାଲ୍ମୀକି ମୁନୀ ।

Digitized by PPRACHIN, SOA

ଗାଲବ ନାମେ ମୁନି ପୂର୍ବେ ହର୍ଷେ ବିଦ୍ୟାପଠନେ ବିଶ୍ୱାମିତ୍ର ବାସେ
ପୂରିଣ ପଦ ସାରି ଅଧ୍ୟାପନା ଇଚ୍ଛୁ ଗୁରୁଙ୍କୁ ଦେବାକୁ ଦକ୍ଷିଣା
ସେ ବିଶ୍ୱାମିତ୍ର ଭାଷନ୍ତି
କିଲୋଡ଼ା ଦକ୍ଷିଣା ଯାଅ ବାସେ ଜଣା ଗଲା ଭକ୍ତି ଆମ୍ଭେ ଶାନ୍ତି । ।୫।
ଦକ୍ଷିଣା ବିନା ପଠନ ବିଫଳ ହେବ କହୁ କ୍ରୋଧରେ ଗାଧିବାଳ
ଭାଷନ୍ତି ଶ୍ୟାମ କର୍ଣ୍ଣ ଅଶ୍ୱପାଞ୍ଚ ଦେଇ ପାରିଲେ ମୁଁ ହୋଇ ଶଉଚ
ତାହା ଗ୍ରହଣ କରିବି
କରି ସିଉକାର ଗାଲବ ପ୍ରବର ସମୟ ମାଗନ୍ତି ଭାବି । ।୬।
ଦେଉ ସମୟ ଗାଧିସୁତ ଜବ ଗଲେ ଅଶ୍ୱ ଖୋଜିବାକୁ ଗାଲବ
ଶ୍ୟାମକର୍ଣ୍ଣ ଅଶ୍ୱ ନପାଇ କାହିଁ ବୁଲି ବଙ୍ଗ ଦେଶେ ମିଳିଲେ ଯାଇଁ
ସେ ଦେଶେ ପଞ୍ଚ ନରେଶ
ଅପୁତ୍ରିକେ ପୁତ୍ର, ପାଇବା ନିମିତ୍ତ, ଯାଗେ ରଖି ପଞ୍ଚ ଅଶ୍ୱ । ।୭।
ଗାଲବ ମହର୍ଷି ଜଣାଇ ସର୍ବ ଅଶ୍ୱ ମାଗୁ ମନା କରି ସେ ଜବ
ବୋଲନ୍ତି ଅପୁତ୍ରିକ ଆମ୍ଭେମାନେ ପୁତ୍ରେ ଅଶ୍ୱମେଧ ଯାଗ ବିଧାନେ
କରିବା ନିମନ୍ତେ ବିଭୁ
ଦେଇଏ ଘୋଟକ, କରିଲେ ଅଟକ, ରଖ ସଜେ କାର୍ଯ୍ୟେ ସବୁ । ।୮।
କିପରି କହୁଛ ଦେବୁ ଆପଣ ଶୁଣି ମନ ଦୁଃଖେ ସେ ମୁନିରାଣ
ଫେରି ବୁଲି ବୁଲି ଅଯୋଧ୍ୟାଦେଶେ ରାଜା ଚର ଦେଖୁ ରାଜା ଆଦେଶେ
ମୁନିଙ୍କୁ ଭେଟାଉ ନେଇ
ପ୍ରଣାମ କରିଣ, କହନ୍ତି ସେ ରାଣ, ଅତିଥି ହୋଇବା ପାଇଁ । ।୯।
କହନ୍ତି ମୁନି ଘଟିଥିବା କଥା ଦକ୍ଷିଣା ନହେବା ଯାଏଁ ବ୍ୟବସ୍ଥା
କିପରି ଗ୍ରହଣ କରିବି ଜଳ ଶୁଣି ଅମ୍ବରିଷ ରାଜା ବିକଳ
ହୋଇ ବୋଲନ୍ତି ଅତିଥି
ଏ ପୁରୁ ଫେରିବେ, କି ବୋଲିବେ, ସର୍ବେ ଉପାୟେ ଶୁଣନ୍ତୁ ଏଥି । ।୧୦।
ଆମ୍ଭ ଅଭ୍ୟର୍ଥନା କର ଗ୍ରହଣ ଉପାୟେ କରିବା କାମନାପୂର୍ଣ୍ଣ
ଶାମ୍ୟା କନ୍ୟାକୁ ପୂର୍ବେଦେଇ ଶ୍ୟାମ, ମନ୍ତ୍ରେ ଦେଇଛନ୍ତି ଯେ ପୂର୍ଣ୍ଣେ କାମ
ତାହାକୁ କରିଲେ ପାଠ
ଅନୁଢ଼ା ହୋଇବେ, ବୟସିକା ଭବେ, ଦୂର ହୋଇବ ସଙ୍କଟ । ।୧୧।
ଅଶ୍ୱ ରଖିଛନ୍ତି ଯେ ମହୀପତି ସେ ଆମ୍ଭ କରଦ ନୃପ ଅଟନ୍ତି
କହି ତାହାଙ୍କୁ ଆମ୍ଭର ଆଦେଶ କନ୍ୟା ଦେଇ ଆଣିବ ଯଜ୍ଞ ଅଶ୍ୱ
ଏ କନ୍ୟା କୋଳରେ ସୁତ
ହେଲେ ଅବିଳମ୍ବେ, ଦେବ ଆନେ ଦମ୍ଭେ ମନ୍ତ୍ରରେ କରାଇ ପୂତ । ।୧୨।

ଟୀକା : ୬- ଗାଧିବାଳ-ବିଶ୍ୱାମିତ୍ର ।

Digitized by PPRACHIN, SOA

ଏପରି ନୃପେ ନୃପ କନ୍ୟାଦେଇ ଅଶ୍ୱ ସଂଗ୍ରହ କରି ତପିସାଇଁ
କନ୍ୟାକୁ ଏଥ୍ ସମର୍ପିଣ ଯିବ ଗୁରୁ ଦକ୍ଷିଣା ପରିଶୋଧ ହେବ
ଶୁଣି ଅତିଥ୍ ଗାଲବ
ସଙ୍ଗେ କନ୍ୟା ଧରି ମନ୍ତ୍ରକୁ ଉଚ୍ଚାରି ଗଲେ ବଙ୍ଗ ଦେଶେ ଜବ । ।୧୩।
ବୁଝାଇ ଦେଉ କନ୍ୟା ପୁତ୍ର ଅର୍ଥୀ ରାଜନେ ଗାଲବେ ହୟ ଦିଅନ୍ତି
ଏପରି ରଖି ରଖି ରାଜବଂଶ ସଂଗ୍ରହ କରି କୃଷ୍ଣ କର୍ଣ୍ଣ ଅଶ୍ୱ
ଗୁରୁଦକ୍ଷିଣାକୁ ଦେଲେ
ଅମ୍ବରିଷେ କନ୍ୟା, ଦେଇ ମହାମନା, ନିଜ ଆଶ୍ରମେ ଚଳିଲେ । ।୧୪।
ଏପାଠ ସୂର୍ଯ୍ୟବଂଶ ବୁଢ଼ା ବୁଢ଼ା ଜାଣିଥିଲେ ରାମ ପଢ଼ି ଅନୂଢ଼ା
କରି ତାରାଙ୍କୁ ମିତ୍ରେ ଅର୍ପିବୋଧି ତାରା ପବିତ୍ର କର୍ମୁ ହୋଇ ସ୍ୱାଧ୍ୱୀ
କାଳ ସ୍ରୋତେ ଅମ୍ବରିଷ
ସେ କନ୍ୟା ନିମିତ୍ତ ଖୋଜିବାକୁ ପାତ୍ର, ଲୋଡ଼ୁ ନାରଦ ତାପସ । ।୧୫।

ପ୍ରିୟାପ୍ରିତି ତୋଷଣ

ପର୍ବତ ଋଷିଙ୍କୁ ଧରି ସଙ୍ଗରେ ପ୍ରବେଶ ହୋଇ ଅମ୍ବରିଷ ପୁରେ
ବୋଲନ୍ତି କନ୍ୟାଆଣ ଦେଖି ଶୋଭା ଖୋଜି ଉପଯୁକ୍ତ ବର କରିବା
କନ୍ୟା ସୁବେଶେ ଆଣନ୍ତି
ଦେଖୁ ଦେଖୁ ଲୋଭା, ହୋଇ ବେନି ଯୁବା ବିବାହେ କଳି କରନ୍ତି । ।୧୬।
ମୁନିଙ୍କ କଳି ଦେଖି ଅମ୍ବରିଷ ଦୁଃଖିତେ କରନ୍ତି ସେଥି ପ୍ରକାଶ
ବର ଖୋଜିବା କାର୍ଯ୍ୟେ ଆସିବର ହେବାକୁ କଳି କର ଅସୁନ୍ଦର
କାଲି ବରବେଶ ହୋଇ
ଆସ ବେନିଜନ ଯାହାକୁ ବରଣ କରିବ ସେ ଯିବ ନେଇ । ।୧୭।
ଏ କଥା ଶୁଣି ବେନି ମୁନିବର ଯେଝା ବାଟେ ଗଲେ ଦେଇ ସ୍ୱୀକାର
ନାରଦ ମହର୍ଷି ବାଟେ ଭାବନ୍ତି ମୋ ଠାରୁ କଅଁଳ ପର୍ବତ ଯତୀ
ସୁନ୍ଦରେ ସୁନ୍ଦରୀ ଧ୍ୟାନ
ଦେଇଣ ବରଣ କଲେ ତାଙ୍କୁ ମାନ ସରି ହେବ ଅପମାନ । ।୧୮।
ବେଳ ଥାଉଁ ଭଗବାନଙ୍କୁ କହି ଭାଙ୍ଗିବି ପର୍ବତ ଋଷି ବଡ଼ାଇ
ମନ ଯାନେ ସେଥୁ ବୈକୁଣ୍ଠ ପୁରେ ସର୍ବ ନିବେଦି ପ୍ରଭୁଙ୍କ ପାଦରେ
କହନ୍ତି ଆହେ ଦୈତାରି
କରିବ ଏପରି, ମାଳା ଧରି ବରି, ଆସିବା କାଳେ ସୁନ୍ଦରୀ । ।୧୯।
ପର୍ବତ ଆନନ ଯଥା ମର୍କଟ ବାଳା ନୟନେ ହୋଇବ ପ୍ରକଟ
ତେବେ ଏ ନାରଦ ହୋଇବ ଗୃହୀ ଏହି କରୁଣା କର ଭାଗଗ୍ରାହୀ
ହସି ହସି କମ୍ବୁ ପାଣି
କହନ୍ତି ଏ ମଥା ଲଇଁ ଯିବା କଥା ତଥାପି ପାଳିବି ମୁନି । ।୨୦।

Digitized by PPRACHIN, SOA

ନାରଦ, ହରଷେ ସେଠୁ ଫେରନ୍ତେ, ପର୍ବତ ଯାଇ କିଛି କାଳ ଅନ୍ତେ
ପୂର୍ବ ଘଟଣାମାନ ସବୁ କହି ଏପରି ବରକୁ ମାଗିଲେ ତହିଁ
ନ ଜାଣିବେ ଆନ କେହି
ନାରଦ ଯତୀଙ୍କ, ମୁଖ ଋକ୍ଷ ମୁଖ ଦେଖିବ ସେ ଚାନ୍ଦ ମୁହିଁ । ।୨୧।
ଅସ୍ତୁ ଅସ୍ତୁ କହନ୍ତେ ଚକ୍ରଧାରୀ ହରଷେ ପର୍ବତ ଆଳୟେ ଚଳି
ପର ଦିନ ପ୍ରଭାତୁ ବରବେଶ ହୋଇବେନି ଋଷି ହେଲେ ପ୍ରବେଶ
ଦେଖି ଅମ୍ବରିଷ ରାଜା
ପଠାଏ ଖବର, ବରିବାକୁ ବର, କନ୍ୟା କର ସାଜ ସଜ୍ଜା । ।୨୨।

ନାରାୟଣଙ୍କୁ ଶ୍ରୀମତିଙ୍କର ସ୍ମରଣ ଓ ବରଣି

ମୃଦୁସୁଲୀଏ ସାରି ବେଶଭୂଷା ବରଣେ ଶ୍ରୀମତୀ ଆଣୁ ସହସା
ଦୂରୁ ବେନି ଯତି ମୁଖ ସୁନ୍ଦରୀ- ଦେଖେ ଦିଶନ୍ତି ଋକ୍ଷ କପି ପରି
ବୋଲେ ଆହେ ଭଗବାନ
ତୁମ୍ଭ ନାରୀ ଘାରି ହେଉ ଅଛି ପାରି କର ଏଥି ରହୁ ମାନ । ।୨୩।
ଭକ୍ତ ଜନ ବନ୍ଧୁ ଭକ୍ତ ଉଦ୍ଧାରେ ପ୍ରବେଶିଲେ ବେନି ତପି ମଧ୍ୟରେ
ଦୃଶ୍ୟ ନୋହୁ ଆନ ଜନେ ଏ କଥା ଜାଣିତା ଶ୍ରୀମତୀ ଛାଡ଼ିଲେ ବ୍ୟଥା
ହର୍ଷେ ଦେଉ ବରମାଲ୍ୟ
ନ ଜାଣିଲେ କେହି ଶ୍ରୀମତୀଙ୍କୁ ସେହି ସ୍ଥାନୁ ନେଲେ ବିଶ୍ୱପାଳ । ।୨୪।
ବିଳମ୍ବ ହେଉ କିଛି କାଳ ଯତି ନାରଦ ଅମ୍ବରିଷଙ୍କୁ କହନ୍ତି
ନ ପଠାଅ ଜେମାକୁ କାହିଁ ପାଇଁ ବରଣେ କିବା ମନ ପାଉ ନାହିଁ
ରକ୍ଷା କରି ସତ୍ୟପଣ
ସୁବେଶ କରାଇ କରେ ମାଳାଦେଇ ପଠାଅ କରୁ ବରଣ । ।୨୫।
ରାଜନ କହନ୍ତି ବରଣେ ଯେମା ପଠାଇଲି ଦେଖିଲ ମହାତମା
ମନ୍ତର ଯନ୍ତର କିମିଆଁ କରି ଜେମାକୁ ଲୁଚାଇ କହ ଏପରି
ଏହାକି ଉଚିତ କଥା
ନୃପତି ବଚନେ, ସନ୍ଦିହାନ ମନେ, ଘୂରିଲା ତପୀଙ୍କ ମଥା । ।୨୬।

ନାରଦଙ୍କର ନାରାୟଣଙ୍କୁ ଅଭିଶାପ

ରହସ୍ୟ ଜାଣିବା ପାଇଁ ନାରଦ ପଦ୍ମାସନେ ବସୁ ଛାଡ଼ିଣ ବାଦ
ଜାଣିଲେ ମାୟା ରଚି ଶିରୀପତି ମାୟା କରି ହରିନେଲେ ଶ୍ରୀମତୀ
କ୍ରୋଧେ ହୋଇ ଜରଜର
ବୋଲନ୍ତି ତାପସ ଆହେ ହୃଷିକେଶ ତୁମ୍ଭ ନାରୀକୁ ଅସୁର । ।୨୭।
ମାୟା କରି ଦିନେ ଏପରି ନେବ ମାୟା ଘୋଟିବ ତୁମ୍ଭେ ନ ଜାଣିବ
ଯେଉଁ ଋକ୍ଷ ମର୍କଟ ମୁଖ କରି ହରିଲ ଶ୍ରୀମତୀ ତାହାଙ୍କୁ ଧରି
ଉଦ୍ଧାର ନିମନ୍ତେ ଯିବ
ଯଦି ମୋର ତପ, ସିଦ୍ଧ ଏହି ଶାପ, ବିଷ୍ଣୁ ହେଲେ ବି ପଡ଼ିବ । ।୨୮।

Digitized by PPRACHIN, SOA

ଏହି ଶାପୁ ରାମାୟଣ ଆରମ୍ଭ କେହି ହେଲେ ମନୁ ନହାର ଦମ୍ଭ
ଏ ବିଦ୍ୟା ଆଗୁଥିଲା ଶାସ୍ତ୍ରାଗାରେ ରାମ ଜାଣି ତାରା ସ୍ୱାଧ୍ୱୀ କରିଲେ
ଏଣୁ ବୋଲନ୍ତି ଜଗତେ
ଅହଲ୍ୟା ସୁନ୍ଦରୀ ତାରା ମନ୍ଦୋଦରୀ ସତୀ ବ୍ରତୀ ଘୋଷନିତ୍ୟେ ।୨୯।
ଏହାପରେ ଯାହା ବର୍ଣ୍ଣନା ହେବ ତାହା ଧୀରେ ଚିତ୍ତ ବୋଧ କରିବ
ଗ୍ରାହକ ବିନା କି ବଣିଜ ହୁଏ ଯାହାକୁ ଯାହା ଦ୍ରବ୍ୟ ଲୋଡ଼ା ଥାଏ
ବଣିକ ରଖୁ ବଣିଜେ
ଖୋଜି ଖୋଜି ଦିନେ କିଣିବେ ସୁମନେ ବୁଲି ସୁମନ ସମାଜେ । ।୩୦।

• • • • • • • • • • • • •

ରଘୁରାଜା ଉପାଖ୍ୟାନ

(ରାଗ-ଦେଶାକ୍ଷ)

ପ୍ରଥମ ଦୁଇ ପଦ ସିଂହାବଲୋକନ

ଛାନ୍ଦ - ୧୪

ଧୀରେ ଘେନ ଧୀରେ ରାମ ଚରିତ
ରିକ୍ତ ନୋହି ପୂତ ହୋଇବଚିତ୍ତ
ଚିତ୍ତବୃତ୍ତି ନଯିବ ବିପଥରେ
ଥରେ କହିପୁଣି ପ୍ରମାଣ କରେ
କରେଯା,
ବିହି ହୋଇବ ତାହା
ତାହା ବିନାଶେ କେ ଟେକିବ ରାହା । ।୧।
ରାହାସେ ଆଦ୍ୟପ୍ରାନ୍ତ ଇତିବୃତ୍ତି
ବୃତ୍ତି କଲି ସବୁ ତେଜି ସୁମତି
ମତି ବିଭ୍ରମେ ଥିଲେ ଦୋଷାଦୋଷ
ଦୋଷ ଛାଡ଼ି ପାନ କର ପିୟୁଷ
ଉଶନାଃ,
ପରି ମହୀରେ ହେବ
ଉଷତେ, ଉଷତୀ ହୋଇବ ସର୍ବ । ।୨।

କେଉଁ କାରଣରୁ ରଘୁ ନାବେ ବଂଶ
ରାମତାତ ଦଶରଥ ନୃପତି
ତାଙ୍କ ପିଅର ଅଜ ନରପତି
ତାହାଙ୍କ ପିଅର ରଘୁ ନରେଶ
ତାଙ୍କ ନାମେ କିମ୍ପା ବିଖ୍ୟାତ ବଂଶ
ଯଶସ୍ୱୀ,
ବହୁ ନୃପତି ଥିଲେ
ପରେ ରାମ ନାମେ କିମ୍ପା ନ କଲେ । ।୩।
ତାରା ସ୍ୱାଧ୍ୱୀ କନ୍ୟାର ବିବରଣ
ଆଦି ଏହି ଛାନ୍ଦେ ହେବ ପ୍ରମାଣ
ଦିଲ୍ଲୀପ ରଘୁ ନୃପଙ୍କର ପିତା
ମହା ଧାର୍ମିକ ତପେ ଯଜ୍ଞରତା
ସଙ୍କଳ୍ପି,
ଶତ କ୍ରତୁକୁ ମନେ
ଅନେଶ୍ୱତ ଯଜ୍ଞ ସାରି ବିଧାନେ । ।୪।

୪: ଶତକ୍ରତୁ- ଶତଯଜ୍ଞ, ଅଙ୍ଗସ୍ନୁତ ପୂତଜଳ-ପରିସ୍ରା, ଇନ୍ଦ୍ରିୟାତୀତ-[illegible]

Digitized by PPRACHIN, SOA



ଭାରତ ମାନଚିତ୍ରରେ ରାଜା ରଘୁ ଓ ପ୍ରଭୁ ରାମଚନ୍ଦ୍ରଙ୍କର ଦିଗ୍‌ବିଜୟ ସ୍ଥାନ ।

Digitized by PPRACHIN, SOA

ଛାଡ଼ି ସେନାଦି ରଘୁ ଆନ୍ତି ପଛ
ଜାଣି ସଭିଙ୍କ ଆଗୁ ମାୟାକରି
ସେ ଯଜ୍ଞ ଅଶ୍ୱ ଇନ୍ଦ୍ର ନେଉ ହରି
ମାୟାରୁ,
କେହି ତା ନ ଜାଣିଲେ
ଅଶ୍ୱକୁ ନ ଦେଖି ଆଶ୍ଚର୍ଯ୍ୟ ହେଲେ । ।୫।
ଏହିକାଳେ ବଶିଷ୍ଠଙ୍କର ଧେନୁ
ପହଞ୍ଚୁ ସୁଧୀର ଦିଲ୍ଲୀପ ସୁନୁ
ନନ୍ଦିନୀ ଅଙ୍ଗସ୍ରୁତ ପୂତଜଳ
ନେଇ ନେତ୍ର ଧୌତ କରୁ ସକଳ
ଇନ୍ଦ୍ରିୟା,
ତୀତ ବିଷୟ ମାନ
ଦର୍ଶନେ ସାମର୍ଥ୍ୟ ହେଲା ନୟନ । ।୬।

ଯଜ୍ଞଅଶ୍ୱ ଛାଡ଼ିବାକୁ ରଘୁଙ୍କ ଅନୁରୋଧ

ଦେଖିଲେ ପୂର୍ବଦିଗେ ସୁରପତି
ଯଜ୍ଞ ଅଶ୍ୱଧରି ପଳାଉଛନ୍ତି
ଗଗନ ସ୍ପର୍ଶୀ ଗମ୍ଭୀର ସ୍ୱରରେ
ଫେରାଇବା ପାଇଁ ଅଶ୍ୱକୁ ଖରେ
କହିଲେ,
ଶୁଣ ହେ ଦେବରାଜ
ଏହି କି ତୁମ୍ଭରି ବିବେକୀ କାର୍ଯ୍ୟ । ।୭।
ହବିର୍ଭାଗ ଗ୍ରହଣକାରୀ ସୁର
ମଧ୍ୟେ ତୁମ୍ଭେ ଆଦ୍ୟ ମୋ ପିତାଙ୍କର
ଯଜ୍ଞ ନଷ୍ଟ କରିବାକୁ କିମ୍ପାଇଁ
ପ୍ରବୃତ୍ତ ତାହା ମୁଁ ଜାଣଇ ନାହିଁ
କହୁଛି,
ରଖି ମୋ ଅନୁରୋଧ
ଛାଡ଼ିଦିଅ ଅଶ୍ୱ ନ ହୋଇ କ୍ରୋଧ । ।୮।

ଇନ୍ଦ୍ର ଙ୍କ ଉତ୍ତର

ରଘୁଙ୍କ ବାଣୀ ଶୁଣି ପୁରନ୍ଦର
ରଥ ଲେଉଟାଇ ଦେଲେ ଉତ୍ତର
ଯାହା ଯାହା କହି ଗଲ ଏଠାରେ
ତାହା ସବୁ ସତ ବିଚାର କରେ
ଯଶକୁ,
ଯେଉଁ ମହତ ଜନ
ଧନ ଭାବେ ତାକୁ କଲେ ହରଣ । ।୯।
ରକ୍ଷା କରିବା ନିମନ୍ତେ ପ୍ରଚେଷ୍ଟା
କରେ ନାହିଁକି ସେ ଦେଖାଇ ନିଷ୍ଠା
ପ୍ରକୃତରେ ତୁମ୍ଭ ପିତା ହରଣ
କରିବା ନିମନ୍ତେ ମୋ ଯଶ ଜାଣ
ତତ୍ପର,
ହେଉ ଅଶ୍ୱକୁ ଧରି
ଆସିଅଛି ଜ୍ଞାନେ ବୁଝି ବିଚାରି । ।୧୦।
ଅନ୍ୟ ପ୍ରସଙ୍ଗେ ତତ୍ତ୍ୱେ ଦିଅ ଚିତ୍ତ
ଯେ ବିଷ୍ଣୁ ପୁରୁଷୋତ୍ତମ ବିଖ୍ୟାତ
କେବଳ ଶିବ ମହେଶ୍ୱର ବୋଲି
ବୁଝାଏ ଆନେ ନ ବୁଝାଏ ବଳୀ
ସେପରି,
ଶତକ୍ରତୁ ମୋ ନାମ
ବିଦ୍ୱାନଙ୍କ ମୁଖେ ସର୍ବଦା ରମ୍ୟ । ।୧୧।
ତାହା ରକ୍ଷାରେ ପୂର୍ବେ ମୁହିଁ ଜାଣି
ସଗର ରାଜା ଯଜ୍ଞ ଅଶ୍ୱ ଆଣି
ଥିଲି ଏବେ ଅଶ୍ୱ ଅପହରଣ
କରିଛି ବୃଥାମରଣ ବରଣ
ନକର,
ସଗର ପୁତ୍ର ପରି
ଏହା ଶୁଣି ରଘୁ କୋଦଣ୍ଡ ଧରି । ।୧୨।

୮: ହବିର୍ଭାଗ-ଯଜ୍ଞ ଆହୁତି, ୯: ପୁରନ୍ଦର-ଇନ୍ଦ୍ର ,୧୧:ଶତକ୍ରତୁ- ଶତଯଜ୍ଞ,ମେଘନାଦ-ଇନ୍ଦ୍ରଜିତ,ଦିଲ୍ଲୀପସୁତ-ରଘୁ

Digitized by PPRACHIN, SOA

ବୋଲନ୍ତି ଯଦି ଏପରି ସିଦ୍ଧାନ୍ତ
ଆପଣ କରିଛନ୍ତି ରଘୁଅନ୍ତ
ନ ହୋଇବା ଯାଏ, ଅଶ୍ୱ ହରଣ
ହୋଇ ନପାରିବ କରନ୍ତୁ ରଣ
ଏ ବାକ୍ୟ,
ଶରେ ସେ ଶତମନ୍ୟୁ
ମେଘମାଳେ କ୍ଷଣେ ରହିବା ଧନୁ । ।୧୩।

ଉପମା ଉପମେୟ

ଧରି କରେ ଶର ପେଶୁ ସଘନେ
ନିବାରନ୍ତି ତାହାକୁ ରଘୁ ବାଣେ
ମେଘ ବୃଷ୍ଟି କାଳେ ଅଙ୍ଗୁ ଉତ୍ପନ୍ନ
ଅଗ୍ନି ଲିଭାଇ ନ ପାରେ ଯେସନ
ତେସନ,
ଇନ୍ଦ୍ର ପ୍ରତି ଅସ୍ତ୍ରରେ
ବାରଣ ନକରି ପାରି ବ୍ୟସ୍ତରେ । ।୧୪।
ରଘୁଙ୍କ ବକ୍ଷରେ ବଜ୍ର ନିପାତ
କଲେ ରଘୁ ପଡ଼ି ଉଠି ତୁରିତ
ସମର ଆରମ୍ଭୁ ଅମର ପତି
ଜାଣିଲେ ରଘୁଙ୍କୁ ନ ହେବ ଜିତି
ଆଦରେ,
ବୋଲନ୍ତି ବୀରଶ୍ରୁଣ,
ଜାଣିଲି ବଜ୍ରମାରି ବୀରପଣ । ।୧୫।
ଆଉ ମନ ମଧ୍ୟେ ନାହିଁ ବିରାଗ
ଅଶ୍ୱକୁ ଛାଡ଼ି ଯାହା ଚାହଁ ମାଗ
ଶ୍ରବଣେ ରଘୁ ବୋଲନ୍ତି ସସ୍ନେହେ
ଅଶ୍ୱକୁ ଯଦି ଛାଡ଼ିବାର ନୁହେଁ
ସେଅଶ୍ୱ
ମେଧ ଯଜ୍ଞର ଫଳ
ପ୍ରାପ୍ତ ହେଉ ମୋ ପିତାଙ୍କୁ ଚଞ୍ଚଳ । ।୧୬।

ଯଜ୍ଞ କର୍ମରେ ସେ ଏବେ ତତ୍ପର
ଆମ୍ଭେ ଯିବା ଆଗୁ ତୁମ୍ଭର ଚାର
ଦିଅନ୍ତୁ ଯାଇ ଏ ସମ୍ବାଦ ମାନ
ପ୍ରତିଶ୍ରୁତି ଦେଇ ସେ ମଘବାନ
ଯାଇଣ
ଘଟିଥିବା ଘଟଣା
ଦିଲ୍ଲୀପଙ୍କ ଆଗେ କରାନ୍ତେ ଜଣା । ।୧୭।
କହନ୍ତି ସେ ଦିଲ୍ଲୀପ ନରପତି
ମୋ ତପଫଳ ପୁତ୍ରେ ହେଉ ପ୍ରାପ୍ତି
ଏହି ଠାରୁ ଅନ୍ୟ ପ୍ରସଙ୍ଗେ ଚିତ୍ତ
ଦିଅ ବୁଧେ ସେହି ଦିଲ୍ଲୀପ ସୁତ
ପ୍ରଜାଙ୍କୁ,
ପାଳନ୍ତି ସମାଦରେ
ବୁଡ଼ ପଡୁ ଥରେ ସରଯୂ ନୀରେ । ।୧୮।
ଯୋଗ କାଳବେଳ ମୁହୂର୍ତ୍ତ ଗଣି
ପ୍ରଭାତେ ଗଲେ ରଘୁ ସର୍ବରାଣୀ
ଏଣେ ସେ ଦେଶର ନାରୀ ସମାଜ
ବୁଡ଼ ଦେବାକୁ ହୋଇ ସଜବାଜ
ଗମନ୍ତେ,
ପଥରେ ଭେଟା ଭେଟି
ମୁଖ ନ ଚାହିଁଣ ଗଲେ ଲେଉଟି । ।୧୯।
କାରଣ ଜାଣିବା ପାଇଁ ସେ ରାଣୀ
ସହଚରୀ ଏକ ପେଶୁ ତତ୍କ୍ଷଣି
ପଚାରୁ ସେ ଯାଇ ଜଣେ କହଇ
ଅପୁତ୍ରୀ ମୁଖ ପ୍ରଭାତେ ନ ଚାହିଁ
ଅଶୁଭେ,
ଡ଼ରି ଆସିଲୁ ସର୍ବ
କ୍ରୋଧ ନ ହେବେ ବୁଝାଇ କହିବ । ।୨୦।

Digitized by PPRACHIN, SOA

ସେହି ସହଚରୀ ଯାଇ କହିଲା
ଶୁଣି ସର୍ବ ରାଣୀ ଚିତ୍ତ ଦହିଲା
ବିପ୍ରେ ବରି ମାଗନ୍ତେ ପ୍ରତିକାର
ବୋଇଲେ ସେ ତୀର୍ଥ ବ୍ରତାଦି କର .
ହୋଇବ,
ଧର୍ମ ବଳୁ ନନ୍ଦନେ
ଶୁଣି ସର୍ବେଶୋକ ଗୃହେ କ୍ରନ୍ଦନେ । ।୨୧।
ଏଣେ ପ୍ରଜା ବତ୍ସଳ ରାଜା କାର୍ଯ୍ୟ
ସାରି ଆସି ଦେଖନ୍ତି ହାରି ଧୈର୍ଯ୍ୟ
ରାଣୀଯେ ଶୋଇଛନ୍ତି ଶୋକଗୃହେ
ମାନ ଭାଙ୍ଗି ନୃପ ପଚାରୁ ସ୍ନେହେ
କହନ୍ତି,
ହେଲା ଜୀବନ ବୃଥା
କି କହିବୁ କାନ୍ତ ଅନ୍ତର ବ୍ୟଥା । ।୨୨।
ଅପୁତ୍ରିକ ହେତୁ ମୁଖ ଆମ୍ଭରି
ନ ଚାହାଁନ୍ତି ପ୍ରଜା ପାପକୁ ଡ଼ରି
ପଳାଇ ଗଲେ ସ୍ନାନ ତୋଠୁ ଶୁଣ
ଥାଇ ଏ ଜୀବନ କେଉଁ କାରଣ
ପଚାରୁ
ବିପ୍ର କହିଲେ ତୀର୍ଥ
କର ଧର୍ମ କାର୍ଯ୍ୟ ହୋଇବ ପୁତ୍ର । ।୨୩।
ଏଣୁ କରିବା ବୁଲି ତୀର୍ଥବ୍ରତ
ରିଷ୍ଟ ଖଣ୍ଡନେ ବା'ହୋଇବ ସୁତ
ବୋଲନ୍ତି ରାଜନ ସେ କଥା ଶୁଣି
ଏ ଲଘୁ ବିଚାର କହ ନଜାଣି
ମୋ ଜ୍ଞାନେ
ଦେଶ ପ୍ରଜା ମୋ ପୁତ୍ର
ଦୂର ଦେବାଳୟେ ନାହିଁ ମୋ ଚିତ୍ତ । ।୨୪।

ସର୍ବଦା ପ୍ରଜା ସେବି ଅନ୍ତରରେ
ଶିବ ଶିବା ହୃଦେ ଦର୍ଶନ କରେ
ଜ୍ଞାନ ନେତ୍ରେ ଦେଖି ପାରିଲେ ସର୍ବେ
ଲୋଡ଼ା ନ କରିବ ପୁତ୍ରକେ କେବେ
କହନ୍ତି,
ନୃପତି ପିତା ପ୍ରଜା
ପୁତ୍ର କିମ୍ବା ଦତ୍ତ କରାଅ ମଜ୍ଜା । ।୨୫।
ରାଣୀଏ ସେଥି ସ୍ୱୀକାର ନ କରି
ବୋଲନ୍ତି ଯିବା କାନ୍ତ ତୀର୍ଥ କରି
ଯୋଷାଙ୍କ ମାନସ ତୋଷେ ନୃପତି
ବୃଦ୍ଧ ସଚିବେ ଡ଼କାଇ ଭାଷନ୍ତି
ରାଣୀଙ୍କୁ,
ନେଇ ବୁଲାଇ ଆଣ
କରାଇ ତୀର୍ଥରେ ଦେବ ଦର୍ଶନ । ।୨୬।
ଆଦେଶ ପାଇ ମନ୍ତ୍ରୀ ଘେନିଗଲେ
ନାନାଦି ତୀର୍ଥ ପର୍ଯ୍ୟଟନ କଲେ
ଶେଷରେ ବାରାଣସୀ ପୁରେ ଆସି
ପିଣ୍ଡ ଦାନେ ଶୌଚେ ସର୍ବ ସୁକେଶୀ
ବ୍ରାହ୍ମଣେ ,
ଲୋଡ଼ୁ ସେ ମାୟାଧର
ମାୟା ବିପ୍ର ରୂପେ ଉଭା ସତ୍ୱର । ।୨୭।

ଶ୍ରାଦ୍ଧ ବର୍ଣ୍ଣନା

ପୁଚ୍ଛି ଯଜମାନ ପିତୃ ପିରୁଷ
ନାମ ଗୋତ୍ର ଶାଖା ଉଚ୍ଚାରି ମାସ
ତିଥିବାର ଯୋଗ ଲଗ୍ନାଦି କହି
ପୁଗ ସହ ତିଳ ତଣ୍ଡୁଳ ଦେଇ
ସଂକଳ୍ପ,
କରି ସାରିଲେ ଶ୍ରାଦ୍ଧ
ଷଡ଼ ରସ ବ୍ୟଞ୍ଜନେ ବିପ୍ରବୋଧ । ।୨୮।

୨୭: ମାୟାଧର-ନାରାୟଣ, ୨୮:ପୁଗ-ଗୁଆ,ଷଡ଼ରସ-ମଧୁର,ତିକ୍ତ,କଷାୟ,ଲବଣ,ଅମ୍ଳ,କଟୁ

Digitized by PPRACHIN, SOA

ଦକ୍ଷିଣା ମାଗ ବିପ୍ରେ କହୁ ରାଣୀ
ପରୀକ୍ଷା ନିମନ୍ତେ ସେ ଚକ୍ରପାଣି
ବୋଲନ୍ତି ବିଶ୍ୱନାଥଙ୍କ ପ୍ରସାଦେ
ଅଭାବ କିଛି ନାହିଁ ମୋର ଭଦ୍ରେ
ଜାଣିଲୁ
ତୁମ୍ଭର ବଂଶ ଯଶ
କେବେ ଗଲେ ସେଥି କରିବ ତୋଷ ।।୨୯।
ଶୁଣି ପ୍ରକାଶନ୍ତି ସେ ପାଟ ରାଣୀ
ଦକ୍ଷିଣା କିପରି ନ ଦେବୁ ଜାଣି
ଦୟା କରି ଦିଅନ୍ତୁ ଆଶୀର୍ବାଦ
ମାଗନ୍ତୁ ଦକ୍ଷିଣା ଖଣ୍ଡୁ ବିପଦ
ସେ ବିପ୍ର,
ବୋଲନ୍ତି ଯାହା ଲୋଡ଼ା
ଦେବା ଆଶା ଊଣା ଆନ ଅଲୋଡ଼ା । ।୩୦।

ଶ୍ରାଦ୍ଧ ଦକ୍ଷିଣା

ସତ୍ୟ କର କହୁ କରନ୍ତେ ରାଣୀ
ତୁମ୍ଭେ ଦକ୍ଷିଣା ଏ ଶ୍ରାଦ୍ଧରେ ଭଣି
ସେଥି ବିପ୍ର ବୋଲନ୍ତି ଅଙ୍ଗୀକାର
କର ପ୍ରାପ୍ତ ହେବ ଶ୍ରାଦ୍ଧର ଫଳ
ତଟସ୍ଥେ,
ସଢ଼ି ଲଜ୍ଜାରେ ରାଣୀ
ବୋଲନ୍ତି ଏପରି ନକହ ବାଣୀ । ।୩୧।
ପୁଣି ବୋଲନ୍ତି ଏ ନୁହେଁ ଉଚିତ
ବିପ୍ର କୁଳେ ନିନ୍ଦା ହେବ ସୂଚିତ
ମାଗି ଥିବା ଦକ୍ଷିଣା ବଦଳାଇ
ମାଗ ବିପ୍ର ଦେବୁ ଶୋଚନା ନାହିଁ
କହନ୍ତି
ପୁଣି ପାଟ ମହିଷୀ
ମୁଁ ନୁହେଁ, ମୋର ଯେ ନୁହନ୍ତୁ ରୋଷି । ।୩୨।

ଅଗ୍ନି ବ୍ରାହ୍ମଣ ସମ୍ମୁଖେ ପିଅର
ମୋତେ ଅପିଛନ୍ତି ସ୍ୱାମୀଙ୍କ କର
ସ୍ୱାଧୀନ ନୁହେଁ ମୁଁ ଯିବି କିପରି
ମାୟାଧର ବୋଲନ୍ତି ଶୁଣି ବରି
ନହେଲା,
ନାହିଁ ଯାଉଛି ଆଜ
କାହିଁ ନ କହିବ ଏ କଥା ଦ୍ୱିଜ । ।୩୩।
ପିତୃଶ୍ରାଦ୍ଧ ଫଳ ଦକ୍ଷିଣା ବିନା
ବୃଥା ହେବ ଭାବି ସର୍ବ ସୁମନା
ଚରଣ ତଳେ ପଡ଼ି ବିପ୍ରଙ୍କର
ବୋଲନ୍ତି ପ୍ରଭୁ ଏଥୁ ତ୍ରାହି କର
ବିରାଗେ,
ଆସ ଆମ୍ଭ ନଗରେ
ନୃପେ କହି ମୁଁ ଆସିବି ସଙ୍ଗରେ । ।୩୪।
ରାଜି ହେଉ ବିପ୍ର ମନ୍ତ୍ରୀ ସଙ୍ଗରେ
ରାଣୀୟେ ଯାନ ଆରୋହିଣ ଖରେ
ପ୍ରବେଶୁ ଦେଶେ ରଘୁ ନୃପବର
ପାଛୋଟାଇ ଭଲ ମନ୍ଦ ଖବର
ପଚାରୁ,
ମନ୍ତ୍ରୀ ଦୁଃଖେ କହନ୍ତି
ଉପାଧି ବ୍ୟାଧି ପୀଡ଼ା ଦିଏ ଅତି । ।୩୫।
ପ୍ରଚ୍ଛନେ ତତ୍ତ୍ୱ ଜ୍ଞାନେ ବୁଝି ନୃପ
ସ୍ଥିର କଲେ ଏତ ନୁହନ୍ତି ବିପ୍ର
ପୃଥିବୀରେ କେ ରବିବଂଶ କୀର୍ତ୍ତି
ନଜାଣେ, ମନରେ ନବହି ଭୀତି
ମାଗିବ,
ଆମ୍ଭ ରାଣୀ ଦକ୍ଷିଣା
ନାରାୟଣ ପ୍ରାୟ ଯାଉଛି ଜଣା । ।୩୬।

Digitized by PPRACHIN, SOA

ଡ଼କାଇ ବିପ୍ରଙ୍କୁ ସେ ସମାଦରେ
ଚରଣ ଧଉତ କଲେ ପାଦରେ
ଆସନେ ବସାଇ କରନ୍ତି ବ୍ୟକ୍ତ
ମାଗିବା ଦକ୍ଷିଣା ଚାହୁଁ ଅଛତ
ସ୍ୱୀକାର,
ଦେଉ ନୃପ କହନ୍ତି
ରାଣୀଏ ବ୍ରତେ ହୋଇଥିଲେ ବ୍ରତୀ । ।୩୭।
ବ୍ରତ ପୂର୍ଣ୍ଣ ପାରଣା ଆଜ ରାତ୍ରୀ
ହେବ ଦେବ ତୁମ୍ଭେ ହେବ ଅତିଥି
କହି ରାଜ କାର୍ଯ୍ୟରେ ଯୋଗଦେଲେ
ବିପ୍ରଙ୍କୁ ବସାସଞ୍ଚା ଯୋଗାଇଲେ
ଆନନ୍ଦ
ବିପ୍ର ଯଥା କାଳରେ
ଭୋଜନ ଶୟନ କଲେ ଭୋଳରେ । ।୩୮।
ଶୁଭେ ରାମ ରାତ୍ରି ପାହୁ ନୃବର
ରାଣୀ ହଂସ ପୁରେ ଦେଇ ଖବର
ପର୍ଯ୍ୟଟନେ ତେଜିବା ବିଭୂଷଣ
ଆଭରଣ ଅଙ୍ଗେ ହୋଇ ଭୂଷଣ
ପ୍ରାଙ୍ଗଣେ
ଆସି ଅପେକ୍ଷାକର
ଦକ୍ଷିଣା ନେଇ ଯିବେ ବିପ୍ରବର । ।୩୯।
ଏଣେ ଭୂଦେବଙ୍କୁ ଡ଼ାକି ଭୂପତି
ବୋଲନ୍ତି ଶ୍ରବଣେ ଢ଼େରନ୍ତୁ ଶ୍ରୁତି
ଜ୍ୟେଷ୍ଠାରାଣୀ ଅଟନ୍ତି ଯେ ଆମ୍ଭର
ତାଙ୍କୁ ମାଗିଛ ନେବ ବିପ୍ରବର
ମୋହର
କିଛି ନାହିଁ ଆପତ୍ତି,
କିନ୍ତୁ ଅନ୍ୟ ରାଣୀ ସୁନ୍ଦର ଅତି । ।୪୦।
ଏଣୁ ମୁଁ ମନରେ କରିଛି ଥୟ
ଯାହାକୁ ଇଚ୍ଛା ତାକୁ ଡ଼ାକି ନିଅ
ଅସୁନ୍ଦରୀ ବୟସିକାକୁ ନେଇ
ପଛେ ଆଉ ନିନ୍ଦା ନଯାଅ ଦେଇ
ସଚିବ
ସଙ୍ଗେ ପଠାଇ ବିପ୍ର
ଛଳନାରେ ବିପ୍ର ନୃପ ସମୀପ । ।୪୧।
ଦେଖୁ ନୃପତି ବୋଲନ୍ତି ଦକ୍ଷିଣା
ଗ୍ରହଣ କରିଲେତ ମହାମନା
ମାୟାଧର ମାୟା କରିବୋଲନ୍ତି
ନ ହୋଇ ପାରିଲା ମୋ ମନ ଶାନ୍ତି
ଯାଉଛି
ଶ୍ରମ ହୋଇଲା ସାର
କହନ୍ତି ନୃପ କି ହେଲା ଖବର । ।୪୨
ମୋର ଆଦେଶ ମୋର ରାଣୀଗଣ
ପାଳନ ନ କରିଲେ କି ବ୍ରାହ୍ମଣ
କିବା ଘଟିଲା ମନ୍ଦ ପରିସ୍ଥିତି
କହୁ କହୁ ସେଥି ବିପ୍ର କହନ୍ତି
ଆଦ୍ୟରେ,
ଜ୍ୟୋଷ୍ଠା ରାଣୀଙ୍କୁ ଦେଖି
ନେବି ଭାବି ଆନେ ପକାଉ ଆଖି । ।୪୩।
ତାହାଙ୍କ ଠାରୁ ସେ ଦିଶେ ଶୋଭନ
ତା ପାଶ ଶୋଭା ଦିଶେ ଆନ ଆନ
ଏ ପରିସ୍ଥିତିରେ ନ ମାଗି ପାରି
ଏଣୁ ପଳାଇବି ସ୍ୱଦେଶେ ଫେରି
ଯାହା ମୋ
ମନ କାମନା ତାହା
ପୂର୍ଣ୍ଣ କରିବକି ଅଯୋଧ୍ୟା ନାହା । ।୪୪।

୪୦: ଭୂଦେବ-ବ୍ରାହ୍ମଣ, ଭୂପତି-ରାଜା, ୪୧:ସଚିବ-ମନ୍ତ୍ରୀ,

Digitized by PPRACHIN, SOA

ବୋଲନ୍ତି ମାଗ ମାଗ ବିପ୍ରବର,
ଯାହା ତୁମ୍ଭ ଇଚ୍ଛା ଦେବି ସତ୍ୱର
ଏ କଥା ଶୁଣି ପୁରୁଷତ୍ତମ
ବୋଲନ୍ତି ସର୍ବ ରାଣୀ ଦିଅ ଧର୍ମ
ହେବ ଯେ
ରଘୁ ନୃପତି ଶୁଣି
ଅନ୍ତର ଆତ୍ମାରେ ହୁଅନ୍ତି ଗୁଣି । ।୪୫।

ରାଜାଙ୍କ ବର ପ୍ରଦାନ

(ଆଷାଢ଼ ଶୁକ୍ଳ)

ବିପ୍ରଙ୍କ କଥା ଅତି ଅଦଭୂତ
କି କରିବେ ନେଇ କରିଲେ ଦତ୍ତ
କ୍ଷୀଣ ଶରୀର ଗଡୁ ତମ୍ବା ପାତ୍ରୀ
ଶ୍ରୁବ ଶ୍ରୁଚ ଦର୍ଭ ବିଡ଼ା ବିଭୂତି
ବିଳାସିନୀ ଗଣ
ତୋଷିବା ସମ୍ଭବ ନୁହେଁ ବ୍ରାହ୍ମଣ । ।୪୬।
ଥୟ କରିଲେ ବିଦଗ୍ଧ ମନକୁ
ବାନ ପ୍ରସ୍ଥେ ଆମ୍ଭେ ଯିବା ବନକୁ
ବିପ୍ରଙ୍କ ହସ୍ତେ ରାଣୀ କରି ଦାନ
ଅଯୋଧ୍ୟା ମୁକୁଟ ପ୍ରଜା ଆସନ
ରଖାଇବା କୀର୍ତ୍ତି
ନିର୍ଦ୍ଦେଶ ଦେଲେ ଡ଼ାକି ମହାମନ୍ତ୍ରୀ । ।୪୭।
ବିପ୍ରଙ୍କ ଆଦେଶ ପାଳିବେ ପ୍ରଜା
ସ୍ୱାମୀ ବତ ରାଣୀ କରିବେ ପୂଜା
ଆମ୍ଭ ଆଗମ ତପସ୍ୟାର୍ଥେ ବନେ
ଅଙ୍ଗ ଅର୍ପିବେ ଯେ ସଂଶୟହୀନେ
ସର୍ବ ପରିକର
ସେବିବେ ନୃପତି ଭାବି ପୟର । ।୪୮।

ରାଜ ମୁକୁଟ ବିପ୍ର ଶିରେ ଦେଇ
କର ଧରି ସିଂହାସନେ ବସାଇ
ବିଦାୟ ମାଗୁ ମାୟା ବିପ୍ରବର
ଆସନୁ ଉଠି ଧରି ନୃପ କର
ବୋଲନ୍ତି ରାଜନ
ପରୀକ୍ଷାରେ ତୁମ୍ଭେ ହେଲ ଉତୀର୍ଣ୍ଣ । ।୪୯।

ବ୍ରାହ୍ମଣଙ୍କ ଉକ୍ତି

ମୂର୍ଦ୍ଧାଭିଷିକ୍ତ ଅର୍ଦ୍ଧାଙ୍ଗିନୀ କେହି
ମାଗିଲେ ନଦେବ ଅଯୋଧ୍ୟା ସାଇଁ
ଆମ୍ଭେ ନାରାୟଣ ତୁମ୍ଭ କାମନା
ପୂରଣ ହେବ ନକର ଶୋଚନା
ଘେନି ସର୍ବରାଣୀ
ପୁତ୍ରବତ ପ୍ରଜାପାଳ ନୃମଣି । ।୫୦।
ରାଗି ନରେଶ ଅଚ୍ୟୁତେ ଜଳ୍ପନ୍ତି
ଏକି ଅଭୂଷଣ କଥା ଶ୍ରୀପତି
କହ ନାରାୟଣ ବିଚାରି ମନେ
ନାରାଙ୍କୁ ଅର୍ପିଣ ଥିଲି ଚରଣେ
ତାହାଙ୍କୁ କିପରି
ସ୍ପର୍ଶ କରିବି ପାପ ହେବ ଭାରି । ।୫୧।
ତୁମ୍ଭ ଚରଣେ ସମର୍ପିବା ଦ୍ରବ୍ୟ
ଶାସ୍ତ୍ର କହେ ଗ୍ରହଣ ନକରିବ
ତାହାକୁ ନିନ୍ଦିତ କରନ୍ତି ବୁଧେ
ଏ ନିର୍ଦ୍ଦେଶ ଦିଅ କିପରି ବାଧେ
ଉଚିତ ନୁହଇ,
ସେ ମାତୃତୁଲ୍ୟ ତାଙ୍କୁ ଭୋଗିବଇଁ । ।୫୨।

୪୬:ଦର୍ଭ-କୁଶ,ବିଭୂତି-ଧନ୫୦:ମୂର୍ଦ୍ଧାଭିଷିକ୍ତ-ବିବାହିତ,ଅଭିଷେକ ରାଣୀ ୫୧: ଅଚ୍ୟୁତ-ବ୍ରାହ୍ମଣ ରୂପି ନାରାୟଣ. ଶୀପତି-ନାରାୟଣ. ରମା-ଲକ୍ଷ୍ମୀ. ରାମ-ନାରାୟଣ

Digitized by PPRACHIN, SOA

ରାଜା ନିଷ୍ପତ୍ତିରେ ରମା ରମଣ
ଧ୍ୟାନ ମାନି ବୋଲନ୍ତି ନୃପଶୁଣ
କହୁଛି କଥା ଏକ ବେଦର ଶ୍ରୁତି
ଦିବ୍ୟ ମନ୍ତ୍ର ଶାସ୍ତ୍ରେ ଭଣ୍ଡାରେ ଛନ୍ତି
ପୂର୍ବେ ଅମ୍ବରିଷ
ତପରେ ସେବଇଥିଲୁ ହୋଇ ତୋଷ । ।୫୩।।
ଆସନ ଭୂତଶୁଦ୍ଧି କରି ବଶ
ପ୍ରଣବେ କରି ଅଙ୍ଗ କର ନ୍ୟାସ
ଶୁଚିରେ ସେ ମନ୍ତ୍ର କର ପଠନ
ଅନୂଢ଼ା ହେବେ ସର୍ବ ରାଣୀଗଣ
ଯଥାକାଳେ ସୁତ
ଧର୍ମ ବନ୍ଧୁ ରାଜା ହୋଇବ ଜାତ । ।୫୪।

ଏହିପରି ସୂର୍ଯ୍ୟ ବଂଶ ନୃପତି
କରି ଅଛନ୍ତି କନ୍ୟା ସ୍ୱାଧ୍ୱୀ ସତୀ
ରାମଚନ୍ଦ୍ର ଙ୍କର ଏ ଘଟ ପାଠ
ସାଧ୍ୱୀ କନ୍ୟା କଥା ହେଲା ପ୍ରକଟ
ବୟସିକା ନାରୀ
ସତୀ ରାମ କରିଥିଲେ ଏପରି । ।୫୫।
ଏ ଛାନ୍ଦ ବିଦଗ୍ଧେ ଅତି ସରସ
ଶ୍ରବଣେ ଯାଇ ବୈକୁଣ୍ଠରେ ବସ
ଜାନକୀ ବିଳାସ ଉର୍ମିଳା ପତି
ଜନକ ନନ୍ଦିନୀ ଚରଣେ ମତି
ଦୟା ନିଧି ରଖି
ଚାରି ଚତୁର୍ଦ୍ଦଶ ପଦ କୁ ଲେଖି । ।୫୬।

ରାମଚନ୍ଦ୍ରଙ୍କର ବକକୁ ବର ଦାନ

(ରାଗ ରାମକେରୀ)

ଛାନ୍ଦ - ୧୫

ସାଧବ ଶୁଣହେ ମାଧବ ଘନେ କରି ପ୍ରେକ୍ଷଣ
କାତର ଚିତ୍ତରେ କାନ୍ତାର ବାର୍ତ୍ତା ଶ୍ରବଣେ ମନ । ।୧।

ଶରତ ଋତୁ ବର୍ଣ୍ଣନା

ଦକ୍ଷିଣୁ ଦକ୍ଷିଣ ସମୀର ରାମେ ବାରତା ଦେଲା
କ୍ରମେ ବର୍ଷାଋତୁ ବିଗତ ଶରତ ଆସି ହେଲା । ।୨।
ଘନ ଦୂତେ କହି ପଠାଇ ଥିଲ ବରଷା ଅନ୍ତେ
ଯିବ ଜୀବଧନ ଜାନକୀ ଉଦ୍ଧାରିବା ନିମନ୍ତେ । ।୩।
ଭେକ ନାଦ ଘନ ଗର୍ଜ୍ଜନ ଗଲା କେକୀର ସ୍ୱନ
ଶୁଭେ, ମାନସରୋବରରୁ ହଂସ କଲେ ଗମନ । ।୪।
ଖଦ୍ୟୋତ ବଦଳେ ଉଦିତ ନଭେ ନକ୍ଷତ୍ର ପନ୍ତି
ପୂର୍ଣ୍ଣଚନ୍ଦ୍ର ପୂର୍ଣ୍ଣ ପ୍ରତିଭା ଦହେ ବିରହୀ ମତି । ।୫।
ସୋମ ପୁଷ୍ପ ବାସ ଚହଟେ ଅଦୃଶ୍ୟେ ଦୂର ବନେ
ଠାବେ ଠାବେ ଶ୍ୟାମ ଅଟବୀ ଶୋଭେ ଘଞ୍ଚ କାନନେ । ।୬।

୧: ମାଧବ-ରାମ, ୨:ସମୀର-ପବନ, ୪:ଭେକ-ବେଙ୍ଗ, ଘନ-ମେଘ, କେକୀ-ମୟୂର, ୫:ଖଦ୍ୟୋତ-ଜୁଳୁଜୁଳିଆ ପୋକ, ନଭେ-ଆକାଶରେ, ନକ୍ଷତ୍ର-ତାରା, କାଦମ୍ବିନୀ-ମେଘ, ପ୍ରତିଚୀ-ପୂର୍ବଦିଗ,

Digitized by PPRACHIN, SOA

କାଦମ୍ବିନୀ କାହିଁ ପ୍ରଦୋଷେ ପ୍ରତିଚୀ ଦିଶ ପଟେ
କୁଙ୍କୁମା-ଙ୍କିତ କରିତନୁ ଛବି ପ୍ରାୟ ପ୍ରକଟେ । ।୭।
ଜଳାଶ୍ରୟ ସ୍ୱଚ୍ଛେ ଶୋଭଇ କଳ୍ମଷ ହେଉ ଲୀନ
ଜଳଧର ଶୁଭ୍ର ଶୋଭାରେ ଜଳଦାନେ କୃପଣ । ।୮।

ଶିଶିର ଋତୁ ବର୍ଣ୍ଣନା

ଭାଦ୍ରବର ଶୁକ୍ଳ ଦଶମୀ ଦିନାର୍ଦ୍ଧେ ହନୁମାନ
ସୁଗ୍ରୀବ ରାଜନ ଆଗରେ କରିଲେ ଯେ ଜଣାଣ । ।୯।
ଦେଖହେ ମାତୁଳ କକଡ଼ା ଅନ୍ତେ ସିଂହର ଶେଷ
କନ୍ୟାଅନ୍ତେ ତୁଳେ ଶଶିର ଆସି ହେବ ପ୍ରକାଶ । ।୧୦।
ବାରିଦ ପ୍ରକୋପ ଗଲାଣି ଜଳବୃଷ୍ଟି ନକରେ
ଠିଆ କିଆ ଫୁଟି ସୁବାସେ ଲୋଟି ମାନସ ହରେ । ।୧୧।
ବଉଳ ବଇଞ୍ଚ ବଦରି ପାଦପେ କଷି ହେଲା
ଅଁଳା ଉଦୁମ୍ବର ପୋହଳା ଜ୍ୟୋତି କ୍ରମେ ଧଇଲା । ।୧୨।
ଆସନ ଶାସନ ପାଇଣ ନିଶ୍ଚିନ୍ତ ଗଲ ହୋଇ
ମିତ୍ରେ ଥରେ ଦେଖା ନକଲ ମନେ ଧରି ବଡ଼ାଇ । ।୧୩।
ଯାହ୍ୱ. ପ୍ରସାଦରୁ ଏଶିରୀ ପ୍ରାପ୍ତ ତାଙ୍କୁ ଅବଜ୍ଞା
ନକରିଣ ସେନା ସଂଗ୍ରହେ ଶୀଘ୍ର ଦିଅନ୍ତୁ ଆଜ୍ଞା । ।୧୪।
ତୁଳେ ଯିବା ମୂଳ ନକର ଖାଲି କାଳକୁ ଲେଖି
ଚାରି ଦିଗେ ଚାର ପେଷନ୍ତୁ ମୋର କଥାକୁ ରଖି । ।୧୫।
ଅଙ୍ଗୀକାର କରି ଅଙ୍ଗଦେ ରାଇ ବୋଇଲେ ବାବୁ
ଶୁଭ ଲଗ୍ନେ ମଗ୍ନେ ଯାଅତୁ ସେନା ସଂଗ୍ରହେ ସବୁ । ।୧୬।
ଚାର ବରଗିଲେ ଅମାନ୍ୟେ କେତେ ଆସିବେ ନାହିଁ
ତ୍ରିଲକ୍ଷ ଯୋଜନ ମେଦିନୀ ଭ୍ରତଖଣ୍ଡ ଏ ମହୀ । ।୧୭।
ମୁଖ୍ୟ ମୁଖ୍ୟ ଋକ୍ଷ ମର୍କଟ ଆକଟେ ଆଣ ଗଣି
ଯୁବରାଜ କିସ କହିବି ସୁବୁଦ୍ଧି ଶିରୋମଣି । ।୧୮।
ପିତା ପରାକ୍ରମ ପୂର୍ବରୁ ସର୍ବେ ରହିଛ ଜଣା
ଯଥା ସମାଦରେ ଫେରିବ ନମିଳିବ ଗଞ୍ଜଣା । ।୧୯।
ରାଜ ଆଜ୍ଞା ପାଳି ଅଙ୍ଗଦ ଧରିଣ ଅଙ୍ଗବଳ
ବାରୁଣୀ ଦିଗରେ ବାହାର ବାରିଣ ଅନୁକୂଳ । ।୨୦।

ଟୀକା ୮:ଜଳାଶ୍ରୟ-ପୋଖରୀ, ଜଳଧର-ମେଘ ବା ଇନ୍ଦ୍ର, ୯: ଶୀତଦଶମୀ -ଶୁକ୍ଳ ଦଶମୀ, କକଡା-ଆଶଢ଼ ମାସ, ସିଂହ-ଭାଦ୍ରବ, ତୁଳ-ଆଶ୍ୱନ୍ୟ, ବାରିଦ-ମେଘ, ବଦରି-ବରକୋଳି, ୧୨: ଉଦୁମ୍ବର-ଡିମ୍ବିରି ୧୪: ଯାହାପ୍ରଶାଦରୁ-ଆଶୀର୍ବାଦରୁ, ୧୫: ତୁଳେ-ଆଶ୍ୱିନ୍ୟ କାର୍ତ୍ତିକ ମାସ ରେ

Digitized by PPRACHIN, SOA

ଲଞ୍ଜାତାରା।

ଏଣେ ନିଶି ଶେଷେ ଅନୁଜେ ଡ଼ାକି କୌଶଲ୍ୟାବାଳ
ଅମ୍ବରେ ଚିହ୍ନାନ୍ତି ଦେଖଏ ଧୂମକେତୁ ମଣ୍ଡଳ । ।୨୧।
କେଉଁ ଦିଗ ହେବ ତାପୁଚ୍ଛ କେଉଁ ଦେଶେ ପଡ଼ିଛି
ସେ ଦେଶ ନୃପତି ପ୍ରୟାଣ ହେବ ଶାସ୍ତ୍ରେ ପଢ଼ିଛି । ।୨୨।
ସୁମିତ୍ରା ନନ୍ଦନ ବନ୍ଦନ କରି ସନ୍ଧାନେ ଜବ
ଭାଷନ୍ତି ଦକ୍ଷିଣେ ସେ ଲଙ୍କା ନୃପ ଲଙ୍କେଶ ହେବ । ।୨୩।
ସୀତା ଚୋର ନାମ ଶ୍ରବଣେ ପଡୁ ରଘୁ ନନ୍ଦନ
ସୀତା ସୀତା ବୋଲି ବ୍ୟାକୁଳେ ତହିଁ କଲେ କ୍ରନ୍ଦନ । ।୨୪।
ମନ୍ଦ ବିହି ଛନ୍ଦେ ଦେଲାଏ କଷ୍ଟ କରମେ ଥିଲା
ହିସାବ କରନ୍ତି ସମୟ ତ୍ରିଯାମା ଶେଷ ହେଲା । ।୨୫।
କରମ ସଫଳ ହୋଇବ ରାବଣ ବଂଶ ମାରି
ଉଦ୍ଧାର କରିଣ ଜାନକୀ ଯିବା ଅଯୋଧ୍ୟା ଫେରି । ।୨୬।
ବୋଧନ୍ତି ଲକ୍ଷ୍ମଣ ବୁଝନ୍ତି ନାହିଁ କୋଦଣ୍ଡ ସାଇଁ
ଭାଷନ୍ତି ମଇତ୍ର ଦେଇଣ କଣ୍ଟ ଆସିଲ ନାହିଁ । ।୨୭।
ଶୁଷ୍କ ହୋଇ ଲାଣି ଜମ୍ବାଳ ପଥୁ ଅଗସ୍ତି ତାରା
ଦକ୍ଷିଣେ ଉଦୟ ତପୀଏ ତୀର୍ଥେ ହେଲେଣି ତ୍ୱରା । ।୨୮।
ଏପରି କଥୋପ କଥନ ହୋଇ ବେନି ସୋଦର
ସୁମରନ୍ତି ସୀତା ସତୀଙ୍କ ସ୍ନେହ ଗୁଣ ଆଦର । ।୨୯।

ବକ ପ୍ରଶ୍ନ ରାମଙ୍କ ଉତ୍ତର

ଏକଥା ବିହଙ୍ଗ ଶୁଣଇଁ ବୃକ୍ଷ ଶାଖାରେ ବସି
ପଚାରଇ ବେନି ଭାଇଙ୍କୁ ଭୟ ମନେ ଆଶ୍ୱାସି । ।୩୦।
କେବଣ କାନନେ ଉଟଜ ତୁମ୍ଭର ତପି-ବର
ଶରାସନ ତୂଣୀ କୋଦଣ୍ଡ କିଂପା ବହ ସ୍କନ୍ଧର । ।୩୧।
ପଟ୍ଟାଭଷ୍ମ ଜଟା ରୁଦ୍ରାକ୍ଷ ମାଳା ଯଜ୍ଞୋ ପବୀତ
ଥରେ ହେଲେ ନାମସ୍ମରଣ ଜପ ତପ ନାହିଁତ । ।୩୨।
ଯୋଗେ ଭୋଗେ ଖୋଜ ନାରୀକୁ ସେହି କାହା ରମଣୀ
କିବା କଲା କେହୁ ମୋହନ ରୂପ ହେଉଛ ଗୁଣି । ।୩୩।
କିଅବା କାହାର ରମଣୀ ଚୋରାଇ ଆଣି ଥିଲ
ଧରା ପଡ଼ିବାର ଭୟରେ ଛାଡ଼ି ଅନ୍ତରେ ଭାଳ । ।୩୪।
ଶୁଣି ଶୁଣି ବୃକ୍ଷ ଉପରେ ସେ କଥା ଅହ ରହ
ନୂଆ ନୂଆ କଥା ଆସଇ ମନେ ବଢ଼େ ସନ୍ଦେହ । ।୩୫।

ଟୀ: ୨୧: ଅମ୍ବରେ-ଆକାଶରେ, ଧୂମକେତୁ-ଲଞ୍ଜାତାରା, ୨୫: ତ୍ରିଯାମା-ରାତ୍ରି, ୨୭: କୋଦଣ୍ଡଶାଇଁ-ରାମ, ୨୮ ଜମ୍ବାଳ-କାଦୁଅ, ୩୦: ବିହଙ୍ଗ-ପକ୍ଷୀ,

Digitized by PPRACHIN, SOA

ମାରି ଦେବ ବୋଲି ଭୟରେ ପୁଚ୍ଛୁ ନଥିଲି ଡ଼ରେ
ଗଲେ ଯାଉ ଜୀବ ପଚାରେ ସତ କହ ଆଗରେ । ।୩୬।
ରାଘବ ଭାଷନ୍ତି ବିହଙ୍ଗ କିସ କହିବୁ ଦୁଃଖ
ପତ୍ନୀକି ହରାଇ ବୁଲୁଛୁ ଛାଡ଼ି ସମସ୍ତ ସୁଖ । ।୩୭।
ଘଟି ଯାଇଥିବା କଥାକୁ କହୁ ବକ କହଇ
ରୋଦନ ନକର ଶୋଭାଙ୍ଗୀ ତଥ୍ୟ ଜାଣିଛି ମୁହିଁ । ।୩୮।
ମୃଗ ମାସ ସିତ ଅଷ୍ଟମୀ ବୃହସ୍ପତି ବାସରେ
ଆହାରାର୍ଥେ ବୁଲି ପ୍ରବେଶ ଦକ୍ଷିଣ ସିନ୍ଧୁତୀରେ । ।୩୯।
ଏ ସମୟେ ଲଙ୍କା ଅଧୀଶ ଶୂନ୍ୟେ ପୁଷ୍ପକ ଯାନ
ବାହୁଥିଲା ସତୀ ବିକଳେ କରୁଥିଲେ ରୋଦନ । ।୪୦।
ଜନକ କନ୍ୟା ମୁଁ ଜାନକୀ କାନ୍ତ କୋଦଣ୍ଡ ପାଣି
ମାୟାଯତି ଅପହରଣ କରି ନେଉଛି ପୁଣି । ।୪୧।
ଦେଖିଲେ କହିବ ପତିଙ୍କୁ ଏହିକାଳେ ଲୋତକ
ବିନ୍ଦୁ ଏକ ପଡ଼ି ଧବଳ ପକ୍ଷ ହୋଇଛି ଦେଖ । ।୪୨।
ବୀଣାସ୍ୱରୁ କିଣା କଣ୍ଠର ସ୍ୱର ଶ୍ରୀମୁଖ ଜଳି
ଚାହୁଁ ଚାହୁଁ ଗଲା ସ୍ୟନ୍ଦନ ନଭେ ଦକ୍ଷିଣେ ଚଳି । ।୪୩।

ବକଙ୍କୁ ବରଦାନ

ଏ ତଥ୍ୟ ଜନ୍ମନ୍ତେ ସେ କ୍ରୌଞ୍ଚ ପକ୍ଷୀ ସୀତା ଜୀବେଶ
ଭାବନ୍ତି କିଦେଇ ବିହଙ୍ଗ ମନ କରିବି ତୋଷ । ।୪୪।
ସୌମିତ୍ରି ସିଦ୍ଧାନ୍ତେ ପୁଚ୍ଛନ୍ତି ବିହଙ୍ଗେ ରଘୁ ସାଇଁ
ବିକଳ ହୃଦୟ କରିଲ ଥୟ ସୁବାର୍ତ୍ତା ଦେଇ । ।୪୫।
ଯାହା ଇଚ୍ଛା ମାଗ ବରହେ ପକ୍ଷୀ କରିବି ଦାନ
ବିରହେ ପ୍ରିୟାର ଖବର ଦେଇ ତୋଷିଛ ମନ । ।୪୬।
କ୍ରୌଞ୍ଚ ବୋଲେ ନୁହେଁ ମାନବ ଧନ ମୋ ଲୋଡ଼ା ନାହିଁ
ମୂଢ଼ ଜାତି ବୁଲେ ଆହାର ଖୋଜି ବଞ୍ଚିବା ପାଇଁ । ।୪୭।
ଚତୁଃମାସ୍ୟା କାଳେ ଖାଦ୍ୟ ସଂଗ୍ରହେ ନମିଳେ ସୁଖ
ଦେଇପାର ଯେବେ ଦିଅନ୍ତୁ ବରେ ଯାଉସେ ଦୁଃଖ । ।୪୮।
ଶୁଣିତା ସାନନ୍ଦେ ବୋଲନ୍ତି ହେଉତା ରଘୁମଣି
ବସାରେ ବସିଣ ଭୁଞ୍ଜିବ ଆଣି ଦେଉ ଘରଣୀ । ।୪୯।
ବକମନେ ଭାବେ ଆହାର ହେବ ନାରୀ ଉଚ୍ଛିଷ୍ଟ
ସର୍ବଜ୍ଞ ପୁରୁଷ ଜାଣିତା କରାଇ ଦେଲେ ସ୍ପଷ୍ଟ । ।୫୦।

ଟୀ:୩୯:ମୃଗମାସ-ମାଘମାସ, ସିତାଅଷ୍ଟମୀ-ଶୁକ୍ଳଅଷ୍ଟମୀ, ବୃହସ୍ପତିବାସ-ଗୁରୁବାର । ୪୧-ଯତି-ଭିକ୍ଷୁ

Digitized by PPRACHIN, SOA

ବଲ୍ଲଭୀ ଉଚ୍ଛିଷ୍ଟ ବିଚାରି ଘୃଣା ନକର ମନ
ବଲ୍ଲଭୀ ବଲ୍ଲଭେ ଚୁମ୍ବନ ଓଷ୍ଠ ନୁହେକି ପାନ । ୫୧।
ମୋକ୍ଷ ଦାତା ସିନା ମୁଁ ପଡ଼ି ଦେବା ହାତରେ ନାହିଁ
ପଡ଼ିଦାତା କହ ସୀତାଙ୍କୁ ପଡ଼ି ଦେବେ ଯୋଗାଇ । ।୫୨।

କୁକୁଟ କୁ ବରଦାନ

ଏହି ପରି ବେନି ବୁଲନ୍ତି ପାଇବାକୁ ବାରତା
କୁକ୍କୁଟେ ପଚାରୁ ବୋଲେସେ ରଥେ ବସାଇ ସୀତା । ।୫୩।
ନେଉଥିଲା ଲଙ୍କା ରାଜନ କାନ୍ଦୁଥିଲେ ସୁନ୍ଦରୀ
ହା ଲକ୍ଷ୍ମଣ ସୁ ଲକ୍ଷଣ ହେ ତଡ଼ି ଦେଲି ନବାରି । ।୫୪।
ବୀରଶ୍ରେଷ୍ଠ ରଘୁନନ୍ଦନ ଶୁଣି କଲେ ପ୍ରକଟ
କ୍ଷତ୍ରିୟ ରମଣୀ ହୋଇ ଯା ନବୁଝିଲା ସେ କୂଟ । ।୫୫।
ପକ୍ଷୀ ବାର୍ତ୍ତା ଦେବା ପ୍ରୀତିରେ ପକ୍ଷୀଘେନ ହେ ବରେ
ରାମ ପକ୍ଷୀ ନାମ ପ୍ରବର୍ତ୍ତୁ ହେମ ମୁକୁଟ ଶିରେ । ।୫୬।
ବିଭବେ ଆସୁ ବିଭାବରୀ ସାରି ସନ୍ଧ୍ୟା ତର୍ପଣ
ଶିଖରୀ ଶିଖରେ ଦେବଙ୍କୁ ଅର୍ଘ୍ୟ କଲେ ଅର୍ପଣ । ।୫୭।
ଫଳ ମୂଳ ଜଳ ଅଶନ ପାନେ ଅଯୋଧ୍ୟା ପତି
ପଲ୍ଲବ ଶଯ୍ୟାରେ ବିଶ୍ରମି ସୀତା ଉଦ୍ଧାର ଚିନ୍ତି । ।୫୮।
ନିଶି ଶେଷେ ପ୍ରଭୁ ଦର୍ଶନ କଲେ ସ୍ୱପ୍ନ ବିହ୍ୱଳେ
ସୀତା ଆଲିଙ୍ଗନେ ଛିଡ଼ିଣ ହାର ପଡ଼ିଲା ତଳେ । ।୫୯।
ପରିହାସ କରୁ ରାଘବ ତାହା ଗୁନ୍ଥିବା ପାଇଁ
ଅଳି କରୁଛନ୍ତି ଜାନକୀ ରାମ ନିକଟେ ରହି । ।୬୦।
ଏ ସମୟେ ନିଦ୍ରା ଭାଜିଲା ରାତ୍ର ହୋଇଲା ଶେଷ
ଶମ୍ଭୁଆଳେ କମ୍ବୁ ଶବଦ ଡ଼ାକ ଦେଲେ ବାୟସ । ।୬୧।
ଶଯ୍ୟା ତ୍ୟାଗେ ରାମ ଅନୁଜେ କହୁ ସ୍ୱପ୍ନର କଥା
କହନ୍ତି ପ୍ରଭାତ ସ୍ୱପନ ସତ୍ୟ ନୁହେ ଅନ୍ୟଥା । ।୬୨।
ଜାନକୀ ପ୍ରାପତେ ବଢ଼ିଲା ଆଶା ଶ୍ରୀ ରଘୁପତି
ବୋଇଲେ ମଇତ୍ର ସମ୍ପଦ ମଦେ ମାତି ସୌମିତ୍ରି । ।୬୩।
ମାନସରୁ ଦେଲେ ବିସ୍ମରି ଏହା ଭଲ ନହେଲା
ଯାଅହେ ଲକ୍ଷ୍ମଣ ଜଣାଅ ନ କରନ୍ତୁ ସେ ହେଳା । ।୬୪।

ଟୀ:୫୪ ରାମପକ୍ଷୀ-କୁକୁଡା, ୫୫:ବିଭବେ-ସମାରୋହରେ,ବିଭାବରୀ-ରାତ୍ରି, ଶିଖରୀ ଶିଖ-ପର୍ବତ ଶୃଙ୍ଗ, ଅର୍ଘ୍ୟ-ଜଳ, ୫୬: ଅସନ-ଭୋଜନ, ପଲ୍ଲବ ଶଯ୍ୟା-ପତ୍ର ଶଯ୍ୟା,୫୭: ନିଶି-ରାତି,୫୯ ସମ୍ଭୁଆଳେ-ଶିବମନ୍ଦିରରେ, କମ୍ବୁଶବ୍ଦ-ଶଙ୍ଖ ନାଦ, ବାୟସ-କୁଆ, ୬୨: ମାନସରୁ-ମନରୁ, ବିସ୍ମରି-ପାସୋରି ।

Digitized by PPRACHIN, SOA

ଶେଷ ହେଲା କଣ୍ଠ କହିବା ବାକ୍ୟେ ନ କଲେ ଲୟେ
ଶ୍ରଦ୍ଧା ଭକ୍ତି ରଖି ଡ଼ାକିବ ମଣିବ ମୋହ ପ୍ରାୟେ । ।୬୫।
ପୁଣି ତିଆରନ୍ତି ବାବୁରେ ମାର୍ଗକୁ ଥିବି ଚାହିଁ
ସୈନ୍ୟ ସଙ୍ଗେ ଆସୁ ଦେଖିଲେ ସ୍ନାନ ବଢ଼ିବ ଯାଇ । ।୬୬।
ମନେ ରଖ ଅତି ଭୟାଳୁ ପ୍ରାଣୀ ସେହି ବାନର
ନିକଟେ ଆସିବେ ନାହିଁଟି ଭାଷିଲେ କଟୁ ଗୀର । ।୬୭।

ଲକ୍ଷ୍ମଣଙ୍କ ଉକ୍ତି

ଲକ୍ଷ୍ୟକରି ସବୁ ଲକ୍ଷ୍ମଣ ସେଥି କଲେ ବ୍ୟକତ
ପାସୋରାଇ ଦେଲା ମଇତ୍ରେ କଥା ଆସନ ଛତ୍ର । ।୬୮।
ସାମ ଦାନ ଦଣ୍ଡ ଭେଦ ଯେ ରାଜନୀତି ବିଷମ
ପ୍ରୟୋଗ କରିବା ପାଇଁ କି ଯାହା ହେବ ସୁଷମ । ।୬୯।
ସୁଗ୍ରୀବାହା କେଉଁ ସାହା ବା ହେବ ମାନ ଉଦ୍ଧାରେ
ଶିବାପତି ଧନୁ ଭଞ୍ଜନେ ହେଲା ଯା ବାମ କରେ । ।୭୦।
କୋଟିସିଂହ ବଳ ବାଳିର ବଳ ଯାଇଛି ଜଣା
ପଠାଉ ଅଛନ୍ତି କେବଳ ଜନେ ଜଣାଇଁ ସିନା । ।୭୧।
ସଂସାରେ ମାନବ ଲୀଳାକୁ କରିବାକୁ ବିସ୍ତାର
କରାଅ ଏହି ସଂଯୋଜନା ଚିନ୍ତ କୋଦଣ୍ଡ ଧର । ।୭୨।
ଏ ପ୍ରସଙ୍ଗ ରାମ ମାନସ ପଟେ ବାଟ କଢ଼ାଇ
ଦେଲା ବାଳୀ ବଧ ଶରକୁ ଭ୍ରାତେ ଦେଲେ ବଢ଼ାଇ । ।୭୩।
ବୋଲନ୍ତି ମନ ଯା କରତୁ ଗଲେ ସୁମିତ୍ରା ବଳା
ଏହା ହେଉ ଦୁଃଖେ ରାଘବ ନେତ୍ରୁ ବାରି ଝରିଲା । ।୭୪।
ତେଣେ ବାଳୀ ସୁତ ବୁଲିଣ ସାରା ପୃଥିବୀ କକ୍ଷ
ବରିଣ ଫେରିଲା କରିଣ ଲେଖା ମର୍କଟ ଋକ୍ଷ । ।୭୫।
ତେତିଶ ଅଙ୍କୁଶ ମର୍କଟ ହେଲା ହିସାବ ସାରି
ତେତିଶ ଅଙ୍କୁଶ ଭଲ୍ଲୁକ କାନନ ରାଟ ପରି । ।୭୬।
କ୍ରୌଞ୍ଚ ପକ୍ଷୀ ମନ ତୋଷିଲେ ଯେଉଁ କୋଦଣ୍ଡଧାରୀ
ରଚେ ଦୟାନିଧି ଏ ଛାନ୍ଦ ତାହାଙ୍କୁ ଧ୍ୟାନ କରି । ।୭୭।

Digitized by PPRACHIN, SOA

ଲକ୍ଷ୍ମଣ କିଷ୍କିନ୍ଧ୍ୟା ସିଂହଦ୍ୱାରେ ପ୍ରବେଶ

(ରାଗ -ବଙ୍ଗଳାଶ୍ରୀ)

ଛାନ୍ଦ-୧୬

ଶୁଣ ହେ ସୁଜନ, ଦେଇ ମନକର୍ଣ୍ଣ, ଉମା ପ୍ରଶ୍ନେ କୃତ୍ତିବାସ
ଜାନକୀ ବଲ୍ଲଭ, ପାଦବନ୍ଦି ଶିବ, ପୁରାଣ କଲେ ପ୍ରକାଶ । ।୧।
ଉର୍ମିଳା ବିହାରୀ, ପ୍ରସବଣ ଗିରି , ତେଜି ବାଳି ସିଂହଦ୍ୱାରେ
ଖବରକୁ, ପଠାଇଲେ ନବରକୁ ସୁଗ୍ରୀ ଭେଟିବାକୁ ଖରେ । ।୨।
ଦ୍ୱାର ପ୍ରତିହାରୀ, ଦ୍ୱିବିନ୍ଦ କେଶରୀ, ପଚାରେ ଯେ କିଏ ତୁରେ
ଶୁଣି ସାନଯତୀ, ତିଆରି କହନ୍ତି, ଅକାରଣେ ନୁହ କେତୁ । ।୩।
ଦୂତ ହେତୁ ରକ୍ଷା, ହେଲା ନାହିଁ କକ୍ଷା, ଏବେ ଦ୍ୱାପର ଯୁଗରେ
ବଳ ରାମ ହେବି, ଦଣ୍ଡକୁ ବିହିବି, ରୈବତକ ପର୍ବତରେ । ।୪।
ଭୟେ ତ୍ୟାଗ କରି, ଦ୍ୱାର ଯାଇ ହରି, ସୁଗ୍ରୀବ ଆଗେ ଭାଷଇ
ବୀର ଲଇକ୍ଷଣ, ଦର୍ଶନ ଇଛିଣ, ସିଂହ ଦ୍ୱାରେ ଛନ୍ତି ରହି । ।୫।
ରାଜ ମୁକୁଟପଦ, ସମ୍ପଦ ମଦ, ଭୋଳେ ତର୍କେ ରବିସୁତ
ପ୍ରକାଶଇ ଉପୁଯାଉଅଛି ଭ୍ରମ, ଲକ୍ଷ୍ମଣ ନାମ ଭୂଷିତ । ।୬।
ପୁଣି ପୁଣି ଗୁଣି, ସେ ବିଚିତ୍ର ମଣି, ସୁଗ୍ରୀବ ଚିନ୍ତିତ ହେଲା
ଚନ୍ଦ୍ରେ ସେ ଲକ୍ଷ୍ମଣ, ସଦା ବିଦ୍ୟମାନ, ସେ କିମ୍ପା ଏଥି ଅଇଲା । ।୭।
ଉଲ୍ଲେଖ ପାଠରେ, ବଡ଼ ଲୋକଠାରେ, ଥାଏ ବତ୍ରିଶ ଲକ୍ଷଣ
ଯାଅ ଯାଅ ଦୂତ ବୁଝି ଆସ ସେତ କାହା ପୁତ୍ର ଲଇକ୍ଷଣ । ।୮।
କୁହାରି ହରିଦ୍ୱାରେ, ବାହାରି ପ୍ରତିହାରି, ଦିଅଇ ଆଭାଷ
ତୁମେ ପରିଚୟ, ଚାହୁଁଛନ୍ତି ରାୟ କେଉଁ ଲକ୍ଷ୍ମଣ ପ୍ରକାଶ । ।୯।
ଏ ସମ୍ବାଦ ଶୁଣି, ସଉମିତ୍ରିବାଣୀ, କତୁରୀରେ କଲେ ଖଣ୍ଡ
କହ ନୃପ ହେଜ, ଅଜଜ ତନୁଜ, ରାମ ଅନୁଜ ମୁଁ ଭଣ୍ଡ । ।୧୦।
ଆଜ୍ଞା ପ୍ରାପ୍ତେ ତର ତରେ ପ୍ରତ୍ୟୁତ୍ତରେ ଦ୍ୱାସ୍ଥ କରନ୍ତେ ଗମନ
ଉର୍ମିଳା ବଲ୍ଲଭ, ଚିନ୍ତି ସୁଗ୍ରୀଭାବ, ମହା ବ୍ୟାକୁଳିତ ମନ । ।୧୧।
ମୃଗ ରାମ ସାନ, ଭାଇ ଚନ୍ଦ୍ର ଶଶା, ନ ପ୍ରକାଶୁ ମୂଢ଼ ମତି
ରାମ ନାମ ଅର୍ଥ କୁ ଅନର୍ଥ କରି, ନ ବୁଝୁ ତୁମେ ନୃପତି । ।୧୨।
ଜାଙ୍ଗଳିକ କରରୁ, ପୋଷାମର୍କଟ, ଚାଲି ଗଲେ କେବେ ଖସି
ପୋଷି ହେବା ଗୁଣ, ଛାଡ଼ି ତତକ୍ଷଣ, ଖିଙ୍କାରଇ ବୃକ୍ଷେ ବସି । ।୧୩।

ଟୀ:୧ କୃତ୍ତିବାସ-ଶିବ. ଜାନକୀ ବଲ୍ଲଭ-ରାମ. ଶିବ-ମଙ୍ଗଳ. ୨: ଉର୍ମିଳା ବିହାରୀ-ଲକ୍ଷ୍ମଣ, ପ୍ରସବଣଗିରି-ଋଷ୍ୟମୂକପର୍ବତ. ୩: ସାନଯତୀ-ଯିତେନ୍ଦ୍ରୀୟ ଲକ୍ଷ୍ମଣ. ୫: ହରି-ମର୍କଟ. ୧୦ସଉମିତ୍ରି-ଲକ୍ଷ୍ମଣ. ୧୧: ଉର୍ମିଳା ବଲ୍ଲଭ-ଲକ୍ଷ୍ମଣ. ୧୨: ମୃଗର ସାହିତିକ ନାମ-ରାମ. ତାର ସାନଭାଇ-ଶଶା ମତେ ନ ବୁଝୁ. ୧୩: ଜାଙ୍ଗଳିକ-ସାପୁଆ କେଳା.

Digitized by PPRACHIN, SOA

ସେହି ପରି ମିତ୍ର-ପୁତ୍ର ମିତ୍ର ବୁଦ୍ଧି, ଶୁଦ୍ଧି ସ୍ୱକାର୍ଯ୍ୟ କଳାପ
ସାମ, ଦାନ, ଦଣ୍ଡ, ଭେଦ, ନୀତି ଲୋଡ଼ା, ବୃଥା ହେବ ବାକ୍ୟାଳାପ । ।୧୪।
ପୁଣି ରାମ ଭାଇ, ସ୍ଥିର କଲେ ରହି, ବାଳୀ ବିଦ୍ଧ ଶର ପେଶି
କଲେ ଆମନ୍ତ୍ରନ, ବିଳମ୍ୱ ବିହୀନ, ଦେଖାଦେବେ ଆଗେ ଆସି । ।୧୫।
କବନ୍ଧ ଅଇରି, ଆଶୁଗେ ତିଆରି ପେଶୁ ଖରେ ଶର ଗଲା
ମାର୍ତ୍ତଣ୍ଡ ସୁତର, ମାରତଣ୍ଡ ଜ୍ୟୋତି ନାଶି ସ୍ତମ୍ଭେ ଭେଦ କଲା । ।୧୬।
ବିଭବ ଛାଡ଼ି ବିଭାବସୁ ନନ୍ଦନ, କରି ବିକଟାଳ ରଡ଼ି
କମ୍ପିତ ହୃଦୟେ, ଚେତା ଶୂନ୍ୟେ ଖରେ, ମହୀରେ ପଡ଼ିଲାଗଡ଼ି । ।୧୭।
ତାରାକ୍ଷ ଦୁହିତୀ, ତାରା ବୁଦ୍ଧିମତୀ, ପ୍ରେବେଶିଣ ନାକକାନ
ଫୁଙ୍କି ସିଞ୍ଚୁପାଣି, ମର୍କଟ ଅଗ୍ରଣୀ, ବସିଲା ପାଇଁ ଚୈତନ । ।୧୮।

ଲକ୍ଷ୍ମଣଙ୍କୁ ତାରାର ବନ୍ଦନା

ଏକାଳେ ସଚିବ, ଗଣ ମିଳି ଗର୍ବ, ହୀନେ କହନ୍ତି ବିଶେଷି
ଲକ୍ଷ୍ମଣଙ୍କୁ ଶାନ୍ତ, କରିବା ନିମିତ୍ତ, ଯାଆନ୍ତୁ ପାଟମହିଷୀ । ।୧୯।
ଚତୁର ବିଷବୈଦ୍ୟ, ସାପୁଆ କେଳା ସାଜି ପାଟ ମହାଦେଇ
ମନ୍ତ୍ର ଧୂଳି ବତ, ବନ୍ଦାଇ ଅକ୍ଷତ, ତନୁ ଗନ୍ଧ ଗଦନେଇ । ।୨୦।
ମଧୁର ସ୍ୱରରେ ପଦ୍ମ ତୋଳା ଗୀତ, ଗାଇ କ୍ରୋଧ ବିନାଶିଲେ
ବିନୟ ବଚନ ରୂପ ଦୀପ ଜାଳି ଚରଣ ବନ୍ଦନା କଲେ । ।୨୧।
ବାସେ ଆସ ଆସ ରଖ ପଉରୁଷ ହେ ଅନନ୍ତ ଶେଷ ଦେବ
ଖଣ୍ଡିବା ବିଚାର, ପଣ୍ଡିତ ଆଚାର ଦଣ୍ଡିବା ନୁହେ ଗୌରବ । ।୨୨।
ଶ୍ରୀ ବସ୍ତ୍ର ବ୍ରାହ୍ମଣ, ପଦ ପ୍ରହାରଣ, ସହିବାରୁ ରଘୁରାଣ
ଶ୍ରୀବତ୍ସ ଲାଞ୍ଛନ ନାମ ବହିଛନ୍ତି କ୍ରୋଧ ହୁଅନ୍ତି ଆପଣ । ।୨୩।
ପ୍ରହଲ୍ଲାଦ ସ୍ୱର୍ଗେ, ଇନ୍ଦ୍ର ହୋଇ ଗର୍ବେ, ଭଗବାନେ ନ ଚିହ୍ନିଲା
ଏଥି ପାଇଁ କି ? ପ୍ରତିଶୋଧେତାହାର ଇନ୍ଦ୍ର ପଦ ଚାଲିଗଲା । ।୨୪।
ମର୍କଟ ସ୍ୱଭାବୁ, ପ୍ରକଟ ଯା ସବୁ, କ୍ଷମା କର ସାଧୁଗୁଣେ
ଦୟାଳୁ ପୁରୁଷେ, ଭୟାଳୁ କିମ୍ପାଇଁ, ଏଣୁ ବନ୍ଦୁଛି ଚରଣେ । ।୨୫।
ଦୁଷ୍ମରୁ ଉପୂନ, ଘୃତ ଆହୁତିରେ, ଅଗ୍ନିତେଜ ପ୍ରକାଶନ୍ତି
ମାତ୍ରସେ ଦୁଷ୍ମକୁ, ଆହୁତି ଦିଅନ୍ତେ, ପ୍ରଜ୍ୱଳିତ ହୁଏ ଶାନ୍ତି । ।୨୬।
ଦ୍ୱାରସ୍ଥ ଦ୍ୱିବିଧ, କଥା ମହାକ୍ରୋଧ, ଅଗ୍ନି ବିନୟ ଦୁଷ୍ମରେ
ଶାନ୍ତ କରୁ ଥିବା, ବାନର ସଇନ, ସ୍ଥିର କଲେ ସେ ମଧରେ । ।୨୭।
ବନ୍ଦାଣ ଅକ୍ଷତ, ଗଦ ସୁଗନ୍ଧିତ, ପଦ୍ମ ତୋଳା ପଦ ମନ୍ତ୍ର
ବଶୀଭୂତ ଉଚିତ, ଯେଣୁ ପ୍ରମାଣେ, ସେ ଶେଷ ଦେବ ଅନନ୍ତ । ।୨୮।

୧୪: ମିତ୍ରପୁତ୍ର-ସୂର୍ଯ୍ୟପୁତ୍ର (ସୁଗ୍ରିବ), ୧୫: ରାମ ଭାଇ-ଲକ୍ଷ୍ମଣ ୧୬: କବନ୍ଧଅଇରି-ଲକ୍ଷ୍ମଣ, ଆସୁଗେ-ଶରେ. ମାର୍ତ୍ତଣ୍ଡ ସୁତ-ସୂର୍ଯ୍ୟ ସୁତ. ୨୨:ଅନନ୍ତ ଶେଷଦେବ-ଲକ୍ଷ୍ମଣ.

Digitized by PPRACHIN, SOA

ଲକ୍ଷ୍ମଣଙ୍କର ବକ୍ତବ୍ୟ

ଉର୍ମିଳା ବଲ୍ଲଭ, ବନ୍ଦାପନା ଭାବ, ପରିହରି ସୁଗ୍ରୀବରେ
ଭାଷନ୍ତି ବିଳମ୍ବ, ହେତୁ ଏ କଳମ୍ବ, ପ୍ରୟୋଗ ସିନା ନବରେ । ।୨୯।
ପ୍ରଭୁ ଭାବଗ୍ରାହୀ, ଥିବେ ବାଟ ଚାହିଁ, ପାନା ଶନ ସ୍ନାନ ଦାନ
ସୈନ୍ୟ ସହିତେ, ତୁମ୍ଭେ ଆମ୍ଭ ସାକ୍ଷାତେ, ବଢ଼ିବ ଯେ ନୀତି ମାନ । ।୩୦।
ଭାଷନ୍ତି ସୁଗ୍ରୀବ, ନକୋପନ୍ତୁ ଦେବ, ଆଜ୍ଞା କରିନି ଅବଜ୍ଞା
ସୈନ୍ୟ ସମ୍ପଦ, ସଂଗ୍ରହରେ ଅଙ୍ଗଦ ପଠାଇଛି ରଖି ସଂଜ୍ଞା । ।୩୧।
ଥିବା ସୈନ୍ୟଘେନି, ଯିବା ଦରଶନି, ଧରି ଲକ୍ଷ୍ମଣ ହରଷ
ଏହି ସମୟରେ, ଅଙ୍ଗଦ ଅଙ୍ଗଦ, ଭୂଷଣେ ଆସି ତରସ । ।୩୨।
ସେନା ନେବା ଭାର, ନେଲା ହନୁବୀର, ବିଜୟ ରୋମା ବିଳାସ
ତ୍ରୟତ୍ରିଂଶ ପଦେ, ଏ ଛାନ୍ଦ କୋବିଦେ, ରଚେ ଦୟାନିଧି ଦାଶ । ।୩୩।

• • • • • • •

ମାଲ୍ୟବନ୍ତେ ଅଗସ୍ତି ମାର୍କଣ୍ଡେୟ ଭେଟ

(ରାଗ ଘଣ୍ଟରବ) ଛାନ୍ଦ - ୧୭

ମାଲ୍ୟବନ୍ତେ ସୀତା ପତି ଯେ, ଏକାକୀ ଦୁଃଖେ କାନ୍ଦନ୍ତି
ଏ ସମୟେ ଆସି, ଅଗସ୍ତି ମହର୍ଷି, କଲେ ପ୍ରବେଶ, ସଙ୍ଗେ ମାରକଣ୍ଡଯତୀ । ।୧।
ନେତ୍ରୁ ଅଶ୍ରୁ ପୋଛି ରାମ ଯେ, ମୁନିଙ୍କୁ କରି ପ୍ରଣାମ,
ଆସନ ଆସୀନେ, ଦେଉଁ କୃଷ୍ଣାଜିନେ, ବସିଲେ ମୁନି, ରାମଙ୍କୁ କରି କଲ୍ୟାଣ । ।୨।
କୁମ୍ଭଜ କହନ୍ତି ତହିଁ ଯେ, ବିବେକି ଶେଖର ହୋଇ
ଅଧୀର ହୋଇବା ଉଚିତ ନୋହି ହେ ଜଗତ ସାଇଁ, ଶ୍ରୀଅଙ୍ଗ କ୍ଷୀଣ ହୁଅଇ । ।୩।
ନେତ୍ର କରି ଛଳ ଛଳ ଯେ, ଭାଷନ୍ତି କୌଶଲ୍ୟା ବାଳ
ବନେ କରୁ ବାସ, ପିତାଗଲେ ନାଶ, ବଲ୍ଲଭୀ ଚୋରି, କରି ନେଲା ଦୈତ୍ୟପାଳ । ।୪।
ଥିଲା ବୋଲି ଧର୍ମବଳ ହେ ବଞ୍ଚି ରହିଛୁ କେବଳ
କିପଟାରୁଛନ୍ତି, ମୁନି ଶାର୍ଦ୍ଦୁଳ, ହେ କର୍ମ ବିପାକେ, ଘଟୁ ଅଛି ଏହି ଫଳ । ।୫।
ମୋ ପୂର୍ବ ବଂଶେ ସଗର ହେ, ଖନନ କରି ସାଗର
ରଖିଲେ କୀରତି ଗଙ୍ଗା ଭାଗିରଥି ଆଣି ମର୍ତ୍ତ୍ୟରେ, ମୁଁ ହୀନ କର୍ମାବଂଶର । ।୬।
କୃତ ଯୁଗେ ମାର ଜଳି ହେ, ଯାଆନ୍ତେ ତାହାର ବାଳୀ
ସମ୍ବର ହରିଲା, ମୁହିଁ ଥାଉ ନେଲା ରକ୍ଷ ମୋ ନାରୀ, ଏହାଠୁ କି ଅଛି ବଳି । ।୭।
ମୁନି ବୋଧନ୍ତି ତାତ୍ପର୍ଯ୍ୟେ ଯେ ବନେ ଦ୍ୱାର ରକ୍ଷା କାର୍ଯ୍ୟେ
ନଥିବାରୁ କେହି ନେଲା ଲଙ୍କ ସାଇଁ ସେ ପୂର୍ବୁ ଦ୍ୱାରୀ, ତା ସାରୂପ୍ୟ ମୁକ୍ତି କାର୍ଯ୍ୟେ । ।୮।

ଟୀକା : ୨୯:କଳମ୍ବ-ଶର,୩୧:ସଂଜ୍ଞା-ଚୈତନ୍ୟ, ୨:କୃଷ୍ଣାଜିନ-ମୃଗଚର୍ମ,୩:କୁମ୍ଭଜ-ଅଗସ୍ତି,୮:ସେ ପୂର୍ବଦ୍ୱାରୀ-ଜୟ,ବିଜୟ ।

Digitized by PPRACHIN, SOA

ରତି ହରଣ କାରଣ ଯେ ସମ୍ବରା ସୁର ମରଣ
ଜାନକୀ ହରଣ, ରାବଣ ତାରଣ, ଯଜ୍ଞେ ଆପଣ, କର୍ଣ୍ଣାପୂର୍ବୁ ନିରୂପଣ । ।୯।
ଯାହାଙ୍କର ଏକବାଣ ଯେ, ଘେନିଲା ବାଳୀର ପ୍ରାଣ
ସେ ବାଳୀର କକ୍ଷ, ଦେଶେ ଯେଉଁ ରକ୍ଷ, ଥିଲା ତାହାର, କି ବଳ ବଳୀ ଆପଣ । ।୧୦।
ଅନାୟାସେ ତାକୁ ମାରି ହେ, କରିବ ଜାନକୀ ପାରି
ଏ ବାକ୍ୟେ କହନ୍ତି କୋଦଣ୍ଡଧାରୀ ହେ ମୁନି ପୁଙ୍ଗବ, 'ସୀତା' ଅତି ସୁକୁମାରୀ । ।୧୧।
ନ ହେବା ପାଇଁ ବିଚ୍ଛିନ୍ନ ହେ, ସଙ୍ଗେ ଆସି ଥିଲା ବନ
ସାଗର ବେଷ୍ଟିତ ସ୍ୱର୍ଣ୍ଣ ଲଙ୍କାସ୍ଥିତ, ଅସୁର ପୁରେ, ଥିବକି ଆଉ ଜୀବନ । ।୧୨।
ଯେଉଁ ରାକ୍ଷସ ତ୍ରାସରେ ହେ, ଗୀର୍ବାଣେ ଭୀତ ବାସରେ
ମୋର କୃଶୋଦରୀ, ଜନକ କୁମାରୀ, ସହିବା ଭଳି, ଦୁଃଖ ନୁହ କହିବାରେ । ।୧୩।
ଋଷ୍ୟମୂକେ ମିତ୍ର ପୁତ୍ର ହେ, ସହିତ ବସିଲି ମିତ୍ର
ସାହସ ଦେଖାଇ, କହିଥିଲେ ସେହି, ଆଣିବେ ଖୋଜି, ଯହିଁ ଥିଲେ ମୈଥିଳୀ ତ । ।୧୪।
ଥିଲା ଯେ ମୋର ଭରସା ହେ, ଅନ୍ତ ହେଲା ଚତୁର୍ମାସ୍ୟା
ମିତ୍ରଙ୍କ ସ୍ମରଣ, କାରଣେ ଲକ୍ଷ୍ମଣ, ଗମନ୍ତେ, ବନ ମଧ୍ୟେ ହରାଇଛି ଆଶା । ।୧୫।
ଭାବି ଭାବି ଚିନ୍ତା ଜ୍ୱର ହେ, ତନୁ କରେ ଥରହର
ପ୍ରତିକାରେ ଯତି, ଲୋକଶିକ୍ଷାଚିନ୍ତି, ଦଶମୂଳକୁ, ଦେଲେ ମଧୁ ସଙ୍ଗତର । ।୧୬।
ବଦନ୍ତି ଅଗସ୍ତି ଯତୀ ଯେ, ସର୍ବସଂହା ବିଶ୍ୱଧାତ୍ରୀ
ପୁତ୍ରୀ ହେମଗାତ୍ରୀ ମଇଥିଳୀ ସତୀ, ଜଗତମାତ, ସମସ୍ତ ସହି ପାରନ୍ତି । ।୧୭।
ସତ୍ୟେ ଦୁଃଖେ ଦମୟନ୍ତୀ ଯେ, ହୃଦେ ସ୍ମରି ନଳ କୀର୍ତ୍ତି
ବଞ୍ଚିଥିବା ସ୍ମୃତି, ବ୍ୟାପି ଅଛି କ୍ଷିତି, ଉଚିତମଣେ, ବଞ୍ଚିଥିବେ ସୀତା ସତୀ । ।୧୮।
ଏହି ପରି କୁମ୍ଭସୁତ ଯେ, ବୋଧି ରାମଚନ୍ଦ୍ର ଚିତ୍ତ
ଫେରୁ ମହାଯତୀ, ମାର୍କଣ୍ଡ ପୁଚ୍ଛନ୍ତି, ଏକେଉଁ ବିଷ୍ଣୁ, ଆୟୁଧ ନାହିଁତ ହସ୍ତ । ।୧୯
ବିଷ୍ଣୁ ଚିହ୍ନମାନ କାହିଁ ହେ, କଉସ୍ତୁଭ ମଣି ନାହିଁ
ଶ୍ରୀ ବସ୍ତ୍ର ଲାଞ୍ଛନ, ନୁହେ ଶୋଭାବନ ହୃଦେ ବିରାଗେ ରାଗ ଅଙ୍ଗେ ପୁରି ଛନ୍ତି । ।୨୦।
କାହିଁ ଗରୁଡ଼ ବାହନ ହେ, ବୋଲ ଯାଙ୍କୁ ଭଗବାନ
ନିଜର ବିପତ୍ତି, ଗରୀୟାନ ଅତି, ଆନ ବିପତ୍ତି, କାହିଁ କରିବେ ହରଣ । ।୨୧।
ଯେ ହେତୁ ଚାରୁ ଶରୀର ହେ, କାମ ପ୍ରତୀକ ହେବାର
ଯଦି କହ, ହରି, ଦଇତେ କିପରି, ପ୍ରିୟାକୁ ନେଇ, କରୁଛନ୍ତି ହରବର । ।୨୨।
କହନ୍ତି ଅଗସ୍ତି ଶୁଣି ଯେ, ଏପରି ସନ୍ଦେହୁ ପୁଣି
ସାଗରର ଜଳେ, ଭାସୁଥିଲ ହେଲେ, କଲି ମୁଁ ପାନ, ସନ୍ଦେହୁ ସେ ଦୂରେ ଜାଣି । ।୨୩।

୧୪:ମିତ୍ର ପୁତ୍ର-ସୂର୍ଯ୍ୟପୁତ୍ର ।୧୭:ସର୍ବସଂହା-ପୃଥିବୀ,ପୁତ୍ରୀ-କନ୍ୟା,ହେମ-ସ୍ୱର୍ଣ୍ଣ, ଗାତ୍ରି - ଦେହ ।୨୦:ବିରାଗେ-ବୈରାଗ୍ୟେ ।୨୨:ଚାରୁ ଶରୀର-ସୁନ୍ଦର ଶରୀର ।୨୩: ସାଗର-ସମୁଦ୍ର ।

Digitized by PPRACHIN, SOA

ଶିବ ବରେ ସାତକଳ୍ପ ଯେ, ବଞ୍ଚିବା ପରି ସଂକଳ୍ପ
ଭୋଗିଲଣି ତାମଧ୍ୟୁ ଯେତେକଳ୍ପ, ପ୍ରଳୟେ ଭୁଜ-ଚାରି ଦେଖିଛ କି ଜଳ୍ପ । ।୨୪।
ଯାହା ଗାନ କରେ ସ୍ମୃତି ହେ, ଶ୍ରୀହରି ଚତୁର୍ଭୁଜମୂର୍ତ୍ତି
ବଳିକୁ ପାତାଳେ, ଚାପିବାର କାଳେ, ଚାରି କରରେ, ଆସିଥିଲେ କି ଶ୍ରୀପତି । ।୨୫।
ବେନିକରେ ତ୍ରିବିକ୍ରମ ହେ, ବଳି ବୁଦ୍ଧି କରି ଭ୍ରମ
ଭୂ, ସ୍ୱର୍ଗ, ପାତାଳ, କଲେ ଅଧିକାର ତ୍ରିପାଦ ସେଥି, ହୋଇ ରକ୍ଷାକଲେ ଧର୍ମ । ।୨୬।
ବାଳ ମୁକୁନ୍ଦ ମୂରତି ହେ, ବଟ ପୁଟେ ବିହରନ୍ତି
ଦେବଙ୍କ ଆପତ୍ତି, ହେତୁ ରାମମୂର୍ତ୍ତି, ନରାବତାରେ, ବେନି ଭୂଜ ହୋଇଛନ୍ତି । ।୨୭।
ସ୍ୱୟଂମ୍ଭୁ 'ତ୍ରିଦଶ' ଥିବେ ହେ, ରାମ ଅଭିଷେକ ହେବେ
ସେହିକାଳେ ଅଷ୍ଟ, ଐଶ୍ୱର୍ଯ୍ୟରେ, ନଷ୍ଟ ହେବ ସନ୍ଦେହ, ସଂଶୟ ନଥିବ ଲବେ । ।୨୮।
ନିତ୍ୟ ଲୋଡ଼ି ରାମ ପଦ୍ମ ଯେ, ପଦ ଦ୍ୱନ୍ଦ ମକରନ୍ଦ
ଊନତ୍ରିଂଶ ପଦ ହେଲା ଏ ଛାନ୍ଦ, ଘେନ କୋବିଦେ, ବିଷୟା ବିଷକୁ ଗଦ । ।୨୯।

• • • • •

ରାମ ସୁଗ୍ରୀବ ଭେଟ

(ରାଗ -କୌଶିକ)

ଛାନ୍ଦ - ୧୮

ହୈମବତୀଦିନେ, କୌଳାଶ ଭୁବନେ, ପଚାରନ୍ତେ କାଶୀବାସୀଙ୍କୁ
ଯୋଗେ ବସିଧାନେ, ଧାୟି ରାମମନେ, ରାମାୟଣ କଥା ଦାସୀଙ୍କୁ
ବୁଝାଇ ମହେଶ ସନ୍ତୋଷ କରିଲେ,
ପୂଜ୍ୟ ବିନାୟକ, ସେ କଥା ଲେଖକ, ହେବାକୁ ଲେଖନୀ ଧରିଲେ । ।୧।
ଏ ଭବରୁ ପାରି, ହେବାପାଇଁ ତରୀ, କରିଣ ଶ୍ରୀରାମ ଚରିତ
ବର୍ଣ୍ଣନା ବିଧାନ, ବୁଧେ ବୋଧେ ଘେନ, ବିଦୂରିତ ହେବ ଦୂରିତ
ଭୂଲୋକେ, ଦଣ୍ଡଧର ଭଣ୍ଡ ଦଣ୍ଡକୁ
ଦଣ୍ଡକ ମଧରେ, ପଣ୍ଡକରି ପାରେ, କରାଇ ସେ ଖଣ୍ଡ ଖଣ୍ଡକୁ । ।୨।
ତ୍ରିଲୋକ ପାଳକ, ତପନ ବାଳକ, ସୌମିତ୍ରି ଆଗମ ବିଳମ୍ବେ
ଦୁଃଖେ ବସୁଧାରେ, ବସି ମସୁଧାରେ, ବିନାଶନ ଅର୍ଥେ ପ୍ରଲମ୍ବେ
ଭାବନ୍ତି, ମୁଁ ରୋଗୀ ମୋ ବୈଦ୍ୟ ନଇଲା
ଜାଣି ବା ଅସାଧ, ରୋଗ ନୁହେଁ ସାଧ, ନ ଦେଖୁ ମରିବା ହୋଇଲା । ।୩।

୨୪: ଜଳ୍ପ-କହ । ୨୫:ସ୍ମୃତି-ଧର୍ମଶାସ୍ତ୍ର ।୨୬:ତ୍ରିବିକ୍ରମ-ତିନିଚରଣ ଧାରୀ ବା ବାମନମୂର୍ତ୍ତୀ , ଭୂ-ପୃଥିବୀ । ୨୭:-ବାଳ ମୁକୁନ୍ଦ ମୂରତି- ଶିଶୁ ଅବତାର, ବଟପୁଟ-ବରପତ୍ରରେ । ୨୮:ସ୍ୱୟମ୍ଭୁ-ବ୍ରହ୍ମା, ତ୍ରିଦଶ-ଦେବତା, ଅଷ୍ଟ ଐଶ୍ୱର୍ଯ୍ୟ-ଅଣିମା,ଲଘିମା,ବ୍ୟାପ୍ତିଃ ପ୍ରାକାମ୍ୟ, ମହିମା,ଈଶିତ୍ୱଂଚ, ବିଶିତ୍ୱଂଚ, କାମ, । ୨୯: ଦ୍ୱନ୍ଦ-ଦୁଇ, ବିଷୟା ବିଷ-କାମ,ଲୋଭ,ମୋହ,ମଦ, ମତ୍ସର୍ଯ୍ୟ୧ :ହୈମବତୀ-ପାର୍ବତୀ । ୨:ଦୂରିତ-ପାପ,ଭୂଲୋକେ-ମର୍ତ୍ତଲୋକେ,ଦଣ୍ଡଧର-ଯମ,ତ୍ରିଲୋକ ପାଳକ-ରାମଚନ୍ଦ୍ର, ତପନ ବାଳକ-ସୁଗ୍ରୀବ, ଉଟଙ୍କୁ-ପତ୍ର କୁଡ଼ିଆ,କୂଟରେ-ପର୍ବତରେ ।

Digitized by PPRACHIN, SOA

ଏହି ପରି ଭୀରୁ ବିଚାରୁ ଦୂରରୁ ଶୁଭୁ ମୁଖରୋଳ ଭ୍ରମରେ
ଉଟଜୁ ବାହାରି, କୂଟରେ ବିହରି, ବିଲୋକନ୍ତି ସେନା କ୍ରମରେ
ଆସନ୍ତି, ନ ଦିଶେ ବନ ବନ ପଥ
କେଉଁ ଦିଗ ଧୂମ୍ର, ପାଣ୍ଡୁର ବରଣ, ଆଚ୍ଛାଦିତ ବର୍ଣ୍ଣ ଲୋହିତ । ।୪।
ଯଥା ପୁଷ୍କରିଣୀ, ଲହରୀ ମାଳିନୀ, ଧଳା କଳା ନୀଳ ଆରକ୍ତ
ଦିଶେ ମୁଖ ଜ୍ୟୋତି, ଯେ କପି ଆସନ୍ତି, କାହିଁ ସାୟଂକାଳ ଆଗତ
ପରାୟେ, ଋକ୍ଷ କପି ମାଡ଼ି ଆସନ୍ତି
ମାଲ୍ୟବନ୍ତ ପାଦେ, ସେନା ବିନା ବାଦେ, ରହିବାକୁ ସୁଗ୍ରୀ ଭାଷନ୍ତି । ।୫।

ଉପମା ଉପମେୟ

ସୁଗ୍ରୀବ ଲକ୍ଷ୍ମଣ, ହନୁ ଜାମ୍ବବାନ, ତାରାକ୍ଷା ଅଙ୍ଗଦ ସୁଷେଣ
ରାମ ପାଶେ ଯାଇ, ପ୍ରଣିପାତ ହୋଇ ଭୂଶାୟୀ ହେଉ ରଘୁରାଣ
ଉପମା, ରାମପୂର୍ଣ୍ଣ ଚନ୍ଦ୍ର ସରିତ
ନିକଟେ ପତିତ, ଋକ୍ଷ କପି ବ୍ରାତ, ସପ୍ତର୍ଷି ମଣ୍ଡଳ ପରିତ । ।୬।
ଗଉରବ ଅତି, କରି ସୀତାପତି, ସଭିଙ୍କୁ ନିକଟେ ବସାଇ
ବିଜେ, କେତେସୈନ୍ୟ, ବିଳମ୍ବ କାରଣ, ପଚାରୁ ସୁଗ୍ରୀବ ରସାଇ
ଆଗରେ, ଭାଷନ୍ତି ଦମ୍ଭରେ ବାଗରେ
ଋକ୍ଷ କପି ମୁଖ୍ୟ, ମୁଖ୍ୟ ଲକ୍ଷ ଲକ୍ଷ, ଖୋଜି ଆଣୁ ଡ଼େରି ସାଙ୍ଗରେ । ।୭।

ଋକ୍ଷ କପି ବର୍ଣ୍ଣନା (ପଚିଶ ଯୂଥପତି)

ସେଥୁ କପି ପତି, ଜଣାଣ କରନ୍ତି, ପଚିଶ ଯୂଥ ପତି ସଙ୍ଗେ
ଧରି ସୈନ୍ୟପନ୍ତି, ଆବେଗେ ଆସନ୍ତି, ଦର୍ଶନେ ଭେଟି ଧରି ଆଗେ
ଜାମ୍ବବ, ହୁଅନ୍ତୁ ପଞ୍ଜିଆ କରଣ
ଗଣି ଗଣି ପୁଣ, କରିବେ ବଖାଣ, ଯେ ଆସିଛନ୍ତି କରି ରଣ । ।୮।
ଏକାଳେ ଛାମୁରେ, ଉଭାଆସି ଧୀରେ, ସାବିତ୍ରୀ-ବନ-ବାସୀ ଶୌରୀ
ସଙ୍ଗେ ଶତପଦ୍ମ, ସଇନ ପ୍ରମୋଦ, ମନେ ପ୍ରଣମୁ ଚାପ ଧାରୀ
ବୋଲନ୍ତି, ଉଠ ଆଜ୍ଞା ହେଲା ଶଉରି
ଅଙ୍ଗ ଆଭରଣ, ଛଡ଼ା ପୁଷ୍ପ ଘେନ, ବୋଲୁ ସେ ଗଲା ଧରି କରି । ।୯।
ତହିଁ ରଘୁପତି ସୁଷେଣେ କହନ୍ତି ଡ଼କାଅ ଅନ୍ୟ କପି ବର
ଶୁଣିତା ଅଭୟେ, ପ୍ରବେଶ ନିର୍ଭୟେ, ରମଣ ସୁଗ୍ରୀବ ଶ୍ୱଶୁର
କୋଟିଏ, ସେନା ରହିଛନ୍ତି ସଙ୍ଗରେ
ସ୍ୱର୍ଣ୍ଣ ଚମ୍ପା ଆଭା, ଲୋମମନ ଲୋଭା, ଶୋଭା ଦିଶୁଥାଏ ରଙ୍ଗରେ । ।୧୦।

୮ :ନଳ, ନୀଳ, ଶରଭ, ଋଷଭ, ସୁଷେଣ, ରମଣ, ଗନ୍ଧମାର୍ଦନ, ଚନ୍ଦନ, କର୍ଦନ, ମହେନ୍ଦ୍ର, ଦ୍ବିବିନ୍ଦ, କୁମୁଦ, ମୋଦ, ମନ୍ମଥ, ମଙ୍ଗଳ, ଶତବାଳୀ, ଶୌରି,ସର୍ପ, ବସନ୍ତ, ତାରାକ୍ଷ,ଗବାକ୍ଷ,ଦଧିମୁଖ,ନିରିମାକ୍ଷ ଧୂମ୍ରାକ୍ଷ ଦୁର୍ମୁଖ

Digitized by PPRACHIN, SOA

ଦ୍ରାକ୍ଷା ପତ୍ର ପୁଟେ, ଭେଟିଣ ନିକଟେ, ପାଦରେ ପଡୁ ରଘୁବୀର
ବୋଲନ୍ତି ଉଚିତ, ନୁହେ ଧର୍ମେ ତାତ, ହୋଇ କିପରି ଏହା କର
ସେ ତ୍ରାହି, ତ୍ରାହି ବୋଲୁ ରାମ ପ୍ରସାଦ
ଦେଲେ ଘେନିଗଲା, ସୁମାରି କରିଲା ସୁଷେଣ ଛାଡ଼ି ଅବସାଦ । ।୧୧।
ସୁବାସ ଚନ୍ଦନ, ଘୋଟି ଭେଟିଦାନ, ଦେଲେ ତାରାତାତ ତାରାକ୍ଷ
ଶତ କ୍ଷୌଣୀ ସୈନ୍ୟ, ସହ ଆଗମନ, କରୁ ପ୍ରକାଶେ ଦଧିମୁଖ
ଏହାଙ୍କ, ବସତି ସୁପୁଣ୍ୟ କୁହରେ
ଘେନି ଯୂଥପତି, ଏସର୍ବ ରହନ୍ତି, ହେ; ରାମ ସେ ସ୍ଥାନେ ସ୍ନେହରେ । ।୧୨।
ପ୍ରମୋଦେ କୈବଲ୍ୟ, ଦେଉ ରଘୁବାଳ, ବାହୁଡ଼େ ହରଷେ କେଶରୀ
କୃତ୍ତିକା ପୁଞ୍ଜ, ଗୁଞ୍ଜ, ସଞ୍ଜ, ନକ୍ଷତ୍ର ବତ ପ୍ରବେଶ ସେନା ଧରି
କିଷ୍କିନ୍ଧ୍ୟା, କଟକେ ଶ୍ୱଶୁରାଳୟରେ
ଥିଲା ସୁଗ୍ରୀ ବାଳି, ମଧ୍ୟେ ହେଉ କଳି, ଚାଲି ଯାଇଥିଲା ଭୟରେ । ।୧୩।
ତହିଁ ସୀତା ପତି, ଭାଷନ୍ତି ତଡ଼ିତି, ଯୁଥ ପତିଙ୍କ ମାନ୍ୟ ଛାଡ଼
ମିତ୍ରଙ୍କ ଭିଣୋଇଁ, ଯେଣୁ ତୁମ୍ଭେ ଏହି, ବିଚାରେ ମାନ୍ୟ ଅଟ ବଡ଼
ଏ ବାକ୍ୟେ, ଧୀରେ ଶିରେ କର ନିବେଶି
ଭାଷେସେ ସହସା ନିର୍ମାଲ୍ୟରେ ଆଶା ରଖିଛି ଦିଅ ରବି ବଂଶୀ । ।୧୪।
ଭକତ ରଞ୍ଜନ, ବୁଝି ଭକ୍ତ ମନ, ଆନନ୍ଦରେ ଦେଉ ପ୍ରସାଦ
ଦ୍ରେତା ତାର୍କ୍ଷ୍ୟ ତାତ, ହର୍ଷେ ଫେରଇତ, ବନ୍ଦନା କରି ରାମ ପାଦ
ଏକାଳେ, ଗୟାନଦୀ ତଟ ମର୍କଟ
ଘେନି ସେନା ପନ୍ତି, ଦର୍ଶନ କରନ୍ତି, ପ୍ରଭୁ ନାମ କରି ପ୍ରକଟ । ।୧୫।
କ୍ରମ କରି ଲକ୍ଷ, ଧୂମ୍ରାକ୍ଷ ପ୍ରତ୍ୟକ୍ଷ, ସହସ୍ର ସାଗର ସଇନ
ନେଇ ସମାରୋହେ, ରାମ ଆଗେ କହେ, ହୋଇ କରି ବଡ଼ ଦଇନ
ଶାରଦା, ବିହାର ବନ ବାସୀ ବର୍ଣ୍ଣୁ
ସଭିଙ୍କର ମୁଖ, ନଖ, ଶୁକ୍ଳ ଦେଖ, ଆସିଛୁ ତୁମ୍ଭ କାର୍ଯ୍ୟେ ବାସୁ । ।୧୬।
ଏହିପରି ଜଣେ, ଜଣେ ଶ୍ରୀ ଚରଣେ, ପଡୁ ଦିବସ ଅବସାନ
କିଷ୍କିନ୍ଧ୍ୟା ଈଶ୍ୱର, ବୋଲନ୍ତି ହେବୀର, ଡ଼େରି ହୋଇଲା କର ସ୍ନାନ
ମଣୋହି, ବଢ଼ିବ ବେଳ ଗଡ଼ିଯାଏ
ଶୁଣି ସୀତାକାନ୍ତ, କହନ୍ତି ମଇତ୍ର, ଏହା ଉଚିତ କଥାନୁହେ । ।୧୭।
ସେନା ସେନାପତି, ଯୂଥ ପତି ରଥୀ, ଯାଇଣ ସର୍ବେ ବେଳାବନ
ପ୍ରେମେ ଧରି ଧାଡ଼ି, ହୁଅନ୍ତୁ ସଜାଡ଼ି, ଆମ୍ଭେ ଯାଇ ଦେଇ ଦର୍ଶନ
ଆସିବା, ନହୁଅ ତୁମ୍ଭେ କିଛି ବ୍ୟସ୍ତ
ସ୍ନାନ ଦେବାର୍ଚ୍ଚନ, ପ୍ରାସନାଦି ପାନ, ବଢ଼ାଇ ପରେ ହେବା ସୁସ୍ଥ । ।୧୮।

୧୧: ଦ୍ରାକ୍ଷା ପତ୍ର ପୁଟେ-ପତ୍ର ଠୋଲାରେ ଦ୍ରାକ୍ଷା ଧରି । ୧୪: ଦ୍ରେତା-ଦ୍ରେତୟା,ତ୍ରାକ୍ଷ୍ୟ-ହନୁମାନ, ତାତ-ପିତା

Digitized by PPRACHIN, SOA

ଅବୋଧ ଜୀବେ, ବୋଧୁ ତୋଷ ହୋଇବେ, ଅର୍ଦ୍ଧଳି ନ ସହିବା ଯେବେ
ରାବଣ ସଙ୍ଗରେ, ରଣାଙ୍ଗନ ପରେ, ଯାଇ କିମ୍ପାଇଁ ଝାସଦେବେ
ଏ କଥା, ଶୁଣି ସରବେ ବେଲାବଣେ
ରହିଲେ ମଇତ୍ର, ସଙ୍ଗେ ରଘୁସୁତ, ଯାଆନ୍ତି ଜାହ୍ନବ ଗହଣେ । ।୧୯।

ସୈନ୍ୟ ସଂଖ୍ୟା

ଶ୍ରୀ ରାମ ଅଭୟ, ପାଇ ପରିଚୟ, ସୈନ୍ୟ ଗଣି କ୍ଳାନ୍ତ ସୁଷେଣ
ବୋଲେ ଚାପଧାରୀ, ଶୁଣନ୍ତୁ ସୁମାରି, ହୋଇଲେ ଯାହା ସେନା ସୈନ୍ୟ
ସହସ୍ର, ମେବଛ ଦଧିମୁଖା କୀଶ
ସହସ୍ର କୋଟି, କାଳିମୁଖା ମର୍କଟ, ଗୋ ଲାଙ୍ଗୁଳା ଶତ ସହସ୍ର । ।୨୦।
ବଳିମୁଖା ବତ୍ରି-ଶ,ଖର୍ବ ଧୂମ୍ରାକ୍ଷ, ବର୍ଣ୍ଣା ବିଂଶନ୍ତି ଖର୍ବ ଆସି
ଲୋହିତ ବର୍ଣ୍ଣା, ଚମ୍ପାବର୍ଣ୍ଣ ସୁମାରେ, କ୍ରମେଣ ଶତ ଅଶି ଅଶି
ସିନ୍ଦୂର, ବରଣ ଅର୍ବୁଦେ-ବୃନ୍ଦେକ
କୃଷ୍ଣବର୍ଣ୍ଣ, ଶୁକ୍ଳବର୍ଣ୍ଣ, ରକ୍ତବର୍ଣ୍ଣ, ପରାର୍ଦ୍ଧେ ଘେନ ରକ୍ଷ ମୋକ୍ଷ । ।୨୧।
ଆହେ ରଘୁମଣି, ନ ହେଉଛି ଗଣି, ଆଉ ଯେତେସେନା ଅଛନ୍ତି
ଶୁଣି ରଘୁସୁତ ଡ଼କାଇ ମଇତ୍ର କେତେ ଆଉ ହେବେ ପୁଛନ୍ତି
ଶ୍ରବଣେ, ବୋଲେ ସୁଗ୍ରୀବ ଦେଇ ଦମ୍ଭ
ଆସୁଛନ୍ତି ସେନା ଯେତେ ତା ଗଣନା କରିବା ପ୍ରଭୁ ଅସମ୍ଭବ । ।୨୨।
ନୈମିଷା ଅରଣ୍ୟ, ପରିଯନ୍ତେ ସୈନ୍ୟ, ଧାଡ଼ି ଯଥା'କି ନଦୀ ବଢ଼ି
ମଳୟ, ମହେନ୍ଦ୍ର, ଆଦି ମଣିଭଦ୍ର, ମଣି କୂଟାଦି ଛନ୍ତି ମାଡ଼ି
ଉତ୍ତର, ସିନ୍ଧୁଯାଏ' ପୂରି ଅଛନ୍ତି
ଜାଣିବାରେ ବଣା ହୋଇଲା ଅଜଣା, ଗଣିବା କାର ଅଛି ଶକ୍ତି । ।୨୩।
ସେନାଙ୍କ ଭୋଜନ, ପାଇଁ ରଘୁନାନ, ଚିନ୍ତା କରି ହେଉ ବିକଳ
ଭାଷି ସୁଗ୍ରୀ ବଳ, କରିବେ କବଳ, ବୁଲିଣ ବନୁ ନାନା ଫଳ
ତୁମ୍ଭରି, ଆଜ୍ଞା ହେଲେ ଉଣା ନହେବେ
ଯେତେ ଖାଇଲେ, ଫଳତ ନ ସରିବ, ସେନାଏ ହୃଷ୍ଟରେ ରହିବେ । ।୨୪।
ଈଶ୍ୱରଙ୍କ ଆଗେ, ଈଶ୍ୱରୀ ସରାଗେ, କହି ଏତେ କପି ଭଲ୍ଲୁକ
କେବଣ କାନନେ, ଥିଲେ ଆମନ୍ତଣେ, ଆସନ୍ତି ଅଜଣା ଭୂଲୋକ
ସଂଶୟ, ଫେଡ଼ କରି ମୋତେ ସୁଦୟା
କହନ୍ତି ମହେଶ, ନୁହେ ମିଥ୍ୟା ଭାଷ, ଏ ସର୍ବ ଦେବତାଙ୍କ ମାୟା । ।୨୫
ଜଗତ ଜନନୀ, ନେଉ ବିଂଶପାଣି, ଗନ୍ଧର୍ବାଦି ଉଚ୍ଛନ୍ନ ମନେ
ଅଚ୍ଛ ବଳି ମୁଖ ରୂପ ଧରି ରକ୍ଷ ହତେ ରହି ଗୋପେ୍ୟ କାନନେ
କିନ୍ନର, ଯକ୍ଷ ସିଦ୍ଧାଦି ସୁରଗଣ
ସିଦ୍ଧ ବିଦ୍ୟାଧର, ହୋଇଣ ବାନର, ଆସନ୍ତି ହେବାକୁ ଚାରଣ । ।୨୬।

୨୬:ଜଗତ ଜନନୀ-ସୀତା, ଅଚ୍ଛ-ଭାଲୁ,ବଳିମୁଖ-ମାଙ୍କଡ଼ ।୨:ବାରବେନି ପୁରେ-ଚଉଦପୁରେ

Digitized by PPRACHIN, SOA

ଯେଉଁ ରଘୁବଂଶ, ମଣିରାମ ରସ, ବର୍ଣ୍ଣନାରେ ଲୁବ୍ଧ ମୋ ମନ
ନିରନ୍ତର ବ୍ୟସ୍ତ, ରହିବା ନିମିତ୍ତ, ଚାହେଁ ଲୋଡ଼େନି ଧନ ଜନ
ତାହାଙ୍କ, ପ୍ରସାଦେ ଏ ଯାହା ହୋଇଲା
ଏକ ବିଂଶ ସପ୍ତ, ପଦ ରେ ସମାପ୍ତ, ଏ ଛାନ୍ଦ ଦୟା ଯେ ଗାଇଲା । ।୨୭।

• • • • • • •

ସୀତା ସନ୍ଧାନରେ ଦୂତ ପ୍ରେରଣ

(ରାଗ - ଘଣ୍ଟାରବ)

ଛାନ୍ଦ - ୧୯

କାଣ୍ଡ କୋଦଣ୍ଡ ବିହାରୀ, ବିଜେ ପ୍ରସ୍ରବଣ ଗିରି,
ଚାରି ପାଶଘେରି,ଛନ୍ତି ରକ୍ଷ ହରି, ଆଦେଶକୁ ଆଶା କରି । ।୧।
ବାର ବେନି ପୁରେ ଯାର, ବୀରତ୍ୱ ଉତ୍କୃଷ୍ଟ ତର
ସେ ଭାଷନ୍ତି ମିତ୍ରେ, ସୀତା ଖୋଜି ଦୂତେ, ଯାଆନ୍ତୁ ହେଳା ନକର । ।୨।
କାଳ ନ କରି ବିଳମ୍ବ, ବାନ୍ଧବୀ କରନ୍ତୁ ଠାବ
ପର୍ଣ୍ଣ କୁଟୀର, ନଗର, ପୁର, ଖୋଜି ସନ୍ଦେଶ ଆଣନ୍ତୁ ଜବ । ।୩।

ଲଙ୍କା ବର୍ଣ୍ଣନା

ଜଟାୟୁ' ସମ୍ବାଦ ଦେଲା, ରାବଣ' ସୀତାଙ୍କୁ ନେଲା
ଶାସ୍ତ୍ରେ' ବୁଧଗଣ ଲିହିଲେ ରାବଣ' ଯେ ବଡ଼ ରାବ କରିଲା । ।୪।
ତା ବାସ ନଗରୀ ଲଙ୍କା, ମନେ ବଢ଼ାଏ ଆଶଙ୍କା
ନାରୀ, ଦୋଚାରିଣୀ, ରାକ୍ଷସୀ, ଡ଼ାହାଣୀ, ଆବାସ କଥିତ ଲଙ୍କା । ।୫।
କେଉଁ ଠାରେ ସୀତାଚୋର, ପ୍ରିୟାକୁ ରଖିଛି ମୋର
ସେ ସର୍ବ ବୃତ୍ତାନ୍ତ, ଜାଣିବା ନିତାନ୍ତ, ହେଉ ଅଛି ଦରକାର । ।୬।

ସୀତାଙ୍କ ରୂପ ବର୍ଣ୍ଣନା

କଥିତ ଯା ସ୍ୱର୍ଣ୍ଣପୁରୀ, ରାକ୍ଷସ ମାନଙ୍କେ ପୁରି
ମେରୁ ନିକଟକି ସିନ୍ଧୁ ଆରପଟ, କୂଳେ ନ ହେଉଛି ବାରି । ।୭।
ମୋ ବାମା, ସୀତା' ବୈଦେହୀ, ଖୋଜୁ ଭ୍ରମ ପାରେ ହୋଇ
ବଣିକ 'ନାରୀ' ବୈଦେହୀ, ସୀତା, ଗଙ୍ଗା, ଶାସ୍ତ୍ରେ ବୁଧେ ଛନ୍ତି କହି । ।୮।
ନ ହେବା ପାଇଁ ବିଭ୍ରମ, ସ୍ମରଣ ରଖନ୍ତୁ ନାମ
ସୀତା ଜାନକୀ ମୈଥିଳୀ, ପଦ୍ମଗନ୍ଧା, ବୈଦେହୀ, ପାର୍ଥିବୀ ଜାଣ । ।୯।

୩:ବାନ୍ଧବୀ-ସୀତାଙ୍କୁ,ସନ୍ଦେଶ-ଖବର ।

Digitized by PPRACHIN, SOA



ଶ୍ରୀରାମଙ୍କ ଦୂତ ରୂପେ ହନୁମାନଙ୍କୁ ସୀତାଙ୍କ ବିଶ୍ୱାସ ପାଇଁ ପ୍ରଭୁ ମୁଦ୍ରିକା ଦେଉଛନ୍ତି ।

Digitized by PPRACHIN, SOA

ଚାର ବର୍ଣ୍ଣନ

ଯେଣୁ ଦିନ ନୁହେ ସ୍ଥିର, ଚତୁର ପ୍ରବୀଣ ଚାର
ଚତୁର ଦିଗେ, ଚାରି ଚାରି ଗମନ୍ତୁ, ସେନା ଧରି ସଙ୍ଗତର । ।୧୦।
ଉଦୀଚୀ ଦିଶେ ଉତ୍ତର, ଅର୍ଥେ ଶତବଳୀ ବୀର
ସେନାପତିଙ୍କି, ନିଯୁକ୍ତି, ରୋମାପତି, କରି ଭାଷନ୍ତି ଏ ଗୀର । ।୧୧।
ନେବ ମଙ୍ଗଳ ଧୂମ୍ରାକ୍ଷ, ଶୌରି ଋଷଭ ଗବାକ୍ଷ
ଖୋଜି ନାନା ସ୍ଥାନ, ଆସିବ ବହନ, ଦଧିମୁଖ ନିରିମାକ୍ଷ । ।୧୨।
ବାସବ ଦିଗେ ବସନ୍ତ, ସେନାପତି ସଙ୍ଗେ ନ୍ୟସ୍ତ
ଦ୍ୱିବିନ୍ଦ ଦୁର୍ମୁଖ, ସର୍ପାଦଧିମୁଖ, କୁମୁଦ ମୋଦ ମନ୍ମଥ । ।୧୩।
ବାରୁଣୀ ଦିଗେ ବରିଣ, ସେନାପତି କାଳିଞ୍ଜନ
ମହେନ୍ଦ୍ର ରମଣ, ଶରଭ କର୍ଦ୍ଦନ, ଗବୟ ବ୍ରାହ୍ମି ଚନ୍ଦନ । ।୧୪।
ପ୍ରେତ ପତି ପୁରେ ଚିନ୍ତି, ବାଳୀ ସୁତ ସେନାପତି
ତାରାକ୍ଷ, ସୁଷେଣ, ଗନ୍ଧ ମାରଦନ, ନଳ ନୀଳ ହନୁ ମନ୍ତ୍ରୀ । ।୧୫।
ଶୀଘ୍ର ଯିବା ସ୍ଥିର କରି, ଭାଷନ୍ତି ସୁଗ୍ରୀବ ବାରି
ସପ୍ତଦ୍ୱୀପ, ସପ୍ତ ସିନ୍ଧୁ, ଦଶ ଦିଶ, ମଧ୍ୟ ଆକାଶ ଆବୋରି । ।୧୬।
ଏ ମଧ୍ୟେ ସେ ଯେଉଁ ପୁରେ, ଥିବେ ଜାନକୀ ଆତୁରେ
କରି ଅନ୍ୱେଷଣ, ଫେରନ୍ତୁ ସଇନ୍ୟ, ମାସକ ମଧ୍ୟେ ଏଠାରେ । ।୧୭।
ଭ୍ରାତ ଅଗ୍ରଜ ଭାଷନ୍ତି, ପଡ଼ିବା ବେଳେ ବିପତ୍ତି
ମନ ନୁହେ ସ୍ଥିର, ମିଳିବ ଖବର, ଆଶାହୀନେ ନୁହେ ଶାନ୍ତି । ।୧୮।
କହେ ଜାମ୍ବବାନ ମନ୍ତ୍ରୀ, ବାରତା ଦେବ ମାରୁତି
. କିଞ୍ଚିତ ମାତର, ତାଙ୍କୁ ଲଙ୍କାପୁର, ବୃଥା ଚିନ୍ତା କରୁଛନ୍ତି । ।୧୯।
ଶୁଣି ହନୁ ଡ଼ାକି ପାଶ, ଭାଷନ୍ତି ସୀତା ଜୀବେଶ
ମନ୍ତ୍ରୀ କହିବାରେ, ଜାନକୀ ଉଦ୍ଧାରେ, ତୁମ୍ଭେ ସାହା କଲିଆଶ । ।୨୦।
ଅଞ୍ଜନା ନନ୍ଦନ କହି, ଅଷ୍ଟ ଆଙ୍ଗୁଳ ମୋ ଦେହୀ
ଦ୍ୱାଦଶ ଆଙ୍ଗୁଳ, ପୁଚ୍ଛ ହୀନ ବଳ, ସାଗର କି ପାରେ ଡ଼େଇଁ । ।୨୧।
ମହା ପ୍ରତାପୀ ଅସୁର, ବୋଲି ଶୁଣା ଲଙ୍କେଶ୍ୱର
ତା ସମ୍ମୁଖେ ଧରା, ପଡ଼ିଲେ ପଚରା, ଉଚରା ଦଣ୍ଡ ଅପାର । ।୨୨।
ବଦନ୍ତି ଜାନକୀ ନାହା, କେ ଆଉ ହୋଇବା ସାହା
ରୁଦ୍ର ରୂପୀ ତୁମ୍ଭେ, କଥା ରଖ ଦମ୍ଭେ, କି କରିବ ବିଂଶ ବାହା । ।୨୩।

୧୦:ଉଦିଚୀ-ଉତ୍ତରଦିଗ ।୧୨:ବାସବ ଦିଗ-ପୂର୍ବଦିଗ ।୧୫:ପ୍ରେତପତି ପୁରେ-ଦକ୍ଷିଣ ଦିଗେ,(ଯମପୁରେ) ।
୧୫:ସପ୍ତଦ୍ୱୀପ-ଜମ୍ବୁ, ପ୍ଲକ୍ଷ, କୁଶ, କୌଞ୍ଚ, ଶାକ,ସାଲ୍ମଳି,ପୁଷ୍କର ।୧୫:ସପ୍ତସିନ୍ଧୁ-ଲବଣ, ଇକ୍ଷୁ, ସୁରା, ସର୍ପି, ଦଧି, ଦୁଗ୍ଧ,ପୟ । ଦଶଦିଗ-ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଆଗ୍ନେୟ, ଐଶାନ୍ୟ, ନୈଋତ, ବାୟବୀ, ଅଧ, ଊର୍ଦ୍ଧ୍ୱ ।

Digitized by PPRACHIN, SOA

ମନ୍ଦ କଥା ସୂର୍ପଣଖୀ, କହୁ ନେଲା ସେ ଜାନକୀ
ଜାଣେ ରାଜନୀତି, ସେହି କିମ୍ପା ଭୀତି, ଦୂତ ପାଇଁ ଦଣ୍ଡ ନାସ୍ତି । ।୨୪।
ବାଳ କାଳେ ବାଳଭାନୁ, ବନ୍ଧନ ଗଲା କି ମନୁ
ପାଶୋର ବିଶ୍ୱର, ସେ ବିଶ୍ୱ ନିୟନ୍ତା, ସିଦ୍ଧାନ୍ତ ପବନ ସୂନୁ । ।୨୫।
ହନୁଭାଷେ ଯୋଡ଼ି କର, ବାନର ଜାତି ଆମ୍ଭର
ମନେ ନ ପଡ଼ିଲା, ଅପରାଧ ହେଲା, କ୍ଷମ ମନେ ହେଲା ବର । ।୨୬।
ତୁମ୍ଭ ଆଜ୍ଞା ଶିରେ ଧରି, ସାଗର ହୋଇବି ପାରି
ମାତାଙ୍କ ସମ୍ବାଦ, ଦେବି ଆଣି ଦସ୍ତ, ନୁହ ଦିଅ ପଦ ଧୂଳି । ।୨୭।
କିମ୍ବା ବିଶ୍ୱାସ ନିମନ୍ତେ, ଲଙ୍କା ପ୍ରାଚୀର ସହିତେ
ଉତ୍ପାଟନ କରି, ଶ୍ରୀ ଚରଣେ ହରି, ଦେବିତା ମୋ ପକ୍ଷେ କେତେ । ।୨୮।
ପ୍ରଭୁ ତୁମ୍ଭ ଆଶୀର୍ବାଦେ, ନଭ ବୃକ୍ଷମଣି ମୋଦେ
ସିନ୍ଧୁ ମାଳ ଧର, କୂର୍ମ ମୂଳାଧାର, ମେଘମାଳା ପତ୍ର ହାଦେ । ।୨୯।
ଶଶଧର ଛାୟାପତି, ନକ୍ଷତ୍ର ସେ ବୃକ୍ଷ ଜ୍ୟୋତି
କୁଦିତା ଚରଣେ, ଖୋଜିବି ଯତନେ, ମାତା' ଦେଲି ପ୍ରତିଶ୍ରୁତି । ।୩୦।
ମାରୁତି ବଚନେ ଶଙ୍କା, ଛାଡ଼ି ହସ୍ତରୁ ମୁଦ୍ରିକା
ଦେଇ ରଘୁବୀର, କରିଣ ଆଦର, ଭାଷନ୍ତି ଗୁପ୍ତ ଗୀତିକା । ।୩୧।
ସଙ୍ଗେ ପାଞ୍ଚ ପାଞ୍ଚ କୋଟି, ସୈନ୍ୟ ଦେଲେ ସୁଗ୍ରୀ ବାଣ୍ଟି
ରାମ ପଦେ ଲୟ, ରଖି ନମି ଜୟ, କହି ରାମ ପଦେ ଲୋଟି । ।୩୨।
ଶୁଭ କାଳ ନିରୂପଣ, କରି ଭାଷନ୍ତି ସୁଷେଣ
ବିଜୟେ ବିଜୟା, ଦଶମୀ ଏକ୍ଷୟା, ହୀନେ ଯାତ୍ରା ଶୁଭେ ପୂର୍ଣ୍ଣ । ।୩୩।
ଏହି ପରି ଚାରି ଦିଗେ, ଚାର ଗମିଲେ ସରାଗେ
ଖୋଜିଥିବା ବନ ଗିରିଦେଶ ମାନ ପ୍ରଚାରିତ ହେବ ଆଗେ । ।୩୪।
କହେ ଦୟାନିଧି ଦାଶ, ଚିନ୍ତି ଜାନକୀ ବିଳାସ
ଗମନେ ଏ ଛାନ୍ଦ, ପଞ୍ଚ ତ୍ରିଂଶ ପଦ, ବିବୁଧ ହୃଦ ସାରସ । ।୩୫।

ମାସ ପାରାୟଣ ୧୪ ବିଶ୍ରାମ



୧: ପ୍ରମଥାଧିପ-ଶିବ । ୨: କୀଶ-ମର୍କଟ

Digitized by PPRACHIN, SOA

ଲଙ୍କାଗଡ଼େ ଲଙ୍କିନୀକୁ ହନୁମାନର ମୃଷ୍ଟି ପ୍ରହାର
ଓ ପ୍ରଣାମ, ପୃ.୧୪ଛା.୫

ମଧୁବନ ଭଗ୍ନ ଅକ୍ଷୟ ଆଦି
ଅସୁର ହତ, ପୃ.୩୦ଛା.୧୦

ହନୁମାନର ଲଙ୍କାପୋଡ଼ି, ପୃ.୩୮ଛା.୧୨ ହନୁମାନର
ଶିଶୁପା ବୃକ୍ଷରୁ ମାତା ସୀତାଙ୍କ ଦର୍ଶନ, ପୃ.୨୯ଛା.୯



ପ୍ରଭୁ ରାମଙ୍କ ବିଶ୍ୱାସ ନିମନ୍ତେ ସନ୍ତକସ୍ୱରୂପ ହନୁମାନଙ୍କୁ
ମାତା ସୀତାଙ୍କର ମଥାମଣି ପ୍ରଦାନ, ପୃ.୪୧ଛା.୧୨

Digitized by PPRACHIN, SOA

ଯୁଦ୍ଧରେ ଲକ୍ଷଣଙ୍କ ଶକ୍ତିଭେଦ, ପୃ.୧୦୯ଛା.୪୦ପ.୪୦-୪୬
ହନୁମାନ ପର୍ବତ ଧରି ଆଗମନ ଭରତ ଭେଟ, ପୃ.୧୫୬ଛା.୪୨ପ.୫୬

ପୁରଧା ରାବଣ ସୀତାଙ୍କୁ ଆଣି ପ୍ରଭୁ ରାମଙ୍କର
ସେତୁବନ୍ଧ ପ୍ରତିଷ୍ଠା, ପୃ.୭୯ଛା.୩୧ପ.୨-୩୩

ବାନରସେନାଙ୍କର ସମୁଦ୍ରରେ ସେତୁ
ନିର୍ମାଣ, ପୃ.୬୯ଛା.୧୯ପ.୧-୪

କୁମ୍ଭକର୍ଣ୍ଣର ରଣ ବିଜୟ, ପୃ.୪୯ଛା.୧୮ପ.୧୦-୨୬

ହନୁମାନ ପର୍ବତ ଧରି ଆଗମନ ଭରତ ଭେଟ,
ପୃ.୧୫୯ଛା.୪୨ପ.୧୦୭



ହନୁମାନର ଔଷଧ ପାଇଁ ଗମନ ଗନ୍ଧକାଳୀ (କିନ୍ନାରୀ)
ଉଦ୍ଧାର କାଳନେମି ବଧ, ପୃ.୧୧୨ଛା.୪୨ପ.୧୪

Digitized by PPRACHIN, SOA

— ସୁନ୍ଦରା କାଣ୍ଡ —

ସୂଚୀପତ୍ର

ଛାନ୍ଦ	ବିଷୟ ର ନାମ	ରାଗ	ଅଳଙ୍କାର	ପଦ	ପୃଷ୍ଠା
	ଶ୍ଳୋକ				
୧	ଦକ୍ଷିଣ ଦିଗ ଚାର ଗମନ	ପାହାଡ଼ିଆ			
		କେଦାର		୨୧	୧
୨	ବସନ୍ତ ଋତୁ ବର୍ଣ୍ଣନା, କୋକିଳ ଦ୍ୱାରା ରାମଙ୍କ				
	ନିକଟକୁ ସୀତାଙ୍କର ବାର୍ତ୍ତା ପ୍ରେରଣ	ବସନ୍ତ		୧୨	୨
୩	ସମ୍ପାତି ଭେଟ ଓ ସୈନ୍ୟମାନଙ୍କର ଲଙ୍କାଦର୍ଶନ	କୁମ୍ଭ କାମୋଦୀ	ଉପଧା ମିଳନ	୫୧	୯
୪	ହନୁମାନ ସମୁଦ୍ର ଲଙ୍ଘନ	ମଙ୍ଗଳ କାମୋଦୀ		୯	୧୨
୫	ସୁବଳ ଗିରିରୁ ହନୁମାନ ଲଙ୍କାଗଡ଼େ ପ୍ରବେଶ	ଋଷିକୁଲ୍ୟା		୪୧	୧୪
୬	ହନୁମାନ ବିଭୀଷଣ ଭେଟ	କଳସା		୨୨	୧୮
୭	ରାବଣ ସ୍ୱପ୍ନ ଦର୍ଶନେ ଅଶୋକବନେ ଗମନ	ନବାକ୍ଷରୀ		୮୦	୨୧
୮	ଅସୁରୁଣୀମାନେ ସୀତାଙ୍କୁ ଭୟ				
	ଦେଖାଇବାରେ ତ୍ରିଜଟାର ପ୍ରବୋଧନା	ନବାକ୍ଷରୀ		୧୨୨	୨୪
୯	ସୀତାଙ୍କ ସହିତ ହନୁମାନର କଥୋପକଥନ	ଘଣ୍ଟାରବ		୫୦	୨୯
୧୦	ମଧୁବନ ଭଗ୍ନ, ହନୁମାନ ବନ୍ଧନ	୧୪ ଅକ୍ଷରୀ		୮୬	୩୨
୧୧	ହନୁମାନର ଅପରାଧ ବିଚାର	ଚୋଖି		୩୦	୩୫
୧୨	ଲଙ୍କା ପୋଡ଼ି	କୁମ୍ଭ କାମୋଦୀ		୫୨	୩୮
୧୩	ଶ୍ରୀରାମଙ୍କ ନିକଟେ ହନୁମାନ	କଲ୍ୟାଣ	୧ ପଦରୁ ୧୦ ପଦ		
	ସୀତାଠାବ ବର୍ଣ୍ଣନା	ଆହାରୀ	ଯାଏଁ ଶେଷ ଦୁଇ		
			ଚରଣ, ଯମକ,		
			ଉପଧା ମିଳନ	୩୫	୪୨
୧୪	ସୀତାଙ୍କ ଖବର ପାଇବା ପରେ				
	ରାମଚନ୍ଦ୍ରଙ୍କର ବିଭିନ୍ନ ଚିନ୍ତନ	ଲଳିତ କେଦାର		୨୪	୪୬
୧୫	ରାମଚନ୍ଦ୍ର ସେନା ସହିତ ସିନ୍ଧୁକୂଳେ ପ୍ରବେଶ	ଦେଶାକ୍ଷା	ଆଦ୍ୟ ଅବନା ଶୃଙ୍ଖଳ	୧୪	୫୦
୧୬	ରାବଣ ଅଗ୍ରତେ ବାର୍ତ୍ତା, ବିଭୀଷଣ ଶରଣ	କୁମ୍ଭ କାମୋଦୀ		୬୪	୫୨
୧୭	ଜାନକୀ ପ୍ରାପତେ ଆଶା ବଢ଼ଇ ସବୁରୀ	କଳସା	ଏହି ବିଷୟର		
			ପ୍ରତ୍ୟେକ ବର୍ଣ୍ଣ ପାଇଁ		
			ପଦ ଲେଖାଏ		
			ଆଦ୍ୟ ଶୃଙ୍ଖଳା	୭୦	୫୬
୧୮	ସେତୁ ବନ୍ଧେ ଆନୟନ ପର୍ବତମାନଙ୍କର ଭାବନ	ଆଷାଢ଼ ଶୁକ୍ଳ	'ବ' ଅନୁପ୍ରାସ	୧୨	୫୯
୧୯	ସେତୁ ଆରମ୍ଭ	କାମୋଦୀ	'ବ' ଅନୁପ୍ରାସ	୪	୬୧

Digitized by PPRACHIN, SOA

ଛାନ୍ଦ	ବିଷୟ ର ନାମ	ରାଗ	ଅଳଙ୍କାର	ପଦ	ପୃଷ୍ଠା
୨୦	ସିନ୍ଧୁକୂଳେ ସନ୍ଧ୍ୟା ପ୍ରବେଶ	ଆଷାଢ଼ ଶୁକ୍ଳ		୭	୬୨
୨୧	ସେତୁ ବନ୍ଧେ ପ୍ରଭାତ ବର୍ଣ୍ଣନା ଓ ମନ୍ଦିର ନିର୍ମାଣ	କୁମ୍ଭ କାମୋଦୀ		୧୫	୬୩
୨୨	ବନ୍ଧ ପ୍ରତିଷ୍ଠା ପ୍ରସ୍ତାବ	ବଙ୍ଗଳାଶ୍ରୀ		୧୫	୬୪
୨୩	ରାବଣ ପୁରୋଧା ହେବା ପାଇଁ ପ୍ରସ୍ତାବ	ଆହାରୀ		୧୫	୬୫
୨୪	ରାବଣଙ୍କୁ ପୁରୋଧା ଭାବେ ଡ଼ାକିବାକୁ ରାମଙ୍କର ସ୍ୱୀକୃତି	କଳସା		୪୨	୬୭
୨୫	ରାମଙ୍କର ପତ୍ରଲେଖା	ଶଙ୍କରା ଭରଣ		୬	୬୮
୨୬	ପୁରୋଧା ବରଣେ ନାରଦ ଲଙ୍କାରେ ପ୍ରବେଶ	ବସନ୍ତ		୨୪	୬୯
୨୭	ରାବଣର ସ୍ୱୀକୃତି ପ୍ରଦାନ	କଳହଂସ କେଦାର		୮୧	୭୧
୨୮	ପୁରୋଧା ରାବଣଙ୍କ ଉପକରଣ ସଂଗ୍ରହ	ଆଷାଢ଼ ଶୁକ୍ଳ		୭	୭୪
୨୯	ରାବଣ ବନ୍ଧ ପ୍ରତିଷ୍ଠା ପାଇଁ ସୀତାଙ୍କୁ ନେବାକୁ ଅଶୋକ ବନେ ଗମନ	ଋଷିକୁଲ୍ୟା		୨୦	୭୫
୩୦	ରାମ ଠାରୁ ରାମ ନାମ ବଡ଼ ରାମ ନାମ ଠାରୁ ରାମ ବଡ଼	କଳସା	'କ' ଅନୁପ୍ରାସ	୩୩	୭୮
୩୧	ବନ୍ଧ ଓ ମନ୍ଦିର ପ୍ରତିଷ୍ଠା ନିମନ୍ତେ ରବଣ ଆଗମନ	ଦେଶାକ୍ଷ		୪୮	୭୯
୩୨	ପୁରୋଧା ଅବମାନନାର ଫଳ ଓ ରାମଚନ୍ଦ୍ର ଲଙ୍କା ଆଗମନ	ଧନାଶ୍ରୀ		୨୮	୮୪
				୧୩୮୫	

Digitized by PPRACHIN, SOA

ଲେଖକ, ଗାୟକ, ପ୍ରବକ୍ତା ଓ ପି.ଏଚ୍.ଡ଼ି ଧାରୀଙ୍କ ପାଇଁ

ସୁନ୍ଦରା କାଣ୍ଡର ବିଭିନ୍ନ ଛାନ୍ଦରେ ଥିବା ବିଶେଷତ୍ୱ

ଛାନ୍ଦ ୧ : ପଦ ୧-୪ ଦକ୍ଷିଣ ଦିଗେ ଚାର ଖୋଜିଥିବା ସ୍ଥାନମାନଙ୍କ ନାମ ଓ ମରୁଭୂମି ରେ ଗ୍ରୀଷ୍ମ ବର୍ଣ୍ଣନା ।
ପଦ ୫-୧୦ ହନୁମାନ ପରିଚୟ ପ୍ରଦାନ ଓ ଅସୁରର ମୁକ୍ତି ।
ପଦ ୧୧-୧୪ ପାତାଳେ ହେମା କନ୍ୟା ବର୍ଣ୍ଣନା
ପଦ ୧୬-୨୧ ହେମାଓ ମୟ ଦୈତ୍ୟର ପୂର୍ବଜନ୍ମ ବୃତ୍ତାନ୍ତ ଓ ଇନ୍ଦ୍ର ଶାପ ଖଣ୍ଡନ, ଦର୍ପଣ ଅସ୍ତ୍ର ପ୍ରାପ୍ତ ।

ଛାନ୍ଦ ୨ : ପଦ ୧-୨ ବସନ୍ତ ଋତୁ ବର୍ଣ୍ଣନା ।
ପଦ ୩-୫ କୋକିଳ ଦ୍ୱାରା ସୀତାଙ୍କର ରାମଙ୍କ ନିକଟକୁ ବାର୍ତ୍ତା ପ୍ରେରଣ
ପଦ ୬-୧୦ ନାରାୟଣଙ୍କ ଅବତାର ଭେଦ ଓ ପୂର୍ବବଂଶ କୀର୍ତ୍ତି ବର୍ଣ୍ଣନା ।

ଛାନ୍ଦ ୩ : ପଦ ୯-୧୨ ଯୋଗ ର ପ୍ରତାପ, କ୍ରୁରକର୍ମା ବିଧାତା ।
ପଦ ୧୩-୧୬ ସେନାଙ୍କ ବିଚାର ଶୁଣି ସମ୍ପାତ୍ତିର ଭାବନା ।
ପଦ ୨୦-୩୨ ସମ୍ପାତ୍ତିର ପୂର୍ବ ବିବରଣ ପ୍ରଦାନ ।
ପଦ ୪୪-୪୯ ସୁପାର୍ଶ୍ୱ ପୃଷ୍ଠେ ବାନରସେନା ଲଙ୍କା ଦର୍ଶନ ।

ଛାନ୍ଦ ୪ : ପଦ ୩-୫ ବିଷମ ସମସ୍ୟା (ଅଦ୍ଭୁତ ଉପମା) ।
ସିହିଂକା ଓ ନାଗମାତା ସହିତ ହନୁର ଭେଟ ।
ପଦ ୭-୯ ହନୁ ସ୍ୱେଦବିନ୍ଦୁ ପାନେ ମକରୀର ଗର୍ଭ ଧାରଣ ।

ଛାନ୍ଦ ୫ : ପଦ ୧-୩ ହନୁମାନ ମାର୍ଜାର ରୂପେ ଲଙ୍କାରେ ପ୍ରବେଶ ଓ ଲଙ୍କିନୀର ପଥ ଅବରୋଧ ।
ପଦ ୬-୧୦ ହନୁମାନର ଦେବୀଙ୍କୁ ପ୍ରାର୍ଥନା ଲଙ୍କିନୀର ପୂର୍ବ ବିବରଣ ହନୁମାନ ଲଙ୍କା ରେ ପ୍ରବେଶ ପାଇଁ ଅନୁମତି ପ୍ରଦାନ ।
ପଦ ୨୫-୨୬ ହନୁର ଲଙ୍କା ଭ୍ରମଣ । ପୁର ବର୍ଣ୍ଣନା ।
ପଦ ୨୭-୩୬ ହନୁ ମାଛି ରୂପରେ ରାବଣଓ ମନ୍ଦୋଦରୀଙ୍କ କଥୋପକଥନ ଶ୍ରବଣ ।
ପଦ ୩୭-୪୧ ହନୁମାନର ଅନୁତାପ ଲଙ୍କାରେ ହରିଶବ୍ଦ ।

ଛାନ୍ଦ ୬ : ପଦ ୩-୬ ହନୁର ମନ୍ଦିର ଦର୍ଶନ ।
ପଦ ୩୭-୪୨ ରାବଣ ମନ୍ଦୋଦରୀ ନାମର ଆଦ୍ୟବର୍ଣ୍ଣ 'ରା' 'ମ' = ରାମ
ପଦ ୪୩-୬୦ ହନୁମାନ ଲଙ୍କା ଆଗମନର କାରଣ ବିଭୀଷଣଙ୍କୁ ପ୍ରଦାନ ।
ପଦ ୭୨-୭୬ କବିମାନଙ୍କ ନାମ ।

ଛାନ୍ଦ ୭ : ପଦ ୧-୫ ରାବଣର ସ୍ୱପ୍ନ ଦର୍ଶନ ଓ ଚିନ୍ତନ ।
ପଦ ୬-୨୦ ଅଶୋକ ବନେ ରାବଣ ରାଜା ବିଜୟ ବର୍ଣ୍ଣନା ।

Digitized by PPRACHIN, SOA

		ପଦ ୨୧-୨୭ ଦେବଙ୍କ କୃତ ହନୁମାନର ଭ୍ରମର ରୂପ ଧାରଣ ।
		ପଦ ୫୧-୫୩ ଉପମା ଉପମେୟ ।
		ପଦ ୬୬-୭୯ ରାମପ୍ରାପ୍ତି ପାଇଁ ଶିବଙ୍କୁ ଜପ ।
ଛାନ୍ଦ ୮	:	ପଦ ୧୪-୨୨ ସୀତା ତ୍ରିଜଟା କଥୋପକଥନ ଉପମା ଉପମେୟ ।
		ପଦ ୩୭-୪୪ ସୀତାଙ୍କୁ ଅଶୋକାଷ୍ଟମୀ ବ୍ରତ ପାଳନ ଉପଦେଶ ।
		ପଦ ୪୫- ୫୭ ସୀତାଙ୍କର ବ୍ରତ ଯାଚଞ୍ଚା ।
		ପଦ ୫୮-୬୭ ପ୍ରଭାତ ବର୍ଣ୍ଣନା ଓ ରାବଣ ପୁରେ ଅମରଙ୍କ ଖଟଣି ।
		ପଦ ୮୫-୧୦୭ ସୀତାଙ୍କ ଭାବନା ହନୁ ଉପଲବ୍‌ଧି କରି ରାମାୟଣ ପଠନ ।
ଛାନ୍ଦ ୯	:	ପଦ ୮-୧୧ ସୀତାଙ୍କ ବିଳାପ ।
		ପଦ ୩୪-୩୮ ସୀତାଙ୍କ ଅନୁରୋଧ ।
ଛାନ୍ଦ ୧୦	:	ପଦ ୨୬-୩୧ ରାବଣଆଗେ ଦୂତ ହନୁମାନର ରୂପ ବର୍ଣ୍ଣନା ଓ ବନଭଗ୍ନ ବର୍ଣ୍ଣନା ।
		ପଦ ୪୮-୬୬ ଇନ୍ଦ୍ରଜିତର ଯୁଦ୍ଧ ଅନୁକୂଳ ଓ ଯୁଦ୍ଧ ବର୍ଣ୍ଣନା ।
ଛାନ୍ଦ ୧୧	:	ପଦ ୩-୨୭ ରାମାୟଣ ରେ ଅଦାଲତ ।
		ଟୀକା ୧୧ ଭାରତୀୟ ଦଣ୍ଡବିଧି ଆଇନ୍‌ର ଦଫା ।
ଛାନ୍ଦ ୧୨	:	ପଦ ୨-୧୦ ହନୁଦଣ୍ଡେ ଅସୁର ଅସୁରୀଙ୍କ ପ୍ରତିଶୋଧ ।
		ପଦ ୧୩-୧୬ ରାବଣ କଣ୍ଠେ ସରସ୍ୱତୀ, ଅସୁରଙ୍କ ବିଚାର ।
		ପଦ ୨୪-୨୬ ଅଗ୍ନି ସଂଯୋଗ ଓ ଲଙ୍କା ଦହନ ।
		ପଦ ୩୩-୪୨ ଘରପୋଡ଼ି ବର୍ଣ୍ଣନା ଓ ଘୃତ ବର୍ଷା ।
		ପଦ ୪୮ ମଥାମଣି ପ୍ରଦାନ ।
ଛାନ୍ଦ ୧୩	:	ପଦ ୭-୨୮ ହନୁମାନର ସୀତାଠାବ ଖବର ପ୍ରଦତ୍ତ । ଶେଷରେ ରାମ ନାମ ପରମ ଜ୍ଞାନ ।
ଛାନ୍ଦ ୧୪	:	ପଦ ୪-୮ ସୀତାଙ୍କ ଶରୀରରେ ଜଳ,ସ୍ଥଳ, ପୁଷ୍ପ ଆରୋପଣ ଏବଂ ଉପମା ଉପମେୟ ।
		ପଦ ୯-୧୦ ବହିର୍ଲିପିରେ ସାତ ବାର ।
		ପଦ ୧୧-୧୯ ଅନ୍ତର୍ଲିପିରେ ୨୭ ଯୋଗ ।
		ପଦ ୨୦ ବହିର୍ଲିପିରେ ବାର ରାଶି ପୟଯୋଗ ।
		ଟୀକା ୧୧ରେ ୨୭ ଯୋଗର ଭାବାନୁବାଦ ।
ଛାନ୍ଦ ୧୫	:	ପଦ ୪-୬ ଆଦ୍ୟ ଅବନା, ଆଦ୍ୟ ଶୃଙ୍ଖଳା, ସିଂହାବଲୋକନ ।
		ପଦ ୮-୧୨ ମଧ ଯମକ ଶୃଙ୍ଖଳା, ଆଦ୍ୟ ଯମକ, ମଧ ଯମକରେ ଦେଶ ନାମ ପ୍ରକାଶ ଓ ଆଦ୍ୟ ଯମକରେ ଦେଶ ନାମ ପ୍ରକାଶ ।

Digitized by PPRACHIN, SOA

ଛାନ୍ଦ ୧୬ : ପଦ ୬-୭ ରାବଣର ଆତ୍ମବଡ଼ିମା ଓ ବିଭୀଷଣର ବକ୍ତବ୍ୟ ।
ପଦ ୧୦-୧୬ ବିଭୀଷଣର ଉପଦେଶ ।
ପଦ ୨୫-୨୭ ବିଭୀଷଣର ରାମ ଚରଣେ ଅଷ୍ଟାଦଶ ଚିହ୍ନ ଓ ଷୋଳକଳା ଦର୍ଶନ ।
ପଦ ୨୮-୩୧ ନାରାୟଣଙ୍କ କାର୍ଯ୍ୟାବଳୀ ।
ପଦ ୩୫-୪୧ ବହିର୍ଲିପିର ପ୍ରାନ୍ତରେ **ବି ଭୀ ଷ ଣ ଶ ର ଣ**
ପଦ ୪୨-୪୯ ଉପମା ଉପମେୟ ।
ପଦ ୫୮-୬୪ ବିଭୀଷଣ ଓ ରାମଙ୍କ କଥୋପକଥନ ।

ଛାନ୍ଦ ୧୭ : ପଦ ୭-୧୩ ବିଭୀଷଣର ପ୍ରତ୍ୟାବର୍ତ୍ତନ ପାଇଁ ରାବଣର ଦୂତ ପ୍ରେରଣ ।
ପଦ ୨୧-୨୫ ଶୁକ ସାରଣ ରାବଣ ଆଗେ ରାମଙ୍କ ସେନା ବର୍ଣ୍ଣନା ।
ପଦ ୩୬-୬୪ ବରୁଣଙ୍କ ସାକ୍ଷାତରେ ଲକ୍ଷ୍ମଣଙ୍କ ଉକ୍ତି ।

ଛାନ୍ଦ ୧୮ : ପଦ ୧-୨ ଅଦ୍ଭୁତ ଉପମା । ପଦ ୩-୭ ଗିରିମାନଙ୍କର ଭାବନା ।
ପଦ ୮-୧୨ ବନ୍ଧ ଅନୁକୂଳ ସମୟ ନିରୂପଣ ।

ଛାନ୍ଦ ୧୯ : ଶେଷରେ ରାଜା ଓ ଠାକୁରଙ୍କ ଛତିଶାନି ଯୋଗ ।

ଛାନ୍ଦ ୨୦ : ପଦ ୧-୪ ସନ୍ଧ୍ୟା ବର୍ଣ୍ଣନା । ପଦ ୫ ଯୂଥପତିଙ୍କ ନାମ ।

ଛାନ୍ଦ ୨୧ : ପଦ ୧-୪ ପ୍ରଭାତ ବର୍ଣ୍ଣନା । ପଦ ୧୧-୧୩ ଗୁଣ୍ଡୁଚି ଉପାଖ୍ୟାନ ।

ଛାନ୍ଦ ୨୨ : ପଦ ୮-୧୫ ସିନ୍ଧୁପାରେ ରାମ ବିଭୀଷଣ ଆଲୋଚନା ।

ଛାନ୍ଦ ୨୩ : ପଦ ୩-୧୫ ରାବଣଙ୍କୁ ପୁରୋଧା ନିମନ୍ତେ ରାମଙ୍କ ଅସ୍ୱିକାର ଏବଂ ନାରଦଙ୍କ ପ୍ରବୋଧନା ।

ଛାନ୍ଦ ୨୪ : ପଦ ୧-୨୨ ବିଧାତାଙ୍କ ଉପଦେଶ । ପଦ ୨୩-୨୯ ମନ୍ଦ ସର୍ବେ ।

ଛାନ୍ଦ ୨୬ : ପଦ ୨-୪ ନାରଦଙ୍କ ଚିନ୍ତା, ରାବଣପୁରେ ଦେବଙ୍କ ଖଟଣି ।
ରାବଣ ରାଜନୀତି ସିଦ୍ଧାନ୍ତ ।

ଛାନ୍ଦ ୨୭ : ପଦ ୧-୨ ରାବଣ ରାମଙ୍କ ପତ୍ର ମସ୍ତକରେ ସ୍ପର୍ଶ କରି ପଠନ ।
ପଦ ୮-୧୦ ରାବଣର ରାମଙ୍କ ଯଶ ଗାନ ।
ପଦ ୧୪-୨୨ ରାବଣର ନାରଦଙ୍କୁ ଅନ୍ତର କଥା ବ୍ୟକ୍ତ ।
ପଦ ୨୫-୩୫ ରାବଣ ବିଗତ ଶାପ ଓ ବର କଥା ପ୍ରକାଶ ।
ପଦ ୩୫-୫୪ ରାବଣର ସୀତାଙ୍କୁ ନେଇ ପୁରୋଧା ଭାବେ ସେତୁ ବନ୍ଧ ପ୍ରତିଷ୍ଠାରେ ଯିବାକୁ ସମ୍ମତି ।
ପଦ ୬୪ ଅଶୋକ ବନେ ନାରଦଙ୍କ ସୀତାଙ୍କ ସହିତ କଥୋପକଥନ ଶେଷରେ ଆପ୍ତ ବାକ୍ୟ ।

Digitized by PPRACHIN, SOA

ଛାନ୍ଦ ୨୮ : ପଦ ୧-୭ ରାବଣ ନିତ୍ୟକର୍ମ ଓ ଯାଗ ଉପକରଣ ସଂଗ୍ରହ ।
ଟୀକା ୨ ବେଦ,ବେଦାଙ୍ଗ,ପଞ୍ଚାଙ୍ଗ,ପଞ୍ଚବର୍ଗ,ପଞ୍ଚାମୃତ ଓ ପଞ୍ଚ ମୁରୁଜର ନାମ ।

ଛାନ୍ଦ ୨୯ : ପଦ ୧-୧୪ ସେତୁବନ୍ଧ ପ୍ରତିଷ୍ଠାରେ ସୀତାଙ୍କୁ ନେବା ପାଇଁ ପୁରୋଧା ରାବଣଙ୍କର ବିଭିନ୍ନ ଚେଷ୍ଟା ଓ ସୀତାଙ୍କର ସମ୍ମତି ।
ପଦ ୧୫-୧୬ ପ୍ରକୃତିର ମଙ୍ଗଳ କାମନା ।
ପଦ ୧୮-୧୯ ବିରୋଧାଭାଷ ।

ଛାନ୍ଦ ୩୦ : ପଦ ୧୯-୩୨ ହନୁର ରାମଙ୍କ କଥା ଅବମାନନା ।

ଛାନ୍ଦ ୩୧ : ପଦ ୪-୬ ରାମଙ୍କ ସହିତ ପୁରୋଧା ରାବଣଙ୍କ ଚୁକ୍ତି ।
ପଦ ୭-୯ ରଥରୁ ଯଜ୍ଞୋପକରଣ ଆନୟନ ।
ପଦ ୧୦ ଦେବାଦେବୀଙ୍କ ସେତୁବନ୍ଧ ପ୍ରତିଷ୍ଠା ଦର୍ଶନ ।
ପଦ ୧୫-୨୦ ରାବଣ ଦଶମୁଖେ ବେଦ ପଠନ ।
ପଦ ୨୧-୨୯ ହରପାର୍ବତୀଙ୍କର ଜ୍ୟୋତିପ୍ରକାଶ ଓ ନାମ କରଣ ।
ପଦ ୩୦-୩୨ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ନାମ ସ୍ଥାନ ବର୍ଣ୍ଣନ ।
ପଦ ୩୩-୩୮ ପୁରୋଧାଙ୍କ ପ୍ରାସନ୍ନ ଓ ଦକ୍ଷିଣା ପାଇଁ ସତ୍ୟ ପାଠ ।
ପଦ ୪୨-୪୩ ପୁରୋଧାଙ୍କ ଯାଚଞ୍ଚା ରାମଙ୍କର ସ୍ୱୀକୃତି ।

ଛାନ୍ଦ ୩୨ : ପଦ ୩-୫ ହନୁମାନ ଶୁବ ଉତ୍ତୋଳନ ।
ପଦ ୬-୯ ପୁରୋଧାଙ୍କ କ୍ଷମା ।
ପଦ ୧୫-୨୨ ଶୁଭକାଳ ନିରୂପଣ ।
ପଦ ୨୩-୨୬ ରାମଙ୍କ ଲଙ୍କା ଆଗମନ ଶୁଭ ସଙ୍କେତ ଦର୍ଶନ ।
ଶେଷରେ କଳିଯୁଗ ସମ ଯୁଗ ନାହିଁ ।

Digitized by PPRACHIN, SOA

ସୁନ୍ଦରାକାଣ୍ଡ ଆରମ୍ଭ

ଶ୍ଳୋକ

ଦୂତ ଦଶରଥୋଃ ସଲୀଲମୁଦଧିଂ ଦର୍ତ୍ତ୍ୱା ସମୀରାତ୍ମଜଃ ।
ଦିଷ୍ଟାଶୋକବନେ ସ୍ଥିତା ଜନକଜାଂ ହୈମାଂ ଦଦ ମୁଦ୍ରିକାଂ ।।
ଅକ୍ଷାଦିନ୍‌ସ୍ ସୁରାନ ନିହତ୍ୟ କ୍ଷିତିଜାଂ ଦୃଷ୍ଟ୍ୱା ମୟ୍ୟୈୟ ବୃବତ୍ ।
ରାମଂବନ୍ଧୋ ପୟୋନିଧିଃ କପିକୁଳୈଃ ଶୈଳେ ନଳେନାଦ୍‌ଭୂତଂ ।।

ଦକ୍ଷିଣ ଦିଗ ଚାର ଗମନ

(ରାଗ ପାହାଡ଼ିଆ କେଦାର)

ଛାନ୍ଦ - ୧

ବିନମ୍ର ଭାବେ ଯୋଡ଼ିଣ ପାଣି   ପ୍ରମଥାଧିପ ଆଗେ ଶର୍ବାଣୀ
ଜାନକୀ ଅନ୍ୱେଷଣ କାହାଣୀ, ପୁଚ୍ଛୁ ହରଷେ ଯେ
ବର୍ଣ୍ଣନେ ଶିବ ମନ ମନ୍ଦିରେ   ରାମଙ୍କୁ ସ୍ମରି ଭାଷନ୍ତି ଧୀରେ,
ଗଲେ ଦକ୍ଷିଣ ଦିଗେ ବାନରେ, ଯେ ସ୍ଥାନେ ଭାଷେ ଯେ
ଖୋଜି ବିନ୍ଧ୍ୟ ପର୍ବତ' କନ୍ଦି ବିକନ୍ଦି ଯେ, ପ୍ରବେଶ ହେଲେ ସେନା ନର୍ମଦା' ନଦୀ ଯେ
ଯହିଁ ଦେବଙ୍କ ବିହାର ସ୍ଥଳୀ   ବିଖ୍ୟାତ ହେମ କୂଟତା ମୌଳି
ମନାସି ଶୁଭ, ଯାଇ ବିଦର୍ଭ, ସୀତା ସମ୍ବାଦି ଯେ । ।୧।
ବୋଲଇ ସେଥି ବାଳୀ ନନ୍ଦନ   ସମସ୍ତ ସେନାପତିଏ ଶୁଣ
ଭାଗ ହୋଇଣ, କର ଗମନ, ମାତା ସନ୍ଧାନେ ଯେ
ଗିରି କନ୍ଦର ଝାଡ଼ କାନନ   ଖୋଜିବ କରିଣ ତନ୍ନ ତନ୍ନ
ନ ଛାଡ଼ି କାହିଁ ଗୋଟିଏ ସ୍ଥାନ, ଆସଏ ବନେ ଯେ
ତଥିପରେ ଏ ସ୍ଥାନେ ବିଚାର ହେବ ଯେ, କଣ୍ଟ ଗଡ଼ିଲେ ରାଜ ଦଣ୍ଡ ଭୋଗିବ ଯେ
ପାଳି ଆଦେଶ, ଭଲ୍ଲୁକ କୀଶ   ଖୋଜନ୍ତି ନାନା ଦେଶ ଆବାସ
କେଉଁଠି ବନ୍ଧ, କେଉଁଠି ହ୍ରଦ, ତଟିନୀ ସର୍ବ ଯେ । ।୨।

ଟୀକା : ୧: ବିନମ୍ର-ନମ୍ରତା, ଯୋଡିଣ ପାଣି-ହାତଯୋଡି, ପ୍ରମଥାଧିପ-ଶିବ, ଶର୍ବାଣୀ-ପାର୍ବତୀ, ଜାନକୀ-ସୀତା । ୨: ବାଳୀନନ୍ଦନ-ଅଙ୍ଗଦ, ମାତସନ୍ଧାନେ-ସୀତାଙ୍କୁ ଖୋଜିବା ପାଇଁ, କଣ୍ଟ-ଧାର୍ଯ୍ୟ ସମୟ, ରାଜା-ସୁଗ୍ରୀବ, ଭଲ୍ଲୁ-ଭାଲୁ, କୀଶ-ମାଙ୍କଡ, ଆବାସ-ଘର, ତଟିନୀ-ନଦୀ ।

Digitized by PPRACHIN, SOA

କେତେ ବୁଲନ୍ତି କୃଷ୍ଣା' କାବେରୀ କେତେକ ପ୍ରବେଶ ଗୋଦାବରୀ
କେହୁ ପ୍ରବେଶି ସେ ଅଶ୍ୱଗିରି' ଦୁଃଖେ ବସନ୍ତି ଯେ
ଖୋଜନ୍ତି କେହି ଚଳ ଅଚଳ ଖ୍ୟାତ ଯା ବିନ୍ଧ୍ୟ ଶଇଳ ଚୂଳ
ନପାଇ ସୀତା ହୋଇ ବିକଳ, ଫେରି ଆସନ୍ତି ଯେ
କେତେ ଗମିଲେ ଖରେ, କଳିଙ୍ଗ ଦେଶେ ଯେ,ସସାଗରା ଯା ନାମ ଉତ୍କଳ, ଘୋଷେ ଯେ
ଶ୍ରୀରାମ ନାରୀ, ନପାଇ ଫେରି ପ୍ରବେଶ ହେଲେ ମହେନ୍ଦ୍ର ଗିରି
ଯହିଁ ସର୍ବଦା, ଇନ୍ଦ୍ର ବିହରି,ଇନ୍ଦ୍ରାଣୀ ତୋଷେ ଯେ । ।୩।
ପ୍ରାଚୀ, ପ୍ରତିଚୀ, ଉଦିଚୀ ଦିଗେ ଗମିବା ସେନା, ମନ ଆବେଗେ
ସଂଧାନେ ସୀତା, ନ ପାଇଁ ଆଗେ, କଷ୍ଟ ପୂରଣେ ଯେ,
ଫେରି ବିରାଗେ, ନୃପେ ପ୍ରକାଶ କଲେ ବୁଲିବା ପାଟଣା ଦେଶ
ଶୁଣିତା ରାମ, ହେଲେ ବିରସ, ସୁଗ୍ରୀବ ଭଣେ ଯେ
ଧଇର୍ଯ୍ୟ ଧର ମିତ୍ର, ନୁହ ଅଧୀର ହେ ଆଣିବେ ବାର୍ତ୍ତା ଦକ୍ଷିଣ ଦିଗ ଚାର ହେ
ରହିଛି ଶାସ୍ତ୍ରେ, ପୂର୍ବରୁ ବିଧି ବିଳମ୍ବେ କାର୍ଯ୍ୟ, ହୁଅଇ ସିଦ୍ଧି
ଦକ୍ଷିଣ ଚାରେ ରଖି ଅବଧି, ହୁଅନ୍ତୁ ସ୍ଥିର ହେ । ।୪।
ତେଣେ ଦକ୍ଷିଣେ, ସଇନ ଯାଇ ଭେଟିଲେ ପ୍ରଶସ୍ତ ମରୁଭୂଇଁ
ଖର କିରଣେ, ରେଣୁ ତାତଇ, ନଥାଇ ଛାଇ ଯେ
ଗୁଳ୍ମ ପାଦପ, ଯାଇଛି ଜଳି ନ ଥାଏ ଲତା, ନଥାଏ କଳି
ନକରେ ଅଳି, କେଉଁଠି କେଳି, ଆଶ୍ଚର୍ଯ୍ୟ ହୋଇ ଯେ
ତାପେ ତୃଷାର୍ତ୍ତେ ଜଳ, ଖୋଜିଣ ଥାଟ ଯେ,ଯାଉଁ ଦେଖିଲେ କ୍ରୋଟେ,-ଅଛି ନିକଟ ଯେ
ସେ କ୍ରୋଟ ଦ୍ୱାର, ରଖେ ଅସୁର କରରେ ଧରି, ଗଦା ମୁଦ୍ଗର
ବିଲୋକି ଭାବେ, ମନ୍ତ୍ରୀ ସେଠାର, ଏ ଲଙ୍କା ରାଟ କି । ।୫।
ମାୟା ଆଚରି, ମାୟାବୀ ଶୂର ଲୁଚାଇ ଦଶ ମୁଣ୍ଡକି ତାର
ଜଗି ବସିଛି ସୁଡ଼ଙ୍ଗ ଦ୍ୱାର, ସୀତାଙ୍କୁ ରଖି ଯେ
ଯାଇ ଏ ସ୍ଥାନେ, ଖୋଜୁ ବିବର, ଦେଖା ବା ହେବ, ଜାନକୀଙ୍କର

ଟୀକା : ୩ଃ ଚଳ-ପୃଥିବୀ, ଅଚଳ-ପର୍ବତ, ଶ୍ରୀରାମନାରୀ-ସୀତା । ୪ଃ ପ୍ରାଚୀ-ପୂର୍ବଦିଗ, ପ୍ରତିଚୀ-ପଶ୍ଚିମ ଦିଗ । ଉଦିଚୀ-ଉତ୍ତରଦିଗ, ଆବେଗେ-ଉତ୍କଣ୍ଠାରେ, ନୃପେ-ସୁଗ୍ରୀବଙ୍କୁ, ବିରସ-ମ୍ଳାନ । ୫ଃ ପ୍ରଶସ୍ତ-ବଡ଼, ମରୁଭୂଇଁ-ବୃକ୍ଷଲତା ଓ ବର୍ଷାହୀନ ଭୂମି, ଗୁଳ୍ମ-କିଆଜାତୀୟ ଛୋଟ ବୃକ୍ଷ ।, ପାଦପ-ଗଛ, ଅଳି-ଭ୍ରମର, କେଳି-ମଧୁ ଆହରଣ, ତାପେ-ଉତ୍ତାପେ, ତୃଷାରେ-ଶୋଷରେ, ଥାଟ-ସେନାସମୂହ, କ୍ରୋଟେ-ବନ କୋରଡ଼େ, ବିଲୋକି-ଦେଖି, ମନ୍ତ୍ରୀ-ଜାମ୍ବବାନ, ଏଲଙ୍କାରାଟ -ରାବଣ ହେବକି ।

Digitized by PPRACHIN, SOA

ନତୁ ଏ ଗର୍ତ୍ତ ଦେଖିବ ନେତ୍ର, ହୋଇବ ସୁଖୀ ଯେ
ବାନର ଗଣ, ପାଞ୍ଚି ଏପରି ସେ ଦୈତ୍ୟ ପ୍ରପଞ୍ଚ ରୂପ ଧରି, ସେଥି ତ୍ବରିତ ଯେ
ଚକ୍ର ପରାଏ, ବୁଲାଏ ନେତ୍ର ନିଶ୍ୱାସ ଗତି, ପ୍ରମାଣ ବାତ
ଅରୁଣ ଧୂମରେ, ଲୁଚ୍ଛାୟିତ, ଭୟ ପ୍ରତୀତ ଯେ । ।୬।
ଜିହ୍ୱା ତା ଯଥା, ତପତ ଲୌହ ନିଃଶଙ୍କେ ହସିଣ, ଟହ ଟହ
ବୋଲଇ ରକ୍ଷ, ବାନର କହ, କାହାକୁ ଖୋଜ ରେ
ବହୁତ ଦିନୁ, ଭୋଜନ ପାନ ହୋଇନି ଆଜି, ବିଧି ବିଧାନ
ତେଣୁ ଆସିଛ, ସର୍ବେ ଏ ସ୍ଥାନ, ଭକ୍ଷିବି ଆଜରେ
ଶୁଣିତା ନଳ ସେଥି, ଭାଷେ ଝଟତି ଯେ, କେ ତୁମ୍ଭେ କହ, କିମ୍ବା ରହିଛ ଏଥି ଯେ
କେ ନୃପ ଏଥି, କାହାର ବଳ ବ୍ୟାକୁଳ ଆମ୍ଭେ ଭାଷ ଚଞ୍ଚଳ
ପ୍ରଭୁ କାର୍ଯ୍ୟରେ, ଗଡୁଛି କାଳ, ହେବ ଦୁଷ୍କୃତି ଯେ । ।୭।
କ୍ରୋଧେ ଅଥୟ, ହୋଇ ଦଇତ ଭାଷେ ଅମର, ଶିଳ୍ପୀ ମୟତ
କରି ସୁଡ଼ଙ୍ଗେ, ଅଛି ଥୟେତ, ପୁରେ ଯାଇତ ଯେ
ଯା ମଧ୍ୟେ ଦିବ୍ୟ, ସୁନ୍ଦରୀ ନାରୀ କୌଷେୟ ବାସ, କୌପୀନ ଧାରୀ
ରହିଛି ନିତ୍ୟ, ବ୍ରତ ଆଚରି, କି ଲୋକ ମାତଯେ
ପୂର୍ବେ ସ୍ୱର୍ଗରେ ମୁହିଁ ଗନ୍ଧର୍ବେ ଥିଲି ଯେ, ଇନ୍ଦ୍ର ଶାପରେ ଦୈତ୍ୟ ପୁରେ ଜନ୍ମିଲିଯେ
ଯେ ଦଶ ଆସ୍ୟ ଲଙ୍କା ଭୂପାଳ ହୋଇଣ ତାହାଙ୍କ ଦ୍ୱାରପାଳ
ପୋଡ଼ା କପାଳ ଫାଟୁ କଟାଳ ନୃପେ କରିଲି ଯେ । ।୮।
କ୍ଷୋଭେ କି' ଚିନ୍ତି, ଦଣ୍ଡେ ନିଯୁକ୍ତି ଦେଉ ଏ ଦ୍ୱାର, ଜଗଇ ନିତି
ନଦେବି ଛାଡ଼ି, ଖାଇବି ମୋଡ଼ି, ମର୍କଟ ଗଣ ରେ
ବାସବ ଦଣ୍ଡ,ବିହିବା କାଳେ ଦୁଃଖେ କାରଣ, ମାଗୁ ବିହ୍ୱଳେ
ଭାଷିଲେ ଗତି, ହେବ ଯେ କାଳେ, ଯେ ପରି ଶୁଣରେ
କେତେକ ଦିନ ଅନ୍ତେ ଲଙ୍କା ରାଜନ ରେ, ଶ୍ରୀ ରାମ ନାରୀ ଧରି ଆସିବ ପୁଣରେ
ତାହା ସନ୍ଧାନେ, ଆସିବେ ଦୂତ ଭେଟ ହୋଇଲେ, ପବନ ସୁତ
ଲଗାଉ କର, ହୋଇବୁ ମୁକ୍ତ, ରଖିଥା ମନ ରେ । ।୯।
ଏ କଥା ଶୁଣି, ସେ ହନୁମନ୍ତ ବୋଲଇ ମୁହିଁ, ସେ ରାମ ଦୂତ
ମୋ ନାମ ଅଟଇ ହନୁମନ୍ତ ଛାଡ଼ ଏ ପଥରେ

ଟୀକା : ୬: ମାୟାବି-ଶୂର, ମୟାବୀ-କପଟଚୋରୀ ସୁର-ବୀର, ସୁଡଙ୍ଗ-ଗର୍ତ୍ତ ବା ବିବର, ପାଞ୍ଚି-ଭାବନାକରି, ପ୍ରପଞ୍ଚ-କଦାକାର(ମାୟା) ବାତ-ପବନ, ଅରୁଣ-ସୂର୍ଯ୍ୟ, ଧୂମ-ଧୂଆଁ, ୭: ତପତଲୌହ-ତାତିଲାଲୁହା, ନିଃଶଙ୍କେ-ଶଙ୍କାହୀନେ, ବିଧି-ବ୍ରହ୍ମା, ବିଧାନ-ନିୟମ, ଭକ୍ଷିବି-ଖାଇବି, ଝଟତି-ଶିଘ୍ର, କେ ନୃପ-କିଏରାଜା, ଦୁଷ୍କୃତି-ପାପ, ୮: କ୍ରୋଧେ-ରାଗେ; ଅଥୟ-ଚଞ୍ଚଳ, ପୁରେ-ରହିବାସ୍ଥାନରେ, କୌଷେୟବାସ-ରେଶମୀବସ୍ତ୍ର, କୌପୀନ-ଚୀରବସ୍ତ୍ର, ଲୋକ-ମନୁଷ୍ୟ, ମାତ-ମାଦୁର୍ଗା, ଭୂପାଳ-ରାଜା, କଟାଳ-ଜଞ୍ଜାଳ । ୯:କ୍ଷୋଭେ-ଉଦବେଗେ, ବାସବ-ଇନ୍ଦ୍ର, ବିହ୍ୱଳେ-ଅଭିଭୂତେ, ଲଙ୍କାରାଜନ-ରାବଣ, ସନ୍ଧାନେ-ଖୋଜିବାରେ, ଦୂତ-ଚାର, ପବନ ସୁତ-ହନୁମାନ ।

Digitized by PPRACHIN, SOA

କର ସ୍ପର୍ଶୁ ସେ, ଗନ୍ଧର୍ବ ହେଲା ଫାଟକ ଛାଡ଼ି, ସ୍ୱରଗେ ଗଲା
ରକ୍ଷ ବାନରେ, ପଶୁ ବିବରେ, ନଦିଶେ ବାଟ ଯେ
ହନୁ କର୍ଣ୍ଣ ମକର କୁଣ୍ଡଳ, ଜ୍ୟୋତି ଯେ, ଦେଖାଉ ବାଟ ଆଗେ ଚଳେ ମାରୁତି ଯେ
ପଛକୁ ପଛ, ଧରିଣ ପୁଚ୍ଛ ଚାଲିଲେ ସର୍ବ ମର୍କଟ ଅଛ
କେତେକ ଦୂରେ, ଦେଖିଣ ପୁରେ, ହେଲେ ତଟସ୍ଥ ଯେ । ।୧୦।
ମନ୍ଦିର ଅଟ୍ଟାଳିକା ପ୍ରାସାଦ ମଣ୍ଡପ ଗଠନ ନାନା ବିଧ
ଦର୍ଶନେ କାରୁ, କାର୍ଯ୍ୟରେ ଚାରୁ, ଦେଦୀପ୍ୟମାନ ଯେ
କାହିଁ ଉଦ୍ୟାନ, ସୁମନୋହର ନିକଟେ ସରୋଜ, ସରୋବର
ବିଲୋକି ଭୟେ, ମନ୍ତ୍ରୀ ପ୍ରବର, ଭାଷଇ ପୁଣ ଯେ
ରାକ୍ଷସ ମାୟା ଏହାହୁଏ ପ୍ରତ୍ୟୟ ଯେ ଘଟିଲା ନାଶ ଯୋଗ ନାହିଁ ଉପାୟଯେ
ଭାଷଇ ଦୟାନିଧି , ନିଶ୍ଚିନ୍ତ ହୁଅ କିମ୍ପାଇଁ, ଅସ୍ଥିର ଚିତ୍ତ
ଯାହାର ସାହା, ଜାନକୀ କାନ୍ତ, ତାର କି ଭୟ ଯେ । ।୧୧।
ସେଥି ସୀତାଙ୍କୁ, ଖୋଜନ୍ତେ ସୈନ୍ୟେ ଦେଖିଲେ ଦୂରେ, ଦିବ୍ୟ ଆସ୍ଥାନେ
ବସିଛି ଏକ, ସୁନ୍ଦରୀ ଧ୍ୟାନେ, ଏକାଗ୍ର ଚିତ୍ତେ ଯେ
ଶୋଭାତା କରଇ ଧିକି ଧିକି ଅଙ୍ଗ ବିଲକ୍ଷେ, ନୁହେ କେତକୀ
ଭାବନ୍ତି ଦୁଃଖ ଗଲା ସତକି ଏ ସୀତା ପ୍ରତେ ଯେ
କଟିତଟରେ ଘେର, କୁମ୍ଭୀ ବଲ୍କଳ ଯେ, ନିଃସନ୍ଦେହ ହୋଇଲେ, ସଇନ କୁଳ ଯେ
ପ୍ରକାଶ କରଇ ହନୁମାନ ଶ୍ରୀ ରାମ କହିଥିବା ଲକ୍ଷଣ
ନାହିଁ ଏ ସୁନ୍ଦରୀ ନିରୀକ୍ଷଣ କର ସକଳ ଯେ । ।୧୨।
ଆଉକେ ହୋଇ, ଥାଇ ପାରନ୍ତି ବୁଝିବା ଚାଲ, ଭାଷୁ ଯୁବତୀ
ମାନସେ ଭାବି, ବିସ୍ମିତ ଅତି, ପୁଚ୍ଛନ୍ତି ଧୀରେ ଯେ
ତିମିର ପଥ, ପାତାଳ ପୁରୀ ଆପଣମାନେ, ସବୁ କିପରି
ଆସିଲ ଦ୍ୱାର, ଛାଡ଼ିଲା ଦ୍ୱାରୀ, ଭାଷ ସଧୀରେ ଯେ
ଏ କଥା ଶୁଣି ହନୁ କରଇ ବ୍ୟକ୍ତଯେ, ମା ଗୋ ଅଟେ ମୁଁ ରାମଚନ୍ଦ୍ରଙ୍କ ଦୂତଯେ
ଦଣ୍ଡକ ବନୁ, ପ୍ରଭୁଙ୍କ ନାରୀ ରାବଣେଶ୍ୱର, ନେଇଛି ହରି
ସୁଗ୍ରୀବ ସଙ୍ଗେ, କୋଦଣ୍ଡ ଧାରୀ, ହୋଇଣ ମିତ୍ର ଯେ । ।୧୩।

ଟୀକା : ୧୦: କୁଣ୍ଡଳ ଦ୍ୟୁତି-କର୍ଣ୍ଣଭୂଷଣ ତେଜ, ପୁଚ୍ଛ-ଲାଞ୍ଜ, ଅଚ୍ଛ-ଭାଲୁ। ୧୧: ମନ୍ଦିର-ଦେବାଳୟ, ଅଟ୍ଟାଳିକା-କୋଠାଘର, ପ୍ରାସାଦ-ଗୃହ, ସୁମନୋହର-ଶ୍ରେଷ୍ଠ ରୁଚିର, ସରୋଜ-ପଦ୍ମ, ସରୋବର-ପୋଖରୀ, ବିଲୋକି-ଦେଖି, ନିଶ୍ଚିନ୍ତ-ଚିନ୍ତାଶୂନ୍ୟ, ଅସ୍ଥିର-ସ୍ଥିରବିହିନତା(ଚଞ୍ଚଳ), ଚିତ୍ତ-ମନ, ଜାନକୀକାନ୍ତ-ରାମ। ୧୨: ଦିବ୍ୟ-ସ୍ୱର୍ଗୀୟ, ଆସ୍ଥାନେ-ଦେବପୀଠରେ, ଏକାଗ୍ର-ସ୍ଥିରମନ, ଶୋଭା-ସୌନ୍ଦର୍ଯ୍ୟ, ଧିକ୍ ଧିକ-ଅନ୍ୟକୁ ନିନ୍ଦିବା, ଅଙ୍ଗ-ଦେହରଅଂଶ, ବିଲକ୍ଷେ-ତୁଳନାରେ, ସୀତା ପ୍ରତେ-ବିଶ୍ୱାସରେ, କଟିତଟ-ଅଣ୍ଟା ନିକଟ, ଘେର-ବେଢ଼, କୁମ୍ଭୀ-କୁମ୍ଭୀଗଛ, ବଲ୍କଳ-ଗଛର ଛାଲି, ନିସନ୍ଦେହ-ସନ୍ଦେହ ହୀନ, ନିରୀକ୍ଷଣ-ନିଘାଇଦେଖିବା। ୧୩: ସେଯୁବତୀ-ସେସ୍ତ୍ରୀ, ମାନସେ-ମନରେ, ବିସ୍ମିତ-ଆଶ୍ଚର୍ଯ୍ୟ, ଧୀରେ-ଆସ୍ତେ, ତିମିରପଥ-ଅନ୍ଧାର ରାସ୍ତା, ପାତାଳ-ସପ୍ତତଳ, ଦ୍ୱାରୀ-ଦ୍ୱାରରକ୍ଷକ, ଭାଷ-କହ, ସଧୀରେ-ଧୀରସ୍ଥିରଭାବରେ, ବ୍ୟକ୍ତ-କହେ, ଦୂତ-ବାର୍ତ୍ତାବହ।

Digitized by PPRACHIN, SOA

ବଧିଲେ କାଣ୍ଡେ, ସେ ମହାଦର୍ପୀ ବାଳୀ ତା ବାଳୀ, ସୁଗ୍ରୀବେ ଅର୍ପି
ଦେଉ ଆସନ, ମହା ପ୍ରତାପୀ, ସଇନ ଗଣ ଯେ
ସୀତା ସନ୍ଧାନେ, ଚତୁର ଦିଗେ ଚତୁର ସେନା, ପଠିଯେ ରାଗେ
ପେଷନ୍ତେ ଚିନ୍ତି, ଦକ୍ଷିଣ ଦିଗେ, ଆମ୍ଭେ ଏ ସ୍ଥାନେ ଯେ
ଏ ବିଳ ନିକଟସ୍ଥ ଯେ ମରୁଭୂମି ଯେ ତୃଷାର୍ତ୍ତେ ଜଳ ଖୋଜୁ ସେନା ଏ, ଭ୍ରମି ଯେ
ବାକ୍ୟ ଆଳାପେ, ଲଗାଉ ହସ୍ତ ଏ ଦ୍ୱାର ରକ୍ଷୀ, ହୋଇଲା ମୁକ୍ତ
ନିର୍ଦ୍ଦେଶୁ ସେହି, ପଶିଲୁ ଗର୍ତ୍ତ, ଏ ସ୍ଥାନେ ଭ୍ରମି ଯେ । ।୧୪।
ଶ୍ରୀରାମ ନାମ, ଶୁଣୁ ଯୁବତୀ ମୁଖ ମଣ୍ଡଳ, ପ୍ରଫୁଲ୍ଲ ଅତି
ସାନନ୍ଦେ, ବିହ୍ୱଳରେ ବଦତି, ପ୍ରଭୁ କାହାନ୍ତି ଯେ
ତପସ୍ୟା ମୋର, ହେଲା ସମ୍ପୂର୍ଣ୍ଣ ଇନ୍ଦ୍ରର ଶାପ, ହେଲା ମୋଚନ
ଏ ବାସେ ରକ୍ଷ, ବାନର ସୈନ୍ୟ, ହୁଅ ଅତିଥି ଯେ
ସ୍ନାନ ଭୋଜନ ପାନେ, ହୋଇଲେ ସୁସ୍ଥ ଯେ ପ୍ରକାଶିବି ମୁଁ ମୋର, ପୂର୍ବ ବୃତାନ୍ତ ଯେ
ପାବନି ଛାଡ଼ି ସଇନଗଣ ସ୍ନାନ ଭୋଜନ ପାନ ସାରିଣ
ସମ୍ମୁଖେ ହୋଇ, ଦଣ୍ଡାୟମାନ, ନିବେଶୁ ଚିତ୍ତ ଯେ । ।୧୫।
ଦେବୀଭାଷନ୍ତି, ସାବର୍ଣ୍ଣି ମନୁ କୁମାରୀ ସ୍ୱୟଂ,ପ୍ରଭା ମୁଁ ହନୁ
ହେମା ନାମରେ, ଅପ୍ସରୀ ଗଣୁ, ଥିଲା ମୋ ସଖୀଯେ
ନୃତ୍ୟ ଗୀତରେ, ସେ ବିଶାରଦା ଶଚୀ ବାସବେ, ତୋଷଇ ସଦା
ତା କାନ୍ତି ଜ୍ୟୋତି, କି ଶତହ୍ରଦା ନ ହେବ, ଲେଖି ଯେ
ପୂର୍ବ କାଳରେ, ଥରେ ମୟ ଦଇତ ଯେ, ଘୋର ଅରଣ୍ୟେ ପାଳୁ, କଠୋର ବ୍ରତ ଯେ
ଧାତା ଆସନ, କମ୍ପୁ ଗମନ କରି କରିଲେ, ବର ପ୍ରଦାନ
ଶିଳ୍ପୀ ଶାସ୍ତ୍ରେତୁ, ହୁଅ ନିପୁଣ, କର୍ମେ ସନ୍ତତ ଯେ । ।୧୬।
ପ୍ରାପତ ହେଲା, ଅମିତ ଧନ ସ୍ୱର୍ଣ୍ଣ ସୁଡ଼ଙ୍ଗ, କଲା ନିର୍ମାଣ
ସ୍ୱର୍ଗେ ହେମାର, ଦେଖି ନର୍ତ୍ତନ, ଭୋଗେ ପ୍ରମୋଦା ଯେ
ଦେଉ ଆଭାଷ, ହେମା ପ୍ରକାଶି କିପରି ଦେହ, ଦେବି ମୁଁ ଆସି
ମୁଁ ସ୍ୱୟଂ ପ୍ରଭା,ଙ୍କ ଶ୍ରେଷ୍ଠଦାସୀ, ସେବାରେ ସଦା ଯେ
ତାଙ୍କୁ ଭକ୍ତିରେ ତୁମ୍ଭେ, ସନ୍ତୁଷ୍ଟ କରି ଯେ ପୂଜି ପାରିଲେ ନେଇ ନିଜ, ନଗରୀ ଯେ
ମୁଁ ଯିବି ସେବି, ତାହାଙ୍କ ସଙ୍ଗେ ତୋଷିବି ପ୍ରେମେ, ତୁମ୍ଭଙ୍କୁ ରଙ୍ଗେ
ଏ କଥା ଶୁଣି ମୟ ଉଦ୍‌ବେଗେ, ପୂଜା ଆଚରି ଯେ । ।୧୭।

ଟୀକା : ୧୪: କାଣ୍ଡେ-ଏକବାଣରେ, ମହାଦର୍ପୀ-ବଡ ଅହଙ୍କାରୀ, ତାବାଳୀ-ସ୍ତ୍ରୀ, ଅର୍ପି-ଦେଇ, ଆସନ-ସିଂହାସନ, ମହାପ୍ରତାପୀ-ବଡ ତେଜସ୍ୱୀ, ରାଗେ-ସରାଗେ, ବିଳ-ସୁଡଙ୍ଗ, ମରୁଭୂମି-ଜଳହୀନ ସ୍ଥାନ,ତୃଷାର୍ତ୍ତେ-ଶୋଷରେ, ଭ୍ରମେ-ବୋଲେ, ବାକ୍ୟାଳାପ-କଥାବାର୍ତ୍ତା, ନିର୍ଦ୍ଦେଶୁ-ଆଦେଶ ଦେଉ, ୧୫: ବିହ୍ୱଳ-ବିବଶ, ବଦତି-କହିଲା, ତପସ୍ୟା-ବ୍ରତ, ସମ୍ପୂର୍ଣ୍ଣ-ପରିପୂର୍ଣ୍ଣ, ମୋଚନ-ମୁକ୍ତି, ଅତିଥି-ଅଭ୍ୟାଗତ, ଦଣ୍ଡାୟମାନ-ଠିଆ, ନିବେଶୁଚିତ୍ତ-ମନ ନିବେଶୁ । ୧୬: କାନ୍ତି-ଶୋଭା, ଜ୍ୟୋତି-ତେଜ, ଶତହ୍ରଦା-ସୁନା, କଠୋରବ୍ରତ-ଦୁଷ୍କରତପ, ଧାତା-ବ୍ରହ୍ମା, ଶିଳ୍ପୀ-କାରିଗରୀ, ଶାସ୍ତ୍ରେ-ଧର୍ମଶାସ୍ତ୍ରେ, ନିପୁଣ-ଦକ୍ଷ, କର୍ମେ-କାର୍ଯ୍ୟେ, ସନ୍ତତ-ନିରନ୍ତର । ୧୭: ପ୍ରାପ୍ତ-ଲବ୍ଧ, ସ୍ୱର୍ଣ୍ଣ-ସୁନା, ସୁଡଙ୍ଗ-ବିବର, ନିର୍ମାଣ-ଗଠନ, ନର୍ତ୍ତନ-ନାଚ, ଭୋଗେ-ଶୁଖେ, ପ୍ରମୋଦ-ଆହ୍ଲାଦ, ଦେଉଆଭାସ-ସୂଚନାଦେଉ, ନଗରୀ-ପୁରେ, ପ୍ରେମେ-ଅନୁରାଗେ, ରଙ୍ଗେ-ବିଳାସେ, ଉଦ୍ବେଗେ-ଉତ୍କଣ୍ଠାରେ, ପୂଜା-ସ୍ତୁତି, ଆଚରି-କରି ।

Digitized by PPRACHIN, SOA

ମନାଇଁ ମୋତେ, ଇଷ୍ଟ ଦେବୀରେ 		ବରିଣ ଆଣୁ ତାମାୟାପୁରେ
ଆସେ ମୋ ସଖୀ, ନିତ୍ୟ ସେବାରେ, ଯାଏ ତା ଭୋଗେ ଯେ
ଏ ମାନ ଦେଖି ବାସବ ଦିନେ 		ସନ୍ଦେହେ ବୁଲି ଅନୁସନ୍ଧାନେ
ହେମା ମୟର ବିହାର ସ୍ଥାନେ 		ପାଇ ବିରାଗେ ଯେ
ଜାଣୁ ସକ୍ରୋଧେ, ହୋଇଣ ଜରଜର ଯେ, ମୟେ ଶାପ ବିହିଲା, ସେ ପୁରନ୍ଦର ଯେ
ଏ ଯାହା କାର୍ଯ୍ୟ ନିତାନ୍ତ ଘୃଣ୍ୟ 		କରି ହାରିଲୁ ସ୍ୱର୍ଗ ଆସନ
ଏ ହେମା ଘର ପାତାଳ ପୁର ହେଉ ନିକର ଯେ ।।୧୮

ତା ପରେ ମୋରେ ସମସ୍ତ ଦୋଷ 		ଦେଇ ଭାଷିଲେ ସେ ସଚୀଈଶ
ଥାଅ ଏ ବିଳେ, ସ୍ୱର୍ଗ ଆବାସ, ନ ଆସ କେବେ ଯେ
ପ୍ରାର୍ଥନା କରୁ, କହି ନିର୍ଦ୍ଦୋଷ 		ଶାପ ଖଣ୍ଡନେ, ଥିଲେ ସେ ଭାସି
ଶ୍ରୀ ରାମ ଦୂତ ଏ ପୁରେ ଆସି, ପାଇବେ ଯେବେ ଯେ
ସେହି କାଳେ ଏ ଶାପ ମୁକ୍ତ ହୋଇବ ଯେ, ଶ୍ରବଣ କର ଆନ ଚରିତ ଜବ ଯେ
ମୟ ଦୁଲାଳୀ, ସେ ଚାରୁଶୀଳା 		ରାବଣ ଯେବେ, ବରଣ କଲା
ମଙ୍ଗଳ ଆରୋପଣ ନ କଲା, ଧରିଣ ଗର୍ବ ଯେ ।।୧୯।

ଦେବା ଦେବୀଏ ସହନ୍ତି ଗାଳି 		ଗର୍ବକୁ ନ ସହନ୍ତି କାହାରି,
ସେ ଦିନୁ କରୁ ମୋ ଚୁଡ଼ି କାଢ଼ି, ମାନସେ ଭାବିଯେ
ଦେଇଛି ଶାପ, ଏ ଗର୍ବ ସ୍ୱର୍ଗ 		ବିଭୋଗ ସଦା ନହେବ ଭୋଗ
ଯେ କାଳେ କାନ୍ତ ହୋଇବ ଅନ୍ତ ଚୁଡ଼ି ପିନ୍ଧିବି ଯେ
ଶୁଣିଲି ତୁମ୍ଭ ମୁଖୁ ସୀତା ହରଣ ଯେ, କଲାଣି ତାର ଗର୍ବ ହୋଇବ ଚୂର୍ଣ୍ଣ ଯେ,
ଯାଅ ସଭିଏ, ହେଲି ମୁଁ ମୁକ୍ତ 		ଜାଣିଲେ ଏହା ମୟ ଦଇତ,
ଦଣ୍ଡ ସର୍ଜିବ ଅପରିମିତ, ଶୁଣି ତା ସୈନ୍ୟ ଯେ ।।୨୦।

ବୋଲନ୍ତି ମାତ ହୁଅ ପ୍ରସନ୍ନ 		ଯେପରି ହେବ ସୀତା ଦର୍ଶନ
କାହିଁ ସେ ଲଙ୍କା ଅସୁର ରାଣ, ଲୁଚାଇ ଅଛି ଯେ
ଯିବୁ କିପରି, ଅସୁର ଛନ୍ଦ 		ନହେବ କାର୍ଯ୍ୟ କରିଲେ ଦ୍ୱନ୍ଦ୍ୱ
ଅସୁର ମାୟା କରିଲା ଅନ୍ଧ, ଶ୍ରୀ ରଘୁବଂଶି, ଯେ
ଚିନ୍ତା ନ କର, ବରେ ମୁକୁର ଶର ଯେ, ଦେଉଛି ଘେନମାୟା ହୋଇବ ଦୂର ଯେ
ବୁଜିଲେ ନେତ୍ର ଦିଶିଲା ପଥ 		ମହେନ୍ଦ୍ର ଚୂଳେ ବାନର ଯୂଥ
ମାନସେ ଚିନ୍ତି, ବ୍ରହ୍ମାଣ୍ଡ ନାଥ, କଲି ବିଚାର ଯେ ।।୨୧।

• • • • • • • • • •

୧୮:ମନାଇଁ-ସମ୍ମତି କରାଇ, ଇଷ୍ଟଦେବୀ-ପ୍ରିୟ ସ୍ତ୍ରୀ ଠାକୁର, ବରିଣ-ଆମନ୍ତ୍ରିଣ, ମାୟାପୁରେ-ମୋହପୁରେ, ଭୋଗେ-ବିଳାସେ, ବାସବ-ଇନ୍ଦ୍ର, ଅନୁସନ୍ଧାନେ-ଅନ୍ୱେଷଣେ, ବିହାରସ୍ଥାନେ-କ୍ରୀଡାସ୍ଥାନେ, କ୍ରୋଧେ-ରାଗରେ, ଘୃଣ୍ୟ-ନିନ୍ଦା, । ୧୯: ସଚୀଈଶ-ଇନ୍ଦ୍ର, ମୟଦୁଲ୍ଲାଳୀ-ମନ୍ଦୋଦରୀ, ମଙ୍ଗଳାରୋପଣ-ଶୁଭସ୍ଥାପନ, ଧରିଣ ଗର୍ବ-ଅହଙ୍କାରଧରି, ୨୦:ସର୍ଜୀବ-ସୃଷ୍ଟିକରିବ, ଅପରିମିତ-ପ୍ରଚୁର, ୨୧: ପ୍ରସନ୍ନ-ସନ୍ତୁଷ୍ଟ, ଅନ୍ଧ-ଚକ୍ଷୁହୀନ, ଶ୍ରୀରଘୁବଂଶି-ରାମ, ମୁକୁର-ଦର୍ପଣ, ମାନସ-ମନରେ, ବ୍ରହ୍ମାଣ୍ଡ ନାଥ-ରାମ ଚନ୍ଦ୍ରଙ୍କୁ, କଳିବିଚାର-ଯଥାର୍ଥ ନିର୍ଣ୍ଣୟ ।

Digitized by PPRACHIN, SOA

ବସନ୍ତ ଋତୁ ବର୍ଣ୍ଣନା, କୋକିଳ ଦ୍ୱାରା ରାମଙ୍କ ନିକଟକୁ ସୀତାଙ୍କର ବାର୍ତ୍ତା ପ୍ରେରଣ

(ରାଗ-ବସନ୍ତ) ଛାନ୍ଦ - ୨

ବସନ୍ତ ସମୟ, ରସା, ରସମୟ, ଦକ୍ଷିଣା ପବନ ବହିଲା,
ତରୁଣ ଅରୁଣ, ପତ୍ର ବିଜ୍ଞାପନ, ଅରୁଣିମା ବର୍ଣ୍ଣେ ଶୋହିଲା।
ସୁନାରୀ, ପଳାଶ, ପୋଲାଙ୍ଗ, କେତକୀ
କଣ୍ଟକେ ମଧୁପ, ବରଜନ କରେ, ସଙ୍ଗୀ ହେଉ କିଆ ନର୍ତ୍ତକୀ । ।୧।
ମାଧବୀ, ବସନ୍ତ, ଅତିଶୋଭାବନ୍ତ, ମଲ୍ଲୀ, ଛୁରୀ ଅନା, ନିଆଳୀ ,
କାମୁକୀ ପରାଏ, ଇଚ୍ଛାବତୀ ହେଲେ, ଗୁଞ୍ଜେ ଗୁଞ୍ଜରେ କଲେ କେଳି
ରସାଳ, ବେଶ୍ୟା ପରାଏ, ପରଭୃତ
କୋଳରେ ବସାଇ, ମାନସ ରସାଇ, ହସାଇ ଜଳପାଏ ରତ । ।୨।

କୋକିଳ ଦ୍ୱାରା ସୀତାଙ୍କର ବାର୍ତ୍ତା ପ୍ରେରଣ

ଏ କାଳ ଅବସ୍ଥା, ମନେ ଗୁଣି ସୀତା, ବଦନ୍ତି ଆଗେ ହେଉ ଦେଖା
ହେ ମନ୍ଦ ତନୟ, ମନ୍ଦ ବାକ୍ୟ ବ୍ୟୟ, ନକର ଆଉ, ହୁଅ ସଖା
ତୁମ୍ଭର, ପରଭୃତ ନାମ ପ୍ରମାଣେ
ମୁଁ ପର ମୋ ଭୃତ୍ୟ, ହୋଇ କରି ସତ, କହ ମୋ ଦୁଃଖ ରଘୁରାଣେ । ।୩।
ତିନିଜଣ ହୋଇ, ବଣକୁ ଆସିଲୁ, ଜଣେ ଏକା କଲା ଦଇବ
ଆହା ବୋଲି କେହି, କହିବାକୁ ନାହିଁ, କିପରି ଏ ଜୀବ ରହିବ
କୋକିଳ, ପ୍ରିୟଙ୍କୁ କହିବ ଏତିକି
ଯେ ବ୍ରହ୍ମାଣ୍ଡନାଥ, ଧରି ତାଙ୍କ ହାତ, କିଦୋଷେ ଭୋଗେ ଅଗତିକି । ।୪।
ସେ ଅବା ବୋଲିବେ, ସେ ଛାଡ଼ି ଯାଇଛି, ମୁଁ ଆସିନାହିଁ ମୋ ଆୟତ୍ତେ
ଏକ ଜୀବନକୁ ବିଯୋଗ କରିଲା କି ଅବିଚାରେ ଧାତା ସତେ
କୋକିଳ, ବଲ୍ଲଭେ କହିବ ବୁଝାଇ
ସେବକୀ ଠାରେ, ଅବିଗୁଣ ବହିଲେ, ତାର ମଙ୍ଗଳ ହେବ କାହିଁ । ।୫।

ନାରାୟଣଙ୍କ ଅବତାର

ସ୍ୱୟଂ ପରଂବ୍ରହ୍ମ, ନୟନାଭିରାମ, ରମଣୀୟ ଦିବ୍ୟ ଭୂଷଣ
ଚକ୍ରବର୍ତ୍ତୀ ଚନ୍ଦ୍ର, ଚିହ୍ନ ସଦା ସାନ୍ଦ୍ର, ଧାନୁଷ୍କ ପଦେ ବିଭୂଷଣ
କୋକିଳ, ଐରୀ ମର୍ଦ୍ଦନ ଭୂମି ପରେ
ପର୍ବ୍ବେବେଦଚୋର, ଦରେ ଶଙ୍ଖାସୁର, ନାଶିଲେ ରାଘବ ରୂପରେ । ।୬।

୧:ରସା-ପୃଥିବୀ, ତରୁଣ-ନୂଆ, ଅରୁଣିମା-ନାଲି ।୨:-ରସାଳ-ଆମ୍ରବୃକ୍ଷ,ପରଭୃତ-କୋଇଲି ବା କୋକିଳ । ୩:ମନ୍ଦ-କାକ, ତନୟ-ସୁତ(କୋକିଳ)୪: ବ୍ରହ୍ମାଣ୍ଡ ନାଥ-ନାରାୟଣ ରାମ, ଆୟତେ-ବଶୀଭୂତେ, ବିଯୋଗ-ବିଛେଦ, ଅବିଚାରେ-ଅନ୍ୟାୟରେ, ଧାତା-ବ୍ରହ୍ମା, ଅବିଗୁଣ-ଅହିତ, ମଙ୍ଗଳ-ଶୁଭ. ।୬: ସ୍ୱୟଂ-ନିଜେ, ପରଂବ୍ରହ୍ମ-ନାରାୟଣ(ରାମ), ନୟନଭିରାମ-ନେତ୍ରସୁନ୍ଦର, ରମଣୀୟ-ମନୋହର, ଦିବ୍ୟଭୂଷଣ-ସ୍ୱର୍ଗୀୟ ଅଳଂକାର. ଚକ୍ରବର୍ତ୍ତୀ-ଚନ୍ଦ୍ର (ସମ୍ରାଟଧରାବେନ୍ଦ୍ର), ଚିହ୍ନ ସାନ୍ଦ୍ର-ନିବିଡ, ଧାନୁଷ୍କ-ଧନୁର୍ଦ୍ଧାରୀ, ବିଭୂଷଣ-ଶୋଭନ, କୋକିଳ-କୋଇଲି, ଐରିମର୍ଦ୍ଦନ-ଶତ୍ରୁଦଳନ, ରାଘବ-ମତ୍ସ ରୂପରେ ।

Digitized by PPRACHIN, SOA

କୃତ ଯୁଗେ ପତି, କମଠ ମୂରତି, ଧରି ରଖିଲେ ବସୁମତୀ
ମୁଁ ବସୁମତୀ ଜା, କଲେ ପରିତେଜ୍ୟା, ମୋର କି ନ ହୋଇବଗତି
କୋକିଳ, ଦନ୍ତାଗ୍ରେ ଶୂକର ରୂପରେ
ରଖିଲେ ଧରଣୀ, କେ ଅଛି ନଜାଣି, ମୋ ପାଇଁ ତା କିମ୍ପା ଲୋପ ଯେ । ।୭।
ପ୍ରଭୁ ଭକ୍ତ ରିପୁ ହିରଣ୍ୟ କଶିପୁ, ନର ସିଂହ ରୂପେ ବିଦାରି
ବଳି ଛଳେ ଦଳି, ଦେବାଠୁ କି ବଳି, ଏ ନରସିଂହ ଚାପଧାରୀ
କୋକିଳ, ତ୍ରିପୁର ଜୟୀ ପର୍ଶୁରାମ
ବନ୍ଦିଲେ ମାର୍ଗରେ, ଶର ସନ୍ଧିବାରେ, ଜଗତନାଥ ନାଥରାମ । ।୮।
ଯେତେ ଯେତେ କୀର୍ତ୍ତି, ଅରଜି ଅଛନ୍ତି, ପ୍ରଭୁ କେ ମୁଖରେ କହିବ
ରାବଣାରି ପଦ, କରିବାକୁ ସିଦ୍ଧ, ବାଦ କରାଉଛି ଦଇବ
କୋକିଳ, କପିଳ ଋଷି କୋପାନଳ
ଦଗଧ ସଗର, ସୁତ ମାନଙ୍କର, ଶାନ୍ତେଗଙ୍ଗାଆଣି ଯା କୁଳ । ।୯।
ପ୍ରଭୁ ଦରଶନ, ବିନା ଦଗ୍ଧ ମନ, ତାପ ପ୍ରତାପ ପ୍ରଶମାନ୍ତେ
ମନ କ୍ରମ ଚିତ୍ତ, ବଚ ଏକତ୍ରିତ, କରାଇ ବସି ନିତ୍ୟ ଚିନ୍ତେ
କୋକିଳ, ଡ଼ାକୁ ଉଡ଼ିଯାଏ ବେଗରେ
ସ୍ଥିର କଲେ ସୀତା, ପିକ ମୋ ବାରତା, କହିବ ସ୍ୱାମୀଙ୍କ ଆଗରେ । ।୧୦।
କ୍ଷଣେ ମହେନ୍ଦ୍ରରେ, ବସିସର୍ବ ବୀରେ, ଆଣନ୍ତି ମନେ ଚିନ୍ତା ଭାବ
ଦୁସ୍ତର ସାଗର, ଅନ୍ତନାହିଁ ଯାର, ସନ୍ତରଣେ କେହି ପାରିବ
ମସୁଧା, କରୁ ପ୍ରକାଶେ ହନୁବୀର
ପ୍ରଭୁ ପଦରଜ, ଧରିଏ ବାତଜ, ଦେଖ ଲଂଘିଯିବ ସାଗର । ।୧୧।
ସଦା ରାମ ପଦ୍ମ ପାଦ, ମକରନ୍ଦ, ପାନେ ମନ ରଖ କୋ ବିଦେ
ସଦା ରାମ ପଦ୍ମ, ପାଦ' ମକରନ୍ଦ, ପାନ ପ୍ରଭାବେ ରଚେ ଛାନ୍ଦେ
ଦ୍ୱାଦଶ, ପଦରେ ଏ ଛାନ୍ଦ ସରୁଛି
ଏ ସୁନ୍ଦରା କାଣ୍ଡ, ବର୍ଣ୍ଣନାର ଦଣ୍ଡ ବିନାଶେ ବାଣୀଙ୍କୁ ସ୍ମରୁଛି । ।୧୨।

• • • • • •

୭: ଭୂମିପରେ-ପୃଥିବୀରେ, ପୂର୍ବେ-ବେଦଚୋର, ଆଦ୍ୟଯୁଗେ-ଶଙ୍ଖାସୁର,ଦରେ-ଭୟେ, ରାଘବରୂପ-ମୀନରୂପ, କୃତଯୁଗେ-ସତ୍ୟଯୁଗେ, ପତି-ସ୍ୱାମି, କମଠ-କଇଁଛ, ମୂରତି-ଦେହଧରି, ବସୁମତୀ-ବସୁଧା, ମୁଁ ବସୁମତୀ ଜା- ମୁଁ ବସୁମତି କନ୍ୟା, କଲେପରିତେଜ୍ୟା-ତ୍ୟାଗକରିଲେ, ଗତି-ଅବସ୍ଥା, ଦନ୍ତାଗ୍ରେ-ଦନ୍ତ ଅଗ୍ରରେ, ସୂକର ରୂପରେ-ବରାହ ରୂପରେ, ରଖିଲେ ଧରଣୀ-ପୃଥିବୀ, ଲୋପ-ବିନାଶ ।୮: ଭକ୍ତରିପୁ-ଯିଜ୍ଞାସୁ-ଭକ୍ତ, ହିରଣ୍ୟ କଶିପୁ-ପ୍ରହ୍ଲାଦପିତା, ନରସିଂହ-ନୃସିହ, ବିଦାରି-ଚିରି, ବଳି-ହିରଣ୍ୟ କସିପୁନାତି ବୈଲୋଚନ ପୁତ୍ର,ନର-ମଣିଷ, ସିଂହ-ଶ୍ରେଷ୍ଠ ଚାପଧାରୀ(ରାମ) ତ୍ରିପୁର-ସ୍ୱର୍ଗ, ଅନ୍ତରିଖେ, ମର୍ତ୍ତ୍ୟ, ମୟ ଦାନବ ରଚିତ-ସୁନା ରୂପା ଲୌହ ନଗର, ପର୍ଶୁରାମ-ଯମଦଗ୍ନିଙ୍କ ପୁତ୍ର, ବନ୍ଦିଲେ ମାର୍ଗରେ-ପଥରେ ସ୍ତୁତିଗାନକଲେ। ୯: କିର୍ତ୍ତୀ-ଯଶ,ରାବଣାରି-ରାବଣ ଅନ୍ତକାରି, ପଦ-ଉପାଧି, ସିଦ୍ଧ-ସମ୍ପନ୍ନ, ବାଦ-ପ୍ରତିବାଦ, କରୁଛିଦଇବ-ବିଧାତା, କପିଳଋଷି-ଭଗବାନଙ୍କ ପଞ୍ଚମ ଅବତାର, ଦଗ୍ଧ-ଭସ୍ମୀକୃତ, ସଗରସୁତ-ଯେଉଁମାନେ ସାଗର ଖୋଳିଥିଲେ, ୧୦: ପ୍ରଭୁଦରଶନ-ରାମଙ୍କ ଦର୍ଶନ, ବିନାଦଗ୍ଧମନ- ବ୍ୟତିରେକ-ସନ୍ତପ୍ତଚିତ, ତାପ-ଦୁଃଖ, ପ୍ରତାପ-ପ୍ରଭାବ, ପ୍ରଶମାନ୍ତେ-ଶାନ୍ତେ, ମନ-ଚିନ୍ତା, କ୍ରମ-କାମ, ଚିତ୍ତ-ଅନ୍ତଃକରଣ, ବଚ-ବଚନ, ଏକତ୍ରିତକରି-ଅଭେଦକରି, ନିତ୍ୟଚିନ୍ତେ-ପ୍ରତ୍ୟହଧ୍ୟାନକରି। ୧୧: ଦୁସ୍ତର-ଅଲକ୍ଷ, ସାଗର-ସମୁଦ୍ର, ଅନ୍ତନାହିଁ-ଶେଷ ନାହିଁ, ସନ୍ତରଣେ-ପହଁରୀ, ମସୁଧା-ବିଚାର, ପ୍ରଭୁ-ରାମ, ପଦରଜ-ପାଦଧୂଳି, ବାତଜ-ହନୁମାନ, ଲଙ୍ଘିଯିବ-ଡେଇଁଯିବ, ସାଗର-ସମୁଦ୍ର। ୧୨: ସଦା-ପ୍ରତେହ, ରାମ-ପଦ୍ମପାଦ, କମଳପଦ-ମକରନ୍ଦପୂର୍ଣ୍ଣମଧୁ(ଅମୃତ), ପ୍ରଭାବେ-ପ୍ରତାପେ, ଦ୍ୱାଦଶ-ଦୁଇ,ଦଶ,(ବାର), ଦଣ୍ଡ-ଶାସ୍ତି, ବାଣୀଙ୍କୁ-ସରସ୍ୱତୀଙ୍କୁ, ସ୍ମରୁଛି-ଡାକୁଛି

Digitized by PPRACHIN, SOA

ସମ୍ପାତି ଭେଟ ଓ ସୈନ୍ୟମାନଙ୍କର ଲଙ୍କା ଦର୍ଶନ

(ରାଗ - କୁମ୍ଭ କାମୋଦୀ) ଉପଧାମିଳନ

ଛାନ୍ଦ - ୩

ଘେନ ବୁଧେ ଶୁଦ୍ଧ, ଚରିତ ବିଶୁଦ୍ଧ, ରାମ ରସାମୃତ
ଶ୍ରବଣେ ବିନାଶ, ଦୂରିତ' କିନାଶ, ଦଣ୍ଡେ ଏ ଅମୃତ । ।୧।
ମହେନ୍ଦ୍ର ଅଚଳ, ପରେ ସୈନ୍ୟଦଳ, ସିନ୍ଧୁର ତରଙ୍ଗ
ଦେଖି ବାଳୀ ସୁତ, ହୋଇ ଭୟଭୀତ, ମୁଖ ପଡ଼ି ରଙ୍ଗ । ।୨।
ବୋଲେ କଣ୍ଠଗଲା, ଭେଟ ନ ହୋଇଲା, ଜନକ ଦୁହିତା
ବସନ୍ତ ଆରମ୍ଭ, ହୋଇନାଶେ ଦମ୍ଭ, ବାର୍ତ୍ତା ବିନା ଚିନ୍ତା । ।୩।
ଦୁସ୍ତର ସାଗର, କିଏ ହେବ ପାର, ଖୋଜି ବାକୁ ସତୀ
ଖବର ଅଣାଇଁ, ରାଘବେ ଜଣାଇଁ, ନହେବ ସଂପ୍ରତି । ।୪।
ଜଟାୟୁଙ୍କ ପରି, ନାମ ସ୍ମରି ସ୍ମରି, ବ୍ୟର୍ଥ ଏ କାର୍ଯ୍ୟକୁ
ଯାଉଁ ପାପଜୀବ, ରାଘବେ କହିବ, କହିବ ରାଜଙ୍କୁ । ।୫।
ଶୁଣିଏ ବଚନ, କହେ ଜାମ୍ବବାନ, ହୋଇ ଯୁବ ରାଜ
ହାରିଲେ ପରାଣ, ଏ ବାନର ଗଣ, ଜୀବନେ କି କାର୍ଯ୍ୟ । ।୬।
ଅଞ୍ଜନା ତନୟ, କରାଇଣ ଥୟ, ସଧୀରେ ରଟନ୍ତି
ନିରାଶ ଭାଷଣ, ହେତୁ ବାକି ସ୍ଥାନ, ଖୋଜିବା କାଟନ୍ତି । ।୭।
ଖୋଜି ସାରି ସର୍ବ, ଦେବ ଏ ମନ୍ତବ୍ୟ, ଏତ ବଡ଼ କାର୍ଯ୍ୟ
ଦଣ୍ଡିଲେ ମାତୁଳ, ବୁଝାଇବେ ବଳ, ଯା ହେବ ନିର୍ଧାର୍ଯ୍ୟ । ।୮।
ଯୋଗ ଦେଲା ବାଧା, ସ୍ୱଗ୍ରାମ ଅଯୋଧ୍ୟା, ରାଜ୍ୟେ ଅଧିକାରୀ
ହେଉ ରାମ ସତ୍ୟ, ପାଳି ଜାୟା ଭ୍ରାତ, ସଙ୍ଗେ ବନଚାରୀ ।୯।
ଅରଣ୍ୟ ଅରଣ୍ୟ, ଦଣ୍ଡକ ବରଣ, କଲା କି ଶେଷରେ
ମାରିଚ ଅସୁର, ହେଲା ମୃଗବର, ଦଇତ ତ୍ରାସରେ । ।୧୦।
ଲୋଭ ଦେଖାଇଣ, ନେଉ ଦଶାନନ, ଜାନକୀ ହରିଲା
ସୁଗ୍ରୀ ବାଳୀ ଡ଼ରେ, ପ୍ରସ୍ରବଣ ଶିରେ, ଶ୍ରୀ ରାମ ବରିଲା । ।୧୧।
ମିତ୍ର ସେହି ସ୍ଥାନେ, ବସନ୍ତେ ସନ୍ଧାନେ, ଆମ୍ଭର ଏ ଯାତ୍ରା
ସର୍ବ ଅଘଟଣା, କରଇ ଘଟଣା, କ୍ରୁର କର୍ମା ଧାତା । ।୧୨।
ସକଳ ପ୍ରକାର, ଚେଷ୍ଟା କରି ଫଳ, ଯେ ଅର୍ପେ ସେ ଆର୍ଯ୍ୟ
ନୈରାଶ୍ୟ ପ୍ରକାଶ, କରି ଦେହନାଶ, କା ପୁରୁଷ କାର୍ଯ୍ୟ । ।୧୩।

୧: ବୁଧେ-ପଣ୍ଡିତେ, ସୁଧ-ପବିତ୍ର, ଚରିତ-କଥା, ବିଶୁଦ୍ଧ-ନିର୍ମଳ, ରାମରସାମୃତ-ରସସୁଧା, ଶ୍ରବଣେ-ଶୁଣିଲେ, ବିନାଶ-ନାଶ, ଦୂରିତ-ପାପ, କିନାଶ ଦଣ୍ଡ-ଯମଦଣ୍ଡ ।୨:ଏଅମୃତ-ଏ ସୁଧା, ମହେନ୍ଦ୍ରଅଚଳ-ମହେନ୍ଦ୍ରପର୍ବତ, ସିନ୍ଧୁତରଙ୍ଗ-ସମୁଦ୍ରଲହରୀ, ବାଳୀସୁତ-ଅଙ୍ଗଦ । ୩:କଣ୍ଠ-ସମୟଧାର୍ଯ୍ୟ, ଜନକଦୁହିତା-ସୀତା, ବସନ୍ତଋତୁ ନାଶେଦମ୍ଭ-ଗର୍ବହରଣକରେ,ଦୁସ୍ତର-ଅପାର, ସାଗର-ସମୁଦ୍ର, ରାଘବେ-ରାମଚନ୍ଦ୍ରଙ୍କୁ, ରାଜାଙ୍କୁ-ସୁଗ୍ରିବଙ୍କୁ ଗର୍ବହରା।୮: ମାତୁଳ-ସୁଗ୍ରୀବ, ୭: ଅଞ୍ଜନା ତନୟ-ହନୁମାନ, ସଧୀରେ-ଧୀରେ, ରଟନ୍ତି-କହନ୍ତି ନିରଶ-ଆଶାଶୂନ୍ୟ, ଭାଷଣ-କଥା, ମନ୍ତବ୍ୟ-ମତ, ମାତୁଳ-ମାମୁଁ'ସୁଗ୍ରିବ, ୯: ଯୋଗ,ମିଳନ-ଅଧିକାରୀ ପ୍ରଭୁ, ଜାୟା-ସ୍ତ୍ରୀ, ଦଇତ-ରାକ୍ଷାସ ରାବଣ, ତ୍ରାସରେ-ଭୟରେ, ପ୍ରସ୍ରବଣ-ମଲ୍ୟବନ୍ତ । ୧୩ : ଆର୍ଯ୍ୟ, ଶ୍ରେଷ୍ଠ ।

Digitized by PPRACHIN, SOA

ବାନରସେନାଙ୍କ ସହିତ ସମ୍ପାତିର ଭେଟ

ସମୁଦ୍ର ଲଙ୍ଘନ ପାଇଁ ବାନରସେନାଙ୍କ ମଧ୍ୟରେ ବିଚାର

ସମୁଦ୍ର ମଧ୍ୟେ ମୈନକା ପର୍ବତର ହନୁମାନଙ୍କୁ ଆଶ୍ରୟ ପ୍ରଦାନ ପାଇଁ ଆମନ୍ତ୍ରଣ

ସୁରସା ରାକ୍ଷସୀ ସହିତ ହନୁମାନଙ୍କ ଭେଟ

Digitized by PPRACHIN, SOA

ବିପତ୍ତି ନନ୍ଦନେ, ବିପତ୍ତି ବର୍ଦ୍ଧନେ, ସ୍ୱ ପର ବି**ନାଶ**
ମହେନ୍ଦ୍ର କ୍ରୋଟରେ, ରହିଣ କଷ୍ଟରେ, ପାଉ ଏ **ଆଭାଷ** । ।୧୪।
ଫିଟାଇ ନୟନ, ଦେଖୁ କପି ସୈନ୍ୟ, ସେ ଆନନ୍ଦ **ମନେ**
ସ୍ଥିର କଲା ବହୁ, ଭାଗ୍ୟ ଆଜି ଏହୁ, ମିଳିଲେ ଭୋ**ଜନେ** । ।୧୫।
ବହୁ ଦିନୁ ପାନ, ଶୋଣିତ ଭୋଜନ, ନ ଥିଲି ମୁଁ **ପାଇ**
ବିହି ଦାନେ ଆଜି, ଆସିଛନ୍ତି ପାଜି, ଖୁସି ହେବି **ଖାଇ** । ।୧୬।
ଶୁଣିସେ ପ୍ରମାଦ, କଥାକୁ ଅଙ୍ଗଦ, କହନ୍ତି **ବିରଞ୍ଚି**
ବିଚିତ୍ର ତୋ ଚିତ୍ର, ନ ଜାଣେ କେହିତ, ଭଲା ପାରୁ **ରଚି** । ।୧୭।
ଥିଲେ ପକ୍ଷୀ ବର, ଜଟାୟୁ' ଉଦ୍ଧାର ନିମନ୍ତେ **ଜାନକୀ**
କରି ପ୍ରାଣ ଦାନ, ଭକତ ପ୍ରଧାନ, ହେଲେଏ **ଆନକି** । ।୧୮।
ରାମ ପାଦେ ଦ୍ରୋହ, ଅର୍ଜି ଖାଦ୍ୟେ ମୋହ, ବଶରେ **କମ୍ପାନ୍ତି**
ଶୁଣି ଏ ବଚନ, ମାନ' ହାରି ଜ୍ଞାନ, ପଡ଼ିସେ **ସମ୍ପାତି** । ।୧୯।
କ୍ଷଣ ପରେ ଜ୍ଞାନେ, ବ୍ୟାକୁଳିତ ମନେ, ସେଥି **ପଚାରିଲା**
ମୁହିଁ ବଞ୍ଚି ଥାଉ, ମୋ ଭ୍ରାତା ଜଟାୟୁ, କେ ଦୁଷ୍ଟ **ମାରିଲା** । ।୨୦।
ତା ଆମୂଳ ଚୂଳ, ବର୍ଣ୍ଣନ୍ତେ ତତ୍କାଳ, ବାଳୀ ଙ୍କ **କୁମର**
ସୋଦର ହତରେ ଭାଷି ଶୋକାତୁରେ, ବୋଲେ ପକ୍ଷୀ**ବର** । ।୨୧।
ସାହା ହୋଇ ଲବେ, ନିଅ ମହାର୍ଣ୍ଣବେ, ମୋ ପିଣ୍ଡ **ସ୍ନାନକୁ**
ଜାନକୀ ଚରିତ, କରିବି ବ୍ୟକତ, ଦେବହେ **ଧ୍ୟାନକୁ** । ।୨୨।
ପକ୍ଷୀ କଥା ଶୁଣି, ପାଦନି ତକ୍ଷଣି, ବୁଡ଼ାଇ **ସାଗରେ**
ପୁଚ୍ଛଇ ସତ୍ୱର, କିମ୍ପା ଶୋକାତୁର, ଗୃଧ୍ର **ବିୟୋଗରେ** । ।୨୩।
ବିଷ୍ଣୁ ରଥ ସୁତ, କରଇ ବ୍ୟକତ, ତପନ ସା**ରଥି**
ଅରୁଣଙ୍କ ସୁତ ଜଟାୟୁ ମୋ ଭ୍ରାତ, ମୋତେ ବଳୀ **ରଥି** । ।୨୪।
ମୋ ପିତା ଗରୁଡ଼, ପୃଷ୍ଠରେ ଆରୂଢ଼, କରୁ ସେ ଶ୍ରୀ**ପତି**
ରାଜ୍ୟେ ରାଜା ପାଇଁ, ଆମ୍ଭେ ଦୁଇ ଭାଇ, ବଳାଇଲୁ **ମତି** । ।୨୫।
ଗୃଧ୍ର ହୀନ ଜ୍ଞାନ, ପକ୍ଷୀରୁ ଅଜ୍ଞାନ, ପଣେ କଲୁ **ସ୍ଥିର**
ଯେ ପ୍ରଭା ପ୍ରକାଶି, ପ୍ରଭାକରସ୍ପର୍ଶି, ପାରିବ ସେ **ବୀର** । ।୨୬।
ହେବ ରାଜ୍ୟେ, ନୃପ କରି ଏ ସଂଙ୍କଳ୍ପ, ନ ଚିନ୍ତି **ସଙ୍କଟେ**
ବାହୁବଳେଗର୍ବେ, ଲମ୍ପଦେଉନଭେ, ତପନ **ନିକଟେ** । ।୨୭।
ଜାଣି ଏ ଆସ୍ପର୍ଦ୍ଧା, ଭାନୁ ଦେଇ ବାଧା, ପ୍ରଚଣ୍ଡ **କିରଣ**
ବିକ୍ଷିପ୍ତ କରିଲା, ବସୁଧା ଢ଼ରିଲା, ଧରିଲା **ତିରଣ** । ।୨୮।

୧୪: ବି-ପକ୍ଷୀ ପତି-ରାଜ ଗରୁଡ଼ । ୨୪:-ବିଷ୍ଣୁରଥ ସୁତ-ଗରୁଡ଼ ସୁତ ସମ୍ପାତି ।୨୬:ପ୍ରଭାକର-ସୂର୍ଯ୍ୟ ୨୭: ନଭେ-ଆକାଶେ ।୨୮: ଭାନୁ-ସୂର୍ଯ୍ୟ ।

Digitized by PPRACHIN, SOA

ଏପରି ଉତ୍ତାପ, ସୃଷ୍ଟି ହେଉ' ତାପ, ନ ସହି **ଜଟାୟୁ**
ଆର୍ତ୍ତେ ହାରି ସଖ୍ୟ, ଡ଼ାକେ ସାହା ପକ୍ଷ, ହୁଅ ଜୀବ **ଥାଉ** । ।୨୯।

ହେ ମୋର ସୋଦର, ହୁଅ ସାହା' ପର, ଜଳେ ରଖ **ରଖ**
ତା ବିକଳ ନାଦ, ଶୁଣି ଗଲା ବାଦ, ବିସ୍ତାରିଲି **ପକ୍ଷ** । ।୩୦।

ଜଟାୟୁ ଉଦ୍ଧାର, ହେଲା ମୋର ପର, ଭସ୍ମ ହେଲା **ଜଳି**
ନ ପାରିଲି ସହି, ଗଲି ପଙ୍ଗୁ ହୋଇ, ବୋଲାଇଣ **ବଳୀ** । ।୩୧।

ଆକାଶୁ ଖସନ୍ତେ, ମହେନ୍ଦ୍ର ପର୍ବତେ, ପତିତ ମୋ **ଅଙ୍ଗ**
ଜଟାୟୁ ବଞ୍ଚିଲା, ମୋ ଅଙ୍ଗ ସଞ୍ଚିଲା, ଆସି ହୋଇ **ସଙ୍ଗ** । ।୩୨।

କ୍ଷମା କର କର, ବୋଲନ୍ତେ ଭାସ୍କର, ଦୟା ପର**ବଶେ**
ଭାଷିଲେ ସମ୍ପାତି, ତୋର ଭାତୃଭକ୍ତି, ଦେଖି ମୁହିଁ **ହର୍ଷେ** । ।୩୩।

ହେଇଛି ସନ୍ତୁଷ୍ଟ, ଗଲା ତୋର ରିଷ୍ଟ, ତୋ ପକ୍ଷ ପ୍ର**ଦାନ**
କରିବା ମୋ ଶକ୍ତି, ବାହାରେ ତୁ ଏଥି, ଭଜ ରଘୁ **ନାନ** । ।୩୪।

ରାଜ୍ୟ ସିଂହାସନ, ଜଟାୟୁ ଗ୍ରହଣ, କରୁ ସତ୍ୟ **ଅନ୍ତେ**
ତ୍ରେତୟା ଆଗମ, ପିତୃ ସତ୍ୟେ ରାମ, ଆସିବେ ବ**ନସ୍ତେ** । ।୩୫।

ପଞ୍ଚ ବଟୀ ବନେ, ମାୟା ରଚି ଦିନେ, ରାଜା ବିଂଶ**କର**
ସୀତା ନେବ ଯାନେ, ତାହାଙ୍କ ସନ୍ଧାନେ, ଆସିବେ ବା**ନର** । ।୩୬।

ହୋଇବ ସାକ୍ଷାତ, ଏହି କଥା ଖ୍ୟାତ, କରିବ ହେ **ରଖି**
ଦହିବ ଅରିଷ୍ଟ, ଯିବ ସର୍ବ ରିଷ୍ଟ, କଅଁଳିବ **ପକ୍ଷି** । ।୩୭।

ଜୀବ ଧନ୍ୟ ହେଲା, ସୌଭାଗ୍ୟ ହୋଇଲା, ଦର୍ଶନେ ସେ, **ବର**
ଅନୁଜ ହତରେ, ବହୁଦିନ ପରେ, ମିଳିଲା **ଖବର** । ।୩୮।

ଜାନକୀ ଖବର, କହୁ ବାରମ୍ବାର, ହୋଇ କରି **ସାକ୍ଷୀ**
ତହିଁ ଧୀରେଷ୍ଠିରେ, ଶୁଣନ୍ତି ବାନର, କଅଁଳିଲା **ପକ୍ଷୀ** । ।୩୯।

ବୋଲେ ଜ୍ୟୋତିର୍ମୟୀ, ଦେବୀଙ୍କୁ ବସାଇ, ଗଗନ **ମାର୍ଗରେ**
ନେଉଥିଲା ଥରେ, ରାବଣ ତାପୁରେ, ଅତ୍ୟନ୍ତ **ବେଗରେ** । ।୪୦।

ଏଯେ ଅକୁପାର, ଦେଖୁଛ ସାଗର, ଶତେକ **ଯୋଜନ**
ମଧ୍ୟେ ଲଙ୍କା ପୁରୀ, ସୁବର୍ଣ୍ଣ ନଗରୀ, ଦଶାସ୍ୟ **ଭୁବନ** । ।୪୧।

ଶିବ ବରେ ବଳୀ, ମହା ଶକ୍ତିଶାଳୀ, ନିର୍ଦ୍ଦୟ **ଦଇତ**
କରିବ କେ ପାରି, ହେବ ତା ବଇରୀ, ନାହିଁ ତ **ବୋଇତ** । ।୪୨।

୩୧: ପର-ପକ୍ଷ । ୩୩:ଭାଷ୍କର-ସୂର୍ଯ୍ୟ ୪୧: ଅକୁପାର-ସମୁଦ୍ର ।

Digitized by PPRACHIN, SOA

ମୋ ମତରେ ଜଣେ, ଜାନକୀ ସନ୍ଧାନେ, ଯାଇ ଠାବ **କରି**
ଫେରୁ ପର କାର୍ଯ୍ୟ, କରିବା ନିର୍ଧାର୍ଯ୍ୟ, ଜ୍ଞାନ ମାର୍ଗ **ଧରି** । ।୪୩।
ହିମାଳୟ ପର, ମୋର ପରିବାର, ରହନ୍ତି **ସୁପାର୍ଶ୍ୱ**
ମୋ ଜ୍ୟୋଷ୍ଠ ନନ୍ଦନ, ନିତ୍ୟ ଖାଦ୍ୟ ପାନ, ଦିଏ ଆଣି **ପାଶ** । ।୪୪।
ମହା ବଳ ବାନ, ଅଟେ ସେ ନନ୍ଦନ, ତା ପକ୍ଷ **ବିସ୍ତାରି**
ପ୍ରତି ଉପକାରେ, ଜାନକୀ ଠାବରେ, କରିଦେବ **ପାରି** । ।୪୫।
ସେ କାଳେ ପ୍ରବେଶ, ହୁଅନ୍ତେ ସୁପାର୍ଶ୍ୱ, ସକଳ **ଘଟଣା**
ପ୍ରକାଶୁ ସମ୍ପାତି, ବିହ୍ୱଳିତ ମତି, କରାଇଲା **ଜଣା** । ।୪୬।
ଆରୋହ ପୃଷ୍ଠରେ, ନେବି ଲଙ୍କାପୁରେ, ରାମ ନାମ **ଧରି**
ବିଚାରେ ଅଙ୍ଗଦ, ହେବ ପରମାଦ, ନ ପାରିଲେ **ତରି** । ।୪୭।
ପୁର୍ବୁ ପରାକ୍ରମ, ଶୁଣି ଥିଲେ ରାମ କରିବେ ଆ**ଶଙ୍କା**
ବସାଇ ପୃଷ୍ଠରେ, ଉଠି ଆକାଶରେ, ଦେଖାଅ ହେ **ଲଙ୍କା** । ।୪୮।
କରି ସୀଉକାର, ପୃଷ୍ଠରେ ବାନର, କରାଇ ଆ**ସୀନ**
ଖରେ ଲମ୍ଫ ଦେଇ ଲଙ୍କାକୁ ଦେଖାଇ, କଲା ଅବ**ତୀର୍ଣ୍ଣ** । ।୪୯।
ପିତା ପୁତ୍ର ଦ୍ୱୟେ, ଗଲେ ହିମାଳୟେ, ବାନର ରା**ଗରେ**
ସିନ୍ଧୁ ପାର ସୀତା, ସନ୍ଧାନ ବାରତା, କହିବେ ଆ**ଗରେ** । ।୫୦।
ଜଗତ ବନ୍ଦନ, ଅଜଜ ନନ୍ଦନ, ପଦ ମକ**ରନ୍ଦ**
ପାନେ ରଖି ଆଶ, ଦୟାନିଧି ଦାଶ, ରଚେ ଏହି **ଛନ୍ଦ** । ।୫୧।

• • • • • • • • • • • • • •

ହନୁମାନ ସମୁଦ୍ର ଲଙ୍ଘନ

(ରାଗ - ମଙ୍ଗଳ କାମୋଦୀ) ଛାନ୍ଦ-୪

ଚତୁର ପ୍ରବୀଣ, ଗଣ ବସି ଶୁଣ, ଏଥୁ ଅନ୍ତେ ଯାହା ହେଲା
ଉମା ହର୍ଷ ମନେ, କୈଳାଶ ଭୁବନେ, ପୁଚ୍ଛୁ ଭାଷନ୍ତି ସେ ଭୋଳା ଯେ
ରାମ ଶ୍ରୀଚରଣେ, ପାବନି ଗଲା ଶରଣ
ମହୀ ସୁତା ସୀତା, ହୃଦେ କରି ଚିନ୍ତା, ଉର୍ମିଳା ବଲ୍ଲଭେ ଧ୍ୟାନ ଯେ । ।୧।

ହନୁମାନ ବିଶ୍ୱ ରୂପ

ଯୁବରାଜ ଧରି, ଆଲିଙ୍ଗନ କରି, ମାୟା ଦେବୀ ଦେବା ମନ୍ତ୍ର
କରିଣ ଆବୃତ୍ତି, ଯୋଗେ ବିଶ୍ୱମୂର୍ତ୍ତି, ଧରୁ ଅଭ୍ର ଚୁମ୍ବେ ମାଥ ଯେ
ମନୁ ଛାଡ଼ି ଶଙ୍କା, ପଦ ତଳେ ମଣେ ଲଙ୍କା
ଦେଖି କପିବଳ, ହର୍ଷେ ମୁଖ ରୋଳ, କଲେ କେ ହେଲେ ତାଟକା ଯେ । ।୨।

୫୦: ରାଗରେ-ସରାଗରେ । ୫୧:ଅଜଜ-ଦଶରଥ ନନ୍ଦନ-ରାମ ୩: ଚିତ୍ର ଭାନୁ-ଅଗ୍ନି

Digitized by PPRACHIN, SOA



ସମୁଦ୍ର ଲଙ୍ଘନ ଉଦ୍ଦେଶ୍ୟରେ ମନ୍ତ୍ରୀ ଜାମ୍ବବାନ ଓ ହନୁମାନଙ୍କ ବାର୍ତ୍ତାଳାପ

Digitized by PPRACHIN, SOA



ସମୁଦ୍ର ଲଙ୍ଘନ କାଳରେ ହନୁମାନଙ୍କ ବିଶାଳକାୟ ରୂପ ଧାରଣ

Digitized by PPRACHIN, SOA

ବୋଲଇ ଜାମ୍ବବ, ପ୍ରଭୁ କାର୍ଯ୍ୟହେବ, ଲଂଘନ କର ହେ ସିନ୍ଧୁ
ଆଗରେ ସାଗରେ, ଆକାଶ ମାର୍ଗରେ, ମଙ୍ଗଳ କରାନ୍ତୁ ବିଧୁ ଯେ
ଗମେ ହନୁମାନ, ଘଟେ 'ବିଷମ' ସମାସ୍ୟା
ଏକତ୍ର କି ଆସି, କୋଟି ସୂର୍ଯ୍ୟ ରଶ୍ମି, ସଙ୍ଗେ ଚିତ୍ର ଭାନୁ ମିଶା ଯେ । ।୩।
ତା ବାହୁ ବାତରେ, ବୃକ୍ଷେ ଉଡ଼ି ଦୂରେ, ମୈନା କ ଆଶ୍ରୟ ଦେଲେ
ଲମ୍ଫ ଦେବା କାଳେ, ଗଲେସେ ପାତାଳେ, ସିଂହିକା ଆଗେ ଭେଟିଲେ ଯେ
ଶୁଣା ଯା ନଥିଲା, ଖାଦ୍ୟ ଖାଦକେ ଗ୍ରାସିଲା
ଘର ମନ୍ଦ କଛି, ବାରୁ ସେ କୌଣପୀ, ହନୁ ରାଗରେ ନାଶିଲା ଯେ । ।୪।
ଦେବତାଙ୍କ କଥା, ଶୁଣି ନାଗ ମାତା, କଦ୍ରୁ ଜଗନ୍ତେ ପଥରେ
ହନୁ ବିଶ୍ୱମୂର୍ତ୍ତି, ଦେଖି କରି ଭୀତି, ମନେ ସେ ସତର୍କ କରେ ଯେ
ପୁତ୍ର ହୁଅ ଥୟ, ଘୋଟେ ଆସି ଅସମୟ
ନ ମାନିଣ ଗଲେ, ବାହାରେ ବିହାରେ, ଜୀବନ ଯିବ ନିଷ୍ଚୟ ଯେ । ।୫।
କ୍ଷିରାବ୍ଧି ବିହାରୀ, ରାମ ରୂପ ଧରି, କରୁ ଛାଡ଼ି ଶଙ୍ଖ, ଚକ୍ର
ଗରୁଡ଼େ, ମର୍କଟ, ସ୍ୱରୂପ ପ୍ରକଟ, କରାଇ ଧରି ବିଶିଖ ଯେ
ସୀତାଙ୍କୁ ଖୋଜାନ୍ତି, ନଭେ କପି ଖଗପତି-
ପ୍ରାୟ ଗତି କରେ ଭୟ ମୋ ମନରେ ଦେଖି କମ୍ପି ଯାଏ ଛାତି ଯେ ।୬।
ପବନ ନନ୍ଦନ, କାୟା ବିବର୍ଦ୍ଧନ, କାଳେ ପ୍ରଖର କିରଣେ
ବିନ୍ଦୁ ବିନ୍ଦୁ ସ୍ୱେଦ, ପତନେ ସମୁଦ୍ର, ମଧରେ ମକରୀ ପାନେ ଯେ
ହୋଇ ଗର୍ଭବତୀ, ଧାତାପାଦେ କଲା ସ୍ତୁତି
ଏ ଉଦର ଭାର, ବହିବା ମୋହର, ପକ୍ଷେ ନୁହେ ନାହିଁ ଶକ୍ତି ଯେ । ।୭।
ନକର ତୁ ଚିନ୍ତା, କହିଲେ ବିଧାତା, ସ ବିନ୍ଦୁ ଜାତ କୁମର
ହୋଇ ବଳବାନ, ପାତାଳ ଭୁବନ, ରଖିବ ଦେଉଛି ବର ଯେ
କେତେ ଦିନ ପରେ, ରାମ କାମରେ ତା ପିତା
ଆସିବ ନାଶିବ, ଏ ପାତାଳ ଧବ, ଚିହ୍ନୁ ଯିବ ତୋର ଚିନ୍ତା ଯେ । ।୮।
ଏଣେ ସେ ମାରୁତି, ପିତା ତୁଲ୍ୟ ଗତି, କରି ନଭୁ ଉଲ୍କା ପରି
ସୁବେଳେ ସୁବଳେ, ଅବତୀର୍ଣ୍ଣ ହେଲେ, ସୀତା, 'ସୀତାପତି' ସ୍ମରି ଯେ
ଦୂରୁ ଦେଖି ଲଙ୍କା, ମନୁ ସେହୁ ଛାଡ଼ି ଶଙ୍କା
ବିହଙ୍ଗମ ରୋଳେ ଦୟା କହେ ଛଳେ ହନୁ କିଛି କାଳ ତକା । ।୯।

୩: ଚିତ୍ର ଭାନୁ-ଅଗ୍ନି

Digitized by PPRACHIN, SOA

ସୁବଳ ଗିରିରୁ ହନୁମାନ ଲଙ୍କାଗଡ଼େ ପ୍ରବେଶ

(ରାଗ-ରଷିକୁଲ୍ୟା)

ଛାନ୍ଦ-୫

କ୍ରମେ ଦିବସ ଶେଷେ ସନ୍ଧ୍ୟା ଆସି ହନୁରାମ ପାଦ ସ୍ମରଇ ବସି
କି ରୂପ ଧରି ଯିବି ଲଙ୍କା ପୁର ବିଶେଷ ବିଚାରେ ହୋଇ ମାର୍ଜାର ସେ
ଗମଇ ଗୋଗୋଷ୍ପ' ପଛେ ଯେ
ମନ ଦକଦକ, ପଶ୍ଚିମ ଫାଟକ, ପାର ହେବା ପାଇଁ ଇଛେ ଯେ । ।୧।
ପ୍ରଦୋଷେ ଲଙ୍କା ଭ୍ରମଣେ ଲଙ୍କିନୀ ମାରୁତି କୂଟକୁ ପାରନ୍ତେ ଜାଣି
ପଥରୋଧି ଆଗେ କ୍ରୋଧେ ବୋଲଇ ଚୋର ପରାୟେ ଅଙ୍ଗ ବଦଳାଇରେ
ପଶୁଛୁ ଏ ଲଙ୍କା ଗଡ଼େରେ
ମୋ ଜ୍ଞାତ ସାରରେ ସ୍ୱର୍ଣ୍ଣଲଙ୍କା ପୁରେ, ଚୋରକୁ କେବେ ନଛାଡ଼େ ରେ । ।୨।
କି ସାହସେ ପଶୁ ତୋ ଡ଼ର ନାହିଁ ନ ପଠାଇଲୁ ଖବର କିଂପାଇଁ
ସୁ, ପ୍ରଦୋଷେ ଖାଦ୍ୟେ ହୋଇଲୁ ଜୁଟ ଖାଦ୍ୟ ବିନା ଜଳୁ ଥିଲା ମୋ ପେଟରେ
ଇଷ୍ଟ ସୁମର ତୋହରି ରେ
ଏ ବାକ୍ୟେ ମାରୁତି, କ୍ରୋଧେ ବିଶ୍ୱ ମୂର୍ତ୍ତି, ଧରି ଚାପୋଡ଼େ ପ୍ରହାରି ଯେ । ।୩।
ବୋଲେ ତୁ ପରାଏ ଲଙ୍କେ ଲଙ୍କିନୀ ଅନୀତି କାର୍ଯ୍ୟେ ରତ ହେଉ ଜାଣି
ରଥରେ ବସାଇ ସୀତା ରାବଣ ଆଣିଲା ତାକୁ ନ କଲୁ ବାରଣ ଯେ
ଚୋରାଇଲା ହୋଇ ଯତୀ ଯେ
ଛାଡ଼ିସେ ଚୋରକୁ, ଧରୁ ସନ୍ଧାନୀକୁ, ଏକି ଲଙ୍କା ରାଜନୀତି ଯେ । ।୪।
ମାଡ଼େ ସେ ଦେବୀ ପଡ଼ି ଗଡ଼ି ରଡ଼ି ଚେତନା ହତେ ଚେତି କର ଯୋଡ଼ି
ବୋଲଇ ହନୁକୁ ବାନର ଶୁଣ ଦେଉ ଅଛି ବର ହେବ ପୂରଣ ରେ
ଆସିବା କାର୍ଯ୍ୟ ତୋହର ରେ
ପୂର୍ବ କର୍ମ ପାପ, ମାଡ଼େ ହେଲା ଲୋପ, ପୁଣ୍ୟୋଦୟ ହେଲା ବୀର ରେ । ।୫।
ମରୁତ ସୁତ ମରମେ ବିଚାରେ ଏ ମୋ ମାତା ବଳୀ ମୁଁ ଶିବ ବରେ
କଲି ଅପରାଧ ନାହିଁ ମୋ ଗତି ଚରଣରେ ପଡ଼ି କରନ୍ତେ ସ୍ତୁତି ସେ
ଦେବୀ କହି ବିହି ଶାପ ଯେ
ସୁପୁତ୍ର ଅନ୍ତିମେ, ତାରେ ତୁ ତାରିଲୁ, ଜୀବିତେ ନୁହେ ଏ ପାପ ଯେ । ।୬।
କୃତ ଯୁଗାନ୍ତେ ବିରଜା ମଣ୍ଡଳ ହୋଇ ଥିଲା ମୋର ଆବାସ ସ୍ଥଳ
ତପସ୍ୟାରତ ବିଂଶ ପାଣି ତହିଁ ତାମସିକ ମନେ ଅନୁଜ ନେଇ ଯେ,
ତପ କରୁ ମୁଁ ପ୍ରସନ୍ନ ଯେ
ନୁହନ୍ତେ ଅର୍ଚ୍ଚନା, ଛାଡ଼ି ଆରାଧନା, ବିରଞ୍ଚି କୁ କଲା ପୁଣ ଯେ । ।୭।

Digitized by PPRACHIN, SOA



ଲଙ୍କାଗଡ଼େ ଲଙ୍କିନୀ ସହିତ ହନୁମାନଙ୍କ ଭେଟ

Digitized by PPRACHIN, SOA

ସେ ତପେ ବିଧାତା ହୋଇଣ ତୋଷ ବର ଦେବା ପରେ ଭାଷେ ଦଶାସ୍ୟ
ଗ୍ରାମେ ଗ୍ରାମେ ଅଧିଷ୍ଠାତ୍ରୀ ଭାବରେ ନିଯୁକ୍ତି ଯେ ହୋଇଛନ୍ତି ଦେବୀରେ ଯେ
ପାଳନ୍ତି ନାହିଁ କର୍ତ୍ତବ୍ୟ ଯେ
ତେଣୁ ମୁଁ ବିରାଗ, ରେଖ୍ଣିରିଲି ଆଗ, ସେ ବିଚାର ହେଉ ଦେବ ଯେ ।।୮।
ଭାଷନ୍ତି ସ୍ରଷ୍ଟା ଉଚିତ ନ ହେଲା ଯେଣୁ ସେ ତପ ବରେ ଅବହେଳା
କରିଲା ମନେ ଧରି ଅହଂଭାବ ଅଂଶା ବତାରେ ସେ ଲଙ୍କା ଜଗିବ ଯେ
ଏ ତା ଦଣ୍ଡ ଯାଉ ମାନି ଯେ
ସେହି କାଳୁ ଯାଇ, ମୁଁ ଲଙ୍କା ଜଗଇ, ବୋଲାଇ ନାମ ଲଙ୍କିନୀ ।।୯।

ଲଙ୍କିନୀ ହନୁମାନ ଭେଟ ଓ ସତ୍ସଙ୍ଗ ପ୍ରସଙ୍ଗ

ମୋର ଏ ଦଣ୍ଡ ଖଣ୍ଡନେ ଗୁହାରି କରୁ କହିଥିଲେ ସେ କୁଶଧାରୀ
ଯେ କାଳେ ରାମ ଦୂତ ହେବ ଭେଟ ସେ କାଳେ ଖଣ୍ଡନ ହେବ ସଙ୍କଟ ଯେ
ଦେଲେ ସେ ଚାପୋଡ଼ା ମାଡ଼ ଯେ
ମୁହିଁ ଦେଲି ବର, ପ୍ରଭୁ କାର୍ଯ୍ୟ କର, ମନୁ ଏବେ ଶଙ୍କା ଛାଡ଼ ଯେ ।।୧୦।
ଅନ୍ୟ ପକ୍ଷେ ହେଲା ସତ୍ ସଙ୍ଗ ଭେଟ ଧର୍ମ, ଅର୍ଥ, କାମ, ମୋକ୍ଷ ର ବାଟ
ଭୂଲୋକାଦି, ସତ୍ୟ, ସପତ, ସ୍ୱର୍ଗ ସାରୂପ୍ୟ, ସାଲୋକ୍ୟ, ସାଯୁଜ୍ୟ, ମାର୍ଗ ଯେ
ତୁଲୁ ଥରେ ପ୍ରଜାପତି ଯେ
ଧର୍ମ, ଅର୍ଥ ଆଦି ଲଘୁତା ସମ୍ପାଦି, ଏହା ମୋ ପାଇଁ ବିଭୂତି ।।୧୧।
କଳ୍ପ ଭେଦେ କୃତ ଯୁଗରେ ଥରେ କଳି' ହେଲା କୌଶିକ ବଶିଷ୍ଠରେ
ତହିଁ ବିଶ୍ୱାମିତ୍ର ତପ ଗାରିମା ଦେଖାଇ ହୋଇଲେ ଦ୍ୱିତୀୟ ବ୍ରହ୍ମା ଯେ
ବିଧାତା ପୁତ୍ର ବଶିଷ୍ଠ ଯେ
ସତ ସଙ୍ଗତିକୁ, ଆଦର କରନ୍ତି, ତପରେ ନୁହନ୍ତି ତୁଷ୍ଟ ଯେ ।।୧୨।
ଥରେ ଭେଟୁ ବିଶ୍ୱାମିତ୍ର ବଶିଷ୍ଠେ ବସ ରାଜର୍ଷି ଭାଷୁ ଅତି ରୁଷ୍ଟେ
ବଶିଷ୍ଠ ଶତ ପୁତ୍ର ଯାଗ,ବାସ ତପ ପ୍ରଭାବେ କରିଣ ବିନାଶ ଯେ
ସବଳାକୁ ହରି ପୁଣି ଯେ
ବଶିଷ୍ଠ ନିକଟ, ପ୍ରବେଶୁ ପ୍ରକଟ, କଲେ ସେ ପ୍ରଶାନ୍ତେ ଗୁଣି ଯେ ।।୧୩।
ଆସ ରାଜର୍ଷି ଆଜି ସୁପ୍ରଭାତ ଆସୀନ ହୁଅ ସର୍ବ ମଙ୍ଗଳତ
ଏ ବକ୍ର ବାଣୀ ଶୁଣୁ 'ଋଷି' କର୍ଣ୍ଣ ଗରବ ପରଦତ ହେଲା ଚୂର୍ଣ୍ଣ ଯେ
ସ୍ଥିର କଲେ ହୋଇ ବ୍ୟସ୍ତ ଯେ
ବଞ୍ଚିଥିବା ଯାଏଁ, ବଶିଷ୍ଠ' ବ୍ରହ୍ମର୍ଷିପଦବୀ ନୋହିବ ପ୍ରାପ୍ତ ଯେ ।।୧୪।
ଅରୁନ୍ଧତୀ ବିଧବା ହେବା ଚିନ୍ତା, ଧରି ତପଚାରୀ ସ୍ମରୁ ବିଧାତା
ବିଜୟ କରିଲେ ସାବିତ୍ରୀକାନ୍ତ, ତପ ଆସ୍ଥାନେ କରାଇ ଉଷତ ଯେ
ବରକୁ ଯାଚନ୍ତେ ହସି ଯେ
କଉଶିକ ତୁଷ୍ଟେ, ବୋଲନ୍ତି ବଶିଷ୍ଠେ, ନ ଡ଼ାକନ୍ତି ବ୍ରହ୍ମରଷି ଯେ ।।୧୫।

୧୧: ଭୂଲୋକାଦି-ଭୂ,ଭବ,ସ୍ୱଃ, ମଃ, ଜନଃ, ତପ, ସତ୍ୟ

Digitized by PPRACHIN, SOA

ଆତ୍ମ ଅଭିମାନେ କରିଛି ସ୍ଥିର　　ବଶିଷ୍ଠ ବିନାଶେ ଦିଅନ୍ତୁ ବର
କହନ୍ତି କମଳାସନ ବୁଝାଇ　　ଆଉ ଥରେ ଭେଟ ବଶିଷ୍ଠେ ଯାଇ ଯେ
ନ ଡ଼ାକିଲେ ବ୍ରହ୍ମରଷି ଯେ
ଫେରିଣ ଆସିବ,　ମୋର ବରେ ଯିବ,　ଜଳି ବଶିଷ୍ଠ ମହର୍ଷି ।।୧୬।
ପରୀକ୍ଷା ପାଇଁ ହର୍ଷେ ଗାଧି ଶିଷ୍ୟ　　ଚଳନ୍ତି ବଶିଷ୍ଠ ଉଟଜ ପାଶ
ନାନା କଥାକୁ କରି କଳପଣା　　ବୃକ୍ଷ ଅନ୍ତରାଳେ ସେ ମହାମନା ଯେ
କରି, ଭ୍ରାନ୍ତ ମନ ଆଣ୍ଠ ଯେ
ଏକାଳେ ବଶିଷ୍ଠ　କୁଟୀରୁ ଶୁଭିଲା,　ସୁ ଲଳିତ ନାରୀ କଣ୍ଠ ।।୧୭।
କାନ୍ତେ ଅରୁନ୍ଧତୀ କହି ସରାଗେ　　ଲବଣ ନାହିଁ ଆଣିବାକୁ ଆଗେ
କହିଥିଲି ମଣୋହି ନିମିତ୍ତରେ　　ସେ କଥାକୁ ନ ରଖିଲ ଚିତ୍ତରେ ଯେ
ନଦେଲ ତା' ପ୍ରତିଧ୍ୟାନ ଯେ
କି ଭାବେ ଲବଣ,　ବିହୀନ ବ୍ୟଞ୍ଜନ　ଆଜି ହୋଇବ ଭୋଜନ ଯେ ।।୧୮।
ଭାଷନ୍ତି ତାପସ 'କୌଶିକ' ପୁର　　ଆମ୍ଭ ଉଟଜୁ ନୁହେ ବହୁଦୂର
ଉଧାର ଯାଇ ଆଣି ପାରିଥାନ୍ତ　　ସାମାନ୍ୟ ପଦାର୍ଥ ଅଭାବେ ବ୍ୟସ୍ତ ଯେ
ହେଉଛ ସେ' ଶୁଣିକରି ଯେ
ଭାଷନ୍ତି ଯେ ମୋର,　ସର୍ବନାଶ କଲା,　ତା ପୁରେ ଯିବି କିପରି ଯେ ।।୧୯।
ହସି ଭାଷନ୍ତି ବିଧାତା ନନ୍ଦନ,　　ନିୟତି, ଗତି ଜନମ, ମରଣ
'ଆୟୁଷ' ଶେଷ ,ହେଲା ମଲେ ପୁତ୍ରେ,　　ବୃଥା ଦୋଷୀ କରୁଛ ବିଶ୍ୱାମିତ୍ରେ ଯେ
ଏହି ପରି ଆନ କଥା ଯେ
ବିବେକ ବିଲୋପ,　ପରି ଯା ଆରୋପ,　ଦୋଷ ଅନୁଚିତେ ବୃଥା ଯେ ।।୨୦।
କାଳ ବାତ୍ୟା ବହି ଅନବରତ　　ଭବ ସାଗର ଗ୍ରାସି କରେ ଅନ୍ତ
ଜାଣି ଏ କଥା କେଉଁ ଲାଭ ଆଶେ　　ସାବ୍ୟସ୍ତ କର ବିଶ୍ୱାମିତ୍ରେ ଦୋଷେ ଯେ
ଯେ ଗଜ କଚ୍ଛପ କଳି ଯେ
ତତ୍ତ୍ୱ ମନେ ହେଜ,　କାଳ ପକ୍ଷୀରାଜ,　ପରି ଧରି ଯିବ ଚଳି ଯେ ।।୨୧।
ମୁନି ଦମ୍ପତିଙ୍କ ଆଳାପ ଶୁଣି　　ଆଶ୍ଚର୍ଯ୍ୟ ହୁଅନ୍ତି କୌଶିକ ମୁନି
ନିଜ ଅହମିକା ବୁଝି ସାଦରେ,　　ପ୍ରଣାମ କରିଲେ ଯାଇ ପାଦରେ ଯେ
ବଶିଷ୍ଠ ଅଙ୍ଗ ଆଶ୍ଲେଷି ଯେ
ଭାଷିଲେ ଆସନେ,　ଆସୀନ ହୁଅନ୍ତୁ,　ତପୋନିଧି ବ୍ରହ୍ମରଷି ଯେ ।।୨୨।
ଏଡ଼େ ବଡ଼ ମୁନି ତପସ୍ୟା ଛାଡ଼ି,　　ସତସଙ୍ଗ ଆଶେ ଆସନ ମାଡ଼ି
ଭାଷନ୍ତି ଆଶ୍ଲେଷ କରୁ ପବିତ୍ର, ହୋଇଲି,　　ହୋଇଲା 'ମୋ' ନେତ୍ର ଗାତ୍ର ଯେ
କି ଲୋଡ଼ା ତପ ତପସ୍ୟା ଯେ
ସତ୍‌ସଙ୍ଗ ଦର୍ଶନ,　ପ୍ରଭାବୁ ପ୍ରସନ୍ନ,　ପୂରଣ ହୋଇଲା ଆଶା ଯେ ।।୨୩।

Digitized by PPRACHIN, SOA

ଭଗବାନ ଠାରୁ ଭକତ ବଡ଼, ରାମ ନାମ କଣ୍ଠେ କରି ଆରୂଢ଼,
ଖୋଜ ଜାନକୀ କାର୍ଯ୍ୟ ହେବ ସିଦ୍ଧ, ଦୈତ୍ୟ କୁଳ ସମୂଳେ ହେବେ ବଧ ଯେ
ଘୋଟନ୍ତେ ତିମିର ଆସି ଯେ
ଦେବୀଙ୍କ ଆଦେଶ, ଘେନି ବାୟୁ ଶିଷ୍ୟ, ସୀତା ଖୋଜେ ନଗ୍ରେ ପଶି ଯେ । ।୨୪।

ହନୁ ଲଙ୍କା ଭ୍ରମଣ

ମେଢ଼, ମଣ୍ଡପ, ଯାଗ ଶାଳା ଚୟ ବୁଲେ କ୍ଷଣକେ ପବନ ତନୟ
ମକରାକ୍ଷ, ବିରୂପାକ୍ଷ, ଧୂମ୍ରାକ୍ଷ ଦୁର୍ଦ୍ଧାନ୍ତକ, ଦୁରାନ୍ତକ, ଦୁର୍ମୁଖ, ଯେ
କୁମ୍ଭ, କୁମ୍ଭକର୍ଣ୍ଣ ପୁର ଯେ
ଶୁକସାରଣାଦି, ମହାପାର୍ଶ୍ୱଆଦି, ପୁର ଖୋଜି ତତ୍‌ପର ଯେ । ।୨୫।
ଅକ୍ଷୟ, ଅଶୁକ୍ଷୟ, ଅକମ୍ପନ, ପୁର ଖୋଜି ଫେରି 'ବାତ' ନନ୍ଦନ
ବିକଟାସୁର, ନିକୁମ୍ଭ ଅସୁର, ସଉଧେ ନ ଦେଖି ଦୁଃଖିତ ବୀର ଯେ
ଇନ୍ଦ୍ରଜିତ ପୁରେ ଗଲା ଯେ
କରି ତନ ତନ, ଖୋଜି ମନ ମ୍ଳାନ, କରି ହନୁ ବାହୁଡ଼ିଲା ଯେ । ।୨୬।
ଏ ଅନ୍ତେ ଲଙ୍କା ନଗ୍ରେ ଥିବା ଘର, ଖୋଜଇ ନିଃଶଙ୍କେ ବାୟୁ କୁମର
ନ ପାଇଁ କାହିଁ ରାବଣ ସଦନ, ଦେଖେ ଦୈତ୍ୟ ନାରୀ ସଙ୍ଗେ ମଦନ ଯେ
ସମରାନ୍ତେ ଅଶକତ ଯେ
ଶୟନ କରିଛି, କିବା ଚେତା ଅଛି, ନହୋଇ ପାରଇ ଜ୍ଞାତ ଯେ । ।୨୭।
ଚତୁଃପାର୍ଶ୍ୱେ ରକ୍ଷ, ଗନ୍ଧର୍ବ ନାରୀ, ସୂର, ନାଗ, ବିଦ୍ୟାଧରୀ, କିନ୍ନରୀ,
ସୁଖ ନିଦ୍ରାରେ ସର୍ବେ ଅଚେତନ, କାହିଁ ବିବସନେ ଶୋଭେ ଯୌବନ ଯେ
ଆଲଟ ଖସିଛି କରୁ ଯେ
କାହିଁ ପିକଦାନୀ ଖସିତଳ କାନି ଘଞ୍ଚ କୁଚ ଦିଶେ ଚାରୁ ଯେ । ।୨୮।
କା'କରୁ ଖସିଛି ତାଳ, ମର୍ଦ୍ଦଳ, କା'କରୁ ପୁଷ୍ପଡ଼ାଲା, ପୁଷ୍ପମାଳ,
କାହିଁ ଆଲୋକେ ଜଳନ୍ତି ପ୍ରଦୀପ, ନୀଳ ଗଗନରେ ବିଧୁ' ସ୍ୱରୂପ ଯେ
ରକ୍ଷ କୋଳେ ଏକ ନାରୀ ଯେ
ଉତପ୍ତ କାଞ୍ଚନ, ତନୁ ଅନୁପମ, କୃଶୋଦରୀ କୁଚଭାରି ଯେ । ।୨୯।
ଦେଖି ଚିନ୍ତଇ ପ୍ରଭଞ୍ଜନ ବଳା, ହେବ ପରା ଏହି 'ରାମ' ମହିଳା
ପୁଣି ଧୀରେ ସ୍ଥିରେ କରେ ବିଚାର, ବଳେ 'ସୀତା' ହରି ପାରଇ ବୀର ଯେ
ସୁରା ପାନେ ଅଶକତା ଯେ
ହୋଇଣ ନ ଥିବେ, ଅସୁରୀଙ୍କ ପ୍ରାୟେ, କଦାପି 'ପୃଥିବୀ ସୁତା ଯେ । ।୩୦।
ମକ୍ଷିକା, ରୂପରେ ଗମି ସତ୍ୱରେ, ତହିଁ 'ସୀତା' ନାମ ଶୁଣେ ସତ୍ୱରେ
କୋଳରେ ଶୋଇଥିବା ରସବତୀ, ଶୁଣାଇବା ପରି ଉଚ୍ଚେ ଭାରତୀ ଯେ
ଭାଷଇ ସେ ଶୋଭାଙ୍ଗନା ଯେ
ସୀତା, ସୀତା,ଚିନ୍ତି ଆହେ ନାଥମତି, ବିଭ୍ରମ ହୋଇବ ସିନା ଯେ । ।୩୧।

Digitized by PPRACHIN, SOA

ମନ୍ଦୋଦରୀ ର ଚେତାବନୀ

କେତେ ଅଙ୍ଗନା ଅଙ୍ଗ ଅଭିଳାଷେ ଛତି ଶାନିଯୋଗେ ଖଟନ୍ତି ପାଶେ
ଆଣିବା କାଳରୁ ଏ' ସୀତା ସତୀ ଥିଲା ଯା' ଭାବମୂର୍ତ୍ତି, ଯଶକୀର୍ତ୍ତି ଯେ
ହୋଇଲାଣି କ୍ରମେ ମ୍ଳାନ ହେ
ଦୂତଦ୍ୱାରା ତତ୍ତ୍ୱେ, କେବେ ଏହି ମର୍ତ୍ତ୍ୟେ, କରିଛନ୍ତି କି ସନ୍ଧାନ ଯେ । ।୩୨।
ମର୍ତ୍ତ୍ୟବାସୀ ଶୁଣି କି ବୋଲୁଛନ୍ତି ଭଣ୍ଡାଉଛ କହି ଏ ମୋର ମୁକ୍ତି
ସ୍ୱୟଂ କମଳିନୀ ଅଟନ୍ତି ସୀତା ଥରେ ହେଲେ ମନେ ନକଲ ଚିନ୍ତା ଯେ
କରି ମିଥ୍ୟା ପ୍ରବଞ୍ଚନା ହେ
ଥାଉ ବହୁନାରୀ, ସୀତାଙ୍କୁ କିପରି, ଆଣିଅଛ ହୋଇ ବଣା ଯେ । ।୩୩।
ଝାଳ, ଲାଳ, ପୂତ, ଗନ୍ଧ ଏ ଦେହ, 'ଜ୍ଞାନୀ' ହୋଇ ସେଥି ହେଉଛ ମୋହ
ଏ ପାପ ବିଚାରୁ ଓହରି ଆସି, 'ସୀତା' ଅର୍ପି ଘେନି ଯାନ୍ତୁ ତପସ୍ୱୀ ହେ
ଯୁଗେ ଯୁଗେ କଥା ଥାଉ ହେ
ମୋର ସହିତ, ଅନାଥିନୀ ନକର, ମଦାଳସୀ ଗଣେ ଆଉ ଯେ । ।୩୪।
ବିଚାର ସମୟ ଅଛି ବି ଏବେ, ଦାସୀ କଥା ମନେ ଘେନନ୍ତୁ ଲବେ
ଭଣଇ ରାବଣ ଶୁଣି ଏ କଥା, ବୀର ପକ୍ଷେ ଲଜ୍ଜା ନଇଁବ ମଥା ଯେ
ମୋ ଭବିଷ୍ୟତ ମୁଁ ଜାଣେ ଯେ
କି ବିଭବ ଭାବି, ପ୍ରଭୁ ପାଦ ସେବି, ଯିବି ପ୍ରମାଦ ନଗଣେ ଯେ । ।୩୫।
ଦୈତ୍ୟ ନାରୀ ଆଳାପେ ହନୁମନ୍ତ, ସୀତା' ନାମ ଶୁଣି ହେଲା ଆଶ୍ୱସ୍ତ
ନିଶ୍ଚୟ ଜୀବେ ରହିଛନ୍ତି ଦେବୀ, ରଖାଇଛି ଦୈତ୍ୟ କେଉଁଠି ଭାବି ଯେ
କାହିଁ ସେ ଅଶୋକ ବନ ଯେ
କହିଲା ସମ୍ପ୍ରତି, ସୀତା ଲଙ୍କପତି, ରଖିଛି ସେଥି ନେଇଣ ଯେ । ।୩୬।

ହନୁମାନ ଅନୁତାପ

ତହୁଁ ଫେରି ହନୁ ହୁଅଇଭାଳି, ଶ୍ରୀରାମ' ଘରଣୀ ଏହାକୁ କଳି
ଛାର ମର୍କଟ ସ୍ୱଭାବୁ ଦୁସ୍ତର, ପାପ ଅରଜିଲି ନାହିଁ ନିସ୍ତାର ଯେ
କାଚକୁ କଳି କାଞ୍ଚନ ଯେ
ପଥର ସହିତ, ଇନ୍ଦ୍ରନୀଳମଣି, ତୁଳନେ କଲି ସମାନ ଯେ । ।୩୭।
ଦୁଃଖେ ହନୁ ତଳି ଅଞ୍ଚଳ ବୁଲେ, ବୈଦେହୀ ନ ଦେଖି ମନରେ ଭାଳେ
ସତେକି ସୀତା ଦର୍ଶନ ନ ହେବ, ପାପ ଜୀବ ଆଉ କାହିଁକି ଥିବ ଯେ
ଅକୃତ କାର୍ଯ୍ୟ ବାରତା ଯେ
ଶୁଣି ରଘୁନାଥ, ଲକ୍ଷ୍ମଣ ସହିତ, ହାରିବେ 'ଜୀବ' ଏ ଚିନ୍ତା ଯେ । ।୩୮।

ଟୀକା : ୩୨: ଛତିଶାନି ଯୋଗ-ଘଣ୍ଟା,ଶଙ୍ଖ,ପ୍ରଦୀପ,ଦଧି, ଦୂର୍ବା, ବଦରି,ଅକ୍ଷତ, ଅସ୍ତ୍ର, ଶସ୍ତ୍ର ଗୋରୋଚନା, କସ୍ତୁରୀ, କଳସ, ମତ୍ସ, ସିନ୍ଦୂର, କଜ୍ଜଳ, ଗନ୍ଧ,ପୁଷ୍ପ, ଧୂପ, ତାମ୍ବୁଳ, ଆଦର୍ଶ, ବ୍ୟଜନ, ଛତ୍ର, ଡମ୍ବରୁ, ତ୍ରାସ, ଛଡି, ତାଳ, ଆଭରଣ, କାହାଳୀ, ଘୋଷ, ବାଦ୍ୟ,ନୃତ୍ୟ, ଗୀତ, ସ୍ୱର୍ଣ୍ଣଦଣ୍ଡ, ପତାକା, ପଲ୍ୟଙ୍କ, ଚତୁରଙ୍ଗ,ବଳ, ଏହାକୁ ଧରି ଥିବା ବ୍ୟକ୍ତି ।୩୩: ସ୍ୱୟଂ କମଳିନୀ-ଲକ୍ଷ୍ମୀ ।

Digitized by PPRACHIN, SOA

ପୁଣି ରାମ ସ୍ମରୁ ପଡ଼ିଲା ମନେ, ସମ୍ପାତି କହିଲା ଅଶୋକ ବନେ
ରଖିଛି 'ଜାନକୀ' ନେଇ ଦନୁଜ, ସେ ବନ ବିଲୋକୁ ହେବ ବା କାର୍ଯ୍ୟ ଯେ
ନ ପାଇଲେ ମାତା ସେଥି ଯେ
ସିନ୍ଧୁ ମଧ୍ୟେ ଜୀବ, ହାରିବି ମୁଁ ଧ୍ରୁବ, ନାହିଁ ମୋର ଅନ୍ୟ ଗତି ଯେ । ।୩୯।

ଲଙ୍କାରେ ହରି ଶବ୍ଦ

ଅଶୋକ କାନନ ଖୋଜଇ ବୀର, ମାନସ ପଞ୍ଚ ସର୍ବଦା ଅସ୍ଥିର
ଦେଖଇ ପ୍ରାନ୍ତେ ପ୍ରତିଟୀ ଦିଗରେ, ଅଟ୍ଟାଳିକା ଶୋଭଇ ଆଲୋକରେ ଯେ
ଭାବଇ ଏବାସ କାର ଯେ
ଶୁଣେ ସେ ମାରୁତି, ଦୂରୁ ରାମ ସ୍ତୁତି, କରଇ କେ ବାରମ୍ବାର ଯେ । ।୪୦।
ଦଣ୍ଡାୟମାନେ ହୋଇ ନିସ୍ତବଧ, ଭାବେ ଏ ଲଙ୍କାରେ ହରି ଶବଦ
କି ଅବା ମାୟାବୀ ମାୟା କରଇ, ଜାଣିବି ସକଳ ନିକଟେ ଯାଇ ଯେ
ସାର୍ଦ୍ଧ ଶତୁଁ ନବ, କମ ଯେ
ପଦେ ମୋଦେ ବଦି ବିପ୍ର, ଦୟାନିଧି, ସ୍ମରଣ କରଇ ରାମ ଯେ । ।୪୧।

• • • • • •

ହନୁମାନ ବିଭୀଷଣ ଭେଟ

(ରାଗ -କଳସା) ଛାନ୍ଦ-୬

ପାର୍ବତୀ ଙ୍କ ଆଗେ ଦିନେ ଭାଷନ୍ତି ମହେଶ ଶୁଣ ବିଭୀଷଣ ହନୁମାନ ଭେଟ ରସ । ।୧।
ସୀତା ଖୋଜି ଯାଇ ହନୁ ଦେଖି ଥିବା ଘର ନିକଟେ ଦେଖଇ ପୁଣି ସୁନ୍ଦର ମନ୍ଦିର । ।୨।
ଉପରୁ ତଳକୁ ସେ ମନ୍ଦିର ଚତୁଃପାର୍ଶ୍ୱେ ଲେଖା ହୋଇଅଛି 'ରାମ' ହନୁ ଦେଖେ ହର୍ଷେ ।୩।
କାହିଁ ଚକ୍ର, ତ୍ରିଶୂଳର, ଚିହ୍ନମାନ ଜଡ଼ି କାହିଁ ବିଲ୍ୱ ତୁଳସୀର, ବୃକ୍ଷ ଧାଡ଼ି ଧାଡ଼ି । ।୪।
ମାନସେ ବିଚାରେ କପି ଯହିଁ ରକ୍ଷବାସ କେ ଘୋଷେ ପ୍ରଭୁଙ୍କ ନାମ ଅଛିତ ବିଶ୍ୱାସ । ।୫।

ହନୁର ମାୟା ବିପ୍ର ରୂପ

ନିକଟକୁ ଯେତେ ଯାଏ 'ନାମ' ବାରମ୍ବାର ଘନିଭୂତେ 'ପ୍ରତିଧ୍ୱନି' କରଇ ନିକର । ।୬।
ଶୁଣି ଶୁଣି ସାଧୁ ବୋଲି କରିଣ ନିଧାର୍ଯ୍ୟ ସାକ୍ଷାତ ଇଛଇ ବୀର ହୋଇବାକୁ କାର୍ଯ୍ୟ । ।୭।
ବୃଦ୍ଧ 'ବ୍ରାହ୍ମଣ' ରୂପରେ କପାଟ ନିକଟେ କରମାରି 'ରାମ' ରାମ ମୁଖେ ଆଣ୍ଟେ ରଟେ ।୮।
ତେଣେ ରାଜ କାର୍ଯ୍ୟ ଫେରି ବୀର 'ବିଭୀଷଣ' ଭକ୍ତି ଚିତ୍ତେ 'ରାମ' ରାମ କରୁଛି ସ୍ମରଣ । ।୯।
କରାଘାତ ଶବ୍ଦେ ଦ୍ୱାର ଖୋଲୁ ସେ ଦେଖନ୍ତି ବୃଦ୍ଧ ବିପ୍ରେ ଦ୍ୱାରେ ରାମନାମ ଜପୁଛନ୍ତି । ।୧୦।
ଭାବନ୍ତି ଏ ଦୈତ୍ୟପୁରୀ କିପରି ଆସିଲେ ନ ଦେଖିଲେ କି' ପ୍ରହରୀ ଦେଖି ଛାଡ଼ିଦେଲେ । ।୧୧।
ଏ ସମୟେ ଆଗେ 'ବିପ୍ର' କରୁ ନମସ୍କାର ବିଚାରି ସେ ବିଭୀଷଣ ହୁଅନ୍ତି କାତର । ।୧୨।
ଆଗ ବିପ୍ର ନମସ୍କାର ମୋର ହେବ ହାନି ମାୟା ବିପ୍ର କିଏ ରୀତି ନପାରିଲେ ଜାଣି । ।୧୩।

୪୧: ସାର୍ଦ୍ଧଶତୁ-ଅର୍ଦ୍ଧଶତୁ, ନବ-ନଅ,

Digitized by PPRACHIN, SOA

ଜାଣିବା ପାଇଁ କି ରାମନାମକୁ ସ୍ମରଣ   କରୁ ଦିଶିଲା 'ମର୍କଟ' ମୁକୁଟା ଭରଣ । ।୧୪।
ଅଙ୍ଗ ଆଚ୍ଛାଦିତେ କଟିରେ 'ବଜ୍ର' କାଛଟା   ମକର କୁଣ୍ଡଳ କର୍ଣ୍ଣେ ନିନ୍ଦେ ଚନ୍ଦ୍ର ଛଟା । ।୧୫।
ରାମାନନ୍ଦୀ ଚିତା ରାମ ନାମାଙ୍କିତ ମାଳ   ଗଳାରେ କରେ ଶୋଭିତ ବିଲୋକି ବିହ୍ୱଳ ।୧୬।
ପ୍ରସନ୍ନତା ମନେ ସ୍ଥିର କରଇ ବିଶେଷେ   ସ୍ୱୟଂ ରାମ ଦ୍ୱାରେ ଉଭା କିବା କପି ବେଶେ । ।୧୭।
ପ୍ରେମ ଆଲିଙ୍ଗନେ ବକ୍ଷ ଆଶ୍ଳେଷୁ ନିବିଡ଼େ   ଚିହ୍ନି ଦେଲା ଭାବି ହନୁ ଚିନ୍ତା ଜଳେ ବୁଡ଼େ । ।୧୮।
ତ୍ରସ୍ତେ ସୂକ୍ଷ୍ମରୂପ ଧରେ ଖସିଯିବା ପାଇଁ   ଜାଣି 'ବିଭୀଷଣ' ବଳେ ଜାବୁଡ଼ି ଧରଇ । ।୧୯।
ପୁଣି ବୋଲେ ନ ଯାଅହେ ଦିଅ ପରିଚୟ   ପ୍ରଭୁ ଭକ୍ତ ହୋଇ ଭକ୍ତେ କିମ୍ପା କର ଭୟ । ।୨୦।
ଏ କଥା ଶୁଣି ବୋଲନ୍ତି ପବନ କୁମର   ତୁମ୍ଭର କାର୍ଯ୍ୟ କଳାପେ ସନ୍ଦେହ ମୋହର । ।୨୧।
ଲଙ୍କାରେ 'ହରି' ଶବଦ ସର୍ବଦା ମୁଖରେ   ନାମ ମାଳା ଦେଖେ ଗୃହର ଚାରି ପାଖରେ । ।୨୨।
ପ୍ରଭୁ ନାମେ ସାକ୍ଷୀ ରଖି ଦିଅ ପରିଚୟ   ବୋଲେ 'ବିଭୀଷଣ' ମୁହିଁ ବିଶ୍ରବା ତନୟ । ।୨୩।
ଲଙ୍କାରାଜନ ଅନୁଜ 'ରାମ' ଭକ୍ତ ପୁଣ   ତାହାଙ୍କ ନାମ ପ୍ରଭାବୁ ତୁଟଇ ଦୂଷଣ । ।୨୪।
ଲଙ୍କେଶ୍ୱର ସାନଭ୍ରାତ ଜାଣି ହନୁମାନ   ନାନା କଥା ନାନା ପ୍ରଶ୍ନ ଜାଗି ମନ ମ୍ଳାନ । ।୨୫।
ବୋଲଇ ହେ 'ବିଭୀଷଣ' ମୁହିଁ ରାମ ଦାସ   ତୁମେ ଯାହା ପ୍ରକାଶିଲ ନ ହୁଏ ବିଶ୍ୱାସ । ।୨୬।
ଅବିଶ୍ୱାସ ଦୂରେ ପଚାରୁଛି କିଛି କଥା   କେଉଁ ଦିନୁ କଲଣି ଏ 'ରାମାନନ୍ଦୀ' ଚିତା । ।୨୭।
ଏ ଗୃହ କାଛରେ ରାମ ନାମାଙ୍କିତ କରି   ରାମ ନାମ ଘୋଷ ରାଜା ନଦଣ୍ଡେ କିପରି । ।୨୮।
ସାମ ଦାନ ଦଣ୍ଡ ଭେଦ ରାଜନୀତି ମତେ   ଦଣ୍ଡବିଧାନ ଲଙ୍କେଶ ନକରେ କି' ସତେ । ।୨୯।
ଭାଷେ ତ୍ରିଜ[୩୦]. ପିଅର ରହିଛି ଯେ ଦୁଃଖେ   ସହିଛି ଯା ନିର୍ଯ୍ୟାତନା କହି ନୁହେ ମୁଖେ । ।୩୦।
ମାତ୍ର ନାମ ପ୍ରଭାବରୁ ସେ ଦୁସ୍ତର ବାରୀ   ତୁମ୍ଭରି ସାମିପ୍ୟ ଲାଭେ ହେଉଥିଲି ଘାରି । ।୩୧।
ପିତାମାତା ଯୋଗ କାଳେ ବିହି ମୋ କପାଳେ   ଲେଖିଅଛି ବିଷ୍ଣୁଭକ୍ତ ହୁଅ ରବି ତଳେ । ।୩୨।
ମାତା ପିତାଙ୍କ ମାନସ ପୂରଣେ ମୋ ଜାତ   'ସ୍ୱୟଂଭୁ'ବରେ ଅମର ରାମେ ଅନୁରକ୍ତ । ।୩୩।
ହେବା ଦିନୁ ରାମ ନାମ ଘୋଷେ କାଛେ ଲେଖି   ସୀତା ଆଣି ସାରି ଥରେ ରାଜା ଏହା ଦେଖି । ।୩୪।
କ୍ରୋଧେ ଜର୍ଜରିତ ହୋଇ ପଚାରିଲେ ମୋତେ   ମୋର ଶତ୍ରୁ ରାମ ନାମ ଘୋଷୁଛୁ କେମନ୍ତେ । ।୩୫।
ଅଟ୍ଟାଳିକାରେ ଶ୍ଳେଷରେ କରି ନାମାଙ୍କିତ   ଭଣ୍ଡାମି ପଣେ ଭଣ୍ଡାଇ ପାଳୁ ଅଛୁ ବ୍ରତ । ।୩୬।
ସେହି କାଳେ ନାମ ସ୍ମରୁ ପ୍ରସରିଲା ବୁଦ୍ଧି   କହୁ ଅଛି ନୃପେ ଯାହା କହିଥିଲି ବୋଧି । ।୩୭।

ରାବଣ ମନ୍ଦୋଦରୀ ଆଦ୍ୟବର୍ଣ୍ଣ ରା,ମ = ରାମ

ଜ୍ୟେଷ୍ଠ ଭ୍ରାତ ତୁମ୍ଭେ ପିତାସମ ନାଁ 'ରାବଣ'   ସେ ନାମ ଆଦ୍ୟ ଅକ୍ଷର 'ରା' ବୋଲି ଜାଣ । ।୩୮।
ତତ୍ତ୍ୱମନେ ଧୈର୍ଯ୍ୟ ଧରି ସେହିକଥା ଶୁଣ   ମାତା ମନ୍ଦୋଦରୀ ନାମୁଁ 'ମ' ଅକ୍ଷର ମାନ । ।୩୯।
ଏହି ତଥ୍ୟ 'ରାମ' ନାମ ଲେଖା ହୋଇ ନାହିଁ   ରାରା, ମମ ପଢ଼ି ରାମ ବୁଝ କାହିଁ ପାଇଁ । ।୪୦।
ହରି, ହର ଏକ ଆତ୍ମା ତୁମ୍ଭର ଦେବତା   ମନ୍ଦିର ଚୂଳେ ତ୍ରିଶୂଳ ରାମନନ୍ଦୀ ଚିତା । ।୪୧।
ବିଲ୍ୱ ତୁଳସୀ ନୀତିକୁ ଲୋଡ଼ନ୍ତେ ବାଧରେ   ଯନ୍ତେ ରୋପଣ କରିଛି ପ୍ରାଙ୍ଗଣ ମଧ୍ୟରେ । ।୪୨।
ବୁଝି ମର୍ମ ଗଲେ ରାଜା ସିନା ମୁଁ ଆଶ୍ୱସ୍ତ   ନୁହେଁ ଦନ୍ତ ଡ଼ରେ ଜିହ୍ୱା ଯଥା ସମିପସ୍ଥ । ।୪୩।
(ହନୁ) ସତ୍ୟ, ଚିରନ୍ତନ ସତ୍ୟ 'ଜିହ୍ୱା' ଚିରନ୍ତନ   ଅକାଳେ ଆସି ଅକାଳେ ଯିବେ ଦନ୍ତଗଣ । ।୪୪।
(ବିଭୀ) ବହୁକାଳ ବହିଗଲା ନୁହେ ପ୍ରଭୁ କୃପା   କି ଧର୍ମ ବଳରୁ ଆଗ, ଭେଟ ହେଲା ସ୍ୱରୂପା । ।୪୫।

୩୦:ତ୍ରିଜଟା ପିଅର-ବିଭୀଷଣ । ୩୩: ସ୍ୱୟମ୍ଭୁ-ବ୍ରହ୍ମା ।

Digitized by PPRACHIN, SOA

କହେ ହନୁ କୃପା ଶବ୍ଦ ଅର୍ଥେ କାର୍ଯ୍ୟ କର କାଳ ଅବିଳମ୍ବେ କୃପା ହେବ ପ୍ରଭୁଙ୍କର । ।୪୬।
କୃପା ଅର୍ଥ ପଚାରନ୍ତେ ଭାଷେ ହନୁମାନ 'କୃ' ଅର୍ଥ କର 'ପା' ଅର୍ଥଟି ସଦା ରକ୍ଷଣ । ।୪୭।
ଯେଣୁ ତୁମ୍ଭ ସଙ୍ଗେ ଭେଟ ଶୁଭେ ହେଲା ଆଜ ପ୍ରଭୁଙ୍କ କରୁଣା ଭାବି କର ପ୍ରଭୁ କାର୍ଯ୍ୟ । ।୪୮।
ବନ ପଶୁ ବାନର ମୁଁ ପ୍ରକୃତି ଚଞ୍ଚଳୁ ହୀନ ସ୍ୱଭାବୁ ଯେ ନାମ ଧରେ ପ୍ରାତଃକାଳୁ । ।୪୯।
ଦିବସ ସାରା ତାହାଙ୍କୁ ଅନ୍ନ ନ ମିଳଇ ଏପରି ଅଧମେ କୃପା କଲେ ଭାବ ଗ୍ରାହୀ । ।୫୦।
ଶ୍ରୀରାମ ମହତ ଗୁଣ ଶୁଣୁ ଦୁଇ ଭକ୍ତ ଅନ୍ତରେ ଅନ୍ତର ଯୋଗ ନୟନ ପ୍ଲାବିତ । ।୫୧।
ଅବିଶ୍ୱାସ ଛାଡ଼ି ହନୁ ଆଗମ ଚରିତ ଗୋଟି ଗୋଟି ବିଭୀଷଣ ଆଗେ କଲେ ବ୍ୟକ୍ତ । ।୫୨।
ଆଣିବା ବେଳୁ ରାବଣ ଜନକ କୁମାରୀ ଖୋଜୁଥିଲେ ରାମ ବନେ ବନ ବୁଲି କରି । ।୫୩।
ଋଷ୍ୟମୁକେ ସୁଗ୍ରୀବଙ୍କ ସଙ୍ଗେ ମିତ୍ର ହେଲେ ବାଳୀ ବଧି ଅନୁରାଗେ ମିତ୍ରେ ରାଜ୍ୟ ଦେଲେ । ।୫୪।
ବେଭାରେ ବେଭାର ସୀତା ଖୋଜିବାର ପାଇଁ ସବୁ ଦିଗେ ଚାର ଗଲେ ଏଥି ଆସି ମୁହିଁ । ।୫୫।
ପ୍ରଦୋଷେ, ଲଙ୍କିନୀ, ଭେଟୁ ଦେଲେ ସେହୁ ବର ବୁଲି ଖୋଜ ରାତ୍ରେ ବୁଲି ବୁଲି ଲଙ୍କା ପୁର । ।୫୬।
ନ ପାଇ ଜାନକୀ ଆସୁ ତୁମ୍ଭ ଭେଟ ହେଲା ନିରାଟ ସତ୍ୟ କହୁଛି ଆହେ ପାପଦଳା । ।୫୭।
କପି ଜନ ମୁଁ ବିଶ୍ରାମ ବୃକ୍ଷେ ଜପି ନାମ ନ ଦେଖିଲି ବୃକ୍ଷ ଏଣୁ ନେହିଛି ବିଶ୍ରାମ । ।୫୮।
ସଙ୍କଳ୍ପ କରିଲି ଯାତ୍ରା କାଳେ କରି ଚିନ୍ତା ସ୍ପର୍ଶ ନ କରିବି ଜଳ ନ ଦେଖିଲେ ମାତା । ।୫୯।
ବୁଲି ବୁଲି କ୍ଳାନ୍ତ ବେଳୁ ବେଳ ବଢ଼େ ଦୁଃଖ କରିଲି ବ୍ୟକ୍ତ ଯା ସବୁ ଏ ବିପଦୁ ରଖ । ।୬୦।

ସୀତା ଠାବ

ଅଶୋକେ ସଶୋକେ 'ସୀତା' ଥିବା ସମାଚାର କହିସାରି 'ବିଭୀଷଣ' ଧରି ହନୁକର । ।୬୧।
ମେଘନାଦ ପ୍ରାଚୀରର ତୁଙ୍ଗ ଦେଶେ ନେଇ ଶିଂଶପା ବୃକ୍ଷ ଅଶୋକ କାନନ ଦେଖାଇ । ।୬୨।
ବୋଲନ୍ତି ବୃଦ୍ଧ 'ଗଣ୍ଡୁକୀ' ଦେଖ ଯାଏ ବହି ବିଶ୍ରାମ କର ଶିଂଶପା ବୃକ୍ଷେ ଘଞ୍ଚ ସେହି । ।୬୩।
ତା ପାଶ ଅଶୋକ ମୂଳେ ବସିଛନ୍ତି ସୀତା କାନ୍ଦୁଛନ୍ତି ଚିହ୍ନି ଦିଅ ପ୍ରଭୁଙ୍କ ବାରତା । ।୬୪।
ସୁ' ମଙ୍ଗଳ ହେଉ ଯାତ୍ରା ଭେଟ ଶୀଘ୍ର ସତୀ ଦୟା ରଖି ଥିବ ଏହି ଅକିଞ୍ଚନ ପ୍ରତି । ।୬୫।
ଏହା ଶୁଣି ବୋଲେ ହନୁ ଏକି କଥା କୁହ କରାଇବି ପ୍ରଭୁ ଭେଟ ନକର ସନ୍ଦେହ । ।୬୬।
ଜ୍ଞାନ ମୟ ରାମ କଥା ଜ୍ଞାନେ ଜ୍ଞାନୀ ନେଇ ଆସିଥିଲା ମାତା 'ଭକ୍ତି' ଙ୍କୁ ଭେଟିବା ପାଇଁ । ।୬୭।
ତୁମ୍ଭେ ଭକ୍ତ ଭକ୍ତି ସଙ୍ଗେ ଭେଟାଇଲ ଜବ ଜ୍ଞାନ ମାର୍ଗେ ଯିବ ଜ୍ଞାନୀ ଜ୍ଞାନେ ଭେଟାଇବ । ।୬୮।
ଏହି ପରି ବୋଧି ହନୁ ଧରି ଅଳି ରୂପ ବୁଲି ବୁଲି ପ୍ରବେଶିଲା ସୀତାଙ୍କ ସମୀପ । ।୬୯।
ଅନ୍ତରେ ପ୍ରଣାମ କରି ବିଚାରଇ ବସି ସଙ୍କେତ ଦେବି କିପରି ଅଛନ୍ତି ରାକ୍ଷସୀ । ।୭୦।
ନିଶିଅନ୍ତେ ଶୁଭ କାଳେ ଭେଟ ହେବି ଯାଇ ପ୍ରଭୁଙ୍କ ସଙ୍କେତମାନ କହିବି ବୁଝାଇ । ।୭୧।
ଏହା ସ୍ଥିର କରି ବିଶ୍ରମିଲା ଶିଂଶପାରେ ଲଙ୍କେଶେ ଦେବାକୁ ବାର୍ତ୍ତା ଲଙ୍କିନୀ ବିଚାରେ । ।୭୨।
ଯେ ରାମ 'ସୀତା' ଜନଙ୍କ 'ଜନକ' 'ଜନନୀ' ଚରିତ୍ରକୁ ଲେଖିଗଲେ 'ବାଲମିକ' ମୁନି । ।୭୩।
ଅଧ୍ୟାତ୍ମ ରାମାୟଣେ ତା ଶ୍ରୀବ୍ୟାସ ରଚିଲେ ମହାନାଟକରେ ତାହା ହନୁ ବିରଚିଲେ । ।୭୪।
ବଳରାମ ଦାଶ ଦାଣ୍ଡିବୃତ୍ତେ ଲେଖିଛନ୍ତି କଲେ ଚିତ୍ରଣ ଚମ୍ପୁରେ ଭୋଜନର-ପତି । ।୭୫।
ତାଙ୍କ ପଥ ଜ୍ୟୋତି, ଜ୍ୟୋତିରିଙ୍ଗଣଙ୍କ ପରି ପ୍ରକାଶେ 'ସୁଧାଂଶୁ' ପାଶେ ନକ୍ଷତ୍ର ଯେପରି । ।୭୬।
ଗଣନେ ଅଠର ଗଣ୍ଡା ପାଞ୍ଚ ପଦେ ଛାନ୍ଦ କହେ ସୀତା ରାମ ଚିନ୍ତି ଦୟାନିଧି ଅନ୍ଧ । ।୭୭।

• • • • • •

୫୬: ପ୍ରଦୋଷେ-ସନ୍ଧ୍ୟାରେ । ୬୯:ଅଳିରୂପ-ଭ୍ରମର ରୂପ । ୭୩-ଜନଙ୍କ-ଜୀବମାନଙ୍କର,ଜନକଜନନୀ-ପିତାମାତା

Digitized by PPRACHIN, SOA



ଅଶୋକ ବନରେ ସୀତାଙ୍କ ସହିତ ହନୁମାନଙ୍କର ଭେଟ

Digitized by PPRACHIN, SOA

ସୀତା ଠାବ ସମୟେ ମା' ସୀତାଙ୍କୁ ହନୁମାନଙ୍କର ମୁଦ୍ରିକା ପ୍ରଦାନ

Digitized by PPRACHIN, SOA

ରାବଣ ସ୍ୱପ୍ନ ଦର୍ଶନେ ଅଶୋକବନେ ଗମନ

(ରାଗ-ନବାକ୍ଷରୀ)

ଛାନ୍ଦ - ୭

ଭାଷନ୍ତି ବିନେ ଶୂଳ ପାଣି ଦଶାସ୍ୟେ କହିଲା ଲଙ୍କିନୀ । ।୧।
ନେବାକୁ ଜାନକୀ ସନ୍ଦେଶ କପିଏ ଲଙ୍କାରେ ପ୍ରବେଶ । ।୨।
ଚିହ୍ନି ମୁଁ ରୋଧୁ ତାର ପଥ ପ୍ରହାର କଲା ବଜ୍ର ମୁଥ । ।୩।
ସ୍ୱଧର୍ମ ବଳୁ ବଞ୍ଚିଲଇଁ ଆସିଛି ବାର୍ତ୍ତା ଦେବା ପାଇଁ । ।୪।
ରକ୍ଷା କରତୁ ତୋ ଭୁବନ ମୋ ବାସେ କଲି ମୁଁ ଗମନ । ।୫।
ସ୍ୱପ୍ନ ଚେତିଣ ଦଶମଥା ପଲ୍ୟଙ୍କେ ବସି କରେ ଚିନ୍ତା । ।୬।
ଜାନକୀ ମୁଁ 'ଆଣିଲା ପରି ମର୍କଟ ସୀତା ନେଲେ ହରି । ।୭।
କିପାଁ ଆସିବେ ରଘୁସୁତ ନ ଆସୁ ନ ହୋଇବି ମୁକ୍ତ । ।୮।
ସାର୍ଥକ ନୋହିବ ଆଣିବା ଦେଖି ଆସିବା ପାଇଁ ଯିବା । ।୯।
ଅଶୋକ ବନେ ସୀତା ସତୀ ବାନର ନେଲାକି ଅଛନ୍ତି । ।୧୦।
କରିବି ମୁଁ ଏବେ ବିଜୟ ଚାଲନ୍ତୁ ସଙ୍ଗେ ରାଣୀ ଚୟ । ।୧୧।
ଅନ୍ଧାର ବିଦୂରେ ଦିହୁଡ଼ି ଧରନ୍ତୁ ଆଗେ ଯୋଡ଼ି ଯୋଡ଼ି । ।୧୨।
କେ ପିକଦାନୀ ଧରୁ ଆଗେ ଚାମର ଚାଳୁକେ ସରାଗେ । ।୧୩।
କେହୁ' ମଙ୍ଗଳେ ଦରେ 'ଦର'- ଫୁଙ୍କୁଯେ ଆଗେ ବାରମ୍ବାର । ।୧୪।
କେ ଛତି ତ୍ରାସ ବଇରଖ ଧରି ଚାଲନ୍ତୁ ପାଖ ପାଖ । ।୧୫।
ଖୋଳ ପଖୋଜ ଝାଞ୍ଜ ଗିନି ବଜାନ୍ତୁ କେ ବର ବର୍ଣ୍ଣିନୀ । ।୧୬।
ତୋପ ଫୁଟାଉ କେଉଁ ବାମା କେଡ଼ାକୁ ମଣିମା ମଣିମା । ।୧୭।
ସ୍ୱୟଂ ବିଂଶାକ୍ଷ ଧରି ଶସ୍ତ୍ର ଶୂଳ ଗଦାଦି ଅସି ପତ୍ର । ।୧୮।
ବିଶେଷ ଶୋଭା ବିବର୍ଦ୍ଧନେ ସୁବେଶ ଦ୍ୱିପଞ୍ଚ ଲପନେ । ।୧୯।
ବଡ଼ ଭୀ ପରେ ବଡ଼ଭୀରେ ପ୍ରବେଶ ଜାନକୀ କତିରେ । ।୨୦।
ସୀତାଙ୍କ ସତୀତ୍ୱ ଅକ୍ଷୁର୍ଣ୍ଣ ଜାଣିବା ପାଇଁ ହନୁମାନ । ।୨୧।

ଦେବ କୂଟ

ବାଣୀଙ୍କୁ ପେଶୁ ସୁରପତି ସେ ଦୈତ୍ୟ ଗଳାରେ ବସନ୍ତି । ।୨୨।
'ବିବେକ' ରଖି ପ୍ରବଞ୍ଚନା କରଇ ପୂରଣେ କାମନା । ।୨୩।
ବାକ୍ୟେ ପ୍ରଲୋଭ ଦେଖାଇବ 'ସତୀଙ୍କୁ' ପରୀକ୍ଷା କରିବ । ।୨୪।
ଏଣେ ଇକ୍ଷଣେ ବଇଦେହୀ ପୃଷ୍ଟ କରିଲେ ଭୟ ପାଇ । ।୨୫।
ସଂଶୟ ବିନାଶ ସଂକଳ୍ପେ ବାତଜ ମଧୁବ୍ରତ ରୂପେ । ।୨୬।
ଆରୂଢ଼ 'ଦେହଳୀ'ର ପାଶେ ଏକାଳେ ଲଙ୍କେଶ ପ୍ରକାଶେ । ।୨୭।

ଟୀକା : ୧୪:ଦରେଦର -ଶଙ୍ଖ ।୨୦:ବଡ଼ଭୀ-ଉଚ୍ଚମଣ୍ଡପ, ବଡ଼ଭୀ- ବଡ଼ ଭୟରେ । ୨୬:ବାତଜ-ହନୁମାନ,ମଧୁବ୍ରତ- ଭ୍ରମର । ୨୭:ଦେହଳୀ-ଦ୍ୱାରବନ୍ଧ ।

Digitized by PPRACHIN, SOA

ରେ ଦାନ ଶୀଳେ ତନୁଦାନ ଆଶାରେ ବିଜେ ଦଶାନନ । ।୨୮।
ସ୍ୱୀକାର ଦେଇ ବାନ୍ଧ ବାନା ଦେଖ ସେ ଭୋଗେ କି ଯାତନା । ।୨୯।
ମହା ଲଜ୍ଜାରେ ସତୀ ମଜ୍ଜା କମ୍ପନ ଏହା କହୁ ରାଜା । ।୩୦।
ବୋଲେ ଭାନୁ ପ୍ରିୟା ପଦ୍ମିନୀ ମଧୁପେ ହୁଏ ରସ ଦାନୀ । ।୩୧।
ତୃଷାର୍ତ୍ତି ଗଲେ ବାରି ପାଶେ ତୃଷାକି ସେ ବାରି ନ ନାଶେ । ।୩୨।
ମୋର ଅଛନ୍ତି ବହୁ ନାରୀ ବୋଲିକି ଆଶଙ୍କା ତୋହରି । ।୩୩।
ତୋର ସ୍ୱୀକାର ହେବ ଯେବେ ସମସ୍ତେ ଅପସରି ଯିବେ । ।୩୪।
'ବିଧୁ'ର ସତାଇଶ ନାରୀ ରୋହିଣୀ ହେଲା ମନୋହାରୀ । ।୩୫।
ବିଚାର ଯେଉଁ ଦଶ ଶିର ଧାରଣ କରିଥିଲେ ହର । ।୩୬।
ସେ ଶିର ତୋହର ପୟରେ ଲୋଟଇ ଦେଖ ପ୍ରତ୍ୟକ୍ଷରେ । ।୩୭।
ଯେଉଁ ଚରଣେ ସୁରପତି ପଡ଼ଇ କରେ ସେ ବିନତି । ।୩୮।
ତଥାପି ନ ହେଉ ପ୍ରସନ୍ନ କଟାକ୍ଷ ପାତେ ତୋଷ ମନ । ।୩୯।

ସୀତାଙ୍କର କଟୁକ୍ତି

ଲଙ୍କେଶ ପ୍ରକାଶିବା ବାଣୀ ଶୁଣି ଦୁଃଖିତେ ରାମରାଣୀ । ।୪୦।
ବୋଲନ୍ତି ଆରେ ରେ ବର୍ବର ଏହିକି ତୋର ମୁକ୍ତି ବର । ।୪୧।
ପାପିଷ୍ଠ, ନଷ୍ଟ, ରାମ ଶରେ ଯିବୁ ପରେ ତରାଟ ଦ୍ୱାରେ । ।୪୨।
ଆରେ କପଟୀ ଅପଦାର୍ଥ ଏ ଦୋଷେ କଟା ଯିବ ମାଥ । ।୪୩।
ଯାଭାଷୁ ଅପକର୍ମ କଥା ଜାଣୁଁତ ମୁହିଁ ବିବାହିତା । ।୪୪।
ସାଧନା ତପରେ ତୋହର ଶମ୍ଭୁ 'ସ୍ୱୟଂମ୍ଭୁ' ଦେବା ବର । ।୪୫।
ଯମ, ମୁଖରୁ ରଖିପାରେ କିନ୍ତୁ ମରିବୁ 'ରାମ' ଶରେ । ।୪୬।
ଶୁଣୁଛି ମନ୍ତ୍ରେକରି ବଶ ପାଦରେ ଖଟାଉ 'ତ୍ରିଦଶ' । ।୪୭।
ଗାରେଡ଼ି ମନ୍ତ୍ରେ ବଶ 'ଫଣୀ' ତୁ ବଶ ନୋହୁ ବାଣୀ ଶୁଣି । ।୪୮।
ମୋ ସ୍ୱାମୀ ଠାରୁ ବଳବନ୍ତ 'ପ୍ରକାଶୁ' ଥିବା ବେଳେ କାନ୍ତ । ।୪୯।
ତୁ ଆଣି ଥିଲେ ମୋତେ ପାଜି ସେ ପର୍ବେ ଶରେ ଥାନ୍ତେ ପୂଜି । ।୫୦।
ଗରୁଡ଼ ସଙ୍ଗେ କି ବାୟସ ବକ କି ହେବ 'ରାଜହଂସ' । ।୫୧।
ଶୃଗାଳ, କେଶରୀ, ସଙ୍ଗରେ ଖଦ୍ୟୋତ, ଯଥା ମାର୍ତ୍ତଣ୍ଡରେ । ।୫୨।
ତେସନ ରାମ, ସଙ୍ଗେ ତୁହି ଆଶା ପୂରଣ ହେବ କାହିଁ । ।୫୩।
ଏ କଥା ଶୁଣି ଲଙ୍କରାୟେ ଭାବେ ଏ ଆନନ୍ଦ କରାଏ । ।୫୪।
ଭାବିଲି ବଡ଼ନ୍ତେ ସନ୍ଦେହ ରାଘବେ, ମାରୁ ତୋର ଦେହ । ।୫୫।
ଧରି 'ତୁ' ନ ପାରିବୁ ରହି ଏଣୁ ତା ଘଟାଇଲି ନାହିଁ । ।୫୬।
ଅନ୍ତତଃ ତୋ ପରି ସୁନ୍ଦରୀ ସମର୍ପି ସେକି ହେବ ବୈରୀ । ।୫୭।

୩୫: ବିଧୁ-ଚନ୍ଦ୍ର, ସତାଇଶ ନାରୀ-ଅଶ୍ୱିନୀ, ଦ୍ୱିଜା, କୃତ୍ତିକା, ରୋହିଣୀ, ମୃଗଶିରାଃ, ଆର୍ଦ୍ରା, ପୁନର୍ବସୁ, ପୁଷ୍ୟା, ଅଶ୍ଳେଷା, ମଘା, ଫାଲ୍ଗୁନୀ, ଚିତ୍ରା, ସ୍ୱାତି, ବିଶାଖା, ଅନୁରାଧା, ଜ୍ୟେଷ୍ଠା, ମୂଳା, ପୂର୍ବାଷାଢ଼ା, ଉତ୍ତରାଷାଢ଼ା, ଶ୍ରବଣା, ଧନିଷ୍ଠା, ଶତଭିଷା, ପୂର୍ବଭାଦ୍ର, ଉତ୍ତର ଭାଦ୍ର, ରେବତୀ, (ଅଭିଜିତ) । ୪୨:ପରେ ତରାଟ-ଯମ ।୪୫: ଶମ୍ଭୁ-ଶିବ ।

Digitized by PPRACHIN, SOA

ଯଦି କହୁ ମୁଁ ନୁହେଁ ବୀର ତୋ ଆଗେ ତାର ଛିନ୍ନ ଶିର । ।୫୮।
ଦେବି ଏ କ୍ଷଣି ଦେଖ ଆଣି ବୁଝିବୁ ପରେ ସତ୍ୟ ବାଣୀ । ।୫୯।
ଏ କଟୁ ଗୀର ଶୁଣି ତହିଁ ଜାନକୀ ଅନ୍ତର ଦହଇ । ।୬୦।
ସେ କ୍ରୋଧେ ନିକ୍ଷେପୁ ଇକ୍ଷଣ ବାଣୀ ହୋଇଲେ ଅନ୍ତର୍ଦ୍ଧାନ । ।୬୧।
ସଦ୍ ଜ୍ଞାନେ ଘଟିବା ଘଟଣା ଚିନ୍ତି ଦଇତ ଦୁଃଖମନା । ।୬୨।
ଏ ଅପରାଧ ମୁକ୍ତି ପାଇଁ ମାର୍ଗରୁ ଶୁଣାଇଁ କହଇ । ।୬୩।

ରାବଣ ର କଷ୍ଟ

ଷାଠିଏ ଦିନ ମଧ୍ୟେ ପତି ଦେଖାଅ ମୋ ଶେଷ ଭାରତୀ । ।୬୪।
ନଚେତ କନ୍ଧ ଦେଶୁ ମୁଣ୍ଡ ଦଣ୍ଡେ ହୋଇବ ବେନି ଖଣ୍ଡ । ।୬୫।
ମୋହ ମଣିକୁ ବକ୍ଷେ ଦେଖି ପାଶୋରି ଗଲା ବିଂଶ ଆଖି । ।୬୬।
ମାରୁତି 'ଶିବ' 'ଶିବ' କହି ଶିଂଶପା ବୃକ୍ଷ କୁ ଫେରଇ । ।୬୭।
ଶିବ' ମଙ୍ଗଳ' ବେଦୁ ଜଣା ଆଦ୍ୟରେ ତାହାଙ୍କ ବନ୍ଦନା । ।୬୮।
ଶିବ ପାର୍ବତୀ ଉପାଖ୍ୟାନେ ରଚି ଅଛନ୍ତି ସୂରିମାନେ । ।୬୯।
ଏହା ନିଗୂଢ଼ ତତ୍ୱ ଅଟେ ସତ୍ ସଙ୍ଗ ପ୍ରାପ୍ତରୁ ପ୍ରକଟେ । ।୭୦।
ରାମଙ୍କୁ ପାଇବାର ପାଇଁ ଶିବ ଭଜନ କର ଭାଇ । ।୭୧।
ଶିବଙ୍କ ବିନା ରାମ ଭେଟ ମିଳିବା ହୋଇବ ସଙ୍କଟ । ।୭୨।
ରାମ ହିଁ ପରମ ପାବନ ରାମ ହିଁ ପତିତ ପାବନ । ।୭୩।
ତୋ ଜିହ୍ୱା ଦୀପେ ରାମ ତେଲ ପକାଇ ଜାଳ ମାନି ବୋଲ । ।୭୪।
ବାହାର ଯେ ଅନ୍ତଃ କରଣ ଆଲୋକେ ହୋଇବ ପାବନ । ।୭୫।
ସଂସାରେ ରାମ ନାମ ସାର ଆଉ ସମସ୍ତ ଟି ଅସାର । ।୭୬।
ସଂସାର ସାଗରକୁ ଭେଳା ନାମକୁ ନକରତୁ ହେଳା । ।୭୭।
ରାମ ନାମରେ ହେଳା କଲେ ଭେଳା ବୁଡ଼ିବ ଅବହେଳେ । ।୭୮।
ନ ହୋଇ ଅଜ୍ଞାନି ମୁରୁଖ ରାମ ନାମକୁ ହୃଦେ ରଖ । । ।୭୯।
ରାମ ଚରଣେ ରଖି ଆଶ କହଇ ଦୟାନିଧି ଦାଶ । ।୮୦।

• • • • • • • • • • •

ଅସୁରୁଣୀମାନେ ସୀତାଙ୍କୁ ଭୟ ଦେଖାଇବାରେ ତ୍ରିଜଟାର ପ୍ରବୋଧନା

(ରାଗ ନବାକ୍ଷରୀ) ଛାନ୍ଦ - ୮

ଉମା ପଚାରୁ ହର' ହର୍ଷେ ଶ୍ରୀ ରାମ ବୋଲିଣ ହରଷେ । ।୧।
ପୁରାଣ କରନ୍ତି ପ୍ରକାଶ ଶୁଣି ସାଧବେ ହୁଅ ତୋଷ । ।୨।

୪୭: ତ୍ରିଦଶ-ଦେବତା ।୬୭: ଶିବ-ମଙ୍ଗଳ

Digitized by PPRACHIN, SOA

ଏ ଅନ୍ତେ ସର୍ବ ନିଶାଚରୀ ଏକତ୍ରେ ବସିଣ ବିଚାରି । ।୩।
କରାଇବାକୁ ସ୍ୱୀକାର ଡ଼ରାନ୍ତି ସେ ନାନା ପ୍ରକାର । ।୪।
କେ କହେ ଛେଚିବା ଉପଳେ ବାଣ୍ଟିବା 'ପଳ' ପଳେ ପଳେ । ।୫।
ସତୀତ୍ୱ ଗର୍ବେ କି ସାହସ ରାଜାଙ୍କ ପରେ ନୁହେଁ ବଶ । ।୬।
ହଂସର ପ୍ରିୟା ହେବା ପାଇଁ ବାୟସେ ଯୋଗ ଅଛି କାହିଁ । ।୭।
କଳା ନୁହଇ କେବେ ଧଳା ସ୍ୱୀକାର ନଦେବ ଏ ବାଳା । ।୮।
ଶୁକ ପୋଷିଲେ ଦିବ୍ୟ ଧାମେ ତା ଚିତ୍ତ ସଦା ବନେ ଭ୍ରମେ । ।୯।
ସେ ପରି ଜପେ ଏହି ନାରୀ ଯା ପଢ଼ାଇଛି ଜଟାଧାରୀ । ।୧୦।
ବନ୍ଦିସେ' ମୁକ୍ତ କରିବ ରାମ ନାମ କାହିଁ ସେ ବନ୍ଦୀ ନାହିଁ କ୍ଷମ । ।୧୧।
ନିଶା ଚରୀଙ୍କ କଥା ଶୁଣି ବୋଧଇ ସରମା ନନ୍ଦିନୀ । ।୧୨।
ଜାନକୀ ପ୍ରକଟ କରନ୍ତି ଶୁଣ 'ତ୍ରିଜଟେ' ମୋର ଉକ୍ତି । ।୧୩।
ବାଳ, ସବିତା ପଶ୍ଚିମରେ କେବେକି ଉଦେ ହୋଇପାରେ । ।୧୪।
ଜଳ ଅଭାବେ ମୀନ ଗଣ ରଖି ପାରନ୍ତି କି ଜୀବନ । ।୧୫।
ଶିଖରୀ, ଶିଖରେ, କମଳ ଫୁଟେ କି କେବେ ମନେ ଭାଳ । ।୧୬।
ଉର୍ଣ୍ଣ ନାଭର, ଲାଳ ସୂତ୍ର ଗଜ ବନ୍ଧନେ କି ସମର୍ଥ । ।୧୭।
ମୂର୍ଖ ମୁଖରୁ ବେଦ ଶୁଣା ଏ ଯାଏ ନ ଯାଇଛି ଜଣା । ।୧୮।
ଏ ସର୍ବ କଥା ଅସମ୍ଭବ କେବେ ବା ହୋଇଲେ ସମ୍ଭବ ? ।୧୯।
ରାମ ବ୍ୟତିତ ଅନ୍ୟଜନେ ଚଳିବ ନାହିଁ ସୀତା ଭ୍ରମେ । ।୨୦।
କୋଟି କାମେ ରାମ ବ୍ୟତୀତ ନଟଳିବ ଏ ସୀତା ଚିତ୍ତ । ।୨୧।
ଏତ ପାମର ମୂଢ଼ ମତି କାହିଁ ସମ୍ଭବ ହେବ ପ୍ରୀତି । ।୨୨।
ଏତିକି କହି ମୌନ ସୀତା କାନ୍ତ ଦର୍ଶନେ କଲେ ଚିନ୍ତା । ।୨୩।

ତ୍ରିଜଟା ର ସ୍ୱପ୍ନ ବୃତ୍ତାନ୍ତ ପ୍ରକାଶ

ସେ ସ୍ଥାନେ ତରଣି ଭଗିନୀ ଭାଷେ ଶୁଣ ମା ସାମନ୍ତଣୀ । ।୨୪।
ବସିଣ ନିଦ୍ରାରେ ସ୍ୱପନ ଦେଖିଣ ଅଙ୍ଗ କମ୍ପମାନ । ।୨୫।
ପୂର୍ବ ଦିଗ୍ ଗଜରେ ସମ୍ଭର୍ବେ ପ୍ରଭୁଙ୍କ କୋଳେ ବିଜେ ତୁମ୍ଭେ । ।୨୬।
ଶୁକ୍ଳ ଆଲଟ ଶୁକ୍ଳ ଛତି ଅପ୍ସରୀ ଗଣ ଧରିଛନ୍ତି । ।୨୭।
ବ୍ରହ୍ମାଦି ଉଚ୍ଚାରିଣ ବେଦ ପଟ୍ଟାଭିଷେକ ରେ ପ୍ରମୋଦ । ।୨୮।
ଭରତ ଶତ୍ରୁଘ୍ନ ସୌମିତ୍ରି ଆନନ୍ଦେ ସିଂହାସନ କତି । ।୨୯।
ଅନ୍ୟ ପକ୍ଷରେ ଲଙ୍କସାଇଁ ଗର୍ଦ୍ଦଭ ପୃଷ୍ଠକୁ ଆରୋହି । ।୩୦।

୩:ନିଶା-ରାତ୍ରୀ, ଚରୀ-ଅସୁରୀ । ୫: ଉପଳେ-ପଥରେ, ପଳ-ମାଂସ, ପଳେ-ପୂର୍ବକାଳରେ ଚଳୁଥିବା ବିଶାର ପଳ ଯଥା ଚାରି ଭରି ଓଜନ । ୧୦: ଜଟାଧାରୀ-ରାମ ।୧୧:ବନ୍ଦି-ବନ୍ଧନ ।୧୨:ସରମା ନନ୍ଦିନୀ-ତ୍ରିଜଟା । ୧୪:ବାଳ ସବିତା-ବାଳସୂର୍ଯ୍ୟ ।୧୬:-ଶିଖରୀ ଶିଖର-ପର୍ବତ ଚୂଳ । ୧୭:ଉର୍ଣ୍ଣନାଭ-ବୁଢ଼ିଆଣୀ ।୨୩:ତରଣି ଭଗିନୀ-ତ୍ରିଜଟା ।୨୫:ପୂର୍ବଦିଗ୍ଗଜ-ଐରାବତ ।

Digitized by PPRACHIN, SOA

ତୈଳ ଲେପନେ ରକ୍ତ ବସ୍ତ୍ର   କଟିରେ କରିଣ ଆବୃତ ।   ।୩୧।
ଜବା କୁସୁମ ମାଳା କଣ୍ଠେ   ସଂଯୋଗି ସୁରା ପାନ ଓଷ୍ଠେ ।   ।୩୨।
ଦକ୍ଷିଣେ ଯମ ପାଶେ ଠିଆ   ଅଦ୍ଭୁତ ସ୍ୱପ୍ନେ କମ୍ପେ ହିଆ ।   ।୩୩।
ଶୁଣଲୋ ରକ୍ଷନାରୀ ଗଣ   ନ ଦିଅ ସତୀଙ୍କୁ କଷଣ ।   ।୩୪।
କହନ୍ତି ମୈଥିଳୀ ସନ୍ଦେହେ   ସ୍ୱପ୍ନ କି କେବେ ସତ୍ୟ ହୁଏ ।   ।୩୫।
ସତେ ମୋ ସୌଭାଗ୍ୟ ହୋଇବ   ସ୍ୱାମୀଙ୍କ ସଙ୍ଗେ ଦେଖାହେବ ।   ।୩୬।
ସ୍ୱପନ ସତ୍ୟ ହେବା ପାଇଁ   ତ୍ରିଜଟା କହଇ ବୁଝାଇ ।   ।୩୭।
ଏ ସ୍ୱପ୍ନ ବରଦ ନିମିତ୍ତ   'ବ୍ରତେ'କ ମାନି କରସତ୍ୟ ।   ।୩୮।
ଏହି ଅଶୋକ ବୃକ୍ଷ ତାହା   ପୂରଣେ ହେବ ତୁମ୍ଭ ସାହା ।   ।୩୯।
ଲଙ୍କା ପାଳଙ୍କ ଶୁଭ ଚିନ୍ତି   ବଡ଼ 'ମା' ସେ ବ୍ରତ ପାଳନ୍ତି ।   ।୪୦।
ସିତ, ସପ୍ତମୀ, ଅଷ୍ଟମୀରେ   ଉଜାନ୍ତି ଅଶୋକାଷ୍ଟମୀରେ ।   ।୪୧।
ତୁମ୍ଭଇ ଏ ସ୍ଥାନ ଆରୂଢ଼   ହେବାରୁ ଛାଡ଼ି ମନ ଦୃଢ଼ ।   ।୪୨।
ଅଭି ମାନରେ ନ ଆସନ୍ତି   ସେ ବ୍ରତେ ତୁମ୍ଭେ ହୁଅ ବ୍ରତୀ ।   ।୪୩।
ସେ ବ୍ରତ କଲେ ଉଦ୍‌ଯାପନ   ମନ କାମନା ହେବ ପୂର୍ଣ୍ଣ ।   ।୪୪।

ସୀତାଙ୍କର ଅଶୋକାଷ୍ଟମୀ ବ୍ରତ ଯାଜ୍ଞା

ଚଇତ୍ର ଶୁକ୍ଳ ପକ୍ଷ ଭୂମି   ସପ୍ତମୀ, ଅଷ୍ଟମୀ, ନବମୀ ।   ।୪୫।
ଏ କଥା ଶୁଣି ସୀତା ସତୀ   ପଲ୍ଲବ ଆସନେ ଭାଷନ୍ତି ।   ।୪୬।
ପ୍ରଭୁଙ୍କ କୃପାରେ ଶୁଭଦେ   ଏହା ଘଟିବ ଯେବେ ଭଦ୍ରେ ।   ।୪୭।
ମାନସେ ଚଣ୍ଡୀଙ୍କୁ ସୁମରି   ଦ୍ୱିଜଙ୍କୁ' ରୁଣ୍ଡୀଭୂତ କରି ।   ।୪୮।
ବଳି ଉପନ ଚଣ୍ଡୀ ପାଠ   କରିବି ନ କରିଣ ମଠ ।   ।୪୯।
ପୁଣି 'ଜାଗର' ଉପବାସେ   ଶୁଚିରେ ଯାଇ ଶିବପାଶେ ।   ।୫୦।
ଗିରିଶ, ଶିରେ ଗୋଦୋହନ   କରାଇ କରାଇବି ସ୍ନାନ ।   ।୫୧।
କେତକୀ, ସ୍ୱର୍ଣ୍ଣ ଚମ୍ପା ସାଥେ   ଚନ୍ଦନ ଚଢ଼ାଇଣ ମାଥେ ।   ।୫୨।
ଉନିଦ୍ରେ ଜାଳିବି ଜାଗର   ଗୋଘୃତ କାର୍ପାସ ସଞ୍ଚର ।   ।୫୩।
ଗଣାଇଁ ଗଣେଶ ନୈବେଦ୍ୟେ   ସହସ୍ର ଲଡୁ ଦେବି ମୋଦେ ।   ।୫୪।
ରମା, ବଲ୍ଲଭଙ୍କୁ ନିକର   ତୁଳସୀ, ସ୍ୱର୍ଣ୍ଣ, ଅଳଙ୍କାର ।   ।୫୫।
ପ୍ରଦାନ କରାଇ ଦର୍ଶନେ   ବିପ୍ରେ ସୁବର୍ଣ୍ଣ ଦେବି ଦାନେ ।   ।୫୬।
ସହସ୍ର ବ୍ରାହ୍ମଣ, ଭୋଜନ   ଅଗ୍ନିଙ୍କ ତୋଷେ, ଯଜ୍ଞ ମାନ ।   ।୫୭।
ଗୋ ଗୋଷ୍ଠେ ଗୋସେବା କରିବି   ଅଶୋକ, ବ୍ରତ ଉଜାଁଇବି ।   ।୫୮।
ଏପରି ଦେବୀ ଯାଚି ଦେଲେ   ଶର୍ବରୀ ବିନାଶ ଏକାଳେ ।   ।୫୯।
ଲୋକନେ କ୍ରମେ କ୍ରମେ କଳା   ବିଦୂରେ ଏ ଉପମା ହେଲା ।   ।୬୦।
ଭବ ସଂସାର ରୂପୀ ଯୋଷା   କସ୍ତୁରୀ ହୋଇଥିଲା ଭୂଷା ।   ।୬୧।
ଛଡ଼ାଏ କାନ୍ତି ବିବର୍ଦ୍ଧନେ   କୁଙ୍କୁମା ଅଙ୍କିତ ଶୋଭନେ ।   ।୬୨।

୩୨:ଜବା କୁସୁମ-ରକ୍ତମନ୍ଦାର । ୩୯: ବଡ଼ମା-ମନ୍ଦୋଦରୀ୪୦: ସିତ-ଶୁକ୍ଳ ।୫୮: ଶର୍ବରୀ-ରାତ୍ରୀ।୬୦:ଯୋଷା-ସ୍ତ୍ରୀ ।

Digitized by PPRACHIN, SOA

ଆସିଣ ଐରାବତ ଗଜ   ବାସବ ବିଜୟରେ ସଜ ।   ।୬୩।
ହେଉଁ ସିନ୍ଦୂରେ ମଥାମଣ୍ଡା   ପ୍ରାଚୀ ଦିଶେ ଲୋହିତ ଧଣ୍ଡା ।   ।୬୪।
ବାୟସେ ରାବିଲେ ଆଳୟେ   ଶଙ୍ଖ, ବାଜଇ ଦେବାଳୟେ ।   ।୬୫।
ପେଚକ, କୋହରେ, କୁହରେ   ବିହଙ୍ଗେ, ଖାଦ୍ୟ ସଂଗ୍ରହରେ ।   ।୬୬।
ଧାତା ନନ୍ଦନ, ଧାତା, ସୁରେ   ଲଙ୍କେଶ, ସେବାରେ ଲଙ୍କାରେ ।   ।୬୭।
ନାରଦ, କଲେ ବୀଣାବାଦ୍ୟ   ନାଭିଜ, ଉଚ୍ଚାରନ୍ତେ ବେଦ ।   ।୬୮।
ଦ୍ୱାସ୍ଥ ବୋଲଇ ନୃପ ହାଲ   ନ ବୁଝି କିଂପା କଲବଲ ।   ।୬୯।
କ୍ଷଣେ ମଉନେ ପୁଚ୍ଛୁ ସର୍ବେ   ପ୍ରକାଶେ ସେ ଦ୍ୱାସ୍ଥ ସମ୍ଭର୍ବେ ।   ।୭୦।
ବ୍ୟାଧି ଘୋଟନ୍ତେ ଲଙ୍କପତି   ବୈଦେହୀ, ପାଚନ ଖୋଜନ୍ତି ।   ।୭୧।
ଏ ବାକ୍ୟେ ଧାତା କଲେ ବ୍ୟକ୍ତ   ପ୍ରମାଣେ ଏହା ସନ୍ନିପାତ ।   ।୭୨।
ତାପ ବିନାଶେ ରୋଗୀ ନାଶେ   ଏ ତଥ୍ୟ ବୈଦ୍ୟ ଶାସ୍ତ୍ର ଭାଷେ ।   ।୭୩।
ହେ ବୁଧେ ଛାଡ଼ିଏ ପ୍ରସଙ୍ଗ   ପ୍ରକାଶେ ଯାହା ମନ-ଯୋଗ ।   ।୭୪।
କର ପ୍ରଭାତ ହେବା ଦେଖି   ରାକ୍ଷସୀ ଜାନକୀ ଉପେକ୍ଷି ।   ।୭୫।
ଅଙ୍ଗ ମାର୍ଜନେ ଗଲେ ଦୂରେ   ଜାନକୀ ଗଣ୍ଡୁକୀର ତୀରେ ।   ।୭୬।
ସ୍ନାନେ ଚରଣ ସ୍ଥାପି ଧୀର   ଗର୍ଭାଳସୀ ହଂସୀ ପ୍ରକାର ।   ।୭୭।
ନାରୀ ମର୍ଯ୍ୟାଦା ରଖି ସତୀ   ଶ୍ରୀ ମୁଖ ଅଞ୍ଚଳେ ଘୋଡ଼ାନ୍ତି ।   ।୭୮।
ଦେଖି ପ୍ରବର୍ତ୍ତଇ ମାନସ   କଳଙ୍କ ହୀନ ଔଷଧୀଶ ।   ।୭୯।
ସ୍ନାନକୁ ସାରି ଆସିକୂଳେ   ଶିଂଶପା ମୂଳରେ ଆକୁଳେ ।   ।୮୦।
ବୋଲନ୍ତି ମନ୍ଦବିହି ଭଣ୍ଡ   ବିଚାରେ ସହୁଛି ଯା ଦଣ୍ଡ ।   ।୮୧।
'ଦ୍ୱି' ପଞ୍ଚ, ଏକ, ମାସ ଗଲା   ଶ୍ରୀ ମୁଖ ଦର୍ଶନ ନୋହିଲା ।   ।୮୨।
ମୋର ଖବର ସେ' ବା, କାହିଁ   ପାଇ ଆସିବେ ଆଶା ନାହିଁ ।   ।୮୩।
କାଲି ଗଣ୍ଡୁକୀ, ଗଣ୍ଡେ ପିଣ୍ଡ   ବିସର୍ଜୁ ଯିବ ଭଣ୍ଡ ଦଣ୍ଡ ।   ।୮୪।
ଦୁଃଖେ ଏପରି ବାରମ୍ବାର   ଉଚ୍ଚାରୁ ନେତ୍ରୁ ବହେ ନୀର ।   ।୮୫।
ସତୀ ଭାବନା ବୃକ୍ଷ ଡ଼ାଳେ   ଜାଣଇଁ ହନୁ ନାମ ବଳେ ।   ।୮୬।
ବିଚାରେ ଏକାଳ ପ୍ରଶସ୍ତ   ସାକ୍ଷାତେ ଦୂର ହେବ ବ୍ୟସ୍ତ ।   ।୮୭।

ହନୁମାନ ମୁଖେ ରାମାୟଣ ଗାନ

ଚିନ୍ତିଣ ରବି ବଂଶ କୀର୍ତ୍ତି   ପ୍ରକାଶୁ ଜାନକୀ ଶୁଣନ୍ତି ।   ।୮୮।
ରଘୁ, ଅଜଜ ଦଶରଥ   ତାହାଙ୍କ ସୁତ ରଘୁନାଥ ।   ।୮୯।
ରାଘବ ରାମଚନ୍ଦ୍ର ନାମେ   ପରି ପ୍ରକାଶ ଧରା ଧାମେ ।   ।୯୦।
ବାନ୍ଧବୀ, ଜନକ କୁମାରୀ   ଭ୍ରାତ ସହିତ ବନଚାରୀ ।   ।୯୧।
ହୋଇଲେ ପାଳି ପିତ୍ରାଦେଶ   ଦଣ୍ଡକ ବନରେ ପ୍ରବେଶ ।   ।୯୨।
ପଞ୍ଚବଟୀର, ପଞ୍ଚବଟୀ   ମୂଳେ ରହିଲେ କରି କୁଟୀ ।   ।୯୩।

୬୫:କୁହରେ-କୋରଡ଼ରେ,ବିହଙ୍ଗେ-ପକ୍ଷୀମାନେ । ୬୬: ଧାତା ନନ୍ଦନ- ବ୍ରାହ୍ମା ନନ୍ଦନ ନାରଦ ।୬୭:ନାଭିଜ-ବ୍ରହ୍ମା ।୭୮:ଔଷଧୀଶ-ଚନ୍ଦ୍ର୮୧:ଦ୍ୱିପଞ୍ଚ-ଦଶଗ୍ରୀବ, ମୁଖଶ୍ରୀ-ରାମ ମୁଖ, ।୮୬-ପ୍ରଶସ୍ତ-ଉପଯୁକ୍ତ

Digitized by PPRACHIN, SOA

ବାଞ୍ଛା ବଟସେ ବାଞ୍ଛାପୂର୍ଣ୍ଣ	କରନ୍ତି ଜାଣି ସର୍ବ ମନ ।	।୯୪।
ତା ତଳେ ଛାଡ଼ିଣ ହରିଣ	ବାଞ୍ଛିଲା ଲଙ୍କାର ରାବଣ ।	।୯୫।
ସୀତାଙ୍କୁ ନେବ ତା ଉଦ୍ଧାରେ	ମାରିଚ ହେଲେ ରାମ ଶରେ ।	।୯୬।
ମରିଣ ଦେବ ଆଳେ ଯିବ	କାମନା କରିଲେ ରାଘବ ।	।୯୭।
ମୃଗ ବଧିବେ ପିତୃ ଶ୍ରାଦ୍ଧେ	ଏ ସର୍ବ ପୂରିଲା ନିର୍ବାଦେ ।	।୯୮।
ସ୍ୱର୍ଣ୍ଣ ହରିଣ ଦେଖି ସତୀ	ଆଗ୍ରହ କରୁ ରଘୁପତି ।	।୯୯।
ପ୍ରିୟା ମାନସ ବୋଧେ ଧାଇଁ	ଶୁଭିଲା ଲଇକ୍ଷଣ ତ୍ରାହି ।	।୧୦୦।
ଏ କାଳେ ସତୀ ସନ୍ନିହାନ	ମନରେ ପେଶନ୍ତେ ଲକ୍ଷ୍ମଣ ।	।୧୦୧।
ଯାଉକେ ଦୁରାଚାରୀ ଥିଲା	ଏକାକୀ ଦେଖି ଚୋରି କଲା ।	।୧୦୨।
ଜଟାୟୁ କହୁ ରଘୁନାଥ	ଜାଣିଲେ ନେଲା ଦଶ ମାଥ ।	।୧୦୩।
ଖୋଜି ବୁଲନ୍ତେ ରବି ସୁତ	ସୁଗ୍ରୀବ ସଙ୍ଗେ ହେଲେ ମିତ୍ର ।	।୧୦୪।
ପାଇବା ଅଳଙ୍କାର ଦେଖି	ବିଶ୍ୱାସେ ରାମ ହେଲେ ଦୁଃଖୀ ।	।୧୦୫।
ମିତ୍ର ତୋଷେ ବାଳୀ ବଧିଲେ	ତା ବାଳୀ ରାଜ୍ୟେ ମିତ୍ରେ ଦେଲେ ।	।୧୦୬।
ବେଭାରେ, ସୁଗ୍ରୀବର ଚିନ୍ତି	ଚାରଙ୍କୁ ପେଶିଣ ଅଛନ୍ତି ।	।୧୦୭।
ମୁଁ ବାତ, ସୁତ, ଏହିଠାରେ	ଜନକ ଯେମା ସନ୍ଧାନରେ ।	।୧୦୮।
ଆସିଛି କେବେ ଦେଖାହେବ	ଜାଣନ୍ତି ଜାନକୀ, ବଲ୍ଲଭ ।	।୧୦୯।
ଏ କଥା ଦେବୀ କର୍ଣ୍ଣ ବିଳେ	ପ୍ରବେଶୁ ମାନସ ବିହ୍ୱଳେ ।	।୧୧୦।
ବୃକ୍ଷକୁ ଚାହାଁନ୍ତେ ସତ୍ୱର	ଦେଖିଲେ ବସିଛି ବାନର ।	।୧୧୧।
ସେ ଗାନ କରି ଏ ଚରିତ	ବୋଧିଲା ମୋ ତାପିତ ଚିତ୍ତ ।	।୧୧୨।
ରାମ ବିରହେ ଭୋଗି ଦଣ୍ଡ	ମୃତ ପରାଏ, ସୀତା ପିଣ୍ଡ ।	।୧୧୩।
ଥିଲା ଏ ପାବନିର ବାଣୀ	ହୋଇଣ ମୃତ୍ୟୁ ସଂଞ୍ଜିବନୀ ।	।୧୧୪।
ଜୀବ ନ୍ୟାସ ମନ୍ତ୍ର ସଦୃଶ	ଜୀବ ସଞ୍ଚରୁ ଦେବୀ ଭାଷ ।	।୧୧୫।
ଅମୃତ ସମାନ ବଚନ	ସିଞ୍ଚି ରଖିଲ ମୋର ପ୍ରାଣ ।	।୧୧୬।
କି ନାମ ଆସ ମୋର ପାଶ	ପାଆନ୍ତେ ଜାନକୀ ଆଭାସ ।	।୧୧୭।
ତକ୍ଷଣେ ମନର ଆନନ୍ଦେ	ପାବନି ନମେ ଦେବୀ ପାଦେ ।	।୧୧୮।
ସର୍ବାଙ୍ଗ ରୋମାଞ୍ଚିତ ହେଲା	ନୟନୁ ଲୋତକ ବହିଲା ।	।୧୧୯।
ପୁଣି ବିଶ୍ୱାସେ ହନୁମାନ	ଆଶ୍ୱାସି ଭାଷଇ ବଚନ ।	।୧୨୦।
ବାର୍ତ୍ତା ନ ପାଇ ଏ ପର୍ଯ୍ୟନ୍ତ	ଶୋକରେ 'ରାମ' ନେତ୍ରାପ୍ଲୁତ ।	।୧୨୧।
ଯା ପର ଛାନ୍ଦେ ଗୁପ୍ତ କଥା	କହି ହରିବ ସୀତା ବ୍ୟଥା ।	।୧୨୨।
ଚିନ୍ତିଣ କରୁଣା ବାରିଧି	କହଇ ଦାଶ ଦୟାନିଧି ।	।୧୨୩।

ମାସ ପାରାୟଣ ୧୫ ବିଶ୍ରାମ ନବାହ୍ନ ପାରାୟଣ ୫ ବିଶ୍ରାମ

୯୨:ପଞ୍ଚବଟୀ-ଅକ୍ଷୟବଟ, ବାଞ୍ଛାବଟ, କଳ୍ପବଟ, ଦେବନାଶନବଟ, ନିକୁମ୍ଭୀଳା ବଟ,(ଅନ୍ୟ ପକ୍ଷେ, ବଟ, ବିଲ୍ୱ, ଅଶ୍ୱତ୍ଥ, ଅଶୋକ, ଆମଳିକା,(ଅଳା) ।୧୧୨: କରୁଣା ବାରିଧି- କରୁଣା ସମୁଦ୍ର ରାମଚନ୍ଦ୍ର,

Digitized by PPRACHIN, SOA

ସୀତାଙ୍କ ସହିତ ହନୁମାନର କଥୋପକଥନ

(ରାଗ-ଘଣ୍ଟାରବ) ଛାନ୍ଦ - ୯

ହରଷେ କହନ୍ତି ହର ଯେ, ଶୁଣରେ ନାଗରୀବର
ଜନକ ନନ୍ଦିନୀ, ଶୁଣି କପିବାଣୀ,ପବିତ୍ର ହୋଇ, ପୁଚ୍ଛାକରିଲେ ସତ୍ୱର । ।୧।
କାହୁଁ ଆସିଲ ମାରୁତି ଯେ, ନାମ ଶୁଣାଇଣ ଶ୍ରୁତି
ବିଦଗ୍ଧ ହୃଦୟ, କରାଇଲ ଥୟ, ବୋଲି ଚନ୍ଦନ, ଏ ହେବ ଅକ୍ଷୟ କୀର୍ତ୍ତି । ।୨।
କାଲି ପ୍ରାତେ, ନଦୀ ଗଣ୍ଡେ ଯେ, ଯାଇଥାନ୍ତା ପିଣ୍ଡ ଦଣ୍ଡେ
ଶୁଭେ ଦେଇଦେଖା, ପ୍ରାଣ କଲ ରକ୍ଷା, ଆୟୁଷ ଘେନି, ଭବେ ହୁଅ ଚିର ଚାଣ୍ଡେ । ।୩।
ସତୀ ଅମୃତ ବଚନ ଯେ, କପିକୁ କଲା ପାବନ
ପୁଣି ପ୍ରଣିପାତ ହୋଇବୋଲେ ମାତ, ମୁଁ ରାମ ଦୂତ, ଖ୍ୟାତ ନାମ ହନୁମାନ । ।୪।
ତୁମ୍ଭଙ୍କୁ ଖୋଜିବା ପାଇଁ ଯେ, ପଠାଇଲେ ରଘୁ ସାଇଁ
ଚାରି ଦିଗେ ଚାର ଗଲେ, ଏ ନଗର, ସନ୍ଧାନୀ ମୁହିଁ, ପୂର୍ବଭାଗ୍ୟ ଭେଟିଲଇଁ । ।୫।
ନିଃସନ୍ଦେହ ପାଇଁ ସତୀ ଯେ, ଭାଷେ ସେ ସ୍ଥାନେ ମାରୁତି
ମାତ ରଘୁସୁତ ବିଶ୍ୱାସ ନିମିତ୍ତ, କରୁ ମୁଦ୍ରିକା, ଦେଲେ ଚିହ୍ନି ହୁଅ ଶାନ୍ତି । ।୬।
କହି ଅଞ୍ଚଳରୁ ଫେଇଯେ, ମୁଦ୍ରିକା ଦେଉ ବୈଦେହୀ
ରୋଦନ କରନ୍ତି, ପ୍ରତିବିମ୍ବ ସ୍ଥିତି, ପୂର୍ବ ମିଳନ, ମନେ ଚିନ୍ତି ଦୁଃଖୀ ହୋଇ । ।୭।
କ୍ଷଣେ କ୍ଷଣେ ଅଚେତନ ଯେ, କ୍ଷଣକେ ଲଭି ଚେତନ
ବୋଲନ୍ତି ହେ ମୁଦି, ଥିବେ ଦୟାନିଧି, ଶୂନ୍ୟ ହସ୍ତରେ, ଏ ସବୁର ମୁଁ କାରଣ । ।୮।
ଶିବ ଚାପ ବିଭଞ୍ଜନେ ଯେ, ଲକ୍ଷେ ନୃପତି ଗହଣେ
ତୁମ୍ଭ ସଙ୍ଗେ ମୋତେ, ପ୍ରଭୁଙ୍କର ହସ୍ତେ, ଅର୍ପିଲେ ପିତା, ବାରି ପୂରିତ ନୟନେ । ।୯।
ଆସିବା କାଳେ କାନନ ଯେ, ରାଜ ପରିଛଦ ମାନ
କରିଣ ବର୍ଜନ ଅଙ୍ଗ ଆଭରଣ, ସ୍ନେହେ କେବଳ, ତୁମ୍ଭଙ୍କୁ ଆଣିଲେ ଜାଣ । ।୧୦।
ପ୍ରଭୁ ଅନାମିକାଙ୍ଗୁଳି ଯେ, ଶୋଭା ବିହୀନେ ମଉଳି
ଯାଇଥିବ ଏକା, ମୋହର ଆଶଙ୍କା, ବିଦୂରେ ଦେବେ ଏହା 'ମୁଁ' ନଥିଲି ଭାଳି । ।୧୧।
ପୁଣି ସାଦରେ ମୋଦରେ ଯେ, ମୁଦିକୁ ଲଗାଇ ଶିରେ
ବିଚାର କରନ୍ତି, ମାୟାଲଙ୍କପତି, ମାୟାରେ ମୁଦି, ଦେଖାଉନି ତ ଏଠାରେ । ।୧୨।
ଏଣୁ ଉପେକ୍ଷୁ ରୋଦନ ଯେ, ନୀରବେ ବଦନ ମ୍ଳାନ
ନ କଲେ ବିଶ୍ୱାସ, ଜାଣି ବାତଶିଷ୍ୟ, ଦେବୀ ବିଶ୍ୱାସେ, ପ୍ରକାଶ କଲା ଏ ମାନ । ।୧୩।

ହନୁମୁଖେ ଗୁପ୍ତ କଥା ପ୍ରକଟ

ଚିତ୍ର କୂଟ 'କୂଟେ' ଥରେ ଯେ, ଜୟନ୍ତ, କାକ ରୂପରେ
କଲା ଯହିଁ କ୍ଷତ, କହିଛନ୍ତି କାନ୍ତ, ସେବକ ହେତୁ, ପ୍ରକାଶ୍ୟେ କହି ନ ପାରେ । ।୧୪।
ଏ କଥା କି ମିଥ୍ୟା ଗିର ହେ ସନ୍ଦେହ କୁ ଦୂର କର
ବାସର ରାତିରେ, ମିଳନେ କତିରେ, ହେଲା ଢିଲିଲ, କେଶ କେତକୀ ପତର । ।୧୫।

୧୪: ଚିତ୍ରକୂଟ କୂଟ- ଚିତ୍ରକୂଟ ପର୍ବତ, ୧୫:ବାସର ରାତି-ଚଉଠି ରାତି, କତି-ନିକଟରେ

Digitized by PPRACHIN, SOA

ସେଥି ଲେଖିଦେଲ ସର୍ତ୍ତହେ, ରାମ, ବିନା ଆନେ ଚିତ୍ତ
ବଳାଇବ ନାହିଁ, ତାହା ଭାବଗ୍ରାହୀ, ପାଳିବା ପାଇଁ, ହରଷେ ଦେଲେ ସ୍ୱୀକୃତ । ।୧୬।
ତହିଁ ପୁଚ୍ଛି ବଇଦେହୀ ଯେ, ବଲିଲେ 'କେ' ସାକ୍ଷ୍ୟ ହୋଇ
ନକଲ ବ୍ୟକତ, କହେ ହନୁମନ୍ତ, କୁଳ ପ୍ରଦୀପ, ସାକ୍ଷ୍ୟ କଲ ବେନି ଛୁଇଁ । ।୧୭।

ସୀତାଙ୍କର ରାମଙ୍କ କୁଶଳ ଜିଜ୍ଞାସା

ହନୁ ମୁଖୁ ରାମ ରାଣୀ ଯେ, ଗୁପ୍ତ କଥାମାନ ଶୁଣି
ପୁଣି ଶୁଣିବାକୁ, ଶ୍ରଦ୍ଧାବନ୍ତେ ତାଙ୍କୁ, ପ୍ରଭୁଙ୍କ କଥା, ପଚାରନ୍ତି ପୁଣି ପୁଣି । ।୧୮।
କହ କହ ବାତବାଳ ହେ, ସ୍ୱାମୀ ଦେବର କୁଶଳ,
ନ ଦେଖିଣ ମୋତେ, ଖୋଜନ୍ତି କି ସତେ, ଗିରି କନ୍ଦରେ, ଅଧୈର୍ଯ୍ୟେ ହୋଇ ବିକଳ । ।୧୯।
ଅଧୀର କାଳେ ସୌମିତ୍ରି ଯେ, ବୋଧି କରାନ୍ତି କି ଶାନ୍ତି
ନିନ୍ଦନ୍ତି କି ମୋତେ, କାନ୍ଦନ୍ତି ସନ୍ତତେ, ମୋର ଉଦ୍ଧାରେ, ରଖି ଅଛନ୍ତି କି ମତି । ।୨୦।
ଛଳାଇ ମୁଁ ନାନା ବାଗେ ହେ, କହିଲି ଦେବର ଆଗେ
ସେ ଅପରାଧରୁ, ଏ ବାରିଧି ପାରୁ, ଉଦ୍ଧାର କାର୍ଯ୍ୟେ, ପ୍ରଭୁଙ୍କ ମନ ନଳାଗେ । ।୨୧।
ସେଥି ହନୁ ଆଭରଣ ଯେ, ପୁଣି ଦେଖି ମନ ମ୍ଳାନ
ବିଚାରନ୍ତି ଦୈତ୍ୟ, କୃତ' ଏ ନିଶ୍ଚିତ, ମର୍କଟ, କାହୁଁ ପାଇବ ରତ୍ନ ଭୂଷଣ । ।୨୨।
କଟିର, କାଛଟା, 'ପାଟ' ଯେ, ଶିରେ 'ସୁବର୍ଣ୍ଣ' ମୁକୁଟ
ଗଳେ ମୋତି ମାଳ, ମକର କୁଣ୍ଡଳ, ଗଣ୍ଡ ମଣ୍ଡଳ, ବିଦ୍ୟୁତ୍ ବତ ପ୍ରକଟ । ।୨୩।
ସନ୍ଦେହ ମୋଚନ ପାଇଁ ଯେ, ପଚାରନ୍ତି ବଇଦେହୀ
କହ ହନୁବୀର, ଦୁସ୍ତର ସାଗର, ହୋଇଲ ପାର, ପକ୍ଷୀତ ତୁମ୍ଭର ନାହିଁ । ।୨୪।
ହନୁ ବୋଲେ ମାତ ଶୁଣ ଗୋ, ସଙ୍କଳ୍ପି ତୁମ୍ଭ ଦର୍ଶନ
ପ୍ରଭୁ ଆଶୀର୍ବାଦେ, ମୋ ପିତା ପ୍ରସାଦେ, ଗୋଷ୍ପଦ ପରି, ସାଗର କଲି ଲଂଘନ । ।୨୫।
ଧ୍ୟାୟି ଯେ ରାମ ପୟର ଯେ, ଭବବାସୀ 'ଭବୁ'ପାର
ହୋଇ ପାରୁଛନ୍ତି, ସେ ନାମକୁ ଚିନ୍ତି, ଏ ସିନ୍ଧୁ ଛାର, ପାର କେତେକ ମାତର । ।୨୬।
ପୁଣି ବିନମ୍ରେ ମାରୁତି ଯେ, ପ୍ରକାଶ କରଇ ସେଥି,
ସତୀ ଶିରୋମଣି ଶୁଣ ମୋର ବାଣୀ, ଶୁଣିଲେ ଯାହା, ହୃଦୟ ହୋଇବ ଶାନ୍ତି । ।୨୭।
ରାମ ସେବାରେ ଅଦ୍ୟାପି ଯେ, ଲାଗିଛନ୍ତି ଯେତେ କପି
ଏ କପି ତାଙ୍କର, ଆଜ୍ଞାବହ ଚର, ଉଦ୍ଧାର ପାଇଁ, ନହୁଅ ମନେ ବିକଳ୍ପି । ।୨୮।
ଗୋଟିଏ ସନ୍ଦେହ ମାତ୍ର ଯେ, ଆସିବା ଭିତରେ କାନ୍ତ,
ତୁମ୍ଭ ତନୁଗ୍ରାସ, କରିଲେ ରାକ୍ଷସ, ପ୍ରଭୁ ଆସିବା, ପରିଶ୍ରମ ହେବ ବ୍ୟର୍ଥ । ।୨୯।
କଥାଏ ତେଣୁ କହିବି ଯେ, ଅନୁମତି ଦେଲେ ଦେବୀ
କ୍ଷଣକ ମଧ୍ୟରେ, ସିନ୍ଧୁ ଆରପାରେ, ପ୍ରଭୁଙ୍କ ପାଦେ, ଭେଟ ନେଇ କରାଇବି । ।୩୦।
ଭାଷନ୍ତି ରାମ ମହିଳା ଯେ, ଶୁଣ ପ୍ରଭଞ୍ଜନ ବଳା
ତୁମ୍ଭପକ୍ଷେ ସର୍ବ, ନୁହେ ଅସମ୍ଭବ, ଗଲେ ମୁଁ ସ୍ୱାମୀ, ଯଶେ ବୋଳାହେବ କଳା । ।୩୧।
ଦୈତ୍ୟ ମୋ ଆଗେ ସାମାନ୍ୟ ଯେ, ଶାପେ କରାନ୍ତି ନିଶ୍ଚିହ୍ନ
ପ୍ରଭୁ ଧନୁର୍ବାଣ, ହେବ ଯଶ ହୀନ, ଚିନ୍ତି ମାନସେ, କରେ କ୍ଷମା ଆଚରଣ । ।୩୨।

Digitized by PPRACHIN, SOA

ତ୍ରିଜଟା କହିଲେ ଥରେ ଯେ, ଅଭିଶାପ ଆଦେଶରେ
ମନ ଦକ ଦକ, ନ ଛୁଏ କୌଣପ, ଚୁଇଁଲେ ମୂର୍ଦ୍ଧା, ପାଡେ ଯିବ ଅମୋକ୍ଷରେ । ।୩୩।
ଏଣୁ ବିଳମ୍ବ ନକରି ଯେ, ଯାଅ ସିନ୍ଧୁ ହୋଇ ପାରି,
ନ ପୁରୁଣୁ କଣ୍ଠ, ମନେ ରଖି ଆଣ୍ଟ, ଅଣାଅ ପ୍ରଭୁ, ଏଥି ବୋଧା ବୋଧି କରି । ।୩୪।
ପୁଣି କରୁଣ କଣ୍ଠରେ ଯେ, କହନ୍ତି ଜାନକୀ ଧୀରେ
କହିବ ହେ କାନ୍ତେ, ଦର୍ଶନ ନିମନ୍ତେ, ରଖିଛି ଜୀବ, ଏ ସ୍ଥାନେ ସଦା ଅଧୀରେ । ।୩୫।
କରୁଣା ନିଧି କରୁଣା ଯେ, ମୋହଠାରୁ ହେଉ ଉଣା
ତାହାଙ୍କର ବକ୍ଷ, ଭୋଗେ ମୁଁ ଅରକ୍ଷ, ହେଲେ ଶୋଚନା, ନାହିଁ ନ ହେବି ବିମନା । ।୩୬।
ରଖି ବଂଶ ସୌର୍ଯ୍ୟ ବୀର୍ଯ୍ୟ ଯେ, ବିନାଶନ୍ତୁ ଦୈତ୍ୟ ରାଜ
ନ ମିଳିଲେ ସେବା, ଏ ଶରୀରେ ଅବା, ଲୋଡ଼ିବ ଦାସୀ ପର ଜନ୍ମରେ ପଦାବ୍ଜ । ।୩୭।
ଧାର୍ଯ୍ୟ ସମୟରେ ସର୍ବେ ହେ, ନ ଆସି ପାରିବ ଯେବେ,
କହିବ ବୁଝାଇ ଅଭାଗିନୀ ପାଇଁ କରଜମଳେ ଗଙ୍ଗେ 'ତିଳୋଦକ' ଦେବେ । ।୩୮।
ଏହିକାଳେ ପ୍ରଦକ୍ଷିଣ ଯେ, କରି ମରୁତ ନନ୍ଦନ
ବୋଲେ ମା ସାକ୍ଷାତ, ନିମିତ୍ତରେ ବ୍ରତ, ପାଳନ କରି, ତେଜିଥିଲି ଖାଦ୍ୟପାନ । ।୩୯।
ଶୁଭେ ଯା ହେଲା ସାକ୍ଷାତ ଯେ, ପୂର୍ଣ୍ଣ ହେଲା ମୋର ବ୍ରତ,
ପାରଣା ନିମିତ୍ତ, ଦିଅ କିଛି ମାତ, କହୁ ପାବନି, ଜାନକୀ ହୋଇ ଦୁଃଖିତ । ।୪୦।
ଭାଷନ୍ତି ହେ ହନୁମନ୍ତ ଯେ, ଅଭାଗିନୀ ଆଜିମାତ,
ହୋଇ ଅନ୍ନପୂର୍ଣ୍ଣା, ହେବାକୁ ପାରଣା, ନପାରେ ଦେଇ, ବିଧିବିଧାନ ବିଚିତ୍ର । ।୪୧।
ଦେଖ ଆଗେ ମଧୁବନ ହେ, ପକ୍ୱେ ନାନା ଫଳ ପୂର୍ଣ୍ଣ
ମହୀରେ ଲୋଟନ୍ତି, ଖାଇ କିଛି ଶାନ୍ତି, ଲଭିଣ ଏଥୁ, ଫେର ଅବିଳମ୍ବେ ପୁଣ । ।୪୨।
ସେଥି ପ୍ରବଳ ପ୍ରହରୀ ଯେ, ରହିଛନ୍ତି ଶସ୍ତ୍ରଧରି,
ନ କରି ଅନିଷ୍ଟ, ହୃଦେ ଚିନ୍ତି ଇଷ୍ଟ, ନିର୍ବିଘ୍ନେ ଫେର, 'ମୋ' ଆଶିଷ ଶିରେ ଧରି । ।୪୩।
ଯେହୁ ମାୟାର ଭଣ୍ଡାର ଯେ, ମାୟାରୁ ଜନ୍ମ ଯାହାର,
ମାୟାକୁ ଲଗାଇ, ଖେଳୁଛନ୍ତି ସେହି, ଯାହାଙ୍କ ମାୟା, ବ୍ରହ୍ମା, ଶିବେ, ଅଗୋଚର । ।୪୪।
ତାଙ୍କରି ଗୁଣ କୀର୍ତ୍ତନ ଯେ, କରିବାକୁ କେ ଭାଜନ
କଳ୍ପ, କଳ୍ପ, ବସି କେତେ ଯୋଗୀଋଷି ପାରି ନାହାନ୍ତି, ଯାହାଙ୍କ ଗୁଣ ବର୍ଣ୍ଣିଣ । ।୪୫।
ଲେଖନୀ ଧରିଣ କରେ ହେ, ଗଣେଶ, ଶିବ, ଆଜ୍ଞାରେ
ଲେଖି ଯାଇଛନ୍ତି, ପୁରାଣେ କହନ୍ତି, ନ ପାଶୋରନ୍ତି ବୁଧ, କେବେଅବଜ୍ଞାରେ । ।୪୬।
କେଉଁ କାଳେ ସୀତା ରାମହେ, ଆସିଥିଲେ ମର୍ତ୍ତ୍ୟଧାମ,
ସେହି ଦିନଠାରୁ, ସେ ନାମର ଚାରୁ, ମାନବ ମନେ, କରି ଅଛନ୍ତି ବିଶ୍ରାମ । ।୪୭।
ସେହି ରାମ ନାମ ସାର ହେ, ଆଉ ସବୁଟି ଅସାର,
ଯେହି ସୀତାରାମ, ସେହି ପରଂବ୍ରହ୍ମ, ଅଷ୍ଟ ଉତ୍ତର-ଶତ ନାମଟି ଅକ୍ଷର । ।୪୮।
ବୋଲ ରାମ ରାମ ରାମ ଯେ, ସେହିଟି ମୁକତି ଧାମ
ରାମନାମ ବୋଲି ଯାଇଛନ୍ତି ଚାଲି, ସଂସାର କହେ, କେତେ କେତେ ନରାଧମ । ।୪୯।
ବୁଧେ ସୀତା, ସୀତାଈଶ ଯେ, ହୃଦୟେ କରାଇ ବାସ
ସ୍ଥିର କରି ମନ, ଆରୋପନୟନ, ହେବ ପାବନ, କହେ ଦୟାନିଧି ଦାଶ । ।୫୦।

• • • • • •

Digitized by PPRACHIN, SOA



ହନୁମାନଙ୍କ ରାବଣର ମଧୁବନ ଭଗ୍ନ

Digitized by PPRACHIN, SOA

ମଧୁବନ ଭଗ୍ନ, ହନୁମାନ ବନ୍ଧନ

(ରାଗ ୧୪ ଅକ୍ଷରା) ଛାନ୍ଦ - ୧୦

ଦିନେ କୈଳାଶ ଭୁବନେ ଥିଲେ ପଶୁପତି ପଚାରିଲେ ରାମାୟଣ ହରଷେ ପାର୍ବତୀ ।୧
ପ୍ରିୟା, ବାକ୍ୟେ ପ୍ରିୟ ମଣି ଭାଷନ୍ତି ତ୍ରିନେତ୍ର ଶୁଣ ହନୁ ମଧୁବନ ଭଗ୍ନ ସୁଚରିତ ।୨
ମୋକ୍ଷ ହେବ ତୁମ୍ଭେ ଆମ୍ଭେ ମୁଖେତା ଉଚ୍ଚାରି ପବିତ୍ର ହୋଇବୁ ଆଜି 'ଗିରୀଶ' କୁମାରୀ ।୩
ଶ୍ରୋତା, ବକ୍ତା, ଧର୍ମୁତରି 'ସ୍ୱର୍ଗ' ପୁରେ ଯିବେ ଘଟିବା ଘଟଣା ଶୁଣ ମନ ଦେଇ ଏବେ ।୪
ଭାବେ, ହନୁ ସୀତା ଠାବେ ଆସିଲଙ୍କା ପୁରେ ଚୋର ପରି ଯିବି କିମ୍ପା ଜାଣନ୍ତୁ ଅସୁରେ ।୫
କି' କହିବି, କି' କରିଛ ପ୍ରଭୁ ପଚାରିଲେ ପଛେ କାର୍ଯ୍ୟ ହେବ ଥୋକେ ଦୈତ୍ୟ ମାରିଥିଲେ ।୬
ବ୍ୟାଜେ 'ବଟୁ' ବେଶ ଧରି ତୋଟାଳିଙ୍କ ଆଗେ କ୍ଷୁଧା ନିବାରଣେ ଫଳ ମାଗନ୍ତେ ସରାଗେ ।୭
ଉତ୍ତର ନ ଦେଲେ ରକ୍ଷୀ ହନୁ କ୍ରୋଧ ହୋଇ ମଧୁବନେ ପଶି ବୀର ବିହାର କରଇ ।୮
ସଦ୍ୟ ପକ୍ୱଫଳ ବାଛି ଖାଏ ଅନୁରାଗେ କେତେ ବେଳେ ବୃକ୍ଷ ଶାଖା, ମାନ ରାଗେ ଭାଙ୍ଗେ।୯
କାହିଁ ଦୁର୍ମୂଲ୍ୟ 'ପାଦପ' ଫିଙ୍ଗଇ ଉପାଡ଼ି କାହିଁ କୌତୁହଳେ ବୃକ୍ଷ ଫଳ ଦିଏ ଝାଡ଼ି ।୧୦
ଗଛରୁ ଗଛକୁ କେବେ ଖରେ କରୁ ଗତି ପଦା ଘାତ ପାଇତରୁ ମହୀରେ ଲୋଟନ୍ତି ।୧୧
ସେ, ବନ ରକ୍ଷକ ଗଣ ଦେଖୁ ଏ ସମସ୍ତ ଭାବନ୍ତି କୂଟେ କେ' କାଟେ ବୃକ୍ଷ ନାହିଁ ବାତ ।୧୨
ପ୍ରଳୟ କାଳକି ଆସି ପ୍ରବେଶ ହୋଇଲା ପ୍ରଳୟ ବହୁତ ଦୂର ସେଥି'କେ' ବୋଇଲା ।୧୩
ସେ ବନ ରକ୍ଷୀ ବନିତା ଦେଖୁ ଦେଖୁ ଖରେ ଜଣଙ୍କ ପଛରେ ଜଣେ ନୃପତି ଆଗରେ ।୧୪
ପ୍ରବେଶି ବନ ବିନାଶ ବାର୍ତ୍ତା ପ୍ରକାଶନ୍ତି ଏ ସମୟେ ରକ୍ଷୀ ଏକ ଭାଷେ ଆସି ସେଥି ।୧୫
ଆସିଛି ଅଟବୀ ଭଗ୍ନ ଖବର ଦେବାକୁ ଏ ବାକ୍ୟ 'ଜାଳରେ' ଜଡ଼ ହେଲା ନୃପବୁକୁ ।୧୬
ଘଡ଼ିଏ ଚିନ୍ତିତ ହୋଇ ଚେତା ହରାଇଲା ଅଜ୍ଞାନ ପ୍ରାୟେ ଭୂମିରେ ସେ ପଡି ରହିଲା ।୧୭
ଚେତି ଉଠି 'ପିତାମହେ' ପଚାରଇ ବେଗେ କାହୁଁ କପି ଏକ ଆସି ମଧୁବନ ଭାଙ୍ଗେ ।୧୮
ସ୍ୱୟମ୍ଭୁ' କହନ୍ତି ହୋଇପାରେ ହନୁମନ୍ତ ବାଳି, ଭାବନ୍ତେ 'ସେ' ରାମ କମାଣେ ନିହତ ।୧୯
ହର୍ଷେ, ବିରସେ ନୃପତି ନିମଗ୍ନ ହୋଇଲା ଶତ୍ରୁମୃତ, ଶତ୍ରୁଜିତ, ବିସ୍ମିତେ ବୋଇଲା ।୨୦
ପୁଣି ବୋଇଲା କିକହ ଅସ୍ରପ, ଅସ୍ରପୀ, ଶୀଘ୍ର ବାନ୍ଧି ଆଣ ଯାଇ ନ ମାରି ସେ କପି ।୨୧
ସିଂହର ବିହାର ସ୍ଥାନ ମୃଗ କରେ ନାଶ ରୋଧି ନ ପାରି ତାହାକୁ ଦେଉଛ ସନ୍ଦେଶ ।୨୨
ତେଣେ ହନୁ ମଧୁବନ ଅଧିକାରୀ ପରି ଦଣ୍ଡିତ କରେ ସେନାଙ୍କୁ ଦୋଷୀ ବୋଲି କରି ।୨୩
କେଶରୀ, ବାଳ ଶାର୍ଦ୍ଦୁଳ, ନାଶିବା ପରାୟ କେଶରୀ, ବାଳ ଶାର୍ଦ୍ଦୁଳ ଦୈତ୍ୟେ କଲାକ୍ଷୟ ।୨୪
ଗର୍ବ ଖର୍ବ ପ୍ରଶସ୍ତରେ କରୁ ସେ ପ୍ରଶସ୍ତ ନୃପ ନିକଟେ କେ ତ୍ରସ୍ତେ ଭାଷେ ହୋଇ ବ୍ୟସ୍ତ ।୨୫
ଶୁଣିବା ହେଉ ଭୋ ଦେବ ବିରାଟ ମର୍କଟ ବନେ ଉପସ୍ଥିତ ହୋଇ ଘଟାଏ ସଙ୍କଟ ।୨୬
କି କହିବି ପରି ପାଟୀ ତା ନାସିକା ପାଟି କୋପେ ଭିଡ଼ି ଧରୁ ଦୈତ୍ୟ ବକ୍ଷ ଯାଏ ଫାଟି ।୨୭
ଆକାଶେ ଫିଙ୍ଗି ଉପଳ ମୁଣ୍ଡପାତି ଗୁଣ୍ଡ କରେ ପଳ, ପଳ, ଅତି ଦୁର୍ଜୟ ଦୁର୍ଦ୍ଦଣ୍ଡ ।୨୮
ମଧୁମୟ ମଧୁବନେ ଶାଖା ସାକ୍ଷେ ନାସ୍ତି ମିଟି ମିଟି କରି ଦୃଷ୍ଟି ଦିଏ ବହୁ ଶାସ୍ତି ।୨୯
ଚିପୁ 'ତଣ୍ଟି' ଘୋରୁ 'ତୁଟି' ନୟନ ଟରାଟି ପ୍ରେତପତି ପୁରେ ଗତି କଲେ ଅସ୍ରପେଟି ।୩୦

୧୬: ଅଟବୀ-ବନ ।୨୧: ଅସ୍ରପ-ଅସୁର,ଅସ୍ରପୀ-ଅସୁରୁଣୀ ।୨୪:କେଶରୀ ବାଳ-ସିଂହ(ଶିଶୁ), ଶାର୍ଦ୍ଦୁଳ-ବ୍ୟାଘ୍ର, କେଶରୀ ବାଳ-ହନୁମନ୍ତ ।

Digitized by PPRACHIN, SOA



ହନୁମାନଙ୍କର ସ୍ୱର୍ଣ୍ଣ ଲଙ୍କା ଦର୍ଶନ

ଅଶୋକ ବନେ ମାତା ସୀତାଙ୍କୁ ତ୍ରିଜଟାର ପ୍ରବୋଧନା

ରାବଣ ଆଗେ ବନ୍ଦୀ ହନୁମାନ



ହନୁମାନଙ୍କ ପୁଚ୍ଛରେ ଅଗ୍ନି ସଂଯୋଗ ପାଇଁ ଦୂତମାନଙ୍କର ପ୍ରସ୍ତୁତି

Digitized by PPRACHIN, SOA

ବାନ୍ଧି ନହୋଇଲା ତାକୁ ବଧି ବି ନୋହିଲା ଏହା ଶୁଣି ବୈଶ୍ରବଣ, ଶ୍ରବଣ, ଛୁଇଁଲା ।୩୧
ରାଗିକହେ ଚାଟୁ ବାକ୍ୟେ ଚକ୍ରାନ୍ତ ବ୍ରାତଙ୍କୁ ବାନ୍ଧି ଆଣି ନ ପାରିଲ ସେ ମର୍କଟ ଟାକୁ ।୩୨
ଏହାଶୁଣି ଯାଇ ପୁଣି ବହୁସୈନ୍ୟ ଗର୍ବେ ତରବାରୀ, ବର୍ଚ୍ଛା, ଭାଲି ମାରନ୍ତି ସରବେ ।୩୩
ହନୁବୀର ଧରାଧର ପାଦପେ ନିବାରେ ସେ ଆଘାତେ ଦୈତ୍ୟଯେତେ ନ ଫେରନ୍ତି ପୁରେ।୩୪
ଘୁଞ୍ଚିଲୁଚି ରଣମୁଞ୍ଚି ବଞ୍ଚିଥିଲେ ଯେତେ ବିଶ୍ୱାସେ ଦଶାସ୍ୟେ ଯାଇ ପ୍ରକାଶନ୍ତି କେତେ ।୩୫
ଜମ୍ବୁମାଳି, ବୀରମୌଳି ଜମ୍ବୁକ ହୋଇଲା ଶମ୍ଭୁବାମା, କମ୍ବୁକଣ୍ଠିରଥ, କପି ହେଲା ।୩୬
ଜଗତ୍ ପ୍ରାଣ, ସୁତ, ଦୈତ୍ୟ ଜଗତର ପ୍ରାଣ ଗ୍ରାସ କଲା, ଶିଳା ଶାଳେ ନାହିଁ ଧନୁର୍ବାଣ ।୩୭
ଏ ଉଦନ୍ତେ ସଙ୍ଗେସଙ୍ଗେ ଅକ୍ଷୟ ସହିତ ଦ୍ୱିଦନ୍ତ, ଦିକ୍‌ପତି ତୁଲ୍ୟ ପେଶେ ସେନାଦୈତ୍ୟ ।୩୮
ମାରକୁ, କୁମାର, ତାତ ପାଶେ ଦେବାତାୟେ ପେଶିବା ପରି ସେ ସ୍ଥାନେ ଲଙ୍କେଶ ପଠାଏ ।୩୯
ପୂର୍ବରାଗେ ରକ୍ଷେବାଗେ ଓଟାରନ୍ତେ ଧନୁ ତାରକା ଅସୁର ଯୁଦ୍ଧେ ସ୍କନ୍ଦତୁଲ୍ୟ ହନୁ ।୪୦
ଅକ୍ଷୟକୁ, କ୍ଷୟ କଲା ଲକ୍ଷ୍ୟକରି ରକ୍ଷ ବକ୍ଷ ତିନ୍ତାଇ ଅରକ୍ଷ ପରି ଗଲେ କକ୍ଷ ।୪୧
ଜଣାଉ ଯୁଦ୍ଧଘଟଣା ପ୍ରଜାପତି, ନାତି ପଡ଼ି, ଗଡ଼ି, ରଡ଼ି, ଛାଡ଼ି ପଞ୍ଚାଙ୍ଗଙ୍କୁ ଚିନ୍ତି ।୪୨
ମେଘନାଦେ ଡ଼ାକି ବାଦେ ମେଧାବୀ ପଣରେ ପ୍ରଶଂସେ ତୁବୀର ପରା ଅସୁର ଗଣରେ ।୪୩
ତୁ ଥାଉ ମୋ ବନେ କପି କରେ ଆସି କ୍ରୀଡ଼ା ଏହାଠୁ ଅଛି କି ବଳି ବ୍ରୀଡ଼ା ସଙ୍ଗେ ପୀଡ଼ା ।୪୪
ଭଳାଇ ବଳାଇ କହୁ କହେ ଇନ୍ଦ୍ରଜିତ ବାରିଦକୁ, ବାତ, ପ୍ରାୟ ମୋର ଶରାଘାତ ।୪୫
ବାନର ବନୁ ଉଡ଼ାଇ ତବ ପଦ୍ମ ପାଦେ ଅକ୍ଲେଶରେ ଲୋଟାଇବି ଦେଖ ଆଣି ହାଦେ ।୪୬
ମୁଁ ବଳୀ ଶାର୍ଦ୍ଦୁଳ, ସେହି ବଳୀ ବର୍ଦ୍ଧ ସମ ସମ କାହିଁ ହେବ ରଣେ ଭେଟାଇବି ଯମ ।୪୭

ଯୁଦ୍ଧ ଅନୁକୂଳ

ଅନୁକୂଳେ ଅଷାଢୁଆ ସୂତା ମୁଣ୍ଡେ ଖୋଷା ହେଲା ଶାଢ଼ୀ ବନ୍ଧା, ତୁଳ ତୁଳି ଦେଲେ ଯୋଷା।୪୮
ଦଧିମାଛ, ପୂର୍ଣ୍ଣକୁମ୍ଭ, ସ୍ଥାପୁ ଶୁଭେ ଆଗେ ଜୟ ଇଚ୍ଛି ବାହାରିଲେ ସେନା ସୈନ୍ୟ ବର୍ଗେ ।୪୯
ପିପିଲ୍ଲିକା, ଧାର ପରି ପନ୍ତି, ପନ୍ତି, ସୈନ୍ୟ ବିଦୂରୁ ଲୋକନେ 'ହନୁ' କରେ ଧନ୍ୟ ଧନ୍ୟ ।୫୦
ମଧୁରେ, ହୀରା ବେଷ୍ଟିତ ହୋଇବା ପରାୟେ ମଧୁରେ, ହନୁକୁ ବେଢ଼ି ବିନ୍ଧୁଶର ଚୟେ ।୫୧
କର୍କଟ ମାସର ବର୍ଷା ଧାରା ପ୍ରାୟ ହେଲା ମର୍କଟ, ମୁକୁଟ, ତରୁ ଓଟାରି ପିଟିଲା ।୫୨
ତରୁଣ, ଅରୁଣ ଆଭା, ଅବୀରେ ଦିଶନ୍ତି ସ୍ଥବିର, 'ଅବି' ପରାୟ ରାବି, ରାବି, ଯାନ୍ତି ।୫୩
ସ୍ରବିବା ଶୋଣିତ ଦେଖି କେଭାଷେ ଶୁଣିତ ନଥିଲୁ ନଥିଲେ କେହି ଏପରି ପୁଣିତ ।୫୪
ଏହି କାଳେ ଶକ୍ର, ଅରି, ଅରିକୁ ଦେଖିଲା ପ୍ରବଳ ରଣ ମାନସେ ଶରକୁ ଯୋଖିଲା ।୫୫
କ୍ରୋଧାନ୍ୱିତ ହୋଇବୋଲେ ରେଦପିଷ୍ଟ କପି ଦୂର ହୁଅ ସମ୍ମୁଖରୁ ନମର ସଙ୍କଳ୍ପି ।୫୬
ଆସିଛି ଦୈତ୍ୟ ଈଶ୍ୱର ଲଙ୍କେଶ ସନ୍ତତି ନାମ ଶୁଣିଥିବୁ ରହି ଅଛୁ ନାହିଁ ଭୀତି ।୫୭

୨୮:ଉପଳ-ପଥର, ଶାଖା-ବୃକ୍ଷ । ୩୪:ଧରାଧର-ପର୍ବତ, ପାଦପ-ବୃକ୍ଷ । ୩୬:ଜମ୍ବୁକ-ବିଲୁଆ,ଶମ୍ଭୁବାମା କମ୍ବୁକଣ୍ଠୀ - ସଂଙ୍ଖପରିକଣ୍ଠ ପାର୍ବତୀ,ରଥ-ସିଂହ । ୩୭:ଜଗତ୍ ପ୍ରାଣ-ପବନ । ୩୯: ମାର-କନ୍ଦର୍ପ, କୁମାର ତାତ-ଶିବ୪୨:ପ୍ରଜାପତି ନାତି-ବ୍ରହ୍ମାଙ୍କ ନାତି ରାବଣ, ପଞ୍ଚାଙ୍ଗ-ମୃତ୍ୟୁ, (ତିଥି, ବାର, ନକ୍ଷେତ୍ର, ଯୋଗ, କରଣ,) । ୪୪: ବ୍ରୀଡ଼ା-ଲଜ୍ୟା । ୪୭: ବଳୀ ଶାର୍ଦ୍ଦୁଳ- ବ୍ୟାଘ୍ର, ବଳିବର୍ଦ୍ଧ-ବୃଷଭ । ୫୦: ବିଦୂରୁ ଲୋକନେ-ଦୂରରୁ ଦେଖିବା । ୫୧: ମଧୁରେ ହୀରା-ମିଠାରେ ପିମ୍ପୁଡ଼ି ପରି । ୫୨: କର୍କଟ ମାସର-ଆଷାଢ଼ ମାସର, ମର୍କଟ ମୁକୁଟ-ହନୁମାନ । ୫୩: ତରୁଣଅରୁଣ-ବାଳସୂର୍ଯ୍ୟ, ଆଭା-ରଙ୍ଗ, ଅବୀରେ-ରଣବାହୁଡା ସନ୍ୟେ, ସ୍ଥବିର-ବୃଦ୍ଧ, ଅବି-ଛେଳି, ରାବି-ବୋବାଇ, ସ୍ରବିବା-ବୋହିବା (ଯିବା), ଶୋଣିତ-ରକ୍ତ ।୫୫: ଶକ୍ର-ଇନ୍ଦ୍ର, ଅରି-ଶତ୍ରୁ,

Digitized by PPRACHIN, SOA

ଜାତ ତୋ ମର୍କଟ କୁଳେ 'କି' କରିବୁ ରଣ ମକ୍ଷିକା ମାରିକେ ଦେଖାଇଛି ବୀରପଣ ।୫୮
ହନୁବୋଲେ ଅଗ୍ନିକଣାର ଦହନ ଶକ୍ତି ରହିଛି ଦହିବ ବୃଥା ନ କର ଏଯୁକ୍ତି ।୫୯
ଶୁଣି ବୋଲେ ଇନ୍ଦ୍ରଜିତ ନୁହେ ମୁଁ ବାଳିଶ ଯୁଦ୍ଧ ଶାସ୍ତ୍ର, ମମୃଧରେ ଦେବୁ ଉପଦେଶ ।୬୦
ଅଗ୍ନି କଣିକା ଦହନ ଶକ୍ତିରେ ଦହନ କରିବା ବେଳେ ମିଶନ୍ତି ସେ ହବ୍ୟ ବାହନ ।୬୧
ତୁହିଁକି ତୁହେଁ ଦହନ କରି ପ୍ରଶମନ୍ତି ଏରଣେ କରିବ ଜଣେ ଯମ ପୁରେ ଗତି ।୬୨
ତାହାହେଲେ କ୍ଷତ୍ରି ଧର୍ମେ ପ୍ରାପ୍ତ ମୁକ୍ତି ତାର ବୃଥା ବାକ୍ୟାଳାପ ଶର ରକ୍ଷା କର ବୀର ।୬୩
ଏହା କହି ମେଘନାଦ ଗରୁ ଶର ବିନ୍ଧେ ବିଶାଳ ଶାଳେ ପାବନି ତାହାକୁ ନିରୋଧେ ।୬୪
ପୁଣି ଇନ୍ଦ୍ରଜିତ ନାନା ଶରକୁ ମାରଇ ଶାଳ, ଶୈଳେ, ହନୁମନ୍ତ ତାହା ନିବାରଇ ।୬୫
କାଳ ବେଳ ଦେଖି ହନୁମନ୍ତ ଗୋତ୍ର, ଗୋତ୍ର, ନିକ୍ଷେପୁ ଅସୁର କୁଳ ହେଲେ ଅସ୍ତ ବ୍ୟସ୍ତ ।୬୬
ଏହି କାଳେ ଇନ୍ଦ୍ରଜିତ ଛାଡ଼ି ଧର୍ମ ଯୁଦ୍ଧ ନାଗ ପାଶ ପେଶି ବୋଲେ ବାନରକୁ ବାନ୍ଧ ।୬୭
କେଶରୀ ନନ୍ଦନ ଭାବେ 'କେ' ସରି ସମରେ ରାମ, ନାମ ଏପାଶକୁ ବ୍ୟର୍ଥ କରିପାରେ ।୬୮
ଏ ସୁଯୋଗ ଛାଡ଼ିଦେବି କିମ୍ପା ଯେ ଆସିଛି ରାବଣ ସହିତ ଦେଖାହେବି ହେଉ କିଛି ।୬୯
ଅନ୍ୟ ପକ୍ଷେ, ବାଳକାଳ 'ସୂର୍ଯ୍ୟ' ବନ୍ଧନରେ ବିରଞ୍ଚି କହିବା କଥା ପଡୁଛି ମନରେ ।୭୦
ପାଳିବା ତାହାକୁ ନ କରି ବା ଅବହେଳା ହସ୍ତକୁ ଦେଖାଇ ପାଶେ ଶାନ୍ତମୂର୍ତ୍ତି ହେଲା ।୭୧
ବାନ୍ଧିଲା ସେ, ପାଶ ଇନ୍ଦ୍ରଜିତ କଥାମାନି ଦେଖି ରାକ୍ଷସେ ବାନ୍ଧିଲେ ଅନ୍ୟରଜ୍ଜୁ ଘେନି ।୭୨
ଟାଣ ଟୁଣି କରି ରକ୍ଷକୁଳ ନେଇ ଖରେ ଠିଆ କରାଇଲେ ଯତ୍ନେ ରାବଣ ଆଗରେ ।୭୩
ନୃପ ଆଦେଶ ଏକାଳେ ମନ୍ତ୍ରୀ ବର ବୋଲେ କି, ଉଦ୍ଦେଶ୍ୟେ ଆସିଥିଲୁ ବାନର କା ବୋଲେ ।୭୪
ମଧୁବନ ଯେ ନନ୍ଦନ ବନ 'ବାପ' ପରି ତାହାକୁ ବିନାଶ କଲୁ କେଉଁ ଦର୍ପେ, ହରି ।୭୫

ହନୁର ଉତ୍ତର

ନ ଶୁଣିଲା ପରି ଥିଲା ହନୁ ବିଂଶ ବାହା ପଚାରୁ ବୋଲେ ପାବନି ଶୁଣ ଲଙ୍କ ନାହା ।୭୬
ସୂର୍ଯ୍ୟବଂଶେ ଦଶରଥ ଜଗତ ବନ୍ଦନ ଶ୍ରୀରାମ ଅଟନ୍ତି ତାଙ୍କର ଜ୍ୟେଷ୍ଠ ନନ୍ଦନ ।୭୭
ମନୁଜ ରୂପେ ଜନମ, ଦନୁଜଙ୍କ ନାଶେ ପିତୃସତ୍ୟେ, ଭାଇ,ଭାର୍ଯ୍ୟା ସଙ୍ଗେ ବନବାସେ ।୭୮
ତ୍ରିଭୁବନ ବିଜୟୀ ସେ ତ୍ରିପୁରାରୀ ଜୟେ ଅହର୍ନିଶି ଡ଼ାକୁଛନ୍ତି ତାହାଙ୍କୁ ହୃଦୟେ ।୭୯
ତୁ ମନ୍ଦ 'କୁ' ହୀନ ମତି ଏ କଥା ନ ବୁଝି ଆଣିଲୁ ତାଙ୍କ ମହିଳା ମୁଁ ଆସିଛି ଖୋଜି ।୮୦
ପବନ ସୁତ ମୁଁ ମୋର ନାମ' ହନୁମନ୍ତ ଦେବ ଦେବ, ମହାଦେବଙ୍କ, ମାନସ ପୁତ୍ର ।୮୧
ଶୁଣିତା ଦଶ ବଦନ ମହା କ୍ରୋଧ ହେଲା ଶୂଳି ଦିଅରେ ଏହାକୁ, ଘାତକେ କହିଲା ।୮୨
ଏ ଆଦେଶେ ହନୁଭାଷେ ଏ' ଭଣ୍ଡ ବିଚାର ଦୂତ ଅଦଣ୍ଡ୍ୟକୁ, ମୃତ୍ୟୁଦଣ୍ଡ ଆଜ୍ଞାକର ।୮୩
ଶୁଣା ନଥିଲା ଏ କଥା ଶ୍ରବଣରେ କେବେ ବଙ୍କା, ରାଜନୀତି ଲଙ୍କା ରାଜାଙ୍କର ତେବେ ।୮୪
ତଥାପି ମୁଁ ପ୍ରତିବାଦ କରେ ଉତ୍ଥାପନ ପ୍ରାଣଦଣ୍ଡ ଅନୁଚିତ, ବିଚାର, ବିହୀନ ।୮୫
ହନୁ ଦାବି ଯୁକ୍ତି ଭାବି ବୋଲେ ଲଙ୍କେଶ୍ୱର ମୋ ଆଦେଶ ହେଉ ନାଶ କରିବା ବିଚାର ।୮୬

• • • • • •

୬୦: ବାଳିଶ-ମୂର୍ଖ, ୬୧: ଦହନ-ଅଗ୍ନି, ହବ୍ୟବାହାନ-ଅଗ୍ନି, ୬୪: ଗରୁ-ଓଜନିଆ(ଶକ୍ତିଶାଳୀ) ୬୫: ଶାଳ-ବୃକ୍ଷ, ଶୈଳ-ପର୍ବତ ପଥର, ୬୬: ଗୋତ୍ର-ପର୍ବତ,ଗୋତ୍ର-ସମୂହ ୬୮: କେଶରୀ-କେ'ସମାନ, ସମରେ-ଯୁଦ୍ଧରେ, କେଶରୀନନ୍ଦନ-ହନୁମାନ.୭୦: ବିରଞ୍ଚି-ବିଧାତା ୭୨ :ଅନ୍ୟରଜ୍ଜୁ-ଅନ୍ୟଦଉଡ଼ି. ୭୩: ରକ୍ଷକୁଳ-ରାକ୍ଷାସବଂଶ, ଯତ୍ନେ-ଚେଷ୍ଟାକରି, ମଧୁବନ-ନନ୍ଦନ ବନ ବାପ ପରି, ହରି-ମର୍କଟ, ୭୬: ବିଂଶବାହା-କୋଡ଼ିଏହାତ, ୭୮ :ମନୁଜ-ମନୁଷ୍ୟ, ଦନୁଜ-ରାକ୍ଷାସ. ୭୯: ତ୍ରିଭୁବନ-ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ତ୍ରିପୁରାରୀ-ତ୍ରିପୁରାବୈରୀ, କୁ-ମନ୍ଦ, ହୀନ-ଅଧମ. ମତି-ବୁଦ୍ଧି, ୮୨ : ଘାତକେ-ହତ୍ୟାକରିକୁ,

Digitized by PPRACHIN, SOA

ହନୁମାନର ଅପରାଧ ବିଚାର

(ରାଗ -ଚୋଖି)
ଛାନ୍ଦ - ୧୧

ଶୁଣ ଆହେ ସୁଜ୍ଞନର, ଉମାଙ୍କୁ କହନ୍ତି ହର, ହନୁ ଅପ୍ରାଧ ବିଚାର, ପାଇଁ ଲଙ୍କେଶ
ଭାବଇ ମୁଁ ପକ୍ଷଯେଣୁ, ବିଚାର ପତିଏ ତେଣୁ, ନିଯୁକ୍ତି ଦେବି ସେ ଜାଣୁ, ବିଚାରେକେସ
ଯେ ଭାବେ ନ ପାଇବ ମୁକ୍ତି= କୁବେରଙ୍କୁ 'ଏ' ବିଚାରେ ଦେବା ନିଯୁକ୍ତି । ।୧।
ଅଭିଯୋଗେ, ଅଭିଯୁକ୍ତ, ଯେଣୁ ମୋ ମୁଖେ, କୈଫତ, ଦେବା ହେବ ଅନୁଚିତ ମୋ ପ୍ରତିନିଧି
ହୁଅନ୍ତୁ ଶୁକ ସାରଣ, ସାକ୍ଷ୍ୟଦେବେ ରକ୍ଷଗଣ, ଅପରପକ୍ଷ ମାରୁତି, ଆଗେ ଅବଧି
ଜମାନବନ୍ଦି ଦେଉ ତାର= ଜେରା ଅର୍ଥେ ଆଇନଜ୍ଞେ ଦେବା ପାଓ୍ୱାର । ।୨।

ରାମାୟଣରେ ଅଦାଲତ।

ସ୍ଥିର କରି ପରଓ୍ୱାନା, ପଠାଉ ନକରି ମନା, ସ୍ୱତନ୍ତ୍ର ପ୍ରକୋଷ୍ଠେ ସର୍ବେ ପ୍ରବେଶ ହେଲେ
ରକ୍ଷୀଏ ବନ୍ଧନେ ଘେନି, ଦ୍ୱିତୀୟ ପକ୍ଷ ପାବନି, ନେଇ ମେସଲେ ଅଡ଼ାରେ ହାଜର କଲେ
ଅଭିଯୋଗ, ଶୁକ, ସାରଣ= ନେଇ ମେସ ଲରେ କଲେ ଉପସ୍ଥାପନ । ।୩।
ମାନ୍ୟ 'ଧର୍ମ' ଅବତାର, ଯେଉଁ ରାମଚନ୍ଦ୍ରଙ୍କର, ରୂପ ଦର୍ଶନରେ ନର, ଆଜନ୍ମ ତପୀ
ବାନପ୍ରସ୍ଥ, ବ୍ରହ୍ମଚାରୀ, ବ୍ରହ୍ମ ପଦ ତୁଚ୍ଛକରି, ଦଣ୍ଡକ ବନରେ ନାରୀ ହେବାକୁ କଳ୍ପି
ଦେଖିସେ ସୁନ୍ଦର ବଦନ= ସୂର୍ପଣଖୀ, ମୋହିହେବା କି ଅଶୋଭନ । ।୪।
ଅଭିଯୋଗ ଧାରା(କ)ରେ, ସୂର୍ପଣଖୀ ସୁକର୍ମରେ, ନାସାକର୍ଣ୍ଣ ଯା କର୍ତ୍ତନ ତାହା ଅନ୍ୟାୟ
ଏ ସମାସ୍ୟା, ସୂତ୍ରପାତ୍ର, ବିଚାରନ୍ତୁ ହୃଦଗତ, ବାସ୍ତବରେ ତାକୈଫତ କି ହେ ଅନ୍ୟାୟ
ସତର୍କ ବିହିତ ବ୍ୟବସ୍ଥା= କରାଇ ଥିଲେକି ରାମ କରନ୍ତୁ ଚିନ୍ତା । ।୫।
ଅଭିଯୋଗ ଧାରା(ଖ)ରେ, ଏହି ଅଭିଯୋଗ କରେ, ଅନଧିକାର ଚର୍ଚ୍ଚାରେ, ପଞ୍ଚବଟୀରେ
ସ୍ୱର୍ଣ୍ଣ ମୃଗବଧିସ୍ପଷ୍ଟ, ବନ୍ୟ ସମ୍ପଦକୁ ନଷ୍ଟ, କରିବା ଅନ୍ୟାୟ, ଶ୍ରେଷ୍ଠ- ହତ୍ୟାକାରୀରେ
ସେ ରାମକୁ କରେ ସାବ୍ୟସ୍ତ= ତା ପିତୃ ପୁରୁଷ ଧନ କି ସେ ବନସ୍ତ । ।୬।
ଏ ସମାସ୍ୟା ସୂତ୍ରଧର, ହେଉରାମ' ଲଙ୍କେଶ୍ୱର, ଆଣିଅଛନ୍ତି ଉଧାର, ପାଇଁ କି ସତୀ
ଅଭିଯୋଗ ଧାରା(ଗ)ରେ, ହନୁମାନ ବିରାଗରେ, ରାଜାବିନାନୁମତିରେ, ଲଙ୍କିନୀ ମୂର୍ତ୍ତି
ପଥେ କରି ଅବମାନନା= ରାଜଦ୍ରୋହୀ ହେଲା ଏ ନିୟମେ ସୂଚନା । ।୭।
ଅଭିଯୋଗ ଧାରା(ଘ)ରେ ପ୍ରହାର କରନ୍ତେ କରେ, ଲଙ୍କିନୀ ଗଲା ତା ପୁରେ, ଗୌରବ ଭୁଲି
ଦେଇଣ ନୃପେ ସନ୍ଦେଶ, ବାନରେ ପଶିଲା ଦେଶ, ତେଣେ କପି ସର୍ବବାସ, ଖୋଜଇ ବୁଲି
ରାଜା କେଳି ପୁରେ ଯା'ଗଲା= ଅଭିଯୋଗ (ଙ) ଏ ଯେ ସେ ଦୋଷୁ ବଳିଲା । ।୮।

୩:ପରୁଓ୍ୱାନା-ନୋଟିସ୍, ସ୍ୱତନ୍ତ୍ର ପ୍ରକୋଷ୍ଠ-ପୃଥକ କୋଠରୀ, ରାକ୍ଷୀ-ସିପାହୀ, ମେସଲେ-ବିଚାରାଳୟରେ, ଅଡାରେ-ଏକତ୍ରରହିବା ଅର୍ଗଳି ମଧରେ। ୪: ଧର୍ମାବତାର-ନ୍ୟାୟ ମୂର୍ତ୍ତି, ଆଜନ୍ମତପୀ-ଜନ୍ମାବଧି ତପସ୍ୟାରତ, ବାନପ୍ରସ୍ଥି-(ଅବିବାହିତ ବନବାସୀତପସ୍ୱୀ), ବ୍ରହ୍ମଚାରୀ-ଉପନୟନପରେ ଗୁରୁଗୃହରେ ବେଦ ଅଧୟନକରୀ, ବ୍ରହ୍ମପଦ -ପରମାତ୍ମାଙ୍କପଦ, ତୁଚ୍ଛକରି-ଅସାରମଣି, ନାରୀ-ମହିଳା, ହେବାକୁକଳ୍ପି-ବିଧାନକରି ।

Digitized by PPRACHIN, SOA

ରାଜ୍ୟରକ୍ଷା ଅର୍ଥେ ନେତା, ଅନେକ ଗୁପତ କଥା, ଅପୂର୍ବ ପଦାର୍ଥ ଗୁପତରେ ରଖନ୍ତି
ଅଶୋକ ବନରେ ସତୀ, ଗୁପ୍ତରେ ଲଙ୍କା ନୃପତି, ରଖୁ ତା ପାଶେ ମାରୁତି, କରିଲା ଗତି
ରାମ ଦେବା ବାର୍ତ୍ତା କହିଲା= ମୁଦି ଦେଇ ଅଭିଯୋଗ (ଚ) ଏ ହେଲା । ।୯।
ମଧୁବନେ ବାଡ଼ ଦେଇ, ନୃପ ପ୍ରହରୀ ଜଗାଇ, ରକ୍ଷା କରୁଥିଲେ, ତହିଁ ବଳେ ମାରୁତି
ପଶି କରି ତନ୍ନ ତନ୍ନ, ଚୋର ପରାଏ ଭକ୍ଷିଣ, ଫଳ ନାଶକଲା ନୃପ, ବନ ସମ୍ପତ୍ତି
ରକ୍ଷୀ ସହ ଅକ୍ଷୟ୍ କ୍ଷୟ୍= କଲା ଯାହା ହେଲା ତାହା ଦଫାଟି (ଛ) । ।୧୦।
ଏହି ପରି ସପ୍ତଦୋଷ, କରି ମାରନ୍ତେ ରାକ୍ଷସ, ପ୍ରାଣ ଦଣ୍ଡେ ରାଜାଦେଶ, ହୋଇଣ ଥିଲା
ଦେଇଗଲି ଯା ପ୍ରମାଣ, ସତ କିନା ହନୁମାନ, ଅଙ୍ଗୀକାର କଲେ ଶେଷ, ହେବ ମାମଲା
ହନୁମାନ ଯୋଡ଼ିଣ ପାଣି= ବୋଲେ ମୁଁ ଲଙ୍କାର ଦଫା ନ ପାରେ ଜାଣି । ।୧୧।

ମୁଦଲା ଜମାନବନ୍ଦୀ

ଭାରତୀୟ୍ ଦଣ୍ଡବିଧି ,ଦଫାଦଫାରେ ସମ୍ପାଦି, ଜଣାଉଁ ଉତ୍ତର ଦେବ ଏପ୍ରତି ବାଦୀ
ଶୁଣି ସେ ଶୁକ ସାରଣ, ପୁଣି କରନ୍ତି ଗାୟନ, ଲଙ୍କା ଅଭିଯୋଗମାନ, ହୋଇଣବାଦୀ
ବୁଝି ହନୁ କଲା ପ୍ରକାଶ= ବୁଝ ବୁଦ୍ଧିଜୀବୀ, ସୁଧୀବର୍ଗ ସେ ରସ । ।୧୨।
ଶୁଣନ୍ତୁ ଧର୍ମାବତାର, ଅଭିଯୋଗ ପାବନିର, ଅତ୍ୟାଚାରି ଅତ୍ୟାଚାର, କରି ବିଚାର
ମୋ ପ୍ରଭୁଙ୍କ ପତ୍ନୀ ସୀତା, ମୋର ଉଦ୍ଧାରେ ବ୍ୟବସ୍ଥା, କଲେ ବାଧିତ ହୋଇବ ଏଥି ବାନର
ଛେଦନେ ସୂର୍ପାନାସାକର୍ଣ୍ଣ= ଅଭିଯୁକ୍ତ ନୁହନ୍ତି ସେ ରାମ ଲକ୍ଷ୍ମଣ । ।୧୩।

୧୨: ୫ପ. ଠାରୁ ୧୧ପ. , 'କ' ଠାରୁ 'ଛ' ପର୍ଯ୍ୟନ୍ତ ଦଫାଗୁଡ଼ିକ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ବୁଝାଯାଇଅଛି ବୁଝ :

୧: ଅଭିଯୋଗ **'କ'** ମର୍କଟରେ ପ୍ରଭୁ ରାମଚନ୍ଦ୍ର, ଭାଇ ଲକ୍ଷ୍ମଣ ସୂର୍ପଣଖିର ନାକ, କାନକାଟି ମହିଳା ପ୍ରତି ଅସାଦ ଆଚାରଣ, କରିଥିବାରୁ, ୩୫୪ ଦଫାରେ ଦଣ୍ଡିତ କରାଯାଉ,
୨: ଅଭିଯୋଗ **'ଖ'** ଦଣ୍ଡକ ବନରେ ଅନଅଧିକାରେ ପ୍ରବେଶକରି ବନ ସମ୍ପଦ'(ବନଯିବ ହତ୍ୟାକରି) ବନ ସଂରକ୍ଷଣ ଆଇନର ୧୫ ଓ ୧୭ରେ କାର୍ଯ୍ୟାନୁଷ୍ଠାନ କରାଯାଉ (ଏହା ରାମଙ୍କ ପ୍ରତି ଲାଗୁ ହେଉ)
୩: ଅଭିଯୋଗ **'ଗ'** ହନୁମାନ ରୂପ ବଦଳାଇ ଡକାୟତ ପରି ଲଙ୍କାଗଡରେ ପଶିବା ୩୮୪, ୩୮୫/୩୪ଦଫାରେ ଦଣ୍ଡିତ କରାଯାଉ ।
୪: ଅଭିଯୋଗ **'ଘ'** ଲଙ୍କିନିଙ୍କୁ ମାଡ ଦେବା ୩୨୩ ଧଫା ଓ ରାତିରେ ପରଘରେ ପଶିବା ୩୮୦ ଦଫାରେ ଦଣ୍ଡିତ କରାଯାଉ
୫: ଅଭିଯୋଗ **'ଙ'** ରାଜାଙ୍କ ଶୟନ କକ୍ଷରେ (କେଳିପୁରେ ରାଣୀ ମନ୍ଦୋଦରୀ ମୁଖକୁ ସ୍ପର୍ଶ କରିବା ୩୭୩ ଦଫାରେ ଦଣ୍ଡିତ କରାଯାଉ ।
୬: ଅଭିଯୋଗ **'ଚ'** ସୀତାଙ୍କ ସହିତ ଯୋଗସ୍ଥାପନ କରିବା ମୁଦିଦେବା ଅନଅଧିକାରରେ୩୨୩ ଦଫାରେ ଦଣ୍ଡିତ କରାଯାଉ
୭: ଅଭିଯୋଗ **'ଛ'** ମଧୁବନରୁ ଚୋରିକରି ଫଳ ଭକ୍ଷଣ କରିବା ବନ ସମ୍ପଦ ନଷ୍ଟକରିବା ୩୭୯ ଦଫାରେ ଦଣ୍ଡିତ କରାଯିବା ସହିତ ବନ ସଂରକ୍ଷଣ ଆଇନ ୧୫ ଦଫା ରଖି ଅକ୍ଷୟ କୁ ମାରିବା ୩୦୨ ମର୍ଡର କେଶ ଦଫା ଓ ଅନ୍ୟ ମାନଙ୍କୁ ଜୀବନରେ ମାରି ଦେବା (ଭୟ ଦେଖାଇବା) ଆଟେମ୍ପଟ ମର୍ଡର ୩୦୭ ଦଫାରେ ବହୁଜନ ବଦ୍ଧ ହେତୁ ପ୍ରାଣଦଣ୍ଡ ଦିଆଯାଉ ।

୧୩: ହନୁମାନ ବକ୍ତବ୍ୟ - ଅତ୍ୟାଚାରୀର ଅତ୍ୟାଚାର

୧: ଲଙ୍କିନି ରାସ୍ତା ଅବରୋଧ କରିଥିବାରୁ ତାର ପ୍ରଭୁ (ରାଜା) ରାବଣକୁ ୧୫୧ ଧାରାରେ ପ୍ରଥମ ବନ୍ଦିକରିବାକୁ ଆଦେଶ ହେଉ ।
୨: ଲଙ୍କାର ରାକ୍ଷାସ ସରକାର କୁଶାସନ ଯଥା: ସୀତା ଚୋରକୁ ଛାଡି ସନ୍ଧାନିକି ଜଗିବା ବିପକ୍ଷରେ ସମ୍ବିଧାନର ୩୫୬ଧାରା ଅନୁଯାୟୀ ରାଜା ରାବଣକୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ କରାଯିବାକୁ ଆଦେଶ ହେଉ ।
୩: ରକ୍ଷୀମାନେ ଆସାମୀ (ମୋତେ ବା କଏଦୀକୁ) ଶାରିରୀକ ଜାତନା ଦେଇଥିବାରୁ ସେମାନଙ୍କୁ ୩୩୦, ୩୩୧ ଓ ୧୪୦ ଦଫାରେ ବନ୍ଦୀ କରାଯାଉ ।

Digitized by PPRACHIN, SOA

ସୂର୍ପାନଖା ପ୍ରାୟ ଯାଇ, ପ୍ରେମ ମାଗୁଭାବଗ୍ରାହୀ, ଏକ ପତ୍ନୀ ବ୍ରତ କହି, ଦେଉ ଫେରାଇ
ଧରି ସୁନ୍ଦର ରୂପକୁ, ଭୀତ କରାନ୍ତେ ସୀତାଙ୍କୁ, ଭ୍ରାତ ନିକଟେ ପେଶିଲେ, ସେ ରଘୁସାଇଁ
ଧର୍ମ ରଖି ୟ୍ୟା ଶୋଭାହର,= ଶୀଘ୍ର ବାବୁ କଳମେ ବିଳମ୍ବ, ନକର । ।୧୪।
ଆଜ୍ଞାବହ ସଉମିତ୍ରି, ଆଜ୍ଞା ପାଳନକୁ ଚିନ୍ତି, ଶୋଭାନାଶେ ବିଛେଦିଲେ ନାସା ଶ୍ରବଣ
ଦଣ୍ଡ ଏହା ନୁହେ ଧର୍ମ, ରାଜନୀତିର ନିୟମ, ଅଭିଯୋଗ (କ) ଯାହା କରେ ପ୍ରମାଣ
ବିଚାରିଣ ବିଚାର ପତି= ଯେ ଦଣ୍ଡେ ଦଣ୍ଡିବେ ମାନି ନେବ ମାରୁତି । ।୧୫।
ଅଭିଯୋଗ (ଖ) ଯା ଭାବ, ପ୍ରକାଶ କଲେ ସଚିବ, ପଞ୍ଚବଟୀ ବନସର୍ବ, ନୁହେଁ ରାମର
ଅନ୍ୟର ବନସମ୍ପଦ, ନଷ୍ଟ କଲେ ରାମଭଦ୍ର, ତାହା ସତ୍ୟ ନୁହେ ବାଦ, କରେ ବାନର
ଏ ଚରଚା ଅନଧିକାର= ଦୈତ୍ୟ 'ରାମ' ପେଶୁ ରାମ, ପେଷିଲେ ଶର । ।୧୬।
ଦଣ୍ଡକ ନାମେ ନୃପତି, ଗୁରୁଶାପେ ଏହି କୀର୍ତ୍ତି, କରାଇଲେ ସର୍ଜି ଏହି ଦଣ୍ଡକ ବନ,
କରିବା ପାଇଁ କୃତାର୍ଥ, ତାହାକୁ ଏ ରଘୁନାଥ, ଆସୁ ପିତୃଶ୍ରାଦ୍ଧେ ମୃଗ, ବଧ ବିଧାନ
ଅତ୍ୟାଚାରି ଦଶବଦନ= ଅନ୍ୟାୟେ ସୀତାଙ୍କୁ ଆଣି ଦିଏ କଦନ । ।୧୭।
ସୀତାଙ୍କୁ ଖୋଜିବା ପାଇଁ, ପଠାଇଲେ ସୀତା ସାଇଁ, ଦୂତ କି ମାନନ୍ତା ନାହିଁ, କର ବିଚାର
ଏଣୁ ଲଙ୍କାରେ ମାରୁତି, ଉପସ୍ଥିତ ତା ଦୁଷ୍କୃତି, କାହିଁ ବିଚାରନ୍ତୁ ଚିନ୍ତି, ଧର୍ମୀ ବତାର
ପ୍ରଦୋଷରେ ଲଙ୍କିନୀ ଭେଟ= ହେଉ ସେ ପଥ ଆଗୁଳି କଲା ପ୍ରକଟ । ।୧୮।
ମୁଁ ଏ କଟକ ପ୍ରହରୀ, କାହିଁ ଯାଉ ଚୋର ପରି, ନଛାଡ଼େ ଚୋରକୁ ଧରି, କରେ ଭକ୍ଷଣ
ଏ ପ୍ରଦୋଷ ସୁ ପ୍ରଭାତ, କ୍ଷୁଧା କରୁଥିଲା ବ୍ୟସ୍ତ ଭକ୍ଷିବି ସୁମର ଇଷ୍ଟ' କରୁ ରକ୍ଷଣ
ଶୁଣି ଏହି ଅନ୍ୟାୟ କଥା= କ୍ରୋଧ ବଶେ ମାରିଲି ମୁଁ ଗୋଟିଏ ମୁଥା । ।୧୯।
ବୋଇଲି ମୁଁ ଯଦି ଚୋର, ନଛାଡୁ ଲଙ୍କା ନଗର, ସୀତା ଚୋର ଲଙ୍କେଶ୍ୱର, କିପରି ଗଲା
ଚୋରକୁ ଛାଡ଼ି ପୁଲିସେ, ଧରୁ ଏଥେ ପଥେ ରୋଷେ, ବୁଝି ତୋଷେ ସ୍ୱୀକାରସେ, ଦେଇ ଛାଡ଼ିଲା
କହିଲା ପ୍ରଭୁ କାର୍ଯ୍ୟକର= ଅନୁମତି ପାଇ 'ମୁଁ' ବୁଲିଲି ନଗର । ।୨୦।
ଏଥିପାଇଁ ଦୋଷ ମୋର, ବୁଝ ବିଚାର ଶେଖର ବୁଲିଲି ଯା ଘର ଘର ଛଦ୍ମ ବେଶରେ
ତାହାସ୍ୱୟଂ ପ୍ରଭାଦାନ, ନ ପାଳନ୍ତେ ଶିରଛିନ୍ନ, ହୁଅନ୍ତା କାଘରୁ ଶାଗପତ୍ର ବଶରେ
ଆଣିଛିକି ମୁଁ ଚୋରିକରି= ପ୍ରତ୍ୟକ୍ଷେ ସାକ୍ଷ୍ୟ ବିହନ୍ତୁ ଦଣ୍ଡ ବିଚାରି । ।୨୧।
ନିଶି ସାରା ବୁଲି ବୁଲି= ମାତା ସୀତା ନପାଇଲି, ଗଣ୍ଡୁକୀ ତଟେ ଦେଖିଲି, ଶିଂଶପା ବୃକ୍ଷ
ବାନର ଜାତି ବୃକ୍ଷରେ, ବିଶ୍ରାମ ନେଲି ଦୁଃଖରେ, ପ୍ରଭୁନାମ ନିତ୍ୟ ସ୍ମରେ, ପ୍ରାତେଃ ପ୍ରତ୍ୟକ୍ଷ
ତାହା ଶୁଣି ଦେବୀ ବାଟରେ,, ବୃକ୍ଷେ ଦେଖି ମୋତେ ଡ଼ାକିଲେ ଆକଣ୍ଠରେ । ।୨୨।
କିଏ ତୁମ୍ଭେ ପୁଣ୍ୟଜନ, ପୁଣ୍ୟେ ରଖିଲ ଜୀବନ, ଶ୍ରବଣେ କରାଇ ଦାନ, ନାମ ଅମୃତ
ପରିଚୟ ଦେଇ ଆସ, ବୋଲୁ ମୁଁ ଆସି ପ୍ରକାଶ, କଲି ମା, 'ମୁଁ' ରାମଦାଶ ପବନ ସୁତ
ଆଶଙ୍କା କରୁ ସେ ବିଶ୍ୱାସେ= ମୁଦ୍ରିକା ଦେଇ ପ୍ରଭୁଙ୍କ ସନ୍ଦେଶ ଭାଷେ । ।୨୩।

୧୪: କଳମେ-ଶରରେ, ୧୬: ଦୈତ୍ୟ-ରାବଣ, ରାମପେଶୁ-ମୃଗ(ସୁବର୍ଣ୍ଣମୃଗ)ପଠାଇ, ୧୭: ପିତୃଶ୍ରାଦ୍ଧେମୃଗ-ଏହି ମୃଗ ବଧିବା ବିଧାନକୁ ଅତ୍ରି ଆଶ୍ରମରୁ ରାମଚନ୍ଦ୍ର ଦଣ୍ଡକ ବନକୁ ଆସୁଥିବା ସମୟରେ ରାବଣ ଉପଦେଶ ଦେଇଥିଲେ ସୀତାଙ୍କୁ ଆଣି ପୀଡ଼ା ଦିଏ । ୨୧: ପ୍ରତ୍ୟକ୍ଷ ସାକ୍ଷ-ବୀଭୀଷଣକୁ ଡାକି ପଚାରନ୍ତୁ, ସେଗଣ୍ଡୁକୀ ତଟେ ଶିଂଶପା-ବୃକ୍ଷ, ମାତାବସିବା ସ୍ଥାନ-ଦେଖାଇଛନ୍ତି ।

Digitized by PPRACHIN, SOA

ବ୍ରତ ମୋ ପୂରୁ ପାରଣା, ପାଇଁ ଖାଦ୍ୟେ କରୁ ଜଣା, ଭାଷିଲେ ମହୀ ନନ୍ଦନା, ଦେଖ ସେ ବନ
ରସାଳସା ଫଳ ପନ୍ତି, ସୁପକ୍ୱେତଳେ ଲୋଟନ୍ତି, ଖାଇ ହୋଇ ତୁମ୍ଭେ ଶାନ୍ତି, ଆସ ବହନ
ମାତାଙ୍କ ଆଦେଶେ କାନନେ= ଗଲି ମୋ ଦୋଷ କେଉଁଠି ବିଚାର ମନେ ।।୨୪।
ତଥାପି ମୁଁ ଧର୍ମ ରଖି, ଫାଟକେ ରକ୍ଷୀଙ୍କୁ ଦେଖି ଦିଅ, କିଛି ଫଳ ଚାଖି,ବାକୁ ମାଗିଲି
ମୌନେ ନ ଦେଉ ଉତ୍ତର, ଭାବିଲି ତା ସୀଉକାର, ଦେଲେ ଚଢ଼ି ବୃକ୍ଷପର, ଫଳ ଭକ୍ଷିଲି
ଶାସ୍ତ୍ର କହେ ଭୋଜନେ ଧେୟ= ଥିବା କାଳେ କଥା ହେବାଟି ଅବିଧେୟ ।।୨୫।
ଟା ପ୍ରତି ନଦେଇ ଦୃଷ୍ଟି, ରକ୍ଷୀ କଲେ ଗୋଳ ସୃଷ୍ଟି, ବର୍ଷାବତ ଶରବୃଷ୍ଟି କେତେ କରିଲେ
ନଥିଲା ଶସ୍ତ୍ର ମୋ କରେ, ରକ୍ଷୀ ଶର ଭେଦୁ ଖରେ, ଶାଖା ପକାଏ ଆତୁରେ ମୁଁ କଲବଲେ
ସେଥିରେ ଅକ୍ଷୟାଦି କ୍ଷୟ= ଲଭିଥିବେ ଲଭିଥିବେ ପ୍ରହରୀ ଚୟ ।।୨୬।
ତାହା ପରେ ଶକ୍ରଜିତ, ରଣେ ଆସିଣ ସାକ୍ଷାତ, ନ ପାଇ ଡ଼ାକି ମୋ ତାତ,ଙ୍କୁ ଖୋଜାଇଲେ
ସେ କ୍ଷିପ୍ର ଗତିରେ ଗତି, କରୁ ପାଦପେ ଭାଜନ୍ତି, ମୋର ନାମେ ଅପକୀର୍ତ୍ତି, କଳା ବୋଳିଲେ
ଧର୍ମା ଅବତାର ବିଚାର= ବିଚାର କରି ଦଣ୍ଡକୁ କରନ୍ତୁ ସ୍ଥିର ।।୨୭।
ବିଚାରକ ମହକିଲେ, ସାକ୍ଷ୍ୟେ ପୁଛି ସ୍ଥିର କଲେ, ଯଥା ଯଥ ଯୁକ୍ତି ଛଳେ ଉପସ୍ଥାପିତ
କରାଇଛି କପିଷଣ୍ଡ, ଆଇନରେ ପ୍ରାଣଦଣ୍ଡ, ନ ହୁଏ ଦଣ୍ଡ ବନ୍ଧନୁ, ଫେଡ଼ ତୁରିତ
ଶୁକ ସାରଣ ଦୂତଛାଡ଼= ଦୂତ ଅବଧ୍ୟ ଦୋଷକୁ ସୁପ୍ରାପ୍ୟ ମାଡ଼ ।।୨୮।
ଅନ୍ୟ ପକ୍ଷେ ଦେବୀ କହି, ପଥରୋଧୁ କ୍ରୋଧେ କପି, ମାଡ଼ ମାରି ଆଇନକୁ ହାତକୁ ନେଲା
ଉଚିତ ଏହା ନୋହିଛି, ଚାପୁଡ଼ା ଯା ପ୍ରହାରିଛି, ସେ ଚାପୁଡ଼ା ମାଡ଼ ଦଣ୍ଡ ବାନରେ ହେଲା
ଏ ମାମଲା ଶେଷ ଲଙ୍କେଶ= ବିରୁଦ୍ଧେ ବହୁତ ତଥ୍ୟ ହୁଏ ପ୍ରକାଶ ।।୨୯।
ସୁ'ନାରୀ ଜନକ ସୁତା, ଚୋରି ଦଣ୍ଡକୁ ବିଧାତା, ବୋଲି ଯାହା ଥିଲା ତାହା , ବିଭୋଗ ହେଉ
ଦଣ୍ଡଧର ଦଣ୍ଡେ ବଂଶ, ଅବଶ୍ୟ ହୋଇବେ ଧ୍ୱଂସ, ନ ଥି ଅପ୍ରକାଶ ତାହା, ଲିଖିତେ ଥାଉ
ବାନରେ ଏ ନିଷ୍ପତ୍ତି ଦେଇ= ତ୍ରିଂଶ ପଦେ ଦୟାନିଧି ଛାନ୍ଦ ରଚଇ ।।୩୦।

• • • • • • •

ଲଙ୍କା ପୋଡ଼ି

(ରାଗ-କୁମ୍ଭ କାମୋଦୀ)

ଛାନ୍ଦ - ୧୨

ପ୍ରକାଶନ୍ତେ ଶୂଳୀ, ଶୁଣନ୍ତି କରାଳୀ, କୈଳାସ ଶିଖରେ
ହନୁର ଲାଙ୍ଗୁଡ଼ ପୋଡ଼ି, ଲଙ୍କା ଗଡ଼ ପୋଡ଼ି, ଶୁଣ ନରେ । ।୧।

ହନୁମାନ ଦଣ୍ଡ

କୁବେର ଆଦେଶ ଶୁଣି ଲଙ୍କାଇଶ ରାକ୍ଷସେ ଡ଼କାଇ
ବୋଲେ କପିଦଣ୍ଡେ ନିଅ ରାଜଦାଣ୍ଡେ ବନ୍ଧନରେ ଥାଇ । ।୨।

୨୪: ରସାଳସା-ରସପୂର୍ଣ୍ଣ, ସୁପକ୍ୱ-ପାଚିଲା। ୨୭: ମୋତାତ-ପବନକୁ, ପାଦପ-ବୃକ୍ଷ, ୩୦: ବୋଲିଥିଲା ଯାହା-ଜନକ ସୁତା (ସୀତା ହରଣ ରାବଣ ମରଣ) ଦଣ୍ଡଧର-ଯମ, ଦଣ୍ଡେ-ଶାସନେ, ବଂଶ-ପରିଜନ ସହିତ, ଧ୍ୱଂସ-ବିନାଶ (ହନୁମାନକୁ ଏହା ଜଣାଇ ଦିଆଗଲା)୧:ଶୂଳୀ-ଶିବ,କରାଳୀ-ପାର୍ବତୀ ।

Digitized by PPRACHIN, SOA

ଆଗରେ ନାଗରା ଦେବ, ଶୁଣି ତ୍ୱରା ହୋଇବେ ରମଣୀ
ତାର ଦଣ୍ଡମାଡ଼- ଦେବ, ଭାଙ୍ଗି ହାଡ଼ ଜାଣୁ କପି ମଣି । ।୩।
ପାଇ ନୃପାଦେଶ ମିଳିଣ ରାକ୍ଷସେ ପୂର୍ବ ଅପମାନେ
କାଠ ଗଣ୍ଡି ପରି ଘୋଷାରି, ଘୋଷାରି ନେଲେ ହନୁମାନେ । ।୪।
ବାଜନ୍ତେ ନିଶାଣ ପୁରୁ, ରକ୍ଷ ଗଣ ଥବିର, ମହିଳା
ଆସିଯେ ଦେଖନ୍ତି ମାଇଲା ମୋ ପତି, କେ' ନାରୀ କହିଲା । ।୫।
କେ ଭାଷେ ମୋ ଭ୍ରାତ, କରିଲା ନିପାତ, ଏ କପି, ଜନକ
କେ କହେ, ମଉଳା ଏରଣେ ମାଇଲା ଏପରି ଅନେକ । ।୬।
କୁହା କୁହି ହୋଇ ପ୍ରହାରନ୍ତି ନେଇ କେହି ଖଡ୍ଗ ମୁଷା
ଡ଼ିଙ୍କି ପାହୁ ରାଣି, ଶିଳ, ପୁଆ ଆଣି ମାରେ କେଉଁ ଯୋଷା ।୭।
କେ ପାଇକ ରଡ଼ି ଦେଇ ଅଡ଼ା ଝାଡ଼ି କରନ୍ତି ପ୍ରହାର
କେ ବୋଲଇ ଦୃଢ଼େ ଧରି ଏ ମାଙ୍କଡ଼େ ମନ ଇଚ୍ଛା ମାର । ।୮।
କେ ବୀର ବିରାଗେ ରକ୍ଷେପେଲି ଆଗେ ହନୁବକ୍ଷେ ଦଣ୍ଡ
ପ୍ରହାରେ, କା' ଘାତେ ଅସିପତ୍ର, ମାଥେ ହୁଏ ଖଣ୍ଡ ଖଣ୍ଡ । ।୯।
ରଣେ ବାତ ସୁତ ଯେ ତେ ଦୈତ୍ୟ ହତ କଲା ତାଙ୍କ ନାରୀ
ପଣତ କାନିକୁ ଟାଣି ମାନିନୀଙ୍କୁ ଉପହାସେ ସାରି । ।୧୦।
କେ ପ୍ରହାରୁ ବଳେ ମଲା ପରି ତଳେ ହନୁ ପଡ଼ି ଛଳେ
ମଲା ବୋଲି କପି ଅସ୍ରପ ଅସ୍ରପୀ ନୃପଙ୍କୁ କହିଲେ । ।୧୧।
ଆସି ବିଂଶ ଆଖି ସଂଜ୍ଞା ଲୋପ ଦେଖି ଭାଷଇ ଶୁଣାଇଁ
ଟାଣ କରୁଥିଲା କେ ବାପ ରଖିଲା କହୁ, ରାମେ ଯାଇ । ।୧୨।
ଗର୍ବ ବାଣୀ ଶୁଣି ଉଠଇ ପାବନି ତକ୍ଷଣେ ଆଣ୍ଟରେ
ଦେବ ବାକ୍ୟମାନି ବିଜେ କଲେ ବାଣୀ ଦଶାସ୍ୟ କଣ୍ଠରେ । ।୧୩।
କହଇ ରାବଣ ହେ ଘାତକ ଟାଣ ଭାଙ୍ଗି କପି ଅଙ୍ଗ
କରାଇ ଲେଙ୍ଗଡ଼ା ଏଥୁ ତଡ଼ି ବୁଢ଼ା କପି ଦେଖ ରଙ୍ଗ । ।୧୪।
ଏ ବାକ୍ୟେ ଅସୁର ବସି କଲେ ସ୍ଥିର ବାନର ଲାଙ୍ଗୁଳ
ଶକ୍ତି ବୃଦ୍ଧି ବଶେ ଉଡ଼ଇ ଆକାଶେ ପୋଡ଼ିବା କେବଳ । ।୧୫।
ସେନାଙ୍କ ବିଚାର ଶୁଣି ଲଙ୍କେଶ୍ୱର ମନକୁ ଆସିଲା
ପୂର୍ବ ଦେବା ରାଏ ଛାଡ଼ି ପୁଚ୍ଛ କ୍ଷୟେ ଜଳାଅ ଭାଷିଲା । ।୧୬।
ଅକଥ୍ୟ କଥନ ଶୁଣି ହନୁମାନ ହରଷିତ ଅତି
ରାବଣ କଣ୍ଠରେ ସ୍ୱ' ପ୍ରକାଶ କଲେ ଶିବେ, ସରସ୍ୱତୀ । ।୧୭।

୫:ନିଶାଣ-ନାଗରା, ଥବିର-ବୃଦ୍ଧ,ମହିଳା-ସ୍ତ୍ରୀ,ଜନକ-ଶ୍ରେଷ୍ଠ । ୮: ଅଡ଼ାଝାଡ଼ି-ପାଇକମାନେ ଧରିଥିବା ଅଡ଼ା ବାଡ଼ି । ୯: ଅସିପତ୍ର-ଖଣ୍ଡା । ୧୧: ଅସ୍ରପ ଅସ୍ରପୀ-ଅଶୁର ଅସୁରୁଣୀ । ୧୨: ବିଂଶଆଖି-କୋଡ଼ିଏ ଆଖି ରାବଣ । ୧୩: ଦଶାସ୍ୟ-ଦଶମୁଣ୍ଡ ରାବଣ । ୧୪:ଲେଙ୍ଗଡ଼ା-ଛୋଟା । ୧୭ : ଶିବେ -ମଙ୍ଗଳେ

Digitized by PPRACHIN, SOA



ଲଙ୍କା ପୋଡ଼ି

Digitized by PPRACHIN, SOA

କରିବି ପରୀକ୍ଷା ଦୈତ୍ୟ ବଳ, ରକ୍ଷା କେ କରି ନ ପାରେ
ଲଙ୍କାକୁ ଦହନ- କରିଣ ବହନ ଯିବି ସିନ୍ଧୁ ପାରେ । ।୧୮।
ଏଣେ ରକ୍ଷଗଣ ଲାଙ୍ଗୁଳ ଦହନ କାରଣେ ବସନ
ସଂଗ୍ରହେ ରହିଲେ କେତେ ଯେ ବୋହିଲେ ଦେଇଣ ଭାଷଣ । ।୧୯।
ରାଜା ଆଜ୍ଞା ପାଇ ପରିଚାରେ ଯାଇ ଜୀର୍ଣ୍ଣ ଛିନ୍ନ ବାସ
ଭଣ୍ଡାରୁ ଅଣାଇଁ ଗୁଡ଼ାନ୍ତି ଗଣାଇଁ ଇଛି ପୁଚ୍ଛ, ନାଶ । ।୨୦।
ଲାଞ୍ଜକୁ ନ ଅଣ୍ଟେ ବସ୍ତ୍ର ଯେତେ ଆଣ୍ଟେ ଗୁଡ଼ାନ୍ତି ମହିଳା
କରି ପରି ହାସ କହେ ବାତ ଶିଷ୍ୟ ନୋହିଲା ନୋହିଲା । ।୨୧।
ମୁଁ' ମୁକ୍ତି ପାଉଛି ସଂସାରୁ ଯାଉଛି ନ ପାଏ, ବସନ
ବସ୍ତ୍ର ଲାଞ୍ଜ ଅଗ୍ରେ ଗୁଡ଼ା ଯେତେ ନଗ୍ରେ ଅଛି ଦଶାନନ । ।୨୨।
ଶୁଣି ଲଙ୍କ ଈଶ ଖୋଲା କରି କୋଷ- ପାଟ ଛିଟ ପଟ
ଯା ଥିଲା ଅଣାଇଁ ଗୁଡ଼ା ଇଲା ରହି ତଥାପି ନିଅଣ୍ଟ । ।୨୩।
କ୍ଷୁବ୍ଧେ ଲଙ୍କସାଇଁ ଭାଷେ କପି ନେଇ କାଳ ତୈଳ ଢ଼ାଳି
ଅଗ୍ନି ସଂଯୋଗିଲେ ହୁଳହୁଳି ଦେଲେ ବାଳୀ, ବାଳେ, ତାଳି ।।୨୪।
ବାଇ ବିଜିଘୋଷ ଫେଡ଼ିଦେଉ ଫାଶ ଲମ୍ଫେ ଜଗତୀରେ
ଶୁଣି ଏଭାରତୀ ଅଶୋକରେ ସତୀ ପାବକି ଗତିରେ । ।୨୫।
ଆରମ୍ଭିଲେ ସ୍ତୋତ୍ର ଆହେ ବିତି ହୋତ୍ର ହୁଅ ସାହାପକ୍ଷ
ହିମବନ୍ତ ପ୍ରାୟ ହିମ ହନୁ କାୟ ପୁଚ୍ଛ କରି ରଖ । ।୨୬।
ସ୍ୱର୍ଣ୍ଣ ଲଙ୍କା ପୁର ଶତ ଯୁଣ ସାର ଦହନ, ଦହଇ
ମନ୍ଦୋଦରୀ କାନ୍ତ ଦେଖିଣ ଚକିତ ହୋଇଣ କହଇ । ।୨୭।
ଆହେ ପ୍ରଭଞ୍ଜନ ପ୍ରଭାକୁ ଭଞ୍ଜନ କରାଅ କଥାରେ
ହନୁକୁ ବୁଝାଇ- କିମ୍ବା ଖରେ ବହି ଛାଡ଼ ସିନ୍ଧୁ ପାରେ । ।୨୮।
ମାନି ସଦାଗତି- ଗତି ଚକ୍ରାକୃତି ଅଣଚାଶ ମୂର୍ତ୍ତି
ହୋଇଣ ବହିଲା ପୁରକୁ ଦହିଲା ରାଜା ହାରେ ଧୃତି । ।୨୯।
ପୁଣି ଭାବେ ରକ୍ଷେ- ଯାଗ, ର ବିମୁଖେ କ୍ଷୁଧାର୍ତ୍ତ କି' ଦେଖା
ଏ ସ୍ଥାନେ ସମ୍ଭଇ ଆକାଶ ଚୁମ୍ବଇ ଲେଲୀହାନ ଶିଖା । ।୩୦।
ବୋଲେ, ବୈଶ୍ୱାନର ଦହୁତୁ ମୋ ପୁର ନାହିଁ କି ଖାତର
ଗଲାଣି କି କଟି- ତୋର ଖଟଣୀଟି ଦେଖାଉ ଚାତର । ।୩୧।
ଆଶ୍ରୟତା ବର୍ଣ୍ଣୁ ଦଶ ଆସ୍ୟ, ଭାଷୁ ଆଶ୍ରୟାସ ମ୍ଳାନ
ଈକ୍ଷଣେ ମାରୁତି ତତକ୍ଷଣେ ତାତି ହୁଏ କମ୍ପମାନ । ।୩୨।

୨୩: କୋଷ-ଭଣ୍ଡାର । ୨୫:ବିଜିଘୋଷ-ବାଦ୍ୟ । ୨୬:ବିତି ହୋତ୍ର-ଅଗ୍ନି । ୨୭:ମନ୍ଦୋଦରୀ କାନ୍ତ-ରାବଣ ।
୨୮: ପ୍ରଭଞ୍ଜନ-ପବନ । ୩୦:ଶିଖା-ଅଗ୍ନି । ୩୨:ଆଶ୍ରୟାସ-ଅଗ୍ନି, ତାତି-କ୍ରୋଧ ହୋଇ ।

Digitized by PPRACHIN, SOA



ଅଶୋକ ବନରେ ହନୁମାନ ମା ସୀତାଙ୍କୁ ପ୍ରଭୁ ରାମଙ୍କ ମୁଦ୍ରିକା ଦେଉଛନ୍ତି

Digitized by PPRACHIN, SOA



ଲଙ୍କା ପୋଡ଼ି ପରେ, ପନୁଃ ଲଙ୍କା ନିର୍ମାଣ କରିବା ପାଇଁ ଲଙ୍କାରେ ବିଶ୍ୱକର୍ମାଙ୍କୁ

Digitized by PPRACHIN, SOA

ଲଙ୍କା ପୋଡ଼ି ବର୍ଣ୍ଣନା

ଚିନ୍ତି ଲାଞ୍ଜ, ମୁଣ୍ଡେ   ଘଷନ୍ତେ ପ୍ରଚଣ୍ଡେ   ବାହାର ବ୍ରହ୍ମାଗ୍ନି
ସ୍ୱୟଂପ୍ରଭା ମାୟା   ସ୍ମରୁ ହନୁ କାୟା   ଧରି ବିଜେ ଯୋଗ୍ନି ।   ।୩୩।
ଯେ’ ଯେଣେ ଚାହିଁଲେ,   ସେ ମାଙ୍କଡ଼ ତଳେ   ଉପରେ ମାଙ୍କଡ଼
ଜଳ, ସ୍ଥଳ, ବାଟ   ଘାଟ, ମଠ, ହାଟ,   କପି ପୋଡ଼େ ଗଡ଼ ।   ।୩୪।
ଗଡ଼ ଯାକ ହାଲ   ହୁରି ଚାଲ ଚାଲ   ମାର୍ଗେ, ପନ୍ତି, ପନ୍ତି
କେ, ଗୋ, ଛାଗମେଷ   ଗଜ, ବାଜି, ବୃଷ   ଖୋଲୁ ଯନ୍ତା ଯନ୍ତି ।   ।୩୫।
କେତେକ ଧରିଣ   ମୂଲ୍ୟବାନ, ଧନ   ହେଲେ କାଉ, କାଉ
କେତେକ ବୋଲନ୍ତି   ଯାଉ ଏ ସମ୍ପତ୍ତି   ଜୀବ, ରହି ଥାଉ ।   ।୩୬।
ଏ କାଳେ ଲାଙ୍ଗୁଡ଼   ଛାଟୁ କାନ୍ଥ ବାଡ଼   ମେଞ୍ଚା ମେଞ୍ଚା ନିଆଁ
ପୋଡ଼େ ରାଜପୁରୀ   ଦେଖି ମନ୍ଦୋଦରୀ   ହୋଇଣ ଛାନିଆଁ ।   ।୩୭।
ରଡ଼ି ପକାଇଲା   ଦାସୀ ପଳା ପଳା   ରାଜା ହୋଇ କୃଶ
ନଭେ ପରିବାରେ   ରଖାଇ ରଥରେ   ଦେଖଇ ଏ ଦୃଶ୍ୟ ।   ।୩୮।
କୁମ୍ଭକର୍ଣ୍ଣ ନାରୀ-   ଏହା ଦେଖି କରି   ବୋଲଇ ନିକର
ନିର୍ଦ୍ଦୋଷି, ମୋ, ନାଥ   ଅଛନ୍ତି ନିଦ୍ରିତ   ହନୁ ରକ୍ଷା କର ।   ।୩୯।
ନୃପ’ କରେ ବ୍ୟକ୍ତ   ଆରେ ଇନ୍ଦ୍ରଜିତ   ଇନ୍ଦ୍ରେ କଲୁ ଜୟ
ବର୍ଷା ନ କରୁଛି   ନିଶ୍ଚିନ୍ତେ ବସିଛି   ମନେ ନାହିଁ ଭୟ ।   ।୪୦।
ଇନ୍ଦ୍ରକୁ ତାଡ଼ିତ   କରୁ ଇନ୍ଦ୍ରଜିତ   ଘୃତ ସମୁଦ୍ରରୁ
ଖରେ ଘୃତ ଆଣି   ବରଷୁ ବ୍ରହ୍ମାଗ୍ନି   ପ୍ରବଳ’ ଆଗରୁ ।   ।୪୧।
ଥବିର, ଅବୀର,   ଅସ୍ରପ ଯେଷ୍ଠିର   କଲେ ଅଗ୍ନି ନୁହେ
ସୀତା, ଚିତ୍ତ ପ୍ରାସେ   ପ୍ରଖର ନିଃଶ୍ୱାସ-   ଅଗ୍ନି, କେବା କୁହେ ।   ।୪୨।
କୁମ୍ଭ କର୍ଣ୍ଣ ଘର   ବିଭୀଷଣ ପୁର   ଅଶୋକ କାନନ
ଛାଡ଼ିଣ ମାରୁତି   ଆନ ପୋଡ଼ି, ଭ୍ରାନ୍ତି   ବିହୀନେ ଆନନ ।   ।୪୩।
ଧୋଇ କଳେବର   ସିନ୍ଧୁ ଜଳେ ବୀର   ବୈଦେହୀ ନିକଟେ
ଉଭା ପୋତି ମଥା   ଘଟି ଥିବା କଥା-   ଗୋଟି, ଗୋଟି, ରଟେ ।   ।୪୪।
ଜନକ କୁମାରୀ   ବୋଲନ୍ତି ହେ’ ହରି   ଆତତାୟୀ ତୁଲ୍ୟ
ଦହି କହ ବୋଧ୍   ବିନା ଅପରାଧ୍   ହେଲେ କଲ ବଲ ।   ।୪୫।
ଏ ଅନଳେ ଝାସ   ଦେଇ ହେଉ ନାଶ   କେ ଦିଅନ୍ତା ବାର୍ତ୍ତା
ଖବର ନ ପାଇ   ଆସନ୍ତେ ବା କାହିଁ   ମୋ ଦେବର ଭର୍ତ୍ତା ।   ।୪୬।
ହନୁ କହେ ଭୟ   କିମ୍ପା, ଧର ଥୟ   ଏ କେତେ ମାତର
କହିଥିଲେ ପତି   ମୁଣ୍ଡ ମୋଡ଼ି ଥାନ୍ତି   ସେ ଦଶ ମାଥର ।   ।୪୭।
ତହିଁ ବଇଦେହୀ   ଦିଅନ୍ତି ବୁଝାଇ   ଶିରୁ ମଥାମଣି
ଆଣ ଭାବଗ୍ରାହୀ   ସନ୍ତକ ଦେଖାଇ   କଷ୍ଟ ଦିନ ଗଣି ।   ।୪୮।

୩୮:ନଭେ-ଆକାଶେ ।୪୨ : ଥବିର-ବୃଦ୍ଧ । ଅବୀର-ବଳହୀନ । ଅସ୍ରପ-ଅସୁର ।୪୪:ହରି-ମର୍କଟ ହନୁମାନ ।

Digitized by PPRACHIN, SOA

କରି ପ୍ରଦକ୍ଷିଣ ପବନ ନନ୍ଦନ ସ୍ୱବଳେ, ସୁବେଳେ
ପ୍ରଭୁ ପଦ ସ୍ମରି ପବନ ସୁମରି ସିନ୍ଧୁ ଲଂଘେ ହେଳେ । ।୪୯।
ପଉଲସ୍ତ୍ୟ ନାତି ଡ଼ାକି ବେଦପତି ବୋଲେ କପି ଛାର
ଆସି ମୋ ଆବାସ ପୋଡ଼ି କଲା ନାଶ କର ପ୍ରତିକାର । ।୫୦।
ଭାଷନ୍ତି ବିରଞ୍ଚି କେ ଥିଲା ଯା ପାଞ୍ଚି ବିପତ୍ତି ପଡ଼ିବ
ଦେଉଛି ନିର୍ଦ୍ଦେଶ ବିଶ୍ୱକର୍ମା ବାସ ଏ ନିଶି, ଗଢ଼ିବ । ।୫୧।
କ୍ରମେଣ ତାମସୀ ପ୍ରବେଶନ୍ତେ ଆସି ବିଶ୍ୱକର୍ମା ବ୍ୟସ୍ତେ
ନୃପତି ଭବନ- ରଚି, ଆନ ଆନ ରଚେ କ୍ରମାଗତେ । ।୫୨।

ଶ୍ରୀରାମଙ୍କ ନିକଟେ ହନୁମାନ ସୀତାଠାବ ବର୍ଣ୍ଣନା

(ରାଗ-କଲ୍ୟାଣ ଆହାରୀ)

(୧ ପଦରୁ ୧୦ ପଦ ଯାଏଁ ଶେଷ ଦୁଇ ଚରଣ, ଯମକ' ଉପଧା ମିଳନ)

ଛାନ୍ଦ - ୧୩

ଶୁଣ ସୁଧୀମନ୍ତ, ଏ ଅନ୍ତେ ଚରିତ, ସୁବଳ ବନୁ ହନୁମନ୍ତ
ଫେରିବାର କାଳେ, ଦଇତେ ଆକୁଳେ, କମ୍ପିତ, ଦେଖି ତାରା ସୁତ
ହରଷେ= ଧାଇଁ ଆସି ସୈନ୍ୟେ କହନ୍ତି
ମନ୍ତ୍ରୀ ଜାମ୍ବବାନ, ଜାନକୀ ସନ୍ଧାନ, ମୁଖୁ ଜାଣି ଗର୍ବ ବହନ୍ତି । ।୧।
ଏକାଳେ ମାରୁତି, କରଇ ପ୍ରଣତି, ବୟ ବୃଦ୍ଧ ମନ୍ତ୍ରୀ ଚରଣେ
ଘଟିବା ଘଟଣା, ଗୋଟିଗୋଟି ଜଣା, କରଇ ଜାଣିବା କାରଣେ
ଜାନକୀ=ଭେଟ ମଧୁବନ ଭଞ୍ଜନ
ଅକ୍ଷୟର କ୍ଷୟ, ଲଙ୍କା ଭସ୍ମ ମୟ, କହି ଶ୍ରୁତି କଲେ ରଞ୍ଜନ । ।୨।
ଅତି ଆନନ୍ଦିତେ, ବଧାଇ ଜାଚନ୍ତେ, ନ ଘେନି ମାରୁତି ବୋଇଲା
ଏ କାର୍ଯ୍ୟେ ଧାରଣ-ର ତୁମ୍ଭେ କାରଣ, ଏକା ମୁଁ ଘେନିବା ନୋହିଲା
ବହୁତ=ଦିନରୁ ଏକତ୍ର ଆହାର
ନାହିଁ ତେଣୁ ଗ୍ରାସ, କରି ରାମ ପାଶ, ଯିବାକୁ ହୋଇବା ବାହାର । ।୩।
ଶୁଣି ସେନାଗଣେ, ସୁଗ୍ରୀ ମଧୁବନେ, ପ୍ରବେଶନ୍ତେ ମାନି କଥାକୁ
ସେ କାନନ ରକ୍ଷୀ, ଭୟେ ଯାଏ ଦେଖି, ସୁଗ୍ରୀ ପଦେ ଥାପି ମଥାକୁ
ବୋଲଇ= ଦେବ ଦକ୍ଷିଣ ଦିଗ ଚାର
କାର୍ଯ୍ୟ ସମାପନେ, ସର୍ବେ ମଧୁବନେ, ଆହାରେ କରନ୍ତି ସଂଚାର । ।୪।
ଏକାଳେ ରାଘବ, ଡ଼ାକି ରୋମାଧବ, ପଚାରନ୍ତି ମନ ଆକୁଳେ
କହ କହ ମିତ୍ର, ତିନି ଦିଗ ଦୂତ, ଫେରି ଆସିଲେ ଯଥାକାଳେ
ଦକ୍ଷିଣ=ଦୂତ ନ ଆସିଲେ କାହିଁକି
ମୋ ଭାଗ୍ୟ ଆନକି, ହୋଇଲା ଜାନକୀ, ଜୀବନରେ ଆଉ ନାହିଁକି । ।୫।

୫୦:ପଉଲସ୍ତ୍ୟନାତି-ରାବଣ, ବେଦପତି-ବ୍ରହ୍ମା ।୫୨:ତାମସି-ରାତ୍ରୀ ୧: ତାରାସୁତ-ଅଙ୍ଗଦ । ୨: ମନ୍ତ୍ରୀ-ଜାମ୍ବବାନ୫: ରୋମାଧବ - ସୁଗ୍ରୀବ ।

Digitized by PPRACHIN, SOA

ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନଙ୍କର ସୀତାଙ୍କ ମଥାମଣି ଓ ବାର୍ତ୍ତା ପ୍ରଦାନ

ଶ୍ରୀରାମ ଭକ୍ତ ବିଭୀଷଣଙ୍କୁ ଭାଇ ରାବଣର ପଦାଘାତ

ଶ୍ରୀରାମଙ୍କ ନିକଟେ ଶରଣ ପାଇଁ ବିଭୀଷଣଙ୍କର ସୁଗ୍ରୀବଙ୍କୁ ଗୁହାରି

ପ୍ରଭୁ ରାମଚନ୍ଦ୍ରଙ୍କ ଚରଣେ ବିଭୀଷଣ ଶରଣ

Digitized by PPRACHIN, SOA

କି ଅକୃତ କାର୍ଯ୍ୟ, ହେତୁ ହାରି ଧୈର୍ଯ୍ୟ, ସମାଚାର ନଜଣାଇଲେ
ମନେ ଧରି ତ୍ରାସ ସିନ୍ଧୁଜଳେ ଝାସ, ଦେଲେ ଶୁଣି ସୁଗ୍ରୀ, ବୋଇଲେ
ମଇତ୍ର=ବିଳମ୍ୱେ କାର୍ଯ୍ୟ ହୁଏ ସିଦ୍ଧି
ମୋ ବନ ପ୍ରହରୀ, କହିଗଲା ବାରି, ଶୁଭ କରାଇଛନ୍ତି ବିଧି । ।୬।
ଏ ବାକ୍ୟେ ତୃଷାର୍ତ୍ତ, ରାମଚନ୍ଦ୍ର ଚିତ୍ତ-ଚାତକ ବାର୍ତ୍ତା ଜଳ ଆଶେ
ନଭେ ଚାହୁଁ ଆସି, ଘୋର ଘନ ରାଶି, ମର୍କଟ ପ୍ରକଟ ଆକାଶେ
ବରଷା,= ବିନ୍ଦୁବତ କ୍ରମେ ଆସନ୍ତି
ତାରା ସୁତ ତ୍ୱରା, ହୋଇ ନମ୍ରେ ମରା, ବିଲୋମେ'' ପ୍ରଣାମି ଭାଷନ୍ତି । ।୭।
ହେ ସୁର ବନ୍ଦନ, ଅଜଜ' ନନ୍ଦନ, ତୁମ୍ଭ ସ୍ନେହ କୃପା ବଳରୁ
କାର୍ଯ୍ୟ ସମାଧାନ, କଲା ହନୁମାନ, ବୀର ଏକା ସେନା ଦଳରୁ
ଏ କଥା=ଶୁଣି ଶ୍ରୀରାମ ଦବି,କାଳ
ମରୁତ ନନ୍ଦନେ, ପଚାରନ୍ତେ ଘନେ, ଶ୍ରୁତି ପାତନ୍ତି ରବିବାଳ । ।୮।
କହ କହ ବୀର, ଜାନକୀ ଖବର, ଘଟିଛିଯା, ଲଙ୍କା ଭୁବନେ
ମୋ ବାନ୍ଧବୀ ସୀତା, ଦେଲା କି ବାରତା, ବଞ୍ଚି ରହିଛିକି ଜୀବନେ
ସ୍ୱନେତ୍ରେ=ଦେଖି ଚିହ୍ନିଲାକି, ତୁମ୍ଭଙ୍କୁ
ରହି ବହୁଦୂରେ, ମୋ ଚିନ୍ତା କି କରେ, ଉଦ୍ଧାରେ ସ୍ମରେ କି କୁମ୍ଭକୁ । ।୯।
କିପରି ସାଗର, ହୋଇଗଲ ପାର, କି ଦେଖିଲ ଲଙ୍କା ବିଭୂତି
ସେନା ସେନାପତି, କେତେ ଲଙ୍କପତି, ରଖିଛି କେତେ ତାର ଭୂତି
ମାରୁତି=ମଥା ଥାପି କଞ୍ଜ ଚରଣେ
ସିନ୍ଧୁ ଉଲ୍ଲଂଘନ, ମଧୁବନ ଭଗ୍ନ, ଅକ୍ଷୟ, କ୍ଷୟ, କଥା ଭଣେ । ।୧୦।
ହେ କୃପା ବାରିଧି, ଲଂଘନେ ବାରିଧି, ତୁମ୍ଭ ନାମ ନାବ କରିଲି
ମହେନ୍ଦ୍ରର ଶିଖ, ଉଠି ଦେଉ ଲମ୍ଫ, ନଭେ ବିଶ୍ୱ ରୂପ ଧରିଲି
କଶ୍ୟପ=ବନିତା-କଦ୍ରୁ ନାଗ ମାତା
ପଥ ରୋଧେ, ମାୟା, ବଳେ ଜାଣି କାୟା, ବଢ଼ାଉ ଫେରୁଗଲା ଚିନ୍ତା । ।୧୧।
ସାଗର ଗର୍ଭରେ, ମଇନାକ ଥିଲେ, ବାହାରି ମୋତେ ଡ଼ାକ ଦେଲେ
ଏଥି ଜଳପତି, ମୋତେ ପେଶିଛନ୍ତି, ବିଶ୍ରାମ କର ହନୁ ଭଲେ
କହିଲି=ମାତାଙ୍କ ଦରଶନ ବିନା
ନହେବ ବିଶ୍ରାମ, ନିଦ୍ରା, ଖାଦ୍ୟ ପାନ, ଏଣୁ କରୁଛି ତାହା ମନା । ।୧୨।
ଗମୁ ଛାୟାଧରି, ସିଂହିକା ଅସୁରୀ, ଓଟାରି ଗର୍ଭକୁ କ୍ଷେପିଲା
ଗର୍ଭେ ତୁମ୍ଭ ନାମ, କରନ୍ତେ ସ୍ମରଣ, ରାକ୍ଷସୀ ଉଦ୍‌ଗାରି କମ୍ପିଲା
ତାହାକୁ=ବିନାଶି କରିଲି ଗମନ
ସିନ୍ଧୁପାର, କୂଳେ, ସୁବେଳେ ସୁବଳେ, ଶୁଭରେ ହେଲି ଅବତୀର୍ଣ୍ଣ । ।୧୩।

୭:ମରା ବିଲୋମେ-ରାମ । ୮:ରବିବାଳ- ସୁଗ୍ରୀବ,କୁମ୍ଭ-କାଳୀକା କଳସ ୧୨:ଜଳପତି-ବରୁଣ ।

Digitized by PPRACHIN, SOA

ଲଙ୍କା ବର୍ଣ୍ଣନା

ଦୂରରୁ ଆଶଙ୍କା, ହେଲା ଦେଖି ଲଙ୍କା, ହାଟକ, କଟକ, ଫାଟକ,
ଶୋଭା ଅତି ଝଳି, କିବା ନାଟସ୍ଥଳୀ, ପରି ପ୍ରହରୀ ଏ ନାଟକ,
କରନ୍ତି=କେତେ ଭଳି ପରିବେଶରେ
ଶିରେ ବନ୍ଧା ପାଗ , ଭିନ୍ନ ଭିନ୍ନ ରଙ୍ଗ, କେତେ ଥାନ୍ତି ସୀମା ଦେଶରେ । ।୧୪।
ତ୍ରିକୂଟ ଶିଖରୀ, ସେ ରାବଣ ପୁରୀ, ସୌନ୍ଦର୍ଯ୍ୟତା ଅବର୍ଣ୍ଣ ନୀୟ
କୋଟି କୋଟି ଘର, ମଣି ମାଣିକ୍ୟର, ସ୍ୱର୍ଗହୁଁ ହେବ ବନ୍ଦନୀୟ
ଛାଉଣୀ=ନିଳମଣୀ, ତାମ୍ର, ରଜତ,
କାହିଁ ବାଂଶ, ତୃଣ, ଛପର ଶୋଭନ ଅନ୍ତ କରିନୋହେ ବକ୍ରତ । ।୧୫।
ତା ନିକଟେ ବାଦ, କରେ ମେଘନାଦ, ପାଚେରୀ ମେଘେ କ୍ରୋଶେ କ୍ରୋଶ
ସାରୀ, ଶୁଆ, କୁଆ, ହରଡ଼ ପାରୁଆ, ଚିତ୍ରିତ, ସୁବର୍ଣ୍ଣ, କଳସ
ସୁମାରି=କରିବା ନାହିଁ ଶକ୍ତି କାର
ଦିଗପାଳ ଭୟେ, ନାଗକୁଳ ଥୟେ, ସେବା କରନ୍ତି ନିତ୍ୟ ତାର । ।୧୬।
ପ୍ରାଚୀ, ଉଦିଚ୍ୟାଦି, ଅବାଚୀ ଦିଶାଦି, ଦ୍ୱାର ଜଗତକୁ ନିନ୍ଦିବ
ଇନ୍ଦ୍ର ଜାଲ ମାୟା, ବିସ୍ତାରିଛି କାୟା, ଯେ ଯିବ ତାହାକୁ ବାନ୍ଧିବ
ପ୍ରଦୋଷେ=ପଶ୍ଚିମ ଫାଟକେ ଗୋଧନ,
ଆସିବା ପାଇଁ ବାଟ, କରିଲେ କବାଟ ଖୋଲି ସେ ସକଳ ଶୋଧନ ।୧୭।
ସ୍ମରି ନାମ ବାର-ମ୍ୱାର ମୁଁ ମାର୍ଜାର ରୂପକୁ କରିଲି ଧାରଣ
ଛଟକେ, କଟକେ, ପ୍ରତିହାରୀ ଠକେ, ଯିବି ଭାବୁ କଲା ବାରଣ
ଲଙ୍କିନୀ=କୁଟିଣ ମୁଁ ଗୋଟି ବିଧାକୁ
ଟାଣି ଆଣୁ ଚୁଟି, କରି ବଡ଼ ପାଟି, ଦେଲା ସେ ସର୍ବ ମସୁଧାକୁ । ।୧୮।
ସେ କଥାରେ ମନ, ଆଣେ ମୁଁ ସନ୍ଧାନ, କଲି ଅଟ୍ଟାଳିକା ମାନଙ୍କୁ
କାହିଁ ନ ପାଇଲି, ଜନକ ଦୁଲାଳୀ ତୁମ୍ଭ ହୃଦହରା ଧନକୁ
ଲଙ୍କେଶ=କେଳି ପୁରେ ଲଭେ ଭୀତିକୁ
ଜ୍ୟେଷ୍ଠ ରାଣୀ ଶ୍ରେଷ୍ଠ, ବାକ୍ୟେ ବୋଲେ ରିଷ୍ଟ, ଜାନକୀ ଫେରାଅ ଯତୀକୁ । ।୧୯।
ଶୁଣି ଚିତ୍ତ ଥୟ, ହେଲା ଗଲା ଭୟ, ମାତାଙ୍କ ଜୀବନ ରହିଛି
ବାସୁ ବାସେ ଯାଇ ଅପୂର୍ବ ଦେଖଇ ବାଡ଼େ ବାଡ଼େ ଲେଖା ହୋଇଛି
ବିଦେହ=ରାଜନ ନନ୍ଦନା ହରଣ,
ବିନାଏ ମହୀରେ, କେବେ ନୋହିପାରେ, ଦଇତ ରାବଣ ମରଣ । ।୨୦।
ପୁଣି ପଢ଼େଦୂରେ, ଲେଖାଅଛି ପୁରେ, ଦେବଙ୍କ ଖଟଣି ସନ୍ଧାନ,
କୃତାନ୍ତ, ବୃତାନ୍ତ, କି କରିବି ବ୍ୟକ୍ତ, ଅଗ୍ନି କରେ ଯାର ରନ୍ଧନ,
ପ୍ରଭୁହେ=ଜୀବେଶ, ଅଶ୍ୱଗ୍ରାସ ଘାସ
ସର୍ଶନେ ନିଯୁକ୍ତି, କରୁ ଦୈତ୍ୟପତି, ବୁଝିଲି ଖଟୁଛନ୍ତି ପାଶ । ।୨୧।

୧୪:ହାଟକ-ସୁନା କଟକ ଲଙ୍କା,। ୧୬:ପ୍ରାଚୀ-ପୂର୍ବ, ଉଦିଚ୍ୟାଦି-ଉତ୍ତର ଦିଗ,ଅବାଚୀ-ପଶ୍ଚିମ ଦିଗ ।
୧୫:ପ୍ରଦୋଷେ-ସନ୍ଧ୍ୟା ସମୟରେ ।୧୮:ମାର୍ଜାର-ବିରାଡ଼ି୨୧: କୃତାନ୍ତ-ଯମ,ଜୀବେଶ-ଯମ,ସ୍ପର୍ଶନ-ପବନ ।

Digitized by PPRACHIN, SOA

ସ୍ପର୍ଶନ, ମାର୍ଜ୍ଜନ, କାର୍ଯ୍ୟରେ ତର୍ଜ୍ଜନ, ଗର୍ଜ୍ଜନ ବହୁତ ସହନ୍ତି
ବିଧାତା ନନ୍ଦନେ, 'ସୁ' ବିପଞ୍ଚୀଗାନେ, ଭବ ତାଣ୍ଡବ ନୃତ୍ୟେ ଥାନ୍ତି
ଅଖଣ୍ଡେ=ସେ ଆଖଣ୍ଡଳ, ଦ୍ୱାରୀ କତି
ଶଶଧର ଦଶା, କହିବାକୁ ଭାଷା, ନାହିଁ ବସନ ଧୁଏ ନିତି । ।୨୨।
ଅରୁଣ ଉଦୟ, ପୂର୍ବୁ କରି ଭୟ, ବରୁଣ ନୀରକୁ ଯୋଗାନ୍ତି
ନିଅଣ୍ଟ ଭଣ୍ଡାର, ପୂରଣେ କୁବେର, କିତାପ ଧରି ବସିଥାନ୍ତି
ଏବାଦ=ପୂର୍ବଦେବ ପୂର୍ବ ଦେବରେ
କ୍ଷୀଣ କରି ଜ୍ୟୋତି, ଆଲୋକ ଯୋଗାନ୍ତି, ଦକ୍ଷିଣ ଅୟନେ ସ୍ତବରେ । ।୨୩।
ସାନ ବିଭୀଷଣ, ମଧମ ଯେ ରଣ-ପ୍ରବୀଣ, ଯେ ଘଟ ଶ୍ରବଣ
ବିରଞ୍ଚିର ବରେ, ସଦା ଶୟନରେ ଦେଖିବ ସମର ପ୍ରାଙ୍ଗଣ
ବସ୍ପର=ମଧରେ ଶୟନ ତେଜିଲେ
କିନ୍ନର, ଦୈବତେ, ଗନ୍ଧର୍ବାଦି, ନିତ୍ୟେ, ଭୟେ ଜ୍ୟେଷ୍ଠ ସୁତେ ଭଜିଲେ । ।୨୪।
ମସ୍ତ,ମସ୍ତ, ଭେଣ୍ଡା, ଅଷ୍ଟାଦଶ ଗଣ୍ଡା-କୁମର ତେରଶତ ନାତି
ବୃହସ୍ପତି ବ୍ୟସ୍ତ, ହେଉଛନ୍ତି ନ୍ୟସ୍ତ- ହିସାବ ଉଲ୍ଲେଖରେ ନିତି
ଅଠର-କ୍ଷୌଣୀ ବାକାକାର ରାକାର
ରଥାଙ୍ଗ, ତୁରଙ୍ଗ,ମାତଙ୍ଗ, ପ୍ରସଙ୍ଗ, କେ କହେ ହଜାର ହଜାର । ।୨୫।
ବନ୍ଧନ ବିଧାନ, ଶୃଙ୍ଖଳ ସୁବର୍ଣ୍ଣ, ଚପଳେ ଚପଳା ସ୍ମରିବ
ମେରୁ, କଇଳାଶ, ଆଦ୍ୟ ପ୍ରାନ୍ତ ଦୃଶ୍ୟ, ଗଜ, ହୟ, ଠାରୁ ହାରିବ
ଏକାଳେ=ଲଙ୍କା ଈଶ୍ୱର ସାନଭ୍ରାତ
ସଙ୍ଗେ ହେଉ ଭେଟ, ଗଲା ମୋ ସଙ୍କଟ, ସରବ ସ୍ଥିର ହେଲା ଗାତ୍ର । ।୨୬।
ଅଶୋକ କାନନେ, ବଡ଼ଭୀରେ ମ୍ଳାନେ, ବିଜୟ କରିଛନ୍ତି ଦେବୀ
ବିଜୁଳି ଝଟକ, ପରାଏ ଅଟକ, ଲୋକନେ ନେତ୍ରଯାଏ ଦ୍ରବି
ତେଣୁ ମୁଁ=ଦେଖି ନ ପାରିଣ ସ୍ପଷ୍ଟରେ
ମନେ ବିଚାରିଲି, ଏବୈକୁଣ୍ଠ ଶିରୀ, କିଦୋଷେ ଅଛନ୍ତି କଷ୍ଟରେ । ।୨୭।
ପ୍ରଦତ୍ତ ମୁଦ୍ରିକା, ଖୋଲି ମନୁ ଶଙ୍କା, ଛାଡ଼ି ମୁଁ ପାଦରେ ରଖିଲି
ବ୍ରତ ହେଉ ପୂର୍ଣ୍ଣ, ପାରଣା ମାଗିଣ, ମଧୁବନୁ ଫଳ ଭକ୍ଷିଲି
ଅକ୍ଲେଶେ=କ୍ଷୟ କରିଲି ସେ ଅକ୍ଷୟ,
ଛଳେ ନାଗଅସ୍ତ୍ର, ପେଶି ଇନ୍ଦ୍ରଜିତ,-ନେଲା ପୋଡ଼ିଲି ବାସଚୟ । ।୨୮।

ସୀତା ତୁଣ୍ଡେ ରାମ ନାମ ପହରୀ

ବିରହେ ତୁମ୍ଭର, ଖାଦ୍ୟ,ପାନ,ଦୂର କରିଛନ୍ତି, 'ନିଦ୍ରା' ସମାଧି
ଉପାସନେ ଧାନ, ଧାରଣାରେ ମନ, ହୃଦୟ ମନ୍ଦିରେ ନିରୋଧି
ଶ୍ରୀମୁଖ=କପାଟରେ ନାମ ପ୍ରହରୀ,
କରଇ ପ୍ରହରା, ଦିବାନିଶି ସାରା, ମାନସ ପଦେ ମଗ୍ନ କରି । ।୨୯।

୨୨: ବିଧାତା ନନ୍ଦନ-ନାରଦ, ଭବ-ଶିବ, ଆଖଣ୍ଡଳ-ଇନ୍ଦ୍ର, ଶଶଧର-ଚନ୍ଦ୍ର ।୨୩:କିତାବ-ଖାତା, ପୂର୍ବଦେବ-ଅସୁର । ୨୫: ରଥାଙ୍ଗ-ରଥାରୋହୀ,ତୁରଙ୍ଗ-ଅଶ୍ୱ, ମାତଙ୍ଗ-ହସ୍ତୀ । ୨୬:ଶୃଙ୍ଖଳ-ଶିକୁଳି,ଚପଳା-ବିଜୁଳି, ମେରୁ କଇଳାଶ ଆଦ୍ୟ ପ୍ରାନ୍ତ - ମେଷ (ଶ)୨୭: ବଡ଼ଭୀ-ମଣ୍ଡପ, ଶିରୀ-ଲକ୍ଷ୍ମୀ ।

Digitized by PPRACHIN, SOA

ନେବାକୁ ପରାଣ, ସ୍ୱୟଂ କନ୍ତୁରାଣ, ଆସିଲେ ଦୂରରୁ ଫେରିବ
ମୁଖ ସୁଧାକର, ଯାହାର ତାହାର, ଜୀବନ କେଉଁ ପରି ଯିବ,
ତ୍ରିଲୋକେ=ଲୋକହସା ପ୍ରଭୁ ଏକଥା
କି ବର୍ଣ୍ଣିବ ବନ୍ୟ-ଜନ୍ତୁ ଏ ନଗଣ୍ୟ, ଶୁଣନ୍ତୁ ମନୁଯିବ ବ୍ୟଥା । ।୩୦।
ମୁଖଚନ୍ଦ୍ର ରଟେ, ନିଷ୍କଳଙ୍କ ଅଟେ, ଚନ୍ଦ୍ର କଳଙ୍କର ପୀରତି
ହେତୁ ନିଶାପତି, ନାମ ବହିଛନ୍ତି, ଦିବସେ ଲଭେ ନାହିଁ ଜ୍ୟୋତି
ଜାନକୀ-ଶୋଭା ଅହର୍ନିଶି ସମାନ
ତ୍ରିନେତ୍ର ବିଭୂଷା-ବିଧୁ ବହୁଭୂଷା ଅଟେ ପ୍ରଭୁ ମାତା ଆନନ । ।୩୧।
ଚନ୍ଦ୍ର, ଚନ୍ଦ୍ରକାନ୍ତ-ମଣି ଦ୍ରବୀଭୂତ, କରି ତରଳା ଏ 'ବା' କାହିଁ
ସୀତ ଚନ୍ଦ୍ରମୁଖ, ସତ୍ ଚରିତ୍ର ଲୋକ, ଚିତ୍ତକୁ ଦିଏ ତରଳାଇ
ସେ ଅଙ୍ଗ=ସୁବାସେ ପାରିଜାତ ପୁଷ୍ପ,
ତୁଳିଆଇ ହୋଇ, ତୁଳନେ ନ ହୋଇ, ଲଜ୍ଜାରେ ସ୍ୱର୍ଗେ କଲା ବାସ । ।୩୨।
ମୋ ଫେରିବା ଜାଣି, ଶିରୁ ମଥାମଣି, ଦେଲେ ହେବା ପାଇଁ ବିଶ୍ୱାସ
ଷାଠିଏ ଦିନ ନ-ହେଉଣୁ ପୂରଣ ଯିବା ପାଇଁ ଦେଲେ ଆଭାଷ
ଦର୍ଶନେ=ରଖିଛନ୍ତି ମାତା ଜୀବନ,
ଗଡ଼ିଲେ ତା ଚାଣ୍ଡେ, ଗଣ୍ଡୁକୀର ଗଣ୍ଡେ, ଗଡ଼ିବେ ଅଭାଗୀ ଭବନ । ।୩୩।
ଦୈତ୍ୟ ଖଳବଳ, ଉଗ୍ରତା ଉଜ୍ଜ୍ୱଳ, ମଧ୍ୟାହ୍ନରେ ଯଥା ଭାସ୍କର
ତବଶର ବାର, ନିହାର ବିହାର, କଲେ ନାଶ ଯିବ ତସ୍କର
ଶ୍ରୀରାମ=ଭାଷନ୍ତି ହେଉ ଶିରୀ ତୁଣ୍ଡ
ଆଜଠାରୁ ପଣ, କରିଲି କମାଣ, ଧରି ଫୋଡ଼ିବି ଦୈତ୍ୟ ପିଣ୍ଡ । ।୩୪।
ଆଉ ଯାହା ଯାହା, କହିଥିଲେ ସାହା, ଭରସାରେ କାନ୍ତେ ଜାନକୀ
ସ୍ମରି ସଙ୍କଳପି, ଗୋଟି ଗୋଟି କପି ପ୍ରକାଶୁ ଶୁଣନ୍ତି ଧାନୁକୀ
ଅଧୀରେ=ବାହୁନି କରନ୍ତି କ୍ରନ୍ଦନ,
ବୋଧେ, ଦୟା ଅନ୍ଧ, ନକାନ୍ଦ ନକାନ୍ଦ, ହସି ବେ ଜଗତ ବନ୍ଦନ । ।୩୫।

୨୨: ବିଧାତା ନନ୍ଦନ-ନାରଦ, ଭବ-ଶିବ, ଆଖଣ୍ଡଳ-ଇନ୍ଦ୍ର, ଶଶଧର-ଚନ୍ଦ୍ର ।୨୩:କିତାବ-ଖାତା, ୩୧:ତ୍ରିନେତ୍ର-ଶିବ । ବିଧୁ- ଚନ୍ଦ୍ର, ଆନନ-ମୁଖ

ରାମ ନାମ ପରଂ ଜ୍ଞାନ	ରାମ ନାମ ପରୋ ତପଃ ।
ରାମ ନାମ ପରଂ ମନ୍ତ୍ର	ରାମ ନାମ ପରୋ ଜପଃ ।।
ରାମ ନାମ ପରଂ ଧ୍ୟାନ	ସଦା ସର୍ବ ପୂର୍ଣ୍ଣ କାମ ।
ରାମ ନାମ ସଦା ସେବ୍ୟ	ଈଶ୍ୱରାଣାଂ ମମପ୍ରିୟେ ।।

Digitized by PPRACHIN, SOA

ସୀତାଙ୍କ ଖବର ପାଇବା ପରେ
ରାମଚନ୍ଦ୍ରଙ୍କର ବିଭିନ୍ନ ଚିନ୍ତନ

(ରାଗ-ଲଳିତ କେଦାର)

ଛାନ୍ଦ - ୧୪

ଅନ୍ତର୍ଲିପିରେ - ବାର, ଯୋଗ, ରାଶି, ଦେଶ, ଆସିବ ।

ଶୁଣି ବୁଧେ ବୋଧ ଚିତ୍ତ, ଜାନକୀ ସମ୍ବାଦ ହେଉଁ ପ୍ରାପତ
ହେ ସାଧୁଜନେ- ଶୋକାକୁଳ ରାମ ଶାନ୍ତ, ହେ ସାଧୁଜନେ । ।୧।
ବ୍ୟାଧିଗ୍ରସ୍ତେ ବ୍ୟାଧିଦୂର, ମନ୍ତ୍ରୌଷଧି 'ଯନ୍ତ୍ର' ତିନି ପ୍ରକାର
ହେ ସାଧୁଜନେ- କଲା ପରି କଲେ ବୀର ହେ ସାଧୁଜନେ । ।୨।
ସୀତାମନ୍ତ୍ର, ମଣି, ଯନ୍ତ୍ର, ହନୁଦେବା ବାର୍ତ୍ତା ଔଷଧିବତ
ହେ ସାଧୁଜନେ- ଚିନ୍ତା ଜ୍ୱର କଲା ଶାନ୍ତ, ହେ ସାଧୁଜନେ । ।୩।

ସୀତାଙ୍କର ଶରୀରରେ ଜଳ, ସ୍ଥଳ, ପୁଷ୍ପ ଆରୋପଣ, ଉପମା ଉପମେୟ

ଜଳ,ସ୍ଥଳ, ପୁଷ୍ପ, ବର୍ଗେ, ନିରୂପଣ କରି ଜାନକୀ ଅଙ୍ଗେ
ହେ ସାଧୁଜନେ- ଗୁଣନ୍ତି ସ୍ନେହ ସୁହାଗେ, କୋଦଣ୍ଡଧାରୀ । ।୪।
ପଦ୍ମମୁଖ, ନୀଳୋତ୍ପଳ-ନୟନ, ନାସା ଶୋଭା ତିଳଫୁଲ
ବିଦେହଜେମା- ବର୍ଣ୍ଣେ ଚମ୍ପାନୁହେଁତୁଲ, ବିଦେହ ଜେମା । ।୫।
ଶିରୀଷାଙ୍ଗି, ମୃଦୁଶ୍ରେଷ୍ଠ, ପାଟଳୀ ଶ୍ରବଣ ବନ୍ଧୂଲି ଓଷ୍ଠ
ବିଦେହ ଜେମା- ଶିବ, ବିଭୋରେ ଉଚ୍ଚାଟ, ବିଦେହ ଜେମା । ।୬।
ପୁଣି ଗୁଣୀ ଗଣାଗ୍ରଣୀ, ବିଳପନ୍ତି ପ୍ରିୟା ଗୁଣକୁ ଗୁଣି
ବିଦେହ ଜେମା- ବେଣୀ ହୋଇଥିବ ଫଣୀ, ବିଦେହ ଜେମା । ।୭।
ରାକା ବିଲୋମ ସଦନ-ମଣି କଷ୍ଟ ଭୋଗୁଥିବୁ ମୋଧନ
ବିଦେହ ଜେମା- ଏହା ନିୟତି ବିଧାନ, ବିଦେହ ଜେମା । ।୮।

ବହିର୍ଲିପି ରେ ସାତବାର

ରାମଚନ୍ଦ୍ର ଅଙ୍କେସ୍ଥିତ, ରବି ବଂଶେ ସୋମ, ସମ ମୁଁ ଜାତ
ବିଦେହ ଜେମା- ମଙ୍ଗଳେ ନ ଦେଲି ଚିତ୍ତ, ବିଦେହ ଜେମା । ।୯।
ବୁଧ ଗୁରୁ କବି କ୍ରୁଦ୍ଧ, କରି ବାକ୍ୟା ଶନି, କରିବେ ବିଦ୍ଧ
ବିଦେହ ଜେମା- ଗଢ଼ିଲି କଳଙ୍କ ସୌଧ, ବିଦେହ ଜେମା । ।୧୦।

୨୭ ଯୋଗ ଅନ୍ତର୍ଲିପିରେ

ଶୁଣି ଭାଷେ ହନୁମାନ, ଅବିଳମ୍ବେ ଲଙ୍କା ହେଉ ଗମନ
ବିଳମ୍ବେ ମାତା- ଆଦିଯୋଗେ, ଦେବେମନ, ବିଳମ୍ବେ ମାତା । ।୧୧।

Digitized by PPRACHIN, SOA

ବେନି 'ଯୋଗ' ହୀନେ ଆଗ, ନାଶ କରାଇବ ସେ ତିନିଯୋଗ, ଚତୁର୍ଥ ଯୋଗ
ଭୋଗରୁ ହେବ ଅଭାଗ୍ୟ, ଚତୁର୍ଥ ଯୋଗ । ।୧୨।
ପଞ୍ଚମ ଯୋଗ ବିରସ, ଷଷ୍ଠ ଯୋଗରେ ମାତା ଦେବେ ଝାସ, ସପ୍ତମ ଯୋଗ
ଭୋଗେ ହେବ ନାହିଁ ଯଶ, ସପ୍ତମ ଯୋଗ । ।୧୩।
ଅଷ୍ଟଯୋଗ ଟାଳେ ଦୈତ୍ୟ, ନବଯୋଗ ଧରପର ପୀଡ଼ିତ, ଦଶମ ଯୋଗ
ଚୁମ୍ବନେ ବଳାଏ ଚିତ୍ତ, ଦଶମଯୋଗ । ।୧୪।
ଏକାଦଶରୁ ବାଚାଳ, ବାରଯୋଗ ନିଶ୍ଚେ ହୋଇବ କାଳ, ତ୍ରିଦଶ ଯୋଗ
ଭୋଗ ଲୋଡ଼ାଟି କେବଳ, ତ୍ରିଦଶ ଯୋଗ । ।୧୫।
ଚଉଦଯୋଗ ନାହିଁତ, ପଞ୍ଚଦଶ ଯୋଗ ତୁଲ୍ୟ ଆଘାତ, ଷୋଡ଼ଶ ଯୋଗ
ସଦା ନୟନରୁ ପାତ, ଷୋଡ଼ଶ ଯୋଗ । ।୧୬।
ସପ୍ତଦଶ ଯୋଗ ଯୋଗ, ଅଷ୍ଟଦଶ ଆସି ହୋଇବ ଭୋଗ, ଉନବିଂଶର
ଯୋଗ କରେ ଧରି ବାର, ଉନବିଂଶର । ।୧୭।
ବିଂଶ ବିଂଶପର ପର, ଭୋଗେ ହେବ ପ୍ରଭୁ ତ୍ରିବିଂଶ ସ୍ମର ଚତୁର ବିଂଶ
ଯୋଗରୁ ବଢ଼ିବ ରୋଷ, ଚତୁରବିଂଶ । ।୧୮।
ପରମ ପଚିଶ ବିଧି, ଦେଉଁ ଷଷ୍ଟବିଂଶ ଯୋଗରେ ସିଦ୍ଧି, ସପତବିଂଶ
ଯୋଗ ଭୋଗରୁ ବିବୃଦ୍ଧି, ସପତବିଂଶ । ।୧୯।

ହନୁମାନ ବ୍ୟକ୍ତବ୍ୟେ ରାମଙ୍କର ଉତ୍ତର, ବାର ରାଶି ବହିର୍ଲିପିରେ ପ୍ରୟୋଗ

ହନୁ ବକ୍ତବ୍ୟେ ପ୍ରଶଂସି, ପ୍ରକାଶିଲେ ଯାହା ତପନବଂଶୀ, ଗାମ୍ଭୀର୍ଯ୍ୟେଘେନ
ଜନେ ଅର୍ଥେ ହେବ ଖୁସି, ଗାମ୍ଭୀର୍ଯ୍ୟେ ଘେନ । ।୨୦।
ମୋ ଜନ୍ମ କେଦାରେ ମେଷ, ବୃଷ ଈଶ ମନ୍ଦେ କରନ୍ତେ ବାସ, ମିଥୁନେ ବାଧା
ତେଣୁ ଲୋଡ଼ା ଘନ ରସ, ମିଥୁନେ ବାଧା । ।୨୧। (କର୍କଟ)
ସିଂହ ମଧ୍ୟ କନ୍ୟା ତୁଳେ, ବୃଶ୍ଚିକ ଦଂଶନ କରେ ତତକାଳେ ବିଧନୁଷ୍କାଣି
ପ୍ରମାଣ ମୁଁ ଧରାତଳେ, ବିଧନୁଷ୍କାଣି । ।୨୨।
ଅକାର୍ଯ୍ୟ କର୍ମ ଫଳିବ, ମକର କେତନ କୀର୍ତ୍ତି ବଳିବ, ସ୍ୱଟିକ କୁମ୍ଭେ
ମୀନ ନୟନା ଖେଳିବ, ସ୍ୱଟିକ କୁମ୍ଭେ । ।୨୩।
ଭାଳି କହେ ଦୟାନିଧି, ପୁଷ,ବାର, ଯୋଗ କୋଷ୍ଠି ରାଶ୍ୟାଦି, ସଂଯୋଗି ଭାବେ
ଭାବ ଘେନ ତତ୍ତ୍ୱେ ସୁଦ୍ଧି, ସଂଯୋଗି ଭାବେ । ।୨୪।

• • • • • •

ଛାନ୍ଦ ୧୪:- ପ.୩ଟୀକାର ଭାବାର୍ଥ - ମନ୍ତ୍ର, ଯନ୍ତ୍ର, ଔଷଧ ଦ୍ୱାରା ରୋଗ ଦୂର ହେବା ପରି ରାମ ଚନ୍ଦ୍ର ସୀତା ନାମ ବାରମ୍ୱାର ସ୍ମରଣ କରିବା । ମନ୍ତ୍ର, ହନୁ ଆଣିଥିବା ମଥାମଣି, ଯନ୍ତ୍ର, ଓ ବାର୍ତ୍ତା, ଔଷଧ ପରି ଚିନ୍ତାଜ୍ୱର ବିଦୂର କଲା । ପଦ.୪ର ଭାବାର୍ଥ - ସୀତାଙ୍କ ଅଙ୍ଗରେ ରାମଚନ୍ଦ୍ର, ଜଳ, ସ୍ଥଳ, ଫୁଲ ଆରୋପଣ କରି କହୁଛନ୍ତି ହେ ସୀତେ ୫- ତୁମର ମୁଖ-ପଦ୍ମ, ନେତ୍ର-ନୀଳୋତ୍ପଳ, ନାଶା-ତିଳଫୁଲ, ଦେହ-ଚମ୍ପା ଫୁଲ, ଅଙ୍ଗ-ଶିରୀଷ ଫୁଲ ପରି କୋମଳ, ଶ୍ରବଣ-ପାଟଳି ଫୁଲ ପରି ଓଷ୍ଠ-ବନ୍ଧୂଳି ଫୁଲ ପରି.ଶିବ-ମଙ୍ଗଳ, ୭- ଫଣୀ-ସର୍ପ. ୮ - ରାକା-କାରା,

Digitized by PPRACHIN, SOA

ପଦ.୯ ରାମଚନ୍ଦ୍ର ଅଙ୍କ-ରମଣିୟ ଚନ୍ଦ୍ର କୋଳରେ, ରାମ-ମୃଗ ବା ଶଶାବତ୍, ରବି ବଂଶେ- ସୂର୍ଯ୍ୟ ବଂଶେ, ସୋମବତ-ଚନ୍ଦ୍ରବତ କଳାବୋଲିଲି, ମଙ୍ଗଳେ-ତୋର ଉଧାରରେ ଚିତ୍ତ ଦେଇନାହିଁ, ବୁଧପଣେ-ପଣ୍ଡିତପଣେ, ଗୁରୁ-ବୃହସ୍ପତି, କବି-ଶୁକ୍ରାଚାର୍ଯ୍ୟ. କ୍ରୁଦ୍ଧ-ରାଗ, ବାକ୍ୟାଶନି-କଥା ରୂପକ ଅଶନି (ବଜ୍ର) ବିଦ୍ଧ-କ୍ଷତକରିବେ । ମୁଁ କଳଙ୍କ ସୌଧ-ନିନ୍ଦା ରୂପକ ମନ୍ଦିର ନିର୍ମାଣ କଲି । ସାଧାରଣ ଭାବାର୍ଥ=ହେ ସୀତା ତୋତେ ତୋର କେଶ ସର୍ପ ପରି ପିଡା ଦାୟକ ହୋଇଥିବ ରହିଥିବା ସଦନ କାରାଗାର (ବନ୍ଦିଶାଳ ପରି ହୋଇଥିବ) ତୁ ସମୁଦ୍ର ବେଷ୍ଟିତ ଲଙ୍କା ଅଶୋକ ବନରେ ମୁଣ୍ଡରେ ହାତ ଦେଇ ବସିଥିବୁ । ମୁଁ ଯାହା ତୋର ଏ ଦୁଃଖ ଦେଖି ପାରିଲି ନାହିଁ । ଚନ୍ଦ୍ର ଦେହରେ କଳଙ୍କ ଦାଗ ଶଶା ଚିହ୍ନ ପରି ସୂର୍ଯ୍ୟଙ୍କଠାରେ ରବି ବଂଶରେ କଳଙ୍କ ବୋଲି ତୋତେ ଉଦ୍ଧାର କରି ପାରିଲି ନାହିଁ । ବୁଧ-ପଣ୍ଡିତ, ଗୁରୁ-ବୃହସ୍ପତି ଓ କବି-ଶୁକ୍ରାଚାର୍ଯ୍ୟ ବାକ୍ୟ ରୂପକ ଅଶନି ବଜ୍ର ପ୍ରୟୋଗ କରିବେ ।

ଏଥିରେ ସପ୍ତବାର ଅନ୍ତର୍ଲିପିରେ ରହିଲା

ଏଥିରେ ୨୭ ଯୋଗ ଅନ୍ତର୍ଲିପି

ପ. ୧୧. ଆଦିଯୋଗ ବିଷକୁମ୍ଭ ୧୨ପଦ. ୨ଯୋଗ-ପ୍ରୀତି, ୩ଯୋଗ-ଆୟୁଷ, ୪ଯୋଗ-ସୌଭାଗ୍ୟ, ପଦ ୧୩-୫ଯୋଗ-ଶୋଭନ. ୬ଯୋଗ-ଅତିଗଣ୍ଡ, ୭ଯୋଗ-ସୁକର୍ମା, ୧୪ପ. ୮ଯୋଗ-ଧୃତି, ୯ଯୋଗ-ଶୂଳ, ୧୦ଯୋଗ-ଗଣ୍ଡ, ପ.୧୫. ୧୧ଯୋଗ-ଯୋଗ, ୧୨ଯୋଗ-ଧ୍ରୁବ, ୧୩ଯୋଗ-ବ୍ୟାଘାତ, ପ.୧୬.୧୪ଯୋଗ-ହର୍ଷଣ, ୧୫ଯୋଗ-ବଜ୍ର, ୧୬ଯୋଗ-ଅଶୃକ, ପ.୧୭.୧୭ଯୋଗ-ବ୍ୟତିପାତ, ୧୮ଯୋଗ-ବରିୟାନ, ୧୯ଯୋଗ-ପରିଘ, ପ.୧୮. ୨୦ଯୋଗ-ଶିବ, ୨୧ଯୋଗ-ସାଧ୍ୟ, ୨୨ଯୋଗ-ସିଦ୍ଧି, ୨୩ଯୋଗ-ଶୁଭ, ୨୪ଯୋଗ-ଶୁକ୍, ପ.୧୯. ୨୫ଯୋଗ-ବ୍ରହ୍ମ, ୨୬ଯୋଗ-ଇନ୍ଦ୍ର, ୨୭ଯୋଗ-ବୈଧୃତି, ଭାବାର୍ଥ-ରାମଚନ୍ଦ୍ର ଶୋକ କରିବା ସମୟରେ ହନୁମାନ ସାନ୍ତ୍ୱନା ଦେଇ କହିଲେ ପ୍ରଭୁ ଅବିଳମ୍ବେ ଲଙ୍କାକୁ ଯିବାକୁ ପଡିବ । ବିଳମ୍ବ ହେଲେ ମାତା (ଆଦିଯୋଗ) ବିଷ ପାନରେ ମନ ବଳାଇଲେ । ୨ଯୋଗ ପ୍ରୀତି ବିହୁନେ ୩ଯୋଗ ଆୟୁଷ ହାନିହେବ ସୌଭାଗ୍ୟ ଅଭାଗ୍ୟରେ ପରିଣତ ହେବ । ତୁମ୍ଭ ଶ୍ରୀମୁଖ ଶୋଭନ ନଦେଖି ମାତା ଅତି ଗଣ୍ଡ ଗଣ୍ଡକି ନଦୀ ଗଣ୍ଡରେ ଝାସ ଦେବେ । ତାହା ଆପଣଙ୍କ ପାଇଁ ସୁକର୍ମ ହେବ ନାହିଁ । ଦୈତ୍ୟରାବଣ ଧୃତି (ଧର୍ଯ୍ୟ) ଟାଳି ଦେଉଛି କନ୍ଦର୍ପ ପିଡାରେ ସେ ମାତାଙ୍କ ଗଣ୍ଡ ମଣ୍ଡଳରେ ଚୁମ୍ବନ ଦେବାକୁ ଚିତ୍ତ ବଳାଇପାରେ । ତାରଏ ବାଚଳତା ପଣରୁ କାଳ ହେବ । ଆପଣ ଶୀଘ୍ର ଯାଇ ମାରିଦିଅନ୍ତୁ । ମାତାଙ୍କ ମନ ହର୍ଷ ନାହିଁ । ବଜ୍ରତୁଲ୍ୟ ଆଘାତ ଫଳରୁ ସଦା ନୟନରୁ ଅଶ୍ରୁ ପାତ ହେଉଛି । ତା' ନିକଟରେ ବିପ୍ରାତ ଯୋଗ ବଳିଆନ ଭାବେ ପହଞ୍ଚିଲାଣି । ଆପଣ, ପରିଘ, ଆଦି ଅସ୍ତ୍ର, ଶସ୍ତ୍ର, ଧରି ଶିଘ୍ର ଚାଲନ୍ତୁ । ଶିବଙ୍କ ଆଶୀର୍ବାଦରୁ ଆପଣ ଅସାଧକୁ ସାଧନ କରି ସିଦ୍ଧି ଲାଭ କରନ୍ତୁ । ଆପଣଙ୍କର ଶୁଭ ହେବ । ଶୁକ୍ରାଚାର୍ଯ୍ୟତ ଆଉ ଅସୁରମାନଙ୍କୁ ସାହାଯ୍ୟ କରୁନାହାନ୍ତି । ଅସୁରଙ୍କର ଏ ରଣ ରୂପକ ରୋଗରେ ମୃତ ହେବ । ବ୍ରହ୍ମା ଇନ୍ଦ୍ର ବିଧାନ ପୂର୍ବକ ଆପଣଙ୍କୁ ଆଶୀର୍ବାଦ ଦେବେ । ଆପଣ ବିଶେଷ ଭାବରେ ଧୃତି (ଧର୍ଯ୍ୟ) ରକ୍ଷାକରି ଅଗ୍ରସର ହୁଅନ୍ତୁ । ଏହା ଶୁଣି ରାମ ଚନ୍ଦ୍ର ଯେଉଁ ଉତ୍ତର ଦେଲେ ଆପଣ ମାନେ କର୍ଣ୍ଣ ଡେରି ଶୁଣନ୍ତୁ ।

ପଦ. ୨୦. ମୋ ଜନ୍ମ କେଦାରେ (ଜନ୍ମ ଜାତକରେ) ମେଷ, ବୃଷ ଇଷ, (ଶନି, ମଙ୍ଗଳ) ମନ୍ଦ ସ୍ଥାନରେ ଥିବାରୁ ମିଥୁନେ-(ମୈଥୁନରେ) ବାଧା ପଡୁଅଛି ତେଣୁ ଘନ ରସ-ବର୍ଷା ପାଣି ଲୋଡୁଅଛି ।

ପଦ.୨୧. ସିଂହ ମଧ୍ୟମା କନ୍ୟା-ସୀତା କଟୀ, ବୃଶ୍ଚିକ-ବିଛା ବି. ଧନୁଷ୍ପାଣି-ଅବିର, ପରି ରଖାଇଛି ।

ପଦ.୨୨. ଅକର୍ମା-ହୀନକର୍ମା, ମକର କେତନ-କନ୍ଦର୍ପ, ଘଟୀକ-କାଚକୁମ୍ଭ, ନେତ୍ର-ଡୋଳାରେ, ମୀନ ନୟନା ସୀତା ଖେଳନ୍ତା କି ? ସରଳାର୍ଥ - ରାମଚନ୍ଦ୍ର କହିଲେ ମୋ ଜନ୍ମ ଜାତକରେ ଶନି ଓ ମଙ୍ଗଳ ମନ୍ଦ ସ୍ଥାନରେ ବସି ଥିବାରୁ ସୀତା ସତୀଙ୍କୁ ମୋଠାରୁ ବିଛେଦ କରାଇ ମୈଥୁନରେ ବାଧା ଦେଲା । ଅନ୍ୟ ପକ୍ଷେ-କର୍କଟ ମାସରେ ବର୍ଷା ଅଭାବରୁ ଖନ୍ଦ କ୍ଷେତ୍ରରେ ମେଷ ବୃଷ ବାସ କଲେ, ଏଣୁ ବର୍ଷା ଦରକାର କରୁଅଛି ।

ସିଂହ କଟୀ ସୀତାର ଅଭାବକୁ ତୁଳନା କରିବା ସମୟରେ ମୋତେ ବିଛା ଦଂଶନ କରୁଅଛି । ମୋ କରରେ ଧନୁଶର ଥାଇ ମୋର ସ୍ତ୍ରୀ ଅସୁର ପୁରରେ, ଏହା ମୋତେ ଅବୀର ପ୍ରମାଣ କରୁଛି । ସତେକେଣ ମୋ କର୍ମରେ କନ୍ଦର୍ପ କୀର୍ତ୍ତୀ ଉଡିବ । ମୋ ନେତ୍ରରେ ମୋ ସୀତାକୁ ଦେଖିବି ଅନ୍ୟ ପକ୍ଷେ ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର କୁମ୍ଭ ମୀନ ବାରରାଶି ଅର୍ନ୍ତଲିପିରେ ବିଦ୍ୟମାନ ।

Digitized by PPRACHIN, SOA

ରାମଚନ୍ଦ୍ର ସେନା ସହିତ ସିନ୍ଧୁକୂଳେ ପ୍ରବେଶ

(ରାଗ-ଦେଶାକ୍ଷ, ଆଦ୍ୟ ଅବନା ଶୃଙ୍ଖଳା) ଛାନ୍ଦ - ୧୫

ଅରୁଣ ବଂଶଜ ନାମକୁ ଘୋଷି **କରୁଣ**ସ୍ୱରେ କହି କ୍ରତୁ ଧ୍ୱଂସୀ
ସରୁଣ ଥିବା ଜନ ପରି ହେଲେ **ତରୁଣ** ଲେଖକ ଲେଖନୀ ଚାଳେ
ଝରୁଣ, ଅଛି ଯା ଦେଖ ନେତ୍ରେ
ହରୁଣ ଅଛ କାଳ କିମ୍ବା କ୍ଷତ୍ରେ । ।୧।

ଧରୁଣ ନାହିଁ ମୁଖେ ରାମ ନାମ **ଢ଼ରୁଣ** ଥିବ ଦିନେ ନେବ ଯମ
ମରୁଣ ଅଛ ବୋଲି ପୁତ୍ର ନାରୀ **କରୁଣ** କଣ୍ଠରେ କଲେ ଗୁହାରି
ବରୁଣ=ଜେମା ଧବଙ୍କ ପାଶେ
ଅରୁଣ ଉଦୟ ହୋଇବ କିସେ । ।୨।

ସ୍ମରୁଣ ଥିଲା ଜୀବ ଥାଉଁ ଗଜ **ବରୁଣ** ଆଳୟେ ସେ ଦେବ ରାଜ
କରୁଣ ଡ଼ାକ ତା ଶୁଣି ଛଳରେ **ଅରୁଣ** ମଧ୍ୟାହ୍ନେ ଥିବା ବେଳରେ
ଧରୁଣ=ଥିବା ଚକ୍ରକୁ ପାଶେ
ତରୁଣ କରି ପେଶି ନକ୍ର ନାଶେ । ।୩।

ଆଦ୍ୟ ବନା

ଘାରୁଣ ଅଛି ଯଦି ତାହା ମନ **ହାରୁଣ** ଅଛ କିମ୍ବା ଆୟୁ ଧନ
ଦାରୁଣ ଦୁଃଖକୁ ସେ ନାମ ଭେଳା **ଯାରଣ** କରିଛୁ ଚିତ୍ତ ପାଗଳା
ମା ରଣ କଥା ନାହିଁ ତୋ ମନେ
ସାରୁଣ ଅଛୁ ଧର୍ମ ଯିବୁ ଦିନେ । ।୪।

(ଆଦ୍ୟ ଶୃଙ୍ଖଳା ପ୍ରାନ୍ତ ଯମକ)

ଖଞ୍ଜନ ନେତ୍ରୀଙ୍କ ଶୁଭ ଖବର ଅଞ୍ଜନା ସୁତ ଦେଉ ତରବର
କଞ୍ଜ ନାଥେ ବୋଲନ୍ତି ରଘୁବର ସଞ୍ଜ ନାଶେ ଯିବ ଲଙ୍କା ନବର
ଗଞ୍ଜନା=ପାଇଁ ଦଶଗ୍ରୀବର
ଭଞ୍ଜନା ହେଦେବ ଦିଅ ଏ ବର । ।୫।

ସିଂହାବଲୋକନ:-

ବର ମାଗି ରାମ ହେଉ ବି**କଳ** **କଳ** କଣ୍ଠ କଣ୍ଠେ କହି ଭା**ସ୍କର**
କର ଅନୁକୂଳ ହୋଇବ, **ଜୟ** **ଜୟ** ବିଜୟ ଲଭିବେ ବି**ଲୟ**
ଲୟଯେ=ହେବେ ଅସୁର**କୂଳ**
କୂଳ ଧରି ଦେଖ ଖେଳେ ନ**କୁଳ** । ।୬।

୪:ଖଞ୍ଜନ ନେତ୍ରୀ-ସୀତା, ଅଞ୍ଜନାସୁତ-ହନୁମାନ, କଞ୍ଜ-ପଦ୍ମ, ନାଥ-ସୂର୍ଯ୍ୟ. ସଞ୍ଜ-ଦୁଃଖ, ଗଞ୍ଜନା-ଦଣ୍ଡ, ଭଞ୍ଜନା-ଭଗ୍ନକର ନାହିଁ । ୬:କଳ କଣ୍ଠ (କୋକିଳ, କପୋତ, ହଂସ) ଭାସ୍କର-ସୂର୍ଯ୍ୟ, ଜୟବିଜୟ-ରାବଣ କୁମ୍ଭକର୍ଣ୍ଣ, ଲୟ-ବିନାଶ(କୂଳଧରି-ବଂଶଧରି) ନକୁଳ-ନେଉଳ ।

Digitized by PPRACHIN, SOA

କୂଳବତୀୟେ ଧରି କୁମ୍ଭେ **ବାରି** **ବାରି**ଧିରୁ ଆସୁଛନ୍ତି ବା**ହାରି**

ହାରିବେ ଅସୁରେ ଏ ଶୁଭଶ**ଙ୍କୁ** **ସଂକୁ**ଳେ ଦେଖଏ ଭଦଳି**ଆଙ୍କୁ**

ଆଙ୍କୁୟେ= ଦ୍ୱିଜ ଶାସ୍ତ୍ରରେ **କହି**

କହିବା ବଚନ ଆଶିଷ ହୋଇ । ।୭।

ମଧ ଯମକ ଶୃଙ୍ଖଳା :-

ହୁଁ ହୁଁ କରେ **ଶୁଣ ଶୁଣ** କପୋତ

ଶଙ୍ଖବାଇ **ଗୁଣୁଗୁଣୁ**ରେ ଚିତ୍ତ

ଅଳି କୋହେ **ଚଳଚଳ** ଚଞ୍ଚଳ, ଭାଷଇ ସ**ଧୀରେ ଧୀରେ** କୋକିଳ

ଅବଶେ=ମ**ନୀଷା ନିଶା** ଆସେ, ପୂଜି ଲମ୍ବୋ**ଦର ଦର** ମାନସେ । ।୮।

ଆଦ୍ୟ ଯମକ :-

ଅନନ୍ତ ଅନନ୍ତ ଅଙ୍କ ବିହାରୀ, **ଜନକ ଜନକ** ତୋଷଣ କାରୀ

ସୀତା ସୀତାମ୍ବୁଜ ମୁଖ ମଧୁପ, **ଲକ୍ଷ୍ମଣ ଲକ୍ଷଣ**ବନ୍ତ ଅଧିପ

ସୁମନ= ସୁମନ ସୁରଞ୍ଜନ, **ମାନସ ମାନସ** ହଂସ ରଞ୍ଜନ । ।୯।

ଆଦ୍ୟ ଯମକ ଦେଶ ନାମ :-

କୁଶଳେ କୋଶଳ ପାଳନା ଧ୍ୱଜା, **ପରକଟ ପରକଟ** କରେଯା

ଅଙ୍ଗ ଅଙ୍ଗନା ଆୟତ୍ତ ନୁହଁନ୍ତି, **ମାଳ ମାଳବ**ରେ କରିଲେ କୀର୍ତ୍ତି

ବିଦେହ=ବିଦେହକୁ ନିନ୍ଦିଲେ, **ଉତ୍କଳେ ଉତ୍କଳେ** ପଦ ବନ୍ଦିଲେ । ।୧୦।

ମଧ୍ୟଯମକ ଦେଶ ନାମ :-

ନିନ୍ଦନ୍ତି **ମଘ, ମଘବା** ପଦବୀ, ଘେନନ୍ତି **ଚୋଳେ, ଚୋଳେ** କରି ଦାବି

ହେଲେ **ସିନ୍ଧୁରେ, ସିନ୍ଧୁରେ** ମଗନ, ମୁଖରିତ **ତାଲ ତାଲ** ଗଗନ

ନିଷେଧ=ନିଷେଧ ନ କରନ୍ତି, ହର୍ଷେ **ବିଦର୍ଭ 'ବି'ଦର୍ଭ** ଦେଖାନ୍ତି । ।୧୧।

ମତ୍ସ୍ୟେ ମତ୍ସ୍ୟେ ଦଧି କୁମ୍ଭ ମଙ୍ଗଳେ, **କନାଉଜେ କନ୍ୟା ଉଜେ** ସେ ସ୍ଥଳେ

ଆଦ୍ୟ ଯମକ :-

ଚାଳି ଚାଳି ରସନା ନେଲେ ଦମ, **ଭାଳି ଭାଳି** ଯାହା ଲେଖେ ଅଧମ

ଗୁଣିତା=ଗୁଣି ତାର ତମରେ, **ଶୁଣି ଶୁଣି** ଶୁଣାଇବେ ଶ୍ରମରେ । ।୧୨।

୭: ବାରିଧି-ସମୁଦ୍ର, ସଂକୁଳେ-ମିଳିତେ, ଦ୍ୱିଜ-ବିପ୍ର,ପକ୍ଷୀ । ୮:ଅଳି-ଭ୍ରମର, ଲମ୍ବୋଦର-ଗଣେଶ, ଦରେ-ଭୟରେ। ୯: ଅନନ୍ତ-ଯାହାଙ୍କର ଅନ୍ତ ନାହିଁ 'ରାମ',ଅନନ୍ତ-ଶେଷଦେବ ନାଗ, ବିହାରି-ଉପରେ ଶୟନ କାରୀ, ଜନକ-ପିତା- ଦଶରଥ, ଜନକ-ଜନକ ଋଷି-ମିଥିଳା ରାଜା, ଜାୟା-ସୀତା, ସୀତାମ୍ବୁଜ-ଧଳାପଦ୍ମ, ମଧୁପ-ଭ୍ରମର, ଅଧିପ-ରାଜା, ସୁମନ-ପଣ୍ଡିତ-ଦେବତା,ମାନସ-ମନ-ହଂସ, । ୧୦:କୋଶଳ-ଅଯୋଧ୍ୟା,ପ୍ରକଟ-ପ୍ରକାଶିତ । ପରକଟକରେ-କଟକ ।ଅଙ୍ଗ-ଅଙ୍ଗ ଦେଶ, ଅଙ୍ଗନା-ସ୍ତ୍ରୀ, ମାଳ-ଜଙ୍ଗଲ ତଳି ଅଞ୍ଚଳ,ମାଳବ-ଦେଶ, ବିଦେହ-ମିଥିଳା ଦେଶ-କନ୍ଦର୍ପ, ଉତ୍କଳେ-ଓଡ଼ିଶାରେ-ଉଦ୍‌ବେଗେ । ୧୧:ମଘ-ଦେଶ,ମଘବା-ଇନ୍ଦ୍ର,ଚୋଳ-ଦେଶ,ସିନ୍ଧୁ-ଦେଶ-ସମୁଦ୍ର, ନିଷେଧ-ନୈଷଧ, ଦେଶନା ବିଦର୍ଭ- ନାଗ ପୁର ଦେଶ, 'ବି'ଦର୍ଭ-ବିଶେଷ ଗର୍ବ । ୧୨: ମତ୍ସ୍ୟେ-ମତ୍ସ୍ୟ ଦେଶରେ-ମାଛରେ, କନାଉଜ-ଦେଶ, କନ୍ୟାଉଜେ-ସ୍ତ୍ରୀମାନେ,.ରସନା-ଜିହ୍ୱା, ଗୁଣି-ପଣ୍ଡିତ-ଗୁଣନକରି, ତାରତମରେ-ପ୍ରଭେଦରେ(ଅନ୍ୟ ଶାସ୍ତ୍ର ପ୍ରତି ଏହାର ସ୍ୱତନ୍ତ୍ରତା ବିଚାର କର) ।

Digitized by PPRACHIN, SOA

ହନୁ କନ୍ଧେ ରାମ ବିରାଜ ମାନ, ଅଙ୍ଗଦ କନ୍ଧରେ ବିଜେ ଲକ୍ଷ୍ମଣ
ଆଗ ପଛେ ଯୂଥପତି ଗମନ୍ତି, ସୁଗ୍ରୀବର ରାମ ପାରୁଶେ ଥାନ୍ତି
କାମ୍ୟେବ= ଥାଟ ଆଗେ ଗମନ, ସିନ୍ଧୁ କୂଳ ଟପି ମଳୟ ବନ । ।୧୩।
ସେଦିନ ଶୁକଳ ଚତୁର୍ଥୀ ଭ୍ରମି, ଲକ୍ଷ୍ମଣାଙ୍କ ଦେଖୁ ସିନ୍ଧୁରେ ଉର୍ମି
ବିସ୍ମୟେ ବିସର୍ଗ କଲେ ଭାରତୀ, ବ୍ୟୂହ କରି ସେନା ରହନ୍ତୁ ଏଥି
ତାପରେ=ସିନ୍ଧୁ ପାରେ ବିଚାର, ହେବ ଦୟାନିଧି ବୋଲେ ହେ ଧୀର । ।୧୪।

• • • • • •

ରାବଣ ଅଗ୍ରତେ ବାର୍ତ୍ତା, ବିଭୀଷଣ ଶରଣ

(ରାଗ -କୁମ୍ଭ କାମୋଦୀ) ତ୍ରିଭଙ୍ଗୀ

ଛାନ୍ଦ-୧୬

ବ୍ୟଗ୍ରବନ୍ତ ଦୂତ	ରାବଣ ଅଗ୍ରତ	ପ୍ରକାଶେ ଚପଳେ	
ଧରି ସେନା ସୈନ୍ୟ	ଜାନକୀ ରମଣ	ବିଜେ ସିନ୍ଧୁ କୂଳେ ।	।୧।
ମୈଥିଳୀ ଉଦ୍ଧାରେ	ସଭିଙ୍କ ମୂର୍ଦ୍ଧାରେ	ଶୋଣିତର ସ୍ରୋତ	
ହୁଏ ଉଦ୍ଭାସିତ	ହୁଅନ୍ତି ଉସ୍ମିତ	ଦେଖିଲାଗେ ଭୀତ ।	।୨।
ଲଙ୍କା ଗଡ଼ଖାଇ	ସିନ୍ଧୁ ପାର ପାଇଁ	ପିଇବାକୁ, ନୀର	
ଚିନ୍ତି ଅନୁମତି	ଦେବାକୁ ଝଟତି	ପ୍ରକାଶନ୍ତି ଗିର ।	।୩।
ଏକା କୁମ୍ଭ ସୁତ	କଲେ ଗର୍ଭେ ସାତ	ଆମ୍ଭେ ବହୁ ସଂଖ୍ୟା	
ପାନେ ହେବ ପଥ	ଯିବେ ସେନା ଯୂଥ	ପୂରିବ ଆକାଂକ୍ଷା ।	।୪।
ରାଘବ କହନ୍ତି	ଏ ସଗର କୀର୍ତ୍ତି	ହରଣେ କେ କ୍ଷମ	
କରି ଉପଚାର	ସିନ୍ଧୁ ହେବା ପାର	ଏ ହେବ ଦୁଷ୍କର୍ମ ।	।୫।
ଶୁଣି ଏ ବଚନ	ହସି, ଦଶାନନ	ଭାଷେତା, ନୋହିବ	
ତା ନାରୀକୁ ଖୋଜି	ସିନ୍ଧୁ ଜଳେ ପାଜି	ଝାସି ଆସିଥିବ ।	।୬।
ଭାଷେ ବିଭୀଷଣ	ପବନ ନନ୍ଦନ	ଆଗମରୁ ଦେଖା	
ଗଲା, ଅବିବେକେ	ଗାତ୍ର,ଗୋତ୍ରାନ୍ତକେ	ନଜଳାଅ ଶିଖା ।	।୭।
ଏ ବାକ୍ୟେ ଲଙ୍କେଶ	ହୋଇ ମହାରୋଷ	ଦୃଷ୍ଟି କରୁ ନ୍ୟାସ	
ପ୍ରହସ୍ତ ହସ୍ତ	ମସ୍ତକେ କରି ନ୍ୟସ୍ତ	ବାକ୍ୟେ କରେ ତୋଷ ।	।୮।
କାରେ ହେବ ଘାତ	ସାନକୁ ବ୍ୟକତ	ବୃଥା ନେତ୍ର ପାତ	
କ୍ରୋଧେ ନେତ୍ର ଭ୍ରମ	କଲେ ଭୟେ ଯମ	ଭାବେ ହେବ ମୃତ ।	।୯।
ଏବାଣୀ ଶ୍ରବଣେ	ସତ୍ୟ ବୈଶ୍ରବଣେ	ଭଣୁ ବିଭୀଷଣେ	
ବୋଲେ ଏ ଅର୍ଣ୍ଣବ	ମଧ୍ୟେ ଶୀର୍ଣ୍ଣ ନାବ	ତୁଲ୍ୟ ଲଙ୍କା ମଣେ ।	।୧୦।
ସୌରି,ଙ୍କ ବାସରେ	ସ୍ୱାତି, ନକ୍ଷତ୍ରରେ	ଅମାବାସ୍ୟା ଥିବ	
ସ୍ୱର୍ଣ୍ଣ ଲଙ୍କା ଶୀର୍ଣ୍ଣ	ନାବତୁଲ୍ୟ ଜୀର୍ଣ୍ଣ	ସାଗରରେ ହେବ ।	।୧୧।

୧୪:ଲକ୍ଷ୍ମଣଙ୍କ-ଚନ୍ଦ୍ରାଙ୍କ. ବିସର୍ଗ-ପ୍ରକାଶ. ଭାରତୀ-ବାଣୀ. ବ୍ୟୂହ-ଛାଉଣି ।୧୧:ସୌରି-ଶନି

Digitized by PPRACHIN, SOA

ନ ବୁଝ ଆପଣ ଏ ବଡ଼ିମା ପଣ ନୁହଇ ଉଚିତ
ଲଙ୍କା ଭସ୍ମସାତ କଲା ହନୁମନ୍ତ ଆପଣ ଥିଲେତ । ।୧୨।
ଅନ୍ୱେଷଣ ଚର ଜଣକର ବଳ କରହେ ସ୍ମରଣ
ସେହିପରି ପଣ- ପଣ ବୀର ଗଣ କରିବେ ହେ ରଣ । ।୧୩।
ପରସ୍ତ୍ରୀ ହରଣ କାରଣେ ମରଣ ନକର ବରଣ
ସୀତା ସମର୍ପଣେ ରାଘବ ଚରଣେ ପଶହେ ଶରଣ । ।୧୪।
କାମ,କ୍ରୋଧ,ମଦ, ଲୋଭ,ମୋହେ,ମୋଦ 'ସେ'ନରକ ବାଟ
ଏ ସର୍ବ ବରଜ ରାମ ନାମ ଭଜ କୌଣପ ସମ୍ରାଟ । ।୧୫।
ହେଲେ ହେଁ ସେ,ନର ଭୁବନ ଈଶ୍ୱର କାଳର ସେ କାଳ
ପରଂବ୍ରହ୍ମ ଅଜ ଭଗବାନ, ଓଜ ମାନ ରକ୍ଷପାଳ । ।୧୬।
କୌଣପ କେଶରୀ ଭାଷଇ କେଶରୀ ଉଦରୁ ଉଭବି
ନୀଚେ ଦେଇ ମାନ୍ୟ କରେ ସମ୍ବୋଧନ ଉଚ୍ଚେ ପରାଭବି । ।୧୭।
ବଢ଼ାଇବ ଦ୍ୱନ୍ଦ କହି ଛେଦ ଭେଦ ଜଟିଆ ରାମକୁ
ହେଲା ବଂଶେଜାତ ଘୋଡ଼ା ମୁହାଁ ସୁତ ବଞ୍ଚକ କର୍ମକୁ । ।୧୮।
ମୋର ଚୌରବୃତ୍ତି ନ କରିବ କ୍ଷତି ଦେଶେ କଦାଚନ
ମୋ ବିଚାରେ ରାଜ- ଦ୍ରୋହୀ ପକ୍ଷେ ଧାର୍ଯ୍ୟ ଦେଶୁ ନିର୍ବାସନ । ।୧୯।
ବହନ ସେ ବନ ବାସୀର ଚରଣ ଶରଣେ ପଠାଅ
ଆଦେଶ ରାବଣ, ହେ ମହୀ ରାବଣ ମଠ, ନ କରାଅ । ।୨୦।
କହି ସାରି ନାହିଁ ଏହି କଥା ମହୀ- ରାବଣେ, ରାବଣ
କରକୁ ଉଭାରି କର ଧରି ପାରି କଲା ସେ ପ୍ରାଙ୍ଗଣ । ।୨୧।
ତ୍ରିଜଟା ପିଅର ଭାଷେ ଯୋଡ଼ିକର ହୁଅ କାଳ ବଶ
ମୁଁ ରାମ ଚରଣେ ଯାଉଛି ଶରଣେ ନଦେବ ହେ ଦୋଷ । ।୨୨।
ଜାଣି ରଖିଥାଅ ଏକଥା ନିଶ୍ଚୟ ଘଟିବ ହେଁ ଦିନେ
ଆସି ରଘୁପତି ଉଦ୍ଧାରିବେ ସତୀ ନାଶି ପରିଜନେ । ।୨୩।
ଗଗନେ ବିହରି ସିନ୍ଧୁ ହୋଇ ପାରି ମନେ ଦମ୍ଭ ଧରି
ଦେଖେ ଦିବ୍ୟ ଜ୍ୟୋତି ବୈକୁଣ୍ଠ ମୂରତି ମନୁ ଭୟ ହରି । ।୨୪।

ଅଷ୍ଟାଦଶ ଚିହ୍ନ

ବିଚାରଇ ହୃଦ ଜିବ ମୋ ବିପଦ ନାରାୟଣ ଏହି
ଜବାଙ୍କୁଶ, **ଶଙ୍ଖ**, ଧ୍ୱଜା,ଅମ୍ବୁଜ ରେଖ, ପଦ୍ମା,ମ୍ବର, ଶୋହି । ।୨୫।
ଚକ୍ର, ବିନ୍ଦୁ, ଧନ, ସ୍ୱସ୍ତିକ, ତ୍ରିକୋଣ ବଜ୍ରାମ୍ବର, କୋଣ,
କଳସ, ଚନ୍ଦ୍ରାର୍ଦ୍ଧ ମକର, ଯା ପାଦ ଗୋଷ୍ପଦର ଚିହ୍ନ । ।୨୬।

୧୫:କୌଣପ-ଅସୁର, ଅଜ-ଅଜନ୍ମା ।୧୭: କୌଣପ କେଶରୀ-ଅସୁର ରାଜା ରାବଣ,ପରାଭବି-ଅସମ୍ମାନ ୧୮: ବଞ୍ଚକ-ଶଠ ୨୪: ବୈକୁଣ୍ଠ ମୂରତି-ରାମ, **ଅଷ୍ଟାଦଶ ଚିହ୍ନ**-ଜବ,ଅଙ୍କୁଶ, ଶଙ୍ଖ, ଧ୍ୱଜ, ଅମ୍ବୁଜ, ରେଖ, ପଦ୍ମାମ୍ବର, ଚକ୍ର, ବିନ୍ଦୁ, ଧନ, ସୋସ୍ତିକ, ତ୍ରିକୋଣ, ବଜ୍ର, ଅମ୍ବର, ଚନ୍ଦ୍ର, କଳସ, ମକର ଓ ଗୋଷ୍ପଦ, **ଷୋଳ କଳା**-ଶ୍ରୀ, ଭୂ, କୀର୍ତ୍ତି, ଇଳା, ବିମଳା, ଲୀଳା, ବିଦ୍ୟା, କାନ୍ତି, ଶ୍ରେୟା, ପ୍ରାହୀ, ଯୋଗ, ଜ୍ଞାନ, ଈଶାନୀ, ଈଶାନ, ଉତ୍କର୍ଷ ଓ କ୍ରିୟା ।

Digitized by PPRACHIN, SOA

ଷୋଳକଳା

ଶ୍ରୀ, ଭୂ, କୀର୍ତ୍ତି,ଇଳା   ବିମଳା, ଓ ଲୀଳା   ବିଦ୍ୟା, କାନ୍ତି, ଶ୍ରେୟା
ପ୍ରାହ୍ୱୀ, ଯୋଗ, ଜ୍ଞାନ   ଯା ସଖାଇ ଶାନ   ଉତ୍କର୍ଷଣି, କ୍ରିୟା ।   ।୧୨୭।
ଷୋଳ କଳା ଅଷ୍ଟା-   ଦଶ ଚିହ୍ନ ନିଷ୍ଠା   ସ୍ୱୟଂ ଭଗବାନ
ଦୟା ନିକେତନ   ସେ ଚାରୁ ଚରଣ   ପଶିବି ଶରଣ ।   ।୧୨୮।
ଯେଉଁ ପଦବାଜି   ହେଲା ରଜ ରାଜି   ଅହଲ୍ୟା କଷଣ
ଯେଉଁ ପଦସ୍ପର୍ଶେ   ପବିତ୍ର ରଭସେ   ଦଣ୍ଡକ, ଅରଣ୍ୟ ।   ।୧୨୯।
ଯେଉଁ ପଦେ ସଦା   ଜାନକୀ ପ୍ରମୋଦା   ମାରିଚ ପଛରେ
ଯେଉଁ ପଦ,, ଧ୍ୟାନ-   କରିଣ ଈଶାନ   ଜପନ୍ତି ସ୍ୱଚ୍ଛରେ ।   ।୧୩୦।
ଯାହାର ପାଦୁକା   ପୂଜା କରି ଦକା-   ଛାଡ଼ିଲେ ଭରତ
ଜ୍ଞାନୀ, ତତ୍ତ୍ୱ, ଭକ୍ତ   ମଧ୍ୟରେ, ଗଣିତ   ସରିତ ଆଶ୍ରିତ ।   ।୧୩୧।
ହନୁ, ଦୃଷ୍ଟି 'ଚାଣ୍ଡେ'   ବିଭୀଷଣ, ପିଣ୍ଡେ   ପଡ଼ନ୍ତେ ବିଲୋକି
ଭାଷେ ଏ ଲଙ୍କେଶ   ଆନନ୍ଦ ବିଧ୍ୱଂସ-   କେତୁ, ସମ ତର୍କି ।   ।୧୩୨।
କଳପି ସଂଙ୍କଷ୍ଟେ   ପ୍ରକାଶଇ ନୃପେ   କରନ୍ତୁ ଇକ୍ଷଣ
ନଭେ ଅବୟବେ   ଏକାଳେ 'ସୁଗ୍ରୀବେ'   କରୁ, ନିରୀକ୍ଷଣ ।   ।୧୩୩।
ଢ଼ାକେ ଦୈତ୍ୟା ନୁଜ-   ଆହେ କପି ରାଜ   ଅଭୟ, ପୟରେ
ଶରଣ ବ୍ୟବସ୍ଥା   କର, ରଖି ଆସ୍ଥା,   ଆସିଛି ଥୟରେ ।   ।୧୩୪।

ବିଭୀଷଣ ଶରଣ

ଶୁଣି, ଆସ ଆସ   କପି କୁଳ ଈଶ   ଭାଷୁ ମନେ ଦ୍ର ବି
ପୁଣ୍ୟ ଜନ, ବାଣୀ-   ପୁଣ୍ୟ ଜନ ଶୁଣି   ଉପସ୍ଥିତ ଭା ବି ।   ।୧୩୫।
ବୋଲେ ଉଦ୍ଵେ ଖେଦ-   ବାତେ ରାମପଦ,   ମୋ'ପାଇଁ,ବଡ଼ଭୀ
ସେ ଦାସ ବସ୍ଥଳେ   ଜଣାଅ ସ୍ୱଚ୍ଛଳେ   ମୋହର, ବଡ଼ଭୀ ।   ।୧୩୬।
ଦମ୍ଭ କର ମୋରେ   ଭେଟାଇ ପାଦରେ   ଯାଏ ମୋ ପୌରୁଷ
ହୋଇଲା ପବିତ୍ର   ମୋର ନେତ୍ର ଗାତ୍ର   ସେ' ଦର୍ଶନୁ ତୋଷ ।   ।୧୩୭।
ତତକ୍ଷଣି ଗତି-   କରି, କପି, ପତି,   ମଇତ୍ରେ ତୋଷି ଣ
ଭାଷିଲେ, ଦଇତ   ଅସ୍ତପାଠ, ନ୍ୟସ୍ତ-   ହସ୍ତରେ ଆସି ଣ ।   ।୧୩୮।
ସୁକ୍ଷେଣେ, ନୟନ-   ସ୍ଥାପୁ, ରଘୁରାଣ   ରବିଜ, ପ୍ରକା ଶ
ଶରଣେ ତୁମ୍ଭର,   ବିଭୀଷଣ, ବୀର,   ହୋଇବେ ବିକା ଶ ।   ।୧୩୯।
ହୋଇଣ କାକୁତି   ମୋତେ ତୁମ୍ଭ, କତି,   ପେଶିଲେ ବିଚାର
ସେ ଦୟା ବିଗ୍ରହ-   ହେଲା ଅନୁଗ୍ରହ,   କରିଲେ ପ୍ରଚାର ।   ।୧୪୦।
ପ୍ରଫୁଲ୍ଲିତ ମନେ   ନିର୍ଦ୍ଦେଶୁ ଇକ୍ଷଣେ   ଆସନ୍ତି ଲକ୍ଷ୍ମଣ
ବିଶ୍ରବା ସନ୍ତତି   ଦୂରୁ ରଘୁପତି   କରଇ ଇକ୍ଷ ଣ ।   ।୧୪୧।

୧୨୮:ଦୟାନିକେତନ-ଦୟାର ଗୃହ ।୩୨:କେତୁ-ଲଞ୍ଜାତାରା ।୩୩:ନଭେ-ଆକାଶରେ ।୩୪:ଦୈତ୍ୟାନୁଜ-ରାବଣ ସାନ ଭାଇ ବିଭୀଷଣ ।୩୫:କପିକୁଳ ଈଶ-ସୁଗ୍ରୀବ,ପୁଣ୍ୟଜନ-ଅସୁର-ସୁଗ୍ରୀବ ।୩୬-ବଡ଼ଭୀ-କୋଠାଘର-ବଡ଼ଭୟ ।

Digitized by PPRACHIN, SOA

ଏଣେ ଜାମ୍ବବନ୍ତ ବକ୍ର କରି' ନେତ୍ର ଭାଷିଲେ, କତିରେ
ଶତ୍ରୁ, ଶତ୍ରୁ ଭ୍ରାତ ଆଶ୍ରୟ, ବିହିତ ନୁହେ 'ମୋ' ମତିରେ ।।୪୨।
କପଟେ ଧପଟେ ବା, ଆମ୍ଭ ନିକଟେ ନେବାକୁ, ମସୁଧା
ଶଉରି ଉଚ୍ଚାରେ ଗର ନୀର ଧାରେ ଝରଇକି ସୁଧା । ।୪୩।

ଉପମା ଉପମେୟ

ଏକାଳେ, ମାରୁତି ବଦତି, ଏ ଯୁକ୍ତି ଉଚିତ ନୋହିବ
କଞ୍ଚ, କଞ୍ଚ ଦ୍ରୁମେ ସର୍ବ ମିଳେ, ଭ୍ରମେ ଏହାକି ଶୋହିବ । ।୪୪।
ମନ୍ଥନୁ, ସାଗର ଜାତ,ସୁଧା ଗର, ନୋହିଛି କି, ଜ୍ଞାତ
ଏକ, ମାତାଅଙ୍କୁ ସାଧୁ ଅସାଧୁଙ୍କୁ ନକରେ କି ଜାତ । ।୪୫।
ସରଜ୍କଙ୍କ ଘୃଣ୍ୟ- ହେଲେ ବି, ନଳୀନ, ଫୁଟେ ବୃଥା ଶଙ୍କା
ସୀତାଙ୍କ ସନ୍ଧାନ କାଳେ, ନିର୍ଦ୍ଦେଶନ- ଦେଉ ସେ 'ମୋ' ସଖା ।।୪୬।
ବାନ୍ଧି ଇନ୍ଦ୍ରଜିତ ତା ପିତା ଅଗ୍ରତ ଦେଉ ସେ ଦୁର୍ଦ୍ଦଣ୍ଡ
ଘାତ କେ କହିଲା ମୋ ଆଦେଶ ହେଲା ଦିଅ ପ୍ରାଣ ଦଣ୍ଡ । ।୪୭।
ନୃପେ ବୁଝାଇଣ ରଖିଲେ ମୋ ପ୍ରାଣ ରାମେ, ଅନୁରାଗୀ
ନୁହେଁ ରକ୍ଷପରି ମଦ,ମାଂସ,ନାରୀ କାଞ୍ଚନରେ,ଭୋଗୀ । ।୪୮।
ପ୍ରଭୁ ପାଦେ, ହୃଦ- ସର୍ବଦା, ପ୍ରମୋଦ- ପର ଉପକାରେ
ରହିଥାନ୍ତି,ନାରୀ- ସହିତ,କୁମାରୀ, ସୀତାଙ୍କ ସେବାରେ । ।୪୯।
ସେଥି ବାଳୀ ସୁତ କରନ୍ତି ବ୍ୟକତ ପକ୍କା ଆମ୍ଭ କକା
'ସୁ'କାର୍ଯ୍ୟ କାରଣେ ଆଣି ସଖା ପଣେ ବାନ୍ଧିଲେ ପତାକା । ।୫୦।
ନୀଳ ଇନ୍ଦୀବର ଶରୀର ସୁନ୍ଦର ପଦ୍ମରାକ୍ଷ ବନ୍ଧ୍ୟ
କହିଲେ, ଶରଣ ଜନର କରୁଣ ହରଣେ 'ମୁଁ' ମୋଦ ।।୫୧।
ମୋର ସୁ ରକ୍ଷିତେ ସେନା ସୈନ ଯେତେ- କରୁ ଅଛ ମନା
ଜୟ ପରାଜୟ ହେଉ ରଣେ ଭୟ, ନାହିଁ ମୋ; ଶୋଚନା ।।୫୨।
ଶରଣା ପନ୍ନରେ ଆଶ୍ରୟ ଦାନରେ ସଦାମୋର ପ୍ରୀତି
କରିଲେ ବାରଣ- ଏକା, ବିଭୀଷଣ ରହିବକି, ନୀତି । ।୫୩।
ମାତା, ପିତା, କାନ୍ତା, କିମ୍ବା, ଭ୍ରାତୃହନ୍ତା ଯେ ହେଉ ସକଳ
ଭରସା ଛାଡ଼ିଣ- ନେଲେ ମୋ, ଶରଣ ସ୍ଥାନ, ବକ୍ଷ ସ୍ଥଳ । ।୫୪।
ବନ୍ଧା, ମୁହିଁ ସଦା- ଧନ୍ଦା, ହୀନେ ଫନ୍ଦା, ଜନ, ହିତ କୃତେ
ଅବିଧି ବିଚାର, କେହି ନ ବିଚାର ପ୍ରଚାରିତ ଯେତେ । ।୫୫।
ରାଘବ ଭାଷଣ ଶୁଣି ବିଭୀଷଣ ସୁପର୍ଣ୍ଣ, ପ୍ରକାରେ
ଶତ ପତ୍ର, ନେତ୍ର- ଅଗ୍ରେ ପାତି, ଗାତ୍ର ପ୍ରଣି ପାତ କରେ । ।୫୬।
ଉଠ ଉଠ, ଉଠ- ବୋଲୁ ସେ ବଳିଷ୍ଠ ଉଭା ଯୋଡ଼ି କର
କିମ୍ବା ତେଜ୍ୟା କର କୂଟ ବିଦ୍ୟାଧର ମୁକୁଟ ପ୍ରବର । ।୫୭।

୪୩:ଗର ନୀରଧାରେ-ବିଷଧାରେ, ସୁଧା-ଅମୃତ । ୪୪:କଞ୍ଚଦ୍ରୁମ-କଞ୍ଚବଟ । ୪୫: ସୁଧା-ଅମୃତ,ଗର-ବିଷ, ୪୮:କାଞ୍ଚନ-ସୁବର୍ଣ୍ଣ ।୪୯:ନାରୀ-ସରମା, କୁମାରୀ-ତ୍ରିଜଟା । ୫୦:ବାଳିସୁତ-ଅଙ୍ଗଦ । ୫୧:ନୀଳ ଇନ୍ଦୀବର-ନେଳି କଇଁଫୁଲବର୍ଣ୍ଣ (ରାମ),ପଦ୍ମରାକ୍ଷ- ବନ୍ଦ୍ୟ ରାମ କ୍ଷିବ ।

Digitized by PPRACHIN, SOA

ହେ ସୂର୍ଯ୍ୟାବତଂଶ, ଦୈତ୍ୟ, ଶର୍ବରୀଶ, ଗର୍ବ, ଶୈଳେ, ପବି,
ହେଲା ମୋ, ବଚନ କଲା ନିର୍ବାସନ ସଙ୍କଟକୁ ଭାବି । ।୫୮।
ହେ ନୀରଦ, କାନ୍ତି ଯୋଗେ ଯୋଗୀ ଚିନ୍ତି- ଯେ ପଦ, ଆଶ୍ରିତ
ତାଡ଼ନେ ପ୍ରାପତ- ହେତୁ ନ ନନ୍ଦିତ, ବନ୍ଦିବା,ଉଚିତ । ।୫୯।
ସ୍ୱ'କୁଳ ଉଜ୍ୱଳ ପ୍ରତାପ ଉଜ୍ୱଳ ମଧୁମାସ, କର
ତବକର ଶର ନିହାର, ବିହାର କରିବ ସଂହାର । ।୬୦।
ଶୁଣି ରଘୁଶିଷ୍ୟ ବୋଲନ୍ତି ଅବଶ୍ୟ ସମ୍ଭବ, ଯା' ବୋଲ
ଆଜହୁଁ ହାଟକ- ଶ୍ରୀ ଲଙ୍କା କଟକ, ନୃପ' ତୁମ୍ଭେ ହେଲ । ।୬୧।
ଶିରକୁ ଆହୁତି ଦେଇ ଲଙ୍କପତି ମନାଇଁ, ଶଙ୍କର
ପାଇ ଥିଲା ଯାହା ଦର ଶନୁ ତାହା ପ୍ରାପତ ନିକର । ।୬୨।
ମୋର 'ରାମ' ନାମ ଥିବ ଯେତେଦିନ ଅମର, ଅକ୍ଷରେ,
ନାମ, ଘୋଷି ରହି ଭୋଗ କର ମହୀ, ବ୍ରାହ୍ମଣ୍ଡ, ବକ୍ଷରେ । ।୬୩।
ସାଗରୁ ବାନର- ଆଣୁ ପୂତ ନୀର ଶାଢ଼ୀ, ଶିରେ ବାନ୍ଧି
ଅଭିଷେକ କଲେ ଦୟାନିଧି ବୋଲେ ରାମ ପାଦ ବନ୍ଦି । ।୬୪।

ମାସ ପାରାୟଣ ଷୋହଳ ବିଶ୍ରାମ

• • • • • • • • • • •

ଜାନକୀ ପ୍ରାପତେ ଆଶା ବଢ଼ଇ ସବୁରୀ

(ରାଗ-କଳସା) ଛାନ୍ଦ - ୧୭

ଏହି ବିଷୟର ପ୍ରତ୍ୟେକ ବର୍ଣ୍ଣ ପାଞ୍ଚ ପଦ ଲେଖାଏ ଆଦ୍ୟ ଶୃଙ୍ଖଳା

ଜାନକୀ ପ୍ରାପତେ ଆଶା ବଢ଼ଇ ସବୁରି **ଜା**ଣ, ଆଦ୍ୟେ, ନ୍ୟାସ ପାଞ୍ଚ,ପାଞ୍ଚ, ପଦ କରି ।୧।
ଜାମ୍ବା ଉଦ୍ଧାରଣେ ସିନ୍ଧୁ ପାରେ ରଘୁରାଣ **ଜା**ମ୍ବବାନେ ନ ପୁଚ୍ଛୁ ସେ କରନ୍ତି ବଖାଣ ।୨।
ଜାହାଜେ ଆଣିବା ଖୋଜି ଯିବେ ସେନାଗଣ **ଜା**ଣି ଏ କଥା ଜଣାନ୍ତି ସେଥି ବିଭୀଷଣ ।୩।
ଜାତ ବେଦେ, ଶିର ପାତି ଯେ କରଇ 'କ୍ରତୁ' **ଜା**ଣି ଯାନ ଦେଇ କେବା ହେବ ତାର ଶତ୍ରୁ ।୪।
ଜାତିଆ ମର୍କଟ ଆଣି ନିକ୍ଷେପନ୍ତେ ଶୈଳ **ଜା**ତ ନହୁଏ ବୁଦ୍ ବୁଦ୍ ଫିଫି କୃତ ଜଳ ।୫।
ନବ ଜଳଧର ମୂର୍ତ୍ତି ବିସ୍ମିତ ସ୍ୱମନେ **ନ**ମ୍ରେ ଦର୍ଭକ ଆସନେ ବରୁଣ ପ୍ରସନ୍ନେ ।୬।
ନବ ନବ ପ୍ରସଙ୍ଗରେ ବୁଧେ ପାତଶ୍ରୁତି **ନ**କ୍ତଚରପେଷେ ଶୁକ ସାର ଶାଦି ମନ୍ତ୍ରୀ ।୭।
ନମି ଭାଷ ବିଭୀଷଣେ, ପିତା ତୁଲ୍ୟ ଭ୍ରାତ **ନ**ବୁଝି ବୁଝି ଯଦିବା ହୋଇଲେ କୁପିତ ।୮।
ନ ସମ୍ଭାଳି ଭୁଞ୍ଜୁଥିବା ବିଭୂତି ତେଜିଣ **ନ**ଗଣ୍ୟ ମାନବ ପଦେ ପଶିଛ ଶରଣ ।୯।
ନଷ୍ଟ ହୁଏ କୁଳ ଆଭିଜାତ୍ୟଟି ପ୍ରତ୍ୟକ୍ଷ **ନ**ର୍କେବାସ ହେବ ବଂଶ ମର୍ଯ୍ୟାଦା କୁ ରଖ ।୧୦।
କୀଶ ଅଙ୍ଗଦେ କହିବ ପିତା ବୈରୀ ସଙ୍ଗେ- **କୀ**ର୍ତ୍ତି ରଖି, ପିତୃବ୍ୟଙ୍କ ସଙ୍ଗେ ଫେରୁ ରଙ୍ଗେ ।୧୧।

---

୧ :ପ୍ରତି ଅକ୍ଷରେ ଆଦ୍ୟରେଥିବା ବର୍ଣ୍ଣ ଗୁଡିକ ପାଞ୍ଚ ପଦ ଲେଖାଏଁ ନ୍ୟାସ ହୋଇଅଛି୬:ଜାତବେଦେ - ଅଗ୍ନିରେ, କ୍ରତୁ-**ଯଜ୍ଞ**, ୭:ଶୈଳ-ପର୍ବତ, ନକ୍ତଚର-ନିଶାଚର-ରାବଣ, ।

Digitized by PPRACHIN, SOA

କୀଶ ବୁଦ୍ଧିରେ ସେ ଧରି ସଙ୍ଗେ ସେନାସର୍ବ **କୀ**ଚକ, ଘର୍ଷଣ ସମ ବଂଶକୁ ନାଶିବ ।୧୨।
କୀର୍ତ୍ତିମନ୍ତ କୀର୍ତ୍ତିଖ୍ୟାତେ ରଖି ବଂଶ ସ୍ମୃତି **କୀ**ର୍ତ୍ତି ସ୍ତମ୍ଭେ ବାନ୍ଧି ବାନା ହସାଅ ଧରିତ୍ରୀ ।୧୩।
କୀର ରୂପେ ଉଡ଼ି ନଭେ ସେ ଶୁକ,ସାରଣ, **କୀ**ର୍ଣ୍ଣେ କହୁ ଲଙ୍କେଶ ଭାରତୀ, ବିଭୀଷଣ ।୧୪।
କୀଲନେ କହି ଅଙ୍ଗଦେ ସମସ୍ତ ଭାରତୀ **କୀ**ର ନାମ ଦୈତ୍ୟେ ବାନ୍ଧି ଦିଅ ବହୁ ଶାସ୍ତି ।୧୫।
ପ୍ରାପ୍ତ କାଳ ଜାଣି, ରାମ ଅଗ୍ରେ ନେଉ ସୈନ୍ୟ **ପ୍ରା**ୟଶ୍ଚିତେ ବିଜ୍ଞରାମ ଖୋଲାଇ ବନ୍ଧନ ।୧୬।
ପ୍ରାସନ୍ନୟେ, ନୀର ଦେଇ କରାଇଲେ ଶାନ୍ତି **ପ୍ରା**ମାଣିକେ ଦୂତ ବଧ ନୁହଇ କହନ୍ତି ।୧୭।
ପ୍ରାକ୍ତନ, ଦଣ୍ଡ ହନୁର ଜାଣିକେ ସହିବ **ପ୍ରା**ରମ୍ଭୁ ଦଣ୍ଡିଲେ ଦୂତ ଯଶ, କି ରହିବ ।୧୮।
ପ୍ରାସଙ୍ଗିକେ ସେଥିବୀର ବିଭୀଷଣ, ରଟେ **ପ୍ରା**ତେ ରାମେ 'ସତୀ' ଅର୍ପୁ କୃତାଞ୍ଜଳୀ ପୁଟେ ।୧୯।
ପ୍ରାସଯିବ ଯୋଗାଯୋଗ ସଂସ୍ଥାପନ ହେବ **ପ୍ରା**ସାଦେ ଯିବ ଅଙ୍ଗଦ ଫେରିବେ ରାଘବ ।୨୦।
ପଞ୍ଚ ପ୍ରାଣ ରକ୍ଷା ହେତୁ ହୋଇ କୃତ କୃତ୍ୟ **ପ**ଛେ ଘୁଞ୍ଚି ବେନିମନ୍ତ୍ରୀ ରାଘବେ ବ୍ୟକତ ।୨୧।
ପଦ୍ମନାଭ ଫେରି ଯିବୁ ପସ୍ତଃସ୍ଥିତ ବାସ **ପ**ରିଚାରେ ସବୁଦିନେ ଥାଉ ଏ ଆଶିଷ ।୨୨।
ପକ୍ଷୀ ପରି ଉଡ଼ି ଦଶାନନେ ବେନି ମନ୍ତ୍ରୀ **ପ**ରଶଂସି ରାମେ ସର୍ବ ଘଟଣା କହନ୍ତି ।୨୩।
ପଚାରନ୍ତି ରାଜାତ୍ରସ୍ତେ ସେନା କେତେହେବ **ପ**ଦ୍ମ ପଦ୍ମ' ନୁହେ ଛଦ୍ମ, ଗଣିକେ କହିବ ।୨୪।
ପର୍ବତ ବାସୀ ସାଗର ତରଣେ କି ପାଞ୍ଚ୍ **ପ**ଥ, ନ ଦେଉ ବରୁଣେ ପ୍ରାର୍ଥନା, ବିରଚି ।୨୫।
ତେଜ ଶକ୍ତି ପରାକ୍ରମେ ରାମ ମୋଠୁହୀନ **ତେ**ଜିତ କୃପାଣେ ତାର ଶିର ହେବ ଛିନ୍ନ ।୨୬।
ତେଜିଏ ସମ୍ବାଦ ବୁଧେ, ଆନେ ରଖ ମତି **ତେ**ଣେ, ପାଶୀ, ଅପ୍ରସନ୍ନେ ଦୁଃଖେ ରଘୁପତି ।୨୭।
ତେଜୁ ଆସନ ଲକ୍ଷ୍ମଣ ରକ୍ତ ନେତ୍ର କ୍ରୋଧ **ତେ**ଜ ଶରୀର ଗଙ୍ଗାରେ ଯଥା କୋକନଦ ।୨୮।
ତେଣୁ ଭ୍ରୂବଲ୍ଲୀ ଶୈବାଳ ସମ ଗତାଗତି **ତେ**ଜସ୍ୱୀ ଚାପରେ ବାଣ ସନ୍ଧାନରେ ମତି ।୨୯।
ତେଣୁ ହସ୍ତଧନୁ ନଦୀ କୂଳ ବେତ ବତ- **ତେ**ଡ଼ା, ବାହୁର କମ୍ପନ ବିଚି' ପ୍ରତିଭାତ ।୩୦।
ଆକର୍ଣ୍ଣ ଓଟାରି ମୁଖେ ବରୁଣେ ପ୍ରକଟ **ଆ**ଇନରେ ପୃଥ୍ୱୀନାଶ କାରୀ ତୁମ୍ଭେ ଅଟ ।୩୧।
ଆମ୍ଭ ଜ୍ୟେଷ୍ଠ ଭ୍ରାତ, ଶ୍ୱଶ୍ରୁ, ପାଞ୍ଚ ତାଙ୍କ ମନ୍ଦ **ଆ**ଜନ୍ମ ଗର୍ଭରେ ସ୍ଥାନ ଦିଅ ରକ୍ଷ ବୃନ୍ଦ ।୩୨।
ଆଗେ ସ୍ରଷ୍ଟା ବେଦ ଚୋର ଲୁଚି ଥିଲା ଗର୍ଭେ **ଆ**ତତାୟୀ ରାବଣକୁ ସାହା ହୁଏ ଏବେ ।୩୩।

୧୧: କୀଶ-ମର୍କଟ, ପିତାବୈରୀ-ରାମ, ପିତୃବ୍ୟ- ସୁଗ୍ରୀବ । ୧୨: କୀଚକ-ବାଉଁଶବୃକ୍ଷ । ୧୪: କୀରରୂପେ-ଶୁକପକ୍ଷୀ ରୂପେ,କୀର୍ଣ୍ଣେ-ବିକ୍ଷିପ୍ତେ । ୧୬:ପ୍ରାପ୍ତକାଳ-ମୃତ୍ୟୁ ସମୟ । ୧୭:ପ୍ରାସନ୍ନ-ଖାଦ୍ୟ, ନୀର-ପାନ । ୧୮:ପ୍ରାକ୍ତନ-ପୂର୍ବରେ ।୨୦:ପ୍ରାସ-ବ୍ୟଥା,ପ୍ରାସାଦେ ଯିବି-ଅଟାଳିକା କୁ ଯିବି । ୨୧:ପଞ୍ଚ ପ୍ରାଣ-ପ୍ରାଣ, ପାନ, ବ୍ୟାନ, ଉଦ୍ୟାନ, ସମାନ ।୨୨: ପୟ-ଜଳ, ପରିଚାରେ-ସେବକ ୨୫:ପର୍ବତବାସୀ-ରାମ, ଲକ୍ଷ୍ମଣ, ଭାଲୁ, ମର୍କଟ । ୨୬: କୃପାଣ-ଖଣ୍ଡା ୨୭: ପାଶୀ-ବରୁଣ । ୨୮: କୋକନଦ-ରକ୍ତପଦ୍ମ । ୨୯: ଭ୍ରୂବଲ୍ଲୀ-ନେତ୍ରପତା ।୩୦:ବିଚି-ଲହରି ।୩୧: ଆକର୍ଣ୍ଣ-କର୍ଣ୍ଣପର୍ଯ୍ୟନ୍ତ । ୩୨:ଶ୍ୱଶ୍ରୁ-ଶାଶୁ, ଗର୍ଭେ-ସମୁଦ୍ର ମଧ୍ୟରେ ।୩୩: ସ୍ରଷ୍ଟାବେଦ ଚୋର-ଶଙ୍ଖାସୁର ।

Digitized by PPRACHIN, SOA

ସମୁଦ୍ର ପାର ନିମନ୍ତେ ରାମଙ୍କ ତପସ୍ୟାରେ ବରୁଣଙ୍କ ଅବହେଳା ଯୋଗୁ
ସମୁଦ୍ର ଶୁଖାଇ ଦେବାପାଇଁ କ୍ରୋଧିତ ଲକ୍ଷ୍ମଣ ବାଣ ପ୍ରୟୋଗ କରିବାକୁ ଉଦ୍ୟତ ହେବାରୁ
ଦୁଇ ପତ୍ନୀଙ୍କ ସହିତ ବରୁଣଙ୍କ ଆବିର୍ଭାବ ।

Digitized by PPRACHIN, SOA

ଆଦ୍ୟରେ, ରାଘବ, ରୂପେ ନିଗମ ବନିତା, ଆସି ନାଶି ଶଙ୍ଖାସୁର' ରଖିଛନ୍ତି କଥା ।୩୪।
ଆଗତ ରାଘବ, ରୂପେ ଜାନକୀ, ଉଦ୍ଧାରେ ଆଗେ ତୁମ୍ଭଙ୍କୁ ବିନାଶି ଯିବୁ ଅବାଧରେ ।୩୫।

ବରୁଣ ସାକ୍ଷାତ

ଶାଣିତ ଶର ସୌମିତ୍ରି ହସ୍ତେ ଦେଖି ତ୍ରସ୍ତେ ଶାନ୍ତେ ବିପ୍ର ରୂପେ ଆସି ବରୁଣ ସାକ୍ଷାତେ ।୩୬।
ଶାତକୁମ୍ଭ, ଯୁତ ଘେନି ଅଷ୍ଟରତ୍ନ ଥାଳୀ, ଶାଠ୍ୟ ଭାବ ତେଜି ହେଲା ପଦେ ନିଉଛାଳି ।୩୭।
ଶାଳୀ ନ,ଭାବେ ଭାଷନ୍ତି ସୁମିତ୍ରା ନନ୍ଦନ ଶାଶ୍ୱତ ହେବକି ଭେଟି ଦିଅ ଯେଉଁ ଧନ ।୩୮।
ଶାଖା, ମୃଗ ମିତ୍ର, ଭାବେ କର ପ୍ରଲୋଭିତ ଶାସ୍ତି ବିଧାନ ତୁମ୍ଭଙ୍କୁ ଅଟଇ ଉଚିତ ।୩୯।
ଶାସ୍ତ୍ର ମତେ ଜାଣି ଲୁଣି ଚକ୍ରାନ୍ତ ବିଧାନ ଶାଖାରେ ସିଞ୍ଚୁଛ ଜଳ ମୂଳ କରି ଛିନ୍ନ ।୪୦।
ବଞ୍ଚକ, ଔଦ୍ଧତ୍ୟ, ପାଇଁ କ୍ଷମା ନ ମିଳିବ ବଞ୍ଚିବା ନହେବ, ଶର, ସାଗର ଶୋଷିବ ।୪୧।
ବଦ୍ଧ ପରି କର, ତୁମ୍ଭେ, ସଦା ଅପରାଧେ ବକ୍ଷେ ଆତାପି, ବାତାପି, ପୂର୍ବେ ରଖି ଶ୍ରଦ୍ଧେ ।୪୨।
ବଣର, ବାରଣ,-ଘାତୀ, ନକ୍ରବାସ ଦାତା ବର୍ଜି ରାଘବେ ଯିବାରେ ହୁଅ ବିଘ୍ନ କର୍ତ୍ତା ।୪୩।
ବର୍ବରୋଚିତ ବିଶ୍ୱାସ ଘାତୀ ମାରାତ୍ମକ ବଞ୍ଚକ, ଦଣ୍ଡ ଦେଖନ୍ତୁ ତିନିପୁର ଲୋକ ।୪୪।
ବନ, ଅଗସ୍ତି ଗଣ୍ଡୁଷେ ଚଳୁକଲା ସରି ବର୍ତ୍ତମାନ ଶରେ ଉଡ଼ାଇବି ବାଷ୍ପ ପରି ।୪୫।
ଢ଼ଙ୍ଗ ଭାଜିବ ବୁଝିବ ତୁମ୍ଭ ଅପରାଧ ଢ଼ଙ୍ଗେ ଧାର୍ଯ୍ୟ କାର୍ଯ୍ୟ କରିବାକୁ ହେବ ବାଧ୍ୟ ।୪୬।
ଢ଼ଳ ଢ଼ଳ ନେତ୍ରେ ସେଥି ବରୁଣ ବଦତି ଢ଼ମେ ନ ନାଶ, ସ୍ୱ'ବଂଶ କୀର୍ତ୍ତି ହେ, ସୌମିତ୍ରି ।୪୭।
ଢ଼ମାଳି ନୁହେଁ ମୋ କଥା ଜଳ ଚର ଜୀବ ଢ଼ଙ୍ଗେ ନାଶ ଯିବେ ଗଙ୍ଗା ଲଭିବେ, ବୈଧବ୍ୟ ।୪୮।
ଢ଼କ୍କା ବାଜେ ବିଷ୍ଣୁପଦ, ଆଦି ପଞ୍ଚଭୂତ ଢ଼ଙ୍ଗ ଯେଣୁ ଜଡ଼ କାର୍ଯ୍ୟ, କଳାପ ଜଡ଼ିତ ।୪୯।
ଢ଼ଙ୍ଗେ ମାଡ଼େ,ବାଦ୍ୟ,ଶବ୍ଦ ଯଥା ତାନେ,ମାନେ ଢ଼ଙ୍ଗେ ତାଡ଼ନେ ଶାସିତ ହୁଅନ୍ତି ସେମାନେ ।୫୦।
ଇଙ୍ଗିତେ ଯେ ରାମ ନେତ୍ରୁ ପଞ୍ଚଭୂତ ଜାତ ଇଚ୍ଛାରେ ସୃଷ୍ଟି ଧାରଣେ ହୁଅନ୍ତି ବିଖ୍ୟାତ ।୫୧।
ଇଦାନୀ, ମୋ' ନ ଆସିବା ଶୁଣ ରଘୁବଂଶି ଇନ୍ଦ୍ରିୟ ଗୋଚରେ, ମୁଖେ ଆଦେଶ ନୋହିଛି ।୫୨।
ଇଚ୍ଛା ପୂର୍ଣ୍ଣେ, ସ୍ତୁତିରେ ମୁଁ ହୋଇଥିଲେ ବଶ ଇତର, ଜନ ପରାସ୍ତେ ନଲଭନ୍ତେ ଯଶ ।୫୩।
ଇଙ୍ଗିତେ ଆଦେଶ ଦେଉ' ପ୍ରକାଶେ ବରୁଣ ଇତିହାସ ଯାହା ଅଛି ସେତୁ କାର୍ଯ୍ୟେ ଶୁଣ ।୫୪।
ଇନ୍ଦିରା, ଉଦ୍ଧାରେ'କପି'ଯେ ଶିଳା ଫିଙ୍ଗିଲେ ଇଳାନିଶି ଗ୍ରାସ ପରି ତିମି ଗିଳି ଦେଲେ ।୫୫।
ସମୁଦ୍ର ମନ୍ଥନୁ ଲକ୍ଷ୍ମୀ ପ୍ରାପ୍ତ ହେଲା ପରି ସମୁଦ୍ର ବାନ୍ଧ, ପାଇବ ଜନକ କୁମାରୀ ।୫୬।

୩୫:ରାଘବ ରୂପେ-ମତ୍ସ୍ୟରୂପେ, ନିଗମ-ବେଦ । ୩୭:ଶାତକୁମ୍ଭ-ସ୍ୱର୍ଣ୍ଣ, ଶାଠ୍ୟ-ଶଠତା । ୩୮:ଶାଳୀନ-ଭଦ୍ର,ଶାଶ୍ୱତ-ଚିରସ୍ଥାୟୀ ।୩୯:ଶାଖାମୃଗ-ମର୍କଟ । ୪୧: ବଞ୍ଚକ-ଶଠତା । ୪୩:ବଣର ବାରଣ-ହାତୀ, ନକ୍ର-କୁମ୍ଭୀର ।୪୯:ବିଷ୍ଣୁପଦ-ଆକାଶ,ପଞ୍ଚଭୂତ-କ୍ଷିତି,ଆପ,ତେଜ,ମରୁତ,ବ୍ୟୋମ ।୫୨:ଇଦାନୀ-ସଂପ୍ରତି ।୫୫:ଇନ୍ଦିରା-ଲକ୍ଷ୍ମୀସୀତା, ଇଳା-ପୃଥିବୀ, ନିଶି-ରାତ୍ରୀ, ସଂକ୍ରମଣ-ଗମନ ।

Digitized by PPRACHIN, SOA

ସଂକ୍ରମଣେ ନିକ୍ଷେପନ୍ତୁ 'ଶଇଳ' ବାନରେ ସକାମେ ସ୍ୱର୍ଣ୍ଣିଣ ନଳ, ରାମ, ଲେଖି କରେ ।୫୭।
ସନ୍ତାପଯିବ ସାଗରେ ଭାସିବ ସେ ଶିଳା ସମାଧି ନ ହେବ ଜଳେ ଯଥା ସୋଲ ଭେଳା ।୫୮।
ସମାପ୍ତ ହୋଇବ ସେତୁ ଯିବେ, ସେନାକୁଳ ସମୀକ୍ଷା କରିଲେ ରାମ ଡ଼କାଇଣ ନଳ ।୫୯।
ସମୁଚିତ ଜାଣି ପୁଛି ଦୈବୀଶକ୍ତି ଥାଇ ସମୁଦ୍ର, ବନ୍ଧନେ କହି ନଥିଲ କିପାଇଁ ।୬୦।

ଋଷି ବରେ ପଥର ଭାସେ

ବୁଦ୍ଧିମତ୍ତା ବୋଧ ଶକ୍ତି ଶାପୁଁ ହେଉ କ୍ଷୟ ବୁଝିବା ସମ୍ଭବ ନୋହି ଥିଲା ରଘୁରାୟ ।୬୧।
ବୁଝନ୍ତୁ କେଶରୀ, କନ୍ୟା, ଇନ୍ଦୁମତି ଗର୍ଭେ ବୁଭୁକ୍ଷିତ, ବିଶ୍ୱକର୍ମା, ସମ୍ଭୋଗ ସମ୍ପର୍ବେ ।୬୨।
ବୁଢ଼ ଦେଉ 'ଜାତନଳ' ବାଲ୍ୟକାଳେ ଋଷି ବୁକୁଚା ଭସାଉଁ ଶାପ ଦେଇ ଦୁଃଖେ ଆସି ।୬୩।
ବୁଝାଇ କହନ୍ତି ଆଉ ଏପରି ନକର ବୁଡ଼ିବ ନାହିଁ ଛୁଇଁଲେ ତୁ' 'ମେରୁ' ମନ୍ଦର, ।୬୪।
ବୁଧେ ରହିଥାନ୍ତୁ 'ସାକ୍ଷ୍ୟ' ନ ରହିବ ମନେ ବୁବୁଧାନ ହୁଅନାମ ସ୍ମରି କାର୍ଯ୍ୟେ ଦିନେ ।୬୫।
ରିଷ୍ଟ ଗଲା ନାମ ସ୍ମରି ନଳ ଗଢ଼ି ବନ୍ଧ ରିକ୍ତ ହସ୍ତେ ଶିଳା ଭସାଇଲେ ବହି ମୋଦ ।୬୬।
ରିପୁ ଦ୍ୱିତୀୟ ଛାଡ଼ିଣ ପ୍ରକାଶ କରନ୍ତି ରିହାତି ଦିଅ ଯା, କହିଗଲା, ସଉମିତ୍ରି- ।୬୭।
ରିହ ଛାଡ଼ି ରଘୁନାଥ ବରୁଣ ପ୍ରକାଶ ରିପୁ ମୋ ଉତ୍ତରେଛନ୍ତି ଆଶୁଗେ ବିନାଶ ।୬୮।
ରିକ୍ଥ ଆଣି ଅଛି ଯାହା ଅର୍ଘ୍ୟ ବନ୍ଦାପନା ରିସ୍ପତ ନୁହେଁ ଏ ଥାଳୀ ସ୍ନେହେ କର ଘେନା ।୬୯।
ରିଝାଇବାରେ ସେ ଅଷ୍ଟରତ୍ନ ନେଲେ, ଶେଷ ରିଷ୍ଟ ନାଶିବ ଭାଷଇ ଦୟାନିଧି ଦାଶ ।୭୦।

• • • • • • • • •

ସେତୁ ବନ୍ଧେ ଆନୟନ ପର୍ବତମାନଙ୍କର ଭାବନା

(ରାଗ -ଆଷାଢ଼ ଶୁକ୍ଳ) "ବ" ଅନୁପ୍ରାସ,

ଛାନ୍ଦ- ୧୮

ବୁଝ ସୁମତି ବୁଧେ ଢ଼େରି ଶ୍ରୁତି ବିରାଧାରୀ ଶୁଣି ବରୁଣ ଉକ୍ତି
ବୀର ସୁଗ୍ରୀବେ ଡ଼ାକି କଲେ ବ୍ୟକ୍ତ ବନ୍ଧ ପାଇଁ ସେନା ଆଣନ୍ତୁ ଗୋତ୍ର
ବିଶ୍ୱକର୍ମା ସୁତ,= ବାର୍ଦ୍ଧି କଳି ସେତୁ କରୁ ନିର୍ମିତ । ।୧।
ବୋଲୁ ସୁଗ୍ରୀବ ନିର୍ଦ୍ଦେଶନା ଦେଲେ ବଳି ମୁଖେ ଦ୍ରୁୟ' ଦିଗେ ଚଳିଲେ
ବିଶ୍ୱକର୍ମା ସୁତେ ଆଦର କରି ବୁଝାଇଲେ ସର୍ବ କୋଦଣ୍ଡ ଧାରୀ
ବ୍ୟାପୁ ସେ କପିଏ=ବଡ଼ଭୀରେ କମ୍ପିତ ଗିରିଚୟେ । ।୨।

୬୨/୬୩:ବିଶ୍ୱକର୍ମା ସୁତ-ନଳ । ୬୫:ବୁବୁଧାନ-ଆଚାର୍ଯ୍ୟ । ୬୬: ରିକ୍ତ-ଶୂନ୍ୟ ।୬୭:ରିପୁ ଦ୍ୱିତୀୟ-କ୍ରୋଧ । ୬୮:ରିହ-ରୋଷ ।୬୯:ରିକଥ-ଧନ,ରିସ୍ପତ-ଲାଞ୍ଚ । ୭୦:ରିଝାଇବାରେ-ମନାଇବାରେ ୧:ସୁମତି-ଶ୍ରେଷ୍ଠମତି, ବିରାଧାରୀ-ବିରାଧ ବୈରୀ ରାମ, ଗୋତ୍ର-ପର୍ବତ, ବିଶ୍ୱକର୍ମା ସୁତ-ନଳ,ବାର୍ଦ୍ଧି-ସମୁଦ୍ର,କଳି-କଳନା କରି ।୨:ବଡ଼ଭୀରେ-ବଡ଼ଭୟରେ ।

Digitized by PPRACHIN, SOA

ବର୍ଣ୍ଣ 'ବ' ବର୍ଣ୍ଣାଢ୍ୟ

ବିଙ୍କମେରୁ ଗିରି କରେ ବିଚାର   ବିଶେଷେ ମୁଁ ସୁରଙ୍କର ଆଗାର
ବିକର୍ତ୍ତନ, ବଂଶୀ ବୁଧଙ୍କ ହିତେ   ବିଶ୍ୱେ ଅବତୀର୍ଣ୍ଣ, ନେବାକୁ ମୋତେ
ବତାଇ ନଥିବେ=ବସ୍ଥଳ ରାମଚନ୍ଦ୍ର ସୈନ୍ୟେ କେବେ । ।୩।
ବରଣୀୟ, ହିମାଳୟ, ମଳୟ   ବାସସ୍ଥାନ ବିଚାର କଲେ ଦ୍ୱୟ
ବିଶ୍ୱେଶ୍ୱର, ରାମ, ଈଶ୍ୱର ଏଥି   ବାସ କରୁଛନ୍ତି ଘେନି, ପାର୍ବତୀ
ବାତଜ ଆସଇ=ବେନିଙ୍କ ନନ୍ଦନ ନ ନେବ ସେହି । ।୪।
ବିଚାରେ କୈଳାସ, ମନେ ଏ କଥା   ବିଭୀଷଣ ଭ୍ରାତା ବସୁ ମୋ ବ୍ୟଥା
ବିଦୂରିତ ହେବ ରାମଶରଣ,   ବିଚାରି ସେ କରି ଥିବେ, ବାରଣ
ବୋଲେ ଲୋକାଲୋକ=ଅଦୃଶ୍ୟ ମୁଁ କିମ୍ପା କରିବି ଶୋକ । ।୫।
ବିଚିତ୍ର, ଚିତ୍ରକୂଟ, ମାଲ୍ୟବନ୍ତ,   ବିଚାର କରିଣ ଲଭନ୍ତି ଶାନ୍ତ
ବିବେକ ଶେଖର, ଜାନକୀ, ପତି   ବିଳସି ଆମ୍ଭ ଶିଖେ ଯାଉଛନ୍ତି
ବନ୍ଧ କରିବାକୁ=ବନ୍ଦି ନଥିବେ ଆମ୍ଭଙ୍କୁ ନେବାକୁ । ।୬।
ବିନ୍ଧ୍ୟ,ମନ୍ଦର, ଗନ୍ଧ, ମାର ଦନ,   ବିଚାରନ୍ତି ଆମ୍ଭେ ହେବା ବିଦୀର୍ଣ୍ଣ
ବିବାଦୀ ଯେଣୁ, ବିଭାବସୁ ଠାରେ   ବିଭାକର ବଂଶୀ, ନେବେ ବନ୍ଧରେ
ବିଭା ବସୁ ସୁତ=ବିଭାବୁ ଆଦେଶ ଦେଇ ଥିବେତ । ।୭।
ବାତସୁତ ଶୁଣି ପର୍ବତ କଥା   ବିହନ୍ତି ଦୂର ହେବା ପାଇଁ ବ୍ୟଥା
ବିଭୁ ରାମ ଚରଣ ବାଜି ଶିଳା   ବିପିନେ ଉଦ୍ଧାରେ ହେଲା ସୁଶୀଳା
ବିଧୂର କିମ୍ପାଇଁ=ବିଧିରେ ଉଦ୍ଧାର ହୋଇବ ଯାଇ । ।୮।
ବୋଲେ ବିନ୍ଧ୍ୟ ପ୍ରଭୁ କାର୍ଯ୍ୟରେ ଯେବେ,   ବଳାଇଛମନ ନେବାକୁ ଏବେ,
ବ୍ୟତିକ୍ରମ ତାହା ନୁହେ ଯେପରି   ବାତସୁତ ନିଅ ସପଥ କରି
ବୀର ସତ୍ୟ କରି= ବୋହୁ ସନ୍ତୋଷେ ବୋଲେ ବିନ୍ଧ୍ୟ ଗିରି । ।୯।
ବିଭୁରାମଙ୍କ ପାଷାଣେ ଚରଣ   ବାଜୁ ଅହଲ୍ୟା ହୋଇଲା ତାରଣ
ବିଦୂରିତ ହେବ ଆମ୍ଭ ଦୂଷଣ   ବାଜି ରାମ ପଦ ଯିବ କଷଣ
ବଶ୍ୟ ଏ ମାନସେ= ବାସନା ଜାଣି ପୂର୍ଣ୍ଣ କଲେ କୀଶେ । ।୧୦।
ବ୍ୟଗ୍ରେ ଅଗ୍ରେ ଶୁଭେ ଭାଷି, ଜାମ୍ବବ   ବସନ୍ତ ପଞ୍ଚମୀ ତିଥି ହେ ଦେବ
ବାରୁଣୀ, ବେଳା, ତୈତିଳ, କରଣ,   ବନ୍ଧକୁ ,ଏକାଦଶ, ଚନ୍ଦ୍ର, ଜାଣ
ବନ୍ଧ ଅନୁକୂଳ= ବିଭୀତେ ଭିତ୍ତି, ଶିଳା ସ୍ଥାପୁ, ନଳ । ।୧୧।
ବିଭୋରେ ରାମ ବିଭାଷିତ, ନଳେ   ବିଭୁ, ସୁମରିଣ ଜଳେ କୁଶଳେ
ବିଶେଷି ଅନୁକୂଳ କର,ଶୈଳ,   ବିଧି ପୂର୍ବକ ବିନ୍ୟସ୍ତିଲେ, ନଳ
ବନ୍ଦି ରାମ ପଦ=ବନ୍ଧେ ଦୟାନିଧି ରଚେ ଏ ଛାନ୍ଦ । ।୧୨।

• • • •

୩:ସୁରଙ୍କର-ଦେବତାଙ୍କର,ଆଗାର-ଗୃହ,ବିକର୍ତ୍ତନ ବଂଶୀ-ସୂର୍ଯ୍ୟବଂଶୀ ରାମ, ବୁଧଙ୍କ ହିତେ-ଦେବତାଙ୍କ ହିତେ, ବିଶ୍ୱେ-ସଂସାରେ, ଅବତୀର୍ଣ୍ଣ-ଆବିର୍ଭୂତ । ୪:ବିଶ୍ୱେଶ୍ୱର-ଶିବ,ବାତଜ-ପବନ,ଜ,ହନୁମାନ. ବେନିଙ୍କ ନନ୍ଦନ-ଶିବ,ପବନ ପୁତ୍ର ହନୁମାନ । ୬:ବିଳସି-ଆମ ଉପରେ ରହି,ବିଧୂର-କମ୍ପନ୭: ବିଭାକର ବଂଶୀ-ସୂର୍ଯ୍ୟ ବଂଶୀ, ବିଭାବସୁ-ସୂର୍ଯ୍ୟ, ବାତସୁତ-ହନୁମାନ,୧୨: ବିଭୋରେ-ଉନ୍ମତ୍ତେ,ବିଭାଷିତ-ବିଶେଷ ଭାବରେ ବୁଝାଇ କହିଲେ,ବନ୍ଧେ-ସଂଯତେ, ।

Digitized by PPRACHIN, SOA

ସେତୁ ଆରମ୍ଭ

(ରାଗ -କାମୋଦୀ) "ବ" ଅନୁପ୍ରାସ ,

ଛାନ୍ଦ- ୧୯

ବାନର କୁଳ ଶୈଳ ବହିଶିରେ ତତ୍କାଳ ବାରିଧି କୂଳେ ଉପସ୍ଥିତ
ବ୍ୟର୍ଥ ନ ହେବାପାଇଁ ବିଭୁ ନାମକୁ ଧାୟୀ ବିନ୍ୟସ୍ତୁ, ବିଶ୍ୱାକର୍ମା, ସୁତ ସେ
ବିନ୍ଧ୍ୟଧର=ବନ୍ଧେ ଅଥଳ ସିନ୍ଧୁ ନୀର, ବିଚି ଚଳନେ ନୋହି ସ୍ଥିର
ବାରେ ପ୍ରକୃତି ବଶ, ବିଚ୍ଛିନ୍ନେ କିଛି ଅଂଶ ବିଭାସିତେ କରଇ ଦୂର ସେ । ।୧।
ବିଶ୍ୱାକର୍ମାର ସୁତ ବ୍ୟସ୍ତରେ ଜାମ୍ବବନ୍ତ ବୁଝାନ୍ତି ସକଳ ବୃତ୍ତାନ୍ତ
ବୁଝ ନାମ ଯାହାର ବିଶ୍ୱ ସାଗର ଭାର ବହି ପାରନ୍ତି ସେତୁ ବତ, ସେ
ବିଶ୍ୱଧନ=ବିଶ୍ୱ ବାନ୍ଧବ ରାମ' ନାମ, ବିଶେଷେ କରନ୍ତେ ଲିଖନ,
ବାରଣେ ତା ପୃଥକେ ବୀରକେ ନାହିଁଲୋକେ ବସି ଲିଖନେ ଦିଅ ଧ୍ୟାନ, ସେ ।।୨।
ବିଧାନେ ଦେଇ ଧ୍ୟାନ ବିଲେଖିଣ ରା, ବର୍ଣ୍ଣ ବିହନ୍ତେ ଆନ ପାଷାଣେ,ମ,
ବଳେ ବଳେ ଅଚଳ ବଳେ ହୋଇଲେ ମେଳ ସ୍ୱଚ୍ଛଳେ ଦେଖି ରାମ ନାମ, ସେ
ବଳୀ=ମୁଖେ, ବଳି, ପିପିଲ୍ଲିକା ପନ୍ତିରୁ ବହନ୍ତେ ଶିଳା ନଳ ଭୀରୁ,
ବ୍ୟଗ୍ରେ ଭାରୁ ଭାର ବାମ ହସ୍ତ, ହନୁର ବିଧରେ, ବାରେ ବାଜିବାରୁ, ସେ ।।୩।
ବାତ ସୁତ ସମ୍ପ୍ରତି ବ୍ୟସ୍ତେ ହୃଦୟେ ଚିନ୍ତି ବଳେ ପୋତିବି ଜଳେ ଖଳ
ବଳ ଦେଖାଇ ଚାଲି ବାମ ହସ୍ତ ଅଙ୍ଗୁଳି ବିଦର୍ପେ ସ୍ପର୍ଶିଲା ମୋ ଶୈଳ ସେ
ବହି=କକ୍ଷା, ବଳେ କେ ବଳୀ କରୁ ରକ୍ଷା ବଳେ ରାଘବ ଦେଇ ଶିକ୍ଷା
ବଳବନ୍ତ ହନୁରେ ବୁଝାଇ ଦୟାବୋଲେ ବନ୍ଧୁତ୍ୱ କରାଇଲେ ରକ୍ଷାସେ । ।୪।

୧:ବିଶ୍ୱକର୍ମା ସୁତ-ନଳ,ଅଥଳ-ଅତି ଗଭୀର, ବିଚୀ-ଲହରି,ବିଭାସିତେ -ଭସାଇନେଇ,ବଳୀମୁଖ-ମର୍କଟ,ପିପିଲ୍ଲିକା-ପିମ୍ପୁଡ଼ି,ଶିଳା-ପଥର, ଭୀରୁ-ତ୍ରସ୍ତ,ବିଧରେ-ପର୍ବତରେ ।

ରାଜା ଓ ଠାକୁରଙ୍କର ଛତିଶିଆନି ନିଯୋଗ

ଛତିଶି ଆନି ଯୋଗ ଶୁଣ ସୁଜନେ ଯତି ଗିଆନି କହନ୍ତି ଯା ଦୁର୍ଜନେ ।
୧ଘଣ୍ଟା, ୨ଶଙ୍ଖ, ୩ପ୍ରଦୀପ, ୪ମୁଖ ବାସାଦି ଲେପ
୫ ଦଧି ୬ଦୁର୍ବା ୭ବଦରୀ ୮ଅକ୍ଷତ ୯ଶାସ୍ତ୍ର ୧୦ ନାରୀ ।
୧୧ କଳସ ୧୨ଝଷ ୧୩ ବିନ୍ଦୁ ୧୪ବ୍ୟଜନେ ।।୧।।
୧୫ସୁଗନ୍ଧ ୧୬ଧୂପ ୧୭ପୁଷ୍ପ ୧୮ତାମ୍ବୁଳ ୧୯ଯେଆଦର୍ଶ
୨୦ଛତ୍ର ଯେ ୨୧ ଜଳଧର ୨୨ଡମ୍ବରୁ ସଙ୍ଗେ ୨୩ତ୍ରାସ
୨୪ ଶୃଙ୍ଗାର ୨୫ଆଭରଣ ୨୬ପ୍ରାହ ୨୭ କାହାଳୀଗଣ
୨୮ବାଦ୍ୟ ୨୯ ନୃତ୍ୟ ୩୦ଗୀତିକା ୩୧ ନାଦ ୩୨ସ୍ୱର୍ଣ୍ଣ ୩୩ପତକା
୩୪ପଲଙ୍କ ୩୫ ଚତୁରାଙ୍ଗ ୩୬ବନ୍ଧନେ ।।୨।।

Digitized by PPRACHIN, SOA

ସିନ୍ଧୁକୂଳେ ସନ୍ଧ୍ୟା ପ୍ରବେଶ

(ରାଗ-ଆଷାଢ଼ ଶୁକ୍ଳ) ଛାନ୍ଦ-୨୦

ଦିବା ଅଭିନୟ ଅବସାନରେ ସନ୍ଧ୍ୟା ଜବନିକା ପ୍ରାପତ କରେ
ଦିବା, ବେଶକୁ, ଭିନ୍ନ, ଭିନ୍ନ କରି କ୍ରମେ ବିରାଜମାନ ବିଭା ବରୀ
ପ୍ରକୃତି ଯନ୍ତରେ= ବିଭାବରୀ କର୍ଣ୍ଣେକହୁ ମନ୍ତ୍ରରେ । ।୧।

ଆସି ସେ ତନୁ ଅଳଂକୃତ କଲା ଜ୍ୟୋତ୍ସ୍ନା ଉଭାସିତ ତାରକା ମାଳା
କମଳ ବନେ କମଳିନୀ ଜାର- ବର୍ଜେ, ମଲ୍ଲୀ, ଫୁଟେ ଉପବନର
ସୂର୍ଯ୍ୟମୁଖୀ, ମୁଖ=ଚନ୍ଦ୍ରକର ସ୍ପର୍ଶୁ ହେଲା ବିମୁଖ । ।୨।

ପ୍ରମୋଦେ ପ୍ରବହମାନ, ମଳୟ ବିଚଳିତ କଲା ବଲ୍ଲରୀଚୟ
ମୀନକେତନ ମୀନାକ୍ଷୀ ବିରହେ ପ୍ରତିଘାତକରେ ବିରହୀ ଚୟେ
ଅମ୍ଭୋରୁହ ପତି=ବଂଶୀ, ପତ୍ନୀ, ବିରହେ ହାରି ଧୃତି । ।୩।

କ୍ରମେ ରୁଦ୍ଧ ହେଲା କାନନ ବାଟ ଉଟଜେ, ମୁନିଏ ମଣି ସଙ୍କଟ
ଆଲୋକାର୍ଥେ ଲଗାଇଲେ, ହସନ୍ତୀ, ନେତ୍ର କପାଟ ରୋଧେ, ନିଦ୍ରାବତୀ
ରାଘବ ଅପାଙ୍ଗ=ସିନ୍ଧୁ ମଧ୍ୟେ ଭାଙ୍ଗେ ବ୍ୟଙ୍ଗେ ତରଙ୍ଗ । ।୪।

ଯୂଥପତିଙ୍କ ନାମ

କର୍ମୁ ନିବର୍ତ୍ତାଇ ସଇନକୁଳ ନିତ୍ୟ କର୍ମ ସାରି ଭୁଞ୍ଜାଇ ଫଳ
ପବିତ୍ର କୃଷ୍ଣାଜିନେ ବିଶ୍ରମିଲେ ସୁଗ୍ରୀ ବିଭୀଷଣ ପାସେ ଅଇଲେ
ଶତବଳୀ ନଳ=ଅଙ୍ଗଦ, ହନୁ, ନୀଳ ପନଶିଳ । ।୫।

ତାରାକ୍ଷ, ଜାମ୍ବବ, ସୌରି, ସୁଷେଣ, ମହେନ୍ଦ୍ର, ଦୁର୍ବିନ୍ଦ, ଗନ୍ଧମାଦନ
ରୋମଣ, ମୋହଦ୍ଧ, କେଶରୀ ଆଦି ଡ଼ାଳିମ୍ବ, ରମଣ, ଠଣା ସମ୍ପାଦି
ସଜଳସ ବତୀ, ହୁଳା, ଲଗାଇ ବୁଲନ୍ତି ଚୌକତି । ।୬।

କ୍ରମେ ସୁଧାକର, ତ୍ରିଯାମା କୋଳେ ବିହରି ସୁଖେ ପୁର ତେଜ୍ୟାକଲେ
ଦୟାନିଧି ସୀତା, ରାମ, ଚରଣ ଚିନ୍ତି ରଚେ ଘେନ ବିଦୁଷ ଗଣ
ସପ୍ତ ପଦେ ରସ=ପାନ କର ମୁକ୍ତି ଅର୍ଥେ ପୀୟୁଷ । ।୭।

• • • • • • •

୧:ଦିବା-ଦିନ,ଅଭିନୟ-ନାଟକ,ଅବସାନ-ଶେଷରେ,ଯବନିକା-ପର୍ଦା,ବିଭାବରୀ-ରାତ୍ରୀ,ଜ୍ୟୋତ୍ସ୍ନା-ଚନ୍ଦ୍ର,ତାରକା-ତାରା, କମଳବନ-ପଦ୍ମବନ।୩: ମୀନକେତନ - କନ୍ଦର୍ପ, ମୀନାକ୍ଷୀ-ସ୍ତ୍ରୀ,ଅମ୍ଭୋରୁହ-ପଦ୍ମ,ପତି-ସୂର୍ଯ୍ୟ, ବଂଶୀ-ରାମ,ପତ୍ନୀ-ସୀତା

ରାମ ନାମ ଜପ ସର୍ବେ ସବୁ କରି ପଛ ସର୍ବ ଧର୍ମ କର୍ମ ରାମ ନାମ ବିନା ମିଛ
ମୃତ୍ୟୁ କାଳେ ଯଦି ନର ଡାକେ ରାମ ବୋଲି ପୁଷ୍ପକ ବିମାନେ ଦେବଲୋକେ ଯାଏ ଚାଲି

Digitized by PPRACHIN, SOA

ସେତୁ ବନ୍ଧେ ପ୍ରଭାତ ବର୍ଣ୍ଣନା ଓ ମନ୍ଦିର ନିର୍ମାଣ

(ରାଗ-କୁମ୍ଭ କାମୋଦୀ) ଛାନ୍ଦ - ୨୧

ଗଲେ, ଶଶଧର, ଅସ୍ତାଚଳ ଚୂଳ ଆଗମ, ସବିତା
ନିଦ୍ରା ବିଭଞ୍ଜନେ ବିପ୍ରେଗଲେ ସ୍ନାନେ ଜନ ମୁଖେ ବାର୍ତ୍ତା ।୧।
ସୃଷ୍ଟି କ୍ରମେ ହେଲା ଅନ୍ଧକାର, ଗଲା କରଟ, କୁକ୍କୁଟ
କୋକ, ଦେଲେ ଡ଼ାକ ନାମ ଘୋଷେଶୁକ ସାରୀ, ଡ଼ାକେ ଉଠ ।୨।
ଅରଣ୍ୟ ପ୍ରସୂନ ସୁଷମେ ଫୁଟିଣ ଧରାରେ ଲୋଟିଲେ
କାମନାର୍ଥେ ମାଳୀ ଶୁଦ୍ଧ, ପୂତେ ତୋଳି ଦେବଙ୍କୁ ଭେଟିଲେ ।୩।
ନିଦ୍ରା, ଅକସ୍ମାତ ଭାଙ୍ଗୁଁ, ରଘୁନାଥ ପଖାଳିଲେ, ମୁଖ
ପ୍ରାତଃ କର୍ମ ପରେ ସେତୁ ନିର୍ମାଣରେ କହୁ ବଳୀ ମୁଖ ।୪।
ଆଣନ୍ତି ପ୍ରମୋଦେ ଶୈଳ, ମାଥେ, ବାଦେ ବିହଙ୍ଗ, ପ୍ରକାର
ବଳୀ ମୁଖା ଦଧି- ମୁଖା ରକ୍ତ ମୁଖା ଗୋଲାଙ୍ଗୁଳା ବୀର ।୫।
ଶ୍ୱେତ, ନୀଳ, ବର୍ଣ୍ଣ ପାଣ୍ଡୁର, ବରନ ପିଙ୍ଗଳ, ହିଙ୍ଗୁଳ
ବରନ, ହାରିଦ୍ର ହରିତାଳ, ରୁଦ୍ର ବଳୀ ଋକ୍ଷ କୁଳ ।୬।
ସେ ସେତୁ ନିର୍ମାଣ ଗଲା, ବିଂଶଦିନ ବଳନ୍ତେ, ପର୍ବତ
ଜାମ୍ବବାନ, ମନ୍ତ୍ରୀ ରାଘବଙ୍କ ପ୍ରୀତି ବିହିଲେ, ତ୍ୱରିତ ।୭।
ସେନା ପାରେ ସେତୁ- ବିଧାତାଙ୍କ, ହେତୁ ହେଲା, ଗଲାଭୟ
ଖଳ ସିନ୍ଧୁବାରି ଲହରୀ ପ୍ରହାରି କରିପାରେ, କ୍ଷୟ ।୮।
ଆଦେଶିଲେ, ନଳ ତୋଳନ୍ତେ ଦେଉଳ ଜଗତ, ଲାଭରେ
ଯୁଗ, ଯୁଗ, କୀର୍ତ୍ତି ଘୋଷନ୍ତା, ଧରିତ୍ରୀ ବିଚାରନ୍ତୁ, ଥରେ ।୯।
ହୋଇଣ ସ୍ୱୀକୃତ ବନ୍ଧ, ରଘୁନାଥ ଅସମାନ ଜାଣୁ
ଦେଲେ ନିର୍ଦ୍ଦେଶନା ବୋହି ସୈନ୍ୟ ସେନା ପକାଇଲେ, ରେଣୁ ।୧୦।

ଗୁଣ୍ଡୁଚି ଉପାଖ୍ୟାନ

ଏକାଳେ ଗୁଣ୍ଡୁଚି ମୂଷା ଏକ, ଆସି ଜଳେ ଯାଇ ବୁଡ଼େ
ବାଲି ପରେ, ଗଡ଼ି ବନ୍ଧେ ହୋଇ, ଝାଡ଼ି ପୁଣି ଯାଏ, ଦୃଢ଼େ ।୧୧।
ତାର ବନ୍ଧୁ ପଣ ଦେଖି ରଘୁରାଣ, ପୃଷ୍ଠ ଆଉଁଷିଲେ,
ମୋ ଦୁଃଖରେ ଦୁଃଖୀ ନଥିବେ କେ, ଦେଖି ସଂସାରେ ଭାଷିଲେ ।୧୨।
ହସ୍ତ ଚିହ୍ନ ସାକ୍ଷୀ ଯେ ମାରିବ ଦେଖି ସେ ଦ୍ରୋହୀ ଅବଶ୍ୟ
ଦିଶୁଥିବ, ଝଳି ମୋର, କରାଙ୍ଗୁଳି ଯେତେ ତୋରବଂଶ ।୧୩।
ଚାରିଦିନେ ନଳ ଗଢ଼ିଲା ମନ୍ଦିର ଆନନ୍ଦ ଶ୍ରୀରାମ
ନିଜର ଆରାଧ- ଦେବ ଦେବ ରୁଦ୍ର ଉଭାବନେ ମନ । ।୧୪।
ପୂର୍ଣ୍ଣ ହେଲା ସେତୁ ଜଳ ଚର ଜନ୍ତୁ ତଳେ ବିଚରିଲେ
ଦୟାନିଧି ଦାଶ ରାମ ପାଦେ ଆଶ ରଖି ଛାନ୍ଦ ବୋଲେ । ।୧୫।

● ● ●

Digitized by PPRACHIN, SOA

ବନ୍ଧ ପ୍ରତିଷ୍ଠା ପ୍ରସ୍ତାବ

(ରାଗ - ବଙ୍ଗଳାଶ୍ରୀ)

ଛାନ୍ଦ - ୨୨

ବନ୍ଧ କାର୍ଯ୍ୟ ପୂର୍ଣ୍ଣ ହେଉ ସେନା ସୈନ୍ୟ ଶ୍ରୀ ରାମ ଜୟ ସଘନେ
କହୁଁ ଚାପଧାରୀ କହି ଅଧିକାରୀ ମୁହିଁ ନୁହେ ତୁମ୍ଭେମାନେ ।୧।
ପ୍ରାଣ ମୂର୍ଚ୍ଛା ପରି- ଶ୍ରମରୁ ତୁମ୍ଭରି ସେତୁ ମନ୍ଦିର ସ୍ଥାପନ
ହେଲା ସିନା ଶେଷ, ହୋଇ ନି,ଦଶାସ୍ୟ ନହେବା ଯାଏ ନିଶ୍ଚିହ୍ନ ।୨।
ଜାନକୀ, ଉଦ୍ଧାର- ପଥ, ବହୁଦୂର ପାଦେ, ଅତିକ୍ରମ କରି
କିପରି କହିବା ଜୟ ହେଲା ଅବା ହନୁ, କହେ ଯିବା କାଲି ।୩।
ସଭିଏଁ ସ୍ୱୀକୃତି ଦେଉ, ରଘୁପତି ପୁଚ୍ଛାକଲେ ସୁଗ୍ରୀବରେ
ମାରୁତି, ପ୍ରସ୍ତାବେ ସମ୍ମତିକୁ, ସର୍ବେ ଦିଅ ନ ବିଚାରି, ଥରେ ।୪।
ଭାଷେ ବିଭୀଷଣ ସେତୁର ନିର୍ମାଣ ମନ୍ଦିର, ନିର୍ମାଣ, ଶେଷ
ଶୀଘ୍ର ଶୁଭ ମାତ୍ରା କି ଅଭାବେ ଯାତ୍ରା ନିଷେଧ କର ପ୍ରକାଶ ।୫।
ରାଘବ, କହନ୍ତି ହନୁ କଥା ଚିନ୍ତି ଅଭୟ ମୁଁ ଦେଇଥିଲେ
କନ୍ଧରେ ବସାଇ ପାରିଥାନ୍ତା ନେଇ ସଭିଙ୍କୁ ଆର ପାରିରେ ।୬।
ଦେଲେ ନିର୍ଦ୍ଦେଶନ ଅଶୋକ, କାନନ ଉପାଟି ଜାନକୀ ସହ
ପାରିଥାନ୍ତା ଆଣି କିପାଁ ସର୍ବେଜାଣି ସହନ୍ତେ କଷ୍ଟ ଦୁଃସହ ।୭।
ଜାଣୁ ଦଶାନନ ମୋର ନୀତି ଭିନ୍ନ ସାମାନ୍ୟ, ମାନବ ହୋଇ
ଯାହା ନୋହି ଥିଲା ସେ କଥା କରିଲା ରକ୍ଷ ମର୍କଟକୁ ନେଇ ।୮।
ବୁଝନ୍ତୁ ତାପ୍ରଜା- ଧ୍ୱଜା ବନ୍ଧା ରାଜା ଥାଇ ଏ ଲଙ୍କା ଅଭେଦ୍ୟ
ଦୁର୍ଗ ହୋଇକରି ଥିଲା ସେତୁ କରି ରାମଚନ୍ଦ୍ର କଲା ଭେଦ ।୯।
ଭାଷେ ବିଭୀଷଣ , ସତରେ ଆପଣ କଲେ ଏ ଅକ୍ଷୟ କୀର୍ତ୍ତୀ
ଯୁଗେ ଯୁଗେ ଥିବ କି ଅବା ଅଭାବ ଯାତ୍ରା ମନା କରୁଛନ୍ତି ।୧୦।
ରାଘବ ବ୍ୟକତ- ସେନା, ମଳ, ମୂତ୍ର ପଡ଼ି ସିନ୍ଧୁ, ଅପବିତ୍ର
ଦେବତା, ଅଭାବେ ମନ୍ଦିର ସଦ୍‌ଭାବେ କାହିଁ ହୋଇବ ବିଖ୍ୟାତ ।୧୧।
ଜନହିତ କାର୍ଯ୍ୟ- ହେବ ରଖି ଧୈର୍ଯ୍ୟ କଲେ ଏ ବନ୍ଧ ପ୍ରତିଷ୍ଠା
ନତୁ ଏ ଅକ୍ଷୟ କୀର୍ତ୍ତିନୋହି କ୍ଷୟ- ହେବ, ଥାଉ ଯେତେନିଷ୍ଠା ।୧୨।
ଏଣୁ ଏ ପ୍ରତିଷ୍ଠା କାର୍ଯ୍ୟ ପାଇଁ ନିଷ୍ଠା ବାନ ପୁରୋଧା ନିମିତ୍ତ
ହରାଇଣଧୈର୍ଯ୍ୟ ହେଉଛି କଦର୍ଯ୍ୟ ଥୟ ନ ହେଉଛି ଚିତ୍ତ ।୧୩।
କହେ ହନୁ ମୋଦେ ଦେବର୍ଷି ନାରଦେ ହୃଦୟେ କରନ୍ତୁ ଚିନ୍ତା
ସେ ତ୍ରିକାଳଦର୍ଶୀ ପ୍ରତିକାରେ ଆସି କରିବେ ଧାର୍ଯ୍ୟ ବ୍ୟବସ୍ଥା ।୧୪।
ନାରଦେ ଆରାଧି ପ୍ରଭୁ ଦୟାନିଧି, ଦୟାନିଧି, ରାମ ସ୍ମରେ
ଆନନ୍ଦେ ଏ ଛାନ୍ଦ ରଚେ ସୁଧୀବୃନ୍ଦ ଘେନ କୁମୁଦ ହୃଦରେ ।୧୫।

• • • • • • •

Digitized by PPRACHIN, SOA

ରାବଣ ପୁରୋଧା ହେବା ପାଇଁ ପ୍ରସ୍ତାବ

(ରାଗ -ଆହାରୀ)

ଛାନ୍ଦ-୨୩

ଭାଷନ୍ତି ଲକ୍ଷ୍ମଣ କରି ନିମନ୍ତ୍ରଣ ବଶିଷ୍ଟେ, ଆଣିବା ଅଗ୍ରଜ
ଶୁଣି ସୀତାପତି ସଧୀରେ କହନ୍ତି ଆସିବେ ଛାଡ଼ି କାହିଁ ରାଜ୍ୟ
ଏକାଳେ= ଶ୍ରୀରାମ, ଜୟ ଜୟ ଗାଇ ।
ନାରଦଙ୍କ ତୁଲେ ବିଧାତା ଆସିଲେ ଅମର, ବୃନ୍ଦ ସଙ୍ଗେ ନେଇ ।୧।
ଜାନକୀ ରମଣ ସଙ୍ଗେ ସେନାଗଣ ପାଣିକୁ ଯୋଡ଼ିଲେ ମୂର୍ଦ୍ଧାରେ
ସର୍ବ ସୁର ଶକ୍ତି- ଆଶିଷ ଦିଅନ୍ତି ହରଷେ ଜାନକୀ ଉଦ୍ଧାରେ
ଭାଷନ୍ତି=ବିନାଶ କର ଦଶ ମୂର୍ଦ୍ଧା ।
ବୋଲନ୍ତି ଶ୍ରୀରାମ ଏ ପ୍ରତିଷ୍ଠା, କର୍ମ କିପରି ହେବ କୁହ, ବେଧା ।୨।

ପୁରୋଧା ନିର୍ଣ୍ଣୟ

ସୁଗ୍ରୀବ କହନ୍ତି ଦିଅନ୍ତୁ ସମ୍ମତି ପୁରୋଧା କାର୍ଯ୍ୟେ ବେଦପତି
ହେବ ଅଭୂଷଣ ହେ ଭବ' ପୂଷଣ- ବଂଶୀ ମୋହର ନାହିଁ ଶକ୍ତି,
ନାରଦ=ଭାଷନ୍ତି ଏ ନୁହେଁ ଉଚିତ ।
ତିନିଜଣ ନିଷ୍ଠା- ବାନ ଏ ପ୍ରତିଷ୍ଠା, କରିଥାନ୍ତେ ହେ ରଘୁସୁତ ।୩।
ସେ ବେଦର ଜ୍ଞାତା ଥାଇ ପୂର୍ବେ ଧାତା ପଞ୍ଚ, ମୁଖେ କରି ଆବୃତ୍ତି
ପାରୁଥିଲେ କରି ଉମା, ତ୍ରିପୁରାରୀ ଉଭବ ଏବେ ନାହିଁ ଶକ୍ତି,
କୁକର୍ମ=ଅର୍ଜି ସେ ବେଦକୁ' ବର୍ଜିଲେ ।
ପାଇ ପଞ୍ଚାନନେ ତାଣ୍ଡବ ନର୍ତ୍ତନେ ରାବଣ ହସ୍ତେ ବିସର୍ଜିଲେ ।୪।
ତୁମ୍ଭ ନାମ ବଳ, କରି ମୁଖେ, ନଳ ଶିଳ୍ପୀର କୁଶଳତା ପଣେ
ସେତୁ ସମୁଦ୍ରରେ ବାନ୍ଧିଲା ଯା ଖରେ ବୁଡ଼ିବ ଯାଉ ସେନା ଗଣେ
ସେ ସୋଲ=ଭେଳା ପ୍ରାୟ କାହୁଁ ରହିବ ।
କୋଟି କୋଟି ବଳୀ- ମୁଖ ବଳଶାଳୀ ପଦଭାରି କାହୁଁ ସହିବ ।୫।
ଏଣୁ ଶିବ ଶିବା- ଶକ୍ତି କଲେ ସେବା, ମିଳିତ ଶକ୍ତିରୁ ସାମର୍ଥ୍ୟ
ମିଳିବ ପ୍ରତିଷ୍ଠା କର ରଖି ନିଷ୍ଠା-ବାନେ ନତୁ'ଏ ହେବ ବ୍ୟର୍ଥ
ହେବାକୁ=ଶିବଶିବା ବର ଦାୟକ ।
ଏକା ସମୟରେ ବିଭିନ୍ନ ମୁଖରେ ମନ୍ତ୍ର ଆବୃତ୍ତି ଆବଶ୍ୟକ ।୬।
ତେଣୁ ଏ ବିଧାତା ଦ୍ୱାରା, ନହେବତା ଦ୍ୱିତୀୟେ, ପାର୍ବତୀ ନାୟକ
କରନ୍ତେ ପ୍ରତିଷ୍ଠା- ନରହିବ ନିଷ୍ଠା ଯେଣୁ, ଶିବ ବର ଦାୟକ
ହେବାକୁ=ମନାସିଛ ସ୍ୱଚ୍ଛ ହୃଦୟେ ।
ଶିବ, ଶିବ ପ୍ରାଣ- ପ୍ରତିଷ୍ଠା ପ୍ରମାଣ ଉଚିତ ନୁହେ, ରଘୁରାୟେ ।୭।

Digitized by PPRACHIN, SOA

ହୋଇବ ଅଶିବ   ଶିବ, କାହିଁ ଶିବ,   କରାଇ ରଖିବେ ଧୈର୍ଯ୍ୟକୁ
କହନ୍ତି ଶ୍ରୀରାମ   କେ ତୃତୀୟ ଜନ   ତାହାଙ୍କୁ ବରିବା କାର୍ଯ୍ୟକୁ
ଦେବର୍ଷି=ଭାଷନ୍ତି ସେ ବଇ ଶ୍ରବଣ ।

କହନ୍ତି ରାଘବ   ଅସୁନ୍ଦର ହେବ   ଯାଲାଗିଏ’ ପୂଜା ପାର୍ବଣ ।୮।
ପୁଣି ସେ କହନ୍ତି   ହେ ପରମ ଯତୀ   ମୋ ସନ୍ଦେହ ଦୂର ନୋହିଲା
ଅଛି କି କାରଣ   କରିବା ବରଣ   କହନ୍ତୁ ମୋ ଚିତ୍ତ ଦହିଲା
ନାରଦ=ପ୍ରତ୍ୟକ୍ଷ ବୁଝାଇ କହନ୍ତି ।

ମିତ୍ରଙ୍କ ସହିତ   ସୀତାକାନ୍ତ, ଦୂତ-   ଆଦି ଶୁଣିବାକୁ ରହନ୍ତି ।୯।
ଏକଦା ବିଧାତା   ଆପଣା, ଦୁହିତା   ସନ୍ଧ୍ୟା’ ରୂପେ ହୋଇ ମୋହିତ
ଭୟେ ସନ୍ଧ୍ୟା, ଏଣୀ   ରୂପେ ଧାଉଁ ଜାଣି   ଧାତା ଧାବିତ ତା ସହିତ
ଈଶାନ=ସଦନେ ପଶୁସେ ଶରଣ ।

ବ୍ୟାଧ ରୂପେ ହର   କ୍ରୋଧେ ମାରି କର   ଛିଣ୍ଡାଇଲେ, ଧାତା, ବଦନ ।୧୦।
ସେ ବ୍ରହ୍ମ କପାଳି-   ହସ୍ତେ ଲାଗୁ,ଶୂଳୀ   ସେ ମୁଣ୍ଡ ପଢୁଥିବା ବେଦ
ଧାତାଠାରୁ ନେଲେ   ଅଙ୍ଗେ ନ୍ୟାସକଲେ   ଲଙ୍କେଶେ ଦେଲେ ବହି ମୋଦ
ତାଣ୍ଡବ=ନୃତ୍ୟ ଶିଖାଇବା କାଳରେ ।

ସେହି ବ୍ରହ୍ମବଧ-   ପାପ ନୋହୁ ସିଦ୍ଧ   ତା ଦୋଷ ଖଣ୍ଡନ ଛଳରେ ।୧୧।
ନିତ୍ୟ ମାଳି ଚୟ   ଓଁ ନମଃ, ଶିବାୟ   ପଞ୍ଚାକ୍ଷର, ମନ୍ତ୍ରେ ସ୍ନାହାନ
ପ୍ରଥମେ କରାଇ   ପାପକୁ ହରାଇ   କରନ୍ତି ଅନ୍ୟ ନୀତିମାନ
ସ୍ୱୟଂମ୍ଭୁ=ହରିହରଙ୍କର ସିଦ୍ଧାନ୍ତେ ।

ପ୍ରଚଳିତ ହୁଏ   ଦେଖ ଦେବାଳୟେ   ଭକ୍ତି ଭାବକୁ ରଖି ଚିତ୍ତେ ।୧୨।
ତାପରେ ସେବକ   ବଡ଼ପଣ୍ଡା ବାକ୍ୟ   ମନ୍ତ୍ର ସ୍ନାନେ କରେ ନୀତିକୀ
ସେ ଲୀଳା ଅଦ୍ୟାପି   ରହିଅଛି ବ୍ୟାପି   ମୋଦ ଅର୍ଥେ ଜନ ଶ୍ରୁତିକି
ରୋହିଣୀ, ମୃଗଶିରା, ଆର୍ଦ୍ରା, ରୂପରେ ।

ହୁଏ ଧାବମାନ   ଗଗନେ ପ୍ରମାଣ   ସାକ୍ଷୀ ଯଥା ଯଜ୍ଞ, ଯୂପରେ ।୧୩।
କହନ୍ତି ଶ୍ରୀ ରାମ   ଏହା ବୋଲି ମୋର   ଚିର ଶତ୍ରୁ କୁ’ କି, ବରିବ
ଏ କାର୍ଯ୍ୟେ ସେ ଶତ୍ରୁ   ନୁହେଁ କରି, କ୍ରତୁ   ବନ୍ଧକୁ ପ୍ରତିଷ୍ଠା କରିବ
ନାରଦ=ଶ୍ରୀରାମେ କରନ୍ତି ବ୍ୟକତ ।

ବିଧର୍ମି ଅନ୍ୟାୟୀ   ହେଲେ ମଧ୍ୟ ସେହି   ଷଡ଼ ଶାସ୍ତ୍ରରେ ଜ୍ଞାନୀ ଜ୍ଞାତ ।୧୪।
ଏ ସର୍ବ ମୁଁ’ ଜାଣି-   ମଧ୍ୟ, ପାରିବିନି-   ବରି ରାବଣକୁ, ଏ ଠାବେ
କୁଶ ବଟୁ ଦାନ-   ନକଲେ ରାବଣ   ଅଯୋଗ୍ୟ ବିବେଚିତ ହେବେ
କରିବା=ପାଇଁକି ପ୍ରତିଷ୍ଠା କାର୍ଯ୍ୟକୁ ।

କହେ ଦୟାନିଧି   କରୁଣା ବାରିଧି   ବରନ୍ତୁ ରଖିଣ ଧୈର୍ଯ୍ୟକୁ ।୧୫।

• • • • • • • • • • • •

Digitized by PPRACHIN, SOA

ରାବଣକୁ ପୁରୋଧା ଭାବେ ଡ଼ାକିବାକୁ ରାମଙ୍କର ସ୍ୱୀକୃତି

(ରାଗ -କଳସା) ଛାନ୍ଦ-୨୪

ବୁଝାଇ କହନ୍ତି ଧାତା, ଶୁଣନ୍ତି ସରବେ ଅନଳ, ଅନିଳ, ଅର୍କ, କରି ନ ପାରିବେ ।୧।
ଆଉକେ ସମର୍ଥ ଅଛି କରିବ ଏ କାର୍ଯ୍ୟ ଦେବ ବାଣୀ ଶୁଣି, ଶୁଖେ ରାମ ମୁଖାମ୍ବୁଜ ।୨।
ଦୁଃଖିତ ମନେ ରାଘବ, ସେ ସ୍ଥାନେ କହନ୍ତି ଜାଣିଲି ଦେବ କୌଶଳ, ବଳ କରାମତି ।୩।
ନୁହେଁ ମୁଁ ବାଳିଶ, ମୋତେ ଦେଇ ସଦଶିକ୍ଷା, ଭ୍ରଷ୍ଟ କରାଇବେ ମୋର ବଳିଷ୍ଠ, ଆକାଂକ୍ଷା ।୪।
ଯାହାର ନିମନ୍ତେ ସିନ୍ଧୁ କରିଲି ବନ୍ଧନ ଚରିବିକି ତାଙ୍କୁ ହୃଦେ ବୋଳିବେ ଚନ୍ଦନ ।୫।
ମୋ କର 'ବଟୁ' ମନ୍ତ୍ରିବେ ସେ ହୋଇ,ପୁରୋଧା ସାବିତ୍ରୀ ନାହା କହନ୍ତି ନାହିଁ କିଛି ବାଧା ।୬।
ହେବାକୁ ପୁରୋଧା ସମ୍ପାଦିଲୁ ତ୍ରୟପୁରୀ ପଢ଼ିଛନ୍ତି ସର୍ବେ ପ୍ରଚଳିତ, ବେଦ ଚାରି ।୭।
ସେ ରାବଣ ପାଞ୍ଚବେଦ କଣ୍ଠସ୍ଥ କରିଛି ଚାରି ବେଦ ସଙ୍ଗେ, ଶିଶୁ, ବେଦ ପଢ଼ି ଅଛି ।୮।
ଲୋମ, ବିଲୋମ, ସମ୍ପୁଟେ'' ଦଶ ବଦନରେ ଶ୍ଳୋକମାନ ଏକ ସଙ୍ଗେସେ ଆବୃତ୍ତି କରେ ।୯।
ସିନ୍ଧୁପତି ଦାନ ଆଣିବାଟି ଅପଯଶ ତାର ପ୍ରତିଗ୍ରହ ଏକା ଜାଣଇ ଲଙ୍କେଶ ।୧୦।
ତୁମ୍ଭ ବଂଶ, ସଗର ଖନନ କୀର୍ତ୍ତି ସେହି ସେ କୀର୍ତ୍ତି ନାଶିଛ ତୁମ୍ଭେ ବନ୍ଧକୁ ପକାଇ ।୧୧।
ତୁମ୍ଭ ବଂଶେ, ରଘୁରାଜ ବିପ୍ରେ ଦେଲେ ଦାନ ସାତଶ, ପଚାଶ, ରାଣୀ ରାଜ୍ୟସିଂହାସନ ।୧୨।
ଏକ ନାରୀ ପାଇଁ ତୁମ୍ଭେ, ସିନ୍ଧୁ ପୋତ ଆଗ କର' ଦସ୍ତ ହେଲା କି କରିବ ତୁମେ ଯାଗ ।୧୩।
ଯୋଗ୍ୟ ପୁତ୍ର ପିତୃକୀର୍ତ୍ତି ସରୋବରୁ ପଙ୍କ ଉଦ୍ଧାରେ ତୁମ୍ଭେ ପୋତାଇ ହୋଇଛ ନିଃଶଙ୍କ ।୧୪।
ଆଉ ମଧ ଏ ପ୍ରତିଷ୍ଠା ମାଙ୍ଗଳିକ କାର୍ଯ୍ୟ ପତ୍ନୀର ବିନା ପାଳିଲେ ହୋଇବ ଅକାର୍ଯ୍ୟ ।୧୫।
ଶାସ୍ତ୍ରେଲେଖା ମଖେ, ଦାନେ, ସ୍ୱଶ୍ରାଦ୍ଧେ, ପ୍ରୋକ୍ଷଣେ, ସମାରମ୍ଭେ ଧର୍ମ ପତ୍ନୀତିଷ୍ଠନ୍ତି, ଦକ୍ଷିଣେ ।୧୬।
ରାବଣେ ପୁରୋଧା କରି ଡ଼କାଇବା, ସୀତା ଶିବଶକ୍ତି ଆବାହନେ ତ୍ରିପୁରେ ସେ ବେତ୍ତା ।୧୭।
ମୋହର ଚତୁର୍ଥ ପୁରୁଷରେ ତାର ଜାତ ସେ ମହାଋଷି ବିଶ୍ରବାଙ୍କର ଜ୍ୟେଷ୍ଠ ସୁତ ।୧୮।
ତା ପରି ଶାସ୍ତ୍ରଜ୍ଞ ବିପ୍ର ଆଉ କିଏ ଅଛି ଯାଜକ, ଭାବେ ତାହାକୁ ବରନ୍ତୁ କହୁଛି ।୧୯।
ବୁଝାଇ କହନ୍ତି, ବେଧା, ରାମଚନ୍ଦ୍ର ଶୁଣ ଯେ ଦୋଷ ଆରୋପି କର ରାବଣେ, ବାରଣ ।୨୦।
ଯଥାର୍ଥ ନୁହେତା ସେହି, ଦୋଷେ ଯତିପତି ସର୍ବ ପାଳକାଧି ପତି ଦୋଷୀ ହୋଇଛନ୍ତି ।୨୧।
କହୁଛି ତାଙ୍କ ଚରିତ ସ୍ଥିର ମନେ ଶୁଣ ପୁରୋଧାଭାବେ ବରନ୍ତୁ ଏଥି ଦଶାନନ ।୨୨।

ଋଷି ଓ ଦେବତାଙ୍କ ମଧ୍ୟେ କେହି ଭଲ ନୁହଁନ୍ତି

ହୋଇଛନ୍ତି, ଋଷ୍ୟଶୃଙ୍ଗ ଜରତା ମୋହିତ, ବଶିଷ୍ଠ, ଅଟନ୍ତି ବେଶ୍ୟା ଉର୍ବଶୀର ସୁତ ।୨୩।
ଘେନିଲେ ସଙ୍ଗେ ସେ ଚଣ୍ଡାଳୁଣୀ ଅରୁନ୍ଧତୀ ବ୍ୟାସଜାତ ପରାଶର, ହରନ୍ତେ, କୈବର୍ତ୍ତୀ ।୨୪।
ବିଶ୍ୱମିତ୍ର, ମେନା ସଙ୍ଗେ ରଚୁ ପ୍ରେମ ଲୀଳା ଗଲା ଜାତି, ଖ୍ୟାତି, ଜାତ ହେଲେ ଶକୁନ୍ତଳା।୨୫।
ଇନ୍ଦ୍ର ଅପହୃତା ନାରୀ, ଗୌତମ ଘେନିଲେ ଚନ୍ଦ୍ର, ଗୁରୁ, ବୃହସ୍ପତି ନାରୀ ହରିଥିଲେ ।୨୬।

୧:ଧାତା-ବ୍ରହ୍ମା,ଅନଳ-ଅଗ୍ନି,ଅନିଳ-ପବନ,ଅର୍କ-ସୂର୍ଯ୍ୟ ।୨:ମୁଖାମ୍ବୁଜ-ମୁଖପଦ୍ମ ।୬:ସାବିତ୍ରି ନାହା-ବ୍ରହ୍ମା । ୮:ଚାରିବେଦ - ଋକ୍ ସାମ,ଯଜୁ,ଅଥର୍ବ ।

Digitized by PPRACHIN, SOA

ସେଥୁ, ବୁଧ ଜାତ ଖ୍ୟାତ, ଅପଯଶ କଥା   ଦେବଙ୍କ କୀର୍ତ୍ତି କହିଲେ ନଇଁ ଯାଏ ମଥା ।୨୭।
ଚନ୍ଦ୍ର, ସୂର୍ଯ୍ୟ,ଅଗ୍ନି, ରୋଗୀ,ରାଗୀ, ଯେ ଦରିଦ୍ର   କ୍ରୂର, ଜାଡ୍ୟ, ଯମ, ବାର୍ଦ୍ଧି, ନୁହନ୍ତି ତ ଭଦ୍ର ।୨୮।
ପର ଦାରାରତ ଇନ୍ଦ୍ର, ଚୌର, ବାୟୁଦେବ   ଏମାନଙ୍କ ଦ୍ୱାରା ସେତୁ ପ୍ରତିଷ୍ଠା ନୋହିବ ।୨୯।
ଏତିକି ଲେଖିବ ପତ୍ରେ ଆମ୍ଭେ, ରାଜପୁତ୍ର   ପୂଜାର ବିଧି ବିଧାନ ନଜାଣୁ ସମସ୍ତ ।୩୦।
ବନରେ ପାଇବୁ କାହିଁ ସେ, ଉପ କରଣ   ସମସ୍ତ ଆଣିବ ପତ୍ରୁ ଜାଣି ବିପ୍ରଗଣ୍ୟ ।୩୧।
ଜାନକୀ, ଆସିବେ 'ନୃପ' ମର୍ଯ୍ୟାଦା ରହିବ   ରାଜପୁତ୍ରେ ଅନ୍ୟଜନେ ମାଗିବା ନୋହିବ ।୩୨।
ସେଥି ଶ୍ରୀରାମ କହନ୍ତି ମୁଁ ତାହାରେ, ଦ୍ରୋହୀ   ନାରଦ କହନ୍ତି ଦ୍ରୋହୀ, ଲଙ୍କେଶ ଅଟଇ ।୩୩।
ସେ ଯଦି ମୋ ନିମନ୍ତ୍ରଣ କରେ, ପ୍ରତ୍ୟାଖାନ   ମୁଁ ଯାଇ ବରି ଆଣିବି ଆସିବ ରାବଣ ।୩୪।
ସମ୍ମାନ, ସମତା, ସତ୍ୟ, ଅହିଂସା, ସରଳ   ବ୍ରାହ୍ମଣୋତ୍ତର ସମ୍ପଦ ଏକାର୍ଯ୍ୟ ସକଳ ।୩୫।
ପଣ୍ଡିତ ରାବଣ ଜାଣେ ଯେତେବେଳେ ଯାହା   କରିବା କଥା କରିବ ହେ ମୈଥିଳୀ ନାହା ।୩୬।
ବିଚାରେ ବିପ୍ରର ଏହା ଛଡ଼ା କିଛି ନାହିଁ   ତୁମ୍ଭେ ଜ୍ଞାନୀ, ତତ୍ତ୍ୱ ଜାଣ କି କହିବି ମୁହିଁ ।୩୭।
ଯେ ବିପ୍ର ଆଦର୍ଶ କାର୍ଯ୍ୟ କରେ ଧୈର୍ଯ୍ୟଧରି   ଭେଦଭାବ ତାଙ୍କ ହୃଦେ ନୁହେଁ ଅଧିକାରୀ ।୩୮।
ଏଣୁ ପୂର୍ବ କଥା ଛାଡ଼ି ନେଇ ମତାମତ   ବରଣ କରନ୍ତୁ ବିଂଶ ହସ୍ତେ ଲେଖି ପତ୍ର ।୩୯।
ଶୁଣି ସେନାଙ୍କର ମତ ନେଇ ରଘୁସାଇଁ   ସ୍ଥିର କଲେ ରାବଣ ପୁରୋଧା ହେବା ପାଇଁ ।୪୦।
ବିଚାରନ୍ତି ଜାଣି ଏଥୁ ମୋର ନୈତିକତା   ଆଣି ପାରନ୍ତି ଲଙ୍କେଶ ସଙ୍ଗତରେ ସୀତା ।୪୧।
ବ୍ରହ୍ମ ନନ୍ଦନେ ସମ୍ମତି ଦେଲେ ରାମସ୍ନେହେ   ଆଗ ଛାନ୍ଦେ ରାମ ପତ୍ର ଲେଖ ଦୟା କହେ ।୪୨।

• • • • • •

ରାମଚନ୍ଦ୍ରଙ୍କ ଚିଟାଉ

(ରାଗ-ଶଙ୍କରା ଭରଣ) ଛାନ୍ଦ - ୨୫

ଲେଖନ୍ତି ଚିଟାଉ ରାମ ମନେ କରି ଚିନ୍ତା   ହେ ଲଙ୍କେଶ ବିପ୍ର ଶ୍ରେଷ୍ଠ ଭବେ ବ୍ରହ୍ମ ବେତ୍ତା
ଯିବାପାଇଁ ଲଙ୍କାଗଡ଼େ = ସେତୁ ନିର୍ମାଣିଛି ତା' ସଂସ୍କାରେ ଏଥି ଲୋଡ଼େ । ।୧।
ମନ୍ଦିର ତୋଳିଲେ ସେନା ମନେ ବହି ଶ୍ରଦ୍ଧା,,   ଜ୍ୟୋତିର୍ଲିଙ୍ଗ ଉଭାବନେ ରଖିଛି ମସୁଧା
କାଲିତା ପ୍ରତିଷ୍ଠା ହେବ = ପୁରୋଧା ରୂପେ ବରିଲି ପତ୍ରରୁ ଜାଣିବ । ।୨।
ଆଉ ଏକ ଅନୁରୋଧ ତୁମ୍ଭ ଠାରେ ଅଛି,,   ପ୍ରତିଷ୍ଠା ଉପକରଣ ନାହିଁ ମୋର କିଛି
ତୁମ୍ଭେତ ସିଦ୍ଧ ବ୍ରାହ୍ମଣ,= ନିତ୍ୟ, ନୈମିତ୍ତ୍ୟେ, ପ୍ରମୋଦ ହୋମ, ଯଜ୍ଞେ, ମନ । ।୩।
ଅଧିଷ୍ଠାନ କାରୀ, ଅଧିପ ହେତୁରୁ ସର୍ବ,,   ଭାବୁଅଛି ରହିଥିବ ପୁରେ ନାନା ଦ୍ରବ୍ୟ
ଯାହା ପ୍ରତିଷ୍ଠା ପଦାର୍ଥ =ଧରି ଯଥାକାଳେ ଏଥି ହେବ ସମୀପସ୍ଥ । ।୪।
ବିପ୍ରଙ୍କର ଏ ସମ୍ପଦ ଛଡ଼ା ନାହିଁ କିଛି   ମୋ ପତ୍ରେ ଆସିବ ମୁହିଁ ଭରସା ରଖିଛି
ଯଜମାନ ଲେଖିଦେଲେ =ସନ୍ତକ କରିଣ ଶେଷେ ନାରଦେ ଅର୍ପିଲେ । ।୫।
ରାମାୟଣେ ରାମ କରି ରାବଣେ ପୁରୋଧା   ପ୍ରମାଣ କଲେ ନୈତିକ ଦାମ୍ଭିକ ମର୍ଯ୍ୟାଦା
ସେନା ସୈନ୍ୟେ ଏହି ବଳ= କହେ ଦୟାନିଧି ଦାଶ କରିଲା ପ୍ରବଳ । ।୬।

• • • • • • • •

Digitized by PPRACHIN, SOA

ପୁରୋଧା ବରଣେ ନାରଦ ଲଙ୍କାରେ

(ରାଗ =ବସନ୍ତ) ଛାନ୍ଦ - ୨୬

ପ୍ରଧାନ ପ୍ରଧାନ ଗୁଣୀ ପ୍ରଣୀଧାନ କରଏ ରସ ଆସ୍ୱାଦନ
କଚ୍ଛି କଚ୍ଛି କଚ୍ଛି ଅଛି ଯାହା ଶୀଛୀ ସଂକଚ୍ଛି ପୁରୋଧା ବିଧାନ,
କର ଶ୍ରବଣ= ମାନସ କରିବ ପାବନ,
ଅଛି ଯେତେ ରସ ତ: ମଧ୍ୟେ ପୀୟୁଷ ଏହା ଧରିବ କିମ୍ବା ଆନ । ।୧।

ଦେବଙ୍କ ଖଟଣି, ରାବଣ ରାଜନୀତି ସିଦ୍ଧାନ୍ତ, ବ୍ରାହ୍ମଣ୍ୟ ଓ ରାକ୍ଷସ କର୍ମ

ଭାରାକ୍ରାନ୍ତ ମନ ବିଧାତା ନନ୍ଦନ ବିରାଟ ଦାୟିତ୍ୱ ମୁଣ୍ଡରେ
ନିଜ ହସ୍ତେ ଲଦି ହେଉଥାନ୍ତି ଧନ୍ଦି ବୋଧେ କଉଣପ ଷଣ୍ଢରେ
ସ୍ୱର୍ଗ, ପାତାଳ=ମର୍ତ୍ତ୍ୟ ଯା ଭୟେ ଥରହର
ବିଧାତା, ଶଙ୍କର ଯା ପାଦେ କିଙ୍କର ଆଲୋକ ଯୋଗାଣରେ, ସୁର । ।୨।
ଇନ୍ଦ୍ର, ଦ୍ୱାରେ ମାଳ ଗୁଛେ, ରନ୍ଧାଶାଳ କାର୍ଯ୍ୟରେ ଅଗ୍ନି, ତତପର
ଚନ୍ଦ୍ର, ଛତ୍ର ଧରେ ବାତ, ବ୍ୟଜନରେ ବରୁଣ, ବହେ ଜଳଭାର
ଯମ ଯା ଅଶ୍ୱ=ପାଇଁ ଘାସ କାଟେ ସନ୍ତତ
ସୁବର୍ଣ୍ଣର ପୁରୀ ବିଶ୍ୱକର୍ମା କରି, ପାର୍ବତୀ ରୋପିଛନ୍ତି ବଟ । ।୩।
ବସି ସେ ତାତଳେ ବାଞ୍ଛା ସିଦ୍ଧ କରେ ମନରେ ଥରେ ସେ ପାଞ୍ଛି
ନର୍କ କୁଣ୍ଡ ପୋତି ଯମର ବିଭୂତି କାଢ଼ି ନେବ ନ ରଖି କିଛି
ଲବଣ ସିନ୍ଧୁ =କ୍ଷୀର ପୂର୍ଣ୍ଣେ ଦୋଷ ହରିବ
ମର୍ତ୍ତ୍ୟବାସୀ ଭୋଗେ ଯିବା ପାଇଁ ସ୍ୱର୍ଗେ ନିଶ୍ଣୁଣି ଗୋଟାଏ କରିବ । ।୪।
ସହି କେତେ କଷ୍ଟ ନିଜର ଅନିଷ୍ଟ- ବର, ସୀତା ଆଣି ଭଣ୍ଡିଛି
ପୁତ୍ର ସେନା ପଡ଼ି ମଲେ ଲଙ୍କାପୋଡ଼ି ହେଲା ବିଭୀଷଣେ ଦଣ୍ଡିଛି
ମୟ ଦୁହିତା,= ବୁଝାଉ ନରଖିଛି କଥା
ଅସମ୍ଭବକୁ ସ- ମ୍ଭବ, ମୋ ଆଭାସ, ନରଖିଲେ ହୋଇବ ବୃଥା । ।୫।
ତା ପରେ ରାବଣ ବରଣ ବାରଣ ବ୍ରାହ୍ମଣ, ରାବଣେ ବରିବି
କହୁଥିଲା ବିଭୀ- ଷଣ, ଶୁଣି ଭାବି ପାରୁନି ଚିତ୍ତ ଯାଏ ଦ୍ରବି
ତ୍ରୟ କାଳରେ =ତ୍ରୟ ରୂପ ବୀର ଧରୁଛି
ପ୍ରକୃତି ବଶରେ ବ୍ରାହ୍ମ, ମୁହୂର୍ତ୍ତରେ ହୋମ, ପୂଜା ପାଠ କରୁଛି । ।୬।
ତା ପରେ ରାକ୍ଷସ ବଶରେ, ଦଶାସ୍ୟ ଭାଙ୍ଗଇ ଯୋଗ ଯଜ୍ଞ କୁଣ୍ଡ
ଦେବତା ବିଗ୍ରହ ଫିଙ୍ଗି ନବଗ୍ରହ ପାଦେ ଖଟାଇ ଦିଏ ଦଣ୍ଡ
ହିତ କଥାକୁ,= ତେଜି ଅହିତକୁ ବରଇ
ଯାକୁ କରେ ସ୍ତୁତି ତାକୁ ଧରି ଶାସ୍ତି ଦେଇତା, ସର୍ବସ୍ୱ ହରଇ । ।୭।

୧:ପ୍ରଣୀଧାନ-ମନ ନିବେଶକର, ଶିଚ୍ଛୀ-କାଳାକାର, ସଂକଚ୍ଛି-ଅଭିପ୍ରେତ ।୨:ବିଧାତା ନନ୍ଦନ-ନାରଦ,କଉଣପ ଷଣ୍ଢ-ଅସୁର ଷଣ୍ଢ ରାବଣ । ୫: ମୟ ଦୁହିତା-ମନ୍ଦୋଦରୀ

Digitized by PPRACHIN, SOA

ହାଟକ କଟକ ଦରବାରେ ଏକ ଚାର ଭାଷେ ରାମ' ସନ୍ଦେଶ
ଚିନ୍ତିତେ ଦେବର୍ଷି ମନ ଯାନେ ଆସି ଏହି କାଳରେ ପରବେଶ
ଦେଖି ଲଙ୍କେଶ=ପ୍ରଣମି ଚରଣ, ଧୋଇଲା
କି ସମ୍ବାଦ ଆଣି ଅଛନ୍ତି ମୁଁ ଜାଣି ପାରେ କି ବସାଇ ବୋଇଲା । ।୮।
ଅଳ୍ପ ଅଳ୍ପ ହସି ବୋଲନ୍ତି ଦେବର୍ଷି ରାଘବେନ୍ଦ୍ର ସେତୁ କରିଣ
ପ୍ରତିଷ୍ଠା ନିମନ୍ତେ ସ୍ଥିର କରି ଚିତ୍ତେ ପୁରୋଧା ରୂପରେ ବରିଣ
ଲଙ୍କା ଅଧୀଶେ=ପେଶିଛନ୍ତି କହିନେବାକୁ
ହସ୍ତେ ଲେଖି ପତ୍ର ଦେଇଛନ୍ତି ନେତ୍ର- ଥାପି, ମୁଖେ କୁହ ଯିବାକୁ । ।୯।
ଶୁଣି ମୁନିବାଣୀ ଭାଷଇ ରାବଣି ପିତା ଯିବେ ବିପ୍ର ରୂପରେ
ଦେବର୍ଷି ପ୍ରବର କେଉଁ ଭାବେ ସ୍ଥିର କଲେ ଦୈତ୍ୟ କହେ କୋପରେ
ଯେ ମୋ ବଇରୀ=ସେକି ବରଣ କରିଥିବେ
ଜାଣଇ ଦୁର୍ବଳ ଦେବଙ୍କ କୌଶଳ ଡ଼କାଇଥିବେ ପରାଭବେ । ।୧୦।
ପୁଣି ଦୈତ୍ୟଇଷ୍ଟ ପୁଚ୍ଛେତପି ଶ୍ରେଷ୍ଠ ମୋର କି ନିଅଣ୍ଟ ରହିଛି
ପ୍ରତିଷ୍ଠା ଦକ୍ଷିଣା ଆଣି ରଖୁ ଊଣା ଭରଣା ହେବ ଅଳ୍ପ ଇଛି
ଧାତା ନନ୍ଦନ=ଶୁଣିତା ଆନତ, ବଦନେ
ଧୀରେ ପ୍ରକାଶନ୍ତି ଶୁଣ ଲଙ୍କାପତି ଅଭାବ ଯା ତୋର ସଦନେ । ।୧୧।
ଯେ ତୋର ନିର୍ମାତା ଥିଲେ ପିତା, ମାତା, ସୁର, ଅସୁର, ଦୁଇ ଅଂଶ
ଯା କାର୍ଯ୍ୟ କାରଣ କଲୁ ତା ବ୍ରାହ୍ମଣ କୁଳ ମର୍ଯ୍ୟାଦା କଲା ନାଶ
ମୋକ୍ଷ ହେବାକୁ =ତୁହି ସଦା ମୋର ଭାବନା
ଧାତାଙ୍କ ସହିତ ଚିନ୍ତି ଭବିଷ୍ୟତ କରାଇଛି ଏ ସଂଯୋଜନା । ।୧୨।
ଦାରା, ଶତ୍ରୁ, ପିତୃ- ଶତ୍ରୁ, ଜାଣି ରାମ, ମହତ ପଣରେ ପୁରୋଧା
ରୂପେ ଲୋଡ଼ିଛନ୍ତି କି ଅଧିକ ଚିନ୍ତି ବିବେକ ଦେଉ ଅଛି ବାଧା
ପର ଅଙ୍ଗନା=ଧନ ହରଣ ଯା କରମ
ଭାବିଛୁ ମନର ତା ହୋଇବ ତୋର ବିଧିରେ ସନାତନ ଧର୍ମ । ।୧୩।
ପ୍ରକାଶଇ ଶ୍ରୁତି ବ୍ରାହ୍ମଣ ସମ୍ମତି ଯାହା ତା ସ୍ମରି ରଖ ଧୈର୍ଯ୍ୟ
ଛାଡ଼ି ପ୍ରତିହିଂସା ସାଧୁତା ଅହିଂସା ମାର୍ଗରେ କର ଧର୍ମ କାର୍ଯ୍ୟ
ଅନାସକ୍ତରେ,= ସମ୍ପଦ ସେ ହେବ ତୋହର,
ଦୟାନିଧି ଗୀର ଏ ବାଛ ବିଚାର ଛାଡ଼ ବନ୍ଧ ପ୍ରତିଷ୍ଠାକର । ।୧୪।

୭:ହାଟକ-ସୁବର୍ଣ୍ଣ,କଟକ-ଲଙ୍କା ।୮:ଦେବର୍ଷି-ନାରଦ୧୦:ରାବଣି-ଇନ୍ଦ୍ରଜିତ ।୧୧:ଆନିତ ବଦନେ-ଅବନତ ମୁଖେ,ସଦନେ-ଘରେ ।୧୩:ଦାରାଶତ୍ରୁ-ସ୍ତ୍ରୀ କୁ ନେଇଛି, ପିତୃଶତ୍ରୁ-ଅନରଣ୍ୟ ରାଜାକୁ ମାରିଛି ।

Digitized by PPRACHIN, SOA

ରାବଣର ସ୍ୱୀକୃତି ପ୍ରଦାନ

(ରାଗ-କଳହଂସ କେଦାର) *ଛାନ୍ଦ-୨୭*

ନାରଦ ମନ୍ତବ୍ୟେ ତୋଷ ବିଂଶ ହସ୍ତ ଶିରେ ଲଗାଇଣ ନିମନ୍ତ୍ରଣ ପତ୍ର ।୧।
ପାଠକରି କାନ୍ଦି ପକାଇ କହିଲା ଏତେ ଦିନେ ଦାସ ପ୍ରତି ଦୟାହେଲା ।୨।
ରାବଣର, ହସ, କାନ୍ଦେ, ପରମାଦ ବଢ଼ାଉ ସନ୍ଦେହ ମନେ ସେ ନାରଦ ।୩।
ଭରସା ନ ରଖି ଚିନ୍ତିତ ହୁଅନ୍ତି ପତ୍ର ଭାବ,କି ନ ବୁଝେ ଲଙ୍କପତି ।୪।
କିବା ହେୟ ଜ୍ଞାନ କରେ, ବାନରଙ୍କୁ କିମ୍ବା ଭୀତ, ଉପଗତେ ମୃତଶଙ୍କୁ ।୫।
ଦୋ 'ଦୋ' ପାଞ୍ଚମନେପୁଣିକଲେବ୍ୟକ୍ତ ହୃଦୟଙ୍ଗମତ ହୋଇ ଅଛି ପତ୍ର ।୬।
ବନ ବାସୀ, ରାମ, ପୂଜା ଦ୍ରବ୍ୟ ଚିନ୍ତି ନେବା ପାଇଁ, ଅନୁରୋଧ କରିଛନ୍ତି ।୭।
କହଇ ରାବଣ ପ୍ରଭୁଙ୍କୁ ଅଭାବ କି' ଅଛି ଏ ସ୍ଥାନୁ ଅକିଞ୍ଚନ ନେବ ।୮।
ପ୍ରକୃତରେ ପାଖେ ମା' ସୀତା, ନାହାନ୍ତି ପାଠ କାଳେ ପତ୍ର ଜାଣେ ଲଙ୍କପତି ।୯।
ରାବଣ କେବଳ ବିପ୍ର ପୁରୁଷାର୍ଥ- ନୁହେଁ ଜାଣେ, ଶ୍ରୁତି, ଶାସ୍ତ୍ର, ପତ୍ରଅର୍ଥ ।୧୦।
ପୁଚ୍ଛନ୍ତି ଅଥୟେ ଧାତାଙ୍କ ତନୟ ଯା ପ୍ରକାଶ ତାକି ପ୍ରହେଳିକା ମୟ ।୧୧।
ଏକ ପକ୍ଷେ, ରାମ' ନାରୀ ହରି, ଶତ୍ରୁ- ବଧେ ବନ୍ଧେ- ସିନ୍ଧେ ଯିବ କରି, କ୍ରତୁ ।୧୨।
ବୋଲିଣ ସ୍ୱୀକାରେ ପତ୍ରକୁ, ସମ୍ମାନ ଦିଅ ରାମେ, ପ୍ରଭୁ କରି ସମ୍ବୋଧନ ।୧୩।

ରାବଣ ଅନ୍ତର କଥା ବ୍ୟକ୍ତ

ସୁରେ, ଦଣ୍ଡୁ ଅଛ ନ ପାରୁଛି ଜାଣି ଶ୍ରବଣରେ, ପାଣି ଦେଇ, ବିଂଶପାଣି ।୧୪।
ବୋଲେ ମୋତେ 'ଭୁଲ' ବୁଝିଛି ଦୁନିଆ ତୁମ୍ଭେ ସେହିକଥା ନ କହିବ କିଆଁ ।୧୫।
ଏ ସବୁ ବିଷୟ, ପ୍ରଶ୍ନ କେହି କେବେ କରିତ ନଥିଲେ କହିନି ମୁଁ ଭାବେ ।୧୬।
କହୁ ଅଛି ଆଜି ଶୁଣନ୍ତୁ ଆପଣ ବିଶ୍ରବା, ଋଷିଙ୍କ ତନୟ କୃପଣ- ।୧୭।
ନୁହେଁ, ଏ ବରଣେ ତା ଅବମାନନା କରିବ ବିବେକ କରୁଅଛି ମନା ।୧୮।
କ୍ଷେବଳ ରାଘବ ସିଦ୍ଧାନ୍ତ, ମୁଁ ଭାବେ କେଉଁ ଭାବେ ସ୍ଥିର କଲ ଥାଇ ସର୍ବେ ।୧୯।
କୂପ,ବାମ୍ପି, ଦେବାଳୟ, ଜଳାଶ୍ରୟ ରାଜସୌଧ, ପାନ୍ଥଶାଳା, ପୁରଚୟ ।୨୦।
ପ୍ରତିଷ୍ଠା, ପ୍ରତିଷ୍ଠା, କହୁଅଛି ଶ୍ରୁତି ସେତୁ ଉଦ୍‌ଘାଟନ ପ୍ରତିଷ୍ଠା ଅନୀତି ।୨୧।
ଶୁଣି ପରିହାସ ଶାସ୍ତ୍ରଜ୍ଞ କରିବେ କି କାରଣେ ସ୍ଥିର କଲ ଥାଇ ସର୍ବେ ।୨୨।
କହନ୍ତି ବୁଝାଇ ବିଧାତାଙ୍କ ସୁତ ସିନ୍ଧୁଗର୍ଭେ, ସେତୁ, ହେତୁ ଅପବିତ୍ର ।୨୩।
ରାମ ଯଶ ସ୍ତମ୍ଭେ ବୋଲୁଛି ସେ କାଳି ସ୍ଥିର କଲେ ରାମ ଧାତା ଥାଇ ଭାଳି ।୨୪।
ଭାଷେ, ରାଜା, ମୋହମଣି ମୋହେ ଅନ୍ଧ- ଥିଲି ଖୋଲି ଦେଲ ନେତ୍ର ଗଲା ଦ୍ୱନ୍ଦ ।୨୫।
ମନେ ଅଛି ମୋର 'ବେଦ ମତି କୋପ' ସୂର୍ଯ୍ୟବଂଶ 'ଅନରଣ୍ୟ' ନୃପ ଶାପ ।୨୬।

Digitized by PPRACHIN, SOA

ମୁଁ ଜାଣେ ମୁଁ କିଏ ମୁକ୍ତି ଲୋଡ଼ା ମୋର ତପକାଳେ ଧାତା ଦେଇ ଅଛି ବର ।୧୨୭।
ଜାନକୀ, ହରଣ, ରାବଣ, ମରଣ, କାଣ୍ଡେ ଲେଖି ପଢ଼େ ହେବାକୁ ସ୍ମରଣ ।୧୨୮।
ସୀତା, ସତୀ ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ ବନ କଷ୍ଟ ଦୂରେ ରଖିଅଛି ଆଣି ।୧୨୯।
ପୂର୍ବୁଏ ଅଶୋକ କାନନ ପ୍ରତିଷ୍ଠା କରାଇଛି ମୁଁ' ଚିତ୍ତରେ ରଖ୍ ନିଷ୍ଠା ।୩୦।
ମାତୃ ସମ୍ବୋଧନେ, ତାରଣେ, ହରଣେ- ପାଦ ଛଡ଼ା ମୁଖ ଦେଖି ନାହିଁ ଦିନେ ।୩୧।
ସବୁଦିନେ ପଦ ଦରଶନ ପାଇଁ ଆସୁ ଅସୁରୁଣୀ ଯାଆନ୍ତି ଦୂରେଇ ।୩୨।
ଭାଷେ ମୁକ୍ତି ଇଚ୍ଛି ଆସେ ମା, ମୁକ୍ତିଦେ, ମୌନେ ମାତା ନକହନ୍ତି କଥା ପଦେ ।୩୩।
ଭାବେ ପୁତ୍ର, ଅମଙ୍ଗଳ ମାତା ଚିନ୍ତି ନକହିଣ କିଛି ନୀରବେ ବସନ୍ତି ।୩୪।
ମୋର 'ଦେ' ପଦଟି ସମସ୍ତେ ଶୁଣନ୍ତି ନାନା କଦର୍ଥରେ ବିଚାର କରନ୍ତି ।୩୫।

ରାବଣର ସଫେଇ

ଦେବତା ମାନଙ୍କୁ ପ୍ରକୃତରେ କଷ୍ଟ ଦିଏ ନି ମୁଁ ନିଜେ କରି ସେ ଅନିଷ୍ଟ ।୩୬।
କର୍ମକୁ, କରମେ କଷ୍ଟକୁ ଭୋଗନ୍ତି ଗର୍ବୀ, ଅହଂକାରୀ, ଛିଦ୍ରେ, ମନ୍ଦ ମତି ।୩୭।
ସଂସାର ଚାଳନା ଭାର ମଥା ପୋତି ନେଇ ହେଳା ପକ୍ଷ ପାତକୁ କରନ୍ତି ।୩୮।
ସେଥିପାଇଁ ହୁଏ କେଉଁଠି ମରୁଡ଼ି, କେଉଁଠିବା, ବୁଡ଼ି, ଯାଏ ହୋଇ ବଢ଼ି ।୩୯।
କେଉଁଠିବା, ଅଗ୍ନି ଉତପାତେ ବ୍ୟଥା- କାହିଁଭୂମି କମ୍ପ କାହିଁ ଘୂର୍ଣ୍ଣି ବାତ୍ୟା ।୪୦।
ଯେ ବା' ଲାଞ୍ଚ ଯାଚି, ଚିତ୍ତ କରେ ମୋଦ ସେତାଙ୍କ ଆଦର ପାତ୍ର ଆନେ ମନ୍ଦ ।୪୧।
ସେଥିପାଇଁ ମନ୍ତ୍ରେ ବଶ କରି ମୁହିଁ ଅବହେଳା କାର୍ଯ୍ୟେ ଦଣ୍ଡକୁ ସର୍ଜଇ ।୪୨।
ସୂର୍ଯ୍ୟଦ୍ୱାର, ପାଳ କାର୍ଯ୍ୟେ ପଢ଼େ ଜଣା ଉଦୟ ଅସ୍ତରୁ ପୃଥିବୀ ପାଳନା ।୪୩।
ଶାସକ, ପାଳକା ଧିପ ଶଚୀପତି ଦ୍ୱାସ୍ଥ ପାଶେ ମୋର ମାଳା ଗୁନ୍ଥୁଛନ୍ତି ।୪୪।
କି ଋତୁରେ ଋତୁମତୀ କେଉଁ ଫୁଲ ପାଳନାରୁ ଜ୍ଞାନେ ଜାଣି କରେ ତୁଲ ।୪୫।
ଦହନ ଶକ୍ତିର ଅପ ପ୍ରୟୋଗରୁ ଜାଣେ ଅଗ୍ନି କାର୍ଯ୍ୟ ମୋ ଜ୍ଞାନେ ବିଚାରୁ ।୪୬।
ଉଦ୍ଭିଦ ଉତ୍ପନ୍ନେ, ଶୀତଳତା ପାଇଁ ଚନ୍ଦ୍ରେ ଦିଏ ମୁହିଁ ଛତ୍ରକୁ ଧରାଇ ।୪୭।
ଏପରି ପ୍ରତ୍ୟେକ ଦେବତାଙ୍କ କାମ ବଣ୍ଟନରୁ ଜାଣେ ତାହାଙ୍କ ଦୁଷ୍କର୍ମ ।୪୮।
ମୋ ପୁରରେ ଶନି, ଆଦି ସଦା ବନ୍ଦି ଏଣୁ ଦେବ ଗଣ କହୁଥାନ୍ତି ନିନ୍ଦି ।୪୯।
କେବଳ ପ୍ରଭୁଙ୍କ ପୌରୂଷେ ଆଘାତ ଦେଇ ଅଛି ପୂର୍ବ ଶାପୁ ବିଂଶହସ୍ତ ।୫୦।
ଏ ସବୁ ମୂଳରେ ଅଛି ମୋର ମୁକ୍ତି କେତେ ଦିନ ଯିବ ଆପଣ ଜାଣନ୍ତି ।୫୧।
ଧୀର ଚିତ୍ତେ, ସ୍ଥିରେ କହୁଅଛି ବସି ସୀତା, ସଙ୍ଗେ ନେଇଯିବି ହେ ଦେବର୍ଷି ।୫୨।
କରିବି ଦର୍ଶନ ଯୁଗଳ, ମୂରତି ଅର୍ଜି ଥିବା ପାପ କ୍ଷୟେ ହେବ ମୁକ୍ତି ।୫୩।
ପୁତ୍ର ସଭା ସଦେ ସମ୍ମତି ପ୍ରଦାନେ ଜଣାଉଁ ବାରଣ କରି ଜଣେ ଜଣେ ।୫୪।
ଭାଷନ୍ତି, ସିନ୍ଧୁରେ ବାନ୍ଧିଛି ଯେ ବନ୍ଧ ତା ନିକଟେ ଏକା ଯିବା ହେବ ମନ୍ଦ ।୫୫।
ଯେବେ ଇଚ୍ଛା ବଳାଇଛ ଯିବା ପାଇଁ ପଦାତିକ ବଳ ସଙ୍ଗେ ଥାନ୍ତୁ ରହି ।୫୬।

Digitized by PPRACHIN, SOA

ରାବଣର ସିଦ୍ଧାନ୍ତ

ଭାଷଇ, ରାବଣ ଏକଥା ଅନୀତି ହୀନ' କା, ପୁରୁଷ ନୁହେ ଲଙ୍କପତି ।୫୭।
ଯୋଗ୍ୟର, ପୁରୋଧା, ଯୋଗ୍ୟ ହେବ ସିନା ଗ୍ରହଣୀୟ ନୁହେ ସଭା ନିର୍ଦ୍ଦେଶନା ।୫୮।
ଊନବିଂଶ ବିଦ୍ୟାର ଯେ ଅଧିକାରୀ ଶ୍ରେଷ୍ଠ ବିପ୍ର ରୂପେ ଅଛି ମୋତେ ବରି ।୫୯।
ପଢ଼ିଛି ସିନା ମୁଁ ଅଷ୍ଟାଦଶ ବିଦ୍ୟା ଅଧିକ ଜାଣେ ଯେ କରିଛି ପୁରୋଧା ।୬୦।
ଯେ ବିଦ୍ୟାବଳରେ ବନର, ବାନର, ଭଲ୍ଲୁକ, ଧାଇଁଲେ ହୋଇ ପରିଚାର ।୬୧।
ଅଜଣା ତା ମୋତେ ଦ୍ୱିଧା ହୀନେ ଧୃତି- ଧରି, ଯାଅ ଋଷି ଦେଲି ପ୍ରତିଶ୍ରୁତି ।୬୨।
ପ୍ରତିଷ୍ଠା ସାମଗ୍ରୀ ନେବି ଗଲା ବେଳେ ଜଣାଅ ଶ୍ରୀରାମେ ଯିବି ଯଥାକାଳେ ।୬୩।
ପ୍ରଣମୁଁ ଆଶିଷ ଦେଇ ବ୍ରହ୍ମା ସୁତ ଅଶୋକ କାନନେ ହେଲେ ଉପସ୍ଥିତ ।୬୪।
ଓଳଗି, ହୁଅନ୍ତେ ଜନକ, ନନ୍ଦିନୀ, ଭାଷନ୍ତି ଦେବର୍ଷି, ହୁଅ, ଯଶସ୍ୱିନୀ ।୬୫।
କୁହ ଭଲ ମନ୍ଦ ଦୁଃଖ ସୁଖ କଥା କହନ୍ତି ଜାନକୀ ଘୂରି ଯାଏ ମଥା ।୬୬।
ଏ ପ୍ରଶ୍ନେ ଦ୍ୱିଗୁଣ ବଢ଼ାଏ ମୋ ଦୁଃଖ ଜାଣତ ପଚାର କି ? ମୁନି ପ୍ରମୁଖ ।୬୭।
କୁହ ଦୁଃଖ କେବେ ହୋଇବ ମୋଚନ ପ୍ରଭୁଙ୍କୁ ଦେଖିବ ଏ ପାପ, ଲୋଚନ ।୬୮।
ଦୁଃଖରାତ୍ରି, ଗଲା ଆସିଲାଣି ଦିନ ଅର୍ଣ୍ଣବରେ ସେତୁ ହୋଇଲା ବନ୍ଧନ ।୬୯।
ବିଧିର ବିଧାନେ ଜାନକୀ, ହରଣ ହୋଇଛି ହୋଇବ ରାବଣ, ମରଣ ।୭୦।
ପୁରୋଧା ରୂପରେ ବରି ଲଙ୍କସାଇଁ- ଆସିଥିଲି ଏଥି' କହି ଯିବା ପାଇଁ ।୭୧।
କହନ୍ତି ଜାନକୀ, କି' କହ ଦେବର୍ଷି ଭ୍ରଷ୍ଟାଚାରୀ ବିପ୍ରେ ବରି ଅଛ ଆସି ।୭୨।
ଯେ ରାବଣ ସଦା, ଭ୍ରଷ୍ଟ ପାପାଚାରୀ ସେ କରିବ ସେତୁ ପ୍ରତିଷ୍ଠା କିପରି ।୭୩।
ନାଇଁ ମା, ଜାନକୀ' ରାବଣ ଅସୁର ବୋଲ ସିନା ବିପ୍ର କୁଳେ ଜନ୍ମ ତାର ।୭୪।
ଏ ଦିଗରେ ତାକୁ ସନ୍ଦେହ ନ କରି ସଙ୍ଗେ ଯିବ ଯାନେ ଆସିଲେ ସେ ବରି ।୭୫।
ନା,ନା,ନା, ମୋ ପାଇଁ ଆଗାମୀ ବ୍ୟୁତ୍ପାତ ଘଟିବାକୁ କହ କରି ସୂତ୍ରପାତ୍ର ।୭୬।
ଥରେତ କହିଲି ବିଶ୍ୱାସ ସମ୍ବନ୍ଧେ ରାବଣ ସହିତ ଯିବ ସେତୁ ବନ୍ଧେ ।୭୭।
ଏତପସ୍ୱୀ କଥା ରଖିଥିବ ମନେ ନେତ୍ର ପୂତ ହେବ ପ୍ରଭୁଙ୍କ ଦର୍ଶନେ ।୭୮।
ଯାଉଛି କହିଣ ସିନ୍ଧୁକୂଳେ ଆସି ସବୁ କଥା ରାମେ ବୁଝାଇଲେ ଋଷି ।୭୯।
ଉପକରଣ ଯା ଧରିଣ ଆସିବ ଯଥା ସମୟରେ ମନ୍ଦୋଦରୀ ଧବ ।୮୦।
ଆନନ୍ଦ ରାଘବ, ଋଷିଗଲେ ଚାଲି ଦୟାନିଧି ରଚେ ମନେ ରାମ ଭାଳି ।୮୧।

ଆପ୍ତ ବାକ୍ୟ:-

ଅହିଂସା ମନ୍ତ୍ରର କରହେ ଜପ ହିଂସା ଠାରୁ ନାହିଁ ସଂସାରେ ପାପ
ସଂଯମେ ବ୍ରହ୍ମ ରଖୁ ବଢ଼େ ଶକ୍ତି ଶ୍ରେଷ୍ଠ, ସତ୍ୟ, ସେବା, ସୁକର୍ମ ଭକ୍ତି

Digitized by PPRACHIN, SOA

ପୁରୋଧା ରାବଣଙ୍କ ଉପକରଣ ସଂଗ୍ରହ

(ରାଗ =ଆଷାଢ଼ ଶୁକ୍ଳ) ('ବ' ଅନୁପ୍ରାସ) ଛାନ୍ଦ - ୨୮

ବୁଧେ ଶୁଣିବା ହେଉ ଦେଇମନ ବ୍ରାହ୍ମ ମୁହୂର୍ତ୍ତୁ ବିଶ୍ରବା ନନ୍ଦନ
ବରଣୀୟ ରାମଚନ୍ଦ୍ର ମଙ୍ଗଳେ ବଳାଇ ମନ ସ୍ନାନ ସାରି ଜଳେ
ବିଂଶ ଅର୍ଦ୍ଧ ଶିରେ= ବସି ଶିବ, ଶିବା, ତିଳକ କରେ । ।୧।

ବନ୍ଦନ କରି ପ୍ରାଚୀ ଦେବ କୁଳ ବଦ୍ଧାଞ୍ଜଳି ପୂଟେ ଅର୍ପିଣ ଜଳ
ବିଧାତା, ଧାତା ପୁତ୍ରଙ୍କୁ ଆରାଧି ବିଶ୍ୱ ଦେବତାଙ୍କୁ ତର୍ପଣେ ବୋଧି
ବେଦ ଅଧ୍ୟୟନେ=ବେଦାଙ୍ଗ ପଢ଼ି ଯଜନ ଯାଜନେ ।୨।

ବିଧାନେ ପାବକ, ନାମାଗ୍ନି ସ୍ଥାପି ବାର୍ତ୍ତା ବହେ ବିପ୍ର ଅଣାଇ ଡ଼ାକି
ବିଶେଷେ ଆସନ୍ନ ପ୍ରସବା ଗାଈ- ବିଜ୍ଞେ ଦକ୍ଷିଣା ସହିତ ଅର୍ପଇ
ବସି ପଞ୍ଚାଙ୍ଗକୁ=ବପନ କରେ ପ୍ରଣବେ ବୀଜକୁ ।୩।

ବଳେ ରଦ୍ର କାଳ ଆସି ପ୍ରାପତ ବନ୍ଧ ସଂସ୍କାରେ ମାନସ ପ୍ଲାବିତ
ବରଣ କାଳ ନିରୁପଣ ଖରେ ବିଭାବେ ରାମ ଥିବେ ଅପେକ୍ଷାରେ
ବରି ମନ୍ତ୍ରୀ ଗଣ=ବୋଲେ ଆଣ ଯାଗ ଉପ କରଣ ।୪।

ଯଜ୍ଞ ଉପକରଣ

ବିଜ୍ଞ ସଚିବ ବିଘ୍ନ ରାଜ ମୋଦେ, ବିଶୁଦ୍ଧ ଲଡୁ ସମ୍ପାଦଇ ଆଦ୍ୟେ
ବଦରିକା, ଦୁର୍ବାଦଳ, ତଣ୍ଡୁଳ, ବ୍ରହ୍ମ ସୂତ୍ର, କ୍ରମୁକ, ନାରୀ କେଳ
ବହ୍ନି କୁଣ୍ଡେ ବହ୍ନି=ବ୍ୟୁତ୍ପତ୍ତି କାରଣେ ଦେଇ, ଅରୁଣୀ ।୫।

ବିଶୁଦ୍ଧ ଗାଭୀ ଦଧି, ଦୁଗ୍ଧ, ଘୃତ, ବିଶୁଦ୍ଧେ ପଞ୍ଚଗବ୍ୟ ପଞ୍ଚାମୃତ
ବଲ୍କଳ, କୌଶେୟ, ବାସ, ପିଧାନେ, ବିସ୍ତୃତ ଆଜ୍ୟ ଥାଳି ହବି ଦାନେ
ବିସର୍ଜନ ପାତ୍ର = ବିଷ୍ଣୁ ପଦୀ ଜଳ, କୁମ୍ଭ, ସହିତ ।୬।

ବଟୁ, ସଙ୍କଳ୍ପେ ତାମ୍ରପାତ୍ରୀ, କୁଶ, ବିଲ୍ୱ ପତ୍ରାଦି, ଧାତ୍ରୀ, ନାନା ପୁଷ୍ପ
ବିଧାନର ଶ୍ରୁବ, ଶ୍ରୁଚ, ପ୍ରୋକ୍ଷଣି, ବତୀ, ଧୂପ, ପଞ୍ଚ ମୁରୁଜ ଆଣି
ବୈଠା, ଆମ୍ର ପତ୍ର=ବିନମ୍ରେ ଅର୍ପୁ ହର୍ଷ ବିଂଶ ନେତ୍ର ।୭।

• • • • • •

୧:ବିଶଅର୍ଦ୍ଧ-ଦଶ ।୨:ପ୍ରାଚୀ-ପୂର୍ବ,ବଦ୍ଧାଞ୍ଜଳି-କୃତାଞ୍ଜଳି ।୩:ଆସନ୍ନ-ନିକଟବର୍ତ୍ତୀ, ଧାତାପୁତ୍ର-ପୌଲସ୍ତି (ପିତୃପୁରୁଷ) ବିଶ୍ୱଦେବା -ବ୍ରହ୍ମାଣ୍ଡଦେବତା, ବେଦ-ଋକ୍, ଜଯୁ, ସାମ, ଅଥର୍ବ ପଠନପରେ।ବେଦାଙ୍ଗ-ଶିକ୍ଷା, କଳ୍ପ, ବ୍ୟାକରଣ, ନିରୂକ୍ତ, ଛନ୍ଦ, ଜ୍ୟୋତିଷ । ଜଯନ-ଯଜ୍ଞକରିବା, ଜାଯନ-ଯଜ୍ଞକରାଇବା, ବସି ପଞ୍ଚାଙ୍ଗ-ତିଥି ବାର, ନକ୍ଷତ୍ର, ଯୋଗ, କରଣ, ବପନ-ଉଚ୍ଚାରଣ କରିବା, ପ୍ରଣବ-ଆଦି ବୀଜ ମନ୍ତ୍ର 'ଓଁ' କୁ ।୪: ରଦ୍ରକାଳ-ଭୟାନକ ମଧ୍ୟାହ୍ନ ସମୟ, ବନ୍ଧ ସଂସ୍କାରେ-ଶୁଦ୍ଧିନିମିତ୍ତରେ, ମାନସ ପ୍ଲାବିତ-ମନ ବ୍ୟାପ୍ତ, ବିଭାବେ-ଅଭାବେ, ମୋର ଅନୁପସ୍ଥିତରେ । ୫: ସଚିବ-ମନ୍ତ୍ରୀ, ବିଘ୍ନ ରାଜ-ଗଣେଶ, ମୋଦେ-ତୋଷ ପାଇଁ, ବଦରିକା-ବରକୋଳି ପତ୍ର, ଦୂର୍ବା-ଦୁବ, ତଣ୍ଡୁଳ-ଅରୁଆଚାଉଳ, ବ୍ରହ୍ମସୂତ୍ର-ପଇତା, କ୍ରମୁକ-ଗୁଆ, ନାରିକେଳ-ନଡ଼ିଆ । ୬: ପଞ୍ଚ ଗବ୍ୟ-ଦଧି, ଦୁଗ୍ଧ, ଘୃତ, ଗୋମୟ, ଗୋମୂତ୍ର । ପଞ୍ଚାମୃତ-ଦଧି, ଦୁଗ୍ଧ, ଘୃତ, ମଧୁ, ଶର୍କରା । କୌଶେୟବାସ-ପାଟବସ୍ତ୍ର, ବିସର୍ଜନପାତ୍ର-ଉଚ୍ଛିଷ୍ଟ ଘୃତ ରହିବା ପାତ୍ର, ବିଷ୍ଣୁପଦୀଜଳ-ଗଙ୍ଗାପାଣି । ୭: ବଟୁ-କୁଶ ବଟୁ ଧାତ୍ରୀ-ଅଳାପୁଷ୍ପ, ଶ୍ରୁବ-ଯାହା ଦ୍ୱାରା ଆହୁତି ଦିଆଯାଏ, ଶ୍ରୁଚ-ଯାହା ଦ୍ୱାରା ପ୍ରଥମେ ଆହୂତି ଦିଆଯାଏ,, ପ୍ରୋକ୍ଷଣେ-ପାଣି ରଖିବା ପାତ୍ର, ବତି-ବଳିତା, ଧୂପ-ଗୁଗୁଳ, ପଞ୍ଚମୁରୁଜ-ଧଳା, କଳା, ନାଲି, ହଳଦିଆ, ନୀଳ । ବଇଠା-ରୁଖା, ବିନମ୍ରେ-ନମ୍ରତା ଭାବେ, ଅର୍ପୁ-ଦେଇ, ହର୍ଷ ବିଂଶନେତ୍ର-ରାବଣ ।

Digitized by PPRACHIN, SOA



ଉପର- ସେତୁବନ୍ଧ ନିର୍ମାଣ । ତଳ- ସେତୁ ବନ୍ଧେ ରାମେଶ୍ୱର ପ୍ରତିଷ୍ଠା

Digitized by PPRACHIN, SOA

ରାବଣ ବନ୍ଧ ପ୍ରତିଷ୍ଠା ପାଇଁ ସୀତାଙ୍କୁ ନେବାକୁ ଅଶୋକ ବନେ ଗମନ

(ରାଗ-ରଷିକୁଲ୍ୟା) 'ବ' ଅନୁପ୍ରାସ,

ଛାନ୍ଦ - ୨୯

ବୁଧେ ଆନ ପ୍ରସଙ୍ଗେ ଶ୍ରୁତି ଢ଼େର ବିଞ୍ଚ ଲଙ୍କେଶ କରଇ ବିଚାର
ବିବସ୍ୱାନ ବଂଶୀ ପତ୍ରର ଶଙ୍କୁ ବର୍ଗେ ପ୍ରୟୋଜନ ଦ୍ରବ୍ୟ ନେବାକୁ
ବନ୍ଧ ପ୍ରତିଷ୍ଠା ନିମନ୍ତେ ଯେ
ବନ୍ଧ୍ୟାଭୂ ନନ୍ଦିନୀ, ଅଶୋକେ ବନ୍ଦିନୀ, ସେ ପ୍ରୟୋଜନ ମୁଁ ଚିନ୍ତେ ଯେ ।।୧।
ବିଧି ବିହୀନ କର୍ମ ସମାରମ୍ଭ ବିଂଶ ବାହୁ ପକ୍ଷରେ ଅସମ୍ଭବ
ବ୍ୟର୍ଥ ପ୍ରକୃତି ବିହୀନ ପୁରୁଷ ବିକଳ୍ପ କର୍ମରୁ ହେବ ବିନାଶ
ବ୍ୟବସ୍ଥିତେ ହେବ ନିଷ୍ଠା ଯେ
ବୁଝାଇଣ ପୂଜ୍ୟା, ଜନକ ତନୁଜା' ନେଉ ରକ୍ଷା ହେବ ନିଷ୍ଠା ଯେ ।।୨।
ବେଗେ ମନ୍ତ୍ରୀ ଯାନ ଆଣୁ ସାରଥି ବୋଲନ୍ତି ସଚିବ ମନରେ ଚିନ୍ତି
ବିଭାବୁ କି ସୀତା ସଙ୍ଗତେ ନେବ ବିଭାକର ବଂଶୀ କରେ ଅର୍ପିବ
ବୃଥା ଏ ଆଶଙ୍କା ମନ୍ତ୍ରୀ ହେ
ବୁଝିବନି ତୁମ୍ଭେ, କାର୍ଯ୍ୟ ସମାରମ୍ଭେ, ଲୋଡ଼ା ସତୀ, ଉପସ୍ଥିତି ହେ ।।୩।
ବ୍ୟସ୍ତ କରେ ମୋତେ ରାମ ଆହ୍ୱାନ ବର୍ତ୍ତମାନ ଯାନ ଆଣ ବହନ
ବସୁଁ ରଥେ, ସାରଥୀ ଚାଳେ ଯାନ ବ୍ୟସ୍ତେ ସୀତା କରୁଥିଲେ ଚିନ୍ତନ
ବିଶୋକେ ନାରଦ କଥା ଯେ
ବିଶର୍ବା ନନ୍ଦନ, ଗମନ ସ୍ୟନ୍ଦନ, ଶବ୍ଦ ହୃଦେ ଦେଲା ବ୍ୟଥା ଯେ ।।୪।

ରାବଣ ବକ୍ତବ୍ୟ

ବୋଲେ ବିଂଶ ବାହୁ ଜାନକୀ ଶୁଣ ବାର୍ଦ୍ଧି, ବନ୍ଧ, ପ୍ରତିଷ୍ଠାରେ ବରିଣ
ବିଧାତା ସୁତଲୋଡ଼ା ପଦାର୍ଥକୁ ବିଶେଷି କହିଲେ ସଙ୍ଗେ ନେବାକୁ
ବିବେକେ କଲି ବିଚାର ଯେ
ବନ୍ଧର ପ୍ରତିଷ୍ଠା ଫଳ ପ୍ରାପ୍ତେ ନିଷ୍ଠା-ବାନେ ତୁମ୍ଭ ଦର କାର ଯେ ।।୫।
ବିମାନ ଆରୋହ ହୋଇ ନିର୍ଭୟ ବିଳମ୍ବ ହେବାକୁ ଆଉ ନ ଦିଅ
ବ୍ୟସ୍ତେ ଚାହିଁ ଥିବେ ଶ୍ରୀ ରଘୁବୀର ବିଶେଷେ ସୀତା ଦେବାକୁ ଉତ୍ତର
ବ୍ୟାକୁଳିତ ଚିତ୍ତ, ଭୀତ ଯେ
ବସନ୍ତେ ନୀରବେ, ବିଶହସ୍ତ ଦମ୍ଭେ, ଅବିଳମ୍ବେ କରେ ବ୍ୟକ୍ତ ଯେ ।।୬।

୧: ବିବସ୍ୱାନବଂଶୀ-ସୂର୍ଯ୍ୟ ବଂଶୀ ରାମଚନ୍ଦ୍ର, ଭୂ-ଭୂମି,ନନ୍ଦିନୀ-କନ୍ୟାସୀତା, ୫:ବାର୍ଦ୍ଧି ବନ୍ଧ-ସମୁଦ୍ର ସେତୁ ।

Digitized by PPRACHIN, SOA

ବସିଅଛ କିଂପା ନ' କହି କିଛି
ବସି ଶୁଣିବାକୁ କହୁ ଶୁଣୁଛି
ବୁଝକି ଉଦ୍ଦେଶ୍ୟ ନୀରବେ ରହି
ବୁଝିବା ମୋର ଦରକାର ନାହିଁ
ବିପ୍ରଙ୍କର ଦରକାର ଯେ
ବିବେକେ ଜାନକୀ, ବିଶେଷିତେ କୋପି, ବିଭାଷିତ ବନ୍ଦ କରଯେ ।।୭।
ବ୍ୟସ୍ତେ ଭୟ ଦେଖାଇ ଦଶଶିର
ବ୍ୟକ୍ତ କରେ ଏଥି କରି ଧିକ୍କାର
ବିରୂପେ ନ ଜାଳ ମୋ ଶାନ୍ତମତି
ବିଦୂଷୀ ଦେଇଣ ବାକ୍ୟ ଆହୁତି
ବିପ୍ର ନୁହେଁ ପାପାଚାରୀ ଯେ
ବକ୍ର ଥିଲେ ଚିତ୍ତେ, ବିଂଶ ବାହୁ ଏଥେ, ବୁଝାନ୍ତା କିମ୍ପା ସୁନ୍ଦରୀ ।।୮।
ବିକ୍ଷିପ୍ତ ଚିତ୍ତରେ ବିଚାର କର
ବିଭାବ ଥିଲେ ଏ ବିଂଶ କରର
ବିଚାରି ଦୁହିତା ସମ, ଝିଆରୀ
ବିଭୀଷଣ କନ୍ୟାକୁ ସେବାକାରୀ
ବୋଧେ କରାଇ ନଥାନ୍ତା ଯେ
ବିଶେଷ, ବିବୃତ୍ତି ବିହି ଆଣୁ ଏଥି, ବସିଭୋଗୁଅଛି ବ୍ୟଥା ଯେ ।।୯।

ସୀତାଙ୍କ ଉତ୍ତର

ବଳା ଅନି ଆଉ ଘୂରାଏ ମଥା
ବିଶ୍ୱାସ ନ ହୁଏ କହିବା କଥା
ବିଶେଷେ ଅବଳା ସ୍ୱଧର୍ମ ପ୍ରତି
ବିବେଚନା କରୁ ଲାଗଇ ଭୀତି
ବସିଛି ଯା ଏହି ବନେ ଯେ
ବାର୍ତ୍ତା ପାଉଁ ପତି, ଭୁଲାଇଣ ମତି ନେବାଇଛା ଅନ୍ୟସ୍ଥାନେ ଯେ ।।୧୦।
ବର୍ଜନ କରି କୋପ ଚିନ୍ତ ଧୀରେ
ବିପ୍ରମାୟା କଲେ ବସୁନ୍ଧରାରେ
ବହିଃ ପ୍ରଘଟ ହେବା ଅସମ୍ଭବ
ବାତସୁତ କାହିଁ କରନ୍ତା ଠାବ
ବିସମ୍ବାଦ ସୁଗୋଚରେ ଯେ
ବସାଉ ଅଶୋକ, ବନରେ ଏ ଶ୍ଳୋକ, ରହିଥାନ୍ତ କେଳି ପୁରେ ଯେ ।।୧୧।
ବିବେକି ନୟନ ସଦା ଉନ୍ମୁକ୍ତ
ନୁହେଁ ବିଶ୍ୱ ଅନ୍ଧ ଥାଇଣ ନେତ୍ର
ବାଟ ଛାଡ଼ି, ପଶନ୍ତି ଅବାଟରେ,
ବିଶେଷ ଭାବିଣ ବିଚାର କରେ
ବିଜ୍ଞନେତ୍ରରେ ବ୍ରାହ୍ମଣ ଯେ
ବଞ୍ଚକ ନୁହଇ ସୀଉକାର ଦେଇ କର ଯାନେ ଆରୋହଣ ଯେ ।।୧୨।
ବ୍ୟର୍ଥ ଲକ୍ଷେ ପତ୍ର ଅର୍ପୁ ଚାଣ୍ଡରେ
ବିଲୋକି ବିମ୍ବୋଷ୍ଠୀ ଥାପି ମୁଣ୍ଡରେ
ବିଶେଷି ପଢ଼ନ୍ତି ଜ୍ଞାନ ଭଣ୍ଡାରେ
ବନ୍ଦୀ ପରାଏ ଲଂକେଶ ଥଣ୍ଡାରେ
ବୋଲେ ମୁଁ ଆଜି ପୁରୋଧା ଯେ
ବିଜୟିନୀ ବସ, ଯାନେ ମୋ ନିର୍ଦ୍ଦେଶ, ମାନି କିଛି ନାହିଁ ବାଧାଯେ ।।୧୩।

୮:ବାକ୍ୟ ଆହୁତି-କଥା ଆଭାଷ ୯: ବିଜ୍ଞାପ୍ତି-ବିସ୍ତାରିତ,ବିଭାବ-ମନ୍ଦଭାବ ବିଭୀଷଣ କନ୍ୟା, ତ୍ରିଜଟା-ବିଶେଷ ବିବୃତି, ଏହିପରି କଥା କହି ବ୍ୟଥା-କଷ୍ଟ ।

Digitized by PPRACHIN, SOA

ବୈଶ୍ରବଣର ଏହା ଶେଷ ଚେଷ୍ଟା   ବନ୍ଧ ତୁମ୍ଭ ବିନା ହେଲେ ପ୍ରତିଷ୍ଠା
ବଧ, ଅସମ୍ଭବ ଶତ୍ରୁ ଚରମ-   ବିପରୀତ ଫଳ ଭୋଗିବେ ରାମ
ବାକ୍ୟ ନ କହ ଏପରି ଯେ
ବୋଲେ ଯିବିଷଲେ, ସ୍ୱାମୀଙ୍କ ମଙ୍ଗଳେ, ମୋ ଜୀବ ବିପନ୍ନ କରି ଯେ ।୧୪।
ବାଦାନୁ ବାଦ ବିତୃଷ୍ଣା ବର୍ଜିଣ   ବିଖନ ଲେଖନ ଫଳ ଚିନ୍ତିଣ
ବୋଲନ୍ତି ଶୁଭେ ଅଳି, ଶଙ୍ଖ ବାଏ   ବସନ୍ତ ବାତ, ପ୍ରଫୁଲ୍ଲ କରାଏ
ବିଶେଷରେ ବନପ୍ରିୟ ଯେ
ବିସ୍ମୃତ ଗହଳେ, ଆଶୀର୍ବାଦ ଛଳେ, ବୋଲେ ମଙ୍ଗଳ ସମୟ ।।୧୫।
ବିହାୟସେ ଦ୍ୱିଜକୁଳ ବିହରି   ବନପ୍ରିୟ ସ୍ୱରେ ସ୍ୱୀକୃତି କରି
ବଚ ଉଚ୍ଚାରିଲେ ତଥାସ୍ତୁ ନାଦ   ବିଜେକର ସତୀ ନ କରି ବାଦ
ବିହୁସେ ନାରଦ ଶାପ ଯେ,
ବିଂଶ ବାହୁ ଜାଣି, ରଖାଇଛି ଆଣି, ରଥେ ଯାଇ ନାଶ ତାପ ଯେ ।୧୬।
ବସିଲେ ଜାନକୀ ତ୍ରିଜଟା ସାଥେ   ବିହରଇ ରଥ ଆକାଶ ପଥେ
ବୋଧି ସୈନ୍ୟେ ଭାଷନ୍ତି ସୀତାଈଶ   ବରିଛେ ପୁରୋଧା ରୂପେ ଲଙ୍କେଶ
ବିଧି ଅନୁସାରେ ମାନ୍ୟ ଯେ
ବିକାଶ ହୋଇବ, ବଳି ମୁଖ ଭାବ, ବିଭାବୁ ଦୁଃଖିତ ମନ ଯେ ।।୧୭।
ବିଚାରନ୍ତି ତେଣେ ଲଙ୍କା ସଇନ   ବାଣ ଚାଳନା କି ସନ୍ଧି ସ୍ଥାପନ
ବାରି ହେଉ ନାହିଁ କହନ୍ତୁ ମନ୍ତ୍ରୀ   ବରଣେ ରାଜନ କରନ୍ତି ଗତି
ବିଷହିତ ସନ୍ନିପାତେ ଯେ
ବିଶୋଧନ କାହିଁ, ବିଷ ଅଛି ହୋଇ, ଶୁଣା ନାହିଁ କର୍ଣ୍ଣ ପଥେ ଯେ ।୧୮।
ବିସ୍ମିତ କଥାଏ' ଅମା ରାତ୍ରିରେ   ବିଧୁ ନଭେ ଜ୍ୟୋତି ପ୍ରକାଶ କରେ
ବୋଧ ଲେଲିହାନ ଶିଖା ଶୀତଳ   ବିଜୟ ଶରଭ ଶାର୍ଦ୍ଦୁଳ କୋଳ
ବିରୋଧଭାବ ପ୍ରମାଣି ଯେ
ବର୍ତ୍ତମାନ ଧାର୍ଯ୍ୟ, କାର୍ଯ୍ୟ ସେନା ପୂଜ୍ୟ, ମନ୍ତ୍ରୀ ନ ପାରନ୍ତି ଜାଣି ଯେ ।୧୯।
ବିଧିରେ ଏ ଛାନ୍ଦ ହେଲା ସମ୍ପୂର୍ଣ୍ଣ   ବିଚିତ୍ର ରସ ଆଉ ଛାନ୍ଦେ ଶୁଣ
ବ୍ୟବହାରେ ବଡ଼ ରାମରୁ ନାମ-   ବିଦିତ ହୋଇବ ନାମରୁ ରାମ-
ବଡ଼ବିବୁ ଧମଣ୍ଡଳୀ ଯେ,
ବିକଳ୍ପିତ ଚିତ୍ତେ, ବସି ଶୁଦ୍ଧିମନ୍ତେ ଶୁଣିବାକୁ ଦୟା ଅଳି ଯେ ।୨୦।

• • • • • •

୧୪:ବୈଶ୍ରବଣ-ରାବଣ ।୧୫: ଅଳି-ଶଙ୍ଖ,ବସନ୍ତ ବାତ-ବସନ୍ତ ପବନ, ବନପ୍ରିୟ-କୋକିଳ । ୧୬: ବିହାୟସେ-ଆକାଶେ, ଦ୍ୱିଜ-ପକ୍ଷୀ, ନାରଦ ଶାପ-ଅମ୍ବରିସ କନ୍ୟାକୁ ନାରାୟଣ ହରଣ କରିନେବାରୁ ଭକ୍ତ ନାରଦ ନାରାୟଣଙ୍କୁ କହିଲେ ତୁମ୍ଭ ଭକ୍ତ ସ୍ତ୍ରୀକୁ ନେବ । ୧୯:ବିଧୁ-ଚନ୍ଦ୍ର, ଶରଭ-ଅଷ୍ଟପଦ ମୃଗ ।

Digitized by PPRACHIN, SOA

ରାମ ଠାରୁ ରାମ ନାମ ବଡ଼
ରାମ ନାମଠାରୁ ରାମ ବଡ଼

(ରାଗ -କଳସା) କ, ଅନୁପ୍ରାସ

ଛାନ୍ଦ-୩୦

କଉଶଲ୍ୟାଙ୍କ କୁମର ଡ଼କାଇ ସୁଗ୍ରୀବ କହନ୍ତି ଅଯଥା ଡ଼କାଇଲେ ଦଶଗ୍ରୀବ ।୧।
କହୁ ସେନା ପୁରୋଧାଙ୍କୁ ପ୍ରଣିପାତେ ମନା କରୁଛନ୍ତି ଆମ୍ଭଙ୍କୁ ଏ ଅପଯଶ ସିନା ।୨।
କହି ବଳାଇଲେ ସିନା ଆତ୍ମାଘାତୀ କାର୍ଯ୍ୟ କର୍ମାରମ୍ଭେ ନ ପୂଜିଲେ ହୋଇ ବାକି ପୂଜ୍ୟ ।୩।
କହୁଛନ୍ତି ରୋମାପତି ଶୁଣ ମିତ୍ର ବର କଥାଏ ମୋ ହୃଦେ ଜାଗେ ଏଥୁ ଗୁରୁତର ।୪।
କାମିନୀ, କାଞ୍ଚନ,ଭୋଗୀ,ରାଗୀ,ବୈଶ୍ରବଣ କାର୍ପଣ୍ୟେ ପ୍ରତିଷ୍ଠା ପାଇଁ ବରନ୍ତେ, ଆପଣ ।୫।
କାକ, ତାଳିକ ମତରେ ଦେଇଯେ ସ୍ୱୀକୃତି କାଳେ କାଳରାତ୍ରି ହେବ ଦେଖି ଲଙ୍କ ପତି ।୬।
କାମନା ବିନାଶ ମୂଳେ କ୍ରୋଧ ଅଗ୍ନିଜାତ କାର୍ଯ୍ୟ କାଳେ ବିଭୀଷଣ, ନ ହେଉ ସାକ୍ଷାତ ।୭।
କାଳ ଅବିଳମ୍ବେ ସେନା ରଖନ୍ତୁ ସେ ଦୂରେ କାର୍ଯ୍ୟ ଶେଷେ ଦେବା ଖାଦ୍ୟ ଦେଖାଇ ଠାକୁରେ ।୮।
କିଂ କର୍ତ୍ତବ୍ୟ ହୋଇ ରାମ ଦେଉ ସୀଉକାର କହନ୍ତି ଏକାଳେ ଡ଼ାକି କିଷ୍କିନ୍ଧ୍ୟା ଈଶ୍ୱର ।୯।
କରୁଣା ନିଧାନଙ୍କର ହୋଇଛି କରୁଣା କର ଅପେକ୍ଷା ଦୂରରେ ନେଇ ସୈନ୍ୟ ସେନା ।୧୦।
କରିଛେ ବରଣ ଏଥି ଶୁଭେ ବିଂଶ ଆଖି କ୍ରୋଧ ହୋଇ ପାରେ ଆଗେ ତୁମ୍ଭଙ୍କୁ ସେ ଦେଖି ।୧୧।
କୀଶ,ଭଲ୍ଲୁକ, ଙ୍କୁ ନେଇ ବୀର ବିଭୀଷଣ କିଛି ଦୂରେ ରକ୍ଷାକରେ ଏଣେ ରଘୁରାଣ ।୧୨।
କରନ୍ତି ଭାବନା ଚିତ୍ତେ ଏ ସେତୁ ନିର୍ମାଣ କରିଲେ ପ୍ରମୋଦେ, ମୋଦେ, ଋକ୍ଷ କପିଗଣ ।୧୩।
କଛେ, ସଇନ ଯିବାକୁ ଉପଯୁକ୍ତ କିନା, କରିବା ସମୀକ୍ଷା ନାରଦଙ୍କ କଥା ସିନା ।୧୪।
କାଳ, ଅବିଳମ୍ବେ ପରି ଦରଶନେ ବନ୍ଧେ କରନ୍ତେ ଗମନ ଏକା ହନୁମନ୍ତ ଦ୍ୱନ୍ଦେ ।୧୫।
କାତରେ ଗମଇଁ ଧୀରେ ରାମ ନଜାଣନ୍ତି କାର୍ଯ୍ୟ କୁଶଳତା ଦେଖି ଦେଖି ଯାଉଛନ୍ତି ।୧୬।
କରିଲେ ଅବଲୋକନ ଏହିକାଳେ, ଜଳେ କପିଳ ବର୍ଣ୍ଣ, ମଗର, ସେତୁତଳେ ଚଳେ ।୧୭।
କହନ୍ତି, କପି, ଏକାନ୍ତେ ମୋର ନାମ ଧରି କୀର୍ତ୍ତି ରଖିଲେ ସାଗରେ ଭସାଇଣ ଗିରି ।୧୮।
କୃତଜ୍ଞତା ପ୍ରାପ୍ତେ ଯୋଗ୍ୟ ଭାବି ଯାଉ ଚାଣ୍ଡେ କେତେକ ଦୂରେ ଦେଖିଲେ ବନ୍ଧେ, ଶିଳାଖଣ୍ଡେ ।୧୯।
କୌତୁହଳେ ବିଚାରନ୍ତି ମନେ ଧରି ଧୈର୍ଯ୍ୟ କରିଲେ ସେନା, ସମ୍ଭବ, ଅସମ୍ଭବ କାର୍ଯ୍ୟ ।୨୦।
କରେ ଧରି ଶିଳା ଖଣ୍ଡି ଜଳେ, ଭସାଇବା କୂଟ, ଉଶ୍ୱାସ କି ନଳ କୁଶଳ ଜାଣିବା ।୨୧।
କରେ ତୋଳି ଶିଳାଖଣ୍ଡି ଜଳେ କରୁ, ପାତ, କଳନା ନୋହିଲା ଜଳ ଶ୍ରୀରାମ, ଲକ୍ଷିତ, ।୨୨।
କେହି, ନ ଜାଣୁ ଏ' କାର୍ଯ୍ୟ ଭାବି ରଘୁପତି, କୋଣ ବିକୋଣେ ଈକ୍ଷଣେ ଦେଖିଣ, ମାରୁତି ।୨୩।

୬:କାକ ତାଳିକା-ହଠାତ, କାଳରାତ୍ରୀ-ଅଶୁଭରାତି ।୯:କିଷ୍କିନ୍ଧ୍ୟା ଈଶ୍ୱର-ସୁଗ୍ରୀବ ।୧୦:କରୁଣା ନିଧାନ-ଦୟାମୟ ରାମଚନ୍ଦ୍ର ।୧୧:ବିଂଶଆଖି-କୋଡ଼ିଏ ଆଖି ରାବଣ । ୧୩:କୀଶ-ମର୍କଟ ।

Digitized by PPRACHIN, SOA

କହନ୍ତି ବାତଜ ଏହା କାହିଁ, ନ କହିବ — କହିଲେ ପୂର୍ବ ପୌରୁଷେ ଅପଯଶ ହେବ ।୨୪।
କପିମୁଖ୍ୟ କହେ ପ୍ରଭୁ, କିମ୍ପାଇଁ ବିରସ — କରିଲେ ସେନା ଶ୍ରବଣ ବୃଦ୍ଧି ହେବ ଯଶ ।୨୫।
କହଇ ପରା, ଅପରା, ନାମଟି ତୁମ୍ଭରି — କର୍ମ କରି ଭକ୍ତ ପାଏ, ନାମ ନୁହେ ଧରି ।୨୬।
କାର୍ଯ୍ୟ,କାରଣ, ତୁମ୍ଭଠୁଁ, ତୁମ୍ଭ,ନାମ,ବଡ଼ — କାର୍ଯ୍ୟ ସାଧିଲେ ଏ ସୈନ୍ୟେ ନାମେ ରଖି ଦୃଢ଼ ।୨୭।
କିନ୍ତୁ ତୁମ୍ଭେ ହସ୍ତେ ଧରି ଛାଡ଼ିଲ ଯେ ଶିଳା — କିମାଶ୍ଚର୍ଯ୍ୟ, ହୁଅ ନ ଭାସି ଯା, ବୁଡ଼ିଗଲା ।୨୮।
କପିସେନା ଦେବ ଅଂଶୀ, ବୋଲାନ୍ତି, ଦେବତା, କରିଛ ତୁମ୍ଭେ ତାହାଙ୍କ ଉତ୍ପତ୍ତି, ବ୍ୟବସ୍ଥା, ।୨୯।
କରୁଣ ଗିରେ ବରୁଣ ଦେବ ମନେ ଚିନ୍ତି — କପି, ଦେବତାଙ୍କ ଶିଳା, ଜଳରେ ଭାସନ୍ତି ।୩୦।
କପି ଦୈବ, ତୁମ୍ଭେଦୈବ ବିଧାତା, ଲେଖାରେ — କରୁ ଯା ଛାଡ଼ିଲ, ମର୍ତ୍ତ୍ୟେ କେତା ରଖିପାରେ ।୩୧।
କରନ୍ତୁ ଗମନ, ରୁଦ୍ର କାଳ ଆସି ହେଲେ — କିପାଇଁ ଲଙ୍କେଶ କଥା ଦେଇ ନ ଆସିଲେ ।୩୨।
କରଯୋଡ଼ି ଦୟାନିଧି ଦାଶ ଏହି ଛାନ୍ଦ — କରେ ପୂର୍ଣ୍ଣ ରାମ ଚିନ୍ତି ଘେନ ସାଧୁବୃନ୍ଦ ।୩୩।

ବନ୍ଧ ଓ ମନ୍ଦିର ପ୍ରତିଷ୍ଠା ନିମନ୍ତେ ରାବଣ ଆଗମନ

(ରାଗ=ଦେଶାକ୍ଷ) *ଛାନ୍ଦ-୩୧*

ସଂସାର ସାଗର, ପାରେ ତରୀପର, କାରେ ଶ୍ରୀରାମ ଚରିତ
ସଂଶୟ ବିହୀନେ,, ବର୍ଣ୍ଣନା କୁ କର୍ଣ୍ଣେ, ପାନେ ଘେନ ସୁଧୀମନ୍ତ
ହେ ପାପ,, ସ୍ୱଚ୍ଛନ୍ଦରେ କରାଇବଲୋପ, ଲୋଡ଼ା ନାହିଁ ଛାଡ଼,ଜପ, ତପ, ହେ ପାପ । ।୧।
ଶ୍ରୀରାମ, ଲକ୍ଷ୍ମଣ, ସୁଗ୍ରୀ, ହନୁମାନ, ନଳନୀଳ, ଯାମ୍ବବନ୍ତ,
ଆଳାପ କରନ୍ତି କାହିଁ ଲଙ୍କପତି ନ ଆସିଲେ ଏ ପର୍ଯ୍ୟନ୍ତ
ସେ କାଳେ,, ସ୍ୟନ୍ଦନ ରୋଳ ନଭୋ ମଣ୍ଡଳେ, ଶୁଭୁ ଦୂରରୁ ସର୍ବେ ଚାହିଁଲେ, ସେ କାଳେ । ।୨।
ସଭିଏ କହନ୍ତି, ରଥେ ଲଙ୍କପତି, ସୀତା ଆନ ରଥେ ଧରି
ସିଦ୍ଧି ବୃଦ୍ଧି ଆଶେ, ନ ଆସିଣ ପାଶେ, ରଥ ରଖି ଦଶଶିରି
ସେ ପାଦେ,, ଶାର୍ଦ୍ଦୁଳ ଗତିରେ ବିଜେ ମୋଦେ, ସୀତା ପତି ଦେଖୁ ଆଗେ ବଦେ,ସେ ପାଦେ । ।୩।

ପୁରୋଧାଙ୍କ ଉକ୍ତି

ତୁମ୍ଭ ନିମନ୍ତ୍ରଣ, ପାଇ ଆଗମନ, ବିପ୍ର ରାବଣ ପୁରୋଧା
ସର୍ବୋପକରଣ, ଜାନକୀ ଧରିଣ, ଆସିଅଛି ବହି ଶ୍ରଦ୍ଧା
ହେ ରାମ,, ପୂର୍ଣ୍ଣ ହେବ ନିର୍ବିଘ୍ନରେ କାମ, ଏକ ସର୍ତ୍ତେ ସତ୍ୟେ ରଖୁ ଧର୍ମ, ହେ ରାମ । ।୪।

୨୪: ବାତଜ-ହନୁମାନ, ୨୬:ପରା-ଉତ୍ତମା, ଅପରା-ବିଷ୍ଣୁ । ୩୧: ରୁଦ୍ରକାଳ-ମଧ୍ୟାହ୍ନ । ୧:ତରୀ-ନାବ ।।୨:ସ୍ୟନ୍ଦନରୋଳ-ରଥ ଆଗମ ଶବ୍ଦ, ନଭ-ଆକାଶ,। ୩:ଶାର୍ଦ୍ଦୁଳ-ବ୍ୟାଘ୍ର, ବଦେ-କହେ ।

Digitized by PPRACHIN, SOA

ଉପସ୍ଥାନ ଠାରୁ, ପ୍ରସ୍ଥାନ ପର୍ଯ୍ୟନ୍ତ, ସୀତା ସଙ୍ଗେ ବାକ୍ୟାଳାପ
ନ ହୋଇବ ବସି, କରିବେ ବିଦୂଷୀ, ମଖେ, ଶ୍ରାଦ୍ଧେ, ସଂଙ୍କଳପ
ତା'ପରେ,, ସତୀ ଫେରିବେ ଲଙ୍କା ରଥରେ, ରାମ ସମ୍ମତି ଦେଲେ କଥାରେ, ତା ପରେ । ।୫।
ବୋଲନ୍ତି ହେ ସାଧୁ, ରଘୁକୁଳ ବଧୂ, ଲଙ୍କପତି ଅଧିକାରେ
ଯେବେ ଏହି ସ୍ଥାନେ, ମୋ ଅଭିଷ୍ଟ ପୂର୍ଣ୍ଣେ, ଆଣିଛନ୍ତି ସଙ୍ଗତରେ
ମୁଁ ସତ୍ୟ,, କରୁ ଅଛି କରାନ୍ତୁ ସାକ୍ଷାତ, ନ କରିବି ବାକ୍ୟ ଆଳାପତ, ମୁଁ ସତ୍ୟ । ।୬।
ମନେ ବହି ଶ୍ରଦ୍ଧା, କହନ୍ତି ପୁରୋଧା, ପ୍ରତିଷ୍ଠା ଉପ କରଣ
ଆଣିବା ନିମିତ୍ତ, ରଥୁ ରଘୁନାଥ, ଆଦେଶ ଯାଆନ୍ତୁ ସୈନ୍ୟ
ତା ପରେ,, ଦେବୀ ବିଜେ କରିବେ ଏଠାରେ, ସଖୀ ତ୍ରିଜଟାର ସଙ୍ଗତରେ, ତା ପରେ । ।୭।
ଆଜ୍ଞା ପରମାଣେ, ସେନାପତି ଗଣେ, ଆଣିଲେ ଉପକରଣ
ହନୁମନ୍ତ ଆଗେ, ତ୍ରିଜଟାର ସଙ୍ଗେ, ବିଜେ ଜାନକୀ ଆସ୍ଥାନ
ସେ ସତୀ,, ସଙ୍ଗେ ବଳ ଘେନି ରଘୁପତି, ପୁରୋଧାଙ୍କ ଚରଣ ଧୁଅନ୍ତି, ସେ ସତୀ । ।୮।
ବାସେ ପୋଛି ରାମ, ସସ୍ତ୍ରୀକ ପ୍ରଣାମ, କରୁଁ ଆଶିଷେ ପୁରୋଧା
ଭାଷନ୍ତି ସମ୍ପୂର୍ଣ୍ଣ ହେଉ, ମନସ୍କାମ, ପ୍ରତିଷ୍ଠାରେ ନୋହୁ ବାଧା,
ହେ ବୀର,, କାର୍ଯ୍ୟେ ବିଳମ୍ବ ଆଉ ନକର, ନୂତନ ବାସ ପିଧାନ କର, ହେ ବୀର । ।୯।

ଦେବାଦେବୀଙ୍କ ସେତୁ ପ୍ରତିଷ୍ଠା ଦର୍ଶନ

ଏ ସମୟେ ଶକ୍ର, ଶଚୀ, ବୃନ୍ଦାରକ, ଯଶୋବନ୍ତୀ ତେଜି ସ୍ରଷ୍ଟା
ସିନ୍ଧୁ ଉପକଣ୍ଠେ, ଦେଖନ୍ତି ଉତ୍କଣ୍ଠେ, ଗଗନେ ସେତୁ ପ୍ରତିଷ୍ଠା,
ସେ କାଳେ,, ପୁଲୋମଜା ପୁଚ୍ଛାକଲେ ଛଳେ, ବିପ୍ର ଚରଣ ରାମ ଧୋଇଲେ, ସେ କାଳେ । ।୧୦।
ସ୍ୱୟଂ ନାରାୟଣ, ଧୋଇଲେ ବ୍ରାହ୍ମଣ, ପଦ ନୁହେ ଯୁଗୋଚିତ
ଶୁଣି ପରମେଷ୍ଠି, କହନ୍ତି ଏ ସୃଷ୍ଟି, ଶିଖିବା ପାଇଁ ଏହାତ,
ଶ୍ରୀରାମ,, ବିପ୍ର ରାବଣେ ବରିଣ କାମ, କଲେ ବିଚାର ଅତି ଉତ୍ତମ, ଶ୍ରୀରାମ । ।୧୧।
ଧର୍ମା ଧର୍ମ ତିଷ୍ଠି, ରହିବାକୁ ସୃଷ୍ଟି, ବେଦ,ବେଦାନ୍ତ, ପୁରାଣ,
ବ୍ରାହ୍ମ ମୁହୂର୍ତ୍ତରେ, ସ୍ନାନ ଶୌଚ ପରେ, ମଥାରେ ବିପ୍ର ରାବଣ,
ଯେଚିତା,, ଘେନେ ଶିବ, ଶିବା, ତିଳକତା, ରାମାନନ୍ଦୀ, ତା ପରେ ଶୋଭିତା, ଯେଚିତା । ।୧୨।
ସେ ଚିତା ଧାରଣ କରି ନାରାୟଣ ସ୍ୱରୂପ, ବ୍ରାହ୍ମଣ, ପାଦ
ଧୋଇ ରଘୁରାଣ, କରିଲେ ପ୍ରମାଣ, ଧୈର୍ଯ୍ୟେ ନୀତିବାନ ପଦ,
ଏ ଚିନ୍ତା,, ଛାଡ଼ ଏତ ରାମାୟଣ କଥା, ଅନ୍ତଃ କରଣେ ଦୁଶ୍ଚିନ୍ତା ବୃଥା, ଏ ଚିନ୍ତା । ।୧୩।

୫: ବିଦୂଷୀ-ପଣ୍ଡିତା ସୀତା ମଖେ-ଯଜ୍ଞେ ୬: ରଘୁ କୁଳବଧୂ-ସୀତା,ଅଭିଷ୍ଟ-ବାଞ୍ଛିତ। ୧୦:ଶକ୍ର-ଇନ୍ଦ୍ର,ଶଚୀ-ଇନ୍ଦ୍ରାଣୀ,ବୃନ୍ଦାରକ-ଦେବଗଣ, ଯଶୋବନ୍ତି-ବ୍ରହ୍ମାଙ୍କ ବାସସ୍ଥାନ, ସ୍ରଷ୍ଟା-ବ୍ରହ୍ମା, ସିନ୍ଧୁ-ସମୁଦ୍ର, ଉପକଣ୍ଠେ-କୂଳରେ,ଗଗନେ-ଆକାଶେ, ପୁଲୋମଜା-ଇନ୍ଦ୍ରାଣୀ, ପରମେଷ୍ଠି-ପିତାମହ ବ୍ରହ୍ମା।

Digitized by PPRACHIN, SOA

ବୈକୁଣ୍ଠ ବିହାରୀ, ତୁଲ୍ୟ ତ୍ରିପୁରାରି, ଯେ କରିବ ଉଦ୍ଭାବନ
ଯାହାର ନିମନ୍ତେ, ନର ରୂପେ ମର୍ତ୍ତ୍ୟେ, ଅବତୀର୍ଣ୍ଣ ଭଗବାନ
ସେ ସ୍ଥାନ,, ନୁହେଁ ଯା ବିଚାର କର ମନ, ତତ୍ତ୍ୱେ ପରମ ବ୍ରହ୍ମ ସମାନ, ସେ ସ୍ଥାନ । ।୧୪।
ସେଥିରାମ ରାଜ, କହନ୍ତି ହେ ପୂଜ୍ୟ, ସିନ୍ଧୁ ସୂର୍ଯ୍ୟବଂଶ କୀର୍ତ୍ତି,
ନ ବିଚାରି ଥରେ, ଜାନକୀ ଉଦ୍ଧାରେ, ତାହାକୁ ଥିବାରୁ ପୋତି,
ହେ ପୂଜ୍ୟ,, ପ୍ରତିଷ୍ଠା କାର୍ଯ୍ୟେ ଅକୃତ କାର୍ଯ୍ୟ, କର ପ୍ରତିଗ୍ରହ ରଖିଧୈର୍ଯ୍ୟ, ହେ ପୂଜ୍ୟ । ।୧୫।
ବିଶ୍ୱକର୍ମା ସୁତ, ସାଗରେ ନିର୍ମିତ, ସେତୁଭାଷେ ସୋଲପରି,
ମହା ବଳୀୟାନ, ଋକ୍ଷ କପିଗଣ, ଯାଉପାଇ ପାଦ ଭାରି,
ସେ ବ୍ୟର୍ଥ,, ହେବ ନାରଦ ବ୍ୟକ୍ତ ଏ ତଥ୍ୟ, ଲୋଡ଼ା ଶିବ, ଶକ୍ତିର, ସାମର୍ଥ୍ୟ, ସେ ବ୍ୟର୍ଥ । ।୧୬।
ଉମା, ଉମାସାଇଁ, ଉଦ୍ଭାବନ ପାଇଁ, ଶାସ୍ତ୍ରେଥିବା ଯୁଗ୍ମ ସ୍ତୁତି,
ଏକ ସଙ୍ଗେ ଦକ୍ଷେ, ତୁମ୍ଭ ଦଶମୁଖେ, ଆରମ୍ଭେ କର ଆବୃତ୍ତି,
ଯାଲୟେ,, ବିଜେ ହେବେ ଶମ୍ଭୁ ଦେବାଳୟେ, ସେତୁ ଶକ୍ତ ହେବ ଯିବ ଭୟେ, ଯାଲୟେ । ।୧୭।
ବିକର୍ତ୍ତନ ବଂଶ, ଅକୀର୍ତ୍ତି ଯେ ନାଶ, ଯିବାକୁ ସେ ପଞ୍ଚ ବେଦ,
ଓଲମ, ବିଲୋମ, ସମ୍ପୁଟରେ କର୍ମ, କରେ ରାମେ ବହି ମୋଦ,
ସେ ବିଧି,, ତୁଲ୍ୟ କର ଦସ୍ତ କରି ଶୁଦ୍ଧି, ବଟୁ ମନ୍ତ୍ରୀ ରାମ କରେ ବାନ୍ଧି, ସେ ବିଧି । ।୧୮।
ତୀର୍ଥବାରି ଧରି, ସଙ୍କଳ୍ପେ ଉଚ୍ଚାରି, ଫାଲଗୁନ ଚତୁର୍ଦ୍ଦଶୀ,
ପୁରୋଧା ବ୍ରାହ୍ମଣ ଶୁଦ୍ଧି କରୁଁ ସ୍ନାନ, କୁଶାସନ ପରେ ବସି,
ସେ କୁମ୍ଭ,, ସଂସ୍ଥାପନା କଲେ ରଖି ଦମ୍ଭ, ଶାସ୍ତ୍ର ଅନୁଯାୟୀ ଯା ସମ୍ଭବ, ସେ କୁମ୍ଭ । ।୧୯।
ଗଣପତି, ଆଦି ପଞ୍ଚଦେବ ବନ୍ଦି, ନବଗ୍ରହ, ଦେ୍ବ କୁଳ,
ପୂଜି ଇଷ୍ଟଜନ, ଯେ ସ୍ୱସ୍ତି ବାଚନ, କରାଇଲେ ଲଙ୍କପାଳ,
ସେ କୁଣ୍ଡେ,, ଅଗ୍ନି ଉତପନ୍ନ କରି ଚାଣ୍ଡେ, ଶିବେ ହବି ଦେଲେ ଅଗ୍ନି ତୁଣ୍ଡେ, ସେ କୁଣ୍ଡେ । ।୨୦।
ସାରିଣ ଆହୁତି, ପଉଲସ୍ତ୍ୟ ନାତି, ଦଶମୁଖେ ସ୍ତବଗାନ
କରି ହର ଗୌରୀ, ସ୍ମରୁ ତ୍ରିପୁରାରୀ, ଙ୍କର କମ୍ପିଲା ଆସନ
ସେକାଳେ,, ପାର୍ବତୀଙ୍କୁ ସଙ୍ଗେ ଘେନି ଭୋଳେ, ଜ୍ୟୋତି ପ୍ରକାଶ କଲେ ଦେଉଳେ, ସେକାଳେ । ।୨୧।
ଦଶ ଦିଶ ବସ୍ତ୍ର ଦଶଗ୍ରହ ନେତ୍ର, ତାରାମାଳ, ହୀମ, ସ୍ୱେଦ
ଅଭ୍ରେ ଲାଗେ ମୁଣ୍ଡ, ଗିରି ଭୂଜ ଦଣ୍ଡ, ପଞ୍ଚ ମୁଖେ, ପଞ୍ଚ ବେଦ
ସେ ଜଟା,, ଶୋଭାପାଏ କରେ ଶିରତଟା, ଅର୍ଦ୍ଧ ଇନ୍ଦୁ ଗଙ୍ଗା ଫେନ ପୁଟା, ସେ ଜଟା । ।୨୨।

୧୪: ବୈକୁଣ୍ଠ ବିହାରୀ-ବିଷ୍ଣୁ,ତ୍ରିପୁରାସୁର ଶତ୍ରୁ-ଶିବ । ୧୫: ପ୍ରତିଗ୍ରହ- ଶାନ୍ତି ।୧୬: ଶକ୍ତି-ପାର୍ବତୀ । ୧୭:ଯାଲୟେ-ସ୍ମରଣେ ।୧୮:ବିକର୍ତ୍ତନ-ସୂର୍ଯ୍ୟ ।୨୦:ପଞ୍ଚଦେବ-ଗଣେଶ-ନାରାୟଣ-ରୁଦ୍ର-ଅମ୍ବିକା, ଭାସ୍କର, ନବଗ୍ରହ-ରବି-ସୋମ-ମଙ୍ଗଳ-ବୁଧ-ବୃହସ୍ପତି-ଶୁକ୍ର-ଶନି-ରାହୁ-କେତୁ, ସ୍ୱସ୍ତିବଚନ-ଆଶିର୍ବାଦ,ହବି-ଘୃତ । ୨୧: ପଉଲସ୍ତ୍ୟ ନାତି-ରାବଣ ।

Digitized by PPRACHIN, SOA

ଦେଖି ତ୍ରିଅମ୍ବକ, ଭାଷନ୍ତି ଯାଜକ, ହୋଇଲେ ଶମ୍ଭୁ' ସମ୍ଭୁତ,
କି ନାମ କରଣ, ଦେବ ରଘୁରାଣ ଭାଷନ୍ତି କୌଶଲ୍ୟା ସୁତ,
ହେ ପୂଜ୍ୟ,, ମନୋବାଞ୍ଛା ପୂର୍ଣ୍ଣ ହେଲା ଆଜ, ରାମ ଈଶ୍ୱର କରନ୍ତୁ ଧାର୍ଯ୍ୟ,'ହେ ପୂଜ୍ୟ । ।୨୩।
ଶୁଣି ଏହି ଉକ୍ତି, ମହେଶ କହନ୍ତି, ରାମ ଈଶ୍ୱର ଯାହାର
ରାମଙ୍କ ଈଶ୍ୱର, ନାମ କି ପ୍ରକାର, ଦେବତା ବିଚାର କର,
ତା ଶୁଣି,, ମନେ ମନେ ଲଙ୍କନାଥ ଗୁଣି, ଭାଷେ ଶୁଣ, ଶୂଳି, ରଘୁମଣି, ତା ଶୁଣି । ।୨୪।
କରେ ବେଦ ଥଯ୍ୟ, ହରଙ୍କ ହୃଦସ୍ଥ, ହରି, ହରି ହୃଦ ହର,
ହରି, ହର ପରା, ନୁହନ୍ତି ଅପରା, ଛୋଟ ବଡ଼ ପରି ହର
ମୋ ଜ୍ଞାନ,, ମତରେହରିହର ସମାନ, କହି ନ ପାରେ କେ ବଡ଼ ସାନ, ମୋ ଜ୍ଞାନ । ।୨୫।
ଦ୍ୱନ୍ଦ ସମାସର, ରାମ, ଓ ଈଶ୍ୱର, ରାମେ ଶ୍ୱର, ସମ୍ବୋଧନ
ବ୍ୟାକରଣ ଭାଷେ, ସମାସ ବିଶେଷେ, ରାମଙ୍କ, ଈଶ୍ୱର, ଭୀମ,
ହେ ଆର୍ଯ୍ୟ,, ରାମେଶ୍ୱର ନାମ ହେଲା ଧାର୍ଯ୍ୟ, ସେତୁ ଶକ୍ତିବାନେ ହେଉ କାର୍ଯ୍ୟ, ହେ ଆର୍ଯ୍ୟ । ।୨୬।
ସର୍ବେ ଯେଉଁ ନିରା,କାର ବ୍ରହ୍ମେ ତ୍ୱରା, ହୋଇ କଳ୍ପନା କରନ୍ତି,
ଏହି ସେହି ଲିଙ୍ଗ, ପରଂବ୍ରହ୍ମ ଅଙ୍ଗ, ପ୍ରକାଶ, ପରମ, ଜ୍ୟୋତି,
ତା ଶ୍ରୁତି,, ଜ୍ୟୋତି ଲିଙ୍ଗ ଘୋଷେ ନେତି ନେତି, ଅରୂପ୍ରୁ, ରୂପେ, ଦର୍ଶନ ଦ୍ୟନ୍ତି, ତା ଶ୍ରୁତି । ।୨୭।
ଆଗୁ କହେ ବେଦ, ଏକାଦଶ ରଦ୍ର, ପୃଥିବୀ ବିଖ୍ୟାତ ଥିଲା,
ଏପରି ପ୍ରକାଶ, ହେଉଁ ଦ୍ୱନ୍ଦ,ଦଶ, ଜ୍ୟୋତି ଲିଙ୍ଗ ଭବେ ହେଲା,
ଏ ଲିଙ୍ଗ,, ଶୁଦ୍ଧ ଚିହ୍ନ ଶଙ୍କରଙ୍କ ଅଙ୍ଗ, କପାଳୀ ଆଦିକେ କରେ ବ୍ୟଙ୍ଗ, ଏ ଲିଙ୍ଗ । ।୨୮।
ପୃଥିବୀରେ ଯେତେ, ଲିଙ୍ଗ ବିଧିମତେ, ସ୍ଥିତ ତାଙ୍କ ନାମ ଗାନ
କରିବା ସମ୍ଭବ, କାହିଁ ଅସମ୍ଭବ, ଏ ଜ୍ୟୋତିଲିଙ୍ଗ ପ୍ରଧାନ,
ତା ମଧ୍ୟେ,, ଭାରତମାତା ପୃଷ୍ଠେ ସଂଗ୍ରନ୍ଥେ, ପ୍ରମାଣ ଶିବ ପୁରାଣ ବନ୍ଧେ, ତା ମଧ୍ୟେ । ।୨୯।

ଭାରତ ପୃଷ୍ଠରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ସ୍ଥାନ ଓ ନାମ

ସୌରାଷ୍ଟ୍ରରେ ସ୍ଥିତ, ନାମ **ସୋମନାଥ, ମଲ୍ଲୀକାର୍ଜ୍ଜୁନ** ଶ୍ରୀଶୈଳେ,
ଉଜ୍ଜୟିନୀ ପର, ବିଜେ **ମହାକାଳ, ପରମେଶ୍ୱର,** ଓଁ କାରେ
ସେ ହିମ,,-ବନ୍ତରେ ଯେଟି **କେଦାର** ନାମ, ଡାକିନୀରେ, ସ୍ଥିତ ନାମ **ଭୀମ,** ସେ ହିମ । ।୩୦।
ବାରଣାସି ସ୍ଥିତ, ପ୍ରଭୁ **ବିଶ୍ୱନାଥ**, ଗୋମତୀ ନଦୀ ତଟରେ,
ବିଜେ କରିଛନ୍ତି, ଭକ୍ତଗଣ ମୁକ୍ତି, ଅର୍ଥେ **ତ୍ର୍ୟମ୍ବକେଶ୍ୱରେ**
ସେଚିତା,, ଭୂମିରେ **ବୈଦ୍ୟନାଥ** ବନ୍ଦିତା, ଦ୍ୱାରକା ବନେ **ନାଗେଶ** କର୍ତ୍ତା, ସେଚିତା । ।୩୧।

୨୩: ତ୍ରିଅମ୍ବକ-ଶିବ,ଯାଜକ-ପୁରୋଧା,ଶମ୍ଭୁ-ଶିବ,ସମ୍ଭୁତ, ଉତ୍ପତି । ୨୭:ନିରାକାର-ଯାହାଙ୍କର ଆକାର ନାହିଁ । ୨୮: ଦ୍ୱନ୍ଦଦଶ-ଦୁଇ+ଦଶ ବାର, ଲିଙ୍ଗ- ମହାଦେବ, ମହେଶ୍ୱର, ଶଙ୍କର, ବୃଷଭଧ୍ୱଜ, କୃତ୍ତିବାସ, କାମନାଶନ, ଦେବ ଦେବ,ନୀଳକଣ୍ଠ ,ଈଶ୍ୱର, ପାର୍ବତୀ ପ୍ରିୟ, ରଦ୍ର, ଶିବ,

Digitized by PPRACHIN, SOA

ଭାରତ ମଧ୍ୟେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ

ସୋମନାଥ, ମଲ୍ଲିକାର୍ଜୁନ, ମହାକାଳ, ମଲ୍ଲିକେଶ୍ୱର, ବୈଦ୍ୟନାଥ, ଭୀମାଙ୍କର, ନାଗେଶ୍ୱର, ବିଶ୍ୱନାଥ, ତ୍ରୟଂମ୍ବକ, କେଦାରନାଥ, ଘୁସ୍ମେଶ୍ୱର ଓ ରାମେଶ୍ୱର

Digitized by PPRACHIN, SOA

ଦୌଲତାବାଦରେ, ଉଭା **ଘୁଶ୍ମେଶ୍ୱରେ**, ସେତୁ ବନ୍ଧେ **ରାମେଶ୍ୱର,**
ନାମ ହେଲା ଖ୍ୟାତି, **ଏ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ**, କାଳେ କାଳେ ସ୍ଥିର,
ସେ ଈଶ,, ଈ' ପରମ ଶକ୍ତି ବିଶେଷ ଶ ପରମ,ଶିବ ପ୍ରକାଶ, ସେ ଈଶ । ।୩୨।
ସମୁଦ୍ରରେ ଶୈଳ, ସେତୁ ଭେଲା ତୁଲ୍ୟ, ଯାହା ତାହା ଶୁଣା ନାହିଁ,
ଥିବ ଚିର ଦିନେ, ଏ ଜାଜୁଲ୍ୟମାନେ, ଅକ୍ଷୟ କୀରତି ହୋଇ,
ହେ ରାମ,, ତୁମ୍ଭ ମହିମା ମହାମହିମ, ଶେଷ ହେଲା ଏ ପ୍ରତିଷ୍ଠା କର୍ମ, ହେ ରାମ । ।୩୩।
ପ୍ରାଶନ ନିମିତ୍ତ, ଦେଇ ହସ୍ତେ ଘୃତ, ପ୍ରକାଶ କଲେ ପୁରୋଧା
ସମାଚାରେ ନିଷ୍ଠା, ବାନେ ଏ ପ୍ରତିଷ୍ଠା, ହେଲା ରାମ ଗଲା ବାଧା
ମୁଁ ପୁରେ,, ଯିବି ବିଦାୟ ଦେଲେ ସ୍ୱଚ୍ଛରେ, ରାମ ପ୍ରକାଶନ୍ତି ବିନୟରେ, ମୁଁ ପୁରେ । ।୩୪।
କିଛି ପକ୍ୱ ଫଳ ,କରନ୍ତୁ କବଳ, ବସି ବନବାସୀ ପାଶେ,
ବ୍ୟସ୍ତନୁହଁ ବୃଥା, ମଣୋହି ବ୍ୟବସ୍ଥା, ହୋଇଥିବ ମୋର ବାସେ
ସେ ରାମ,, ପ୍ରକାଶନ୍ତି ଏହା ନୁହେ ଧର୍ମ, ଯେଣୁ କରିଲେ ପୁରୋଧାକର୍ମ, ସେ ରାମ । ।୩୫।
ଭାଷନ୍ତି ସୌମିତ୍ରୀ, ହେବ କାହିଁ ଶାନ୍ତି, ଫେରିଲେ ଏଥି ନବସି
କହନ୍ତି ଲଙ୍କେଶ, କର ରଘୁ ଶିଷ୍ୟ, ଯାହା ବେନି ଜନ ଖୁସି,
ତା ଶୁଣି,, କୋମଳେ ଭାଷନ୍ତି ରଘୁମଣି, କୃତାର୍ଥ କଲ ଭାଷି ଏ ବାଣୀ, ତା ଶୁଣି । ।୩୬।
ଦିଅନ୍ତେ ଭୋଜନ, ସାରି ଦଶାନନ, ଯିବାକୁ ହେଉ ଉଛନ,
କଲେ ରାମ ଜଣା, ଭୋଜନ ଦକ୍ଷିଣା, ବିନା କାହିଁ ହେବ ପୁଣ୍ୟ
ତା ଶୁଣି,, ବିପ୍ରଭାଷ୍ୟ କି ଅଭାବ ପୁଣି, ଏଣୁ କିଛି ଦକ୍ଷିଣା ଲୋଡ଼େନି, ତା ଶୁଣି । ।୩୭।
ବେନିଜନେ ଜଣା, ଅଛି ଯା ଭରଣା, ହେବ ଦକ୍ଷିଣା ଗ୍ରହଣେ,
ଯେବେ ଦେବା ଇଚ୍ଛ, ଦଶରଥ ବତ୍ସ, ଦୂରେ ଯାନ୍ତୁ ସେନା ଗଣେ,
ହେ ସତ୍ୟ,, ସତ୍ୟକର ଜାନକୀ ସହିତ, ଯାହା ମାଗିବି କରିବ ଦତ୍ତ, ହେ ସତ୍ୟ । ।୩୮।
ଅଞ୍ଜନା କୁମର, ଶୁଣି ବିପ୍ରଗୀର, ଚିନ୍ତେ ଅବିଶ୍ୱାସୀ ଠାରେ,
ବିଶ୍ୱାସେ ମିତ୍ରତା, କଲେ ମାଗି ସୀତା, ଘେନିଯିବ ଲଙ୍କା ପୁରେ,
ତା ଦମ୍ଭ,, ଜଣା ଅନର୍ଥ କଲେ ଆରମ୍ଭ, ମାତା ଉଦ୍ଧାର ହୋଇବ ଶୁଭ, ତା ଦମ୍ଭ । ।୩୯।
ଶଙ୍ଖ ଧରି କରେ, ଜାନକୀ ସଙ୍ଗରେ, ସତ୍ୟ ବାକ୍ୟେ ରଘୁପତି,
ଭାଷନ୍ତି ଅନୁଜ, ଛାଡ଼ି ବିପ୍ରରାଜ, ଯେ ଦ୍ରବ୍ୟ ମାଗି ପାରନ୍ତି,
ତା ଦେଇ,, କର୍ମ ଫଳ ସୁଖେ ଭୋଗିବଇଁ, ଶୁଣି ପ୍ରକାଶିଲେ ବିପ୍ରସାଇଁ, ତା ଦେଇ । ।୪୦।
ଯେ ଯଜ୍ଞେ ଆହ୍ୱାନ, କଲ ରଘୁନାନ, ଦଶ ବିପ୍ର ଲୋଡ଼ା ଥିଲା,
ଦଶ ଆସ୍ୟ ବିଂଶ,ନେତ୍ର ବିଂଶକର, ବିନ୍ୟସ୍ତେ ପୂର୍ଣ୍ଣ କରିଲା
ସେ ପାଇଁ,, ଦଶ ବିପ୍ରତୋଷ ରଘୁ ସାଇଁ,, ଦଶମ ଦଶା ଦକ୍ଷିଣା ଦେଇ, ସେ ପାଇ । ।୪୨।

୩୪: ପ୍ରାଶନ - ଖାଇବା, ୪୧:ଅନୁଜ-ବିଭୀଷଣ । ୪୨:ଦଶମ ଦଶା-ମୃତ୍ୟୁ

Digitized by PPRACHIN, SOA

କୌଶଲ୍ୟା ସନ୍ତତି, ଜ୍ଞାନ ନେତ୍ରେ ଚିହ୍ନି, ଚିତ୍ତ ହୁଅନ୍ତେ ଆକୁଳ,
ଭାଷେ ଲଙ୍କପାଳ, ବୃଥା ଏ ବ୍ୟାକୁଳ, ସତ୍ୟ, ସନ୍ଧ, ପରା କୁଳ,
ହେ ସତ୍ୟେ,, ପୂର୍ଣ୍ଣ କର ତା ଲୋଡ଼ା ସ୍ୱୀକୃତେ, ରାମ ତଥାସ୍ତୁ କହିଲେ ବ୍ୟସ୍ତେ, ହେ ସତ୍ୟେ । ।୪୩।
ଭାଷନ୍ତି ସୁଗ୍ରୀବ, ମୋ ମନର ଭାବ, କରିବେ ସୀତା ଜିଜ୍ଞାସା
କରିଥିଲେ କାମ୍ୟ, ଅର୍ପି ଥାନ୍ତା ରାମ, ପୂରଣେ ବ୍ରାହ୍ମଣ ଆଶା
ସେ କଥା,, ଶୁଣି ପ୍ରକାଶନ୍ତି ଦଶ ମଥା, ବେନି ମିତ୍ର କଥା ବାର୍ତ୍ତା ବୃଥା, ସେ କଥା । ।୪୪।
ଅନଳରେ ଶିର, ପୋଡ଼ି ବାରମ୍ବାର, ଅର୍ଜି ଅଛି ଯେ ହୁ କୀର୍ତ୍ତି
ମରଣରେ ଭସ୍ମ, ନାହିଁ ତାର ଥସ୍ମ, ମନେ ମାର୍ଗେ ତା ବିଭୂତି
ଯା କୀର୍ତ୍ତି,, ସଦା ଘୋଷୁଥିବ ଏ ଧରିତ୍ରୀ, ଅକୁଣ୍ଠିତେ ଦେବ ରଘୁପତି,ଯା କୀର୍ତ୍ତି । ।୪୫।
ଯେ କନ୍ୟାକୁ ବସି, ଜନକ ରାଜର୍ଷି ବିପ୍ର, ସମ୍ମୁଖରେ ଥରେ
ଦାନ କରିଛନ୍ତି, ରାମେ, ଲଙ୍କପତି, ମାଗିବ କେଉଁ ପ୍ରକାରେ,
ମୋ କଥା,, ପ୍ରକାଶେ ଶୁଣନ୍ତୁ ଯିବ ବ୍ୟଥା, ରକ୍ଷା କରିଲି ଦେବର୍ଷି କଥା,ମୋ କଥା । ।୪୬।
ଲକ୍ଷ୍ମୀ ନାରାୟଣ, ବିନା ମୋ ଭୁବନ, ନୋହୁ ବୈକୁଣ୍ଠ ସମାନ
ଲକ୍ଷ୍ମୀ ରୂପୀ ସୀତା, ଆଣି ପୁଜ୍ରମାତା, ସମ ମିଳିଲା ଦର୍ଶନ
ମୁଁ ଆଣି,, ଅଛି ବୈଦେହୀଙ୍କୁ ଜାଣି ଜାଣି, ତେଣୁ ଦେଖା ହେଲା ରଘୁମଣି, ମୁଁ ଆଣି । ।୪୭।
ମୋ ମନ ବାସନା, ଆପଣଙ୍କୁ ଜଣା, ଜାଣନ୍ତି ମୁଁ କିଏ ଦ୍ୱାରୀ
କେତେ ଦଣ୍ଡ ଭଣ୍ଡେ, ଦେଲି ଆଣି ଚାଣ୍ଡେ, ଶାପ ଖଣ୍ଡନେ ବିଚାରି
ହେ କ୍ଷମା,, ଦିଅ ଦିଅ ଦିଅ ରାମ ବାମା,, ମାଗେ ଦସ୍ୟାନିଧି ହୀନ କର୍ମା, ହେ କ୍ଷମା । ।୪୮।

ପୁରୋଧା ଅବମାନନାର ଫଳ
ରାମଚନ୍ଦ୍ର ଲଙ୍କା ଆଗମନ

(ରାଗ=ଧନାଶ୍ରୀ)

ଛାନ୍ଦ-୩୨

ବିବୁଧେ ଶ୍ରବଣ କର ଶୁଦ୍ଧମନ ହୃଦୟରେ ରାମ କଥା ହେ
ଦକ୍ଷିଣା ଶେଷରେ ଫେରିବାକୁ ପୁରେ ବାହାରନ୍ତେ ଦଶମଥା ହେ
ଭାଷନ୍ତି ରଘୁ ନାୟକ = ଯାହା ଆଣିଥିଲ ରଥେ ରଖ ହେ । ।୧।
ପ୍ରଭୁ ଆଜ୍ଞା ପରେ ତ୍ରିଜଟା ସଙ୍ଗରେ ମହୀ ମଣ୍ଡନ କରିଣ ହେ
ଧୀରେ ଧୀରେ ଗତି କରି ସୀତା ସତୀ ଯାନ କଲେ ଆରୋହଣ ଯେ
ନଳ ଯା ଉପକରଣ= ବଳି ଥିଲା ଏକତ୍ର କରିଣ ଯେ । ।୨।

Digitized by PPRACHIN, SOA

ରଖି ଯାନ ପରେ ଫେରୁ ନଳ କରେ ଶ୍ରୁଚ ଘେନି ଯାଏ ଖରେ ହେ
ପ୍ରଣିତା ପ୍ରୋକ୍ଷଣି ଜାମ୍ବବନ୍ତ ଘେନି ହନୁ ଶ୍ରୁବ ଟୋଳୁ ଧିରେ ହେ
ଉଠାଇଣ ନ ପାରିଲା=ମୁଖମାଡ଼ି ମହୀରେ ପଡ଼ିଲା ଯେ ।୩।
ହନୁମାନ ଚିତ୍ତ ଜାଣି ସୀତାକାନ୍ତ ପ୍ରଶ୍ନକଲେ ତୁମ୍ଭେ ପରା ହେ
ଆଣିଥିଲ ଶ୍ରୁବ ନେବା ଅସମ୍ଭବ କିମ୍ପାଇ ହୁଏ ପଚରା ହେ
କହ ପବନ ତନୁଜ= କରିଛକି ଅପରାଧ କାର୍ଯ୍ୟ ହେ ।୪।
ଭାଷେ ହନୁମାନ ଲଙ୍କେଶ ବରଣ କାଳୁ ଭକ୍ତିରେ ମୋ ହୃଦ ହେ
ଲଇଁ ପଡୁ ଥିଲା ଦକ୍ଷିଣା ମାଗିଲା କାଳେ ଚିନ୍ତା କଲି ମନ୍ଦ ହେ
ଭାବେ ଏ ତାହା ଦୁର୍ଦ୍ଦଶା=ଅପରାଧୁ ଭୋଗୁଛି ଏ ଦଶା ହେ ।୫।
ଶୁଣି ରାମ ବ୍ୟକ୍ତ କଲେ ପୁରୋହିତ ଲଙ୍କେଶକୁ କ୍ଷମା ମାଗ ହେ
କରି ପ୍ରତିକାର ପୁରୋଧା ପ୍ରବର କ୍ଷମା ଦେବେ ନୋହି ରାଗ ହେ
ପ୍ରଭୁଙ୍କ ଆଦେଶ ମାନି=ପୁରୋଧା ପଦେ ନମି ପାବନି ହେ ।୬।
କରିଲେ ବ୍ୟକତ ଆହେ ଲଙ୍କ ନାଥ ଚିନ୍ତା କଲି ମୁଁ ହୃଦରେ ହେ
ମାତାଙ୍କୁ ଛଡ଼ାଇ ରଖି ମାଡ଼ ଦେଇ ତଡ଼ାଇବି ଲଙ୍କା ପୁରେ ଯେ
ତାର ଦଣ୍ଡରେ ଲଜ୍ଜିତ=ବିଶେଷ ଭାବେ ମୁଁ ଅନୁତପ୍ତ ହେ ।୭।
ମହତ ପଣରେ କ୍ଷମା କର ଥରେ ଶୁଣି କହନ୍ତି ଗୋସାଇଁ ଯେ
ରାମଚନ୍ଦ୍ର ଙ୍କର ଶ୍ରେଷ୍ଠ ଭକ୍ତ ବୀର ଏ ପାପ କଥା କିମ୍ପାଇଁ ହେ
ଧର୍ମ କାଳେ କଲେ ଚିନ୍ତା=ସେ ଅଧର୍ମୁ ହୋଇଲେ ହିନସ୍ତା ହେ ।୮।
ଯାଅ ଏବେ ଆଣ ଶ୍ରୁବ ହନୁମାନ ଅଦେଶୁ ହନୁ ଆନନ୍ଦ ଯେ
ରାମ ନାମ ଗୁଣି ପୁରୋହିତେ ନମି ଧିରେ ଶ୍ରୁବ ଧରି କରେ ହେ
ଯାନ ଉପରେ ରଖିଲେ=ମାନ୍ୟ ଧର୍ମ ବିପ୍ରେ ରାମ କଲେ ହେ ।୯।
କରନ୍ତି ପ୍ରକାଶ ଶେଷେ ଲଙ୍କାଇଶ ବଇକୁଣ୍ଠ ସିଂହ ଦ୍ୱାର ହେ
ତ୍ୟାଗ କରି ହରି ବହୁକଷ୍ଟେ ବରି ଦଣ୍ଡିଲି ଯା କ୍ଷମା କର ହେ
ଏହି ସଂସାରରେ ଆଉ=ରହିବା ନ ଇଚ୍ଛେ ବିଂଶ ବାହୁ ହେ ।୧୦।
ଆହେ ଦୟାନିଧି ବହ୍ନଅସ୍ତ୍ର ସନ୍ଧି ସୁଗମ କରିବ ପଥହେ
ଯିବାକୁ ଗତି କହି ଲଙ୍କପତି ଯାଏ ନ କରିବ ବ୍ୟର୍ଥ ହେ,
ରାମ ଅଚିରେତା ପ୍ରାପ୍ତ=ହେବ କହୁ ପୂର୍ଣ୍ଣ ବାରି ନେତ୍ର ହେ ।୧୧।
ସୀତା ଆରୋହଣ ସ୍ୟନ୍ଦନ ବନ୍ଦିଣ ସାରଥି ଧୀରେ ଚାଳଇ ହେ
ବିଲୋକି ଚକିତେ ବିଚାରନ୍ତି ଚିତ୍ତେ ଧୈର୍ଯ୍ୟ ହାରି ରୋମା ସାଇଁ ଯେ
ଦଶାନନ ସୀତା ଚୋର=କହିବା ନୁହେ ଉଚିତ ଗିର ଯେ ।୧୨।
ଏଣେ ରଘୁରାଣ ପେଶି ହନୁମାନ ବିଭୀଷଣଙ୍କୁ ଡ଼କାଇ ହେ,
ଦେବତା ଦର୍ଶନ ପ୍ରସାଦ ସେବନ କରାଇଲେ ଭାବଗ୍ରାହୀ ହେ,
ଏକା ପଂକ୍ତି ପରେ ବସି=ବିଶ୍ରମିଣ ପୁହାଇଲେ ନିଶି ହେ ।୧୩।

Digitized by PPRACHIN, SOA

ଜ୍ୟୋତିଷ ଶାସ୍ତ୍ରମତେ ଶୁଭକାଳ ନିରୂପଣ

ହୁଅନ୍ତେ ପ୍ରଭାତ ବିପ୍ରମୁଖେ ସତ୍ୟ ସନ୍ଧ ବଂଶମଣି ନାମ ହେ
ହେଲା ଉଚ୍ଚାରଣ ଡ଼କାଇ ସୁଷେଣ ପ୍ରକାଶ କରନ୍ତି ରାମ ହେ
ଅନୁକୂଳର ସମୟ=ନିରୂପଣ କର ହୋଇ ଥୟ ହେ ।।୧୪।
ଶୁଣି ଜାମ୍ବବାନ ସ୍ଥାପି ଅଙ୍କମାନ ଦକ୍ଷିଣ ଆଗମ ବେଳା ହେ
ଦିବା ବିଷ୍ଟି ଯୋଗ ନକ୍ଷତ୍ରର ଭୋଗ ତିଥି ବାର ତାର ମେଳା ହେ
ଶୁଭ ମୁହୂର୍ତ୍ତରେ ଲଗ୍ନ=ସାଧ୍ୟା ସାଧ ଶେଷ ଅଂଶେ ମଗ୍ନ ହେ ।।୧୫।
କୃତାଞ୍ଜଳି ପୁଟେ ଜଣାନ୍ତି ନିକଟେ କର ପ୍ରଭୁ ଅବଧାନ ହେ
ଶୌରି ନାମ ବାରେ ଦକ୍ଷିଣ ଯାତ୍ରାରେ କୌଳବ ରୋହିଣୀ ଜାଣ ହେ
ତାର' ବେନି ସୁର ଗୁରୁ=ଷଷ୍ଠେ ପ୍ରଭାକର ପ୍ରଭା ଚାରୁ ହେ ।।୧୬।
ଏକା ପଦେ ବସେ ମଙ୍ଗଳ ବିଶେଷେ ରାହୁ ବୁଧ ଯୋଗ ହୋଇ ହେ
ଦଶମେ ତପନ ସୁତ ଶୋଭାବନ ନିଜ ପ୍ରଭାବେ ଚଳଇ ହେ
ଅସୁରଙ୍କ ପୁରୋହିତ=ଅଷ୍ଟ ପାପେ ତହିଁ ଅବସ୍ଥିତ ହେ ।।୧୭।
ସଂକ୍ରମଣ ଗତ ପଞ୍ଚଦଶ ରାତ୍ର ଶୁଭ ଲେଖୁ ଅଛି ଦେବ ହେ
ସସ୍ତହର କକ୍ଷେ ଚକ୍ରଚଳେ ଶଙ୍ଖେ ଲକ୍ଷ୍ମୀ ପ୍ରାପତ ହୋଇବ ହେ
ଐଶ୍ୱର୍ଯ୍ୟ ଏ ରାଜ ଶିରୀ=ଲାଭ ଦଶ ମେ ସ୍ଥିତ ଶଉରି ହେ ।।୧୮।
ଆଗେ ଦିଶେ ରାୟେ ଅଦ୍‌ଭୁତ କଥାଏ ଶୁଣନ୍ତୁ ଲଭି ବେ ଶାନ୍ତି ହେ
ରତ୍ନନିଧି ଯୋଗ ସୁବର୍ଣ୍ଣ ସୁଯୋଗ ଷଷ୍ଠ ଗ୍ରହ ବାଞ୍ଛୁ ଛନ୍ତି ହେ
ବୁଧ, ଶୁକ୍ର ଯେ ଶଉରି=ରାହୁ, ରବି, ଶଶୀ ଆଦି କରି ହେ ।।୧୯।
ତାର ତୁଳ ମଧ୍ୟେ ଏକାସନେ ଶ୍ରଦ୍ଧେ ବସିବେ ପୂର୍ବ ଭବିଷ୍ୟ ହେ
ନ ହୋଇବ ଆନ ଦୁର୍ଭିକ୍ଷ ମରଣ ରାଷ୍ଟ୍ରଭଙ୍ଗ ନୃପ ନାଶ ହେ
ଦେବ ନୃପ ନୁହେ ଯତୀ=ଦଶାନନେ ହେବ ତା ପ୍ରାପତି ।।୨୦।
ରାଘବ, ରାବଣ ନାମ ରାଶି ଜାଣ ଗଣକ ଶାସ୍ତ୍ରରେ ଏକା ହେ
ହେଉ ଅନୁକୂଳ ହେବ ଲଙ୍କପାଳ ନାଶ, ନାଶଯିବ ଲଙ୍କା ହେ
ସପ୍ତ ପଞ୍ଚାଶତ ଦିନେ=ଘଟାଇବେ ନିଷ୍ଠେ ଗ୍ରହଗଣେ ହେ ।।୨୧।

ପ୍ରକୃତି ମତେ ଯୁଦ୍ଧ ଅନୁକୂଳ

ଶୁଣି ରଘୁବାଳ ଯୁଦ୍ଧ ଅନୁକୂଳ ଶିବ ମନାସି କରନ୍ତି ହେ
ଘଞ୍ଚ ଚୂତବନ ପରଭୃତ ଗଣ ମଙ୍ଗଳାଷ୍ଟକ ପଢ଼ନ୍ତି ହେ
ସିତ ମରାଳ ଆକାଶେ=ଚକ୍ରଦେଇ ସେତୁ ପାଶେ ବସେ ହେ ।।୨୨।
ବିନୟେ ସୁଗ୍ରୀବ ପ୍ରକାଶନ୍ତି ଦେବ ତ୍ରେତୟାର ତାର୍କ୍ଷ୍ୟ କନ୍ଧେ ହେ
ହୁଅନ୍ତୁ ବିଜୟେ ସଉମିତ୍ରି ଥୟେ ନିଅନ୍ତୁ ଅଙ୍ଗଦ କନ୍ଧେ ହେ
ଆସୀନ ହେଉ ସତ୍ୱର=ଲକ୍ଷ ଖଗ, ବୃଷେ, ହରି, ହର ହେ ।।୨୩।

Digitized by PPRACHIN, SOA

ସୁଗ୍ରୀ, ବିଭୀଷଣ ଜାମ୍ବେବ,ଶୁଷେଣ ନଳ, ନୀଳ ଆଗ ଥାଟେ
ହନୁ, ବାଳିସୁତ ଘେନି ବେନି ଭ୍ରାତ ଗମନ୍ତି ମନ ଉଚ୍ଚାଟେ ଯେ
ଗନ୍ଧ ମାର୍ଦ୍ଦନ ସଉରି=ପଛେ ଗମନ୍ତି ଥାଟ ଆବୋରି ହେ । ।୨୪।
କୁବଳୟ ପାରେ ସୁବେଳେ ସୁବଳେ ସୁବଳ ପର୍ବତେ ରୁଣ୍ଡହେ
ସ୍ୱର୍ଗର ନନ୍ଦନ ବନ ଶୋଭାବନ ତୁଳନାରେ ହେବ ପଣ୍ଡ ହେ
ହନୁକଥା ମୁତାବକ=ସ୍କନ୍ଧୁ ଓହ୍ଲାନ୍ତି ରଘୁ ନାୟକ ହେ । ।୨୫।
ସୈନ୍ୟେ ଗଡ଼ କରି ତହିଁ ଚାପଧାରୀ ଶିବେ, ଶିବା,ଶିବ ଚିନ୍ତି ହେ
ସଜଳସବତୀ ଅଖଣ୍ଡେ ଜାଳନ୍ତି ଲଙ୍କନାଥେ ଅବଗତି ଯେ
ଦ୍ୱୌବାରିକ ଯାଇ କରେ= ରାମ ସେନା ନେଇ ସୁବଳରେ ଯେ । ।୨୬।
ବେଦ ସମହିତ ଅଟେ ଏ ଚରିତ ବାଲ୍ମୀକି ମୁନି ରଚିତ ହେ
ବହୁସୂରୀ କହି ଯାଇଛନ୍ତି ଏହି ଦୀନ ଯା କରଇ ବ୍ୟକ୍ତ ହେ
ସେଥି ରାମ ନାମ ସାର= ଘୋଷ ଯମ ଦଣ୍ଡୁ ହେବ ପାର ହେ । ।୨୭।
ଧର୍ମ ଅର୍ଥ କାମ ମୋକ୍ଷ ଅର୍ଥେ ରାମ ନାମ ଅମୂଲ୍ୟ ସମ୍ପଦ
ସେ ସମ୍ପଦ ଅର୍ଜି ବା ଅର୍ଥରେ ପାଜି ଦୟାନିଧି ଏହି ଛାନ୍ଦ ହେ
ରଚେ ସୀତା ରାମ ଚିନ୍ତି=ଶୁଣି ପବିତ୍ର କରାଅ ଶ୍ରୁତି ହେ । ।୨୮।

ମାସ ପାରାୟଣ ୧୭ ବିଶ୍ରାମ

କଳି ଯୁଗ ସମ, ଯୁଗ ନାହିଁ ଆଉ, କରନ୍ତୁ ସର୍ବେ ବିଶ୍ୱାସ
କଳିରାମ ଗୁଣ ଭଜି ଭଜି ମୁଖେ ଆନନ୍ଦ ମନରେ ଘୋଷ ।
ଦିଅଁ ଦରଶନ କାଠ କି ପାଷାଣ ଗଙ୍ଗା ଦରଶନ ପାଣି
ସନ୍ଥ ଦରଶନ ଜଗତ ପାବନ ମୁଖରୁ ମୁଖ ବଖାଣି।

Digitized by PPRACHIN, SOA

ସାତ ରାଣ୍ଡରୁ ସାତ କାଣ୍ଡ ରାମାୟଣ

୧-ତାଡ଼କା, ୨-ମନ୍ଥରା, ୩-ସୂର୍ପଣଖା, ୪-ଶବରୀ, ୫-ସୁରସା, ୬-ଏକସ୍ତନୀ, ୭-ଅନୁକମ୍ପା

ଆଦ୍ୟେ ତାଡ଼କା ରାଣ୍ଡ ଆଦ୍ୟ କାଣ୍ଡେ ଅନିଷ୍ଟ ଭିଆଉ ଶ୍ରୀପତି ଚାଣ୍ଡେ ।
ଜନ୍ମି ରାମରୂପେ କଲେ ଯା ଲୀଳା ଆଦ୍ୟ କାଣ୍ଡ ତାହା ଯୋଗୁ ହୋଇଲା
ଅଯୋଧ୍ୟା କାଣ୍ଡେ ମନ୍ଥିଲା,
ସେ ମନ୍ଥରା ରାଣ୍ଡ, ଧରିଣ କୋଦଣ୍ଡ, ରାମ ବନେ ଯିବା ହେଲା । ।।୧।।

ଆରଣ୍ୟକ କାଣ୍ଡରେ ସୂର୍ପଣଖୀ ବରଣ କରନ୍ତି ରାମକୁ ଦେଖି
ଜାଣନ୍ତି ଲକ୍ଷ୍ମଣ ଦେଲେ ଯା ଦଣ୍ଡ ସେ ରାଣ୍ଡ ଲାଗି ହୋଇଲା ସେ କାଣ୍ଡ ।
କିଷ୍କିନ୍ଧ୍ୟା କାଣ୍ଡେ ଶବରୀ
ରାଣ୍ଡ ଦେଇ ଫୁଲ-ଫଳ ଯେ ସକଳ ହର୍ଷେ ଗଲା ସ୍ୱର୍ଗ ପୁରୀ । ।।୨।।

ସୁନ୍ଦରାକାଣ୍ଡରେ ସିଂହିକା ରାଣ୍ଡ ସିନ୍ଧୁରେ ଥିଲା ହନୁ ଦେଲା ଦଣ୍ଡ
ସେ କାଣ୍ଡ ବର୍ଣ୍ଣିଲା ବର ବର୍ଣ୍ଣିନୀ ଲଙ୍କା କାଣ୍ଡେ ରାଣ୍ଡ ସେ ଏକସ୍ତନୀ
ଲକ୍ଷ୍ମଣ ଶକ୍ତି ଭେଦରେ
ଉପକାର କରୁ, ଶାସ୍ତ୍ରକାରେ ଗରୁ ନାମରଖିଲେ ଖେଦରେ । ।।୩।।

ଉତ୍ତରା ରାଣ୍ଡ ଶୁଣନ୍ତୁ ପ୍ରମୁଖ ଶୁଣି ଅନୁକମ୍ପା ସୀତାଙ୍କ ଦଃଖ
ଖଣ୍ଡନେ ବାଲ୍ମୀକି ଆଶ୍ରମେ ଥିଲେ ସାତ କାଣ୍ଡେ ସାତ ରାଣ୍ଡଏ ଭଲେ ।
ଯାଙ୍କ ଲାଗି ରାମାୟଣ
ରୁଦ୍ଧିମନ୍ତେ ବୃଦ୍ଧି, ହୋଇଅଛି ସିଦ୍ଧି ସାତ କାଣ୍ଡଟି ପ୍ରବିଣ । ।।୪।।

କେତେ କଷ୍ଟ ହୁଏ, 'କବିତା', ବୁଝେନା ତା ଅରସିକ 'କବି, ତା' ।
ରାତି ହୁଏ କେତେକ ବିତା, ଯଶ ନଲୋଡଇ 'କବି' ତା ।
ଗୁପ୍ତ ରତ୍ନ ମୁକ୍ତ 'କବିତା', କବି କୁଳ ସଦା ଅବିତ୍ତା ।

***

Digitized by PPRACHIN, SOA

ମହିରାବଣ ବଦ୍ଧ, ପୃ.୧୪୧ଛା.୪୯ପ.୨୯-୩୫

ରାବଣ ପୁରେ ନୀଳମଣି ସ୍ତମ୍ଭରେ ଥିବା ରାବଣବଦ୍ଧ
ବ୍ରହ୍ମଅସ୍ତ୍ରକୁ ହନୁମାନ ଆନୟନ, ପୃ.୧୮୨ଛା.୫୬

ରାମ ରାବଣ ଯୁଦ୍ଧ,
ପୃ୧୭୪ଛା୫୬,ପ୨୨-୨୪

ରାବଣ ସ୍କନ୍ଧରୁ ବାରମ୍ବାର ମୁଣ୍ଡ ଉପୁର୍ଣ୍ଣ ହେବାରୁ ପ୍ରଭୁ
ରାମଚନ୍ଦ୍ରଙ୍କ ବ୍ରହ୍ମଅସ୍ତ୍ରରେ ରାବଣର ବକ୍ଷଭେଦ, ରଥରୁ ପତନ
ଓ ରାଣୀମାନଙ୍କ ଶୋକ, ପୃ.୧୯୧ଛା.୬୪ପ୨୪-୩୫

Digitized by PPRACHIN, SOA

ପ୍ରଭୁ ରାମଚନ୍ଦ୍ର, ମାତା ସୀତା, ଭାଇ ଲକ୍ଷଣ, ବିଭୀଷଣ ଓ ବାନରସେନାଙ୍କ ସହିତ ପୁଷ୍ପକଯାନରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ, ପୃ.୨୧୭ଛା.୭୦ପ.୪୧

ପ୍ରଭୁ ରାମଚନ୍ଦ୍ରଙ୍କର ଭାଇ ଭରତଙ୍କ ସହ ମେଳାପ (ହୃଦାଲିଙ୍ଗନ), ପୃ.୨୪୫ଛା.୭୫ପ.୩୪-୫୦



ପ୍ରଭୁ ରାମଚନ୍ଦ୍ର, ମାତା ସୀତାଙ୍କ ସହିତ ଅଯୋଧ୍ୟା ଆସନ ଗ୍ରହଣ ଭାଇ ଭରତ, ଲକ୍ଷଣ ଓ ଶତ୍ରୁଘ୍ନ ଦଣ୍ଡାୟମାନ, ଭକ୍ତପ୍ରବର ହନୁମାନଙ୍କର ପଦସେବା, କବିଙ୍କର ପୁଷ୍ପମାଲ୍ୟ ଅର୍ପଣ, ପୃ.୨୪୯-୨୫୧ଛା.୭୯-୮୦ପ.

ମାତାଙ୍କ ନିକଟରେ ଲବ, କୁଶଙ୍କ ଧନୁର୍ବିଦ୍ୟା ଶିକ୍ଷା

Digitized by PPRACHIN, SOA

ଲଙ୍କା କାଣ୍ଡ

ସୂଚୀପତ୍ର

ଛାନ୍ଦ	ବିଷୟ ର ନାମ	ରାଗ	ପୃଷ୍ଠା
	ଶ୍ଳୋକ		
୧	ଲଙ୍କାକାଣ୍ଡ ବନ୍ଦନା	ରାମକେରୀ	୧
୨	ରାବଣର ଛତ୍ର କାଟ	କାଳୀ	୨
୩	ରାବଣର ଆତ୍ମବଡ଼ିମା ଓ ପତ୍ର ପ୍ରେରଣ	ଦେଶାକ୍ଷ	୪
୪	ବିଭୀଷଣର ଭବିଷ୍ୟତବାଣୀ	ସଙ୍ଗମ ତିଆରି	୬
୫	ଅଙ୍ଗଦ ଚିଟାଉ	ଦେଶାକ୍ଷ	୯
୬	ଅଙ୍ଗଦର ଲଙ୍କା ଆଗମନ	ରାମକେରୀ	୧୦
୭	ମନ୍ଦୋଦରୀର ଚେତାବନୀ ରାବଣର ଆତ୍ମ ବଡ଼ିମା	ଋଷିକୂଲ୍ୟା	୧୮
୮	ରାବଣର ମନ୍ତ୍ରଣା ସଭା ଆହ୍ୱାନ	କାମୋଦୀ	୨୩
୯	ପ୍ରଭଞ୍ଜନା ଓ ଭସ୍ମଲୋଚନ ବିବରଣ	କେଦାରଗୌଡ଼ା	୨୫
୧୦	ରାବଣର ମାୟାମୁଣ୍ଡ ପ୍ରଦର୍ଶନ	ବରାଡ଼ି	୩୧
୧୧	ରାମଲକ୍ଷ୍ମଣ କଟାମୁଣ୍ଡ ଦର୍ଶନେ ସୀତାଙ୍କ ବିଳାପ	ଶଙ୍କରାଭରଣ	୩୨
୧୨	ପ୍ରଥମ ଦିନ ଗୋଳ ଯୁଦ୍ଧ	ଦେଶାକ୍ଷ	୩୪
୧୩	ଦ୍ୱିତୀୟ ଦିନ ଯୁଦ୍ଧ	କାମୋଦୀ	୩୬
୧୪	ନାଗଫାଶ ବନ୍ଧନ	ପଞ୍ଚମ ବରାଡ଼ି	୪୧
୧୫	ସୀତାଙ୍କର ନାଗଫାଶ ବନ୍ଧନ ଦର୍ଶନ	ଶୋକକାମୋଦୀ	୪୩
୧୬	ରକ୍ଷବାଳୀଙ୍କର ବନ୍ଦାପନା	କଳହଂସ କେଦାର	୪୬
୧୭	କୁମ୍ଭକର୍ଣ୍ଣ ନିଦ୍ରାଭଙ୍ଗ	ସିନ୍ଧୁଡ଼ା	୪୯
୧୮	କୁମ୍ଭକର୍ଣ୍ଣର ରଣକୁ ବିଜୟ	ଚୋଖି	୫୦

Digitized by PPRACHIN, SOA

ଛାନ୍ଦ	ବିଷୟ ର ନାମ	ରାଗ	ପୃଷ୍ଠା
୧୯	ସୁରଙ୍କର ରାମ ଦର୍ଶନ ସପ୍ତରଥୀ ଚକ୍ରବ୍ୟୂହ ରଚନ	ଦେଶାକ୍ଷ	୫୪
୨୦	ପୁରନ୍ଦର ଜିତର ବ୍ରହ୍ମାସ୍ତ୍ର ପ୍ରୟୋଗ	ବଙ୍ଗଳାଶ୍ରୀ	୫୬
୨୧	ବିଂଶଲୋଚନର ଶତ୍ରୁ ନିହତେ ଉତ୍ସବ ପାଳନ	ବସନ୍ତ	୫୯
୨୨	ଇନ୍ଦ୍ରଜିତକୁ ରଣ ବାରଣ	ବଙ୍ଗଳାଶ୍ରୀ	୬୪
୨୩	ମାୟା ସୀତା ବଧେ ରାମଙ୍କର ଶୋକ	ନଳିନୀ ଗୌଡ଼ା	୬୬
୨୪	ମାୟା ସୀତା ସିନ୍ଧୁରେ ନିକ୍ଷେପ ଇନ୍ଦ୍ରଜିତ ପୁନର୍ବାର ବଟ ଯଜ୍ଞ ପାଇଁ ଯାଚଞ୍ଜା	ଏକାଦଶପୋଇ	୬୯
୨୫	ଇନ୍ଦ୍ରଜିତ ବଧ ନିମନ୍ତେ ଲକ୍ଷ୍ମଣଙ୍କ ଶପଥ	ସିନ୍ଧୁଡ଼ା	୭୧
୨୬	ସିଂହଲକ୍ଷ୍ମଣ ସମ୍ବାଦ,ନିକୁମ୍ଭିଲା ବଟ ନାମକରଣ	ପଞ୍ଚମ ବରାଡ଼ି	୭୪
୨୭	ଦେବୀ ଆରାଧନା	ଚୋଖି	୮୦
୨୮	ବଟ ଯଜ୍ଞ ଭଗ୍ନ	ଚିନ୍ତା ଦେଶାକ୍ଷ	୮୧
୨୯	ଇନ୍ଦ୍ରଜିତ ଲକ୍ଷ୍ମଣ ଯୁଦ୍ଧ	ରଷିକୁଲ୍ୟା	୮୪
୩୦	ଇନ୍ଦ୍ରଜିତ ବଧ	ଆଷାଢ଼ ଶୁକ୍ଳ	୮୭
୩୧	ପ୍ରମିଳା ଶୋକ	କାମୋଦୀ	୯୧
୩୨	ବିଂଶକର ଶୋକ	ରଷିକୁଲ୍ୟା	୯୨
୩୩	ମନ୍ଦୋଦରୀ ଶୋକ	ଶୋକ କେଦାର	୯୪
୩୪	ସ୍ୱାମୀ ଶବ ସଂସ୍କାର ନିମନ୍ତେ ଲଙ୍କେଶ ନିକଟକୁ ପ୍ରମିଳା ଆଗମନ	ରାମକେରୀ	୯୫
୩୫	ପ୍ରମିଳାର ମୁଣ୍ଡ ଭିକ୍ଷା	ଶଙ୍କରାଭରଣ	୯୮
୩୬	ଇନ୍ଦ୍ରଜିତ ପିଣ୍ଡ ଆନୟନ	ବସନ୍ତ ଆହାରୀ	୧୦୪
୩୭	କଟା ମୁଣ୍ଡର ଅଟ୍ଟହାସ୍ୟ	ଚଳ ଘଣ୍ଟ କେଦାର	୧୦୬
୩୮	ପ୍ରମିଳାର ଦ୍ୱନ୍ଦ୍ୱ ବୃତ୍ତାନ୍ତ-ଲକ୍ଷ୍ମଣଙ୍କର ଅନୁତାପ	ଖଣ୍ଡ ଭାଟିଆରୀ	୧୦୮
୩୯	ସ୍ୱାମୀ ସହ ପ୍ରମିଳାର ସ୍ୱାର୍ଗାରୋହଣ	ଖଣ୍ଡ ଦେଶାକ୍ଷ	୧୦୯

Digitized by PPRACHIN, SOA

ଛାନ୍ଦ	ବିଷୟ ଓ ନାମ	ରାଗ	ପୃଷ୍ଠା
୪୦	ଲକ୍ଷ୍ମଣ ଶକ୍ତିଭେଦ	କଳସା	୧୧୪
୪୧	ଶ୍ରୀରାମ ଶୋକ	ଧନାଶ୍ରୀ	୧୧୬
୪୨	ଔଷଧ ପାଇଁ ହନୁମାନ ଗମନ, ଭରତ ଭେଟ ଓ ଲକ୍ଷ୍ମଣ ସଚେତନ	ରାମକେରୀ	୧୧୮
୪୩	ତରଣୀ ସେନ ବଧ	କାଳୀ,ତ୍ରିଭଙ୍ଗୀ	୧୨୬
୪୪	ମହୀରାବଣ ଯୁଦ୍ଧକୁ ଅଣାଇବା ପାଇଁ ଅମରଙ୍କ କୁମନ୍ତ୍ରଣା	ମଙ୍ଗଳ	୧୩୧
୪୫	ମହୀରାବଣ ଦ୍ୱାରା ରାମ ଲକ୍ଷ୍ମଣର ଅପହରଣ	ଋଷିକୂଲ୍ୟା	୧୧୩
୪୬	ରାମ ଲକ୍ଷ୍ମଣଙ୍କୁ ମହୀରାବଣ ନେବାରେ ସୀତାଙ୍କ ଶୋକ	ଶଙ୍କରାଭରଣ	୧୪୦
୪୭	ହନୁମାନ ମକରଧ୍ୱଜ ଯୁଦ୍ଧ	ଚୋଖି	୧୪୨
୪୮	ମହୀରାବଣ ବଧ	ରାମକେରୀ	୧୪୯
୪୯	ରାମାୟଣରେ ମହାଭାରତ ଚରିତ ନିଷ୍ପ୍ରଭ ଓ ମହୀରାବଣର ଅଶରୀରୀ ଆତ୍ମା ମୁକ୍ତି	ଋଷିକୂଲ୍ୟା	୧୫୨
୫୦	ରାବଣ ଶୋକ ଓ ଯାଗ ଭଗ୍ନ	କାଳୀ	୧୫୭
୫୧	ରାବଣର ଏକାନ୍ତ ଭାବନା ଓ ପୂର୍ବ ଜନ୍ମ ବୃତ୍ତାନ୍ତ	ପାହାଡ଼ିଆ କେଦାର	୧୫୯
୫୨	ରାବଣ ଯୁଦ୍ଧେ ଆଗମନ, ରାମ' ହୃଦୟ କବଚ ପାଠ	କେଦାର ଗୌଡ଼	୧୬୨
୫୩	ଅଶୋକ ବନେ ଅଶୋକାଷ୍ଟମୀ ଓ ସୀତାଙ୍କ ଶୁଭ ସ୍ୱପ୍ନ	ବଙ୍ଗଳାଶ୍ରୀ	୧୬୭
୫୪	ରାବଣ ରଣେ ଆଗମନ	ଆଷାଢ଼ ଶୁକ୍ଳ	୧୬୯
୫୫	ଦେବୀପୂଜା	ବଙ୍ଗଳାଶ୍ରୀ	୧୭୮
୫୬	ବ୍ରହ୍ମାସ୍ତ୍ର ହରଣ ଓ ରାବଣ ପତନ	କୌଶିକ	୧୮୨
୫୭	ରାବଣର ମନୋବାଞ୍ଛା ପୂର୍ଣ୍ଣେ ଚିନ୍ତନ	ବସନ୍ତ	୧୮୬
୫୮	ଭକ୍ତର ଭଗବାନ	ଭଜନ ସ୍ୱର	୧୮୭

Digitized by PPRACHIN, SOA

ଛାନ୍ଦ	ବିଷୟ ର ନାମ	ରାଗ	ପୃଷ୍ଠା
୫୯	ରାଜନୀତି ଶିକ୍ଷା ପାଇଁ ରାମଙ୍କ ସିଦ୍ଧାନ୍ତ	ଖଣ୍ଡିତା	୧୮୮
୬୦	ବଂଶମରା ଡ଼ାହୁକର କୁମ୍ଭୀର କାନ୍ଦଣା ଲୁହ	ଆଷାଢ଼ ଶୁକ୍ଳ	୧୯୦
୬୧	ଲକ୍ଷ୍ମଣ ବିଭୀଷଣ ପ୍ରତିଉକ୍ତି	କଳହଂସ କେଦାର	୧୯୨
୬୨	ରାଜନୀତି ଶିକ୍ଷା ନିମନ୍ତେ ଲକ୍ଷ୍ମଣଙ୍କର ଆଗମନ	କାମୋଦୀ	୧୯୬
୬୩	ଭ୍ରାତୃଭକ୍ତ ବିଭୀଷଣ	ବଙ୍ଗଳାଶ୍ରୀ	୧୯୮
୬୪	ରାମଙ୍କର ରାଜନୀତି ଶିକ୍ଷା ମନ୍ଦୋଦରୀ ଶୋକ, ସୁଗ୍ରୀବସ୍ୟତାରା ରାବଣସ୍ୟମନ୍ଦୋଦରୀ	 ରାମଦାସ କୋଇଲି	 ୨୦୦
୬୫	ମାତା ନିକଷାର ଶୋକ	ବରାଡ଼ି	୨୦୭
୬୬	ସୀତାଙ୍କ ନିକଟକୁ ବାର୍ତ୍ତା ପ୍ରେରଣ	ଚୋଖି	୨୧୦
୬୭	ଅଶୋକ ବନରୁ ସୀତାଙ୍କ ଆଗମନ	ଶୋକ କାମୋଦୀ	୨୧୦
୬୮	ଅଗ୍ନି ପରୀକ୍ଷା	ମଙ୍ଗଳ କାମୋଦୀ	୨୧୨
୬୯	ସେକାଳର ନୀଳମଣି ପଥର ଏଯୁଗର ଟି.ଭି.	ଦେଶାକ୍ଷ	୨୧୯
୭୦	ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ,ଆକାଶରୁ ପୁଷ୍ପକଯାନେ ସୀତାଙ୍କୁ ନାନା ଦୃଶ୍ୟ ପ୍ରଦର୍ଶନ	 କେଦାରଗୌଡ଼ା	 ୨୨୩
୭୧	ବାତ ସୁତର ଗର୍ବ ଗଂଜନ	କଳସା	୨୩୨
୭୨	ଭରଦ୍ୱାଜଙ୍କୁ ରାମଙ୍କର ଅଯୋଧ୍ୟା କୁଶଳ ଜିଜ୍ଞାସା	 ଚକ୍ରକେଳି	 ୨୩୪
୭୩	ସହସା ଶୃଙ୍ଗବେର ପୁରକୁ ହନୁମାନର ଆଗମନ	ଖଣ୍ଡିତା	୨୩୫
୭୪	ରାମଙ୍କର ବାହୁଡ଼ା ବିଜୟ ବିଳମ୍ବେ ଭରତଙ୍କ ପ୍ରତିକ୍ରିୟା	 ଭାଟିଆରି	 ୨୩୬
୭୫	ହନୁମାନ ଭରତ ଭେଟ	ସାନ ଭୂପାଳ	୨୪୦
୭୬	ରାଜବାଟୀକୁ ରାମଙ୍କର ଆଗମନ	ବଙ୍ଗଳାଶ୍ରୀ	୨୪୩
୭୭	ରାମ ଅଭିଷେକ ଖବର ଭାଟ ଦ୍ୱାରା ପ୍ରଚାର		୨୪୫

Digitized by PPRACHIN, SOA

ଛାନ୍ଦ	ବିଷୟ ର ନାମ	ରାଗ	ପୃଷ୍ଠା
୭୮	ଶ୍ରୀରାମଙ୍କର ଅଯୋଧା ଭ୍ରମଣ ପ୍ରଭାତ ବର୍ଣ୍ଣନା	ମଙ୍ଗଳ	୨୪୭
୭୯	ଶ୍ରୀରାମ ଅଭିଷେକ	ବଙ୍ଗଳାଶ୍ରୀ	୨୪୯
୮୦	ଆସନାରୂଢ଼ ସୀତାରାମ ଯୁଗଳମୂର୍ତ୍ତିଙ୍କୁ	କଳହଂସ	
	ଲେଖକଙ୍କର ବିନମ୍ର ପ୍ରଣତି	କେଦାର	୨୫୧
୮୧	ଅଞ୍ଜନା ସୁତ ହନୁମାନ ଏକାଦଶ ରୁଦ୍ର	ଚୋଖି	୨୫୨
୮୨	ଅଯୋଧାବାସୀଙ୍କ ପୁରାଣ ଶ୍ରବଣେ ଆଗମନ	କଳହଂସ	
	ରାମଙ୍କ ବିଚାର ଓ ହନୁମାନଙ୍କୁ ପ୍ରେରଣ	କେଦାର	୨୫୮
୮୩	ଅଶୋକ ବନ ପୁଷ୍ପ ଧଳା, ନାଲି ବା ନୀଳ		
	ନୁହେଁ ଯେ ଯେପରି ଦେଖିବ ସେପରି ଦିଶିବ	ମଙ୍ଗଳ ଗୁଜ୍ଜରୀ	୨୫୯
୮୪	ରାମରାଜ୍ୟ, ଏକ ଦିବସରେ ଚାରିବଧୂ	କଳସା	
	ପୁଷ୍ପବତୀ, କୋଷ୍ଠୀ ବିଚାର		୨୬୨
୮୫	ସ୍ତ୍ରୀ ଓ ପୁରୁଷଙ୍କର ମିଳନ ନିୟମ	ଚକ୍ରଘଣ୍ଟ	
	ସୀତାଙ୍କ ସହ ଚାରିଭଗ୍ନୀଙ୍କର ଗର୍ଭଧାରଣ	କେଦାର	୨୬୯

Digitized by PPRACHIN, SOA

ଲଙ୍କା କାଣ୍ଡର ବିଭିନ୍ନ ଛାନ୍ଦରେ ଥିବା ବିଶେଷତ୍ୱ

ଛାନ୍ଦ ୧ : ପଦ ୩-୪ ଅବନା ଅନୁପ୍ରାସ । ପଦ ୫-୭ ଶବ୍ଦ ଆଡ଼ମ୍ବର ।

ଛାନ୍ଦ ୨ : ପଦ ୧୮-୨୨ ରାମଙ୍କ ଅଷ୍ଟାବଧାନ ବେଶ

ଛାନ୍ଦ ୪ : ପଦ ୧-୯ ବନ୍ଦନା । ପଦ ୨୩-୩୮ ବିଭୀଷଣଙ୍କର ଜନ୍ମ ଓ ପ୍ରତିପାଳନ ।
ପଦ ୩୯-୫୧ ଶସ୍ତ୍ର ଯାଗ । ୫୨-୬୦ ଅଶୁଭ ଶକୁନ (ଲଞ୍ଜାତାରା) ।
ପଦ ୬୧-୬୫ ଗ୍ରହଚକ୍ର (ଜ୍ୟୋତିଷ) । ୬୬-୭୭ ଶୁଭସ୍ୱପ୍ନ ।

ଛାନ୍ଦ ୬ : ଅଙ୍ଗଦ ଇନ୍ଦ୍ରଜିତ ପ୍ରତିଉକ୍ତି । ପଦ ୩୧-୩୯ ଦଶ ରାବଣ ।
ପଦ ୧୨୩-୧୨୬ କବିଙ୍କ ନିବେଦନ ।

ଛାନ୍ଦ ୭ : ଆଦ୍ୟ ଅବନା ଚଉତିଶା କ୍ରମେ ।

ଛାନ୍ଦ ୮ : *ନିମ୍ନରେ ୨୩ ଆପ୍ତବାକ୍ୟ*

ଛାନ୍ଦ ୧୨ : ପଦ ୧୩-୧୫ ସନ୍ଧ୍ୟା ବର୍ଣ୍ଣନା ।

ଛାନ୍ଦ ୧୩ : ପଦ ୩-୫ ବର୍ଷା ଉତ୍ପ୍ରେକ୍ଷା । ପଦ ୬-୮ ରାବଣର ସେନା ବର୍ଣ୍ଣନା ।
ପଦ ୯-୧୦ ରଣେ ବନଶୋଭା ଉତ୍ପ୍ରେକ୍ଷା ।
ପଦ ୧୪- ୧୭ ବାକ୍ୟ ଯୁଦ୍ଧ (ବାରମାସ ଅନ୍ତର୍ଲିପି)
ପଦ ୨୨ ନଦୀ ଉତ୍ପ୍ରେକ୍ଷା ।

ଛାନ୍ଦ ୧୪ : ପଦ ୭ ନାଗଫାଶ ବନ୍ଧନ (ଦୁଗ୍ଧ ସାଗର ମନ୍ଥନ) ଉତ୍ପ୍ରେକ୍ଷା

ଛାନ୍ଦ ୧୬ : ପଦ ୨୭-୨୮ ମଧ୍ୟ ଯମକ ।
ନିମ୍ନରେ କବିତା ଭାରତୀୟ ଭାଷା ଶବ୍ଦର ଜନନୀ

ଛାନ୍ଦ ୧୯ : ପଦ ୧-୨ ପ୍ରଭାତ ବର୍ଣ୍ଣନା । ପଦ ୩-୪ ଦେବତାଙ୍କର ଯାନ ବାହନ ବର୍ଣ୍ଣନା
ପଦ ୧୦ ଚକ୍ରବ୍ୟୂହ (ଚିତ୍ରସହ) । ପଦ ୧୨-୧୩ ଶରଗୁଡ଼ିକର ନାମ ।

ଛାନ୍ଦ ୨୦ : ପଦ ୨୦-୨୩ ଅନ୍ତର୍ଲିପିରେ ଜ୍ୟେଷ୍ଠ ମାସ ଠାରୁ ମାର୍ଗଶିର ମାସ ପର୍ଯ୍ୟନ୍ତ ଉଦ୍ଧୃତ ।
ପଦ ୨୪-୩୩ ଅନ୍ତର୍ଲିପିରେ ମହାପ୍ରଳୟ ଓ ଶୃଷ୍ଟି ସର୍ଜନା ।
ନିମ୍ନରେ କବିଙ୍କ ମନସ୍ତାପ

ଛାନ୍ଦ ୨୧ : ପଦ ୧-୨ ବସନ୍ତ ଋତୁ ବର୍ଣ୍ଣନା । ପଦ ୩-୫ ଉତ୍ସବ ପାଳନ (ଶବ୍ଦସମ୍ଭାର)
ପଦ ୨୦-୨୫ ଅନ୍ତର୍ଲିପିରେ ଦେଶର ନାମ **(ଦ୍ୱିବିଧ ଅର୍ଥ)**
ପଦ ୩୩-୩୪ ବିଧାତା ସଦୟ ଯତୀଙ୍କୁ

Digitized by PPRACHIN, SOA

ଛାନ୍ଦ ୨୩	:	ପଦ ୧୦-୧୬ ସୀତା ଗ୍ରୀଷ୍ମ କାଳ ନଦୀ ଉତ୍ପ୍ରେକ୍ଷା । ପଦ ୧୭-୨୧ ଉପମା ଉପମେୟ ।
ଛାନ୍ଦ ୨୪	:	ପଦ ୧-୫ ମଧ୍ୟାହ୍ନ ବର୍ଣ୍ଣନା । ୮-୧୪ ପୁତ୍ର ଆଗେ ରାବଣର ମନ ସନ୍ତାପ
ଛାନ୍ଦ ୨୫	:	ପଦ ୨-୬ ପଚିଶ ଯୁଥପିତିଙ୍କ ନାମ । ପଦ ୮-୧୧ ଇନ୍ଦ୍ରଜିତର ବ୍ରହ୍ମାଙ୍କୁ ଯାଚଞ୍ଚା ଓ ବ୍ରହ୍ମାଙ୍କର ବର ପ୍ରଦାନ । ପଦ ୧୮-୨୦ ଲକ୍ଷ୍ମଣଙ୍କର ଶପଥ ।
ଛାନ୍ଦ ୨୬	:	ପଦ ୬-୭ ସନ୍ଧ୍ୟା ବର୍ଣ୍ଣନା । ପଦ ୮-୧୦ ବନଶୋଭା ବର୍ଣ୍ଣନା ।
ଛାନ୍ଦ ୨୮	:	ପଦ ୩-୮ ବଟେଶ୍ୱରୀ ପୀଠ ବର୍ଣ୍ଣନା ଓ ଇନ୍ଦ୍ରଜିତ ଯାଗ ।
ଛାନ୍ଦ ୩୦	:	ପଦ ୨-୫ ସଦ୍‌ଗତି ନିମନ୍ତେ ଇନ୍ଦ୍ରଜିତର ରାମଙ୍କୁ ଧ୍ୟାନ । ପଦ ୬-୭ ଲକ୍ଷ୍ମଣଙ୍କର ଶର ଶିଥିଳତା । ପଦ ୧୯-୨୧ ଦୁଇ ହସ୍ତଙ୍କ ବାଦ ପ୍ରତିବାଦ ।
ଛାନ୍ଦ ୩୪	:	ପଦ ୮-୧୧ କୁଳବତୀ ପୁତ୍ରବଧୂ ପରିମଳା କୁ ଦେଖି ରାବଣର ଦୁଃଖ । ପଦ ୧୨-୧୪ ରାବଣ ଉକ୍ତିରେ ପରିମଳା ର ଉତ୍ତର । ପଦ ୧୫-୨୫ ରାବଣର ପ୍ରତ୍ୟୁତ୍ତର ।
ଛାନ୍ଦ ୩୫	:	ପଦ ୨୩-୨୪ ରାମଙ୍କ ରୂପ ବର୍ଣ୍ଣନା । ପଦ ୫୩ ଅନ୍ତର୍ଲିପି ।
ଛାନ୍ଦ ୩୯	:	ପଦ ୮-୯ ସୁଲୋଚନାର ବର ପ୍ରାର୍ଥନା । ପଦ ୨୮-୩୦ ନାରାୟଣଙ୍କ ସାତ ଅବତାର ବର୍ଣ୍ଣନା ।
ଛାନ୍ଦ ୪୦	:	ପଦ ୧୮-୨୩ ରଣରେ ବର୍ଷା ବର୍ଣ୍ଣନା ପଦ ୨୪-୩୧ ରାବଣ ଦଶ ଦିଗପାଳ ଉତ୍ପ୍ରେକ୍ଷା । ପଦ ୩୨-୩୯ ଶକ୍ତି ନିକ୍ଷେପ କାଳ ଉପଦ୍ରବ । ପଦ ୪୦-୪୬ **ଲକ୍ଷ୍ମଣ ଶକ୍ତି ଭେଦ** (ବହିର୍ଲିପିରେ)
ଛାନ୍ଦ ୪୨	:	ପଦ ୩-୬ ବିଶଲ୍ୟ କରଣୀ ବୃକ୍ଷ ଓ ବର୍ଣ୍ଣର ବର୍ଣ୍ଣନା ।
ଛାନ୍ଦ ୪୩	:	ପଦ ୭-୧୪ ରଣେ ମାତା ଅଶୀର୍ବାଦ ଭିକ୍ଷା । ପଦ ୩୮-୪୪ **ତରଣୀ ସେନ ବଧ** (ବହିର୍ଲିପିରେ) ନିମ୍ନରେ ସାଙ୍ଖ୍ୟ ଦର୍ଶନ
ଛାନ୍ଦ ୪୪	:	ପଦ ୧୮-୨୩ ନବଧା ଭକ୍ତି ।
ଛାନ୍ଦ ୪୫	:	ପଦ ୧-୪ ସନ୍ଧ୍ୟା ଓ ମଧ୍ୟରାତ୍ରୀ ବର୍ଣ୍ଣନା
ଛାନ୍ଦ ୪୬	:	ପଦ ୧୩-୨୦ ତାରାତାରେଣୀଙ୍କ ସାନ୍ତ୍ୱନା
ଛାନ୍ଦ ୪୭	:	ପଦ ୭-୧୦ ମଲ୍ଲ ଯୁଦ୍ଧ । ପଦ ୧୧-୧୨ ଉପମା ଉପମେୟ । ପଦ ୩୨ ପଞ୍ଚମୁଖ ହନୁମାନ ।

Digitized by PPRACHIN, SOA

ଛାନ୍ଦ ୫୨ : ପଦ ୨୦-୨୧ ସନ୍ଧ୍ୟା ଉପମା । ପଦ ୨୨ ଶବ୍ଦ ଆଡ଼ମ୍ବର ।
ପଦ ୨୮-୨୯ ରାବଣ ଦଶ ଦିଗପାଳ ଉପମା ।

ଛାନ୍ଦ ୫୩ : ପଦ ୮-୧୧ ସୀତାଙ୍କର ଶୁଭ ସ୍ୱପ୍ନ ।

ଛାନ୍ଦ ୫୪ : ପଦ ୨-୫ ପ୍ରଭାତ ବର୍ଣ୍ଣନା । ପଦ ୬-୧୦ ଦେବଙ୍କ ଯାନ ବର୍ଣ୍ଣନା ।
ପଦ ୧୭-୧୯ ଅଶୁଦ୍ଧ ଚଣ୍ଡୀପାଠ ।ପଦ ୨୧-୨୭ ରଣ ବିଜୟ ଉପମା ।
ପଦ ୨୯-୩୧ ସେନା ଆଗମ ସାଗର ଉତ୍‌ପ୍ରେକ୍ଷା ।
ପଦ ୩୭-୪୭ କେଉଁ ବୀର ହସ୍ତରେ କେଉଁ ବୀରର ମୃତ୍ୟୁ ଘଟିଲା ।
ପଦ ୫୧-୫୨ ରଣରେ ସୈନ୍ୟ ସଂଖ୍ୟା । *ନିମ୍ନରେ ଛନ୍ଦ କବିତା*

ଛାନ୍ଦ ୫୫ : ପଦ ୧୬-୨୫ ରାମଙ୍କର ଦୁର୍ଗାସ୍ତୁତି ।
ପଦ ୩୦-୩୨ ରାମଙ୍କର ପୁଷ୍ପ ଅର୍ପଣ । ପଦ ୩୯-୪୦ ଜଣାଣ ।
ପଦ ୫୪-୫୬ ରାବଣର ଦେବୀଙ୍କୁ ଛଳ ଉକ୍ତି

ଛାନ୍ଦ ୫୬ : ପଦ ୯-୧୦ ହନୁମାନ ବ୍ରାହ୍ମଣ ବେଶରେ ଲଙ୍କାରେ ପ୍ରେବଶ ।

ଛାନ୍ଦ ୬୪ : ପଦ ୫-୭ ରାଜନୀତି ଶିକ୍ଷାରେ ରାମଙ୍କର ରାବଣଙ୍କୁ ପ୍ରଶ୍ନ ।
ପଦ ୮-୨୩ ରାବଣ ରାଜନୀତି ପ୍ରଦାନ ବା ଉତ୍ତର ।
ପଦ ୨୪-୨୯ ମନ୍ଦୋଦରୀ ଶୋକ । ପଦ ୩୮-୪୦ ଭାର୍ଯ୍ୟା ଉପମା ।
ପଦ ୫୪ ଅଷ୍ଟାଦଶ ବିଦ୍ୟା ।
ପଦ ୫୩-୫୫ ସୁଗ୍ରୀବସ୍ୟ ତାରା ରାବଣସ୍ୟ ମନ୍ଦୋଦରୀ ।

ଛାନ୍ଦ ୬୫ : ପଦ ୪-୫ ରାଜାଙ୍କୁ ଜାତିର ଆରତୀ । ପଦ ୭-୧୫ ଶ୍ମସାନ ଦୃଶ୍ୟ ।

ଛାନ୍ଦ ୬୯ : ପଦ ୧୦-୧୪ ରାମଙ୍କର ନୀଳମଣି ପଥର ଦର୍ଶନ ।
ପଦ ୧୪-୧୭ ପଥର ତଳେ ଥିବା ବେଙ୍ଗର ଉକ୍ତି ଓ ଶ୍ଳୋକ ।
ପଦ ୧୮-୨୩ ସତ୍ୟ ହିଁ ପରମ ଧର୍ମ ।

ଛାନ୍ଦ ୭୦ : ପଦ ୨-୮ ସାଗର ବର୍ଣ୍ଣନା । ପଦ ୩୭ ତ୍ରିବେଣୀ ବର୍ଣ୍ଣନା ।
ପଦ ୩୯-୪୧ ସରଯୁ ବର୍ଣ୍ଣନା ।

ଛାନ୍ଦ ୭୮ : ପଦ ୧୦-୧୬ ଆଦ୍ୟ ବହିଁଲିପିରେ ଶ୍ରୀରାମ ଅବକାଶ ।

ଛାନ୍ଦ ୭୨ : ପଦ ୧-୧୭ ବାହୁଡ଼ା ଯାତ୍ରା ।

ଛାନ୍ଦ ୭୯ : ଆଦ୍ୟରେ ରାମ ରାଜାଭିଷେକ ଶ୍ଳୋକ । ହନୁମୁଣ୍ଡେ ସିନ୍ଦୂର ।

ଛାନ୍ଦ ୮୧ : ପଦ ୯-୧୦ ରକ୍ଷ ବାନରଙ୍କ ଭୋଜି ନିମିତ୍ତ ସୀତାଙ୍କର ପାକ ସିଦ୍ଧି ।
ପଦ ୧୭-୧୯ ମା ପରଷା ମହା ପ୍ରସାଦ ।

ଛାନ୍ଦ ୮୩ : ପଦ ୫୩-୮୦ ରାମଦାସଙ୍କ ପ୍ରବଚନ ସିଦ୍ଧାନ୍ତ (ସାଙ୍ଖ୍ୟ ଦର୍ଶନ)

ଛାନ୍ଦ ୮୫ : ପଦ ୮୭-୯୭ ସୀତାଆଦି ଚାରିଭଗ୍ନି କୁସୁମିତ (ଜ୍ୟୋତିଷ ଶାସ୍ତ୍ର ଓ ଗ୍ରହଚକ୍ର)

Digitized by PPRACHIN, SOA

ଲଙ୍କାକାଣ୍ଡ ଆରମ୍ଭ

-ଶ୍ଳୋକ-

ଲଙ୍କା ପ୍ରାପ୍ୟସ କୁମ୍ଭ କର୍ଣ୍ଣ ଦନୁଜଂ ହତ୍ୱା ରଣେ ରାବଣ ।
ରାଜ୍ୟେ ସ୍ଥାପ୍ୟ ବିଭୀଷଣଂ ପୁନର ଗାଦ୍ ସୀତାନ୍ୱିତଃ ପୁଷ୍ପକେ ।।
ପୂର୍ବଂ ସଦ୍ ଭରଦେ କ୍ଷିତୋ ନରବରଃ ସିଂହାସନ ସ୍ଥୋଽଭବତ ।
ଶ୍ରୀରାମୋ ହୟମେଧ ଯଜ୍ଞୋ ନିକରୋ କ୍ଷାତଃ ପ୍ରଦୀପାଳୟତ୍ତ ।।

ବନ୍ଦନା

(ରାଗ -ରାମକେରୀ)

ଛାନ୍ଦ - ୧

କୌଶଲ୍ୟା ନନ୍ଦନ, ଜାନକୀ ହୃଦ ସୀତାଂଶୁ ରାମ — କୋଶଳେଶ ନେତ୍ର ସମ୍ପତ୍ତି ପୂର୍ଣ୍ଣ କର ମୋ କାମ୍ୟ । ।୧।
ତୁମ୍ଭ ଦାନେ ସୁନ୍ଦରାକାଣ୍ଡେ ଲେଖନୀ ଯା ଚଳିଛି — ହାଟକ କଟକ କାଣ୍ଡର ଚିତ୍ରେ ଚିତ୍ତ ବଳିଛି । ।୨।

ଅବନା ଅନୁପ୍ରାସ

ଅର୍ଣ୍ଣବେ, ଅନନ୍ତ ଶୟନ ଅଜଗବଭଞ୍ଜନ — ଅମର ଶରଣ ରକ୍ଷଣ ଭକ୍ତ ମନ ରଞ୍ଜନ । ।୩।
ଅମଳ, କମଳ, ନୟନ ସଘନ ଅବୟବ — ଅହରହ ଲକ୍ଷ୍ୟ ଅଲକ୍ଷ୍ୟ ପଥ ଏବର ସ୍ତବ ।।୪।

ଶବ୍ଦ ଆଡମ୍ବର

ଜଟାଧାରୀ ମୋତେ ନ ଜଟି ରଚନେ ହୁଅ ସାହା — ଜଟା ଧାରଣଙ୍କ ବନ୍ଦ୍ୟହେ ଜଟାୟୁ,ଗତି ରାହା । ।୫।
ଅଳିକରେ ବାଳି ଦଳନ, ଘେନା କରିଲେ ଅଳି — ଅଳିକ ଅର୍ଣ୍ଣବ ଉବାରେ ଲେଖନୀ ଯିବ ଚଳି । ।୬।
ସର୍ବଗୁଣାକାର ହେ ଗର୍ବ ଉବାହି କର୍ଣ୍ଣ ଧାର — ସର୍ବ ଦୋଷ ଶୋଷଣକାରୀ, ଭକ୍ତ ମାନସ ଚୋର । ।୭।
ନବୀନ ମୁଦିର ବରଣ ହେ କୋଶଳ ମଣ୍ଡନ — ନବୀନ ଆଶିଷ ବରଷି ଦୁଃଖ କର ଖଣ୍ଡନ । ।୮।
ଶିବ ଚାପ ଖଣ୍ଡନକାରୀ ପ୍ରଭୁ କୋଦଣ୍ଡଧର — ବଧହେ, ବାଧକ ହୋଇଛି ଯେଣୁ ଦଶ କନ୍ଧର । ।୯।
ତୋସୁଖ ଦାୟକେ ତୁ ସୁଖେ ଦେଉ କରୁଣାବର — ଭୂଭାର କମ୍ପିତ ଶୋଚନା ବ୍ୟଗ୍ରେ ବିଦୂର କର । ।୧୦।
ତୋ କରୁଣା ହେଲେ କରୁଣାନିଧି ଅମୃତ ଭାଣ୍ଡ — ତୁଲ୍ୟେ ସୁମଧୁରେ ପୂରଣ ହେବ ଏ ଲଙ୍କା କାଣ୍ଡ । ।୧୧।
କହିଲେ, ମହେଶ ମୋହିଲେ, ମନ ଦହିଲେ ଭ୍ରମ — ଲିହିଲେ ଗଣେଶ, ଚାହିଁଲେ ଉମା ଅର୍ଜିଲେ ଧର୍ମ ।୧୨।
ଶେଷରେ, ମୁଖରେ, ବୋଲାଇବାକୁ ଦୟା ବିଭୂତି — ଅନ୍ତିମେ ପାଶୋର ନ ହେବା ପାଇଁ କରଇ ସ୍ତୁତି । ।୧୩।

— —

୧:କୋଶଳେଶ-ଦଶରଥ,ନେତ୍ରସମ୍ପତ୍ତି-ରାମଚନ୍ଦ୍ର ।୨:ହାଟକ-ସୁବର୍ଣ୍ଣ,କଟକ-ଲଙ୍କା ।୩:ଅର୍ଣ୍ଣବ-ସମୁଦ୍ର,ଅଜଗବ-ଶିବଧନୁ,ଅମର-ଦେବତା ।୫:ଜଟାଧାରଣ-ଶିବ,ବନ୍ଦ୍ୟ-ରାମ ।୮:ନବୀନ ମୁଦିର-ନୂଆ ମେଘ ।

Digitized by PPRACHIN, SOA

ରାବଣର ଛତ୍ର କାଟ

ରାଗ - କାଳୀ(ଚଉତିଶା କ୍ରମେ)

ଛାନ୍ଦ-୨

କର୍ଣ୍ଣ ନିବେଶି ଶୁଣନ୍ତୁ ବସି କୋବିଦେ ରାମ ରସ
କହନ୍ତି ଥରେ ଉମା ଆଗରେ କୈଳାସେ କୃତ୍ତିବାସ । ।୧।
ଖର ଅସୁର- ପର,ଯେ ବୀର ସିନ୍ଧୁକୁ ପାରି ହୋଇ
ଖୁଆଡ଼ ବତ ସେନା ସହିତ ସୁବଳେ ଥିଲେ ରହି । ।୨।
ଗଗନେ ବାତ ଗତିରେ ଦୂତ ଗମି ନୃପଙ୍କୁ ବାର୍ତ୍ତା
ଗମ୍ଭୀର ସ୍ୱରେ ଜଳପି ଧୀରେ ଦେଲା ବଢ଼ାଇ ଚିନ୍ତା । ।୩।
ଘଡ଼ିଏ ଚିନ୍ତି ଶାର୍ଦ୍ଦୁଳ ମନ୍ତ୍ରୀ ଘରୁ ସନ୍ନିଧେ ରାଇ
ଘନେ ଘଟଣା ମାନଙ୍କୁ ଜଣା କରାଇ ବୋଲେ ତହିଁ । ।୪।
ନଗର ଦ୍ୱାର, ନଗ, ଉପର ନର ପୁଙ୍ଗବ ରାମ
ନବ ରଙ୍ଗରେ ସେନା ସଙ୍ଗରେ ରଣ ରଙ୍ଗତ କାମ୍ୟ । ।୫।
ଚିନ୍ତିଣ ମତି ଚଞ୍ଚଳ ଅତି ଚାତୁର୍ଯ୍ୟେ ଚଳି ଯାଅ
ଚକ୍ରାନ୍ତେ ଚଳ ଚାକ୍ଷୁଷେ ବଳ କଳି ବାର୍ତ୍ତାକୁ ଗାଅ । ।୬।
ଛାମୁରୁ ସେହି ଛଟକେ ଯାଇ ବ୍ରହ୍ମ ଅଂଜନ ନାଇ
ଛାଡ଼ିଣ ଛଟା କରିଣ ହଟା ଫେରିଣ କହେ ଯାଇ । ।୭।
ଜଙ୍ଗଲି ସୈନ୍ୟ ଜଙ୍ଗଲ ପୂର୍ଣ୍ଣ ଜଳକା ନେତ୍ର ପୁଣି
ଜମା ସୁମାରି ନକରି ପାରି ଫେରି କହିଲି ଗୁଣି । ।୮।
ଝଟତି ଚାର ଝଟ ଖବର ଦେଉ ତ୍ରିଜଟା ଶୁଣି
ଝଟତି, ରାଗେ ସୀତାଙ୍କ ଆଗେ ପତି ପ୍ରବେଶ ଭଣି । ।୯।
ନପ୍ରାପ୍ତ ଧନ ପ୍ରାପ୍ତେ ଯେସନ ଅଲକ୍ଷ୍ୟେ ଲକ୍ଷ୍ୟ ଦେବା
ନବ ଜୀବନ ହେଲା ସିଞ୍ଚନ ସତୀ ପିଣ୍ଡେ କି ଅବା । ।୧୦।
ଟଙ୍କ ଧରରେ ଗୁହାରି କଲେ ପାବନି କଥା ଭାବି
ଟହଲେ ଗଲା ଟେକ ରଖିଲା ହେଉସେ ଚିରଞ୍ଜିବୀ । ।୧୧।
ଠୋକର ପାଇ ଠାଣି ଦେଖାଇ ଏଣେ ରାବଣ ଭାଷେ
ଠକଜଟିଆ ଶିଖିବା ମାୟା କାରଣୁ ଏହା ଦିଶେ । ।୧୨।
ଡ଼ରି ଶାର୍ଦ୍ଦୁଳ କପିଙ୍କୁ ତୁଳ- କରୁ ପର୍ବତ ସଙ୍ଗେ
ଡ଼େଣା ହଲାଇ ସେଲଙ୍କ ସାଇଁ କୁପିତେ କହେ ବ୍ୟଙ୍ଗେ । ।୧୩।
ଢ଼ଙ୍ଗେ କହଇ କବି, କି' ତୁହି କାବ୍ୟେ ପର୍ବତ ସ୍ତନ
ଢ଼ମାଳି କହି ସେପରି ତୁହି ସଭାରେ କରୁ ଦାନ । ।୧୪।

୨:ଖରଅସୁର ପର-ରାମଚନ୍ଦ୍ର ।୫:ନଗର ଦ୍ୱାରନଗ-ସୁବଳ ପର୍ବତ;ନର ପୁଙ୍ଗବ-ନରଶ୍ରେଷ୍ଠ ।୧୧: ଟଙ୍କଧରରେ-ଶିବଙ୍କ ପାଦରେ ।୧୨:ଠାଣି-ଅଙ୍ଗଭାଙ୍ଗି,ଠକଜଟିଆ-ରାମଚନ୍ଦ୍ର ।୧୩:ବ୍ୟଙ୍ଗେ-ପରିହାସ ମୟ କଥାରେ

Digitized by PPRACHIN, SOA

ନିଶ ସାଉଁଳି ରକ୍ଷମଣ୍ଡଳି ରାକ୍ଷସ ସବୁ ବରି
ନିଶି ଦିବସେ ବିହାର ବଶେ ବାହାର ମନା କରି । ।୧୫।
ତକ୍ଷଣେ ରଣ ଉପକରଣ ମାନଙ୍କୁ ସଜକଲା
ତପସ୍ୱୀ ସୈନ୍ୟ ଅବଲୋକନ ନିମନ୍ତେ ବାହାରିଲା । ।୧୬।
ଥୟେ ସ୍ଥାପିତ ଲକ୍ଷେକ ଛତ୍ର ଲକ୍ଷେ ଚାମର ଶିରେ
ଥୟେ ଥରେକ ଲକ୍ଷେକ ଶଙ୍ଖ ଆକାଶେ ଧ୍ୱନି କରେ । ।୧୭।

ରାମଙ୍କର ଅଷ୍ଟାବଧାନ ବେଶ

ଦଣ୍ଡାୟମାନ ପୁଷ୍ପକ ଯାନ ପରେ ସେ ଦଶାନନ
ଦେଖେ ବିଚିତ୍ର କୁରଙ୍ଗ ଚିତ୍ର ଛାଲେ ବିଜୟ ରାମ । ।୧୮।
ଧନୁ, କମାଣ ଧରି ଲକ୍ଷ୍ମଣ ବାମରେ ବସିଛନ୍ତି
ଧରି ଜାମ୍ବେବ ପାଞ୍ଜିକୁ ସର୍ବ ଛାମୁରେ ପ୍ରକାଶନ୍ତି । ।୧୯।
ନିପାତି କର ଅଙ୍ଗଦପର ମଥା, ସୁଗ୍ରୀବ ଉରେ
ନିବେଶି ମନ ସେ ହନୁମାନ ପଦକୁ ସେବା କରେ । ।୨୦।
ପଡ଼ିଛି ନେତ୍ର ସାଗର ସ୍ଥିତ ଲଙ୍କା, କଟକେ କୋପେ
ପରଖ ହେବ ଦିବ୍ୟ, ଆଶୁଗ ଲଙ୍କା, ଅଧିପଲୋପେ । ।୨୧।
ଫଣୀନ୍ଦ୍ରା ଗ୍ରଜ ହୃଦେ ବିରାଜ ତୁଲ୍ୟ କୁସୁମ ମାଳା
ଫଣୀନ୍ଦ୍ର ଧାରୀ ସୁଜଟା ପରି ଭସ୍ମ ଜଟାରେ ବୋଳା । ।୨୨।
ବିୟତେ ଘନ ପରି ଶୋଭନ ବିଲୋକି ସୀତା ପତି
ବୋଲନ୍ତି ବୋଲ ହେ ଲଙ୍କ ପାଳ ଦିଶେ କି ନଭ ରୀତି । ।୨୩।
ଭାଷେ ତକ୍ଷଣ ସେ ବିଭୀଷଣ ରାମ ଅଗ୍ରତେ ବସି
ଭକ୍ତ ବାନ୍ଧବ ହେ ଦଶ ଗ୍ରୀବ ସେନା କଳଇ ଆସି । ।୨୪।
ମୟ, ଜାମାତା ଦେଖି ଏ କଥା ମାରିବା ପାଇଁ ଭ୍ରାତ
ମନ୍ଦ ଇକ୍ଷଣେ ସେ, ବିଭୀଷଣେ ଗଦା କରନ୍ତେ ପାତ । ।୨୫।
ଯତନେ ହନୁ ଧଇଲା ଶୂନ୍ୟ ବିଲୋକି ରାମ ଛଳେ
ଯତନେ ଚାଣ୍ଡେ କାଣ୍ଡ କୋଦଣ୍ଡେ ବସାଇ ଆଜ୍ଞା ଦେଲେ । ।୨୬।
ରାବଣ ଛତ୍ର ଧନୁ ସହିତ ମୁକୁଟ ଛେଦି ଆସ
ରାଜତ୍ୱ, ବୀର- ପଣ,ତା ହାର ଏଥୁ ହୋଇବ କଷ । ।୨୭।
ଲବେ ଅବଜ୍ଞା ନ କରି ଆଜ୍ଞା କାଟିଲା ଶର ଛତ୍ର
ଲକ୍ଷ୍ୟ ଏ ମାନ ଶୋଭା ଗଗନ ମଧ୍ୟ ନକ୍ଷତ୍ର ପାତ । ।୨୮।
ବାସ ସୁରମ୍ୟ ମଲ୍ଲୀ କୁସୁମ ଅଞ୍ଜଳି ପର ମେଷି
ବଶୀଭୂତରେ ସ୍ଥିର ଚିତ୍ତରେ କି ଅବା କଲେ ବୃଷ୍ଟି । ।୨୯।
ଶ୍ରୀରାମ ବାଣ ଟାଣ ଦେଖିଣ ଲାଜେ ରାବଣ ଗଲା

୨୨:ଫଣୀନ୍ଦ୍ର-ସର୍ପରାଜ,ଅଗ୍ରଜ-ବଡ଼ଭାଇ ଅନନ୍ତନାଗ,ଫଣୀନ୍ଦ୍ରଧାରୀ-ଶିବ ।୨୩:ବିୟତେ-ଆକାଶେ ।୨୪:ମୟ ଜାମାତା-ରାବଣ ।

Digitized by PPRACHIN, SOA

ଶ୍ରୀରାମ କାଟ ଛତ୍ର ମୁକୁଟ ସାଗର ବୁଡ଼ାଇଲା । ।୩୦।
ଷଡ଼ ଯନ୍ତ୍ରରେ ଲୋଡ଼ି ପୁତ୍ରରେ ପ୍ରଳାପ କରେ ହୁଡ଼ି
ଷଟ୍ କର୍ମ, କରେ- ଲୋଡ଼ି, ବିପ୍ରରେ ଚିନ୍ତା ଜଳରେ ବୁଡ଼ି । ।୩୧।
ସ୍ୱ, ଆଳୟରେ କେବେ ଭୟରେ ଚନ୍ଦ୍ର ଶାଳାର ବକ୍ଷେ
ସଂସାର ଯାକ କପି, ଭଲ୍ଲୁକ ପରା ଏ ନେତ୍ରେ ଦେଖେ ।।୩୨।
ହରାଏ ଜ୍ଞାନ କେବେ ଚିନ୍ତନ- କରୁ, ହନୁର କାର୍ଯ୍ୟ
ହତାଶେ ଆଣି ଅମୋହମଣି ବିଲୋକି ଧରେ ଧୈର୍ଯ୍ୟ । ।୩୩।
କ୍ଷମା ସାଗର ପଦ ବିତର ମାଗୁଛି ଅନୁମତି
କ୍ଷିତି ଦୁହିତା ହରଣ ବାର୍ତ୍ତା ରଚନା ହେବ ପୂର୍ତ୍ତି । ।୩୪।

ରାବଣ ଆତ୍ମବଡ଼ିମା ଓ ପତ୍ର ପ୍ରେରଣ

(ରାଗ-ଦେଶାକ୍ଷ)

ଛାନ୍ଦ-୩

ଛତ୍ର କାଟ ହେଉ ଦୈତ୍ୟ ରାବଣ ମର୍ତ୍ତ୍ୟ ନର ଦତ୍ତ ବାଣର ଗୁଣ
ବୁଝିଲା ଜୁଝିଲା ସେନାଙ୍କ ମୁହେଁ
କାପଟ୍ୟେ, ଆକଟେ ବଖାଣି ହୁଏ
ଜଟିଆ - ବେନି, ରକ୍ଷ ବାନର,, ଛାଟିଆଙ୍କ ସମ ନୁହନ୍ତି ମୋର । ।୧।
କୈତବେ, କୈଳାସ, ଟେକିଛି ମୁହିଁ କୈବର୍ତ୍ତେ, କୈଶୋରେ ବିଜୟୀ ସେହି
ସୁଦରଶନ ତା, ମୋ ଦରଶନେ
ମୁଦ, ହୋଇଥିଲା 'ବି' ଦରେ, ଦିନେ
ତାହାକୁ - ମୋର ନାହିଁ ଖାତର,, ବାହାକୁ ଦେଖିଲେ ଡ଼ରନ୍ତି ମୋର । ।୨।
ମାରି, ମାରିଚକୁ ଯାଉଁ ସେ ଜଣା ଗଲାଭଲା ତା ବୁଦ୍ଧି କଳପନା
ହରି, ହରି ,ହୁରି ଛାଡ଼ନ୍ତି ହରି
ବାରି ବାରି ମୁଁ ସ୍ୱୀକୃତି ନ କରି
ମର୍କଟ - ରକ୍ଷ ଧରିଣ ସଙ୍ଗ,, ପ୍ରକଟ ସେ କି କରିବ ସୁଆଙ୍ଗ । ।୩।
ଲକ୍ଷ, ଲକ୍ଷ, ଭକ୍ଷ୍ୟ, ରକ୍ଷ, ବାନର ରକ୍ଷ, ସାହାପକ୍ଷ ଅଛନ୍ତି ମୋର
ଯକ୍ଷ ବହିର୍ମୁଖ ଆଦେଶ ଡ଼ାକି
ରକ୍ଷ କକ୍ଷକୁ ବାରଣ ଏଣିକି
କ୍ରତୁଙ୍କୁ - ଦିଆଅ ଅବସର,, ଶତ୍ରୁ, ବ୍ରାତ ହତ ଯାଏ ମୋହର । ।୪।

୩୧:ଷଟ୍‌କର୍ମ-ଯଜନ,ଯାଜନ,ଅଧ୍ୟୟନ,ଅଧ୍ୟାପନା,ଦାନ,ପ୍ରତିଗ୍ରହ ।୩୨:ଚନ୍ଦ୍ରଶାଳାର ବକ୍ଷେ-ବାୟୁ ଚଳାଚଳ ଉପର ମହଲା ଘର ମଧ୍ୟରେ ।୩୩:ଅମୋହମଣି-ଯେଉଁମଣି ଦେଖିବା ଦ୍ୱାରା ଦୁଃଖ ପାଶୋରେ ।୧:ମର୍ତ୍ତ୍ୟନର-ରାମଚନ୍ଦ୍ର,ଜଟିଆ-ରାମଲକ୍ଷ୍ମଣ ।୨:କୈତବେ-କପଟରେ,ସୁଦରଶନ-ଚକ୍ର,ମୁଦ-ବନ୍ଦ,ବିଦରେ-ବିଶେଷତରରେ (ହିରଣ୍ୟ ଅବତାରରେ)

Digitized by PPRACHIN, SOA

ବାଳକେ ପାଇଲା ପରାୟେ ଛୁଟି   କାଳ ପାଇଲା କେ ମୁଖରେ ରଟି
ପୁଣି ସେ ହୁକୁମ କଲା ଜାହିରି
ଶୁଣି କେ ଘରୁ ନ ଯାନ୍ତି ବାହାରି
ଗଡ଼ରେ - ସର୍ବେ ଦୁଆର କିଳି,, ଜଡ଼ରେ ପାଳି ଅର୍ଦ୍ଧର ପ୍ରହରୀ । ।୫।
ପ୍ରଶସ୍ତ ପ୍ରଶସ୍ତ ପଶ୍ଚିମ ଦ୍ୱାରେ   ସୁପାର୍ଶ୍ୱ ସୁପାରିଶେ ଦକ୍ଷିଣରେ
ଶକ୍ରଜିତ ବକ୍ର ପଶ୍ଚିମ ଦ୍ୱାରେ
ବକ୍ର ମାଳି ବଶ ସେନା ସଙ୍ଗରେ
ଉଦିଚୀ - ଦ୍ୱାରେ, ଏପରି ଚାରି,, ଦୈନନ୍ଦିନ ସୈନ୍ୟ କମାଣ ଧାରୀ । ।୬।
ଲୟେ, ଦଶ ଆସ୍ୟ ଭୟେ ନିକୁମ୍ଭ   ଲୋଡ଼ି ପ୍ରୌଢ଼ି ଦେଖାଇ ଧରି, ଦମ୍ଭ
ଗେଲାଇ ଗେଲାଇ ବୋଲଇ ଯାଅ
ଭର୍ତ୍ତାତୁଲ୍ୟ ବାର୍ତ୍ତା ରାଘବେ ଦିଅ
ଡ଼ରନ୍ତି - ମୋତେ ତ୍ରିଦଶ ଗଣ,, କୀଶ ଧରି କିସ କରିବ ରଣ । ।୭।
ସୀତାମଣି ପିତା ପଳାଉ ଘରେ   ଗୀତା, ପଢ଼ା ନୁହେଁ ରଣ ଭୂମିରେ
ଜଟା, ଜଟି, ପଟା ପଟିବ ନାହିଁ
ବଟା ସେଟା ରଣ କରିବ କାହିଁ
ଦୁର୍ଜ୍ଜୟ- ଲଙ୍କରାଣ କହୁଛି,, ଫଣୀ ଫଣାରୁ କେ ମଣି ନେଇଛି । ।୮।
ପୂଜା ଧୂଜାରେ ଯେ ମୋଡ଼ିଛି ଶିର   ସୋଜା ଏ' ବନୌକା ତାକୁ କି ଡ଼ର
ଇନ୍ଦ୍ରଜିତ ଇନ୍ଦ୍ର ପଣକୁ କାଢ଼ି
ସାନ୍ଦ୍ରେ, ସୀତା, ଆଶା ଯାଉ ସେ ଛାଡ଼ି
ପତ୍ରେକ- ଲିହି କହେ ବୁଝାଇ,, ସତର୍କେ ନିକୁମ୍ଭେ ପାଶ କୁରାଇ । ।୯।
ଏ ଛାନ୍ଦ ଏଠାରେ ହେଲା ସମ୍ପୂର୍ଣ୍ଣ   ବିଚ୍ଛନ୍ଦେ କୋବିଦେ ଆନନ୍ଦେ ଶୁଣ
ଆଗେ ରାଗେ ଶୁଣି ନିକୁମ୍ଭ କଥା
ବାଗେ ବୁଝାଇବେ ଜାନକୀ ମଥା
ଫେରିବା - ପାଇଁକି ବିଭୀଷଣ ,, ଭବିଷ୍ୟତ କଥା କହିବ ଶୁଣ । ।୧୦।

୪:ଯକ୍ଷବହିଃମୁଖ-କୁବେର ଆଦି ଦେବତା,କ୍ରତୁଙ୍କୁ-ବିଶ୍ୱ ଦେବାଙ୍କୁ,ଶତ୍ରୁବାତ-ଶତ୍ରୁ ସମୂହ ।୫:ହୁକୁମ-ଆଦେଶ ।୬: ବକ୍ର ମାଳି-ମୁଣ୍ଡ ମାଳି (ରାବଣ) ଉଦିଚୀ-ଉତ୍ତରଦିଗ,କମାଣ-ତୋପ ।୭:ଭର୍ତ୍ତା-ସ୍ୱାମୀ,ତ୍ରିଦଶ-ଦେବତା, କୀଶ-ମର୍କଟ ।୯:ବନୌକା-ବନଚାରୀ ।

Digitized by PPRACHIN, SOA

ବିଭୀଷଣର ଭବିଷ୍ୟତବାଣୀ

(ରାଗ-ସଙ୍ଗମ ତିଆରି) 'ବ' ଅନୁପ୍ରାସ

ଛାନ୍ଦ-୪,

ବନ୍ଦଇ ମହୀପତି ରାମ ପୂର୍ଣ୍ଣବ୍ରହ୍ମ, ବନ୍ଦଇ ମହୀସୁତା ସୀତାପତି ରାମ । ।୧।
ବନ୍ଦଇ ଭକ୍ତଜନ ବାନ୍ଧବ ଶ୍ରୀହରି, ବନ୍ଦଇ ଭକ୍ତ ଜନ ମନ ତୋଷ କାରୀ । ।୨।
ବନ୍ଦେ ଦଶାବତାର, ଦଶ ଅବତାର, ବନ୍ଦଇ ଦଶାହର, ଦଶକଣ୍ଠ ହର । ।୩।
ବନ୍ଦଇ ସୁଲକ୍ଷଣ, ଲକ୍ଷ୍ମଣ, ଅଗ୍ରଜ, ବନ୍ଦଇ ଦାଶରଥି, ଦଶରଥାତ୍ମଜ । ।୪।
ବନ୍ଦଇ ଯୋଦ୍ଧାବର, ଅଯୋଧ୍ୟା ମଣ୍ଡନ, ବନ୍ଦଇ ଯୋଦ୍ଧାବର, ହେ ଖର ଖଣ୍ଡନ । ।୫।
ବନ୍ଦଇ ହେ ସୁଗ୍ରୀବ, ସୁଗ୍ରୀବର ଦାତା, ବନ୍ଦଇ ଜ୍ଞାନୀ, ଜ୍ଞାନ, ଦାତା, ହର୍ତ୍ତାକର୍ତ୍ତା।୬।
ବନ୍ଦେ ପୁରୁଷୋତ୍ତମ, ପୁରୁଷ ଉତ୍ତମ, ବନ୍ଦେ ଦେବାଧି ରାଜ, ଦେବ ପୂଜ୍ୟରାମ । ।୭।
ବନ୍ଦଇ ବଳୀ, ବାଳି, ବିଧ୍ୱଂସନକାରୀ, ବନ୍ଦଇ ବିଧିଦାତା, ବୈଦେହୀ ବିହାରୀ । ।୮।
ବନ୍ଦଇ ରାମ ରୂପ ନବ ଜଳଧର, ବନ୍ଦେ ରାମ ରୂପକ ମୋ ବିପତ୍ତି ହର । ।୯।
ବୋଧିସେ ଉମା ଦିନେ ପତିଙ୍କର ଚିତ୍ତ, ବୋଇଲେ କହ ପ୍ରଭୁ ଶ୍ରୀରାମ ଚରିତ । ।୧୦।
ବଶୀଭୂତେ କହନ୍ତି ସେଥି ବିରୂପାକ୍ଷ, ବିଦୂଷଣ ଦୂରୀ କରଣେ ଦିଅ ଲକ୍ଷ୍ୟ । ।୧୧।
ବୋଲୁ ଲଙ୍କେଶ ଦୂତେ ରାମେ ଦେଇପତ୍ର, ବୁଝାଇ ଡ଼ାକିଆଣ ବିଭୀଷଣ ଭ୍ରାତ । ।୧୨।
ବ୍ୟଗ୍ରେ ଚିଟାଉ ଦେଇ ରାମେ ସେ ନିକୁମ୍ଭ, ବିଭୀଷଣେ, ଭୀଷଣେ ବୋଲେ ଧରି ଦମ୍ଭ ।।୧୩।
ବଡ଼ଭାଇ ଅଟନ୍ତି ପିତାର ସମାନ, ବିରକ୍ତ ହେଉ ତୁମ୍ଭେ, ଛାଡ଼ି ଜନ୍ମ ସ୍ଥାନ । ।୧୪।
ବନବାସୀଙ୍କ ପାଶେ ଶରଣ ପଶିବା, ବଡ଼ ଅପମାନ ଯେ ଆସ ଫେରିଯିବା । ।୧୫।
ବିଶ୍ରବାଙ୍କ ଔରସୁ ଯେଣୁ ତୁମ୍ଭ ଜାତ, ବିଂଶ ନୟନ ପରେ, ନୃପତି ହେବତ । ।୧୬।
ବଡ଼ିମା ନୁହେଁ କଥା ବିଚାର, ଶ୍ରଦ୍ଧାରେ, ବଡ଼ କୁମ୍ଭ କର୍ଣ୍ଣ ଯେ ସର୍ବଦା ନିଦ୍ରାରେ । ।୧୭।
ବଳାରାତି, ଜିତ ଯେ ଛାଡ଼ି ଗର୍ବମାନ, ବିନୟେ ତୁମ୍ଭ ଆଜ୍ଞା କରିବେ ପାଳନ । ।୧୮।
ବିଗତ, ଦେବାନ୍ତକ, ଅତିକାୟ, ପିଲା, ବିଶେଷି ତାଙ୍କକଥା କି କହିବା ଭଲା । ।୧୯।
ବୀରାଙ୍ଗନା ମାନେ ଯେ ବହି ଅନୁରାଗ,ବେଳ ଦେଖିଣ ଦେବେ ଯାଚି ଅଙ୍ଗଭୋଗ ।୨୦।
ବେଳ ଅଛି ମୋ ସଙ୍ଗେ, ଚାଲନ୍ତୁ ଆପଣ, ବିମୁଖେ ସେ ମାର୍ଗରେ ଫେରିଯିବେ ସୈନ୍ୟ।୨୧।
ବିଭୀଷଣ ବୋଲନ୍ତି ତୁମ୍ଭ କହିବାରେ, ବହୁ ଭାବନା ଜାଗୁ ଅଛି ମୋ ମନରେ ।୨୨।

ବିଭୀଷଣର ଜନ୍ମ ଓ ପ୍ରତି ପାଳନ ସ୍ଥାନ

ବନେ ଗୁହା ମଧରେ ଆତ୍ମ ଜାତକର୍ମ, ବିଧାନ କରି ମାତା ଛାଡ଼ି ନାରୀ ଧର୍ମ । ।୨୩।

୧:ମହୀପତି-ରାଜା,ମହୀ-ପୃଥିବୀ,ସୁତା-ସୀତା ।୩:ଦଶାହର-ମନ୍ଦଗ୍ରହଦୂର,ଦଶଅବତାର-ମତ୍ସ,କଚ୍ଛ,ବରାହ, ନୃସିଂହ,ବାମନ,ପର୍ଶୁରାମ,ରାମ, ବଳରାମ,ବୌଦ୍ଧ,କଳ୍କୀ । ଦଶକଣ୍ଠ-ରାବଣ,ସୁଗ୍ରୀବ-ସୁ-ଶ୍ରେଷ୍ଠ-ଗ୍ରୀବ-କଣ୍ଠ । ୭: ପୁରୁଷଉତ୍ତମ-ନାରାୟଣ ।୯:ରାମ ରୂପକ-ବାକ୍ୟ ଅଳଙ୍କାର ।୧୧:ବିରୂପାକ୍ଷ ନେତ୍ର-ଶିବ । ୧୮: ବଳାରାତି-ଇନ୍ଦ୍ର

Digitized by PPRACHIN, SOA

ବୋଲିଥିଲେ ଅସୁରୀ ପ୍ରକୃତିରୁ ଦିନେ, ବିଷ୍ଣୁ ନାମ ଏ ପୁତ୍ର ମୁଖେ ସଦାଗୁଣେ । ।୨୪।
ବଣା ହୋଇ ରାକ୍ଷସ, ହନ୍ତା ହୋଇ ପାରେ, ବଂଶ ଉଦ୍ଧାର ଆଶା, ନାହିଁ ଏହାଠାରେ । ।୨୫।
ବଞ୍ଚୁ ବାମରୁ କହି,ଗଲେ ଛାଡ଼ି ଦେଇ, ବିଶ୍ରବା ଜାଣୁ ଦେଲେ କୁବେରଙ୍କୁ ନେଇ । ।୨୬।
ବୋଇଲେ ବାବୁ ପାଳ,ଏ ତୋହର ଭାଇ, ବଞ୍ଚିଲି ଧର୍ମବଳୁ, ତାଙ୍କ ଅନ୍ନ ଖାଇ । ।୨୭।
ବଙ୍କା କଥା ଶଙ୍କାରେ ନ କହନ୍ତି ଦିନେ, ବିଖ୍ୟାତ ତାଙ୍କୁ ସେବି ଦାନୀ ବୀର ପଣେ । ।୨୮।
ବେଳେକ, ବାହା, ସାହା ପାଇଁ, ଦଶାନନ, ବରି ଆଣିଲେ ମୋତେ ଦୂତ ପଠାଇଣ । ।୨୯।
ବଢ଼ାଇ ଦେଖାଇଣ ମନ୍ତ୍ରୀପଦ ଦେଇ, ବଢ଼ଭୀରେ ସର୍ବଦା ବିହରିଲେ ଯାଇ । ।୩୦।
ବିବେକ ହୀନେ ଶୁଣି ସୂର୍ପଣଖୀ କଥା, ବୈଦେହୀ ଅପହୃତ କରିଦେଲେ ବ୍ୟଥା । ।୩୧।
ବାରଣ କରନ୍ତେ ମୁଁ ସେ କ୍ରୋଧ ବଶରେ, ବୋଇଲେ, ଘୋଡ଼ା ମୁହାଁ ଅଟୁ ତୁ ବଂଶରେ । ।୩୨।
ବଳ ପ୍ରୟୋଗି ପଦାଘାତେ, ତଡ଼ି କରି, ବୋଲ ଏବେ ଡ଼ାକିଲେ ଯିବି କେଉଁପରି । ।୩୩।
ବିଧିବଶେ ଯଦିବା ରାଜ୍ୟେ ରାଜା ହେବି, ବୀରାଧାରୀ ଚରଣ ଛାଡ଼ି ନ ପାରିବି । ।୩୪।
ବଣା'କି ହେବ ଜାଣୁ ମୋହପରା ଲୋକ , ବୋଲନ୍ତି ରାମ, ଥରେ ବିଚାରିଣ ଦେଖ । ।୩୫।
ବିମାତା, ପରି ମାତା, ଦେଲେ ଅହିମୁଖେ, ବିଧି ବିଧାନରେ ତ ରହିଥିଲ ସୁଖେ । ।୩୬।
ବୀରେନ୍ଦ୍ର, ଶ୍ରେଷ୍ଠ, ଜ୍ୟେଷ୍ଠ, କୁଳେ ଦଶାନନ, ବାର୍ତ୍ତାବହ ପଠାନ୍ତି ନ କର ବାରଣ । ।୩୭।
ବାହୁଡ଼ିଲେ ଭଲ ହେ ରଖି ତାଙ୍କ କଥା, ବିଭୀଷଣ ବୋଲନ୍ତି ବଢ଼ାଇବ ବ୍ୟଥା । ।୩୮।

ଶସ୍ତ୍ରଯାଗ

ବିଂଶ-ନୟନଙ୍କୁ ହେ, ରାମ, ଅଛି ଯୋଗ, ବସିବେ ବୈକୁଣ୍ଠେ ସେ, କରି ଶସ୍ତ୍ର ଯାଗ । ।୩୯।
ବ୍ରାହ୍ମଣ ଭାବେ ତୁମ୍ଭେ ହୋଇ ଉଦ୍‌ଯୋଗୀତ, ବିଜ୍ଞ, ଲଙ୍କନାଥଙ୍କୁ କରିବ ଦୀକ୍ଷିତ । ।୪୦।
ବ୍ରହ୍ମାପୁତ୍ର, ଜାମ୍ବବ, ବ୍ରହ୍ମା' ଯେ, ଉଦ୍‌ଗାତା, ବାଳୀ ଭ୍ରାତ ସୁଗ୍ରୀବ ରଣ ଶାସ୍ତ୍ର ବେତ୍ତା । ।୪୧।
ବାତବାଳ ଆଦି ଯେ ହୋଇବେ ସଦସ୍ୟ, ବିଖଣ୍ଡିତ ଶୋଣିତ ହେବ ପୁରୋଡ଼ାସ ।୪୨।
ବାଣାସନରୁ ଜୟା, ଶ୍ରୁଚେ' ଘୃତ ପାଇ, ବଳି ସନ୍ତାପ ଅଗ୍ନି ଜଳିବ ନିଠାଇ । ।୪୩।
ବିମାନ ସେ ଯାଗରେ ହୋଇ ଯୂପ ପ୍ରାୟ, ବିଶେଷ ଶୋଭା ଦିଶୁଥିବ ରଘୁରାୟ । ।୪୪।
ବୀର କୁମ୍ଭକର୍ଣ୍ଣର ନିହତେ ସେ ଯାଗ, ବିଲୀନ ପରିହେବ ଆହେ ମହାଭାଗ । ।୪୫।
ବାସବଜିତ ପ୍ରାଣ ଶୋଣିତ, ଶୋଷଣେ, ବୋଲିବେ ଲକ୍ଷ୍ମଣଙ୍କ, ସୋମପାନ ଜନେ । ।୪୬।
ବ୍ରାହ୍ମଣ, ଆପୋହିଷ୍ଠା ମନ୍ତ୍ରରେ, ମାର୍ଜନ, ବିରଚିବା ପରାୟେ ହେବ, ସୀତା ସ୍ନାନ । ।୪୭।
ବିପ୍ରଶ୍ରେଷ୍ଠ ରାବଣ ସେ ଯାଗ ଦକ୍ଷିଣା, ବଶ୍ୟେ ତୁମ୍ଭ ହସ୍ତରୁ କରିବେଟି ଘେନା । ।୪୮।
ବଧୂଙ୍କୁ ଧରି ଶାଶୁ କରିବେ ରୋଦନ, ବହିବା ଅଶ୍ରୁ, ହେବ ଅବଭୃଥ ସ୍ନାନ । ।୪୯।
ବ୍ରହ୍ମାନପ୍ତା ରାବଣ, ଯଜ୍ଞଫଳ ପାଇ, ବୈକୁଣ୍ଠ ଦ୍ୱାରେ ଥିବ ତୁମ୍ଭ ପଥ ଚାହିଁ । ।୫୦।
ବଧ ଯଦିବା ମୋର ରଣେ ହୁଏ ରାମ, ବସିବି ସ୍ୱର୍ଗେ ପୂର୍ଣ୍ଣହେବ ମନସ୍କାମ । ।୫୧।

୩୦:ବଡ଼ଭୀ-ଚନ୍ଦ୍ରଶାଳା । ୩୪:ବିରାଧାରୀ-ବିରାଧବୈରି(ରାମ) । ୩୬:ବିମାତା-ସାବତ ମାତା, ଅହିମୁଖେ-ସର୍ପମୁଖେ । ୩୭:ବୀରେନ୍ଦ୍ର-ବୀରଶ୍ରେଷ୍ଠ । ୩୯:ବିଂଶନୟନ-ରାବଣ,ଶସ୍ତ୍ର ଯାଗ-ରଣଯଜ୍ଞ । ୪୦:ଦୀକ୍ଷିତ-ଗୃହିତ ମନ୍ତ୍ର । ୪୧:ଉଦ୍‌ଗାତା-ସାମ ବେଦ ପଠନ କରିବା । ୪୧: ରଣ ଶାସ୍ତ୍ର ବେତ୍ତା-ଧର୍ମ ଯୁଦ୍ଧ ବିଶାରଦ । ୪୨:ବାତବାଳ-ହନୁମାନ(ଆଦି ଅଷ୍ଟ ସେନାପତି),ସଦସ୍ୟ-ଯାଗବରୁଣିଆ, ଶୋଣିତ-ରକ୍ତ,ପୁରୋଡ଼ାସ-ଚରୁ । ୪୩: ଜୟାଶ୍ରୁଚ-ଆହୁତି ଦେବା ଉପକରଣ । ୪୪:ଯୂପ-ବଳୀ ପଶୁ ବନ୍ଧନ ସ୍ତମ୍ଭ । ୪୬:ବାସବ ଜିତ-ଇନ୍ଦ୍ରଜିତ,ସୋମପାନ-ଯଜ୍ଞରେ ବ୍ୟବହାର କରାଯାଉଥିବା ମାଦକ ଦ୍ରବ୍ୟ,ଆପୋହିଷ୍ଠା-ବରୁଣ କଳଶ ସିକ୍ତ ଜଳର ସ୍ନାନ ମନ୍ତ୍ର । ୪୯:ଅବଭୃଥ ସ୍ନାନ-ଗ୍ରାମ ଚତୁଃପାର୍ଶ୍ୱ ସେଚନ କରାଯିବାଜଳ । ୫୦: ବ୍ରହ୍ମାନପ୍ତା ରାବଣ ଯଜ୍ଞଫଳ-ରଣରେ ତୁମ୍ଭ ହସ୍ତରେ ମରି ବୈକୁଣ୍ଠ ପ୍ରାପ୍ତ ହେବ ।

Digitized by PPRACHIN, SOA

ଅଶୁଭ ଶକୁନ (ଲଙ୍କାତାରା)

ବୀରମାନଙ୍କ ନାଶ ପାଇଁକି ଉତ୍ପାତ, ବେଳ ଦେଖା ଗଲାଣି ଆସି ସୀତାକାନ୍ତ । ।୫୨।
ବୃଷପରି ଗର୍ଜନ୍ତି ଶୁଣ କୂପମାନେ, ବଳାରାତି ବର୍ଷଇ ଶୋଣିତ ସଘନେ । ।୫୩।
ବୀରମାନେ ଯୁଦ୍ଧକୁ ବାଉଥିବା ବାଦ୍ୟ, ବିକୀର୍ଣ୍ଣ କରୁଛି ହେ ଫଟା ଢ଼ୋଲ ଶବ୍ଦ । ।୫୪।
ବିହାୟସେ କୌଶିକ କାକ ଗୃଧ୍ରପନ୍ତି, ବିକଳେ ରକ୍ଷସେନା ପରେ ବସୁଛନ୍ତି । ।୫୫।
ବାରଣ ହୀନେ ନାରୀ ହୋଇ ସୁଖେ ରତ, ବ୍ୟାଘ୍ର ,ବରାହ, ମୁଖ ପୁତ୍ର କରି ଜାତ । ।୫୬।
ବହିଣ ନଇରତ କଣରୁ ପବନ, ବୀରଙ୍କ ବକ୍ଷୁ ହରି ନିଏ ଦମ୍ଭମାନ । ।୫୭।
ବାସବ ଅଧିପତି 'ଦିଗ' ରଘୁସୁତ, ବିଲୋକନ୍ତୁ ସର୍ବଦା ଦିଶଇ ଆରକ୍ତ । ।୫୮।
ବାମନ ଦିଗ ଗଜ ଦିଗ ଯେ ନୀଳଟି, ବାୟବ୍ୟ କୋଣ କଂସାପାତ୍ର ପରିପାଟି । ।୫୯।
ବିଭାବରୀ ଆରମ୍ଭେ ସେ ଅଗସ୍ତ୍ୟଦିଗେ, ବିଦ୍ଧ୍ୱଂଶ୍ୟେ ଲଙ୍କାତାରା ଧୈର୍ଯ୍ୟ ବନ୍ଧଭାଙ୍ଗେ । ।୬୦।

ଗ୍ରହ ଚକ୍ର

ବିଷ୍ଣୁମାତା ରୋହିଣୀ, ବୃଷେ, ଶନି, ଯୋଗ, ବସୁଗ୍ରହଚକ୍ରେ ଏ ଘଟେ ମହାଭାଗ । ।୬୧।
ବସୁଧା ସୁତ ଜ୍ୟେଷ୍ଠା ଛାଡ଼ି ଅନୁରାଧା, ବାସେ ଯିବା ପାଇଁକି କରୁଛି ମସୁଧା । ।୬୨।
ବିଚିତ୍ରା ନକ୍ଷତ୍ରକୁ ରାହୁ ଚାହିଁ ପୀଡ଼ା, ବିହୁଛନ୍ତି ନିଶାରେ ଦେଖ ହୋଇ ଛିଡ଼ା । ।୬୩।
ବିଭାକର ସମ୍ମୁଖେ ଗନ୍ଧର୍ବ ସଦନ, ବିସ୍ମିତ ହେବା ଦେଖି କରି ରଘୁନାନ । ।୬୪।
ବଂଶଘ୍ନ ବୀରଙ୍କର ଭାଙ୍ଗୁଅଛି ବପୁ, ବିଚାର ଏ ସବୁକୁ ଜ୍ଞାନେ ମଧୁରିପୁ । ।୬୫।

ଶୁଭ ସ୍ୱପ୍ନ

ବିଭାବରୀରେ କାଲି ସ୍ୱପ୍ନେ ମୁଁ ନିଦ୍ରାରେ, ବିଲୋକି ଅଛି ଯାହା ଶୁଣା ହେଉ ବାରେ । ।୬୬।
ବୀର ଯେତେ ଲଙ୍କାର ରଣେଥିଲେ ରୁଣ୍ଡ, ବିଭୂଷିତ ରକତ ପଗଡ଼ିରେ ମୁଣ୍ଡ । ।୬୭।
ବିମର୍ଦ୍ଦନ ସର୍ବାଙ୍ଗ ତଇଳରେ ହୋଇ, ବେକରେ ଜବା ପୁଷ୍ପ ହାରକୁ ଲମ୍ବାଇ । ।୬୮।
ବସିଥିବା ସ୍ୟନ୍ଦନ, ଛାଡ଼ି ଖରେ, ଚଢ଼ି, ବାମନ ଗଜ, ପାଶେ ଯାଉଥିଲେ ବଢ଼ି । ।୬୯।
ବଡ଼ଭ୍ରାତ ମୋ ଦକ୍ଷେ ସୁରାପାତ୍ର ମୁଖେ, ବସି ଗର୍ଦ୍ଦଭ ପୃଷ୍ଠେ ଯାଉଥିଲେ ସୁଖେ । ।୭୦।
ବିକାଶୁ ଥିଲା ତୁମ୍ଭ ଶିରେ, ଶ୍ୱେତ ଛତ୍ର, ବାମସ୍କନ୍ଧେ ଶୋଭିତ ଯଜ୍ଞ ଉପବୀତ । ।୭୧।
ବାମେ ସୀତା ଲକ୍ଷ୍ମଣ ଦକ୍ଷେ ଧରି ଛତି, ବହ୍ମାଡ଼ମ୍ବରେ ଅଭିଷେକକୁ କରାନ୍ତି । ।୭୨।
ବିଜ୍ଞାନୀତ ଆପଣ ସର୍ବଜ୍ଞାନ ବେତ୍ତା, ବିଶେଷି କହିବି·ବା ମୁଁ କେଉଁ ବାରତା । ।୭୩।
ବଳେ ଏଥିରୁ ଜଣାଯାଏ ରଘୁରାଣ, ବେଳ ହେଲା ଅସୁରେ ଲଭିବେ ମରଣ । ।୭୪।
ବୋଲ କେଉଁ ଶୁଭରେ ଯିବି ହେବ ଗତି, ବୀରା ଧାରୀ ଶୁଣି,ତା'ବୁଝାଇ କହନ୍ତି । ।୭୫।
ବିଧାତା ଗତି ଚକ୍ର କେ' ରୋଧି ପାରିବ, ବଇରି ପୁଞ୍ଜ ଭାଗ୍ୟେ ଯାହା ଥିବ ହେବ । ।୭୬।
ବନ୍ଦନା କରି ସ୍ମରି କରୁଣା ବାରିଧି, ବିରଚି ଏହି ଛାନ୍ଦ ସାରେ ଦୟାନିଧି । ।୭୭।

୫୨: ଉତ୍ପାତ ବେଳ-ଅଶୁଭ ବେଳ ।୫୩:ବୃଷ-ଷଣ୍ଢ, ବଳାରାତି-ଇନ୍ଦ୍ର, ଶୋଣିତ ସଘନେ-ରକ୍ତ ଘନେ ଘନେ ।୫୪:ବିକୀର୍ଣ୍ଣ-ଶବ୍ଦ ।୫୫:ବିହାୟସେ-ଆକାଶେ,କୌଶିକ-ପେଚା.ଗୃଧ୍ରପନ୍ତି-ସାଗୁଣା ବା ଗିର୍ଦ୍ଧିନି ପନ୍ତି ।୫୬: ବାରଣ ହୀନେ ନାରୀ- ନିୟମ ନ ମାନି-ବ୍ୟାଘ୍ର-ବରାହ ସଦୃଶ ମିଳନ ସୁଖ ଭୋଗି ପୁତ୍ର ଜାତ କଲେ ।୫୭:ନଇରତ-ପୂର୍ବ ଉତ୍ତର କୋଣ ।୫୮:ବାସବ ଅଧିପତି ଦିଗ-ପୂର୍ବ ଦିଗ ।୫୯:ବାମନ ଦିଗ-ଦକ୍ଷିଣ ଦିଗ ।୬୦:ଅଗସ୍ତ୍ୟ ଦିଗ-ଦକ୍ଷିଣ ।୬୨:ବସୁଧା ସୁତ-ମଙ୍ଗଳଗ୍ରହ ।୬୪:ବିଭାକର-ସୂର୍ଯ୍ୟ ।୬୯ଖରେ-ଗଧରେ । ବାମ୍ନନ ଗଜ-ଦକ୍ଷିଣ ଦିଗ୍ ଗଜ (ଯମପୁରକୁ)

Digitized by PPRACHIN, SOA

ଅଙ୍ଗଦ ଚିଟାଉ

(ରାଗ -ଦେଶାକ୍ଷ)(ବିହରୁ ବିହରୁ ଦଣ୍ଡକାରଣ୍ୟ ବୃତ୍ତେ)

ଛାନ୍ଦ-୫

ସୂର୍ଯ୍ୟବଂଶୀ ସୂର୍ଯ୍ୟ ସୁତଙ୍କ ଆଗେ, ଦୈତ୍ୟ ପତ୍ର ଖୋଲି ପଢ଼ି ସରାଗେ
ଭଣିଲେ କି ମିତ୍ର ଭୟେ ଲଙ୍କେଶ, ଛନ୍ଦେ ମନ୍ଦେ ସନ୍ଧି ପାଇଁ ଆଭାସ
ଦିଅନ୍ତି, ଜଣା ପଡ଼ଇ ନାହିଁ--ଭଲେ ସୀତା ଦେଲେ ଐଶ୍ୱର୍ଯ୍ୟ ସେହି । ।୧।
କେରଥୀ ଏଥି ଅଛି ବାଛି ଭାଷ, ଦୂତ ଭାବେ ଦୈତ୍ୟେ ଦେବ ସନ୍ଦେଶ
ମଣ୍ଡିବ ପଣ୍ଡିତ ପଣରେ ଯାଇ, ସୀତା ସତୀ ଦେବା ପାଇଁ ଫେରାଇ
କ୍ଷମିବା, ଅପରାଧ ସାଦରେ-- ଜନକ ନନ୍ଦିନୀ ଦେଲେ ଆଦରେ । ।୨।
ଜାଣି ଶୁଣି ମୁହିଁ କରେ ପ୍ରଚାର ଜଣେ ଜଣେ ତତ୍ତ୍ୱେ ବିଚାର କର
ରଣେ ବାଣ ବିନ୍ଧା ବିନ୍ଧି ଆଗରୁ, ଜଣେ ଯାଇ ସନ୍ଧି ସ୍ଥାପନା କରୁ
ଜାନକୀ, ପାଉଁ ସର୍ବେ ଫେରିବା-- ଆନକି ହେଲେ ସମର କରିବା । ।୩।
ଭାଳି ଭାଳି ବାଳି ସୁତକୁ ଦୂତ, କରିବା କହୁସେ ତପନ ସୁତ
ବହୁଚିନ୍ତି ରାମ ଦେଲେ ସ୍ୱୀକୃତି, କହୁ ସେ ଜାମ୍ବବାନ ଛୁଇଁ ଶ୍ରୁତି
ବାରଣ, କରେ କହି କାରଣ--ବୀର, ବୀର ନୁହେ ଅଙ୍ଗଦ ପୁଣ । ।୪।
ଅନ୍ୟପକ୍ଷେ ଧ୍ୟାନ ଦିଅନ୍ତୁ ଦେବ, ପିତା ପୁତ୍ର ମଧ୍ୟେ କି ସନ୍ଧି ହେବ
ବେଙ୍ଗବତୀ ଉଦରୁ ବ୍ୟଙ୍ଗେମେଦ,-ପାତ ଖ୍ୟାତ ବାଳି ସୁତ ଅଙ୍ଗଦ
ସେ ମନ୍ଦ, କାର୍ଯ୍ୟରୁ ମନ୍ଦୋଦରୀ-- ନାମ ବିଂଶାକ୍ଷେ ବରିଲା ସୁନ୍ଦରୀ । ।୫।
ବଳୀ ବାଳୀ ସନ୍ତୋଷେ ରଖି ଚିତ୍ତ, ବଳି ବାଳି ସୁତ କହନ୍ତି ମିତ
ନୁହନ୍ତି, ମୁଁ କହେ କର ବିଚାର, ଆନଦୂତେ ପତ୍ର ଅର୍ପଣ କର
ସେ ଜ୍ଞାନ, ବନ୍ତ ଧାନ ଦେଇଣ--ଶୁଣିଲେ ଭଣିଲେ ଜାମ୍ବବ ଶୁଣ । ।୬।
ଜଣାଯିବ ରଣାଗମ ଆଗରୁ, ଧାର୍ଯ୍ୟକାର୍ଯ୍ୟ କରେ କି ହୁଏ ଭୀରୁ
ବିନ୍ୟସ୍ତି ସ୍ୱହସ୍ତ ଲେଖି ପତର, ମୁଦି ମୋଦେ ଦେଲେ ଅଙ୍ଗଦ କର
ବୁଝାଇ, ସୁଝାଇଣ ସରବ--ଲଙ୍କାରେ ବଙ୍କାକଥା ନ କହିବ । ।୭।
ଏ ଛାନ୍ଦ ଏଠାରେ ହେଉଛି ପୂର୍ତ୍ତି, ଅଙ୍ଗଦ, ଲଙ୍କ ନାଥ ପ୍ରତି ଉକ୍ତି
ଆଗରେ ରାଗରେ ହେବ ବର୍ଣ୍ଣନା, ଧୀରେ ଧୀର ବୃନ୍ଦ କରିବ ଘେନା
ଜାନକୀ, ହୃଦପଦ୍ମ ବିହାରୀ--ଚରଣ କମଳେ ଦୟା ଗୁହାରି । ।୮।

୧:ସୂର୍ଯ୍ୟବଂଶୀ-ରାମଚନ୍ଦ୍ର, ସୂର୍ଯ୍ୟସୁତ-ସୁଗ୍ରୀବ ।୨:ଜନକ ନନ୍ଦିନୀ-ସୀତା । ପିତା,ପୁତ୍ର-ବେଙ୍ଗବତୀ ଓରଫ ମନ୍ଦୋଦରୀ.ପୁତ୍ର-ଅଙ୍ଗଦ ମନ୍ଦୋଦରୀ ସ୍ୱାମୀ ରାବଣ ଏରୂପେ ଅଙ୍ଗଦ ପିତା । ୬: ବାଳି-ମର୍କଟ ରାଜା । ବାଳୀ- ସ୍ତ୍ରୀ ତାରା, ବାଳି ସୁତ-ଅଙ୍ଗଦ

Digitized by PPRACHIN, SOA

ଅଙ୍ଗଦର ଲଙ୍କା ଆଗମନ

(ରାଗ-ରାମକେରୀ) ଯମକ ପଦ,

ଛାନ୍ଦ - ୬

ସୁବୁଦ୍ଧି ବିଦୁଷେ **କୁବୁଦ୍ଧି** ତେଜି ଶ୍ରୁତିପଥରେ
ରାମରସ ତାମରସକୁ ପାନ କର ହେ ଥରେ । ।୧।
ଚଳିଗଲା ବଳୀ ଅଙ୍ଗଦ, ଧରି ରାମ ଉଦନ୍ତ
କ୍ଷଣକେ **କ୍ଷଣ**ଦା ପରାୟେ, ବୁଲି ଖୋଜଇ ପଥ । ।୨।
ନ ପାଇ ପଥକୁ **ଇକ୍ଷଣେ ବିକ୍ଷଣେ**ତା ପାଚେରୀ
ବାଦ ପାଇଁ **ପାଦ** ପ୍ରହାରି, ରାସ୍ତା କରିଲା ହରି । ।୩।
ଘଡ଼ **ଘଡ଼ି** ପ୍ରାୟ ଶବଦ କରି **ପଡ଼ି**ଲା ତାହା
ମାୟାରେ ବିଂଶାର୍ଦ୍ଧ **କାୟା**କୁ ଧରିଲା ବିଂଶ ବାହା । ।୪।
କଡ଼ ମଡ଼ ଦାନ୍ତରଗଡ଼ି ପୁଛେ ଏହା କି ଶବ୍ଦ
ନ ସରୁ **ମୁଖ**ରୁ ଏ କଥା **ସମ୍ମୁଖ**ରେ ଅଙ୍ଗଦ । ।୫।
ଦେଖି ଦଇତୁଣୀ ଆଖିରେ **ଲେଖି** କଲେ ଆଶଙ୍କା
ଲ ା**ପୋଡ଼ା** ପ୍ରାୟ ଦିଶୁଛି ଆସେ **ପୋଡ଼ି**ବ ଲଙ୍କା । ।୬।
କରିବ ନିପାତ **ଧରିବ** ଯେବେ ପ୍ରମିଳା ପତି
ଦଶ **ଦଶା ବସା** କଲାଣି ଆସି ନାହିଁତ ଗତି । ।୭।
ଅଙ୍ଗଦ= **ବାଳି**ସୁତ **ବାଳୀ**ମାନଙ୍କ ମୁଖୁ ମାରୁତି କର୍ମ
ଶୁଣେ ଭଣେ ଧନ୍ୟ ପାବନି ରଖିଛୁ ବୀର ଧର୍ମ । ।୮।
ତୋ **ଦଂଶନେ**, ଭୀତ **ମନେ** ଏ ରଜ୍ଜୁକୁ ବିଷଧର
ମଣି ଭୟେ **ପୁଣି** ଆଳୟେ ଯିବାକୁ ତର ତର । ।୯।
ତାପରେ, ରାବଣ **ତାପରେ**, ବୀର ବିଚାର କରେ
ମାୟାବୀ **ନାଟୋପେ, ଆଟୋପେ** ପଡ଼ୁଘେନିନପାରେ । ।୧୦।
ପ୍ରଭୁଙ୍କୁ ମୋ **ଅବମାନନା ହେବ** ସରିବ ମାନ
କଛେ, ପୁଚ୍ଛ କରି **ଆସନ** ବସଇ **ସନ୍ନିଧାନ** ।।୧୧।
ଆସିଲା ଭାଷିଲା ଇନ୍ଦ୍ରାରି ନ ନେଇ ଅନୁମତି
ଇନ୍ଦ୍ରଜିତ = ରାଜାଙ୍କଠୁଁ ଉଚ୍ଚ ଆସନେ ବସିଛୁ ମନ୍ଦମତି । ।୧୨।

୧:ସୁବୁଦ୍ଧି ବିଦୁଷେ- ଉତ୍ତମ ବୁଦ୍ଧି ପଣ୍ଡିତେ, କୁ' ବୁଦ୍ଧି-ମନ୍ଦ ବୁଦ୍ଧି,ତାମରସ-ପଦ୍ମ,ମକରନ୍ଦ,ଅମୃତକୁ ।୨:କ୍ଷଣଦା-ବିଜୁଳି ।୩:ଇକ୍ଷଣେ-ନେତ୍ରରେ ବିକ୍ଷଣେ-ଦେଖି, ହରି-ମର୍କଟ ଅଙ୍ଗଦ ।୪:ବିଂଶାର୍ଦ୍ଧ-ଦଶ,କାୟାକୁ-ଦେହକୁ,ବିଂଶବାହା-କୋଡ଼ିଏ ହାତ ରାବଣ ।୭:ପ୍ରମିଳା ପତି-ଇନ୍ଦ୍ରଜିତ, ଦଶ ଦଶା ମରଣ ଦଶା । ୯:ତୋଦଂଶନେ-ପ୍ରତାପରେ, ରଜ୍ଜୁକୁ-ଦଉଡ଼ିକୁ, ବିଷଧର-ସର୍ପ, ଆଳୟେ-ଗୃହକୁ ।୧୦:ତାପ'ରେ-ପ୍ରତାପରେ, ମାୟାବୀ-ରାବଣ, ନାଟୋପେ-ଗୋଳି ଆରମ୍ଭେ,ଆଟୋପେ-ଗର୍ବ ବହି ।୧୧:କଛେ-ତୁଳନାତ୍ମକ ଭାବେ, ପୁଚ୍ଛ-ଲାଞ୍ଜ ।୧୨:ଇନ୍ଦ୍ରାରି-ଇନ୍ଦ୍ରଜିତ ।

Digitized by PPRACHIN, SOA

ଅପରି ଚୟତ ସୁପରିଚୟ ନ ହେଉ ଆସି
କୃତ ଅଳଙ୍କୃତେ ଆସନ ଚିତ୍ତେ ଭୟ ନ ଆସି । ।୧୩।
ପଚାର ପଚାର କାହାର ଚାର ହେ ମନ୍ତ୍ରୀବର
ଆସିଲା ବସିଲା ସମ୍ମୁଖେ କେଡ଼େ ସାହାସ ତାର । ।୧୪।

ଅଙ୍ଗଦ= ଅଙ୍ଗ ଦୋହଲାଇ, ଅଙ୍ଗଦ କହେ ରାକ୍ଷସ ଶୁଣ
ରବି ବଂଶ, ବଧୂଙ୍କୁ ଆଣୁ ପିତା ମୋର ଆଗମ ।।୧୫।
ବହୁରୂପ ଭୂପ ଧରିଲେ କିବା ମିଳିବ କ୍ଷମା
ସମର୍ପଣ କର ଶ୍ରୀରାମ, ପଦେ ଜନକ ଜେମା । ।୧୬।

ନୋହିଲେ ତ୍ରିଲୋକ ଆଲୋକ ଦୀପଶିଖା ଅନଳ
ପୋଡ଼ିବ ପତଙ୍ଗ ପରାୟେ ବଂଶ ଜାଣିଥା ଖଳ । ।୧୭।
ଆଶୀର୍ବାଦ, ପତ୍ର ଆସିଛି ଧରି ବାଳି କୁମର
ମୁଣ୍ଡରେ ଲଗାଇ ତୁଣ୍ଡରେ ଭଣ୍ଡ ପଠନ କର । ।୧୮।

ରବି ବଂଶ ଅବତଂସ, ଶ୍ରୀରାମ ଜାନକୀ ପତି
ଦୂତ କରି ମୋତେ ତୁମ୍ଭରି ପାଶେ ପେଷି ଅଛନ୍ତି ।।୧୯।
ଅଙ୍ଗଦ= ଅବଜ୍ଞା ନ କରି ଶ୍ରୀମୁଖ ଆଜ୍ଞା' ସୀତାଙ୍କୁ ନେଇ
ସମର୍ପି ଅସ୍ରପ, ଅସ୍ରପି, ପିତା, ସହଥା ରହି । ।୨୦।

ଇନ୍ଦ୍ରଜିତ =
ବଳି ବଳି, ବାଳି ତନୁଜ କହୁ କ୍ରୋଧେ, ରାବଣି
ଭୂଧର କମ୍ପାଇ ଅଧର ଚାପି ବୋଲଇ ବାଣୀ । ।୨୧।
କାହା ଦରବାର ଆଗରେ ସରାଗରେ କହୁଛୁ
ଗରପିଆ ଶର ଗୀରକୁ ପେଶି ବକ୍ଷ ଦହୁଛୁ । ।୨୨।

ବଣଜନ୍ତୁ ମନ୍ତ୍ରୁ, ତୋ ବାକ୍ୟ ଦଣ୍ଡେ ହୃଦୟ ଭାଣ୍ଡ
ସନ୍ଧିବି ଶରକୁ ବଧିବି କେ ? ରଖିବ ପାଷାଣ୍ଡ । ।୨୩।
ଅଙ୍ଗଦ= ବାଳି ସୁତ ବୋଲେ, ଅଙ୍ଗଦେ, ନ ଡ଼ରଇ ଅଙ୍ଗଦ
ବିଷୟା, ବିଷ ନାଶ ଅର୍ଥେ ଆଣିଥିଲି ମୁଁ, ଗଦ । ।୨୪।

ନ ଜାଣି ନ ଚିହ୍ନି ଅଯଥା ବିରାଗ ହୁଅ କିଆଁ
ନ ରଖିଲେ ବୁଝି ମୋ କଥା, ଦିନେ ଲାଗିବ ନିଆଁ ।।୨୫।
ଆୟତ୍ତ ନଥିବ ସେ କାଳେ, ଅଣ ଆୟତ୍ତ ହେବ
ସେତେବେଳେ, ବାଳି ନନ୍ଦନ, କଥା ଯାଇ ବୁଝିବ ।।୨୬।

ଇନ୍ଦ୍ରଜିତ = ଇନ୍ଦ୍ରଜିତ କହେ ଯା' ବାଳିସୁତ, କହିଲୁ ଭାଳି
ଶତଶତ ବାଳୀ ମୋ ପିତାଙ୍କର ସେବାରେ ଆଳୀ । ।୨୭।
କାହା ନନ୍ଦନ ତୁ ପ୍ରମାଣ, ଦେଇ କର ପ୍ରକାଶ
ହେଳା କଲେ ଭେଳା ବୁଡ଼ିବ ନିଶ୍ଚେ ହୋଇବୁ ନାଶ । ।୨୮।

୧୫:ରବିବଂଶ ବଧୂ-ସୂର୍ଯ୍ୟବଂଶ ବଧୂସୀତା ।୧୬:ଭୂପ-ରାଜା ।୧୭:ତ୍ରିଲୋକ-ସ୍ୱର୍ଗ,ମର୍ତ୍ତ୍ୟ,ପାତାଳ ।୨୦:ଅସ୍ରପ ଅସ୍ରପୀ-ଅସୁର ଅସୁରୀ ।୨୧:ଭୂଧର-ପର୍ବତ ।୨୨:ଗର-ବିଷ ।୨୪:ଅଙ୍ଗଦେ-ଯୁଦ୍ଧକୁ,ବିଷୟା-କାମ,କ୍ରୋଧ,ଲୋଭ, ମୋହ, ମଦ,ମତ୍ସର୍ଯ୍ୟ ।୨୬: ବାଳି ନନ୍ଦନ-ଅଙ୍ଗଦ, ଆଳୀ-ସେବିକା ।

Digitized by PPRACHIN, SOA

ଇନ୍ଦ୍ରଜିତ = କପି କହେ କେତେ ତୋ ବାପ, ମାତାଠୁଁ ବୁଝିଆସ
ବହୁତ ରାବଣ ଦେଖିଛି, ଏଥି ଦେଖେ ବିଶେଷ । ।୨୯।
ତା ଶୁଣି ବିବାଦେ, ତାଗିଦେ, ଭାଷଇ ଇନ୍ଦ୍ରଜିତ
କେତେ ବାପ ମୋର ଜାଣିଛୁ ସମ୍ମୁଖରେ କହତ । ।୩୦।

ଦଶରାବଣ

ତ୍ୱରା ହୋଇ ତାରା ନନ୍ଦନ କହେ ସପ୍ତ ସାଗର
କାଖେ ଯାକି **ଏକ' ରାବଣେ**(୧), ପିତା ବୁଲିଲେ ମୋର । ।୩୧।
କାର୍ତ୍ତବୀର୍ଯ୍ୟ 'ସ୍ନାନେ' ନର୍ମଦା କୂଳେ **ଏକ' ରାବଣ**(୨)
ବାନ୍ଧି ରଖିଥିଲା, ପୁଲସ୍ତି ମୁକୁଳାଇଲେ ଜାଣ । ।୩୨।

ପଶାକାଠି ଟେକି ନପାରି ପାତାଳ ପୁରୁ ଥରେ
ଫେରିଲା ଯେ **ଏକ ରାବଣ**(୩), ଶୁଣିଥିବ ଶ୍ରୁତିରେ । ।୩୩।
ବେଦମତୀ, ରମ୍ଭା, ଅପ୍ସରା, ହରୁଥିଲା ନ ପାରି
ପାପ, ଶାପ ଭୟେ **ରାବଣ ବେନି'**(୪-୫) ଆସିଲେ ଫେରି । ।୩୪।

ବଳକୁ ଦେଖାଇ, ବଳୀର ଦ୍ୱାରୁ **ଏକ ରାବଣ** (୬)
ଫେରିଲା ଟେକି ନ ପାରିଲା, ହିରଣ୍ୟର କଙ୍କଣ । ।୩୫।
ଶିବ ଗିରି ଥରେ ଉପ୍ପାଟୁ ତାହା ହୋଇଲା ବାମ
କୋପୀ ଶିବ ଚାପୁଁ ରାବିଲା, **ରାବୁ' ରାବଣ**(୭)ନାମ ।।୩୬।

ଧନୁ ଯାଗେ **ଏକ ରାବଣ**(୮) ଗଲା ବୋଲାଇ, ବଳୀ
ତୋଳି ନ ପାରିଲା ଧନୁକୁ ନୃପେ ମାଇଲେ ତାଳି । ।୩୭।
ପ୍ରାଣ ଭିକ୍ଷା କଲା, **ରାବଣେ**(୯)' ମୁହିଁ, ଫିଙ୍ଗୁ, ପଙ୍କେତ
କ୍ଷମା ଦେଲି ଗଲା କନ୍ଧରେ ଦେଖ ଥିବ, ସଙ୍କେତ । ।୩୮।

ଭିକ୍ଷା ମାଗୁଥିଲା **ଯେ' ଯାଇ**(୧୦) ପଞ୍ଚବଟୀ ବନରେ
ତାହାକୁ ମୁଁ ଚିହ୍ନି ନ ପାରେ ଚିହ୍ନାଇ ଦିଅ ଥରେ । ।୩୯।
ରାବଣ= ବାଳିସୁତ ନାମ ଶ୍ରବଣେ ଶୁଣୁ ସେ ବିଂଶ ପାଣି
ମାୟା ରୂପ ଛାଡ଼ି ଆଗରେ ଥରି ବିଚାରେ ପୁଣି ।।୪୦।

ବାଳିଭୟ ଗଲା ତାହାକୁ ବିନାଶିଲା ରାଘବ
ବାଳିପୁତ୍ର ଏତ ପ୍ରଖ୍ୟାତ ବୀର ନୁହେ ଲାଘବ । ।୪୧।
ଏହି ପରି ଜଣେ ବୀରକୁ, କରାୟତ କରିଲେ
ଭ୍ରାତା ବିଭୀଷଣ, ଯିବାଟା ପାଶୋରାଇବ ଭଲେ । ।୪୨।

ଏହା ଭାବି ଦୈତ୍ୟ କପଟେ ମଧୁର କଣ୍ଠେ ଦମ୍ଭେ
କହିଲା ତା ହେଲେ ମଇତ୍ର, ପୁତ୍ର, ଅଙ୍ଗଦ ତୁମ୍ଭେ ।।୪୩।
କ୍ଷୋଭର ବିଷୟ ଏପରି ଜଣେ ବୀରର ପୁତ୍ର
ବନଚାରୀ ଜଟାଧାରୀର ହୋଇ ଆସିଛ ଦୂତ । ।୪୪।

୧୩:କୃତ-ରଚନା କରି,ଅଳଙ୍କୃତେ-ମଣ୍ଡିତେ ବସିଅଛୁ ୩୧: ସପ୍ତ ସାଗର-ଲବଣ.ସୁରା. ମଧୁ. ସର୍ପିଃ.ଦଧି. ଦୁଗ୍ଧ.ଜଳ ।

Digitized by PPRACHIN, SOA

ଏଥୁ ବଳି କଥା କି ଅଛି ଏ ବଡ଼ ଅପମାନ
ମିତ୍ର ପୁତ୍ର ଯେଣୁ ଧର୍ମରେ ମୋର ପୁତ୍ର, ସମାନ । ।୪୫।
ଶୁଣିଲି ଯେ ବିନାଦୋଷରେ ପିତାଙ୍କୁ ହତ୍ୟା କଲା
ଘୃଣି ହୋଇ ଜାଣି, ତା ଦୂତ ହୋଇ ଆସିଛ ଭଲା । ।୪୬।
ପିତା ଅନ୍ତେ ପୁତ୍ର ନୃପତି ହେବା ସ୍ମୃତିସମ୍ମତ
କିନ୍ତୁସେ ନଦେଇ ଶତ୍ରୁଯେ ତାଙ୍କୁ କରିଛି ଦତ୍ତ । ।୪୭।
ବୀର ପକ୍ଷେ ସେବା ଗୌରବ କଥା ନୁହ ବିଚାର
ନୃପ କରାଇବି ମୋ ପକ୍ଷେ ଯୋଗ ଦିଅ ହେ ବୀର । ।୪୮।
ରାବଣ ପ୍ରସ୍ତାବେ ଶ୍ରାବଣ ବର୍ଷା ପରାୟେ ଚଳି
ବୋଧେ, ପୁତ୍ର, ଶୁଣି କ୍ରୋଧରେ ଜାମ୍ବବ କଥା ଭାଳି ।।୪୯।
ପରିହାସଭରା କଣ୍ଠରେ କହେ ଦେଖାଇ ଗେଲା
କୁକୁର, ସିଂହକୁ, ଶିକାର ଯାଚିବା ପରି ହେଲା । ।୫୦।
ଶ୍ରୀରାମଙ୍କ ଦୂତ ହୋଇଯେ ତୋ ପୁରକୁ ଆସିଛି
କୁତା, ତୁହି ସେହି ସିଂହକୁ ରାଜା କରିବୁ ଛି ଛି । ।୫୧।
ରାବଣ= ଏହା ଶୁଣି କହେ ରାବଣ କି କି କରିଛି ରାମ
କହରେ ଅଙ୍ଗଦ ମୋହର ସଙ୍ଗେ ହେବ କି ସମ । ।୫୨।
ଅଙ୍ଗଦ= ତାଡ଼କାର ଡ଼ାକେ ତାଡ଼କା ମାରି ସୁବାହୁ ବାହୁ
ଛେଦିଲେ ବନ୍ଦନ୍ତେ ମାରିଚେ, ଫିଙ୍ଗିଲେ ରାମ ରାହୁ ।।୫୩।
ପଥର ପଥର ଚରଣ ଧୂଳି କଲା ସୁଶୀଳା
ନାବରେ ଭାବରେ କେଉଟ ପାଦ ଧୋଇ ଭାଷିଲା । ।୫୪।
ରାବଣ= ଡ଼ାକ ପକାଇଲା ତାଡ଼କା ନାରୀ ମୁହିଁ ନ ମାର
ବୁଢ଼ୀଟାକୁ ମାରି ତୋ' ପ୍ରଭୁ ଭବେ ବୋଲାଏ ବୀର ।।୫୫।
ଶାପ ସରୁ ପାପୁ ଉଦ୍ଧାର ହେଲା ଋଷି ଅଙ୍ଗନା
କେଉଟ ଉଦ୍ଧାର, ଯାଧର ମୁଖେ ତା ମିଥ୍ୟା ବାନା । ।୫୬।
ଅଙ୍ଗଦ= ଲକ୍ଷେ ନୃପେ ଯାହା ନ ହେଲା ଦକ୍ଷେ ଭାଙ୍ଗି ସେ ଧନୁ
ଗର୍ବ ଖର୍ବ କରି ରଖିଲେ ପଥେ ରେଣୁକା ସୁନୁ । ।୫୭।
ବୋଲିବୁବା' ରାମ, ପରଶୁ ରାମ, ନାମିତ ମିତ୍ର
ତୋତେ ବାନ୍ଧିଥିଲା ଯେ, ତାହା, ହସ୍ତେ ହେଲା ପରାସ୍ତ ।।୫୮।
ରାବଣ= ରାଗିଣ ରାବଣ କହିଲା ଭାଙ୍ଗି ପୁରୁଣା ଧନୁ
ଖର୍ବ କଲା ଗର୍ବ କହିବା ଛାଡ଼ ଛାଡ଼ ତୋ ମନୁ । ।୫୯।
ବିଂଶ ହସ୍ତ ଯେବେ ପରାସ୍ତ ସବୁଠାରୁ ହୋଇଲା
ଶିର ବଳି ଦେଇ ହରଠୁ ବର ପାଇ ନ ଥିଲା । ।୬୦।

୫୪:ସୁଶିଳା-ସ୍ତ୍ରୀ ।୫୬:ଋଷି ଅଙ୍ଗନା-ଗୌତମ ସ୍ତ୍ରୀ ଅହଲ୍ୟା । ୫୭:ରେଣୁକା ସୁନୁ-ପର୍ଶୁରାମ ।୫୮ :ତୋତେ ବାନ୍ଧିଥିଲା ଯେ-ସହସ୍ରାର୍ଜ୍ଜୁନ

Digitized by PPRACHIN, SOA

ଅଙ୍ଗଦ= ପିତୃ ସତ୍ୟ ପାଳି ଯେ ବୀର ତେଜି ରାଜ୍ୟ ଆସନ
ଭାଇକି ସଙ୍ଗରେ ରଙ୍ଗରେ ଧରି ଆସିଲେ ବନ । ।୬୧।
ଚିତ୍ରକୂଟ, କୂଟେ, ଆକଟେ ନେବା ପାଇଁ ଫେରାଇ
ଆସିଲେ ଭରତ ଭାଷିଲେ ବୋଧି ନ ଗଲେ ସେହି । ।୬୨।

ବୈକୁଣ୍ଠର ପିତା, ସତ୍ୟ କୁ ପାଳି ମୁଁ, ଭାଇ ଧରି
ଆସିଛି ମରତେ ବିରତେ ତେଜି ବୈକୁଣ୍ଠ ଶିରୀ । ।୬୩।
ବଡ଼ ରାଜ୍ୟ ତ୍ୟାଗ କରିବା ପରମ୍ପରା ଏ ବୀର
ରାଜା, ପ୍ରଜା ତେଜି କୈଳାସ ବନେ, ଦେଖ କୁବେର ।।୬୪।

ଅଙ୍ଗଦ=ଦଣ୍ଡକ ବନରେ ଆନନ ଦେଖି ବିନ୍ୟସ୍ତ ମନ
କୃପା ବିନା ସୂର୍ପାଭଗ୍ନୀର ଛେଦାଇଲେ ଶ୍ରବଣ । ।୬୫।
ଦଣ୍ଡକେ ଦଣ୍ଡକେ ନାଶିଲେ ଖର ଦୂଷଣ ଆଦି
ଦଣ୍ଡଧରଦଣ୍ଡେ ନଯାଅ ରାମେ ହୋଇବିବାଦି । ।୬୬।

ରାବଣ= ମୋ ଆଦେଶ ପାଳି, ବାଳିଶ, ପ୍ରାୟ ସେ ସୂର୍ପାମନ
ବଳାଉଁ ନ ବୁଝି ବିଧର୍ମୀ ହେଲା ଯୋଗୀ ଲକ୍ଷ୍ମଣ । ।୬୭।
ଭୂଷଣ ନୁହଇ ଦୂଷଣ ବଧ, ବାଳକ ସେହି
ଦଣ୍ଡଧର ଦେବ କି, ଦଣ୍ଡ ମୋର ସେବକ ହୋଇ । ।୬୮।

ଅଙ୍ଗଦ=ସପ୍ତଶାଳେ ବଳେ ବିନାଶି ଶରେ ବାଳୀ ବୀରକୁ
ପଠାଇଲେ ଯେହୁ, ମଇନ୍ଦ୍ର ଛଳେ ପିତା ପୁରକୁ । ।୬୯।
ଧରିଣ ବାନର ସାଗର ବକ୍ଷେ ବାନ୍ଧିଲେ ବନ୍ଧ
କରିବେ, ନ ଥିଲେ କରିବେ ନାହିଁ, ନ ଜାଣୁ ଅନ୍ଧ । ।୭୦।

ରାବଣ= ଜଟିବା ପାଇଁକି ଜଟିଆ ଶିଖି ଗାରୁଡ଼ି ଯତି
ସଳଖି କାଟିଲା ଶାଳକୁ ବୀରେ ନୁହିଁ ଗଣତି । ।୭୧।
ବୃଦ୍ଧ କପି ବଧି କେ ସିଦ୍ଧି କରିଛି ବୀର ପଣ
ସନ୍ଧିଲା କମାଣ ବିନ୍ଧିଲା ନ ଫିଟିଲା ଯା ବାଣ । ।୭୨।

ଅଙ୍ଗଦ=ଅଙ୍ଗଦ ବୋଲଇ ବଗୁଲି, କହେ ଚନ୍ଦ୍ରକୁ ଦିନେ
ଜଳେ ସ୍ଥଳେ ଚଳେ ମୁଁ ତୁହି ଚଳୁ ଏକା, ଗଗନେ । ।୭୩।
ଦୁଇପକ୍ଷ, ଶୁକ୍ଳ ମୋହର, ପକ୍ଷେ ତୋହର କାଳୀ
ସଦାମୀନ ଭୋଗି ମୁଁ, ମାସେ ତୁହି ଅଢ଼େଇ ଓଳି । ।୭୪।

ବହୁ ସ୍ଥାଣୁ ଶିର ଶୋଭନେ ମୁହିଁ ସର୍ବଦା ରତ
ଏକ ସ୍ଥାଣୁ ଶିରେ ତୁ' ସଦା ପୂଜ୍ୟ ମୁହିଁ ଉଚିତ । ।୭୫।
ସେହିପରି ତୋର କ୍ଷମାଣଧାରୀ ଥିଲେ ହିଁ ସାନ୍ଦ୍ର
ଲକ୍ଷ୍ୟ ନ ହୋଇବେ ଏ ଧରା ବକ୍ଷେ ରାଘବ ଚନ୍ଦ୍ର । ।୭୬।

୬୬:ଦଣ୍ଡଧର -ଯମ ।୬୯:ପିତା ପୁରକୁ-ଇନ୍ଦ୍ର ପୁରକୁ । ୭୧:ଗାରୁଡ଼ି-ବିଷମନ୍ତ୍ର ।୭୫:ସ୍ଥାଣୁ ଶିରେ-ଭଣ୍ଡା ଗଛରେ , ସ୍ଥାଣୁ-ଶିବ

Digitized by PPRACHIN, SOA

ରାବଣ= ଏ ବଚନେ ବିଂଶ ଲୋଚନ ବୋଲେ ଶୁଣରେ ବାଇ
ଧାଇଁଛ କଟିଆ ପଛେ, କି ମନ୍ତ୍ର ଦେଲା ପଢ଼ାଇ । ।୭୭।
ଜାଣତ ମୋ ବଳ,କୌଶଳ, ସେନା,ସୈନ୍ୟ,କମାଣ
ଶାଳ, ଶିଳ, ଧରି କିପରି ରଣେ କରିବ ରଣ । ।୭୮।
ଦେଖିଲା କ୍ଷଣିତ ଭୋକିଲା ରକ୍ଷ ଭକ୍ଷିବେ ନର
କି ସିଦ୍ଧି ଲଭିବ ଯୁଦ୍ଧରେ ଆଉ ରକ୍ଷ ବାନର । ।୭୯।
କହତ କ୍ଷତ୍ରିୟ, ନନ୍ଦନ କରି କ୍ଷତ୍ରିୟ ଧର୍ମ
ଜାଣିଥିବୁ ଆଶା କରଯା ଜୟେ ହେବ ଦୁଷ୍କର୍ମ । ।୮୦।
ଛେଳିକି ଭେଳିକି ଲାଗଇ ଯେବେ ଦେଖନ୍ତି ପାଣି
ଭିଡ଼ିଲେ ନ ଯାନ୍ତି ଗଡ଼ିଲ କେହ୍ନେ ଲୋମଶ ପ୍ରାଣୀ । ।୮୧।
ଅଙ୍ଗଦ= ଅଛହିଁସିଁପ ଭାଷେ ଅଙ୍ଗଦ ଶୁଣ ଯିବ ତୋ ଭ୍ରମ
ପ୍ରକୃତରେ ରକ୍ଷ ମର୍କଟ ଚର୍ମେ ସମ୍ପୂର୍ଣ୍ଣ ଲୋମ । ।୮୨।
ପରଂବ୍ରହ୍ମ ରାମ ନୈତିକବଳ ସେ ଲୋମ କୂପ
ମୂଳେ ଭରିଦେଲା ଅଶେଷ ବଳ ନାହିଁ ଭ୍ରୁକ୍ଷେପ । ।୮୩।
କୋଟିକୋଟିସେନା ସଙ୍ଗରେ ଗୋଟିଏ ଲୋମଧାରୀ
ସମାନ ହୋଇବେ ବିଜୟୀ ରାମ ସଙ୍ଗରେ ଧରି । ।୮୪।
ରାବଣ=ଶୁଣିଲା ରାବଣ ଭଣିଲା ନୈତିକତା ଯା କହୁ
ଲଙ୍କନାଥ ବିନା ଭବେ କେ ଲବେ ନ ଜାଣେ ଆଉ । ।୮୫।
ଆମକୁ ପାରିବ ନାହିଁ ସେ ରାମ ଯାଇ କହଯା
ଗ୍ରାମକୁ ଯାଉସେ ସଂଗ୍ରାମ ନ କରୁ ସାଜ ସଜ୍ଜା । ।୮୬।
ଅଙ୍ଗଦ= ମୋହିଲା ଅଙ୍ଗଦ କହିଲା ଶୁଣରେ ଦଶମଥା
ରାମ ସଙ୍ଗେ କାହିଁ ସମାନ ତୁହି କହିବା ବୃଥା । ।୮୭।
ତାଙ୍କ ଜ୍ଞାନେ ସର୍ବ ନାରୀ, ମା' ଅଙ୍କ ମଣ୍ଡନା ଏକ
ତୋର ମାତା ଏକ, ସମସ୍ତେ ସ୍ତ୍ରୀରି ଏହା ପୃଥକ । ।୮୮।
ରାବଣ= ବିଶ୍ରବା ତନୁଜ କହଇ ମୁଖେ ନାହିଁ ତୋ ଲାଜ
ମାଗତାର, ଦୂତ ହୋଇଛୁ ମାଗିବା, ତୋର କାର୍ଯ୍ୟ ।୮୯।
ମାଗତା ମାଗିଲେ ରାଗିଲେ ଭୋଗେ, ଭୋଗୀ ପରାଏ
ଗରୁଡ଼କି ଗର ଡ଼ରରେ ତାକୁ ବିନୟୀ ହୁଏ । ।୯୦।
ଅଙ୍ଗଦ= ବିଚାରତା ପୂର୍ବ ପୁରୁଷ ମାରି ଆଣିଲୁ ନାରୀ
ଚତୁର୍ଦ୍ଦଶ ପୁର ଦଣ୍ଡୁଛୁ ତ୍ରିଦଶଙ୍କ ବଇରୀ । ।୯୧।
ତଥାପି ସେ ଥାପି, ଧୈର୍ଯ୍ୟକୁ ବନ୍ଧ ପ୍ରତିଷ୍ଠା ପାଇଁ
ଡ଼ାକି ଥିଲେ ସତ୍ୟ ପରଖି ନ ବୁଝୁ ଲଙ୍କ ସାଇଁ । ।୯୨।

୯୦:ଭୋଗି-ସର୍ପ । ୯୧:ପୂର୍ବ ପୁରୁଷ-ଅନରଣ୍ୟ, ଚତୁର୍ଦ୍ଦଶ ପୁର-ସପ୍ତ ସ୍ୱର୍ଗ-ଭୂ,ଭୁବ,ସ୍ୱ. ମହ. ସତ୍ୟ,ଜନ. ତପ.ସପ୍ତ ପାତାଳ-ତଳ.ଅତଳ.ବିତଳ.ସୁତଳ,ତଳାତଳ,ରଶାତଳ.ପାତାଳ । ଜ୍ୟେଷ୍ଠସୁତ-ଇନ୍ଦ୍ରଜିତ. ତ୍ରିଦଶ-ଅମର

Digitized by PPRACHIN, SOA

ରାବଣ=ଏ ବଚନେ ବିଂଶ ଲୋଚନ ଶୁଣି କହଇ ଶୁଣ
ଭ୍ରଷ୍ଟ କରିଅଛି ମୋ ଜ୍ୟେଷ୍ଠ, ସୁତ ଇନ୍ଦ୍ରର ପଣ । ।୯୩।
ପୀୟୁଷ ପାନରୁ ଆୟୁଷ ଅଛି ତାଠୁ କେବଳି
ରାମ ବାଣ କାଟିପାରେ କି ରଣେ ଦୈତ୍ୟ ମଉଳି । ।୯୪।
ଅଙ୍ଗଦ=ବୋଲେ ବଳୀ ବାଳିର ଅର୍ଦ୍ଧେବଳ ନେଇ ବିଧାତା
ସପ୍ତଶାଳେ ରଖୁ କୌଶଳେ କାଟି ନ ପାରେ କେତା ।।୯୫।
ଶରେ ପେଷି ତାହା ନିବାରି ରାମ ବାଳୀ ମାରିଲେ
କେଡ଼େ ବୀର ଜାଣ ଯେ ବାଳି କକ୍ଷେ ଥିଲୁ ତୁ ଭଲେ । ।୯୬।
ରାବଣ=ବୋଇଲା ରାବଣ ଶରଭ, ଅଟେ ମୃଗ ବିଶେଷ
ଖୁରା ମାରି ଚିରି ପଞ୍ଚାସ୍ୟେ ଦେଇ ପାରଇ ତ୍ରାସ । ।୯୭।
ତାହା ବୋଲି ବନ ପତିକି ହେବ ପାଇବ ପୂଜା
ସେ ରାମ କାନନ ଶରଭ, ଲଙ୍କାରେ ଆମ୍ଭେ ରାଜା । ।୯୮।
ଅଙ୍ଗଦ= ଅଙ୍ଗଦ ବୋଲଇ ସମୁଦ୍ରେ ବଡ଼ ମତ୍ସ୍ୟ ଯେ ତିମି
ଶତ ଶତ ଯୁଣ କ୍ଷଣକେ, ସେହି ପାରଇ ଭ୍ରମି । ।୯୯।
ଆଉ ଏକ ମତ୍ସ୍ୟ, ତାହାକୁ ଗିଳେ ସେ ତିମିଙ୍ଗିଳ
ସେ ମତ୍ସ୍ୟକୁ ଗିଳେ ରାଘବ, ଏହି ରାଘବତୁଳ । ।୧୦୦।
ପ୍ରସଙ୍ଗ=ବ୍ୟସ୍ତରେ ପ୍ରଶଂସା ନସହି ସେଥି କରିଲା ଗାନ
କେତେ ଯଶ ଗାଉ ପ୍ରଭୁର ନୁହେଁ ଆମ୍ଭ ସମାନ । ।୧୦୧।
ଇନ୍ଦ୍ର, ଉପଇନ୍ଦ୍ର, ସମାନ ଇନ୍ଦ୍ର ପ୍ରହାରୁ ବଜ୍ର
ତିଳେ ନ ଭେଦିଲା ନୃପଙ୍କୁ ସାନ ବଡ଼ କେ ହେଜ । ।୧୦୨।
ହିରଣାକ୍ଷ୍ୟ ଜନ୍ମେ ଚକ୍ରେକ ମାଇଲେ ନାରାୟଣ
ବକ୍ରେ, ହୃଦ ପଦ୍ମେ ଝୁଲଇ ସେହି ଏହି ରାବଣ । ।୧୦୩।
ଅଙ୍ଗଦ= ବାଳୀ 'ବଳି' ପୁରେ ସଂସାରେ ସାର ମୁଁ ତା କୁମର
ବାଳ କାଳେ ତୁମ ରାଜାକୁ ଖେଳାଉଥିଲି ଖେଳ । ।୧୦୪।
ଶୂଳି ଖୟେ ବଳି ଦେବାକୁ ପିତା ଆଦେଶ ହେଲା
ଦୟାବଶେ ଛାଡ଼ିଥିବାରୁ ଆଜି ଲାଗିଛି ପାଲା । ।୧୦୫।
ଅସୁରେ=ଏ କଥାରେ ଏକା ଥରକେ କେହି ନ ହୋଇ ରାଜି
କହିଲେ ପରୀକ୍ଷା ହେଉତା ରକ୍ଷ ସମ୍ମୁଖେ ଆଜି । ।୧୦୬।
ସିନ୍ଧୁକୁ, ମଣ୍ଡୁତୁ ସରସୀ, ସିଂହେ ମଣୁ ଶୃଗାଳ,
ଐରାବତ, ସଙ୍ଗେ ସାମାନ୍ୟ, ଗଜ କରୁଛୁ ତୁଳ । ।୧୦୭।
ଅଙ୍ଗଦ= ହସିଲା ଅଙ୍ଗଦ ଭାଷିଲା ଶୁଣ ଶୁଣ ସରବେ
ପ୍ରଭୁଙ୍କର ଆଜ୍ଞା, ଅବଜ୍ଞା ନ କରି ପାରେ ଲବେ । ।୧୦୮।

୯୩:ଜ୍ୟେଷ୍ଠସୁତ-ଇନ୍ଦ୍ରଜିତ ।୯୪:ପିୟୂଷ-ଅମୃତ ।୯୭:ସରଭ-ଅଷ୍ଟପାଦ ବିଶିଷ୍ଟ ମୃଗ ।୯୮:ବନପତି-ସିଂହ,ରାମ-କାନନ. ୧୦୦:ରାଘବ ମଛ-ରାମ. ୧୦୭: ସରସୀ-ପୁଷ୍କରିଣୀ,

Digitized by PPRACHIN, SOA



ସୀତାଙ୍କୁ ଫେରାଇଦେବା ବାର୍ତ୍ତା ନେଇ ରାବଣ ଦରବାରେ ଅଙ୍ଗଦ

ପ୍ରଭୁ ରାମଙ୍କ ସହିତ ଶତ୍ରୁତା ନ କରି ସୀତାଙ୍କୁ ଫେରାଇଦେବା ପାଇଁ ମନ୍ଦୋଦରୀର ରାବଣକୁ ପ୍ରାର୍ଥନା

ବାନର ସେନାଙ୍କର ଲଙ୍କାଗଡ଼ ଆକ୍ରମଣ

ଲକ୍ଷ୍ମଣ ଶକ୍ତିଭେଦ, ବିଶଲ୍ୟ କରଣୀ ପାଇଁ ହନୁମାନଙ୍କ ଗମନ

Digitized by PPRACHIN, SOA

ସମର ପୂର୍ବରୁ ଏ ମୋର ପାଦ ଘୁଞ୍ଚାଇ ଦେଲେ
ଧରାମରା ରଣ ନ ହେବ, ମୋର ପ୍ରଭୁ ହାରିଲେ । ।୧୦୯।
ନ ସରୁଣୁ ମୁଖୁ ,ପାଖରୁ, ପାଖ ଦଇତ ଗଣ
ପାଦକୁ ନିଠାଇ ଫେରିଲେ ଉଠାଇ ନ ପାରିଣ । ।୧୧୦।
ରାଜ, ରାଜପୁତ୍ର, ସମ୍ୟକ ଜ୍ଞାନ ହରାଇ ମୋଦେ
ପାଦକୁ କ୍ରୋଧରେ ଟେକନ୍ତି ନୁହେଁ ରାମ ପ୍ରସାଦେ ।।୧୧୧।
କହିଲା ଅଙ୍ଗଦ, ଦହିଲା ମନ ଜାଣିଲି ବୁଦ୍ଧି
ରାମଙ୍କ ସହିତ କାମରେ ନଲଭିବୁ ତୁସିଦ୍ଧି । ।୧୧୨।

ବନର ବାନର ପାଦକୁ ବାଦରେ ଧରୁହୀନ
ରାଜା ହୋଇ ଲଜ୍ଜା ନାହିଁ ତୋ ଚିତ୍ତେ, ନାହିଁ ସୁଜ୍ଞାନ ।।୧୧୩।
ଆଗରେ, ଏ କଥା ପ୍ରକାଶୁ ରାଗରେ ଦଶମଥା
ବୋଇଲା ଶୋଇଲା ଅନୁଜ ଥିଲେ ନଥାନ୍ତା ଚିନ୍ତା । ।୧୧୪।
ମାର, ମାର, ଧର, ବାନର ବେଢ଼ି କୁଢ଼ି ସମସ୍ତେ
ବନଚର ବନଭାବି ଯେ ବଢ଼ାଇ କରେ କେତେ । ।୧୧୫।
ବେଢ଼ିଲେ ସମସ୍ତେ ତଡ଼ିଲେ ବୀର ଲମ୍ଫକୁ ଦେଲା
ଦଶଶିର(ଶିର) ମୁକୁଟ ଜଗତି ଟେକି ନେଲା । ।୧୧୬।

ଖରେ, ଖରେ ଯାଇ ଜାନକୀ ପତି ପାଦରେ ରଖି
ବୋଇଲା ନୋହିଲା ବିରତ ଯୁଦ୍ଧ ହେବ ଏ ସାକ୍ଷୀ । ।୧୧୭।
ଆଣିଛି ବିଶ୍ୱାସେ ଅକ୍ଷୟ କୀର୍ତ୍ତି ହରି ଦୈତ୍ୟର
ମାତାଙ୍କ ଉଦ୍ଧାରେ ସମର କଥା ବିଚାର କର । ।୧୧୮।
ଦୈତ୍ୟଗଣ= ତେଣେ ହାଟ, ବାଟ, ଘାଟରେ ଅଙ୍ଗଦ ସମାଚାର
ଅନ୍ତର ଭିତରେ କାତରେ ଦୈତ୍ୟେ କଲେ ବିଚାର ।।୧୧୯।
ସମୁଚିତନୁହେଁ ନିଷ୍ଠିତରାଜା ବୁଝାବଣାଟା
ଆସିଥିଲା ଗଲା ଲଙ୍କାକୁ ପୋଡ଼ି ବାନର ଗୋଟା । ।୧୨୦।

ଧାତା ନାତି ହେତୁ ବିଧାତା, ବିଶ୍ୱକର୍ମାକୁ କହି
ରାଜା ସୌଧ ଅଟ୍ଟାଳିକା ଯେ ଦେଇଥିଲା ତୋଳାଇ ।।୧୨୧।
ପୁଣି କପି କଞ୍ଚି ତାଟେକି ରାଜ ମୁକୁଟ ନେଲା
ରାମ, ମନା ମାନି ନ କଲା ରଣ ଜୀବ ରହିଲା । ।୧୨୨।
କବି = ଅଙ୍ଗଦ ପ୍ରଦତ୍ତ ଚିଟାଉ କଥା କଟାଉ ପାପ
ଅଙ୍ଗ, ଅଙ୍ଗୀ, ଦୟା କରିଣ ରାମ ପାଦେ ସମର୍ପ । ।୧୨୩।
ଏ ଛାନ୍ଦକୁ ଛନ୍ଦି ପ୍ରବନ୍ଧେ ଭକ୍ତି ସୂକ୍ଷ୍ମ ସୂତ୍ରରେ
ଅର୍ପଣ କରୁଛି ଦର୍ପଣ ମୁଖ ଦେଖୁ ହେ ଥରେ । ।୧୨୪।

୧୧୧: ରାଜା-ରାବଣ, ରାଜପୁତ୍ର-ଇନ୍ଦ୍ରଜିତ। ୧୧୪:ଅନୁଜ-କୁମ୍ଭକର୍ଣ୍ଣ । ୧୧୭:ଖରେ-ଚଞ୍ଚଳରେ, ଖରେ-ଆକାଶ ମାର୍ଗରେ ।୧୨୩:ଅଙ୍ଗ-ଶରୀର,ଅଙ୍ଗି-ଶରୀର ଅଂଶ ବିଶେଷ

Digitized by PPRACHIN, SOA

ଗଣି ପଦ ଶତ ଷଟ ବିଂଶତି କରିଲା ଚିନ୍ତି
ଆଗେ ମନ୍ଦୋଦରୀ କହିବ ରାମେ ଫେରାଅ ସତୀ ।।୧୨୫।
ରଷିକୂଲ୍ୟା ରାଗେ ହେବସେ ବୀର କରୁଣ ରସ
ଚଉତିଶା କ୍ରମେ ତୃଷାକୁ ବୁଧେ କରିବ ନାଶ । ।୧୨୬।

ମନ୍ଦୋଦରୀର ଚେତାବନୀ
ରାବଣର ଆତ୍ମ ବଡ଼ିମା

(ରାଗ-ରଷିକୂଲ୍ୟା, ଆଦ୍ୟ ଅବନା ଚଉତିଶା କ୍ରମେ)

ଛାନ୍ଦ-୭

କହେ ମନ୍ଦୋଦରୀ ହେ ଲଙ୍କପତି **କହ** କିମ୍ପାଇ କରୁଛ ଅନୀତି
କକ୍ଷା ବହି ରାମେ ଅପ୍ରିୟ ହୁଅ **କକ୍ଷନା** ଯା' କର,ତା' ଭଲ ନୁହ ହେ
କର୍ମକୁ ହେବ ସେ ମନ୍ଦ ହେ
କଥା ନମାନିଣ, ଗଲେ ବିଭୀଷଣ, ସାହାହେଲେ ରାମଚନ୍ଦ୍ର ହେ । ।୧।

ଖଳ ନାଶନ ସେ ଜାନକୀ କାନ୍ତ **ଖଟିଆନ୍ତି** ଶେଷ ଦେବ ଅନନ୍ତ
ଖଗପତି ତୁଲ୍ୟ ଖଟେ ମାରୁତି **ଖଳ** ବଳକୁ ନାହିଁ ତାଙ୍କ ଭୀତି ହେ
ଖଳବୁଦ୍ଧିକୁ ନ ଧର ହେ
ଖରଶାଣ, ଖଣ୍ଡା ଖାପୁ, ଖସି ଲଣ୍ଡା କରେ ତା ବିଚାର କର ହେ । ।୨।

ଗଗନ ମାର୍ଗେ ଅଙ୍ଗଦ ଆସିଲେ **ଗଉରବେ** ସୀତା ଦିଅ ଭାଷିଲେ
ଗରବେ ତାଙ୍କୁ ନ କଲ ଖାତର **ଗରୁ** ଗାଳି ଦେଉ ଗଲେ ସେ ତରହେ
ଗରବ ଗଞ୍ଜନ ଏହି ହେ
ଗଲାବେଳେ କ୍ରୋଧ, ହୋଇଛନ୍ତି ସୁଧ, ମିଶାଇ ସୁଝିବେ ସେହି ହେ । ।୩।

ଘର ଚାଡ଼ି?ସୀତା' ଆଣୁ ଆପଣ **ଘନ ବନେ** ଖୋଜି ଶ୍ରୀ ରଘୁରାଣ
ଘଟ ନ କରି ପେଷିଲେ ମାରୁତି **ଘଟଜ** ପରିସେ ଅସୁର ଶକ୍ତି ଯେ
ଘଡ଼ିକେ କରିଲେ ଚଲୁ ହେ
ଘଣ୍ଟାଳ ଲଗାଅ ତାହାଙ୍କ ସଙ୍ଗରେ ଊଣା ନୁହନ୍ତି ସେ ବଳୁ ହେ । ।୪।

ଉପବନ ଶାପ କରହେ ଚିନ୍ତା **ଉଗ୍ରଚଣ୍ଡୀ** ଯେ ବେଦମତୀ ସୀତା
ଉଗ୍ରତା ପଣେ କେଶ ଦେଉ ସ୍ପର୍ଶି **ଉତମାଙ୍ଗ** ନେତ୍ର ଅନଳେ ଝାସି ସେ
ଉତପନେ ସୀତା ହେଲା ହେ
ଉଆଁସ ସମ ସେ, ଲଙ୍କା ପୋଡ଼ି ଭାଳ, ତା ନେତ୍ରାନଳ ଜାଳିଲା ହେ । ।୫।

୨:ଶେଷଦେବ ଅନନ୍ତ-ଲକ୍ଷ୍ମଣ. ଖଗପତି-ଗରୁଡ଼ ।୪: ଘଟଜ-ଅଗସ୍ତି ।

Digitized by PPRACHIN, SOA

ଚତୁର୍ଦ୍ଦଶ ପୁରେ ତୁମ୍ଭେ ତ ଚନ୍ଦ୍ର **ଚତୁର** ପଣେ ସରି ନୁହେଁ ଇନ୍ଦ୍ର
ଚଉକସେ ନଗଣତ ରାଜାଙ୍କୁ **ଚନ୍ଦ୍ରପ୍ରାୟ** ଆହାଲ୍ଲାଦ ପ୍ରଜାଙ୍କୁ ହେ
ଚଉବର୍ଗ ବଳ ବିହି ଯେ
ଚତୁରେ ଯା ଦେଇଛନ୍ତି, ମୃତବର, ମନରେ କି ତାହା ନାହିଁ ହେ । ।୬।

ଛନ୍ଦେ, ମନ୍ଦେ, ଅଛନ୍ତି ଦେବଗଣ **ଛଳମଣ** ମୋ କହିବା ବଚନ
ଛନ୍ଦ ପାଞ୍ଚି ଦାତ୍ୟୁହ ପରା ଭାଇ **ଛଳେ** ରାଜପୁରୁ ଗଲେ ପଳାଇ ହେ
ଛନ୍ଦେ ଅନୁଗତ ଭୂପ ହେ
ଛ ଛନ୍ଦେ ତୁମକୁ ଉସୁକାଉଛନ୍ତି ନ ବୁଝି କରୁଛ କୋପ ହେ । ।୭।

ଜଗତେ ବୋଲନ୍ତି ଶ୍ରୀରାମ ବଡ଼ **ଜଣ** ଜଣ କରି ପଚାରି ଛାଡ଼
ଜଗଦୀଶ ସେରଣ ଜଗଜ୍ଜେଠି **ଜଗଦ୍ଧାତ୍ରୀ**, ସୀତା, ନ ଦିଅ ଦୃଷ୍ଟି ହେ
ଜଟିଆ, ତାଙ୍କୁ ନ ବୋଲ ହେ
ଜତୁତୁଲ୍ୟ ଦମ୍ଭ, ତରଳ ହୋଇବ ଏବୁ ମାନମୋରବୋଲ ହେ । ।୮।

ଝଗଡ଼ା କରିଲେ ଦେଖାଇ ଟାଣ **ଝଡ଼ାଇ** ଦେବେ ସେ ଦେହରୁ ପ୍ରାଣ
ଝଡ଼ି ପଡ଼ିବ ମୋ କଙ୍କଣ ବାହି **ଝଞ୍ଜଟେ** ଝୁରିବୁ ମୁଖକୁ ଚାହିଁ ହେ
ଝରି ଲୁହ ଯିବ ରହି ହେ
ଝମା ମାରି ଝୁରୁ ଥିବେ ପିତାମାତା, ଆହା ନ କରିବେ କେହି ହେ । ।୯।

ନ କରାଅ ମୋତେ ବିଧବା, କାନ୍ତ **ନ ହେଉ** ଛେଉଣ୍ଡ ମୋ, ଇନ୍ଦ୍ରଜିତ
ନ କର ଅପୁତ୍ରିକ, ଜନନୀଙ୍କୁ **ନ ନାଶ** କୁଳ, ସ୍ୱଗୋତ୍ର, ଗାତ୍ର କୁ ହେ
ନ ନାଶ ଏ ଦିବ୍ୟ ଦେହ ହେ
ନ କରାଅ ରଣ, ଜାନକୀ ଅର୍ପିଣ, କୀର୍ତ୍ତିମନ୍ତ ହୋଇ ରହ ହେ । ।୧୦।

ଟକ ସତୀ, ସୀତା, ପ୍ରତି ନ ରଖ **ଟଙ୍କର** ହେବ ମୋର କଥା ରଖ
ଟଙ୍କଧର, ତାଙ୍କୁ ହେଲେଣି ସାହା **ଟଙ୍କାରି** ଧନୁ କାଟିଣ ସେ ବାହା ହେ
ଟଙ୍ଗାଇଣ ଦେବେ ଭାବ ହେ
ଟପୁଛ କହିବା କଥାକୁ ନ ରଖ୍ ଭାଙ୍ଗିଯିବ ସର୍ବ ଦମ୍ଭ ହେ । ।୧୧।

ଠଉରାଇ ଯେତେ କହିଲା ରାଣୀ **ଠକ** ପ୍ରାୟ ମଣଇ ବିଂଶ ପାଣି
ଠଣକୁ ଦେଖାଇ ପ୍ରତିଜ୍ଞା କଲା **ଠକ** ନୁହଁଇ ମୁଁ ଠିକେ କହିଲା ଯେ
ଠକି ଅଛି ବରେ ବିହି ଯେ
ଠକ ନରହରି, ବ୍ରାହ୍ମଣ କିପରି ବଧିବ ଦୁର୍ବୁଦ୍ଧି ଏହି ଯେ । ।୧୨।

ଡ଼ରାଇ ମରଣେ କହୁ ଯା ବାଣୀ **ଡ଼ରଇକି** ଶୁଣି ତା ବିଂଶ ପାଣି
ଡ଼ମ୍ଫା,ବନଚାରୀ ତାକୁ, କି ? ଡ଼ର **ଡ଼ରି** ଦୈତ୍ୟେ କଲା ସିନ୍ଧୁରେ ଘର ସେ
ଡ଼ମ୍ବରୁ ଧର ଡ଼ମ୍ବରୁ ଯେ
ଡ଼ଉଲେ ବାଜଇ ତାମ୍ବଡ଼ା ତାମ୍ବଡ଼ା ଡ଼ିମ୍ବେ କିମ୍ପା ଭୟ କରୁ ଯେ ।୧୩।

୭: ଦାତ୍ୟୁହ-ଡ଼ାହୁକ।୧୦:ଗାତ୍ର-ଦେହ।୧୧:ଟଙ୍କଧର-ଶିବ.ଠଣ.ସୁନ୍ଦର।୧୨:ବିହି-ବ୍ରହ୍ମା. ଡ଼ମ୍ଫା-ଆଗକୁହା ୧୩:ଡ଼ମ୍ବରୁଧର-ଶିବ.ଡ଼ିମ୍ବେ-ଅଣ୍ଡାକୁ ।

Digitized by PPRACHIN, SOA

ଢ଼ମେ ଶିବ କହି ନିତ୍ୟତା କୃତ୍ୟ **ଢ଼ଳି** ଢ଼ଳି କରେ ତାଣ୍ଡବ ନୃତ୍ୟ
ଢ଼ଙ୍ଗେ ଉମା ଚରଣ ଧୂଳି ଢ଼ାଳେ **ଢ଼ଳାଇବି** ଶରେ ସମର କାଳେ ଯେ
ଢ଼ମ ଢ଼ାମଣା ସେ ଦୁଇ ଯେ
ଢ଼ମାଳିଆ ସୁଗ୍ରୀ, କେଳା ପଦ୍ମତୋଳା, ଗୀତ ବୋଲି ତୋଷୁଥାଇ ଯେ । ।୧୪।

ଊଣା ନୁହନ୍ତି ମୋର ସେନା ସୈନ **ଊଣା** ନୁହଇ ମୋ ତରଣୀ ସେନ
ଉଦୀୟମାନ ତେର ଶତ ନାତି, **ଉପମା** କାହିଁ ବାସ୍ତରୀ ସନ୍ତତି ଯେ
ଊଣାକି ମୋ ବାହୁ ଭବେ ଯେ
ଉଡୁ ପତି, ରାହୁ ଘୋଟିଲା ପରାଏ ରାମଚନ୍ଦ୍ରକୁ ଘୋଟିବେ ଯେ । ।୧୫।
ତରଛେ କିମ୍ବା ମନ ନିରାନନ୍ଦ **ତରବାରୀ** ଧରୁ ଡ଼ରଇ ଇନ୍ଦ୍ର
ତଡ୍ରୁପ ମହାବୀର କୁମ୍ଭକର୍ଣ୍ଣ **ତରଳାଇ** ଦେବ ମର୍କଟ ସୈନ୍ୟ ଯେ
ତଡ଼ିଲେ ଧରି ସେ ଗଦା ଯେ
ତରସ୍ତ, ହୋଇବେ ଶ୍ରୀରାମ, ଲକ୍ଷ୍ମଣ ପିଟିଣ କରିବପଦା ଯେ । ।୧୬।

ଥୟେ ଦେଖି ଥାଟେ ବାସବ ଜିତ **ଥରାଇବ** ରଣେ ଜାନକୀ କାନ୍ତ
ଥର ହର ହେବ ଇନ୍ଦ୍ର ତା ଦେଖି **ଥମିତେ** ଅମରେ ହୋଇବେ ସାକ୍ଷୀ ଯେ
ଥଇଥାନେ କଲ ବଲ ଯେ
ଥର, ଥର ରଙ୍ଗେ ଯିବ ସେନା ସଙ୍ଗେ, ବାନ୍ଧିଛି ତ୍ରେତୟା ମଲ୍ଲ ଯେ । ।୧୭।

ଦଶକନ୍ଧ ଚକ୍ରବର୍ତ୍ତୀ ରଟଇ **ଦର୍ଶେ ପାଦ** ସ୍ୱର୍ଣ୍ଣ ପଦ୍ମ ଫୁଟଇ
ଦରେ ମହୀ ଦେଉ, ପରଶୁ ଶିଳା **ଦରହୀନ,** ସ୍ୱର୍ଣ୍ଣ ମୋ ପୁରେ ହେଲା
ଦକ୍ଷତା ପଣେ ଲୌହରେ ଯେ
ଦମ୍ଭେ ସ୍ୱର୍ଣ୍ଣଲୟେ, ଦାବାଗ୍ନି ପରାୟେ, ଦାଉ ଦାଉ ପୁର କରେ ଯେ । ।୧୮।
ଧନାଢ୍ୟେ ଧନ ପତି ନୁହେଁ ସରି **ଧନୁତୋଳୁ** ଧନ ଦେଲା ସେ ଡ଼ରି
ଧଇଲେ ଖଡ଼ି ବୃହସ୍ପତି ହାରେ **ଧନ୍ୱନ୍ତରୀ** ବୈଦ୍ୟ ସଦା ମୋ ଦ୍ୱାରେ ଯେ
ଧରିତ୍ରୀରେ ଧାତା ଗିର ଯେ
ଧରାଯିବ ଯେବେ, ସତ୍ୟବୋଲି ତେବେ, ଜିଣିବ ସେ ରଘୁବୀର ଯେ । ।୧୯।

ନ ହୋଇବ ସୁର ଅସୁରେ ପ୍ରୀତି **ନଫେରାଇବି** ଜନକ ଦୁହିତୀ
ନ ଛାଡ଼ିବି ମୋ କହିବା ବଚନ **ନ କରିବି** କେବେ କାହାକୁ ମାନ୍ୟ ଯେ
ନଷ୍ଟ ହେଲେ ବି ଏ ଦେହ ଯେ
ନ କରିବି ନର ରାମରେ ପୀରତି ରଣ ହେବ ନିଃସନ୍ଦେହ ଯେ । ।୨୦।

ପଣଏ ମୋ କଥା ପାଷାଣ ଗାର **ପନ୍ନଗଶାୟି** କି ମୋର କି ଡ଼ର
ପଞ୍ଚାନନ ଜାୟା ଯୋଗରେ ତୋଷ **ପଟଧାରୀ** ରାମ କରିବ କି ସଯେ
ପତିପ୍ରାଣା ସୀତା ବ୍ରତ ଯେ
ପନିକ୍ଷୀ ତଳର ଅଳିଆ ହୋଇବ ସେଥି ପାଇଁ ମୁଁ ଚିନ୍ତିତ ଯେ । ।୨୧।

୧୪: ଡମ-ଗର୍ବି, ଢ଼ାମଣା-ବିଷହୀନ ସର୍ପ । ୧୫:ଉଡୁପତି-ଚନ୍ଦ୍ରକୁ ରାହୁ ଘୋଟିଲା ପାରାଯେ ରାମ ଚନ୍ଦ୍ରକୁ - ଅସୁର ରୂପକ-ରାହୁ ଘୋଟିବେ ।୧୭:ବାସବ ଜିତ-ଇନ୍ଦ୍ରଜିତ,ତ୍ରେତୟା ମଲ୍ଲ-ହନୁମାନ ।୧୮:ଦଶକନ୍ଧ-ରାବଣ, ଦରେ-ଭୟରେ ।୧୯:ଧନପତି-କୁବେର, । ୨୧:ପନ୍ନଗ ଶାୟୀ-ସର୍ପ ଶୟନକାରୀ ରାମ, ପଞ୍ଚାନନ-ଶିବ, ପତିପ୍ରାଣା-ପତିବ୍ରତା ।

Digitized by PPRACHIN, SOA

ଫରମାସ ଆଉ ନକର ଏତେ **ଫରହର** ନେତ ଦେଖିବ, ନେତ୍ରେ
ଫଳାଫଳ ଶୁଭ ଅଶୁଭ କ୍ଷତି **ଫଳ** ସଦା କ୍ଷତ୍ରି ଧର୍ମ ବଦତି
ଫଳ ଶ୍ରୁତି ଲାଭେ ଚିନ୍ତ ଗୋ
ଫରଚା ହୋଇଣ ଚରଚାକୁ କର ଆଜି ରାତିକ ତୋ ଚିତ୍ତ ଗୋ । ।୨୨।

ବଳ ବଳ ନୁହଁ କାଟେ ଶ୍ରବଣେ **ବର୍ତ୍ତମାନ** ଦେଖ ମହୀ ରାବଣେ
ବରଣ କରିବା ଏ ରଣ ପାଇଁ **ବଜାଇ** ସେ ଭେରୀ ତୂରୀ ନିଠାଇ ଯେ
ବାକ୍ୟ ଦେଇ ଯିବ ହେଲେ ଯେ
ବଡ଼ିମା ତାହାର ଇନ୍ଦ୍ରଜାଲ ମାୟା, କାହାକୁ ସଙ୍ଗେ ନ ତୁଳେ ଯେ । ।୨୩।

ଭସ୍ମାସୁର ରଣ ନାହିଁକି ଜଣା **ଭଗବତୀ** ମଧ ହୁଅନ୍ତି ବଣା
ଭଲେ ଗୋରୁଚର୍ମ ଢ଼ାଙ୍କୁଣୀ ନେଇ **ଭଗାରି** ସମ୍ମୁଖେ ତା ଖୋଲି ଦେଇ ସେ
ଭଙ୍ଗେ ନେତ୍ର କଲେ ପାତ ଯେ
ଭସ୍ମୁର ନ ହେବ, ବ୍ରହ୍ମା,ବିଷ୍ଣୁ, ଶିବ, ହେଲେ ହେବେ ଭସ୍ମସାତ୍ ଯେ । ।୨୪।

ମହାପ୍ରତାପୀ ତା ରଣ ଦୁର୍ଲ୍ଲଭ **ମରାମରି** ଧରାଧରି ନ ହେବ
ମଉକା ଦେଖି ସେ ସାଧିବ ଦାଉ **ମନଦୁଃଖ** ବୃଥା ନ କର ଆଉ
ମୁକୁଟ ପିନ୍ଧିଣ ମଖେ ଯେ
ମରାଇ ମାଖନ, ସଦ୍ୟ ହବି ର୍ଦାନ ଉମାତୋଷେ କର ସୁଖେ ଯେ । ।୨୫।

ଯକ୍ଷରାଜ ମୋ ସହୋଦର ଭାଇ **ଯତ୍ନ** କରିବ ମୋ ବିଜୟ ପାଇଁ
ଯତି ଧରି ଯତ୍କିଞ୍ଚିତ ମର୍କଟ **ଯମଦଗ୍ନି** ପୁତ୍ର ପରି ପ୍ରକଟ ଯେ
ଯଜନ ଯାଜନ କରେ ଯେ
ଯଜ୍ଞେଶ୍ୱର ବିଷ୍ଣୁ, ଯୋଗନିଦ୍ରା ତେଜି, ଆସିବ କିମ୍ବା ଏଠାରେ ଯେ । ।୨୬।

ରକ୍ଷ ରକ୍ଷଣେ ଛନ୍ତି, ଶୁକ୍ରାଚାର୍ଯ୍ୟ **ରଣ** ଯଜ୍ଞର ସେ ସଦା ଆଚାର୍ଯ୍ୟ
ରଖନ୍ତି ବଞ୍ଚାଇ ମୃତ ଶରୀରେ **ରତିଏ** ତେଣୁ ମୁଁ ଭୟ ନ କରେ ଯେ
ରଥ ଗଦା ପଦାତିକ ଯେ
ରଣ ବିଶାରଦ, ଆକାଶ ବାହିନୀ, ଅଛନ୍ତି ମୋର ଅନେକ ଯେ । ।୨୭।

ଲକ୍ଷିତ ଲକ୍ଷଣେ ସୌଭାଗ୍ୟ ବାନ **ଲକ୍ଷେ** ଯାହା କୁହ ରାମ ଲକ୍ଷ୍ମଣ
ଲଘୁ ହେବ ମୋ ଠାରୁ ଐଶ୍ୱର୍ଯ୍ୟରେ **ଲଜ୍ଜିତ** ହୋଇବ ଦେଖ ସମରେ
ଲତାବୃକ୍ଷ ଗୋତ୍ର ଅସ୍ତ୍ର ଯେ
ଲଢ଼ାଇରେ ଧରି, ମୋ ସେନା କିପରି, **ଜରିବେ** ମର୍କଟ ଅନ୍ତ ଯେ । ।୨୮।

୨୨:ଫରମାଶ-ଅନୁରୋଧ,୨୫: ମଉକା-ସୁବିଧା । ୨୬: ଯକ୍ଷରାଜ-କୁବେର, ଯତି-ରାମ ।.୨୮: ଗୋତ୍ର-ପଥର ।୩୦: ଶଶୀ-ଚନ୍ଦ୍ର. ଭୂଷଣ-ମହାଦେବ, ଶାଖାମୃଗ-ମର୍କଟ.

Digitized by PPRACHIN, SOA

ବର ପ୍ରଭାବୁ ମୋର, ବାଇଶଙ୍ଖ- **ବଳୀ** ମହାବଳୀ ଜିଣିବେ ଦେଖ
ବନ୍ଧନ ପାରିବେ ବାନର ଗଣେ **ବହିବ** ଶୋଣିତ ନଦୀ ପ୍ରାଙ୍ଗଣେ ଯେ
ବକ୍ଷେ କର ମାରି ରାମ ଯେ
ବଧୂ ସୀତା ହାସ, ଚିନ୍ତି ବୁଦ୍ଧି ଭ୍ରଂଶ, ହୋଇବ ଫେରିବ ଗ୍ରାମ ଯେ । ।୨୯।

ଶଶୀ ଭୂଷଣ ବାମା ସାହା ହେଲେ **ଶରାଘାତେ** ରାମ ମରିବ ହେଲେ
ଶାଖାମୃଗ ଆମ୍ଭ ଖାଦ୍ୟ ଯୁକତେ **ଶେଷେ** ବୃଥାଚିନ୍ତା ନ କର ଚିତ୍ତେ ଯେ
ଶରଭ, ମୃଗ ବିଶେଷ ଯେ
ଶର ଦାଢ଼ପରି, ଖୁରି ଖୁରା ମାରି, ଚିରୁ ଢ଼ରଇ ପଞ୍ଚାସ୍ୟ ଯେ । ।୩୦।

ଷଷ୍ଠୀ ଘରେ ଷଷ୍ଠୀ ଦେବୀ ଯା ବାଛି **ଷଡ଼ଯନ୍ତ୍ରେ** କପାଳରେ ଲିହିଛି
ଷଡ଼ ଦର୍ଶନ ଶାସ୍ତ୍ର ପଢୁ ଜାଣେ **ଷଡ଼** ଅଙ୍ଗ ପାତି ବରିଣ ରଣେ
ଷଡ଼ାନନ ମାତ ସ୍ମରି ଯେ
ଷଟ, କର୍ମ, ରଣ, ଯଜନ, ଯାଜନେ, ଭବ କର୍ମ ଦେବି ସାରି ଯେ । ।୩୧।

ସଂସର୍ଗତା ବଶ୍ରୁ କହିଲି ଏତେ **ସାଂସାରିକ** ନୀତି ନିୟମ ଯେତେ
ସଂହରଣ ଯେବେ ମୋ ଜୀବ ହେବ **ସନ୍ତାପିତେ** ଜୀବନ ନ ତେଜିବ ଯେ
ସନାତନ ଧର୍ମ ହରି ଯେ
ସଦନ, ବଦନ, ସଜାଇ ରହିବ **ବଦନାମକୁ** ନ ଡ଼ରି ଯେ । ।୩୨।

ହରିଣୀ ନୟନା ଶୁଣି ଏକଥା **ହଟି** ବସି କହେ କୋଡ଼ିଣ ମଥା
ହଇରାଣ କରିବାକୁ ଆମ୍ଭଙ୍କୁ **ହଟାକର** ମନେ ଧରି ଦମ୍ଭକୁ ଯେ
ହରଗୌରୀ ପୂଜା ବୃଥା ଯେ
ହରିଣ ଆଣିଲ ପରନାରୀ ବାରେ, ନ ଶୁଣିଲ କାହା କଥା ଯେ । ।୩୩।

କ୍ଷଣ ଭଙ୍ଗୁର ଏ ତୁଚ୍ଛ ସଂସାର **କ୍ଷତରକ୍ତ** ମାଂସକୁ ପରିହର
କ୍ଷତ୍ରୀ ହୋଇ ଅକୀର୍ତ୍ତି ନମ୍ଭୁରୁଛ **କ୍ଷମତା** ପ୍ରୟୋଗେ କ୍ଷୟକୁ ଇଚ୍ଛ ଯେ
କ୍ଷମା ସାଗର ପୟରେ
କ୍ଷମା ମାଗି ଦୀନ, ଦୟାନିଧି ଗାନ, ଚଉତିଶା କ୍ରମେ କରେ । ।୩୪।

---

୩୧ : ଷଷ୍ଠୀଘରେ-ଜନ୍ମ ହେବାର ଛଅଦିନ ମଧରେ, ଷଡ ଦର୍ଶନ-ମିମାଂସା, ବେଦାନ୍ତ, ସାଂଖ୍ୟ, ପାତଞ୍ଜଳି, ନ୍ୟାୟ, ବୈଶେଷିକ, ଷଡାଙ୍ଗ-ପାଦ, ଆଣ୍ଠୁ, ଶିର, ଛାତି, ହାତ. ନାସା. ଷଡାନନ-କାର୍ତ୍ତିକେୟ, ମାତ-ପାର୍ବତୀ. ଷଟ କର୍ମ-ଯଜନ, ଯାଜନ, ଅଧ୍ୟୟନ. ଅଧ୍ୟାପନ,. ଦାନ-ପ୍ରତିଗ୍ରହ. । ୩୨:ସଂହରଣ-ମୃତ୍ୟୁ ।୩୪:ଚଉତିଶା- 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତି **ଅକ୍ଷର** କ୍ରମାନ୍ୱୟେ ।

Digitized by PPRACHIN, SOA

ରାବଣର ମନ୍ତ୍ରଣା ସଭା ଆହ୍ୱାନ

(ରାଗ କାମୋଦୀ)

ଛାନ୍ଦ - ୮

ଏ ଅନ୍ତେ ଶୁଣ ବୁଧ, ଯା ଚରିତ ପ୍ରସିଦ୍ଧ ,ଏ ଗ୍ରନ୍ଥେ ତାଙ୍କୁ ଧ୍ୟାନ କରି
ଛାନ୍ଦ କରେ ଆରମ୍ଭ, ମନରେ ଧରି ଦମ୍ଭ ,ହେବାକୁ ଭବସିନ୍ଧୁ ପାରି
ହେ ସାଧୁଜନେ
କୈଳାଶେ ଉମା ପ୍ରଶ୍ନେଶିବ, ଚିନ୍ତିଣ ଜାନକୀ ବଲ୍ଲଭ
କହନ୍ତି ଏ ପୁରାଣ, ସଭୟେ ଦଶାନନ, ସଭା କରଇ ଧରି ଦମ୍ଭ ହେ । ।୧।
ସଚିବେ ଭାଷେ ବସି, ସୁବେଳେ ରାମ ଆସି, କି ଭାବେ ସମର ଆରମ୍ଭ
କରିବା କହ ଚିନ୍ତି, ଶୁଣି କହନ୍ତି ମନ୍ତ୍ରୀ, ସେ ରକ୍ଷ ଭକ୍ଷ ଧର ଦମ୍ଭ
ହେ ଲଙ୍କନାଥ
ଚିତ୍ତେକି ଜାତ ହୁଏ ଭୟ, ପଚାରି କରାନ୍ତି ଅଥୟ
ବଢ଼ା ଅନି ଭାବନା, ଅଛନ୍ତି ପ୍ରଭଞ୍ଜନା, ବିନା ସମରେ ହେବ ଜୟ ହେ । ।୨।
ନାହିଁ କି ହେ ଗୋଚର, ପ୍ରଭଞ୍ଜନାର ବର ସାଧି ସେ ଇନ୍ଦ୍ର ଜାଲ ମାୟା
ରାମ ଲକ୍ଷ୍ମଣ ଆଦି, ରକ୍ଷ କପି ସେନାଦି, ଭକ୍ଷିବ ବଢ଼ାଇଣ କାୟା
ହେ ଲଙ୍କ ନାଥ
ଭସ୍ମ ଲୋଚନ ବର କଥା, କେବେତ ନୋହିଛି ଅନ୍ୟଥା
ଗୋରୁ ଚର୍ମ ଢ଼ାଙ୍କୁଣୀ, ଘୋଡ଼ାଇ ରଣେ ଆଣି, ଖୋଲିଲେ ଦେଖିବ ଯା ମଥା ହେ । ।୩।
ହେବ ସେ ତହିଁ ଭସ୍ମ, ବୃଥା ମନ ବିରସ, ନଙ୍କର ଶୁଣି ବିଂଶ ପାଣି
ସ୍ଥିର କରିଲା ଦମ୍ଭେ, ପ୍ରଭଞ୍ଜନା ଆରମ୍ଭେ, ପେଶିବ ସୁବଳକୁ ଆଣି
ସେ ଇନ୍ଦ୍ରଜାଲ
ବିସ୍ତାରି ବିଶ୍ୱରୂପ ଧରି, ସେନା ସହ ସୁବଳ ଗିରି,
କରିବ ଗର୍ଭସାତ, ସେଥୁ ହେଲେ ବଞ୍ଚିତ, ଭସ୍ମ ନେତ୍ର ପେଷିବ ବରି ସେ ।୪।
ଏହି ମନ୍ତ୍ରଣା କରି, ପୁରକୁ ଦଶଶିରି, ଯାଇ ନିତ୍ୟ କର୍ମକୁ କଲା
ଅସୁରୀ ଏ ଅଶୋକ, ବନକୁ ଯାଉ ମୁଖ, ଦେଖି ସରମା ପଚାରିଲା
ଗୋ ସହଚରୀ
ପ୍ରକାଶ ସଭାର ଖବର, ଶୁଣି ସେ ହୋଇ ତରତର
ବୋଲାଇ ପ୍ରଭଞ୍ଜନା, ପେଶିବାକୁ ଭାବନା, କରିଗଲେ ନୃପତି ଘର ଗୋ । ।୫।

୭:ରାମ ବାମା-ସୀତା. ଶୋଚନା-ଶୋକ. ଧୀର-ପଣ୍ଡିତ । ୧ :ଯାଚରିତ ପ୍ରସିଦ୍ଧ-ଯେଉଁ ରାମଙ୍କ ଚରିତ ରାମାୟଣ ପ୍ରସିଦ୍ଧ, ଭବସିନ୍ଧୁ-ସ୍ଥିତି.ଉତ୍ପତ୍ତି.ପ୍ରାପ୍ତି ଲାଭ ଜଗତ ସଂସାର ସିନ୍ଧୁ. ସଭୟେ-ଭୟ ସହିତ ।୩:ଇନ୍ଦ୍ରଜାଲ ମାୟା-କୁହୁକ ବିଦ୍ୟା । ୪:ବିଂଶପାଣି-ରାବଣ ।୫:ସରମା-ବିଭୀଷଣର ସ୍ତ୍ରୀ. ସରମେ-ଲଜ୍ଜାରେ.ଧରମ-ପୁଣ୍ୟ.

Digitized by PPRACHIN, SOA

ମାୟାରଚି ଆରମ୍ଭେ, ରାମ ସେନା ସେ ଦମ୍ଭେ ଭକ୍ଷିବ, ସେଥୁ ହେଲେ ପାରି
ଭସ୍ମ ଲୋଚନ ପେଶି, ଶ୍ରୀରାମ ସେନା ନାଶି, ଆସିବାକୁ ପେଶିବେ ବରି
ସେ ବାର୍ତ୍ତା ପାଇ
ସରମା ସରମେ ଭାଷଇ, 'ମୋ' ସେବା ବୃଥା ହେବ ସହି
ଧରମ ସାହାପକ୍ଷ, ନ ହୋଇଲେ ଅରକ୍ଷ, ହୋଇବେ ଏଥି ଭାବଗ୍ରାହୀ ସେ ।୬।
ଭାଷନ୍ତି ରାମବାମା ଶୁଣି, କହ ସରମା, ଅସୁରୀ ଯା କଲା ପ୍ରକାଶ
କିଏ ସେ ପ୍ରଭଞ୍ଜନା, ନାଶିବ, ପତି ସେନା କାହା ନାରୀ ସେ କାହିଁ ବାସ
ଗୋ ସୁଲୋଚନେ,
ପ୍ରକାଶି ନାଶ ମୋ ଶୋଚନା, ଶୁଣୁତା ହଜୁଛି ଚେତନା
ବେଳକୁ ବେଳ ମନ, ହେଉ ଅଛି ମନ୍ଥନ, ବଞ୍ଚିବା ବୃଥା ହେବ ସିନା ଗୋ ।୭।
ଯାହା କଲା ପ୍ରଚାର, ଭସ୍ମ ଲୋଚନ ବୀର, ଦେବ ମାନବ କି ଅସୁର
ଲଙ୍କନାଥଙ୍କୁ ପ୍ରୀତି, କରିବ ଶୁଣି ଭୀତି, ଲାଗଇ କହ ପ୍ରତିକାର
ଗୋ ସୁଲୋଚନେ
କିପରି ମୋ ସ୍ୱାମୀ ଦେବର, ଏହି ସଙ୍କଟୁ ହେବେ ପାର
ସର୍ବ ପ୍ରକାଶ କର, ଚିନ୍ତି ରାମ ପୟର, କହଇ ଦୟାନିଧି ଧୀର ଗୋ ।୮।

(ଆପ୍ତ ବାକ୍ୟ)

ଶ୍ରୀରାମ ଚରିତ ଏହାର ନାମ, ଶ୍ରବଣ କଲେ ମିଳେ ସ୍ୱର୍ଗଧାମ
ଭୂତ ଭାବନ ଶିବ ଜ୍ଞାନ ଦାତା- କୃତ୍ୟ, ଯାହା ସେ ଯାହାର ପ୍ରବକ୍ତା
ସେହି ଏହି ରାମାୟଣ
ସୀତା ରାମ ଗୁଣ ଗ୍ରାମପୂର୍ଣ୍ୟାରଣ୍ୟ ସାବଧାନେ ଜନେ ଶୁଣ ।

ଜ୍ଞାନଘାଟେ ଭବ ଭବାନୀକୁ ସର୍ବ
କହିଲେ କର୍ମଘାଟରୋ
ଯାଜ୍ଞ ବଲ୍କ ଋଷି, ଭରଦ୍ୱାଜେ ତୋଷି
ଅଛନ୍ତି ନାନା ବାଟରୋ
କାକଭୁଷଣ୍ଡି ଗ- ରୁଡଙ୍କୁ ଏକଥା
ଧର୍ମଘାଟେ କହିଛନ୍ତି ।
ଗୋସ୍ୱାମୀ ତୁଳସୀ ଦାସ ଯାହା ଭକ୍ତି
ଘାଟେ କହି କଲେ ମୁକ୍ତି ।

Digitized by PPRACHIN, SOA

ପ୍ରଭଞ୍ଜନା ଓ ଭସ୍ମଲୋଚନ ବିବରଣ

(ରାଗ - କେଦାର ଗୌଡ଼ା)

ଲେଖିଅଛନ୍ତି ବ୍ରଜପୁର ମଣ୍ଡନା, ବ୍ରଜନଗରୀ ରାଧାଙ୍କୁ (ବୃତ୍ତେ)

ଛାନ୍ଦ-୯

ଘେନ ହେ ବିଦୁଷ, ରାମ ପ୍ରେମ ରସ, ଅମୃତରୁ ବଳି ସ୍ୱାଦ
କି ନାସର ତାପ, ବିନାଶଇ ପାପ, ଖଣ୍ଡନେ କରଇ ବାଦ
ହେ ଧୀରେ ।
ମଜ୍ଜ ସେ ରସେ ସଦା ମୋଦରେ, ହେ ।
ଗଣା ହୋଇବ ରସ ନିଧିରେ, ହେ ।
ପରମ୍ପରା ନିୟମ ବିଧିରେ, ହେ । ।୧।
ସୀତା ଦୁଃଖେରସି, ସେ ସରମା ବସି, ମର୍ମ୍ମ କଥା କହେ ଧର୍ମେ
ସତ୍ୟ ଯୁଗେ ଯତି, କଶ୍ୟପ ଅଦିତି, ଦିତି ଘେନୁ ଗୃହ କର୍ମେ
ହେ ଜାତ ।
ହେଲେ ଦିତି ଉଦରୁ ଦଇତ, ହେ ।
ସୁରେ ଅଦିତି ଗର୍ଭୁ ସମ୍ଭୁତ, ହେ ।
ମହୀ ଦହିଲେ ସେ ଦିତି ସୁତ, ହେ । ।୨।
କ୍ରମେ ଧର୍ମ ଗ୍ଲାନି, ହେଉ ବେଣୁ ପାଣି, କରାଇ ସିନ୍ଧୁ ମନ୍ଥନ
ଉଦ୍ଭୂତ ଅମୃତ, ଦେବ କୁଳେ ପ୍ରୀତ, ହୋଇ ଦେଉ ରକ୍ଷଗଣ
ଯେ ଭାଳି ।
ଭିଆଇଲେ ଦେବ ସଙ୍ଗେ କଳି, ଯେ ।
ଦେବ ଠାରୁ ଦୈତ୍ୟେ ଯାଉ ବଳି, ଯେ ।
ଚକ୍ରେ କାଟିଲେ ଦୈତ୍ୟଙ୍କୁ ହରି, ଯେ । ।୩।
ରଣେ ରକ୍ଷଗଣ, ଲଭିଲେ ନିର୍ବାଣ, ଦିତୀ ସ୍ୱାମି ପାଶେ ଯାଇ
ସମର ସମୀକ୍ଷା, କରି କଲା ଭିକ୍ଷା, ବଳବାନ ପୁତ୍ର ପାଇଁ
ହେ ଦେବ ।
ସୁତ ସମରେ ସୁରେ ଜିଣିବ, ହେ ।
ତେବେ ପୁତ୍ର ମୃତ କଷ୍ଟ ଯିବ, ହେ ।
ଶୁଣି କଶ୍ୟପ ବୋଲନ୍ତି ଜବ, ହେ। ।୪।
ପୁଷ୍ପବତୀ ପରେ, ଆସ ମୋ ମନ୍ଦିରେ, ମିଳନୁ ସୁତ ସମ୍ଭବ
ହେବ ଶକ୍ତି ପାଇଁ, ବ୍ରତେ ଉମାସାଇଁ, ବ୍ରତ ପାଳ ଧରି ଦମ୍ଭ
ସେ ଶିବ ।
ଶକ୍ତି ପ୍ରଦାନେ ହେବ ସମ୍ଭବ, ହେ ।
ପରାଜୟ ହେବେ ସୁରସର୍ବ, ସେ ।
ସତ ବଚନ ମୋ ଧ୍ରୁବ ଧ୍ରୁବ, ସେ । ।୫।

Digitized by PPRACHIN, SOA

ତହୁଁ ଫେରି ଦିନେ, କଶ୍ୟପ ଭୁବନେ, ଶୁଦ୍ଧ ସ୍ନାନେ ଯାଇ ଦିତି
ପ୍ରଣୟ ପ୍ରାର୍ଥନା କରୁ ମହାମନା ଯତି ପୂର୍ବ କଥା ଚିନ୍ତି
ସେ ଲୟେ ।
ରତି ରସେ ମାତିଲେ ଆଳୟେ, ସେ ।
ଚକ୍ରେ ବିନ୍ଦୁପାତ କଲେ ଥୟେ, ସେ ।
ଶୌଚେ ଗଲେ ଦିତି ଦେବାଳୟେ, ସେ । ।୬।

ଦିନେ ଇନ୍ଦ୍ରେ ଯତି, ଦେଖିଣ କହନ୍ତି, ଶୋକାତୁରେ ମାଗିବର
ଦିତି, ଶିବାଳୟେ ସୁର ପରାଜୟେ, ଯାଇଅଛି ଶାନ୍ତ କର
ସେ ବର ।
ମାଗି ନେଇଛି ବଳୀ କୁମାର, ସେ ।
ମହୀମଣ୍ଡଳେ ହୋଇବ ବୀର, ସେ ।
ବେଳ ଥାଉଁ ପ୍ରତିକାର କର, ସେ । ।୭।

ପିତା କଥା ଶୁଣି, ଭୟରେ, ଇନ୍ଦ୍ରାଣୀ, ସଙ୍ଗେ ସାବତ ଜନନୀ
ପାଶେ ଯାଇ ପଦ, ସେବିଲେ ବିଷାଦ, ମନେ ନାନା କଥା ଗୁଣି
ସେ ଇନ୍ଦ୍ର ।
ସେବାରେ ଦିତି ହୋଇ ଆନନ୍ଦ, ସେ ।
କହନ୍ତି ଗଲା ତୋ ପରମାଦ, ସେ ।
ପୁତ୍ର ମୋର ନ କରିବ ବାଦ, ସେ । ।୮।

ଦେଉ ଅଛି ବର, ହେଲେ ମୋ କୁମର, ରହିବ ପାଶରେ ତୋର
ଅସୁର ପ୍ରକୃତି, ଘେନି କେବେ ମତି, କଲେ ମନ୍ଦ ଉପଚାର
ତୁ ଦ୍ୱନ୍ଦ,
ନ କରି ସବୁ ସହିବୁ ଇନ୍ଦ୍ର, ତୁ ।
ମାତା ବଚନେ ନ ହୋଇ ବୋଧ, ସେ ।
ଭୟେ ଡ଼ାକନ୍ତେ ଆସୁ ଉପେନ୍ଦ୍ର, ସେ ।୯।

ସେ ସମୟେ ଦିତି, ନିଦ୍ରିତ ଅଛନ୍ତି, ଉପାଧାନେ ଦେଇ ପଦ
ଉଦର ବସନ, ଖସି ଦିଶେ ଯୌନ,-ସ୍ଥାନ ଧୈର୍ଯ୍ୟ ହାରି ଇନ୍ଦ୍ର
ସେ କର,
ଯୋଡ଼ି କହୁ କହୁ ଚକ୍ରଧର, ସେ ।
ଆଜ୍ଞା ଦେଲେ ଚକ୍ର ବରେ ଖର, ସେ ।
ଗର୍ଭ ଭ୍ରୂଣ ଯାଇ ଛିନ୍ନ କର, ସେ । ।୧୦।

୫: ପୁଷ୍ପବତୀ-ଋତୁମତୀ୬: ପ୍ରଣୟ -ମିଳନ. ଯତି-କଶ୍ୟପ । ୯:ଦ୍ୱନ୍ଦ-କଳି , ଉପେନ୍ଦ୍ର-ବିଷ୍ଣୁ (ଇନ୍ଦ୍ର ସାନ ଭାଇ) ।୧୦:ଉପାଧାନେ-ତକିଆରେ .
ଭ୍ରୂଣ - ଗର୍ଭସ୍ଥ ସନ୍ତାନ

Digitized by PPRACHIN, SOA

ଶିର ଉପାଧାନ, ଉପରେ ଚରଣ, ଉଦର ଉର୍ଦ୍ଧ୍ୱକୁ ରଖି
ଆଳସ୍ୟେ ନିଦ୍ରିତ, ନୁହେଁ ଶାସ୍ତ୍ରମତ, ଜନେ ଦଣ୍ଡୁଥାନ୍ତୁ ଶିଖି
ଯେ ନାରୀ ।
ନ ମାନିବେ ବଚନ ମୋହରି, ଯେ ।
ଦଣ୍ଡଭୋଗିବେ ସେ ଏହି ପରି, ଯେ ।
ତେଣେ ଚକ୍ର ଗର୍ଭେ ପଶି କରି, ଯେ । ।୧୧।

ଆଦ୍ୟେ ସପ୍ତଖଣ୍ଡ, କରି ଦେଇ ଦଣ୍ଡ, ଅଣଚାଶ ଖଣ୍ଡ କଲେ
ତେବେ ଶିଶୁ ହତ, ନ ହୋଇ ଜୀବିତ, ଦିତି ସଚେତ ହୋଇଲେ
ସେ କାଳେ ।
ଗର୍ଭ କଷ୍ଟ ଜାଣି ଖଣ୍ଡବଳେ, ସେ ।
କୃତାଞ୍ଜଳି ପୁଟେ ଜଣାଇଲେ, ସେ ।
ପ୍ରଭୁ ଗର୍ଭରକ୍ଷା କର ବେଳେ, ସେ । ।୧୨।

ଆର୍ତ୍ତତ୍ରାଣ, ଆର୍ତ୍ତ, ବାଣୀରେ ତୁରିତ, ଚକ୍ର ଲେଉଟାଇ କରି
ମହାବଳବାନ, ହୁଅନ୍ତୁ ନନ୍ଦନ, କହିଗଲେ ନିଜ ପୁରୀ
ସେ କାଳେ ।
ଅଣଞ୍ଚାଶ ପୁତ୍ର ଜାତ ହେଲେ, ସେ ।
ପିତା କଶ୍ୟପ ଜାଣି ଆସିଲେ, ସେ ।
ନାମ କରଣ କ୍ରମରେ କଲେ, ସେ । ।୧୩।

ଜ୍ୟେଷ୍ଠନାମ ପ୍ରଭ,ଞ୍ଜନ ଦେଲେ ରବ, କରି କୁମାର ବଢ଼ିଲେ
ଯଥା ସମୟରେ, ପ୍ରଭଞ୍ଜନ କରେ, ପ୍ରଭଞ୍ଜନା ବିଭା ଦେଲେ
ସେ ନିଶି ।
ପ୍ରଭଞ୍ଜନା କୋଳେ ବୀର ବସି, ସେ ।
ପୂର୍ବ ଚରିତ ଭାଷୁ ବିଶେଷି, ସେ ।
ପ୍ରଭଞ୍ଜନା ଶୁଣି କ୍ରୋଧେ ଭାଷି, ସେ । ।୧୪।

ସର୍ବେ ଏକ ରୂପ, ହୋଇଥିଲେ ଭୂପ, ହୋଇଥାନ୍ତ ଏ ମହୀରେ
ମୋ ଶ୍ୱଶ୍ରୁ ଜଠରେ, ଶିଶୁ ଯେଉଁ ସୁରେ, ଖଣ୍ଡ କରାଇଲେ
ମୁଁ ତାର ।
ପ୍ରତିଶୋଧ ନେବି ଦିଅ ବର, ମୁଁ ।
ପଛେ ମିଳନ ହେବ ଆମ୍ଭର, ମୁଁ ।
ଯାଉଛି ମୁଁ ତୋଷିବାକୁ' ହର, ମୁଁ । ।୧୫।

୧୨: କୃତାଞ୍ଜଳି ପୁଟେ-କର ଯୋଡ଼ି । ୧୩: ଆର୍ତ୍ତତ୍ରାଣ-ଆର୍ତ୍ତରୁ ଯେ ଉଧାରି ପାରେ, ନାରାୟଣ । ୧୪: ଶ୍ୱଶ୍ରୁ-ଶାଶୁ, ଜଠରେ-ଉଦରେ ।
୧୪: ହର - ଶିବ ।୧୫.ସର୍ବେ ଏକ ରୂପ-ଅଣଞ୍ଚାଶ ପବନ ହୋଇଥିଲେ । ମିଳନ-ମଧୁସଜ୍ୟା ।

Digitized by PPRACHIN, SOA

କଷ୍ଟେ ପ୍ରଭଞ୍ଜନା, ଏକମନେ ଦୀନା, ପ୍ରାୟ ଡ଼ାକନ୍ତେ ଅପର୍ଣ୍ଣା
ଆଗେ ହୋଇ ଉଭା, ଦେଖାଇଲେ ପ୍ରଭା, ପୂର୍ଣ୍ଣେ ତା ମନ କାମନା
ସେ ବାଳୀ ।
ବର ମାଗେ ମନେ ମନେ ଭାଳି, ସେ ।
ପୂର୍ଣ୍ଣ କର ମୋ କାମନା କାଳୀ, ସେ ।
ଦେବି ଉପନ ମହିଷ ବଳି, ସେ । ।୧୬।

ମୋ ଶାଶୁ ଜଠରେ, ଭ୍ରୂଣ ବିନାଶରେ, କରାଉଥିଲା ଯେ ବ୍ରତ
ମୋ ଜଠରେ ଭରି, ତାହାଙ୍କୁ ଗଉରୀ, କରାଇବି ଭସ୍ମସାତ୍
ଏ ବର ।
କାତ୍ୟାୟନୀ ମୋତେ ଦାନ କର, ଏ ।
ଦେବୀ ପ୍ରକାଶ୍ୟେ ଦେଲେ ଉତ୍ତର, ଏ ।
କିମ୍ପା କହ ଅସମ୍ଭବ ଗିର, ଏ । ।୧୭।

ସୁପର୍ଣ୍ଣ ଆସନ, ଯେ ପାକ ଶାସନ, ଏହି କର୍ମେ ଥିଲେ ରତ
ତାହାଙ୍କ ବିପଦ, ଚିନ୍ତ ହାସ୍ୟାସ୍ପଦ, ତାହା ନୁହେଁ ସମୁଚିତ
ସେ ଚକ୍ର ।
ବ୍ରହ୍ମା ଶିବ ଦର୍ପ କରେ ବକ୍ର, ସେ ।
ଇନ୍ଦ୍ର ଉପେନ୍ଦ୍ରଦଣ୍ଡେ କା ? ସକ୍ୟ, ସେ ।
ବର ଦେଉଛି ଯା ମନେ ରଖ, ସେ । ।୧୮।

ସତ୍ୟ ଯୁଗ ପରେ, ତ୍ରେତୟା ଯୁଗରେ, ସୁରେ ଋକ୍ଷ କପି ହେବେ
ସ୍ୱୟଂ ଲକ୍ଷ୍ମୀ ପତି, ଅଭିରାମ ମୂର୍ତ୍ତି, ଧରି ନର ରୂପେ ଯିବେ
ସେ ହରି ।
ଚକ୍ର ଆୟୁଧ ରୂପେ ନ ଧରି, ସେ ।
ଯିବେ ଲଙ୍କାକୁ ରାବଣ ମାରି, ସେ ।
ଥିବୁ ଦ୍ୱାରେ ଭେକ ରୂପ ଧରି, ସେ । ।୧୯।

ସ୍ମରୁ ଦଶଶିରି, ଆସିବୁ ବିଚାରି, ତା ସାହାଯ୍ୟେ ଧରିଶଙ୍କୁ
ବିସ୍ତାରିଣ ମୁଖ, ଋକ୍ଷ ଶତ୍ରୁ ଋକ୍ଷ ନର ବାନର ନାଶକୁ
ତା ଇଚ୍ଛି ।
ନୀଳମଣି ଶିଳା ତଳେ ଅଛି, ତା ।
ଭସ୍ମଲୋଚନ ରଖିଛି ବାଛି, ତା ।
ଭସ୍ମ କରିବ ନରଖି କିଛି, ତା । ।୨୦।

୧୬: ଦୀନା-ଦରିଦ୍ରାଣୀ.ଅପର୍ଣ୍ଣା-ପାର୍ବତୀ, ପ୍ରଭା-ଜ୍ୟୋତି.ଉପନ-ଶରଦୀୟ ଦୁର୍ଗାପୂଜା ।୧୭:ଜଠରେ-ପେଟରେ.ଭ୍ରୁଣ-ଗର୍ଭସ୍ଥ ସନ୍ତାନ, ଗଉରୀ-ପାର୍ବତୀ,କାତ୍ୟାୟନୀ-ପାର୍ବତୀ ।୧୮:ସୁପର୍ଣ୍ଣ-ଗରୁଡ଼. ପାକଶାସନ-ଇନ୍ଦ୍ର । ୧୯: ସୁରେ-ଦେବତାମାନେ, ଋକ୍ଷ-ଭାଲୁ,କପି.ମର୍କଟ ଅଭିରାମ-ସୁନ୍ଦର,ଭେକରୂପ-ବେଙ୍ଗରୂପ । ୨୦: ଶିଳା-ପଥର

Digitized by PPRACHIN, SOA

ଶୁଣି ଏ ସମସ୍ତ, ସୀତା ହେଲେ ବ୍ୟସ୍ତ, ସରମା ଡ଼କାଇ ପାଶେ
ସୁବଳ କାନନେ, ପେଶୁ ସଖୀଜଣେ, ବିଭୀଷଣେ କହିଆସେ
ସେ ସର୍ବ ।
ଶୁଣି ସେନାଦି ହେଲେ ନୀରବ, ସେ ।
ଦୁଃଖେ ପଚାରନ୍ତି ସୀତା ଧବ, ସେ ।
କହ ପ୍ରତିକାର ଚିନ୍ତା ଯିବ, ସେ । ।୨୧।
ଶୁଣି ବିଭୀଷଣ, ଶ୍ରୀରାମ ଚରଣ, ବନ୍ଦି କରନ୍ତି ଆଳାପ
ସୁମରନ୍ତୁ ଚକ୍ର, ଆସିଲେ ଯେ ବକ୍ର, ହେବ ପ୍ରଭଞ୍ଜନା ଦର୍ପ
ସେ କଥା ।
ଶୁଣୁ ଶୁଣୁ ଘୂରେ ରାମ ମଥା, ସେ ।
ସେ ଆୟୁଧ କି ହରିବ ବ୍ୟଥା, ସେ ।
ନ ଆସିଲେ କାର୍ଯ୍ୟ ହେବ ବୃଥା, ସେ । ।୨୨।
ତେଣେ ପୁରେ ନୀତି, -ସାରିଲଙ୍କ ପତି, ପ୍ରଭଞ୍ଜନା ଡ଼ାକି ପାଶେ
ବି ଦୂରିତେ ବ୍ୟଥା, କହି ନାନା କଥା, ରାମ ସେନା ନାଶ ଭାଷେ
ସେ ଗିର ।
ଶୁଣି ଅସୁରୀ ଦିଏ ଉତ୍ତର, ସେ ।
ବୃଥା ଶୋଚନା କିମ୍ପାଇଁ କର, ସେ ।
ରାମ ସେନା କେତେକ ମାତର, ସେ । ।୨୩।
ପାର୍ବତୀଙ୍କ ବରେ, ପକାଇ ଜଠରେ, ଦେବ ଅଂଶ ହରି ହରି
ଜାନକୀ ରମଣ, ଆଦି କରି ଜୀର୍ଣ୍ଣ, ନ ବରେ ଆସିବି ଫେରି
ହେ ନୃପ ।
ଦୂର ହେବ ଯାତୁ ଧାନ ତାପ, ହେ ।
କହି ଚଳେ ଶ୍ରୀରାମ ସମୀପ, ହେ ।
ସେଥି ରାଘବ କରନ୍ତି ଜପ, ହେ । ।୨୪।
ସୁଦର୍ଶନ ସୁଦର୍ଶନ ଘନ ଘନ ଡ଼ାକୁ ଚକ୍ର ବୈକୁଣ୍ଠରେ
ଜାଣିଲା ସଢ଼ିଲା, ପ୍ରମାଦ ପଡ଼ିଲା, ପ୍ରଭୁ ଡ଼ାକନ୍ତି ଆଣ୍ଠରେ
ସେ ଆସି,
ତତକାଳେ ଲଙ୍କାରେ ପ୍ରବେଶି, ସେ ।
ଦରଶନେ ରାମ ଆଗେ ଭାଷି, ସେ ।
କିମ୍ପା ସ୍ମରିଲେ କହ ବିଶେଷି, ସେ । ।୨୫।

୨୪: ଦେବଅଂଶ ହରି-ମର୍କଟ, ହରି-ହରଣ କରି, ଯାତୁ ଧାନ-ଅସୁର. । ତାପ-କ୍ଳେଶ. ।

Digitized by PPRACHIN, SOA

କହନ୍ତି ଲୌଲୋକ୍ୟେ, ରାମ ଚନ୍ଦ୍ର ଚକ୍ରେ,ଶୁଣ ଆହେ ସୁଦର୍ଶନ
ମୋର ସୈନ୍ୟସେନା, ନାଶେ ପ୍ରଭଞ୍ଜନା, ପଠାଉଅଛି ରାବଣ
ମୋ ପକ୍ଷ ।
ଧରି ରକ୍ଷା କର କପି ଋକ୍ଷ, ମୋ ।
ବୁଲି ବୁଲି ସେନା ଚାରି ପାଖ, ମୋ ।
ଚିନ୍ତିଲି ହେବାକୁ ସାହାପକ୍ଷ, ମୋ । ।୨୬।
ଆଜ୍ଞା ଶିରୋଧାର୍ଯ୍ୟ, କରି ଚକ୍ର ରାଜ, ଘୁରେ ବାତଚକ୍ର ପରି
ହେଲା ବିଭୀଷଣ, ସନ୍ଦେହ ମୋଚନ, ସ୍ୱୟଂ କ୍ଷୀରାବ୍ଧି ବିହାରୀ
ଏ ପୁଣ ।
ସୁମରୁ ଆସିଲେ ସୁଦର୍ଶନ, ଏ ।
ପ୍ରମାଦ ଗଲା ଯିବ ରାବଣ, ଏ ।
ପ୍ରଭଞ୍ଜନା କି କରିବ ପୁଣ, ଏ । ।୨୭।
ଦେଖେ ହନୁମାନ, ଶ୍ରୀରାମ ବଚନ, ମାନି ଘୂରେ ସୁଦର୍ଶନ
ଆଗେ ଯେ ଦୁର୍ଦ୍ଧଣ୍ଡ,ପଡ଼ିବ ସେ ଖଣ୍ଡ ଖଣ୍ଡେ ହୋଇ ହେବ ଲୀନ
ସେ ଐରି ।
ନ ପାରିବ ପୁରେ ଯାଇ ଫେରି, ସେ ।
ଏଣେ ସେ କାଳେ ଆସେ ଅସୁରୀ, ସେ ।
ଚକ୍ରଗତି ଦେଖି ଭୟ କରି, ସେ । ।୨୮।
ମନେ ହେଲା ବ୍ୟଥା, ଚିନ୍ତି ପୂର୍ବ କଥା, ଏହି ସେହି ସୁଦର୍ଶନ
ମୋ ଶାଶୁ ଉଦରେ, ପଶି ଏହି ଥରେ, ଭ୍ରୁଣ କରିଛି ବିଦୀର୍ଣ୍ଣ
ଏ ସେହି ।
ନାଶ କରିପାରେ ମୋର ଦେହି, ଏ ।
ରାମ ନର ନୁହେଁ ଭାବଗ୍ରାହୀ, ଏ ।
ଚକ୍ର ଆଣି ଅଛନ୍ତି ଜଗାଇ, ଏ । ।୨୯।
ଫେରି ଶିବ ପୁରେ, ଉମାଙ୍କ ଆଗରେ, ଜଣାଉ ସକଳ କଥା
କହିଲେ ବାରାହୀ, ଥିବା ସ୍ଥାନେ ଯାଇ, ରହି ଥାଅ ଯିବ ବ୍ୟଥା
ତୋ ବର ।
ବରଦ ହେବ ନୋହି ବିଫଳ, ତୋ ।
ମହୀ ମଣ୍ଡଳେ ଯେ ଅବତାର, ତୋ ।
ତାହାଙ୍କର ଯେ ବେନି ଶରୀର, ତୋ । ।୩୦।

୨୬: ଲୌଲୋକ୍ୟେ -ବିନିତ ଭାବେ।ଆଜ୍ଞା ଶିରୋଧାର୍ଯ୍ୟ-ମସ୍ତକରେ ଧରି. ଚକ୍ରରାଜ-ସୁଦର୍ଶନ ଚକ୍ର । ୨୭:ବାତଚକ୍ର-ପବନ ଭଉଁରି, କ୍ଷୀରାବ୍ଧି-କ୍ଷୀର ସମୁଦ୍ର । ୨୮:ଐରି- ଶତ୍ରୁ ।୨୯: ରାମନର ନୁହେ ଭାବଗ୍ରାହୀ-ନାରାୟଣ, ୩୦:ବାରାହୀ-ଦୁର୍ଗା ।

Digitized by PPRACHIN, SOA

କୀର୍ତ୍ତି ଶରୀର ଯେ, ସ୍ଥୂଳ ଦେହ ଆର୍ଯ୍ୟେ, ଶାସ୍ତ୍ରେ କରିଛନ୍ତି ଧାର୍ଯ୍ୟ
ଶ୍ରୀରାମଙ୍କ ଯଶଃ, ଶରୀରକୁ ନାଶ, କରିବୁ ନୁହ ଅଧୈର୍ଯ୍ୟ
ତା ପାଇଁ,
ବିଧାତାଙ୍କୁ କହିଛନ୍ତି ସାଇଁ, ତା ।
ଦୈତ୍ୟ ହତ ପରେ ହେବ ଯାଇ, ତା ।
ରାମଚିନ୍ତି ଦୟାନିଧି କହି, ତା । ।୩୧।

ରାବଣର ମାୟାମୁଣ୍ଡ ପ୍ରଦର୍ଶନ

(ରାଗ - ବରାଡ଼ି)

ଛାନ୍ଦ-୧୦

ଶ୍ରବଣ କର ପ୍ରବୀଣ, ଗଣ ଏହି ରାମାୟଣ, ରସ ରସାଳ ମଣିବ ହୀନ
ଉମାଦିନେ ଚିନ୍ତାକରି, ଶିବ ପୟରେ ଗୁହାରି, କଲୁଁ ଯା, କହିଲେ ପଞ୍ଚାନନ
ସେ ସୁଖ ଆଶେ, ଗିରି ସୁତାଙ୍କୁ ବସାଇ ପାଶେ,
ଜନ ହିତରେ ବାଲ୍ମୀକି, ଆଦ୍ୟେ ଯାହା ଶ୍ଳୋକେ ଲେଖି,ଛନ୍ତି ତା ପରାକୃତରେ ଭାଷେ । ।୧।
ପୂର୍ବ ଆଖ୍ୟାନେ ଚରିତ, ଥିଲା ପୂର୍ଣ୍ଣ ନୋହୁ କୃତ୍ୟ, ପ୍ରଭଞ୍ଜନା ଫେରିଣ ପୁରକୁ
ବୋଲେ ଶୁଣ ଦୈତ୍ୟନାଥ, ହୋଇଲି ମୁଁ ଅସମର୍ଥ, ଚକ୍ର ବକ୍ର କଲା ମୋ ବରକୁ
ହେ ବୈଶ୍ରବଣ, ରାମ ପରଂବ୍ରହ୍ମ ନାରାୟଣ
ହୃଦେ ସ୍ମରି ପୂର୍ବ ଶାପ, ମୁକ୍ତି ମାର୍ଗକୁ ସଙ୍କଳ୍ପ, ଶଠତାକୁ ବର୍ଜନ କରିଣ । ।୨।
ପ୍ରଭଞ୍ଜନା ଦତ୍ତ ଗିର, ବଳୀକଥା ଚିନ୍ତିବୀର, ଅଧୀରେ ଅବିଧି କାର୍ଯ୍ୟେ ମନ
ଲୋଡ଼ିତା ମହାଦଶାକୁ, ତୁଳିବ ରାମ ଯୋଷାଙ୍କୁ, ମହା ଉପାୟ କରି ରଚନ
ସେ ଚଣ୍ଡୀ ପାଶେ, ଯାଇ ବସି ମାଗିଲା ଉଲ୍ଲାସେ,
କରି ମାୟାକୁ ଆରମ୍ଭ, ସାରିବ ସୀତାଙ୍କଦମ୍ଭ, ମରିବ ଅସୁର' ଶାପୁରୋଷେ । ।୩।
ପୁଣି ଗୁଣି ଦଶାନନ, ଡ଼କାଇ ଭସ୍ମ ଲୋଚନ, ପେଷିଲା ସେନାଙ୍କ ସଙ୍ଗେ ରଥେ
ଯାଇସେ ସୁବଳ ତଳେ, ଗୋଳ ଆରମ୍ଭ କରିଲେ, ଜାଣୁ ହନୁମାନ ରହି ପଥେ
ସେ ଭସ୍ମାସୁର= ଭସ୍ମେ କାଢ଼ି ଚମର ଢ଼ାଙ୍କୁଣି
ଦେଖାଉ ଆଗେ ଦର୍ପଣ, ଭସ୍ମସେ ହୋଇଲା ପୁଣ, ଦୂତ ନୃପେ ବାର୍ତ୍ତା ଦେଉ ଜାଣି । ସେ ।୪।
ମାଗେ ମା ଦିଅ ସତ୍ୱର, ଶ୍ରୀରାମ ଲକ୍ଷ୍ମଣ ଶିର, ଶ୍ରୀ'ଚ୍ୟୁତେ ମୋ ଶିରଚ୍ୟୁତ କରି
ଅଶୋକ କାନନେ ଯିବି, ଶ୍ରୀ ଦେବୀଙ୍କି ଦେଖାଇବି, ପାଇବାକୁ ମୋର ପୂର୍ବଶିରୀ
ଗୋ ଯୋଗମାୟା, ସାହା ହୋଇ ଦୀନେ କର ଦୟା
ଦେବୀ ଗଣନ୍ତେ ପ୍ରମାଦ, ବାଧ କରି ମାଗେ ବ୍ୟାଧ, ସମ କାମନା କରିଣ ତାହା । ।୫।

୧: ପ୍ରବୀଣ-ବହୁଦର୍ଶୀ, ରସ ରସାଳ-ରସୁଆଳ ଆମ୍ବ,ଗିରିସୁତା-ପାର୍ବତୀ, ପରାକୃତ-ପ୍ରାକୃତ, ଭାଷେ-କହେ । ୨:ବୈଶ୍ରବଣ-ବିଶର୍ବା ଋଷିଙ୍କ ପୁତ୍ର,ରାବଣ, ଶଠତା-ପ୍ରତାରଣା ।୩: ବଳୀ-ପାତାଳ ରାଜା, ଅବିଧି-ବିଧିହୀନ ମନ୍ଦକାର୍ଯ୍ୟ. ମହାଦଶାକୁ-ମୃତ୍ୟୁଯୋଗକୁ, ରାମଯୋଷା-ସୀତା, ।
୫: ଶ୍ରୀ, ଚ୍ୟୁତେ- ନିଜ ପତନେ. ଶ୍ରୀଦେବୀ-ଲକ୍ଷ୍ମୀ ରୂପିଣୀ ସୀତା, ପୂର୍ବ ଶିରି-ବୈକୁଣ୍ଠ ଦ୍ୱାର. ଯୋଗମାୟା-ଦୁର୍ଗା, ବ୍ୟାଧସମ-ଶବର ତୁଲ୍ୟେ ।

Digitized by PPRACHIN, SOA

ଦେବୀ ଅପ୍ରସନ୍ନେ କୋପୀ, ଅଭିଚାର ପୂଜା ରୋପି, ଅଜରକ୍ତ ହୋମେ ଦେଇ ମନ
ହୃଦୟତନ୍ତ୍ରୀ ସଙ୍କୁଳ, ତନ୍ତ୍ରଶାସ୍ତ୍ର ମନ୍ତ୍ର ମୂଳ, ଉଚ୍ଚାରଣ କରି ଘନ ଘନ
ସେ ଇଚ୍ଛା ମତେ, ଧରି, ରାମ ରାମାନୁଜ ଶିରେ,
ଐନ୍ଦ୍ରଜାଳିକ ପରାୟେ, ଇନ୍ଦ୍ରଜାଲ ସାଧି ଯାଏ,ତତ୍‌କାଳେ ଅଶୋକ ବନ ଦ୍ୱାରେ । ।୬।
ସରସ୍ୱତୀ ନଦୀଚଢ଼ା ନିକଟହ୍ରଦୁ ଉପୁଡ଼ା, ପଦ୍ମବନ ପରି ବନୀଧାର
ବହିଣ ପ୍ରଖର ତର, ପାତ ଯଥା ନଦୀ ଝର-ଶିର, ବିଲୋକଇ ଜରଜର
ସେ ଆଗେ ଥୋଇ, ରାଗେ ଭାଷେ ବନାଇ ଚୁନାଇ,
କାମନା ପୂର୍ଣ୍ଣେ ଆସିଛି, ତୁ ମନା ନ କର କିଛି, ବିମନା ହୋଇ ଗୋ, ବଇଦେହୀ । ।୭।
କହେ ଦୟାନିଧି ବାୟା, ସ୍ନେହେ କରିଲେ ସୁଦୟା ରାମ ଲଙ୍କାକାଣ୍ଡେ ଦଶଛାନ୍ଦ
ଅଷ୍ଟ ପଦ ଏ ଯା ହେଲା, ଜଞ୍ଜାଳ ଜଳକୁ ଭେଳା, ସୁଜ୍ଞାନେ ଘେନନ୍ତୁ ସୁଧୀବୃନ୍ଦ
ସେ ସୀତା ସତୀ, କ୍ରନ୍ଦନ କରିବେ ଆଗ ଛାନ୍ଦେ,
ଗୀତା କରି ରାମ, ବର୍ଣ୍ଣ ସାଧନ କର ଏ ପୁଣ୍ୟ, ଜଡ଼ିତ ନ ହୋଇ ମାୟା ଛନ୍ଦେ । ।୮।

ରାମଲକ୍ଷ୍ମଣ କଟାମୁଣ୍ଡ ଦର୍ଶନେ ସୀତାଙ୍କ ବିଳାପ

(ରାଗ - ଶଙ୍କରା ଭରଣ)

ଛାନ୍ଦ - ୧୧

ଏ ଅନ୍ତେ ଭବାନୀ ବସି ଯୋଡ଼ି ବେନିକର , ଭବଙ୍କୁ ପୁଚ୍ଛନ୍ତେ ସୀତା ଶୋକ ସମାଚାର
ହରଚିନ୍ତି ରଘୁନାଥ
ଭାଷିଲେ ଯେ ଘଟିଥିବା ସମସ୍ତ ଚରିତ । ।୧।
ନ ବୁଝନ୍ତି ସେ ସୀତୟା ଦୈତ୍ୟ ଛଳ କଥା, କାମନା, ପୂର୍ଣ୍ଣ ଶ୍ରବଣେ ଦେଉ ମନେ ବ୍ୟଥା
ଦୁଃଖେ କହନ୍ତି ସେ ତହିଁ
ବନ କୁସୁମ, ମୁଁ' ବନବାସୀ ଭୋଗ ପାଇଁ । ।୨।
ବୋଲେ ରକ୍ଷ ରବିକୁଳ ବଧୂ କମଳିନୀ, ସଦାରଙ୍କ ରବି ପ୍ରୀତି ଭ୍ରମରେ ମାନିନୀ
ଘେନି ପତିବ୍ରତା ଭାବ
ସଦାରତ ଥାଅ ମୋର ଭାବକି ବୁଝିବ । ।୩।
ସୀତା ବୋଲନ୍ତି କଳପ, କଳପ, ଜଳ୍ପିଲେ , ନ ଟଳିବ ସତୀ ମନ, ତିଳେ କେବେ ହେଲେ
ବ୍ୟଥା ଦେବା ହେବ ସାର
ନ ଭାଷ ଏ ସ୍ଥାନେ ଆସି ଏହି ପରି ଗିର । ।୪।

୬: ଅଭିଚାର-ପରମାରଣ, ଅଜରକ୍ତ-ଛେଳିରକ୍ତ, ହୃଦୟ ତନ୍ତ୍ରୀ-ହୃଦୟ, ତାର-ଶିରା ସମୂହ, ତନ୍ତ୍ରଶାସ୍ତ୍ର-ଶିବଙ୍କୋ ଗ୍ରନ୍ଥ ମନ୍ତ, ଇନ୍ଦ୍ର ଜାଲିକ-ଭୋଜବାଜୀ ।୭: ନଦୀ ଚଢ଼ା-ନଦୀ ଗପ୍ର, ହ୍ରଦ- ଅକୃତିମ ଜଳାଶ୍ରୟ, ବନୀଧାର-ରକ୍ତ ଧାର, ପାତ-ପତନ, ରାଗେ ଭାଷେ-ଇଚ୍ଛା ଅନୁସାରେ,କାମନା ପୂର୍ଣ୍ଣେ-ବୈକୁଣ୍ଠ ପୁରକୁ ଯିବା ପାଇଁ,ବିମନାଃ-ଉଦ୍‌ବିଗ୍ନମନା ।୮: ଜଞ୍ଜାଳ-ଉତ୍ପାତ,ଭେଳା-ନାବ,ସୁଜ୍ଞାନେ-ଶ୍ରେଷ୍ଠଜ୍ଞାନେ,ସୁଧୀବୃନ୍ଦ-ବିଦ୍ୱାନ ସମୂହ, ଗୀତା କରି-ଉପଦେଶ ଶାସ୍ତ୍ର ମନେ କରି,ପୁଣ୍ୟ-ସୁକୃତ,ମାୟାବନ୍ଧେ-ବନ୍ଧନରେ । ୧: ଭବାନୀ-ପାର୍ବତୀ,ଭବଙ୍କୁ-ଶିବଙ୍କୁ,ହର-ଶିବ,ବନକୁସୁମଃ ଅରଣ୍ୟ ପୁଷ୍ପ,ବନବାସୀ-ରାମଚନ୍ଦ୍ର ।୩:ରବି-ସୂର୍ଯ୍ୟ,କମଳିନୀ-ପଦ୍ମ । ୪: କଳପ-ବେଦାଙ୍ଗ-ବ୍ରହ୍ମାଙ୍କ ଦିବସ ।

Digitized by PPRACHIN, SOA

ଏ କାଳେ ସେ କଟାମୁଣ୍ଡେ ନେତ୍ର ଯାଉଁ ପଡ଼ି, କରିଲେ ରୋଦନ ଦେବୀ ଶିଳେ ଶିର କୋଡ଼ି
କେଉଁ ଜନ୍ମେ ପତି କାର
ଛଡ଼ାଇ ଥିଲି କି ଧାତା କଲୁ ଏ ବିଚାର । ।୫।

ପିତାପୁରେ ହସ୍ତରେଖା ଦେଖି ମୁନି ମଣି, କହିଥିଲେ ହେବ ସୀତା ଅହ୍ୟ ସୁଲକ୍ଷଣୀ
କିପାଁ ତା ହେଲା ବିଫଳ,
କେଉଁ ଅପରାଧୁ ଏବେ ଫଳିଲା ଏ ଫଳ । ।୬।

ତିନି ପୁରେ ଥିଲ ନାଥ ତୁମ୍ଭେ ବୀର ବର, ଧନୁ କି ନ ଥିଲା କରେ କାଟିଲା ଅସୁର
ଯାର ବାଣରେ ବ୍ରହ୍ମାଣ୍ଡ,
ଭୟଭୀତ ଦୈତ୍ୟ ହେଉଥିଲେ ଲଣ୍ଡଭଣ୍ଡ । ।୭।

ପରୀକ୍ଷାତ ହୋଇଥିଲା ଧନୁଭଗ୍ନ କାଳେ, ଲକ୍ଷେ ନୃପତି ଯେ ଧନୁ ଟୋଳି ନ ପାରିଲେ
ଅନାୟାସେ ତା ଭାଙ୍ଗିଲ,
ଫେରିବା ପଥରେ ପର୍ଶୁରାମ ହରାଇଲ । ।୮।

ମାଇଲା କିପରି ଦସ୍ୟୁ ଅସମ୍ଭବ କଥା, ହନୁକଥା ଓଲଟିଲା ସର୍ବ ହେଲା ବୃଥା
କେଉଁ ଦୋଷରୁ ଦଇବ,
ଏ ଅଘଟଣ ଘଟଣା କରୁ ତୁହି ସର୍ବ । ।୯।

ସଙ୍ଗେ ଯିବି ବୋଲୁ ବନେ ମନା କରୁଥିଲେ, ବୁଝାଉ ସ୍ନେହ ନ ମୁଞ୍ଜି ସଙ୍ଗତେ ଆଣିଲେ
ହତ ମୋ ଯୋଗୁଁ ସେ ସିନା,
ବନ୍ଧାଇଲି ବଂଶ ଯଶ ତୁମ୍ଭେ ନିନ୍ଦାବାନା । ।୧୦।

ଅତି ଆର୍ତ୍ତେ କାନ୍ଦି ସୀତା ଶେଷେ ଦେଖି ମୁଣ୍ଡ, ସ୍ଥିର କଲେ ବ୍ରହ୍ମାଗ୍ନିରେ ନାଶିବାକୁ ପିଣ୍ଡ
ପ୍ରାଣ, ଘୃତାହୂତି ଦେଇ,
ଜ୍ଞାନେ ଜାଣିପାରି, ଦୈତ୍ୟ ଗଲାକ ପଳାଇ । ।୧୧।

ଦୈତ୍ୟଯାଉଁ ମାୟାବିଦ୍ୟା ତାସଙ୍ଗେ ଚଳିଲା, ମାୟା ରାମଲକ୍ଷ୍ମଣଙ୍କ ମୁଣ୍ଡ ଉଭାଇଲା
ପୁଣି ଅସୁର କାୟାରେ,
କିଛିକ୍ଷଣ ଅନ୍ତେ ମାୟା ଆଚରି ମାୟାରେ । ।୧୨।

ରାମ ଲକ୍ଷ୍ମଣ ହୋଇଣ ଦୈତ୍ୟ କରି ଖଣ୍ଡ, ହନୁକରେ ଧରାଇଣ ସେହି କଟା ମୁଣ୍ଡ
ସେହି ସ୍ଥାନରେ ପ୍ରବେଶ,
ସୀତା ଆଗରେ ରାଗରେ ବନଚାରୀ ବେଶ । ।୧୩।

ବୋଲନ୍ତି ଯେ ଶୁଣ ସୀତେ ଘଟିବା ଘଟଣା, ସେ ମାୟାବୀ ଦଶଆସ୍ୟେ ବହୁ ମାୟା ଜଣା
ସାଜି ତପସ୍ୱୀ ବେଶକୁ
ଆଣିଲା ଅପହରଣ କରି ଅଶୋକକୁ । ।୧୪।

୬:ମୁନିମଣି-ନାରଦ,ଅହ୍ୟ ସୁଲକ୍ଷଣୀ-ସଧବା ସୁଲକ୍ଷଣୀ ।୯:ଦସ୍ୟୁ-ଉତ୍ପିଡ଼ନ କାରୀ ।୧୧:ଆର୍ତ୍ତେ-ବିକଳେ,ବ୍ରହ୍ମାଗ୍ନି-ବିଶ୍ୱବ୍ୟାପକ ଅଗ୍ନି,ପ୍ରାଣ-ହୃଦୟସ୍ଥ ପବନ, ଦୈତ୍ୟ-ରାବଣ,ମାୟାବିଦ୍ୟା-କୁହୁକ ବିଦ୍ୟା । ୧୩: ରାଗରେ-ସରାଗରେ ।୧୪:ଦଶଆସ୍ୟେ-ଦଶମୁଣ୍ଡେ, ଅଶୋକକୁ-ଅଶୋକ ବନକୁ ।

Digitized by PPRACHIN, SOA

ଏହି କ୍ଷଣିଆମ୍ଭ କଟାମୁଣ୍ଡ ଧରି କରେ, ଆସିଥିଲା ତୁମ୍ଭ ପାଶେ ଶୁଣି ମୁଁ ପଥରେ
ମାୟା ସହି ନ ପାରିଲି,
ସକ୍ରୋଧେ ଆସୁ ପଥରେ ଦେଖି ସଂହାରିଲି । ।୧୫।
ଦେଖ ଲାଗିଛି ଖଡ଼ଗ ଧାରରେ ଶୋଣିତ, ବଂଶର ମର୍ଯ୍ୟାଦା ରଖି ଦୈତ୍ୟ କଲୁ ହତ
ତାହା ଜଣାଇବା ପାଇଁ,
ଆସିଅଛୁ ତୁମ୍ଭଠାରେ ପ୍ରୟୋଜନ ନାହିଁ । ।୧୬।
ଆନନ୍ଦ ଯେତିକି ନିରାନନ୍ଦ ସେତେ ସତୀ, ମନେ ଦମ୍ଭଧରି ଶୋକ ପରି ହରି ସେଥି
ପ୍ରକାଶନ୍ତି ତୁମ୍ଭେ ଏହା,
କହି ପାରିଲ ? ଆଉ କେ ନ କହିବ କିଆଁ । ।୧୭।
ସୀତା ଦମ୍ଭ ଭକ୍ତି ଶୁଣି ସେଥି ଲଙ୍କପତି, ଭାବେ ଭବେ ସତୀ ସମଦମ୍ଭେ କେ ନାହାଁନ୍ତି
ସୀତା ଚିନ୍ତାକଲା କାଳେ,
ରାବଣ ଆଗରେ ଚାର ଜଣାଏ ଆକୁଳେ । ।୧୮।
ସମରେ ମର୍କଟେ ଆସି ନ ପାଇଣ ବାଟ, ଆଣ୍ଠରେ ପାଦ ପ୍ରହାରି ଭାଙ୍ଗିଲେ କବାଟ
ଗଡ଼ ଭିତରେ ପଶିଲେ,
ବାର୍ତ୍ତା ଦେବା ପାଇଁ ଶୁକ ଶାରଣ ପେଶିଲେ । ।୧୯।
ଦୂତ ମୁଖୁଁ ଶୁଣୁ ଶୁଣୁ କଟାମୁଣ୍ଡ ଧରି, ଫେରିଲା ନଗରେ ଦୈତ୍ୟ ଜଗାଇ ପ୍ରହରୀ
ବସନ୍ତେ, ଶିଶିର ପାତ,
ହତ ପରି ସୀତା ନେତ୍ରୁ ଅଶ୍ରୁ ବିଦୂରିତ । ।୨୦।
ଶୋକ ପରିହରି କୁହୁ ପ୍ରକଟିଲା ପରି, ତ୍ରିଜଟାକୁ ବୋଇଲେ ସେ ଜନକ କୁମାରୀ
କେତେ କପଟ ଜାଣନ୍ତି,
ଦୈତ୍ୟ ବିଚଳିତ କଲା ମୋ ଅଚଳ ମତି । ।୨୧।
କଉଶଲ୍ୟା ସୁତ ରାମ ପଦେ ଦେଇ ଧ୍ୟାନ, ଦୟାନିଧି ଦାଶ ରଚେ ମୋଦେ ଏ ଆଖ୍ୟାନ
ବିଂଶବେନି ପଦ ହେଲା,
ଯେନହେ କୋବି ଦେ ଭବାର୍ଣ୍ଣବେ ହେବ ଭେଳା । ।୨୨।

• • • • •

ପ୍ରଥମ ଦିନ ଗୋଳ ଯୁଦ୍ଧ

(ରାଗ - ଦେଶାକ୍ଷ) ଯୁଦ୍ଧ ବର୍ଣ୍ଣନା

ଛାନ୍ଦ - ୧୨

ଶୁଣ ଯା ଘଟଣା, ହେଲା ମହାମନା, ତେଣେ ଈଶାନ କହନ୍ତି
ଲଙ୍କାଗଡ଼େ ଦୂତ, ଦ୍ୱାରରୋଧି ପଥ, ନ ଛାଡୁ ରାମ କହନ୍ତି
ହେବୀର, ଦଇତଙ୍କୁ ଘେରି କରି ମାର, ଲଙ୍କା ବୋଲି ଉପ୍ରୋଧ ନ କର । ।୧।

୧୬:ଖଡ୍ଗ-ଖଣ୍ଡା, ଶୋଣିତ-ରକ୍ତ। ୧:ମହାମନା-ଉଦାର ଚରିତ ବ୍ୟକ୍ତି ।

Digitized by PPRACHIN, SOA

ବିଶ୍ୱସ୍ତକୁ ଘେନି, ପ୍ରଶସ୍ତ ବିରୋଧେ, ରାମ ରଣେ ପୂର୍ବଦ୍ୱାରେ
ମିତ୍ର ପୁତ୍ର ରତ, ମହେନ୍ଦ୍ର ସହିତ, ମହୋଲ୍ଲାସେ ଦକ୍ଷିଣରେ
ସେ ନଳ, ଉଦୀଚି ଦ୍ୱାରେ କରଇ ଗୋଳ, ପ୍ରତୀଚି ଦ୍ୱାରେ ବାୟୁ ଦୁଲାଳ । ।୨।
ଦୈତ୍ୟ ସେନା ସେନା, ପତି ଯୂଥ ପତି ରଣ ରଙ୍ଗେ ବିହରନ୍ତି
ବିପତନ ଗୁଳି, ମୁଦ୍ଗର ସାବେଳୀ, ରଥ ରଥୀ ଯନ୍ତାଯନ୍ତି
କେ କାର, କରବାଳ କରଇ ପ୍ରହାର, ଭଲ୍ଲେ ଭଲ୍ଲ ମଲ୍ଲ କାରବାର । ।୩।
ବାହୁକୁ ବାହୁରେ ବାହାସ୍ଫୋଟ ମାରି ସୁତୀକ୍ଷ୍ଣ ନଖେ ବିଦାରି
ମୁଣ୍ଡରେ ମୁଣ୍ଡକୁ, କୋଡ଼ା କୋଡ଼ି ତାଳେ, ବକ୍ଷେ ବକ୍ଷ ମରା ମରି
କେ ଗଡ଼ି, ମାଲ ବିନ୍ଧାଣେ ଦିଅନ୍ତି ରଡ଼ି, ଅଙ୍ଗୀ ଅଙ୍ଗମାନ ଯାଂଏ ଛିଡ଼ି । ।୪।
କେ ଭୂଷିଣ ଭଲ୍ଲ, ବୋଲେ କପି ପଲ୍ଲ, ଆଜି ରଣେ ସର୍ବେ ମଲ
କେ ବିନ୍ଧିଣ ବାଜୀ, ରକ୍ଷ କପି ପାଜି, କଲା ମାରି ପଲ୍ଲ ପଲ୍ଲ
ତା ବାରି, ଘନେ କରକା ପତନ ପରି, ହନୁ ଶିଳା ବୃଷ୍ଟି କରେ ଧରି । ।୫।
ସେ ରଘୁ ନନ୍ଦନ, ଦେଖି ଶରାସନ, ଟୋଳି ନିକ୍ଷେପିଲେ କାଣ୍ଡ
ରାବଣ ସଇନ, ହେଲେ ରଣଭଣ, କଟୁ କୋଟି କୋଟି ମୁଣ୍ଡ
ସେ ଶର, ଦୃଶ୍ୟ ମେଘ ପ୍ରାୟ ଭୟଙ୍କର, ରଣକ୍ଷେତ୍ରେ ପଡ଼େ ହା ହା କାର । ।୬।
ସେଥି ଧନୁର୍ବିଦ୍ୟା, ବନ୍ଦ୍ୟ ବିଶାରଦା, ବଜ୍ରଦଂଷ୍ଟ୍ର ସେନାପତି
ପ୍ରଶସ୍ତକୁ ଧରି, ଦିବ୍ୟାଶୁଗ ମାରି, ଆସୁ କରି ବ୍ୟାଘ୍ରଗତି
ସେ ରଡ଼ି, ଦେଉଁ କପି ତାଙ୍କୁ ନେଲେ ତଡ଼ି, ଘନ ବନ ଶ୍ୱାନ ପରି ବେଢ଼ି । ।୭।
ବୃକୋଦର ପୁରେ, ପେଶିଲେ ସତ୍ୱରେ, ବେନି ବୀର ମୃଗ ହେଲେ
ଆଉ ଯେତେ ସଙ୍ଗେ, ଥିଲେ ରଣ ରଙ୍ଗେ, ଭୟେ ଏଣୀ ପ୍ରାୟ ଗଲେ
ତା ଦେଖି, ଇନ୍ଦ୍ର ଅରାତି ହୋଇଣ ଦୁଃଖି, ଡ଼ାକେ ରହ ରହ ଶର ଯୋଖି । ।୮।
ବୀର ଚୂଡ଼ାମଣି, ରାମ ଦେଖି ଭଣି, ଯାଅ ହେ ବାବଲ ଶର
ଇନ୍ଦ୍ରଜିତ କର, ଧରିଥିବା ଶର, ଧନୁ ଛେଦି ଶୀଘ୍ର ଫେର
ତା ପାଳି, ଶର ଫେରୁ ପ୍ରମିଳା ମଉଳି, ରାମ ବଳ ବୁଝି ହୁଏ ଭାଳି । ।୯।
କାହା ଗଣ୍ଡି ମୁଣ୍ଡ, ହୋଇଲା ଦ୍ୱିଖଣ୍ଡ କାପିଣ୍ଡ ମହୀରେ ଲୋଟେ
ଫାଟି-କା କପାଳ,ହେଲା ସେଥିକାଳ,କା'କଟିରୁ ଭାଗେ କଟେ
କେ ବୋଲି, ଧରଣୀରେ ପଡ଼ି ମଲି ମଲି, କାହା ପରେ ସେନା ଯାନ୍ତି ଚାଲି । ।୧୦।
ପଥର ପାଦପ, ପଡ଼ି ପଥ ଲୋପ, ହେଲା ରଥ ନ ଚଳିଲା
ରାବଣ କୁମର, ଦେଖି ସମାଚାର, ଅନ୍ୟ ଗଜେ ବାହୁଡ଼ିଲା
କା,ରଇ, ନକଳଇ ମଲେ ଯେତେ ତହିଁ, ସୁରେ ଦେଖନ୍ତି ଆକାଶେ ରହି । ।୧୧।

୨:ମିତ୍ର ପୁତ୍ର-ସୁଗ୍ରୀବ,ଉଦୀଚି ଦ୍ୱାରେ-ଉତ୍ତର ଦ୍ୱାରେ,ପ୍ରତୀଚି ଦ୍ୱାରେ-ପଶ୍ଚିମ ଦ୍ୱାରେ ।୩:ବିପତନ-ବିଶେଷ ପତନ,କରବାଳ-ଖଣ୍ଡା ।୫:କେ ଭୂଷିଣ ଭଲ୍ଲ-ବର୍ଚ୍ଛା, ବାଜୀ-ଶର,ଘନେ-ମେଘ ସମୟରେ,କରକା-କୁଅ । ପଥର, ଶିଳା-ପଥର,୬:ଶର-ଧନୁ ।୭:ବିଶାରଦ-ପଣ୍ଡିତ,ଦିବ୍ୟାଶୁଗ-ଦିବ୍ୟଅସ୍ତ୍ର,ବନଶ୍ୱାନ-ବଳିଆ କୁକୁର ।୮:ବୃକୋଦର ପୁରେ-ଯମପୁରେ, ଏଣୀ ପ୍ରାୟ-ମୃଗ ପ୍ରାୟ, ଇନ୍ଦ୍ର ଅରାତି-ଇନ୍ଦ୍ରଜିତ ।୯:ପ୍ରମିଳାମଉଳି-ପ୍ରମିଳା ପତି ଇନ୍ଦ୍ରଜିତ ।୧୧:ପାଦପ-ବୃକ୍ଷ ।

Digitized by PPRACHIN, SOA

ବରଷାରେ ବାରି, ସଞ୍ଚରିବା ପରି, ସଞ୍ଚରି ବହେ ଶୋଣିତ
ଯେତେ ହତାହତ, ହେଲେ ଚିତ୍ରଗୁପ୍ତ, ବୁଝିଥିବ ଯେଣୁ ନ୍ୟସ୍ତ
ତା' ଲେଖି, ନ ପାରିବେ ବୃହସ୍ପତି ଦେଖି, ଦୈତ୍ୟେ ଯାଆନ୍ତି ରଣ ଉପେକ୍ଷି । ।୧୨।

ସନ୍ଧ୍ୟା ବର୍ଣ୍ଣନା

ରକ୍ତିମା ଚୁମ୍ବିଲା, ପ୍ରତିଚୀ ଅଚଳା, ଅସ୍ତାଚଳେ ଗଲେ ସୁର
ନୀଡ଼ ଅଭିମୁଖେ, ଉଡ଼ିଗଲେ ସୁଖେ, ବିହଙ୍ଗେ ସ୍ମରି ସଂସାର
ସେ ଅଳି, ନାନା ସୁମନ ସ୍ତବକେ କେଳି, କଲେ ଗୁଣୁଗୁଣୁ ଗୀତ ବୋଲି । ।୧୩।
ଗୋଟିକି ଗୋଟି ଯେ, ତାରା ହୋଇ ବିଜେ, ରୁଷ୍ଟ ଅଭ୍ରମଣ୍ଡଳରେ
ମୃଦୁ ସମୀରରେ କଣ୍ଠ ସ୍ୱର ଦେଲେ ପେଚା ଶିବା ନଦୀ ତୀରେ
ସେ ତମ, ଆଚ୍ଛାଦିତେ ବଢ଼ାଇଲା ଭ୍ରମ, ନଭ ମଣ୍ଡଳେ ବିଜୟ ସୋମ । ।୧୪।
ମିଥୁନ ବିରହେ, ସରିତ୍ ପ୍ରାନ୍ତେ ରହେ, ରଥାଙ୍ଗ ହେଉ ଆଗତ
ଆଳତୀ ଜାଳନ୍ତି, ସୀମନ୍ତିନୀ ପନ୍ତି, ନିଶା ଯବନିକା ପାତ
ସେ ଶଙ୍ଖ, ବୋଲେ ରାମ ରଣ ବନ୍ଦ ରଖ, ଜ୍ଞାନେ ଜାଣିତା ବୀର ପ୍ରମୁଖ । ।୧୫।
ସଞ୍ଜକୁ ଅନାଇ, ସୂର୍ଯ୍ୟସୁତେ ଚାହିଁ, ସୂର୍ଯ୍ୟବଂଶୀ ପ୍ରକାଶିଲେ
ରଣକରି ମନା, ବାହୁଡ଼ାଅ ସେନା, ବୋଲୁ ସେନା ବାହୁଡ଼ିଲେ
ସେ ଭାଳି, ଜୟ ହେତୁ ଦେଇ ରାମ ତାଳି, ପ୍ରବେଶିଲେ ସୁବଳ ମଉଳି । ।୧୬।
ଦେବାର୍ଚ୍ଚନେ ଦେବ, ନଦୀରେ ରାଘବ, ବୈଶ୍ରବଣ ଶ୍ରବଣରେ
ଧୀରେ କହେ ଦୂତ, ବଜ୍ର ଦଂଷ୍ଟ୍ର ହତ, ପ୍ରଶସ୍ତ ହତ ରଣରେ
ତା ବାଣ, ତୁଲ୍ୟ ନୃପେ କରିଲା ବିଦୀର୍ଣ୍ଣ, କହେ ଦୟାନିଧି ସୁଧୀଘେନ । ।୧୭।

■ ■ ■ ■

ଦ୍ୱିତୀୟ ଦିନ ଯୁଦ୍ଧ

(ରାଗ - କାମୋଦୀ 'ଶ' ଅନୁପ୍ରାସ)

ଛାନ୍ଦ-୧୩

ଶୁଣନ୍ତୁ ସୁଧୀବୃନ୍ଦ, ଦ୍ୱିତୀୟ ଦିନ ଯୁଦ୍ଧ, ଚରିତ ଢ଼େରି ଶ୍ରୁତି ମତି
ସର୍ବାଣୀଙ୍କି କହନ୍ତି, ଶଙ୍କର ଯାହା ଚିନ୍ତି, ସ୍ମରଣ କରି ସୀତା ପତି
ସେ ସେନା ସୈନ୍ୟ, ସଭାରେ ଦେଖାଇ ପ୍ରତାପ
ସମ୍ଭାଷନ୍ତି ହେ ଲଙ୍କାଧୀପ
ସମରେ ଆମ୍ଭେ ଥିଲେ, ଶାଖାମୃଗ କି ଭଲେ, ପଳାଇଥାନ୍ତେ ନୋହି ଲୋପ ସେ । ।୧।

୧୩:ଶୋଣିତ-ରକ୍ତ, ଚିତ୍ରଗୁପ୍ତ-ଯମ ପାଞ୍ଜିକାର, ପ୍ରତିଚୀ ଶୃଙ୍ଗ-ଅସ୍ତଗିରି, ନୀଡ଼-ବସା, ବିହଙ୍ଗେ-ପକ୍ଷୀ ସମୂହ, ଅଳି-ଭ୍ରମର, ସୁମନ-ପୁଷ୍ପ,ସ୍ତବକ-ପେଣ୍ଡାବାଗୁଚ୍ଛ ।୧୪:ଅଭ୍ରମଣ୍ଡଳ-ଅକାଶ ମଣ୍ଡଳ,ମୃଦୁ ସମୀର-କୋମଳ ପବନ, ଶିବା-ଶୃଗାଳୀ,ତମ-ଅନ୍ଧକାର,ନଭ ମଣ୍ଡଳ-ଆକାଶ ମଣ୍ଡଳ,ସୋମ-ଚନ୍ଦ୍ର । ୧୫: ମିଥୁନ-ମିଳନ ସରିତ୍ ପ୍ରାନ୍ତେ- ନଦୀ ପ୍ରାନ୍ତେ, ରଥାଙ୍ଗ-ଚକ୍ରବାକ, ସୀମନ୍ତିନୀ-ସଧବା ରମଣୀ,ନିଶା-ରାତ୍ରି, ଯବନିକା-ପର୍ଦା, ପାତ-ପତନ ।୧୬:ସୂର୍ଯ୍ୟସୁତ-ସୁଗ୍ରୀବ,ସୂର୍ଯ୍ୟବଂଶୀ-ରାମଚନ୍ଦ୍ର, ସୁବଳ ମଉଳି-ସୁବଳ ପର୍ବତ ।୧୭:ଦେବନଦୀ-ଗଙ୍ଗା,ବୈଶ୍ରବଣ-ରାବଣ, ଶ୍ରବଣରେ-କର୍ଣ୍ଣରେ, ସୁଧୀ-ବିଦ୍ୱାନ ।୧: ସୁଧିବୃନ୍ଦ-ପଣ୍ଡିତମାନେ, ଢ଼େରି ଶ୍ରୁତି-ଶ୍ରବଣ, ମତି-ମନ,ସର୍ବାଣୀ-ଦୁର୍ଗା, ପ୍ରତାପ-ପ୍ରଭାବ, ସମ୍ଭାଷନ୍ତି-କଥୋପକଥନ ହୁଅନ୍ତି, ଶାଖାମୃଗ-ମର୍କଟ ।

Digitized by PPRACHIN, SOA

ସୁଲୋଚନା ଚନ୍ଦନ, ନୃପେ କରି ବନ୍ଦନ, ବୋଲଇ ଲଙ୍କା ଦାଣ୍ଡଘଳେ
ଶସ୍ତ୍ର ଅସ୍ତ୍ରଙ୍କ ଗତି, ନ ହେଲା ଯନ୍ତା ଯନ୍ତି, ଗଜବାଜୀ ଏ ନ ଚଳିଲେ
ସେ ସକାଶରୁ, ସବୁଯେ ମଲେ ଆମ୍ଭ ବଳ
ଶୁଣି ବୋଲନ୍ତି ଲଙ୍କପାଳ
ସ୍ୱୟଂ ଆଜି ବିସ୍ତାର, ସ୍ଥଳେ ଯିବୁ ନିସ୍ତାର, ନାହିଁ ପ୍ରମାଣ ହେବ ବଳ ସେ । ।୨।

ବର୍ଷା ଉତ୍‌ପ୍ରେକ୍ଷା

ଶୁଣି ନୃପ ପ୍ରତିଜ୍ଞା, ସଚିବ ପାଳି ଆଜ୍ଞା, ସୈନ୍ୟ ସଜାଉଁ ମୁଖରୋଳ
ଶୁଭବାରି ଧାନୁକୀ, କହୁ ସୁଗ୍ରୀବେ ଡ଼ାକି, ସଜାଇଲେ ସେ ସୈନ୍ୟବଳ
ସେ ସମରାଦ୍ୟେ, ସୁରାରି କ୍ରୋଧେ ବାହାରନ୍ତି
ଶ୍ରାବଣେ ଯଥା ମେଘ ପନ୍ତି
ଶୀକର ଧରିନଭେ ବ୍ୟାପିଲେ ଚତୁର୍ଦ୍ଦିଗେ ସଶସ୍ତ୍ର ବଳ ପନ୍ତି ପନ୍ତି ସେ। ।୩।
ସ୍ୟନ୍ଦନ ପର ନେତ, ବରନ ସିତ ପୀତ, ବକ ବିଜୁଳି ଚଳାଚଳ
ଶିଖୀ ଘନ ଉଦୟେ, ନୃତ୍ୟ କରିବା ପ୍ରାୟେ, ପାଇକେ ନୃତ୍ୟେ ଖଳ ବଳ
ସେ ସେନା କଟି, ସନ୍ନିକଟ ଘାଗୁଡ଼ି ଘଣ୍ଟି
ଶବ୍ଦ ସର୍ବଦା ଥାଏ ରଟି
ଶାମୁକା ଘନେ ରବ, ତୁଲ୍ୟେ ହୁଏ ସମ୍ଭବ, ବି-ପକ୍ଷ ଢ଼ାଲ କମ୍ପନଟି ସେ । ।୪।
ସିନ୍ଧୁ ବୃଦ୍ଧି ପ୍ରବଳ, ବୀଚି ରାବଣ ବଳ, ପ୍ରାୟକେ ଦେଖି କରି ତୁଳେ
ସମୁଦ୍ରରେ ବହିତ୍ର, ସୈନ୍ୟ ଦଳରେ ରଥ, କୁମ୍ଭୀ, ସମ କୁମ୍ଭୀର ଜଳେ
ସେ ଶାଳମତ୍ସ୍ୟ, ସଞ୍ଚାଳନ ଅଶ୍ୱର ଗତି
ସୁରେ ସ୍ୱରଗେ ଦେଖୁ ଭୀତି
ସରିତ୍ ପତି ଉପରେ, ବିହଙ୍ଗ ପରକାରେ, ଦିଶନ୍ତି ଅଶ୍ୱାରୋହୀ ପନ୍ତି ସେ । ।୫।

ରାବଣର ସେନା ବର୍ଣ୍ଣନା

ଶିର ଉଷ୍ଣୀଶ ଫେନ, ଚୋପଦାର ପଢ଼ାଣ, ଜଳେ ବ୍ୟାଳ ଗତି ଭଉଁରୀ
ସୀତାଈଶ ଈକ୍ଷଣେ, ପୁଚ୍ଛିଲେ ବିଭୀଷଣେ, ଶ୍ରେଷ୍ଠ କେ କେ ଚିହ୍ନାଅ ବାରି
ସେ ସରମେଶ, ସରମେ କରଇ ପ୍ରକାଶ
ଶ୍ରବଣ କର ସୀତାଈଶ
ଶ୍ରଦ୍ଧା ଯା' ସେନା ସୈନ୍ୟ, ପରାକ୍ରମେ କେ ହୀନ, ନୁହେଁ ଅଠର ଗଣ୍ଡା ବଦ୍ଧ ସେ । ।୬।

୨:ସୁଲୋଚନା-ଇନ୍ଦ୍ରଜିତ ସ୍ତ୍ରୀ, ଚନ୍ଦନ-ଇନ୍ଦ୍ରଜିତ,ଗଜ-ହସ୍ତି,ବାଜୀ-ଅଶ୍ୱ, ବିସ୍ତାର ସ୍ଥଳେ-ରଣ ସ୍ଥଳେ ।୩:ସଚିବ-ମନ୍ତ୍ରୀ,ସୁରାରି-ଦେବଶତ୍ରୁ, ଶୀକର-ଝଡ଼କଣା, ନଭେ-ଆକାଶେ, ସ୍ୟନ୍ଦନ-ରଥ,ନେତ-ପତାକା,ବଳ-ସେନା,ସୀତ-ଶୁକ୍ଳ,ପୀତ-ହରିଦ୍ର । ୪: ଶିଖୀ-ମୟୂର, ଘନ-ମେଘ ।୫:ସିନ୍ଧୁ-ସମୁଦ୍ର,ବହିତ-ବୋଇତ,ବୀଚି-ଲହରୀ,କୁମ୍ଭୀସମ-ହସ୍ତିସମ, ସରିତ୍‌ପତି-ସମୁଦ୍ର, ବିହଙ୍ଗ-ପକ୍ଷୀ, ଶିର ଉଷ୍ଣୀଶ-ମୁଣ୍ଡରେ ଭିଡ଼ିଥିବା ପଗଡ଼ି ବକସାମଲ, ଚୋପଦାର-ଚୋପଧାରୀ, ପଢ଼ାଣ-ଘୂର୍ଣ୍ଣିତ,ବ୍ୟାଳ-ସର୍ପ, ସୀତାଈଶ-ରାମଚନ୍ଦ୍ର, ଈକ୍ଷଣେ-ଦେଖି, ସରମେଶ-ସରମା, ଈଶ-ବିଭୀଷଣ, ସରମେ-ଲଜ୍ଜାରେ, ଅଠର ଗଣ୍ଡା-ବାସ୍ତରି, ବଦ୍ଧ-ପୁତ୍ର ।

Digitized by PPRACHIN, SOA

ସଂସାର ମଧ୍ୟେ ଜଣେ, ବୀରକେ ନାହିଁ ରଣେ ଜିଣିବ ସେ ବ୍ରହ୍ମାଣ୍ଡ ଜିତ
ଶକ୍ରଜିତ ସମ୍ଭବ, କାଳେ କ୍ରନ୍ଦନ ରବ, କରନ୍ତେ ଇନ୍ଦ୍ର ଭୟଭୀତ
ସେ ସଙ୍କୁଚିତେ, ଶରଣେ ପଦ କରୁ ଦଉ
ସେ ନାମ ତ୍ରିଲୋକେ ବିଦିତ
ସମରେ ଅତି କାୟ, ସଙ୍ଗେ ମଣନ୍ତି ଭୟ, ସୁରେ ସମରେ ନାଗବ୍ରାତ ସେ । ।୭।
ସ୍ଥୂଳଜଙ୍ଘରଣର, ଶରଘାରିବ ହର, ଧୂମ୍ରାକ୍ଷ ଶରେ ଧୂମ ବିଶ୍ୱ
ସୁପାର୍ଶ୍ୱ ମହାପାର୍ଶ୍ୱ, ଶରଘାତେ ତ୍ରିଦଶ, ମିତ୍ରଘ୍ନେ ଡ଼ରି ମିତ୍ର ବଶ
ସେ ଶ୍ରାଦ୍ଧ ଦେବ, ସଦା ଯମ ଘଣ୍ଟର ଘଣ୍ଟି
ଶ୍ରବଣେ ଦେଉଥାଏ ଭେଟି
ସଂଭ୍ରମି ଏଣେ ବଳ, ଅନିଳ ବେଗେ ନୀଳ, ନଳ ଆଦିଙ୍କୁ ଯାଉଁ ଘୋଟି ସେ । ।୮।

ରଣରେ ବନ ଶୋଭା ଉତ୍‌ପ୍ରେକ୍ଷା

ସେନାଙ୍କ ରଣ ବନ, ଶୋଭାକଲା ଧାରଣ, ଅଗମ୍ୟ ଗମ୍ୟ କଣ୍ଟାବୃତ
ସିଂହ କେଶରୀ ସଙ୍ଗେ, କାହିଁ ମାତିଛି ରଙ୍ଗେ, ଏପରି ବଳି ଯୂଥଯୂଥ
ସେ ସାରଯୋଦ୍ଧା, ଶାର୍ଦ୍ଦୁଳ, ଗୟଳ, ଗବାକ୍ଷ,
ଗବୟବ, ସାରଣ ଶୁକ,
ଶାଖାମୃଗ ଡ଼ାଳିମ୍ବ ,ଜାମ୍ବୁ, ପନସ ସଙ୍ଗ ଚନ୍ଦନ, ମହେନ୍ଦ୍ର, ତାରାକ୍ଷ, ସେ । ।୯।
ସମାରୋହେ ସଘନ, ଘନ ସହିତ ଘନ, ଭେଟ ପରି ଉଭୟ ସୃଷ୍ଟି
ସହସ୍ର ବିପତନ, ଅବିଛିନ୍ନେ ପତନ, ହେଲା ପାଦପ ଶିଳା ବୃଷ୍ଟି
ସେ ସେନା ଅଙ୍ଗ, ଶ୍ରମ ଘର୍ମ କି ଜଳଧାର
ଶିଳା, କରକା ପାତ ଧର
ଶାଖା ପାଦପ ବ୍ରାତ, ବାତ ଘାତରେ ପାତ, ପରାଏ ପଡ଼େ ମହୀପର ସେ । ।୧୦।
ସୌଦାମିନୀକୁ ମେଘ, ମଧ୍ୟେ ସଞ୍ଚରେ ବାଘ, ପ୍ରାୟକୁ ମେଘ ଧରିଗିରି
ସରାଗେ ଆଲିଙ୍ଗନ, କରନ୍ତେ ନଦୀମାନ, କିଲ୍ଲାଲ ଝରି ଗଲା ପୂରି
ସେ ସମରରେ, ଶ୍ରେଷ୍ଠ ଅଷ୍ଟସେନାଙ୍କ ସଙ୍ଗେ
ସିଦ୍ଧିଲାଭ ବିଧିରେ ରଙ୍ଗେ
ସାନ୍ଦ୍ରେରଣ ନାୟକ, ରାଜାର ପୁତ୍ର ଏକ, ଏକ କି ବ୍ୟାଘ୍ର ବୃଷ ସଙ୍ଗେ ସେ । ।୧୧।
ସେ ହନୁ, ମହୋଦୟ, ଅଙ୍ଗଦ, ଅତିକାୟ, ମିତ୍ରଘ୍ନ, ମିତ୍ରଜ ସହିତ
ସମବଳରେ ନଳ, ସହିତରେ ଯେ ସ୍ଥୂଳ-,ଜଙ୍ଘ କଙ୍କ, ତ୍ରିଜଟା ତାତ
ସେ ସୀତା ଚୋର, ସମର ଆଚରୁ, ଶକ୍ରାରି
ଶ୍ରୀରାମ ଲକ୍ଷ୍ମଣଙ୍କୁ ଘେରି
ଶୋଭେ ସୂର୍ଯ୍ୟ ଦିଗ୍‌ଗଜ, ପୂର୍ବ ପର୍ବତେ ଓଜ, ବରଧନେ ଘେରିବା ପରି ସେ । ।୧୨।

୭: ଶକ୍ରଜିତ- ଇନ୍ଦ୍ର ଜିତ, ସେନାମ-ଇନ୍ଦ୍ରଜିତ, ତ୍ରିଲୋକ-ସ୍ୱର୍ଗ,ମର୍ତ୍ତ୍ୟ, ପାତାଳ, ବିଦିତ-ଅବଗତ,ସୁରେ-ଅମରେ, ନାଗବ୍ରାତ-ନାଗ ସମୂହ । ୮:ତ୍ରିଦଶ-ଦେବତା,ମିତ୍ର-ସୂର୍ଯ୍ୟ, ଶ୍ରାଦ୍ଧଦେବ-ଯମ, ଅନିଳ-ପବନ । ୯:କେଶରୀ-ନାଗେଶ୍ୱର-ହାତୀ ରାଜ । ୧୦: ଶାଖା ବାହି, ପାଦପ-ବୃକ୍ଷ, ବ୍ରାତ-ସମୂହ ୧୧:ସୌଦାମିନୀ-ବିଜୁଳି, କିଲାଲ-ବାରି,ସାନ୍ଦ୍ର-ନିବିଡ଼େ ।୧୩:ଶର ଗର-ଶରବିଷ, କ୍ଷତି-ରାମଲକ୍ଷ୍ମଣ, ବାରେଣି, ବରଣ କରିବାରେ, ଋଣ-ଶ୍ରେଷ୍ଠ ।

Digitized by PPRACHIN, SOA

ସାଞ୍ଜୁ ପରି ଶୋଭିତ, ରାବଣ ବହୁ ବକ୍ତ୍ର, କାଳୀୟ ଶୋଭାକୁ ଧରିଣ
ଶରଗର ଉଦ୍‌ଗାରି, ରାମଲକ୍ଷ୍ମଣ ଘାରି, ମାରିବା ପାଇଁ କରୁ ପଣ
ସେ ସଉମିତ୍ରି, ସତ୍ୱର ଗରୁଡ଼ ସଦୃଶ
ଶର ସର୍ପଙ୍କୁ କରୁ ଗ୍ରାସ
ଶୋଧନ ହେଲା ପଣ, ମନେ ଭାବେ ରାବଣ, ଯତି ବାରେଣି ମନ୍ତ୍ରେଈଶ ସେ । ।୧୩।

(ବାକ୍ୟ ଯୁଦ୍ଧ)

ବାରମାସ ଅନ୍ତର୍ଲିପି

ସେକାଳେ ରଘୁସୁତ, **ଆଷାଢ଼ର** ସରିତ, ପରାୟ ହୋଇ ଦୈତ୍ୟ ଆୟୁ
ସୁବାସ ତଟ ବୃକ୍ଷ, ଉତ୍ପାଟନେ ପ୍ରତ୍ୟକ୍ଷ, ଆଭାଷୁ ଭାଷେ ମୁହିଁ ରାହୁ
ସେ **ଶ୍ରାବଣର**, ଶିକର ପରି ତୋର ଶର
ଭାଦ୍ରବ କର ମୋର, କର
ଶୁଣି ରାମ ଉତ୍ତର, **ଆଶ୍ୱିନ** ଦଶଶିର, ପୁଷ୍ପ ପରାୟେ ହେବ ତୋର ସେ । ।୧୪।
ସିଦ୍ଧି ଅର୍ଥେ ବିନାଶ, **କାର୍ତ୍ତିକରେ** ହବିଷ୍ୟ, କରିଛି ଶର ମୁକ୍ତି ମାର୍ଗ
ଶତ୍ରୁତା କଲେ ବୀର, **ମାର୍ଗଶୀର ପୌଷର**, ଶୀତ ସର୍ଜ୍ଜିବେ ଶରବର୍ଗ
ସେ ତୋର **ମାଘ**, ବ୍ରତ ସାରିବେ ବାଘପରି
ସୁ'ସାଞ୍ଜୁ କମ୍ୱଳ ବିଦାରି
ସଖା ଙ୍କହି ନଥିବେ, ବକ୍ଷ ଚିରିଲେ ଲବେ, କରିବା ପାଇଁ ସେଥୁ ପାରି ସେ । ।୧୫।
ସେନାରଣ୍ୟ **ଫାଲ୍ଗୁନ**, କୀଚକ ବ୍ରାତପର୍ଣ୍ଣ, ଝଡ଼ିବା ପରାୟେ ଝଡ଼ିବେ
ଶ୍ରୀଦୁର୍ଗା ବାସନ୍ତିକ, ପୂଜା **ଚୈତ୍ରରେ** କଙ୍କ, ଧଙ୍କାଦି ଯେ ଥିବେ ସରିବେ
ସେ ଚିର ତାପ, ସମ **ବୈଶାଖ** ଗ୍ରୀଷ୍ମଜଳ
ସଂତପ୍ତେ ଜାଳୁ ମୀନ କୁଳ
ସଲିଳ ଲୋଡ଼ି ପ୍ରାଣ ହାରିବେ ଯାତୁଧାନ ନାରୀଏ ଏକଥା ପ୍ରମାଣ । ।୧୬।
ସିଂହ ପରାୟେ **ଜ୍ୟେଷ୍ଠ** ରାମ ଧରି କନିଷ୍ଠ ଭାଇ ଭାରିଜା ଯିବେ ପୁରେ
ସୁଚିତ୍ତରେ ବିଚାର ଏବେବି ଦଶଶିର ସମୟ ଅଛି ଆଉ ଥରେ
ସେ ରାମ ଏହା, ସମଜାଇ ବିନ୍ଧନ୍ତେ ଶର
ସମୀରୁ ଚଳେସେ ପ୍ରଖର
ଶରୀର ବାଣପୂର୍ଣ୍ଣ, ହେଲା ସେଥି ରାବଣ, ବ୍ୟାକୁଳେ ରଡ଼ିକଲା ଘୋର ସେ । ।୧୭।
ସାକ୍ଷୀ ପରାୟେ ଆଖି, ଆଗେ ପିତାଙ୍କୁ ଦେଖି, ଦୁଃଖେ ପଞ୍ଚତ୍ୱ ପ୍ରାପ୍ତ ଚିନ୍ତି
ସନ୍ନିଧେ ଶତ୍ରୁ ବାମେ, ଧର୍ମ ଛାଡ଼ିଣ ଭ୍ରମେ, ପେଶି ଦେଲା ଅମୋଘଶକ୍ତି
ସେ ଶକ୍ତି ଖରେ, ସୈନ୍ୟ ଦେହେ ନ ବାଜି ଚଳେ
ସୌଦାମିନୀ ପ୍ରାୟ ଚଞ୍ଚଳେ
ସେ ଲକ୍ଷ୍ମଣ ହୃଦରେ, ସର୍ପ ପରାୟ ଖରେ, ଦଂଶି ପତନ କଲା ତଳେ ସେ । ।୧୮।

୧୪: ସରିତ-ନଦୀ, ଶୀକର-ଜଳକଣା, ଭାଦ୍ରବ କର-କିରଣ, ଦଶଶିର ପୁଷ୍ପ, ଜହ୍ନୀପୁଷ୍ପ ।୧୫:ମାର୍ଗ-ବାଟ, ଶିର-ମୁଣ୍ଡ, ସାଞ୍ଜୁ-ରକ୍ଷା କବଚ ।୧୬:ସେନାରଣ୍ୟ-ସେନାଅରଣ୍ୟ, କୀଚକ-ବାଉଁଶ ବୃକ୍ଷ, ବ୍ରାତ-ସମୂହ, ପର୍ଣ୍ଣ-ପତ୍ର, ସଲିଳ-ଜୀବନ, ଯାତୁଧାନ-ଅସୁର ।୧୭:ସମୀରୁ-ପବନରୁ, ପଞ୍ଚତ୍ୱ ପ୍ରାପ୍ତି-ମୃତପ୍ରାପ୍ତି ।୧୮:ସନ୍ନିଧେ-ନିକଟେ, ଶତ୍ରୁବାମେ, ଶତ୍ରୁହତେ, ସୌଦାମିନୀ-ବିଜୁଳି ।

Digitized by PPRACHIN, SOA

ଶକ୍ରଜିତ ସାହାଯ୍ୟ, ଦେଖି ଦଉତ ରାଜ, ଅଧୈର୍ଯ୍ୟ ନୋହି ମନୋ ବଳେ
ସତେଜ କରି ବୁକୁ, ଲକ୍ଷ୍ମଣଙ୍କୁ ନେବାକୁ, ଟେକୁସେ ନ ଉଠନ୍ତି ତିଳେ
ସେ ସମୀରଜ, ସନ୍ତାପେ ରଖି ନିଜ ଓଜ
ସ୍ପଷ୍ଟେ ବୋଇଲା ଆରେ ଅଜ
ସମର୍ଥ ହୁଏ କାହିଁ, ବାସୁକୀ ବିନା ମହୀ, ଧାରଣେ କେବେ ଜିଆ ରାଜ ସେ । ।୧୯।
ସ କ୍ରୋଧେ ମୁଥେବୀର, ଦୈତ୍ୟେପୃଷ୍ଟେ ପ୍ରହାର, କରୁ ଗଲା ସେ ଛାଡ଼ି ରଣ
ସ୍ତୁତି କରି ତ୍ରିକୁଟ, ଗିରି ଟେକିବା ବତ, ନେଲା ଦେଖିଲା ଲଙ୍କରାଣ
ସେ ଶକ୍ତି ତୁଳି, ସରମେ ମର୍ମେ ହୁଏ ଭାଳି
ସୁଷେଣ ଜାମ୍ବବାନ, ସଙ୍ଗେ ଯାଉ ପଥେଣ, ଚେତା ପାଇ ଉଠିଲେ ବଳି ସେ । ।୨୦।
ଶକ୍ରଜିତର ଶକ୍ତି, ପ୍ରୟୋଗ ରଘୁପତି, ଶୁଣି ସକ୍ରୋଧେ ଗୁଣ ଟାଣି
ଶର ଯେତେ ପ୍ରୟୋଗ, କରିଲେ ବେଗ ବେଗ, ମେଘ ବର୍ଷିବ ନାହିଁ ପାଣି
ସେ ଶର ଦ୍ୱାରା, ସର୍ବସଂହା ହେଲା ଆଚ୍ଛନ୍ନ
ଶକ୍ତି ହରାଇ ରକ୍ଷଗଣ
ସଭୟେ ଫେରୁ ପୁରେ, ଝିଙ୍କ ପକ୍ଷୀ ପ୍ରକାରେ, ବିଶଇ ଅଙ୍ଗରେ ମାର୍ଗଣ ସେ । ।୨୧।

ନଦୀ ଉତ୍‌ପ୍ରେକ୍ଷା

ସରିତ ବୃଦ୍ଧିକାଳେ, ବୃଶ୍ଚିକ ନିସ୍ତେଜରେ, ପତ୍ର ତରୀରେ ପାରପରି
ସଙ୍ଗେ ଧରି ନନ୍ଦନ, ରକ୍ଷକୁଳ ବନ୍ଦନ, ପଥ ଶୋଣିତ ଧାର ବାରି
ସେ ଶାଖା ମୃଗ, ଶ୍ମସାନ ଭୂତ ସମରଡ଼ି
ସହିତ ପଥର ଫୋପାଡ଼ି
ସୁବର୍ଣ୍ଣ କଟକରେ, ଛାଡ଼ି କେ ନାଟ କରେ, ଖିଙ୍କାରି ପଛରୁ ଘଉଡ଼ି ସେ । ।୨୨।
ସୁମିତ୍ରାଙ୍କ ନନ୍ଦନ, ସୀତାନାଥେ ବନ୍ଦନ, କରୁ ରାମ ଆଶଙ୍କା ଗଲା
ସ୍ୟନ୍ଦନରୁ ଓହ୍ଲାଇ, ସଭାରେ ଲଙ୍କସାଇଁ, ବାଇ ପରାୟେ ପଚାରିଲା
ସେ ସଭାସ୍ଥଳେ, ସଂଗ୍ରାମ ଯା ହେଲା ଦୁଃସହ
ସମ୍ମୁଖେ କେ ଦେଖିଛ କହ
ସାମାନ୍ୟ ନର ଦୁଇ, ରକ୍ଷ କପିଙ୍କୁ ନେଇ, ମଛି ଲେ ମୋ ସେନା ସମୂହ ସେ । ।୨୩।
ସେଥିକେ ବୃଦ୍ଧ ବଦେ, ଥିଲି ତ୍ରିପୁରା ଯୁଦ୍ଧେ, କେବଦେ ଦେଖି ଚଣ୍ଡି ଯୁଦ୍ଧ
ଷଡ଼ାନନ ତାରକା- ସୁର, ରଣୁ ବଳକା, ହୋଇଲା ଏ ରଣ ପ୍ରସିଦ୍ଧ
ସେ ସୀତାପତି, ଶର ସାରିବ ଶିବ ଖ୍ୟାତି
ଶୁଣି ଭାଷେ ପ୍ରମିଳା ପତି
ସାନ ଯତିକୁ ଶକ୍ତି, ମାରି ବା କାଳେ ସେଥି, ନ ରହି ଫେରିଲ କି ଚିନ୍ତି । ।୨୪।

୧୯: ସମୀର,ଜ-ହନୁମାନ, ସନ୍ତାପେ-ବ୍ୟସ୍ତେ, ଅଜ-ଛେଳି, ଜିଆ-କେଞ୍ଚୁଆ । ୨୦: ସରମେ-ଲଜ୍ଜାରେ, ବଳି-ଲକ୍ଷ୍ମଣ । ୨୧: ଶକ୍ରଜିତ-ଇନ୍ଦ୍ରଜିତ, ସର୍ବସଂହା-ପୃଥିବୀ, ମାର୍ଗଣ-ଶର । ୨୨:ସରିତ-ନଦୀ, ବୃଶ୍ଚିକ-ବିଛା ।୨୪: ପ୍ରମିଳା ପତି-ଇନ୍ଦ୍ରଜିତ, ସାନ ଯତିକୁ-ଲକ୍ଷ୍ମଣଙ୍କୁ । ୨୫:ବଡ଼ଯତି-ରାମଚନ୍ଦ୍ର ।୧:ଦେବେନ୍ଦ୍ର କଣ୍ଟକ-ଇନ୍ଦ୍ରଜିତ.ସ୍ୟନ୍ଦନ-ରଥ, ଦିବସାନ୍ତେ-ଦିନ ଶେଷରେ. ଦୀନତା-ଦୁଃଖିତା. ଚୂର୍ଣ୍ଣ-ଚଞ୍ଚଳ । ୨:ଦନ୍ତାବଳ-ହସ୍ତୀ, ତୁରଙ୍ଗ-ଅଶ୍ୱ,ଦ୍ୱନ୍ଦଶୂକ-କଳହକାରୀ ଅସୁର, ଦରହୀନେ-ଭୟ ହୀନେ

Digitized by PPRACHIN, SOA

ନିକୁମ୍ଭିଳା ଦେବୀଙ୍କ ଠାରୁ ପ୍ରାପ୍ତ ରଥରେ ଇନ୍ଦ୍ରଜିତ ରଣକୁ ଆଗମନ

Digitized by PPRACHIN, SOA

ନାଗପାଶ ବନ୍ଧନ

Digitized by PPRACHIN, SOA

ସଂଗ୍ରାମେ ତୁମ୍ଭେ ଥିଲେ, ବଡ଼ ଯତିକୁ ହେଲେ, ବଳେ ମୁଁ ବାନ୍ଧି ଆଣିଥାନ୍ତି
ସେ ସମୟେ ଡ଼ଗରେ, ବାର୍ତ୍ତାଦିଏ ଆଗରେ, ଜ୍ଞାନ ପାଇଲେ ପଥେ ଯତି
ସେ ଶକ୍ତିଘାତେ, ସାମୟିକ ଅଚେତ ଥିଲେ
ଶକ୍ତି ଯା ଚର୍ମେ ନ ଭେଦିଲେ
ଶିବିରେ ନେଉ ହନୁ, ପଥେ ଚେତି ସେ ଧନୁ, ତୋଳି ବହୁ ପ୍ରତିଜ୍ଞା କଲେ । ।୨୫।
ଶୁଣି ରାବଣ ପୁତ୍ର, ଆଡ଼କୁ ଠାରି ନେତ୍ର, ପଚାରୁ ଖଡ୍ଗ ଝମକାଇ
ଶୁଣାଇ ବୋଲେ ନିଶି, ଅନ୍ତେ ଯାଇ ବିନାଶି, ଆସିବି ଦମ୍ଭଧର ରହି
ସେ ଅଭିରାମ, ସୀତା ପଦାବ୍ଜେ ରଖିମନ
ସ ଅନୁପ୍ରାସେ ଯାରଚନ
ସଂପୂର୍ଣ୍ଣ ଏଥି ହେଲା, ଅନ୍ତିମ କାଳ ଭେଳା, ହେବ ଘେନନ୍ତୁ ଡ଼େରି କର୍ଣ୍ଣ । ।୨୬।

ନାଗଫାଶ ବନ୍ଧନ

(ରାଗ - ପଞ୍ଚମ ବରାଡ଼ି 'ଦ' ଅନୁପ୍ରାସ) ପ୍ରତି ପଦରେ ଦଶ 'ଦ' ପ୍ରୟୋଗ

ଛାନ୍ଦ-୧୪

ଦେବେନ୍ଦ୍ର କଣ୍ଟକ ମାନ   ଦମ୍ଭ ରକ୍ଷଣେ ସ୍ୟନ୍ଦନ
ଦେବୀ ନିକଟୁ ଆଣିବା ପାଇଁ
ଦିବସାନ୍ତେ ଉଜାଗରେ   ଦୀନତା ଭାବେ ଯାଗରେ
ଦୁର୍ଗାଙ୍କୁ ତୋଷୁ ଆହୂତି ଦେଇ ସେ
ଦଶଭୂଜା, ଦର୍ଶନ ଦେଇ ଅର୍ପିଲେ ତୂର୍ଣ୍ଣ
ଦେବ ଦଳନ ସ୍ୟନ୍ଦନ, ଦିବ୍ୟ ଚିରାଳ ଶୋଭନ, ଦିଗ ଦହନ ନାମ, ବହନ ସେ । ।୧।
ଦେଖି ଇନ୍ଦ୍ରଜିତ ସେଥି   ଦମ୍ଭେ ବସନ୍ତେ ସାରଥି
ଦେବମାର୍ଗେ ସେ ଯାନ ଚଳିଲା
ଦଶ ଆସ୍ୟେ ଦୂତବାର୍ତ୍ତା   ଦେଉ ସେ ଦକ୍ଷପଣେତା
ଦନ୍ତାବଳ ତୁରଙ୍ଗ ସାଜିଲା ସେ,
ଦ୍ୱନ୍ଦଶୂକ, ଦଣ୍ଡନୀତି ବିଶାରଦ ଗଣ
ଦରହୀନେ ଏକେ ଏକେ, ଦଣ୍ଡି ପାରନ୍ତି ତ୍ରିଲୋକେ, ଦଳନେ ଶତ୍ରୁ ବାହାରପୁଣ ସେ । ।୨।
ଦ୍ୱିରଦ ତୁରଙ୍ଗ ପନ୍ତି   ଦେଖି ହୁଏ ମନେ ଭ୍ରାନ୍ତି
ଦୁର୍ବାର ରଥ ଆରୋହୀ ବୀର
ଦେହଳି ଠାରୁ କ୍ରମରେ   ଦୀର୍ଘ ଦୃଷ୍ଟି ଅଗୋଚରେ
ଦୁର୍ଭେଦ୍ୟ ଦୁନ୍ଦୁଭି ବାଦ୍ୟକାର ସେ,
ଦୁଇ ପାର୍ଶ୍ୱେ, ଦୀର୍ଘେ ଲମ୍ୱମାନ ଧାଡ଼ି ଧାଡ଼ି,
ଦାବାନଳ ବନ ପୋଡ଼ି, ଦେବାଶିଖୀ ଜିହ୍ୱାପରି, ଦମ୍ଭେ ଡ଼େଇଁ ଆସୁଥାନ୍ତି ମାଡ଼ି ସେ । ।୩।

୧୪ ଛାନ୍ଦର ଆଦ୍ୟରେ ବନା, ଅବନର ମିଶି ୧୦୦ 'ଦ' ପ୍ରୟୋଗ ହୋଇଛି ।୨:ଅସ୍ତ୍ରପି-ଅସୁରୁଣୀ, ପିତାମହ-ବ୍ରହ୍ମା୩:ଦ୍ୱିରଦ-ଗଜ,ତୁରଙ୍ଗ-ଅଶ୍ୱ, ଦୁର୍ବାର-ଅନିର୍ବାଯ୍ୟ, ଦେହଳି -ଦ୍ୱାରବନ୍ଧ, ଦୁର୍ଭେଦ୍ୟ-ଅଭେଦ୍ୟ,ଦାବାନଳ-ବନଅଗ୍ନି ।

Digitized by PPRACHIN, SOA

ଦୂଷଣ ଐରି ଭୀଷଣ ଦୌଡ଼ ଦେଖି ଶୀଘ୍ରରଣ
ଦାଣ୍ଡେ, ସଙ୍ଗେ ଲକ୍ଷ୍ମଣଙ୍କୁ ଧରି
ଦେଖୁ ଇନ୍ଦ୍ରଜିତ ବ୍ୟଙ୍ଗେ ଦର୍ପିତେ ସେନାଙ୍କ ସଙ୍ଗେ
ଦ୍ରୋଣାଦି ମେଘ ପରାଏ ଘେରି ସେ,
ଦକ୍ଷପଣେ, ଦେବୀ, ସ୍ମରି, ଅସି, କଷି, ବସି,
ଦିନେଶ ବଂଶୀ ସଇନ, ଦୀପ୍ତିବନ୍ତ, ପଦ୍ମବନ, ଦଳିଲା ତୀର, ତୁଷାର, ବର୍ଷି ସେ । ।୪।
ଦିବାକର କର ପ୍ରଭା ଦେଖାଇ, ଚନ୍ଦ୍ର' ପ୍ରତିଭା-
ଦର୍ପ, ହରିବା ପରାଏ ରାମ
ଦିବାକର, ତେଜ ଧରି ଦଇତ ଚନ୍ଦ୍ର, ଇନ୍ଦ୍ରାରି
ଦର୍ପ ହରୁ ରାକ୍ଷସ ଅଧମ ସେ,
ଦାଶରଥି, ଦୁସ୍ତର ସେନାରେ ବହି ରୋଷ
ଦକ୍ଷେ ଦକ୍ଷିଣ ଅୟନ, ଦେଖାଇବାକୁ ବହନ, ଦସ୍ୟୁ ବୃତ୍ତି ସାଧନାରେ ବଶ ସେ । ।୫।
ଦେବ ଦଳନ ସ୍ୟନ୍ଦନ ଦିନ ତେଜ କଳାହୀନ
ଦିବାନିଶି ହେଲା ଏକାକାର
ଦୋଳୋତ୍ସବ ବସନ୍ତରେ ଦିବ୍ୟଚାଚେରି ଖେଳରେ
ଦେଖାଯିବା ଶୋଭାପରି, ବେର ସେ
ଦୁର୍ବାଦଳ, ଦେହ କ୍ରୀଡ଼ା ପାଇଁ ସହେ ଦଣ୍ଡ
ଦୈବାୟତ୍ତ ଚଣ୍ଡୀରଣ, ଦୈବାତେ ହୁଏ ପ୍ରମାଣ, ଦେବୀ ଛିନ୍ନମସ୍ତକାର ପିଣ୍ଡ ସେ । ।୬।

ନାଗଫାଶ

ଦୁଗ୍ଧ ସାଗର, ମନ୍ଥନ ଦେବାସୁର, ତୁଲ୍ୟ ସୈନ୍ୟ
ଦରିଆରେ, ରାମ' ଖୁଆ ଦଣ୍ଡ
ଦମ୍ଭେ କରି, ଇନ୍ଦ୍ରଜିତ ଦୀର୍ଘ ରଜ୍ଜୁ ନାଗ, ବ୍ରାତ-
ଦତ୍ତେ, ନେଲା ଯଶ ସୁଧା ଭାଣ୍ଡ ସେ,
ଦ୍ୱନ୍ଦସର୍ଜ୍ଜି, ଦଣ୍ଡଧର ପୁରେ ପେଶିବାକୁ
ଦଶରଥ ସୁତ ସୈନ୍ୟ, ଦକ୍ଷେ କରି ଅଚେତନ, ଦୁର୍ଲ୍ଲଭେ ବାଇ ଯାଏ କମ୍ବୁକୁ ସେ । ।୭।
ଦେଲା ପିତାଙ୍କୁ ସନ୍ଦେଶ, ଦ୍ୱନ୍ଦ ରଚିକଲି ନାଶ
ଦୁର୍ଭାଗା ରାମ ଲକ୍ଷ୍ମଣ ସେନା,
ଦୁଃଖେ ନ ହୁଅ ବିରାଗ ଦେବତୁଲ୍ୟ ଭଗ ଭୋଗ
ଦୁନ୍ଦୁଭି ବାଇ ଛାଡ଼ି ଶୋଚନା ସେ,
ଦୈତ୍ୟନିଧି, ଦେଖାଇ ନଜୀର ବୋଲେ ବିଧି-
ଦେଇଛି ଅମର ବର, ଦାଦା ନ ହେବ ସଂହାର, ଦମ୍ଭେ କହୁ କି ସମ୍ମୁଖେ ବୋଧି,ସେ । ।୮।

୪:ଦୂଷଣ ଐରି-ରାମଚନ୍ଦ୍ର, ଅସି-ଖଣ୍ଡା, କଷି-ବାନ୍ଧି, ଦିନେଶ-ସୂର୍ଯ୍ୟ, ତୀର-ଶର, ତୁଷାର-କାକର । ୫:ଦିବାକର କର ପ୍ରଭା-ସୂର୍ଯ୍ୟ ପ୍ରଭା ।
୬: ଦକ୍ଷିଣ ଅୟନ-ଦକ୍ଷିଣ ଦିଗ ରାସ୍ତା ।୭:ଦ୍ୱନ୍ଦ-ରଣ,ଦଣ୍ଡଧର ପୁର-ଯମପୁର,କମ୍ବୁକୁ-ଶଙ୍ଖକୁ,ଭଗ-ଐଶ୍ୱର୍ଯ୍ୟ,ଦୁଲଜଟାଧାରୀ-ରାମ ଲକ୍ଷ୍ମଣ ।

Digitized by PPRACHIN, SOA

ଦଶ ଆସ୍ୟ, ଭାଷ୍ୟ ଶୁଣି ଦର୍ଶାଏ ଯୁକ୍ତି, ରାବଣି
ଦେଖା ଅଛି ଧରିମାରୁ ସିଦ୍ଧେ,
ଦକ୍ଷଯୋଗୀ ବଧ ହୋଇ ଦଣ୍ଡିତ ହୁଅ କିମ୍ପାଇଁ
ଦନ୍ତାବଳ କରେ ମଲ୍ଲେ ଯୁଦ୍ଧେ ସେ,
ଦଶଶିର, ଦମ୍ଭେ ଡ଼ାକି ଅସୁରୀଙ୍କି କହେ
ଦୁଇ ଜଟାଧାରୀ ଶବ, ଦେଖାଅ ସୀତାଙ୍କୁ ଭାବ, ଦରହୀନେ କରି ନିଃସନ୍ଦେହେ ସେ । ।୯।
ଦୟାନିଧି ଚାପଧାରୀ ଦୟା କରୁଛି ଗୁହାରି
ଦୃଷ୍ଟି ଗୋଚର ନ ହେବା କାଳେ
ଦୟାଳୁବନ୍ତ ପଣରେ ଦାନ କିଛି ପଦ କଲେ
ଦରିଦ୍ର ନ ହେବ ପ୍ରଭୁ ଭାଳେ ଯା,
ଦେବା ହେବ, ଦରେ ତୁମ୍ଭ ସେବାରେ ଲାଗିବ
ଦେଖି ଲେଖି ହେବି କବି, ଦିନେ ମନେ ନାହିଁ ଭାବି,ଦ୍ରବେ ଶୁଣି ଲୋଢ଼େନି ଗୌରବ ସେ । ।୧୦।

ସୀତାଙ୍କର ନାଗଫାଶ ବନ୍ଧନ ଦର୍ଶନ

(ରାଗ - ଶୋକ କାମୋଦୀ । ଶ୍ରୀରାଧା ବାତୁଳି ବୃତ୍ତେ)

ଛାନ୍ଦ-୧୫

ଶୁଣ ସାଧୁଜନ ଡ଼େରି ମନକର୍ଣ୍ଣ, ଏଥୁ ଅନ୍ତେ ହେଲା ଯାଚରିତ,
ରାଜା ଆଜ୍ଞା ପାଳି, ଅସୁରି ଏ ଭାଳି, ଯାଇ ସୀତା ଆଗେ କଲେ ବ୍ୟକ୍ତ
ଆଜି ଇନ୍ଦ୍ରଜିତ, ତୋ ପତି ଦେବର କଲା ହତ
ଶେଷ ଦରଶନେ, ପୁଷ୍ପକ ବିମାନେ, ବସ ନୃପ ଆଜ୍ଞା ଦେଖୁ ନେତ୍ର । ।୧।
ଅସ୍ରପୀ ଙ୍କ ବାଣୀ, ଶୁଣି ଠାକୁରାଣୀ, ପ୍ରବଞ୍ଚନା ପ୍ରାୟ ଚିତ୍ତେ ମଣି
ବୋଲନ୍ତି ଏ ଯାହା, ଅସୁରଙ୍କ ମାୟା, ପିତାମହ ନ ପାରିବେ ଜାଣି
ମୋର ସ୍ଥାନାନ୍ତର, ପାଇଁ ଷଡ଼ଯନ୍ତ୍ର ଏ ତୁମ୍ଭର
ନାନା କଥା କହି, ବ୍ୟଥାକୁ ବଢ଼ାଇ, ଚିତ୍ତଦିଅ ଦହି ବାରମ୍ବାର । ।୨।
ନାରୀ ମାନଙ୍କର, ସ୍ନେହ ହଳାହଳ, ବିଷବୋଲା ଛଳନା ବଚନ
ବିବେକୀ ବିବେକ, ଧୈର୍ଯ୍ୟ ବନ ଯାକ, ବି ଦହନ ନିମନ୍ତେ ରଚନ
ବୋଲଇ ତ୍ରିଜଟା, ଶୁଣୁଛୁ ଯା ଆମ୍ଭ ଭାଗ୍ୟ ଫଟା
ସଦା ତୁମ୍ଭ ସାହା,-ପକ୍ଷେ ଯେହୁ ଏହା, କହି ବକ୍ଷେ ପିଟୁଅଛ କଣ୍ଠା । ।୩।
ମାୟାଗ୍ରାସୁ ବ୍ୟକ୍ତି, ବ୍ୟକ୍ତିତ୍ୱ ହରାନ୍ତି, ଭୟରେ ଚିତ୍ତ ହେଉ ବ୍ୟାକୁଳ
ସୂର୍ଯ୍ୟ ଅସ୍ତପରେ, ଧରା ଶୋଭା ହରେ, ଯଥାନିତି ତିମିର ପଟଳ
ଉତ୍ତମ ରକ୍ଷକ, ଯଶ ରଖେ ନ ହୁଏ ଭକ୍ଷକ
ବନପତି ସିଂହ, ବନ ବୃକ୍ଷେ ସ୍ନେହ, କରି ଜଗେ ନ ନାଶଇ ଦେଖ । ।୪।

Digitized by PPRACHIN, SOA

କୁଠାର ଆଘାତ, ସହେ ବୃକ୍ଷବ୍ରାତ, ପାରା, କପୋତ, ଛଞ୍ଚାଣ ଘାତ
ପେଚକ, ବାୟସ, ଚଞ୍ଚୁଘାତ ତ୍ରାସ, ସହେ ରହେ କ୍ରୋଟରେ ସନ୍ତତ
ଦାନ୍ତ, ଉପକାରୀ, ରସନା, ଦାନ୍ତ, ନ' ପାରେ ବାରି
ହେଲେ 'ବି' ସ୍ଖଳିତ କରେ ଦନ୍ତଘାତ, କ୍ଷତ ବାକ୍ୟ ସହୁଛୁ ସେପରି । ।୫।
ହେ ପ୍ରକୃତି ରାଣୀ, ବିଶ୍ୱଗୁରୁ ମଣି, କର୍ତ୍ତବ୍ୟ ପାଳୁଛୁ ଯଥାମତେ
ରବି, ଶଶଧର, ଅନନ୍ତ ସାଗର, ଜଗିବା ପ୍ରକାର ଦିବାରାତ୍ରେ
ସୌରଭ ସକଳ, ପୂର୍ଣ୍ଣ ଥାଇ ସୁଦ୍ଧା ନାହିଁ ଫଳ
ଘୋର ବରଷାରେ, ଜାଳେ ଯେ ପ୍ରକାରେ, କୁଳିଶ, ଅନଳ ସେ ପ୍ରକାର । ।୬।
କହିବ ବା କାହିଁ, ବାନରକୁ କେହି, ଶିଖାଏକି ତରୁ ଆରୋହଣ
ଶୂକର ନନ୍ଦନେ, ପୁରୀଷ, ଭୋଜନେ, କେବେ ମୀନେ, ଜଳ ସନ୍ତରଣ
କୂଳ ଧର୍ମୁ ସର୍ବ, ହୁଏ ନାଶେ ଯଶଃ ସଦାଗର୍ବ
ଦୀନ ଅକିଞ୍ଚନ, ନିରୀହ ତାଡ଼ନ, କୁ' ଭାଷାରେ ଦୁଃଖ ନାହିଁ ଲବ । ।୭।
ସହିବାରୁ ସ୍ୱର୍ଣ୍ଣ, ଅନଳ ଦହନ ଦ୍ରାବ, କଠିନ ଲୌହ ପ୍ରହାର
ବାଳା ବକ୍ଷେ ରହି, ବକ୍ଷୋଜ ଭୋଗଇ, ଗଉରବେ ହୋଇ ମଣିହାର,
ସିଦ୍ଧ, ତପୋଧନ, କ୍ରୋଧ ବଶୁ ହୁଅନ୍ତି ଅଜ୍ଞାନ,
ଅନ୍ତରେ କ୍ରୋଧକୁ, ସ୍ଥାନ ନ ଦେବାକୁ ନିବେଦନ ହୁଅ ସାବଧାନ । ।୮।
ରବି,ସୋମ ସହୁ- ଥାନ୍ତି କେତୁରାହୁ, ଗ୍ରାସ ଧରାଧର ସହେଖରା
କୁଳିଶ, ପ୍ରହାର ସହେ ଗିରିବର, କେତେ ଖୋଳାତଡ଼ା, ସହେଧରା
ଭୁଜଙ୍ଗ ବନ୍ଧନ, ସହେ ମଳୟ ବନ ଚନ୍ଦନ
ସେବାରୁ ତୁମ୍ଭରି, କହୁଛ ଯା ବାରି, ସହୁଛୁ ଏ ଦୁଃସହ ବଚନ । ।୯।
ଦିଅନ୍ତି ଉତ୍ତର, ସୀତା ପୂତଜଳ, ପଦ ନୀଚଗର୍ଭେ ଦେଲେ କେବେ
ଉପହାସ ଫଳ, ଫଳିବ କେବଳ, ପିକ, ବାୟସ ସ୍ୱର ସମ୍ପର୍କେ
ବିନୟେ ନମ୍ରତା, ଭାବେ କହିଗଲ, ଯେତେ କଥା
ଅଳପ କଳଙ୍କ, ଜାଣିପାରେ ରଙ୍କ, ଧଳାବାସେ କଳା ଦାଗ ଯଥା । ।୧୦।
ପୁଣି କଲେ ବ୍ୟକ୍ତ, ନ ପାରେ ମହତ-ପଣ ଦୁର୍ନୀତିକୁ ମନୁ ତଡ଼ି
ଦୁର୍ନୀତି, ମହତ, ପଣ କରି ହତ, ଦୂରକୁ ନେଉ ଥାଏ ଘଉଡ଼ି
ଯକ୍ଷ,ରକ୍ଷଙ୍କର, ଅତ୍ୟାଚାର ସହୁଛନ୍ତି ସୁର
ଯା କରିବ କର, ମୁଁ କେତେ ମାତର, ଯିବି ବୋଲୁ ଆସି ରହୁ ବର । ।୧୧।
ବସିଲେ ସେ ଯାନେ, ସନ୍ଦେହେ ଗଗନେ, ଗଲା ରଥ ବିଚାରିଲା, କଳି
ରକ୍ଷ ଦଶମୂର୍ଦ୍ଧା, ବୋହୁ ଥିଲି ସଦା, ସୀତା ପାଦ ବାକୁ ଶୁଦ୍ଧ ହେଲି
ରଣକ୍ଷେତ୍ରେ ଯାଇ, ବିମାନେ ଦେଖନ୍ତି ସୀତା ରହି
ଅନନ୍ତ ସଙ୍ଗରେ, ଅନନ୍ତ ନାଗରେ, ଅନନ୍ତ ଶୟନେ ଛନ୍ତି ରହି । ।୧୨।

୪:ତିମିର-ଅନ୍ଧକାର,ପଟଳ-ପର୍ଦ୍ଦା ।୫:ବୃକ୍ଷବ୍ରାତ-ଗଛ ସମୂହ. ରସନା-ଜିହ୍ୱା । ୬: ହେ ପ୍ରକୃତି ରାଣୀ-ସର୍ବ ଶକ୍ତିମୟୀ, ସୌରଭ-ସୁଗନ୍ଧ, କୁଳିଶ-ବଜ୍ର, ଅନଳ-ଅଗ୍ନି । ।୯: ରବି-ସୂର୍ଯ୍ୟ,ସୋମ-ଚନ୍ଦ୍ର, ଧରା-ପୃଥିବୀ, ଧର-ପର୍ବତ, ଭୁଜଙ୍ଗ-ସର୍ପ ।୧୨:ଅନନ୍ତ-ଲକ୍ଷ୍ମଣ, ଅନନ୍ତ ନାଗରେ- ଅନନ୍ତ ନାଗ ଉପରେ ଯାହାଙ୍କର ଅନ୍ତ ନାହିଁ ସେ ରାମଚନ୍ଦ୍ର ଶୟନ କରିଛନ୍ତି ।

Digitized by PPRACHIN, SOA

ପୁଣି ଜ୍ଞାନେ ସ୍ଥିର, କଲେ ମୋ ସିନ୍ଦୂର, ଶଙ୍ଖା ଦ୍ୱିଗୁଣିତ ତେଜ ଦିଶେ
ଏ ମାୟା ହୋଇଛି, ଜୀବ ରହିଅଛି, ପଡ଼ି ଛନ୍ତି ରଣ ସମୁଦ୍ରେ ସେ
ଅଜ୍ଞାନେ ରୋଦନ, କରି ପୁଣି ହୋଇ ଛନ ଛନ
ବୋଲନ୍ତି ପୂରଣ, ହୋଇନି ଏ ରଣ, ଯଜ୍ଞ ଛଳାଉଛ କି କାରଣ । ।୧୩।
ଭାବିଲନି ଥରେ, ଅଭାଗୀ କି କରେ, ଶୟନେ ଯଦି ବଳିଲା ମତି
ପଦମଜ୍ଞାଳନ, ବିହୀନେ ମରଣ, ହୋଇବ ଦାସୀର, ନାହିଁ ଗତି
ଏ ରଣ ପ୍ରାଙ୍ଗଣେ, ନାହିଁ କେହି ମୋର ସାହା ଜଣେ
ମନେ କି ଭାବିଲ, ସେବକି ନ ନେଲ, ଅଭୂଷଣ ହେବ ପ୍ରଭୁପଣେ । ।୧୪।
ସେଠାରେ ସରମା, ବୋଲଇ ମୋର ମା' ନ କାନ୍ଦ ନ କାନ୍ଦ ଛାଡ଼ ଭୟ
ଭୁଜଙ୍ଗ ମୃଣାଳ-ବତ ରଘୁବାଳ ଅଙ୍ଗେ ବେଢ଼ି ଅଛି ଦିଅ ଲୟ
ବିଭୀଷଣ ଗୁଣି, ଆସି ସରମାକୁ ବୋଲେ ପୁଣି
ନ କରନ୍ତୁ ଶୋକ, ଜନନୀ ଜନକ-ଜେମା ଯିବ ଦୁଃଖ ଏହି କ୍ଷଣ । ।୧୫।
ରାମ ରାମାନୁଜ, ପବନ ତନୁଜ,ଙ୍କର ଅବିଶ୍ରାମ ଆକ୍ରମଣ
ମନ୍ଦୋଦରୀ ବଳା, ସହି ନ ପାରିଲା, ତନ୍ତ୍ର ମନ୍ତ୍ରରେ ଆରମ୍ଭି ରଣ
କରି ମନ୍ତ୍ରପୂତ, ପ୍ରୟୋଗ କରୁ ସେ ନାଗ ଅସ୍ତ୍ର
ଫୁ ଫୁକାର କରି, ଗରଳ ବିସ୍ତାରି, ବାନ୍ଧି ପକାଇଲେ ସେନା ବ୍ରାତ । ।୧୬।
ନ ପାରିଲେ ଜାଣି, ପ୍ରଭୁ ରଘୁମଣି, ସଉମିତ୍ରି ସୁଗ୍ରୀ, ଆଦି ବୀରେ
ଉଦ୍ଧାର ନିମନ୍ତେ, ଚିନ୍ତା କରି ଚିତ୍ତେ, ପଳାଇ ଥିଲି ମୁହିଁ, ଶିବିରେ
ମନ୍ତ୍ରାଧୀନ ବାଣ, ବୋଧ କରିବାକୁ ଲଙ୍କରାଣ
କରିଛି ବନ୍ଧନ, ଶ୍ରୀରାମାଦି ସୈନ୍ୟ, ପଦ୍ମନାଡ଼ ପରି ଅଙ୍ଗପୁଣ । ।୧୭।
ବିନତା ନନ୍ଦନ, କଲେ ଆଗମନ, ଯିବେ ନାଗଗଣ ହେବ ମୁକ୍ତି
କରନ୍ତୁ ସ୍ମରଣ ପ୍ରଭୁ ରଘୁରାଣ, ତାହା ଛଡ଼ା ଆଉ ନାହିଁ ଗତି
ଶୁଣିତା ରାଘବ, ପ୍ରକାଶନ୍ତି ଦେଖାଇ ଲାଘବ
ମୁଁ ଜାନକୀ ପତି, ଶୁଣି ମୋ ଭାରତୀ, ସୁପର୍ଣ୍ଣ, ପ୍ରସନ୍ନ କିମ୍ପା ହେବ । ।୧୮।
ଶୁଣ' ଚକ୍ରଧାରୀ, ବୈକୁଣ୍ଠ ବିହାରୀ,ଙ୍କର ସେ ବାହାନ ଖଗପତି,
ଆସିଏଥି ଦକ୍ଷ,ପଣେ ସାହାପକ୍ଷ ହେବ କିମ୍ପା ନପାରଇ ଚିନ୍ତି,
କିନ୍ତୁ କଥାମାନି, ଡ଼ାକୁଛି ନହୋଇ ଅଭିମାନୀ,
କର ପକ୍ଷୀରାଜ, ଏ ସ୍ଥାନେ ବିରାଜ, ବିନତା 'ଜ' ଅହି ପର ଗୁଣୀ । ।୧୯।
ପଡ଼ିଛି ସଙ୍କଟ, ଆହେ ପକ୍ଷୀ ରାଟ, ଲଙ୍କାଗଡ଼ ସମର, ପ୍ରାଙ୍ଗଣେ
ଆଶ୍ରା ତୁମ୍ଭ ବାହୁ, କରେ' ନାହିଁ ଆଉ- କେହି ସାହା ଏ ବିପଦେ ଜଣେ
ଦଶାନନ ବଳା, ନାଗ ଫାଶେ ବାନ୍ଧି ପଳାଇଲା,
ତୁମ୍ଭଙ୍କୁ ଦେଖିଲେ, ଯିବେ ସେହୁ ହେଳେ, ସାବ୍ୟସ୍ତ ହେବ ମୋ ପଣ ଭଲା । ।୨୦।

୧୫: ଭୁଜଙ୍ଗ-ସର୍ପ, ମୃଣାଳ-ପଦ୍ମନାଡ଼ । ୧୮:ବିନତା ନନ୍ଦନ-ଗରୁଡ଼, ସୁପର୍ଣ୍ଣ-ଗରୁଡ଼ । ୨୦:ପକ୍ଷୀରାଟ-ଗରୁଡ, ଦଶାନନବଳା-ଇନ୍ଦ୍ରଜିତ, ନାଗଅସ୍ତ୍ରେ-ନାଗଫାଶଦ୍ୱାରା (ବାନ୍ଧି ପକାଇଲା) ମୋପଣ-ଯଶ

Digitized by PPRACHIN, SOA

ସ୍ମରୁ ବାରମ୍ବାର, ରାମ' ପକ୍ଷୀବର, ରମ୍ୟକ ଦ୍ୱୀପରେ ତା ଜାଣିଲା
ପ୍ରଭୁ ସୁଦର୍ଶନ, ଧାରୀଙ୍କ ଦର୍ଶନ, ମିଳିବ ମିଳିଲା ଶୁଭବେଳା
ହୋଇ ତରବର, ଆସେ ହର୍ଷେ ଭୟ ନାହିଁ ତାର,
ତା ପକ୍ଷି ପବନ, ଘାତେ ନାଗଗଣ, ଜାଣି ବଳେ ଗଲେ ଖରତର । ।୨୧।
ଧରି ଧନୁଶର, କୌଶଲ୍ୟା କୁମର, ସଉମିତ୍ରି, ସେନା ଉଭା ହେଲେ
ତା ଦେଖି ତ୍ରିଜଟା, ରଥେ ଘେନି ସୀତା, ଗଲା ନମ୍ରେ ଗୁରୁମ୍ବାନ ବୋଲେ,
ହୋଇଲା ପବିତ୍ର, ଦର୍ଶନରୁ ମୋର ବେନି ନେତ୍ର,
ଏ ବ୍ୟାଳ ବନ୍ଧନ, ଖାଲି ପ୍ରହସନ, ଜାଣିବା ପାଇଁ କି ? ତ୍ରିଜଗତ । ।୨୨।
ରାମ ଅବତାର, ଦର୍ଶନ ମୋହର, ଅବିଛିନ୍ନେ ବିଘ୍ନ ଘଟୁଥିଲା
ଜାଣି ଭକ୍ତମନ, ଭୁଜଙ୍ଗ ବନ୍ଧନ ହୋଇ ଦରଶନ ଦେବା ହେଲା,
ଆଉ ନାହିଁ ଭୟ, ଠଣାକୁ ଚଳନ୍ତୁ ରଘୁରାୟ,
ଗରୁଡ଼ ଗମନ, କଲା ରଘୁରାଣ, ଗଲେ ସଙ୍ଗେ ଧରି ସେନାଚୟ । ।୨୩।
ଦୂତହୁଁ ଖବର, ପାଇ ଦଶ ଶିର, ମନ ମୀନ ଚିନ୍ତା ଜଳେ ବୁଡ଼େ
ପୁନର୍ବାର ରଣ, ନିମନ୍ତେ ସଇନ, ସେନା ପୁତ୍ରନାତି, ଆଦିଲୋଡ଼େ
ବୋଲେ ଦୟାନିଧି, ଦଶରଥ ସୁତ ପଦବନ୍ଦି,
କହି କୃତ୍ତିବାସ, ଉମାଙ୍କୁ ହରଷ, କଲେ ଉମା ହେଉଥିଲେ ଦ୍ୱନ୍ଦି । ।୨୪।

ରକ୍ଷବାଳୀଙ୍କର ବନ୍ଧାପନା

(ରାଗ - କଳହଂସ କେଦାର)(୧୨ ଅକ୍ଷର ଚଉତିଶାକ୍ରମେ)

ଛାନ୍ଦ - ୧୬

କର୍ଣ୍ଣ ନିବେସି ଶୁଣ ଜନେ ଏ କଥା, କର୍ଣ୍ଣେ ପ୍ରବେଶୁ ଯିବ ଏ ଭବ ବ୍ୟଥା । ।୧।
କହନ୍ତି ସଦାଶିବ ପୁଚ୍ଛୁଁ ପାର୍ବତୀ, କରନ୍ତି ଲିପି ବସି ସେ ଗଣପତି ଯେ । ।୨।
ଖର ଅସୁର ପର ରଣେ ରାବଣ , ଖର ଗୁମାନେ କହୁ ଡ଼ଗର ଗଣ । ।୩।
ଖବର ଦେଲେ ଆସିଲେ ଗଜାରୋହୀ, ଖରତୁରଙ୍ଗାରୋହୀ, ରଥ ଆରୋହୀ ଯେ । ।୪।
ଗତ ଦିନ ସମର ଚେତାଉ ଖରେ, ଗଦିତ୍ ମାୟା ରଣେ ନିବୁ ରାତ୍ରରେ । ।୫।
ଗଦ୍ ଗଦ କଣ୍ଠେ ନୃପ କଲେ ପ୍ରଚାର, ଗଣକ ଡ଼ାକି ଶୁଭ ମୁହୂର୍ତ୍ତ ବାର ଯେ । ।୬।
ଘଟ ସ୍ଥାପନ୍ତୁ ଦ୍ୱାରେ ନବ ଯୁବତୀ, ଘଟଜ ବଂଶୀ ବେଦେ ଦିଅନ୍ତୁ ମତି । ।୭।
ଘର ଘରଣୀ ମିଳି ଜିହ୍ୱା ନଚାଇ, ଘନେ ସ୍ୱର କରାନ୍ତୁ ମଙ୍ଗଳ ପାଇଁ ଯେ ।।୮।
ନମିଣ ସର୍ବେ ମନେ ଧରିଣ ଦମ୍ଭ, ନକ୍ଷତ୍ର ଦେଖି ଯାତ୍ରା କଲେ ଆରମ୍ଭ । ।୯।
ନରାନ୍ତକ, ଆରୋହୁଁ ବାଜିରେ, ବାଜୀ, ନମ୍ରେ ନିକୁମ୍ଭା, ସୁର ସ୍ୟନ୍ଦନ ସାଜି ଯେ ।।୧୦।
ଚପଳେ ସଂଯୋଗିଲା, ସିଂହ, ଶାର୍ଦ୍ଦୁଳ, ଚମକେ ମହୋଦର, ହେବାକୁ ତୁଳ ।।୧୧।

୨୧: ପକ୍ଷୀବର-ଗରୁଡ, ସୁଦର୍ଶନଧାରୀ-ନାରାୟଣ ଅବତାରୀ ରାମ, ୨୨:ବ୍ୟାଳବନ୍ଧନ-ସର୍ପ ବନ୍ଧନ, ୨୩:ଭୁଜଙ୍ଗ-ସର୍ପ, ୨୪: ଦଶରଥସୁତ-ରାମ, କୃତିବାସ-ଶିବ, ଉମା-ପାର୍ବତୀ ୭: ଘଟଜ ବଂଶୀ-ଅଗସ୍ତି ବଂଶୀ ବ୍ରାହ୍ମଣ ।୮: ଘରଘରଣୀ-ସଧବା ରମଣୀ,ଜିହ୍ୱାଚାଳିବା-ହୁଳହୁଳି ଦେବା, । ୧୦: ବାଜିରେ-ସମରେ,ବାଜି-ଅଶ୍ୱ, ସ୍ୱନ୍ଦନ-ରଥ ।

Digitized by PPRACHIN, SOA



ହନୁମାନଙ୍କ ସ୍କନ୍ଧରେ ରାମ ଲକ୍ଷ୍ମଣଙ୍କ ଲଙ୍କା ଦର୍ଶନ

Digitized by PPRACHIN, SOA

ଚଣ୍ଡି, ନାୟକ ଯାନ, ଉପରେ ବସି, ଚଳାଏ ସେନା ଅସି କଟିରେ କସି ଯେ ।।୧୨।
ଛଳେ ବଜ୍ରାଙ୍ଗ, ଅକମ୍ପ, ବହି ମାନ, ଛନ୍ଦି ଗୃଧ୍ର, ପେଚକ, ବିଡ଼ାଳ ଯାନ ।।୧୩।
ଛ ଦୁଇଗୁଣ ସସ୍ର ସେନା କ୍ରମରେ, ଛଉରୀ ବାନ୍ଧିନେଲେ ଗଲେ ସମରେ ଯେ ।।୧୪।
ଜଗଜ୍ଜୟୀ ତ୍ରିଶିର, ଅରାତି ହତେ, ଜନନୀ ଜଗତ୍‌ଯୋନି ଜପି ଶକତେ । ।୧୫।
ଜହର ପିଆଶର, କରି ବନ୍ଦନ, ଜୟ ଧ୍ୱନିରେ ନେଲା ଜଳ ନନ୍ଦନ ଯେ ।।୧୬।
ଝଟକ ଜମ୍ବୁନଦ କାର୍ମୁକ ଢ଼ାଲେ, ଝଟତି ଧରି ଆଗେ ସମରେ ଚାଲେ । ।୧୭।
ଝଟକାରେ କେ ଯାନ୍ତି ଛପର ଫେଡ଼ି, ଝମକେ ଆଣିବାକୁ ପକାଇ ବେଢ଼ି ଯେ ।।୧୮।
ଅତି ଶୀଘ୍ର ଗମନ୍ତି ଫେଡ଼ି କବାଟ, ଅନ୍ଧକାରେ ଶୃଗାଳ ଦେଖାଏ ବାଟ । ।୧୯।
ଅମାପ ଚଣ୍ଡୀ ଡ଼ାକିନୀ ଜିହ୍ୱା ନିଆଁ, ଅନାଇ ଦୂରୁ ବିଭୀଷଣ ଛାନିଆଁ ଯେ । ।୨୦।
ଟଙ୍କରେ ଅଷ୍ଟ ରଥ୍ ସେ ବିଭୀଷଣେ, ଟଣା ଓଟରା କଲେ ଅନ୍ୟାନ୍ୟେ ରଣେ ।।୨୧।
ଟଳମଳେ ବାନରେ ହୁଅନ୍ତେ ଭିନ୍ନ, ଟଙ୍କାରି ରାମ ଦେଇଣ ଚାପେ ଗୁଣ ଯେ ।।୨୨।
ଠଣାରେ ଅର୍ଦ୍ଧଚନ୍ଦ୍ର ବାଣ ଝୁଲାଇ, ଠଉରାଇଲେ ଦୈତ୍ୟେ ସମର ପାଇଁ । ।୨୩।
ଠଣାର ଚାରି ପାର୍ଶ୍ୱେ ଦେଲେଣି ଠଣା, ଠରା ଠରିରେ କରୁ ଅଛନ୍ତି ବଣା ଯେ । ।୨୪।
ଡ଼କାୟତ ପରାୟ ରାତ୍ରରେ ଆସି, ଡ଼ରାଉଛନ୍ତି ଦମ୍ଭେ ଜୟ ମନାସି । ।୨୫।
ଡ଼ଗରେ କହୁ ଦେଲା ଯୁଦ୍ଧ ନାଗରା, ଡ଼ଉଲେ ରକ୍ଷକପି ହୋଇଲେ ତ୍ୱରା ଯେ ।।୨୬।

ମଧ୍ୟ ଯମକ

ଢ଼ଙ୍ଗେ **କେଶରୀ**, କପି **କେଶରୀ**, ଦୃଶ୍ୟ, ଢ଼ଳାଇ ଦେଲା **ଶତ ଶତ**, ରାକ୍ଷସ । ।୨୭।
ଢ଼ଳନ୍ତେ **ଢ଼ଳ ଢ଼ଳ** ନୟନେ କେତେ, ଢ଼ଙ୍ଗେ **ସଉରୀ** କପି **ଶଉରୀ** ନେତ୍ରେ ଯେ ।।୨୮।
ନଗନ୍ୟେ କୋପ ଦୃଷ୍ଟି କରୁ ପତନ, ନଗର ବାହୁଡ଼ାରେ କରିଲେ ମନ । ।୨୯।
ନଗାଧି ରାଜ ସୁତା, ପତି ଦେବତା, ନଛାଡ଼ି ଜଣେ ହେଲେ କାଟନ୍ତି ମଥା ଯେ ।।୩୦।
ତଇଲା କଟା ଶୋଭା ପ୍ରାଙ୍ଗଣ ଧରେ, ତତ୍‌କାଳେ ବାତସୁତ ଆସି ସମରେ । ।୩୧।
ତଣ୍ଟିଆ ମାରି ହନୁ ହାଡ଼ ଝଡ଼ାଇ, ତ୍ୱରା ହୋଇଣ ଗଜେ ଗଜ ବାଡ଼ାଇ ଯେ ।।୩୨।
ଥରାଏ ରଥ ଉଭା ହୋଇ ନିକଟେ, ଥରେ ବାଜୀଙ୍କୁ ବାଜୀଉପରେ ପିଟେ । ।୩୩।
ଥଟ୍ଟା କରି ସୁଗ୍ରୀବ ମୋଡ଼େ କା ଗ୍ରୀବା, ଥମିଲେ ଦୈତ୍ୟେ ଚଳ ହୋଇଲେ ଶିବା ଯେ ।।୩୪।
ଦୟାଳୁ ବନ୍ତ ଦୟା କରନ୍ତେ ଶର, ଦଶମ ଦଶା ଲାଭ କରିଲେ ଚର । ।୩୫।
ଦନୁଜ ରକ୍ତ ବହି ତଟିନୀ ହେଲା, ଦନ୍ତୀ ସଇନ ବଳ ଭସାଇ ନେଲା ଯେ ।।୩୬।
ଧଡ଼ି, ପାଦପ ପରି କେତେ ଗଡ଼ନ୍ତି, ଧରାଶାୟୀ ସେ କୁମ୍ଭାଦି ସେନାପତି । ।୩୭।
ଧସାଇ ଅକମ୍ପନାଦି ଆଉ ଯେତେ, ଧନୁଛାଡ଼ି ପଡ଼ିଲେ କହିବା କେତେ ଯେ ।।୩୮।
ନର ହରିଙ୍କ ଯାନ ଭୟରେ ସର୍ପ, ନଗ ବିଳେ ପଶିବା ପରି କୌଣପ । ।୩୯।
ନଗରେ କେତେ ପୃଷ୍ଠଭଙ୍ଗେ ପଶନ୍ତି, ନଗ ବିହାରୀ ରାମ ପଛୁ ଆସନ୍ତି ଯେ । ।୪୦।

୧୨: ଚଣ୍ଡି ନାୟକ-ଶିବ, ଯାନ-ବୃଷଭ, ଅସି-ଖଣ୍ଡା ।୧୫:ଅରାତି-ଶତ୍ରୁ, ଜଗତ୍‌ଯୋନି-ଦୁର୍ଗା ।୧୬:ଜହର-ବିଷ, ଜଳ ନନ୍ଦନ-ଚନ୍ଦ୍ର ।୧୭: ଜମ୍ବୁନଦ-ସୁବର୍ଣ୍ଣ ।୨୮: ଶଉରୀ ନେତ୍ର-ଶନି ନେତ୍ରେ ।୩୦: ନଗାଧିରାଜ-ହିମାଳୟ, ସୁତା-ପାର୍ବତୀ,ପତି-ଶିବ, ଦେବତା-ରାମଚନ୍ଦ୍ର । ୩୩:ବାଜୀଙ୍କୁ-ଅଶ୍ୱଙ୍କୁ, ବାଜୀରେ-ଅଶ୍ୱରେ ।୩୪:ଶିବା-ଶୃଗାଳ ।୩୫:ଦୟାଳୁବନ୍ତ-ରାମଚନ୍ଦ୍ର, ଦଶମ ଦଶା-ମୃତ ଦଶା ପ୍ରାପ୍ତ ହେଲା, ଚର-ରାକ୍ଷସଙ୍କର ।୩୬:ଦନୁଜ-ଅସୁର, ତଟିନୀ-ନଦୀ ।୩୯: ନରହରିଙ୍କ ଯାନ-ଗରୁଡ଼, ନଗବିଳେ-ଗର୍ତ୍ତରେ, କୌଣପ-ଅସୁର ।୪୦: ନଗରେ-ଲଙ୍କାନଗରେ, ନଗବିହାରୀ-ପର୍ବତବିହାରୀ ରାମ ।

Digitized by PPRACHIN, SOA

ପରିଚର୍ଯ୍ୟା କରନ୍ତେ ମାର୍ଗେ ମାର୍ଗଣ, ପକ୍ଷୀ ପରାଏ ପୃଷ୍ଠ ଶୋଭଇ ଜାଣ । ।୪୧।
ପଞ୍ଚତ୍ୱ କେବା ପାଇ ସ୍ୱର୍ଗକୁ ଗଲା, ପଙ୍ଗୁକେ ହେଲା କାର କର କଟିଲା ଯେ ।।୪୨।
ଫନ୍ଦା ଫିକର କରି କରୀ ଅଇରି, ଫସଲୁ ମୃଗ ତଡ଼ି ଆଣିଲା ପରି । ।୪୩।
ଫଉଜ ଗଣ ଗଡ଼େ ଛାଡ଼ିଣ ରାମ, ଫକୀର ବେଶେ ଲଙ୍କା ଦେଖିବା ମନ ଯେ।୪୪।
ବଳାଉ ହନୁ ଜାଣି ସ୍କନ୍ଧରେ ଚାଣ୍ଡେ, ବସାଇ ବୁଲାଇଲା ସେ ଲଙ୍କା ଦାଣ୍ଡେ ।।୪୫।
ବଳୀ ମୁଖ ଯେ କେତେ ଥିଲେ ସଙ୍ଗରେ, ବଳୀ ଲକ୍ଷ୍ମଣ ଯାଉଥିଲେ ରଙ୍ଗରେ ଯେ ।।୪୬।
ଭରତାଗ୍ରଜେ ଦେଖି ଲଙ୍କା ଯୁବତୀ, ଭକତି ଭରେ ବେନି କର ଯୋଡ଼ନ୍ତି । ।୪୭।
ଭଜନ କରି କେତେ ଦୁଃଖ ହରିଲେ, ଭକ୍ତ ବତ୍ସଳେ ଦେଖି ବ୍ୟକ୍ତ କରିଲେ ଯେ ।।୪୮।
ମଣ୍ଡଇ ଚିତ୍ତ'ମାର କି ମୂର୍ତ୍ତିମନ୍ତେ, ମଗ୍ନ ହୋଇ ବିଜୟ କରିଲେ ଏଥେ । ।୪୯।
ମଧୁରେ ବୋଲେ କେହି ରତିକି ସ୍ମରି, ମଦନ ଆସିଛନ୍ତି ସମ୍ବର ପୁରୀ ଯେ । ।୫୦।
ଯଥାର୍ଥ କହୁ କେହି କରେ ବାରଣ, ଯଶ-ସ୍ୱୀ କାମ ସୀତୟା ରତି ଜାଣ । ।୫୧।
ଯକ୍ଷରାଜ ଅନୁଜ ସେ ନାରୀ ହୀରା, ଯତ୍ନେ ଆଣିବା କାଳେ ଦେଖିଛି ଧୀରା ଯେ । ।୫୨।
ରତି ହେବ ତା ସଙ୍ଗେ ତୁଳୁ ରତିଏ, ରସି ହସାଇ ଭସାଇ କହେ କିଏ । ।୫୩।
ରଚିଲା କେତେ କାଳେ ଧାତା ଏହାଁକୁ, ରସିବକି ସେ ସୀତା ଲଙ୍କା ନାହାକୁ ଯେ । ।୫୪।
ଲକ୍ଷେ କନ୍ଦର୍ପ ନୁହେଁ ରାମ ସମାନ, ଲକ୍ଷ୍ୟ ଯା ଦିଅ ତାହା ଅଲକ୍ଷ୍ୟ ମାନ । ।୫୫।
ଲପନ ହରେ ଚିତ୍ତ ସର୍ବ ସମର୍ଥ, ଲକ୍ଷଣେ ଏଣୁ ସନ୍ନତ ମନ ମଥ ଯେ । ।୫୬।
ଶଶୀ ସହିତ ରାମ ତୁଳୁ କେ କଛେ, ଶରମେ ଚିନ୍ତି ପୁଣି ସେ ରାମ ପଛେ । ।୫୭।
ଶରଣା ଗତ ଯେଣୁ ହୋଇଛି ଚନ୍ଦ୍ର, ଶଙ୍କର ଶକ୍ରତୁଳ ନୁହେ ଏ ମନ୍ଦ । ।୫୮।
ଷଡ଼ଯନ୍ତ୍ରେ କେ ନୃପେ ଡ଼ରି କହଇ, ଷଟକର୍ମ୍ମୀ ନିତ୍ୟ ଯାଙ୍କୁ ଚିନ୍ତନ୍ତି ରହି । ।୫୯।
ଷଡ଼ାନନ ଜନନୀ-କରନ୍ତେ ଜଣା, ଷଣ୍ଢଚଢ଼ା ଯା କୀର୍ତ୍ତି ବଖାଣି ବଣା ଯେ ।।୬୦।
ସନ୍ଧାନ କର ବକ୍ଷେ କୌସ୍ତୁଭ ମଣି, ସ୍ୱପତ୍ନୀ ସୀତା ମଣି ଲେଖକ ଭଣି । ।୬୧।
ସମର୍ପଣ କରହେ ସର୍ବସ୍ୱ ସର୍ବେ, ସମନ୍ୱିତେ ଉଦ୍ଧାର ହୋଇବ ଯେବେ ହେ ।।୬୨।
ହନୁ ସ୍କନ୍ଧରେ ଦେଖ ମାନ ସେ ତୁଳି, ହର୍ତ୍ତା କର୍ତ୍ତା ଏ ଦିଅ ଗୋ ହୁଳହୁଳି । ।୬୩।
ହତଭାଗା ରାଜନ ଦେଖାଇ ଟାଣ, ହରି ହରଙ୍କ ପରେ ବରଷେ ବାଣ ଯେ ।।୬୪।
କ୍ଷଣେ ହେଳା ନ କରି ରସନା ଚାଳି, କ୍ଷମେ ଅଙ୍ଗେ ଚନ୍ଦନ ଦିଅନ୍ତି ବୋଳି । ।୬୫।
କ୍ଷମା ସାଗର ଚିତ୍ତ କରିଲେ ବୋଧ, କ୍ଷମାପରାଧ କହେ ଦୟା ନିର୍ବୋଧ ଯେ ।।୬୬।

କବିତା ହେଉଛି	ଭାରତୀୟ ଭାଷା	ଶବ୍ଦ ସାହିତ୍ୟ ଜନନୀ ।
କବିତା ନିର୍ଯ୍ୟାସ	ବିନା ସାହିତ୍ୟର	ସୃଷ୍ଟି କାହିଁ ହେବ ଧ୍ୱନି ।
ସମାଜର ହିତ	ସାଧନ ନିମିତ୍ତ	ସାହିତ୍ୟ ଉଦ୍ଦେଶ୍ୟ ଧୀର
ସାହିତ୍ୟ ମାଧ୍ୟମେ	ସମାଜରେ ଥିବା	କୁସଂସ୍କାର ଦୂର କର ।

୪୧:ପରିଚର୍ଯ୍ୟା-ସ୍ନେହ ସେବା, ମାର୍ଗରେ-ବାଟରେ । ୪୨: ପଞ୍ଚତ୍ୱ-ମୃତବରଣ କରିବା, ପଙ୍ଗୁ-ପାଦ ଛୋଟା । ୪୩: କରୀ-ହସ୍ତୀ, ଅଇରି-ଶତ୍ରୁ ସିଂହ । ୫୨:ଯକ୍ଷରାଜ-କୁବେର, ଯକ୍ଷରାଜ ଅନୁଜ-ରାବଣ । ୫୯:ଷଟକର୍ମ୍ମୀ-ବ୍ରାହ୍ମଣ,ଯେହୁ-ଯଜନ, ଯାଚନ,ଅଧ୍ୟୟନ, ଅଧ୍ୟାପନ, ଦାନ, ପ୍ରତିଗ୍ରହକରେ । ୬୦: ଷଡ଼ାନନ-କାର୍ତ୍ତିକେୟ, ଷଣ୍ଢଚଢ଼ା-ଶିବ ।୬୪:ହରି-ରାମ, ହର-ଲକ୍ଷ୍ମଣ। ୬୫: ରସନାଚାଳି-ଜିହ୍ୱାଚାଳି ହୁଳହୁଳି ପକାଉ । ୬୬: ନାମସାର-ରାମଚନ୍ଦ୍ର ।

Digitized by PPRACHIN, SOA

କୁମ୍ଭକର୍ଣ୍ଣ ନିଦ୍ରାଭଙ୍ଗ

(ରାଗ - ସିନ୍ଧୁଡ଼ା)('କ' ଅନୁପ୍ରାସ)

ଛାନ୍ଦ - ୧୭

କର୍ଣ୍ଣ ମନ ଏକ, କରି ସୁବିବେକ, କର ରାମ ରସ ଭୋଗ
କହୁ ଶୂଳ ପାଣି, ଶୁଣନ୍ତି ସର୍ବାଣୀ, କୁମ୍ଭ କର୍ଣ୍ଣ ନିଦ୍ରାଭଙ୍ଗ ଯେ, କାକୁସ୍ଥବଂଶୀ ରାମ
କରି ସ୍ନାନାଦି ନେଲେ ବିଶ୍ରାମଯେ, କହେ ଦୂତ ଯାଇ ଲଙ୍କା ଗ୍ରାମ ଯେ,
କ୍ରମେ ସୈନ୍ୟ ଗଲେ ଯମ ଧାମ ଯେ । ।୧।

କିଙ୍କରର ବାଣୀ, ଶୁଣି ବିଂଶପାଣି, କହେ କାହିଁ ତୁମ୍ଭ ଆଭା
କାଳକି ଅକାଳେ, ଘୋଟି ବ୍ୟାଘ୍ରବିଳେ, ଅଜା ଦେଖାନ୍ତି ପ୍ରତିଭା ଯେ କୁକୁର ସିଂହ ଘରେ,,
କୃଷ୍ଣ ସାର ଧରି ରଣ କରେ, ଯେ ..କହେ ମୋର ପୂର୍ବ କଥା ଧୀରେ ଯେ,
କର ଅବଧାରଣା ସଧୀରେ ଯେ । ।୨।

କଲା ପୂର୍ବେ କୋପ, ବେଦ ମତୀ ଶାପ, ଦେଲା ମରିବୁ ମୋ ଯୋଗେ
କହିଥିଲା ବିହି, ତୋ ଜିଣନ୍ତା କେହି, ନାହିଁ ପାତାଳ ଭୂ ସ୍ୱର୍ଗେ, ଯେ, କଲେ ସୀତା ହରଣ
କୃତ କାର୍ଯ୍ୟ ହୋଇବ ମରଣ ଯେ, କାଳ ସେହି ସ୍ରୋତେ ନେବ ପ୍ରାଣ ଯେ,
କାଳି ବୁଲିବ ଲଙ୍କା ଭୁବନ ଯେ । ।୩।

କୁବେର ଜ' ନାରୀ, ରମ୍ଭା ଅପସରୀ, ପୂର୍ବେ ମୋ ବଧେ କହିଲା
କୃତ ଦାର ବିନା, ପରର ଅଙ୍ଗନା, ହରିଲୁ ଭଲ ନୋହିଲା, ଯେ, କଣ୍ଠା ଗ୍ରତ ସମୟେ,,
କହିଥିଲା ଅନରଣ୍ୟ ରାୟେ ଯେ, କରୁ ନାଶ ମୋ ବଂଶ ତନୟେ ଯେ,
କଲି ଯେତେ ତପ ଗଲା କ୍ଷୟେ ଯେ । ।୪।

କହିଲା ଯା ବିଭୀ-, ଷଣ ତାହା ଭାବି, ନ ପାରି କଟୁ ବଚନ,
କହି କଲି ଦୂର, ଥବିର ଅସୁର, ଙ୍କର ଉପଦେଶ ମାନ, ଯେ କର୍ଣ୍ଣରେ ନ ଶୁଣିଲି
କାମିନୀ କଥା ମନ୍ଦ ମଣିଲି, ଯେ, କଟୁକ୍ତିରେ ବଂଶ ମରାଇଲି, ଯେ,
କଣ୍ଟକକୁ ଲୋଡ଼ିଣ ଆଣିଲି ଯେ । ।୫।

କହଇ ଏ କାଳେ, ମହୋଦର ବଳେ, ଜୟେ ବିଜୟେ ମରଣ
କେବେ ହେଲେ ହେବ, ନ ଜାଣକି ଦେବ, ଯା ଭାବୁଛ ଅକାରଣ, ଯେ, କଛି, କଛି କି ଭାବ,
କହ ବୀର କି ଛନ୍ତି ଅଭାବ, ଯେ, କହ ଯାହା ତା କରିବୁ ଦେବ,ହେ,
କି କରିବେ ନର ବନ ଜୀବ ହେ । ।୬।

କଣ୍ଠେ ମୋହମଣି, ଦେଖି ବିଂଶ ପାଣି, ବୋଲେ ଭ୍ରାତେ ବୋଧି ଆଣ,
କରିବ ବିନାଶ, ଶତ୍ରୁଙ୍କୁ ଅବଶ୍ୟ ତା ବିନା କେ ପରିତ୍ରାଣ, ଯେ, କୁମ୍ଭସୁତ ପ୍ରକାର,,
କରୁଚଳୁ ଶତ୍ରୁ ସିନ୍ଧୁ ନୀର ଯେ, କହୁଁ ଗଲେ ବଳ ଖର ତର ଯେ,
କମାଣ ବାଣାଦି ଧରି କର ଯେ । ।୭।

୧:ଶୂଳପାଣି-ଶିବ, ସର୍ବାଣୀ-ପାର୍ବତୀ, କିଙ୍କର-ଚାର, ବିଂଶପାଣି-ରାବଣ ।୨: ଅଜା-ଛେଳି, କୃଷ୍ଣସାର-ମୃଗ, ଅବଧାରଣ-ନିରୂପଣ । ୩: ବିହି-ବ୍ରହ୍ମା, ଭୂ-ପୃଥିବୀ, କୃତ-ସମ୍ପାଦିତ ।୪:କୁବେର ଜ-ନଳ କୁବେର,କୃତଦାର-ବିବାହିତ, ଅଙ୍ଗନା-ରମଣୀ, କଣ୍ଠାଗତ-ପ୍ରାଣଯିବା ସମୟେ, ।୫: ଥବିର-ବୃଦ୍ଧ, କାମିନୀ- ସ୍ତ୍ରୀ(ମନ୍ଦୋଦରୀ), କଣ୍ଟକ-ଶତ୍ରୁ, ।୭:କୁମ୍ଭସୁତ-ଅଗସ୍ତି, ସିନ୍ଧୁ-ସମୁଦ୍ର, କମାଣ-ତୋପ,

Digitized by PPRACHIN, SOA

କୁମ୍ଭକର୍ଣ୍ଣ ପାଟ, ମହିଷୀ କପାଟ, ନିକଟ ପଲ୍ୟଙ୍କ ପରେ,
କାମିନୀ ଗହଣେ, ପତି ସେବୁଜଣେ, ମୁଦୁସୁଲୀ କହେ ଖରେ, ଯେ କକ୍ଷ ତେଜିଣ ଯାଅ
କରୁ ଅଛନ୍ତି ସେନା ବିଜୟ ଯେ, କଡ଼ା ଆଜ୍ଞା ଦେଇଛନ୍ତି ରାୟ ଯେ,
କାନ୍ତ ଉଠୁଁ ଯିବ ଶତ୍ରୁ ଭୟ, ଯେ । ।୮।

କରନ୍ତେ ଗମନ, ପାଶୁ ରାଣୀପୁଣ, ମହୋଦର ଆଦି ଯୋଦ୍ଧା,
କହନ୍ତି ବିସ୍ତୀର୍ଣ୍ଣେ, କୁମ୍ଭକର୍ଣ୍ଣ କର୍ଣ୍ଣେ, ଉଠ ପ୍ରଭୁ ଭାଙ୍ଗି ନିଦ୍ରା, ଯେ, କୂଟ କରି ଅମର,,
କାଳ ଇଛନ୍ତି ଦଇତଙ୍କର, ଯେ, କକ୍ଷା ବହି ରଣ ଏବେ କର ଯେ,
କେହି ସାହା ନାହିଁ ରକ୍ଷ ଙ୍କର ହେ । ।୯।

କେତେକ ବନ୍ଦନ, କରିଣ ଚନ୍ଦନ, ବୋଲି ତୋପ ଫୁଟାଇଲେ,
କେତେ ତେଜିମଠ, ବାଦ୍ୟବଡ଼ କାଠ, କର୍ଣ୍ଣ ପାଶେ ବଜାଇଲେ, ଯେ,କେହୁ ଚରଣ ଧରି,,
କରେ ଝୁଲାଇ ପକାଏ ହୁରି, ଯେ, କରୁ ଉପଚାର ଉଠେ ବଳୀ ଯେ,
କେତେ ଖାଦ୍ୟ ପାନ ସଜ କରି ଯେ । ।୧୦।

କାଳୀଙ୍କ ଛାମୁରେ, ବଳି ପରକାରେ, ଛେଳି ମୋଡ଼ି ଅରପିଲେ
କେ ଯୋଦ୍ଧା ସମ୍ବାଦି,ଥିବା ବ୍ୟଞ୍ଜନାଦି, ସୁରା ଅରପଣ କଲେ, ଯେ, କେହୁ ଦେହଳୀ ପାଶ,,
କହେ ନୃପ ଡ଼ାକୁଛନ୍ତି ଆସ, ହେ, କହୁ ଗଲା ବୀର ମୋଡ଼ି ନିଶ ଯେ,
କହେ ଚିନ୍ତି ଦୟାନିଧି ଦାଶ, ଯେ । ।୧୧।

କୁମ୍ଭକର୍ଣ୍ଣର ରଣକୁ ବିଜୟ

(ରାଗ - ଚୋଖି)('ବ' ଅନୁପ୍ରାସ)

ଛାନ୍ଦ - ୧୮

ବନ ପତି ପରିଗତି, କରିଖରେ ଘଟ ଶ୍ରୁତି, ରାବଣ ପଦେ ପ୍ରଣତି କରି କହଇ ।।
ବନମଧ୍ୟେ ଯେ ଭୁବନ, କିମ୍ପାଦିଶେ ଅଶୋଭନ, କାରଣ କହ ବହନ ହୃଦ ଦହଇ ।।
ବୋଲେ ଶୁଣି ବିଂଶ ଈକ୍ଷଣ,, ବନୌକା ବେନି ସେ ନାମ ରାମ ଲକ୍ଷ୍ମଣ । ।୧।
ବୁଲି ଆସି ପଞ୍ଚବଟି, ବନେ କରିଥିଲେ କୁଟୀ, ସୂର୍ପା ନାସାକର୍ଣ୍ଣକାଟି, ଖର ଦୂଷଣ ।।
ବିଗ୍ରହ କରନ୍ତେ ଅନ୍ତ, କରି ମୁଁ ତାହାତଦନ୍ତ, ହରି ଆଣିଲି ତା ନେତ୍ର, ନାରୀ ରତନ ।।
ବେଭାରେ ସେ ଖୋଜି ବିରାଗେ, ବୁଲି ବୁଲି ମିତ୍ର ହେଲା ସୁଗ୍ରୀବ ସଙ୍ଗେ । ।୨।
ବାଣେ କାଟି ସପ୍ତ ଶାଳ, ବାଳିର ଘଟାଇ କାଳ, ମିତ୍ରେ ରାଜ୍ୟ ଦେଉଁ ବଳ, ଖୋଜନ୍ତି ଦିନେ ।।
ବିହରି ଏକ ମାଙ୍କଡ଼, ପ୍ରବେଶି ମୋ ଲଙ୍କାଗଡ଼, ଦେବୀଙ୍କୁ ଦେଇଣ ମାଡ଼, ଅଶୋକ ବନେ ।।
ବୈଦେହୀଙ୍କୁ ଠାବ କରିଲା, ବନ ଭାଙ୍ଗି ଅକ୍ଷୟକୁ କ୍ଷୟ ସେ କଲା । ।୩।

୮:କକ୍ଷ-ଗୃହ ।୯:କୂଟ-କପଟ, କକ୍ଷା-ପ୍ରତିଯୋଗିତା, ରକ୍ଷ-ରାକ୍ଷସ । ୧୧:ଦେହଳୀ-ଦ୍ୱାର, ।୧: ବନପତି-ସିଂହ, ଘଟଶ୍ରୁତି-କୁମ୍ଭକର୍ଣ୍ଣ ବନମଧ୍ୟେ-ପାଣିମଧ୍ୟେ, ଭୁବନ-ଜଗତି (ଘର), ବିଂଶ ଈକ୍ଷଣ-କୋଡ଼ିଏ ଆଖି ରାବଣ, ବନୌକା-ବନବାସୀ ।୨:କୁଟୀ-କୁଡ଼ିଆ, ସୂର୍ପା-ସୂପଣଖା, ବିଗ୍ରହ-ଦେହ, ଅନ୍ତ-ଶେଷ ବେଭାରେ-ରୀତି, ବିରାଗେ-ବିରକ୍ତି ।

Digitized by PPRACHIN, SOA

ଯୁଦ୍ଧରେ କୁମ୍ଭକର୍ଣ୍ଣ

Digitized by PPRACHIN, SOA

ବାସବଜିତ ପାଶକୁ, ଆଣିଲା ଫିଙ୍ଗି ଫାଶକୁ, ଅଗ୍ନି ସଂଯୋଗି ବାସକୁ, ପୋଡ଼ି ଫେରିଲା ।।
ବାର୍ତ୍ତା ରାଘବେ ଜଣାଇଁ, ବଳଶାଳୀ ସେନା ନେଇ, ସିନ୍ଧୁ ପାରେ ବସି ରହି, ସେ ବିଚାରିଲା ।
ବିଭୀଷଣ କରୁଁ ବାରଣ, ବାହାର କଲି ଶ୍ରୀରାମେ ନେଲା ଶରଣ । ।୪।
ବରୁଣ ପ୍ରସନ୍ନେ ବନ୍ଧ, ବାନ୍ଧି ପାର ହୋଇ ମନ୍ଦ, ଲଗାଇବା ପାଇଁ ଦ୍ୱନ୍ଦ, ଗଡ଼ ଦୁଆରେ ।।
ବୃକ୍ଷ ତୁଲ୍ୟ ଦେଇ ରଡ଼ି, ମନମଧୁ ଭୟ ଛାଡ଼ି, ସମର କରନ୍ତି ବଡ଼ି, ଅତି ସ୍ପୃହାରେ ।।
ବଧିଲେ ସେ ବଧ ନୁହନ୍ତି,, ବଳେ ନ ପାରିଲା ବଳାରାତି, ଅରାତି । ।୫।
ବୋଲେ ଘଟ ଶ୍ରୁତି ବୋଧି, କିପାଁ କଲ ଏ ଦୁର୍ବୁଦ୍ଧି, ଭବେ ନାରୀ ଚୌର ସିଦ୍ଧି, ହେଲା ପ୍ରସିଦ୍ଧି ।।
ବାଳିକି ଯେ ଶରେ ବଧି, ବାର୍ଦ୍ଧିଜଳେ ବନ୍ଧ ବାନ୍ଧି, ତା ସଙ୍ଗେ ପୁଣି ବିରୋଧୀ, ସେ ବଡ଼ ଯୋଦ୍ଧି ।।
ବିସ୍ମରଣ ହେଲା କି ବୁଦ୍ଧି, ବିପଦକୁ ଲୋଡ଼ି ଆଣି କହୁଛ ବ୍ୟାଧି । ।୬।
ବଣା ହେଲ ଜଣା ଥାଇ, କାଳ କୂଟ ମୁଖେ ନେଇ, ହସ୍ତ ପ୍ରବିଷ୍ଟ କରାଇ, ହେଉଛ ବ୍ୟସ୍ତ ।।
ବେଳ ଅଛି ତା ବଲ୍ଲଭୀ, ଫେରାଅ କିଛି ନ ଭାବି, ବଞ୍ଚି ରହିଥିବ ରବି, ଥିବାପର୍ଯ୍ୟନ୍ତ ।।
ବଂଶ ଯଶ ଅତୀତ କଥା,, ବ୍ରହ୍ମାବର ସ୍ମର ଥୟ କରିଣ ମଥା । ।୭।
ବଳବାନ ସଦାକାଳ, କରାଳ କଥାକୁ ଭାଳ, ନ ଭାବି ମୋତେ ଦୁର୍ବଳ, ରାକ୍ଷସ ପାଳ ।।
ବିଭୀଷଣେ ବି ଭୀଷଣେ, ଜାଣି ଆସିବ ତକ୍ଷଣେ, ନହେଲେ ରଣ ପ୍ରାଙ୍ଗଣେ, ମରଣମୂଳ ।।
ବୋଧ କଥା ଶୁଣି ରାବଣ,,ବୋଲେ ରାମ ପଦେ ଯାଇନିଅ ଶରଣ । ।୮।
ବ୍ୟର୍ଥ ହେଲା ଆଶା ମୋର, ବସି ମୋ ଜଗତୀ ପର, ରସି କହୁ କଥା ଧୀର, ଭୟ ତୋ ବଡ଼ ।।
ବଳି ଭଳ ଛେଳି ଖାଇ, ବୃଥା ଆସିଥିଲୁ ଧାଇଁ,କହିଲୁ ରାମ ବଡ଼ାଇ, ଯା, ଶୋଇ ପଡ଼ ।।
ବସି ରଥେ ହେବି ବାହାର, ବଳେ ଜଣାଯିବ ରଣେ ବଳ କାହାର । ।୯।
ବାରଣ କରି ଅନୁଜ, ବୋଲେ ଶୁଣ ଦୈତ୍ୟରାଜ, ଯାଉଛି ରଣକୁ ଆଜ, ଶୋଚନା ନାହିଁ ।।
ବତ୍ସର ନପୂରୁ ଉଠି, ଏଣୁ ବିଜୟ ନାହିଁ ଟି, ଏହା ଶେଷ ଭେଟା ଭେଟି, ଯାଉଛି କହି ।।
ବେଳ ଥାଉ ନ କଲ ଚିନ୍ତା,, ବୀର ମୃତ ରଣେ କହି ଅଛି ବିଧାତା । ।୧୦।
ବିଚାରଇ ପୁଣି ଧୈର୍ଯ୍ୟ-ଧରି ଯା ବୀର ଐଶ୍ୱର୍ଯ୍ୟ, ଭୋଗୁଥିଲିଯଥା ରାଜ, ଶୟନେ ଥାଇ ।।
ବାରଣ କଲେ ତା କଥା, ନିନ୍ଦିବେ ବୁଧେ ସର୍ବଥା, ଆଦେଶ ପାଳିବା ଯଥା, ଧର୍ମ ଅଟଇ ।
ବଳ ରହିଛି ତ ପିଣ୍ଡରେ,ବଳ କଷ ହେଉ ଆଜି ରଣ ଦାଣ୍ଡରେ । ।୧୧।
ବନ୍ଦି ନୃପେ ଶୂଳ ଘେନି, ବାହାରୁ କମ୍ପେ ମେଦିନୀ, ବିବଶେ ବାସୁକୀ ଫଣୀ ନତ ହୋଇଲା ।।
ବିବସ୍ୱାନଙ୍କର ଜ୍ୟୋତି, ହ୍ରାସ ହେଲା ଅଶ୍ୱଗତି, ବିଳମ୍ବିତ ହେଲା ଅତି, ଭୀତି ଲଭିଲା
ବଳି ମୁଖେ ଦୂରୁ ଦେଖିଲେ, ବ୍ୟୂହ ଛାଡ଼ି ଭୟେ ରଡ଼ି ଦେଇଣ ଗଲେ । ।୧୨।
ବିଲୋକିତା ରଘୁପତି, ବିଭୀଷଣେ ପଚାରନ୍ତି, ବିସ୍ମୟ ଲାଗେ ଏ ରୀତି, ଅଦ୍ଭୁତ କଥା
ବିଶାଳ ଗେରୁ ପର୍ବତେ, ଜାତ କାହୁଁ ହେଲା ରାତ୍ରେ, ବିଶେଷେ ଦେଖ ଅନନ୍ତେ, ଲାଗିଛି ମଥା,,
ବିଭୀଷଣ ଦିଏ ଉତ୍ତର, ବିଭୁ! ଗୋତ୍ର ନୁହେଁ ଗୋତ୍ର ମଧ୍ୟ ସୋଦର । ।୧୩।

୪:ବାସବଜିତ-ଇନ୍ଦ୍ରଜିତ ।୫:ବଳାରାତି-ଇନ୍ଦ୍ର.ଅରାତି-ଶତ୍ରୁ. ।୬: ଘଟ-କୁମ୍ଭ. ଶ୍ରୁତି-କର୍ଣ୍ଣ ।୫: ବଳାରାତି-ଇନ୍ଦ୍ର. ଅରାତି - ଇନ୍ଦ୍ରଜିତ, ଘଟଶ୍ରୁତି-ଘଟ-କୁମ୍ଭ. ଶ୍ରୁତି-ଶ୍ରବଣ(କୁମ୍ଭକର୍ଣ) ବାର୍ଦ୍ଧି-ସମୁଦ୍ର. ବହ୍ମାବର-ବିଧାତା ବର. (ସୀତା ହରଣ ରାବଣ ମରଣ)୮:ବି'ଭୀଷଣେ-ଭୟ ବିହାନେ, ରଣ ପ୍ରାଙ୍ଗଣ-ରଣ ଭୂମିରେ ।୧୦:ବାରଣ-ମନା. ଅନୁଜ-ସାନ ଭାଇ କୁମ୍ଭକର୍ଣ୍ଣ. ଦୈତ୍ୟ-ଅସୁର.ରାଜ-ରାବଣ.ବତ୍ସର-ବର୍ଷ, ୧୨:ବିବସ୍ୱାନ-ସୂର୍ଯ୍ୟ. ବଳିମୁଖେ-ମର୍କଟେ. ବ୍ୟୂହ-ଦଳ । ୧୩:ଅନନ୍ତେ-ଆକାଶେ, ଗୋତ୍ର-ପର୍ବତ,ଗୋତ୍ର-ଜ୍ଞାତିଭାଇ ।

Digitized by PPRACHIN, SOA

ବ୍ରହ୍ମାଣ୍ଡ ମଧ୍ୟରେ କେହି, ବୀର ତାହା ସମ ନାହିଁ, ବିପକ୍ଷେ ଜୀଣନ୍ତା ହୋଇ, ଅର୍ଜିବ ଯଶ ।।
ବିଧିରେଯୋଗୀ ଈଶ୍ୱର, ଆପଣଙ୍କନାମ ସ୍ଥିର, ବର୍ଷ୍ମ ଦର୍ପକ ପ୍ରକାର, ହୋଇବଶେଷ ।।
ବ୍ରହ୍ମାବରେ ଶୟନେ ରତ, ବର୍ଷ ନ ପୂରୁ ଉଠିଛି ହେବ ନିହତ । ।୧୪।
ବପୁବନ୍ତ କୁମ୍ଭକର୍ଣ୍ଣ, ବିଜୟ ରଣେ ଗର୍ଜନ, ଦେଉଁ କାଲ ହେଲେ ଜନ, ଲଙ୍କା ରମଣୀ ।।
ବାଉଳା ହୋଇଲେ ସର୍ବ, ଗର୍ଭବତୀ ଗର୍ଭସ୍ରାବ, ହେଲା ପୁରେ ଶ୍ରାଦ୍ଧଦେବ, ପ୍ରମାଦ ଗଣି ।।
ବେଳୁଁ ବେଳ ତା ଅପଘନ, ବିବର୍ଦ୍ଧନ ଯଥା ବ୍ୟାଳ, ବାତ ସେବନ । ।୧୫।
ବେଗରେ ସମର ସ୍ଥଳେ, ଆଗରେ ଯେତେ ପଡ଼ିଲେ, ରାଗେ ପିପିଲ୍ଲୀକା ତୁଲ୍ୟେ, ମର୍ଦ୍ଦି ଅଶାନ୍ତି ।।
ବହି ତା ଶ୍ୱାସ ପ୍ରଶ୍ୱାସ, ଲସୁନ ଚୋପା ସଦୃଶ, ଉଡ଼ାଇଲା ଦୂରେ କୀଶ, ଋକ୍ଷ ପଙ୍କତି ।।
ବଳଶାଳୀ ହନୁ ଅଙ୍ଗଦ, ବାଟେ ବାଟ ରୁଦ୍ଧି ଆରମ୍ଭ କଲେ ବାଦ । ।୧୬।
ବେନି ଗିରିବର ଚାଣ୍ଡେ, ବିହୁ କୁମ୍ଭ କର୍ଣ୍ଣମୁଣ୍ଡେ, ଧୂଳି ସାତ ହେଲା ଖଣ୍ଡେ, ବି, ନରହିଲେ ।
ବାମ ପାଦକୁ ଉଠାଇ, ଦୈତ୍ୟ ଶୂଳରେ ନିଠାଇ, ପ୍ରହାରୁ ବେନି ସେଠାଇ, ମୂର୍ଚ୍ଛିତ ହେଲେ ।
ବାନରେ ଯେ ଥିଲେ ସଙ୍ଗରେ, ବଳୀ କୁମ୍ଭ ଶ୍ରୁତି ନାଶ କଲା ରଙ୍ଗରେ । ।୧୭।
ବେଗରେ ଆଗକୁ ଯାଇ, ସୁଗ୍ରୀବକୁ ଦେଖି ତହିଁ, ଦୃଢ଼େ ପରିଘ ବୁଲାଇ ପ୍ରହାର କଲା ।।
ବିରୋଚନଙ୍କ ନନ୍ଦନ, ସେ ଘାତେ ହେଉଁ ପତନ, ତୋଳି ପବନ ସମାନ, ଖରେ ଫେରିଲା ।।
ବାଙ୍କୁଁ ତା ଗମନ ପବନ, ବଳେ ଚେତା ହେଲେ 'ହନୁ'ବାଳି ନନ୍ଦନ । ।୧୮।
ବିଲୋକି ସୁଗ୍ରୀବ ଦଶା, ଉଦ୍ଧାରେ ରଖି ଭରସା, ପାଦପ ଧରି ସହସା, ଘେରିଲେ ସର୍ବେ ।।
ବିକୁକ୍ଷି ବଂଶୀ ନିକଟେ, କେ ଯାଇ ଏ ବାର୍ତ୍ତା ରଟେ, ଏଣେ ଚେତା ପାଇବାଟେ, ସୁଗ୍ରୀବ ଭାବେ ।।
ବୀର ମୋତେ ପୁରେ ନିଅଇ, ବଳେ ଲମ୍ଫ ଦେଇ ଯିବି ଉର୍ଦ୍ଧ୍ୱକୁ ଡ଼େଇଁ । ।୧୯।
ବିକଟ ରୂପ ଧରିଣ, ନଖେ ମୁଖେ କୁମ୍ଭକର୍ଣ୍ଣ, ନାସିକା ଶ୍ରବଣ ଛିନ୍ନ କରି ଚଳିଲା ।।
ବହେ ଯା ଶୋଣିତ ଝର, ଯଥା ତ୍ରିବେଣିର ଧାର, ସ୍ୱସା ସୂର୍ପା ଲୋକହସା ଠାରୁ ବଳିଲା ।।
ବିବସ୍ୱାନ ବଂଶୀ ଚରଣେ, ବିଭାବସୁ ସୁତ ସର୍ବ ଘଟଣା ଭଣେ । ।୨୦।
ବିଶେଷ ଲଜ୍ୟାରେ ଦୈତ୍ୟ, ପୁରେ ନ ଫେରି ମହତ, ରକ୍ଷାଅର୍ଥେ ରଣେ ହତ, ଦେଇ ହୁଙ୍କାର ।।
ବାହୁ ଦ୍ୱୟକୁ ବଢ଼ାଇ, ଅଗଣିତ କପି ନେଇ, ତୁଣ୍ଡକୁ ଦିଏ ଡ଼ିଆଁଇ, ସେ ବାରମ୍ଭାର।।
ବଣା ହୋଇ କର୍ଣ୍ଣ କୁହରେ, ବାହାରନ୍ତି ରକ୍ତ ଜର୍ଜ୍ଜରିତ ଦେହରେ । ।୨୧।
ବାନର ଚୟଙ୍କ ଦଣ୍ଡ, ବିଲୋକି ଅସୁରେ ଦଣ୍ଡ, ଦେବା ପାଇଁ ସେ କୋଦଣ୍ଡ, କାଣ୍ଡ ଧାରଣ ।।
ବିନ୍ଧିଲେ ବହୁତ କାଣ୍ଡ, ପଣ୍ଡ ହେଲା ସେ ଦୁର୍ଦ୍ଦଣ୍ଡ, ବକ୍ଷେ ବାଜୁ ପାତି ମୁଣ୍ଡ, କରେ ବାରଣ ।।
ବାସବ ପ୍ରଦତ୍ତ କଳମ୍ବେ, ବିଛେଦିଲେ କର ଚରଣ ଅବିଳମ୍ବେ । ।୨୨।
ବିପତନେ ଦ୍ରୁମଭଳି, ବିପତନ ତେଜଶାଳୀ, ବାନର ହୋଇଲେ ଧୂଳି, କେ ଗଲେ ଉଡ଼ି ।।
ବିଘାତୁ ସେ ଦୈତ୍ୟ ରଡ଼ି, ଦିଅଇ ଘଡ଼ିକି ଘଡି, ରୋଲର ପରାୟ ଗଡ଼ି, ଆସନ୍ତେ ମାଡ଼ି ।।
ବଳୀ ମୁଖ ଧାଡି କି ଧାଡି, ବିଥିରେ ଗୋଡ଼ି ପରାୟେ ହେଲେ ରଗଡ଼ି । ।୨୩।

୧୪:ଯୋଗୀ-ଶିବ, ଈଶ୍ୱର-ପ୍ରଭୁ, ବର୍ଷ୍ମ-ଦେହ, ଦର୍ପକ-କନ୍ଦର୍ପ ।୧୫:ଶ୍ରାଦ୍ଧଦେବ-ଯମ, ବ୍ୟାଳ-ସର୍ପ,ବାତ-ପବନ । ୧୬:ପିପିଲ୍ଲୀକା-ପିମ୍ପୁଡ଼ି, ଲସୁନ ଚୋପା-ରସୁଣ ଚୋପା, କୀଶ, ମର୍କଟ,ଋକ୍ଷ-ଭାଲୁ,ପଙ୍କତି-ସମୂହ । ୧୭: ବିହୁ-ଫିଙ୍ଗୁ, କୁମ୍ଭଶ୍ରୁତି-କୁମ୍ଭକର୍ଣ୍ଣ । ୧୮:ପରିଘ-ଲୌହମୁଖ ମୁଦ୍‌ଗର, ବିରୋଚନ ନନ୍ଦନ-ସୂର୍ଯ୍ୟ ନନ୍ଦନ ସୁଗ୍ରୀବ ।୧୯: ବିକୁକ୍ଷିବଂଶୀ-ରାମଚନ୍ଦ୍ର ।୨୦:ସ୍ୱସା-ଭଗ୍ନି, ସୂର୍ପା-ସୂର୍ପଣଖା, ବିବସ୍ୱାନ ବଂଶୀ-ରାମଚନ୍ଦ୍ର, ବିଭାବସୁ-ସୂର୍ଯ୍ୟସୁତ ସୁଗ୍ରୀବ । ।୨୨:କୋଦଣ୍ଡ କାଣ୍ଡ ଦାରଣ-ରାମଚନ୍ଦ୍ର, ବାସବ-ଇନ୍ଦ୍ର, ପ୍ରଦତ୍ତ-ଦାନ । ୨୩:ବିପତନ-ପଡ଼ିବା, ଦ୍ରୁମଭଳି-ଗଛଭଳି, ବଳୀମୁଖ-ମର୍କଟ, ବିଥିରେ-ପଥରେ ।

Digitized by PPRACHIN, SOA

ବିଶୀର୍ଣ୍ଣେ ସେ କୁମ୍ଭକର୍ଣ୍ଣ, ସ୍ଥାଣୁ ଶୋଭାକୁ ଧରିଣ, ବୋଲେ ରାମବିନ୍ଧବାଣ, ଯେତେ ତୋ ଅଛି ।।
ବପୁହୀନ ଦୈତ୍ୟପ୍ରାୟ, ନୁହେ ମୁଁ ହୋଇବି କ୍ଷୟ, ମନମଧ୍ୟେ ନାହିଁ ଭୟ, ମୋହର କିଛି ।।
ବୀରାୟୁଧ ବାଳିକୁ ମାରି, ବୀର ଯା ବୋଲାଉ ସେବନ ପଶୁପରି । ।୨୪।
ବଳ ଯା ଦେଖାଇ ବାଣ, ମାଇଲୁ ଖର ଦୂଷଣ, ରଣେ ସେ ଗର୍ଦ୍ଧଭ ଜାଣ, କି ଯଶଃଅଛି ।।
ବିଶ୍ରବା ତନୁଜ ବାଣୀ, ବାଣ କ୍ଷତେ ରଘୁମଣି, ବିହୁ ବହୁଶର ଟାଣି, ନହୁଏ କିଛି ।।
ବାଜି ଶୈଳେ ଯଥା ପୁଷ୍କର, ବିପତିତ ଦେଖି ବସ୍ମୟ ରଘୁବୀର । ।୨୫।
ବିହାୟସୁ ବୃନ୍ଦାରକ, ଗୁପ୍ତରେ ଛାଡ଼ିଲେ ଡ଼ାକ, ଅର୍ଦ୍ଧ ହିମାଂଶୁ ଶାୟକ, ପ୍ରୟୋଗ କର ।।
ବାଜୁ କଟିବ କପାଳ, ବାବଲାସ୍ତ୍ରେ ବେନିଫାଳ, କରନ୍ତେ ହେବତା କାଳ, ଯିବ ଅସୁର ।।
ବିଖନ ଲିଖନ କରିଛି, ବୀରାଧାରି ଶୁଣି ବିନ୍ଧିଲେ ଶରବାଛି । ।୨୬।
ବାଜୁତା ଗଳାକୁ ଭେଦ, କରୁ ଦୈତ୍ୟ ଘୋର ନାଦ, କଲା ପୃଥିବୀ ନିସ୍ତବ୍ଧ, ହେଲା ତା କାଳ ।।
ବାବଲାସ୍ତ୍ର ପୁଣି ସନ୍ଧି, ନିର୍ଦ୍ଦେଶିଲେ ଦୟାନିଧି, କଟା ମୁଣ୍ଡକୁ ଅବଧି, କର ଦିଫାଳ ।।
ବାୟୁଶରେ ଫାଳେ ଉଡାଇ, ବଜ୍ରତୁଲ୍ୟ ସିଂହଦ୍ୱାରେ ଦେଲେ ଗଡ଼ାଇ । ।୨୭।
ବୁଝ ଅନ୍ୟ ଫାଳ ଶିର, ପଡ଼ି ହେଲା ସରୋବର, କୁମ୍ଭକର୍ଣ୍ଣ ହ୍ରଦତାର, ନାମ ହୋଇଛି ।।
ବୀର, ରାମ ଧନୁର୍ବାଣ, କୁମ୍ଭକର୍ଣ୍ଣକୁ ନିର୍ବାଣ, ଦେଉଁ ହରଷେ ଗୀର୍ବାଣ, ମଙ୍ଗଳ ଇଛି ।।
ବୃଷ୍ଟି କଲେ ପୁଷ୍ପ ଗଜରା, ବ୍ୟୋମୁ ଶ୍ରୀରାମ ଉପରେ ହୋଇଣ ତ୍ୱରା । ।୨୮।
ବିଂଶ (.ଣି ଆଗେ ଚାର, ଜଣାଉ ରଣ ଖବର, ବୋଲେ କାନ୍ଦି ସହୋଦର, ତୁମୋର ବାହା ।।
ବୋଲି ଆଶା କରିଥିଲି, ମୋ ଆଗୁତୁ ଗଲୁ ଚାଲି, ଏହା ମୁଁ ଭାବି ନ ଥିଲି, କେ ହେବ ସାହା ।।
ବାସବ ବାହନ ଦଶନ, ବଳେ ଉପ୍ତାଟିଣ ଥିଲୁ କାହିଁ ସେ ପଣ । ।୨୯।
ବଂଶ ବୁଡ଼ା ଶତ୍ରୁ ପାଦେ, ସାନୁଜ ଖଟିଲା ମୋଦେ, ଛେଦ ଭେଦ କହି ବାଦେ, ମନ୍ଦ ରଟିଲା ।।
ବହି ମୁନି ବେଶ ଖଳ, ନାଶିଲା ମୋ ସର୍ବ ବଳ, କୁଟି ଜଟିଳ କୁଟିଳ, ଭାଗ୍ୟ ଫାଟିଲା ।।
ବୀର 'ତ'ମଲେଣି ବହୁତ, ବଞ୍ଚିଯା ଦେଖୁଛି ପ୍ରାଣ ନ ହୁଏ ଅନ୍ତ । ।୩୦।
ବୋଲେ ଶୁଣି ମହୋଦର, ଦରେ ନ ହୁଅ ଅସ୍ଥିର, ଚକ୍ରବ୍ୟୁହେ ପେଷି ଶର, ନାଶିବି ଶତ୍ରୁ ।।
ବିଧାତା ଯାହା ଲିଖନ, କରିଛି ତା ଭାଗ୍ୟେ ଆନ, କରିପାରେ କରି ରଣ, 'ମା'ପୂଜା ବ୍ରତୁ ।।
ବିଂଶନେତ୍ର କହଇ ଭାବି, ବିଶେଷ କରି ମୁଁ ଆଉକି ବୁଝାଇବି । ।୩୧।
ବିମାନ କରି ମଣ୍ଡିତ, ଯାତ୍ରା କର ପାହୁ ରାତ୍ର, ଶ୍ରବଣେ ତା ଷଷ୍ଠଭ୍ରାତ, ହେଲେ ତତ୍ପର ।
ବନ୍ଦି ଜାନକୀ ବିଳାସ, ବୋଲେ ଦୟାନିଧି ଦାଶ, ବିଦୂଷେ ଘେନି ଏ ରସ, ହୁଅ ଅମର ।
ବାମଦେବ କହୁ ଈଶ୍ୱରୀ, ବସି ଶୁଣିଲେ ଦ୍ୱାତ୍ରିଂଶ ପଦରେ ସାରି । ।୩୨।

୨୪:ସ୍ଥାଣୁ-ଲଣ୍ଡାବୃକ୍ଷ,ବପୁହୀନ-ବଳହୀନ, । ୨୫: ଗର୍ଦ୍ଦଭ-ଗଧ, ବିଶ୍ରର୍ବା ତନୁଜ, ରାବଣ, ବାଣୀ ବାଣ-କଥା ରୂପକ ଶର । ୨୬: ଅର୍ଦ୍ଧ ହିମାଂଶୁ-ଅର୍ଦ୍ଧ ଚନ୍ଦ୍ର. ଶାୟକ-ଶର, ବିଖନ-ବ୍ରହ୍ମା. ବୀରାଧାରି-ବୀରଧ ଐରି ରାମଚନ୍ଦ୍ର । ୨୭: ଅବଧି-ବର୍ତ୍ତମାନ. ।୨୮:ଗ୍ରୀର୍ବାଣ-ଦେବତା, ବ୍ୟୋମୁ-ଆକାଶରୁ । ୨୯:ବାସବ-ଇନ୍ଦ୍ର, ବାହନ-ଐରାବତ ହସ୍ତୀ, ଦଶନ-ଦାନ୍ତ, ।୩୦:ସାନୁଜ-ସାନଭାଇ ବିଭୀଷଣ, ମୋଦେ-ପ୍ରମୋଦେ. ।୩୧: ଦରେ-ଭୟରେ. ବିଂଶନେତ୍ର-ରାବଣ ।୩୨:ବାମଦେବ-ଶିବ, ଈଶ୍ୱରୀ-ପାର୍ବତୀ । ୧: ନିଶି-ରାତ୍ରି,ଯୋଷା-ସ୍ତ୍ରୀ,ରଥାଙ୍ଗ-ଚକ୍ରବାକ. ସରୋଜିନୀ-ପଦ୍ମ, କମଳ-ପଦ୍ମ, ଅଳି-ଭ୍ରମର, ମନ୍ଦାକିନୀ-ସ୍ୱର୍ଗଗଙ୍ଗା ।

Digitized by PPRACHIN, SOA

ସୁରଙ୍କର ରାମ ଦର୍ଶନ

ସପ୍ତରଥୀ ଚକ୍ରବ୍ୟୂହ ରଚନ

(ରାଗ - ଦେଶାକ୍ଷ)(ଲେଖି ଅଛନ୍ତି ବ୍ରଜପୁର ମଣ୍ଡନା ବୃତ୍ତେ)

ଛାନ୍ଦ -୧୯

ପ୍ରଭାତ ବର୍ଣ୍ଣନା

ପାହି ପାହି ଆସେ, ନିଶି ବସି ବାସେ, ଉଷା ଯୋଷା ସାଜେ ଅଙ୍ଗ
ରହି ରହି ଆସେ, ରସି, ପତ୍ନୀ ପାଶେ, ହର୍ଷେ ବିରହୀ ରଥାଙ୍ଗ
ସେ ସୂର୍ଯ୍ୟ, ଆଗମରେ ସରୋଜିନୀ ସଜ, ସେ,
ଫେରେ କମଳୁ ଅଳି ନିର୍ଲଜ, ମନ୍ଦାକିନୀ ତଟେ ସ୍ନାନେ ଦ୍ୱିଜ, ସେ । ।୧।
ଶମ୍ଭୁ ଆଳେ କମ୍ବୁ, ଧ୍ୱନିରୋଳେ ଜମ୍ବୁ, ଦ୍ୱୀପ ରସା ଯୋଷା ଶ୍ରେଣୀ
ବୃନ୍ତ ତେଜି କଳି, ପେଣ୍ଟାରୁ ସେଫାଳି ଝଡ଼ି ମଣ୍ଡିଲା ଧରଣୀ ।
ସେ କୁଆ, ରାବି ପଦବୀ ନେଲା ଡ଼ାକୁଆ ସେ ’
ପିଞ୍ଜରା ରେ ନାମ ନେଲେ ଶୁଆ, ଜନ ଜୀବକି ଲଭିଲେ ନୂଆ, ସେ । ।୨।

ଦେବତାଙ୍କର ଯାନ ବାହନ ବର୍ଣ୍ଣନା

ମରାଳ ବାହନ, ପରେ ପଦ୍ମ ନାନ, ଶ୍ରୀରାମ ଦର୍ଶନ ପାଇଁ
ଚାରି ମୁଖେ ଚାରି, ବେଦକୁ ଉଚ୍ଚାରି ଲଙ୍କାରେ ପ୍ରବେଶ ଯାଇ ।
ସେ ଈଶ, ବୃଷ ପୃଷ୍ଠେ ବିଜେ ଜଟା କେଶ, ସେ
ଗଙ୍ଗା ବାରି ବହେ ପାଦ ଦେଶ, ସଦା ମୁଖେ ରାମ ନାମ ଘୋଷ ସେ । ।୩।
ଐରାବତ ଗଜ, ଚଢ଼ି ଦେବ ରାଜ, ପୁଷ୍ପକରେ ଧନପତି ।
ମନ ଦଣ୍ଡ ଯାନ, ପରେ ବୀଣାତାନ, କରାଇ ନାରଦ ଯତି ।
ସେ ଯମ, ମହିଷ ପୃଷ୍ଠେ ଦର୍ଶନେ କାମ୍ୟ, ସେ
ଦେଖିଁ ବିଭୀଷଣ, ଚିତ୍ତଭ୍ରମ, ପୁଚ୍ଛି ବୁଝିଲା ସଭିଙ୍କ ମର୍ମ ସେ । ।୪।
ପ୍ରଭୁଙ୍କ ଆଗରେ, ଜଣା କଲା ଖରେ, ଠଣାଦ୍ୱାରେ ଦେବ ଗଣ
ଧାତା ଧନପତି, କଳିପ୍ରିୟ ଯତି, ମହେଶ, ପାକ ଶାସନ ।
ହେ ବିଭୁ,, ଦରଶନେ ଆସିଛନ୍ତି ସବୁ ହେ
କହୁଛନ୍ତି ଦେଖାହେଲେ ଯିବୁ ହେ, ରାମ ତ୍ୱରା ହେଲେ ଭାବୁ ଭାବୁ, ସେ । ।୫।
ସହସା ଆସିଣ, ଦେଇ ଦରଶନ, ବୋଧିଲେ ସଭିଙ୍କ ଚିତ୍ତ ।
ଦରଶନ ପାଇଁ, ଆସିଥିଲୁ ଧାଇଁ, ଚଉମଥା ପ୍ରକାଶିତ ।
ତାପରେ,, ଉମାପତି କହନ୍ତି ସଧୀରେ, ତା’
ଧୈର୍ଯ୍ୟ ରଖିଥିବେ ଏ ସମରେ, ଆଣିବ ମାତଲି ରହୁବରେ, ତା’ । ।୬।

୨:ଶମ୍ଭୁଆଳେ-ଶିବ ମନ୍ଦିରରେ, କମ୍ବୁରୋଳ-ଶଙ୍ଖଧ୍ୱନି, ଜମ୍ବୁଦ୍ୱୀପ-ଭାରତ, ଯୋଷାଶ୍ରେଣୀ-ସ୍ତ୍ରୀ ସମୂହ, ବୃନ୍ତ-ଡ଼େମ୍ଫ, କଳି ପେଣ୍ଟା-କଳିଗୁଚ୍ଛ,ସେଫାଳି, ଗଙ୍ଗଶିଉଳୀ, ଧରଣୀ-ଭୂମୀ ।୩:ମରାଳ-ହଂସ, ଈଶ-ଶିବ,ବୃଷ-ଷଣ୍ଢ. ଐରାବତ-ଗଜ, ଦେବରାଜ-ଇନ୍ଦ୍ର । ୪: ପୁଷ୍ପକରେ ଧନପତି-ପୁଷ୍ପକ ଯାନରେ କୁବେର୫:ଧାତା-ବ୍ରହ୍ମା,ଧନପତି-କୁବେର,କଳିପ୍ରିୟ-ନାରଦ, ମହେଶ-ଶିବ, ପାକଶାସନ-ଇନ୍ଦ୍ର, ।୬:ସହସା-ହଠାତ୍, ଚଉମଥା-ବ୍ରହ୍ମା, ଉମାପତି-ଶିବ, ରହୁବରେ-ରଥ ।

Digitized by PPRACHIN, SOA

କରିବେ ସମର, ମାତ୍ର ଦଶଶିର, ହତ ବଡ଼ ବିଡ଼ମ୍ବନା,
ପାଇଛି ଯାବର, କରି ତପ ଘୋର, ବଢ଼ାଏ ଚିତ୍ତେ ଭାବନ ।
ତା ବାଣୀ, ପୂତମନ୍ତ୍ରେ ବିଭୋର ଭବାନୀ, ତା'
ତେଣେ ରଣ ପାଇଁ ବିଂଶପାଣି, ନାଗରା ଦିଆଉଁ ସେନାଗ୍ରଣୀ, ତା' । ।୭।
ମହୋଦର, ଦେବାନ୍ତକ- ନରାନ୍ତକ, ଆଦି- ସପ୍ତ ସହୋଦର,
ଅଶ୍ୱ, ଗଜ,ରଥ ପଦାତିକ ଯୁଥ,- ପତି ସହିତ ବାହାର,
ସେ, ଧରି,, ଗଦା, ଖଡ୍ଗ, ଶକ୍ତି, ଢ଼ାଲ, ଫରି, ସେ
ଦିବ୍ୟାଶୁଗ ବାଛି ତୂଣେ ଭରି, ଶରାସନ ବାମ ପାର୍ଶ୍ୱେ ଧରି, ସେ । ।୮।
ବିଲୋକି ସମରେ ଯିବା ପାଇଁ ଖରେ ନିର୍ଦ୍ଦେଶନ୍ତେ ଦଣ୍ଡଧାରୀ
ତତକ୍ଷଣେ ରାଜି କମ୍ପିଗଲା ବାଜି ଶତ ଶତ ଭେରୀ ତୁରୀ
ସେ, ଢ଼ୋଲ, ନାଗରା ଦମାଲୁ ପଲ୍ଲ ପଲ୍ଲ ସେ
ଶବ୍ଦେ ମହୀ ହେଲା ଦଲ ଦଲ, ଜଳଜନ୍ତୁ ହେଲେ କଲବଲ ସେ । ।୯।

ସମର ପ୍ରାଙ୍ଗଣେ ମିଳୁ ବୀରଗଣେ ଚକ୍ରବ୍ୟୂହ ସାଜି ରାଗି
ସପ୍ତ ସପ୍ତ ରଥୀ ସପ୍ତ ଦ୍ୱାର ବିଥୀ ଏକାଦଶ ପୁର ଢଗି
ସେ,ବାର, ଅର ମଧ୍ୟେ ଏକାଦଶ ଘର ସେନା ସାତ ସାତ ସଙ୍ଗତର
ପାଞ୍ଚ ପ୍ରହରୀ ପ୍ରାଙ୍ଗଣ ପର ମଧ୍ୟେ ମହାରଥି ମହୋଦର । ।୧୦।



୭: ଦଶଶିର-ରାବଣ.
ବିଡ଼ମ୍ବନା-କ୍ଲେଶ. ପୂତ-ପବିତ୍ର.
ଭବାନୀ-ଦୁର୍ଗା.ନାଗରା-ବାଦ୍ୟ ।
୯:ବିଲୋକି-ଦେଖି,
ନିର୍ଦ୍ଦେଶ-ଅନୁମତି,
ଦଣ୍ଡଧାରୀ-ରାଜା, ରାଜି-ଧାଡ଼ି ଧାଡ଼ି
ହୋଇ. ଭେରୀ ତୁରୀ-ବାଦ୍ୟ ଯନ୍ତ୍ର. ।୧
୧:ନଭୁ-ଆକାଶରୁ, ଶକୁନ-ଶାଗୁଣା ।
୮: ଅଶ୍ୱ,ଗଜ.ରଥ. ପଦାତିକ-ଚାରିବାହିନୀ.ଢ଼ାଲ-ତରବାରି ଆଘାତରୁ ରକ୍ଷା ପାଇବା ଅସ୍ତ୍ରବିଶେଷ. ଫରି-ମାଲ୍ଲକ୍ରିଡ଼ା ଅସ୍ତ୍ର. ଦିବ୍ୟାଶୁଗ-

Digitized by PPRACHIN, SOA

ଏ ବ୍ୟୂହ ସଜଡ଼ା ଦେଖି ହନୁବୁଢ଼ା ମହାଶୂନ୍ୟେ ଲମ୍ଫଦେଲା
ନଭୁ ଦେଇ ଲୟ ଶକୁନ ପରାୟ ମଧ୍ୟ ସ୍ଥଳୀକୁ ଖସିଲା
ତା, ଦେଖି, ରାମ ଧୈର୍ଯ୍ୟ ନ ପାରିଲେ ରଖି ତା
ବିହ୍ୱ ବିଭେଦନେ ଦେଲେ ଆଖି, ରଣେ, ରକ୍ଷେ ଉପ୍ରୋଧ ନ ରଖି ତା । ।୧୧।

ଯୁଦ୍ଧରେ ବ୍ୟବହାର କରାଯାଉଥିବା ଶର ମାନଙ୍କର ନାମ

ବାବଲ କତୁରୀ ହାବୁଡ଼ା ଦି କରି ରଦ୍ର,ବ୍ରହ୍ମ, ଯମଦାଢ଼
ପର୍ବତ ମୂଷଳ କଙ୍କପକ୍ଷ ଛେଲ ଗରୁଡ଼ ଶର ଆରୂଢ଼
ସେ, କରି ଧନୁଗୁଣେ ମନ ଭେଦୀ ମାରି ସେ
ବରୁଣାଗ୍ନି ଅର୍ଦ୍ଧଚନ୍ଦ୍ରବରି, ବିନ୍ଧୁ କପିଏ ଯାଆନ୍ତି ସରି ସେ । ।୧୨।
କ୍ରୋଧେ ଚାପ ଧାରୀ ପ୍ରତିଅସ୍ତ୍ର କରି ସଂହାରିଲେ ସର୍ବଶର
ପବନ କୁମର ଉଦ୍ଧାରରେ ବୀର ଚିନ୍ତା କରି ତତ ପର
ସେ ବ୍ୟୂହ, ବିଭେଦନ କଲେ କରି ମୋହ ସେ
ହନୁମାନ ପରେ ରଖି ସ୍ନେହ, କ୍ରମେ ମାର୍ଗୁ ଦଇତ ସମୂହ ସେ । ।୧୩।
ନାଶୁଁ କରି ବାଦ ପାବନି ପ୍ରମାଦ ଗଲା ହର୍ଷେ ପାତୁ ମାଥ
ଯେ ପଥେ ଗମନ କଲେ ରଘୁନାନ ଦେଖାଅ ଧରି ସେ ପଥ
ସେ, ଫେରି, ସେହି ପଥେ ଆସୁ ଭୟ କରି ସେ
ଥିବା ସେନା ଗଲେ ଅପସରି, ରାମ ସ୍ଥାନାନ୍ତେ ସୁବଳ ଗିରି ସେ । ।୧୪।
ହେଲା ସମାପନ ଷଷ୍ଠ ଦିନ ରଣ ଚକ୍ର ବ୍ୟୂହ ଭେଦକାରୀ
ପ୍ରଭୁ ପାଦେ ମୋଦେ ଦୟାନିଧି ପଦେ ବନ୍ଦି କରୁଛି ଗୁହାରୀ
ହେ, ଜନେ, ଘେନ ଏ ରସ ଆନନ୍ଦନ ମନେ ହେ
ଅନ୍ତେ ଆତ୍ମାଯିବ ସ୍ୱଭୁବନେ, ନୃପେ ବାର୍ତ୍ତା ଦେବେ ଆଗେ ସୈନ୍ୟେ । ।୧୫।

ପୁରନ୍ଦର ଜିତର ବ୍ରହ୍ମାସ୍ତ୍ର ପ୍ରୟୋଗ

(ରାଗ - ବଙ୍ଗଳାଶ୍ରୀ)('ପ' ଅନୁପ୍ରାସ, ଉପାଧା ମିଳନ)

ଛାନ୍ଦ - ୨୦

ପଣ୍ଡିତ ସମାଜ ଏ ଛାନ୍ଦରେ ମଜ୍ଜ ତମ ରାତ୍ରେ ଏହା **ଚାନ୍ଦ**
ପଉଲସ୍ତ୍ୟ ନାତି ବିଜୟ ଜଗତି ପରେ ପାତ୍ର ମନ୍ତ୍ରୀ **ସାନ୍ଦ୍ର** । ।୧।
ପୃଷ୍ଠ ଭଙ୍ଗ ସୈନ୍ୟ ଏକ ଫେରିରଣ ବାର୍ତ୍ତା ଜଣାଏ ସ**ଭୟେ**
ପଟୁ ମହୋଦର ଆଦି ସପ୍ତବୀର ଗଲେ ବ୍ୟୂହେ, ଯମା**ଳୟେ** ।।୨।
ପରାଭବ ପାଇ ଆସିଥିଲି ଧାଇଁ ଏକା ଦେବାକୁ ଖ**ବର**
ପରବର୍ତ୍ତୀ କାର୍ଯ୍ୟ ସ୍ଥିର କର ପୂଜ୍ୟ ବର୍ଯ୍ୟ ଦଇତ ଇ**ଶ୍ୱର** । ।୩।

୧୩:ମାର୍ଗୁ-ପଥରୁ । ୧୫: ଚକ୍ରବ୍ୟୂହ ଭେଦକାରୀ-ରାମଚନ୍ଦ୍ର, ଅନ୍ତେ-ଶେଷରେ, ଆତ୍ମା-ଜୀବ ୧:ସମାଜ-ସମୂହ, ମଜ୍ଜ-ମଗ୍ନହୁଅ, ତମରାତ୍ରେ-ଅନ୍ଧାର ରାତ୍ରେ,ଚାନ୍ଦ-ଚନ୍ଦ୍ର, ପଉଲସ୍ତ୍ୟ ନାତି-ରାବଣ, ସାନ୍ଦ୍ର-ନିବିଡ଼ । ୨:ପଟୁ-ଦକ୍ଷ, ସପ୍ତବୀର-ମହୋଦର,ଦେବାନ୍ତକ,ନରାନ୍ତକ ଆଦି । ୩:ବର୍ଯ୍ୟ-ଶ୍ରେଷ୍ଠ, କୁରରୀ-ଭେଡ଼ୀ,ମେଣ୍ଢୀ (କାହ୍ନରା ପକ୍ଷୀ ବିଶେଷ) ।

Digitized by PPRACHIN, SOA

ପରାଜୟେ ରାୟ କୁରରୀ ପରାୟ କାନ୍ଦୁ ପୁତ୍ର ଗୁଣ ଗୁଣି
ପ୍ରମିଳା ନାୟକ ଦୂର ପାଇଁ ଶୋକ ପ୍ରକାଶଇ ସେଥି ପୁଣି । ।୪।

ପ୍ରଣିଧାନ ହେଉ ମୋର ଶର ରାହୁ ସୋମ,ରାମ ରାମାନୁଜ
ପଟା ଟୋପେଗ୍ରାସ କରି ଦେଉଁ ପ୍ରାସ ଉବୁରନ୍ତି ଯା, ନବୁଝ । ।୫।

ପରିପନ୍ଥୀ ରାମ ବଳ ଗର୍ବ ତମ ପର୍ବତେ ମୋ ଶର ପବି
ପରିତାପ ହର ନାଶିବି ସମର କରି ହୋମେ ରଥ ଲଭି । ।୬।

ପୁଲ୍ଲକିତେ ଶ୍ରେଷ୍ଠ ସେ ଜ୍ୟେଷ୍ଠ ବଳିଷ୍ଠ ଏହା କହି ବଟେ ଚାଣ୍ଡେ
ପ୍ରବେଶି ପ୍ରଚଣ୍ଡେ ହବି ସଙ୍ଗେ କୁଣ୍ଡେ ରକ୍ତ ଆଣି ଦିଏ ଭାଣ୍ଡେ । ।୭।

ପାଇଣ ଆହୁତି ଶିଖୀ ଶିଖା ଗତି ନଭ ମଣ୍ଡଳ ଚୁମ୍ବିଲା
ପୂର୍ଣ୍ଣ ମନୋରଥ ହେଲା ମିଳୁ ରଥ ବୀର ସେଥୁ ବାହୁଡ଼ିଲା । ।୮।

ପତାକା ସ୍ୟନ୍ଦନ ପରେ ଶୋଭାବନ ବିଶେଫର ଫର ଉଡ଼ି
ପରାକ୍ରମୀ ସୈନ୍ୟ କରିଲେ ଦର୍ଶନ ଝାମ ଦେଇ ଯିବେ ପଡ଼ି । ।୯।

ପୂର୍ଣ୍ଣ ତୂଣୀ ଶରେ ଦକ୍ଷିଣ ସ୍କନ୍ଧରେ କୋଦଣ୍ଡ ଧରି ତାସଙ୍ଗେ
ପଦାତି ମାତଙ୍ଗ ତୁରଙ୍ଗ ଶତାଙ୍ଗ ଧରି ସର୍ବେ ରଣ ରଙ୍ଗେ । ।୧୦।

ପରଂବ୍ରହ୍ମ ରାମ ଧରି ପରାକ୍ରମ- ଶାଳୀ ଅଛ କପି ଯୂଥ
ପ୍ରବେଶୁ ପ୍ରାଙ୍ଗଣେ ରତ ବାକ୍ୟରଣେ ଆନେ ମରା ମରି ମୁଥ । ।୧୧।

ପୁରନ୍ଦର ପର ସୁରେନ୍ଦ୍ର ପ୍ରକାର ବର୍ଷା ଘନ ଶର ପେଷି
ପ୍ରକାଶେ୍ୟ ବିଷମ ମତ୍ତ ହସ୍ତୀ ସମ ଆବୋରିଲା ନଭ ରାଶି । ।୧୨।

ପେଚକାଦି ବର୍ଗ ରାତ୍ରି ଭାବି ଗର୍ବେ ବଢ଼ାଇଲେ ଖରତର
ପାରୀନ୍ଦ୍ର ପ୍ରକାରେ ଗରଜନ କରେ ବିଜୟ ଇଚ୍ଛି ନିକର । ।୧୩।

ପାବନି ସହିତ ଋକ୍ଷ କପି ବ୍ରାତ ଶରତର ଉପମେୟ
ପରମ ସମ୍ପଦ ରମଣୀୟ ଚନ୍ଦ୍ର ରାମ ଉଦୟେ ପ୍ରତ୍ୟୟ । ।୧୪।

ପ୍ରତିଭା ସଂହାରି ଦିବ୍ୟ ଶରେ ମାରି ଶତ୍ରୁ ରଣେ ଗଡ଼ାଇଲେ
ପ୍ରତିଭା ଦେଖାଇ ଶର ସନ୍ଧି ଛାଇ ଅନ୍ଧକାର ଉଡ଼ାଇଲେ । ।୧୫।

ପରସ୍ପର ଶର ବର୍ଷା ଶରତ୍‌ଜଳ ଭେଦ ନିର୍ମଳ ଆବିଳ
ପ୍ରୀତିରେ ନଳିନୀ ଜଳେ କୁମୁଦିନୀ ସ୍ଫୁଟେ ଅସ୍ଫୁଟେ ଛବିଳ । ।୧୬।

ପ୍ଲବଗ ସୁଲଭ ଯୋଗ ଜୟଲାଭ ପରାଜୟ ରକ୍ଷଙ୍କର
ପକ୍ୱଣ ନିବାସୀ ଜାଣି କ୍ରୋଧେ ହସି ବିନ୍ଧନ୍ତି ବିବିଧ ଶର । ।୧୭।

ପନସ ଜାମ୍ୱବ କାଞ୍ଚନ ଡ଼ାଳିମ୍ବ ଚନ୍ଦନ ସ୍ୱନାମ ବୃକ୍ଷ
ପ୍ରହାରନ୍ତେ ଆଣି ଭୟେ ରକ୍ଷଶ୍ରେଣୀ ଗଲେ ମଲେ ମୁଖ୍ୟ ମୁଖ୍ୟ ।।୧୮।

୪: ପ୍ରମିଳା ନାୟକ-ଇନ୍ଦ୍ରଜିତ ।୫: ପ୍ରଣିଧାନ-ମନ ନିବେଶ, ସୋମ-ଚନ୍ଦ୍ର. ରାମାନୁଜ-ଲକ୍ଷ୍ମଣ, ପଟାଟୋପେ-ଆଡ଼ମ୍ବରେ, ଉବୁରନ୍ତି-ବଞ୍ଚି ଯାଆନ୍ତି,ପରିପନ୍ଥୀରାମ-ଶତ୍ରୁରାମ. । ୬: ପବି-ବଜ୍ର, ପରିତାପ-ସନ୍ତାପ. ହର-ଶିବ ।୮: ଶିଖି-ଅଗ୍ନି. ନଭମଣ୍ଡଳ- ଆକାଶମଣ୍ଡଳ । ୧୦:ତୂଣୀ-ଶର ରଖିବା ମୁଣା । ୧୧:ଅଚ୍ଛ-ଭଲ୍ଲୁକ. କପି-ମର୍କଟ, ଯୂଥ-ସମୂହ । ୧୨:ପୁରନ୍ଦର ପର-ଇନ୍ଦ୍ର ଶତ୍ରୁ, ସୁରେନ୍ଦ୍ର-ଇନ୍ଦ୍ର. ଘନ-ବହଳ. ନଭ-ଆକାଶ. ପେଚକାଦି-ପେଚା. ଶୃଗାଳ. ଚେମେଣିଆ-ବାଦୁଡ଼ି. । ୧୩:ପାରୀନ୍ଦ୍ର-ସିଂହ । ୧୬: ଛବିଳ-ଶୋଭା । ୧୭:ପ୍ଲବଗ-ମର୍କଟ. ପକ୍ୱଣ ନିବାସୀ-ବନବାସୀ ରାମ ।

Digitized by PPRACHIN, SOA

ପଣ୍ଡିତେ ବିଚାର ଯେଉଁ ଚାପଧର ରାମ ଶ୍ରୀମନ୍ ନାରାୟ**ଣ**
ପରିମାପ ନୁହେଁ କରିବି ନହୁଏ ତାହାଙ୍କର ବୀର **ପଣ** । ।୧୯।

ଅର୍ନ୍ତଲିପିରେ ଜ୍ୟେଷ୍ଠ ମାସ ଠାରୁ ମାର୍ଗଶିର ପର୍ଯ୍ୟନ୍ତ, ୭'ମାସ

ପୁରୁହୂତ ଐରୀ ମଧ୍ୟ ସମ ସରି ପିତା ମହଙ୍କର **ବରେ**
ପଣେ ଶ୍ରେଷ୍ଠ **ଜ୍ୟେଷ୍ଠ** ହେଲେ ବି ବଳିଷ୍ଠ ଲକ୍ଷ୍ମଣ **ଆଷାଢ଼ ଶରେ** । ।୨୦।
ପଥଭ୍ରଷ୍ଟ ସ୍ୱେଦ ଜଳରେ ନିର୍ବେଦ **ଶ୍ରାବଣ**ର ଧାରା **ଧର**
ପ୍ରତାପୀ ଅଦମ୍ଭ ନୋହି ବାନ୍ଧି ଦମ୍ଭ ଭା, ଦେଖାଏ **ଭାଦ୍ରବର** ।।୨୧।
ପ୍ରଧାନ ପ୍ରଧାନ ନିଧନ ବିଧାନ ପ୍ରାପ୍ତିରେ **ଆଶି (ଶି) ନତୀରେ** ।
ପରନ୍ତୁ **କାର୍ତ୍ତିକ** ପରି ପ୍ରଭା ଯୁକ୍ତ ହୋଇ ଭରେ **ମାର୍ଗଶିରେ** ।।୨୨।
ପ୍ରଳୟ କାଳରେ ରବି ପ୍ରଭାଖରେ ପତିତ ହୋଇବା **ପରି**
ପ୍ରଭା କର ସୁତ ପ୍ରଭାକୁ ପତିତ ଶରାଘାତେ ଦେଲା **କରି** ।।୨୩।

ଅର୍ନ୍ତଲିପିରେ ମହାପ୍ରଳୟ ଓ ସୃଷ୍ଟି ସର୍ଜନା

ପୁରୁଷ ଉତ୍ତମ ବଟ ପୁଟେ ଶ୍ରମ ହରଣେ ପ୍ରଳୟେ **ନିଦ୍ରା**
ପରି ବ୍ରହ୍ମଶରେ ଶୁଆଇଲା ଖରେ ରାମଙ୍କୁ ସେ ଶ୍ରେଷ୍ଠ **ଯୋଦ୍ଧା** ।।୨୪।
ପଶୁପତି ଭଳି ଉର୍ମିଳା ମଉଳି ଧରାଶାୟୀ ସେହି **ଶରେ**
ପାକଶାସନାଦି ଲୀନ ପରି ବାଦୀ ରକ୍ଷ କପି ମୋହ **ଗଲେ** । ।୨୫।
ପ୍ରଳୟେ ମାର୍କଣ୍ଡ ବଞ୍ଚିରହି ଦଣ୍ଡ ସହିବା ପରି ଦୂ**ଷଣ**
ପଣ ରକ୍ଷାପାଇଁ ରଣ ତେଜି ଯାଇ ବଞ୍ଚିଥିଲା ବିଭୀ**ଷଣ** । ।୨୬।
ପ୍ରମିଳାର ବର ମଧୁ କୈଟଭର ପ୍ରାୟ ବିଭୂତି ଲ**ଙ୍କାରେ**
ପ୍ରକାଶ କରିଲା ସ୍ୱ ପୁରେ ଫେରିଲା ଗର୍ବ ବହି ନିଃଶ**ଙ୍କାରେ** । ।୨୭।
ପିତା ଆଗେ ଜିତା ହେବା କଥା ଗୀତା ପାଠ ପରି ପ୍ରକା**ଶନ୍ତେ**
ପ୍ରସନ୍ନେ ଦଶାସ୍ୟ ବୋଲେ ଅଘନାଶ ଗଲା ରହିବି ନି**ଶ୍ଚିନ୍ତେ** । ।୨୮।
ପରିମଳା ଦାସୀ ସଙ୍ଗେ ମଦାଳସୀ ଗଣ, ରସନାକୁ **ଚାଳି**
ପୌରୁଷ ଅର୍ଚ୍ଚନା ସାରି ବନ୍ଦାପନା ଶେଷେ ବାସେ ଗଲେ **ଚାଲି** ।।୨୯।
ପ୍ରଳୟ ଅନ୍ତରେ ସୃଷ୍ଟି ସର୍ଜନାରେ ବ୍ରହ୍ମାଜାତ ହେଲା **ପରି**
ପ୍ରଥମେ ଜାମ୍ବବ ଚେତି ଧରି ଦମ୍ଭ ସେନା ସୃଷ୍ଟି ଚିନ୍ତା **କରି** । ।୩୦।
ପବନ ସନ୍ତତି ଶୂକର ମୂରତି ପ୍ରାୟ ପୃଥ୍ୱୀ ହିମ**ବାନ**
ପର୍ବତ ଆଣନ୍ତେ ଉଠିଲେ ସମସ୍ତେ ବାଙ୍କୁ ଭେଷଜ ପବ**ନ** । ।୩୧।
ପୃଥିବୀର ହିତ କାରୀ ଯେ ଅଚ୍ୟୁତ ଶିବ ସ୍ୱରୂପୀ ଲ**କ୍ଷ୍ମଣ** ।
ପୁନର୍ବାର ରଣ କାମନା ରଖିଣ ଫେରିଲେ ସୁବଳ **ବନ** । ।୩୨।
ପରମ ଆନନ୍ଦ ଦାତା ରାମ ଚନ୍ଦ୍ର ଚରଣ କରି **ଅର୍ଚ୍ଚନା**
ପରମ ଆନନ୍ଦ ଦୟାନିଧି ଛାନ୍ଦ ବନ୍ଧେ କରିଲା ର**ଚନା** । ।୩୩।

୨୦:ପୁରୁହୂତ-ଇନ୍ଦ୍ର, ଐରି ଇନ୍ଦ୍ରଜିତ । ୨୨:ମାର୍ଗ-ବାଟ-ଶିରେ, ମୁଣ୍ଡରେ ।୨୩:ରବି-ସୂର୍ଯ୍ୟ,ପ୍ରଭାତେଜ, ପ୍ରଭାକର- ସୂର୍ଯ୍ୟ, ସୁତ- ସୁଗ୍ରୀବ, ପୁରୁଷୋତ୍ତମ-ବିଷ୍ଣୁରାମ । ୨୫:ପଶୁପତି-ଶିବ, ଉର୍ମିଳା ମଉଳି-ଲକ୍ଷ୍ମଣ, ଧରା-ପୃଥିବୀ, ପାକ ଶାସନାଦି-ଦେବତା ଋଷିଆଦି । ୨୭:ଭେଷଜ-ଔଷଧ । ୩୨:ଅଚ୍ୟୁତ-ଯେ ଚ୍ୟୁତ ହୁଅନ୍ତି ନାହିଁ ରାମ ଚନ୍ଦ୍ର । ୩୩:ପରମ ଆନନ୍ଦ-ପରମାନନ୍ଦ ମହାପ୍ରଳୟରେ ସୂର୍ଯ୍ୟ ପ[illegible] ହୁଅନ୍ତି, ନାରାୟଣ ବଟକୁରେ ନିଦ୍ରା ଯାଆନ୍ତି ଶିବ, ଇନ୍ଦ୍ର ଆଦି ଦେବତା ଲୀନ ହେବା ପରି ଶିବ ରୂପି ଲକ୍ଷ୍ମଣ ପାକ ଶାସନ ଇନ୍ଦ୍ର ଅମର ଦେବ ଅଂଶୀ ରକ୍ଷ [illegible]ମୋହ ଗଲେ ।

Digitized by PPRACHIN, SOA

ବିଂଶଲୋଚନର ଶତ୍ରୁ ନିହତେ ଉତ୍ସବ ପାଳନ

(ରାଗ - ବସନ୍ତ)('ବ' ଅନୁପ୍ରାସ)

ଛାନ୍ଦ - ୨୧

ବସନ୍ତ ଋତୁ ବର୍ଣ୍ଣନା

ବସନ୍ତ ସମୟ, ଅତି ରସମୟ ବିଚିତ୍ର ବହମାନ ତାର ।
ବସନ୍ତ ବିହାର ପାଇଁ ନାଗେଶ୍ୱର ପୁଷ୍ପରେ ବିପଞ୍ଚି ପ୍ରହାର ।
ବିରଚି,, ବିରଚି ରତି କେତକୀ ରେ ।
ବାମ କରାଇଣ, ସତୀ ସାଧ୍ୱୀପଣ, ସେବତୀ ପୁଷ୍ପେ କ୍ରୀଡ଼ାକରେ । ।୧।
ବୋଧେ ଲତାଶ୍ରେଣୀ, ତରୁଣ ତରୁଣୀ, କଲା ସମ୍ପୂର୍ଣ୍ଣେ ଅଭିଳାଷ ।
ବିରତ ନ ହୋଇ ଅବିରତ ବହି, ସୁମନେ କରାଇଲା ବେଶ
ବଇରୀ,, ବଧ ଶୁଣି ଲଙ୍କା ରାଜନ,
ବରି ପୁରଜନ, ଉତ୍ସବ ପାଳନ, କାର୍ଯ୍ୟରେ ବଳାଇଲା ମନ । ।୨।

ଉତ୍ସବ ପାଳନ

ଶବ୍ଦ ସଞ୍ଚାର

ବନ୍ଦୀ, ଚୋପଦାର, ମନ୍ତ୍ରୀ, ଭାଟ, ଚାର ଡ଼ାକି ଆକଟରେ କହିଲା
ବାଟ, ହାଟ, ଘାଟ ପାର ବିତ୍ତ ବାଣ୍ଟ ହାଟକ କୁମ୍ଭରେ ମହିଲା
ବିଶୁଦ୍ଧ, ବାରି ପୂର୍ଣ୍ଣ କରି ରଖନ୍ତୁ
ବେଶ କରି ଗୋଠ- ଗୋଠ ହାତୀ ଓଟ ଘୋଡ଼ାଙ୍କୁ ବୁଲାଅ ଦେଖନ୍ତୁ । ।୩।
ବରିଦ୍ୱିଜ ରୁଣ୍ଡୀ- ଭୂତ କରି ଚଣ୍ଡୀ ପାଠରେ ଚଣ୍ଡୀଙ୍କ ଆଗରେ
ବଳି ଦିଅହଳି ହଳି ମେଷ ଛେଳି ଗଞ୍ଜା ମହିଷାଦି ଭୋଗରେ
ବାଳୀଙ୍କି, ବୋଲ ଜାଳିଣ ଦୀପାଳିକି
ବହି ମୋଦ ହୃଦେ, ନିଅନ୍ତୁ ପ୍ରସାଦେ ପ୍ରସାଦୁ ପ୍ରସାଦ ଥାଳୀକି । ।୪।
ବିଦା ହେଲା ଦଶା ବାମ ଦେବେ ରସା- ଳସା ଗୋଦୋହନ କରାଅ
ବିନାୟକେ ଲଡୁ ଦିଅ ପୂଜା ଗଡୁ ନଇବିଦ୍ୟେ ବିପ୍ର ବରାଅ
ବନ୍ଦୀଙ୍କୁ, ବନ୍ଦୀଶାଳୁ ଛାଡ଼ କହୁଛି
ବୃନ୍ଦାରକଙ୍କର କୁଟିଳ ବିଚାର ପାଇଁ ଦଣ୍ଡଦାନେ ଯାଉଛି । ।୫।
ବନ୍ଦି ଯାନ ପରେ ବସି ସ୍ୱର୍ଗ ପୁରେ ଉଷତରେ ନେଲା ଉଡ଼ାଇ
ବିଂଶାକ୍ଷ ଆଦେଶ ପାଳି ରକ୍ଷ ବଂଶ ଉତ୍ସବେ କରନ୍ତି ବଢ଼ାଇ
ବିବୁଧେ, ବିନ୍ଧ୍ୟଥୋଇ ବାତ ନନ୍ଦନ
ବାହୁଡ଼ିଲା ମାନେ ମାନସ ଗୁମାନେ ରାମାଙ୍କୁ କରିଣ ବନ୍ଦନ । ।୬।

୧:ବହମାନ-ଗତି,ବିପଞ୍ଚି-ବୀଣା । ୩:ହାଟକକୁମ୍ଭ-ସ୍ୱର୍ଣ୍ଣ ମାଠିଆ । ୪:ପ୍ରସାଦେ-ମନ୍ଦିରେ,ପ୍ରାସାଦୁ-ରାଜଉଆସରୁ,ପ୍ରସାଦ-ନୈବେଦ୍ୟ । ୫: ବାମ ଦେବେ-ଶିବେ.ରସାଳସା-ବୃଷାଳ,ଗୋ-ଗାଭୀ,ବିନାୟକେ-ଗଣେଶେ,ବୃନ୍ଦାରକ-ଦେବତା । ।

Digitized by PPRACHIN, SOA

ବୋଲେ ବୈରୀ ନାଶ ବିଚାରି ରାକ୍ଷସ ନିଦ୍ରା ଯାଇଥିବେ ସୁଖରେ
ବସୁମତୀ ଝିଅ ଆମ୍ଭ ପରାଜୟ ଶୁଣି ରହିଥିବେ ଦୁଃଖରେ ।
ବିଚାର, ବରଣ ଡେଇଁଣ ବାରଣ
ବିଦାରଣ କରି ହୟ ବ୍ୟୂହ ଚିରି ଦହିବା ପୁର ଆବରଣ । ।୭।
ବୁଝି ଧନୁର୍ଦ୍ଧାରୀ ନୀତି ରକ୍ଷା କରି ବୋଲନ୍ତି ଏ କଥା ଦୂଷଣ
ବୀର ବିଭୀଷଣ ନ ହେବ ଦୂଷଣ ଭାଷଣ କରିଲେ ବର୍ଷଣ
ବିଭୁହେ, ବିବୁଧପର ଆତତାୟୀ
ବିରତ ନହୁଅ, ରଣେ ଯୋଗ ଦିଅ, ଶାସ୍ତ୍ରେ ଉଲ୍ଲେଖ ଦୋଷ ନାହିଁ । ।୮।
ବସୁମତୀ ସୁତା ସୀତା ରଣବାର୍ତ୍ତା ନ ଶୁଣି ଦୁଃଖେ ମନ ମାରି
ବୋଇଲେ ଦେବର- ମୋର, ଦେବଶର ପେଶି ନାଶନ୍ତୁ ବାସବାରି
ବାମାଏ, ବୋଲେ ତୁମ୍ଭ ବର ଦେବର
ବଧ କରି ସାରି ଆସିଲାଣି ଫେରି ପୁରକୁ ସୁଲୋଚନା ବର । ।୯।
ବିଦଗ୍ଧିତେ ସତୀ ଶୁଣି ଏ ଭାରତୀ ବୋଲନ୍ତି ଲକ୍ଷ୍ମଣ କରରେ
ବିଂଶନେତ୍ର ସୁତ ଜ୍ୟେଷ୍ଠ ଇନ୍ଦ୍ରଜିତ ନିଶ୍ଚେ ଯିବ ଯମ ପୁରରେ
ବିନିଦ୍ରା, ବିଭୋଜନେ ସହି କଷଣ
ବର୍ଜିପତ୍ନୀ, ଯତି- ତପ ସାଧିଛନ୍ତି କ୍ଷିତିକି, ଏ' ହେବଦୂଷଣ । ।୧୦।
ବହୁତ ଦିବସ ନାହିଁ, ଆଉ ଶେଷ ହେଲାଣି ବିଧିସୁତକଣ୍ଠ
ବୋଲୁ ତେଣେ ରଡ଼ି ଶୁଭେ ଲଙ୍କାପୋଡ଼ି ଶବଦ ପଡ଼େ କାନ୍ଥ ଖୁଣ୍ଟ
ବାମାୟେ, ବନ୍ଦିନୀ ନ ଭାବି ସୀତାଙ୍କୁ
ବନ୍ଦୀ ପରକାରେ, ସ୍ତୁତି ପାଠ କଲେ, ନିନ୍ଦିଣ ଶକ୍ରାରି ପିତାଙ୍କୁ । ।୧୧।
ବଳି ମୁଖ ମୁଖ୍ୟ ଲକ୍ଷ ରଖି ରକ୍ଷ- ପୁର ଦହୁ ପୁରେ ଦଇତ
ବୋଲନ୍ତି ଗୀର୍ବାଣେ ସେବକ ଏ ସ୍ଥାନେ ହୋଇଛନ୍ତି ଶତ୍ରୁ ନାହିଁତ
ବାସବ, ଜିତତ ରଣରେ ମାରିଛି
ବୈଶ୍ୱାନର ଜାତ, କିପରି ହେଲାତ ରାତ୍ରେ ଚଉଦିଗ ଘେରିଛି । ।୧୨।
ବିଛଣାରୁ ଉଠି ଗବାକ୍ଷ ସାଉଁଟି ଫିଟାଇ ଦେଖିଲେ ମାର୍ଗରେ
ବଡ଼ ବଡ଼ ହୁଳା ଧରି କିଳି କିଳା ରାବ ଦେଇ କପି ରାଗରେ
ବୁଲନ୍ତି, ବୈବସ୍ୱତ ଦୂତ ପ୍ରକାରେ
ବାସୁଁ ବାସ ନାଶ କରି ପରିହାସ କରନ୍ତି ବୁଲି ନିଦକାରେ । ।୧୩।
ବନିତା ସଙ୍କୁଳ ସ୍ଥାନେ ବାତ ବାଳ ଯାଇ ଜାଳଇ ପିନ୍ଧା ବାସ
ବାହାବା ଦେଖାଇ କାହିଁ ଅଗ୍ନି ନେଇ ବାଳା କୁନ୍ତଳ କରେ ନାଶ
ବାମାଏ,, ବୃହଭାନୁ ଲାଗି ଡ଼ିଅଁନ୍ତି
ବହ୍ନି ଶିଖା ଛାଇ ବିଲୋକି ବିନୟୀ ନେହୁରା କପିଙ୍କୁ ହୁଅନ୍ତି । ।୧୪।

୭:ବସୁମତୀ-ବସୁଧା,ଝିଅ-ସୀତା, ବରଣ-ପ୍ରାଚୀର,ବାରଣ-ହସ୍ତୀ, ହୟବ୍ୟୂହ-ଘୋଡ଼ା ସମୂହ, ଦହିବା-ଜାଳିବା, ଆବରଣ-ଛପର୯:ବସୁମତୀ ସୁତା-ସୀତା, ଦେବର-ଲକ୍ଷ୍ମଣ, ଦେବଶର-ଅଗସ୍ତି ପ୍ରଦତ୍ତ ଶର,ବାସବାରି-ଇନ୍ଦ୍ରଜିତ । ୧୦:ବିଦଗ୍ଧିତେ-ସନ୍ତପ୍ତେ । ୧୧:ବିଧିସୁତ-ନାରଦ, ଶକ୍ରାରି-ଶକ୍ର ଐରି ଇନ୍ଦ୍ରଜିତ । ୧୨:ବଳିମୁଖ-ମର୍କଟ, ବାସବ-ଇନ୍ଦ୍ର । ୧୩:ଗବାକ୍ଷ-ସେକାଳର ଝରକା । ୧୩:ବୈବସ୍ୱତ-ଯମ । ୧୪:ବନିତା-ସ୍ତ୍ରୀ,ସଙ୍କୁଳ-ମିଳିତ, ବାତବାଳ-ହନୁମାନ, ବାହାବା-ଧନ୍ୟବାଦ ସହ, ବାଳା- ସ୍ତ୍ରୀ, କୁନ୍ତଳ-ମଥାକେଶ, ବୃହଭାନୁ-ଅଗ୍ନି, ବହ୍ନିଶିଖା-ଇନ୍ଦ୍ରଜିତ୍

Digitized by PPRACHIN, SOA

ବାଳ ପ୍ରାୟ କେହି   ଦେଖି ନିଜ ଛାଇ   ଗଳାରେ ପିନ୍ଧିଥିବା ହାର
ବୈଶ୍ୱାନର ରଡ଼   ଭାବି ଧଡପଡ଼   ହୋଇ ଫିଙ୍ଗେ କରି ବାହାର
ବାରିରେ,, ବିକଳେ କେ ଯାଇ ପଶଇ
ବହ୍ନି ପ୍ରତିବିମ୍ବ   ଦେଖି ହାରି ଦମ୍ଭ   ଫେରିଣ ପଥରେ ବସଇ । ।୧୫।
ବଡ଼ ବଡ଼ ଘର   ପୋଡ଼ି ଚୂରମାର   ହେଉ ଡାପଡ଼ିବା ଶବଦ
ବଜ୍ରାଘାତ ପରି   ଶୁଣି ଲଙ୍କାନାରୀ   ବୋଲନ୍ତି ଶତ୍ରୁ ହେଲେ ବଧ
ବିହିଣ, ବଡ଼ାଇ କରି ତୋଷୁ ଥିଲେ
ବାନରେ ବ୍ୟାନର   ଦେଖାଇଣ ପୁର   ନାରୀଙ୍କୁ ଅପଦସ୍ତ କଲେ । ।୧୬।
ବନ୍ଧ ଭାଙ୍ଗି ଜଳ   ବାହ ପରିବଳ   ଜୁଲୁପାକ୍ଷ କୁମ୍ଭ ନିକୁମ୍ଭ
ବକ୍ର ଅଙ୍ଗତକ୍ଷ   ଶିର ମକରାକ୍ଷ   ଶୋଣିତାକ୍ଷାଦି ଧରିଦମ୍ଭ
ବେଗରେ, ବାଗରେ ରାଗରେ ଯାଗରେ
ବାଣପୁର ଶେଷ   କଲେ ବହି ରୋଷ   ପଣ ଦେଖାଇଣ ଆଗରେ ।।୧୭।
ବିଭାବସୁ ବଂଶୀ   ବିଭାବରେ ରସି   ରଣେ କରି କେତେ କାରଣ
ବାଇଜୟ ବାଦ୍ୟ   ନିବର୍ତ୍ତାଇ ବାଦ   ବାରଣ ସେଥି କରାଇଣ
ବଳଙ୍କୁ, ବରି ଫେରିଲେ ସୁବଳକୁ
ବିଂଶାକ୍ଷେ ଖବର   ଦେବା ପାଇଁ ଚର   ଖରେ ଯାଏ ଖ, ମଣ୍ଡଳକୁ । ।୧୮।
ବୋଲେ ଭଦ୍ର ଖରେ   ବିଶେଷ ଆର୍ତ୍ତିରେ   ପ୍ରଣମି ଲଙ୍କେଶ ଆଗରେ
ବଧଶତ୍ରୁ ଆଜି   ରାତ୍ରେ ରଣ ସାଜି   ପାଜି କଲେ ସେନା ରାଗରେ
ବିଭୁହେ ! ବିହି ନୁହେ ତ୍ରସ୍ତେ ଭାବକୁ
ବୋଲିବି ଯା ଦେବ,   କ୍ରମ ନ ରହିବ,   ଦେଶ ରାଜ୍ୟ ଜିଲ୍ଲା ସାବକୁ । ।୧୯।

ଅର୍ନ୍ତଲିପିରେ ଦେଶ ନାମ

ବାଙ୍କୀ ମୁହଁ ଦ୍ୱାରେ   ପଶିଣ **ବଙ୍ଗ**ରେ   **ବରଗଡ଼**ର **ବଙ୍ଗଳା**କୁ
ବିଦେହ କରିଲେ   **ବିଦର୍ଭ** ପରିରେ   **ରମ୍ଭା**, **ଗଞ୍ଜା ବାଲେଶ୍ୱର**କୁ
ବନ୍ଦିଣ, **ବର୍ଦ୍ଧମାନ** ଦୁଃଖ କରିଲେ
ବିହୁ **ଆରବ**ରେ   ଆସନ୍ତେ ଶବ୍ଦରେ   ଗଲେ **ଅନୁଗୋଳ** କରିଲେ । ।୨୦।
ବଳିମୁଖ ରକ୍ଷ   **କଟକ** ଅରକ୍ଷ   କଲେ **ସମ୍ବଲପୁରୁ** ହରି
ବଡ଼ **କନ୍ଧମାଳ**   ବଡ଼ **ଲଙ୍କା** ଚାଳ   **ମଘବା** ପ୍ରାୟ ଥିଲେ ଘେରି
ବିହାର, କରନ୍ତି କେହି ନ ମରନ୍ତି
ବନ୍ଧ ନଦୀ କୂଳ   **ହଂସ**, **ହଂସୀ** ହଳ   **ନିଷେଧ** ନ ମାନି ମାରନ୍ତି । ।୨୧।

୧୫:ବୈଶ୍ୱାନର-ଅଗ୍ନି, ବାରିରେ-ଜଳରେ, ବହ୍ନିପ୍ରତିବିମ୍ବ, ନିଆଁଛାଇ । ୧୬: ବ୍ୟାନର, ନିଜ ପରିଚୟ ସାଇନି ବୋର୍ଡ, ଅପଦସ୍ତ-ଅପମାନିତ ୭:ଯାଗରେ-ରଣ ଯାଗରେ, ବାଣପୁର-ବାଣ ରଖା ଯାଉଥିବା ଭଣ୍ଡାର-ଭଗବତୀ,ବିରାଜ-ସହର । ୧୮:ବିଭାବସୁବଂଶୀ-ସୂର୍ଯ୍ୟବଂଶୀ ରାମଚନ୍ଦ୍ର,ବିଭାବ-କ୍ରୋଧ,କାରଣ-ମୁକ୍ତି,ଖରେ-ଚଞ୍ଚଳେ, ମଣ୍ଡଳ-ଆକାଶ ମଣ୍ଡଳ । ୧୯:ଭଦ୍ର-ଚାର,ଖରେ-ଚଞ୍ଚଳେ,ଭଦ୍ରଖ-ଗୋଟିଏ ସହରର ନାମ, ବିଭୁହେ-ରାଜନହେ ।୨୦:ବାଙ୍କୀ ମୁହଁ-ବଙ୍କାରାସ୍ତା,ବଙ୍ଗରେ-ଡ଼କାୟତେ-ବଙ୍ଗଳା-ବଙ୍ଗଦେଶ,ବରଗଡ଼-ବଗ ରହିବା ସ୍ଥାନ,ଏକ ସହର,ବିଦେହ-ଦେହଶୂନ୍ୟ-ଏକଦେଶ,ବିଦର୍ଭ-କୁଶଏକଦେଶ.ରମ୍ଭାସ୍ୱର୍ଗଅପ୍ସରା-ସହରର ନାମ,ଗଞ୍ଜା-ସୁନ୍ଦରକୁ ଯେ ଗଞ୍ଜେ,ଗଞ୍ଜାମ ଦେଶ,ବାଲେଶ୍ୱର-ବାଳାଈଶ୍ୱର-ସୀତାପତି ରାମଚନ୍ଦ୍ରଅଙ୍କ-ଏକଦେଶ । ବର୍ଦ୍ଧମାନ ଦୁଃଖ.ଦୁଃଖ ବଢ଼ାଇଲେ. ଦେଶନାମ, ବିହୁ-କହୁ, ଆ-ରବ-ଡ଼କରା-ଦେଶରନାମ ।୨୧: ବଳିମୁଖ-ମର୍କଟ-ରକ୍ଷ-ଭାଲୁ,କଟକ-ଦେଶ,ସମ୍ବଲପୁର-ପୁଞ୍ଜି-ଦେଶରନାମ,କନ୍ଧମାଳ-ଆଦିବାସି ରହିବା ସ୍ଥାନ.ମଘବା-ଇନ୍ଦ୍ର.ହଂସ ହଂସୀ ହଳ-ଦୁଇ. ସାହଲ-ଦେଶ, ନିଷେଧ-ମନା-ଦେଶ ନାମ ।

Digitized by PPRACHIN, SOA

ବିଦୀର୍ଣ୍ଣେ ସୁନ୍ଦର- ଗଡ଼ ଅସୁନ୍ଦର କଲେ ରକ୍ଷ ସାକ୍ଷୀ ଗୋପାଳ
ବାରଣ ଶିରକୁ ଫିଙ୍ଗି ଭୂଧରକୁ କାଶିରେ ଛେଚିଲେ ଉପଳ
ବାସକୁ, ବିଶେଷି ଦହନ୍ତେ ନରେଶ
ବାସ ପୂରି ଅଛି ହାହା କାର କିଛି ଉପଶମିତ ନୁହେଲେଶ । ।୨୨।

ବୀର ମଧ୍ଯୁ ଦର- ଭଙ୍ଗା ଅଙ୍ଗକାର ହର ହର ଭଙ୍ଗା କଣ୍ଠରେ
ବିସ୍ମରି ନେପାଳ ମଘରେ ଭୂପାଳ ରାବ କରୁଛନ୍ତି ଆଣ୍ଟରେ
ବିଶେଷେ ଖୁରୁଧାର ଅସ୍ତ୍ର ନ ହାଣେ
ବାଣ ପୁର ଅନ୍ତ ହେଲେ କପିଶାନ୍ତ କନ୍ୟାଉଜ ମାଳ ବରଣେ । ।୨୩।

ବିବୁଧେ ଯା, ପାନେ ଯମ ସନ୍ନିଧାନେ ଜମା ନ ଯାନ୍ତି ତାହା ପିଇ
ବିଭା, ଯା ଦେଖାନ୍ତି ସିନ୍ଧୁ ଢ଼େଙ୍ଗ ଚେତି ମଲାର କେହି ଦେଖା ନାହିଁ
ବିହିତ, ବିହି ନାହିଁ ମେଦିନୀ ପୁର
ବୀର ମରହଟ୍ଟା କରି ଅଙ୍ଗ ଛଟା ହୁଅନ୍ତି ସିଂହଠାରୁ କ୍ରୁର । ।୨୪।

ବୀର ଥିଲେ ରତ ଦାୟିତ୍ୱ ଭାରତ କାଢ଼ି ତନ୍ତୁ ଗଲେ ସ୍ୱପୁରୀ
ବୋଡ଼ି ବୋଡ଼ିରଙ୍କ ଓଡ଼ିଶା ବାସୀଙ୍କ ଝୁମ୍ପୁରି ପରି ବାସ କରି
ବିନୋଦେ, ବଶୀ କୃତେ ଥିଲେ ରହିତ
ବଳେ କପିଲାସ କଲେ ଘର ପାଁଶ ସାହା ରାହା କେହି ନାହିଁତ ।।୨୫।

ବିଶ୍ଳେଷଣ କରି ବିସ୍ମୟରେ ଫେରି ନୃପ ଇନ୍ଦ୍ରଜିତ ଆଗରେ
ବୋଲେ ଜଳେ ଶୁଚି ଜଳେ ଯା ଶୁଣୁଛି ବନ୍ଧା ହେଲା ବାତ ଫାଶରେ
ବ୍ରହ୍ମାର, ବୟସ ସରୁଛି ନିମିଷେ
ବୁଡ଼ି ସ୍ଥଳଭାଗେ ମରିବା ପ୍ରସଙ୍ଗେ ଶୁଣେ ଖାଦ୍ୟ ଖାଦକ ନାଶେ ।।୨୬।

ବାନରେ ବାହାବା ଦେଖାଇ ନ ହେବା କଥାକୁ ଘଟଣ କରିଲେ
ବେଲୁ ବେଳ ରଣେ ପୁତ୍ର ନାତି ଗଣେ ଅକାରଣେ ମୃତ୍ୟୁ ବରିଲେ
ବାସବ, ଜିତ ବୁଝାଇଣ କହିଲା
ବଣ ହତେ ପାଟ ପୋକ ଜିଆ ବ୍ରାତ ଘନେ ଜାତ ପରି ହୋଇଲା । ।୨୭।

ବିଚାରେ ମୁଁ ମନେ ବାନର ସଇନେ ହନୁ ଜୀବକରେ ପ୍ରଦାନ
ବଳେ ବା କିତବେ ହନୁମାରୁ ସର୍ବେ ମରିବେ ବା, ଯିବେ ସଦନ
ବର୍ତ୍ତିବା, ପାଇଁକି ଉପାୟ କରିବା
ବିଦ୍ୟୁ ଜ୍ୱିହ୍ୱା ବରେ ତ୍ରିବେଣୀ ସ୍ନାନରେ ନେଇ ମାୟା ସୀତା କରିବା ।।୨୮।

ବୋଲେ ବିଂଶ ପ୍ରାଣି ସେମାୟା ରମଣୀ ଫେରାଇଲେ ନିନ୍ଦା ହୋଇବ
ବାସବ ଅରାତି ଭଣି ମାୟା ସତୀ ଜଟିଆକୁ ଫେରା ନୋହିବ
ବସାଇ, ବିମାନେ ଗୁମାନେ ମୁଁ ରଣେ
ବାତ ସୁତ ଆଗେ ହାଣିବି ବିରାଗେ ଖାପେ ଧରା ଶାଣ କୃପାଣେ ।।୨୯।

୨୨: ସୁନ୍ଦର ଗଡ଼-ସୁନ୍ଦର ରାଜ ପ୍ରଶାଦ,ଦେଶ ସାକ୍ଷୀ-ପ୍ରତ୍ୟକ୍ଷଦର୍ଶୀ,ଗୋପାଳ-ସହରର ନାମ,ବାରଣ ଶିରକୁ-ହସ୍ତି ଶିରକୁ,ଭୂଧର-ପଥର-ଦେଶ, କାଶିରେକାହାଶିରେ,ଉପଳ-ପଥର, ଦରଭଙ୍ଗା-ଅର୍ଦ୍ଧଭଙ୍ଗା, ହରହର ଭଙ୍ଗା କଣ୍ଠରେ-ଭଙ୍ଗାକଣ୍ଠରେ, ନେପାଳ,ଭୂପାଳ,ଖୁରୁଧା-ଦେଶର ନାମ,କନ୍ୟାଉଜ-ଗୌରବରେ, ।୨୪: ବିବୁଧେ-ଅମରେ, ଯାପାନେ-ଖାଇ ଅମୃତ, ବିଭାଜ୍ଞା,ମହ୍ଲାରଦେଶ, ମେଦିନୀପୁର,ମରହଟ୍ଟା,ଅଙ୍ଗ-ଦେଶର ନାମ ।୨୫:ଓଡ଼ିଶା, କପିଳାସ,ସାହାରା-ଦେଶର ନାମ ।୨୬:ଶୁଚି-ଅଗ୍ନି,ଜଳରେ ସୁଚିହେଉଛି, ବାତ ଫାଶରେ-ପବନ ଫାଶରେ, ଖାଦ୍ୟ-ନରବାନର, ଖାଦକ-ଅସୁର ।୨୭: ପାଟ ପୋକ-ସାଧବାଣୀ ପୋକ,ଜିଆ-କେଞ୍ଚୁଆ,ବ୍ରାତ-ସମୂହ, ଘନେ-ମେଘହେଲେ ।୨୮:କିତବେ-କପଟେ, ସଦନ-ଘରକୁ ।୨୯:ବିଂଶ-କୋଡ଼ିଏ,ପାଣି-ହାତରାବଣ,ବାସବ-ଇନ୍ଦ୍ର,ଅରାତି-ଶତ୍ରୁଇନ୍ଦ୍ରଜିତ,ଜଟିଆ-ରାମଚନ୍ଦ୍ରଶାଣ-ଧାରୁଆ

Digitized by PPRACHIN, SOA

ମାୟା ସୀତା ବଧ

Digitized by PPRACHIN, SOA

ଯୁଦ୍ଧଭୂମିରେ ହନୁମାନଙ୍କର ପର୍ବତ ନିକ୍ଷେପ

Digitized by PPRACHIN, SOA

ବିଂଶ ହସ୍ତ ବ୍ୟସ୍ତ   ବରଜି ତୁରନ୍ତ   କରାଅ ବୋଲୁ ମେଘନାଦ
ବିଦ୍ୟୁତ୍ଜିହ୍ୱା ଭଗ୍ନୀ   ଡ଼ାକି ଆଣି ଲଗ୍ନୀ-   କ, ପରାଏ କରି ପ୍ରମୋଦ
ବୁଝାଉ, ବିଜୁଳି ପରିସେ ଝଟତି
ବିଦ୍ୟୁତ୍ଜିହ୍ୱା ନେଇ   ସ୍ନାନକୁ କରାଇ   ଅର୍ପନ୍ତେ ସୁଲୋଚନା ପତି ।।୩୦।
ବିମାନକୁ ମାନ୍ୟେ   ଅଶୋକ କାନନେ   ବୁଲାଇ ସମର କ୍ଷେତ୍ରକୁ
ବାହିଲା କହିଲା   ରୋଦନେ ଦହିଲା   ସେ ଯୋଷା ରାକ୍ଷସୀ ବ୍ରାତଙ୍କୁ
ବାମାଏ, ବିଲୋକି ବିଚାରି ସରନ୍ତି
ବାମା କଣ୍ଠମାଳି,   କଣ୍ଠ ସଙ୍ଗେ ତାଳି   ମାରି ଶିବେ ସ୍ନାନ କରାନ୍ତି ।।୩୧।
ବାମ ଦେବ ବ୍ୟାଳ   ଅନୁସ କୁନ୍ତଳ   ପରି କିଏ ବେଣୀ ଭୁଜଙ୍ଗ
ବାମା କେ ବିଚାର   କରେ ପୁନର୍ବାର   ବିଲୋକି ମାୟା ସୀତା ଅଙ୍ଗ
ବ୍ରହ୍ମାଣ୍ଡେ, ବାମା ନାହିଁ ବାମା ସରିକି
ବିନା ବେଶ ଭୂଷା   ଦୁଃଖେ ରହି ଯୋଷା   ନିନ୍ଦୁଛି ରସା ସୁନ୍ଦରୀକି । ।୩୨।

ବିଧାତା ସଦୟ ଯତିଙ୍କୁ

ବ୍ରହ୍ମା କେତେ କାଳ   ବସିଏ ରସାଳ-   ସାକୁ କଳପନା କରିଲା
ବନେ ସେ ତପସ୍ୱୀ   କେତେ କାଳ ବସି   ତପ କଲା ରାମା ବରିଲା
ବୋଲେକେ, ବିଧାତା ସଦୟ ଯତିଙ୍କୁ
ବସି ବସି କରି,   ପରମା ସୁନ୍ଦରୀ   ଗଢ଼ି ଦେଲା ପଶୁ ପତିଙ୍କୁ । ।୩୩।
ବାନପ୍ରସ୍ଥାଶ୍ରମ   କରି ଯେ ଗୌତମ   ସଦାପଦ ସେବି ରହନ୍ତି
ବିଶେଷ ସୁନ୍ଦରୀ   ଅହଲ୍ୟାଙ୍କୁ କରି   ଗୃହସ୍ଥାଶ୍ରମେ କଲା ଭର୍ତ୍ତି
ବିବାଦେ, ରବି ମେରୁଙ୍କର ମଧସ୍ଥି
ବଡ଼ ଯେ ଅଗସ୍ତି   ଲୋପାମୁଦ୍ରା ପତି   କରାଇ ଅଛି କେତେ ଚିନ୍ତି ।।୩୪।
ବାସ ବାରି ରଥ   ପରେ ତେଜୋବନ୍ତ   ସୀତା ଦେଖି ହନୁ ରହିଲା
ବାସ ବାରି ଖରେ   ଉଚ୍ଚାରି ରଥରେ   ପଥରେ ଆକଟି କହିଲା
ବାନରେ, ବିବାଦ, ଏ' ସୀତା ପାଇଁ କି
ବିନା ଦୁଃଖେ ସୁଖେ   ବଧୁଛି ସମ୍ମୁଖେ   ଜଣାଅ ଯାଇ ତା ସାଇଁକି । ।୩୫।
ବୋଲି ଏହା କ୍ରୂର   ଖଡ଼୍ଗ ପ୍ରହାର   କଲା ହେଲା ପିଣ୍ଡ ଦ୍ୱିଖଣ୍ଡ
ବାତସୁତ ଚାହିଁ   ବୋଲେ ଆରେ ଦ୍ରୋହୀ କି କଲୁ ଦେବା ପାଇଁ ଦଣ୍ଡ
ବିନ୍ଧ୍ୟକୁ, ବିହି ସ୍ୟନ୍ଦନ ଚୂର୍ଣ୍ଣ କଲା,
ବୈଶ୍ରବଣ ସୁତ   ଡେ଼ଇଁ ହୟଯୁତ   ପୃଷ୍ଠରେ ବସି ପୁରେ ଗଲା ।।୩୬।
ବାମ ଦେବ ଭାବ   ବିହ୍ୱଳେ ଏସର୍ବ   କହିଲେ ଦୁଃଖରେ ସର୍ବାଣୀ
ବୋଲନ୍ତି ହେ ନାଥ   ସୀତା ପତି ବ୍ୟସ୍ତ   କରାଏ କିପାଇଁ ରାବଣୀ
ବୃଷେଶ, ବୋଲନ୍ତି ନୁହେ ଏ ପ୍ରମାଦ
ବିପ୍ର ଦୟାନିଧି   ରାମଙ୍କୁ ଆରାଧି   ପୂର୍ଣ୍ଣ କରିଲା ଏହି ଛାନ୍ଦ ।। ।୩୭।

୩୦:ମେଘନାଦ-ଇନ୍ଦ୍ରଜିତ,ସୁଲୋଚନା ପତି-ଇନ୍ଦ୍ରଜିତ ।୩୧:ବ୍ରାତ- ସମୂହ ।୩୧:କଣ୍ଠମାଳି-କଣ୍ଠହାର, କଣ୍ଠ,କ୍ରନ୍ଦନରୁ ପୂଜକ ତାଳି ମାରିବା ପରି ପ୍ରତେୟ, ଶିବେ-ବକ୍ଷୋଜ,ସ୍ନାନ, ଅଶ୍ରୁ ପଡ଼ିବାରେ ଶିବ ସ୍ନାନ ପରି ପ୍ରମାଣେ । ୩୨: ବାମଦେବ-ଶିବ, ବ୍ୟାଳ-ସର୍ପ, ଅନୁସ-ଅନୁସାରେ, କୁନ୍ତଳ-କେଶଜଟା ପରି ବେଣୀ, ଭୁଜଙ୍ଗ-ସର୍ପ । ୩୩: ରସାଳସା-ସ୍ତ୍ରୀ, ତପସ୍ୱୀ-ରାମ, ପଶୁପତି-ଶିବ ।୩୬:ବିନ୍ଧ୍ୟ-ପର୍ବତ, ବୈଶ୍ରବଣସୁତ-ଇନ୍ଦ୍ରଜିତ, ହୟ-ଘୋଡ଼ା, ଯୁତ-ସଂଯୁକ୍ତ । ୩୭: ସର୍ବାଣୀ-ପାର୍ବତୀ, ରାବଣି-ଇନ୍ଦ୍ରଜିତ, ବୃଷେଶ-ଶିବ ।

Digitized by PPRACHIN, SOA

ଇନ୍ଦ୍ରଜିତକୁ ରଣ ବାରଣ

(ରାଗ - ବଙ୍ଗଳାଶ୍ରୀ)

ଛାନ୍ଦ - ୨୨

ତହୁଁ ଶୂଳପାଣି ରୁଦ୍ରାଣୀଙ୍କ ବାଣୀ ଶୁଣି ବାଣୀପରି ଭାଷି
ଅତି ହରଷରେ ଏକାଗ୍ର ଚିତ୍ତରେ ଉମାସେହି ରସେ ରସି । ।୧।
ମାୟା ସୀତା ଘାତ କରି ଇନ୍ଦ୍ରଜିତ ପିତାଙ୍କୁ ବାରତା ଦେଲା
ଆନନ୍ଦ ମନରେ ଥାଅ ଗଲି ପୁରେ କହି ପ୍ରିୟା ପାଶେ ହେଲା । ।୨।
ଆସନ ଉପରେ ବସୁଁ ବୀର ଖରେ ପ୍ରମିଳା ଯୁଦ୍ଧ ଖବର
ପଚାରିଲା ରସି ଭାଷେ ହସି ହସି ବାସବ ଅରାତି ବୀର । ।୩।
ଜନକ ତନୟା ପରି ଏକ ମାୟା- ସୀତା କରି ରଣ ସ୍ଥଳେ
ଆସିଲି ମୁଁ ହାଣି ରାମ ଆଦି ଜାଣି ଫେରିବା ପାଇଁ ବିକଳେ । ।୪।
ବୋଲେ ଯୋଷାବର କିକଲ କିକଲ କାଳି ବୋଳିଲ ନ ଭାଳି
ଛାଡ଼ି ପିତା ମାତା ଆସିଥିଲା ଭର୍ତ୍ତା ସଙ୍ଗେ ଯେ ଲଗାଇ ଅଳି । ।୫।
ଦୁଃଖକୁ ନ ଭାଳି ସର୍ବ ଅରଦଳି ସହି ବି ସେହି ରାଘବ
ସଙ୍ଗେ ଆଣିଥିଲେ ଏକଥା ଜାଣିଲେ କି ନ ହେବ ମନେ ଭାବ । ।୬।
ତିନି ତିନି ଥର ଅନ୍ୟାୟ ସମର କଲ ବୀର ଧର୍ମ ହୁଡ଼ି
ବ୍ରହ୍ମାସ୍ତ୍ର, ନାଗାସ୍ତ୍ର, ପରେ ମୋହନାସ୍ତ୍ର, କରି ଅଛ ନ ସାଙ୍କୁଡ଼ି । ।୭।
ଧର୍ମ ବଳୁ ହେଲେ ତରିଲେ ସମୂଳେ ସାରିବେ ସେ ରକ୍ଷକୁଳ
ଆଉ କେବେ ହେଲେ ନ ଯିବ ସେ ସ୍ଥଳେ ଛୁଇଁ ମୋତେ ସତ୍ୟକର । ।୮।
ବୋଲେ ଇନ୍ଦ୍ରଜିତ ମୁହିଁ ଜ୍ୟେଷ୍ଠସୁତ ପିତା ମୋ ପିଣ୍ଡ କରତା
ତାହାଙ୍କ ବିପତ୍ତି କାଳେ ମୁହିଁ ବର୍ତ୍ତି ରହିବି କହ କି କଥା । ।୯।
ବୀର ନାରୀ ହୋଇ ଏ କଥା କିମ୍ପାଇଁ ଭାଷ ନୁହେଁ ବିଭୂଷଣ
ଭାବିଥିଲି ମନେ ମୋ ଅନ୍ତିମେ ରଣେ ସେନା କରିବ ଚାଳନ । ।୧୦।
ବୋଲେ ସୁଲୋଚନା ବଢ଼େ ମୋ ଶୋଚନା ପିତା ସୀତା ଲାଭ ଆଶେ
ହେବି ମୁଁ ବିଧବା କେଉଁ ସୁଖେ ଅବା ଚାଲ ଯିବା ଅନ୍ୟ ଦେଶେ ।।୧୧।
ଏହି ସମୟରେ ମନ ଯାନ ପରେ ପ୍ରବେଶ ନାରଦ ଯତି
ଇନ୍ଦ୍ର ଜିତ ବାଳୀ ଚରଣ ପଖାଳି ବସାଇ କରି ପ୍ରଣତି । ।୧୨।
ସକଳ ବିଷୟ ନିବେଦିଲା ଥୟ ମନେ ହୃଦେ ଚାପି କୋହ
ସେଥି ଶକ୍ରଜିତ ବୋଲେ ତପୋବନ୍ତ ଯଥାର୍ଥ ଯାହା ତା କହ । ।୧୩।
ଏ ତ୍ରୟ ଭୁବନେ ନଗଣେ ମୁଁ ଜଣେ ବୀର କେ ମୋ ହତ୍ୟାକାରୀ
ଶୟନ ଭୋଜନ ଆଦି ମଇଥୁନ ବର୍ଜିଥିବ ତପ କରି । ।୧୪।

Digitized by PPRACHIN, SOA

ପିତା ମହା ବର ଦେଲେ ଏ ଅମର ବର ପ୍ରାୟ କେହି ବ୍ରତ
ପାଳିଥିବ ମର୍ତ୍ତ୍ୟେ ଯୁଝିଲେ ସଙ୍ଗତେ କରିପାରେ ତେବେ ହତ । ।୧୫।
ଆଉ ଏକ କଥା ଗୁପ୍ତରେ ସର୍ବଥା ରଖି ଥାଅ ଭାବି ମନେ
ଦିବା ରାତ୍ରେ କେହି ତୋ ଜିଣନ୍ତା ନାହିଁ ସମର ପ୍ରାଙ୍ଗଣେ ଜଣେ । ।୧୬।
ଅଇରି ପ୍ରଦତ୍ତ ଆୟୁଧରେ ହତ ହେବୁ ଅପସବ୍ୟେ କକ୍ଷ
ବିଚ୍ଛେଦନ ପରେ ଜାଣିବାକୁ କରେ ପୁରେ ପେଷିଲେ ସୁଦକ୍ଷ । ।୧୭।
ଏ ସର୍ବ ଘଟଣ ହେଲେ ହେବ ଜାଣ ମରଣ ବୃଥା ନଡ଼ର
ଶୁଣି ତା ନାରଦ କହନ୍ତି ଏ ଭେଦ କର୍ଣ୍ଣେବ ଅଛି କେ ବୀର । ।୧୮।
ସେ ସ୍ଥାନେ ପ୍ରମିଳା ବୋଲେ ଗଳାମାଳା ହତ ନ ହୋଇବେ ବୋଲି
ଦିଅନ୍ତୁ କଥାକୁ କାଟି ମୋ ବ୍ୟଥାକୁ ରଣକୁ ଯାଆନ୍ତୁ କାଲି । ।୧୯।
କହନ୍ତି ଦେବର୍ଷି ମର ପୁରେ ଆସି ନାହିଁ କେ ହେବ ଅମର
ମାତ୍ର ଇନ୍ଦ୍ରଜିତ କରିବ ପରାସ୍ତ ଦେଖା ନାହିଁ ମର୍ତ୍ତ୍ୟେ ବୀର ।।୨୦।
ବୋଲେ ପରିମଳା କେବେ ଯେବେ ଭେଳା ବୁଡ଼ିବ ରଣ ସମୁଦ୍ରେ
ପତି ମୋ ପତିତ ହେବେ କି ହେ ଦୈତ୍ୟ ପରି ଥାଉ ଥାଉ ଭଦ୍ରେ । ।୨୧।
ଦେଖୁ ଅଛି ନିତି ନିତି ମହା ଶକ୍ତି- ବାନ, ରଥୀ ନୂଆ ନୂଆ
ଯାଉଛନ୍ତି ରଣେ ନ ଫେରନ୍ତି ଜଣେ ନହୁଏ କା ପ୍ରେତ କ୍ରିୟା । ।୨୨।
ଏହା ଶୁଣି ଝାଡ଼ି କଳି ମୁଣା, ଖଡ଼ି- ଗୋଟାଳିଏ ଦେଇ କରେ
ବୋଇଲେ ଛେଦନ ହସ୍ତ ସ୍ୱଭୁବନ ମଧରେ ପଡ଼ିଲେ ଖରେ । ।୨୩।
ଏ ଖଡ଼ି ଗୋଟାଳି ଧରାଇବୁ ବାଳୀ ସନ୍ଦେହ ନ କରି ଲବ
ସେଥୁ ହସ୍ତାକ୍ଷର ଲେଖି ଯେଉଁ କର କାନ୍ତ ପରିଚୟ ଦେବ । ।୨୪।
ତାହା ନେଇ ଦାହ କରିବୁ ନିର୍ବାହ ସତୀ ଦାହ ପ୍ରଥା ମତେ
ରଣେ ଯାଇ ପଣ ରଖ୍ ଏ କାରଣ କରାଉ ପିତାଙ୍କୁ ବ୍ରତେ । ।୨୫।
ଧାତା ସୁତ ତତ୍ତ୍ୱେ ବୋଧୁ ନାନା ମତେ ସୁଲୋଚନା ବୋଧ ନୁହେ
ବୋଇଲେ ତପସ୍ୱୀ ଯାହା ଇଚ୍ଛା ବସି କର ପତି ପତ୍ନୀ ଦୁହେଁ । ।୨୬।
ଏ ରାମ ପ୍ରବନ୍ଧା- ବଳୀ, ବସି ସଦା ଲେଖ୍ ଲେଖ୍ ନ ସରଇ
କେବେ ଦିବାଲୋକ ଦେଖିବ ଲେଖକ ଚିନ୍ତା କରି ପାରୁ ନାହିଁ । ।୨୭।
ସରଳ ତା ପଦ୍ୟେ ସମ୍ପୂର୍ଣ୍ଣ କୋବିଦେ କ୍ଷମାଦେବ ଥିଲେ ଭ୍ରମ
ଆଗେ ମାୟାସୀତା ଶବ ଦେଖି ଚିନ୍ତା ମଗ୍ନେ କାନ୍ଦିବେ ଶ୍ରୀରାମ । ।୨୮।

✿ ✿ ✿

ଶୁଣିବା ସୁଜନ - ଅସମାନ କାହିଁ ହେବ ସମାନ, ହିରା, କାଚ, କାହିଁ ହେବ ସମାନ, ଛେଳି ଗୋଡେ କି ମଦି ହୁଏ ଧାନ ।
ରାତିରେ କୁଜଟା ନଦେଲେ ଦେଖା, ସେ କି ହୁଏ କୁଳ ବତୀରେ ଲେଖା, ଡାଉଁସ ପିଇବ ରୁଧିର ଢାଳେ, ତାଦେହେ ହେବକି ମାଉଁଷ ପଳେ ।
ମଳୟ ବାୟୁ ଲାଗିଲେ ବାଉଁସେ, ତାହାକି ଚନ୍ଦନ ପରାୟେ ବାସେ. ହଜାରେ ଗଧରୁ ବାଛିଲେ ଭଲ, ବଜାରେ ହେବ କି ଘୋଡାର ମୂଲ ।
ବାର ନାରୀ ବୋଲାଉଲେ ଯେ ସତୀ, ସେ କାହିଁ ହୋଇବ କୁଳ ଯୁବତୀ ।।

୧୭: ଅଇରି-ଇନ୍ଦ୍ର, ଅୟୁଧ-ଶର । ୧୯: ପ୍ରମିଳା-ଇନ୍ଦ୍ରଜିତ ସ୍ତ୍ରୀ । ୨୧: ଭଦ୍ରେ-ମୁଁ ।

Digitized by PPRACHIN, SOA

ମାୟା ସୀତା ବଧେ ରାମଙ୍କର ଶୋକ

(ରାଗ - ନଳିନୀ ଗୌଡ଼ା) ରାମଲୀଳା ବୃତ୍ତେ ।

ଛାନ୍ଦ - ୨୩

ରାମ ରାମ ହେ, ରାମରାମ ହେ, ରାମ ରାମ ରାମ ରାମ ରାମ ହେ,
ତୁମ୍ଭ କୃପା ହେଲେ ତୁମ୍ଭ ଲୀଳା ରସାମୃତ, ରଚିବ ଅଧମ ପରାକୃତେ କରି ଗୀତ,
ଜନହିତେ ହେ,, କୃପାକର ବିଚାରି କିଞ୍ଚିତେ ହେ । ।୧।
ଏଥୁ ଅନନ୍ତରେ ଶୁଣ ବିବୁଧ ମଣ୍ଡଳୀ, ହିମବନ୍ତ ସୁତା ଆଗେ କହୁଛନ୍ତି ଶୂଳୀ,
ହନୁମାନ ଯେ, ଘାରି ହୁଏ ଯଥା ବିଷ ପାନ ଯେ । ।୨।
ପଥେ ଜାମ୍ବବାନ ଦେଖି କହୁ ଏ ସମସ୍ତ, ଦୁଃଖେ ରାମ ଆଗେ ବେନି ହୋଇ ଉପଗତ
ମୁଖମ୍ଳାନ ଯେ, ଦେଖି ପଚାରନ୍ତି ରଘୁନାନ ଯେ । ।୩।
କହ କହ କିପାଁ ମୁଖ ଦିଶୁଛି ମଳୀନ, ରଣେ କି ଘଟିଲା ଅଘଟଣ କଥାମାନ
ହନୁ ମାନ ଯେ, କହେ ସର୍ବ ହେଲା ଅକାରଣ ହେ । ।୪।
ଦଶାସ୍ୟ ଜ୍ୟେଷ୍ଠ ନନ୍ଦନ ଦଶା ଦେଲା ପ୍ରଭୁ, ପ୍ରକାଶି ନ ହୁଏ ତୁମ୍ଭ ଆଗରେ ସେ ସବୁ
ରଥେ ଆଣି ହେ, ମାତାଙ୍କୁ ଖଡ଼ଗେ ଦେଲା ହାଣି ହେ ।।୫।
ଏହା ଶୁଣୁ ଶୁଣୁ ଧୈର୍ଯ୍ୟ ହାରି ରଘୁରାଣ, କରନ୍ତେ ରୋଦନ ସୁମରି ଜାନକୀ ଗୁଣ
ଅଚେତନ ଯେ, ହେଲେ ଚେତା ଅର୍ଥେ ହନୁମାନ ଯେ ।।୬।
ସିଞ୍ଚି ବାରି ବିଞ୍ଚି ଚେତା କଲା ଆବେଗରେ, ସୀତା ଶବ ଦେଖିବାକୁ ଧାଇଁଲେ ବେଗରେ
ରଣ ସ୍ଥଳେ ଯେ, ସୁଗ୍ରୀ ଆଦି କାନ୍ଦି କାନ୍ଦି ଗଲେ ଯେ । ।୭।
ଦୂରୁ ବିଲୋକି ସେ ମାୟା ଜାନକୀ ଶରୀର, ହା ମୈଥିଳୀ ମହୀ ସୁତା ବୋଲି ଚାପଧର
ତୋଳି ଆଣି ଯେ, ରୋଦନ କରନ୍ତି ଗୁଣ ଗୁଣି ଯେ । ।୮।
ବିଦେହ ଯେମା ବିଦେହ ହୋଇଲୁ ଏଠାରେ, ସୀତା ସୀତା ମଧୁରତା ମୂର୍ଚ୍ଛି ମୁଁ ନ ପାରେ
ମୋ ପାର୍ଥିବୀ ଗୋ, ଦିନ ନ ସରିବ ଗୁଣ ଭାବି ଗୋ । ।୯।

ସୀତା ଗ୍ରୀଷ୍ମ କାଳ ନଦୀ ଉତ୍‌ପ୍ରେକ୍ଷା

ବୁଧେ ମାୟା ସୀତା ଗ୍ରୀଷ୍ମକାଳ ନଦୀପରି, ବିଦୀର୍ଣ୍ଣେ ବିଲୁ କୀଲାଲ ଝରୁ ଥିବା ସରି
ସେ କୀଲାଲ ଯେ, ଛେଦସ୍ଥାନୁ ଝରେ ଝର ଝର ଯେ।୧୦।
ଚକ୍ରବାକ ଚକ୍ରବାକୀ ଗ୍ରୀଷ୍ମକାଳ ବାରି, ନଦୀପ୍ରାନ୍ତେ ସ୍ତମ୍ଭୀଭୂତେ ବସିଥିବା ପରି
ସୀତାବକ୍ଷେ ଯେ, ବକ୍ଷୋଜ ବେନି ଦର୍ଶନେ ଲକ୍ଷେ ଯେ । ।୧୧।
ଶୁଷ୍କ ସିକାତା ପ୍ରାନ୍ତରେ ଶୁଷ୍କ ଫେନପରି, ଶୁକ୍ଳ ବସ୍ତ୍ର ଆବରଣ ଧଡି ହଂସାବଳୀ
ବେନି ଭୁଜ ଯେ, ସଜ ମୃଣାଳ ସୁନ୍ଦର ତେଜ ଯେ । ।୧୨।
ବିପୁଳ ଉର ନଦୀର ଦୁଇ ପାର୍ଶ୍ୱଭଳି, ରୋମାବଳୀ କୂଳଯଥା କମଳେ ଶିଉଳି
ଭାବିକରି ଯେ, ବାରମ୍ଭାର ରାମ କୋଳେ ଧରି ଯେ ।।୧୩।

୨:ବିବୁଧେ-ପଣ୍ଡିତ, ହିମବନ୍ତ ସୁତା-ପାର୍ବତୀ,ଶୂଳୀ-ଶିବ ।୫:ଦଶାଶ୍ୟ-ରାବଣ,ଜ୍ୟୋଷ୍ଠ ନନ୍ଦନ-ଇନ୍ଦ୍ରଜିତ, ମାତାଙ୍କୁ-ସୀତାଙ୍କୁ,ଆବେଗ-ଉତ୍କଣ୍ଠା । ୯: ବିଦେହ-ଜନକରାଜ୍ୟ,ବିଦେହ-ହତ, ସୀତା-ସାକର ।୯:ପାର୍ଥିବୀ-ପୃଥିବୀ ଜନ୍ମା କନ୍ୟା ସୀତା । ୧୦: କିଲ୍ଲାଳ-ଜଳ,ରକ୍ତ ।୧୧:ବକ୍ଷୋଜ- ସ୍ତନ । ୧୨:ସିକତା-ବାଲି,ମୃଣାଳ-ପଦ୍ମନାଡ଼ । ୧୩:ଉର-ବକ୍ଷ ।

Digitized by PPRACHIN, SOA

ପୁଣି ବୋଲନ୍ତି ଆହାରେ ମୋର ପ୍ରେମସିନ୍ଧୁ, ତୋ ଜୀବନରେ ପହଁରୁ ଥିଲା ରାଘବେନ୍ଦୁ
ତାହା ତୁଚ୍ଛ ଯେ, ହେଲା ମରିବ ରାଘବମସ୍ତ ଯେ । ।୧୪।

ବିଚାରି ଲେଖେ ଲେଖକ ସଞ୍ଜ୍ଞା ଭ୍ରମ ଦେଖି, ସଞ୍ଜ୍ଞା ଛଳେ ଦାସୀ, ଛାୟା, ପରେ ରବି ସୁଖୀ
ହେବା ପରି ଯେ, କୋଳ କରୁଛନ୍ତି ଚାପଧାରୀ ଯେ ।।୧୫।

ନଦୀ କ୍ରୋଡ଼ ମଧ ଘନରସ ପ୍ରଦାୟିନୀ, ସ୍ନାନେ ନାଭି କ୍ରୋଡ଼ ଚୁମ୍ବି ହୁଅଇ ମାନିନୀ
ସେହି ମତ ଯେ, ରାମ ପକ୍ଷେ ନୁହେଁ ଅଯଥାର୍ଥ ଯେ ।।୧୬।

ଉପମା ଉପମେୟ

ପୁଣି ରାମ ବୋଲନ୍ତି ମୋ ମନୋହର ନାମ, ରାମ ରାମା:ତୁହି ମନୋହାରିଣୀ ଏ କର୍ମ
ବିହି କଲା ଯେ, ସାଗରେ ମୋ ତରୀ ବୁଡ଼ାଇଲା ଯେ ।।୧୭।

ରେ ବାନ୍ଧବୀ ଉମାତୁଲ୍ୟ ତୁମୋ ମନୋହାରୀ, ହେଉ ହେଉଥିଲି ମୁହିଁ ସୁମଙ୍ଗଳ କାରୀ
ଶିବ ସମ ଯେ, ମଙ୍ଗଳ ବିନାଶ କଲା ଧର୍ମ ଯେ । ।୧୮।

ତ୍ରିତାପ ହାରିଣୀ ଗଙ୍ଗା ବିଦିତ ସଂସାରେ, ଶୁଭ ଯୋଗ ଲଗ୍ନେ ଅବଗାହନ ପ୍ରକାରେ
ସ୍ଥିର କରିଯେ, ଶିବ ଧନୁ ଉତ୍ତୋଳନ କଲି ଯେ । ।୧୯।

ଉତ୍ତମ ବେଳା ଲଗ୍ନରେ ସୀତା, ଗଙ୍ଗା ସହ, ଅବଗାହନ ମିଳନେ କରିଲି ବିବାହ
ଗଙ୍ଗା ପାଦେ ଯେ, ଲୀନ ପରି ଲୀନ ହେଲୁ ହାଦେ ଯେ ।୨୦।

ରେ ପଦ୍ମିନୀ ଚନ୍ଦ୍ରଜ୍ୟୋତ୍ସ୍ନା କଲା ପରି ନାଶ, ଚନ୍ଦ୍ର ହ୍ରାସ ହାସ୍ୟେ ଏଥି କରିଲା ବିନାଶ
ମନସ୍ତାପ ଯେ, ନ ହୋଇବ କେବେ ହେଲେ ଲୋପ ଯେ ।୨୧।

ପୁଣି କହନ୍ତି ରାଘବ ଯାତୁ ଧାନ ହସ୍ତୁ, ମୁକ୍ତି ଲଭି ପ୍ରିୟେ ପଛେ ଲଭିଥାନ୍ତୁ ମୃତ୍ୟୁ
ବିଦସ୍ଥିତ ଯେ, ହୁଅନ୍ତା ନାହିଁ ଏ ପରି ଚିତ୍ତ ଯେ । ।୨୨।

ସୁଜନ ମୁଖେ ଅଯଶ ସବୁକାଳେ କ୍ଲେଶ, ସତ୍ୟ ରକ୍ଷାରୁ ଯାହା ମୋ ବଂଶ ହେବ ଧ୍ୱଂସ
ଅଯୋଧାରେ ଯେ, ଜନମି ଅଯୋଧା ବସୁଧାରେ ଯେ ।।୨୩।

ଚଉଦ ବରଷ ଶେଷେ ହେବାକୁ ନରେଶ, କହି ଫେରାଇଲି ଭ୍ରତ ରଖିଥିବ ଆଶ
ଆଶାତରୀ ଯେ ବୁଡ଼ିଗଲା ଏଥି କୃଶୋଦରୀ ରେ । ।୨୪।

ବନବାସ ସାରି ପୁରେ ଆଉ କିପାଁ ଯିବି, ସୀତା କାହିଁ ବୋଲୁ ମାତା କି ଉତ୍ତର ଦେବି
ପ୍ରଜାଗଣ ଯେ, ବୁଲି କୁତ୍ସା କରିବେ ରଟନ ଯେ । ।୨୫।

ତୋ ବିହୁନେ ଦେବି ଝାସ ପାପ ଜୀବ ଯିବ, ମୋ ବିହୁନେ ଲକ୍ଷ୍ମଣ କି ଜୀବନ ରଖିବ
ବଂଶ ନାଶ ଯେ, ହେବ ଭ୍ରତ ଆଦି ଦେବେ ଝାସ ଯେ ।।୨୬।

ମାତ୍ର ପୁର ପରିହାର କରି ମୋର ଗତି, ପଥ ଧରୁ ବିଭୀଷଣ କଲି ଲଙ୍କାପତି
ସେ ଭାଷଣ ଯେ, ନୋହୁ ହେବି ଅସତ୍ୟେ ଭୂଷଣ ଯେ ।।୨୭।

ପତ୍ନୀ ସଦା ପତି ଚିତ୍ତାଗ୍ନିରେ ପ୍ରବେଶଇ, ତାହା ବିପରୀତ ମୋହ ପାଇଁ ପ୍ରାଣ ସହୀ
ଏବେ ସହ ଯେ, ଚିତାଗ୍ନିରେ ଝାସଦେବି ଦେହ ଯେ ।।୨୮।

୧୪:ପ୍ରେମସିନ୍ଧୁ-ପ୍ରେମସମୁଦ୍ର,ଜୀବନ-ଜଳ । ରାଘବେନ୍ଦୁ-ରାମଚନ୍ଦ୍ର ।୧୫:ସଞ୍ଜ୍ଞା-ସୂର୍ଯ୍ୟଙ୍କ ସ୍ତ୍ରୀ, ରବି-ସୂର୍ଯ୍ୟ । ୧୬:ନଦୀକ୍ରୋଡ଼-ନଦୀଗର୍ଭ, ରସ-ଜଳ ।୧୭:ରାମା-ସ୍ତ୍ରୀ,ମନୋହାରିଣୀ,ସୁନ୍ଦରୀ ।୧୯:ତ୍ରିତାପ-ଆଧି ଦୈବିକ,ଆଧି ଭୌତିକ,ଆଧ୍ୟାତ୍ମିକ,ଯାତନା ।୨୦:ସୀତା-ଗଙ୍ଗା, ଅବଗାହନ-ସ୍ନାନ, ବାମନବତାରେ ଗଙ୍ଗା ପାଦରେ ଲିନ ବିନାସ ପରି ତୁ ,ଏବେ ବିନାଶ ହେଲୁ ।୨୧:ପଦ୍ମିନୀ-କମଳିନୀ ସୀତା, ପଦ୍ମ କୁ ଚନ୍ଦ୍ର ନାଶ କଲାପରି-ତୋତେ ଚନ୍ଦ୍ରହାସ ଖଣ୍ଡା ବିନାଶ କଲା । ୨୨: ଯାତୁଧାନ-ଅସୁର ରାବଣ, ବିଦସ୍ଥିତ-ସ୍ଥାପିତ । ୨୪: କୃଶୋ-କ୍ଷୀଣ, ଉଦରୀ-ଉଦର ପେଟ ।

Digitized by PPRACHIN, SOA

କରନ୍ତି ସେ ସ୍ଥାନେ ବିଭୀଷଣ ଆଲୋଚନା, ଧୈର୍ଯ୍ୟଧର ପ୍ରଭୁ ଭାବେ ଏ ମାୟା ରଚନା
ଦଶଗ୍ରୀବ ହେ, ମାତା ବଧେ ମୁରୁଛି ନ ଥିବ ହେ । ।୨୯।

ବିଦ୍ୟୁ ଜିହ୍ୱା ତ୍ରିବେଣୀରେ ବୁଡ଼କୁ ପକାଇ,, ମାୟାବଳେ ନାନା ରୂପ ପାରୁଥିଲା ହୋଇ
ଇଛା ମତେ ଯେ, ମାତାବଧ ନ ହୁଅଇ ପ୍ରତେ ଯେ ।।୩୦।

ସୁମିତ୍ରା ଦୁଲ୍ଲାଳ ରାମ ଦୁଃଖେ ହୋଇ ଦୁଃଖୀ, ବୋଲନ୍ତି ସର୍ବଦା ପ୍ରଭୁ ଧର୍ମ କରି ସାକ୍ଷୀ
ଧର୍ମ କାର୍ଯ୍ୟ ଯେ, କରିବାରୁ ଏହା ହେଲା ଧାର୍ଯ୍ୟ ହେ ।।୩୧।

ଧର୍ମକୁ ଆଦରି ଯାହା ସର୍ବ ହେଲା ନାଶ, ଅଧର୍ମ କରି ରାବଣ ବଢ଼ାଉ ତା ବଂଶ
ଧର୍ମବାନହେ, ସହେ କଷ୍ଟ ବିଧିର ବିଧାନ ହେ । ।୩୨।

ପୁଣି ବୋଲନ୍ତି ସତ୍ୟକୁ ରଖି ବନେ ବାସ, ଅଧର୍ମ ପଣେ ମାତାଙ୍କୁ ହାଣିଲା ରାକ୍ଷସ
ବ୍ରହ୍ମ ଅସ୍ତ୍ର ଯେ, କରି କରିଥିଲା ଅସ୍ତବ୍ୟସ୍ତ ଯେ । ।୩୩।

ସେକାଳେ କହିଲ ଜଣେ ଦୋଷୀ ସମସ୍ତଙ୍କୁ, ମାରିବା ଉଚିତ ନୁହେଁ ବିଚାର ଧର୍ମକୁ
ସେହି ଧର୍ମ ହେ,, କାହିଁ ଗଲା କିଂପାଁ କର୍ମ ବାମ ହେ ।।୩୪।

ସୀତା ଚିତାଗ୍ନିରେ ରାମ ପ୍ରବେଶିବେ ବୋଲି, ପହଞ୍ଚୁ ଅଶୋକେ ବାର୍ତ୍ତା କାନ୍ଦନ୍ତି ମୈଥିଳୀ
ସେ ସରମା ଯେ, ସରମେ ପେଶିଲା ଏକ ବାମା ଯେ ।।୩୫।

ବାନରୀ ରୂପରେ ଆସି ବିଭୀଷଣେ ବାର୍ତ୍ତା, ଦେଲା ଏ ମାୟା ଜାନକୀ ସୁଖେଛନ୍ତି ସୀତା
ବିଭୀଷଣ ଯେ, କହେ ଶୋକ ତେଜ ରଘୁରାଣ ହେ । ।୩୬।

ନୁହଁନ୍ତି ଏ ମାତା ବିରଚିତ ମାୟା ସୀତା, ଅଶୋକ ବନରୁ ଆସି ଦାସୀ ଦେଲା ବାର୍ତ୍ତା
ରଘୁରାଣ ଯେ, ଆଶ୍ଚର୍ଯ୍ୟ ହୁଅନ୍ତି ଶୁଣି ପୁଣ ଯେ । ।୩୭।

ଯାଇ ବିଯୋଷ୍ଟି କର ଚରଣ ଦେଖିଲେ, ମସ୍ତ ମୁଦ୍ରିକା ନଥିଲା କ୍ଷତନ ଦେଖିଲେ
ଅମ୍ବୁଧିରେ ଯେ, ଶବ ବିନ୍ୟସ୍ତି ସ୍ନାନେ ବିଧିରେ ଯେ ।।୩୮।

ଉମା ଏ ଚରିତ ଶୁଣି ବୋଲନ୍ତି ହେ ପତି, ସମୁଦ୍ରରେ ନିକ୍ଷେପିଲେ କିପାଁ ମାୟା ସତୀ
ରଘୁ ନାଥ ହେ, ସଂଶୟ ପେଡ଼ି କର କୃତାର୍ଥ ହେ । ।୩୯।

ବୋଲନ୍ତି ଶଙ୍କର ରାମ ପତି କାମନାରେ, ଅସୁରୀ ପିଣ୍ଡ ବିସର୍ଜ୍ଜୁ ତ୍ରିବେଣୀର ନୀରେ
ବ୍ରହ୍ମମୟ ଯେ, କୋଳ କଲେ ଧର୍ମେ ଦେଇ ଲୟ ଯେ ।।୪୦।

ଯେଉଁ ଜାନୁରେ କମଳା କରନ୍ତି ବିହାର, ସେ ଜାନୁ ଭୋଗନ୍ତା କିପରି ଅସୁରୀ ଛାର
ସିନ୍ଧୁବକ୍ଷେ ଯେ, କ୍ଷେପିଲେ ଯିବାକୁ ବିଷ୍ଣୁ ଲୋକେ ଯେ ।।୪୧।

ଦ୍ୱାପର ଯୁଗରେ ସତ୍ରାଜିତ ପୁରେ ବାମା, ସମ୍ଭବ ହୋଇବ ନାମ ହେବ ସତ୍ୟଭାମା
ରଘୁନାନ ଯେ, କୃଷ୍ଣ ରୂପେ ତୋଷିବେ ତା ମନ ଯେ ।।୪୨।

ସୀତା ରାମ ନାମ ଚିନ୍ତି ଦୟାନିଧି ଦାଶ, ଏହି ଛାନ୍ଦ ଏହି ଠାରେ କରୁଅଛି ଶେଷ
ସାଧୁଜନେ , ତ୍ରି ଚତ୍ୱାରିଂଶ ପଦ ଏ ଗଣନେ ହେ ।।୪୩।

୨୯:ଦଶଗ୍ରୀବ-ଦଶକଣ୍ଠ ରାବଣ । ୩୦: ସୁମିତ୍ରା ଦୁଲ୍ଲାଳ-ଲକ୍ଷ୍ମଣ । ୩୫: ସରମା-ବିଭୀଷଣ ସ୍ତ୍ରୀ, ସରମ-ଲଜ୍ୟା । ୩୮:ମସ୍ତମୁଦ୍ରିକା-ରାଘବ ନାମାଙ୍କିତ ମୁଦ୍ରିକା, କ୍ଷତ-ଚିତ୍ରକୂଟରେ ଜୟନ୍ତ କାକ ଚଞ୍ଚୁକ୍ଷତ, ଅମ୍ବୁଧି,ଅବ୍ଧି-ସମୁଦ୍ର । ୪୩: ତ୍ରିଚତ୍ୱାରିଶ-ତେୟାଳିଶ ।

Digitized by PPRACHIN, SOA

ମାୟା ସୀତା ସିନ୍ଧୁରେ ନିକ୍ଷେପ
ଇନ୍ଦ୍ରଜିତ ପୁନର୍ବାର ବଟ ଯଜ୍ଞ ପାଇଁ ଯାଚଞ୍ଚା

(ରାଗ - ଏକାଦଶ ପୋଇ) ୨୩ ଅକ୍ଷର 'ସ' 'ଶ' ଅନୁପ୍ରାସ

ଛାନ୍ଦ - ୨୪

ମଧ୍ୟାହ୍ନ ବର୍ଣ୍ଣନ ।

ସୀତା ରାମ ଚିତ୍ତେ ଚିନ୍ତିଣ ସୁଚିତ୍ତେ ମହେଶ କହନ୍ତି ଶୁଣନ୍ତି ଉମା
ସୀତା ରାମ ଚିତ୍ତେ ଚିନ୍ତିଣ ସୁଚିତ୍ତେ ସାଗରେ ଫିଙ୍ଗିଲେ କରି ତର୍କମା । ।୧।
ସୂର୍ଯ୍ୟଙ୍କର ସେହି ସମୟ ଅଟଇ ମହୀ ପାଇଁ ଅତି ପୀଡ଼ା ଦାୟକ ।
ଶୁଭେ ପାଣିକୁଆ ସାରସ ପାରୁଆ ବିହଙ୍ଗ କଣ୍ଠର ଅସ୍ପଷ୍ଟ ଡ଼ାକ । ।୨।
ସନ୍ତତ ଉତ୍ତପ୍ତ ଖର ସ୍ରୋତେବାତ ସନ୍ତତ ଶତତ ଧୂଳି ଉଠାଇ
ସୁର ବର୍ମ୍ମକେନ୍ଦ୍ରେ ଜମା ହୋଇ ସାନ୍ଦ୍ରେ କେବେ ସପ୍ତାଶ୍ୱଙ୍କୁ ଦିଏ ଘୋଡ଼ାଇ ।।୩।
ଶୋଷୁ ଜଳ ରାଶି ଶୋଷୀ ବ୍ରାତ ଆସି ପିପାସାରେ ତୃଷା ବଢ଼େ କେବଳ
ସୁରକର ତାପ ଫଳରେ ଉତ୍ତାପ ଧରାଧୂଳି ଚାଲିବାକୁ କାବଳ । ।୪।
ସହସ୍ର କରରେ ଭାନୁ କାହିଁ ଖରେ ଫିଙ୍ଗୁଥିଲେ ଭବେ ଅଗ୍ନି ସ୍ଫୁଲିଙ୍ଗ
ସମର୍ଥ ବିହୀନେ ଏହି କାଳେ ଜଣେ ଦ୍ୱାସ୍ଥ ବାର୍ତ୍ତା ଦିଏ ଲଙ୍କେଶ ଆଗ । ।୫।
ସୀତା ପତି ମାୟା ସୀତାଛେଦ କାୟା ଚିହ୍ନି ଭସାଇଲେ ସାଗର ଗର୍ଭେ
ସହି କଷ୍ଟ ରହି ଥିଲି ଗୁପ୍ତେ ଏହି ଖବର ବିଚାର କର ସଂଦର୍ଭେ । ।୬।
ଶୁଣି ବିଂଶ ହସ୍ତ ଘଟିବା ଚରିତ ଖେଦଜଳେ ବୁଡ଼ି କ୍ରୋଧେ ବୋଇଲା
ସମସ୍ତ କୌଶଳ ଜାଣିଲେ ସେ ଖଳ କିପରି ବାଭାଇ ଚିହ୍ନାଇ ଦେଲା । ।୭।
ଶୀଘ୍ର ଯାଅ ଦୂତ ପୁରେ ଜ୍ୟେଷ୍ଠ ସୁତ ଇନ୍ଦ୍ରଜିତେ ଡ଼ାକି ଆଣ ଏଠାରେ
ଶ୍ରମ ରଣ ନଦୀ ଗଡ଼ାଇ ବିବାଦୀ ହୋଇ କଉଶଳ ଫିଙ୍ଗେ ପଠାରେ । ।୮।
ଶୁଣି ଭଦ୍ରଖର ତରରେ କୁମାର ଆଗରେ ଖବର କଲା ପ୍ରଚାର
ଶୁଣ ଯୁବରାଜ ଡ଼ାକିଛନ୍ତି ଆଜ ପିତା ଯାଇ ଶୀଘ୍ର ସାକ୍ଷାତ କର । ।୯।
ସୁଲୋଚନା ପତି ଶୁଣି ଏ ଭାରତୀ ଯାଇ ସଭାକତି କରି ସାକ୍ଷାତ
ସବିନୟେ ଥୟେ ବୋଲେ କିପାଁ ରାୟେ ଡ଼କାଇଲେ ମୋତେ କରନ୍ତୁ ବ୍ୟକ୍ତ ।।୧୦।
ସମର ଘଟଣା ଗୋଟି ଗୋଟି ଜଣା କରିଣ ରାବଣ ବୋଲଇ ତହିଁ
ସେ ରାମ ସମର ସମୁଦ୍ର କୁ ମୋର ସେନା ସୈନ୍ୟକାତ ପାଇବ ନାହିଁ ।।୧୧।
ସାତ ସାତ ବାର ଗଲେଣି ଯେ ବୀର ମଲେଣି କିଛିତ ନୁହେଁ ତାଙ୍କର
ଶାଖାମୃଗ ଧରି ବାଇ ଜୟ ଭେରୀ ଅସୁରଙ୍କୁ କରୁ ଛନ୍ତି ସଂହାର । ।୧୨।
ଶୁଣ ଯା ନ ଥିଲା ଦେଖାଏବେ ହେଲା ବଞ୍ଚୁଛନ୍ତି ମରି ସେ ବାନରେ
ସରମ ହୋଇଲା ଶ୍ରମ ସବୁ ଗଲା ଶରବ୍ୟେ ପୋଡୁଛି ତାପର ଶର ।।୧୩।

୧:ଚିତ୍ତେ-ଅନ୍ତଃକରଣେ,ସୁ-ଶ୍ରେଷ୍ଠ,ଚିତ୍ତେ-ମନନଃ, ସାଗର-ସମୁଦ୍ର । ୩: ଉତ୍ତପ୍ତ-ଗରମ, ସୁରବର୍ମ୍ମକେନ୍ଦ୍ରେ-ଆକାଶେ,ସାନ୍ଦ୍ରେ-ନିବିଡ଼େ,ସପ୍ତାଶ୍ୱ-ସୂର୍ଯ୍ୟ । ୪: ସୁରକର- ରବିକିରଣ । ୫: ସନ୍ଦର୍ଭେ-ବିସ୍ତାରଭାବେ । ୭:ଖେଦେଜଳି-ଦୁଃଖେଜଳି ।
୯:ଭଦ୍ର-ଡାର । ୧୨: ଶାଖାମୃଗ-ମର୍କଟ । ୧୩:ଶରବ୍ୟେ-ଶରାଘାତରେ ।

Digitized by PPRACHIN, SOA

ସତ୍ୟ ପରି ବଡ଼- ବଡ଼ କଥା ଭଡ଼- ଭଦ୍ର ହୋଇ କହି କଲୁ କୌଶଳ
ଶତ୍ରୁ ଭାବେ ବିଭୀ- ଷଣ ସର୍ବ ଭାବି କହେ ଲୋକ ହସା ହୋଇଲା ମୂଳ ।।୧୪।
ଶୁଣି ଇନ୍ଦ୍ରଜିତ ପିତାଙ୍କ ବ୍ୟକତ ବୋଇଲା ଆଜିକ ଦିଅ ସମୟ
ସୁମାନସ ଯାନ ଆଣି କାଲି ରଣ କରି ଶତ୍ରୁକୁଳ କରିବି କ୍ଷୟ । ।୧୫।
ଶଲ୍ୟପରି ଗୀର ଦଇତ ଈଶ୍ୱର ବିହଇ କ୍ରୋଧରେ ହୋଇ ଜର୍ଜ୍ଜର
ସମର ଆକୁଳେ ଯାଇ ବଟମୂଳେ ଆଣି ଥିଲୁ ତ ଯାନ ତିନିବାର । ।୧୬।
ସେ ଯାନେ ଭରସା ରଖି ରହି ଆଶା ପୂରଣେ କିପରି କହୁଛୁ ପୁଣି
ସବୁ ସରି ଲାଣି କାଲି ଆଗୁଆଣି ଥାଟରେ ଯିବି ମୁଁ ହୋଇ ଅଗ୍ରଣୀ ।।୧୭।
ଶିଶୁ ପରି ଆଗେ କହୁଛୁ ମୁଁ ଆଗେ କେଉଁ ପରି ଯୁଦ୍ଧେ କରିବୁ ଜୟ
ଶକ୍ରା ଜିତ ତହିଁ ବିନମ୍ରେ କହଇ ନ ବୁଝି କିପାଇଁ ହୁଅ ଅଥୟ । ।୧୮।
ଶୁକ୍ରାଚାର୍ଯ୍ୟ ବାସେ ଯାଇ କହୁ ପାଶେ ରଖନ୍ତୁ ରକ୍ଷଙ୍କୁ ନଯାନ୍ତୁ ମରି
ସମ୍ଭାବନା କରି କହିଲେ ତିଆରି ପିତା ମନାଭାଙ୍ଗି ଯିବି କିପରି । ।୧୯।
ସଙ୍କଳ୍ପେ ଅବଧି ମୋର ପ୍ରତିନିଧି କ୍ରମୁକ ଆସନେ ନେଇ ବସାଅ
ସୌମ୍ୟେ ମାହେଶ୍ୱରୀ ଯଜ୍ଞକୁ ଆଚରି ବୈଦିକ ମନ୍ତ୍ରରେ ହବିକୁ ଦିଅ । ।୨୦।
ସୁଚାରୁ ରୂପରେ କଲେ ଦେବୀଖରେ ସ୍ୟନ୍ଦନ ଆରୋହୀ ହୋଇବେ ସାହା
ସତ୍ୟ ତେଜି ବରେ ତାମସ ମନରେ ରାଜସ ଗୁଣରେ କରିଲ ଯାହା । ।୨୧।
ସୁଗମ ପଥସେ ନ ହୋଇଛି ରୋଷେ ବ୍ୟସ୍ତ ନୋହି ପୁନଃ ରାୟ ବିଚାର
ସମରେ ଅମର ରଥ ପୁନର୍ବାର ଆଣିଯିବା ପାଇଁ ବିନତି ମୋର । ।୨୨।
ସୁସ୍ଥରେ ନିଶ୍ଚିନ୍ତ ହୋଇ ବସ ବ୍ୟସ୍ତ ନ ହୋଇ ଶୁଣିବ ଯୁଦ୍ଧ ଖବର
ଶତ୍ରୁ କୁଳ ହତ ନହେବା ପର୍ଯ୍ୟନ୍ତ ନଫେରିବି ଆଉ ଏ ଲଙ୍କା ପୁର । ।୨୩।
ଶୁଣି ଦଶମାଥ ପୁତ୍ରର ଶପଥ ଦଣ୍ଡଧରି ମନେ ବିଚାର କରେ
ଶିଖି ଥିଲା ଆଗ ବିପ୍ର ପଞ୍ଚ ଯାଗ ସ୍ୟନ୍ଦନ ଆଣିଲା ଯାଇ ବଟରେ ।।୨୪।
ଶଙ୍କର ମୋହିନୀ ମାହେଶ୍ୱରୀ ଆଣି ପାରିଲେ ମୋହରେ ମରିବେ ଶତ୍ରୁ
ସୁମନେ ବୋଇଲା ଯାଇ ପାରୁଭଲା ବଟ ମୂଳେ କରିବା ପାଇଁ କ୍ରତୁ । ।୨୫।
ଶାଢ଼ୀ ଅନର୍ଗଳ କପାଳେ ତୋଢ଼ର କରେ ଅଷାଢୁ ଆ ସୂତା ବାନ୍ଧିଲା
ସଙ୍ଗେ ସୈନ୍ୟ ବଳ ନିଅ ଶତ୍ରୁଟାଳ ବୋଲି ଶଙ୍କରଙ୍କୁ ସ୍ମରି ବନ୍ଦିଲା । ।୨୬।
ସୁଲୁପି, ଉଲୁପି, ଆଦି ମହାକୋପୀ ଦୈତ୍ୟ ଡ଼ାକି କହେ ବାସବ ଐରି
ସେବକେ ଜଣାଅ ବଟେ ଯାଗ ଥୟ- ହେଲା ପୂଜାଦ୍ରବ୍ୟ ଯାଆନ୍ତୁ ଧରି ।।୨୭।
ସାୟଂକାଳେ ଶୁଭେ ବିଜୟ କରିବେ ତୋଷିବା ପାଇଁକି ସେ ବଟେଶ୍ୱରୀ
ଶଠ ପଣେ ହେଲା କଲେ କେହି ଗଲା- କଟା ହେବ ନ ପାରିବେ ଉବୁରି ।।୨୮।
ସୀତା ରାମ ଘୋଷ ହୋଇଛି ସର୍ବସ୍ୱ ଜୀବ ଥିବା ଯାଏ ନ ହେଉ ବାଧା
ସୀତା ରାମ ଗୀତ ଲେଖୁ ଥାଉ ହାତ ଦେଖୁ ନେତ୍ର ମୁଖ ରଟୁ ସର୍ବଦା । ।୨୯।
ସେ ସୀତାରାମଙ୍କ ପାଦେ ହୋଇ ରଙ୍କ ଯାହା ମୁଁ ଲେଖୁଛି ଏ ରାମ ରହ
ସାଧୁ ସୁଜ୍ଞ ଜନ ପାଦେ ବନ୍ଦନାର କରି କହୁଛି ଦୟାନିଧି ଜାହ । ।୩୦।

ଇନ୍ଦ୍ରଜିତ ବଧ ନିମନ୍ତେ ଲକ୍ଷ୍ମଣଙ୍କ ଶପଥ

(ରାଗ - ସିନ୍ଧୁଡ଼ା)

ଛାନ୍ଦ - ୨୫

ଈଶ୍ୱରୀଙ୍କ ଆଗେ, କହନ୍ତି ସରାଗେ, ରଣ ଚରିତ ଈଶ୍ୱର,
ଜାନକୀ ବିହାରୀ, ଖାଦ୍ୟ ପାନ ସାରି, ସୁବଳ ଶିଖରୀ ପର, ଯେ'
ବସୁ ମୁଖ ପଖାଳି,, ବାମେ ସୁଗ୍ରୀ ବାଳି ସୁତ ବଳୀ, ଯେ' ।୧।

ପଚିଶ ଯୁଥ ପତିଙ୍କ ନାମ

ଦକ୍ଷେ ହନୁମାନ, ତାରାକ୍ଷ ସୁଷେଣ, ଦୁର୍ବିନ୍ଦ ଗନ୍ଧ ମାଦନ,
ଗବୟ ,ଗବାକ୍ଷ, ଶୌରୀ,ବଳୀମୁଖ, ନଳ,ନୀଳ, ଜାମ୍ବବାନ ଯେ'
ପନଶୀଳ,ପୁନାସ,, ସର୍ପାତୁଲେ, ପାରସ, ସୁନାସ, ଯେ' । ।୨।
କୁନ୍ଦ, ପାରିଜାତ, ସାରସ, ସହିତ, କାଳୀଞ୍ଜନ, ସୁଶୋଦନ
ଚନ୍ଦନ, କୁମୁଦ, ଯୂଥପତି ପଦ, ପାର୍ଶ୍ୱ ଆବୋରି ଲକ୍ଷ୍ମଣ, ଯେ'
କୋଟି କୋଟି ବଳିଏ,, ବସିଛନ୍ତି ନାମ କହି ନୁହେ, ଯେ' । ।୩।
ଯୁଦ୍ଧ ସମାଚାର, ଆଲୋଚନା କାର- ବାର କାଳେ ଚାପଧାରୀ
କହନ୍ତି ଦଇତ ମାୟା କରି ଚିତ୍ତ ଦହେ ନ ହେଉଛି ବାରି, ଯେ'
ବାରମ୍ବାର ସମରେ, ମାୟା ରଚି ଧୈର୍ଯ୍ୟ ଚ୍ୟୁତକରେ, ଯେ । ।୪।
ତ୍ରିଜଟା ପିଅର ଯୋଡ଼ି ବେନି କର ବୋଲେ ପ୍ରଭୁ ତାହା ସମ
ବୀର ତ୍ରିଭୁବନେ ନାହିଁ କେହି ଜଣେ ତାହାକୁ ଡ଼ରଇ ଯମ ଯେ
ଯଶଃ ନେଲା ଇନ୍ଦ୍ରର, ଶଙ୍କା,ଲଙ୍କା, ପୁରେ ସେହି ବୀର ଯେ । ।୫।
ବାର ବର୍ଷ କାଳ ରହି ଅନାହାର ବରଜି ନିଦ୍ରା ମୈଥୁନ
ତପ କରୁ ସୁରେ ଡ଼ରିଲେ ସେଠାରେ ଆସିଣ ଚଉବଦନ ଯେ
ବୋଇଲେ ତପଭାଙ୍ଗ,, ଯାହା ଇଚ୍ଛା ବୀର, ବର ମାଗ ଯେ । ।୬।

ଇନ୍ଦ୍ରଜିତର ବ୍ରହ୍ମାଙ୍କୁ ବର ଯାଚଞ୍ଚା ଓ ବହ୍ମାଙ୍କର ବର ପ୍ରଦାନ ।

ବୋଲେ ମେଘନାଦ ଯାବତ ଏ ଚନ୍ଦ୍ର ସୂର୍ଯ୍ୟଥିବେ ନଭ ପୁରୀ
ନହେବ ମୋ ମୃତ୍ୟୁ ନ ପାରିବେ ଶତ୍ରୁ ଦିଅ ଏହା କୁଶ ଧାରୀ ଯେ
ଗୃହେ ବିପତ୍ତି ମୋର,, ନପଡ଼ିବ ଦିଅ ଏହି ବର,ଯେ । ।୭।
ବୋଇଲେ ବିରଞ୍ଚି ମାଗିଲୁ ଯା ପାଞ୍ଚି ଏ ବର ନାହିଁ ମୋ କରେ
ଯୁଗେ ଯୁଗେ ନର ରୂପେ ଦାମୋଦର ଜନ୍ମି ମରନ୍ତି ଏ ପୁରେ ଯେ
ଶୁଣ ଯାହା କହୁଛି,, ଚିରଞ୍ଜିବୀ କେ ହୋଇ ରହିଛି, ଯେ । ।୮।
ମନ ମଧ୍ୟେ ଭାଳ ହେଲେ ଜରାକାଳ ଯୁବକ କାଳ ଖାତର
ନ ରହିବ ଡିଲେ କିପାଁଇଁ ବିକଳେ ବାଞ୍ଛୁ ହେବୁ ହରବର, ଯେ'
ଛାଡ଼ ଅମରବର,, ଯାହା ଐଶ୍ୱର୍ଯ୍ୟ ତା ଘେନାକର, ଯେ' । ।୯।

Digitized by PPRACHIN, SOA

ଆସିଲେ ସଂକଟ ନିକୁମ୍ଭିଲା ବଟ ପୁଚେ ଦେବୀଙ୍କୁ ବରିବୁ
ବୈଦିକ ମନ୍ତ୍ରରେ ହବି ଦେଇ କରେ ପଞ୍ଚ ଯଜ୍ଞ କରାଇବୁ, ଯେ'
ଦେବୀ ହୋଇଲେ ତୋଷ,, ପୂର୍ଣ୍ଣ କରିବେ ତୋର ମାନସ । ।୧୦।
ଅଭିଚାର ମନ୍ତ୍ରେ ରକ୍ତ ଲୌହ ପାତ୍ରେ ଲୌହ ସ୍ରୁବେ କଲେ ଦାନ
ଅକ୍ଷୟ ତୂଣୀର ପୂର୍ଣ୍ଣେ ନାନାଶର ଦିଗ ବହନ ସ୍ୟନ୍ଦନ ଯେ
କୁଣ୍ଡୁ ହେବ ଉତ୍ପତ୍ତି,, ବସୁ ରଥକେ ପାରିବ ଜିତି । ।୧୧।
ବିହି ଦେଇ ବର ଯିବାକୁ ତତ୍‌ପର ହେଉ ଭବିଷ୍ୟତ ବାର୍ତ୍ତା
ପଚାରେ ଜାଗ୍ରତେ କହିଥାଅ ମୋତେ ଜାଣି ଥିବି ମୃତ୍ୟୁ କଥା ହେ
ସେଥି କହିଲେ ଧାତା,, ମୃତ୍ୟୁ ପାଇଁ ତୁ ନ କର ଚିନ୍ତା, ଯେ । ।୧୨।
କଲୁ ତପ ଘୋର ଯେପରି ଆହାର ମଇଥୁନ ନିଦ୍ରା ତେଜି
ସେହି ପରି ବାର ବର୍ଷ ତପ ଘୋର କରିଥିବ ଯେହୁ ବର୍ଜି, ଯେ
ଈଶ୍ୱର ଅଂଶେ ଜାତ, ହୋଇଥିଲେ ଯୁଝିବ ସଙ୍ଗତ, ଯେ । ।୧୩।
ରଖି ଥାଅମନେ ଦେବଦତ୍ତ ଯାନେ ସେକାଳେ ନଥିବୁ ବସି
ନୋହିଥିବ ରଣ- ସ୍ଥଳ, ରାତି ଦିନ ସନ୍ଧି କାଳେ ରଣେ ରସି, ଯେ
ବକ୍ଷ ଅପସବ୍ୟରେ,, ତାରତମ୍ୟେ ଛେଦି ବାୟୁଶରେ, ଯେ । ।୧୪।
ଉଡ଼ାଇବ ଯୋଷା ପୁରରେ ସହସା ପାଇବ ଯେବେ ପ୍ରମାଣ
ତେବେ ଯିବ ପ୍ରାଣ ନହେଲେ ମରଣ ହେବା ଅସମ୍ଭବ ଜାଣ, ଯେ
ଏହି ପ୍ରକାରବର,, ଦେଇଛନ୍ତି ଆଗୁ କୁଶ ଧର, ଯେ । ।୧୫।
ଶୁଣି ରଘୁପତି ଏମନ୍ତ ଭାରତୀ ବୋଲନ୍ତି ଏ ଅଘଟଣା
କଥା କହ ଏବେ ରଣ ପୂର୍ବୁଲବେ କିମ୍ପାଇଁ ନ କଲ ଜଣା ଯେ
ବୃଥା ହେଲା ସମର,, ସୀତା ଉଦ୍ଧାର ନ ହେବ ମୋର ଯେ । ।୧୬।
ବ୍ରହ୍ମଶର ଆଗ ମଧ୍ୟେ ପେଷି ନାଗ ପାଶ ଶେଷେ ମୋହ ବାଣ
ମାୟା ସୀତା ହଣା କରାଇଲା ବଣା ବୁଦ୍ଧି,ବଳ,ଧୈର୍ଯ୍ୟ ମନ, ଯେ
ଲକ୍ଷ୍ମଣ ବୋଧ ଦେଇ, ସେଥି ପ୍ରକାଶନ୍ତି ଚିନ୍ତା ନାହିଁ ଯେ । ।୧୭।

ଲକ୍ଷ୍ମଣଙ୍କର ଶପଥ

ଚନ୍ଦ୍ର,ସୂର୍ଯ୍ୟ ସତ୍ୟ ଯେବେ ଆତଯାତ ହୁଅନ୍ତି ଧର୍ମେ ଗଗନେ
ଚରଣ କମାଣ ଛୁଇଁ ମୁଁ ପ୍ରମାଣ କରୁଛି ବଧିବି ରଣେ ଯେ
ନବଧି ନଫେରିବି,, ନପାରିଲେ ଅଗ୍ନିରେ ପଶିବି ଯେ । ।୧୮।
ବୋଲନ୍ତି ରାଘବ ବଡ଼ ଅସମ୍ଭବ କଥା କହିଲୁ ଲକ୍ଷ୍ମଣ
ଇନ୍ଦ୍ରଜିତ ବର କଥା ଯା ନିକର ପ୍ରକାଶିଲେ ବିଭୀଷଣ ଯେ
ବୋଲନ୍ତି ସଉମିତ୍ରି, ତିଳେ ଚିନ୍ତା ନାହିଁ, ରଘୁପତି ଯେ । ।୧୯।

Digitized by PPRACHIN, SOA

ପାଳିଥିବା ବ୍ରତ, ଅଦୃଶ୍ୟେ ସମାପ୍ତ- ହେବ, ଦେବଦରକାରେ
ଶକ୍ରାଜିତ ହତେ ବିଷ ସନ୍ନିପାତେ ଉପକାର ପରକାରେ ଯେ
ରାମ କହନ୍ତି ଆଗ,, ନାରୀ ନାହିଁ ନଥିବ ସମ୍ଭୋଗ ଯେ । ।୨୦।
ଭୋଜନ ବର୍ଜ୍ଜନ, କଥା ଦୁଗ୍ଧପାନ ଫଳ ଖାଇବା କାଳରେ
ଜାଣିଥିଲି ନିଦ୍ରା ବିହୀନେ ତୁ ସଦା ରହିଅଛୁ କି ପ୍ରକାରେ, ଯେ
ସୀତା ବିଚ୍ଛେଦକାଳୁ,, ଭାବିଥିଲି ଭୋଜନ ଛାଡ଼ିଲୁ, ଯେ । ।୨୧।
ସୁମିତ୍ରା କୁମର କହନ୍ତି ହେ ବୀର ଆସିବା କାଳେ ବନସ୍ତେ
ସେ ଉର୍ମିଳା ସତୀ କରାଇଲା ବ୍ରତୀ ଏଣୁ ମୁଁ ବ୍ରତୀ ତା ବ୍ରତେ ଯେ
ଉଜାଗରରେ ଦ୍ୱାର,, ଜଗି ରହିଥାଏ ରଘୁବୀର, ହେ । ।୨୨।
ସଙ୍ଗତରେ ବସି ନଖୁଆଅ ରୁଷି ନ କହି ଅର୍ପିବା ଖାଦ୍ୟ
ରଖେ ମାତା ଅପ- ହୃତରୁ ସଙ୍କଳ୍ପ କରି ଛାଡ଼ି ପରମାଦ, ଯେ
ଯାହା କହିଲି ସତ୍ୟ,, ତିଳେ ମିଥ୍ୟା ନୋହେ ରଘୁନାଥ ହେ । ।୨୩।
ବୋଲନ୍ତି କରୁଣ ସ୍ୱରେ ରଘୁରାଣ ମରିଯାଏ କି ନା ଭାଇ
କଷ୍ଟ ସହି କେତେ ବ୍ରତରେ କେମନ୍ତେ ଅଛୁ ଯତି ପରା ତୁହି ଯେ
ମୁହିଁ ଅଧମ ଦିନେ,, ଚିନ୍ତା ନ କରିଲି ଯାହା ମନେ, ଯେ । ।୨୪।
ସାବତ ମାତାର ସୁତ ହୋଇବୀର ସେବୁଛୁ ନିଶି ଦିବସ
ଥରେ ହେଲେମ୍ଳାନ କରିନୁ ବଦନ ଦେଖିନି ମୁଖ ବିରସ, ଯେ
ପର ଯୁଗରେ ମୁହିଁ,, ସେବିବାକୁ ହେବି ସାନ ଭାଇ, ଯେ । ।୨୫।
ଉର୍ମିଳା ବଲ୍ଲଭ ବୋଲନ୍ତି ଦୁର୍ଲ୍ଲଭ କିପରି ହୁଅନ୍ତା ଦେବ
ଯେଉଁ କାର୍ଯ୍ୟ ପାଇଁ ଯାହା ଲୋଡ଼ା ବିହି ଅଦୃଶ୍ୟେ କରେ ସମ୍ଭବ ଯେ
ପ୍ରମିଳା ପାତି ବ୍ରତ୍ୟ,, ଶେଷ ଇନ୍ଦ୍ରଜିତ ହେବ ହତ, ଯେ । ।୨୬।
ମୋର ବ୍ରତ ପୂର୍ଣ୍ଣ ହୋଇଲା କାରଣ କାଲି ନିଶି ନିଦ୍ରାବତୀ
ଘାରିଲେ ନୟନ ଅଦ୍ଭୁତ ସ୍ୱପନ ଦେଖିଲି ଯା ଟଳେ ଧୃତି, ଯେ
ବସି ମହିଷ ପରେ,, ରଣୁ ଯାଏ ବୀର ଯମପୁରେ, ଯେ । ।୨୭।
ଜବା ପୁଷ୍ପ ହାର କଣ୍ଠେ, ଛିନ୍ନଶିର କଟି ତଟେ ରକ୍ତବାସ
ତଇଳ ଲିପିତ କରେ ସୁରାପାତ୍ର ଏଣୁ ହେବ ନିଶ୍ଚେ ନାଶ, ଯେ
ବୋଲନ୍ତି ସୀତାପତି,, ଶିରୀ ତୁଣ୍ଡ ହେଉ ତୋର ଏଥି, ଯେ । ।୨୮।
ଏହିକାଳେ ଚାର ଲଙ୍କାର ଖବର ବିଭୀଷଣେ ଦେଇଗଲା
ଗୁରୁ ଶୁକ୍ରାଚାର୍ଯ୍ୟ ନିର୍ଦ୍ଦେଶେ ଆଚାର୍ଯ୍ୟ କରି ଯାଗେ ନୃପବଳା, ଯେ
ନିକୁମ୍ଭିଳା ବନରେ,, ଯାହା କରିବାର କରଖରେ, ଯେ । ।୨୯।
ଏ ଛାନ୍ଦ ଏଠାରେ ପୂର୍ଣ୍ଣ କରେ ଧୀରେ ଆଗ ଛାନ୍ଦେ ଇନ୍ଦ୍ରଜିତ
ନିକୁମ୍ଭିଳା ବଟ ପୁଟରେ ସଙ୍କଟ- ଦୂରେ,ଥିବ ଯାଗେ ରତ,ଯେ
ବିଭୀଷଣ ଲକ୍ଷ୍ମଣ,, ମାରୁତି ଆଦି କରିବେ ରଣ, ଯେ । ।୩୦।

୨୬:ଉର୍ମିଳା ବଲ୍ଲଭ-ଲକ୍ଷ୍ମଣ. ପ୍ରମିଳା ପାତିବ୍ରତ୍ୟ-ପତିବ୍ରତ ଧର୍ମ । ୩୦: ବଟ ପୁଟରେ-ବରଗଛ ନିକଟରେ ।

Digitized by PPRACHIN, SOA

ସିଂହଲକ୍ଷ୍ମଣ ସମ୍ବାଦ

ନିକୁମ୍ଭିଲା ବଟ ନାମ କରଣ

(ରାଗ: - ପଞ୍ଚମ ବରାଡ଼ି)

ଛାନ୍ଦ - ୨୬

ନିକୁମ୍ଭିଲା ବଟ ଯାଗ, ଭଗ୍ନ ଚରିତ ସରାଗ, ମନେ ସୁମନେ ଶ୍ରବଣ କର,
ନିକୁଞ୍ଜ ନିକେତନରେ, ନିଘଞ୍ଚେ ପୁଚ୍ଛନ୍ତେଥରେ, ଉମା ଯାହା ପ୍ରକାଶିଲେ ହର,
ସେ ରାମ ନାମ,, ହୃଦ ସଂପୁଟରୁ ଖୋଲି ଗୁଣି,
ତାହା ରାମ କାବ୍ୟା ମୃତେ, ଲିପି ହୋଇଛି ସଞ୍ଚତେ ତରିବାକୁ ଭବ ତରଙ୍ଗିଣୀ ସେ, ।।୧।

ଶୁଣି ବିଭୀଷଣ ଚାର- ମୁଖରୁ ଯଜ୍ଞ ଖବର, ବିଭ୍ରମେ ବୋଲଇ, ଶୁଣ ବିଭୁ,
ଲକ୍ଷ୍ମଣ, ହନୁ, ମୁଁ, ତିନି, ଇନ୍ଦ୍ରଜିତ ବଧ ଗୁଣି, ବଟ ଦେବତୀ ନିକଟେ ଯିବୁ ।
ସେ ସାୟଂକାଳେ,, ବ୍ୟସ୍ତ ନ ହୁଅନ୍ତୁ ରଘୁବୀର,
ଲକ୍ଷ୍ମଣ କମାଣ ବାଣ, ବାସବ ଜିତର ପ୍ରାଣ, ନେବ ବିହି କରି ଅଛି ସ୍ଥିର, ସେ ।।୨।

ଇନ୍ଦ୍ରଜିତ ଯାଗ ସାଙ୍ଗ ଯେପରି ହୋଇବ ଆଗ ଦେବୀଙ୍କୁ ତା କହିବୁ ବୁଝାଇ
ଦେବଜିତ ରହୁବର ଦିଗ ଦହନ ଚିରାଳ ଅକ୍ଷୟ ତୂଣୀ ନ ଦେବା ପାଇଁ
ସେ ହେଲେ ସାହା,, ହତହେବ ପରିମଳା ନାହା,
ନଥିବ ଆଉ ଖାତର ହାରିବ ସେ ବିଂଶକର ରଣେ ଇନ୍ଦ୍ରଜିତ ତାର ବାହା ସେ ।।୩।

ମର୍ଯ୍ୟାଦା ପୁରୁଷୋତ୍ତମ ବୋଲନ୍ତି ନୁହେ ଉତ୍ତମ ଯାଗ ଭଗ୍ନ ନାଶ ହେବ ଧର୍ମ
ବ୍ରାହ୍ମଣଙ୍କର ଯଜନ ଯାଜନ ଯେ ଅଧ୍ୟାପନ ଦାନ, ପ୍ରତିଗ୍ରହ ଷଟ କର୍ମ
ସେ ବଂଶେ ଜାତ,, ଗର୍ଭଧାରୀ ମାତା ମନ୍ଦୋଦରୀ
ଦେବୀଙ୍କୁ ପ୍ରସନ୍ନେ ଯାଗ, କଲା ବେଳେ ହବିର୍ଭାଗ-ଦେଇ' ତାହା ଭାଙ୍ଗିବା କିପରି ସେ ।।୪।

ଅନ୍ୟ ଉପାୟକୁ କର ସେବି, ଦେବୀଙ୍କ ପୟର ବିପଥ ହୋଇଲେ ଏକାଗ୍ରତା
ଯିବ ସାଙ୍ଗ ହେବ ଯାଗ ଧର୍ମ ରଖି ରଣ ରଙ୍ଗ କରି ମାରି ଆସିଦିଅ ବାର୍ତ୍ତା
ତା ସନମତେ,, ବିଭୀଷଣ ଚିନ୍ତିଣ ଉପାୟ
ବୋଲେ ପ୍ରଭୁ ଥୟ ଧର, ମାନି ଆଦେଶ ତୁମ୍ଭର, ଫେରିବୁ ଶତ୍ରୁ କରିଣ ଜୟସେ ।।୫।

ସନ୍ଧ୍ୟାବର୍ଣ୍ଣନା

ବହଇ ସମୀର ଧୀରେ କୁସୁମର ବାସଭରେ ସନ୍ଧ୍ୟାରାଣୀ ହେଲା ଉପଗତ
ଏକାଳେ ପଶ୍ଚିମେ ରବି ବୁଡ଼ିବାରୁ ଇନ୍ଦୁଛବି ସରେ ଖରେ କମଳ ମୁଦ୍ରିତ
ସେ ବିଭୀଷଣେ,, ରାମାନୁଜ ପ୍ରଭଞ୍ଜନ ସୁତ
ଶ୍ରୀରାମ ଚରଣ ଧୂଳି, ଛୁଆଇଁ ହର୍ଷେ ମଉଳି ନିକୁମ୍ଭିଲା ବନକୁ ଆଗତସେ । ।୬।

୧:ନିକୁଞ୍ଜେ ନିକେତନ-କୁଞ୍ଜଘରେ. ନିଘଞ୍ଚେ-ନିବିଡ଼େ. ହୃଦ ସଂପୁଟ-ବକ୍ଷ ପରୁଆ. ଭବତରଙ୍ଗିଣୀ-ଭବନଦୀ । ୨: ବିଭ୍ରମେ-ସଂଶୟମନେ, କମାଣ-କାଣ୍ଡ.ବାଣ-ଶର । ୩: ଦେବଜିତ ରହୁବର-ଦେବଦଳନ ରଥ. ପରିମଳା ନାହ:-ଇନ୍ଦ୍ରଜିତ. ୪: ମର୍ଯ୍ୟାଦା ପୁରୁଷୋତ୍ତମ- ରାମ. ହବିର୍ଭାଗ-ଘୃତାହୁତି. ୬: ସନ୍ଧ୍ୟାରାଣୀ-ସନ୍ଧ୍ୟା ରୂପକ ନାୟିକା. ଇନ୍ଦୁଛବି-ଚନ୍ଦ୍ରରୂପ. କମଳ-ପଦ୍ମ. ରାମାନୁଜ-ଲକ୍ଷ୍ମଣ. ପ୍ରଭଞ୍ଜନ ସୁତ-ହନୁମାନ. ମଉଳି-ମୁଣ୍ଡ ।

Digitized by PPRACHIN, SOA

ରାମ ଦେଇ ଆଶୀର୍ବାଦ ବୋଲନ୍ତି ସତର୍କେ ବାଦ- କରି ଇନ୍ଦ୍ରଜିତ ନାଶକର
ମାନସ୍ରୁ ଛାଡ଼ି କଦନ ଇନ୍ଦ୍ରଜିତର ସଦନ ଅସ୍ତ୍ରାଗାର ଘେରନ୍ତୁ ବାନର
ସେ ତିନିଜଣ,, ଶୁଣି ଅନିଳୁ ପ୍ରଖରେ ଚଳି
ମିଳନ୍ତେ ଦେଖନ୍ତି ବନ, ପଥ କଣ୍ଟକରେ ପୂର୍ଣ୍ଣ ପେଚାଏ ପକାନ୍ତି ହୁଳହୁଳି । ।୭।

ବନ ଶୋଭା ବର୍ଣ୍ଣନ

ବିଶାଳ ସାଳ ରସାଳ ଶିଶୁ ବୃକ୍ଷ ମାଳ ମାଳ ଘନୀଭୂତେ ଗଗନେ ଲପନ
ପଥକାଛ ବାଂଶବନ ବାଂଶ ଉପରେ ଚୁମ୍ବନ ଦେଉଥାଏ ବହନ୍ତେ ପବନ
ସେ ମୃଗ, ସିଂହ, ବରାହ, ଶୃଗାଳ, ଗଜ,ବ୍ୟାଘ୍ର
ବୁଲୁଥାନ୍ତି ପନ୍ତି ପନ୍ତି ଘେନିଣ ଶାବକ ପଂକ୍ତି କେହି ଭୟେ ଯାଉଥାନ୍ତି ଶୀଘ୍ର ସେ ।।୮।
କାହିଁ ଶଶା ଭାଲୁ ଗଣ୍ଡା ବୁଲୁଥାନ୍ତି ଗଣ୍ଡା ଗଣ୍ଡା ଗର୍ଜନ କମ୍ପାଇ ଦିଏ ଛାତି
କାହିଁ ମଧୁମକ୍ଷି ଗଣ ଫେଣା ପରେଗଣ ଗଣ ହୋଇ ମଧୁ ସଞ୍ଚୟ କରନ୍ତି
ସେ ପଡ଼ିଥିବା,, ପଚାମାଂସେ ମଶକ ଡ଼ାଉଁସ
ରଣଭଣ ହେଉଥାନ୍ତି, କାହିଁ ବିଲୁ ବ୍ୟାଳ ପନ୍ତି ଆସି ବଲ୍ମୀକେ ଖୋଜନ୍ତି ଗ୍ରାସ । ।୯।
କାହିଁ ବାହାରିଣ ଜନ୍ଦା ବାଟହୁଡ଼ି ବାନ୍ଧି ମନ୍ଦା ପିମ୍ପୁଡ଼ି ଧାର କାନନ ହାର
କାହିଁ କରାନ୍ତି ଉଦୟ ମଶାଣିଆଁ ପକ୍ଷୀଚୟ ଭୟ ଶିଶୁ କ୍ରନ୍ଦନ ପ୍ରକାର
ସେ ବୃନ୍ତବ୍ରାତ, ବାତ କାହିଁ ଦେଉ ଦୋହଲାଇ
ମଙ୍ଗଳ ବିଧି ବିଧାନେ ଖଇ ବର୍ଷା ପରି ବନେ ଶୁଷ୍କ ପୁଷ୍ପ ପୂର୍ଣ୍ଣ ହୁଏ ମହୀ । ।୧୦।
ସେଥି ଲଂକେଶ ଅନୁଜ ବୋଲନ୍ତି ହେ ରାମାନୁଜ ଏନିକୁମ୍ଭ ବଟେଶ୍ୱରୀ ବନ
ଦୁର୍ଗ ଦୁର୍ଗରେ ପ୍ରାକାର ଅଛି ତିନି ତିନି ଦ୍ୱାର ତାହା ପରେ ଭବାନୀ ଆସ୍ଥାନ
ସେ ମଧ ସ୍ଥଳେ,, ଯିବା ପାଇଁ ନାହିଁ କାହିଁ ବାଟ
ଇନ୍ଦ୍ରଜିତ ଶସ୍ତ୍ରାଗାର ପ୍ରାଙ୍ଗଣ ମଧୁ ବିବର ରହିଅଛି ସେ ବଟ ନିକଟ । ।୧୧।
ଏହା କହି କହି ଭେଦ କରୁ ବଭୀଷଣ ଆଦ୍ୟ ଦ୍ୱାର ମନ ମଧେ ଧରି ଭୀତି
ସେହି କାଳେ ଉଲ୍କାପାତ ପ୍ରାୟ ଶବ୍ଦେ ହୋଇଜାତ ଦୋହଲାଇ ଦେଲା ସର୍ବ ଛାତି
ସେ,, ବିଦ୍ୟୁତ୍ ଆଭା,, ବେଲୁବେଲ ପ୍ରକାଶନ୍ତେ ପ୍ରଭା
ଆଶ୍ଚର୍ଯ୍ୟ ହୋଇ ସକଳେ ଠିଆ ହୋଇଲେ ବିକଳେ କିପରି କରିବେ କାର୍ଯ୍ୟନିର୍ଭା ।।୧୨।
କ୍ରମେ ଚନ୍ଦ୍ର ଜୋସ୍ନାବତ ଆଲୋକ ହେଲା ବନସ୍ତ ଦେଖନ୍ତି ଲକ୍ଷ୍ମଣବୀର ଆଗେ
ମହାବଳୀ ସିଂହ ଆସି ବିଭୀଷଣକୁ ଆକର୍ଷି ନେଇ ଲମ୍ଫଦେଇ ଗର୍ଜି ରାଗେ
ସେ, ଅଳ୍ପଦୂରେ,, ସମ୍ମୁଖରେ ବନେକରେ କେଳି
କରିବା ପାଇଁ ଉଦ୍ଧାର ବିଭୀଷଣ ବାରମ୍ବାର ଡ଼ାକି କରୁଥାନ୍ତି ନିଉଛାଳି । ।୧୩।
ଶରଣା ଗତ ଜନର ଅବସ୍ଥା ବିଲୋକି ବୀର ଲକ୍ଷ୍ମଣ ଉଦ୍ଧାର ପାଇଁ ବ୍ୟଗ୍ରେ
ବିନ୍ଧିବା ପାଇଁ କି କାଣ୍ଡ ସ୍କନ୍ଧରୁ ଟାଣୁ କୋଦଣ୍ଡ ବନ୍ଧନ ପରାୟେ ସେଥି ଲାଗେ
ସେ, ସ୍ତମ୍ଭୀଭୂତେ,, ଯେତେ ଚେଷ୍ଟା କଲେ ଟାଣି କରି
ଚଳିଲା ନାହିଁ ସେ କର କ୍ରୋଧେ ଜଳେ ମର୍ମସ୍ଥଳ ରହିଲେ ଦୁଃଖେ ବାଚାଳପରି ।।୧୪।

୭:କଦନ-କଷ୍ଟ, ଅନିଳୁ-ପବନୁ ।୮: ଲପନ-ମଥା, ଶାବକ-ଶିଶୁ ।୯:ଶଶା-ଠେକୁଆ, ବିଲୁ-ଗାତରୁ,ବ୍ୟାଳ-ସର୍ପ,ପନ୍ତି-ଦଳ,ବଲ୍ମୀକେ-ହୁଙ୍କାରେ । ୧୧: ଲଙ୍କେଶ ଅନୁଜ-ବିଭୀଷଣ, ରାମାନୁଜ-ଲକ୍ଷ୍ମଣ, ଦୁର୍ଗ-ଗଡ଼, ପ୍ରାକାର-ପ୍ରାଚୀର, ଭବାନୀ-ଦୁର୍ଗା, ଆସ୍ଥାନ-ପୀଠ । ୧୨: ବିଦ୍ୟୁତ୍ଆଭା-ବିଜୁଳି । ୧୩:ଜୋସ୍ନା-କିରଣ, ନିଉଛାଳି-ଅର୍ଚ୍ଚନା, ଆର୍ଯ୍ୟବ୍ରତ ପରାୟଣ-ଧର୍ମ ପରାୟଣ ।

Digitized by PPRACHIN, SOA

ଆର୍ଯ୍ୟବ୍ରତ ପରାୟଣ ପ୍ରସିଦ୍ଧ ବଂଶୀ ଲକ୍ଷ୍ମଣ ଶରଣାଗତ ଜନରେ ପୀଡ଼ା
ଦେଉଥିଲେ ସିଂହରହି ଉଦ୍ଧାରି ପାରନ୍ତି ନାହିଁ କାଠ ପ୍ରାୟ ରହେ କର, ବ୍ରୀଡ଼ା
ଯେ, ସେ ବିସ୍ମିତ ହୁଅନ୍ତି, ଶୁଣିଣ ନରପରି
ବାକ୍ୟ ଉଚ୍ଚାରିଣ ଦୀର୍ଘେ ପ୍ରକାଶେ ମୃଗେନ୍ଦ୍ର ଆଗେଶୁଣ ଶୁଣ ଆହେ ଧନୁର୍ଦ୍ଧାରୀ ।।୧୫।
ମୋ ପରେ ବାଣ ପ୍ରହାରି ଶରଣା ପନ୍ନକୁ ପାରି- କରିବ ଭାବିଛ ଯାହା ମନେ
ପ୍ରଭାଶାଳୀ ବଂଶେଜାତ ଥିଲେ ହେଁ ବଳ ବହୁତ କିଛି କରି ନ ପାରିବ ଜାଣେ
ମୁଁ ତୁମ୍ଭବଳ, ଏ ଧରା ଧାମେ ପବନ ପରି
ବଡ଼ ବଡ଼ ବୃକ୍ଷ ସତ ମୋଡ଼ିବ ସିନା ପର୍ବତ ତିଳେ ହେଲେ ନ ପାରିବ ଟାଳି । ।୧୬।
ନୁହେଁ ସାମାନ୍ୟ ମୃଗେନ୍ଦ୍ର ମୁହିଁ ଶିବାସନ ଭଦ୍ର- ନିକୁମ୍ଭ, ସୌମିତ୍ର କୁମ୍ଭୋଦର
ବୁଝନ୍ତୁ ମୁଁ ତା ସଦୃଶ ମୋତେ କରିବା ବିନାଶ କାର୍ଯ୍ୟ ନୁହଇ ସମ୍ଭବ ପର
ସେ,ହୈମବତୀ, ଧରିଣ ଖଣ୍ଡା ଖର୍ପର କାତି,
କରନ୍ତି ବନଭ୍ରମଣ ମୋର ପୃଷ୍ଠେ ଆରୋହିଣତାଙ୍କ ପ୍ରସାଦରୁମୋର ଶକ୍ତି ।।୧୭।
ଏହା ମୋର ପରିଚୟ ଏ ବଟରେ ଦିଅ ଲୟ ତାକୁ ଶିବ ବରପୁତ୍ର ରୂପେ
ଗ୍ରହଣ କରି ଅଛନ୍ତି ଗଣନାଥଙ୍କୁ ପାର୍ବତୀ ସ୍ତନ୍ୟପାୟୀ ପ୍ରଦାନ ସ୍ୱରୂପେ
ସେ ସ୍ତନ୍ୟରୂପୀ, ହେମ ଘଟେ ଆଣି ପାଣି ଦାନ
କରି ବଢ଼ାଇଣ ଥିଲେ ଥରେ(ରକ୍ଷେ) ସୁରଛଳେଶାଖା କାଟି କରନ୍ତେ ଇନ୍ଧନ ।।୧୮।
ସେ ବଟର ଏତାଦୃଶ ଦୁର୍ଦ୍ଦଶା ଦେଖି ଗଣେଶ ଦନ୍ତ କର୍ତ୍ତନ ପରାୟେ ମଣି
ଶୋକାର୍ତ୍ତେ ଭବାନୀ ଏଥି ଦେଲେ ଯେ ମୋତେ ନିଯୁକ୍ତି ସେ ବଟ ରକ୍ଷା କାର୍ଯ୍ୟରେ ପୁଣି
ମୁଁ ରଖୁଁ ବଟ,, ବଟ ତ ମୋ ନାମରୁ ପ୍ରକଟ
ହେଲା ନିକୁମ୍ଭିଳା ବଟ ଧୂର୍ଜ୍ଜଟୀଙ୍କର ଆକଟ ଫଳେ ମୁହିଁ ସଦା ତା ନିକଟ ।।୧୯।
ମୋର ଖିଆ ପିଆ ପାଇଁ ଅନ୍ୟତ୍ର ନ ପାରେ ଯାଇଁ ଜାଣି ଆଜ୍ଞା ଦେଲେ ମାହେଶ୍ୱରୀ
ମଣିଷ ଆଦି ରାକ୍ଷସ ଯେ ଏଥି ଆସିବ ଗ୍ରାସ କରି ରହ ଦିବସ ଶର୍ବରୀ
ଏ ଯେଣୁ ଆଜି,, ଆସିଛନ୍ତି ଫାଟକ ଡେ଼ଇଁଣ,
ଖାଇ ବହୁଦିନ କ୍ଷୁଧା ମେଣ୍ଟାଇବି ଏଥି ବାଧା ଦେବସିନା ନହେବ କାରଣ ।।୨୦।
ଯେତେ ଚେଷ୍ଟା କଲେ ଆଜନ ହୋଇବ କୃତକାର୍ଯ୍ୟ ରାହୁଥିବା ପରି ନିଜ କକ୍ଷେ
ଥିଲି ଈଶ୍ୱର ବିଧାନେ ଚନ୍ଦ୍ରପରି ବୁଲି ତୂର୍ଣ୍ଣେ ସେହି ଆସୁ ରାହୁ ପ୍ରାୟ ଭକ୍ଷେ
ସେ ଉପବାସୀ,, ଥାଇ ମୁଖାଗ୍ରତେ ସୁଧାପାନ
ପାଇବା ପରି ବିଶେଷି ବିଭୀଷଣ ରକ୍ତ ଶୋଷି ପାରଣା କରିବି ଉଦ୍‌ଯାପନ ।।୨୧।
ଏହି କାରଣୁ ଆପଣ ଦୈବ ନିର୍ଦ୍ଦେଶ ଅମାନ୍ୟ କରିବା ଉଚିତ ହେବ କାହିଁ
ଶରଣାଗତକୁ ରଖି ନ ପାରିଲ ବୋଲି ଦୁଃଖୀ-ନୁହ ଲଜ୍ଜିତ ହେବାର ନାହିଁ
ହେ ତୁମ୍ଭେ ଜ୍ଞାତେ,, ଆନୁଗତ୍ୟ ପ୍ରଦର୍ଶନ କଲ,
ମାରିବାକୁ ମୋତେ ବାଣ, ବଢ଼ାଉ କର ସ୍ତମ୍ଭନ ହେଲା ଯାହା ଶିବ କଉଶଳ ।।୨୨।

୧୫: ବ୍ରିଡ଼ା-ଲଜ୍ଜା, ମୃଗେନ୍ଦ୍ର-ସିଂହ ।୧୭:ହୈମାବତୀ-ହିମାଳୟ କନ୍ୟା ଦୁର୍ଗା । ୧୮:ରକ୍ଷେ-ରାକ୍ଷସେ., ଶାଖା-ଡ଼ାଳ,ଇନ୍ଧନ-କାଷ୍ଠ । ୨୦:ମାହେଶ୍ୱରୀ-ଦୁର୍ଗା, ଦିବସ-ଦିନ, ସର୍ବରୀ-ରାତ୍ରି । ୨୧: ତୂର୍ଣ୍ଣେ-ଶିଘ୍ରେ । ୨୩:ଅଜ୍ଞ`ଜ୍ଞ`-ଦଶରଥ, କୁମର-ଲକ୍ଷ୍ମଣ, ସଲଜ୍ଜିତେ-ଲଜ୍ଜା ସହିତେ ।

Digitized by PPRACHIN, SOA

ତାହାଛଡ଼ା ରକ୍ଷଣୀୟ ଦ୍ରବ୍ୟ କାହିଁ ହେଲେ କ୍ଷୟ ରକ୍ଷାକର୍ତ୍ତା କୀର୍ତ୍ତି ନୁହେ ଲୋପ
ନ ପାରିଲ ବୋଲି ରଖି ବିଭୀଷଣେ ନୁହ ଦୁଃଖୀ କ୍ଷାନ୍ତ ହୁଅ ନକର ବିଳାପ
ହେ ଧନୁର୍ଦ୍ଧର,, ସିଂହ ଠାରୁ ଏ ପ୍ରଗଲ୍ଭ କଥା
ଶୁଣି ବନ୍ଦନୀୟ ବୀର ଅଜ ଜ ନୃପ କୁମାର ସଲଜ୍ଜିତେ ପୋତି ଦେଲେ ମଥା ।।୨୩।
ନର ମଧ୍ୟେ ଅଧିରାଜ ଲକ୍ଷ୍ମଣ ଯେପରି ତେଜ- ଶାଳୀ, ସିଂହ ମଧ୍ୟ ପଶୁରାଜ
ବଳେ ଉଭୟ ସମାନ ପରାଭବ ପାଉମନ ଶସ୍ତ୍ର ଚାଳନାରୁ ଯାଉ ଓଜ
ତା ସଦାଶିବ,, ଇଚ୍ଛା ବୋଲି ସ୍ଥିର କରି ମନେ,
ଶର ପ୍ରୟୋଗେ ଅକୃତ କାର୍ଯ୍ୟେ ନୋହି ବିଚଳିତ ଭାବିଲେ ଏହା ନୂଆ ଜୀବନେ ।।୨୪।
ପୁରାଣେ ଏ ଥିଲା ସିନା ବାସବ ପକ୍ଷେ ବର୍ଣ୍ଣନା ତ୍ରିପୁର ଜନରେ ବଳୀ ଶିବ
ନେତ୍ରେ ରାହୁ ଅମୋଘାସ୍ତ୍ର ବଜ୍ରଧରୁ ଇନ୍ଦ୍ରହସ୍ତ ପାଷାଣ ପାଲଟି ଥିଲା ଯବ
ତା ଏହି ଠାରେ,, ପୁଣି ପୁନରାବୃତ୍ତି ହୋଇଲା,
ଶରଣାଗତ ଜନକୁ ନ ରଖି ପାରି ଧନୁକୁ ଭାରପରି ବୋହିବା ହୋଇଲା ।।୨୫।
ଲକ୍ଷ୍ମଣ କରନ୍ତି ବ୍ୟକ୍ତ ଶିବ ଦୟାରୁ ସମସ୍ତ ଅନ୍ତର୍ଗତ କଥା ଜାଣୁ ଥିବ
ନିଃସ୍ୱାର୍ଥ ପର ଭାବରେ ଯାହା କହୁଛି ଆଗରେ ନହେଉଥିବ ଅବୋଧଲବ
ମୋ ଶରୀରକୁ,, ଭକ୍ଷି କ୍ଷୁଧା ନିବୃତ୍ତ କରାନ୍ତୁ,
ଶ୍ରୀରାମ ପଦେ ଶରଣ ପଶିଛନ୍ତି ବିଭୀଷଣ ଛାଡ଼ତାଙ୍କୁ ଶଙ୍କୋଚ ହରାନ୍ତୁ ।।୨୬।
ପୁଣି ବୋଲନ୍ତି ଲକ୍ଷ୍ମଣ ହେ ଶିବ ସେବକ ଶୁଣ ସୃଷ୍ଟି, ସ୍ଥିତି ବିଲୟ କାରଣ
ଯେଉଁ ଉମା ବରହର ତାଙ୍କ ଆଜ୍ଞାକୁ ମୋହର ଅବଜ୍ଞା କରିବା ଅଭୂଷଣ
ହେ କିନ୍ତୁ ମୋର,, କର୍ତ୍ତବ୍ୟା, କର୍ତ୍ତବ୍ୟ ନେଇ ପଦେ,
କହୁଅଛି ଆତ୍ମସେନା- ପାଇଁ ଏହାଙ୍କ ପ୍ରେରଣା ବିଜୟ କରାଉଥିଲା ବାଦେ ।।୨୭।
ରଣକ୍ଷେତ୍ରେ ରଘୁପତି ଏକା ବିଭୀଷଣ ଉକ୍ତି ମାନି ସଦା ସେନାନି ଚଳାନ୍ତି
ଭଲ୍ଲୁକ ମର୍କଟ କଷ୍ଟ ବିଦୂରେ ସଦା ଉଦ୍ଦିଷ୍ଟ ଯେହୁତାଙ୍କୁ ଛାଡ଼ି ହେବି ଶାନ୍ତି
ମୁଁ କି ପ୍ରକାରେ,, ଉପେକ୍ଷଣୀୟ ନୁହନ୍ତି ସେହି,
ଆଜି ବାହୁଡ଼ିବା କାଳେ ରଣ ଖବର ବିକଳେ ପୁଚ୍ଛୁ ରାମ କି କହିବି ମୁହିଁ । ।୨୮।
ଆମ୍ଭେ ଫେରିବାର ପଥ ଚାହିଁ ଥିବେ ରଘୁନାଥ ତାଙ୍କୁ ଛାଡ଼ି ଦିଅନ୍ତୁ ଆପଣ
ରଖି ମୋର ଅନୁରୋଧ ମୋତେ ଭକ୍ଷି ହୁଅ ବୋଧ କ୍ଷୁଧା ହେବା ପାଇଁ ନିବାରଣ
ସେ ଶିବାଚର,, ଲକ୍ଷ୍ମଣଙ୍କ ଦେହଦାନ ଶୁଣି,
ବୋଲେ ଅଟ୍ଟହାସ୍ୟ କରି ଧର୍ମ,ଅର୍ଥ,କାମ ଚାରି ବର୍ଗ ଅଧିକାରୀ ହୋଇ ପୁଣି ।।୨୯।
ବିଶାଳ ଧରାଧୀଶ୍ୱର ପ୍ରତାପୀ ରାମ ସୋଦର ସାମାନ୍ୟ ଶରଣାପନ୍ନ ପାଇଁ
ନିଜ ଶରୀର ଉତ୍ସର୍ଗ କରିବା ପ୍ରସ୍ତାବ ଆଗ ଧୀ,ମାନ ଭାବ ପ୍ରକାଶେ ନାହିଁ
ହେ ସଉମିତ୍ରି,, ତୁମ୍ଭେ ଦୀର୍ଘ ଜୀବୀ ହେଲେ ରାମ
ବଞ୍ଚି ନିରାପଦେ ପ୍ରଜା ପାଳିବେ ଉଡ଼ିବ ଧ୍ୱଜା ଦେହୋତ୍ସର୍ଗ କି ଉଚିତ କାମ ।।୩୦।

୨୩: ପ୍ରଗଲ୍‌ଭ-ଦାମ୍ଭିକତା, ଅଜ'ଜ'-ଦଶରଥ, କୁମର-ଲକ୍ଷ୍ମଣ ।୨୫:ଯବ-ଶିଘ୍ର । ୨୬:ଲବ-ଅଳ୍ପ, ଶଙ୍କୋଚ-ଭୟ । ୩୦: ଧୀ-ବୁଦ୍ଧି, ଦେହୋତ୍ସର୍ଗ-ଦେହଦାନ ।

Digitized by PPRACHIN, SOA

ଗୋଟିଏ ଶରଣ ଜନ ପାଇଁ ତେଜିଲେ ଜୀବନ ସେ ଗୋଟିକର ମଙ୍ଗଳ ହେବ
କୋଟି କୋଟି ପ୍ରଜା ସ୍ୱାର୍ଥ ହାନି କରିବା ଯଥାର୍ଥ ବୁଦ୍ଧିମନ୍ତ କାର୍ଯ୍ୟ କି ହୋଇବ
ହେ ଛାଡ଼ିଯାଙ୍କୁ,, ରାମ ସଙ୍ଗେ ସେନାଙ୍କୁ ରଖନ୍ତୁ,
ସେନାଙ୍କ ପାଳନ କର୍ତ୍ତା, ରାଜ,ରାଜ୍ୟ ପିତାମାତା ଜଣେ ପାଇଁ ପ୍ରାଣ ନ ହରାନ୍ତୁ ।।୩୧।
ସୁମିତ୍ରା ନନ୍ଦନ ଉକ୍ତି ଖଣ୍ଡନେ ସିଂହ ବଦତି ବହୁତ ଶରଣାପନ୍ନ ନାଶି
ଏଥି ଏ ଶରଣାପନ୍ନ ରଖିବା ନୁହେଁ ଭୂଷଣ ଦେହ ଦାନ କିଂପା କର ହସି
ହେ ଯଦି ଭ୍ରାତୃ,, ତୋଷ ପାଇଁ କର ଏହା ବୀର,
ତଥାପି ଶରୀର ତ୍ୟାଗ ଅନାବଶ୍ୟକ ବୈରାଗ୍ୟ ହେବ ମାନସେ ବିଚାର କର ।।୩୨।
ବୋଲୁ ଛନ୍ତି ସଉମିତ୍ରି ଯେଣୁକରି ଆମ୍ଭେକ୍ଷତ୍ରୀ ବିପନ୍ନ ତାରିବା ଆମ୍ଭ ଧର୍ମ
ସୁସ୍ଥ ସୁନ୍ଦର ଶରୀର ସମୃଦ୍ଧିରେ ରାଜ୍ୟଭାର ରାଜ ଭୋଗ ନୁହେ ସାଧୁ କର୍ମ
ଏ ବିନାଶରୁ,, ତ୍ରାହି କରିବା ମୋ ପୁରୁଷାର୍ଥ,
ସୁଖ ବିଭୋଗ ଅପେକ୍ଷା ଏହାଙ୍କୁ କରିଲେ ରକ୍ଷା ସାର୍ଥକ ହେବ ନ ହେବ ବ୍ୟର୍ଥ ।।୩୩।
ତହିଁରୁ ବିଚ୍ୟୁତ ଲବେ ହେଲେ ନିନ୍ଦାହେବ ଭବେ ଅପଯଶ ପଣେ କେଉଁ ଲାଭ
କଳୁଷିତ ଜୀବଧରି ସୁଖ ଅନୁଭବ କରି ରହିଲେ କାହିଁବା ହେବ ଶୁଭ
ହେ ଏଣୁ ମୋର,, ଏକାନ୍ତ କାମ୍ୟ ମୋ ପିଣ୍ଡ ଖାଇ,
ଛାଡ଼ନ୍ତୁ ଶରଣାଗତ- ଜନ,ରାମ ହେବେ ଶାନ୍ତ ସାମାନ୍ୟ ନୁହନ୍ତି ଲଙ୍କ ସାଇଁ ।।୩୪।
ଏଥିଲେ ସର୍ବ କାମନା ପୂର୍ଣ୍ଣ ହେବ ରଣେ ସିନା ଆପଣ ଦେବୀଙ୍କ ପ୍ରଭାବରେ
ଆକ୍ରମଣ କରିଛନ୍ତି ସିନା, ଭବେ କେ, ନାହାନ୍ତି ତାଙ୍କୁ ଉପେକ୍ଷା ନ କରି ପାରେ
ହେ ଏଥି ପାଇଁ,, ତାହାଙ୍କୁ ମୋ ଦେହ ବିନିମୟେ,
ଉଦ୍ଧାର ନ୍ୟାୟ ସଙ୍ଗତ ହେବ ତୁମ୍ଭେ ଖାଇ ତୃପ୍ତ- ହୁଅ,କାର୍ଯ୍ୟ ହୋଇବ ଉଭୟେ ।।୩୫।
ଆପଣ ଶିବା ଅଧୀନ ହୋଇ ରଖନ୍ତି ଏ ବନ ମୋର ସୁରକ୍ଷିତେ ରାମଭୃତ୍ୟ
ତାଙ୍କୁ ବିନାଶ କରାଇ ଅକ୍ଷତ ଶରୀରେ ଯାଇ ଦେଖା ଦେବି ପ୍ରଭୁଙ୍କୁ କେମନ୍ତ
ଏ ମାଟି ଦେହ,, ଦିନେ ହେଲେ ମାଟିରେ ମିଶିବ
ନୀତି ବାକ୍ୟ କହେ ଶାସ୍ତ୍ର ଦୟାର୍ଦ୍ର ଗୁଣ କଳ୍ପାନ୍ତ ସ୍ଥାୟୀ ହୋଇ ନିଶ୍ଚେ ରହିଥିବ ।।୩୬।
ଆପଣ ଯଦି ଭାବନ୍ତି ଯାହା ଆଜ୍ଞା ଉମାପତି ଦେଇଛନ୍ତି ପାଳିବେ ତାହାଙ୍କୁ
ମୋ ଯଶଃ ଶରୀର ଯିବ ପଞ୍ଚ ମହାଭୂତ ଜୀବ ସଦାକି ଥିବ ଭାବନ୍ତୁ ତାଙ୍କୁ
ହେ ବିଜ୍ଞବର,, ଆଳାପ ହୋଇଲେ ପରସ୍ପର,
ବନ୍ଧୁତାର ସୂତ୍ରପାତ ହୁଏ କହିଛନ୍ତି ଶାସ୍ତ୍ର ଏଣୁ ମୋ ପ୍ରାର୍ଥନା ରକ୍ଷାକର ।।୩୭।
ଲକ୍ଷ୍ମଣଙ୍କ କଥା ଶୁଣି ଶିବା କିଙ୍କର ତକ୍ଷଣି ବୋଲେ ତାହା ହେଉ ରାମଭ୍ରାତ
ଧନୁ ପରେ ସ୍ତମ୍ଭୀଭୂତ ହୋଇ ରହିଥିବା ହାତ ସେ କାଳରେ ହୋଇଗଲା ମୁକ୍ତ
ସେ, ଅକୁଣ୍ଠିତେ,, ସାମାନ୍ୟ ମାଂସ ପିଣ୍ଡୁଳା ପ୍ରାୟ,
ମମତା ଶୂନ୍ୟେ ସରାଗେ ପ୍ରକାଶିଲେ ସିଂହ ଆଗେ ଆହେଣିବା ଅନୁଚର ଖାଅ । ।୩୮।

୩୨:ଶରୀର-ଦେହ,ବୈରାଗ୍ୟ-ବିରାଗ ୩୪:ଲଙ୍କସାଇଁ-ବିଭୀଷଣ । ୩୬:ରାମଭୃତ୍ୟ-ବିଭୀଷଣ, । ୩୮ : ଶିବା-ଦୁର୍ଗା,ଅନୁଚରେ-ଭୃତ୍ୟବାହାନ ନିକୁମ୍ଭ ।

Digitized by PPRACHIN, SOA

ପ୍ରଚଣ୍ଡ ସିଂହ ଲମ୍ଫନ ଅପେକ୍ଷାରେ ସେ ଲକ୍ଷ୍ମଣ ଚାହିଁ ରହିଥିଲେ ପୁଷ୍ପବୃଷ୍ଟି
ଆକାଶୁ କଲେ ଅମରେ ମୁଣ୍ଡେ ଏକାଳେ ଶ୍ରମରେ ଦେଖେ ସିଂହ କରି ଏକ ଦୃଷ୍ଟି
ସେ, ଶିବାଭୃତ୍ୟ,, ପ୍ରକାଶ କରଇ ତଥିପର,
ଧର୍ମୁ ହେଲା ପରିତ୍ରାଣ ସଙ୍ଗେ ନେଇ ବିଭୀଷଣ ଆଗ ଦ୍ୱାରେ ଦେବୀଙ୍କୁ ସୁମର ।।୩୯।
ଦଶରଥ ନେତ୍ର ଚନ୍ଦ୍ର ବରଦ ପରମାନନ୍ଦ ଜନକ ସୁତା ଜାନକୀ ପତି
ଚରଣ କମଳ ବନ୍ଦି କହେ ଦୀନ ଦୟାନିଧି ଘେନ ବିବୁଧେ ହୋଇବ ଗତି
ସେ ଦେବଦୂତେ ବୈକୁଣ୍ଠ ପୁରକୁ ନେବେ ଖରେ ।
ଏହା ପରେ ବଟେଶ୍ୱରୀ ଉର୍ମିଳା ବିଳାସ ସ୍ମରି ଯିବେ ବଟଯାଗ ବିନାଶରେ ।।୪୦।

■ ■ ■ ■ ■ ■ ■ ■ ■ ■ ■

ଦେବୀ ଆରାଧନା

(ରାଗ: - ଚୋଖି)

ଛାନ୍ଦ - ୨୭

ଏଥୁ ଅନ୍ତେ ଘେନରସ, ରସି ରସିକେ ଦଶାସ୍ୟ, ସାନୁଜ ସୌମିତ୍ରି ପାଶ ଯାଇ କହିଲେ
ଆଗକୁ କରିବା ଗତି, ଆଗରୁ ବନ ଦେବତୀ, ଅବଗତି କରି ପ୍ରୀତି, କରିବା ଭଲେ,
ଭ୍ରାନ୍ତି ଯିବ ହେଲେ ପ୍ରସନ୍ନ,, କହିବା ଦୁଃଖ ତାହାଙ୍କୁ କରି ଦର୍ଶନ । ।୧।
ନ ଜଣାଇଁ ଗଲେ ବଟ, ମୂଳେ ପଡ଼ିବ ସଙ୍କଟ, ଏସ୍ଥାନେ ଏକାଗ୍ରେ ରଟ, ଆଗେ ନଯାଇ
ଶୁଣି ହୋଇ ପୂତମନ, ପକାଇ ପଦ୍ମ ଆସନ, ଡ଼ାକ ପକାଇଲେ ମନ, ନିବେଶି ତହିଁ
ଫେଡ଼ ମାତ ଆସି କଷଣ,, ତୁ ସାହା ହୋଇଲେ ଯାଇ କରିବୁ ରଣ । ।୨।
ଆସ ମା ଶିବ ଘରଣୀ, ଭବଭୟ ନିବାରିଣୀ, ବ୍ରାହ୍ମୀ, ବାରାହୀ, ଭବାନୀ, ତୁ ଯୋଗମାୟା
ଆସ କମଳା,ବିମଳା, କାଳ,କରାଳୀ,ମଙ୍ଗଳା କଣ୍ଠଦେଶେ ମୁଣ୍ଡମାଳା ବହି ଅଭୟା
ବିଶ୍ୱବ୍ୟାପି ତୁ ବିଶ୍ୱଜୟୀ, ବିଶ୍ୱେ ଧର୍ମ ରକ୍ଷାକରୁ ପ୍ରକୃତି ମୟୀ । ।୩।
ଡ଼ାକ ଛାଡୁ ଘନ ଘନ ଭଦ୍ରାସନ କମ୍ପମାନ ହୋଇ ଟଳାଇଲା ମନ ଆରୋହୀ ଯାନ
ବି,ମାର୍ଗେ ଆସି ତୁରିତେ, ପଚାରିଲେ ଦେବୀ ରାତ୍ରେ, ଡ଼ାକୁଛ କିମ୍ପା ବନସ୍ତେ କହ ବହନ
ଭାଷନ୍ତି ଉର୍ମିଳା ବନ୍ଦନ,, କହୁଛି ଶୁଣ ତୋ ଅକିଞ୍ଚନ ନନ୍ଦନ । ।୪।
ବିଧିର ବିଧାନ ମାନ, ଅବମାନନା କରିଣ, ରାବଣ ଜ୍ୟେଷ୍ଠ ନନ୍ଦନ ତୋହ ପ୍ରସାଦେ
ସମର ପ୍ରାଙ୍ଗଣେ ଯାଇ, ମାୟା ରଚନା କରଇ, ହୋଇବା ପାଇଁ ବିଜୟୀ ହରଷେ ବାଦେ
ମୋ ହସ୍ତେ ହେବାକୁ ବିଲୟ,, ଆଜି ରଣେ ବଣେ ହୁଅ ମାତ ସଦୟ । ।୫।
ଶୁଣି ଦେବୀ ହୋଇ କ୍ରୋଧ, ବୋଲନ୍ତି ଆରେ ନିର୍ବୋଧ, ଶୁଣାଇଲୁ ଯେଉଁ ପଦ ହେଉଛି ବ୍ୟଥା
ସଦାଯେ ବଳି ଉପନ, ଦେଇ ଛେଳି ତୋଷେ ମନ ନେବୁତୁ ତାର ଜୀବନ କହୁଛୁ କଥା
ନ ହେବ ନ ହେବତା କେବେ,, ତା ସଙ୍ଗେ ସମରେ କେହି ନାହାନ୍ତି ଭବେ । ।୬।

୪୦: ଦଶରଥ ନେତ୍ରଚନ୍ଦ୍ର-ରାମଚନ୍ଦ୍ର।୧:ଦଶାସ୍ୟ ସାନୁଜ-ରାବଣ ସାନଭାଇ ବିଭୀଷଣ,ସୌମିତ୍ରି-ଲକ୍ଷ୍ମଣ, ଅବଗତି-ଜଣାଣସ୍ତବ । ୨:ପୂତ-ପବିତ୍ର,କଷଣ-କଷ୍ଟ । ୩: ଶିବ ଘରଣୀ-ଦୁର୍ଗା । ୪:ଭଦ୍ରାସନ-ସିଂହାସନ,ବି ମାର୍ଗେ- ଆକାଶ ମାର୍ଗେ,ଉର୍ମିଳାବନ୍ଦନ-ଲକ୍ଷ୍ମଣ । ୫:ରାବଣ ଜ୍ୟେଷ୍ଠ ନନ୍ଦନ-ଇନ୍ଦ୍ରଜିତ,ବିଲୟ-ବିନାଶ । ୬: ଉପନ-ସଂଖୁଡ଼ି ଭୋଗ ।

Digitized by PPRACHIN, SOA

କି ବୋଲିବେ ଏ ଜଗତ, ଶୁଣି ଏକଥା କହତ, ତାକୁ କରିବାକୁ ଅନ୍ତ ଲୋଡ଼ା ତପସ୍ୟା
ବାରବର୍ଷ ଖାଦ୍ୟପାନ, ବର୍ଜି ଯେ ନିଦ୍ରା ମୈଥୁନ, ବରପାଇ ଅଛି ଯାନ ତାର ଭରସା
ତା ସଙ୍ଗେ ତୁ କେଉଁ ସମର, କରିବୁ ଏଠାରୁ ପଳା ମାନବ ବୀର । ।୭।
ଦେଇ ଏପରି ଭାଷଣ, ଯାଉଁ ଦେବୀ, ବିଭୀଷଣ, ବୋଲେ ମାତ ଶୁଣ ଶୁଣ ମୋ କଥା ପଦେ
ଇନ୍ଦ୍ର,ଚନ୍ଦ୍ର,ପ୍ରଭାକର, କାର୍ଯ୍ୟେ ନ ହେବେ ତତ୍‌ପର, କୂଳ ଲଂଘିବ ସାଗର ତୋ କାର୍ଯ୍ୟବାଦେ
କହୁଛି ତା କାରଣ ଶୁଣ,, ତା ପରେ ବିଚାରି ଯିବୁ କରିବାରଣ । ।୮।
କହିଥିଲେ ବିହି ଥରେ, ଯାଗ ବରେ ବିଂଶ କରେ, ଜନକ ନନ୍ଦିନୀ ଘରେ ଯେବେ ଆଣିବୁ
କରିବାକୁ ତୋତେ ଗତି, ଆସିବ ତାହାର ପତି, ଧରି ରକ୍ଷ କପି ପନ୍ତି ସେଥୁ ଜାଣିବୁ
ଅପହୃତ କରିଛି ସୀତା,, ଦଇତ ଈଶ୍ୱର ବର ନ କରି ଚିନ୍ତା । ।୯।
ପରଂବ୍ରହ୍ମ ରଘୁବୀର, ସୀତା ଉଦ୍ଧାରେ ସମର, କରୁଛନ୍ତି ବାରମ୍ବାର ମାୟା ଯୁଦ୍ଧରେ
ନ ପାରୁଡ଼ରି ଦଇତେ, ଅଶ୍ରା କରିଛନ୍ତି ତୋତେ, ଇନ୍ଦ୍ରଜିତ ତୋ ଆଶ୍ରିତେ ଯାଗକୁ କରେ
ମାଗିବାକୁ ଦିଗ ଦହନ- ଚିରାଳ, ଦେବ ଦଳନ ସ୍ୟନ୍ଦନ, ବାଣ । ।୧୦।
ଦେଲେ ତୁ ତାହା ନିକର, ବିନାଶିବ ରଘୁବୀର, ସଙ୍ଗେ ବନର ବାନର ପତି ଲକ୍ଷ୍ମଣ
ଉଦ୍ଧାର ନ ହେବେ ସୀତା, ଧାତା କଥା ହେବ ମିଥ୍ୟା, ଏ କଥାକୁ କରିଚିନ୍ତା କର ରକ୍ଷଣ
ଅନ୍ୟପକ୍ଷେ ହୃଦୟେ ଭାଳ, ତୋ ସମ ସୀତାକି ନ ହୁଅନ୍ତି ବିକଳ । ।୧୧।
ଅଶୋକବନେ ସଶୋକେ, ଆର୍ଦ୍ର ବସନ ଲୋତକେ, ରହି ଅଛନ୍ତି ସଶଙ୍କେ ଦର୍ଶନେ ରାମ
ଭୋଜନ, ନିଦ୍ରା,ମୈଥୁନ, ବର୍ଜନ କରି ଲକ୍ଷ୍ମଣ, ଅର୍ଜନ କରିଲେ ପୁଣ୍ୟ କରିଣ ଶ୍ରମ
ସେ ଅନନ୍ତ ହସ୍ତରେ ଅନ୍ତ,, ହେବ ଇନ୍ଦ୍ରଜିତ ତୁ ନୋହିଲେ ଆଶ୍ରିତ । ।୧୨।
ମଉନ ଏତିକି କହି, ହେଉ ବିଭୀଷଣ ତହିଁ, ବିଚାରନ୍ତି ଦେବୀ ରହି ମର୍ତ୍ତ୍ୟେ ଅମର
ନୋହିଛନ୍ତି ଧରାବକ୍ଷେ,, ମୁଁ ରହିଲେ ଏହାପକ୍ଷେ, ଆସିଯାନ ପାଇପାଖେ ଯିବ ସମରେ
ଏଣେ ଧାତାକଥା ଅନ୍ୟଥା,, ହେଲେ ଅମରଙ୍କ ଆଗେ ନଇଁବ ମଥା । ।୧୩।
ନାନା କଥା ଚିନ୍ତି ପୁଣି, ବୋଲନ୍ତି ଧୀରେ ସର୍ବାଣୀ, ମୋ ଭକ୍ତ ବଧ ମୁଁ ଜାଣି ହେବ କିପରି
ଯାଅ ଯାଉଛି ଆସ୍ଥାନେ, ହନୁ ବୋଲେ ସେହି ସ୍ଥାନେ, ଯିବାକୁ ତାହୁଁ ସୁମନେ, ମା ବଟେଶ୍ୱରୀ
ତୋ, ଆଦେଶ ହେଲେ ଉପାୟ,, କରାଇବୁ' ହେଉ, ଜୟ' ବା, ପରାଜୟ । ।୧୪।
ହେ ରାମ ରସ ପିପାସୁ,, ରାମ ଆଶୀର୍ବାଦ ବଶୁ, ଯା କିଛି ରଚିଲି ତୋଷୁ ସର୍ବଦା ମନ
ଏହା ପରେ ବଟେଶ୍ୱରୀ, ହନୁକଥା ରକ୍ଷାକରି, ନେବେ ଏଥି ଛାନ୍ଦ ସାରି ହୁଏ ମଉନ
ଦୋଷା ଦୋଷ କ୍ଷମା କରିବ,, ଅମୃତ ଏ ନାମାମୃତ ଦୁଃଖ ହରିବ । ।୧୫।

କବିଙ୍କ ମନସ୍ତାପ

ଗୀତିନାଟ୍ୟ, ଦଣ୍ଡ ଦାଣ୍ଡକାଠି, ପାଲା ସଙ୍ଗୀତ, କୀର୍ତ୍ତନ, ଘୁଡ଼ିକି ବାଲା
ପାଇଁ କବି ନାନାଛାନ୍ଦ ଚୌପଦୀ ଭଜନ ଜଣାଣ କେତେ ସମ୍ବାଦି
କାଟୁଛନ୍ତି କ୍ଷୁଦ୍ର କୀଟ ।
ରିସ୍‌ପତ ଯୁଗରେ କିଶ୍‌ମତ ଛପାଯେ ନୋହୁ ଉପୁଯେ ସଙ୍କଟ ।।

୮:ଧରା ସୁଧୁରା-ପୃଥିବୀକୁ ଉଧାର କର । ଗୁଧ୍ର-ସାଗୁଣା, ଦଇତ ଈଶ୍ୱର-ରାବଣେଶ୍ୱର ।୧୧:ତୋ **ସମ ସୀତା-ତୁ ଯେପରି ଅଯୋନି ସମ୍ଭୂତା** ପାଷାଣରୁ ଜନ୍ମ, ମୁଁ ସେପରି ମାଟିରୁ ଜନ୍ମ । ୧୨: ଅନନ୍ତ-ଲକ୍ଷ୍ମଣ ୨: ଶସ୍ତ୍ରାଗାର-ଅସ୍ତ୍ର ଥିବା ଘର । ୪:ଭୃ,**ର୍ଦ୍ଧେ,ସ୍ତୁ,ମହ,ଜନ ତପ ସତ୍ୟ**

Digitized by PPRACHIN, SOA

ବଟ ଯଜ୍ଞ ଭଗ୍ନ

(ରାଗः - ଚିନ୍ତା ଦେଶାକ୍ଷ)

ଛାନ୍ଦ -୨୮

ଲିପି କବିତା କଳ୍ପନା ଭାଳି,, କଷରସ ସୁବିଜ୍ଞ ମଣ୍ଡଳୀ,,
ପଚାରୁ ରୁଦ୍ରାଣୀ,, ହର୍ଷେ ଶୂଳପାଣି,, ପ୍ରକାଶନ୍ତି ରାମ ରସାବଳୀ,, ହେ ସୁଜନେ । ।୧।
ସେନ ସୁବଳ ଗିରିରେ ଥିଲେ,, ସୁଗ୍ରୀ ରାମ ଆଦେଶେ କହିଲେ,,
ଯାଅ ଲଙ୍କାବୀର,, ଇନ୍ଦ୍ରଜିତ ଦ୍ୱାର,, ଶସ୍ତ୍ରା ଗାରକୁ ବେଢ଼ ବୋଇଲେ,, ସେ କପିଶ । ।୨।

ବଟେଶ୍ୱରୀ ପିଠ ବର୍ଣ୍ଣନା

ବିଭୀଷଣ ମାରୁତି ଲକ୍ଷ୍ମଣ,, ମୁଦି ବସୁ ନୟନ ତତକ୍ଷଣ,,
ଦେବୀ ପ୍ରସାଦରେ,, ଯାଗ ଶାଳାଦ୍ୱାରେ,, ମହାଶୂନ୍ୟୁ ହେଲେ ଅବତୀର୍ଣ୍ଣ,, ହେ ସୁଜନେ । ।୩।
ବୁଲି ଦେଖନ୍ତି ନିକଷା ସୁତ,, ଯାଗେ ଯିବା ପାଇଁ ନାହିଁ ପଥ,,
ଭୂ,ର୍ଭୂବ ଆଦି, ସପ୍ତ ପୁରଭେଦି,, ରହିଛନ୍ତି ମନ୍ତ୍ରେ ଦିବ୍ୟ କାନ୍ଥ, ହେ ସୁଜନେ । ।୪।
ତିନି ଗବାକ୍ଷ କାନ୍ଥେ ଅଛନ୍ତି,, ତିନି ଦ୍ୱାରୀ ଜଗି ରହିଛନ୍ତି,,
ବିଜ୍ଞଙ୍କ ସମ୍ମତ୍ତ,, ରଜ,ତମ,ସତ୍ତ୍ୱ,, ତ୍ରୟ ଗୁଣେ ପ୍ରକାଶନ୍ତି ଜ୍ୟୋତି, ହେ ସୁଜନେ । ।୫।
ରଜ ରନ୍ଧ୍ର କାଳ କୂଟ ବିଷେ,, ସତ୍ତ୍ୱ ରନ୍ଧ୍ରରେ ଅନଳ ବଶେ୍ୟ
ତମରନ୍ଧ୍ରେ ଘୋର,, ତମ ଅନ୍ଧକାର,, ଯିବା ପାଇଁ କି ପଥ ନଦିଶେ,, ହେ ସୁଜନେ । ।୬।
ସେଥି ମଧ୍ୟେ ସୁଲୋଚନା ପତି,, ବସି ବୈଦିକ ମନ୍ତ୍ରେ ଆହୁତି
ଦିଅନ୍ତେ ଅନଳ,, ଗଗନ ମଣ୍ଡଳ,, ଚୁମ୍ବେ ଜିହ୍ୱା ବାଷ୍ପ ଚହଟନ୍ତି,, ହେ ସୁଜନେ । ।୭।
ହବିଦାନ ଅନ୍ତେ ଇନ୍ଦ୍ରଜିତ,, ମୌନେ ସ୍ତୋତ୍ର ପାଠେ ହେଉ ରତ
ସ୍ୱାହା,ସ୍ୱଧା,ଧ୍ୱନି,, ନ ଶୁଭୁ ପାବନି,, ସଂନ୍ଦେହରେ ହୁଅଇ ଦୁଃଖିତ, ହେ ସୁଜନେ । ।୮।
ବୋଲଇ ସେ ତହିଁ ବିଭୀଷଣେ,, ଆମ୍ଭେ ରହିଥିବା ଏହି ବଣେ
ଦଶାସ୍ୟ ନନ୍ଦନ,, ନେବଦେବ ଯାନ,, କିବୋଳିବେ ରାମ ସେନା ସୈନ୍ୟେ,, ହେ ଲଙ୍କେଶ । ।୯।
ଯାଗ ସ୍ଥଳେ ଯିବା କେଉଁ ପରି,, ଶୀଘ୍ର ପ୍ରକାଶ କର ବିଚାରି
ନିକଷା ନନ୍ଦନ,, ଲଭିଣ କଦନ,, ରହୁ ହନୁ କହେ ରାମ ସ୍ମରି,, ହେ ସୁଜନେ । ।୧୦।
ଦେଖ ଯେ ପଥେ ଅଗ୍ନି ସ୍ଫୁଲିଙ୍ଗ,, ଫିଙ୍ଗୁ ଅଛି ଖରେ କରି ବ୍ୟଙ୍ଗ
ସେହି ପଥେ ଏହି,, ହନୁ ଯିବ ରହି-,, ଥାଉ କଥା ଭବେ ଦହି ଅଙ୍ଗ, ହେ ସୁଜନେ । ।୧୧।
ବୀର କପାଳେ ପୁଚ୍ଛ ଘସିଲା,, ବ୍ରହ୍ମ ଅଗ୍ନି ସେଥୁ ପ୍ରକାଶିଲା
ରାମ ନାମ ଜପ,, କରି ସୂକ୍ଷ୍ମ ରୂପ,, ଧରି ହରି ଭିତରେ ପଶିଲା,, ହେ ସୁଜନେ । ।୧୨।
ହନୁ କାର୍ଯ୍ୟେ ଉର୍ମିଳା ବଲ୍ଲଭ,, ପ୍ରକାଶନ୍ତି ଏ ନୁହେଁ ଦୁର୍ଲ୍ଲଭ
ଗଲା ଯା ମାରୁତି,, ପରିମଳା ପତି,, ଦେଖୁଁ ଏକା ଦେବ ପରାଭବ,, ହେ ସୁଜନେ । ।୧୩।
ମୁହିଁ ଭାବୁ ଅଛି ଯିବା ପାଇଁ,, ପଥ ଦିଅନ୍ତୁ ରାମ ବତାଇ
ମିଳେ ଦିଗ୍ ଦର୍ଶନ,, ବୋଲନ୍ତି ଲକ୍ଷ୍ମଣ,, ଦମ୍ଭେ ଶୁଣ ବିଭୀଷଣ ରହି,, ହେ ସୁଜନେ । ।୧୪।

ଟୀକା: ପଦ ୪- ନିକଷା ସୁତ- ବିଭୀଷଣ,ସପ୍ତପୁର- ଭୂ,ଭୁବ,ସ୍ୱ,ମହଃ,ଜନ,ତପ,ସତ୍ୟ

Digitized by PPRACHIN, SOA

ଏହି ବିଷ ବାହାରିବା ପଥ,, ମୁହିଁ ଯିବା ନିମନ୍ତେ ପ୍ରଶସ୍ତ
ଯେ ଅନନ୍ତ ଶେଷ,, ଦେବ' ଏହି ବିଷ,, କିଭାବେ ରୋଧିବ'ତାର ପଥ,, ହେ ସୁଜନ । ।୧୫।
ଶୁଣି ବୋଲନ୍ତି ବିଶ୍ରବା ବାଳ,, ମୋହ ପରୀକ୍ଷା ଏହା କେବଳ
ଯିବ ତୁମ୍ଭେ ଦୁଇ,, ମୁହିଁ ଥିବି ରହି,, ଏଥି କେଉଁ ପରିଭାବେ ବୋଲ ହେ ଲକ୍ଷ୍ମଣ । ।୧୬।
ମୋର ଜାତ ନିଶାଚର କୁଳେ,, ବୁଲି ପାରେ ଅନ୍ଧକାରେ ହେଳେ
ଏ ଅନ୍ଧାର ପଥେ,, ଯିବି ମୁଁ ନିଶ୍ଚିନ୍ତେ,, ରହୁ କି କହିବେ ଭବେ ନରେ, ହେ ସୁଜନେ । ।୧୭।
ଏହି ପରି କଥୋପକଥନ,, କରି ଗବାକ୍ଷରେ ବେନିଜନ
ପଶୁ ସରାଗରେ,, ଦେଖନ୍ତି ଯାଗରେ,, ନେତ, ଲହ ଲହ ଦୀପ୍ତିମାନ, ହେ ସୁଜନେ । ।୧୮।
ହନୁ ଦେଖି ଦେହରକ୍ଷୀ ପନ୍ତି, ଲଙ୍କାପୋଡ଼ା ଆସିଲା ବୋଲନ୍ତି
କେତେ ଧଡ଼ପଡ଼,, ହୋଇ ଯାଉ ମାଡ଼,, ସେଥି ଆରମ୍ଭ କଲା ମାରୁତି,, ହେ ସୁଜନେ । ।୧୯।
ସେନା ମୁଖରୋଳେ ଇନ୍ଦ୍ରଜିତ,, ଶ୍ରୁବ ଛାଡ଼ି ଦେଖି ଖୋଲି ନେତ୍ର
ଦେଖେ ବିଭୀଷଣ,, ଆଗରେ ଲକ୍ଷ୍ମଣ,, ହନୁ ମାଲ ବିନ୍ଧାଣରେ ରତ, ହେ ସୁଜନେ । ।୨୦।
କ୍ରୋଧଭରେ ତରାଟି ନୟନ,, ରାଗ ହେଉ ଚଣ୍ଡାଳ ସମାନ
ନିମ୍ନଗାମୀ ହେଲା,, ରଥ ଦୈତ୍ୟବଳା,, ଦେଖି ମଳିନ କଲା ବଦନ, ହେ ସୁଜନେ । ।୨୧।
ଭାବେ ମୋର ଚଣ୍ଡାଳ ଖୁଡୁତା,, ଯାଗ ଭାଙ୍ଗି ବଢ଼ାଇଲା ଚିନ୍ତା
ସର୍ବେ ଉପଗତ,, ହୁଅନ୍ତେ କେମନ୍ତ,, ଏହି ନିଶ୍ଚୟ ମନ୍ତ୍ରଣା ଦାତା,, ହେ ସୁଜନେ । ।୨୨।
ଜାଣିଥିଲେ ଆଗରୁ କମାଣ,, ଆଣିଥାନ୍ତି କରିବାକୁ ରଣ
ଏତ ଯାଗ ଭୂଇଁ,, ଘୃତ ଦେବା ପାଇଁ,, ଆଣିଥିଲି ଶ୍ରୁବ ସ୍ରୁଚମାନ,, ହେ ସୁଜନେ । ।୨୩।
ବିଭୀଷଣକୁ ସେ ଇନ୍ଦ୍ରଜିତ,, କହେ ଯାହା କର କି ଉଚିତ
ପୁତୁରା ବିନାଶେ,, ଶତ୍ରୁ ଧରି ବାସେ,, ଆସି ଅଛ ହସିବେ ଜଗତ,, ହେ ପିଅର । ।୨୪।
ସ୍ୱର୍ଣ୍ଣପୁରେ ମନ୍ତ୍ରୀ ହୋଇଥିଲ,, ଶତ୍ରୁ ପାଦେ ଶରଣ ପଶିଲ
ନାହିଁ ଲଜ୍ଜା ସର୍ମ,, ଛାଡ଼ିଣ ଧରମ,, ବଂଶ ଯଶ ଖ୍ୟାତି ବୁଡାଇଲ,, ହେ ପିଅର । ।୨୫।
ବୃଦ୍ଧ,ବୃଦ୍ଧା, କିଶୋର,ବାଳକ,, ଚତୁରଙ୍ଗ ବଳର ପାଳକ
ହୋଇଥିଲ ବଳେ,, ଜନ୍ମି ଧାତାକୁଳେ,, ଯାହା କର କି ବୋଲନ୍ତି ପର ହେ ପିଅର । ।୨୬।
ତେଜି ଧର୍ମାଧର୍ମ ରାଜସିଦ୍ଧି,, ଶତ୍ରୁ ପଣକୁ କରୁଛ ବୃଦ୍ଧି
ଭାଇ ଭାର୍ଯ୍ୟା ଜ୍ଞାତି,, କୁଟୁମ୍ବ ବିଭୂତି,, ନାଶ, କାର୍ଯ୍ୟ ହୋଇବାକୁ ସିଦ୍ଧି,, ହେ ପିଅର । ।୨୭।
ଦୈବ ଦୁର୍ବିପାକେ ଯା ହୋଇଛି,, ଫେର ପୁରକୁ ନ ଭାବି କିଛି
ଜ୍ୟେଷ୍ଠ ଘଟକର୍ଣ୍ଣ,, ମରଣ ଦେଖିଣ,, ହୃଦୟ କି ବିଦୀର୍ଣ୍ଣ ନୋହୁଛି,, ହେ ପିଅର । ।୨୮।
ଏହା ଶୁଣି କରି ବିଭୀଷଣ,, ବୋଲେ ହେ ଶ୍ରେଷ୍ଠ ଜ୍ୟେଷ୍ଠ ନନ୍ଦନ
ଭଲ କଥା ଯେତେ,, କହିଲି ଅଗ୍ରତେ,, ପିତା ତା ପିତା ମଣିଲେ ପୁଣ,, ରେ କୁମର । ।୨୯।
ଯେତେ କଥା କହିଲି ବୁଝାଇ,, ଜଣେ ହେଲେ କେ ବୁଝିଲ ନାହିଁ
ଦେଇ ଅପମାନ,, ଛାଡ଼ିଲ ପ୍ରାଙ୍ଗଣ,, ବାହାରରେ କୁବାକ୍ୟ କୁ କହି,, ରେ କୁମର । ।୩୦।

୨୫:ସ୍ୱର୍ଣ୍ଣପୁରେ-ଲଙ୍କାପୁରେ. ୨୬: ଚତୁରଙ୍ଗ ବଳ-ଗଜାରୋହୀ, ଅଶ୍ୱାରୋହୀ, ରଥାରୋହୀ, ପଦାତିକ ବାହୀନି । ୨୮: ଘଟକର୍ଣ୍ଣ-କୁମ୍ଭକର୍ଣ୍ଣ
୩୦: ପ୍ରାଙ୍ଗଣ-ଅଗଣା.

Digitized by PPRACHIN, SOA

ଜ୍ୟେଷ୍ଠ ଭ୍ରାତ ମଣି ପିତା ସମ,, ରକ୍ଷା କରି କଥା ଧରା ଧର୍ମ
ସଙ୍ଗ ସଖା ହୀନେ,, ଶତ୍ରୁର ଚରଣେ,, ମଥାପୋତି ପଶିଲି ଶରଣ,, ରେ କୁମର । ।୩୧।
ସେହି ପରଂବ୍ରହ୍ମ ନାରାୟଣ,, ରାମ ବୈକୁଣ୍ଠ ବିହାରୀ ଜାଣ
କାମିନୀ କାଞ୍ଚନ,, ପୁତ୍ର ଧନ ଜନ,, ଉପେକ୍ଷିଛି ଜାଣି ଅକାରଣ,, ରେ କୁମର । ।୩୨।
ତୁଟାଇଛି ମନୁ ସ୍ନେହ ଶ୍ରଦ୍ଧା,, ବଂଶ ଧ୍ୱଂସରେ ନ ହୁଏ ବାଧା
ପିତାଙ୍କୁ ଜଣାଇଁ,, ସୀତାଙ୍କୁ ଅଣାଇଁ,, ଦିଅ ଯିବି ଫେରି ନାହିଁ ଦ୍ୱିଧା,, ରେ କୁମର । ।୩୩।
ଏହା ନକଲେ ଦଇତ କୁଳ,, କାଳ ସ୍ରୋତରେ ହେବ ନିର୍ମୂଳ
ପୂଜା ତପ ଫଳ,, ସରିଲାଣି ବେଳ,, ଅଛି ନ'ହରାଅ ତୁହି କୁଳ,, ରେ କୁମର । ।୩୪।
ପର ନାରୀ ଅପହୃତ କରି,, ପିତା ଶମନକୁ ଛନ୍ତି ବରି
ପିତା ମହ ଆଜ୍ଞା,, ହେଉଛି ଅବଜ୍ଞା,, ରଖି ନ ପାରିବେ କେହି ଧରି,, ରେ କୁମର । ।୩୫।
ବୋଲେ ଇନ୍ଦ୍ରଜିତ ଟେକି ମଥା,, ଶୁଣ ଶୁଣ କହୁଛି,, ସେ କଥା
ସୀତା ଅପହୃତ,, ପାଇଁ ଏ ଜଗତ,, ନିନ୍ଦା ହେବା କଥା ମିଥ୍ୟା ବୃଥା,, ହେ ପିଅର । ।୩୬।
ପିତା ତପସ୍ୱୀ ଭାବରେ ଭକ୍ତି,, କରି ମୁକ୍ତି ଭିକ୍ଷା କରୁସତୀ
ସତ୍ୟେ ସୀଉକାର,, ଦିଅନ୍ତେ ପିଅର,, ଆଣି ଅଛନ୍ତି ଏକି ଅଖ୍ୟାତି,, ହେ ପିଅର । ।୩୭।
ତୁମ୍ଭେ ହୃଦୟେ ବିଚାର କର,, ଅପରାଧ କି ଅଛି ତାଙ୍କର
ପାପ କଥା ଥିଲେ,, ମନ ମଧ୍ୟେ ଥିଲେ,, ପୂର୍ଣ୍ଣ କରି ଥାନ୍ତେ ରଥପର,, ହେ ପିଅର । ।୩୮।
ତୁମ୍ଭ ଦୁହିତା ଧର୍ମେ ପୂଜିତା,, ସୀତା ସେବାରେ ନିଯୋଗି ପିତା
ସହସ୍ର ରାକ୍ଷସୀ,, ରଖିଛନ୍ତି ନିଶି,, ଦିନ ଧର୍ମେ ଏକି ପାପ ଚିନ୍ତା,, ହେ ପିଅର । ।୩୯।
ଏହି ଯୁକ୍ତି ତରଣି ପିଅର,, ଶୁଣି ଶୁଣି ଦିଅଇ ଉତ୍ତର
ରାମ ଥାଇ ସୀତା,, ଆଣିଥିଲେ ପିତା,, ନିନ୍ଦା କରନ୍ତେ କିମ୍ପା ବିଚାର,, ରେ କୁମର । ।୪୦।
ଶୋକ ରହିତ ବିହାର ସ୍ଥାନ,, ନାମ ବିଖ୍ୟାତ ଅଶୋକବନ
ବିହାର ଆଳରେ,, ଆଣି କୌଶଳରେ,, ରଖିଛନ୍ତି ବୋଲୁଛନ୍ତି ଜନ,, ରେ କୁମର । ।୪୧।
ତହୁଁ ବୋଲେ ସୁଲୋଚନା ପତି,, ପାପ କଥାରେ ସର୍ବଦା ମତି
ରଖି ସଳବଳ,, କଥା ଯା କହିଲ,, ମୋର ବିଦୀର୍ଣ୍ଣ ହେଉଛି ଛାତି,, ହେ ପିଅର । ।୪୨।
ବାଂଶ କୁମ୍ଭରୁ ବାହାରି ବେଣ୍ଟ,, କୁମ୍ଭ କାଟିବା ପରାୟେ ରଟ
ବନ୍ଧୁଜ୍ଞାତି ଜନ,, ମାନଙ୍କ ନିଧନ,, ପାଇଁ ଧରି ବସିଅଛ କଣ୍ଟ,, ହେ ପିଅର । ।୪୩।
ବଂଶ ମରା ଡ଼ାହୁକ ପ୍ରକାର,, ବଂଶ ମାରି ରାଜା ହୋଇପାର
ରାଜଧର୍ମ ଜମା,, ନ ଦେବଟି କ୍ଷମା,, ମୁଣ୍ଡେ ବହିଥିବ ନିନ୍ଦା ଭାର,, ହେ ପିଅର । ।୪୪।
ଏହି କାଳେ ମରୁତ ନନ୍ଦନ,, ବୋଲେ ବୃଥା ନ ଦିଅ ଭାଷଣ
ସୀତା ସମର୍ପଣ,, କର କିମ୍ବା ରଣ,, କର ଶୀଘ୍ର ଏଥୁ ଯାହା ମନ,, ରେ ରାକ୍ଷସ । ।୪୫।
ବୋଲେ ଲକ୍ଷ୍ମଣେ ପ୍ରମିଳା ପତି,, ରଣ ପ୍ରାଙ୍ଗଣେ ହେବ ଅଖ୍ୟାତି
ଅଛ ନାହିଁ କଉଚ,, ଆଣିବାକୁ ଯୁଉଚ,, ଯିବି ଏଥୁ ତୋ' ଅଛି ଧୃତି,, ହେ ଲକ୍ଷ୍ମଣ । ।୪୬।

Digitized by PPRACHIN, SOA

ଧର୍ମା ଧର୍ମକୁ କରି ବିଚାର,, ରାମାନୁଜ ଦେଉଁ ସାଉକାର
ସୁଡ଼ଙ୍ଗ ମୁଖରେ ପଶି ଯାଉ ଖରେ,, ପଛ ଧରି ଯାଏ ହନୁବୀର,, ହେ ସୁଜନେ ।।୪୭।
ବିଭୀଷଣ ସଉମିତ୍ରି ଚିନ୍ତି,, ହନୁ ପଛରେ ବିଳେ ପଶନ୍ତି
ସେନାଙ୍କ ସଙ୍କେତ,, କାର୍ଯ୍ୟେ ଇନ୍ଦ୍ରଜିତ,, ଦ୍ୱାର ଖୋଲୁ ଦେଖେ କପିପନ୍ତି,, ହେ ସୁଜନେ ।।୪୮।
ଆଗେ ଜଗି ଥିବା କପିବଳ,, ଛାଡ଼ି ନ ଦେଇ ଆରମ୍ଭୁ ଗୋଳ
ଫେରିଆସିବୀର ,, ଦେଖିଣ ସମର,, ହେବା ପାଇଁ ଲକ୍ଷ୍ମଣ ତିଆର,, ହେ ସୁଜନେ ।।୪୯।
ଏହିଠାରେ ସମ୍ପୂର୍ଣ୍ଣ ଏ ଛାନ୍ଦ,, ଆଗ ଛାନ୍ଦେ ଇନ୍ଦ୍ରଜିତ ସ୍କନ୍ଧ
କରିବେ ଛେଦନ,, ଉର୍ମିଳା ବନ୍ଦନ- ବିଭୋଗି ଆରମ୍ଭ କରି ଦ୍ୱନ୍ଦ,, ହେ ସୁଜନେ ।।୫୦।

ଇନ୍ଦ୍ରଜିତ ଲକ୍ଷ୍ମଣ ଯୁଦ୍ଧ

(ରାଗ: - ରଷିକୁଲ୍ୟା)

ଛାନ୍ଦ-୨୯

ବୁଝ ଆହେ ଧୀର ଧୀମାନଚୟ, ବିଂଶ ନେତ୍ର ସୁତ ଇଚ୍ଛି ବିଜୟ,
ଅସ୍ତ୍ରାଗାରୁ ଦିବ୍ୟ ବିଶିଖ ମାନ, ବାଛି ବାଛି ତୁଣୀ କରି ସମ୍ପୂର୍ଣ୍ଣ,
ଶୀଘ୍ର ବାହାର ହୋଇଲା ଯେ
ପ୍ରାଙ୍ଗଣେ ମାରୁତି, ଆଦି ଲଙ୍କପତି, ଦେଖି ଲକ୍ଷ୍ମଣେ ବୋଇଲା । ।୧।
ଦାଦୀ ବୋଲରେତୁ ନହୁଅ ବାଦୀ, ନ ମରାଅ ଯୁଦ୍ଧେ ମାରୁତି ଆଦି,
ସହଜେ ମୋ ଆଗେ ଅଟୁ ତୁ ଶିଶୁ କି ରଣ କରିବୁ ସାହେସେ ଆସୁ
ଶୁଣି ସୌମିତ୍ରି କହନ୍ତି ଯେ,
ରଣକାଳେ ଜଣା, ଯିବ କଳପଣା, ସିଦ୍ଧି ବୁଦ୍ଧି ବଳ ଶକ୍ତି ଯେ । ।୨।
ବଡ଼ ପ୍ରତାପୀ ଥିଲେ ବଳି ରାଜା, ବାମନ ସାନ ବାନ୍ଧିଛନ୍ତି ଧ୍ୱଜା,
ତିନିପାଦ ଭୂମି ମାଗି ତା ବଳ ହରଣ କଲେ ତା ମନରେ ଭାଳ
ଭବେ ଗଣ୍ଡ ଭଇରବ ଯେ,
ନାମେ ପକ୍ଷୀବର, କରଇ ବିହାର, କେବେ ନେତ୍ରେ ଦେଖାଥିବ ଯେ । ।୩।
ସେ ବେନି ପାଦେ ବେନି 'କରୀ' ଧରି ପାଦପ ଶାଖାରେ ତାହାଙ୍କୁ ମାରି
ବସି ମହାସୁଖେ କରେ ଭୋଜନ ନ ଭାଜେ ସେ ଶାଖା ପାଇ ଓଜନ
ସାନ ଭରତିଆ ପକ୍ଷୀ ଯେ,
ବସୁ ଭାଜେ ଶାଖା, ମୋତେ ସାନ ଲେଖା, କରୁ ରଣ ଦେବ ସାକ୍ଷୀ ଯେ । ।୪।
ପୁଣି ପୁଣି ବୋଲଇ ଇନ୍ଦ୍ରଜିତ ସୁପର୍ଣ୍ଣ ଆଗରୁ ଅହି ମୁକତ
[illegible]

୧:ଧୀର-ପଣ୍ଡିତ, ଧୀମାନ-ବୁଦ୍ଧିମାନ, ବିଂଶ ନେତ୍ର-କୋଡ଼ିଏଆଖି ରାବଣ, ବିଶିଖ-ଶର, ତୂଣୀ-ଶର ରଖିବା ମୁଣା, ପ୍ରାଙ୍ଗଣେ-ଅଗଣାରେ । ୨: ଦାଦୀ-ବିଭୀଷଣ, ବାଦୀ-ଶତ୍ରୁ, ୩: ବାମନ-ସତ୍ୟ ଯୁଗରେ ବଳି ଠାରୁ ଦାନ ଗ୍ରହଣ କରିଥିବା ବ୍ରାହ୍ମଣ ରୂପୀ ନାରାୟଣ । ୪: କରି-ହସ୍ତୀ, ସୁପର୍ଣ୍ଣ-ଗରୁଡ଼, ଅହି-ସର୍ପ ।

Digitized by PPRACHIN, SOA

କ୍ଷମା ଦେଲି ଏଥି ତୋତେ ଯେ
ଜଣାଅ ତୁ ଯାଇ, ଆସୁ ବଡ଼ ଭାଇ, ଜଣାଯିବ ବଳ କେତେ ଯେ । ।୫।
ବୀର ହୋଇ କିମ୍ପା ଶିବିରେ ଅଛି, ବାଳୁତ ଭାଇକି ରଣେ ପେଷିଛି
ତୋ ସଙ୍ଗେ ସମର କରିକି ଯଶଃ ହେବ, ହରା ଜିଣା ନାହିଁ ପୌରୁଷ
କହ ଯାଇ ସେହି ଆସୁ ଯେ
ଭୟ କରି ମୋତେ, ସେନାନୀ ସହିତେ, ନ ଆସେ କିମ୍ପାଇଁ ବାସୁ ଯେ । ।୬।
ଉର୍ମିଳା ବଲ୍ଲଭ କରିଣ କୋପ, ବୋଲନ୍ତି ବୃଥା ଏ ବାକ୍ୟ ଆଳାପ
ଆଜି ରଣେ ହତ ହୋଇ ବୁ ପାଜି, ଗୁରୁ ମୁଖୁ ଯାହା ପାଇଛୁ ପୂଜି
ମାୟାରଣ କଉଶଳଳ,ଯେ
ମନେ ଭରି ଦମ୍ଭ, ସମର ଆରମ୍ଭ, କର ଦେଖାଯିବ ବଳ, ଯେ । ।୭।
ଡ଼ାକିଲେଣି ଆଜପୁରେ ସମସ୍ତେ, କକା ବନ୍ଧୁ ଜ୍ଞାତି ଗଲେଣି ଯେତେ
ଶେଷ ହେଲା ଣିତ ତପସ୍ୟା ଫଳ, ମୋ ନାରାଚେ ଆଜି ପୂରିବ କାଳ
ଶୁଣି କ୍ରୋଧେ ମେଘନାଦ ଯେ
ମେଘ ପରକାରେ, ଗର୍ଜି ଆଡ଼ମ୍ବରେ, ଆରମ୍ଭ କରଇ ବାଦ ଯେ । ।୮।
ବେଳକୁ ବେଳ ଅପର୍ଯ୍ୟାପ୍ତ ବାଣ, ବେନିଏ ବିନ୍ଧନ୍ତି ଟାଣି କମାଣ
ପ୍ରକାଶ୍ୟରେ ତାହା କହି ନୁହୁଏ, ଆକାଶେ ଦେଖନ୍ତି ଅମରଚୟେ
କଙ୍କ ପତ୍ରେ ମନ୍ତ୍ରପୂତ ଯେ
କରି ପରିମଳା, ଜୀବେଶ ବିନ୍ଧିଲା, ଲକ୍ଷ୍ମଣ ହେବାକୁ ହତ ଯେ । ।୯।
ଖରେ ତା ତ୍ରିମୁନ, ଲକ୍ଷ୍ମଣ ମୁଣ୍ଡେ, ଭେଦ କରୁ ରକ୍ତ ବହେ ପ୍ରଚଣ୍ଡେ
କଲ ବଲ ହୋଇ ଉର୍ମିଳା ବର, ବସି ପଡ଼ି ଶର କଲେ ବାହାର
ତହିଁ ଉତ୍କଟ ଆଘାତ ଯେ
ଦୃଶ୍ୟମାନ ହୁଏ, ବନ୍ଦ ବି ନ ହୁଏ, କ୍ଷତୁ ବହୁଥିବା ରକ୍ତ ଯେ । ।୧୦।
ଏକାଳେ ମାରୁତି ଅସୁର କରୁ, ମୁଦ୍ଗର ଛଡ଼ାଇ ଆଣ୍ଟେ ପ୍ରହାରୁ
ମନ୍ଦୋଦରୀ ବଳା ହୋଇ ଅତିଷ୍ଟ, ସହି ନ ପାରିସେ ପ୍ରହାର କଷ୍ଟ
ଯାଉଁ ଲକ୍ଷ୍ମଣ ବୋଲନ୍ତି ଯେ
ଧୈର୍ଯ୍ୟ ଧରି ରହି ହେଉ ନାହିଁ ଏହି ସ୍ଥାନେ କଷ୍ଟ ହୁଏ ଅତି ଯେ । ।୧୧।
ଶ୍ରୀରାମ ଯୁଗଳ ପାଦ ଦର୍ଶନ, ମୁଖ ପଦ୍ମ ଦେଖିବା ପାଇଁ ଦୀନ
କୌଣସି ପ୍ରକାରେ ନିଅ ଚଳାଇ, ଶୁଣି ବିଭୀଷଣ କହେ ଛଳାଇ
କମାର ତାହାର ଉହା ଯେ
ତାଇ ତତାଇବା ପରାୟେ ଜାଳିଲେ ସୌମିତ୍ରି ଅନ୍ତର ଲୁହା ଯେ । ।୧୨

Digitized by PPRACHIN, SOA

ରାମ ପାଦ ଛୁଇଁ ପ୍ରମାଣ କଲ, କମାଣ ଛୁଇଁଲ ନ ହେଲା ଭଲ
ବାସବ କଣ୍ଟକ ହତ ନ କରି, କହୁଛ କିପରି ଯିବାକୁ ଫେରି
ଏଣେ ଭୟେ ମଘବାରି ଯେ
ମାୟାରଚି ମାୟା, ଇନ୍ଦ୍ରଜିତ କାୟା ସମରୁ ଯାଏ ବାହାରି ଯେ । ।୧୩।
ଦେଖି ବିଭୀଷଣ ବୋଲନ୍ତି ଶୁଣ, ମାୟା ରୂପ ରଖି ପଳାଏ ପୁଣ
ଭୀତ ତ୍ରସ୍ତ ହୋଇଲାଣି ତା ମନ, ଜିଣ ଅବା ରଣେ ହାର ଆପଣ
ସମାଧାନ ଆଜି ହେଉ ଯେ
ସୁମିତ୍ରା ସନ୍ତତି, ଶୁଣି ଏ ଭାରତୀ, ସତ୍ୱରେ ଉଠିଲେ ତହୁଁ ଯେ । ।୧୪।
ପଥ ଅବରୋଧ ଶରକୁ ବୀର, ବିନ୍ଧିଣ ବୋଲନ୍ତି ପଥ ଆଗୁଳ
ମାୟାବୀ ଯେପରି ଯାଇ ନ ପାରେ, ଆଜ୍ଞା ମାତ୍ରେ ଶର ଶମ୍ପା ପ୍ରକାରେ
ବଜ୍ରଠାରୁ ଆଣ୍ଟ ହୋଇ ଯେ
ଯୋଜନ ଯୋଜନ ବହଳେ କଳମ୍ବ ଘେରାଉ କରି ରୋଧଇ ଯେ । ।୧୫।
ଇନ୍ଦ୍ରଜିତ ଭାବେ ଏହାକୁ ଜଟି, ନହେବ ଏମଧ ଯିବନି ହଟି
ଆନନ୍ଦ ନିରାନନ୍ଦ ଜଳେ ବୁଡ଼ି, କ୍ରୋଧେ ସେହି ସ୍ଥାନରେ ଦେଇ ରଡ଼ି
ବୋଲେ ଜିଣିବା ହାରିବା ଯେ
ହେଉ ଯାହା ଜୀବ, ପାଉ ପରାଭବ, ରଣ କଥା ନ ଛାଡ଼ିବା ଯେ । ।୧୬।
ଏହି ପରି ମନେ ବାନ୍ଧିଣ ଦମ୍ଭ, ଧନୁ ଧରି ରଣ କଲା ଆରମ୍ଭ
ବାଛି ବାଛି ଲକ୍ଷ୍ମଣ କଲେ ଶର, ତଥାପି ଦଇତ ନୋହୁ ସଂହାର
ମାନସେ ଲଭୁ ବିଷାଦ ଯେ
ଦେଖି ବିଭୀଷଣ, କହଇ ଲକ୍ଷ୍ମଣ, କର୍ଣ୍ଣରେ ମରଣ ଭେଦ ଯେ । ।୧୭।
ଇନ୍ଦ୍ର ଦେଇଥିବା ବାବଲ ବାଣ, ଗୁରୁମୁଖ ମନ୍ତ୍ରେ ଅଭିମନ୍ତ୍ରିଣ
ପ୍ରୟୋଗ କରନ୍ତୁ ରାମ ସୁମରି, ନ ପାରିବ ବୀର ବାରଣ କରି
ଶୁଣି କରି ଏହି କଥା ଯେ
ସୁଲୋଚନା ଧବ, ଭାବେ ଜୀବ ଯିବ, ତପଫଳ ହେବ ବୃଥା ଯେ । ।୧୮।
ବ୍ୟାକୁଳିତେ ଭାବି ହୁଏ ଅସ୍ଥିର, ସମରେ ମାରିଥିଲେ ରଘୁବୀର
ଅସୁର ଜନ୍ମୁ ହୋଇଥାନ୍ତି ପାରି, ସେ ସୁଯୋଗ ଭାଗ୍ୟେ ନାହିଁ ମୋହରି
ଏଥି ଆଉ କାହିଁ ବେଳ, ଯେ
ଦୟାନିଧି ଦୀନ ବୋଲେ ଛାଡ଼ି ରଣ, ସେହି ନାମ କର ମୂଳ ଯେ । ।୧୯।

Digitized by PPRACHIN, SOA

ଇନ୍ଦ୍ରଜିତ ବଧ

(ରାଗ: - ଆଷାଢ଼ ଶୁକ୍ଳ)

ଛନ୍ଦ - ୩୦

କହନ୍ତି ଗିରିଜା ଯୋଡ଼ିଣ ହସ୍ତ, କହ ପ୍ରଭୁ ଏହା ପର ଚରିତ,
କି କଲା ଇନ୍ଦ୍ରଜିତ ରଣସ୍ଥଳେ, କି ଭାବେ ସୌମିତ୍ରି ସମର କଲେ,
ଶୁଣିବାକୁ ମନ ।। ବୋଲନ୍ତି, ବୋଲେ ରାବଣ ନନ୍ଦନ ।। ।୧।

"ସଦ୍‌ଗତି ନିମନ୍ତେ ଇନ୍ଦ୍ରଜିତର ରାମଚନ୍ଦ୍ରଙ୍କୁ ଧ୍ୟାନ"

କରୁଣା କରହେ କରୁଣାକର, କର କୋରକିତେ ଡ଼ାକେ କିଙ୍କର,
କରତା ଆପଣ ତିନି ଲୋକର, କରମ ହୀନେ ଏଣୁ ତ୍ରାହିକର,
କରୁଅଛି ଅଳି ।। କୁରଙ୍ଗ ତାରିଛ ବୀର ମଉଳି ।। ।୨।
ହେ ରାମ ଶ୍ୟାମ ରୂପ ଆର୍ତ୍ତତ୍ରାଣ, ଭକତ ବତ୍ସଳ ଗଲି ଶରଣ,
ସଂସାର କର୍ମ ଦାବାନଳଶଙ୍କୁ, ଧରି ବିଦଗ୍ଧିତ କରେ ଯାହାଙ୍କୁ,
ଆପଣ ଆଶ୍ରୟ ।। ଦାତା ତାର ଏଣୁ କରୁଛି ଲୟ ।। ।୩।
ମୋକ୍ଷଦାତା ସିଦ୍ଧି ଦାତା ସୁଦକ୍ଷ, ପୃଥିବୀର ପାପ ହରଣେ ଦକ୍ଷ
ନର ରୂପ କରି ଅବଧାରଣ, ଭକ୍ତ ମନୋବାଞ୍ଛା କର ପୂରଣ
ବାଞ୍ଛା କଳ୍ପ ତରୁ ।। ଉଦ୍ଧାର କର ଏ ରକ୍ଷ ଜନ୍ମରୁ ।। ।୪।
ସ୍ୱର୍ଗ,ମର୍ତ୍ତ୍ୟ,ପାତାଳେ ହାହାକାର, ପଡ଼ିଲାଣି ପ୍ରଭୁ ଋଷି ପ୍ରବର,
ଜଗତ କଲ୍ୟାଣେ କବଚ ପାଠ, ଆରମ୍ଭ କଲେଣି ନ କରି ମଠ
ଏହି ପରକାରେ ।। ଧନୁଶର ଛାଡ଼ି ରାମଙ୍କୁ ସ୍ମରେ ।। ।୫।

"ଲକ୍ଷ୍ମଣଙ୍କର ବାଣ ସିଥିଳତା"

ତରଳି ଗଲା ରାମାନୁଜ ମନ, ସରଳି ହୋଇଲା ବାଣ ପ୍ରେଷଣ
ଦେଖି ମରୁତ, ଯ, କହିଲା ତହିଁ, ରଣ ମନ୍ଦ ଗତି ହୁଏ କିମ୍ପାଇଁ
ବୋଲନ୍ତି ଲକ୍ଷ୍ମଣ ।। ମଘବାରି ରାମ ସ୍ମରଇ ଶୁଣ ।। ।୬।
ବ୍ରହ୍ମାର ପଞ୍ଚମ ପୁରୁଷେ ଜାତ, ଯେଣୁ ବେଦ ବାଦୀ ତୁଲ୍ୟ ସାକ୍ଷାତ
ଯୋଗ ଭୋଗରୁ ବଳି ନାମ ନିଏ, ଏଣୁ ମୋର ଅସ୍ତ୍ର ଶିଥିଳ ହୁଏ
ବୋଲେ ବିଭୀଷଣ ।। ଆତତାୟୀ ବଧ ନୁହେଁ ଦୂଷଣ ।। ।୭।
ମାୟା ସମର ତିନି ତିନିଥର, କଲା ଛେଦିଲା ମାୟା ସୀତା ଶିର
ମାୟାରେ ନାମ ନିଏ ଭୟକରି, ଛାଡ଼ିଲେ ପାପ କରିବ ଆହୁରି
ଏଣୁ ବଧକର ।। ମଙ୍ଗଳ ହୋଇବ ଉଭୟଙ୍କର ।। ।୮।

୨:କରୁଣାକର-କରୁଣାପ୍ରଦାନକାରୀ ରାମଚନ୍ଦ୍ର, କିଙ୍କର-ଦାସ ବା ସେବାକାରୀ, ତିନିଲୋକ-ସ୍ୱର୍ଗ, ମର୍ତ୍ତ୍ୟ, ପାତାଳଲୋକ, କୁରଙ୍ଗ-ମୃଗ, ୩: ଦାବାନଳ-ବନଅଗ୍ନି, ୪:ବାଞ୍ଛାକଳ୍ପତରୁ-ଇଚ୍ଛିତ ବରଦାନକାରି,୬:ରାମାନୁଜ-ଲକ୍ଷ୍ମଣ, ମଘବାରି-ଇନ୍ଦ୍ରଜିତ, ରାମଅନୁଗତ-ରାମଆଶ୍ରୀତ ୧୦:ମୟକୁମାରୀ-ମନ୍ଦୋଦରୀ ।

Digitized by PPRACHIN, SOA

କହନ୍ତି ଲକ୍ଷ୍ମଣ ଯେ, ଯେତେ ଯାଏଁ, ନିଜ ଅହମିକା ବୁଝି ନଥାଏ
ଶତ୍ରୁ ମଣି ପରେ ଦେଖାଏ ପଣ, ତା, ସଙ୍ଗରେ ଲଢୁଥିବ ଲକ୍ଷ୍ମଣ
ରାମ ଅନୁଗତ ।। ଜନକୁ କିପରି ବିହିବି ଅସ୍ତ୍ର ।। ।୯।
ଧର୍ମା ଧର୍ମ ଛାଡ଼ି ଘେନି ଲେ ଜୀବ, ଘଟିବା ଦୁଃଖ କି ଲାଗବ ହେବ
ବନ ଆଗମେ ମୋ ମାତାଙ୍କ ପରି, ଶୋକାର୍ତ୍ତ ହୋଇବେ ମୟ କୁମାରୀ
ଦେବୀ ପରିମଳା ।। ସ୍ୱାମୀଙ୍କ ବିୟୋଗେ ହେବେ ବିହ୍ୱଳା ।। ।୧୦।
ଆହେ ବିଭୀଷଣ ସମର ଧର୍ମ, ମୋ ଠାରୁ ଅଧିକ ଜାଣି ଏ କର୍ମ
କରିବା ପାଇଁ ପ୍ରବର୍ତ୍ତାଅ କିଆଁ, କି ବୋଲିବେ ଶୁଣି ସାରା ଦୁନିଆଁ
କୂଳ କଳଙ୍କିତ ।। ହେବ ହେବେ ଗୁରୁ ଅପମାନିତ ।। ।୧୧।

" ହନୁମାନ ବକ୍ତବ୍ୟ "

ଏ ସର୍ବ ଶୁଣି ବୋଲେ ହନୁମାନ, ହେଲେ ହେଉ ମୋର ଧୃଷ୍ଟତା ପଣ
ଆପଣ ଏଠାରୁ ଯାଆନ୍ତୁ ଚାଲି, ଏକ୍ରୁର ଦୟା ଯୋଗ୍ୟ ନୁହେ ଖାଲି
କହେ ଧର୍ମ ଶାସ୍ତ୍ର ।। ଖଳ ଲୋକ ବଳେ କରିବ ହତ ।। ।୧୨।
ସଂସାର ପାପ ଲାଘବ ହୋଇବ, ପିତା ବୋଧେ ଏ କି ନକଲା ଦେବ
ସେ କଥା କି ମନୁ ଦେଲ ପାଶୋରି, ମାରୁ ସେବା ମରୁ ନ ଯିବା ଫେରି
ଏ ପରିସ୍ଥିତିରେ ।। ସମାଧାନ କରି ନପାରି ଧୀରେ ।। ।୧୩।

" ଲକ୍ଷ୍ମଣଙ୍କର ରାମଙ୍କୁ ଧ୍ୟାନ "

ଲକ୍ଷ୍ମଣ କରନ୍ତେ ରାମଙ୍କୁ ଧ୍ୟାନ, ଶ୍ରୁତି ପଟେ ଶବ୍ଦ ହେଲା ତକ୍ଷଣ
ହେ, ଲକ୍ଷ୍ମଣ ତୁମ୍ଭ ବୁଦ୍ଧି ପରୀକ୍ଷା, କରାଯାଉଥିଲା ଧର୍ମକୁ ରକ୍ଷା
କରୁଛ କି ନାହିଁ ।। ପ୍ରମିଳା ପତି ଭବେ ଆତତାୟୀ ।। ।୧୪।
ହନୁ ବିଭୀଷଣ ଯେଣୁ ଚାହାଁନ୍ତି, ବ୍ରାହ୍ମଣ ବୋଲି କିମ୍ବା ମନେଭ୍ରାନ୍ତି
ପ୍ରଥମେ ଦୁହିଁଙ୍କୁ ସନ୍ତୋଷ କର, ଗ୍ରନ୍ଥ କହେ ବଧ ଦୁଇ ପ୍ରକାର
ସୁକୀର୍ତ୍ତି ଶରୀର ।। ଅନ୍ୟଟି ପାର୍ଥୀବ ହେ ବୀର ବର ।। ।୧୫।
ବାସବ ଜିତର ବ୍ୟକ୍ତିତ୍ୱ ବଧ, ତୋଷକର ସୁପର୍ବାଣେ ଅବଧି
ଅଗସ୍ତି ଦତ୍ତ ସମ୍ମୋହନ ବାଣ, ପେଶ ମୋହ ହେବ ଦୈତ୍ୟ ନନ୍ଦନ
ଶଚୀଶ ପ୍ରଦତ୍ତ ।। ବାବଲ କଳମ୍ବ କର ପ୍ରେରିତ ।। ।୧୬।
ବୀଭୀଷଣଙ୍କୁ ସୌମିତ୍ରି କହନ୍ତି, ଉପଦେଷ୍ଟା 'ତ' ତୁମ୍ଭେ ମୋର ଏଥି
ଯାହା କହ ରାମ ଆଦେଶ ପରି, ପାଳିବି ନିହତେ ଇନ୍ଦ୍ର ଅଇରି
ବିଡ଼ୋଜା କଣ୍ଟକ ।। ବାର୍ତ୍ତା ଦେଇ ପୁରେ ପକାଏ ଡ଼ାକ ।। ।୧୭।

Digitized by PPRACHIN, SOA

ଇନ୍ଦ୍ରଜିତର ନିକୁମ୍ଭିଳା ବଟ ଯଜ୍ଞେ ଲକ୍ଷ୍ମଣ, ବିଭୀଷଣ, ହନୁମାନ ପ୍ରବେଶ
ଓ ଯାଗ ଭଗ୍ନ ।

Digitized by PPRACHIN, SOA

ମାର ମାର କେତେ ଅଛି ତୋ ଶର, ଶୁଣି ତା ଆଶ୍ଚର୍ଯ୍ୟେ ଉର୍ମିଳା ବର
ବୋଲନ୍ତି ପାପିଷ୍ଟ କେଡ଼େ ମାୟାବୀ, ପୁଣି ମୁଖେ ରଣ କରୁଛି ଦାବି
ଦିବ୍ୟଶରେ ମୁଣ୍ଡ ।। କାଟିବି ଉଦ୍ଧାର ପାଉ ପାଷାଣ୍ଡ ।। ।୧୮।

" ଦୁଇହସ୍ତଙ୍କର ବାଦ ପ୍ରତିବାଦ "

ଏଣେ ଇନ୍ଦ୍ରାରି ହୃଦେ ରାମ ରାମ, ଜପେ ସଉମିତ୍ରି ବାଣ ଉତ୍ତମ
ବାବଲ କାଢ଼ି ମନ୍ତ୍ର ପୂତ କରି, ଧନୁରେ ବସାଇ ଟାଣୁ ଓଟାରି
ବାଦେ ଦୁଇଭୁଜ ।। ବଢ଼ାଇ କରିଣ ଦେଖାନ୍ତି ଓଜ ।। ।୧୯।
ବାମ ହସ୍ତ କହେ ଦକ୍ଷିଣେ ବାରି, ଭୋଜନରେ ଆଗ ଭରୁ ଯେପରି
ଯୁଦ୍ଧେ ସେହିପରି କିମ୍ପା ଆଗକୁ, ନ ଯାଇ ରହୁଛୁ ପଛ ଭାଗକୁ
ସେ ଦକ୍ଷିଣ ହସ୍ତ ।। ବୋଲଇ ତୁକି ବୁଝିବୁ ମହତ୍ୱ ।। ।୨୦।
ଦୟାନିଧି ରାମାନୁଜ ଲକ୍ଷ୍ମଣ, ଦୟାର୍ଦ୍ର ପଣେ ସଦା ମୁହ୍ୟମାନ
ଇନ୍ଦ୍ରଜିତକୁ ମାରିବେକି ନାହିଁ, ପଚାରୁ ଥିଲି କର୍ଣ୍ଣ ପାଶେ ଯାଇ
ଏକାଳେ ଲକ୍ଷ୍ମଣ ।। ଜାଣି ଆଜ୍ଞା ଦେଲେ ଯାଅ ହେ ବାଣ ।। ।୨୧।
ଶକ୍ରାରି ବାମ ବକ୍ଷତାର ତମ୍ୟେ, ବିଚ୍ଛେଦନ କର ଦମ୍ଭେ ସଂଭ୍ରମେ
ତତ୍‌କାଳେ ଆଜ୍ଞା ପାଳି ବାଣ ଗଲା, ଅପସବ୍ୟେ ବକ୍ଷ ଛେଦନ କଲା
ସେ ମୁଣ୍ଡ ନର୍ତ୍ତନ ।। କରେ ଘନ ଘନ ଉଚ୍ଚାରି ରାମ ।। ।୨୨।
ଯେତେ ଚେଷ୍ଟା କଲେ ମୁଣ୍ଡ ନ ଶୁଣେ, ଅଧିକ ନାଦେ ରାମ ରାମ ଭଣେ
ରାମପଦେ ଦ୍ରୋହ ଅର୍ଜିଲେ ବୋଲି, ଉର୍ମିଳା ବଲ୍ଲଭ ହୁଅନ୍ତେ ଭାଳି
ବିଭୀଷଣ ତହିଁ ।। କହଇ ଶିବିରେ ଦେବା ପଠାଇ ।। ।୨୩।
ରାମ କରିବେ ନାମ ସମାଧାନ, ଶୁଣି ଗୁଣି ବାଣ ମୁନେ ଲକ୍ଷ୍ମଣ
ଉଠାଇ ମୁଣ୍ଡ ମରୁତ ମାର୍ଗରେ, ଆଜ୍ଞା ଦେଲେ ରାମ ଚରଣ ତଳେ
ଅବତୀର୍ଣ୍ଣ କର ।। ଆଜ୍ଞା ମାତ୍ରେ ଆଜ୍ଞା ପାଳିଲା ଶର ।। ।୨୪।
ଏଣେ ଦକ୍ଷ ବକ୍ଷ କରକୁ ଖରେ, କାଟି ପଠାଇଲେ ଦୈତ୍ୟ ସୌଧରେ
ସେ କାଳେ ରାତ୍ରି ଶେଷ ସୂର୍ଯ୍ୟୋଦୟ, ଚନ୍ଦ୍ର,ସୂର୍ଯ୍ୟ ହୀନେ ସନ୍ଧି ସମୟ
ଏଣୁ ସୋମ ଅର୍କ ।। ପ୍ରଭା ଧାରୀ ସ୍ମରିଲେଖେ ଲେଖକ ।। ।୨୫।
ତେଣେ ସୁଲୋଚନା ସ୍ୱାମୀଙ୍କୁ ଚାହିଁ, ସୌଧେ ଉନ୍ନିଦ୍ରେ ନେତ୍ରେ କଷା ନାହିଁ
କିମ୍ପା ନ ଆସିଲେ ନାଥ ଏ ଯାଏଁ, ନାନା କଥା ମନେ ଜାଗ୍ରତ ହୁଏ
ପୂର୍ବେ ଯେତେ ଥର ।। ପୂଜି ରଥ କରି ଥିଲେ ବାହାର ।। ।୨୬।
ପ୍ରଥମ ପ୍ରହରେ ଆସନ୍ତି ଯାଇ, ଆଜ ନ ଆସିଲେ ନାଥ କିମ୍ପାଇଁ
କିମ୍ପା ଦେବୀ ବର ପ୍ରଦା ନୋହିଲା, କାହିଁ ଗଲେ କିଛି ଜଣା ନ ଗଲା

୧୯: ଇନ୍ଦ୍ରାରି-ଇନ୍ଦ୍ରଜିତ. ବାଦରେ-ଯୁଦ୍ଧରେ. ଦୁଇଭୁଜ-ଦୁଇହାତ । ୨୨: ଶକ୍ରାରି-ଇନ୍ଦ୍ର ଅରି ଇନ୍ଦ୍ରଜିତ. ୨୩: ଶିବିରେ-ସେନା ଛାଉଣୀ ସ୍ଥାନରେ. ୨୪: ମରୁତ ମାର୍ଗ-ଆକାଶ ପଥ. ୨୫: ସୌଧରେ-ରାଜବାଟୀ ରାଣୀହଂସପୁରେ. ସୋମ-ଚନ୍ଦ୍ର. ଅର୍କ-ସୂର୍ଯ୍ୟ. ୨୬: ବିଦଗ୍ଧିତ ମନ-ଦଗ୍ଧ ଚିତ୍ତମନ. ୨୮: ଆସ୍ତାଦ୍ୱଂସ-ହାବ. ୨୯: ନୀଶାରାଣୀ-ରାତ୍ରୀରୂପକ ନାୟିକା ୩୨: ଅନ୍ତାନେ-କ୍ଷେପ.

Digitized by PPRACHIN, SOA

ବିଦଗ୍ଧିତ ମନ ।। ବସି ଆଖି ପତ୍ରୁ ଦେଖେ ସ୍ୱପନ ।। ।୨୭।

ରଣେ ଯାଇଥିଲେ ଜୀବେଶ ଭଣ୍ଡି, ଦ୍ୱିଖଣ୍ଡ ହେଲା ସେଥି ମୁଣ୍ଡ ଗଣ୍ଡି

ମହିଷ ପୃଷ୍ଠେ ସୁରା ପାତ୍ର କରେ, ଆତ୍ମା ପୁଂସ ଯାଏ କୃତାନ୍ତ ପୁରେ

ରକ୍ତ ପୁଷ୍ପ ଗଭା ।। ରକ୍ତ ବସନ କଟିତଟେ ଶୋଭା ।। ।୨୮।

ବିକଟାଳ ସ୍ୱପ୍ନେ ହଠାତ ନିଦ୍ରା, ଭାଜିଲା ଆତଙ୍କେ ଉଠିଲା ଭଦ୍ରା

ଦେହଳି ମଧ୍ୟରୁ କିଳଣି ଖୋଲି, ଦେଖେ ନିଶାରାଣୀ ଗଲାଣି ଚାଲି

ହୁଏ ମର୍ମାହତ ।। ଏକାଳେ ନିର୍ଘାତ ଶବଦେ ହାତ ।। ।୨୯।

ପ୍ରାଙ୍ଗଣ ମଧ୍ୟରେ ପଡ଼ନ୍ତେ ଆସି, ନାମାଙ୍କିତ ମୁଦି ଦେଖେ ସୁକେଶୀ

ସ୍ୱାମୀ ହସ୍ତ ବୋଲି ଚିହ୍ନି ପଣତ, ଗଣ୍ଠି ଖୋଲି ଖଡ଼ି ଧରାଉ ହସ୍ତ

ଲିପି କଲା ବର୍ଣ୍ଣ ।। ଦୁଃଖିତ ନ ହେବୁ ରାମା ରତନ ।। ।୩୦।

ମୋତେ ଯେ ମାଇଲା ତୋ ପିତା ସେହି, ଯୁଗ ଯୁଗ ରହିଥାରେ ତା ଦେହୀ

ଏଣୁ ଶେଷ କୃତ୍ୟ କରି ସହିରେ, ସ୍ୱାଧ୍ୱୀ ହୋଇ ଯାଅ ବୈକୁଣ୍ଠ ପୁରେ

ସେଥି ହେବ ଭେଟ ।। ସରିଲା ମୋର ଏହି ପୁର ନାଟ ।। ।୩୧।

ତେଣେ ରାମ ଚନ୍ଦ୍ର ଚରଣ ତଳେ, ନୃତ୍ୟ କରୁ ମୁଣ୍ଡ ରାମ ବୋଇଲେ

ଜାଣିଲୁ ତୁମ୍ଭେ ଇନ୍ଦ୍ରଜିତ ମୁଣ୍ଡ, ସୌମିତ୍ରି ଶରରେ ହେଲ ବିଖଣ୍ଡ

ଅନ୍ତିମେ କାମନା ।। ମୋର ଦର୍ଶନେ ରଖୁ ମହାମନା ।। ।୩୨।

ରହିଛି ଜୀବନ ନୋହିଛି କାଳ, ବୋଲାଉ ଆମ୍ଭେ ଭକତ ବତ୍ସଳ

ଜାଣିଲୁ ତୁମ୍ଭର ଅନ୍ତର କଥା, ଯେତେ ମୋର ଭକ୍ତ ତାହାଙ୍କ ମଥା

ତୁମ୍ଭେ ହେ ଉତ୍ତମ ।। ଶାନ୍ତ ହୁଅ ଆଉ ନ ଘୋଷ ନାମ ।। ।୩୩।

ଶ୍ରୀରାମ ବଚନେ ରାବଣ ବଳା, ମସ୍ତକ ସେକାଳେ ନୀରବ ହେଲା

ଆନ ପ୍ରସଙ୍ଗେ ବୁଧେ ଦିଅ ମନ, ରଣ ସ୍ଥାନେ ହନୁ କହେ ବଚନ

ମୋତେ ବାନ୍ଧି କରି ।। ବୁଲାଇ ଥିଲା ଏ ଲଙ୍କା ନଗରୀ ।। ।୩୪।

ସେ ଦିନୁ ମୋହର ଥିଲା ମନରେ, ରାବଣ ପୁତ୍ରକୁ ବାନ୍ଧିବି ଥରେ

ଆଜିତ ତୁମ୍ଭଶରେ ସରିଗଲା, ମୋ ମନ କାମନା ପୂର୍ଣ୍ଣ ନୋହିଲା

ଏ ସ୍ଥାନରେ ପିଣ୍ଡ ।। ଅଛି ସିନା ଗଲା ସୁବଳେ ମୁଣ୍ଡ ।। ।୩୫।

ଜୀବନେ ନ ହେଉ ମରଣେ ହେଉ, ଏ ପିଣ୍ଡ ବାନ୍ଧିବି ମୁଣ୍ଡ ନ ଥାଉ

ସୀଉକାର ଦିଅ ହେ ରାମାନୁଜ, ହେଉ ବୋଲୁ ଶେଷଦେବ ସେ ସଜ

ହୋଇଣ ପୁଚ୍ଛରେ ।। ଗୁଡ଼ାଇ ଫିଙ୍ଗୁ ପଡ଼େ ଗଡ଼ ଦ୍ୱାରେ ।। ।୩୬।

ସତତ୍ରିଂଶ ପଦରେ ସାଧୁଜନେ, ଏ ଆଖ୍ୟାନ ପୂର୍ଣ୍ଣ କଲି ଏ ସ୍ଥାନେ

ଆଗେ ଇନ୍ଦ୍ରଜିତ ହତେ ବିଳାପ, କରିବେ ସ୍ତ୍ରୀରୀ ଆଦି ମାଆ ବାପ

ମୋଦ, ହେବ ସେହି ।। ରାମ ଚିନ୍ତି ଦୟାନିଧି କହଇ ।। ।୩୭।

Digitized by PPRACHIN, SOA

ପ୍ରମିଳା ଶୋକ !!

(ରାଗଃ - କାମୋଦୀ) 'ପ' ଅନୁପ୍ରାସ,ଶୃଙ୍ଖଳା

ଛନ୍ଦ-୩୧

ପୂର୍ବ ଦେବ ଈଶ୍ୱର, ପୁତ୍ରବଧୂ ବିଶ୍ୱର,   ପ୍ରପଞ୍ଚ ମାୟା କୁହୁକରେ ।
ପ୍ରହାରି ଉରେ କର,ପତିତ ଭୂମିପର,   ପ୍ରଳାପ କରେ ଉଚ୍ଚସ୍ୱରେ, ହେ ପ୍ରାଣ ଧନ !!
ପାତିବ୍ରତ୍ୟ ପାଉଣା ସତୀ, ପାଇଁକି ଏହାଥିଲା ଚିନ୍ତି,
ପାଂଶୁଳା ହେବିସତେ, ପୂଷଣ କରଘାତେ,   ପତିପ୍ରାଣାର କାହିଁ ଗତି ହେ, ପ୍ରାଣଧନ !! ।୧।
ପାଇ ତୁମ୍ଭଙ୍କୁ ପତି   ପଣେ ମୁଁ ଭାଗ୍ୟବତୀ, ପରିବ୍ରାଜେ ପରିବ୍ରାଜିକା
ପକ୍ଷନେଇ ନିର୍ମାଖି ପରିସମସ୍ତ ସାକ୍ଷୀ,   ପରି ଦେଖିବା ଲାଗେ ଦକା ହେ ପ୍ରାଣ ଧନ !!
ପ୍ରାସାଦେ ତୁମ୍ଭର ପ୍ରସାଦେ, ପସନ୍ଦ ଯୋଗ୍ୟ ସଦା ମୋଦେ
ପାଚ ମହିଷୀ ଭଳି, ପସରା ବାଢ଼ି ଆଳୀ,   ପାଶୋ଼ଇ ହୋଇଥାନ୍ତିପାଦେହେପ୍ରାଣ ଧନ !!।୨।
ପରତେ କରିଜଣେ,ପଗଡ଼ିଭିଡ଼ା ଗଣେ   ପଟୁରେ ଗଣୁତ ନଥିଲ
ପ୍ଲବଗ ରକ୍ଷ ଗଣ, ପୁରେ ଦେଲେ କଷଣ, ପ୍ରତ୍ୟୟ ନୁହେ ଯା ଲିହିଲ ହେ ପ୍ରାଣ ଧନ !!
ପ୍ରତାପେ ତୁମ୍ଭର ଶଚୀଶ,   ପାଦେ ଖଟଇ ଯଥା ଦାସ
ପଲ୍ଲଳ, ରକ୍ତ ଯାକ,   ପ୍ରାତଭାଗ ଜମ୍ବୁକ, ପନ୍ତିଏ କରିବେ କି ଗ୍ରାସ ହେ ପ୍ରାଣ ଧନ !! ।୩।
ପ୍ରାଣପ୍ରିୟା ଅଗ୍ରତେ,   ପ୍ରତିଜ୍ଞା କରି କେତେ   ପ୍ରକାଶ କରିଥିଲ ଦମ୍ଭ
ପ୍ରବଳ ପରାକ୍ରମୀ, ପୁଷ୍ପକ ରଥେଭ୍ରମି   ପ୍ରତିଜ୍ଞା ନ ହେଲା ସମ୍ଭବ ହେ ପ୍ରାଣ ଧନ !!
ପ୍ରତି କୂଳଙ୍କ ପ୍ରତିକୂଳେ, ପ୍ରତି ରଥରେ ବଟ ମୂଳେ
ପ୍ରତିନିଧି ସ୍ୱରୂପ,   ପ୍ରତିରୁଦ୍ଧ ମଣ୍ଡପ,   ପୂଜାରୁ ଏ ଘଟଣା ଭାଳେ ହେ ପ୍ରାଣ ଧନ !! ।୪।
ପତି ହସ୍ତ ଅକ୍ଷର,   ପଢ଼ିଣ ବାରମ୍ବାର   ପତିତ କର ଧରି ଭିଡ଼ି
ପତି ଘାତିନୀ ମନେ ପଡ଼ି ଗଡ଼ି କଦନେ,   ପଣ୍ଡିତା ରଡ଼ି ଚୁଡ଼ି କୋଡ଼ି ହେ ପ୍ରାଣ ଧନ !!
ପ୍ରସୂନ ରାଜ ଭୋଗ ହସ୍ତ, ପଡ଼ି ହୋଇଲା ଧୂସରିତ
ପତିବିନା ନବୀନା, ପରିମଳ କେ ଘେନା ପସନ୍ଦ କେବେ ହୁଏ କିତ ହେ ପ୍ରାଣ ଧନ !!   ।୫।
ପାହି ଆସୁ ରଜନୀ,ପ୍ରମିଳା ସଖୀଶ୍ରେଣୀ,ପ୍ରମାଦ ଗଣି ଶୋକବାସେ
ପରିତାପ କାରଣ,   ପଚାରି ଜଣ ଜଣ,ପ୍ରତ୍ୟକ୍ଷ୍ୟେ କର ଚିହ୍ନି ପାଶେ ସେ ପଂକ୍ତି ହୋଇ !!
ପୁଙ୍ଖାନୁ ପୁଙ୍ଖ ଭାବେ ଛଳେ, ପଚାରି ଜାଣିଲେ ସକଳେ
ପୂଜ୍ୟ ପୂଜାକୁ ଯାଇ, ପୂର୍ବଦେବ ତନୟା   ପଡ଼ିଲେ ଶତ୍ରୁର କବଳେ ସେ ପଂକ୍ତି ହୋଇ !!।୬।

୧:ପୂର୍ବଦେବ ଈଶ୍ୱର-ଅସୁର ରାଜା ରାବଣ. ପ୍ରପଞ୍ଚ ମାୟା-ସାଂସାରିକ ମାୟା. କୁହୁକ-ଛଳନାରେ. ଉରେ-ଛାତିରେ.ପାଂଶୁଳା-କୁଳଟା. ପୂଷଣକର-ସୂର୍ଯ୍ୟକିରଣରେ. ୩: ପ୍ଲବଗ. ରକ୍ଷ-ଭାଲୁ. ମାଙ୍କଡ. ପଲ୍ଲଳ-ମାଂସ. ଜମ୍ବୁକ-ବିଲୁଆ. ପ୍ରତୀକୂଳଙ୍କ ପ୍ରତୀକୂଳେ-ବିପକ୍ଷଙ୍କ ବିପକ୍ଷେ: ପ୍ରତି- ପ୍ରତିନିଧି.

Digitized by PPRACHIN, SOA

ପରିଚାରିକା ଗଣ, ପ୍ରବୋଧି ଜଣ ଜଣ, ପ୍ରକାଶନ୍ତି ଯା ହେବା ହେଲା
ପ୍ରାଣ ଧନଙ୍କୁ ଆଉ, ପାଇବା କାହିଁ କାହୁଁ ପ୍ରେତ କୃତ୍ୟରେ ମନ ବଳା ରେ ପ୍ରିୟ ସଖୀ !!
ପ୍ରବେଶିଲା ତ ପରକାଳ, ପତି ପାଇଁ ନୁହ ବିକଳ
ପତି ଦାହରେ ମତି, ପତେ ହେବାକୁ ସତୀ ପ୍ରଥାରେ ଯିବା ଏବେ ଭାଳ ରେ ପ୍ରିୟ ସଖୀ !!।୭।
ପତିବ୍ରତା ବିଚାରି, ପଠାଇ ସହଚରୀ, ପଚାରି ବାହକେ ଡ଼କାଇ
ପତି କର କନ୍ଧରେ, ପକାଇ ବିଷାଦରେ ପତି ପିତାଙ୍କ ପାଶେ ଯାଇ ସେ ପରିମଳା !!
ପରମ ପୂଜ୍ୟ ରାମପଦ, ପୂଜି ଦୟା ରଚିଲା ଛାନ୍ଦ
ପରିମଳ ବଦନ, ପରିଶେଷ କଦନ- ପରିତ୍ରାଣେ ହେଉ ସମ୍ପଦ ସେ ପରି ମଳା !!।୮।

• • • • • • • • •

ବିଂଶକର ଶୋକ !!

(ରାଗ: - ଋଷିକୁଲ୍ୟା) 'ବ' ଅନୁପ୍ରାସ ପ୍ରାନ୍ତ ଯମକ

ଛାନ୍ଦ - ୩୨

ବାସବଜିତର ନାଶ ଖ**ବର**, **ବା**ସେ ଦେଉ ଦୂତ ସେ ମନ୍ତ୍ରୀ**ବର**,
ବାର୍ତ୍ତା ଦେବା ପାଇଁ ରାଜ ନ**ବର**, ବିଜେ ଦେଖି ଯୁବରାଜ ଶ**ବର**,
ବେର ଯଥା ଗିରି**ବର**,
ବାଷିଲେ ନୃପତି, ଭାଷନ୍ତେ ଭାଷନ୍ତି, ମନ୍ତ୍ରୀ ସମର ଖ**ବର** ।।୧।
ବଟେ ବାସବାରି ଥିଲେ ଯା**ଗରେ**, **ବୀ**ର ଲକ୍ଷ୍ମଣ ମାରୁତି ସା**ଙ୍ଗରେ**,
ବିଭୀଷଣ ଯାଇ ପାଉ ରା**ଗରେ**, **ବା**ତ ସୁତ ଗୋଳକରୁ ଆ**ଗରେ**,
ବିଚଳିତେ କୁମା**ର୍ଗରେ**
ବିଭୀଷଣେ ବାଣ, ତୁଲ୍ୟ ବରଷଣ, ବଚନ କଲେ ରା**ଗରେ** ।।୨।
ବିପଥୁ ହବି ଦାନେ ବୈଶ୍ୱା**ନର**, ବିଲୀନ ଲୀନ ନେତ ସ୍ୟନ୍ଦ**ନର**,
ବାଣ ନେବାକୁ ଆସୁ ଭବ**ନର**, **ବା**ଣାଗାର ଦ୍ୱାରେ ବେନି ଜ**ନର**,
ବିନ୍ଧା ବିନ୍ଧି 'ଏ' ସ**ନର**,ର,
ବୀର ଇନ୍ଦ୍ରଜିତ, ହୋଇଲେ ନିହତ, ବଧିଲେ ନର ବା**ନର**, ।।୩।
ବିହିଲେ କହିବ ଆମ୍ଭ **ପିତାଙ୍କୁ**, **ବା**ସେ ବୋଧିବେ ଶୋକାର୍ତ୍ତମା**ତାଙ୍କୁ**,
ବୀର ଗଣଙ୍କୁ ଦେବ ଏ ବା**ର୍ତ୍ତାଙ୍କୁ**, ବଳି ଦେବେ ଶତ୍ରୁ ଧରି ଭ୍ରା**ତାଙ୍କୁ**,
ବନ୍ଦିବ ସୁତ ମା**ତାଙ୍କୁ**
ବିଶେଷି ତୋଷିବେ, ମନେ ନ ପୋଷିବେ, ମୋର ନିଧନ ଚି**ନ୍ତାଙ୍କୁ** ।।୪।

୩:ବିପଥୁ ହବି-କୁପଥ ଘୃତଦାନରୁ. ବୈଶ୍ୱାନର-ଅଗ୍ନି. ବିଲୀନ-ଧ୍ୱଂସ. ସ୍ୟନ୍ଦନ-ରଥ. ଭବନ-ଗୃହ. ବାଣାଗାର-ଶରଭଣ୍ଡାର. ନର. ବାନର-ଲକ୍ଷ୍ମଣ ହନୁମାନ. ୪: ସୁତମାତା-ପରିମଳା(ଇନ୍ଦ୍ରଜିତ ସ୍ତ୍ରୀ) ବୈଶ୍ରବଣ-ରାବଣ. ରମ୍ଭା-ନଦଦୀ ଡାଛ. ବୈବସ୍ୱତ-ଯମ. ବଲ୍ଲଭୀ-ପ୍ରୀରଣ.

Digitized by PPRACHIN, SOA

ବୈଶ୍ରବଣ ଏହାଶୁଣି କାତର, ବାତେ ଯଥା ଚଳେ ରମ୍ଭା ପତର,
ବୋଲନ୍ତି ସଚିବେ ଦୁଃଖେ ସତ୍ୱର, ବାସେ ବସି ନାମ ହେବ ମନ୍ତର,
ବିଜ୍ଞାନୁ ମୁଁ ହୀନତର
ବର୍ଜ୍ଜନ କରିଣ, ବିପତ୍ତି ବରିଣ, ଶୋକ କରୁଛି ମାତର ।୫।
ବାଳକ ପୁତ୍ରକୁ କଣ୍ଟକବନେ, ବିସର୍ଜି ଭାବେ ଅନ୍ତିମ ପାବନେ
ବଳଇ ଶୋକାଗ୍ନି ଚିନ୍ତା ପବନେ, ବୈବସୁତ ନ ହେଉଛି ଜୀବନେ
ବଲ୍ଲଭୀ ଗଣ ଭୁବନେ
ବାରି ପ୍ରାଣ ଦୀପ, କରିବେ ନିର୍ବାପ, ବିରସେ ବିଷ ସେବନେ ।୬।
ବଡ଼ ସୁକୁମାର ପ୍ରିୟ କୁମାର, ବାକ୍ୟେ କଷଣ ଦେଲି ଅସୁମାର
ବାରଣ, କୁ ନ ମାନିଲି ବାମାର, ବାମଦେବ ନାଶିବା ପରି ମାର
ବୀର ସୁମିତ୍ରା କୁମାର
ବଳେ ବିଳେ ପଶି, ନାଶି ଗଲେ ଆସି ଜ୍ୟେଷ୍ଠ ଶ୍ରେଷ୍ଠ ସୁ, କୁମାର ।୭।
ବାସେ ସୁସଜ୍ଜିତ, ହେବା ପଲଙ୍କେ, ବାସବାରି ନିଦ୍ରା ନୁହେ ପଲକେ
ବିକଟାଳେ ପଡ଼ିଛୁ ଏ ମୁଲକେ, ବଣିକ ସାରିଲେ କପି ଭଲ୍ଲୁକେ
ବିଶ୍ୱାସ ନୁହେ ଝଲକେ
ବସି ରହି ମୁଁ ତ, ମରାଇଲି ସୁତ, କି ବୋଲିବେ ଏ ମୁଲକେ ।୮।
ବାବୁ ହୋଇଥିଲୁ ଅନ୍ଧ ଲଉଡ଼ି, ବୈରି ପ୍ରାୟ ଘରୁ ଦେଲି ଘଉଡ଼ି
ବକ୍ଷ ପିଞ୍ଜରୀ ଶୁକ ସାରୀ ଉଡ଼ି, ବନେ ଗଲେ ଧରି ପାଶ ଦଉଡ଼ି
ବୃଥାରେ ଦଉଡ଼େ ହୁଡ଼ି
ବହିଗଲା ଜଳ,ବନ୍ଧରେ କି ଫଳ, ଆସିବ କି ସେ ବାହୁଡ଼ି ।୯।
ବିଚାର ନକରି ବିଛୁଆତିକୁ, ବଳେ ଆଣି ମଣ୍ଡାଇଲି ଛାତିକୁ
ବିକଳ କରାଏ ସେହି ମତିକୁ, ବାହାନାରେ କି ମିଳିବ ଗତିକୁ
ବାହୁଜ ମାନେ ଭୀତିକୁ
ବରଜନ କରି, ବୋଲିବେ ଆହୁରି, ଫେରାଅ ସୀତା ସତୀଙ୍କୁ ।୧୦।
ବସୁମତୀ ସୁତା ଅଙ୍କ ବିହାରୀ, ବ୍ୟର୍ଥ ନୋହୁ ଦୟାନିଧି ଗୁହାରି
ବିଧିମତେ ହୋଇଥିବ ମା ହାରି, ବିଗ୍ରହରୁ ଜୀବ ଯିବ ବାହାରି
ବିବନ୍ଧନରେ କାହାରି
ବିନିଯୋଗ ନୋହୁ, ଲେଖା କାର୍ଯ୍ୟେ କେହୁ ବଳ ନ କରୁ ଯାହାରି ।୧୧।

୭: ବାମଦେବ-ଶିବ, ମାର-କନ୍ଦର୍ପ, ବାସବାରି-ଇନ୍ଦ୍ରଜିତ ।୧୦:ବାହୁଜ-ରାଜାମାନେ, ବସୁମତୀ-ପୃଥିବି, ସୁତା-ସୀତା, ଅଙ୍କବିହାରୀ-ରାମ, ବିଗ୍ରହ-ଦେହ ।

Digitized by PPRACHIN, SOA

ମନ୍ଦୋଦରୀ ଶୋକ !!

(ରାଗଃ - ଶୋକ କେଦାର)

ଛାନ୍ଦ-୩୩

ବିବୁଧ ମଣ୍ଡଳୀ ଶୁଣ, ଏ ଅନ୍ତେ ଯାହା କହନ୍ତି ପୁରାଣ,
ଉମା ରମଣ- ଚିତ୍ତେ ସୁମରି ରାମ ଚରଣ । ଯେ ।୧।

ଶୁଣି ଇନ୍ଦ୍ରଜିତ ହତ, ମନ୍ଦୋଦରୀ ଶୋକେ କରେ ବ୍ୟକତ
ରେ ଇନ୍ଦ୍ରଜିତ- କାହିଁ ଗଲୁ ସଙ୍ଗେ ନ ନେଇତ । ରେ ।୨।

ରକ୍ଷକୁଳ ରକ୍ଷା କରି , ହେବୁ ବୋଲି ଲଙ୍କାର ଅଧିକାରୀ
ରେ ଇନ୍ଦ୍ରଜିତ- ଭାବିଥିଲି ସବୁ ଗଲୁ ସାରି । ରେ।୩।

ଅକ୍ଷୟ ହେଲା ନିହତ, ନିତି ସମରେ ଶତ ଶତ ସୁତ
ରେ ଇନ୍ଦ୍ରଜିତ- ଯାଇ ସମରେ ହୁଅନ୍ତି ହତ । ରେ ।୪।

ଚାହିଁ ତୋ ଚନ୍ଦ୍ର ମୁଖକୁ, ପାଶୋରି ଥିଲି ମୁଁ ସର୍ବ ଦୁଃଖକୁ
ରେ ଇନ୍ଦ୍ରଜିତ- ମୋତେ ଦେଇ ଗଲୁ ତୁ କାହାକୁ । ରେ ।୫।

ତୋ ବାହୁ ବଳେ ଆଶ୍ରିତ, କରି ପିତା ଘରେ ଥିଲେ ବସିତ
ରେ ଇନ୍ଦ୍ରଜିତ- ଭାସୁଥିବେ ଶୋକ ସାଗରେତ । ରେ।୬।

ମନା ମୋର ନ ମାନିଲୁ, ନିକୁମ୍ଭିଳା ବଟେ ଯାଗକୁ ଗଲୁ
ରେ ଇନ୍ଦ୍ରଜିତ- ଶତ୍ରୁକରେ ପରାଣ ହାରିଲୁ । ରେ।୭।

ଅକାଳେ ହେଉ ବିବାଦୀ, ଦାଦୀ ସମର କଲେ ଆଣି ବାଦୀ
ରେ ଇନ୍ଦ୍ରଜିତ- କରିବାକୁ ନିଜ ସ୍ୱାର୍ଥ ସିଦ୍ଧି । ରେ।୮।

ଅଦୃଷ୍ଟେ ଯା ଥିଲା ମୋର, ଅଲକ୍ଷ୍ମୀ ହୋଇବ ବଧୂ ମୋହର
ରେ ଇନ୍ଦ୍ରଜିତ- କେହ୍ନେ ତେଜିବ ଶଙ୍ଖା ସିନ୍ଦୁର । ରେ।୯।

ଅନ୍ତର୍ଯ୍ୟାମି ଭାବଗ୍ରାହୀ, ଅନ୍ତର ବେଦନା ଜାଣନ୍ତେ ରହିଁ
ରେ ଇନ୍ଦ୍ରଜିତ- ଶେଷଦେବଙ୍କୁ ଦେଲେ ପଠାଇ । ରେ ।୧୦।

ଦଶ ଦିଶ ଶୂନ୍ୟ ଦିଶେ, କାଳ କାଟିବି କିପରି ନଦିଶେ
ରେ ଇନ୍ଦ୍ରଜିତ- ଶୋକ ସିନ୍ଧୁ ଜଳେ ବୁଡ଼ିଭାସେ । ରେ।୧୧।

ଧାତାବର ସ୍ମରି ନିତ୍ୟ, କହୁଥିଲୁ ଭବେ କେହି ନାହିଁତ
ରେ ଇନ୍ଦ୍ରଜିତ- କରି ବାକୁ ରଣେ ପରାଜିତ । ରେ।୧୨।

ସେ ତପସ୍ୟା କାହିଁ ଗଲା, ନିୟତି ଏହା ସଂଯୋଜନା କଲା
ରେ ଇନ୍ଦ୍ରଜିତ- ଆଜ ହୁଁ ଲଙ୍କା ଅବୀର ହେଲା । ରେ।୧୩।

ଶୋକେ ବାହୁନି ଏପରି, ହୁଅନ୍ତି ଅଧୀରା ସେ ମନ୍ଦୋଦରୀ
ହେ ସାଧୁଜନେ ଆଉ କେତେ ଲେଖିବା ଏପରି । ହେ।୧୪।

ସୀତା ବଲ୍ଲଭ ଚରଣ, ସ୍ମରି ସ୍ମରି ମୁଖେ ହେଉ ମରଣ
ହେ ସାଧୁଜନେ, ବୋଲେ ଦୟାନିଧି ଦାଶ ଶୁଣ । ହେ।୧୫।

୧:ବିବୁଧ ମଣ୍ଡଳୀ-ପଣ୍ଡିତ ମଣ୍ଡଳୀ, ଉମାରମଣ-ଶିବ, ୮: ଦାଦୀ-ବିଭୀଷଣ, ୯:ଅଲକ୍ଷ୍ମୀ-ବିଧବା, ୧୦: ଅନ୍ତର୍ଯ୍ୟାମି-ଅନ୍ତରକଥା ଜାଣି ପାରୁଥିବା ଈଶ୍ୱର ରାମ), ଶେଷ ଦେବ -ଲକ୍ଷ୍ମଣ, ଧାତାବର-ବ୍ରହ୍ମା ବର ।

Digitized by PPRACHIN, SOA

ସ୍ୱାମୀ ଶବ ସଂସ୍କାର ନିମନ୍ତେ ଲଙ୍କେଶ ନିକଟକୁ ପ୍ରମିଳାର ଆଗମନ

(ରାଗ - ରାମକେରୀ)('କ'-ଅନୁପ୍ରାସ)ଉପଧା ମିଳନ

(କଳା କଳେ ବର କହ୍ନାଇ ସଙ୍ଗେ ରୋହିଣୀସୁତ ବୃତ୍ତେ)

ଛାନ୍ଦ-୩୪

କରୁଣା ସାଗର ଜାନକୀବର, ନାମ କୀର୍ତ୍ତନ, କର କର ମନ ନିବେଶି, ବସି ହେ ସାଧୁଜନ । ।୧।

କହି ଯାହା ସହି ଆଗରେ, ଶିବ ମୋହିଲେ **ଥରେ**, କହୁଅଛି ତାହା ଶୁଣନ୍ତୁ, ଏଥି ଛାନ୍ଦ ବ**ନ୍ଧରେ** । ।୨।

କଟା ଇନ୍ଦ୍ରଜିତ ନିକଟେ, ତେଣେ' ଦଇତ **କୁଳ**, କିମ୍ଭୂତ ଆକାରେ ମକ୍ଷିକା, ତୁଲ୍ୟ' ହେଲ୍ଲି ଆ**କୁଳ** । ।୩।

କଠିନ ହୃଦୟ ଲଙ୍କେଶ, କାନ୍ଦେ ଫଟାଇ **ଗଳା**, କଦନୁ ଗମଇ ସଦନୁ, ଏକାଳେ ପରିମ**ଳା** । ।୪।

କର୍ବୁରଙ୍କ ଭିଡ଼େ ପ୍ରଭୁର, ଦୂରୁ' ବାହକ **ଗଣ**, କଲ ବଲେ ଗଲେ ରଖିଲେ, ଯାନ ନ ଉଠୁ **ଜନ** । ।୫।

କବାଟ ଖୋଲି ସେ ଯାନର, ଯାଉ ଲଙ୍କା ବା**ସୀଏ**, କଳ୍ପନା ମନରେ ଛାଡ଼ିଲେ, ବାଟ ନ ଚିହ୍ନି **କିଏ** । ।୬।

କିଛି ଦୂରୁ ଦେଖେ ପ୍ରମିଳା, ବକ୍ଷେ ସ୍ୱାମୀଙ୍କ **ଶବ**, କକ୍ଷରେ ଲଗାଇ ଶ୍ୱଶୁର, କରୁ ଅଛନ୍ତି **ରବ** ।

କୁଳବତୀ ପୁତ୍ରବଧୂ ପରିମଳାକୁ ଦେଖି ରାବଣଙ୍କର ଦୁଃଖ ପ୍ରକାଶ

କୁଳବତୀ ପୁତ୍ର ବଧୂକୁ ଦେଖି, ହୋଇ ବି**ଧୁର**, କହିଲେ ମୋ ଯୋଗେ ଗଲାମା' ତୋର ଶଙ୍ଖା ସି**ନ୍ଦୂର** । ।୮।

କୋଚିଲା ସୀତାକୁ ଭକ୍ଷିଲି, ଆଣି ସଂଯୋଗୀ **ସୀତା**, କ୍ରୋଧେ ଉପଦେଶ କଥାକୁ' ଶୁଣି ମଣିଲି **ପିତା** । ।୯।

କିମ୍ପାଇଁ ଏ ପାପ ଜୀବନ, ନ ଯାଉଛି **ନକାଣେ**, କହ ପୁର ଛାଡ଼ି ଆସିଲ, ଦୁଃଖେ କିମ୍ପା ଏ **ସ୍ଥାନେ** । ।୧୦।

କହେ ପରିମଳା ମୋହର, ଘର ସଂସାର **ଶେଷ**, କଥାକୁ ନମାନି' ବ୍ୟଥାକୁ ବଢ଼ାଇଲେ ଜୀ**ବେଶ** ।

କଦନେ ରାବଣ ଉକ୍ତିରେ ପରିମଳାର ଉତ୍ତର

କହ ପତି ପ୍ରାଣା ସତୀର ଗତି' ଆଉ ବା କାହିଁ କାନ୍ତ ଶବ ପୂତେ ଚିତାଗ୍ନି ଶ୍ରୀଘ୍ର ଦିଅ ସଜାଇ । ।୧୨।

କୃଶାନୁସେ ମହୀ ରାବଣ, ମୁଖେ ଦେଇ ଦହନ, କଲେ ମୁଁ କରିବି ଚିତାଗ୍ନି ପରେ ଅବଗାହନ ।।୧୩।

୧:କରୁଣା-ଦୟା, ସାଗର-ସମୁଦ୍ର,ଜାନକୀବର-ସୀତାକାନ୍ତ,ନିବେଶି-ଲଗାଇ, ସହି ଆଗରେ-ସ୍ତ୍ରୀ ପାର୍ବତୀଙ୍କ ଆଗରେ,ମୋହିଲେ-ଖୁସି କରାଇଲେ । ୨: ଏଥି-ଏହି, ଛାନ୍ଦ-ଅଧ୍ୟାୟ,ବନ୍ଧରେ-ରଚନାରେ । ୩:ଦଇତ-ଅସୁର,କିମ୍ଭୁତ-ଅଦ୍ଭୁତ,ଆକାରେ-ପ୍ରକାରେ,ଆକୁଳ-ଉଦ୍‌ବିଗ୍ନ । ୪:କଠିନ-ନିର୍ଦ୍ଦୟ,ଗଳା-କଣ୍ଠ,କଦନୁ-ପିଢ଼ାରୁ,ସଦନୁ-ଘରୁ । ୫: କର୍ବୁରଙ୍କ-ଅସୁରଙ୍କ,ବାହକ-ଯାନ ବାହିବା ବ୍ୟକ୍ତି,ଜନ-ପ୍ରଜା ।୬:କଳ୍ପନା-ପର୍ଯ୍ୟାପ୍ତି, କକ୍ଷରେ-ପାର୍ଶ୍ୱରେ, ରବ-କ୍ରନ୍ଦନ, କୁଳବତୀ-ସତୀ । ୮:ବିଧୁର-ଦୁଃଖିତ । ୯:କୋଚିଲା-ବିଷଫଳ,ସଂଯୋଗିସୀତା-ମିଠା ଧଳା ଚିନି । ୧୧: ଜୀବେଶ-ସ୍ୱାମୀ । ୧୨:ପତିପ୍ରାଣା-ପତିବ୍ରତା, ଗତି-ଆଶ୍ରୟ । ୧୨:ପୂତେ-ପବିତ୍ରେ, ଚିତାଗ୍ନି-ଶବଦାହ ଅଗ୍ନି । ୧୩:କୃଶାନୁ-ଅଗ୍ନି,ଦହନ-ଦାହ,ଅବଗାହନ-ପଶିବି,ବା ସ୍ନାନ କରିବି ।

Digitized by PPRACHIN, SOA

କାହା ପାଇଁ ବଞ୍ଚି-ସଞ୍ଚିବି, ଆଉ ଦେହ ସୁସଙ୍ଗେ, କରତେ ହୃଦୟ ମରତେ, କାହିଁ ଥିବି ପ୍ରପଞ୍ଚେ ।

ରାବଣଙ୍କର ପ୍ରତିଉତ୍ତର

କର୍ଣ୍ଣରେ ଶୁଣି ଏ ବର୍ଣ୍ଣକୁ, ଦୁଃଖେ ଦଇତ ମଣି, କହେ ଦୁଃଖ ମୋହମଣିରେ ରୋପି ନେତ୍ର ତତ୍‌କ୍ଷଣି ।

।୧୫।

କାଳ ମାପେ କାଳ ଗଉଣି ଧରି, ସଦା ସର୍ବଦା, କଣ୍ଟ ଗଡ଼ିଗଲେ ଆଣ୍ଟରେ ନିଏ ବାଦରେ ସଦା ।

।୧୬।

କରନା ଦ୍ରବଣ ଶ୍ରାବଣ ଧାରା ରୋଦନ ମୁଞ୍ଚ, କଦନେ ନସଢ଼ି, ସଦନେ, ହୁଅ ଯାଇ ଶଉଚ ।

।୧୭।

କିଏ କା କୁମାର' କେ ସ୍ୱାମୀ କାର' କେ' ପିତା ମାତା, କ୍ରୁର କାଳ ସ୍ରୋତେ ସମସ୍ତେ ଯିବେ ସତ୍ୟ ଏ କଥା ।

।୧୮।

କହକେ ଅମର ହୋଇଛି, ମର ଜଗତେ ଆସି, କୁମର ଅମର ହୁଅନ୍ତା, ବୃଥା ହୁଅ ଲାଳସୀ ।

।୧୯।

କିଣା ବିକା ସାରି ହାଟୁଆ ପରି ଧରିଲା ବାଟ, କୋହ ତେଜ, ମାୟା ମୋହ ଏ ଭବେ ଲାଗିଛି ନାଟ ।

।୨୦।

କହେ ପୁଣି ବୀର ଅଙ୍ଗନା' ତୁମ୍ଭେ ବୀରର ବୋହୂ କରି ରଣ-ରଖ ପୌରୁଷ, ଭବେ ଅଯଶଃ ନୋହୁ ।

।୨୧।

କାଳୀ ମୈଷା ମାରି ରଖିବା, ପରି ଅମର କୁଳ, କାଳ ରାତ୍ରି ହୁଅ ଶତ୍ରୁର ଯାଉଁ ଦୈତ୍ୟ ଆକୁଳ ।

।୨୨।

କିମ୍ୱା ସାବିତ୍ରୀଙ୍କ ପରାଏ, ଯାଇ ଶମନ ବାସ କଲ୍ୟାଣ ଶୁଣାଇ ପତିଙ୍କ ଆୟୁ ମାଗିଣ ଆସ ।

।୨୩।

କଳେବର କିମ୍ବା ନାଶିବ, ବର ପାଇଁ ଅନଳେ କହିଲେ ସୁଖ୍ୟାତି ନୋହିବ,ଅଖ୍ୟାତି ମହୀତଳେ ।

।୨୪।

କହେ ସୁଲୋଚନା ଶୋଚନା ବେଳୁ ବେଳ ବଢ଼ାଇ କୁମରଙ୍କ ଲାଗି ତୁମର, ବାକ୍ୟେ କଲେ ଲଢ଼ାଇ ।

।୨୫।

କାଚ ସିନ୍ଦୂର କି ରହିବ, ବିନ୍ଦୁ ରହିବ ମୁଣ୍ଡେ, କଥା ରଖି ମଥା ଅଣାଅ, ଅଗ୍ନି ଦେବାକୁ ତୁଣ୍ଡେ ।

।୨୬।

କହିଥିଲେ ଥରେ ନାରଦ ଯତି, ସ୍ୱାମୀ ଚିତାରେ, କରି ସ୍ନାନ, ଯିବ ସ୍ୱରଗେ,ପାପୀ ଯଥା ସୀତାରେ ।

।୨୭।

କୁମ୍ଭ କର୍ଣ୍ଣ ଜ୍ୟେଷ୍ଠ ବୋଲଇ, ଶ୍ରେଷ୍ଠ କଥାକୁ ଶୁଣ କପିପତି, ଯତି ନିକଟେ, ମୁଣ୍ଡ ରହିଛି ପୁଣ ।

।୨୮।

କାଲି ସନ୍ଧ୍ୟା ପୂର୍ବୁ ସମରେ, ଶତ୍ରୁ ଶିର ସହିତେ, କରରେ କରିବି ଅର୍ପଣ, ଦ୍ୱିଧା ନ ରଖ ଚିତ୍ତେ ।

।୨୯।

୧୪: ସୁସଙ୍ଗେ-ସୁନ୍ଦରେ. ପ୍ରପଞ୍ଚେ-ମାୟା ସଂସାରରେ । ୧୫:ବର୍ଣ୍ଣକୁ-କଥାକୁ. ଦଇତ ମଣି-ରାବଣ.ମୋହମଣି-ଅଜ୍ଞାନତା ବୃଦ୍ଧିକାରିଣୀ । ୧୬: କାଳମାପେ-ଯମମାପେ.କାଳ-ମୃତ୍ୟୁ ସମୟ. ଗଉଣି-ମାପପାତ୍ର.କଣ୍ଟ-ସମୟ.ଆଣ୍ଟରେ-ଗାରିମାରେ.ବାଦରେ-ଯଥାର୍ଥ ବିଚାରରେ । ୧୭: ଦ୍ରାବଣ-ଦ୍ରବୀଭୂତ. ଶ୍ରାବଣ ଧାରା-ବର୍ଷା.ରୋଦନ-ଅଶ୍ରୁ. ମୁଞ୍ଚ-ତ୍ୟାଗକର କଦନେ-ଦୁଃଖରେ.ସଦନେ-ଗୃହରେ,ଶଉଚ-ଶୁଦ୍ଧ । ୧୮: ସ୍ରୋତେ-ବଳ ପ୍ରବାହେ । ୧୯: ମର-ମରଣାଧିନ.ଲାଳସୀ-ଅଶାବାଦି । ୨୦: କିଣା ବିକା ସାରି-ଭବ ସଂସାରର କର୍ମ ବନ୍ଧନ.କୋହ-ଦୁଃଖ.ଭବେ-ସଂସାରରେ । ୨୧: ଅଙ୍ଗନା-ସ୍ତ୍ରୀ.ପୌରୁଷ-ତେଜ । ୨୨:କାଳୀ-ଦୁର୍ଗା. ମୈଷା-ମହିଷାସୁର. ଅମର-ଦେବତା.କାଳରାତ୍ରି-ସହାଁରକାରିଣୀ. ଦୈତ୍ୟ-ଅସୁର.ଆକୁଳ-ଉଦ୍‌ବିଗ୍ନତା । ୨୩:ଶମନ-ଯମ. ବାସ-ପୁରକୁ.ଆୟୁ-ଜୀବନ.କଳେବର-ଶରୀର.ବର-ସ୍ୱାମୀ । ୨୪:ସୁଖ୍ୟାତି-ଯଶଃ.ଅଖ୍ୟାତି-ନିନ୍ଦା ।୨୫:ଶୋଚନା-ଦୁଃଖ.ବିନ୍ଦୁରହିବ ମୁଣ୍ଡେ-ମୁଣ୍ଡରେ ବିନ୍ଦୁ । ୨୬:ମଥା-ମୁଣ୍ଡ.ତୁଣ୍ଡେ-ମୁଖରେ ।୨୭:ସ୍ନାନ-ଶୌଚ.ସୀତାରେ-ଚିତାରେ । ୨୮ :କୁମ୍ଭକର୍ଣ୍ଣ ଜ୍ୟେଷ୍ଠ-ରାବଣ. ଶ୍ରେଷ୍ଠ-ପ୍ରଧାନ. କପିପତି-ସୁଗ୍ରୀବ. ଯତି-ରାମ ।୨୯:ଦ୍ୱିଧା-ସନ୍ଦେହ. ଚିତ୍ତେ-ମନରେ ।

Digitized by PPRACHIN, SOA

କୁଶ କେତୁଙ୍କର ପୁସ୍ତକ, ମତେ ସୁବର୍ଣ୍ଣ **ମୁଣ୍ଡେ**, କିବା'କରାଇବା ସଂସ୍କାରେ, ସ୍ୱୀକାର କର **ତୁଣ୍ଡେ** ।
।୩୦।

କଦର୍ଥ କଳ୍ପନା ଜଳ୍ପନା ଶୁଣି, ସେ ସୁଲୋ**ଚନା**, କହେ ତୁମ୍ଭ ଦ୍ୱାରା ନ ହେବ, ଯୁଦ୍ଧେ ବୃଥା ଭା**ବନା** ।
।୩୧।

କରୀସମ ସରି ସଇନ, ପ୍ରତ୍ୟହ ଶତ **ଶତ**, କରନ୍ତି ଗମନ ଫେରନ୍ତି, କି କେ' ନ ହୋଇ **ହତ** ।
।୩୨।

କହ କାହା ପାଇଁ କେବେ କି' ପ୍ରେତ କୃତ୍ୟ ହୋଇ**ଛି**, କରି ମୁଁ ପତିତା ହୋଇବି, ଲୋକେ କରିବେ **ଛି, ଛି** ।
।୩୩।

କହ ସ୍ୱର୍ଣ୍ଣ ମୁଣ୍ଡ ଅଣାଇ, ଯୋଗ କରିଲେ **ନିଆଁ**, କାହିଁ ଗତି ହେବ ସତୀର, ହସିବଟି ଦୁ**ନିଆଁ** ।
।୩୪।

କୃତାଞ୍ଜଳି ପୁଟେ କହୁଛି, ଆଜ୍ଞା ଦିଅ ହ**ରଷେ**, କାନ୍ତ ମୁଣ୍ଡ ମାଗି ଆଣିବି, ମୋର ହେବ ବ**ର'ସେ** ।
।୩୫।

କୌଣପ ମୁକୁଟ ସଙ୍କଟ, ମଣି କରେ ପ୍ର**ଚାର** କୋବିଦ ବିଚାର ନୁହଇ' ଇଚ୍ଛାରେ ଯାଇ **ପାର** ।
।୩୬।

କୌଶଳେ ଆଣିଛି ଯାହାର ନାରୀ ବନରୁ **ହରି** କରିବ ପ୍ରାର୍ଥନା ତା ପାଦେ କହି ଦେବି କିପ**ରି** ।
।୩୭।

କୀଶ, ନର, ରକ୍ଷ, ଉପରେ ମୋର' ନାହିଁ ବି**ଶ୍ୱାସ**, କ୍ରୁରପଣେ ପ୍ରତିଶୋଧ ସେ'କିମ୍ପା ନ ନେବେ **ଭାଷ** ।
।୩୮।

କହେ ସୁଲୋଚନା ପରମ ବ୍ରହ୍ମ କୋଶଳ **ପତି**, କରିବେ ଅର୍ପଣ, କାର୍ପଣ୍ୟ ଦେଖି ହେବାକୁ **ମୁକ୍ତି** ।
।୩୯।

କୃପଣ ନୁହନ୍ତି ଯେ ଶୁଣ' ଶେଷ ଦେବ ଅ**ନନ୍ତ**, କପି, ପତି, ମତି ସର୍ବଦା, ମହତ କାର୍ଯ୍ୟେ **ରତ** ।
।୪୦।

କେଶରୀ ନନ୍ଦନେ କେ ସରି, ହେବ ପରମ **ଯୋଗୀ**, କରିବେ ସାହାଯ୍ୟ ଖୁଲ୍ଲତାଶ୍ୱଶୁର ନ ହୋଇ **ଭୋଗୀ** ।
।୪୧।

କାକ ଶକୁନ୍ତ ଓ ଜମ୍ବୁକ ଧରି ପିଣ୍ଡକୁ **ମାରା**, କରିବେ ଆପଣ ରହନ୍ତୁ, ଜଗି ଦିବସ **ସାରା** ।
।୪୨।

କହି ଏହା ଯାନେ ଆରୋହି ଯାଉ ଘୂରଇ **ମଥା**, କି ଭାବେ ଦଳିବି ପରମ ପୂଜ୍ୟ ଶ୍ୱଶୁର **କଥା** ।
।୪୩।

କି ଶିଖିବେ ନାରୀ ସମାଜ, ପୁଣି ଶାଶୁଙ୍କ **ପାଦେ**, କରିବି ପ୍ରାର୍ଥନା ଯାଇଣ ମୁଣ୍ଡ ନିମନ୍ତେ **ହାଦେ** ।
।୪୪।

କହି ଚଳାଇଲା ଯାନକୁ, ତେଣେ ପୁତ୍ର ଯେ **ହତ**, କର୍ଣ୍ଣରେ ପଡ଼ନ୍ତେ ତୂର୍ଣ୍ଣେ ସେ, ରାଣୀ କାନ୍ଦି ଆ**ଗତ** ।
।୪୫।

୩୦:କୁଶ କେତୁ-ବ୍ରହ୍ମା, ପୁସ୍ତକ-ବେଦ । ୩୧:କଦର୍ଥ-ମନ୍ଦଅର୍ଥ, କଳ୍ପନା-ମନନ, ଜଳ୍ପନା-ବାଚାଳତା, ଭାବନା-ଚିନ୍ତା । ୩୨: କରୀ-ହସ୍ତୀ ।୩୩:ପ୍ରେତକାର୍ଯ୍ୟ-ମୃତବ୍ୟକ୍ତି ମୁକ୍ତି କାର୍ଯ୍ୟ ସଂପାଦନା, ପତିତା-ଧର୍ମଭ୍ରଷ୍ଟା, ଲୋକେ-ତ୍ରିଲୋକେ, ସ୍ୱର୍ଗେ, ମର୍ତ୍ତ୍ୟେ ପାତାଳେ । ୩୪:ଯୋଗ କରିଲେ ନିଆଁ-ମୁଖାଗ୍ନି ଦେଲେ । ୩୫: କୃତାଞ୍ଜଳି ପୁଟେ-ହତଯୋଡ଼ି । ୩୬:କୌଣପ ମୁକୁଟ-ରାକ୍ଷସ ରାଜ ରାବଣ, ସଙ୍କଟ-ବିପଦ, ପ୍ରଚାର-ପ୍ରକାଶ କଲା, କୋବିଦ-ପଣ୍ଡିତ ।୩୮ :କୀଶ-ମର୍କଟ, ନର-ରାମ ଲକ୍ଷ୍ମଣ, ରକ୍ଷ-ଭାଲୁ, ଜାମ୍ବବାନ ଆଦି, କ୍ରୁର-ନିଷ୍ଠୁର । ୩୯:ପରମବ୍ରହ୍ମ-ପରମ ଈଶ୍ୱର, କୋଶଳପତି-ରାମ, କାର୍ପଣ୍ୟଦୈନତା ଗତି-ମୁକ୍ତି ଯାତ୍ରା । ୪୦ : କୃପଣ ନୁହନ୍ତି- ଚୋଠା ନୁହନ୍ତି, ଶେଷଦେବ ଅନନ୍ତ-ଲକ୍ଷ୍ମଣ, କପିପତି-ସୁଗ୍ରୀବ, ମହତ-ଶ୍ରେଷ୍ଠ, ରତ-ଆସକ୍ତ । ୪୧ :କେଶରୀ ନନ୍ଦନେ-ହନୁମାନେ, କେ'ସରି-କେ ସମ, ପରମ-ଶ୍ରେଷ୍ଠ, ଯୋଗୀ-ବ୍ରହ୍ମବିଦ୍ । ୪୧ :ଖୁଲ୍ଲତାଶ୍ୱଶୁର-ବିଭୀଷଣ, ଭୋଗୀ-ସୁଖୀ । ୪୨:ଶକୁନ-ଶାଗୁଣା, ଜମ୍ବୁକ-ବିଲୁଆ । ୪୪:ହାଦେ-ହଠାତ । ୪୫:ତୂର୍ଣ୍ଣେ-ସତ୍ୱରେ ।

Digitized by PPRACHIN, SOA

କଲା ଉପବାସେ ଲୋକନ' ଯାନ ବାହୁକେ ବହି, କଳପି ନ ପାରି ଜଳପି, ପଥେ ଆଶ୍ଚର୍ଯ୍ୟ ରହି ।
।୪୬।

କାନ୍ଦି ଏହି କାଳେ ପ୍ରମିଳା, ଇନ୍ଦ୍ରଜିତର ହସ୍ତ, କ୍ଳେଶରେ ଧରିଣ ପାଶରେ ହୋଇଣ ଉପଗତ ।
।୪୭।

କହିଲା ପ୍ରକାଶ ନୃପେଶ, ଆଗେ କହିବା କଥା, କରିଲା ଅଧୀରା ରାଣୀଙ୍କି ତାହା ବଢ଼ାଇ ବ୍ୟଥା ।
।୪୮।

କହିଲେ ତିଆରି ଯାଅ ମା' ସୀତାକାନ୍ତ ଶିବିରେ, କରିଣ ଯାଚଞ୍ଚା ଆଣତୁ' ପତି ଶିର ଭୁବିରେ ।
।୪୯।

କଠୋରତା ପଣୁ ଶ୍ୱଶୁରଙ୍କର ବଂଶ ନିର୍ମୂଳ, କଲେଣି ରାଘବ ଲାଘବ କର ଉଦ୍ଧାରି କୁଳ ।
।୫୦।

କରୁଅଛି ଅନ୍ଧ ପଟଳି, ନୟନରୁ ବାହାର, କରନ୍ତୁ ଜାନକୀ ବଲ୍ଲଭ ଦୁଃଖ ସିନ୍ଧୁରୁ ପାର ।
।୫୧।

କୁହାଇ ଇଙ୍ଗିତ ଦିଅନ୍ତେ ଯାନ ରାମ ନିକଟେ, କଲା ଗତି ବୁଧେ ଏ ଛାନ୍ଦେ ଦୟା ଏତିକି ରଟେ ।
।୫୨।

ପ୍ରମିଳାର ମୁଣ୍ଡ ଭିକ୍ଷା

(ରାଗ: - ଶଙ୍କରାଭରଣ) ଅଦ୍ୟ ଶୃଙ୍ଖଳା ପ୍ରାନ୍ତ ଯମକ

ଛାନ୍ଦ-୩୫

ଇନ୍ଦ୍ରଜିତ ବଧ କରି ଫେରୁ ହର୍ଷେ ଭରେ, କରି ଫେରୁ ହର୍ଷ ଭରେ
ଇନ୍ଦଜିତ ଦାଦି ଆଦି ଲକ୍ଷ୍ମଣ ମାର୍ଗରେ, ଇନ୍ଦ୍ର ଆଦି ଦେବକୁଳ ,
ଇକ୍ଷଣେ, ଲକ୍ଷ୍ମଣ କଣ୍ଠେ ଦେଇ ଦିବ୍ୟମାଳ । ।୧।

ଅର୍ଘ୍ୟେ ବନ୍ଦାପନା କରି ଗଲେ ସୁପ୍ରସନ୍ନେ, କରିଗଲେ ସୁପ୍ରସନ୍ନେ
ଅରୁଣ ବଂଶଜ ଜ୍ୟେଷ୍ଠ ପଦ ଦରଶନେ, ଅଭିଳାସରେ ଶିବିରେ,
ଅଭିଭାଷଣ ପୂର୍ବରୁ ପ୍ରଣିପାତ କଲେ । ।୨।

ଆଶୀର୍ବାଦେ ରାମ ଆଲିଙ୍ଗନ କରି ହୃଦ, ଆଲିଙ୍ଗନ କରି ହୃଦ
ଆଗ୍ରହରେ ପଚାରନ୍ତି ସମର ସମ୍ବାଦ, ଆନୁ ପୂର୍ବକ ଭଣନ୍ତି,
ଆପଦ ଗିରିପାଦପେ କପିଏ ଶୁଣନ୍ତି । ।୩।

ଏ ସମୟେ ସେ ଯାନକୁ କନ୍ଧେ ବହି ଖରେ, ଯାନ କନ୍ଧେ ବହି ଖରେ
ଏକ ଲକ୍ଷ୍ୟେ ଯାଉ ସର୍ବେ ରାଘବ ଶିବିରେ, ଏକ ମର୍କଟ ପ୍ରକଟ
କରିଲା କିଏ ସେ' ଯାଏ କହହେ ଝପଟ । ।୪।

୪୬:ଉପବାସେ-ବରଣ୍ଡରେ.ଅନାହାରେ.କଳପି-କଳନା-ଜଳପି-ବାଚାଳତା ପରି । ୪୭: କ୍ଳେଶରେ ଯନ୍ତ୍ରଣାରେ- ଉପଗତ-ଉପସ୍ଥିତ ।୪୮ ନୃପେଶ-ରାବଣ.ଅଧୀରା-ଅଥୟ । ୪୯: ସୀତାକାନ୍ତ-ରାମ. ଯାଚଞ୍ଚା-ଭିକ୍ଷା.ଭୁବିରେ-ମର୍ତ୍ତ ଭୁବନରେ । ୫୦:କଠୋରତା-ଦୁଷ୍କର ଦୁଷ୍କର୍ମ,ବଂଶ-କୁଳ । ୫:ଅନ୍ଧ ପଟଳି-ଯାହାଦ୍ୱାରା ଦେଖି ହୁଏ ନାହିଁ, ଅର୍ଥାତ ଏ ଲଙ୍କା ଧନ ସମ୍ପତ୍ତିର ଉତ୍ତରାଧିକାରୀ ତୁ' ଏହାକୁ ତୁଚ୍ଛ କରି ମୁଣ୍ଡ ଆଣିବା ପାଇଁ ଯାଅ । ୫୨:ରଟେ-କହେ (ଭଣେ)। ୧: ଇନ୍ଦ୍ରଜିତ ଦାଦି-ବିଭୀଷଣ, ଆଦି-ସହିତ.ଇକ୍ଷଣେ-ଦେଖି,ଦିବ୍ୟମାଳ-ସ୍ୱର୍ଗୀୟମାଳ. ଅର୍ଘ୍ୟ-ପୂଜା ଉପକରଣେ ।୨:ସୁପ୍ରସନ୍ନେ-ବରଦାନ. ଅରୁଣ-ସୂର୍ଯ୍ୟ. ଜ୍ୟେଷ୍ଠ-ରାମ. ଶିବିରେ-ସେନା ରହିଥିବା ସ୍ଥାନରେ । ୨:ଅଭିଭାଷଣ-ପ୍ରଥମ କଥାବାର୍ତ୍ତା.ପ୍ରଣିପାତ-ପ୍ରଣାମ । ଭଣନ୍ତି-କହନ୍ତି,ଆପାଦ-ପାଦଠାରୁ ମୁଣ୍ଡଯାଏ.ଗିରି-ପର୍ବତ, ପାଦପେ.ବୃକ୍ଷରେ. କପିଏ-ମର୍କଟେ । ୪:ଯାନକୁ-ବାହକ ଦ୍ୱାରା ବୁହା ଯାଉଥିବା ଶିବିକାକୁ । ରାଘବ ଶିବିରେ-ରାମ ଛାଉଣିକୁ । ମର୍କଟ-ମାଙ୍କଡ଼.ପ୍ରକଟ-କହିଲା ।

Digitized by PPRACHIN, SOA

କହ କେଉଁଠୁ ଆସିଲ, କେଉଁଠିକି ଯିବ, କହ କେଉଁଠିକି ଯିବ,
କଡ଼ା କଥା ଶୁଣୁ ବ୍ୟଥା ନ ଦେଇ ଜବାବ, କରୁ ଗମନ ପ୍ରସଙ୍ଗେ
କହିଲା ମର୍କଟେ ସେଥି ବ୍ୟଙ୍ଗ କରି ରଙ୍ଗେ । ।୫।

କାଲି ଇନ୍ଦ୍ରଜିତ ହତକାଳୁ ରାକାବଳ, ହତକାଳୁ ରାକାବଳ
କାତରତା ପଣେ ମଣେ ହୋଇଛି ଦୁର୍ବଳ, କାଞ୍ଚନ ବରନା ସୀତା
କାନ୍ତ ପାଶେ ପଠାଇଛି ମନେ କରି ଚିନ୍ତା । ।୬।

ଶରଣ ପଶିବ ଭାଇ ପରି ଆସି ଦୂରୁ, ଭାଇ ପରି ଆସି ଦୂରୁ
ଶଙ୍କ ପ୍ରାୟ ଏ ଶବଦ ଶ୍ରବଣେ ସଞ୍ଚରୁ, ସଙ୍କାହୀନେ ଯୂଥପତି
ଶରଣାଗତ ବିଚାରି ପଥକୁ ଛାଡ଼ନ୍ତି । ।୭।

ଭଲ୍ଲୁ କପିଗଣ ବାଟ ଛାଡ଼ି ଦେଇଆଗେ, ବାଟ ଛାଡ଼ି ଦେଇ ଆଗେ
ଭଲ ବାର୍ତ୍ତା ରାମେ ଦେଇ କହିଲେ ସରାଗେ,ଭଲ ପାଇବାର ପାଇଁ
ଭଲ୍ଲୁ କଙ୍କ ଆଗୁ ଡ଼େଇଁ ଡ଼େଇଁ ଆଗେ ଧାଇଁ । ।୮।

ସୀତା ଆସିଲେ, ଆସିଲେ ସୈନ୍ୟେ ପଡୁହୁରି, ଆହେ ସୈନ୍ୟେ ପଡୁହୁରି
ସୀତା ପତି ଶ୍ରୁତି ପାତି ବୋଲନ୍ତି ବିଚାରି, ସୀମନ୍ତିନୀ ମୋ ମହିଳା
ସୀମାଟପା ବ୍ରହ୍ମହତ୍ୟା ଆଗରୁ ଅଇଲା । ।୯।

ମୋହରି ବଂଶରେ ରଘୁନାମେ ନୃପଈଶ, ରଘୁନାମେ ନୃପଈଶ
ମୋଦେ ବିପ୍ରେ ଦେଇଥିଲେ ସାତଶ ପଚାଶ, ମୋହ ସୀତା ସମରାଣୀ
ମୋହେ ମୁହିଁ ମାରିଥାନ୍ତି ରଣେ ବିପ୍ରମଣି । ।୧୦।

ମିତ୍ର ବ୍ୟକ୍ତ ମିତ୍ରପୁତ୍ର ଶୁଣି ବିଚାରନ୍ତି, ପୁତ୍ର ଶୁଣି ବିଚାରନ୍ତି
ମିତ୍ର ନୃପତି ହୋଇବା କାଟିଛି ନିୟତି, ମିଥ୍ୟା କି ହେବ ବଚନ
ମିଥ୍ୟାବାଦୀ ନ ହୋଇବେ ମିତ୍ର କଦାଚନ । ।୧୧।

ବିଭୀଷଣେ ଅଯୋଧ୍ୟାରେ କରାଇଣ ରାଜା, ସେହି କରାଇଣ ରାଜା,
ବିଶେଷି ରହିବେ ବନେ, ଧରିଣ ଭାରିଜା, ବିରଞ୍ଚିର ଏ ବିଚାର
ବିହାର ନ ସରୁ ବନ-ବନ ହେବ ଘର । ।୧୨।

ଦୟା ଶୀଳ ଦୟାକଲେ ଦ୍ୱିବିଧ ପ୍ରକାରେ, କଲେ ଦ୍ୱିବିଧ ପ୍ରକାରେ
ଦୈନିକ ସେବା କରନ୍ତି ନେଇ କିଷ୍କିନ୍ଧ୍ୟାରେ,ଦେଇଥିବା ରାଜ ପଦ
ଦଉକରୁ ହେବ ମୋର ଋଣ ପରିଶୋଧ । ।୧୩।

ଏ ସମୟେ ଆସି ଠଣା ନିକଟେ ସେ ଯାନ, ଠଣା ନିକଟେ ସେ ଯାନ
ଏକଦମେ ରୋଧୁ ପଥ ବୀର ହନୁମାନ, ଏକ ପଦସେ ନ ଯାଇ,
ଏରୁଣ୍ଡି ନିକଟେ ସେହି ଯାନ ଦେଲେ ଥୋଇ ।।୧୪।

୫:ପ୍ରସଙ୍ଗେ-ସମ୍ପର୍କେ.ବ୍ୟଙ୍ଗ-ପରିହାସରେ । ୬:ରାକାବଳ-ରାବଣବଳ. କାତରେ-ଭୟ.କାଞ୍ଚନ ବରନା-ସୁବର୍ଣ୍ଣବର୍ଣ୍ଣା । ୭:ଭାଇପରି-ବିଭିଷଣ ପରି. ସଞ୍ଚରୁ-ଗତିକରୁ.ଶଙ୍କାହୀନେ-ଭୟଛାଡ଼ି. ଯୂଥପତି-ଦଳପତି. ଶରଣାଗତ-ଆଶ୍ରୟପାର୍ଥୀ । ୮:ଭାଲୁ ମାଙ୍କଡ଼ । ୯: ସୀତାପତି-ରାମ.ଶ୍ରୁତି-କର୍ଣ୍ଣ.ସୀମନ୍ତିନୀ-ଭାଗ୍ୟବତୀ । ୧୦:ମୋଦେ-ଆହ୍ଲାଦିତେ.ବିପ୍ରମଣି-ରାବଣ । ୧୧ : ମିତ୍ର ପୁତ୍ର-ସୁଗ୍ରୀବ. ନିୟତି-ଅଦୃଷ୍ଟ । ୧୨:ବିରଞ୍ଚି-ବିଧାତା ବା ବ୍ରହ୍ମା । ୧୩:ଦୟାଶୀଳ-ରାମ.ଦ୍ୱିବିଧ-ଦୁଇପ୍ରକାର । ଦେବାଆସନରେ ରାଜା କରି ସେବନ୍ତି ।

Digitized by PPRACHIN, SOA

ବାରି ଯାନ ଅବସ୍ଥାନ ପରିମଳା ସତୀ, ସେହି ପରିମଳା ସତୀ
ବାହୁକୁ ଧରି ସ୍ୱାମୀର ବାହାର ଝଟତି, ବାହୁନି କରୁ ରୋଦନ
ବିଦ୍ୟୁତ୍ ବେଗେ ପୁଚ୍ଛାକଲା ପବନ ନନ୍ଦନ । ।୧୫।

କରନା ରୋଦନ କି' କାରଣେ ଆଗମନ, କି କାରଣେ ଆଗମନ
କହି ସନ୍ଦେହ ମୋହର କରାଅ ମୋଚନ, କହେ ଶୁଣି ସୁଲୋଚନା
କି କହିବି ତୁମ୍ଭ ଆଗେ ରାମେ କର ଜଣା । ।୧୬।

ସଂସାର କରତା ଯଦି ଶୁଣିବେ ମୋ ଦୁଃଖ, ଯଦି ଶୁଣିବେ ମୋ ଦୁଃଖ
ସଫଳ ହୋଇବ କହୁ ଶୁଣିବ ପ୍ରତ୍ୟକ୍ଷ, ସୀତା ଧବ ଯାନେ ଆଖି
ସୁଚିତେ ମିତ୍ରେ ପେଷିଲେ ଯିବାପାଇଁ ଦେଖି ।।୧୭।

ପଥେ ହନୁମାନ ଠାରୁ ସମସ୍ତ ଘଟଣା, ଠାରୁ ସମସ୍ତ ଘଟଣା
ପ୍ରଣିଧାନ ହୋଇ ସୁଗ୍ରୀ କରାଇଲା ଜଣା, ପରିମଳା ସତୀ ସେହି,
ପ୍ରଣମି ଯାହା କହିଛି ଶୁଣ ଭାବଗ୍ରାହୀ । ।୧୮।

ପଦାର୍ପଣର କାରଣ କାନ୍ଦିବା ଘଟଣା, ତାର କାନ୍ଦିବା ଘଟଣା
ପ୍ରଘଟ କରିବ ନିଜେ ଆଗେ, ରାମ ବଣା, ପଠାଇଲେ ଲକ୍ଷ୍ମଣଙ୍କୁ
ପଥୁକୀ ପରିମଳାକୁ ଡ଼କାଇ ନେବାକୁ । ।୧୯।

ବୋଲନ୍ତି ରାମ ହେ ମିତ୍ର ମୋ ଉତ୍ତପ୍ତ ଚିତ୍ତ, ମିତ୍ର ମୋ ଉତ୍ତପ୍ତ ଚିତ୍ତ,
ବ୍ୟାପକ ଭାବରେ ଯେହୁ କରାଇଛି ଶାନ୍ତ, ବୋଧେ ଏଥି ଆସ ଘେନି,
ବିହନ୍ତୁ ଦୁଃଖ ଶୁଣିବା, ଶୁଣନ୍ତୁ ସେନାନୀ । ।୨୦।

ମାରୁତି ଉର୍ମିଳାଧବ ସଙ୍ଗେ କପି ଈଶ, ଧବ ସଙ୍ଗେ କପି ଈଶ
ମହାନୁଭବେ ଜଣାନ୍ତି ଶ୍ରୀରାମ ଆଦେଶ, ମୁଠା ଆଜ୍ଞା ଅଛି ହୋଇ
ମାନସ ବ୍ୟଥାକୁ ରାମ ଆଗେ ଫେଡ଼ ଯାଇ ।।୨୧।

ଶୁଣି ସୁଲୋଚନା ମୁଞ୍ଚି ଶୋଚନା ତତ୍ପର, ମୁଞ୍ଚି ଶୋଚନା ତତ୍ପର
ଶିବିକା ନିକଟୁ ଚଳେ ଧରି ସ୍ୱାମୀ କର, ଶିର ନତରେ ବୈରାଗେ,
ଶ୍ରଦ୍ଧାରେ ଥାପୁ ନୟନ, ଦେଖଇ ସେ ଆଗେ ।।୨୨।

ରାମଙ୍କ ରୂପ ବର୍ଣ୍ଣନା

ଆଜାନୁ ଲମ୍ବିତ ବାହୁ ହୃଦୟ ବିଶାଳ, ବାହୁ ହୃଦୟ ବିଶାଳ
ଆଦର୍ଶ ଜଟା ଭୂଷଣ ଗଳେ ବନମାଳ, ଆବୃତ ଯେ କଷାବାସ
ଆରକ୍ତ ନୟନ ବେନି କୋକନଦ ଦୃଶ୍ୟ । ।୨୩।

କାଣ୍ଡ କୋଦଣ୍ଡ ବାମାଙ୍ଗେ, ଦିଶୁଅଛି ଶୋଭା, ଅଙ୍ଗେ ଦିଶୁଅଛି ଶୋଭା
କୁରଙ୍ଗ ଚର୍ମ ଆସନେ ହୋଇଛନ୍ତି ଉଭା, କହେ କୃତାର୍ଥ ହୋଇଲି
କୋରକିତ କରେ ଉଠେ ପଡ଼େ ଗଡ଼ ଘାଲି ।।୨୪।

Digitized by PPRACHIN, SOA

ପଚାରନ୍ତି ଆସିବା କାରଣ ଚାପଧାରୀ, ସେ କାରଣ ଚାପଧାରୀ
ପ୍ରକାଶଇ ସୁଲୋଚନା ଶୋକ ପରିହରି, ପ୍ରଭାତରେ ସ୍ୱାମୀ କର,
ପ୍ରାଙ୍ଗଣେ ପଡ଼ି ଲେଖିବା ବର୍ଣ୍ଣ ସମାଚାର । ।୨୫।

ଆହେ ନିର୍ବିକାର, ପୂର୍ଣ୍ଣବ୍ରହ୍ମ ଭାବଗ୍ରାହୀ, ପୂର୍ଣ୍ଣବ୍ରହ୍ମ ଭାବଗ୍ରାହୀ
ଆଗନ୍ତୁକର ମାଗୁଣି ଶ୍ରୀପଦରେ ଏହି, ଆର୍ଯ୍ୟ ପୁତ୍ରଙ୍କ ଆନନ
ଆଣିଦେଲେ ହେବ ପ୍ରେତ କ୍ରିୟା ସମାପନ ।।୨୬।

ଅବନୀରେ ପଡ଼ିକର ଲେଖିଦେଲା ସତୀ, କର ଲେଖିଦେଲା ସତୀ
ଅଜପାମନ୍ତ୍ର ନ ଜପି, ହେବା ପାଇଁ ଗତି, ଅନ୍ତ୍ୟେଷ୍ଟି କ୍ରିୟାକୁ କର,
ଅତିକ୍ରମି ଶ୍ୱଶୁରଙ୍କ କଥା ମାଗେ ଶିର । ।୨୭।

ବିଶ୍ୱାସ ନ କରି ପ୍ରକାଶନ୍ତି ସୁଗ୍ରୀବର, ପ୍ରକାଶନ୍ତି ସୁଗ୍ରୀବର
ବିଚ୍ଛିନ୍ନ କର କିପରି ଲେଖିବ ଅକ୍ଷର, ବଡ଼ ଅସମ୍ଭବ କଥା
ବିଶ୍ୱାସ ନ ହୁଏ ମୁଣ୍ଡ ନେଲେ ଦେବ ବ୍ୟଥା ।।୨୮।

ମାୟାବୀ ଏ ମାୟାରଚି ଯୋଡ଼ି ଗଣ୍ଡିମୁଣ୍ଡ, ରଚି ଯୋଡ଼ି ଗଣ୍ଡିମଣ୍ଡ
ମନ୍ତ୍ରବଳେ ବଞ୍ଚାଇବ ଆସିବ ପାଷାଣ୍ଡ, ମୁକୁଟକୁ ବାନ୍ଧିରଣେ,
ମଙ୍ଗଳ ନହେବ ହୃଦେ ବିଚାର ଆପଣେ । ।୨୯।

ଭାବୁକତା କରାଇବା ନାରୀମାନଙ୍କର, ଏହି ନାରୀ ମାନଙ୍କର,
ଭବେ ମହାନତା ଗୁଣ କିମ୍ବା ନ ବିଚାର, ଭାଷି ନ ଦେବାଟି ଶିର
ଭଲେ ସୁଯୋଗେ ଏ ଶତ୍ରୁ ଆଗ ହତ୍ୟାକର ।।୩୦।

କହୁଛନ୍ତି ରାମଚନ୍ଦ୍ର ମିତ୍ରଙ୍କୁ ତିଆରି, ରାମ ମିତ୍ରଙ୍କୁ ତିଆରି
କାହାକୁ ଆପଣ କହୁଛନ୍ତି ଶତ୍ରୁବୋଲି, କାଳୀ ଲାଗିବ ଯଶରେ
କହ ଭଲ ଭାବେ ଚିନ୍ତା କରି ଆଉ ଥରେ । ।୩୧।

କପିପତି କଥା କର୍ଣ୍ଣେ ଶୁଣି ସୁଲୋଚନା, କର୍ଣ୍ଣେ ଶୁଣି ସୁଲୋଚନା
କଣ୍ଠ ରୁଦ୍ଧ ହେଲା କଥା ମନ ହେଲା ବଣା, କରି ତା ଅନୁଶୋଚନ
କହନ୍ତି ବୁଝାଇ ପ୍ରମିଳାଙ୍କୁ ରଘୁରାଣ । ।୩୨।

ଶତ୍ରୁ ମିତ୍ର ଯେବା ହେଲେ' ମୋ ଶରଣ ଦମ୍ଭେ, ସେହୁ ମୋ ଶରଣ ଦମ୍ଭେ,
ସଭିଙ୍କୁ ମିଳଇ ଆଶ୍ରା ବାନାବନ୍ଧା ସ୍ତମ୍ଭେ, ସିତୀ ନକର ଭାବନା,
ସତ୍ୟତା ପ୍ରମାଣି ମୁଣ୍ଡ ନିଅ ନାହିଁ ମନା । ।୩୩।

ଭାବଇ ପ୍ରମିଳା ମନେ ମୋ' ଉପାଧି ବ୍ୟାଧି, ମନେ ମୋ ଉପାଧି ବ୍ୟାଧି
ଭାଷା ଏ ପରି କହନ୍ତେ କିମ୍ବା ଦୟାନିଧି, ଭଲେ ଉତ୍ତୀର୍ଣ୍ଣ ନୋହିଲେ,
ଭଣ୍ଡାମି ପଣ ପ୍ରଚାର ହୋଇବଟି ଭଲେ । ।୩୪।

୨୬: ଆଗନ୍ତୁକ-ନବାଗତ. ପ୍ରେତକ୍ରିୟା-ମୃତବ୍ୟକ୍ତିର ସଂସ୍କାର. ୨୭: ଅଜପାମନ୍ତ୍ର-ପ୍ରାଣାୟମ. ଅନ୍ତେଷ୍ଟିକ୍ରିୟା-ଶବ ସଂସ୍କାର ଆଦି ଦଶାହ କାର୍ଯ୍ୟ ।୩୦: ଭାବୁକତା-କଥାରେ ବଶିଭୂତ କରିବା. ୩୩:ଶତ୍ରୁତାଶୂନ୍ୟ - କଳାଙ୍କଧ୍ୱଜ (ବିଭୀଷଣ). ଶରଣାଗତ ଜନ-ଆଶ୍ରୟ ପ୍ରାର୍ଥୀ. ଶଙ୍ଖରିପୁ-ଶଙ୍ଖାସୁର ଶତ୍ରୁ ରାମ (ନାରାୟଣ) ।

Digitized by PPRACHIN, SOA

ଏକାଳେ' ଖୁଡୁତାଶୁର ବିଭୀଷଣେ ଦେଖି, ସେହି ବିଭୀଷଣେ ଦେଖି
ଏହି କଥା ପ୍ରକାଶିଲା ଦୁଃଖେ ଶଶୀମୁଖୀ, ଏହି ବୟସେ ମୋହର
ଏକ'ପାତିବ୍ରତ୍ୟ ଯାହା କଲ ନାରଖାର । ।୩୫।

ବଡ଼ କୁଳେ ଜନ୍ମି ବଂଶ ଯଶଃ କଲ ବୃଦ୍ଧି, ବଂଶ ଯଃଶ କଲ ବୃଦ୍ଧି
ବଳେ ଶତ୍ରୁ ପ୍ରାୟ ଯଜ୍ଞେ ବଡ଼ ପୁତ୍ରେ ବଧି, ବୈଧବ୍ୟ ଯନ୍ତ୍ରଣା ଦେଲ
ବଂଶାନୁଚରିତେ ଏହା ଯଶଃ ରଖାଇଲ । ।୩୬।

ପତିବ୍ରତା ପଣେ ଉଚ୍ଚ ଆଶା ଥିଲି ରଖି, ଉଚ୍ଚ ଆଶା ଥିଲି ରଖି
ପତି ସେବି ଦିନ ନେବି ନଥିଲେ କେ ଦେଖି, ପ୍ରଭାକର, ଚନ୍ଦ୍ର ଥରେ
ପତିଶିର ପାଇଁ ଆଜି ଏ ଶତ୍ରୁ ଶିବିରେ । ।୩୭।

ଏ ବୟସେ ହସ୍ତୁ ଶଙ୍ଖା ମଥାରୁ ସିନ୍ଦୂର, ଶଙ୍ଖା ମଥାରୁ ସିନ୍ଦୂର
ଏକା ତୁମ୍ଭ ଯୋଗେ ସିନା ହେଉଛି ହେ ଦୂର, ଏକୋଦରୁ ଜନ୍ମ ହେଉ,
ଏକାଆସି ଶତ୍ରୁସଙ୍ଗେ ସାଧୁଅଛ ଦାଉ । ।୩୮।

ବଧୂ କଥା ଶର, ବିଭୀଷଣ ବକ୍ଷ ଭେଦି, ବିଭୀଷଣ ବକ୍ଷ ଭେଦି
ବ୍ୟଥା ଦେଲା ବହିଗଲା ନେତ୍ରୁ ଅଶ୍ରୁନଦୀ, ବନ୍ୟା ଜଳ ପରି ତାହା
ବୁଝାଉ ରାମ' ନବୁଝେ ସେ' ସରମା ନାହା ।।୩୯।

ଶରଣାଗତ ଜନର ଦୁଃଖେ ଦୁଃଖୀ ହୋଇ, ତାର ଦୁଃଖେ ଦୁଃଖୀ ହୋଇ
ଶଙ୍ଖରିପୁ ପ୍ରକାଶନ୍ତି ନ ପାରିବି ସହି, ଶରବ୍ୟେ ତରଣୀ ସେନ,
ସରସେ ନ କରି ଥିଲ, ତୁମ୍ଭେତ ରୋଦନ । ।୪୦।

ଭକ୍ତ ବତ୍ସଳ ବୋଲାଇ ଏହି ଦୃଶ୍ୟ ଦେଖି, ମୁହିଁ ଏହି ଦୃଶ୍ୟ ଦେଖି
ଭାବନା ବିହୀନେ ଧୈର୍ଯ୍ୟ ନ' ପାରିବି ରଖି, ଭାବିନୀରେ କି କାରଣ,
ଭବେ ଅପଯଶ ଯାହା ଲୋଡ଼ା ମାଗି ଘେନ ।।୪୧।

କରି କି' ଉପାୟ ବଞ୍ଚାଇବା ଇନ୍ଦ୍ରଜିତେ, ବଞ୍ଚାଇବା ଇନ୍ଦ୍ରଜିତେ
କପଟ ନରଖି କହ, ପ୍ରମିଳା, ଦୁଃଖିତେ, କହି ସେଥି ରଘୁରାୟ
କକ୍ଷା ବହି ବିଭୀଷଣେ କିମ୍ପା ଦୋଷ ଦିଅ । ।୪୨।

ବିଭୀଷଣେ ଯାହା ଦୋଷ ଆରୋପଣ କର, ଦୋଷ ଆରୋପଣ କର
ବିଭ୍ରମତା ଦୋଷୀ ସେହି ନୁହନ୍ତି ନିକର, ବିଂଶନେତ୍ର ଜ୍ୟେଷ୍ଠ ସୁତ,
ବଧେ ସନ୍ଦିହାନ ଥିଲି ମୁହିଁ, ଏ ଯାଏତ । ।୪୩।

ଦୁଇ ମହାସତୀ ପତି ବଞ୍ଚାଇବା ପାଇଁ, ପତି ବଞ୍ଚାଇବା ପାଇଁ
ଦକ୍ଷତା ଦେଖାଇ ବ୍ରତ ପାଳୁଥିଲେ ରହି, ଦନ୍ତା ବଳ ଇନ୍ଦ୍ରଜିତ ,
ଦତ୍ତାବଧାନେ, ଯେ କାଳେ ଯୋଗେଥିଲେ ରତ ।।୪୪।

୪୧ :ଭାମିନୀ-ସ୍ତ୍ରୀ, ସୀତା. ୪୨ : କକ୍ଷାବହି-ଶତ୍ରୁପକ୍ଷାଧଣେ. ୪୩: ବିଭ୍ରମ-ବିଶେଷ ଭାବରେ ଭ୍ରମ. ୪୪ : ଦୁଇ ମହାସତୀ-ପରିମଳା, ଉର୍ମିଳା ଅଭିମାନ ଭାବ-ଅଭିମାନ. ଅର୍କପତି-ସୂର୍ଯ୍ୟ.

Digitized by PPRACHIN, SOA

ତ୍ରୁଟି ସେ ପ୍ରକୃତି ନାରୀ ନ ନେଇ ସଙ୍ଗରେ, ନାରୀ ନ ନେଇ ସଙ୍ଗରେ,
ତପଯା' କଲେ ତାମସ ମନେ ସରାଗରେ, ତେଣୁ ଲକ୍ଷ୍ମଣର ବାଣ
ତନୁ ଭେଦ କଲା ଦୋଷୀ ନୁହେଁ, ବିଭୀଷଣ ।।୪୫।

ଅଜ୍ଞାତେ ମୋର ଲକ୍ଷ୍ମଣ ଯାହା ତପକଲା, ଲକ୍ଷ୍ମଣ ଯା ତପ କଲା
ଅଯୋଧ୍ୟାରୁ ଉର୍ମିଳାଙ୍କ ତପସ୍ୟା ମିଶିଲା, ଅହଂ ଭାବକୁ ନଧର,
ଅହଃ ପତି ଥାଉ ସତୀ ପତି କାର୍ଯ୍ୟ କର । ।୪୬।

ଅନ୍ତିମ ସମୟେ ଇନ୍ଦ୍ରଜିତ ନାମ ମୋର, ଇନ୍ଦ୍ରଜିତ ନାମ ମୋର
ଅଜସ୍ର ଜପ କରନ୍ତେ ବରଜି ସମର, ଅନ୍ତରରେ ରଖି ଭକ୍ତି
ଅକୁଣ୍ଠିତ ଚିତ୍ତେ କହିଛି, ହେବାକୁ ଗତି । ।୪୭।

ଗରବ ଗଞ୍ଜନ ଭକ୍ତ ରଞ୍ଜନ ମୋ ବାନା, ଭକ୍ତ ରଞ୍ଜନ ମୋ ବାନା,
ଗଚ୍ଛିତ ଧରମୁ ସତୀ ପୂରିବ କାମନା, ଗଞ୍ଜଣା ଏ ନୁହେଁ କକ୍ଷା,
ଗଣ୍ୟ ହୁଏ, ମୁଣ୍ଡ ନିଅ ଦେଇଣ ପରୀକ୍ଷା । ।୪୮।

ସଂସାର ମଧ୍ୟରେ ଯେତେ ଭକ୍ତ ଛନ୍ତି ମୋର, ଯେତେ ଭକ୍ତ ଛନ୍ତି ମୋର
ସେମାନଙ୍କ ମଧ୍ୟେ ତୁମ୍ଭେ ଦୁଇ ହେବ ସାର, ସୁଷେ ଦିଅ ମା ପରୀକ୍ଷା,
ସେନା ଆଦି ମିତ୍ରଙ୍କର କଥା ହେଉ ରକ୍ଷା । ।୪୯।

ବୋଲନ୍ତି ସେ ସୁଲୋଚନା ଶୁଣି ରାମବାଣୀ, ସତୀ ଶୁଣି ରାମବାଣୀ
ବିଧବା ଯନ୍ତ୍ରଣା ଠାରୁ ଏ ଯନ୍ତ୍ରଣା ପୁଣି, ବଳେ ନାହିଁ କେହି ସଖା,
ବିଷ୍ଟିରେ ଶତ୍ରୁ ଶିବିରେ କି ଦେବି ପରୀକ୍ଷା । ।୫୦।

ଆହେ କରୁଣା ନିଧାନ ଏତିକି ମାଗୁଣି , ପ୍ରଭୁ ଏତିକି ମାଗୁଣି
ଆଜି ନ ହେବ ସମର ପ୍ରାଙ୍ଗଣରେ ପୁଣି, ଆଉ ଗଡ଼ଦ୍ୱାରୁ ପିଣ୍ଡ
ଅଣାଇବେ ନେଇ ଏଥୁ ସଙ୍ଗେ ସ୍ୱାମୀ ମୁଣ୍ଡ ।।୫୧।

ଗଣ୍ଡି ମୁଣ୍ଡ ଯୋଡ଼ି ସେଥି ଦେବି ମୁଁ ପରୀକ୍ଷା, ସେଥି ଦେବି ମୁଁ ପରୀକ୍ଷା
ଗୃହିତ ହୋଇଲେ ଶିର ଘେନି ଯିବି ଲଙ୍କା, ଗତି ନାହିଁ ଆଉ ମୋର
ଗଲେ ହନୁ ହସ୍ତେ ଶିର ନେଇ ରଘୁବୀର । ।୫୨।

ଅନ୍ତର୍ଲିପି

ଏକଲୟେ ଚିନ୍ତି ସଦା, କରୁଣା ବାରିଧି, ସେହି କରୁଣା ବାରିଧି
ଏ ଚରିତ ଏହିଠାରେ ରଖି ଦୟାନିଧି, ଏକ ପକ୍ଷ ଦିନ ସଂଖ୍ୟା
ଏକ ଦଶା' ନକ୍ଷତ୍ର' ପଦରେ ସାରେ ଲେଖା । ।୫୩।

ଏକ ପକ୍ଷ ୧୫ ଦିନ ଏକ,୧, ଦଶା, ୧୦, ନକ୍ଷତ୍ର, ୨୭ପଦରେ ଅର୍ଥାତ
(୧୫+୧+୧୦+୨୭=୫୩)ପଦରେ ଏଛାନ୍ଦ ପୂରଣ କରାଗଲା ।

୪୭:ଅନ୍ତିମ ସମୟେ-ଚରମ(ଶେଷ ସମୟ). ୪୮: ଗଚ୍ଛିତ ଧର୍ମ-ପୂର୍ବଅର୍ଜିତ ଧର୍ମ.ଅଜସ୍ର- ଅବିରତ ବା ନିରନ୍ତର. ୫୦: ବିଧବା ଯନ୍ତ୍ରଣା-ସ୍ୱାମୀ ମରିବା କ୍ଳେଶ ।୫୧: କରୁଣା ନିଧାନ-ରତ୍ନନିଧି ପରମେଶ୍ୱର, ସମରପ୍ରାଙ୍ଗଣ-ରଣ ଅଗଣା, ୫୩: କରୁଣା ବାରିଧି-କୃପା ସମୁଦ୍ର (ରାମ)

Digitized by PPRACHIN, SOA

ଇନ୍ଦ୍ରଜିତ ପିଣ୍ଡ ଆନୟନ

(ରାଗ - ବସନ୍ତ ଆହାରୀ (ରାସ ସ୍ୱରେ)

(ମାଧବୀ ଫୁଲକୁ ଦେଖିବ ବିଶାଖେ ବୃନ୍ଦେ)

ଛାନ୍ଦ-୩୬

ଶୁଦ୍ଧ ରାମ କୀର୍ତ୍ତି, ଶୁଣ ବୁଧେ ନିତି, ଶୁଚିମନ୍ତ ହୋଇ କରି ହେ
ନ ଦେଖୁ ବଦନ, ଶମନ ସଦନ, ସ୍ୱଧର୍ମରୁ ହୁଅ ପାରି ହେ
ଭବେ ଯା ଚରଣ ରଜ ।। ଅଶ୍ରା କରିଣ ଅହଲ୍ୟା ପୂଜ୍ୟ ହେ ।। ।୧।

ଅନନ୍ତ ଐଶ୍ୱର୍ଯ୍ୟ, ଅନନ୍ତ ଯା' ଶେଯ ଅନାୟାସେ ତାଙ୍କୁ ଭଜ ହେ
ଅନୁକ୍ଷଣେ ଭ୍ରମ, ଅନା ଅନୁପମ, ନାହିଁ କେ ତାହାଙ୍କ,ତେଜ,ହେ
ଅନାଥ ଜନର ନାଥ ।। ଆନ ନକରିବେ ମନୋରଥ ଯେ ।। ।୨।

ପରିମଳା ସତୀ, ବୋଲେ ସୀତା ପତି, ଅଣାଅ ମୋ ପତି ପିଣ୍ଡ ହେ
ଏ ରଣ ପ୍ରାଙ୍ଗଣେ, ଥିବେ ସେନାଗଣେ' ସଂଯୋଗ କରିଣ ମୁଣ୍ଡ ହେ
କରାଇବି ମୁଁ ପ୍ରମାଣ ।। ଶୁଣି ହନୁ ଡ଼ାକି ରଘୁରାଣ ଯେ ।। ।୩।

ଆଜ୍ଞା ଦେଲେ ତୁମ୍ଭେ, ଯାଇ ଅବିଳମ୍ୱେ, ଇନ୍ଦ୍ରଜିତ ଶବ ଆଣ ହେ,
ଶୁଣି ପ୍ରଭୁକଥା, ଯାଏ ପୋତି ମଥା, ମନେ ବହି ଅଭିମାନ ଯେ,
ଗର୍ବେ ନ ଦେଇ ଉତ୍ତର ।। ବଡ଼ ଅବିଚାର ପ୍ରଭୁଙ୍କର ଏ ।। ।୪।

ମା' ସୀତା ଉଦ୍ଧାରେ ମୁଁ ବିନା ଦ୍ୱିଧାରେ, କରିଅଛି ଯାହା ସବୁ, ଯେ
ଯେ ମୋର ବଇରି ତା'ଶବକୁ ଧରି ଆସ କହୁଛନ୍ତି ପ୍ରଭୁ, ହେ
ହନୁମନ୍ତ ମନୋଭାବ ।। ଜାଣି ପାରିଣ ଜାନକୀ ଧବ ଯେ ।। ।୫।

କରିଲେ ବିଚାର, ହେଉ ଏକବାର, ପରୀକ୍ଷା ଆଜି ସକଳ ଯେ
ତୁମ୍ଭ ସାହାପାଇ ଏ' ରାମ ବିଜୟୀ କି ? ଅବା ଅଛି ତା ବଳ ଯେ
ଜନେ ଲୀଳା ଜାଣିବାକୁ ।। ଧରି ଆସିଛି ସିନା ସଭିଙ୍କୁ ହେ ।। ।୬।

ତେଣେ ବିଂଶ ପାଣି, ଧରିଣ ସେନାନୀ, ଶବ ଜଗି କାନ୍ଦୁଥିଲେ ଯେ
ଶକୁନ ପ୍ରକାର' ଯାଇ ହନୁବୀର ଅବତରଣ କରିଲେ ଯେ,
ଚିହ୍ନୁ ଲଙ୍କା ପୋଡ଼ା ବୋଲି ।। ସେନା ଭୟ କରି ଗଲେ ଚାଲି ଯେ ।। ।୭।

କରିଣ ଗର୍ଜନ, ବୋଲେ ଦଶାନନ, ସେଠାରେ ପାମର' ରହରେ
ଆଗ ନ ଜଣାଇ ଆସିଛୁ କିମ୍ପାଇଁ, ମୋ ପୁରେ ତାହାତୁ' କହରେ
ବୋଲେ ପବନ ନନ୍ଦନ ।। ଶୁଣ ଶୁଣ ରାଜା ଦେଇ ମନ ଯେ ।। ।୮।

୧: ସୁଧ ରାମକୀର୍ତ୍ତି-ପବିତ୍ର ରାମଚରିତ. ଶୁଣ ବୁଧେ-ପଣ୍ଡିତମାନେ ଶୁଣ, ଶୁଚିମନ୍ତ-ପବିତ୍ରଭାବରେ, ବଦନ-ମୁଖ, ସମନ ସଦନ-ଯମପୁର, ୨: ଅନନ୍ତ ଐଶ୍ୱର୍ଯ୍ୟ-ଅସୀମ ପ୍ରଭୁତ୍ୱ ସମ୍ପତ୍ତି, ଅନନ୍ତ-ଶେଷ ଦେବ ଅନନ୍ତ ନାଗ, ଅନାୟସ-ସହଜରେ. ଅନୁପମ-ଅତୁଳ. ଅନାଥଜନନାଥ-ନିରାଶ୍ରୟର ଆଶ୍ରୟ । ମନୋରଥ-ଅଭିଳାଶ. ୪: ଅଭିମାନ-ଅହଂକାର, ୫: ବିନାଦ୍ୱିଧାରେ-ସନ୍ଦେହ ବିହିନ.ବଇରୀ-ଶତ୍ରୁ. ମନୋଭାବ-ଚିତ୍ତବୃତ୍ତି.ଜାନକୀଧବ-ରାମଚନ୍ଦ୍ର ୬: କରିଲେ ବିଚାର-ବିବେଚନା କରି. ଏକବାର-ଥରେ. ପରିକ୍ଷା-ଦୋଷଗୁଣ ବିଚାର. ସକଳ-ସମୁଦାୟ, ମୁ ତୁମ୍ଭ ସାହା ପାଇ-ତୁମ୍ଭମାନଙ୍କର ସହାୟତାରେ. ବିଜୟୀ-ଜୟଯୁକ୍ତ.ଜନେଲୀଳା-ମନୁଷ୍ୟ ମାନେ କ୍ରିଡ଼ା ଜାଣିବାକୁ । ୭: ବିଂଶପାଣି-କୋଡିଏ ହାତ ରାବଣ. ସକୁନ-ଶାଗୁଣା ବା ଗିର୍ଦ୍ଧିନି, ୮: ଦଶାନନ-ଦଶମୁଣ୍ଡ ରାବଣ. ପାମର-ଅଧମ.

Digitized by PPRACHIN, SOA

ବଧୂ କୁଳବତୀ, ପରିମଳା ସତୀ, ମାଗିଯାଇ ପତି ଶିର ଯେ
ଦାଶରଥି ଆଗେ, କହିଲେ ବିରାଗେ, କଟାହସ୍ତ' ହସ୍ତାକ୍ଷର ଯେ
ଲେଖିବାର ବିବରଣ ।। ତେଣୁ ପେଷିଛନ୍ତି ରଘୁରାଣ ଯେ ।। ।୯।
ବାସ ବାରି, ବେର' ନେଲେ ମୁଁ ସତ୍ୱର, ଗଣ୍ଡି ମୁଣ୍ଡ ଯୋଡ଼ି ସେଥିଯେ
କରିବେ ପ୍ରମାଣ, ମୃତ ଶିରେ ପ୍ରାଣ- ସଞ୍ଚରାଇ ମହା ସତୀ ଯେ,
ମୁଣ୍ଡ ଦେବେ ରଘୁନାନ ।। ଡେ଼ରି ନ'କରାଅ ଲଙ୍କରାଣ ହେ ।। ।୧୦।
ଶୁଣି ଲଙ୍କପତି, ବୋଲଇ ଝଟତି, ରାତ୍ରେ ଯାଗବାସେ ବାଦେ ଯେ
ଲକ୍ଷ୍ମଣ ଦୁର୍ଦ୍ଦଣ୍ଡ- ପଣେ ପୁତ୍ର ମୁଣ୍ଡ କାଟି ପେଷୁ ରାମ ପାଦେ ଯେ
ଆତ୍ମା ଗଲା ନାମ ଧରି ।। ମୁହିଁ ଏହି ପିଣ୍ଡ ଅଧିକାରୀ ରେ ।। ।୧୧।
ତାର ଅଧିକାର, ଯେ ଆତ୍ମା ତାହାର, ପାଦେ ଲୀନ ହେଲା ଘୂରି ଯେ
ଖାଦ୍ୟ ପାନ ଦେଇ, ଥିଲି ମୁଁ ବଢ଼ାଇ, ଯାହାକୁ ଦେବି କିପରି ଯେ
ଯାଇ ଜଣା ରାମ ଆସୁ ।। ଶବ' ନ ନେଇ ପାରିବ ପାଶୁ ରେ ।। ।୧୨।
ଦଶାନନ ଗୀର, ଶୁଣି ହନୁବୀର, ଉତ୍ତର ଦେଇ ନ ପାରି ଯେ,
ଉହେ କିଛି ଦୂରେ, ବିଳମ୍ବ ହେବାରେ, ଡ଼କାଇଣ ଭାବଗ୍ରାହୀ ଯେ,
ଅଷ୍ଟ ସେନା ଜଣ ଜଣ ।। ପେଷୁ ସେ କଥା' କହେ ରାବଣ ଯେ ।। ।୧୩।
ମହାଶକ୍ତି ଧର, ହେଲେ ବି' ବାନର ଉତ୍ତର ଦେଇଣ ଶବ, ଯେ
ନେବା ପାଇଁ ଧରି, ନ ପାରିଲେ କରି- ରାଜି, ସେଥି ଦଶଗ୍ରୀବ ଯେ,
ଶବ ପାଶେ ସ୍ତମ୍ଭ ପରି ।। ଯୂଥପତି ରକ୍ଷଥାନ୍ତି ଘେରି ଯେ ।। ।୧୪।
ସେକାଳେ, ଅନାମ ଧେୟ କପି,ରାମ ଡ଼କାଇ କହିଲେ ଯିବ ହେ
ଗଲେ ଅଷ୍ଟ ସେନା ଜଣ ଜଣ ସିନା ନ ଆଣି ପାରିଲେ ଶବ ଯେ
ବୋଲେ ଶୁଣି ସେ ବାନର ।। ଏକି' କଥା କହ ଚାପଧର ଯେ ।। ।୧୫।
ବଡ଼ ବଡ଼ ଦ୍ୱାରା, ଯାହା ନ ହୋଇଲା, ସାନ ଦ୍ୱାରାନାକି ହେବ ହେ,
ଇନ୍ଦ୍ରାରି ବୀରର ବିସ୍ତୃତ ଶରୀର ତୋଳିବି କିପରି ଦେବ ହେ,
ରାମ କରକୁ ଛୁଆଇଁ ।। ପ୍ରକାଶନ୍ତି ଯାଅ ଚିନ୍ତା ନାହିଁ ଯେ ।। ।୧୬।
ବୃଦ୍ଧ ମାଳାକାର, ଗୟସରମାଳ ଡ଼ାଲାରୁ ଟେକିବା ପରି ଯେ
ହୋଇବ ଉଶ୍ୱାସ, ଶବ ଘେନି ଆସ, ରାବଣେ ଭୟ ନକରି ଯେ,
ମାଛରଙ୍କା ସରସୀରୁ ।। ମୀନ ନେବାପରି ନୁହ ଭୀରୁ ଯେ ।। ।୧୭।
ନ କରି ଅବଜ୍ଞା, ପାଳି ରାମ ଆଜ୍ଞା, ନଭେ' ଚଳିଣ ମର୍କଟ ଯେ,
ଇନ୍ଦ୍ରଜିତ ଶବ, ଧରିକରି ଲବ ମଧ୍ୟରେ କରୁ ଧପଟ ଯେ,
କେହି ରଖି ନ ପାରିଲେ ।। ନେଲା ନେଲା ବୋଲି ଉଚ୍ଚାରିଲେ ଯେ ।। ।୧୮।

୯: ବି'ରାଗେ-ସରାଗେ, ରଘୁରାଣ-ରାମଚନ୍ଦ୍ର, ୧୦: ବାସବାରୀ-ବାସବବୈରୀ(ଇନ୍ଦ୍ରଜିତ), ବେର-ଦେହ, ୧୧: ଯାଗବାସେ-ନିକୁମ୍ଭିଳା ବଟମୂଳେ, ଆତ୍ମା-ଜୀବ, ୧୩:ଅଷ୍ଟସେନା-ହନୁମାନ, ନଳ,ନୀଳ ତାଳିମ୍ବ,ପନସ, ଜାମ୍ବୁ,ଚନ୍ଦନ, ମହେନ୍ଦ୍ର, ୧୪:ଦଶଗ୍ରୀବ-ଦଶକଣ୍ଠ ରାବଣ, ୧୬: ଇନ୍ଦ୍ରାରୀ-ଇନ୍ଦ୍ରଜିତ, ବିସ୍ତୃତଶରୀର-ବିରାଟଶରୀର ।୧୭:ସରସୀ-ପୋଖରୀ, ଭୀରୁ-ଭୟଶୀଳ, ୧୮: ନଭେ-ଆକାଶରେ, ଲବେ-ପଡାପଡିରେ.

Digitized by PPRACHIN, SOA

ବୋଲେ ହନୁମାନ, ବଡ଼ ଅପମାନ କଥା ହେଲା ପ୍ରଭୁ ଆଗେ ଯେ
କେଉଁ ଭାବେ ମୁହଁ ଦେଖାଇବା କହ, ଝାସ ଦେବା ଚାଲ ବେଗେ ଯେ
ଶୁଣି କରି ସେ ଅଙ୍ଗଦ ।। ମନା କଲେ କରି ପ୍ରତିବାଦ ଯେ ।। ।୧୯।

ଯେ ନେଲା ପ୍ରକଟ, ହୁଏ ଆତ୍ମ ଥାଟ ଝାସ ଦେବା ନୁହେଁ ବାଟ ହେ
ଏ ସ୍ଥାନକୁ ଆଉ, ଆସିବ ବା' କାହୁଁ ଅନାମଧେୟ ମର୍କଟ ହେ,
କେ' କି' ରଖି କଳପଣା ।। ପ୍ରଭୁଙ୍କୁ କଲ ଅବମାନନା ହେ ।। ।୨୦।

ପବନ ଆତ୍ମଜ, ବୋଲେ ଯୁବରାଜ, ଯେବେ ଏଥି ବାହାରିଲି ଯେ
ଗର୍ବ ବହିମନେ, ପ୍ରଭୁଙ୍କ ଚରଣେ, ଦ୍ରୋହ ଅରଜନ କଲି ହେ,
ଗର୍ବ ଖର୍ବ କଲେ ବିଭୁ ।। କ୍ଷମା ମାଗିନେବା ଚାଲ ସବୁ ହେ ।। ।୨୧।

ଅଷ୍ଟ ଯୂଥପତି, ସହିତ ମାରୁତି, ଯାଇ ପାଉଁ ରଣସ୍ଥଳ ଯେ,
ଭକତ ବତ୍ସଳ, କରି କୌତୁହଳ ଜଣ ଜଣ କଲେ କୋଳ ଯେ
ଡେରି କାରଣ ପୁଛନ୍ତି ।। ପାଦେ ପଡ଼ି ଭାଷଇ ମାରୁତି ଯେ ।। ।୨୨।

ଆହେ ମହାବାହୁ, ଅପମାନ ଆଉ, ନ ଦିଅ' କାର୍ଯ୍ୟ କାରଣେ ହେ
ଯାହା ମୁଁ କରିଛି, ତାହା ନୁହେଁ କିଛି, ଆପଣ ସବୁ ଏ ରଣେ ହେ
ତେଣେ ଇନ୍ଦ୍ରଜିତ ଶବ ।। ଦେଖି କହନ୍ତି ସୀତା ବଲ୍ଲଭ ଯେ ।। ।୨୩।

ଯାଅ ସୁଲୋଚନା, ବିନାଶ ଶୋଚନା ଗଣ୍ଡିମୁଣ୍ଡ ଯୋଡ଼ି କରି ଯେ
କହେ ଦୟାନିଧି, ହେବ କାର୍ଯ୍ୟ ସିଦ୍ଧି, ପରୀକ୍ଷାରେ ରାମ ସ୍ମରି ଯେ,
ଧର୍ମ ବଳୁ ହେବ ଗତି ।। ଆଗଛାନ୍ଦେ ଶୁଣିବ ସୁମତି ଯେ ।। ।୨୪।

କଟା ମୁଣ୍ଡର ଅଟ୍ଟହାସ୍ୟ

(ରାଗ - ଚଳ ଘଣ୍ଟ କେଦାର) 'ବ' ଅନୁପ୍ରାସ

ଛାନ୍ଦ - ୩୭

ବୋଇଲା !! **ବ**ସି ପତି ପିଣ୍ଡ ମୁଣ୍ଡ ଯୋଡ଼ି ପରିମଳା ଯେ,
ବୁଡୁଅଛି ଖେଦଜଳେ, ଟେକି ଧର ଭେଳା ଯେ । ।୧।

ବୋଇଲା !! **ବଚନ** ମନ କର୍ତ୍ତବ୍ୟେ, କରି ନାହିଁ ଦୋଷ ଯେ,
ବଚନ ଯା ଦେଇ, ନରଖିଲ ଦେଲ ଝାସ ଯେ । ।୨।

ବୋଇଲା !! **ବିନାଶ** ଏବେ ସେ କଥା' କେଉଁଠି ରହିଲା ଯେ,
ବିନାଶ ହେଉଛି ଦେଖ, ରଖ ତୁମ୍ଭ ବାଳା ଯେ । ।୩।

ବୋଇଲା !! **ବଳ** ବୁଦ୍ଧି ବଳେ କେହି, ସମନାହିଁ ବୋଲି ଯେ,
ବୋଲ ଏ ଅବିଧି, ବିଧି କରିଗଲ ଚାଲି ଯେ । ।୪।

୨୧: ପବନଆତ୍ମଜ-ଆତ୍ମାରୁଜାତ ହନୁମାନ, ଯୁବରାଜ-ଅଙ୍ଗଦ, ଅଷ୍ଟଯୂଥପତି-ହନୁମାନ ଆଦିବୀର, ୨୩: ଆହେ ମହାବାହୁ-ଜଗଦୀଶ, ସୀତାବଲ୍ଲଭ-ରାମଚନ୍ଦ୍ର. ୨୪: ଶୋଚନା-ଦୁଃଖ. ୧: ଖେଦଜଳେ-ଦୁଃଖଜଳେ.

Digitized by PPRACHIN, SOA

ବୋଇଲା !! ବିହିଥିଲ, ବିହିଲିହି, ନାହିଁ ମୋ ମରଣ ଯେ,
ବାରବର୍ଷ ବିଧି ତୋଷେ, ତପକଲି ପୁଣ ଯେ । ।୫।
ବୋଇଲା !! ବୋଲୁଥିଲ ଖାଦ୍ୟପାନ, ନିଦ୍ରା ମଇଥୁନ ଯେ,
ବରଜି ରହିବ କିଏ' ଘେନିବ ଜୀବନ ଯେ । ।୬।
ବୋଇଲା !! ବାସେ ବସି ବୋଧୁଥିଲ, ଚିତ୍ତ ତୁହି ବୋଧୁ ଯେ,
ବିନାଶନେ' ବିନାଶନ, କେଉଁ ଅପରାଧୁ ଯେ । ।୭।
ବୋଇଲା !! ବୋଲେ ବିଭାକର ସୁତ ନହେବ, ନ ହେବ ଯେ,
ବେଭାରେ ବିଚ୍ଛିନ୍ନ ଶିର କଥାକି' କହିବ ଯେ । ।୮।
ବୋଇଲା !! ବିନୟେ ସେ ସୁଲୋଚନା, ଗଡ଼ାଇ ଲୋତକ ଯେ,
ବାରେ କଥା କୁହ ନାଥ, ଦେଖନ୍ତୁ ତ୍ରିଲୋକ ଯେ । ।୯।
ବୋଇଲା !! ବୋଲିଥିଲେ ମୋର ପିତୃକୁଳ, ନାଗରାଜ ଯେ,
ବରିଥାନ୍ତେ ରଣେ' ନ ପାରନ୍ତେ' ରାମାନୁଜ ଯେ ।।୧୦।
ବୋଇଲା !! ବିକଟାଳେହସି କଟାମୁଣ୍ଡ ଭ୍ରମି ଭ୍ରମି ଯେ,
ବିପରୀତ କଥା ବୃଥା, ଭାଷ ଯା' ଭଣ୍ଡାମି ଏ । ।୧୧।
ବୋଇଲା !! ବଂଶ ହତେ, କେହୁ ମତେ ରଖିଥାନ୍ତା ଭଲା ଯେ,
ବିଧିର ବିଧାନେ ଯାହା ହେବାକଥାହେଲା ଯେ । ।୧୨।
ବୋଇଲା !! ବିଶ୍ୱାସ କର ଯେ ନାଶ, କଲା' ସେ ମୋ' କାଳଯେ,
ବିଭୋଜନେ ରହିପାରେ, ଭବେ କାଳ'କାଳ ଯେ । ।୧୩।
ବୋଇଲା !! ବିଶେଷେ ସେ ଶେଷଦେବ, ଅଂଶ ଅବତାର ଯେ,
ବିଧି ବିହିଲା ବିଧବା ଦଣ୍ଡ' ଯୋଷା ବର ଯେ । ।୧୪।
ବୋଇଲା !! ବଧୁ, 'ଶ୍ୱଶୁର', ଜାମାତା, ବିଧବା ଦୁହିତା ଯେ,
ବିନାଶୁ ଏ ବନ୍ଧୁଜନ, ରହିଥିବ କଥା ଯେ । ।୧୫।
ବୋଇଲା !! ବାପ ଭାଇ ଥିଲେ ରାଇ' ନ ପାରନ୍ତେ କେହି ଯେ,
ବଞ୍ଚାଇ ସଞ୍ଚାଇ ପିଣ୍ଡେ, ପ୍ରାଣ ପ୍ରାଣ ସହି ଯେ । ।୧୬।
ବୋଇଲା !! ବୀର ସୌମିତ୍ରି ଅଟନ୍ତି ସାକ୍ଷାତ ଅନନ୍ତ ଯେ,
ବାପ ତୋ' ଅନନ୍ତ ତାକୁ କରନ୍ତା କି' ଅନ୍ତ ଯେ । ।୧୭।
ବୋଇଲା !! ବନ୍ଧୁ କୁଟୁମ୍ବ ସ୍ୱଜନ, ରଖିବାର କଥା ଯେ,
ବିଚାର ହୀନେ, ପିଅର ବଧିଲେ ଜାମାତା ଯେ । ।୧୮।
ବୋଇଲା !! ବସି ଚିନ୍ତାକରି ଦୟାନିଧି ଦୟାନିଧି ଯେ,
ବିଳାପ ନ କର ସତୀ ଦୂର ହେବ ବ୍ୟାଧି ଯେ । ।୧୯।

୮: ବିଭାକର ସୁତ- ସୁଗ୍ରୀବ, ବିଚ୍ଛିନ୍ନଶିର-କଟାମୁଣ୍ଡ, ୯: ବିନୟ-ବିନମ୍ର, ଲୋତକ-ଲୁହ, ତ୍ରିଲୋକ-ପାତାଳ,ମର୍ତ୍ତ୍ୟ, ସ୍ୱର୍ଗଲୋକ, ରାମାନୁଜ-ଲକ୍ଷ୍ମଣ । ୧୩: ମୋକାଳ-ଯମ, ବିଭୋଜନେ-ନଖାଇ କରି, କାଳ କାଳ-ଯୁଗ ଯୁଗ, ଶେଷଦେବ-ଲକ୍ଷ୍ମଣ, ବିଧି-ବ୍ରହ୍ମା । ୧୫: ବଧୁ, ଶ୍ୱଶୁର-ଇନ୍ଦ୍ରଣ, ଜାମାତା-ଇନ୍ଦ୍ରଜିତ । ୧୬ : ପ୍ରାଣ-ଜୀବନ, ପ୍ରାଣ ସହୀ-ପ୍ରାୟସ୍ୱା । ୧୮ : ଜାମାତା-ଜ୍ୱାଇଁ, ଦୟାନିଧି-ରାମଚନ୍ଦ୍ର, ଦୟାନିଧି-ଲେଖକ କହୁଛନ୍ତି ବିଳାପ ନକର-କାନ୍ଦ ନାହିଁ, ଦୂର ହେବ ବ୍ୟାଧି- ତୋର ଦୁଃଖ ରୂପକ ବ୍ୟାଧି ।

Digitized by PPRACHIN, SOA

ପ୍ରମିଳାର ଜନ୍ମ ବୃତ୍ତାନ୍ତ-ଲକ୍ଷ୍ମଣଙ୍କର ଅନୁତାପ

(ରାଗ - ଖଣ୍ଡ ଭାଟିଆରୀ) 'ବ' ଅନୁପ୍ରାସ

ଛାନ୍ଦ-୩୮

ବୁଝ ଆହେ ବୁଧ ଶୁଦ୍ଧମନା, **ବିଶେଷେ** ଘଟିଲା ଯେ ଘଟଣା,
ବିନାୟକ ମାତ, **ବସି** ପୁଚ୍ଛୁକାନ୍ତ, **ବୁଝାନ୍ତି** ଯା' କରି ଆଲୋଚନା । ।୧।
ବିସ୍ମୟ ଭାବରେ ରୋମାସାଇଁ, **ବୋଲୁଛନ୍ତି** ବିଭୀଷଣେ ଚାହିଁ
ବିଦୂଷୀ ଯା କଲା: **ବିଲୋକି** ନଥିଲା, **ବେନିନେତ୍ର** କର୍ଣ୍ଣ ଶୁଣି ନାହିଁ । ।୨।
ବିଭୀଷଣେ ଭିଡ଼ି ରଦବାସ, **ବସୁଧାରୁ** ଡ଼େଇଁ ଅଟ୍ଟହାସ୍ୟ,
ବିଶେଷି ତରାଟି, **ବେନି** ନେତ୍ର ପାଟି, **ସର୍ବ** ଜନେମନେ ଦେଲା ତ୍ରାସ । ।୩।
ବିଘାତି ଶରୀରେ ଜୀବାତମା, **ବିକଶାଇଲା'** ଏ ତା ଗାରିମା
ବୃଷାରି ବନିତା, **ବଡ଼** ପତିବ୍ରତା ତୁଳନେ ନ ହେବେ ରମା ଉମା । ।୪।
ବିଂଶ ଅର୍ଦ୍ଧ ଆସ୍ୟଗୃହେ ଏତେ, **ବଡ଼** ପତିବ୍ରତା ଥିଲା ସତେ
ବିଧାନେ ଏ ଧନ୍ୟା, **ବିସ୍ତୀର୍ଣ୍ଣେ** ଏ'କନ୍ୟା, **ବିବରଣ** ପ୍ରକାଶ ଅଗ୍ରତେ । ।୫।
ବିଳାସିନୀ ରାକ୍ଷସୀ ଆହବ, **ବିଦିତ** ନୁହେ ଏ ମନେଭାବ
ବିବେକୀ ଭାବରେ, **ବିପକ୍ଷ**ଶିବିରେ, **ବିଜେ** କଲା ମୁଣ୍ଡ କରି ଠାବ । ।୬।
ବୋଲୁଛି ନେବାକୁ ପତିମଥା, **ବିଧିରେ** ରଖାଇ ଭବେ ବ୍ୟଥା
ବୀରାଧାରି ଶୁଣି, **ବିଭୀଷଣେ** ପୁଣି, **ପୁଚ୍ଛୁ** ସେ କହନ୍ତି ପୂର୍ବକଥା । ।୭।
ବିଷପାନ କାଳେ, କାଶୀବାସୀ- **ବିଗ୍ରହେ** ଫଣୀନ୍ଦ୍ର-ଶଶୀ ଆସି
ବସିଜଳଶାୟୀ, **ବ୍ୟଜନ** କରାଇ, **ବିବୁଧେ** ଚନ୍ଦନ, ଆସି ଘସି । ।୮।
ବିବସନେ ରୁଦ୍ରଥିଲେ ରହି, **ବିଷଜ୍ୱାଳା** ଜ୍ଞାନ ହାରୁ ତହିଁ,
ବ୍ୟଥିତେ ସୁଜ୍ଞାନେ ବଳେ କୃଷ୍ଣାଜିନେ, **ବାନ୍ଧିଲେ** ମେଖଳା ପରି ଅହି । ।୯।
ବହିଲା ନୟନୁ ଅଶ୍ରୁଧାର, **ବିଲୋକି** ଭବାନୀଙ୍କର ବର
ବୋଲନ୍ତି ବିକଳେ, **ବଳେ** ସେଥିବ୍ୟାଳେ, **ବହିଥିବା** ବେନି ଅଶ୍ରୁଧାର । ।୧୦।
ବିଦିତ ହୁଅନ୍ତୁ ବେନିକନ୍ୟା **ବ୍ରହ୍ମାଣ୍ଡେ** କେ' ନୋହିବେ ତୁଳନା
ବସୁଧା ମଣ୍ଡନା, **ବସୁ** ସୁଲୋଚନା, **ବିଶ୍ୱମୋହିନୀ** ଯେ ସୁନୟନା । ।୧୧।
ବାସୁକି ପାଳନ୍ତୁ ବାସେ ନେଇ **ବାସେ** ପଦ୍ମାସମ ହେବେ ସେହି
ବୋଲାଇବେ ନାଗ, **ବାଳୀ** ବେନିଭାଗ, **ବିଭାଗେ** ସେଥିରୁ ଏକ ଏହି । ।୧୨।

୧: ବୁଧ-ପଣ୍ଡିତ, ଶୁଦ୍ଧମନ-ପବିତ୍ରମନ, ବିନାୟକମାତ-ଗଣେଶଙ୍କ ମାତ(ପାର୍ବତୀ), କାନ୍ତ-ଶିବ, ରୋମାସାଇଁ-ସୁଗ୍ରିବ, ବିଦୂଷୀ-ପଣ୍ଡିତା. ୪:ବିଘାତିଶରୀରେ-ମୃତଶରୀରେ, ଜୀବତମା-ଜୀବଆତ୍ମା, ବୃଷାରୀ-ଇନ୍ଦ୍ର ଅରୀ(ଇନ୍ଦ୍ରଜିତ). ବନିତା-ସ୍ତ୍ରୀ, ୫: ବିଂଶ,ଅର୍ଦ୍ଧଆଶ୍ୟ-ଦଶ,ମୁଣ୍ଡ ରାବଣ,ବିଧାନେଧନ୍ୟା-ନିୟମେ,ପ୍ରଶଂସାନିୟା-ବିଳାସିନୀରାକ୍ଷସୀ-ଆମୋଦ ପ୍ରମୋଦରତା ଅସୁରୁଣୀ,୭: ବିରାଧାରୀ-ରାମ, ୮: କାଶୀବାସୀ-ଶିବ, ବିଗ୍ରହେ-ଶରୀରରେ, ଫଣିନ୍ଦ୍ର-ନାଗ. ଶଶି-ଚନ୍ଦ୍ର,୯: ବିବସନେ-ଉଲଗ୍ନ ଭାବରେ. ସୁଜ୍ଞାନେ-ଚେତାପାଇବାରେ. କୃଷ୍ଣାଜିନେ-ଚର୍ମବାସ. ମେଖଳା-ବନ୍ଧାଯାଉଥିବା ଦଉଡି, ୧୦: ଭବାନିଙ୍କ ବର-ଶିବ, ୧୨: ପଦ୍ମାସମ-ଲକ୍ଷ୍ମୀ,

Digitized by PPRACHIN, SOA

ବାନରେ ସ୍ତବଧ ହେଲେ ଶୁଣି-
ବନ୍ଦିପ୍ରାୟ ନସ୍ବରଇ ବାଣୀ
ବୋଲନ୍ତି ଲକ୍ଷ୍ମଣ ବଡ଼ବିଡ଼ମ୍ବନ
ବଧେ ହେଲା ନ ପାରିଲି ଜାଣି । ।୧୩।
ବାରି ନ ପାରି ପ୍ରତିଜ୍ଞା ନେଲି-
ବରବର୍ଣ୍ଣିନୀ ବିଧବା କଲି,
ବିଶ୍ୱ ପ୍ରପଞ୍ଚରେ ବଡ଼ ସୁସଞ୍ଚରେ,
ବୋଲିବେକି ଜନେ ଯା ନ ମଲି । ।୧୪।
ବାରି ମୃତ ନାଥ ମଥା ପାଇଁ-
ବିକଳେ ଆସିଛି ଏଥି ଧାଇଁ
ବସି ଦେଖୁଅଛି, ବକ୍ଷ ନ ଫାଟୁଛି
ବିଧାତା ବଡ଼ ନିର୍ଦ୍ଦୟ ତୁହି । ।୧୫।
ବନବାସ ପିତୃ ସତ୍ୟେ ହେଲା
ବସୁମତୀ ସୁତା ଦୈତ୍ୟ ନେଲା
ବିଭୀଷଣ ଜାଣି, ବାହୁଲ୍ୟ ନଭଣି-
ବାରୁ ଏହି ଅପଖ୍ୟାତି ହେଲା । ।୧୬।
ବୁଝିଥିଲେ କିମ୍ବା ଏ'ଦୂଷଣ,
ବହି ହେଉଥାନ୍ତି ମୁଁ ଭୂଷଣ
ବୁଲି ବୁଲି ଦ୍ୱିଜ, ବୋଲିବେ ଭାଉଜ
ବିମୋଚନେ ଝିଅର କଷଣ । ।୧୭।
ବୋଲୁଛନ୍ତି ଶୁଣି ରଘୁସାଇଁ,
ବିଳାପ ନକର' ଆଉ ଭାଇ
ବୀରର ଅଙ୍ଗନା, ବାଇବାଜା ବାନା,
ବାନ୍ଧୁ ସ୍ୱାମୀ ମୁଣ୍ଡ ଏଥୁ ନେଇ । ।୧୮।
ବିହନ୍ତି ସେଠାରେ ସୁଗ୍ରୀବର,
ବିଭୁ ନ ହେବ ଏ ପୁରସ୍କାର
ବରାରୋହା ଯାହା' ବରଚାହେଁ ତାହା,
ବେଗି ସହୃଦୟେ ଦାନକର । ।୧୯।
ବୀରାଧାରି ଶୁଣି ମିତ୍ରକଥା-
ବୋଲନ୍ତି ଶୁଣ ମା' ତେଜି ବ୍ୟଥା
ବିଧାନେ ଯା'ମନ ବରମାଗି ଘେନ,
ବଞ୍ଚାଇବା ପତି ଥାଉ କଥା । ।୨୦।
ବଡ଼ ଭାଗ୍ୟବାନ ବିଂଶବାହା
ବଧୂଭାବେ ପାଇଥିଲା ଯାହା,
ବିବେକ ହରାଇ ବନୁ ସୀତା ନେଇ,
ବଂଶ ନାଶ କଲା ମନ୍ଦ ଏହା । ।୨୧।
ବୋଲେ ଦୟାନିଧି ରାମଚିନ୍ତି,
ବର ଯା' ମାଗିବ' ମାଗ ସତୀ
ବସ ବୁଧ ନର, ବାରିଦ ଶରୀର,
ବୁଝିବେ ତୁମ୍ଭର ଲାଭ କ୍ଷତି । ।୨୨।

ସ୍ୱାମୀ ସହ ପ୍ରମିଳାର ସ୍ୱର୍ଗାରୋହଣ

(ରାଗ - ଖଣ୍ଡ ଦେଶାକ୍ଷ)

(ଲେଖି ଅଛନ୍ତି, ବ୍ରଜପୁର ମଣ୍ଡନା, ବ୍ରଜନଗରୀ ରାଧାଙ୍କୁ ବୃନ୍ଦେ)

ଛାନ୍ଦ-୩୯

ଶୁଣ ହେ ବିଦୁଷ, ଏ ଅପୂର୍ବ ରସ, ପବିତ୍ର ହେବ ଶ୍ରବଣ ।
ଉମା ରାଣୀ ଦିନେ, କୈଳାସ ଭୁବନେ, ପଚାରୁ ସେ ପଞ୍ଚାନନ ।
ଯେ କଥା ।। କହି ଛେଦିଲେ ଭବାନୀ ବ୍ୟଥା ।ଘୋଷା।
ବସି ଲେଖୁଥିଲେ ଗଜମଥା ।। ।୧।

୧୪: ବରବର୍ଣ୍ଣିନୀ-ସୁଲୋଚନା ।୧୬:ବସୁମତୀସୁତା-ସୀତା. ୧୯:ବରାରୋହା-ସୁନ୍ଦରୀ. ୨୧:ବିଂଶବାହା-କୋଡିଏ ହାତ ରାବଣ. ବସବୁଧନରେ-ବସପଣ୍ଡିତଗଣେ, ବାରିଦ ଶରୀର-ନୀଳ ମେଘ ବରନ ଶରୀର ରାମଚନ୍ଦ୍ର । ୧: ଶୁଣ ହେ ବିଦୁଶ-ହେ ପଣ୍ଡିତ ମାନେ ଶୁଣ, ପବିତ୍ର ହେବ ଶ୍ରବଣ-କର୍ଣ୍ଣ ପବିତ୍ର ହେବ. ଉମାରାଣୀ-ଶିବଘରଣୀ. ପଞ୍ଚାନନ-ଶିବ. ଗଜମଥା-ଗଣେଶ.

Digitized by PPRACHIN, SOA

ପରିମଳା ସତୀ, ହୃଦେ କରି ସ୍ତୁତି, ପୂଜି ଶ୍ରୀରାମ ଚରଣ ।
ଶ୍ରବଣ କୀର୍ତ୍ତନ, ସ୍ମରଣ ଅର୍ଚ୍ଚନ, ଆଦି ଆତ୍ମ ସମର୍ପଣ ।
ସେ କରି ॥ ବୋଲେ କି' ଲୋଡ଼ା ବର ମୋହରି ॥
ତୁମ୍ଭ ଚରଣ ମୋ ପାଇଁ ତରୀ ॥ ।୨।

ଶୁଣି ସୀତାମଥା, ବୋଲନ୍ତି ଏକଥା, କାହିଁ ପାଇଁ ଆଉ କହ ।
ସେନାକଥା ରକ୍ଷା, କରିତ ପରୀକ୍ଷା, ଦେଇ' ନାଶିଛ ସନ୍ଦେହ ।
ଗୋ ମାଗ ॥ ମନଇଛା ବର ଦେବି ଆଗ ॥
ମନା କରକି' ବହି ବିରାଗ ॥ ।୩।

ସୁଲୋଚନା ସେଥି, ବୋଲେ ରଘୁପତି, ଛାର ନାରୀ ସତୀ ସାଜି ।
ଜ୍ଞାନହୀନେ ପାଦେ, ଆସିଥିଲି ବାଦେ, ଶିଳାଖଣ୍ଡେ ଖୋଜି ଖୋଜି ।
ହେ ବୀର ॥ ଇନ୍ଦ୍ରନୀଳମଣିର ପଥର ॥
ଆସି ପ୍ରାପତ ହୋଇଲା କର ॥ ।୪।

ଭାବିଥିଲି ଚିତ୍ତେ, ପୁରାଣ ସମ୍ମତେ, ସ୍ୱାମୀ ଶିର ମାଗିନେଇ ।
ସତୀ ଦାହ ଛଳେ, ପଶିବି ଅନଳେ ପିଣ୍ଡ ଗତି ହେବା ପାଇଁ ।
ହେ' ଏବେ ॥ କରି ନ ପାରିବି ଆଉ କେବେ ॥
ଦେଖେ, ମୋ ବକ୍ଷରେ ଅଛ ତୁମ୍ଭେ ॥ ।୫।

ମୋ'ଗତିରେ ଆସି, ଅନଳରେ ପଶି, ମୋ, ଅନ୍ତର ଅନ୍ତର୍ଯ୍ୟାମୀ ।
ନାଶିବି କିପରି, ବର ମାଗି କରି, ମୁଣ୍ଡ ଯାଉଅଛି ଭ୍ରମି ।
ହେ'ବିଭୁ ॥ କ୍ଷମା ଦିଏ ଏ' ଦାସୀରେ ସବୁ ॥
ଦରଶନ, ମିଳୁଥାଉ' ଏବୁ ॥ ।୬।

ତହୁଁ ରଘୁରାଣ- କହନ୍ତି ଭୂଷଣ, କଥା ନ ହେବ' ମୋହର,
ଆଶ୍ରା କରି ପାଦ, ନଗଲେ ବିପଦ, କିମ୍ପାଇଁ ଚିନ୍ତିବେ ନର
ହେ ଭାବି ॥ ବର ମାଗିନିଅ ଏଥି ଦେବି
ମୁଣ୍ଡ ହସାଇଛ ଯେଣୁ ଦାବୀ ॥ ।୭।

ସୁଲୋଚନାର ବରପ୍ରାର୍ଥନା

କରିଣ ଭାବନା, ବୋଲେ ସୁଲୋଚନା, କି ? ବରମାଗିବି ଦେବ ।
ଶ୍ୱଶୁରଙ୍କ କିଣା, କରଜ ଭରଣା, ହେବ ମୋ ସିନ୍ଦୂର ଥିବ ।
ହେ ସ୍ୱର୍ଗେ ॥ ବିହାର କରିବି ସ୍ୱାମୀ ସଙ୍ଗେ ॥
ଦେବ ଦିଅ' ଏ'ବର' ସରାଗେ ॥ ।୮।

ଶୁଣି ହନୁମାନ, ବୋଲେ ଅଘଟନ, କଥା ଏହା ରଘୁରାଣ ।
ଯା' ଦେଶ ମୃତ୍ତିକା, ସ୍ୱର୍ଣ୍ଣ ବୋଲି ଲେଖା, ସେ କିମ୍ପା କରିବ ରଣ ।
ହେ ହରି ॥ ଶଙ୍ଖା, ସିନ୍ଦୂର ଲଗାଇ କରି ॥
ବିଧବା' କି' ଯାଏ ଦେବ ପୁରୀ ॥ ।୯।

୩:ବିରାଗ-ବିଶେଷ ରାଗ ।୮: କରଜଭରଣ-ଋଣପରିଶୋଧ,

Digitized by PPRACHIN, SOA

ସନ୍ଦେହ ମୋଚନ, ନୋହୁ ରଘୁରାଣ, ପୁଚ୍ଛୁ ବୋଲେ ପରିମଳା
ଲଙ୍କା ଅଧିପତି, ସ୍ୱର୍ଗ ପୁର କିତି, ବୋଇଲେ ହୋଇ ବିହ୍ୱଳା
ମୁଁ ବୀର ।। କରେ ବନ୍ଧାଇବି, ସ୍ୱର୍ଗେଚାର ।।
ତାଙ୍କୁ ତାହା କିଞ୍ଚିତ’ ମାତର ।। ।୧୦।

ଆଉ ଦିନେ ଯମ-ପୁରେ ଯାଉ ଭ୍ରମ, ହେଲା ଦେଖି ନର୍କକୁଣ୍ଡ ।
କହିଲେ ଆଗରୁ, ଯମ ରାଜାକରୁ, କାଢ଼ି ନେବା କାଳଦଣ୍ଡ ।
ଏ’ କୁଣ୍ଡ ।। ପୋତାଇବି ଯିବ, ପାପୀଦଣ୍ଡ ।।
ବହୁ ଦଣ୍ଡ ଦେଉଅଛି ଭଣ୍ଡ ।। ।୧୧।

ସୁବର୍ଣ୍ଣ ନଗରୀ, ଚତୁଃପାର୍ଶ୍ୱେ ଘେରି, ଲବଣ ସାଗର ଅଛି ।
ଅଣାଇବି କ୍ଷୀର, ସମୁଦ୍ରରୁ ନୀର, ମୋତେ କଷ୍ଟ ନାହିଁ କିଛି ।
ଏ ଲୁଣି ।। ପାଣି ଏଥୁ ଦୂରେ ନେଇ ପୁଣି ।।
ବଳୀ ହୋଇବେ, ପିଇ’ ସେନାନୀ ।।।୧୨।

କରିବାକୁ ପୁଣ, ଏହି କାର୍ଯ୍ୟମାନ, ବଚନ ରଣ କରିଲେ ।
କାଳ ସ୍ରୋତେ କାଳ, ବହିଗଲା ଖଳ, ମନେକରି ନପାରିଲେ ।
ମୋ, ସ୍ୱାମୀ ।। କରି ପାରିଥାନ୍ତେ ଅନ୍ତର୍ଯ୍ୟାମୀ ।
ଆଗ, ଗଲେ ଛାଡ଼ି ମରଭୂମି ।। ।୧୩।

ଆହେ ଆଦିମୂଳ, ମତେ କାହିଁ ବେଳ, ସୁଝିବାକୁ ସବୁ ଋଣ ।
ସ୍ୱର୍ଗକୁ ଲିଶୁଣି, ପଢୁ ଏହି କ୍ଷଣି, ସୁଝିବି ଗୋଟିଏ ପୁଣ ।
ସେ, ରାମ ।। ପୂର୍ଣ୍ଣ ହେବା ପାଇଁ ମନସ୍କାମ ।।
ସୁମରିଲେ ପିତା ମହ ନାମ ।। ।୧୪।

ଆସନ୍ତେ, ବିଧାତା, ପ୍ରକାଶିଲେ ସୀତା-ପତି ବର ସମାଧାନେ ।
ଏହି ବଡ଼ ସତୀ, ପତିବ୍ରତା ଗତି, ପାଉ ତା’ ପତି ଗହଣେ ।
ତା କାନ୍ତ ।। ମୁଣ୍ଡ ସମରେ ହୋଇ ବିଚ୍ୟୁତ ।।
ନାମବଳୁ.... ନୋହିଥିଲା ଅନ୍ତ ।। ।୧୫।

ମୋର ଶ୍ରେଷ୍ଠ ଭକ୍ତ, ଭାବରେ ସ୍ୱୀକୃତ, ଦେଉ ମୁଣ୍ଡ ଶାନ୍ତେଥିଲା ।
ଏବେ ସେହି ମୁଣ୍ଡ, ଦେଖିଲେ ବ୍ରହ୍ମାଣ୍ଡ, ହାସ୍ୟେ ଅଟ୍ଟହାସ୍ୟ କଲା
ଯେ ମରି ।। କଥା ପାରିଲା ମୁଖେ ଉଚ୍ଚାରି ।।
ଆଉ’ ଯିବକି’ ଶମନ ପୁରୀ ।। ।୧୬।

ଶୁଣି ତା’ ବିରଞ୍ଚି, ପ୍ରକାଶିଲେ ପାଞ୍ଚି, କାର୍ଯ୍ୟ ସମାଧାନ ପାଇଁ ।
ଗଢ଼ାଇବା ସିଡ଼ି, ଶରୀରରୁ କାଢ଼ି, ଜ୍ୟୋତି ଦିଅ’ ଦୁଇଭାଇ ।
ସେ ଜ୍ୟୋତି ।। ସିଡ଼ି ଦଣ୍ଡା ଭାବେ ହେବ ଖ୍ୟାତି ।।
ହେବ’ ପାବଚ୍ଛ ବ୍ରହ୍ମ ଗାୟତ୍ରୀ ।। ।୧୭।

୧୦: ଲଙ୍କାଅଧିପତି-ରାବଣ. ୧୨: ନୀର-ପୟ / କ୍ଷାର, ୧୩:ମରଭୂମି-ମର୍ତ୍ତ୍ୟପୁର ୧୪:ଆଦିମୂଳ-ବିଷ୍ଣୁ. ୧୬: ଶମନପୁରୀ-ଯମପୁରୀ.
୧୭: ବିରଞ୍ଚି-ବ୍ରହ୍ମା. ସିଡି-ଲିସୁଣି ।

Digitized by PPRACHIN, SOA

ବୈଦିକ ମନ୍ତ୍ରରେ, ଅଭିମନ୍ତ୍ରକଲେ, ସ୍ୱର୍ଗେ ଲାଗିବ ତା’ ମଥା ।
ପରିମଳା ସତୀ, ପତିସଙ୍ଗେ ଗତି, କରି ଯାଉଁ ଥାଉ କଥା ।
ଏ’ ଭବେ ।। ରାମ ସୀଉକାର ଦେଉ ଦମ୍ଭେ ।।
ଧାତା, ନିର୍ମାଣିଲେ, ଅବିଳମ୍ବେ ।। ।୧୮।

ବିନାଶେ ଶୋଚନା, ଡ଼ାକି ସୁଲୋଚନା, ପ୍ରକାଶନ୍ତି ଚାପଧାରୀ
ପତି ଗହଣରେ, ଯାଅ ସ୍ୱର୍ଗପୁରେ, ସତୀ ଅତିକ୍ରମ କରି
ତୋ, ମନ ।। ଅନୁଯାୟୀ ସୁଝ ପିତୃ ଋଣ ।।
ସିଡ଼ି ଦେଖନ୍ତୁ ତ୍ରିଲୋକ ଜନ ।। ।୧୯।

ବିଂଶପାଣି ବଧୂ, ବୋଲେ ସାଧୁସାଧୁ, ରାମ ଘେନ ମୋ ବିନତି ।
ଶେଷ ଦେଖା ପାଇଁ, ଶ୍ୱଶୁରଙ୍କୁ ଯାଇ’ ମୋର ଡ଼ାକନ୍ତୁ ମାରୁତି ।
ସେଲଙ୍କା ।। ବାସି ଲୋଡ଼ିବେ ଛାଡ଼ି ଆଶଙ୍କା ।।
ଡ଼ାକିବେ ମୋ’ ବାପ,ଭାଇ,କକା ।। ।୨୦।

ବିନମ୍ର ପ୍ରଣତି, କରି ଧରି ପତି କରିବି ଗତି ସ୍ୱରଗେ ।
ଶୁଣି ରଘୁରାଣ, କହନ୍ତେ ବହନ, ପାବନି ଡ଼ାକୁ ସରାଗେ ।
ସେ, ସର୍ବେ ।। ଆସି ମେଳ ହେଲେ ଅବିଳମ୍ବେ ।।
କମ୍ପମାନ-ଧରା’ମୁଖ ରାବେ ।। ।୨୧।

ପାଖେ ରାମଦଳ, ପାଖେ ଲଙ୍କପାଳ, ପାଖେ ନାଗ କୁଳ ଆସି ।
ଆକାଶ ମାର୍ଗରେ, ଦିଗ ପାଳ ସୁରେ , ବିଲୋକି ବନ୍ଦି ସୁକେଶୀ ।
ତା,ପିତା ।। କୁଳ ପଦଧୂଳି ଥାପି ମଥା ।।
ବିଦୂରିତ କରାଇଲା ବ୍ୟଥା ।। ।୨୨।

ଶ୍ୱଶୁରଙ୍କ ଆଗେ, ଓଳଗି ବିରାଗେ, ବୋଲେ କୁଳ ପୁତ୍ରବଧୂ ।
ଦେଖ ଆହେ ପୂଜ୍ୟ, କରିଲି କି’ କାର୍ଯ୍ୟ, କ୍ଷମା ଦେଇ ଅପରାଧୁ ।
ହେ ଶିରେ ।। ପଦ ଧୂଳି ଦିଅ ତୋଳି କରେ ।।
ଜନେ ଶିଖନ୍ତୁ କ୍ଷିତି ମଧ୍ୟରେ ।। ।୨୩।

ପ୍ରଭୁ ସୀତାପତି, ଏକାଳେ କହନ୍ତି, ସତୀ ପଣେ କେବେ ନାରୀ ।
ସ୍ୱାମୀ ସହଗାମୀ ଇଚ୍ଛିଲେ ନ’ଭ୍ରମି, ହୁଅ ସୁଲୋଚନା ପରି ।
ଏ କଥା ! ସତୀ ପତିବ୍ରତାଙ୍କର ମଥା ।
ଚିତାଗ୍ନିରେ ଝାସ ଦେବା ବୃଥା । ।୨୪।

ଧରି କାନ୍ତ ହାତ, ଯିବାକୁ ଉଦ୍ୟତ, ହେଉଁ ସିଡ଼ି ପାଶେ ଯୋଷା ।
ହନୁ ହୋଇଠିଆ, କମ୍ପାଇଣ ହିଆ, ବୋଲଇ କେଡ଼େ ଭରସା
ଲୋ, ତୋର ।। ପାଦ ଦେବୁ ପ୍ରଭୁ ଜ୍ୟୋତିପର ।।
ଏହା ଦେଖୁଥିବ-ହନୁବୀର ।। ।୨୫।

୧୯: ତ୍ରିଲୋକ-ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଲୋକ । ୨୩. ବିରାଗେ-ରାଗବିହୀନେ.

Digitized by PPRACHIN, SOA



ନାରାୟଣଙ୍କ ମତ୍ସ୍ୟ ଅବତାର

Digitized by PPRACHIN, SOA

ନାରାୟଣଙ୍କ କଚ୍ଛପ ଅବତାର

Digitized by PPRACHIN, SOA

ନାରାୟଣଙ୍କ ବରାହ ଅବତାର

Digitized by PPRACHIN, SOA

ନାରାୟଣଙ୍କ ନୃସିଂହ ଅବତାର

Digitized by PPRACHIN, SOA

ନାରାୟଣଙ୍କ ବାମନ ଅବତାର

ସରସ୍ୱତୀଙ୍କୁ

Digitized by PPRACHIN, SOA

ନାରାୟଣଙ୍କ ପର୍ଶୁରାମ ଅବତାର

Digitized by PPRACHIN, SOA

ନାରାୟଣଙ୍କ ଶ୍ରୀରାମ ଅବତାର

Digitized by PPRACHIN, SOA

ଦେଖି ହନୁକଥା, ହସି ହସି ସୀତା, ପତି-କରନ୍ତି ବର୍ଣ୍ଣନ ।
ଭକ୍ତ ମୋର ସଦା, ବଡ଼ ମୁଁ ପ୍ରମୋଦା, ଦେଖ ଏ ଶ୍ରୀବତ୍ସ ଚିହ୍ନ ।
ମୋ, ହୃଦେ ।। ବହି ଅଛି ଯୁଗେ, ଯୁଗେ ମୋଦେ ।।
ଯାଅ ଯାଅ ମା, ବିନା ପ୍ରମାଦେ ।। ।୨୬।

କର' କରତାଳି, ପଡ଼ିଲା ଉଚ୍ଛୁଳି, ରାମ ରାମ ସର୍ବମୁଖେ ।
ନଭୁଶଚୀ ସାଇଁ, ପାଛୋଟିବା ପାଇଁ, ଚାହିଁ ରହିଥାନ୍ତି ସୁଖେ ।
ସେ, ବାଳୀ ।। ରାମ ପାଦେ ହୋଇ ନିଉଛାଳି ।।
ବୋଲେ, ଅଙ୍ଗେ ନେଇ ପାଦ ଧୂଳି ।।୨୭।

ନାରାୟଣଙ୍କର ସାତ ଅବତାର ବର୍ଣ୍ଣନା

ବୋଲେ ଜୟରାମ, ରୂପ ଅଭିରାମ, ଜୟ ଜୟ ସୀତାକାନ୍ତ ।
ଦେଇ ଦରଶନ, କରିଲ ମୋଚନ, ଦୁଃଖ ପ୍ରଭୁ ସୌମ୍ୟ ଶାନ୍ତ ।
ହେ, ହରି, ପୂର୍ବେ ମତ୍ସ୍ୟଅବତାର ଧରି ।
ବେଦ ଉଦ୍ଧାରିଛ ପଙ୍କେ ବୁଡ଼ି । ।୨୮।

କୂର୍ମ ଅବତାରେ, ବହିଲ ପୃଷ୍ଠରେ, ସିନ୍ଧୁ ମନ୍ଥନରେ ଗିରି ।
ଶୂକର ରୂପରେ, ରଖିଅଛ ଥରେ, ଦନ୍ତ ଅଗ୍ରେ ବସୁନ୍ଧରୀ ।
ହେ, ରାମ ।। ନରସିଂହ ରୂପେ ରଖି ଧର୍ମ ।।
ବିଦାରିଲ ହିରଣ୍ୟର ବ୍ରହ୍ମ ।। ।୨୯।

ବାମନ ମୂରତି- ଧରି ରଘୁପତି, ଭିକାରୀ ହୋଇଛ ଦିନେ,
ମହାବଳ ଶାଳୀ, ବଳୀ ଛଳେ ଦଳି, ନେଲ ପାତାଳ ଭୁବନେ,
ହେ ରାମ ।। ନାମ ବହିଲ ପରଶୁରାମ ।।
(ହେ ରାମ) ରୂପେ ପୂର୍ଣ୍ଣ କଲ ମନସ୍କାମ ।। ।୩୦।

ଆହେ ମହାଯତି, ସୁମିତ୍ରା ସନ୍ତତି, ଏସବୁ' ତୁମ୍ଭର ବ୍ରତ-
ଫଳରୁପ୍ରାପତ, ଯାଉଅଛି ମୃତଶରୀର ହୋଇଜୀବିତ ।
ହେ ବିଭୁ ।। ଅପଖ୍ୟାତି ଯା' ଦେଇଛି ସବୁ ।।
କ୍ଷମା ଦେଲେ ଯିବି ଏହି ଠାବୁ ।। ।୩୧।

ଏ ଚରିତ ଶୁଣି, ବୋଲନ୍ତି ଭବାନୀ, ପ୍ରକାଶ ଯା ନୁହେଁ ରୀତି ।
ସିଡ଼ି ଦଣ୍ଡକଥା, କହିଲ ଯାହା ତା' ରାମ ଲକ୍ଷ୍ମଣଙ୍କ ଜ୍ୟୋତି ।
ହେ, ପତି ।। ଶୁଣି ନ ହୋଇଲା ଚିତ୍ତ ଶାନ୍ତି ।।
କେବେ ଶୁଣି ନଥିଲା ଯା' ଶ୍ରୁତି ।। ।୩୨।

କେବେ କାହିଁ ଜ୍ୟୋତି, ଅନ୍ୟେ କରି ଗତି, କରେ କି' କାର୍ଯ୍ୟ ପୂରଣ
ମର୍ତ୍ତ୍ୟବାସୀ ଚଢ଼ି, ଯିବା ପାଇଁ ସିଡ଼ି, ନ ରହିଲା କିମ୍ପା ପୁଣ
ସେ ପୁରେ ।। ମର ଶରୀର କି' ଯାଇପାରେ ।।
କହି ବୋଧ କରାଅ ଦାସୀରେ ।। ।୩୩।

୨୯: ବସୁନ୍ଧରା-ପୃଥିବୀ, ସ୍ମୃତିଗ୍ରନ୍ଥ-ଧର୍ମଶାସ୍ତ୍ର ଅଧ୍ୟାୟ ।

Digitized by PPRACHIN, SOA

ଶୁଣି ଶୂଳପାଣି, କହନ୍ତି ଶର୍ବାଣୀ, ଶୁଣ ପଚାରିବା କଥା ।
ବହୁତ ଦୃଷ୍ଟାନ୍ତ, ଆଗୁ ଅଛି ଏତ, ହେବା ସନ୍ଦେହଟି ବୃଥା ।
ସେ, ବାଳି ।। ଶକ୍ତି ଜ୍ୟୋତି ବେଧା ଅଧେ ତୁଳି ।।
ଶପ୍ତଶାଳେ ରଖିଥିଲା ଭାଳି ।। ।୩୪।

ପୁରାଣ କହନ୍ତି, ଗଉତମ ଯତି, ଅହଲ୍ୟାଙ୍କ ଆତ୍ମଜ୍ୟୋତି ।
ନେଇଣ ତପକୁ- ଯାଆନ୍ତି ଏ ଶଙ୍କୁ, ବୃଥା ଶଙ୍କା କର ସତୀ ।
ଏ ଧରା ।। ବକ୍ଷୁ, ମର ଶରୀରରେ ତ୍ୱରା ।।
ହୋଇ ମାତଙ୍ଗାଦି ଗଲେ ପରା ।। ।୩୫।

କହେ ସ୍କୃତି ସ୍କନ୍ଦ, ରାଜା ହରିଶ୍ଚନ୍ଦ୍ର, ଧ୍ରୁବ ପ୍ରହଲ୍ଲାଦ କେତେ ।
ସ୍ୱଦେହରେ ଯାଇ କୀରତି, ବଢ଼ାଇ, ସ୍ୱର୍ଗେ ଛନ୍ତି ଇଚ୍ଛାମତେ ।
ସେ, ପଥ ।। ଅନୁସରି ପ୍ରମିଳା ଆଗତ ।।
ଦୂର କର ଯା' ସନ୍ଦେହ ଜାଁତ ।। ।୩୬।

ଶ୍ରୀରାମ ଲକ୍ଷ୍ମଣ, ଜ୍ୟୋତି ଆସି ପୁଣ, ଯେଝା ଶରୀରେ ମିଶିଲେ ।
ଖୋଲୁ ସିଡ଼ି ସେଥି ସେ ବ୍ରହ୍ମ ଗାୟତ୍ରୀ, ବ୍ରହ୍ମାଙ୍କ କରକୁ ଗଲେ ।
ତା, ଆଉ,, ନ ରହିଲା ନରେ' ଯିବେ କାହୁଁ ।
କହେ ଦୟାଚିନ୍ତି ରାମ ରାହୁ । ।୩୭।

ଲକ୍ଷ୍ମଣ ଶକ୍ତିଭେଦ

(ରାଗ - ୧୪ ଅକ୍ଷରି) କଳସା

ଛାନ୍ଦ-୪୦

ଏଥୁ ଅନନ୍ତରେ ଶୁଣ ପର୍ବତ ନନ୍ଦିନୀ, ସୁଲୋଚନା ସ୍ୱର୍ଗ ପ୍ରାପ୍ତ ହେଉ ବିଂଶପାଣି । ।୧।
ଯାଇ ବିଚାରିଲା ଶତ୍ରୁପଣ ଆଚରିତ, ନ ଲଢ଼ିବେ ଦୈତ୍ୟେ ଦୃତେ, ଦେଖି ଏ ଚରିତ । ।୨।
ରଚିବି ଉପାୟ ସର୍ବେ ହୋଇବାକୁ ଦୃଢ଼, ସୀତାଙ୍କୁ ମାରିବା ପାଇଁ, ସ୍ଥିର କରି ମୂଢ଼ । ।୩।
ଯାଇ, ପ୍ରକାଶିଲା ଶୁଣ ରାଘବ ମହିଳା, ତୋ' ଦେବର ମୋର ବଡ଼ କୁମର ମାଇଲା । ।୪।
ତାର ପ୍ରତିଶୋଧ ନେବା ପାଇଁ ମୁହିଁ ତୋତେ, ନାଶ କରିବି ଏ'ଖଡ୍ଗେ ଦେଖନ୍ତୁ ସମସ୍ତେ । ।୫।
ଏହା କହି ଖାପୁ' ଖଣ୍ଡା ବାହାର କରିଲା, ଦେଖି ତ୍ରିଜଟା ବୁଝାଇ କରକୁ ଧରିଲା । ।୬।
ବୋଲେ ଜ୍ଞାନୀ ହୋଇ ଅଜ୍ଞ ପରିକାର୍ଯ୍ୟ କର, ଶିବ ଚତୁର୍ଦ୍ଦଶୀ ଆଜି ବୋଧକର ହର । ।୭।
ସର୍ପପ୍ରାୟ ବିନା ଦୋଷୀ, ନାଶି ଅପଯଶ, ଅର୍ଜନ, ନକର ମାନ ହେ ଦଇତ ଈଶ । ।୮।
ତ୍ରିଜଟାର ବାଣୀ ଶୁଣି କ୍ରୋଧ, ପରିହରି, ରାମ ରାମାନୁଜ ବଧେ ପୂଜି ହରଗୌରୀ । ।୯।
ସାରଥୀକୁ ରଥ ଆଣ' ବୋଲୁ ସେ ଆଣିଲା, ଅସ୍ତ୍ର ଶସ୍ତ୍ର ଧରି ବୀର ଆରୋହଣ କଲା । ।୧୦।

୧: ପର୍ବତ ନନ୍ଦିନୀ-ପାର୍ବତୀ, ୩:ମୂଢ଼-ଅଜ୍ଞ, ୪:ରାଘବମହିଳା-ରାମଚନ୍ଦ୍ରଙ୍କ ସ୍ତ୍ରୀ(ସୀତା), ୬: ଖାପୁଖଣ୍ଡା-ଖଣ୍ଡା ଖୋଳ(କୋଷ)

Digitized by PPRACHIN, SOA



ପ୍ରଭୁ ଶ୍ରୀରାମ ଓ ସେନାଙ୍କ ଗହଣରେ ଶକ୍ତିଘାତ ଲକ୍ଷ୍ମଣ
ଗନ୍ଧମାର୍ଦନ ସହିତ ହନୁମାନଙ୍କର ଆଗମନ

Digitized by PPRACHIN, SOA



ଗନ୍ଧକାଳୀ(କିନ୍ନୀରି) ଉଦ୍ଧାର ଓ କାଳନମୀ ବଧ

Digitized by PPRACHIN, SOA

ଆଗେ ଲକ୍ଷ ଶୁକ୍ଳ ଛତ୍ର ଆଚ୍ଛୁଆଳେ ସୂର୍ଯ୍ୟ, ନ ଦିଶନ୍ତି, ଲଙ୍କେଶଙ୍କ, ଶବ୍ଦ ହରେ ଧୈର୍ଯ୍ୟ । ।୧୧।
ଲଙ୍କା ମହୀରରାବଣ ଦାଶରଥୀ ସଙ୍ଗେ, ଶ୍ରାବଣ ମେଘ ପରାୟେ ଘୋଟୁରଣ ରଙ୍ଗେ । ।୧୨।
ପ୍ରଧାନ, ପ୍ରଧାନ, ବଳବାନ, କପିଅଛ, ଗରୁଘାତେ ଘାତ କରୁ ଦେଖି ରଘୁବତ୍ସ । ।୧୩।
ଉତ୍ତମ ଶରେ ଉତ୍ତମ ସ୍ଥାନକୁ ପେଶିଲେ, ମୃତ ପିଣ୍ଡେ ରଣଦାଣ୍ଡେ ଭାସିଣ ଆସିଲେ । ।୧୪।
ସାକ୍ଷୀ ପ୍ରାୟ ଦେଖି ଥୟ ନୋହି ରାଜା ଆଗେ, ଶର ବିନ୍ଧେ ଘନଘନ, ବିଜୟ ଆବେଗେ । ।୧୫।
ବୋଲେ ଆରେ ବାଳି ବାଳୀ ଭୋଗୀ ସୁଗ୍ରୀବର, ବାଳି ଦୋଷେ ମନ ତୋଷେ, ଭୋଗିବୁ ମୋ ଶର ।।୧୬।
ଦେଖି ବେଳ ରଘୁବାଳ, ପାଖେ ରଖି ବଳ, ଦକ୍ଷେ ରଖେ' ଆନପକ୍ଷେ, ରକ୍ଷ ଲଙ୍କପାଳ । ।୧୭।

ରଣରେ ବର୍ଷା ବର୍ଣ୍ଣନା

କକଡ଼ା ମାସ ବରଷା ସମ ବର୍ଷି ଶର, ପ୍ରହାରୁ ମର୍କଟ ଥାଟେ, ପଡ଼େ ହାହାକାର । ।୧୮।
ଦିବସ କି' ହେଲା ଶେଷ, ତ୍ରିଯାମା, ଗଗନେ, ଘୋଟି ଆସେ ରାବଣର ରାବ ଘନଘନେ । ।୧୯।
ଉଚ୍ଚେ ଡ଼ାକ ଦେଲେ ଭେକ ଚାତକ ମୟୂର, ମୟ ଦୈତ୍ୟ, ଦତ୍ତଶକ୍ତି କରେ ଧରି କ୍ରୁର । ।୨୦।
ବିଚାରିଲା ଗୋତ୍ର ହନ୍ତା ଭାଇ ଦେବି ମାରି, ଯଜ୍ଞେ ପୂର୍ଣ୍ଣାହୁତି ବେଦ ମନ୍ତ୍ରେ କଲା ପରି । ।୨୧।
ସୁକୁମାର, ସୁକୁମାର, କୁମ୍ଭକର୍ଣ୍ଣବୀର, ନାଶ କରାଇ ମୋ ନାଶେ ହୁଏ ତତପର । ।୨୨।
ଶକ୍ତିଶିଳେ କଉଶଳେ ଖଣତାର ଦାଢ଼, ବଙ୍କା କରାଇବି ଶଙ୍କା ହୀନେ ଜାଣୁ ମୂଢ଼ । ।୨୩।

ରାବଣ ଦଶ ଦିଗପାଳ ଉତ୍ ପ୍ରେକ୍ଷା

ଏହା କହୁ କହୁ କ୍ରୋଧେ କମ୍ପମାନ ହେଲା, ଦଶ ଦିଗପାଳେ ଜ୍ୟୋତି, ପ୍ରକାଶ ପାଇଲା । ।୨୪।
ସୁନାଶିର ମୁକୁଟରୁ **ଇନ୍ଦ୍ରପଦ** ଖ୍ୟାତ, **ପୁଣ୍ୟଜନ, ସୁରପୁଣ୍ୟଜନରେ** ବେଷ୍ଟିତ । ।୨୫।
କୃଷ୍ଣ ବର୍ଣ୍ଣ କାନ୍ତି କୃର ସ୍ୱାଭାବରୁ **ଯମ**, ବିଶେଷ ଭୋଗରୁ **ଭୋଗୀ** ସେ' **ନାଗଉତ୍ତମ** ।।୨୬।
ବ୍ରହ୍ମଅସ୍ତ୍ର ବହୁକରେ, **ବେଦପତି** ହେଜ, କ୍ରୋଧାଗ୍ନିରୁ **ଜାତବେଦ** ଜାତ ବେଦ ତେଜ । ।୨୭।
ବୋଲଇ ଶୁଣରେ ଶିଶୁ ଲକ୍ଷ୍ମଣ ମୋ ଉକ୍ତି, ପେଶୁଅଛି ବିଭୀଷଣେ, ଏକ ଘନି ଶକ୍ତି । ।୨୮।
ଶରଣ ଜନ ବିଚାର ଛାଡ଼' ହୁଅ ଆଡ଼, ଶୁଣି ବୋଲନ୍ତି ଲକ୍ଷ୍ମଣ କି କହୁଛୁ ମୂଢ଼ । ।୨୯।
ମାର ମାର ତୋର ଶକ୍ତି ଭବେ ଥାଉ କଥା, ଆଗେ ରହି ପେଶି ଅହିଶର ଦେଲେ ବ୍ୟଥା । ।୩୦।
ଦୈତ୍ୟ ନାସାକର୍ଣ୍ଣ ବିଳେ ଶର ହେଉ ପୂର୍ଣ୍ଣ, କ୍ଷତ ବିକ୍ଷତ କରାଇ କରିଲା ବିଦୀର୍ଣ୍ଣ । ।୩୧।

ଶକ୍ତି ନିକ୍ଷେପ କାଳର ଉପଦ୍ରବ

ଅତି ଆକୁଳେ ରାବଣ ସହି ନ ପାରିଲା, ବୁଲାଇ ବୁଲାଇ ଶକ୍ତି ନିକ୍ଷେପ କରିଲା । ।୩୨।
ଜଗତର ଜୀବ ଯେତେ ହେଲେ ଛନ୍ନ ଛନ୍ନ, ଆକାଶ ମାର୍ଗରେ ସ୍ଥିରେ ରହିଲେ ପବନ । ।୩୩।
ସପତ ସାଗର ପାଣି ଦେଇଣ ଉଜାଣି, ଘୋଟିଲା ସ୍ଥଳ ଭାଗରେ ନାଶ କଲା ପ୍ରାଣୀ । ।୩୪।
ଅନ୍ତରୀକ୍ଷୁ ଦିଗପାଳ ଭୟେ ଗଲେ ଖସି, ବିକମ୍ପନେ ମେରୁ ଗିରି ନିମ୍ନେ ଗଲା ବସି । ।୩୫।
ଯକ୍ଷ, ରକ୍ଷ, ଗନ୍ଧର୍ବ କିନ୍ନର ବିଦ୍ୟାଧର, ବ୍ରହ୍ମା, ଇନ୍ଦ୍ର, ଧରଣୀ, ଧାରଣ ସିଦ୍ଧ ସୁର । ।୩୬।
ଆରୋହିଣ ରହୁବର ଭୟେ ପୁରେ ଗଲେ, ଶାଳ, ଶିଳ, ପର୍ବତର ଶିଖରୁ ଖସିଲେ । ।୩୭।
ଅଗ୍ନିତୁଲ୍ୟ ତେଜଧରେ ଶର କରୁ ଖସି, ଘୋଟଇ ନଭ ମଣ୍ଡଳ ଅବୟବ ରାଶି । ।୩୮।

୧୬:ବାଳିବାଳୀ-ତାରା, ୧୯:ତ୍ରିଯାମା-ରାତ୍ରି, ୨୦:ଭେକ-ବେଙ୍ଗ, କ୍ରୁର-ନିଷ୍ଠୁର, ୨୧:ଗୋତ୍ରହନ୍ତା-ବଂଶହତ୍ୟାକାରୀ, ୨୨:ସୁକୁମାର,ସୁ,କୁମାର-ସୁନ୍ଦରକୋମଳ ଶରୀର, ୨୩: ଶକ୍ତିଶିଳେ-ଶକ୍ତିରୂପକ ପଥରରେ,ଖଣତା-ଖେଳିବା ଅସ୍ତ୍ର,ଗୋତ୍ରହନ୍ତାବିଭୀଷଣର-ପ୍ରାଣନାଶକ ଖଣ୍ଡା ଧାଡ଼, ଶଙ୍କାବିନା-ଭୟବିନା. ମୂଢ଼-ଅଜ୍ଞାନ, ୨୯:ମୂଢ଼-ମୂର୍ଖ, ୩୦:ଅହିଶର-ସର୍ପଶର, ୩୮:ନଭମଣ୍ଡଳ-ଆକାଶମଣ୍ଡଳ, ଅବୟବ-ଦେହ, ରାଶି-ପୁଞ୍ଜ. ରଘବପ୍ରାୟ-ମତ୍ସ୍ୟପରି. ୫୩:ବିପଥେ-ପଥେ, ଅବାଟେ-ବାଟେ,ଯୂଥପତି-ଭାଲୁମର୍କଟସେନା ଦଳଙ୍କ ମୁଖ୍ୟ

Digitized by PPRACHIN, SOA

ରାମଚନ୍ଦ୍ର ଦେଖି ନିକ୍ଷେପିଲେ ବର୍ଷାଶର   ବ୍ୟର୍ଥ ହେଲା ପଡ଼ି ତାହା ସେ ଶକ୍ତି ଉପର । ।୩୯।

ଲକ୍ଷ୍ମଣ ଶକ୍ତିଭେଦ

ପୁଣି ଦ୍ରୁତଗାମୀ ଶର ବାଛି ପଲ ପଲ,   ସନ୍ଧିଲେ ଶକ୍ତି ବାରଣେ, ନକଲେ କେ ବୋଲ ।୪୦।
ମାର୍ତ୍ତଣ୍ଡେ ଖଦ୍ୟୋତ ପରି ତୁଳନାରେ ସୂକ୍ଷ୍ମ,   ଶକ୍ତି ଓଜେ ତେଜେ ପଡ଼ିଯାଏ ନେତ୍ର ପକ୍ଷ୍ମ ।୪୧।
ଶର ବାମ ଦେଖି ରାମ ଅନ୍ତରେ ତତ୍‌କ୍ଷଣ,   କହନ୍ତି ନକର' ଘାତ, ଶକ୍ତି ବାରେ ଶୁଣ ।୪୨।
ଜୀବରୁ ଅଧିକ ଭକ୍ତ ଅନୁଜ ନ' ନାଶ,   ତା' ନିମନ୍ତେ' ବଞ୍ଚିଅଛି ହାରି ସୀତା ଦେଶ ।୪୩।
ରାମ ମନ ଜାଣି ଜଣାଇଲା ଗୁପ୍ତେ ଶକ୍ତି,   ହେ, ବିଧି ଅବିଧି ଭାବେ କିମ୍ପା କର ଭକ୍ତି ।୪୪।
ବକ୍ଷପାତି ସଉମିତ୍ରି ବିଭୀଷଣ ଲୋଭେ,   ଜଗୁ ଆଗେ, ଶକ୍ତିରାଗେ ଭେଦ କରି ଶୋଭେ ।୪୫।
ଛେଦ ବୃକ୍ଷ ପରିପତ୍ତୁ' ସେ ଲକ୍ଷ୍ମଣ ଖେଦ,   ବଢ଼ାଇଲା କପି ସୈନ୍ୟେ ଗଣିଲେ ପ୍ରମାଦ ।୪୬।
କ୍ରମେ ଯିବା ସପ୍ତପଦ ପ୍ରାନ୍ତରେ କୋବିଦ,   ବିନ୍ୟାସ ହୋଇଛି ଯେ' **ଲକ୍ଷ୍ମଣ ଶକ୍ତିଭେଦ** । ।୪୭।
ସେ କାଳେ ଉପମା ଲୋକା ଲୋକ ଗିରିଆଦି,   ଆଲୋକ ଅପର ପାଖେ ଅନ୍ଧାର ଆଛାଦି । ।୪୮।
ଲକ୍ଷ୍ମଣ ବକ୍ଷରେ ଶକ୍ତି ହୋଇ ବାରୁ ଭେଦ,   ରାବଣ ବିଜୟ ରୂପ ଆଲୋକେ ପ୍ରମୋଦ । ।୪୯।
ରାମ ଥାଟେ ଶୋକ ଅନ୍ଧକାର ରୂପଛାୟା,   କ୍ରମେ କ୍ରମେ ଆଛାଦିଣ ବିସ୍ତାରିଲା କାୟା । ।୫୦।
ବୋଲେ ରାବଣ ଲକ୍ଷ୍ମଣ ରୂପୀ ଶେଷଦେବ,   ନାଶ କଲି ଆଜି'କାଲି ରାମ ନାଶଯିବ । ।୫୧।
ରଥକୁ ଫେରାଏ ସେନା' ଜଳରେ ବିହରି,   ଏଣେ ଲକ୍ଷ୍ମଣ ଦାୟିତ୍ୱ ମିତ୍ରେ ଦେଇ କରି । ।୫୨।
ରାଘବ' ରାଘବ ପ୍ରାୟ ତଡ଼ି ତଡ଼ି ନେଲେ,   ବିପଥେ ପଥେ ଦଇତେ କେତେ ପଡ଼ି ମଲେ । ।୫୩।
ଲଙ୍କାଗଡ଼ ଦ୍ୱାର ଦେଶେ, ସଭିଙ୍କୁ ଛାଡ଼ିଣ,   ଫେରିଲେ ଲକ୍ଷ୍ମଣ ପାଶେ ଦୁଃଖେ ରଘୁରାଣ । ।୫୪।
ଦେଖିଲେ ଯୂଥପତିଏ' ପାର୍ଶ୍ୱେଛନ୍ତି ବେଢ଼ି,   ସଭିଙ୍କ ଶୋକାଶ୍ରୁ ଯେ' ଉପମା ନଦୀବଢ଼ି । ।୫୫।
ଏହି ଛାନ୍ଦ ଏହିଠାରେ ପୂର୍ଣ୍ଣ ହେଲା ବୁଧେ,   ରୋଦନ କରିବେ ରାମ, ଦୁଃଖେ ଆଗ ଛାନ୍ଦେ । ।୫୬।

ଶ୍ରୀରାମ ଶୋକ

*(ରାଗ - ଧନାଶ୍ରୀ) **'କ'** ଅନୁପ୍ରାସ (କରନ୍ତି କାରୁଣ୍ୟ ଶ୍ରୀ ରଘୁ ନନ୍ଦନ ବୃତ୍ତେ)*

ଛାନ୍ଦ - ୪୧

କରନ୍ତି କ୍ରନ୍ଦନ, ସେ ରଘୁ ନନ୍ଦନ, ଲକ୍ଷ୍ମଣ ବିଘାତ ଦେଖି,
କେଉଁ ପାପେଚାଣ୍ଡେ, ପଡ଼ି ରଣଦାଣ୍ଡେ, ରହିଛୁ ନଖାଲି ଆଖି 'ରେ'
କରିଛୁ କି ଅଭିମାନ
କଥା ପଦେ ନ କହୁ ଲକ୍ଷ୍ମଣରେ । ।୧।

କେଉଁ ଧର୍ମ ହୀନେ, ସମର ପ୍ରାଙ୍ଗଣେ, ପଡ଼ିଲୁ ଲାଗେକି ଶାନ୍ତି,
କରି ନେତ୍ରପାତ, ତୋ ବକ୍ଷର ଘାତ, ଫାଟି ଯାଉ ଅଛି ଛାତିରେ 'ରେ'
କଣ୍ଟେ ଇନ୍ଦ୍ରଜିତ ଖର୍ବ,
କରୁ ଶକ୍ତି କଲା ଦଶଗ୍ରୀବରେ । ।୨।

୪୧:ମାର୍ତ୍ତଣ୍ଡ-ସୂର୍ଯ୍ୟ, ଖଦ୍ୟୋତ-ଜୁଳୁଜୁଳିଆପୋକ, ନେତ୍ରପକ୍ଷ୍ମ-ଚକ୍ଷୁପତା, ଅନୁଜ-ସାନଭାଇ, ବିଧି-ବିଧିନିୟାମକ, ଅବିଧି-ବେନିୟମକଥା ୫୩:ରାଘବ-ରାମ, ୨: ସମର ପ୍ରାଙ୍ଗଣେ-ରଣ ଦାଣ୍ଡ ଅଗଣାରେ, ଦଶଗ୍ରୀବ-ରାବଣ.

Digitized by PPRACHIN, SOA

କେତେଦିନ ପାଇଁ, ସ୍ନେହକୁ ବଢ଼ାଇ, ବନେ ବାସ କଲୁ ଆସି,
କରେ ଧନୁ ଧରି, ବିନିଦ୍ରେ ଶର୍ବରୀ, ଜଗି ଥାଉ ଦ୍ୱାର ବସିରେ 'ରେ'
କେବେ ହେଲେ ଅଭିମାନ,
କରି ନଥିଲୁ' ଥରେ ଲକ୍ଷ୍ମଣରେ । ।୩।

କାମିନୀ କାଞ୍ଚନ, ରାଜସିଂହାସନ, ଆଭରଣ ତେଜି ପୁଣ
କଟକରୁ ଆସି, ହୋଇଲୁ ତପସ୍ୱୀ, ବରଜି ଖାଦ୍ୟ, ମୈଥୁନରେ 'ରେ'
କହ ତାହା ପୁଣ୍ୟ ଏକି,
କିମ୍ବା ଘରକୁ ଯିବି ଏକାକୀରେ । ।୪।

କହିବିକି ଯାଇ, ମାତା ଆଗେ ଭାଇ, ପୁଛିଲେ ଲକ୍ଷ୍ମଣ କାହିଁ,
କରିବି ପ୍ରଜାଙ୍କୁ, ବୋଧ କେଉଁଶଙ୍କୁ, ଧରି ଜୀବେ, କାର୍ଯ୍ୟ ନାହିଁ 'ରେ'
କଳା, ନାଶ ମନ୍ଦ ଧାତା,
କି' କାର୍ଯ୍ୟ, ଆଉ ଉଦ୍ଧାରେ ସୀତାରେ । ।୫।

କଳ୍ପିଥିଲି ମୋର, ଉତ୍ତାରେ ତୋହର, ଉତ୍ତର ଷୋଡ଼ଶ କାର୍ଯ୍ୟ
କରାଇବ ବିହି, ଏବେ ଆଗ ତୁହି, ଗଲୁ' ମୋ ପାଇଁ ତା ଧାର୍ଯ୍ୟରେ,
କହିଥିଲେ' ମୁନିଗଣ,,
କୁଳେ ପୂର୍ଣ୍ଣ ଲକ୍ଷଣେ, ଲକ୍ଷ୍ମଣ ଯେ । ।୬।

କଡ଼ି' ଛାଡ଼ି ଏକା' ଯୁଝିଲୁ ମଉକା, ଦେଖି ଶକ୍ତି କଲା ବୀର
କୁଶ ପାଣି ବଚ, ଅଭେଦ କବଚ, ଅଗସ୍ତି ପ୍ରଦତ୍ତ ଶର 'ରେ'
କେଉଁ ଲୋଡ଼ା ହେବ ଆଉ
ବାହୁନି କାନ୍ଦନ୍ତି ରାମ ରାହୁଯେ । ।୭।

କୋଦଣ୍ଡ ଧାରଣ, ପ୍ରକାଶିଲେ ପୁଣ, ଶୁଣ ଆହେ ବିଭୀଷଣ
କରି ହୁଳାସଜ, ଆଣ ମୋ' ସାନୁଜ, ଘାତ ଦେଖିବା' ଦୁଷଣ ହେ ।
କକ୍ଷା ବହି ରଣୁ ଆସି,
କଦନରେ' ଯାଉ ଅଛି ଭାସି ହେ । ।୮।

କାହାଳିଆ ଚାଣ୍ଡେ, କରି ଝୁଣାଗୁଣ୍ଡେ, ଜାଳି ଦେଉ ରାମ କରେ,
କତିରେ ଶକତି, ଘାତ ରଘୁପତି, ଦେଖି ମାରି କର ଶିରେ ହେ
କାନ୍ଦି ମୁଣ୍ଡ କୋଡ଼ି ତଳେ,
କ୍ଳେଶେ ଉପାୟ ପୁଛି ବିକଳେ ହେ । ।୯।

କହ କି' ବିଚାର, ଆହେ ହନୁବୀର, ନଳ ନୀଳ ବିଭୀଷଣ
କେଉଁପରି ଭାଇ, ବଞ୍ଚିବ ଏଠାଇ, ସେ' ଘାତଦେଖି ସୁଷେଣ ଯେ,
କହନ୍ତି ହେ, ରାମ ରାଜ,
କିମ୍ବା, ହରାଉ ଅଛନ୍ତି ଧୈର୍ଯ୍ୟ ହେ । ।୧୦।

କରିବାକୁ ଦେଖା, ଆହେ ଦେବ ସଖା, ଉତ୍ପାଟନ କଲେ ଶକ୍ତି
କଲ୍ଲୋଳିନୀ ଧାର. ଝରାଯେ ରୁଧିର, ଝରି ପ୍ରାଣ ଜୀବ ଚିନ୍ତି 'ହେ'
କହୁ ଅଛି ପ୍ରତିକାର,
କହେ, ଦୟାନିଧି ଶ୍ରୁତି ଡ଼େର ହେ । ।୧୧।

୩: ସର୍ବରୀ-ରାତ୍ରି, ୪: କାମିନୀ-ସ୍ତ୍ରୀ, କାଞ୍ଚନ-ସୁନା, କଟକରୁ-ଅଯୋଧ୍ୟା ଗଡରୁ, ୬: କଳ୍ପିଥିଲି-କଳ୍ପନା କରିଥିଲି, ଉତ୍ତର ଷୋଡଶ-ଦଶାହ କାର୍ଯ୍ୟ, ୭: କଡିଛାଡି-ପାଖଛାଡି, ମଉକା-ସୁବିଧା, କୁଶପାଣିବଚ-ବ୍ରହ୍ମାଙ୍କ କଥା, ଅଭେଦ କବଚ-ଦେହରକ୍ଷାନିମନ୍ତେ ପଢ଼ିଥିବା ମନ୍ତ୍ର, ଅଗସ୍ତିପ୍ରଦତ୍ତଶର-ରାବଣ ବଧ(ବ୍ରହ୍ମଶର) ।୮:କଦନରେ-ଦୋରବିନାଶରେ । ୧୧: କଲ୍ଲୋଳିନୀଧାର-ନଦୀଧାର ।

Digitized by PPRACHIN, SOA

ଔଷଧ ପାଇଁ ହନୁମାନ ଗମନ, ଭରତ ଭେଟ ଓ ଲକ୍ଷ୍ମଣ ସଚେତନ

(ରାଗ - ରାମକେରୀ)

ଛାନ୍ଦ-୪୨

ଭେଷକ ଭୂଷଣ, ଭାଷନ୍ତି ଶୁଣ, ପୁଷଣ ବଂଶୀ,
ଆସିଲେ ବିଶଲ୍ୟ କରଣୀ' ଘାତ ନ ହେଉ ବାସି । ।୧।

ଆରୋଗ୍ୟ ହୋଇବେ ଲକ୍ଷ୍ମଣ, ସର୍ବ କଲ୍ମଷ, ଯିବ,
କାହିଁ ଅଛି ସେହି ଔଷଧ, ପୁଚ୍ଛା କଲେ ରାଘବ । ।୨।

ବିଶଲ୍ୟକରଣୀ ବୃକ୍ଷ ଓ ବର୍ଣ୍ଣର ବର୍ଣ୍ଣନା

କହନ୍ତି ସୁଷେଣ ସେ ଅଘଟଣ, ବହୁତ, ଦୂର,
ଗନ୍ଧମାର୍ଦ୍ଧନ ଯେ ପର୍ବତ, ନାନା ଶୃଙ୍ଗେ ସୁନ୍ଦର । ।୩।

ପୂର୍ବ ଦିଗୁ ଷଷ୍ଠ ଶୃଙ୍ଗରେ, ମହୀରୁହେକ ଅଛି
ତିନି ରଙ୍ଗେ ଭଙ୍ଗେ ସୁମନ, ନ' ମଉଳି ରହିଛି । ।୪।

ନୀଳ ବର୍ଣ୍ଣ ଅଟେ, ତା ଫଳ, ଦଳ ଅତି ପିଙ୍ଗଳ,
ଗଣ୍ଡି ବର୍ଣ୍ଣ ଶୁଦ୍ଧ ସୁବର୍ଣ୍ଣ, ପରାଏ ପରିମଳ । ।୫।

ବିଶଲ୍ୟ କରଣୀ ସେ' ମୃତ, ସଞ୍ଜୀବନୀ ନାମରେ,
ବିହିତ ସୁବର୍ଣ୍ଣ କରଣୀ, କାହିଁ କହନ୍ତି' ନରେ । ।୬।

ସନ୍ଧାନ କରିଣ, ବିଧାନ, ମତେ ଅଣାଅ ଏଥି,
ସୁର ଅସୁରଙ୍କ ସମରେ, ସୁରେ ଶୁଂଘି ଜୀଅନ୍ତି । ।୭।

ସେ ବନ ଦକ୍ଷିଣ, ଦିଗରେ, ବହନ୍ତି ଗନ୍ଧବତୀ,
ବିହାର କରନ୍ତି, ସେ' ଶୃଙ୍ଗେ, ସର୍ବଦା ବେଦପତି । ।୮।

ବୋଲନ୍ତି ରାଘବ, ଆଣିବ, କିଏ' ନ ପାହୁ ରାତି,
ଆଶା ନାହିଁ ଆଉ ବଞ୍ଚିବ ଭାଇ ସରେ ସମ୍ପତ୍ତି । ।୯।

ପବନ ନନ୍ଦନ ବନ୍ଦନ, କରି କଞ୍ଜ ଚରଣେ,
ବିଭଞ୍ଜନେ ଦୁଃଖ ସରସ, କଥା ତତ୍‌କାଳେ ଭଣେ । ।୧୦।

ଆଦେଶ ହୋଇଲେ ଏ'ଦାସ ଏବେ' କରିବ ଗତି,
ନିଦ୍ରାରୁ ଉଠିଲା ପରାଏ' ଉଠିବେ ସଉମିତ୍ରି । ।୧୧।

ଶଙ୍କା କରି ରାମ କହନ୍ତି, ବଙ୍କା କଥା ସରବ,
କହୁଛ ଚୌରାଶୀ ସହସ୍ର, କ୍ରୋଶ କିଏ ସେଯିବ । ।୧୨।

୧:ଭେଷକ-ବୈଦ୍ୟ, ପୁଷଣ ବଂଶୀ-ସୂର୍ଯ୍ୟବଂଶୀରାମ, ବିଶଲ୍ୟକରଣୀ-ଶୀଘ୍ର ଆରୋଗ୍ୟ ଔଷଧ,୪:ମହୀରୁହ-ଗଛ, ସୁମନ-ଫୁଲ, ୫:ଦଳ-ପତ୍ର, ପିଙ୍ଗଳ-ନିଳ ହରିଦ୍ରାମିଶ୍ରିତ ବର୍ଣ୍ଣ, ୭: ଶୂର-ଦେବତା, ଅଶୁର-ରାକ୍ଷସ,୮: ଗନ୍ଧବତୀ-ନଦୀ, ବେଦପତି-ବ୍ରହ୍ମା, ୧୦:କଞ୍ଜଚରଣେ-ପଦ୍ମ ଚରଣେ, ସଉମିତ୍ରି-ଲକ୍ଷ୍ମଣ,

Digitized by PPRACHIN, SOA

ରାତ୍ରନପାହୁଣୁ ଆସିବ, ମୋର ଭରସା ନାହିଁ,
ପାରିବ, ପାରିବ, ପାବନି, ବୋଲନ୍ତି ରୋମାସାଇଁ । ।୧୩।
ବାତପ୍ରାୟ ବାତତନୟ, ଗଲା ରାମ ଆଦେଶେ,
ରାବଣ ସମ୍ମୁଖେ ଏବାର୍ତ୍ତା ଚାର ରଭସେ, ଭାଷେ । ।୧୪।

ଦଶାନନ ହୃଦ କମ୍ପିଲା, ଶିର ବ୍ୟଥା ହୋଇଲା
ବ୍ୟାଘାତ ଦେବାକୁ ସହସ୍ରେ, ସେନା ବରଗି ଦେଲା । ।୧୫।
ଛଟକେ ଯାଇସେ, କଣ୍ଟକେ, ଆରମ୍ଭ କଲେ ରଣ
ବୁଝିଲା ପାବନି ଯୁଝିଲା ସୁମରି ରଘୁରାଣ । ।୧୬।

ଖଞ୍ଜରେ ବାଡ଼ାଇ ଲାଞ୍ଜରେ, ଗୁଡ଼ାଇ ପଣ ପଣ,
ଫିଙ୍ଗିଲା ରାବଣ, ଜଗତି, ଭାଙ୍ଗି ପଡ଼ିଲେ ପୁଣ । ।୧୭।
ଜାଣି ବିଂଶପାଣି ଡ଼କାଇ ଆଣି ମାମୁଁଙ୍କୁ ତାର,
ଠାଣିକି, ଦେଖାଇ ବାଣୀକି, କହେ କରି ଚାତର । ।୧୮।

ବାତସୁତ ଗନ୍ଧ ମାର୍ଦ୍ଧନେ ଯାଏ ଔଷଧ ପାଇଁ,
ବ୍ୟର୍ଥକର ମାୟା ବିରଚି, ଶୀଘ୍ର ପଥରେ ଯାଇ । ।୧୯।
ନାଶିଲେ ମରୁତ ସୁତକୁ, ପଥେ କୁଟ' କପଟେ ।
ଶଙ୍କାହୀନେ ଲଙ୍କା ଦେଶରୁ ଅର୍ଦ୍ଧେ ପାଇବ ଛାଟେ । ।୨୦।

ପେଷିବି ତପନ ନିକଟେ, ଚାର ନାହିଁତ ଭୟ,
କହିବି ନିର୍ଦ୍ଦିଷ୍ଟ ସମୟେ, ହେବା ପାଇଁ ଉଦୟ । ।୨୧।
ଶୁଣି କାଳନେମି ବିଳମ୍ବ କାଳ, ନକରିଗଲା,
ଶଠ ପଣେ ବାଟେ ତୋଠରେ ଅମଠେ, ମଠ କଲା । ।୨୨।

ଅନୁମାନ କରି ହନୁର, ଗତି, ସେମନ୍ଦମତି,
ଆନନକୁ' ଟେକି ଆନନ୍ଦେ, ବୋଲେ ଆସମାରୁତି । ।୨୩।
ନାମଧରିଡ଼ାକୁ ସାଦରେ' ଯାଇ ବୀରପାଦରେ ।
ଲୋଟିଲା ଉଠିଲା ଡ଼ାକିଲ, କିମ୍ପା, ଶୁଭ ଆଦ୍ୟରେ । ।୨୪।

ସେ ମାୟା ତପସ୍ୱୀ ବୋଲଇ ବସି ପବନ ନାନ,
କେଣିକି ଯାଉଛ, ଜାଣିକିପାରେ' ଯିବା କାରଣ । ।୨୫।
ହନୁ ବୋଲେ ମୁନି ସର୍ବଜ୍ଞ, ପରା' ନପାର ଜାଣି
ଧରା ଶାୟୀ ରାମ ଅନୁଜ, ଶକ୍ତି,ଆଘାତେ ପୁଣି । ।୨୬।

ମହୌଷଧି ନେବା ପାଇଁକି, ଯାଏ କହିବା ପାଇଁ
ସମସ୍ତ ଘଟଣା ତପସ୍ୱୀ, ମୋତେ ସମୟ ନାହିଁ । ।୨୭।

୧୩: ରୋମାସାଇଁ-ସୁଗ୍ରିବ. ୧୪: ବାତ ପ୍ରାୟ-ପବନପ୍ରାୟ, ବାତ ତନୟ-ହନୁମାନ. ୧୬: ଛଟକେ-ହଠାତ୍. କଣ୍ଟକେ-ଶତ୍ରୁଙ୍କୁ, ୧୭: ଜଗତି-ଚନ୍ଦ୍ରଶାଳାପୁର(ପବନ ଆଲୋକ ପ୍ରାପ୍ତ ଉଚ୍ଚାଘର) ୧୮: ବିଂଶପାଣି-ରାବଣ, ମାମୁଁଙ୍କୁ-କାଳନେମିକୁ. (ହିରଣ୍ୟ କଶିପୁ ପୁତ୍ର). ମରୁତସୁତ-ପବନସୁତ ହନୁମାନ, ୨୧: ତପନ-ସୂର୍ଯ୍ୟ. ୨୨: ଶଠପଣ-ଠକପଣ, ଅମଠେ-ମଠନକରି ଶୀଘ୍ରେ.ମଠ-ସନ୍ୟାସୀ ମାନଙ୍କର ଆଶ୍ରୟସଳୀ ।୨୩:ମନ୍ଦମତୀ-ଖଳମତୀ, ୨୫: ପବନ ନାନ-ପବନ ପୁତ୍ର ହନୁମାନ, ୨୭: ମହୌଷଧି-ଉତ୍ତମ ଔଷଧ.

Digitized by PPRACHIN, SOA

କହେ ସେ, ମାୟାବୀ ସେ ଦେବତରୁ କହନ୍ତି ସର୍ବ
ଶୁଚିମନ୍ତ ହୋଇ ଛୁଇଁବ, ନତୁ ମାରା ହୋଇବ । ।୨୮।
କାଟ ନ ହୁଅଇ ଔଷଧ, ପଦ ଗଦ ଗାରେଢ଼ି,
କୌଣ୍ଡଣ୍ୟଙ୍କ ବୈଦ୍ୟ ଶାସ୍ତ୍ରରେ, ଏହା' ଅଛି ମୁଁ' ପଢ଼ି । ।୨୯।
ଶଙ୍କର ଦର୍ଶନ କର ଏ' ଗଣ୍ଡେ ସ୍ନାନ କୁ କରି,
ବିଧି ବିଧାନରେ ସୁଫଳ ହେବ କାର୍ଯ୍ୟ ତୁମ୍ଭରି । ।୩୦।
ବିଘ୍ନ ହେବ' ଅବମାନନା, କଲେ ତପୀ ବଚନ,
ଶୁଣି ହନୁ ଗଣ୍ଡେ ପଶିଣ, ଜଳ ଶିରେ ସିଞ୍ଚନ । ।୩୧।
କରିଲା ସ୍ୱର୍ଗର ଅପ୍ସରୀ, ଶାପେ କୁମ୍ଭୀର ଗାତ୍ରେ
ବାସ କରିଥିଲା ଧଇଲା, ହନୁ ପଶିବା ମାତ୍ରେ । ।୩୨।
କୂଳକୁ ଓଟାରି ମାରୁତି, କ୍ରୋଧେ ଦି' ଫାଳ କଲା,
ଗନ୍ଧକାଳୀ ସେଥୁ ଗନ୍ଧର୍ବୀ, ରୂପ ହୋଇ ବୋଇଲା । ।୩୩।
ବିଷ୍ଣୁଙ୍କର ପରିଚାରକ ତୁମ୍ଭେ, ହେଲତାରକ
ମାରଏ, ମାୟାବୀ ତପସ୍ୱୀ ସେତ ରାବଣଲୋକ । ।୩୪।
ବିରଞ୍ଚିଶାପରେ ଟୋପରେ, କୁମ୍ଭୀରି ରୂପେ ଥିଲି,
ତୁମ୍ଭର ଆଗମୁ, ସୁଗମ, ପଥ ମୁକ୍ତି ପାଇଲି । ।୩୫।
ବିନାଶ ଦୈତ୍ୟକୁ କୀନାଶ, ପୁରେ ପଠାଅଯାଉ,
ପ୍ରଭୁ କାର୍ଯ୍ୟ କର ଅଚଳେ, ଯାଇ ନିଶି ନ ପାହୁ । ।୩୬।
ସ୍ନାନେ ହନୁ କାଳ ବିଳମ୍ବେ, କାଳ ନଉମୀ ଭାଳେ,
କାଳ ମୁଖେ ଗଲା ବାନର, ଦେଶୁ ପାଇବି, ଫାଳେ । ।୩୭।
ରାଜି କରାଇବି ରାଜାକୁ, ରାଣୀ ସହିତେ ଦେଶ
ଅର୍ଦ୍ଧେ ମୋର ଭାଗ ହୋଇଲା, ବାଣ୍ଟି ଦିଅ ଲଙ୍କେଶ । ।୩୮।
ଭାଗକରୁ ମନ୍ଦଉଦରୀ, ମନ୍ଦୋଦରୀ ସୁନ୍ଦରୀ
ଆଦରିବି ମନେ, ପାମର, ବାଣ୍ଟୁ ବାଣ୍ଟୁ ଏପରି । ।୩୯।
ଆସିଲା ପବନ ତନୁଜ, ଚିପି, ଦନୁଜ ଗଳା
ବୁଲାଇ ବୁଲାଇ ଫିଙ୍ଗିଲା, ଗଡ଼ ଦ୍ୱାରେ ପଡ଼ିଲା । ।୪୦।
ବିଲୋକି ରାବଣ, ତପନ, ଉଦେ ହେବାକୁ ଚାର,
ପେଶିଲା ଭାସିଲା ଯାଇ ସେ, ତପନଙ୍କ ଆଗର । ।୪୧।
କିମ୍ପାଇଁ ବିଳମ୍ବ ହେଉଛି, ଆଜି ନ ପାଏ ରାତ୍ରି
ଚଞ୍ଚଳ ଉଦୟ ହୁଅନ୍ତୁ, ଚାହାନ୍ତି ଲଙ୍କପତି । ।୪୨।

୨୮ : ଦେବତରୁ-ପାରିଜାତ, ୨୯ : କୌଣ୍ଡନ୍ୟ-ବୈଦ୍ୟଶାସ୍ତ୍ରପ୍ରଣିତା, ୩୪ : ବିଷ୍ଣୁଙ୍କର-ରାମଙ୍କର, ପରିଚାରକ-ସେବକ, ତାରକ-ଉଦ୍ଧାରକାରି, ମାୟାବୀ-କପଟୀଐନ୍ଦ୍ରଜାଲିକ ୩୫ : ବିରଞ୍ଚି-ବ୍ରହ୍ମା, ଟୋପରେ-ଅନ୍ଧକୂପରେ, ୩୬ : କୀନାଶ ଯମ, ଅଚଳେ-ପର୍ବତେ, ନିଶି-ରାତ୍ରି, ୩୭ : ଦେଶୁ-ଲଙ୍କାରୁ, ୩୮ : ରାଜାକୁ-ରାବଣଙ୍କୁ ।୩୯ : ପାମର-ଅଧମ, ୪୦ : ପବନ ତନୁଜ-ହନୁମାନ, ଦନୁଜ-ଅସୁର କାଳନେମି, ଗଡ-ଲଙ୍କାଗଡ, ତପନ-ସୂର୍ଯ୍ୟ ।

Digitized by PPRACHIN, SOA

ବିଳମ୍ବ ହୋଇଲେ ମିଳିବ, ଦଣ୍ଡ କହୁଛି ସତ,
ଶୁଣି, ତା ତପନ ବୋଲନ୍ତି, ମୋର ନାହିଁ ଆୟତ୍ତ । ।୪୩।
ସଦାସ୍ଥିର ମୁହିଁ ମୋ ଚାରି, ପାର୍ଶ୍ୱେ ପୃଥିବୀ ବୁଲେ,
ପଡ଼ିବାରୁ ଛାଇ ମୋ ରୂପ, ନ ଦେଖନ୍ତି କେ ଭଲେ । ।୪୪।

ଘୋଟି ଆସୁ ଥିଲା ରଜନୀ, ଶକ୍ତି ବିହିଲା ଦୈତ୍ୟ,
ଭେଦିଲା ସପତ ପାତାଳ, ଲକ୍ଷ୍ମଣ ଯେ ମୂର୍ଚ୍ଛିତ । ।୪୫।
ଧରିମାରୁ ସିଦ୍ଧେ ମରନ୍ତି, ବେଦ ଶାସ୍ତ୍ର କହନ୍ତି,
ସ୍ଥିର ହେଲା ସ୍ଥିରା ବିଭେଦୁ, ଆଉ ଚଳୁ ନାହାନ୍ତି । ।୪୬।

ଉତ୍ପାଟନ ପାଇଁ କହ ଯା ନୃପେ ସେ ଶକ୍ତି ବର,
ବୁଲିବେ ପୃଥିବୀ ଦେଖିବ, ଉଦୟ ହେବ ମୋର । ।୪୭।
ଆଉ ମଧ୍ୟ ବାତ ନନ୍ଦନ, କହି ବନ୍ଦନେ ମଥା,
ପୋତି ଭୟେ ଉର୍ଦ୍ଧ୍ୱେ ନୁହଇ ଚିନ୍ତି ପୂରୁବ କଥା । ।୪୮।

ବାହୁଡ଼ି ସେ ଚାର’ ସେ ସମାଚାର ନୃପେ କହିଲା,
ଶର ଉପାଡ଼ିବା ସମ୍ଭବ, ନୋହୁ ନୃପେ ଦହିଲା । ।୪୯।
ବୈଜ୍ଞାନିକେ, ସେଥି ଶୁଣି ସେ, କଥା କଲେ ବିଚାର
ଅନନ୍ତ ମସ୍ତକେ ପୃଥିବୀ, ଧରେ ମଣି ନିକର । ।୫୦।

ମାଧ୍ୟାକର୍ଷଣ ଶକ୍ତିରେ, ବୁଲଇ ଦିନରାତ୍ରି
କରୁଥିଲା ଏହି ଲକ୍ଷ୍ମଣ, ସ୍ୱୟଂ, ଅନନ୍ତ ମୂର୍ତ୍ତି । ।୫୧।
ପତନ ଫଳରେ ଯତନ ବିନା, ବିନାଶବ୍ରତ,
ସ୍ଥିରା ସ୍ଥିରେ ରହି ଅଛନ୍ତି, ରବି ନୁହେଁ ଉଦିତ । ।୫୨।

ତେଣେ ଗନ୍ଧବହ ନନ୍ଦନ, ଗନ୍ଧ ଅଚଳେ ଚଳେ,
ଖୋଜିଣ ଭେଷଜ ନପାଇ-ବନେ ଖୋଜେ ବିକଳେ । ।୫୩।
ଖୋଜିବା ସମୟେ , ଜଗିବା-ବନ ରକ୍ଷକ ଗଣ,
ବାରଣ କରିଣ, କାରଣ ପୁଛି ଆରମ୍ଭୁ ରଣ । ।୫୪।

ବିଧାମାରି ସିଧା ପେଶିଲା-ହନୁ ଅନ୍ତକପୁରେ
ବେଧାଙ୍କୁ ସୁମରି ଔଷଧ ଗଛ ଖୋଜଇ ଖରେ । ।୫୫।
କ୍ରୋଧ ବସୁ ଚିହ୍ନି ନ ପାରି ଗଛ, ବାତ ତନୁଜ
ବୋଲେ ନେବି ଭାଙ୍ଗି ଶୃଙ୍ଗକୁ-ଚିହ୍ନିବେ ବୈଦ୍ୟରାଜ । ।୫୬।

ନ ନେଇ ପାରିଲେ ଆସିବା ଯିବା’ ହୋଇବସାର ।
ରାମସ୍ମରିଲେଡ଼ାବିଘାତେ ଉପାଡ଼ି ଗିରିଶିର । ।୫୭।

୪୫: ରଜନୀ-ରାତ୍ରୀ, ସପ୍ତପାତାଳ-ତଳ,ଅତଳ,ବିତଳ,ସୁତଳ,କୁତଳ,ତଳାତଳ,ପାତାଳ, ୪୬: ସ୍ଥିରା-ପୃଥିବୀ, ୫୦: ବୈଜ୍ଞାନିକେ-ବିଜ୍ଞାନ ବିଶାରଦେ, ଅନନ୍ତ-ନାଗରାଜା ବାସୁକୀ, ମାଧ୍ୟାକର୍ଷଣଶକ୍ତି-ମାଧ୍ୟାଶକ୍ତି, ୫୩:ଗନ୍ଧବହ-ପବନ,ଗନ୍ଧଅଚଳ-ଗନ୍ଧମାର୍ଦନ ପର୍ବତ. ଭେଷଜ-ଔଷଧ ।୫୫:ଅନ୍ତକପୁରେ-ଯମପୁରେ, ବେଧା-ବ୍ରହ୍ମା, ।

Digitized by PPRACHIN, SOA

ଖରେ ବେନିକରେ ମଥାରେ' ଧରି ବିହଙ୍ଗ ପରି,
ଆକାଶ ମାର୍ଗରେ ଆସଇ ରାତ୍ରଶେଷସୁମରି । ।୫୮।

ସ୍ୱର୍ଗରୁ ଅମୃତ ହରଣକରି, ବିନତାସୁତ,
ଆଣିବା ପରାଏ ଉପମା ଆସେ ବୁଧେପର୍ବତ । ।୫୯।

ଏହି ବାର୍ତ୍ତା ଶୁଣି ରାବଣ, ପୁଣି ବହୁତ ବଳୀ
ପେଶିଲା ନାଶିଲା ପାବନୀ-ନଭ ମଣ୍ଡଳେ ଦଳି । ।୬୦।

ଦକ୍ଷିଣୁ ତପନ, ଉତ୍ତରାୟଣେ ଗମିବା ପରି,
ଗମିଲା ମାରୁତି, ଉତ୍ତର ଦିଗେ, ଦ୍ୱନ୍ଦକୁ ଡ଼ରି । ।୬୧।

ଏଣେ ପୂର୍ବରାତ୍ରେ ଅଯୋଧ୍ୟା ଦେଶେ ମନ୍ଦ ସ୍ୱପନ
ସୁମିତ୍ରା ଦେଖିଣ ପଚାରୁ ଗୁରୁ ବିପ୍ର ବରିଣ । ।୬୨।

ନନ୍ଦିଗ୍ରାମେ ଯାଗ କରାନ୍ତି, ପୁତ୍ର ମଙ୍ଗଳ ପାଇଁ,
ନିଶି ଉଜାଗରେ ଭରତ, ଯାଗ ରଖନ୍ତି ରହି । ।୬୩।

ଏ' ସମୟେ ଧରି ପର୍ବତ, ଆସଇ, ହନୁମନ୍ତ,
ଦୂରରୁ ସୁ, ଶବ୍ଦ ଶୁଭନ୍ତେ ଭ୍ରତ ଥିଲେଜାଗ୍ରତ । ।୬୪।

ଧର ଧରାଛାଇ ପଡ଼ନ୍ତେ ରାମ' ପାଦୁକା ପରେ,
ବିବ୍ରତେ ଦେଖନ୍ତି ଆକାଶେ କିଏଯାଏରାତ୍ରରେ । ।୬୫।

ନ ଚିହ୍ନି ବାଟୁଳି ଖଡ଼ାରେ-ବାଟୁଳି ବିହୁ ପୁଣ
ଗଳିଲା ବାଟୁଳି ଟଳିଲା, ହନୁ ଚେତନା ଶୂନ୍ୟ । ।୬୬।

ଚେତନା ପାଇଣ କ୍ଷଣକ ପରେ ବୋଲଇ ବୃଥା
ହୋଇଲା ପରାଣ ହାରିବେ' ରାମ ରହିବେ ସୀତା । ।୬୭।

ପିଲାଦିନ ବର ମନରେ ପଡୁ ପୁଣି ସେ ସ୍ତୁତି,
କରଇ ସୂର୍ଯ୍ୟଙ୍କୁ ରାତିକ- ହେଉ ସପତ ରାତି । ।୬୮।

ବାନ୍ଧିବା ଭୟରେ ତପନ, ଉଦେ ନୋହି ରହିଲେ,
କେତେ ରାତ୍ର ଅଛି ପଚାରୁ ହନୁଭ୍ରତକହିଲେ । ।୬୯।

ଆଶ୍ଚର୍ଯ୍ୟ ଲାଗୁଛି ଦେଖଇ, ଶିରେ ଧରିଛ ନଗ
ରାତ୍ର କେତେ ଅଛି ପଚାର-ବିକଳେ କିମ୍ବା ଆଗ । ।୭୦।

କେଉଁ ରାମ ପ୍ରାଣ ହାରିବେ' ସୀତା ରହିବେ ବୋଲି,
ଲୋତକ ଗଡ଼ାଇ କହୁଛ' କହ ମୁଁ ' ନ ଜାଣିଲି । ।୭୧।

କରଇ ପ୍ରକଟ, ମର୍କଟ' ଲଙ୍କାପୁରେବାଦରେ,
ରହିଥିଲେ ରାମ, ଲକ୍ଷ୍ମଣ-ପଡ଼ି ଶକ୍ତି ଭେଦରେ । ।୭୨।

ଭରତ ନ ବୁଝି ତୁରନ୍ତ, ଚାହିଁ ଚନ୍ଦ୍ରକୁ ପୁଣ,
ବୋଲନ୍ତି ଅକ୍ଷତେ ଚନ୍ଦ୍ରରେ ରାମ ଦେଖ ଲକ୍ଷ୍ମଣ । ।୭୩।

୬୦: ପାବନି-ହନୁମାନ, ନଭମଣ୍ଡଳ-ଆକାଶମଣ୍ଡଳ, ୬୧: ତପନ-ସୂର୍ଯ୍ୟ. ୬୪: ସୁ. ଶବ୍ଦ-ଗଭୀର ଶବ୍ଦ. ଜାଗ୍ରତ-ବିନିଦ୍ରା, ୬୫: ଧରାଧର-ପର୍ବତ, ୭୦: ନଗ-ପର୍ବତ ।

Digitized by PPRACHIN, SOA

ଡ଼ାକିନୀ ମାନଙ୍କ ରହିବା ବାସ ଭୂମିକୁ ଲଙ୍କା,
କହନ୍ତି ସେଠାରେ ସମର କୁହ ଲାଗେ ଆଶଙ୍କା । ।୭୪।
ଶାସ୍ତ୍ରକାରେ ରମ୍ୟେ ବୋଲନ୍ତି, ଉପମା ମୃଗେ ରାମ,
କେଉଁ ରାମ କଥା କହୁଛ, କହି ନାଶ ମୋ ଭ୍ରମ । ।୭୫।
ହନୁମାନ ଦିଏ ଉତ୍ତର, ଲଙ୍କା ଅସୁର ପୁରୀ
ଚାରିଦିଗେ ଯାର ସାଗର ବଳୟ ପରି ଘେରି । ।୭୬।
ରମଣୀୟ, ରାମ' ଜାନକୀ, ଭାର୍ଯ୍ୟା ଭାଇ ଲକ୍ଷ୍ମଣ,
ମିଥିଲା ସଭାରେ କୋଦଣ୍ଡେ ଯେ ଚଢ଼ାଇଲେ ଗୁଣ । ।୭୭।
ବନବାସେ ଗଲେ ସେ ରାମ, ପିତୃ ସତ୍ୟକୁ ରଖି,
ତାଙ୍କ ପ୍ରିୟା ସୀତା ଦଇତ' ନେଲା ଏକାକୀ ଦେଖି । ।୭୮।
ଦଶରଥ ପୁତ୍ର ଭାବେ ସେ, ଚିହ୍ନା ଅଟନ୍ତି ବଳୀ,
ସୁଗ୍ରୀ ସଙ୍ଗେ ମିତ୍ର ପଥରେ, ହୋଇ ବଧିଲେ ବାଳି । ।୭୯।
କପିବଳ ଘେନି ପଥରେ, ପଥରରେ ସାଗର,
ବନ୍ଧ ବାନ୍ଧି ସୀତା ଉଦ୍ଧାରେ, ଗଲେ ହୋଇଣ ପାର । ।୮୦।
ମାଗିଲେ ସୀତାଙ୍କୁ ନ ଦେଇ, ଦୈତ୍ୟ ସମର କଲା,
ବଡ଼ ପୁତ୍ର ହତ ଶୋକରେ, ରାଗି ଶକ୍ତି ମାରିଲା । ।୮୧।
ହନୁ ଉକ୍ତି ଭକ୍ତି ଚିତ୍ତରେ, ଶୁଣି ଭ୍ରୁଥ ବୀରତ
ବିଳାପେ କହନ୍ତି ସେ ରାମାନୁଜ' ମୁହିଁ ଭରତ । ।୮୨।
ବଡ଼ ବିପରୀତ କଥା ଏ ଶୁଣେ ସିଂହ ଘରଣୀ
ଶୃଗାଳ ନେଇ ଲୁଚାଇଛି ଶଙ୍କା, ଲଙ୍କାରେ ପୁଣି, ।୮୩।
ନିବାରକ ଧାନ୍ୟ ଶୁଙ୍କରେ ଗଣ୍ଡାର ଚର୍ମ ଭେଦେ,
ରାବଣର ଶକ୍ତି ଲକ୍ଷ୍ମଣ ଅଙ୍ଗେ ଭେଦିଛି ବାଦେ । ।୮୪।
ଏ ସମୟେ ଆସୁଁ ବଶିଷ୍ଠ ଗୁରୁ ମନ୍ତ୍ରୀ ପ୍ରମୁଖ
କହନ୍ତି ଭରତ ଲଙ୍କାକୁ ଯିବି ଯାଗକୁ ରଖ । ।୮୫।
ପଡ଼ିଛି ବିପତ୍ତି ଭାଇଙ୍କୁ ଭାଇ ଲକ୍ଷ୍ମଣ ଘାତ,
ସୌଜନ୍ୟ ଦୃଷ୍ଟିରୁ ସାହାଯ୍ୟ କରିବାଟି ଉଚିତ । ।୮୬।
ମାରିବି ଦଶାସ୍ୟ ଫେରିବି ଧରି ଭାଇ ଭାଉଜ
ସେ ଯାଏ ଚଳାନ୍ତୁ ଆପଣ, ଯାଗେ, ଆଚାର୍ଯ୍ୟକାର୍ଯ୍ୟ । ।୮୭।
ବୋଲଇ ମାରୁତି ହୋଇଲେ ଇଚ୍ଛା ପଛରେ ଆସ
ଖଣ୍ଡେ ହେଲେ ଦେଖି ଆସିବ ରଣ ନ ହେଉ ଶେଷ । ।୮୮।

୭୨:ବାଦରେ-ଯୁଦ୍ଧରେ.୭୩: ଅକ୍ଷତେ-ଖଣ୍ଡିଆ ନହୋଇ. ଚନ୍ଦ୍ରରେରାମଲକ୍ଷ୍ମଣ-କଳଙ୍କ. ୭୪: ଡାକିନୀ-ଡାହାଣି, ୭୬: ବଳୟ-କଙ୍କଣ.
୭୮: ଦଇତ-ରାବଣଅସୁର. ୮୨: ରାମାନୁଜ-ରାମଙ୍କ ସାନ ଭାଇ ଭରତ. ୮୪: ନିବାରକଧାନ୍ୟ-ବଣ୍ୟ ଶୁଙ୍କଧାନ, ୧୦୦: ଚଳ-ପର୍ବତ.
୧୦୧:ପାଦ୍‌ପୁ-ବୃକ୍ଷରୁ. ଚୟନ-ତୋଳିଣ. ପ୍ରଦତ୍ତ-ଦେଲେ: ସୁବେଳେ-ଉଲବେଳାରେ.

Digitized by PPRACHIN, SOA

ବାରଣ କରନ୍ତି ବରଣ, ସଙ୍କଳ୍ପ କହି ଗୁରୁ,
ପୂର୍ଣ୍ଣକର ଯାଗ ଫେରିବେ, ନିର୍ବିଘ୍ନେ ସେ ଲଙ୍କାରୁ । ।୮୯।

ହନୁକୁ ବୋଲନ୍ତି ଭରତ ରାମେ ଦେବ କୁଶଳ,
ବାରତା ହନୁ ହେ ନ କହି ମୋର ବାଟୁଳି ବଳ । ।୯୦।

ବାତଜ ବୋଲଇ ଖ୍ୟାତ ଯେ ନ କରିବ ଏ'କଥା
ଅପକୀର୍ତ୍ତି ହେବ କୁଳକୁ ଟେକି' ନ ହେବ ମଥା । ।୯୧।

ସମ୍ଭବ କାଳରେ ଯେ, ନଭ'ମଣ୍ଡଳରେ ସବିତା,
ପକ୍ୱଫଳ ବୋଲି ଧଇଲା, ବର ଦେଲେ ଦେବତା । ।୯୨।

କୋଟି କୋଟି ବଜ୍ର ହଟିବ, ନ ଭେଦିବ ବାଗରେ,
ଦେଖୁଛ ପର୍ବତ ବିଖ୍ୟାତ କି' କରିବି ଆଗରେ । ।୯୩।

ମାଟି ବାଟୁଳିରେ ମୂର୍ଚ୍ଛିତ ହେଲି ଏନିନ୍ଦା କଥା,
ବଳକଳିବାକୁ କଳକେ କହେପୋତିଣମଥା । ।୯୪।

ମୁଣ୍ଡିଆକୁ ମୋର ମୁଣ୍ଡରେ ମୁଣ୍ଡାଇ ଦିଅ ବୀର,
ଶରକୁ ଆଦେଶି ଭରତ ଉଡ଼ାଇଲେ ନିକର । ।୯୫।

ଏକା ଭଳି ବଳୀ ଶ୍ରୀରାମ, ଭ୍ରତ ଆଦି ଲକ୍ଷ୍ମଣ
ଭାବିଣ ମାରୁତି ସମର ପ୍ରାଙ୍ଗଣେ ଅବତୀର୍ଣ୍ଣ । ।୯୬।

ଜାନକୀ ବିଳାସ ବିଲୋକି ଅତି ଆନନ୍ଦ ହେଲେ,
ଭେଷଜ ଭୂଷଣ ସୁଷେଣ, ସେଥୁ ପୁଣି ବୋଇଲେ । ।୯୭।

ବକ୍ଷୋଜ ପୟ ଆବଶ୍ୟକ ଏକସ୍ତନୀ ନାରୀର
ମନଃ ଶିଳ ଶିଳା ପେଷଣେ ଲୋଡ଼ା ଜାନକୀ ବର । ।୯୮।

ବୋଲନ୍ତି ରାଘବ ମିଳିବ, ଏଥୁ କାହିଁ ସେ ସବୁ
ଲଙ୍କାର ଉତ୍ତରେ ଏ ନାରୀ ରଖି ଚାହିଁଛି ବିଭୁ । ।୯୯।

ବାତଜ କୁଳାଚଳ ଧୋଇ ଯାଇ କହୁ ବହନେ,
ବାହାର ସେ ନାରୀ ପାବନି କନ୍ଧେ ଆଣେ ମୋହନେ । ।୧୦୦।

ବିଲୋକି ସୁଷେଣ ଦୂଷଣ ନାଶେ ପାଦପୁ ପତ୍ର
ଚୟନ କରିଣ ବୟାନ କରି କରେ ପ୍ରଦତ୍ତ । ।୧୦୧।

ସୁକେଶୀ ସୁବେଳେ ନିବେଶି- ମନ ସ୍ତନ ପୟରେ
କାଟିଣ ଭେଷଜ ବାଟିଣ ଦେଉ ସୁଷେଣ କରେ । ।୧୦୨।

ଜଣା କରେ କଣା ସ୍ଥାନରେ, ଦେବା ପାଇଁ ଔଷଧ,
ବାହାର କରାନ୍ତୁ କାହାରେ ଶକ୍ତି ରାଘବ ବୋଧ । ।୧୦୩।

୮୭: ଦଶାଶ୍ୟ-ଦଶମୁଣ୍ଡିଆ ରାବଣ, ଆଚାର୍ଯ୍ୟ-ପୁରୋହିତ ବା କର୍ତ୍ତା, ୮୮: ମାରୁତି-ମରୁତ(ପବନଙ୍କ ପୁତ୍ର ହନୁମାନ), ୮୯: ଗୁରୁ ବଶିଷ୍ଠ, ବାତଜ-ହନୁମାନ, ୯୨: ସମ୍ଭବ କାଳରେ- ଜନ୍ମ ହେବା କାଳରେ, ନଭ-ଆକାଶେ, ସବିତା-ସୂର୍ଯ୍ୟ, ମୁଣ୍ଡିଆକୁ-ପର୍ବତକୁ, ୯୫:ନିକର-ପର୍ବତ ସହିତ, ୯୬: ଅବତୀର୍ଣ୍ଣ-ଓହ୍ଲାଇଣ, ୯୭:ଜାନକୀବିଳାସ-ରାମ, ଭେଷଜ ଭୂଷଣ-ବୈଦ୍ୟରାଜ, ୯୮: ବକ୍ଷୋଜପୟ-ସ୍ତନ୍ୟଦୁଗ୍ଧ, ମନଃଶିଳ-ଔଷଧ ବଟା ପଥର ଶିଳ,

Digitized by PPRACHIN, SOA

ଭକ୍ତ ଶ୍ରେଷ୍ଠ ହନୁମାନ ଓ ପ୍ରଭୁ ରାମଚନ୍ଦ୍ର ଆଲିଙ୍ଗନାରତ ।

Digitized by PPRACHIN, SOA

ଜାଣିଲେ ଟାଣିଲେ ଜଣକ ପରେ ଜଣେ ବାଣକୁ,
ଉପାଡ଼ି ନ ପାରି ଫେରିଲେ ବୀରେ ହାରି ପଣକୁ । ।୧୦୪।

ରାମ ବାମକରେ ଆରାମେ ପଦ୍ମ ପୁଷ୍ପ ପରାଏ
ଉତ୍ପାଟନ କଲେ ଦୋହଲେ ମହୀ ପାତାଳ ଯାଏ । ।୧୦୫।

ଏ କାଳେ କାତରେ ହାତରେ ଘାତେ ଔଷଧ ଦେଲେ,
ନିଦ୍ରାରୁ ଉଠିଲା ପରାଏ, ସଉମିତ୍ରି ଉଠିଲେ । ।୧୦୬।

ଶ୍ରୀ ରାମ, ଶ୍ରୀରାମ, ଶ୍ରୀରାମ, ଶ୍ରୀରାମ ଜୟ ଜୟ,
ବୋଲି ରକ୍ଷ କପି କରନ୍ତି ନୃତ୍ୟ ହୋଇ ଅଥୟ । ।୧୦୭।

ଏଣେ ଘାତ ଚିହ୍ନ ଆଉଁସି, ହରଷେ ରଘୁପତି,
ଘଟିବା ଘଟଣା ସମସ୍ତ ଭାଇ ଆଗେ କହନ୍ତି । ।୧୦୮।

ଶରଣା ଗତର ରକ୍ଷଣେ ନିଜ ଜୀବ ବିପନ୍ନ,
କରି ଥିବାରୁ ସେ ଅନୁଜେ, କରନ୍ତି ଧନ୍ୟଧନ୍ୟ । ।୧୦୯।

ବୋଲନ୍ତି ବାବୁରେ ସୁଯୋଗ୍ୟ ପୁତ୍ର ତୁ' ରଘୁକୁଳେ,
ଜ୍ୱଳନ୍ତ ପ୍ରମାଣ କରିଲୁ ରଣ ଯଜ୍ଞ ଅନଳେ । ।୧୧୦।

ଏକାଳେ ଅମରେ କୁସୁମ, ବୃଷ୍ଟି କଲେ ଆନନ୍ଦେ,
ଏକସ୍ତନୀ ପୂର୍ବ ରୂପରେ ରାଘବ ପଦ ବନ୍ଦେ । ।୧୧୧।

ଜାନକୀ ବଲ୍ଲଭ ଦୁର୍ଲ୍ଲଭ ରୂପ ଦେଖି ଆଶ୍ଚର୍ଯ୍ୟେ
ପଚାରୁ ସୁଚାରୁ ରୂପରେ ଯୋଷା, ବୁଝାଏ ଧୈର୍ଯ୍ୟେ । ।୧୧୨।

ସ୍ୱର୍ଗେ ଶଚୀପତି ଔଷଧ ବାଟୁଥିଲି ମୁଁ ସଦା
ଆଘ୍ରାଣ କରିଲି ସୁବାସୁ ଥରେ ହୋଇ ପ୍ରମୋଦା । ।୧୧୩।

କ୍ରୁଦ୍ଧ ହେଉ ବୃଦ୍ଧ ଶ୍ରବା ମୁଁ ବୋଧେ ବକ୍ଷୁ ବସନ,
ଉଲଗ୍ନ ଯେ କରି ଭାବିଲି ମୋହିବା ପାଇଁ ମନ । ।୧୧୪।

କୋପ ହୋଇ ଶାପ ବିହିଲେ ହୁଅ ରକ୍ଷ ତରୁଣୀ
ବକ୍ଷୋଜେ କ ହେଉ ବିନାଶ ଶୋଭା ହରାଅ ପୁଣି । ।୧୧୫।

କ୍ଷମା ମାଗୁ କ୍ଷମା ଆଚରି, କହିଥିଲେ ସେ ମୋତେ,
ରାମ କାମ କରି ପାଇବୁ, ମୁକ୍ତି, ଆସିବୁ ଏଥେ । ।୧୧୬।

ପୂର୍ବ କଥା ଏହି ମୋହର କହି ସ୍ୱରଗ ପୁର,
ଗଲା ଯୋଷା ଉମା ଆଗରେ,ବସି କହନ୍ତି ହର । ।୧୧୭।

ବାତ ବାଳ ଯଥା ସ୍ଥାନରେ ଗିରି ରଖି ଆସିଲା
ଏ କଣ ଅଠର ପଦରେ, ଦୟାନିଧି ଭାଷିଲା । ।୧୧୮।

ମାସ ପାରାୟଣ ୨୨ ବିଶ୍ରାମ, ନବାହ୍ନ ପାରାୟଣ

Digitized by PPRACHIN, SOA

ତରଣୀ ସେନ ବଧ

(ରାଗ-କାଳୀ, ତ୍ରିଭଙ୍ଗୀ) 'ବ' ଅନୁପ୍ରାସ

ଛାନ୍ଦ-୪୩

ବାସରେ ବଶ୍ୟେ, ଦଶାସ୍ୟ ପାଶେ, ତରଣୀ ଭାଷେ ପୁଣ
ବସନ୍ତୁ ରଙ୍ଗେ, ଶ୍ରୀରାମ ସଙ୍ଗେ, କରିବି ବ୍ୟଙ୍ଗେ ରଣ । ।୧।

ବିହନ୍ତୁ ମୋତେ, ପିତା ସହିତେ, ସମୂଳେ ହାତେ ମାରି,
ବିଳମ୍ବ ବିନା, ଉଡ଼ାଇ ବାନା, ଆସିବି କି' ନା, ଫେରି । ।୨।

ବୃଥା କାତର, ହୁଅ ଖାତର, ତାହାଙ୍କୁ ମୋର ନାହିଁ,
ବୃକ୍ଷ ପତର, ଖାଇ ଚାତର, ଦେଖାନ୍ତି ଦର' ସେହି । ।୩।

ବାସକୁ ବାସ, ଢେଇଁ ସେ ନାଶ, କରନ୍ତି ବାସ ସିନା,
ବିଲ ପଶାଙ୍କ, ଗିଳା ମୁଁ ବକ, ନୁହଁ ଆତଙ୍କ ମନା । ।୪।

ବୀରେ ଗଣତି, ନୁହନ୍ତି କ୍ଷିତି , ମଧ୍ୟରେ ଯତୀ ଦୁଇ,
ବନ କନ୍ଦର, ଆଦି ମନ୍ଦର, ବୁଲି ଇନ୍ଦର କହି । ।୫।

ବିଶ୍ରବା ସୁତ, ତରଣୀ ବ୍ୟକ୍ତ, ଶୁଣି ସନ୍ମତ ହେଲା,
ବାନ୍ଧୁ ଶିରରେ, ଶାଢ଼ୀକୁ ତରେ' ମାତା ପାଶରେ ଗଲା । ।୬।

ବୋଲେ ଜନନୀ,ସମରେ ଘେନି ଯିବି ସେନାନୀ ଆଜ,
ବିଶୁଦ୍ଧ ଚିତ୍ତେ,ଦିଅ ଉଚିତେ, ଆଶିଷ ମାଥେ ରଜ, ।୭।

ବଜ୍ର ଆଘାତ, ମସ୍ତକେ ପ୍ରାପ୍ତ, ପରାଏ ମାତ ମତି,
ବୋଲେ ନଇଲେ, ଯେତେକ ଗଲେ ଗୋଟିଏ ହେଲେ ବର୍ତ୍ତି ।।୮।

ବିଶେଷି ଜାଣ, ଜାଣିତୁ ହାଣ, ମୁହଁକୁ ପୁଣ ଯିବୁ,
ବାପକୁ ତଡ଼ି, ବାପରେ ବଢ଼ି, କହୁତୁ ହୁଡ଼ି ବାବୁ । ।୯।

ଟୀ:୧ ବାସରେ-ଗୃହରେ, ବଶ୍ୟେ-ଅନୁଗତେ, ଦଶାସ୍ୟ-ରାବଣ, ପାଶେ-ପାଖରେ, ତରଣୀ-ବିଭୀଷଣ ପୁତ୍ର ତରଣୀସେନ, ଭାଷେ-କହିଲା, ପୁଣି-ପୁନଃ । ୨: ବିହନ୍ତୁ-କହନ୍ତୁ, ମୋତେ-ନିଜକୁ, ପିତା ସହିତେ-ବିଭୀଷଣ, ରାମ, ଲକ୍ଷ୍ମଣ ଓ ସେନା ସୈନ୍ୟଙ୍କୁ, ହାତରେ ମାରି-ଜରାଶର ଦ୍ୱାରା ଯୁଦ୍ଧରେ ଶେଷ କରି, ବିଳମ୍ବବିନା-ଅବିଳମ୍ବରେ, ଉଡାଇ ବାନା-ଜୟପତାକା ଫର ଫର କରି, ଆସିବି-ଫେରିବି । ୩: ବୃଥା କାତର-ନିରର୍ଥେଭୀତ, ହୁଅ-ହେଉଛ, ଖାତର-ସମ୍ମାନ, ତାହାଙ୍କୁ-ସେହିମାନଙ୍କୁ, ମୋର ନାହିଁ -ମୁଁ ଦିଏନି, ବୃକ୍ଷ ପତର-ଗଛପତ୍ର, ଖାଇ-ଭୋଜନକରି, ଚାତର-ଗର୍ବ, ଦେଖାନ୍ତିଦର-ଉଚ୍ଚ ଦେଖାଉଛନ୍ତି । ୪: ବାସକୁବାସ-ଘରକୁଘର, ଢେଇଁ ସେ ନାଶ-କୁଦାମାରି ଧ୍ୱଂସ, କରନ୍ତି ବାସ-କରୁଛନ୍ତି ବାସ (ଚାଳକୁ), ବିଳ ପଶାଙ୍କ-ଗାତ ପଶା ଭାଲୁଙ୍କର, ଗିଳା ବକ-ପେଟୁ ବଗ ପକ୍ଷୀ ମୁଁ, ନୁହଁ-ହୁଅନା, ଆତଙ୍କ ମନା-ସଂଙ୍କଚିତ । ୫: ବୀରେ ଗଣତି-ଯୋଦ୍ଧାରେ ଗଣନା, ନୁହନ୍ତି କ୍ଷିତି-ନୁହଁପୃଥିବିରେ, ଜତୀଦୁଇ-ରାମଲକ୍ଷ୍ମଣ ବେନି, ବନକନ୍ଦର-ଅରଣ୍ୟ ଗିରି ଗହ୍ୱର, ମନ୍ଦର-ପର୍ବତ, ଇନ୍ଦର କହି-ଇନ୍ଦ୍ର ବୋଲାଉଛନ୍ତି । ୬: ବିଶ୍ରବା ସୁତ-ରାବଣ, ତରଣୀବ୍ୟକ୍ତ-ତରଣୀସେନ କଥା, ଶୁଣି ସନ୍ମତ-ଶ୍ରବଣେ ସ୍ୱୀକାର କରି, ବାନ୍ଧୁ ଶୀରରେ ଶାଢ଼ି-ମୁଣ୍ଡରେ ଶୁଭ ମନାଶି ବାନ୍ଧିବା ଉପହାର ଶାଢ଼ି, ତରେ-ହଠାତ୍, ମାତା ପାଶରେ ଗଲା-ଜନନୀ ନିକଟକୁ ଯାଇ । ୭: ବୋଲେ ଜନନୀ-କହେ ହେ ଜନ୍ମଦାତ୍ରୀ, ସମରେ ଘେନି ଯିବି ସେନାନୀ-ଯୁଦ୍ଧକୁ ସେନା ଧରି ଯାଉଛି, ବିଶୁଦ୍ଧ ଚିତ୍ତେ-ପବିତ୍ର ହୃଦୟରେ, ଉଚିତେ-ଯଥାର୍ଥେ, ଆଶିଷ ·ଆଶୀର୍ବାଦଦେଇ ମଙ୍ଗଳକାମନା କର, ମାଥେରଜଦିଅ-ମୁଣ୍ଡରେ ପାଦ ଧୋଳି ଦିଅ, ବଜ୍ରେଆଘାତ-ବିଜୁଳି ପରି କଠିନ ଘାତ, ମସ୍ତକେ-ମୁଣ୍ଡରେ, ପ୍ରାପ୍ତ-ପାଇବାପରି, ମାତ ମତି-ମା'ମନ, ବୋଲେ ଅଇଲେ-କହେ ନ ଫେରିଲେ, ଯେତେକ ଗଲେ··ଯେତେ ସମର କରିବାକୁ ଗଲେ, ଗୋଟିଏ ହେଲେ-ଜଣେ ହେଲେ, ବର୍ତ୍ତି-ବଞ୍ଚି, ନଇଲେ-ଆସିନାହାନ୍ତି । ୯: ବିଶେଷି ଜାଣ-ଭଲ ଭାବରେ ଜାଣ, ଜାଣିତୁହାଣ ମୁହଁକୁ-ଯେଉଁ ଯୁଦ୍ଧରେ ରକ୍ଷ ସେନା ନଷ୍ଟ ହେଉଛନ୍ତି ସେ ସ୍ଥାନକୁ ଯିବୁ, ବାପକୁ ତଡି-ବିଭୀଷଣଙ୍କୁ ତଡି, ବାପରେ-ଧନମଣିରେ, ତୁବଢ଼ି କହୁଛୁ- କଥାକୁ ବଢ଼ାଇ କହୁଛୁ, ହୁଡି-ଭ୍ରମରେ ପଡିଛୁ ।

Digitized by PPRACHIN, SOA

ବାପରେ ତୋତେ ଛଡ଼ାଇ ଗାତେ, ମାରିବେ ମୋତେ ଶୁଣ,
ବହନ ବନ, ଯିବା ଭୁବନ-ତେଜି ମୋ ଧନ, ପୁଣ ।।୧୦।
ବିଶେଷେ ମାନ, ନିଧନ ସ୍ଥାନ, ଯିବୁ ମୋ ଧନ କିଆଁ
ବିଶେଷେ ଧନ, ନ ବଳା ମନ, ଜାଳିବ ମନ ହିଆଁ ।।୧୧।
ବୋଲେ କୁମର, କେହି କି' ମର'ବିଶ୍ୱେ ଅମର ହେବେ,
ବାଟୁଆ ପରି, ବାଟକୁ ଧରି, ହାଟକୁ ସାରି ଯିବେ । ।୧୨।
ବିଚାରି ଭାଷ, ରାଜା ଆଦେଶ, ପାଳିଲେ ଯଶଃ ସର୍ବ,
ବୀରେ ବନ୍ଦନ, ବୋଲାଇ ବନ, ଯିବା କେସନ ହେବ । ।୧୩।
ବଚନ ମାନ, ମାନିଲେ ଧନ, ମୃତକି' ଆନ ହେବ,
ବହନ ହେଜି, ମାୟାକୁ ତେଜି, ସଜାଇ ଆଜି ଦେବ ।।୧୪।
ବିବେକୀ ଗଣ ଯେଉଁ ଚରଣ ଭଜନ୍ତି ଏଣ ଦୁଃଖ
ବାରଣ କଲେ, ରଣେ ମୁଁ ଗଲେ, ତରି ସେ ଭଲେ ମୋକ୍ଷ ।।୧୫।
ବଶିଷ୍ଠ ଆଦି, ଯେ'ପଦବନ୍ଦି, କୁକର୍ମ ନିନ୍ଦି ବଶ୍ୟ,
ବିରସେ ପୁର, ତେଜି ପିଅର, ଯାଇ ଯାହାର ଦାସ ।।୧୬।
ବିଚାରି ଦାସ ପୁତ୍ରକୁ ନାଶ, କରିଲେ ଦାଶରଥି,
ବଢ଼ିବ ହର୍ଷ, ନୁହଁ ବିରସ, ଘୋଷିବ ଯଶଃ ପୃଥ୍ୱୀ । ।୧୭।
ବୀର ତରଣୀ, ଯାଇ ତରୁଣୀ, ପାଶରେ ପୁଣି ଭାଷେ,
ବାଜିରେ ଆଜି, ଯାଉଛି ରାଜୀବ ମୁଖୀ ସାଜି ଅଶ୍ୱେ ।।୧୮।
ବସି ସୁକେଶୀ, ରତନ ବେଶୀ-ଯତନେ ଖୁସି ହୁଅ,
ବର ପ୍ରାପ୍ତିରେ, ହରଷେ ଘରେ-ହର' ସେବାରେ ଥାଅ ।।୧୯।

ଟୀ ୧୦: ବାପରେ-ପ୍ରିରେ, ତୋତେ ଛଡାଇ ମୋକୋଳରୁ ନେଇ, ଗାତେ ମାରିବେ-ମୋତେ ଗାତରେ ପୋତିବେ, ବହନ-ଶୀଘ୍ର, ବନ-ଅରଣ୍ୟ, ଯିବାଭୁବନ ତେଜି-ଘରଛାଡି ଚାଲିଯିବା । ୧୧ : ବିଶେଷିଜାଣ-ଅତ୍ୟାଧିକ ଭାବରେ ଜାଣ, ମାନ-କଥାରଖ, ନଧନସ୍ଥାନ-ମରଣଜାଗା, ଯିବୁମୋଧନ କିଆଁ-ତୁ ସେଠିକି କିଆଁ ଯିବୁ, ବିଶେଷ ଧନ-ଅତିଶୟସ୍ନେହାଧୀନ ପୁତ୍ର, ନବଳା ମନ-ମନ ବଳାନାହିଁ, ଜାଳିବ ମନ ନିଆଁ-ଚିତଚିନ୍ତାଗ୍ନି ଦହନ କରିବ ।୧୨: ବୋଲେ କୁମର-ତରଣୀସେନା କହେ, କେହିକି ମରବିଶ୍ୱେ-କୌଣସି ବ୍ୟକ୍ତି ମର୍ତ୍ତ୍ୟ ପୁରରେ ଜନ୍ମି ଅମର (ହେବ,ନମରି ରହିବକି)ବାଟୁଆ ପରିବାଟକୁ ଧରି-ପଥିକ ତୁଲ୍ୟ ପଥକୁ ଧରି, ହାଟକୁ ସାରି-ଏଭବ ସଂସାର ଖେଳା, ନୀଳା ହାଟ ସାରି ଯିବ । ୧୩: ବିଚାରି ଭାଷ-ବିବେଚନା କରି କହ, ରାଜା ଆଦେଶ-ନୃପ ଆଜ୍ଞା, ପାଳିଲେ ଯଶ ସର୍ବ-ରଖିବଲେ ସୁଖ୍ୟାତି ସବୁ, ବୀରେ ବନ୍ଦନ-ଯୋଦ୍ଧାମାନଙ୍କ ପୂଜନୀୟହୋଇ, ବନେଯିବା-ଅରଣ୍ୟେ ଯିବା, କେଶନ-କିପରି ହେବ(ଭଲ ହେବନାହିଁ) । ୧୪: ବଚନମାନ-କହିବା କଥାକୁ, ମାନିଲେ ଧନ-ପାଳିଲେ ସୁତ ମୃତକି ଆନ ହେବ, ମରଣ ନହେବକି ? ବହନ-ଶୀଘ୍ର, ହେଜି-ସ୍ମରଣ କରି, ମାୟାକୁ -ମମତ୍ୱକୁ, ତେଜି-ତ୍ୟାଗକରି, ସଜାଇ ଆଜି ଦେବ-ବୀରବେଶରେ ଅଳଙ୍କୃତ କରାଇ ଦିଅ । ୧୫: ବିବେକୀଗଣ-ସାମ୍ୟକ ବିବେଚନା କରିପାରୁଥିବା ବ୍ୟକ୍ତି, ଯେଉଁଚରଣ-ଯାରପଦ, ଭଜନ୍ତି-ଜପକରନ୍ତି, ଏଣଦୁଃଖ-ମୃଗକଷ୍ଟ, ବାରଣ ଯେକଲେ-ଦୂରକଲେଯିଏ, ରଣେମୁଁଗଲେ-ମୁଁ ଯୁଦ୍ଧକୁ ଗଲେ(ଏବଂ ମଲେ), ତରୀସେ ଭଲେ-ନୌକା ସେ ଏଭବସଂସାରରୁ ଉଦ୍ଧାର କରିବା ପାଇଁ ନାବ, ମୋକ୍ଷ-ମୁକ୍ତି ମିଳିବ, । ୧୬: ବଶିଷ୍ଠଆଦି-ସିଦ୍ଧତପା ଯତୀମୁନି, ଯେ ପାଦବନ୍ଦି-ଯେଉଁ ଚରଣକୁ ପ୍ରଣାମ ଜଣାନ୍ତି, କୁ କର୍ମ-ମନ୍ଦ କାର୍ଯ୍ୟ, ନିନ୍ଦିବଶ୍ୟ-କୁତ୍ସାରଚନା କରି ଅଧୀନ, ବିରସେ ପୁର-ବିରକ୍ତିରେଘର, ତେଜି ପିଅର-ତ୍ୟାଗ କରି ପିତା ବିଭୀଷଣ, ଯାଇ ଯାହାର ଦାସ-ଗମନ କରି ଯାହାରଭୃତ୍ୟ, ବିଚାରି-ବିବେଚନା କରି, ଦାସ ପୁତ୍ରକୁ ନାଶ-ସେବାକାରୀର ପୁତ୍ରକୁ ମାଇଲେ, ଦାଶରଥି-ଦଶରଥଙ୍କ ପୁତ୍ର ରାମଚନ୍ଦ୍ର,ବଢ଼ିବ ହର୍ଷ-ଆନନ୍ଦ ବୃଦ୍ଧିରେ, ନୁହ ବିରସ-ମନମ୍ଳାନ କରନାହିଁ, ଘୋଷିବ ଯଶ-ସୁଖ୍ୟାତି ଘୋଷଣା ହୋଇବ, ପୃଥ୍ୱୀରେ-ପୃଥିବୀରେ । ୧୮ :ବୀରତରଣୀ-ଯୋଧା ଯାଇ ତରୁଣୀ-ନବ ଯୁବତୀ (ସ୍ତ୍ରୀ), ପାଶରେ ପୁଣି ଭାଷେ-ପାଖରେ ଆଉଥରେ କହେ, ବାଜିରେ- ପଣରେ, ଆଜି-ଅଦ୍ୟ ଯାଉଛି,ରାଜୀବ ମୁଖୀ, ରେ ପଦ୍ମନୟନା ଯୁଦ୍ଧକୁ ଯାଉଛି, ସାଜି ଅଶ୍ୱେ-ଘୋଡାକୁ ସଜ୍ଜିତ କରି । ୧୯: ବସି ସୁକେଶୀ-ଉପ ବେଶନକରି ରେ ଶ୍ରେଷ୍ଠ କୁନ୍ତଳ ଧାରି, ରତନ ବେଶି(ରତ୍ନ), ମଣି,ମୁକ୍ତା,ସ୍ୱର୍ଣ୍ଣରେ ବେଶ, ଯତନେ-ଆଗ୍ରହରେ, ଖୁସିହୁଅ-ଆନନ୍ଦ ହୁଅ, ବରପ୍ରାପ୍ତିରେ-ଆଶୀର୍ବାଦ ମିଳିବା ପାଇଁ, ହରଷେ-ଆନନ୍ଦେ, ଘରେ-ବାସସ୍ଥାନରେ, ହର-ଶିବ, ସେବାରେ ଥାଅ-ଅର୍ଚ୍ଚନାରେ ଲାଗ ।

Digitized by PPRACHIN, SOA

ବର, ତମାନ, ବରତ ମାନ'-ମୋ କଥା ମାନ ନାଥ,
ବାରଣେ ହରି, ଦାରଣ ପରି-ସେ ବାଣେ' କରିବେତ । ।୨୦।

ବାସ ବଜିତ, ନାଶ ଚରିତ-ବାସରେ ଚିନ୍ତ ଦେବ,
ବାଳୀ ବରଜି, ସମରେ ଆଜି, ଚଳିଲେ ପାଜି ହେବ ।।୨୧।

ବିଷମରଣ, ଘଟ ଶ୍ରବଣ, ସମର ବାଣ ଜାଣ,
ବିଷ ସଦୃଶ, ଶ୍ରୀରାମ ହଂସ, କରିଲେ ନାଶ, ପୁଣ ।।୨୨।

ବିଶେଷି ଭାବି, କରୁଛି ଦାବି, କେହ୍ନେ ଛାଡ଼ିବି ରଣେ,
ବୀର ତରୁଣୀ, ହୋଇତୁ' ପୁଣି, କହୁ ଏ'ବାଣୀ ଟାଣେ ।।୨୩।

ବିକାଳେ କାଳ, ହେଲେ ବିକାଳ-କାଳ ଯେ କାଳ ଫାଶୀ
ବନ୍ଧନେ ଧରି, ବନ୍ଧନ କରି-ନେବ ଘୋଷାରି' ଆସି ।।୨୪।

ବୃଥା ଶୋଚନା, ରେ' ସୁଲୋଚନା-ନେତ୍ରୁ ମୁଞ୍ଚନା ଲୁହ,
ବୀର ମୁକତି, ସମରେ ସତି-ନାଶିଲେ ଯତୀ ଦେହ ।।୨୫।

ବାରତ ପ୍ରିୟ, ସହୀ ଅପ୍ରିୟ, ନୁହେ ଏ ଥୟ କଥା,
ବୃଥା ବନ୍ଧନ, ଏ ମାୟାଧନ, ଗଲେ ଜୀବନ ବୃଥା ।।୨୬।

ବୋଧି ବାଳୀକି, ପିନ୍ଧି ମାଳିକୀ, ନାମା ବଳୀକି ବାନ୍ଧି,
ବଢ଼ାଇ ଦୈତ୍ୟ, ରଥୀ ମାହୁନ୍ତ, ଶର ବହୁତ ରୁନ୍ଧି । ।୨୭।

ବିଲୋକି ବାଳୀ, ନନ୍ଦନ ଭାଳି, ସଇନ ଚାଳି ପଥ,
ବିରୋଧୁ ବରେ ତରଣୀ ଶରେ' କରିଲା ଖରେ ତ୍ରସ୍ତ । ।୨୮।

ବାତ ନନ୍ଦନ, ବୃକ୍ଷ ପାଷାଣ, ଧରିଣ ରଣ କଲା
ବିଶ୍ରବା ସୁତ, ସୁତ ପ୍ରେରିତ ବାଣେ ଅଚେତ ହେଲା ।।୨୯।

ଟୀକା:୨୦: ବରତ-ତୁମେ ବର (ସ୍ୱାମୀ), ନାଥ-ପ୍ରଭୁ, ବାରଣେ ହରି-ହସ୍ତିକୁ ସିଂହ, ଦାରଣ-ବିଦାରଣ, ପରି-କଲାପରି । ୨୧: ବାସବ ଜିତ-ଇନ୍ଦ୍ରଜିତ, ନାଶ ଚରିତ-ହତ କଥା, ବାସରେ ଚିନ୍ତ-ଗୃହରେ ଚିନ୍ତାକର, ଦେବ-ସ୍ୱାମି (ଦେବତା), ବାଳୀ-ସ୍ତ୍ରୀ, । ୨୨: ବିଷମ-ଦାରୁଣ, ଘଟଶ୍ରବଣ-କୁମ୍ଭକର୍ଣ୍ଣ, ସମର-ରଣ, ବାଣ-ସର, ପଦ୍ମନାଡ ସମ-ଶ୍ରୀରାମ ହଂସ(ହଂସ ପଦ୍ମ ନାଡକୁ ଖଣ୍ଡ କଲା ପରି ଶ୍ରୀରାମ ଖଣ୍ଡ ଖଣ୍ଡ କରି କାଟି ପକାଇଲେ । ୨୩: ବିଶେଷ ଭାବି-ବହୁତ ଚିନ୍ତାକରି, କେହ୍ନେ-କିପରି, ଛାଡିବି ରଣେ-ତ୍ୟାଗ କରିବି ଯୁଦ୍ଧକୁ, ତରୁଣୀ-ସ୍ତ୍ରୀ, କହୁ ଏ ବାଣୀ ଟାଣେ-ଏକଥା ଟାଣରେ କହୁଛୁ, ୨୪: ବିକାଳେ କାଳ-ଅକାଳ ସମୟେ, ହେଲେ ବିକାଳ-ଯମ, କାଳ-ମୃତ୍ୟୁ, କାଳଫାଶୀ-ଉଦ୍‌ବନ୍ଧନେ ଗଳାରେ ଫାଶୀ ଦେଇ । ୨୫: ସୁଲୋଚନା-ସୁନ୍ଦର ନୟନା, ନେତ୍ରୁ-ଆଖିରୁ, ମଞ୍ଚନା-ତ୍ୟାଗ କରନା, ଲୁହ-ଅଶ୍ରୁ, ବୀରେ ମୁକତି-ଯୋଦ୍ଧାର ମୁକ୍ତି, ସମରେ-ରଣରେ, ସତୀ-ସାଧ୍ୱୀ-ନାଶିଲେ ଯତୀଦେହ-ରାମ ଶରୀର ଧ୍ୱଂସ କଲେ । ୨୬: ବାରତ ପ୍ରିୟ-ବୁଝରେ ପ୍ରିୟା, ସହି ଅପ୍ରିୟ-ସଖୀ ଅସୁଖ, ଏମାୟାଧନ-ମୋହ'ସ୍ଥାବର ଅସ୍ଥାବର ସମ୍ପତ୍ତି, ଗଲେ ଜୀବନ ବୃଥା, ପ୍ରାଣ ଗଲେ ଅକାରଣ ।୨୭:ବୋଧି ବାଳୀକି-ସ୍ତ୍ରୀକୁ ପ୍ରବୋଧନା ଦେଇ, ପିନ୍ଧି ମାଳିକି-ପୂଜାଅର୍ଚ୍ଚନା ଜପାମାଳିକୁ ଗଳାରେ ପକାଇ । ନାମା ବଳିକି ବାନ୍ଧି ରାମ ନାମ ଛପା ଯାଇଥିବା ବସ୍ତ୍ରକୁ ଧାରଣ କରି, ବଢ଼ାଇ ଦୈତ୍ୟ-ସେନା ଚଳାଇ , ରଥି ମାହୁନ୍ତ-ରଥୀ ରୋହୀ'ପତ୍ତୀ ଚାଳକ, ଶର ବହୁତ ରୁନ୍ଧି-ଅପର୍ଯ୍ୟାପ୍ତ ବାଣ ଧରି । ୨୮: ବିଲୋକି-ଦେଖି, ବାଳୀ-କିଷ୍କିନ୍ଧ୍ୟା ପତି, ନନ୍ଦନ, ପୁତ୍ର (ଅଙ୍ଗଦ), ଭାଳି-ବିଚାର କରି ସଇନ-ସେନା, ଚାଳି ପଥ-ପରିଚାଳନା କରି ରାସ୍ତା, ବରୋଧ-ଅବରୋଧ କରୁ, ବରେ-ଗୁରୁମୁଖରୁ ପାଇଥିବା ମନ୍ତ୍ର, ତରଣୀ-ତରଣୀ ସେନ, ଶରରେ-ବାଣରେ, କରିଲା ଖରେ ତ୍ରସ୍ତ-ଶୀଘ୍ର ଚକିତ କଲା, ୨୯: ବାତ ନନ୍ଦନ-ପବନ ସୁତ ହନୁମାନ, ବୃକ୍ଷ ପାଷାଣ-ଗଛ ପଥର, ଧରି ରଣ କଲା-ଧରି ସମର କଲା, ବିଶ୍ରବାସୁତ'ସୁତ-ବିଶ୍ରବା ସୁତ ବିଭୀଷଣ ସୁତ ତରଣୀ ସେନ, ପ୍ରେରିତ ବାଣୀ-ପେଷିବା ସରେ, ଅଚେତ ହେବା-ଚୈତନ୍ୟ ହାରି ପଡିଲା ।

Digitized by PPRACHIN, SOA

ତରଣୀସେନ ବଧ

Digitized by PPRACHIN, SOA

ବିଲୋକି ବାଣ, ବିକ୍ଷୁ ତତ୍‌କ୍ଷଣ, ଲକ୍ଷ୍ମଣ ରଣ ଜୟେ,

ବିରାଧାରିଙ୍କି, ସୁମରେ ଶଙ୍କି, ତରଣୀ ତର୍କି ଲୟେ । ।୩୦।

ବିରାଧ ପର, ବିଜୟୀ ବୀର, ବିଜୟ କର ହୃଦେ,

ବୈକୁଣ୍ଠ ପତି, ବୈକୁଣ୍ଠେ ମତି, ରଖିଣ ଏଥି ବାଦେ ।।୩୧।

ବାରିଦା କୃତି ବିଗ୍ରହ କାନ୍ତି’- କି’ ଝଟକନ୍ତି ଆଙ୍ଗେ,

ବହିଲେ ଗର, ହେବାକୁ ହର, ତୁଳ ସେ’ ନୀଳକଣ୍ଠେ ।।୩୨।

ବସୁଧା ସୁତା, ପତି ହେ ମାତା, ଜନକ କଥା ପାଳି

ବିଶ୍ୱ ଉଦ୍ଧାରେ କନକ ପୁରେ ରକ୍ଷ ସଙ୍ଗରେ କଳି । ।୩୩।

ବୀର ହେ ଶୀଳ, ଅତି କୋମଳ, ଦେହ ଶ୍ୟାମଳ ବନ୍ତ,

ବସି ଜଳପି, ଜଳପି ତପୀ-ପ୍ରସନ୍ନ କପି ଭକ୍ତ । ।୩୪।

ବସି ଏସ୍ତବ, ଭୂ’ ଜାବାନ୍ଧବ, ହରଷେ ଲବଶୁଣି,

ବୋଇଲେ ଭକ୍ତ, ମଧ୍ୟରେ ଶକ୍ତ, ବର ମାଗତ’ ପୁଣି ।।୩୫।

ବୀର ତରଣୀ, ଭାଷେ ତରଣି-ବଂଶୀ ମୁଁ ପୁଣି ପାପୀ,

ବିହିବ ଶର, ଛେଦିବ ଶିର-ହୋଇଣ ବୀର କୋପୀ ।।୩୬।

ବିଭାବ ବସୁ, ସେ ବିଭାବସୁ-ବଂଶୀ ବି’ ଭାଷୁ ମତି,

ବିହ୍ୱଳେ ଗଲା, ସମର କଲା-ଦେଖା ନଥିଲା କ୍ଷିତି ।।୩୭।

ଟୀକା: ୩୦: ବିଲୋକି-ଦେଖି, ବାଣ-ଶର, ବିକ୍ଷୁ-ନିକ୍ଷେପୁ, ତକ୍ଷଣ-ହଠାତ୍, ଶଙ୍କି-ଭୟରେ, ତରଣୀ-ତରଣୀ ସେନ, ତର୍କି ଲୟେ-ସତର୍କେ, ୩୧: ବିରାଧପର-ବିରାଧବଧକାରି ରାମ, ବୈକୁଣ୍ଠ ପତି-ସ୍ୱର୍ଗନାୟକ, ବୈକୁଣ୍ଠେ ମତି-ବୈକୁଣ୍ଠ ପୁରକୁ ଯିବାକୁ ଇଚ୍ଛା, ରଖିଣ ଏଥି ବାଦେ-ଏ ଯୁଦ୍ଧକୁ ଆସିଛି । ୩୨: ବାରିଦାକୃତି-ମେଘଆକୃତି (ବର୍ଣ୍ଣ) ବିଗ୍ରହକାନ୍ତି-ଦେହବର୍ଣ୍ଣ, କି ଝଟକନ୍ତି ଆଙ୍ଗେ-କି ଶୋଭା ଦିଶନ୍ତି, ବହିଲେ ଗର-ବିଷ ଧାରଣ କଲେ, ହେବାକୁ ହର ତୁଳ-ସମାନ ହେବାକୁ ନୀଳକଣ୍ଠ ହୋଇପାରିଲେ ନାହିଁ କଣ୍ଠଟି କେବଳ ନେଳି ହେବାର ସାର୍ଥକ ହେବା । ୩୩: ବସୁଧା ସୁତା ପତି-ସ୍ୱାମୀ ରାମ, ହେ ମାତା ଜନକ କଥା-କୈକେୟୀ ଦଶରଥଙ୍କ କଥା ରଖି, ବିଶ୍ୱ-ବ୍ରହ୍ମାଣ୍ଡ , ଉଦ୍ଧାରେ-ମୁକ୍ତିରେ, କନକ ପୁରେ-ସୁବର୍ଣ୍ଣ ଲଙ୍କାରେ, ରକ୍ଷ ସଙ୍ଗରେ କଳି-ଅସୁର ମାନଙ୍କ ସଙ୍ଗରେ ଯୁଦ୍ଧ । ୩୪: ବୀରହେଶୀଳ-ହେ ଭଦ୍ର ଯୋଦ୍ଧା, ଅତି କୋମଳ-ବଡ ମନୋହର, ଦେହ ଶ୍ୟାମଳ-ନୀଳ ବର୍ଣ୍ଣ ଶରୀର, ବସି ଜଳପି ଜଳପି-ଜପି ଜପି, ପ୍ରସନ୍ନ-ସନ୍ତୁଷ୍ଟରୁ, କପୀ-ମର୍କଟେ । ୩୫: ଭୂ ଜା-ଭୂମି କନ୍ୟା ସୀତା, ବାନ୍ଧବ-ରାମ ହରଷେ, ଆହ୍ଲାଦେ, ଲବେ-ନିମିଷେ । ୩୬: ତରଣି ବଂଶୀ-ସୂର୍ଯ୍ୟବଂଶୀ, ବିହିବଶର-ମାରିବ ବାଣ । ୩୭: ବିଭାବ-ପରିଚୟ, ବସୁ-ବିଶେଷ, ସେ ବିଭାବସୁ-ସୂର୍ଯ୍ୟ, ବଂଶୀ-ରାମ,ବି- ବିପରିତ, ଭାଷୁ-ଉକ୍ତିରେ, ମତି-ମନଃ, ବିହ୍ୱଳେଗଲା-ଶୋକଭୟାଦି ଦ୍ୱାରା ଅଭିଭୂତ ହୋଇ ଯାଇ, ଦେଖାନଥିଲା କ୍ଷିତି-ସେପରି ଯୋଦ୍ଧା ପୃଥିବୀରେ ଦେଖା ନଥିଲା ।

Digitized by PPRACHIN, SOA

ତରଣୀ ସେନ ବଧ

ବିରାଧ ଅରି କହିଲେ ବାରି-ବାସବ ଐରି ବତ,
ବଳୀଏ କିଏ' ଚିହ୍ନି ନ ହୁଏ, ସନ୍ଦେହ ହୁଏ ଜା ତ ।୩୮।
ବ୍ରହ୍ମୋ ପବୀତ ବକ୍ଷେ ଶୋଭିତ, ମୋ ନାମରେ ତ' ତାର,
ବଡ଼ ଶରଧା ଦେଉଛି ବାଧା-ନ ଯାଏ' ସିଧା ଶ ର ।୩୯।
ବାହୁକୁ ଟେକି, ଫୁତ୍କାରେ ଡାକି, ଦୂରୁ ଗର୍ଜେକି' ଫଣୀ,
ବିଲୋକି ତହିଁ, ବୋଲନ୍ତି ରହି- ସେ ରୋମା ସାଇଁ ବା ଣୀ ।୪୦।
ବୀର ଏ ସାନ, ନୁହଇ ମାନ, ଅନୁ ସନ୍ଧାନ ଆସେ,
ବିଭୀଷଣଙ୍କୁ, ଡ଼ାକି ରଣକୁ-ଆଣ' ଅଛନ୍ତି ବା ସେ ।୪୧।
ବ୍ରହ୍ମ ବିଚାର କଲେ ଏ'ବୀର ବ୍ରହ୍ମଙ୍କ ପରି ଜନ,
ବ୍ରହ୍ମ ଆୟୁଧ, ପେକ୍ଷୁ ଏ ବିଦ୍ଧ, ହୋଇବ ସିଦ୍ଧ ମ ନା ।୪୨।
ବସାଇ ଗୁଣେ, ବାଣ ଯତନେ, ବୋଲନ୍ତି ମନେ ଯିବ,
ବଡ଼ ଏ ବୀର, ଭକ୍ତ ମୋହର, ଉଦ୍ଧାର କରାଇ ବ ।୪୩।
ବୋଲୁ ସେ ଶରେ ଗଳି ବକ୍ଷରେ କଲା ପ୍ରଖରେ ବୋଧ,
ବିବୁଧେ ଘେନ, ତରଣୀ ସେନ, ବଧ ନିପୁଣ ସା ଧ ।୪୪।

୩୮: ବିରାଧ ଅରି-ବିରାଧ୍ଯୁଧ ଶତ୍ରୁ ରାମ, କହିଲେ ବାରି-ବୋଇଲେ ତହିଁ, ବାସବ-ଇନ୍ଦ୍ର, ଐରି-ଶତ୍ରୁ, ବତ-ପରି, ବଳୀଏ-ଏବଳୀ, ୪୯: ବ୍ରହ୍ମ ପୋବିତ-ବ୍ରହ୍ମ ଉପବିତ(ପଇତା), ଶୋଭିତ-ଭୂଷିତ । ୪୦: ଫଣୀ-ସର୍ପ ପରି । ୪୧: ମାନ-ସମ୍ମାନସ୍ବବ, ୪୨: ବ୍ରହ୍ମ ବିଚାର କରି -ରାମଚନ୍ଦ୍ର ସ୍ଥିର କଲେ, ଏବୀର-ଏ ଯୋଦ୍ଧା, ବ୍ରହ୍ମଙ୍କ ପରି-ବ୍ରହ୍ମାଙ୍କ ତୁଲ୍ୟ, ଜନ-ଜନଲୋକ, ବ୍ରହ୍ମ ଆୟୁଧ-ବ୍ରହ୍ମଶର, ଏ ବିଦ୍ଧ-ବଧ, ହୋଇବ ସିଦ୍ଧ ମନ-କାମନା ପୂର୍ଣ୍ଣ ହେବ । ୪୪: ବିବୁଧେ-ପଣ୍ଡିତେ, ତରଣୀ ସେନ ବଧ ନିପୁଣେ ସାଧ-ଅଠତିରିଶ ପଦରୁ ପ୍ରାନ୍ତ ଅକ୍ଷର ଦେଖି ଆସ ତରଣୀ ସେନ ବଧ ସାଧନା କରାଯାଇ ଅଛି ।

ଆଦି, ଅନାଦି, ନିର୍ଗୁଣ, ସଗୁଣ, ଆତ୍ମା, ପରାମାତ୍ମା, ପରା, ଅପରା, ପ୍ରକୃତି, ପୁରୁଷ, ତ୍ରିଗୁଣ, ତ୍ରିତାପ, ସିଦ୍ଧି, ଅସିଦ୍ଧି, ସ୍ଥିର, ଅସ୍ଥିର, ମଜ୍ଜାଗତପ୍ରାଣ, ଅସ୍ଥିଗତପ୍ରାଣ, ମାଂସଗତପ୍ରାଣ, ଚର୍ମଗତପ୍ରାଣ, ପତ୍ର, ପୁଷ୍ପ,ଜଳ, ଫଳ, ଆଦି, ରାମାୟଣେ, ଭଜନ, କୀର୍ତ୍ତନ, ନଭଧାଭକ୍ତି, ଶବ୍ଦଅର୍ଥ, ସନ୍ନିବିଷ୍ଟ, ସହିତ ।

Digitized by PPRACHIN, SOA

ମହୀରାବଣ ଯୁଦ୍ଧକୁ ଅଣାଇବା ପାଇଁ ଅମରଙ୍କ କୁମନ୍ତ୍ରଣା

(ରାଗ-ମଙ୍ଗଳ)ପଦର ଆଦ୍ୟ ବର୍ଣ୍ଣ ଶୃଙ୍ଖଳା

ଛାନ୍ଦ - ୪୪

କହିବା ଯେଉଁ ରାମଙ୍କ କୀର୍ତ୍ତି ମହୋତ୍ସବ, **କ**ହି ଲିହି, ନ ପାରନ୍ତି, ବକ୍ତା କବି ସର୍ବ । ।୧।
ଚିତ୍ତ ନିବେଶି ସେ' ଚରିତକୁ ଶୁଣ ବୁଧେ, **ଚି**ରନ୍ତନ କଥା ଚିନ୍ତା କର ମନ ମଧେ । ।୨।
ଆଦି ,ଅନାଦି ସେ କାର୍ଯ୍ୟେ ନିର୍ଗୁଣ,ସଗୁଣ, **ଆ**ତ୍ମା ରାମ ସନାତନ ସର୍ବଗୁଣେ ପୂର୍ଣ୍ଣ । ।୩।
ଉତ୍ପତ୍ତି,ପାଳନ ଅନ୍ତ କାରଣଟି ସେହି, **ଉ**କ୍ରୋଚ ନ ଦିଏ ତାଙ୍କ ଦରଶନେ କେହି । ।୪।
ଅଷ୍ଟ ପ୍ରକୃତି ସେ ଭୂମି,ଜଳ,ବୈଶ୍ୱାନର, **ଅ**ନିଳ,ଆକାଶ,ବୁଦ୍ଧି,ମନ ଅହଂକାର । ।୫।
ଅପରାରେ ପରାମିଶ୍ରୁ ଜୀବଙ୍କର ସୃଷ୍ଟି, **ଅ**ନ୍ତିମ ପ୍ରଳୟେ ଅନ୍ତେ ରଖନ୍ତି ସମଷ୍ଟି । ।୬।
ସେହି ଅପରା,ପରାଟି, ପ୍ରକୃତି,ପୁରୁଷ, **ସେ**, ସତ୍ତ୍ୱ, ରଜ, ତମ ଯେ ତ୍ରିଗୁଣେ ପ୍ରକାଶ । ।୭।
ଆଧ୍ୟାତ୍ମିକ ଆଦି ଦୈବିକ ଆଧି ଭୌତିକ, **ଆ**ତ୍ମଜ୍ଞାନ ଦୀପ ଜାଳି ଦେଖ ହେ' ସେ ତକ ।।୮।
ଯଜ୍ଞପାଇଁ ଧନ ତପେ କଷ୍ଟ ସୀଉକାର, **ଯ**ଥାର୍ଥ ତାରକ ନାମ ସେ ତୁଣ୍ଡରେ ଧର । ।୯।
ଆଗ ନିଷ୍ଠା ପଛେ ଭକ୍ତି, ଭକ୍ତି, ରୁ୍ଚି, ଭାବ **ଆଗ**ମ ଭାବରୁ ମହାଭାବ, ହୁଏ ସ୍ରାବ । ।୧୦।
ମହା ଭାବରୁ ପ୍ରେମର ସମ୍ଭବ ସର୍ବଦା, **ମହା** ପ୍ରେମ ନାମତତ୍ତ୍ୱେ ମନ ରଖ ସଦା । ।୧୧।
ଯମ,ନିୟମ,ଆସନ, ପ୍ରାଣାୟାମ ଆଦି, **ଯକ୍ଷ**କାରି,ପ୍ରତ୍ୟାହାର ଧାରଣାକୁ ସାଧି । ।୧୨।
ଧ୍ୟାନ,ସମାଧିରେ ସିଦ୍ଧି କଷ୍ଟେ ଲାଭ କରେ, **ଧ୍ୟାନ**ରେ ଅସ୍ଥିର ଚିତ୍ତେ ସିଦ୍ଧି ନୁହେଁ ନରେ ।୧୩।
ମଜ୍ଜାଗତେ ସତ୍ୟଯୁଗେ ପ୍ରାଣ ଥିଲେ ଯେଣୁ, **ମଜ୍ଜି** ଧ୍ୟାନେ ତରିଜ୍ଞାନେ କେତେ ଗଲେ ତେଣୁ ।୧୪।
ଅସ୍ଥିଗତ ପ୍ରାଣ, ତ୍ରେତୟାରେ ଯଜ୍ଞ କରି, **ଅସ୍ଥି**ର ନ ହୋଇ, ସ୍ଥିରେ, ତରିଲେ ଆହୁରି । ।୧୫।
ମାଂସ ଗତ ପ୍ରାଣ, ଦ୍ୱାପର ଯୁଗର ଲୋକ, **ମାଂସ**,ମଦ, ସେବା ଛାଡ଼ି ତରିଲେ ଅନେକ । ।୧୬।
କଳିଯୁଗେ, ଚର୍ମଗତ, ପ୍ରାଣ ହେତୁ ଜନ, **କଳି**, ନିଜଶକ୍ତି ଭକ୍ତିରେ କରେ ଭଜନ । ।୧୭।

ନବଧା ଭକ୍ତି

ନବଧା ଭକ୍ତିରେ ତାହା ବିଭାଗୀ କରଣ, **ନବ**ଦିନ ଏଣୁ, ରାମାୟଣ ପାରାୟଣ । ।୧୮।
ଆଦ୍ୟରେ **ଶ୍ରବଣ** ଭକ୍ତି ପାର୍ବତୀ ତରନ୍ତି, **ଆ**ତ୍ମଜ୍ଞାନେ ତା **କୀର୍ତ୍ତନ** କଲେ ପଶୁପତି । ।୧୯।
ତୃତୀୟେ ସ୍ମରିଲେ ସୂରେ ରାବଣର ଦଣ୍ଡେ, **ତୁରି**ତେ **ଅର୍ଚ୍ଚନା** ଘେନି ଉଭା ଯାଗକୁଣ୍ଡେ । ।୨୦।
ପଞ୍ଚମେ **ସେବନ** କଲା ସେ ଧୀବର ନାବେ, **ପଞ୍ଚ**ଭୂତ ଦେହଛାଡ଼ି ସ୍ୱର୍ଗେ ଗଲା ଭାବେ । ।୨୧।
ବନ୍ଦିଲେ ଷଷ୍ଠେ ଜାନକୀ ବନେ ରାମ ନେଲେ,**ବନ**ରେ **ପରିଚାରକ** ଗୁହକ ହୋଇଲେ ।।୨୨।
ଜାନକୀ ଉଦ୍ଧାରେ **ବନ୍ଧୁ** ସୁଗ୍ରୀବ ରାଜନ, **ଜାତ୍ୱ** ବିଭୀଷଣ କଲା **ଆତ୍ମ ନିବେଦନ** । ।୨୩।
ଭକ୍ତିରେ ଯେ ପତ୍ର,ପୁଷ୍ପ,ଫଳ ଜଳ ଦିଏ, **ଭକ୍ଷ**ଣ କରନ୍ତି ପ୍ରଭୁ ବିନାଶ ନହୁଏ । ।୨୪।

Digitized by PPRACHIN, SOA

ଇନ୍ଦ୍ରିୟ ସୁଖ କାମନା ମାୟା ମନେ ରଖି, **ଈଶ୍ୱ**ରେ ଛଳନା କରି ସୁଧୀବର୍ଗେ ଠକି । ।୨୫।
ଶତଧା ଅନ୍ତରେ କେବେ ସାଧିଲେ କେ' ଜ୍ଞାନ, **ଶଢ଼** ତୁଲ୍ୟ ହରି ତାହା କରନ୍ତି ହରଣ । ।୨୬।
ସଦା ସର୍ବଦା ଯେ ଜନ ମନ କଳୁଷିତ, **ସଦା** ସେ ଭଣ୍ଡ ସନ୍ୟାସୀ ଭାବେ ପ୍ରମାଣିତ । ।୨୭।
ଭାବରେ ଡ଼ାକିଲେ ଭାବଗ୍ରାହୀ ଦେବେ ଦେଖା, **ଭାବ**ନା ବିନା ଯେ ବେଦ, ବେଦାଙ୍ଗ ଅଲେଖା ।।୨୮।
ଲୁବ୍ଧକ ତାରକ ବ୍ରହ୍ମ ରାମ ନାମ ସାର, **ଲୁଟା**ଇ ପାରନ୍ତି ପାଦେ ସେ ମୁକ୍ତି ଭଣ୍ଡାର ।।୨୯।
କୈଳାସ ଶିଖରେ ପୁଚ୍ଛୁ ଈଶ୍ୱରୀ ଈଶ୍ୱର, **କହି**ଲେ ମୋହିଲେ ଚିନ୍ତି ସେ ଜାନକୀ ବର । ।୩୦।
ତରଣୀ ହତ ଚରିତ ନୃପ ଆଗେ ଦୂତ, **ତର**ବରେ କହୁ ଶୁଣି ସେ ନିକଷା ସୁତ । ।୩୧।
ବାହୁନି ବହୁନି ରୋଦେ, ଆହାରେ ତରଣୀ, **ବାହା**ସ୍ଫୋଟ ମାରିରଣେ ଯାଇ କଲୁ ରଣୀ । ।୩୨।
ରୋଦନ ଶୁଣି ବୋଧନ୍ତି, ସେ ଶୁକ ସାରଣ, **ରୋଦନ** ନ କର ଏହି କାଳେ' ସୁର ଗଣ ।।୩୩।
ମହର୍ଲୋକେ ବସି ଆଲୋଚନା ଯେ କରନ୍ତି, **ମହୀ** ରାବଣ ଯେ, ଇନ୍ଦ୍ରଜିତର ସନ୍ତତି । ।୩୪।
ମହୀତଳେ ରକ୍ଷମେଳେ ସୁଖରେ ରହିଲା, **ମୟ** ଜାମାତା ତାହାକୁ ରଣେ ନ କହିଲା । ।୩୫।
ଦୈତ୍ୟ ଅନ୍ତେ କାଳ ସ୍ରୋତେ ସେ କୁଳ ବଢ଼ାଇ, **ଦୈବା**ତେ ବି ମାଗିପାରେ ଅମରେ ଲଢ଼ାଇ ।୩୬।
କରାନ୍ତୁ ଉପାୟ ଯାଇ ଦେବର୍ଷି ନାରଦ, **କରି**ବାକୁ ଆସୁ ସେହି ରାମ ସଙ୍ଗେ ବାଦ ।।୩୭।
କର ଅବଧାନ ବୁଧେ ଆନ ପ୍ରସଙ୍ଗକୁ, **କହ**ନ୍ତି ଦେବର୍ଷି ଯାଇ ତହିଁ ରାବଣକୁ । ।୩୮।
କାହିଁ ପାଇଁ ଲଙ୍କ ସାଇଁ ବିରସ ବଦନ, **କହ** ପ୍ରତିକାର ଦେବା ତୋଷ ହେବ ମନ ।।୩୯।
କାଲି ରଣେ ଯିବା ପାଇଁ ରଥୀ ନାହିଁ କରେ, **କାଳ** ପ୍ରାପ୍ତ ହେଲା ଆଜି, ତରଣୀ ସମରେ । ।୪୦।
ବୋଲନ୍ତି ନାରଦ ଅଧୋ ଭୁବନର ରାଜା, **ବାଳି** ପରି ବଳୀ ବୋଲି ସ୍ୱର୍ଗେ ବାଜେ ବାଜା ।।୪୧।
ଡ଼କାଅ ତାହାକୁ କାଲି ରଣେ ଯିବା ପାଇଁ, **ଡ଼ରେ** ନାହିଁ ମୋତେ ସେହି କହେ ଲଙ୍କସାଇଁ ।।୪୨।
ବାପ ଆଗୁ ନୃପ ହେବ ଇଛା କରୁ ଥରେ, **ବାଦ** ବିନା ପାତାଳରେ ନୃପ କଲି ଡ଼ରେ ।।୪୩।
ଦୀପ୍ତିରୁ ମହୀରେ ରାବଣ ମୋ ନାମ ଥିଲା, **ଦ୍ୱିତୀ**ୟ ମହୀରାବଣ ସେହି ବୋଲାଇଲା । ।୪୪।
ତଥାପି ତୁମ୍ଭ ଆଦେଶେ ପଠାଇବି ଚାର, **ତତ୍**ପର ପାଇଁ ସେ ତୁମ୍ଭେ' କର ପ୍ରତିକାର । ।୪୫।
ବିଦ୍ୟୁମୁଖା ନାମେ ଚାର ରାଇଣ ପେଶିଲା, **ବିଳ**ମ୍ୱନକରି ତିଳେ ସେ ଯାଇ ଭାଷିଲା । ।୪୬।
ମହାବୀର ମହୀ ରାବଣ ହେ, ଶ୍ରୁତିପାତ, **ମହା** ଦଶା ହେତୁ ଡ଼ାକିଛନ୍ତି ଲଙ୍କନାଥ । ।୪୭।
ମଲେ ତୁମ୍ଭ ତାତ ଆଗ ଲକ୍ଷ୍ମଣ ହସ୍ତରେ, **ମଲେ** ତରଣୀ ନୃପତି ଅଛନ୍ତି ବ୍ୟସ୍ତରେ । ।୪୮।
ତାହା ଶୁଣି ବୀରମଣି ବାହାର ହୋଇଲା, **ତାହା**କୁ ଦେଖନ୍ତେ ମନ୍ଦୋଦରୀ ଯେ ବୋଇଲା।।୪୯।
ଅକ୍ଷୟ ହୋଇଲା କ୍ଷୟ ସହି ରହିଥିଲି, **ଅକ୍ଷୟ** ତୋ ପିତା କ୍ଷୟ ମୁଁ ଭାବି ନଥିଲି । ।୫୦।
କହ ବାପ ପିତାଲୋପ କଲା ଯେ ଲକ୍ଷ୍ମଣ, **କହୁ** କିପରି ତା ସଙ୍ଗେ ତୁ କରିବୁ ରଣ । ।୫୧।

୨୫:ଛଳନା-ପ୍ରତାରଣା, ସୁଧୀବର୍ଗେ-ବିଦ୍ୱାନଗଣେ, ଠକି-ପ୍ରତାରଣାକରି, ୨୬:ଶତଧା-ଶହେପ୍ରକାର, ଅନ୍ତରେ-ହୃଦୟରେ, ୨୭: ମନକଳୁସିତ-ଆବିଳମନ, ଭଣ୍ଡସନ୍ୟାସି, ତାପସବେଶଧାରୀପ୍ରତାରକ ୨୮:ଭାବରେ-ଅଭିପ୍ରାୟମର୍ମରେ, ଭାବଗ୍ରାହୀନାରାୟଣ(ରାମ)ବେଦ-ଋକ୍, ସାମ,ଯଜୁ, ଅଥର୍ବ। ବେଦାଙ୍ଗ-ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ ।୨୯: ଲୁଧକ-ବ୍ୟାଧ ବା ଲମ୍ପଟ, ତାରକ-ଉଦ୍ଧାରକ, ବ୍ରହ୍ମ-ପରମାତ୍ମାରାମ, ମୁକ୍ତି-ସଂସାରବନ୍ଧନରୁ ଉଦ୍ଧାର, ୩୦:କୈଳାସ ଶିଖରେ-କୁବେର ପର୍ବତ ଚୂଳରେ, ଈଶ୍ୱରୀ-ପାର୍ବତୀ, ଈଶ୍ୱର-ଶିବ, ଜାନକୀବର-ରାମଚନ୍ଦ୍ର, ୩୧ତରଣୀ ସେନ-ବିଭୀଷଣ ପୁତ୍ର, ନିକଷା ସୁତ-ରାବଣ, ୩୩:ରୋଦନ-କ୍ରନ୍ଦନ, ଶୁକସାରଣ-ରାଜାଙ୍କର ମନ୍ତ୍ରୀ, ସୁରଗଣ-ଦେବତାଗଣ, ମହର୍ଲୋକେ-ଚତୁର୍ଥସୋର୍ଗରେ ୩୫:ମହିତଳେ-ପୃଥିବୀତଳେ, ମୟଜାମାତା-ମୟଦୈତ୍ୟଙ୍କ ଜ୍ୱାଇଁ, ୩୬:କାଳସ୍ରୋତେ-ସମୟସ୍ରୋତରେ, କାଳପ୍ରାପ୍ତ-ମୃତ, ।୪୧: ଅଧୋଭୁବନରାଜା-ପାତାଳପୁର ରାଜା ମହୀରାବଣ, ୪୭: ମହାଦଶା-ମାରକଦଶା, ୪୮:ମଲେତୁମ୍ଭତାତ-ଇନ୍ଦ୍ରଜିତ,

Digitized by PPRACHIN, SOA

ବନ୍ଧ୍ୟା ସୁଲୋଚନା ଯୁଗମଣି କ୍ଷଣ କ୍ଷଣ, ବହୁ କଷ୍ଟେ ଲଭିଥିଲେ ତୋତେରେ ନନ୍ଦନ ।।୫୨।
ଭାବିଥିବେ ପରମ୍ପରା ମତେ ପିଣ୍ଡ ପାଣି, ଭାରକୁ ଗ୍ରହଣ ପୂତେ କରିବୁ ତୁ ପୁଣି । ।୫୩।
ଭୁଲି ଯାଉ ପିତାମହ ସ୍ନେହାନ୍ଧ ବଚନେ, ଭୁଲି ମୁଁ ଭୁଜଙ୍ଗବିଳେ ଛାଡ଼ିବି କେସନେ । ।୫୪।
ବୋଲେ ଲଙ୍କେଶ ଏ' ଦରବାର ସମ୍ମୁଖରେ, ବୋଲି ପାରୁଛ ଏ କଥା' କିପରି ଆଗରେ । ।୫୫।
ନାରୀ ହୋଇ କି ସାହାସେ, କହ ଏହି କଥା, ନାରୀ ବୁଦ୍ଧି ଭୟଙ୍କରୀ କହନ୍ତି ସର୍ବଥା । ।୫୬।
ଉନ୍ମାଦିନୀ ମୁଖେ ସିନା, ଏ କଥା ଶୋଭନ, ଉକ୍ତି ଏଯା ହିତା ହିତ ବିବେଚନା ହୀନ । ।୫୭।
ପ୍ରତି ଉକ୍ତି ଶୁଣି ଶୁଣି ସେ ମହୀ ଦଇତ, ପିତା ମହଙ୍କୁ କହଇ, ଆଉ ନୁହ ବ୍ୟସ୍ତ । ।୫୮।
କର୍ଣ୍ଣ ଉଠିବା କାଳରୁ ଯା ଶୁଣି ନଥିଲା, କର୍ମ୍ମ ବିପାକରୁ ଆଜି ନୟନ ଦେଖିଲା । ।୫୯।
ସର୍ପକୁ ଗିଳୁଛି ବେଙ୍ଗ ମୂଷା ବିରାଡ଼ିକୁ, ସିଂହଙ୍କୁ ଯେ ଶାଶ ମାରେ ଛାଗଳ ବ୍ୟାଘ୍ରକୁ । ।୬୦।
କରନ୍ତି ଗରୁଡ଼ ସଙ୍ଗେ ବାଜ ପକ୍ଷୀ ରଣ, କପି ଖାଇ ଯାଉଛନ୍ତି ନିଶାଚର ଗଣ । ।୬୧।
ଛାର ଜଟିଆର ହସ୍ତେ ଅସୁର ମରିବେ, ଛଦ୍ମବିଦ୍ୟା ସାଧି ମୁହିଁ ଦେଖୁ ଥିବି ଭବେ । ।୬୨।
ଭୂଭାର ହରଣେ ଯେବେ ବିକେ ନାରାୟଣ, ଭୂତଳେ ଜନମି ଯୋଗୀ ମୁନୀନ୍ଦ୍ର କଷଣ । ।୬୩।
ହରଣ ନିମନ୍ତେ ଦୈତ୍ୟ ହତେ ଉପଗତ, ହଠାତ ଏ ସ୍ଥାନେ ଯେବେ ତା ପୂର୍ବ ସୁକୃତ ।।୬୪।
ଅଶରଣ ନିସ୍ତାରଣ ଯୁଗଳ ଚରଣ, ଅଟଳ ନୁହଇ ଜୀବ ସ୍ଥିରଟି ମରଣ । ।୬୫।
ଶୁଣି ଚିତ୍ତ ଦହେ ତାକୁ କରିବି ମୁଁ ନାଶ, ଶୁଣି ମୁଣ୍ଡେ ଶାଢ଼ୀ ବାନ୍ଧି ବୋଲଇ ଲଙ୍କେଶ । ।୬୬।
ଆରମ୍ଭ କରିବି ରଣ ଯାହା ଇଚ୍ଛା କର, ଆଦି ଅନ୍ତ କରି ଶୁଣି ବୋଲଇ ସେ ବୀର ।।୬୭।
ଇନ୍ଦ୍ରଜାଲ ବିଦ୍ୟାବଳେ, ମାୟା ରଚି କରି, ଇଷ୍ଟ ହନ୍ତା ହତେ ନେବି ପାତାଳକୁ ହରି । ।୬୮।
ସୀତା ରାମ ବେନି ନାମ, ପାଠ କରି ନିତ୍ୟ, ସୀତା ରାମ ପଦେ ଏହା ଅର୍ପେ କରି ଗୀତ । ।୬୯।

■ ■

ମହୀରାବଣ ଦ୍ୱାରା ରାମ ଲକ୍ଷ୍ମଣ ଅପହରଣ

(ରାଗ - ଋଷିକୁଲ୍ୟା)

(ପଦର ପ୍ରତ୍ୟେକ ପାଦ ଆଦ୍ୟବର୍ଣ୍ଣ ଶୃଙ୍ଖଳା)

ଛାନ୍ଦ-୪୫

ଭବ' ଭବାନୀଙ୍କୁ କହନ୍ତି ହର୍ଷେ ଭକ୍ତି ଚିତ୍ତେ ମଜ୍ଜ ଏ ରାମ ରସେ ।
ଭକ୍ତ ଜନବନ୍ଧୁ ରାମ ବିନାଶେ ଭବାନୀଙ୍କୁ ମହୀରାବଣ ତୋଷେ ଯେ,
ଭକ୍ତି କରି ନିଜବାସେ ,,
ଭକ୍ଷଣ କରଇ, ତପନ କୁ'ତମ, ଏକାଳେ ଆସି ରଭସେ । ।୧।

୫୨: ସୁଲୋଚନା-ଇନ୍ଦ୍ରଜିତ ସ୍ତ୍ରୀ, ୫୩:ପରମ୍ପରା-ପର୍ଯ୍ୟାୟକ୍ରମେ, ପୂତେ-ପବିତ୍ରଭାବେ, ୫୪: ପିତାମହ-ପିତାଙ୍କପିତାରାବଣ, ଭୁଜଙ୍ଗବିଳେ-ସର୍ପଗାତରେ, ୫୬:ଭୟଙ୍କରୀ-ପ୍ରଳୟଙ୍କରୀ, ୫୮: ମହୀଦଇତ-ମହୀରାବଣ, ୬୧:ବାଜପକ୍ଷୀ-ଛଞ୍ଚାଣ, ୬୨: ଛାରଜଟିଆ -ରାମଲକ୍ଷ୍ମଣ, ୬୩:ଛଦ୍ମବିଦ୍ୟା-କପଟବିଦ୍ୟା, ୬୩: ଭୂଭାର-ପୃଥିବୀଭାର, ୬୪: ଅଶରଣ-ନିରାଶ୍ରୟ, ୬୮: ଇନ୍ଦ୍ରଜାଲ ବିଦ୍ୟାବଳେ-ଭୋଜବାଜି କୁହୁକ ବିଦ୍ୟାବଳେ, ଇଷ୍ଟ-ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣ, ଅଦେ ୧: ଭବ-ଶିବ, ଭବାନୀଙ୍କୁ-ଉମାଙ୍କୁ, ଭକ୍ଷଣକରଇ-ଗ୍ରାସକରଇ, ତପନଙ୍କୁ-ସୂର୍ଯ୍ୟଙ୍କୁ, ତମ-ଅନ୍ଧକାର, ରଭସେ-ହଠାତ୍

Digitized by PPRACHIN, SOA

ପଶ୍ଚିମ ଗଗନେ ବୁଡ଼ିଲେ ରବି- **ପ୍ରକଟିଲା** କ୍ରମେ ଲୋହିତ ଛବି
ପାଟଳ ବର୍ଣ୍ଣ ଦିଶେ ବିହାୟସ- **ପଇଁତରା** ଦେଲେ ନକ୍ଷତ୍ର ବଂଶ ଯେ,
ପୁଷ୍କରିଣୀରେ ରକ୍ଷେଶ, ଯେ
ପଦ୍ମକୁ ବନ୍ଦିନୀ- କରି କୁମୁଦିନୀ, କୁଳକୁ କଲେ ଉଲ୍ଲାସ ଯେ । ।୨।

ଗଗନ କାଳିମା ବେଶକୁ ଧରେ **ଗିରି** ଗୁହା ପଥ ଛାୟା ଅମ୍ବରେ,
ଗରାସି ଦିଶି ନ ଦିଶଇ କାହିଁ, **ଗହ୍ୱରୁ** ଶିବା, ପେଚା, ରାବ ଦେଇ ଯେ,
ଗତି କରନ୍ତି ଯୁବତୀ, ଯେ
ଗଭୀର ସରାଗେ କେବେକାନ୍ତ ଆଗେ, ସେବା ଯାଚଞ୍ଚା କରନ୍ତି ଯେ । ।୩।

ନିଦ୍ରା ଦେବୀଙ୍କର ଅଙ୍କ ପଲଙ୍କେ **ନିଶ୍ଚେଷ୍ଟ** ହୋଇଲେ ସର୍ବେ ନିଃଶଙ୍କେ
ନୀରବ ନିଶ୍ଚଳ ହୋଇଲା ରସା **ନିକୁଞ୍ଜେ** କାହିଁ ବିହରିଲେ ଯୋଷା ସେ
ନିବାସେ ମହୀରାବଣ ଯେ,
ନିୟନ୍ତ୍ରଣେ ଲୋଡ଼ି, ଦେହରକ୍ଷୀ ସଢ଼ି-ଆସନ୍ତି କେତେକ ପୁଣ । ।୪।

ଭୀରୁ ଏ ମହାଭୟେ ଶଯ୍ୟାପରେ- **ଭିଡ଼େ**, ବ୍ୟାଜେ ଘୁଙ୍ଗୁଡ଼ିକୁ ଛାଡ଼ିଲେ
ଭୀତେ କେତେ ମିଛେ ପେଟକୁ ଭିଡ଼ି, **ଭିଡ଼େ** ଶୋଇଲେ ଭୂଁରେ ମୁହଁ ମାଡ଼ିଯେ
ଭଣ୍ଡେ ନାଶ ଦୋକ୍ତା ଶୁଙ୍ଘି
ଭଙ୍ଗା କଣ୍ଠେ ବାଙ୍କେ ସର୍ଦ୍ଦି ଛଳେ ଛିଙ୍କେ- କରେ ଶିରକୁ ଆଲିଙ୍ଗି । ।୫।

ପ୍ରତିଜ୍ଞା ଯେ କରୁଥିଲେ ପ୍ରଖର **ପର** ମୁହୂର୍ତ୍ତରେ ଆସିଲା ଜ୍ୱର
ପୁଆଡି ପରାୟେ ଗୋଡ଼ ମେଲାଇ- **ପ୍ରଜ୍ଞା** ମନେ କୁଣ୍ଢାଇଲେ ଉଦ୍ବେଗ ଯେ,
ପଟୁ ସେ' ମହୀରାବଣ,
ପୂର୍ବ ସିଦ୍ଧାନ୍ତରେ' ଏକାଗତି କରେ ରାମ ଶିବିରକୁ ପୁଣ । ।୬।

ଆଗରୁ ସରମା ଏହି ଖବର- **ଆକଟେ** ଦେଲା ଜାଣି ପ୍ରିୟତାର
ଆକାଶକୁ ଚାହିଁ ବିକଳ ହେଲା- **ଆକୁଳେ** ପୁଚ୍ଛନ୍ତି କୌଶଲ୍ୟା ବଳା ଯେ
ଆଗାମୀ ସମର ଚିନ୍ତି,
ଆଗ୍ରହ କରିଣ ଦୁଃଖର କାରଣ- ପଚାରନ୍ତି ରୋମାପତି । ।୭।

ତରଣୀ ପିତା ତରତରେ ଭାଷେ, **ତରଣି** ବଂଶୀ ହେ ବୁଦ୍ଧି ନ' ଦିଶେ
ତମ ପ୍ରବେଶନ୍ତେ ମହୀରାବଣ, **ତକ୍ଷଣେ** ଆସି ସେ ନ କରି ରଣ ଯେ,
ତନ୍ତ୍ର ବିଦ୍ୟା ସାଧନାରେ
ତନ୍ନ ତନ୍ନ କରି ତନୁକୁ ତୁମରି- ଖୋଜି ହରି ନେବ ପୁରେ । ।୮।

୨: ପଶ୍ଚିମଗଗନେ-ପଶ୍ଚିମଦିଗ ଆକାଶେ, ବୁଡିଲେ ରବି-ବୁଡିଲେ ସୂର୍ଯ୍ୟ, ପ୍ରକଟିଲା-ପ୍ରକାଶହେଲା, ଲୋହିତଛବି-ନାଲ ବର୍ଣ୍ଣଛବି, ପାଟଳବର୍ଣ୍ଣ-ଶ୍ୱେତରକ୍ତ ବର୍ଣ୍ଣ, ବିହାୟସ-ଆକାଶ, ପଇଁତରାଦେଲେ-ପହରାଦେଲେ, ନକ୍ଷତ୍ରବଂଶ-ତାରାବଂଶ, ପୁଷ୍କରିଣୀରେ-ପୋଖରିରେ, କୁମୁଦିନୀ-କଇଁଫୁଲ, ୩:ଗଗନ-ଅ[illegible], କାଳିମାବେଶ-କଳାବେଶ, ଗିରିଗୁହା-ପର୍ବତଗୁମ୍ଫା, ଛାୟାଅମ୍ବରେ-ପ୍ରତିବିମ୍ବ ଆକାଶରେ, ୪:ଶିବା-ବିଲୁଆ, ଅଙ୍କପଲଙ୍କେ-କୋଳପଲଙ୍କେ, ନିଚେଷ୍ଟ-ଚେତାଶୂନ୍ୟନିଦ୍ରା, ରଶା-ପୃଥିବୀ, ଯୋଷା-ନାରୀ ୫:ଭୀରୁ-ଭୟଶିଳେ, ବ୍ୟାଜେ-କପଟରେ, ପୁଆଡି-ପ୍ରସୂତି, ପଟୁ-ଦକ୍ଷ, ରାମଶିବିରକୁ-ରାମଙ୍କସେନାଛାଉଣିକୁ, ୭: ସରମା-ବିଭୀଷଣ ସ୍ତ୍ରୀ, ପ୍ରିୟତାର-ବିଭୀଷଣ, ରୋମାପତି-ସୁଗ୍ରୀବ, ତରଣୀ[illegible]-ବିଭୀଷଣ, ତରଣିବଂଶୀ-ସୂର୍ଯ୍ୟବଂଶୀ (ରାମ), ତମ-ଅନ୍ଧକାର, ତନ୍ତ୍ରବିଦ୍ୟା-ଶିବ ଶକ୍ତିପୂଜାଶାସ୍ତ୍ର, ତନୁକୁ-ଦେହକୁ.

Digitized by PPRACHIN, SOA

ତାହା କବଳରୁ ଉଦ୍ଧାର ପାଇଁ- **ତାମ** ରସ ନେତ୍ର ଭରସା ନାହିଁ
ତାର୍କିକ ସେ ତନ୍ତ୍ର ଶାସ୍ତ୍ରେ ପ୍ରବୀଣ- **ତା** କଥା ଶୁଣିବା ବେଳରୁ ମନ ଯେ
ତାପିତେ ହୁଏ ବିଷଣ୍ଣ,,
ତାରକ ହେ ଏଥୁ ତାରଣ ହୋଇଲେ- ମାନସ ହୋଇବ ପୂର୍ଣ୍ଣ । ।୯।

ଯାଜକ ହୋଇ ଦଣ୍ଡକ ମଧ୍ୟରେ **ଯାହା** ଇଚ୍ଛା ତାହା ସେ କରିପାରେ,
ଯାତନା ଦାୟକ ମହୀରାବଣ- **ଯାବତ** ଲଙ୍କାରେ ରହିଛି ପୁଣ ଯେ
ଯାମିନୀ ନୋହିଛି ଶେଷ,,
ଯାମିନୀ ଆମ୍ଭର ସେହି ରଘୁବୀର, ଉଦ୍ଧାରେ ନାହିଁ ବିଶ୍ୱାସ । ।୧୦।

ସର୍ବ ଘଟଣା ଶୁଣି ରଘୁରାୟ **ସମିତିଙ୍କୁ** ଉଦ୍ଧାରିବା ଉପାୟ
ସଂକ୍ଷିପ୍ତେ ପୁଚ୍ଛୁ ବୋଲନ୍ତି ମାରୁତି- **ସନ୍ତାପିତ** କିମ୍ପା ହେ ରଘୁପତି ଯେ
ସତର୍କରେ ଆଜରାତ୍ର,,
ସଂଘବଦ୍ଧ ଭାବେ ସଚେତ ରହିବେ, ଆମର ସେନା ସମସ୍ତ । ।୧୧।

ଲାଙ୍ଗେ ମୁଁ କରିବି ଗଡ଼ ତିଆରି- **ଲାଗି** ମଧ୍ୟେ ସେନା ଧରିବେ ଧାଡ଼ି
ଲାଲ ଚାବୁକ ଧରି ବିଭୀଷଣ- **ଲାଙ୍ଗୁଡ଼** ପ୍ରାଚୀର ପାର୍ଶ୍ୱେ ଭ୍ରମିଣ ଯେ
ଲୁଣ୍ଠନକାରୀ ଧରିବେ,,
ଲାଖ ଦେଇ କହି, ଭିତରକୁ କେହି, ରାତ୍ରେ ଯାଇ ନ ପାରିବେ । ।୧୨।

ବିଭୀଷଣ ଶୁଣି କହନ୍ତି ସେଥି- **ବିଦାରକ** ହେବ ଏ କାଳରାତ୍ରି
ବିଷ୍ଣୁପଦୁ ଚୋର ଆସିଣ ପାରେ- **ବିଷ୍ଣୁ** ଚକ୍ରେ ଡ଼ାକ ଦେବ ମାର୍ଗରେ ଯେ
ବିକ୍ରମ ଦେଖାଉ ତାର,,
ବିବସ୍ୱାନ ବଂଶୀ ସ୍ମରୁ' ଘନେ ଆସି- ଘୁରେ ଖରେ ଚକ୍ରବର । ।୧୩।
ବାତ ସୁତକୁ କହେ ବିଭୀଷଣ- **ବାମଦେବ** ଏଥି କଲେ ଗମନ
ବୁଝାଇ ଭିତରେ ଯିବାକୁ ତୋତେ- **ବୋଇଲେ** ନ' ଛାଡ଼ିବୁ କଦାଚିତେ ଯେ
ବିହିବୁ ଆଗେ ତାଙ୍କର,,
ବସ ଏଥି ଲବେ-ବିଭୀଷଣ ଏବେ, ଆସି ଛାଡ଼ିବେ ନିକର । ।୧୪।

ରମଣୀୟ ରାମ ଅନୁଜ ଧରି- **ରହନ୍ତୁ** ଧନୁକୁ ଯଥା ପ୍ରହରି
ରବି ନନ୍ଦନ ବୀର ବାଳିସୁତ- **ରଚନା** କରିଣ ବ୍ୟୁହେ' ସନ୍ତତ ଯେ
ରଟନ୍ତୁ ନାମ ପ୍ରଭୁର,,
ରଜନୀ ଚରର ଅଭିମନ୍ତ୍ର ରଜ- ନ ପଡ଼େ ଯେପରି ଶିର । ।୧୫।

୯: ତାମରସନେତ୍ର-ପଦ୍ମନେତ୍ର, ବିଷର୍ଣ୍ଣ-ମ୍ଳାନ, ୧୦: ଯାଜକ-ପୁରୋହିତ, ଯାତନା-ଯନ୍ତ୍ରଣା, ଯାମିନୀ-କାଳ, ୧୧:ସମିତି-ସେନାସମୂହଙ୍କୁ. ୧୨: ଚାବୁକ-ଛାଟ, ୧୩:ବିଷ୍ଣୁପଦୁ-ଆକାଶରୁ, ବିଷ୍ଣୁଚକ୍ରେ-ନାରାୟଣଙ୍କ ଚକ୍ରେ, ବିହିବୁ- କହିବୁ, ୧୫:ରବିନନ୍ଦନ-ସୁଗ୍ରୀବ, ବାଳିସୁତ-ଅଙ୍ଗଦ, ରଚନାକରିଣବ୍ୟୁହ-ଧାଡିଦେଇ, ରଜନୀଚର-ନିଶିରେ ଚଳପ୍ରଚଳହେଉଥିବା ମହାରାବଣ,ଅଭିମନ୍ତ୍ରରଜ-ଶତ୍ରୁମାରଣ ମନ୍ତ୍ରଧୂଳି.

Digitized by PPRACHIN, SOA

କହି ସାରି ନାହିଁ ନିକଷା ସୁତ- **କପିବଳ** ବ୍ୟୁହ କଲେ ରଚିତ
କେଶରୀ ନନ୍ଦନ ପୁଚ୍ଛରେ ବାଡ଼- **କ୍ଳେଶ** ହୀନେ ଦେଇ କରିଲା ଗଡ଼ ଯେ
କରେ ଧରି ଧନୁର୍ବାଣ
କରିଲେ ବସତି ରାମ ସଉମିତ୍ରି, ଅକ୍ଷୟ ଶିଳାରେ ଜାଣ । ।୧୬।

ଅବିଳମ୍ବେ ଏଣେ ମହୀରାବଣ- **ଅପହୃତ** ପାଇଁ ରାମ ଲକ୍ଷ୍ମଣ
ଅପର୍ଣ୍ଣାଙ୍କୁ ଚିନ୍ତି ବିଚରି ରାତ୍ରେ- **ଅଲୌକିକ** କଥା ଦେଖଇ ନେତ୍ରେ ଯେ
ଅମ୍ବୁଜ କରକୁ ଛାଡ଼ି,,
ଅଳଙ୍କୃତ କରି ସୁବଳ ଶିଖରୀ, ସୁଦର୍ଶନ କରି ରଡ଼ି । ।୧୭

ମାନସ ବିଚାରୁ ନୋହି ବିରତ- **ମାତ** ସ୍ମରି ହେଲା ମାୟା ଭରତ
ମର୍କଟ ପ୍ରମୁଖ ଅଗ୍ରତେ ଯାଇ- **ମଧୁବାକ୍ୟେ** ପରିଚୟ ଦିଅଇ ଯେ,
ମର୍ମ କଥା କହି ଦମ୍ଭେ,,
ମଠ କରିଥିଲା ଯେ, ବାଟୁଳି ମାରି, ଚିହ୍ନି ଛତ ତାକୁ ତୁମ୍ଭେ । ।୧୮।

ଯାହା କହିଥିଲ ଶୁଣିଛି କର୍ଣ୍ଣ- **ଯାତନା** ଦେଲା ଯାଗ ହେଉ ପୂର୍ଣ୍ଣ
ଯାମିନୀରେ ରାମ ଦର୍ଶନେ ବୀର- **ଯାତ୍ରା** କରି ଅଛି ଛାଡ଼ ଦୁଆର ଯେ,
ଯାଚଞ୍ଚାକୁ ମୋର ରଖ,,
ଯାଉ ଭିତରକୁ ବିଲୋକି ଭାଇଙ୍କୁ- ମାନସେ ହୋଇବି ସୁଖୀ । ।୧୯।

ଭରତ ରୂପ କଣ୍ଡ ହନୁବାରି- **ଭସ୍ୱାମି** ବୋଲି ନ ପାରେ ବିଚାରି
ଭଦ୍ରତା ପଣେ କରି ନମସ୍କାର- **ଭଣେ** ପ୍ରଭୁକ୍ଷଣେ ଅପେକ୍ଷା କର ଯେ
ଭକ୍ତ ବତ୍ସଳେ ଦର୍ଶନ,,
ଭଲେ କରାଇବେ ସଙ୍ଗେ ନେଇ ଶୁଭେ- ଏଥୁ' ବୀର ବିଭୀଷଣ । ।୨୦।

ଇନ୍ଦ୍ରଜିତ ସୁତ ମହୀରାବଣ- **ଇସାରା** ଦେଇଛି ନିଶାରେ'ପୁଣ,
ଇଷ୍ଟ ରାମ ଲକ୍ଷ୍ମଣ ବେନି ଭାଇ **ଇଚ୍ଛା** ପୂରଣେ ହରି ନେବା ପାଇଁ ଯେ
ଇତର ଜନକୁ ଏଣୁ,,
ଇତି ଅବସରେ, ଯିବାକୁ ଭିତରେ ମନା ବିଭୀଷଣ ବିନୁ । ।୨୧।

ଏହି କଥା ଶୁଣି ମହୀରାବଣ- **ଏ** କରାର କରି ବୋଲଇ ଶୁଣ
ଏକେଲା କିମ୍ବା ପାଶେ ବସିଥିବି- **ଏ** ପୁଛ ପାଚେରି ବୁଲି ଆସିବି ଯେ
ଏହି ମୋ, ଆସିବା କଥା,,
ଏଥି ବିଭୀଷଣ ଆସୁ ବିଶ୍ଳେଷିଣ- କହ ନୋହୁ ଯିବା ବୃଥା । ।୨୨।

୧୬: ନିକଶାସୁତ - ବିଭୀଷଣ, କେଶରୀ ନନ୍ଦନ-ହନୁମାନ, ପୁଚ୍ଛ - ଲାଞ୍ଜ, ଅକ୍ଷୟ ଶିଳା-ଚିରସ୍ଥାୟୀ ପଥର, ୧୭: ଅପର୍ଣ୍ଣା -ପାର୍ବତୀ, ଅମ୍ବୁଜ କର-ପଦ୍ମଧାରୀ ନାରାୟଣ, ଅଳଙ୍କୃତ -ଭୂଷିତ ହୋଇ, ସୁବଳଶିଖର-ସୁବଳ ପର୍ବତ ଶିଖରେ, ୧୮: ମର୍କଟ ପ୍ରମୁଖ-ହନୁମାନ, ମଧୁବାକ୍ୟେ-ମଧୁରବଚନରେ, ୧୯: ଯାମିନି - ରାତ୍ରି, ପ୍ରଚଞ୍ଚା-ପ୍ରାର୍ଥନା, ୨୦: ଭକ୍ତବତ୍ସଳ-ରାମ, ଇସାରାଦେଇଛି-ସଙ୍କେତ ଦେଇଛି, ଇଷ୍ଟ -ପ୍ରିୟ, ଇତରଜନଙ୍କ-ଅନ୍ୟ ଲୋକଙ୍କୁ, ଇତିଅବସରରେ-ଏହି ସମୟରେ । ୨୨:ଏକରାର-ଚୁକ୍ତି, ପୁଚ୍ଛପାଚେରି-ଲାଞ୍ଜଗଡ, ବିଶ୍ଳେଷଣ-ଆନୁକୂଲ୍ୟଭାବେ ।

Digitized by PPRACHIN, SOA

ବୋଲି ଏପରି ନିଶାଚର ଗଲା- **ବୁଲି** ଏଣେ ବିଭୀଷଣ ଆସିଲା
ବାତ ନନ୍ଦନ ଗୋଟି ଗୋଟି କରି- **ବାଢ଼ଇ** ଆଗରେ ଭୟ ନ କରି ଯେ,
ବୋଲେ ଶୁଣି ବିଭୀଷଣ,,
ବ୍ୟାଜେ ଭ୍ରତ ରୂପ ଧରିଣ କୌଣପ- ଆସିଥିଲା ହନୁମାନ । ।୨୩।
ପୁଣି ତିଆରି ବୋଲେ ତହିଁ ବାଣୀ- **ପିତା** ତୋହର ଆସିଲେ ପାବନି
ପରତେ କରି ନ ଛାଡ଼ଇବୁ ବାଟ- **ପଛେ** ପଛେ ଘୋଟିବଟି ସଙ୍କଟ ଯେ
ପଇଁତରା ଦେଇ ମୁହିଁ,,
ପ୍ରହରକ ମଧ୍ୟେ ଆସୁଛି ସନ୍ନିଧେ- ଜାଗ୍ରତେ ଜଗିଥା ରହି । ।୨୪।
ବିଭୀଷଣ କଥା ଦେବ ସଭାରେ- **ବାତ** ବହି ନେଇ ଜଣାଉ ଖରେ,
ବାସବ' ନିଦ୍ରାବତୀ ସରସ୍ୱତୀ- **ବରିଆଣି** ଆଦେଶଇ ସମ୍ପ୍ରତି ଯେ,
ବେଗେ କ୍ରମେ ବେନି ଯିବ,,
ବାନର ଭଲ୍ଲୁକ ନୟନ ଉଲ୍ଲୁକ, ଚାହାଣି ଖଣ୍ଡି ଘୋଟିବ । ।୨୫।
ମୋହନ ରସାଞ୍ଜନ ଦେବାପରି- **ମଞ୍ଜୁଳ** ରାମ ରାମାନୁଜେ ଘାରି
ମୃତ ପରାଏ ମଉନ କରିବ- **ମରୁତ** ସୁତ ନୟନେ ଘାରିବ ଯେ
ମତି ବାଚାଳତା ପାଇଁ,,
ମାରୁତି କଣ୍ଠରେ ସରସ୍ୱତୀ ଧୀରେ- ବସି ଦିଅନ୍ତୁ ଭୁଲାଇ । ।୨୬।
ବାସବଜିତ ସୁତ ବାରମ୍ବାର- **ବସେ** ଆସି ହନୁ, ନଛାଡ଼େ ଦ୍ୱାର,
ବିରାଧାରୀ ପିତା ମାତା ରୂପରେ- **ବିଜେ** ଜନକ ରୂପେକେତେବେଳେ
ବହି କ୍ରମେ ନିଶି ଶେଷ-
ବିଚାରି କୌଣପ ବିଭୀଷଣ ରୂପ, ଧରି ହୋଇଲା ପ୍ରବେଶ । ।୨୭।
ମାରୁତିକି ବୋଲେ ହୋଇବ ଉଷା- **ମାନ** ରଖିଲୁ ତୁ, ହୋଇ ଭରସା
ମାଜଣା ସାରି ରଣ ସଜ୍ଜା ପାଇଁ- **ମାଙ୍ଗଳିକ** ଶୁଭ କାଳ ଗଣାଇ ଯେ
ମନ୍ତ୍ରଣା ସାରି ଆସୁଛି,,
ମାତ୍ର ଦଣ୍ଡେ ରାତ୍ରି ଅଛି ଆଉ ରାତ୍ରି- ଚରେ ଭୟ ନାହିଁ କିଛି । ।୨୮।
କାଲି ସମର ପାଇଁ ଆଲୋଚନା- **କରିବା** ଉଚିତ ହୋଇବ ସିନା
କହୁ କହୁ ହନୁ ଛାଡ଼ିଲା ଦ୍ୱାର- **କାଳୀ** ଭାଳି ହୃଦେ ଗଲା ଅସୁର ଯେ,
କରେ ଧରି ମନ୍ତ୍ର ଧୂଳି,,
କରିଲା ନିକ୍ଷେପ ରାମ' ସେନାକକ୍ଷ- ଭୂମିରେ ପଡ଼ଇଲେ ଢ଼ଳି । ।୨୯।

୨୩: ନିଶାଚର-ମହୀରାବଣ, ବାଢ଼ଇ-କହଇ, ବ୍ୟାଜେ-କପଟରେ, କୌଣପ-ଅସୁରମହୀରାବଣ, ୨୪:ପରତେ-ବିଶ୍ୱାସେ, ପଇଁତରା-ବୁଲି, ୨୫: ବାସବ-ଇନ୍ଦ୍ର, ଉଲ୍ଲୁକ-ପେଚା, ୨୬:ରସାଞ୍ଜନ-ମନ୍ତ୍ରକଜ୍ଜ୍ୱଳ(ସୁର୍ମା), ବିରାଧାରି ପିତାମାତା-ରାମଚନ୍ଦ୍ରଙ୍କପିତାମାତା(ଦଶରଥ,କୌଶଲ୍ୟା) ୨୯: ମାଜଣା-ଦେବାର୍ଚ୍ଚନା(ସ୍ନାନ), ମାଙ୍ଗଳିକ-ମଙ୍ଗଳଅଳତି, ମନ୍ତ୍ରଣା-ଆଲୋଚନା ।

Digitized by PPRACHIN, SOA

ପୁଣି ମନ୍ତ୍ର ଧୂଳି ଫିଙ୍ଗିଲା ଖରେ- **ପଡୁ** ସେ ସୁଡ଼ଙ୍ଗେ ହେଲା ତା' ପୁରେ
ପଦ୍ମରାକ୍ଷ ବନ୍ଧ୍ୟ ସହ ଲକ୍ଷ୍ମଣ, **ପୁରକୁ** ତାହାର ନେଲା ତତ୍କ୍ଷଣ ଯେ
ପୁରଲୋକ ଜଗାଇଲା
ପର ମୁହୂର୍ତ୍ତରେ, ବିଭୀଷଣ ଖରେ, ବୁଲି ଆସି ପ୍ରବେଶିଲା । ୩୦।

ଦେଖୁ ହନୁଧରି କଲା ପ୍ରକଟ- **ଦଗାବାଜି** ବିହିବାକୁ ସଙ୍କଟ
ଦଶଭୂଜା ପୂଜା ଯା' ଥିଲୁ କରି, **ଦଶମ** ଦଶା ତା' ହେଲା ତୋହରି ଯେ
ଦନୁଜ ଭଜ ତୋ' ଇଷ୍ଟ,,
ଦଣ୍ଡେ ଡଳୁ ପୁଣ, ଗଲେ ବିଭୀଷଣ, କିଏ ସେ ତୁହି ପାପିଷ୍ଟ । ।୩୨।

ହନୁମାନ ତୁଣ୍ଡ ନ ସରୁ କଥା- **ହଂସା** ଉଡ଼ିଲା କରମାରି ମଥା,
ହତ ପ୍ରାୟ ହୋଇ ସେ' ବିଭୀଷଣ, **ହନୁକୁ** କହେ କି' କରିଲୁ ପୁଣ ଯେ
ହନ୍ତା କରିଣ ହୁନ୍ଦର,,
ହରି ନେଲା ରାମ ଲକ୍ଷ୍ମଣ- ଅକାମ ହେଲା ଯୋଜନା ଆମ୍ଭର । ।୩୩।

ମକରକୁ ଏଣେ ଡ଼କାଇ ପୁଣ- **ମହୀବିଳେ** ରଖି ମହୀରାବଣ
ମନୋଗତ କଥା ମାନ' କହିଲା- **ମନୋରଥ** ପୂର୍ଣ୍ଣେ ଦେବୀଙ୍କୁ ଭଲା ଯେ,,
ମଣ୍ଡଣି କରିଣ କାଲି,,
ମଙ୍ଗଳ ଆଳତୀ କାଳେ ବେନିଯତି, ବଳି ଦେବ ଛେଳି ଭଳି । ।୩୪।

ଆରେ ବାବୁ ସାବଧାନରେ ଦ୍ୱାର- **ଆଜି** ଦିବାନିଶି ତୁ' ରକ୍ଷାକର
ଆସିପାରେ କେହି ଯତି ଉଦ୍ଧାରେ, **ଆକାଶ** ପାତାଳ ସୁଡ଼ଙ୍ଗ ଦ୍ୱାରେ
ଆଶଙ୍କା ହେଉଛି ଭାରି,,
ଆସିଲେ ନ ଛାଡ଼ି, ପିନ୍ଧାଇଣ ବେଡ଼ି, ଆଣିବୁ ଆଗକୁ ଧରି । ।୩୫।

ପବନ ସୁତ ଯା' ଅଗ୍ରତେ ସ୍ଥିତ, **ପୃଥ୍ୱୀ** ଦୁଲ୍ଲଣୀ ବାମେ ଶୋଭିତ,
ପରମ ପବିତ୍ର ଲକ୍ଷ୍ମଣ ଦକ୍ଷେ, **ପରିତ୍ରାଣେ** ସେହି ରାମ ସମ୍ମୁଖେ,
ପରିଚାର ଦୟାନିଧି,,
ପରିଚାଳନା ଯା' କରିଛି ଲେଖନୀ, ଶୁଣି ଚିତ୍ତ କର ଶୁଦ୍ଧି । । ।୩୬।

୩୨: ଦଗାବାଜି-ଠକ, ଦଶଭୂଜା-ଶିବଙ୍କ ଘରଣୀ(ଦୁର୍ଗା), ଦଶମଦଶା-ମାରକଦଶା, ଦନୁଜ-ଅସୁର, ଇଷ୍ଟ-ପ୍ରଭୁ, ହଂସା-ଧୈର୍ଯ୍ୟ, ହନ୍ତା-ଘାତକ । ୩୩: ମକର-ମକରଧ୍ୱଜ, ମହୀବିଳେ-ଧରାତଳେ, ମଙ୍ଗଳଆଳତୀ-ପ୍ରଭାତନାତି, ବେନିଯତି-ରାମ, ଲକ୍ଷ୍ମଣ । ୩୫: ବେଡି-ହାତକଡି, ପବନସୁତ-ହନୁମାନ, ପୃଥ୍ୱବଦୁଲଣୀ-ସୀତା, ଲକ୍ଷ୍ମଣ ଦକ୍ଷେ-ଦକ୍ଷିଣ ଦିଗରେ ଅବସ୍ଥିତ, ପରିତ୍ରାଣେ-ମୁକ୍ତି ପାଇ, ପରିଚାର-ସେବକ(ଦୟାନିଧି) ।

Digitized by PPRACHIN, SOA

ରାମ ଲକ୍ଷ୍ମଣଙ୍କୁ ମହୀରାବଣ ନେବାରେ ସୀତାଙ୍କ ଶୋକ

(ରାଗ - ଶଙ୍କରା ଭରଣ)

ଛାନ୍ଦ-୪୬

ଏକାଳେ ଅଶୋକ ବନେ ରାକ୍ଷସୀ ଏ ଆସି,
ବୋଇଲା ମହୀରାବଣ- ଲାଞ୍ଜଗଡ଼େ ପଶି,
ମାୟାରେ ରାମ ଲକ୍ଷ୍ମଣ
ଘେନିଗଲା ଆସିଲି ମୁଁ ଶୁଣି ଏହି କ୍ଷଣ । ।୧।

ଶ୍ରବଣ ମାତ୍ରେ ତ୍ରସ୍ତରେ ସୀତା ହୋଇ ଦୁଃଖୀ
ଜଗତ ଦୁର୍ଲ୍ଲଭ ପାଦ ପଦ୍ମେ ମନ ରଖି,
ବୋଲନ୍ତି ମନ୍ଦ ବିଧାତା,
ଏତେ ଦଣ୍ଡି, ଶେଷେ ଚିନ୍ତି ଥିଲୁ ଏହି କଥା ।।୨।

ଦୁଃଖୀ ରତ୍ନ ହାର ପାଇ ହରାଇବା ପରି
ନୟନ ପିତୁଳା ହାରି, ହେଉଅଛି ଘାରି
ଦିଶୁ ନାହିଁ ବୁଦ୍ଧିବାଟ,
ବେଳୁ ବେଳ ଆସି ଘୋଟେ ଅଧିକ ସଙ୍କଟ ।।୩।

ଦୂରେ ଥାଇ ପାଶେ ଥିବା ପରି ସ୍ୱାମୀ ଥାଏ,
ଚନ୍ଦ୍ର କୁମୁଦିନୀପ୍ରୀତି ଅଭେଦ ପରାଏ
ଭାବି ଯେ ଯାର ସେ ତାର,
ଦୂରେ ପଡ଼ି ଚିହ୍ନା ଯଥା ଦିଅଇ ପତର ।।୪।

ଦର୍ପଣେ ବିମ୍ବ ପରାଏ , ଯେଣେ ଚାହେଁ ଦିଶ,
ହଟ ହଟା କର କିମ୍ବା, ପାଖକୁ ନ ଆସ,
ମୁହିଁ ଜାଣିବାରେ କାହିଁ,
ତୁମ୍ଭ ଶ୍ରୀଚରଣେ କିଛି ଦୋଷ କରି ନାହିଁ ।।୫।

ଚୁମ୍ବକ ଟାଣିବା ପରି ଧାତବ ପଥର,
ତୁମ୍ଭ ସେବା ପାଇଁ ସଦା ମନ ଟାଣେ ମୋର
ବୃଷ ଶିବ ଆଶ୍ରା କରି
ତୃଣ ଗ୍ରାସ ପରି କ୍ଲେଶ- ନଗଲା ମୋହରି । ।୬।

ତୁମ୍ଭ ସ୍ନେହେ ଦବି ଥିଲା, ମୋର କାମ ଶିଖା
ଚନ୍ଦ୍ରକାନ୍ତ ମଣି ପରି, ଏବେ ଯାଏ ଦେଖା
ଜୀବ ଲୌହକୁ ଚୁମ୍ବକ,
କାଢ଼ିନିଏ ଶୁଣିବା ବେଳକୁ ବାର୍ତ୍ତା ଯାକ । ।୭।

୧: ଅଶୋକ ବନ-ଯେଉଁ ବନରେ ଶୋକ ହୁଏ ନାହିଁ । ୨ -ତ୍ରସ୍ତରେ-ଚକିତରେ । ୨:ଜଗତ ଦୁର୍ଲ୍ଲଭ ପାଦ-ରାମଚନ୍ଦ୍ରଙ୍କ ପାଦ, ନୟନ ପିତୁଳା-ରାମଚନ୍ଦ୍ର । ୫: ବିମ୍ବ-ଦର୍ପଣ ।୬: ଧାତବ- ଲୌହ ।

Digitized by PPRACHIN, SOA

ଦଗ୍ଧ ଶାମୁକାରେ ଜଳ- ପୂର୍ଣ୍ଣ କଲା ପରି
ସନ୍ତପ୍ତ କରୁଛି ଚିତ୍ତ ସର୍ବଦା ମୋହରି,
ବୀରହେ, ବିରହ ବାଧା,
ତୁମ୍ଭ ପରିଚାର ବିନା ଆନେ- ନାହିଁ ଶ୍ରଦ୍ଧା ।।୮।

ଇନ୍ଦୁ ଚାହିଁ ଶଶା ପ୍ରାଣ, ବିନାଶିଲା ପରି,
ଇନ୍ଦୁ ଚାହିଁ, ଇନ୍ଦୁ ମୁଖୀ ପ୍ରାଣ ଦେବ ହାରି,
ରାହୁ ଶିର ଛେଦ ପରି,
ସୁଧା ପାନ ପରେ ଛେଦ ହୋଇଲା ମୋହରି ।।୯।

ଚାତକ ଚାହିଁବା ପରି ବରଷା ଧାରକୁ,
ଆଶା କରି ବସିଥାଏ ସଦାପୟରକୁ,
ଚକୋର ଚନ୍ଦ୍ରର ଭାବ,
ଅଜଣା କି ତୁମ୍ଭ ଚିତ୍ତ ନ ହେଉଛି ଦ୍ରାବ । ।୧୦।

ନୀର କ୍ଷୀର ପରି ପ୍ରୀତି, ବଢ଼ାଇ ଦଇବ,
ନୀର କାଢ଼ି ନେଉ କ୍ଷୀର କିପରି ରହିବ,
ତାର ବନ୍ଧୁ ନୀର ପାଇଁ,
ଅଗ୍ନିରେ ପଶିବ ଧାତା ଦୋଷୀ ହେବୁ ତୁହି ।।୧୧।

ଏହି ପରି ଦୁଃଖ ସାଗରରେ ବଇଦେହୀ,
ଭାଷିବା କାଳେ ନୟନୁ ଅଶ୍ରୁଧାର ବହି,
ହୋଇ ଖରେ ବେନି ନାରୀ,
ଜାନକୀ କଞ୍ଜ ପୟରେ କରନ୍ତି ଗୁହାରି । ।୧୨।

ନକାନ୍ଦ ନକାନ୍ଦ ମାତ ଏ ଅଶୋକବନ
ଶୁଣିବ ଖବର ଇନ୍ଦ୍ରଜିତର ନନ୍ଦନ
ମହୀରାବଣ ମରିବ,
ଆଶୀର୍ବାଦ ଦିଅ ଯାଇ କରାଇବୁ ସର୍ବ । ।୧୩।

ଚିରଦିନ ଏହିମହୀ କାହାର ନୁହଇ
ପାଞ୍ଚୁଛି ମହୀରାବଣ ହେବ କାଳଜୟୀ
କର୍ମ ବସୁନ୍ଧରା ପତି,
କେତେ କାଳ ଧର୍ମ ସହି ରହିବ ଅନୀତି ।।୧୪।

ରହି ନାହିଁ କେହି ରହିବ ନାହିଁଟି ଦୈତ୍ୟ,
ନିଜ ଅଭିନୟ ସାରି ଛାଡ଼ିବ ଏ ମର୍ତ୍ତ୍ୟ
ଅଙ୍କା ଅମର ଅକ୍ଷରେ,
ରହିବ ପ୍ରଭୁଙ୍କ ଯଶଃ ଜନ ମାନସରେ । ।୧୫।

୮:ସନ୍ତପ୍ତ-ମନସ୍ତାପ. ଚିତ୍ତ-ମନ.ବିରହ-ବିଚ୍ଛେଦ. ଉପଚାର-ସେବା ।୯:ଇନ୍ଦୁ-ଚନ୍ଦ୍ର. ଇନ୍ଦୁଚାହିଁ- ଚନ୍ଦ୍ର ରାମଚନ୍ଦ୍ରଙ୍କୁ. ଚାହିଁ .ଇନ୍ଦୁମୁଖୀ. ଚନ୍ଦ୍ରମୁଖୀ ସୀତା । ୧୦: ଦ୍ରବ- ତରଳ । ୧୨:କଞ୍ଜ-ପଦ୍ମ । ୧୪:କାଳଜୟୀ-ମୃତ୍ୟୁକୁ ଜୟ କରିବ. ବସୁନ୍ଧରା-ପୃଥିବୀ, ପତି-ରାଜା । ୧୫:ଦୈତ୍ୟ- ଅସୁରମହୀରାବଣ. ଅଭିନୟ-ଶାରିରିକ ଚେଷ୍ଟା ଦ୍ୱାରାଅବସ୍ଥାନୁକରଣ, ଅଙ୍କା-ଲିଖିତ, ଅମରାକ୍ଷରେ-ଲୀନ ନହେବା ଅକ୍ଷରରେ ।

Digitized by PPRACHIN, SOA

ମନେ ଦମ୍ଭ ବାନ୍ଧି ଭ୍ରମେ ମାୟା ରଚି କରି
ନେଇ ଭାବେ ରାମ- ଲକ୍ଷ୍ମଣଙ୍କ ଭାଗ୍ୟଡ଼ୋରି
ନ୍ୟସ୍ତ ହେଲାହସ୍ତେ ତ୍ରସ୍ତେ,
ନ ଜାଣଇ ନିଜ ଭାଗ୍ୟ ଡ଼ୋରି କାଳ ହସ୍ତେ ।।୧୬।

କଳ୍ପନା ଉଦ୍ୟାନେ ଉଡ଼ି ରଚେ କୁଞ୍ଜମାନ,
ହସଇ ଅଲକ୍ଷ୍ୟେ ପାଖେ ପାଖେ ଜନ୍ତୁରାଣ,
କାଳଚକ୍ର ମସ୍ତକରେ,
ଘୂରି ବଣା କରେ ତାହା ସେ ଜାଣି ନ ପାରେ ।।୧୭।

ବୁଡ଼ାଏ ଅର୍ଣ୍ଣବ ଯଥା ଦସ୍ୟୁ ବଣିକକୁ
ମାରଇ କାଳ ସେପରି କାଳ ବିଜେତାକୁ,
ନିଜ କବଳେ ପୂରାଇ,
ଅକାଳେ କରିବ ଜୀର୍ଣ୍ଣ କାଳ ବାତ୍ୟା ବହି । ।୧୮।

ଡ଼ାକିଲାଣି ଗୃଧ୍ରପକ୍ଷୀ ଉଡ଼ି ଆସି ଖରେ,
ଝାମ୍ପ ଦେଇ ନେବ ଟାଣି ଆକାଶ ମାର୍ଗରେ,
ସୌଧ ଚନ୍ଦ୍ରଶାଳା ପୁରେ,
ଅବଳା ଗଣ କାନ୍ଦିବେ - ଏନିଶି ଅନ୍ତରେ । ।୧୯।

ଜ୍ୟୋତିଷ୍କ କ୍ରଗତି ବଳବାନକେ ରୋଧିବ,
ଅବଶ୍ୟ ଘଟିବ ଯାହା ଭବିତବ୍ୟେ ଥିବ
ଧୈର୍ଯ୍ୟଧରି ରହ ଭାବି,
ଧାତା ହସ୍ତେ ଅଦୃଶ୍ୟରେ ସର୍ବଜୀବ ଚାବି । ।୨୦।

ଭାଷନ୍ତି ମୈଥିଳୀ ଶୁଣି ତୁମ୍ଭେ ନେତ୍ର ଜ୍ୟୋତି
ମଧ୍ୟରୁ ସମ୍ଭବ ସାହା ହୋଇ ରଖ କୀର୍ତ୍ତି,
ତାରା ତାରିଣୀ ନାମରେ,
ପୂଜା ପାଇବ ଏ ଯୁଗ ଅନ୍ତେ ଯୁଗାନ୍ତରେ । ।୨୧।

ଭାଷେ ଦୟାନିଧି ଭାବି ଭାବି ଦିନ ରାତି,
ସରୁ ନାହିଁ ବଇଦେହୀ ସଙ୍ଗେ ରଘୁପତି,
ଅଯୋଧ୍ୟାରେ କେଉଁଦିନ ।
ରାଜା କରାଇବ ନେଇ ଥିବେ ସେ ଲକ୍ଷ୍ମଣ ।।୨୨।

ଲେଖିବ ଅଧମ କର ଦେଖିବ ନୟନ,
ପବିତ୍ର ହେବ ଶ୍ରବଣ, ଶୁଣି ଗୁଣି ମନ
ଇହଲୀଳା ଶେଷକରି,
ବୈକୁଣ୍ଠେ ଚଳିବେ ପ୍ରଭୁ ବୈକୁଣ୍ଠ ବିହାରୀ ।୨୩।

• • •

୧୬: ଦମ୍ଭ-ଅହଙ୍କାର, ଭ୍ରମେ-ମିଥ୍ୟାରେ, ମାୟା-କପଟତା, ଭାଗ୍ୟ-ଅଦୃଷ୍ଟ, ଡ଼ୋରି-ଦଉଡ଼ି, ନ୍ୟସ୍ତ-ଅର୍ପିତ, ହସ୍ତେ-ହାତରେ, ତସ୍କେ-[illegible] [illegible]-ଯମ, ହସ୍ତେ- କରରେ । ୧୭: ଯନ୍ତ୍ରଣା-ଯମ । ୧୮:କବଳେ-ମୁଖ ଗହ୍ୱରେ, କାଳବାତ୍ୟା-ମତ୍ୟୁ ପବନ, ଅର୍ଣ୍ଣବ-ସମୁଦ୍ର, ବଣିକ [illegible], କାଳ-ଯମ, କାଳ-ସମୟ, ବିଜେତା-ବିଜୟକାରୀ । ୧୯: ଗୃଧ୍ରପକ୍ଷୀ-ଶାଗୁଣା, ସୌଧ-ରାଜମହଲ ଚନ୍ଦ୍ରଶାଳା-କୋଠାର ଉପର [illegible] ଘର, ଅନ୍ତରେ-ଶେଷ । ୨୦:ଜ୍ୟୋତିଷ୍କକ୍ର-ରାଶିଚକ୍ର ଗତି, ଭବିତବ୍ୟେ-ଅବଶ୍ୟମ୍ଭାବୀ । ୨୧:ନେତ୍ରଜ୍ୟୋତିଃ-ନେତ୍ର [illegible], ସମ୍ଭବ-ଜାତ, ଯୁଗ ଅନ୍ତେ-ଦ୍ୱାପର, (ଯୁଗାନ୍ତରେ କଳି ଯୁଗରେ) । ୨୨: ଭାଷେ-କହେ । ୨୩:କର-ହସ୍ତ-ନୟନ-ନେତ୍ର, ଶ୍ରବଣ-କର୍ଣ୍ଣ, ମନ-ମର୍ତ୍ତ୍ୟ, ବୈକୁଣ୍ଠେ-ବିଷ୍ଣୁପୁରୀ, ବୈକୁଣ୍ଠ ବିହାରୀ-ସ୍ୱର୍ଗବିହାରୀ ନାରାୟଣ (ରାମ) ।

Digitized by PPRACHIN, SOA

ହନୁମାନ ମକରଧ୍ୱଜ ଯୁଦ୍ଧ

(ରାଗ - ଚୋଖି) (ତ୍ରିଭଙ୍ଗୀ)

ଛାନ୍ଦ - ୪୭

ଶୁଣ ଆହେ ଶ୍ରଦ୍ଧାବନ୍ତ, ଏଅନ୍ତେ ଯାହା ଚରିତ, ଘଟିଲା କହନ୍ତି ଭୂତ, ନାଥ ଉମାଙ୍କୁ
ବିଭୀଷଣ କଥା ଶୁଣି, ଆଶ୍ଚର୍ଯ୍ୟ ହେଲା ପାବନି, ଭିତରକୁ ଯାଇ ବେନି, ଅଥୟ ଦେଖୁ
ଶୋଇଛନ୍ତି ରକ୍ଷ ବାନର,
ନାହାନ୍ତି ରାମ ଲକ୍ଷ୍ମଣ ବେନି ସୋଦର । ।୧।
କାନ୍ଦି ସେ ସରମା ପତି, ବୋଲେ କି କଲୁ ମାରୁତି, ମୁଁ ହେଲି ଅନାଥ ଗତି ନାହିଁ ମୋହର
ଧନୁଶର ପଡ଼ିଅଛି, ଦେଖବିବରେ ହୋଇଛି, ଏହି ମାର୍ଗେ ପଳାଇଛି, ଧରି ଅସୁର
ମୋ ରୂପରେ ପାତାଳ ପାଳ,
ନେଲା କରିଥିବା ଚେଷ୍ଟା ହେଲା ବିଫଳ । ।୨।
ଚିତ୍ତ ନ ହେଉଛି ଥୟ, କରିବା କେଉଁ ଉପାୟ, ସୀତା ଉଦ୍ଧାର ବିଲୟ, ଏଥୁ ହୋଇଲା
ସୁମିତ୍ରାଙ୍କର କୁମର, ସଦା ଧରି ଧନୁଶର, ଜଗି ରହୁଥିଲେ ଦ୍ୱାର, ନିଦ୍ରା ହୋଇଲା
କି ପ୍ରକାର ନ ହୁଏ ଜାଣି,
ତୁଣ୍ଡ ଶୁଣି ରୁଣ୍ଡ ହେଲେ ବାନର ଶ୍ରେଣୀ । ।୩।
ପ୍ରକାଶନ୍ତି ରୋମାସାଇଁ, ଇନ୍ଦ୍ରଜିତ ହତ ପାଇଁ, ଛାଡ଼ିଥିଲେ ସିନା ସେହି, ନିଦ୍ରା ମୈଥୁନ,
ଇନ୍ଦ୍ରଜିତ ହତ ପରେ, ଅଶନ ନିଦ୍ରା ନିଶାରେ, କରୁଥିଲେ ନେଲା ଖରେ,ସେ ଯାତୁ ଧାନ
ଶୁଣି ହନୁ ବୋଲେ ତତ୍ କାଳେ,
ବ୍ୟସ୍ତ ନୁହଁ ଆସିବେ ସେ ଯେଉଁଠି ଥିଲେ । ।୪।
ଏହା କହି ନାମ ଧରି, ସୁଡ଼ଙ୍ଗେ ପଶିଣ ହରି, ମିଳିଲା ପାତାଳ ପୁରୀ, ଦ୍ୱାରେ ଚଞ୍ଚଳ
ଦେଖଇ ଦେଖାଇ ଓଜ, ଜଗିଛି ମକର ଧ୍ୱଜ, ପିମ୍ପୁଡ଼ି ଯିବାକୁ ସଜ, ନାହିଁକା ବଳ
ହନୁ କିନ୍ତୁ ଠେଲାଇ ପଶେ,
ବାଟ ଓଗାଳିଣ ମକର ଧ୍ୱଜ ଭାଷେ । ।୫।
ମର୍କଟ କେଉଁ କାରଣେ, ପଶୁଛୁ ନିର୍ଭୟେ ଏଣେ, ପ୍ରକାଶ କର ମରଣେ, ନାହିଁକି ଭୟ
ଏହିପୁର ନୃପରାଣ, ଅଟନ୍ତି ମହୀ ରାବଣ, ତାଙ୍କ ଶାଣିତ କୃପାଣ, କରିବ କ୍ଷୟ
ଜୀବେ ଆଶା ଥିଲେ ଟି ପଳା,
ଜାଣିଲେ ନୃପତି ନିଶ୍ଚେ କାଟିବେ ଗଳା । ।୬।

୧: ଭୂତନାଥ-ଶିବ, ରକ୍ଷ-ଭାଲୁ, ବାନର-ମର୍କଟ । ୨:ସରମାପତି-ବିଭୀଷଣ, ମାରୁତି-ମରୁତ ପୁତ୍ର ହନୁମାନ, ପାତାଳ ପାଳ-ମହୀରାବଣ ।
୩: ବିଲୟ-ବିନାଶ, ସୁମିତ୍ରାଙ୍କର କୁମର-ଲକ୍ଷ୍ମଣ । ୪: ରୋମାସାଇଁ-ବିଭୀଷଣ, ଅଶନ-ଭୋଜନ,ଯାତୁଧାନ-ଅସୁର ମହୀରାବଣ ।
୫:ସୁଡ଼ଙ୍ଗେ-ବିବରେ, ହରି-ମର୍କଟ ହନୁମାନ । ୬: କୃପାଣ-ଖଣ୍ଡା

Digitized by PPRACHIN, SOA



ହନୁମାନ ମକରଧ୍ୱଜ ଯୁଦ୍ଧ ।

Digitized by PPRACHIN, SOA

ଶୁଣିଏକଥା ମାରୁତି ବୋଲେଦେଖି ତୋରରୀତି ପରିହାସ ଲାଗେ ଅତି, ଛାଡ଼ରେ ଦ୍ୱାର
କିମ୍ବା ଆସି କର ରଣ, ଜଣାଯିବ ବୀରପଣ ଜାଣିଛି ମହୀରାବଣ, କୀର୍ତ୍ତି ବର୍ବର
ଖଡ୍ଗ ତୋଳି ମକର ଧ୍ୱଜ
ମାରୁତି କଣ୍ଠେ ପ୍ରହାରୁ ଦେଖାଇ ତେଜ । ।୭।

ବୁଲାଇ ଗଦା ପିଟିଣ, ବାଧା ଦେଲା ହନୁମାନ, ବାହୁବଳେ ବେନିଜନ, କଲେ ସମର
କୌତୁକ ଦେଖିବା ପାଇଁ, ଅଦୃଶ୍ୟେ ପାତାଳେଯାଇ, ଐରାବତେ ଶଚୀସାଇଁ, ଆଦି ଅମର,
ଜୟ ପରାଜୟ ପ୍ରଭୂତ,
ନୋହିଲା ମାଲ ଯୁଦ୍ଧରେ ବେନି ଏ ରଡ । ।୮।

ମୁଷ୍ଟିରେ ମୁଷ୍ଟି କଚାଡ଼ି, ମୁଣ୍ଡରେ ମୁଣ୍ଡକୁ କୋଡ଼ି, ବାହଷ୍ଫୋଟେ ରଦଭିଡ଼ି, ଅଙ୍ଗକୁ ଅଙ୍ଗେ,
ପ୍ରହାରକରି କୌଶଳେ, ପାଦେପାଦ କେତେବେଳେ, ଜାନୁରେ ଜାନୁକୁ ଛନ୍ଦେ, ପିଟି ଅପାଙ୍ଗେ,
ଠାରି ପଡ଼ି ଗଡ଼ି ଉଠନ୍ତି,
ନାସିକା ଶ୍ୱାସ ପ୍ରଶ୍ୱାସ ବତାସ ଗତି । ।୯।

ବକ୍ଷେ ବକ୍ଷ ପାତ ରଙ୍ଗ, ଧର୍ମରୁ ଅଗ୍ନି ସ୍ଫୁଲିଙ୍ଗ ବାହାରେ ମତ୍ତ ମାତଙ୍ଗ, ଗତିରୁ ରଜ
ଉଡ଼େ କୁଳବତୀ ଚିତ୍ତ, ହରିଲା ପରାଏ ମନ୍ତ୍ର, ନିସ୍ତେଜ ହୋଇଲାମତ୍ତ, ମକର ଧ୍ୱଜ
ପକ୍ଷୀ ରାଜ ଆଘାତ ପାଇ
କୁଣ୍ଡଳୀର ଦଶା ଯେଉଁପରି ହୁଅଇ । ।୧୦।

ବସି ମନେ ଭାବି କବି, ଲେଖୁ ମନ ଗଲା ଦ୍ରବି ଖଦ୍ୟୋତ ହୋଇବ ରବି, ସଙ୍ଗରେ କାହୁଁ
ବନପତି, ସଙ୍ଗେ ଶଶା, ପରିହେଲା ଲୋକହସା, ମାର୍ଜାର ସଙ୍ଗତେ ମୂଷା, ଉପମା ରହୁ
ଦ୍ୱୀପୀ, ସଙ୍ଗେ ଅଜା, ବ୍ୟଙ୍ଗରେ,
ସିନ୍ଧୁ ସଙ୍ଗେ ନଦୀ ରଙ୍ଗେ କି ହୋଇପାରେ । ।୧୧।

ହଂଶ, ବକୀ, ଶ୍ୟେନପକ୍ଷୀ, ଇନ୍ଦ୍ରରେ ନରେନ୍ଦ୍ର ଲେଖି, ନକୁଳେ ପାରିବା ଦେଖି, ଅଛକି କାହିଁ
ମୃତ୍ତିକାମାର୍ଜାର ଅହି, ମାତଙ୍ଗେ ଖର ଯୁଝଇ, ତଥା ସେ ମକର ତହିଁ, ଜିତିବା ପାଇଁ
କ୍ରମେ ବଳ କ୍ଷୀଣ ହୋଇଲା
ଜାଣି ହନୁମାନ ବୀର ସେଥି ବୋଇଲା । ।୧୨।

ଆରେରେ ମନ୍ଦପାପିଷ୍ଠ, ସୁମର ତୋହର ଇଷ୍ଟ, ରଖନ୍ତୁ ଦେଖି କେ କଷ୍ଟ, ଏଥି ନିକର
ପାଞ୍ଜି ପୋଛିଲାଣି ଯମ, ସରିଲା ଅର୍ଜିବା ଧର୍ମ, ମୋହ କରରେ ଅଧମ, ହେବୁ ନିସ୍ତାର
ମକର ଧ୍ୱଜ ବୋଲେ ଚିନ୍ତି
ପବନ ଆତ୍ମଜ ମୋ' ପିଅର ଅଟନ୍ତି । ।୧୩।

୭: ଖଡ୍ଗ-ଖଣ୍ଡା. ୮:ଶଚୀସାଇଁ-ଇନ୍ଦ୍ର,ପ୍ରଭୂତ- ଉନ୍ନତ,ରଦ-ଦାନ୍ତ । ୯:ଜାନୁ-ଆଣ୍ଠୁ, ଅପାଙ୍ଗେ-କଟାକ୍ଷେ ଚକ୍ଷୁ ପ୍ରାନ୍ତେ । ୧୦: ମତ୍ତ-ଉନ୍ମତ୍ତ. ମାତଙ୍ଗ-ହସ୍ତୀ, ରଜ-ଧୂଳୀ, ପକ୍ଷୀରାଜ-ଗରୁଡ଼, କୁଣ୍ଡଳୀ-ସର୍ପ । ୧୧:ଖଦ୍ୟୋତ-ଜୁଳୁଜୁଳା ପୋକ, ରବି-ସୂର୍ଯ୍ୟ,ବନପତି-ସିଂହ.ଶଶା-ବିଲୁଆ, ମାର୍ଜାର-ବିରାଡ଼ି. ଦ୍ୱୀପୀ-ବ୍ୟାଘ୍ର. ଅଜା-ଛେଳି. ସିନ୍ଧୁ-ସମୁଦ୍ର । ୧୨: ବକୀ-ବଗ. ଶ୍ୟେନ-ଛଞ୍ଚାଣ. ପକ୍ଷୀ-କପୋତ. ନରେନ୍ଦ୍ର-ରାଜା,ମୃତ୍ତିକା ମାର୍ଜାର ଅହି-ମାଟିବିରାଡ଼ି ସର୍ପ. ମାତଙ୍ଗ-ହସ୍ତୀ,ଖରେ-ଗଧ. ନିକର-ନିଶ୍ଚୟ- ଏବେ । ୧୩:ପବନ ଆତ୍ମଜ-ହନୁମାନ ।

Digitized by PPRACHIN, SOA

କହିଛନ୍ତି ବେଦ ବର, ସେହି ଅଞ୍ଜନା କୁମର, ଭାବେ ଚିହ୍ନା ହନୁବୀର, ନାମେ ସର୍ବଥା
ମକର ଧ୍ୱଜର ବାଣୀ, ବୀର ହନୁମାନ ଶୁଣି, ଆଶ୍ଚର୍ଯ୍ୟେ ବୋଲେ ଏପୁଣି, ଅସତ୍ୟ କଥା
ମୁଁ' ବାତ ସୁତ ହନୁମନ୍ତ
କହ କହ ତୁକେମନ୍ତେ ମୋ ଅଂଶୁ ଜାତ । ।୧୪।

ରାମ ନାମ ମୁଖେ ଧରି, ସଦା ରାମ ସେବା କରି, ହେଲି ମୁହିଁ ବ୍ରହ୍ମଚାରୀ, ମର ଜଗତେ
କରି ନାହିଁ ଦାରାପୁତ୍ର, ତୁ ହେଲୁ କହ କେମନ୍ତ, ହେଉଅଛି ଅପଖ୍ୟାତ, ବାଧୁଛି ମୋତେ
କହଇ ସେ ମକର ଧ୍ୱଜ,
ଶ୍ରୁତି ଡେରି ଶୁଣ ଯେଉଁ ଭାବେ ତନୁଜ । ।୧୫।

ବହୁକାଳ ରାମ ପାଶେ, ଦାସ ଭାବରେ ପ୍ରବାସେ ରହିବା ଜାଣି ବିରସେ, ଅଞ୍ଜନା ଘୂରି
କରିଲେ ଯାଇ ଗୁହାରି, ଶୁଣ ଶୁଣ ଚାପଧାରୀ, ତୁମ୍ଭ ବଂଶ ବୃଦ୍ଧି କରିବା, ପାଇଁ ନାରୀ
ଗ୍ରହଣ କରି ଭୋଗ କର,
ମୋ ବଂଶ ନାଶ' କିମ୍ପା ବିଚାର ନକର । ।୧୬।

ଏକ ମାତ୍ର ମୋର ପୁତ୍ର, ହୋଇଣ ତୁମ୍ଭର ଭୃତ୍ୟ, ବ୍ରହ୍ମଚାରୀ ଦୀକ୍ଷାରୁତ, ନ ହୁଏ ବିଭା,
କି ଭାବେ ରହିବ ବଂଶ, ବିଚାରି ସୂର୍ଯ୍ୟା ବତଂଶ, ଭୁଲାଇ ହନୁ ମାନସ, କରନ୍ତୁ ନିର୍ଭା
ଶୁଣି ରାମ ତୁମ୍ଭଙ୍କୁ ଡ଼ାକି,
ଗାର୍ହସ୍ଥ୍ୟ, ଧର୍ମେ କହିଲେ ମନେ ନାହିଁକି । ।୧୭।

ବ୍ରହ୍ମଚାରୀ ବ୍ରତ ନାଶ, କାରଣ ମନରେ ତ୍ରାସ, ଜାଣି ସେଥି ରଘୁଶିଷ, ଦେଇ ନଜୀର
ପ୍ରକାଶିଲେ କୁଳଗୁରୁ, ବଶିଷ୍ଠ ଠାରୁ କି ଗରୁ, ତୁମ୍ଭେ ଏ ଜଗତେ ଗୁରୁ, କରି ବିଚାର
ମାତା ତୋଷେ ଗୃହସ୍ଥ ହୁଅ,
ଶୁଣି ତୁମ୍ଭେ କହିଥିଲ ହେବ ଅନ୍ୟାୟ । ।୧୮।

ଅଟନ୍ତି ମୋ ତାତବାତ, ସ୍ପର୍ଶ ନଥିବା, ନାରୀତ, ହେଲେ ମୁହିଁ ସୁତଜାତ, କରାଇ ପାରେ
ଶୁଣି ମାତା ଦୁଃଖଭରେ, ଗଲେ ଚିନ୍ତି ଏ ମହୀରେ, କେ ଅଛି ବା ଏ ସମୀରେ, ସ୍ପର୍ଶ ବିନାରେ
କୁଶଧାରୀ ଡ଼କାଇ ରାମ
ଆଜ୍ଞା ଦେଲେ ପୂର୍ଣ୍ଣେ ଅଞ୍ଜନା ମନସ୍କାମ । ।୧୯।

ଏପ୍ରସଙ୍ଗ ଏଥିଥାଉ, ଶ୍ରବଣ କରନ୍ତୁ ଆଉ, ନୂଆ ଆଖ୍ୟାୟିକା ଯହୁଁ, ଏ କାର୍ଯ୍ୟ ହେବେ
ବିଚାରି ଚତୁରାନନ, କରାଇଥିଲେ ଘଟନ, ଦୁର୍ବାସା ମହୀରାବଣ, ପୁରକୁ ଯିବେ,
ଯାଉ ରାଜା ମୁନି ସେବାରେ,
ତା ଦୁହିତା ଶଶୀମୁଖୀ ନିଯୁକ୍ତି କରେ । ।୨୦।

୧୫:ଦାରା-ଭାର୍ଯ୍ୟା, ଶ୍ରୁତି-କର୍ଣ୍ଣ ।୧୬: ଚାପଧାରୀ - ରାମ । ୧୮: ବ୍ରହ୍ମଚାରୀ ବ୍ରତନାଶ -ପ୍ରଥମାଶ୍ରମୀ ପରେ ଗୃହରେ ରହି ବେଦ ଅଧ୍ୟାୟନ ଉପନୟନ ବ୍ରତନାଶ ୨୧:ନଦୀଶ-ନଦୀଈଶ ସମୁଦ୍ର ।

Digitized by PPRACHIN, SOA

ସେବା ତ୍ରୁଟିରେ ତାପସ, ଶାପେ କନ୍ୟା ହୋଇନାଶ, ମକରୀ ରୂପେ ନଦୀଶ, ଗଭୀର ଜଳେ,
ରହିଲା ତାର ଉଦ୍ଧାରେ, ତପଚାରୀ କହିଥିଲେ, ଗର୍ଭ ହୋଇ ତୁ ଉପରେ, ଆସିବୁ ଥରେ,
ତୋ, ପିଅର ବିଛିନ୍ନ ଶିର,
କରାଇବା ପରେ ତୁହି ହେବୁ ଉଦ୍ଧାର । ।୨୧।

କ୍ରମେ କାଳଗଲା ବହି, ଖୋଜିବାପାଇଁ ବୈଦେହୀ, ଗଲ ତୁମ୍ଭେ ଯେବେ ଏହି, ସାଗର ପରେ
ଟାଣୁ ସୁରସା ରାକ୍ଷସୀ, କ୍ରୋଧୁ ବ୍ରହ୍ମ ବିନ୍ଦୁ ଖସି, ସ୍ୱେଦ ସହିତରେ ମିଶି, ପଡ଼େ ଜଳରେ
ବିଧାତାର ଘଟ ସୂତ୍ରରେ,
ନ ଭାସି ବୁଡୁ ମକରୀ ଗିଳିଲା ଖରେ । ।୨୨।

ଅକ୍ଷୟ ତେଜ ସେ କ୍ଷୟ, ନହୋଇ ଗର୍ଭ ଉଦୟ, ହେଉ ମନେ ମହାଭୟ, ପାଇସେ ମୀନ
ଗର୍ଭାଳସେ ଆସି କୂଳେ, ବିହାର କରିବା କାଳେ, ଧୀବର ଧରିଣ ଜାଲେ, ନୃପେ ପ୍ରଦାନ-
କଲା, ପରିଚାରିକା କରେ
କାଟୁ ଦେଖିଲେ ମୋ ଅବୟବ ଗର୍ଭରେ । ।୨୩।

ସନ୍ଦେହେ ମହୀରାବଣ, ବୁଝିବା ପାଇଁକି ପୁଣ, ଡ଼କାଉ ଚତୁରାନନ, ଆସି (ଗଡୁରୁ)
ନୀର କର ମଧ୍ୟେ ଭରି, ସଞ୍ଜୀବନି ମନ୍ତ୍ର କରି- ସିଞ୍ଚୁ ଦିବ୍ୟାଙ୍ଗେ ମୋହରି, ସେହି ବେଳରୁ
ଶୁଣିଲି ମୁଁ କହୁ ବିଧାତା
ଆଦି ଅନ୍ତ କରି ମୋର ଜନମ କଥା । ।୨୪।

ତାପରେ ଚତୁରାନନ, ଆଦେଶେ ମହୀରାବଣ, ନିଯୁକ୍ତ କରିଲେ ପୁଣ, ଗଡ଼ ରକ୍ଷାରେ
ସେହି ଦିନୁ ଜଗେ ଦ୍ୱାର, ଏହା ପରିଚୟ ମୋର, ଯାଅ ପ୍ରଭୁ କାର୍ଯ୍ୟ କର, ହେ ନିର୍ବିକାରେ
ସନ୍ଦେହ କରନ୍ତେ ପାବନୀ
ସତ୍ୟ ସତ୍ୟ ବୋଲି ଶୁଭେ ଦଇବବାଣୀ । ।୨୫।

ପୁତ୍ରକୁ ଦେଇ ଚୁମ୍ବନ, ପୁଚ୍ଛା କଲା ହନୁମାନ, ରାତ୍ରରେ ରାମ ଲକ୍ଷ୍ମଣ, ଆଣି ଦଇତ
କହ କେଉଁଠି ରଖିଛି, କି କାରଣେ ଆଣିଅଛି, ନ ଦେଖିବା ଯାଏ କିଛି, ଶାନ୍ତି ନାହିଁତ
ବୋଲେ ଶୁଣି ମକରଧ୍ୱଜ,
ଗଲାରାତ୍ରେ ସେ' ଦ୍ୱିଯତି ଆଣି ଦନୁଜ । ।୨୬।

ମନମଧ୍ୟେ ଅଛି ଭାଳି, ଆରାଧ୍ୟ ଦେବତା କାଳୀ, ଆଗେ ପ୍ରଭାତରେ ବଳି, ଦେଇ ତୋଷିବ
ସାଧାରଣେ ଅଗୋଚର, ମହାଗୁପ୍ତ ବନ୍ଦୀଘର, ମଧ୍ୟରେ ରଖିଛି ବୀର, କିପରି ଯିବ
କାଳୀ ରକ୍ଷା କରେ ସେ ଦ୍ୱାର,
ମକ୍ଷିକା ଯାଇ ନ ପାରେ ସଦା ତତ୍ପର । ।୨୭।

୨୫: ଚତୁରାନନ-ବ୍ରହ୍ମା, ପାବନି-ପବନ ପୁତ୍ର ହନୁମନ୍ତ । ୨୬:ଦ୍ୱିଯତି-ରାମ.ଲକ୍ଷ୍ମଣ. ଦନୁଜ-ରାକ୍ଷସ ମହୀରାବଣ । ୨୯:ଜନକ ଧୂଳା-ସୀତା, ବଲ୍ଲଭ-ସ୍ୱାମୀ ରାମଚନ୍ଦ୍ର, ମହାଦେବ ପୂଜ୍ୟ ଦେବତା-ରାମଚନ୍ଦ୍ର । ୩୦:ଭୋଳା-ଶିବ, ବଳା-ପୁତ୍ର.ହନୁମାନ ।

Digitized by PPRACHIN, SOA

ବଳୀ ଚିନ୍ତି' ରଘୁନାନ, ଅଳି ରୂପକୁ ଧରିଣ, ଗଳି ଯାଉ ଜଳି ପୁଣ, ବୋଲେ ଲଙ୍କିନୀ
କିଏରେ ତୁହି ପାପିଷ୍ଠ ଏପୁରେ ପଶିଲୁ ଦୁଷ୍ଟ, ଦେବୀ ଥାଉ ଥାଉ ଇଷ୍ଟ, ସୁମର ପୁଣି
ଜାଣି ନାହୁଁ କିରେ ଆଗରୁ,
ଜଗେ ଏ ପୁର ମୁଁ ଲୁଚି ଯାଉଛୁ ଭୀରୁ । ।୨୮।

ବୋଲେ ହନୁ ଶ୍ରୁତିପାତ, ମୋର ନାମ ହନୁମନ୍ତ, ମୁଁ ଶିବ ମାନସ ପୁତ୍ର, ବାୟୁ ମୋ ପିତା
ଜନକ ସୁତା ବଲ୍ଲଭ, ଦାସାନୁ ଦାସ ମୁଁ, ଠାବ, କରିବାକୁ ମହାଦେବ, ପୂଜ୍ୟ ଦେବତା
ଆସି ଅଛି ଏ ପୁରେ ମାତା,
ଦୈତ୍ୟ ହରି ଆଣି ବଢ଼ାଇଛି ଦୁଃଶ୍ଚିନ୍ତା । ।୨୯।

ପଥରେ ଦ୍ୱାରୀ ମକର, ଦେଖାଇ ନିଜର ବଳ, ଜାଣନ୍ତେ ମୋର କୁମାର, ଛାଡ଼ିଲା ପଥ
ବିଚାର ତୁହି ଚିତ୍ତରେ, ସୁଚିତ୍ତରେ ଉଚିତରେ, ଅମର ଦୈତ୍ୟ ହତରେ, ସର୍ବଦା ବ୍ୟସ୍ତ,
ପ୍ରକାଶ ଅର୍ଥେ ଭବଲୀଳା,
ପୁଚ୍ଛନ୍ତି କାଳୀ'କି ' ଭାବେ ତୁ ଭୋଳା ବଳା । ।୩୦।

ହନୁବୋଲେ ବାଳକାଳେ, ସୂର୍ଯ୍ୟଙ୍କୁ ବାନ୍ଧିବା ବଳେ, ଇନ୍ଦ୍ର ବଜ୍ରଘାତେ ତଳେ, ପଡୁ ଜନନୀ,
କାନ୍ଦୁ ଜାଣନ୍ତେ ପିଅର, କ୍ରୋଧେ ହୋଇ ଜରଜର, ରୁନ୍ଧି ନ ଚଳୁ ସମୀର, ଜଗତେ ଜାଣି
ଶିବ ବ୍ରହ୍ମା ଆଦି ଅମର
ବଞ୍ଚାଇ ମୋତେ ଅର୍ପିଲେ ଅମରବର । ।୩୧।

ସେଥି ପ୍ରଭୁ ପଶୁ ପତି, ବରପୁତ୍ରରେ ସ୍ୱୀକୃତି, ଦେଇ ବୋଇଲେ ମାରୁତି, ଦେଲି ଏ ବର
ଇଚ୍ଛା ମତେ ରୂପଧର, ସଦା ପ୍ରଭୁ କାର୍ଯ୍ୟକର, ବନ ବିହାରୁ ମୋହର, ଯେତେ କୁମର
ତା ମଧ୍ୟରେ ତୋ ବଂଶ ଅଛି,
ଆନ ଆନନ ହରଷେ, ବର ଦେଉଛି । ।୩୨।

ପକ୍ଷୀ, କ୍ରୋଡ଼, ଅଶ୍ୱ, ସିଂହ, କପି ସହ ପଞ୍ଚ ମୁହଁ, ଧରୁ କାଳିକା ସନ୍ଦେହ, ବିନଷ୍ଟ ହେଲେ,
ସୀତା ଅଶୋକ ଶୋକରୁ, ବହିବା ଲୋତକଚାରୁ, ଶକ୍ତି ବେନି ଆସି ଭୀରୁ, ତା ନାଶ କଲେ
ସାହା ହୋଇ ସେଥୁ ଚଣ୍ଡିକା,
ବୋଇଲେ ରାମ ଉଦ୍ଧାରେ ନ କର ଶଙ୍କା । ।୩୩।

ଅସୁର ଅମର ବର, ତପେ ମାଗୁ ବେଦବର, ବୋଇଲେ ଅମର ବର, କିମ୍ପାଇ ମାଗୁ,
ମର୍ତ୍ତ୍ୟମଣ୍ଡଳରେ ଦେହ, ଧରି କେ ରହିଛି କହ, ଦେବତା ହେଲେବି ଦେହ, ଛାଡନ୍ତି ଆଗୁ
ଅମର ବର ପରି ବର,
ଦେଉଛି ସେ କରାଇବ ତୋତେ ଅମର । । ୩୪ ।

୩୨: ପଶୁପତି-ଶିବ, ବରପୁତ୍ର-ବଚନପୁତ୍ର, ମାରୁତି -ହନୁମାନ । ୩୩: ପକ୍ଷୀ-ଗରୁଡ, କ୍ରୋଡ-ବରାହ, ଅଶ୍ୱ-ଘୋଡା, ସିଂହ-ବନପତି, କପି-ମାର୍କଡ, ଶକ୍ତିବେନି-ତାରା ତାରିଣୀ ତ୍ରାଣକର୍ତ୍ତ୍ରୀ, ଭୀରୁ-ଭୟ, ଚଣ୍ଡିକା-ଦୁର୍ଗା । ୩୪: ବେଦବର-ବ୍ରହ୍ମା, ମର୍ତ୍ତ୍ୟ ମଣ୍ଡଳ-ମରଧାମ ପୃଥିବୀରେ । ୩୬: କହିଲା ପାତାଳ ଇଶ-ମହୀରାବଣ କହିଲା, ବିହି-ବିଧାତା, ପାବନି-ହନୁମାନ ।

Digitized by PPRACHIN, SOA

ଗଜ, ସର୍ପ, ଝିଙ୍କ, ଛାଗ, ମହିଷି ରୂପ ମୁଁ ଆଗ, କରି ପଞ୍ଚପ୍ରାଣ ବାଗ-ରେ ମନ୍ତ୍ରେନେଇ,
ପଞ୍ଚ ଭ୍ରମର ରୂପରେ, ରଖୁଛି ଗୁମୁଟି ଘରେ, ମହା ଗୁପ୍ତରେ କୂପରେ,ଜଳେ ବୁଡାଇ
ଏହି ପଞ୍ଚପ୍ରାଣିଙ୍କ ଜୀବ,
ଥିବା ଯାଏଁ ତୋର ମୃତ୍ୟୁ କେବେ ନହେବ ।। ୩୫ ।

ତୋର ବଧ ନିମିତ୍ତରେ, କେ ଶତ୍ରୁ ଆସିଲେ ପୂରେ, ବାହାରି ପଞ୍ଚ ଭ୍ରମରେ,ନିଜ ରୂପରେ,
କରି ତା ସଙ୍ଗେ ସମର, ବିନାଶ କରିବେ ବୀର, ତାହାକୁ, ଜୀବ ତୋହର, ରଖିବେ ତରେ
ଏହି ବର ଦେଉଛି ତୋଷେ,
ଦେବି ପୂଜା କରିତୁହି ରହିଥା ବାସେ । ।୩୬ ।।

କହିଲା ପାତାଳ ଈଶ, କିଭାବେ ହେବେ ବିନାଶ, ଏହି ପାଞ୍ଚ ପ୍ରାଣୀ ଭାଷ,ମୁଁ'ଜାଣି ଥିବି,
ନହେବା ପାଇଁ ସେ ବଧ, ଆଗୁ କରି ଅବରୋଧ, ନିଜ ବୁଦ୍ଧି ବଳେ ସାଧ୍ୟ,ମତେ ଯେଯିବି
ଶୁଣି ଗୁଣି କହିଲେ ବିହି,
ଯାହା ତା' ଶ୍ରବଣକର ପାବନି ତୁହି ।। ୩୭ ।

ନାଶେ କେ ଶତ୍ରୁ ଭ୍ରମରେ, ଆସିଲେ ପଞ୍ଚ ଭ୍ରମରେ, ଗଜ, ସର୍ପ,ଝିଙ୍କ,ଖରେ,ପୁଣି ଛାଗରେ
ଅରଣା ମହିଷି ରୂପ, ଧରି ନାଶି ଶତ୍ରୁ କଷ୍ଟ, ଜଳେ ବୁଡାଇ ସଙ୍କଷ୍ଟ, ପାଳିବେ ଖରେ
କିନ୍ତୁ ମନେ ରଖ ବିଶେଷି,
ଏ ପାଞ୍ଚଙ୍କ ଶତ୍ରୁ ମୁଖ ଧରି କେ ଆସି ।। ୩୮ ।

ଏକା କରିଲେ ସମର, ପେଶିବ ସମନ ପୁର, ବିନାଶ ହେବ ତୋହର,ତା ପରେ ଜାଣ
ବିଷ ଶନିପାତେ ହିତ, ହେବା ପରି ହନୁମନ୍ତ, ହେବ ତୁହି ପଞ୍ଚ ବକ୍ତ୍ର, ଧରି ଯାଇଣ
ପଶ ଘରେ ଭାଙ୍ଗ ମଞ୍ଜୁଷା,
ମହୀ ରାବଣେ ପାଇଛି ଦଶମ ଦଶା । ୩୯ ।

ଗଜକୁ ତୋ ସିଂହ ମୁଖେ, ମାରି ଗଜ ମୁକ୍ତା ସୁଖେ, ଭୁଞ୍ଜ ସେ ସର୍ପକୁ ଲକ୍ଷେ, ଗରୁଡ ଖାଉ
ଯୁଦ୍ଧରେ ନହୋଇ ଭୀରୁ, ମହୀଷିକୁ ଅଶ୍ୱସାରୁ , ଛାଗକୁ ବରାହ ମାରୁ, ବିପଦ ଯାଉ
ଝିଙ୍କ ଶତ୍ରୁ ମର୍କଟ ମୌଳି,
ଦନ୍ତରେ ପକ୍ଷ ବିଦାରି ଦେଉଯେ ଦଳି ।। ୪୦ ।

କହନ୍ତି ପୁଣି ବୁଝାଇ, ଖଡ୍ଗ ହନୁ କରେ ଦେଇ, ବନ୍ଦୀଶାଳେ ବେନିଭାଇ,ଅଛନ୍ତି ଦୁଃଖେ
ଯାଇଣ ଗବାକ୍ଷ ମାର୍ଗେ, କ୍ଷୁଦ୍ର ରୂପେ ଭେଟି ଆଗେ, କହ ହେ କଥା ପ୍ରସଙ୍ଗେ,ଶ୍ରବଣ ପାଖେ
କାଲି ବଳି କାଳେ ପ୍ରଣାମ,
କର କହୁ ନ ଜାଣୁ, ତା' କହିବେ ରାମ । ।୪୧।

୩୯: ସମନ ପୁର-ଯମପୁର, ପଞ୍ଚବକ୍ତ୍ର-ପଞ୍ଚମୁଣ୍ଡ, ଦଶମଦଶା-ମାରକ ଦଶା । ୪୦: ମର୍କଟ ମଉଳି-ହନୁମାନ । ୪୧: ଖଡ୍ଗ-ଖଣ୍ଡା, ଗବାକ୍ଷ-ଝରକା ।୪୨: ପ୍ରହାରି-ମାରି, ପ୍ରଭୁ-ରାମ, ଅଞ୍ଜନା ସୁତ-ହନୁମାନ, ଅଳି-ଭ୍ରମର । ୪୩: ରଚୟିତା-ଲେଖକ, ଇନ୍ଦ୍ରଜିତର ସନ୍ତତି-ପୁଅ-ମହୀରାବଣ, ଦେବଅର୍ଚ୍ଚନା-ଦେବପୂଜା,ବିପ୍ରେ-ବ୍ରାହ୍ମଣଙ୍କୁ, କଳୁଷ-କ୍ଲାନ୍ତି ଅବସାଦ । ୪୪:ଗାଭୀ-ଗାଈ, ସୁମନ ମାଳା-ପୁଷ୍ପମାଳା, ଅମ୍ବୁଜେ-ପଦ୍ମେ, କମଳା-ଲକ୍ଷ୍ମୀ, ଯାଗେ-ଯଜ୍ଞେ, କୁଶାଣ୍ଡି-କୁଶ-ଗୋମୟଦ୍ୱାରା ମାର୍ଜନା,କୌଶଲ୍ୟାବାଳ-ରାମ । ୪୫:ଆନ୍ଦୋଳିତ-କମ୍ପିତ, ବିଶ୍ୱ-ଜଗତ, ସଂସାର-ମାୟାବନ୍ଧନ, ରଘୁକୁଳେ-ରଘୁବଂଶରେ ।

Digitized by PPRACHIN, SOA

ଆମ୍ଭେ ବେନି ରାଜସୁତ, ପ୍ରଣାମ ଜାଣି ନାହୁଁତ, ଶୁଣି ସେହି ପାତୁ ମାଥ, ଖଡ଼୍‌ଗ ପ୍ରହାରି
ମହୀରାବଣର ପିଣ୍ଡ, ମୁଣ୍ଡକୁ କର ଦ୍ୱିଖଣ୍ଡ ଉଦ୍ଧରିବେ ପ୍ରଭୁ ଦଣ୍ଡ, ଯିବ ବାହାରି
ଆଜ୍ଞା ମତେ ଅଞ୍ଜନା ସୁତ,
ଅଳି ରୂପେ ଯାଏ ରାମେ କରି ସାକ୍ଷାତ । ।୪୨।

ରଚୟିତା ବିଚାରନ୍ତି, ଇନ୍ଦ୍ରଜିତର ସନ୍ତତି, ନାଶି ରାମ ସଉମିତ୍ରୀ, କି ସୁଖ ଶିରି
ଅର୍ଜିବ ମନ୍ଦ ହୋଇବ, ଧାତା ଯେବେ ସାହାହେବ, ଉଦ୍ଧାର ହେବେ ରାଘବ, ଅସୁର ମାରି
କରାଇବି ଦେବ ଅର୍ଚ୍ଚନା,
ମିଷ୍ଟାନ୍ନ ଭୋଜନ, ବିପ୍ରେ, କଳ୍ମଷବିନା । ।୪୩।

ଦୁଗ୍ଧବତୀ ଗାଭୀମାନ- ଶିବ, ମସ୍ତକେ ଦୋହନ କରି ବରି ବିପ୍ର ଗଣ, ଗୁଣାଇ ଚଣ୍ଡୀ
ମଣ୍ଡାଇବି ବିଷ୍ଣୁଗଳା, ଗୁଚ୍ଛାଇ ସୁମନ ମାଳା, ଅମ୍ବୁଜେ ତୋଷି ବିମଳା, ଜାଗେ କୁଶାଣ୍ଡି
ଜାଣି ରଚୟିତା ବିକଳ
ମୋହ ତେଜି ଚେତନ୍ତି ସେ କୌଶଲ୍ୟା ବାଳ । ।୪୪।

ଦେଖୁ ଯାଏ ନିଶାରାଣୀ, ପ୍ରଭାତ ହେଉ ରାଗିଣୀ- ସ୍ୱରେ ଗୀତ ପକ୍ଷୀ ଶ୍ରେଣୀ, ଯାଆନ୍ତି ଗାଇ
ଦାରୁଣ ବିଷାଦ ଚିତ୍ତ, ବେଳୁ ବେଳ ଆନ୍ଦୋଳିତ, ହେଲା ଦୁଃଖେ ରଘୁନାଥ, ବୋଲନ୍ତି ଭାଇ
ବିଚିତ୍ର ଏ ବିଶ୍ୱ ସଂସାର,
ରଘୁ କୁଳେ ଜନ୍ମି ଆଜ କି ନାରଖାର । ।୪୫।

ଶୁଣି ବୋଲନ୍ତି ଲକ୍ଷ୍ମଣ, ଯେ ଦୁଷ୍କୃତି ବିନାଶନ ସଜ୍ଜନ ପରିତ୍ରାଣ ପାଇଁ ସମ୍ଭବ
ମହାଶକ୍ତି ଥାଇ କରେ, ଶତ୍ରୁର ସମ୍ମୋହନରେ ନିଃସ୍ୱତା ସ୍ୱୀକାର କରେ ହତାଶେ ସର୍ବ
ତା ଭୀରୁ କା ପୁରୁଷ ଭାଷ,
ବିପଦେ ଅଧୈର୍ଯ୍ୟ ହେବା ନୁହେଁ ପୌରୁଷ । ।୪୬।

ଜଗତ ଜନଙ୍କ ଶିକ୍ଷା, ପାଇଁ ସତ୍ୟ ମନ୍ତ୍ର ଦୀକ୍ଷା, ମହିମା ଦ୍ୱାରା ପରୀକ୍ଷା, କରାଏ ବିଧି
ହିଂସା, ଦ୍ୱେଷ, ତାପ, କ୍ଳେଶ, ରାକ୍ଷସ ଦେହେ ଅଶେଷ, ପରମ ଶାନ୍ତି ଅବଶ୍ୟ, ହେବ ଅବଧି
ଦମ୍ଭ ହାରି ଜାନକୀ ପତି
ବୋଲନ୍ତି ଏଥି ଆସନ୍ତା ହେଲେ ମାରୁତି । ।୪୭।

ଏକାଳେ ଗବାକ୍ଷ ମାର୍ଗେ, ଯାଇ ହନୁମାନ ବେଗେ, ପ୍ରଣମି କହେ ସରାଗେ, ଜଗତ ପିତା
ତୁମ୍ଭଙ୍କୁ ଆଣନ୍ତେ ଖଳ, ସେନାନୀ ସୁଗ୍ରୀ ବ୍ୟାକୁଳ, ହେଉଛନ୍ତି ମୁଁ କେବଳ, ନାମକୁ ଗୀତା
କରି ଆସୁ ହେଲା ଦର୍ଶନ,
ପଥେ ଶୁଣିମା ଘଟଣା କହୁଛି ଶୁଣ । ।୪୮।

୪୭: ଶିକ୍ଷା-ଶିଖିବା, ଦୀକ୍ଷା-ଉପଦେଶ, ମହିମା-ଗୌରବ, ବିଧି-ବ୍ରହ୍ମା, ହିଂସା-ପରମ ଅନିଷ୍ଟ, ଦ୍ୱେଷ-ବୈରତା, ତାପ-ପିଡ଼ା, କ୍ଲେଶ-କଷ୍ଟ, ରାକ୍ଷସ-ଅସୁର, ଅଶେଷ-ଅନନ୍ତ, ପରମ-ପ୍ରଧାନ, ଶାନ୍ତି-ସ୍ଥିରତା, ଅବଶ୍ୟ-ନିଶ୍ଚିତ, ଅବଧି-ଅବସାନ, ଦମ୍ଭ-ଧର୍ଯ୍ୟ, ଜାନକୀପତି-ରାମ, ମାରୁତି-ହନୁମାନ ।୪୮ :ଗବାକ୍ଷ- ଝରକା ଛିଦ୍ର, ମାର୍ଗେ-ବାଟେ, ଜଗତ ପିତା-ରାମଚନ୍ଦ୍ର, ଖଳ-ଦୁଷ୍ଟ ମହୀରାବଣ ।୪୯ :ଏତିର୍ଥ-ରାମାୟଣ କଥା ରୂପକ-ପ୍ରବାହିତ ଗଙ୍ଗା, ଦୁରିତ-ପାପ । ୫୧: ଶିବ-ମହାଦେବ, ଶିବା-ପାର୍ବତୀ, ସୁଭିଲା-ଡାକିଲା, ୫୨: ଦୁରିତ-ପାପ, ବୈକୁଣ୍ଠ ବାସୀ-ରାମଚନ୍ଦ୍ର ।

Digitized by PPRACHIN, SOA

କାଳୀଙ୍କ ସମୀପେ କାଳି, ରକ୍ଷ ଦେବାପାଇଁ ବଳି, ମନମଧ୍ୟେ ଅଛି ଭାଳି, ରଖ ସ୍ମରଣ
ପ୍ରଣାମ୍ କରିବା ପାଇଁ, ବିଧି-ରହିଛି ଗୋସାଇଁ, କହିଲେ କହିବେ ତୁହି, ଶିଖାଅ ପୁଣ
ସେ ପ୍ରଣାମ କରିବା କାଳେ
ଉଦ୍ଧାର ବ୍ୟବସ୍ଥା ମୁଁ କରିବି କୌଶଳେ । ।୪୯।

ମାରୁତି ବାହାରୁ ଘର- ମଧ୍ୟରୁ ପଞ୍ଚ ଭ୍ରମର, ବାହାରି କଲେ ସମର, ନିଜ ରୂପରେ,
ହସ୍ତି ଶୁଣ୍ଢରେ ଆକର୍ଷି, ସର୍ପ ମହାକ୍ରୋଧେ ଧ୍ୱଂଶି, ଝିଙ୍କ ଶର ପକ୍ଷୀ ରାଶି, ରାଶି ବାହାର
ଛାଗ ଇଛେ ସେଥି ସଂହାର,
ମହିଷି ତୀକ୍ଷ୍ଣ ଶିଙ୍ଘକୁ କରେ ପ୍ରହାର । । ୫୦ ।

ଦେଖି ହନୁ କ୍ରୋଧ ହେଲା, ଶିବ ଶିବାଙ୍କୁ ସ୍ମରିଲା ପାଞ୍ଚ ମୁଖକୁ
ଧରିଲା, ତହିଁ ତତ୍‌କାଳ,
ସିଂହ ରୂପେ ଗଜଶିର, ବିଦାରୁ ରକତ ଧାର, ବହିଲା ମୁକ୍ତା ବାହାର, କଲା ଚଞ୍ଚଳ,
ଗରୁଡ ରୂପରେ ସର୍ପକୁ
ମାରିଲା ବୀର ଭୀଷଣେ ଧରି କୋପକୁ । । ୫୧ ।

ଭାଷେ ଦୟାନିଧି ଦାଶ, ଏ ତୀର୍ଥ ବାରି ସରସ, ସ୍ନାନରୁ ଦୂରିତ ନାଶ, ହେବ ଅବଶ୍ୟ
ଏହା ପରେ ଛାନ୍ଦବଳି, କଥା ବିବୁଧ ମଣ୍ଡଳୀ, ଶ୍ରବଣ କରିବ ବଳି, ହେବ ସୁରସ
ବୈକୁଣ୍ଠକୁ ବୈକୁଣ୍ଠବାସୀ,
ବଳେ ନେବେ ତ, ଐଶ୍ୱର୍ଯ୍ୟ ଭୁଞ୍ଜିବ ବସି । ।୫୨।

• • • • • • • • •

ମହୀ ରାବଣ ବଧ

(ରାଗ - ରାମକେରୀ) ସର୍ବପଦ ଯମକ,

ଛାନ୍ଦ - ୪୮

ମୂର୍ଚ୍ଛିଣ ସର୍ବସ୍ୱ **ପୁଚ୍ଛିଣ'** ଉମା ରାମ ଚରିତ
ବସିଲେ ପାଶରେ **ଭାଷିଲେ**ହର ହୃଦେ ସ୍ମରିତ ।୧।

ପାହିଲା ରଜନୀ **ବାହିଲା,** ରଥଅରୁଣବସି
ଶୟନ ତେଜିଲେ **ନୟନ,** ଖୋଲି ପାତାଳ ବାସୀ।୨।

ସୁବୁଦ୍ଧି ହରାଇ **କୁବୁଦ୍ଧି** ମତେ ମହୀରାବଣ,
ନୀତିକୁ ବଢ଼ାଏ **ଭୀତିକୁ** ଛାଡ଼ି ଚିତ୍ତରୁ ପୁଣ ।୩।

ସୁତଙ୍କ ହାତରେ **ଦୂତଙ୍କ** ପାଶେ ଖବର ଦେଇ
ଘାତକେ ଡ଼କାଏ **ସାର୍ଥକେ** କଥା ହୋଇବା ପାଇଁ ।୪।

ଚିତ୍ତର ଭାବନା **ଇତର** ଜନେ ବୁଝାଏ ବଳୀ
ମଙ୍ଗଳେ ଆଳତୀ **ସଙ୍ଗରେ** ବଳି ଖାଇବେ କାଳୀ ।୫।

Digitized by PPRACHIN, SOA

ଠାଣିକି ଦେଖାଇ **ବାଣୀକି** ପୁଣି ଭାଷେ ଦଇତ
ମନ୍ଦିରେ ନେବଟି **ବନ୍ଦିରେ** ବଳୀ ବଳି ସହିତ ।୬।

ମାଳିକି ଗୁଛିଣ **କାଳୀକି** ବେଶ କରାନ୍ତୁ ମାଳୀ
ତରଷେ ନିଅନ୍ତୁ **ହରଷେ** ବାସୁ ଉପନ ଥାଳୀ ।୭।

ଚଣ୍ଡୀଙ୍କ ସେବକ **ଦଣ୍ଡିତ** ଭୟେ ଲୁଣ୍ଠିତ ହେଲେ
ବୁଝାଇ ନୃପତି **ସୁଝାଇ** ଜଣ ଜଣ ପେଶିଲେ ।୮।

ଜ୍ୟୋତିର୍ବିଦ ସାର **ଶ୍ରୋତ୍ରୀୟ** ତର୍କ ଶାସ୍ତ୍ର ପ୍ରବୀଣ
ଗୁଣି ଗଣା **ଗ୍ରଣୀ** ଶୁଣିସେ ବାଣୀ ଚଳିଲେ ପୂଣ୍ୟ ।୯।

ବଦଳି କେ ବାସ **କଦଳୀ,** ପେଛା ଛଡ଼ାଇ ନିଏ
ବାରି ବେଳ **ନାରୀ**-କେଳକେ, କାଟି ବଢ଼ାଇ ଦିଏ ।୧୦।

ଗଣ୍ଡା, ଗଣ୍ଡା, ଭଣ୍ଡା, **ମଣ୍ଡାଏ,** କେହୁ କଲମି କରି,
ଭଙ୍ଗୁର କରି କେ **ଅଙ୍ଗୁର,** ପେଛା ଥାଳରେ ଭରି ।୧୧।

ଚ୍ୟୁତ ନିମିତ୍ତରେ **ଅଚ୍ୟୁତ** କିଏ ସୁପକ୍ୱ ଚୂତେ
ଅଜାଡ଼େ ନୀରକୁ **ସଜାଡ଼େ** ଶୁଦ୍ଧ ହେବା ନିମିତ୍ତେ ।୧୨।

ପଣ ପଣ କରି **ପଣସ** ଖୋସା କରି ସୁମାରି
ଗୋଟା ଗୋଟା **ତୋଟା** ରକ୍ଷକଯାନ୍ତି ସେଠାକୁଧରି ।୧୩।

କାମର ଆବେଗେ **ରାମର** ନାମ ସଭିଙ୍କ ତୁଣ୍ଡେ
ବିଧିର ଲେଖିବା **ସିଦ୍ଧିକି** ଚିନ୍ତି ଯାଆନ୍ତି ଭଣ୍ଡେ ।୧୪।

ବାଦ୍ୟ କାରଙ୍କର **ବାଦ୍ୟର** ନାଦ ପୁରି ଗଗନେ
ଛଳି କହେ **ବଳି** ହେବକି ନୃପେ କହ ସଘନେ ।୧୫।

ଭଙ୍ଗିକୁ ଦେଖାଇ **ଅଙ୍ଗିକୁ** ଭାଙ୍ଗି ଘୁଡୁକି ବାଳା
ଗହଳିରେ ହନୁ **ଚହଲି** ଦେବୀ ପୃଷ୍ଠେ ରହିଲା ।୧୬।

ଗନ୍ଧ ପୁଷ୍ପ ମନ୍ଦ **ଚନ୍ଦନ** ମୃଗନାଭି କସ୍ତୁରୀ
ବଙ୍ଗ ଦେଶ **ରଙ୍ଗ** ସିନ୍ଦୂର କୁଙ୍କୁମ ଘୃତେ ଗୋଳି ।୧୭।

ହରଷ ମନକେ **ସରସ** ମିଠା ଶୁଖିଲି ଭୋଗ
ଥାଳ ଧରି କହେ ଏ **ବାଳ** ଭୋଗ କରାଅ ଆଗ ।୧୮।

ପୂଜକ ଆରମ୍ଭେ **ସୂର୍ଯ୍ୟଙ୍କ** ପୂଜା ସାରିଣ, କାଳୀ
ପୂଜାପାଇଁ **ଲୁ'ଜା'** ଦେବର ପତି ନାମକୁ କିଳି ।୧୯।

ସୁମନେ **ସୁମନେ** ଅର୍ପିବା କାଳେ ଦେ' ଦେ' ବୋଲି
କାୟାକୁ ଲୁଚାଇ **ମାୟାରେ** ହନୁ ମାଗଇ ଖାଲି ।୨୦।

୭:ଉପନ ଥାଳୀ-ଶାରଦୀୟ ଦୁର୍ଗାପୂଜା,ଖେଚୁଡ଼ି ନାନାବିଧ ନୈବିଦ୍ୟ। ୯: ଜ୍ୟୋତିର୍ବିଦ୍-ଜ୍ୟୋତିଷ, ଶ୍ରୋତ୍ରିୟ-ବେଦାଧ୍ୟାୟୀ ବ୍ରାହ୍ମଣ, ଗୁଣୀ-ତନ୍ତ୍ରମନ୍ତ୍ରକାରି, ଗୁଣୀଗଣାଗ୍ରଣୀ-ଶ୍ରେଷ୍ଠ । ୧୦: ନାରୀକେଳ-ପରଡ଼ । ୧୧:ଭଣ୍ଡା-ଅମୃତ ଭଣ୍ଡା,ମଣ୍ଡାଏ-ବର୍ଣ୍ଣନ କରେ । ୧୨: ଚ୍ୟୁତ-ଆମ୍ବ, ୧୩: ପଣ-କୋଡ଼ିଏ ଗଣା ସଂଖ୍ୟା,ସୁମାରି-ଗଣି । ୧୬.ଚହଲି-ଉଚ୍ଛୁଳି ପଡ଼ି । ୧୭: ମନ୍ଦ ଚନ୍ଦନ- ମଳୟ ଲାଗିଥିବା ବାଷ ଚନ୍ଦନ । ୧୯:ଲୁଜା-ଲୁ-ପୃଥିବୀ, ଜା-ସୀତା, ଦେବର-ଲକ୍ଷ୍ମଣ, ପତି-ରାମ, ନାମକୁ କିଳା, ପ୍ରୋକ୍ଷଣି କରି, ହତ୍ୟା ନିମିତ, ଇନ୍ଦ୍ରଦ୍ୱାରା ସ୍ୱଦ କରାଇ । ୨୦: ସୁମନେ-ଶ୍ରେଷ୍ଠମନରେ, ସୁମନେ-ପୁଷ୍ପ,ଅର୍ପିବା-ଦେବା ।

Digitized by PPRACHIN, SOA

ଭୟରେ ପକାଇ **ଲୟ**କୁ ସର୍ବ ପୂଜକ ଗଣ
ଖଣ୍ଡ ଖଣ୍ଡ ଦଧି **ଭାଣ୍ଡ**କୁ ଅର୍ପି ହେଲେ କାର୍ପଣ୍ୟ ।୨୧।
କ୍ଷୀରା ଖଣ୍ଡ **ଶିରା** ସୁଆର ଅଣାଇ ଭାର ଭାର
କାତରେ ବଢ଼ାଉ **ହାତ**ରେ ହନୁ କରେ ଆହାର ।୨୨।
ମୁଣ୍ଡକୁ କମ୍ପାଇ **ତୁଣ୍ଡ**ରେ ପୁଣି ଦେ' ଦେ' ବୋଲି
ମାଗିବାରେ ଭାଙ୍ଗି ପୂଜକେ ଭୟେ ଯାଆନ୍ତି ଚାଲି ।୨୩।
ଦାସ ଜଣାକଲା **ବାସ**ରେ ଯାଇ ନୃପଙ୍କ ଆଗେ
ବୁଲାଇ ଜିହ୍ୱାକୁ **କୁଲାଇ** ପରି କାଳିକା ରାଗେ ।୨୪।
ପ୍ରସନେ ମାଗନ୍ତି **ଅଶନେ** ଦେ' ଦେ' ବୋଲି ଅଥୟେ
ଭାଙ୍ଗିଲେ ଦର୍ଶକେ **ରାଗିଲେ** ବୋଲି ଚଣ୍ଡିକା ଭୟେ ।୨୫।
ଶୁଣି ନୃପ **ଗୁଣି** ଭଣନ୍ତି ପ୍ରଶସ୍ତ କାଳ ଏହି
ବନ୍ଦିରେ ଯେ ଛନ୍ତି **ମନ୍ଦିରେ** ନିଅ ଯାଉଛି ମୁହିଁ ।୨୬।
ମା'ଜଣା ପାଇଁକି **ମାଜଣା'** ନରେଶ ଧରି ଚଳି
ବଳି ଧରି **ବଳୀ** ଯାଆନ୍ତି ବୋଧିବା ପାଇଁ କାଳୀ ।୨୭।
ଏହି କାଳେ **ସେହି** ଘଟଣାମାନ ଦେଖି ମହୀଶ
ଦେବାକୁ ଶିବାକୁ **ନେବାକୁ** କହି ବଳିକି ପାଶ ।୨୮।
ଦହିଲା ରାମକୁ **କହିଲା** ଯାହା ଇଷ୍ଟ ସୁମର
ବଳି ହେବ **ବଳୀ** ସାଷ୍ଟାଙ୍ଗେ ପ୍ରଣିପାତକୁ କର ।୨୯।
ରାଘବ କହନ୍ତି **ଲାଘବ** କଥା ନ ଜାଣୁ ଆମ୍ଭେ
କଲେ ଭଲେ ଆଗେ ଶିଖିବୁ ବଳେ ପାଳିବୁ ଦମ୍ଭେ ।୩୦।
ଶୁଣି ଏ ଭାରତୀ ନ **ଗୁଣି** ମତି ନୁଆଇଁ ଶିର
କୃପାକର କହୁ **କୃପାଣ** ହନୁ କଲା ପ୍ରହାର ।୩୧।
ମହୀପିଣ୍ଡ ହେଲା ଦ୍ୱି**ଖଣ୍ଡ ମୁଣ୍ଡ** ମହୀରେ ଲୋଟି
ବହିବା ଶୋଣିତ **ଦହିଲା** ସେନା କରିଲେ ପାଟି ।୩୨।
କଚ୍ଛରେ ଯେ ଥିଲେ **ପଚ୍ଛରେ** ଦେହ ରଖିବା ପାଇଁ
ଶାଣିତ କୃପାଣେ **ହାଣିଲେ** ହନୁ ମଲେ ସେ ଠାଇଁ ।୩୩।
ମରଣ ବରଣ କରନ୍ତେ ମହୀ ରାବଣ ତାଜା
ମକର ଧ୍ୱଜକୁ **ଶଙ୍କର** ଧ୍ୱଜ କରାଇ ରାଜା।୩୪।
ରଙ୍ଗେ ଧରି **ସଙ୍ଗେ** ବାହାର ରାମ ରାମ ଅନୁଜ ।
ଶଙ୍କା ଛାଡ଼ି **ଲଙ୍କା** ନୃପଙ୍କୁ ବାର୍ତ୍ତା ଦେଲେ ଦନୁଜ ।।୩୫।
ଋକ୍ଷକପି **ମୁଖ୍ୟ** ବିଲୋକି ରାମ ହୋଇଲେ ହର୍ଷ ।
ଭାଷେ ଦୟାନିଧି **ବାସେ** ଏ ଛାନ୍ଦ ଶୁଣ ବିଦୂଷ ।୩୬।

୨୧:ଭାଣ୍ଡ-ମାଠିଆ । ୨୨:ଶିରା-ମିଠା । ୨୪:ଦାସ-ଭୃତ୍ୟ ବା ଚାର । ବାସରେ-ଗୃହରେ, ଅଶନେ-ଭୋଜନ ପାଇଁ, ବନ୍ଦିରେ-କାରାରୁଦ୍ଧ କଏଦୀ । ମନ୍ଦିରେ-ଦେବୀ ଗଡ଼େ । ୨୭:ମା' ଜଣା-ମା' ଦୁର୍ଗାଙ୍କୁ ଜଣାଇବାକୁ, ମାଜଣା-ସ୍ନାନ ଦ୍ରବ୍ୟ, ବଳି-ଦେବୋଖାଦ୍ୟ, ବଳୀ-ବୀର । ୨୮: ମହୀଶ-ରାଜା, ଶିବାକୁ-ଦୁର୍ଗାଙ୍କୁ । ୩୧: ମହୀ-ମହୀରାବଣ । ୩୨:କଚ୍ଛରେ-ସମକକ୍ଷରେ, ଶାଣିତ କୃପାଣେ-ଧାର୍ଁଆ ଖଣ୍ଡାରେ । ୩୪:ଶଙ୍କର-ଶିବ,ଧ୍ୱଜ-ପୁତ୍ର ହନୁମାନ । ୩୫: ରାମ ଅନୁଜ-ଲକ୍ଷ୍ମଣ, ଦନୁଜ-ଅସୁର । ୩୬: ଋକ୍ଷକପି-ଭାଲୁ ମାଙ୍କଡ, ବିଦୁଷ-ପଣ୍ଡିତ ।

Digitized by PPRACHIN, SOA

ରାମାୟଣରେ ମହା ଭାରତ ଚରିତ ନିଷ୍ପ୍ରଭ
ଓ
ମହୀ ରାବଣର ଅଶରୀରି ଆତ୍ମା ମୁକ୍ତି

(ରାଗ - ଋଷିକୁଲ୍ୟା)

ଛାନ୍ଦ-୪୯

ପାଣ୍ଡବେ ବନ ବାସରେ ବିଷାଦେ ପାଣ୍ଡବଙ୍କ ରାଣୀ ଦ୍ରୌପଦୀ ପାଦେ,
ଚାଲି ଚାଲି କାଖେ କଳସୀ ଧରି ପାଣି ପାଇଁ ଝରଣାକୁ ବାହାରି
ନିଜର ଦୁଃଖ କଥାକୁ
ସ୍ମରଣ କରିଣ ଭାବୁଥାନ୍ତି ମନେ ନିନ୍ଦା କରି ବିଧାତାଙ୍କୁ । ୧ ।

ବିଧାତା ତୁହି କେଡେ ନିଦାରୁଣ ପାଞ୍ଚ ପତି ଥାଇ ଭୋଗେ କଷଣ
ସହିବାକୁ ଏବେ ହେଉଛି ଯାହା ଆଗେ ଭାଗ୍ୟେ ଅଛି କି ଜାଣୁ ତାହା
ଦଣ୍ଡୁ କେଉଁ ବୈରାଗରୁ ।
ଏ କାଳେ ମିଳନ୍ତି ଅବୀର ବ୍ରାହ୍ମଣ ଆସିଣ ଅନ୍ୟ ଦିଗରୁ । ୨ ।

ନେତ୍ର ତାହାଙ୍କର କୋରଡ ତୁଲ୍ୟ ଭ୍ରୂଲତା ଓହଳି ନଦିଶେ ଭଲ
ଚନ୍ଦା ମୁଣ୍ଡ ଦାନ୍ତ ଯାଇଛି ପଡି ଚାମରୀ ପୁଚ୍ଛ ପରି ନିଶ ଦାଢ଼ି
ଅସ୍ଥି ମାଳ ଦିଶେ ଦେହେ
ବାମ ସ୍କନ୍ଧେ ଯଜ୍ଞ ଉପବୀତ ଦକ୍ଷେ ଜୀର୍ଣ୍ଣ ବାସ ଅଙ୍ଗେ ଶୋହେ । ୩ ।

କଟୀରେ ବସ୍ତ୍ର ରକ୍ଷା ଅର୍ଥେ ଖଡି ଖୋଷି ଛନ୍ତି ଚାଲନ୍ତି ଧରି ବାଡି
ଦେଖି ଦ୍ରୌପଦୀ ନାରୀ ଧର୍ମ ରଖି ଓଳଗି ହୁଅନ୍ତେ ହସ୍ତକୁ ଟେକି
ଆଶିଷ ଦିଅନ୍ତି ଗୁଣି
ଅଚଳ ବିଭୂତି ଭୋଗୀ ଭାଗ୍ୟ ବତୀ ହୁଅ ଅହ୍ୟ ସୁଲକ୍ଷଣୀ । ୪ ।

ଦ୍ରୌପଦୀ ଶୁଣି ବିପ୍ର ଆଶୀର୍ବାଦ ମନାକରି ବୋଲନ୍ତି ଏ' ପ୍ରମାଦ
ହୋଇବ ଆମ୍ଭ ପାଇଁ ଏଥି ସିନା ଏଣୁ ବିପ୍ରବର କରୁଛି ମନା
ଶୁଣ ମୋ ଦୁଃଖ କାହାଣୀ
ସେ କାରଣୁ ଦେବା ଆଶୀର୍ବାଦ ମୁହିଁ ଗ୍ରହଣ ନ କରେ ଜାଣି । ୫ ।

ମୋଭାଗ୍ୟରେ ଏ ସବୁପ୍ରାପ୍ତ ହେବା ଅସମ୍ଭବ ସମ୍ଭବ ନୁହେ ବାବା
ହୋଇ କରି ପଣ୍ଡୁଙ୍କ କୁଳବଧୂ ବନବାସ କରେ କି ଅପରାଧୁ
ଜାଣି ନପାରୁଛି ତାହା
ଏହି ପରି ବର ଦେଇ ବିପ୍ରବର କିମ୍ପା ହୋଇବ ମିଛୁଆ । ୬ ।

ଟୀକା ୨ ନିଦାରୁଣ-ନିର୍ଦ୍ଦୟ. କଷଣ-ଦୁଃଖ. ବୈରାଗ୍ୟରୁ-ବିରାଗରୁ. ଅବିର-ଜେ.ଯଜ୍ଞଉପବୀତ-ପଇତା. ୪ : ଅହ୍ୟ ସୁଲକ୍ଷଣୀ-ବିଧବା ନହୋଇ ହୁଅ ଶୋଭକର ।ଟୀକା

Digitized by PPRACHIN, SOA

ଏକଥା ଶୁଣି ବିପ୍ର ପରମାଦ- ଗଣି ପ୍ରକାଶିଲେ ନୁହଁ ବିଷାଦ
ଦେବୀଙ୍କୁ ପୂଜ ଆଣି ନୀଳ ପଦ୍ମ ନରହିବ ତୁମ୍ଭର ଏ ବିପଦ
ବିପ୍ରକଥା ଶିରେ ଧରି
ଆଶା ସଞ୍ଚରିଲା ଅଶ୍ରୁ ବିଗଳିତେ ବେନି ନେତ୍ର ଗଲା ଭରି । ୭ ।

କୁଟୀରେ ଯାଉ ଧରି କ୍ରମେ ଶଙ୍କୁ ପଥେ ଧର୍ମରାଜ ଯୁଧିଷ୍ଠିରଙ୍କୁ
ଦେଖିଲେ ସେ ଯାଜ୍ଞସେନୀଙ୍କ ନେତ୍ର ଆଶ୍ଚର୍ଯ୍ୟେ ପୁଛନ୍ତି ଦୁଃଖ ସହିତ
କି ? କାରଣେ ବରାରୋହା
ଅଶ୍ରୁ ବିମୋଚନ କରୁଛ ନୟନୁ କୁହ ଦୂର ହେବ ତାହା । ୮ ।

ଏହା ଶୁଣି ଦ୍ରୌପଦୀ ଯୁଦ୍ଧିଷ୍ଠିରେ କହନ୍ତି କୋମଳ ଭାଷା ସଧୀରେ
ସ୍ୱାମୀ ଆମର ଏ ଦୀନ ଅବସ୍ଥା ଦୂର ପାଇଁ ବିପ୍ର କରି ବ୍ୟବସ୍ଥା
ବନେ ଶ୍ୱରୀ ପୂଜା ତୋଡା
କରିବା ପାଇଁକି କହିଛନ୍ତି ଶତଅଷ୍ଟ ନୀଳ ପଦ୍ମ ଲୋଡା । ୯ ।

ଯୁଧିଷ୍ଠି କହିଲେ ମୁଁ ତ ବହୁତ ପଦ୍ମ ପୁଷ୍କରିଣୀ ଦେଖିଛି ମାତ୍ର
ଦେଖିନି କେଉଁଠାରେ ନୀଳ ପଦ୍ମ କେଉଠୁଁ ମିଳିବ ଏ କଥା ଛଦ୍ମ
ସେହି କାଳେ ସେହି ସ୍ଥାନେ
ନାରଦ ମହର୍ଷି ବିଧିର ବିଧାନେ ପ୍ରବେଶିଲେ ମନ ଯାନେ । ୧୦ ।

ପାଣ୍ଡବ ରାଣୀ, ଜ୍ୟେଷ୍ଠ' ଯୁଧିଷ୍ଠିରେ ପ୍ରଣାମ କରନ୍ତେ ମୁନି ପୟରେ
କରାଞ୍ଜଳି ପାତି ସେ ତପୋଧନ କହିଲେ ଭାବନା ହେଉ ସମ୍ପୂର୍ଣ୍ଣ
ପଚାରନ୍ତେ ଧର୍ମସୁତ
ବନେଶ୍ୱରୀ ପୂଜା ପାଇଁ ନୀଳ ପଦ୍ମ କେଉଁଠାରେ ମିଳିବତ । ୧୧ ।

ଦେବର୍ଷି କହିଲେ ମନ ଆଣ୍ଟରେ ଦକ୍ଷିଣ ସିନ୍ଧୁ ତଟ ନିକଟରେ
ନୀଳେନ୍ଦ୍ରୀ ସରୋବର ନାମେ ସର ଅଛି ନୀଳ ପଦ୍ମ ଫୁଟେ ନିକର
ପଥ ମାତ୍ର ବହୁଦୂର
ଦୂର ହେବା ପାଇଁ ପଥଶ୍ରମ କଷ୍ଟ ମନ୍ତ୍ରେ' ଏବେ, ଘେନାକର । ୧୨ ।

ଯଥା ସ୍ଥାନରେ ଯଥା ସମୟରେ ପହଞ୍ଚାଇବ ସେ ଅବିଳମ୍ବରେ
ମନ ଯାନରେ ଯାତାୟତ ପରି ପୂରଣ କରିବ କାର୍ଯ୍ୟ ତୁମ୍ଭରି
ଶୁଣି ଧର୍ମ ସୁତ ଖୁସି
ମନ୍ତ୍ର ଦେଇ ନିଜ ଗନ୍ତବ୍ୟ ପଥରେ ଗମନ କଲେ ଦେବର୍ଷି । ୧୩ ।

ସୁବିଧା ଦେଖି ଧର୍ମ ବନ୍ତ ତହିଁ ଭୀମ ସେନକୁ ପାଖକୁ ଡକାଇ
ସେ ମନ୍ତ୍ର ଦେଇ ପ୍ରକାଶନ୍ତି'' ବଳୀ ନୀଳେନ୍ଦ୍ରୀ ସରୁ ପଦ୍ମ ଆଣ ତୋଳି
ଭୀମ ଅତି ସାନନ୍ଦରେ
ମନ୍ତ୍ର ଉଚ୍ଚାରିଣ ହେଲେ ଅବତୀର୍ଣ୍ଣ ନୀଳ ସରୋବର ତୀରେ । ୧୪ ।

ଟୀକା ୭: ଦେବୀ-ଦୁର୍ଗା, ଅଶ୍ରୁ-ଲୁହ, ବିଗଳିତ-ବହି, କୁଟୀରେ-ପତ୍ରକୁଟିଆରେ, ୮: ବରାରୋହା-ସୁନ୍ଦରୀ । ୯: ଦୀନଅବସ୍ଥା-ଦୁଃଖ ଅବସ୍ଥା । ୧୧: ବନେଶ୍ୱରୀ-ବନ ଦେବୀ । ୧୨: ଦେବର୍ଷି-ନାରଦ, ଆଣ୍ଟରେ-ମନରେ, ସିନ୍ଧୁ-ସମୁଦ୍ର । ୧୩: ଧର୍ମସୁତ-ଯୁଧିଷ୍ଠିର ।

Digitized by PPRACHIN, SOA

ପଦ୍ମ ତୋଳିବାକୁ ହେଉ ଉଦ୍ୟତ
ଅଶରୀରୀ ଆତ୍ମା କରିଲା ବ୍ୟକ୍ତ
ହେ ମାନବ ଜଗେ ମୁଁ ଏ ପୋଖରୀ
ମନ ଇଚ୍ଛାରେ ନୀଳ ପଦ୍ମ ଧରି
ଏଥୁ ଯାଇ ନପାରିବ
କହୁଛି ଯେପରି ହେବ ତୁମ୍ଭ କାର୍ଯ୍ୟ ତାହାକରି ପଦ୍ମ ନେବ । ୧୫ ।

ଜଗିଛି ପୋଖରୀ ସଙ୍କଳ୍ପ କରି
ତ୍ରେତା ଯୁଗ ରାମ ଚନ୍ଦ୍ରଙ୍କ ନାରୀ
ସୀତାଙ୍କୁ ଯେ ମୋତେ ଦେଖାଇ ଦେବ
ଅନୁ ମତି ଦେବି ପଦ୍ମ ତୋଳିବ
ନମାନି ତାହା ଯେ ଯିବ
ନତୋଳି ପାରିବ ପଦ୍ମରୁ ଗୋଟିଏ ଜଳରେ ବୁଡି ମରିବ । ୧୬ ।

ଭୀମ ସେ କଥା ପ୍ରତି କର୍ଣ୍ଣ ପାତ
ନକରି ଯାଇ ଯେ ହୋଇ ଉଦ୍ୟତ
ଜଳରେ ପଶି ପଦ୍ମ ଧରୁ କରେ
ବିଧି ବିଧାନେ ବୁଡଲା ଜଳରେ
ଗଡି ଯାଉ ଧାର୍ଯ୍ୟ କାଳ
ଜଣ ଜଣ କରି ପେଶିଲେ ଯୁଧିଷ୍ଠି ଅର୍ଜୁନ ଆଦି ନକୁଳ । ୧୭ ।

ସମସ୍ତେ ଅଶରୀରୀ ଆତ୍ମା କଥା
ନଶୁଣି ବୁଡି ବଢ଼ାଇଲେ ବ୍ୟଥା
ମନ ଦୁଃଖରେ ଶେଷେ ଯୁଧିଷ୍ଠିର
ମୁନି ଦେବା ମନ୍ତ୍ରକରି ଉଚ୍ଚାର
ମିଳୁ ସରୋବର ତୀରେ
ଅଶରୀରୀ ଆତ୍ମା କହିଲା ମହାତ୍ମା ମୋର କଥା ଶୁଣ ସ୍ଥିରେ । ୧୮ ।

ତୁମ୍ଭ ପ୍ରାୟ ଏହା ପୂର୍ବରୁ ଚାରି-
ଜଣ ଆସି କଥାକୁ ଯେ ମୋହରି
ନଶୁଣି ସୀତା ନଦେଖାଇ ବଳ-
ପ୍ରୟୋଗି ସେ ତୋଳିବାରୁ କମଳ
ହରାଇଲେ ପ୍ରାଣ ବୁଡି
ମୋକଥା ନଶୁଣି ଜଳରେ ନପଶ କହୁ ନାହିଁ କିଛି ହୁଡି । ୧୯ ।

ଏ ବାକ୍ୟ ଶୁଣି ଗୁଣୀ ରଖିଶଙ୍କୁ-
କହିଲେ ସେ ଅଶରୀରୀ ଆତ୍ମାକୁ
ତୁମେ କିଏ କାହିଁ କହୁଛ ରହି
ମୋତେ ଦେଖା ଦିଅ ତାପରେ ମୁହିଁ
ସୀତାଙ୍କୁ ଦେବି ଦେଖାଇ
ଏହାଶୁଣି ସେ ଅଶରୀରୀ ପ୍ରେତଆତ୍ମା ପ୍ରେତ ରୂପ ଛାଡି କହି । ୨୦ ।

ସେହି ସମୟେ ସେଥି ତପୋବନ୍ତ
ନାରଦ ଆସି ହେଲେ ଉପଗତ
ଅମର ରୂପ ଧରିଥିବା ପ୍ରେତ
ଅଶରୀରୀ ଆତ୍ମାକୁ କଲେ ବ୍ୟକ୍ତ
ଏତେ ଦିନରେ ତୁମର
ଖଣ୍ଡନ ହୋଇଲା ଶାପ ଦେଖି ଆଗେ ଧର୍ମବନ୍ତ ଯୁଧିଷ୍ଠିର । ୨୧ ।

ତୁମ୍ଭ ଉଦ୍ଧାରେ ବ୍ରହ୍ମାଣ୍ଡ କରତା
ଦ୍ରୌପଦୀଙ୍କୁ ଦେବୀଙ୍କ ପୂଜା କଥା
ବୁଝାଇ ଆଶିଷ ଦେଇ ଥିଲେତ
କାର୍ଯ୍ୟ ସମାଧାନେ ମୁଁ ଦେଲି ମନ୍ତ୍ର
ବର୍ତ୍ତମାନ ଅଶରୀରୁ
ଶରୀର ପାଇଲ ମୃତ ଚାରି ଭାଇ ବଞ୍ଚିଅ ଯେ ମଣି ଗୁରୁ । ୨୨ ।

ଟୀକା ୧୫: ଅଶରୀରୀଆତ୍ମା-ଅମୂର୍ତ୍ତ ଅଦଶ୍ୟ ପ୍ରେତଆତ୍ମା । ୧୭: ବେଧା- ବ୍ରହ୍ମା, ବିଧାନେ ନିୟମେ । ୧୮ : ସରୋବରତୀରେ- ପୋଖରୀ କୂଳେ । ୨୧: ଅମର ରୂପ-ଦେବରୂପ । ୨୨: ବ୍ରହ୍ମାଣ୍ଡ କରତା-ବିଶ୍ୱପତି ନାରାୟଣ, ମୃତ ଚାରିଭାଇ-ଭୀମ, ଅର୍ଜୁନ, ନକୁଳ, ଶହଦେବ ।

Digitized by PPRACHIN, SOA



ମହୀରାବଣ ବଧ ।

Digitized by PPRACHIN, SOA

ଜଣ ଜଣ କରି ପଡିବା ପରି
ବଞ୍ଚାଇଲା ଅମର ଆତ୍ମା ଧରି
ଭୀମ ଅର୍ଜୁନ ନକୁଳ ସହିତ
ସହଦେବଙ୍କୁ ବଞ୍ଚାଉ ମୋହିତ
ସମସ୍ତେ ଆସି ସେଠାକୁ
ପହଞ୍ଚୁ ଆନନ୍ଦ ହେଲେ ଗଲା ଦ୍ୱନ୍ଦ ପୁଚ୍ଛାକଲେ ନାରଦଙ୍କୁ । ୨୩ ।

କହ ଋଷିବର ଫେଡି ଘଟଣା
ଜଳେ ବୁଡିଲୁ କିମ୍ପା ନୁହେ ଜଣା
ଅଶରୀରୀ ଆତ୍ମା କିଏ କିମ୍ପାଇଁ
ଏ ସରୋବର ରଖୁଥିଲା ରହି
ରାମ ନାରୀ ସୀତୟାଙ୍କୁ
ଦେଖାଇବା ପାଇଁ କହିଲା ଆମ୍ଭଙ୍କୁ କିଏ କହିଥିଲା ତାଙ୍କୁ । ୨୪ ।

କହନ୍ତି ନାରଦ ରାମ, ରାବଣ
ଯୁଦ୍ଧରେ ଯୁଦ୍ଧେ ଯାଇ କୁମ୍ଭକର୍ଣ୍ଣ
ରଣ ଜକ୍ରୁତାର କର ଚରଣ
ବିଚ୍ଛେଦନ କରିଲେ ରଘୁରାଣ
ମୁଣ୍ଡ ଅଟ୍ଟହାସ୍ୟ କରି
ମାଦଳ ପରାୟେ ବାନର ଗିଳିଲା ଦେଖି ବ୍ୟସ୍ତେ ଚାପଧାରୀ । ୨୫ ।

ପୁଚ୍ଛାକରୁ ବିଭୀଷଣ କହିଲେ
ତାର ମୃତ୍ୟୁ ଭେଦ ଶୁଣନ୍ତୁ ଭଲେ
ବାବଲ ଅସ୍ତ୍ରେ ମୁଣ୍ଡ ଦୁଇ ଫାଳ
କରି ଉଡାଇଣ ଦିଅ ଚଞ୍ଚଳ
ସେ ବାତ ଶରେ ଉଡାଉ
ପଡିଲା ସେ ଏହି ଦକ୍ଷିଣ ସମୁଦ୍ର ନିକଟରେ ଫାଳେ ଏହୁ । ୨୬ ।

ହୋଇଲା ସେ ନୀଳେନ୍ଦ୍ରୀ ସରୋବର
ଅନ୍ୟଫାଳ କପାଳୀ ସରୋବର
ନାମେ ପରିଚିତ ଧରା ଧାମରେ
ଏ ଚରିତ ଏଥି ଥାଉ ହେ ଧୀରେ
ଆନ ପ୍ରସଙ୍ଗରେ ମତି
ରଖ ଯେଉଁ ପରି ଉଦ୍ଧାର ହୋଇବ ସେ ଇନ୍ଦ୍ରଜିତ ସନ୍ତତି । ୨୭ ।

ରାମାୟଣ ଯୁଦ୍ଧ ଶେଷେ ଅମରେ
ବିଚାର କରିଣ ବହୁ ଶ୍ରମରେ
ରଣକୁ ଡକାଉ ମହୀ ରାବଣ
ଧରାମରା ସେହି ନକରି ପୁଣ
ପାତାଳ ଦେବୀଙ୍କୁ ବଳି
ଦେବାକୁ ପାତାଳେ ଧରିଗଲା ବଳେ ରାମ ଲକ୍ଷ୍ମଣଙ୍କୁ ଚଳି । ୨୮ ।

ରାମଙ୍କୁ ନଦେଖି ସେନା ସଇନ
ରୋଦନ କଲେ ବୀର ହନୁମାନ
ବହୁ ବ୍ୟସ୍ତେ ବୁଲି ହେଲା ବିକଳ
ପରିଶେଷେ ଯିବା ପାଇଁ ପାତାଳ-
ପୁରେ ଖୋଜି ପଶେବିଲେ
ରାମ ଲକ୍ଷ୍ମଣଙ୍କୁ ଦେଖିବା ପାଇଁକି ମିଳିଲା ଯାଇ ପାତାଳେ । ୨୯ ।

୨୩: ଦ୍ୱନ୍ଦ-ଚିନ୍ତା 'ସନ୍ଦେହ ।୩୦: ଝଣ୍ଡା-ଯଶ ପତାକା, ବନ୍ଦୀ-ଜାନକୀ ବିଳାସ । ପାତାଳପାଳ-ମହୀରାବଣ, କ୍ରନ୍ଦନ-ପ୍ରଣାମ, ଅମୁକ୍ତ-ଅଶରୀରୀ ଭୂତ ଆତ୍ମା ।

Digitized by PPRACHIN, SOA

ପଥ ରୋଧୁ ଦେବୀ ସେ ପରିଚୟ ଦେଇ ବୋଲେ ମା' ମୁଁ ତୋର ତନୟ
ବିଶ୍ୱାସ ନକରି ଦେବୀ ପ୍ରଚଣ୍ଡ ହେଉ ହନୁ ଦେଖାଉ ପାଞ୍ଚ ମୁଣ୍ଡ
ଦେବୀ ବରେ ବାନ୍ଧି ଝଣ୍ଡା
ମହୀ ରାବଣଙ୍କୁ ହାଣିବା ନିମନ୍ତେ ହନୁକରେ ଦେଲେ ଖଣ୍ଡା | ୩୦ |

କ୍ରମେ କ୍ରମେ ଆସି ପ୍ରଭାତ କାଳ ବଳି ଦେବାପାଇଁ ପାତାଳ ପାଳ
ଦେବୀ ଆଗେ ଆସି କରୁ ଜୁହାର ବେଳ ଦେଖି ହନୁ କଲା ପ୍ରହାର
ଗଣ୍ଡି ମୁଣ୍ଡ ଖଣ୍ଡ ହେଲା
ମର୍କଟ ହାତରେ ହଣା ଖାଇବାରେ ଅମୋକ୍ଷ ହୋଇ ରହିଲା | ୩୧ |

ଦିନେ ନୀଳେନ୍ଦ୍ରୀ ସରୋବର ତଟେ ବୁଲୁ ଦେଖୁ ବିଧାତାଙ୍କୁ ନିକଟେ
ନିଜର ଦୁଃଖକୁ ଫେଡି କହିଲା ମୋହର ଯାହା ମୋକ୍ଷ ନହୋଇଲା
ଉଦ୍ଧାର ପାଇଁ ପ୍ରାର୍ଥନା
କରୁ ଚାରି ଆସ୍ୟ ଆଗତ ଭବିଷ୍ୟ କହିଲେ କରି ଭାବନା | ୩୨ |

ସୀତୟା- ଲକ୍ଷ୍ମୀ, ରାମ- ନାରାୟଣ ଆଣି ଦେଖିଲୁ ତୁ ରାମ ଲକ୍ଷ୍ମଣ
ସୀତାଙ୍କ ଦର୍ଶନ ନହେବା ଯେଓଁ ମୁକ୍ତି ତୋର ନାହିଁ ରହିଥା ଥୟେ
ଏପଦ୍ମ ପୋଖରି ଜଗି
ଏହା ମାଧ୍ୟମରେ ଧର୍ମରାଜ ଥରେ ଆସିବେ ତୋହର ଲାଗି | ୩୩ |

ଦର୍ଶନ ହେଉ ସତ୍ୟବନ୍ତ ଜନେ ଅଶରୀରୀ ଆତ୍ମା ଛାଡି ଶୋଭନେ
ଯିବା ସମୟେ ସୀତା ପ୍ରତିବିମ୍ବ ଦେଖି ସୁଖେ ଯାତ୍ରା କର ଆରମ୍ଭ
ନୀଳ ପଦ୍ମ ସରୋବରୁ
ଆଣି ଦେବୀ ପୂଜା କରି ବାନ୍ଧି ଧ୍ୱଜା ପଞ୍ଚ ଭ୍ରାତ ମଣି ଗରୁ | ୩୪ |

ଅପୂରଣ ମନ ଅମୁଖ୍ୟ ଆତ୍ମା ଆର ପୁରେ ନଯାଏ ହେ ମହାତ୍ମା
ଏଣୁ ମୃତ ହେବା ପୂର୍ବୁ ସକଳ ଦେଶା ଚାରେ ଦିଅନ୍ତି ଫଳ ମୂଳ
ମୃତାହାନ୍ତେ ପ୍ରେତକୃତ୍ୟ
କରିଣ ପ୍ରେତକୁ ଶାସ୍ତ୍ର ଅନୁଯାୟୀ କରୁଛନ୍ତି ଜନେ ମୁକ୍ତ | ୩୫ |

ରାମାୟଣେ ମହାଭାରତ କଥା ନସ୍ତ୍ରଭ ହୋଇଲା ବିଦୂରେ ବ୍ୟଥା
ମହୀରାବଣ ପ୍ରେତଆତ୍ମା ମୁକ୍ତି ହେଲା ଏଚରିତ ରଖିଣ ଏଥି
ଦୀନ ଦୟାନିଧି ଦାଶ
ସନ୍ଦେହ ମୋଚନେ କହିଲା ହେ ଜନେ ବନ୍ଦି ଜାନକୀ ବିଳାସ | ୩୬ |

ମାସ ପାରାୟଣ ୨୩ ବିଶ୍ରାମ

Digitized by PPRACHIN, SOA

ରାବଣ ଶୋକ ଓ ଯାଗ ଭଗ୍ନ

(ରାଗ - କାଳୀ) 'ବ' -ଅନୁପ୍ରାସ-ଦ୍ୱିଭଙ୍ଗୀ

ଛାନ୍ଦ-୪୦

ବଇ ଶ୍ରବଣ, ମହୀ ରାବଣ, ମୃତ୍ୟୁ ବରଣ, ଶୁଣି
ବଢ଼ି ଯାତନା, ହତଚେତନା, ଗଢ଼ି ମହୀରେ, ଗୁଣି । ।୧।
ବସିବା ଜନ, ପାଖେ ଏମାନ, ଦେଖିଣ ଜଳ, ମୁଖେ
ବୋଲି ବ୍ୟଜନ, କରାଇ କର୍ଣ୍ଣ, ଫୁଙ୍କନ୍ତି ଅତି, ଦୁଃଖେ । ।୨।
ବୋଲଇ ନାତି, କରିବୁ ଗତି, ସମରେ ମତି, ଭାଳି
ବାନର କରେ, ଗଲୁ ଆଗରେ, ଛାଡ଼ି ଏ ପୁର, ଚାଲି । ।୩।
ବୀର ଭାବରେ, ଏ ପୃଥିବୀରେ, ନଥିଲେ କିରେ, କେହି
ବଳେ ମାୟାରେ, ହରିଣ ପୁରେ, ନେଲୁ ନମଲେ, ସେହି ।୪।
ବଳିଷ୍ଠ ସ୍ଥୂଳ, ଜଙ୍ଘ ଆକୁଳ, ହୋଇବିକଳ, ବୋଲେ
ବର୍ଜନ କର, ଦୁଃଖ ମୋହର, ଦେଖ ସମର, ଭଲେ । ।୫।
ବିଶେଷ କ୍ରୋଧେ, ଆଜିର ଯୁଦ୍ଧେ, କାମନା ସିଦ୍ଧେ, ରାମ
ବଧିବି ରଣେ, କେଶରୀ ପଣେ, କେ ? ସରି ହେବ, ଜାଣ । ।୬।
ବସି ରଥରେ, ଗଲା ପଥରେ, ସୈନ୍ୟ ସାଥିରେ, ଧରି
ବିମାନ ରଣ, ସ୍ଥଳେ ତତ୍ କ୍ଷଣ, ବିଲୋକି ଚାପ,ଧାରୀ । ।୭।
ବୋଲନ୍ତି ଶୁଣ, ହେ ବିଭୀଷଣ, କିଏ ସେ ଏହି, ବୀର,
ବିନ୍ଧଇ ଶର, ଶମ୍ପା ପ୍ରକାର, ନେତ୍ର ଝଲକେ, ମୋର । ।୮।
ବିଶ୍ରବା ସୁତ, ବୋଲେ ହେ ଭ୍ରୁତ ,ଅଗ୍ରଜ ଶ୍ରୁତିପାତ,
ବଡ଼ 'ଅସୁର', ମଧ୍ୟେ ଏ ବୀର, ଇନ୍ଦୁମତିର, ସୁତ । ।୯।
ବିଧୁ ପରାୟ, କୀରତି ଚୟ, ସୂର୍ଯ୍ୟ ପରାୟ ,ଜ୍ୟୋତି, ।
ବିନାଶ ଶଶା, ଧର ଅମାସ୍ୟା, ପରି ହେବୟା, ଗତି । ।୧୦।
ବୀର ରାବଣ, କାରଣେ ଜାଣ, ବାଳକ ହେତୁ, ଥିଲେ ।
ବିକଟ କର୍ଣ୍ଣ, ଚନ୍ଦ୍ରନୟନ ଆଦି, ଏ ସପ୍ତ ଭଲେ । ।୧୧।
ବଦତି ଶେଷ, ନୋହୁ ରାକ୍ଷସ, ଆରମ୍ଭ କରି,ଗୋଳ ।
ବିଷମ ରଡ଼ି, ଦେଇ ଘଉଡ଼ି ନିଅଇ କପି, ବଳ । ।୧୨।
ବୀର ରାଘବ, ବଳ ଲାଘବ, ଦେଖି ସଇନ-ଙ୍କର ।
ବିଶେଷି କାଣ୍ଡ, ସଂଯୋଗି ମୁଣ୍ଡ, କାଟିଲେ ଖର,ତର । ।୧୩।

୧: ବଇଶ୍ରବଣ-ବିଶ୍ରବା ଋଷିଙ୍କ ପୁତ୍ର. । ୨: ବ୍ୟଜନ-ପଙ୍ଖା, ବୋଲଇ ନାତି-ମହୀରାବଣ (ଇନ୍ଦ୍ରଜିତ ପୁତ୍ର)। ୬ କେ ସରି- ସଂହପରି, କେ ସମାନ ହେବ । ୮: ସମ୍ପା-ବିଜୁଳି । ୯: ବିଶ୍ରବା ସୁତ-ବିଭୀଷଣ, ଭ୍ରୁତଅଗ୍ରଜ-ରାମ, ଶ୍ରୁତିପାତ-କର୍ଣ୍ଣେଡେର, । ୧୦: ବିଧୁ-ଚନ୍ଦ୍ର, ଶଶା-ଶୃଗାଳ, ଅମାବାସ୍ୟା-ଚନ୍ଦ୍ରପରି । ୧୨: ବଦତି-କହିବା । ୧୩: ବୀର-ରାବଣ, ସଙ୍କାରେ-ଆଶଙ୍କାରେ, ।

Digitized by PPRACHIN, SOA

ବୀର ଲଙ୍କାରେ, ମନ ଶଙ୍କାରେ, ଥିଲା ପଙ୍କାରେ, ବସି
ବିହିଲା ଚାର, ରଣ ଖବର, ଦହିଲା ମନ, କସି । ।୧୪।
ବଢୁସନ୍ଦନ, ନାଡି' କ୍ରନ୍ଦନ, ଦଶ ବଦନ, କଲା ।
ବିକଳେ ମଥା, କୋଡିଶ ବ୍ୟଥା, ସାଗରେ ଭସା,-ଇଲା ।।୧୫।
ବାକ୍ୟେ ସେବନ୍ଧ - ବାନ୍ଧି ପ୍ରାରମ୍ଭ ପୂଜା ଆରମ୍ଭ କରେ ।
ବଳୀ ସଚିବ ଦୀକ୍ଷିତେ ଯିବ ବିନ୍ୟାସି ଯାଗ ସ୍ଥଳେ । ।୧୬।
ବହ୍ନିରେ ଘୃତ,ଦେଲା ବହୁତ, କହି ନୁହେତ,ତାହା ।
ବଇଶ୍ୱାନର, ଚୁମ୍ବି ଅମ୍ବର, ସ୍ୱରଗେ ଲାଗେ, ଜିହ୍ୱା । ।୧୭।
ବୋଲେ ପାବକ, ଡାକେ ସେବକ, ଦିଅ ହେ ଏକ, ଯାନ ।
ବସେ ସମରେ, ଜିତାଇ ବାରେ, ରକ୍ଷା କର ହେ, ମାନ । ।୧୮।
ବିହିବା ବାଣୀ, ବାନରେ ଶୁଣି, ରାମଙ୍କୁ ଜଣା, କଲେ ।
ବୋଲି ବାଣୀକି, ଯୋଡି ପାଣିକି, ମାରୁତି ତତ,କାଳେ । ।୧୯।
ବାଜିରେ ମୁହିଁ, ଯାଉଛି ସେହି, ଯାଗ ସ୍ଥାନକୁ, ବୀର ।
ବିକାଶ ମାନ, ନୋହୁ ସ୍ୟନ୍ଦନ, କରିବି ପ୍ରତି,କାର । ।୨୦।
ବିଚାରି ମନ, ଧରି ସଇନ, ରାଜଭବନ,ଯାଇ ।
ବଡ ସୁନ୍ଦରୀ, ଯେ ମନ୍ଦୋଦରୀ, କେଶକୁ ଧରି,ନେଇ । ।୨୧।
ବିଂଶାସ୍ୟ ପାଶେ, ବୋଲଇ ରୋଷେ, ଏ ଆମ ଦେଶେ, ଯିବ ।
ବୀର ଶକତି, ଥିଲେ ମୁକତି, କର ମୋ ଠାରୁ, ଯବ । ।୨୨।
ବିକି ଜୀବନ, ସେବକୀ ପଣ, କରିବେ ତାରା,ଙ୍କର ।
ବୀର ତୁ ହୀନ, ଦେଖ ନୟନ, ମାନଙ୍କୁ ଖୋଲି,ତୋର । ।୨୩।
ବଳୀ ମୁଖର, ମୁଖୁ ଏ ଗୀର, ଶୁଣି ଦଇତ, ପତି ।
ବିଲୋକି ସୃଦ୍ଧି ରଦନ ଭିଡ଼ି ଆହୁତି ଛାଡି ଗତି । ।୨୪।
ବଳାନ୍ତେ ଖରେ, ଅନ୍ୟ ବାନରେ, ମେଳ ହୋଇଣ, ବଳେ ।
ବଶୀ କରଣ - ଦ୍ରବ୍ୟ ଧରିଣ ରାଘବ ପାଦତଳେ । ।୨୫।
ବାତ ନନ୍ଦନ, ଦେଖି ଏ ମାନ, ଛାଡି କୁନ୍ତଳ, ଗଲା ।
ବିଶ୍ରବା ସୁତ, ପ୍ରିୟା ସହିତ, ପୁରେ ପ୍ରବେଶ, ହେଲା । ।୨୬।
ବରେଣ୍ୟକୁଳ, ସୁତ ବ୍ୟାକୁଳ, କରାଅ କିମ୍ପା, ଇହେ ।
ବଳେ ଦର୍ଶନ, ଦେଇ ମୋ ମନ, ତୋଷ ଅଧୀନ, ବିହେ ।୨୭।

୧୪: ବିହିଲା- କହିଲା । ୧୫: ନାଡି ସନ୍ଦନ-ପଲସ ଗତି, । ୧୬: ବାକ୍ୟେ ସେ ଦମ୍ଭ-କଥାରେ ଦମ୍ଭ ବାନ୍ଧି ୧୭: ବହ୍ନିରେ-ଅଗ୍ନିରେ, ବଇଶ୍ୱାନର-ଅଗ୍ନି, ଚୁମ୍ବିଅମ୍ବର-ଆକାଶକୁ ସ୍ପର୍ଶ କରି । ୧୮: ପାବକ-ଅଗ୍ନି ଦେବତା, ଡାକି ସେବକ-ଦାସ। ୨୦: ବାଜିରେ-ପଣରେ, ବିକାଶମାନନୋହୁସ୍ୟନ୍ଦନ-ରଥ ନବାହିବା ଆଗରୁ ପ୍ରତିକାର କରିବା । ୨୧; ରାଜ ଭବନ-ରାବଣ ପୁରକୁ, ବିଂଶାସ୍ୟ-କୋଡିଏ ମୁଣ୍ଡ । ୨୪: ବଳୀମୁଖ-ମର୍କଟହନୁମାନ, ରଦ-ଦାନ୍ତ । ୨୫: ବଶୀକରଣ-ଯଜ୍ଞଉପକରଣ । ୨୬:ବାତ ନନ୍ଦନ-ହନୁମାନ, ଛାଡିକୁନ୍ତଳ-କେଶ ଗୁଚ୍ଛ ଛାଡି, ବିଶ୍ରବାସୁତ-ରାବଣ, ପ୍ରିୟା-ମନ୍ଦୋଦରୀ, ୨୭ : ବରେଣ୍ୟକୁଳସୁତ-ରବିବଂଶସୁତ ରାମଚନ୍ଦ୍ର । ବ୍ୟାକୁଳ-ଉତକଣ୍ଠିତ, କରାଅ କିମ୍ପାଇହେ-ଏହିଭୋଜରେ କାହିଁକି କରୁଛ, ବଳେଦର୍ଶନ-ନିଜେ ଦର୍ଶନ ଦେଇ, ତୋଷ ଅଧୀନ-ବିହେଁ-ଆଶ୍ରିତ କହୁଅଛି ତୋଷ କର ।

Digitized by PPRACHIN, SOA

ରାବଣର ଏକାନ୍ତ ଭାବନା ଓ ପୂର୍ବ ଜନ୍ମ ବୃତ୍ତାନ୍ତ

ରାଗ - ପାହାଡିଆ କେଦାର

ଛାନ୍ଦ-୫୧

ଶୁଣ ସୁଜନେ ଏ ଅନ୍ତେ ରସ, ଉମାଙ୍କୁ କହନ୍ତି କୃତ୍ତିବାସ, ସୁନ୍ଦରୀ ଗଣ ମଧ୍ୟେ ଲଙ୍କେଶ, ଭୁବନେ ଗୁଣି ଯେ ।
ମନ ରସାଇ କରେ ପ୍ରକାଶ, ଜାନକୀ ଅପହରଣୁ ନାଶ, ହେଲା ସମ୍ପତ୍ତି ସ୍ଥାନ ସର୍ବସ୍ୱ, ନ ହେଲା ଜିଣି ଯେ ।
ନର ବାନର ଆଦି ଭଲ୍ଲୁକ ଗଣ ଯେ ଅନର୍ଥ କଲେ ବେଳକୁ ବେଳ ପୁଣ ଯେ ।
ବାଉଁଶବୃକ୍ଷ ପରା ମୋବଂଶ, ରାମ ବସନ୍ତ, ପବନ ନାଶ, କଲା ମୁଁ ଧ୍ରୁବ ପରିରହସ୍ୟ, କରେଲୋକନ ଯେ ।୧।
ସୀତାକୁଭଜି ନହେଲା ସିଦ୍ଧି, ଅନ୍ତଃକରଣ ହେଉଛି ଦଗ୍ଧି, କହ କପରି ଯିବ ଏ ବ୍ୟାଧି ନ ପାରେ ଜାଣି ଯେ
ଭରସା ପାଇ ମୟ ଦୁହିତା, ମନ ରଞ୍ଜାଇ ଏଡାଇ ବ୍ୟଥା, କହେ ଯେପରି ହେବ ଦୂରତା, ଶୁଣ ସେ ବାଣୀ ହେ
ରୋଗୀ ମଧୁରେ ଅନୁରକ୍ତ ଯେପରି ଯେ ହୋଇ ସର୍ବଦା ବ୍ୟାଧିକୁ ବୃଦ୍ଧି କରି ଯେ ।
ଆଶା ପୁରଣ ନ ହେଉ ବ୍ୟାଧି,ବେଳକୁ ବେଳ ହେଉଛି ବୃଦ୍ଧି, ରାମକୁ ସୀତା ଦିଅ ଅବଧି, ଯାଆନ୍ତୁ ଫେରି ଯେ ।୨।
ଭାବଯା ମନେ ଉଧାରେ ସାହା, ହେବ ସେ କଦାପି ନୁହେ ତାହା, ବେଧା ବିଧାନ କରିଛି ଯାହା, ମାନସ ଦିଅ ହେ ।
ବହୁତ ଦେବା ଦେବୀଙ୍କି ବରି, ବଶ କରିଛ ମନ୍ତ୍ର ଉଚ୍ଚାରି, ଫେରାଇ ସୀତା ଆନେସୁମରି, ଉଦ୍ଧାର ହୁଅ ହେ ।
ପାଶରେ ଥିବା ଆନ ଆନ ଯୁବତୀ ଯେ, ପାଟ ମହିଷୀ କଥା ରଖ କହନ୍ତି ଯେ
ରାଣୀ ମାନଙ୍କ ବଚନ ଶୁଣି, ବୋଲେ ରାବଣ କୁହ ନ ଜାଣି, କ୍ଷତ୍ରିୟ କୁଳ ହସିବେ ଶୁଣି, ବାଧିବ, ଅତି ଯେ । ୩ ।
ଅନ୍ୟ ପକ୍ଷରେ ଫେରାଇ ଦେଲେ,ପୁତ୍ର ନାତିକି ଫେରିବେ ଘରେ, ବିଚାର କେହି ନକରି ଥରେ, କହ କିପରି ଯେ ।
ମନ୍ଦ ଭାବନା ରଖି ସର୍ବଥା, କହୁଛ ସର୍ବେ ଫେରାଅ ସୀତା, ନ ଜାଣ କେହି ମୋ ମନ କଥା, ସେହି ମୋହରି ଯେ ।
ଭବ ସାଗର ପାଇଁ ଅଟେ ନଉକା ଯେ, ଅନ୍ୟଦ୍ୱାରା ଉଦ୍ଧାର ହୁଅଇ ଶଙ୍କା ଯେ ।
ଏକାଳେ ରକ୍ତ ବୀର୍ଯ୍ୟ ଦୁହିତି, ସୁନ୍ଦରୀ ସାଧ୍ୱୀ ସେ ଇନ୍ଦୁମତି, ବୋଲଇ ପତି, ରଖ ଭାରତୀ, ସରୁଛି ଲଙ୍କା ହେ ।୪।
ବୃହସ୍ପତିଙ୍କ ସହ ଧର୍ମିଣୀ, ତାରାଙ୍କୁ, ଚନ୍ଦ୍ର, ହରିଣ ଆଣି, ଫେରାଇଛନ୍ତି କହନ୍ତି ଗୁଣୀ, ବିବେକ କରି ହେ ।
ଚନ୍ଦ୍ରର ନାରୀ ହରଣ ଦୋଷ, ଫଳରୁ କଳା ହେଲେ ବିନାଶ, କଳାଏ ରହି ବଢ଼ି ପ୍ରକାଶ, ହୋଇବା ପରି ହେ ।
ତୁମ୍ଭେ ଆମ୍ଭେ ଅଛେତ ବଂଶ ବଢ଼ିବ ହେ, ପୂର୍ଣ୍ଣଚନ୍ଦ୍ର ପରାୟ କୀର୍ତ୍ତୀ ଉଡ଼ିବ ହେ ।।
ଶୁଣି ଏମାନ ସେଦଶାନନ, ବୋଲେ ତୁଳନେ ନୁହେଁ ସମାନ, ମୋସଙ୍ଗେ ନିଶାପତି ତ ମାନ, ଯୁବତୀ ସର୍ବ ଯେ ।୫।
ଛୋଟ ଲୋକସେ ଡେଣ୍ଟୁଗୁରୁଙ୍କୁ,ଫେରାଇଦେଲା ଡ଼ରିତାରାଙ୍କୁ,ତା ସଙ୍ଗେ ତୁଳ ବିଂଶ କରନ୍ତୁ, ସେ ଅଭୂଷଣ ଯେ ।
କହନ୍ତି ବିଳାସିନୀ ଏ ତହିଁ, ବିଚାର କର କୁପିତ ନୋହି, ସେ ଚନ୍ଦ୍ର ସମ ବଡ଼ କେ ନାହିଁ, ଜଗତେ ପୁଣ ଯେ ।
ସଂସାରେ ବଡ଼ ଦେବ ଯେ ପଞ୍ଚାନନ ଯେ, ତାହାଙ୍କ ଶିରେ ସଦା ଚନ୍ଦ୍ର ଶୋଭନ ଯେ ।।
ଉଚ୍ଚବଂଶରେ ସେଅଭ୍ୟୁଦୟ, ଶରୀର ସାର ଅମୃତମୟ, ବ୍ରତୀ ବନ୍ଦନ୍ତେ ବ୍ରତେ ସଦୟ, ପୂର୍ଣ୍ଣିମା ଦିନ ହେ ।୬।

ଟୀକା ୧: କୃତିବାସ-ଶିବ, ସୁନ୍ଦରୀଗଣ-ରାଣୀଗଣ, ଲଙ୍କେଶ-ଲଙ୍କାଇଶ ରାବଣ, ଭୁବନେ-ଘରେ, ମନରସାଇ-ରସିକତା ପଣେ, ନର ବାନର-ରାମ ଲକ୍ଷ୍ମଣ ମର୍କଟ ସେନା, ଧ୍ରୁବ ପରି-ଲଣ୍ଡାଗଛ ପରି, କରେ ଲୋକନ-ଦେଖୁଅଛି, ସୀତାକୁ ଭଜି-ଉପାସନା କରି, ଅନ୍ତଃକରଣ ହେଉଛି ଦଗ୍ଧି-ହୃଦୟ ଦଗ୍ଧିଭୂତ ହେଉଛି, ୩: ବେଧା-ବିଧାତା, ବିଧାନ-ନିୟମ, ଭବ-ଉତ୍ପତ୍ତି ସ୍ଥାନ, ସାଗର-ସମୁଦ୍ର, ଭାରତୀ-ବାକ୍ୟ । ୫: ବୃହସ୍ପତିଙ୍କ ସହଧର୍ମିଣୀ-ଦେବୀ, ଗୁଣୀ-ଗୁଣବାନ, ଦଶାନନ-ଦଶଆନନ(ମୁଣ୍ଡ -ରାବଣ) ନିଶାପତି-ଚନ୍ଦ୍ର । ୬: କୁପିତ-କ୍ରୋଧ, ପଞ୍ଚାଆନନ -ଶିବ, ଅଭ୍ୟୁଦୟ-ଶ୍ରୀବୃଦ୍ଧି । ୭: ପୁଷିତ କଥା-ଅସୁନ୍ଦର କଥା, କୃପଣ-କାତର, ବଦ୍ଧ୍ୟଜିହ୍ୱା-ବରପ୍ରାପ୍ତ ଅସୁରୀ ।

Digitized by PPRACHIN, SOA

ଏକଥାଶୁଣି ସେବିଂଶପାଣି, ବୋଲଇଶୁଣ ଶୁଣତରୁଣୀ, କୁତ୍ସିତ କଥା କହୁନ ଜାଣି, ନ ବୁଝ ଅର୍ଥ ଯେ ।
ଅତିଦରିଦ୍ର କୃପଣଲୋକ, ଚୋରୀ କରିଲେ ହାରି ବିବେକ, ଫେରାଏ କି ସେ କହିଲେ ଲୋକ, ଚୋରୀ ପଦାର୍ଥ ଯେ ।
ମୁଁଯା ଆଣିଛି ଅପହରଣ କରି ଯେ ଉଦ୍ଧାର ଆଗୁ ଫେରାଇବି କିପରି ଯେ ।
ତାପରି ନାରୀ ବିଧାତା କରି, ପାରିବ ନାହିଁ ଶୁଣି ସୁନ୍ଦରୀ, ବୋଲେ ସେ ବିଦ୍ୟୁଜ୍ଜିହ୍ୱାକୁଚରି, ପାରିବା କରି ହେ ।୭।
ଏସୀତାନେଇ ଦେବାଯତିକୁ, ସେ ନୂଆ ସୀତା ସଙ୍ଗେ ଗତିକୁ, ଲଭିବା ପାଇଁ ଦେଇ ମତିକୁ, ମସୁଧା କର ହେ ।
ବୋଲେଦଶାସ୍ୟ ତୃଷାର୍ତ୍ତଜନ, ତୃଷାକି ମୃଗତୃଷ୍ଣା ବାରଣ, କରଇକେବେ ହେବଦୂଷଣ, ନିନ୍ଦିବେ ଧୀରେଯେ ।
ଅଜ୍ଞାନ ହତ ଏବେ ଜ୍ଞାନ ଉଦୟ ଯେ, ଯୋଷାଏ ଶୁଣ ପୂର୍ବ ଚରିତ ଚୟ ଯେ ।
ପୂର୍ବକାଳରେ ଚଣ୍ଡପ୍ରଚଣ୍ଡ, ନାମରେ ଦୁଇ ହୋଇ ଉଦଣ୍ଡ, ଋଷି ଗୀର୍ବାଣେ, ଦିଅନ୍ତେ ଦଣ୍ଡ, ଶାପୁ ବିଳୟ ଯେ ।୮।
ହୋଇହୋଇଲୁ ବିଷ୍ଣୁଙ୍କଦ୍ୱାରୀ, ଜୟ ବିଜୟ ନାମକୁ ଧରି, ନମାନୁ ଇନ୍ଦ୍ର' ଚନ୍ଦ୍ରକୁ କରି, ବଡାଇ ପଣ ଯେ ।
ଦିନେକ ପୁରରେ ଅବସ୍ଥାନ, କରନ୍ତି ଲକ୍ଷ୍ମୀ ଶ୍ରୀ ନାରାୟଣ, ଏହି ସମୟେ ମିଳିଲେ ଜାଣ, ତାପସ ଗଣ ଯେ ।
ସନନ୍ଦ, ବୋଢୁ, ସନାତନ, ସନକଯେ, ଆସୁରି କପିଳ ଆଦି ପଞ୍ଚଶିଖ ଯେ ।
କହିଲେ ବିଷ୍ଣୁ ଦର୍ଶନେ ପ୍ରାର୍ଥୀ, ହୋଇ ସଭିଏଁ ପ୍ରବେଶ ଏଥି, ଯିବୁ କକ୍ଷକୁ ଛାଡ ହେ ବୀଥି, କଥାକୁ ରଖ ହେ ।୯।
କହିଲୁଆମ୍ଭେ ଆଦେଶନାହିଁ, ଏକାନ୍ତେ ଛନ୍ତି ଶ୍ରୀ ଭାବଗ୍ରାହୀ, ବଳ ପୂର୍ବକ ମୁନିଏ ତହିଁ, ଯାଉ ପ୍ରଭାବ ଯେ ।
ଦେଲୁସେ କ୍ରୋଧେ ବିହିଲେଶାପ, ନରହିବେନି ଦ୍ୱାରସମୀପ, ଧରିବ ଯାଇ କୌଣପ ରୂପ, ଦ୍ରୋହୀ ହୋଇବ ଯେ ॥
ତାପରେଯେଉରେ ମଧୁହାରୀଗହଣେ ଯେ, ସେବେଦ ବାଦୀ ମୁନି ଥିଲେକ ଦିନେ ଯେ ।
ଶୁଦ୍ଧ ସ୍ନାନରୁ ଫେରିକମଳା, ବେଶଭୂଷଣେ ମଣ୍ଡାଇଗଲା, ସ୍ୱାମୀଦର୍ଶନେ ହୋଇବିହ୍ୱଳା, ବିଜେ ସେସ୍ଥାନେ ଯେ ।୧୦।
ତାହାଙ୍କୁଆମ୍ଭେ କରୁନିରୋଧ, ବିହିଲେଶାପ ହୋଇ ସେକ୍ରୋଧ, ଜନମ ଲଭ ହୋଇ କ୍ରବ୍ୟାଦ, ମଞ୍ଚରେ ଯାଇ ଯେ ।
କିଛି ସମୟ ଉତ୍ତାରୁ ମୁନି, ଯିବାରେ ଦୁଃଖେ ପ୍ରବେଶୁବେନି, ଗୁହାରି କରୁ ଶ୍ରୀପତି ଶୁଣି, ଭାଷିଲେ ତହିଁ ଯେ ।
ନମାନି ଲକ୍ଷ୍ମୀ ମୋର ଦେବା ଆଦେଶ ଯେ, ଶାପଯା ଦେଲା ହେଲା ଦୋଷ ବିଶେଷ ଯେ ।
ଏଦେହଛାଡ଼ି, କମଳାଯାଇ, ମର୍ତ୍ତ୍ୟେ ଜନ୍ମନ୍ତୁ ମାନବୀ ହୋଇ, ନବନ୍ଦି ବନ୍ଦୀ କରିବ ନେଇ, ହୋଇ ରାକ୍ଷସ ଯୋ।୧୧।
ଏବେ ଏ ଋଷି କମଳାଗୀର, ଅନ୍ୟଥାନୁହେଁ ପାଷାଣଗାର, ମର୍ତ୍ତ୍ୟରେ ଜାତ ହୁଅ ଅସୁର, ବଂଶରେ ବୀର ଯେ ।
ପରାରୁ ଆମ୍ଭେ ଉଧାର ବାଟ, ବନଜମୁଖ କଲେ ପ୍ରକଟ, ରମା ଉଦ୍ଧାରେ ଧରି ମର୍କଟ, ଯିବୁ ତୋ, ପୁର ଯେ ।
ସେହିପାର୍ଥୀବୀ ପୃଥିବୀଜାତକଲା ଯେ, ବେଦମତୀ ସେ ପୂର୍ବରେ ହୋଇ ଥିଲା ଯେ ।
ସ୍ୱର୍ଣ୍ଣମୁଁବନେ ତପସ୍ୟାବେଳେ, ଶରୀର ଜାଳିଜ୍ଞାନଅନଳେ, ମୋଯୋଗୁମର ରକ୍ଷଅକାଳେ, ସେକହିଥିଲା ଯେ ।୧୨।
ଶ୍ରୀରାମ ଅଭିରାମ ମୂରତି, ମୋବଧ ଅର୍ଥେ ହୋଇଅଛନ୍ତି, ସୀତାଅର୍ପିଲେ ହୋଇବଗତି, ଆଉ କିପରି ଯେ ।
ମନେପଡଇ ପୂର୍ବ ବିଭୂତି, ବିପତ୍ତିମଣେ ଲଙ୍କାସମ୍ପତ୍ତି, କହଇଯାହା ସତ୍ୟ ଏଟିକି ବିଚାର ଗୋରୀ ଯେ ।
ତପ ସାଧିବା କାଳେ ଶୀରକୁ ମୋର ଯେ, ଅନଳେ ମୋଡ଼ି ପକାଉଁ ବାରମ୍ବାର ଯେ ॥
ଭାଲଲେଖନ ପାଠେନସ୍ତନ, ହୋଇ ଯାଇଛି ତପୁ ସକ୍ଷମ, ଆନ ପ୍ରସଙ୍ଗ ଶୁଣ ଏ ମର୍ମ, କଥା ମୋହର ଯେ ।୧୩।

ଟୀକା: ୮: ଯତିକୁ-ରାମଙ୍କୁ, ଗତିକୁ -ଆଶ୍ରୟକୁ, ମୃଗତୃଷ୍ଣା-ମରିଚୀକା (ବାଲିସ୍ଥାନ ପ୍ରଖର କିରଣ ଝାପସ ଜଳ ଭ୍ରମ) ଦୂଷଣ-ନିନ୍ଦା, ଧୀର-ପଣ୍ଡିତ, ଗୀର୍ବାଣେ-ଦେବତା ଗଣେ । ୯: ବିଧି-ବାଟ, କୌଣପ ରୂପ-ଅସୁର ଚେହେରା, ।୧୦: କୌଣପରୂପ-ଅସୁର, ମଧୁହାରୀ-ନାରାୟଣ । ୧୧: କ୍ରବ୍ୟାଦ-ଅସୁର, ମଞ୍ଚରେ-ଜଗତରେ, ନବନ୍ଦିବନ୍ଦି-ବନ୍ଦନା ନକରି ବନ୍ଧନ କରି ରଖିବ ୧୨: ରମା-ଲକ୍ଷ୍ମୀ (ସୀତା), ରକ୍ଷ-ଅସୁର । ୧୩: ଶ୍ରୀରାମ ଅଭିରାମ ମୂରତି-ସୁନ୍ଦର ମୂର୍ତ୍ତି, ଗତି-ମୁକ୍ତି, ପୂର୍ବବିଭୂତି-ଐଶ୍ୱର୍ଯ୍ୟ । ୧୪: ଅନଳେ-ଅଗ୍ନିରେ, ଭାଲ ଲେଖନ-କପାଳରେ ଲେଖାଥିବା କଥା, ମର୍ମ କଥା-ରହସ୍ୟ କଥା, ବେନି-ଦୁଇ, ମର୍କତ ମଣି-ନୀଳମଣି, ସୁବର୍ଣ୍ଣ କାନ୍ତିକୁ ଜିଣି-ସୁନାଠୁ ଅଧିକ ତେଜିୟାନ, ଅଷ୍ଟ ହସ୍ତ-ବ୍ରହ୍ମା । ୧୫: ବସ୍ତୁ ଲୋକ-ବୈକୁଣ୍ଠ, ଉପପତି-(ଜାର) ଅଧର୍ମ ପତି, ମୋଟିତା ନଳେ-ଶବଦାହ ଅଗ୍ନିରେ ।

Digitized by PPRACHIN, SOA

ଦହନକାଳେ ଦେଖେମୋବେନି, ନେତ୍ର ବିଚିତ୍ର ମର୍କତମଣି, ଅନ୍ୟସୁବର୍ଣ୍ଣ କାନ୍ତିକୁଜିଣି, ନାରୀ ଏ ଲକ୍ଷ୍ମୀ ଯେ ।
ସୁ'ନାରୀପ୍ରାୟ ସେନାରୀଚିତ୍ର- ପଟମୁଁ ସେଥୁଆଣି ତୁରିତ, ଲମ୍ବାଉଁକଣ୍ଠେ ସେ ଅଷ୍ଟହସ୍ତ, କହିଲେ ଦେଖି ଯେ ।
ଏ ଚିତ୍ର ପଟ ଚିହ୍ନି ରଖିଥା ଏବେରେ ସେପରି ନାରୀ ହରି ଆଣିବୁ ଯେବେରେ ।
ସୁବର୍ଣ୍ଣରେ ଦଣ୍ଡିବାପରି, ରାଜାଦଣ୍ଡିବ ଯମତୋହରି, ସ୍ୱବଂଶଯାକ ଜାଣିଥାମରି, ଯିବେଟି ତେବେରେ ।୧୪।
ଶୁଣିତାହୃଦ ମୋଦକଦକ, ହୁଏବି ଏବେ ବିଧିପୂର୍ବକ, ଆଣିଛିଯିବାକୁ ବିଷ୍ଣୁଲୋକ, ମାନସେ ଭାଳି ଯେ ।
ଜାଣିଣଆଗୁ ପଳାଇଯାଇ, ଶରଣ ପଶିଲ ସାନଭାଇ, ପାଖେଥିଲେବି ମରନ୍ତାସେହି, ମୁଁ ସ୍ୱାମୀ ବୋଲି ଯେ ।
କେହି ହେଲେ ମନକୁ ବ୍ୟସ୍ତ ନକର ଯେ ବୈକୁଣ୍ଠ ପୁରେ ଛନ୍ତି ଯୁବତୀ ମୋର ଯେ ॥
ମୁଁତୁମ୍ଭ ଉପପତି ଏପୁରେ, ମଲେ ନପଶି ମୋଚିତାନଳେ, କରିଣ ଗୃହକାର୍ଯ୍ୟ ସକଳେ, କରିବ ଘର ଯେ ।୧୫।
ଶ୍ରଦ୍ଧାରେକେହି ସତୀପ୍ରଥାରେ, ଗଲେବି ସ୍ୱର୍ଗ ଭୋଗଚିନ୍ତାରେ, ନହେବଭେଟ ବୈକୁଣ୍ଠଦ୍ୱାରେ, ମୁଁ ସଦାକାଳେ ଯେ ।
ଯେଯିବସ୍ୱର୍ଗେ ରହିବମାତ୍ର, ବୈକୁଣ୍ଠ ନହୋଇବ ପ୍ରାପତ, ଚାତକେ ଯଥାସଦା ପ୍ରମତ୍ତ, ବରଷା ଜଳେ ଯେ ।
ସେପରି ମୁଁ 'ଉତ୍ତମ, ହେଲେ ବି ତୁମ୍ଭେ ଯେ, ଆକୃଷ୍ଟ ନୁହେଁ ମନ ଉଦାର ଦମ୍ଭେ ଯେ ।
ବୈକୁଣ୍ଠେପୂର୍ବ ବିଳାସବତୀ, ମାନଙ୍କପ୍ରତି ସ୍ନେହ ମୋଅତି, ଆଗ୍ରହ ତୁମ୍ଭମାନଙ୍କ ପ୍ରତି, ନାହିଁତ ଲବେ ଯେ ।୧୬।
ଦିଗବିଜୟେ ପାତାଳେଥରେ, ଯାଇ, ଅପୂର୍ବ ଦେଖେନେତ୍ରରେ, ନାଗୀପୁରୁଷ ମଣ୍ଡପପରେ, ଖେଳନ୍ତି ପଶା ଯେ ।
ସୌମ୍ୟେମାଗନ୍ତେ ମୁଁ ପରିଚୟେ, ଭାଷିଲେସେହି ହୋଇସଦୟ, ବିଷ୍ଣୁଶରରୁ ଆମ୍ଭ ଉଦୟ, ହେଲୁ ସହସା ଯେ ।
ପୂର୍ବ କାଳରେ ସୁର ଅସୁର ରଣେ ଯେ, ସାରଙ୍ଗ ଧରଙ୍କର ଅଲକ୍ଷ ବାଣେ ଯେ ।
ମହୀରେମହୀ ଲତାରୂପରେ, ବିହାରେଥିଲୁ କାଟିଲାଖରେ, ଭୋଗୁଏୖଶ୍ୱର୍ଯ୍ୟ ସେଧର୍ମବଳେ,ବସିଏସ୍ଥାନେ ଯୋ।୧୭।
ଫେରୁପଥରେ, ମୋ କୁଳବଳୀ, କଥାକୁ ମନମଧ୍ୟରେ ଭାଳି, ବୈକୁଣ୍ଠପୁରେ ଯିବାକୁଚଳି, ବଳିଛି ମନ ଯେ ।
ଦଣ୍ଡକ ବନେ ମାୟାହରିଣ, ମାରିବା କାଳରେ ଦେବଯାନ, ନେବାର ଦେଖି ଅଛି ନୟନ, ସନ୍ତପ୍ତେ ପୁଣ ଯେ ।
ବଡ଼ ପାତକୀ ହେତୁ ଆଣିଲି ସୀତା ଯେ, ବ୍ରହ୍ମ ପ୍ରଳୟେ କ୍ଷୟ ହେବତ ଧାତା ଯେ ।
ଛପନ ଗଣ୍ଡା ଯୁଗ ଆୟୁଷ, ଦେଇଛିସିନା ତପେଲୋକେଶ, କାଳସ୍ରୋତେ ସେ ହେବଶେଷ, କେତେଖିବ'ତ ଯେ ।୧୮।
ସୀତାଫେରାଇ ଏଶୁଭଯୋଗ, ହୁଡିବିକିମ୍ପା କହୁଛ ଆଗ, ରାମନାରାଚ ବୈକୁଣ୍ଠଯୋଗ, ନ ଦେବି ସୀତା ଯେ ।
ଶୁଣି ଏକଥା ସମସ୍ତରାଣୀ, କାନ୍ଦିଲେ ନେତ୍ରୁ ବୁହାଇପାଣି, ଦେଖାଇ ଲଙ୍କେଶମୋହମଣି, ମୋହିଲା କାନ୍ତା ଯେ ।
କିମ୍ପାଇଁ ତୁମ୍ଭେମାନେ କରୁଛ ଦୁଃଖ ଯେ, ପୂର୍ବେ ଦେଖିଛ ମୋରରଣେ ପ୍ରତ୍ୟକ୍ଷ ଯେ ।
କରିବିଆଜି ଶତ୍ରୁସଂହାର, ରଣେମଙ୍ଗଳ କାମନାକର, ମନ୍ଦିରେପୂଜି ଉମାଶଙ୍କର, ନୋହିବିମୁଖ ଯେ ।୧୯।
ରାଜାଭାରତୀ ଶୁଣିସମୁଦ୍ର- ପ୍ରଦତ୍ତକନ୍ୟା ସୁକାନ୍ତିଭଦ୍ର, ଭାବେକହିଲା ବାଳିକିବଧ, ଯେ କରିଛନ୍ତି ହେ ।
ତାହାଙ୍କୁତୁମ୍ଭେ କରିବବଧ, ବୋଲିଆମ୍ଭଙ୍କୁ ଦେଉଛବୋଧ, ଶୁଣି ରାବଣ କରାଇ ସ୍ତବ୍ଧ, ବୋଲଇ ତାତି ଯେ ।
ବାଳୀ ବାଳୀଶ ବୁଦ୍ଧି ଭାବେ ତୋହରି ଯେ ରାମ କପଟ ରଚି ଶବର ପରି ଯେ ।
ବାଳି ବାଘକୁ କରିଲା ବଧ, ହସ୍ତୀ ଆଗେ କି କରିବ ଯୁଦ୍ଧ, କହଇଦୟା ଚିନ୍ତିଆରାଧ୍ୟ, କୋଦଣ୍ଡଧାରୀ ଯେ ।୨୦।

ଟୀକା : ୧୭: ସାମ୍ୟେ-ସମତା ଗୁଣେ, ଅଭ୍ୟୁଦୟ-ଉନ୍ନତି, ସାରଙ୍ଗ ଧର-ସାରଙ୍ଗ ଧନୁର୍ଧାରୀ ନାରାୟଣ, ମହୀଲତା-ଜିଆ (କେଞ୍ଚୁଆ) । ୧୮: ସଂତପ୍ତେ-ସନ୍ତାପ ଯୁକ୍ତେ । ୨୦: ବାଳି, ବାଳୀଶବୁଦ୍ଧି-ମୂର୍ଖବୁଦ୍ଧି, ଶବରପରି -ଶିକାରୀପରି, ବାଳି ବ୍ୟାଘ୍ର-ବାଘରୂପକ ବାଳୀକୁ, ଗୁଞ୍ଜର-ନରପରି ଜାଣି ପାରେ, କହଇ ଲେଖି-ଦୟାନିଧି ଲେଖକ, ଆରାଧ୍ୟ-ଉପାସ୍ୟ, କୋଦଣ୍ଡଧାରୀ-ରାମଚନ୍ଦ୍ରଙ୍କ ।

Digitized by PPRACHIN, SOA

ରାବଣ ଯୁଦ୍ଧେ ଆଗମନ, ରାମ'ହୃଦୟକବଚ ପାଠ

ରାଗ :- କେଦାର ଗୌଡ ।

ଛାନ୍ଦ-୫୨

ରାତ୍ର ଥାଉ ଯାଇ, ନାଗରାବିଆଇ, ରଣପାଇଁ ବକ୍ରମାଳୀ ।
ବରି ଆଣି ବୀର, ଦେଉ ଉପହାର, ଝୀନ ବାସ ରତ୍ନଥାଳୀ ।ସେ ରଥ ।।
ଆରୋହିଲେ ଘେନି ଅସ୍ତ୍ର ଶସ୍ତ୍ର ।ସେ ରଥ ।
ଗଲେ ଧରି ଭିନ୍ନ ଭିନ୍ନ ପଥ ।ସେ ରଥ ।
ଗଜ ପୃଷ୍ଠ ଆରୋହି ମାହୁନ୍ତ ।ସେ ରଥ । ।।୧।।

ଅଶ୍ୱରେ ବସିଲେ, ରାଉତେ କୁଶଳେ, ରଥରେ ରଥୀ ସାରଥି ।
ଖଣ୍ଡା ଝମକାଇ, ଗଲେ ଯୁଦ୍ଧ ପାଇଁ, ଅଭିମାନେ ପୁତ୍ର ନାତି ।ସେ ପାଞ୍ଚି ।
ଶାଖା ମୃଗକି ରହିବେ ବଞ୍ଚି । ।ସେ ପାଞ୍ଚି ।
ମୃଗ ବଧେ ଯଥା ବ୍ୟାଧ ରଚି । ।ସେ ପାଞ୍ଚି ।
ଡାଳକୁଟୀ ଗୁପ୍ତେ ମାରେ ଲୁଚି ।। ସେ ପାଞ୍ଚି । ।।୨।।

ବୋଲେ ଦଶଶିର, ବନର ବାନର, ମାର ମାର ବେନିନର ।
ଆଜିରଣକ୍ଷେତ୍ରେ ଯିବିମୁଁସଙ୍ଗତେ, କି ଭୟ ଅଛି ତୁମ୍ଭର । ।ସେ ଜାଣି ।
ନ ପାରିବା ପରି ଯାଅ ପୁଣି । ।ସେ ଜାଣି ।
ନ ବଜାଇ ବାଜଣା ବାଜେଣି । ।ସେ ଜାଣି ।
ବ୍ୟାଘ୍ର ପରି କାୟା ପାଦଗଣି । ।ସେ ଜାଣି । ।।୩ ।।

ସମରେ ସମରେ ନଗଣି ରାମରେ, ବାମରେ ବିଜୟ ନେତ ।
ବାନ୍ଧି ପୁଷ୍ପକରେ, ବିଂଶକର ଖରେ, ଚନ୍ଦ୍ର ହାସ ଅସ୍ତ୍ର ଶସ୍ତ୍ର । ।ସେ ଧରି ।
ବୋଲେ ଦେବଙ୍କୁ ତର୍ଜନା କରି ।ସେ ଧରି ।
ରାମ ଲକ୍ଷ୍ମଣ ଆସିଲେ ମାରି । ।ସେ ଧରି ।
କଥା ବୁଝା ହୋଇବ ତୁମ୍ଭର । ।ସେ ଧରି । ।। ୪ ।।

ଚତୁରଙ୍ଗ ବଳ ଧରି ରଙ୍ଗସ୍ଥଳ, ମଧ୍ୟେ ଲଙ୍କ ପାଳ ପାଉ ।
କରି ବାୟୁଗତି, ନଳ ସେନାପତି, ଗଡ଼ କରିଲେ ଘେରାଉ । ।ତା ପୁଣ ।
ଦେଖି ବାହାରନ୍ତି ରଘୁରାଣ । ।ତା ପୁଣ ।
ସଙ୍ଗେ ଚଳନ୍ତି ବୀର ଲକ୍ଷ୍ମଣ । ।ତା ପୁଣ ।
କରେ ଧରି ଦିବ୍ୟ ଧନୁର୍ବାଣ । ।ତା ପୁଣ । ।। ୫ ।।

ଟୀକା- ୧: ନାଗରା-ନିଧଣ୍ଡୁଲା, ବକ୍ରମାଳୀ-ରାବଣ, ବୀର-ବିକ୍ରମ ଶାଳୀ, ଉପହାର ଦେଉ-ଭେଟି ଦେଉ, ଗଜପୃଷ୍ଠ-ହସ୍ତୀ ପିଠିରେ, ମାହୁନ୍ତ-ଚାଳକ ।୨: ଅଶ୍ୱରେ-ଘୋଡାରେ, ରାଉତେ-ଅଶ୍ୱାରୋହୀ ମାନେ, କୁଶଳେ-ଦକ୍ଷପଣେ, ରଥି-ରଥ ଆରୋହଣ କାରୀ ଯୋଦ୍ଧା, ସାରଥି-ରଥଚାଳନାକାରୀ, ଶାଖାମୃଗ-ମର୍କଟ । ୩: ଦଶଶୀର-ରାବଣ, ବନର ବାନର-ବଣ ମାଙ୍କଡ

Digitized by PPRACHIN, SOA

ସେଥି ଜାମ୍ବବାନ, ମଙ୍ଗଳ ବିଧାନ, କରି ମଙ୍ଗଳା ରୋପଣ ।
ଶତ୍ରୁଙ୍କୁ ସଂହାର, ଲକ୍ଷ୍ମୀ ଲାଭକର, ଗେରୁଚିତା ଦେଉ ପୁଣ । । ସେ ରାମ ।
ଦେଖନ୍ତି ସମ୍ମୁଖେ ଯମ ସମ । । ସେ ରାମ ।
ସେନା ରହିଛନ୍ତି ଧରି କ୍ରମ । । ସେ ରାମ ।
ସଜ ଗଜ ଅଶ୍ୱାଦି ଅସୀମ । । ସେ ରାମ ।। ୬।।

ପାର୍ଶ୍ୱେ ରଘୁସୁତ, ଦେଖନ୍ତି ବହୁତ, ରଥ ହୋଇ ସୁସଜ୍ଜିତ ।
ରୁଣ୍ଡ ହୋଇଛନ୍ତି, ନଭେ ପନ୍ତି ପନ୍ତି, ନେତ ଖରେ ବିରାଜିତ । । କି ବିଚୀ ।
ଘୋଟି ଆସେ ସାଗରୁ ଏ ରୁଚି । । କି ବିଚୀ ।
ଦେଖି ବଭୀଷଣ କହୁଅଛି । । କି ବିଚୀ ।
ଦୈତ୍ୟ କପଟ ଆଜି କରିଛି । । କି ବିଚୀ । ।।୭।।

ଶୁଣି ବିଭୀଷଣ, ଭାଷଣ,ଦୂଷଣ- ଅଇରି,ଠାରି ଇକ୍ଷଣ ।
ହୋଇ ଅଗ୍ରସର, ଯାଅ କହୁନୀଳ, ସୁଗ୍ରୀବର ହନୁମାନ । । ଯେ ବାଣ୍ଟି ।
ଦେଇ ପଠାଇଲେ କପି ସୃଷ୍ଟି । । ଯେ ବାଣ୍ଟି ।
ସଂଖ୍ୟା କରି ନୁହେଁ କୋଟି କୋଟି । ଯେ ବାଣ୍ଟି ।
ରକ୍ଷ ତ୍ରାସେ କେ ଭୂମିରେ ଲୋଟି ।। ଯେ ବାଣ୍ଟି ।। ୮ ।।

ବାରଣ,ଦାରଣ - କଲେ ପଣ ପଣ, ଶୁଣ୍ଢେ ଟାଣି କପି ସୃଷ୍ଟି ।
ଭାଙ୍ଗି ହାଡ ବୀଥି, କରିଲେ ବିରଥି, କାର, ରଥ ପରେ ପିଟି । । ସେ ଯଶ ।
ଆଶା ରକ୍ଷା କରିଣ ରାକ୍ଷସ । । ସେ ଯଶ ।
ଗଦା ପ୍ରହରି ଦିଅନ୍ତେ ତ୍ରାସ । । ସେ ଯଶ ।
ତ୍ରାହିକର କହିଯାନ୍ତି କୀଶ । । ସେ ଯଶ ।। ୯ ।।

ଶଉରିଙ୍କ ସହ - ବଡ଼ ବଡ଼ ଗ୍ରହ, ଘୁଞ୍ଚନ୍ତି ଯେପରି ଦାନେ ।
ଶଉରି ପ୍ରମୁଖ - ବଡ଼ ବଡ଼ ରକ୍ଷ, ପୃଷ୍ଠଭଙ୍ଗ ଦେଉ ରଣେ । । ସେ ଆଣ୍ଠ ।
ମନେ ଯୁଝଇ କାଳ ନିର୍ଘଣ୍ଟ । । ସେ ଆଣ୍ଠ ।
ପାଶେ ବାନ୍ଧି ନିଏ କାଳ ଘଣ୍ଟ । । ସେ ଆଣ୍ଠ ।
ପଛ ଘୁଞ୍ଚା ଦେଲେ କପିଥାଟ । । ସେ ଆଣ୍ଠ ।।୧୦।।

ପୃଷ୍ଠ ଭଙ୍ଗ ଦେବା, ଦେଖିରାମ କାବା, ହୋଇ ଭାବନା କରନ୍ତି ।
ସାଗର ବୁଡାଇ, ଯାକୁ ପାରେ ନାହିଁ, ବୁଦ୍ ବୁଦ୍‌ରେ ସେ ମରନ୍ତି । । ତା ଶୁଣି ।
ରାମ ଆଗେ ବିଭୀଷଣ ଭଣି । । ତା ଶୁଣି ।
ଚିନ୍ତା ନ କରନ୍ତୁ ରଘୁମଣି । । ତା ଶୁଣି ।
ଚକ୍ଷୁ ବନ୍ଧନ ଏ ମାୟାପୁଣି ।। । ତା ଶୁଣି ।। ୧୧ ।।

Digitized by PPRACHIN, SOA

ବୁଢ଼ିଆଣି ସୁତା - ଜାଲେ ବନ୍ଧନତା, କେତେ କାଳ ବା ରହିବ ।
ସୂର୍ଯ୍ୟ କର ଖର ପ୍ରାୟ ତୁମ୍ଭ କର, ଶରେ ଏ ଲୋପ ପାଇବ । । ହେ ପାଠ।
କର କବଚ ନକରି ମଠ । । ହେ ପାଠ।
ପଦମନ୍ତ୍ର ନକରିବ କାଟ । । ହେ ପାଠ।
ଦୈତ୍ୟ ମାୟାଯିବ ଧରି ବାଟ । ହେ ପାଠ ।। ୧୨ ।।

ଶୁଣିରଘୁବୀର ଆଦ୍ୟରେ ଓଁକାର, ଉଚ୍ଚାରି ବଜ୍ର ପଞ୍ଜର ।
କବଚକୁ ପାଠ କରିଲେ ଅନିଷ୍ଟ, ହୋଇବା ପାଇଁକି ଦୂର । । ସେ ରାମ ।
କରି ବୀଜ ମନ୍ତ୍ର ନିଜ ନାମ । । ସେ ରାମ ।
ସୀତା ଶକ୍ତି କରାଇ ସଙ୍ଗମ । । ସେ ରାମ ।
ଶତ୍ରୁ ପରାଜୟ ରଖି କାମ୍ୟ । । ସେ ରାମ ।।୧୩।।

ଧ୍ୟାନେ ଧ୍ୟାଇ ନାମ, ନୀଳୋତ୍ପଳ ଶ୍ୟାମ-ରାମ ରାଜୀବ ଲୋଚନ ।
ମୈଥିଳୀ ଲକ୍ଷ୍ମଣ, ସଙ୍ଗତରେ ବଣ- ଗମନେ ଜଟା ମଣ୍ଡନ । । ଯେ ସଦା ।
ମୋତେ ରଖନ୍ତୁ ହୋଇ ପ୍ରମୋଦା । ଯେ ସଦା ।
ଧରି ପଦ୍ମ, ଶଙ୍ଖ, ଚକ୍ର ଗଦା । । ଯେ ସଦା ।
ଦୂର ହେଉ ସର୍ବ ରଣ ବାଧା । । ଯେ ସଦ ।।୧୪।।

ହସ୍ତରେ ଯାହାର, ସଦା ଧନୁଶର , ଶୋଭା ଯେ ପାପନାଶକ ।
ନ୍ୟସ୍ତ କରି ହସ୍ତ, ରଖନ୍ତୁ ସମସ୍ତ , ସେନାଙ୍କର ସେ ମସ୍ତକ । । ଯେ ଈଶ ।
ପୂଜ୍ୟ ବିଶ୍ୱାମିତ୍ର ପ୍ରିୟ ଶିଷ୍ୟ । । ଯେ ଈଶ ।
ନାଶା ଶ୍ରବଣେ କରିଣ ବାସ । । ଯେ ଈଶ ।
ରକ୍ଷା କରନ୍ତୁ ନ ହେଉ ନାଶ । । ଯେ ଈଶ ।।୧୫।।

କୌଶଲ୍ୟା ନୟନ, ଦେଖାନ୍ତୁ ଅୟନ , ନୟନକୁ ରକ୍ଷାକରି ।
ସକଳ ଆରାମ, ଦାୟକ ଯେ ରାମ, ରଖନ୍ତୁ ଜିହ୍ୱା ସବୁରି । । ଯେ ନିତ୍ୟ ।
ସତ୍ୟ ଶାଶ୍ୱତ, ଭ୍ରତ ପୂଜିତ । । ଯେ ନିତ୍ୟ ।
ସେହି ରକ୍ଷା କରନ୍ତୁ କଣ୍ଠ'ତ । । ଯେ ନିତ୍ୟ
ଯାହା ପୃଷ୍ଠେ ତୂଣୀର ଶୋଭିତ । ଯେ ନିତ୍ୟ ।।୧୬।।

ସ୍କନ୍ଧକୁ ସବୁରି, ରଖନ୍ତୁ ସେ ହରି , ଶିବଧନୁ ଭଗ୍ନକାରୀ ।
ରଖନ୍ତୁ ବାହାକୁ, ମାରୁତି ଯାହାକୁ, ନିତ୍ୟ କରନ୍ତି ଗୁହାରି । । ସେ ହସ୍ତେ ।
ହସ୍ତ ରକ୍ଷା କରନ୍ତୁ ବିନ୍ୟସ୍ତେ । । ସେ ହସ୍ତେ ।
ଖରାରି ବକ୍ଷ ରଖନ୍ତୁ ସୁସ୍ଥେ । । ସେ ହସ୍ତେ ।
ସ୍ତନ ରଖନ୍ତୁ ରାଘବ ବ୍ରତେ । । ସେ ହସ୍ତେ ।।୧୭।।

Digitized by PPRACHIN, SOA

କବନ୍ଧ ଦଇତ, ହନ୍ତା ରଘୁସୁତ , ପାର୍ଶ୍ୱଦ୍ୱୟ’ ରଖିଥାନ୍ତୁ ।
ସୂର୍ଯ୍ୟୋବଂଶୋଭବ, ଜାନକୀ ବଲ୍ଲଭ, ଉଦର’ କଟି’ ରଖନ୍ତୁ । । ସେ ବାଳି ।
ହନ୍ତା ରଖନ୍ତୁ କଟିକୁ ଭାଳି । । ସେ ବାଳି ।
ଉରୁ ରଖନ୍ତୁ ଅଯୋଧ୍ୟା ମୌଳି । ସେ ବାଳି ।
ଜାନୁ ରଖନ୍ତୁ ସେ ବଳଶାଳୀ । । ସେ ବାଳି ।।୧୮।।

ସାଗରରେ ବନ୍ଧ, କାରୀ ରାମଚନ୍ଦ୍ର, ପଦାଙ୍ଗୁଳି ରକ୍ଷାକର ।
ବିଭୀଷଣ ଦୁଃଖ, ହର୍ତ୍ତା କଞ୍ଜମୁଖ, ରଖନ୍ତୁ ସର୍ବ ଶରୀର । । ସେ ଏହି ।
ପରିନ୍ୟାସେ କିଲୁ ନିଜ ଦେହି । । ସେ ଏହି ।
ବଳୀ ମୁଖେ ବଳେ ବଳୀ ହୋଇ । । ସେ ଏହି ।
ଜୟ ଶଙ୍ଖ ପ୍ରାଙ୍ଗଣେ ବଜାଇ । । ସେ ଏହି ।।୧୯।।

ସନ୍ଧ୍ୟା ଉପମା

ତହିଁ ରଣସ୍ଥଳ, ଉତ୍ତମ ସନ୍ଧ୍ୟାର, ଶୋଭାକୁ କଲା ଧାରଣ ।
ଆକାଶ ମାର୍ଗରେ, ତାରା ପରକାରେ, କପି କଲେ ବିଚରଣ । । ସେ ରାତ୍ରି ।
ଚର ମିଶି ରଣେ ବିହରନ୍ତି । । ସେ ରାତ୍ରି ।
ଚନ୍ଦ୍ର ପ୍ରକଟିତ ରାମ ଜ୍ୟୋତି । । ସେ ରାତ୍ରି ।
ରକ୍ଷ କୁଳ ମନେ ଦେଲେ ଭ୍ରାନ୍ତି । ସେ ରାତ୍ରି ।।୨୦।।

ଧୈର୍ଯ୍ୟେ ବିରୂପାକ୍ଷ, ରକ୍ଷ ଲକ୍ଷ ଲକ୍ଷ, ଶର କରନ୍ତେ ପ୍ରତ୍ୟକ୍ଷ ।
ରଦ୍ର ରୂପୀ ବାଣ, ବିହି ତତକ୍ଷଣ, ବିନାଶ କରିଲେ ରକ୍ଷ । । ସେ ଦ୍ୱନ୍ଦ ।
ବେଳୁ ବେଳ ଦେଲା ପରମୋଦ । । ସେ ଦ୍ୱନ୍ଦ ।
ଶୂନ୍ୟେ ଉଚ୍ଚାରନ୍ତି ଦେବ ବୃନ୍ଦ । । ସେ ଦ୍ୱନ୍ଦ ।
ଦୈତ୍ୟେ ବିନାଶ ହେ ରାମଚନ୍ଦ୍ର। ସେ ଦ୍ୱନ୍ଦ । ।।୨୧।।

ଶବ୍ଦ ଆଡମ୍ବର

ମନ୍ଦର କୁମର, ମନ୍ଦଗତି ଦୂର, କରି ମନ୍ଦର ଭୂଧର ।
ମନ୍ଦୋଦରୀ ବର, ସ୍ୟନ୍ଦନ ଉପର, ସ୍କନ୍ଧରୁ କଲା ପ୍ରହାର । । ତା ବାଜି ।
ମନ୍ଦର ପ୍ରାୟେ ରହେ ନ ଭାଜି । । ତା ବାଜି ।
କ୍ରୋଧେ ଦୈତ୍ୟ ବୋଲେ ଆରେ ପାଜି। ତା ବାଜି ।
ଶିଳା ଉଡ଼ାଉ ବାତେ ନହେଜି । । ତା ବାଜି ।।୨୨।।

ତଦନ୍ତେ ଅଙ୍ଗଦ, ଅଙ୍ଗେ ଠେଲି ବାଦ , କରୁ ସ୍ୟନ୍ଦନ ଉପରେ । ।
ଗଡ଼ି ଘନ ଘନ, ପୁଷ୍ପକ ବିମାନ, ରଡ଼ି ଦେଇ ଗଲା ଦୂରେ । । ତା ଦେଖି ।
କ୍ରୋଧେ ପ୍ରକାଶଇ ବିଂଶଆଖି । । ତା ଦେଖି ।
ପିତା ଶତ୍ରୁକୁ ନମାରି ରଖି । । ତା ଦେଖି ।
ଲାଜାହୀନେ ରଣେ ହେଉ ସାକ୍ଷୀ । ତା ଦେଖି ।।୨୩।।

Digitized by PPRACHIN, SOA

ଶୁଣ ପିତୃଋଣ, ନ ଶୁଝି ଯା ପ୍ରାଣ, ଧରି ରହି ଅଛୁ ବାବୁ ।
ଆଜି ରଣେ ପ୍ରାଣ, ଧନ ବିତରିଣ, ପିତା ଋଣୁ ମୁକ୍ତ ହେବୁ । । ଯା କହି ।
ବ୍ରହ୍ମ ଶର ତୁଲ୍ୟଶରେ ବିହି । । ଯା କହି ।
ଦେଖୁଥିଲେ ସଉମିତ୍ରି ରହି । । ଯା କହି ।
ନିବାରିଲେ ଦୂରୁ ଶରେ ବିହି । । ଯା କହି । ।।୨୪।।

ଏହି ସମୟରେ, ଶ୍ରୀରାମ ରଙ୍ଗରେ, ଧରି ରକ୍ଷ କପି ପଲ ।
ରାବଣ ରଥକୁ, ଘେରିଣ ପଥକୁ, ରୋଧି କଲେ କଲବଲ । । ସେ କାଳେ ।
ରକ୍ତ ନଦୀ ପ୍ରବାହିତ ସ୍ଥଳେ । । ସେ କାଳେ ।
ମୃତ ପିଣ୍ଡ ଭାସି ରୁଣ୍ଡ ହେଲେ । । ସେ କାଳେ ।
ଗୃଧ୍ର, ଶୃଗାଳ, ସୁଖେ ଭୁଞ୍ଜିଲେ । ସେ କାଳେ ।।୨୫।।

ପୁତ୍ର ନାତି ହତ, ଦେଖିଣ ଦଇତ, ମନ ହେଲା ଛନଛନ ।
ବିଚାରିଲା ମନେ, ବିଧାତା ବିଧାନେ, କାମନା ହୋଇବ ପୂର୍ଣ୍ଣ । । ସେ ରାମ ।
ନ ଜାଣିବା ପାଇଁ ତାର ମର୍ମ । । ସେ ରାମ ।
ସର୍ବ ଚିତ୍ତକୁ କରାଇ ଭ୍ରମ । । ସେ ରାମ ।
କ୍ରୋଧ ମନେ କରଇ ସଂଗ୍ରାମ । । ସେ ରାମ ।।୨୬।।

ପୁଣି ଦୈତ୍ୟେଶ୍ୱର, ବିନ୍ଧି ଲୌହଶର, କଲା ଅନ୍ଧକାର ମହୀ ।
ଯୁଦ୍ଧେ ବୃତ୍ରାସୁର, ଅନ୍ଧକ, ତ୍ରିପୁର, ଯାହାକୁ ନଥିଲେ ବିହି । । ସେ ବାଣ ।
ବିନ୍ଧେ ରୁନ୍ଧି ମନେ ବାନ୍ଧି ଟାଣ । । ସେ ବାଣ ।
ଦଶଦିଗ ପାଳ ପ୍ରାୟ ଜାଣ । । ସେ ବାଣ ।
ଉପମାରେ ହେଉଛି ପ୍ରମାଣ । । ସେ ବାଣ ।।୨୭।।

ରାବଣ ଦଶଦିଗପାଳ ଉପମା

ଫୁତ୍କାର ଶବ୍ଦ, କରନ୍ତେ ନର୍ବେଦ, ହୋଇଲା **ଅନନ୍ତ**ସେହି ।
ବହୁ ନେତ୍ର ବହି, ଥିବା ହେତୁ ସେହି, **ପାକଶାସନ** ବୋଲାଇ । । ତା ତେଜ ।
ଅଗ୍ନି ପରିରୁ **ଅଗ୍ନି** ନିଧାର୍ଯ୍ୟ । । ତା ତେଜ ।
କୃଷ୍ଣ କାୟରୁ **ଶମନ** ଧାର୍ଯ୍ୟ । । ତା ତେଜ ।
ରକ୍ଷ ରକ୍ଷାରୁ **ନୈଋତ** ଓଜ । । ତା ତେଜ ।।୨୮।।

ସମୁଦ୍ର ଭିତରେ, ଘର କରିବାରେ, **ବରୁଣ** ହୁଏ ପ୍ରତୀତି ।
ସଦା ଗତି କରି, **ବାୟୁ** ନାମ ଧରି, ପୁଷ୍ପାରୋହୀ **ଧନପତି** । । ସେ ଭୀମ ।
ତୁଲ୍ୟ ପରାକ୍ରମୀ ହେତୁ **ଭୀମ** । । ସେ ଭୀମ ।
ବ୍ରହ୍ମା କୁଳେ ଜାତ ହେତୁ **ବ୍ରହ୍ମ** । । ସେ ଭୀମ ।
ବ୍ରହ୍ମାଆଶିଷ ଶରୀରେ **ବର୍ମ** । । ସେ ଭୀମ ।।୨୯।।

Digitized by PPRACHIN, SOA



ଗନ୍ଧମାର୍ଦ୍ଦନ ଧରି ଫେରିବା ବାଟରେ ହନୁମାନଙ୍କୁ ଭରତ ଶରାଘାତ

ରଣକ୍ଷେତ୍ରେ ରାବଣକୁ ହନୁମାନଙ୍କର ମୁଷ୍ଟିଘାତ

ପିଶାଚମାନଙ୍କର ରଣଭୂମିରେ ବିଖଣ୍ଡିତ ସୈନିକମାନଙ୍କ ରକ୍ତ ପାନ



ମାତଳିଙ୍କ ଦେବଦଳନ ରଥରେ ପ୍ରଭୁ ଶ୍ରୀରାମ ବିଜୟ

Digitized by PPRACHIN, SOA

ଏହି ପରି ବାରମ୍ଭାର ସେ ଟଙ୍କାର, କରଇ ଧନୁ ଯାନରେ ।
ରାମ ଧରାପରେ, ଯେତେ ଶର କଲେ, ବ୍ୟର୍ଥ କରେ ଦୂରୁଖରେ । । ତା ଦେଖି ।
ନନ୍ଦିଘୋଷେ ଅସ୍ତ୍ରଶସ୍ତ୍ର ରଖି । । ତା ଦେଖି ।
ସ୍ୱରେ ପଠାଇଲେ ମାତଳିକି । । ତା ଦେଖି ।
ସୁଗ୍ରୀ ଆଦି କପିଦେଖି ସୁଖୀ । । ତା ଦେଖି ।।୩୦।।
ମାତଳି କଥାରେ, ରାମ ଧୀରେଧୀରେ, ରଥ ଆରୋହଣ କଲେ ।
ଦେବ ବ୍ରହ୍ମ ଯୋନି, ନଭୁଜୟ ଧ୍ୱନି, କରି ପୁଷ୍ପ ବରଷିଲେ । । ସେ ତେଜ ।
ଦେଖୁ ଦେଖୁ ରାବଣ ନିସ୍ତେଜ । । ସେ ତେଜ ।
ସ୍ଥିର କଲା ଏ ଗରୁଡ଼ ଧ୍ୱଜ । । ସେ ତେଜ ।
ପୂର୍ଣ୍ଣ ହୋଇବ ଇପ୍ସିତ କାର୍ଯ୍ୟ । । ସେ ତେଜ ।।୩୧।।
ସେ ସ୍ୟନ୍ଦନେ ପୁଣି, ଦେଖେ ରକ୍ଷମଣି, ମେଘ, ପୁଷ୍ପବଳାହକ ।
ଶୈବ, ସୁଗ୍ରି, ଆଦି, ଚାରି ଅଶ୍ୱବାନ୍ଧି, ମାତଳି ରଥ ଚାଳକ । । ତା ନେତ ।
ଗରୁଡ଼ ଚିହ୍ନ ଯେ ପ୍ରକମ୍ପିତ । । ତା ନେତ ।
ବେଳ ଅବସାନେ ରଘୁସୁତ । । ତା ନେତ ।
ରଣ ରଖୁ ପୁରେ ଗଲା ଦୈତ୍ୟ । । ତା ନେତ ।।୩୨।।
ଆହେ ରାମ ରସ, ପିପାସୁ ଏ ରସ, ଏହି ଠାରେ ପୂର୍ଣ୍ଣ ହେଲା ।
ସଦା କରି କାମ୍ୟ, ସୀତା ରାମ ନାମ, ବିପ୍ର ଦୟା ବିରଚିଲା । ହେ ଆଗେ ।
ଆଗେ ଶିବବାମାଙ୍କୁ ସରାଗେ । । ହେ ଆଗେ ।
ଚିନ୍ତା କରିବ ରାବଣ ଯୋଗେ । । ହେ ଆଗେ ।
ଶୁଦ୍ଧ ପୂତେ ଯାଇ ଦେବୀମାର୍ଗେ । । ହେ ଆଗେ । ୩୩ ।

***

ଅଶୋକ ବନେ ଅଶୋକାଷ୍ଟମୀ ଓ ସୀତାଙ୍କ ଶୁଭ ସ୍ୱପ୍ନ

ରାଗ ବଙ୍ଗଳା ଶ୍ରୀ

ଛାନ୍ଦ - ୫୩

ସମର ଉପେକ୍ଷି, ମାରୁତିକି ଡାକି, ରାଘବ ସୁବଳଚୂଳେ ।
ପେଷିଲେ ଆକଟେ, ସୀତାଙ୍କ ନିକଟେ, ଦେବାକୁ ବାର୍ତ୍ତା ବିକଳେ।।୧।।
ସୁମନସ ଯାନ, ପଠାଇ ସୁମନ, ସାହା କାଳୁ ଲଙ୍କାପତି ।
ବାହାଛିଡ଼ିଲାଣି, ଦୁଃଖ ଯିବ ଘୁଣି- ନୁହ କହିଛନ୍ତି ପତି ।।୨।।
ସରିବାକୁ, ବନ,ବାସ- ଯେ ଗଣନ, କଲେ ଅଛି ଷୋଳଦିନ ।
ସବଂଶେ ରାବଣ, ମାରି ରଘୁରାଣ, ଫେରି ହୋଇବେ ରାଜନ ।।୩।।

Digitized by PPRACHIN, SOA

ଯାଇ ହନୁମନ୍ତ, ଏ ସର୍ବ ଚରିତ, ସତୀଙ୍କୁ ଜଣାକରିଲା ।
ଜଗତ କରତା, ବାର୍ତ୍ତା ଶୁଣି ସୀତା, ହୃଦେ ଜୀବ ସଞ୍ଚରିଲା ||୪||
କହନ୍ତି ଜାନକୀ, ସତେତା ଆନକି - ନହୋଇ ହୋଇବ ସତ ।
ଏ ରକ୍ଷନଗରୀ - ମଧ୍ୟୁମୋତେପାରି କରି ନେବେ ରଘୁ ସୁତ ||୫||
ଠାବେ ଆସି ଯାହା, କହିଥିଲେ ତାହା, ପାଳି ଅକ୍ଷରେ ଅକ୍ଷରେ ।
ନ ପୂରୁଣୁ କଣ୍ଟ, ଧରିଣ ବୈକୁଣ୍ଠ- ବିହାରୀ ଆସି ସମରେ ||୬||
ଦିଅ ଯା'ଉଦନ୍ତ, କଲା ବଡ଼ ଶାନ୍ତ, ବଞ୍ଛିଛି ଇଚ୍ଛି ଦର୍ଶନ ।
ଅଭାଗୀ କଷଣ, ଦୂରେ ରଘୁରାଣ, ଶୁଣାନ୍ତୁ ଦୈତ୍ୟ ମରଣ ||୭||

ସୀତାଙ୍କର ଶୁଭ ସ୍ୱପ୍ନ ଦର୍ଶନ

କରି ନମସ୍କାର, ପବନ କୁମର, ଫେରି କହେମଥାପୋତି ।
ଟେଣେ ହନୁକଥା, ଭାଳୁଥିଲେ ସୀତା, ନିଦ୍ରାଦେବୀକଲେଗତି ||୮||
ଦେଖିଲେ ସ୍ୱପନ, ରାଜ୍ୟ ସିଂହାସନ, ପରେ ଶ୍ରୀ ରଘୁନାୟକ ।
କୋଳେ ଧରି ମୋଦେ, ପ୍ରଜାଙ୍କ ଆନନ୍ଦେ, ହେଉଛନ୍ତି ଅଭିଷେକ||୯||
ଆନନ୍ଦ ବିଷାଦ- ବିଲୁଣ୍ଠିତେ ହୃଦ, ଦଣ୍ଡେ ସୀତା ସନ୍ତାପିତ ।
ବୁଝାଇ ସରମା, କହିଲା ମୋର'ମା ସ୍ୱପ୍ନବି' ହୁଅଇ ସତ୍ୟ ||୧୦||
ଦିଅଁଙ୍କୁ ଯାଚଞ୍ଚା, କର ହେବ ଆଞ୍ଚା, କାମନା ପୁରଣେ ଯାଇ ।
ଭାଷନ୍ତି ବୈଦେହୀ, ଅଭାଗିନୀ ଯାଇ, ଭାଗ୍ୟବତୀ ହେବ କାହିଁ||୧୧||
ଶୁଣିତା ତରଣୀ, ମାତା କହେ ପୁଣି, କଥାଏ କହୁଛି ଶୁଣ ।
ଆସୁଛି ଯା ଭ୍ରମି, ଅଶୋକାଅଷ୍ଟମୀ, ତା ତତ୍ତ୍ୱ ତୁମ୍ଭେ ନଜାଣ ||୧୨||
ଲଙ୍କେଶ୍ୱର ବିଭା, ଆଗରୁ ପ୍ରତିଭା, ନଥିଲା ଯା ମନ୍ଦୋଦରୀ ।
ପୂଜି ଏ ଅଶୋକ, ବୃକ୍ଷ ନାଶି ଦୁଃଖ, ବଢ଼ାଇ ଅଛନ୍ତି ଶିରୀ ||୧୩||
ପ୍ରତ୍ୟେକ ମାସର, ଶୁକଳ ସପ୍ତମୀ, ଦିନ ଅଶୋକ ପାଦପ ।
ଆବାହନ କରି, ପୂଜି ମାହେଶ୍ୱରୀ, ପାଦେ କରି ଜପ ତପ ||୧୪||
ଅଷ୍ଟମୀରେ ଅଷ୍ଟ, ପ୍ରହରୀ ଯା ଶ୍ରେଷ୍ଠ, କରି ପତ୍ରଜଳ ସାରି ।
ନବମୀଦିନାର୍ଦ୍ଧେ, ଯାଉଥାନ୍ତି ବୋଧେ, ପୂଜା ସମର୍ପଣ କରି ||୧୫||
ଏହିପରି ମାସ, ମାସ ବହି ଶେଷ, ହୁଏ ଅଶୋକାଷ୍ଟମୀରେ ।
ଉଜାଡ଼ଁ ସେ ଭାବ, ପ୍ରବଣେ 'ବିଭବ', ପରି ବୃଦ୍ଧି ହେଲା ଖରେ ||୧୬||
ଯେଉଁଦିନୁ ଆଣି, ଏଥି ବିଂଶ ପାଣି, ତୁମ୍ଭଙ୍କୁ ରଖାଇ ଲାଣି ।
ଅଭିମାନେ ସେହି, ନ ଆସନ୍ତେ ଏହି, ଅଶୋକ ବନକୁ ଜାଣି ||୧୭||
ତେଣୁ ହେଲା ଚ୍ୟୁତ, ବିଭବ ସମସ୍ତ, ତୁମ୍ଭେସେହିବ୍ରତକର ।
କଷ୍ଟ ଦୂର ହେବ, ସୌଭାଗ୍ୟ ହୋଇବ, ଦାନ କରିବେ ସେ ବର ||୧୮||

Digitized by PPRACHIN, SOA

ଶୁଣି ସୀତାସତୀ, କରିଣ ପ୍ରଣତି, ଯାଚଞ୍ଚା କରନ୍ତି ମନେ ।
ହେ ଅଶୋକ ବନ, ହୋଇଲେ ପ୍ରସନ୍ନ ମୋ ଦୁଃଖ ଯିବି ଭୁବନେ ।।୧୯।।
କରୁ ଥିବି ପୂଜା- ସଦା ହେଲେ ରାଜା, କାନ୍ତ' ମୁହିଁ ରାଜାରାଣୀ ।
ଘେନଏବେଭକ୍ତି କରଇ ପ୍ରଣତି, ବ୍ରତରେ ଅରକ୍ଷ ପ୍ରାଣୀ ।।୨୦।।
ସୀତା ରାମ ବନ୍ଦି, ଦିନ ଦୟାନିଧି, ଏ ଛାନ୍ଦ ରଚନା କଲା ।
ଡେରି ମନକର୍ଣ୍ଣ, ଶୁଣ ସାଧୁଜନ, ହେବ ଭବସିନ୍ଧୁ ଭେଳା ।।୨୧।।

***

ରାବଣ ରଣେ ଆଗମନ

ରାଗ - ଆଷାଢ଼ ଶୁକ୍ଳ

ଛାନ୍ଦ-୫୪

ସୁଜନେ ଶୁଣ ଏ ଉତ୍ତାରେ ଗୀତ । ସରଳ ପଦରେ ମୋହିବ ଚିତ୍ତ ।।
ସମରୁ ଫେରି ଦୁଃଖେ ବିଂଶପାଣି । ଛଟ ପଟେ କକ୍ଷେ ସାରେ ଯାମିନୀ ।।
ମାନସ ଶଫରୀ ।
ଜଠରାନଳେ ଦହି ହୁଏ ଘାରି ।ଘୋଷା । ।।୧।।

ପ୍ରଭାତ ବର୍ଣ୍ଣନା

ଏଣେ ପ୍ରାଚୀବଧୂ ସ୍ୱାମୀ ଆଗମେ । ଅଭିସାରିକା ବେଶ ହୋଇ ରମ୍ୟେ ।।
ଗମନ କରୁ ବାସୁ ଖରତରେ । ଅଭିବାଦ ନାର୍ଥେ ମଧୁର ସ୍ୱରେ ।।
କୋକିଳ ସଙ୍ଗୀତ ।
ଗାନ କରେବନ୍ଦି ସ୍ତବରେ ରତ ।।୨।।
କୁମ୍ଭାଟୁଆ ଭାଟ ରାଜା ଆଗମ ।। ଜାଣି ଶଙ୍ଖ ବାଇ ଜଣାଏ ପ୍ରେମ ।।
ମନ୍ଦ ଅନିଳ ଆଲଟକୁ ଚାଳି । ପୁଷ୍ପ ସୌରଭ, ବୋଳୁ ମୁଖେ ଅଳି ।।
ନିଉଛାଳି ହୁଏ ।
ଗୁଣୁ ଗୁଣୁ ଯାହା ସଙ୍ଗୀତ ନୁହେଁ । ।।୩।।
ଶୁଭେ ଦେବାଳୟେ ଆସି ଦେବଳ । ଘଣ୍ଟା ପିଟନ୍ତି ଧରି କର ତାଳ ।।
ବାଳଖିଲ୍ୟା ଯାନ୍ତି ପୁଷ୍ପ ଚୟନେ । ଆହ୍ନିକେ ଅର୍ଘ୍ୟ ଅର୍ପି ବିପ୍ରଗଣେ ।।
ପ୍ଳୁତ ସ୍ୱରେ ବେଦ ।
ଉଚ୍ଚାରି ପ୍ରଣବେ କଲେ ନିର୍ବେଦ । ।।୪।।

ଟୀକା ପଦ : ୧ - ବିଂଶପାଣି-କୋଡିଏ ରାବଣ, କକ୍ଷେ-ପ୍ରକୋଷ୍ଠେ, ଯାମିନୀ-ରାତ୍ରି, ମାନସ-ମନ ଶଫରୀ-ମୀନ ବା କେରାଣ୍ଡିମାଛ, ଜଠରାନଳେ-ଉଦର ଅଗ୍ନିରେ । ପ୨-ପ୍ରାଚୀ ବଧୂ-ପୂର୍ବ ଦିଗ ଯୋଷା, ଅଭିସାରିକା-କାନ୍ତର ମିଳନ ନିମିତ୍ତ, ରମ୍ୟେ - ସୁନ୍ଦର ଭାବରେ, ଅଭିବାଦନ -ସମ୍ମାନ ସୂଚକ ନିମନ୍ତ୍ରଣ, ଭାଟ- ପ୍ରଭାତରେ ରାଜା ଯଶଃ ଗାନ କାରି । ୩ - ମନ୍ଦ ଅନିଳ - ବସନ୍ତ ପବନ, ଅଳି-ଭ୍ରମର, ୪ - ଦେବଳ-ମାଳିବା ଠାକୁର ସେବାକାରି, ବାଳଖିଲ୍ୟା-ଋଷିଶିଷ୍ୟ ।

Digitized by PPRACHIN, SOA

ଉର୍ଦ୍ଧ୍ୱକୁ ଉଠିଲେ ସବିତା ଯାନେ । ଶଯ୍ୟା ତ୍ୟାଗ କରି ରାବଣ ଘନେ ॥
ନିତ୍ୟ ନୈମିତ୍ତ କର୍ମ କରି ଶେଷ । ଚଣ୍ଡୀମଣ୍ଡି ଚଣ୍ଡି ପାଠେ ଆବେଶ ॥
ବ୍ରାହ୍ମଣଙ୍କୁ ବରି ।
ଅମ୍ବିକା ପଦରେ କରେ ଗୁହାରି । ॥୫॥

ଦେବଙ୍କ ଯାନ ବର୍ଣ୍ଣନା

ତେଣେ ପୂର୍ବପରି ଅମରକୁଳେ । ସମର ଲୋକନେ ଯାଆନ୍ତି ବଳେ ।
ବିଧାତା **ମରାଳ** ବାହନ ପରେ । ପୁରନ୍ଦର ବିଜେ **ଐରାବତ**ରେ ॥
ସିଦ୍ଧିଦାତା ପୁଣ ॥
ଇନ୍ଦୁର ବାହନେ କଲେ ଗମନ । ॥୬॥
ମଗରରେ ବିଜେ କଲେ ଜଳେଶ୍ୱର । ଷଡ଼ାନନ ବିଜେ **ମୟୂର** ପର ॥
ବୃଷଭ ଆରୋହିଲେ ପଶୁପତି । **କେଶରୀ** ପୃଷ୍ଠ ଓଭାରି ପାର୍ବତୀ ॥
ସପ୍ତାଶ୍ୱ ରଥରେ ।
ବିଭାବସୁ ବିଭାବେ ଗତିକଲେ । ॥୭॥
ପିଙ୍ଗଳମେଷ ବାହନେ ମଙ୍ଗଳ । **ଦ୍ୱିପଞ୍ଚଅଶ୍ୱ** ଯୋଚି ନିଶାକର ।
ବୁଧ ଗମନ୍ତି **ସିଂହୀ** ବାହନରେ । ଗୁରୁ ବୃହସ୍ପତି ଗଲେ **ମରାଳେ** ॥
ଭେକେ ଶୁକ୍ରଯତି ॥
ଗୃଧ୍ର ପୃଷ୍ଠେ ଖଞ୍ଜ ଶନି ଚଳନ୍ତି । ॥୮॥
ମଗର ପୃଷ୍ଠ ରାହୁ ଆରୋହିଲେ । **ପେଚକ** ପୃଷ୍ଠରେ କେତୁ ଚଳିଲେ ॥
ଗର୍ଦ୍ଦଭ ପୃଷ୍ଠେ ଗଲେ କାଳରାତ୍ରୀ । **ଗରୁଡେ** ଗଲେ ମଧ୍ୟାହ୍ନ ଗାୟତ୍ରୀ ॥
କମଳା, **ଉଲ୍ଲୁକ** ॥
ମହିଷ ପୃଷ୍ଠେ ଚଳନ୍ତି ଅନ୍ତକ । ॥୯॥
ଗଜଲକ୍ଷ୍ମୀ ଚଳନ୍ତି **ଗଜପରେ** । ଅଶ୍ୱିନୀ କୁମାର **ଅଶ୍ୱ** ଉପରେ ॥
ଏହିପରି ଯାହାର ଯାହାଯାନ । ଚଢ଼ି କରି ଯାଇ ଅମର ଗଣ ॥
ମଣ୍ଡିଲେ ଗଗନ ।
ଅଦୃଶ୍ୟେ ସର୍ବେ ଦେଖିବାକୁ ରଣ । ॥୧୦॥

ରାବଣର ଦେବୀ ଆରାଧନା

ଆନ ପ୍ରସଙ୍ଗେ ବୁଧେ ଦିଅ ମତି । ଶିବ ଶିବାଙ୍କୁ ଧ୍ୟାନେ ଲଙ୍କପତି ॥
ସ୍ମରଣ କରି ବୋଲେ ରକ୍ଷାକର । ମାତଃ ସାହାପକ୍ଷ କେ ନାହିଁ ମୋର ॥
ତୁହି ଦୟାମୟୀ ।
ପୁରାଣ ଶାସ୍ତ୍ରେ ମୁଁ ଶୁଣି ଅଛଇ । ॥୧୧॥

ଟୀକା ପଦ : ୫ - ସବିତା-ସୂର୍ଯ୍ୟ ।୬ - ଅମର କୁଳେ-ଦେବତାମାନେ, ସମର ଲୋକନେ-ଯୁଦ୍ଧଦେଖିବା ପାଇଁ, ମରାଳ-ହଂସ, ଐରାବତ-ହସ୍ତୀ, ଇନ୍ଦୁର-ମୂଷିକ, ମଗର-ଜଳଜନ୍ତୁ । ୭ - ଜଳେଶ୍ୱର-ବରୁଣ, ଷଡାନନ-କାର୍ତ୍ତିକେୟ, ପଶୁପତି-ଶିବ, କେଶରୀ- ସିଂହ, ସପ୍ତାଶ୍ୱ-ସୂର୍ଯ୍ୟରଥ, ବିଭାବସୁ-ସୂର୍ଯ୍ୟ, ବିଭାବେ - ବିଶେଷ ଭାବେ । ୮ - ପିଙ୍ଗଳ-ନୀଳପୀତ ମିଶ୍ରିତ ବର୍ଣ୍ଣ । ଦ୍ୱିପଞ୍ଚ-ଦଶ, ନିଶାକର-ଚନ୍ଦ୍ର, ମରାଳେ-ହଂସ, ଭେକ-ବେଙ୍ଗ, ଗୃଧ୍ର-ଶାଗୁଣା, ଖଞ୍ଜ-ଛୋଟା । ୯ - ଉଲ୍ଲୁକ-ପେଚା, ଅନ୍ତକ - ଯମ । ୧୦ - ଶିବା-ପାର୍ବତୀ ।

Digitized by PPRACHIN, SOA

ମା କାଳୀ

Digitized by PPRACHIN, SOA

ପତିତପାବନୀ ମାତ କାଳୀକେ । ଅନାଥବନ୍ଧୁ ଜଗତପାଳିକେ ।।
ପାପହାରିଣୀ କରୁଣାନୟନେ । ଦେଖଥରେ ନେତ୍ରେ ଏଅକିଞ୍ଚନେ ।।
ନଶୁଣନ୍ତି ହର ।
ଡାକେତୁହି ସାହାପକ୍ଷ ମୋହର । ।।୧୨।।
ସଦା ଶକ୍ତିମୟୀ ବ୍ୟାପ୍ତ ଜଗତେ । ଅରୂପେ ସ୍ୱରୂପେ ଡାକେ ମା ତୋତେ ।।
ତୋଶରଣ ଜନେ ବିପଦ ନାହିଁ । ଅନ୍ୟଥା ତା କିମ୍ପା ହୁଏ ମୋ ପାଇଁ ।।
କୃପାବ ଲୋକନେ ।
ଦର୍ଶନ ଦିଅ ଆସି ଏହିସ୍ଥାନେ । ।।୧୩।।
ଏ ରୂପେ ବହୁତ ଡାକୁ ରାବଣ । ଆକାଶେ ଅମ୍ବିକା ଜାଣିଣ ଧ୍ୟାନ ।
ବାହାରୁ ସିଂହପୃଷ୍ଠେ ସଦାଶିବ । ବାରଣେ କାରଣ ପୁଛନ୍ତି ସର୍ବ ।।
କାହିଁ ଯାଉ ଅଛ ।
ରଣ ଦେଖିବାକୁ ପରା ଆସିଛ । ।।୧୪।।
ବୋଲନ୍ତି ଭବାନୀ ହେ ମହାକାଳ । ସର୍ବଦା-ତ' ତୁମେ ଯୋଗରେ ଭୋଳା
ଏଣୁ ଭକତ ଡାକ ଶୁଭୁ ନାହିଁ । ଆଉ କେ ଦେବ' ଡାକିବେ କିମ୍ପାଇଁ ।।
ଡେରନ୍ତୁ ଶ୍ରବଣ ।
ତ୍ରସ୍ତେ ଧ୍ୟାନ କରୁଛି ଦଶାନନ । ।।୧୫।।
ପୂର୍ବେ ତପସ୍ୟାରେ ମୋଡି ମୁଣ୍ଡକୁ । ଯାଗ ହବି କରୁ କହିଛେ ତାକୁ ।
ସଦା ସର୍ବଦା ହେବାପାଇଁ ସାହା । ମନେ କି ନପଡେ, ହେ ସ୍ୱାମୀ ତାହା ।।
ଅସହାୟ ଭାବେ ।
ଡାକୁଛି କିପରି ନ ଯିବା ଏବେ । ।।୧୬।।

ଚଣ୍ଡିପାଠ, ଅଶୁଦ୍ଧ ।

ଏହାକହି ଉମା କଲେ ଗମନ । ସାହା ହେବେ ଜାଣି ଦେବତା ଗଣ ।
ଚଣ୍ଡୀପାଠ ଅଶୁଦ୍ଧ କରିବାକୁ । ପଠାଇଲେ ଲଙ୍କା ସରସ୍ୱତୀଙ୍କୁ ।।
ହର୍ଷ୍ବ' ଦୀର୍ଘସ୍ୱର ।
ଉଚ୍ଚାରଣେ ବିପ୍ର କଲେ ବ୍ୟାପାର । ।।୧୭।।
ଭୂତାର୍ତ୍ତି ହାରିଣୀ ପରିବର୍ତ୍ତନେ । ଭୂତାର୍ତ୍ତି କାରିଣୀ ପଢ଼ନ୍ତି ଜନେ ।
ଯାଦେବୀ ସ୍ଥାନେ, ଖାଦେବୀ' ପଠନ । କରନ୍ତି ପଣ୍ଡିତ ଚଣ୍ଡିରେ ପୁଣ ।।
ରଖ ଧୀରେମନେ ।
ବିଭ୍ରମେ ଦୁର୍ଗା ବୋଲନ୍ତି ରାବଣେ । ।।୧୮।।

ଟୀକା. ୧୬ - ହବି-ଘୃତ । ୧୮ - ବସ୍ତ୍ର-ମୁଦ୍ରା ।

Digitized by PPRACHIN, SOA

ଭୟ ନାହିଁ ବସ୍ସ ଫେଡ଼ ନୟନ । ମାଗିନିଅ ବର ଯାହା ତୋ ମନ ।।
ଆସିଛି ଯେଣୁ ସାହା ହେବି ତୋତେ । କି କରିବେ ଅମର ଗଣ ମୋତେ ।।
ବୋଲେ ଦଶଶିର ।
କେଉଁକଥା ମା, ତୋତେ ଆଗୋଚର । ।।୧୯।।
ଶରଣ ମୁଁ ତୋର ଚରଣ ପ୍ରାନ୍ତେ । କୋଳେ ଧରି ରଥେ ରଖିବୁ ମୋତେ ।।
ରାମ ସଙ୍ଗେ ରଙ୍ଗେ ବିଜୟ ଇଛି । କାତରେ ଭୃତ୍ୟ ଯେ, ଏତେ ଡାକୁଛି ।।
ଶୁଣି ଅଙ୍ଗୀକାର ।
କରି ଦେବୀ ବସୁ ସ୍ୟନ୍ଦନ ପର । ।।୨୦।।

ରଣ ବିଜୟ ଉପମା

ସାନନ୍ଦେ କୋଳରେ ବସି ରାବଣ । ସମରେ କ୍ରମରେ ଚଳାଏ, ଯାନ ।।
ପୀଠେ ବ୍ରାହ୍ମଣ କରେ ଚଣ୍ଡୀପାଠ । ବିଲୋକି ଫଉଜେ, ନ କରି ମଠ ।।
ତୁରଙ୍ଗମ, ନାଗ ।
ଶତାଙ୍ଗ, ସଜିତେ ପ୍ରବେଶ ଆଗ ।।୨୧।।
ସବାର, ଜମାଦାର, ସରଦାର । ଯେ' ଯା, ଅସ୍ତ୍ର' ଶସ୍ତ୍ର' ରଣ ସମ୍ଭାର ।।
ସଜିତ କରନ୍ତି ହୁକୁମ ଶୁଣି । ଗଜ, ତାଜି ବାଜି ଚାଲେକେ ଗଣି ।।
ଭିଡ଼ି ଅଙ୍ଗା ଅଙ୍ଗେ ।
ହୁଙ୍କାର ଦେଇଣ ରଣ ପ୍ରସଙ୍ଗେ । ।।୨୨।।
ଭାଲେ କେ ମଣ୍ଡିଛି ଚଣ୍ଡୀ ସିନ୍ଦୁରେ । ଢ଼ାଲକେ ମଣ୍ଡି ଅଛି ବାମକରେ ।
ନାଲ ପଗଡ଼ି କା ଶିରେ ମାନୁଛି । ଚାଲ ଚାଲ ମୁଖେ ଫୁତ୍କାରୁ ଅଛି ।
ମଲ୍ଲ କେହୁ ଦାଢ଼ି ।
ନିଶ ସାଉଁଳି ଖୋସେ କର୍ଣ୍ଣେ ମୋଡ଼ି । ।।୨୩।।
ଘୋଡ଼ୀକେ ଚଳାଉ ଘୋଡ଼ା ଆଗରେ ।। ଯୋଡ଼ି ଯୋଡ଼ି ଘୋଡ଼ା ହ୍ରେଷା ରାବରେ ।।
ପଛୁ ଦୌଡ଼ି ଘୋଡୀ ଉପରେ ଚଢ଼େ । ଗଢ଼େ ସେନା ବାଗ ଦଉଡ଼ି ଛିଢ଼େ ।।
ହୁଡ଼େ କେହି ପଥ ।
ବୁଲେ ଜଳେ, ଚକ୍ର' ଉଡ଼ଁରି ବତ । ।।୨୪।।
କେଯାଏ ନାଟୁଆପରି, ଗତିରେ । କା, ଚରଣ ନଲାଗଇ କ୍ଷିତିରେ ।।
କେ ବକ୍ରେଆସେ ଗ୍ରୀବା ଦେଇମୋଡ଼ ।। ତୀରଗତିପ୍ରାୟ କାହା ଦଉଡ଼ ।।
ସେ ମତ୍ତ ମାତଙ୍ଗ-
କୁଳ ଚାଲି ଯଥା ଗଙ୍ଗା, ତରଙ୍ଗ । ।।୨୫।।

ଟୀକା. ୧୯ - ଅଙ୍ଗୀକାର-ସ୍ୱୀକାର, ସ୍ୟନ୍ଦନ-ରଥ । ୨୦ - ଫଉଜ-ସୈନ୍ୟ, ତୁରଙ୍ଗମ-ଘୋଡ଼ା, ନାଗ-ହସ୍ତୀ, ଶତାଙ୍ଗ-ରଥ । ୨୧ - ସବାର-ମଣିଷ ବହିବା ଯାନ, ଜମାଦାର-ସେନାପତି, ସରଦାର-ରଥୀ. ଗଜ-ହସ୍ତୀ-ବାଜୀ-ଘୋଡ଼ା, ଅଙ୍ଗା-ଯୁଦ୍ଧପରିଛଦ। ୨୨ - ଭାଲ-କପାଳ, ଢାଲ-ଅଙ୍ଗରକ୍ଷାକାରୀ ଚର୍ମଫଳକ, ଫୁତକାର-କହୁଛି ।୨୪ - ମତ୍ତ -ମତୁଆଳ, ମାତଙ୍ଗ ହସ୍ତୀ, ତରଙ୍ଗ-ଲହରୀ ବାଢ଼େଇ । ୨୫ - ସୁରଙ୍ଗେ -ଶ୍ରେଷ୍ଠରଙ୍ଗେ-ବିରଙ୍ଗେ-ବିଶେଷଯୁଦ୍ଧରେ,

Digitized by PPRACHIN, SOA

ସୁରଙ୍ଗେ ସର୍ବଅଙ୍ଗ ସୁସଜ୍ଜିତ । ବିରଙ୍ଗେ ହାରିବ ଉଚ୍ଚାପର୍ବତ ॥
ଗତିରୁ ବିଚାର ହୁଏ ବଇରି- କୁଳ କମଳକୁ ଫେରିବେ ଦଳି ॥
ଯଥା ନଦୀ ବଢ଼ି ।
ଯାଏ ବାଟ ଅବାଟେ ଗଲେ ମାଡ଼ି । ॥୨୬॥
ମହିଷି ମାନେ କଲେ ପଦାଘାତ । ବାସୁକୀର ଫଣା ହୋଇଲା ନତ ॥
ଗଡ଼ଦ୍ୱାରୁ ଚଳଇ ପୁଷ୍ପକରେ । ବସିଣ ରାବଣ ଦେବୀ ଅଙ୍କରେ ॥
ଏ ସମୟେ ଚାର ।
ଜଣାଇଲା ରାମ ଆଗେ ଖବର ॥୨୭॥
ମଣିମା, ଶୁଣିମା ହେଉ ଧରଣୀ । ଦିଶୁନାହିଁ କରି ପଥର ପାଣି ॥
ଆସନ୍ତି ସେନା ସଇନ ଅପାର । ସଙ୍ଗେଧରି ରଙ୍ଗେ ସେଲଙ୍କେଶ୍ୱର ॥
ଗଜ, ବାଜୀ, ରଥ ।
ସୁମାରିକୁ' କେହି, ନୁହେଁ ସମର୍ଥ । ॥୨୮॥

ସେନା ଆଗମ ସାଗର ଉତ୍ପ୍ରେକ୍ଷା

ବିଲୋକନ୍ତେ ପ୍ରତେ ହୁଏ ଆଗର । ଘୋଟି ଆସେ ଯଥା ଗର୍ଜି ସାଗର ।
ମଗର ତୁଲ୍ୟ ଗଜ ପନ୍ତି ପନ୍ତି । କୁମ୍ଭୀର ସଦୃଶ ଓଟ ଦିଶନ୍ତି ।
ଅଶ୍ୱ ବିହ୍ୱମାନ ।
ଉଡ଼ି ଚକି ଦେଉ ମୀନ ସମାନ । ॥୨୯॥
ଶ୍ୱେତ ଚାମର, ଉଷ୍ଣୀଷ' ଯେ ଫେଣ । ଶ୍ୱେତ ପତାକା, ଲହଡି' ପ୍ରମାଣ ॥
ରଥ ଆବରଣ, ବୋଇତ' ହୋଇ । ଶର ସର୍ପ ଦେଖୁ ଭୟ ଲାଗଇ ॥
ନଦ, ନଦୀ, ପରି ।
ମିଶନ୍ତି ସଇନେ ପଛୁ ଆହୁରି । ॥୩୦॥
କେ ବୋଲଇ କାହିଁ ପାଇଁ ଡରିବା । ମର୍ତ୍ତ୍ୟ ଏତ ଦିନେ ହେଲେ ମରିବା ॥
ଏ ରଣ ସମୁଦ୍ର କରି ମନ୍ଥନ । ଅର୍ଜନ କରିବା ପୌରୁଷ ଧନ ॥
କୀର୍ତ୍ତି କାଳେ କାଳେ ।
ରହିଥିବ ଏହି ମହୀ ମଣ୍ଡଳେ । ॥୩୧॥
ବୋଲନ୍ତି ଶୁଣିତା କୋଦଣ୍ଡଧର । ସର୍ବ ବାର୍ତ୍ତା ହେଲା କର୍ଣ୍ଣ ଗୋଚର ॥
ଲକ୍ଷ୍ମଣଙ୍କୁ ଧରି ସେ ନନ୍ଦିଘୋଷେ । ବସି ଆଜ୍ଞା ଦେଉ ମାତଳି ତୋଷେ ॥
ବାହିଲା ସ୍ୟନ୍ଦନ ।
ସଙ୍ଗେ ଚଳନ୍ତି ରକ୍ଷ କପି ସୈନ୍ୟ । ॥୩୨॥

ଟୀ.ପ.୨୬ - ସୁମାରି-ଗଣନା, । ୨୮ - ସାଗର-ସମୁଦ୍ର, । ୨୯ - ଉଷ୍ଣୀଷ-ପଗଡ଼ିର ବକସାମଲ, ନଦ - ପଶ୍ଚିମ ବାହୀନୀ ନଦୀ, ୩୧ - ସ୍ୟନ୍ଦନ-ରଥ, ରକ୍ଷ-ଭାଲୁ, କପି-ମାଙ୍କଡ ।

Digitized by PPRACHIN, SOA

ମିଶୁଥାଟ-ମୁଖ୍ୟ, ମୁଖ୍ୟ ସଇନ୍ୟ । ହୁଙ୍କାର ଦେଇ ଆରମ୍ଭିଲେ ରଣ ॥
ଶାଳ ଶିଳାଘାତ ଦାନରେ ପଦା । କରନ୍ତେ ରାକ୍ଷସେ ଧରିଣ ଗଦା ॥
କ୍ରୋଧରେ ପିଟନ୍ତି ।
ତ୍ରସ୍ତେ ରାମ ଆଗେ କପି ରଟନ୍ତି । ॥୩୩॥

ହେ'ଖରହନ୍ତା, ଖରେ'ଧନୁଧର । ରାକ୍ଷସଙ୍କ ହସ୍ତୁ ଉଦ୍ଧାର କର ॥
କପିଙ୍କ ହତାଶ ବଚନ ଶୁଣି । ରାମ ଗୁଣଦେଇ ଶରକୁ ଟାଣି ॥
ବିନ୍ଧିଣ ସତ୍ୱର ।
ବଧିଲେ ଲକ୍ଷ ଲକ୍ଷ ନିଶାଚର । ॥୩୪॥

ଲଙ୍କେଶ ସେ ରଣ, ଦେଖି ବିରାଗେ । ପୁଷ୍ପକ ଯାନ ଚାଳି' ରାମ ଆଗେ ।
ବୋଲଇ ରଥୀ ସଙ୍ଗେ ରଥୀରଣ । କରିବା ସର୍ବଦା ଶାସ୍ତ୍ର ପ୍ରମାଣ ।
ହୋଇ ମହାରଥୀ ।
ଛାର ଦଇତଙ୍କୁ ମାରୁଛ ଏଥି ॥୩୫॥

ଏକାଳେ ରଣ ପଣ୍ଡିତ ଲକ୍ଷ୍ମଣ । କହନ୍ତି ଜଣା ଅଛି କ୍ଷତ୍ରି ପଣ ।
ତପସ୍ୱୀବେଶେ ଅବଳାକୁଆଣି । ରଣ ଶାସ୍ତ୍ର ଧର୍ମ ହୁଅ ବଖାଣି ।
ଧର ଧନୁଶର ।
ଧର୍ମ କରିବ ଧର୍ମର ବିଚାର । ॥୩୬॥

କେଉଁବୀର ହସ୍ତରେ କେଉଁବୀରର ମୃତ୍ୟୁ ଘଟିଲା

ବୋଲି ଶ୍ରବଣ ଯାଏ ଟାଣି ବାଣ । ବିନ୍ଧୁ କଠୋର କୁଠାର ତତ୍କ୍ଷଣ ।
ବାତସ୍ରୋତ, ଦ୍ରୁମ ଟାଳିଲା ପରି । ଦେଲାସେ ମହାପାର୍ଶ୍ୱକୁ ଟାଳି ।
ସେଥି ସୁଗ୍ରୀବର ।
ଗଳାକୁ ଧରି ବିକଟଦୈତ୍ୟର । ॥୩୭॥

ଯାଗେ ପଶୁମୁଣ୍ଡ ମୋଡିଲା ପରି । ମୋଡ଼ିଲା ମାରୁତି ବିଧା ପ୍ରହାରି ।
ମହାସେନ ଦୈତ୍ୟର ହନୁହାଡ । ଚୁରୁ ପଡି ହେଲା ଧୂଳି ପାହାଡ଼ ॥
ସେ କାଳେ ପ୍ରଶସ୍ତ ।
ଅଙ୍ଗଦ କରାଘାତେ ହେଲାହତ । ॥୩୮॥

ବିଚିତ୍ର ନଳ, ଅନଳ ସଦୃଶ । କରା ଅସୁରକୁ କରିଲା ଭସ୍ମ ।
ବିରୂପାକ୍ଷ ଦୈତ୍ୟେ ବିରୂପ କରି । କଟିକୁ ଭାଙ୍ଗିଲା ନୀଳ ପ୍ରହାରି ॥
ସୁଷେଣ ଶୋଷିଣ ।
ପାନ କଲା କାଳ ଘଣ୍ଟର ପ୍ରାଣ । ॥୩୯॥

୩୩: ଖରହନ୍ତା-ଖର ଅସୁର ବଧକାରିରାମ, ଖରେ-ଶିଘ୍ର, ନିଶାଚର-ଅସୁର ।

Digitized by PPRACHIN, SOA

ଦଧି ମୁଖ ଦଧି ଦୈତ୍ୟକୁ ଖରେ । ମଛିଲା ପର୍ବତ ଖୁଆ ଦଣ୍ଡରେ ।।
ଗଜ ପ୍ରାୟ କୁମ୍ଭ ରାକ୍ଷସ କୁମ୍ଭ । କେଶରୀ ବିଦାରେ ଧରିଣ ଦମ୍ଭ ।।
ସେ ମହେନ୍ଦ୍ର କପି ।
ମହୀସୁର ବଧ କଲା ସଙ୍କଳ୍ପି । ।।୪୦।।
ଗବୟ ବୀର ଗୟଳ ପରାୟ । କାଳ କେତୁ ଚିରି କଲା ବିଲୟ ।।
ଛଞ୍ଚାଣ ପରାୟେ ଧାଇଁ ସଉରୀ । କପୋତା ସୁର ବେକ ମୋଡିକରି ।।
ଗବାକ୍ଷ ଗବାକ୍ଷ ।
ପ୍ରାୟ କଣା କଲା ବିଶାଳ ବକ୍ଷ । ।।୪୧।।
ତାରାକ୍ଷ କପି ଛିଡ଼ି ବଜ୍ରପ୍ରାୟ । ବଜ୍ରକପାଟକୁ କଲା ବିଲୟ ।।
ଶରଭ ପ୍ରାୟ ପନଶୀଳ ହେଲା । ଦ୍ୱିପିନ ଧରୁତା ଅନ୍ତ ବୁଝୁଳା ।।
ନଖ ମାରି ଚିରି ।
ବକ୍ଷ ତଳେ ରହି ଦେଲା ସଂହାରି । ।।୪୨।।
ଡାଳିମ୍ବ, ଚନ୍ଦନ, ସ୍ୱନାମ ବୃକ୍ଷ । ଧରିବିନାଶି ଯମ ଘଣ୍ଟ ରକ୍ଷ ।
ବକାସୁରର ବକ୍ଷକୁ ବିଦାରି । ଭୂମିରେଲୋଟାଇ ଆସନ୍ତେଫେରି ।
କାଞ୍ଚନ, ପାଟଳୀ ।
ଶୋଣିତ ବୁହାଇଲା ପାଦେ ଦଳି । ।।୪୩।।
କୁମୁଦ ମୋଦେ ବିଦ୍ୟୁଜ୍ଜିହ୍ୱା ଜିହ୍ୱା । ଉପ୍ପାଟିଲା କାନ୍ଧି ଧରୁ ସେ ରାହା ।।
ପ୍ରଜଙ୍ଘ ଦୈତ୍ୟ ଜଙ୍ଘ ଇକ୍ଷୁଦଣ୍ଡ । ଗନ୍ଧ ମାରଦନ, କରିଲା ଖଣ୍ଡ ।।
ସୂଚୀ ମୁଖା ସୁରେ ।
ବିବିଧ କପି ତତ୍କାଳେ ସଂହାରେ । ।।୪୪।।
ଦ୍ୱିବିନ୍ଦକପି ସିଂହାନାଦକରି । ସିଂହନାଦ ରକ୍ଷ ବକ୍ଷ ବିଦାରି ।।
ଚରଣ ଦୁଇ ଧରି ଦୁଇଫାଳ । କରୁ ବାଂଶ ପ୍ରାୟ ପୂରିଲା କାଳ ।
ତହୁଁ ପନଶୀଳ ।
ଉଲ୍ଲୁକ କନ୍ଦାଇ ନାଶେ ମଙ୍ଗଳ । ।।୪୫।।
ଏହି ପରି ରାବଣ ପୁତ୍ରନାତି । ଯେତେମଲେ କେ' କରିବ ଗଣତି ।।
ମନେ ମନେ ଗୁଣି ଭୟଭିତରେ । ମଣିଦେଖି ପୁଣିବିଚାର କରେ ।।
ଚତୁର୍ଦ୍ଦଶ ପୁର ।
ଜୟକାଳେ ପୁତ୍ରେ ଥିଲେକି ମୋର । ।।୪୬।।
ଏବେ ଅମ୍ବିକା ହୋଇଛନ୍ତି ସାହା । କି କରିବ ମୋର ଜାନକୀ ନାହା ।।
ଏକାକୀ ପୂର୍ବେ ଜୟ କଲା ପରି । ଏକା ଜୟ କରି ଯିବି ସ୍ୱପୁରୀ ।।
ଭାବି ତତ୍ ପର ।
ବରଷେ ଘନ' ଘନ, ଲୌହଶର । ।।୪୭।।

Digitized by PPRACHIN, SOA

ଚତୁର୍ଦ୍ଦିଗ ଅନ୍ଧକାର କରିଲା । ରାମ ସେନା ଦାବାଗ୍ନିକି ହରିଲା ।।
ଆଶ୍ୱିନ ମାସ ଚଣ୍ଡି ପୂଜା ପରି । ରକ୍ତ ପାନ କରେ କପିଙ୍କୁ ଧରି ।।
ଏହା ଦେଖି ରାମ ।
ସଂଗ୍ରାମେ' ମାନସେ, କରନ୍ତି କାମ୍ୟ । ।।୪୮।।
କୈଳାସ ଛାଡି ଆସଯୋଗ୍ନୀ ଗଣେ ଶୋଣିତ ପ୍ରପାନ କରିବ ରଣେ ।
ଦଶ ଦିଗେ ଦଶ ମୁଣ୍ଡକୁ ବଳି । ଦେବା ପାଇଁ ମନ ଗଲାଣି ଚଳି ।
କହି ବିନ୍ଧୁ ବାଣ ।
ପ୍ରତି ଅସ୍ତ୍ରକରି କାଟେ ରାବଣ । ।।୪୯।।
ବାଣେ ବାଣ ମାଡ଼ ତାଳେ ଅନଳ । ସୂର୍ଯ୍ୟ, ଅଗ୍ନି, ଜ୍ୟୋତି, କି ହୁଏମେଳ ।।
କିମ୍ୱା ରାବଣ ନାଶ ଉପସ୍ଥିତି । ସମୟ ହେବାରୁ ଉଲ୍କା ପନ୍ତି ।।
ମହୋଜ୍ୱଳ କରେ ।
ବିନଷ୍ଟ ବି ନୁହେଁ ଅଳ୍ପ କ୍ଷଣରେ । ।।୫୦।।

ରଣରେ ସୈନ୍ୟ ସଂଖ୍ୟା ।

ନିୟୁତେଘୋଡ଼ା, ଅୟୁତେକ' ହାତୀ କୋଟିଏରଥ କୋଟିଏ ପଦାତି ।।
ଦଶଗୋଟି ରଥୀ ବିନାଶ ହେଲେ । କବନ୍ଧ ଗୋଟିଏ ନାଚଇ ଭଲେ ।।
କୋଟିଏ କବନ୍ଧ ।
ମଲେ ଖେଚର ନାଚେ ଭାଙ୍ଗିବନ୍ଧ । ।।୫୧।।
ଏ ପରି ଖେଚର ନାଚିଲେ କୋଟି । ରାମ ଧନୁରେ ବାନ୍ଧିଥିବା ଘଣ୍ଟି ।।
ଗୋଟିଏ ମାତ୍ର ଥରେ ବାଜି ଉଠେ । ଏହି ତା ନିୟମ ଶାସ୍ତ୍ରେ ପ୍ରକଟେ ।।
ସପ୍ତ ଘଣ୍ଟିସ୍ୱନ ।
ବନ୍ଦ ନୁହେଁ ମଲ୍ଲେ ଏତେ ସଇନ । ।।୫୨।।
ହିସାବ କେ କରି ପାରିବ କାହିଁ । ଏ ରଣ ତୁଳନା କେ ହେବ ନାହିଁ ।।
ରାମଶର ପ୍ରତି ହତ ରାବଣ । କଲେ ଦଇତେ ବର୍ଷନ୍ତି ସୁମନ ।।
ରାବଣର ଶର ।
ହତେ ସୁମନ ବର୍ଷନ୍ତି ଅମର । ।।୫୩।।
ବେନି ଜନ ଶର ପ୍ରାବଲ୍ୟ ଫଳେ । ବୃଷ୍ଟି ହେବା ପୁଷ୍ପ ନପଡେ ତଳେ ।।
ଏ କାଳେ ଲଙ୍କେଶ ଶତ୍ରୁ'ଘ୍ନ, ଅସ୍ତ୍ର । ବିନ୍ଧେ ଘନ ଘନ ଉଚ୍ଚାରି ମନ୍ତ୍ର ।।
ସେ ଅସ୍ତ୍ରରେ ଲୌହ ।
ମୁନା ଗଳି ରାମେ କଲା ଅଥୟ । ।।୫୪।।
ବାଳି ବଧ ଶର ଗୁଣେ ବସାଇ । ଆଦେଶନ୍ତି ଗାମ୍ଭୀର୍ଯ୍ୟେ ରଘୁସ୍ୱାଇଁ ।।
ରାବଣର ଦଶ ମୁଣ୍ଡକୁ କାଟି । ଦଶ ଦିଗପାଳେ ଦିଅ ହେ ଭେଟି ।।
ଆଜ୍ଞା ପ୍ରମାଣରେ ।
ଶରକରମଧ୍ୟୁ ଚଳିଣ ଖରେ ।।୫୫।।

Digitized by PPRACHIN, SOA

ଦଶ ମୁଣ୍ଡକୁ ସ୍କନ୍ଧୁ କରି ଚ୍ୟୁତ । ଦଶଦିଗ ପାଳେ ଦେଉ ତୁରିତ ।।
କକ୍ଷା ବହି ସର୍ବେ ଧରନ୍ତି କରେ । ଛାଡୁ କାଳେ ଲାଗିଯିବ କନ୍ଧରେ ।।
ପୁଣି ଦେବ ଦଣ୍ଡ ।
ଏଣେ ତା ସ୍କନ୍ଧରୁ ଉପୁଜି ମୁଣ୍ଡ । ।।୫୬।।
ତାହା ଦେଖି ସେ ପରିହାସ କରି । କହିଲା ମୁଣ୍ଡ ଛିଣ୍ଡିଲେ ମୋହରି ।।
ମୃତ୍ୟୁ ନୁହେଁ ମୃତ୍ୟୁ ମୋ ଇଛାଧୀନ । କାଟ କାଟ କେତେ ରଖିଛୁ ବାଣ ।।
ସାମାନ୍ୟ ଅସୁର ।
ନୁହେଁ ମୋତେ ବିନ୍ଧି ମାରିବୁ ଶର । ।।୫୭।।
ଶୁଣି ରାଘବ ବାଛି ଦିବ୍ୟକାଣ୍ଡ । ଆଦେଶିଲେ ପୁଣି ରାବଣ ମୁଣ୍ଡ ।।
କାଟ ସେ କାଟୁ ଆଉ ମୁଣ୍ଡେ ପୁଣି । ସ୍କନ୍ଧରୁ ଉତ୍ପନ୍ନ ହୁଏ ତତ୍କ୍ଷଣି ।।
ଶତ ଅଷ୍ଟୋତ୍ତର ।
ଥର ମୁଣ୍ଡ କାଟି ଦେଖିଲେ ବୀର । ।।୫୮।।
ସ୍ୟନ୍ଦନ ଆରୁଢ଼ ହୋଇ ପାର୍ବତୀ । କୋଳରେ ଧରିଛନ୍ତି ଲଙ୍କପତି ।।
ବିସ୍ମିତେ ଚିନ୍ତି ଛାଡି ଧନୁର୍ବାଣ । ବୋଲନ୍ତି ମିତ୍ର ବନ୍ଦରଖ ରଣ ।।
ଶୁଣି ରାମ କଥା ।
ଯୁଥପତିଆଦି ପୋତିଲେ ମଥା । ।।୫୯।।
ବିଚାରନ୍ତି ଇନ୍ଦ୍ର ଜାଲ ଦଇତ- । ଶେଷ ରଣେ କରି ହରିଲାଚିତ୍ତ ।।
ଏଣୁ ରାମ ରଣ କରନ୍ତି ବନ୍ଦ । ଉର୍ମିଳା ବଲ୍ଲଭ ଦୁଃଖରେ ସାନ୍ଦ୍ର-
ହୋଇ ପଚାରନ୍ତି ।
କିମ୍ପା ରଣକୁ ବନ୍ଦ ରଖୁଛନ୍ତି । ।।୬୦।।
ସମସ୍ତେ ମଲେ ଏକା ବିଂଶବାହା । ହତାଶ ହେଲାଣି ନାହିଁ କେ ସାହା ।।
ମନେ ହୁଏ ଆଜି ସାୟଂ ପୂର୍ବରୁ । ଦଶାନନ ନାଶ ଯିବ ଭବରୁ ।।
ଲକ୍ଷ୍ମଣଙ୍କ ଉକ୍ତି ।
ଶୁଣି ସେ ଜାନକୀ ପତି ଭଣତି । ।।୬୧।।
ରାବଣ ବଧ ଯଜ୍ଞ କରି ମୂଳ । ଉଭୟ ପକ୍ଷରୁ ଯା ମଲେ ବଳ ।।
ଆଉ ଯାହା କିଛି ବଞ୍ଚି ଅଛନ୍ତି । ମରାଇବା ପାଇଁ ନ ବଳେ ମତି ।।
ରାବଣ ସ୍ୟନ୍ଦନେ ।
ଦୁର୍ଗା ବସି ଜିଣାଉଛନ୍ତି ରଣେ । ।।୬୨।।
ବୋଲନ୍ତି ଲକ୍ଷ୍ମଣ ନୁହ ଆତୁର । ମିଳୁ ନିର୍ଯାତନା କିମ୍ପାଇଁ ଡର ।।
ଧର୍ମର ଜୟ ସଦା କହେ ଶାସ୍ତ୍ର । ଦମ୍ଭେ ରଣ ହେଉ ହେ ଜ୍ୟେଷ୍ଠଭ୍ରାତ ।।
ଯିବ ଦୁଃଖରାତି ।
ହେବ ବିନାଶ ନିଶ୍ଚେ ଲଙ୍କାପତି । ।।୬୩।।
ଶୁଣି 'ବି ତା' ରାମ ମଉନ ହେଲେ । ବିପ୍ର ଦୟାନିଧି ଛାନ୍ଦେ ଯା ବୋଲେ ।।
ଦିବାନିଶି ସୀତା ରାମ ଚରଣ । ବନ୍ଦେ ନାମ କରି ସକଳ ଧନ ।।
ଶୁଣ ସାଧୁନରେ ।
ପବିତ୍ର ଆତ୍ମାରେ ଶ୍ରୁତି ପଥରେ ।।୬୪।।

ମାସ ପାରାୟଣ ୨୪ ବିଶ୍ରାମ

Digitized by PPRACHIN, SOA

ଦେବୀପୂଜା

ରାଗ ବଙ୍ଗଳାଶ୍ରୀ - (ଘୋଡା ନାଚ ବୃତ୍ତେ)

ଛାନ୍ଦ - ୫୫

ଏ ପ୍ରସଙ୍ଗ ତୋଷେ ଶୁଣ ହେ ବିଦୁଷେ ତେଣେ ଦେବତା ଆକୁଳେ ।
ରଣ ବନ୍ଦ ଜାଣି, ପ୍ରବେଶିଣପୁଣି, ଶ୍ରୀରାମ ଶିବିର ସ୍ଥଳେ । ||୧||
କରିଲେ ପ୍ରକାଶ ଲଙ୍କେଶ ବିନାଶ, ନୋହି ସମର ସ୍ଥଗିତ ।
ରଖିଲେ କିମ୍ପାଇଁ, ପୁତ୍ରନାତି ପାଇଁ, ଦଣ୍ଡିବ ଦେବଙ୍କୁ ଦୈତ୍ୟ । ||୨||
ବୋଲନ୍ତି ରାଘବ, କହ ଦେବ ସର୍ବ ତୁମ୍ଭର କର୍ତ୍ତବ୍ୟ ତୁମ୍ଭେ ।
ପାଳିଛକିଆଶେ, ଧାଇଁଛ ମୋ ପାଶେ ସଫଳତା ହେତୁଦମ୍ଭେ । ||୩||
ରାବଣ ଦଣ୍ଡରେ, ପୀଡା ପାଇ ଥରେ, ଧର୍ମ ସଂସ୍ଥାପନା ପାଇଁ ।
କହିଥିଲ ଯାଇ, ବିହି ଉମାସାଇଁ, ସେ କଥା କି ମନେ ନାହିଁ । ||୪||
ନାନା ନିର୍ଯ୍ୟାତନା, ସହି ମୁହିଁ ସିନା, ରଖିବା ପାଇଁକି କଥା ।
କର୍ତ୍ତବ୍ୟ ପଥରେ, ଆସିଥିଲି ଖରେ, ନଇଁଯାଏ ଏବେ ମଥା । ||୫||
ପ୍ରଭୁ ତ୍ରିପୁରାରୀ ଙ୍କରମନୋହାରୀ ମୋ ଶତ୍ରୁ ରାବଣ ରଥେ ।
ବସିଣ ତାହାକୁ, ରଖନ୍ତି ଏହାକୁ, ଦେଖି ମୁଁ ଆସୁଛି ଏଥେ । ||୬||
ଚିନ୍ତା କର ଗରୁ, ମନରେ ଆଗରୁ, କହିଥିଲେ ଶୂଳ ପାଣି ।
ମୋ ବିଜୟେ ସାହା ହୋଇ ଟେକି ରାହା ଉମା ଥାନ୍ତେ ଡାକି ଆଣି ।||୭||
ଶୁଣି ଶଚୀପତି, ବୋଲନ୍ତି ପାର୍ବତୀ, ଦେବ ଦେବ ଶିବଙ୍କର ।
ଦ୍ୱୀତିୟ ବିବାହ, ସ୍ତ୍ରୀରୀ ହେତୁ ଭବ, ଦେଇଛନ୍ତି ଅଧିକାର । ||୮||
କେବେ କେହି ଭକ୍ତ, ଭକ୍ତିରେ ଆସକ୍ତ, ହେଲେ ସେ ବାଧା ନ ଦେବେ ।
ଏଣୁ ତୁମ୍ଭ ପାଶେ, କହୁଛୁ ବିଶେଷେ, ପ୍ରତିକାର ଶୁଣ ଏବେ । ||୯||
ନୀଳ ପଦ୍ମେ ସଦା, ଭବାନୀ ପମୋଦା, ପୂଜ ନୀଳ ପଦ୍ମ ଦେଇ ।
ଦେବୀ ହ୍ରଦେ ଦେବେ, ରଖିଛନ୍ତି ଯବେ, ଆଣ ଦୂତକୁ ପଠାଇ । ||୧୦||
ସେ କମଳେ ପୂଜା, କଲେ ସିଂହ ଧ୍ୱଜା, ଛାଡି ରାବଣ ସ୍ୟନ୍ଦନ ।
ଉପନୀତ ହେବେ, ନନ୍ଦୀଘୋଷେ, ଦେବେ ବର' ମରିବ ରାବଣ ||୧୧||
ଅମରଙ୍କ ବାଣୀ, ଶୁଣି ରଘୁମଣି, ମନେ ମନେ ବିଚାରନ୍ତି ।
ଆଶା ଦିଶୁନାହିଁ, କେ ଆଣିବ ଯାଇ, ଏତେ ଦୂରୁ ପୁଷ୍ପ ଏଥି ||୧୨||
କହେ ବାତଶିଷ୍ୟ, ଦିଅନ୍ତୁ ଆଦେଶ ଏ ଦାସାନୁଦାସ, ଯିବ ।
ଅକ୍ଳେଶେ, ହରଷେ, ଶିବ ବାମା ତୋଷେ, ନୀଳ କମଳ, ଆଣିବ । ||୧୩||
କରି ଦେବୀପୂଜା, ଉଡାଇବ ଧ୍ୱଜା, ବିନାଶ ହେବ ରାବଣ ।
ଶୁଣି ସନମତ ହେଉ ରଘୁନାଥ, ଗଲା, ପବନ ନନ୍ଦନ । ||୧୪||

Digitized by PPRACHIN, SOA

ନିର୍ବିଘ୍ନେ ପାବନୀ, ଆସୁ ପଦ୍ମ ଘେନି, ଶୁଭ ମନାସି ରାଘବ ।
ପୁଲକିତ ଚିତ୍ତେ, ଶାସ୍ତ୍ରାନୁମୋଦିତେ, ଆରମ୍ଭିଲେ ଦେବୀସ୍ତବ । ॥୧୫॥
ଜୟ ଜୟ ଦୁର୍ଗେ, ଦୁର୍ଗତି ନାଶିନୀ, ବିନ୍ଧ୍ୟଗିରି ନିବାସିନୀ ।
ଜୟ ଜୟ ଦୁର୍ଗେ, ଦୁର୍ଗମ ଭେଦିନୀ, ସର୍ବଶକ୍ତି ସନାତନୀ । ॥୧୬॥
ଜୟ ଜୟ ଦୁର୍ଗେ, ନୀଳକଣ୍ଠ ପ୍ରିୟା ନିରାକାର, ସାକାରିଣୀ ।
ଜୟ ଜୟ ଦୁର୍ଗେ, ପରମ ପ୍ରକୃତି, ପରାତ୍ପର,ପୁରାତନୀ । ॥୧୭॥
ଜୟ ଜୟ ଦୁର୍ଗେ, ମହାମାୟା, ମହୋଦରୀ ମହିଷା ମର୍ଦ୍ଦିନୀ ।
ଜୟ ଜୟ ଦୁର୍ଗେ, ଜ୍ୱାଳା,ଜିହ୍ୱାମୟୀ, ଶୁମ୍ଭ ନିଶୁମ୍ଭ ନାଶିନୀ ।॥୧୮॥
ଜୟ ଜୟ ଦୁର୍ଗେ, ଶିବ ସିମନ୍ତିନୀ, ଶ୍ୟାମା,ଶଙ୍କରୀ,ଭବାନୀ ।
ଜୟ ଜୟ ଦୁର୍ଗେ, ଶ୍ୱେତାଙ୍ଗୀ,ସାରଦା, କାଳୀ,କୁଳ କୁଣ୍ଡଳିନୀ । ॥୧୯॥
ଜୟ ଜୟ ଦୁର୍ଗେ, ଚିତ୍ତ,ବିତ୍ତ ହାରୀ, ସଚିଦାନନ୍ଦ ରୂପିଣୀ ।
ଜୟ ଜୟ ଦୁର୍ଗେ, କ୍ଷମା, ଭୀମା, ଭୟଙ୍କରୀ, ଭ୍ରମରୀ, ସର୍ବାଣୀ । ॥୨୦॥
ଜୟ ଜୟ ଦୁର୍ଗେ, ବ୍ୟାଘ୍ରାମ୍ବର ଧାରୀ, ଶାର୍ଦ୍ଦୁଳ ବର ଆସନୀ ।
ଜୟ ଜୟ ଦୁର୍ଗେ, କୃତାନ୍ତ ଦଳିନୀ, ସର୍ବକଳୁଷ ନାଶିନୀ । ॥୨୧॥
ଜୟ ଜୟ ଦୁର୍ଗେ, ରାଜ ରାଜେଶ୍ୱରୀ, ହିମାଦ୍ରୀ ରାଜନନ୍ଦିନୀ ।
ଜୟ ଜୟ ଦୁର୍ଗେ, ଶାରଦା, ବରଦା, ଶୁଭଦା, ସୁଖଦା, ମାନୀ । ॥୨୨॥
ଜୟ ଜୟ ଦୁର୍ଗେ, ଅନ୍ନଦା, ମୋକ୍ଷଦା, ଆପଦ, ସମ୍ପଦ, ଦାନୀ ।
ଜୟ ଜୟ ଦୁର୍ଗେ, ଜଗତ କଲ୍ୟାଣୀ, ଦୁଃଖଦୁର୍ଦ୍ଦଶା ହାରିଣୀ । ॥୨୩॥
ଜୟ ଜୟ ଦୁର୍ଗେ, ସୃଷ୍ଟି, ସ୍ଥିତି, ଲୟ, ବିଳୟ କାର୍ଯ୍ୟ କାରିଣୀ ।
ଜୟ ଜୟ ଦୁର୍ଗେ, ନିକୁମ୍ଭ ଦଳିନୀ ହେରମ୍ବସ୍କନ୍ଦ ଜନନୀ । ॥୨୪॥
ଜୟ ଜୟ ଦୁର୍ଗେ, ଆଶିଷ ସରାଗେ, କର ଫେରୁ ମୋ ପାବନି ।
ଜୟ ଜୟ ଦୁର୍ଗେ, ଅଭୟା ତୋ ମାୟା, ଦେବେ ନ ପାରନ୍ତି ଜାଣି ॥୨୫॥
ଦେବୀ ହୃଦେ ଲୟ, ପବନ ତନୟ, ଦେଇ ହୋଇଣ ସାନନ୍ଦ ।
ଦେବାଳକ ପରି, ପହଁରି ପହଁରି, ଠୁଳକଲା ଅରବିନ୍ଦ । ॥୨୬॥
ହେଲା ଅଷ୍ଟୋତ୍ତର, ଶତ ସବୁ ବୀର, ଭାର କରିଣ ଆକାଶେ ।
ଧରିଆସେ ଦେବୀ, ଗମ ସ୍ତବେ ଦ୍ରବୀ, ପଥେ ଭେଟିଣ ଅଦୃଶ୍ୟେ । ॥୨୭॥
ବିଢ଼ିବାକୁ ମନ, ହରିଲେ ନଳୀନ, ଏକ' ନଜାଣେ ମାରୁତି ।
ଥାଟ ମଧ୍ୟେ ଥୋଇ, ହୁଅନ୍ତେ ବିନୟୀ, ଅତି ତୋଷେ ରଘୁପତି ॥୨୮॥
ଅଙ୍ଗ ପୂତକରି, ପ୍ରଣବ ଉଚାରି, ସଙ୍କଳ୍ପେ ମନ୍ତ୍ରେ ବାରାହୀ ।
ବସିଲେ ଧରିଲେ, କରେ ପଦ୍ମ କରେ, କରମାଳି ସଂଖ୍ୟା ପାଇଁ । ॥୨୯॥
ଙଂ ଙଂ ଙଂ, ଜଗତର ମାତ, ଶୁଣ ଜଗତର ବାଣୀ ।
ସଂ ସଂ ସଂ, ସଦାଶିବ ପ୍ରିୟା, ଅସୁର ଖର୍ବ କାରିଣୀ । ॥୩୦॥

Digitized by PPRACHIN, SOA

ଲଂ ଲଂ ଲଂ, ଲଳିତ ବଚନା, ଗହ ଗହ ସୁହାଷିଣୀ ।
ହଂ ହଂ ହଂ, ହରିଣାକ୍ଷୀ ମାତ, ହରମୋ କଷଣ ପୁଣି । ।।୩୧।।
ବଂ ବଂ ବଂ, ବଗଳା ମୁଖୀ ମା, ଆସ ମୋର ଡାକ ଶୁଣି ।
କଂ କଂ କଂ, କଙ୍କାଳୀ କେ କାଳୀ,- ସଦାବନ୍ଧ୍ୟା ପାଦେଶରଣୀ । ।।୩୨।।
ଏହି ପରି ବାର,ମ୍ବାର' ମନ୍ତ୍ରେବୀର, ଚଢ଼ାଇଲେ କମଳକୁ ।
ଶେଷରେ ଗୋଟିଏ, ଉଣା ଜାଣି ଭୟେ, ଡକାଇ କପିବଳକୁ । ।।୩୩।।
ବୋଲନ୍ତି ସଙ୍କଳ୍ପ, ନାଶ ହେଲା କୋପ, ହେବେ ଦେବୀ ଯିବ ଫଳ ।
କରିଛେ ସଙ୍କଳ୍ପ, ଶତ ଅଷ୍ଟକଳ୍ପ, ଦେବା ନିମନ୍ତେ କମଳ । ।।୩୪।।
ପଡିଲେ ବିପଦେ, ଯାଇ ଦେବୀ ହ୍ରଦେ, କମଳ ଆଣ ତୁରିତେ ।
ହନୁକରି ମନା ବୋଲେ ବିଡ଼ମ୍ବନା କଥା କହୁଛନ୍ତି ମୋତେ । ।।୩୫।।
ବାରମ୍ବାର କରି, କରିଣ ସୁମାରି, ଆଣିଥିଲି ଆଉନାହିଁ ।
କହିଥିଲେ ସୁର, ଶତ ଅଷ୍ଟୋତ୍ତର ପୁଷ୍ପ ରହିଥିଲା ତହିଁ । ।।୩୬।।
ହନୁ ମୁଖୁ ଶୁଣି, ମନେ ମନେ ଗୁଣି, ସ୍ଥିର କଲେ ରଘୁପତି ।
କିଏ ଏହି ମାୟା, କରିବ ଅଭୟା, ବିନା'କାର ଅଛି ଶକ୍ତି । ।।୩୭।।
ଦଶାନନେ ସାହା, ହୁଅନ୍ତୁ ସେ ମହା, ମାୟୀ ମୋର ନାହିଁ ଦୁଃଖ ।
କିନ୍ତୁମୋରପୂଜା, ବିଘ୍ନ କାର୍ଯ୍ୟ ଏଜା, କିକହିବେ ଭବେ ଲୋକ । ।।୩୮।।

ଜଣାଣ

ଭାବେ ଭୟେ ବୁଧେ, ରଖିଛନ୍ତି ବେଦେ, ଦୟାମୟୀ ନାମ ତୋର ।
ତୋ ହୃଦ ପାଷାଣ, ତୋ ପତି ଈଶାନ, କଳେବରତ ପଥର । ।।୩୯।।
ପାଷାଣ ତୋ ପିତା, ପାଷାଣୀ ତୋମାତା, ଈଶାଣୀତୁ ତାଙ୍କ ସୁତା ।
କୁଳ ଗୋତ୍ର ଗୁଣ, ହେତୁ ଏ କାରଣ,-ଘଟାଉ ନକରି ଚିନ୍ତା । ।।୪୦।।
ଏକାଳେ ପ୍ରମୁଖ, ଲକ୍ଷ୍ମଣ ଏ ଦୁଃଖ ଦେଖିଣ ବୋଲନ୍ତି ତହିଁ ।
ଧର୍ମ ଯୋଗେ ସତ୍ୟ ଭବେ ଆତଜାତ ପ୍ରଭୁ ଚିନ୍ତାକର ନାହିଁ ।।୪୧।
ସଭିଙ୍କ ଅଦୂରେ ଭାଗ୍ୟ ଚକ୍ର ଘୂରେ ପାପ,ପାପ ପୂଣ୍ୟ, ପୁଣ୍ୟ ।
ଧର୍ମେ ରଖ ସାକ୍ଷୀ, ଯୁଝ ଧର୍ମରଖି, ରାବଣ ହେବ ନିର୍ଚ୍ଚିହ୍ନ ।।୪୨।।
କହନ୍ତି ରାଘବ, ହେଉଛି ଲାଘବ, ଦେବୀ ପୂଜାଅସମ୍ପୂର୍ଣ୍ଣ ।
ବୁଦ୍ଧି ଏକ ଦିଶେ, କହୁଛି ରଭସେ, ଶୁଣ ସର୍ବେ ଡେରି କର୍ଣ୍ଣ । ।।୪୩।।
କମଳ ଲୋଚନ, ବୋଲୁଥିଲେ ଜନ, ଦେଖି ମୋ ନୟନ ଦୁଇ ।
ହସ୍ତ ପଦ୍ମ 'ହୃଦ ପଦ୍ମ' ମୁଖପଦ୍ମ , ପାଦପଦ୍ମ, ତ' ଅଛଇ । ।।୪୪।।
ଅଷ୍ଟ ପଦ୍ମ ନେବା, କେଉଁ ପଦ୍ମ ଦେବା, ନହୋଇବ ଅସୁବିଧା ।
ବସି ସର୍ବେ ମନେ, ମନେ ଏହିସ୍ଥାନେ ବିଚାରି ଦିଅ ମସୁଧା । ।।୪୫।।

Digitized by PPRACHIN, SOA

ରାମଚନ୍ଦ୍ରଙ୍କ ଦେବୀପୂଜା ଏବଂ ଦେବୀଙ୍କ କମଳ

Digitized by PPRACHIN, SOA

ଶୁଣି କପିକୁଳ, ହୁଅନ୍ତି ବିକଳ, ବାରଣ କରି ଭାବରେ ।
ରାମ କଲେ ସ୍ଥିର ମୁଖ, ହୃଦ, କର, ପାଦ, ପଦ୍ମ ଅଭାବରେ । ।।୪୬।।
ଚଳିବା ସମ୍ଭବ - ନୁହେଁ ଧରି ଦମ୍ଭ, ତାଡିଣ ବାମ ନୟନ ।
ଦେବୀଙ୍କୁ ତୋଷିବି, କେହି ନୁହ ଭାବି, ଆଣହେ ଲକ୍ଷ୍ମଣ ବାଣ । ।।୪୭।।
ବାଣ ଧରି ପୁଣି, ବୋଲନ୍ତି ଜନନୀ, ତୁ ସାକ୍ଷୀ ନେତ୍ର ତାଡିବି ।
ମାତା ହୋଇ ଯାହା, ସୁତେ କରୁ ଏହା, ବୃଥା କିମ୍ପାଇଁ ରଡିବି ।।୪୮।।
ମୁକ୍ତ କେଶୀ ରକ୍ତ, ପାନେ ତୁ ଆସକ୍ତ, ଯେବେ ତେବେ ଦେବ ଦାସ ।
ରାମଙ୍କ ଆରତ, ବାକ୍ୟ କଲା ପୂତ, ଜଗତ ମାତ - ମାନସ । ।।୪୯।।
ତେଣେ ମୁଣ୍ଡ ଭୂଷା, ବୋଲନ୍ତି ମୋ ଆଶା, ଛାଡ ଲଙ୍କେଶ ତୋ ରଥେ ।
ରହି ନପାରିବି, ରାମପୂଜା ଦ୍ରବୀ-ଭୂତ କରିଲାଣି ମୋତେ । ।।୫୦।।
ବୋଲେ ବିଂଶ ପାଣି, କି କହ ଜନନୀ, ଏକଥା କି ଶୋଭେ ତୁଣ୍ଡେ ।
ଅଭାଗା ସନ୍ତାନ ତୋର ଦଶାନନ, ରହିଅଛି ରଣ ଦାଣ୍ଡେ । ।।୫୧।।
କିଣାଅ ସମରେ, କି କହିବେନରେ ଛାଡିଗଲେ ଏବେ ତୁହି ।
ବୋଲନ୍ତି ଅଭୟା, କରି ତୋତେ ଦୟା, ବହୁ ନିନ୍ଦା ଅଛି ସହି । ।।୫୨।।
ଏବେ ମୁଁ ଯାଉଛି, ସୁରବରେ ଛିଛି, କଲେଣି ତା ପରମାଦ ।
ଛାଡ ମୋତେ ଆଗ, ଭୋଗ ତୋର ଭାଗ୍ୟ - ଲିଖନ ନକରି ବାଦ । ।।୫୩।।

ରାବଣର ଛଳ ଉକ୍ତି

ରକ୍ଷ ବୋଲେ ଚଣ୍ଡୀ, ଯାଉ ମୋତେ ଭଣ୍ଡି, ଉଣ୍ଡି ବଧିଲୁ ଚଣ୍ଡକୁ ।
ଦେବୀ ରୂପ ଧରି, ମହିଷା ଅଇରି, ହୋଇ ବିହିଛୁ ଦଣ୍ଡକୁ । ।।୫୪ ।।
ବୈଲୋଚନ ନାରୀ, ହୋଇ ତୁ ସଂହାରି, ଥିଲୁ ତାହାକୁ କପଟେ ।
ଶୁମ୍ଭ ନିଶୁମ୍ଭଙ୍କୁ, ମାରି ଧରି ଶଙ୍କୁ, ମୋତେ ପକାଉ ସଙ୍କଟେ ।।୫୫।।
ଭବିଷ୍ୟେ ଯା ଥିବ, ଅବଶ୍ୟ ଫଳିବ, ମାୟା ବିନୀ ଏତୋ ମାୟା,
ତେଣେ ରଘୁରାଣ, ତାଡନ୍ତେ ନୟନ, ଧରିଣ ହସ୍ତ ଅଭୟା ।।୫୬।।
ବୋଇଲେ ନକର, ଏହା ରଘୁବୀର, ନିଅ ପଦ୍ମ ପୂଜା ପାଇଁ ।
ତୁମ ଭକ୍ତି ପ୍ରେମ, ହେବାରୁ ଉତ୍ତମ, ସ୍ୟନ୍ଦନୁ ଆସିଛି ଧାଇଁ ।।୫୭।।
ଅଖିଳର ପିତା, ହୋଇ ଏ ଦୁଶ୍ଚିନ୍ତା, କାର୍ଯ୍ୟ କର ଚରାଚର ।
କି ବୋଲିବେ ଏତେ, ଡାକିଲ ଯା ମୋତେ, କି କରିବି ମୁଁ ତୁମ୍ଭର ।।୫୮।।
ଶୁଣି ସୀତାପତି, ବୋଲନ୍ତି ଅରାତି, ରାବଣ ବଧିବା ପାଇଁ
ଡାକୁଥିଲି ମନା, ନକରି କାମନା, ପୂର୍ଣ୍ଣ କର ସାହା ହୋଇ । ।।୫୯।।
ବୋଲନ୍ତି ଭବାନୀ, ସବୁ ତୁମ୍ଭେ ଜାଣି, କହୁଛ ନକରି ଚିନ୍ତା ।
କେବେ କେହି ପୁତ୍ର, ନାତି କରେ ହତ, କି' ହେ' କରିବ ବିଧାତା ।।୬୦।।

Digitized by PPRACHIN, SOA

ତପେ ଦୃଢ଼ମନ, ଦିଅନ୍ତେ ରାବଣ, କହିଦେଲେ ଅଷ୍ଟକର ।
ଏକ ଶତ ବାର, ଯୁଗ ଯୁଗ ବୀର, ବଞ୍ଚି ରହି ଘର କର । ।।୬୧।।
ଶୁଣି ତା ଅମର, ବୋଧେ ନିଜପୁର, ଗଲେହେଲେ ବେଦପତି ।
କରିଣ ମସୁଧା, ହୃଦ ପଦ୍ମେ ସୁଧା, ଭାଣ୍ଡ ରଖାଇଅଛନ୍ତି । ।।୬୨।।
ନଶୁଖିଲେ ତାହା, ନ ମରିବ କାହା, ହସ୍ତେ ପାଇଥିବା ବର ।
ଭୁଞ୍ଜିବ ଐଶ୍ୱର୍ଯ୍ୟ, ଦଣ୍ଡି ରାମ ରାଜ, ତିନି ପୁରକୁ ଅସୁର । ।।୬୩।।
ଏଣୁ ଯେତେ ବାର, କାଟିଲେ ବି ଶିର, ସ୍କନ୍ଧରୁ ସମ୍ଭବୁ ଅଛି ।
କଲେ କି ଉପାୟ ଦୈତ୍ୟ ହେବ କ୍ଷୟ, ତାହା ରହସ୍ୟ କହୁଛି । ।।୬୪।।
ମନ୍ଦୋଦରୀ ବିଭା, କାଳେ ବିଧି ନିର୍ଭା କଲେ, ଚୁଡିକୁ ପିନ୍ଧାଇ ।
ଦେଇ ବ୍ରହ୍ମଶର, ବୋଇଲେ ତୋହର ପତିହତ ଶର ଏହି । ।।୬୫।।
ରଖିଥିବୁ ଶର, ଯେତେ ଦିନ ତୋର ମଥା ବିନ୍ଦୁ ହାତ ସଙ୍ଖା ।
ଥିବ ପଛେ ମତେ, ନ କହିବୁ ଗୁପ୍ତେ, କେ ନ ଜାଣୁ କର ରକ୍ଷା । ।।୬୬।।
ସେ ଦିନୁ ସେ ଦମ୍ଭେ, ନୀଳମଣି ସ୍ତମ୍ଭେ, ଗୁପ୍ତେ' ରଖିଅଛି ଗର୍ବେ ।
କେ ଜାଣନ୍ତି ନାହିଁ, ପାରିଲେ ଅଣାଇ, ସେ ଶର, ମରିବ ତେବେ । ।।୬୬।।
ଏଚରିତ ବିଧି - ମତେ ଦୟାନିଧି, ଦୟାନିଧି ଏଥି ସାରେ ।
ଆଗେ ବ୍ରହ୍ମବାଣ, ପାଇଁ ହନୁମାନ, ଯିବ ଜ୍ୟୋତିଷ ବେଶରେ । ।।୬୭।।

• • • • • • • • • • •

ବ୍ରହ୍ମାସ୍ତ୍ର ହରଣ ଓ ରାବଣ ପତନ ।

ରାଗ (କୌଶିକ) (ମନ୍ତ୍ରୀ ମୁଖୁ ଶୁଣି ବୃତ୍ତେ) ଉପଧା ମିଳନ
ଛାନ୍ଦ-୫୬

କର ସାଧୁଜନ, ମାନେ କର୍ଣ୍ଣେ ପାନ, ବସି ରସି ରାମରସକୁ ।
ଲୟ କାଳେ ଭୟ, ନଥିବ ସଂଶୟ ଛାଡ ହେବ ସ୍ୱର୍ଗ ବାସକୁ ।
ଶୂଳୀ କହନ୍ତି କୈଳାସରେ ହର୍ଷେ କାଳୀଙ୍କି ।
କାଳୀମୁଖୁ ତଥ୍ୟ, କଥା ରଘୁନାଥ, ଶୁଣି ପଚାରନ୍ତି ବଳୀଙ୍କି । ।। ୧ ।।
ସ୍ଥିର ହେଲା ଦ୍ୱିଜ- ରୂପେ ବାତାନୁଜ, ଶର ପାଇଁ ଯିବ ଲଙ୍କାକୁ ।
କରି କଉଶଳ, ଖଟାଇବ ବଳ, ମାନସରୁ ଛାଡି ଶଙ୍କାକୁ
ରାମ ଲକ୍ଷ୍ମଣ ସେନା ଘେନି ଯାଇ ସମରେ ।
ସମର ଆରମ୍ଭ, କରାଇବେ ଦମ୍ଭ ମନେ ଦିବାନିଶି କ୍ରମରେ । ।। ୨ ।।

Digitized by PPRACHIN, SOA

ବିଂଶାସ୍ୟେ ଖବର, ଦେବା ପାଇଁ ଚାର, ଗଲା ହନୁ ହେଲା ଜ୍ୟୋତିଷ ।
ସୁଗ୍ରୀବ ଜାମ୍ବବ - ଘେନି ସୀତାଧବ, ସମର ପ୍ରାଙ୍ଗଣେ ପ୍ରବେଶ ।
ଦଇତ ପତି ପ୍ରତିଜ୍ଞା କରିଣ ବାହାରେ ।
ସେନା ସୈନ୍ୟଗଣ, ଧରିଣ କମାଣ, ବାହାରନ୍ତି ନୃପ ସାହାରେ ।। ।। ୩ ।।

ବେନି ଥାଟ ମେଳ, ହେଉ ହେଲା ଗୋଳ ମଣି ଦେଖି ଭଣି ଲଙ୍କେଶ ।
ଆରେରେ ତପସ୍ୱୀ, ସ୍ତିରି ଗୋଟେ ନାଶି, ଭୃଗୁନନ୍ଦନ କଲୁ ବଶ ।
ବୋଲି ତୁହିକି।। ହରାଇବୁ ଦଶାନନକୁ ।
ବନ୍ଦ ରଖି ରଣ, ଯାଇ କି କାରଣ, କାର୍ଯ୍ୟରେ ଆସୁ ଏ ସ୍ଥାନକୁ । ।। ୪ ।।

ବନର ଶବର, ପରି ଧନୁଶର, ଧରି ବୀର ଯଶଃ ସାରିଛୁ ।
ଦେଖିଛି ନୟନେ ମୁଁ ଦଣ୍ଡକ ବନେ ମାରିଚ ମୃଗକୁ ମାରିଚୁ ।
ପୁଣି କିଷ୍କିନ୍ଧ୍ୟା ।। ବନରେ ବାଳି-ବାଳୀ ଗାଳି ।
ଦେଉ କର ତୋଳି, କରୁଥିଲୁ ଅଳି, ଶାପ ନଦିଅ ସତୀ ମୌଳି ।। ।। ୫ ।।

ପୁଣି ପରି ହାସ, କରିଣ ଲଙ୍କେଶ, ବୋଲେ ଯେ କୁମ୍ଭଜ ସାଗର ।
ବ୍ରହ୍ମ ବିଦ୍ୟାବଳୁ, କରି ଦେଲା ଚଳୁ, ବନ୍ଧାଇ ତାକୁ ବୋଲୁ ବୀର ।
ଶୁଣ ତୋ ପୂର୍ବ ।। ପୁରୁଷ ଅନରଣ୍ୟ ନୃପ ।
ଏପରି ଆଳାପ, କରି ହେଲା ଲୋପ, ମୋ ଶରେ ଧରି ନାରୀ କଳ୍ପ ।। ୬ ।।

ରାବଣ ବଚନ ଶୁଣି ରଘୁନାନ କହନ୍ତି କମ୍ପାଇଁ ଆନନ
ଆମ୍ଭ କର ଶରେ, ତାଡକୀରୁଧିରେ, ପ୍ରାଣାୟମ ପାଇଁକି ସ୍ନାନ ।
କରି ଯୁପକୁ ।। ପୋତି’ ଭଗ୍ନୀନାଶା କର୍ଣ୍ଣରେ ।
କରି ହୋମ’ ଖର, ଆଦି ବୈଶ୍ୱାନର, ବୋଧ୍‌,ମୃଗ’ ବଳିଦାନରେ ।। ୭ ।।

ବାରାନିଧି ବନ, ମଧ୍ୟେ ଆଚମନ, ସାରି ପ୍ରାସନେ ଦଶଗ୍ରୀବ ।
ଖୋଜୁଛି ଚଞ୍ଚଳ, ଧର ଧନୁଶର, ବଚନେ ସାର ନାହିଁ କାଳ ।
ଏପରି ଭାବେ।। ହୋଇଣ କଥୋପକଥନ,
କରନ୍ତି ସମର ସ୍ୱର୍ଗୁ ଆସି ସୁର, ଦେଖନ୍ତି ଆକାଶ ପଥେଣ । ।। ୮ ।।

ହନୁମାନ ବୃଦ୍ଧ ବ୍ରାହ୍ମଣ ବେଶେ ଲଙ୍କାରରେ ପ୍ରବେଶ

ତେଣେ ହନୁମାନ, ଥବିର ବ୍ରାହ୍ମଣ, ବେଶରେ ଲଙ୍କାରେ ପ୍ରବେଶ ।
ଦକ୍ଷ କରେ ବାଡି, ପକ୍ୱ ନିଶ ଦାଢ଼ି, ଶୁକ୍ଳ ବରନ ସବୁ କେଶ,
ଶିବ ତିଳକ ।। ବ୍ରହ୍ମ ସୂତ୍ର ବାମ ସ୍କନ୍ଦରେ ।
କାଖେ ପାଞ୍ଜି ଖଡି, କଟି ତଟେ ଭିଡି, ଶିବ ଶିବ କହି ଛନ୍ଦରେ । ।। ୯।।

Digitized by PPRACHIN, SOA

ଦାସ, ଦାସୀ, ବାସ-ପାଶେ ଆସ ଆସ, ଡାକି କହେ ଦେଖ କରକୁ ।
ଶୁଣିଣ ଭେଳିକି ଲାଗିଲା ବାଳୀଙ୍କି ପଚାରନ୍ତି ବିପ୍ରବରକୁ
କହ କହହେ ।। କେଉଁଠରେ ତୁମ୍ଭ ନିବାସ ।
ଏ ଲଙ୍କାରେ କେବେ, ଦେଖିନାହୁଁ ଏବେ, ଦେଖୁ ସନ୍ଦେହ କର ନାଶ । ।।୧୦।।
କେଉଁ ବିଦ୍ୟା ସିଦ୍ଧି, କରିଅଛ ବୁଦ୍ଧି, ବଳକୁ ଖଟାଇ କରକୁ ।
ଦେଖି ବାର ପାଇଁ, ଡାକ ରହି ରହି, ନାରୀଙ୍କୁ ନଆସି ଘରକୁ ।
ଦ୍ୱିଜ ବୋଲନ୍ତି ।। ଆମ୍ଭର ଆବାସ ପାତାଳେ ।
ଦେବ ଶିଳ୍ପୀବୀର, ମୟ ଦୈତ୍ୟଙ୍କର ଜ୍ୟୋତିଷ ଆମ୍ଭେ ସଦା କାଳେ । ।।୧୧।।
କର କପାଳର ରେଖା ଦେଖାକାର-ବାର ଗ୍ରହଚକ୍ର ଗଣନା ।
କାର୍ଯ୍ୟରେ ନିପୁଣ, ହେତୁ ମୟ ରାଣ, ପରଖି କରାଇଲେ ଜଣା ।
ଆମ୍ଭ ନିଯୁକ୍ତି ।। ଗଣକ ଭାବେ ସେ ସଭାରେ
କୋଷ୍ଠି କାଟି ଗଣି, ଭବିଷ୍ୟତ ବାଣୀ, ଜଣାଉ ଆଗରୁ ସମ୍ଭାରେ । ।। ୧୨ ।।
ଦେଖୁ କାଲି ଦୃଶ୍ୟ, ହେଲା ଏ ଭବିଷ୍ୟ ଲଙ୍କା ନାଥଙ୍କର ଅହିତ ।
ପ୍ରାଣାନ୍ତକ ଶର, ତୃଷାରେ ଅଧୀର, ଆସିଛି କହିବା ପାଇଁତ ।
ହାତ ଦେଖୁଛୁ ।। ଧନ ଅରଜନେ' ରାଣୀଙ୍କି ।
କହି ମୋ ଖବର, ଦେଖା ନେଇକର' ନଦିଅ ପଇସା ଏଣିକି ।। ।। ୧୩ ।।
ଦାସୀ ପରିବାରି, ହାତ ଦେଖା ସାରି, ରାଣି ହଂସ ପୁରେ ମିଳିଲେ
ଗଣକ ଉଦନ୍ତ, ରାଣୀ ଆଗେ ଶତ, ଗୁଣେ ଗୋଟି ଗୋଟି ନୋଳିଲେ ।
ରାଣୀ ବିଶ୍ୱାସେ ।। ବିପ୍ରେ ଡାକୁ ବିପ୍ର ପାଶରେ ।
କରି ମାନ୍ୟ ଧର୍ମ, ଦିଅନ୍ତି ଆସନ ଡାକି ନେଇ ନିଜ ବାସରେ । ।। ୧୪ ।।
ଆସିବା ଘଟଣା, ଗୋଟି ଗୋଟି ଜଣା, କରନ୍ତେ ଗଣକ ରାଣୀଙ୍କୁ
ଥୋଇ ଅନୁକୂଳ, ଦେଖି କାଳ ବେଳ, ପୁଛିଲେ ଦେଖାଇ ପାଣିଙ୍କୁ ।
ଭୂତ ଭବିଷ୍ୟ ।। ଶୁଭା ଶୁଭ ଛଳେ ପୁଛିଲେ ।
ସମରେ ବିଜୟ, କିମ୍ବା ପରାଜୟ, ହେବ ଶୁଣିବାକୁ ଇଛିଲେ । ।। ୧୫ ।।
ରାଣୀ ମନ ବ୍ୟଥା, ଗଲା ପରି କଥା, ଅନେକ କହିଣ ରମ୍ୟରେ ।
ବୋଲନ୍ତି ଜ୍ୟୋତିଷ, କର ପରିହାସ, ରାମ କି କରିବ ସମରେ ।
ଗଣନା କରି ।। ଜାଣେ ମୁଁ,ପତି' ହତଶର ।
ପୁରେ ରଖି ମୋତେ, ପଚାର କେମନ୍ତେ, ହରା,ଜିତା' ହେବ କାହାର ।। ୧୬ ।।
ମାତ୍ର ଶନିଦଶା, ପଡିବାରୁ ବସା' ପୋଡି ପୁତ୍ର ନାତି ମାରିଲା ।
ପକ୍ଷକେ ମାତର ଅଛି ପ୍ରତ୍ୟନ୍ତର' ଶନି ମହା ଦଶା ସରିଲା ।
ତୁମ୍ଭେ ବେନିତ ।। ରାଜା ରାଣୀ ଅଛ ବରତି ।
କରିବ ସଂସାର ପୂର୍ଣ୍ଣ ହେବଘର ପୁତ୍ର ନାତି ହେବେ ଭରତି ।। ।। ୧୭ ।।

Digitized by PPRACHIN, SOA

ଲଙ୍କାଗଡ଼େ ନୀଳମଣି ସ୍ତମ୍ଭରୁ ହନୁମାନଙ୍କ ବ୍ରହ୍ମାସ୍ତ୍ର ଅପହରଣ

Digitized by PPRACHIN, SOA

ରାମଙ୍କ ଶରେ ରାବଣର ସ୍କନ୍ଧ ଚ୍ୟୁତ ଓ ପୁନର୍ବାର ଶିର ଉତ୍ପନ୍ନ

ଶରାଘାତ ରାବଣ ନିକଟେ ରାଣୀ ମାନଙ୍କର କ୍ରନ୍ଦନ

ପ୍ରଭୁ ଶ୍ରୀରାମଙ୍କ ଅନୁରୋଧରେ ଦେବତାମାନେ ଅମୃତ ସିଞ୍ଚି ମୃତ ବାନର ସେନାଙ୍କୁ ଜୀବଦାନ

ଲଙ୍କାରୁ ଫେରି ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କର ଋଷି ଭରଦ୍ୱାଜଙ୍କ ଠାରୁ ଆଶୀର୍ବାଦ ଭିକ୍ଷା

Digitized by PPRACHIN, SOA

ମାତ୍ର ବ୍ରହ୍ମଶର, ଇଛଇ ମଧୁର ପ୍ରପାନକ ପ୍ରଶ୍ନ କହଇ ।
ଡାକି ବିପ୍ରବର, ପୂଜା ଉପଚାର କରାଅ ଯେ ମୁହିଁ ରହଇ ।
ଶୁଣି ମାନସେ।। ବିଚାରି ଗୁଣି ଗୁଣି ଭଲେ ।
ସ୍ଥିରକଲେ ବାଣ, ରଖିଥିବା ଆନ, ନଜାଣେ କିପରି ଜାଣିଲେ । ।। ୧୮ ।।
ଏ ନିଷ୍ଠେ ସାଧକ, ଡାକି ଅନ୍ୟଲୋକ, ଗୁପ୍ତ କଥା କିମ୍ପା କହିବି ।
ଏହାଙ୍କ ହସ୍ତରେ, ପୂଜା କରି ଶରେ ସୁଲକ୍ଷଣୀ ହୋଇ ରହିବି ।
ମନ କଥାକୁ ।। କହିଣ ଦହିଣ ବ୍ୟଥାକୁ ।
ବୋଲେ ମୋ ତାରକ, ତୁମ୍ଭେ ଗୁପ୍ତ ରଖ, ଆନ' ନଜାଣୁ ଏ କଥାକୁ । ।। ୧୯ ।।
ବିପ୍ର ସୀଉକାରେ, ଯାଇ ତରତରେ ନୀଳମଣି ସ୍ତମ୍ଭ ନିକଟେ ।
ପୂଜା ଦ୍ରବ୍ୟ ଥୋଇ, ଦେଖାନ୍ତେ ଫିଟାଇ ଶର'ସେ, ମାରୁତି ଆକଟେ ।
ସର୍ବେ ବାହାରେ।। କିଳଣିକି କିଳି ରହନ୍ତୁ ।
ଶେଷେ ପୁଷ୍ପାଞ୍ଜଳି, ଦେବଧରି ଆଳି ଛାଇ ନପକାନ୍ତୁ କହନ୍ତୁ ।। ।। ୨୦ ।।
ଗଣକଙ୍କ କଥା, ଧରି ରାଣୀ ମଥା ଉପରେ' କିଳିଣ କିଳଣି ।
ରହିଲେ ବାହାରେ, ଶର ଧରି ଖରେ ଅଦୃଶ୍ୟେ ଯାଇ କପି ମଣି ।
ରାମ ସ୍ୱହସ୍ତେ ।। ଶର ଦେଇ ପାଦେ ପଡିଲା ।
କେତେ ବେଳ ଅନ୍ତେ ଦୁଆର ଖୋଲନ୍ତେ, ମାୟା ଜାଣି ରାଣୀ ରଡିଲା । ।।୨୧।।
ବ୍ରହ୍ମ ଅସ୍ତ୍ର ପାଇ, ହର୍ଷ ବେନି ଭାଇ ଆରମ୍ଭ କରନ୍ତି ସମର ।
ଜାଣି ବିଂଶ ପାଣି, ବାଛି ବାଛି ଟାଣି, ବିନ୍ଧଇ ବାର ବାର ଶର ।
କ୍ରମେ ଗଡିଲା ।। ତିନି ଦିନ ତିନି ଜାମିନୀ ।
ହରାଜିଣାକାର, ନହେଉ ସମର ମଧ୍ୟରେ ମାତଳି ଯେ ଭଣି । ।। ୨୨ ।।
ଦଇତ ଈଶ୍ୱର, ବକ୍ଷେ ବ୍ରହ୍ମଶର, ପେଶନ୍ତୁ କରିଣ ଯତନ ।
ଶୋଷୁ ସେ ଅମୃତ, ଅଗସ୍ତି ପ୍ରଦତ୍ତ, ଆଶୁଗ କରିବେ ପତନ ।
ଶୁଣି ଶ୍ରୀରାମ ।। ବିଶ୍ୱାମିତ୍ର ମୁନି ସ୍ମରିଲେ ।
ନିଜ ଶରାସନେ, ଜୟାମନ୍ତ୍ର ଧ୍ୟାନେ, ବ୍ରହ୍ମାସ୍ତ୍ର' ନିକ୍ଷେପ କରିଲେ ।।। ୨୩ ।।
ଖରେ ଶର ରାଣ ବକ୍ଷ ଭେଦି ପାନ, କରି ସୁଧା ରାମ ତୂଣରେ ।
ଅଗସ୍ତି ପ୍ରଦତ୍ତ, ବାଣ ରଘୁ ସୁତ, ବାଛି ବସାଇଣ ଗୁଣରେ ।
ସେଥି ଆଦେଶୁ ।। ଯାଇ ସେ ବକ୍ଷରେ ଛିଡିଲା ।
କରି ଘୋର ରଡି, ରଥ ପରୁ ଗଡି ଦଶାନନ ତଳେ ପଡିଲା ।। ।। ୨୪ ।।
ବ୍ରହ୍ମ ବଧେ ଡରି ସେଥୁ ଚାପ ଧାରୀ ସ୍ୟନ୍ଦନ ନେବାକୁ ସୁବଳେ ।
କହନ୍ତେ ମାତଳି, ଯାନ ନେଲା ଚାଳି ସଙ୍ଗରେ ଗଲେ ସେନା କୁଳେ ।
ପଥେ ସୁମନେ ।। ସୁମନ କରିଲେ ବରଷା ।
ଦୟାନିଧି ଦାଶ, ସାରିଲା ଏ ରସ- ସୀତା ରାମେ କରି ଭରସା । ।। ୨୫ ।।

Digitized by PPRACHIN, SOA

ରାବଣର ମନୋବାଞ୍ଛା ପୂର୍ଣ୍ଣେ ଚିନ୍ତନ

ରାଗ ବସନ୍ତ 'ଅ' (ଅନୁପ୍ରାସ)

ଛାନ୍ଦ-୫୬

ଅତି ଆଦରରେ ଏ ରସକୁଥରେ ଘେନହେ ବିବୁଧ ମଣ୍ଡଳୀ ।
ଅହ ମୁଖେ ଉଦେ- ହୋଇଲେ ତରଣି ଶର୍ବରୀ ଯେହ୍ନେ ଯାଏ ଚଳି ।
ଅଜ୍ଞାନ-- କଲୁଷ ହୋଇବ ଦମନ ।
ଅନଳେ ଜଳ ପ୍ରଦାନ ପ୍ରାୟ ହରି, ଯୁଥେ ଯଥା ଏଣୀ ଗମନ ॥ ୧ ॥
ଅଳ୍ପ ଲୋକ ମୁଖୁ କଳ୍ପିତ ଏ ବୋଲି, ଘୃଣାରଖି ହାସ୍ୟ ନକର ।
ଅନାର୍ଯ୍ୟ ଗଳାରୁ, ଶାତ କୁମ୍ଭ କିଣି, ଆର୍ଯ୍ୟେ କରନ୍ତି ଗଳାହାର ।
ଅଇଣ୍ଠା-- ନଭାବି କଣ୍ଠସ୍ଥ କରିଲେ ।
ଅଛି ସାମାଜିକ, ଚଳନ କେତେକ, କଷଟି ହେବ କଷେ ଭଲେ ॥ ୨ ॥
ଅରି ବ୍ରହ୍ମଶରେ, ରଥୁ ମହୀପରେ ପଡିକଷ୍ଟେ ବିଂଶ ନୟନ ।
ଅନ୍ତିମ ଭାବନା, କରେ ମନେ ନାନା- କଥା ବିରଞ୍ଚି ବର ଦାନ ।
ଅକର୍ମା-- ଅପହରଣ ଯା କରିଲା ।
ଅକାରଣ, କି' ତା, କାରଣ ଏଯାଏଁ ସ୍ଥିରତ ହୋଇ ନପାରିଲା ॥ ୩ ॥
ଅବ୍ଜଯୋନି କହିଥିଲେ ସ୍ୱୟଂ ଲକ୍ଷ୍ମୀ ଦେବୀ କଲେ ଅପହରଣ ।
ଅକ୍ଷ କ୍ରୀଡା ପରି, ଅରକ୍ଷ ରକ୍ଷକ କରରେ ହୋଇବ ମରଣ ।
ଅନନ୍ତ-- ଅସହ୍ୟେ ସନ୍ଦେହ ମନା'ସେ ।
ଅଚ୍ୟୁତ କିମ୍ପାଇଁ, ନର ରୂପନେଇ, ମର୍ତ୍ତ୍ୟେ ଆସିବେ ତାର ନାଶେ ॥ ୪ ॥
ଅଜ,ଜ, ନନ୍ଦନ, ନର ନାରାୟଣ ହୋଇକି ପାରନ୍ତି ରସାରେ ।
ଅଜେୟ ଏରୂପ ହୋଇ ନ ଥିଲାତ ପୁର୍ବେ ଏବେ କି,ତା' ଦଶାରେ ।
ଅକଥ୍ୟ-- ଅସ୍ତ୍ରାଘାତେ ପଡି ସଢୁଛି ।
ଅକାଳେ ବିୟୋଗ ତଟିନୀର ସ୍ରୋତ, ଭସାଇବା ପାଇଁ ବଢୁଛି ॥ ୫ ॥
ଅନ୍ତପାଇଁ ସିନା, ମନରେ ଶୋଚନା ନାହିଁ ଯେ ମୁକ୍ତିର କାରଣ ।
ଅଜପା ମନ୍ତ୍ରକୁ, ଶୁଣି ନାହିଁ କର୍ଣ୍ଣେ-ଗୁରୁମୁଖୁ କରି ବରଣ ।
ଅଭାଗା-- ବୈକୁଣ୍ଠକୁ ଯିବ କିପରି ।
ଅଷ୍ଟାଙ୍ଗ, ଯମ' ନିୟମେ ଶିଷ୍ୟକର୍ଣ୍ଣେ - ମନ୍ତ୍ରତ ନାହିଁ ଦାନ କରି ॥ ୬ ॥

ଟୀକା ୧: ଅହ ମୁଖ- ଦିବସ ଆରମ୍ଭରେ, ତରଣି-ସୂର୍ଯ୍ୟ, ଶର୍ବରୀ-ରାତ୍ରି, କଲୁଷ-ପାପ, ଦମନ-ବିନାଶ, ଅନଳ-ନିଆଁ, ହରି-ସିଂହ, ଯୁଥ-ଦଳ, ଏଣୀ-ମୃଗ, ୨: ଅଳ୍ପଲୋକ-ଛୋଟ ଲୋକ, କଳ୍ପିତ-ଉଚାରଣ ବା ରଚନା, ଘୃଣାରଖି-ଅଶୁଦ୍ଧରେ, ଅନାର୍ଯ୍ୟ-ନୀଚଜାତି, ଶାତକୁମ୍ଭ-ସ୍ୱର୍ଣ୍ଣ ଗହଣା, ଆର୍ଯ୍ୟ-ଉଚ୍ଚଜାତି,୩: ଅରି-ଶତ୍ରୁ, ବ୍ରହ୍ମଶର-ବ୍ରାହ୍ମଙ୍କ ଦ୍ୱାରା ରଚିତ ବାଣ, ବିଂଶଲୋଚନ-ରାବଣ, ଅନ୍ତିମ-ଶେଷ, ବରଞ୍ଚି-ବିଧାତା, ଅକର୍ମା-କର୍ମହୀନ-ଅପହରଣ-ଚୋରି, କାରଣ-ମୁକ୍ତି। ୪: ଅବ୍ଜଯୋନି-ବ୍ରହ୍ମା, ଅକ୍ଷକ୍ରୀଡା-ପଶାଖେଳ, ଅରକ୍ଷ ରକ୍ଷକ-ନାରାୟଣ, ଅନନ୍ତ-ଅସିମ, ଅଚ୍ୟୁତ-ନାରାୟଣ, ୫: ଅର୍ଜୁନ-ଦଶରଥ, ଅଜେୟ-ଦୁର୍ଜୟ, ପୂର୍ବେ-ଅନ୍ୟ ଅବତାରମାନଙ୍କରେ, ଅକଥ୍ୟ-ଯାହା କୁହାଯାଇ ପାରେନା, ଅକାଳ-ଅସମୟ; ବିୟୋଗ-ବିଚ୍ଛେଦ,ତଟିନୀ-ନଦୀ। ୬: ଅନ୍ତ-ଶେଷ ବା ମୃତ, ଶୋଚନା-ଶୋକ, ଅଜପା-ସ୍ୱହଁ. ନିଶ୍ୱାସ ପ୍ରଶ୍ୱାସ,ଅଷ୍ଟାଙ୍ଗ-ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି,

Digitized by PPRACHIN, SOA

ଅହମିକାରେ ପର, ଧନ ଲୁଣ୍ଠନ, ପରନାରୀ ଅପହରଣ ।
ଅହର୍ନିଶି କରି, କରି କାଳ ସାରି ଅର୍ଜିଛି ଯେଉଁ ପୁଣ୍ୟ ଧନ ।
ଅକ୍ଷୟ--କୀର୍ତ୍ତିକି ସେ ମର୍ତ୍ତ୍ୟେ ହୋଇବ ।
ଅର୍ଯ୍ୟମା ବଂଶୀ, ଅଚ୍ୟୁତଙ୍କ ଅସ୍ତ୍ରରେ ନିହତ ବିହିଛି ଦଇବ ।। ୭ ।।
ଅବି ବେକ ପଣେ, ଭାବିଥିଲା ମନେ, ତା ଦେଶମୃତ୍ତିକା ସୁବର୍ଣ୍ଣ ।
ଅନାବଶ୍ୟକ ବ୍ରାହ୍ମଣୋତ୍ତର କର୍ମ ମିଳିବା ମାନ୍ୟ ଧନ ପୁଣ୍ୟ ।
ଅକାମ-- ହୋଇଲା ଏବେ ତା ବୁଝୁଛି ।
ଅକ୍ଷର ବ୍ରହ୍ମ, ପ୍ରଦତ୍ତ ମନ୍ତ୍ର ଧନଠାରୁ ବଳକା ନାହିଁ କିଛି ।। ୮ ।।
ଅଜେୟ ରାମଙ୍କୁ ପରୋକ୍ଷ ଭାବରେ ପରୀକ୍ଷା କରିଛି ବହୁତ ।
ଅକୃତ କାର୍ଯ୍ୟରୁ ପ୍ରତ୍ୟକ୍ଷ୍ୟ ଭାବରେ ପରୀକ୍ଷା କରିବ ସହୁତ ।
ଅବିଦ୍ଧଜା-- ପତି ଯଦି ସେହି ରାଘବ ।
ଅକପଟେ କର୍ଣ୍ଣେ, ମନ୍ତ୍ର ନେଇ କି ବା' ଦେଇ ପାପ କରୁ ଲାଘବ ।। ୯ ।।
ଅନୁ ସରିବାରେ, ନ ଜାଣିବ ଯଦି, ନ କରାଇବ ସେ ପ୍ରାୟଶ୍ଚିତ ।
ଅସ୍ତ ନ ହୋଇ ଶର ଘାତରୁ ଉଠି ସଂସାରୀ ହୋଇବ ନିଶ୍ଚିତ ।
ଅଦୃଷ୍ଟେ-- ଥିବ ଯାହା ଶେଷେ ଭୁଞ୍ଜିବ ।।
ଅଂଶ ବଂଶ ବାଂଶ, ବନ ପ୍ରାୟ ତୋଷ, ମନେ ରାଣୀ ମନ ରଞ୍ଜିବ ।। ୧୦ ।।

• • • • •

ଭକ୍ତର ଭଗବାନ

ଛାନ୍ଦ-୫୮ (ଭଜନ ସ୍ୱର)

ଜୟ ଜୟ କମଳ ଲୋଚନ ହେ, ସୀତା ମନୋହାରୀ ରଘୁନାନ ।
କଉଶଲ୍ୟା ହୃଦୟ ଚନ୍ଦନ ହେ, ଦଶରଥ ଐଶ୍ୱର୍ଯ୍ୟ ବର୍ଦ୍ଧନ । ।।ଘୋଷା।।
ରକ୍ଷା କରିଲ ଦେବଙ୍କ ମାନ ହେ, ଦୈତ୍ୟ ନାଶନେ ଜନ୍ମି ଆପଣ ।
ବିଶ୍ୱାମିତ୍ର ସଙ୍ଗେ ଗଲ ବନ ହେ, ଜୟା ମନ୍ତ୍ର ଲାଭେ ତୋଷମନ ।
ଜୟ ଜୟ କମଳ ଲୋଚନ ହେ ସୀତା ମନୋହାରୀ ରଘୁନାନ । ।।୧।।
ବନେ ତାଡକା କଲ ନିଧନ ହେ, ପଥେ ଅହଲ୍ୟା କରି ତାରଣ ।
ନାବେ ତୋଷି କଇବର୍ତ୍ତନମନ ହେ, ବୋଲାଇଛ ପତିତ ପାବନ ।
ପ୍ରବେଶିଣ ମିଥିଳା ଭୁବନ ହେ, ବୋଧ କରିଲ ସଭିଙ୍କ ମନ ।
ଜୟ ଜୟ କମଳ ଲୋଚନ ହେ, ସୀତା ମନୋହାରୀ ରଘୁନାନ । ।।୨।।
ଶିବ ଧନୁ କରିଣ ଭଞ୍ଜନ ହେ, ସୀତା ମାନସ କଲ ରଞ୍ଜନ ।
ଘେନି ଭ୍ରତ ଶୌମିତ୍ରି ଶତ୍ରୁଘ୍ନ ହେ, ବିଭା କାର୍ଯ୍ୟ ନିର୍ବା କଲ ପୁଣ ।
ପର୍ଶୁରାମ ଦର୍ପକୁ ହରିଣ ହେ, ଏକ ପତ୍ନୀ ବ୍ରତେ ଦେଲ ଧ୍ୟାନ ।
ଜୟ ଜୟ କମଳ ଲୋଚନ ହେ, ସୀତା ମନୋହାରୀ ରଘୁନାନ । ।।୩।।

Digitized by PPRACHIN, SOA

ସଙ୍ଗେ ଧରି ବୈଦେହୀ ଲକ୍ଷ୍ମଣ ହେ, ପିତୃ ସତ୍ୟେ ବନେ ଆଗମନ ।
ଗୋଦାବରୀ କୂଳେ ବାସସ୍ଥାନ ହେ, କରି କାଳ କଲ ସଂଯାପନ ।
ମାୟା ମୃଗେ କରି ପ୍ରଲୋଭନ ହେ ସୀତା ହରାଇ ବୁଲିଲ ବନ ।
ଜୟ ଜୟ କମଳ ଲୋଚନ ହେ ସୀତା ମନୋହାରୀ ରଘୁନାନ । ।। ୪ ।।
ସୁଗ୍ରୀ ସହିତ ମିତ୍ର ବସିଣ ହେ, ସପ୍ତଶାଳ କଲ ବିନାଶନ ।
କାଣ୍ଡେ ପେଶି ନେଲ ବାଳି ପ୍ରାଣ ହେ, ତାରା ସୁଗ୍ରୀବ ହସ୍ତେ ଅର୍ପିଣ ।
ସଙ୍ଗେ ଧରି ଋକ୍ଷ କପି ଗଣ ହେ, କରାଇଲ ସୀତା ଅନ୍ୱେଷଣ ।
ଜୟ ଜୟ କମଳ ଲୋଚନ ହେ, ସୀତା ମନୋହାରୀ ରଘୁନାନ । ।। ୫ ।।
ପାରାବାରକୁ କରି ବନ୍ଧନ ହେ, ଶିବିର କଲ ସୁବଳ ବନ ।
ଶରବିଦ୍ଧ ଏବେ ଦଶାନନ ହେ, ମୁକ୍ତି କରନ୍ତୁ ଦେଇ ଦର୍ଶନ ।
ଶାନ୍ତି ପାଇଥିବା ବିଭୀଷଣ ହେ ରାଜା ହୋଇ ପାଳୁ ପ୍ରଜା ଗଣ ।
ଜୟ ଜୟ କମଳ ଲୋଚନ ହେ ସୀତା ମନୋହାରୀ ରଘୁନାନ । ।। ୬ ।।
ଭ୍ରତ ନିୟମ କରି ସ୍ମରଣ ହେ, ମଣ୍ଡ ଅଯୋଧ୍ୟାର ସିଂହାସନ ।
ପ୍ରଜା ଦୁଃଖକୁ କର ମୋଚନ ହେ, ରାମ ରାଜ୍ୟ ଘୋଷୁଥାନ୍ତୁ ଜନ ।
କହେ ବିପ୍ର ଦୟାନିଧି ହୀନ ହେ, ତୁମ୍ଭ ସେବାରେ ଯାଉ ତା ଦିନ ।
ଜୟ ଜୟ କମଳ ଲୋଚନ ହେ, ସୀତା ମନୋହାରୀ ରଘୁନାନ । ।। ୭ ।।

• • • • • •

ରାଜନୀତି ଶିକ୍ଷା ପାଇଁ ରାମଙ୍କ ସିଦ୍ଧାନ୍ତ

(ରାଗ-ଖଣ୍ଡିତା)

(ସୀତା ଚୋରୀ ବୃତ୍ତେ) ଦନ୍ତ୍ୟ 'ସ'-ଅନୁପ୍ରାସ

ଛାନ୍ଦ - ୫୯

ସୁଧୀବର୍ଗ ଶୁଣବସି ଏଥୁଅନ୍ତେ ରସ ସନ୍ତାପ ଛାଡି ରାବଣ ଘୋଷେ ରାମ ଯଶ ।
ସ୍ଥିର ମନେ ହେ ।।
ସତଧ୍ୟାନ କର୍ମା ଦି ବଚନେ ହେ ।। ୧ ।। (ଘୋଷା)
ସର୍ବ ଅନ୍ତର୍ଯ୍ୟାମୀ ନାଥ ତା ଅନ୍ତ ସ୍ମରଣ ସରଳତା ଭାବ ଜାଣି ବିଚାରନ୍ତି ମନ ।
ସାଧନାରେ ହେ ।।
ସେ ଜଗତ ଜନରୁ ଉର୍ଦ୍ଧ୍ୱରେ ହେ ।। ୨ ।।
ସନ୍ତତ ଶତ୍ରୁକୁ ଘୃଣା ଦ୍ୱାରା ପରାଜୟ ସର୍ବସ୍ଥାନେ କରାଯାଇ ନପାରେ ଯା ଥୟ ।
ସତ୍କାର ହେ ।।
ସଂଶୟ ବିନା କରିବା ତାରହେ ।। ୩ ।।

ଟୀକା ୭: ଅହମିକା-ଅହଙ୍କାର ବା ଗର୍ବ, ଅକ୍ଷୟ-ଚିରସ୍ଥାୟୀ, ଆର୍ଯ୍ୟମାବଂଶୀ-ସୂର୍ଯ୍ୟବଂଶୀ, ଅଚ୍ୟୁତ-ରାମଚନ୍ଦ୍ର । ୮: ବ୍ରାହ୍ମଣୋତ୍ତର-କରଣଶୂନ୍ୟ, ଅକ୍ଷର ବ୍ରହ୍ମ ଅକାରାଦି ନାରାୟଣ ନାମ, 'ରାମ'

Digitized by PPRACHIN, SOA

ସଙ୍କୁଡି ଦ୍ୱାରା ସଙ୍କୁଡି ପୂତ ନୋହି ପାରେ ସଂକୀର୍ତ୍ତନ କରୁଅଛି ଯଶକି ଶ୍ରଦ୍ଧାରେ ।
ସହି କଷ୍ଟ ହେ ।।
ସମାଧାନ ହେବାଟା ଉତ୍କୃଷ୍ଟ ହେ ।। ୪ ।।

ସଂସାରରେ କ୍ଷମା ଭିକ୍ଷା କରୁଥିବାଜନ ସାର' କ୍ଷମାଆଚରିବା ଜନ, ବି' ଉତ୍ତମ ।
ସକ୍ରୋଧରେ ହେ ।।
ସାଧବ କି' କ୍ଷମା ନ ଆଚରେ ହେ ।। ୫ ।।

ସମଭାବ ରକ୍ଷାକରି ଶତ୍ରୁ ଭାବ ହରି ସମ୍ପୂର୍ଣ୍ଣ କରିବା ମନ କାମନା ତାହାରି ।
ସୁଧୀ ବର୍ଗ ହେ ।।
ସୁଖେ ଆଚରିବେ ସେହି ମାର୍ଗ ହେ ।। ୬ ।।

ସୂକ୍ଷ୍ମେ ପୁଣି ବିଚାରନ୍ତି ଅଷ୍ଟାଦଶ ବିଦ୍ୟା ସାଧନ ଯେ କରି ବେଧାତୁଲ୍ୟ ଭବେ ମେଧା ।
ସକାମରେ ହେ ।।
ସାଙ୍ଖ୍ୟଗୁରୁ ହେବା କି ପ୍ରକାରେ ହେ ।। ୭ ।।

ସାଧନାରେ ବହୁ ପଛେ ଆମ୍ଭେ କଲେ କଛ ସମାନ ନୋହିବେ ସୁଗ୍ରୀ, ମିତ୍ର କପି, ଅଛ ।
ସଉମିତ୍ରି ହେ ।।
ସହ ମୁହିଁ ଶିଷ୍ୟ ଯୋଗ୍ୟ ଏଥି ହେ ।। ୮ ।।

ସୃଷ୍ଟି ହୋଇବ ବିକାର ଲକ୍ଷ୍ମଣ ମନରେ ସକ୍ରାରେ ନୀତି ପଚାରି ଆସ କହିବାରେ ।
ସୈନ୍ୟସେନା ହେ ।।
ସୁଦୂରୁ ମୋତେ କରିବେ ମନା ହେ ।। ୯ ।।

ସଙ୍ଘର୍ଷୁ ମନେ ଏପରି ରାମ ଚିନ୍ତା କରି ସୂଚିତ' ହେଲା କଥାଏ ବନବାସୁ ଫେରି ।
ସଦାଚାରେ ହେ ।।
ସନ୍ନିବିଷ୍ଟ ହେବେ ଆସନରେ ହେ ।। ୧୦ ।।

ସଂସଦ ପ୍ରଜାପାଳନ ରାଜନୀତି କଥା ସୁଖେ ଶିଖିବା ନୋହିଛି, ନୃପ' ଆଗୁ ପିତା ।
ସ୍ୱର୍ଗେଯାଇ ହେ ।।
ସୌମିତ୍ରିଙ୍କୁ ପେଶିବେ ସେ ପାଇଁ ହେ ।। ୧୧ ।।

ସେକାଳେ ଉର୍ମିଳା ପତି ରାମ ମ୍ଲାନ ମୁଖ ସନ୍ଦର୍ଶନେ ନାନାକଥା ଭାବି ବହୁ ଦୁଃଖ ।
ସାଶ୍ରୁନେତ୍ରେ ହେ ।।
ସଂବରଣେ ପୁଚ୍ଛାକଲେ ବ୍ୟସ୍ତେ ଯେ ।। ୧୨ ।।

ସୀତାପତି ପ୍ରକାଶନ୍ତି ଶୁଣ ହେ ଲକ୍ଷ୍ମଣ ସତ୍ୟ ପାଳି ବନେ ଆସୁ ପିତା ମୃତ ପୁଣ ।
ସିଂହାସନ ରେ
ସିକ୍ତ ହେବା ଛାଡି ଗଲେ ବନ ରେ ।। ୧୩ ।।

Digitized by PPRACHIN, SOA

ସ୍ୱାର୍ଥକ ହୋଇଛି ଗୁରୁମୁଖୁ ଯାହା ବାବା ସିଦ୍ଧି ନ ହୋଇଛି, ରାଜନୀତ ପ୍ରଜାସେବା ।
ସେଥି ପାଇଁ ହେ ।।
ସଙ୍କୁଚିତେ ସଢୁଅଛି ମୁହିଁ ହେ ।। ୧୪ ।।
ସୁରପତି ଜିତ' ପିତା, ପୁରାତନ ରାଜା ସୁଖ୍ୟାତି ରାଜନୀତିରେ ଉଡୁଅଛି ଧ୍ୱଜା ।
ସୁଧୀପଣେ ହେ ।।
ସମ୍ଭାସ, 'ଯା' ସେ ନୀତି ଭାଷଣେ ହେ ।। ୧୫ ।।
ସଜ୍ଜନ ଲକ୍ଷ୍ମଣ ଶୁଣି କରନ୍ତି ପ୍ରକାଶ ସମନ ପୁରେ ନଯାଇ ଥିବେ କି' ଲଙ୍କେଶ ।
ସାବଧାନେ ହେ ।।
ସ୍ତ୍ରଷ୍ଟାଶର ଘାତ ଚିନ୍ତ ମନେ ହେ ।। ୧୬ ।।
ସ୍ୟନ୍ଦନରୁ ଶରାଘାତେ ଯେ ହେଲା ପତିତ ସଜ୍ଞାଧରି କେଉଁଭାବେ ଥିବେ କହ ଭ୍ରାତ ।
ସମଝିବା ହେ ।।
ସମନ୍ୱୟ ହେଲେ କଥା ଯିବା ହେ ।। ୧୭ ।।
ସମାଦରରେ ବୁଝାନ୍ତି ଶ୍ରୀ ରଘୁନାୟକ ସମୀକ୍ଷା ନକରି ବୃଥା ନକର ହେ ତର୍କ ।
ସାଧନାରେ ହେ ।।
ସ୍ଥାଣୁ, ସ୍ରଷ୍ଟା, ହାରିବେ ବିଚାରେ ହେ ।। ୧୮ ।।
ସଂସାରେ ଯଦି ବା ମୁହିଁ ଦଶାନନ ଲୋପେ ସମ୍ଭବ ହୋଇଅଛି ଆସି ନର ରୂପେ ।
ସମାଧନ ହେ
ସଚ୍ଚା' ମୃତୁ ତାଙ୍କ ଇଛାଧୀନ ହେ ।। ୧୯ ।।
ସୁମିତ୍ରା ନନ୍ଦନ ଶୁଣି କରି ଶ୍ରୀରାମ ଉକ୍ତି ସହସା ସନ୍ଦେହ ବିନା ପଥେ କଲେ ଗତି ।
'ସା'ନୁପ୍ରାସେ ହେ
ସିଦ୍ଧି କୃତ ଦୟାନିଧି ବାସେ ହେ ।। ୨୦ ।।

ବଂଶମରା ଡାହୁକର କୁମ୍ଭୀର କାନ୍ଦଣା ଲୁହ

ରାଗ-ଆଷାଢ଼ ଶୁକ୍ଳ 'ଚ' ଅନୁପ୍ରାସ

ଛାନ୍ଦ - ୬୦

ଚଇତ୍ର ଶୁକ୍ଳ ଚତୁର୍ଦ୍ଦଶୀ ତିଥି ଚତୁର୍ଗୁଣେ ମଧ୍ୟାହ୍ନେ ତାପ ବୀଥି ।
ଚଉକତିରୁ ମୃଗ ତୃଷ୍ଣା ଛୁଟେ ଚକ୍ରି ଦେଇଣ ବାତଚକ୍ର ଲୋଟେ ।
ଚାରି ଦିଗେ ଦହେ ୨ (ପଦ୍ଧ)
ଚାମର ବିନା ଅଙ୍ଗୁ ଘର୍ମ ବହେ ।। ୧ ।।

Digitized by PPRACHIN, SOA

ଚରଣ ଥୋଉ ଚାଇଁ ଚାଇଁତାତେ ଚାଲନ୍ତି ଢ଼େଉଣ ପଥିକ ବ୍ରାତେ ।
ଚଳାଇବା ରଣ ଅଶ୍ୱ ପ୍ରକାର, ଚାଳିତ ପଦ ସ୍ଥିର ନୁହେ କାର ।
ଚହଲ ବିହଙ୍ଗେ ।୨ ପଦ୍।
ଚଣ୍ଡାଂଶୁ ତାପେ ଅଶକତ ଶୃଙ୍ଗେ ।। ୨ ।।

ଚକ୍ରବାକ ଅଭିଶାପ ପ୍ରଦାନୀ ଚଳନ୍ତି ଜ୍ୟେଷ୍ଠ ଭ୍ରାତା କଥା ମାନି ।
ଚିରଜୀବୀ ବିଭୀଷଣ ପଥରେ ଚିନ୍ତି ନାନ କଥା ରୋଦନ କରେ ।
ଚତୁର ଲକ୍ଷ୍ମଣ । ୨ ପଦ୍ ।
ଚାଣ୍ଡେ ହସି ହସି ବୋଲନ୍ତି ପୁଣ ।। ୩ ।।

ଚାରିତ୍ରିକ ବଡଭାଇ ପାଇଁକି ଚାଲାକିରେ କାନ୍ଦୁଅଛ କାହିଁକି ।
ଚରମ ଦୁଃଖ ପରି ଲୋକେ ଜଣା ଚଞ୍ଚଳ ତେଜ କୁମ୍ଭୀର କାନ୍ଦଣା
ଚାଲିଆସୁ ଝୁରି । ୨ ପଦ୍ ।
ଚାଣ୍ଡେ ବଂଶ ମରା ଡାହୁକ ବୋଲି ।। ୪ ।।

ଚାପୁଡା ମାଇଲା ପରି ଏକଥା- ଚାତୁର୍ଯ୍ୟେ ବୁଝି ସେ ସରମାମଥା ।
ଚାପଧାରୀ ଅନୁଜଙ୍କୁ ବଦତି - ଚିନ୍ତି ନଥିଲି ମୁଁ ଏପରି ଉକ୍ତି
ଚରଚାକୁ କରି । ୨ପଦ୍ ।
ଚିରିବ ଦୁଃଖାର୍ତ୍ତ ବକ୍ଷ ମୋହରି ।। ୫ ।।

ଚିହ୍ନା ଅଚିହ୍ନା ସେନା କେ ଏପରି- ଚିନ୍ତା ହିନେ ଥିଲେ ପ୍ରକାଶ କରି ।
ଚାରଣ ଭାବି ସହିଥାନ୍ତି ତାହା- ଚାଳକ ତୁମ୍ଭେ ଯା କହିଲ ଏହା ।
ଚରିତ୍ର ମୋହରି । ୨ପଦ୍।
ଚତୁର୍ଗୁଣେ, ପର୍ଯ୍ୟବେକ୍ଷଣ କରି ।। ୬ ।।

ଚରଚା ସମୟେ ଆମ୍ଭ ଥାଟରେ ଚରଚା ମୁଁ କରୁଥିଲି ଆଣ୍ଠରେ
ଚାପଧାରୀ' ରାବଣ ହତେସିନା । ଚକ୍ର ଛାଡି ଜାତ'ଲକ୍ଷ୍ମଣ ବିନା ।
ଚରମ ପ୍ରାପତି । ୨ପଦ୍ ।
ଚରିତାର୍ଥ ନୁହନ୍ତା ଲଙ୍କପତି ।। ୭ ।।

ଚନ୍ଦ୍ର ହାସ୍ୟ ମୁଖୀ ସ୍ୱପୁରେବର୍ଜି ଚାତୁର୍ଯ୍ୟେ କାନନେ ସନ୍ନ୍ୟାସୀ ସାଜି,
ଚଳିତା ଖାଦ୍ୟ ନିଦ୍ରା ବିସର୍ଜିଣ ଚାପନ୍ତି ତ୍ରିଯାମା ରାମ ଚରଣ ।
ଚିତ୍ତେ କରି ମୂଳ । ୨ ପଦ୍ ।
ଚତୁର୍ବିଧ ଭ୍ରାତୃ ଭକ୍ତେ ବିରଳ ।। ୮ ।।

ଚାଟୁ ପଣେ ତ ମୋଟା ହେଲାମନ ଚିହ୍ନିବେ କିପରି ଆଉ ଆପଣ ।
ଚାମୀ କର ପୁରେ ତୁମ୍ଭରି ପରି ଚରିତ୍ର ବାନ ନଥିବେ ବିଚାରି ।
ଚାଳିଲ ଯା ଜିହ୍ୱା ।୨ପଦ୍ ।
ଚକ୍ରବାକ ନୁହେ ସହିବି ଏହା ।। ୯ ।।

Digitized by PPRACHIN, SOA

ଚିନ୍ତିଲେ ତୁମ୍ଭଠାରୁ ଭାତୃଭକ୍ତ ଚତୁଃ ଷଷ୍ଠୀଗୁଣେ ଏଥି ଥିବେତ ।
ଚତୁରେ ଭ୍ରାତୃଙ୍କର କଥା ପାଳି ଚଳିଥିଲେ ଆଜି ସତୀ ମଉଳି ।
ଚରମ ଦୁଃଖରେ ।୨ପଦ୍
ଚଳୁନଥାନ୍ତେ, ଅସୁରୁଣୀ ଘେରେ ।। ୧୦ ।।
ଚଣ୍ଡ ମୁଣ୍ଡ ହତେ ତାଣ୍ଡବ ଲୀଳା- ଚାତୁର୍ଯ୍ୟରେ ନ ଲାଗି ଥାନ୍ତା ଭଲ ।
ଚାମୁଣ୍ଡା ମୋର ଗୋତ୍ରଙ୍କ ଶୋଣିତ । ଚରି ପ୍ରପାନକେ ନଥାନ୍ତେ ରତ ।
ଚରାଚର ସାର । ୨ ପଦ୍
ଚରଣେ ମୁଁ ନୋହିଥାନ୍ତି କିଙ୍କର ।। ୧୧ ।।
ଚରମ ପ୍ରାପ୍ତିର ଏ ମୂଳ ଯାହା ଚିନ୍ତିଲେ ତୁମେ'ହେ ଉର୍ମିଳା ନାହା ।
ଚକ୍ଷୁ କମ୍ପାଇ ବୋଲନ୍ତି ଲକ୍ଷ୍ମଣ ଚଞ୍ଚଳେ ପ୍ରମାଣ କର ହେ ପୁଣ ।
ଚଳିଶର ପରି । ୨ପଦ୍
ଚକିତ କରୁଛି ଚିତ୍ତ ମୋହରି ।। ୧୨ ।।
ଚନ୍ଦ୍ର ଚୂଡ ବନ୍ଦ୍ୟ ଚିନ୍ତି ହୃଦରେ ଚ'ଅନୁପ୍ରାସେ ଯା' ରଚନା କରେ
ଚାତୁର୍ଯ୍ୟରେ ବସି କର ଗ୍ରହଣ ଚନ୍ଦ୍ରାତପ ତଳେ ମଜ୍ଜାଇ ମନ ।
ଚରିତ୍ର ଯାପରେ । ୨
ଚର୍ଚ୍ଚା କରିବା ଆଦ୍ୟାନୁ'ପ୍ରାସରେ ।। ୧୩ ।।

ଲକ୍ଷ୍ମଣ ବିଭୀଷଣ ପ୍ରତିଉକ୍ତି

(ରାଗ- କଳହଂସ କେଦାର) ଆଦ୍ୟ ଶବ୍ଦ ଯମକ
ଛାନ୍ଦ-୬୧

କୃତୀବନ୍ତ ସକଳ ଶ୍ରୁତି ନିବେଶୀ ବୃତ୍ତି କରଏ ରାମ ରସକୁ ବସି ଯେ ।।୧।।
ଧୃତୀ ହାରିଣ ସଉମିତ୍ରି କହିଲେ । ମୁତ୍ତିକା ବିଳୁ ଅହି କେଳା ବୋହିଲେ ଯେ ।।୨।।
ଲୟେ ଦୁଗ୍ଧ ସାକର ଦେଲେ ଭୋଜନ । ଭୟେ କି ନ କରାଏ ଫୁ ଫୁ ଗର୍ଜନ ଯେ ।।୩।।
ଗର କି ନ ଝରଇ ତାକଣ୍ଠୁ ଭଲା । ପର ନଭାବି ସେହି ଫଳ ମିଳିଲା ଯେ ।।୪।।
କରି ଅଛନ୍ତି ଏହା ଶ୍ରୀ ରଘୁନାଥ । ବରି ମହତ ଗୁଣେ ନ ହୋଇ ବ୍ୟସ୍ତ ଯେ ।।୫।।
କେବେ ଦରିଦ୍ର ମାଗୁ ଖାଇବା ପାଇଁ । ସେବେ ସେ ବାଞ୍ଛାପୂର୍ଣ୍ଣ କରନ୍ତି ଯାଇ ଯେ ।।୬।।
ପୁଣି ପଚାରି ଘର ଜାଣିଲେ ଦୂର । ଗୁଣୀ ମନରେ ନିଜେ ହୋଇ ତତ୍ପର ଯେ ।।୭।।
ଖାଦ୍ୟ ପଦାର୍ଥ କିଛି ମଗାଇ ଆଣି । ବାଧ୍ୟ କରି ଦିଅନ୍ତି ପଥରେ ପୁଣି ଯେ ।।୮।।
କ୍ଷୁଧା ହେଉ ଖାଇବ ମେଣ୍ଟିବ କ୍ଷୁଧା । ସୁଧା ସମ ବଚନେ ବୋଲନ୍ତି ବେଧା ।।୯।।
ତା ପରିଣାମ ଫଳ ଏବେ ମିଳୁଛି । କାପରି ସୁଗ୍ରୀ ମାଗି ନଥିଲେ କିଛି ଯେ ।।୧୦।।
ବାଳିକି ମାରି ତାରାବାଳୀକି ଦେଲେ । ଭାଳି ନଥିଲେ ସୁଗ୍ରୀ କର୍ତ୍ତବ୍ୟ ହେଲେ ଯେ।।୧୧।।
ତଡିଲା ଯେତେବେଳେ ପୁରୁ ରାବଣ । ଗଡିଲା କାଳ ପାଦେ ମାଗିଶରଣ ଯେ ।।୧୨।।

Digitized by PPRACHIN, SOA

ଶରଣ ରଖିଥିଲେ ସରନ୍ତା ସବୁ । ଶରଣ ରଖି ଶାଢ଼ୀ ବାନ୍ଧିଲେ ବଭୁ ଯେ ॥୧୩॥
ଲଙ୍କାରେ ନୃପ ହେଲ ବୋଲି ବୋଇଲେ । ବଙ୍କା କଥା ସରଜି କହି ନଥିଲେ ଯେ ॥୧୪॥
ଦମ୍ଭ ନଥିଲା ତୁମ୍ଭ ମନ ସନ୍ଦେହ । ସମ୍ଭବ' କି ରାବଣ ଛାଡିବ ଦେହ ଯେ ॥୧୫॥
ହେବି' ମୁଁ ରାଜା ଯାଇ ଲଙ୍କା କଟକେ । ଦେବୀ ସାଧକ ଘାତ ଦେଖି ଛଟକେ ଯେ ॥୧୬॥
ଆଶା ସାଗର ଏବେ ହେଲାଣି ବୃଦ୍ଧି । କାସାର ମଣ କାର୍ଯ୍ୟ ହେବାରୁ ସିଦ୍ଧି ଯେ ॥୧୭॥
ଯେଣୁ ଆସନ ପ୍ରାପ୍ତ ହେଲାଣି ସ୍ଥିର । ତେଣୁ ଭୁଜଙ୍ଗ ମୁଖେ ଦଂଶନ କର ଯେ ॥୧୮॥
ହେଉ ହେଉ ପ୍ରମାଣ କରିଲ ଦେଖି । କେଉଁ କେଉଁ କାରଣୁ ମୁଁ ମୂଳ ଲେଖି ଯେ ॥୧୯॥
ଭାଇ କଥା କିପରି ପକାଇ ତଳେ । ଯାଇ ଅନର୍ଥ କରିଲି ସର୍ବ ହେଲେ ଯେ ॥୨୦॥
ଏ ଲଙ୍କାରେ ଅଧିକ ଭକ୍ତ କେ ଅଛି । ସେ ଶଙ୍କାହୀନେ ଭାଇ କଥା ପାଳିଛି ଯେ ॥୨୧॥
ଶୁଣି ତା ବିଭୀଷଣ କହିଲେ ଠେସି । ଗୁଣି ଲକ୍ଷ୍ମଣ ଶୁଣ କର୍ଣ୍ଣ ନିବେଶି ଯେ ॥୨୨॥
ସର୍ବ ଶାସ୍ତ୍ରରେ ଯାହା ବୁଝାଏ ଭାବ । ଗର୍ବନୁହେ ମୋ କଥା ବିପଥେ ଯିବ ଯେ ॥୨୩॥
ସତ୍ୟ ଉପରେ ପର୍ଯ୍ୟବେଶିତ ଏହା । ମର୍ତ୍ତ୍ୟ କାବ୍ୟ ଲେଖକ ନ ଚିନ୍ତି ତାହା ଯେ ॥୨୪॥
କାବ୍ୟ ନାୟକ ଭ୍ରାତା ନିନ୍ଦାକୁ ଡରି । ଶ୍ରାବ୍ୟ କାବ୍ୟେ ନଥିବେ ଉଲ୍ଲେଖ କରି ଯେ ॥୨୫॥
ନିର ପେକ୍ଷରେ ଆଲୋଚନା କରିଲେ । ଧୀରପକ୍ଷ ଏ ତତ୍ତ୍ୱ ଜାଣିବେ ଭଲେ ଯେ ॥୨୬॥
ମାଗୁଛି କ୍ଷମା ଏଥି ପାଇଁ ଆଗରୁ । ରାଗୁ କ୍ଷାନ୍ତ କରିବେ ଦୋଷ ବର୍ଗରୁ ଯେ ॥୨୭॥
ଶୁଣ ଲକ୍ଷ୍ମଣ ତୁମ୍ଭ ପାଇଁକି ସୀତା । ଗୁଣ ବିସ୍ମରି ଅଶୋକରେ ବନ୍ଦିତା ଯେ ॥୨୮॥
ତୁମରି କାର୍ଯ୍ୟେ ସର୍ବ ବିଭବ ଛାଡି । ସୁମରି ଭାଇ ପଡୁ କରୁଛି ରଡି ଯେ ॥୨୯॥
ଅସୁର କୁଳ ତୁମ୍ଭ ନିମନ୍ତେ ଶେଷ । ପଶୁ କର୍ମୁ ବଞ୍ଚିତ ନହେଲ ଲେଶ ହେ ॥୩୦॥
ଦଣ୍ଡକେ ଦେଖି ସୂର୍ପ ନଖିରାମକୁ । ଭଣ୍ଡ ନୁହେଁ ଚାହିଁନି ଦେହି କାମକୁ ଯେ ॥୩୧॥
ଚାହିଁଥିଲେବି କିଛି ନାହିଁଟି ଦୋଷ । କାହିଁ ଏ କଥା ଅଛି ତାହା ପୌରୁଷ ଯେ ॥୩୨॥
ବ୍ରହ୍ମରେ ଆତ୍ମା ନିବେଦନ କରାଇ । କର୍ମରେ ସନ୍ନିବେଶ ଚାହାନ୍ତେ ଯାଇ ଯେ ॥୩୩॥
ଅନ୍ୟ ପକ୍ଷେ ବି ତୁମ୍ଭେ ବିଚାର କର । ବନରେ ଥିବା ମାନ୍ୟ ଋଷି ପ୍ରବର ଯେ ॥୩୪॥
କଚ୍ଛ କଚ୍ଛ ଯେ ଘୋଷି ଶ୍ରୀରାମ ନାମ । ଅଚ୍ଛ ଆଧାରେ କରି ଦର୍ଶନ କାମ୍ୟ ଯେ ॥୩୫॥
ସ୍ୱଚ୍ଛ ଦର୍ଶନୁ କାମ ପୀଡାକୁ ପାଇ । ଗଚ୍ଛ କରିଲେ ହେବାକୁ ତଚ୍ଛ ଶାୟୀ ଯେ ॥୩୬॥
ବିବାହିତ ବିଧୂରା ବିଧବା ନାରୀ । ବିବାହିତେ କହିବା ଦୋଷ କିପରି ଯେ ॥୩୭॥
ବିଚାର ବନ୍ତ ରାମ ଏକ ସ୍ତ୍ରୀ ବ୍ରତ । ବିଚାର ହୀନେ କହି କଲେ ବ୍ୟକତ ଯେ ॥୩୮॥
ମୋ ସମ ବଳଶାଳୀ ଅନୁଜ ଅଛି । ତୋ ସମ ହେବ ଯାଇ ପାର କହୁଛି ଯେ ॥୩୯॥
ଶୁଣି ସେ ଯାଇ ତୁମ୍ଭ ଚରଣ ତଳେ । ଗୁଣି'କି ନ କହିଛି ପ୍ରେମ ବିହ୍ୱଳେ ଯେ ॥୪୦॥
ନାରୀ ହୋଇକେ ପୁଂସେ ପାରେକି କହି । ବାରି ନ ପାରି କରିଲ ନାହିଁ ନାହିଁ ଯେ ॥୪୧॥
ବିଚାର କର ହୃଦେ ଭାଇଙ୍କ କଥା । କି ଛାର ନରଖିଣ କଲ ଅନ୍ୟଥା ହେ ॥୪୨॥
କଥାକୁ ରଖି କରି ଥିଲେ ବିବାହ । ବ୍ୟଥାରେ କି ହୁଅନ୍ତା ମୋ ହୃଦ ଦାହ ହେ ॥୪୩॥

ଟୀକା: ୧୭-ଆଶାସାଗର-ଆଶାସମୁଦ୍ର, କାସାର-ପୋଖରୀ, ୧୮-ଭୁଜଙ୍ଗ-ସର୍ପ, ନବଧାଭକ୍ତିରଶେଷଭକ୍ତି, ଆତ୍ମା ନିବେଦନ

Digitized by PPRACHIN, SOA

ଭାଉଜ ହୋଇଥାନ୍ତେ ଭଗିନୀ ପରି । ଭାଉରେ ଭାଇ ନେଇଥାନ୍ତା କି ହରି ହେ ॥୪୪॥
ଲକ୍ଷ ଲକ୍ଷଣ ପୂର୍ଣ୍ଣ ବିଚାର ବନ୍ତ । ବକ୍ଷରେ ଭାବିଥିବ ବନେ ବହୁତ ଯେ ॥୪୫॥
ମାୟାବୀ ମାୟା କୁହୁକକୁ ଦେଖାଇ । କାୟା କରନ୍ତି ଭ୍ରଷ୍ଟ ତାପରି ଏହିଯେ ॥୪୬॥
ଫେରାଇ ଦେଲ ଯାଉଁ ବଢ଼ନ୍ତେ ବ୍ୟଥା । ଫେରାଦ କଲା ରାମେ ସକଳ କଥା ଯେ ॥୪୭॥
ନବଧା ଭକ୍ତି ଶେଷେ ଭକ୍ତିକୁ ଗୁଣି । ନବଚିନ୍ତାରେ କହୁ ସେ ରାମ ପୁଣି ଯେ ॥୪୮॥
ଲେଖି ଚିଟାଉ ଭାବ ତାହା ସହିତ । ଦେଖି କର ବିଭବ ହେବ ବହୁତ ଯେ ॥୪୯॥
ଭାଇଙ୍କ କଥା ରଖିଥିଲେ ମଣାଇ । ରାଇଥାନ୍ତୁ ଲଙ୍କାକୁ ମଣି ଭିଣୋଇ ଯେ ॥୫୦॥
ଆଜି ଏ ପରିସ୍ଥିତି ହୋଇଧାନ୍ତା । ପାଜି ପରାଏ ଥରେ ନକଲ ଚିନ୍ତା ନକର ॥୫୧॥
ଅନ୍ୟ ଅର୍ଥରେ ନାସା ଶ୍ରୁତି ସଦନ । ବନ ଶୀକରୀ ପରି କଲ ଛେଦନ ଯେ ॥୫୨॥
କାମ ଶାସ୍ତ୍ର ନିର୍ଦ୍ଦେଶେ ରଜଃ ସା ନାରୀ । ଦାମ ନ ନେଇ କଲେ ପ୍ରେମ ଗୁହାରି ଯେ ॥୫୩॥
ରକ୍ଷା କରିବ ଦେଶ କାଳ ପାତ୍ରରେ । କକ୍ଷା ବହି ବିଚାର ନ କଲେ ଥରେ ହେ ॥୫୪॥
ନାରୀ ଶ୍ରୀ ଅବୟବେ ନାସିକା କର୍ଣ୍ଣ । ବାରିଘାତକ ପରି କଲ ବିଦୀର୍ଣ୍ଣ ଯେ ॥୫୫॥
ଆଗୁତା ପରିଚୟ ସେ ଥିଲା ଦେଇ । ରାଗୁ ସେ ବାର୍ତ୍ତା ପାରିଥାନ୍ତ ପଠାଇ ଯେ ॥୫୬॥
ଜଣା ଯେ ଯାଇଥାନ୍ତା ସ୍ତ୍ରୁ ରାଜନୀତି । ବଣା ହେଲ କିପରି ହୃଦେ ନ ଚିନ୍ତି ହେ ॥୫୭॥
ଭଗ୍ନିର ବୃଷସ୍ୟାନ୍ତି ଆଚରଣକୁ । ଅଗ୍ନିରେ ଜାଳି ଥାନ୍ତା ଆସି ବଣକୁ ହେ ॥୫୮॥
ବିହିତ ପ୍ରତିକାର କରାଉ ରାଜା । ନିହିତ ହୋଇଥାନ୍ତା କିମ୍ପାଇଁ ସଜା ଯେ ॥୫୯॥
ମୋର ବିଚାର ମୁହିଁ କହୁଛି ଶୁଣ । ବୋରଝାଞ୍ଜି ପରାୟ ଆଞ୍ଜା ଆପଣ ହେ ॥୬୦॥
ଖୁସାମତରେ ମନ ଉଚାଟ ପାଇଁ । ତୁଷାର ଷିରା କହି ନପାରେ ମୁହିଁ ହେ ॥୬୧॥
ଦ୍ୱିଜରାଜ ଅନୁଜ ଯଜ୍ଞ ବ୍ରାହ୍ମଣ । ବିଜ ଯୁପ ସ୍ତମ୍ଭକୁ କଲା ରୋପଣ ହେ ॥୬୨॥
ରାବଣ ବଧ ଯଜ୍ଞ ପୂର୍ଣ୍ଣେ ଆକଟି । ଶ୍ରାବଣେ ସୂର୍ପାନାସା ଶ୍ରବଣ କାଟି ହେ ॥୬୩॥
କ୍ରୋଧାଗ୍ନି ସେ ମନ୍ତ୍ରରୁ ଜାତ ହୋଇଲା । ବୋଧ କରନ୍ତେ ଶାନ୍ତ ନୋହି ଦହିଲା ଯେ ॥୬୪॥
ଲଙ୍କା ମରିଚ ଚୋରେ ଯାବଜ୍ଜୀବନ । ବଙ୍କା ବିଚାରେ ଏ ଯା କାରା ବିଧାନ ଯେ ॥୬୫॥
ଯାଇ ସେଠାରୁ ସୂର୍ପା କରି କ୍ରନ୍ଦନ । ଭାଇ ଆଗରେ କହୁ ବକା ନନ୍ଦନ ଯେ ॥୬୬॥
ପାଖରେ ଥିବା ସେନା ସଇନ୍ୟ ଧରି । ଆଗରେ ବାହାରିଲେ ସମର କରି ଯେ ॥୬୭॥
ଭାଗରେ ସୂର୍ପଣଖା ଦେଖାଏ ବାଟ । ଆଗରୁ ବୁଝି ପାରି କୌଶଲ୍ୟା ଚାଟ ଯେ ॥୬୮॥
ସୀତା ରଖିବା ଭାର ତୁମ୍ଭଙ୍କୁ ଦେଇ । ଜିତା ନମନ୍ତେ ଗୁଣେ ଶର ବସାଇ ଯେ ॥୬୯॥
ଦଣ୍ଡକେ ପେଶୁ ଭଣ୍ଡେ ଯମ ସଦନ । ଦଣ୍ଡକେ ଯାଇ ସ୍ୱର୍ପା ଲଙ୍କା ଦହନ ଯେ ॥୭୦॥
ବିଦିର୍ଣ୍ଣେ ଦୁଃଖାର୍ଣ୍ଣବେଭାଷି କହିଲା । ବିଦିର୍ଣ୍ଣେ ଲଙ୍କ ସାଇଁ ତୂର୍ଣ୍ଣେ ବୋଇଲା ଯେ ॥୭୧॥
କର କପାଳ କୋଷ୍ଠି ରେଖାକେ ପୋଛି । ବରଣ ମୁଦ୍ରିକାରୁ ହିରା ଚୁମ୍ବିଛି ଯେ ॥୭୨॥
ଜାଣ କେ ମନ୍ଦ ଅହି ବିଳରେ କର । ଆଣି ନିକ୍ଷେପିଲାକି ? ସାହସ ତାର ଯେ ॥୭୩॥
ଦେବିକି ଦଣ୍ଡ କହ ବିଚାର କରି । ସେବିକି ଚଣ୍ଡୀ ଆଗେ କରିବି ବଳି ଯେ ॥୭୪॥
ତୋ ମନ ଯେଉଁ ଦଣ୍ଡେ ହେବ ସନ୍ତୋଷ । ମୋ ମନ କର୍ମେ ତା କରିବି ଅବଶ୍ୟ ଯେ ॥୭୫॥
ବୋଇଲା ଅନୁଜା ତା ଶ୍ରବଣେ ଶୁଣି ହୋଇଲା କ୍ଷୀଣ ତୋହର ତେଜି ବହ୍ନି ଯେ ॥୭୬॥

Digitized by PPRACHIN, SOA

ଚାର ଚକ୍ଷୁ ତୋହର ନାଶ ହେବାରୁ । ଚରଚା କଥା ମାନ ପ୍ରମାଣେ ଭୀରୁ ଯେ ॥୭୭॥
ଚାରି ଗ୍ରାମ ସମୂଳେ ଥିଲେ କେ ରାଜା । ଚାରି ଦିଗରେ ଚାର ରଖି ପରଜା ଯେ ॥୭୮॥
ଭଲ ମନ୍ଦକୁ ବୁଝେ ତୁ ତାଠୁ ହୀନ । ସଲ କଥରେ ହେଉ ଅଗ୍ନି ସମାନ ଯେ ॥୭୯॥
ସେହି ଖବର ତୋର ପାଖରେ ଆସି । ଏହି ପର୍ଯ୍ୟନ୍ତ ପାରି ନାହିଁ ପ୍ରବେଶି ଯେ ॥୮୦॥
ଶୁଣି ସେ ସଭା ରାଜା ବର୍ଜି ତତ୍‌କାଳେ । ପୁଣି ଥବିର ସଭା ଲୋଡି ଆକୁଳେ ଯେ ॥୮୧॥
ଘଟି ଥିବା ଘଟଣା ମାନ ଯା ସର୍ବ । ରଟି ଚାହିଁଲା ହେବାକୁତା ଲାଘବ ଯେ ॥୮୨॥
ଲଙ୍କାର ବୃଦ୍ଧ ବୃଦ୍ଧ ଅସୁର ଶୁଣି । ଶଙ୍କା ମନରୁ ଦୂର୍ପାକୁ ପୁଛୁ ପୁଣି ଯେ ॥୮୩॥
ପରି ହରି ସେ ଶୋକ କହେ ସକଳ । ପରିପନ୍ଥି ମନ୍ଥନେ ନାହି କା ବଳ ଯେ ॥୮୪॥
ପୁତ୍ର ପୌତ୍ର ରାଜାର ପାରିବେ ନାହିଁ । ମୃତ୍ୟୁ ରାଜ୍ୟକୁ ସର୍ବେ ଯିବେ କିମ୍ପାଇଁ ଯେ ॥୮୫॥
ଅଭିମାନରେ ନୃପେ ଅବମାନନା । ଅଭିବାଦନ କରୁ କରାଇ ମନା ଯେ ॥୮୬॥
ବୋଧନ୍ତି ନାନା ମତେ ଦଇତ କୁଳ । ସୋଧନ୍ତି ବାହାସ୍ଫୋଟ ମାରି ସକଳ ଯେ ॥୮୭॥
ସାନ୍ତ୍ୱନା ପାଇ ସୂର୍ପା କହିଲା ବାଛି । ଭ୍ରାନ୍ତି ନ ହୁଅ ଉପାୟେକ କହୁଛି ଯେ ॥୮୮॥
ସରଇ ଆପେ ଗଲେ ସଂସାରୁ ଚାଲି । ଝୁରଇ ରାମ ଭାଇ ଭାରିଜା ବୋଲି ଯେ ॥୮୯॥
ତାହା ତାହାର ବୁଝ ଦୁର୍ବଳ ପଣ । ବାହା ସାହଯ୍ୟେ ଦାଉ ସାଧିବ ପୁଣ ଯେ ॥୯୦॥
ସେ ଭାଇ' ଭାରିଜାରୁ ଏକ ଅନ୍ତର । ହେ କରିପାରିଲେ ବା କରି ମନ୍ତର ଯେ ॥୯୧॥
ଦୁଃଖ ମନ ମୋ କିଛି ଲଭିବ ଶାନ୍ତି । ଦୁଃଖ ଯିବ ଟୋପରେ ପକାଇ ହାତୀ ଯେ ॥୯୨॥
ଶୁଣିବା କ୍ଷଣି କଥା ସେ ପାରିଷଦ । ଗୁଣି ଗୁଣି ମାନ ସେ କରିଲେ ସିଦ୍ଧା ଯେ ॥୯୩॥
ନାରୀ ନବାରିକି ନ କରିଲେ ଯତି । ବାରି କୌଶଳେ ହରି ଆଣ ତା ସତୀ ଯେ ॥୯୪॥
ଏହି ପ୍ରସ୍ତାବେ ଭାବି ମୁଁ ତୁମ୍ଭ କ୍ଳେଶ । ସେହି କଥାକୁ ମନା କରୁ ଲଙ୍କେଶ ଯେ ॥୯୫॥
ରହେ ସିଂହୀଠୁ ଜନ୍ମି ଶୃଗାଳେ ଟେକ । କହେ ପାଶରେ ଘୋଡା ମୁହାଁଏ ଏକ ଯେ ॥୯୬॥
ସେହି ଶୃଗାଳ ପଦେ ଶରଣ ପାଇଁ । ନେଇ ମହୀରାବଣ ଦିଅ ପଠାଇ ଯେ ॥୯୭॥
ବରି' ମାରିଚ କରି ହେମ ହରିଣ । ଧରି ସଙ୍ଗରେ ଦଣ୍ଡକ ବନେ ପୁଣ ଯେ ॥୯୮॥
ବୋଲେ ମୋ କାର୍ଯ୍ୟ ସିଦ୍ଧି କରାଅ ଯାଇ । ଗେଲେ ସେ ଡେଇଁ ଡେଇଁ ପାଖେ ଆସଇ ॥୯୯॥
ତୁମ୍ଭଙ୍କୁ କହି ସୀତା ଜଗାଇ ଗଲେ । କୁମ୍ଭ'ଜ' ବନ୍ଧ୍ୟ,ମୃଗ ପଛରେ ଭଲେ ଯେ॥୧୦୦॥
ଶୁଭିଲା ଡାକ ରକ୍ଷା କର ଲକ୍ଷ୍ମଣ । ଭୂବି ଦୁହିତା ପେଶୁ ଗଲ ତତ୍‌କ୍ଷଣ ଯେ ॥୧୦୧॥
ଅଜଣା ନଥିଲା ତ ରାଘବ ବଳ । ଗଞ୍ଜଣା ଭୟେ ଜଳିଗଲେ ଚଞ୍ଚଳ ଯେ ॥୧୦୨॥
ଭାବିଥିଲ କି ମନେ ଭାଇଙ୍କ କଥା । ଦାବି ନକରି ପାତି ନେଇଛ ମଥା ଯେ ॥୧୦୩॥
ଥାଉ ତୁମ୍ଭେକି ଦୈତ୍ୟ ଅପହରଣ । ଆଉ ଥାଆନ୍ତା କରି ଲୋଡି ମରଣ ଯେ ॥୧୦୪॥
ଭାଇ ରକ୍ଷାରେ ତୁମ୍ଭେ ଦେଲ ଆଭାସ । ଯାଇ ସୀତାଙ୍କୁ ନିଅ ଯା ଦଶ ଆସ୍ୟ ଯେ ॥୧୦୫॥
ଜ୍ୟୋଷ୍ଠ ଭ୍ରାତୃ ଯେ ପିତା ସମ ଅଟନ୍ତି । ଶ୍ରେଷ୍ଠ ହେବ ପାଳିଲେ ତାହାଙ୍କ ଉକ୍ତି ଯେ ॥୧୦୬॥
ଯେ ଦିନ ମୋତେ ସେଠୁ କଲେ ବାହାର । ସେଦିନ ମନେମନେ କରିଲି ସ୍ଥିର ଯେ । ॥୧୦୭॥
ଲଙ୍କାର ଭାତୃ ଭକ୍ତ ଭାଇଙ୍କ କଥା । ବଙ୍କା ନକରି ପୋତି ନେଇଛ ମଥା ॥୧୦୮॥

Digitized by PPRACHIN, SOA

ସର୍ବ ମୂଳଟି ତୁମ୍ଭେ ଏହି କାରଣ । ଗର୍ବ ନକରି କହେ ଆହୁରି ଶୁଣ ଯେ ॥୧୦୯॥
ଘର ଘରଣୀ ଛାଡି କାର୍ଯ୍ୟ କାରଣେ । ଶରଣ ନେଲି ତୁମ୍ଭ ଭାଇ ଚରଣେ ଯେ ॥୧୧୦॥
ଶରଣୁ କରିନି ମୁଁ କୃତଘ୍ନ କାର୍ଯ୍ୟ । ମରଣୁ ପୁତ୍ର ବଡ କେ ଧରି ଧୈର୍ଯ୍ୟ ଯେ ॥୧୧୧॥
ତଥାପି ଭଲେ ତୁମ୍ଭେ ନକରି ଗଣା । ବ୍ୟଥା ଦେଲ କହି କୁମ୍ଭୀର କାନ୍ଦଣା ଯେ ॥୧୧୨॥
ଏପରି ତୁମ୍ଭେ ବୋଲାଅ ଭାତୃ ଭକ୍ତ । କିପରି ଭକ୍ତ ମୁହିଁ ମାନସେ ଚିନ୍ତ ଯେ ॥୧୧୩॥
ଲକ୍ଷ୍ମଣ ନିଜ କାର୍ଯ୍ୟ ବୁଝି ସମସ୍ତ । ତତ୍‌କ୍ଷଣ ପ୍ରକାଶିଲେ ତୁମ୍ଭେ ହିଁ ଭକ୍ତ ଯେ ॥୧୧୪॥
ଜଳୁ ଜନମି ପଦ୍ମ ଚହଟେ ବାସ । ବଳୁ' ସେ ଜଳ ପୁଣି ଲଭଇ ନାଶ ଯେ ॥୧୧୫॥
କାଳ କବଳେ ପଡି ହୁଡି ବେଭାର । କାଳ ହେଲା ମୋ କର୍ମେ କୁ ଫଳ ସାର ॥୧୧୬॥
ଏତିକି କହି ଲଙ୍କ ପତି ନିକଟେ । ଗତିକି ଆରମ୍ଭିଲେ ଧୀରେ ସଙ୍କଟେ ଯେ ॥୧୧୭॥
ଏଛାନ୍ଦ ଏହିଠାରେ କରୁଛି ଶେଷ । କେ ଛାନ୍ଦ ଅର୍ଥୀ ମୋର ନ ଧର ଦୋଷ ॥୧୧୮॥
ଆଗେ ଯେ ବିଭୀଷଣ ଗୁମନେ ଗୁଣ । ବାଗେ ପ୍ରମାଣ ଯିବ ସ୍ୱର୍ଗେ ରାବଣ ଯେ ॥୧୧୯॥

ରାଜନୀତି ଶିକ୍ଷା ନିମନ୍ତେ ଲକ୍ଷ୍ମଣଙ୍କର ଆଗମନ

ରାଗ- କାମୋଦୀ ('ଦ' ଅନୁପ୍ରାସ)

ଛାନ୍ଦ-୬୨

ଦଶାନନ ପାଶରେ, ଯାଇ ଲକ୍ଷ୍ମଣଖରେ- ପାଇ ଦେଖନ୍ତି ଶରାଘାତେ ।
ଦଣ୍ଡକରି ଉପେକ୍ଷା ମନରୁ ଛାଡିକକ୍ଷା - ରାମ ଚିନ୍ତଇ ହୃଦଗତେ, ସେ ।
ଦମ୍ଭେ ସ୍ୱସ୍ଥ, ଦକ୍ଷିଣେ ତର ଦିଗେ ମାଥ ।। ଦକ୍ଷିଣେ କଟାକ୍ଷ ନିପାତ ।।
ଦଶମ ଦଶା ମାର୍ଗେ, ଦେଖୁ ଲକ୍ଷ୍ମଣ ଆଗେ - ଦୀର୍ଘେ ପୁଛେକେ ? ତୁ କହତ ।। ୧ ।।
ଦଶରଥସନ୍ତତି, ବୋଲନ୍ତି ଦାଶରଥି, ସାନୁଜ ମୁହିଁ ଲଙ୍କପତି ।
ଦଣ୍ଡ ଯେ ବିହିଛନ୍ତି-ସେହି ପେଶି ଅଛନ୍ତି- ବୁଝି ଯିବାକୁ ରାଜନୀତି ହେ ।
ଦାନବେଶ । ଦାନବ ପ୍ରକୃତିକୁ ତେଜି । ଦାନ କରନ୍ତୁ କିଛି ଆଜି ।
ଦେବ ବତାଇ କେତେ, ରାଜନୀତିରୁ ମୋତେ ପରିହରି ସମର ବାଜି ହେ ।। ୨ ।।
ଦଶବଦନ ଶୁଣି, ଲକ୍ଷ୍ମଣଙ୍କର ବାଣୀ, ଭାବିଲା ମୋ ଅନ୍ତର ଜାଣି ।
ଦୁର୍ବାଦଳ ବରନ, ରଖିବା ପାଇଁ ମାନ, ପେଶିଲେ ଭାଇଙ୍କୁ, କି ? ପୁଣି ସେ
ଦୟାବାନ ।। ଦୟାରେ ସଦା ବିମୋହନ ।। ଦକ୍ଷତା ପଣରୁ ପ୍ରମାଣ ।।
ଦଣ୍ଡ ଭେଦ ନାନାଦି-ସାମ୍ୟନୀତି ଯା ଆଦି, ରାମକୁ କି? ଅଜଣା ପୁଣ ବସ ।। ୩ ।।
ଦଣ୍ଡଧରର ଦଣ୍ଡି, ତୁଳ କଳୁଷ ଖଣ୍ଡି, ନ ପାରିବେ କେବେ ଲକ୍ଷ୍ମଣ,
ଦଣ୍ଡବତ ସମାଜ, ଚଳଣି ଛାଡି ରାଜନୀତି ପଚାରିବା ଦୂଷଣ, ସେ ଦୀନଜନ ।।
ଦୁର୍ବାସାଦି ମୁନି ଅୟନ ।। ଦୂରରୁ ଶୁଣି ଅଛି କର୍ଣ୍ଣ ।।
ଦେଖି ମାରିଚ ଆଗେ- ଦମ୍ଭେ ଚଳିଲା ସ୍ୱର୍ଗେ, ଜୀବେ ଆରୋହି ଦେବଦାନ ।। ୪ ।।

Digitized by PPRACHIN, SOA

ଦ୍ୱିରଦ ଦୁଃଖହାରୀ, ଦୁଷ୍କୃତକୁ ମୋହରି, ଦୂର କରିବା ପାଇଁ ଦାବୀ
ଦରଜ ଦେଇ ଭ୍ରାତେ, ଫେରାଇବି ଅଗ୍ରତେ, ଦର୍ଶନ ମାନ ମଧ୍ୟେ ଭାବି ସେ ।
ଦଶଗ୍ରୀବ ସ୍ୱଭାବ, ଲକ୍ଷ୍ମଣେ ବାକ୍ୟ ଯବ । ଦଣ୍ଡାୟମାନ ଯାହା ରବ ।
ଦଣ୍ଡଧାରୀତ' ତୁମ୍ଭେ ନ ହେବ ରାଜ୍ୟେ କେବେ, କି ରାଜନୀତି କି ଶିଖିବ ।। ୫ ।।
ଦର୍ଦ୍ଦୁର ପରିଗାନ, କରିଲେ ଷଡକାନ- ମନ୍ତ୍ର ଭେଦ ହେବ ଅବିଧି ।
ଦାଶରଥିଙ୍କୁ ଏହା, କହି ପଠାଅ ଯାହା- କହିବି ଅଛି ପୂର୍ବ ସିଦ୍ଧି ହେ,
ଦେଶାଚାରେ ।। ଦଶ ବଦନ ବାଣୀ ଶୁଣି, ଦଂଶନ ବିଭୀଷଣ ବାଣୀ
ଦାବାଗ୍ନି ଠାରୁ ବଳେ, ଦମ୍ଭେ ଫେରି ବିକଳେ, ଜାଣି ପାରିଣ ରଘୁମଣି ।। ୬ ।।
ଦୂରୁ ଆସି ଆଶ୍ଳେଷ କରି ପୁଛନ୍ତି କ୍ଳେଶ, ମନରେ ଲକ୍ଷ୍ମଣ କହନ୍ତି
ଦମନେ ମୋର ଯଶଃ, ପେଶି ପଚାର କିସ, ନ କହିଲେ ସେ ରାଜନୀତି ହେ,
ଦହଡରୁ ।। ଦହଗଞ୍ଜ କେବଳ ମତି, ଦହୁଛି ବିଭୀଷଣ ଉକ୍ତି ।।
ଦୈତ୍ୟ ବୋଇଲା ଘନେ, ତୁମେ କି ସିଂହାସନେ, ବସିବ ପୁଛ ରାଜନୀତି ।। ୭ ।।
ଦୁଃଖରେ କରୁ ଦାୟୀ- ଧୈର୍ଯ୍ୟେ ତା ଭାବଗ୍ରାହୀ, ବୁଝିଲେ ବିଭୀଷଣ କଥା ।
ଦାନ ବେଶ କିପରି, ଅଛନ୍ତି କେଉଁପରି, ବୁଝିଲୁ କିମ୍ପା ଦେଲେ ବ୍ୟଥା ।
ସେ ଦୀକ୍ଷାଗୁରୁ ଦୀପ୍ତି ପାଇଁକି ନ ହୋଇଲେ ଦୂର କରିଣ କିମ୍ପା ଦେଲେ ।।
ଦୁର୍ବୋଧ କଥାଯାହା, କହୁ ଉର୍ମିଳା ନାହା, ଦୋଷୀ ଲକ୍ଷ୍ମଣେ ରାମ କଲେ ।। ୮ ।।
ଦଶରଥ ସନ୍ତତି, ହୋଇବଂଶର କୀର୍ତ୍ତି, ଯଶଃ ଗାରିମା ବୁଡାଇଲୁ ।
ଦୈନି ପାଦେ ନକରି, ଆଦେଶ ଜାରିକରି, ରାଜନୀତି ଯା ପଚାରିଲୁ ରେ
ବ୍ୟାଖ୍ୟା ।। ଦରଜେ ଉପଯୁକ୍ତ ଶିକ୍ଷା, ଦେଲେ ସେ ନବହିଚି କକ୍ଷା
ଦଶ କଣ୍ଠ ଚରଣ, ଧୋଇ ଦର୍ଭେବରଣ, କରି କର ଯା ନୀତି ଶିକ୍ଷା ।। ୯ ।।
ଦିନେ ଶିଅଳେ ବ୍ୟାସେ, ଗୁରୁମଣି ହରଷେ, ଧୋଇଲେ ପାଦ ବିଦ୍ୟାପାଇଁ ।
ଦାର୍ଶନିକ ପ୍ରବୀଣ, ପଦ ଧଉତେ ପୁଣ, ଭାର୍ଜନ ନ ହୋଇଲୁ ତୁହିରେ ।
ଦର୍ପେ କାଳି ଏ, ଦିଗନ୍ତ ମାନଙ୍କରେ ବୁଲି । ଦିବାକରେ କହିବେ ଛଳି ।
ଦୁଷ୍ଟ ପ୍ରାୟ ତୁମ୍ଭର, ବଂଶେ ଲକ୍ଷ୍ମଣବୀର, ଦୂରିତ ଅରଜିଲେ ବୋଲି ।। ୧୦ ।।
ଦୂତେ ସୁମିତ୍ରାସୁତ, ଯୋଡିଣ ବେନି ହସ୍ତ, ବୋଲନ୍ତି ତୁମ୍ଭ ଦରଶନ ।
ଦଇତ ପତି କଛେ, ଇଛେ ଯାଇଣ ସ୍ୱଛେ, କରତା ମାନସ ପୂରଣ, ହେ
ଦେହାନ୍ତରେ ଦ୍ୱାର ପାଳ ସେ ବୈକୁଣ୍ଠରେ, ପୁଣି ହେବାକୁ ଇଛକରେ ।।
ଦ୍ୱିବିଧ ମତେ ଯାହା, କହିଲେ କର୍ମେ ସାହା, ହୁଅନ୍ତୁ ପ୍ରଭୁ ଯାଇ ଖରେ ।। ୧୧ ।।
ଦୀନ ଜନ ଶରଣ ରକ୍ଷଣ ଗୁଣି ଗଣ୍ୟ ଦ୍ୱିଧା ହୀନରେ କଲେ ଗତି
ଦୀନ ଦୟାଙ୍କୁ ମତି ସଦା ସେ ପାଦେ ମତି, ରଖି ଏ ଛାନ୍ଦ ରଖେ ଏଥିହେ ।
ଦୁଇକଳା ।। ଦଶପଦ ଯା ଯୁକ୍ତ, ଗଳା-
ଦେଶ କରାଅ ସ୍ୱର୍ଣ୍ଣ, ଶୁଣି ଶ୍ରବଣ ତୋଷ, ହେଉ ସେ ରୂପ ଦେଖୁ ଡୋଳା ।। ୧୨ ।।

Digitized by PPRACHIN, SOA

ଭ୍ରାତୃଭକ୍ତ ବିଭୀଷଣ

(ରାଗ-ବଙ୍ଗଳାଶ୍ରୀ) ଉପଧାମିଳନ

ଛାନ୍ଦ - ୬୩

ଶୁଣ ସୁଧୀମନ୍ତ, ଏ ଅନ୍ତେ ଚରିତ, ରାଜନୀତି ଶିକ୍ଷାପାଇଁ ।
ଲକ୍ଷ୍ମଣ ସହିତ, ଘେନି ସେନାବ୍ରତ, ବିଜେ କଲେ ରଘୁସାଇଁ (୧)
ପଥେ ବିଭୀଷଣ, ଦେଖନ୍ତେ ଲକ୍ଷ୍ମଣ, କହିଥିବା କଥା ମାନ ।
ବିସ୍ମରି ସଧୀରେ, ପଚାରିଲେ ଧୀରେ, ଶ୍ରୀମୁଖ କରିଣ ମ୍ଳାନ (୨)
କିକାର୍ଯ୍ୟ କାରଣେ, ଏ ରଣ ପ୍ରାଙ୍ଗଣେ ଶୋକେ ହେଉଥିଲ ବ୍ୟସ୍ତ ।
କି ଲକ୍ଷେ, ବି ଲକ୍ଷେ, ଲକ୍ଷ୍ମଣର ବକ୍ଷେ, ବ୍ୟସ୍ତ କରାଇଲେ ନ୍ୟସ୍ତ । (୩)
ଜ୍ଞାନୀଙ୍କୁ ମହାଜ୍ଞାନ ହୋଇଯାହା, ଅଭିଭୂତେ ଶୋକକର ।
ଚାଲି ଗଲେ ଜାଣୁ, ଏ ରଣ ପ୍ରାଙ୍ଗଣେ, ଇନ୍ଦ୍ରଜିତ ଧନୁର୍ଦ୍ଧର (୪)
ତୁମ୍ଭମାନଙ୍କର, ସାହାଯ୍ୟରୁ ମୋର, ଅଦ୍ଭୁତ କାର୍ଯ୍ୟ ସାଧନ ।
ହୋଇ ଅଛି ନେତ୍ରେ ଦେଖିଛି ଏ କ୍ଷେତ୍ରେ, ତରଣୀ ସେନ ନିଧନ (୫)
ବୋହି ନାହିଁ ଟୋପେ, ଲୁହକି ଆଟୋପେ କାନ୍ଦ, ଶରଣ ବତ୍ସଳେ
ହୁଏ ବଡ ଦ୍ୱନ୍ଦ, କହ ଦଶକନ୍ଧ, ରଖିବାକି ରବିତଳେ (୬)
ହୋଇ ଅଭୀମାନୀ, ଜନକ ନନ୍ଦିନୀ, ଚାହିଁଥାନ୍ତୁ ନାହିଁ ଚନ୍ତା
ରଖୁ ଦଶାନନ, ଦଶ ତ୍ରିଭୁବନ ପୋଷୁ ମୋ ଅଯଶଗୀତା (୭)
ରାଜା ହେବାପାଇଁ, ତୁମର ଏଠାଇ ଅନ୍ୟଥା, ନ ହେବା ପାଇଁ ।
ସ୍ଥିର କଲେ ଶେଷ, ହେଲା ବନବାସ, କରିବି ଅଯୋଧ୍ୟାସାଇଁ(୮)
ଅବଶ୍ୟ ମୋ ବଂଶ, ହେବ ଏଥୁ ନାଶ, ନରଖୁ ଭରତ କଥା
ତୁମ୍ଭ ବଂଶ ବୃଦ୍ଧି, ଅନ୍ୟପଥେ ସିଦ୍ଧି, ହୋଇ ବିନାଶିବି ବ୍ୟଥା (୯)
ଶରଣ ରକ୍ଷଣ, ବାନାବାନ୍ଧି ପୁଣ, ନଫେଡିବି କି ମୁଁ ଦୁଃଖ ।
ବୋଲେ ବିଭୀଷଣ, ଏବଡ ଦୂଷଣ, କଥା ହେବ ପଦ୍ମ ମୁଖ (୧୦)
ବଶ୍ରବା ନନ୍ଦନ, କଦନେ କ୍ରନ୍ଦନ, କରୁନଥିଲା ଏ ପାଇଁ ।
ବଳାଇନି ମନ, କର୍ତ୍ତବ୍ୟେ ଅଧୀନ, ବଞ୍ଚାଇବା ପାଇଁ ଭାଇ (୧୧)
ହେଲ ଲଙ୍କାରାଟ, କହି ଯେଉଁ ପାଟ, ଶଢ଼ୀ ଦେଇଥିଲେ ଭିଡି ।
ତାହାଏବେଗରୁ, ହେବାକୁ ଯିବାରୁ, ରଡି ଯାଉଥିଲି ଛିଡି (୧୨)
କ୍ରନ୍ଦନ କାରଣ, ବ୍ୟାଖ୍ୟା କରେଶୁଣ, ଧଇର୍ଯ୍ୟରେ ଜଗତ ସାଇଁ ।
ଯୁଗଳ ଚରଣ, ସେବାରୁ ଶରଣ, ଜନ ବିଚ୍ୟୁତ କିମ୍ପାଇଁ (୧୩)
କରିଲି ଭାବନା, ପ୍ରଭୁ ପାଦମନା ସିନା, ସିଂହାସନ ପାଇଁ ।
ନୟନ ପଲ୍ଲବ, ହେଲା ଛଳଛଳ, ଜଳ'ମନା ମାନେ ନାହିଁ(୧୪)

Digitized by PPRACHIN, SOA

ସିଂହାସନ ଅଳଙ୍କୃତ କଲେ ବଳ, ଦେବେ କେବେ ପୁଷ୍ପ ତୋଡା ।
ମନ୍ଦରୁ ନିଶଙ୍କେ, ବାନ୍ଧିବାକୁ ଲୋକେ, ପାଦୁକା କରିବେ ଲୋଡା (୧୫)
କହ ପ୍ରଭୁ ଆଉ, ଏହି ବିଂଶ ବାହୁ ଠାରୁ, ବଳିଥିଲା କାହିଁ ।
ବାସ୍ତରୀ ସନ୍ତତି, ତେରଶତ ନାତି, ମୁଖାଗ୍ନି ଦେବକେ ନାହିଁ (୧୬)
ବିଚାରୁ ବିବେକ, କରୁଅଛି ଧିକ୍, କି କରିବୁ ରାଜପଣ ।
ଏହି କଥା ଭାଳି, କାବୁଥିଲି ଚାଳି, ପରିହାସରେ ଲକ୍ଷ୍ମଣ (୧୭)
କହିଲେ କୁମ୍ଭୀର କାନ୍ଦଣା ଏବୀର, ଲୋକ ଜାଣିବାକୁ କର ।
ନସହି ମୁଁ ବ୍ୟକ୍ତ, କରିଛି ଯା ସତ୍ୟ, ଅପରାଧକୁ ନଧର (୧୮)
କରିବ କରୁଣା, ହେବ ନାହିଁ ଊଣା, ଶ୍ରୀମୁଖ ଦର୍ଶନ କେବେ ।
ଶୁଣି ସର୍ବକଥା, ଚିନ୍ତି ସୀତାମଥା, ପ୍ରକାଶ କରିଲେ ଯିବେ (୧୯)
ରାଜନୀତି ବିଶା-ରଦ ପରି ତୋଷା-ମଦ ଛାଡି ଉପଦେଶ,
ଦେଇଣ ମଥାକୁ ଖଟାଇ କଥାକୁ କହି କରିଅଛ ତୋଷ (୨୦)
ପ୍ରକୃତ ରାବଣ, ଭାଇ ବିଭୀଷଣ, ଭକ୍ତ ଯା ଭ୍ରାତା ଲକ୍ଷ୍ମଣ ।
ମୁଖରେ ପ୍ରଚାର, ଏବୁ ସର୍ବେକର, ହୋଇଲା ପର୍ଯ୍ୟବେକ୍ଷଣ (୨୧)
ବୈଶ୍ରବଣ କଥା, ନକରି ଅନ୍ୟଥା, ମୋ ଚରଣେ ବିଭୀଷଣ ।
ପଶିଣ ଶରଣ, ଭ୍ରାତୃ ଭକ୍ତ ପଣ, ସ୍ଥିର ରଖି ହେଲେ ଗଣ୍ୟ (୨୨)
ଆଜିଠୁ ଧରିତ୍ରୀ, ଘୋଷୁ ଏହି କୀର୍ତ୍ତୀ, କହେ ଶୁଣ ବିଭୀଷଣ ।
ସଦା ଭଗବାନ, ଭକ୍ତର ଅଧୀନ, ଭକ୍ତ ଭକ୍ତିରୁ ଭୂଷଣ (୨୩)
ଏଣୁ ହେ ଦର୍ଶନ, ହେବ ସବୁଦିନ, ମନେ ଚିନ୍ତାକର ନାହିଁ ।
ଦ୍ୱାପରେ ଲକ୍ଷ୍ମଣେ ସେବିବାକୁ ଧ୍ୟାନେ ହେବି ମୁହିଁ ସାନ ଭାଇ (୨୪)
ତାପରେ କଳିରେ, କଳ୍ପ ବଟ ମୂଳେ, ଦାରୁ ବିଗ୍ରହ ମୋହର ।
ମନ୍ଦିର ମଧ୍ୟସ୍ଥେ, ଦେଖୁଥିବ ନିତ୍ୟେ ଲଙ୍କାରୁ ଦେଲି ଏବର (୨୫)
ଏହି ପରି ବର, ଦେଇ ରଘୁବୀର, ରାଜନୀତି ଶିକ୍ଷାପାଇଁ ।
ଲଙ୍କେଶ ନିକଟେ, ଚଳିଗଲେ ଥାଟେ, କହେ ଦୟା, ରାମ ଧ୍ୟାୟୀ (୨୬)

• • • • • • • • • • • • •

ରାମାୟଣେ ନବଧା ଭକ୍ତି

ରାମାୟଣସ୍ୟ ଶ୍ରବଣେ ହୈମବତୀ ଗଙ୍ଗାଧରୋ କୀର୍ତ୍ତନେ ।
ଶ୍ରୀ ବିଭୀଷଣାଦ୍ ସ୍ମରଣେ ଶବରୀ ସୁପୂଜନେ ଦାସ ପଦ ସେବନେ ॥

ଦାସେ ଅଞ୍ଜନା ନନ୍ଦନ ଅବଭୃତ୍ ସାକ୍ଷେ ତଥା ସୁଗ୍ରୀବ ।
ବାତ୍ସଲ୍ୟେ ଗୋପାଳ ପଯ ଦାନ ବନେ ମାଧୁର୍ଯ୍ୟେ ଋଷିବୃନ୍ଦେ ॥

Digitized by PPRACHIN, SOA

ରାମଙ୍କର ରାଜନୀତି ଶିକ୍ଷା-ମନ୍ଦୋଦରୀ ଶୋକ

ସୁଗ୍ରୀବସ୍ୟତାରା ରାବଣସ୍ୟମନ୍ଦୋଦରୀ

ରାବଣରମୁକ୍ତି

ରାଗ-ରାମଦାସ କୋଇଲି

ଛାନ୍ଦ-୬୪

ଜୟ ଜୟ ଶ୍ରୀରାମ ଲକ୍ଷ୍ମଣ, ଜୟହେ ଭରତ ଶତ୍ରୁଘ୍ନ ।
ଜୟ ପୃଥିବୀ ସୁତା ଜାନକୀ, ପବନ ନନ୍ଦନ ହନୁମାନଜୀ ହେ ।
ମୋହର ଦୁଃଖ ଖଣ୍ଡନ କର,
ତୁମ୍ଭ ବିନାକେ ସାହା ନାହିଁ ମୋର ହେ ।। ୧ ।।

ତେଣେ ଲକ୍ଷ୍ମଣ ଫେରାଇ ଦେଇ, ନାନା କଥା ଭାବେ ଲଙ୍କ ସାଇଁ ।
ଭକ୍ତ ବାନ୍ଧବ ମୋହର ବ୍ୟଥା, ନ ଫେଡିବେକି ଆସିଶୁଣି କଥା ଯେ ।
ଏକାଳେ ରାମ ସଙ୍ଗେ ସକଳେ,
ପ୍ରବେଶ ହେଲେ ଯାଇ ରଣ ସ୍ଥଳେ ।। ୨ ।।

ମାନ୍ୟ ଧର୍ମ କରି ରଘୁନାନ, ପ୍ରକାଶିଲେ ହେ ଲଙ୍କାରାଜନ ।
ତୁମ୍ଭ ନିକଟରୁ ରାଜନୀତି, ଶିଖିବା ପାଇଁକି ମୋହର ମତିହେ ।
କଥାକୁ ରଖି ପ୍ରସନ୍ନ ହୁଅ,
ମନ ତୋଷେ ହର୍ଷେ ଉତ୍ତର ଦିଅହେ ।। ୩ ।।

ଶୁଣି ଏହା ବୋଲେ ଲଙ୍କ ସାଇଁ, ଭାବ ବିନୋଦିଆ ଭାବଗ୍ରାହୀ ।
କେଉଁ ନୀତି ତୁମ୍ଭଙ୍କୁ ଅଜଣା, ଅଛି ଅକିଞ୍ଚନ କରିବ ଜଣାହେ ।
କେବଳ ମୋର ବଢ଼ାଅ ଯଶଃ,
ପଚାର ଯା ଇଛା ଯାନକୀ ଈଶ ହେ ।। ୪ ।।

ଶ୍ରୀରାମ ଙ୍କ ପ୍ରଶ୍ନ

ଏ ସମ୍ମତି ଶୁଣି ରଘୁଶିଷ, ଆନନ୍ଦରେ କରନ୍ତି ପ୍ରକାଶ ।
କେଉଁ ରାଜନୀତି ଅନୁଯାୟୀ, ବିଭୀଷଣ ପରା ସୁଯୋଗ୍ୟ ଭାଇ ହେ ।
ପାଶରୁ ତୁମ୍ଭେ କଲ ଅନ୍ତର,
କହ ତା ହେଉ ମୋ କର୍ଣ୍ଣମନ୍ତର ହେ ।। ୫ ।।

ପୃଥିବୀ ଠାରୁ ଭାରିକେ ବୋଲ, ଜଳଠାରୁ କହ କେ ଉଜ୍ଜ୍ୱଳ ।
କଜ୍ଜଳରୁ ବଳକା କେ କଳା, ଅଗ୍ନିରୁ ଦାହିକା ବଳେ କେ ଭଲା ଯେ ।
ପରମ ଧର୍ମ କିଶ ଜଗତେ,
କେଉଁ ଡଙ୍ଗା ଚଳେ ଏକଳ ପଥେ ଯେ ।। ୬ ।।

Digitized by PPRACHIN, SOA



ପ୍ରଭୁ ରାମଙ୍କର ରାଜନୀତି ବିଶାରଦ ରାବଣଙ୍କ ଠାରୁ ରାଜନୀତି ଶିକ୍ଷା

Digitized by PPRACHIN, SOA

ଏହା ପରେ ଶୁଣ ଲଙ୍କାପତି, ଶୁଭାଶୁଭ କାହାକୁ କହନ୍ତି ।
ସୁଖୀ କିଏ ଏମର୍ତ୍ତ୍ୟ ମଣ୍ଡଳେ, ଆଶ୍ଚର୍ଯ୍ୟ କଥାକି ଦେଖିଛ ଡୋଳେ ହେ ।
କାହାକୁ ପନ୍ଥା'ବାର୍ତ୍ତା କହନ୍ତି,
କହ ଯାହା କରିଛ ଅନୁଭୂତି ।। ୭ ।।

ରାମ ମୁଖୁ ଏପରି ଭାରତୀ, ଶୁଣିବ ରକ୍ଷ ନଥିଲା ଚିନ୍ତି ।
ତତ୍ କାଳେ ହୋଇଣ ତତପର, ପୂତମନେ ତତ୍ତ୍ୱେ ଦିଏ ଉତ୍ତର ଯେ ।
ମୋ ଅଭିଶାପ ମୁକ୍ତିର କଥା,
ସର୍ବଦା ମନରେ ଦେବାରୁ ବ୍ୟଥା ହେ ।। ୮ ।।

ମହୀସୁତା ଜଗତ ଜନନୀ, ଅପହରଣେ ଆଣିଲି ଜାଣି ।
ଜନ୍ମି ସ୍ରଷ୍ଟାର ଚାରି ପୁରୁଷେ, କାଳି ଲଗାଇଲି ବଂଶର ଯଶେ ହେ ।
ଆପଣ ସିନ୍ଧୁ କୂଳେ ପ୍ରବେଶ,
ହେଉ ମୋର ଦମ୍ଭ ହୋଇଲା ନାଶ ହେ ।। ୯ ।।

ସାମେ ତୁମ୍ଭ ପରିଚର୍ଯ୍ୟା ପାଇଁ, କାହାକୁ ବାଛି ପାରିଲି ନାହିଁ ।
ତୁମ୍ଭର ସହିତ ଯୋଗାଯୋଗ, ପାଇଁ ବିଭୀଷଣେ ପେଶିଲି ଆଗ ହେ ।
ତା ପ୍ରତି ଅତ୍ୟାଚାର ହୋଇଛି,
ତଥାପି ସେ ମୋର ମଙ୍ଗଳଇଛି ।। ୧୦ ।।

ଯାହା ଦ୍ୱାରା ମୋର ମୁକ୍ତି ହେବ, ତାହା ବ୍ୟବସ୍ଥା କରିଲା ସର୍ବ ।
ଆଉ କିଏ ଅଛି ତହାପରି, ଶେଷେ ପାଦେ କରୁଅଛି ଗୁହାରି ।
କରରେ ଶର ବକ୍ଷୁ କାଢ଼ିବ,
ଯାହା ପଚାରିଛ କହୁଛି ସର୍ବହେ ।। ୧୧ ।।

ପୃଥିବୀରୁ ଭାରି ମର୍ତ୍ତ୍ୟେ ପାପ, ଜନ୍ମୁ ଉଜ୍ଜ୍ୱଳ କୀର୍ତ୍ତି କଳାପ ।
ଭବେ କଳଙ୍କ କଜ୍ଜ୍ୱଳୁ କଳା, ଅଗ୍ନିଠୁ କ୍ରୋଧାଗ୍ନି ଦହଇ ଭଲା ହେ ।
ସତ୍ୟହିଁ ପରମ ଧର୍ମ ନେତ,
ଜଳେ ଚଳେ ଧର୍ମ ଡଙ୍ଗୀ ସନ୍ତତ ହେ ।। ୧୨ ।।

ଅଶୁଭେ କାଳ ହରଣ ଶୁଭେ, ଶୀଘ୍ର କାର୍ଯ୍ୟ କରାଇବ ଲାଭେ ।
ଋଣୀ ନୋହିଁ ନଯାଇ ପ୍ରବାସେ, ମଧ୍ୟାହ୍ନେ ଶାକାନ୍ନ ପାଏ ଯେ ବାସେ ହେ ।
ତା ପରି ସୁଖୀ ନାହିଁ ସଂସାରେ,
ଆଶ୍ଚର୍ଯ୍ୟ କଥା ଯା ଶୁଣନ୍ତୁ ଧୀରେ ଯେ ।। ୧୩ ।।

ମର୍ତ୍ତ୍ୟେ ଜନ୍ମି ମରଣ ନିଶ୍ଚିତ, ଜାଣି ଚିରଜୀବୀ ପରି ଚିତ୍ତ ।
ଦାରାଧନ ଅରଜନେ ମତି, ନିମଜ୍ଜେ ଆଶ୍ଚର୍ଯ୍ୟ କଥା ଏ ଅତି ହେ ।
ପନ୍ଥା ଯା' କହେ କରଶ୍ରବଣ,
ଗମନ୍ତି ଯେ ପଥେ ମହତଜନ ହେ ।। ୧୪ ।।

Digitized by PPRACHIN, SOA

ତୁଣ୍ଡ ବାର୍ତ୍ତା ବାର୍ତ୍ତା ବୋଲି କହି, ଅନୁଭବ କଥା ଶୁଣ ରହି ।
ଆଳସ୍ୟ ତେଜିଣ ଯାହା ବର୍ଜ୍ୟ, କରିବ ବର୍ଜନ ସଦା ସେ କାର୍ଯ୍ୟ ହେ ।
ହେଳାରୁ ମୋର ବୁଡ଼ିଛି ଭେଳା,
କହୁଛି ଶୁଣ ତା କୌଶଲ୍ୟା ବଳା ହେ ।। ୧୫ ।।

ଦିନେ ମୁଁ ଦିଗ ବିଜୟ କରି, ଯାଇ ଦେଖିଲି ସମନପୁରୀ ।
ତିନି ଦ୍ୱାରେ ସାଧୁଏ ଅଛନ୍ତି, ଦକ୍ଷିଣ ଦ୍ୱାରରେ ପାତକୀ ପନ୍ତି ଯେ ।
ଚୌରାଶି ସହସ୍ର ନର୍କ କୁଣ୍ଡେ,
ଅଧର୍ମ କର୍ମରୁ ଷଡ଼ନ୍ତି ଦଣ୍ଡେ ଯେ ।। ୧୬ ।।

ଡାକନ୍ତି କରିବା ପାଇଁ ତ୍ରାହି, ଯମଦୂତେ ତା ଶୁଣନ୍ତି ନାହିଁ ।
ତାହା ଦେଖି ଦୟା ହେଲା ମନେ, ବିଚାର କରିଲି ବସି ସ୍ୟନ୍ଦନେ ଯେ ।
ପୋତାଇ ଦେବି ନରକକୁଣ୍ଡ,
ପାପୀ ନଭୋଗିବେ ଆଉ ଏ ଦଣ୍ଡ ଯେ ।। ୧୭ ।।

ପୁଣି ଦେଖି ଯମର ବିଚାର, ଶୁଣି କ୍ରୋଧମନେ କଲି ସ୍ଥିର,
କାଳ ପାଶ ଦଣ୍ଡ ନେଇ କାଢ଼ି, ଶମନ ଚରଣେ ଲଗାଇ ବେଡ଼ି ଯେ ।
କାରାରେ ଦେଇ ସାଧିବି ଦାଉ,
କାଳ ସରିଲଣି ନ ହେଲା ଆଉ ଯେ ।। ୧୮ ।।

ଆଉ ଏକ କଥା ଶୁଣି ବୀର, ଲୁଣି ସିନ୍ଧୁମଧ୍ୟେ ମୋର ପୁର ।
ଭାବିଥିଲି କ୍ଷୀର ସିନ୍ଧୁ ଆଣି, ଦୂରେ ପଠାଇବି ଏ ଲୁଣି ପାଣି ଯେ ।
ପୃଥିବୀ,ସ୍ୱର୍ଗ, ସପ୍ତ, ପାତାଳ,
ମୋ ଅଧୀନ ହୋଇଥାନ୍ତା ସକଳଯେ ।। ୧୯ ।।

ମନ କଥା ମନରେ ରହିଲା, ହେଳା ବଶୁ କାଳାତୀତ ହେଲା ।
ପୁତ୍ର ନାତି ସମସ୍ତେ ମଲେଣି, ଆଉକି ସେ କାର୍ଯ୍ୟ ହୋଇବ ପୁଣି ଯେ ।
ସ୍ୱର୍ଗକୁ ଯାଇ ଦେଖିଲି ଦିନେ,
ସୁଖେ ରହିଛନ୍ତି ଦେବତା ମାନେ ଯେ ।। ୨୦ ।।

ମର୍ତ୍ତ୍ୟବାସୀ ନାନା କଷ୍ଟ ସହି, ସେ ପୁରକୁ ନ ପାରନ୍ତି ଯାଇ ।
ମନେ ମନେ କରିଲି ବିଚାର, ବିଶ୍ୱକର୍ମା ଡାକି ବାନ୍ଧି ବିଚାର ଯେ ।
ମରତ ବାସୀ ଯିବେ ସରବେ,
ହେଳା ବଶୁ ନ ହୋଇଲା ତା ଲବେ ।। ୨୧ ।।

ଭଲ କଥା ହେଳା କଲି ଦେଖି, ସଳ କଥା କହୁ ସୂର୍ପନଖୀ ।
ଅପହୃତ କଲି ସୀତା ଯାଇ, ଶୋକ କରଇ ସ୍ୱବଂଶ ମରାଇଯେ
ଏକଥା ହୃଦେ ଦୃଢ଼ କରିବ,
ଅଶୁଭ ଛାଡି ଶୁଭ ଆଚରିବ ହେ ।। ୨୨ ।।

Digitized by PPRACHIN, SOA

କର ମନ କାମନା ପୂରଣ, ଅପେକ୍ଷାରେ ଥିବ କୁମ୍ଭକର୍ଣ୍ଣ ।
ତୁମ୍ଭ ସେତୁ ପ୍ରତିଷ୍ଠା ସମୟ, ବରକଥା ଏବେ କରନ୍ତୁ ଲୟ ଯେ ।
ବୋଲନ୍ତି ଶୁଣି ରଘୁନାୟକ,
କରେ କାଢ଼ିବା ବିନ୍ଧିବା ଶାୟକ ହେ ।। ୨୩ ।।

ମନ୍ଦୋଦରୀ ଶୋକ

ଏହି ସମୟରେ ମନ୍ଦୋଦରୀ, ସ୍ୱାମୀ ଘାତ ବାର୍ତ୍ତାପାଇକରି ।
କାନ୍ଦି କାନ୍ଦି ପୁରରୁ ବାହାର, କେଶବାସ ଅସମ୍ଭାଳ ତାହାର ଯେ ।
ରୋଦନ ଜଳେ ବସନ ବୁଡି,
ପଡି ଚୁଡି କୋଡି କଦନେ ରଡି ଯେ ।। ୨୪ ।।

ବୋବାଳି ଛାଡି ବୋଲଇ ଧନ, ତୂଳି ତଳ୍ପେ ନକର ଶୟନ ।
ରଣେ ଆସି ଆଗ୍ରହ ବଢ଼ାଇ, ବିଗ୍ରହକୁ ଦେଉଅଛ ଗଡାଇ ହେ ।
ଆଉ ଏ ଜୀବେ କେଉଁ କାରଣ,
ସରିଲ ଏ ସୁଖ ଲୋଡା ମରଣ ।। ୨୫ ।।

ପରିଶେଷେ ଦେଖି ରଘୁରାଣ, ବୋଲେ ଏକି ଭକ୍ତ ବନ୍ଧୁ ପଣ ।
କେଉଁ ଦୋଷୁ ଏ ଦଣ୍ଡ’ ବିହିକି, ପତିତା କରାଉଛନ୍ତି କାହିଁକି ଯେ ।
କି ଅପରାଧ ଦେଖି ମୋହର,
ସୁବିଚାର ବନ୍ତ ବିଚାର କର ଯେ ।। ୨୬ ।।

ମନ୍ଦୋଦରୀ ଶୋକ ସାଗରରେ, ଭାଷି ରାମ ପ୍ରକାଶନ୍ତି ଧୀରେ ।
କରାଇବା ସତୀ ଶିରୋମଣି, ବିଳାପ ନକର ମୟ ଦୁଲଣୀ ଯେ ।
ଶୁଣିତା, ଦଶାନନ ବ ନିତା,
ଗୁଣି ନାନାକଥା କରାଇ ଚିନ୍ତା ଯେ ।। ୨୭ ।।

ସୁଗ୍ରୀବଙ୍କୁ ତାରା ଦେଇ ସତୀ, କଲା ପରି ମୋତେ ରଘୁପତି ।
ଧରାଇବେ ବିଭୀଷଣ କର, ଏପରି ସତୀତ୍ୱ କି ଲୋଡା ମୋର ଯେ।
ତ୍ରିପୁର ଜୟୀ ଲଙ୍କା ଅଧୀଶ,
ହାତ ଧରି କାଳ ନ ହେଲା ଶେଷ ଯେ ।। ୨୮ ।।

ଇନ୍ଦ୍ରଜିତ ପରି ପୁତ୍ର ମଲା, କି ବୋଲିବେ ମର୍ତ୍ତ୍ୟବାସୀ ଭଲା ।
ଜନନୀ ହୋଇବା ଅଧିକାର, ନ ରହିବ ନିନ୍ଦିବେ ନାରୀ ନର ଯେ ।
ବୋଲିବେ ମାତା ନୁହେ ପିଶାଚୀ,
କି ଲାଭ ହେବଏ ପ୍ରସଙ୍ଗ’ ମୁଞ୍ଚି ଯେ ।। ୨୯ ।।

ବିପ୍ରକୁଳେ ଏହି କଥା ନିନ୍ଦା, ଆନ ପତି ଅବିଧି ସର୍ବଦା ।
ଏପରି ଲଙ୍କନାଥ ରମଣୀ, ଭାବୁ ରାମ ଅନ୍ତଃ ସ୍ମରଣ ଜାଣି ଯେ ।
ବୋଲନ୍ତି ଜାଣିଲି ତୁମ୍ଭ ମର୍ମ୍ମ,
ଜାତ ମୋର ପାଳିବା ପାଇଁ ଧର୍ମ ଯେ ।। ୩୦ ।।

Digitized by PPRACHIN, SOA

ମର୍ଯ୍ୟାଦା ପୁରୁଷୋତ୍ତମ ନାମ, ବହୁ ମର୍ଯ୍ୟାଦାରେ ପାଳିକାମ ।
ବାଳି ବଧି ସେ ତାରାଙ୍କୁ ମିତ୍ରେ, ପ୍ରଦାନ କରିଛୁ ବଂଶାନୁଗତେ ଯେ ।
ତୁମ୍ଭର ବଂଶ ସେପରି ନୁହଁ,
ବୃଥା କଥା ଚିନ୍ତି କରି ସନ୍ଦେହ ଯେ ।। ୩୧ ।।

ବିପ୍ରକୁଳେ ଥୁଆ ଥୋଇ ଘର, କରାଇଲେ ତା ଶିଖିବେ ନର ।
କି ମର୍ଯ୍ୟାଦା ରଖିବ ମୋ କର୍ମ, ବେଳୁ ବେଳ ସିନା ହେବ ଅଧର୍ମ ଯେ
ତାହାର ବିହିତ ପ୍ରତିକାର,
କରିବା ସୁଜ୍ଞାନେ କରି ବିଚାର ଯେ ।। ୩୨ ।।

ତୁମ୍ଭ ସତୀତ୍ୱ କାର୍ଯ୍ୟ କାରଣ, ପ୍ରସଙ୍ଗ କହୁଛି ଧୈର୍ଯ୍ୟେ ଶୁଣ,
ଭୌତିକ ଦେହେ ଅତୀତ କଥା, ଜୀବ ଜାଣିନ ପାରନ୍ତି ସର୍ବଥା ଯେ ।
ପୂର୍ବରୁ ତୁମ୍ଭ ପତି ଅମୃତ,
ନାଭି ଚକ୍ରେ କରାଇଥିଲେ ସ୍ଥିତ ଯେ ।। ୩୩ ।।

ଏଣୁ ଯଶଃ ଦେହେ ସେହି ଯିବେ, ଜାତିସ୍ମର ଅଟନ୍ତି ସେ ଭବେ
ଶାପୁ ତାଙ୍କ ଜନ୍ମ ବାରମ୍ବାର, ମର୍ତ୍ତ୍ୟରେ ହେବାକୁ ହୋଇଛି ସ୍ଥିର ଯେ ।
ନିଜର କର୍ମ ଧର୍ମ ସ୍ୱଫଳେ,
ଜାତ ହୁଏ ଉଚ୍ଚ ବା ନୀଚ କୁଳେ ।। ୩୪ ।।

ଜାତି ସ୍ମର ହେତୁ ସେ ଲଙ୍କେଶ, ଜାଣୁଛନ୍ତି ଆଗତ ଭବିଷ୍ୟ ।
ସେ ଭବ ଭୂତଙ୍କ ପରକାର, ଭୂତକି ହୋଇବେ ବିଚାର କରଯେ ।
ମୁଁ ଅବିନାଶୀ ସଭିଙ୍କ ଚିତ୍ତେ,
ସେ ନାଶ ହେବେକି ଚିହ୍ନିଣ ମୋତେ ।। ୩୫ ।।

ମୁଁ ଦେବ ସେ ଦେବତ୍ୱ ପ୍ରାପ୍ତିରେ, ଯଶଃ ଦେହେ ଯିବେ ବୈକୁଣ୍ଠରେ ।
ଦେବଯାନେ ଭବେ ନୋହି ଚ୍ୟୁତ, ଯେଣୁ ମୁଁ ନାମ ବହିଛି ଅଚ୍ୟୁତ ଯେ ।
ତଥାପି ଶୁଣ ମୋହର କଥା,
ସ୍ଥିର ନୁହେ କିଛି, ସଂସାର, ବୃଥା ।। ୩୬ ।।

ବିଗତ ଜନ୍ମର କର୍ମଫଳେ, ଜୀବ ପଡନ୍ତି କାଳ କବଳେ ।
ତୃଷାର୍ତ୍ତ ପୁଷ୍କରିଣୀକୁ ଯାଇ, ତୃଷା ମେଣ୍ଟାଇ ଯେ ଭାବେ ଫେରଇ ଯେ ।
ସେପରି ଏହା ଗତାନୁଗତ,
ସେ ପୁଷ୍କରିଣୀକି ହୁଏ ତାରତ ଯେ ।। ୩୭ ।।

ଲୋକ ଚଳଣିରେ ରାଜମାତା, ହେବ ଭଲେ ରହିଥିବ କଥା ।
ସରମା ସଙ୍ଗରେ ଅଭିଷେକ, ହେବ ବିଭୀଷଣ ରାଜ୍ୟ ପାଳକ ଯେ ।
ବିବେକି ତୁମ୍ଭେ ସବୁତ ଜାଣ,
କି ବୁଝାଇବି ବା ଦେଇ ପ୍ରମାଣ ଯେ ।। ୩୮ ।।

Digitized by PPRACHIN, SOA

ଭାର୍ଯ୍ୟା ଉପମା

ଭାର୍ଯ୍ୟା ପୁରୁଷର ଅର୍ଦ୍ଧ ଅଙ୍ଗ, ଭାର୍ଯ୍ୟା ପୁତ୍ର ପାଇଁ ଲୋଡେ ସଙ୍ଗ ।
ଭାର୍ଯ୍ୟା ଦାସୀରୁ ବଳେ ସେବାରେ, ଭାର୍ଯ୍ୟା ଭୋଜନେ ମାତାଠାରୁ ବଳେ ଯେ ।
ଭାରିଯା ମୂଳ ଧର୍ମ କର୍ମର,
ଭାର୍ଯ୍ୟା ସଂସାର ସିନ୍ଧୁ କରେ ପାର ଯେ ।। ୩୯ ।।
ଭାର୍ଯ୍ୟା ବଡ ଦୟା କ୍ଷମା ଶାନ୍ତି, ଭାର୍ଯ୍ୟା ସହଣିକରେ ଧରିତ୍ରୀ ।
ଭାର୍ଯ୍ୟା ଗୃହେ ଗୃହଲକ୍ଷ୍ମୀ ଭଳି, ଭାର୍ଯ୍ୟା କାର୍ଯ୍ୟେ ସଚିବ ଠାରୁ ବଳି ଯେ ।
ଭାରିଯା ଯୋଗୁଁ ସ୍ୱଦେହେ ପତି,
ଦେବଯାନେ ହେବ ବୈକୁଣ୍ଠ ଗତି ।। ୪୦ ।।
ଏକାଳେ ଶଚୀ ସାବିତ୍ରୀ ତୁଲେ, ବାସବ ବିରଞ୍ଚି ପଚାରିଲେ ।
ଆଲୋଚ୍ୟ ବିଷୟ ବୁଝିଶଚୀ, ପଚାରନ୍ତେ ପ୍ରକାଶିଲେ ବିରଞ୍ଚିଯେ ।
ଶରୀର ମର୍ତ୍ତ୍ୟେ ଦୁଇ ପ୍ରକାର,
ସ୍ଥୂଳ ଶରୀର ଓ ଯଶଃ ଶରୀର ଯେ ।। ୪୧ ।।
ରାବଣ ସ୍ଥୂଳ ଶରୀର, ରାମ ନାଶ ପାଇଁ କଲେକ ସଂଗ୍ରାମ ।
ଏ ଜଗତେ ଅସୁର କେ ନୁହେଁ, ମୁଁ କାର ଅସୁର ଗ୍ରାସନ୍ତେ ଦେହେ ଯେ ।
ମୋହବା' ଅଜ୍ଞାନର ସମ୍ଭୂତ,
ଅହଂଙ୍କାର ହେଲା ସେଥିରୁ ଜାତ ଯେ ।। ୪୨ ।।
ସାଧ୍ୟ ସାଧନା ଫଳ ପ୍ରବୃତ୍ତି, ଅଂହକାରର ଆୟୁଧ ପଂକ୍ତି ।
ସମୂଳେ ସେ ନ ହେଉ ବିନାଶ, ଐଶ୍ୱର୍ଯ୍ୟକୁ ଧୀରେ କରଇନାଶ ଯେ ।
ରାବଣ ଯାଇ ଆଣିଲା ସୀତା,
ଏବେ ହୃଦେ ଉଦେ ଜ୍ଞାନ ଦେବତା ଯେ ।। ୪୩ ।।

ଅଷ୍ଟାଦଶ ବିଦ୍ୟା

ଅଷ୍ଟାଦଶ ବିଦ୍ୟା ଯାହା ସର୍ବ, ଋକ୍, ସାମ ଯଜୁ ଯେ ଅଥର୍ବ ।
ଶିକ୍ଷ, କଳ୍ପ,ବ୍ୟାକରଣ,ସଙ୍ଗ, ଛାନ୍ଦ,ନିରୁକ୍ତି,ଜ୍ୟୋତିଷ ସଡଙ୍ଗ ଯେ ।
ମୀମାଂସା,ନ୍ୟାୟ,ଧର୍ମ,ସମ୍ପଦ,
ପୁରାଣ, ଆୟୁର୍ବେଦ, ଧନୁର୍ବେଦ ଯେ ।। ୪୪ ।।
ଅସ୍ତ୍ର ବିଦ୍ୟା, ଗନ୍ଧର୍ବ ବିଦ୍ୟାରେ କିଏ ତାଙ୍କ ପରି ହୋଇପାରେ ।
ଆହେ ରାମ ପୂର୍ବ ବର ଚିନ୍ତି, ଉପାଡ ସେ ଶର ଲଭୁ ସେ ଶାନ୍ତି ହେ ।
ଆମର ଆଉ ଶତ୍ରୁତା ନାହିଁ,
ଯଶଃ ଦେହେ ଯାଉ ବୈକୁଣ୍ଠେ ସେହି ହେ ।। ୪୫ ।।
ତୁମ୍ଭେ ସଦା ଅରୂପ ସ୍ୱରୂପ, ତୁମେ ସେ ସଚ୍ଚିଦାନନ୍ଦ ରୂପ ।
ତୁମ୍ଭେ ଜଗତ କାର୍ଯ୍ୟ କାରଣ, ଜୀବ ଜଗତେ ଆତ୍ମା ସନାତନ ହେ ।
ଜାଗ୍ରତ, ସଦା ସ୍ୱପ୍ନ, ସୁଷୁପ୍ତ
ଆଧ୍ୟାତ୍ମିକାଦି ଆଧିଦୈବୀଭୂତ ଯେ ।। ୪୬ ।।

Digitized by PPRACHIN, SOA

ଶିବ ବ୍ରହ୍ମା ସେ ବୃଥା ପୂଜିଲା ତୁମ୍ଭ ଅଧିନ ସେ ଏବେ ବୁଝିଲା
ତୁମ୍ଭେ ଯେ ହୋଇଣ ତିବିକ୍ରମ ଛଳିବଳୀ ବୃଦ୍ଧି କରିଲ ଭ୍ରମ ଯେ
ତୁମ୍ଭ ଅନ୍ତନାହିଁ ହେ ଅନନ୍ତ,
ତୁମ୍ଭେ ଆଦି ଅବ୍ୟୟ, ଅଚ୍ୟୁତ ଯେ ।।୪୭।।
ତୁମ୍ଭ କର ଚରଣ କୌଶଳ କାର୍ଯ୍ୟ କୁ ଜାଣିବା ଅଛି କା ବଳ ଯେ ।
ମୁଁ ରାକ୍ଷସ ମୁରାସୁର ମାରି, ଭବେ ବୋଲାଇଲ ପ୍ରଭୁ ମୁରାରିଯେ ।
ଜନ ଦାନବ କରି ହରଣ,
ଜନାର୍ଦ୍ଦନ ନାମ କଲ ଧାରଣ ହେ ।। ୪୮ ।।
ତୁମ୍ଭ ପଦ ରେଣୁରୁ ଅହଲ୍ୟା, ସ୍ୱଦେହେ ସ୍ୱାମୀ ସଙ୍ଗ ଭୋଗ କଲା ।
ତୁମ୍ଭ ପାଦୋଦକ ପାଇଁ ଦାସ, ସ୍ୱଦେହେ କରିଲା ସ୍ୱରଗେ ବାସ ଯେ ।
ତୁମ୍ଭର ପାଦ ଲାଗନ୍ତେ ଦିନେ,
ସ୍ୱ ଦେହେ ସେ ବଳୀ ଅଧଭୁବନେ ।। ୪୯ ।।
ତୁମ୍ଭ କରେ ବାନ୍ଧି ଫିଙ୍ଗୁଣିଲା, ସାଗର ଗର୍ଭେ ପାତାଳେ ଗଲା ।
ତୁମ୍ଭ କରେ ମହେଶ କୋଦଣ୍ଡ, ଲକ୍ଷେ ରାଜା ଆଗେ ହେଲା ଦିଖଣ୍ଡ ଯେ ।
ତୁମ୍ଭର କର ଲାଗୁ ଏ ଦେହେ ,
ଯିବ ବଇକୁଣ୍ଠକୁ ବିନା ସନ୍ଦେହେ ।। ୫୦ ।।
ହାତୀ ବନେ ଥିଲେ ରାଜାଙ୍କର, ମନ୍ଦୋଦରୀ ଶୁଣି ଏହି ଗୀର ।
ବୋଲେ ସ୍ୱାମୀ ନଥାଇ କେ ଯୋଷା, ରହୁ ଖଳେ କରିବେ ଲୋକ ହସା ଯେ ।
ରହିବ ନାହିଁ କା ମୁଖେ ବାଡ,
ବାକ୍ୟ ଶର ମାରି କାଟିବେ ହାଡ ଯେ ।। ୫୧ ।।
ଧର୍ମ ଅନୁଷ୍ଠାନେ ସାଧୁଜନ, ଦେବେ କିହେ ସତୀର ଆସନ ।
ଶୁଣି ବୋଲନ୍ତି ସାବିତ୍ରୀ ପତି, ଏଥିକି ଚିନ୍ତା ମନେ ନକର ସତୀ ଯେ ।
ଜଗତେ ଯେତେକ ଗୃହୀଜନ,
ଗାର୍ହସ୍ଥ୍ୟ ଧର୍ମରେ ହେବେ ବନ୍ଧନ ଯେ ।। ୫୨ ।।

ସୁଗ୍ରୀବସ୍ୟ ତାରା, ରାବଣସ୍ୟ ମନ୍ଦୋଦରୀ

ଜୀବ ଉପୁନେ ମୁଁ ପ୍ରଜାପତି, ଅଗ୍ନି, ବ୍ରାହ୍ମଣ, ସମ୍ମୁଖେ ଚିନ୍ତି ।
ବିଞ୍ଚକୁଳ ପୁରୋଧା ବ୍ରାହ୍ମଣ, କୌତୁକ ସୂତ୍ର ମନ୍ତ୍ରେ ପଢ଼ିବେ, ଜାଣ ଯେ ।
ସୁଗ୍ରିବସ୍ୟ ତାରା ମହାବାକ୍ୟେ,
ରାବଣସ୍ୟ ମନ୍ଦୋଦରୀ ନିଶଙ୍କେ ଯେ ।। ୫୩ ।।
ଅଛି ଶାସ୍ତ୍ର ମତେ ଚାରିମୁକ୍ତି, ରାମ କର ଲାଗୁ ତୁମ୍ଭେ ପତି ।
ସାଯୁଜ୍ୟ ମୁକ୍ତିରେ ବରାବର, ଯଶଃ ଦେହେ ଯିବେ ବୈକୁଣ୍ଠ ଦ୍ୱାର ଯେ ।
ଏହାତ ରାମାୟଣର କଥା,
ଯାହା ହେଲା ବର୍ଣ୍ଣନ କର ବ୍ୟଥା ।। ୫୪ ।।

Digitized by PPRACHIN, SOA

ଏହା ଶୁଣି ମନ୍ଦୋଦରୀ ତୋଷ, ହୃଦୁ ଶର କାଢ଼ି ରଘୁଶିଷ ।
ଲଙ୍କ ପତିଙ୍କୁ ଆଶ୍ଳେଷ କଲେ, ଯାନେ ନେବାକୁ ଇନ୍ଦ୍ରେ ଆଦେଶ ଦେଲେ ଯେ ।
ବୁଝାଇ ସର୍ବ ଜନେ ରାବଣ,
ଯଶଃ ଦେହେ ଗଲେ ସେ ପୁରେ ପୁଣ ଯେ ।। ୫୫ ।।
କୌଶଲ୍ୟା ନନ୍ଦନ ସୀତାପତି, ସୁବଳ ଶିଖେ କରିଲେ ଗତି ।
ଦୟାନିଧି ତାହାଙ୍କ ଚରଣ, ବନ୍ଦି ଏ ଛାନ୍ଦକୁ କଲା ପୂରଣ ଯେ ।
ୟା ପର ଛାନ୍ଦେ ନିକଷା ଶୋକ,
ଶୁଣ ବୁଧେ ଚିତ୍ତ ହେବ ପୁଲକ ।। ୫୬ ।।

ମାତା ନିକଷାର ଶୋକ

ରାଗ-ବରାଡ଼ି

ଛାନ୍ଦ-୬୫

ଜୀବନର ରଣ ସୁଝି,- ଯାଇଛୁରେ ଯୁଝି ଯୁଝି, ଆସିଥିବା ସ୍ଥାନେ ଆଜି ଧନ,
ତୋ ଜନନୀ ବକ୍ଷଫାଟି, ଯାଉଛି ଜନମ ମାଟି, ବିରହରେ କରୁଛି ରୋଦନ ରେ,
ଜୀବଧନ,, କହନ୍ତି ତୁ ଗଲୁ ବୋଲିସିନା ।।
ନୁହେ ବାହୁଡ଼ା ବିଜୟ, କରି କରି ରଣଜୟ, ଅମରଣ ଏ ଗମନ କିନା ।। ୧ ।।
ସବୁରି ହୃଦୟେ ଆଜି, ରହିଛୁ ଧନ ବିରାଜି, ଜଳ ସ୍ଥଳ, ଅନଳ, ଅନୀଳେ,
ବ୍ୟୋମ ପଞ୍ଚ ମହାଭୂତ, ଦେହ ସିନା ଏଥି ସ୍ଥିତ, ପରମାତ୍ମା ଗଲା ନିଜ ସ୍ଥଳେ,
ରେ ଜୀବଧନ,, ପଦ୍ମ ବନେ ହୋଇଥିଲୁ ଭୃଙ୍ଗ,
କେତେ ବୀର ଯଶଃ ହରି, କେତେ ଗିରି ଥିଲୁ ଚୂରି, ତୋଳି ଥିଲୁ କଇଲାସ ଶୃଙ୍ଗରେ ।। ୨ ।।
ଯୋଗେ ଧାତା ତୋଷୁ ହର୍ଷେ, ବିଜୟ ନିଷାଣକୁ ସେ, ଦେଲେ ବିଶ୍ୱଜୟ କଲୁ ହେଳେ,
ଶେଷେ ସମର ପ୍ରାଙ୍ଗଣେ, ପଡ଼ିଲୁ ବିଘାତେ ରଣେ, ନ ଦେଖି ପାରିଲି ମୁହିଁ ଡୋଳେ,
ରେ ଜୀବନଧନ,, ଦେଖ କାନ୍ଦୁଛନ୍ତି ତାତମାତ ।।
ତୋ ଆଗେ ସେ ଥାନ୍ତେ ଯାଇ, ତୁ-ଆଗେ ଗଲୁ ପଳାଇ, କେ କରିବ ତାଙ୍କ ପ୍ରେତ କୃତ୍ୟ ।। ୩ ।।
ଏପୁରୁ ଗଲୁ ବିଶ୍ରାମ, ପାଇଁକିରେ ଦେବଧାମ, ଶାନ୍ତି ପ୍ରତି ଆଶାକରି ଧନ,
ଆସ ଶ୍ରେଷ୍ଠ ବଂଶଧର, ଆସନତ କର ଶିର, ଅର୍ଘ୍ୟେ ଦିଅ ରାଜାଙ୍କୁ ସମ୍ମାନ,
ହେ ଧର୍ମାଧର୍ମ,, ଭୁଲି କର ଶେଷେ ପ୍ରେମଦାନ ।
ଆସ ସର୍ବଅନିକିନୀ, ଆସ ଆସ ଧନୀ ମାନୀ, ଆସ କୃଷକ ଯାନ୍ତ୍ରିକ ଗଣ ।। ୪ ।।
ଆସହେ ଋତ୍ୱିକ ସାଧୁ, ଆସ ଆସ କୁଳବଧୂ, ଆସିଅଛି ବେଳ ହୁଅଠୁଳ,
ସକଳ ଦୁଃଖକୁ ନିଜ, ଦୁଃଖ ଭାବି ରାଜକାର୍ଯ୍ୟ, ସାଧିଲା ଯେ ଚିତ୍ତେ କରିମୂଳ,
ସେ କର୍ମବୀର,, ଯଶଃ ଗାଥ ସର୍ବେ ଦେଇ ତାଳି ।
ଦେଖୁ ସେ ତାହାର ଜାତି, କରୁଛି ତାର ଆରତି, ହୃଦ ସରସୀରୁ ନୀର ଢାଳି ।। ୫ ।।

Digitized by PPRACHIN, SOA

ସର୍ବେ ଦେଇଣ ସମ୍ମାନ, ବିଭୀଷଣେ ଡାକିଆଣ, ମୂଳ କରି ରାମଚନ୍ଦ୍ର କଥା,
ରାଜା, ରାଜ ସଭା, ତଡି,-ଥିଲା ଯେଣୁ ଆଣୁ ଲୋଡି, ଯିବ ତାର ମନସ୍ତାପ ବ୍ୟଥା,
ସେ ରଖି ଧୈର୍ଯ୍ୟ,, ତୁଲାଇବ ସିନା ରାଜ କାର୍ଯ୍ୟ ।
ଯେଣୁ ମୁଁ ରାଜାର ମାତା, ରଖି ସର୍ବେ ମୋର କଥା, ରାମେ କହି ଆଣ ମୋ ତନୁଜ ।। ୬ ।।

ଶ୍ମଶାନ ଦୃଶ୍ୟ

ଅନଳ ନଳ ସମ୍ପାତି, ହର'ଆଦି ଚାରି ମନ୍ତ୍ରୀ, ବିଭୀଷଣଙ୍କର ଆଗୁ ଥିଲେ,
ନିକଷା ଆଦେଶେ ଯାଇ ରାମଚନ୍ଦ୍ରଙ୍କୁ ଜଣାଇ, ବରି ବିଭୀଷଣଙ୍କୁ ଆଣିଲେ,
ସେ ପଥ ପ୍ରାନ୍ତ,, ଶମଶାନ ଦେଖିଣ ବିକଳ ।
ପୂର୍ବ ଆଙ୍କାଶିରେ ଧରି, ଦାହ କରୁଥିଲେ ଘୂରି, ଶବଦାସ ପରି ଛାତି କୁଳ ।। ୭ ।।
ଆହାକି ବିଭସ୍ତ ଦୃଶ୍ୟ, ପରିକୀର୍ଣ୍ଣ ଚତୁଃପାର୍ଶ୍ୱ ଭୟଙ୍କର ସେ ମଶାଣି ଭୂମି ,
କି ବର୍ଣ୍ଣିବା ତହାକଥା ନୟନେ ପଡନ୍ତେ ବ୍ୟଥା ଜାତ ହୁଏ ମୁଣ୍ଡଯାଏ ଭ୍ରମି
ତା ବିବସ୍ତ ଚିତ୍ର,, ଚିତ୍ତକୁ କରଏ ବ୍ୟାକୁଳିତ
ସେଥିପାଇଁ ପୂର୍ବ ଶୁରୀମାନେ କି ବିଚାର କରି ଏହି ସ୍ଥାନେ ନ କଲେ ଉଦ୍ଧୃତ ।।୮।।
ରାଜା,ପ୍ରଜା,ଦାସଦାସୀ, ଧନୀ,ମାନୀ ପଲ୍ଲୀବାସୀ, କି ସୁନ୍ଦର କି କୁତ୍ସିତ ତହିଁ ।
କୁଞ୍ଜର ରଦ ପର୍ଯ୍ୟଙ୍କ, ଭୋଗୀ,ରୋଗୀ, ଭିକ୍ଷୁରଙ୍କ ସେହିସ୍ଥାନେ କରାଇ ଭୂଶାୟୀ,
ସେ ସମଦଶା,, ସମ ପରିଣତି ସଭିଙ୍କର ।
ସ୍ରୋତେ ପଡି ତରୁକୁଞ୍ଜ, କୁଟଜ ଉଟଜ ପୁଞ୍ଜ ଯଥା ଆଶ୍ରେ ଶେଷେ ପାରାବାର ।। ୯ ।।
ନଭ ମଣ୍ଡଳୁ ମଣ୍ଡଳା,- କାରେ ଗୁଧ୍ରେ କିଳି କିଳା, ରାବେ ଅବତୀର୍ଣ୍ଣ ଶବପରେ,
ଚଞ୍ଚୁ ପୁଟେ ମଂସ ମେଦ, ଭକ୍ଷି ପରସ୍ପର ବାଦ କରୁଥାନ୍ତି ଶୋଣିତ ଚଞ୍ଚୁରେ,
ସେ କେତେବେଳେ,, ଆହୁଲାଇ ଆହୁଲାଇ ପକ୍ଷ,
ନିକଟୁ ନିକଟେ ଧାଇଁ, ବାୟସଙ୍କୁ ଘଉଡାଇ, ଆରୋହନ୍ତି ଲକ୍ଷେ ଶବ ବକ୍ଷ ।। ୧୦ ।।
ଶ୍ୱାନାଦି ଶୃଗାଳ କୁଳ, ଚଉଦିଗେ ମାଳ ମାଳ, ପ୍ରତିରାତବ ଭୟ ଉପୁଜଇ,
ଜଳେ ଚିତା ଅଗ୍ନି କାହିଁ, ମସ୍ତକ ମେଦ ଫୁଟଇ, ଦଗ୍ଧ କେଶ ଗନ୍ଧ ବାତ ବହି,
ସେ ଠାବେ ଠାବେ, ପଡିଛନ୍ତି ଶବ ରାଶି ରାଶି ।
କେଉଁଠି ପେଚକପନ୍ତି, ରାବି ଉପୁଜାନ୍ତି ଭ୍ରାନ୍ତି, କାହିଁ ଧୋବା କାଠ ହାଣେ ଆସି ।। ୧୧ ।।
କାହିଁ ମଶାଣି ସାଧନେ, କାପାଳିକ ବସିଧ୍ୟାନେ, ଶବ ପାଶେ ମନ୍ତ୍ରେ ଯନ୍ତ୍ରେ ରତ,
ମଶାଣି ଚଣ୍ଡୀଙ୍କ ତୋଷେ, ସାହାଯ୍ୟ କାରୀତା ପାଶେ ପୂଜାଦ୍ରବ୍ୟ କରଇ ପ୍ରଦତ୍ତ,
ସେ ସ୍ଥାନେ ସ୍ଥାନେ,, କୁଢ଼ କୁଢ଼ ଅଙ୍ଗାର ପାଉଁଶ ।
କାହିଁ ଅସ୍ଥିଗିରି ପରି, କାହିଁ ମସ୍ତକ ଖପୁରି, କୁଲା ମାଠିଆ ପଡିଛି ପାଶ ।। ୧୨ ।।
ଦୂରରେ ପତିତ ଶବେ, ଦେଖି ଲବେ ଚିହ୍ନି କ୍ଷୋଭେ, ସମ୍ବୋଧନେ ବିଭୀଷଣ ଭଣେ,
ମୋ ଆଗୁ ତୁ ଗଲୁ ବାପ, ଲିଭିଲାକୁଳ ପ୍ରଦୀପ, ତୋ ହତରେ ମୁହିଁ ମୁଖ୍ୟ ଜଣେ,
ରେ ମୋର ତରଣୀ,, ତୋର ଶବ ଭୋଜନେ ପ୍ରଚୁର ।
ପ୍ରାଣୀ ଲଭୁଛନ୍ତି ତୃପ୍ତି, ଛିନ୍ନଶିରେ କାକପନ୍ତି, ନେତ୍ର ପୁଟରୁ ଟାଣନ୍ତି ନିକର ।। ୧୩ ।।

Digitized by PPRACHIN, SOA

ଅଶୋକ ବନରୁ ମା' ସୀତାଙ୍କର ରାମଙ୍କ ନିକଟକୁ ପ୍ରତ୍ୟାଗମନ

Digitized by PPRACHIN, SOA

ଅନ୍ତ ପୁଟା ବିଲୁଣ୍ଠିତେ, ଶୃଗାଳେ ଚୋବାନ୍ତି ଦନ୍ତେ, ପୁଷାଙ୍ଗ ଶ୍ୱାନ ଖାଏ ମୋଡି,
କମ୍ପଇ ସମଗ୍ର ଧଡ, କାମୋଡା ବିଘାତେ ଭିଡି, ହୋଇ ନାଡ ଏଣେ ତେଣେ ମେଡି,
ରେ ଷଢ଼ି ମୃଦୁ,, ହେବ ବୋଲି ତୋର ଅଙ୍ଗ ମାଂସ ।
ଚତୁଃପାର୍ଶେ ବେଢ଼ ଦେଇ, ଜଗିବା ପରାଏ ରହି, ଭୁଞ୍ଜୁଛନ୍ତି ସେ ଗୃଧ୍ର ବାୟସ ।। ୧୪ ।।
କ୍ରୁର ଶମନ ବିଚାରେ, ସାର୍ଥକ ତୋ ପିଣ୍ଡକିରେ, ହୋଇ ଲାଗିଛି ଏ ମହୋତ୍ସବ,
ଆହା ଏହା ଦେଖି ଭବେ, କେ ଜୀବ ଧରିବ ଲବେ, ନିୟତି ଶାସନେ ହୁଏ ସର୍ବ,
ରେ ଦୁଃଖି ଧନ,, କି ଥିଲୁ ତୁ କି ହୋଇଛୁ ଆଜ ।
ନାନାଦୃଶ୍ୟ ଏହି ପରି, ବିଭୀଷଣ ଦେଖିକରି, ଧୈର୍ଯ୍ୟ ନଧରି ହୁଏ ଅଧୈର୍ଯ୍ୟ ।। ୧୫ ।।
ଦେଖୁ ମାତା ନମୁଁ ପଦେ, ଦୁଃଖେ ସେ କହନ୍ତି ହାଦେ, ଯାହା ହେବା କଥା ହେଲା ବାବୁ,
ଏ ରାଜ୍ୟ ଭାର ସମ୍ଭାଳ, ଅନାଥ ନ ହେଉ କୁଳ, ପୂର୍ବ କଥା ମାନ ଛାଡି ସବୁ,
ସେ ବିଭୀଷଣ,, ଶୁଣି ତାହା ଦିଅନ୍ତି ଉତ୍ତର ।
ପବିତ୍ର ଲଙ୍କା ଭୁବନ, ଅପବିତ୍ରେ ହିନିମାନ, ହୋଇଅଛି ଶୋଣିତେ ଜର୍ଜର ।। ୧୬ ।।
ମନେ ମୋ ଆସନ ପାଇଁ, ତିଳେମାତ୍ର ଲୋଭ ନାହିଁ, କେବଳ ପ୍ରଭୁ ଆଦେଶ ମାନି,
ଆସନେ ବସିବି ମାତା, ଏବେ କଲେ ତା ଧୃଷ୍ଟତା, ହେବ କ୍ଷମା ନଦେବ ଅବନୀ,
ସେ ସୀତାସତୀ,, ଦୁଃଖେ ଥିବେ ଅଶୋକ ବିପିନେ ।
ହୋଇବି ମୁଁ ଅଭିଷେକ, କି ବୋଲିବେ ଶୁଣି ଲୋକ, ସୁଗ୍ରୀ ହନୁ କି ଭାବିବେ ମନେ ।। ୧୭ ।।
ଲଙ୍କାର ସୁମନା ଗଣ, ଅଶୋକ ବନେ ଯାଇଣ, ସୀତାଙ୍କୁ କରାନ୍ତୁ ବିଭୁଷଣ,
ହାନ୍ଦୋଳେ ବିଜେ କରାଇ, ସୁବଳ କାନନେ ନେଇ, ବିଭୁପଦେ କରିଣ ଅର୍ପଣ,
ସେ ସୀତା ରାମ,, ଡକାଇବା ହୋଇଣ ନିଶଙ୍କ ।
ଲାଗୁ ଉଭୟ ଚରଣ, ପୂତ ହେବ ସିଂହାସନ, ତାପରେ ହେବ ମୋ ଅଭିଷେକ ।। ୧୮ ।।
ଏଣେ ଜାନକୀ ନାୟକ, ଚିନ୍ତି ବନବାସ ଦୁଃଖ, କହନ୍ତି ସୁଗ୍ରୀବେ ଏହି କଥା,
ବିଭୀଷଣ ଗଲେ ଚାଲି, ରାବଣ ଆଣିବା ଭଳି, ସୀତା ଆଣିବାଟା ଦେବ ବ୍ୟଥା,
ସେ ରୋମାପତି,, ଏହି କଥା ଶୁଣିଣ କହନ୍ତି ।
ମାତାଙ୍କୁ ନ' ସମର୍ପିଣ, ବିଭୀଷଣ କି ରାଜନ, ହୋଇବେ ମନରେ ଭାବୁଛନ୍ତି ।। ୧୯ ।।
ଲେଖକ ଭାବନ୍ତି ମନେ, ଯା'ମନ ଯେପରିକନେ, ସାହା ହୋଇ ତାହା କରେ ବିଧି,
ରଣେ ବିଜୟ ଖବର, ବୈଦେହୀଙ୍କୁ ହନୁବୀର, ଦେଇ ଆସୁ ଆଗେ' ମନ ବୋଧି ।
ସେ ଭାବଗ୍ରାହୀ,, ଭାବରୁ ଜାଣି ଲେଖକ ମନ ।
ଡାକି ଅଞ୍ଜନା ନନ୍ଦନେ, ପେଶିବେ ଅଶୋକବନେ, ଆଗଛାନ୍ଦେ ଏ ଛାନ୍ଦ ସମ୍ପୂର୍ଣ୍ଣ ।। ୨୦ ।।

Digitized by PPRACHIN, SOA

ସୀତାଙ୍କ ନିକଟକୁ ବାର୍ତ୍ତା ପ୍ରେରଣ

(ରାଗ-ଚୋଖି) ସିଂହାବଲୋକନ ଶୃଙ୍ଖଳା, ଛାନ୍ଦ-୬୬

ଯାଅ ହେ ପବନ ସୁତ, ସୁରକୁଳ ବଧୂ କୁତ, କୁ'ତର୍କ ବିହୀନେ ଦତ୍ତ କର ଖବର ।
ବରଦା ଦୁଃଖରେ ଥିବ, ଥିବକି ନଥିବ ଜୀବ, ଜୀବନ ପ୍ରାପତ ହେବ ଶୁଣି ନିକର ।
କରକ ରଦନୀର ଦଶା,, ଦଶାନନ ଦଶା ଶୁଣି ଯିବ ସହସା ।।୧।।
ହଂସା ରଖିବ ଭାଷିବ, ଶିବ ପ୍ରିୟାହେତୁ ସର୍ବ, ସର୍ବ ସଂହାରେ ସମ୍ଭବ ଆଜି ହୋଇଛି ।
ଇଛିବାରୁ ବିଂଶ ହସ୍ତ, ହସ୍ତ ବିନ୍ୟସ୍ତି ସମସ୍ତ, ମସ୍ତ ବଡ କଥା ରଖି ପଠାଇ ଅଛି ।
ଅଛି ଆଉ କିଜାଣେ ବିଧି,, ବିଧି ବିଧାନ ଯା ଥିଲା ହେଲା ଅବିଧି ।। ୨ ।।
ବଧି ବାଳି' ବାଳି ସୁତ, ସୁତକୁ କରୁ ଅର୍ପିତ, ପ୍ରିତ ହୋଇ ମିତ୍ର ହିତ ହେବାକୁ ହରି ।
ହରିସୁତ ସଙ୍ଗେ ଧରି, ଧରିତ୍ରିରେ ବାଇତୁରୀ ତୁରିତେ ଶୁଝିଲେ ରଣ ରାକ୍ଷସ ମାରି ।
ମା' ରୀତିନୀତିରେ ନିଦାନ,, ଦାନ ଅର୍ଥେ ବାର୍ତ୍ତା ପେଶିଲେ ରଘୁରାଣ ।। ୩ ।।
ରାଣ ଗୀରେ କି ଉତ୍ତର, ତୁରଳା ନୟନାବର ବରଷିବ ଶିବ ହେବ ଭବେ ମୋହର ।
ହର ସୁତ ଶୁଣି ବଶ ବସନ୍ତ ବାତ ସଦୃଶ, ଦୃଶ୍ୟ ହେଲା ଯାଇ ଅଶୋକ କାନନର ।
ନାର କାରି କହିବା କଥା,, କଥା କଥାକେ କହିଣ ହରାଉବ୍ୟଥା ।। ୪ ।।
ବ୍ୟଥା ହରୁ ପାଇଜୀବ, ଜୀବଧବକଥାସର୍ବ, ଶର୍ବରୀଶ ମୁଖୀ ଚିନ୍ତା କରନ୍ତି ମନେ ।
ମନେ କିକି ଭାବିପତି, ପତିତାକୁ ନଡକାନ୍ତି କାନ୍ତିକି ଦେଖିବ ନେତ୍ର ବିଧାତା ଜାଣେ ।
ଜାଣେ ହନୁ ଜାନକୀ କହି,, କହିବ ଆଦେଶକୁ ମୁଁ ରହିଲି ଚାହିଁ ।। ୫ ।।
ଚାହିଁ ସେ ମନକୁ କଳ୍ପି, କଳ୍ପି ଦୟାନିଧି ଜଳ୍ପି, ଜଳ୍ପିଲା ମାରୁତି ସର୍ବରାମ ନିକଟ ।
କଟକରୁ ରକ୍ଷ ନାରୀ, ନାରୀ ସୁଳଭେ ବାହାରି ହାରିବେ ଅସ୍ତ୍ରୀ ବସୁ ଯନ୍ତ୍ର ଶକଟ ।
କଟକଟ ଶବ୍ଦରେ ଗଲା,, ଗଲା ଦୁଃଖ ସୀତାଙ୍କୁ ତ୍ରିଜଟା କହିଲା ।। ୬ ।।

ମାସ ପାରାୟଣ ୨୫ ବିଶ୍ରାମ

ଅଶୋକ ବନରୁ ସୀତାଙ୍କ ଆଗମନ

ରାଗ-ଶୋକ କାମୋଦୀ ,

ଛାନ୍ଦ-୬୭

ଏଥୁଅନ୍ତେ ଯାହା ହୋଇଲା ଶୁଣ,, ହେ ସାଧୁଜନେ,, ଉମାଙ୍କୁ କହନ୍ତି ଫଣୀ ଧାରଣ ହେ ସାଧୁଜନେ । ।।୧।।
ବଲ୍ଲଭ ଦୁର୍ଲ୍ଲଭ ସନ୍ଦେଶ ପାଇ ,, ହେ ସାଧୁଜନେ,, ଇଷିତ ହରଷେ ଥିଲେ ବୈଦେହୀ ହେ ସାଧୁଜନେ । ।।୨।।
ଏହି କାଳେ ଲଙ୍କା ରମଣୀ ଗଣ,, ହେ ସାଧୁଜନେ,, ସୀତାଙ୍କୁ କରାନ୍ତି ବେଶ ଭୂଷଣ ହେ ସାଧୁଜନେ । ।।୩।।
ମାର୍ଜନା କରାଇ ବାସ ପିନ୍ଧାଇ ,, ହେ ସାଧୁଜନେ,, ନାନା ଅଳଙ୍କାର ମଣ୍ଡିଲେ ନେଇ ହେ ସାଧୁଜନେ । ।।୪।।
ପତିଙ୍କ ଦର୍ଶନେ ଯିବା କହିଣ,, ହେ ସାଧୁଜନେ,, ବସାଇଲେ ନେଇ ସେ ସୁଖାସନ ହେ ସାଧୁଜନେ । ।।୫।।
ସମୁଦ୍ର ଲହରୀ ମଧ୍ୟରୁ ଶିରୀ,, ହେ ସାଧୁଜନେ,, ବାହାରିବା ପରି ମହୀକୁମାରୀ ହେ ସାଧୁଜନେ । ।। ୬ ।।

Digitized by PPRACHIN, SOA



ବିଭୀଷଣଙ୍କ ସ୍ତ୍ରୀ ସରମା, ସୀତାଙ୍କୁ ଅଶୋକାଷ୍ଟମୀ ବ୍ରତ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି

Digitized by PPRACHIN, SOA

ଆସୁ ସରମା ସ୍ନେହ ସମ୍ଭାବନା,, ହେ ସାଧୁଜନେ,, ଭାବିଣ ବୋଲନ୍ତି ମହୀନନ୍ଦନା ହେ ସାଧୁଜନେ । ॥ ୭ ॥
ଶୟନ, ଅସନ, ବସନ, ବେଶ,, ଆହେ ସରମା ,, ଛାଡିଥିଲ ମୋତେ ସେବି ସର୍ବସ୍ୱ ଆହେ ସରମା । ॥ ୮ ॥
ମୋ ଦୁଃଖରେ କିଏ ହୋଇବ ଦୁଃଖୀ,, ଆହେ ସରମା,, ଦେଖିବକି ଆଉ ଏ ପାପ ଆଖି ଆହେ ସରମା । ॥ ୯ ॥
ସରଳ ନୟନୁ, ତରଳ ଲୁହ,, ହେ ସାଧୁଜନ,, ବୁହାଇଲା ହୃଦୁ ଉଠିଲା କୋହ ହେ ସାଧୁଜନେ । ॥ ୧୦ ॥
ଶୁଣିଣ ସରମା ସ୍ନେହ ସୁମରି ,, ମହୀ ମଣ୍ଡନା,, ବୋଲନ୍ତି ଛାଡ଼ି ରହିବି କିପରି ମହୀ ମଣ୍ଡନା । ॥ ୧୧ ॥
ଏ ଜୀବେ ଏତିକି ଦର୍ଶନ କିନା ,, ମହୀ ମଣ୍ଡନା,, ଗତି ରହିବ କି ଜପି ତୋହ ନାଁ ମହୀ ମଣ୍ଡନା । ॥ ୧୨ ॥
ପରିମଳେ କିଏ ଜାଣିବ କିନାଁ,, ମହୀ ମଣ୍ଡନା,, ତୋହ ପରି ପରିଜନ ବେଦନା ମହୀ ମଣ୍ଡନା । ॥ ୧୩ ॥
କୁ କର୍ମୁ ଅସୁରି ଜନ୍ମ ପାଇଛି,, ମହୀ ମଣ୍ଡନା ,, ଶେଷରେ ଏତିକି ମାତ୍ର କହୁଛି ମହୀ ମଣ୍ଡନା । ॥ ୧୪ ॥
ସଙ୍ଗିନୀ ବୋଲି ଯା' ଡାକିଛି ତୋତେ,, ମହୀ ମଣ୍ଡନା,, କ୍ଷମା ଦେବୁ ବିଶ୍ୱଜନନୀ ମୋତେ ମହୀ ମଣ୍ଡନା । ॥୧୫॥
ପାଶୋରି ନ ଦେବୁ ଏ ସେବକୀକୁ ,, ମହୀ ମଣ୍ଡନା,, ଆଲିଙ୍ଗନ କର ଥରେ ହୃଦକୁ ମହୀ ମଣ୍ଡନା । ॥ ୧୬ ॥
କହିଲେ ସୀତା ନକାନ୍ଦ ମୋ'ରାଣ,, ପ୍ରାଣ ସଙ୍ଗିନୀ,, କିପରି ସୁଝିବି ତୁମ୍ଭର ଋଣ ପ୍ରାଣ ସଙ୍ଗିନୀ । ॥ ୧୭ ॥
ଜନ୍ମ ଜନ୍ମାନ୍ତରେ ନ ହେବ ସୁଝ,, ପ୍ରାଣ ସଙ୍ଗିନୀ,, ତୁମ୍ଭ ସେବା ଉପକାର କରଜ ପ୍ରାଣ ସଙ୍ଗିନୀ । ॥ ୧୮ ॥
ବଳି ଲାଣି ମନ ପତି ଦର୍ଶନେ,, ପ୍ରାଣ ସଙ୍ଗିନୀ,, ଅଶ୍ରୁ ପୁଛି ବିଦାକର ସୁମନେ ପ୍ରାଣ ସଙ୍ଗିନୀ । ॥ ୧୯ ॥
କନକ ବିମାନେ ଜନକ ଯେମା,, ହେ ସାଧୁଜନେ,, ରାମ ସ୍ମରି ବସୁ ଦିଶେ ସୁଷମା ହେ ସାଧୁଜନେ । ॥ ୨୦ ॥
ଯେ ଯେଉଁ ସମ୍ପର୍କେ ହେଲେ ବାହାର,, ହେ ସାଧୁଜନେ,, ଲେଖିବାକୁ ଶକ୍ତି ନାହିଁ ମୋହର ହେ ସାଧୁଜନେ । ॥ ୨୧ ॥
ଦେଖି ବାକୁ ପଥରେ ଜନ୍ତା ଜନ୍ତି,, ହେ ସାଧୁଜନେ,, ଲଙ୍କା ବାସୀ ଋକ୍ଷ ମର୍କଟ ପନ୍ତି ହେ ସାଧୁଜନେ । ॥ ୨୨ ॥
ଆଡ ହୁଅ ହୁଅ ପଡଇ ହୁରି,, ହେ ସାଧୁଜନେ,, ଛାଡ ବାଟ କହେ କେ ବେତଧରି ହେ ସାଧୁଜନେ । ॥ ୨୩ ॥
ମଣିମା ମଣିମା ଡାକନ୍ତି ଭାଟ,, ହେ ସାଧୁଜନେ,, ରାମ କର୍ଣ୍ଣେ ହେଉ ତାହା ପ୍ରକଟ ହେ ସାଧୁଜନେ । ॥ ୨୪ ॥
ଦୂରରୁ ବିଲୋକି ଜନ ଗହଳି,, ହେ ସାଧୁଜନେ,, ଦୂତିନ୍ଦେ ପେଶିଣ କହିଲେ ବଳୀ ହେ ସାଧୁଜନେ । ॥୨୫ ॥
ଜଣାଅ ସତୀଙ୍କୁ ଚାଲି ଆସନ୍ତୁ,, ହେବୀର ଯାଇ,, ସେନାନୀ ଦେଖିଣ ଦୁଃଖ ହରନ୍ତୁ ହେ ବୀର ଯାଇ । ॥୨୬ ॥
ରାମ ଆଜ୍ଞା ନେଇ ସେ କପି ଦେଲା,, ହେ ସାଧୁଜନେ,, ଶୁଣି ସୀତା ମନେ ସନ୍ଦେହ ହେଲା ହେ ସାଧୁଜନେ । ॥୨୭॥
କୁ' ବାର୍ତ୍ତା ଏପରି ଦେଲେ କାହିଁକି,, ଜଗତ ପତି,, କି' ଅଛି ଭାଗ୍ୟରେ ଜାଣେ ବିହିକି ଜଗତ ପତି । ॥ ୨୮ ॥
ଗର୍ଭାଳସୀ ହଂସୀ ପଦ୍ମ ପତରେ, ହେ ସାଧୁଜନେ,, ଚାଲିବା ପରା ସେ ଆସନ୍ତି ଧୀରେ ହେ ସାଧୁଜନେ ।॥୨୯॥
ସୀତାଙ୍କୁ ଦେଖି ଭାବନ୍ତି ସଇନ, ହେ ସାଧୁଜନେ,, କି ଯତନେ ବିହି କଲା ନିର୍ମାଣ ହେ ସାଧୁଜନେ । ॥ ୩୦ ॥
ଉର୍ବଶୀ ଠାରୁ ଅଙ୍ଗ ଶୋଭା ବଳେ, ହେ ସାଧୁଜନେ,, ରତି ଯେ ରତି ଏ ନ ହେବୁଲେ ହେ ସାଧୁଜନେ । ॥ ୩୧ ॥
ଗଉରୀଙ୍କୁ ଶିବ କିମାଇଁ କାଳୀ,, ହେ ସାଧୁଜନେ,, କହୁଥିଲେ ଏବେ ଜାଣିଲୁ ଭାଳି ହେ ସାଧୁଜନେ । ॥ ୩୨ ॥
ସୀତା ଶତଗୁଣେ ହେବେ ଅଧିକା,,ହେ ସାଧୁଜନେ,,ଛାଇ ସଙ୍ଗେ ଗୌରୀ ନହେବେ ଲେଖା ହେ ସାଧୁଜନେ ।॥୩୩॥
ଛାଇ କଳା ହେତୁ ଶଙ୍କର କାଳୀ,, ହେ ସାଧୁଜନେ,, ଉମାଙ୍କୁ ଡାକନ୍ତି ପୂର୍ବରୁ ଭାଳି ହେ ସାଧୁଜନେ । ॥ ୩୪ ॥
ଶାସ୍ତ୍ରେ ଯା ବର୍ଣ୍ଣନା ନାରୀ ଉତ୍ତମା,, ହେ ସାଧୁଜନେ,, ବରାରୁହା ବରବର୍ଣ୍ଣିନୀ ରମା ହେ ସାଧୁଜନେ । ॥ ୩୫ ॥
ସୀତା ଠାରେ ତା ସାର୍ଥକ ହୋଇଛି,, ହେ ସାଧୁଜନେ,, ଭାବୁ ଏହା ଜାଗରିତ ହେଉଛି ହେ ସାଧୁଜନେ । ॥ ୩୬ ॥
ଦର୍ଶକେ ଏପରି ଭାବିବା ବେଳେ,, ହେ ସାଧୁଜନେ,, ସୀତା ଯାଇ ରାମ ଚରଣ ତଳେ ହେ ସାଧୁଜନେ ।॥ ୩୭ ॥
ସମର ଶେଷେ ଅମରେ ଭାବନ୍ତି, ହେ ସାଧୁଜନେ,, ନହୋଇ ପାରିବେ ରାମ ନୃପତି ହେ ସାଧୁଜନେ । ॥ ୩୮ ॥

Digitized by PPRACHIN, SOA

ଏଣୁ ସେଥୁ ବାଣୀ ଆଗେ ବହନ,, ହେ ସାଧୁଜନେ,, ପ୍ରକାଶ କରିଲେ ଯାଅ ବହନ ହେ ସାଧୁଜନେ । ॥ ୩୯ ॥
ପେଶିଛନ୍ତି ଦେବକୁଳ ଆକଣ୍ଠେ,, ମା ବୀଣାପାଣି,, ବିରାଜ କରି ସୀତାରାମ କଣ୍ଠେ ମା ବୀଣାପାଣି । ॥ ୪୦ ॥
ବିଭ୍ରାନ୍ତେ କରାଅ ବେନି କନ୍ଦନ,, ମା ବୀଣାପାଣି,, ନଂଲୁ' କା' ପ୍ରତି କାହାର ମନ ମା ବୀଣାପାଣି । ॥ ୪୧ ॥
ରାମ ବନବାସ ଆସିବାକାଳେ,, ମା ବୀଣାପାଣି,, ଦଶରଥ ବର ମାଗିଣ ଥିଲେ ମା ବୀଣାପାଣି । ॥ ୪୨ ॥
ଯେପରି ରାମ ହେବାକୁ ରାଜନ,, ମା ବୀଣାପାଣି,, ବନ ବାସୁ ଆସି ହୁଏ ଭାର୍ଜନ ମା ବୀଣାପାଣି । ॥ ୪୩ ॥
ସୀତା ପତି ରାମ, ଧରା' ଯାମାତା,, ମା ବୀଣାପାଣି,, ଭୂପତି ହେବାକୁ ନଥିବ ଚିନ୍ତା ମା ବୀଣାପାଣି । ॥ ୪୪ ॥
କର ଯାଇ ଶୀଘ୍ର ତ ପ୍ରତିକାର,, ମା ବୀଣାପାଣି,, ଅଙ୍ଗୀକାରେ ଦେବୀ ହେଲେ ବାହାର ମା ବୀଣାପାଣି । ॥ ୪୫ ॥
କରିଲେ ସୀତା ରାମ ଯେ ବିଭ୍ରାନ୍ତ,, ହେ ସାଧୁଜନେ,, ଆନ ପ୍ରସଙ୍ଗେ ଏଥୁ ଦିଅ ଚିତ୍ତ ହେ ସାଧୁଜନେ । ॥ ୪୬ ॥
ଆଗେ ଅଗ୍ନିସୁତା ହୋଇବେ ସୀତା,, ହେ ସାଧୁଜନେ,, ରାମ ରାଜା ପାଇଁ ନଥିବ ଚିନ୍ତା ହେ ସାଧୁଜନେ । ॥ ୪୭ ॥
ବନ୍ଦି ସୀତାଙ୍କୁ ରାମ ଚରଣ ଦୁଇ,, ହେ ସାଧୁଜନେ,, ଦୀନ ଦୟା ଏଥି ଛାନ୍ଦ ରଖଇ ହେ ସାଧୁଜନେ । ॥ ୪୮ ॥

ଅଗ୍ନି ପରୀକ୍ଷା

ରାଗ-ମଙ୍ଗଳ କାମୋଦୀ (ଛାନ୍ଦ - ୬୮)

ରାମ ପାଦତଳେ, କହନ୍ତି ବିକଳେ, ସୀତା ହେ, ମଙ୍ଗଳ ସିନ୍ଧୁ ।
ସରିବ କି ମାନ, ଏ ଦାସୀକି ଦାନ, କଲେ ଭଲେ, କୃପା ବିନ୍ଦୁ ।
ଭବ କାରଣ ହେ ,
ନାମ ପଛେ ଚନ୍ଦ୍ର ବହି ।
ବିଚାର ବିହୀନ, ସେବକୀ ବହନ, ହେବକି ଅନଳେ ଦହି । ॥ ୧ ॥
ଦୁଃଖ ପାରାବାର, ମଧରୁ ବାହାର, ହୋଇ ପାଦ ତରଣୀକି ।
ଆଶ୍ରା କରି ଆସୁ, କେଉଁ ଦୋଷ ବଶୁ, ପେଲି ଦେଉଛ ପାଣିକି ।
ଦୀନ ବାନ୍ଧବ ହେ ,
କହୁ ନାହଁ ପଦେ କଥା ।
ଚାହୁଁ, ଚାହୁଁ ଦାସୀ, ପାଦତଳେ ଆସି, ଭୋଗୁଅଛି କେତେ ବ୍ୟଥା । ॥ ୨ ॥
କୃତାନ୍ତ ଭବନୁ କୃତ କାର୍ଯ୍ୟେ ଭାନୁ- ବଂଶୀ ଜୀବ ଧରି ଜନ ।
ଫେରିବା ପରାୟ, ଫେରୁଅଛି ଲୟ- ନଦିଅ ପରାଣ ଧନ ।
ନିଶାଚରୀଙ୍କର,
ଯାତନା ଦେଉଛି ଘାରି ।
ମଣୁଥିଲି ବିଷ- ଗୋଟିଏ ନିମିଷ- କୋଟିଏ କଳପ ପରି । ॥ ୩ ॥
ଚତୁର୍ଦ୍ଦଶ ମାସ- ଚରଣ ସ୍ମରଣ- ନପାଇ ଦୁଃଖେ ବଞ୍ଚିଲି ।
ଅଶ୍ରୁ ବରଷାଇ- ସେତେ ବେଳୁ ଏହି- ପ୍ରାଣ ଯାହାନ ମୁଞ୍ଚିଲି ।
ଘନ ବରନ ହେ,
ଚାହିଁବ ନାହିଁକି ସତେ ।
କାହିଁକି ଏପରି- ରୀତି ନୀତି ଧରି- ସାରି ଦେଉଅଛ ମୋତେ । ॥ ୪ ॥

Digitized by PPRACHIN, SOA

ଯେତିକି ଆକୁଳେ- ସୀତା ଜଣାଇଲେ, କଣ୍ଠେ ବସି ସରସ୍ୱତୀ ।
ସେତିକି ଆକ୍ରୋଶ- ବଢ଼ାନ୍ତି ଆଭାସ- ନ, ଦିଅନ୍ତି ରଘୁପତି ।
ସୀତା ତତ୍ୱଜ୍ଞାନେ,
ଭାବନ୍ତି, ଅନୁଶୀଳନେ ।

ପ୍ରକାଶ୍ୟରେ ପତି- କହି ନ ପାରନ୍ତି- ମୋହର ଧୃଷ୍ଟତା ଟାଣେ । ।। ୫ ।।
ଦେବର ଲକ୍ଷ୍ମଣେ- ବନେ ପେଶିଘନେ, ରାବଣ ପୁରକୁ ଆସି ।
ଚତୁର୍ଦ୍ଦଶ ମାସ- ଦୁଖରେ ବିଶେଷ- ଭସାଇ ତାହାଙ୍କୁ ଦୋଷୀ ।
ସେନା ସୈନ୍ୟଙ୍କର,
ସନ୍ଦେହ ବଢ଼ନ୍ତେ ମନେ ।

ଚିନ୍ତି ପ୍ରାଣନାଥ- ହୋଇ ମର୍ମାହତ, ଚାହୁଁ ନାହାନ୍ତି ନୟନେ । ।। ୬ ।।
ପ୍ରଭୁଙ୍କ ପାଦରେ- ସତୀତ୍ୱ ସାଦରେ, ପ୍ରମାଣ କରିବା ମୋର ।
ଉଚିତ ବିଚାରି- କରୁ ନିଉଛାଳି, ପାଦେ ପଡି ବାରମ୍ବାର
ଅଶ୍ରୁ ପୂର୍ଣ୍ଣ ନେତ୍ରେ,
ହନୁ ମାନ ସୁଗ୍ରୀବଙ୍କୁ ।

ଚାହାନ୍ତି ଚାହାଣୀ- କହୁଥିଲା ବାଣୀ ରାମଙ୍କୁ ବୁଝାଇବାକୁ ।। ୭।
ଜାଣି ମାତାମନ- ଜ୍ଞାନୀ ଅଗ୍ରଗଣ୍ୟ, ହନୁରାମେ ଯୋଡିକର ।
ବୋଲେ କୃପା ବାରି, ସିଞ୍ଚ ଦୂଷଣାରି, ଶୋକାଗ୍ନି ନିର୍ବାପ କର ।
ଶୁଣି ହନୁଗିର ।
ଦୁଃଖେ ତନୁ ମ୍ଳାନ କରି,

ବୋଲନ୍ତି ରାଘବ- ମୋ ଯଶଃ ଲାଘବ- ପାଇଁ ହେଉଅଛି ଘାରି । ।। ୮ ।।
ଜାଣିଛି ମୁଁ ସତୀ- କାହିଁ ପାଇଁ ଏଥି- ଆସିଲେ ବୈକୁଣ୍ଠ ତେଜି ।
ଭକ୍ତ ଦଶାନନ- ଭକ୍ତିରେ ପୂଜନ- କରିଣ ଭକ୍ତିରେ ମଜି ।
ଦେବାରେ ସ୍ୱୀକାର,
ଅଙ୍ଗ ନ ଛୁଇଁ ସେତଦ୍ଦେ ।

କୁଟୀର ସହିତ- ନେଇ ଧୀର ଚିତ୍ତ- ସ୍ଥିର ମନେ ପୂଜି କେତେ । ।। ୯ ।।
ଶୁଣିଛି ଆହୁରି, ଗୁଣୀ ସସ୍ତ୍ରନାରୀ, ଭାତୃ ବଧୂ ଭାତୃସୁତା ।
ପାଦରେ ସାଦରେ- ନିଯୋଗି ଆଦରେ, ମୁକ୍ତି କରୁଥିଲେ ଚିନ୍ତା ।
ସେତୁ ପ୍ରତିଷ୍ଠାରେ ।
ଜଣା ଯାଇଛି, ମହତ୍ୱ ।

ତଥାପି ମୋ ହୃଦ- ଲୋକ ଅପବାଦ- ତୀରରେ ହୁଏ ଆହତ । ।। ୧୦ ।।
ଶୁଣି ହନୁ କ୍ଲେଶେ- ପୁଣି ପୁଣି ଭାଷେ, ପଦ୍ମିନୀକି ଦୋଷ ଯୁକ୍ତ ।
କେବେ ହୁଏ କାହିଁ, ସ୍ୱର୍ଣ୍ଣ, କ୍ଷୁଣ୍ଣ ଏହି- ଭବେ ଶିରୀହରେ ମୁକ୍ତା ।
ଶୁଦ୍ଧ ସୁନାମାତା,
ଶୁଣି ବୋଲନ୍ତି ଯେ ଦେବ ।

ଭଲ କି ନା ସେହି, ବଣିଆ ଉଦ୍ଭେଇ- ପୋଡ କଷେ ଜଣାଯିବ । ।। ୧୧ ।।
ଶୁଣିଣ ଅଚଳ- ମନରେ ଚଞ୍ଚଳ, ଲକ୍ଷ୍ମଣେ କହିଲେ ସତୀ ।
ଅବଳା ମୁଁ ବଳ- ନାହିଁ ତ ଅନଳ, ଜାଳ ପଶିବି ସମ୍ପ୍ରତି ।
ସୁମନ ସ ବାଞ୍ଛା

Digitized by PPRACHIN, SOA

ପୂରଣ କର ଲକ୍ଷ୍ମଣ ।
ଭିତରେ ମରଣ,- ବାହାରେ ପରାଣ, ଧରିଥିବା ଅକାରଣ । ॥ ୧୨ ॥
ଏ ସନ୍ଦେହ କଥା- ନିନ୍ଦା ସ୍ତମ୍ଭେ ମଥା, ନେତ ହେବ ଫଡ ଫଡ ।
ଢ଼ୋଲ ବାଦ୍ୟ କ୍ରୋଶେ-ବୋଲ ମାନ ବିଶ୍ୱେ, ତୁଣ୍ଡ ବାଦ୍ୟରେ ନ ସଢ଼ ।
ମୁର୍ଚ୍ଛି ଦିଅ ମୋତେ ।
ସବୁ ଦିନ ପାଇଁ ମନୁ ।
ମଉନ ମାତର- କଲା ଅଙ୍ଗୀକାର, ସେଥି ଦୁର୍ବାବଳ ତନୁ । ॥ ୧୩ ॥
ଚାହିଁ ସେ ମୁହଁକୁ- ଚପାଇ କୋହକୁ, ଲକ୍ଷ୍ମଣ ଜାଳିଲେ ନିଆଁ ।
ପରାପ୍ରର ଚରା- ଚର ସଙ୍ଗେ ଧରା, ବାସୀଏ ହେଲେ ଛାନିଆଁ
ସ୍ଥିର ମାନସରେ,
ବନଜ ନୟନା ଆଣ୍ଟେ ।
ପ୍ରଦକ୍ଷିଣ କରି- ପତିଙ୍କୁ ସବୁରି- ଆଗରେ ଅଗ୍ନି ନିକଟେ । ॥ ୧୪ ॥
କହନ୍ତି ଅନଳେ- ଦଶଦିଗ ପାଳେ- ସାକ୍ଷୀ ରଖି ବଇଦେହୀ ।
ହେ ହବ୍ୟ ବାହନ- ଯଦି ମୋର ମନ- କାନ୍ତ ବିନା ଥିବ କାହିଁ ।
ଶୟନେ ସ୍ୱପନେ,
ସୁ' ସୁପ୍ତେ ବା ଜାଗରଣେ
ଉଚିତ ବିଧାନେ, ଦଣ୍ଡିବ ହେ ମାନ୍ୟେ-ଦୟା ନରଖିବ ଧାନେ । ॥ ୧୫ ॥
କୁକୁର ଉଚ୍ଛିଷ୍ଟ- ନଲାଗଇ ଇଷ୍ଟ- ଶିଷ୍ଟାଚାର ଦିଅଁ ଭୋଗେ
ନ ଚାହାନ୍ତି ପତି, ମୋର ମୁଖ' ଗତି- କାହିଁ ରହିଥିବି ଆଗେ ।
ତୁଣ୍ଡୁ କା ବଚନ,
ନ ବାହାରେ ମୁଣ୍ଡୁଝାଳ ।
ବହିଲା ଦହିଲା, କି କଥା ହୋଇଲା, ଆହା କି ? ଫଟା କପାଳେ ।॥ ୧୬ ॥
ସେଥି ସୁଗ୍ରୀବର- ବୋଲନ୍ତି ନିଷ୍ଠୁର, ନୁହଁ ରହ ମିତ୍ର ଦଣ୍ଡେ ।
ସୁଧା ମେଘ ବୋଲି- ଆସିଥିଲେ ଚାଲି, ବିଷ-ବରଷୁଛ ତୁଣ୍ଡେ ।
କାହିଁ ପାଇଁକି ହେ ।
ପେଶିଥିଲ ମାରୁତିକୁ ।
ଆଶା ଜଳ ଦେଇ- ଆଣିଲ ଡକାଇ- କଟୁଗିରେ କାଟିବାକୁ । ॥ ୧୭ ॥
ହେ କରୁଣା କର- କି' ଦୋଷ ତାଙ୍କର, ସେହିତ ଅବଳା ନାରୀ ।
କରି କଉଶଳ, ନେଲା ଦୈତ୍ୟପାଳ, ପକାଇଲେ କେତେ ହୁରି ।
ଶୁଣିଛି ମୁଁ କର୍ଣ୍ଣେ ,
ଦେଖିଛି ଦୁଃଖ ନୟନେ ।
କହିଛି ପାବନୀ- ଆଗୁଅଛ ଜାଣି- ଦେବୀମନ ନାହିଁ ଆନେ । ॥ ୧୮ ॥
କାମ' କାମନାରେ- ଯା'ମନ ବିହାରେ, ଛୁଇଁନି କା ପରି ତାକୁ ।
ଭେଳ ବୋଲି କହି- ଦେଉଅଛ ଦହି,- ନିନ୍ଦା ହୋଇବ କାହାକୁ ।
ଧରା, ମାତା ଯାର,
ଜନକ, ଜନକ ଯତି,
ଲଗାଇ କଳଙ୍କ- ନ ପୋଡ- ହେ ପଙ୍କ- ଜ, ନୟନ କୁଳବତୀ । ॥ ୧୯ ॥
ତେଣେ ବଇଦେହୀ- ସୁରେ ସାକ୍ଷ୍ୟ ଦେଇ, ସ୍ମରି ଶେଷେ ରାମ ନାମ,

Digitized by PPRACHIN, SOA

ସୀତାଙ୍କ ଅଗ୍ନି ପରୀକ୍ଷା

Digitized by PPRACHIN, SOA

ପଡିଲେ ପାବକେ, ସଢ଼ିଲେ ତ୍ରିଲୋକେ, ସେନା ସୈନ୍ୟ ସଙ୍ଗେ ରାମ,
ହା ହାକାର ଶବ୍ଦ
ଉଚ୍ଚାରିତ ହେଲା ତୂର୍ଣ୍ଣେ ।
ବହି ଯିବା ବନ- ଗଗନ ପବନ- ସ୍ତକିତ, ଚକିତ ଆନେ । ॥ ୨୦ ॥
ଏହା ଦେଖି ରାମ- ସୀତା ଗୁଣ ଗ୍ରାମ- ସ୍ମରି ବନ୍ଧୁ ବନ୍ଧୁ ବୋଲି ।
କରିଲେ କ୍ରନ୍ଦନ- ବଢ଼ିଲା ବନ୍ଧନ- ବୀଣାପାଣି ଗଲେ ଚାଲି ।
କବି କହୁଛନ୍ତି,
ବିଚାର କରିଣ ମନେ ।
ସୂର୍ଯ୍ୟକାନ୍ତ ମଣି- ଭାବ, ରଘୁମଣି- ଧରି ଆଗ ଆଚରଣେ । ॥ ୨୧ ॥
ସୀତା ଦେଖୁ ବ୍ୟଙ୍ଗେ- କ୍ରୋଧେ ସଙ୍ଗେ ସଙ୍ଗେ, ତରଳି ଉଠିଲେ ଜଳି ।
ଚନ୍ଦ୍ରକାନ୍ତ ମଣି, ଭାବଧରି ପୁଣି, ସ୍ନେହେ ହେଉଛନ୍ତି ଭାଳି
କଣ୍ଠେ ସରସ୍ୱତୀ,
ବସି ଯାହା କୁହାଇଲେ ।
ତାହା ରାମ ବ୍ୟକ୍ତ- ନୁହେଁ ରାମ ଚିତ୍ତ- ସୀତାଠାରେ ସଦାବେଳେ । ॥ ୨୨ ॥
ପୁଣି ରଘୁପତି- ଆସ ଆସ ସତୀ- ବୋଲି ଡାକନ୍ତି ଆତୁରେ ।
ପରିଚାର, ଜନ- ସୁମିତ୍ରା ନନ୍ଦନ, ବୁଝାଇଲେ ବି କାତରେ ।
ବୋଲନ୍ତି ଯେ ସେହି,
ବନ୍ଧୁ ହୋଇତୁ ପଣ୍ଡିତା,
କ୍ରୋଧାନ୍ଧ କଥାରେ- ପ୍ରବେଶିଲୁ ଖରେ- ପାବକେ ଏ ନୁହେଁ କଥା । ॥ ୨୩ ॥
ସୁଧାଂଶୁ କର୍ପୂର, ବେନି ନିରିମଳ ଶୀତଳୁ ଏକ ବିଚାର ।
କରନ୍ତି ନାମକୁ, କରମ ବାମକୁ, ନାମ ବହି ନିଶାକର ।
ତୁହି ମହାସତୀ,
କିମ୍ବା ଅସତୀ ଦୋଷକୁ ।
ପ୍ରାପତ ହୁଅନ୍ତୁ, ଛୁଇଁବାକୁ ଯାତୁ- ଧାନର ଯୋଗୀ ବେଶକୁ । ॥ ୨୪ ॥
ତଥାପି ସୁରକ୍ଷା, ଅର୍ଥେ ଯା ପରିକ୍ଷା, ହେଲା ଏହା ସୁବିଚାର ।
ଲୋକ ଅପବାଦ, ସ୍ତୋକ ଅର୍ଥେ ମନ୍ଦ, ନୁହେଁ ଏହା କୁବିଚାର ।
ଆଉ ବେଶୀକାଳ,
ଦହନେ, ନଦହି ଅଙ୍ଗ,
ଘନରୁ ବିଜୁଳି- ଜାତ ହେଲା ଭଳି, ଧୂମ୍ରୁ ଆସି ମାନ ଭାଙ୍ଗ । ॥ ୨୫ ॥
ରାମଙ୍କ ବିକଳେ- ନଭୁ ଦେବ କୁଳେ, ଦଶରଥ ଧରି ଆସ ।
ବୋଲନ୍ତି ଦହନ, ହେ ହବ୍ୟ ବାହାନ, ଫେରାଅ ରାମେ ସୁକେଶୀ
ଯାଉ ସନ୍ତାପ ହେ,
ରାମ ଆଦି ସେନାଙ୍କର,
ଯାହା ହୋଇବାର, ହେଲାଣି ସତ୍ୱର, ଦିଅ ବିଳମ୍ବ, ନକର । ॥ ୨୬ ॥
ସ୍ୱାହା ସ୍ୱଧାପତି, ସଙ୍ଗେ କ୍ଷିତି ପୁତ୍ରୀ, ଧରି ସର୍ବ ସମ୍ମୁଖରେ ।
ଏ ଜାନକୀ ନିଅ, ନିଷ୍ପାପା ସନ୍ଦେହ, ଛାଡ ବୋଲି ରାମ କରେ ।
ସମର୍ପଣ କରି,
ବୋଲନ୍ତି ହେ, ରଘୁସୁତ,

Digitized by PPRACHIN, SOA

ରାବଣର ଭୟ- କଲେ ବି ଅଥୟ, ତୁମ ପଦେ ସତୀ ଚିତ୍ତ । ।। ୨୭ ।।
ତୁମ୍ଭେ ଜ୍ଞାନୀ ଗଣ୍ୟ- ହୋଇ ଉଦ୍ଦୀପନ, କରାଇଲ କିମ୍ବା ସୀତା ।
ତୁମ୍ଭେ ବସୁ ରୁଦ୍ର,- ତୁମ୍ଭ ନେତ୍ର ଚନ୍ଦ୍ର,- ସୂର୍ଯ୍ୟ ତୁମ୍ଭେ ସର୍ବପିତା ।
ତୁମ୍ଭେ ସତ୍ୟ ଧର୍ମ
ପୁରାଣ ପୁରୁଷୋତ୍ତମ,
ତୁମ୍ଭେ ଏହିପରି- କାର୍ଯ୍ୟକୁ ଆଚରି, ବୁଡାଉଛ କିମ୍ବା ଧର୍ମ । ।। ୨୮ ।।
ସ୍ୱାହା ସ୍ୱଧା ଧୀରେ- ଅଯୋଧ୍ୟା ଈଶ୍ୱରେ, ବୋଲନ୍ତି ପୁଣି ଜାମାତା ।
ହେଲେ ଦାଶରଥି-, ଆଜିଠୁ ସ୍ୱୀକୃତି, ଦିଅଯେ ଦୁହିତା ସୀତା ।
ଦଶରଥ ଶୁଣି
ହେଉ ହେଉ ତାହା ବୋଲି
କହନ୍ତି ହରଷେ, ପାଦଧୂଳି କେଶେ, ଦେଇ କରରେ ସାମଳି । ।। ୨୯ ।।
ଏହି କଥାଶୁଣି କହନ୍ତି ଶର୍ବାଣୀ ଆପ ପ୍ରଭୁ ଦିଗବାସ
ଯାହା ଏ ଛାନ୍ଦରେ ଆଲୋଚନା କଲେ ଜନେ ହେବ ପରିହାସ
ନିତି ଗତ ଭାବେ
ଅଗ୍ନିଙ୍କର ଧର୍ମ ଯାହା
ପାଳନ ନ କରି ସୀତା କରେ ଧରି ରାମେ ଦେଇ ହେଲେ ସାହା ।।୩୦।।
ଅଗ୍ନିରେ ପଡ଼ିଲେ ଜାଳି ଦିଅ ହେଲେ ଜାଣନ୍ତି ଜଗତ ଜନ
କେଉଁ ଭାବେ ସୀତା ପ୍ରବେଶିଲେ, ଚିତା- ନଳେ, ନ ହେଲେ ଦହନ
ଆଗ କହି ତାହା
ସନ୍ଦେହ ମୋହର ହର
ଶୁଣନ୍ତୁ କୋବିଦେ ବସି ବିନା ବାଦେ ଭାଷିଲେ ଯା ଫଣୀ ଧର । ।।୩୧।।
ସଂସାରେ ଅସାଧ୍ୟ ସାଧନାରେ ଖାଦ୍ୟ ପାନ ନିୟନ୍ତ୍ରଣ କରି
ପ୍ରାଣାୟମେ ପ୍ରାଣ ରକ୍ତ ସଞ୍ଚାଳନ ହରତା ଶିଥିଳେ ବହି
ଶୁଷ୍କ କରୁ ଦେହ
କିଛି କାଳ ପାଇଁ ନିଆଁ
ତାହାକୁ ଦହନ ନକରଇ ଶୁଣ ବୃଥା ନ ହୋଇ ଛାନିଆଁ । ।।୩୨।।
ଦଣ୍ଡୁଆ କଳପ ଆତ୍ମ ନାମ ଜପ କରି ଖାଦ୍ୟ ପାନ ରୁଧି
ଅଗ୍ନି ପ୍ରବେଷଣ କରନ୍ତି ଦୂଷଣ ନୁହେଁ ଅଛି ପୂର୍ବ ସିଦ୍ଧି
ସୀତା, ରାମ ନାମ
ଜପି ପ୍ରାଣାୟମ ବଳେ
ସ୍ନାନ ସାରି ଜଳେ ଆସିବା ପ୍ରକାରେ · ସ୍ୱଦେହେ ଆସିଲେ ଛଳେ । ।।୩୩।
ଏହି ପରି ପ୍ରାଣା- ୟମ, ବଳେ ଜଣା ହନୁ ସିନ୍ଧୁ ଉଲ୍ଲଙ୍ଘନ
କରିଥିଲା ବଳେ ବାଳି ସିନ୍ଧୁ ଜଳେ କରୁଥିଲା ଯାଇ ସ୍ନାନ
ମୈଥିଳୀ ଅଙ୍ଗେ
ଅମ୍ଳାନ ବସନ ଥିଲା
ଧର୍ମ ଧର୍ମେ ସାହା ହେଉ ରହେ ତାହା ଭସ୍ମ କରି ନ ପାରିଲା ।।୩୪।।
ସେଥି ରଘୁନାଥ, ବୋଲନ୍ତି ହେ ତାତ, ଯେଉଁ ପୂଜ୍ୟ ମାତା ଚାଣ୍ଡେ ।
ଦେବ କାର୍ଯ୍ୟ ପାଇଁ, ପଠାଇଲେ ଏହି, ବନେ ନିନ୍ଦା ବହି ମୁଣ୍ଡେ ।

Digitized by PPRACHIN, SOA

ନିନ୍ଦା ସରେ ଭାସି,
ତୁମ୍ଭେ ଗଲ କରି ଶୋକ,
ତଥାପି ଯେ ଖଳ, ଜନ ମୁଖେ ରୋଳ, କୋଶଳ ପତି କାମୁକ । ।। ୩୫ ।।
ତ୍ରିଭୁବନେ ସତୀ, ନିଷ୍ପାପା ଜାଣନ୍ତି, ଜାଣେ ବି ମୁଁ ଶୁଦ୍ଧିବିନା ।
ନେଇଥିଲେ ଘରେ, କହନ୍ତେ ଆଗରେ, ସ୍ତ୍ରଇଣ କାମୁକ ସିନା ।
ପତିବ୍ରତା ବଳେ,
ଅଗ୍ନିରେ ପ୍ରବେଶ କରି,
ନିଜର ଚରିତ- ଶୁଦ୍ଧ ପ୍ରମାଣିତ- କରିଲେ ମହୀକୁମାରୀ । ।। ୩୬ ।।
ଅମ୍ଳାନ ଚିତ୍ତରେ- ମୁଁ ଭବ ବିତ୍ତରେ, ଗ୍ରହଣ କରୁଛି ସୀତା ।
ଦଶରଥ ସେଥି- ଆନନ୍ଦେ କହନ୍ତି, ହେ ବଂଶ ଉଦ୍ଧାର କର୍ତ୍ତା ।
ଭାଇ ଭାର୍ଯ୍ୟା ଘେନି
ଅଯୋଧ୍ୟାକୁ ଫେରିଯାଅ
ସିଂହାସନେ ବସି- ଭରତଙ୍କୁ ତୋଷି, ଯଶଃ ପତାକା ଉଡାଅ । ।। ୩୭ ।।
ଅତି ବିନୟରେ- ପିତାଙ୍କ ପୟରେ, ନମି ରାମ କଲେ ବ୍ୟକ୍ତ ।
ହୋଇ ଧରାପତି, କ୍ରୋଧେ ସାରି ନୀତି କରିଛ ଯା ପରିତ୍ୟକ୍ତ ।
ଭ୍ରାତ କୈକେୟୀଙ୍କୁ
ତାହା ନୁହେଁ ନ୍ୟାୟୋଚିତ୍ତ
କଥା ରଖି ମୋର- ଏବେ ପ୍ରତ୍ୟାହାର- କର, ବୋଧ ହେଉ ଚିତ୍ତ । ।। ୩୮ ।।
ନୁହେଁତ ଅସଙ୍ଗ, ଭ୍ରାତ ଅନ୍ତରଙ୍ଗ ଭାଇ ମୋ ପୂଜ୍ୟା ଜନନୀ ।
ଅଟନ୍ତି କୈକେୟୀ, ତାଙ୍କ ଲାଗି ଏହି, ଦେବ କାର୍ଯ୍ୟ ହେଲା ପୁଣି ।
ଶୁଣି ଦଶରଥ
କହନ୍ତି ଉଠାଇ କୋହ,
ନିଷ୍କଳଙ୍କ ଭାଇ- ଭ୍ରାତ ହେଉ ସେହି, ପାପିନୀ କଥା ନକହ । ।। ୩୯ ।।
ସେ ହୃଦୟହୀନା- ଦେଲା ଯା ଯାତନା, କରିଲା ଯା ଏତେ ସରି ।
କୂଟରେ ମୁକୁଟ, ମାଗି ନେଇ କୂଟ, ଶିଖରେ କଲା ବିହାରୀ ।
ତାକୁ ପୁଣି କ୍ଷମା
ଦେବି କହ କି ବିଚାରେ,
ପବିତ୍ର ହୃଦୟେ- ରାମ ସେଥି ଥୟେ- ପିତାଙ୍କୁ କହନ୍ତି ଧୀରେ । ।। ୪୦ ।।
ଦେଇ ଅଛି ଦୁଃଖ- ବୋଲି ସେ ବିମୁଖ, ନହୁଅ ତାହାଙ୍କୁ ତାତ ।
ମୋ, କର, କପାଳ,କୋଷ୍ଟିରେ ମୁଁ ଘୋର, ବନେ ଯିବା ଧରି ଜାତ ।
ହୋଇଥିଲି ମର୍ତ୍ତ୍ୟେ ।
କୃତାଞ୍ଜଳି ପୁଟେ ପୁଣି ।
ମାଗେ ସେ ଆଦେଶ,ପ୍ରତ୍ୟାହାରେ ହର୍ଷ, ହେବି-, ରାଜି' ରାଜା ଶୁଣି । ।।୪୧।।
ପୁଣି ଦାଶରଥି- ପିତା ସେଥି ସତୀ- ସୀତାଙ୍କୁ କରାଇ ବୋଧ ।
ବୋଲନ୍ତି ତୁମ୍ଭର ମଙ୍ଗଳରେ ବର, ପରକ୍ଷିଲା ତେଜ କ୍ରୋଧ ।
ପତିବ୍ରତା ତୁମ୍ଭେ,
ପତି ସେବା ବିଷୟରେ,
କେଉଁ ଉପଦେଶ- ଦେବି ବା ଏ ବିଶ୍ୱ-ଶିଖନ୍ତୁ ଏହା ଥୟରେ । ।। ୪୨ ।।

Digitized by PPRACHIN, SOA

ଦଶରଥ ଏହି- ପରି କହି କହି, ଜ୍ୟୋତିର୍ମୟ ବିମାନରେ ।
ଇନ୍ଦ୍ର ଲୋକେ ଗଲେ ଇନ୍ଦ୍ରଙ୍କୁ କହିଲେ, ସେଥି ରାଘବ ବିକଳେ ।
ଆହେ ଶଚୀପତି,
ଯେଉଁ ସେନା ମୋହ ପାଇଁ
ଯୁଦ୍ଧ କରି ରଣ- ପ୍ରାଙ୍ଗଣେ ମରଣ-ବରିଲେ ତାଙ୍କୁ ନ ନେଇ । ।।୪୩।।

ଗଲେ ତାଙ୍କ ପିତା- ମାତାଙ୍କର ଚିନ୍ତା- ବଢ଼ିବ ସେ ପଚାରିଲେ
କି ଉତ୍ତର ଦେବି- ତାହା ଭାବି ଭାବି- ସଢ଼ି ଯାଉଛି ଚଞ୍ଚଳେ ।
କର ପ୍ରତିକାର,
ଜୀବ ସେ ଲଭନ୍ତୁ ଏବେ,
ହରଷିତ ମନେ- ଫେରିଲେ ଭବନେ, ନିନ୍ଦା ନ, କରିବେ ଭବେ । ।।୪୪।।

ଶୁଣି ପର ମେଷ୍ଟି- କହୁ ସୁଧା ବୃଷ୍ଟି- କଲେ ଅମର ସକଳ ।
ବସନ୍ତ ପବନ- ପାଇ ଶୁଷ୍କବନ ପଲ୍ଲବିତ ପରିଜନ ।
ଜୀଇଣ ଉଠିଲେ
ରକ୍ଷ ସେନା ନ ଉଠିଲେ,
ବସନ୍ତ ପବନ- ପାଇ ବାଂଶ ବନ- ନାଶପରି ନାଶଗଲେ । ।। ୪୫ ।।

ଶୁଣି ଏ ଭାରତୀ- ଶିବା ପଚାରନ୍ତି- ଶିବଙ୍କୁ କରି ବନ୍ଦନ ।
ନଭୂ ଦେବ ସୃଷ୍ଟି- ସୁଧା କଲେ ବୃଷ୍ଟି- ବଞ୍ଚିଲେ ବାନର ସୈନ୍ୟ
କହ ରକ୍ଷ ପରେ
ନପଡିଲା କିଁ' ସେ ସୁଧା ।
ନବଞ୍ଚିଲେ ପୁଣ- ରାବଣ ସଇନ- କିମ୍ବା କିଏ ଦେଲା ବାଧା । ।। ୪୬ ।।

ହସି କାଶୀ ବାସୀ- ବୋଲନ୍ତି ସୁକେଶୀ- ତାହାର ତତ୍ତ୍ୱକୁ ଶୁଣ ।
ରାମ ରାମ ସୈନ୍ୟ- ମୁଖକୁ ଚାହିଁଣ ରାମ କହି ରକ୍ଷଗଣ ।
ରାମ ଶରେ ହତ,
ହେଉ ହେଉ ଗଲେ ସ୍ୱର୍ଗେ ।
ରାବଣ ସଇନ୍ୟ- ମୁଖକୁ ଚାହିଁଣ- ପଡିଥିଲେ କପିବର୍ଗେ । ।। ୪୭ ।।

ଅମୋକ୍ଷ ଶରୀର- ଆତ୍ମା ଆରପୁର- ନଯାଇଣ ଘୁରୁଥିଲେ ।
ସୁଧା ବର୍ଷୁ ଜୀବ- ପାଇଲେ ସରବ- ରାଘବ ହରଷ ହେଲେ ।
ମାନ୍ୟ ଧର୍ମେ ଦେବେ
କହିଲେ ଯେ ଜଣ ଜଣ ।
ଆହେ ସତ୍ୟନିଷ୍ଠ- ଗଲା ଦୈତ୍ୟକଷ୍ଟ- ସନ୍ତୋଷ ଅମର ଗଣ ।। ୪୮ ।।

ସୁର ସୁର ପତି- ସ୍ୱର୍ଗେ କଲେ ଗତି- ରାମ ପଦେ ବିଭୀଷଣ ।
ପଡି ବୋଲେ ରଖ- ହେ ପଙ୍କଜ ମୁଖ- ମୋର ଛୋଟ ନିବେଦନ ।
ଅଭୟ ଉଭୟ
ଚରଣ ଲଗାଇ ହେଲେ ।
ଶୁଦ୍ଧ କର ଲଙ୍କା- ସିଂହାସନ ଶଙ୍କା- ଯାଉ ଦୟାନିଧି ବୋଲେ । ।। ୪୯ ।।

Digitized by PPRACHIN, SOA

ସେକାଳର ନୀଳ ମଣି ପଥର ଏଯୁଗର ଟିଭି

ରାଗ : ଦେଶାକ୍ଷ (ସ) ଅନୁପ୍ରାସ

ଛାନ୍ଦ - ୬୯

ସରସ୍ୱତୀ ଷଣ୍ଢଚନ୍ଦ୍ରା ନନ୍ଦନ । ଶରଧାରେ ଘେନାକର ବନ୍ଦନ,
ସରଳ ପଦଦାନେ ବସ କଣ୍ଠେ ଶରଣ ଜନ ସ୍ମରୁଛି ଉତ୍କଣ୍ଠେ ।
ସଂସ୍କାରେ= ଲେଖନୀ ଧରୁ ହସ୍ତେ,
ସରମ ଲାଗୁଛି ଇହଜଗତେ । ୧ । (ଘୋଷା)

ସୁର ସୁର ପତି ପୂର୍ବ ଛାନ୍ଦରେ, ସ୍ୱର୍ଗେ ଯାଉ ପଥେ ବିଚାରକଲେ,
ସତ୍ୟ ସନ୍ଧ ବୈକୁଣ୍ଠ ତେଜି ଆଉ, ସସ୍ତ୍ରୀକ କମରତେ ରହିବା ନୋହୁ ।
ଶାୟକ= ଧରି ଛାଡି, ଚକ୍ରକୁ,
ସଂଗ୍ରାମେ ନାଶି ସାରି ରାବଣକୁ ।୨।

ସରସିଜାନାନ ଦେବ ବିଚାର, ଶୁଣି ଗୁଣି ମନେ କଲେ ପ୍ରଚାର,
ସରି ନାହିଁ ରାମଙ୍କ ଇହଲୀଳା, ସାକ୍ଷାତେ ରହି ଯେ କୈକେୟୀବଳା ।
ସକଳ= ମାତା ଦେଖିବା ପାଇଁ,
ଶୁଭ ଅଭିଷେକ ନେତ୍ର ପୁରାଇ । ୩ ।

ସୀତୟା ଜନାନୀ ନହୋଇବେକି, ସୂର୍ଯ୍ୟବଂଶ ଏଥିଲୋପ ହେବକି ,
ଶିବ ଏହା ଶୁଣି ଦେଲେ ଉତ୍ତର, ଶୁଣ ସର୍ବେ ଯାହା ଶାସ୍ତ୍ର ବିଚାର ।
ସ୍ଥୁଳଯେ= ସୂକ୍ଷ୍ମ ସେ ଯଶଃ ଦେହୀ
ସଂରକ୍ଷିତ ଯଶଃ ବିନାଶେ ରହି । ୪ ।

ସଂଶୟ ମନରୁ ଜାଣିବାପାଇଁ, ସୁରେ ପୁଚ୍ଛୁ କହନ୍ତି ଉମାସାଇଁ,
ସତ୍ୟ ଯୁଗୁ ପ୍ରଭଞ୍ଜନା ତପରେ, ସହାଁରି ବରକୁ ନେଉଛି ଥରେ ।
ସେନାରୀ= ମାନସ ପୂର୍ଣ୍ଣହେଉ,
ସଙ୍କେତ ପାଇଲେ ସାଧିବ ଦାଉ । ୫ ।

ସଙ୍କୋଚେ ସ୍ୱୀକାର ଦେଇଣ ଦେବ, ସ୍ୱର୍ଗେ ଗଲେ ଏଣେ ଚିନ୍ତି ରାଘବ,
ସଂସ୍କାର ନିମନ୍ତେ ଲଙ୍କା ଆସନ, ସୀତା ସଙ୍ଗେ ରଥେ ଉପବେଶନ ।
ସଙ୍ଗରେ= ସେନା ଆଦି ଲକ୍ଷ୍ମଣେ,
ସଜେ ବିଭୀଷଣ କାମନା ପୂର୍ଣ୍ଣେ । ୬ ।

ସୌହାର୍ଦ୍ଦ୍ୟେ ସରମା ହୋଇଣ ସଜ, ସୀତା ରାମଙ୍କର ପଦ ସରୋଜ,
ସ୍ୱହସ୍ତେ ଧୋଇ ସ୍ୱାମୀ କରେ ଦେଉ, ଶୁଦ୍ଧପୂତେ ଜଳ ସିଞ୍ଚନ୍ତି ସେହୁ ।

Digitized by PPRACHIN, SOA

ସକଳ= ସ୍ଥାନେ ରାଜ ଆସନ,
ପବିତ୍ର ହୋଇଲା ବିଚାରିମନ । ୭।

ସେକାଳେ ରାମେ ଦେଉ ମନ୍ତ୍ରୀବର, ସୁବର୍ଣ୍ଣ ମୁକୁଟ ରାବଣଙ୍କର,
ସତ୍ୟେ ବିଭୀଷଣ ଶିରେ ବାନ୍ଧିଲେ, ସରମାକୁ କୋଳେ ବସାଇ ଭୋଳେ ।
ସଂଯମେ= ରାଜାଙ୍କ ଶେଷକୃତ୍ୟ,
ସାରି ରାମ କୀର୍ତ୍ତି କରନ୍ତି ବ୍ୟକ୍ତ । ୮ ।

ସରମା ଆସନୁ ଆସି ସେକାଳେ, ସୀତାଙ୍କ କର ଧରି ଧୀରେ ଚଳେ,
ସଙ୍ଗେ ଯାଆନ୍ତି ରାମ ବିଭୀଷଣ, ସଙ୍ଗୀତେ' ରତ ବାରାଙ୍ଗନା ଗଣ ।
ସଜ୍ଜିତ= ଲଙ୍କାସଭାସଦନେ,
ସଞ୍ଚରିଣ ରାମ ପୁଛିଲେ ଧ୍ୟାନେ । ୯ ।

ସତେଜ କିମ୍ପା ଦିଶେ ସେ ପାବଚ୍ଛ, ଶୁଣି ଲଙ୍କେଶାନୁଜ କହେ ବଚ,
ସନ୍ତତ ଏ ନୀଳମଣି ପଥରେ, ସିଦ୍ଧି ଲାଭେ ଲଙ୍କେଶ ଦେଖୁଥିଲେ ।
ସନନ୍ତେ= ତୁମ୍ଭର ଅପଘନ,
ସଦା ମନ୍ଦ ସିନା କହନ୍ତି ଜନ । ୧୦ ।

ଏତ୍ୟସନ୍ଧଶୁଣି ବୋଲନ୍ତି ବାରି, ସତକହ ସେହି ଦେଖିବା ପରି,
ସଭାସଦ ମାତା, ଭ୍ରାତାଦି ଯେତେ, ସନ୍ଦେହ ମୋଚନେ ଦିଶିବ ମୋତେ ।
ସଂକ୍ଷିପ୍ତେ= କହନ୍ତି ବିଭୀଷଣ,
ଶୀଘ୍ର ନିକ୍ଷେପ କରନ୍ତୁ ନୟନ । ୧୧ ।

ସମସ୍ତ ସେନା ସୈନ୍ୟଙ୍କ ଆଗରେ, ସସ୍ତ୍ରୀକ ରାମଚାହୁଁ ସରାଗରେ,
ଶୁଭ ମନାସି ଦେଖିଲେ ଯେ ମାତ, ଶୋକ କରୁଛନ୍ତି ଅନବରତ ।
ବଶିଷ୍ଠ= ଦିନ ଗଣନ୍ତି କରେ,
ଶୁଚି ପ୍ରବେଶଣେ ଭ୍ରତ ପାଶରେ । ୧୨ ।

ସମାସ୍ୟା ନଦେଇ ଦୁଃଖେ ଭାଜିଣ, ସମାସେ ଭାବନ୍ତି ଧନ୍ୟରାବଣ,
ସରମା ବିହାରୀ ଏକାଳେ ତହିଁ, ସେ ନୀଳମଣି ପ୍ରସ୍ତର ଉଠାଇ ।
ସ୍ଥାପିଣ= ରାମକରରେ ବୋଲେ,
ସଙ୍ଗେ ନିଅ କେବେ ମନେ ପଡିଲେ । ୧୩ ।

ସମୀପେ ଦେଖିବା ପରି ଦିଶିବ, ଶୁଣି ରାମ ମୌନେ ବଢ଼ାଉ ଭାବ,
ସେ ନୀଳମଣି ପଥର ତଳରେ, ସୁନ୍ଦରୀ ବେଙ୍ଗ ଥାଇ ବୋଲେ ଖରେ ।
ସାରିଲ= ସତ୍ୟସନ୍ଧ ସରବ,
ସମର୍ପଣ କରି ଧର ସେ ଦ୍ରବ୍ୟ । ୧୪ ।

Digitized by PPRACHIN, SOA

॥ ଶ୍ଳୋକ ॥

ଇନ୍ଦ୍ର ଦ୍ରୋକ୍ଷ ପଦଂ ମମନ୍ଥନ ଉର୍ବି ପଞ୍ଚାନନ ପଦ୍ମଜ ।
ବାର୍ଦ୍ଧି ସ୍ୱାଦ ଜଳଂ ଶିବଶିତ ଗଳଂ ପିତାମ୍ବର ପିଙ୍ଗଳଂ ॥
ହୟାନ ପକ୍ଷଃ ଯୁକ୍ତାନ ତଥାପି ନ ନଗା କାମାଞ୍ଚ ଷଟ୍ ବିଗ୍ରହ ।
ସର୍ବ ଦୁଷ୍ଟମୟୀ ତ୍ୱୟି ରଘୁପତେ ଦତାପହାରି ବିନା ॥

ସକ୍ରଙ୍କର ଦୁଇ ନୟନଥିଲା — ଶାପେ ସହସ୍ରାକ୍ଷ ହୋଇ ନଥିଲା
ସିନ୍ଧୁ ମନ୍ଥନ ବିନା ଥିଲା ପୁଣି — ସୁମଧୁର ଜଳ ନ ହୋଇ ଲୁଣି ।
ଶୁକ୍ଳ ଯେ-ଶଙ୍କର ଗଳା ଥିଲା — ସର୍ପ ବିଷ ନେଳୀ ହୋଇଲା ।୧।
ଶ୍ରୀପତି ଦେହ ନୀଳବର୍ଣ୍ଣହୀନ — ଶୋଭା କରୁଥିଲା ପିଙ୍ଗଳ ବର୍ଣ୍ଣେ
ଶୈଳ, ଅଶ୍ୱ ବେନି ପକ୍ଷକୁ ଧରି — ସ୍ୱର୍ଗକୁ ପାରୁଥିଲେ ଭଦ କରି
ସ୍ମରଙ୍କର ଚାରୁ ବିଗ୍ରହଥିଲା — ଶିବ କୋପାନଳେ ଜଳି ନଥିଲା
ସେକାଳୁ- ଦେଖିନି ଅଛି ହରି — ସତେ ତୁମ୍ଭ ପରା ଦତ୍ତାପହାରୀ ।୨।

ସିନ୍ଧୁ ସ୍ୱାଦୁ ଜଳ ଶଙ୍କର ଗଳ, ସୁଧାଂଶୁ ପରାୟେ ଥିଲା ଉଜ୍ଜ୍ୱଳ,
ସ୍ରଷ୍ଟାଙ୍କର ଥିଲା ପଞ୍ଚ ଆନନ, ଶ୍ରୀପତି ଶରୀର ପିଙ୍ଗଳ ବର୍ଣ୍ଣ ।
ସେ ଅଶ୍ୱ= ପର୍ବତେ ଉଡୁଥିଲେ,
ସେକାଳୁ ମୁଁ ଅଛି ଏହି ଅଞ୍ଚଳେ । ୧୫ ।

ସତ୍ୟ ହିଁ ପରମ ଧର୍ମ

ସୁଜନ ଯେ ଧର୍ମ କର୍ମ ଆଚରେ, ସୁକଲ୍ୟାଣ ଆସି ତା ପଦଧରେ,
ସନ୍ଥ କ୍ଷତି ଲାଭେ ନହୁଏ ଦୁଃଖୀ, ସୁମତି'କୁ ନାଶେ କୁମତି ଆଖି ।
ସତ୍ୟ ଯେ= ଧରମର ଆଧାର,
ସତ୍ୟବଳୁ ଧରା ଧରେ ସଂସାର । ୧୬ ।
ସତ୍ୟ ଶିବ ସୁନ୍ଦର ଯେ ମହିମ, ସତ୍ୟରଖି ବନେ ଆସିଲ ରାମ ।
ସତ୍ୟପରାତୁମ୍ଭ ପାଦ ସରଣୀ, ସତ୍ୟ ତୁମ୍ଭେ ଭବ ସିନ୍ଧୁ ତରଣୀ ।
ସତ୍ୟରୁ= ରବି ଚଳନ୍ତି ନଭେ,
ସତ୍ୟରୁ ଚଳନ୍ତି ଗ୍ରହ ସରବେ । ୧୭ ।
ସତ୍ୟରୁ ଚନ୍ଦ୍ର' ଜୋସ୍ନା ଦେବା କହେ, ସତ୍ୟରୁ ବ୍ରହ୍ମାଣ୍ଡ ମାଳ ତୋ ଦେହେ ।
ସତ୍ୟ ନିହିତ ଜଗତ ପବିତ୍ର, ସତ୍ୟରୁ ସାଧୁ ସନ୍ଥ ଆତଜାତ ।
ସତ୍ୟ ଯେ= ଛେଦେ ମିଥ୍ୟାରଜାଲ,
ସତ୍ୟ ସନ୍ୟାସୀଙ୍କ ଅଭେଦ ଢ଼ାଲ । ୧୮ ।
ସତ୍ୟ ଧର୍ମ ବେନି ସଂଯୁକ୍ତ ନୀତି, ସତ୍ୟ ବାଣୀ ବେଦ ପୁରାଣ ଉକ୍ତି ।
ସତ୍ୟରେ ଅସତ୍ୟ ରହି ନପାରେ, ସତ୍ୟରୁ ସାଧୁ ନଟଳଇ ଗାରେ ।
ସତ୍ୟର= ଶିକ୍ଷା ଦୀକ୍ଷା ଯା ସାର,
ସତ୍ୟ ଧନ ପୂର୍ଣ୍ଣ କର ଭଣ୍ଡାର । ୧୯ ।

Digitized by PPRACHIN, SOA

ସତ୍ୟ ସଦାକାଳେ ପରମ ପଦ, ସତ୍ୟ ବାକ୍ୟ ସୁଧା ସଦା ଶୁଭଦ ।
ସତ୍ୟଟି ସର୍ବଦା କଥାର ମଥା, ସତ୍ୟରୁ ଏ ଚରାଚର ବ୍ୟବସ୍ଥା ।
ସତ୍ୟକୁ= ପାଳି ରହିଛି ପୁଣ,
ସତ୍ୟ କଥା ଯାହା କହିଲି ଗୁଣ । ୨୦ ।
ସତ୍ରୁ୍ୟ ତୁମ୍ଭ ପରି ଦତ୍ତାପହାରୀ, ସ୍ୱନେତ୍ରରେ ଦେଖିନାହିଁ ମୋହରି ।
ଶରଣ ରଖି ଦେଇ ରାଜ୍ୟଦାନ, ସେ ସ୍ଥାନରୁ ଦ୍ରବ୍ୟ କର ଗ୍ରହଣ ।
ସେ ଛାର= ନୀଳମଣି ପଥର,
ଶୁଣିଶିଳା ରଖିଲେ ରଘୁବୀର । ୨୧ ।
ଶେଷ ଦେବ ଶୁଣି ଭେକ ଭାରତୀ, ସୁସ୍ମାରେ ଦେଖାଇଲେ ନିଜ କ୍ରୋତି ।
ସଦାଶିବ ବନ୍ଦ୍ୟ ବୋଲନ୍ତି ଘନେ, ସତ୍ୟଯୁଗେ ଏକ କାର୍ଯ୍ୟ କାରଣେ ।
ସଂଘାତେ= ସେଦିତି ଗର୍ଭ ଦଣ୍ଡେ,
ସହସ୍ରାକ୍ଷ ବାକ୍ୟେ କଟାଉ ଚାଣ୍ଡେ । ୨୨ ।
ସେ ଭ୍ରୂଣ ଅଣଚାଶ ଖଣ୍ଡ ହେଲା, ସ୍ୱଧର୍ମୁ ସଞ୍ଚରି ଜାତ ହୋଇଲା ।
ସେଥିରୁ ଏକ ନାମ ପ୍ରଭଞ୍ଜନ, ସଂଯୁକ୍ତେ ଏ (ବେଙ୍ଗ) ବାଳା ତାକୁ ବରିଣ ।
କହଇ = ଶୁଣି କମ୍ପାଇ ବୁକୁ,
ଶିବ ସେବି ପ୍ରତିଶୋଧ ନେବାକୁ । ୨୩ ।
ସେହି ଯେ ପୂର୍ବୁ ବେଙ୍ଗ ରୂପେ ଥିଲା, ସୂକ୍ଷ୍ମେ ମୋ ଯଶଃ ଶରୀର ହରିଲା ।
ସେଥିପାଇଁ କ୍ରୋଧ ନୁହ ଲକ୍ଷ୍ମଣ, ସ୍ୟନ୍ଦନ ବିଭୀଷଣ କହିଆଣ ।
ସେଶିଳେ= ଦେଖି ଭରତ କର୍ମ,
ସହସା ଭୟେ ମଥା ହୁଏ ଭ୍ରମ । ୨୪ ।
ସେ ନୀଳମଣି ପ୍ରସ୍ତରଟି ଟିଭି, ସେକାଳୁ ଥିଲା ଏବେ ବିଜ୍ଞେ ଭାବି ।
ସରସ ସୁନ୍ଦର କରିଲେ ତାହା, ଶ୍ରମ ବୁଝି ବିବୁଧେ ଘେନ ଏହା ।
ସପ୍ତାଶ୍ୱ= ମଧ୍ୟାହ୍ନେ କରତ୍ରାସେ,
ଶ୍ରୀରାମ ବନ୍ଦି ଦୟାନିଧି ଭାଷେ । ୨୫ ।

Digitized by PPRACHIN, SOA

ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ

ଆକାଶରୁ ପୁଷ୍ପକ ଯାନେ ସୀତାଙ୍କୁ ନାନା ଦୃଶ୍ୟ ପ୍ରଦର୍ଶନ

(ରାଗ-କେଦାର ଗୌଡ)

ଛାନ୍ଦ-୭୦

ପୁଷ୍ପକ ବିମାନ- ଆସୁ ରଘୁନାନ ବିଦାୟ ଦେଇ ସଇନ୍ୟେ
ଆରୋହିଲେ ଯାନ- ସୁଗ୍ରୀ ବିଭୀଷଣ- ପ୍ରକାଶ କଲେ ଦଇନ୍ୟେ
ହେ ବିଭୁ
ତୁମ୍ଭ ସଙ୍ଗେ ନିଅ ଆମ୍ଭେ ଯିବୁ ।
କିଛିଦିନ ଆଉ ପାଶେ ଥିବୁ ।
ଅଭିଷେକ ଉତ୍ସବ ଦେଖିବୁ ॥ ୧ ॥

ଏହା ରଘୁରାଣ- ଶୁଣି ନିମନ୍ତ୍ରଣ- କରି ସଭିଙ୍କୁ ସତ୍ୱରେ,
ବସାଇଲେ ଯାନେ- ଗଲାସେ ଗଗନେ- ଶ୍ରୀରାମ କହନ୍ତି ଧୀରେ,
ଗୋ ସତୀ
ଦେଖ ଫେନିଳ ସାଗର ଗତି,
ମଳୟ କାନନ ଯାଏ ବ୍ୟାପ୍ତି ।
ଢେଉ ଉଠି ମିଶି ଯାଉଛନ୍ତି ॥ ୨ ॥

ଶରତ କାଳେ ସ୍ୱଚ୍ଛ- ଆକାଶକୁ କଚ୍ଛ- ଛାୟାପଥ କଲାପରି,
ସେତୁ ଦ୍ୱାରା ଭାଗ- ହୋଇଅଛି ଆଗ- ଦେଖ ଅକୂପାର ବାରି,
ଗୋ ସତୀ
ଏହା ଆମ୍ଭ ସୂର୍ଯ୍ୟବଂଶ କୀର୍ତ୍ତି,
ରତ୍ନ ରାଶି ଏଥୁ ଉପୁଜନ୍ତି,
ବଡ ବାଗ୍ନି ତା ମଧ୍ୟେ ଅଛନ୍ତି ॥ ୩ ॥

ସୂର୍ଯ୍ୟରଶ୍ମି ଏହି- ଠାରୁ ଜଳ ନେଇ- କରନ୍ତି ଜଳ ସେଚନ,
ଚନ୍ଦ୍ର ଏଥୁ ଜାତ- ହେବାରୁ ସମସ୍ତ- ଆହ୍ଲାଦ ଦାୟକ ଜାଣ,
ଗୋ ପ୍ରିୟେ
ଅନନ୍ତ ଏ ଅନ୍ତକରି ନୁହେଁ,
ବିଷ୍ଣୁ ପରି ପରିବ୍ୟାପ୍ତ ହୁଏ,
ସ୍ୱ ମହିମାରେ ପୃଥିବୀ ଦହେ ॥ ୪ ॥

ଯୁଗାନ୍ତ ସମୟ ହେଉ ବିଶ୍ୱମୟ- ବିଶ୍ୱବ୍ରହ୍ମାଣ୍ଡ ସଂହାରି ,
ଏ ସିନ୍ଧୁ ମଝାରେ ଅନନ୍ତ ଶଯ୍ୟାରେ ଯୋଗନିଦ୍ରା କରୁ ସ୍ମରି,

Digitized by PPRACHIN, SOA

ରେ ଧନ
ନାଭି ଦେଶୁ ଜାତ ପଦ୍ମାସନ,
ସଦା ସ୍ତୁତି କରନ୍ତି ଗାୟନ
ଦେଖ ଦେଖ ପକାଇ ନୟନ ॥ ୫ ॥

ନଗ୍ନ ମହୀପତି- ଶତ୍ରୁଭୟ ଚିନ୍ତି- ଧାର୍ମିକ ନୃପେ ଆଶ୍ରୟ,
ନେବା ପରିଶତ- ଶତ ଯେ ପର୍ବତ ଚତୁଃ ପାର୍ଶ୍ୱେ ଲୟ ଦିଅ,
ରେ ଧନ
ପକ୍ଷ ବିଚ୍ଛେଦୁ ପାକ ଶାସନ
ବରାହା- ବତାରେ ନାରାୟଣ,
ଧରଣୀ ଧରୁ ଦନ୍ତ ଅଗ୍ରେଣ ॥ ୬ ॥

ପ୍ରଳୟ ବର୍ଦ୍ଧିତ- ସ୍ୱଚ୍ଛ ଜଳ ସ୍ଥିତ- ବିରଞ୍ଚି କମଣ୍ଡଳୁରେ,
ରହିଲା ଏତିମି- ଙ୍ଗିଳଜୀବ ଭୂମି- ଗୁହାରି କରିବା କାଳେ,
ରେ ସହି
ବିଷ୍ଣୁ ପଦରୁ ଥିଲେ ଝରାଇ,
ଭାଗିରଥି ଆଣିଥିଲେ ମହୀ,
ବଳକା ଜଳ ସାଗରେ ରହି ॥ ୭ ॥

ଦେଖ ଦେଖ ମେଳ- ହୋଇ ମେଘ ଜଳ- ଟାଣୁ ଏକଳ ଭଉଁରୀ
ଖରେ ଘୂରୁଅଛି- ପ୍ରତ୍ୟୟ ହେଉଛି- ସାଗର ମନ୍ଥନ ପରି,
ଗୋ ଜ୍ଞାନେ
ଦେଖ ଶୟନରେ ସର୍ପମାନେ
ପଡି ଅଛନ୍ତି ପବନ ପାନେ
ଫଣି ମଣି ତେଜ ଦିଶେ କେହ୍ନେ ॥ ୮ ॥

ଦେଖ ଏ ମନ୍ଦିର- ଉଭା ରାମେଶ୍ୱର- ମୋ ସେତୁ ପ୍ରତିଷ୍ଠାକାଳେ,
ବିପ୍ର ଲଙ୍କସାଇଁ- ଆସିଥିଲେ ଧାଇଁ- ଡକାଉ ମୋର ମଙ୍ଗଳେ,
ଗୋ ସିଦ୍ଧେ
ରଣଜୟ ଏ ଲିଙ୍ଗ ପ୍ରସାଦେ ।
ମାନସ ପୂଜାକୁ କର ଶୁଦ୍ଧେ ।
ସୀତା କର ଯୋଡି କହି ହାଦେ ॥ ୯ ॥

ଆହେ ରଘୁ ପତି- ଶୁଣ ମୋ ଭାରତୀ- ମୋ କର୍ମ ଦୋଷେ ରାବଣ,
ନେଇଗଲା ପୁରେ- ନିର୍ଦ୍ଦୋଷ ସାଗରେ- ସେତୁ ହେଲା ଗଲେ ସୈନ୍ୟ,
ହେ ବନ୍ଧୁ
ବନ୍ଧନେ କି ରହିଥିବେ ସିନ୍ଧୁ,

Digitized by PPRACHIN, SOA

କର ପ୍ରତିକାର କେ ନ ନିନ୍ଦୁ,
ବନ୍ଧକାଟି ଶୁଦ୍ଧ କର ସିନ୍ଧୁ ।। ୧୦ ।।

ଶୁଣି ଏ ଭାରତୀ- ଗୁଣି ସୀତାପତି- ପେଷୁ ଯାଇ ସେ ଲକ୍ଷ୍ମଣ
ଧନୁ ହୁଳେ କାଟି- ନାମ ଧନୁ ଷ୍କୋଟି- ତୀର୍ଥ କରାଇଲେ ପୁଣ
ସେ ବୀର
ପ୍ରକାଶିଲେ ଏଥି ମର୍ତ୍ତ୍ୟନର ।
ଆସି କଲ୍ମଷ କରିବେ ଦୂର
ଦର୍ଶନ ଯେ କରି ରାମେଶ୍ୱର ।। ୧୧ ।।

ହେସୀତେ ସମୁଦ୍ର- ଦୂରେ ଦେଖ କ୍ଷୁଦ୍ର- ତାଳ ବନ ବେଳାଭୂମି ।
ଦିଶେ କି ମଞ୍ଜୁଳ- ଗୁଆ ଗଛ ମାଳ- ତରଙ୍ଗ ପବନେ ଭ୍ରମି ।
ରେ ଧନ
ତା ନକଟ କେତକୀ ସୁମନ,
ପରାଗକୁ ଆଣି ସମୀରଣ,
କରାଏ ସର୍ବ ମୁଖ ମଣ୍ଡନ ।। ୧୨ ।।

ଶୁକ୍ତି ବିଗଳିତ- ସେ ମୁକୁତା ବ୍ରାତ- ଗୋଟି ଗୋଟି ହୋଇକରି,
ପଡି ଦେଖ ସତୀ- କି ଶୋଭା ଦିଶନ୍ତି- ନଭେ ନକ୍ଷତ୍ରଙ୍କ ପରି,
ରେ ଥରେ
ପଛ ପାର୍ଶ୍ୱକୁ ଅନାଅ ଧୀରେ
ସିନ୍ଧୁ ପଛେଇ ଯାଉଛି ଦୂରେ ।
ଯାନ ଖରେ ଗତି କରେ ଖଂ ରେ ।। ୧୩ ।।

ଦେଖ ବଇଦେହୀ- ଶ୍ୟାମ ବନଭୂଇଁ- କି ପରି ଦିଶଇ ସ୍ୱଚ୍ଛେ,
ସାଗର ମଧ୍ୟରୁ- ବାହାରି କି ତରୁ- ଧାଇଁ ଧାଇଁ ଆସେ ପଛେ,
ରେ ଧନ
ଦେଖ କେବେ କେବେ ମେଘେଯାନ,
କେତେ ବେଳେ ଅମର ମାର୍ଗେଣ,
ସ୍ୱଇଛାରେ ତାହାର ଗମନ ।। ୧୪ ।।

ମଧ୍ୟାହ୍ନ କାଳୀନ- ଗ୍ରୀଷ୍ମ ତାପେ ଧନ- ତବ କୋମଳ ବଦନେ,
ବିନ୍ଦୁ ବିନ୍ଦୁ ସ୍ୱେଦ- ବହିବାରୁ ଇନ୍ଦ୍ର- କରି ମଦ ଗନ୍ଧ ପୂର୍ଣ୍ଣେ
ସେ ସୁର
ତରଙ୍ଗିଣୀ ତରଙ୍ଗ ସମୀର
କର କମଳରେ ବାରମ୍ବାର,
ମିଶାଇ ପୋଛୁଚି ଧୀର ଧୀର ।। ୧୫ ।।

Digitized by PPRACHIN, SOA

ଏହି କାଳେ ଘନେ- ସୀତା ବାତାୟନେ- ଜଳଦକୁ କୁତୁହଳେ ।
ଛୁଅନ୍ତେ ବିଜୁଳି- ସୁ ବଳୟ ପରି- ସୀତାଙ୍କ କର କମଳେ ।
ସେ ଘୂରି
ବନ୍ଦି ବୃଷ୍ଟି କଲା ନାରୀ ଶିରୀ
ସେଥି ଦେଖାନ୍ତି ସେ ଚାପଧାରୀ ।
'ଦେଖ ଦେଖ ଏ କନ୍ଦର ଗୋରୀ ।। ୧୬ ।।

ଦଇତଙ୍କ ଭୟେ- ବଲ୍କଳ ଧାରୀଏ- ପରତ୍ୟକ୍ତ କରିବାସ
ଥିଲେ ଲୁଚି ଆନେ- ରାବଣ ନିଧନେ- ହୋଇଣ ସର୍ବେ ହରଷ
ଯେ ଆସି
ସୁଖେ ତପ କରିଲେଣି ବସି
ଯେବେ ଆସି ପୂର୍ବ ଦେବ ଶଶୀ,
ଘେନିଗଲା ତୁମ୍ଭଙ୍କୁ ସୁକେଶୀ ।। ୧୭ ।।

ଖୋଜୁ ଆମ୍ଭେ ଦୁଃଖେ- ଏ କାନନ ବୃକ୍ଷେ- ଭାଷା ନପାରି ଉଚାରି ।
ଶାଖା ଅବନତ- କରିଣ ସନ୍ତତ- କହୁଥିଲେ ଦଶଶିରୀ
ଏ ଦିଗେ
ଘେନି ଗଲା ରଥେ ଦେବ ମାର୍ଗେ
ଦୁଃଖେ ତୃଣଧରି ମୁଖେ ମୃଗେ,
ନିର୍ଦ୍ଦେଶନା ଦେଉଥିଲେ ଆଗେ ।। ୧୮ ।।

ଏହି ମାଲ୍ୟବନ୍ତ- ପାଦରେ କୁକୁଟ- ବକ ତୁମ୍ଭ ବାର୍ତ୍ତା ଦେଇ
ବର ପାଇଥିଲେ- ଏଗିରି ଶିଖରେ- ବର୍ଷାକାଳ କାଟି ମୁହିଁ
ରେ ଧନ
ଚିନ୍ତୁଥିଲି ତୋର ଅପଘନ,
ଶୁଣି ମଣ୍ଡୁକ ଝିଙ୍କାରି ସ୍ୱନ ।
ଦୂତ କରି ପେଷିଥିଲି ଘନ ।। ୧୯ ।।

ପୁଣି ସେଥିଖରେ- କହନ୍ତି ଶ୍ରଦ୍ଧାରେ- ରାମ ଶୁଣ ବଇଦେହୀ
ଦର୍ଶନୀୟ ସ୍ଥାନ- ମାନ ଯା ଲବଣ- ସାଗରଠୁଁ ଦେଖିଲେଇଁ
ରେ ଧନୀ
ଆଗରେ କିଷ୍କିନ୍ଧ୍ୟା ରାଜଧାନୀ
ମିତ୍ର ନ ଆସୁ କଣ୍ଟକୁ ଗଣି
ଲକ୍ଷ୍ମଣ ଯେ ଗଲା ସେନା ଆଣି ।। ୨୦ ।।

ଅଗସ୍ତି ମାର୍କଣ୍ଡ- ଏହି ସ୍ଥାନେ ରୁଣ୍ଡ- ହୋଇଥିଲେ ଏକା ଦେଖି,
ସେକାଳେ ଲକ୍ଷ୍ମଣ- ଉଭାଧରି ସୈନ୍ୟ- ଏହି ବେଲାବନ ସାକ୍ଷୀ,

Digitized by PPRACHIN, SOA

ଗୋ ବସି
ଏଥୁ ଚାରିଦିଗେ ଦୂତ ପେଶି
ଅପେକ୍ଷାରେ ଥିଲୁ କାଶ ହାସୀ
ତୁମ୍ଭ ବିରହ ଜଳରେ ଭାସି ।। ୨୧ ।।

କିଷ୍କିନ୍ଧ୍ୟା ନଗରୀ- ଏହି ଚମ୍ପା ଗୋରୀ- ତୁମ୍ଭ ଉଦ୍ଧାର ନିମନ୍ତେ,
ସୁଗ୍ରୀବ ସହତ- ବସିଲି ମୁଁ ମିତ୍ର- ବାଳି ବେଭାର ସୁ ବ୍ୟକ୍ତେ
ରେ ଧନ
ତାରାଙ୍କୁ ଯେ ସତୀ କରାଇଣ
ମିତ୍ର ହସ୍ତେ କରିଲି ଅର୍ପଣ
ଯୁବରାଜ ଅଙ୍ଗଦେ କରିଣ ।। ୨୨ ।।

କିଷ୍କିନ୍ଧ୍ୟାର ନାମ- ଶୁଣୁ ଶୁଣୁ ରାମ- ଚନ୍ଦ୍ରଙ୍କୁ କହନ୍ତି ସୀତା
ରଖାଇବା ଯାନ- ଏଥି କିଛିକ୍ଷଣ- ପଠାଇବା ସେଥିବାର୍ତ୍ତା
ହେ ସାଇଁ
କିଷ୍କିନ୍ଧ୍ୟା ନାରୀ ଆସିବା ପାଇଁ
ଆନନ୍ଦ ଲଭିବି ଦେଖୁ ଯାଇ,
ଅଯୋଧ୍ୟାକୁ ସଙ୍ଗତେ ନେବଇଁ ।। ୨୩ ।।

ଋକ୍ଷ କପି ସୈନ୍ୟ- ଆତ୍ମୀୟ ସ୍ୱଜନ- ଦେଖି ସାନନ୍ଦ ଲଭିବେ,
ନ ନେଇ ମହିଳା- ଗଲେ ସୈନ୍ୟ ଭେଳା, ଧରିଲୋକେ ନିନ୍ଦା ଦେବେ,
ହେ କାଳୀ
ବୋଲି ହେବ ମୋ ଯଶଃ ମଉଳି
ଶୁଣି ପ୍ରିୟାକଥା ବୀର ମୌଳି ।
ମିତ୍ର ସମ୍ମତି ଅଣାଇ ଭାଳି ।। ୨୪ ।।

ପବନ ତନୟ- ପଠାଇଲେ ଜୟ- ବାର୍ତ୍ତାଦେଇ ନାରୀଚୟ,
ଡାକି ଆଣ ଜବ- କରନ୍ତୁ ଲାଘବ- ଦୁଃଖ ଦେଖି ଛାଡିଭୟ,
ସେ ଗଲା
ଆମନ୍ତ୍ରଣ ଜଣାଇ ଆଣିଲା
ଭେଟ ମଧୁର ମିଳନ ହେଲା
ସର୍ବ ନେତ୍ର ସଜଳ କରିଲା ।। ୨୫ ।।

ବାନର ବାନରୀ- ଦିବ୍ୟ ଦେହଧରି- ଶ୍ରୀରାମ ଆଦେଶ ରଥ,
କଲେ ଆରୋହଣ, ସୁଖେ ଜୟରାମ- କହୁ ଯାନ ଧରେ ପଥ,
ସେ ତାରା
ରାମ କାମ ଦେଖି ହୁଏ ତ୍ୱରା

Digitized by PPRACHIN, SOA

ଅଯୋଧ୍ୟା ଦରଶନେ ବିହ୍ୱଳା
ଯହିଁ ନୃପ ହେବେ ଚାପଧରା ।। ୨୬ ।।

ଏହି କାଳେ ରଥ- କାନନେ ବେଷ୍ଟିତ- ରାମଙ୍କ ବିରହ ସ୍ମୃତି ।
ପମ୍ପା ସରୋବର ଶବରୀ କୁଟୀର କବନ୍ଧ ରାକ୍ଷସ ମୁକ୍ତି-
ଯେ ସ୍ଥାନ
ମାନଙ୍କରେ ହୋଇଥିଲା ପୁଣ
ଗୋପାଳ ଦୁଗ୍ଧ କରିଲା ଦାନ
ଚକ୍ରବାକେ- ଶାପ ସ୍ଥାନ ମାନ ।। ୨୭ ।।

ତାପରେ ଅଶୋକ- ପୁଷ୍ପ ଦେଖି ଦୁଃଖ କଥା କହି ଭାବଗ୍ରାହି
ଦେଖନ୍ତି ରାବଣ- ଯେଉଁଠାରେ ଯାନ, ପରେ ଘେନିଗଲା ସହୀ
ସେ ସ୍ପନ୍ଦ
ସୁତ ମାୟା ମୃଗ ହୋଇ ଦ୍ୱନ୍ଦ,
ଘଟାଇଲା ଯାହା ହେଲା ମନ୍ଦ,
ଯହିଁ ଛେଦିଥିଲେ ଖର ସ୍କନ୍ଧ ।। ୨୮ ।।

ଦେଖ ଗୋଦାବରୀ- ତଟ ଏ ସୁନ୍ଦରୀ- ବେଶେ ସୂର୍ପଣଖୀ ଆସି
ଆତ୍ମା ନିବେଦନ- କରି ହାରି ଧର୍ମ- ଭୟ ଦେଖାଉ ସୁକେଶୀ
ତା ଫଳ
ପାଇଗଲା ପୁରେ କରି ରୋଳ
ତୁମେ ଯେ ତରୁଙ୍କୁ ଦେଇ ଜଳ,
ବଢ଼ାଇଥିଲ ଦେଖ ସକଳ ।। ୨୯ ।।

ଦେଖ ବଇଦେହୀ- ପଥଶ୍ରାନ୍ତେ ମୁହିଁ- ଏହି ଠାରେ ତୁମ୍ଭ କୋଳେ
ଶୋଇଥିଲି ରହି ବାତ ସେଥିବହି- ହରୁଥିଲା ଶ୍ରମ ତା ବଳେ,
ଗୋ କର୍ମ
ବଳରୁ ପାଳିଲେ ସିନା ଧର୍ମ
ଦେଖ ଆଗେ ଅଗସ୍ତି ଆଶ୍ରମ
ମହା ଯଶାକୃତି କ୍ରତୁ ଧୂମ ।। ୩୦ ।।

ପୂତ ଘୃତ ଗନ୍ଧ- ବହି ଆଣେ ମନ୍ଦ- ବାତ ସିନା ନୁହେଁ ଦେଖା
ଦେଖ ପରିପୂର୍ଣ୍ଣ- କୁଣ୍ଡରେ ଦହନ- ଙ୍କର ଲେଲିହାନ ଶିଖା ।
ଗୋ ଘନ ।
ତୁମ୍ଭି ଦିଶନ୍ତି କେଡେ ଶୋଭନ ।
ଦେଖ ସରଙ୍ଗଲେ ମନ୍ଦ କର୍ଣ୍ଣ ।
ତପ ସାଧୁ ବିପ୍ଳେ ବୃତ ହନ ।। ୩୧ ।।

Digitized by PPRACHIN, SOA

ପେଷୁ ଅପସରୀ- ନୃତ୍ୟଗୀତ କରି- ମୋହନ୍ତି ତପୀଙ୍କ ମନ
ଦେଖ ଦେଖ ଦୂରେ- ସୁତୀକ୍ଷ୍ଣ ନାମରେ ଆଉ ଜଣେ ତପୋଧନ
ଗୋ ନିଆଁ
ମଧ୍ୟେ ଦେଖ ନ ହୋଇ ଛାନିଆଁ
ଇନ୍ଦ୍ର ସୁଖେ ଡାକିବା ଦୁନିଆଁ
ଜାଣନ୍ତି ସେ ଫେରାଇ ଏ ନିଆଁ ।। ୩୨ ।।

ଦେଖ ଦେଖ ଧନ- ଅତ୍ରି ତପୋଧନ- ତପସ୍ୟା ପ୍ରଭାବେ ଏଥି
ପରସ୍ପର ଜୀବ- ଛାଡି ଶତ୍ରୁ ଭାବ- କି ଆନନ୍ଦେ ବିହରନ୍ତି
ଏ ବୃକ୍ଷେ
କେତେ ଫୁଲ ଫଳ ଦେଖ ସୁଖେ
ଅନୁସୂୟାଙ୍କ ଧର୍ମରୁ ସଖେ
ତପେ ତପୀକୁଳ - ଦେଖ ପାଖେ ।। ୩୩ ।।

ତପୋଧନଙ୍କର- ଅଭିଷେକେନୀର- ଅଭାବରୁ ଅନୁସୂୟା
ସ୍ୱର୍ଗ ଗଙ୍ଗା ଏଥି- ଆଣିଥିଲେ ଯତି- ପ୍ରାୟ ଶୁଦ୍ଧ ରଖି କାୟା
ସେ ବାରି
ବୃକ୍ଷ ମାନଙ୍କୁ ଯାଆନ୍ତି ଘୁରି
ଖରେ କଳ କଳ ନାଦକରି ।
ଦୂରେ ଫଲ୍ଗୁନଦୀ ଦେଖ ଗୋରୀ ।। ୩୪ ।।

ତୁମ୍ଭ ହସ୍ତୁ ବାଲି- ପିଣ୍ଡ ନେଇ ଚାଲି- ଯାଇଥିଲେ ପିତା କିନାଁ
ଦେଖ ଶ୍ୟାମବଟ- ଯାହାଙ୍କୁ ଶଙ୍କଟ- ଦୂରେ କରିଲ ପ୍ରାର୍ଥନା
ରେ ଧନ,
ପଦ୍ମରାଗ ମିଶା ଫଳ ମାନ
ମରକତ ମଣି ପତ୍ରେ ପୂର୍ଣ୍ଣ
ବୈଶାଖ ଆରମ୍ଭ ଷଷ୍ଠ ଦିନ ।। ୩୫ ।।

ଚିତ୍ରକୁଟ ଗିରି- ଦେଖରେ ସୁନ୍ଦରୀ- ଆକାଶ ଛୁଇଁଛି ଶିଖ,
ପିତାଙ୍କ ବିୟୋଗେ- ମାତାଗଣ ସଙ୍ଗେ- ଆସି ଭରତ ପ୍ରମୁଖ-
ରେ ଗୋରୀ
ଏଠୁ ଯିବାପାଇଁ ଆମ୍ଭେ ଫେରି
କେତେ ପରକାର କଲା ଅଳି,
ଦେଉ ପାଦୁକାକୁ ଗଲା ଚଳି ।। ୩୬ ।।

ଦେଖ ଆରେ ଗୋରୀ- ସର୍ବାଙ୍ଗ ସୁନ୍ଦରୀ- ଭାରତ ପ୍ରସିଦ୍ଧା ଗଙ୍ଗା ।
ସରସ୍ୱତୀ ସଙ୍ଗେ- ଯମୁନା ତରଙ୍ଗେ- ହୋଇ ଅଲଗା ଅଲଗା

Digitized by PPRACHIN, SOA

ରେ କାହିଁ
ରକ୍ତ, ଶ୍ୱେତ, ନୀଳ, ଜଳ ଶୋହି ।
କିମଞ୍ଜୁଳେ ଯାଉଛନ୍ତି ବହି ।
ସରସ୍ୱତୀ କାହିଁ କ୍ଷୀଣ ହୋଇ ।। ୩୭ ।।

ଗଙ୍ଗା ଓ ଯମୁନା- ସରସ୍ୱତୀ ସିନା- ମିଶୁ ତ୍ରିବେଣୀ ବିଖ୍ୟାତ ।
ସ୍ନାନ କଲେ ଜନ- ନୁହେଁ ପୁନର୍ଜନ୍ମ- କହିଛନ୍ତି ବେଦ ଶାସ୍ତ୍ର ।
ଗୋ ସହି,
ସ୍ନାନ କରିଯିବା ଏଥିରହି ।
ଦେଖ କିରାତ ନଗର ସେହି ।
ମିତ୍ର ଗୁହକଙ୍କ ବାସ ତହିଁ ।। ୩୮ ।।

ଏହି ଠାରୁ ଯାନ- ନେଇ ମହାମାନ୍ୟ- ମନ୍ତ୍ରୀ ଫେରି ଯାଇଥିଲେ ।
ତପସ୍ୱୀ ବେଶରେ- ଜଟା ଜୂଟ ଶିରେ ଏ ବଟ କ୍ଷୀରେ ବାନ୍ଧିଲେ ।
ଗୋ ସତୀ,
ଏଥୁ କରିଥିଲେ ପାଦଗତି
ଦେଖ ସରଯୁ ଧାରର ଜ୍ୟୋତି
ଦେଶ ଉପ କଣ୍ଠରେ ଆସନ୍ତି ।। ୩୯ ।।

ଶାସ୍ତ୍ର କହୁଛନ୍ତି- ଏ ନଦୀ ଉତ୍ପତ୍ତି- ସ୍ଥଳ ମାନସରୋବର
ଏଣୁ ଜନ ବ୍ରାତ ସ୍ୱଭାବେ ପବିତ୍ର ରବିବଂଶୀ ନୃପବର,
ଗୋ ପୂର୍ବେ
ଅଶ୍ୱମେଧ ଯଜ୍ଞ କରି ସର୍ବେ ।
ଯଜ୍ଞ ସ୍ତମ୍ଭ ରଖିଛନ୍ତି ଭବେ ।
ସ୍ନାନ କରି ପ୍ରାଣୀ ସିଦ୍ଧି ଲଭେ ।। ୪୦ ।।

ଉତ୍ତର କୋଶଳ- ରାଜାମାନଙ୍କର- ଅଟନ୍ତି ଜନନୀ ପ୍ରାୟ
ତା ବାଲୁକା କୋଳେ ଶୁଆଇ ସକଳେ ପିଆଇଣ ପୂତ ପୟ
ଗୋ ଶିବେ
ପ୍ରକୃତରେ ଧାତ୍ରୀ ଏ' ମୁଁ, ଭାବେ
ପୂତେ ପୂଜି ମୁହିଁ ଶାନ୍ତି ଲଭେ
ଭରଦ୍ୱାଜ ଦେଖିଯିବା ଏବେ ।। ୪୧ ।।

ଜାଣି ରାମ ମନ- ପୁଷ୍ପକ ବିମାନ- ସେଥି ହେଲା ଅବତୀର୍ଣ୍ଣ
ଓହ୍ଲାଇ ସଭିଏଁ- ପଡି ମୁନି ପାୟେ- କରନ୍ତେ ଦଣ୍ଡ ପ୍ରଣାମ
ସେ ମୁନି
ଆଶୀର୍ବାଦ କରି ପୁଣି ଗୁଣି

Digitized by PPRACHIN, SOA

ବୋଲନ୍ତି ଯେ ଶୁଣ ରଘୁମଣି
ଆଜ ଅତିଥି ହୁଅନ୍ତୁ ପୁଣି ।। ୪୨ ।।

ଶୁଣି ରଘୁବାଳ- ହୋଇଣ ବିକଳ- ଭରତେ ଦେବା କଷ୍ଟକୁ
କରନ୍ତେ ପ୍ରକାଶ- ଗୁଣି ମୁନି ଈଶ- ବୁଝାଇ କହିଲେ ତାଙ୍କୁ
ହେ ଶୁଣ,
ବନ ବାସୁ ଅଛି ଏକ ଦିନ,
ଆଜି ରହି କାଲି ଯିବେ ପୁଣ
ଶୁଣି ଆନନ୍ଦ ରାମ ଲକ୍ଷ୍ମଣ ।। ୪୩ ।।

ତହୁଁ ତପଶୀଳ- ପୁଛନ୍ତେ କୁଶଳ- ଗୋଟି ଗୋଟି ରଘୁପତି
ବୁଝାଇ କହିଲେ- ଯେଉଁ ଭାବେ ମଲେ- ରାକ୍ଷସେ ଶୁଣନ୍ତି ଯତି,
ଏ ମିତ୍ର
ସାହାଯ୍ୟରୁ ସମ୍ଭବ ସମସ୍ତ,
ବିଭୀଷଣ କାର୍ଯ୍ୟ ଅକୁହାତ,
ନଳବନ୍ଧେ ଉଡାଇଲେ ନେତ ।। ୪୪ ।।

ରାମ ଚନ୍ଦ୍ର ବ୍ୟକ୍ତ- ଶୁଣି ହନୁମନ୍ତ- ମନେ ମନେ ବିଚାରଇ
ମୋ ଯୋଗେ ସମ୍ପୂର୍ଣ୍ଣ- ହେଲା କାମରାମ- ମୋ କଥା କହନ୍ତି ନାହିଁ
ମୋ ହେତୁ
ସୀତା ଠାବ ସାଗରରେ ସେତୁ
ନାଶ ଗଲେ ବଡ ବଡ ଶତ୍ରୁ
ଭଗ୍ନ ହେଲା ବିଂଶ ନେତ୍ର କ୍ରତୁ ।। ୪୫ ।।

ଥିଲେ ବୀର ଯାତୁ- ଧାନ, ଶକ୍ତି ଘାତୁ- ଲକ୍ଷ୍ମଣ ବଞ୍ଚିବା ପାଇଁ
ମୃତ୍ୟୁ ସଞ୍ଜିବନୀ- ବିଶଲ୍ୟକରଣୀ- କେ ଆଣି ପାରିଲେ ନାହିଁ
ସେ ଦେବୀ
ପୂଜା ପଦ୍ମ ପାଇଁ ଗଲେ ଦ୍ରବି
ବ୍ରହ୍ମଶର ଆଣିବା ନଭାବି
କହିଲେ ଯା ସହିବକି ଭୂବି ।। ୪୬ ।।

ମୋର ବାହୁବଳେ- ସାଧିଲି ସକଳେ- କାର୍ଯ୍ୟ ସିଦ୍ଧି କଲେ ବୋଲି,
କହୁଛନ୍ତି ରାମ- ଶୁଣିଏ ଅଧମ- ହୃଦୟ ଯାଉଛି ଜଳି,
ସେ କଥା
ହୃଦଗତେ ଜାଣି ସୀତାମଥା
ଆଗଛାନ୍ଦେ- କାଟିବେ ତା ବ୍ୟଥା,
ବୋଲେ ଦୟାନିଧି ଥାପି ମଥା ।। ୪୭ ।।

Digitized by PPRACHIN, SOA

ବାତ ସୁତ ର ଗର୍ବ ଗଂଜନ

ରାଗ କଳସା - (ବ) ଅନୁପ୍ରାସ

ଛାନ୍ଦ - ୭୧

ବସ ଏଥୁ ଜନେ, ମନକୁ ନିବେଶି । ବିଧାନେ ପଚାରୁ ଉମା କହୁଛନ୍ତି କାଶି ।୧।
ବାମନ ରୂପରେ ସତ୍ୟଯୁଗେ ଚକ୍ରଧର । ବଳି ଦଳୁ ମହାଭୂଜ ନାମେ ମଲ୍ଲ ତାର ।୨।
ବିରୋଧେ ଧରୁ ଯୁଦ୍ଧରେ ହସି ସେହି ସ୍ଥାନେ । ବାହୁ ଛିଣ୍ଡାଡୁ ପଡିଲା ଉଡି ଆସି ବନ ।୩।
ବହିଲା ରକତ ଧାର ବାଜି ଶିଳା କଣ୍ଠା । ବିଘାତେ ଗୋଡ ଦଗଜ ଭାଙ୍ଗିଲା ଯେ ଅଣ୍ଟା ।୪।
ବାରଣ ତାରଣ କାରଣେ ଡାକିଲା ପରି । ବନ୍ଧୁ ସେ କହିଲେ, ତ୍ରେତୟାରେ ହେବା ପରି ।୫।
ବହୁ କଷ୍ଟ ସହି-ନାମକୁ କରି ସ୍ମରଣ । ବନେ ପଡି ପଡି ସଡି କାଟୁଥିଲା ଦିନ ।୬।
ବୀରା ଧାରୀ ଜାଣି ବେଳ- ତାର ମନ କଥା । ବିଚାରନ୍ତି ଖଣ୍ଡନ କରି, ତାର ବ୍ୟଥା ।୭।
ବାତ ସୁତକୁ ପେଶିବେ ସେତା, ପାଦ ଧରି । ବହିବ ଗନ୍ଧର୍ବ ରୂପେ ହନୁ ଗର୍ବ ଚୁରି ।୮।
ବିଶ୍ୱରେ ଯେ ବୋଲାଇବା-ଗରବ ଗଞ୍ଜନ । ବିଳମ୍ବ ନକରି ଡାକୁ- ଆସେ ହନୁମାନ ।୯।
ବୋଲନ୍ତି ରଘବ ଶୁଣ ସମୀରଣ ଚାଟ । ବାସେ ଋଷି ଦେବା ଖାଦ୍ୟେ ନ ପୂରିବ ପେଟ ।୧୦।
ବୀର ମଧ୍ୟେ ଶ୍ରେଷ୍ଠ ତୁମ୍ଭେ ବିଚାରୁଛ ମନେ । ବୋଲ ମାନି ଯାଅ ଖାଦ୍ୟ ପାଇଁ ସିନ୍ଧୁ ବନେ ।୧୧।
ବହୁଛି ଅଳପ ଦୂରେ ଯମୁନାର ଧାର । ବନବାସେ କରି ବାଂଶ ଭେଳା ହେଲି ପାର ।୧୨।
ବହୁତ ମଧୁର ଫଳ ତାର ଦୁଇ ପାର୍ଶ୍ୱେ । ବେକାର ହେଉଛି କେହି ନ ଆସନ୍ତି ପାଶେ ।୧୩।
ବାସ କରିଛି ତା ମଧ୍ୟେ ଯେ ଏକ ଅସୁର । ବନ ଜୀବଙ୍କୁ ଯାତନା ଦିଏ ବାରମ୍ବାର ।୧୪।
ବିଚାରେ ପଛେ ତପୀଙ୍କୁ ଦେଇ ପାରେ ତ୍ରାସ । ବଳେ ଫଳ ଭୁଞ୍ଜି ତାକୁ ବିନାଶିଣ ଆସ ।୧୫।
ବିରାଧାରିଙ୍କ ଆଦେଶେ ହନୁମନ୍ତ ଗଲା । ବୃକ୍ଷେ ବସି ଆଗେ ପକ୍ୱ ଫଳକୁ ଖାଇଲା ।୧୬।
ବାନର ସ୍ୱଭାବେ ଶାଖା ମୃଗ ଶାଖା ଭାଙ୍ଗେ । ବଳ ଦେଖାଇ ରାକ୍ଷସେ, ଡ଼ାକେ ହର୍ଷରାଗେ ।୧୭।
ବଡ଼ ବଡ଼ ତରୁ ମଡ଼ ମଡ଼ ପାଦ ବାଜି । ବିଶେଷ ଭାଳୁଅସୁର ବୋଲେକେ 'ତୁଂ' ପାଜି ।୧୮।
ବିନାଶୁ ମୋ ବନ କି କାରଣେ ରେ ପାପିଷ୍ଠ । ବିନାଶି କୀନାଶେ ଦେବି ସୁମର ତୋ ଇଷ୍ଟ ।୧୯।
ବାଣ ଭେଦ କଳାପରି ରକ୍ଷର ଏ ରଡି । ବଳୀ ମୁଖ ହୃଦେ ଭେଦୁ ବୃକ୍ଷ ସେ ଉପାଡି ।୨୦।
ବିନ୍ୟସ୍ତ କରି ରାକ୍ଷସ ଉପରେ ତତ୍‌କାଳେ । ବୋଲଇ ପୂରିଲାକାଳ ତୋର ଏହି ସ୍ଥଳେ ।୨୧।
ବିଘାତେ ସେ କାମରୂପୀ କରକୁ ବଢ଼ାଇ । ବାତନନ୍ଦନକୁ ଧରି ଭାଙ୍ଗିଲା ବଡାଇ ।୨୨।
ବୋଲେ ବୋଲିଶେଷେ କ୍ରୋଧେ ବିସ୍ତାରିଣ ତୁଣ୍ଡ । ବୋଲେ କେ ରଖିବ ତାକ ରଖୁରେ ପାଷଣ୍ଡ ।୨୩।
ବିନାଶିବି ଏକ୍ଷଣି ମୁଁ ଗର୍ଭେ କ୍ଷେପି କରି । ବାନର ଛାର ତୁ ତାକ କେ କରିବ ପାରି ।୨୪।
ବାତ ବାଳ କ୍ଷୀଣ ହେଲା ରକ୍ଷ ପରାକ୍ରମ । ବିଲୋକି ଯିବାକୁ ଖସି ଡାକେ ରାମ ରାମ ।୨୫।
ବୋଲଇ ରଖ ରଖହେ କୌଶଲ୍ୟାଙ୍କ ବଳା । ବିଦେହ ରାଜନନ୍ଦିନୀ ସୀତା ଗଳା ମାଳା ।୨୬।
ବିରଞ୍ଚି ଡାକରେ ସତ୍ୟେ ମୀନ ରୂପ ହେଲ । ବେଦ ଉଦ୍ଧାରଣେ ଶଙ୍ଖାସୁରକୁ ମାରିଲ ।୨୭।
ବାରାନିଧି ମନ୍ଥନେ ଯେ ପୃଷ୍ଠରେ ମନ୍ଦର । ବହି କଚ୍ଛପ ରୂପରେ ରକ୍ଷା କଲ ଧର ।୨୮।

Digitized by PPRACHIN, SOA

ବେଳେକ ଶ୍ୱେତ ବରାହ ରୂପ ଧରି ହରି । ବିନାଶିଲ, ମହୀକଷ୍ଟ ଦନ୍ତେ ମହୀ ଧରି ।୨୯।
ବିଶାଳ ସ୍ତମ୍ଭ ନୃସିଂହ ହୋଇଣ ପ୍ରତ୍ୟକ୍ଷେ । ବୀର ହିରଣ୍ୟର ବକ୍ଷ ବଦାରିଲ ନଖେ ।୩୦।
ବାମନ ରୂପରେ ଛଳି ବଳିଶିର ଦଳି । ବିପ୍ର ହୋଇ କ୍ଷତ୍ରୀ ବୃତ୍ତି ଆଚରିଲ ହରି ।୩୧।
ବାମ ହେବାରୁ ସହସ୍ରାର୍ଜୁନ ନାରାୟଣ । ବାମଦେବ ପୂଜି ପର୍ଶୁ କରିଲ ଧାରଣ ।୩୨।
ବିନାଶିଲ ଏବେ ରାମ ରୂପେ ଦଶଶିର । ବିକଳେ ଡାକୁଛି ଦାସ ହୋଇ ନାରଖାର ।୩୩।
ବାସବ ମାନ ରକ୍ଷଣ କଲ କରି ଲକ୍ଷ । ବାସୁ ଦେବ ଡାକେ ଦାସ ଏଥୁ ରଖ ରଖ ।୩୪।
ବିହି କହିଛନ୍ତି ଜନ୍ମ ହେଲେ ମରେ ପ୍ରାଣୀ । ବିଶେଷେ ମୋ ହତେ ଚିନ୍ତା ନାହିଁ ଚିନ୍ତାମଣି ।୩୫।
ବରେ ଯା ଅମରବର ଦେଇଛ ତ୍ରିଲୋକ । ବଳେ ଜାଣନ୍ତି କୀର୍ତ୍ତିରେ ଲାଗିବ କଳଙ୍କ ।୩୬।
ବକ୍ଷ ବନ ଏଣୁ ଚିନ୍ତା ଅନଳ ଢ଼ାଙ୍କୁଛି । ବିଭୂ ଏଥିପାଇଁ ସିନା କାତରେ ଡାକୁଛି ।୩୭।
ବିଶେଷରେ ପଶୁଜାତି ଜ୍ଞାନହୀନ ଅଟେ । ବୀର ବୋଲି ଗର୍ବକଲି ନଜାଣି ନିକଟେ ।୩୮।
ବୋଇଲି ମୁଁ ସିନ୍ଧୁ ଡେଇଁ ଦେଲି ମାତାବାର୍ତ୍ତା । ବଞ୍ଚାଇବାକୁ ଲକ୍ଷ୍ମଣ କରିଲି ବ୍ୟବସ୍ଥା ।୩୯।
ବୀର ବୋଲି ମୋତେ ପ୍ରଭୁ ସ୍ୱୀକାର ନକଲେ । ବଡ ହୋଇ ଏଥି ଅନ୍ୟାୟକୁ ଆଚରିଲେ ।୪୦।
ବଡ ନିନ୍ଦା ଗାଳି ସହୁ ନ ସହୁ ଗରବ । ବୋଲି କହନ୍ତି ଯା ଶାସ୍ତ୍ର ମାନେ ତାହା ଧ୍ରୁବ ।୪୧।
ବୁଝି ଦାସାନୁ ଦାସକୁ ଶୀଘ୍ର ରକ୍ଷା କର । ବିନାଶ ହେବ ତୋ ବିନା କେହି ନାହିଁ ତାର ।୪୨।
ବୋଲେ ସେ ଅସୁର ତୁମେଟି ହେ ରାମଦୂତ । ବିହି ବହିଥିଲେ ମୋତେ କରିବ ମୁକତ ।୪୩।
ବିଶେଷ କଷ୍ଟରେ ତୁମ ପଥ ଅନୁସରି । ବନେ ପଡିଥିଲି ଶୀଘ୍ର ମୋତେ କର ପାରି ।୪୪।
ବୋଲି ହନୁହସ୍ତ ଛାଡି- ଚରଣ ଧଇଲା।। ବରଫ ପରାଏ ମିଳି ଗନ୍ଧର୍ବେକ ହେଲା ।୪୫।
ବୀରାଧାରିଙ୍କୁ ଦେଖିବା ପାଇଁ କରୁଅଳି । ବଳିମୁଖ ଅହଂଭାବେ ତାହା ମନା କରି ।୪୬।
ବୋଲେ ମୁଁ ଡେଇଁଣ ଯିବି ଖରେ ପ୍ରଭୁ ପାଶ । ବଳି କେ ଯିବ ମୋ ସଙ୍ଗେ ନହୁଏ ବିଶ୍ୱାସ ।୪୭।
ବେଳେ ପ୍ରଭୁଙ୍କ ଚରଣେ ଅର୍ଜି ଦ୍ରୋହ ଦଣ୍ଡ । ବରିଥିଲି ଆଣି ଯାଇ ଇନ୍ଦ୍ରଜିତ ପିଣ୍ଡ ।୪୮।
ବଡ ପାତକୀ ହେତୁ ତା ପାଶୋରିଣି ଦେଲି । ବଡ ବୀର ଭାବି ପରାଭବକୁ ପାଇଲି ।୪୯।
ବନ ପ୍ରାନ୍ତେ ଭରଦ୍ୱାଜ ଆଶ୍ରମରେ ହରି । ବଲ୍ଲଭୀ ସହ ଅଛନ୍ତି ପଥକୁ ପଚାରି ।୫୦।
ବାଟେ ବାଟେ ଆସ ମୁହିଁ ଯାଉଛି ସାଦରେ । ବୋଲି ଗଲା ହନୁ ଡେଇଁ ହୁଙ୍କାର ନାଦରେ ।୫୧।
ବିଭୁଙ୍କ ଦର୍ଶନେ ସେ ଗନ୍ଧର୍ବ ଯିବା ପାଇଁ । ବସୁ ବୁଜି ନେତ୍ରଖରେ ନେଇ ଭାବଗ୍ରାହୀ ।୫୨।
ବସାଇଲେ ନିଜ ଆସନରୁ-ଦେଇ ଅର୍ଦ୍ଧେ । ବି'ପତି ପରି ମାରୁତି ଯାଇ ଦେଖି ବାଦେ ।୫୩।
ବଡ ଆଶ୍ଚର୍ଯିତ ହୋଇ କରି ଅଭିମାନ । ବୋଲେ ପ୍ରଭୁ ତୋର ବଡ ବିଚିତ୍ର ଭିଆଣ ।୫୪।
ବୋଲା ଉ ଭକ୍ତଙ୍କୁ ତାରି- ଭକତ ବାନ୍ଧବ । ବଢ଼ାଇଛୁ ପୁଣି ଭକ୍ତ- ଶତ୍ରୁ ସଙ୍ଗେ ଭାବ ।୫୫।
ବିହାୟସେ ପବନ ପରାୟ ଆଗ ଆଣି । ବସାଇ ଗର୍ବ ଗଞ୍ଜନ କଲ ରଘୁମଣି ।୫୬।
ବନ୍ଧ୍ୟ ହେ ଏହା ତୁମ୍ଭର ମାୟାଲୀଳା ଖେଳା । ବଳୀମୁଖ ମନ ଜାଣି କୌଶଲ୍ୟାଙ୍କ ବଳା ।୫୭।
ବଦାଇଲେ ଶୁଣ ମାରୁତି ଭକ୍ତ ମୋର ଇଷ୍ଟ । ବଶ୍ୟ ଭକ୍ତେ ସଦା ଭକ୍ତ ପାଇଁ ସହେ କଷ୍ଟ ।୫୮।
ବଡ ଭକ୍ତ ତୁମ୍ଭେ ମୋର ତୁମ୍ଭର ଚରଣ । ବିଧି ଅନୁସାରେ ଛୁଇଁ ପାଉଁଏ କାରଣ ।୫୯।
ବିଚାରିଲି ଭକ୍ତ ମୋତେ ବନ୍ଧିବାକୁ ଆସେ । ବନ୍ଦେ ଯେ ତାହାଙ୍କୁ ତାର ସ୍ଥାନେ ମୋହପାଶେ ।୬୦।

Digitized by PPRACHIN, SOA

ବିବେକ ପଣେ ଶୂନ୍ୟରେ ଆଣିଦେଲି ସ୍ଥାନ । ବୀର ତୁମ୍ଭେ ସାନ ନୁହଁ ଛାଡ ଅଭିମାନ ।୬୧।
ବିଧି ମତେ ଆଜଠାରୁ ହେବ ତୁମ୍ଭ ପୂଜା । ବସି ମୋ ପାଖରେ ଥିବେ ଲକ୍ଷ୍ମଣ ମହାଜା ।୬୨।
ବଡ ମହାରାଜା ମାହାରୀ ଯେ ଝାଡୁଦାର । ବଡ ସାନ ନାହିଁ ମୋ ବିଚାରେ ଏକାକାର ।୬୩।
ବାତ ନନ୍ଦନ ଏକଥା ମନ କର୍ଣ୍ଣେ ଶୁଣି । ବୁଝିଲାନି ଅଭିମାନେ ରହୁ ଦେଖି ମୁନି ।୬୪।
ବନ୍ଦ୍ୟ ଭରଦ୍ୱାଜ ତତ୍ତ୍ୱେ କହନ୍ତି ସରାଗେ । ବାତ ସୁତ କର୍ଣ୍ଣଡେରି ଶୁଣେ ଅନୁରାଗେ ।୬୫।
ବୋଲନ୍ତି ବିଶାଳ ବପୁ ଧାରୀ ଲମ୍ୱୋଦର । ବହେ ମୂଷିକ ବାହନ କିପରି ତାଙ୍କର ।୬୬।
ବିଚାର ତାହା ପ୍ରଭୂଙ୍କ ଦୟାରୁ ସମ୍ଭବ । ବୁଝି ନବୁଝିଲା ପରି ବୃଥା କର ଗର୍ବ ।୬୭।
ବାହନ ଯୋଗେ ପ୍ରତିଷ୍ଠା ପ୍ରଭୂ ନୁହେଁ କଦା । ବରଂ ପ୍ରଭୂଙ୍କ ନିମନ୍ତେ ବାହନ ମର୍ଯ୍ୟାଦା ।୬୮।
ବଳିଷ୍ଠ ଗଣେଶ ବପୁ ଦେଖ ସଦା ନେତ୍ରେ । ବ୍ୟକ୍ତିତ୍ୱେ ଲଘୁ କରାନ୍ତି ସେହୁ ଯାତାୟତେ ।୬୯।
ବୃଦ୍ଧି ନିମନ୍ତେ ତୁମ୍ଭର ଯଶଃ ରାମଛଳେ । ବିହାୟସେ ଆଣି ରକ୍ଷ ପାଶେ ବସାଇଲେ ।୭୦।
ବୋଲେ ହନୁ ବନ୍ୟ ପ୍ରାଣୀ ହେତୁ ଗର୍ବ ମନେ । ବହ୍ଣ ସଙ୍ଗେ ବାଦକରି ଗର୍ବକୁ ପ୍ରମାଣେ ।୭୧।
ବାତାୟୁ ଲାଙ୍ଗୁଡ ଯଥା, ସଦା ସଜାଡଇ । ବରହୀ ଯେପରି ଗର୍ବେ ପୁଛକୁ ନଚାଇ ।୭୨।
ବାରଣ ଉଜ୍ୱଳେ ଦନ୍ତ ରଖି ସଦା ମନ । ବର୍ଦ୍ଧିତ ଦନ୍ତ ବୃକ୍ଷରେ କରନ୍ତି ମାର୍ଜନ ।୭୩।
ବ୍ୟବଧାନକୁ ନବୁଝି ବୃଥା ଦେଉ ବ୍ୟଥା । ବ୍ୟବସ୍ଥାପକ ବ୍ୟବସ୍ଥା କଲେ ଯଥା କଥା ।୭୪।
ବୁଝିବେ ଆଗେ ଅଯୋଧ୍ୟା କୁଶଳ ଶ୍ରୀରାମ । ବୋଲେ ଦୟାନିଧି, ବୁଝ ଏହାର ମରମ ।୭୫।

ମାସ ପାରାୟଣ ୨୬ ବିଶ୍ରାମ, ନବାହ୍ନ ପାରାୟଣ ୮ ବିଶ୍ରାମ

ଭରଦ୍ୱାଜଙ୍କୁ ରାମଙ୍କର ଅଯୋଧ୍ୟା କୁଶଳ ଜିଜ୍ଞାସା

ରାଗ (ଚକ୍ରକେଳି) (ଚଉତିଶା କ୍ରମେ)

ଛାନ୍ଦ-୭୨

କର ଯୋଡି ଜଣାଉଛି କିଙ୍କର, କରୁଣା କର ହେ କରୁଣାକର । ।।୧।।
ଖଳ ନାଶନ ହେ ଅଯୋଧ୍ୟାପତି, ଖଳ ଜନ ଡାକେ ଫେଡ ବିପତ୍ତି । ।।୨।।
ଗଜ କୁମ୍ଭୀରଠୁ ରଖି ମୋହିଲ, ଗଜ ଉଦ୍ଧାରଣ ନାମ ବହିଲ । ।।୩।।
ଘନ ବରନ ଘେନ ନିବେଦନ, ଘନେ ହଟା କରିଲାଣି ଶମନ । ।।୪।।
ଅନ୍ତ ନାହିଁ ଅନନ୍ତ ତୋ ମହିମା, ଅନ୍ତକରି ନପାରି ଶିବ ବ୍ରହ୍ମା । ।।୫।।
ଚତୁର ବର୍ଗ ଦାନୀ ହୁଅ ସାହା, ଚତୁର୍ଦ୍ଦଶ ଭୁବନ ପ୍ରାଣନାହା । ।।୬।।
ଛନ୍ଦା ଚରଣ କିମ୍ୱା ଛନ୍ଦକର, ଛପନ କୋଟି ଜୀବ ତୋ କିଙ୍କର । ।।୭।।
ଜୟ ଶିବ କାଣ୍ଡ କୋଦଣ୍ଡ ଭଞ୍ଜା, ଜୟ ଶିବେ ଏଥି ଚରିତ ଖଞ୍ଜା । ।।୮।।
ଝଟିତିରେ ଶ୍ରବଣ କର ଜନ, ଝଟିତିରେ ରାମ ଋଷି ଚରଣ । ।।୯।।
ଅନୁସରି ଅଯୋଧ୍ୟାର କୁଶଳ । ଅକସ୍ମାତେ ପୁଛୁ ସେ ତପଶୀଳ । ।।୧୦।।
ଟେକ ରଖି ବୋଲନ୍ତି ଶୁଣ ରାମ, ଟିକି ନାଭିରୁ ତୋ ବ୍ରହ୍ମା ଜନମ । ।।୧୧।।
ଠିକେ ତୋର ନାମ ଗଣି ଭଜନ୍ତି, ଠୁଳେ ପିତାମହ ବୋଲି ପୂଜନ୍ତି । ।।୧୨।।

Digitized by PPRACHIN, SOA

ଡମ୍ବରୁଧର ତୋ ନାମ ରଙ୍ଗରେ, ଡମ୍ବରେ ବୋଲନ୍ତି ଉମା ସଙ୍ଗରେ । ।।୧୩।।
ଢ଼ଳି ତୋ ନାମେ କରି ସର୍ବ ତେଜ୍ୟା, ଢ଼ଙ୍ଗେ ଅନନ୍ତ କଲେ ଶେଷ ଶଯ୍ୟା ।।୧୪।।
ନିଗମ ଆଦିର ତୁ ଅଟୁ ମୂଳ । ନିଗ୍ରହ କରୁ କିମ୍ବା ତପୀକୁଳ । ।।୧୫।।
ତରାଇ ତାରଣୁ ତାହା ପ୍ରମାଣ, ତୁ ପ୍ରଭୁ ସ୍ୱୟଂ ନର ନାରାୟଣ । ।।୧୬।।
ଥାଉ ସଭିଙ୍କ ଭିତରେ ବାହାରେ, ଥୟେ ଶକ୍ତି ରୂପେ ପାକ ଆହାରେ ।।୧୭।।
ଦୟାନିଧିତୁ ପାଳନ କରତା, ଦଳୁ କାଳ ହୋଇନରଖୁ ସତ୍ତା । ।।୧୮।।
ଧରା ବକ୍ଷେ ଯାହା କିଛି ତୁ ସବୁ, ଧରା ନ ଦେଉ ଅହଙ୍କାର ଭାବୁ । ।।୧୯।।
ନଜାଣନ୍ତି ଯେଣୁ ଜନ ଜଗତ, ନଚାଉତୁ ଲୌହେ ଚୁମ୍ବକ ବତ । ।।୨୦।।
ପ୍ରସ୍ତୁତ ତୁ ଜଳରୁ ଜଳେ ଭାସୁ, ପରେ ବରଫ ରୂପେ ଜଳେ ମିଶୁ । ।।୨୧।।
ଫୁଲି ବିରାଟ ରୂପ ଧରି ପାରୁ, ଫୋଟକା ପରାୟ ସୂକ୍ଷ୍ମ ଶରୀରୁ । ।।୨୨।।
ବରଫ ଜଳେ ବିଲୀନ ପରାୟ, ବ୍ୟାପି ଜଗତେ ଅନ୍ତେ ଲୀନ ହୁଅ । ।।୨୩।।
ଭକ୍ତିରେ ଯେ ପଢ଼ନ୍ତି ତୋର ଲୀଳା, ଭବ ସାଗର, ପାରେ ଦେଉ ଭେଳା ।।୨୪।।
ମହା ମହିମ ତୁ'ଧରା ନିମନ୍ତେ, ମହୀବକ୍ଷେ ଜନ୍ମିଲୁ କଥା ମତେ । ।।୨୫।।
ଯାହା କୋଶଳ କୁଶଳ ପଚାର, ଯଶଃ ହାନି ଯଶଃ ନୁହେଁ ବିଚାର । ।।୨୬।।
ରାଜ୍ୟେ ନରହି ଭ୍ରାତ ଯତି ବେଶେ, ରାଜ୍ଞୀ ଆଦି ସେବାକୁ ବର୍ଜି ତୋଷେ ।।୨୭।।
ଲକ୍ଷ୍ୟ କରି ତୁମ୍ଭ ପଥ କ୍ରମରେ, ଲଗାଇଣ ଭସ୍ମ ନଦୀ ଗ୍ରାମରେ । ।।୨୮।।
ବାନ୍ଧି ବକଳ ବଟକ୍ଷୀରେ ଜଟା, ବନ୍ଦୀ ପ୍ରାୟ ନାମ କରନ୍ତି ହଟା । ।।୨୯।।
ଶତ୍ରୁଘ୍ନ ସେହି ପଥ ଅନୁସରି, ଶୌଚେ ସଦା ସର୍ବଦା ସେବାକରି । ।।୩୦।।
ଷଡ଼ାନନ ତାତ ମାତ ପୂଜିତ, ଷଠ କର୍ମା ବିପ୍ରଙ୍କୁ ହୋଇନତ । ।।୩୧।।
ସଂସଦ ଦ୍ୱାରା ରାଜ୍ୟକୁ ପାଳନ୍ତି, ସୁଚାରୁ ରୂପେ ଗୁରୁତା ଚାଳନ୍ତି । ।।୩୨।।
ହୋମ ଯଜ୍ଞାଦି ଧର୍ମ ଅନୁଷ୍ଠାନ, ହୋତା ହୋଇ କରନ୍ତି ସମାଧାନ । ।।୩୩।।
କ୍ଷୟ ନହୁଏ ରାଜ କୋଷ ବୃଦ୍ଧି, କ୍ଷମ କହଇ ଦାଶ ଦୟାନିଧି । ।।୩୪।।

ସହସା ଶୃଙ୍ଗବେର ପୁରକୁ ହନୁମାନର ଆଗମନ

ରାଗ (ଖଣ୍ଡିତା) 'ସ' ଅନୁପ୍ରାସ

ଛାନ୍ଦ -୭୩

ସୀତା ପତି ହେ-ସୀତା ପତି ହେ

ସୀତା ସତୀ ନାମ ସଦାଗତି ହେ (ଘୋଷା)

ସଢୁଛି ସଂସାର ଜଳେ ନଦିଶଇ ପଦ ସଦୟେ କଣ୍ଠରେ ବସି ଫେଡ ମୋ ବିପଦ
ସରସ୍ୱତୀ ଗୋ = ସଦାବ୍ରତ ଦାନୀ ଘେନ ସ୍ତୁତି ଗୋ ।। ୧ ।।
ସମୀର ସୁତକୁ ଡାକି ବୋଲନ୍ତି ରାଘବ । ଶୃଙ୍ଗ ବେରପୁର ଦେଇ ଅଯୋଧ୍ୟାକୁ ଯିବ ।
ସେ ମୋ ମିତ୍ର ହେ = ସାବଧାନେ କହିବ ସମସ୍ତ ହେ ।। ୨ ।।

Digitized by PPRACHIN, SOA

ସେଥୁ ଯାଇ ନନ୍ଦୀ ଗ୍ରାମେ ବାହୁଡା ବିଜୟ, ସଜରେ ଭରତେ କହି କରାଇବ ଥୟ,
ସେହି ଦିନ ହେ = ସ୍ମରି ଗଣି ହେଉଥିବ କ୍ଷୀଣହେ ।। ୩ ।।
ସନ୍ଦେସ ପାଇ ସଙ୍ଗକୁ ଛାଡି ହନୁମାନ, ସହସା ଆକାଶ ମାର୍ଗେ କରିଣ ଗମନ
ସେ ଶବର ଯେ = ସୌଧେ ଅବତୀର୍ଣ୍ଣ ହନୁବୀର ଯେ ।। ୪।।
ସମର ବିଷୟ ଗୋଟି ଗୋଟି ଆଗେ କହୁ, ସମାଦରେ ରାମେ ଦେଖା କର ଯା ବୁଝାଉ,
ସେ ଗୁହକ ଯେ = ସିଦ୍ଧି ଲାଭେ ନାଶି କରି ଶୋକ ଯେ ।।୫।।
ସମୀର କୁମରେ ପୁଛୁ ବୋଲେ ବନାଶ୍ରମ । ସାରି ଆସି ଭରଦ୍ୱାଜ ଆଶ୍ରମରେ ରାମ,
ସୀତା ଘେନି ହେ = ସଙ୍ଗତରେ ସୌମିତ୍ରୀ ସେନାନୀ ହେ ।।୬।।
ସନ୍ଧ୍ୟା ହେଲା ଆସି ତୁମ୍ଭେ ଯାଇ ଦେଖା କର ସାନନ୍ଦେ ବୋଲଇ ସେ ମହ୍ଲାର ନୃପବର,
ସଦା 'ଗତି' ହେ = ସଦାଗତି ସୁତ ତୁମ୍ଭ ମତି ହେ ।। ୭ ।।
ସଚ୍ଚିଦା ନନ୍ଦ ଦର୍ଶନ ଫଳ ହେଲା ମୋର, ସୁ ଚରିତ ଶୁଣି ବନ ଦେଲି ପୁରସ୍କାର,
ସଦା ଫଳ ହେ = ସେବିବ କେ, ହେଲେ ପ୍ରତିକୂଳ ହେ ।। ୮ ।।
ସୀତାପତି ଚରଣରେ ହୋଇବ ଦୋରେହା, ସତ୍ୟ ଏ ଶବରଗୀର ଘେନ ବର ଏହା
ସନ୍ତୋଷରେ ଯେ = ସମୀରଣ ସୁତ ସେଥୁ ଚଳେ ହେ ।। ୯ ।।
ସଜହୁଏ ରାମ ପାଶେ ଯିବାକୁ ଗୁହକ ସମାରୋହେ ଭେଟି ମହୁ ସଜ କଲେ ଲୋକ
ସାନୁ ପ୍ରାସେଯେ= ସଦାଶିବ ପୂଜ୍ୟ ବନ୍ଦି ଭାଷେ ଯେ ।।୧୦।।

ରାମଙ୍କର ବାହୁଡା ବିଜୟ ବିଳମ୍ବେ ଭରତଙ୍କ ପ୍ରତିକ୍ରିୟା

(ରାଗ-ଭାଟିଆରି)

ଛାନ୍ଦ - ୭୪

ରାମ ଦେବା କଣ୍ଟ ଦିନ ଶେଷ, ଗଣନରେ ଚଉଦ ବରଷ ।
ଭରତଙ୍କ କଷ୍ଟ ବିଲୋକି ବଶିଷ୍ଠ,
ବୋଲନ୍ତି ଧଇର୍ଯ୍ୟ ଧରି ବସ । ।। ୧ ।।
ବୈଶାଖ ଅସିତ ସପ୍ତମୀରେ, ଅଭିଷେକ ରାଛା କରୁଥିଲେ ।
ପାଳି ପିତୃ ସତ୍ୟ ବନେ ରଘୁ ସୁତ,
ସୀତା ଲକ୍ଷ୍ମଣଙ୍କୁ ଧରିଗଲେ । ।। ୨ ।।
ରାମ ଆଜି ଲେଉଟିବା କଥା, ନଆସିବାରୁ ବଢ଼ଇ ବ୍ୟଥା ।
ନୁହଁ ସେ ଦର୍ପିଷ୍ଠ, ବଚନକୁ ଭ୍ରଷ୍ଟ
କରିବେ ଘୂରି ଯାଉଛି ମଥା। ।। ୩ ।।

Digitized by PPRACHIN, SOA

ଚିତ୍ରକୂଟେ ରାମ ବନବାସ, ଦେଖି ସେ ଭରତ ଧୈର୍ଯ୍ୟ ନାଶ ।
ହୋଇଥିଲା ନେତ୍ର, ଅଶ୍ରୁପରିପ୍ଳୁତ,
ଶତଗୁଣେ ଏବେ ବଢ଼େ କ୍ଲେଶ । ॥ ୪ ॥
କହନ୍ତି ଗୁରୁଙ୍କୁ ପୁଣି' କଷ୍ଟେ, ଅଶ୍ରୁକୁ ଝରାଇ ଶୋକା ବିଷ୍ଟେ ।
ଅନ୍ୟ ଲୋକ ପରି ନଦେବେ ପାସୋରି,
ଭାଇ ମୁଁ ଜାଣିଛି ଆଗୁସ୍ପଷ୍ଟେ । ॥ ୫ ॥
ଲଙ୍କନାଥ ମାରିଥିଲା ଶକ୍ତି, ଲକ୍ଷ୍ମଣ କି ନ ଉଠିଲା ବର୍ତ୍ତି ।
ଜନକ ନନ୍ଦିନୀ ରହିଲେ ବନ୍ଦିନୀ,
ଭାବରେ କି ରାମ ନ ଆସନ୍ତି । ॥ ୬ ॥
କି ବା' ରାମ ମୋର ରାଜପଣ, ନିର୍ବିବାଦେ ରଖି ବାକୁ ପୁଣ ।
ସ୍ଥିର କରି ମନେ, ରହିବେ କାନନେ,
କଷ୍ଟ ସହିକରି ଆଜୀବନ । ॥ ୭ ॥
ନ ଆସିଲେ ସେହି ମୁହିଁ ପୁଣ, କାଟି ପାରିବିନି ଦୁଃଖେ ଦିନ ।
ଯାହା ସେ ଭାବନ୍ତୁ କଣ୍ଠ ପୂର୍ଣ୍ଣ ହେତୁ,
ନ ବୋହିବି ଆଉ ରାଜପଣ । ॥ ୮ ॥
ଜୀବନ ଗଲେ ଏ ଦୁଃଖ ଭାର, ଯିବ ଜୀବ ପାଇବ ନିସ୍ତାର ।
କରିଏ ନିଦାନ ଡାକି ଶତ୍ରୁଘନ,
ବୋଲନ୍ତି ବାବୁ ମୋ କଥା କର । ॥ ୯ ॥
ଚଉଦ ବରଷ ଶେଷ ହେଲା, ନ ଆସିଲେ ଭାଇ କଣ୍ଠ ଗଲା ।
ମୁଁ ଶପଥ ମୋର ପାଳିବି ଏଥର,
ସାହାଯ୍ୟ ତୁ କିଛି କର ଭଲା । ॥ ୧୦ ॥
ଆଉ ମୁଣ୍ଡରେ ଏ ବୋଝ ଲଦି, ରହିବିକି କରି କାରସାଦି ।
ଅଗ୍ନି ପ୍ରବିଶଣ- ନିମନ୍ତେ ମୋ ପ୍ରାଣ,
ଭାଇ କାର୍ଯ୍ୟ ଜରୁ କିଛି ଯଦି । ॥ ୧୧ ॥
ତେବେ ମହାସୁଖ ହେବ ମୋର, କଥା ରଖି ଅଗ୍ନି କୁଣ୍ଡେ କର ।
ରାଜ୍ୟ ରକ୍ଷାଭାର ନିଅ ରଘୁବୀର,
ଆସିଲେ ଅର୍ପିବୁ ଅଧିକାର । ॥ ୧୨ ॥
ଏ ପ୍ରସ୍ତାବ ଦିଅନ୍ତେ ଭରତ, ଶତ୍ରୁଘନ ମ୍ରିୟମାଣେ ତ୍ରସ୍ତ ।
ନୟନରୁ ନୀର ଗଡାଇ ସତ୍ୱର,
କରଯୋଡି କରି ପ୍ରଣିପାତ । ॥ ୧୩ ॥
ବୋଲନ୍ତି ହେ ପୂଜାସ୍ପଦ ଭାଇ, କି ପରି ଏକଥା ପାର କହି ।
କେଉଁ ଅପରାଧ ଦଣ୍ଡେ ପ୍ରତିଶୋଧ-
ନେଉଛ ମୁଁ ଜାଣି ପାରେ ନାହିଁ । ॥ ୧୪ ॥

Digitized by PPRACHIN, SOA

ମୋ ପରି ନିରୀହ ଏ କଠିନ- ଦଣ୍ଡକି ସହିବ କର ଦାନ ।
ନୁହେଁ ମୁଁ ନିର୍ଲଜ ପାଳିବି ଏରାଜ୍ୟ-
ମୁଖେ ସୀଉକାର ଦେଇ ପୁଣ । ।। ୧୫ ।।

ଜଗତ ପ୍ରସିଦ୍ଧ ନ୍ୟାୟବନ୍ତ, ହୋଇ ଯାହା କହ ଅନୁଚିତ ।
ବଡ ଭାଇ ସତ୍ୟ ବ୍ରତ ପାଳି ଗତ,
ବନେ ସଙ୍ଗେ ଧରି କାନ୍ତାଭ୍ରାତ । ।। ୧୬ ।।

ତାହା ପର ଭାଇ ନଗରରେ, ନରହି, ରହି ନନ୍ଦିଗ୍ରାମରେ ।
ତପସ୍ୱୀ ଜୀବନ କରିଣ ଯାପନ,
କହନ୍ତି ପଶିବେ ବୈଶ୍ୱାନରେ । ।। ୧୭ ।।

ସାନ ମଝିଆ ଯେ ଭାତୃ ସେବା, ପରମ କର୍ତ୍ତବ୍ୟ ଭାବି ଯୁବ ।
ବୟସେ ଆହାର, ନିଦ୍ରା ପରିହାର,
କରି ଛାଇ ପରି ଖଟୁଥିବା । ।। ୧୮ ।।

ବେଳେ ମୁଁ ଏ ରାଜ୍ୟ ଅଧିକାର- କରିବି ସେ' କେଡେ ଅସୁନ୍ଦର ।
ସାନ ହୋଇ ଘର ମଧରେ ନିଷ୍ଠୁର-
ଜୀବନ ରଖିବା ନାରଖାର । ।। ୧୯ ।।

ଶତ୍ରୁଘନଙ୍କର କଥା ଶୁଣି, ଭରତ ନୟନୁ ବହେ ପାଣି ।
କେଉଁ କଥା କହି ଭାଇଙ୍କୁ ବୁଝାଇ-
ତୋଷିବେ ନପାରିଲେ ସେ ଜାଣି । ।। ୨୦ ।।

ରହି କିଛି କାଳ ନୀରବ ରେ ବୁଝାଇ କହନ୍ତି ଧୀରେ ଧୀରେ ।
ଅବୁଝା ହୁଅନା ମୋ ଆଦେଶ ଘେନା-
କର ରାଜା ଆଜ୍ଞା ପରିଶିରେ । ।। ୨୧ ।।

ଅଗତ୍ୟା ପ୍ରସ୍ତୁତ କରି ଅଗ୍ନି- ଡ଼କାଇଲେ ଦୁଃଖେ ସେଥି ଭଗ୍ନୀ ।
ନିବୃତ୍ତ କରିବା- ପାଇଁ ରାଜସେବା,
କାରି ଆଦି ଯେତେ ଥିଲେ ଲଗ୍ନୀ । ।। ୨୨ ।।

ଅଯୋଧ୍ୟା ବାସୀଙ୍କ ସଙ୍ଗେ ମାତ- କୌଶଲ୍ୟା ସୁମିତ୍ରା କୈକେୟୀ ତ ।
ଆସି ଏହି କାର୍ଯ୍ୟ ଦେଖିଣ ଦହିର୍ଯ୍ୟ-
ଶୋକେ ସ୍ଥଳ କଲେ ମୁଖରିତ । ।। ୨୩ ।।

କହନ୍ତି କୌଶଲ୍ୟା ସେ ଭରତେ- ପିତା ଦାହ କାଳ କଥା ଯେତେ ।
ରଖି ଗୁରୁକଥା ରହୁ ଏବେ ବ୍ୟଥା-
ଦିଏ ପଶିବି ସରଯୂ ସ୍ରୋତେ । ।। ୨୪ ।।

ବାପରେ କପାଳ ଦୋଷେ ରାମ, ଗଲା ଗଲେ ପିତା ଆର ଧାମ ।
କପାଳ ଲିଖନ, ନୁହେଁ ସିନା ଆନ,
ଏ କି କଥା ତୁ କରିବୁ ଧନ । ।। ୨୫ ।।

Digitized by PPRACHIN, SOA

ଏହାତ ନୁହେଁ ବିବେକୀ ପଣ- ଯଦି ତୁ ଝାସୁ ପାବକେ ପ୍ରାଣ ।
ରାଜ୍ୟ ବାସୀ ଗଣ, ତେଜିବେ ପରାଣ-
ବନ୍ଧୁଜ୍ଞାତି ଆଦି ପରିଜନ । ।। ୨୬ ।।

ଧର୍ମକ୍ଷଣେ ଆଉ ନରହିବ- ଧରାକକ୍ଷଚ୍ୟୁତ' ନଷ୍ଟେ ହେବ ।
ଜଗତ ପ୍ରଳୟ ହେବ କାଳକ୍ଷୟ-
ପରି' ଯଶ କିର୍ତ୍ତୀ ନାଶ ଯିବ । ।। ୨୭ ।।

ତୁ'ତ ରାମ ଅଂଶେ ଅବତାର- ତୋ ବିନା ପ୍ରାଣ ରହିବ କାର ।
କିଏ ବା ବଞ୍ଚିବ, ଏ ଦୁଃଖ ମୁଞ୍ଚିବ-
ଜ୍ଞାନ ନେତ୍ରେ ତୁ ବିଚାରକର । ।। ୨୮ ।।

ରାମ ତୋର ନମ୍ର ନିବେଦନ- କରି ଦେଲା ଯଦି ପ୍ରତ୍ୟାଖାନ ।
ତୁ କିମ୍ବା ଅନଳେ ପଶିବୁରେ ବଳେ,
ଦେବା କଷ୍ଟ ହେଉ ଆନମାନ ? ।। ୨୯ ।।

ଆଜି ନ ଆସିଲେ ରାମ କାଲି- ଆସିବ ନ ଦିଅ ପ୍ରାଣବଳୀ ।
ହାରିବୁ ପରାଣ, ତୁହି ଯଦି ଧନ-
ସୂର୍ଯ୍ୟ ବଂଶ ଏଠୁ ଯିବଜଳି । ।। ୩୦ ।।

ନିଷ୍କଳଙ୍କ ଭରତ ଚରିତ- ଓଜସ୍ୱିନୀ କୌଶଲ୍ୟାଙ୍କ ଚିତ୍ତ ।
ଶ୍ରୀରାମ ବିଚ୍ଛେଦ, ଦୁଃଖ କରି ଛେଦ-
ଶୁଦ୍ଧ ପୂତେ କରାଇଲା ରତ । ।। ୩୧ ।।

ବଡ଼ ମା ମନକୁ ଏ ଭାବରେ- ଭ୍ରତ ଜୟ କରି ନେଇଥିଲେ ।
ରାମ ଦୁଃଖେ ଭାଜି, ପଡ଼ିଲେ ବି ଆଜି
ସେ ସବୁ ପାଶୋରି ଦେଇଗଲେ ।। ୩୨ ।।

ବାରଣ, ରାଣ, କୌଶଲ୍ୟାଙ୍କର- ଶୁଣି ଗୁଣି ଗୁଣି ଭ୍ରତବୀର ।
କହ ନାହିଁ କହ ନାହିଁ, ଏହା ରହ
ମାତା ବୋଲି କହି ବାରମ୍ବାର । ।। ୩୩ ।।

ପିତୃ ସତ୍ୟ ଲଙ୍ଘନ କୁ ଡରି- ଭାଇ' ଭାର୍ଯ୍ୟାଧରି ବନାଚାରୀ ।
ହେଲେ, ରଘୁନାଥ, ହୋଇ ତାଙ୍କ ଭୃତ୍ୟ-
ଜୀବନ ରଖିବି କେଉଁପରି । ।। ୩୪ ।।

ପିତାଙ୍କର ସତ୍ୟକୁ ପାଳନ- କରିବା ଯେପରି ମାନ୍ୟଧର୍ମ ।
ମୋର ନିବେଦନ, ପ୍ରଭୁ ପ୍ରତ୍ୟାଖ୍ୟାନ,
କଲେ ନ ହୋଇବ ଅସମ୍ମାନ । ।। ୩୫ ।।

ରାମ ପରି ଗୁଣି ଭାଇ ପକ୍ଷେ- ସମ୍ଭବ ଏ ସବୁ ମୋର ଦୁଃଖେ ।
ନ କହ ଏକଥା ମୋ ପାପ ହୀନତା-
ପ୍ରମାଣ କରିବି ଜନ ମୁଖେ । ।। ୩୬ ।।

Digitized by PPRACHIN, SOA

ଏହି ପରି କହି ସେ ଭରତ- ଅଗ୍ନି କୁଣ୍ଡ ପାଶେ ଉପସ୍ଥିତ ।
ରାଜ୍ୟ ବାସୀଗଣ ଦେଖି ସେ କରୁଣ-
ଦୃଶ୍ୟ ମ୍ରିୟମାଣେ ମର୍ମାହତ । ।। ୩୭ ।।
ଆଗଛାନ୍ଦେ ଆସି, ହନୁମାନ- ଶୋକାଗ୍ନି କରିବ ନିର୍ବାପନ ।
କହେ ଦୟାନିଧି ରାମ ପାଦ ବନ୍ଦି-
ଶୁଣି ତୋଷ ହୁଅ ଗୁଣୀଜନ । ।। ୩୮ ।।

ହନୁମାନ ଭରତ ଭେଟ

ରାଗ -ସାନ ଭୂପାଳ ('ବ' ଅନୁପ୍ରାସ ତ୍ରିଭଙ୍ଗୀ)

ଛାନ୍ଦ-୭୫

ବିବୁଧ ମଣ୍ଡଳୀ ଦେଇ କରତାଳି, ମୁଖେ ବୋଲ ମେଳି ହୋଇ ରାମ ।
ବାତ ସୁତ ଏହି ସମୟରେ ଯାଇ, ନନ୍ଦୀଗ୍ରାମେ ପାଇ ଦେଖୁ ଭ୍ରମ । ।୧।
ବୈଶ୍ୱାନର ଖର ତର ଜଳେ ତାର, ପାଶେ ଭ୍ରତବୀର ପ୍ରଦକ୍ଷିଣେ ।
ବୋଲେ ଦେଖି ହନୁ, କି କରୁଛ ଭାନୁ, ବଂଶୀ ଅନମାନୁ ସବୁଜାଣେ । ।୨।
ବୀର ହେ ଯାହାର ଏହି କାର୍ଯ୍ୟ କର, ସେହି ଆସି ଭର- ଦ୍ୱାଜଙ୍କର ।
ବନାଶ୍ରମେ ଛନ୍ତି ପ୍ରୀତି ବହି ରାତ୍ରି, ରହ କହୁ ଯତି ସେ ସତ୍ୱର । ।୩।
ବୋଇଲେ ଖବର ଦେଇ ଆସ ବୀର, ଜାଣିଲେ ତୁମ୍ଭର ଏହି କାର୍ଯ୍ୟ ।
ବଞ୍ଚିବେତ ସେହି ଯାହା ପାଇଁ ଧାଇଁ, ଆସୁଛନ୍ତି ଏହି ସ୍ଥାନେ ଆର୍ଯ୍ୟ । ।୪।
ବଳୀ ମୁଖଗୀର ଶୁଣି ଭ୍ରତ ବୀର, କଣ୍ଠ ରୁଦ୍ଧନୀର ନେତ୍ରୁ ଗଳେ ।
ବିକଳେ ବୋଲନ୍ତି କରାଇଲ ଶାନ୍ତି, ଆସିହେ ମାରୁତି ଯଥାକାଳେ । ।୫।
ବିଚାରେ ମର୍କଟ ନୁହେ ତୁମ୍ଭେ ଷଟ- କର୍ମ ବିପ୍ରରାଟ ଠାରୁ ବଳି ।
ବିରଞ୍ଚିକୁ କାର୍ଯ୍ୟ, ସିଦ୍ଧ ପାଇଁ ଆର୍ଯ୍ୟ, ଯାଚଜ୍ଞାକୁ ଧାର୍ଯ୍ୟ କଲାପରି । ।୬।
ବୋଲ ଦେଇ କିସ କରିବି ସନ୍ତୋଷ, ତୁମ୍ଭେ ଯତୀଇଶ ଠାରୁ ଗୁଣି ।
ବିହ୍ୱଳେ ମୂର୍ଚ୍ଛିତ, କ୍ଷଣେ କ୍ଷଣେ ଭ୍ରତ, ହନୁମାନ ବ୍ୟକ୍ତ କଥା ଶୁଣି । ।୭।
ବିମୋହରୁ କ୍ଷଣ, ପରେ ସେ ଉଠିଣ- ଚେତି ପୁଣ ପୁଣ ପୁଚ୍ଛାକଲେ ।
ବିଂଶ ନେତ୍ରହତ ହେଲାକି କହତ, ମଲା କି'ତା ସୁତ ରଣ ସ୍ଥଳେ । ।୮।
ବସୁମତୀ ସୁତା ଉଦ୍ଧାର ବାରତା- କହ କହ ମଥା ଭ୍ରମ ଯାଉ ।
ବୀର ସଉମିତ୍ରୀ ବଞ୍ଚିଲେ ତ' ଶକ୍ତି- ଘାତୁ ମନ୍ଦମତି ବଧିକେହୁ । ।୯।
ବୈଦେହୀ ଲକ୍ଷ୍ମଣ, ଘେନି ରଘୁରାଣ- ସ୍ୟନ୍ଦନେ ବସିଣ ଗଲା ପରି ।
ବୋଲ ତିନଜଣ, ଯାକ ଏବେ ପୁଣ, ଆସନ୍ତିକି ଯାନ ପରେ ଫେରି । ।୧୦।
ବାତୁଳି ଘାତରେ, ପଡିସେ ରାତ୍ରରେ, କହି କିଛିତରେ ଗଲା ଖରେ ।
ବିହଙ୍ଗମ ପରି, ଗନ୍ଧାଚଳ ଧରି, ଉଡି ଉଡି ଡ଼ରି ବିଳମ୍ବରେ । ।୧୧।

Digitized by PPRACHIN, SOA

ଅଯୋଧ୍ୟା ରାଜପରିଷଦ, ଭାଇ ଶତ୍ରୁଘ୍ନ ଓ ମାତାମାନଙ୍କ ସମ୍ମୁଖେ ଭରତଙ୍କ
ଅଗ୍ନି ପ୍ରଦକ୍ଷିଣ କାଳେ ରାମ ବନବାସ ସାରି ଫେରି ଆସୁଥିବା ଖବର ହନୁମାନଙ୍କର ପ୍ରଦାନ ।

Digitized by PPRACHIN, SOA

ଚିତ୍ରକୂଟେ ଭାଇ ଭରତଙ୍କ ସହିତ ପ୍ରଭୁ ଶ୍ରୀରାମଙ୍କ ଭେଟ

Digitized by PPRACHIN, SOA

ବନ୍ଦ ହେ ମରୁତ, ସୁତ ରଘୁସୁତ, ସାଙ୍ଗରେ ସାକ୍ଷାତ କାହିଁ ହେଲା ।
ବିଶ୍ରବା ସନ୍ତତି, କେଉଁଠାରୁ ସତୀ, ସୀତା ନେଇ ମତି ଭ୍ରମ କଲା । ।୧୨।
ବିଶେଷ ମୋ ପ୍ରତି ସ୍ନେହ ରଖି ଶ୍ରୁତି- ପୂତକର ଗତି ଲଭିବଟି ।
ବାତସୁତ ଭ୍ରତ ତପସ୍ୱୀଙ୍କ ଚିତ୍ତ, ବିକଳ ଦେଖୁତ ଗୋଟି ଗୋଟି । ।୧୩।
ବୁଝାଇ କହିଲା ଯେଉଁ ଭାବେ ନେଲା, ମନ୍ଦୋଦରୀ ଗଳା ହାର ସୀତା ।
ବିଭାବସୁ ସୁତ, ବିଭାବ ବସୁତ, ଯହିଁ ହେଲେ ମିତ୍ର ଗଲା ଚିନ୍ତା । ।୧୪।
ବାସବ ନନ୍ଦନ, ବାଳୀ ବୀର ପ୍ରାଣ ନେଲେ ରଘୁରାଣ ଯହିଁ କାଣ୍ଡେ ।
ବିଶେଷ ସୁରୁଚି, କଥା ଶୁଣି ମୁଅଁ- ଦୁଃଖ ନାଚି ନାଚି ଭ୍ରତ ଚାଣ୍ଡେ । ।୧୫।
ବିହାୟସେ ଚାହିଁ ଧର୍ମେ ସାକ୍ଷୀ ଦେଇ, ଆଦେଶନ୍ତି ତହିଁ ଶତ୍ରୁଘ୍ନେ ।
ବିଦ୍ୱାନ ପଣ୍ଡିତ, ଦ୍ୱାରା ଚଣ୍ଡୀପାଠ, କରାଅ ତୁରିତ ପୀଠେଧାନେ । ।୧୬।
ବୈତାଳିକ ଗଣ ବସି ସ୍ତୁତି ଗାନ, କରନ୍ତୁ ଉପନ, ଖନ୍ଦା ପଣ୍ଡା ।
ବନ୍ଦୀ ବନ୍ଦୀଶାଳ ଖୋଲି ମୁକ୍ତ କର, ଲୋଡି ମାଲ୍ୟକାର ବାନ୍ଧଝଣ୍ଡା । ।୧୭।
ବଂଶଧର ରାଜ ମହିଳା ସମାଜ, ସଜେ ସଜ ଗଜ ବାଜୀ ପରେ ।
ବାହାରନ୍ତୁ ସେଥି ପଦାତିକ ପନ୍ତି, ଯେ ଆସିନାହାନ୍ତି, ଥିଲେ ପୁରେ । ।୧୮।
ବିରାଧାରୀଙ୍କର ଶ୍ରୀମୁଖ ନିହାର, ଭୋଗ କରିବାର ଶୁଭ ବେଳ ।
ବୋଲୁ ସୁମିତ୍ରାଜ ନାନା କାର୍ଯ୍ୟେ ରାଜ୍ୟ, ମଧ୍ୟେ ପେଶି ଓଜ ଗୁଣୀକୁଳ । ।୧୯।
ବୋଧି ସବୁ କଥା କହନ୍ତେ ଅନ୍ୟଥା, ନକରି କେ ମଥା ପରେ ବହି ।
ବାହାରିଲେ ବରି, ଗୁରୁଙ୍କୁ ପଚାରି, ଶ୍ରୀ ପାଦୁକା ଧରି ଭ୍ରତ ତହିଁ । ।୨୦।
ବ୍ରହ୍ମାଣ୍ଡ ବକ୍ଷରେ ସେ ଶୋଭା ଲକ୍ଷ୍ୟରେ ନାହିଁ ପ୍ରତ୍ୟକ୍ଷରେ ଯେ ଦେଖିଛି ।
ବିଶ୍ଳେଷଣ କରି କବି ଏ ଚାତୁରୀ, ନପାରିବେ ସାରି ଲେଖିକିଛି । ।୨୧।
ବିକଳେ ସକଳ ଯାଉଁ ସ୍ଥଳକୂଳ ନୁହେଁ ପଥେ ବଳ ଜନ୍ତାଜନ୍ତି ।
ବାଟ ଶ୍ରମ ଜାଣି, ନ ପାରନ୍ତି ପୁଣି, ବିଜୟ ତରଣି ଶେଷ ରାତ୍ରୀ । ।୨୨।
ବାହିନୀ ସଙ୍ଗରେ, ଗୁହକ ବେଗରେ, ଭରତ ଆଗରେ ପଥେ ଦେଖି ।
ବୋଲେ ଚାପଧାରୀ, ଦର୍ଶନେ ବାହାରି ଥିଲି ଭେଟ କରି ହେଲି ସୁଖୀ । ।୨୩।
ବଳୀ ମୁଖ ଲକ୍ଷ କରି ସେ ପୁଷ୍ପକ- ଯାନ, ବୋଲେଦେଖ ଦେଖ ଭ୍ରତ ।
ବର୍ତ୍ତମାନ ଭର- ଦ୍ୱାଜ ଋଷିଙ୍କର , ଆଶ୍ରମରୁ ବୀର ରଘୁନାଥ । ।୨୪।
ବିଦାୟକି ନେଇ ଆସୁଛନ୍ତି ଭାଇ, ଲକ୍ଷ୍ମଣ, ବୈଦେହୀ ସଙ୍ଗେ ପଥେ ।
ବିଭୀଷଣ ମିତ୍ର, ସୁଗ୍ରୀବ ସହିତ, ସେନା ନାରୀ ବ୍ରାତ ଧରି ରଥେ । ।୨୫।
ବାତ ସୁତ ମର୍ମ- କଥା ଶୁଣି ଧର୍ମ, ରଖି ସର୍ବେ ରାମ ଜୟ ରାମ ।
ବୋଲି ବାରମ୍ବାର, କରନ୍ତେ ପ୍ରଚାର, ଘୋଟି ସେ ଅମ୍ବର କମ୍ପମାନ । ।୨୬।
ବାହନ ଆରୋହି ଥିଲେ ଯେତେ ତହିଁ ଧରା ପୃଷ୍ଠ ହୋଇ ଅବନତେ ।
ବିନମ୍ର ପ୍ରଣତି, ଜଣାଇଲେ ସେଥି, ହୃଦେ ସୀତା ପତି ଦେଖି ନେତ୍ରେ । ।୨୭।
ବିଳମ୍ବ ବିହୀନ ପ୍ରକାଶିଲେ ପୁଣ ସମସ୍ତେ ବିମାନ ପରେ ଉଠ ।
ବୀର ଭ୍ରତ ଶଙ୍କା, ମନରେ ପାଦୁକା, ଧରିଶିରେ ଏକା ଛାଡି ମଠ । ।୨୮।

Digitized by PPRACHIN, SOA

ତୋଇଲେ ହେ ଆର୍ଯ୍ୟ ନିଅ ତୁମ୍ଭ ରାଜ୍ୟ ଅଧିକାର ପୂଜ୍ୟ ସିଂହାସନେ ।
ବସି ପ୍ରଜାକୁଳ, ପାଳ'କି ବିକଳ ତୁଅନ୍ତି ସ୍ୱକୁଳ ଧର୍ମାର୍ଜନେ । ।୨୯।
ବୋଲି ବୋଲି ଏହା ସେ ମାଣ୍ଡବୀ ନାହା ପ୍ରକାଶିଲେ ଯାହା ଦେଉ ଲୟ ।
ବ୍ୟାପିଥିବା ଜନେ ହୃଦୟ ପ୍ଲାବନେ, ସଜଳ ନୟନେ କଲା ଜୟ । ।୩୦।
ବକ୍ଷରେ ଜାବୁଡି ଧରି ଚାପଧାରୀ, ଆଶୀର୍ବାଦ କରି କରି ଶେଷେ ।
ବସୁ' ସେ ଭରତ, କଲେ ପ୍ରଣିପାତ, ସୁମିତ୍ରାଙ୍କ ସୁତ ପାଦ ଦେଶେ । ।୩୧।
ବସୁଧା ନନ୍ଦନା ପାଦ ବନ୍ଦାପନା, କରି ଉଚ୍ଛମନା ଭୃତେ ତହିଁ ।
ବୀର ଜାମ୍ବବାନ, ଅଙ୍ଗଦ ସୁଷେଣ, ହୃଦେ ଲଗାଇଣ ଆର୍ତ୍ତେ କହି । ।୩୨।
ବିଭାକର ସୁତ, ହେବାରୁ ମଇତ୍ର, ହେଲା ସୂତ୍ରପାତ ମଲା ଦୈତ୍ୟ ।
ବସୁଧା ତେ ଚାରି ଭ୍ରାତ ହୋଇ କରି- ଥିଲୁ ଆଜି ସରି ପାଞ୍ଚ ଭ୍ରାତ । ।୩୩।
ବାହଲ୍ୟ ସ୍ନେହରେ, ନମି ତାହା ପରେ, କୈକେୟୀ ପାଦରେ ରଘୁ ବସି ।
ବୋଲନ୍ତି ମା' ତୁମ ନିଷ୍ଠା ଫଳେ ରାମ- ସାରି ଦେବ କାମ ଆସିଅଛି । ।୩୪।
ବସାଇ କୋଳରେ, କରତାଳି ଥରେ, ଆଶୀର୍ବାଦ ଶିରେ ଦିଅ ହର୍ଷେ ।
ବିମାତା' ନଭାବ, ଶୁଣି ଏହି ଭାବ, ସେ କୈକେୟୀ ଦ୍ରବ ହୋଇ ତ୍ରାସେ । ।୩୫।
ବିଚେତ ହୋଇଣ, ପଡି କିଛି କ୍ଷଣ- ଚେତା ପାଇ ପୁଣ ପୁଣ କହି ।
ବିବସ୍ୱାନ ବଂଶ ମୋହ ଲାଗି ଧ୍ୱଂସ କହିଣ ନରେଶ ଗଲେ ତହିଁ । ।୩୬।
ବିକଳେ ଜୀବନ, ତେଜିଲେ ତୋ ପ୍ରାଣ ଭରତ' ମା' ପୁଣ ନତାକଇ ।
ବିକଳେ ହୃଦୟ ନ ହେଉଛିଥୟ, ମୋ ଲାଗି ତୋ ଜୟ' କହୁ ତୁହି । ।୩୭।
ବଂଶେ କଳଙ୍କିନୀ ନେତ ବାନ୍ଧୁ ଗୁଣୀ, ତ୍ୟକ୍ତ କରି ପୁଣି ଗୁଣିନାମ ।
ବାପ, ବାପାଗଲେ, କେଉଁ ସିଦ୍ଧି ବଳେ, ଧରିବିରେ କୋଳେ ତୋତେ ରାମ ।୩୮।
ବୋଲନ୍ତି ରାଘବ, କଥାଏ ଲାଘବ, ହେବ ମନେ ଭାବ ମୁହିଁ ମାତା ।
ବୋଲି ଆଗ ତାକି ନକରେକି ସୁଖୀ ଭରତ ପାଇଁକି ଛାଡ ଚିନ୍ତା । ।୩୯।
ବନେ ମୁହିଁ ଯିବା ବେଳେ ଯାହା ଅବା, କହି ପିତା ସେବା ଥିଲେ ରୋଧି ।
ବୈଦେହୀ ଦହନ, କାଳେ ମୁଁ ବହନ, ସେ ଶାପ ଦହନ କଲି ବୋଧି । ।୪୦।
ବୋଧି ଏହି ପରି ସେଥୁ ଚାପଧାରୀ, ସଙ୍ଗେ ଧରି ନାରୀ ସଉମିତ୍ରୀ ।
ବୋଧନ୍ତି ସୁମିତ୍ରା, କୌଶଲ୍ୟାଙ୍କୁ ମାତା, ଏକା ପରିଚିନ୍ତା କରି ମତି । ।୪୧।
ବନ୍ଦି ତାହାପରେ, ଗୁରୁଙ୍କ ପୟରେ, ପୁଷ୍ପକେ ଥୟରେ ଥାପି ତୋଳା ।
ବିବେକୀ ଶେଖର, ଜାଣିଲେ ଯେ ଖର ରହିଛନ୍ତି ପୁର ରେ ଉର୍ମିଳା । ।୪୨।
ବାସେ ଯାଉ ଆଗ ତାକୁ ହେବ ଭର୍ଗ, ବ୍ରତ ହେବ ସାଙ୍ଗ ତାହାପରେ ।
ବୋଲେ ଦୟାନିଧି କରୁଣା ବାରିଧି- ପଦ ଦୁଇ ବନ୍ଦି ଘେନ ନରେ । ।୪୩।

Digitized by PPRACHIN, SOA

ବନବାସରୁ ଫେରି ରାମ ଲକ୍ଷ୍ମଣଙ୍କର ମାତାମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା

ସୁଗ୍ରୀବ, ବିଭୀଷଣଙ୍କ ସହିତ ସେନାମାନେ ମାତାମାନଙ୍କ ଠାରୁ ଅଶୀର୍ବାଦ ଭିକ୍ଷା



ରାଜ ପରିଷଦ ଓ ଭରତ,ଶତ୍ରୁଘ୍ନଙ୍କ ସହିତ ରାମ,ଲକ୍ଷ୍ମଣଙ୍କ ଭେଟ

ହନୁମାନ,ସୁଗ୍ରୀବ,ବିଭୀଷଣ ଓ ଜାମ୍ବବ ଆଦି ସେନାଙ୍କର ଗୁରୁ ବଶିଷ୍ଠଙ୍କର ପଦ ବନ୍ଦନା

Digitized by PPRACHIN, SOA

ରାଜବାଟୀକୁ ରାମଙ୍କର ଆଗମନ

ରାଗ -ବଙ୍ଗଳାଶ୍ରୀ

ଛାନ୍ଦ - ୭୬

ବଡ ଦେଉଳରେ ଆଗେ ଯେ ଦେଖିଛ, ଗୁଣ୍ଡିଚା ବାହୁଡା ଯାତ୍ରା ।
ଅନୁମାନକର ଏବେ ସେହିମାନେ, ମୁଖଲୋକ ଭିଡ ମାତ୍ରା । ।୧।
ବାହୁଡା ଯାତ୍ରାରୁ ଫେରି ଚାରିଦିଅଁ, ମନ୍ଦିରକୁ ଗଲା ପରି ।
ବାହୁଡା ବିଜୟ କରନ୍ତି ମନ୍ଦିରେ, ରାମ ଭାଇଭାର୍ଯ୍ୟା ଧରି । ।୨।
ସେଥିପାଇଁ ଯଥା, ମନ୍ଦିର ଗର୍ବିତ, ସାଜ ସଜ୍ଜା ସବୁଆଡେ ।
ସେହିପରି ଶୋଭେ ଅଯୋଧ୍ୟା ନଗର ନାନା ଚିତ୍ର କାନ୍ଥ ବାଡେ । ।୩।
ବଡ ଠାକୁରଙ୍କ, ସାନଭାଇ ଜଗା ମାନମୟୀ ମାନପରି ।
ବଡ ରାମାନୁଜ, ଲକ୍ଷ୍ମଣ ସଙ୍ଗିନୀ ରହିଛନ୍ତି ବ୍ରତକରି । ।୪।
ଆଗରେ ସେବକ, କାନ୍ଧେ ଡେଇଁ ଡ଼େଇଁ ଗଲାପରି ସୁଦର୍ଶନ ।
ଆଗରେ ଆନନ୍ଦେ ଡ଼େଇଁ ଡେଇଁ ଯାଏ, ବାତସୁତ ହନୁମାନ । ।୫।
ତାହାପରେ ଲକ୍ଷ୍ମୀ, ଦେଢ଼ଶୁର ବଳଭଦ୍ର ଟାହିଆ ହଲାଇ ।
ଗଲାପରି ଉର୍ମିଳାଙ୍କ ଦେଢ଼ଶୁର ଗଲେ ଜଟା ଜୁଟହୋଇ । ।୬।
ବଳଭଦ୍ର ପଛେ ହଳଦିଆ ମୁହିଁ ସୁଭଦ୍ରା ଯାଆନ୍ତି ଘରେ ।
ସେପରି ସ୍ୱର୍ଣ୍ଣାଙ୍ଗୀ, ସୀତୟା ଚଳିଲେ କୌଶଲ୍ୟାଙ୍କ ଗହଣରେ । ।୭।
ତାପରେ ଚଳିଆ ସାନଭାଇ ଜଗା, ଭକତଙ୍କୁ ଭୋଳ କରି ।
ପହଣ୍ଡି କରିଲା ପରାଏ ଲକ୍ଷ୍ମଣ ଯାଆନ୍ତି ଯେ ଢ଼ଳି ଢ଼ଳି । ।୮।
ନାରୀ ସୁଲଭତା ଗୁଣେ ମହଲକ୍ଷ୍ମୀ କରନ୍ତି ଯେପରି ଲୀଳା ।
ଦରଜା ଦର ଆଉଜା କରି ସେହିପରି ଥିଲେ ସେ ଉର୍ମିଳା । ।୯।
ବନ ବାସ କାଳ, କଥା ଥିବ ମନେ, ଆସି ସେ ଶେଷକୁ ଚାଲି ।
ଏକା ଥିଲେ ରହି, ସତ୍ୟକୁ କରାଇ, ପୁରେ ସତ୍ୟବ୍ରତ ପାଳି । ।୧୦।
ଘୋଷ ଯାତ୍ରା ଶେଷେ, କାଳିଆ ଠାକୁର ରଥରେ ଫେରିବା ପରି ।
ସେ ଲକ୍ଷ୍ମଣ ଏବେ, ଆସୁଛନ୍ତି ଫେରି ରଥେ ବନବାସ ସାରି । ।୧୧।
ତାଙ୍କର ଉର୍ମିଳା କଥା ତାଙ୍କ ମନେ ଅଛିକି ନାହିଁ ଯେ ଜ୍ଞାତ ।
ଜାଣିବା ନିମନ୍ତେ ଲକ୍ଷ୍ମୀଙ୍କ ପରାଏ, ଚାହିଁ ଥିଲେ ଉର୍ମିଳାତ । ।୧୨।
ବିଳମ୍ବରୁ ସେହି ସ୍ଥିର କଲେ ମାନ, ନ ଭାଙ୍ଗିବା ଯାଏ ପତି ।
ଥିବେ ସେହିପୁରେ ବାହାରିବେ ନାହିଁ, ପୁଣି ଭାବି କାହିଁ ଗତି । ।୧୩।
ଅଦମ୍ୟେ ବାହାର ହେବାକୁ ଅନ୍ତରେ ରଖି ଭକ୍ତି ଦରଶନ ।
ଲୁକ୍କାୟିତ ଭାବ ନଜାଣନ୍ତି କେହି, ମନ ହୁଏ ଛନ୍ନ ଛନ୍ନ । ।୧୪।

Digitized by PPRACHIN, SOA

ଲକ୍ଷ୍ମୀଙ୍କି ତୋଷିବା ପାଇଁ ବଳଭଦ୍ର ଜଗାକୁ କହିଲା ପରି ।
ତୋଷକର ଯାଇ ବଧୂକୁ ଲକ୍ଷ୍ମଣେ ବୁଝାଇଲେ ଚାପଧାରୀ । ।୧୫।
ଦେଢ଼ଶୁରଙ୍କର ଅଶ୍ୱାସନା ବାଣୀ ଶୁଣି ଉର୍ମିଳା ଅଦମ୍ଯ ।
ମାତ୍ର ସେ ଲକ୍ଷ୍ମଣ, କବାଟ ନିକଟେ, ପ୍ରବେଶିଣ ଧରି ଦମ୍ଭ । ।୧୬।
ଭାଇ କଥା ମାନି ଜଗା କମଳିନୀ, ଗୁମାନ ଭାଙ୍ଗିଲା ପରି ।
ଡାକନ୍ତେ ଲକ୍ଷ୍ମଣ, ତାଙ୍କ ପ୍ରାଣଧନ, ଆସିଲେ ଘରୁ ବାହାରି । ।୧୭।

ତପୀଙ୍କ ନାମ

ହୋଇଲା ମିଳନ ପୂର୍ବକଥା ମାନ କହି ବ୍ରତ ସାଙ୍ଗ କଲେ ।
ଶୁଣି ଏ ଚରିତ, ଗଣନାଥ ମାତ, ଭୂତ ନାଥଙ୍କୁ ବୋଇଲେ । ।୧୮।
ଘୋଷ ଯାତ୍ରା କଳି, ଯୁଗେ ତ ନଭାଳି, କେଉଁ ଭାବେ ପ୍ରକାଶିଲ ।
ରାମାୟଣ କାଳ, ଆଗୁଁ ଲେଖାପରା ତୁମ୍ଭେ କିପରି ଭାସିଲ । ।୧୯।
ଜଗା ଭଗବାନ, ବଳିଆ ଈଶାନ ସୁଭଦ୍ରା ବିରଞ୍ଚି ବୋଲି ।
କହନ୍ତି ଜଗତେ, କହ କେଉଁମତେ, କହୁଛ ଓଲଟା କରି । ।୨୦।
ବୋଇଲେ ସେ ଭର୍ଗ ପୂର୍ବୁ ଯୁଗ ଯୁଗ ଧରି ନୀଳାଚଳେ ଜଗା ।
ଭାଇ ଭଗ୍ନୀ ସଙ୍ଗେ, ରହିଛନ୍ତ ରଙ୍ଗେ, ଏବେ ହେବେକି ଅଲଗା । ।୨୧।
ସତ୍ୟରେ ନିର୍ମାଣ, କରି ଇନ୍ଦ୍ରଦ୍ୟୁମ୍ନ, ଦିଅଁ ଦେଉଳାଦି ପନ୍ତି ।
ପ୍ରତିଷ୍ଠା ପାଇଁକି ବିରଞ୍ଚିକି ଡାକି, ଗଲେ କହେ କୀମ୍ବଦନ୍ତି । ।୨୨।
ବନ ବାସେ ରାମ, ଶ୍ରୀ ପୁରୁଷୋତ୍ତମ, ପୁରସ୍ତମେ ଦେଖିଥିଲେ ।
ସେଥୁ ଏକକଳା, ଘେନି ନନ୍ଦବଳା ଷୋଳକଳା ଶାସ୍ତ୍ର ବୋଲେ । ।୨୩।
ସେହି ନନ୍ଦସୁତ, କଳିରେ ବିଖ୍ୟାତ, ଯିବାକୁ ମାଉସୀ ଘର ।
ଭକତଙ୍କ ନାମେ ରଥଯାତ୍ରାକରି ଛାଡି ଯାଆନ୍ତି ନଅର । ।୨୪।
ଏକ ଦାରୁ ମଧ୍ୟୁ ନିର୍ମାଣ ସେ ଚାରି ଜାଣିବାକୁ ଭିନ୍ନ ଭିନ୍ନ ।
ଭକ୍ତି ତତ୍ତ୍ୱେ ଭକ୍ତ ହୋଇ ଗୁଣ୍ଡିଭୂତ କରିଯାଆନ୍ତି ଦର୍ଶନ । ।୨୫।
ଏଣୁ ଚାରି ଯୁଗେ ଦେବତା ସେ ମନୁ, ସନ୍ଦେହ କର ମୋଚନ ।
ଜଗା ବଳିଆ ସୁଭଦ୍ରା ସୁଦର୍ଶନ, ଯେ ସୀତା ରାମ ଲକ୍ଷ୍ମଣ । ।୨୬।
ତାଙ୍କରି ସୁଲଭ ବର୍ଣ୍ଣ ସମଷ୍ଟିରୁ ସବୁଜ ଅକ୍ଷର ନେଇ ।
ବାଢ଼ିଲା ଲେଖକ, ଚରଣ କମଳେ, ପରାଣ ପୀଉଷ ଦେଇ । ।୨୭।
ଯେତେ ରଚିଲେବି ଅନନ୍ତ ସେ ଲୀଳା ମନ ହୁଏ ନାହିଁ ବୋଧ ।
ସରେ ନାହିଁ କଥା ଯଦି ତା ଧୃଷ୍ଟତା ନ ଘେନ କେ ଅପରାଧ । ।୨୮।
ସରଳ ଭାଷାରେ ଛନ୍ଦ ଯା ହୋଇଛି ସରବେ ବୁଝିବା ପାଇଁ ।
ମନ୍ଦ ବୋଲି ମୋତେ ବୋଲିଲେ ବୋଲନ୍ତୁ ଭାବନା ମୋହର ନାହିଁ । ।୨୯।

Digitized by PPRACHIN, SOA

କଣ୍ଟକ ପୂରିତ, ପଣସ ଉପରେ ଭିତରେ ପୂରିତ ରସ ।
ସେ ଭାବେ ଘେନନ୍ତୁ ଭାଷା ଆଡମ୍ବରେ ପ୍ରୟୋଜନ ଅଛି କିସ । । ୩୦ ।
ବୁଡେ ଯଦି କାହିଁ ପଙ୍କ ତଳେ ଛୁଞ୍ଚୀ ଟାଣେକି ତାକୁ ଚୁମ୍ବକ ।
ମନର ମଇଲା ନୟନ ଜଳରେ ଧୋଇ ହୁଅ ଭଲ ଲୋକ । । ୩୧ ।
ପରିଷ୍କାର ହେଲେ ସେ ଈଶ୍ୱର ହେଲେ, କ୍ଷମା ଦେବେ ଟାଣି ନେଇ ।
ସବୁ ମନ ଛଞ୍ଚୀ ଚୁମ୍ବକ, ଈଶ୍ୱର ଜାଣ ଦୟାନିଧି କହି । । ୩୨ ।

ରାମ ଅଭିଷେକ ଖବର ଭାଟ ଦ୍ୱାରା ପ୍ରଚାର

(ଗୀତିନାଟ୍ୟ ବୃତ୍ତେ)

ଛାନ୍ଦ - ୭୭

ଅଯୋଧାର ସଡକେ ଲୋକ ଭିଡ ଲାଗିଛି ହୋ
" ଅଯୋଧାର ସଡକେ ।
ରାମ ହେବେ ରାଜା ପାଳିବେ ପରଜା
ଦୁଃଖ ନରହିବ କାହାର କିଛି । । ୧ ।
ବୁଝି ରାମ ଅନ୍ତର କଥା ସେ ଶାସକ ଭରତ ଯଥା-
କାଳେ ଚର୍ଚ୍ଚା କରି ସବିଧିରେ ବରି
ସୁଗ୍ରୀବଙ୍କୁ ଘର ଦିଅନ୍ତି ବାଛି । । ୨ ।
ଜାମ୍ବବାନ ବ୍ରହ୍ମାଙ୍କ ସୁତ- ମନ୍ତ୍ରୀ ହେତୁ ପାଶେ ଭରତ ।
ଆଗରେ ରାଗରେ ବସାକୁ ବାଗରେ
ଦେଲେ ନେଇ ପକାଇଣ କୁରୁଚି । । ୩ ।
ତାହା ପରେ ସେ ବିଭୀଷଣ ନିକଟେ ରାମ ଆଚରଣ ।
କରୁଥିବା ପରି ବ୍ୟବହାର କରି
ନେଉ ସେ ପାର୍ଥକ୍ୟ ନଜାଣେ କିଛି । । ୪ ।
ସୁବିବେକ ସୁମନ୍ତ ମନ୍ତ୍ରୀ ଆସିଥିବା ସେନା ଆମନ୍ତ୍ରି
ଦେଲେ ଚର୍ଚ୍ଚାକାର ରହିବାକୁ ଘର
ଅଭାବ କହାର ନରହେ କିଛି । । ୫ ।
ବ୍ୟବହାରେ ପ୍ଲବଗ ଯୋଷା ଅଯୋଧାକୁ କରି ପ୍ରଶଂସା ।
ବୋଲନ୍ତି ପବିତ୍ର ହେଲା ନେତ୍ର ଗାତ୍ର
କୃତାନ୍ତକୁ ଆଉ କି ଭୟ ଅଛି । । ୬ ।

Digitized by PPRACHIN, SOA

ରାମ ହେବାକୁ ଅଭିଷେକ ଅଯୋଧ୍ୟାର ବର୍ଦ୍ଧକୀ ଯାକ ।
କଲେ ସଭାସ୍ଥଳୀ ବିଶ୍ୱକର୍ମା ଭଳି,
ହାରିବ ଭାଳି ନ ପାରିଣ ହୋଇଛି । । ୭ ।
ଏଣେ ସେହି କାଳେ ଭରତ ରାମ ଅଗ୍ରେ କରନ୍ତି ବ୍ୟକ୍ତ ।
ଅଭିଷେକୋତ୍ସବ, କେଉଁଦିନ ହେବ,
ଗୁରୁଙ୍କୁ ପଚାରି ବୁଝ କହୁଛି । । ୮ ।
ଏହା ଶୁଣି ବିଧିକୁମର, ଶାସ୍ତ୍ର ଦେଖି କରିଲେ ସ୍ଥିର ।
ଗୁରୁବାର ଭୋଗ, ଗୁରୁଚାନ୍ଦ୍ରି ଯୋଗ,
ସପ୍ତମୀରେ ଆସି କାଲି ପାଉଛି । । ୯ ।
ଏହି ଯୋଗରେ ଅଭିଷିକ୍ତ ହେବେ ରାମ ସୀତା ଘେନିତ ।
ସେଥି ବାମଦେବ ବୋଲନ୍ତି ହେ ଦେବ
ସନମତ କର ନଭାବି କିଛି । । ୧୦ ।
ଶୁଣି ରାମ କରନ୍ତି ବ୍ୟକ୍ତ ନନେଇ ପ୍ରଜା ମତାମତ ।
ଆସନ ଗ୍ରହଣ କରିବାଟାହୀନ,
କାର୍ଯ୍ୟ ହେବ ମୋ ମନକୁ ଆସୁଛି । । ୧୧ ।
ଏ ଅଧିକାର ପ୍ରଜାଙ୍କର ସେ ବାଛିବେ ନୃପ ତାଙ୍କର ।
କହନ୍ତି ଆପଣ ବଳ ପ୍ରୟୋଗିଣ
ରାଜା ହୁଅ ଏ ଉଚିତ ନୋହୁଛି । । ୧୨ ।
ଶୁଣି ଗୁଣି ସେ ପୁରୋହିତ, ନେଇ ସଭାର ମତାମତ ।
ବୋଲନ୍ତି ହେ ରାମ ପ୍ରଜା ମନସ୍କାମ,
ଯାହା ତାହା ଆଗୁଁ ଜଣାଯାଇଛି । । ୧୩ ।
ତୁମ୍ଭ ମନ ବାଞ୍ଛା ପୂରଣ ପାଇଁ ଆଗୁ ହେ ରଘୁରାଣ ।
ବିମାନ ଆରୋହି ବୁଲ ସାହି ସାହି,
ଜାଣିବା କେ ପ୍ରତିରୋଧ କରୁଛି । । ୧୪ ।
ପାଳିବାକୁ ଅଯୋଧ୍ୟା ପ୍ରଜା କେହି ହେଲେ ହେବେତ ରାଜା ।
ଯା ଉପକରଣ, ଲୋଡା ବେଗେ ଆଣ,
ଆଗରୁ ଅଭାବ ନଥାଉ କିଛି । । ୧୫ ।
ସେହି କାଳେ ସୁମନ୍ତ ମନ୍ତ୍ରୀ ରାମଙ୍କୁ ବୋଲେ ସନମତି ।
ଦିଅ ରଘୁନାନ, ପେଷି ହନୁମାନ,
ତପସ୍ୱୀ କୁଳକୁ ଆଣିବା ବାଛି ।। ୧୬ ।
ରାମ ଏହା କରନ୍ତେ ଘେନା ଜାମ୍ବବାନ ପଠାଇ ସେନା ।
ତୀର୍ଥରାଜ ଜଳ, ମାନ କଲେ ଠୁଳ,
ଆସିଲେ ଯେ ତପୀ ନାମ କହୁଛି । । ୧୭ ।

Digitized by PPRACHIN, SOA

ବ୍ୟାସ, ଗଉତମ କୌଶିକ, ଭୃଗୁ ପୁଲହ କ୍ରତୁ ଶୁକ ।
ସନକ, ଜନକ, ଅତ୍ରି, ବିଭାଣ୍ଡକ ,
କପିଳ, ନାରଦ, ମୃକୁଣ୍ଡ ବଶିଷ୍ଠ । । ୧୮ ।

ଅଷ୍ଟବକ୍ର, କୁମ୍ଭ ସନ୍ତତି, ପରାଶର, ପୌଲସ୍ତି ଯତି ।
ଦୁର୍ବାସା, ମରିଚି, ଗାର୍ଗବାଦି ଶୁଚି-
ମନ୍ତେ ଯେ ଆସନ୍ତି ଆଶ୍ରମ ମୁର୍ଚ୍ଛି । । ୧୯ ।

ଜାବାଳି ଯା ଉପକରଣ ମଗାଇଣ ଥାଳୀ ପୂରଣ ।
କରି ଧରି ଶ୍ରୁବ ସୁଚ ଯବ ଦର୍ଭ,
ସୁବାସ ଚନ୍ଦନ ଘୋରାଇ ପୋଛି । । ୨୦ ।

ସୋମ ବଲ୍ଲରୀ କୁମ୍ଭୀପଟ ଘୃତ, ଶାଢ଼ୀ, ହେବ ମୁକୁଟ ।
ସମିଧ, ଅରୁଣି, ଚାରି ବେଦାଗ୍ରଣୀ
ବିପ୍ରଙ୍କୁ ଡକାଇ ଆଣନ୍ତି ବାଛି । । ୨୧ ।

ଦୁର୍ବା, ବଦରି, ଆମ୍ରଡାଳ, ସମିଧକୁ ନାପିତ କୁଳ ।
ନେଲେ କଲେ ବିଧି- ଅଧିବାସେ ଶୁଦ୍ଧି
ଗ୍ରହ ମହୌଷଧି ଗୁଗୁଳ କିଛି । । ୨୨ ।

ଏଣଗକାଳ ନିୟମ ମତେ ଘୋଡା ହାତୀ ରଥ ସହିତେ ।
ସଜ ବାଜେ ବାଦ କରି ହେଲେ ମୋଦ,
ରୁକ୍ଷକପି ବେଶ କହି ନୋହୁଛି । । ୨୩ ।

ଏହିକାଳେ ଅଯୋଧ୍ୟା ଭାଟ, କାର୍ଯ୍ୟକ୍ରମ କରେ ପ୍ରକଟ ।
ଦୟାନିଧି ବୋଲେ ପ୍ରଭାତ ହୋଇଲେ,
ରାମ ରାଜା ହେବେ ବୋଲି ସୁଝିଛି । । ୨୪ ।

ଶ୍ରୀରାମଙ୍କର ଅଯୋଧ୍ୟା ଭ୍ରମଣ ପ୍ରଭାତ ବର୍ଣ୍ଣନା

' ରାଗ- ମଙ୍ଗଳ 'ସ' ଅନୁପ୍ରାସ ତେର ଅକ୍ଷରୀ

(କୃଷ୍ଣସିଂହ ମହାଭାରତ ବୃତ୍ତେ)

ଛାନ୍ଦ - ୭୮

ସଘନେ ନିଶାନାଶ- ଉଷାର ପ୍ରବେଶ ସାରସ କାକରୁତ ହେଲା ପରକାଶ । ।୧।
ସୂର୍ଯ୍ୟ ପ୍ରାଚୀ ପର୍ବତ, କରିଲେ ଆରକ୍ତ, ସୁମନ କୁସୁମିତ କରେ ସୁରଭିତ । ।୨।
ସୁଧାଂଶୁ ସୁର ବର୍ଣ୍ଣେ, ଶିରୀ ହୀନେ ଗଲା, ସବୁ ନିଶବ୍ଦ ସ୍ଥାନ ମୁଖରିତ ହେଲା । ।୩।
ସୀମନ୍ତିନୀ ଗଣ ଯେ ଶଯ୍ୟା ତ୍ୟାଗ କଲେ, ସଙ୍କୋଚ ବିହୀନରେ ଲମ୍ପଟେ ବୁଲିଲେ । ।୪।
ସର୍ବେ ସର୍ବ କର୍ମରେ ନିଯୋଗିଲେ ମନ,, ସରିତ ପ୍ରାନ୍ତେ ଭେଟ ସେ କୋକ ମିଥୁନ । ।୫।
ସଞ୍ଚରିତ ତୁଷାର ଦୁର୍ବାଦଳେ ପଡି,, ସର୍ବ ସଂହାବକ୍ଷକୁ ମଣ୍ଡେ ହାର ପରି । ।୬।
ସରସୀରେ ସାରସ ସୁଶୋଭିତ ହେଲେ,, ସୁରତି ଇଛି ଅଳିକୁଳ ଗତି କଲେ । ।୭।

Digitized by PPRACHIN, SOA

ସମୀର ଦକ୍ଷିଣରୁ ବହି ଧୀର ଧୀର,, ସୂର୍ଯ୍ୟ କର ସଲିଳେ କରାଇ ସୁନ୍ଦର । ।୮।
ସର୍ବ ଦେବ ମନ୍ଦିରେ ବାଜେ ଶଙ୍ଖ ଭେରି,, ସଜେ କୃଷକେ ବିଲେ ଗଲେ ହଳଧରି । ।୯।
ଶ୍ରୀରାମଙ୍କ ପ୍ରସାଦେ ରଚେ ଏ ପ୍ରାସାଦ,, ଶ୍ରୀରାଜ ରାଜେଶ୍ୱରୀଙ୍କର ସେବି ପଦ । ।୧୦।
ରାମ କଥା ଜଗତେ ପକ୍ୱ ଆମ୍ରରସ,, ରାମ ଯାଏ ସର୍ବଦା ମୁଖ ପଦ୍ମ ଘୋଷ । ।୧୧।
ମ ଅର୍ଥ ହେଲା ମଲା ଯେ 'ରା' ଶିଶୁ କ୍ରନ୍ଦନଟି,, ମଳ ଧୋଇଣ ମନେ ସ୍ଥିର କରିବଟି । ।୧୨।
ଅରୁନ୍ଧତୀ ପତି ଯେ ଅଟନ୍ତି ଯା ଗୁରୁ,, ଅରୂପୁ ସେ ସ୍ୱରୂପ ଧରି ଅବନୀରୁ । ।୧୩।
ବଜ୍ରାଙ୍ଗ ଅଙ୍ଗ ଦୈତ୍ୟ ରାବଣ ବିନାଶ,, ବ୍ରହ୍ମଣରେ ଯେ କଲେ ତାଙ୍କ ନାମ ଘୋଷ । ।୧୪।
କାଳ କ୍ଷେପଣରୁ ଯେ କାମ ହେବ କ୍ଷୟ,, କାଳ ଅନ୍ତେ ବିକାଳେ ଦଣ୍ଡିବେ ନିଶ୍ଚୟ । ।୧୫।
ଶ୍ରମରେ ଶିର୍ଷ ସାତପଦ ଆଦ୍ୟ ବର୍ଣ୍ଣ, ସତର୍କେ, ଦଶପଦୁ ପଡ଼ି ଦେ଼ର କର୍ଣ୍ଣ । ।୧୬।
ପ୍ରକାଶ ହେଉଛି ଶ୍ରୀରାମ ଅବକାଶ, ତାହା ପର ଚରିତ ଯେ "ସ" ଅନୁପ୍ରାସ । ।୧୭।
ସୁମନ୍ତ୍ର ମନ୍ତ୍ରୀ ଏହିକାଳେ ଆସିକରି,, ସୁମନ୍ତ୍ର ରାମ ପଦେ କରଇ ଗୁହାରି । ।୧୮।
ସମୟ ହେଲା ପ୍ରଭୁ ନଗ୍ର ପରିକ୍ରମା,, ସାରିବା ଆଉ ଡେରି ନକରନ୍ତୁ ଜମା । ।୧୯।
ସୁଗ୍ରୀବ, ବିଭୀଷଣ ଭରତ, ଲକ୍ଷ୍ମଣ,, ସମବେଦନା କରି କହୁ ରଘୁରାଣ । ।୨୦।
ସୀତାଙ୍କୁ ଘେନି ସଙ୍ଗେ ଯାନ ଆରୋହିଲେ । ସନ୍ୟାସୀ ଯତି ବ୍ରତୀ ସାଧୁ ସନ୍ଥ ତୁଲେ । ।୨୧।
ସ୍ରଷ୍ଟା ସୁତ ବଶିଷ୍ଠ, ଜାବାଳି ସୁମତି,, ସୁଷେଣ ହନୁମାନ ପାଶେ ଯାଉଥାନ୍ତି । ।୨୨।
ସମର ବିଜେ ପରି ଚତୁରଙ୍ଗ ବଳ,, ସୁସଜ୍ଜିତେ ଆଗରେ ଯାନ୍ତି ଦଳଦଳ । ।୨୩।
ସରିତ ବୃଦ୍ଧି କାଳେ, କୂଳ ଲଙ୍ଘି ବାରି,, ସାଗରେ ଗଲା ପରି ନୁହେଁ ରୋଧ କରି । ।୨୪।
ସଙ୍ଗୀତ ଗାଇଗଲେ ଆଗେ ବାରାଙ୍ଗନା,, ସୀମନ୍ତିନୀ ଗଣ ଯେ ଚାଳନ୍ତି ରସନା । ।୨୫।
ସୁବାସ, ମୃଗମଦ, ଗନ୍ଧ ଧୂପକାଠି,, ସାଧବେ ଲଗାଇଲେ ହର୍ଷେ କୋଟି କୋଟି । ।୨୬।
ସୁବାସ ଚନ୍ଦନେ କେ ଗୋଳିଣ କର୍ପୂର,, ସୁଖେ ଲକ୍ଷେ ମାରନ୍ତି ଚର୍ଚ୍ଚରି ପ୍ରକାର । ।୨୭।
ସୁବାସ ମହକାଇ ପୂରିଲା ଯେ ଧୂମ,, ସକଳେ ବୋଲୁଥାନ୍ତି ରାଜା ହୁଅ ରାମ । ।୨୮।
ସୁରପୁରୁ ସୁରେ ପକାଇ ପୁଷ୍ପ ତୋଡା,, ସମାରୋହେ ଦର୍ଶନେ, ବାନ୍ଧୁ ଯାନେ ଘୋଡା । ।୨୯।
ସିନ୍ଧୁ ଘୋଷୁ ବଳଇ ଗଜ ବାଜି ସ୍ୱନ,, ସେଥି ଭାଟ ବୋଲେ ମଣିମା ସାବଧାନ । ।୩୦।
ସନନ୍ଦ ଦେଉଛନ୍ତି ଦେଖ ପ୍ରଭୁ ପ୍ରଜା,, ସୀତୟା ରାଜମାତା, ରାମ ଆମ୍ଭରାଜା । ।୩୧।
ସୁନ୍ଦରୀ, ପୁରନ୍ଦରୀ ସ୍ଥାପି ପୂର୍ଣ୍ଣକୁମ୍ଭ,, ସମ୍ପ୍ରତି ଦେବା କାର୍ଯ୍ୟ କରନ୍ତି ଆରମ୍ଭ । ।୩୨।
ସେ କାଳରେ କାହାଳୀ, ଶଙ୍ଖ ବୀଣାସ୍ୱର,, ସତର୍କେ ବୋଲେ ରାମ ଆମ୍ଭ ନୃପବର । ।୩୩।
ସେ କାଳରେ ନବିନ ଯୁବା ମାନ ଲଙ୍ଘି,, ସୁଖେ କୁଙ୍କୁମ, ଫଗୁ ହେଲେ ଫିଙ୍ଗା ଫିଙ୍ଗି । ।୩୪।
ସାର ଚୁଆ ଅତର ପନୀରେ କେ ଗୋଳି,, ସୁହର୍ଷେ ପରସ୍ପରେ ଦେଉଥାନ୍ତି ବୋଳି । ।୩୫।
ସକଳ ସାହିବୁଲି କୌଶଲ୍ୟା ସନ୍ତତି,, ସଭାଗୃହେ ଚଳିଲେ ଗୃହେ ଗଲେ ସତୀ । ।୩୬।
ସଭାମଧ୍ୟେ ବଶିଷ୍ଠେ ଜଣାଇଲେ ରାମ,, ସମାପନ କରାନ୍ତୁ ଅଭିଷେକ କମା । ।୩୭।
ସୁମନ୍ତ୍ର ବୋଲନ୍ତି ଯେ କାଲିଠାରୁ ସର୍ବ,, ସଜେ ଅସି ଅଛନ୍ତି, ସର୍ବ ମହୀଦେବ । ।୩୮।
ସାଧୁ ସନ୍ଥ ସନ୍ୟାସୀ, ଗୃହୀ ବନଚାରୀ,, ସସ୍ତ୍ରୀକ ଋଷିଗଣ ଆଣନ୍ତି ହକାରି । ।୩୯।
ସେ କଥା ଆଗେ କହି କରୁଣା ବାରିଧି,, ସନ୍ତୋଷ କରି ବୋଲେ ବିପ୍ର ଦୟାନିଧି । ।୪୦।

Digitized by PPRACHIN, SOA

ଶ୍ରୀରାମ ଅଭିଷେକ

॥ ଶ୍ଳୋକ ॥

ନୀଳାମ୍ବୁଜାୟ ରାମାୟ ଶ୍ୟାମାୟ କାମ ଦାୟଚ ପଙ୍କଜ ଲୋଚନାୟଜାୟଜଜାୟନେଂ ଚ ନମଃ । ।୧
ଅଭିଷେକାସନେ ଯସ୍ୟ ବାମାଙ୍ଗେ ଧରଣୀ ସୁତା ଶ୍ରୀକରହାଭୟଯୁକ୍ତସ୍ତଂ ନମାମି ରଘୁ ତମମ୍ । ।୨
ବାମେ ତରେ ସ୍ଥିତୋ ଯସ୍ୟ ଶ୍ୟାମଃ ରାମସମ ପ୍ରଭଃ ଭରତଃ ଚାମରଂ ଧୃତ୍ୱା ରାମ ଭଦ୍ରାୟତେ ନମଃ । ।୩
ବାମ ତୋ ଲକ୍ଷ୍ମଣୋ ଯସ୍ୟ ଶୁକ୍ଳ ତ୍ରାସସ୍ୟ ଧରକଃ ଦକ୍ଷିଣେ ନାଳିକ ବର୍ଣ୍ଣଃ ଶତ୍ରୁଘ୍ନଃ ତ୍ରାସ ହସ୍ତକଃ । ।୪
ଅଞ୍ଜନା ନନ୍ଦନୋ ଯସ୍ୟ କଞ୍ଜପାଦ ତଳେ ସ୍ଥିତଃ ତଂ ଭବୋ ଦଭଞ୍ଜନଂ ବନ୍ଦେ ଜାନକୀ ଚିତ୍ତ ରଂଜନମ୍॥ ୫
ଚର୍ମ ଫଳକଂ ତୃଣଂ ରାଜ ସମ୍ମାନ ସୂଚକଂ ପୁରତୋ କର୍ମୁକଂ ଖଡ୍ଗଃ ଯସ୍ୟ ତସ୍ମୈ ନମୋ ନମଃ । ।୬

ଅର୍ଥ : ୧- ନୀଳ ପଦ୍ମ ରୂପୀ, ଶ୍ୟାମଳ ବର୍ଣ୍ଣ, କାମନା ଦାନକାରୀ, ଆୟତ୍ତ ପଙ୍କଜ ଲୋଚନ, ଅଜ କ ଦଶରଥଙ୍କ ଆତ୍ମ ସ୍ୱରୂପ ପୁତ୍ର ରାମଙ୍କୁ ନମସ୍କାର କରୁଅଛି । ୨- ଅଭିଷେକ ଆସନରେ ଯାହାଙ୍କର ବାମରେ ପୃଥିବୀ ସୁତା ସୀତା, ଏବଂ ଶ୍ରୀକର ଅଭୟ ଶୋଭାଯୁକ୍ତ ସେହି ରଘୁକୁଳୋତ୍ତମଙ୍କୁ ନମସ୍କାର କରୁଅଛି । ୩- ବାମ ତରେ(ଦକ୍ଷିଣରେ) ଯାହାଙ୍କର ରାମଙ୍କ ସମାନ ପ୍ରଭାଯୁକ୍ତ ଶ୍ୟାମଳ ବର୍ଣ୍ଣ ଭରତ ଚାମର ଧରି ରହିଛନ୍ତି ସେହି ରାମ ଭଦ୍ରଙ୍କୁ ମୋର ନମସ୍କାର । ୪- ଯାହାଙ୍କର ବାମ ଦିଗରେ ଲକ୍ଷ୍ମଣ ଶୁକ୍ଳ ତ୍ରାସ ଧାରଣ କରିଛନ୍ତି ଏବଂ ଡ଼ାହାଣରେ ପଦ୍ମ ବର୍ଣ୍ଣ ଶତ୍ରୁଘ୍ନ ତ୍ରାସ ଧରିଛନ୍ତି ସେହି ରାମଙ୍କୁ ମୋର ନମସ୍କାର ।୫- ଢ଼ାଲ,ତୂଣୀର,ଧନୁ,ଖଡ୍ଗ ଯାହାଙ୍କର **ସମ୍ମୁଖ**ରେ ରାଜ ସମ୍ମାନ ସୂଚକ ରହିଅଛି ତାଙ୍କୁ ନମସ୍କାର । ୬- ଅଞ୍ଜନା ସୁତ ହନୁମାନ ଯାହାଙ୍କର ପଦ୍ମପାଦ ତ ୍ରୁ ରହିଛନ୍ତି ସେ ଭବ ସାଗର ନାୟକ କାନକୀ ଚିତ୍ତ ରଂଜନ ରାମଚନ୍ଦ୍ରଙ୍କୁ ବନ୍ଦନା କରୁଅଛି ।

ରାଗ ବଙ୍ଗଳାଶ୍ରୀ (''ଦ'' ଅନୁପ୍ରାସ) ଛାନ୍ଦ-୭୯

ଦେବ ଦେବ ମହା- ଦେବ ହର୍ଷେ ଯାହା- ଉମାଙ୍କୁ କହନ୍ତି ବ୍ରତେ ।
ଦେବ ଦେବ ଗଣ- ନାୟକ ଲେଖନ- କରନ୍ତି ତାହା ଅଗ୍ରତେ । ।୧।
ଦୟାନିଧି ରଙ୍କ- ଘୋଷି ତାହା ତାଙ୍କ- ଅଭିଷେକ ବର୍ଣ୍ଣାବଳୀ ।
ଦ' ଅନୁପ୍ରାସରେ, ରଚୁଛନ୍ତି ଧୀରେ, ଶୁଣିବାକୁ ଥରେ ଅଳି । ।୨।
ଦଧି ଦୁଗ୍ଧ ଘୃତ, ଲବଣ ସହିତ, ସପ୍ତସିନ୍ଧୁ ବାରି ସଙ୍ଗେ ।
ଦ୍ୱୀପବତୀ ଭଦ୍ରା, କାଳନ୍ଦୀ ନର୍ମଦା, ଜଳ ଢ଼ାଳି ରାମ ଅଙ୍ଗେ । ।୩।
ଦେବ ସ୍ନାନ ପରି, ଦେଲେ ସ୍ନାନ ସାରି ଉଚ୍ଚାରି ମଙ୍ଗଳାଷ୍ଟକ ।
ଦାସୀ, ପରିଦାସୀ, ସନ୍ନିଧିକୁ ଆସି, କ୍ରିଡ଼ା ଚାଲିଲେ ଅନେକ । ।୪।
ଦେହ ପୋଛି ଝୀନ- ବାସ ପରିଧାନ- କରାଇ, ପନୀର ଜଳେ ।
ଦଳିଣ କସ୍ତୁରୀ ଲେଖି ପତ୍ରାବଳୀ, କେଶ ସୁସଜ୍ଜିତ କଲେ । ।୫।
ଦୁର୍ବା ବଦରିକା ଅକ୍ଷତକୁ ସଂଖ୍ୟା- କରି କରି କେରି କେରି ।
ଦୟଣା ସୁମନ, ଚମ୍ପା ପୁଷ୍ପେ ନାନା, ରୁଚି ମତେ ମାଳା କରି । ।୬।
ଦନ୍ତୀ ମୁକ୍ତା ଓଜ, ବିଦ୍ରୁମ, ବୈଦୁର୍ଯ୍ୟ, ହାର ନୀଳମଣି ହାର ।
ଦ୍ୱିବିଧେ ଉକ୍ରଣ୍ଠେ, ଲମ୍ବାଇଲେ କଣ୍ଠେ, କର୍ଣ୍ଣେ ମକର କୁଣ୍ଡଳ । ।୭।
ଦମ ସମ ଶୌଚ, ଜାତି ଉଚ୍ଚ ନୀଚ, ବାଛ ବିଚାର ବିହୀନେ ।
ଦଣ୍ଡୀଯତି କୁଳ, ହୋଇଥିଲେ ଠୁଳ, ଯେତେ ଆସି ସେହି ସ୍ଥାନେ । ।୮।
ଦୀର୍ଘେ ପଢ଼ି ମନ୍ତ୍ର, ଅର୍ଘ୍ୟ କରୁ ପୂତ ହନୁକୁ କହିଲେ ଗୁରୁ ।

Digitized by PPRACHIN, SOA

ଦଧି, ମାଛ, ପୂର୍ଣ୍ଣ କୁମ୍ଭ ରଖି ଅନ୍ନ- ପୂର୍ଣ୍ଣାଙ୍କୁ, ଅଣାଅ ଘରୁ । ।୯।
ଦାର ବିନା ରାମ- ଅଭିଷେକ କାମ, ନ ହୋଇବ ଶାସ୍ତ୍ରେ କହି ।
ଦାରିଦ୍ର୍ୟ ଭଞ୍ଜନୀ, ସୀତା ସତୀ ଘେନି, ଆସ ସୁବେଶ କରାଇ । ।୧୦।
ଦେବୀଙ୍କ ନିକଟେ, ଚଳେ ହନୁ ଆଣ୍ଠେ ସୀତାଙ୍କୁ ବସାଇ ପୀଢ଼େ ।
ଦାସୀ ସୁବେଶକୁ, ସାରନ୍ତେ ପାଶକୁ, ଆସି କଉଶଲ୍ୟା ଦୃଢେ । ।୧୧।
ଦେଲେ ଉପଦେଶ- ସ୍ନାନ ପରେ ବାସ, ପରିଧାନ କରି ବଧୂ ।
ଦର୍ପଣେ ଆନନ, ଦେଖି ଦେଇ ଧ୍ୟାନ, ଘେନିବୁ ସିନ୍ଦୁର ବିନ୍ଦୁ । ।୧୨।
ଦୀସୀଙ୍କ ଗହଣେ- ଶାଶୂ ବାଣୀ କର୍ଣ୍ଣେ, ଶୁଣି ସୀତା ମହାସୁଖେ ।
ଦରପଣ ଧରି- ଦେଉଥିଲେ ଶିରି- ଶିରେ ଆସି ହନୁ ଦେଖେ । ।୧୩।
ଦୁର୍ଲଭ ବାରତା, ଦେଇ ପୁଛେ ଚିନ୍ତା, କରି କି ଲଗାଅ ମୁଣ୍ଡେ ।
ଦୈନ୍ୟ କଥା ଶୁଣି, ଜନକ ଦୁଲଣୀ, ବୁଝାଇ କହନ୍ତି ତୁଣ୍ଡେ । ।୧୪।
ଦିର୍ଘଜୀବି ହୋଇ, ରହିଥାନ୍ତି ଏହି, ସିନ୍ଦୂର ବିନ୍ଦୁରେ କାନ୍ତ ।
ଦୁଇ କର ପାତି, ବିଚାରେ ମାରୁତି, ହୋଇଥିବ ସବୁ ସତ । ।୧୫।
ଦିନେ ହେଲେ ସେବି, ନପାରିଲି ଦେବୀ, ପୃଷ୍ଠେ ବହି କାଳ ଗଲା ।
ଦନ୍ତୀ ସଦା ଲଣ୍ଡ- ଭଣ୍ଡେ ମଣ୍ଡ ମୁଣ୍ଡ, ସିନ୍ଦୂରେ ବାହନ ହେଲା । ।୧୬।
ଦୀନ ପରି ମାତା, ଘେନନ୍ତି ବିନ୍ଦୁ'ତା- କି ଆୟୁ ବଢ଼ିବ' ଚାଣ୍ଡେ ।
ଦୀର୍ଘଜୀବୀ ପ୍ରଭୁ, ହେବା ପାଇଁ ସବୁ, ସିନ୍ଦୂର ବୋଳିବି ମୁଣ୍ଡେ । ।୧୭।
ଦୟାନିଧିଙ୍କର, ଦୟାହେଲା ମୋର, ଉପରେ ଗଲା ଦୁର୍ଦ୍ଦିନ ।
ଦଶକଣ୍ଠ ଲୟ, ଫଳେ ଯା ବିଳୟ, ଆୟୁ କରାଇବି ପୂର୍ଣ୍ଣ । ।୧୮।
ଦେଶର ବଜାର, ବିପଣୀରେ ବୀର, ସିନ୍ଦୁର ପାଇଁକି ବୁଲେ ।
ଦାସ ବାଣୀ ଶୁଣି, ପୃଥିବୀ ଦୁଲ୍ଲଣୀ, ଦାସୀ ସଙ୍ଗେ ବାହାରିଲେ । ।୧୯।
ଦେଲେ ହୁଳ ହୁଳି, ଆଳି ହୋଇ ମେଳି, ଶଙ୍ଖୁଆ ଫୁଙ୍କିଲେ ଶଙ୍ଖ ।
ଦରଶନ ପାଇଁ, ଆସିଥିଲେ ଧାଇଁ, ଦୂରୁ ଯେତେ ଦେଲେ ଲକ୍ଷ୍ୟ ।୨୦।
ଦର ହରଷିତ, ବଦନରେ ମାତ, ପଡି କୋଳ ମଣ୍ଡାଇଲେ ।
ଦମ୍ଭେ ଗୁରୁଶିଷ୍ଟା- ଚାରେ ଆପୋହିଷ୍ଟା, ମନ୍ତ୍ର ପଢ଼ି କୁମ୍ଭଜଳେ । ।୨୧।
ଦୟାଳୁ ପ୍ରବର, ଶିରେ ଚାଳିକର, ଅବଭୃତ ସ୍ନାନ କଲେ ।
ଦ୍ରୁହିଣ ସୁବର୍ଣ୍ଣ, ମୁକୁଟକୁ ରାମ, ସୀତା ଶିରେ ବନ୍ଧାଇଲେ । ।୨୨।
ଦେଲେ ଆଶୀର୍ବାଦ, ଅକ୍ଷତ, ନିର୍ବେଦ, ହୋଇ ସ୍ୱର୍ଗ ଅପସରୀ ।
ଦୁନ୍ଦୁଭି ବଜାଇ, ନୃତ୍ୟ କଲେ ତହିଁ, ହୁଳହୁଳି ଦେଲେ ବାଳୀ । ।୨୩।
ଦେବ, ମହାଦେବ, ସଙ୍ଗରେ ବାସବ, ଉମା, ଶଚୀ ପୁଷ୍ପାଞ୍ଜଳି ।
ଦେଉ ବାରାଙ୍ଗନା, ସହିତ ସୁମନା, ବନ୍ଧାନ୍ତି ଜାଳି ଦୀପାଳି । ।୨୪।
ଦକ୍ଷ ଭାଟ ରାଟ, ଯଶକୁ ପ୍ରକଟ, କଲେକେ ବୋଲେ ମଣିମା ।
ଦକ୍ଷିଣେ ଲକ୍ଷ୍ମଣ, ଭୃତ ଶତ୍ରୁଘନ, ପଛେ ବୋଲନ୍ତି ଶୁଣିମା । ।୨୫।
ଦଣ୍ଡ ସାମ ଦାନ, ନିମନ୍ତେ କୃପାଣ, ସମ୍ମୁଖେ ଆସ୍ଥାନ ପରେ ।
ଦାଶରଥି ଆଖି, ପକାଇ ନଦେଖି, ହନୁକୁ ଖୋଜନ୍ତି ଖରେ । ।୨୬।
ଦେବଗୁରୁ ବୃହ- ସ୍ପତି, କାଟି ଗ୍ରହ, ଚକ୍ରକୁ କହନ୍ତି ବାରି ।
ଦେବ, ହନୁବୀର, ମୁଖରେ ସିନ୍ଦୂର, ବୋଳି ପାଗଳଙ୍କ ପରି । ।୨୭।
ଦରବାର ମୁଖେ, ଆସୁଛି ପ୍ରତ୍ୟକ୍ଷେ, ନିମିଷେ ବିଳମ୍ବ କର ।

Digitized by PPRACHIN, SOA

ଦଣ୍ଡକ ମଧ୍ୟରେ, ଡେଇଁ ଡେଇଁ ଖରେ ପ୍ରବେଶିଣ ହନୁବୀର । ।୨୮।
ଦେଖି ଅଭିଷେକ, ଅକ୍ଷତ କେତେକ, ଦୁଷ୍ପ୍ରାପ୍ୟ ବୋଲି ବିଚାରି ।
ଦୂରରୁ ଗୋଟାଇ, ଗର୍ଭେ କ୍ଷେପିଦେଇ, ବିଚାରେ ନିର୍ମାଲ୍ୟ ପରି । ।୨୯।
ଦରିଦ୍ରତା ପଣ, ଏ' ବୋଲି ଲକ୍ଷ୍ମଣ, ଦୃଢ଼େ ପରିହାସ କଲେ ।
ଦୀନବନ୍ଧୁ ସେଥି, ଡକାଇ ମାରୁତି, ସବୁକଥା ପଚାରିଲେ । ।୩୦।
ଦକ୍ଷେ ହନୁମନ୍ତ, ଗୋଟି ଗୋଟି ବ୍ୟକ୍ତ, କଲା ଶୁଣି ସୀତା କାନ୍ତ ।
ଦେଇଣ ଅଭୟ, ବୋଇଲେ ଯେ ଥୟ, ଧରି ଶୁଣ ହନୁମନ୍ତ । ।୩୧।
ଦୈନ୍ୟେ ଯେ ଆୟୁଷ, ବୃଦ୍ଧି ପାଇ କ୍ଲେଶ, ସହି ମୁଣ୍ଡରେ ସିନ୍ଦୂର ।
ଦମ୍ଭେ ଲଗାଇଲ, ଭାବିଣ ନିର୍ମାଲ୍ୟ, ଯେତେ ଅକ୍ଷତ ସେବିଲ । ।୩୨।
ଦେହ ଧରି ସେତେ, କାଳ ପରିଯନ୍ତେ, ପୂଜା ପାଇବ ମହୀରେ ।
ଦେଇ ଅଛି ବର, ଆୟୁଷ ମୋହର, ନେଇଥିବ ଧରାପରେ । ।୩୩।
ଦର୍ଶନେ' କେ' ଲବେ, ସେବା କଲେ ଭବେ, ସିନ୍ଦୂର ମୁଣ୍ଡରେ ଦେଇ ।
ଦଶା ଯାହା ଥିବ, ଖଣ୍ଡନ ହୋଇବ, ଶୁଣିଥାନ୍ତୁ ସର୍ବେ ରହି । ।୩୪।
ଦଣ୍ଡ ଭାଙ୍ଗି ମୋଦେ, ଯାଇଣ ଆନନ୍ଦେ, ହନୁ ସେବେ ରାମ ପାଦ ।
ଦେବେ ଆକାଶରେ, ପୁଷ୍ପି ବୃଷ୍ଟି କଲେ, ଗଲା ଅଯୋଧ୍ୟା ବିପଦ । ।୩୫।
ଦେଖି ଏହା ସୃଷ୍ଟି, ହୋଇଣ ଅଗସ୍ତି, କହନ୍ତି ମୃକୁଣ୍ଡ ସୁତେ ।
ଦଶରଥ ସୁତ, ନରନା ଅଚ୍ୟୁତ, ବୁଝିଲତ ଜ୍ଞାନମତେ । ।୩୬।
ଦରଶନ ଭେଟି, ଦେଉ ସର୍ବେ କୋଟି, ମୁଦ୍ରା ସ୍ୱର୍ଣ୍ଣ ଅଳଙ୍କାର ।
ଦଶରଥ ବସି, ମିଶାଇଣ କିଛି, ଦେଲେ ପ୍ରତି ଉପହାର । ।୩୭।
ଦେବହୂତି ଛାୟା, ସତୀ ଅନସୂୟା, ଅରୁନ୍ଧତୀ ସତ୍ୟବତୀ ।
ଦୁର୍ଗା ଲୋପାମୁଦ୍ରା, ଆଦି ଭଦ୍ର ଭଦ୍ରା, ଗଲେ ତୋଷି ସୀତା ସତୀ । ।୩୮।
ଦୟା ନିଧି ଦୟା, ନିଧିଙ୍କ ସୁଦୟା, ଫଳେ ରଚି ଏହି ଛାନ୍ଦ ।
ଦେଉଛି କୋବିଦେ, ଘେନାକର ମୋଦେ, ଛାଡି ଷଡରିପୁ ଦ୍ୱନ୍ଦ । ।୩୯।

ଅସନାରୂଢ଼ ସୀତାରାମ ଯୁଗଳମୂର୍ତ୍ତିଙ୍କୁ ଲେଖକଙ୍କର ବିନମ୍ର ପ୍ରଣତି

(ରାଗ -କଳହଂସ କେଦାର) (କୀର୍ତ୍ତନ ସ୍ୱରେ) ଛାନ୍ଦ-୮୦

ନବନୀରଦ ନିନ୍ଦିତ ଶ୍ୟାମତନୁଂ ସ୍ମିତ ହାସ୍ୟ ବିନିନ୍ଦିତ ଶୀତଭାନୁଂ ।
କେୟୂର କୁଣ୍ଡଳ ଭୂଷିତଂ ଭାଲଯୁଗଂ ପ୍ରଣମାମିନିତ୍ୟଂ ପଦେ ସୀତାରାମଂ । ।୧।
ଶ୍ୱେତପଦ୍ମ ବିଡମ୍ବିତ ଦେବବର୍ମ ଦୃଷ୍ଟିପାତ ବିନାଶିତ ଘୋରତମଂ ।
କାଣ୍ଡ କୋଦଣ୍ଡ ଶୋଭିତ ବାମଭାଗଂ ପ୍ରଣମାମି ନିତ୍ୟ ପଦେ ସୀତାରାମଂ । ।୨।
ମହୀନନ୍ଦିନୀ ଅର୍ପିତ ଭୋଗଭୁଜଂ ବାମପାର୍ଶ୍ୱେ ସୁପୂଜିତ ସୁମିତ୍ରାଜଂ ।
ଦୃଷ୍ଟିମାତ୍ରେ, ପ୍ରମୋଦିତ ଭକ୍ତକୁଳଂ ପ୍ରଣମାମି ନିତ୍ୟ ପଦେ ସୀତାରାମଂ । ।୩।

Digitized by PPRACHIN, SOA

ମଣିକୌସ୍ତଭ ରଞ୍ଜିତ ବକ୍ଷତଟଂ କଟିତଟେ ପରିହିତ ପୀତପଟଂ ।
ବାଳି ଦଳନ ରାବଣ ନିସୂଦନଂ ପ୍ରଣମାମି ନିତ୍ୟ ପଦେ ସୀତାରାମଂ । ।୪।
ବ୍ରହ୍ମା, ରୁଦ୍ରାଦି ବନ୍ଦିତ ବନମାଳଂ ପୁଷ୍ପ ଗନ୍ଧଂ ପ୍ରଲୋଭିତ ଭୃଙ୍ଗକୁଳଂ ।
ଦୃଷ୍ଟିପାତେ, ସମୁଦ୍ଧୃତ ଜନ୍ମ ଜନ୍ମଂ ପ୍ରଣମାମି ନିତ୍ୟ ପଦେ ସୀତାରାମଂ । ।୫।
ଅଘ ସନ୍ତତି, ନାଶନ ଧର୍ମଧରଂ ଦୁଷ୍ଟ ଦାନବ, ଧ୍ୱଂସନେ, ଦକ୍ଷକରଂ ।
ପୁରୁଷୋତ୍ତମ, ବାଞ୍ଛିତ କଳ୍ପବୃକ୍ଷଂ ପ୍ରଣମାମି ନିତ୍ୟ ପଦେ ସୀତାରାମଂ । ।୬।
ଭକ୍ତ ମାନସ ମୋହନ ଯୁଗ୍ମ ନେତ୍ରଂ ନାମ ପ୍ରାନ୍ତେ ଚନ୍ଦ୍ରଯୋଗ, ସୁଶୋଭିତଂ ।
ସୃଷ୍ଟିପାଳନ ନାଶନ, ହେତୁ ଭୂତଂ ପ୍ରଣମାମି ନିତ୍ୟ ପଦେ ସୀତାରାମଂ । ।୭।
ହେମ କିରୀଟ, ଶୋଭିତଂ ମୂର୍ଦ୍ଧାସ୍ଥଳଂ କଳି କଳ୍ମଷ କାନନ ଦାବାନଳଂ ।
ସ୍ମୃତିମାତ୍ରେ, ବିତାଡିତ ସୌରଭୟଂ ପ୍ରଣମାମି ନିତ୍ୟ ପଦେ ସୀତରାମଂ । ।୮।
ଚନ୍ଦ୍ର ଚନ୍ଦନ କାଶ୍ମୀର ଲେପକୁଟଂ ରତ୍ନମାଳା ସୁଶୋଭିତ କଣ୍ଠତଟଂ ।
ତୁଙ୍ଗ ପ୍ରାସାଦ ମଧ୍ୟସ୍ଥ ସମାସୀନତମଂ ପ୍ରଣମାମି ନିତ୍ୟ ପଦେ ସୀତାରାମଂ । ।୯।
ବାତ ସୁତ, ପାଦଗତଂ, ସୁପୂଜିତଂ ବାମ ଦକ୍ଷିଣେ ଅନୁଜ ଶ୍ରଦ୍ଧାଯୁକ୍ତଂ ।
ଇତି ବଦତି, ଶ୍ରୀ ଦୟାନିଧି ଦାସଂ ପ୍ରଣମାମି ନିତ୍ୟ ପଦେ, ସୀତାରାମଂ । ।୧୦।

ମାସ ପାରାୟଣ ୨୭ ବିଶ୍ରାମ

ଅଞ୍ଜନା ସୁତ ହନୁମାନ ଏକାଦଶରୁଦ୍ର

ରାଗ : ଚୋଖି ("ଅ" ଅନୁପ୍ରାସ) ଛାନ୍ଦ - ୮୧

ଅଭିଷେକ ଅନ୍ତେଥରେ, ସୀତାଶାଶୂଙ୍କ ପୟରେ, ନମିକହିଲେ ଥୟରେ, ଯାହା ବିବୁଧେ
ଅରିଷ୍ଟ କରିବ ଦୂର, ବସିତା ଶ୍ରବଣକର, ଉମାଙ୍କୁ କହନ୍ତି ହର, ଏକାନ୍ତେ ବୋଧେ
ଅତିଆଦରେ କୋଶଲ୍ୟା ।
ଅନୁକ୍ରମେ ଶୁଣନ୍ତି ତା' ନକରି ହେଳା ।୧।
ଅଭିଷ୍ଟ ତୁମ୍ଭରଭାଳି, ବନେତପୀ ବ୍ରତ ପାଳି, କୌଣସି ପଦାର୍ଥେ ଅଳି, କରି ନଥିଲି ।
ଅଜସ୍ର ମନଭାବନା, ଥିଲେହେଁ କରିବଘେନା, ମୋହର ଏହି କାମନା, କରୁଛି ଅଳି ।
ଅଶୋକ ବନକୁ ମାରୁତି ।
ଅକାଳେ ଯାଇ ପବିତ୍ର କଲା ମୋ ଶ୍ରୁତି ।୨।
ଅଭିସନ୍ଧି କଥା କେତେ, କହି କହିଲା ମା'ମୋତେ, ପେଷିଛନ୍ତି ରାମବ୍ୟସ୍ତେ, ଭେଟୁ ମୋ ବ୍ରତ ।
ଅଭ୍ରାନ୍ତେ ହେଲା ପୂରଣ, ପାରଣା ପାଇଁକି ଦୀନ, ଖାଦ୍ୟ କିଛି କରଦାନ, ଖାଇନି ମାତ ।
ଅପ୍ରକାଶେ କରି ମସୁଧା ।
ଅଙ୍ଗୀକାର କଲି ଦେବୀ ଗଲେ ଅଯୋଧ୍ୟା ।୩।

Digitized by PPRACHIN, SOA

ଅଭିଷେକେ ଗଲା ବ୍ୟଥା, ଦ୍ରବିଯାଏ ସେହିକଥା, ଚିନ୍ତୁମନେ ଦିଏ ବ୍ୟଥା, ତୁମ ଘରକୁ ।
ଅନୁ ଗମନ କାଳରେ, ମାତା ମୋ ସଖୀ ମେଳରେ, କହିଥିଲେ ବିହ୍ୱଳରେ, ମାନି ଗୀରକୁ ।
ଅହରହ ସ୍ୱମୀଙ୍କ ପଦ ।
ଅସୁଖ ନମଣି, ସେବିବୁ ସେ ସମ୍ପଦ ।୪।
ଅମିୟ ବଚନ ମାନ, କହି ତୋଷିବୁ ସ୍ୱଜନ, ହସ୍ତରେ କରିରନ୍ଧନ, ଦେବୁ ପରଶି ।
ଅଳିଅଳରୁ ଆରମ୍ଭେ, କରାଇ ଦେଇଣ 'ତୁମ୍ଭେ, ସେ କଥା ସ୍ୱୀକୃତି ଏବେ, ଦେବକି ବସି ।
ଅଭିଷେକ କାଳରୁ କାନ୍ତ ।
ଅଧିପ ମୁଁ ସେବା କରିବାଟି ଉଚିତ ।୫।
ଅଯୋଧ୍ୟାର ରାଣୀ ପଣେ, କାନ୍ତ ଏ କାର୍ଯ୍ୟକାରଣେ, ଅନୁମତି ଦେବେମନେ, ନହୁଏ ମୋର ।
ଅନୁନୟ ମୋର ରଖି- ତୁମ୍ଭେ କାନ୍ତେ ଆଣ ଡାକି, ବୁଝାଇଦିଅଏ ଦୁଃଖୀ, ଅଳି ସତ୍ୱର ।
ଅତି ଆନନ୍ଦରେ କୋଶଲ୍ୟା ।
ଅତୀନ୍ଦ୍ରିୟ ରାଜ୍ୟେ ଭାଷି ଡକାଇବଳା ।୬।
ଅନ୍ତରଙ୍ଗ ସୀତାସତୀ, କଥା ବୁଝାଇ କହନ୍ତି, ଶୁଣି ହସି ରଘୁପତି, ବୋଲନ୍ତି ଶୁଣ ।
ଅଧିକୃତ ରୁକ୍ଷକପି, ସୀତା ଉଦ୍ଧାର ସଙ୍କଳ୍ପି, ପଣରେ ପ୍ରାଣ ସମର୍ପି, କରନ୍ତେ ରଣ ।
ଅସମ୍ଭବ ହେଲା ସମ୍ଭବ ।
ଅଞ୍ଜନା ସୁତକୁ ଏକା ଦେବାକି ? ଭାବ ।୭।
ଅନ୍ୟ ସେନାକି' ଭାବିବେ, ଏକଥା ଭାବି'ନ ଲବେ, ଯେବେଇଛାକର ତେବେ, ହସ୍ତରେ ରାନ୍ଧ ।
ଅନୁଧ୍ୟାନେ ସେନା ସୈନ୍ୟ, ଅଙ୍ଗନା ଘେନି ଭୋଜନ, କରନ୍ତୁ ଜାନକୀମନ, ଶୁଣି ଆନନ୍ଦ ।
ଅନ୍ତଃପୁର ରନ୍ଧନ ଶାଳେ ।
ଅନୁରକ୍ତ ପରିଦାସୀ ସଙ୍ଗେ ଚଞ୍ଚଳେ ।୮।

ପାକସିଦ୍ଧି

ଅଗ୍ନିଙ୍କି କରୁ ସ୍ମରଣ, ବୈଷ୍ଣବାଗ୍ନି ଉଦ୍ଦୀପନ, ହେଲେ କରିଲେ ରନ୍ଧନ, ସତୀ ହରଷେ ।
ଅତି ଯତ୍ନେ ମୁଗମଞ୍ଜା, ଆମ୍ବିଳ, କଦଳୀ ଭଜା, ମହୁର ବଳିକୁ ସଜା- ଡି'ରଖି ବାସେ ।
ଅନୁପାତରେ ଶାଳି ଅନ୍ନ ।
ଅନୁଷ୍ଠିତ କଲେ ନାନାଦ୍ରବ୍ୟେ ବ୍ୟଞ୍ଜନ ।୯।
ଅଦା ମିଶା ଦହିକ୍ଷିରୀ, ଖଣ୍ଡ କ୍ଷୀର ସରପୁଳି, ରୁଚିମନ୍ତେ ଭଳି ଭଳି, କରିଥୋଇଣ ।
ଅପଲକେ ପେଶୁଦାସୀ, କୌଶଲ୍ୟାଙ୍କୁ କହେ ଆସି, ପ୍ରଭୁଙ୍କୁ ଜଣାଅ ତୋଷି, ବାକୁ ସଇନ ।
ଅବାରିତ ଭୃତ୍ୟଙ୍କୁ ଦେଇ ।
ଅନ୍ତେଗୃହ କର୍ତ୍ତାଙ୍କର ହେବ ମଣୋହି ।୧୦।
ଅଜରାଜା ପୁତ୍ରବଧୂ, ସୀତାଚିନ୍ତା ଶୁଣି ସାଧୁ, ସାଧୁକହି କହିବିଧୁ, ନାମ ଧାରୀଙ୍କି ।
ଅବିଳମ୍ବେ ବାର୍ତ୍ତା ଦେଲେ, ରାମ ଆଶ୍ଚର୍ଯ୍ୟ ହୋଇଲେ, ଏତେ ଚଞ୍ଚଳକିକଲେ, ସହଚରୀ କି ।

Digitized by PPRACHIN, SOA

ଅପ୍ରସନ୍ନେ ପଚାରିଯାଇ ।
ଅବହିତେ ପାକଶାଳେ ଭେଟୁ ବୈଦେହୀ ।୧୧।
ଅଭୟ ଦେଇ ବୋଲନ୍ତି, ଏତେ ସେନା ପାଇଁ ଏଥି, ରନ୍ଧନ କଲାଯାଏତିକି, କି ପାଇବ
ଅକାତରେ ଦାସୀ ବୋଲେ, ମାତା ଅନ୍ନପୂର୍ଣ୍ଣାଦେଲେ, ଦେନଲେ ଖାଇଲେ ବୋହିଲେ, ବି ନସରିବ ।
ଅବିଳମ୍ବେ ବୋଲନ୍ତି ରାମ ।
ଅହମିକା ମୁଁ କାର କଥାଏ ସରମ ।୧୨।
ଅନ୍ନପୁର୍ଣ୍ଣା ବୋଲି ସତୀ, ଅଭାବ ଯଦି ସମ୍ପ୍ରତି, ନହେବ ଯିବ ମୋ କୀର୍ତ୍ତି, ସେ ଚିନ୍ତାନାହିଁ ।
ଅନିଳ ପୁତ୍ରେ ଡକାଇ, ଆଦେଶିଲେ ରଘୁ ସାଇଁ, ସଭ୍ରୀକେ ସଇନେ ଯାଇ, ବସିବା ପାଇଁ ।
ଅବିଳମ୍ବେ ପବନସୁତ ।
ଅନୁରାଗେ ଡାକି ବସାଇଲା ସମସ୍ତ ।୧୩।
ଅନୁଲୋମେ ବଡ ବଡ, କପି ହୋଇ ଧଡପଡ, ଲଗାଇଲେ ବଡ ବଡ, ଖଲି ରାଘବ ।
ଅନ୍ନଆଣିବାର ପାଇଁ, ଅନ୍ନପୂର୍ଣ୍ଣାଙ୍କୁ ଜଣାଇଁ, ହନୁକୁ କହନ୍ତି ବସ' ହୁଏ ଲାଘବ ।
ଅଞ୍ଜନା ନନ୍ଦନ ହରଷେ ।
ଅଯୋଧ୍ୟା ପତିଙ୍କି ବୋଲେ ବସିବି ଶେଷେ ।୧୪।
ଅର୍ଯ୍ୟମା ବଂଶୀ ବୋଲନ୍ତି, ତୁମ୍ଭ ପାଇଁ ଏହି ପଙ୍କ୍ତି, ଭୋଜନ ଭୋଜନେ ଶାନ୍ତି, ହୁଅ ଆଦ୍ୟରେ ।
ଅପେକ୍ଷା ନକର କୀଶ, ଅଛ ସଙ୍ଗେ ବସ ତୋଷ, କରିବେ ମାତା ମାନସ, ନିର୍ବିବାଦରେ ।
ଅପୂର୍ଣ୍ଣ ରହିଛି ମାଗୁଣି ।
ଅନ୍ନପୁର୍ଣ୍ଣା ଅନ୍ନଧରି ଆସିଲେ ଶୁଣି ।୧୫।
ଅସଂଖ୍ୟ ସେନା ଆଦ୍ୟରେ, ମାରୁତିଙ୍କୁ ଦେଖିଦୂରେ, ଜାନକୀ ନେତ୍ରପଥରେ, ହେଲେ ଅବାକ ।
ଅତିବଡ ରୂପ ବହି, ବସିଅଛି ମୁଠେଦେଇ, ପାରିବିନି ଅନ୍ନଏହି, ଥାଳୀକ ଯାକ ।
ଅରପିଣ ଆଣିତା ପରେ ।
ଅନ୍ୟ ସେନା ପତ୍ରେ ଦେବି ବିଚାରକଲେ ।୧୬।
ଅତୁଳିତ ବଳ ଧାମା, ହନୁଅନ୍ନକୁ ତର୍ଯ୍ୟମା, କରେ ମହାପ୍ରସାଦ, ମା ହସ୍ତ ପରଷା ।
ଅବିଳମ୍ବେ ପ୍ରାପ୍ତୁ ସେବ୍ୟ, ହେବାର ଉଚିତ ଦ୍ରବ୍ୟ, ନିକ୍ଷେପ କରିଣ ଗର୍ଭ, ମଧ୍ୟେ ସହସା ।
ଅନ୍ତର୍ଗତେ ବିଚାରକରେ ।
ଅନନ୍ତ କାଳ ଯାଏ ଯା' ମିଳନ୍ତା ହେଲେ । ୧୭।
ଅନ୍ତର୍ଯ୍ୟାମୀ ସୀତାମଥା, ଜାଣି ହନୁ ମର୍ମକଥା, ଭାବନ୍ତି ନହେବ ବୃଥା, ମନସ୍କାମନା ।
ଅରିଷ୍ଟ ନାଶେ ସରାଗେ, ପୂରଣ କରିବା ଆଗେ, ମା ପରଷା ଯେଉଁ ଭାବେ, ନହେବମନା ।
ଅକଞ୍ଚନା କଥା ଏହିତ ।
ଅରକ୍ଷ ରକ୍ଷଣ ସ୍ତମ୍ଭେ ବାନ୍ଧିବ ନେତ ।୧୮।
ଅବିଳମ୍ବେ ପୁଣି ସତୀ, ଅନ୍ନ ଧରିଣ ଆସନ୍ତି, ଦେଖିଲେ ଅନ୍ନ ମାରୁତି, ଦେଇଛି ଖାଇ ।
ଅନ୍ତରେ ବିଚାର କଲେ, ଅଭିଷେକେ ଅବହେଳେ, ହନୁକୁ ଖାଦ୍ୟ ନଦେଲେ, କାଲିଠୁ କେହି ।

Digitized by PPRACHIN, SOA

ଅତି ଭୋକେ ମାରୁତି ଥିଲା ।
ଅନ୍ନ ଦେଇ ଯାଇ ଆସୁ' ଗ୍ରାସ କରିଲା ।୧୯।

ଅମରବରଦାୟିନୀ, ଧରିଥିବା ଅନ୍ନଗୁଣି, ଦେଇଗଲେ ବାସେ ପୁଣି, ଆଣି ସତ୍ୱର ।
ଅଞ୍ଜନା ନନ୍ଦନ ତାହା, ଖାଇ ଦେଇ ପୁଣି ମହା, ଆନନ୍ଦେ ବୋଲଇ ଏହା, କୈବଲ୍ୟ ମୋର ।
ଅନବରତ ଥର ଥର ।
ଅନ୍ନ ଦେଉ ସତୀ-ହନୁକରେ ଆହାର ।୨୦।

ଅନ୍ତର୍ଯ୍ୟାମୀ ରଘୁରାଣ, ଜାଣି ବିଳମ୍ବ କାରଣ, ବୁଝିଆସୁ ଧାତା ନାନ, ନାରଦ ପଥେ ।
ଅନ୍ତରୀକ୍ଷୁ ଆସିଭେଟି, ସଙ୍ଗେ ଗମନ କଲେଟି, ମାନ୍ୟଧର୍ମ ପରିପାଟିରେ,ଯେ ଯଥାର୍ଥେ ।
ଅଚ୍ୟୁତ ପ୍ରକାଶନ୍ତି ଯାଇ ।
ଅନ୍ୟ ପତ୍ରରେ କି' ଅନ୍ନ ଲାଗିବ ନାହିଁ ।୨୧।

ଅନୁଚିତ କଥା ଏହା, ଏତେକେ ବୁଝିଲେ ମାଆ, ବୋଲନ୍ତି ହେ ରଘୁନାହା, ନକହ କିଛି ।
ଅପରାଧୁ ଲଣ୍ଡ ଭଣ୍ଡ, ହୋଇ ଭୋଗିଲିଣି ଦଣ୍ଡ, ମାରୁତି ପେଟ ଚାଖଣ୍ଡ, ପୂର୍ଣ୍ଣ ନୋହୁଛି ।
ଅପଲକ ରାମ ନେତ୍ରର ।
ଅପାଙ୍ଗ କହନ୍ତେ ଯତି, ଦେଲେ ଉତ୍ତର ।୨୨।

ଅଯୋଧ୍ୟାର ମହରାଣୀ, ହନୁକୁ ନଚିହ୍ନି ଆଣି, ଯେତେଦେଲେ ପେଟ କାଣି ଚା ନପୂରିବ ।
ଅନ୍ଧକରିପୁ ସେ'ଏକା- ଦଶରୁଦ୍ର ମନୁଶଙ୍କା, ଛାଡି କରିଲେ ପ୍ରତିକାର, ତୋଷ ହେବ ।
ଅଗ୍ନିକୁଣ୍ଡେ ଶିବଙ୍କ ମୁଣ୍ଡେ ।
ଅଚଳା ପତିଙ୍କ ଦଣ୍ଡେ ବ୍ରାହ୍ମଣ ତୁଣ୍ଡେ ।୨୩।

ଅସ୍ୱୀକାର କରୁବଳ, ବୋଲନ୍ତି ବିଧି ଦୁଲାଳ, ବୁଝ ମର୍ମ୍ମ ରଘୁବାଳ, କହ କହନ୍ତି ।
ଅଙ୍ଗଦାଦି କପିବଳ, ବନ୍ଦ ରଖାଉ ଚହଳ, ବନ୍ଦହେଲା ମୁଖ ରୋଳ, କହନ୍ତି ଯତି ।
ଅନ୍ତଃ କୃତ୍ୟ ଯୁଗରେ ଥରେ ।
ଅତି ବଳୀ ବଳୀ ନାମେ ଥିଲା ଅସୁରେ ।୨୪।

ଅହର୍ନିଶି ତପକରି, ଭୋଗିବାକୁ ସ୍ୱର୍ଗଶିରୀ, ଦମ୍ଭିକମନେ ବିଚାରି, ପ୍ରତ୍ୟେକ ବନେ ।
ଅନେଶ୍ୱତ ଯାଗ କଲା, ପୁରେ ଯାଗ ଆରମ୍ଭିଲା, ବଳାରାତି ଭୟକଲା, ନେବ ଆସନେ ।
ଅପର୍ଣ୍ଣାଙ୍କ ପତିଙ୍କୁ ନେଇ ।
ଅବ୍ଜଯୋନି ସଙ୍ଗେ ଅଚ୍ୟୁତଙ୍କୁ ବୁଝାଇ ।୨୫।

ଅତି ଦୀନତା ଭାବରେ, ବଳି ଦର୍ପବିନାଶରେ, କହୁ କହନ୍ତି ସେ ଖରେ, କି କଥା ଏହି ।
ଅଧର୍ମ ଘୋଟିବ ବଳେ, ଏକର୍ମୁମହୀମଣ୍ଡଳେ, କେ ପୂଜିବ ଦେବକୁଳେ, ଆଉ କିମ୍ପାଇଁ ।
ଅପଯଶ ହେବ ଯା ମୋର ।
ଅମର ନାଥ କିମ୍ପା ବିଚାର ନକର ।୨୬।

ଅମର ପତି କହନ୍ତି, ତୁମ୍ଭବିନା ସୁରଗତି, ନାହିଁ ହେ' କମଳାପତି' ରଖ ନରଖ ।
ଅଭ୍ରାନ୍ତେ ତୁମ୍ଭ ସଂସାର, ହୋଇଯିବ ନାରଖାର, ଦକ୍ଷିଣ ବିବୁଧେ ପୁର, ଭୋଗିବ ରକ୍ଷ ।

Digitized by PPRACHIN, SOA

ଅନ୍ୟ ଅବତାର ପରାୟ ।
ଅଲକ୍ଷ୍ୟେ ଗଲେବି ହୋଇବ ପରାଜୟ ।୨୭।
ଅନନ୍ତଶାୟୀ କହନ୍ତି, କେଉଁଭାବେ ହେବଶାନ୍ତି, ହେ ଶମ୍ଭୁ ସ୍ୱୟମ୍ଭୁ ଚିନ୍ତି, ବତାଅ ବାଟେ ।
ଅପ୍ରସନ୍ନ ନୁହେଁ ଭାବି, ଚିତ୍ତ ଯାଉଅଛି ଦ୍ରବି, ଯାହା ହେଉନିଶ୍ଚେ ଯିବି, ବଳୀ ନିକଟେ ।
ଅମ୍ବର ବସନ ବଦତି ।
ଅନ୍ଧ କୂପରେ ପକାଇ ହର ବିଭୂତି ।୨୮।
ଅପ୍ରସନ୍ନ ହେଉ ହରି, ଅଭିମାନେ ତ୍ରିପୁରାରି, ଫେରନ୍ତେ ବ୍ୟସ୍ତରେ ଶିରୀ, ପତି ଅଦିତି ।
ଅଟ୍ଟାଳିକାରେ ଜନମ, ସ୍ଥୂଳ ଖର୍ବକାୟ ବର୍ଣ୍ଣ, ନୀଳ ସ୍ୱନାମ ବାମନ, ହୁଏ ବିଦିତି ।
ଅଦ୍ୱିତୀୟ ବ୍ରାହ୍ମଣ ବେଶ ।
ଅନଘ ଶ୍ରୀମୁଖୁ ସାମ ବେଦ ପ୍ରକାଶ ।୨୯।
ଅସନେସେ ବଳୀରାଜା, ଯାଉ ସାରି ଦେବପୂଜା, ଲେଉଟିଲା ମନ୍ତ୍ର ରାଜା, ଓଁକାର ଶୁଣି ।
ଅସୁର ଗୁରୁ ପଥରେ, ପ୍ରତିରୋଧ କରି ଧୀରେ, ବୋଲନ୍ତି ବିଷ୍ଣୁ ମାୟାରେ, ଆଗତ ଜାଣି ।
ଅର୍ପଣ କରିବ ପଦାର୍ଥ ।
ଅପହରଣ ସେ ସର୍ବ କରିବେ ବ୍ୟର୍ଥ ।୩୦।
ଆସନ୍ତେ ଶୁକ୍ର ନିକଟୁ, ଯାଇ ବଳୀ ବୋଲେବଟୁ, ବେଦ ମୋ କର୍ଣ୍ଣେ ପ୍ରକଟୁ, ଉଭା ସତ୍ୱର ।
ଅନ୍ତଃସ୍କରଣରେଯାହା, ଅଛି ମାଗିନିଅ ତାହା, ବୋଲନ୍ତି ଭାର୍ଗବୀ ନାହା, ସଙ୍କଳ୍ପ କର ।
ଅତି ହର୍ଷେ ନୋହି ବିବ୍ରତ ।
ଅଛିଦ୍ର କୁଶ ପ୍ରଦାନେ କରୁସେ ସତ୍ୟ ।୩୧।
ଅରକ୍ଷ ରକ୍ଷଣ ତହିଁ, ମାଗିଲେ ତ୍ରିପାଦ ଭୂଇଁ, ବଳି ସୀଉକାର ଦେଇ'ବୋଲଇ ଆଛା ।
ଅମର ନଗର ମୋର, ହୋଇଅଛି ଅଧିକାର, ପୃଥିବୀରୁ ବିପ୍ରବବର, ଯେଉଁଠୁ ଇଚ୍ଛା ।
ଅନୁଗ୍ରହେ ଗହଣ କର ।
ଅରିଧାରଣ ବଢ଼ାଇ ବେନି ପୟର ।୩୨।
ଅନନ୍ତା ଅନନ୍ତ ଘୋଟି, ଯାଉଁ ସେ ବଳି ବୋଲେଟି, ଆରପଦ କାହିଁ ସୃଷ୍ଟି, ନାଭିରୁ କରି ।
ଅମରସେ ପଚାରନ୍ତି, କାହିଁ ସ୍ଥାନ ରକ୍ଷପତି, ଦିଅ ବିପ୍ର ହେବ ଶାନ୍ତି , ଗ୍ରହଣ କରି ।
ଅକପଟେ ବୋଲେ ସେ ବଳି ।
ଅର୍ପୁଛି ଶିର ଲଗାଅ ଚରଣ ଧୂଳି ।୩୩।
ଅହିଭକ୍ଷକଙ୍କର ପତି, ଭକତ ଭାବରେ ମତି, ରଖି ଭୋଳେ ଗତିଚିନ୍ତି, ଚରଣ ଧୂଳି ।
ଅସୀମ ଆଶିସେ ହରି, ପାତାଳେ ବଳିଙ୍କୁ ଧରି, ଶତ ଯାଗୁଁ ଇନ୍ଦ୍ର କରି, ହୋଇଲେ ଦ୍ୱାରୀ ।
ଅସରାଏ ଅମୃତ ଧାର ।
ଅନ୍ୟ ପ୍ରସଙ୍ଗକୁ ଅବଧାରଣ କର ।୩୪।
ଅବିଳମ୍ବେ ସେଥି ଶୂଳୀ, ବିଷ୍ଣୁ ପଦୁଝାଡି ଧୂଳି, ବିରଞ୍ଚି ଗଙ୍ଗାଙ୍କୁ ଢ଼ାଳି, କମଣ୍ଡଳୁରୁ ।
ଅମୃତ ଚରଣାମୃତ, ପାନେ ପାତି ଦେଲେ ହାତ, ନଖେସେ ତୁଷାର ବତ, ରହି ଯିବାରୁ ।

Digitized by PPRACHIN, SOA

ଅପ୍ରସନ୍ନେ ବିହି ରହିଲେ ।
ଅପର୍ଣ୍ଣାପତି ବୈରାଗେ ବୈରାଗୀ ହେଲେ ।୩୫।
ଅଲକ୍ଷେ କରିଲେ ସ୍ଥିର, ବିଧି ସଙ୍ଗରେ ଯାହାର, ନ ପାଇଲି ଚରଣର, ଚରଣାମୃତ ।
ଅନ୍ତରରେ ଅହର୍ନିଶି, ତାଙ୍କରି ନାମକୁ ଘୋଷି, କାମ କିଛି କରି ଖୁସି, ହୋଇବି ପୂତ ।
ଅନ୍ତକାଳ କାର୍ଯ୍ୟ କାରଣୁ ।
ଅନଙ୍ଗାରି ଏକାଦଶ ରୁଦ୍ର ଏ ହନୁ ।୩୬।
ଅହନ୍ତା ନୁହେଁହେ ମୁଣ୍ଡେ, କିଛି ଆଣି ଦିଅଚାଣ୍ଡେ, ଯଶଃ ରହିବ ବ୍ରହ୍ମାଣ୍ଡେ, ବୋଲୁ ସେ ସତୀ ।
ଅସ୍ମୀକାର୍ଯ୍ୟ ବିନା ଆଣି, ଖଣ୍ଡ ସରକୁ ମୂର୍ଦ୍ଧନା, ଉପରେ ଢ଼ାଳୁ ପାବନି, ହୋଇଲା ତୃପ୍ତି ।
ଅନ୍ନଦା ଅନ୍ନ ତାହା ପରେ ।
ଅସଂଖ୍ୟ ସେନାଙ୍କୁ ଦେଇ ତୋଷ କରିଲେ ।୩୭।
ଅମ୍ବୁରୁହ ନେତ୍ର ଏଣେ, ମାତା ମାନଙ୍କ ଗହଣେ, ଧରିଭ୍ରାତାଦି ଲକ୍ଷ୍ମଣେ, କରି ଭୋଜନ ।
ଅମ୍ବୁରେ ମୁଖ ପଖାଳି, ଶୟନ କକ୍ଷେ ମୈଥିଳୀ, ଧରି ଭଗ୍ନୀ ସଙ୍ଗେ ଆଳି, ନେଇ ବ୍ୟଞ୍ଜନ ।
ଅନୁରାଗେ ବୋଧିଲେ ଚିତ୍ତ ।
ଅପର୍ଣ୍ଣା ସେ କାଳେକାନ୍ତେ କଲେ ବ୍ୟକତ ।୩୮।
ଅପ୍ରସଙ୍ଗ କଥା ଏହା, କହିଗଲେ ଶେଷେ ଯାହା, ଉପେନ୍ଦ୍ର ଇନ୍ଦ୍ରଙ୍କୁ ସାହା, ହୋଇ ଏପରି ।
ଅରଜନ୍ତି ଅପଖ୍ୟାତି, ଯେ ଧର୍ମେ କଲା ଅନୀତି, ଏ ମହୀମଣ୍ଡଳେ ନୀତି, କଥା କିପରି ।
ଅହିଧାରୀ କରନ୍ତି ବ୍ୟକ୍ତ ।
ଅଗମ୍ୟ ଏ ନିଗମର ନିଗୂଢ଼ ତତ୍ତ୍ୱ ।୩୯।
ଅନୁମତି ଦେଇବଳୀ, ପାତନ୍ତେ ପଦ ଯେ ମୌଳି, ଜନ ଶିକ୍ଷା ପାଇଁ ଭାଳି, ପୁରୁଷୋତ୍ତମ ।
ଅନ୍ତରେ ପୂର୍ବରୁ ସ୍ଥିର, କରି ଶତ କ୍ରତୁ ଫଳ, ପାଇବା ଯୋଗ୍ୟ ଏ ବଳ-ଶାଳୀ ଉତ୍ତମ ।
ଅନ୍ତରରେ ଏଣୁ ସେ ଧ୍ୱଜା ।
ଅକ୍ଷତେ ଯା ରକ୍ଷାକଲେ, ଶୁଣ ନଗଜା ।୪୦।
ଅଦିତିଠୁ ପୀତବାସ, ଦିତିକୁମର ରାକ୍ଷସ, ବେନି ଏ କଶ୍ୟପ ଅଂଶ, ଇନ୍ଦ୍ର ଉପେନ୍ଦ୍ର ।
ଅଭେଦ ବେନି ସୋଦର, ବୈକୁଣ୍ଠ ବିହାର ପୁର, କରିବା ହେତୁ ସେ ଦ୍ୱାର, ଲଭି ପ୍ରମୋଦ ।
ଅଜ୍ଞ ଲୋକ ଭିକ୍ଷୁ ଚିହ୍ନନ୍ତୁ ।
ଅତିଖର୍ବ କାୟ ଧରି ଥିଲେ ସେ ବଟୁ ।୪୧।
ଅକାଟ୍ୟେ ପ୍ରମାଣେ ସ୍ପଷ୍ଟ, ଯହିଁ ବସ୍ତୁ ସେ ବୈକୁଣ୍ଠ, ପାତାଳପୁରୀ ବୈକୁଣ୍ଠ, ବଳିକି ଦେଲେ ।
ଅନ୍ୟାୟ କିମ୍ପା' ଏ ହେବ, ଜ୍ଞାନ ଧ୍ୟାନ ତଦ୍ଭେଭାବ, ଐଶ୍ୱର୍ଯ୍ୟ ଛାଡି ସେ ସର୍ବ, ଦ୍ୱାରେ ରହିଲେ ।
ଅଖଣ୍ଡିତେ ବଳୀର ଧର୍ମ ।
ଅକିଞ୍ଚନ ଦୟାନିଧି କହେ ଏ ମର୍ମ୍ମ ।୪୨।

Digitized by PPRACHIN, SOA

ଅଯୋଧ୍ୟା ବାସୀଙ୍କ ପୁରାଣ ଶ୍ରବଣେ ଆଗମନ

ରାମଙ୍କ ବିଚାର ଓ ହନୁମାନଙ୍କୁ ପ୍ରେରଣ

ଏହିଠାରୁ ଆଗକୁ ୧୮ ଛାନ୍ଦ ୨୯ ଅକ୍ଷର ଯାଏଁ ଏକ ଏକ ଅକ୍ଷର ବୃଦ୍ଧି, ୧୬ ଛାନ୍ଦ ଅନ୍ୟ ଅନୁପ୍ରାସ, ଏକ ଛାନ୍ଦ ଯମକ ଏକ ଛାନ୍ଦ ଉପଧା ମିଳନ ।

ରାଗ -କଳହଂସ କେଦାର **୧୨ ଅକ୍ଷର** (ଆଦ୍ୟପ୍ରାନ୍ତ ପ୍ରାସ 'ବ') ଛାନ୍ଦ - ୮୨

ବଳୀମୁଖ କରି କେତେଦିନ ସେବା, ବାହୁଡନ୍ତେ ଉପହାର ଦେବ ନେବା । ।୧।
ବିଧାନେ ହୋଇଲା ଦୁଃଖର ଲାଘବ, ବାତସୁତେ ରଖାଇଲେ ଗଲେ ସର୍ବ । ।୨।
ବସିଥିଲେ ଦିନେ ଆସନେ ରାଘବ, ବିଲୋକିଲେ ଜନପଥେ ପ୍ରଜା ସର୍ବ ।୩।
ବିଶେଷି ଧରିଣ ସଧବା ବିଧବା, ବାଳାଏ ଗମନ୍ତି ନଦୀ ବଢ଼ି କିବା । ।୪।
ବିଚାରନ୍ତି ରାମ କାହିଁ ଯା'ନ୍ତି ସର୍ବେ, ବାତସୁତ ପେଶି ବୁଝି ନେବା ଏବେ । ।୫।
ବିଧିରେ ମାରୁତି ବୁଝି ମନୋଭାବ, ବିନ୍ୟସ୍ତ ତାଶିର ଆଦରେ ରାଘବ । ।୬।
ବୋଲନ୍ତି ଜନତା ପଛ ଧରି ଯିବ, ବହୁଛନ୍ତି କାହିଁ ବିଲୋକି ଆସିବ । ।୭।
ବିଭାକର ବଂଶୀ ଆଦେଶରେ ଦ୍ରବି, ବୁଝିବା ପାଇଁକି ହନୁଯାଏ ଭାବି । ।୮।
ବିପ୍ରରୂପ ଧରି ଦେଖିଲା ଗରବେ, ବସିଛନ୍ତି କେତେ ପ୍ରବଚନ ପର୍ବେ । ।୯।
ବାଲମିକ ଶିଷ୍ୟ ରାମଦାସ ବାବା, ବୁଝାନ୍ତି ସେ ରାମାୟଣୁ ବାଳ ଯୁବା । ।୧୦।
ବିଂଶାକ୍ଷ ବିଲୋପେ ବୈକୁଣ୍ଠ ରାଘବ, ବିଭୂଷିତେ ମର୍ତ୍ତ୍ୟେ ହେବାଠୁ ସମ୍ଭବ । ।୧୧।
ବିଭାକର ସୁତ ମିତ୍ର ଯା ପୂରୁବ, ବିବରଣୀ ହନୁ ଜାଣିଲେ ବି ସର୍ବ । ।୧୨।
ବହୁତ ଚରିତ ମନେ ନାହିଁ ଏବେ, ବିଧିରେ ଶୁଣିବା ପାଇଚନ୍ତି ଦେବେ । ।୧୩।
ବିଭୁଙ୍କୁ ବୁଝାଇ ବୋଲେ ଯିବି ଦେବ, ବୋଲନ୍ତି ରାଘବ ବିରଚିଛ ସର୍ବ । ।୧୪।
ବଳକା ବିଷୟ ଯାଇ କି ଶୁଣିବ, ବୋଲେ ହନୁ କେତେ ପାସୋରିଛି ଦେବ । ।୧୫।
ବୋଲେ ଦୟାନିଧି ସେ ଅବ୍ୟକ୍ତ ଛବି, ବର୍ଣ୍ଣିକେ ପାରିବ ତାହାଙ୍କୁ ନସେବି । ।୧୬।
ବ ଆଦ୍ୟ ପ୍ରାନ୍ତରେ ଯାହ କିଛି ହେବା, ବୁଧେ ଏହା ପର ଘଟଣା ଶୁଣିବା । ।୧୭।

ନୀଳ ସରସ୍ୱତୀଙ୍କ ଧ୍ୟାନ

ଯେଉଁ ସରସ୍ୱତୀ ଲଙ୍ଗଳ ମୂଷଳ ଘଣ୍ଟା, ଶଙ୍ଖ, ଚକ୍ର ଶୂଳ ।
ଧନୁ,ବାଣ,ଅକ୍ଷ ଧାରଣ କରନ୍ତି ତାଙ୍କୁ ଡ଼ାକ ସେହି ମୂଳ ।। ।୧।
କଳା ରୂପେ ସେହି ଶରତ୍‌ ଚନ୍ଦ୍ର ତୁଲ୍ୟ ବିକାଶ କରିଣ ପ୍ରଭା ।
ଶୁମ୍ଭ, ନିଶୁମ୍ଭାଦି ଦୈତକୁ ବିନାଶି ଦେବକାର୍ଯ୍ୟ କଲେ ନିର୍ଭା ।। ।୨।
ପାର୍ବତୀ ଶରୀରେ ତିନି ଭୂବନରେ ଯେ ଆଧାର ସ୍ୱରୂପିଣୀ ।
ପ୍ରଚଣ୍ଡା ଆକୃତି ମହା ସରସ୍ୱତୀ ଅପୂର୍ବ ତନ୍ତ୍ର ବୋଧିନୀ ।। ।୩।
କାମନା ପୂରଣ କାରିଣୀଙ୍କୁ ଧ୍ୟାନ କରୁଛି ମୋ ରାମାୟଣ ।
ଲେଖନୀରେ ବସି ପଦ କହି ଦେଇ କରିବା ପାଇଁ ପୂରଣ ।। ।୪।

Digitized by PPRACHIN, SOA

ଅଶୋକ ବନ ପୁଷ୍ପ ଧଳା,ନାଲି ବା ନୀଳ ନୁହେଁ ଯେ ଯେପରି ଦେଖିବ ତାକୁ ସେପରି ଦିଶିବ ।

ରାଗ-ମଙ୍ଗଳ ଗୁଜ୍ଜରୀ

୧୩-ଅକ୍ଷର (‘ବ’ ଅନୁପ୍ରାସ)

ଛାନ୍ଦ - ୮୩

ବନଜ ମୁଖ ମୁଖେ ଦେଉ ଅନୁମତି, ବିଧି ବିଧାନେ ବାତ ସୁତ କରେ ଗତି । ।୧।
ବରେଣ୍ୟ ରାମଦାସ ପ୍ରବଚନ କଥା, ବିଦୁଷଙ୍କ ମନରୁ ହରେ ଭବବ୍ୟଥା । ।୨।
ବଢୁଥାନ୍ତି ଚରିତ ନହୋଇ ବିଖଣ୍ଡ, ବିଦ୍ୟକ୍ରମେ ପଞ୍ଚମ ଦିନ ଲଙ୍କାକାଣ୍ଡ । ।୩।
ବୋଲନ୍ତି ରାମଦାସ ମନ୍ଦ ବିଂଶପାଣି, ବୋଲନ୍ତ ସିନାଜନେ ତତ୍ତ୍ୱକୁ ନଜାଣି । ।୪।
ବିରଞ୍ଚି ଦେବା ବର ମନେ କରି ଚିନ୍ତା, ବନୁ ଅପହରଣ କରି ନେଲା ସୀତା । ।୫।
ବିଧୂନନେ ସ୍ୱରସି, ନାହିଁ ତିଳେ ମନ, ବିଧାନେ ତା କରନ୍ତୁ ହେ ଅନୁଶୀଳନ । ।୬।
ବନୁନେଇ ବନେ ରଖିବାର ପାଇଁ, ବିଚାର-ବନ୍ତ ପଣେ ମଣ୍ଡପେ ତୋଳାଇ ।।୭।
ବହୁ ପୁଷ୍ପଲତା,ତା ଚତୁଃ ପାରୁଶରେ, ବିଶୁଦ୍ଧତା ପଣରେ ରୋପାଇଣ ଥିଲେ । ।୮।
ବିଚାରି ଥିଲେ ରାମ ଦୁଃଖେ ହୋଇଘାରି, ବସିବା ବେଳେ ସୀତା ବାତ ବାସ ହରି ।।୯।
ବ୍ୟାକୁଳତା ହୃଦରୁ ବିଦୂର କରିବ, ବସନ୍ତବାସ ସେଥି ନିତ୍ୟ ବିହରିବ । ।୧୦।
ବିଲୋକିତ ନୁହଇ ସେ ପୁଷ୍ପ ଧରାରେ, ବର୍ଣ୍ଣିତା ଅତିଶୁକ୍ଳ ଦୁଗ୍ଧ ପରକାରେ । ।୧୧।
ବର୍ଣ୍ଣନାକୁ ପୁଷ୍ପର ଶୁଣି ହନୁମାନ, ବୋଲଇ ଶୁକ୍ଳ ବର୍ଣ୍ଣ ନୁହେଁ ସେ ସୁମନ ।।୧୨।
ବାଲ୍ମୀକି ଶିଷ୍ୟ ଯାହା କରିଲେ କଳ୍ପନା, ବିଡମ୍ବିତ କଥା ମୁଁ କରୁଅଛି ମନା । ।୧୩।
ବିଭ୍ରମଥିଲେ ପ୍ରକାଶନ୍ତୁ ଶୁଦ୍ଧକରି, ବସିବା ଜନେ ଶୁଣି ବୋଲନ୍ତି ଏପରି । ।୧୪।
ବିପ୍ରତୁମ୍ଭେ କି ନାମ ପରିଚୟ ଦିଅ, ବୁଝାଯିବ ତାପରେ ଗଲେଟି ସନ୍ଦେହ । ।୧୫।
ବହୁମୂଲ୍ୟ ସମୟ ଏହା ଆମ୍ଭପାଇଁ, ବାଧା ଦେଉଛ ପ୍ରବଚନରେ କିମ୍ପାଇଁ । ।୧୬।
ବୋଲନ୍ତି ଆଉ କେତେ ଶୁଣି ଏ ପ୍ରସଙ୍ଗ, ବ୍ୟଙ୍ଗେ କହୁଥିବେ ସେ ଭୁଜଙ୍ଗକୁ ବେଙ୍ଗ । ।୧୭।
ବୀରହନୁ ସେ କାଳେ ଦେଇ ପରିଚୟ, ବୋଲେ ଅଞ୍ଜନା ସୁତ ମୁଁ ବାତ ତନୟ ।।୧୮।
ବିଶ୍ୱମ୍ଭରା ସୁତାଙ୍କୁ ଖୋଜିବା ନିମିତ୍ତ, ବିରାଧାରୀ ଆଦେଶେ କରୁଥିଲି ଗସ୍ତ ।।୧୯।
ବେଷ୍ଟିତ ସାଗରକୁ ନମଣି ବିପତ୍ତି, ବିଧାନେ ଲମ୍ଫ ଦେଇ ଯାଇଥିଲି ସେଥି ।।୨୦।
ବିଶୁଦ୍ଧ ଆରକ୍ତ ସେ ସୁମନ ସମୂହ, ବିଲୋକିଛି ବବା ଯାହାକହିଲେ ତା ନୁହେଁ ।।୨୧।
ବିଚାରକ ମଣ୍ଡଳୀ ଶୁଣି ହନୁ ଉକ୍ତି, ବାରମ୍ବାର ପୁଚ୍ଛନ୍ତି ଯିବାପାଇଁ ଭ୍ରାନ୍ତି । ।୨୨।
ବିଶୁଦ୍ଧାଞ୍ଜନ ନାଇ ଦେଖିବା ପରାୟ, ବୋଲନ୍ତି ବାବା ଶୁକ୍ଳ ବନ ପୁଷ୍ପ ଚୟ । ।୨୩।
ବାୟୁସୁତ କଥାରୁ ଟଳେ ନାହିଁ ତିଳେ, ବିଚାରି ବିଚାରକେ ଶେଷେ ସ୍ଥିର କଲେ । ।୨୪।
ବିଧିରେ ରାମ ଆମ ରାଜା ରାଜମାତ, ବିଦେହ ରାଜଜେମା ଦେବେ ଏ ସିଦ୍ଧାନ୍ତ । ।୨୫।

Digitized by PPRACHIN, SOA

ବନ୍ଦରହୁ ଏଠାରେ ପ୍ରବଚନ ଆଜି, ବଢ଼ିବ ସର୍ବେ କାଲି ଆସିଲେ ସମଜି । ।୨୬।
ବାହାରନ୍ତୁ ସଦସ୍ୟେ 'ବାବା' ହନୁମାନ, ବୁଝାବଣା ନିମନ୍ତେ ରାଜାଙ୍କ ସଦନ । ।୨୭।
ବାହାରି ଗଲେ ପଥେ ନାରଦ ମହର୍ଷି, ବିଭ୍ରମି ଗଗନରୁ ଆସିଗଲେ ମିଶି । ।୨୮।
ବୈଦେହିଙ୍କୁ ଶ୍ରୀରାମ ତେଣେ ଡାକିଆଣି, ବୋଲନ୍ତି ଶୁଣ ଯାହା କରିଛି ପାବନୀ । ।୨୯।
ବ୍ୟଗ୍ରବନ୍ତ ଦୂତ ଏକାଳେ ଜଣା କଲା, ବିଧ୍ 'ଜ ରାମଦାସ ଆଦି ବାତ ବଳା ।।୩୦।
ବିଭୁଦ୍ୱାରେ ଦର୍ଶନେ ପେଷିଛନ୍ତି ମୋତେ, ବିଚାରକରି ଦିଅ ଆଦେଶ ସୁଚିତେ । ।୩୧।
ବୀରଶ୍ରୀ ଶୁଣିଯାଇ ସୀତା ସଙ୍ଗେ ହେଲେ, ବିଧିସୁତ ଆଦିକୁ ପାଛୋଟି ଆଣିଲେ ।।୩୨।
ବସାଇ ଆସନରେ ମାନ୍ୟ ଧର୍ମ ସାରି, ବୋଲନ୍ତି କେଉଁ କାର୍ଯ୍ୟେ ଆଗମ ସବୁରି । ୩୩।
ବିଧାନେ ସଭାସଦେ ମନୁଛାଡି ଭ୍ରାନ୍ତି, ବୁଝାଉଁ ରାମଦାସେ ତହିଁ ପଚାରନ୍ତି । ।୩୪।
ବୋଇଲେ ରାମଦାସ ଚିତ୍ରକୁଟୁ ଭ୍ରତ, ବିଷାଦରେ ଫେରିବା ବେଳୁ ମୋ ଆଗତ ।।୩୫।
ବିଶେଷି ରାମାୟଣ ପୁଣ୍ୟ ଶ୍ଳୋକ ଗାଥା, ବସ୍ତାରି କହୁ ଭ୍ରତ ହରୁଥିଲେ ବ୍ୟଥା । ।୩୬।
ବିଧିପୂର୍ବେ ଅଯୋଧ୍ୟାବାସୀଗଣ ମେଳ, ବସିଶୁଣି ସେ କଥା ହେଉଥିଲେ ଭୋଳ । ।୩୭।
ବଢ଼ିବାରେ ପୁରାଣ ଯାଉଥିଲେ ପୁରେ, ବୀରହନୁ ଏ ମଧ୍ୟେ ଯାଇ ଶୁଣୁଥିଲେ । ।୩୮।
ବିଧି ବିଧାନରେ ଯେ ମନ କରି ମୋଦ, ବଚନେ ବାଦକରି କରିଲେ ନିର୍ବେଦ । ।୩୯।
ବୋଲୁଁ ଅଶୋକ ବନ ପୁଷ୍ପ ଶୁକ୍ଳ ମୁହିଁ, ବୋଇଲେ ସେ ଲୋହିତ ବରନ ଅଟଇ । ।୪୦।
ବିଶିଷ୍ଟ ଭକ୍ତକୁଳ ଦ୍ୱନ୍ଦେ ହୋଇ ବ୍ୟସ୍ତ, ବିଭୁ ବିଚାର ପାଇଁ ଏଥି ସମୀପସ୍ଥ । ।୪୧।
ବାତ କୁମରେ ରାମ ପୁଚ୍ଛୁ ବୋଲେ ସେହି, ବିଭୁ ସେ ବନ ଯାଇ ଦେଖିଅଛି ମୁହିଁ । ।୪୨।
ବିଶେଷରେ ରକତ ବର୍ଣ୍ଣ ସେ ସୁମନ, ବୋଲନ୍ତି ସୀତା ତାହା ନୁହଁ ସର୍ବେଶୁଣ ।।୪୩।
ବଳାହକ ଠାରୁ ଯେ ବଳି କରି ନୀଳ, ବର୍ଣ୍ଣ ଅଶୋକ ବନେ ଥିବା ପୁଷ୍ପ କୁଳ ।।୪୪।
ବିଦେହ ଜେମାଙ୍କର ସିଦ୍ଧାନ୍ତରେ ଚିନ୍ତା, ବିସର୍ଜି ବିଚାରକ ହେଲେ କଥାବାର୍ତ୍ତା ।।୪୫।
ବଡଘରର ଝିଅବୋହୂ ହେତୁ ସୀତା, ବିବେକେ ଏ ସିଦ୍ଧାନ୍ତ ଦେଲେ ଗଲାଚିନ୍ତା ।।୪୬।
ବାନର ମୁଖ୍ୟ ପକ୍ଷେ ଯାଇଥିଲେ କଥା, ବାଲ୍ମୀକି ଶିଷ୍ୟଙ୍କର ବଢ଼ିଥାନ୍ତା ବ୍ୟଥା । ।୪୭।
ବାବା ରାମଦାସଙ୍କ ସପକ୍ଷେ ସିଦ୍ଧାନ୍ତ, ବହିଥିଲେ ମାରୁତି ହୋଇଥାନ୍ତେ ବ୍ୟସ୍ତ । ।୪୮।
ବ୍ୟବହାରରେ ଧଳାନାଳି, ନୀଳ ପୁଷ୍ପ, ବର୍ଣ୍ଣ ହେଲେ ସଭାର ନୁହେ କିଛି ନାଶ ।।୪୯।
ବସୁନ୍ଧରା ସୁତାଙ୍କ ସିଦ୍ଧାନ୍ତକୁ କହି, ବିଧିରେ ଚରିତକୁ ନେବାଯେ ବଢ଼ାଇ ।।୫୦।
ବୋଲନ୍ତି ରାମ ନୁହେଁ ଏ ସିଦ୍ଧାନ୍ତ ଭାବ, ବିକଳ୍ପିବ ଯେପରି ସେପରି ଦିଶିବ । ।୫୧।
ବିଧିସୁତ ସେ ତତ୍ତ୍ୱ ବୁଝାଇ କହିବେ, ବୋଲୁନାରଦ କହୁ ସ୍ଥିର ହେଲେ ସର୍ବେ । ।୫୨।

ରାମଦାସଙ୍କ ପ୍ରବଚନ ସିଦ୍ଧାନ୍ତ

ବାବା ହୃଦ ମନ୍ଦିରେ ଆତ୍ମାରାମ ସ୍ଥାପି, ବିଳାସିନୀବର୍ଜନ୍ତେ ଅଟନ୍ତି ନିଷ୍ପାପୀ । ।୫୩।
ବେଶ୍ୟା ଶବ୍ଦ ବାଚକ ମାୟା ଭକ୍ତି ଦ୍ୱୟ, ବିଭୁଙ୍କର ମାୟାଠୁ ଭକ୍ତି ସଦାପ୍ରିୟ । ।୫୪।
ବ୍ୟର୍ଥହୁଏ ମାୟାଯେ ହୃଦେ ଦେଖିଭକ୍ତି, ବଡଦୟା ପ୍ରଭୁର କେହି ନ ଜାଣନ୍ତି । ।୫୫।

Digitized by PPRACHIN, SOA

ବନ୍ଧନରୁ ଯୀବ ଯେ ସଂସାରେ ସଂସାରୀ, ବହୁବିଧ ଉପାୟେ ନୋହିପାରେ ପାରି ।।୫୬।
ବିମୁକ୍ତିର ଉପାୟ କହୁଅଛି ଶୁଣ, ବିଶେଷ ଅନୁଗ୍ରହ କରୁ ରଘୁରାଣ । ।୫୭।
ବିଦେହ ପୁରୁଷ ଯେ ହୃଦୟ ମନ୍ଦିରେ, ବଳେ ଧେନୁ ପରାଏ ରହିବ ବନ୍ଦିରେ । ।୫୮।
ବୈଦିକ ଶୁଭ କର୍ମେ ଧର୍ମ ତପ ଯମ, ବ୍ରତ ଆଦି ହେବଯେ ଭକ୍ଷ ତୃଣ ସମ । ।୫୯।
ବିକାଶିବ ପହ୍ନାରୁ ସୁ ପ୍ରେମ ମାଧୂରୀ, ବଦାନ୍ୟ ସତ୍ୟ, ଶୌଚ, ଦୟା ଚିରଚାରି ।।୬୦।
ବାନ୍ଧିଛନ୍ତି ନିବୃତ୍ତି ସୁ ମାର୍ଗ ରଜ୍ଜୁରେ, ବିଶ୍ୱାସ ରୂପ ପାତ୍ର ଧରି ଆଣୁ ପରେ । ।୬୧।
ବିନମ୍ର ଗୋପାଳକ ଧର୍ମରୂପ ଦୁଗ୍ଧ, ବିଦୋହନେ ନିଷ୍କାମାନଳେ କରି ସିଦ୍ଧ ।।୬୨।
ବୋଧରୂପ ବାୟୁରେ ଶୀତଳ କରାଇ, ବିଶେଷ ଧୃତି ରୂପ, ଅମ୍ଳ ଦଧି ଦେଇ ।୬୩।
ବସାଇଣ ଦଧି, ସଞ୍ଚମ' ସତ୍ୟ ଡ଼ୋରେ, ବିବେକ ରୂପ, ଖୁଆଦଣ୍ଡ ସାହାଯ୍ୟରେ ।୬୪।
ବୈରାଗ୍ୟ ରୂପ ଆନନ୍ଦେ ମନ୍ଥୁ, ହେଲା ଚହ୍ଲା ବିମଳ ଶୁକ୍ଳ ନବନୀତ, ବାହାରିଲା । ।୬୫।
ବସାଇ ଯୋଗାନଳେ ଜାଳୁ ଶୁଭାଶୁଭ ବିଜ୍ଞାନ ରୂପ ଘୃତ ନିସୃତ ହୋଇବ । ।୬୬।
ବୃଦ୍ଧା ଗୃହିଣୀ ଘୃତ ଯତ୍ନେ ରଖି ଦେଇ ବିନିଦ୍ର ଶୁପ୍ତ, ସ୍ୱପ୍ନ କାର୍ପାସକୁ ନେଇ । ।୬୭।
ବୀଜରୁ ସତ୍ତ୍ୱ ରଜ ତମ ଗୁଣ ତୁଳା, ବିନିର୍ଗତ ତୁରୀୟ ଅବସ୍ଥାରେ ଭଲା । ।୬୮।
ବତୀ କରିଣ ଦୃଢ଼େ ବଳି ବଳିତାକୁ, ବିଶୁଦ୍ଧ ଜିହ୍ୱା ଦୀପେ ଭରିସେ ଘୃତକୁ । ।୬୯।
ବିଭାକର ବଂଶାଗ୍ନି ରାମନାମ ନିଆଁ, ବିନ୍ୟସ୍ତୁ ଅହଂକାର ପତଙ୍ଗ ଦୁନିଆଁ । ।୭୦।
ବିଶେଷ ଭାବରେ ଯେ କରୁ ସେ ଆଲୋକ, ବାବାଙ୍କ ନେତ୍ରେ ଶୁଭ୍ର ଏଣୁ ଏ ଭୂଲୋକ । ।୭୧।
ବିକା ନୁହେ ତା ନେବୁ ଦେଇ ତୁ ସୁନିଆଁ, ବାଳୁତା ଅହଙ୍କାର ପତଙ୍ଗ ଦୁନିଆଁ । ।୭୨।
ବିଳସି ନପାରିଲେ ପଶିଲେ ପୋଡିଲେ, ବିଶୁଦ୍ଧ ଜ୍ଞାନ ଭକ୍ତି ଦୀପ ଏହା ଭଲେ । ।୭୩।
ରାମଦାସ ବାବା ଏ ଦୀପକୁ ଜାଳିଣ, ବିଶ୍ୱାସକୁ ବିଶ୍ୱରେ କରୁଛନ୍ତି ଦାନ । ।୭୪।
ବିଶ୍ୱବାସୀ ଜାଣନ୍ତି ପ୍ରବଚନେ ବାବା, ବିନ୍ୟାସି କରେ ତାଳି ମାରି ପୂଜା ସେବା ।।୭୫।
ବିଶ୍ୱମ୍ଭରା ପତିଙ୍କୁ ବନ୍ଦିଣ ବନ୍ଦିରେ, ବିରାଜିତ କରାନ୍ତି ହୃଦୟ ମନ୍ଦିରେ । ।୭୬।
ବାରମ୍ବାର ସେ ରାମନାମ ବୋଲୁ ଶୁଦ୍ଧେ, ବିନିଃ ସୃତେ ଶ୍ରବଣେ ଯାଇ ବକ୍ଷେ ମଧ୍ୟେ ।।୭୭।
ବିମଳ ମୁକ୍ତା ମଜା ପରି କରେ ଫେଣ, ବୋଲୁ ପୁଣି ଶ୍ରୀମୁଖେ ରାମ ଆଦ୍ୟ ବର୍ଣ୍ଣ ।।୭୮।
ବିସୃତି ହୁଏ ବୁଧେ ସେ ନାଭି ଚକ୍ରରୁ, ବୋଲୁମ, ପଡେ ମୁଖ କଳ୍ମଷ ବାହାରୁ ।।୭୯।
ବିଘାତ କରେ ନାହିଁ ଏଣୁ ପରିମଳ, ବାବା ବେନି ନୟନେ ସେ ପୁଷ୍ପ ଶୁକ୍ଳ । ।୮୦।
ବାତଜ ଲଙ୍କାଗଡେ ଯାଉ ସେ ଲଙ୍କିନୀ, ବୋଇଲା ଖାଇବିରେ ହନୁ କ୍ରୋଧ ଶୁଣି । ।୮୦।
ବଢୁ ବିରକ୍ତି ରକ୍ତ ବରନ ନୟନ, ବୀକ୍ଷଣେ ସେ ସୁମନ ଦେଖେ ରକ୍ତ ବର୍ଣ୍ଣ ।।୮୨।
ବୈଦେହୀଙ୍କୁ ରାବଣ ରଥେ ନେବା ପରେ, ବିଶ୍ୱ ନଦେଖି ସେ ରାମଙ୍କୁ ଦେଖୁଥିଲେ । ।୮୩।
ବିଭୁଙ୍କ ଅଙ୍ଗ ବର୍ଣ୍ଣ ଯେଣୁ ନୀଳ ବର୍ଣ୍ଣ, ବୈଦେହୀଙ୍କ ନେତ୍ରରେ ନୀଳ ସେ ସୁମନ ।।୮୪।
ବୁଝିଲେ ସର୍ବେ ରାମନାମ ତତ୍ତ୍ୱ ଭାବ, ବୋଲଇ ଦୟାନିଧି ଚିନ୍ତି ସୀତାଧବ । ।୮୫।

Digitized by PPRACHIN, SOA

ରାମରାଜ୍ୟ, ଏକ ଦିବସରେ ଚରିବଧୂ ପୁଷ୍ପ ବଟୀ, କୋଷ୍ଠୀ ବିଚାର

ରାଗ- କଳଶା (୧୪ ଅକ୍ଷର)
'କ' ଅନୁପ୍ରାସ ଉପଧା ମିଳନ
ଛାନ୍ଦ-୮୪

କରନ୍ତେ ପ୍ରାର୍ଥନା ପଦେ ପକ୍ଷୀକୁଳ ମଥା
କହନ୍ତି କାକଭୁଷଣ୍ଡ ରାମରାଜ୍ୟ କଥା । ।୧।
କ' ଅନୁପ୍ରାସେ ତା ଏଥି ହେବ ବିରଚିତ
କର ଶ୍ରବଣ ସାଧବେ ଥୟ ରଖି ଚିତ୍ତ । ।୨।
କଳି କଳୁଷ ସଂଘାତୁ ଇହ ଜଗତରେ,
କରି ସ୍ୱର୍ଗ ଭୋଗ ଜୀବ ଯିବ ବୈକୁଣ୍ଠରେ । ।୩।
କୁଳୀନ ମାନବଗଣ ଶୁଣି ଏହି ତଥ୍ୟ,
କେଶରୀ ନନ୍ଦନ ତୁଲ୍ୟ ହୋଇବେ ସମର୍ଥ । ।୪।
କର୍ମ ଯୋଗୀଏ ଯୋଗରୁ ପାଇବେ ନିର୍ବାଣ,
କାମୀଏ ବିଷୟ ସୁଖେମଜ୍ଜିବେଟି ଜାଣ । ।୫।
କରୁଣା ନିଧାନ ଜ୍ଞାନ ଇନ୍ଦ୍ରି ଅଗୋଚର,
କରନ୍ତି ଆଗମ ଜୀବ ହିତେ ବାରମ୍ବାର । ।୬।
କରୁଛନ୍ତି ଏବେ ସେହି ଭବରଙ୍ଗ ଲୀଳା,
କୌତୁକେ ମନୁଷ୍ୟ ଦେହେ ନୋହି ଦାରୁଶିଳା । ।୭।
କର କର ସେହି ରାମ ନାମେ ମନ ଦୃଢ଼,
କରିବେ ଦୁଃଖ ହରଣ ତରିବ ଗରୁଡ । ।୮।
କାଳ ଅବିଳମ୍ବେ ପ୍ରଭାତରୁ ଉଠି ରାମ,
କରୁଥାନ୍ତି ସ୍ନାନ ଦେବାର୍ଚ୍ଚନ ଆଦି କାମ । ।୯।
କରବାଳ କରେ ଧରି ଆରୋହି ଆସନ,
କୁମର ପରାଏ ପ୍ରଜା କରନ୍ତି ଶାସନ । ।୧୦।
କରୁଣା ନିଧନଙ୍କର ଉଦାର ଶାସନେ,
କରନ୍ତି ବିହାର ସର୍ବେ ସୁରମ୍ୟ ଆସନେ । ।୧୧।
କାହିଁ ଦେଖାଯାଏ ନାହିଁ ଦୁଷ୍କର୍ମ ଅନୀତି,
କରୁଥାନ୍ତି ମାତା ପିତା ସେବା ସର୍ବେ ନିତି । ।୧୨।
କୃତାନ୍ତ ଦିଗରୁ ବହି ମଳୟ ପବନ,
କରେ ରାଜ୍ୟବାସୀଙ୍କର କାନ୍ତି ବରଧନ । ।୧୩।

Digitized by PPRACHIN, SOA

କାଦମ୍ବିନୀ ଯଥାକାଳେ ବରଷନ୍ତି ବାରି,
କାନନେ ସୁମନ ରମ୍ୟେ ବୃକ୍ଷେ ଫଳଭାରି । ।୧୪।
କାଳନ୍ଦୀ ପ୍ରାୟ ସରସୀର ଉପୃଛ ଜଳ,
କେଦାରେ ବହି କରନ୍ତି ନାଦ କଳ କଳ । ।୧୫।
କୁମ୍ଭୀର, କୂର୍ମ, କର୍କଟ, ମୀନଙ୍କର ପାଶେ,
କ୍ରୌଞ୍ଚକୁଳ ବିହରନ୍ତି ମନରୁଲ୍ଲାସେ । ।୧୬।
କୁରଙ୍ଗ, କରୀ, କେଶରୀ ନକରି ବଚସା,
କରିଥାନ୍ତି ପ୍ରେମଭରେ ଏକସ୍ଥାନେ ବସା । ।୧୭।
କରଣ, ବିପ୍ର, କ୍ଷତ୍ରିୟ, ବଶ୍ୟ ଆଦି ଚାରି,
କୁଳଧର୍ମ ଅନୁସାରେ ପର ଉପକାରୀ । ।୧୮।
କମଣ୍ଡଳୁ ଧାରୀ କବିରାଜ କବିକୁଳ,
କରଦ ରାଜା ନିର୍ଭୟେ ହୁଅନ୍ତି ସଙ୍କୁଳ । ।୧୯।
କମଳ ଆସନ ସୁତ ଦେବର୍ଷି ନାରଦ,
କୁଶାସନେ କରୁଥାନ୍ତି ବସି ବେଦ ଶବ୍ଦ । ।୨୦।
କାହିଁ ଦେଖାଯାଏ ନାହିଁ ନିର୍ବୋଧ କୃପଣ,
କରେ ଶୋଭା ପଥେ ପୁଷ୍ପ ଗଛ ପଣପଣ । ।୨୧।
କରମାଳି **ସମୁଦ୍ରରୁ** ଜଳନେଇ କରେ,
କରିବା ପ୍ରାୟ ସେଚନ ଜନ ମଙ୍ଗଳରେ । ।୨୨।
କର ଯାହା ରାଜକୋଷେ ନେଉଥାନ୍ତି ରାମ,
କରନ୍ତି ପ୍ରଜା ମଙ୍ଗଳେ ଶତଗୁଣେ କାମ । ।୨୩।
କିନ୍ତୁ ଆତ୍ମାର ପ୍ରଶଂସା କେବେ ନକରନ୍ତି,
କଷ୍ଟକେ ଦିଅନ୍ତି କ୍ଷମା ସ୍ଥିର ରଖି ମତି । ।୨୪।
କରନ୍ତି ପ୍ରଜାଙ୍କ ସେବା ଅତି ଆନନ୍ଦିତେ,
କୌଣସି ଦ୍ରବ୍ୟେ ଆଶକ୍ତି ନ ରଖିଣ ଚିତ୍ତେ । ।୨୫।
କଟୁ ହେଲେହେଁ ଔଷଧ ରୋଗୀହିତ ପରି,
କୁ କର୍ମ ବିନାଶେ ସଦା ବ୍ୟସ୍ତ ଚାପଧାରୀ । ।୨୬।

ରାମଙ୍କ କୀର୍ତ୍ତି ଗାନପାଇଁ ଦେବତାମାନଙ୍କର ମୁଖବୃଦ୍ଧି

କେ କହି ପାରିବ ସେହି ରାମ ରୂପ କୀର୍ତ୍ତି,
କମଳ ଆସନ ହାରି ମନେ ମନେ ଚିନ୍ତି । ।୨୭।
କୀର୍ତ୍ତନେ ଧରିଲେ ଚାରିମୁଖ ହେଉ ଦୁଃଖ,
କୃତ୍ତିବାସ ଧୃତି ନାଶେ ଧରି ପଞ୍ଚମୁଖ । ।୨୮।

Digitized by PPRACHIN, SOA

କହି ନପାରି କୁମାର ଷଡ ଆନନରେ,
କରିଲେ କୁମାର ବ୍ରତ ବୁଲି ଶିଖୀପରେ । ।୨୯।
କମଳା, କମଳା-ସପତଣୀ ବୁଲି କକ୍ଷେ,
କହି ନପାରିଲେ ଶେଷ ଦେବ ଯେ ପ୍ରତ୍ୟକ୍ଷେ । ।୩୦।
କହିବା ପାଇଁକି ସହସ୍ର ଆନନ ଧରି,
କୁଶରେ ଚିରିଲେ ଜିହ୍ୱା ତଥାପି ନପାରି । ।୩୧।
କର୍ଣ୍ଣକାର୍ଯ୍ୟେ ଚକ୍ଷୁଢ଼ାଳି ଚକ୍ଷୁଶ୍ରବା ହେଲେ,
କୀନାଶ ଈଶ ହେରମ୍ବ ଗଜମୁଣ୍ଡେ ଗେଲେ । ।୩୨।
କରିଲେ ପଠନ ଶେଷକରି ଦେବା ପାଇଁ,
କୁଞ୍ଜର ବଦନ ରହିଗଲା ହେଲା ନାହିଁ । ।୩୩।
କବି, ଗୁରୁ ଗଣିଗଣି ଗଣକ ହୋଇଲେ,
କାଳୀ ନପାରିଣ ନାନାରୂପ ଧରିଥିଲେ । ।୩୪।
କଳାନିଧି, ଧବଳାଙ୍ଗି ମହାଲଜ୍ଜା ପାଇ,
କୃତିବାସ ଶିରେ କୈଳାସେ ଲୁଚିଲେ ଯାଇ । ।୩୫।

ରାମ ରୂପ ନିର୍ମାଣ

କେ ବ୍ରହ୍ମାଣ୍ଡେ ଲକ୍ଷହେବ ଆଉସେ ଶୋଭାକୁ,
କରି ଏକାଠି ଏ ବିଶ୍ୱର ସୁନ୍ଦର ଯାକୁ । ।୩୬।
କୁନ୍ଦରେ ବସାଇ ଯତ୍ନେ ରୂପକୁ ଗଢ଼ିଲା ,
କନକ ରସେ ରସାଣି ଭଲା ସଜାଡ଼ିଲା । ।୩୭।
କର ଚରଣ ବିଗ୍ରହ ମୋହନ ମନ୍ତ୍ରରେ,
କଲା ଜୀବନ୍ୟାସ ଯତି ମତି ମୋହ କରେ । ।୩୮।
କୃପା ନିଧାନ ବିବେକୀ ଶାନ୍ତ ସୁଶୀଳତା,
କଥା ସୁନ୍ଦର ସୁସ୍ୱାଦୁ ଧର୍ମକର୍ମ ରତା । ।୩୯।
କହି ନପାରିଲେ ଯା ଚରିତ ମୁନି ଲେଶ,
କିବର୍ଣ୍ଣିବ ଦୟାନିଧି ବେଳ ହୁଏ ଶେଷ । ।୪୦।
କହିବା ସୁଧାରୁ ସ୍ୱାଦୁ ପାନକରି ଜନେ,
କହୁଛି କର୍ଣ୍ଣ ପଥରେ ନିଅନ୍ତୁ ଯତନେ । ।୪୧।
କରୁଣା ନିଧାନ ସୀତା ରାମଙ୍କ ବିଚ୍ଛେଦ,
କରି କରାଇ ମିଳନ ଦେଇ ରାଜ ପଦ । ।୪୨।
କଞ୍ଚପାଦୁ ପୁଣି ବିଚ୍ଛେଦ କରାଇ ସତୀ,
କାନନରେ ରଖାଇବା କାବ୍ୟେ ଅସଙ୍ଗତି । ।୪୩।

Digitized by PPRACHIN, SOA

କୁତ୍ସିତ ଏଣୁ ପ୍ରକାଶୁ ଏ ଉତ୍ତରା କାଣ୍ଡ,
କହନ୍ତି ବୁଧେ ରଚନା କାରୀଙ୍କୁ ପାଷାଣ୍ଡ । ।୪୪।
କଟାକ୍ଷ ଏଣୁ କେତେକ ପକାଇ ନାହାନ୍ତି,
କେତେକ ଚରିତେ ମୋର ମନ ନୋହୁ ଶାନ୍ତି । ।୪୫।
କରୁଛି ତାହା ରଚନା ଆଲୋଚନା କଲେ,
କେତେକ ନୂତନ ତଥ୍ୟ ପାଇବେଟି ଭଲେ । ।୪୬।
କୃପାଦାନୀ ରାମ ମର୍ଯ୍ୟାଦା ପୁରୁଷୋତ୍ତମ,
କର୍ମରେ ସମାଲୋଚକେ ଚାରିସ୍ଥାନେ ଭ୍ରମ । ।୪୭।
କରାଇଛନ୍ତି ପ୍ରମାଣ ଶୁଣ ଗୋଟି ଗୋଟି,
କିନ୍ତୁ ଏ କାବ୍ୟରେ ଦୂର ହେବାକୁ ସେ ତ୍ରୁଟି । ।୪୮।
କରି ପ୍ରୟାସ କହୁଛି ଶୁଣ ସୁଧୀ ବୃନ୍ଦ,
କଳ୍ପତରୁ ରାମ ରାଜନୀତି ବିଶାରଦ । ।୪୯।
କିଷ୍କିନ୍ଧ୍ୟା କାଣ୍ଡେ ମଇତ୍ର ସୁଗ୍ରୀବ କଥାରେ,
କରିଲେ ଯା ବଳିବଧ ଲୁଚି କରି ଶରେ । ।୫୦।
କର୍ଣ୍ଣରେ ନଶୁଣି ବାଦୀ ପ୍ରତିବାଦୀ ଉକ୍ତି,
କେବଳ ବାଦୀ କଥାରେ ସିଦ୍ଧାନ୍ତ ଅଯୁକ୍ତି । ।୫୧।
କଲେ ବାଳିବଧ ଯେଉଁ ଦୋଷେ ସୁଗ୍ରୀବରେ,
କରାଇଲେ ଅଭିଯୁକ୍ତ ତାରାଦେଇ ପରେ । ।୫୨।
କିମ୍ବା ବାଳି ରଣେ ଅଧେ ବଳକୁ ନନେଲା,
କରଚିନ୍ତା ନାରାୟଣ ଲୁଚିବେକି ଭଲା । ।୫୩।
କୋମଳାଙ୍ଗୀ ସୀତା ଆଗୁ ଅଗ୍ନିରେ ରଖାଇ,
କିଭାବେ ଅଗ୍ନି ପରୀକ୍ଷା କଲେ ନିଜେ ଥାଇ । ।୫୪।
କି କାରଣେ ମୃଗ ବଧି ଯିବା ବେଳେ ଭ୍ରାତେ,
କହିଲେ ଜଗି ରହିଥା କୁଟୀର ଅଗ୍ରତେ । ।୫୫।
କି କରିବେ ତାହା ଶିକ୍ଷା କରି ସଭାଜନେ,
କହନ୍ତି ଅଜ୍ଞକେ ପଶ ନାରୀଙ୍କୁ ଦହନେ । ।୫୬।
କନକ ବରନା ସୀତା କନକ ପୁରକୁ,
କରି ନଥିଲେ ଗମନ ଯେବେ ଦୋଷୀତାଙ୍କୁ । ।୫୭।
କଲେ କଲେ ତେଜ୍ୟାଯାହା ଗର୍ଭ ଅବସ୍ଥାରେ,
କହ ସତ୍ୟସନ୍ଧ ବୋଲାଇବେ କି ପ୍ରକାରେ । ।୫୮।
କହୁଛି କଥାଏ ପୁଣ ଶମ୍ବୁକ ତପସ୍ୱୀ,
କଥାକୁ କରନ୍ତୁ ଲକ୍ଷ୍ୟ ଯେଉଁ ଭାବେ ନାଶି । ।୫୯।

Digitized by PPRACHIN, SOA

କରାଇଲେ ରାମ ବିପ୍ର ପୁତ୍ରକୁ ଜୀବିତ,
କିଭାବେ କହିବା ତାଙ୍କୁ କହ ଧର୍ମବନ୍ତ । ।୬୦।
କୁଳୀନ ଜନେ ଏ ଚାରି ସ୍ଥାନେ କର୍ମେଭାଳି,
କହନ୍ତି ରାମଙ୍କ କାର୍ଯ୍ୟ ଯଶେ ବୋଲି କାଳୀ । ।୬୧।
କିନ୍ତୁ ଏ ଗ୍ରନ୍ଥରେ ରାମ କୀର୍ତ୍ତିରେ କଳଙ୍କ,
କେ ଦେଇ ପାରିବ ନାହିଁ ପରୀକ୍ଷାରେ ଦେଖ । ।୬୨।
କରିବା ପାଇଁ ପୂରଣ ଉତ୍ତରା କାଣ୍ଡକୁ ,
କରୁଛି ରଚନା ଡର ନାହିଁ ସେ ଦଣ୍ଡକୁ । ।୬୩।
କହିଛନ୍ତି ଆଦି କବି ଫଳଶ୍ରୁତି ଠାରେ,
କରନ୍ତି ରଚନା ଯେହୁ ଭକତି ନିଷ୍ଠାରେ । ।୬୪।
କେଶବ ଆବାସ ବଇକୁଣ୍ଠକୁ ଲଭନ୍ତି,
କେତେ କହିବା ପୁରାଣେ ଏଥୁ ଦିଅ ମତି । ।୬୫।
କୃତଦାର ପରେ ରାମ ଆଦି ଚାରିଭାଇ,
କୈକେୟ ରାଜା ଚିନ୍ତନ୍ତି ନିଜରାଜ୍ୟେ ଥାଇ । ।୬୬।
କୈକେୟୀ ବିବାହ ବରେ ଭ୍ରତେ ରାଜନୃପ,
କଲେ ଉଚିତ ନହେବ ଶ୍ରୀରାମ ଅଧିପ । ।୬୭।
କିପରି ହୋଇବେ ଭାବିଭାବି ଦିନରାତି,
କଲେସ୍ଥିର ଭ୍ରତେ ଡାକି ନେଇ ରାଜନୀତି । ।୬୮।
କରାଇବେ ଦାନ ଯାହାଫଳେ ରଖି ଧୃତି,
କରିବେ ନାହିଁ ସେ ଇଛା ହେବାକୁ ନୃପତି । ।୬୯।
କଟିବ ସ୍ନେହ ନରେଶଙ୍କର ଧୀରେ ଧୀରେ,
କରିବେ ଅଧିକ ସ୍ନେହ ରାମ ରଘୁ ପୁରେ । ।୭୦।
କୀର୍ତ୍ତିବାନେ ରାମକୀର୍ତ୍ତି କରିଣ ଗାୟନ,
କରାଇବେ ଅଭିଷେକ ସ୍ଥିର କରି ଦିନ । ।୭୧।
କରି ଏ ବିଚାର ଆସି ଅଯୋଧ୍ୟା ସମୀପ,
କହୁ ଭରତ ଯିବାକୁ ରାଜିହେଲେ ନୃପ । ।୭୨।
କରିଲେ ଗମନ ଭ୍ରତ ଶତ୍ରୁଘନ ଦୁଇ,
କହନ୍ତି ସେଦିନ ରାମ ସୀତାଙ୍କୁ ବୁଝାଇ । ।୭୩।
କହିଥିଲେ ଗୁରୁ ବ୍ରହ୍ମଚର୍ଯ୍ୟ ଶିକ୍ଷାଦାନେ,
କୁଶାଗ୍ର ବିନ୍ଦୁରେ ମୋହପରି ଶକ୍ତି ବାନେ । ।୭୪।
କୁମର ହୋଇ ପାରନ୍ତି ଧରାବକ୍ଷେ ଜାତ,
କୌତୁହଳେ ଛାର ସୁଖେ ତା ନକର ପାତ । ।୭୫।

Digitized by PPRACHIN, SOA

କୌତୁକ ସୂତ୍ରେ ବନ୍ଧନ ଯାହାହେଲା କର,
କାର୍ଯ୍ୟ କାରଣେ ସଂସ୍କାର ତାହା ନାରୀଙ୍କର । ।୭୬।
କୁଟୁମ୍ବିତା ପଣେ ତୁମ୍ଭେ ଭଗ୍ନୀଙ୍କ ଗହଣେ,
କର ଯାମିନୀ ଯାପନ ଶୁଦ୍ଧ ପୂତ ମନେ । ।୭୭।
କୃପଣ ନ ହୋଇ ତା ପାଳନ୍ତି ଚାରୁଶୀଳା,
କରିଣ ଅନୁଶୀଳନ ପାଳିଲେ ଉର୍ମିଳା । ।୭୮।
କୃତ କର୍ମୁ ଯେବେ ରାଜା ଛାଡିଲେ ଜୀବନ,
କ୍ରିୟା କରାଗଲା ଡାକି ଭ୍ରତ ଶତ୍ରୁଘନ । ।୭୯।
କାନ୍ଦି ଭ୍ରତ ଲେଉଟାଇ ଆଣିବାକୁ ରାମେ,
କଲେ ଗତି ନ ଆସୁ ରହିଲେ ନନ୍ଦୀ ଗ୍ରାମେ । ।୮୦।
କୁଟୀର କରି ପାଳିଲେ ବର୍ଣ୍ଣାଶ୍ରମ ଧର୍ମ,
କରନ୍ତି ଅନୁସରଣେ ଶତ୍ରୁଘ୍ନ ସେ କର୍ମ । ।୮୧।
କାଳ କ୍ଷେପଣ କରନ୍ତି ତିନିବଧୂ ଘରେ,
କର୍ମ ଦୋଷରୁ ଜାନକୀ ଅଶୋକ ବନରେ । ।୮୨।
କର କପାଳ କୋଷ୍ଠୀରେ ଦଶାପଡୁ ବସା,
କରାଏ ଚ୍ୟୁତ ପୃଥକ ନାରୀ ଲୋକ ହସା । ।୮୩।
କୋଦଣ୍ଡ ଧାରଣ ବନବାସୁ ଫେରିଆସି,
କର୍ତ୍ତବ୍ୟ ପ୍ରଜାରଞ୍ଜନ ସ୍ରୋତ ମଧ୍ୟେ ଭାଷି । ।୮୪।
କରୁଥିଲେ ବ୍ରହ୍ମଚର୍ଯ୍ୟ ନିର୍ଦ୍ଦିଷ୍ଟ ପାଳନ,
କୈକେୟୀଙ୍କ ପୁତ୍ର ଆଉ ଲକ୍ଷ୍ମଣ ଶତ୍ରୁଘ୍ନ । ।୮୫।
କରୁଣା ସାଗର ମର୍ତ୍ତ୍ୟପୁର ଲୀଳା ସାରି,
କରିବାକୁ ଆଗମନ ବୈକୁଣ୍ଠେ ବିଚାରି । ।୮୬।
କୁଳରକ୍ଷା ପାଇଁ ଅନୁରୂପ ପୁତ୍ରେ ଭାଳୁ,
ଜ୍ଞାନେତା ଜାଣି ବଶିଷ୍ଠ ସୁକର୍ମେ ସେକାଳୁ । ।୮୭।
କେତେଦିନ ଅନ୍ତେ ଫଳ ସ୍ୱପ୍ନ ଦେଖି ସୀତା,
କହନ୍ତ ଯାଆ ମାନଙ୍କୁ କରି ପୁତ୍ର ଚିନ୍ତା । ।୮୮।
କୁସୁମିତ ହେଲେ ଚାରିଯାଆ ଏକବାସେ,
କହନ୍ତେ କୌଶଲ୍ୟା ତାହା ଜ୍ୟୋତିଷଙ୍କ ପାଶେ । ।୮୯।

ଶୁଭ ସ୍ୱପ୍ନ ଓ ଜ୍ୟୋତିଷ ଶାସ୍ତ୍ର ବିଚାର

କହନ୍ତି ସେ ଅଇଶ୍ୱର୍ଯ୍ୟ ଶୁଭଦ ସ୍ୱପନ,
କୁଳରକ୍ଷା ପାଇଁ ପୁତ୍ର ହେବେ ଆଗମନ । ।୯୦।
କର୍ତ୍ତବ୍ୟ ଧର୍ମ ମାର୍ଗରୁ ନଟଳିଣ ଗାରେ,
କରଗଣି କୋଷ୍ଠୀ କାଟି ଜାଣିଲେ ସେଠାରେ । ।୯୧।

Digitized by PPRACHIN, SOA

କ୍ରମେ ସିଂହ ଶୁକ୍ଳ ଦଶମୀ ଯେ ବାର ବୁଧ,
କରଣ ବାଣିଜ୍ୟ ଯୋଗ ଭୋଗଟି ବିଶୁଦ୍ଧ । ।୯୨।
କରମାଳି ଅଷ୍ଟଦଣ୍ଡ ବିଭୋଗେ ପ୍ରଚ୍ଛନ୍ନ,
କ୍ରବ୍ୟାଦଙ୍କ ଗୁରୁ ବେଳ ଆସିତୁଳ ଲଗ୍ନ । ।୯୩।
କକଡା, ଚନ୍ଦ୍ରରେ ପୁଷ୍ୟା ନକ୍ଷତ୍ର ବିଦିତ,
(୭ମରେ) କେନ୍ଦ୍ରସ୍ଥଳେ ବୃହସ୍ପତି ହୋଇଛନ୍ତି ସ୍ଥିତ । ।୯୪।
କଞ୍ଜାପତି ପୁତ୍ର କୁମ୍ଭେ ମଙ୍ଗଳ ମକରେ,
କନ୍ୟରେ ବସିଛି ରାହୁ ବୁଧ ସଙ୍ଗତରେ । ।୯୫।
କେତୁ ଯେ ମୀନରେ ସ୍ଥିତ ସିଂହେ ବିକର୍ତ୍ତନ,
କଳାନିଧି ଶୁଭଦୃଷ୍ଟି ଲଗ୍ନରେ ପତନ । ।୯୬।
କୋଷ୍ଠୀ ଗ୍ରହେ ଏକାବାଳୀ ଯୋଗରୁ ଯମକ,
କୁମର ହେବେ ସ୍ୱଗୃହେ ନବାଂଶରେ ଓଜ । ।୯୭।
କୁସୁମ ବତୀ ଏକାଳେ ବଧୂମାନେ ଯେବେ,
କହେ ଶାସ୍ତ୍ର, କୁଳ ବର୍ଦ୍ଧନ ଯେ ପୁତ୍ର ହେବେ । ।୯୮।
କୌଳିକ ପ୍ରଥାରେ ଶୁଦ୍ଧ ସ୍ନାନ ପରେ ଯାଇ,
କରିବେ ଭୋଗ ନାରୀଙ୍କୁ ଶୁଭେ ଚାରି ଭାଇ । ।୯୯।
କରିବା ବୁଧେ ତା ଆଗଛାନ୍ଦେ ଆଲୋଚନା,
କରେ ଦୟାନିଧି ରାମ ଚିନ୍ତି ଏ ରଚନା । ।୧୦୦୦।

ଏକାବଳୀ ଭବେତ୍ ଯୋଗ,ଯୋଶାଙ୍କ ଯମଜ ସୁତ ।,ସ୍ୱଗୃହଂ ବା ସ୍ୱଛ ସ୍ତୋବା ନବଂଶେ ପୁତ୍ରବାନ ବ୍ୟକ୍ତ ।। ଟିପ୍ପଣୀ : ସ୍ତ୍ରୀ ରଜୋବତୀର ଷୋଡଶଦିନେ ସ୍ୱାମୀ ମିଳନ ହେଲା ଅର୍ଥାତ୍ ଆଶ୍ୱିନ କୃଷ୍ଣପକ୍ଷ ଦଶମୀ, ୨୯୧ ଦିନରେ ଶ୍ରାବଣକୃଷ୍ଣ ଦ୍ୱିତୀୟାରେ ଲବକୁଶ ଆଦି ଜନ୍ମ ।



(ଚର୍ଯ୍ୟା ସିଦ୍ଧାନ୍ତ) ଲଗ୍ନତ ଶ୍ଥାନ୍ୟତୋ ବାପି କ୍ରମେଣ ପତିତା ଗ୍ରହାଃ ଏକାବଳି ସମାଖ୍ୟାତା ମହାରା ଭବେନ୍ନର । ଏତଦ୍ ବତୀତ- ପଞ୍ଚମାତ ପଞ୍ଚ-ମନ୍ଦେ ସୁତକ୍ଷେଚ ତଦୀଶ୍ୱରେ ସୁନବ ସପ୍ତ ସଂଖ୍ୟାଚ ଦ୍ୱିଗର୍ଭେଯାମଳ ଭବେତ୍

Digitized by PPRACHIN, SOA

ସ୍ତ୍ରୀ ଓ ପୁରୁଷଙ୍କର ମିଳନ ନିୟମ
ସୀତାଙ୍କ ସହ ଚାରିଭଗ୍ନୀଙ୍କର ଗର୍ଭଧାରଣ

ରାଗ-ଚଳଘଣ୍ଟ କେଦାର (୧୫ ଅକ୍ଷର) 'ସ' ଅନୁପ୍ରାସ

ଛାନ୍ଦ - ୮୫

ସୁଜନେ,, ଶୁଣ ଏ ଉତ୍ତାରୁ ଯାହା ଯାହା ହେଲା କଥା ଯେ
ସର୍ବ୍ବାଣୀଙ୍କୁ କହୁଥିଲେ ବସି ପଞ୍ଚ ମଥା ଯେ । ।୧।
ସୁଜନେ,, ସ୍ତ୍ରୀଙ୍କ ଋତୁଠାରୁ ଷଷ୍ଟଦଶ ଦିନ ଯାଏଁ ଯେ
ସତେଜ କରାୟୁ ଶୁକ୍ର କୀଟ ରହିଥାଏ ଯେ । ।୨।
ସୁଜନେ,, ସ୍ତ୍ରୀଧର୍ମର ଆଦ୍ୟରାତ୍ର ଭୋଗ ଚାଣ୍ଡାଳୁଣୀ ଯେ
ସ୍ୱକ୍ରାୟୁ ନର ଦ୍ୱିତୀୟ ସେ ବ୍ରହ୍ମ ଘାତିନୀ ଯେ । ।୩।
ସୁଜନେ,, ସମ୍ଭୋଗେ ତୃତୀୟ ରାତ୍ରେ ସେ ରଜକୀ ସରିଯେ
ଶୁଦ୍ଧ ହେଲେ ବି ଚତୁର୍ଥ ଦିନ ଶୂଦ୍ର ପରି ଯେ । ।୪।
ସୁଜନେ,, ଶାଶୁ ଶ୍ୱଶୁରାଦି ଦେବକାର୍ଯ୍ୟେ ମନା ପୁତ୍ରେ ଯେ
ସୁତ ସୁତା ପାଇଁ ନାରୀଭୋଗ ଅନ୍ୟରାତ୍ରେ ଯେ । ।୫।
ସୁଜନେ,, ଷଷ୍ଠାଷ୍ଟମ ଦଶମ ଦ୍ୱାଦଶ ଯୁଗ୍ମ ରାତ୍ର ଯେ
ସୁତ ଉତ୍ପନ୍ନେ ସମ୍ଭୋଗ ଅଟଇ ପ୍ରଶସ୍ତ ଯେ । ।୬।
ସୁଜନେ,, ସମ୍ଭୋଗେ ଅଯୁଗ୍ମ ରାତ୍ରେ ହୁଅଇ ଦୁହିତା ଯେ
ସଂକ୍ରାନ୍ତି ଅମାସ୍ୟା ବ୍ରତେ ତେଜିବାର କଥା ଯେ । ।୭।
ସୁଜନେ,, ସୋମ ବୁଧ ରବିବାର ଅଟଇ ପ୍ରସିଦ୍ଧ ଯେ
ସୁଜ୍ଞାନେ ଚନ୍ଦ୍ରଚାଳନା ବାରି ନାରି ବୋଧ ଯେ । ।୮।
ସୁଜନେ,, ଶୁଭା ଶୁଭ ତିଥିଯୋଗ ବାରରେ ଯା ଶ୍ରେଷ୍ଠ ଯେ
ସ୍ରଷ୍ଟାତୁଲ୍ୟ କହିଥିଲେ ଆଗରୁ ବଶିଷ୍ଠ ଯେ । ।୯।
ସୁଜନେ,, ସୀତାପତି ଆଦି'ଯତି' ବ୍ରତୁ ଚାରିଭାଇ ଯେ
ସୁତ ଉତ୍ପନ୍ନ ଇଚ୍ଛୁକେ ନାରୀ ଭୋଗ ଧ୍ୟାୟିଯେ ।୧୦।
ସୁଜନେ,,ସହଚରୀ ଠାରୁ ଶୁଣି ଆଶା ସଞ୍ଚରାଇ ଯେ
ଶିବଶିବାଙ୍କୁ ପୂଜନ୍ତି ଅନ୍ତରେ ବୈଦେହୀ ଯେ । ।୧୧।
ସୁଜନେ,, ସୀତାରାମ ଆଦି ଚାରିଭାଇ କେଳିପୁର ଯେ
ସଜକରି କୁମ୍ଭେବାରି ରଖିଣ ସତ୍ୱର ଯେ । ।୧୨।

Digitized by PPRACHIN, SOA

ରାମାୟଣର ସଭ୍ୟଙ୍କ ନାମ

ସୁଜନେ,, ସୁଗ୍ରୀବେ ଦେବାକୁ ବାଳୀ କରେ ଗୁନ୍ଥେ ମାଳ ଯେ
ସେ ସୁମନେ ଋକ୍ଷ ପନ୍ତି ନ ହୋଇବେ ତୁଳ ଯେ । ।୧୩।
ସୁଜନେ,, ସାତକୁମ୍ଭ ହାର ନିନ୍ଦା କରି ତାର ଜ୍ୟୋତି ଯେ
ସୁବଳୟ ଶବ୍ଦଧୃତି ହାରିବ ମାରୁତି ଯେ । ।୧୪।
ସୁଜନେ,, ସୁଭୂଷିତ ମୋଦେ ଯୁବରାଜନ ଅଙ୍ଗଦ ଯେ
ସେ ଅଶୋକ ବନୁ ବଳେ କେଳି ବନ ବୃନ୍ଦ ଯେ । ।୧୫।
ସୁଜନେ,, ଶୌଚେ କୁଶ ଆସନରେ ମହୀସୁର ଋଷି ଯେ
ଶୁଭେ ଦେଲେବନ ଛାଡି ପୁଣ୍ୟ ଶ୍ଳୋକ ଘୋଷି ଯେ ।।୧୬।
ସୁଜନେ,, ସୁମନେ ଯୋଜନଗନ୍ଧା ସୁମନା ସୁମନେ ଯେ
ସୂର୍ପରେ ସମ୍ପୂର୍ଣ୍ଣ କରି ପଠାଇଲେ ଦାନେ ଯେ । ।୧୭।
ସୁଜନେ,, ସାରସ ମୁଖୀଏ ନାନା ଚିତ୍ର ବାଡେ ଲେଖି ଯେ
ଶିଳ୍ପୀଠୁଁ ବଳାଇ ଗଲେ ଲାଖିରହେ ଆଖିଯେ । ।୧୮।
ସୁଜନେ,, ସେ ପୁର ହାସ୍ୟ କରଇ ପୁରନ୍ଦର ପୁରେ ଯେ
ସୁରସିକ ଚାରିଭ୍ରାତ ରହିବେ ବିହାରେ ଯେ । ।୧୯।
ସୁଜନେ,, ଶିକ୍ଷା ଦେବା କରି କାମ ଉଦ୍ଦୀପନା ବାଳୀ ଯେ
ସୁଚିନ୍ତିତେ ଶୃଙ୍ଗାରାଦି ଚିତ୍ରଲେଖି ଚଳିଯେ । ।୨୦।

କେଳିଗୃହର ଚିତ୍ର

ସୁଜନେ,, ସମାଧିସ୍ଥ ବିଶ୍ୱାମିତ୍ର କାହିଁ ସୁଖେ ରତି ଯେ
ସୁନ୍ଦରୀ ମେନାଙ୍କୁ ଡାକି ଭିକ୍ଷା କରୁଥାନ୍ତି ଯେ । ।୨୧।
ସୁଜନେ,, ସୁରସଭା ତଳେ ଧାତା ଉର୍ବଶୀକୁ ଦଳି ଯେ
ସୁରପତି ଗଉତମ ନାରୀଙ୍କର କେଳି ଯେ । ।୨୨।
ସୁଜନେ,, ସେ ହରିଣୀ ବିଭାଣ୍ଡକ ଋଷିଙ୍କର ଭାବ ଯେ
ଶୁଭ୍ରାଂଶୁ ତାରାଙ୍କ କେଳି ଚିତ୍ର କରେ ଦ୍ରାବ ଯେ । ।୨୩।
ସୁଜନେ,, ଶ୍ରେଷ୍ଠ 'ନଳ ଦମୟନ୍ତୀ' ପରିହିତ ବାସ ଯେ
ଶୟନ କାଳେ କାଟିବା ବିଚିତ୍ର ରହସ୍ୟ ଯେ ।୨୪।
ସୁଜନେ,, ସତୀ' ପତି ପରାୟଣା ସାବିତ୍ରୀ ଜୀବେଶ ଯେ
ଶମନ ପୁରେ ଗମନ ଫେରାଇବା ଦୃଶ୍ୟଯେ ।୨୫।

Digitized by PPRACHIN, SOA

ସୁଜନେ,, ସତ୍ୟବାନ ଜୀବ ଦାନ ଦେବା ଚିତ୍ର ଦେଖି ଯେ
ସୁନୀତି ଓ ସୁରୁଚୀ ଉତ୍ତାନ ପାଦ ଲେଖି ଯେ । ।୨୬।
ସୁଜନେ,, ଶୈବ୍ୟା ହରିଶ୍ଚନ୍ଦ୍ର ବିଶ୍ୱାମିତ୍ର ଦାନ ଦେବା ଯେ
ସୁତ ରୋହିତ ନିହତ ସଂସ୍କାରକୁ ନେବା ଯେ । ।୨୭।
ସୁଜନେ,, ଶିବଧନୁ ବିଭଞ୍ଜନ ବରଣର ଚିତ୍ର ଯେ
ସୁଚିତ୍ତରେ ଲେଖୁ ଚତୁରୀଏ ମୋହେ ଚିତ୍ତ ଯେ । ।୨୮।
ସୁଜନେ,, ଶସ୍ତ୍ରଧାରୀ ପର୍ଶୁରାମ ମାର୍ଗକୁ ରୋଧନ୍ତି ଯେ
ଶେଷ ଦେବ କ୍ରୋଧରାମ କରାଇବା ଶାନ୍ତି ଯେ । ।୨୯।
ସୁଜନେ,, ସିଂହ ସିଂହୀ କରି କରିଣୀଙ୍କ କେଳି ଚିତ୍ର ଯେ
ଶୁକ ଖଞ୍ଜରୀଟ ରତ କରଇ ପବିତ୍ର ଯେ । ।୩୦।
ସୁଜନେ,, ଶୟନ କକ୍ଷ ଚିତ୍ରିତ ସାରି ସହଚରୀ ଯେ
ସୀତା ଆଦି ଭଗ୍ନୀଙ୍କର ବେଶ ଦେଲେ ଧାଇଁ ଯେ । ।୩୧।

ସନ୍ଧ୍ୟା ଉପମାରେ କବିଙ୍କ ଭାବନା

ସୁଜନେ,, ସୂର୍ଯ୍ୟ ଦେବ କ୍ରମେ ଅସ୍ତ ଗିରିକୁ ମଣ୍ଡିଲେ ଯେ
ଶଶୀ ଉଦୟ ଗିରିକୁ ମନୋହର କଲେ ଯେ । ।୩୨।
ସୁଜନେ,, ସନ୍ଦର୍ଭ ରଚନା କାରୀ ତୁଳନେ କହନ୍ତି ଯେ
ସୁରେନ୍ଦ୍ର ନୀରେନ୍ଦ୍ରଙ୍କର ଏହି ବେନି ଛତି ଯେ । ।୩୩।
ସୁଜନେ,, ସ୍ୱର୍ଗରାଜା ଛତ୍ର ରକ୍ତ ମାଣିକ ବରଣ ଯେ
ସିନ୍ଧୁ ପତିଛତ୍ର ମୁକ୍ତାବର୍ଣ୍ଣ ଶୁକ୍ଳ ପୁଣ ଯେ । ।୩୪।
ସୁଜନେ,, ସଂସ୍କାର କରି କେ କହେ ପେଣ୍ଡୁଏ ଭାଳୁଛି ଯେ
ସଙ୍କଳନେ ନଟୁପ୍ରାୟ ନଭସ୍ତ୍ରୀ ଖେଳୁଛି ଯେ । ।୩୫।
ସୁଜନେ,, ସମାରୋହେ କହେ କେହି ଆକାଶ ଅରଣ୍ୟେ ଯେ
ସିଂହୀ କରିଣୀ ପ୍ରସବ କଲେ ଏଣେ ତେଣେ ଯେ । ।୩୬।
ସୁଜନେ,, ସୁପରି କଳ୍ପନାରେକେ କହି ସୂର୍ଯ୍ୟଚନ୍ଦ୍ର ଯେ
ସଜେ ବୋଧି ବଧୂ କରି ସାରସ କୁମୁଦ ଯେ । ।୩୭।
ସୁଜନେ,, ସାରି ଭୋଜନ ଶୟନ କକ୍ଷେ ଚାରିଭାଇ ଯେ
ସଖୀ ନେଇ ଚାରି ଭଗ୍ନୀ ଆସିଲେ ଭେଟାଇ ଯେ । ।୩୮।
ସୁଜନେ,, ସତୀପତି ଐରି ରଣେ ବାଣ ବିନ୍ଧୁ ଖରେ ଯେ
ସୁଖେ ବିହରିଲେ ସର୍ବେ ପଲ୍ୟଙ୍କ ଉପରେ ଯେ । ।୩୯।
ସୁଜନେ,, ସ୍ୱଚ୍ଛ ବିନ୍ଦୁ ରହୁ ଗର୍ଭେ ବିଗଳିତ ଝାଳ ଯେ
ଶ୍ରେଷ୍ଠ ବର୍ଷା ନଭେ ବୃଦ୍ଧ ମେଘ ମାଳମାଳ ଯେ । ।୪୦।
ସୁଜନେ,, ସୌଦାମିନୀ ସୌଦାକଲା ଗଗନ ବଜାରେ ଯେ

Digitized by PPRACHIN, SOA

ଶିଖରୀ ଶିଖ ବାରିଦ ବ୍ୟାଘ୍ର କୋଳ କରେ ଯେ । ।୪୧।
ସୁଜନେ,, ସଞ୍ଜାକୁ ଲୋପ କରଇ ଭିଦୁର ପତନ ଯେ
ଶାମୁକା ଭେକ ଡାହୁକ ଖରେ କଲେ ସ୍ୱନ ଯେ । ।୪୨।
ସୁଜନେ,,ସ୍ୱ ଜ୍ୟୋତି ଦେଖାଇ ଜ୍ୟୋତିରିଙ୍ଗଣ ସମାଜ ଯେ ।
ସୁଧାଂଶୁକୁ କହି ସୂର୍ଯ୍ୟ ତେଜେ ତୁମ୍ଭେ ତେଜଯେ । ।୪୩।
ସୁଜନେ,, ଶାନ୍ତି ହେଲେ ଦାବାନଳ ଗଲା ଧରା ଦୁଃଖ ଯେ
ଶଙ୍କା ଜାତ କଲେ ହୁଙ୍କା ବିଲୁ ଝଡି ପୋକ ଯେ । ।୪୪।
ସୁଜନେ,, ସାଧବ ବଧୂ ମଣ୍ଡିଲେ ଧରା ଦୁର୍ବା ବନ ଯେ
ଶାସ୍ତ୍ରରେ ଆଶ୍ୱିନ ଅଦ୍ୟଭୋଗ ଦଶଦିନ ଯେ । ।୪୫।
ସୁଜନେ,, ସଦା ବିପରୀତ ଦୟାନିଧି କହେ ସଦା ଯେ
ସଦାଶିବ ବନ୍ଦ୍ୟ ବନ୍ଦି ପ୍ରମୋଦ ମୁଁ ସଦା ଯେ । ।୪୬।

ମାସ ପାରାୟଣ ୨୮ ବିଶ୍ରାମ

ରାମାୟଣ ପାରାୟଣ ବିଧି

ଚୈତ୍ର ମାସେ କାର୍ତ୍ତିକେ ଚ, ଶିତପକ୍ଷେ ଚବାବେତୁ । ନବାହଂ ସୁମୁହା ପୁଣ୍ୟଂ ଶୋତବ୍ୟଂଚ ପ୍ରୟ୍ନତଃ । ପଞ୍ଚମ୍ୟା ଦିନ ମାରମ୍ଭ୍ୟ ରାମାୟଣ କଥାସୃତମ୍ । ନବାହ ଶବଣେ ନୈବ ସଂର୍ବ ପାପୈଃ ପ୍ରମୁଚ୍ୟତେ ।।

ଆପ୍ତ ବାକ୍ୟ

ଭୀମ ପରି ଯୋଦ୍ଧା	ଙ୍କର କେତେ ସ୍ଥାନେ	ଘଟିଅଛି ପରାଜୟ	
ମୁନୀମାନଙ୍କର	ମତି ନୋହି ସ୍ଥିର	ଘଟଇ ମଧ୍ୟ ବିଳୟ ।	।୧।
ମୁହିଁ ଜଣେ ସାଧା-	ରଣ ବ୍ୟକ୍ତି ମୋର	ଲେଖାରେ ଭ୍ରମ ନଥିବ	
ବିଶୁଦ୍ଧତା ବୋଲି	କହିବି କିପରି	ଭାବି ହେଉଅଛି ଦ୍ରବ ।	।୨।
ମୋର ଏ ଲେକାରେ	ଅଶୁଦ୍ଧତା ଥିଲେ	ଦୟା ବହି ଶୁଦ୍ଧଭାବେ	
ପାଠ କରି ସାର	ଗ୍ରହଣ କରିଣ	ଅକିଞ୍ଚନେ କ୍ଷମା ଦେବେ ।	।୩।

ଛନ୍ଦ କବିତା

ରାମାୟଣ ପଠନ କରି ପାଳନ କଲେ ଏଡସ ରୋଗ ଦୂରିଭୂତ ହେବ

ଏଡସ ରୋଗ ଦୂରୀ କରଣ ଯୋଜନା ବିଧାନ ଏ ଦେଶେ ହେଉଅଛି ସିନା ।୧।
ନହୁଏ କାହିଁକି ? ତା' ଦୂରୀକରଣ ଦଶରଥ, ବାଳି ବୀର ଦଶାନନ
ପରାଏ ଅଧିକ ବିଳାସୀ ବିଳାସେ ମାତନ୍ତେ ଶୃଙ୍ଗାର ସୁରଙ୍ଗିତ ରସେ ।
ଘୋଟି ଆସୁଅଛି ଦେଶେ ଅବକ୍ଷୟ ଏଡସ ରୋଗଟି କରେ ତେଣୁ ଜୟ
ରାମଚନ୍ଦ୍ର ପରି ଏକ ପତ୍ନୀବ୍ରତ ପାଳନ ଚରିତ ଯେ ଶାସ୍ତ୍ରେ ଉଦ୍ଧୃତ
ତା ପଠନ ଦ୍ୱାରା କଳୁଷିତ ମନ ଇନ୍ଦ୍ରିୟ ଲାଳସା ହୋଇବ ଦମନ
ଏଡସଯେ ନିୟନ୍ତ୍ରଣ ହୋଇପାରେ ଏଣୁ ରାମାୟଣ ପଢ଼ ଘରେ ଘରେ
ସେ ଯୋଜନା ଆଉ ଏ ଯୋଜନା ପାଳ ଏଡସ ରୋଗଟି ହୋଇବ ନିର୍ମୂଳ
କହେ ଦସ୍ୟାଚିନ୍ତି ସେ ରଘୁ ସାଇଁକି ଏକ ନାରୀ ସଙ୍ଗେ ବିହାର ପାଇଁକି ।

Digitized by PPRACHIN, SOA

କବିଙ୍କ ସୃଷ୍ଟି .... (ପାଣ୍ଡୁଲିପି)

ପଦ୍ୟାନୁବାଦ ସଂସ୍କୃତ ସାହିତ୍ୟ

୧. କାଦମ୍ବରୀ-ବାଣଭଟ୍ଟ
୨. ନୈଷେଧ-ଶ୍ରୀହର୍ଷ
୩. ଅଭିଜ୍ଞାନ ଶକୁନ୍ତଳା-କାଳୀଦାସ
୪. ତୁଳସୀଦାସ ରାମାୟଣ- ତୁଳସୀଦାସ

ଗୀତିନାଟ୍ୟ

୧. ଶର୍ମିଷ୍ଠା ଦେବଯାନୀ
୨. ସତୀ ସାବିତ୍ରୀ (ଦଣ୍ଡ)
୩. ରାମାୟଣ ଉତ୍ତରାକାଣ୍ଡ
୪. ବାଲିପିଣ୍ଡ
୫. ଅହଲ୍ୟା ଉଦ୍ଧାର

ଷୋଳଖିଲା

୧. ବଶିଷ୍ଠ ମାରଣ ଯଜ୍ଞ
୨. ଶ୍ରବଣ କୁମାର ବଧ
୩. ସୀତାଠାବ
୪. ମଧୁବନ ଭଗ୍ନ
୫. ଶିବରାତ୍ରେ କେତକୀ
୬. କଟାମୁଣ୍ଡର ଅଟ୍ଟହାସ୍ୟ
୭. ପରିମଳା ସତୀ
୮. ସତୀଦାହ ପ୍ରଥାକୁ ସନ୍ନିଧାନ ସ୍ୱିକୃତୀ
୯. ତରଣୀସେନ ବଧ
୧୦. ନୀଳେନ୍ଦ୍ରୀ ସରୋବର
୧୧. ବ୍ରହ୍ମାସ୍ତ୍ର ହରଣ
୧୨. ଚଣ୍ଡୀପୂଜା
୧୩. ଭାତୃଭକ୍ତ ବିଭୀଷଣ
୧୪. ଇଚ୍ଛାମୃତ୍ୟୁ ରାବଣ
୧୫. ରାବଣସ୍ୟ ମନ୍ଦୋଦରୀ
୧୬. ସତୀ ଅହଲ୍ୟା

ସପ୍ତ ସଂକୀର୍ତ୍ତନ, ପରମେଶ୍ୱରୀ ପଞ୍ଚାଶିକା, ଏକବିଂଶ ମାଳିକ, ଭଜନ ଶତକ, ଚଉପଦୀ ଶତକ, ପ୍ରଭାତ ଅବକାଶ, ରାମାୟଣ ଚଉତିଶା, ଟୀକା ରାମାୟଣ, ରାମାୟଣ ପଞ୍ଚାସିକା, ଅଭିଶପ୍ତ ରାମାୟଣ, ଅଦାଲତ ରାମାୟଣ, ପ୍ରଶ୍ନ ଉତ୍ତର ରାମାୟଣ, ଶିଶୁ ରାମାୟଣ, ରସ ପଞ୍ଚକ (ଆଦ୍ୟ ଅନୁପ୍ରାସ), ଜଗନ୍ନାଥ ଭଜନ, ଚାରି ଯୁଗ ଥାଇ ଦେବୀ ବନ୍ଦନା, ବ୍ୟଙ୍ଗ କବିତା ।

କବିଙ୍କ ସୃଷ୍ଟି .... (ପାଣ୍ଡୁଲିପି)

ଦ୍ୱାବିଂଶ ମାଳିକା

୧. ଚଉତିଶା ମାଳିକା, ୨. କବି ମାଳିକା
୩. କାବ୍ୟ ମାଳିକା, ୪. ଛାନ୍ଦ ମାଳିକା
୫. ପକ୍ଷୀ ମାଳିକା, ୬. ଧାନ ମାଳିକା
୭. ଶାକ ମାଳିକା, ୮. ପୁଷ୍ପ ମାଳିକା
୯. ଗିରି ମାଳିକ , ୧୦. ପଙ୍କ ମାଳିକା
୧୧.କୋନୀ ମାଳିକା,୧୨.ବାସନ ମାଳିକା
୧୩.ବର୍ଣ୍ଣ ମାଳିକା, ୧୪. ନଦୀ ମାଳିକା
୧୫.ତୀର୍ଥ ମାଳିକା , ୧୬. ପିଠା ମାଳିକା
୧୯.ଅଳଙ୍କାର ମାଳିକା ,୨୦.ଜାତି ମାଳିକା
୨୧.ଅଧ୍ୟାୟ ମାଳିକା, ୨୨.ଗ୍ରନ୍ଥ ମାଳିକା

ଦଶ ନାଚ ପଲ୍ଲୀ ନୃତ୍ୟ: ଘୁଡୁକୀ ନାଚ, ଚଇତି ଘୋଡ଼ା ନାଚ, ଶବର ଶବରୀ ନାଚ , ଜାମୁଡ଼ାଳ ନାଚ, କେନ୍ଦାକେନ୍ଦୁଣୀ ନାଚ , ଯୋଗୀ ଯୋଗୀଆଣି ନାଚ , ସଉରା ସଉରୀ ନାଚ, ଚଡ଼େୟା ଚଡ଼େୟାଣୀ ନାଚ, ହାଡ଼ି ହାଡ଼ିଆଣୀ ନାଚ, ଦୁଆରୀ ନାଚ

ଗୀତ :

ବାହାଣ ଗୀତ, ଏକତାରା ଗୀତା, ବେହେଲା ଗୀତ, ସାପୁଆ ଗୀତ, ନାଉରୀଆ ଗୀତ, ହଳୁଆ ଗୀତ, ବିଦାୟ ଗୀତ, ସମର ସଜ୍ଜା

ଦାଶକାଠିଆ :

ଦ୍ରୌପଦୀ ସ୍ୱୟମ୍ବର, ଉଷା ସ୍ୱୟମ୍ବର, ପାର୍ବତୀ ସ୍ୱୟମ୍ବର, ଦମୟନ୍ତୀ ସ୍ୱୟମ୍ବର, ଦାନବୀର ହରିଶ୍ଚନ୍ଦ୍ର ।

ଅନ୍ୟାନ୍ୟ ସୃଷ୍ଟି

ଗୃହିଣୀ, ଗାଁ ପରିମଳ, ବୃକ୍ଷ ରୋପଣ, ପ୍ରୌଢ଼ଶିକ୍ଷା, ଯୌତୁକ ନିରୋଧ, ଭରଣ ପୋଷଣ, ଜନ୍ମ ନିୟନ୍ତ୍ରଣ, ପରିବେଶ ସୁରକ୍ଷା, ବୀଣାକାର ଗଣ୍ଡିଆ ଗୁଜ,
ନୟାଗଡ଼ର ବାର ଗାଁ ତେର ଗାଡ଼ିଆ, ତିରିଶି ପଲ୍ଲୀ, ଚାଳିଶି ପୁର, ବାର ଶମ୍ଭୁ, ପୁରୀର ଅଷ୍ଟ ଶିବ ଅଷ୍ଟ ମଙ୍ଗଳା, ଓଡ଼ିଶାର ତିରିଶି ଜିଲ୍ଲା

Digitized by PPRACHIN, SOA

ମା

ତାରା ତାରିଣୀ

Digitized by PPRACHIN, SOA

ଉତ୍ତରାକାଣ୍ଡ

ସୂଚୀପତ୍ର

ଛାନ୍ଦ	ବିଷୟ ର ନାମ	ରାଗ	ପୃଷ୍ଠା
	ଶ୍ଲୋକ		
୧	ସୀତାଆଦି ଚାରି ଭଗ୍ନିଙ୍କର ପୁଂସବନ କର୍ମ, ଋଷ୍ୟଶୃଙ୍ଗ ଯାଗକୁ ବଶିଷ୍ଠ କୌଶଲ୍ୟା ଗମନ	ରାମକେରୀ	୧
୨	ରାମ ଦରବାରେ ଧୋବା ଧୋବଣୀ ବିଚାର	କାଳୀ	୬
୩	ସୀତାଙ୍କ ଚରିତ୍ରେ ରାଜ୍ୟବାସୀଙ୍କର ସନ୍ଦେହ	କୁମ୍ଭ କାମୋଦୀ	୭
୪	ସୀତାଙ୍କ ଚରିତ୍ରେ ପ୍ରଜାଙ୍କର ସନ୍ଦେହ ଦୂର ହେବାପାଇଁ ସୀତାଙ୍କ ନିଷ୍ପତ୍ତି	ଦୀର୍ଘ କୁମ୍ଭ କାମୋଦୀ	୮
୫	ରାମଙ୍କ ଦରବାରେ କୁକ୍କୁରର ଗୁହାରି	ବଙ୍ଗଳାଶ୍ରୀ	୯
୬	ସୀତାଙ୍କ ପ୍ରତି ଅଯୋଧ୍ୟାବାସୀଙ୍କ ଅବିଚାର, ପଶୁପକ୍ଷୀଙ୍କ ପ୍ରତିକାର	କଲ୍ୟାଣ ଆହାରୀ	୧୧
୭	ସୀତାଙ୍କ ପ୍ରବୋଧନେ ବାଲ୍ମୀକି ନଳଦମୟନ୍ତୀଙ୍କ ଚରିତ ପ୍ରକାଶ, ଲବଣାସୁର ବଧ, ଶତ୍ରୁଘ୍ନ ଚ୍ୟବନ ଋଷିଙ୍କ ସହିତ ଗମନ	ନଳିନୀ ଗୌଡ଼ା	୧୫
୮	ରାମଙ୍କ ଦକ୍ଷିଣନୟନ କମ୍ପମାନ ଚାରିଭାଇଙ୍କ ଆଠପୁତ୍ର ଜାତ ଉତ୍ସବ ପାଳନ	ନଅପୋଇ	୧୮
୯	ଲବଣାସୁର ବଧ	ସାନ ଭୂପାଳ	୨୦
୧୦	ରାମଲକ୍ଷ୍ମଣ ଭରତ ଶତ୍ରୁଘ୍ନଙ୍କର ପୁତ୍ରମାନଙ୍କ ନାମ କରଣ	ଦୀର୍ଘ କାମୋଦୀ	୨୧

Digitized by PPRACHIN, SOA

ଛାନ୍ଦ	ବିଷୟ ର ନାମ	ରାଗ	ପୃଷ୍ଠା
୧୧	ଅଶ୍ୱମେଧ ଯାଗର ଉଦ୍ଦେଶ୍ୟ ଓ ସ୍ୱର୍ଣ୍ଣସୀତା ଦ୍ୱିତୀୟ ପତ୍ନୀ ପ୍ରମାଣ	ବରାଡ଼ି	୨୨
୧୨	ମୃତ ବ୍ରାହ୍ମଣ ପୁତ୍ର ଜୀବିତ	ସିନ୍ଧୁକାମୋଦୀ	୨୫
୧୩	ଲବକୁଶଙ୍କ ହସ୍ତେ, ରାମ ସହିତ ଚାରିଭାଇ ଓ ସେନାସୈନଙ୍କର ମୋହ	କାଳୀ ଡ୍ରିଭର୍ଙ୍ଗି	୨୬
୧୪	ରାମଙ୍କର ଯାଗ ଆୟୋଜନେ ସୀତାଙ୍କର ଅଭିମାନ ପତ୍ର	ଚୋଖି	୨୮
୧୫	ଲବକୁଶଙ୍କର ଅଶ୍ୱମେଧ ଯାଗେ ରାମାୟଣ ପଠନ	ଖଣ୍ଡିତା	୩୧
୧୬	ରାମଙ୍କ ମହାପ୍ରସ୍ଥାନ ପାଇଁ ଦେବଙ୍କ ମନ୍ତ୍ରଣା ଓ ଲକ୍ଷ୍ମଣ ପରିତ୍ୟକ୍ତ	ରାମକେରୀ	୩୯
୧୭	ମହାପ୍ରସ୍ଥାନ	କଳସା	୪୦
୧୮	ଅଯୋଧ୍ୟାର ରାଜଲକ୍ଷ୍ମୀ 'କୁଶ'ଙ୍କୁ ଆମନ୍ତ୍ରଣ	କଳସା	୪୧
୧୯	କୁଶାବତୀ ନଗ୍ରଛାଡ଼ି କୁଶଙ୍କର ଅଯୋଧ ଆଗମନ	ବଙ୍ଗଳାଶ୍ରୀ	୪୩
୨୦	କୁଶଙ୍କ ଠାରୁଅଗ୍ନିବର୍ଣ୍ଣଙ୍କ ପର୍ଯ୍ୟନ୍ତ ବଂଶଲତା	ରାମକେରୀ	୪୫

Digitized by PPRACHIN, SOA

ଲେଖକ,ଗାୟକ,ପ୍ରବକ୍ତା ଓ ପି.ଏଚ୍.ଡ଼ି ଧାରୀଙ୍କ ପାଇଁ

ଉତ୍ତରା କାଣ୍ଡର ବିଭିନ୍ନ ଛାନ୍ଦରେ ଥିବା ବିଶେଷତ୍ୱ

ଛାନ୍ଦ ୧	:	ପଦ ୨-୩ ପୁଂସବନ କର୍ମ । ପଦ ୮ ଗର୍ଭ ଅବସ୍ଥାରେ ଅରୁଚି ଖାଦ୍ୟ ପଦ ୧୯-୨୧ ରାମଙ୍କ ନିକଟକୁ ବଶିଷ୍ଠଙ୍କ ବାର୍ତ୍ତା ପଦ ୩୦-୩୨ ସ୍ୱାମୀଙ୍କୁ ଯତୀ ସେବା ପାଇଁ ସୀତାଙ୍କର ପ୍ରାର୍ଥନା ପଦ ୩୭-୩୮ ସୀତାଙ୍କର ବନ ଗମନ ବାଲ୍ମୀକିଙ୍କର ପଥରେ ଅପେକ୍ଷା ପଦ ୪୩-୪୯ ସୀତାଙ୍କ ପାଳିତ ମାତା ଅନୁକମ୍ପା ପଦ ୫୦-୫୫ ସୀତାଙ୍କ ମୁନି ସେବା ପଦ ୫୮-୭୪ ରାମ ରାଜ୍ୟେ ଧୋବା ଧୋବଣୀ କଳି ।
ଛାନ୍ଦ ୨	:	ପଦ ୭-୧୨ ଧୋବା ଧୋବଣୀଙ୍କ କଳି ନିଷ୍ପତ୍ତିକୁ ପାରିଷଦଙ୍କ ବିରୋଧ
ଛାନ୍ଦ ୪	:	ପଦ ୨-୪ ସୌମିତ୍ରୀ ବାକ୍ୟେ ଭାଇମାନଙ୍କ ସହିତ ରାମଙ୍କ ବିଚାର ପଦ ୫-୯ ମନ୍ତ୍ରୀଙ୍କ ଉପଦେଶ
ଛାନ୍ଦ ୫	:	ପଦ ୧୩-୨୭ ରାମଙ୍କ ଦିନଚର୍ଯ୍ୟା ଓ ଶାସନ, କୁକୁର ଗୁହାରିରେ ଦୋଷୀ ଦଣ୍ଡେ ମଠାଧିକାରୀ । ପଦ ୨୯-୩୬ କୁକୁରର ପୂର୍ବଜନ୍ମ ବିବରଣ
ଛାନ୍ଦ ୬	:	ପଦ ୧ ସୀତାଙ୍କୁ ରାମଙ୍କର ପତ୍ରଦାନ ପଦ ୨-୫ ସୀତାଙ୍କ ଦୁଃଖରେ ପ୍ରକୃତି ପ୍ରତିବାଦ ପଦ ୧୩-୧୫ ସୀତାଙ୍କ ଶୋକେ ବାଲ୍ମୀକିଙ୍କ ସାନ୍ତ୍ୱନା ପଦ ୧୯-୨୧ ରାମଙ୍କ ଆଗେ ଲକ୍ଷ୍ମଣ, ସୀତାଙ୍କ ସିଦ୍ଧାନ୍ତ ପ୍ରକାଶ
ଛାନ୍ଦ ୭	:	ପଦ ୩୭-୪୪ ଲବଣାସୁର ବଧ ନିମନ୍ତେ ଚ୍ୟବନ ଋଷି ଅଯୋଧ୍ୟା ଗମନ ପଦ ୪୬-୪୯ ଲବଣାସୁର ବଧେ ଶତ୍ରୁଘ୍ନ ଗମନ
ଛାନ୍ଦ ୮	:	ପଦ ୪-୯ ବାଲ୍ମୀକି କୁଟୀରେ ଲବକୁଶ ଜନ୍ମ ପଦ ୧୨-୧୩ ଅଯୋଧ୍ୟାରେ ଉର୍ମିଳା,ମାଣ୍ଡବୀ,ଶ୍ରୁତକିର୍ତ୍ତିଙ୍କ ପ୍ରସୂତି ପାଇଁ ବଶିଷ୍ଠଙ୍କର ମନ୍ତ୍ରପୂତ ଜଳଦାନ ପଦ ୧୪-୧୭ ରାମଙ୍କ ଦ୍ୱାରା ଉତ୍ସବ ପାଳନ ଓ ଦେବୀ ପୂଜା ପଦ ୧୮ ବଶିଷ୍ଠଙ୍କର ସନ୍ତାନଙ୍କ କୋଷ୍ଠି ଫଳଫଳ ପଠନ ପଦ ୨୩-୨୫ ବାଲ୍ମୀକିଙ୍କର ରାମଙ୍କୁ ପୁତ୍ର ଜନ୍ମ ସମ୍ବାଦ ପ୍ରଦାନ
ଛାନ୍ଦ ୧୦	:	ପଦ ୨-୬ ପୁତ୍ରମାନଙ୍କର ନାମକରଣ
ଛାନ୍ଦ ୧୧	:	ପଦ ୧-୨ ସୀତାଙ୍କ ବିଛେଦେ ରାମଙ୍କର ରାଜସଭା ତ୍ୟାଗ ଓ ପାରିଷଦଙ୍କ ବିଚାର ପଦ ୩ ଯଜ୍ଞପାଇଁ ପ୍ରସ୍ତାବ । ପଦ ୪-୫ ସୁବର୍ଣ୍ଣ ସୀତା ପ୍ରସଙ୍ଗ ପଦ ୮ ସୁବର୍ଣ୍ଣ ସୀତା ଦର୍ଶନେ ରାମଙ୍କର ପ୍ରତିକ୍ରିୟା

Digitized by PPRACHIN, SOA

ପଦ ୯ ସଭା ମନ୍ତବ୍ୟ । ପଦ ୧୦-୧୨ ସ୍ୱର୍ଣ୍ଣସୀତା ପ୍ରତିଷ୍ଠାପାଇଁ ବଶିଷ୍ଠଙ୍କୁ ଅନୁରୋଧ
ପଦ ୧୨ ବଶିଷ୍ଠଙ୍କ ବିପକ୍ଷେ ବ୍ରାହ୍ମଣଙ୍କ କଳି
ପଦ ୧୩-୧୫ ରାମଙ୍କର ମୀମାଂସା ।

ଛାନ୍ଦ ୧୩ : ପଦ ୨ ଯଜ୍ଞ ନିମନ୍ତେ ରାମଙ୍କ ଜିଜ୍ଞାସା ଓ ବଶିଷ୍ଠଙ୍କ ବକ୍ତବ୍ୟରେ ପ୍ରତିକ୍ରିୟା
ପଦ ୧୫-୧୬ ଲବକୁଶଙ୍କର ଅଶ୍ୱବନ୍ଧନ ଓ ସେନାଙ୍କ ସହିତ ବାକ୍ୟଯୁଦ୍ଧ
ପଦ ୨୪ ଅଶ୍ୱବନ୍ଧନ ସ୍ଥାନେ ବାଲ୍ମୀକିଙ୍କର ପ୍ରବେଶ

ଛାନ୍ଦ ୧୪ : ପଦ ୨ ଅଶ୍ୱମେଧ ଯଜ୍ଞକୁ ଆମନ୍ତ୍ରିତ ବ୍ୟକ୍ତିଙ୍କ ନାମ
ପଦ ୭-୮ ଯାଗକୁ ବାଲ୍ମୀକଙ୍କୁ ଡ଼କରା
ପଦ ୧୧-୧୨ ସୀତାଙ୍କ ମନଦୁଃଖେ ବାଲ୍ମୀକିଙ୍କ ସାନ୍ତ୍ୱନା
ପଦ ୧୩-୨୫ ସୀତାଙ୍କର ପତ୍ର ଲେଖନ ଓ ଲବକୁଶଙ୍କ ବକ୍ତବ୍ୟ

ଛାନ୍ଦ ୧୫ : ପଦ ୫ ଯଜ୍ଞ ସ୍ଥାନେ ଲବକୁଶ ପୁରାଣ ପଠନ
୩୮ ପଦ ପରେ ପିତୃ ଉଦ୍ଧାରେ ମୃଗମାଂସେ ଶ୍ରାଦ୍ଧ ଉପଦଶର ଶ୍ଳୋକ
ପଦ ୬୩-୬୪ ଲବକୁଶଙ୍କୁ ପୁରସ୍କାର
ପଦ ୮୭-୯୧ ରତ୍ନାକର ରୁ ବାଲ୍ମୀକ ମୁନି ଓ ରାମାୟଣ ରଚନା
ପଦ ୧୦୫ -୧୦୭ ରାମଚନ୍ଦ୍ରଙ୍କୁ ବାଲ୍ମୀକ ଋଷି ଲବକୁଶଙ୍କ ପରିଚୟ ପ୍ରଦାନ, ସୀତାଙ୍କୁ ଡ଼କାଇବା ପାଇଁ ରାମଙ୍କର ନିବେଦନ
ପଦ ୧୧୪ ପୁନର୍ବାର ଅଗ୍ନି ପରୀକ୍ଷା ପାଇଁ ସୀତାଙ୍କୁ ବାଲ୍ମୀକିଙ୍କର ଉପଦେଶ
ପଦ ୧୧୮-୧୨୩ ପୃଥିବୀ ବିଦୀର୍ଣ୍ଣ, ବସୁଧା ସୀତାଙ୍କୁ ପାତାଳକୁ ନେଇ ଗମନ

ଛାନ୍ଦ ୧୬ : ପଦ ୪-୭ ଚାରି ଭାଇଙ୍କର ପୁତ୍ରମାନଙ୍କୁ ରାଜା କରିବା ପ୍ରସ୍ତାବ

ଛାନ୍ଦ ୧୭ : ପଦ ୨୫-୩୦ ରାମଙ୍କର ସ୍ୱର୍ଗ ଆଗମନେ ଅଯୋଧ୍ୟାବାସୀଙ୍କ ସହିତ ଯାନ ଆରୋହଣ
ପଦ ୩୧-୩୨ ବୈକୁଣ୍ଠପୁରେ ସୀତା ଲକ୍ଷ୍ମୀରୂପେ ରାମଙ୍କ ଚରଣାମୃତ ସେବନ

ଛାନ୍ଦ ୧୮ : ପଦ ୨-୭ ଲବକୁଶ ଆଦିଙ୍କର ରାଜ୍ୟ ଶାସନ
ପଦ ୮-୫୩ ଅଯୋଧ୍ୟା ରାଜଲକ୍ଷ୍ମୀ କୁଶଙ୍କ ଶୟନକକ୍ଷେ ପ୍ରବେଶ, କୁଶଙ୍କ ବକ୍ତବ୍ୟରେ ନିଜ ଦୁର୍ଦ୍ଦଶା ବର୍ଣ୍ଣନା ଓ ଅଯୋଧ୍ୟା ଆସନ ଅଳଂକୃତ ପାଇଁ ପ୍ରାର୍ଥନା ।

ଛାନ୍ଦ ୧୯ : ପଦ ୨-୮ କୁଶଙ୍କର ପ୍ରଜାଙ୍କ ସହିତ ଅଯୋଧ୍ୟା ଆଗମନ
ପଦ ୯-୧୨ ବନଶୋଭା ଓ ଅଯୋଧ୍ୟା ପୁର ପୁନଃନିର୍ମାଣ
ପଦ ୧୭-୩୬ ଗ୍ରୀଷ୍ମ ବର୍ଣ୍ଣନା, କୁମୁଦ ନାଗ କୁଶଙ୍କର ମଣି ହରଣ

Digitized by PPRACHIN, SOA

ଉତ୍ତରାକାଣ୍ଡ

ଶ୍ଳୋକ

କୃତ୍ୱା ରାଜ୍ୟ ମଦ୍ଧ ପ୍ଲବଂ ସୁରୁଚିତ୍ତଂ ଭୂରି ସ୍ୱଧର୍ମ ସ୍ଥିତଃ ।
ପୁତ୍ର ଭ୍ରାତ୍ରୁ ସମନ୍ୱିତଃ କୁଶ ଲବେ ସଂସ୍ଥାପ୍ୟ ଭୂମଣ୍ଡଳେ ।।
ରାମ ମାନ ସଙ୍କେ ନିମନ୍ତ୍ର୍ୟ ସ୍ୱଜନାନ୍ ଭକ୍ତାନ ତଥା ବାନରାନ୍ ।
କୀର୍ତ୍ତ୍ୟା ଦୀପ୍ତିମୟୋ ଗତଃ ସୁରନୁତୋ ବୈକୁଣ୍ଠ ଲୋକ ବିଭୁ ।।୧।।
ଶ୍ରୀରାମସ୍ୟ ସୁଧାଧିଙ୍କ ସୁଚରିତ ସୌଭାଗ୍ୟ ମୁକ୍ତି ପ୍ରଦଂ ।
ଯେ ଶୃଣନ୍ତି ପଠନ୍ତିତ ପ୍ରତିଦିନ ପାପୌଃଘ ବିଧ୍ୱଂସନଂ ।।
ଲୋକେ ସ୍ଥିନ ବହୁପୁତ୍ର ପୌତ୍ର ସହିତାଂ କୀର୍ତ୍ତ୍ୟା ପୂତା ନିର୍ମଳା ।
ସ୍ତେଗଛନ୍ତି ସମର୍ଚ୍ଚିତାଃ ସୁରଗଣୈ ବିଷ୍ଣୁପଦଂ ଶାଶ୍ୱତଂ ।।୨।।

ସୀତାଆଦି ଚାରିଭଗ୍ନୀଙ୍କର ପୁଂସବନ କର୍ମ, ଋଷ୍ୟଶୃଙ୍ଗ ଯାଗକୁ ବଶିଷ୍ଠ କୌଶଲ୍ୟା ଗମନ

ରାଗ - ରାମକେରୀ (୧୬ ଅକ୍ଷର)

'ଅ' ଅବନା ଅନୁପ୍ରାସ

ଛାନ୍ଦ - ୧

ଅପର୍ଣ୍ଣା ପଚାରୁ ସୁଚାରୁ ରୂପେ ପଞ୍ଚ ଆନନ,
ଅବିଳମ୍ବେ ରାମନାମକୁ ସ୍ମରି କଲେ ବର୍ଣ୍ଣନ ।୧।
ଅମର ବର ପ୍ରଦାୟିନୀ ସୀତା'ଆଦି'ଙ୍କ ହର୍ଷେ,
ଅଶୁଦ୍ଧ ଶୁଦ୍ଧେ ପୁଂସବନ କର୍ମକରି ତ୍ରିମାସେ ।୨।
ଅଷ୍ଟଧା ବିଧିରେ ବଟର କଳି ବାଟି କାକରେ,
ଅତୀନ୍ଦ୍ରିୟ ରାଜ୍ୟେ ମନାସି ପୁତ୍ର ଆଘ୍ରାଣ କଲେ ।୩।
ଅଜରାଜା ସୁତଙ୍କର ଯେ ଥିଲେ ଯେଉଁ ଦୁହିତା,
ଅତି ରୂପବତୀ ସୁମତି ଜାଣନ୍ତି, ନାମ' ଶାନ୍ତା ।୪।
ଅରଣ୍ୟେ କୁଟୀର କରିସେ ଥିଲେ ଧରା ମଙ୍ଗଳେ,
ଅକାଳେ ଦ୍ୱାଦଶ ବାର୍ଷିକ ଯାଗ ଆରମ୍ଭ କଲେ ।୫।
ଅଧ୍ୟର୍ଯ୍ୟୁ ଜ୍ଞାତବ୍ୟ ଆଚାର୍ଯ୍ୟେ ବଶିଷ୍ଠଙ୍କୁ ଡକାଇ,
ଅତିସମାଦରେ କୌଶଲ୍ୟା ମାତାଙ୍କୁ ଗଲେ ନେଇ ।୬।

Digitized by PPRACHIN, SOA

ଅନିଚ୍ଛାରେ ଗଲେ କୌଶଲ୍ୟା, ମନେ ବଢ଼ଇ ଚିନ୍ତା,
ଅକାଳରେ ବଧୂଏହୋଇ ଅଛନ୍ତି ଅନ୍ତଃସତ୍ୱା ।୭।
ଅଗସ୍ତି ପୁଂସବନ ଜାଣି ଏଣେ କଥା ପ୍ରସଙ୍ଗେ,
ଅତୀନ୍ଦ୍ରିୟ ସୁଖେ କହୁସେ ଥରେ ଜନକ ଆଗେ ।୮।
ଅରୁଚି ଦୂରୀକରଣାର୍ଥେ ସୁରୁଚି ଖାଦ୍ୟ ନେଇ,
ଅଯୋଧ୍ୟା ଦେଶରେ ପ୍ରବେଶ ଦେଖୁ ଦେଖୁ ବୈଦେହୀ ।୯।
ଅତି ସମାଦରେ ଆସନ ଦେଇ ଧୋଇ ଚରଣ,
ଅନୁରକ୍ତେ ଖାଦ୍ୟ ମର୍ଯ୍ୟାଦା ପିତା କରି ବାରଣ ।୧୦।
ଅତୀତ କଥାକୁ କହନ୍ତି ନାତି ନାତୁଣୀ ଘରେ,
ଅଭାବ ପର୍ଯ୍ୟନ୍ତ ନଖାନ୍ତି ପିତା କନ୍ୟା ଦାନରେ ।୧୧।
ଅଯୋଧ୍ୟା ମିଥିଳା କୁଶଳ କୁହାକୁହି ହୋଇଲେ,
ଅତି ଲଜ୍ଜାଭରେ ଜାନକୀ ଜନକଙ୍କୁ ବୋଇଲେ ।୧୨।
ଅଖଞ୍ଜାରୁ ଯିବୁ ମିଥିଳା ଆମ୍ଭେ ପ୍ରସୂତି ପାଇଁ,
ଅଙ୍ଗୀକାରେ କହି ଜନକ ଶାଶୂ ଆସୁ ଡକାଇ ।୧୩।
ଅବିଳମ୍ବେ ନେବି ରହିଥା କହି ଫେରିଲେ ପୁରେ,
ଅତ୍ରି, କୌଶଲ୍ୟାଦି ସେକାଳେ ଋଷ୍ୟଶୃଙ୍ଗ ଯାଗରେ ।୧୪।
ଅ[illegible]ନନ୍ଦନକୁ ରଖିଣ ସିନା ତୁଲାନ୍ତି କାର୍ଯ୍ୟ,
ଅତି ଦୁଃଖ ସୀତା, ଚିନ୍ତାରେ କଉଶଲ୍ୟା, ଦହିର୍ଯ୍ୟ।୧୫।
ଅସୁଖ ମଣୁସେ ସ୍ଥାନକୁ ଗୁରୁ ଜାଣି ସେ ଭାବ,
ଅଷ୍ଟ ବକ୍ରେ, ଡାକି କହିଲେ ତୁମେ ଅଯୋଧ୍ୟା ଯିବା।୧୬।
ଅକୁଣ୍ଠିତେ ମୁନି ବାହାର ରାଣୀ କହନ୍ତି ଧୀରେ,
ଅଛି ସିନା ଦୂରେ ଜାମାତା ଯାଗେ ମନ ସେଠାରେ।୧୭।
ଅବନୀ ଦୁଲଣୀ ସହିତ ଚାରିବଧୂ ଦୋହଦ,
ଅଛନ୍ତି କହିବେ ରାମଙ୍କୁ ତାଙ୍କୁ କରିବେ ବୋଧ ।୧୮।
ଅଦା ଦିଆ ଦହି ତେନ୍ତୁଳି, ଆମ୍ବ, ନଅର କୋଳି,
ଅରୁଚି ବିନାଶେ ଦେବେ ସେ ବାସେ ହେ ଯେଉଁଭଳି ।୧୯।
ଅରୁନ୍ଧତୀ ପତି ଯତିଙ୍କୁ ମତି ସ୍ଥିରେ କହନ୍ତି,
ଅକଳଙ୍କ ବଂଶ ଦାୟାଦ ରମେ କହିବ ଯତି ।୨୦।
ଅଟନ୍ତି ସେ ନୂଆ ରାଜନ ଯେଣୁ ଅଯୋଧ୍ୟା ରାଜ୍ୟେ,
ଅବହେଳା ନକରିବେଟି ପ୍ରଜା ରଞ୍ଜନ କାର୍ଯ୍ୟେ ।୨୧।
ଅବାରିତ ରଖି ବଶିଷ୍ଠ କଥା ସେ ଅଷ୍ଟବକ୍ର
ଅବସନ୍ନ ନୋହି ଗମିଲେ ଯଥା ଜଳରେ ନକ୍ର।୨୨।
ଅରି ମରଦନ ଅଧୀଶ କରୀ ମର୍ଦ୍ଦନ ଦ୍ୱାରେ,
ଅନୁରାଗେ ମିଳୁ ପ୍ରହରୀ ରାମେ ଜଣାଇ ଖରେ ।୨୩।

Digitized by PPRACHIN, SOA

ଅବିଳମ୍ବେ ଭେଟ କରାଉ ସେଥି ସେ ତପଶୀଳ,
ଅନୁଧ୍ୟାନେ କଲେ ପ୍ରକାଶ ଶାନ୍ତା କାନ୍ତା କୁଶଳ ।୨୪।
ଅରୁନ୍ଧତୀ ପ୍ରିୟ କୌଶଲ୍ୟା ଦେବା ବାର୍ତ୍ତାକୁ କହୁ,
ଅକ୍ଷରେ ଅକ୍ଷରେ ପାଳିବେ ରାମ ବୋଇଲେ ତହୁଁ ।୨୫।
ଅରୁଣ ଉଦୟେ ଜାନକୀ ଅନ୍ୟ ଶାଶୂଙ୍କ ସେବା,
ଅତିଭକ୍ତି ରଖି କରନ୍ତି ଯାହା କିବା ବର୍ଣ୍ଣିବା ।୨୬।
ଅତି ସମାଦରେ ପାଳନ୍ତି ନୀତି ନିୟମ ମାନ,
ଅନୁଭବୀ ଏକା ଜାଣିବ କ୍ରମେ ଗଡଇ ଦିନ ।୨୭।
ଅଣିମାଦି ଅଷ୍ଟଐଶ୍ୱର୍ଯ୍ୟ ଭୋଗୀ ସୀତାଙ୍କୁ ଥରେ,
ଅନନ୍ତ ଅରଣ୍ୟ ଚିତ୍ରକୁ ସ୍ନେହେ ଦେଖାଉଥିଲେ ।୨୮।
ଅନୁମାନେ ଜାଣି ରାଘବ ହର୍ଷେ କହନ୍ତି ତହିଁ,
ଅନୁମତି ବିନା କହିବ ଯାହା ଶ୍ରଦ୍ଧା ବୈଦେହୀ।୨୯।
ଅତିଧୀରେ ସତୀ କହନ୍ତି ପତି, ଯତିଙ୍କ' ସେବା,
ଅଯୋଧ୍ୟାରେ ହୋଇପାରୁନି ତାହା କରାଇ ଦେବା ।୩୦।
ଅଳଙ୍କାର, ବସ୍ତ୍ର, ତାପସ କନ୍ୟା ମାନଙ୍କୁ ଦେଇ,
ଅଳ୍ପ ଦିନ ମୁନି ମାନଙ୍କ ସେବା କରନ୍ତି ଯାଇ ।୩୧।
ଅରଣ୍ୟ ମୃଗଙ୍କ ମୁଖରେ ଦେଇ ନିବାର ଧାନ,
ଅନ୍ତରକୁ ପୂତ କରିବା ପାଇଁ ବଳିଛି ମନ ।୩୨।
ଅଳପ ହସିଣ ଆଳାପକଥା ରଖିବା ପାଇଁ,
ଅଂଶ ଅବତାର ଲକ୍ଷ୍ମଣେ କହିଲେ ଭାବଗ୍ରାହୀ ।୩୩।
ଅରୁଣ ଉଦୟ ନହେଉଁ କାଲି ସୀତାଙ୍କୁ ନେବ,
ଅଗନା ଅଗନି ବନସ୍ତ ବୁଲାଇ ଦେଖାଇବ ।୩୪।
ଅବନୀ ପୁତ୍ରୀଙ୍କ ମାନସ ହେଲେ ରହିବା ପାଇଁ,
ଅନୁରୋଧ ବାଲମିକଙ୍କୁ ମୋର ଦେବ ଜଣାଇଁ ।୩୫।
ଅଳ୍ପଦିନ ସତୀ ରହିବେ ତାଙ୍କ କୁଟୀରେବାବା,
ଅନୁରାଗ ଯେଣୁ ବଳିଛି କରିବେ ମୁନି ସେବା।୩୬।

ସୀତାଙ୍କର ମୁନି ସେବିବା ପାଇଁ ବନ ଆଗମନ

ଅନ୍ତର୍ଯ୍ୟାମୀଙ୍କର ଆଦେଶେ ଶେଷଦେବ ଅନନ୍ତ,
ଅବିଳମ୍ବେ ସୀତା ସଙ୍ଗରେ ଗଲେ ନପାହୁ ରାତ୍ର ।୩୭।
ଅନୁଧ୍ୟାନେ ଜାଣି ଆଗରୁ ବାଲମିକୀ ତପସ୍ୱୀ,
ଅନୁକୂଳେ ପଥେ ରହିଲେ ଜଗି ଉଟଜୁ ଆସି ।୩୮।
ଅନୁଗାମୀ 'ଶେଷ' ଦୂରରୁ ଚିହ୍ନି ପୋଡିଣ ମଥା,
ଅନୁଜ୍ଞା ନିମନ୍ତେ ରହିଲେ କହି ଶ୍ରୀରାମ କଥା।୩୯।
ଅନୁନୟ କଥା ଶ୍ରବଣେ, ମୁନି' ହୋଇଣ ପ୍ରୀତ,
ଅଶଙ୍କିତେ 'ବୀରେ' କହିଲେ ଚିନ୍ତା କିଛି ନାହିତ ।୪୦।

Digitized by PPRACHIN, SOA

ଅଯୋଧ୍ୟା ଈଶ୍ୱର ମିଥିଳେଶ୍ୱର ବନ୍ଧୁ ମୋହର,
ଅଭୟ ଦେଉଛି ନିର୍ଭୟେ 'ମା' ମୁନି ସେବା କର।୪୧।
ଅନନ୍ତ ପ୍ରଣମି ଅନନ୍ତେ ଯାନ ଫେରାଇ ନେଲେ,
ଅଯୋଧ୍ୟା ପତିଙ୍କୁ ସରବ କୁଶଳ ବାର୍ତ୍ତା ଦେଲେ ।୪୨।
ଅବିଳମ୍ୱେ ମୁନି କନ୍ୟାଏ ଆସି ଠୁଳ ହୁଅନ୍ତି,
ଅନ୍ୟ ପ୍ରସଙ୍ଗରେ ବିବୁଧେ ଏଥୁ ରଖନ୍ତୁ ମତି ।୪୩।
ଅନୁକମ୍ପା ନାମେ କାମିନୀ ଜନକ ରାଜ ପୁରେ,
ଅତି ଯତ୍ନେ ସୀତାଙ୍କୁ ପାଳୁଥିଲେ ଧାତ୍ରୀ ଭାବରେ।୪୪।
ଅଯୋଧ୍ୟାକୁ ସତୀ ଆସିବା ପରେ ବିବାହ ସାରି,
ଅତି ପ୍ରିୟା ମନମାୟାକୁ ନେଲେ ସେନେହ କରି ।୪୫।
ଅନୁକମ୍ପା ସୀତା ସଙ୍ଗରେ କହିବାରୁ ଯିବାକୁ,
ଅସୁନ୍ଦର ଭାବି ଜନକ ମନା କରିଲେ ତାଙ୍କୁ ।୪୬।
ଅସାର ମଣି 'ସେ' ବସାକୁ ଦୁଃଖେ ମନ ତୋଷରେ,
ଅଙ୍ଗେ ପିନ୍ଧି ବୃକ୍ଷ ବକଳ ତପସ୍ୱିନୀ ବେଶରେ।୪୭।
ଅରଣ୍ୟେ ଆସନ୍ତେ ଯୋଗରୁ ଜାଣି ବାଲ୍ମିକୀ ଯତି,
ଅନୁରାଗେ ତପି ସେବାରେ ବୋଧି କଲେ ନିଯୁକ୍ତି ।୪୮।
ଅଜଣାତ କେହି ଜାଣନ୍ତି ନାହିଁ ପାଗଳୀ ଭଳି,
ଅତି ଗୁପ୍ତେ ରହି କାଟନ୍ତି କାଳଯାଇଛି ଚାଲି ।୪୯।
ଅତି ଆନନ୍ଦରେ ତାହାଙ୍କ ସଙ୍ଗେ ବୁଲିଣ ସୀତା,
ଅରଣ୍ୟେ ତପୀଙ୍କୁ ସେବନ୍ତି ମନେ ନଥାଇ ଚିନ୍ତା ।୫୦।
ଅଙ୍ଗବାସେ କଷା ବସନ ଜପେ ରୁଦ୍ରାକ୍ଷମାଳ,
ଅମ୍ଳାନେ ଦିଅନ୍ତି ଅସନ ପାନରେ ନାରୀକେଳ ।୫୧।
ଅସମର୍ଥ ମୃଗ ଶାବକେ ଖୋଇ ନିବାର ଧାନେ,
ଅତି ସ୍ନେହେ ବୁଲି ଦିଅନ୍ତି କୋମଳ ତୃଣ ଆନେ ।୫୨।
ଅଣ୍ଡଜ ପ୍ରାଣୀକି ଡାକନ୍ତି ସ୍ନେହେ ତଣ୍ଡୁଳ ଦେଇ,
ଅନ୍ୟ ଋଷି କନ୍ୟା ଗହଣେ ସରିତ କୂଳେ ଯାଇ ।୫୩।
ଅଳସ ଛାଡିବା ପାଇଁକି ଦୃଢ଼େ କଳସେ ନୀର,
ଅଞ୍ଜଳି ଅଞ୍ଜଳି ଦିଅନ୍ତି କୁତୁହଳେ ନିକର । ।୫୪।
ଅଟବୀ ବାସୀଏ ରଚନ୍ତି ସୀତା ରହିବା ପାଇଁ,
ଅମର ସଭାରେ ସମୀର ଏହା ଦେଲେ ଜଣାଇ।୫୫।
ଅମର ଅଧୀଶ ବୈକୁଣ୍ଠେ ଫେରିବା ଲାଗି କାମ୍ୟେ,
ଅଭିସନ୍ଧି ରଖି ବାଣୀଙ୍କୁ ପେଷିଲେ ମର୍ତ୍ତ୍ୟଧାମେ।୫୬।
ଅଯୋଧ୍ୟାକୁ ଯାଇ ବିଭ୍ରାନ୍ତ ସେହି କରନ୍ତି ବ୍ୟଙ୍ଗେ,
ଅକପଟେ ଶ୍ରୁତି ଡେରନ୍ତୁ ବୁଧେ ଆନ ପ୍ରସଙ୍ଗେ ।୫୭।

Digitized by PPRACHIN, SOA

ଅର୍କକୂଳ ଶଶୀ 'ଶାସନେ' ନାରୀ, ପୁରୁଷଙ୍କର,
ଅନ୍ୟାୟ, ନ୍ୟାୟ ବିଚାରରେ ସମାନ ଅଧିକାର।୫୮।
ଅହରହ ରାଜ ସଭାରେ ପ୍ରଜା ମଙ୍ଗଳ ପାଇଁ,
ଅସଂଖ୍ୟ ସଦସ୍ୟ ବିଚାର କାର୍ଯ୍ୟେ ଥାଆନ୍ତି ରହି।୫୯।
ଅତୁଟ କୋଶଳ ପ୍ରାନ୍ତରେ ଏକ ରଜକ ଘର,
ଅଟଇ ହରିଆ, ନାମତା ନାରୀ, ନାମଟି ହରା।୬୦।
ଅତି ମୁଖରା 'ସେ' ସାହିରେ ନଗଣଇ କାହାକୁ,
ଅନପତ୍ୟ ହେତୁ ମନକୁ ନଆଣେ 'ସେ' ନାହାକୁ।୬୧।
ଅଘଟଣ କଥା ଦିନେ ସେ ବାପ ଘରକୁ ଗଲା,
ଅଙ୍ଗ ଆଳସ୍ୟରେ ଦି' ରାତ୍ର ରହି କରି ଆସିଲା ।୬୨।
ଅହରହ ଖୋଜି ହରିଆ ଅଙ୍ଗ ଭୋଗ ଭୋଳରେ,
ଅଝଟ ଲଗାଇ ନାରୀକୁ, 'ତାର' କହେ ଛଳରେ।୬୩।
ଅଲକ୍ଷଣୀ ସଞ୍ଜେ ଫେରିବା ପାଇଁ କହି ତୁଗଲୁ,
ଅହଙ୍କା ଦେଖାଇ ନିଧୋକା ହୋଇ ଯାଇ ରହିଲୁ।୬୪।
ଅଲାଜୁକି ପଣେ ମୋ ଘରେ ପୁଣି ଆସୁ କାହିଁକି,
ଅକୁଳା, କୁଳ କଳଙ୍କିନୀ,ହେଲୁ ଲାଜ ନାହିଁକି।୬୫।
ଅପନିନ୍ଦା ହେବ ଯାଅ 'ଯା' ତୋହରେ କାର୍ଯ୍ୟ ନାହିଁ,
ଅଯୋଗ୍ୟା ଦୋଚାରୀ ହେଲୁତୁ ତୋର ମୁଖ ନଚାହିଁ ।୬୬।
ଅପବାଦ ହେବ ଜଗତେ ମୋର ଘରୁ ବାହାର,
ଅପଭ୍ରଷ୍ଟ ବାକ୍ୟ ପଯୋଗି ତଡେ କରି ପ୍ରହାର।୬୭।
ଅବିଳମ୍ବେ କହେ ରଜକୀ ବିନା ଦୋଷରେ ମାରୁ,
ଅପରାଧ ଦେଖି 'କି' ଅବା କାଢ଼ି ଦେଉଛୁ ଘରୁ ।୬୮।
ଅଭିଷଣ କଥା କହୁଯା ଶୁଣା ନାହିଁ 'ତା' କାହିଁ ,
ଅବଳା 'କି' ବାପ ଘରକୁ ଯାଇ ରହନ୍ତି ନାହିଁ।୬୯।
ଅପନିନ୍ଦା କଥା କହୁଛୁ ମୋତେ, ଦୋଚାରୀ ବୋଲି,
ଅରୁଣ ଉଦୟ ହୋଇଲେ, ନ୍ୟାୟ' କରିବା କାଲି।୭୦।
ଅବୁଝା ପଣରେ 'ଯା' ମୋତେ ତଡି ମାରୁଛୁ ଖୁନ୍ଦା,
ଅବଶ୍ୟ ନ୍ୟାୟରେ ହାରିବୁ ଜନେ କରିବେ ନିନ୍ଦା।୭୧।
ଅରକ୍ଷିତ ଝିଅ ନୁହେଁ, 'ମୁଁ' ତୋର ପାଦେ ପଡିବି,
ଅଛନ୍ତି ପିଅର ନ୍ୟାୟକୁ, ତୋତେ' କିଆଁ ଡରିବି ।୭୨।
ଅଂଶୀଦାର ସାଇ, ଭାଇଏ' ଶୁଣି କଳି, କନ୍ଦଳ,
ଅଲଗା ଅଲଗା ରଖନ୍ତି ଭଙ୍ଗାଇ ଗୋଳମାଳ।୭୩।
ଅଳିଲେଖି ଦୟା ବୋଲଇ ଆଜି ଅପେକ୍ଷାକର,
ଅଯୋଧ୍ୟା ପତିଙ୍କ, 'ମେସଲେ'କାଲି ହେବ ବିଚାର ।୭୪।

Digitized by PPRACHIN, SOA

ରାମ ଦରବାରରେ ଧୋବା ଧୋବଣୀ

ରାଗ-କାଳୀ (୧୭ ଅକ୍ଷର)

ତ୍ରିଭଙ୍ଗି **'ର'** ଆକାରାନ୍ତ ଆଦ୍ୟଅନୁପ୍ରାସ

ଛାନ୍ଦ-୨

ରାଘବ ପ୍ରାତ	କୃତ୍ୟକୁ ନିତ୍ୟ	ସାରି ଅମାତ୍ୟ	ଧରି
ରାଜ ଆସନେ	ବସି ଶାସନେ	ଧର୍ମକୁ ମାନ୍ୟେ	ସ୍ମରି ।୧।
ରାଷ୍ଟ୍ରର ଭଲ	ମନ୍ଦକୁ ତୁଲ	କରନ୍ତି ଭଲ	ଲୋକ
ରାୟକୁ ମାନି	ଯାଆନ୍ତି ଜାଣି	ନିର୍ଦ୍ଧନୀ ଧନୀ	ଏକ ।୨।
ରାଜାଙ୍କ ଧୋବା	ଧୋବଣୀ ସେବା	ନକରି ଯିବା	ହେଲେ
ରାଇ ରାଘବ	ପଚାରୁ ସର୍ବେ	କହିଣ ଦ୍ରବ	କଲେ ।୩।
ରାଷ୍ଟ୍ରୀୟ ମନ୍ତ୍ରୀ	ବରିଷ୍ଠ ଚିନ୍ତି	ସେଥି କହନ୍ତି	ଶୁଣ
ରାତ୍ରେ ଯୁବତୀ	ଅନ୍ୟତ୍ରେ ମାତି	ରହୁ ଅସତୀ	ପୁଣ ।୪।
ରାଜ୍ୟେ ଅଲେଖା	ଗର୍ବ ଏ ଲେଖା	ଏପରି ଦେଖା	ନାହିଁ
ରାତ୍ରେ ଅନ୍ୟତ୍ରେ	ରହିବା ମାତ୍ରେ	ଅସତୀ ଶାସ୍ତ୍ରେ	କହି ।୫।
ରାଜି କରିବା	ରଜକେ ଅବା	ରଜକୀ ଯିବା	ନ୍ୟାୟ
ରାଜିବ ନେତ୍ର	ଶୁଣି ଏବ୍ୟକ୍ତ	କରିଲେ ତ୍ୟକ୍ତ	ଥୟ ।୬।
ରାମଙ୍କ ଦର-	ବାରେ ରାଜ୍ୟର	ବସିବା ନର	ଚୟ
ରାଜି ନହୋଇ	କହିଲେ ତହିଁ	'ଏ' ହେଲାନାହିଁ	ନ୍ୟାୟ ।୭।
ରାଜ୍ୟରେ ରାଜା	ପାଇଁଯା ଧାର୍ଯ୍ୟ	ନ୍ୟାୟ ଅନାର୍ଯ୍ୟ	ପାଇଁ
ରାୟ ଓଲଟା	ଦେବାଟା 'ଘଟା-'	ବିଚାର 'ବଟା'-	କହି ।୮।
ରାମ ରାଇଜ	ବୋଲି'ଯା' ଓଜ,	ଥିଲା ଅରାଜ	ହେବ
ରାଜ୍ୟର ମାତା	ସୀତାଙ୍କ କଥା	ନଚିନ୍ତ ବ୍ୟଥା	ଦେବ ।୯।
ରାକ୍ଷସ ଈଶ	ଚଉଦ ମାସ	ରଖିଲା ବାସ	ଆଣି
ରାଣୀ ଭାବରେ	ଗ୍ରହଣ କଲେ	ସୀତାଙ୍କୁ ବଳେ	ଜାଣି ।୧୦।
ରାମ ରାଜନ	ବୋଲି 'ଦୂଷଣ'	ନୁହେଁ 'କି'ଭଣ	ରାୟ
ରାଜସ ହାସ୍ୟ-	ସ୍ପଦ ଆଦେଶ,	ଦେଖିକି ଦୋଷ	ଦିଅ ।୧୧।
ରାଜିସେ ସାଜି	ହୋଇବ ଆଜି	ଧୋବା ବରଜି,	ଯିବ
ରାମ,କି' ଜାଣି	ସୀତା' ନଆଣି	ଛାଡ଼ିବେ ଗୁଣି	ଭାବ ।୧୨।
ରାମଙ୍କ ଦର-	ବାରୁ ନିଷ୍ଠୁର	ନିଷ୍ପତ୍ତି ଗୀର	ଶୁଣି
ରାଜ ରଜକୀ	ଧର୍ମକୁ ସାକ୍ଷୀ	ଦେଇଣ ଆଖି	ଆଣି ।୧୩।
ରାମଉପରେ	ଥାପିଣ ବୋଲେ	'ମୁଁ' କେବେହେଲେ,	ଏହି
ରାଜ ନିଷ୍ପତ୍ତି	ଶୁଣିବି ଚିନ୍ତି	ନଥିଲି, ଗତି	ନାହିଁ ।୧୪।
ରାଜାନୁଗତି	ଧରମ ଚିନ୍ତି	ମୁଣ୍ଡକୁ ପାତି	ଶଙ୍କି
ରାୟ ଗ୍ରହଣ	କରୁଛି ରାମ	ରାଇଜ, ନୀତି'	ଏକି ।୧୫।

Digitized by PPRACHIN, SOA

ରାଜ ରାଜୁଡା- ବର୍ଗ ଏକଡା କଥାରେ, ଜଡା' ହୋଇ
ରାଜେନ୍ଦ୍ର ରାମ ମୁଣ୍ଡ ଭରମ କରିଲା,ଘର୍ମ ବହି ।୧୬।
ରାଉତ ସେନା ସଚିବେ ମନା କରିଣ ଅନା- ଅନ୍ତି
ରାଗୀ ବୋଲନ୍ତି ନାହିଁକି ଭୀତି ହରାଉ ରୀତି ନୀତି ।୧୭।
ରାକ୍ଷସ ହନ୍ତା କରନ୍ତି ଚିନ୍ତା ଏ ସତକଥା ବୋଲେ
ରାଜ୍ୟ ବାସୀଏ ଆଗୁଯା ଲୟେ ନକହି ଭୟେ ଥିଲେ ।୧୮।
ରାଇ ରାଉତେ କହନ୍ତି ଭ୍ରାତେ ଯାଇଣ ରାତ୍ରେ ସର୍ବେ
ରାଇଜ ବାସୀ କଥାକୁ ଆସି ଗୁପ୍ତ ରେ ଭାସି ଯିବ ।୧୯।
ରାଜ ଧାନୀରେ ସନ୍ଧାନେ ଖରେ ସେନା ସକଳେ ଯାଇ
ରାଜାଧିରାଜ 'ରାମ' ସରୋଜ, ପାଦକୁ, ଦ୍ୱିଜ' ଧାୟି ।୨୦।

ସୀତାଙ୍କ ଚରିତ୍ରେ ରାଜ୍ୟ ବାସୀଙ୍କର ସନ୍ଦେହ

ରାଗ - କୁମ୍ଭ କାମୋଦୀ (୧୮ ଅକ୍ଷର)

'ସ' 'ଶ' ଅନୁପ୍ରାସ

ଛାନ୍ଦ-୩

ଶୁଣ ଗୁଣି ଗଣ ଭରତ ଲକ୍ଷ୍ମଣ ଅମାତ୍ୟ ଘେନିଣ,
ଶୁଚିମନ୍ତେ ପୁଣ୍ୟ ଦାଣ୍ଡରେ ବୁଲିଣ ଶୁଣନ୍ତି ଯେ ପୁଣ । ।୧।
ସୁନାଶୀର ଜିତା ପିତାପୁରେ ସୀତା ରହିଥିବା କଥା,
ସାକେତ ନଗରେ ପ୍ରଜା ପୁରେ ପୁରେ 'କହି' ପୋତି ମଥା ।୨।
ସେ ରଜକୀ,ଯାହା' ପ୍ରକାଶିଲା, ତାହା' ଯଥାର୍ଥ 'କା' ରାହା
ସହା ବିନା ବାହା ଟେକି ତପ୍ତଲୁହା ବାକ୍ୟେ କଲା ଦାହା ।୩।
ସ୍ପଷ୍ଟ ଶ୍ରେଷ୍ଠ ଗୀର ନହେଲା ଆଚାର ପଣ୍ଡିତ ବିଚାର
ସୀତା ଦୈତ୍ୟପୁରେ ଥିଲେ, ଅଯୋଧ୍ୟାରେ ଆଣି ରଘୁବର ।୪।
ସ୍ନେହ ନ ଉପେକ୍ଷି ରଖୁ, 'ତା' ତନଖି, କରିଣ ରଜକୀ
ସଭା ଆଗେ ସାକ୍ଷୀ ଦେଇ ନ୍ୟାୟ ରଖି ଗଲା ସିନା ବକି ।୫।
ସାହି, ସାହି ବୁଲି ଉର୍ମିଳା ମଉଳି ଶୁଣିତା ମଉଳି
ଶଙ୍କା ଦୂରେ ସ୍ମରି ଶଙ୍କର ଶଙ୍କରୀ କହନ୍ତି ସାଉଁଳି ।୬।
ଶତଦଳ ନେତ୍ର ସମ୍ମୁଖେ ସମସ୍ତ କହି ହୋଇ, ତ୍ରସ୍ତ
ଶଙ୍ଖରିପୁ ଚିନ୍ତି ସେ ସ୍ଥାନେ କହନ୍ତି କମ୍ପାଇଣ ଗାତ୍ର ।୭।
ସାଧ୍ୱୀଙ୍କ ସତୀତ୍ୱେ ପ୍ରଜାଙ୍କର ଏତେ ସନ୍ଦେହଟି ଚିତ୍ତେ,
ସ୍ୱର୍ଣ୍ଣ ପରି ଗାତ୍ରେ ଝାସିବା ସମସ୍ତେ ଦେଖିଛନ୍ତି ନେତ୍ରେ ।୮।
ସ୍ୱାହା, ସ୍ୱଧା, ବୋଧି କହିଲେ ଅବଧି- ନରଖ 'ଏ' ଶୁଦ୍ଧି
ସୁନାସୀର ଶୁଦ୍ଧି- ବନ୍ତେ ଥିଲେ ବୋଧି ଯଶଃ କରି ବୃଦ୍ଧି ।୯।
ସୀତା ଦୈତ୍ୟପୁରେ ରହିବା ଅପାରେ କହନ୍ତି ମୁଖରେ
ଶୁଚି ପ୍ରବେଶରେ ଶୁଚିକୁ ମୁଖରେ ନକହନ୍ତି ନରେ ।୧୦।
ସର୍ଜି ପ୍ରତିକାର ପ୍ରଜାମନ, ସ୍ଥିର କରିବା ହେ ଧୀର
ସେ କୋଶଳେଶ୍ୱର ସ୍ମରି ବିପ୍ରବର ଦୟା ଜୋଡେ କର ।୧୧।

Digitized by PPRACHIN, SOA

ସୀତାଙ୍କ ଚରିତ୍ରରେ ପ୍ରଜାଙ୍କର ସନ୍ଦେହ ଦୂର ହେବା ପାଇଁ ସୀତାଙ୍କ ନିଷ୍ପତ୍ତି

ରାଗ-ଦୀର୍ଘ କୁମ୍ଭ କାମୋଦୀ (ଭଜନ ସ୍ୱର) (୧୯ ଅକ୍ଷର)

'ଶ' 'ସ' ଅନୁପ୍ରାସ ପ୍ରାନ୍ତ ଚରଣ ପ୍ରାନ୍ତରେ **'ୟ'** ଶୃଙ୍ଖଳା

ଛାନ୍ଦ - ୪

ସଜରେ ମନ ଭଜରେ ଦିନ- ରାତି ମତି ରଖି ଥୟରେ ।
ସ୍ୱର୍ଗ ଭୁବନ ମିଳିବ ଧନ ନଥିବ ଶମନ ଭୟରେ । (ଘୋଷା)
ସୌମିତ୍ରି ଉଦନ୍ତ ଶ୍ରବଣେ ଶୁଣି, ସୀତାପତି ହୃଦୟେ ଗୁଣି ଗୁଣି ।
ଶତ୍ରୁଘ୍ନ ଭରତ ସଚିବାଦି ମାତ ବସାଇ କହନ୍ତି ଭୟରେ ॥ ।୧।
ସାକେତ ନଗ୍ର ପୁର ଅଧିବାସୀ ସୀତାଙ୍କୁ ଚରିତ୍ରେ କରନ୍ତି ଦୋଷୀ ।
ସୂର୍ଯ୍ୟବଂଶ ଯଶୋଃ ଶଶାଙ୍କ ଚିହ୍ନ ସେ' କଥା, ମଥାକମ୍ପେ ଭୟରେ । ।୨।
ସୀତାଙ୍କୁ ବନରୁ ନେଲା ରାବଣ, ସତୀଗୁଣୀ ହୋଇ ଭାବ ପ୍ରବଣ ।
ଶୁଚିରେ ବାଡବେ ପଶିଥିଲେ ଏବେ ଘୋଟେ ଶ୍ୱାନ ବିଷ ପ୍ରାୟରେ । ।୩।
ସାକେତ ପରଜା ହେବାକୁ ତୋଷ, ସର୍ଜିବାକି ? ପ୍ରତିକାର ପ୍ରକାଶ ।
ସୀତାଙ୍କ ସତୀତ୍ୱ ନହୋଇବ କ୍ଷତ କହ, ଏହି' ଅସମୟରେ । ।୪।
ସଚୀବ କହନ୍ତି ଶୁଣ ରାଜନ, ସାଧ୍ୟ ନହେଲେ ବି ପ୍ରଜା ରଞ୍ଜନ ।
ସନ୍ତତେ ପାଳନ୍ତି ତାହା ମହାମତି ନିଜେ ହୋଇଲେ, 'ବି' ଲୟରେ ।୫।
ସଦା ରାଜା ପ୍ରଜା ରକ୍ତ କଣିକା, ଶୋଷନ୍ତି ଉଚ୍ଚାସନେ ଛାଡି ଦକା ।
ସଦମାର୍ଗୀ 'ନୃପେ' ଜଳଧାରା ରୂପେ ତୋଷୁଥାନ୍ତି 'ପ୍ରଜା' ଭୟରେ । ।୬।
ସର୍ବଦା ଏ ରାଜାଧିକାର ବ୍ୟାଜ, ଶ୍ରେଷ୍ଠ ନୁହେ ମହା ଦାସତ୍ୱ କାର୍ଯ୍ୟ ।
ସୁଖ ତେଜି ପ୍ରଜା, ତୋଷିବାଟା,ମଜ୍ଜା- ସଜ୍ଜାନୁହେଁ 'ପୂତ' ମୟରେ ।୭।
ଶତ, ଶତ ପ୍ରଜା ହୋଇଣ ମେଳି, ସତ୍ୟ ପରି ମିଥ୍ୟା କହୁ ନଭାଳି ?
ସେହି ମିଥ୍ୟା କଥା, ସତ୍ୟରେ ଗଣିତା ହୁଏ'ଏ'ବିଚାରାଳୟରେ ।୮।
ଶଙ୍କି କାରଣ ନକଲେ ସମାଜ, ଶତ, ଗୁଣେଗଞ୍ଜି ନାଶିବେ ଓଜ ?
ସମାବେଶକରି, କହିବେ ଆହୁରି, କୁଳାଙ୍ଗାର,ରାମ ରାୟରେ । ।୯।
ଶୁଣିତାହା କହନ୍ତି ରଘୁବୀର, ସତୀପ୍ରତି ଏ ଅନୀତି ବିଚାର ?
ସହି ପାରିବିନି, କହି ପାରିବିନି, ହେଉ ଯାହାନିନ୍ଦା ଭୟରେ । ।୧୦।
ଶେଷ ଦେବ ଶେଷେ କରନ୍ତି ସ୍ଥିର, ସାମ୍ରାଜ୍ଞୀ କରନ୍ତୁ ତାଙ୍କ ବିଚାର ?
ସେ ପ୍ରଜା ଗୋପନ, ଭାବଧାରାମାନ, ଜଣା କରନ୍ତୁ କେ ଲୟରେ । ।୧୧।
ସୌମିତ୍ରିଙ୍କୁ ରାମ କରନ୍ତି ଜଣା, ଶୁଣୁ ଅଛ ଯାହା ଯାହା ଘଟଣା ।
ସୀତାଙ୍କୁ ଜଣାଇ, ତୋଷ ଯାଇ ଭାଇ, ତାପରେ ମୁଁ ହେବି ଥୟରେ । ।୧୨।
ସରମେ ସାମ୍ରାଜ୍ୟ ଛାଡି ଲକ୍ଷ୍ମଣ, ସଙ୍କିତ ମନେ ବାଲମିକୀ ବନ ।
ଶାନ୍ତି ପରିବେଶ, ମଧ୍ୟରେ ଆବେଶ, କାଳେ ସୀତା ପଡୁ ଲୟରେ ? ।୧୩।

Digitized by PPRACHIN, SOA

ସାଷ୍ଟାଙ୍ଗ ପ୍ରଣିପାତ ହୋଇ ସାରି, ସନ୍ନିବିଷ୍ଟ ହେଉ ମହୀକୁମାରୀ ।
ଶୁଭାଶିଷ ଦେଇ, ପଚାରନ୍ତି ତହିଁ, କାନ୍ତ ଶୁଭ ଭାବ ମୟରେ । ।୧୪।
ସୁମିତ୍ରା ନନ୍ଦନ ବୋଲନ୍ତି ମାତ, ଶୁଭା ଶୁଭକି କରିବି ମୁଁ ଖ୍ୟାତ ।
ସାମ୍ରାଜ୍ୟେ ଧୋବଣୀ, ସ୍ୱାମୀକୁ ନମାନି ରହନ୍ତେ ପିତୃ ଆଳୟରେ । ।୧୫।
ସ୍ୱାମୀ ତା କହିଲା ହେଲୁ ଦୋଚାରୀ, ଶର୍ବରୀ ଅନ୍ୟପୁରେ ରହିକରି ।
ସମ୍ମାନ ବୁଡାଇ, ଆସିଅଛୁ କାହିଁ, ପାଇଁ ଫେରି ଯାତୁ ଥୟରେ । ।୧୬।
ସେ ଯାଇ ମେଶଲେ ଗୁହାରି କଲା, ସଭା ଧୋବା କଥା ରଖ୍ ତଡିଲା ।
ସକ୍ରୋଧେ ରଜକୀ, ବୋଲେ ବୈଦେହୀକି ରହିବେ ମୁନି ଆଳୟରେ । ।୧୭।
ସଭାସଦ କୋଶଳ ବାସୀ ପଛେ, ସମ୍ମୁଖେ ନ କହି କହନ୍ତି କଛେ ।
ସୀତା ଚତୁର୍ଦ୍ଦଶ, ମାସତ ରାକ୍ଷସ, ପୁରେ ଥିଲେ ଅସମୟରେ । ।୧୮।
ସାରସ ନୟନ ଶୁଣି ଏ ବ୍ୟକ୍ତ, ସର୍ଜି ମର୍ମାହତେ ଦେଇ ଉଦନ୍ତ ।
ସମ୍ବୋଧନ କରି, ଅଛନ୍ତି ବିଚାରି, ବିଚାରକୁ ଦିଅ ଥୟରେ । ।୧୯।
ଶେଷେ ଲକ୍ଷ୍ମଣ ବୋଧେ ସୁରପତି, ସମାଦରେ ଶୁଣାଇ ଯେ କହନ୍ତି ।
ସୁଷ୍ଠ ଯାହା ବିତ୍ତ, ଖାଇ ସେପାଳିତ, ତାଙ୍କ ତୋଷେ ଚିତ୍ତେ ଧାୟରେ । ।୨୦।
ସର୍ଜ୍ଜିବା ବିଷୟ ବର୍ଜ୍ଜି ଅବଧି, ସର୍ବସ୍ୱ ଏହା କରି ଦୟାନିଧି ।
ଶ୍ରୀରାମ ପୟରେ, ମୁଣ୍ଡ ପାତି କରେ, ପ୍ରଣିପାତ ଏକ ଲୟରେ । ।୨୧।

—— ୦ ——

ରାମଙ୍କ ଦରବାରେ କୁକୁରର ଗୁହାରି

ରାଗ - ବଙ୍ଗଳାଶ୍ରୀ (୨୦ ଅକ୍ଷର) 'କ' ଆଦ୍ୟ ଅନୁପ୍ରାସ

ଛାନ୍ଦ - ୫

କରୁଣାନିଧାନ ରାମପ୍ରଜାମନ ତୋଷ ପାଇଁରାତ୍ର ଦିନ ।
କରି ରାଜ ସଭା, କରୁଥିଲେ ନିର୍ଭା ବୁଝିଣ ସଭିଙ୍କ ମନ । ।୧।
କହନ୍ତି ଆଦ୍ୟରେ, ଯାଇ ଦେଖଦ୍ୱାରେ, କେ, ଅପେକ୍ଷାକରି- ଛନ୍ତି ।
କହି ଧରି ଆସ ଦୁଃଖକୁ ପ୍ରକାଶ କରି ଲଭନ୍ତୁ, 'ସେ' ଶାନ୍ତି । ।୨।
କଥା ରଖ୍ ନିତି ଶତ୍ରୁଘ୍ନ ଡାକନ୍ତି କରିବା ପାଇଁ, ଗୁ- ହାରୀ ।
କେ ଆସି ଅପେକ୍ଷା କରିଅଛ ଦେଖା କରଯାଇ ଭୟ- ହାରି । ।୩।
କରି ସୁବିଚାର, କସୁର ଯାହାର, ହୋଇବ ତାହାକୁ ବାଦେ,
କରିବେ ଶାସନ ଏହା ସବୁଦିନ କହନ୍ତି ଶତ୍ରୁଘ୍ନ ଆଦ୍ୟେ । ।୪।
କକଡା ମାସରେ ତେଣେମେଘମାଳେ ତୋଷୁଥାନ୍ତିବର୍ଷି ବାରି,
କରୁ ନଥିଲେ କେ ହିଂସା ସେ ମୂଳକେ, ଫଳ ଫୁଲେ ବୃକ୍ଷ ଭାରି । ।୫।
କିଶୋର ଯୁବକ କାଳେ ମୃତ ଦୁଃଖ ନ ଦିଅଇ କନ୍ତୁ ପାଳ ।
କଜଳ ପାତିଆ ଭଲ ଲୋକ କିଆଁ ଲୋଡିବେ କେ'କରି- ଗୋଳ । ।୬।
କୁଳ ସିମନ୍ତିନୀ କୁଳ କଥା ମାନି କୁଳ ନ ବୁଡାନ୍ତି କେବେ ।
କରଣ, ବ୍ରାହ୍ମଣ, କ୍ଷତ୍ରୀ, ବୈଶ୍ୟଗଣ ନିଜକର୍ମେ ରତ ସର୍ବେ । ।୭।

Digitized by PPRACHIN, SOA

କରୁଣା ବାରିଧି ରାମ କେବେ ବୋଧି ବାଦ ପ୍ରତୀବାଦୀ ମନ ।
କଜିଆ ଭାଙ୍ଗନ୍ତି କଣ୍ଟକକୁ ଚିନ୍ତି, ନକରି ଦଣ୍ଡ ବି- ଧାନ । ।୮।
କହିଲେ ଆସନ ପରେ ବସି ରାମ ଶତ୍ରୁଘ୍ନଙ୍କୁ ଦିନେ ଦେଖେ ।
କେ ଅଛି ଦୁଆରେ ଡାକି ଆଣ ଖରେ କହୁ ସେ ତା ମୁଖେ ମୁଖ । ।୯।
କରି ଅବଧାନ ଶ୍ରୀରାମ ବଚନ ସେ ଶତ୍ରୁଘ୍ନ ଦ୍ୱାରେ ଯାଇ ।
କଲେ ଅନ୍ୱେଷଣ, ନାହାନ୍ତି କେ ଜନ, କୁକୁର ଏକ ଭୁ- କଇ । ।୧୦।
କହିଲେ ତାହାକୁ କାହିଁ ପାଇଁ ଭୁକୁ, ଅଛୁ କହ କହ, ଶ୍ୱାନ ।
କହେ ସେ କାତରେ ରାଜ ସମ୍ମୁଖରେ, ଅଭିଯୋଗେ ରଖି ଧ୍ୟାନ । ।୧୧।
କରୁଛି ଏ ରବ ବୁଝାଇ କହିବ ଯାଇ ସୁମିତ୍ରା ସ- ନ୍ତତି ।
କରିଲେ ଶ୍ରବଣ ଆସି ରଘୁରାଣ ଏଥି କହି ହେବି ଶାନ୍ତି । ।୧୨।
କଲି ଶ୍ୱାନ କଥା ଶ୍ରୁତ କୀର୍ତ୍ତି ମଥା ଡାକୁ ସଭା ସମ୍ମୁ ଖରେ ।
କହିଲା ସେ ଶ୍ୱାନ ଆହ୍ନିକ ବ୍ରାହ୍ମଣ ଘରେ ରାଜ ସୌଧ ପରେ । ।୧୩।
କରନ୍ତି ଆବାସ, ଅଗ୍ନି, ବାୟୁ, ବିଶ୍ୱ, ପାଳକ ସୂର୍ଯ୍ୟ ନ, ଦହି ।
କରିବ ଗମନ ସେ ସ୍ଥାନକୁ ଶ୍ୱାନ ଅପବିତ୍ରେ ଯାଉ ନାହିଁ । ।୧୪।
କରି ଐରିଦ୍ୱାରେ ଅଣାଅ'ହେ, ବାରେ, ରାମଙ୍କୁ କଲି ଅ- ପେକ୍ଷା ।
କରିଲେ ଗ୍ରହଣ ମୋର ଦୁଃଖ, 'ମାନ' କରିବି ନାହିଁ ମୁଁ କକ୍ଷା । ।୧୫।
କରି ସୀତକାର ସୁମିତ୍ରା କୁମର ରାମ ଆଗେ ସର୍ବ କଥା ।
କହୁ ଦାଶରଥି କହିଲେ ଝଟତି ଡାକି ଆଣ ଯାଉ, ବ୍ୟଥା । ।୧୬।
କୁକୁର ଅଭୟ- ପାଇ' ଯାଇ ଲୟ- ଦେଇ ମାନବ କ- ଣ୍ଠରେ ?
କହେ ତାର ଦୁଃଖ ଶାସନ ପ୍ରମୁଖ ରାମ ଶୁଣୁଥାନ୍ତି ସ୍ଥିରେ । ।୧୭।
କର୍ମ କାଣ୍ଡ ହୀନ ଭିକାରୀ ବ୍ରାହ୍ମଣ ସର୍ବାର୍ଥ ସିଦ୍ଧ ତା' ନାମ ।
କରିଲା ପ୍ରହାର ଅକାରଣେ ମୋର ଶିରେ ଖରେ ଛାଡ଼ି ଧର୍ମ । ।୧୮।
କରିନି ତାହାର ଅପରାଧ ମୋର କାର୍ଯ୍ୟ ଦାଣ୍ଡେ ଥିଲି- ଶୋଇ ।
କରଃବଲୋକନ କ୍ଷତ ସ୍ଥାନ ମାନ ଶୋଣିତ ଯାଉଛି ବହି । ।୧୯।
କହୁ କହୁ ଏହା ସାରମେୟ ତାହା ଦୁଃଖରେ ଅନୁପ୍ରା- ଣିତ ।
କଲା, ରାମଚନ୍ଦ୍ର ପଠାଇଣ ଭଦ୍ର ଡାକି କରୁ ସବୁ ବ୍ୟକ୍ତ । ।୨୦।
କହେ ବିପ୍ର, ମହା- ରାଜ ଯାହା ଯାହା କହିଗଲେ ସବୁ ସତ୍ୟ ।
କରେ ଭିକ୍ଷା ଥାଳ ଧରି ଅନୁକୂଳ କଲା ବେଳେ ରୋଧୁ ପଥ । ।୨୧।
କରିଛି ପ୍ରହାର- କ୍ରୋଧେ, ଦୋଷ ମୋର ହୋଇଛି ଅଯୋଧ୍ୟା- ସାଇଁ ।
କରନ୍ତୁ ଆଦେଶ- ଦଣ୍ଡେ, ଯେଣୁ ଦୋଷ- କରିଛି 'ତା' ନେବି ସହି । ।୨୨।
କରି କରି ଲୟ ଜ୍ଞାନେ ରଘୁ ରାୟ ବିପ୍ର ଦଣ୍ଡ ନପା- ଇଲେ ।
କରନ୍ତେ ଯିଜ୍ଞାସ ଗୁରୁ ପାଦେ, ଦୋଷ' ପାଇଁ ଦଣ୍ଡ ସେ ବୋ- ଇଲେ । ।୨୩।
କରନ୍ତୁ ଶ୍ରବଣ- ସର୍ବେ, ବିପ୍ରଗଣ ମାନ୍ୟ ବୋଲି ଭାବ- ଗ୍ରାହୀ ।
କରକୁ ଯୋଡନ୍ତି ଲେଖା ନାହିଁ, ପୋଥି- ମଧ୍ୟେ ବିପ୍ର ଦଣ୍ଡ କାହିଁ । ।୨୪।
କହୁ' ସେହିଶ୍ୱାନ 'କି' ଦଣ୍ଡ ବିଧାନ କରାଯିବ ହେବ ତାହା ।
କଲେ ସୀତକାର ଶୁଣି, ଗୁରୁ ବିର ଗୁଣି ଗୁଣି ସୀତା' ନାହା । ।୨୫।

Digitized by PPRACHIN, SOA

କହଇ ତୁରିତ ସେ' କୁକୁର,ନତ- ଶିରେ ଶୁଣ ରଘୁ- ପତି ।
କଣ୍ଟକ ଦର୍ପିଷ୍ଟେ କାଳିଞ୍ଜନ ମଠେ କରିବାକୁ କୂଳ- ପତି । ।୨୬।
କରେ ବାନ୍ଧି ଶାଢ଼ୀ ଆଉ କିଛି, ବାଡି- ବୃତ୍ତି ଦିଅ ଖଞ୍ଜା ପାଇଁ ।
କରୀ, ପୃଷ୍ଠେ ରାଜ୍ୟେ ବୁଲାଇ 'ଏ' କାର୍ଯ୍ୟେ ମଠେ ଦିଅନ୍ତୁ ପ- ଠାଇ । ।୨୭।
କରୁ ଅଙ୍ଗୀକାର ମୋତେ ଚାପଧର ସଭାସଦ ହାସ୍ୟ ରୋଳେ ।
କହିଲେ 'ଏ' ଭଣ୍ଡ ଅପରାଧୀ ବଣ୍ଡ କି' ଐଶ୍ୱର୍ଯ୍ୟ ଦାନ କଲେ । ।୨୮।
କହନ୍ତି ରାଘବ ତୁମ୍ଭେମାନେ ସର୍ବ ବୁଝିନ, ବୁଝିଛି, ଶ୍ୱାନ ।
କାହିଁକି କହୁଛି- ସ୍ଥିରେ ଶୁଣ କିଛି ଗୋଳମାଳ ନକ- ରିଣ । ।୨୯।
କହେ ଶ୍ୱାନ ସ୍ପଷ୍ଟେ ଥିଲି ମୁଁ' ସେ,ମଠେ ବହୁତ ଦିନ ମ- ହନ୍ତ ।
କରଣ ବ୍ରାହ୍ମଣ ଭିକ୍ଷୁ ଦୀନଜନ ସେବା କାର୍ଯ୍ୟ ହୋଇ ରତ । ।୩୦।
କରିଲେ ଅତିଥି- ସେବା,ମୁହିଁ' ନୀତି ଆହାର କରେ ତା' ପରେ ।
କଣିକାଏ ଧନ ମୁଁ' ଅପହରଣ ମଠର କେବେ ନ- କରେ । ।୩୧।
କାୟ, ମନୋବାକ୍ୟେ ସେ ଧନ ଭୂଲୋକେ ମଠର ସମ୍ପତ୍ତି ବୁଲି ।
କହି ଦହି ମନ- ଦେହ ଛାଡୁ ଶ୍ୱାନ- ହେଲି ବାର ଦ୍ୱାର ବୋଲି । ।୩୨।
କରୁଛି ଆହାର ଅଇଁଠା ପତର- ଚାଟୁ 'ଏ' ଅବସ୍ଥା ହେଲା ।
କହନ୍ତି ସମସ୍ତେ ବାଡ,ଦେଖୁ ମତେ ଏ' କୁକୁର ବାର- ବୁଲା । ।୩୩।
କର୍କଶ ବ୍ରାହ୍ମଣ ପାଇଲେ 'ଏ' ପଣ, ପୁତ୍ର ପଉତ୍ରାଦି ଭଣ୍ଡ ।
କ୍ରମରେ ନରକ- ଗାମୀ ହେବେ,ଲୋକ- ମଧ୍ୟେ ସେ ହୋଇବ ଦଣ୍ଡ । ।୩୪।
କରିବ ଦେବତା ସମ୍ପତ୍ତିରେ କର୍ତ୍ତା ବାଳଶ୍ରୀ ବିଧବା, ବିପ୍ର ।
କଣ୍ଟକିତ ଧନେ ମାଳିକ ଯତନେ ହେଉ, ହୋଇବ ବି- ଲୋପ । ।୩୫।
କଥୋପ କଥନ ପରି କହୁ ଶ୍ୱାନ ଜ୍ଞାନେ ପୂର୍ବ ଜନ୍ମ କଥା ।
କଲେ ତା ଶ୍ରବଣ ଦୟା ନିଧି ହୀନ କହେ ଘେନ ଯିବ ବ୍ୟଥା । ।୩୬।

ସୀତାଙ୍କ ପ୍ରତି ଅଯୋଧ୍ୟାବାସୀଙ୍କ ଅବିଚାର, ପଶୁ ପକ୍ଷିଙ୍କ ପ୍ରତିକାର

ରାଗ-କଲ୍ୟାଣ ଆହାରୀ

(ପ୍ରଥମ ଦୁଇଚରଣ ୨୧ ଅକ୍ଷର) 'ପ' ଅନୁପ୍ରାସ

ଛାନ୍ଦ - ୬

ପତି ପତ୍ର ପଢ଼ି ହାହା ବୋଲି ରଡି ସଢ଼ି ସତୀ ସଞ୍ଜ୍ଞା ହାରିଲେ ।
ପଣ ପଣ ଦାସୀ ସେବୁଥିଲେ ଆସି ଯାହାକୁ ଆହା ନକରିଲେ ।
ପକ୍ଷୀୟେ
ପରୋକ୍ଷେ ନିୟତି ରୀତିରେ
ପ୍ରତିବାଦ କରି ଚାଳିଲେ କାକଳି ଦ୍ରବ ହେଲା ବନ ଭୀତିରେ ।। ।୧।

Digitized by PPRACHIN, SOA

ପାଞ୍ଚ ପଞ୍ଚାୟତ ନିୟତି ସହିତ ସମରକୁ ହେଲେ ବାହାର ।
ପଟାଟୋପେ ସଜ ହୋଇ ତୃଣ ରାଜ କଙ୍କପତ୍ର କଲା ପ୍ରହାର ।
ପ୍ରଖରେ
ପକ୍ଷୀ ବାୟା ବସା ନିଷଙ୍ଗୁ,
ପଙ୍କ ଜିନୀ ବିହ୍ବ- ସଜାଡି ସମୂହ, ଅଳିଙ୍କୁ ରଣେ ପେଶି ସଙ୍ଗୁ ।। ।୨।
ପ୍ରଖର ନିଶ୍ୱାସ, ଶ୍ୱାସ’ ବାତପାଶ ବନର ପତର ନିଚୟେ ।
ପ୍ଳାବିତ ହୋଇଲେ ଲହରୀ କି? ଶୈଳେ ସ୍ତମ୍ଭନ ଦେଖି ମୃଗ ଚୟେ ।
ପଛକୁ
ପକାଇଣ ନେତ୍ର ଚକିତେ
ପଦ ନ’ ଚାଳନ୍ତି ଛାଡି ମନୁ ଭ୍ରାନ୍ତି ପଞ୍ଚାସ୍ୟ ଦେଖି ନିଶଙ୍କିତେ । ।୩।
ପଲ୍ଲବିତ ଲତା- ବୃନ୍ତ ତେଜି ମଥା ପୁଷ୍ପ ଛିଡି ଧରା ବକ୍ଷରେ ।
ପଡି ରଡି ଛାଡି ବାହାସ୍ଫଟ ମାରି ଯୁଝିବାକୁ ସୀତା ପକ୍ଷରେ ।
ପଦ୍ମେଶ
ପଦ୍ମାଳୟା ଦୁର୍ବିପାକରେ
ପରିତାପେ ମ୍ଳାନ କଲେ କି? ବଦନ ଲଜ୍ଜାଭରେ ପୁରେ ଶୋକରେ । ।୪।
ପଦ୍ମ ପଦ୍ମ ଶୀର୍ଣ୍ଣ ବାରିଦ ଆସିଣ ନିୟତି ଉପରେ ତର୍ଜନ ।
ପରଶି, ବରଷି- ବାକୁ ଜଳ ରାଶି ଚମକାଇ କଲେ ଗର୍ଜନ ।
ପରାସ୍ତେ
ପତନ ସତୀ ସୁସ୍ଥେ ଆଣି
ପରିଚାର ପରି ପରି ଚର୍ଯ୍ୟା କରି ଛିଞ୍ଚନ୍ତେ ବିନ୍ଦୁ ବିନ୍ଦୁ ପାଣି । ।୫।
ପରମ ସାଧବୀ ସେଥି ସଂଜ୍ଞା ଲଭି ସେ କଥା ଆଣିଣ କାବୁଙ୍କୁ ।
ପରିଶେଷେ ଶେଷ- ଦେବଙ୍କୁ, ବିଶେଷ ବୋଧନ୍ତି ‘କହିବ’ କାନ୍ତଙ୍କୁ ।
ପାପିନୀ
ପୋଷିତ କିପରି ହୋଇବ
ପ୍ରକାଶ୍ୟରେ ପତି ନକହନ୍ତି ଚିନ୍ତି ଦୁଃଖ ‘କି’ ନକରେ ଦଇବ । ।୬।
ପରଜା ରଞ୍ଜନ ବ୍ରତ ହେଉ ପୂର୍ଣ୍ଣ ରହିବି ବନେ ମୁଁ’ ସୁମତି ।
ପରିତୋଷ କର ସହ ଧର୍ମିଣୀର ଚରଣ ବିନା ନାହିଁ ଗତି ।
ପ୍ରବାଦେ
ପ୍ରତିକୂଳ ହେଲା ନିୟତି
ପୂର୍ବେ ତୁଣ୍ଡ ଶଙ୍କୁ ବାରିଣ ତୁମ୍ଭଙ୍କୁ ବିସର୍ଜ୍ଜୁ ବନେ, ଏହି ଗତି । ।୭।
ପ୍ରଭୁ ପାଦେ ରଖି- ଆଶା, ବନଜାକ୍ଷୀ ସ୍ମରିଣ ଧରିଲେ କାରଣ ।
ପାଷାଣ ହେବାକୁ କହୁ କହୁ ତାଙ୍କୁ ଲକ୍ଷ୍ମଣ, କରିଲେ ବାରଣ ।
ପାବକେ
ପଶୁ ‘ସେ’ ଦିନେ ନଦହିଛି
ପଶୁବତ ଚିନ୍ତା କରିବାଟା ବୃଥା ଆର୍ଯ୍ୟ ଧର୍ମ ଏହା ନୋହୁଛି । ।୮।

Digitized by PPRACHIN, SOA

ପୁଣ୍ୟଧର୍ମାର୍ଜନେ ପୂଣ୍ୟେବନାଶ୍ରମେ ପାଦ ସେବକୀ କରିହାର ।
ପୁଣ୍ୟତୀର୍ଥ ବୁଲି କେଉଁ ଭାବେ ଭୁଲି ଗଲେ ହୃଦୁ କଲେ ବାହାର ।
ପଲ୍ଲବ
ପୀଢ଼ାରେ ବସାଉ ନ ଥିଲେ
ପଲଙ୍କ ଅଙ୍କରେ ସଦା ନିଶଙ୍କରେ ବସାଇ ସୁଖୀ ହେଉଥିଲେ । ।୯।
ପିପାସା କ୍ଷୁଧାରେ ଆଣି ଦେଉଥିଲେ ଜଳ, ଫଳ କରେ ସ୍ନେହରେ ।
ପିତୃ ପିତାମହ ଜାଣିଏ' ଦୁଃସହ, ବାର୍ତ୍ତା ମଗ୍ନ ହେବେ କୋହରେ ।
ପ୍ରକୃତି
ପ୍ରତି ଶୋଧ କଲା ରଞ୍ଜନ
ପତ୍ନୀ କରି ନାଶ ରଘୁବଂଶ ଯଶ କଳଙ୍କ କରିବେ ଗଞ୍ଜନ । ।୧୦।
ପ୍ରଭୁ, ଗର୍ଭେ' ଗର୍ଭ- ଧାନୁ, ଯେ ସମ୍ଭବ ହୋଇବେ ବିଧିର ବିଧାନେ ।
ପାଳନା ଭକ୍ଷଣ ରକ୍ଷଣା ବେକ୍ଷଣ ପାଇଁ କି ଚିନ୍ତୁ ଥିବେ ମନେ ।
ପ୍ରସନ୍ନେ
ପୋଷିତ ଥିବେ କେତେ ଆଶା
ପ୍ରାଚୁର୍ଯ୍ୟରେ ଧନ କୋଳକୁ ମଣ୍ଡନ- କରିବ ବୃଥା ହେଲା, ତୃଷା । ।୧୧।
ପିତାଯାର ମହା ମହିମ 'ସେ' ଏହା ସହିବ ଧାତା ବିଧାନରେ ।
ପବି, ର ପ୍ରହାର ସହେ ଗିରିବର ସିନା ହତ ଆନ ଜନରେ ।
ପ୍ରଭୁତ
ପରଦୁଃଖେ ସଦା ଦୁଃଖିତ
ପ୍ରଦାନ ସନ୍ଦେଶ ଦେଉଥିବ କ୍ଲେଶ ଘାରୁଛି ଚିନ୍ତା କଲେ ମାଥ । ।୧୨।
ପର୍ଯ୍ୟଟନ ଦାସୀ ଏକ ସେଥୁ ଆସି ବୋଲଇ ମଠାଧୀଶ ଶୁଣ ।
ପରିତାପ କଥା ଘୁରିଯାଏ ମଥା ରୂପ ଗୁଣରେ ପରିପୂର୍ଣ୍ଣ ।
ପୁରୁଷେ
ପୃଥିବୀ ପୁତ୍ରୀ ଆଗେ ପୁଣି
ପ୍ରଣିପାତ ହେଲେ କି ସମ୍ବାଦ ଦେଲେ କାହ୍ନୁ ଅଛନ୍ତି ରାମରାଣୀ । ।୧୩।
ପଟ୍ଟ ବସ୍ତ୍ରଧାରୀ ମୁନି ଏହା ବାରି ନେବାପାଇଁ କ୍ଷଣେ ମଉନେ ।
ପତା ନିମିଳିତ କରିଣ ସମସ୍ତ ଜାଣିଲେ ଶ୍ରୀରାମ ଗଉଣେ ।
ପ୍ରଜାଙ୍କ
ପ୍ରସ୍ତାବେ ଉପେକ୍ଷା ପାଇଁକି
ପଠାଇଲେ ବନେ ଖବର' ସଘନେ ଦେବାକୁ ଉର୍ମିଳା ସାଇଁକି । ।୧୪।
ପଛେ ଘଛେ ମୁନି ବାହାରି' ହରିଣୀ ନୟନାଙ୍କ ପାଶେ ଗମିଲେ ।
ପିକ ଶୁକ କୁଳ ଆଦି ପ୍ରାଣୀମାଳ ମାଳ ଋଷି ସଙ୍ଗେ ଭ୍ରମିଲେ ।
ପାଶରେ
ପାଇ କରି ମୁନି ଅଧୀଶ
ପ୍ରବୋଧନା ଦେଇ କହନ୍ତି ବୁଝାଇ ଆସ ମା ଆଶ୍ରମକୁ ଆସ । ।୧୫।

Digitized by PPRACHIN, SOA

ପିତା ଓ ଶ୍ୱଶୁର ତୋର ସାଥି ମୋର ପିତାତୁ ସଂସାର କୁମଣି ।
ପରାଦୁଃଖ ନୋହି ମୋ ଆଶ୍ରମେ ରହି କାଳକୁ କାଟ ସିମନ୍ତିନୀ ।

ପଟୁତା

ପଣେ ପାରୁଛି ଦୁଃଖ ଜାଣି

ପତିଙ୍କ ବିରହ ଦୁଃଖ ମୋହ କୋହ ବହିଉଠାଉଛି ଉଜାଣି । ।୧୬।
ପରିଶେଷେ ଯତି ଆହୁରି କହନ୍ତି ଧୈର୍ଯ୍ୟ ଧରି ଶୁଭ ଭାରତୀ ।
ପରଂ ପରାମତେ ସୂର୍ଯ୍ୟବଂଶେ ଯେତେ କଷ୍ଟ ସହିଛନ୍ତି ଧରିତ୍ରୀ ।

ପରୋକ୍ଷ

ପରୀକ୍ଷା ଭାବନା ନକର

ପୂର୍ଣ୍ଣ ବାସେ ରାଣୀ ବୀର ପ୍ରସବିନୀ ହୁଅ ମା ଦେଉଅଛି ବର । ।୧୭।
ପଳିତ କୁନ୍ତଳ ମୁନିଙ୍କର ଗୀର ଶୁଣି ସୀତାସତୀ ଚଞ୍ଚଳେ ।
ପାଦ ଧୂଳି ନେଇ ମଥାରେ ଲଗାଇ ଅଶ୍ରୁକୁ ପୋଛିଲେ ଅଞ୍ଚଳେ ।

ପୂନଶ୍ଚ

ପବିତ୍ର ହୃଦୟେ ଦେବରେ

ପ୍ରଯତ୍ନେ ବିଦାୟ ଦେଇ ଶିବେ ଲୟ ଶୁଭ ମନାସିଲେ ଭାବରେ । ।୧୮।
ପ୍ରଶସ୍ତ ପ୍ରାଙ୍ଗଣ ମଧ୍ୟେ ରଘୁରାଣ ଏଣେ ଶୋକାତୁରେ ବିଷର୍ଣ୍ଣ ।
ପୂତରାଗୀ ରଥୀ ତଟରୁ ସୌମିତ୍ରି ଫେରନ୍ତି ମନ କରି ମ୍ଳାନ ।

ପିତୁଳା

ପରି ରାମ ସ୍ତବ୍ଧେ ରହନ୍ତି

ପରିଚାରଜନ ଦୁଃଖ ଦୂରେ ମ୍ଳାନ ବଦନେ ବୁଝାଇ କହନ୍ତି । ।୧୯।
ପବିତ୍ର ଲକ୍ଷ୍ମଣ ଜଣାକଲେ ଶୁଣ କୁଳଟା ଅପବାଦ ଧରି ।
ପରିତାପେ ବନେ ରହିଲେ ସଘନେ ଶ୍ରୀମୁଖ ଦର୍ଶନ ନକରି ।

ପ୍ରଜାଙ୍କ

ପ୍ରଚାର ଦୂରେ ରଘୁବଂଶି

ପୂତଗର୍ଭେ ସେବ୍ୟ ଗର୍ଭାଧାନ ଦେବ ଦିବ୍ୟ ପ୍ରମାଣ ରହିଅଛି । ।୨୦।
ପରିତ୍ୟକ୍ତ ହୋଇ ସେ ଯାଏଁ ବୈଦେହୀ କାଳକୁ କରିବେ ଯାପନ ।
ପବିତ୍ର ମାନସେ ଏ ଉଦନ୍ତ ପାଶେ ପଠାଇଛନ୍ତି ରଘୁନାନ ।

ପଚାରୁ

ପ୍ରକ୍ଷିପ୍ତେ ଯାହା ଯାହାସତୀ

ପ୍ରକାଶିଣ ଥିଲେ ସମସ୍ତ କହିଲେ ଦୁଃଖରେ ଉର୍ମିଳାଙ୍କ ପତି । ।୨୧।
ପଣ୍ଡିତ ସମାଜ ବୋଲନ୍ତି ହେ ବର୍ଯ୍ୟ ଜୀମୂତ ବିଦ୍ୟୁତ ଅନଳ ।
ପିଣ୍ଡ ପଛେ ଜାଳେ ପ୍ରଜାଙ୍କ ମଙ୍ଗଳେ ତଥାପି ଦାନ କରେ ଜଳ ।

ପାର୍ଥିବୀ

ପୃଥ୍ୱୀରେ ଭୋଗିଲେ ବି ସଜ୍ଜା

ପରମ ଆରାଧ୍ୟ ଦେବତୁଲ୍ୟ ଶୁଦ୍ଧ ବୃଧ ଯେ କରୁଥିବେ ପୂଜା । ।୨୨।

Digitized by PPRACHIN, SOA

ପଥ ଭ୍ରଷ୍ଟ ନଷ୍ଟ ହେଲେ ଦେବକଷ୍ଟ ରାଜା ଏ ଭୂମଣ୍ଡଳେ ଥିବ ।
ପ୍ରଜାରାଜତ୍ୱରେ ବନିସି ରଜ୍ଜୁରେ କଦନେ କାହିଁ ଗଲେ ଜୀବ ।
ପରମ
ପଦତା ହୋଇବ ସରବ
ପ୍ରିୟା ବଇଦେହୀ ବିରହରେ ରହି କର୍ମକିହେ ତ୍ୟାଗ କରିବ । ।୨୩।
ପୁନଃ ପୁନଃ ସୀତା କଥା କରି ଚିନ୍ତା ବୋଲନ୍ତି ଧୈର୍ଯ୍ୟେ ସୀତାଇଶ ।
ପ୍ରିୟା ସିନା ବନେ ମୋ ହୃଦେ ସଘନେ କରି ଅଛିତ ବସବାସ ।
ପରମ
ପଦଚିନ୍ତି ନିଶି ଦିବସ
ପରିବ୍ରାଜ ଦୟା- ନିଧି ହୃଦେ ଦୟା- ନିଧିଙ୍କି ଚିନ୍ତି କରେ ଶେଷ । ।୨୪।

ସୀତାଙ୍କ ପ୍ରବୋଧନେ ବାଲ୍ମୀକି ନଳଦମୟନ୍ତୀଙ୍କ ଚରିତ ପ୍ରକାଶ ଲବଣାସୁର ବଧ ଶତ୍ରୁଘ୍ନ ଚ୍ୟବନ ଋଷିଙ୍କ ସହିତ ଗମନ

ରାଗ - ନଳିନୀଗୌଡା ୨୨ ଅକ୍ଷର **'ବ'** ଅନୁପ୍ରାସ

ଛାନ୍ଦ - ୭

ବସବୁଧଜନେ କଷଶୁଦ୍ଧ ମନେ ଶୁଣିଗୁଣିଜ୍ଞାନେ ରାମାୟଣ ।
ବଶ ହୋଇ ଦିନେ ଉମାଙ୍କୁ ଭୁବନେ କହନ୍ତି ଯା ଧ୍ୟାନେ ପଞ୍ଚାନନ । ।୧।
ବୀର ରାମକୃତୀ ଚିନ୍ତି ଚିନ୍ତି ଯତି ନଳ ଦମୟନ୍ତୀ- ଙ୍କର କଥା ।
ବିଶ୍ଳେଷଣ କରି ଦୁଃଖ ନେବେ ହରି ବୋଲିସ୍ଥିର କରି ମୁନିମଥା । ।୨।
ବୋଲନ୍ତି ତପନ ବଂଶେବୀରସେନ ନିଷେଧବନ୍ଦନ ଧରାପତି ।
ବୀରଙ୍କର ବାଳ ବେନି ବଡନଳ ସାନ ଯେ ପୁଷ୍କର ନାମ ଖ୍ୟାତି । ।୩।
ବିଦର୍ଭ ନୃପର କନ୍ୟା ଦମୟନ୍ତୀ ବରୁଥରେ ପତି- ରୂପେ ନଳେ ।
ବାସବ ବରୁଣ ବାୟୁ ଜନ୍ତୁରାଣ ମନ୍ଦ ଆଚରିଣ କୁତୁ ହଳେ । ।୪।
ବସିଥିଲେ ପଥେ ଦ୍ୱାପର ସହିତେ କଳିଯୁଗ ରଥେ ଭେଟି କରି ।
ବିଧିମତେ ସ୍ୱୟଂ- ବର କଥାଚୟ ଶୁଣିଯେ ଅଥୟ କୋପେ ଥରି । ।୫।
ବୋଇଲେ ମାନବୀ ହୋଇ ଏଡେ ଗର୍ବୀ ନହୋଇଲା ଭାବି ସୁର ଆଳୀ ।
ବରଣ ନକରି ସୁରେ, ନରେ ବରି ସାରି ଦେଲାଶିରୀ ବୋଲି କାଳୀ । ।୬।
ବେଳ ଉଣ୍ଡିବଳ ପ୍ରୟୋଗିଣ ଖଳ କାନ୍ତେ ପଶାଖେଳ କରାଇବା ।
ବନେ ଯିବାପାଇଁ ପୀତକୁ କରାଇ ରାଜ ଶିରୀଚ୍ୟୁତ ହରାଇବା । ।୭।
ବିଚାରି ତାସ୍ଥିର ସେକଳି ଦ୍ୱାପର କଳି ଖୋଜୁଥାନ୍ତି ଛେଦ ଭେଦ ।
ବହିଲା ଦ୍ୱାଦଶ- ବର୍ଷ ନରଈଶ ଦିନେ କର୍ମ ବଶେ ଧୋଉଁ ପାଦ । ।୮।
ବିକୃତରେ ଚନ୍ଦା ରହୁପଦେ ଫନ୍ଦା ବଢ଼ାଇଣ ଧନ୍ଦା ଦେହେ ପଶି ।
ବାସକରି ଶୁଦ୍ଧି ପଶାଖେଳ ସିଦ୍ଧି କରିଲେ ଅବଧି ବୁଦ୍ଧି ଧ୍ୱଂସି । ।୯।

Digitized by PPRACHIN, SOA

ବିଷାଦରେ ମୂଢ଼ ପରିନୃପ ପୀଢ଼ କରି ପ୍ରକାଗତ ରାଜ କୋଷ ।
ବିସ୍ତାରିତେ ପଶା କାଠି ଫିଙ୍ଗୁଦଶା ଘୋଟିଗଲା ବସା ହାରି ମୋସ ।।୧୦।
ବିମାତା କୈକେୟୀ ମୁଖେ ବାଣୀ ରହି ବନକୁ ପଠାଇ ଦେବା ପରି ।
ବିଧାନରେ ଭାଇ ମୁଖେ କଳି ରହି ବନକୁ ପଠାଇ ଶିରୀହରି । ।୧୧।
ବସନ ଭୂଷଣ କାଢ଼ି ହୀନିମାନ କରି ପୁଣମନ ତୋଷ ନୋହୁ ।
ବନେ ବୁଲାଇଣ ଭକ୍ଷେ ଫଳପାନ ଜଳ ଆନମାନ କରି ସେହୁ । ।୧୨।
ବିହଙ୍ଗମ ରୂପେ ଆସିଣ ସମୀପେ ବସୁ ନଳ ଚାପେ କରାୟତେ ।
ବସନ ଫୋପାଡ଼ି ଯାଉ ପାଶେ ଉଡି ଗଲେ ପକ୍ଷୀଯୋଡି ଧରି ବସ୍ତ୍ରେ । ।୧୩।
ବିବସ୍ତ୍ର ନୃପତି ଦେଖି ଦମୟନ୍ତୀ ଚାଳି ନ ପାରନ୍ତି ଲଜ୍ଜାବଶେ ।
ବାସୁ ଅଧେ ଦେଇ ଛନ୍ଦା ଛନ୍ଦି ହୋଇ ଜଳ ଦେଖୁ ଯାଇ ତୃଷାନାଶେ ।।୧୪।
ବିଚାର କରନ୍ତି ନଳ ସେଥି ସତୀ ସେବିବେ ବା?ପତି କେତେବାଳ ।
ବାପଘରେ ଯାଇ କାଳକୁ କଟାଇ ପାରିଲେ ମୋ ପାଇଁ ହେବ ଭଲ । ।୧୫।
ବୋଇଲେ ସେ କଥା ସତୀ ମନେ ବ୍ୟଥା ଦେବ ହେବ ଚିନ୍ତା ଭୟଙ୍କର ।
ବିଚାରକୁ କଳି କଳି ହୋଇ ଛୁରୀ ପତୁଆଗେ ବଳି ଧରିକର । ।୧୬।
ବଞ୍ଚକ ପରାୟ ବସ୍ତ୍ର କାଟି ଭୟ ମନେ ଦେଇ ଲୟ ତରତର ।
ବିକଳେ କହନ୍ତି ଆହେ ପଶୁପତି ମୋର ଦମୟନ୍ତୀ ଦୁଃଖ ହର । ।୧୭।
ବିରହେ ମୋହର ପ୍ରାଣନାରୀବର ନହାରୁ ଏତିକି କାର୍ଯ୍ୟକର ।
ବିଶ୍ୱାସ ଘାତକ ଆର୍ଯ୍ୟ ମୋର ଲୋକ ମୁଖେ ନିନ୍ଦା ହେଉ ଦିଅବର । ।୧୮।
ବ୍ୟାଘ୍ର ଗଣ୍ଡା ହସ୍ତୀ ସ୍ୱନେ ଦମୟନ୍ତୀ ଭୀତା ନିଦ୍ରାବତୀ ଗଲେ ଦୂରେ ।
ବାସ ବଚ୍ଛେଦନ- ବିଲୋକି,ହା'ପ୍ରାଣ ନାଥବୋଲି ପୁଣ ଡାକି ଖରେ ।।୧୯।
ବିଚେତା ହୋଇଲେ କେତେକାଳପରେ ତୁମେ ଅଶୋକରେ ଥିବାପରି ।
ବୃକ୍ଷତଳେ ଶଶି- ମୁଖି ଦୁଃଖ ଆସି ମହୀ ଚିରୁ ବସି ସର୍ପେବାରି । ।୨୦।
ବିସ୍ତାରିଣ ତୁଣ୍ଡ ବଢ଼ାଇଲା ପିଣ୍ଡ ଗିଳିବାକୁ ମୁଣ୍ଡ ଖରତରେ ।
ବ୍ୟାଧ ଏକ ସେହି କାଳେ ଆସି ତହିଁ ଶରପେଶି ଅହି ନାଶକରେ । ।୨୧।
ବଧୂପାଇଁ ଚିନ୍ତି- କହୁ' ଦମୟନ୍ତୀ ଶାପେ ଜଳ ଭୂତି ହୋଇଗଲା ।
ବ୍ୟସ୍ତେ ଦମୟନ୍ତୀ ସେବନ୍ତୁ ଗମନ୍ତି ପଥେ ଭୁଗୁକ୍ଷତି ଦେଖାହେଲା ।।୨୨।
ବୋଇଲେ ସେ ମନ୍ଦ ଗଲାଣି ନ କାନ୍ଦ କଲେ ଯୁଗ ଛନ୍ଦ ରହ ଧୈର୍ଯ୍ୟେ ।
ବାଣିଜ୍ୟ ନିମନ୍ତେ ଏହି କାଳେ ପଥେ ଯାଉଥିଲେ କେତେ ଚୈବିଗର୍ଯ୍ୟେ ।।୨୩।
ବୈଦର୍ଭୀଙ୍କୁ ସଙ୍ଗେ ନେବାକୁ ପ୍ରସଙ୍ଗେ କହୁ ଋଷି ସଙ୍ଗେ ଗଲେ ନେଇ ।
ବିଧିରେ ସେ ରାଜ ମହିଳା ସମାଜ ହସ୍ତେ ରଖି ଓଜ ଗଲେଦେଇ ।।୨୪।
ବନେ ଏଣେ ନଳ ଦେଖନ୍ତି ଅନଳ ଜାଳେ ପରବଳ ବନମାଳ ।
ବିଭୀତ କଣ୍ଠରେ ଡାକେକେ ଆର୍ତ୍ତରେ ବାରମ୍ବାର ଆଣ୍ଡେ ରଖନଳ । ।୨୫।
ବିପନ୍ନ ଜନର ଶରଣରେ ବୀର ଯାଉଖରତର ଦେଖିଆଗେ ।
ବିଳେଶୟ ପଡି ଛାଡୁ ଅଛି ରଡି ଅଗ୍ନି ଯାଉ ବେଢ଼ି ଚାରି ଦିଗେ ।୨୬।

Digitized by PPRACHIN, SOA

ବହ୍ନି ଶାନ୍ତି ମନ୍ତ୍ର ପଢ଼ନ୍ତେ ତୁରିତ ନଳ,ଅଗ୍ନିଶାନ୍ତ ହେଲେ ଯାଇ ।
ବନ ପାଦଦେଶେ ଛାଡୁଜନ୍ମ ଦୋଷେ ନଳଙ୍କୁ ରଭସେ ଧ୍ୱଂସେଅହି ।।୨୭।
ବିରୂପ କରିଲା ବୀରସେନ ବଳା ବୋଲନ୍ତି କି ହେଲା ଏକି ହେଲା ।
ବିଷଧର ଜାଣି ରକ୍ଷାକରୁ ଆଣି ବହି କନ୍ଧେ ପୁଣି ରୂପ ଗଲା । ।୨୮।
ବୋଲେ କର୍କୋଟକ ନାଗହେବି ବେକ ଶେଖର ଏ ବାକ୍ୟ କହନାହିଁ ।
ବିବର୍ଣ୍ଣ ଶରୀର ହେବ ଉପକାର ପ୍ରତି ଉପକାର ସର୍ଜିଛଇଁ । ।୨୯।
ବାହକ ବହନ ହୋଇ ଋତୁପର୍ଣ୍ଣ ରାଜ୍ୟରେ ଗୋପନ କରିଅଙ୍ଗ ।
ବଞ୍ଚିବ ନଚିନ୍ତ ହେବ ରାଜ୍ୟ ପ୍ରାପ୍ତ ଯେବେ ଦମୟନ୍ତୀ ହେବ ସଙ୍ଗ ।।୩୦।
ବହୁ ଏ ସ୍ୱରୂପ ପାଇବ ହେ ଭୂପ ଦମୟନ୍ତୀ ରୂପ ଚିହ୍ନାପାଇଁ ।
ବାନ୍ଧିବ କର୍ପଟି ଶିରେ ରଖ ତୁଟି ମଧ୍ୟେ ସ୍ୱରୂପଟି ହେବତହିଁ । ।୩୧।
ବାପଘରେ ଦମ- ୟନ୍ତୀ ଏଣେ ଧର୍ମ କାର୍ଯ୍ୟ କରୁ କର୍ମ- ରବିପାକେ ।
ବଳେ ଗଲେ ଚଳି ସେ ଦ୍ୱାପର କଳି ହାରମାନି ଛଳି ସୁରଲୋକେ ।।୩୨।
ବିଦର୍ଭ ସନ୍ତତି ଦମୟନ୍ତୀ ପତି ଭେଟ ପାଇଁଚିନ୍ତି ସ୍ୱୟମ୍ବରେ ।
ବିରଚି ଖବର ଦେଉ ନଳବୀର ଗଲେ ବହୁଦୂର ଦିନକରେ । ।୩୩।
ବିଦର୍ଭେ ମିଳିଲେ ପୁତ୍ର କନ୍ୟାତୁଲେ ଦମୟନ୍ତୀ ହେଲେ ଭେଟ ଆସି ।
ବିଶେଷ ମିଳନ ସେହି ପରିମାନ ହେବ ତୋର ଧନ କହେ ଋଷି । ।୩୪।
ବହୁ ଦୁଃଖ ସହ ରଖିଛନ୍ତି ଦେହ ତୁମ୍ଭ ବଂଶେ ଅହ- ର୍ନିଶି କେତେ ।
ବିକଳେ ନହୁଅ ଉଦରରେ ପୁଅ ନିସ୍ତେଜକୁ ଲୟ ଦିଅଚିତ୍ତେ । ।୩୫।
ବସନ ଭୂଷଣ ତେଜି ପଦ୍ମାସନ ପରେ ବସିଦିନ ସାରି ସୀତା ।
ବିଭୁଙ୍କୁ ସୁମରି ଗର୍ଭେଗର୍ଭଭାରୀ ଦେହ ସୁକୁମାରୀ ବଢ଼େ ଚିନ୍ତା ।।୩୬।
ବଶିଷ୍ଠ ଗଣନ କରି ବଧୂମାନ- ଙ୍କର ସୀମନ୍ତ ନ- ୟନ କର୍ମ ।
ବାସେ କଲେ ଯତି ସେ କର୍ମ କରାନ୍ତି ଆଶ୍ରମରେ ଚିନ୍ତି କୁଳ ଧର୍ମ । ।୩୭।
ବଢ଼େ ଦିନୁ ଦିନ ଭୃଗୁଙ୍କ ନନ୍ଦନ ଚ୍ୟବନ ଘେନିଣ ମୁନିଗଣ ।
ବିଜେ କୋଶଳକୁ ଧରି ପୂର୍ବଶଙ୍କୁ ବିଲୋକି ତାହାଙ୍କୁ ରଘୁରାଣ । ।୩୮।
ବିଭାବସୁ ସୁତ କରିଣ କୃତାର୍ଥ ହେବ ମନୋରଥ ପୂର୍ଣ୍ଣ ହେବ ।
ବୋଲନ୍ତି ପ୍ରଣମି ଆହେ ପୂଜ୍ୟମୁନି ଆଗମର ବାଣୀ କହସର୍ବ । ।୩୯।
ବୋଲନ୍ତି ଚ୍ୟବନ ଶୁଣ ରଘୁନାନ ଦୈତ୍ୟ ଦଶାନନ ଠାରୁ ବଳୀ ।
ବାମଦେବ ଶୂଳ- ଧରିଣ ଅସୁର ଲବଣ ଦଣ୍ଡୁ ଯେ ଆସୁଭାଳି । ।୪୦।
ବିଦ୍ୟୁତ କେଶାଂଶ ସୁମାଳି ରାକ୍ଷସ ଯେବେ ଲଙ୍କା ବାସ କରିଥିଲା ।
ବଡତା ସୁମୁଖୀ- କନ୍ୟା କୁମ୍ଭ ନଖୀ ମଧୁ ଦୈତ୍ୟ ଦେଖି ବିଭାଦେଲା ।୪୧।
ବିଷ୍ଣୁ ଦ୍ରୋହୀ ହୋଇ ଲଙ୍କାଛାଡ଼ି ଦେଇ ନିକଷାଦି ନେଇ ପାତାଳରେ ।
ବାସ କରୁ କାଳେ କୁମ୍ଭନଖୀ କୋଳେ ସୁତେ ହେଉବଳେ ଆସିଖରେ ।।୪୨।
ବସି ପାଳି ଧର୍ମ ସାରିଜାତ କର୍ମ ଲବଣତା ନାମ ଦେଇ ରଥେ ।
ବସି ଛାଡ଼ି ଶଙ୍କା ଦେଖିବାକୁ ଲଙ୍କା ଗଲତା ଆଶଙ୍କା ହେଲା ପଥେ ।।୪୩।

Digitized by PPRACHIN, SOA

ବିଶ୍ରବା ତପସ୍ୱୀ ତପକରି ବସି ଛନ୍ତି ନଉକେଶୀ ତାଙ୍କୁ ଦେଉ ।
ବିଂଶକର ଆଦି ହୋଇହେଲେବାଦୀ ଜାଣି ଦାଉସାଧି ଏବୁ ସେହୁ । ।୪୪।
ବି କ୍ଷୋଭେ ଆଗତ ଯେଉଁ ଭାବେ ହତ ହେବ ସେ ତୁରିତ କରତାହା ।
ବଧିଛ ରାବଣ ବଧ ଏ ଲବଣ ଅସୁର ଦୁର୍ଜନ ହୋଇସାହା ।।୪୫।
ବୋଲନ୍ତି ଭରତ ମାରିବାକୁ ଦୈତ୍ୟ କରାନ୍ତୁ ନିଯୁକ୍ତ ମୋତେ ଭାଇ ।
ବିରସ ବଦନେ ଶତ୍ରୁଘନ ଘନେ କହନ୍ତି ଯତନେ ରାମେଚାହିଁ ।।୪୬।
ବନକୁ ଲକ୍ଷ୍ମଣ ନେଲଭ୍ରତବନ ମଧ୍ୟରୁ ଫେରିବା ନନ୍ଦିଗ୍ରାମେ ।
ବସିରାଜ୍ୟ ପାଳି ଛନ୍ତି ମୋତେ ଭାଳି ପଠାନ୍ତୁ ମୋ ଅଳି ରଖିଧର୍ମେ । ।୪୭।
ବୀରଚାପଧାରୀ ତାହା ଶୁଣିକରି ବୋଇଲେ ତିଆରି ହୁଏ ଶଙ୍କା ।
ବାମ ଦେବ ଶୂଳ ଧରି ସେ ପ୍ରବଳ ବଳୀ ବାଳି ବଳ- ଠୁ ଅଧିକା । ।୪୮।
ବୀରକେ ତାସରି ନାହିଁ ମୁନି ଭାଳି କହନ୍ତି ବାଉଳି ନୁହଁ କିଛି ।
ବିଷ୍ଣୁ ମଧୁ କୈଟ ବଧ ପାଇଁ ସୃଷ୍ଟ କରିଶର ଶ୍ରେଷ୍ଠ ଦେଉଅଛି । ।୪୯।
ବୈଶ୍ରବଣ ରଣେ ବିନ୍ଦିନିତ ତୂଣେ ଅଛି ନେଇରଣେ ରକ୍ଷନାଶ ।
ବୋଲୁତା ଚ୍ୟବନ ସଙ୍ଗେ ଶତ୍ରୁଘନ ନେଇ ଗଲେ ବନ ଛାନ୍ଦ ଶେଷ ।।୫୦।

ରାମଙ୍କ ଦକ୍ଷିଣନୟନ କମ୍ପମାନ ଚାରିଭାଇଙ୍କର ଆଠପୁତ୍ର ଜାତ ଉତ୍ସବ ପାଳନ

ରାଗ-ନ ପୋଇ(୨୩ ଅକ୍ଷର) **'ଧ'** ଅନୁପ୍ରାସ

ଛାନ୍ଦ-୮

ଧୀରେ ଧୀରେ ଭାଳି ଘେନହେ କରାଳୀ ପଚାରୀଲେ ଶୂଳୀ- ଙ୍କୁ ପୋତି ମଥା ।
ଧରାସୁତା ଅନ୍ତ ସତ୍ୱାରେ ବନସ୍ତ ମଧ୍ୟେ ଥିଲେ ହେଲେ ସୁତକି ? ସୁତା । ।୧।
ଧୂରିଣ ଭରତ ଆଦିଙ୍କର ସୁତ- ସୁତା କଥା ଶୁଣି ବାଙ୍କୁମୋ ସ୍ନେହ ।
ଧର୍ମପତ୍ନୀହାରି ପୁରେ ଚାପଧାରୀ ରହିଲେ କିପରି ସେ କଥା କୁହ । ।୨।
ଧୂର୍ଜଟୀ ବୋଲନ୍ତି ଧନ୍ୟ ଧନ୍ୟ ସତୀ ଧନ୍ୟ ତୁମ୍ଭ ମତି ପବିତ୍ର ଗାଥା ।
ଧର୍ମରୁ ଶ୍ରବଣ- କରୁସୁଧୀଜନ କରିଣ ଶ୍ରବଣ ହରାନ୍ତୁ ବ୍ୟଥା । ।୩।
ଧରାଧର ପରେ ବାଲ୍ମୀକି କୁଟୀରେ ଅନୁକମ୍ପାସ୍ଥିରେ ଦୁହିତା ପରି ।
ଧରା ସୁତାମନ ତୋଷରେ ସ୍ନାହାନ ମାର୍ଜନ ଭୋଜନ କରାନ୍ତି ଧରି । ।୪।
ଧର୍ମ ରଖି ରଷି ନନ୍ଦିନୀ ଯେ ବସି ଚଉପାଶେ ଖୁସି କରିବା ଆସେ ।
ଧରି ସୀତା କର ଗୁନ୍ଥା ପୁଷ୍ପ ହାର ସୁନ୍ଧା କରିଶିର ପରେକେଖୋଷେ । ।୫।
ଧୌର୍ଯ୍ୟେ ସୁକୁମାରୀ ଅଯୋଧ୍ୟା ପାଶୋରି ଗର୍ଭକଷ୍ଟ ବାରି ବେଳକୁ ବେଳ ।
ଧନ୍ୱନ୍ତରି ବାକ୍ୟେ କୁଶେକ ଉଦକେ ମନ୍ତ୍ରଲେ ନିଦକେ ମୁନି ଶାର୍ଦ୍ଦୁଳ । ।୬।
ଧରନ୍ତେ ଉଦର ରଷି ପତ୍ନୀ ଖର ଶୂଳ ବାରମ୍ବାର ଆସୁ ବିକଳେ ।
ଧରଣୀ ଦୁହିତା କଷ୍ଟେ କରୁଚିନ୍ତା ସୁତ ଏକ ସୀତା ପ୍ରସବ କଲେ । ।୭।

Digitized by PPRACHIN, SOA

ଧୈର୍ଯ୍ୟ ହାରି ପୁଣି ପୁଣି ରାମରାଣୀ ଭୂମିଗତ ଜାଣି ପୂର୍ବର ସୃଷ୍ଟି ।
ଧେନୁ ପୁଚ୍ଛ ଜଳେ ବୁଡାଇଣ ଦେଲେ ମନ୍ତ୍ରକରି କାରି ନାଶେକୁ ଦୃଷ୍ଟି । ।୮।
ଧରିତ୍ରୀ ମଣ୍ଡନ କଳେ ଭଲେ ଜନ୍ମ ହେଲେ ରଘୁରାଣ- ଙ୍କର ନନ୍ଦନେ ।
ଧାଇ ଧାଇଁ ଆସି କହିଲା ବିଶେଷି ଶୁଣି ହେଲେ ଖୁସି ତାପସ ଗଣେ । ।୯।
ଧର୍ମ ଚିହ୍ନ ପର- ବଳ, ଦୁର୍ବାଦଳ ସର୍ବାଙ୍ଗ ସୁନ୍ଦର ରାମ ମୂରତି ।
ଧରାକୁ ମଣ୍ଡିଲେ ନଭେଚନ୍ଦ୍ର ତୁଲ୍ୟେ ମୁଖଚନ୍ଦ୍ର ଶୋଭା ବିଛୁରେଜ୍ୟୋତି । ।୧୦।
ଧରାପତି ରାମ ଦକ୍ଷିଣ ନୟନ ହେଉ କମ୍ପମାନ ଗୁରୁଙ୍କ ପାଶେ ।
ଧୈର୍ଯେ ସୀତାକଥା କରୁଥିଲେ ଚିନ୍ତା ଧାଇ ଧାଇଁ ବାର୍ତ୍ତା ଦେଲା ରଭସେ ।।୧୧।
ଧରାପତି ସର୍ବ ବଧୂଏ ପ୍ରସବ ହେବା ପରି ଭାବ ସୂଚିତ ହୁଏ ।
ଧରାବି ମଣ୍ଡନ ପାଇଁକି ନନ୍ଦନ ସୁ ପ୍ରସବେ ମନ ଦିଅନ୍ତୁ ଥୟେ । ।୧୨।
ଧୀରେ ବିଧିସୁତ ବଶିଷ୍ଠ ଗୁପତ କଥା ଶୁଣି ମନ୍ତ୍ର କରିଣ ଜଳ ।
ଧ୍ୟାନେ ଦେଉଧାଇ ପିଆଇଲେ ନେଇ କଷ୍ଟକୁ ନ ସହି ହୋଇ ବିକଳ । ।୧୩।
ଧୀରେନ୍ଦ୍ର ନବାରି- ନିଶି ବିପ୍ରବରି କୋଠାଘର ବାରି ସହିତେ ଘନେ ।
ଧେନୁ ଆଣିଦେଲେ ଅନ୍ନବସ୍ତ୍ର ତୁଲେ ମୁଦୁସୁଲୀ ବୋଲେ ଆସିସ ଘନେ । ।୧୪।
ଧନଦ ହେ ଭ୍ରତ ଆଦିଙ୍କର ସୁତ ବେନି ବେନି ଜାତ କ୍ରମେ ଏକ୍ଷଣି ।
ଧର୍ମ କାଳ ଲେଖି ରଖିଥାନ୍ତୁ ଦେଖି ଜନ୍ମ ପତ୍ରେ ସାକ୍ଷୀ ହେବ ସେ ପୁଣି ।।୧୫।
ଧନୁର୍ଦ୍ଧାରୀଙ୍କର ଆଦେଶେ ବଜାର କମ୍ପି ଥର ଥର ହେଲା ବାଜାରେ ।
ଧର୍ମାଳୟେ ଖଞ୍ଜା ପୂଜା ପାଇଁ ରାଜା ଖଜା ରାଜାଘରୁ ନେଲେ ହଜାରେ ।।୧୬।
ଧ୍ୱନିକରିଖଣ୍ଡି ବକୁରିଷ୍ଟ ଉଣ୍ଡି ହୋଇଲେ ପାଦାଣ୍ଡି ଲଣ୍ଡା ପଣ୍ଡି'ତ ।
ଧଣ୍ଡା ମଣ୍ଡି ଚଣ୍ଡି ମନ୍ଦିରରେ ରୁଣ୍ଡି ଭୂତ ହେଲେ ଚଣ୍ଡୀ ପାଠେ ପଣ୍ଡିତେ ।।୧୭।
ଧାତା ସୁତ କରେ କୋଷ୍ଠୀକାଟି ଖରେ କହିଲେ ଆଗରେ କରକୁ ଗଣି ।
ଧାରାଶିରାବଣ ପ୍ରଥମଚରଣ ଅନ୍ତ ଦୁଇଦିନ ଅର୍ଦ୍ଧଯାମିନୀ । ।୧୮।
ଧର୍ମ କୀର୍ତ୍ତି ବନ୍ତ ବିବେକୀ ହେବେତ ଏ ମାସରେ ସୁତ ହୋଇଲେ ଜାତ ।
ଧରି ବେଳ କାଳ ତେଣେ ତପଶୀଳ ବାଲମୀକି ଫଳ କରନ୍ତି ଖ୍ୟାତ । ।୧୯।
ଧନ୍ୱୀ ଶତ୍ରୁଘନ ସେ ନିଶି ଯାଇଣ ବାଲ୍ମୀକି ଆଶ୍ରମେ ଯେ ରହିଥିଲେ ।
ଧରାସୁତାଙ୍କର ଯମଜ କୁମାର ହେବା ଶୁଣି ବୀର ଦେଖିଣ ଗଲେ ।।୨୦।
ଧୁରୀଣତପସ୍ୱୀ ଚିନ୍ତା କଲେ ବସି ସଉମିତ୍ରୀ ଆସି କହିଯା ଦୃଢ଼େ ।
ଧରା ସୁତା ପତି କଥା ଛାଡି ସତୀ ଯାଇଥିଲେ ଚିନ୍ତି ଲେ ଦୁଃଖ ବଢ଼େ ।।୨୧।
ଧରି ଯେଉଁ ନାମ ରଚିଲି ପୁରାଣ ସେହି ମ୍ଳାନ ପୁଣ୍ୟରୁ ହେଲେ ସୁତ ।
ଧୁରୀଣ ସେ ଅନ୍ତ- ର୍ଯ୍ୟାମି ଅନ୍ତର୍ଗତ କଥା ଜାଣନ୍ତିନି କଲେ ଗୁପତ । ।୨୨।
ଧୁର୍ତ୍ତଗଣେ ଗଣା ହେବି ଯିବି ଜଣା କରିବି ପାଉଣା ମୋ ଲୋଡ଼ା ନାହିଁ ।
ଧ୍ୟାନେ ମନ ଯାନ ଆରୋହୀ ଗଗନ ମଣ୍ଡି ତପୋଧନ ପ୍ରବେଶ ଯାଇ । ।୨୩।
ଧର୍ମ ଅବତାର ରାମ ନମସ୍କାର କରିଣ ପୟର ପଖାଳି ଦେଲେ ।
ଧାତିକାରେ ଆଣି ଦିବ୍ୟାସନେ ଗୁଣି ଗଣାଗ୍ରଣି,ଙ୍କୁ ବସାଇଲେ । ।୨୪।

Digitized by PPRACHIN, SOA

ଧର୍ମ ଅନୁରାଗେ ନପଚାରୁ ଆଗେ କହନ୍ତି ସରାଗେ ବାଲ୍ମୀକି ଯତି ।
ଧର୍ମ ଅବତାର ଧର୍ମ ପତ୍ନୀଙ୍କର ଯମଜ କୁମର ହୋଇ ଅଛନ୍ତି । ।୨୫।
ଧର୍ମ ଅନୁଯାୟୀ ବାର୍ତ୍ତା ଦେବା ପାଇଁ ଆସିଥିଲି ଧାଇଁ ଏକି? ଉତ୍ସବ ।
ଧରାରେ ହେଉଛି ଶୁଣି ରଘୁ ବଂଶି କର୍ମେ କରି ଛି ଛି କହିଲେ ସର୍ବ । ।୨୬।
ଧରାସୁତା, ସୁତ ହେବା ରଘୁନାଥ ଶ୍ରବଣ କୃତାର୍ଥ କରୁ ଖୁସିରେ ।
ଧର୍ମିଷ୍ଠେ ବ୍ୟକତ କଲେ ତିନି ଭ୍ରାତ ଙ୍କର ଦି, ଦି ସୁତ ହେଲେ ନିଶିରେ ।।୨୭।
ଧରା ବକ୍ଷେ ଦିନେ ଜାତ ଏକ ସ୍ଥାନେ ବିଭା ଏକ ଦିନେ ହୋଇ ଯେ ଥିଲା ।
ଧର୍ମେକାଲି ରାତ୍ର କ୍ରମେ ଅଷ୍ଟ ପୁତ୍ର ହେଲେ ଅପୁତ୍ରିକତ ଦୋଷ କଟିଲା । ।୨୮।
ଧର୍ମ ଅନୁରଣ ସୁମିତ୍ରା ଏ ବାର୍ତ୍ତା ଶୁଣି ପୋତି ମଥା ଦୁରେ ସଂଦେହ ।
ଧ୍ୱନିତ କରନ୍ତି ସତେ ମହାମତି ପୁତ୍ର ବତୀ ସୀତା ସତୀକି ? କହେ ।।୨୯।
ଧରାସୁତା ପକ୍ଷେ ଏହି ଧରା ବକ୍ଷେ ପିତା ହେତୁ ସୁଖେ ତୁମ୍ଭେ ତାହାର ।
ଧର୍ମ ରକ୍ଷା କିର ସହିଲ ଆର୍ଦ୍ଦୋଳି ନଡରି ସୁବାହା ଦେଲସତ୍ୱର । ।୩୦।
ଧନ୍ୟବାଦ ନେଇ ଗଲେତପୀ ସାଇଁ ଭାବଗ୍ରାହୀ ତହିଁ ଭାବନ୍ତି ମନେ ।
ଧାର୍ମିକ ପ୍ରବର ବିଭାଣ୍ଡକେ ଗୀର ପ୍ରମାଣ ନିକର ହେଲା ସ୍ଥାନେ । ।୩୧।
ଧନୁର୍ଧାରୀ ଶତ୍ରୁ- ଘନ ଆଗେ ଶତ୍ରୁ ଯେ ଲବଣ ଯାତୁ ଧାନେ ବଧିବେ ।
ଧ୍ୱର୍ଜଟୀକୁ ସ୍ମରୀ ଏଛାନ୍ଦ ଏପରି ଦେଉ ଅଛିସାରି ଶୁଣନ୍ତୁ ସର୍ବେ । ।୩୨।

ଲବଣାସୁର ବଧ

ରାଗ-ସାନ ଭୂପାଳ (୨୪ ଅକ୍ଷର) ଆଦ୍ୟଯମକ

ଛାନ୍ଦ - ୯

ଶୁଣ'' ଶୁଣ ଗୁଣବାନ ଧୀରେ ଏ ଆଖ୍ୟାନ ଶୁଦ୍ଧସ୍ପୁତେ ଦିନେ ପଞ୍ଚାନନ ।
କର'' କରଦନା ଜଣା ଶୁଣା ନିବେଦନା କରୁ କହି ଯେଉଁ ରାମାୟଣ । ।୧।
ମାନ'' ମାନବିକ ପଣ ରଖି ଶତ୍ରୁଘନ ଯାଉଁ ସେ ଚ୍ୟବନ ପଥେକହି ।
ଲବ'' ଲବଣ ଅସୁର ବଳେ ବଳୀ ବୀର ଶୂଳେ ସେ ସଂସାର ପାରେ ଦହି ।।୨।
ପୂର୍ବେ''ପୂର୍ବବଂଶେକିନା ତୁମର ଯୁବନା ଶ୍ୱର ରାଜ ପୁତ୍ର ମାନଧାତା ।
ବାସ'' ବାସବରଅଧି- କାର କରିବିଧି ମତେ କି କହିବା ଆନ କଥା। ।୩।
ବିହି'' ବିହିତରେ ବଳେ ସଂସାର ମଧ୍ୟରେ ବୀର ବୋଲି କାରେ ନରଖିଲେ ।
ବସି'' ବସି ସୁନାସୀର ମନ୍ଦ ପାଞ୍ଚିସ୍ଥିର କଲା ମାନଧାତା ଆଗେବୋଲେ।୪।
ଶୁଣ'' ଶୁଣବୀରବର ମଥୁରାନଗର ଅଧୀଶ୍ୱର ମଧୁ ନାମତାର ।
ବଳେ''ବଳେ ବଳିଆର ପାଇଶିବ ଶୂଳ ସୁତତାର ଲବ- ଣ ଅସୁର । ।୫।
ମାନ୍ୟ'' ମାନ୍ୟ ନୋହେସେହି ନବଖଣ୍ଡ ମହୀ ମଧ୍ୟରେ କାହାକୁ ଲବେ ପୁଣ ।
ମାନ୍ୟ''ମାନଧାତା ଶୁଣି ସୁରପତି ବାଣୀ ଯାଇଣ ତାପୁରେ ମାଗି ରଣ । ।୬।
ଶୂଳ'' ଶୂଳ ପାଣି ଦତ୍ତ ଧରିଣ ଦଇତ ଭସ୍ମକଲା ରାଜା ଦି ସଇନ ।
ଜୀବ'' ଜୀବ ହାରିପଡି- ବାରୁ ଭୟେରଡି ଗଲେ ଆଉ ପୁଣ ଯାହାଥିଲେ ।।୭।

Digitized by PPRACHIN, SOA

ଗୁରୁ ବାଲ୍ମୀକିଙ୍କ ଆଗରେ ଲବକୁଶଙ୍କର ରାମାୟଣ ପଠନ

Digitized by PPRACHIN, SOA

ଲବ-କୁଶଙ୍କୁ ମାତା ସୀତାଙ୍କ ଧନୁର୍ବିଦ୍ୟା ଶିକ୍ଷା

Digitized by PPRACHIN, SOA

ଜୀବ'' ଜୀବତ୍ଦେଲେ ଲୟ କରଇ ଅଥୟ ମନେହୁଏ ଭୟ ସଞ୍ଚରିତ ।
ଶତ'' ଶତବଳୀ ଭାଳି ନପାରିବେ କଳି ସେ ଶୂଳ କରିଲେ ବିଚ୍ଛୁରିତ । ।୮।
ଘନ'' ଘନ ଶ୍ୱାସେ ଛନ୍ନ ଛନ୍ନ ଶତ୍ରୁଘନ ଶତ୍ରୁଘ୍ନ ନିମନ୍ତେ କଲେ ସ୍ଥିର ।
ଶିବ'' ଶିବ ବଳଶୂଳ ହସ୍ତ ଗତ ଖଳ ନକରୁଣୁ କରିବା ସମର । ।୯।
କହି'' କହି ଏହିପରି ଯାଇବୀରା ଧାରୀ ସାନୁଜ ଆବୋରି ଗିରିଦରୀ ।
ରତ'' ରତ ପ୍ରଭାକର ଲବଣ ଅସୁର କ୍ରୋଧେ ପ୍ରକାଶଇ ବନୁଫେରି ।।୧୦।
ମାର'' ମାର ଛାରନର ଆବୋରିଛି ଦ୍ୱାର ଜାଣିନି ମୋହର କରାମତି ।
ଜର'' ଜର ଦୈତ୍ୟଗୀରେ ହୋଇ ସୁକୀର୍ତ୍ତିରେ ଜୟେ ଶ୍ରୁତ କୀର୍ତ୍ତୀ- ଙ୍କର ପତି ।୧୧।
ବନ୍ଦି'' ସନ୍ଧି ଅଭିପ୍ରେତ ରାମଚନ୍ଦ୍ରଦତ୍ତ ଶରକୁ ପ୍ରଦତ୍ତ କରୁଗଲା ।
ହର'' ହରଏ ଦୁସ୍ତର ସାଗରରୁ ପାର କର ବୋଲୁ ଦୈତ୍ୟ ଜୀବନେଲା ।୧୨।
ବୃନ୍ଦ'' ବୃନ୍ଦ ବୃନ୍ଦାରକ କରକୁ କୋରକ କରି ସୁମନେ ସୁ- ମନେ ବନ୍ଦି ।
ପୁଣି'' ପୁଣି ଶତ୍ରୁଘନ ଶିରରେ ବର୍ଷଣ କଲେ ପୁଷ୍ପ କହେ ଦୟାନିଧି ।।୧୩।

ରାମ ଲକ୍ଷ୍ମଣ ଭରତ ଶତ୍ରୁଘନଙ୍କର ପୁତ୍ରମାନଙ୍କ ନାମକରଣ

ରାଗ - ଦୀର୍ଘ କାମୋଦୀ (୨୫ ଅକ୍ଷର)

ଛାନ୍ଦ - ୧୦

ରସି ରସିକବର ଧୀରେ ଶ୍ରବଣକର ଏ ରାମରସସାର ପରି କାହିଁ ।
ନାହିଁ ସଂସାରମଧ୍ୟେ ଭବ ଭବାନୀ ବୋଧେ କହିଥିଲେ ଯାଆଦ୍ୟେ ରାମଧ୍ୟାଇ । ୧
ଧରା ସୁତା ବାଲ୍ମୀକ ଆଶ୍ରମେ ପୁତ୍ର ମୁଖ ଦେଖି ଉପେକ୍ଷି ଦୁଃଖ ଦିନ ନେଲେ ।
କୁଳ ଧର୍ମକୁ ସ୍ମରି ବାଲ୍ମୀକ ତପଚାରୀ କୁଶ ଓ ଲବ ବୋଲି ନାମଦେଲେ । ୨
କୁଶ ଅଭି ମନ୍ତ୍ରିତ ଜଳ ପାନରୁ ଜାତ ହେବାରୁ କଲେ ଖ୍ୟାତ ଜ୍ୟେଷ୍ଠ କୁଶ ।
ଗୋଲେମେ ଲବ କହି ତାମନ୍ତ୍ର ଜଳପିଇ ଜାତ ଯେ ଲବ ସେହି କରକାଶ । ୩
କଳାକର ବଢ଼ିଲା ପରି ବଢ଼ନ୍ତି ବଳା ଅଯୋଧ୍ୟାରେ ପୁତୁରା ମାନଙ୍କର ।
ଜାତ କର୍ମ ବିଧାନ କରନ୍ତୁ ରଘୁନାନ ଲୋଡ଼ି ସ୍ୱଗୋତ୍ର ଜନ ବିପ୍ରବର । ୪
ଗୁରୁ ବଶିଷ୍ଠ ଆସି ନାମକୁ ଦେଲେ ରାଶି ନକ୍ଷତ୍ର ଗଣି ବସି ଯଥା ଧର୍ମେ ।
ଭରତଙ୍କ ଦୁଲାଳ ନାମ ତକ୍ଷ ପୁଷ୍କଳ, ସୁମିତ୍ରା ସୁତ ବାଳ ନାମ କ୍ରମେ । ୫
ଅଙ୍ଗଦ ଚନ୍ଦ୍ର କେତୁ ଦେଇ କହନ୍ତି ହେତୁ ରଖ ରଖ ଏ ଶତ୍ରୁ- ଘନଙ୍କର ।
ସୁତ ନାମ ବିଦିତ ସୁବହୁ ବହୁ ଶ୍ରୁତ ତିନିଙ୍କର ଛ ପୁତ୍ର ଏ ପ୍ରକାର । ୬
ତେଣେ ବନ କନ୍ଦର କରୁଥାନ୍ତି ସୁନ୍ଦର ସେ ନୀଳ ଇନ୍ଦିବର ତନୁ ଦୁଇ ।
ବାଲ୍ମୀକି ମହାମନା ମଙ୍ଗଳକୁ କାମନା କରି ବୋଲନ୍ତି ଧନ୍ୟା ବଇଦେହୀ । ୭
ଦୁଇପୁତ୍ର ରତନ- ପାଳ କରି ଯତନ ଦୁଃଖ ହେବ ପତନ ଅଙ୍କେ ଶୌର୍ଯ୍ୟେ ।
ଶୁଣି ରାମ ଘରଣୀ ଭାର ଉଶ୍ୱାସ ମଣି ବନ୍ଦି ମୁନି ଅଗ୍ରଣୀ ପଦାମ୍ବଜେ । ୮

Digitized by PPRACHIN, SOA

କ୍ରମେ ଶିଶୁ ବଦନ ବଢ଼ି ଶୋଭା ସଦନ, ଖଜୁରିଲା ରଦନ ଦଶମାସେ ।
ସ୍ନାନେ ସୀତା ଅନ୍ତର ହେଲେ ପାଶୁ ସତ୍ୱର ଆସନ୍ତି ଜରଜର ନୀରବାସେ । ୯
କୋଳେ ଲୋଡ଼ି କ୍ରନ୍ଦନ କଲେ କେବେ ନନ୍ଦନ ବଢ଼େ ସୀତା ବନ୍ଧନ ଧରୁ ଆସି ।
ହସି ହସି ହସାଇ ଦେଉଥାନ୍ତି ଭସାଇ ଋଷି କନ୍ୟା ତୋଷାଇ କୋଳୁଖସି ।୧୦
ଗାଇବା ପରି ବୀଣା ଆଦ୍ୟେ ମୃଦୁ ରଚନା କରନ୍ତି ଖନା ଖନା ସ୍ୱରେ ମାମା ।
ସ୍ଥିରେ ଧରଣୀ ତଳେ ବସି ଉଠି ଚପଳେ ଚାଲନ୍ତି କୁତୁହଳେ ଲଂଘି ସୀମା ।୧୧
ଭାବୁଥାନ୍ତି ସନ୍ତତ ସୀତା ଏ ସୁଖ କାନ୍ତ- ନ ଦେଖିଲ ବିଗତ ହେବ ଜୀବ ।
ନଥିଲା କେବେ ମନେ ପରିତ୍ୟକ୍ତ ଲପନେ ଶୁଭେ ହାସ୍ୟ ସ୍ଥପନେ,ଅଙ୍କୁରିବେ । ୧୨
ଯଥା କାଳରେ ଯତି ଚୂଡ଼ା କର୍ମରେ ମତି ଦେଲେ ବେନି ସନ୍ତତି ଅଳ୍ପ ଦିନେ ।
ବେଦାଦି ଷଡ ଶାସ୍ତ୍ର କରିନେଲେ ଆୟତ୍ତ ତେଣେ ସେ ରଘୁସୁତ ମନମ୍ଳାନେ ।୧୩
ନ ଜାଣନ୍ତି ଏକଥା ଦିନକୁ ଦିନ ବ୍ୟଥା ବଢ଼ଇ ପଢ଼ା ଚିନ୍ତା, କରି କରି ।
ରହିଲେ ଦୟାନିଧି କହେ ଘେନ ସୁବୁଦ୍ଧି ବର୍ଗ ହୋଇବ ବୃଦ୍ଧି ଯଶଶିରି । ୧୪

ଅଶ୍ୱମେଧ ଯାଗର ଉଦ୍ଦେଶ୍ୟ ଓ ସ୍ୱର୍ଣ୍ଣ ସୀତା ଦ୍ୱିତୀୟ ପତ୍ନୀ ପ୍ରମାଣ

ରାଗ-ବରାଡି (ଆଦ୍ୟ ୨ ପାଦ ୨୬ ଅକ୍ଷର)

ଛାନ୍ଦ - ୧୧

ଏ ଉତ୍ତାରୁ ଶୁଣ ଧୀରେ ବିଚାର କରି ବିଧିରେ- ରାମ ସୁଖଦାୟୀ ସୀତାକଥା ।
ପୁରତରେ ନିରତରେ ଇତର ପରି କାତରେ ଗୁଣି ଗୁଣି ଭରମାଇ ମଥା ।
ସେ ରାଜକାର୍ଯ୍ୟ
ସମ୍ପାଦନ ପାଇଁ ସିଂହାସନେ ।
ନ ଆସନ୍ତି ପରିଷଦ ପାରିଷଦ ହାରି ମୋଦ, ଉପଲବ୍ଧି କରୁଥାନ୍ତି ଜ୍ଞାନେ ।୧।
କେ କରି ଅନୁଶୀଳନ ପ୍ରକାଶନ୍ତି ଦଶାନନ ହତେ ବ୍ରହ୍ମହତ୍ୟା ଦୋଷେ ଦେଶେ ।
ଘୋଟି ଯେ ନାନା ଅରିଷ୍ଟି ରାଜ ସୌଧେ ହୋଇ ବୃଷ୍ଟି ସୀତାଙ୍କୁ ପୃଥକ କଲା ରୋଷେ ।
ସେ ଅବିଚାରେ
ବିନା ଦୋଷେ, ସର୍ଜିବାରୁ ଦଣ୍ଡ ।
ତାହାର ପ୍ରତାପ ଫଳେ, ଦିବସ ନିଶି ବିକଳେ ସଢ଼ି ହେଉଛନ୍ତି ଖଣ୍ଡ ଖଣ୍ଡ । ।୨।
କଲେ କେଉଁ ପ୍ରତିକାର, ରାମ ମନ ହେବ ସ୍ଥିର, ଅରିଷ୍ଟି ଯିବ ଦେଶର ଅବା ।
ବୋଲନ୍ତି ସୁମନ୍ତ ମନ୍ତ୍ରୀ, ରିଷ୍ଟ ହେବା ପାଇଁ ଶାନ୍ତି ଦଶାଶ୍ୱ ଯଜ୍ଞକୁ କରାଇବା ।
ସେ ଯାଗେ କର୍ତ୍ତା
ରାମଙ୍କୁ କରିଲେ ପାପ ଦୂରେ ।
ଉତ୍ସବ ସମୟ ଲୟ- ହେଉଜେ ଦିନ ବିଳୟ ହେବ ପୂଜା ଧ୍ୱଜା ଆହୁତିରେ ।।୩।

Digitized by PPRACHIN, SOA



ଅଯୋଧ୍ୟା ଦରବାରେ ସୁବର୍ଣ୍ଣ ସୀତା

Digitized by PPRACHIN, SOA

ଶୁଣି ବୋଲନ୍ତି ଯାବାଳି ପ୍ରକାଶିଲ ଯାହା ଭାଳି, ଶୁଣ ତା ପ୍ରତି ବନ୍ଧକ କଥା !
ଯଜ୍ଞେ ଶ୍ରାଦ୍ଧେ ଦାନ ସ୍ଥାନେ ସ୍ତିରୀ ଲୋଡା ସୀତା ବନେ- ଯଜ୍ଞକୁ କରିବା ହେବା ବୃଥା ।
ତା ସମାଧାନେ
ସ୍ଥିରୀକୃତ କରନ୍ତୁ ଉପାୟ ।
କଶ୍ୟପ ବୋଲନ୍ତି ତହିଁ ଚିନ୍ତା କରିବାର ନାହିଁ ଦିଅ ସର୍ବେ ଦିବ୍ୟଜ୍ଞାନେ ଲୟ ।।୪।
କର୍ତ୍ତା ଽଭାବେ ବିପ୍ରକୁଳ ଆସନେ ଗୁଆଚାଉଳ ରଖି ଯାଗାଦି କରନ୍ତି ଥୟ ।
ଶାଳଗ୍ରାମ ଆସନରେ, ବସାଇ ପିତୃ ଶ୍ରାଦ୍ଧରେ ଶ୍ରାଦ୍ଧ କରନ୍ତି ପଣ୍ଡିତ ଚୟ ।
ଏ ଯଜ୍ଞ କାର୍ଯ୍ୟେ ।
ସ୍ତିରୀ ଅଭାବ ପୂରଣ ପାଇଁ ।
ସ୍ତିରୀଏ କରାଇ ସ୍ୱର୍ଣ୍ଣେ, ପ୍ରାଣ ପ୍ରତିଷ୍ଠା କରଣେ, ବଶିଷ୍ଠଙ୍କୁ ଆଣିବା ଡକାଇ ! ।୫।
ସଭାରେ ହେଉ ସ୍ୱୀକୃତ ସ୍ୱର୍ଣ୍ଣକାରେ ଡାକି ଭ୍ରତ, ଦେଲେ ମୂର୍ତ୍ତି ମୂର୍ତ୍ତି ମନ୍ତେ ସୁନା ।
ସେ ସ୍ଥାନେ ରାମ'ପୁରୋଧା' ଦେବାକୁ ନଥିଲେ ବାଧା ଅନ୍ୟ ପ୍ରସଙ୍ଗ ଶୁଣ ସୁମନା ।
ସେ ମାସ ପରେ
ଋଷ୍ୟଶୃଙ୍ଗ ଯଜ୍ଞୁ ଗୁରୁ ଆସି ।
ଧୋବା ଧୋବଣୀ ଘଟଣା, ଶୁଣି ବିହି ବିଡମ୍ବନାବୋଲି ଦୁଃଖେ ସଭା ମଧ୍ୟେ ବସି । ।୬।
ସ୍ୱର୍ଣ୍ଣ ନେଇ ସ୍ୱର୍ଣ୍ଣକାର, ପୁରେ କରଇ ବିଚାର, ରାମ ରଜା ଯାଗ କାର୍ଯ୍ୟ ଫଳେ ।
ସ୍ତିରୀ ଲୋଡା ପତ୍ନୀମୂର୍ତ୍ତି ଗଢ଼ିବାକୁ କହିଛନ୍ତି ସିନା କାହାପରି ନ କହିଲେ ।
ମୁଁ ରାଜମାତା
ସତୀ ସୀତାଙ୍କର ପ୍ରତିମୂର୍ତ୍ତି
ଗଢ଼ି ରସାଣ କରାଇ ନେବି ଦେଖି ଭାବଗ୍ରାହୀ- ବିତ୍ତ ଦେଇ କରାଇବେ ଶାନ୍ତି ।।୭।
କ୍ରମେ ଯାଉ କେତେ ଦିନ କୁଳଗୁରୁ ସଙ୍ଗେ ରାମ ସଭା କରୁଥିଲେ ଧରି ଭ୍ରାତା ।
ସ୍ୱର୍ଣ୍ଣକାର ଏହି କାଳେ ଅକସ୍ମାତେ ସଭାପରେ ଉଭାକଲା ନେଇ ସ୍ୱର୍ଣ୍ଣ ସୀତା ।
ସେ ମୂର୍ତ୍ତିମନ୍ତ
ସୀତାରୂପ ଦେଖି ରଘୁପତି ।
ବିହ୍ୱଳେ ପଡନ୍ତି ଭାଳି ପୂର୍ବ କୃତ କର୍ମ ହେଜି ଗୁରୁପୁଚ୍ଛୁ ସଚିବ କହନ୍ତି । ।୮।
ବ୍ରାହ୍ମଣ ରାବଣ ମାରି- ବ୍ରହ୍ମ ହତ୍ୟା ଦୋଷେ ଘାରି ହେଉଛନ୍ତି ରାଜ ମହାଭାଗ ।
ରାଜ ସଭା କଲା ସ୍ଥିର- ବ୍ରହ୍ମ ହତ୍ୟା ଦୋଷ ଦୂର ପାଇଁ କରାଯିବ ମହା ଯାଗ ।
ତା ସ୍ତିରୀ ବିନା
ହେବା ସମ୍ଭବ ନ ହେବ ବାରି ।
କହୁ କରି ଆଲୋଚନା- ସେଇଥିଲେ ଡାକି ସୁନା କରାଇବା ପାଇଁ ସ୍ୱର୍ଣ୍ଣ ସ୍ତିରୀ । ।୯।
ଜାଣି ରକ୍ଷା କରି ମାନ ସ୍ୱର୍ଣ୍ଣକାରେ ଦେଇ ମନ, ନିର୍ବାସିତା ସୀତାଙ୍କ ଗୌରବ ।
ବିବୃଦ୍ଧିରେ ସୀତାମୂର୍ତ୍ତି କରି ଆଣିଛନ୍ତି ଚିନ୍ତି ବିଭା ବିନା ଦାଶରଥି ସର୍ବ ।
ଯେ କାର୍ଯ୍ୟ ଯାଗେ
ଲୋଡା କରିବେ ବିଧିରେ ତହିଁ ।
ହେବ ଅଯୋଧା ଐଶ୍ୱର୍ଯ୍ୟ ଯିବ ଗ୍ରହ ପୀଡା ଧୈର୍ଯ୍ୟ ଧରି କାର୍ଯ୍ୟ ମାନ କଲେ ରହି ।।୧୦।

Digitized by PPRACHIN, SOA

ଆପଣ ତା ନିଷ୍ଠା ଭାବେ ପ୍ରାଣ ପ୍ରତିଷ୍ଠା କରିବେ, ଘେନିଣ ତା ଯାଗେ ରାମଚନ୍ଦ୍ର ।
ଯିବାପାଇଁ ଋଷି ମାନ, ଯାଗ କରିବେ ସମ୍ପୂର୍ଣ୍ଣ ବୋଲନ୍ତି ବଶିଷ୍ଠ ହେବ ମନ୍ଦ ।
ସେ କରଣୀୟ
ନୁହେଁ କିପରି କରିବି ସ୍ନେହ ।
ଏ ସଭା ବିଚାରେ ସ୍ତ୍ରୀରି ଅଭାବ ଯେ ପୂର୍ଣ୍ଣକରି ସ୍ନେହି କି ଦ୍ୱିତୀୟ ସ୍ତିରୀ ନୁହେଁ ।।୧୧।
ଯଜ୍ଞେ ଘେନି ବାଳୁ ସୀତା କରିଲେ ପ୍ରାଣ ପ୍ରତିଷ୍ଠା ରାମ ଏକ ପତ୍ନୀ ବ୍ରତ ଯିବ ।
କି' କହିବେ ବୁଧକୂଳେ, ଶୁଣିଣ ବିପ୍ରେ ବ୍ୟାକୁଳେ, ଆରମ୍ଭ କଲେ ବଚସା ଯବ ।
ସେ କୁଳଗୁରୁ
ବଶିଷ୍ଠ ବିପକ୍ଷେ ମେଳଧରି ।
କହୁଥାନ୍ତି ନାନା କଥା- ଖାଦ୍ୟ ବସ୍ତ୍ର ମିଳିଥାନ୍ତା, ତୋଷ ହୋଇଥାନ୍ତେ ଦାନବାରି। ୧୨।
ଭୃଗ୍ରୀବାଣ,ବାକ୍ୟେ ବାଣ କଳହରେ ରଘୁରାଣ ଗୁରୁଙ୍କୁ ବୋଲନ୍ତି ମର୍ମାହତେ ।
ଆଶୀର୍ବାଦେ ବିପ୍ରକୁଳ, ଯାହା କହନ୍ତି କି ଛଳ ଭକ୍ତି ତାହା ପ୍ରମାଣ ଏ ମର୍ତ୍ତ୍ୟେ ।
ମୁଁ ଚିନ୍ତାଜନେ ।
ବୁଢେ ଶୁଣି 'କଳି' ମୁଣ୍ଡ ଭ୍ରମ
ଆପଣ ଅଗ୍ନିଙ୍କ ଆଗେ, କହିଥିଲେ ଧନୁ ଯାଗେ, ଅର୍ଦ୍ଧାଙ୍ଗୀନୀ ଆଳୁସୀତା ରାମ । ।୧୩।
ଜନକ ଯେମାଙ୍କୁ ପୁଣି, କହିଥିଲେ ସେହି ବାଣୀ, ଏବେ ତାହା ନ କରନ୍ତି ଚିନ୍ତା ।
ବେନି ବେନିଙ୍କ ହୃଦୟ ମନ୍ଦିରରେ ଅବକ୍ଷୟେ ନୋହି ଅଛୁ ଏ କନ୍ଦଳ ବୃଥା ।
ସେ କାଳୁ ଆମ୍ଭେ
ବଚନ ତୁମ୍ଭର ଇଷ୍ଟ ମଣି ।
ପାଳନ କରିଛି ବ୍ରତ ଖାଇବାରୁ ପ୍ରଜା ବିତ ସୀତାବନେ ନଆଣିଛି ଗୁଣି ।।୧୪।
ସୀତା ରହିଲେ କାନନେ ମୋ ନେତ୍ର ହୃଦୟ ବନେ ଅଛନ୍ତି କନ୍ଦଳ ହେବା ବୃଥା ।
ଗୁଣି ଗୁଣା ଗ୍ରଣୀ ହୋଇ ବାଣୀ ଶୁଣି ଏହି ଛାଇ କଥା ପାଇଁ କର ଚିନ୍ତା ।
ସେ ଯଜ୍ଞ ପାଇଁ
ସ୍ୱର୍ଣ୍ଣ ସୀତା କିଛି ଲୋଡା ନାହିଁ ।
ବୈଦେହୀ ଯେଣୁ ହୃଦରେ ରହିଛନ୍ତି ନିରନ୍ତରେ ଧୃଷ୍ଟତା ହୋଇବ ତାହା କାହିଁ ।।୧୫।
ରାମଙ୍କ ଭାବ ରହସ୍ୟ- ଶୁଣି ସଭା ହେଲା ବଶ ହରଙ୍କୁ ପୁଛନ୍ତି ଶୁଣି ଗୌରୀ ।
ସେ ସ୍ୱର୍ଣ୍ଣ ସୀତା ନିର୍ମାଣ କାରୀ କଥା କିମ୍ବା ପୂର୍ଣ୍ଣ ନ କରିଲେ ଏହି ଚାପଧାରୀ ।
ସେ' ଭକ୍ତଙ୍କର
ସୁମନ, ମାନସ' ବରଦାୟୀ
ବୋଲି କିପରି କହିବା ବୁଝାଇ ଦିଅନ୍ତୁ ସେବା କାରିଣୀଙ୍କୁ ପ୍ରଭୁ ଦୟାବହି ।।୧୬।
ହସି ହସି ପଞ୍ଚାନନ କରନ୍ତି ସେଥି ବ୍ୟାଖାନ ଶୁଣ ସ୍ୱର୍ଣ୍ଣ ସୀତା ବିବରଣ ।
ନଦୀ ନାବେ ସୁରାସୁରୀ ସରଜୁ ମନେ ବିଚାରି, ତା ଗର୍ଭରେ କରିଲେ ଅର୍ପଣ ।
ଶ୍ରୀରାମଙ୍କର
ଏ ଯୁଗରେ ଏକା ପ୍ରିୟାସୀତା
ଦ୍ୱାପର ଯୁଗରେ ଭାବି କ୍ଷୀର ସାଗରୁ ସମ୍ଭବି ହେବେ ସେହି ବୃଷଭାନୁ ସୁତ ।।୧୭।

Digitized by PPRACHIN, SOA

ମୂର୍ତ୍ତି ନିର୍ମାଣ ବିଧାତା, ରାମ କୋଳ ପାଇଚିନ୍ତା କରି ନଥିବାରୁ ଅପ୍ରାକୃତ ।
ପ୍ରେମ ରାଧାକୃଷ୍ଣ ମୂର୍ତ୍ତି ମିଳନେ ରଖିବେ ଧୃତି ସୀତା, ରୁକ୍ମିଣୀ' ରୂପେ ଆଗତ ।
ସେବିପ୍ରବର
ପଠାଇ ଆଣିବେ ଲୋଡ଼ିକରି ।
ପୂଜା ପାଇଁ ଯାଉ ଚଣ୍ଡୀ, ମାର୍ଗୁ ନେବେ ରଥେ ଉଣ୍ଡି ଏହି ରାମ'କୃଷ୍ଣ ରୂପ ଧରି ।।୧୮।
ଶୁଣିଲେ ଗୁଣିକ ଗଣ, ସ୍ୱର୍ଣ୍ଣସୀତା ବିବରଣ ପରେ, ବିପ୍ରପୁତ୍ରେ ଜୀବଦାନ ।
ଦିଆଇ ସେ ରଘୁଶିଷ, କରୁଯାଗ, ଲବକୁଶ- ଆସି ପଢ଼ିବେ ଯେ ରାମାୟଣ ।
ସେ ପଦ୍ମପାଦ
ରାମଙ୍କର କରୁଣା ବାରିଧି ।
ସେବାକର ସୁଧୀବର୍ଗ, ହେବ ଭବ ଅପବର୍ଗ ରାମ ବନ୍ଦି କହେ ଦୟାନିଧି ।।୧୯।

ମାସ ପାରାୟଣ ୨୯ ବିଶ୍ରାମ

ମୃତ, ବ୍ରାହ୍ମଣ ପୁତ୍ର ଜୀବିତ

ରାଗ-ସିନ୍ଧୁକାମୋଦୀ (୨୭ ଅକ୍ଷର) **'ବ'** ଅନୁପ୍ରାସ

ଛାନ୍ଦ -୧୨

ବିଶ୍ରବା ନନ୍ଦନ ଗତି- ମୁକ୍ତି ଦାତା ସୀତାପତି ନାମ ସେ ମଦେଶ ଚିନ୍ତି ଭୋଳେଯେ ।
ବୋଲୁଛନ୍ତି ରାମାୟଣ ବିବୁଧେ ଡେରି ଶ୍ରବଣ ଏକ ମନେ ଘେନ' କର୍ଣ୍ଣବିଳେଯେ । ।୧।
ବସିଥିଲେ ସିଂହାସନେ ଘେନି ମନ୍ତ୍ରୀ,ଗୁରୁଦିନେ ଶ୍ରୀରାମଚନ୍ଦ ବ୍ରାହ୍ମଣ ଜଣେ ଯେ ।
ବୋଲେ ମୃତ ଶିଶୁଧରି ବିରସେ ରୋଦନକରି ଏ'ମଲା ତୁମ୍ଭ ପାପରୁ ଜାଣେ ଯେ ।।୨।
ବସୁଧା ଅବସ୍ଥା ବଡ- ଶୋଚନୀୟ ହେଲା,ଗଡ' ଦଶରଥ ଲଭାନ୍ତେ ମ- ରଣ ଯେ ।
ବ୍ରାହ୍ମଣ ବକ୍ତବ୍ୟ ଶୁଣି ଲଜ୍ଜାବଶେ ରଘୁମଣି କଳିଲେ ଏ ଅକାଳ ମ- ରଣ ଯେ । ।୩।
ବିବସ୍ୱାନ ବଂଶୀନୃପ ଆସନେ ନଥିଲା କୋପ ଶାନ୍ତ କର ମୁହୂର୍ତ୍ତକ ପରେ ଯେ ।
ବିସ୍ତାର କଲେ ବଚନ ଦୁଃଖ ହେବାକୁ ମୋଚନ ରହ, ଯାଉଛି ସମନ ପୁରେ ଯେ । ।୪।
ବିଧାନ କରି ଉଚିତେ ଦଣ୍ଡ ଶିଘ୍ର ସମୁଚିତେ କାର୍ଯ୍ୟକରି ଫେରିବି ଏ- ଠାରେ ଯେ ।
ବିମାନରେ ବସି ଯାତ୍ରା-କରୁ,ଜାଣି ତା ଦେବତା ବିହାୟଃସୁ ଶୁଣାଇଲେ ଖରେ ଯେ । ।୫।
ବୀରହେ ଅସଦାଚାର ଘଟୁ,ଘଟେ ଯମପୁର ନଯାଇ ନିରାକରଣ କର ଯେ ।
ବ୍ରାହ୍ମଣ ପୁତ୍ର ତାଙ୍କଲେ ପଡ଼ିଛି ଯମ କବଳେ . ପାଇବ ଜୀବନ ରଘୁ- ବୀର ଯେ । ।୬।
ବୃନ୍ଦାରକ ବାଣୀ ଶୁଣି ଅନୁସନ୍ଧାନେ ଭ୍ରମଣି କଲେ,ଦେଖିଲେ ବଣରେ ଜଣେ ଯେ ।
ବୃକ୍ଷ ଶାଖା ପରୁଝୁଲି- ନତ ମୁଖେ ଅଗ୍ନିଜାଳି ତପସ୍ୟ କରଇ ଧୂମ ପାନେ ଯେ ।।୭।
ବୁଝିବା ପାଇଁ ତାନାମ, କାମ,ସ୍ୱଜାତି'ଶ୍ରୀରାମ ଡାକୁବୋଲେସେତପୀ ସ-ହସା ଯେ ।
ବୀର ମୋ ନାମ ଶମ୍ବୁକ ଜାତି,ଶୁଦ୍ର ସ୍ୱର୍ଗ ଲୋକ ଯିବାକୁ ଏଥି କରେ ତ- ପସ୍ୟା ଯେ ।।୮।
ବିଧାନିଲେ ଚାପଧାରୀ ତପସ୍ୟାର ଅଧିକାରୀ ନୁହଁ ତୁମେ ଏ ଅବିଧି କରୁ ଯେ ।
ବଞ୍ଚକ ବିଷ ପରାୟ, ପାପ ଘୋଟି ହେଲାଲୟ ବିପ୍ରକୁମର ଏ କାର ଣରୁ ଯେ । ।୯।

Digitized by PPRACHIN, SOA

ବୋଲନ୍ତି ପୁଣି ଶ୍ରୀରାମ, କ୍ଷତ୍ରୀ, ବୈଶ୍ୟ, ଶୁଦ୍ର ଧର୍ମନୁହେଁ ଜପ,ତପ,ବିକ୍ରି କର୍ମ ଯେ ।
ବିଚାର ବିନା ତାମସ- ତପୁ ହୁଏ ସର୍ବନାଶ ବିରତ ହୁଅ ହୋଇବ ଧର୍ମ ଯେ ।।୧୦।
ବୋଲେ ସେ ଶମ୍ବୁକ ତପୀ, ମନେ ମୋ ଅଛି ସଙ୍କଳ୍ପି ତୁମ୍ଭ ହସ୍ତେ ବା'ତପର ଫଳେ ଯେ ।
ବୈକୁଣ୍ଠ ପୁରକୁ ଯିବି ମନରେ ଆନ ନଭାବି କୃପାଣେ ଛେଦ ଏ ଶୁଭ କାଳେ ଯେ ।।୧୧।
ବାରଣ,ତାରଣ କାରୀ- ଚକ୍ରରେ ନକ୍ର ଉଦ୍ଧାରି ଥିବା ପରି ଛେଦିଭକ୍ତ- ମଥା ଯେ ।
ବିପ୍ର ପୁତ୍ରେ ଜୀବଦାନ କରିଲେ ସିନା ବନ୍ଦନ- କଥା ନୁହେଁ ବୋଲି ଲଭି ବ୍ୟଥା ଯେ ।।୧୨।
ବାରା ନିଧି,ଚଳୁକାରୀ ପିତା ସେହିକାଳେ ଧରି ବାରାନିଧି ଦତ୍ତ ବଳୁ- ବନ୍ଧ ଯେ ।
ବୀରରାମେ ଦେଉ କରେ ବାନ୍ଧି ସେ ବିଚାର କଲେ ବେଳୁ ବେଳ ପାପ ହୁଏ ସାନ୍ଦ୍ର ଯେ ।।୧୩।
ବର୍ତ୍ତମାନ ବାସସ୍ଥାନ ଛାଡି ଯାଗ ଅନୁଷ୍ଠାନ କରାଇବା ଗୁରୁଙ୍କୁ ପ- ଚାରି ଯେ ।
ବଧପାପେ କେଉଁଯାଗ କରାଯିବ ବୁଝି,ଆଗ- ଛାନ୍ଦେ ରାମ ହେବେପଥ ଚାରୀ ଯେ ।୧୪।
ବନ୍ଦି ଜାନକୀ ବିଳାସ କହେ ଦୟାନିଧି ଦାଶ ସ୍ନେହେଘେନାକରସୁଧୀ ଜନ ଯେ ।
ବିପଦ ହୋଇବ ଦୂର ନଯିବ ଅନ୍ତକ ପୁର ଭୋଗ ହେବଅମରଭୁ- ବନ ଯେ ।।୧୫।

ଲବକୁଶଙ୍କ ହସ୍ତେ, ରାମ ସହିତ ଚାରିଭାଇ ଓ ସେନା ସୈନ୍ୟଙ୍କର ମୋହ

ରାଗ-କାଳୀ, ତ୍ରିଭଙ୍ଗି (୨୮ ଅକ୍ଷର) 'ଜ' ଅନୁପ୍ରାସ

ଛାନ୍ଦ - ୧୩

ଜଳଦ ନୟନ ରାମ ଦଶାହେବା ପାଇଁ ବାମ ବାମଦେବ,ରଖି ଧର୍ମ କହୁଛନ୍ତି ।
ଜାଣିଲିଣି କାର୍ଯ୍ୟ ସାରି ଯିବାକୁ ବୈକୁଣ୍ଠେ ଫେରି ଏ'ପ୍ରକାର ଦାନ ବାରି ଦହୁଛନ୍ତି । ।୧।
ଜନ୍ମି ଆସି ପୃଥିବୀକୁ ରାମ ଛାଡି ପୃଥିବୀକୁ ଯିବାଆଗରୁ ସଭିଙ୍କୁ ପଚାରନ୍ତି ।
ଜନନୀ ସହିତ ସର୍ବେ କହ କେଉଁ ଯାଗ ଏବେ କରିବା ଦଶା ଲାଘବେ ହୃଦେ ଚିନ୍ତି ।।୨।
ଜାଣି ରାମ ମନୋଭାବ କହନ୍ତି ବଶିଷ୍ଠ ସର୍ବ ଶୁଣନ୍ତି ହୋଇ ନୀରବ, ରଘୁବୀର ।
ଜନ ଜଗତେ ମନୁଷ୍ୟ, ପଶୁତ୍ୱ ଭାବରୁ ନାଶ ହୁଅନ୍ତି ମିଳେ ଆଭାସ ଦେବତାର ।।୩।
ଜୟୀ ସଦାବେଳେକାଳ ଦେବତ୍ୱ କଥାକୁ ଭାଳ ପ୍ରତି ଶୋଧ ମନ ଖଳ ସଦାକାଳେ ।
ଜନ୍ମ ଜନ୍ମାନ୍ତର ଶ୍ରମ କରି ସ୍ଥାପିଲେ ବି'ଧର୍ମ- କର୍ମ ନୁହଇ ଏ'ମର୍ମ ଧରାତଳେ ।।୪।
ଜୟ ନିମନ୍ତେ ମନୁଷ୍ୟ ପଶୁତ୍ୱ ପ୍ରକୃତି ବିଶ୍ୱ- ଯଜ୍ଞେ ଉତ୍ସର୍ଗେ ସର୍ବସ୍ୱ କରେଶାନ୍ତି ।
ଜୀବନ ହୋଇବ ଧନ୍ୟ ଦେବତ୍ୱ ମାର୍ଗେ ଗମନ କଲେ ହେ ଅନୁସରଣ ଥିବ କୀର୍ତ୍ତି । ।୫।
ଜରା ପୂର୍ବରୁ ଜୀବନେ ଘଟିଥିବା କଥା,ମନେ- ଉପଲବ୍ଧି କରି ଧ୍ୟାନେ ରାଜ ବର୍ଗେ ।
ଜାଗି ପଶୁତ୍ୱ ପ୍ରବୃତ୍ତି- ପ୍ରତୀକ ଅଶ୍ୱକୁ ଚିନ୍ତି ନିଜେ ନିଜ ପ୍ରଜାପତି ସୁଖଭୋଗେ ।୬।
ଜାଜୁଲ୍ୟ ମାନେ ଦେବତ୍ୱ ମାର୍ଗରେ ପରିଚାଳିତ ଦଶାଶ୍ୱ ମେଧ ଯାଗତ କରିଥାନ୍ତି ।
ଯେଣୁ ପୃଥ୍ୱୀଶାନ୍ତେ ବଶ ପୃଥିବୀକୁ କହିଛି ଅଶ୍ୱ ଶାନ୍ତି,ଅର୍ଥ,ମେଧ'ବୁଧେ କହିଛନ୍ତି । ।୭।

Digitized by PPRACHIN, SOA

ରାମଚନ୍ଦ୍ରଙ୍କର ଅଶ୍ୱମେଧ ଯାଜ୍ଞାଶ୍ୱ କୁ ବନ୍ଧନ କରିବା ପରେ ଲବକୁଶଙ୍କର
ଅଶ୍ୱ ରକ୍ଷାକାରୀଙ୍କ ସହିତ ଯୁଦ୍ଧ ।

Digitized by PPRACHIN, SOA

ଲବକୁଶଙ୍କ ବାଣରେ ଯାଜ୍ଞାଶ୍ୱ ରକ୍ଷାକାରୀଙ୍କ ସହିତ ରାମାଆଦି ଚାରିଭାଇ ଚେତାଶୂନ୍ୟ ହୋଇ ଭୂପତିତ ହେବା ଦୁଃଖରେ ସୀତାଙ୍କର ଅଗ୍ନିରେ ଝାସ ଦେବା ସମୟେ ବାଲ୍ମୀକିଙ୍କ ବାରଣ ।

Digitized by PPRACHIN, SOA

ଜାଣିବାକୁ ତା ବିଧାନ କହୁଛି, ଦିଅନ୍ତୁ ଧ୍ୟାନ ଷଡରିପୁ ଯାହାଜ୍ଞାନ- ମତେ ଛନ୍ତି ।
ଜନେ ସେହି ପଶୁବୃତ୍ତି ଅଶ୍ୱର, ପ୍ରତିକ'ଚିନ୍ତି ଅବତାରଣାରେ ମନ୍ତ୍ରୀ ଅଶ୍ୱେଚିନ୍ତି । ।୮।
ଜନ ପଦାଦି ବନସ୍ତେ ପେଶିବଉସର୍ଗ ପତ୍ରେ ଲେଖାଇ ବିଧାନ ମତେ ପେଶି ଭ୍ରୁଥ ।
ଜଗତେ କେହି ମନୁଷ୍ୟ, ପଶୁ, ପ୍ରବୃତିରେ ବଶ- ବର୍ତ୍ତୀ, ହୋଇ ଏହିଅଶ୍ୱ ଗତିପଥ । ।୯।
ଜାଣି କଲେ ଅବରୋଧ ତାହାର ପଶୁତ୍ୱ ବୋଧ ବିଦୂରେ କରିବ ସାଧ- ମତେକର୍ମ ।
ଜୟୀ ସେ ହୋଇଲେ ଧରି ଦାସତ୍ୱ ସ୍ୱୀକାର କରି ରହିବ ଯାଗ ନକରି ଛାଡି ଧର୍ମ ।।୧୦।
ଜଳ'ଜ ନେତ୍ର ଏବାଣି ଶୁଣି ଭ୍ରୁତେ କହୁ କିଣି ସୁ ସଜ୍ଜିତ ଅଶ୍ୱେଆଣି ହେଲେଉଭା ।
ଜାନକୀ ପତି ବୋଲନ୍ତି ସଙ୍ଗେ ନେଇ ସେନା ପନ୍ତି ଅଶ୍ୱ ଭ୍ରମଣ ଝଟତି କର ନିର୍ଭା ।।୧୧।
ଜାଗ୍ରତ ପ୍ରହରୀ କଚ୍ଛେ ଛାଡି ଅଶ୍ୱ ଗଲେ ପଛେ ନାନାଦେଶ କ୍ରବେ ସ୍ୱଚ୍ଛେ ତୁରଙ୍ଗମ ।
ଜାଜୁଲ୍ୟମାନେ ଭ୍ରମଣ କରେ ବନ ଉପବନ ପଛ ଧଚନ୍ତି, ଯେ'ସୈନ୍ଦ ପାରଙ୍ଗମ ।।୧୨।
ଜିତେନ୍ଦ୍ରିୟ ଲବ, କୁଶ ଦଶ ବରଷେ ଅଭ୍ୟାସ- କରୁଥିଲେ, 'ଶର'ଅଶ୍ୱ ବାଗଧରି ।
ଜନ୍ମିଲେ କରି ପଠନ ଅଶ୍ୱ ଶୀର'ସୁ'ଶୋଭନ କରୁଥିବା ପତ୍ରେ ଧ୍ୟାନ ଦେଇକରି ।।୧୩।
ଜାଣିଲେ ଜଗତ ବନ୍ଦ୍ୟ ସତ୍ୟସନ୍ଧ ରାମଚନ୍ଦ୍ର ଯଜ୍ଞ ନିମନ୍ତେ'ସୁ'କନ୍ଧ ଅଶ୍ୱ ବଶେ ।
ଜଗୁଆଳି ସଙ୍ଗେ ବିଶ୍ୱେ ଛାଡୁବୁଲିସେ, ରଭସେ ମିଳେ ଆସି ଆମ୍ଭପାଶେ ମନ ତୋଷେ।।୧୪।
ଜନତାର ଦରବାରେ, ଗୁରୁ ଦେବା ମନ୍ତ୍ର ଥରେ ପ୍ରମାଣିତ ନକରିଲେ ହେବା ଦ୍ରୋହୀ ।
ଜନ୍ତୁ ପତି ଦେବଦଣ୍ଡ ଗୁରୁ ବୋଲିବେ ପାଷଣ୍ଡ ପଢ଼ି ଲେଖା, ଗଲ ଭଣ୍ଡ-ପରିକୋହିଁ । ।୧୫।
ଜ୍ୟୋତିଷ କ୍ର ଲଗ୍ନଧରି ବିଭୁଙ୍କ ନାମ ସୁମରି ବାନ୍ଧିଲେ, 'ହୟ' ବିଚାରି ବୃକ୍ଷମୂଳେ ।
ଜମା ହୋଇ ସେନାଧାନେ ଶ୍ରୀରାମ ଜୟ ସଘନେ କହିକହିସେହିସ୍ଥାନେ ଲକ୍ଷ୍ୟ ଦେଲେ।୧୬।
ଜାଣିଲେ ଋଷି କୁମାର ବାନ୍ଧି ଅଶ୍ୱ, ବୀରଦ୍ୱର- ପରିଚୟ ଦେଇସ୍ଥିର ମନେ ଖୁସି ।
ଜୁଝି ପୁଣି ପଛେ, ବଳ' ଆରମ୍ଭ କରିଲେ ରୋଳ ଛାଡ କିମ୍ପାଇଁ ବାନ୍ଧିଲ, ଅଶ୍ୱ'କଷି ।।୧୭।
ଜାନକୀ ସୁତ କହନ୍ତି ପତ୍ରପଢ଼ି ନାହିଁଭ୍ରାନ୍ତି ନିଅ, ଅଶ୍ୱଥିଲେ ଶକ୍ତି କରି ରଣ ।
ଜୀବଥିବା ଯାଏଁ ଦେହେ ଅଶ୍ୱନଦେବୁ କେବେହେଁ ଆସି କର ରଣ ସ୍ନେହେ ଜଣଜଣ । ।୧୮।
ଜନଙ୍କ ଜନକ ଭ୍ରାତ ଭ୍ରୁତ, ଶୁଣି ଏବ୍ୟକତ ବୋଲନ୍ତି ଧନ୍ୟ ତୋମାତାପିତାଦୁଇ ।
ଜଙ୍ଗଲେ ବଢ଼ି ଉଦର ତୋଷୁଥିବ, ଫଳମୂଳ- ଖାଇଯା କହ ସକଳ ଶୁଣାନାହିଁ ।।୧୯।
ଜର୍ଜରିତେ ଦିଏ ବ୍ୟଥା ଶିଶୁ ହୋଇ ଏହି କଥା କହ ମର୍ମରେ ସର୍ବଥା ଯଶନାଶ ।
ଜବରେ ନେଲେବି ଅଶ୍ୱ ନିନ୍ଦାକରିବେ ତ୍ରିଦଶ ତେଣୁ ମନେ ଦିଏ ତ୍ରାସ, ଲବକୁଶ । ।୨୦।
ଜଳପିଲେ ତଦ୍ୱେ ସେଥି ଲେଖ, ଦେଖ କହ ଚିନ୍ତି ଖୋଲ ଅଶ୍ୱ ଦେଉ ଶାନ୍ତି ନୋହ ଆମେ ।
ଜାଣୁତ କ୍ଷତ୍ରିୟ ଧର୍ମେ ଯାହା ଥିବ ହେବକର୍ମେ କର ସମର ଯା'ଭ୍ରମେ କହରମେ ।।୨୧।
ଜଳି ସେନାଏଁ କଥାରେ ସମର ଆରମ୍ଭ କଲେ ଲବ, କୁଶ'ବି' ବିନ୍ଧିଲେ ଟାଣି ବାଣ ।
ଜୟବିଜୟ କାହାର ନୋହୁ ଚିନ୍ତି କୁଶବୀର ଆମନ୍ତ୍ରିଲେ ମୋହଶର, ତତ୍କ୍ଷଣ । ।୨୨।
ଜଙ୍ଗଲରେ ବୃକ୍ଷପାତ ହେଲା ପରାୟ ସମସ୍ତ ସେନା ହୋଇଲେ ମୋହିତ ଭ୍ରୁତ, ସଙ୍ଗେ ।
ଜନନାୟକଙ୍କ ଆଗେ ଦୂତବାର୍ତ୍ତା ଦେଉ ରାଗେ ପେଶିଲେ ଲକ୍ଷ୍ମଣ ଆଗେ ନିଜେ ରଙ୍ଗେ।।୨୩।
ଜୟେ ଶତ୍ରୁଘନ ଧରି ଗଲେ ଜଣ ଜଣ କରି ମୋହକଲେ ଶର ମାରି ସୂତେଶୌର୍ଯ୍ୟେ ।
ଜୋତିଷ୍କ୍ର ବିଶାରଦ ବାଲ୍ମୀକି ଜାଣି ଏବାଦ ପରିଚୟ ବିନା ଖେଦ- ଯୁଦ୍ଧୋଦ୍ୟୋ ।୨୪।

Digitized by PPRACHIN, SOA

ଜଳପିଲେ ସେକୁଶଙ୍କୁ ଦେବାମନ୍ତ୍ର ଧରିଶଙ୍କୁ ଶରେ,ବିନ୍ଧ ଉଠିବାକୁ ସେନା ସୈନ୍ୟ ।
ଜୁହାରକରି ସେ ଦୁଇ ଭାଇ ମନ୍ତ୍ର ଲେଉଟାଇ ବିନ୍ଧନ୍ତେ ଶର ନିଠାଇ ଫେଇଧ୍ୟାନ ।୨୫।
ଜଳ ହୋଇଲା ବର୍ଷଣ ରାମଆଦି ସେନାସୈନ୍ୟ ଉଠିଲେ ସେ'ତପୋଧନ, ଦେଖିତୋଷ ।
ଜୟେଦିଅନ୍ତ ଆଭାଷ ରାମ,ଅଶ୍ୱନେଇ ତୋଷ-ବିଶ୍ୱ,ବାନ୍ଧିଥିବା ଅଶ୍ୱ ମୋକ୍ଷେଷ୍ୟ।୨୬।
ଜନଶ୍ରୁତିରେ ଏକଥା ଶୁଭୁ ନଇଁଯିବ ମଥା ରାମେ ବଢ଼ାଇବବ୍ୟଥା ହେବନିନ୍ଦା ।
ଜନନୀ ସୁହାଗୀ କେହି ଶିଶୁଙ୍କର ଦିଅକହି ବୀରପ୍ରସବିନୀ ସେହି ମାତାବନ୍ଧ୍ୟା ।୨୭।
ଜବାବ ଏହି କଥାର ନଦେଇ ସେ ମୁନିବର ବୋଲନ୍ତି ହେ ଚାପଧର ଯଥାକାଳେ ।
ଜାଣିବ ସର୍ବ ଘଟଣା ନୁହ ମ୍ୟୁହମାନେ ବଣା ଅଜଣେ ନହେବ ଗଣା ଧରାତଳେ ।।୨୮।
ଜଗମୋହନଙ୍କୁ ବନ୍ଦି ବୋଲେ ବିପ୍ର ଦୟାନିଧି ତୁମ୍ଭ ଚରିତ ଅମ୍ବୁଧି- ପରିବ୍ୟାପ୍ତ ।
ଜପିକିଛି ଅକିଞ୍ଚନ ସାରେ ଏଛାନ୍ଦ ରଚନ ପାଏନାହିଁ ମନଜ୍ଞାନ ନାବେକୋତ।।୨୯।

ରାମଙ୍କର ଯାଗ ଆୟୋଜନେ ସୀତାଙ୍କର ଅଭିମାନ ପତ୍ର

ରାଗ-ଚୋଖି (୨୯ ଅକ୍ଷର) **'ସ'** ଅନୁପ୍ରାସ

ଛାନ୍ଦ -୧୪

ସାବଧାନେ ସୁ'ବିଦୁଷେ ଶୁଣ ରାମ ରସ ହର୍ଷେ, ଶିବ କହୁଛନ୍ତି ବାସେ, ସର୍ବାଣି ପାଶେ ।
ସବିତା କୁଳ ମଣ୍ଡନ ରାମ,ଲକ୍ଷ୍ମଣ,ଶତ୍ରୁଘ୍ନ, ଭରତ ଅଶ୍ୱ ନେଇଣ ଅଯୋଧ୍ୟା ଦେଶେ ।
ସଭାକରି ଗୁରୁଙ୍କୁ ରାଇ ।
ସକଳ ଚରିତ ମାନ ଦେଲେ ବୁଝାଇ । ୧।

ସ୍ରଷ୍ଟା କୁମର ବଶିଷ୍ଠ ରିଷ୍ଟ ନାଶେ ସ୍ମରି ଇଷ୍ଟ ଯାଗ ନିମନ୍ତେ ଉଦ୍ଦିଷ୍ଟ ପଦାର୍ଥ ମାନ ।
ସଗ୍ରହ କରାଇ ବସି ଡକାଇଲେ ରାଜ ଋଷି ଦେବ ଋଷି,ବ୍ରହ୍ମ ଋଷି ଯଜ୍ଞ ବ୍ରାହ୍ମଣ ।
ସେ ଶୃଙ୍ଗ ବେଣୀରୁ,ଗୁହକ ।
ସୁଗ୍ରୀବ, ଅଙ୍ଗଦ, ତାରାଦି କପି ଯାକ ।୨।

ସୁବର୍ଣ୍ଣ ଲଙ୍କା ନୃପତି ବିଭୀଷଣ ମହାମତି ମନ୍ଦୋଦରୀ ଭାଗ୍ୟବତୀ ଆଦି ସମ୍ପ୍ରତି ।
ସଚୀ ସଚୀପତି ଦେବ- କୁଳ,କିନ୍ନର,ଗନ୍ଧର୍ବ ଯକ୍ଷ, ହୈମବତୀ,ଶିବ ଶିବ ସନ୍ତତି ।
ସର୍ବେ ଆସୁକରି ତଦନ୍ତ ।
ସୌମ୍ୟେ ବାଲ୍ମିକୀ ଆଗମେ ପେଶିଲେ ଦୁତ ।୩।

ସଜ୍ଜନେ ଆନେ ସୁମତି ଦିଅ ସେ ବାଲ୍ମୀକି ଜତୀ ବନାଶ୍ରବେ ବିଚାରନ୍ତି ରାମ ଶାସନ ।
ସୁଖ ମଣି ପ୍ରଜା ତୋଷ, ସୁକୁମାର ଲବ, କୁଶ ରହିଲେ ଋଷି ଆବାସ ଗଡିଲା ଦିନ ।
ସନ୍ୟାସୀଙ୍କ ସନ୍ନିଧେ ରହି ।
ସୁଜ୍ଞାନ ଅର୍ଜନେ ଦିନ ଯାଉଛି ବହି ।୪।

ସିଦ୍ଧେ ରାଜ କାର୍ଯ୍ୟ ଚୟ ପିତା ପୁତ୍ର ପରିଚୟ କରାଇବାର ସମୟ ପହଞ୍ଚିଥିଲା ।
ସୂର୍ଯ୍ୟବଂଶୀ ରାଜପୁତ୍ର ରାଜଧର୍ମରେ ଦୀକ୍ଷିତ କରାଇବା,ଟି' ଉଚିତ ନୀତି ନହେଲା ।
ସେ ସର୍ବ ଗୁଣରେ ଭୂଷଣ ।
ସାକ୍ଷାତ ବିନା ପିଅରେ ହୁଏ ଦୂଷଣ ।୫।

Digitized by PPRACHIN, SOA

ସର୍ବଶେଷେ ରଘୁବଂଶ- ନୃପେ ଦାନ ଦେଇ ଈଶ ଋଷି ବାସେ ସେ ଆଦର୍ଶ କାହିଁ ରହିବ ।
ସୀତା, ସୁତ ବେନି ଦିନେ ନବସିବେ ସିଂହାସନେ ନଚାହିଁବେ ପ୍ରଜାଜନେ କିଏ କହିବ ।
ସ୍ୱ'ବିନ୍ଦୁରୁ ରାମଙ୍କ ପରି ।
ସୁକୁମାର ବେନି, ତନୁ' ଅଛନ୍ତି ଧରି ।୬।

ସତ୍ୟ ସନ୍ଧ ରଘୁମଣି, ସୀତା,ପତିବ୍ରତା ଜାଣି ଦୋହଦେ, ପୂରେ ନଆଣି କାଳ କାଟନ୍ତି ।
ସନ୍ତାନ ମମତା ହୃଦେ ସମ୍ଭବିନପାରେ ଦ୍ୱନ୍ଦେ ବାର ବର୍ଷ,ପୁରେ ଖେଦେ ମନ ଅଶାନ୍ତି ।
ସରିବ ସକଳ ସମ୍ମାନ ।
ସୀତା,ଚିନ୍ତା ଦୀପ ଜଳିବ ଘନ ଘନ ।୭।

ସେ ସମୟେ କରପତ୍ର ଯୋଡି ଅଯୋଧାର ଦୂତ ରାଘବ ପ୍ରେରିତ ପତ୍ର, ବାଲ୍ମିକେ ଦେଇ ।
ସବିନୟେ କରେ ବ୍ୟକ୍ତ ଯାଗପୂର୍ଣ୍ଣେ ନିମନ୍ତ୍ରିତ କରିଛନ୍ତି ରଘୁ ସୁତ ହୋଇ ବିନୟୀ ।
ପତ୍ର ପାଠ କରୁ ସତ୍ୱର ।
ସେ ଭାବନ୍ତି ପଥ ହୋଇଲା ପରିଷ୍କାର ।୮।

ସାକ୍ଷାତ ଏ ଅନୁକୂଳ- ପଥ ବିଧି ଅନୁକୁଳ କରେ ମିଳନ କୁମର ବେନିଙ୍କୁ ନେବେ ।
ସାରି ସ୍ନାନ ଦେବାର୍ଚ୍ଚନ ବୁଲାଇ ଯଜ୍ଞ ଆସ୍ଥାନ ଦେଖାଇବେ,ରାମାୟଣ ପାଠକରିବେ ।
ସୀତା,ରାମ,କଥାଅମୃତ ।
ସର୍ବ ତପୋବନ୍ତଙ୍କର ହରିବ ଚିତ୍ତ ।୯।

ସ୍ୱରୂପରୁ **ରାମ** ପୁତ୍ରେ ଚିହ୍ନିବେ ପବିତ୍ର ବନ୍ତେ, ସୀତୟା ନେବା ନିମନ୍ତେ ସେ ସହାୟକ ।
ସହଜ ହେନ୍ଧ ସେ'ଲୋଡି ନେବେ ଅପବାଦ ଛାଡି ଯଜ୍ଞ ନିମନ୍ତେ ନଛାଡି ରଘୁ ନାୟକ ।
ସେ ଅଯୋଧ୍ୟା ଦୁତେ,ଚରଚା ।
ସୁଖେ କଲେ ଲବ,କୁଶ, ହୋଇ ଫରଚା ।୧୦।

ସେକାଳେ ମହୀ ନନ୍ଦିନୀ ସୀତା ସତୀ ତପସ୍ୱିନି ପାଶରେ ବାଲ୍ମୀକି ମୂନୀ ଯଜ୍ଞ ଖବର ।
ସୁଖେ ଆମ୍ଭୁଲାନ୍ତେ ଧୀରେ କହିଲେ ଶିଷ୍ୟସଙ୍ଗରେ ଯିବେ,ପୁତ୍ରେ' ଯଜ୍ଞସ୍ଥଳେ କରିଛି ସ୍ଥିର ।
ସେ ଅଶ୍ୱମେଧ ଯଜ୍ଞ ଦେଖି ।
ସୁତ ଲବ,କୁଶ ଦୁହେଁ ହୋଇବେ ସୁଖି । ୧୧।

ସନକାଦି ଋଷି ବୃନ୍ଦ ଶୁଣି ରାମାୟଣ ଛନ୍ଦ ମୋଦେ ଦେବେ ଆଶୀର୍ବାଦଯାଗ ମଣ୍ଡଳେ ।
ସତୀ ମହର୍ଷି ପ୍ରସ୍ତାବେ, ସମର୍ଥନ କରି ଭାବେ କୁମର ଭାର ସମ୍ପର୍କେ ଅର୍ପଣ କଲେ ।
ସନ୍ନିଧେ ଲବ କୁଶ, ରାଇ ।
ସିଦ୍ଧ ତପା ଯିବା କଥା ଦେବେ ବୁଝାଇ । ୧୨।

ସୀତା ସତୀ ଯାଗ କଥା ଭାବୁ ମନେ ଦେଲା ବ୍ୟଥା କହିଥିବେ ମୂନି ମଥା ମୂନୀ କଳପ ।
ସଙ୍କଳ୍ପି ସଙ୍କଳ୍ପେ ଆଣି ଥିବେ ଦ୍ୱିତୀୟା ରମଣୀ ଧନ୍ୟ,ଯେ' ହୋଇଲା ରାଣୀଧନ୍ୟ ତା,ତପ
ସେ ତପେ ମୋ'ମନ,ମନିଷା ।
ସତେକି, କେ' କହିଦେବ ପୂରିବ ଆଶା ।୧୩।

ସେ ତପ,ଯମ, ନିୟମ ପ୍ରାଣାୟାମ ଅନୁପମ ମୋହ ପାଇଁ ଗୁରୁ ତମ ସେ,ବିବରଣୀ ।
ସ୍ରଷ୍ଟାକୁମର ବଶିଷ୍ଠ ଜାଣିଥିବେ ଯେଣୁ ଇଷ୍ଟ ଜଣାଇବେ ଏ'ନିକୃଷ୍ଟ ମୁଖେ ନଭଣି ।
ସୌମିତ୍ରି ଯେ, ଦେବେ ସୁ ମନ୍ତ୍ର ।
ସଂଶୟ ବିନା ରାଘବ କରିବେ ପୂତ ।୧୪।

Digitized by PPRACHIN, SOA

ସେହି ନିଗୂଢ଼ ମନ୍ତର, ଆଣିବା ପାଇଁ, ପତର ଲେଖନ୍ତି ଭାବି,ଅନ୍ତର ଅନ୍ତର ଦ୍ୱନ୍ଦେ ।
ସରଗ ସମ୍ପଦ ମଣି, ଆରମ୍ଭିଲେ ଭିକାରୁଣୀ ଦୂରୁ ନମ୍ରେ ରଘୁମଣି ଚରଣ ବନ୍ଦେ ।
ସଂସ୍କାରେ ଯଜ୍ଞେତ ଦୀକ୍ଷିତ ।
ସଙ୍କେ ବାମା ବାମରେ ଥିବ ଦୀକ୍ଷିତ ।୧୫।

ସିଦ୍ଧି ଅର୍ଥେ ଯାଗେଧନ, ଦାନ ପୁଣ୍ୟେ ଥିବମନ ସକଳ ଗୁଣ ନିଧାନ କରତା ହୋଇ ।
ସୁତ୍ରମା, ଯାଗ ପ୍ରମାଣ, ବହୁଥିବ ସଦଗୁଣ, ଧନ,ରତ୍ନ,ଖାଦ୍ୟ,ପାନ ବିପ୍ରଙ୍କୁ ଦେଇ ।
ସୁମନେ ମାଗେ ଏକ ଭିକ୍ଷା ।
ସତ୍ୟବାଦୀ କଦାପି ନଭାବିବେ କକ୍ଷା ।୧୬।

ସୌମ୍ୟ ମୁଁ କିଏ ଜାଣିମା ଆବଶ୍ୟକ ନାହିଁ ଜମା, ଜୟେ ମିତ୍ତ୍ୱମାନ ଧର୍ମା- ଧର୍ମେ ସଦୟ ।
ସନ୍ତୋଷେ ହୋଇବିବୀର, ଯେଣୁ ତପୀତୋଷ କର, କାର୍ଯ୍ୟ ସର୍ବଦା ତତ୍ପର ନୋହୁ ଅଦେୟ ।
ସ୍ୱକର୍ମରୁ ମୁଁ ତପସ୍ୱିନୀ ।
ସତ୍ୟବ୍ରତ ପାଳି ସାରେ ଦିବା ଯାମିନୀ ।୧୭।

ସେ ଯଜ୍ଞେ ଅଙ୍କ ଭାଜନ ହୋଇଛି, ଯେ' ସର୍ବଜନ, ସମ୍ମୁଖରେ କେଉଁ ଧ୍ୟାନ, ତପଆଚରି ।
ସାଦରେ ତାହା ଜଣାଇ ଦେବେ କିଛି ମାଗୁ ନାହିଁ ଲୋଡା ମୋରଧନସେହି,ହେ'ଚାପଧାରୀ ।
ସେ ଅଶ୍ୱ ମେଧ ଯାଗ ପୁଣ୍ୟ ।
ସହସ୍ରଗୁଣେ ବଢ଼ିବ ଦେଲେ ଏ ଦାନ ।୧୮।

ସିମନ୍ତିନୀ ଶେଷେ ମଥା ଥାପିଆଉ ଏକ କଥା ଲେଖନ୍ତି, ବିଦୂରେ ବ୍ୟଥାଦୁଃଖିନୀପୁତେ ।
ସଦା ଅତ୍ୟନ୍ତ ଅବୋଧ ରଖି ମୋର ଅନୁରୋଧ କରାଇବ ତାଙ୍କୁ ବୋଧ ପିଅର ବତେ ।
ସେହି ତୁମ୍ଭ କୀରତି ଗାଇ ।
ସୁନ୍ଦରେ ପାରନ୍ତି ଜନନୀଙ୍କୁ କନ୍ଦାଇ ।୧୯।

ସେହିବି ତୁମ୍ଭ ଚରିତ, ଗାଉଁ,ବାଉଁ,ବିମୋହିତ ହେଉଥାନ୍ତି ମୃତବତ ମଙ୍ଗଳ ମଣି ।
ସ୍ନେହେ ଯାଗ ଉପକଣ୍ଠେ ଯାଉଛନ୍ତି ସେ ଉତ୍କଣ୍ଠେ ଶୁଣାଇବେ ନିଜ କଣ୍ଠେ ଦୁଃଖ କାହାଣି ।
ସତୀ ହୃଦ ହୋଇ ବିକଳ ।
ସେଥି ପତ୍ର ଧୌତ କଲା ନୟନ ଜଳ ।୨୦।

ସେହି ସମୟରେ ଆସି ଲବ,କୁଶ ହୋଇ ଖୁସି ମାତାଙ୍କ କୋଳରେ ବସିହର୍ଷେ ବୋଲନ୍ତି ।
ସୁନାମଧନ୍ୟ ଅଗ୍ରଣୀ ଗୁଣି ଗଣ୍ୟ ରଘୁମଣି ଧନ୍ୟ ତାଙ୍କ ପ୍ରଣୟିନୀସୌଭାଗ୍ୟବତୀ ।
ସେବକ ଏକ ଆସିଥିଲା ।
ସେ, ଗୁରୁଙ୍କୁ ନିମନ୍ତ୍ରଣ କରିଲା ।୨୧।

ସେ ଦୂତେ ପଚାରି ଯାହା ଅବଗତହେଲୁ ମହା- ମହୀମ ଅଯୋଧ୍ୟାନାହା ଲାଗି ଅଯୋଧ୍ୟା ।
ସୁପ୍ରସିଦ୍ଧ ଆଜିଜ୍ଞାନୀ ଜ୍ଞାନେ ପ୍ରାଣ ପ୍ରଣୟିନୀ ଅପବାଦକୁ ନମାନି କରି ମସୁଧା ।
ସପତ୍ନୀ ଯଜ୍ଞେ'ନ'ବରିଲେ ।
ସତୀ ଅର୍ଦ୍ଧାଙ୍ଗିନୀ ଅଛି ହୃଦେ ଛଳିଲେ ।୨୨।

ସେଥି ସୋଭା ସ୍ୱର୍ଣ୍ଣସୀତା ଗଢ଼ାଇ ଯଜ୍ଞେ ଆଣୁ'ତା' ନଘେନିଲେ ରାମ,ସୀତାଅଛନ୍ତି କାହିଁ ।
ସାଧ୍ୱୀପତି ବ୍ରତା ସେହି ନୟନେ ଦେଖିଲୁ ନାହିଁ ରାମାୟଣ ମଧ୍ୟେ କାହିଁ ଜାଣିଲୁ ନାହିଁ ।
ସୁକୁମାରଙ୍କର ବଚନ ।
ସୁଧା ସିନ୍ଧୁ, ଥିବା ଦୁଃଖ କଲା ମୋଚନ ।୨୩।

Digitized by PPRACHIN, SOA

ଅଶ୍ୱମେଧ ଯାଗରେ ଲବ-କୁଶଙ୍କର ରାମାୟଣ ପଠନ

Digitized by PPRACHIN, SOA

ସେଥି ସୀତା ମନେ ଗୁଣିବୋଲନ୍ତି ଚିର ପାପିନୀ ପ୍ରଭୁଙ୍କୁ ନପାରେ ଚିହ୍ନି ପତ୍ରେ ପ୍ରବନ୍ଧେ ।
ସଂଶୟ ଛିଡ କରାଇ, ଅପରାଧନି ହେଲାଇଁ ଅନନ୍ତ ସାଗର ସେହି ଯଶସ୍ୱୀ,ନିନ୍ଦେ ।
ସେପତ୍ର ଲୁଚାଇ ଚଞ୍ଚଳେ ।
ସଙ୍କୋଚ ମନେ ପୁଛନ୍ତି ଅଶ୍ରୁ ଅଞ୍ଚଳେ ।୨୪।
ସୁଖାର୍ଥେଦେଖ କୌବିଦେ ଗତ ଅଷ୍ଟାଦଶ ଛାନ୍ଦେ ଏକ ଏକ ବର୍ଣ୍ଣ ଶୁଦ୍ଧେ ବିବୃଦ୍ଧି ହୋଇ ।
ସନ୍ନିବନ୍ଧେ ଆଦ୍ୟ ପ୍ରାନ୍ତ ଅନୁପ୍ରାସେ ବା'ସ୍ୱତନ୍ତ୍ର ଅନୁପ୍ରାସେ ରଦ୍ଧିମନ୍ତ ଶୋଭା ଦିଶଇ ।
ସମ୍ମୋହନ କରେ ସେ ଚିତ୍ତ ।
ସମାଜରେ କଲେ ଥରେ କଣ୍ଠ ଭୂଷିତ ।୨୫।
ସଙ୍କେତ ଦେଇ ବୋଲନ୍ତିପୁରେ ପୁତ୍ରେ, ରଘୁପତି- ତାଙ୍କୁ କରିବ ପ୍ରଣତି, ଅନୁଜ ତ୍ରୟେ ।
ସାଷ୍ଟାଙ୍ଗ ପ୍ରଣାମେ ମାତାଚରଣ ବନ୍ଦିବ,ସୀତା- ଭଗ୍ନିଙ୍କୁ ବନ୍ଦିବ ମାତା ପ୍ରାୟ ବିନୟେ ।
ସେ ପଚାରିଲେ ପରିଚୟ ।
ସୌଷ୍ଠବେ କହିବ ତପସ୍ୱିନୀ ତନୟ ।୨୬।
ସୁକୁମାରେ ହୃଷ୍ଟ ମନ କଲା ମାତାଙ୍କ ବଚନ ନବ କୌତୁହଳେ ମନ,ଉଡେ ସଦରେ ।
ସୁଧା,ସୀତା,ରାମକଥା ଗାଇ ସୁଲଳିତେ ବ୍ୟଥା ଦୂର କଲେ ସୀତା ମଥାନେଲେ ଆଦରେ ।
ସର୍ବ କାର୍ଯ୍ୟ ହୋଇବ ସିଦ୍ଧି ।
ସିଦ୍ଧିରେ ବୋଲଇ ଦୟା ରାମେ ଆରାଧି ।୨୭।

ଲବକୁଶଙ୍କର ଅଶ୍ୱମେଧ ଯାଗେ ରାମାୟଣ ପଠନ

ରାଗ-ଖଣ୍ଡିତା (ସୀତା ଚୋରୀ ବୃତ୍ତେ)

ଛାନ୍ଦ-୧୫

ପାର୍ବତୀଙ୍କ ଆଗେ କହୁଛନ୍ତି ଶୂଳଧର, ଶୁଣ ପ୍ରିୟେ ଯାହା ହେଲା ଏଥୁ ସମାଚାର ।
ଲବକୁଶ ଯେ'' ଧରି ଯାଗେ ଗଲେ ମୁନି ଇଶ ଯେ ।୧।
ପଥ ଅତିକ୍ରମ କରି ସେ ଯାଗ ମଣ୍ଡଳେ, ପ୍ରବେଶିବା ବେଳେରବି ଯାଆନ୍ତି ମା,କୋଳେ ।
ବିପ୍ର ଯତି ଯେ'' ହବିଷ୍ୟାନ୍ନ ପାରଣା କରନ୍ତି ଯେ ।୨।
ବୁଲାଇଣ ଲବକୁଶେ ମୁନି ନାନାସ୍ଥାନେ, ନାମ ଦରଜ କରିଲେ ପୁରାଣ ପଠନେ ।
ଥୟେ ଲୟେ ଯେ'' ମନୋରଞ୍ଜନ କାର୍ଯ୍ୟ ଆଳୟେ ଯେ ।୩।
ଶୌଚେ ସନ୍ଧ୍ୟା ନିତ୍ୟକର୍ମ ସାରି ରଘୁନାଥ, ବସୁ ଧର୍ମ ସଭାପରେ ଲୋକ ଭିଡେ ।
ନ ମିଳଇ ହେ,, ଭ୍ରତ ଲକ୍ଷ୍ମଣାଦି ବସୁ ଯାଇ ହେ ।୪।
ବାଲ୍ମିକି ଆସ୍ଥାନେ ନେଇ ସଙ୍ଗେ ଲବକୁଶ ପଢ଼ିବାକୁ ରାମାୟଣ ଦିଅନ୍ତି ନିର୍ଦ୍ଦେଶ ।
ବୀଣା ବାଇଯେ'' ସୁଲଳିତ କଣ୍ଠେ ଦେଲେ ମୋହି ଯେ । ୫।
ଆଦ୍ୟରେ ଗୁରୁଙ୍କୁ ବନ୍ଦି ମୁନିଙ୍କ ଆରାମ ଦାୟକ ଜପନ୍ତି ମୁଖେ ରମ୍ୟେ ରାମରାମ ।
ରାମ ରାମ ଯେ'' ରାମ ରାମ ପୁରୁଷ ଉତ୍ତମ ଯେ । ୬।
ଜୟ କୌଶଲ୍ୟା ନନ୍ଦନ ସୀତା ନେତ୍ରଚାନ୍ଦ ବୋଲିବିନ୍ଦୁ ରାମଚନ୍ଦ୍ର ମନ ବଳ ବନ୍ଧ ।
ଭାଙ୍ଗିଗଲା ଯେ'' ରୂପ ବର୍ଣ୍ଣ ଅଧୈର୍ଯ୍ୟ କରିଲା ଯେ ।୭।

Digitized by PPRACHIN, SOA

ବୋଲନ୍ତି ବ୍ରହ୍ମାଠୁ କ୍ରମେ ଜାତ ବିଦ୍ୟୁତ କେଶ। । ପୁତ୍ର ସୁମାଳୀ ଦୁହିତା ନାମ ଯେ ନିକଷା ।
ଅନ୍ୟ ଅଂଶୀ ଯେ'' ବ୍ରହ୍ମା ପୌଲସ୍ତି, ବିଶ୍ର ବାରୁଷି ଯେ । ୮ ।
ତେଣେ ବୈକୁଣ୍ଠେ ବୈକୁଣ୍ଠ ବିହାରୀଙ୍କ ଦ୍ୱାରୀ । ଶାପେ ବିଶ୍ରବା ସ୍ୱପତ୍ନୀ ନିକଷା ଅସୁରୀ ।
ଗର୍ଭେଜାତ ଯେ'' ହେଲେ ଭଗ୍ନୀ ଏକ ତିନି ଭ୍ରାତ ଯେ । ୯ ।
ରାବଣ ଘଟ ଶ୍ରବଣ ବିଭୀଷଣ ସାନ ସୂର୍ପନଖରୁ ଦୁହିତା ସୁର୍ପଣଖା ନାମ ।
ଋଷି ଦେଲେ ଯେ '' ସୁତ ସୁତା ବନରେ ବଢ଼ିଲେ ଯେ ।୧୦।
ଅସୁର ସ୍ୱଭାବୁ ଦେଉ ନରସୁରେ ଦଣ୍ଡ । ଚିନ୍ତି ଦେବକୁଳ ଶମ୍ଭୁ ସ୍ୱୟମ୍ଭୁ ଦେବେନ୍ଦ୍ର ।
ତାର ନାଶେ ଯେ'' ବାହାରିଲେ ମିଶି ବିଷ୍ଣୁ ପାଶେ ଯେ ।୧୧।
ବରୁଣ ଆଳୟେ ଯାଇ ବରୁଣ ଜା ଦେବେ । ବିଶେଷି କହନ୍ତେ ଦୁଃଖ ମୋଚନେ ଏ ସର୍ବେ ।
ଶୁଣି ଶୁଣି ଯେ'' ମନ ମଧ୍ୟେ ପୂର୍ବକଥା ଗୁଣି ଯେ ।୧୨।
ବାକ୍ୟେ ଦୟା ନିକେତନ କେତନ ଉଡାଇ । ବୋଇଲେ ମୁଁ ସୂର୍ଯ୍ୟବଂଶେ ଜନ୍ମ ନେବିଯାଇ ।
ଦଶରଥ ଯେ'' ପିତା ହେବେ କଉଶଲ୍ୟା ମାତ ଯେ ।୧୩।
ନରରୂପ ଧରି ନର ଲୀଳାକୁ ବିସ୍ତାରି । ଧରଣୀ ଦଣ୍ଡ ଖଣ୍ଡନ କରୁ ହେବ ପାରି ।
ବୋଲୁ ରାମ ଯେ'' ଗଲେ ସୁରେ ନିଜ ନିଜ ଧାମ ଯେ ।୧୪।
ପରଂବ୍ରହ୍ମ ନାଭି ପଦ୍ମ ବ୍ରହ୍ମା ଉତ୍ପତି । ତାଙ୍କର ମାନସ ପୁତ୍ର ମରୀଚି ଅଟନ୍ତି ।
ତାଙ୍କ ସୁତ ଯେ'' କଶ୍ୟପ ମହର୍ଷି ତେଜୋବନ୍ତ ଯେ ।୧୫।
ସୂର୍ଯ୍ୟ ହେଲେ ସେ କଶ୍ୟପ ଋଷିଙ୍କର ସୂତା ସୂର୍ଯ୍ୟ ପୁତ୍ର ଚତୁର୍ଦ୍ଦଶ ମନୁଟି ବିଖ୍ୟାତ ।
ଇକ୍ଷାକୁରୁ ଯେ'' ମନୁ ପୁତ୍ରରାଜନ ଆଦ୍ୟରୁ ଯେ ।୧୬।
ତାଙ୍କ ଠାରୁ କ୍ରମେ ବୟାଳିଶ ପୁରୁଷରେ । ଦଶରଥ ରାଜା ହେଲେ ଅଯୋଧ୍ୟା ଦେଶର ।
ତାହାଙ୍କର ଯେ'' ତିନିରାଣୀ ମହୀରେ ସୁନ୍ଦର ଯେ ।୧୭।
ବଡ କଉଶଲ୍ୟା କୋଳେ ଆଦ୍ୟେଜାତ ସୁତା ।ଶାନ୍ତି ଲଭି ରାଜା ରାଣୀ ନାମ ଦେଲେ ଶାନ୍ତ ।
ତାଙ୍କୁ କାଳେ ହେ'' ଲୋମ ପାଦ ନେଇପାଳୁଥିଲେ ହେ ।୧୮।
ଶବ୍ଦ ଭେଦୀ ପ୍ରାପ୍ତ ହେଉ ଶିକାରକୁ ଦିନେ । ଯାଇଥିଲେ ଦଶରଥ ବିଧିର ବିଧାନେ ।
ବିନ୍ଧୁ ଶର ଯେ'' ବଧ କଲେ ଶ୍ରବଣ କୁମାର ଯେ ।୧୯।
ତାଙ୍କ ପିତା ମାତା ଅନ୍ଧ ଅନ୍ଧୁଣୀଙ୍କ ଶାପ । ବର ହେଲା ରାଜା ପାଇଁ କରି ସେ ବିଳାପ ।
ଗୁରୁ ପାଶେ ଯେ'' ଯାଉ ଦେଖିଲେ ନାହାନ୍ତି ବାସେ ଯେ ।୨୦।
ବ୍ରହ୍ମ ହତ୍ୟା ଦୂରେ ଚିନ୍ତି ବଶିଷ୍ଠ କୁମରେ । ଶାପ ପାଇ ଜାତ ହେଲେକଇବର୍ତ୍ତ ପୁରେ ।
ଗଙ୍ଗାକୂଳେ ଯେ'' ଡଙ୍ଗା ବାହି ଦିନ ନେଉ ଥିଲେ ହେ ।୨୧।
ଏଣେ ବିପ୍ରଶାପେ ଚମ୍ପାବତୀ ଅନାବୃଷ୍ଟି । ଋଷ୍ୟଶୃଙ୍ଗ ଜରତାରେ ଆସୁ ବୃଷ୍ଟି ।
ସୃଷ୍ଟି ହେଲା ହେ'' ତୃଷ୍ଟ ହେଲେ ରାଜା ଦୁଃଖ ଗଲା ହେ ।୨୨।
ବୋଲୁ ଶାନ୍ତା କାନ୍ତା କଲେ ମୁନି ନରସାଇଁ । ଦଶରଥ ମନୋରଥ ସାର୍ଥକତା ପାଇଁ ।
ରଥପରେ ଯେ'' ବସାଇ ମୁନିଙ୍କୁ ନେଲେ ପୁରେ ଯେ ।୨୩।
ପୁତ୍ର ନିମନ୍ତରେଯଜ୍ଞ କରୁ ଦେଖି ଶୁଭ ୧ ଚାରି ଚରୁ ସ୍ୱରୂପ ହୋଇଣ ପଦ୍ମ ନାଭ ।
ମୂନି କରେ ଯେ'' ଉଭା ହେଲେ ଯଜ୍ଞ ମଣ୍ଡପରେ ଯେ ।୨୪।

Digitized by PPRACHIN, SOA

ବଡ ତିନିରାଣୀ ଚରୁ କଲେ ଗର୍ଭଘାତ । ଶୁଭକାଳେ ରାମ ଅଭିରାମ ହେଲେ ଜାତ ।
ତାହାପରେ ଯେ'' ଭରତ କୈକେୟୀଙ୍କ କୋଳରେ ଯେ ।୨୫।
ସୁମିତ୍ରାଙ୍କର ନନ୍ଦନ ଲକ୍ଷ୍ମଣ ଶତ୍ରୁଘ୍ନ । ହୋଇ ଧରଣୀ ବକ୍ଷକୁ କରିଲେ ମଣ୍ଡନ ।
ସବିଧିରେ ଯେ'' ଚନ୍ଦ୍ରପ୍ରାୟ କ୍ରମେଣ ବଢ଼ିଲେ ଯେ ।୨୬।
ବିଶ୍ୱାମିତ୍ର ଯାଗ ରକ୍ଷା ପାଇଁ ଆସି ନେଲେ । ବନେ ତାଡକୀ ଶମନ ଭୁବନେ ପେଶିଲେ ।
ସୁବାହୁକୁ ସେ'' ମାରି ଉଡାଇଲେ ମାରିଚକୁ ଯେ ।୨୭।
ଗୌତମ ନାରୀ ଅହଲ୍ୟା ଶାପରୁ ତାରିଲେ । ସୁଜ୍ଞାନୀ ବିଜ୍ଞାନୀ ଦାସେ ପାଦ ଧୁଆଇଲେ ।
ଗଙ୍ଗାପାରି ଯେ'' ହୋଇ ପ୍ରବେଶି ମିଥିଳା ପୁରୀ ଯେ ।୨୮।
ବାମ ଦେବ କୋଦଣ୍ଡକୁ ବାମ କରି ବୀର । ବିବାହ ନିର୍ବାହ କଲେ ଚାରି ଭାଇଙ୍କର ।
ଭଗପତି ଯେ'' ପଥରୋଧୁ କଲେ ତାଙ୍କୁ ଶାନ୍ତି ଯେ ।୨୯।
ବାମା ଘେନି କୋଶଳେ କୁଶଳେ ବିଳସିଲେ । ବୀରଭ୍ରାତ ଘେନି ଭ୍ରାତ ମାମୁଁ ଘରେ ଗଲେ ।
ଶେଷ ହେଲା ଯେ'' ଆଦ୍ୟ କାଣ୍ଡ ଭବରଙ୍ଗ ଲୀଳା ଯେ ।୩୦।
ଦଶରଥ ରାମ ରାଜା ପାଇଁ ସ୍ଥିର କଲେ । ବାସବାଦି କୂଟ ପାଞ୍ଚି କରାଇ ନଦେଲେ ।
ସେ ମନ୍ଥରା ଯେ'' କୈକେୟୀଙ୍କୁ କରାଇଲା ତ୍ୱରା ଯେ ।୩୧।
ମାଗିଲେ ସେ ବର ନୃପେ ସତ୍ୟକୁ କରାଇ । ଶ୍ରୀରାମ ଲକ୍ଷ୍ମଣ ସୀତା ବନେ ଯିବା ପାଇଁ ।
ଭ୍ରତ ରାଜା ଯେ'' ହୋଇ ପାଳିବାକୁ ରାଜ୍ୟେ ପ୍ରଜାଯେ ।୩୨।
ଅଷ୍ଟ ବିଂଶ ବର୍ଷେ ରାମ ଭାଇ ଭାର୍ଯ୍ୟା ଧରି । ପିତୃ ସତ୍ୟ ପାଳି ହେଲେ ହର୍ଷେ ବନଚାରୀ ।
ରାମ ନାମ ଯେ'' ଘୋଷି ନୃପ ଗଲେ ଆରଧାମ ଯେ ।୩୩।
ବଶିଷ୍ଠ ଡକାଉ ଭ୍ରତ ଆସି ସୁବୁଦ୍ଧିରେ । ପ୍ରେତ କ୍ରିୟା ସାରି ରାମେ ବାହୁଡାଇ ଗଲେ ।
ସୀତା କାନ୍ତ ଯେ'' ପାଦୁକା ଦେଇ କରିଲେ ଶାନ୍ତ ଯେ ।୩୪।
ଫେରିଲେ ଭରତ ରାମ ଅନ୍ୟ ଗିରିବରେ । ଗଲେ ସେ ଅଯୋଧ୍ୟା କାଣ୍ଡ ଏହିଠାରେ ସରେ ।
ସୁଧି ବର୍ଗ ହେ '' ଅର୍କଶୁଣି ଭବ ଅପବର୍ଗ ହେ ।୩୫।
ତାହାପରେ ବୀରାୟୁଧେ ବୀରାୟୁଧେ ବଧି । ବାଲିପିଣ୍ଡ ଦଣ୍ଡେ ପିତା ଆତ୍ମା କରି ଶୁଦ୍ଧି ।
ଅତ୍ରିମଠେ ଯେ'' ପ୍ରବେଶ ହୋଇଲେ ଯାଉଁ ବାଟେ ଯେ ।୩୬।
ବ୍ରହ୍ମ ଅସ୍ତ୍ର ଅମଳାନ ବସ୍ତ୍ର ପାଇ ଆଜ୍ଞା । ପାଳି ଦୈତ୍ୟ ବଧେ ସେଥି କରିଲେ ପ୍ରତିଜ୍ଞା ।
ଦଣ୍ଡବନ ଯେ'' ଯାଉ ପଥେ ଭେଟି ଦଶାନନ ଯେ ।୩୭।
ଅଷ୍ଟପଦ ମୃଗମାଂସେ ପିତୃଶ୍ରାଦ୍ଧ ଭଲେ କରିବାକୁ ଶ୍ରାଦ୍ଧ କଳ୍ପ ଶ୍ଳୋକ କୁ ବୁଝିଲେ।
ତାହା ପଢ଼େ ହେ'' ଶ୍ରବଣ କରନ୍ତୁ ମନ ଦୃଢ଼େ ହେ ।୩୮।

।। ଶ୍ରାଦ୍ଧ କଳ୍ପ ଶ୍ଳୋକ ।।

ବିଚିତ୍ରାଷ୍ଟପାଦ ସ୍ୱର୍ଣ୍ଣ-ପକ୍ଷମୃଗଂ କଦାପିବା, କ୍ରିୟତେ ଚେଦ୍ ପିତୃ-ଶ୍ରାଦ୍ଧଂ ସତ ଶ୍ରାଦ୍ଧ ଫଳଂ ଭବେତ୍ ।
ପଞ୍ଚାସତ୍ ଭୂତ ବର୍ଷାଣି ପଞ୍ଚାସତ୍‌ଚ ଭବିଷ୍ୟତଂ, ଭବନ୍ତି ପିତର ତୁଷ୍ଟାଃ ସର୍ବ ବିଘ୍ନଃ ବିନିଶ୍ୟତେ ।।
ସର୍ବସ୍ମିନ୍ନ ବିପିନେ ସର୍ବୈଃ ହେମମୃଗ ନଲଭ୍ୟତେ, ଦୈବାତ୍ ପ୍ରାପ୍ତି ଭବେଦ୍ ଭକ୍ତ୍ୟା ପିତୃ ଭକ୍ତୋ ଯତୋ ଭବାନ୍ ।

ବର ବରଜରେ ମୁନି ମନମଣ୍ଡି ଭଣ୍ଡି, ନାଶା କର୍ଣ୍ଣ ବିଛେଦନେ ସୂର୍ପଣଖା ଦଣ୍ଡି ।
ଖର ଆଦି ଯେ '' ନାଶା କଲେ ରାମେ ହେଲେ ବାଦୀ ଯେ ।୩୯।

Digitized by PPRACHIN, SOA

ବୈଶ୍ରବଣ ରଙ୍ଗେ ହେମ ସାରଙ୍ଗ ଦେଖାଇ, ବୈଦେହୀଙ୍କୁ ଅପହୃତ କଲା ମୁକ୍ତି ପାଇଁ ।
ବିଳାସିନୀ ଯେ'' ନ ଦେଖି କାନ୍ଦନ୍ତି ରଘୁମଣି ଯେ ।୪୦।
ବଳାରାତି ଦେଲା ସତୀ ସୁଧା ପାନେ ମତି । ବନେ ଶବରୀ ପାଇଲା ଫଳ ଦେଇ ଗତି ।
ସେ କବନ୍ଧ ଯେ'' ବଧୁ ବାର୍ତ୍ତା ଦେଇ କଲା ବୋଧ ଯେ ।୪୧।
ତୃଷା ନାଶେ କ୍ଷୀର ସେ ଗୋପାଳ ଶାନ୍ତ, ବରମାଗି ନେଲା ହେବାପାଇଁ ତାର ପୁତ୍ର ।
ପମ୍ପାସରେ ଯେ'' କୋକ ଶପ ଫଳ ଶୋକ କେର ଯେ ।୪୨।
ବୁଲି ବୁଲି ବେନିଭାଇ ଋଷ୍ୟ ମକ ତଳେ, ଅରଣ୍ୟ କାଣ୍ଡ ଏଠାରେ ସରିଲା କୁଶଳେ ।
ଏହାପରେ ଯେ'' ହନୁମାନ ସଙ୍ଗେ ଭେଟ ହେଲେ ଯେ ।୪୩।
ସୁଗ୍ରୀ ସଙ୍ଗେ ମିତ୍ର ହେଲେ ଦେଖାଇଲେ ବଳ, ଅବିଳମ୍ୱେ ଫିଙ୍ଗି ଅସ୍ଥି ଛେଦି ଶପ୍ତ ଶାଳ ।
ବାଳି ବଧି ଯେ'' ତାରା ଦେଲେ ମିତ୍ରେ କରି ଶୁଦ୍ଧି ଯେ ।୪୪।
ବର୍ଷାକାଳ ରଘୁବୀର ମାଲ୍ୟବନ୍ତ ଚୁଳେ, ରହି ସଙ୍କଟେ କୁକୁଟେ ବଢେ ବର ଦେଲେ ।
ବାର୍ତ୍ତା ପାଇ ଯେ'' ପଠାଇଲେ ସୁଗ୍ରୀବ ଡକାଇ ଯେ ।୪୫।
ବନୁ ଅଗସ୍ତି ମାର୍କଣ୍ଡ ସେହି କାଳେ ଭେଟି, ସୈନ୍ୟଆସୁ ଗଲେ ଖୋଜି କିଷ୍କିନ୍ଧ୍ୟା କାଣ୍ଡଟି ।
ଏହିଠାରେ ଯେ'' ବିଧି ବିଧାନରେ ପୂର୍ଣ୍ଣ ହେଲେ ଯେ ।୪୬।
ବଇଦେହୀ ଠାବକରି ବାର୍ତ୍ତା ହନୁମାନ, ହେଲା ସିନ୍ଧୁକୂଳେ ବିଜେ ଶ୍ରୀ ରଘୁନନ୍ଦନ ।
ବିଭୀଷଣ ଯେ'' ଆସି ପାଦେ ପଶିଲା ଶରଣ ହେ ।୪୭।
ବରୁଣ ଉଦନ୍ତେ ନଳ ସିନ୍ଧୁକୁ ବାନ୍ଧିଲେ, ମନ୍ଦିର ଗଢ଼ି ପ୍ରତିଷ୍ଠା ପାଇଁ ଚିନ୍ତା କଲେ ।
ରାମଚନ୍ଦ୍ର ଯେ'' ଡାକୁ ଆସିଥିଲା ଦଶକନ୍ଧ ଯେ ।୪୮।
ପ୍ରତିଷ୍ଠା ଦକ୍ଷିଣା ଦଶଦଶା ମାଗିନେଲା, ସୁବେଳେ, ସୁବଳେ, ବିଜେ କଉଶଲ୍ୟା ବଳା ।
ସୁନ୍ଦରରେ ଯେ'' ଏ ସୁନ୍ଦରା କାଣ୍ଡ ଏଥି ସରେ ଯେ ।୪୯।
ରାମ ସେନା ଦର୍ଶନେ ଶହସ୍ର ଛତ୍ର ଖୋଲି, ଆସୁ ଦୈତ୍ୟ ରଘୁସୁତ ଶରେ ବିନ୍ଧୁ ଛଳି ।
ଶରଗଲା ଯେ'' କାଟିଛତ୍ର ଜଳେ ବୁଡାଇଲା ଯେ ।୫୦।
ରଣେ ବାଣ ବିନ୍ଧା ବିନ୍ଧି ଆଗରୁ ରାବଣ, ଜାଣିଲା କାଣ୍ଡକେ ରାମଚନ୍ଦ୍ର ବୀର ପଣ ।
ବାଳୀସୁତ ଯେ'' ହସ୍ତେ ରାମ ଲେଖିଦେଲେ ପତ୍ର ଯେ ।୫୧।
ଆଦ୍ୟେ ଗୋଳ ଯୁଦ୍ଧ ଲଙ୍କା ପୁରେ ହେଲା ସେନା,ମଲେ ଯେତେ ପଦାତିକ ନହେବ କଳନା ।
ଇନ୍ଦ୍ରଜିତ ଯେ'' ଲକ୍ଷ୍ମଣଙ୍କୁ କଲା ଶକ୍ତିଘାତ ଯେ ।୫୨।
ହନୁମାନ ନେଉବାଟେ ଚେତା ସେ ପାଇଲେ, ଶୁଣି ଇନ୍ଦ୍ରଜିତ ତାହା ପରଦିନ ଛଳେ ।
ରାମ ଆଦି ଯେ'' ସେନାଙ୍କୁ ନାଗଫାଶେ ଦେଲାବାନ୍ଧି ଯେ ।୫୩।
ଗରୁଡ ଆସୁ ବନ୍ଧନ ଛାଡି ନାଗ ଗଲେ, କୁମ୍ଭ କର୍ଣ୍ଣରଣେ ରାମ ଶରେ ସ୍ୱର୍ଗେ ଭଲେ ।
ମାୟା ସୀତା ଯେ'' ହାଣିଲା ମହୀରାବଣ ପିତା ଯେ ।୫୪।
ଜାଣୁଇନ୍ଦ୍ରଜିତ ଛେଳି କାଳି ଆଗେ ଦେଇ, ଦେବଦଳନ ଯାନକୁ ଆଣିବାର ପାଇଁ ।
ବଟମୂଳେ ଯେ'' ଯାଗ କରୁ ଲକ୍ଷ୍ମଣାଦି ଗଲେ ଯେ ।୫୫।
ଏକାଗ୍ରତା କଲେ ଭଗ୍ନ ଜାନ ଅର୍ନ୍ତହିତ, ହେଲା ଲକ୍ଷ୍ମଣଙ୍କ ଶରେ ମଲା ଇନ୍ଦ୍ରଜିତ ।
ପରିମଳା ଯେ'' ସତୀ ପରୀକ୍ଷାରୁ ସ୍ୱର୍ଗେ ଗଲା ଯେ ।୫୬।

Digitized by PPRACHIN, SOA

ପୁତ୍ର ହତଶୋକେ ଦୈତ୍ୟ, ମୟଦୈତ୍ୟ ଦତ୍ତ, ଏକଘନୀ ଶକ୍ତିରେ ଲକ୍ଷ୍ମଣେ ଦେଇ ଘାତ ।
ଚେତାଛାଡି ଯେ'' ପଡିଲେ ଋକ୍ଷ ମର୍କଟ ରଡି ଯେ ।୫୭।
ବାତ ବାଳ ଗନ୍ଧାଚଳ ଆଗମନ ଲୀଳା, ବାତୁଳୀ କ୍ଷେପଣେ ଭୃତେ ସମ୍ବାଦ ମିଳିଲା ।
ଏକସ୍ତନୀ ଯେ'' ମନଶିଳା ଶିଳେ ବାଟି ପୁଣି ଯେ ।୫୮।
ଔଷଧ ଦେଇ ଲକ୍ଷ୍ମଣ ଉଠିଲେ ସତ୍ୱର, ବିଂଶପାଣିର ଶିର ହାଣି ହାଣି ରଘୁବୀର ।
କମଳରେ ଯେ'' ବସି ଶିବା ଶିବା ପୂଜା କଲେ ଯେ ।୫୯।
ମୟ ଦୁଃହିତା ନିକଟୁ ବ୍ରହ୍ମଶର ଆଣି, ସାଙ୍ଗ କାଉ ରଣ ଯଜ୍ଞ ବଧି ବିଂଶପାଣି ।
ବିଭୀଷଣେ ଯେ'' ରାଜା କଲେ ଆନନ୍ଦିତ ମନେ ଯେ ।୬୦।
ଦହି ବଇଦେହୀ ଅନଳରେ ହେମପରି, ବ୍ୟୋମଯାନେ ବୋମ୍ୟସର୍ବେ ଅଯୋଧ୍ୟାକୁ ଫେରି ।
ସିଂହାସନ ଯେ'' ଆରୋହି ତୋଡିଲେ ପ୍ରଜାମନ ଯେ ।୬୧।
ବହିର୍ଗତ ଏ ଚରିତ ଲଙ୍କା ମହୋତ୍ସବେ, ବିହନ୍ତୁ ଉତ୍ତରା କାଣ୍ଡ ପ୍ରକାଶିବା ଯେବେ ।
ରଘୁସୁତ ଯେ'' ବୋଲନ୍ତି ଡକାଇ ପାଶେ ଭୃତ ଯେ ।୬୨।
ଲକ୍ଷେମାତ୍ର ସ୍ୱର୍ଣ୍ଣପାଟ ଦିଅ ପୁରସ୍କାର, ବୋଲନ୍ତି ସେ ଲବକୁଶ କି, ହେବ ଆମର ।
ଫଳମୂଳ ହେ'' ଖାଇ ବନେ କାଟୁ ଅଛୁ କାଳ ହେ ।୬୩।
ଝର ପାଣି ହୋଇଅଛି ଆମ୍ଭର ସର୍ବସ୍ୱ, ପତ୍ର କୁଡିଆରେ ରହୁ କରି ବସ ବାସ ।
ମୁନି ସେବା ଯେ'' ମୁଖ୍ୟ କି କରିବୁ ଧନ ଅବାହେ ।୬୪।
ଏହା ଶୁଣି ରାମମନ ଅସ୍ଥିର ହୋଇଲା, ପୁତ୍ରେ ଚିହ୍ନା ପାଇଁ ଆଉ ବାକି ନରହିଲା ।
ରାଜପୁରେ ହେ'' ଯିବାକୁ କହନ୍ତେ ପୁତ୍ରେ ସ୍ଥିରେ ଯେ ।୬୫।
ମହାତପା ବାଲ୍ମିକୀଙ୍କୁ ଅନୁମତି ନେଇ, ଗଲେ'ଗଲେ ସଙ୍ଗେ ରାମ ରାମ ତିନି ଭାଇ ।
ମାତା କୁଳେ ଯେ'' ଦେଖୁ ଚିହ୍ନି ପ୍ରଣିପାତ ହେଲେ ଯେ ।୬୬।
ଭରତ ଲକ୍ଷ୍ମଣ ଶତ୍ରୁଘନ ମେଳ ହୋଇ, କୁଶ ଲବଙ୍କ ସହିତ କରିଲେ ମଣୋହି ।
ଯଜ୍ଞେ ବ୍ରତୀ ହେ'' ଆଉ ନ ଭଞ୍ଜିଲେ ରଘୁପତି ଯେ ।୬୭।
ସୀତା ଭଗ୍ନୀ ମାନେ ନାନା କଥା ପଚାରନ୍ତି, କହୁନିଦ୍ରା ଗଲେ ବେନି ଘାରୁ ନିଦ୍ରାବତୀ ।
ରାମରାତ୍ରି ଯେ'' ପାହିଲେ ସେଦିନ ପୂର୍ଣ୍ଣାହୁତି ଯେ ।୬୮।
ରାମ କାର୍ଯ୍ୟେ ବ୍ୟସ୍ତ ଥିଲେ ମଧ୍ୟ କୁଶ ଲବ, ସ୍ନାନ ଶୌଚ ଖାଦ୍ୟ ପାନେ ଲୟ ରଖି ସର୍ବ ।
ସଙ୍ଗେ ନେଲେ ହେ'' ଯାଗେ ମନ୍ତ୍ରେ ଆହୁତିକୁ କଲେ ହେ ।୬୯।
ଯଜ୍ଞେ ପୂର୍ଣ୍ଣାହୁତି ପାଇଁ ଲୋକ ଭିଡ ଯେତେ, ହେବାକଥା ତାହାଠାରୁ ବଳେ ଅପ୍ରମିତେ ।
ପୁତ୍ରଙ୍କର ଯେ'' ରାମାୟଣ ହେବାରୁ ପ୍ରଚାର ଯେ ।୭୦।
ଯଥା ସମୟରେ ଯାଗ ହେଲା ସମାପତି, ଦକ୍ଷିଣା ପାଇ ସନ୍ତୋଷ ହେଲେ ବିପ୍ର ଯତି ।
ରାମାୟଣ ଯେ'' ଶୁଣିବାକୁ ବସୁ ରଘୁରାଣ ଯେ ।୭୧।
ଗୁରୁଙ୍କ ଆଦେଶେ ଲବକୁଶ ରାମାୟଣ, ଆରମ୍ଭିଲେ ସଭିଙ୍କର ବନ୍ଦିଣ ଚରଣ ।
ମହାମୋଦେ ଯେ'' ଉମା ମହେଶ୍ୱରଙ୍କ ସମ୍ବାଦେ ଯେ ।୭୨।
ରାମଚନ୍ଦ୍ର ରାଜା ହେଉ ପ୍ରଜା ଦୁଃଖ ଗଲା, ରାଜ୍ୟେ ଅନାବୃଷ୍ଟି ଅପମୃତ୍ୟୁ ନୋହୁଥିଲା ।
ଯଥା କାଳେ ହେ'' ବର୍ଷାକରୁଥାନ୍ତି ମେଘ ମାଳେ ହେ ।୭୩।

Digitized by PPRACHIN, SOA

ଦେବେ ବିଚାରନ୍ତି ରାମ ମାଇଲେ ରାବଣ, ମର୍ତ୍ତ୍ୟେ ଆଉଥିବେ କିହୋ ଲେଉଟାଇ ଆଣ ।
ବିଧି ବଳେ ହେ'' ଚାରିବଧୂ ଗର୍ଭବତୀ ହେଲେ ହେ ।୭୪।
ଗଣକ ଗଣନା ମତେ ମିଳନ ହୋଇଲା, ଗର୍ଭବତୀ ହେଲେ ସୀତା ଆଦି ଦୁଃଖ ଗଲା ।
ସୀତାଥରେ ଯେ'' ସ୍ନେହେ କହୁ ଯିବାକୁ ବନରେ ଯେ ।୭୫।
ଲକ୍ଷ୍ମଣ ନେଇ ତାହାଙ୍କୁ ଆଶ୍ରମେ ବୁଲାଇ, ବାଲ୍ମୀକି ଆଶ୍ରମେ ଆସିଥିଲେ ଛାଡି ନେଇ ।
ଏହି କାଳେ ଯେ'' ରଜକ ରଜକୀ କଳି କଲେ ଯେ ।୭୬।
ରାମ ଦରବାର ତାଙ୍କୁ ଦେଲା ଯେଉଁ ନ୍ୟାୟ, ଲକ୍ଷ୍ୟ କରି ରାମ ତାହା ହୋଇଲେ ଅଥୟ ।
ଯଶଃ ପାଇଁ ଯେ'' ନ ଆସୁ ସୀତା କାନନେ ରହି ଯେ ।୭୭।
ଆସିଲା ସମୟ ସୀତା ଆଦି ଭଗ୍ନୀଚାରି, ଏକ ରାତ୍ରେ ଦୁଇ ଦୁଇ ପୁତ୍ର ଜାତକରି ।
ରଘୁ ସୁତ ଯେ'' କାନ୍ତା ସୁତ କଥା ଚିନ୍ତି ବ୍ୟସ୍ତ ଯେ ।୭୮।
ପରିବର୍ତ୍ତନ କରିବା ପାଇଁ ରାମମନ, ସ୍ଥିର କଲେ ସଭାଜନ କରିବେ ଯଜନ ।
ସ୍ୱର୍ଣ୍ଣ ସୀତା ଯେ'' କଲେ ନ ଘେନିଲେ ସୀତାମଥା ଯେ ।୭୯।
ଅଶ୍ୱ ପଠାଇଲେ ଯାଗେ ଦିଗ ଭ୍ରମଣିରେ, ସେ ଅଶ୍ୱ ବାନ୍ଧିଲେ ଲବକୁଶ ଯେ ବଣରେ ।
ହେଲା ରଣ ଯେ'' ମୋହ ହେଲେ ରାମ ଆଦି ସୈନ୍ୟ ଯେ ।୮୦।
ବନୁ ଆସି ବାଲମିକ ଦେଖୁ ଅଘଟଣା, ମୋହ କାଟିବାକୁ କହୁ ଶିଷ୍ୟେ କଲା ବଣା।
ପ୍ରତିଶରେ ଯେ'' ଉଠିରାମ ଅଯୋଧ୍ୟାକୁ ଗଲେ ଯେ ।୮୧।
ଅଶ୍ୱ ନେଲେ ହେଲା ଯାଗ ଯାଗ ଶେଷେ ସୀତା, ଅଯୋଧ୍ୟା ପୁରେ ଆସିଲେ ଗଲା ରାମଚିନ୍ତା ।
ଭାବୁଥିଲେ ଯେ'' ସୀତାଙ୍କୁ ବସୁଧା ଘେନିଗଲେ ଯେ ।୮୨।
ଏହା ଶୁଣୁ ଶୁଣୁ ରାମ ହେଲେ କମ୍ପମାନ, ବୋଲନ୍ତି ରଖ ରଖ ଏ ରାମାୟଣ ଗାନ ।
କିପରି କେ ଲେଖିଲେ ଏକଥା ଯେ ।୮୩।
ପୁଛନ୍ତି ଲକ୍ଷ୍ମଣ କାହୁଁ ଶିଖିଲ ଏ ଛନ୍ଦ, ଶ୍ଳୋକ ସଂଖ୍ୟା କେତେ ପଚାରିଲେ ରାମଚନ୍ଦ୍ର ।
ରଚୟିତା ଯେ'' କେ ଏହାର କହ ବଢ଼େ ଚିନ୍ତା ଯେ ।୮୪।
କି କାର୍ଯ୍ୟ କାରଣେ ଏହା କଲେ ସେ ରଚନା, ପଢ଼ିଲ ଯା, ଶୁଣି କମ୍ପେ ଗାତ୍ର ବିଡମ୍ବନ ।
ଲବକୁଶ ଯେ'' ଦମ୍ଭେ ସେଥି କରନ୍ତି ପ୍ରକାଶ ଯେ ।୮୫।
ଏକାବ୍ୟର ରଚୟିତା ବାଲମିକ ଯତି । ଆସିଛନ୍ତି ସଂଗେ ଯାଗ ମଣ୍ଡଳେ ଅଛନ୍ତି ।
ଆମ୍ଭ ଗୁରୁ ଯେ'' ଶିଖିଛୁ ଯା ତାଙ୍କ କଲ୍ୟାଣରୁ ଯେ ।୮୬।
ପୂର୍ବୁ ଥିଲା ନାମ ତାହାଙ୍କର ରତ୍ନାକର, ନର ହତ୍ୟାକରି ପରିବାର ଆହାର ।
ଦେଉଥିଲେ ହେ'' ଦିନେ ନାରଦ ଭେଟ ହୋଇଲେ ଯେ ।୮୭।
ଜ୍ଞାନ ଦେଇ ଓଲଟାଇ ଦେଲେ ସବୁକାମ, ମରାମରା ଘୋଷୁ ବିଶ୍ୱାସରେ ବଡେ ଧର୍ମ ।
ନିଷ୍କାମରେ ଯେ'' ଜପୁ ହୁଙ୍କା ଘୋଟିଲା ଉପରେ ଯେ ।୮୮।
ସେ ବାଲି ହୁଙ୍କାରେ କରି ମୃତ୍ୟୁ ସଞ୍ଜୀବନୀ, ବିଧି ନାମ ଦେଇ ଗଲେ ବାଲମିକ ମୁନି ।
ଶ୍ରଦ୍ଧା ପୁତେ ଯେ'' ଘୋଷାନ୍ତେ ରାମ ନାମକୁ ନିତ୍ୟେ ଯେ ।୮୯।
ନାମ ମହାତ୍ମାରୁ ଭବେ ମହାମୁନି ହେଲେ, ଦିନେ ସେ ନଦୀରୁ ସ୍ନାନ କରି ଫେରୁଥିଲେ ।
ଏହି କାଳେ ଯେ'' ପକ୍ଷୀ ବେନି କ୍ରୀଡାରତ ଡାଳେ ଯେ ।୯୦।

Digitized by PPRACHIN, SOA

ଦ୍ୱିତୀୟବାର ଅଗ୍ନି ପରୀକ୍ଷା ପାଇଁ ବାଲ୍ମୀକି ସୀତାଙ୍କୁ କହିବାରୁ, ସୀତାଙ୍କ ଅନୁରୋଧରେ
ମା ବସୁଧା ଦୁଇଫାଳ ହୋଇ ସୀତାଙ୍କୁ କୋଳକୁ ନେଉଛନ୍ତି

Digitized by PPRACHIN, SOA

ଦେଖି ବ୍ୟାଧ ଶର ପେଶି ବକ କଲା ବଧ, ବଗୁଲି ରୋଦନ ମୁନି ଗଣି ପରମାଦ ।
ଶାପଦେଲେ ଯେ'' ବ୍ୟାଧେ ଶୋକ ଶାପ ଶ୍ଳୋକ ହେଲେ ହେ ।୯୧।
ଦିନେ ଚତୁର୍ମୁଖ ବ୍ରହ୍ମା ପାଶରେ ତାଙ୍କର । ଆସି କହିଲେ ରଚନା ରାମାୟଣ କର ।
ମନ୍ଦକର୍ମ ଯେ'' ବିନାଶି ପାରିଛି ଯେଉଁନାମ ଯେ ।୯୨।
ମୋର ଆଶୀର୍ବାଦେ ସର୍ବ ଦୃଶ୍ୟମାନ ହେବ । ବିଧାତା କଥାରେ କରିବାକୁ ସେ ଆରମ୍ଭ ।
ଦେଉଧ୍ୟାନେ ଯେ'' ଦିଶିଲା ତ୍ରିକାଳ କଥା ମାନ ହେ ।୯୩।
ରଚିଲେ ସେ ଏହି ମହାକାବ୍ୟ ରାମାୟଣ, ତାର ଇତି ବୃତି ଏହା ଯେ କାର୍ଯ୍ୟ କରଣ ।
ଚତୁର୍ବିଂଶ ଯେ'' ହଜାର ଶ୍ଳୋକ ଏ ଗ୍ରନ୍ଥେ ଭାଷ୍ୟ ହେ ।୯୪।
ରାମାୟଣ ଗାନ ଲବକୁଶ ରୂପ ବର୍ଣ୍ଣୁ, ଚିହ୍ନିଲେ ପୁତ୍ରକୁ ରାମ ସନ୍ଦେହ ଯେ ମନୁ ।
ଗଲା ଚିନ୍ତି ଯେ'' ଭାବୁଥାନ୍ତି ଆଣିବାକୁ ସତୀ ଯେ ।୯୫।
ଉପସ୍ଥିତ ରାଜନ୍ୟ ମଣ୍ଡଳୀ ପ୍ରଜାଗଣ, ଦେଖି ଲବକୁଶ ବେନିଙ୍କର ରୂପ ବର୍ଣ୍ଣ ।
ରାମବଳା ଯେ'' ଚିହ୍ନିବା ପାଇଁ ବାକି ନଥିଲା ଯେ ।୯୬।
ସୀତାଙ୍କ ପ୍ରତି ପୂର୍ବରୁ ଯା ସନ୍ଦେହ ଥିଲା, ଆପେ ଆପେ ମାନସରୁ ବି ଦୂର ହୋଇଲା ।
ବିନାଦୋଷ ଯେ'' ସୀତା ଦଣ୍ଡ ଭାବନ୍ତି ବିଦୁଷ ଯେ ।୯୭।
ଲବକୁଶ ଦେଖି ଏଣେ ପ୍ରଜାକୁଳ ଗୁରୁ, ଯେତିକି ବିସ୍ମିତ ହେଉଥିଲେ ତାହାଠାରୁ ।
ବେଶି କରି ଯେ'' ରାମ ଉଦାସୀନ ଲକ୍ଷ କରି ଯେ ।୯୮।
ପରିଶେଷେ ରାମ ଆଗେ ମିଳିତ ଭାବରେ, ସୀତାଙ୍କୁ ଆଣିବା ପାଇଁ ଅନୁରୋଧ କଲେ ।
ଲବକୁଶ ଯେ'' ଘେନ ବୋଲି ଦିଅନ୍ତି ଆଭାଷ ଯେ ।୯୯।
ସଭା ପ୍ରଜାମନତଥା, ନିଶନ୍ତା ଦୂରୋ ରାମ ଯାଇ ମାତା ଭ୍ରାତା ମାନଙ୍କ ଆଗରେ ।
ଏ ସମ୍ପର୍କେ ଯେ'' କଥା ହୋଇ ଆସିଣ ନିଶଙ୍କେ ଯେ ।୧୦୦।
ଭାଇ ମାନଙ୍କ ସହିତ ମହତେଜୋବନ୍ତ, ବାଲ୍ମୀକ ମହର୍ଷି ପାଶେ ଯାଇ କଲେ ବ୍ୟକ୍ତ ।
ମୁଁ ଓ ମୋର ଯେ'' ପ୍ରଜା ସମ୍ବଳ ଆପଣଙ୍କର ଯେ ।୧୦୧।
ଘଟିଥିବା ପରିସ୍ଥିତି ସମାଧାନ ପାଇଁ, ମାଗୁଛି ବାଟ ବତାଇ ଦିଅ ଦୟା ବହି ।
ସୀତା ଇଛା ହେ'' ଯାହା କହ ନ କରିବି ତୁଛା ହେ ।୧୦୨।
ବୋଲନ୍ତି ମହର୍ଷି ରାମଚନ୍ଦ୍ରଙ୍କର ମନ, ଯାହା ସେହି ପଥେ ସୀତା କରନ୍ତି ଗମନ ।
ତାହାଶୁଣି ଯେ'' ନମ୍ରେ ପ୍ରକାଶିଲେ ରଘୁମଣି ଯେ ।୧୦୩।
ଆପଣ ତ୍ରିକାଳ ଦର୍ଶୀ ମୋର ମନକଥା, ଜାଣି ହିତେ ପ୍ରତିକାର କର ହୀନାବସ୍ଥା ।
ହେଉଦୂର ହେ'' ଯାହା ସୁଖ ହେବ ସଭିଙ୍କର ହେ ।୧୦୪।
ଦୟାଳୁ ମହର୍ଷି ବୋଲନ୍ତି ଯେ ଶୁଣି ସର୍ବ , ସୀତାଙ୍କ ଉଦରୁ ଜାତ ଏହି କୁଶ ଲବ ।
ରଘୁରାଣ ହେ'' ପତ୍ନୀ ପୁତ୍ରକୁ କର ଗ୍ରହଣ ହେ ।୧୦୫।
ଏହା ମୋର ଇଛା ଲବକୁଶ ଇଛା ଏହା, ସୀତା ଇଛା ତୁମ୍ଭ ଇଛା ତାହା ସୀତା ନାହା ।
ରାମଚନ୍ଦ୍ର ଯେ'' ସୀଉକାର ଦେଲେ ପ୍ରଜା ବୃନ୍ଦ ଯେ ।୧୦୬।
ସ୍ଥିର କଲେ ପରଦିନ ପୁରେ ଯାଇ ଯତି, ଲକ୍ଷ୍ମଣ ସଙ୍ଗେ ସୀତାଙ୍କୁ ଆଣନ୍ତୁ ଝଟତି ।
ନେବାପରି ଯେ'' ରାଜି ହେଲେ ହର୍ଷେ ଚାପଧାରୀ ଯେ ।୧୦୭।

Digitized by PPRACHIN, SOA

ସୀତା ରାମଙ୍କ ମିଳନ ଦେଖିବାକୁ ସର୍ବେ, ରହିଲେ ନ ଯାଇ ପୁରେ ଲକ୍ଷ୍ମଣ ସମ୍ପର୍କେ ।
ଯାନେ ନେଇ ଯେ'', ମୁନିଙ୍କୁ ସୀତା ନିକଟ ପାଇ ଯେ ।୧୦୮।
ପ୍ରଣମୁ ଆଶିଷେ ସୀତା ଓଳଗି ହୋଇଲେ ମୁନିଙ୍କୁ, ସେ ଆଶୀର୍ବାଦେ ସକଳ କହିଲେ ।
କଥା ରଖି ଯେ '' ରଥ ଆରୋହିଲେ ଶଶୀ ମୁଖୀ ଯେ ।୧୦୯।
ଏଣେ ରାମ ଆଦି ପ୍ରଜା ଥିଲେ ଅପେକ୍ଷାରେ, ଅବତୀର୍ଣ୍ଣ ସେହି କାଳେ ଯାନଖରୁ ଖରେ ।
ସୀତା ସଙ୍ଗେ ଯେ'' ବାଲ୍ମୀକି ନେଇ ଶ୍ରୀ ରାମ ଆଗେ ଯେ ।୧୧୦।
ଯାଉଥିଲେ ସଙ୍ଗତରେ ଲବକୁଶ ଦୁଇ, ପ୍ରତେ ହେଉଥିଲା ଜନ ମାନସରେ ଏହି ।
ଭେଟା ଭେଟି ଯେ'' ମଧ୍ୟାହ୍ନେ କି ବିଜୟ ସାବିତ୍ରୀ ଯେ ।୧୧୧।
ପ୍ରଭାକରଙ୍କ ନିକଟେ ଗାୟତ୍ରୀ ପଠନେ, ଉଦୟ ମାନ ଶ୍ରୀରାମ ତେଜ ତା ପ୍ରମାଣେ ।
ସୀତା ପିଣ୍ଡା ଯେ'' ବାସ କହେ ସେ ଚିର ବିଶୁଦ୍ଧା ଯେ ।୧୧୨।
ସୀତାଙ୍କ ଦୈନ୍ୟ ଅବସ୍ଥା ଦେଖି ରଘୁନାନ, ମୁଖରୁ ନିସ୍ସୁରେ କଥା ନେତ୍ର ଥନ ଥନ ।
ସଭାସଦ ଯେ'' ଏହି ଦୃଶ୍ୟେ ଦେବେନ୍ଦ୍ର ନିନ୍ଦ ଯେ ।୧୧୩।
ବିଳମ୍ବକୁ ଲକ୍ଷକରି ବାଲ୍ମିକୀ ମହର୍ଷି, ବୋଲେ ସୀତାକୁ ବତ୍ସେ ରାମ ଆଗେ ଆସି ।
ପ୍ରମାଣିତ ଯେ'' କର ତୁହି ତୋହର ସତୀତ୍ୱ ଯେ ।୧୧୪।
ଭାଲୁ ମର୍କଟ ସନ୍ଦେହ ଦୁରେ ଲଙ୍କା ପୁରେ, ଅଗ୍ନିରେ ପଶି ବିଶୁଦ୍ଧା ହୋଇଥିଲୁ ଥରେ ।
ପ୍ରଜାଙ୍କର ଯେ'' ସନ୍ଦେହ ପୁଣିତ ଦୂରକର ଯେ ।୧୧୫।
ଶୁଣି ଏକଥାକୁ ରାମ ଚିନ୍ତିତ ହୁଅନ୍ତି, ତେଣେ ମନେ ମନେ ବିଚାରନ୍ତି ସୀତା ସତୀ ।
ଇହଲୀଳା ଯେ'' ବିଧି ବିଧାନେ କି ଶେଷ ହେଲା ହେ ।୧୧୬।
ଋଷିବାକ୍ୟ କାହିଁ ସ୍ୱାମୀ ନକଲେ ବାରଣ, ପୁଣି ଅଗ୍ନି ପରୀକ୍ଷାରେ ଅଛିକି' କାରଣ ।
ଆଣିଛିରେ ଯେ'' ପୁଣି ଦେବେ ଅଗ୍ନି ସ୍ୱାମୀ କରେ ଯେ ।୧୧୭।
ବିଳମ୍ବକୁ ଲକ୍ଷ୍ୟକରି ଋଷିଙ୍କ ନିର୍ଦ୍ଦେଶେ, ଶୁଦ୍ଧଜଳ ନେଇ ଏକ ଶିଷ୍ୟ ସୀତା ପାଶେ ।
ଦେଉକରେ ଯେ'' ଦମ୍ଭେ ଦେବୀ ଆଚମନ କଲେ ଯେ ।୧୧୮।
ସ୍ୱମୀଙ୍କୁ ଚାହିଁ ସଭାକୁ ଚାହିଁ କଲେ ବ୍ୟକ୍ତ, ସ୍ୱାମୀ ତୁମ୍ଭ ବିନା ମୋର କାହିଁଥିଲେ ଚିତ୍ତ ।
ମୁର୍ଚ୍ଛାପାତ ଯେ'' ହେଉ ଦେଖନ୍ତୁ ଏ ତ୍ରିଜଗତ ଯେ ।୧୧୯।
କାୟ ମନୋବାକ୍ୟେ ତୁମ୍ଭ ଠାରୁ ମୋର ମନ, ଶୟନେ ସ୍ୱପନେ ଯଦି ନୋହିଛି ସ୍ୱଳନ ।
ବସୁମାତା ଗୋ'' ତୋ କୋଳେ ଆଶ୍ରୟ ନିଅ ସୁତା ଗୋ ।୧୨୦।
ସୀତାଙ୍କର ମୁଖୁ କଥା ନସରୁ ବିଦୀର୍ଣ୍ଣ, ହେଲା ଧରା ଦିବ୍ୟ ଜ୍ୟୋତି ହେଲା ଉତପର୍ଣ୍ଣ ।
ତା ମଧ୍ୟେ ଯେ'' ସ୍ୱୟଂ ବସୁନ୍ଧରା ଦୃଶ୍ୟ ହେଲେ ଯେ ।୧୨୧।
ଦିବ୍ୟ ସିଂହାସନ ଶିରେ ଶୋଭେ ସସ୍ତଫଣୀ, ସୀତାଙ୍କୁସେ ଦେବୀ ନେଇଗଲେ କୋଳେ ଟାଣି ।
ସଭାଜନ ଯେ'' ଦେଖି ଆଶ୍ଚର୍ଯ୍ୟ ଏ କଥା ମାନ ଯେ ।୧୨୨।
ଅଥୟରେ ରାମଚନ୍ଦ୍ର କରିଣ ବିନତି, ବୋଲନ୍ତି ମା, ନନିଅ ବାରଣ ମାନି ସତୀ ।
ପ୍ରକାଶିଲେ ସେ'' ଭେଟ ହେବ ବୈକୁଣ୍ଠକୁ ଗଲେ ଯେ ।୧୨୩।
ସୀତାଙ୍କ ପ୍ରତି ଯେ ସ୍ନେହ ଥିଲା, ଦୁଇପୁତ୍ର, ଉପରେ ଢ଼ାଳିଲେ ଦୁଃଖେ ସେ ରାଜିବନେତ୍ର ।
ରାଜ୍ୟବାସୀ ଯେ'' ଗଲେ ଦୁଃଖ ତଟିନୀରେ ଭାଷି ଯେ ।୧୨୪।
ଏକଶତ ପଚିଶ ପଦରେ ଏହି ଛାନ୍ଦ, ଛନ୍ଦି ଦୟାନିଧି ଦାଶ ଲଭଇ ଆନନ୍ଦ ।
ରାମସୀତା ଯେ'' ଜ୍ଞାନ ନେତ୍ରେ ହୃଦେ କରି ଚିନ୍ତା ଯେ ।୧୨୫।

Digitized by PPRACHIN, SOA

ରାମଙ୍କ ମହା ପ୍ରସ୍ଥାନ ପାଇଁ ଦେବଙ୍କ ମନ୍ତ୍ରଣା ଓ ଲକ୍ଷ୍ମଣ ପରିତ୍ୟକ୍ତ

(ଚଉତିଶା କ୍ରମେ) ୧୬ ଛାନ୍ଦ

ରାଗ:- ରାମକେରୀ(କଳାକର ବରେ କହ୍ନାଇ ବୃତ୍ତେ)

କହୁଥିଲେ ଯାହା ଶଙ୍କର ଶୁଣୁଥିଲେ ଗଉରୀ, କହୁଅଛି ତାହା ଶୁଣନ୍ତୁ ବୁଧେ ଶ୍ରବଣ ଡେରି ।୧।
ଖରେଧରି ଯାଉ ସୀତାଙ୍କୁ ବସୁନ୍ଧରା ପାତାଳେ, ଖଗପତି ଗତି ଦାୟକ ପୁରେ ଛାଡୁ ଅକାଳେ ।୨।
ଗଙ୍ଗାଧର ପୂଜ୍ୟ କହନ୍ତି ପୁଚ୍ଛୁ ଦୈତ୍ୟ ରାବଣ, ଗମ୍ଭୀରେ କହିଲେ ଜାନକୀ ପଛେ ଆସିବେ ପୁଣ ।୩।
ଘଟିବା ଘଟଣା ରାମଙ୍କୁ ବ୍ୟତିବ୍ୟସ୍ତ କରନ୍ତେ, ଘନିଷ୍ଠ ଜନଙ୍କୁ ଡକାଇ ଆଣି ଭ୍ରାତଙ୍କ ହସ୍ତେ ।୪।
ଅମାନତ୍ୟ ସଙ୍ଗେ ଗୁରୁଙ୍କୁ ଧରି ବିଚାର କଲେ, ଅପସରି ଯିବା ଆଗରୁ ଚାରିଭାଇ କୁମରେ ।୫।
ଚତୁରଙ୍ଗ ବଳ ବାଣ୍ଟିଣ ଅଷ୍ଟ ରାଜ୍ୟେ ନୃପତି, ଚରିତାର୍ଥେ କରି କରିବେ ବିଭା ବର ଯୁବତୀ ।୬।
ଛତ୍ରପତି ହେଉ ପ୍ରଜାଙ୍କ ଦୁଃଖ ଦୂରିତ ହେବ, ଛଇଳା ରମଣୀ ସୁଭାଗେ କାମନାଟି ପୂରିବ ।୭।
ଜଘନ୍ୟ ଏକର୍ମ ହୋଇବ ବୋଲି କରିଣ ମନା, ଜଟାଜୁଟ ହୋଇ ରହବେ ନଘେନିବେ ସୁମନା ।୮।
ଝଗଡାଲଗାଉଁ ରାଜଶ୍ରୀଲକ୍ଷ୍ମୀ ସପତ୍ନୀ କରି, ଝପଟେ ପାତାଳେ ଚଳିବ ମାତା ସୀତାଙ୍କ ପରି ।୯।
ନିରୋଧ କରୁଛୁଏଣୁ ହେ ହେଲେ ହେଇବୁ ରାଜା, ନଘେନିବୁ ବଂଶ କଳଙ୍କେ ଆମ୍ଭେମାନେ ଭାଜିଜା ।୧୦।
ଟପୁରାମ ପ୍ରସ୍ତାବର ଯେ ରାମ ଦେଲେ ପ୍ରସ୍ତାବ, ଟଳିବକି ଯଶଃ ନିର୍ବଂଶ ହେବ ବିଚାର ସର୍ବ ।୧୧।
ଠଣେ ଜ୍ୟେଷ୍ଠ କୁମର କୁଶ ହୁଅନ୍ତେ ରାଜି, ଠଉରାଇ ନାଗକୁମାରୀ କୁମୁଦେ କଲେ ସାଜି ।୧୨।
ଡକାଇ ବନ୍ଧୁଙ୍କୁ ସେ ପ୍ରୀତି ଭୋଜନ କଲେ ନିର୍ଭାତରିକୁଳ ଧର୍ମ ନିୟମେ କୁଶ ହୋଇଲେ ବିଭା ।୧୩।
ଢ଼ଙ୍ଗେ କୁଶାବତୀ ନଗ୍ରରେ ରାମଙ୍କ ପୁତ୍ରକୁଶ, ଢ଼କା ପିଟିନୃପ ହେବାକୁ କହିଲେ ସୀତାଈଶ ।୧୪।
ନମ ନୀୟମତା ଗୁଣରୁ ଲବେ ସରାବତୀରେ, ନରେଶ ହେବାକୁ କହିଲେ ରାମ ନିଜମତିରେ ।୧୫।
ତଉଲିବା ପରେ ଭ୍ରତଙ୍କ ପୁତ୍ର ତକ୍ଷ ପୁଷ୍କଳେ, ତକ୍ଷଶୀଳା ପୁଷ୍କଶିଳାକୁ କରେ ଅର୍ପଣ କଲେ ।୧୬।
ଥୟକଲେ ଶୁଣିତା ପରେ ଲକ୍ଷ୍ମଣ ବେନି ସୁତେ, ଥଇଥାନେ କରା ପଥରେ ରାଜା ହେବାନିମନ୍ତେ ।୧୭।
ଦଇତ ଲବଣ ଅଧୀନ ଦେଶ ମଥୁରା ପୁର, ଦକ୍ଷସୁବାହୁ ବହୁଶ୍ରୁତେ କରିବାକୁ ନୃପର ।୧୮।
ଧନୁର୍ଦ୍ଧାରୀ ରମ ପ୍ରକାଶୁ ସନ୍ତୋଷ ଶତ୍ରୁଘନ, ଧରାବାସୀ ଧୀରେ ଶ୍ରବଣ କର ଅନ୍ୟ ଆଖ୍ୟାନ ।୧୯।
ନରଲୋକ ଛାଡି ଅମର ପୁରେ ମହା ପ୍ରସ୍ଥାନେ, ନେବାକୁ ରାମ ଭରଡାଦିଚିନ୍ତୁ ଅମର ମାନେ ।୨୦।
ପଞ୍ଜିକା ଦେଖିଣ ଦେବଙ୍କ ଗୁରୁ ନିର୍ଦ୍ଦେଶ ଦେଲେ, ପରେତରାଟ ଯେଯାଆନ୍ତୁ ମାୟାରୂପେ ବୋଇଲେ ।୨୧।
ଫରଚା ହୋଇଣ ଚରଚା ଆଗେ କରିଲେ ସବୁ, ଫଇସଲା ହେବ ମରତପୁରୁ ଫେରିବେ ବିଭୁ ।୨୨।
ବଖାଣୁ ଦୁର୍ବାସା ଋଷିଙ୍କି କହି ଗଲେ ଯମତ, ବନ୍ଧ ପରି କର ଲକ୍ଷରେ ରାମକରାଉ ସତ୍ୟ ।୨୩।
ଭଣିଲେ ସମ୍ମୁଖେ ବିଧାତା କଥା ଏକାଳେ ଆସି, ଭ୍ରମିଣ ଦରଜା ନିକଟେ କ୍ରୋଧୀ ଦୁର୍ବାସା ଋଷି ।୨୪।
ମଧୁରେ ବୋଲନ୍ତି ହେ ସାଧୁ ଦେବ ଦେବ ଅନନ୍ତ, ମଧୁସୂଦନଙ୍କୁ ଜଣାଅ ସାକ୍ଷାତେ ମୋ ଆଗତ ।୨୫।
ଯତନେ ବୋଲନ୍ତି ଚେତନେ ଦଣ୍ଡେ ଅପେକ୍ଷାକର, ଯଥାର୍ଥେ ଦର୍ଶନ ହୋଇବ କହନ୍ତି ମୁନୀବର ।୨୬।

Digitized by PPRACHIN, SOA

ରଟଯା ମୁଖରେ ଶଠତା ପଣ ଅବମାନନା, ରଖିବ କେରଖୁ ଜାଳିବି କହୁ କରି ଭାବନା ।୨୭।
ଲକ୍ଷ୍ମଣ ଥୟରେ ଶ୍ରୀରାମେ ଶୀଘ୍ର ଜଣାଉ ଯାଇ, ଲଘୁ କଥା ହେଲା ଅସତ୍ୟ ଆସିଲ କିମ୍ପା ଭାଇ ।୨୮।
ଶଙ୍କିତେ ଲକ୍ଷ୍ମଣ ଅଙ୍କିତକେଲେ ମୁଖ ଲେଖନେ, ଶାପ ଦେବେ କହୁ ଦୁର୍ବାସା ଆସିଲି ଯାଅ ମାନ୍ୟେ ।୨୯।
ଷଡ ଦରଶନ ସାଧକ ପଦେ ସୀତା ବିଳାସ, ଷଡାଙ୍ଗ ଲଗାଇ ପ୍ରଣମୁ ଯାଇ ହୋଇ ସେ ତୋଷ ।୩୦।
ସଘନେ ଖାଦ୍ୟକୁ ମାଗନ୍ତି ବ୍ରତ ପାରଣା ପାଇଁ, ସନ୍ନିତେ ରାଘବ ଅର୍ପିଲେ ପୁରୁଆଣି ମଣୋହି ।୩୧।
ହକାରି ଲକ୍ଷ୍ମଣେ ବୋଲନ୍ତି ରାମ ପରାଣ ଦଣ୍ଡେ, ହଣା ହଣି କରି ନପାରେ ଶୁଣା ଯାକ ଦହ ଟଣ୍ଡେ ।୩୨।
କ୍ଷମାନୁହଁ ପରିତ୍ୟାଗହିଁ ପ୍ରିୟେ ମୃତ୍ୟୁର ଛାୟା, କ୍ଷୟ ପ୍ରାପ୍ତେ ପ୍ରାଣାୟାମ ସେ କଲେ ବୋଲଇ ଦୟା ।୩୩।

ମହା ପ୍ରସ୍ଥାନ

ରାଗ-କଳସା

ଛାନ୍ଦ-୧୭

ଲକ୍ଷ୍ମଣ ଶରୀର ବିସର୍ଜନେ ରଘୁସୁତ, ଲକ୍ଷିତେ ରୋଦନ କରି ଡାକି ପୁରୋହିତ ।୧।
କହିଲେ ମୋ ଦେହୁ ଚାରି ଅଂଶୁ ଏକ ଅଂଶ, କଠିନ ଦଣ୍ଡେ ଲକ୍ଷ୍ମଣ ଅଙ୍ଗ କଲା ନାଶ ।୨।
ଭରତ ଶତ୍ରୁଘ୍ନ ଧରି ପାଳ ପ୍ରଜା ରାଜ୍ୟ, ଭାଇ ଲକ୍ଷ୍ମଣ ନିମନ୍ତେ ହୁଏ ମୁଁ ଦହିର୍ଯ୍ୟ ।୩।
ଭରତ ବୋଲନ୍ତି ତୁମ୍ଭ ବିନା ଆପୋଧ୍ୟାତ, ଭରତ ଧରି ନ ପାରେ ଜାଣ ରଘୁସୁତ ।୪।
ପ୍ରଜାକୁଳ ସେଥି ରାମେ କହନ୍ତି ପ୍ରସଙ୍ଗେ, ପରି ହାର କର ଚିନ୍ତା କିମ୍ପା ନିଅ ସଙ୍ଗେ ।୫।
ଯାଗ ଠାରୁ ବିଭୀଷଣ ହନୁ ଆଦି ଥିଲେ, ଯତନେ ରତନ ନାମେ ବାରଣ କରିଲେ ।୬।
କାଳ କଥା ଆଳୟରେ ଚିନ୍ତା କରି ରାମ, କାର୍ଯ୍ୟ କାରଣେ ସଭିଙ୍କୁ ବୁଝାଇଲେ ଧର୍ମ ।୭।
ଚାରି ଭାଇଙ୍କର ଅଷ୍ଟପୁତ୍ର ଅଷ୍ଟରାଜ୍ୟେ, ଚାଣ୍ଡେ ସେ ନୃପତି ବିଧି କରାଉ ସୁକାର୍ଯ୍ୟେ ।୮।
କୁଳଗୁ ରୁ ସେମାନଙ୍କୁ ଦେବେ ସଦଶିକ୍ଷା, କୁଳ ପ୍ରଦୀପ ସେ ହେବେ ଧର୍ମ କରି ରକ୍ଷା ।୯।
କରିବେ ପାଳନ ପ୍ରଜା ତୁମ୍ଭେ ବିଭୀଷଣ, କରିବ ରାଜୁତି ଥିବା ଯାଏ ରତିଦିନ ।୧୦।
ହନୁ ମାନଙ୍କୁ କହିଲେ ଚିରଜୀବି ହୋଇ, ହରି ଜନଙ୍କ କଳ୍ମଷ ମୁଖେ ନାମ ଗାଇ ।୧୧।
ଡକାଇ ଆଣି ବାହାରୁ ଯାଜ୍ଞିକ ବ୍ରାହ୍ମଣ, ଡଲେ ତୋଷିଲେ ମନ ଦେଇ ଧନ ଦାନ ।୧୨।
ପରଦିନ ପ୍ରଭାତରୁ ସ୍ନାନ ଶୌଚ ସାରି, ପରିଧାନ କରି କଷାବାସ ଚାପଧାରୀ ।୧୩।
ବାମ ହସ୍ତେ କୁଶ ଧରି ମହା ପ୍ରସ୍ଥାନରେ, ବାହାର ହୁଅନ୍ତେ ଭ୍ରତ ଶତ୍ରୁଘ୍ନିଦି ବୀରେ ।୧୪।
ଶୁଚି ମନ୍ତେ ଶୁଚି ହୋଇ ଆଗେ ହେଲେ ଉଭା, ସୁଚିରେ ଅଯୋଧ୍ୟାବାସୀ ଦେଖାଇ ସୁପ୍ରଭା ।୧୫।
ଗୃହ ଶୁନ୍ୟ କରି ଆସି ହିଆ ହେଲେ ଆଗେ, ଗୁହକ ଖବର୍‌ ପାଇ ଆସି ଯେ ସରାଗେ ।୧୬।
ଅତିକ୍ରମ କରି ପଥସେ ସରଜୁ କୁଳେ, ଅମର ବାକ୍ୟେ କୁବେର ଯାନ ପଠାଇଲେ ।୧୭।
ସୁଗନ୍ଧ ବାୟୁ ସେ କାଳେ ସୁଖ କଳଶ ସୃଷ୍ଟି, ସୁରେ ଆନନ୍ଦେ ଆକାଶୁଁ କଲେ ପୁଷ୍ପ ବୃଷ୍ଟି ।୧୮।
ବ୍ରହ୍ମା ଅନ୍ତରିକ୍ଷେ ରହି ଡାକ ଯେଲେ ଖରେ, ବ୍ରହ୍ମ ପରଂବ୍ରହ୍ମ ଭାଇ ମାନଙ୍କ ସାଙ୍ଗରେ ।୧୯।
ଫେରି ଆସ ଆସନ୍ତୁ ତୁମ୍ଭର ଦେଶ ପ୍ରଜା, ଫେରିବେନି ସ୍ୱର୍ଗେ ପୁର ହୋଇଅଛି ସଜ୍ଜା ।୨୦।
ରହିବେ ଯେ ଦେବ ଅଂଶୀ ଦେବଙ୍କ ଆଳୟେ, ରହିବେ ଗନ୍ଧର୍ବ ପୁରେ ରକ୍ଷ କପି ଚୟେ ।୨୧।
ସୂର୍ଯ୍ୟ ମଣ୍ଡଳେ ମିଶି ରହିବେ ସୁଗ୍ରୀବ, ସୁରପତି ଦ୍ୱାରଜଗି ଅଛି ଦଶଗ୍ରୀବ ।୨୨।

Digitized by PPRACHIN, SOA

ସେ କାଳରେ ଗୋ' ମହିଷାଦି ସରଜୁ ଜଳରେ, ସେପାଖୁ ପଶି ଏ ପାଖେ ଆସି ଉଭା ହେଲେ ।୨୩।
ଗୋପୁତ୍ର ତୀର୍ଥ ତା ନାମ କରି ରାମ ସିଦ୍ଧି, ଗୋତ୍ର ଉଚାରିଣ ପିତୃକୁଳେ ଜଳେ ବୋଧି ।୨୪।
ପୁଷ୍ପକ ଯାନରେ ହର୍ଷେ କଲେ ଆରୋହଣ, ପୁଷ୍ପିତକରିଲେ ଚଢ଼ି ପ୍ରଜା ପଶୁଗଣ ।୨୫।
ଚଳି ଯାନ ଯଥା ସ୍ଥାନ ମାନଙ୍କର ରହି, ଚପଳେ ଓହ୍ଲାଇ ଘେନି ରାମ ରାମ ଭାଇ ।୨୬।
ବୈକୁଣ୍ଠ ଦ୍ୱାର ସମ୍ମୁଖେ ହେଲେ ଅବତୀର୍ଣ୍ଣ, ବୈଭବେ ଏକ ସ୍ୱରୂପ ଧରିଲେ ଶ୍ରୀରାମ ।୨୭।
ଜଳରୁ ବରଫ ଖଣ୍ଡ ଖଣ୍ଡ ହୋଇ କରି, ଜଳ ହେଉ ଶେଷେ ଯଥା ଏକ ତନୁ ଧରି ।୨୮।
ଯେ' ଭାବେ ବିଷ୍ଣୁ ଏକରୁ ଚାରି ହୋଇଥିଲେ, ଯିବାକୁ ସ୍ୱସ୍ଥାନେ ଚାରି ରୁ ଏକ ହୋଇଲେ ।୨୯।
ପ୍ରାଣାୟମେ ପୁର ତେଜିଆଗରୁ ଲକ୍ଷ୍ମଣ, ପ୍ରାଣ ଅପେକ୍ଷାରେ ଥିଲେ ହେଲେ ଅଙ୍ଗେ ଲୀନ ।୩୦।
ଜନକ ନନ୍ଦିନୀ ଲକ୍ଷ୍ମୀ ରୂପେ ଥିଲେ ଦ୍ୱାରେ ଜଗମୋହନଙ୍କ ପାଦ ଧୋଇ କରି ନେଲେ ।୩୧।
ଚରଣାମୃତକୁ ପାଇ ପଲ୍ୟଙ୍କେ ବସାଇ ଚରଣ ସେବକ ଦୟାନିଧି ତୋଷ ପାଇଁ ।୩୨।
ସରିଲା ମରତ ଲୀଳାଖେଳା ହେଲା ଶେଷ ସାଖ୍ୟେ ଶୁଦ୍ଧମନେ ବୁଦ୍ଧ ଜନେ ରସ କଷ ।୩୩।
ମା ମାଉସି ଏ ହୁଳ ହୁଳି ଯେବେ ଦେବେ, ମାଆ ସୀତା ପରି ଅହ୍ୟ ସୁଲକ୍ଷଣୀ ହେବେ ।୩୪।
ସୀତା ରାମ ସୀତା ରାମ ପଡିବା ଉଚ୍ଛୁଳି, ସୀତା ରାମ ଶୁଣି ପିଲେ ଦେବେ କର ତାଳି ।୩୫।
ଦୟାନିଧି ଦାଶ ସୀତା ରାମ ହନୁମାନ, ଦୟାରୁ କଲା ସମ୍ପୂର୍ଣ୍ଣ ଏ ମହା ପ୍ରସ୍ଥାନ ।୩୬।

ଅଯୋଧାର ରାଜଲକ୍ଷ୍ମୀ 'କୁଶ'ଙ୍କୁ ଆମନ୍ତ୍ରଣ

ରାଗ-କଳସା (୧୪ ଅକ୍ଷରି)

ଛାନ୍ଦ-୧୮

ସ୍ୱର୍ଗକୁ ଗମନ୍ତେ ରାମ ହରଷେ ଅମରେ, ଲବ ଆଦି ଅନ୍ୟ ସପ୍ତ ସୂର୍ଯ୍ୟ ବଂଶୀ ବୀରେ ।୧।
ରଖି ରଘୁକୁଳ ପ୍ରଚଳିତ ରୀତି ନୀତି, କୁଶକୁ ମାନ୍ୟ କରନ୍ତି ଯଥା ଚକ୍ର ବର୍ତ୍ତୀ ।୨।
ପାଳନ୍ତି ଯେ, ଯାହା ରାଜ୍ୟ, ଅତି ସୁଯତନେ, କୃଷି ପାଇଁ ସେତୁ ବାନ୍ଧି ଆବଶ୍ୟକ, ସ୍ଥାନେ ।୩।
ଧରନ୍ତି ଅରଣ୍ୟ,ହସ୍ତୀ ଚାମରୀ କୌଶଳେ, ପାଳନ୍ତି ତାଙ୍କୁ ମାହୁନ୍ତ, ଗୋପାଳକ, କୁଳେ ।୪।
କରନ୍ତି ସୁ କାର୍ଯ୍ୟ ସଦା ଦେଇ ଧର୍ମ ଦୀକ୍ଷା, ବାଳିକା ବାଳକ ଗଣେ ଦେଇ, ଉଚ୍ଚଶିକ୍ଷା ।୫।
ବେଳା ଭୂମି ଯଥା ସିନ୍ଧୁ ଲଙ୍ଘନ, ନକରେ, କେବେ କାହା ସୀମା, ତେଉଁ ନଥିଲେ କେ ଗାରେ ।୬।
ଅଷ୍ଟ ଦିଗଦନ୍ତି ପ୍ରାୟେ ଅଷ୍ଟଭାଗେ ମହୀ, ପାଳନ୍ତି ଅଷ୍ଟ ସୋଦର,ପ୍ରଜା ସୁଖେ ରହି ।୭।
ଏଥୁ ଅନନ୍ତରେ ଦିନେ ଅର୍ଦ୍ଧ ରାତ୍ରି ବେଳେ, ଶୟନ ମନ୍ଦିରେ ଅଚେତନ ସର୍ବେ ଥିଲେ ।୮।
ହୀନ ତେଜେ ଜଳୁଥିଲେ ପ୍ରଦୀପ ଅଗ୍ରଣୀ, କେବଳ ଜାଗ୍ରତ ଥିଲେ କୁଶ ନରମଣି ।୯।
ଛାୟା ଯଥା ଦର୍ପଣରେ କରଇ ପ୍ରବେଶ, କପାଟ ଥାଇ ସେ ପରି ଏକ ନାରୀ ପଶ ।୧୦।
ଉପନୀତ ହେବା ଦେଖି କୁମୁଦ ବିହାରୀ, ବିସ୍ମୟ ମନେ ତତ୍କାଳେ ସଯ୍ୟା ତ୍ୟାଗ କରି ।୧୧।
ମୃଦୁ ସ୍ୱରେ ସେ' ଯୋଷାକୁ କହିଲେ ଏସନେ, କପାଟ ନ ଖୋଲି କେଉଁ ପରି ବରାନନେ ।୧୨।
ଅସିପାରିଲ ଏ' କକ୍ଷେ ! ଜାଣୁଅଛି ଭାଳି, ତପସ୍ୟା ପ୍ରଭାବେ ଆସି ଥାଇ ପାର ବୋଲି ।୧୩।
ବିଷଣ୍ଣ ବଦନ ଶୋକ' ଚିହ୍ନ, ପରିଷ୍କାର, ସ୍ପଷ୍ଟ ବାରି ହେଉଅଛି ମୁଖରୁ ତୁମ୍ଭର ।୧୪।
ସତେକି ଶିଶିର, ସିକ୍ତ କମଳିନୀ ନାଳେ, ହୋଇଛି ବିବର୍ଣ୍ଣ ରୂପ ହିମ ବିନ୍ଦୁ ଜାଳେ ।୧୫।
କାହାର ବନିତା ତୁମ୍ଭେ' କିଏ, କହିବକି, ଆସିଛ ଏତେ ରାତ୍ରରେ'ମୋ' ପୁରେ କାହିଁକି ।୧୬।

Digitized by PPRACHIN, SOA

ଜାଣିଛତ ଆଗୁ ସବୁ କାଳେ ରଘୁସୁତ,
ନୁହଁନ୍ତି ଇନ୍ଦ୍ରିୟ ଦାସ, କି'କାର୍ଯ୍ୟେ ଆଗତ ।୧୭।
ପ୍ରକାଶ କର ଲଳନେ ସର୍ବ ନିର୍ଭୟରେ,
ଉତ୍ତରିଲେ ବିଷାଦିନୀ ବୀଣା ଜିଣା ସ୍ୱରେ ।୧୮।
ଶୁଣ ହେ ନରେନ୍ଦ୍ର ମଣି ମୋ'ଦୁଃଖକୁ ଥରେ,
ପ୍ରସିଦ୍ଧ ଅଯୋଧ୍ୟା ପୁର ଭାରତ ମଧ୍ୟରେ ।୧୯।
ଅମର ପୁର ଗୌରବ ଯଶରୁ ପ୍ରଲମ୍ଭେ,
ଉଜ୍ଜଳ ମସ୍ତକ ଟେକି ଥିଲା ସ୍ୱର୍ଣ୍ଣ ସ୍ତମ୍ଭେ ।୨୦।
ବିଶ୍ୱ ବନ୍ଦନୀୟା ସେହି ମହା ନଗରୀର,
ଅଧିଷ୍ଠାତ୍ରୀ ଦେବୀ ମୁହିଁ ସବୁ କାଳେ ବୀର ।୨୧।
ବନ୍ଦିତା, ମୁଁ ସବୁ ଲୋକେ ଦେଉଁ ସମାଦର,
ବାତ୍ସଲ୍ୟ ପ୍ରେମରେ ମଜ୍ଜି ତୁମ୍ଭ ପିତାଙ୍କର ।୨୨।
ସର୍ବ ଅଧିବାସୀ ମାନେ ଗଲେ ସ୍ୱର୍ଗପୁରୀ,
ଏବେ ମୁହିଁ ସ୍ୱାମୀହୀନା ଅନାଥିନୀ ପରି ।୨୩।
ରହିଛି ଶୂନ୍ୟ ପୁରରେ ଏକାକୀ ଦୁଃଖରେ;
ଶକ୍ତି ଶାଳୀ ନୃପ ତୁମ୍ଭେ ଥାଉ ମୋ' ଲକ୍ଷ୍ୟରେ ।୨୪।
ଲଭୁଅଛି ଦେଖ ଏହି ଶୋଚନୀୟ ଦଶା,
ଏଣୁ ଏକା ଆସିଅଛି ମେଣ୍ଟି ବାକୁ ତୃଷା ।୨୫।
ରାଜେନ୍ଦ୍ରାଣୀ ହୋଇ ପୂର୍ବେ ନରପତୀଙ୍କର,
ବୀରତେ ଐଶ୍ୱର୍ଯ୍ୟ ଭୋଗୁଥିଲି ମୁଁ ଅପାର ।୨୬।
ଜଗତ ପ୍ରସିଦ୍ଧି ମୋର ସାକେତ ନଗର,
ଅଳକାକୁ ନିନ୍ଦା କରୁଥିଲା ବାର ବାର ।୨୭।
ପଣ୍ଡିତ ମଣ୍ଡି ସଦା ଯେ, ମହାନଗରୀ,
ପରିଣତ ହୋଇଅଛି ଶମଶାନ ପରି ।୨୮।
ଶତ ଶତ ଅଟ୍ଟାଳିକା ସୁନ୍ଦର ଦେଉଳ,
ଭାଙ୍ଗି ଭୂ-ଲୁଣ୍ଠିତେ ପଡିଛନ୍ତି ମାଳ ମାଳ ।୨୯।
ଗିରିବର ପରି ମାଟି ସ୍ତୁପ ପରି ପାଟି,
ବରଷା ନୀରରେ ଫାଳ ଫାଳ ହୁଏ ଫାଟି ।୩୦।
କାହିଁ ଦୀର୍ଘ କାଷ୍ଠ ଶ୍ରେଣୀ ଇତସ୍ତତ ହୋଇ,
ଜମି ହୁଡାପରି ଦୂରୁ ବିଶେଷ ଦିଶଇ ।୩୧।
ଅସ୍ତାଚଳେ ପ୍ରଭାକର ହେବା ବେଳେ ଲୀନ,
ପବନେ ମେଘ ମଣ୍ଡଳ, ଯେପରି ବିଚ୍ଛିର୍ଣ୍ଣ ।୩୨।
ଯେପରି ଦୁର୍ଦ୍ଦଶା ଉପସ୍ଥିତ ପଦୋଷକୁ,
ସେପରି ଭୋଗୁଛି ମୁଁହି ମୋ' ହୀନ ଦଶାକୁ ।୩୩।
ଅଭିସାରୀକାଏ ଯହିଁ ରଜନୀ ସମୟେ,
ମଞ୍ଜୁଳ ମଧୁର ନାଦୀ ବଳା ପିନ୍ଧିଲୟେ ।୩୪।
ବିହରୁ ଥିଲେ ନିର୍ଭୟେ ମନର ସରାଗେ,
ଏବେ ସେହି ସୁ'ପ୍ରଶସ୍ତ, ରମ୍ୟ ରାଜ ମାର୍ଗେ ।୩୫।
ଅମଙ୍ଗଳ କର୍ମ କୁଟ,ପଲ୍ଲୁ ଆସି ରାଜି,
ନିଜ ମୁଖ ବହ୍ନି ତେଜେ 'ଶବ' ଖୋଜି ଖୋଜି।୩୬।
ଏଣେ ତେଣେ ବୁଲିଜୀବେ, କରନ୍ତି ବିକଳ,
କି କହି ହେ'ରାଜନ, ଯହିଁ ନାରୀକୁଳ ।୩୭।
ହାତ ଆସ୍ଫାଳିତ ହୋଇ ସରସୀର ଜଳେ,
ବାଜୁଥିଲେ ବାଦ୍ୟ ସ୍ୱର ପରାୟେ ମଞ୍ଜୁଳେ ।୩୮।
ଏବେ ସରସୀ ଜଳେ ଅରଣା ମଇଁଷି,
କ୍ରୀଡା କରୁଛନ୍ତି ବନ୍ୟ,ଦଳଦଳ ଆସି ।୩୯।
ହେ'ରାଜନ ମନୋହର ମୃଗ ଶିଖୀ କୁଳ,
ପୁଚ୍ଛ ଦଗ୍ଧ କରିଦେଉ ଅଶ୍ୟାନ୍ତି ଅନଳ ।୪୦।
ବିକଟ ଶକୁନ ପରି, ଦିଶୁଛନ୍ତି ଏବେ,
ବାସ୍ତୁ ସ୍ତମ୍ଭ ଭାଙ୍ଗିବାରୁ ତାହାର ଅଭାବ ।୪୧।
ବୃକ୍ଷ ଶାଖା ପରେ ନିରାନନ୍ଦେ ରହି ପୁଣି,
ବନ୍ୟା କେକୀ ସଙ୍ଗେ ମିଶି ବଣୁଆ, ହେଲେଣି ।୪୨।
ସଦ୍ୟ ଅଳତା ରଙ୍ଗିତ ଚରଣେ ବାଳାଏ,
ଉଠୁଥିଲେ ଯେ'ସ୍ୱପାନେ, ନୃତ୍ୟଗୀତ ଲୟେ।୪୩।
ଏବେ ତହିଁ ମୃଗ ମାରି ସାର୍ଦ୍ଦୁଳ ତନୟ,
ନିର୍ଭୟରେ ବୋଲୁଛନ୍ତି ଶୁଣ ଆହେ ରାୟ ।୪୪।
ଦକ୍ଷ ଶିଳ୍ପୀଙ୍କ ନିର୍ମିତ ମୃଣାଳକୁ ରମ୍ୟେ,
ପ୍ରମତ୍ତ ମାତଙ୍ଗ' ଖାଉଥିଲେ ଯାହା ପ୍ରେମେ ।୪୫।
ପ୍ରକୃତ ଗଜେନ୍ଦ୍ର, ଭାବି ସେ ଚିତ୍ରର'ହରି,
କମନୀୟ କୁମ୍ଭମାନ ନଖରେ ବିଦାରି ।୪୬।
କରୁଛନ୍ତି ସଦାବେଳେ କ୍ରୋଧେ ଛିନ୍ନ ଭିର୍ଣ୍ଣ,
ଶୋଭୁଥିବା କାଷ୍ଠଚିତ୍ରେ, ନାରୀରୂପ ମାନ ।୪୭।
ଏବେ ସେ ହୋଇଣ ଧୁଳି ମଳି ଆବରଣ,
ରହୁଛନ୍ତି ନିଜ ସ୍ଥାନେ, ଶ୍ରୀହୀନ'ହୋଇଣ ।୪୮।
ଭୟାନକ ସର୍ପ କାତି,ମାନ ଯଥା ନ୍ୟସ୍ତ,
ହୋଇଛି ତାଙ୍କ ବକ୍ଷୋଜେ ଆବରଣ ବସ୍ତ୍ର ।୪୯।
ସରଜୁକୁ ସ୍ନାନ ପାଇଁ ବୀରାଙ୍ଗନା କିଆଁ,
ଯାଉ ନାହାନ୍ତି ଭାବିଲେ ଫାଟିଯାଏ ହିଆ ।୫୦।

Digitized by PPRACHIN, SOA

ଏଣୁ ନିବେଦୁଛି,ଖେଦେ'ହେ ବୀରେନ୍ଦ୍ର ମଣି, ମୋ ପ୍ରତି ସୁଦୟା ବହି ପୁର୍ବେ ରଘୁ ମଣି ।୫୧।
ଅମରା ବତୀଙ୍କୁ ଛାଡି ନର ଦେହେ ଦଣ୍ଡେ, ମର୍ତ୍ତ୍ୟେ ବିଜେ କଲା ପରି ଏହିଠାରୁ ତୁମ୍ଭେ ।୫୨।
ଆସ ସେ. ଅଯୋଧ୍ୟା ପୁରେ ରଖ ରାଜଧାନୀ, ତଥାସ୍ତୁ,କହିଲେ ଶୁଣି କୁଶ,ନରମଣି ।୫୩।
ପ୍ରସନ୍ନ ବଦନେ ଲକ୍ଷ୍ମୀ ହେଲେ ଅନ୍ତର୍ହିତା, ମନ ଦେଇ ଶୁଣବୁଧେ ଏହା ପର କଥା ।୫୪।
ଏ ଅଦ୍ଭୁତ କଥା ନୃପ ମନ୍ତ୍ରୀଙ୍କ ଆଗରେ, ପ୍ରକାଶ କରିବେ ଆଗେ ସରାଗେ'ରାଗରେ ।୫୫।
କୌଶଲ୍ୟା ନନ୍ଦନ, ରାମ'ନାମ ଚିନ୍ତି ଚିନ୍ତି, ଏହି ଛାନ୍ଦ ଦୟାନିଧି କରିଲା ଭଣତି ।୫୬।

କୁଶାବତୀ ନଗ୍ର ଛାଡି, କୁଶଙ୍କର ଅଯୋଧ୍ୟା ଆଗମନ

ରାଗ-ବଙ୍ଗଳାଶ୍ରୀ

ଛାନ୍ଦ-୧୯

କୁଳ ରାଜଧାନୀ, ରାଜଲକ୍ଷ୍ମୀ ଆସୀ, ବରୀଛନ୍ତି ବୋଲି ଭୂପେ ।
ଶୁଣି ଆନନ୍ଦରେ, ଚରଣ ବନ୍ଦିଲେ, ସଚିବ ପ୍ରଜା କଳପେ । ।୧।
କୁଶାବତୀ ନଗ୍ର, କୁଶ ନର ବର, ସମର୍ପି ବ୍ରାହ୍ମଣ କରେ ।
ଶୁଭ ଅନୁକୁଳ, କରିଲେ ଉଲ୍ଲାସେ, ଅଯୋଧ୍ୟା ଅଭିମୁଖରେ । ।୨।
ମେଘ ମାଳା ବାୟୁ, ସଙ୍ଗରେ ଗୋଡାଏ ଯେପରି ସେପରି ପ୍ରଜା ।
ନୃପଙ୍କ ସହିତ ଚଳିଲେ ପଛରେ କୁଶାବତୀ କରି ତେଜ୍ୟା ।।୩।
ଅଶ୍ୱ ମାନଙ୍କର ହଷ ହେର୍ଷା ଧ୍ୱନୀ ହସ୍ତୀ ହସ୍ତୀନି ଗର୍ଜନ ।
ଭୀମନାଦ ଢ଼ୋଲ- ସ୍ୱର ତୁରୀ ଧ୍ୱନୀ ହରୁଥିଲା ଜନ ମନ । ।୪।
ପଥରେ ଶବର ଦତ୍ତ ଉପହାର ଘେନି ମହା ସମାଦରେ ।
ବୀରେନ୍ଦ୍ର କେଶରୀ ପ୍ରଜାକୁଳ ଧରି ଉଭା ବିନ୍ଧ୍ୟ ଶୈଳଠାରେ । ।୫।
ପ୍ରବାହିତ ଗଙ୍ଗା ଲଙ୍ଘିବା ନିମନ୍ତେ ବିଚାରକରି ସମସ୍ତ ।
ଯୋଡି ଯୋଡି ହାତୀ ଜଳରେ ପୁରାଇ ଶୁଣ୍ଢ କଲେ ସେତୁଗତ । ।୬।
ପୂର୍ବ ମୁଖୀ ଗଙ୍ଗା ସ୍ରୋତ ବାଧା ପାଇ ନିଜ ମନ କରି ହାନୀ ।
କଳ କଳ ରବେ ଚଳିଲେ ଚଞ୍ଚଳ ହୋଇ ପର୍ଶ୍ଚିମ ବାହୀନୀ । ।୭।
ମହର୍ଷି କପିଳ କୋପେ ଭସ୍ମୀଭୂତ କୁଳ ବୃଦ୍ଧ ଉଦ୍ଧାରିଣୀ ।
ପବିତ୍ର ସଲିଳ ତୋଷ କଲା ପରି ନମି ଗଲେ ନୃପ ମଣୀ । ।୮।
ଏହି ରୂପେ କିଛି ଦିନ ଅବଶେଷେ ପ୍ରବେଶ୍ଟ ସରଜୁ ତଟ ।
ଯହିଁ ଯଜ୍ଞ ରତ ପୂବ ବୀରଙ୍କର ଯପ ବେଦୀ ପରକଟ । । ୯ ।
ଉପବନଙ୍କର ଶୀତଳ ପବନ କୁସୁମିତ ଶାଖାମାନ ।
ନବ ନରେଶଙ୍କୁ କଲା ଅଭ୍ୟର୍ଥନା ଶିରେ ଉଡାଇ କେତନ । ।୧୦।
ଭଗ୍ନ ଅବଶେଷ ଯେ ପ୍ରଚୀନ ପୁର ନୂଆଭାବେ ଆଉ ଥରେ ।
କରିଲେ ପ୍ରତିଷ୍ଠା ଶିଳ୍ପିକୁଳ ନିଷ୍ଠା- ବାନେ, ଶାସ୍ତ୍ରଙ୍କ ମତରେ ।।୧୧।
ପ୍ରଶସ୍ତ ପ୍ରତିମା ଶୋଭୀ ଅଟ୍ଟାଳିକା ସୁପବିତ୍ରେ ଆରାଧିଲେ ।

Digitized by PPRACHIN, SOA

ପ୍ରଣୟିନୀ ହୃଦେ ପଶଇ ପ୍ରେମିକ ଯଥା ସେପରି ପଶିଲେ । ।୧୨।
ସଚିବ ସାମନ୍ତ ଆଦି ଅମାନତ୍ୟ ଯଥା ଯୋଗ୍ୟ ବାସଗୃହେ ।
ନିବେଶି ସକଳେ ନିଜ ନିଜ ଧନ୍ଦା ଆରମ୍ଭକରିଲେ ସ୍ନେହେ । ।୧୩।
ହାତୀ ଘୋଡା ଶାଳେ ଗାଭୀଙ୍କୁ ଗୁହାଳେ କୋଠିରେ ଛାଗାଦି ବ୍ରାତ ।
ଶୁଆ ସାରୀ ବଣି ପଞ୍ଜରାକୁ ଆଣି ଟଙ୍ଗାଇ କଲେ ଶୋଭିତ ।୧୪।
ନାନା ବିଧ ପଣ୍ୟ- ଜାଳେ ସୁ'ଶୋଭିତଅଯୋଧ୍ୟା ନଗରୀ ହେଲା ।
ମାର୍ଗ ଦୁଇ ପାର୍ଶ୍ୱେ ବିପଣି ବିଥିକା, ରୁଚିର ତର ଦିଶିଲା । ।୧୫।
ସର୍ବାଙ୍ଗ ସୁନ୍ଦରୀ ଦେହେ ଅଳଙ୍କାର ହେବାପରି ବିମଣ୍ଡିତ ।
ଶ୍ରୀରାମଙ୍କ ପ୍ରିୟ ରାଜଧାନୀ ହେଲା ଶୋଭା'ଅଶୋଭା, ଖଣ୍ଡିତ ।୧୬।
ଏଥୁ ଅନ୍ତେ ଆସି ଉପସ୍ଥିତ ହେଲା କ୍ରମେ କ୍ରମେ ଗ୍ରୀଷ୍ମକାଳ ।
ସମାଦରେ ଯୁବା ଉରଜେ ଲମ୍ବାଇ- ଦେଲେ ଚାପସରୀ ମାଳ ।।୧୭।
ରୁଚିରେ ସୁକ୍ଷୀନ ବସନକୁ ପିନ୍ଧି ହରିଲେ ପତିଙ୍କ ମନ ।
ଦକ୍ଷିଣ ଦିଗରୁ ଫେରିଲେ ଏକାଳେ ଶୁଭରେ ନଭେ ତପନ । ।୧୮।
ସୁ'ଚିର ଦୁଃଖିନୀ ବିୟୋଗ ବିଧୂରା ଉତ୍ତର ଦିଗ୍‌ବଧୂ ଘୁରି ।
ପତିଙ୍କ ମିଳନେ ପ୍ରେମେ ପୁଲକିତ ଆନନ୍ଦାଶ୍ରୁ ତ୍ୟାଗ କରି । ।୧୯।
ପ୍ରାତଃ କାଳେ ବୃଷ୍ଟି କଲା ହିମବିନ୍ଦୁ ରୀତି ନୀତି ରକ୍ଷାକରି ।
ପତ୍ର କରାଞ୍ଜଳି ଯୁଗ୍ମେ ବିଷ୍ଣୁ ପଦ- ଜଳ, କରାଞ୍ଜଳି ଭରି । ।୨୦।
ବଢ଼ିଲା ଦିନକୁ ଦିନ ଯେ ଦିବସ ତାପ,ଦେଲା ଜୀବେ ବ୍ୟଥା ।
କ୍ଷୀଣ ହେଲା ନିଶା ପ୍ରଣୟ କଳହେ କ୍ରମେ ତାରାପତି ଯଥା ।।୨୧।
ପୁଷ୍କରିଣୀ ଜଳ- ରାଶି କ୍ରମେ କ୍ରମେ ତଳ ପାବଛେ ଆଶ୍ରୟ-
ନେଲେ,ଶଇବାଳ ନଳିନୀ ନିକର ଦୋହଲିଲେ ନୋହି ଥୟ ।୨୨।
ଉପବନେ ମଲ୍ଲୀ ବିକଶି ଉଲ୍ଲାସେ ପୁରାଇଲେ ସଉରଭ ।
ମଧୁକର ପ୍ରେମ- ଭରେ ପାଖେଯାଇ କଲେ ଗୁଣୁ ଗୁଣୁ ରବ । ।୨୩।
ଶୀତଳ ପଟକୁ, ବିଛାଇ ଜଳରେ ଶୀତଳ କେ' କଲେ ଖେଦେ ।
କେହି କେହି ଗ୍ରୀଷ୍ମ ତାପ ବିନାଶନେ ବିହରିଲେ ଗନ୍ଧ ମୋଦେ ।୨୪।
ଅତି ସୁଶୀତଳ ସୁ'ପବିତ୍ର ଜଳ ସରଜୁ ନଦୀ ଏକେତ ।
ମୃଦୁଳ ଲହରୀ- ମାଳ ମାଳ କରି ଧୀରେ ହୁଏ କୁଳେପାତ ।୨୫।
ଫୁଟି ନାନା ବିଧ ଫୁଲ ତା ତଟରେ ସୁବାସ'ଥାଏ ବିତରି ।
ନହେବ'କା ମନ କରିବାକୁ ସ୍ନାନ ରାଜା ପ୍ରଜା ତପଚାରି । ।୨୬।
ଧୀବର କଳପ ନିବେଶି ଶିବିର ତଟିନୀ ତଟରେ ଯାଇ ।
କୁମ୍ଭୀର ମାନଙ୍କୁ ତଡି ଦେଉଥିଲେ ବାଗୁରା ଯୋଗ କରାଇ । ।୨୭।
ଅନ୍ତଃ ପୁର ନାରୀ ଦଳ ଦଳ ହୋଇ ଜଳ କେଳି ଯୋଗ୍ୟ ଦେଶେ ।

Digitized by PPRACHIN, SOA

ଆନନ୍ଦିତ ମନେ ସେ' ନଦୀ ସୋପାନେ ଅବତୀର୍ଣ୍ଣ ଯେ,ହରଷେ । ।୨୮।
ପାଦର ନୂପୁର ନାଦରେ ବରଟା କୁଳଙ୍କୁ କଲା ଚଞ୍ଚଳ ।
ଜଳ ଫିଙ୍ଗା ଫିଙ୍ଗି କଉତୁକେ ବ୍ୟସ୍ତ- ଉରକେ ନରହେ ଚେଳ । ।୨୯।
ଅପ୍‌ସରୀ ମାନଙ୍କୁ ଘେନି ଦେବ ରାଜ କଲାପରି ଜଳ କ୍ରୀଡା ।
ସୁନ୍ଦରୀ ଗହଣେ କୁଶ ରାଣ କ୍ରୀଡା କରୁଥିଲେ ଛାଡି ବ୍ରୀଡା । ।୩୦।
ମହାବୀର ରାମ ସୀତାଙ୍କ ସହିତ ଅଗସ୍ତି ଆଶ୍ରମେ ଯାଇ ।
ପାଇଥିଲେ ଯେଉଁ ଅଙ୍ଗ ଆଭରଣ ବଡ,'କୁଶେ' ଥିଲେ ଦେଇ ।୩୧।
ଅଲକ୍ଷ୍ୟେ ହଜାଇ ଦେଲେ ସେ'ସଳିଳ ନାରୀଗଣ ସହ ସ୍ନାନେ ।
ବେଶ ବିରଚନେ ଜାଣିଲେ ଗୃହରେ ରହନ୍ତେ ଦୁଃଖିତ ମନେ । ।୩୨।
ବିଜୟ ଲକ୍ଷ୍ମୀଙ୍କ ବଶୀ କରଣ ସେ ମାଳ ଜାଣି ମହା ମନ୍ତ୍ରି ।
ପୂଜ୍ୟ ପିତୃଦେବ ବାନ୍ଧିଥିଲେ ସ୍ନେହେ ଯାହା ପୌରୁଷେ ଆମନ୍ତ୍ରୀ । ।୩୩।
ସେହି ଅଳଙ୍କାର ନାଶ କି'ସହିବେ ନୋହିଲେ, ସାମାନ୍ୟ ହାର-
ପାଇଁ ନର ନାଥ ନୋହିଥାନ୍ତେ ବ୍ୟସ୍ତ ଭୂଷଣ କେତେ ମାତର । ।୩୪।
ରାଜାଙ୍କ ଆଦେଶେ ଜଳଗର୍ଭେ ତ୍ରାସେ ଅସଂଖ୍ୟ ଧୀବର ବୁଡି ।
ଘାଣ୍ଟି ପକାଇଲେ ସରଯୁ, ଜଳକୁ ଇତସ୍ତତ କରି ଭୂବି । ।୩୫।
ଦୈବବାଣୀ ଶୁଣି, ଜାଣିଲେ,ନୃମଣି କୁମୁଦ ନାଗ ତା'ନେଇ ।
ରଖିଛି କୌଶଳେ ଆଣିବାକୁ ହେଲେ ଉପାୟ କରନ୍ତୁ ରହି । ।୩୬।
କ୍ରୋଧେକଷାୟତ ନେତ୍ର ନର ନାଥ ତୂଣୀରୁ ପ୍ରଶସ୍ତ ଅସ୍ତ୍ର ।
ଚାପେ ଯୋଗ କରି ସର୍ପକୁ ସଂହାରି ଦେବାପାଇଁ କରୁବ୍ୟାପ୍ତ ।୩୭।
ସେ କୁମୁଦ ନାଗ ଧରି ତାହା ଆଗ ବିନୟେ ଅର୍ପଣ କଲା ।
କୁମୁଦାବତୀଙ୍କ ପିତା ହେତୁ ସେହି କୁଶଙ୍କ ଶରୁ ବଞ୍ଚିଲା । ।୩୮।
ପାରିଜାତ ମାଳ ଲକ୍ଷ୍ମୀ ସହ ସିନ୍ଧୁ- ମନ୍ଥନୁ ପାଇଲା ପରି ।
ଅଳଙ୍କାର ସହ କୁମୁଦା ବତୀଙ୍କୁ ପାଇ କୁଶ ଦଣ୍ଡ ଧାରୀ । ।୩୯।
କୋପଶାନ୍ତ କଲେ ଅଭୟକୁ ଦେଲେ ସେ, ଦିନୁ ଗରୁଡ ଭୟ ।
ସର୍ପ ପ୍ରତି ଗଲା ଏ ଛାନ୍ଦ ରଚିଲା ଦୟାନିଧି ରଖି ଲୟ । ।୪୦।

କୁଶଙ୍କ ଠାରୁ ଅଗ୍ନିବର୍ଣ୍ଣଙ୍କ ପର୍ଯ୍ୟନ୍ତ ବଂଶଲତା

ରାଗ-ରାମକେରୀ

ଛାନ୍ଦ - ୨୦

ପ୍ରସନ୍ନତା ଫଳେ ମାନବ ଯଥା ରହେ ସ୍ୱରଗେ,
କୁମୁଦାବତୀଙ୍କ ସଙ୍ଗରେ କୁଶ ରହିଲେ ଭୋଗେ । ।୧।
କେତେ ଦିନ ଅନ୍ତେ କୁଶଙ୍କ ଠାରୁ ମହୀଭୂଷଣ,
ସୁତ ଏକ ହେଲେ 'ଅତିଥି'ନାମ ତାଙ୍କର ଜାଣ । ।୨।

Digitized by PPRACHIN, SOA

ରବି ଗଗନରେ ସଞ୍ଚରି ଦକ୍ଷିଣାଦି ଉତ୍ତର,
ଦିଗକୁ ଉଜ୍ଜ୍ୱଳ କରିଲା ପ୍ରାୟେ ଅତିଥି ବୀର । ।୩।
ପିତୃ ମାତୃ ବେନି କୁଳକୁ କରାଇଲେ ପବିତ୍ର,
ଗୁଣି,ଗଣା'ଗ୍ରଣୀ, ଭୂପଙ୍କ ମଧ୍ୟେ ଯେ ସତ୍ୟବନ୍ତ ।।୪।
ସୁରଲୋକେ ଯାଇ ଏକଦା ସେହି କୁଶ ନୃବର,
ଦୁର୍ଜୟ ନାମକ ଦଇତ ବଧେ କଲେ ସମର । ।୫।
ଗଲା ବେଳେ କହିଥିଲେ ସେ ନ ଫେରିଲେ ଭୂଲୋକ,
ଅତିଥିଙ୍କୁ କରିବା ପାଇଁ ରାଜ୍ୟରେ ଅଭିଷେକ । ।୬।
ଅଭିଶାପପରି ଦାନବ ହସ୍ତେ ହତ ସେ ହେଲେ,
କୁମୁଦାବତୀ ଯେ ପତିଙ୍କ ସଙ୍ଗେ ସତୀରେ ଗଲେ ।।୭।
ଧର୍ମଫଳୁ ନୃପ ଇନ୍ଦ୍ରଙ୍କ ସହ ବିହାର କଲେ,
ଶଚୀ ସହ କୁମୁଦାବତୀ କୁତୁହଳେ ରହିଲେ । ।୮।
ସାମ୍ରାଜ୍ୟର ଚିରାଚରିତ ବିଧାନ ଅନୁଯାୟୀ,
ଅତିଥିଙ୍କୁ ରାଜ ପଦରେ ବସାଇବାର ପାଇଁ । ।୯।
ନିର୍ମାଣିଲେ ନବ ମଣ୍ଡପ ରାଜା ହୋଇଲେ ଠୁଳ,
କୁଳବତୀ ହେମ କୁମ୍ଭରେ ଭରି ତୀର୍ଥ ସଲୀଳ ।।୧୦।
ମଧୁର ଗମ୍ଭୀର ସ୍ୱରରେ ଦେଲେ ରସନା ଟାଳି,
ନାପିତ ବଦରୀ ପଲ୍ଲବ,ଦୂର୍ବା' ଆଣିଲେ ତୋଳି ।।୧୧।
ବୟୋଃବୃଦ୍ଧ, ଜ୍ଞାନୀ, ପଣ୍ଡିତ ରୁଣ୍ଡିଭୂତ ହୋଇଲେ,
ରାଜଗୁରୁ ପୁରୋହିତାଦି ସର୍ବ ବ୍ରାହ୍ମଣ କୁଳେ । ।୧୨।
ବେଦୋକ୍ତ ମନ୍ତ୍ରରେ ସମ୍ପନ୍ନ କରିଲେ ଅଭିଷେକ,
ଶିରେ ଅବିରତ ଢ଼ାଳିଣ ତୀର୍ଥ ବାରି ଅନେକ ।।୧୩।
ଶିବଙ୍କ ମସ୍ତକୁ ଜାହ୍ନବୀ ବହିବା ପରି ମର୍ତ୍ତ୍ୟେ,
ଅତିଥିଙ୍କ ଶିରୁ ବହନ୍ତି ସଲୀଳ ଅବିରତେ । ।୧୪।
ବନ୍ଦୀମାନେ ସ୍ତୁତି ଆରମ୍ଭ କଲେ, ଚାତକ ଗଣ-
ନୀରଦଙ୍କୁ ଉଚ୍ଚେ ଯେପରି ଡାକନ୍ତି ପୁଣ ପୁଣ । ।୧୫।
କାରାଗାରୁ ବନ୍ଦି ବିମୁକ୍ତ କଲେ ସେ ଦଣ୍ଡଧାରୀ,
ଦୁଗ୍ଧ ପାନ ପାଇଁ ଫିଟାଇ ଦେଲେ ହର୍ଷେ ବାଛୁରି ।।୧୬।
ଶୁକସାରୀ ବନ୍ଦୀ ହୋଇଣ ଯେ ଥିଲେଟି ପିଞ୍ଜରାରେ,
ଖୋଲୁ ଖୋଲୁ ଉଡିଗଲେ ସେ ହର୍ଷଭରେ ଅମ୍ବରେ ।୧୭।
ଏହିପରି ଯେତେ ଯେତେ ଯେ କାର୍ଯ୍ୟ କରିଲେ ନୃପ,
ଲେଖିଲେ ହୋଇବ ପୁରାଣ ଶୁଣ ବୁଧ କଳପ ।।୧୮।
କୁଶଙ୍କ ବିୟୋଗେ ଯା'ହାରିଥିଲେ ପରଜା ଗଣ,
ଅତିଥି ନୃପତି ହେବାରୁ ତା' ହୋଇଲା ପୂରଣ ।।୧୯।

Digitized by PPRACHIN, SOA

ନିଷେଧପତିଙ୍କ କୁମାରୀ ସେହି ବିଭା ହୋଇଲେ,
ନିଷେଧ ନାମରେ କୁମର ତାଙ୍କର ବୋଲାଇଲେ ।୨୦।
ପଦାର୍ପଣ କରୁ ଯୌବନେ ନିଷେଧ ରାଜ ପଦେ,
ପ୍ରଜା ଭବିଷ୍ୟତେ ବସାଇ ଅତିଥି ନୃପ ମୋଦେ ।।୨୧।
ପୂର୍ବ ପୁଣ୍ୟ ଫଳୁ ସ୍ୱଦେହେ ସ୍ୱରଗେ ଗଲେ ଚଳି,
ନିଷେଧଙ୍କ ପୁତ୍ର ହୋଇଲେ ନଳ ପ୍ରଭାବ ଶାଳୀ ।।୨୨।
ପିତାଙ୍କ ଅନ୍ତରେ ସେ'ନଳ ଆସନ ଅଳଙ୍କୃତ-
କରିଲେ 'ନଭଶବ୍ଦ' ନାମେ ସେ ନଳଙ୍କର ପୁତ୍ର ।।୨୩।
ନଭଶବ୍ଦ'ଙ୍କର ତନୟ ଅଟନ୍ତି ପୁଣ୍ଡରୀକ,
ପିତାଙ୍କ ଅନ୍ତରେ ହୋଇଲେ ସେହି ଯେ ଅଭିଷେକ ।୨୪।
ତାହାଙ୍କର ପୁତ୍ର ସେ,'କ୍ଷେମଧନ୍ୱା' ହେଲେ ନୃପତି,
ଦେବାନିକ, ନାମେ କୁମର ତାଙ୍କର ରଖି ରୀତି ।।୨୫।
ନୃପତି ହୋଇଲେ, ତାଙ୍କର ପୁତ୍ର ଯେ ପାରିଜାତ
ତାଙ୍କ ସୁତ 'ଶୀଳ' ଯେ, ଉର୍ଣ୍ଣ ନାଭ ତାହାଙ୍କ ପୁତ୍ର ।୨୬।
ବଜ୍ରନାଭ, ବୋଲି ତାଙ୍କର ପୁତ୍ର କୋବିଦେ ଶୁଣ,
ଥିଲେ ତାହାଙ୍କର କୁମର ଅଟେ 'ଶଙ୍ଖ' ନାମେଣ ।।୨୭।
ଶଙ୍ଖଙ୍କର ପୁତ୍ର ଅଟନ୍ତି ସେହି ଯେ, 'ହରିଦଶ୍ୱ'
ହରିଦଶ୍ୱ,ଙ୍କର କୁମର ଅଟନ୍ତି, କୁଶି ତାଶ୍ୱ । ।୨୮।
କୁଶିତାଶ୍ୱଙ୍କର ନନ୍ଦନ ଅଟନ୍ତି, ବିଶ୍ୱସହ'
ହିରଣ୍ୟନାଭ, ବୋଲିକରି ତାହାଙ୍କର ତନୟ ।।୨୯।
'କୌଶଲ୍ୟ' ତାଙ୍କର ନନ୍ଦନ 'ସୁଧୀର' ତାଙ୍କ ସୁତ,
ତାହାଙ୍କ ନନ୍ଦନ 'କମଳ ଲୋଚନ' ନାମେ ଖ୍ୟାତ ।୩୦।
ପୁଷ୍ୟନାମେ ତାଙ୍କ ତନୟ 'ଧ୍ରୁବ ସିଦ୍ଧି' ତାପରେ,
ଜନମି ସେ ବଂଶେ ନୃପତି ହୋଇଲେ ଅଯୋଧ୍ୟାରେ ।୩୧।
ସୁଦର୍ଶନ, ତାଙ୍କ କୁମର ସୁଦର୍ଶନ ନନ୍ଦନ,
ଅତି ରୂପବନ୍ତ ଅଟନ୍ତି ନୃପତି 'ଅଗ୍ନିବର୍ଣ୍ଣ' । ।୩୨।
ଅଗ୍ନି ବର୍ଣ୍ଣ ଯାଏଁ ଏ ରବିବଂଶ ଲତା ପ୍ରକଟେ,
ସୀତାରାମ ପାଦ ଚିନ୍ତିଣ ଦୟାନିଧି ୟା ରଟେ ।।୩୩।

ମାସ ପାରାୟଣ ୩୦ ବିଶ୍ରାମ, ନବାହ୍ନ ପାରାୟଣ ନବମ ବିଶ୍ରାମ

।। ଶ୍ଳୋକ ।।

ଭୀମସ୍ୟାପି ରଣେ ଭଙ୍ଗୋ ମୁନିରପି ମତିଭ୍ରମ, ଯଦି ଶୁଦ୍ଧ ମଶୁଦ୍ଧଂ ବା ମମ ଦୋଷ ନ ବିଦ୍ୟତେ ।
କାଳେ ବର୍ଷନ୍ତୁ ପର୍ଜନ୍ୟଃ ପୃଥିବୀ ଶସ୍ୟ ଶାଳିନୀ, ଦେଶୋଽୟଂ କ୍ଷୋଭଃ ରହିତଂ ବ୍ରାହ୍ମଣାଃ ସନ୍ତୁ ନିର୍ଭୟା ।
ସ୍ୱସ୍ତି ପ୍ରଜାଭ୍ୟାଂ ପରିପାଳୟନ୍ତୁଃ ନ୍ୟାୟେଣ ମାର୍ଗେଣ ମହୀ ମହୀଶା ।
ଗୋ ବ୍ରାହ୍ମଣ ଶୁଭମସ୍ତୁ ନିତ୍ୟଂ ପ୍ରଜା ସମସ୍ତ ସୁଖିନୋ ଭବତୁ ।।

Digitized by PPRACHIN, SOA

କବିଙ୍କ ବାସସ୍ଥାନ, ବାସ ସାମନାରେ ବଂଶୋଧର ଭାଇମାନଙ୍କ ଗହଣେ କବି, ଶ୍ରୀ ଦୟାନିଧି ଦାଶ, ବାମରୁ ଡାହାଣକୁ ଇଂ. ଶ୍ରୀ ଦେବରାଜ ଦାଶ, ବାମରେ ଶ୍ରୀ ଗୋଲକ ବିହାରୀ ଦାଶ, ପଛ ଧାଡ଼ିରେ ଫ. ଶ୍ରୀ ଶ୍ରୀଧର କୁମାର ଦାଶ, ଫା. ଶ୍ରୀ ପ୍ରଫୁଲ୍ଲ କୁମାର ଦାଶ, ଡଃ. ଲିଙ୍ଗରାଜ ମହାପାତ୍ର, ଜ. ସୁରେନ୍ଦ୍ର କୁମାର ଦାଶ ପ୍ରଧାନ ଶିକ୍ଷକ ଶ୍ରୀ ତ୍ରିଲୋଚନ ଦାଶ



କବିଙ୍କ ବାମପାର୍ଶ୍ୱେ କବିଙ୍କ ମଧମ ପୁତ୍ର ଶ୍ରୀ ବ୍ରଜକିଶୋର ଦାଶ, ଡେପୁଟି ମ୍ୟାନେଜର, ଫାଇନାନ୍ସ, ନାଲକୋ- ତାପରେ କବିଙ୍କ ବଡ଼ପୁତ୍ର ଶ୍ରୀ ବିଜୟ କୁମାର ଦାଶ ମେକାନିକାଲ, ସି.ପି.ପି., ନାଲକୋ - ଶେଷରେ କବିଙ୍କ କନିଷ୍ଠପୁତ୍ର ଶ୍ରୀ ବିଶ୍ୱଜିତ୍ ଦାଶ, କ୍ୟାପ୍‌ଟେନ, ମେକାନିକାଲ, ଇନ୍‌ଫେନ୍‌ଟରୀ

ସହୋଦରୀ ଭାଇମାନଙ୍କ ଗହଣରେ କବି ଶ୍ରୀ ଦୟାନିଧି ଦାଶ, ବାମରୁ ଡାହାଣକୁ ଇଂ. ଶ୍ରୀ ଦେବରାଜ ଦାଶ, ଡଃ ଶ୍ରୀ ଲିଙ୍ଗରାଜ ମହାପାତ୍ର, ଫା. ଶ୍ରୀ ପ୍ରଫୁଲ୍ଲ କୁମାର ଦାଶ

ବ୍ରତ ବେଦୀରେ ବିଶ୍ୱଜିତ୍
ଗହଣେ ଖୁଡି, ମା, ଭଗ୍ନିମାନେ
କୋଳେ ଧରି ଯିଏ   ବ୍ରତ କରିଥାନ୍ତା
ଛାଡିଗଲା ଆଗ ଦେହ,
ଖୋଜୁଛନ୍ତି ନନା   କୋହ ଉଠୁଅଛି
ସମସ୍ତେ ଗଡାନ୍ତି ଲୁହ ।।

Digitized by PPRACHIN, SOA

ପତ୍ନୀ ଓ ସାନ ପୁ
ଗହଣରେ କବି

ବଡ଼ ପୁତ୍ର ଓ ପୁତ୍ରବଧୂ

ମଧ୍ୟମ ପୁତ୍ର ଓ ପୁତ୍ର

ପରିବାର ଗହଣେ କବି

Digitized by PPRACHIN, SOA



ରାମାୟଣର ରାମଚନ୍ଦ୍ର ଶ୍ରୀମନ୍ଦିରେ ଜଗନ୍ନାଥ

Digitized by PPRACHIN, SOA